ଶ୍ରୀଅରବିନ୍ଦ

# ମାନବ-ଏକତାର ଆଦର୍ଶ
# ଯୁଦ୍ଧ ଓ ଆତ୍ମନିୟନ୍ତ୍ରଣ

ନବଜ୍ୟୋତି କାର୍ଯ୍ୟାଳୟ,
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦ

# ମାନବ-ଏକତାର ଆଦର୍ଶ
# ଯୁଦ୍ଧ ଓ ଆତ୍ମନିୟନ୍ତ୍ରଣ

ନବଜ୍ୟୋତି କାର୍ଯ୍ୟାଳୟ
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫୦୦୨

'oaob.nitrkl.ac.in' images reprocessed

# ମାନବ-ଏକତାର ଆଦର୍ଶ
# ଯୁଦ୍ଧ ଓ ଆତ୍ମନିୟନ୍ତ୍ରଣ

ଶ୍ରୀଅରବିନ୍ଦଙ୍କର : *The Ideal of Human Unity, War and Self-Determination* ପୁସ୍ତକର ଓଡ଼ିଆ ଅନୁବାଦ ।

ଅନୁବାଦକ : ଶ୍ରୀ ଚିତ୍ତରଂଜନ ଦାସ

ପ୍ରଥମ ସଂସ୍କରଣ : ୨୦୦୩

ସର୍ବସ୍ୱତ୍ୱ ସଂରକ୍ଷିତ :
© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ପଣ୍ଡିଚେରୀ - ୬୦୫୦୦୨

ପ୍ରକାଶକ :
ନବଜ୍ୟୋତି କାର୍ଯ୍ୟାଳୟ,
ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ବିଭାଗ, ପଣ୍ଡିଚେରୀ - ୬୦୫ ୦୦୨

**Manaba Ekatara Adarsha**
**Yuddha O' Atmaniyantrana** (Oriya)

A translation of *The Ideal of Human Unity, War and Self-Determination* by Sri Aurobindo

Translated by : Chittaranjan Das

First Edition : 2003

Price Rs. 200/-
ISBN 81-7058-715-8

© Sri Aurobindo Ashram Trust, 2003

Published by Navajyoti Karyalaya,
A unit of Sri Aurobindo Ashram Publication Department,
Pondicherry - 605 002

Printed at Sri Aurobindo Ashram Press, Pondicherry

PRINTED IN INDIA

'oaob.nitrkl.ac.in' images reprocessed

# ସୂଚୀପତ୍ର

## ମାନବ-ଏକତାର ଆଦର୍ଶ


| ବିଷୟ | | ପୃଷ୍ଠା |
|---|---|---|
| **ପ୍ରଥମ ଭାଗ** | | |
| ୧. | ଏକତା ଲାଗି ପ୍ରବୃତ୍ତି : ଏହାର ପ୍ରୟୋଜନ ଓ ଏଥିରେ ବିପଦ | ୩ |
| ୨. | ଅତୀତରେ ଗଠିତ ସମୂହଗୁଡ଼ିକର ଅପୂର୍ଣ୍ଣତା | ୧୩ |
| ୩. | ସମୂହ ଓ ବ୍ୟକ୍ତି | ୨୧ |
| ୪. | ରାଷ୍ଟ୍ର-ଧାରଣାଟିର ଅଯଥେଷ୍ଟତା | ୩୦ |
| ୫. | ଜାତି ଓ ସାମ୍ରାଜ୍ୟ : ଯଥାର୍ଥ ଏକତା ଓ ରାଜନୀତିକ ଏକତା | ୪୩ |
| ୬. | ସାମ୍ରାଜ୍ୟର ପୁରାତନ ଓ ଆଧୁନିକ ରୀତି | ୫୫ |
| ୭. | ବହୁମିଳିତ ଜାତିର ସୃଷ୍ଟି | ୭୪ |
| ୮. | ଏକ ସଂଗ୍ରଥିତ ବହୁମିଳିତ ସାମ୍ରାଜ୍ୟର ସମସ୍ୟା | ୮୬ |
| ୯. | ଏକ ବିଶ୍ୱସାମ୍ରାଜ୍ୟର ସମ୍ଭାବନା | ୯୭ |
| ୧୦. | ଇଉରୋପୀୟ ଯୁକ୍ତରାଜ୍ୟ | ୧୦୭ |
| ୧୧. | କ୍ଷୁଦ୍ର ସ୍ୱତନ୍ତ୍ର ଏକକ ଓ ବୃହତ୍ତର ସଂକେନ୍ଦ୍ରିତ ଏକକ | ୧୨୪ |
| ୧୨. | ଜାତି-ପୂର୍ବ ସାମ୍ରାଜ୍ୟ ଗଠନର ପୁରାତନ ଚକ୍ର – ଜାତିଗଠନର ଆଧୁନିକ ଚକ୍ର | ୧୩୮ |
| ୧୩. | ଜାତି-ଏକକଟିର ଗଠନ – ତିନୋଟି ପର୍ଯ୍ୟାୟ | ୧୫୪ |


'oaob.nitrkl.ac.in' images reprocessed

୧୪. ଆନ୍ତର୍ଜାତିକ ଏକତା ଦିଗରେ
ଏକ ପ୍ରଥମ ପଦକ୍ଷେପର ସମ୍ଭାବନା –
ଏହି ପଥର ବୃହତ୍ ବାଧାମାନ ୧୭୧

୧୫. ପରିପୂରଣର କେତୋଟି ମାର୍ଗ ୧୯୦

୧୬. ସମରୂପତା ଏବଂ ସ୍ୱାଧୀନତାର ସମସ୍ୟା ୨୦୭

## ଦ୍ୱିତୀୟ ଭାଗ

୧୭. ଆମ ପ୍ରଗତିରେ ପ୍ରକୃତିର ନିୟମ, –
ବିବିଧତାରେ ଏକତା, ନିୟମବଦ୍ଧତା ଓ ସ୍ୱତନ୍ତ୍ରତା ୨୨୭

୧୮. ଆଦର୍ଶ ସମାଧାନ :
ମନୁଷ୍ୟଜାତିର ମୁକ୍ତ ସମୂହୀକରଣ ୨୪୫

୧୯. କେନ୍ଦ୍ରୀକରଣ ଏବଂ ସମରୂପତା ଆଡ଼କୁ ପ୍ରବୃତ୍ତି –
ବୈଦେଶିକ ବ୍ୟାପାରଚୟର ପ୍ରଶାସନ ଏବଂ ନିୟନ୍ତ୍ରଣ ୨୬୨

୨୦. ଆର୍ଥିକ କେନ୍ଦ୍ରୀକରଣ ଦିଗରେ ପ୍ରବୃତ୍ତି ୨୭୬

୨୧. ବିଧାନଗତ ତଥା ସାମାଜିକ କେନ୍ଦ୍ରୀକରଣ ଏବଂ
ଏକରୂପତା ଆଡ଼କୁ ପ୍ରବୃତ୍ତି ୨୮୬

୨୨. ବିଶ୍ୱସଂଘ ନା ବିଶ୍ୱରାଷ୍ଟ୍ର ୩୦୫

୨୩. ରାଷ୍ଟ୍ରଶାସନର ଭିନ୍ନଭିନ୍ନ ରୂପ ୩୦୯

୨୪. ସାମରିକ ଏକତ୍ରୀକରଣର ପ୍ରୟୋଜନ ୩୨୫

୨୫. ଯୁଦ୍ଧ ଏବଂ ଅର୍ଥନୈତିକ ଏକତାର ପ୍ରୟୋଜନ ୩୪୨

୨୬. ପ୍ରାଶାସନିକ ଏକତ୍ୱର ପ୍ରୟୋଜନ ୩୫୭

୨୭. ବିଶ୍ୱ-ରାଷ୍ଟ୍ରର ବିପଦ ୩୭୬

୨୮. ଐକ୍ୟରେ ଅନେକବିଧତା ୩୮୯

'oaob.nitrkl.ac.in' images reprocessed

୨୯. 'ଲୀଗ୍ ଅଫ୍ ନେଶନ୍‌ସ୍'ର ବିଚାର ୪୦୭
୩୦. ମୁକ୍ତ ସଂଘ ଗଠନର ସିଦ୍ଧାନ୍ତ ୪୨୪
୩୧. ଏକ ମୁକ୍ତ ବିଶ୍ୱ-ସଂଘ ଲାଗି ଯାହା ଦରକାର ୪୩୬
୩୨. ଆନ୍ତର୍ଜାତିକତା ୪୪୯
୩୩. ଆନ୍ତର୍ଜାତିକତାବାଦ ଓ ମାନବ-ଏକତା ୪୬୦
୩୪. ମାନବତାର ଧର୍ମ ୪୭୭
୩୫. ସାରାଂଶ ଓ ଉପସଂହାର ୪୮୯
ଏକ ଅନୁଯୋଜନ ୫୦୩

## ଯୁଦ୍ଧ ଓ ଆତ୍ମନିୟନ୍ତ୍ରଣ

ପ୍ରଥମ ସଂସ୍କରଣର ଭୂମିକା ୫୩୩
ଯୁଦ୍ଧ ସରିଗଲା କି ? ୫୪୫
ଅଦୃଶ୍ୟ ଶକ୍ତି ୫୫୫
ଆତ୍ମନିୟନ୍ତ୍ରଣ ୫୭୨
ଏକ ଜାତିସଂଘ ୫୯୦
ଯୁଦ୍ଧ ପରେ ୬୪୩
୧୯୧୯ ୬୬୭

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

# ମାନବ-ଏକତାର ଆଦର୍ଶ

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

## ପ୍ରଥମ ଭାଗ : ପ୍ରଥମ ପରିଚ୍ଛେଦ

# ଏକତା ଲାଗି ପ୍ରବୃତ୍ତି :
# ଏହାର ପ୍ରୟୋଜନ ଓ ଏଥିରେ ବିପଦ

ଜୀବନର ଏହି ଉପରସ୍ତରଗୁଡ଼ାକୁ ବେଶ୍ ସହଜରେ ବୁଝିହୁଏ; ସେଗୁଡ଼ିକର ନିୟମ,ସ୍ୱାଭାବିକ ନାନା ଗତି ଓ ପ୍ରବୃତ୍ତି ତଥା ବ୍ୟାବହାରିକ ପ୍ରୟୋଜନୀୟତାଗୁଡ଼ିକ ସର୍ବଦା ଆମର ହାତପାଖରେ ମହଜୁଦ ହୋଇ ରହିଥାନ୍ତି ଏବଂ ତେଣୁ ଆମେ ସର୍ବଦା ଏକ ଯଥେଷ୍ଟ ସୁବିଧାଜନକତା ଏବଂ ଶୀଘ୍ରତା ସହିତ ସେଗୁଡ଼ିକୁ ଯାଇ ବୁଝିପାରୁ ଓ ସେଗୁଡ଼ିକୁ ଆମର କାମରେ ଲଗାଇପାରୁ । ମାତ୍ର ସେସବୁ ଆମକୁ ଆଦୌ ବେଶୀଦୂର ପର୍ଯ୍ୟନ୍ତ ନେଇଯାଇ ପାରନ୍ତି ନାହିଁ । ଏକ ଦୈନନ୍ଦିନ ଉପର-ପରସ୍ତର ଜୀବନଲାଗି ସେମାନେ ବେଶ୍ ଯଥେଷ୍ଟ ହୋଇଯାଆନ୍ତି ସତ, ମାତ୍ର ସେଗୁଡ଼ିକ ଜୀବନର ବୃହତ୍ ସମସ୍ୟାଗୁଡ଼ିକର କୌଣସି ସମାଧାନ ଆଣି ଦେଇ ପାରନ୍ତି ନାହିଁ । ଅନ୍ୟ ପକ୍ଷରେ, ଜୀବନର ନାନା ଗଭୀରତାଗୁଡ଼ିକର ଜ୍ଞାନ, ଏଥିମଧ୍ୟରେ ନିହିତ ରହିଥିବା ଯାବତୀୟ ଗୁପ୍ତ ସତ୍ୟ ଏବଂ ଏହାରି ମଧ୍ୟରେ ପ୍ରଚ୍ଛନ୍ନ ହୋଇ ରହି ସବୁକିଛିର ନିରୂପଣ ଓ ନିୟନ୍ତ୍ରଣ କରୁଥିବା ବୃହତ୍ ବିଧାନଗୁଡ଼ାକ ଆମ ଲାଗି ଅତିମାତ୍ରାରେ ଆୟାସକର ହୋଇ ରହିଥାନ୍ତି । ଏହି ଗଭୀରତାଗୁଡ଼ିକୁ ମାପି ପାରିବା ଭଳି କୌଣସି ମାନଦଣ୍ଡ ଏପର୍ଯ୍ୟନ୍ତ ଆମ ହାତକୁ ଆସି ନାହିଁ; ସେଗୁଡ଼ିକ ଆମକୁ କେବଳ ଏକ ଅସ୍ପଷ୍ଟ ଓ ଅନିର୍ଦ୍ଦେଶ୍ୟ ଗତିସ୍ପନ୍ଦନ ପରି ବୋଧ ହୋଇଥାନ୍ତି, ଏକ ଅତଳତଳର ଅଜ୍ଞାତତା ପରି ବୋଧ ହୁଅନ୍ତି, ଯାହାପାଖରୁ କି ମନ ଇଚ୍ଛାକୃତ ଭାବରେ ବାରବାର ଲେଉଟି ଆସିବାରେ ଲାଗିଥାଏ ଏବଂ ଉପରି ଭାଗଟାର ଏହି କ୍ଷୁଦ୍ରତାମୟ ଫେଣ ଓ ସହଜ ଚମକଗୁଡ଼ାକୁ ନେଇହିଁ କ୍ରୀଡ଼ା କରୁଥାଏ । ମାତ୍ର ତଥାପି ଆମକୁ ଏହି ଗଭୀରତାଗୁଡ଼ିକୁ ଅବଶ୍ୟ ଜାଣିବାକୁ ହେବ, ସେଗୁଡ଼ିକର ଅଦୃଶ୍ୟ ଶକ୍ତିଗୁଡ଼ିକର ପରିଚୟ ଲାଭ କରିବାକୁ ହେବ, କାରଣ ତା' ନ ହେଲେ ଆମେ ଏହି ଜୀବନ ଓ ଜଗତକୁ ଆଦୌ ବୁଝିପାରିବା ନାହିଁ । ଉପରି ଭାଗଟାରେ ରହିଥିବା ପର୍ଯ୍ୟନ୍ତ ଆମକୁ ପ୍ରକୃତିର କେବଳ ସହାୟକ ଅପ୍ରଧାନ ନିୟମଗୁଡ଼ିକହିଁ ଉପଲବ୍ଧ ହେଉଥିବ, କେବଳ ଏହିସବୁ କେତୋଟି ବ୍ୟାବହାରିକ ଅନୁନିୟମହିଁ ଜାଣିବାକୁ ମିଳୁଥିବ; ଏଗୁଡ଼ିକ ଆମକୁ କେବଳ ଏହି ମୁହୂର୍ତ୍ତ ମୁହୂର୍ତ୍ତର ଅସୁବିଧାଗୁଡ଼ିକୁ ଅତିକ୍ରମ କରିବାକୁ ବେଶ୍ ସାହାଯ୍ୟ କରି ପାରୁଥିବେ, ସେଗୁଡ଼ିକୁ ଯଥାର୍ଥ ଭାବରେ ନ ବୁଝି କେବଳ ବାହ୍ୟ ଅନୁଭୂତିର ଭିତ୍ତିରେ

'oaob.nitrkl.ac.in' images reprocessed

ପ୍ରକୃତିର ଏହି ଅବିରାମ ପରିବର୍ତ୍ତନୀୟତାଗୁଡ଼ିକୁ ସଂଗଠିତ କରି ରଖିବାକୁ କିଞ୍ଚିତ୍ ସାହାଯ୍ୟ କରୁଥିବେ ।

ମନୁଷ୍ୟଜାତିକୁ ଗତିପ୍ରବୃତ୍ତ କରି ରଖିଥିବା ଶକ୍ତିଟିର କ୍ଷେତ୍ରରେ ହେଉ ଅଥବା ମନୁଷ୍ୟଜାତି ଯେଉଁ ଲକ୍ଷ୍ୟଟି ଆଡ଼କୁ ଅଗ୍ରସର ହେବାରେ ଲାଗିଛି, ସେହି ଲକ୍ଷ୍ୟଟି ବିଷୟରେ ତା'ର ଆପଣାର ବୋଧର କ୍ଷେତ୍ରରେ ହେଉ, ମନୁଷ୍ୟର ଏହି ଆପଣାର ଗୋଷ୍ଠୀଗତ ଏବଂ ସାମୂହିକ ଜୀବନଟିହିଁ ତା'ଲାଗି ସବୁଠାରୁ ଅଧିକ ଅସ୍ପଷ୍ଟ ହୋଇ ରହିଛି, ଏଇଟିକୁହିଁ ସେ ସବୁଠାରୁ କମ୍ ବୁଝିବା ଲାଗି ସମର୍ଥ ହୋଇଛି । ସମାଜବିଜ୍ଞାନ ଏହି ଦିଗରେ ଆମକୁ ଖୁବ୍‌ବେଶୀ ସାହାଯ୍ୟ କରିପାରେ ନାହିଁ, କାରଣ ଏହା ଆମକୁ ଆମ ଅତୀତ ବିଷୟରେ କେବଳ ଗୋଟାଏ ସାଧାରଣ ଇତିବୃତ୍ତ ଆଣି ଯୋଗାଇଦିଏ ଏବଂ ଯେଉଁସବୁ ବାହ୍ୟ ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟରେ ମନୁଷ୍ୟସମୂହମାନ ଜୀବନଧାରଣ କରି ରହି ଆସିଛନ୍ତି, ସେହି ବିଷୟରେହିଁ କେତୋଟି କଥା ଜଣାଇ ଦେଇଯାଏ । ଇତିହାସ ଆମକୁ କିଛି ହେଲେ ଶିକ୍ଷା ଦିଏ ନାହିଁ; ଏହା କେବଳ ଗୁଡ଼ାଏ ଘଟଣା ଏବଂ ଅନେକ ବ୍ୟକ୍ତିଙ୍କର ଏକ ବିଭ୍ରାନ୍ତ ପ୍ରବାହମାତ୍ର ହୋଇ ରହିଥାଏ ଅଥବା, ସତତ ପରିବର୍ତ୍ତିତ ହୋଇ ଯାଉଥିବା କେତେଟା ସାମାଜିକ ଅନୁଷ୍ଠାନର ଏକ ବୈଚିତ୍ର୍ୟମୟ ଓ ବହୁବର୍ଣ୍ଣ ସମଷ୍ଟିମାତ୍ର ହୋଇ ରହିଥାଏ । ଏହିସବୁ ପରିବର୍ତ୍ତନ ବିଷୟର ଆମେ କେବେହେଲେ ଏକ ଯଥାର୍ଥ ବୋଧ ଲାଭ କରିପାରୁ ନାହିଁ ଏବଂ ନିରବଧି କାଳର ନାନାପଥରେ ଅବିରାମ ଭାବରେ ଆଗକୁ ବହିଯିବାରେ ଲାଗିଥିବା ଏହି ପ୍ରବାହଟିର ମଧ୍ୟ କୌଣସି ଯଥାର୍ଥ ସତ୍ୟ ଉପଲବ୍ଧି କରିପାରୁ ନାହିଁ । ଆମେ କେବଳ କେତୋଟି ତାତ୍କାଳିକ ଅଥବା ପୁନରାବୃତ୍ତ ପ୍ରତିଭାସର ପରିଚୟ ପାଇଥାଉ, କେତୋଟି ସହଜ ସାମାନ୍ୟସୂତ୍ରକୁ ବୁଝିବାକୁ ସମର୍ଥ ହେଉ ଏବଂ କେତୋଟି ଆଂଶିକ ଧାରଣା ଲାଭ କରିପାରୁ । ଆମେ ଗଣତନ୍ତ୍ରର କଥା କହୁ, ସମ୍ଭ୍ରାନ୍ତତନ୍ତ୍ର ଓ ଏକତନ୍ତ୍ରର ଆଲୋଚନା କରୁ, ସାମୂହିକତାବାଦ, ବ୍ୟକ୍ତିବାଦ, ସାମ୍ରାଜ୍ୟବାଦ ବା ଜାତୀୟତାବାଦ ବିଷୟରେ ମତ ବ୍ୟକ୍ତ କରୁ, ରାଷ୍ଟ୍ର, ସାମୁଦାୟିକ ଗୋଷ୍ଠୀ, ପୁଞ୍ଜିବାଦ ଏବଂ ଶ୍ରମିକବର୍ଗ ବିଷୟରେ ମନ୍ତବ୍ୟମାନ ଦେଇଥାଉ; ତରତର ହୋଇ କେତେ ସାମାନ୍ୟସିଦ୍ଧାନ୍ତ ବାଢ଼ି ଥୋଇଦେଉ ଏବଂ ଅକାଟ୍ୟ ସୂତ୍ରପରି କେତେ ଗଠନ ଓ ପଦ୍ଧତିମାନ ଆଣି ଗଢ଼ି ଥୋଇଦେଉ ଯେଉଁଗୁଡ଼ିକ କି ଆଜି କେଡ଼େ ବିଧିବଦ୍ଧ ଭାବରେ ଘୋଷିତ ହୋଇ ପୁଣି କାଲିକୁ ସତେଅବା ବାଧ ହେଲାପରି ପରିତ୍ୟକ୍ତ ବି ହେବାରେ ଲାଗିଥାନ୍ତି; ଆମେ କେତେକେତେ ଆଦର୍ଶକୁ ନେଇ କେତେ ପ୍ରବଳ ଉତ୍ସାହରେ ମାତିଯାଉ, ସେସବୁକୁ ନେଇ ଯେଉଁ ବିଜୟ ହାସଲ ହୁଏ, ତାହା ଅଚିରେ ଏକ ମୋହଭଙ୍ଗରେ ପରିଣତ ବି ହୋଇଯାଏ ଏବଂ ତା'ପରେ ଆମେ ଅନ୍ୟ ଆଦର୍ଶ ଓ ଅନ୍ୟ ଉତ୍ସାହ ଲାଗି ସେଗୁଡ଼ିକୁ ଛାଡ଼ି ଚାଲିଯାଉ; ଯେଉଁଗୁଡ଼ିକୁ

'oaob.nitrkl.ac.in' images reprocessed

ଭାଙ୍ଗି ପକାଇବାକୁ ଓ ନଷ୍ଟ କରିଦେବାକୁ ଆମେ ଏତେ କଷ୍ଟ କରିଥିଲୁ, ସମ୍ଭବତଃ ସେହିଗୁଡ଼ିକୁ ପୁଣି ଆଦରିନେବା ଲାଗି ଆମେ ଏଗୁଡ଼ିକୁ ଛାଡ଼ି ଚାଲିଯାଉ । ମନୁଷ୍ୟଜାତି ଗୋଟାଏ ଶତାବ୍ଦୀ ଧରି ମୁକ୍ତି ଲାଗି ପିପାସିତ ହୋଇଉଠେ, ମୁକ୍ତି ଲାଗି ସଂଗ୍ରାମ କରେ ଏବଂ କେତେ ଶ୍ରମ, କେତେ ଲୁହ ଓ ରୁଧିର ଦେଇ କେତେ କଷ୍ଟରେ ସେହି ମୁକ୍ତିକୁ ଅର୍ଜନ କରେ; ସେଥିଲାଗି କୌଣସି ସଂଗ୍ରାମ ନ କରି ପରବର୍ତ୍ତୀ ଯେଉଁ ଶତାବ୍ଦୀଟି ସେହି ମୁକ୍ତିକୁ ଭୋଗ କରିବାକୁ ଆସେ, ସତେଅବା ଏକ ବାଳସୁଲଭ ଭ୍ରାନ୍ତି ବୋଲି ମଣି ସିଏ ସେହି ମୁକ୍ତିଠାରୁ ଦୂରକୁ ଅପସରି ଯାଏ ଏବଂ କୌଣସି ଏକ ନୂତନ ଭଲର ମୂଲ୍ୟରୂପେ ଏହି ନଷ୍ଟମୂଲ୍ୟ ଲାଭଟିକୁ ବର୍ଜନ କରିବା ଲାଗି ପ୍ରସ୍ତୁତ ହୋଇଯାଏ । ଏବଂ ଏସବୁ ଘଟେ, କାରଣ ଆମର ସାମୂହିକ ଜୀବନ ବିଷୟରେ ଆମର ସମୁଦାୟ ବିଚାର ଓ ସମୁଦାୟ କର୍ମଟି ବଡ଼ ଅଗଭୀର ହୋଇ ରହିଥାଏ ଓ କେବଳ ଉପର-ପରସ୍ତର କେତେଟା ଅନୁଭବକୁ ଆଧାର କରି ଠିଆ ହୋଇଥାଏ । ଏହା କୌଣସି ଗଭୀର ଏବଂ ସଂପୂର୍ଣ୍ଣ ଜ୍ଞାନର ସନ୍ଧାନ କରୁ ନ ଥାଏ, କୌଣସି ଦୃଢ଼, ଗଭୀର ବା ସଂପୂର୍ଣ୍ଣ ଜ୍ଞାନକୁ ଭିତ୍ତି କରି ରହି ନ ଥାଏ । ଏଥିରୁ ଆମେ ମନୁଷ୍ୟ ଜୀବନକୁ କଦାପି ବୃଥା ବୋଲି କହିବା ନାହିଁ, ଏହାର ଉତ୍ସାହ ଏବଂ ଉଷ୍ମତାଗୁଡ଼ିକୁ ଅଥବା ତାହା ଅନୁଧାବନ କରୁଥିବା ଆଦର୍ଶଗୁଡ଼ିକୁ ମଧ୍ୟ ବୃଥା ବୋଲି କହିବା ନାହିଁ; ମାତ୍ର ଏହି କ୍ଷେତ୍ରରେ ଯେ ଅଧିକ ଜ୍ଞାନପ୍ରେରିତ, ଅଧିକ ବୃହତ୍ ଏବଂ ଅଧିକ ଧୈର୍ଯ୍ୟଶୀଳ ଭାବରେ ଜୀବନର ଯଥାର୍ଥ ବିଧାନ ଓ ଲକ୍ଷ୍ୟଟିର ସନ୍ଧାନ କରିବା ଲାଗି ଏକ ଆବଶ୍ୟକତା ଅବଶ୍ୟ ରହିଛି, ଆମେ ତାହାକୁହିଁ ନିଷ୍କର୍ଷ ବୋଲି ଜାଣିବା ।

ଅଳ୍ପ ବା ବହୁତ ଅସ୍ପଷ୍ଟ ଭାବରେ ହେଲେ ମଧ୍ୟ ଅଧୁନା ମନୁଷ୍ୟ-ଏକତାର ଆଦର୍ଶଟି ଆମ ଚେତନାର ପୁରୋଭାଗକୁ କ୍ରମେ ଅଗ୍ରସର ହୋଇ ଆସିବାରେ ଲାଗିଛି । ମନୁଷ୍ୟର ଭାବନା ମଧ୍ୟରେ ଏକ ଆଦର୍ଶର ଉନ୍ମେଷ ସର୍ବଦା ପ୍ରକୃତି ମଧ୍ୟରେ କାର୍ଯ୍ୟ କରୁଥିବା ଏକ ଅଭିପ୍ରାୟର ସୂଚନା ଦେଇଥାଏ ସତ, ମାତ୍ର ସେହି ଅଭିପ୍ରାୟଟି ଯେ ପ୍ରକୃତରେ ସାଧିତ ହେବାକୁ ଯାଉଛି, ତଦ୍ଦ୍ୱାରା ତାହା ସର୍ବଦା କଦାପି ସୂଚିତ ହୋଇଯାଏ ନାହିଁ । ଅନେକ ସମୟରେ ଏହା କେବଳ ଏକ ପ୍ରୟାସରହିଁ ସୂଚନା ଦେଇଥାଏ, ଯାହାକି ସାମୟିକ ଭାବରେ ବିଫଳ ହୋଇଯିବ ବୋଲି ଆଗରୁ ଅଭିପ୍ରେତ ହୋଇ ରହିଥାଏ । କାରଣ ଆପଣାର ପଦ୍ଧତିରେ ପ୍ରକୃତି ଭାରି ମନ୍ଥର ଭାବରେ କାର୍ଯ୍ୟ କରେ, ଭାରି ଧୀର ଭାବରେ କାର୍ଯ୍ୟ କରେ । ପ୍ରକୃତି ଗୋଟିଏ ଗୋଟିଏ ବିଚାରକୁ ଗ୍ରହଣ କରି ଅଧେଦୂର ଯାଏ ବହନ କରି ନେଇଯାଏ ଏବଂ ତା'ପରେ, ଏକ ଅଧିକ ଭଲ ସଂଯୋଜନା ସହିତ ଭବିଷ୍ୟତରେ କେବେ ସେଗୁଡ଼ିକୁ ପୁଣି ଗ୍ରହଣ କରିବ ବୋଲି ଅଧବାଟରେ ପକାଇଦେଇ ଚାଲିଯାଏ । ମନୁଷ୍ୟ-ସମୁଦାୟକୁ, ଅର୍ଥାତ୍ ଆପଣାର ଭାବନାକ୍ଷମ ନିମିତ୍ତଟିକୁ ସେ ନାନା ପ୍ରଲୋଭନ

'oaob.nitrkl.ac.in' images reprocessed

ଦେଉଥାଏ, ତା'ର କଳ୍ପିତ ସୌଷମ୍ୟଟି ଲାଗି ସେହି ସମୁଦାୟଟି କେତେ ଦୂର ପ୍ରସ୍ତୁତ ହେଲାଣି କି ନାହିଁ ସେକଥା ପରୀକ୍ଷା କରି ଦେଖିଥାଏ; ମନୁଷ୍ୟକୁ ଚେଷ୍ଟା କରିବାକୁ ଓ ବିଫଳ ହେବାକୁ ଅନୁମତି ଦିଏ ଓ ପ୍ରରୋଚିତ କରୁଥାଏ, ଯେପରିକି ଭବିଷ୍ୟତରେ ସେହି ମନୁଷ୍ୟ ଆଉ ଥରେ ଅଧିକ ଭଲ ଭାବରେ ଶିକ୍ଷା କରି ପାରିବ ଓ ଆହୁରି ଭଲ ଭାବରେ ସଫଳ ହୋଇପାରିବ । ତଥାପି, ଏକଥା ମଧ୍ୟ ସତ ଯେ ଥରେ ଭାବନାଭୂମିର ପୁରୋଭାଗରେ ଆସି ଉପନୀତ ହୋଇ ସାରିବା ପରେ ମନୁଷ୍ୟର ଏହି ଆଦର୍ଶଟିକୁ ନେଇ ଅବଶ୍ୟ ପ୍ରୟାସ କରିବାକୁ ପଡ଼ିବ ଏବଂ ତେଣୁ ଏଥିରେ ମଧ୍ୟ କୌଣସି ସନ୍ଦେହ ନାହିଁ ଯେ ଭବିଷ୍ୟତର ମୀମାଂସା କରିବାକୁ ଯାଉଥିବା ଶକ୍ତିଗୁଡ଼ିକ ମଧ୍ୟରେ ମନୁଷ୍ୟ-ଏକତାର ଏହି ଆଦର୍ଶଟି ମଧ୍ୟ ଖୁବ୍‌ସମ୍ଭବ ଏକ ପ୍ରଧାନ ଭୂମିକାହିଁ ଗ୍ରହଣ କରିବ । କାରଣ ଏହି ଯୁଗର ବୁଦ୍ଧିଗତ ତଥା ଭୌତିକ ପରିବେଶମାନ ଏହିପରି ଏକ ଘଟଣା ଲାଗି ଉପଯୁକ୍ତ ଭୂମିଟିକୁ ପ୍ରସ୍ତୁତ କରି ଆଣିଛି, ଏପରିକି ତାହା ସେଇଟିକୁ ଆଣି ଆମ ଉପରେ ଲଦି ଦେଇଛି ବୋଲି କୁହାଯାଇ ପାରିବ । ବିଶେଷ କରି ବିଜ୍ଞାନର ଆବିଷ୍କାରମାନ ଆମ ପୃଥିବୀଟିକୁ କ୍ରମଶଃ ଏପରି କ୍ଷୁଦ୍ର କରିଆଣିଛି ଯେ ଏହାର ବୃହତ୍ତମ ରାଜ୍ୟ ଓ ସାମ୍ରାଜ୍ୟଗୁଡ଼ିକ ମଧ୍ୟ ଏବେ ସତେଅବା ସେହି ଗୋଟିଏ ଦେଶର ଭିନ୍ନ ଭିନ୍ନ କେତୋଟି ପ୍ରଦେଶ ପରିହିଁ ପ୍ରତୀତ ହେବାକୁ ଲାଗିଲାଣି ।

ମାତ୍ର, ଭୌତିକ ପରିବେଶର ଏହି ଦ୍ରବ୍ୟଟିହିଁ ଯେ ସ୍ୱୟଂ ଆଦର୍ଶଟି ବିଫଳ ହୋଇଯିବାର ଏକ କାରଣ ହେବ, ଏହି କ୍ଷେତ୍ରରେ ସେହି ଆଶଙ୍କାଟି ମଧ୍ୟ ରହିଛି । କାରଣ, ଯେତେବେଳେ ଭୌତିକ ପରିସ୍ଥିତିମାନ ଏକ ବୃହତ୍ ପରିବର୍ତ୍ତନର ଅନୁକୂଳ ହୋଇ ରହିଥାନ୍ତି ମାତ୍ର ସମୁଦାୟଟିର ହୃଦୟ ଓ ମାନସ,— ବିଶେଷ କରି ହୃଦୟ,— ପ୍ରକୃତରେ ପ୍ରସ୍ତୁତ ହୋଇ ନ ଥାନ୍ତି, ସେତେବେଳେ ଏକ ବିଫଳତାହିଁ ଘଟିବ ବୋଲି ହୁଏତ ଭବିଷ୍ୟାନୁମାନ କରାଯାଇପାରେ; ଅବଶ୍ୟ ଏକଥା ସତ ଯେ ଯଦି ମନୁଷ୍ୟ-ମାନଙ୍କଠାରେ ସମୟ ଥାଉଁ ଜ୍ଞାନର ଉଦୟ ହେବ ଏବଂ ସେମାନେ ବହିଃସ୍ତରର ପୁନର୍ବ୍ୟବସ୍ଥାପନଟି ସହିତ ଅନ୍ତର୍ଗତ ପରିବର୍ତ୍ତନଟିକୁ ମଧ୍ୟ ଗ୍ରହଣ କରିନେବେ, ତେବେ ତାହା ଅନ୍ୟ କଥା ହେବ । ମାତ୍ର ଉପସ୍ଥିତ ମୁହୂର୍ତ୍ତଟିରେ ଭୌତିକ ବିଜ୍ଞାନ ଦ୍ୱାରା ମନୁଷ୍ୟର ବୁଦ୍ଧି ଏତେ ଅଧିକ ପରିମାଣରେ ପ୍ରାୟ ଏକ ଯନ୍ତ୍ରରେ ପରିଣତ ହୋଇ ପଡ଼ିଛି ଯେ ପ୍ରଧାନତଃ ଅଥବା ପୂର୍ଣ୍ଣତଃ ଯାନ୍ତ୍ରିକ ସାଧନଗୁଡ଼ିକ ଦ୍ୱାରା ଏବଂ ବାହ୍ୟ ସାମାଜିକ ତଥା ରାଜନୀତିକ କେତୋଟି ଅନୁକୂଳନ ଦ୍ୱାରାହିଁ ତାହା ଆପଣାର କଳ୍ପିତ ବିପ୍ଳବଟି ଲାଗି ପ୍ରୟାସ କରିବାର ପୂର୍ଣ୍ଣ ସମ୍ଭାବନା ରହିଛି । ଏବଂ ଏଠାରେ ଏହି କଥାଟିକୁ ଅବଶ୍ୟ ସ୍ମରଣ ରଖିବାକୁ ହେବ ଯେ ସାମାଜିକ ତଥା ରାଜନୀତିକ ସର୍ବବିଧ କୌଶଳ ଦ୍ୱାରା ବା ଅନ୍ତତଃ

'oaob.nitrkl.ac.in' images reprocessed

ସଂପୂର୍ଣ୍ଣ ଭାବରେ ବା ଏକାନ୍ତ ଭାବରେ ଏହିଗୁଡ଼ିକରହିଁ ସାହାଯ୍ୟରେ ମନୁଷ୍ୟ-ଜାତିର ଏକତା କେବେହେଲେ ସ୍ଥାପିତ ହୋଇପାରିବ ନାହିଁ, ତାହା କଦାପି ସ୍ଥାୟୀ ହୋଇପାରିବ ନାହିଁ କିଂବା ସିଦ୍ଧ ହୋଇପାରିବ ନାହିଁ ।

ଏକ ବୃହତ୍ତର ସାମାଜିକ ଅଥବା ରାଜନୀତିକ ଏକତା ଯେ ସବୁବେଳେ କଦାପି ଏକ ବରଦାନ ରୂପେ କାର୍ଯ୍ୟ କରେ ନାହିଁ, ଆମକୁ ସେହି କଥାଟିକୁ ଅବଶ୍ୟ ସ୍ମରଣ ରଖିବାକୁ ହେବ । ଯେତେଦୂର ପର୍ଯ୍ୟନ୍ତ ଏହା ଆମକୁ ଏକ ସଂପନ୍ନତର, ଅଧିକ ସୁଖୀ ଓ ଅଧିକ ଶକ୍ତିମୟ ବ୍ୟକ୍ତିଗତ ଏବଂ ସାମୂହିକ ଜୀବନ ଲାଗି ଆବଶ୍ୟକ ସାଧନ ଓ ଗଠନଟିକୁ ଆଣି ଯୋଗାଇ ଦେଇ ପାରୁଥିବ, କେବଳ ସେତିକି ଦୂର ପର୍ଯ୍ୟନ୍ତହିଁ ତାହାର ଅନୁଧାବନକୁ ଉଚିତ ବୋଲି କୁହାଯାଇପାରିବ । ମାତ୍ର, ପରସ୍ପର ସହିତ କଷାକଷି ହୋଇ ବନ୍ଧା ହୋଇଥିବା ଏବଂ କଠୋର ଭାବରେ ସଂଗଠନବଦ୍ଧ ହୋଇଥିବା ପ୍ରକାଣ୍ଡ ସମଷ୍ଟିଗୁଡ଼ାକ ଯେ ପ୍ରକୃତରେ ଏକ ସମୃଦ୍ଧିଶାଳୀ ଓ ଶକ୍ତିମୟ ମନୁଷ୍ୟଜୀବନ ଲାଗି ଅନୁକୂଳ ହୋଇ କାର୍ଯ୍ୟ କରନ୍ତି, ଏପର୍ଯ୍ୟନ୍ତ ମନୁଷ୍ୟଜାତିର ହୋଇଥିବା ଅଭିଜ୍ଞତାଟି ଆମକୁ ସେହି ବିଚାରଟିର କୌଣସି ସମର୍ଥକ ସାକ୍ଷ୍ୟ ଦେଇ ପାରି ନାହିଁ । ବରଂ ଏପରି କହିବା ଅଧିକ ଯଥାର୍ଥ ବୋଧ ହେବ ଯେ, ଯେତେବେଳେ ସାମୂହିକ ଜୀବନ ଆପଣାକୁ ଆଣି କ୍ଷୁଦ୍ର ଆୟତନ ଓ ଅପେକ୍ଷାକୃତ ଅଧିକ ସରଳ ଅବୟବ ସଂସ୍ଥାନଗୁଡ଼ିକ ମଧ୍ୟରେ ସଂକେନ୍ଦ୍ରିତ କରି ରଖିପାରେ, ସେତିକିବେଳେହିଁ ତାହା ଅଧିକ ସୁଖୀ ହୋଇଥାଏ, ଅଧିକ ସୁସ୍ଥ ହୋଇଥାଏ, ଅଧିକ ବିଚିତ୍ର ହୋଇଥାଏ ଓ ଅଧିକ ଫଳପ୍ରଦତାର ସମର୍ଥ ମଧ୍ୟ ହୋଇଥାଏ ।

ମନୁଷ୍ୟଜାତିର ଇତିହାସ ବିଷୟରେ ଆମକୁ ଯେତିକି ଜଣା ଅଛି, ତାହାକୁ ବିଚାର କରି ଦେଖିଲେ ଆମେ ଜାଣିବାକୁ ପାଇବା ଯେ ମନୁଷ୍ୟ-ଜୀବନର ଆଗ୍ରହୋଦ୍ଦୀପକ ପର୍ଯ୍ୟାୟଗୁଡ଼ିକ, ଏହାର ଯେଉଁସବୁ ମଞ୍ଚରେ ମନୁଷ୍ୟ-ଜୀବନକୁ ସବୁଠାରୁ ଅଧିକ ସମୃଦ୍ଧ ଭାବରେ ବଞ୍ଚାଯାଇ ପାରିଛି ଏବଂ ଯେଉଁସବୁ ପର୍ଯ୍ୟାୟ ଆପଣା ପଛରେ ଆମ ପାଇଁ ସବୁଠାରୁ ଅଧିକ ମୂଲ୍ୟବାନ୍ ପରିଣାମମାନ ରଖିଯାଇ ପାରିଛି, ସେହିସବୁ ଯୁଗ ଓ ସେହିସବୁ ଦେଶରେହିଁ ମନୁଷ୍ୟଜାତି ଆପଣାକୁ କ୍ଷୁଦ୍ର ଏକାଧିକ ସ୍ୱାଧୀନ କେନ୍ଦ୍ରରେ (ଆପଣାକୁ) ସଂଗଠିତ କରି ରଖିବା ଲାଗି ସମର୍ଥ ହୋଇଥିଲା; ସେହିସବୁ କେନ୍ଦ୍ର ଅତ୍ୟନ୍ତ ଅନ୍ତରଙ୍ଗ ଭାବରେ ପରସ୍ପରକୁ ପ୍ରଭାବିତ କରି ପାରୁଥିଲେ ସତ, ମାତ୍ର ସେଗୁଡ଼ିକୁ କଦାପି ଗୋଟିଏ ଏକତ୍ୱ ମଧ୍ୟରେ ବିଲୀନ କରି ଦିଆଯାଉ ନ ଥିଲା । ଆଧୁନିକ ଇଉରୋପୀୟ ସଭ୍ୟତାର ଦୁଇତୃତୀୟାଂଶ ଭାଗକୁ ଆମେ ମନୁଷ୍ୟ-ଇତିହାସର ଏହିଭଳି ତିନୋଟି ମହାନ୍ ମୁହୂର୍ତ୍ତରହିଁ ଅବଦାନ ବୋଲି କହିପାରିବା; ଗୋଟିଏ ହେଉଛି ଆପଣାକୁ ଇସ୍ରାଏଲ ବୋଲି କହୁଥିବା ସେହି ଜାତି ଓ ଗୋଷ୍ଠୀଗୁଡ଼ିକର ସମୂହର ଧର୍ମାଭିପ୍ରେତ ଜୀବନ ଅର୍ଥାତ୍ ପରବର୍ତ୍ତୀ

'oaob.nitrkl.ac.in' images reprocessed

କାଳରେ ଇହୁଦୀମାନଙ୍କର ସେହି କ୍ଷୁଦ୍ର ଜାତିଟିରେ ପରିଣତ ହୋଇଥିବା ଗୋଷ୍ଠୀଗୁଡ଼ିକର ଧର୍ମଜୀବନ, ଦ୍ୱିତୀୟଟି ହେଉଛି ସାନସାନ ଗ୍ରୀକ୍ ନଗରରାଷ୍ଟ୍ରଗୁଡ଼ିକର ବହୁମୁଖୀ ଜୀବନ, ଓ ତା'ପରେ ଅପେକ୍ଷାକୃତ ଅଧିକ ସୀମାବଦ୍ଧ ହୋଇ ରହିଥିଲେ ମଧ, ମଧ୍ୟଯୁଗୀୟ ଇତାଲିର କଳାମୟ ତଥା ବୌଦ୍ଧିକ ଜୀବନ । ଆପଣା ଇତିହାସର ଯେଉଁ ପର୍ଯ୍ୟାୟଟିରେ ଭାରତବର୍ଷ ସାନ ସାନ ଅନେକ ରାଜ୍ୟରେ ବିଭକ୍ତ ହୋଇ ରହିଥିଲା, ଏପରିକି ଯେତେବେଳେ ସେଗୁଡ଼ିକ ମଧ୍ୟରୁ ଅନେକ ରାଜ୍ୟ ବର୍ତ୍ତମାନର ଗୋଟିଏ ଗୋଟିଏ ଜିଲ୍ଲାଠାରୁ ମଧ୍ୟ ଆକାରରେ ଆଦୌ ଅଧିକ ବଡ଼ ନ ଥିଲେ, ସେତେବେଳେ ସେହି ବୀରୋଚିତ ଯୁଗଟି ଆପଣାର ଶକ୍ତିରେ ଯେତେଦୂର ସମୃଦ୍ଧ ହୋଇ ରହିଥିଲା, ତତ୍କାଳୀନ ମନୁଷ୍ୟ-ଜୀବନକୁ ଯେତେ ଅଧିକ ସାର୍ଥକତା ଆଣି ଦେଇଥିଲା ଓ ଯେପରି ସର୍ବୋତ୍କୃଷ୍ଟ ଓ ସର୍ବାଧିକ ସ୍ଥାୟୀ କେତେକେତେ ଫଳ ସମ୍ଭବ କରିଥିଲା, ତାହାର ତୁଳନାରେ ଏସିଆର ଇତିହାସରେ ଆସିଥିବା କୌଣସି ଅନ୍ୟ ଯୁଗ କଦାପି ତା'ର ସମକକ୍ଷ ହୋଇପାରିବ ନାହିଁ । ଭାରତବର୍ଷର ସବୁଠାରୁ ଅଧିକ ବିସ୍ମୟକାରୀ କାର୍ଯ୍ୟକଳାପଗୁଡ଼ିକ, ତା'ର ସବୁଠାରୁ ଅଧିକ ଶକ୍ତିମନ୍ତ ଓ ଅଧିକ କାଳଜୟୀ କୀର୍ତ୍ତିଗୁଡ଼ିକ, ଏବଂ ଯଦି ଆମକୁ ସେଭଳି ଏକ ନିର୍ବାଚନ କରିବାକୁ ହୁଏ, ତେବେ ଆମେ ଆଉ ସବୁକିଛିକୁ ବାଦ୍ ଦେଇ ଯେଉଁଗୁଡ଼ିକୁ ଆପଣାପାଖରେ ରଖିବାକୁ ଚାହିଁବା, ସେହି ସଂପଦଗୁଡ଼ିକ ଭାରତ-ଇତିହାସର ସେହି ପର୍ଯ୍ୟାୟଟିରେହିଁ ସମ୍ଭବ ହୋଇଥିଲେ । ଏହାର ତୁଳନାରେ ଦ୍ୱିତୀୟ ସର୍ବୋତ୍ତମଟି ଏକ ପରବର୍ତ୍ତୀ ଯୁଗରେ ଆସିଲା, ବୃହତ୍ତର ତଥାପି ଅପେକ୍ଷାକୃତ ଅଧିକ କ୍ଷୁଦ୍ର ଜାତି ଓ ରାଜ୍ୟର ପର୍ଯ୍ୟାୟଟିରେ ତାହା ସମ୍ଭବ ହେଲା; ଏଠାରେ ଦୃଷ୍ଟାନ୍ତସ୍ୱରୂପ ଆମେ ପଲ୍ଲବ, ଚାଲୁକ୍ୟ, ପାଣ୍ଡ୍ୟ, ଚୋଳ ଓ ଚେର ପ୍ରଭୃତି ରାଜ୍ୟର ଉଲ୍ଲେଖ କରିପାରିବା । ଏବଂ ଏସବୁର ତୁଳନାରେ ଭାରତବର୍ଷ ତାହାରି ସୀମାମଧ୍ୟରେ ଉଦ୍ଭିତ ହୋଇ ପତନ ଲଭିଥିବା ବୃହତ୍ତର ସାମ୍ରାଜ୍ୟଗୁଡ଼ିକରୁ, ଅର୍ଥାତ୍ ମୋଗଲ, ଗୁପ୍ତ ବା ମୌର୍ଯ୍ୟ ପ୍ରଭୃତି ସାମ୍ରାଜ୍ୟରୁ ଯାହାକିଛି ପାଇଲା, ଆମେ ତାହାକୁ କେବଳ ଅତି ସାମାନ୍ୟ ବୋଲିହିଁ କହିପାରିବା । କେବଳ ରାଜନୀତିକ ଓ ଶାସନଗତ ସଂଗଠନ, କିଞ୍ଚିତ ସୂକ୍ଷ୍ମ କଳା ଓ ସାହିତ୍ୟ ଏବଂ ଅନ୍ୟାନ୍ୟ କେତେକ କ୍ଷେତ୍ରରେ କିୟତ୍‌ପରିମାଣର କେତେକ ସ୍ଥାୟୀ କାର୍ଯ୍ୟ ବ୍ୟତୀତ ଏସବୁ ଯୁଗରେ ଭାରତବର୍ଷ ହୁଏତ କିଛି ହେଲେ ପାଇ ନ ଥିଲା ଏବଂ ସେଗୁଡ଼ିକ ଯେ ସବୁ ସମୟରେ, ସର୍ବୋତ୍କୃଷ୍ଟ ପ୍ରକାରର ହେଉଥିଲା, ସେକଥା ମଧ୍ୟ ଆଦୌ କୁହାଯାଇ ପାରିବ ନାହିଁ । ଯଥାର୍ଥରେ ମୌଳିକ, ଉତ୍‌ପ୍ରେରଣକାରୀ ଓ ସୃଜନାତ୍ମକ ହେବା ଅପେକ୍ଷା ସେମାନଙ୍କର ଆବେଗ ଓ ପ୍ରବୃତ୍ତିମାନ ବରଂ ଅଧିକତର ପରିମାଣରେ ନିଖୁଣ ଓ ସୁବିସ୍ତୃତ ସଂଗଠନ-ନୈପୁଣ୍ୟ ଆଡ଼କୁ ଉଦ୍ଦିଷ୍ଟ ହୋଇ ରହିଥିଲା ।

'oaob.nitrkl.ac.in' images reprocessed

ମାତ୍ର, କ୍ଷୁଦ୍ର ନଗର-ରାଷ୍ଟ୍ର ବା ଆଞ୍ଚଳିକ ସଂସ୍କୃତିଗୁଡ଼ିକର ଏହି ରାଜତ୍ୱଟିରେ ତଥାପି ସର୍ବଦା ଏକ ଦୋଷ ବା ଅଭାବ ରହିଥିଲା, ଯାହାକି ସେମାନଙ୍କୁ ବୃହତ୍ତର ସଂଗଠନଗୁଡ଼ିକ ଆଡ଼କୁ ପ୍ରବୃତ୍ତ ହେବା ଲାଗି ଅନେକ ସମୟରେ ବାଧ୍ୟ କରି ପକାଉଥିଲା । ଏହି ଅଭାବଟିକୁ ଅସ୍ଥାୟିତ୍ୱଜନିତ ବା ଅନେକ ସମୟରେ ବିଶୃଙ୍ଖଳାଜନିତ ଏକ ଅଭାବ ବୋଲି କୁହାଯାଇ ପାରିବ; ବିଶେଷ କରି ବୃହତ୍ତର ସଂଗଠନଗୁଡ଼ିକର ଆକ୍ରମଣରୁ ଆପଣାକୁ ରକ୍ଷା କରି ପାରିବାର ଅସମର୍ଥତା, ବା ଏପରିକି ସୁପରିବ୍ୟାପ୍ତ ଭୌତିକ ସୁଖ ଲାଗି ଏକ ଅଯଥେଷ୍ଟ ସାମର୍ଥ୍ୟରୁହିଁ ଏହି ଅଭାବଟି ଉପୁଜୁଥିଲା ବୋଲି କୁହାଯାଇ ପାରିବ । ତେଣୁ ସାମୂହିକ ଜୀବନର ଏହି ପ୍ରଥମ ପ୍ରକାରଟି କ୍ରମେ ଅନ୍ତର୍ହିତ ହୋଇଯିବାର ଏକ ପ୍ରବୃତ୍ତି ପ୍ରକାଶ କରିଥିଲା ଏବଂ ଆପଣା ସ୍ଥାନରେ ଜାତି, ରାଜ୍ୟ ଏବଂ ସାମ୍ରାଜ୍ୟଗୁଡ଼ିକର ସଂଗଠନ ଲାଗି ବାଟ ଛାଡ଼ି ଦେଇଥିଲା ।

ଏବଂ ଏଠାରେ ଆମେ ପ୍ରଥମତଃ ଏହି କଥାଟି ଦେଖିବାକୁ ପାଇବା ଯେ ସାନ ସାନ ଜାତିଗୁଡ଼ିକର ଏହି ଗୋଷ୍ଠୀ ବା ସମଷ୍ଟିଗୁଡ଼ିକର କ୍ଷେତ୍ରରେହିଁ ସବୁଠାରୁ ଅଧିକ ତେଜସ୍ୱୀ ଜୀବନ ସମ୍ଭବ ହୋଇଥିଲା, ବୃହତ୍ ରାଷ୍ଟ୍ର ଏବଂ ପ୍ରକାଣ୍ଡ ସାମ୍ରାଜ୍ୟଗୁଡ଼ିକର ଜୀବନରେ ତାହା କଦାପି ସମ୍ଭବ ହୋଇ ନ ଥିଲା । ଯେଉଁ ସାମୂହିକ ଜୀବନ ଆପଣାକୁ ଅତିରିକ୍ତ ଦୀର୍ଘ ଆୟତନଗୁଡ଼ିକ ମଧ୍ୟରେ ବିକ୍ଷିପ୍ତ କରି ରଖିଥାଏ, ତାହା ଆପଣାର ତେଜସ୍ୱିତା ଏବଂ ଉର୍ବରତାକୁ ସର୍ବଦା ହରାଇ ବସିଥିଲା ପରିହିଁ ବୋଧ ହୋଇଥାଏ । ପ୍ରକୃତ ଇଉରୋପ ଇଂଲଣ୍ଡରେ ବଞ୍ଚିଛି, ଫ୍ରାନ୍ସରେ ବଞ୍ଚିଛି, ନେଦରଲ୍ୟାଣ୍ଡ, ସ୍ପେନ୍, ଇତାଲିରେ ବଞ୍ଚିଛି ଓ ଜର୍ମାନୀର ସାନ ସାନ ରାଷ୍ଟ୍ରଗୁଡ଼ିକରେ ବଞ୍ଚିଛି; ପରବର୍ତ୍ତୀ କାଳର ତାହାର ଯାବତୀୟ ସଭ୍ୟତା ଏବଂ ପ୍ରଗତି ସେହିସବୁ ସ୍ଥାନରେହିଁ ବିକଶିତ ହୋଇ ପାରିଛି, ପବିତ୍ର ରୋମାନ୍ ସାମ୍ରାଜ୍ୟ ଅଥବା ରୁଷୀୟ ସାମ୍ରାଜ୍ୟର ଅତିକାୟ ଭୂଖଣ୍ଡଗୁଡ଼ିକରେ ତାହା କଦାପି ବିକଶିତ ହୋଇ ନାହିଁ । ପରସ୍ପର ଉପରେ ବିପୁଳ ପ୍ରଭାବ ପକାଇଥିବା ଏବଂ ସତ୍ୱର ସୃଜନାତ୍ମକ ନାନା ପଦକ୍ଷେପ ଦ୍ୱାରା ଏବଂ ଅନେକ ସମୟରେ ସତେଅବା ଲମ୍ଫପ୍ରଦାନ କଲାପରି ପ୍ରଖର ଅଗ୍ରଗତି କରିଥିବା ଇଉରୋପର ଏହି ଅନେକ ଜାତିଗୁଡ଼ିକର ଜୀବନ ତଥା କୃତିଟି ସହିତ ଆମେ ଯେତେବେଳେ ଏସିଆର ବୃହତ୍ ସମୂହଗୁଡ଼ିକର ତୁଳନା କରିବାକୁ ଯାଉ, ସେତେବେଳେ ସାମାଜିକ ଏବଂ ରାଜନୀତିକ କ୍ଷେତ୍ରରେ ଆମେ ଠିକ୍ ସେହିପରି ଗୋଟିଏ ବ୍ୟାପାର ଦେଖିବାକୁ ପାଇଥାଉ । ଏସିଆର ଇତିହାସରେ ଆମକୁ କୌଣସି ଚଳନଶୀଳତା ନ ଥିବା କେତେ କେତେ ଦୀର୍ଘ ପର୍ଯ୍ୟାୟ ଦୃଷ୍ଟିଗୋଚର ହୋଇଥାଏ, ସେହିସବୁ ପର୍ଯ୍ୟାୟରେ ପ୍ରାୟ କୌଣସି ଯୁଦ୍ଧ ବା ବିପ୍ଲବ ନ ଥିଲା ପରି ବୋଧ ହୋଇଥାଏ, ସାମୟିକ ଭାବରେ ଏସବୁ ମଧ୍ୟରେ ସାଧାରଣତଃ ପ୍ରାୟ ଅନୁର୍ବର

'oaob.nitrkl.ac.in' images reprocessed

କେତେ ଘଟଣାବଳୀ ଭର୍ତ୍ତି ହୋଇ ରହିଥାଏ, ଶତାବ୍ଦୀ ଶତାବ୍ଦୀ ଧରି ସେଠାରେ ଧର୍ମ, ଦର୍ଶନ ଓ କଳାବିନୋଦର କେତେକେତେ ଦିବାସ୍ୱପ୍ନ ଲାଗି ରହିଥିବା ପରି ଦେଖାଯାଏ, ଆପଣାକୁ କ୍ରମଶଃ ଅଧିକରୁ ଅଧିକ ବିଚ୍ଛିନ୍ନ କରି ରଖିବାର ଓ ପରିଶେଷରେ ଆପଣାର ବହିଃଜୀବନରେ ସଂପୂର୍ଣ୍ଣ ଭାବରେ ଗତିହୀନ ଓ ଆବଦ୍ଧ ହୋଇ ରହିବାର ଏକ ପ୍ରବୃତ୍ତି ଦୃଷ୍ଟିଗୋଚର ହୋଇଥାଏ ।

ଦ୍ୱିତୀୟତଃ, ଆମେ ଦେଖିବାକୁ ପାଇବା ଯେ ଜାତି ଏବଂ ରାଜ୍ୟଗୁଡ଼ିକର ଏହି ସଂଗଠନଟି ମଧ୍ୟରେ ଯେଉଁଗୁଡ଼ିକ ସବୁଠାରୁ ଅଧିକ ଶକ୍ତିମୟ ଜୀବନ ଯାପନ କରିବାକୁ ସମର୍ଥ ହୋଇଛନ୍ତି, ସେମାନେ ଆପଣାର ପ୍ରାଣଶକ୍ତିକୁ କୌଣସି ମୁଖ୍ୟ ସ୍ଥାନ, କେନ୍ଦ୍ର ବା ରାଜଧାନୀରେ ଏକପ୍ରକାର କୃତ୍ରିମ ଭାବରେ ସଂକେନ୍ଦ୍ରିତ କରି ରଖିହିଁ ସେହି ଶକ୍ତିମତ୍ତାକୁ ହାସଲ କରିପାରିଛନ୍ତି । ସେମାନେ ଆପଣାର ପ୍ରାଣଶକ୍ତିକୁ ଲଣ୍ଡନ, ପାରିସ୍, ରୋମ୍ ପ୍ରଭୃତି ମୁଖ୍ୟ କେନ୍ଦ୍ରଗୁଡ଼ିକୁ ସଂକେନ୍ଦ୍ରିତ କରି ଆଣିଛନ୍ତି । ଏହି ଉପାୟଟି ଦ୍ୱାରା ପ୍ରକୃତି ଏକ ବୃହତ୍ତର ସଂଗଠନ ତଥା ପରିପୂର୍ଣ୍ଣତର ଏକତ୍ୱର ଲାଭଗୁଡ଼ିକୁ ହାସଲ କରିବା ସଙ୍ଗେ ସଙ୍ଗେ ଏକ କ୍ଷୁଦ୍ର ସ୍ଥାନରେ ଆପଣାକୁ ଫଳପ୍ରଦ ଭାବରେ ସଂକେନ୍ଦ୍ରିତ କରି ରଖିବାର ସମାନଭାବରେ ସେହି ମୂଲ୍ୟବାନ ଶକ୍ତିଟିକୁ ମଧ୍ୟ କେତେକ ପରିମାଣରେ ସଂରକ୍ଷିତ କରି ରଖିବାକୁ ସମର୍ଥ ହୋଇଥାଏ; ନଗର-ରାଷ୍ଟ୍ର ବା କ୍ଷୁଦ୍ର ରାଜ୍ୟର ଆପଣାର ସେହି ଅପେକ୍ଷାକୃତ ଅଧିକ ପୁରୁଣା ପଦ୍ଧତିଟିରେ ତାହା ଯେଉଁ ନିବିଡ଼ ଭାବରେ ଏକତ୍ର ହୋଇ ରହିଥିବା ସକ୍ରିୟତାଟି ଲାଗି ସମର୍ଥ ହୋଇଥିଲା, ସେଇଟିକୁ ମଧ୍ୟ ହାସଲ କରିପାରେ । ମାତ୍ର ତାକୁ ଏହି ସୁବିଧାଟିକୁ ସଂଗଠନଟିର ଅବଶିଷ୍ଟ ଭାଗ, ଅର୍ଥାତ୍ ଜିଲ୍ଲା, ପ୍ରାଦେଶିକ ସାନ ସହର ଓ ଗ୍ରାମକୁ ଏକ ହୀନତର ସ୍ତରରେ ଅବହେଳିତ କରି ରଖି ତାହାରି ବିନିମୟରେ କ୍ରୟ କରିବାକୁ ହୋଇଥିଲା; ମୁଖ୍ୟକେନ୍ଦ୍ର (urbs) ବା ମେଟ୍ରୋପଲିସ୍‌ର ପ୍ରାଣମୟ ସଘନତା ପାଖରେ ବଡ଼ ବିଚିତ୍ର ପ୍ରକାରେ ଅନ୍ୟଭଳି ହୋଇ ରହିଥିବା ଏକ ନୀରସ, କ୍ଷୁଦ୍ର ଏବଂ ନିଦ୍ରାମଗ୍ନ ଜୀବନ ମଧ୍ୟକୁ ସେଗୁଡ଼ିକୁ ଠେଲିଦେଇ ତାହାରି ବିନିମୟରେ କ୍ରୟ କରିବାକୁ ପଡ଼ିଥିଲା ।

ଆମେ ରୋମାନ୍ ସାମ୍ରାଜ୍ୟକୁ ଏକତ୍ୱର ଏପରି ଏକ ସଂଗଠନର ଗୋଟିଏ ଐତିହାସିକ ଦୃଷ୍ଟାନ୍ତ ବୋଲି କହିପାରିବା ଯାହାକି ଗୋଟିଏ ଜାତିର ସୀମାଗୁଡ଼ିକୁ ଅତିକ୍ରମ କରି ଯାଇଥିଲା; ଏବଂ ଏହି ଅତିକ୍ରମ କରିଯିବାର ସୁବିଧା ତଥା ଅସୁବିଧାଗୁଡ଼ିକ ଆମକୁ ସେହିଠାରେହିଁ ସଂପୂର୍ଣ୍ଣ ଭାବରେ ଉଦାହୃତ ହୋଇ ରହିଥିବାର ଦେଖିବାକୁ ମିଳିବ । ଏକ ପ୍ରଶଂସନୀୟ ସଂଗଠନ, ଶାନ୍ତିପୂର୍ଣ୍ଣତା, ସୁପରିବ୍ୟାପ୍ତ ନିରାପତ୍ତା, ଶୃଙ୍ଖଳା ଏବଂ ଭୌତିକ ସୁଖ ଓ କଲ୍ୟାଣ,– ଏଗୁଡ଼ିକୁ ତାହାର ନାନା ସୁବିଧା ବୋଲି କୁହାଯିବ; ଏବଂ ଅପର ପକ୍ଷରେ, ବ୍ୟକ୍ତି, ନଗର ଏବଂ ଅଞ୍ଚଳଗୁଡ଼ିକ ଯେ ଆପଣାର ସ୍ୱତନ୍ତ୍ର ଜୀବନଟିକୁ ଜଳାଞ୍ଜଳି

'oaob.nitrkl.ac.in' images reprocessed

ଦେଇ ଗୋଟିଏ ବୃହତ୍ ଯନ୍ତ୍ରଭିତରେ ସାନସାନ ଯନ୍ତ୍ରାଂଶ ପରି ହୋଇ ରହିଲେ, ଏଇଟିକୁ ଅସୁବିଧା ବୋଲି କୁହାଯିବ । ଜୀବନ ତା'ର ରଙ୍ଗଟିକୁ ହରାଇ ବସିଲା, ଐଶ୍ୱର୍ଯ୍ୟ ଏବଂ ବୈଚିତ୍ର୍ୟଟିକୁ ହରାଇ ପକାଇଲା, ଆପଣାର ସ୍ୱାଧୀନ ପ୍ରକାଶ ଏବଂ ସୃଜନ ଲାଗି ରହିଥିବା ସେହି ବିଜୟୋଚ୍ଛଳ ଆବେଗଟିକୁ ମଧ୍ୟ ହରାଇ ବସିଲା । ସଂଗଠନ ବଡ଼ ହେଲା, ପ୍ରଶଂସାଭାଜନ ହୋଇପାରିଲା, ମାତ୍ର ତେଣେ ବ୍ୟକ୍ତି କ୍ଷୀଣ ଓ ମ୍ଳାନ ହୋଇ ରହିଲା, ଅନ୍ୟ ଶକ୍ତି ଦ୍ୱାରା ଗ୍ରସ୍ତ ହୋଇ ରହିଲା, ଅନ୍ୟ ବୃହତ୍ତର ଏକ ଶକ୍ତିର ଛାୟା ଦ୍ୱାରା ଛାୟାବୃତ ହୋଇ ରହିଗଲା । ଏବଂ ପରିଶେଷରେ, ବ୍ୟକ୍ତି କ୍ଷୁଦ୍ର ଏବଂ କ୍ଷୀଣ ହୋଇ ପଡ଼ିବାରୁ ବୃହତ୍ ସମୁଦାୟଟି ମଧ୍ୟ ଅନିବାର୍ଯ୍ୟତଃ ଏବଂ କ୍ରମଶଃ ଆପଣାର ସଂରକ୍ଷଣକାରୀ ପ୍ରାଣଶକ୍ତିଟିକୁ ମଧ୍ୟ ହରାଇ ବସିଲା ଏବଂ ଅଧିକରୁ ଅଧିକ ଗତିହୀନ ହୋଇ ମରିଗଲା । ଏପରିକି ବାହାରୁ ଦେଖିବାକୁ ସଂପୂର୍ଣ୍ଣ ଓ ନିଖୁଣ ହୋଇ ରହିଥିଲେ ମଧ୍ୟ, ପ୍ରକୃତ ଗଠନଟି କ୍ରମେ ଘୁଣ ଖାଇଗଲା, ଫାଟିବାକୁ ଆରମ୍ଭ କଲା, ଏବଂ ବାହାରୁ ପ୍ରଥମ ଆଘାତଟି ପାଇବା ମାତ୍ରକେ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଗଲା । ସଂରକ୍ଷଣ ଲାଗି ଏହିସବୁ ସଂଗଠନ ଓ ଏହିଭଳି ପର୍ଯ୍ୟାୟର ଅତ୍ୟନ୍ତ ଆବଶ୍ୟକତା ରହିଛି; ଏପରିକି ରୋମାନ୍ ସାମ୍ରାଜ୍ୟଟି ମଧ୍ୟ ଆପଣାର ପୂର୍ବବର୍ତ୍ତୀ କେତେକେତେ ସମୃଦ୍ଧିଶାଳୀ ଶତାବ୍ଦୀର ଲାଭଗୁଡ଼ିକୁ ଦୃଢ଼ଠୁଳ କରି ରଖିବାରେ ସହାୟକ ହୋଇ କାର୍ଯ୍ୟ କରିଥିଲା । ମାତ୍ର ସେଗୁଡ଼ିକ ଯେ ଜୀବନ ଏବଂ ଜୀବନ ବିକାଶ ଲାଗି ପ୍ରତିବନ୍ଧକ ପରି କାର୍ଯ୍ୟ କରନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ ।

ସମାଜ, ପ୍ରଶାସନ ଏବଂ ରାଜନୀତିର କ୍ଷେତ୍ରରେ ମନୁଷ୍ୟ-ସମୁଦାୟକୁ ଗୋଟିଏ ଆୟତନ ମଧ୍ୟରେ ଏକ କରି ରଖିବା ଲାଗି ଏବେ କେତେକ ବ୍ୟକ୍ତି ଯେପରି ସ୍ୱପ୍ନ ଦେଖିବାକୁ ଆରମ୍ଭ କରୁଛନ୍ତି, ଯଦି ସେହିଭଳି ଏକ ଏକତ୍ୱବିଧାନ ପ୍ରକୃତରେ ସମ୍ଭବ ହୁଏ, ତେବେ ତାହାର ପରିଣାମରେ ଯାହାସବୁ ଘଟିବାର ସମ୍ଭାବନା ରହିଛି, ଏଥିରୁ ଆମେ ତାହାରି ଏକ ପରିଚୟ ପାଇ ପାରିବା । ଏଥିଲାଗି ଏକ ବିରାଟ ଓ ତୁମୁଳ ସଂଗଠନର ଆବଶ୍ୟକତା ରହିବ, ଏବଂ ଏହାରି କବଳକୁ ଆସି ବ୍ୟକ୍ତି ଏବଂ କ୍ଷୁଦ୍ରାଞ୍ଚଳର ଜୀବନ କୁଆଡ଼େ ପେଷି ହୋଇଯିବ, ଖର୍ବ ହୋଇପଡ଼ିବ, ଆପଣାର ଅତ୍ୟାବଶ୍ୟକ ସ୍ୱାଧୀନଟିରୁ ବଞ୍ଚିତ ହୋଇ ରହିବ । ବୃଷ୍ଟିଜଳ, ବାୟୁ ଏବଂ ସୂର୍ଯ୍ୟାଲୋକର ଅଭାବରେ କୌଣସି ଉଦ୍‌ଭିଦର ଯେଉଁ ଅବସ୍ଥା ହୁଏ, ସେଗୁଡ଼ିକର ଠିକ୍ ସେହି ଅବସ୍ଥା ହେବ । ଏବଂ ମାନବଜାତି ସକାଶେ ଏହାର ପରିଣାମ ଏହାହିଁ ହେବ ଯେ, ଖୁବ୍ ସମ୍ଭବ, ତୃପ୍ତିମୟ ତଥା ହର୍ଷୋତ୍‌ଫୁଲ୍ଲ ସକ୍ରିୟତାର ଏକ ପ୍ରଥମ ବିସ୍ଫୋଟନ ଘଟି ଚାଲିଯିବା ପରେ ଆପଣାକୁ କେବଳ ଟିକାଇ କରି ରଖିବାର ଏକ ଦୀର୍ଘ ପର୍ଯ୍ୟାୟ ଆସି ପହଞ୍ଚିବ । ଗତିହୀନତା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଥିବ ଏବଂ ପରିଶେଷରେ କ୍ଷୟପ୍ରାପ୍ତ ହୋଇ ମରିଯିବାହିଁ ସାର ହେବ ।

'oaob.nitrkl.ac.in' images reprocessed

ମାତ୍ର ତଥାପି କହିବାକୁ ହେବ ଯେ ମନୁଷ୍ୟଜାତିର ଏକତା ହେଉଛି ପ୍ରକୃତିର ଅଭିପ୍ରେତ ଯୋଜନାର ଏକ ଅବଶ୍ୟମ୍ଭାବୀ ଅଂଶ ଏବଂ ଏହା ଅବଶ୍ୟ ଘଟିବ । କେବଳ ଏତିକି ମନେ ରଖିବାକୁ ହେବ ଯେ ଅନ୍ୟ ପରିସ୍ଥିତି ଓ ଆବଶ୍ୟକ ଅନ୍ୟ ବ୍ୟବସ୍ଥା ସହିତହିଁ ତାହା ସମ୍ଭବ ହେବ; ସେହି ପରିସ୍ଥିତି ଓ ସେହି ବ୍ୟବସ୍ଥାଗୁଡ଼ିକ ମନୁଷ୍ୟଜାତିକୁ ତା'ର ପ୍ରାଣମୂଳଗୁଡ଼ିକରେ ଦୃଢ଼ କରି ରଖିପାରିବ, ଆପଣାର ଏକତ୍ୱଟି ମଧ୍ୟରେ ତାହାକୁ ସମୃଦ୍ଧିମନ୍ତ ଭାବରେ ବହୁବିଧ କରି ରଖିପାରିବ ।

'oaob.nitrkl.ac.in' images reprocessed

## ଦ୍ୱିତୀୟ ପରିଚ୍ଛେଦ

# ଅତୀତରେ ଗଠିତ ସମୂହଗୁଡ଼ିକର ଅପୂର୍ଣ୍ଣତା

ଜୀବନର ଦୁଇଟି ମେରୁ, ଅର୍ଥାତ୍ ଗୋଷ୍ଠୀ ବା ସମଷ୍ଟି ଦ୍ୱାରା ଲାଳିତ ପାଳିତ ହୋଇ ବଢୁଥିବା ବ୍ୟକ୍ତି ଏବଂ ବ୍ୟକ୍ତିର ସହାୟତା ଦ୍ୱାରା ଗଠିତ ହୋଇ ପାରୁଥିବା ଗୋଷ୍ଠୀ ବା ସମଷ୍ଟି ମଧ୍ୟରେ ଏକ ଭାରସାମ୍ୟ ସ୍ଥାପିତ ହେବା ଏବଂ ସତତ ଏକ ସୌଷମ୍ୟ ଲାଗି ପ୍ରବୃତ୍ତି ରଖିଥିବା ଉପରେହିଁ ପ୍ରକୃତିର ସମସ୍ତ ପ୍ରକ୍ରିୟାଟି ନିର୍ଭରଶୀଳ ହୋଇ ରହିଥାଏ । ମନୁଷ୍ୟଜୀବନର ସ୍ତରରେ ମଧ୍ୟ ଏହି ନିୟମଟିରେ କୌଣସି ବ୍ୟତିକ୍ରମ ଘଟେ ନାହିଁ । ତେଣୁ ଆମ ଅସ୍ତିତ୍ୱର ଏହି ଦୁଇଟିଯାକ ମେରୁ, ଅର୍ଥାତ୍ ବ୍ୟକ୍ତି ଓ ସାମାଜିକ ସମଷ୍ଟିଟି ମଧ୍ୟରେ ଏପର୍ଯ୍ୟନ୍ତ ଯେଉଁ ସୌଷମ୍ୟ ସମ୍ଭବ ହୋଇପାରି ନାହିଁ ତାହାରି ବିବର୍ଦ୍ଧନ ଦ୍ୱାରାହିଁ ମନୁଷ୍ୟ ଜୀବନର ପରିପୂର୍ଣ୍ଣତା ସମ୍ଭବ ହୋଇପାରିବ । ପରିପୂର୍ଣ୍ଣତାରେ ଆସି ପହଞ୍ଚିଥିବା ଏକ ସମାଜ ବ୍ୟକ୍ତି ଲାଗି ସର୍ବାଧିକ ଭାବରେ ସମ୍ଭବ ହୋଇ ପାରୁଥିବା ପରିପୂର୍ଣ୍ଣତା ଲାଗି ଅନୁକୂଳ ହୋଇ ରହିଥିବ; ଏବଂ ବ୍ୟକ୍ତିର ଏହି ପରିପୂର୍ଣ୍ଣତା ଯଦି ସେ ବାସ କରୁଥିବା ସାମାଜିକ ସମୁଦାୟଟି ଲାଗି ଏକ ପରିପୂର୍ଣ୍ଣ ସ୍ଥିତି ହାସଲ କରିବାରେ ସହାୟକ ହୋଇ ନ ପାରୁଥାଏ ଏବଂ ସେହିପରି ଭାବରେ ଅଧିକରୁ ଅଧିକ ବିସ୍ତାର ଦେଇ ଦେଖିଲେ ସମ୍ଭାବ୍ୟ ବୃହତ୍ତମ ମନୁଷ୍ୟ-ସମୁଦାୟ, ଅର୍ଥାତ୍ ଏକ ଐକ୍ୟବଦ୍ଧ ମନୁଷ୍ୟଜାତିର ସମଗ୍ର କ୍ଷେତ୍ରଟି ଲାଗି ସହାୟକ ହୋଇ ରହି ନ ଥାଏ, ତେବେ ବ୍ୟକ୍ତିର ସେହି ପରିପୂର୍ଣ୍ଣତାକୁ କେବଳ ଅପୂର୍ଣ୍ଣ ବୋଲି କହିବାକୁହିଁ ପଡ଼ିବ ।

କାରଣ, ପ୍ରକୃତିର ଧୀର ପ୍ରକ୍ରିୟାଟି ଏପରି ଏକ ଜଟିଳତା ଆଣି ପ୍ରବେଶ କରାଇ ଦେଇଥାଏ, ଯାହାକି ମନୁଷ୍ୟବ୍ୟକ୍ତିକୁ ସମଗ୍ର ମନୁଷ୍ୟସମୂହଟି ସହିତ ଏକ ଅମିଶ୍ର ଏବଂ ପ୍ରତ୍ୟକ୍ଷ ସମ୍ବନ୍ଧ ଦ୍ୱାରା ସମ୍ବନ୍ଧିତ ହୋଇ ରହିବାରୁ ବଞ୍ଚିତ କରି ରଖେ । ଗୋଟିଏ ପାଖରେ ସେହି ବ୍ୟକ୍ତି ଓ ଅନ୍ୟ ପାଖଟିରେ ଏହି ଅତ୍ୟନ୍ତ ବିପୁଳ ସମଗ୍ରଟି ମଧ୍ୟରେ କ୍ରମଶଃ ଏପରି କେତୋଟି ଅପେକ୍ଷାକୃତ ଅଧିକ କ୍ଷୁଦ୍ର ସମୂହମାନ ତିଆରି ହୋଇ ରହିବାକୁ ଲାଗେ, ଯେଉଁଗୁଡ଼ିକ କି ଆଦର୍ଶ ଏକତାଟି ଲାଗି ଅଂଶତଃ ସହାୟକ ଭାବରେ କାର୍ଯ୍ୟ କରେ ଓ ପୁଣି ଅଂଶତଃ ପ୍ରତିବନ୍ଧକ ପରି ମଧ୍ୟ କାର୍ଯ୍ୟ କରିଥାଏ; ମନୁଷ୍ୟର ସଂସ୍କୃତି କ୍ରମାଗ୍ରସର ହୋଇ ଯେତିକି ନୂତନ ନୂତନ ସୋପାନରେ ଆସି ଉପନୀତ ହେଉଛି, ଏହିସବୁ କ୍ଷୁଦ୍ରତର ସମୂହର ରଚନା ପ୍ରକୃତରେ ସେତିକି ଆବଶ୍ୟକ ବୋଲି ଅନୁଭୂତ ହୋଇ ଆସିଛି । କାରଣ, ଦେଶଗତ ଯେଉଁସବୁ ବାଧା ରହିଛି, ସଂଗଠନଗତ ଯେଉଁସବୁ ଅସୁବିଧା ରହିଛି ଏବଂ

'oaob.nitrkl.ac.in' images reprocessed

ମନୁଷ୍ୟର ହୃଦୟ ତଥା ମସ୍ତିଷ୍କର ସାମର୍ଥ୍ୟ ମଧ୍ୟ ଯେପରି ନାନାପ୍ରକାରେ ସୀମାବଦ୍ଧ ହୋଇ ରହିଛି, ସେଇଥିରୁହିଁ, ପ୍ରଥମେ ସାନ ସାନ, ତା'ପରେ ସେଗୁଡ଼ିକଠାରୁ ଟିକିଏ ଟିକିଏ ଅଧିକ ବଡ଼ ଏବଂ ପରିଶେଷରେ ପୁଣି ଏଗୁଡ଼ିକଠାରୁ ମଧ୍ୟ ଆହୁରି ଅଧିକ ବଡ଼ ସମୁଦାୟଗୁଡ଼ିକୁ ରଚନା କରିବା ଆବଶ୍ୟକ ହୋଇଛି, ଯେପରି କି ସେ ଏହିଭଳି ଏକ କ୍ରମବୃହତ୍ତରତାର ପଦ୍ଧତି ଦ୍ୱାରା କ୍ରମଶଃ ଆପଣାକୁ ମଣ କରି ଆଣି ପାରିବ ଏବଂ ଶେଷରେ ସର୍ବଶେଷ ସୋପାନର ସେହି ବିଶ୍ୱାତ୍ମକତା ଲାଗି ପ୍ରସ୍ତୁତ ହୋଇ ପାରିବ । ପରିବାର, ଗୋଷ୍ଠୀ, ବଂଶ ବା ଜାତି, ଶ୍ରେଣୀ, ନଗର-ରାଷ୍ଟ୍ର ବା ଅନେକ ଜାତିକୁ ଏକତ୍ର କରି ଗଢ଼ା ହୋଇଥିବା ସମୂହ, ଦେଶ ଓ ସାମ୍ରାଜ୍ୟ,– ଆମେ ଏଗୁଡ଼ିକୁ ସେହି କ୍ରମାଗ୍ରସରତା ଏବଂ ସତତ ବୃହତ୍ତର ହେବାରେ ମଧ୍ୟବର୍ତ୍ତୀ ଗୋଟିଏ ଗୋଟିଏ ସୋପାନ ବୋଲି କହି ପାରିବା । ବୃହତ୍ତର ସମଷ୍ଟିଗୁଡ଼ିକ ସଫଳତାର ସହିତ ଗଠିତ ହୋଇଯାଉଥିବା ସଙ୍ଗେ ସଙ୍ଗେ ଯଦି କ୍ଷୁଦ୍ରତର ସମୂହଗୁଡ଼ିକୁ ନଷ୍ଟ କରି ଦିଆଯାଉଥାଆନ୍ତା, ତେବେ ଏହି କ୍ରମଗତିଟିରୁ ଆଦୌ କୌଣସି ଜଟିଳତା କଦାପି ଉତ୍ପନ୍ନ ହେଉ ନ ଥାନ୍ତା; ମାତ୍ର ପ୍ରକୃତି କେବେହେଲେ ଏପରି ଏକ ପଥରେ ଗତି କରେ ନାହିଁ । ପୂର୍ବରୁ ତାହାରି ଦ୍ୱାରା ନିର୍ମିତ ଗଠନ ବା ଛାଞ୍ଚଗୁଡ଼ିକୁ ସେ କ୍ୱଚିତ୍ ନଷ୍ଟ କରି ଦେଇଥାଏ, ବା ଯେଉଁଟିର ଆଉ କୌଣସି ପ୍ରୟୋଜନ ନ ଥାଏ, ପ୍ରକୃତି କେବଳ ସେଇଟିକୁହିଁ ନଷ୍ଟ କରିଦିଏ । ଆଉସବୁଗୁଡ଼ିକୁ ସେ ଆପଣାର ଉଦ୍ଦେଶ୍ୟସାଧନ ଲାଗି ସଂରକ୍ଷିତ କରି ରଖେ; ବୈଚିତ୍ର୍ୟ, ଐଶ୍ୱର୍ଯ୍ୟ ଏବଂ ବହୁବିଧତା ଲାଗି ପ୍ରକୃତିର ଯେଉଁ ଉତ୍ସାହ ରହିଛି, ସେ ତାହାରି ସକାଶେ ସେଗୁଡ଼ିକୁ ସଂରକ୍ଷିତ କରି ରଖେ । ଏବଂ ସେ ଯେଉଁ ବୃହତ୍ତର ଏକତ୍ୱଟିକୁ ନିର୍ମାଣ କରିବାକୁ ଯାଉଥାଏ, ତାହାରି ଲାଗି ଯଥେଷ୍ଟ କ୍ଷେତ୍ରଟିଏ ଯୋଗାଇଦେଇ ପାରିବାକୁହିଁ କେବଳ ବିଭାଜକ ଘାରଗୁଡ଼ିକୁ ଲିଭାଇ ଦେଉଥାଏ ବା ସ୍ୱଭାବ ଏବଂ ସମ୍ବନ୍ଧଗୁଡ଼ିକୁ ଆବଶ୍ୟକତା ଅନୁସାରେ କିଞ୍ଚିତ୍ ପରିମାଣରେ ପରିବର୍ତ୍ତିତ କରି ଦେଉଥାଏ । ସେହି କାରଣରୁହିଁ ଆପଣାର ପ୍ରତ୍ୟେକ ପଦକ୍ଷେପରେ ମନୁଷ୍ୟସମାଜକୁ ବିଭିନ୍ନ କେତେକେତେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ; ବ୍ୟକ୍ତି ଏବଂ ତାତ୍କାଳିକ ସମଷ୍ଟିଟି, ଅର୍ଥାତ୍ ଗୋଷ୍ଠୀଟି ମଧ୍ୟରେ ସ୍ୱାର୍ଥଗୁଡ଼ିକର କ୍ଷେତ୍ରରେ ଏକ ସଂଗତି ଆଣିବାରେ କେବଳ କୌଣସି ଅସୁବିଧା ଆସି ପହଞ୍ଚିବାରୁହିଁ ଯେ ଏହି ସମସ୍ୟାଗୁଡ଼ିକର ଜନ୍ମ ହୋଇଥାଏ ତା' ନୁହେଁ, ମାତ୍ର, ଗୋଟିଏ ପାଖରେ ଅପେକ୍ଷାକୃତ ଅଧିକ କ୍ଷୁଦ୍ର ସମଗ୍ରତାର ବିଭିନ୍ନ ଆବଶ୍ୟକତା ଓ ସ୍ୱାର୍ଥମାନ ଏବଂ ଅନ୍ୟପାଖରେ ସେଗୁଡ଼ିକୁ ଏକତ୍ର ଗୋଟିଏ ଆୟତନ ମଧ୍ୟରେ ଧରି ରଖିବାକୁ ଯାଉଥିବା ସେହି ବୃହତ୍ତର ସମଗ୍ରଟିର ବିକାଶ ମଧ୍ୟରେ ସଂଗତିରକ୍ଷା କରିବାରେ ଆସି ପହଞ୍ଚୁଥିବା ଅସୁବିଧାଗୁଡ଼ିକ ହେତୁ ମଧ୍ୟ ସେହି ସମସ୍ୟାଗୁଡ଼ିକର ଆବିର୍ଭାବ ହୋଇଥାଏ ।

'oaob.nitrkl.ac.in' images reprocessed

ଏହି ଯନ୍ତ୍ରଣାର କେତେ ବିକ୍ଷିପ୍ତ ଦୃଷ୍ଟାନ୍ତ ଆମ ଲାଗି ଇତିହାସରେ ସଂରକ୍ଷିତ ହୋଇ ରହିଛି; ଏଥିରେ ବିଫଳତା ଓ ସଫଳତାର କେତେ ଦୃଷ୍ଟାନ୍ତ ରହିଛି ଯେଉଁଥିରେ କି ଆମ ଲାଗି କେତେ କେତେ ଶିକ୍ଷା ଭର୍ତ୍ତି ହୋଇ ରହିଛି । ଆମେ ଦେଖିବାକୁ ପାଉ ଯେ ଇହୁଦୀ ଓ ଆରବ ଏହି ଦୁଇ ସେମିଟିକ୍ ଜାତିର ବିଭିନ୍ନ ଉପଜାତିଗୁଡ଼ିକୁ ଏକତ୍ର ଗୋଟିଏ ସମୂହରେ ପରିଣତ କରିବା ଲାଗି କେତେକେତେ ସଂଗ୍ରାମ ଲାଗିଛି; ଇହୁଦୀ ଜାତି ଦୁଇଟି ରାଜ୍ୟରେ ବିଭକ୍ତ ହୋଇଯିବା ଫଳରେ ଏହି ସଂଗ୍ରାମର ଉପଶମ ହୋଇଛି ସତ, ମାତ୍ର ଏହି ବିଭାଜନ ଚିରଦିନ ସକାଶେ ଇହୁଦୀଜାତି ଲାଗି ଦୁର୍ବଳତାର ଗୋଟିଏ କାରଣ ହୋଇ ରହିଛି; ଇସ୍‌ଲାମ୍‌ର ଏକତ୍ୱକାରୀ ଶକ୍ତିଟି ଦ୍ୱାରା ହଠାତ୍ ଅସ୍ଥାୟୀ ଭାବରେ ଆରବମାନଙ୍କ ମଧ୍ୟରେ ଏହି ସଂଗ୍ରାମଟି ପରାଭୂତ ହୋଇ ରହିପାରିଛି । ସେଲ୍‌ଟିକ୍ ଜାତିଗୁଡ଼ିକ ମଧ୍ୟରେ ସମସ୍ତଙ୍କୁ ଏକ ଜାତୀୟ ଅସ୍ତିତ୍ୱ ମଧ୍ୟରେ ସଂଗଠିତ ଓ ସଂଯୁକ୍ତ କରି ରଖିବାରେ ପ୍ରଜାତିଗତ ଜୀବନ ବ୍ୟର୍ଥ ହୋଇଯାଇଛି; ଏହି ବ୍ୟର୍ଥତା ସମଗ୍ର ଆୟର୍ଲାଣ୍ଡ ଓ ସ୍କଟଲ୍ୟାଣ୍ଡକୁ କେତେପ୍ରକାରେ ଆଘାତ ଦେଇଛି । କେବଳ ଏକ ବିଦେଶୀୟ ଶାସନ ଓ ସଂସ୍କୃତି ଦ୍ୱାରା ଏହି ପ୍ରଜାତିଗତ ଜୀବନର ବିଲୋପ ଘଟିଛି, ଏବଂ ଅବଶେଷରେ ୱେଲସ୍‌ରେହିଁ ତାହାର ଅବସାନ ହୋଇଛି । ଗ୍ରୀସ୍‌ର ଇତିହାସରେ ନଗର-ରାଷ୍ଟ୍ରଗୁଡ଼ିକ ଏବଂ କ୍ଷୁଦ୍ର ଅଞ୍ଚଳୀୟ ସମୂହଗୁଡ଼ିକ ଆପଣାକୁ ଗୋଟିଏ ଜାତିରେ ପରିଣତ କରିବାର ପ୍ରୟାସରେ ବାରବାର ବିଫଳ ହୋଇଛନ୍ତି, ଏବଂ ରୋମାନ୍ ଇଟାଲିରେହିଁ ପ୍ରକୃତିର ଏହିପରି ଗୋଟିଏ ସଂଗ୍ରାମ ଏକ ବିଶିଷ୍ଟ ବିଜୟ ହାସଲ କରିଛି । ବିଗତ ଦୁଇ ସହସ୍ରରୁ ଅଧିକ ବର୍ଷକାଳ ଭାରତବର୍ଷର ସମୁଦାୟ ଅତୀତଟିରେ ବିସଦୃଶ ନାନାବିଧ ଉପାଦାନର ସେହି ଅତିରିକ୍ତ ସଂଖ୍ୟାଟିର, ଅର୍ଥାତ୍ ପରିବାର, ଗୋଷ୍ଠୀ, ବଂଶ, ଜାତି, ଅଞ୍ଚଳୀୟ କ୍ଷୁଦ୍ର ରାଜ୍ୟ ଓ ଜନପଦ, ବୃହତ୍ ଭାଷାଗତ ଏକକ; ଧର୍ମ-ସଂପ୍ରଦାୟ ଓ ଦେଶ ମଧ୍ୟରେ ରହିଥିବା ଉପଦେଶ ପ୍ରଭୃତିର କେନ୍ଦ୍ରାପସାରୀ ପ୍ରବୃତ୍ତିଟି ଉପରେ ଜୟଲାଭ କରିବା ଲାଗି କେତେ ପ୍ରଚେଷ୍ଟା ହୋଇଛି, କେତେଥର ସଫଳତାର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ଆସିଥିଲେ ମଧ୍ୟ ସେହି ପ୍ରଚେଷ୍ଟା ତଥାପି ଫଳବତୀ ହୋଇପାରି ନାହିଁ । ଆମେ ଏହି କ୍ଷେତ୍ରରେ ସମ୍ଭବତଃ ଏକଥାଟି ମଧ୍ୟ କହିପାରିବା ଯେ ପ୍ରକୃତି ଏଠାରେ ପ୍ରକୃତରେ ଏକ ପଟାନ୍ତରହୀନ ଜଟିଳତାକୁ ନେଇ ପ୍ରୟୋଗ କରିଛି, ଅନେକ ଐଶ୍ୱର୍ଯ୍ୟ ନିହିତ ହୋଇ ରହିଥିବା ଏକ ପ୍ରୟୋଗ କରିଛି ଏବଂ ସର୍ବାଧିକ ପ୍ରାଚୁର୍ଯ୍ୟସଂପନ୍ନ ଏକ ପରିଣାମରେ ଆସି ପହଞ୍ଚି ପାରିବାକୁ ସମ୍ଭାବ୍ୟ ଯାବତୀୟ ପ୍ରତିକୂଳତାକୁ ଆଣି ଏକଠୁଳ କରି ରଖିଛି । ମାତ୍ର, ସମସ୍ୟାଟିର ଯେ ପ୍ରକୃତରେ କୌଣସି ସମାଧାନ ସମ୍ଭବ ନୁହେଁ, ଅବଶେଷରେ ତାହାହିଁ ପ୍ରମାଣିତ ହୋଇଛି; ବା ଅନ୍ତତଃ ସମସ୍ୟାଟିର କୌଣସି ସମାଧାନ ମିଳି ନାହିଁ ଏବଂ

'oaob.nitrkl.ac.in' images reprocessed

ପରିଶେଷରେ ପ୍ରକୃତିକୁ ତାହାର ଚିରାଚରିତ ସେହି କୃତ୍ରିମ ବା ଦୈବୀ ସମାଧାନଟିର ଆଶ୍ରୟ ନେବାକୁ ହୋଇଛି, ଅର୍ଥାତ୍ ଏକ ବିଦେଶୀୟ ଶାସନର ଅସ୍ତ୍ରଟି ଦ୍ୱାରା ଏହାର ସମାଧାନ ଘଟାଇଛି ।

ମାତ୍ର ଯେତେବେଳେ ଜାତିକୁ ଯଥେଷ୍ଟ ଭାବରେ ସଂଗଠିତ କରାଯାଇ ପାରିଛି, ଅର୍ଥାତ୍, ପ୍ରକୃତି ଏପର୍ଯ୍ୟନ୍ତ, ବିକଶିତ କରାଇ ଆଣି ପାରିଥିବା ସେହି ବୃହତ୍ତମ ଏକକ ଜାତିର ସଂଗଠନଟି ଯେତେବେଳେ ସମ୍ଭବ ହୋଇଛି, ସେତେବେଳେ ମଧ୍ୟ ସର୍ବଦା ସଂପୂର୍ଣ୍ଣ ଏକତା ଉପଲବ୍ଧ ହୋଇପାରି ନାହିଁ । ବିବାଦର ଅନ୍ୟ କୌଣସି ଉପାଦାନ ଅବଶିଷ୍ଟ ରହୁ ନ ଥିଲେ ମଧ୍ୟ ତଥାପି ବିଭିନ୍ନ ଶ୍ରେଣୀଗୁଡ଼ିକ ମଧ୍ୟରେ ଦ୍ୱନ୍ଦ୍ୱ ଲାଗିବାର ସତତ ସମ୍ଭାବନା ରହି ଆସିଛି । ଏବଂ ଏହି ସତ୍ୟଟି ଆମକୁ ମନୁଷ୍ୟର ଜୀବନକ୍ଷେତ୍ରରେ ପ୍ରକୃତିର ଏହି କ୍ରମିକ ବିକାଶର ଆଉଗୋଟିଏ ନିୟମ ପାଖରେ ଆଣି ପହଞ୍ଚାଇ ଦେଉଛି; ଆମେ ଯେତେବେଳେ ଉପଲବ୍ଧି କରାଯାଇ ପାରିବ ବୋଲି ମନେ ହେଉଥିବା ଏକ ମାନବ-ଏକତାର ସମସ୍ୟା ବିଷୟରେ ଆଲୋଚନା କରିବା, ସେତେବେଳେ ଏହି ନିୟମଟିକୁ ଆମେ ଅତୀବ ମହତ୍ତ୍ୱପୂର୍ଣ୍ଣ ବୋଲି ଜାଣିବାକୁ ସମର୍ଥ ହେବା । ଏକ ପରିପୂର୍ଣ୍ଣତା ପ୍ରାପ୍ତ ସମାଜରେ ବା ଅବଶେଷରେ ଏକ ପରିପୂର୍ଣ୍ଣତା ପ୍ରାପ୍ତ ମନୁଷ୍ୟ-ସମୁଦାୟରେ ବ୍ୟକ୍ତିର ପରିପୂର୍ଣ୍ଣତାପ୍ରାପ୍ତି,– ଏଠାରେ ପରିପୂର୍ଣ୍ଣତା ଶବ୍ଦଟିକୁ ଏକ ଆପେକ୍ଷିକ ଏବଂ କ୍ରମବର୍ଦ୍ଧମାନ ଅର୍ଥରେ ବ୍ୟବହାର କରାଯାଇଛି,– ଏହାହିଁ ହେଉଛି ପ୍ରକୃତିର ଅନିବାର୍ଯ୍ୟ ଉଦ୍ଦେଶ୍ୟ । ମାତ୍ର ଏହାର ଅର୍ଥ ନୁହେଁ ଯେ ଯେକୌଣସି ସମାଜରେ ସକଳ ବ୍ୟକ୍ତିଙ୍କର ଅଗ୍ରଗତି ସମରୂପ ହୋଇ ଗତି କରିଥାଏ, ଅର୍ଥାତ୍ ସମସ୍ତେ ସମାନ ଭାବରେ ସମାନୁପାତିକ ହୋଇ ଅଗ୍ରସର ହୋଇଥାନ୍ତି । କେତେଜଣ ଆଗକୁ ଯାଉଥା'ନ୍ତି, ଆଉ କେତେକେ ସ୍ଥିର ହୋଇ ଗୋଟିଏ ଜାଗାରେ ରହିଥାନ୍ତି,– କେତେବେଳେ ଏକାବେଳେକେ ସ୍ଥିର ହୋଇ ଯାଆନ୍ତି ବା ଆଉ କେତେବେଳେ ଆପେକ୍ଷିକ ଭାବରେ ସ୍ଥିର ହୋଇ ରହିଥାନ୍ତି,– ଏବଂ ଅନ୍ୟମାନେ ପଛରେ ପଡ଼ି ରହନ୍ତି । ଫଳରେ ସମୂହଟି ମଧ୍ୟରେ ଅବଶ୍ୟମ୍ଭାବୀ ଭାବରେ ଏକ ଅଧିକ ବଳ ଓ ପ୍ରଭାବଶାଳୀ ପ୍ରମୁଖ ଶ୍ରେଣୀର ଆବିର୍ଭାବ ହୋଇଥାଏ; ବିଭିନ୍ନ ସମୂହ ମଧ୍ୟରେ ସତତ ଦ୍ୱନ୍ଦ୍ୱ ଓ ସଂଘର୍ଷ ଲାଗି ରହିଲେ ଯେପରି ଅବଶ୍ୟମ୍ଭାବୀ ଭାବରେ ଅଧିକ ବଳ ଓ ପ୍ରଭାବଶାଳୀ କେତୋଟି ପ୍ରମୁଖ ଜାତି ଆବିର୍ଭୂତ ହୋଇ ଆସନ୍ତି, ଠିକ୍ ସେହିପରି । ଆପଣାର ଅଗ୍ରଗତି ଲାଗି ତାତ୍କାଳିକ ଭାବରେ ପ୍ରକୃତି ଯେଉଁ ଛାଞ୍ଚ ବା ଗଢ଼ଣଟିକୁ ଆବଶ୍ୟକ କରୁଥାଏ, ଯେଉଁ ଜାତି ସବୁଠାରୁ ଅଧିକ ନିଖୁଣ ଓ ସଂପୂର୍ଣ୍ଣ ଭାବରେ ସେହି ଗଢ଼ଣଟିକୁ ବିକଶିତ କରାଇ ଆଣିପାରେ, ସେହି ଜାତିହିଁ ଅନ୍ୟ ଜାତିଗୁଡ଼ିକ ତୁଳନାରେ ଅଧିକ ବଳ ଓ ପ୍ରଭାବଶାଳୀ ହୋଇ ବାହାରେ । ବା ଏପରି ମଧ୍ୟ ହୋଇପାରେ

'oaob.nitrkl.ac.in' images reprocessed

ଯେ ପ୍ରକୃତିର ପଶ୍ଚାଦ୍‌ଗତି ଲାଗି ଯେଉଁ ଗଢ଼ଣଟିର ଆବଶ୍ୟକତା ଥାଏ, ସେହି ଗଢ଼ଣଟିକୁ ସର୍ବାଧିକ ସଂପୂର୍ଣ୍ଣ ଭାବରେ ବିକଶିତ କରାଇ ଆଣି ପାରୁଥିବା ଜାତିହିଁ ଅଧିକ ପ୍ରମୁଖ ଓ ପ୍ରଭାବଶାଳୀ ହୋଇ ବାହାରେ । ଯଦି ପ୍ରକୃତି ଶକ୍ତିମତ୍ତା ଓ ଚରିତ୍ରବଳ ଦାବି କରୁଥାଏ, ତେବେ ଏକ କର୍ତ୍ତୃତ୍ୱଶାଳୀ ଅଭିଜାତବର୍ଗର ଉଦ୍‌ଭବ ହୋଇଆସେ । ଯଦି ପ୍ରକୃତି ଜ୍ଞାନ ଓ ବିଜ୍ଞାନ ଦାବି କରୁଥାଏ, ତେବେ ଏକ କର୍ତ୍ତୃତ୍ୱଶାଳୀ ପଣ୍ଡିତ ଓ ବିଦ୍ୱାନ୍ ଶ୍ରେଣୀର ଉଦ୍ଭବ ହୁଏ । ଯଦି ବ୍ୟାବହାରିକ ଦକ୍ଷତା, କର୍ମକୁଶଳତା, ଆର୍ଥିକ ନୈପୁଣ୍ୟ ଏବଂ ଦକ୍ଷ ସଂଗଠନର ଆବଶ୍ୟକତା ରହିଥାଏ, ତେବେ ଏକ କର୍ତ୍ତୃତ୍ୱଶାଳୀ ବୁର୍ଜୁଆବର୍ଗ ବା ବୈଶ୍ୟ ଶ୍ରେଣୀ ଜନ୍ମଲାଭ କରେ, ଏବଂ ସାଧାରଣତଃ ଓକିଲ ସେହି ଶ୍ରେଣୀର ସର୍ବାଗ୍ରରେ ରହିଥାଏ । ଯଦି ସାଧାରଣ କଲ୍ୟାଣର ସଂକେନ୍ଦ୍ରଣ ପରିବର୍ତ୍ତେ ତାହାକୁ ବରଂ ଅନେକଙ୍କ ମଧ୍ୟରେ ବ୍ୟାପ୍ତ କରି ରଖିବାହିଁ ଆବଶ୍ୟକ ବୋଲି ଅନୁଭୂତ ହେଉଥାଏ ଏବଂ ଯାବତୀୟ ଶ୍ରମୋଦ୍ୟମକୁ ନିବିଡ଼ ଭାବରେ ସଂଗଠିତ କରି ରଖିବାର ପ୍ରୟୋଜନ ଥାଏ, ତେବେ ଏକ କାରିଗର-ଶ୍ରେଣୀ ସେହି କ୍ଷେତ୍ରରେ କର୍ତ୍ତୃତ୍ୱଶାଳୀ ହୋଇ ବାହାରିବା ମଧ୍ୟ ଆଦୌ ଅସମ୍ଭବ ହୁଏ ନାହିଁ ।

ମାତ୍ର, କର୍ତ୍ତୃତ୍ୱଶାଳୀ କେତୋଟି ବର୍ଗ ବା କର୍ତ୍ତୃତ୍ୱଶାଳୀ କେତୋଟି ଜାତି ଯାହା ହେଉ ପଛକେ, ଏହି ବ୍ୟାପାରଟିକୁ କଦାପି କେବଳ ଏକ ସାମୟିକ ଆବଶ୍ୟକତାଠାରୁ କୌଣସି ପ୍ରକାରେ ଅଧିକ ବୋଲି କୁହାଯିବ ନାହିଁ । କାରଣ, ଅଳ୍ପ ଲୋକଙ୍କ ଦ୍ୱାରା ବହୁତ ଲୋକଙ୍କର ଶୋଷଣ ବା ଏପରିକି ଅନେକ ଲୋକଙ୍କ ଦ୍ୱାରା ମଧ୍ୟ ଅଳ୍ପ ଲୋକଙ୍କର ଶୋଷଣକୁ ମନୁଷ୍ୟର ଏହି ଜୀବନକ୍ଷେତ୍ରରେ କଦାପି ପ୍ରକୃତିର ଚରମ ଉଦ୍ଦେଶ୍ୟ ବୋଲି କୁହାଯାଇପାରିବ ନାହିଁ; କେବଳ କେତେଜଣ ପରିପୂର୍ଣ୍ଣତା ହାସଲ କରିବେ ବୋଲି ମନୁଷ୍ୟ-ସମୁଦାୟର ବୃହଦ୍ ଆୟତନଟି ଯେ ଶୋଚନୀୟ ଭାବରେ ଅଧୋଗତ ହୋଇ ରହିବ ବା ଅଜ୍ଞାନ ଭାବରେ ଆଉ କାହାର ଅଧୀନ ହୋଇ ରହିବ, ଏକଥା କଦାପି ପ୍ରକୃତିର ଚରମ ଉଦ୍ଦେଶ୍ୟ ହୋଇପାରିବ ନାହିଁ । ଏଗୁଡ଼ିକୁ କେବଳ କେତୋଟି ମଧ୍ୟବର୍ତ୍ତୀ ଓ ଅସ୍ଥାୟୀ ବ୍ୟାପାର ବା ଉପାୟ ବୋଲି କୁହାଯାଇ ପାରିବ । ତେଣୁ ଆମେ ସର୍ବଦା ଦେଖିବାକୁ ପାଇବା ଯେ ଏହିସବୁ କର୍ତ୍ତୃତ୍ୱବିସ୍ତାର ମଧ୍ୟରେହିଁ ସେହିଗୁଡ଼ିକର ବିନାଶର ବୀଜଟି ଅନ୍ତର୍ନିହିତ ହୋଇ ରହିଥାଏ । ଶୋଷଣକାରୀ ଉପାଦାନଟିକୁ ବହିଷ୍କୃତ ବା ବିନଷ୍ଟ କରିଦେଇ ବା ତା' ନ ହେଲେ ସମସ୍ତଙ୍କୁ ଆଣି ଏକାଠି ମିଶାଇଦେଇ ଓ ସମାନ କରିଦେଇ ସେଗୁଡ଼ିକୁ ଅତିକ୍ରାନ୍ତ ହୋଇଯିବାକୁହିଁ ପଡ଼ିଥାଏ । ଇଉରୋପ ଓ ଆମେରିକାରେ ଏକଦା କର୍ତ୍ତୃତ୍ୱଶାଳୀ ବ୍ରାହ୍ମଣ ଓ କ୍ଷତ୍ରିୟ ଶ୍ରେଣୀ ଯେ ହୁଏତ ବିଲୁପ୍ତ ହୋଇ ଯାଇଛନ୍ତି ଅଥବା ସାଧାରଣ ଜନତା ସହିତ ଏକତ୍ର ଓ ସମାନ ହୋଇ ଲୀନ ହୋଇଯିବାକୁ ବସିଛନ୍ତି, ସେଠାରେ ଆମେ ଏହି

'oaob.nitrkl.ac.in' images reprocessed

କଥାଟି ଦେଖିବାକୁ ପାଇଥାଉ । ବର୍ତ୍ତମାନ ସ୍ପଷ୍ଟ ଭାବରେ ବାରି ହୋଇ ପାରୁଥିବା କେବଳ ଦୁଇଟି ପୃଥକ୍ ଶ୍ରେଣୀ ରହିଛନ୍ତି; ଗୋଟିଏ ହେଉଛି କର୍ତ୍ତୃତ୍ୱଶାଳୀ ଧନାଢ୍ୟ ଶ୍ରେଣୀ, ଏବଂ ଆରଟି ହେଉଛି ଶ୍ରମିକଶ୍ରେଣୀ; ଏବଂ ସର୍ବାଧିକ ତାତ୍ପର୍ଯ୍ୟ ରଖୁଥିବା ବର୍ତ୍ତମାନର ଯାବତୀୟ ଆନ୍ଦୋଳନ ଏହି ଶେଷ ବରିଷ୍ଠତା ଓ ଶେଷ ଅଭିମାନଟିକୁ ମଧ୍ୟ ବିଲୁପ୍ତ କରିଦେବା ଲାଗି ଆପଣାର ଲକ୍ଷ୍ୟରୂପେ ଗ୍ରହଣ କରିଛନ୍ତି । ଏହି ଅବିଚଳ ପ୍ରବୃତ୍ତିଟି ମଧ୍ୟରେ ଇଉରୋପ ପ୍ରକୃତିର କ୍ରମାଗ୍ରସର ଯାତ୍ରାଟି ମଧ୍ୟରେ କାର୍ଯ୍ୟ କରୁଥିବା ଗୋଟିଏ ବଡ଼ ନିୟମରହିଁ ଅନୁସରଣ କରି ଆସିଛି, ଅର୍ଥାତ୍ ସର୍ବଶେଷରେ ଏକ ଏକତ୍ୱରେ ଯାଇ ଉପନୀତ ହେବା ଲାଗି ତାହାର ପ୍ରବୃତ୍ତିଟିକୁ ମାନି ଚାଲି ଆସିଛି । ଏକଥାଟି ନିଶ୍ଚୟ ସତ୍ୟ ଯେ ଚରମ ବା ଶହେ ପ୍ରତିଶତ ସମାନତା କଦାପି କାମ୍ୟ ନୁହେଁ ବା ଅଭିପ୍ରେତ ମଧ୍ୟ ନୁହେଁ; ଯେପରି ଶହେ ପ୍ରତିଶତ ଏକରୂପତା ମଧ୍ୟ କେବେହେଲେ ସମ୍ଭବ ନୁହେଁ ଓ କେବେହେଲେ କାମ୍ୟ ବି ନୁହେଁ, ଠିକ୍ ସେହିପରି । ମାତ୍ର ଏପରି ଏକ ମୌଳିକ ସମାନତା, ଯାହାକି ଯଥାର୍ଥ ଉତ୍କର୍ଷ ଓ ଯଥାର୍ଥ ପ୍ରଭେଦକୁ ଅହାନିକର ବୋଲି ସାବ୍ୟସ୍ତ କରି ରଖିବ, ମନୁଷ୍ୟଜାତିର ଯେକୌଣସି କଳ୍ପନୀୟ କ୍ରମ-ପରିପୂର୍ଣ୍ଣତା ଲାଗି ତାହାକୁ ନିଶ୍ଚୟ ଏକାନ୍ତ ଆବଶ୍ୟକ ବୋଲି ଗ୍ରହଣ କରିବାକୁ ହେବ ।

ତେଣୁ ଯେକୌଣସି କର୍ତ୍ତୃତ୍ୱଶାଳୀ ସଂଖ୍ୟାଲଘୁ ଗୋଷ୍ଠୀକୁ ଏହି ସର୍ବୋତ୍କୃଷ୍ଟ ପରାମର୍ଶଟି ଦିଆଯାଇ ପାରିବ ଯେ ତାହା ଉଚିତ ସମୟରେ ଆପଣାର ଆସନଟିକୁ ଛାଡ଼ି ଓହ୍ଲାଇ ଆସିବାର ଯଥାର୍ଥ ମୁହୂର୍ତ୍ତଟିକୁ ସ୍ୱୀକାର କରିବା ଲାଗି ସମର୍ଥ ହେବ ଏବଂ ଆଦର୍ଶଗୁଡ଼ିକୁ, ଗୁଣଚୟକୁ, ସଂସ୍କୃତି ଓ ଯାବତୀୟ ଅଭିଜ୍ଞତାକୁ ସମୂହସ୍ଥ ଅବଶିଷ୍ଟ ଅନ୍ୟମାନଙ୍କୁ ମଧ୍ୟ ପ୍ରଦାନ କରିପାରିବା ଲାଗି ସମର୍ଥ ହେବ; ବା ଅନ୍ତତଃ, ସମୂହର ଯେଉଁ ଭାଗଟି ସେହି ଅଗ୍ରଗତିଟି ଲାଗି ପ୍ରସ୍ତୁତ ହୋଇ ପାରିଥିବ, ସେସବୁକୁ ସେମାନଙ୍କୁ ଦେଇ ପାରିବା ଲାଗି ସମର୍ଥ ହେବ । ଯେତେ ଯେତେ ଜାଗାରେ ଏହି କଥାଟି କରିବା ସମ୍ଭବ ହେବ, ସେଠାରେ ସାମାଜିକ ସମୂହଟି ସ୍ୱାଭାବିକ ଭାବରେ ଅଗ୍ରଗତି କରିପାରିବ, ଓ ତାକୁ କୌଣସି ପ୍ରକାର ବିଘଟନ ବା ସଂକଟଜନକ କ୍ଷତ ବା ବ୍ୟାଧିର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ତା' ନ ହେଲେ ତାକୁ ଏକ ବିସଙ୍ଗତ ଅଗ୍ରଗତିର ଆପଦଟିକୁ ସହିବାକୁହିଁ ପଡ଼ିବ, କାରଣ ପ୍ରକୃତି ତା'ର ନିର୍ଦ୍ଧାରିତ ଅଭିପ୍ରାୟ ଏବଂ ପ୍ରୟୋଜନଟିକୁ ପରାହତ କରି ରଖିବା ଲାଗି ମନୁଷ୍ୟର ଅହଂକାରକୁ କଦାପି ନୀରବରେ ସହ୍ୟ କରି ନେବ ନାହିଁ । ଯେଉଁଠାରେ କର୍ତ୍ତୃତ୍ୱଶାଳୀ ବର୍ଗଗୁଡ଼ିକ ସଫଳତାର ସହିତ ପ୍ରକୃତି ତରଫରୁ ସେମାନଙ୍କ ଉପରେ କରାଯାଉଥିବା ଦାବିଟିକୁ ଏଡ଼ି ଦେଇ ପାରୁଥିବେ, ସେତେବେଳେ ସବୁଠାରୁ ଅଧିକ ଦୁର୍ଭାଗ୍ୟମୟ ପରିଣତିଗୁଡ଼ିକହିଁ ଆସି ସାମାଜିକ ସମଷ୍ଟିଗତ ଜୀବନଟିକୁ

'oaob.nitrkl.ac.in' images reprocessed

ଗ୍ରାସ କରି ପକାଇବାର ସର୍ବଦା ଆଶଙ୍କା ରହିଥିବ । ଭାରତବର୍ଷରେ ଯେପରି ବ୍ରାହ୍ମଣ ଓ ଅଧିକ ସୁବିଧାଭୋଗୀ ଅନ୍ୟ ବର୍ଗମାନେ ଜାତିର ବୃହତ୍ତର ଆୟତନଟିକୁ ଆପଣାର ସମସ୍ତର କରି ନେଇ ଆସିବାକୁ ସଂପୂର୍ଣ୍ଣ ଓ ଚରମ ଭାବରେ ଅସ୍ୱୀକୃତି ପ୍ରକାଶ କରିଛନ୍ତି, ସମାଜର ଅବଶିଷ୍ଟ ଅଂଶ ଓ ଆପଣା ମଧ୍ୟରେ ସେମାନେ ଯେପରି ଉଚ୍ଚମନ୍ୟତାର ଏକ ଅନପନେୟ ଦୃଢ଼ ବ୍ୟବଧାନ ସୃଷ୍ଟି କରି ରଖିଛନ୍ତି, ଏବଂ ତାହା ଯେପରି ପରିଣାମରେ କେବଳ ଅଧୋଗତି ଏବଂ ଅପକର୍ଷର ଏକ ମୁଖ୍ୟ କାରଣ ହୋଇ ରହିଛି, ଏହି କ୍ଷେତ୍ରରେ ଠିକ୍ ସେହିପରି ହୋଇଛି । କାରଣ ଯେଉଁଠାରେ ପ୍ରକୃତିର ଉଦ୍ଦେଶ୍ୟଗୁଡ଼ିକ ବ୍ୟର୍ଥ ଓ ପରାହତ ହୋଇଯିବାର ଆଶଙ୍କା ଆସି ଉପସ୍ଥିତ ହୁଏ, ସେଠାରେ ଆଘାତ ଓ ଅନିଷ୍ଟକାରୀ ଏକକଟିଠାରୁ ପ୍ରକୃତି ଅନିବାର୍ଯ୍ୟ ଭାବରେ ଆପଣାର ଶକ୍ତିଟିକୁ ଅପସରାଇ ନେଇଯାଏ ଏବଂ ଅନ୍ୟ ବାହ୍ୟ ନାନା ସାଧନଗୁଡ଼ିକୁ ଆଣି କାମରେ ଲଗାଇ ପ୍ରତିବନ୍ଧକଟିକୁ ପୂର୍ଣ୍ଣ ଭାବରେ ଶକ୍ତିହୀନ କରି ନ ଦେବା ପର୍ଯ୍ୟନ୍ତ ତାହା ସେହିପରି କରିବାରେ ଲାଗିଥାଏ ।

ମାତ୍ର, ସାମାଜିକ, ଶାସନଗତ ତଥା ସାଂସ୍କୃତିକ ବ୍ୟବସ୍ଥା ଓ ଗଠନଗୁଡ଼ିକ ଅନ୍ତର୍ଗତ ଏକତାଟିକୁ ପ୍ରକୃତରେ ଯେତେବେଶୀ ପରିପୂର୍ଣ୍ଣ ଓ ନିଖୁଣ କରି ସମ୍ଭବ କରିପାରନ୍ତେ, ସେମାନେ ତାହା କରିସାରିବା ପରେ ମଧ୍ୟ, ବ୍ୟକ୍ତିର ପ୍ରଶ୍ନଟି ତଥାପି ଅସମାହିତ ହୋଇ ରହିଯାଉଛି । କାରଣ ସମାଜଚାରୀ ଏହି ଏକକ ବା ସମୂହଗୁଡ଼ିକୁ ଆମେ କଦାପି ମନୁଷ୍ୟଶରୀରର ସମତୁଲ କରି ବିଚାର କରି ପାରିବା ନାହିଁ । ମନୁଷ୍ୟ ଶରୀର ଭିତରେ ତାହାକୁ ଗଠନ କରିଥିବା ଯେଉଁ କୋଷସବୁ ଥାଆନ୍ତି, ସେମାନେ ସମୂହଟିଠାରୁ ବିଚ୍ଛିନ୍ନ କୌଣସି ସ୍ୱତନ୍ତ୍ର ଜୀବନଲାଗି କଦାପି ସମର୍ଥ ହୁଅନ୍ତି ନାହିଁ । ମାତ୍ର ମନୁଷ୍ୟବ୍ୟକ୍ତି ଭିତରେ ତା'ର ଆପଣା ଭିତରେ ସ୍ୱତନ୍ତ୍ର ହୋଇ ବଞ୍ଚିବାର ଏକ ପ୍ରବୃତ୍ତି ସବୁବେଳେ ରହିଥାଏ ଏବଂ ପରିବାର, ବଂଶ, ବର୍ଗ ଓ ଦେଶର ସୀମାକୁ ଅତିକ୍ରମ କରି ସେପାଖକୁ ଯିବା ଲାଗି ମଧ୍ୟ ଏକ ପ୍ରବୃତ୍ତି ରହିଥାଏ । ଏବଂ ଏପରିକି, ଗୋଟିଏ ପାଖରେ ତା'ର ସେହି ସ୍ୱୟଂ-ସ୍ୱତନ୍ତ୍ରତା ଓ ଅନ୍ୟ ପାଖରେ ତା'ର ବିଶ୍ୱଯୁକ୍ତତା ଦୁଇଟିଯାକହିଁ ତା'ର ପରିପୂର୍ଣ୍ଣତାର ଅପରିହାର୍ଯ୍ୟ ଦୁଇଟି ଉପାଦାନ ହୋଇ ରହିଥାନ୍ତି । ତେଣୁ, କୌଣସି ଏକ ବର୍ଗ ବା କେତୋଟି ବର୍ଗର କର୍ତ୍ତୃତ୍ୱଶାଳିତା ଉପରେ ନିର୍ଭର କରି ରହୁଥିବା ସାମାଜିକ ସମଷ୍ଟିଜୀବନର ବ୍ୟବସ୍ଥା ଓ ଗଢ଼ଣଗୁଡ଼ିକୁ ଯେପରି ପରିଶେଷରେ ବଦଳିଯିବାକୁ ପଡ଼ିଥାଏ ବା ତା' ନ ହେଲେ ସେଗୁଡ଼ିକୁ ଯେପରି ଭାଙ୍ଗିଯିବାକୁ ହୋଇଥାଏ, ଠିକ୍ ସେହିପରି, ସମାଜସ୍ଥ ଯେଉଁ ସମଷ୍ଟିଗୁଡ଼ିକ ବ୍ୟକ୍ତିର ଏହି ପରିପୂର୍ଣ୍ଣତା ହାସଲ କରିବାରେ ଅନ୍ତରାୟ ହୋଇ ଛିଡ଼ା ହୁଅନ୍ତି ଏବଂ ସେଗୁଡ଼ିକର ସୀମାବଦ୍ଧ ଛାଞ୍ଚଟି ମଧ୍ୟରେ ବ୍ୟକ୍ତିକୁ ଜବରଦସ୍ତି ଆଣି ରଖିବାକୁ ଚାହାନ୍ତି, ଏକ ସଂକୀର୍ଣ୍ଣ ପରିସର ସଂସ୍କୃତି ବା କ୍ଷୁଦ୍ର ବର୍ଗ ବା ଜାତିଗତ ସ୍ୱାର୍ଥର ଆୟତନ

'oaob.nitrkl.ac.in' images reprocessed

ମଧ୍ୟରେ ତାକୁ ବାଧ୍ୟ କରି ରଖିବାକୁ ଇଚ୍ଛା କରନ୍ତି, ସେମାନଙ୍କୁ ମଧ୍ୟ କ୍ରମାଗ୍ରସର ହେବାରେ ଲାଗିଥିବା ପ୍ରକୃତିର ଅପ୍ରତିରୋଧ୍ୟ ଗତିବେଗଟିର ସମ୍ମୁଖୀନ ହୋଇ ଆପଣାର ଆୟୁଷଟିକୁ ଦେଖିବାକୁ ପଡ଼ିବ, ଆପଣାକୁ ବଦଳାଇବାର ଦିନଟିକୁ ନିର୍ଣ୍ଣୟ କରିନେବାକୁ ପଡ଼ିବ ବା ଅନ୍ୟଥା ଆପଣାର ବିନାଶଟିକୁ ବରଣ କରିନେବାକୁ ହେବ ।

'oaob.nitrkl.ac.in' images reprocessed

## ତୃତୀୟ ପରିଚ୍ଛେଦ

# ସମୂହ ଓ ବ୍ୟକ୍ତି

ଯେତେବେଳେ ପ୍ରକୃତିକୁ କୌଣସି ଏକ ସୌଷମ୍ୟର ଦୁଇଟି ଉପାଦାନକୁ ପରସ୍ପର ସହିତ ସମନ୍ୱିତ କରି ରଖିବାକୁ ହୋଇଥାଏ, ସେତେବେଳେ ଆପଣାର ଏକ ସତତ-ଅନୁସୃତ ପଦ୍ଧତିରୂପେ ପ୍ରକୃତି ପ୍ରଥମେ ଏକ ଦୀର୍ଘ ଓ ଅବିଚ୍ଛିନ୍ନ ଭାରସାମ୍ୟରକ୍ଷଣର ପ୍ରକ୍ରିୟା ଦ୍ୱାରାହିଁ ଗତି କରୁଥାଏ । ଏହି ପ୍ରକ୍ରିୟାଟିରେ ସେ କେତେବେଳେ ଗୋଟିଏ ପାଖକୁ ସଂପୂର୍ଣ୍ଣ ଭାବରେ ଆଉଜିପଡ଼େ ତ କେତେବେଳେ ଆର ପାଖଟିକୁ ସଂପୂର୍ଣ୍ଣ ଭାବରେ ଆଉଜିପଡ଼େ; ଏବଂ ପୁନଶ୍ଚ ଆଉ କେତେବେଳେ ମଧ୍ୟ ଅଳ୍ପବହୁତ ପରିମାଣରେ ଏକ ସଫଳ ଓ ସାମୟିକ ଅନୁକୂଳନ ଏବଂ ସନ୍ତୁଳନକାରୀ ସାଲିସ ଦ୍ୱାରା ଦୁଇଟିଯାକ ଅତିଶୟତାକୁ ସଂଶୋଧନ କରିବାରେ ଲାଗିଥାଏ । ସେତେବେଳେ ଦୁଇଟିଯାକ ଉପାଦାନ ପରସ୍ପରର ପରିପନ୍ଥୀ ଅଥଚ ପରସ୍ପର ପାଇଁ ଆବଶ୍ୟକ ବୋଲି ପ୍ରତୀତ ହେଉଥା'ନ୍ତି ଏବଂ ତେଣୁ ଆପଣାର ପାରସ୍ପରିକ ସଂଘର୍ଷଟିରେ କୌଣସି ଏକ ଉପସଂହାରରେ ଆସି ପହଞ୍ଚିବା ଲାଗି ଚେଷ୍ଟା କରୁଥିବା ପରି ମଧ୍ୟ ବୋଧ ହେଉଥା'ନ୍ତି । ମାତ୍ର ପ୍ରତ୍ୟେକଟି ପାଖରେ ଆପଣା ଆପଣାର ଏକ ଅହଂକାର ରହିଥାଏ, ସବୁ ଜିନିଷପରି ଏଗୁଡ଼ିକ ମଧ୍ୟରେ ମଧ୍ୟ ଏପରିକି ଏକ ଅନ୍ତର୍ଗତ ପ୍ରବୃତ୍ତି ରହିଥାଏ, ଯାହାକି ସେଗୁଡ଼ିକୁ କେବଳ ଯେ ସେମାନଙ୍କର ଆତ୍ମ-ସଂରକ୍ଷଣ ଆଡ଼କୁ ଧାବିତ କରି ନେଇ ଯାଉଥାଏ ତା' ନୁହେଁ, ମାତ୍ର ଆପଣାର ଉପଲବ୍ଧ ଶକ୍ତିଟି ସହିତ ଏକ ଅନୁପାତ ରକ୍ଷା କରି ସେଗୁଡ଼ିକୁ ଏକ ସ୍ୱାଗ୍ରହୀ ଆତ୍ମ-ପ୍ରତିଷ୍ଠାପନ ଆଡ଼କୁ ମଧ୍ୟ ପରିଚାଳିତ କରିନେଇ ଯାଉଥାଏ । ତେଣୁ ସେମାନେ ପ୍ରତ୍ୟେକେ ଏପରି ଏକ ସିଦ୍ଧାନ୍ତରେ ଆସି ପହଞ୍ଚିବାକୁ ଇଚ୍ଛା କରୁଥା'ନ୍ତି, ଯେଉଁଥିରେ କି ସ୍ୱୟଂ ଯଥାସମ୍ଭବ ସର୍ବାଧିକ ଭାଗଟିକୁ ମାଡ଼ି ବସିପାରିବା ସମ୍ଭବ ହେବ ଏବଂ ସମ୍ଭବ ହେଲେ ଅନ୍ୟଟି ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ ବିସ୍ତାର କରାଯାଇପାରିବ ବା ଏପରିକି ଅପରର ଅହଂକାରଟିକୁ ଆପଣାର ଅହଂକାର ଭିତରେ ସଂପୂର୍ଣ୍ଣ ଭାବରେ ଗିଳି ନିଆଯାଇପାରିବ । ଏହିପରି ଭାବରେ ଶକ୍ତିଗୁଡ଼ିକ ମଧ୍ୟରେ ଏକ ସଂଘର୍ଷ ଦ୍ୱାରାହିଁ ଏକ ସୌଷମ୍ୟସ୍ଥାପନ ଆଡ଼କୁ ଅଗ୍ରସର ହେବା ଆପଣାକୁ କାର୍ଯ୍ୟକାରୀ କରୁଥାଏ ଏବଂ ଅନେକ ସମୟରେ ଏହା ପ୍ରକୃତରେ କୌଣସି ସଂଗତିସ୍ଥାପନ ବା ପାରସ୍ପରିକ ଅନୁକୂଳନ ଦିଗରେ ଏକ ପ୍ରଚେଷ୍ଟା ବୋଲି ଆଦୌ ମନେ ହୁଏ ନାହିଁ; ବରଂ, ପରସ୍ପରକୁ ପରସ୍ପର ସଡେଅବା ଗିଳି ପକାଇବାକୁ ଯାଉଛନ୍ତି ବୋଲି ମନେ ହେଉଥାଏ । ତେଣୁ, ଏହାର ପରିଣାମସ୍ୱରୂପ,

'oaob.nitrkl.ac.in' images reprocessed

ଗୋଟିଏ ଅନ୍ୟଟିକୁ ଗିଳି ପକାଇବା ନୁହେଁ, ପ୍ରତ୍ୟେକେ ପ୍ରତ୍ୟେକକୁ ଗିଳି ପକାଇବା, ଯେପରିକି ଉଭୟେ ସଂପୂର୍ଣ୍ଣ ଭାବରେ ଅନ୍ୟଟି ଭିତରେ ଓ ଅନ୍ୟଟି ରୂପେ ଯାଇ ବାସ କରିପାରିବେ, ତାହାହିଁ ଆମଲାଗି ଏକତ୍ୱବିଧାନର ସର୍ବୋଚ୍ଚ ଆଦର୍ଶ ହୋଇ ରହିଥାଏ । ପ୍ରେମର କ୍ଷେତ୍ରରେ ଏହାକୁ ଆମେ କେବଳ ସର୍ବଶେଷ ଆଦର୍ଶଟି ବୋଲି କହିପାରିବା ଏବଂ ଯାବତୀୟ ସଂଘର୍ଷ ଅଜ୍ଞାନବଶ ଭାବରେ କେବଳ ସେତିକିଯାଏ ଯାଇ ପହଞ୍ଚି ପାରିବାକୁ ଚେଷ୍ଟା କରୁଥାଏ । କାରଣ ସଂଘର୍ଷ ଦ୍ୱାରା ଆମେ ଦୁଇ ବିରୁଦ୍ଧ ଦାବିର କେବଳ ଏକ ଅନୁକୂଳ ବା ସାଲିସ୍ ପାଖରେ ଯାଇ ପହଞ୍ଚିପାରିବା; ଆମେ କଦାପି ଏକ ସ୍ଥାୟୀ ସମଞ୍ଜସତାରେ ପହଞ୍ଚିପାରିବା ନାହିଁ । କେବଳ ଦୁଇଟି ପରସ୍ପର-ଦ୍ୱନ୍ଦ୍ୱୀ ଅହଂକାର ପାଖରେ ଯାଇ ପହଞ୍ଚିବା ଏବଂ ସେଗୁଡ଼ିକୁ କୌଣସି ପ୍ରକାରେ ପରସ୍ପର ମଧ୍ୟରେ ବିଲୀନ କରିଦେଇ ପାରିବା ନାହିଁ । ମାତ୍ର, ଏକଥାଟିକୁ ସର୍ବଦା ସ୍ମରଣ ରଖିବାକୁ ପଡ଼ିବ ଯେ ସଂଘର୍ଷ ମଧ୍ୟ ଆମକୁ ଏକ କ୍ରମବର୍ଦ୍ଧନଶୀଳ ପାରସ୍ପରିକ ବୋଧ ଆଡ଼କୁ ପରିଚାଳିତ କରି ନେଇଯାଏ, ଯାହାକି ପରିଶେଷରେ ସମ୍ଭାବ୍ୟ ସେହି ଯଥାର୍ଥ ଏକତ୍ୱବିଧାନ ଲାଗି ମଧ୍ୟ ପ୍ରୟାସ କରିଥାଏ ।

ବ୍ୟକ୍ତି ଏବଂ ସମାଜ ମଧ୍ୟରେ ରହିଥିବା ସମ୍ବନ୍ଧଟିର କ୍ଷେତ୍ରରେ ପ୍ରକୃତିର ଏହି ସତତ-ଅନୁସୃତ ପଦ୍ଧତିଟି ମନୁଷ୍ୟର ଜୀବନ ମଧ୍ୟରେ ସମାନ ଭାବରେ ବହୁଦୂର ପର୍ଯ୍ୟନ୍ତ ଚେର ମଡ଼ାଇ ରହିଥିବା ଦୁଇଟି ପ୍ରବୃତ୍ତି ମଧ୍ୟରେ ଲାଗି ରହିଥିବା ଏହି ସଂଘର୍ଷଟି ପରିହିଁ ପ୍ରତୀତ ହୋଇଥାଏ, ଅର୍ଥାତ୍, ତାହା ବ୍ୟକ୍ତିବାଦ ଓ ସମଷ୍ଟିବାଦ ମଧ୍ୟରେ ଲାଗି ରହିଥିବା ଏକ ସଂଘର୍ଷ ପରି ମନେ ହୋଇଥାଏ । ଗୋଟିଏ ପାଖରେ ସବୁକିଛିକୁ ଏକୁଟିଆ ମାଡ଼ି ବସିଥିବା କର୍ତ୍ତୃତ୍ୱ ରହିଥାଏ, ରାଷ୍ଟ୍ରକୁହିଁ ପରିପୂର୍ଣ୍ଣ ଏବଂ ପୂର୍ଣ୍ଣବିକଶିତ କରିବାର ପ୍ରୟାସଟି ରହିଥାଏ; ଏବଂ ଅନ୍ୟପାଖରେ ଅତ୍ୟନ୍ତ ସୁସ୍ପଷ୍ଟ ହୋଇ ମନୁଷ୍ୟ-ବ୍ୟକ୍ତିର ସ୍ୱତନ୍ତ୍ରତାଟି ରହିଥାଏ, ବ୍ୟକ୍ତିର ପରିପୂର୍ଣ୍ଣତା ଓ ବ୍ୟକ୍ତିର ବିକାଶ ରହିଥାଏ । ଗୋଟିଏ ପାଖରେ ରାଷ୍ଟ୍ରର ଧାରଣାଟି ରହିଥାଏ, କ୍ଷୁଦ୍ର ବା ଅତିବ୍ୟାପୀ ସେହି ଜୀବନ୍ତ ଯନ୍ତ୍ରଟିର ଧାରଣା ରହିଥାଏ; ଏବଂ ଅନ୍ୟ ପାଖରେ ମନୁଷ୍ୟର ଧାରଣାଟି ରହିଥାଏ, ଅଧିକରୁ ଅଧିକ ସୁସ୍ପଷ୍ଟ ଓ ଦୀପ୍ତିମନ୍ତ ହୋଇ ଦିଶି ଯାଉଥିବା ମନୁଷ୍ୟ ବ୍ୟକ୍ତିର ଧାରଣାଟି ରହିଥାଏ, କ୍ରମବର୍ଦ୍ଧନଶୀଳ ସେହି ମାନବରୂପୀ ସ୍ୱୟଂବିଧାତାର ଧାରଣାଟି ରହିଥାଏ; ଏବଂ ଏହି ଦୁଇଟିଯାକ ଧାରଣା ସର୍ବଦା ପରସ୍ପରର ବିରୋଧୀ ହୋଇ ରହିଥା'ନ୍ତି । କୌଣସି ରାଷ୍ଟ୍ରର ଆକାର ଏହି ସଂଘର୍ଷଟିର ଅସଲ ପ୍ରକୃତିଟିରେ ଆଦୌ କୌଣସି ଅନ୍ତର ଘଟାଏ ନାହିଁ ଏବଂ ତଦ୍ୱାରା ଏହି ସଂଘର୍ଷର ସ୍ୱଭାବସିଦ୍ଧ ପରିସ୍ଥିତିଟିରେ ମଧ୍ୟ ଆଦୌ କୌଣସି ଅନ୍ତର ଘଟିବ ବୋଲି କୌଣସି ଆବଶ୍ୟକତା ମଧ୍ୟ ନ ଥାଏ । ପ୍ରଥମେ ଏହା ପରିବାରର ରୂପ ନେଇ ରହିଥିଲା, ପ୍ରଜାତି ବା ନଗର ହୋଇ ରହିଥିଲା, ଗ୍ରୀସ୍‌ରେ ପଲିସ୍ ବୋଲି ଅଭିହିତ ହେଉଥିଲା; ତା'ପରେ

'oaob.nitrkl.ac.in' images reprocessed

ଏହା ବଂଶର ରୂପ ଧାରଣ କଲା, ଜାତି, କୁଳ ଏବଂ ବର୍ଗର ରୂପ ଧାରଣ କଲା। ବର୍ତ୍ତମାନ ତାହାହିଁ ଜାତିର ରୂପରେ ପ୍ରକଟ ହୋଇଛି। କାଲି ବା ପଅରିଦିନକୁ ତାହା ହୁଏତ ସମଗ୍ର ମାନବସମୂହର ରୂପ ହୋଇ ଆବିର୍ଭୂତ ହେବ। ମାତ୍ର ସେତେବେଳେ ମଧ୍ୟ ମନୁଷ୍ୟ ଏବଂ ମନୁଷ୍ୟ-ସମୁଦାୟଟି ମଧ୍ୟରେ ଠିକ୍ ଏହି ପ୍ରଶ୍ନଟି ଉତ୍ଥାପିତ ହୋଇ ରହିଥିବ, ଆପଣାକୁ ବିମୁକ୍ତ କରି ଦେବାରେ ଲାଗିଥିବା ବ୍ୟକ୍ତି-ପୁରୁଷ ଏବଂ ସବୁଟିକୁ ଏକୁଟିଆ ଆବୋରି ରଖିବାକୁ ଇଚ୍ଛା କରୁଥିବା ସାମୂହିକତା ମଧ୍ୟରେ ଏହି ସମସ୍ୟାଟି ଅବଶ୍ୟ ଦଣ୍ଡାୟମାନ ହୋଇ ରହିଥିବ।

ଇତିହାସ ଓ ସମାଜଜ୍ଞାନରୁ କେବଳ ଯେତିକି ତଥ୍ୟ ପ୍ରାପ୍ତ ହୋଇପାରୁଛି, ଯଦି ଆମେ କେବଳ ସେତିକି ତଥ୍ୟକୁହିଁ ଆମ ଅନୁସନ୍ଧାନର ଆଧାରରୂପେ ଗ୍ରହଣ କରିବା, ତେବେ ଆମକୁ ଏହି କଥାଟିକୁ ଅବଶ୍ୟ ଅନୁମାନ କରିନେବାକୁ ହେବ ଯେ ଆମର ଏହି ମନୁଷ୍ୟଜାତି ସର୍ବପ୍ରଥମେ ଗୋଟିଏ ପ୍ରଜାତି ବା ସମୁଦାୟରୂପେହିଁ ଜନ୍ମଲାଭ କରିଥିଲା ଏବଂ ବ୍ୟକ୍ତି ଗୋଟାସୁଦ୍ଧା ସେହି ସମୂହର ଅଧୀନ ହୋଇ ରହିଥିଲା। ମନୁଷ୍ୟ ଯହୁଁଯହୁଁ ଅଧିକରୁ ଅଧିକ ବିକଶିତ ହେବାକୁ ଲାଗିଲା, ସେହି ପରିବେଶଟି ଉପରେହିଁ ତା'ର ବ୍ୟକ୍ତିତ୍ୱବୋଧଟି ମଧ୍ୟ ଉନ୍ମେଷିତ ହୋଇ ଆସିଲା, ଅଧିକରୁ ଅଧିକ ଚେତନାଶୀଳ ହୋଇ ଆସିଥିବା ମନର ଏକ ପରିଣାମରୂପେ ଏହି ବୋଧଟିର ବିକାଶ ହୋଇଥିଲା। ଆମେ ହୁଏତ ଏକଥା ମଧ୍ୟ ଅନୁମାନ କରିପାରିବା ଯେ ସର୍ବପ୍ରଥମେ ମନୁଷ୍ୟ କେବଳ ଏକ ସମାଜଚାରୀ ଜୀବ ହୋଇ ରହିଥିଲା, ଅନ୍ୟମାନଙ୍କ ସହିତ ଏକ ସମୂହ ଭିତରେ ବାସ କରିବାହିଁ ତା'ର ବଞ୍ଚିରହିବା ପାଇଁ ପ୍ରଥମ ପ୍ରୟୋଜନରୂପେ ଅନୁଭୂତ ହୋଇଥିଲା। ବଞ୍ଚି ରହିବାହିଁ ସବୁ ପ୍ରାଣୀଙ୍କର ସର୍ବପ୍ରଥମ ପ୍ରୟୋଜନ ହୋଇଥିବାରୁ, ବ୍ୟକ୍ତି ସେତେବେଳେ ସମୂହର ଶକ୍ତି ଏବଂ ନିରାପତ୍ତା ଲାଗି କେବଳ ଏକ ସାଧନ ହୋଇ ରହିବା ବ୍ୟତୀତ ଆଉ କିଛିହେଲେ ହୋଇପାରୁ ନ ଥିଲା; ଏବଂ ଯଦି ଆମେ ଏହି ଶକ୍ତି ଓ ନିରାପତ୍ତା ସହିତ ଅଭିବୃଦ୍ଧି, ଦକ୍ଷତା, ସ୍ୱାଗ୍ରହୀ ଆତ୍ମପ୍ରତିଷ୍ଠା ଏବଂ ଆତ୍ମ-ସଂରକ୍ଷଣର ଆବଶ୍ୟକତାଗୁଡ଼ିକୁ ଏକାଠି ମିଶାଇ ବିଚାର କରିବାକୁ ଯିବା, ତେବେ ତାହା ତଥାପି ସେହି ସାମୂହିକତାର୍ହିଁ ସର୍ବମୁଖ୍ୟ ଧାରଣା ହୋଇ ରହିବ। ଏହି ସ୍ଥିତିଟିକୁ ଆମେ ପରିସ୍ଥିତି ଓ ପରିପାର୍ଶ୍ୱରୁ ଜାତ ହୋଇଥିବା ଏକ ଆବଶ୍ୟକତା ବୋଲିହିଁ ଜାଣିବା। ମୌଳିକ ବିଷୟଗୁଡ଼ିକ ମଧ୍ୟକୁ ଆହୁରି ଅଧିକ ଦୃଷ୍ଟିପାତ କରି ଆମେ ଦେଖିବାକୁ ପାଇବା ଯେ ଜଡ଼ର ସ୍ତରରେ ଏକରୂପତାହିଁ ସମୂହର ଲକ୍ଷଣ ହୋଇ ରହିଥାଏ; କେବଳ ପ୍ରାଣ ଓ ମନର ବିକାଶ ଆରମ୍ଭ ହେବା ସହିତହିଁ ମୁକ୍ତ ନାନାବିଧତା ଏବଂ ବ୍ୟକ୍ତିଗତ ବିକାଶ ମଧ୍ୟ ଆରମ୍ଭ ହୋଇଥାଏ। ଏକ ମନୋମୟ ସତ୍ତାରୂପେହିଁ ମନୁଷ୍ୟ ଜଡ଼ ମଧ୍ୟରେ ଅବସ୍ଥିତ ରହିଛି ଓ ସେହି ଜଡ଼ ମଧ୍ୟରୁ

'oaob.nitrkl.ac.in' images reprocessed

ବିବର୍ତ୍ତିତ ହୋଇ ଆସିଛି ବୋଲି ଯଦି ଆମେ ତା'ପରେ ଅନୁମାନ କରିବାକୁ ଯିବା, ତେବେ ଆମକୁ ଏକଥାଟି ମଧ୍ୟ ମାନିନେବାକୁ ପଡ଼ିବ ଯେ ତାକୁ ଏହି କ୍ଷେତ୍ରରେ କେବଳ ଏକରୂପତା ଓ ବ୍ୟକ୍ତିର ଅଧସ୍ତନତାରୁହିଁ ଆପଣାର ବିଚରଣଟିକୁ ଆରମ୍ଭ କରିବାକୁ ହୋଇଛି ଏବଂ ତା'ପରେ ଯାଇ ନାନାବିଧତା ଏବଂ ବ୍ୟକ୍ତିସ୍ୱତନ୍ତ୍ରତା ଦିଗରେ ଗତି କରିବାକୁ ହୋଇଛି । ଏବଂ ତା'ପରେ ପରିସ୍ଥିତି ଓ ପରିପାର୍ଶ୍ୱର ପ୍ରୟୋଜନ ଏବଂ ତା' ସତ୍ତାର ମୌଳିକ ବିଧାନଗୁଡ଼ିକର ଅନିବାର୍ଯ୍ୟ ରୀତିଟି ମଧ୍ୟ ଆମକୁ ଠିକ୍ ସେହି ସିଦ୍ଧାନ୍ତରେ ଆଣି ପହଞ୍ଚାଇ ଦେବ, ତା'ର ଇତିହାସସ୍ଥ ତଥା ପ୍ରାକ୍-ଐତିହାସିକ ବିବର୍ତ୍ତନର ଠିକ୍ ସେହି ପ୍ରକ୍ରିୟାଟି ଆଡ଼କୁ ଅଙ୍ଗୁଳିନିର୍ଦ୍ଦେଶ କରି ଦେଖାଇଦେବ ।

ମାତ୍ର, ଆମ ଆଗରେ ମନୁଷ୍ୟ-ସମୁଦାୟର ପ୍ରାଚୀନ ପରମ୍ପରାଟି ମଧ୍ୟ ମହଜୁଦ ରହିଛି, ଏବଂ ସେଇଟିକୁ ଏଡ଼ିଦେବା ଅଥବା କେବଳ କପୋଳକଳ୍ପନା ବୋଲି କହିବା କଦାପି ନିରାପଦ ହେବ ନାହିଁ । ସେହି ପରମ୍ପରାଟି ଆମକୁ କହିଦେଉଛି ଯେ ମନୁଷ୍ୟର ଏହି ସମାଜଚାରୀ ଅବସ୍ଥାଟି ପୂର୍ବରୁ ଏପରି ଏକ ଅନ୍ୟ ଅବସ୍ଥା ମଧ୍ୟ ବିଦ୍ୟମାନ ଥିଲା, ଯାହାକୁକି ଆମେ ସମାଜ ଉପରେ ନିର୍ଭର କରୁ ନ ଥିବା ଗୋଟିଏ ମୁକ୍ତ ଅବସ୍ଥା ବୋଲି କହିପାରିବା । ଆଧୁନିକ ବୈଜ୍ଞାନିକ ମତଗୁଡ଼ିକ ଅନୁସାରେ, ଯଦି ଏପରି ଗୋଟିଏ ଅବସ୍ଥା କେବେ ପ୍ରକୃତରେ ରହିଥିଲା,– କାରଣ ଏହା ଥିଲା ବୋଲି କେହି ନିଶ୍ଚିତ ଭାବରେ କହିପାରିବ ନାହିଁ,– ତେବେ ସେଇଟି ଯେ କେବଳ ସମାଜ ଉପରେ ନିର୍ଭର କରୁ ନ ଥିବ ତା' ନୁହେଁ, ମାତ୍ର ତାହା ନିଶ୍ଚୟ ସମାଜ ଜୀବନର ବିରୋଧୀ ମଧ୍ୟ ହୋଇଥିବ । ମନୁଷ୍ୟ ସେତେବେଳେ ନିଶ୍ଚୟ ଏକାକୀ ହୋଇ ବାସ କରୁଥିବା ଏକ ପ୍ରାଣୀର ଅବସ୍ଥାରେ ରହିଥିବ, ଏକ ହିଂସ୍ର ଜନ୍ତୁ ପରି ବାସ କରୁଥିବ; ଏବଂ ତା'ପରେ ଯାଇ ଆପଣା ବିକାଶର ପଥରେ ଆଗକୁ ଯାଇ କୌଣସି ସମୂହ ବା ଯୂଥ ମଧ୍ୟରେ ମିଶିଥିବ । ମାତ୍ର ପରମ୍ପରା ସେପରି ନ କହି ତାହାକୁ ଗୋଟିଏ ସୁବର୍ଣ୍ଣଯୁଗ ବୋଲି କହୁଛି, ଯେତେବେଳେ କୌଣସି ସମାଜ ମଧ୍ୟରେ ବାନ୍ଧି ହୋଇ ନ ଥିଲେ ମଧ୍ୟ ମନୁଷ୍ୟ ପୂର୍ଣ୍ଣମୁକ୍ତ ଭାବରେ ସାମାଜିକ ହୋଇ ରହିଥିଲା, ସେତେବେଳେ ସେ କୌଣସି ନିୟମାନୁଶାସନ ଓ ଅନୁଷ୍ଠାନ ଦ୍ୱାରା ବାଧ ହୋଇ ରହି ନ ଥିଲା, ମାତ୍ର ଏକ ସ୍ୱଭାବପ୍ରେରିତ ସହଜ ପ୍ରବୃତ୍ତି ବା ମୁକ୍ତ ଜ୍ଞାନାନୁଭବ ଦ୍ୱାରାହିଁ ଆପଣାର ଜୀବନ ବଞ୍ଚୁଥିଲା, ଆପଣା ମଧ୍ୟରେ ଜୀବନଯାପନର ଯଥାର୍ଥ ବିଧାନଟିକୁ ଧାରଣ କରି ରଖିଥିଲା ଏବଂ ସହଚାରୀ ଅନ୍ୟ ମନୁଷ୍ୟଙ୍କ ପଛରେ ଜଗି ରହିବା ଲାଗି ବା ସାମୂହିକତାର କଠୋର ଶୃଙ୍ଖଳ ଦ୍ୱାରା ଆୟତ୍ତ ଭିତରକୁ ଆସିବା ଲାଗି ତା'ର ସେତେବେଳେ କୌଣସି ପ୍ରୟୋଜନ ନ ଥିଲା । ଆମେ ଇଚ୍ଛା କଲେ ହୁଏତ ଏକଥା ମଧ୍ୟ କହିପାରିବା ଯେ ଏହି କ୍ଷେତ୍ରରେ ଏକ କବିସୁଲଭ ବା ଆଦର୍ଶବାଦୀ କଳ୍ପନାହିଁ

'oaob.nitrkl.ac.in' images reprocessed

ଗଭୀରକୁ ଭେଦ କରି ରହିଥିବା ଗୋଷ୍ଠୀଗତ ସ୍ମୃତିର ଭୂମି ଉପରେ ଆପଣାର କ୍ରିୟା କରିବାରେ ଲାଗିଥିଲା । ଏକ ଅସଂଗଠିତ, ବନ୍ୟ ଏବଂ ସମାଜ-ବହିର୍ଭୂତ ଜୀବନଧାରଣ ବିଷୟରେ ତାହାର ଯେଉଁ ଗୋଷ୍ଠୀଗତ ସ୍ମୃତି ରହିଥିଲା, ତାହାରି ଭୂମି ଉପରେ ସର୍ବପ୍ରଥମ ସଭ୍ୟ ମାନବ ଏକ ମୁକ୍ତ, ଅସଂଗଠିତ ଓ ସୁଖମୟ ସହଚାରିତାର କ୍ରମବିକାଶଶୀଳ ଆଦର୍ଶଟିର କଳ୍ପନା କରିବାକୁ ଲାଗିଲା । ମାତ୍ର ଏକଥା ମଧ୍ୟ ସମ୍ଭବ ହୋଇପାରେ ଯେ ଆମର ଏହି ଅଗ୍ରଗତି କଦାପି ଏକ ସରଳରେଖାରେ ବିକଶିତ ହୋଇ ଆସି ନାହିଁ, ତାହା କେତୋଟି ଚକ୍ରର ଅନୁସରଣ କରିଛି । ଏବଂ ସେହିସବୁ ଚକ୍ରରେ ମଝିରେ ମଝିରେ ଅନ୍ତତଃ ଏକ ଆଂଶିକ ଉପଲବ୍ଧିର ପର୍ଯ୍ୟାୟମାନ ଅବସ୍ଥିତ ରହିଛି, ଯେତେବେଳେ କି ମନୁଷ୍ୟମାନେ ଏକ ଦାର୍ଶନିକ ନୈରାଜ୍ୟବାଦର ସେହି ଉଚ୍ଚ ସ୍ୱପ୍ନଟି ଅନୁସାରେ ଜୀବନ ବଞ୍ଚିବାକୁ ଅବଶ୍ୟ ସମର୍ଥ ହୋଇଛନ୍ତି; ଏହି ଦର୍ଶନଟି ସହିତ ଶ୍ରଦ୍ଧା, ଆଲୋକ, ଯଥାର୍ଥ ସତ୍ତା, ଯଥାର୍ଥ ଭାବନା ଏବଂ ଯଥାର୍ଥ କର୍ମାଚରଣର ଅନ୍ତର୍ଗତ ବିଧାନଟିଏ ସଂଯୁକ୍ତ ହୋଇରହିଛି । କୌଣସି ରାଜା ବା ବିଧାନସଂସଦ ଜୋର କରି ଏହି ମନୁଷ୍ୟମାନଙ୍କୁ ଏକତାବଦ୍ଧ କରି ରଖିବାକୁ ଆସି ନାହାନ୍ତି, କୌଣସି ଆଇନ୍, ପୋଲିସ୍ ବ୍ୟବସ୍ଥା ଅଥବା ଶାସ୍ତିବିଧାନ ସେମାନଙ୍କୁ ଏକଜୁଟ କରାଇ ନାହିଁ; ଏବଂ ତେଣୁ ସେହିସବୁ କୌଣସି ପ୍ରକାର ଉତ୍ପୀଡ଼ନକାରୀ ଅସ୍ୱସ୍ତି, କ୍ଷୁଦ୍ର ବା ବୃହତ୍ ଅତ୍ୟାଚାର ଓ ଦମନ ଏବଂ ମଣିଷ ଉପରେ ମଣିଷର ବଳାୟତ୍ତ ସର୍ବପ୍ରକାର ଶାସନ ସହିତ ଯୁକ୍ତ ହୋଇରହିଥିବା ଯାବତୀୟ ସ୍ୱାର୍ଥପରତା ଏବଂ ଦୁର୍ନୀତିଗ୍ରସ୍ତତାର ସେହି କୁତ୍ସିତ ଅନୁକ୍ରମଟିକୁ ଆଦୌ ଅଙ୍ଗେ ନିଭାଇବାକୁ ପଡ଼ି ନାହିଁ । ଏପରିକି ଏକଥା ମଧ୍ୟ ସମ୍ଭବ ଯେ ଆମର ସର୍ବମୂଳ ଅବସ୍ଥାଟି ମୁକ୍ତ ଏବଂ ତରଳ ସହଯୁକ୍ତତାର କେବଳ ଏକ ସହଜାତ ପ୍ରବୃତ୍ତି ଦ୍ୱାରା ଚାଳିତ ପଶୁସ୍ତରୀୟ ସ୍ୱତଃସ୍ଫୂର୍ତ୍ତତାରହିଁ ଅବସ୍ଥା ହୋଇ ରହିଥିଲା ଏବଂ ଆମର ସେହି ସର୍ବଶେଷ ଆଦର୍ଶ ଅବସ୍ଥାଟି ମୁକ୍ତ ଏବଂ ତରଳ ସହଯୁକ୍ତତାର ଏକ ସନ୍ଦୀପିତ ତଥା ବୋଧି ଦ୍ୱାରା ପ୍ରେରିତ ସ୍ୱତଃସ୍ଫୂର୍ତ୍ତତାରହିଁ ଅବସ୍ଥା ହେବାକୁ ଯାଉଛି । ମୂଳସ୍ଥ ଏକ ପଶୁସ୍ତରୀୟ ସହଯୁକ୍ତତାକୁ ଦିବ୍ୟ ମନୁଷ୍ୟମାନଙ୍କର ଏକ ସହଚାରୀ ସମୁଦାୟରେ ରୂପାନ୍ତରିତ କରିଦେବାରେହିଁ ହୁଏତ ଆମ ସମସ୍ତଙ୍କର ନିୟତି ନିହିତ ହୋଇ ରହିଛି । ଆମର ପ୍ରଗତି ହୁଏତ ଏପରି ଏକ ଅସମାନ ବୃତ୍ତର ପଥ ଗ୍ରହଣ କରିବାକୁ ଯାଉଛି ଯାହାକି ପ୍ରକୃତି-ଅଧୀନତାର ବିଧାନଟିକୁ ପ୍ରତିଫଳିତ କରୁଥିବା ସେହି ସହଜ ଓ ସ୍ୱତଃସ୍ଫୂର୍ତ୍ତ ଏକରୂପତା ଏବଂ ସୌଷମ୍ୟର ଅବସ୍ଥାରୁ ଗତି କରି ଆମକୁ ଦିବ୍ୟତାର ପ୍ରତିଫଳନ କରୁଥିବା ସେହି ଆତ୍ମ-ସମାହିତ ଓ ଆତ୍ମ-ପ୍ରେରିତ ଏକତ୍ୱ ମଧ୍ୟରେ ନେଇ ପହଞ୍ଚାଇ ଦେଇପାରିବ ।

ସେକଥା ଯାହା ହୋଇଥାଉ ପଛକେ, ଇତିହାସ ଏବଂ ସମାଜଜ୍ଞାନ ଆମକୁ

'oaob.nitrkl.ac.in' images reprocessed

ମନୁଷ୍ୟର ଯେଉଁଭଳି ପରିଚୟଟି ଆଣି ଦେଉଛନ୍ତି, ସେଥିରେ ତାକୁ କେବଳ ଅଳ୍ପ ବା ଅଧିକ ସଂଗଠିତ ହୋଇ ରହିଥିବା ସମୂହଟି ମଧ୍ୟରେ ଏକ ବ୍ୟକ୍ତି ବୋଲିହିଁ ବର୍ଣ୍ଣନା କରାଯାଇଛି । ଏହା ବ୍ୟତୀତ ଧର୍ମ ଦ୍ୱାରା ପ୍ରଭାବିତ ତଥା ଅନ୍ୟାନ୍ୟ କେତେକ ଆଦର୍ଶବାଦ ମନୁଷ୍ୟକୁ ଏକ ମୁକ୍ତ ଏକାକୀ ଅବସ୍ଥା ଅଥବା ଏକ ମୁକ୍ତ ସହଯୁକ୍ତତାର ଅବସ୍ଥାରେ ନେଇ ପହଞ୍ଚାଇ ଦେବାର ଚେଷ୍ଟା କରିଛନ୍ତି । ଏବଂ ସମୂହ ଭିତରେ ସର୍ବଦା ଦୁଇଟି ପ୍ରକାର ରହି ଆସିଛି । ଗୋଟିଏ ବ୍ୟକ୍ତିକୁ ବଳି ଦେଇ ରାଷ୍ଟ୍ରକଳ୍ପନାର ପ୍ରତିଷ୍ଠା କରିବାକୁ ଚେଷ୍ଟା କରିଛି; ପ୍ରାଚୀନ ସ୍ପାର୍ଟା ଓ ଆଧୁନିକ ଜର୍ମାନୀରେ ଆମକୁ ଏହାର ଦୃଷ୍ଟାନ୍ତ ଦେଖିବାକୁ ମିଳିବ । ଆରଟି ମଧ୍ୟ ରାଷ୍ଟ୍ରର କର୍ତ୍ତୃତ୍ୱକୁ ସର୍ବୋଚ୍ଚ ବୋଲି ଘୋଷଣା କରୁଛି, ମାତ୍ର ତାହା ସଙ୍ଗେ ସଙ୍ଗେ ସେହି ରାଷ୍ଟ୍ରରେ ବାସ କରୁଥିବା ବ୍ୟକ୍ତିମାନଙ୍କୁ ରାଷ୍ଟ୍ରୀୟ ନିୟନ୍ତ୍ରଣର ପରିସରଟି ମଧ୍ୟରେ ଯେତିକି ଦୂର ସଙ୍ଗତ ଓ ସମ୍ଭବ, ସେତିକି ଅଧିକ ସ୍ୱାତନ୍ତ୍ର୍ୟ, ସାମର୍ଥ୍ୟ ଏବଂ ସମ୍ମାନ ଦେବା ଲାଗି ମଧ୍ୟ ଇଚ୍ଛା କରୁଛି; ପ୍ରାଚୀନ ଗ୍ରୀସ୍ ଓ ଆଧୁନିକ ଫ୍ରାନ୍ସକୁ ଆମେ ଏହାର ଦୁଇଟି ଦୃଷ୍ଟାନ୍ତରୂପେ ଗ୍ରହଣ କରିପାରିବା । ମାତ୍ର ଏହି ଦୁଇଟି ପ୍ରକାର ସହିତ ଏକ ତୃତୀୟ ପ୍ରକାର ମଧ୍ୟ ଆସି ମିଶିଛି, ଯେଉଁଥିରେ କି ରାଷ୍ଟ୍ର ବ୍ୟକ୍ତି ଉଦ୍ଦେଶ୍ୟରେ ଆପଣାର କ୍ଷମତାଗୁଡ଼ିକ ମଧ୍ୟରୁ ଯଥାସମ୍ଭବ ଅଧିକ କ୍ଷମତାକୁ ହାତରୁ ଛାଡ଼ି ଦେଉଛି, ଆପେ ବ୍ୟକ୍ତିର ବିକାଶ ଲାଗିହିଁ ରହିଛି ବୋଲି ସାହସର ସହିତ ଘୋଷଣା କରୁଛି, ତାହାରି ସ୍ୱତନ୍ତ୍ରତା ଓ ଜଣେ ମନୁଷ୍ୟ ହିସାବରେ ତାହାର ସଫଳ ବିକାଶ ଯେପରି ଅବଶ୍ୟ ସମ୍ଭବ ହୁଏ । ରାଷ୍ଟ୍ର ସେଇଥିଲାଗି ପ୍ରହରୀରୂପେ ଅବସ୍ଥିତ ରହିଛି ବୋଲି କହୁଛି; ଏବଂ, ଏହି ବ୍ୟକ୍ତି ଲାଗି ସର୍ବାଧିକ ସମ୍ଭବ ସ୍ୱାତନ୍ତ୍ର୍ୟ, ସମ୍ମାନ ଏବଂ ବିକାଶର ଅନୁକୂଳତା ଉପଲବ୍ଧ ହେବା ଉପରେହିଁ ଯେ ସର୍ବାଧିକ ପରିମାଣରେ ରାଷ୍ଟ୍ରର କଲ୍ୟାଣ, ଶକ୍ତି ଏବଂ ବ୍ୟାପ୍ତି ନିର୍ଭର କରି ରହିଛି, ଏହିଭଳି ଏକ ସତ୍ୟାନୁମାନକୁ ନେଇ ତାହା ଏକ ସାହସିକ ବିଶ୍ୱାସ ଧରି କେତେ ନା କେତେ ପ୍ରୟୋଗ କରିବାକୁ ବାହାରୁଛି । ଏପର୍ଯ୍ୟନ୍ତ ଇଂଲଣ୍ଡ ଏହି ପ୍ରକାରଟି ଲାଗି ଏକ ବଡ଼ ଦୃଷ୍ଟାନ୍ତ ହୋଇ ରହିଛି; ଆଉ ଅନ୍ୟକିଛି ଦ୍ୱାରା ନୁହେଁ, ମାତ୍ର ତା' ମଧ୍ୟରେ ରହିଥିବା ଏହି ଧାରଣାଟିର ଶକ୍ତି ଦ୍ୱାରାହିଁ ଯେଉଁ ଇଂଲଣ୍ଡ ମୁକ୍ତ, ଐଶ୍ୱର୍ଯ୍ୟଶାଳୀ, ଶକ୍ତିମାନ୍ ଏବଂ ଅଜେୟ ହୋଇ ରହିଛି, ଦେବଗଣଙ୍କର ଆଶୀର୍ବାଦରେ ଯାହାର ଏକ ପଟାନ୍ତରହୀନ ସଂପ୍ରସାରଣ, ସାମ୍ରାଜ୍ୟ ଓ ସୌଭାଗ୍ୟ ସମ୍ଭବ ହୋଇଛି, ଏହି ମହାନ୍ ପ୍ରବୃତ୍ତିଟିର ବୋଲ ମାନି ଅଗ୍ରସର ହେବାକୁ, ଏହି ମହାନ୍ ପ୍ରୟାସଟି କରିବାର ଦାୟିତ୍ୱଟିକୁ ଗ୍ରହଣ କରିନେବାକୁ ଏବଂ ଏପରିକି ସମସ୍ତଙ୍କଠାରୁ ବିଚ୍ଛିନ୍ନ ହୋଇ ରହିବାର ତା'ର ଆପଣା ଅହଂକାରର ସୀମାଗୁଡ଼ିକୁ ଅତିକ୍ରମ କରି ମଧ୍ୟ ଅନେକ ସମୟରେ ସେହି ପ୍ରୟାସଟିକୁ ଖଟାଇବାକୁ ଯେଉଁ ଇଂଲଣ୍ଡ କୌଣସି ଭୟ କରି ନାହିଁ, ଏଠାରେ ଆମେ ସେହି ଇଂଲଣ୍ଡକୁହିଁ ଦୃଷ୍ଟାନ୍ତରୂପେ

'oaob.nitrkl.ac.in' images reprocessed

ଗ୍ରହଣ କରିବା । ମାତ୍ର ଦୁର୍ଭାଗ୍ୟର ବିଷୟ ଯେ, ସେହି ଯେଉଁ ଅହଂକାର, ପ୍ରଜାତିଗତ ନାନା ଦୋଷ ଏବଂ ଏକ ସଂକୀର୍ଣ୍ଣ ବିଚାରକୁ ଅତିରଞ୍ଜିତ ମହତ୍ତ୍ୱ ଦେଇ ପ୍ରତିଷ୍ଠିତ କରିବାର ପ୍ରବୃତ୍ତିଟି ଆମ ମନୁଷ୍ୟଜୀବନକୁ ଆଚ୍ଛନ୍ନ କରି ରଖିଥିବା ଅଜ୍ଞାନର ସନ୍ତକ ହୋଇ ରହିଆସିଛି, ସେହିଗୁଡ଼ିକୁହିଁ ଇଂଲଣ୍ଡକୁ ସେହି ପ୍ରୟାସଟିକୁ ଏହାର ଭବ୍ୟତମ ଓ ସମ୍ଭାବ୍ୟ ସମ୍ପନ୍ନତମ ଅଭିବ୍ୟକ୍ତି ଦେଇପାରିବାରୁ ବଞ୍ଚିତ କରି ରଖିଛି ତଥା ଏହାରି ସାହାଯ୍ୟରେ ଅପେକ୍ଷାକୃତ ଅଧିକ କଠୋର ଭାବରେ ସଂଗଠିତ ରାଷ୍ଟ୍ରମାନେ ହାସଲ କରିପାରିଥିବା ବା କରୁଥିବା ଅନ୍ୟାନ୍ୟ ନାନା ପରିଣାମକୁ ଉପଲବ୍ଧି କରିବାରୁ ମଧ୍ୟ ବଞ୍ଚିତ କରିରଖିଛି । ଏବଂ ତାହାରି ଫଳରେ ଆମେ ଏବେ ସେହି ସମୂହ ଅର୍ଥାତ୍ ରାଷ୍ଟ୍ରକେନ୍ଦ୍ରୀ ବିଚାରଟି ପ୍ରାଚୀନ ଇଂଲିଶ୍ ପରମ୍ପରାଟିକୁ ମଧ୍ୟ ଭାଙ୍ଗି ପକାଉଥିବାର ଦେଖିବାକୁ ପାଉଛୁ, ଏବଂ ହୁଏତ ଏକଥା ମଧ୍ୟ ସମ୍ଭବ ଯେ ତାହାର ସେହି ମହାନ୍ ପ୍ରୟୋଗଟି ଅଚିରେ ବିଲୁପ୍ତ ହୋଇଯିବାକୁ ଯାଉଛି ଏବଂ ଆଜି ସମଗ୍ର ସଭ୍ୟ ଜଗତ ଯେଉଁ ଜର୍ମାନିକ୍ ''ଶୃଙ୍ଖଳାବଦ୍ଧତା'' ଓ ''ସୁଦକ୍ଷ'' ସଂଗଠନ ଆଡ଼କୁ ଧାବିତ ହୋଇ ଯାଉଥିଲା ପରି ମନୋବୃତ୍ତି ଦେଖାଉଛି, ଇଂଲଣ୍ଡ ମଧ୍ୟ ତାହାକୁ ଗ୍ରହଣ କରିନେଇ ବଡ଼ ଶୋଚନୀୟ ଭାବରେ ଆପଣାର ବିଫଳତାଟିକୁ ଘୋଷଣା କରିବାକୁ ଯାଉଛି । ଏହିପରି କରିବା ଲାଗି ପ୍ରକୃତରେ କୌଣସି ପ୍ରୟୋଜନ ରହିଥିଲା କି ନାହିଁ, ଆମେ ଏହି ପ୍ରଶ୍ନଟି ନିଶ୍ଚୟ ପଚାରିପାରିବା; ଏକ ଅପେକ୍ଷାକୃତ ଅଧିକ ନମନଶୀଳ ଏବଂ ସତର୍କ ବୁଦ୍ଧିକୁ ଆଶ୍ରୟ କରି ରହିପାରିଥିଲେ ଏକ ନୂତନ ଓ ଅଧିକ ମୁକ୍ତ ପଦ୍ଧତି ଦ୍ୱାରା ଇପ୍ସିତ ସକଳ ପରିଣାମଗୁଡ଼ିକୁ ହାସଲ କରାଯାଇ ପାରିଥା'ନ୍ତା କି ନାହିଁ ଏବଂ ତାହା ସଙ୍ଗେ ସଙ୍ଗେ ଜାତିର ଧର୍ମଟିକୁ ଅଟଳ ରଖାଯାଇ ପାରିଥା'ନ୍ତା କି ନାହିଁ, ଆମେ ଏହି ପ୍ରଶ୍ନଟି ନିଶ୍ଚୟ ପଚାରିପାରିବା ।

ଆପଣାର ସ୍ୱାର୍ଥଟିକୁ ରକ୍ଷା କରିବାକୁ ଯାଇ ବ୍ୟକ୍ତିକୁ ଆୟତ୍ତ କରି ରଖିବା ସକାଶେ ରାଷ୍ଟ୍ର ତରଫରୁ ଯେଉଁ ଦାବି ହୋଇଥାଏ, ତାହାରି ସଂକ୍ରାନ୍ତରେ ଆମେ ଏଠାରେ ଆଉ ଗୋଟିଏ କଥା ଅବଶ୍ୟ ଉଲ୍ଲେଖ କରି ରଖିବା; ସେହି କଥାଟି ହେଉଛି ଯେ, ରାଷ୍ଟ୍ର କେଉଁ ପ୍ରକୃତିର ବା କେଉଁ ରୂପର ହେବ, ତାହା ଉପରେ ଏହି ନୀତିଟି ଆଦୌ ନିର୍ଭର କରି ରହିବ ନାହିଁ । ଏକଛତ୍ର ଅଧିପତି ହୋଇ ବସିଥିବା ଜଣେ ରାଜା ପ୍ରଜାମାନଙ୍କ ଉପରେ ଯେଉଁ ଉତ୍ପୀଡ଼ନ କରେ ଏବଂ ସଂଖ୍ୟାଗରିଷ୍ଠ ଗୋଷ୍ଠୀ ବ୍ୟକ୍ତି ଉପରେ ଯେଉଁ ଉତ୍ପୀଡ଼ନ କରେ, ଏହି ଦୁଇଟିଯାକକୁ ଆମେ ସେହି ଗୋଟିଏ ପ୍ରବୃତ୍ତିରହିଁ ଦୁଇଟି ରୂପ ବୋଲି କହିବା । ସଂଖ୍ୟାଗରିଷ୍ଠ ଗୋଷ୍ଠୀ ବ୍ୟକ୍ତି ଉପରେ ଯେଉଁ ଉତ୍ପୀଡ଼ନଟି କରିଥାଏ, ତାହା ମଣିଷପ୍ରକୃତିର ବିରୋଧାଭାସଟି ଦ୍ୱାରା ସଂଖ୍ୟାଗରିଷ୍ଠ ଗୋଷ୍ଠୀ ସମ୍ମୋହିତ ଭାବରେ ନିଜ ଉପରେ ଉତ୍ପୀଡ଼ନ କରିବାରେ ଓ ନିଜକୁହିଁ ଦବାଇ କରି ରଖିବାରେ ପରିଣତ

'oaob.nitrkl.ac.in' images reprocessed

ହୋଇ ଯାଇଥାଏ । ଏଇଟି ହେଉ ବା ସେଇଟି ହେଉ, ଯେତେବେଳେ ତାହା "ମୁହିଁ ହେଉଛି ରାଷ୍ଟ୍ର" ବୋଲି ଅନମନୀୟ ଭାବରେ ଘୋଷଣା କରି ଆପଣାକୁହିଁ ରାଷ୍ଟ୍ରରେ ପରିଣତ କରିଦିଏ, ସେତେବେଳେ ତାହା ଏକ ମିଥ୍ୟାର ଉପରେହିଁ ସେହି ସତ୍ୟଟିକୁ ଠିଆ କରି ରଖିଥିଲେହେଁ ତଥାପି ଏକ ଗଭୀର ସତ୍ୟର ଘୋଷଣା କରିଥାଏ । ଏହି ସତ୍ୟଟି ହେଉଛି ଯେ, ଏହି ପ୍ରକାରଟି ଅଥବା ସେହି ପ୍ରକାରଟି ଯେତେବେଳେ ତା' ମଧ୍ୟରେ ବାସ କରୁଥିବା ବ୍ୟକ୍ତିମାନଙ୍କର ସ୍ୱାଧୀନ ଇଚ୍ଛା, ସ୍ୱାଧୀନ କ୍ରିୟା, କ୍ଷମତା, ସମ୍ମାନ ଓ ଆତ୍ମପ୍ରତିଷ୍ଠାକୁ ଆପଣାର ଅଧୀନ କରି ରଖିବାର ତା'ର ସେହି ଚିରାଚରିତ ପ୍ରୟାସଟି ଦ୍ୱାରା କେବଳ ସେହି ରାଷ୍ଟ୍ରରହିଁ ଏକ ଆତ୍ମ-ଅଭିବ୍ୟକ୍ତି ହୋଇ ରହିଥାଏ । ଯେଉଁ ବିଚାର ରାଷ୍ଟ୍ରକୁ ତା' ମଧ୍ୟରେ ବାସ କରୁଥିବା ବ୍ୟକ୍ତିମାନଙ୍କ ଅପେକ୍ଷା ଏକ ମହତ୍ତର ସତ୍ୟ ବୋଲି ଘୋଷଣା କରେ ଏବଂ ତେଣୁ ଆପଣାକୁ କୌଣସି ପ୍ରକାର ଦଣ୍ଡର ସମ୍ମୁଖୀନ ନ କରାଇ ଏବଂ ସମଗ୍ର ମନୁଷ୍ୟସମାଜର ସର୍ବୋଚ୍ଚ ଆଶାଟି ଉପରେ ଆଘାତ କରି ରାଷ୍ଟ୍ର ଏହି ଅତ୍ୟାଚାରଧର୍ମୀ ଆଧିପତ୍ୟଟିର ଅନଧିକାର ଆଚରଣ କରିପାରିବ ବୋଲି କହେ, ସେହି ବିଚାରଟି ମଧ୍ୟରେହିଁ ମିଥ୍ୟାଟି ନିହିତ ହୋଇରହିଛି ।

ମଧ୍ୟବର୍ତ୍ତୀ ଏକ ଦୀର୍ଘ ଅବଧି ପରେ ଏବେ ଆମ ଆଧୁନିକ ଯୁଗରେ ରାଷ୍ଟ୍ରର ଧାରଣାଟି ଆପଣାକୁ ପୁଣି ବଡ଼ କରି ପ୍ରତିଷ୍ଠିତ କରିଛି ଏବଂ ପୃଥିବୀର ଭାବନା ତଥା କାର୍ଯ୍ୟକୁ ଆକ୍ରାନ୍ତ କରି ରଖିବାକୁ ଆରମ୍ଭ କରୁଛି । ଏହା ଆପଣାକୁ ଦୁଇଟି ଅଭିପ୍ରାୟ ଉପରେ ପୁଷ୍ଟ କରି ରଖିଛି; ଗୋଟିଏ ଜାତି ବା ଗୋଷ୍ଠୀର ବାହ୍ୟ ସ୍ୱାର୍ଥଗୁଡ଼ିକୁ ଆଶ୍ରୟ କରି ରହିଛି ଓ ଆରଟି ଏହାର ସର୍ବୋଚ୍ଚ ନୀତିଗତ ପ୍ରବୃତ୍ତିଗୁଡ଼ିକୁ ଉଦ୍‌ବୋଧିତ କରି ରଖିବାକୁ ଚେଷ୍ଟା କରୁଛି । ବ୍ୟକ୍ତିର ଯାବତୀୟ ଅହଂ ଯେ ଆପଣାକୁ ଏକ ସମୂହଗତ ସ୍ୱାର୍ଥ ପାଖରେ ଏକାବେଳେକେ ଉତ୍ସର୍ଗ କରିଦେବ, ଏହା ତାହାହିଁ ଦାବି କରିବାରେ ଲାଗିଛି; ତାହା ଦାବି କରୁଛି ଯେ ମନୁଷ୍ୟ କଦାପି ନିଜ ପାଇଁ ବଞ୍ଚିବ ନାହିଁ, ମାତ୍ର ସମୁଦାୟ ପାଇଁ ଅର୍ଥାତ୍ ସମୂହଟି ପାଇଁ ବଞ୍ଚିବ, ଗୋଷ୍ଠୀ ପାଇଁ ବଞ୍ଚି ରହିବ । ଏହା ଘୋଷଣା କରି କହିବାକୁ ଚାହେଁ ଯେ ମନୁଷ୍ୟଜାତିର ମଙ୍ଗଳ ତଥା କଲ୍ୟାଣର ଯାବତୀୟ ସମ୍ଭାବନା ସର୍ବଦା କେବଳ ରାଷ୍ଟ୍ରର ଦକ୍ଷତା ଏବଂ ସଂଗଠନ ଉପରେହିଁ ନିର୍ଭର କରିବ । ଯେତେବେଳେ ରାଷ୍ଟ୍ର ବ୍ୟକ୍ତି ତଥା ସମୂହର ଯାବତୀୟ ଆର୍ଥିକ ଏବଂ ପ୍ରାଣିକ ବ୍ୟବସ୍ଥାକୁ ଆୟତ୍ତ ବା ଶୃଙ୍ଖଳାଧୀନ କରି ରଖିପାରିବ, ସେତେବେଳେ ଯାଇ ମନୁଷ୍ୟଜାତି ପରିପୂର୍ଣ୍ଣତା ଲାଭ କରିପାରିବ । ଅର୍ଥାତ୍, ଏବେ ଯୁଦ୍ଧ ସମୟରେ ଯେଉଁ ଆକର୍ଷକ ବିଶେଷ କଥାଟି ବ୍ୟବହାର କରାଯାଉଛି, ଯେତେବେଳେ ରାଷ୍ଟ୍ର ବ୍ୟକ୍ତିର ବୁଦ୍ଧି, ସାମର୍ଥ୍ୟ, ଭାବନା, ସଂବେଗ ଓ ଜୀବନର "ପରିଚାଳନ" କରିପାରିବ ଅର୍ଥାତ୍ ସମସ୍ତଙ୍କର ସ୍ୱାର୍ଥସାଧନ ଲାଗି ସେଗୁଡ଼ିକୁ

'oaob.nitrkl.ac.in' images reprocessed

କାର୍ଯ୍ୟରେ ଲଗାଇପାରିବ, ବ୍ୟକ୍ତି ଯାହା ଏବଂ ବ୍ୟକ୍ତି ପାଖରେ ଯାହାକିଛି ରହିଛି, ତାହାକୁ କାର୍ଯ୍ୟରେ ଲଗାଇପାରିବ, ସେତେବେଳେ ଯାଇ ମନୁଷ୍ୟସମାଜ ପରିପୂର୍ଣ୍ଣତା ଲାଭ କରିପାରିବ । ଏହି ଭାବନାଟିକୁ ସଙ୍ଗରେ ଧରି ତାହାର ଚରମ ସିଦ୍ଧାନ୍ତଟିରେ ଯାଇ ପହଞ୍ଚିଲେ ଏହା ଆପଣାକୁ ପୂର୍ଣ୍ଣଶକ୍ତିରେ କାର୍ଯ୍ୟକାରୀ କରୁଥିବା ସାମ୍ୟବାଦୀ ଆଦର୍ଶଟିକୁହିଁ ବୁଝାଇବ ଏବଂ ବର୍ତ୍ତମାନ ମନୁଷ୍ୟଜାତି ଏକ ଅଦ୍ଭୁତ କ୍ଷିପ୍ରତା ସହିତ ସତେଅବା ସେହି ସିଦ୍ଧାନ୍ତଟି ଆଡ଼କୁହିଁ ଗତି କରୁଥିବା ପରି ବୋଧ ହେଉଛି । ରାଷ୍ଟ୍ରର ଧାରଣାଟି ଏକ ପ୍ରବଳ ଚାଳିକା ଶକ୍ତି ସହିତ ଆଜି ସବୁକିଛିକୁ ଅଧିକାର କରିବା ଲାଗି ଧାବମାନ ହେବାରେ ଲାଗିଛି, ଏବଂ ଏହାର ଶକ୍ତିଟି ସହିତ ଆଉ ଯାହାକିଛି ସଂଘାତ କରିବାକୁ ଆସୁଛି ବା ମାନବୀୟ କୌଣସି ଅନ୍ୟ ପ୍ରବୃତ୍ତିର ଅଧିକାରକୁ ପ୍ରତିଷ୍ଠିତ କରିବା ଲାଗି ଇଚ୍ଛା କରୁଛି, ତାହା ତାହାକୁ ଆପଣାର ଚକତଳେ ଚୂର୍ଣ୍ଣବିଚୂର୍ଣ୍ଣ କରିଦେବାକୁ ପ୍ରସ୍ତୁତ ହୋଇ ରହିଛି । ଏବଂ ତଥାପି, ତାହା ଯେଉଁ ଦୁଇଟି ବିଚାରକୁ ଭିତ୍ତି କରି ଠିଆ ହୋଇଛି, ତାହା ସତ୍ୟ ଓ ମିଥ୍ୟାର ସେହି ବିନାଶକାରୀ ମିଶ୍ରଣଟି ଦ୍ୱାରା ପୂର୍ଣ୍ଣ ହୋଇ ରହିଛି, ଯାହାକି ଆମର ଯାବତୀୟ ମାନବୀୟ ଦାବି ଏବଂ ସ୍ୱାଗ୍ରହ ପଛରେ ଆପଣାକୁ ସର୍ବଦା ସଂଲଗ୍ନ କରି ରଖିଥାଏ । ସେହି ବିଚାର ଦୁଇଟିର କ୍ଷେତ୍ରରେ ଆମକୁ ପ୍ରକୃତ ସତ୍ୟର ସନ୍ଧାନ କରୁଥିବା ଏବଂ କୌଣସି ପ୍ରକାର ଅଭିଗ୍ରହ ଦ୍ୱାରା ଜଡ଼ିତ ହୋଇ ପଡୁ ନ ଥିବା ଏକ ବିଚାରର ସମାଧାନକୁ ଆଣି ପ୍ରୟୋଗ କରିବାକୁ ହେବ, ଯାହାକି କୌଣସି ଶବ୍ଦଚମକ ଦ୍ୱାରା ପ୍ରତାରିତ ହେବା ଲାଗି ଆଦୌ ସମ୍ମତ ହେଉ ନ ଥିବ । ତା' ହେଲେ ଯାଇ ଆମେ ଅସହାୟ ଭାବରେ ପୁଣି ଭ୍ରମର ଆଉ ଏକ ବୃତ୍ତ ଅଙ୍କନ କରି ତାହାରି ମଧ୍ୟରେ ଆବଦ୍ଧ ହୋଇ ରହିବାର ପ୍ରମାଦରୁ ଆପଣାକୁ ରକ୍ଷା କରିପାରିବା ଏବଂ ତଦ୍ୱାରା ପ୍ରକୃତିର ସେହି ଗଭୀର ଏବଂ ସମଗ୍ର ସତ୍ୟଟି ପାଖକୁ ଲେଉଟି ଆସିପାରିବା, ଯାହାକି ପ୍ରକୃତରେ ଆମକୁ ଆଲୋକ ଦେବ ଓ ବାଟ ଦେଖାଇ ନେଇପାରିବ ।

'oaob.nitrkl.ac.in' images reprocessed

## ଚତୁର୍ଥ ପରିଚ୍ଛେଦ

# ରାଷ୍ଟ୍ର-ଧାରଣାଟିର ଅଯଥେଷ୍ଟତା

ରାଷ୍ଟ୍ରର ଏହି ଧାରଣାଟି କହିଲେ ତେବେ କ'ଣ ବୁଝାଇବ ? ସଂଗଠିତ ଏହି ଯେଉଁ ସମୁଦାୟଟି ପାଖରେ ବ୍ୟକ୍ତିକୁ ନେଇ ଉତ୍ସର୍ଗ କରିଦେବାକୁ ହେବ, ସେହି ରାଷ୍ଟ୍ର କହିଲେ ଆମେ ପ୍ରକୃତରେ କ'ଣ ବୁଝିବା ? ସିଦ୍ଧାନ୍ତଗତ ଭାବରେ କହିଲେ, ଏହି ବିଚାରଟି ସମସ୍ତଙ୍କର ମଙ୍ଗଳ ସକାଶେ ବ୍ୟକ୍ତିକୁ ସମୂହର ଅଧୀନସ୍ଥ କରି ରଖିବାକୁ ବୁଝାଇବ । ଏବଂ ବ୍ୟାବହାରିକ ଅର୍ଥରେ କହିଲେ, ଏହା ଦ୍ୱାରା ବ୍ୟକ୍ତି ରାଜନୀତିକ, ସାମରିକ ଓ ଅର୍ଥନୈତିକ କ୍ଷେତ୍ରରେ ଆପଣାକୁ ଏକ ସମଷ୍ଟିଗତ ଅହଂର ଅଧୀନ କରି ରଖିବ; ଏହି ଅହଂ ଅନେକ ବ୍ୟକ୍ତିଙ୍କର ଏକ ବୃହତ୍ ସମୂହକୁ ସମ୍ମୁଖରେ ରଖି ସ୍ଥିରୀକୃତ ହୋଇଥିବା ଓ ସେମାନଙ୍କ ଉପରେ ଆଣି ଲଦି ଦିଆଯାଇଥିବା କେତେକ ନିର୍ଦ୍ଦିଷ୍ଟ ସାମୂହିକ ଉଦ୍ଦେଶ୍ୟ ଏବଂ ଆକାଙ୍କ୍ଷାକୁ ପରିତୃପ୍ତ କରିବାର ବାସନା ରଖିଥାଏ, ଶାସନକାରୀର ଆସନରେ ବସିଥିବା ଅଳ୍ପ ବା ଅଧିକ ସଂଖ୍ୟକ କେତେଜଣ ବ୍ୟକ୍ତି ସେହି ଉଦ୍ଦେଶ୍ୟ ଓ ଆକାଙ୍କ୍ଷାଗୁଡ଼ିକୁ ଆଣି ଲଦି ଦେଇଥା'ନ୍ତି ଏବଂ ସେହି ବ୍ୟକ୍ତିମାନେ କୌଣସି ଏକ ଉପାୟରେ ସମସ୍ତ ସମୁଦାୟଟିର ପ୍ରତିନିଧିତ୍ୱ କରୁଛନ୍ତି ବୋଲି ଅନୁମିତ ହେଉଥାଏ । ଏହି ବ୍ୟକ୍ତିମାନେ ଶାସନକାରୀ ଶ୍ରେଣୀ ମଧ୍ୟରୁ ଆସିଥା'ନ୍ତି ବା ଆଧୁନିକ ରାଷ୍ଟ୍ରଗୁଡ଼ିକରେ ଯେପରି ହେଉଛି—ଆଂଶିକଭାବେ ଆପଣାର ଚରିତ୍ରବଳରେ ମାତ୍ର ଅଧିକନ୍ତୁ ପରିସ୍ଥିତିର ଚାପବଳରେହିଁ ବୃହତ୍ତର ଜନତା ମଧ୍ୟରୁ ଉଠି ଆସିଥା'ନ୍ତି, ସେହି କଥାଟିରେ ଆଦୌ କୌଣସି ମହତ୍ତ୍ୱ ନ ଥାଏ । ଏବେ ଯେ ସେମାନଙ୍କର ଉଦ୍ଦେଶ୍ୟ ଓ ଆଦର୍ଶଗୁଡ଼ିକ ପ୍ରକାଶ୍ୟ ଏବଂ ପ୍ରକୃତ ବଳପ୍ରୟୋଗ ଅପେକ୍ଷା ଅଧିକତର ପରିମାଣରେ କଥା ଦ୍ୱାରା ପ୍ରବର୍ତ୍ତାଇବାର ସମ୍ମୋହନ-କୌଶଳଟି ଦ୍ୱାରା ଲଦି ଦିଆଯାଉଛି, ତଦ୍ଦ୍ୱାରା ମଧ୍ୟ  ଆଦୌ କୌଣସି ପ୍ରଧାନ ପାର୍ଥକ୍ୟ କଦାପି ଘଟୁ ନାହିଁ, ଶାସକର ଆସ୍ଥାନରେ ଆସି ବସିଥିବା ଏହି ଶ୍ରେଣୀ ବା ଏହି ଯୂଥଟି ଯେ ପ୍ରକୃତରେ ଗୋଟିଏ ଜାତିର ସର୍ବଶ୍ରେଷ୍ଠ ମାନସର, ଏହାର ଭବ୍ୟତମ ଲକ୍ଷ୍ୟଗୁଡ଼ିକର ଅଥବା ଏହାର ସର୍ବୋଚ୍ଚ ସ୍ୱାଭାବିକ ପ୍ରବୃତ୍ତିଗୁଡ଼ିକର ପ୍ରତିନିଧିତ୍ୱ କରୁଛି, ଦୁଇଟିଯାକ କ୍ଷେତ୍ରରେହିଁ ସେହି ବିଷୟରେ ଆଦୌ କୌଣସି ନିର୍ଭର ପ୍ରତିଶ୍ରୁତି ଦିଆଯାଇପାରିବ ନାହିଁ ।

ପୃଥିବୀର ଯେକୌଣସି ଅଂଶରେ  ଆଧୁନିକ ରାଜନୀତିକାରୀର ସମ୍ବନ୍ଧରେ ଏହିସବୁ ପ୍ରକାରର କୌଣସି କଥାକୁ ଜୋର କରି କହି ହେବ ନାହିଁ । ସେ କଦାପି କୌଣସି ଜାତିର ଆତ୍ମା ଅଥବା ଆକାଙ୍କ୍ଷାର ଆଦୌ ପ୍ରତିନିଧିତ୍ୱ କରୁ ନାହିଁ । ସାଧାରଣତଃ

'oaob.nitrkl.ac.in' images reprocessed

ଦେଖିଲେ ସେ ତା' ଚତୁର୍ଦ୍ଦିଗରେ ରହିଥିବା ହାରାହାରି ସ୍ତରର ସକଳ କ୍ଷୁଦ୍ରତା, ସ୍ୱାର୍ଥପରତା, ଅହଂକାର ଏବଂ ଆତ୍ମ-ପ୍ରତାରଣାରହିଁ ପ୍ରତିନିଧିତ୍ୱ କରୁଛି; ସେ ଏଗୁଡ଼ିକର ବେଶ୍ ଭଲ ଭାବରେ ପ୍ରତିନିଧିତ୍ୱ କରୁଛି ଏବଂ ତାହା ସହିତ ବେଶ୍ କେତେଗୁଡ଼ାଏ ମାନସିକ ଅପାରଗତା ଓ ମାନସିକ ରୂଢ଼ିବାଦିତା, ଭୀରୁତା ଏବଂ ଛଳନାର ମଧ ପ୍ରତିନିଧିତ୍ୱ କରୁଛି । ଅନେକ ସମୟରେ ଏକ ମୀମାଂସା ପାଇବା ଲାଗି ତା' ପାଖରେ କେଡ଼େ ବୃହତ୍ ବୃହତ୍ ସମସ୍ୟା ଆସି ପହଞ୍ଚୁଛି, ମାତ୍ର ସିଏ କୌଣସି ପ୍ରକାର ବୃହତ୍ ଭାବରେ ସେଗୁଡ଼ିକର ସମ୍ମୁଖୀନ ହେଉ ନାହିଁ; ତା'ର ଜିଭ ଉପରେ ସେ କେଡ଼େ ବଡ଼ ବଡ଼ କଥାମାନ ସଜାଇ ରଖିଛି, କେଡ଼େ କେଡ଼େ ଉଚ୍ଚ ଆଦର୍ଶର ବଚନିକା କରୁଛି, ମାତ୍ର ସେଗୁଡ଼ିକ କୌଣସି ଏକ ବିଶେଷ ଦଳର କେତୋଟି ବକ୍ତିମାରେ ପରିଣତ ହୋଇଯିବାକୁ ଆଦୌ ବେଶୀ ଡେରି ଲାଗୁ ନାହିଁ । ଆଧୁନିକ ରାଜନୀତି-ଜୀବନର ରୋଗ ଏବଂ ମିଥ୍ୟାଟି ଏବେ ପୃଥିବୀର ପ୍ରତ୍ୟେକ ଦେଶର ନିଜସ୍ୱ ସମ୍ପତ୍ତିରେ ପରିଣତ ହୋଇ ଗଲାଣି, ଏବଂ ସମ୍ପୃକ୍ତ ସମସ୍ତଙ୍କର, ଏପରିକି ବୁଦ୍ଧିଜୀବୀ ବର୍ଗଗୁଡ଼ିକର ସମ୍ମୋହିତ ନୀରବ ସମ୍ମତିହିଁ ଏକ ବୃହତ୍ ସଂଗଠନବଦ୍ଧ କପଟଚାରଣାର ଆକାର ଧରି ସେହି ବ୍ୟାଧିଟିକୁ କେବଳ ଆଚ୍ଛାଦିତ କରି ରଖିଛି, ସେଇଟିକୁ ଆହୁରି ଅଧିକ ସ୍ଥାୟୀ ହୋଇ ରହିବାରେ ସାହାଯ୍ୟ କରୁଛି; ଯାହାକିଛି ସେମାନଙ୍କର ଅଭ୍ୟାସରେ ପଡ଼ିଯାଉଛି ଓ ଯାହାକିଛି ସେମାନଙ୍କ ଜୀବନର ଏହି ବର୍ତ୍ତମାନ ପରିସ୍ଥିତିଟିକୁ ଗଢ଼ି କରି ରଖିଛି, ସେଗୁଡ଼ିକୁ ଯେ ମଣିଷ ଅବଶ୍ୟ ମାନିନେବ, ଏହି କଥାଟିକୁ ପୂର୍ଣ୍ଣ ସମ୍ମତି ଦିଆଯାଉଛି । ତଥାପି ଏହିଭଳି ମନଗୁଡ଼ିକ ଦ୍ୱାରା ସମସ୍ତଙ୍କର ହିତଟିର ମୀମାଂସା ହେବ ବୋଲି ଅପେକ୍ଷା ରଖାଯାଉଛି, ଏହିଭଳି ହାତଗୁଡ଼ିକରେହିଁ ତାହାର ଦାୟିତ୍ୱଟିକୁ ନ୍ୟସ୍ତ କରିବାକୁ ପଡୁଛି, ଆପଣାକୁ ରାଷ୍ଟ୍ର ବୋଲି କୁହାଉଥିବା ଏହି ମଣ୍ଡଳଟି ପାଖରେହିଁ ବ୍ୟକ୍ତିର ଯାବତୀୟ କ୍ରିୟାକଳାପର ବ୍ୟବସ୍ଥାଟିକୁ ଆଣି ସମର୍ପି ଦେବାକୁ ହେବ ବୋଲି ତାକୁ ଆବେଦନ ଓ ଆହ୍ୱାନ କରାଯାଉଛି । ପ୍ରକୃତ କ୍ଷେତ୍ରଟିରେ ଏହା ଦ୍ୱାରା ଯେ ସମସ୍ତଙ୍କର ଅଧିକତମ ହିତଟି ଉପଲବ୍ଧ ହେଉଛି ସେକଥା ଆଦୌ ନୁହେଁ; ମାତ୍ର ପ୍ରଧାନତଃ ଗୁଡ଼ିଏ ସଂଗଠିତ ଭୁଲ୍ ଓ ଅହିତହିଁ ଉପଲବ୍ଧ ହେଉଛି ଏବଂ ତାହା ସହିତ କେତେକ ପରିମାଣରେ ହିତ ମଧ ସମ୍ଭବ ହେଉଛି, ଯାହାକି ଯଥାର୍ଥ ଅଗ୍ରଗତିର ସହାୟକରୂପେ କାର୍ଯ୍ୟ କରୁଛି; କାରଣ ମନୁଷ୍ୟର ଯାବତୀୟ ଝୁଣ୍ଟିବା ଓ ଭୁଲ୍ କରିବା ସତ୍ତ୍ୱେ ପ୍ରକୃତି ତଥାପି ସତତ ଆଗକୁହିଁ ଯାଉଛି, ଏବଂ ଅଧିକତର କ୍ଷେତ୍ରରେହିଁ ମନୁଷ୍ୟ ମାନସର ସାଧନଗୁଡ଼ିକର ବଳରେ ନୁହେଁ, ମାତ୍ର ତାହାର ଯାବତୀୟ ଅପୂର୍ଣ୍ଣତା ସତ୍ତ୍ୱେ ପ୍ରକୃତି ପରିଶେଷରେ ତଥାପି ଆପଣାର ଲକ୍ଷ୍ୟଗୁଡ଼ିକୁ ହାସଲ କରି ଆଗେଇ ଚାଲିଛି ।

ମାତ୍ର ଶାସନର ବ୍ୟବସ୍ଥାଟି ଯଦି ଏହାଠାରୁ ଟିକିଏ ଅଧିକ ଭଲ ହୋଇ ତିଆରି

'oaob.nitrkl.ac.in' images reprocessed

ହୋଇଥା'ନ୍ତା ଏବଂ ଏଥିରେ ଯଦି ଅପେକ୍ଷାକୃତ ଅଧିକ ଉଚ୍ଚ ସ୍ତରର ମାନସିକ ଏବଂ ନୈତିକ ଚରିତ୍ର ଉପଲବ୍ଧ ହେଉଥା'ନ୍ତା, ଏପରିକି ଆପଣାର ଶାସକବର୍ଗଗୁଡ଼ିକ ଉପରେ କେତେକ ଉଚ୍ଚାଦର୍ଶ ତଥା କେତେକ ଶୃଙ୍ଖଳାକୁ ଜୋର କରି ଲଦିଦେଇ ପ୍ରାଚୀନ ସଭ୍ୟତାଗୁଡ଼ିକରେ ଯାହା ହାସଲ କରିବା ଲାଗି ଚେଷ୍ଟା କରାଯାଉଥିଲା, ଯଦି ସେଇଟିକୁ ସମ୍ଭବ କରିବାର କୌଣସି ବାଟ ବାହାର କରାଯାଇପାରନ୍ତା, ତେବେ ସୁଦ୍ଧା, ରାଷ୍ଟ୍ରର ଧାରଣାଟି ନିଜେ ପ୍ରକୃତରେ ଯାହା ବୋଲି ଛଳନା କରୁଛି, ରାଷ୍ଟ୍ର କଦାପି ତାହା ହୋଇ ପାରନ୍ତା ନାହିଁ । ସୈଦ୍ଧାନ୍ତିକ ସ୍ତରରେ ରାଷ୍ଟ୍ରକୁ ଜନଗଣଙ୍କର ସମ୍ମିଳିତ ବିବେକ ଓ ସମ୍ମିଳିତ ବଳ ବୋଲି କୁହାଯାଉଛି, ସେହି ବିବେକ ଓ ଶକ୍ତିକୁ ସମସ୍ତଙ୍କର ହିତ ଲାଗି ରାଷ୍ଟ୍ରର ମାଧ୍ୟମରେହିଁ ଉପଲବ୍ଧ ଓ ସଂଗଠିତ କରି ରଖାଯାଇଛି ବୋଲି କୁହାଯାଉଛି । ମାତ୍ର ବ୍ୟାବହାରିକ କ୍ଷେତ୍ରରେ, ଯାହା ପ୍ରକୃତରେ ଇଞ୍ଜିନ୍‌ଟିକୁ ଆୟତ୍ତାଧୀନ କରି ରଖିଛି ଓ ଗାଡ଼ିଟିକୁ ଚଳାଉଛି, ସେଇଟି ଏପରି ଭାବରେ ନିୟନ୍ତ୍ରିତ ହୋଇ ରହିଛି ଯେ ରାଷ୍ଟ୍ର-ସଂଗଠନର ବିଶେଷ ଯନ୍ତ୍ରଟି କେବଳ ଯେତିକିଟିକୁ ଉପରକୁ ଆସିବା ଲାଗି ଅନୁମତି ଦେଉଛି, ସମୂହ ମଧ୍ୟରେ ରହିଥିବା ବୁଦ୍ଧି ଓ ଶକ୍ତିର କେବଳ ସେତିକି ଅଂଶହିଁ ଏହି କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରୁଛି । ମାତ୍ର ସେହି ଯତ୍‌କିଞ୍ଚିତ୍ ଅଂଶଟି ମଧ୍ୟ ଯନ୍ତ୍ରଟିର ଖୋପ ଭିତରେ ଆସି ପଡ଼ିଯାଉଛି, ତାହା ଦ୍ୱାରା ବାଧାପ୍ରାପ୍ତ ହେଉଛି ଏବଂ ତାହାରି ଫଳରେ ଉତ୍ପନ୍ନ ହେଉଥିବା ଅତ୍ୟଧିକ ପରିମାଣର ନିର୍ବୋଧତା ଏବଂ ସ୍ୱାର୍ଥକାମୀ ଦୁର୍ବଳତା ଦ୍ୱାରା ମଧ୍ୟ ତାହା ବାଧାପ୍ରାପ୍ତ ହେଉଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଉପସ୍ଥିତ ପରିସ୍ଥିତିରେ ଏତିକିରୁ ଅଧିକ କଦାପି ସମ୍ଭବ ହୁଅନ୍ତା ନାହିଁ; ଏବଂ ପ୍ରକୃତି ଯାହା ସବୁବେଳେ କରିଥାଏ, ଏତିକିଟିକୁ ମଧ୍ୟ ସେ ଯଥାସମ୍ଭବ ଅଧିକ ପ୍ରକୃଷ୍ଟ ଭାବରେ କାର୍ଯ୍ୟରେ ଲଗାଇବାକୁ ପ୍ରୟାସ କରୁଛି । ମାତ୍ର ରାଷ୍ଟ୍ର ଯାହା କରିପାରୁ ନାହିଁ, ଅପେକ୍ଷାକୃତ କମ୍ ପାଶଗ୍ରସ୍ତ ହୋଇ ରହିଥିବା ବ୍ୟକ୍ତି-ଚେଷ୍ଟା ତାହାକୁ କରିବା ଲାଗି ଯଦି ଆଦୌ କୌଣସି କ୍ଷେତ୍ର ଅବଶେଷ ରହି ନ ଥା'ନ୍ତା, ଯେଉଁସବୁ ପ୍ରୟାସ କରି ପାରିବାଲାଗି ରାଷ୍ଟ୍ରର କଦାପି କୌଣସି ବିବେକ ବା ସାହସ କେବେହେଲେ ହେବ ନାହିଁ, ସମୁଦାୟର ସର୍ବୋତ୍କୃଷ୍ଟ ବ୍ୟକ୍ତିମାନଙ୍କର ନିଷ୍ଠା, ଶକ୍ତି ଓ ଆଦର୍ଶବତ୍ତାକୁ ସଞ୍ଚାଳିତ କରି ଓ କାମରେ ଲଗାଇ ଯଦି ସେହି ପ୍ରୟାସମାନ କରିବା ଲାଗି କୌଣସି କ୍ଷେତ୍ର ମୁକ୍ତ ନ ଥା'ନ୍ତା, ତେବେ ସ୍ଥିତିଟି ଆହୁରି ଅଧିକ ଶୋଚନୀୟ ହୋଇ ରହିଥା'ନ୍ତା; ସମୂହର ଏକ ରକ୍ଷଣଶୀଳତା ଓ ଅସମର୍ଥତା ଯାହାକୁ ହୁଏତ ଅସାଧିତ ରଖି ଛାଡ଼ି ଆସୁଥା'ନ୍ତା ଅଥବା ତାହାକୁ ସକ୍ରିୟ ଭାବରେ ଦବାଇ ଦେଉଥା'ନ୍ତା କିଂବା ସକ୍ରିୟ ଭାବରେ ତାହାର ବିରୁଦ୍ଧାଚରଣ କରୁଥା'ନ୍ତା, ତାହାକୁ ବ୍ୟକ୍ତିର ପ୍ରୟାସ ଦ୍ୱାରା କରିବା ଲାଗି ଆଦୌ କୌଣସି ଅବସର ନ ଥିଲେ ଅବସ୍ଥା

'oaob.nitrkl.ac.in' images reprocessed

ଆହୁରି ଖରାପ ହୋଇ ପଡୁଥା'ନ୍ତା । ଏହି ବ୍ୟକ୍ତିଶକ୍ତିକୁହିଁ ଆମେ ସାମୂହିକ ଅଗ୍ରଗତିର ପ୍ରକୃତରେ ଫଳଦାୟକ ହୋଇ ରହିଥିବା ଏକ କାରଣ ବୋଲି କହିବା । ଅନେକ ସମୟରେ ରାଷ୍ଟ୍ର ଏହି ବ୍ୟକ୍ତିଶକ୍ତିର ସହାୟକ ରୂପେ କାର୍ଯ୍ୟ କରିବାକୁ ଆସିଥାଏ, ଏବଂ ତାହାର ସେହି ସାହାଯ୍ୟଟି ଯଦି ପ୍ରକୃତରେ କୌଣସି ଅନୁଚିତ ନିୟନ୍ତ୍ରଣ ଆଡ଼କୁ ମନ ନ ବଳାଏ, ତେବେ ତାହା ଏକ ପ୍ରକୃତରେ ଉପଯୋଗୀ ଉଦ୍ଦେଶ୍ୟର ପରିପୂରଣ କରିଥାଏ । ଅନେକ ସମୟରେ ତାହା ଏକ ପ୍ରତିବନ୍ଧକ ପରି ବି କାର୍ଯ୍ୟ କରୁଥାଏ ଏବଂ ତା'ପରେ ଅଗ୍ରଗତିକୁ ଅଟକାଇ ରଖିବାର ଏକ କାରଣ ହୋଇ ପଡୁଥାଏ ବା ଏକ ନିର୍ଦ୍ଦିଷ୍ଟ ଆକୃତି ଗ୍ରହଣ କରି ଆସିବାର ପ୍ରକ୍ରିୟାଟି ମଧ୍ୟଦେଇ ଗତି କରୁଥିବା ନୂତନ ବସ୍ତୁଟିକୁ ଅଧିକତର ଶକ୍ତି ତଥା ଏକ ପୂର୍ଣ୍ଣତର ଆକୃତି ଦେବା ଲାଗି ସର୍ବଦା ଆବଶ୍ୟକ ହେଉଥିବା ସେହି ପ୍ରୟୋଜନୀୟ ପରିମାଣର ସଂଗଠିତ ବିରୋଧ ଏବଂ ସଂଘାତଟିକୁ ମଧ୍ୟ ଆଣି ଯୋଗାଇ ଦେଇଥାଏ । ମାତ୍ର ବର୍ତ୍ତମାନ ଆମେ ଏପରି ଏକ ସଂଗଠିତ ରାଷ୍ଟ୍ରଶକ୍ତି ଏବଂ ଏକ ପ୍ରକାଣ୍ଡ ଅପ୍ରତିରୋଧ୍ୟ ଏବଂ ଅତିଜଟିଳ ରାଷ୍ଟ୍ରୀୟ କ୍ରିୟାଶୀଳତାର ଅତିଶୟତା ଆଡ଼କୁ ମୁହାଁଇ ହୋଇ ଗତି କରିବାରେ ଲାଗିଛୁ ଯେ ତାହା ହୁଏତ ମୁକ୍ତ ଯାବତୀୟ ବ୍ୟକ୍ତି-ପ୍ରୟାସକୁ ପୂରାପୂରି ବିଲୁପ୍ତ କରିଦେବ ବା ତାହାକୁ ଅତିମାତ୍ରାରେ ଖର୍ବ କରି ପକାଇବ ଓ ନିଃସହାୟ କରି ରଖିବ ବୋଲି ପରିପୂର୍ଣ୍ଣ ଆଶଙ୍କା ରହିଛି । ରାଷ୍ଟ୍ରଯନ୍ତ୍ରର ସକଳ ଦୋଷ, ଅଭାବ ଏବଂ ଅପାରଗତା ଲାଗି ବର୍ତ୍ତମାନ ଯେତିକି ଆବଶ୍ୟକ ପ୍ରତିବିଧାନମାନ ଉପଲବ୍ଧ ହୋଇପାରୁଛି, କ୍ରମେ ସେଗୁଡ଼ିକ ମଧ୍ୟ ଅନ୍ତର୍ହିତ ହୋଇ ରହିବ ବୋଲି ମନେ ହେଉଛି ।

ସଂଗଠିତ ରାଷ୍ଟ୍ରକୁ ଆମେ କୌଣସି ଜାତିର ସର୍ବଶ୍ରେଷ୍ଠ ମାନସ ବୋଲି କହିପାରିବା ନାହିଁ ବା ଏପରିକି ଏହାକୁ ସମୂହସ୍ଥ ଶକ୍ତିଗୁଡ଼ିକର ଏକ ସମଷ୍ଟି ବୋଲି ମଧ୍ୟ କୁହାଯାଇ ପାରିବ ନାହିଁ । ମହତ୍ତ୍ୱପୂର୍ଣ୍ଣ ଅନେକ ସଂଖ୍ୟାଲଘୁ ଗୋଷ୍ଠୀର କର୍ମ-ଶକ୍ତି ଓ ଚିନ୍ତାଶୀଳ ମାନସକୁ ରାଷ୍ଟ୍ର ଆପଣାର ସଂଗଠିତ କ୍ରିୟାକଳାପର କ୍ଷେତ୍ରଟି ମଧ୍ୟରୁ ବହିଷ୍କୃତ କରି ରଖିଥାଏ, ସେଇଟିକୁ ସେ ଦବାଇରଖେ ଅଥବା ଅନୁଚିତ ଭାବରେ ହତୋତ୍ସାହିତ କରି ପକାଇବାରେ ରତ ହୋଇ ରହିଥାଏ । ବର୍ତ୍ତମାନର ସ୍ଥିତିଟି ମଧ୍ୟରେ ଯାହାକିଛି ସର୍ବଶ୍ରେଷ୍ଠ ଓ ସର୍ବୋତ୍କୃଷ୍ଟର ପ୍ରତିନିଧିତ୍ୱ କରୁଥାଏ ଏବଂ ଯାହାକିଛି ଭବିଷ୍ୟତ ଲାଗି ବିକଶିତ ହେବାରେ ଲାଗିଥାଏ, ରାଷ୍ଟ୍ର ତାହାକୁହିଁ ଆପଣାର ପରିସରଟି ମଧ୍ୟରୁ ବାହାରେ ରଖିବାକୁ ଚେଷ୍ଟା କରେ, ସେଇଟିକୁ ଦବାଇଦିଏ ଓ ହତୋତ୍ସାହିତ କରି ରଖେ । ଯେଉଁ ସର୍ବୋଚ୍ଚ ଶ୍ରେଷ୍ଠସୀମା ଲାଗି ଯାଇପାରିବାକୁ ସମୂହର ସମର୍ଥତା ରହିଥାଏ, ସାମୂହିକ ଏକ ଅହଂରୂପେ ତାହାର ସ୍ଥାନ ବହୁ ନିମ୍ନରେ ବିଚରଣ କରୁଥାଏ । ସମୂହର ଜୀବନରେ ରହିଥିବା ଅନ୍ୟାନ୍ୟ ଅହଂଗୁଡ଼ିକ ସହିତ ଆପଣାର ସମ୍ବନ୍ଧଟିର କ୍ଷେତ୍ରରେ ଏହି ବିଶେଷ ଅହଂଟି ପ୍ରକୃତରେ

'oaob.nitrkl.ac.in' images reprocessed

କିପରି ଆକାର ଓ ପ୍ରକୃତି ଧାରଣ କରି ରହିଥାଏ, ସେକଥା ଆମେ ସମସ୍ତେ ଜାଣିଛୁ ଏବଂ ଏହାର ସେହି କୁତ୍ସିତ ସ୍ୱରୂପଟି ଅଧୁନା ମନୁଷ୍ୟଜାତିର ଭବିଷ୍ୟଦୃଷ୍ଟି ତଥା ବିବେକଶକ୍ତି ଉପରେ ପ୍ରାୟ ଜବରଦସ୍ତି ଭାବରେ ଆପଣାକୁ ଆଣି ଲଦି ଦେଇଛି । ବ୍ୟକ୍ତିର ସାଧାରଣତଃ ଅନ୍ତତଃ ଆତ୍ମା ବୋଲି ଗୋଟିଏ ପଦାର୍ଥ ରହିଛି, ଏବଂ, ଯେକୌଣସି ପରିସ୍ଥିତିରେ ହେଉ ପଛକେ, ଏକ ନୀତି-ସଂହିତା ଓ ନୈତିକି ବୋଧ ଦ୍ୱାରା ସେ ଆତ୍ମାର ଅଭାବଗୁଡ଼ିକର ପୂରଣ କରିବାକୁ ଚେଷ୍ଟା କରୁଛି ଏବଂ ସମାଜର  ମତାମତ ପ୍ରତି ତା'ର ରହିଥିବା ଭୟଟି ଦ୍ୱାରା ସେ ଏଗୁଡ଼ିକର ଅଭାବର ପରିପୂରଣ କରୁଛି । ଏବଂ ସେତିକି ମଧ୍ୟ ପାଳନ କରି ନ ପାରିଲେ ଆପଣା ଗୋଷ୍ଠୀରେ ରହିଥିବା ନିୟମଗୁଡ଼ିକୁ ଭୟ କରି ସେ ସେହି ଅଭାବଟିର ପୂରଣ କରୁଛି ଏବଂ ସାଧାରଣତଃ ତାକୁ ସେହି ନିୟମଗୁଡ଼ିକୁ ପାଳନ କରିବାକୁ ହେଉଛି ଅଥବା ଅନ୍ତତଃ ସେଗୁଡ଼ିକୁ ଫାଙ୍କି ଦେବାକୁ ପଡୁଛି । ଏବଂ ସେଗୁଡ଼ିକୁ ଫାଙ୍କି ଦେବାରେ ଯେଉଁ ଅସୁବିଧାମାନ ରହିଛି, ସେଇଟି ମଧ୍ୟ ସବୁଠାରୁ ଅଧିକ ହିଂସାକୁ ବା ସବୁଠାରୁ ଅଧିକ ଚତୁର କେତେଜଣଙ୍କୁ ଛାଡ଼ିଦେଲେ ଆଉ ସମସ୍ତଙ୍କ ପାଇଁ ଏକ ନିୟନ୍ତ୍ରକ ରୂପେ ଅବଶ୍ୟ କାର୍ଯ୍ୟ କରୁଛି । ମାତ୍ର ରାଷ୍ଟ୍ରପାଖରେ ସର୍ବାଧିକ ପରିମାଣର କ୍ଷମତା ନ୍ୟସ୍ତ ହୋଇ ରହିଛି ଏବଂ ତାକୁ କୌଣସି ପ୍ରକାରର ଅନ୍ତର୍ଗତ ନୈତିକ କୁଣ୍ଠିତତା ଦ୍ୱାରା କଦାପି ବାଧାପ୍ରାପ୍ତ ହେବାକୁ ପଡୁ ନାହିଁ, କୌଣସି ପ୍ରକାର ବାହ୍ୟ ବାରଣ ବା ଶାସନ ମାନି ରହିବାକୁ ପଡୁ ନାହିଁ । ରାଷ୍ଟ୍ରର କୌଣସି ଆତ୍ମା ନାହିଁ, ବା ଯଦି ଅଛି, ତାହା କେବଳ ଏକ ଅତ୍ୟନ୍ତ ଅଳ୍ପବିକଶିତ ସ୍ତରରେ ରହିଛି । ରାଷ୍ଟ୍ରର ଶକ୍ତି ହେଉଛି ଏକ ସାମରିକ ଶକ୍ତି, ଏକ ରାଜନୀତିକ ଓ ଅର୍ଥନୈତିକ ଶକ୍ତି । ମାତ୍ର ଏହାକୁ ଆଦୌ ଯଦି ଏକ ବୁଦ୍ଧି ଦ୍ୱାରା ପ୍ରେରିତ ବା ନୈତିକ ବୋଧ ଦ୍ୱାରା ସମ୍ପନ୍ନ ସତ୍ତା ବୋଲି କୁହାଯିବ, ତେବେ ଅବଶ୍ୟ କହିବାକୁ ହେବ ଯେ ଏହିସବୁ କ୍ଷେତ୍ରରେ ତାହା ଅତ୍ୟନ୍ତ ସାମାନ୍ୟ ଓ ଅବିକଶିତ ସ୍ତରରେହିଁ  ରହିଛି । ଏବଂ ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଯେ ଆପଣାର ସେହି ଅବିକଶିତ ଯତ୍‌କିଞ୍ଚିତ୍ ବୁଦ୍ଧିଶକ୍ତିକୁ ତାହା ଆପଣାର ଦୁର୍ବିକଶିତ ନୀତିଗତ ବିବେକଟିକୁ କେତେ ନା କେତେ ତୁଚ୍ଛା କଳ୍ପନା, ପ୍ରଚାର ଲାଗି ଉଦ୍ଦିଷ୍ଟ କେତେଟା ଧ୍ୱନି ଏବଂ ଏବେ କେତେ ପ୍ରକାରର ରାଷ୍ଟ୍ର-ଦର୍ଶନ ଦ୍ୱାରା ଆହୁରି ଦନ୍ତଡ଼ା କରିଦେବାରେହିଁ ମୁଖ୍ୟତଃ ବ୍ୟବହାର କରିବାରେ ଲାଗିଛି । ସମୂହ ବା ସମୁଦାୟଟି ମଧ୍ୟରେ ବାସ କରୁଥିବା ମଣିଷକୁ ଆମେ ଅନ୍ତତଃ ଗୋଟିଏ ଅର୍ଦ୍ଧ-ସଭ୍ୟ ପ୍ରାଣୀ ବୋଲି କହିପାରିବା, ମାତ୍ର ଜାତି ଜାତି ମଧ୍ୟରେ ରହିଥିବା ତା'ର ସମ୍ବନ୍ଧଟିର ଅସ୍ତିତ୍ୱ-କ୍ଷେତ୍ରରେ ସେ ଏ ପର୍ଯ୍ୟନ୍ତ କେବଳ ଆଦିମ ହୋଇହିଁ ରହିଛି । ଅନ୍ୟ ଜାତିଗୁଡ଼ିକ ସହିତ ରହିଥିବା ଆପଣାର ସମ୍ବନ୍ଧ ସ୍ତରରେ ସଂଗଠିତ ଜାତି ଏବେସୁଦ୍ଧା କେବଳ ଗୋଟିଏ ହିଂସ୍ର ଜନ୍ତୁ ହୋଇ ରହିଥିଲା; ତା'ର ଲୋଲୁପତା କେବଳ ବାହ୍ୟ ଘଟଣାବଳୀ ଦ୍ୱାରା

'oaob.nitrkl.ac.in' images reprocessed

ନ୍ନିବ. ୬୪୪୮୬୩
- ୩୮୪

ପୂର୍ଣ୍ଣତୁଷ୍ଟ ଅଥବା ହତୋତ୍ସାହିତ ହୋଇ ରହିଥିବାବେଳେହିଁ ସୁପ୍ତ ଅବସ୍ଥାରେ ରହୁଥିଲା, ମାତ୍ର ତାହାହିଁ ତାହାର ଜୀବନଧାରଣ କରି ରହିବାର ସର୍ବପ୍ରଧାନ କାରଣ ବା ପ୍ରେରକ ହୋଇ ରହିଥିଲା । ଅନ୍ୟମାନଙ୍କୁ ଗ୍ରାସ କରି ଆପଣାର ସଂରକ୍ଷଣ ତଥା ପ୍ରସାରଣ କରିବାହିଁ ଏହାର ଧର୍ମ ହୋଇ ରହିଥିଲା । ବର୍ତ୍ତମାନ ଯେ ତାହାର ସେହି ରୀତିଟିରେ କୌଣସି ପ୍ରକୃତ ପରିବର୍ତ୍ତନ ଘଟିଛି, ସେକଥା ଆଦୌ କୁହାଯାଇ ପାରିବ ନାହିଁ; ଏହି କ୍ଷେତ୍ରରେ କେବଳ ଏତିକିମାତ୍ର ସତ୍ୟ ରହିଛି ଯେ ଏବେ ଗ୍ରାସ କରିବାରେ ଆଗ ତୁଳନାରେ ଅଧିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ବର୍ତ୍ତମାନ ମଧ୍ୟ ଏକ ''ପବିତ୍ର ଅହଂଭାବନା''ହିଁ ଜାତିଗୁଡ଼ିକର ଆଦର୍ଶ ହୋଇ ରହିଛି, ଏବଂ ସେହି କାରଣରୁ ଦସ୍ୟୁ ରାଷ୍ଟ୍ରଶକ୍ତିର ପଥରୋଧ କରିବା ଲାଗି ଜନମତର କ୍ଷେତ୍ରରେ ଆଦୌ କୌଣସି ଯଥାର୍ଥ ଏବଂ ସନ୍ଦୀପିତ ଚେତନା ନାହିଁ ଅଥବା ପ୍ରକୃତରେ ଫଳପ୍ରସୂ ହୋଇପାରିବା ଭଳି କୌଣସି ଆନ୍ତର୍ଜାତିକ ନିୟମ ମଧ୍ୟ ନାହିଁ । ସର୍ବତ୍ର କେବଳ ପରାଜୟର ଭୟଟାହିଁ ରହିଛି, ଏବଂ ଏବେ ଏକ ବିନାଶକାରୀ ଆର୍ଥିକ ବିଘଟନର ଭୟ ମଧ୍ୟ ଅନୁଭୂତ ହେବାକୁ ଆରମ୍ଭ କଲାଣି । ମାତ୍ର ଏହିସବୁ ପ୍ରତିବନ୍ଧକ ଯେ ପ୍ରକୃତରେ ଫଳପ୍ରଦ ହେବ ନାହିଁ, ତାହା ଦେଖାଇ ଦେବା ଲାଗି ଆମ ପାଖରେ ଦୃଷ୍ଟାନ୍ତ ପରେ ଦୃଷ୍ଟାନ୍ତ ମହଜୁଦ ହୋଇ ରହିଛି ।

ଏକଦା ଏହି ପ୍ରଚଣ୍ଡ ରାଷ୍ଟ୍ରୀୟ ଅହଂଚାରିତା ଆପଣାର ବାହ୍ୟ ସମ୍ବନ୍ଧଗୁଡ଼ିକର ତୁଳନାରେ ଆପଣାର ଅନ୍ତର୍ଗତ ଜୀବନରେ ଅପେକ୍ଷାକୃତ କିଞ୍ଚିତ୍ ଅଧିକ ଭଲ ହୋଇ ରହିଥିଲା* । ସେତେବେଳେ ରାଷ୍ଟ୍ର ଅତ୍ୟନ୍ତ ନୃଶଂସ ଥିଲା, ଲୋଲୁପ ଥିଲା, ଧୂର୍ତ୍ତ ଓ ଅତ୍ୟାଚାରୀ ଥିଲା, କୌଣସି ପ୍ରକାର ସ୍ୱାଧୀନ କ୍ରିୟାକୁ ସହି ପାରୁ ନ ଥିଲା, ସ୍ୱାଧୀନ ମତପ୍ରକାଶ ଏବଂ ସ୍ୱାଧୀନ କଥାକୁ ସହ୍ୟ କରୁ ନ ଥିଲା, ଏପରିକି ଧର୍ମର କ୍ଷେତ୍ରରେ ମଧ୍ୟ ବିବେକର କୌଣସିପ୍ରକାର ସ୍ୱାଧୀନତା ଲାଗି ବଡ଼ ଅସହିଷ୍ଣୁ ହୋଇ ରହିଥିଲା; ବାହାରେ ଥିବା ଦୁର୍ବଳ ଅନ୍ୟଜାତିମାନଙ୍କର ଆକ୍ରମଣ କଲାପରି ଆପଣା ଭିତରେ ରହିଥିବା ବ୍ୟକ୍ତି ଓ ବର୍ଗମାନଙ୍କୁ ଆକ୍ରମଣ କରିବାରେ ଲାଗିଥିଲା । ଯେଉଁ ସମୂହଟିକୁ ଆହାର ପରି ବ୍ୟବହାର କରି ରାଷ୍ଟ୍ର ଜୀବନ ଧାରଣ କରୁଥିଲା, ମୋଟାମୋଟି ଭାବରେ ସେହି ସମୂହକୁ ଜିଆଇ ରଖିବା ଏବଂ ସମ୍ପଦଶାଳୀ ଓ ସବଳ କରି ରଖିବାର ପ୍ରୟୋଜନହିଁ ତାହାର କାର୍ଯ୍ୟଟିକୁ

---

* ଏଠାରେ ମୁଁ ପ୍ରାଚୀନ ଓ ଆଧୁନିକ କାଳର ମଧ୍ୟବର୍ତ୍ତୀ ହୋଇ ରହିଥିବା ଯୁଗଟିର କଥା କହୁଛି । ପ୍ରାଚୀନ କାଳରେ ଅନ୍ତତଃ କେତୋଟି ଦେଶରେ ସମୂହର ଜୀବନ ବିଷୟରେ ରାଷ୍ଟ୍ରର କେତୋଟି ଆଦର୍ଶ ଥିଲା, ଏକ ବିବେକ ମଧ୍ୟ ଥିଲା; ମାତ୍ର ଅନ୍ୟାନ୍ୟ ରାଷ୍ଟ୍ରଗୁଡ଼ିକ ସହିତ ତାହାର ବ୍ୟବହାରରେ ଏସବୁ ପ୍ରାୟ କିଛିହେଲେ ନ ଥିଲା ।

'oaob.nitrkl.ac.in' images reprocessed

ଆଂଶିକ ଓ ଅଶୋଧିତ ଭାବରେ ହିତକାରୀ କରି ରଖିଥିଲା । କେତେକ ଦିଗରେ ଅବସ୍ଥା ଆହୁରି ଅଧିକ ଖରାପ ହୋଇଥିଲେ ମଧ୍ୟ ଏହି ଆଧୁନିକ ଯୁଗରେ ପୂର୍ବର ସେହି ଅବସ୍ଥାରେ ଅନେକ ଉନ୍ନତି ହୋଇଛି । ସମୂହର, ଏବଂ ଏପରିକି ସକଳ ବ୍ୟକ୍ତିଙ୍କର ସାଧାରଣ ଆର୍ଥିକ ତଥା ଭୌତିକ କଲ୍ୟାଣକୁ ସୁସଂଗଠିତ କରି ରଖି ଆପଣା ଅସ୍ତିତ୍ୱର ଔଚିତ୍ୟ ପ୍ରମାଣ କରିବା ଲାଗି ଯେ ଏକ ଆବଶ୍ୟକତା ରହିଛି, ରାଷ୍ଟ୍ର ଏବେ ସେହି କଥା ବୁଝିବାକୁ ଆରମ୍ଭ କରୁଛି । ସମୁଦାୟ ସମୂହଟିର ବୌଦ୍ଧିକ ତଥା ପରୋକ୍ଷ ଭାବରେ ନୈତିକ ବିକାଶ ଲାଗି ଯେ ଅବଶ୍ୟ ଏକ ଅବସର ଯୋଗାଇ ଦେବାକୁ ପଡ଼ିବ, କ୍ରମେ ରାଷ୍ଟ୍ର ସେ କଥାର ପ୍ରୟୋଜନଟିକୁ ହୃଦୟଙ୍ଗମ କରୁଛି । ଏକ ବୁଦ୍ଧିପ୍ରେରିତ ଏବଂ ନୀତି ଦ୍ୱାରା ଚାଳିତ ହେଉଥିବା ଏକ ସତ୍ତାରୂପେ ବିକଶିତ ହୋଇପାରିବା ଲାଗି ରାଷ୍ଟ୍ରର ପ୍ରୟାସକୁ ଆମେ ଆଧୁନିକ ସଭ୍ୟତାର ଏକ ଭାରି ଆଗ୍ରହୋଦ୍ଦୀପକ ପ୍ରସଙ୍ଗ ବୋଲି କହିପାରିବା । ଏପରିକି, ଏହାର ବାହ୍ୟ ସମ୍ବନ୍ଧଗୁଡ଼ିକର କ୍ଷେତ୍ରରେ ମଧ୍ୟ ରାଷ୍ଟ୍ରକୁ ବୁଦ୍ଧି ଦ୍ୱାରା ଚାଳିତ ଏବଂ ନୀତି ଦ୍ୱାରା ଉଦ୍‌ବୋଧିତ କରି ରଖିବାର ପ୍ରୟୋଜନଟିକୁ ମଧ୍ୟ ଇଉରୋପକୁ ସମ୍ମୁଖୀନ ହେବାକୁ ପଡ଼ିଥିବା ବିପର୍ଯ୍ୟୟଟି ଫଳରେ ମନୁଷ୍ୟ ଜାତିର ବିବେକବୋଧଟି ଉପରେ ଜୋର କରି ଆଣି ଲଦି ଦିଆଯାଇଛି । ମାତ୍ର ଆପଣାର ନୂତନ ଆଦର୍ଶଗୁଡ଼ିକ ଓ ନୂତନ ସମ୍ଭାବନାଗୁଡ଼ିକ ବିଷୟରେ ଅଧିକ ସ୍ପଷ୍ଟ ଭାବରେ ସଚେତନ ହେଉଥିବା ସଙ୍ଗେ ସଙ୍ଗେ ରାଷ୍ଟ୍ର କ୍ରମଶଃ ବ୍ୟକ୍ତି-ଜୀବନର ସ୍ୱାଧୀନ କ୍ରିୟାସକଳକୁ ଆତ୍ମସାତ୍ କରି ନେବାକୁ ଦାବି କରିବାରେ ଲାଗିଛି, ଏବଂ ଅତି କମ୍‌ରେ ଏହି ବିଷୟରେ ତଥାପି ଏତିକି କୁହାଯାଇ ପାରିବ ଯେ ଏହି ଦାବିଟିକୁ କେବଳ ଏକ ଅକାଳୋଚିତ ଦାବି ବୋଲି କୁହାଯିବ, ଏବଂ ଯଦି ଏହି ଦାବିଟିକୁ ପରିତୃପ୍ତ କରାଯାଏ, ତେବେ ତାହା ନିଃସନ୍ଦେହ ଭାବରେ ପରିଶେଷରେ ମନୁଷ୍ୟ-ପ୍ରଗତି ଲାଗି ଏକ ବାଧା ପରିହିଁ କାର୍ଯ୍ୟ କରିବ; ରୋମ୍ ସାମ୍ରାଜ୍ୟ ପ୍ରତିଷ୍ଠିତ ହେବା ପରେ ଗ୍ରୀକ୍-ରୋମାନ୍ ଜଗତ ଯେଉଁ ଗତିହୀନତା ଦ୍ୱାରା ଏକାବେଳେକେ ଗ୍ରସ୍ତ ହୋଇ ପଡ଼ିଥିଲା, ସେହିପରି ବଡ଼ ଆରାମଦାୟକ ଭାବରେ ସୁସଂଗଠିତ ହୋଇ ରହିଥିବା ଏକ ଗତିହୀନତା ଆସି ମନୁଷ୍ୟର ଭାଗ୍ୟକୁ ଗ୍ରାସ କରିପକାଇବ ।

ଆପଣାର ବେଦୀଟି ଉପରେ ବ୍ୟକ୍ତି ଆପଣାକୁ ପୂରାପୂରି ଆସି ବଳି ଦେଇଦେଉ ବୋଲି ଏବଂ ତା'ର ଯାବତୀୟ ସ୍ୱାଧୀନ କ୍ରିୟାକଳାପକୁ ଏକ ସୁସଂଗଠିତ ସାମୂହିକ କର୍ମକର୍ତ୍ତବ୍ୟ ମଧ୍ୟରେ ଆଣି ସମର୍ପିତ କରିଦେଉ ବୋଲି ରାଷ୍ଟ୍ର ବ୍ୟକ୍ତିକୁ ଯେଉଁ ଆହ୍ୱାନ ଦେବାରେ ଲାଗିଛି, ଆମେ ଏହି କାରଣରୁ ତାହାକୁ ଆମର ଉଚ୍ଚତମ ଆଦର୍ଶଗୁଡ଼ିକ ଆମ ପାଖରୁ କରୁଥିବା ଦାବିଗୁଡ଼ିକଠାରୁ ନିଶ୍ଚୟ ଏକ ସଂପୂର୍ଣ୍ଣ ପୃଥକ୍ ବସ୍ତୁ ବୋଲି କହିବା । ଏହାର ପ୍ରକୃତ ଅର୍ଥ ହେଉଛି ଯେ ଆମେ ବ୍ୟକ୍ତିଗତ ଅହଂଦୃଷ୍ଟିଟିର ବର୍ତ୍ତମାନ ରୂପଟିର

'oaob.nitrkl.ac.in' images reprocessed

ବଦଳରେ ଆଉ ଗୋଟିଏ ପ୍ରକାରର ଅହଂଦୃଷ୍ଟିକୁ ଯାଇ ଆଦରିନେବା, ଅର୍ଥାତ୍ ତାହାର ଏକ ସାମୂହିକ ରୂପଟିକୁ ଆଦରିନେବା, ଆଉ ରୂପଟି ତୁଳନାରେ ଅଧିକ ବଡ଼ ହୋଇଥିଲେ ମଧ ଏହି ରୂପଟି ଆଦୌ ଅଧିକ ବରିଷ୍ଠ ନୁହେଁ, ବରଂ ଅନେକ ଦୃଷ୍ଟିରୁ ପୂର୍ବର ସେହି ବ୍ୟକ୍ତିସ୍ତରୀୟ ଅହଂବାଦର ସର୍ବଶ୍ରେଷ୍ଠ ପରିଣତ ରୂପଟି ତୁଳନାରେ ଏହାକୁ ପ୍ରକୃତରେ ବେଶ୍ ଏକ ନିମ୍ନତର ସ୍ତରର ବୋଲି କୁହାଯାଇପାରିବ । ଏକ ପରାର୍ଥପର ଆଦର୍ଶ, ଆତ୍ମୋତ୍ସର୍ଗର ସାଧନା, ଆମର ସହଚାରୀ ଅନ୍ୟ ମନୁଷ୍ୟମାନଙ୍କ ସହିତ ଉତ୍ତରୋତ୍ତର ବୃଦ୍ଧି ପାଉଥିବା ଏକ ଏକାତ୍ମକତାର ବୋଧ, ଏବଂ ସମଗ୍ର ମନୁଷ୍ୟଜାତି ମଧରେ ଯେ କ୍ରମଶଃ ଗୋଟିଏ ଆତ୍ମବିକାଶ ଲାଭ କରିବାରେ ଲାଗିଛି, ଏହି ବିଷୟରେ ଏକ ଅନ୍ତର୍ଗତ ଅନୁଭବ,— ଏଗୁଡ଼ିକ ବିଷୟରେ କେହି କଦାପି କୌଣସି ଆପତ୍ତି କରିବ ନାହିଁ । ମାତ୍ର ରାଷ୍ଟ୍ରର ଅନ୍ତର୍ଗତ ହୋଇ ରହିବାକୁ ଯାଇ ଯେ ମନୁଷ୍ୟ ତା'ର ଆତ୍ମାଟିକୁ ହରାଇ ବସିବ, ଏହି ତୁଙ୍ଗ ଆଦର୍ଶଗୁଡ଼ିକ କଦାପି ସେକଥାକୁ ବୁଝାଉ ନାହାନ୍ତି, ବା ଏହିପରି ଏକ ମାର୍ଗରେ ଯାଇ କଦାପି ସେହି ଆଦର୍ଶଗୁଡ଼ିକର ଉପଲବ୍ଧି ହୋଇପାରିବ ନାହିଁ । ଆପଣାକୁ କିପରି ଦବାଇ ରଖିବାକୁ ହୁଏ ବା କିପରି ଖଣ୍ଡଖଣ୍ଡ କରିଦେବାକୁ ହୁଏ,ମନୁଷ୍ୟ ସେକଥାଟିକୁ କଦାପି ଶିଖିବ ନାହିଁ; ମନୁଷ୍ୟଜାତିର ପରିପୂର୍ଣ୍ଣତା ମଧରେ ସେ ନିଜର ପରିପୂର୍ଣ୍ଣତାଟିକୁ ମଧ ହାସଲ କରି ଶିଖିବ । ଠିକ୍ ଯେପରି ସେ ଆପଣାର ଅହଂଟିକୁ ଖଣ୍ଡ ଖଣ୍ଡ କରି ପକାଇବାକୁ ବା ନଷ୍ଟ କରିଦେବାକୁ କଦାପି ଶିଖିବ ନାହିଁ, ମାତ୍ର ତାହାର ସଂକୀର୍ଣ୍ଣ ସୀମାଗୁଡ଼ିକ ମଧରୁ ତାହାକୁ ସଂପ୍ରସାରିତ କରିଆଣି ଏବଂ ସେ ବର୍ତ୍ତମାନ ଯେଉଁ ବୃହତ୍ତର ସମ୍ପଦଟିର ପ୍ରତିନିଧି ହୋଇ ରହିବାକୁ ଚେଷ୍ଟା କରୁଛି, ତାହାରି ମଧରେହିଁ ସେହି ଅହଂଟିକୁ ପରିପୂର୍ଣ୍ଣ କରିବାକୁ ସେ ଯେପରି ଶିକ୍ଷା କରିବ, ସେହିପରି ସେ ମନୁଷ୍ୟଜାତି ମଧରେ ଆପଣାର ବ୍ୟକ୍ତିସତ୍ତାଟିକୁ ମଧ ପରିପୂର୍ଣ୍ଣ କରିଶିଖିବ । ମାତ୍ର, ଏକ ପ୍ରଚଣ୍ଡ ଓ ପ୍ରକାଣ୍ଡ ରାଷ୍ଟ୍ରରୂପୀ ଯନ୍ତ୍ର ଆସି ମୁକ୍ତ ମନୁଷ୍ୟବ୍ୟକ୍ତିକୁ ଗିଳି ପକାଇବାକୁ ବସିବ, ତାହା ହେଉଛି ଏକ ସଂପୂର୍ଣ୍ଣ ଭିନ୍ନ ପ୍ରକାରର ପୂର୍ଣ୍ଣତା । ଆମର ସର୍ବଜନଗତ ବିକାଶ ଓ ବୃଦ୍ଧିଲାଗି ରାଷ୍ଟ୍ର ହେଉଛି ଗୋଟିଏ ସହାୟକ ସାଧନ, ଏବଂ ଏହାକୁ ପ୍ରକୃତରେ ଗୋଟିଏ ବଡ଼ ଅବାଗିଆ ସାଧନ ବୋଲି କୁହାଯାଇପାରିବ; ମାତ୍ର ଏହାକୁ କଦାପି ଏକ ସାଧ ବା ଚରମ ଲକ୍ଷ୍ୟରେ ପରିଣତ କରିଦେବା ଉଚିତ ହେବ ନାହିଁ ।

ସଂଗଠିତ ରାଷ୍ଟ୍ର-ଯନ୍ତ୍ରର ଏହି ସର୍ବୋଚ୍ଚତା ଏବଂ ସାର୍ବତ୍ରିକ ସକ୍ରିୟତା ଯେ ମନୁଷ୍ୟର ପ୍ରଗତିଲାଗି ସର୍ବୋତ୍ତମ ସାଧନ, ରାଷ୍ଟ୍ର-ବିଚାରର ଏହି ଦ୍ୱିତୀୟ ଦାବିଟିକୁ ମଧ ଆମେ ଗୋଟିଏ ଅତିରଞ୍ଜନ ଓ ତୁଚ୍ଛା କଳ୍ପନା ବୋଲି ଜାଣିବା । ମନୁଷ୍ୟ ସର୍ବତ୍ର ଗୋଟିଏ ସମୁଦାୟ ମଧରେହିଁ ବାସ କରେ; ବ୍ୟକ୍ତିଗତ ତଥା ସାମୂହିକ ଉଭୟ କ୍ଷେତ୍ରରେ ଆପଣାର

'oaob.nitrkl.ac.in' images reprocessed

ବିକାଶସାଧନ କରିବା ଲାଗି ସମୁଦାୟକୁହିଁ ଲୋଡ଼ିଥାଏ । ମାତ୍ର ବ୍ୟକ୍ତିକୁ ସର୍ବସଂପୂର୍ଣ୍ଣ ଭାବରେ ବିକଶିତ କରାଇ ଆଣିବା ଲାଗି ଏବଂ ସାମୁଦାୟିକ ଜୀବନର ସାର୍ବଜନୀନ ଲକ୍ଷ୍ୟଗୁଡ଼ିକର ପରିଚର୍ଯ୍ୟା ଲାଗି ରାଷ୍ଟ୍ର ଦ୍ୱାରା ଶାସିତ ଓ ନିୟନ୍ତ୍ରିତ କାର୍ଯ୍ୟ ଯେ ସବୁଠାରୁ ଅଧିକ ସମର୍ଥ, ଏଇଟି କ'ଣ ପ୍ରକୃତରେ ସତ କଥା ? ଏଇଟି ଆଦୌ ସତ କଥା ନୁହେଁ । ପ୍ରକୃତ ସତ କଥା ହେଉଛି ଯେ ସମାଜ ମଧ୍ୟରେ ବାସ କରୁଥିବା ବ୍ୟକ୍ତିମାନଙ୍କର ସହଯୋଗୀ ନାନାବିଧ କାର୍ଯ୍ୟ କରିବା ଲାଗି ରାଷ୍ଟ୍ର ପ୍ରୟୋଜନୀୟ ଯାବତୀୟ ଅନୁକୂଳତାକୁ ଅବଶ୍ୟ ଯୋଗାଇ ଦେଇପାରିବ ଏବଂ ତାହାର ସେହି କାର୍ଯ୍ୟଟିରେ ହସ୍ତକ୍ଷେପ କରିବାକୁ ଆସୁଥିବା ଓ ସେଥିରେ ବାଧାପ୍ରାୟ ହୋଇ ରହିଥିବା ଅସମର୍ଥତାଗୁଡ଼ିକୁ ତାହା ଦୂର କରି ଦେଇପାରିବ । ଏତିକିରେହିଁ ରାଷ୍ଟ୍ରର ଯଥାର୍ଥ ପ୍ରୟୋଜନଟି ନିଶ୍ଚୟ ସଂପୂର୍ଣ୍ଣ ହୋଇଯିବ । ମାନବୀୟ ସହଯୋଗିତାର ନାନା ସମ୍ଭାବନାକୁ ସ୍ୱୀକୃତି ନ ଦେବାହିଁ ଇଂଲିଶ୍ ବ୍ୟକ୍ତିବାଦର ଦୁର୍ବଳତାଟି ହୋଇ ରହିଥିବା ବୋଲି କୁହାଯାଇପାରିବ; ସହଯୋଗୀ କର୍ମରତତା ଲାଗି ରହିଥିବା ପ୍ରୟୋଜନଟିକୁ ରାଷ୍ଟ୍ର ଦ୍ୱାରା କଠୋର ନିୟନ୍ତ୍ରଣ ସକାଶେ ଏକ ବାହାନାରେ ପରିଣତ କରିଦେବାକୁହିଁ ସହଯୋଗ ବିଷୟରେ ରହିଥିବା ଟିଉଟନିକ୍ ଧାରଣାର ଏକ ଦୋଷ ବୋଲି କୁହାଯିବ । ଯେତେବେଳେ ରାଷ୍ଟ୍ର ଲୋକସମୁଦାୟର ସହଯୋଗୀ କାର୍ଯ୍ୟଟିକୁ ଆପଣା ନିୟନ୍ତ୍ରଣରେ ରଖିବା ଲାଗି ପ୍ରଚେଷ୍ଟା କରିବାକୁ ଯାଏ, ସେତେବେଳେ ତାହା ଆପଣାକୁ ଏକ ଦୈତ୍ୟତୁଲ୍ୟ ବୃହତ୍ ଯନ୍ତ୍ରରୂପେ ସୃଷ୍ଟି କରିବାରେ ପ୍ରମାଦରେ ଆଣି ପକାଇଦିଏ ଏବଂ ସେହି ଯନ୍ତ୍ର ମନୁଷ୍ୟ ସତ୍ତାର ସ୍ୱାଧୀନତା, ସ୍ୱାଧୀନ ଉଦ୍ୟମ ଏବଂ ସକଳବିଧ ଯଥାର୍ଥ ବିକାଶକୁହିଁ ଆପଣା ଗୋଡ଼ରେ ଦଳିଦେଇ ଆପଣାର କାର୍ଯ୍ୟଟିକୁ ସମାପନ କରେ ।

ଅତ୍ୟନ୍ତ ଅଶୋଧିତ ଭାବରେ ଏବଂ ସମସ୍ତଙ୍କୁ ଗୋଟାଏ ପଲ ଭିତରକୁ ଅଡ଼ାଇ ଆଣି କାର୍ଯ୍ୟ କରିବା ବ୍ୟତୀତ ରାଷ୍ଟ୍ର ପାଖରେ ଅନ୍ୟ କୌଣସି ଗତି ନାହିଁ । ଏକ ସୁଘଟିତ ବିକାଶ ପାଇଁ ସର୍ବଦା ଯେଉଁ ମୁକ୍ତ, ସୌଷମ୍ୟଯୁକ୍ତ ଏବଂ ବୁଦ୍ଧିସମ୍ପନ୍ନ ଅଥବା ସ୍ୱଭାବପ୍ରେରିତ ଭାବରେ କରାଯାଉଥିବା ବହୁବିଚିତ୍ର କାର୍ଯ୍ୟର ପ୍ରୟୋଜନ ରହିଛି, ରାଷ୍ଟ୍ରର ସେଥିଲାଗି ଆଦୌ କୌଣସି ସାମର୍ଥ୍ୟ ନାହିଁ । କାରଣ ରାଷ୍ଟ୍ରକୁ କଦାପି ଏକ ସଂପୂର୍ଣ୍ଣ ଅବୟବ-ସଂସ୍ଥାନ ବା ଅସ୍ତିତ୍ୱରୂପେ ଗ୍ରହଣ କରାଯାଇପାରିବ ନାହିଁ; ରାଷ୍ଟ୍ର ହେଉଛି ଗୋଟିଏ ଯନ୍ତ୍ର ଏବଂ ଏହା କେବଳ ଏକ ଯନ୍ତ୍ରପରିହିଁ କାର୍ଯ୍ୟ କରିଥାଏ; ଏହାର ଆପଣାର କୌଣସି କୌଶଳ ନାହିଁ, କୌଣସି ରୁଚି ନାହିଁ, କୌଣସି କୋମଳତା ନାହିଁ ବା ବିବେକ ନାହିଁ । ଏହା କେବଳ ଏକ ଯନ୍ତ୍ରପରିହିଁ ବସ୍ତୁଗୁଡ଼ିକୁ ଗଢ଼ି ବାହାର କରି ଆଣିବାର ଉଦ୍ୟମ କରୁଥାଏ; ମାତ୍ର ମନୁଷ୍ୟଜାତି ବିକଶିତ ହେବାକୁ ଏବଂ ସୃଷ୍ଟି କରିବାକୁହିଁ ଏହି ଜଗତକୁ ଆସିଥାଏ ।

'oaob.nitrkl.ac.in' images reprocessed

ରାଷ୍ଟ୍ର ଦ୍ୱାରା ପରିଚାଳିତ ଓ ଶାସିତ ଶିକ୍ଷା-ବ୍ୟବସ୍ଥାରେ ମଧ୍ୟ ଆମେ ଠିକ୍ ଏହି ଅଭାବଟି ଦେଖିବାକୁ ପାଉ । ଏହା ଏକ ଅତ୍ୟନ୍ତ ଉଚିତ ଏବଂ ପ୍ରୟୋଜନୀୟ କଥା ଯେ ସମସ୍ତଙ୍କୁ ଅବଶ୍ୟ ଶିକ୍ଷାର ସୁଯୋଗଟି ଉପଲବ୍ଧ ହେବା ଉଚିତ, ଏବଂ ଏହି ଶିକ୍ଷାଟିକୁ ଯୋଗାଇ ଦେବାରେ ରାଷ୍ଟ୍ରର ଅତୀବ ଉପଯୋଗିତା ସବୁବେଳେ ରହିଛି । ମାତ୍ର ଏହିପରି କରିବାକୁ ଯାଇ ରାଷ୍ଟ୍ର ଯେତେବେଳେ ଶିକ୍ଷାକୁ ଆପଣାର ନିୟନ୍ତ୍ରଣାଧୀନ କରି ରଖିବାକୁ ଆରମ୍ଭ କରେ, ସେତେବେଳେ ଶିକ୍ଷାକୁ ତାହା ଏକ ରୁଟିନ୍‌ରେ ପରିଣତ କରିଦିଏ, ଏପରି ଗୋଟିଏ ଯାନ୍ତ୍ରିକ ବ୍ୟବସ୍ଥାରେ ପରିଣତ କରିଦିଏ, ଯେଉଁଥିରେ କି ଏକ ରୁଟିନ୍ ପରି ଶିକ୍ଷାଦେବାର ସଂପୂର୍ଣ୍ଣ ବିପରୀତ ହୋଇ ରହିଥିବା ବ୍ୟକ୍ତିଗତ ଉଦ୍ୟମ, ବ୍ୟକ୍ତିଗତ ଅଭିବୃଦ୍ଧି ଏବଂ ଯଥାର୍ଥ ବିକାଶ ପ୍ରକୃତରେ ଏକ ଅସମ୍ଭବ ବ୍ୟାପାରରେ ପରିଣତ ହୋଇଯାଏ । ରାଷ୍ଟ୍ର ସର୍ବଦା ଏକରୂପତା ଆଡ଼କୁହିଁ ପ୍ରବୃତ୍ତି ରଖିଥାଏ, କାରଣ ସମସ୍ତେ ଏକରୂପ ଅର୍ଥାତ୍ ଗୋଟିଏ ପ୍ରକାରର ହୋଇ ଗଢ଼ାହେଲେ ରାଷ୍ଟ୍ରର କାମ ବଡ଼ ସହଜ ହୋଇଯାଏ; ରାଷ୍ଟ୍ରର ସ୍ୱଭାବଟି ଯେପରି ମୂଳତଃ ଯନ୍ତ୍ରବତ୍ ହୋଇ ରହିଥାଏ, ସେହି ସ୍ଥିତିରେ ସ୍ୱଭାବପ୍ରେରିତ କୌଣସି ପାର୍ଥକ୍ୟ ଲାଗି ଆଉ କୌଣସି ସମ୍ଭାବନା ନ ଥାଏ । ମାତ୍ର ଏକରୂପକତାକୁ କେବଳ ମୃତ୍ୟୁ ବୋଲି କୁହାଯିବ, ଜୀବନ ବୋଲି କଦାପି କୁହାଯାଇ ପାରିବ ନାହିଁ । ଏକ ଜାତୀୟ ସଂସ୍କୃତି, ଏକ ଜାତୀୟ ଧର୍ମ, ଏବଂ ଏକ ଜାତୀୟ ଶିକ୍ଷାବ୍ୟବସ୍ଥା,— ଏଗୁଡ଼ିକ ଯେପର୍ଯ୍ୟନ୍ତ ଏକ ପକ୍ଷରେ ମାନବୀୟ ଏକତାର ବିକାଶରେ ଏବଂ ଅନ୍ୟ ପକ୍ଷରେ ବିଚାର, ବିବେକ ତଥା ଅଭିବୃଦ୍ଧିର କ୍ଷେତ୍ରରେ ରହିଥିବା ବ୍ୟକ୍ତିଗତ ସ୍ୱତନ୍ତ୍ରତାର କ୍ଷେତ୍ରରେ କୌଣସିପ୍ରକାର ହସ୍ତକ୍ଷେପ କରୁ ନ ଥା'ନ୍ତି, ସେଗୁଡ଼ିକୁ ଆମେ ସେପର୍ଯ୍ୟନ୍ତ ତଥାପି ଗୋଟିଏ ଗୋଟିଏ ଉପଯୋଗୀ ବସ୍ତୁ ବୋଲି ଅବଶ୍ୟ କହିପାରିବା; କାରଣ ସେଗୁଡ଼ିକ ସାମୁଦାୟିକ ଆତ୍ମାଟିକୁ ଏକ ମୂର୍ତ୍ତ ରୂପ ଆଣି ଦିଅନ୍ତି ଏବଂ ମାନବୀୟ ପ୍ରଗତିର ସମଗ୍ର ଭଣ୍ଡାରଟି ମଧ୍ୟରେ ଆପଣାର ଅବଦାନଟିକୁ ଆଣି ସମ୍ମିଳିତ କରିପାରିବାରେ ତାହାକୁ ଅବଶ୍ୟ ସାହାଯ୍ୟ କରିଥା'ନ୍ତି । ମାତ୍ର ଏକ ରାଷ୍ଟ୍ରୀୟ ଶିକ୍ଷା, ଏକ ରାଷ୍ଟ୍ରୀୟ ଧର୍ମ ଓ ଏକ ରାଷ୍ଟ୍ରୀୟ ସଂସ୍କୃତି,— ଏଗୁଡ଼ିକୁ କେବଳ ଗୋଟିଏ ଗୋଟିଏ ଅସ୍ୱାଭାବିକ ବଳପ୍ରୟୋଗ ବୋଲିହିଁ କୁହାଯିବ । ଏବଂ ଆମ ସାମୁଦାୟିକ ଜୀବନର ତଥା ତାହାର କାର୍ଯ୍ୟକଳାପର ଅନ୍ୟାନ୍ୟ ଯାବତୀୟ କ୍ଷେତ୍ର ଓ ଯାବତୀୟ ଦିଗରେ ମଧ୍ୟ ବିଭିନ୍ନ ପ୍ରକାରେ ଓ ବିଭିନ୍ନ ମାତ୍ରାରେ ଠିକ୍ ଏହି ନିୟମଟି ପ୍ରଯୁଜ୍ୟ ହୋଇପାରିବ ।

ମାନବର ଜୀବନ ଏବଂ ଅଭିବୃଦ୍ଧିରେ ଏକ ପ୍ରୟୋଜନୀୟ ଉପାଦାନ ହୋଇ ରହିଥିବା ପର୍ଯ୍ୟନ୍ତ ସହଯୋଗୀ ବିଭିନ୍ନ କାର୍ଯ୍ୟ ଲାଗି ଅନୁକୂଳ ସୁଯୋଗଗୁଡ଼ିକୁ ଆଣି ଯୋଗାଇଦେବା, ବାଧାଗୁଡ଼ିକର ଅପସାରଣ କରାଇବା, ପ୍ରକୃତରେ କ୍ଷତିକାରକ ସକଳ

'oaob.nitrkl.ac.in' images reprocessed

ପ୍ରକାରର ବରବାଦ ଓ ସଂଘର୍ଷକୁ ପଥରୁଦ୍ଧ କରି ରଖିବାହିଁ ରାଷ୍ଟ୍ରର କାର୍ଯ୍ୟ ହୋଇ ରହିବା ଉଚିତ । ଅବଶ୍ୟ ସ୍ମରଣ ରଖିବାକୁ ହେବ ଯେ ସ୍ୱାଭାବିକ ଯାବତୀୟ କାର୍ଯ୍ୟରେ କେତେକ ପରିମାଣରେ କିଞ୍ଚିତ୍ ବରବାଦ ଏବଂ ସଂଘର୍ଷ ଲାଗି ମଧ୍ୟ ଏକ ଆବଶ୍ୟକତା ରହିଥାଏ । ଯେଉଁସବୁ ଅନ୍ୟାୟକୁ ଦୂର କରାଯାଇ ପାରିବ, ରାଷ୍ଟ୍ର ସେଗୁଡ଼ିକୁ ଅବଶ୍ୟ ଦୂର କରିଦେବ; ପ୍ରତ୍ୟେକ ବ୍ୟକ୍ତିର ଯେତିକି ସାମର୍ଥ୍ୟ ରହିଛି, ତାକୁ ଆତ୍ମ-ବିକାଶ ଲାଗି ତା'ର ଆପଣା ସ୍ୱଭାବଟି ଅନୁସାରେ ସମଭାବରେ ସେତିକି ନ୍ୟାୟୋଚିତ ସୁଯୋଗ ଓ ପରିତର୍ପଣ ମଧ୍ୟ ଯୋଗାଇଦେଇ ପାରିବ । ଆଧୁନିକ ସାମ୍ୟବାଦରେ ରହିଥିବା ଲକ୍ଷ୍ୟଟିକୁ ଆମେ ଏହି ପର୍ଯ୍ୟନ୍ତ ଅବଶ୍ୟ ଯଥାର୍ଥ ଓ ଭଲ ବୋଲି କହିବା । ମାତ୍ର ମନୁଷ୍ୟର ବିକାଶ-କ୍ଷେତ୍ରରେ ତା'ର ସ୍ୱାଧୀନତାଟି ଉପରେ କରା ଯାଉଥିବା ଯାବତୀୟ ଅନାବଶ୍ୟକ ହସ୍ତକ୍ଷେପ ଯେକୌଣସି ସମୟରେ ତା'ଲାଗି ହାନିକାରକ ଅଥବା ହାନିକାରକ ହୋଇପାରେ । ଏପରିକି, ଯଦି ବ୍ୟକ୍ତିଗତ ଅଭିବୃଦ୍ଧିର ଆବଶ୍ୟକତାଗୁଡ଼ିକ ସହିତ ସୁସଙ୍ଗତି ରକ୍ଷା କରି ସବୁ ବ୍ୟକ୍ତିଙ୍କର ହିତକୁ ନ ଲୋଡ଼ି,– କାରଣ, ବ୍ୟକ୍ତିଗତ ଅଭିବୃଦ୍ଧିକୁ ଛାଡ଼ି ସମସ୍ତଙ୍କର କୌଣସି ଯଥାର୍ଥ ଏବଂ ସ୍ଥାୟୀ ହିତସାଧନ କେବେହେଲେ ସମ୍ଭବ ହେବ ନାହିଁ,– ସହଯୋଗମୂଳକ କୌଣସି କାର୍ଯ୍ୟ ବ୍ୟକ୍ତିକୁ ନେଇ ଏକ ସମଷ୍ଟିଗତ ଅହଂପାଖରେ ବଳି ଦେବାକୁ ବସୁଥାଏ ଏବଂ ଏହିପରି କରି ଅଧିକ ପରିପୂର୍ଣ୍ଣ ଭାବରେ ବୃଦ୍ଧିପ୍ରାପ୍ତ ଏକ ମାନବସମାଜର ବିକାଶଲାଗି ଆବଶ୍ୟକ ମୁକ୍ତ ପରିସର ଓ ଉଦ୍ୟମଟିକୁ ବାରିତ କରି ରଖେ, ତେବେ ସେହି ସହଯୋଗମୂଳକ କାର୍ଯ୍ୟଟି ମଧ୍ୟ ଅନିଷ୍ଟକାରୀ ବୋଲି ସାବ୍ୟସ୍ତ ହୋଇଥାଏ । ମନୁଷ୍ୟସମାଜ ଯେତେଦିନ ଯାଏ ସମ୍ପୂର୍ଣ୍ଣରୂପେ ବିକଶିତ ହୋଇ ପାରି ନାହିଁ, ଯେପର୍ଯ୍ୟନ୍ତ ଆହୁରି ଅଧିକ ବିକାଶ ଆବଶ୍ୟକ କରୁଛି ଓ ଏକ ଅଧିକ ପରିପୂର୍ଣ୍ଣତା ହାସଲ କରିବାଲାଗି ସମର୍ଥ ହୋଇ ରହିଛି, ତେବେ ସେତେଦିନ ଯାଏ ସମଷ୍ଟିଟି ମଧ୍ୟରେ ବାସ କରୁଥିବା ବ୍ୟକ୍ତିମାନଙ୍କରହିଁ ଅଭିବୃଦ୍ଧିକୁ ବାଦ୍ ଦେଇ ସମସ୍ତଙ୍କର ହିତ ବୋଲି କହି ଆମେ କୌଣସି ସ୍ଥାଣୁ ଅବସ୍ଥାର କଳ୍ପନା କରି ପାରିବା ନାହିଁ । ବ୍ୟକ୍ତିକୁ ଅନୁଚିତ ଭାବରେ ଅଧୀନସ୍ଥ କରି ରଖିବାକୁ ଇଚ୍ଛା କରୁଥିବା ସମୂହବାଦୀ ଆଦର୍ଶସକଳ ପ୍ରକୃତରେ ଏହିପରି ଏକ ସ୍ଥାଣୁ ଅବସ୍ଥାରହିଁ ଚିତ୍ରକୁ ଆପଣା ସମକ୍ଷରେ ରଖିଥା'ନ୍ତି; ଏଇଟି ବର୍ତ୍ତମାନ ବିଦ୍ୟମାନ ରହିଥିବା ଏକ ଅବସ୍ଥା ହୋଇଥାଉ ଅଥବା ଏହିପରି ଏକ ଅବସ୍ଥାକୁ ତାହା ଅଦୂର ଭବିଷ୍ୟତରେ ପ୍ରତିଷ୍ଠିତ କରିବାକୁ ଆଶା କରୁଥାଉ ପଛକେ, ସେମାନେ ଆଗକୁ ଅନାଇ ଏହିପରି ଗୋଟିଏ ସ୍ଥାଣୁ ଓ ଅପରିବର୍ତ୍ତନୀୟ ରୂପକୁହିଁ ଦେଖୁଥା'ନ୍ତି । ଏବଂ ସେଇଟି ପରେ ପ୍ରକୃତରେ କିଛି ବଦଳାଇବା ଲାଗି କୌଣସି ଗମ୍ଭୀର ଚେଷ୍ଟା କରାଗଲେ ତାହାକୁ ସୁଖପ୍ରତିଷ୍ଠିତ ସାମୂହିକ ବ୍ୟବସ୍ଥାଟିର ସମୁଚିତ ରୁଟିନ୍ ଏବଂ ନିରାପତ୍ତା ବିରୋଧରେ

'oaob.nitrkl.ac.in' images reprocessed

ଧୈର୍ଯ୍ୟହୀନ ବ୍ୟକ୍ତିବାଦର ଏକ ଅପରାଧ ବୋଲି ବିଚାର କରାଯାଇଥାଏ । ମାତ୍ର ପ୍ରକୃତ କଥା ହେଉଛି ଯେ ସର୍ବଦା କେବଳ ବ୍ୟକ୍ତିହିଁ ଅଗ୍ରଗତି କରୁଥାଏ ଓ ଅନ୍ୟମାନଙ୍କୁ ଅଗ୍ରଗତି ଲାଗି ପ୍ରେରିତ କରୁଥାଏ । ସତେଅବା ଏକ ଜନ୍ମଜାତ ପ୍ରବୃତ୍ତି ଦ୍ୱାରା ବାଧ୍ୟ ହେଲା ପରି ସମୂହ ଓ ସାମୂହିକତା ଆପଣାର ପ୍ରତିଷ୍ଠିତ ବ୍ୟବସ୍ଥାଟିକୁ ଆଶ୍ରା କରି ଠିଆ ହୋଇ ରହିବା ଲାଗି ମନ କରୁଥାଏ । ଅଗ୍ରଗତି, ଅଭିବୃଦ୍ଧି, ଏବଂ ପ୍ରଶସ୍ତତର ସତ୍ତାର ଉପଲବ୍ଧି,— ଏହିଗୁଡ଼ିକହିଁ ବ୍ୟକ୍ତିକୁ ତା' ସୁଖର ସର୍ବୋତ୍ତମ ଓ ସର୍ବାଧିକ ବୋଧ ଆଣି ଯୋଗାଇ ଦିଅନ୍ତି । ସମାଜରେ ନିଶ୍ଚିତ ସ୍ଥାନ ଓ ନିରାପଦ ନିଶ୍ଚିନ୍ତତାହିଁ ସମୂହକୁ ସୁଖର ସର୍ବାଧିକ ବୋଧ ଆଣି ଦିଅନ୍ତି । ଏବଂ ଯେତେଦିନ ଯାଏ ସାମୂହିକତା କହିଲେ ଏକ ଆତ୍ମସଚେତନ ସମୂହ-ଆତ୍ମା ଅପେକ୍ଷା କୌଣସି ଭୌତିକ ଏବଂ ଅର୍ଥନୈତିକ ଏକକକୁ ଅଧିକ ପରିମାଣରେ ବୁଝାଉଥାଏ, ସେତେଦିନ ଯାଏ ଏହି କ୍ଷେତ୍ରରେ ସବୁକିଛି ଅବଶ୍ୟ ଠିକ୍ ଏହିଭଳିହିଁ ହୋଇ ରହିବ ।

ତେଣୁ, ଜାଗତିକ କଳ୍ପନାର ଏହି ବର୍ତ୍ତମାନ ଅବସ୍ଥାଟିରେ ରାଷ୍ଟ୍ରର ଯନ୍ତ୍ରଟିକୁ କାମରେ ଲଗାଇ ମନୁଷ୍ୟଜାତିର ଯେ ଏକ ସୁସ୍ଥ ଏକତା ଅଣାଯାଇପାରିବ, ଏକଥାଟି ଆଦୌ ସମ୍ଭବ ଲାଗୁ ନାହିଁ । ଶକ୍ତିଶାଳୀ ଓ ସଂଗଠିତ କେତୋଟି ରାଷ୍ଟ୍ରକୁ ଗୋଟିଏ ଗୋଷ୍ଠୀ ଭିତରେ ଏକାଠି କରି ରଖି ଓ ସେମାନଙ୍କୁ ପରସ୍ପର ସହିତ ଯତ୍ନର ସହିତ ନିୟମବଦ୍ଧ ଓ ଆଇନସଙ୍ଗତ ସମ୍ବନ୍ଧଗୁଡ଼ିକର ଅବସରମାନ ଯୋଗାଇଦେଇ ତାହା ହୋଇପାରିବ ନାହିଁ, କିଂବା ବର୍ତ୍ତମାନର ଏହି ଅର୍ଦ୍ଧ-ଅବ୍ୟବସ୍ଥିତ ଓ ଅର୍ଦ୍ଧ-ବ୍ୟବସ୍ଥିତ ଜାତିସମଷ୍ଟିର ସ୍ଥାନରେ ଗୋଟିଏ ବିଶ୍ୱରାଷ୍ଟ୍ରର ସ୍ଥାପନା କରି ଏହା ସମ୍ଭବ ହେବ ନାହିଁ । ସେହି ବିଶ୍ୱରାଷ୍ଟ୍ରର ରୂପଟି ରୋମାନ୍ ସାମ୍ରାଜ୍ୟ ପରି ଗୋଟିଏ ସାମ୍ରାଜ୍ୟ ହୋଇଥାଉ ବା ସମସ୍ତଙ୍କୁ ଆଣି ଗୋଟିଏ ଏକକରେ ବାନ୍ଧି ରଖିଥିବା ଏକ ଐକ୍ୟବଦ୍ଧତା ହୋଇଥାଉ ପଛକେ, ତାହା କଦାପି ସମ୍ଭବ ହେବ ନାହିଁ । ଜାତିଗୁଡ଼ିକୁ ଏକ ସାଧାରଣ ଓ ସମ୍ମିଳିତ ଜୀବନ ବିଷୟରେ ସେହି ଜୀବନ ଲାଗି ଆବଶ୍ୟକ ହେଉଥିବା ସଂସ୍କାର ଏବଂ ଏହାର ସମ୍ଭାବନାଟି ବିଷୟରେ ଅଭ୍ୟସ୍ତ କରି ଆଣିବା ଲାଗି ମନୁଷ୍ୟଜାତିର ଅଦୂର ଭବିଷ୍ୟତରେ ଏହିଭଳି ଗୋଟିଏ ବାହ୍ୟ ବା ପ୍ରଶାସନଗତ ଏକତା ହୁଏତ ଅଭିପ୍ରେତ ହୋଇପାରେ; ମାତ୍ର ତଥାପି, ଆହୁରି ଅଧିକ ଗଭୀର, ଅଧିକ ଅନ୍ତରଙ୍ଗ ଓ ଅଧିକ ଯଥାର୍ଥ ଆଉ କିଛିର ବିକାଶଟି ସମ୍ଭବ ନ ହେବା ପର୍ଯ୍ୟନ୍ତ ସେହି ଏକତା କେବେହେଲେ ପ୍ରକୃତରେ ସୁସ୍ଥ, ସ୍ଥାୟୀ ବା ମନୁଷ୍ୟଭାଗ୍ୟର ସକଳ ଯଥାର୍ଥ କ୍ଷେତ୍ର ଓ ମାର୍ଗରେ ହିତକାରୀ ମଧ୍ୟ ହୋଇପାରିବ ନାହିଁ । ତା' ନ ହେଲେ, ପ୍ରାଚୀନ ଜଗତରେ ଏହି ବିଷୟରେ ଆମକୁ ଯେଉଁ ଅଭିଜ୍ଞତାଟି ମିଳିଥିଲା, ଏକ ଅନ୍ୟପ୍ରକାର ପରିସ୍ଥିତିରେ ଏବଂ ଏକ ବୃହତ୍ତର ମାତ୍ରାରେ ଠିକ୍ ସେହି ଅଭିଜ୍ଞତାରହିଁ ପୁନରାବୃତ୍ତି ହେବ ।

'oaob.nitrkl.ac.in' images reprocessed

ସେହି ପ୍ରୟୋଗଟି ମଧ୍ୟ ବିଫଳ ହୋଇ ଭାଙ୍ଗିଯିବ ଏବଂ ତାହାର ସ୍ଥାନରେ ଅନିଶ୍ଚିତତା ଓ ଅରାଜକତାର ଏକ ନୂତନ ପୁନଃସଂସ୍ଥାପନର ଯୁଗ ଜନ୍ମଲାଭ କରିବ । ସମ୍ଭବତଃ ଏହିପରି ଗୋଟିଏ ଅଭିଜ୍ଞତା ଲାଗି ମନୁଷ୍ୟସମାଜର ଆବଶ୍ୟକତା ମଧ୍ୟ ରହିଛି; ମାତ୍ର ତଥାପି, ଏହିଭଳି ଗୋଟିଏ ଅଭିଜ୍ଞତା ଯେପରି ସହିବାକୁ ନ ପଡ଼େ, ସେଥିଲାଗି ଆଗରୁ ସାବଧାନ ରହିବା ମଧ୍ୟ ଆମ ଲାଗି ସମ୍ଭବ ହୋଇପାରିବା ଉଚିତ । ନୈତିକତା ଦ୍ୱାରା ଅନୁପ୍ରାଣିତ, ଓ ଏପରିକି ଏକ ଆଧ୍ୟାତ୍ମିକ ଭାବ ଦ୍ୱାରା ଅନୁପ୍ରେରିତ ମନୁଷ୍ୟ-ସମୁଦାୟ ଯଦି କେବଳ ଆପଣାର ବାହାର ଜୀବନ ଓ ଶରୀରଟାର କ୍ଷେତ୍ରରେ ନୁହେଁ, ମାତ୍ର ଆପଣାର ଅନ୍ତର୍ଗତ ଆତ୍ମାଟିର କ୍ଷେତ୍ରରେ ମଧ୍ୟ ଏକତାବଦ୍ଧ ହୋଇ ରହିପାରେ, ତେବେ ତାହାରି ଦ୍ୱାରା ଯାବତୀୟ ଯାନ୍ତ୍ରିକ ସାଧନକୁ ଆମର ଯଥାର୍ଥ ବିକାଶ ଓ ବୃଦ୍ଧି ଲାଗି ପରିକର କରି ରଖି ଆମେ ସେହି ଅଭିଜ୍ଞତାଟିକୁ ବେଶ୍ ଏଡ଼ି ଦେଇ ଅଗ୍ରସର ହୋଇପାରିବା ।

'oaob.nitrkl.ac.in' images reprocessed

## ପଞ୍ଚମ ପରିଚ୍ଛେଦ

# ଜାତି ଓ ସାମ୍ରାଜ୍ୟ :
# ଯଥାର୍ଥ ଏକତା ଓ ରାଜନୀତିକ ଏକତା

ସମୁଦାୟ ମାନବଜାତିକୁ ଏକତାବଦ୍ଧ କରି ରଖିବାର ମାର୍ଗରେ ଦୁଇଟି ସ୍ପଷ୍ଟ ଅସୁବିଧା ରହିଛି । ମନୁଷ୍ୟଜାତିର ସ୍ୱାଭାବିକ ବିବର୍ତ୍ତନ ମଧ୍ୟରେ ଏହା ମଧ୍ୟରେ ସାମୂହିକ ଯେଉଁସବୁ ଅହଂକାରମାନ ସୃଷ୍ଟ ହୋଇ ସାରିଛି, ସେଗୁଡ଼ିକୁ ବର୍ତ୍ତମାନ ଯଥେଷ୍ଟ ପରିମାଣରେ ବଦଳାଇଦେବା ଅଥବା ସଂପୂର୍ଣ୍ଣ ଭାବରେ ବିଲୁପ୍ତ କରିଦେବା ସମ୍ଭବ ହେବ କି ଏବଂ କୌଣସି ନା କୌଣସି ଫଳଦାୟକ ରୂପରେ ଏପରିକି ଏକ ବାହ୍ୟ ଏକତାକୁ ମଧ୍ୟ ସ୍ଥାୟୀଭାବରେ ପ୍ରତିଷ୍ଠିତ କରାଯାଇ ପାରିବ କି ?— ପ୍ରଥମତଃ ଏହି କ୍ଷେତ୍ରରେ ଏହିଭଳି ଗୋଟିଏ ସନ୍ଦେହ ରହିଛି । ଏବଂ ଦ୍ୱିତୀୟତଃ, ଏହିଭଳି କୌଣସି ବାହ୍ୟ ଐକ୍ୟର ପ୍ରତିଷ୍ଠା ସମ୍ଭବ ହେଲେ ମଧ୍ୟ ବ୍ୟକ୍ତିର ମୁକ୍ତ ଜୀବନ ଏବଂ ଏକ ପ୍ରକୃତ ଏବଂ ସକ୍ରିୟ ଜୀବନର ବାହକ ହୋଇ ରହିଥିବା ନାନାବିଧ ସାମୂହିକ ଏକକକୁ ପ୍ରକୃତରେ ନଷ୍ଟ କରିଦେଇ ଆମକୁ ତାହା କରିବାକୁ ପଡ଼ିବ ନାହିଁ କି ?— ଏଠାରେ ଏଭଳି ମଧ୍ୟ ଗୋଟିଏ ସନ୍ଦେହ ବ୍ୟକ୍ତ କରାଯାଉଛି । ଆଶଙ୍କା କରାଯାଉଛି ଯେ ଏହି ଏକକଗୁଡ଼ିକୁ ବିନଷ୍ଟ କରିଦେଇ ସେଗୁଡ଼ିକର ସ୍ଥାନରେ ଆମକୁ ରାଷ୍ଟ୍ରର ଏପରି ଏକ ସଂଗଠନକୁ ଆଣି ସ୍ଥାପନ କରିବାକୁ ହେବ, ଯାହାକି ମନୁଷ୍ୟର ଜୀବନକୁ ଏକାବେଳେକେ ଯନ୍ତ୍ରବଦ୍ କରି ପକାଇବ । ଏହି ଦୁଇଟିଯାକ ଅନିଶ୍ଚୟତାକୁ ଛାଡ଼ିଦେଲେ ଗୋଟିଏ ତୃତୀୟ ସନ୍ଦେହ ମଧ୍ୟ ରହିଛି, ଏବଂ, କେବଳ ଅର୍ଥନୀତି, ରାଜନୀତି ଏବଂ ପ୍ରଶାସନର କ୍ଷେତ୍ରରେ ଐକ୍ୟସ୍ଥାପନ ଦ୍ୱାରା ପ୍ରକୃତରେ ଏକ ଜୀବନ୍ତ ଏକତା ସ୍ଥାପନ କରାଯାଇ ପାରିବ କି, ଏବଂ ସେହିଭଳି କୌଣସି ଏକତାର ପ୍ରତିଷ୍ଠା କରିବା ପୂର୍ବରୁ ଅନ୍ତତଃ ଏକ ନୈତିକ ତଥା ଆଧ୍ୟାତ୍ମିକ ଐକ୍ୟର ଦୃଢ଼ ମୂଳଦୁଆ ପକାଇବା ଆବଶ୍ୟକ ହେବ କି ନାହିଁ, ତଦ୍ୱାରା ସେହି ସନ୍ଦେହଟିକୁ ବ୍ୟକ୍ତ କରାଯାଉଛି । ନ୍ୟାୟତଃ ଏକ କ୍ରମ ଅନୁସରଣ କରି ଆମେ ପ୍ରଥମେ ପ୍ରଥମ ପ୍ରଶ୍ନଟିରହିଁ ଆଲୋଚନା କରିବା ।

ମନୁଷ୍ୟ-ପ୍ରଗତିର ବର୍ତ୍ତମାନ ସୋପାନଟିରେ ଜାତିହିଁ ମନୁଷ୍ୟ-ସମୁଦାୟର ଜୀବନ୍ତ ସାମୂହିକ ଏକକ ହୋଇ ରହିଛି । ସାମ୍ରାଜ୍ୟମାନ ରହିଛି ସତ, ମାତ୍ର ସେଗୁଡ଼ିକ ଏପର୍ଯ୍ୟନ୍ତ କେବଳ ଗୋଟିଏ ଗୋଟିଏ ରାଜନୀତିକ ଏକକହିଁ ହୋଇ ରହିଛି, କୌଣସିପ୍ରକାର ଯଥାର୍ଥ

'oaob.nitrkl.ac.in' images reprocessed

ଏକକରେ ପରିଣତ ହୋଇ ନାହିଁ; ସେଗୁଡ଼ିକର ଅନ୍ତଃପ୍ରେରିତ ଆଦୌ କୌଣସି ଜୀବନ ନାହିଁ ଏବଂ ସେଗୁଡ଼ିକୁ ଗଠନ କରିଥିବା ଉପାଦାନଗୁଡ଼ିକ ଉପରେ ଆଣି ଲଦି ଦିଆ ଯାଇଥିବା ଏକ ଶକ୍ତି ହେତୁ ଅଥବା ସେଗୁଡ଼ିକୁ ଗଠନ କରିଥିବା ଅଂଶଗୁଡ଼ିକ ଦ୍ୱାରା ଅନୁଭୂତ ହୋଇଥିବା କିଂବା ସ୍ୱୀକାର କରି ନିଆ ଯାଇଥିବା ଏବଂ ବାହାରେ ରହିଥିବା ପୃଥିବୀଟି ଦ୍ୱାରା ଅନୁମୋଦିତ ହୋଇଥିବା ଏକ ରାଜନୀତିକ ସୁବିଧା ହେତୁହିଁ ସେହି ସାମ୍ରାଜ୍ୟଗୁଡ଼ିକ ଭାଙ୍ଗି ନ ଯାଇ ତିଷ୍ଠି ରହିଛନ୍ତି । ଦୀର୍ଘକାଳ ଧରି ଅଷ୍ଟ୍ରିଆ ଏହିଭଳି ଏକ ସାମ୍ରାଜ୍ୟର ଗୋଟିଏ ଦୃଷ୍ଟାନ୍ତ ହୋଇ ରହିଥିଲା, ଏହା ବାହାରର ପୃଥିବୀ ଦ୍ୱାରା ଅନୁମୋଦିତ ଏକ ରାଜନୀତିକ ସୁବିଧାରୂପେ ତିଷ୍ଠି ରହିଥିଲା; ଏହାକୁ ଗଠନ କରିଥିବା ଅଂଶଗୁଡ଼ିକ ଆଜି ପର୍ଯ୍ୟନ୍ତ ଏହାକୁ ସ୍ୱୀକୃତି ଦେଇ ରଖିଥିଲେ ଏବଂ ହାପ୍‌ସ୍‌ବୁଅର୍ଗ ବଂଶରୂପେ ଅବତୀର୍ଣ୍ଣ ହୋଇ ରହିଥିବା ମୂଳ ଜର୍ମାନିକ୍ ଉପାଦାନର ଶକ୍ତିଟିହିଁ ତାହାକୁ ପ୍ରତିପାଳନ କରି ଆସିଥିଲା । ଏବଂ ପରେ ଏହାର ମାଗ୍ୟାର୍ ସଂଗୀଟିର ସକ୍ରିୟ ସାହାଯ୍ୟ ମଧ୍ୟ ତାକୁ ମିଳିଲା । କୌଣସି ସାମ୍ରାଜ୍ୟକୁ ଏହିପରି ଉପଲବ୍ଧ ହେଉଥିବା ରାଜନୀତିକ ସୁବିଧାଟି ଯଦି ମିଳିବା ବନ୍ଦ ହୋଇଯାଏ, ତାହାକୁ ଗଠନ କରିଥିବା ଉପାଦାନଗୁଡ଼ିକ ଯଦି ସେହି ସାମ୍ରାଜ୍ୟଟିର ଅସ୍ତିତ୍ୱକୁ ଆଉ ସ୍ୱୀକାର ନ କରନ୍ତି ଏବଂ ଯଦି ସେମାନେ ଅଧିକ ଶକ୍ତିଶାଳୀ ଭାବରେ ଏକ କେନ୍ଦ୍ରାପସାରୀ ଶକ୍ତି ଦ୍ୱାରା ଆକର୍ଷିତ ହେବାକୁ ଆରମ୍ଭ କରନ୍ତି ଏବଂ ଯଦି ତାହା ସହିତ ବାହାରେ ରହିଥିବା ପୃଥିବୀଟି ମଧ୍ୟ ଆଉ ସେହି ସଂଗଠନଟିକୁ ଅନୁମୋଦନ ନ କରନ୍ତି, ତେବେ ସେହି ପରିସ୍ଥିତିରେ କେବଳ ବଳହିଁ ଏକ କୃତ୍ରିମ ଏକତାର ଏକମାତ୍ର କାରଣ ହୋଇ ଅବଶିଷ୍ଟ ରହିଯାଏ । ଖଣ୍ଡଖଣ୍ଡ ହୋଇ ଭାଙ୍ଗିଯିବାର ଏହି ପ୍ରବୃତ୍ତିଟିର ପ୍ରମାଦକୁ ଭୋଗ କରିବାକୁ ଆରମ୍ଭ କରିବା ପରେ ମଧ୍ୟ ଅଷ୍ଟ୍ରିୟାର ଅସ୍ତିତ୍ୱ ବସ୍ତୁତଃ ଏକ ନୂତନ ରାଜନୀତିକ ସୁବିଧାର ପରିଚର୍ଯ୍ୟା କରିଥିଲା; ମାତ୍ର ସେହି ସୁବିଧାଟି ଜର୍ମାନିକ୍ ବିଚାରରହିଁ ସୁବିଧାଟି ଥିଲା ଯାହାକି ଅବଶିଷ୍ଟ ଇଉରୋପ ଲାଗି ଏକ ଅସୁବିଧା ରୂପେ ଆସି ଦେଖାଦେଲା ଏବଂ ତାହା ଆଉ ମହତ୍ତ୍ୱପୂର୍ଣ୍ଣ ଗଠନକାରୀ ଉପାଦାନଗୁଡ଼ିକର ସ୍ୱୀକୃତି ଲାଭ କରି ପାରିଲା ନାହିଁ । ଏହି ଉପାଦାନ ବା ଏକକଗୁଡ଼ିକ ଅଷ୍ଟ୍ରୀୟ ମଣ୍ଡଳଟିର ବାହାରେ ରହିଥିବା ଅନ୍ୟ ସମ୍ମିଶ୍ରଣଗୁଡ଼ିକ ଆଡ଼କୁ ଆକର୍ଷିତ ହୋଇଯିବାରେ ଲାଗିଲେ । ସେହି ମୁହୂର୍ତ୍ତଟିଠାରୁ ଅଷ୍ଟ୍ରୀୟ ସାମ୍ରାଜ୍ୟର ଅସ୍ତିତ୍ୱଟିହିଁ ସଂକଟରେ ଆସି ପଡ଼ିଲା, ଏବଂ ତାହାରି ମଧ୍ୟରେ ରହିଥିବା ସ୍ଲାଭିକ୍ ଜାତିମାନଙ୍କୁ ଦଳି ନଷ୍ଟ କରିଦେବା ପାଇଁ ତାହାକୁ କୌଣସି ଅନ୍ତର୍ଗତ ପ୍ରୟୋଜନ ଉପରେ ନୁହେଁ, ମାତ୍ର ପ୍ରଥମେ ଅଷ୍ଟ୍ରୋ-ମାଗ୍ୟାର୍ ଯୋଡ଼ିର ବଳ ଉପରେ ନିର୍ଭର କରିବାକୁ ପଡ଼ିଥିଲା । ଏବଂ ଦ୍ୱିତୀୟତଃ, ଇଉରୋପରେ ଜର୍ମାନୀ ତଥା ଜର୍ମାନିକ୍ ଭାବନାଟିରହିଁ ଅବିଚ୍ଛିନ୍ନ ବଳ ଏବଂ କର୍ତ୍ତୃତ୍ୱଟି

'oaob.nitrkl.ac.in' images reprocessed

ଉପରେ ମଧ୍ୟ ନିର୍ଭର କରିବାକୁ ପଡ଼ିଥିଲା, ଅର୍ଥାତ୍ କେବଳ ବଳ ଉପରେହିଁ ନିର୍ଭର କରିବାକୁ ପଡ଼ିଲା । ଏବଂ ଅଷ୍ଟ୍ରିୟାର ଦୃଷ୍ଟାନ୍ତଟିରେ ସାମ୍ରାଜ୍ୟ-ସ୍ଥାପନା ଦ୍ୱାରା ଏକତା ଆଣିବା ରୀତିଟିର ଦୁର୍ବଳତାଟି ଏକକ ଭାବରେ ଆଖିରେ ଆସି ପଡ଼ି ଯାଉଥିଲେହେଁ ଏବଂ ଏହାର ପରିବେଶଗୁଡ଼ିକ କିଞ୍ଚିତ୍ ଅତିରଞ୍ଜିତ ମଧ୍ୟ ହୋଇଥିଲେହେଁ, ଯୁଗପତ୍ ଭାବରେ ଗୋଟିଏ ଗୋଟିଏ ଜାତୀୟ ଏକକରୂପେ ବିକଶିତ ହୋଇ ନ ଥିବା ସକଳ ସାମ୍ରାଜ୍ୟର କ୍ଷେତ୍ରରେ ମଧ୍ୟ ଆମେ ଠିକ୍ ସେହି ପରିବେଶଗୁଡ଼ିକୁହିଁ ଦେଖିବାକୁ ପାଇବା । ଉପନିବେଶଗୁଡ଼ିକ ଆପେ ଆପେ ଅଲଗା ହୋଇଯିବା ସଙ୍ଗେ ସଙ୍ଗେ ବ୍ରିଟିଶ୍ ସମ୍ରାଜ୍ୟଟି ମଧ୍ୟ ଯେ ଆପଣାଛାଏଁ ଭାଙ୍ଗି ପଡ଼ିବାର ଅନ୍ତତଃ ଏକ ଭାରି ସମ୍ଭାବନା ରହିଛି, ରାଜନୀତି-କ୍ଷେତ୍ରର ଅଧିକାଂଶ ବିଚାରକ ଅଳ୍ପଦିନ ତଳେ ତାହାହିଁ ଦେଖିବାକୁ ଆରମ୍ଭ କରିଥିଲେ; ପ୍ରଜାତି, ଭାଷା ଏବଂ ବଂଶୋତ୍ପତ୍ତିଗତ ନାନା ନିକଟ ବନ୍ଧନ ସେମାନଙ୍କୁ ମୂଳ ଦେଶଟି ସହିତ ଏକାଠି ବାନ୍ଧି ରଖିବାର ପୂର୍ଣ୍ଣ ଅନୁକୂଳତା ରହିଥିଲେ ମଧ୍ୟ ଏହି ଉପନିବେଶଗୁଡ଼ିକ କ୍ରମେ ଗୋଟି ଗୋଟି ହୋଇ ସାମ୍ରାଜ୍ୟ ମଧ୍ୟରୁ ବାହାରି ଯିବାକୁ ଆରମ୍ଭ କଲେଣି । ଏହାର କାରଣ ହେଉଛି ଯେ, ସାମ୍ରାଜ୍ୟ ମଧ୍ୟରେ ଏକତାବଦ୍ଧ ହୋଇ ରହିବାର ରାଜନୀତିକ ସୁବିଧାଟିରୁ ଉପନିବେଶଗୁଡ଼ିକ ବେଶ୍ ଅନେକ ଲାଭ ପାଉଥିଲେ ମଧ୍ୟ, ସେଇଟି ସେମାନଙ୍କ ଦ୍ୱାରା ଆଦୌ ଯଥେଷ୍ଟ ଭାବରେ ଆଦୃତ ହେଉ ନ ଥିଲା ଏବଂ ଅନ୍ୟପକ୍ଷରେ ସେମାନଙ୍କ ମଧ୍ୟରେ ଜାତୀୟ ଏକତ୍ୱର କୌଣସି ଜୀବନ୍ତ ସିଦ୍ଧାନ୍ତ ମଧ୍ୟ ଆଦୌ ବିଦ୍ୟମାନ ନ ଥିଲା । ଅଷ୍ଟ୍ରେଲିଆ ଏବଂ କାନାଡ଼ାର ଅଧିବାସୀମାନେ ଏକ ସଂପ୍ରସାରିତ ବ୍ରିଟିଶ ଜାତୀୟତାର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ବୋଲି ନ ଭାବି ଆପଣାକୁ ଅଧିକ ପରିମାଣରେ ବରଂ ଗୋଟିଏ ଗୋଟିଏ ଅଲଗା ଅଲଗା ନୂତନ ଜାତିରୂପେ ବିଚାର କରିବାକୁ ଲାଗୁଥିଲେ । ଉଭୟ ଦୃଷ୍ଟିରୁହିଁ ଅବସ୍ଥାମାନ ଆଜି ବିଲକୁଲ ବଦଳି ଯାଇଛି, ଏକ ଅଧିକ ପ୍ରଶସ୍ତ ସୂତ୍ରର, ଆବିଷ୍କାର ହୋଇଛି ଏବଂ ବର୍ତ୍ତମାନ ପାଇଁ ବ୍ରିଟିଶ୍ ସାମ୍ରାଜ୍ୟ ଆନୁପାତିକ ଦୃଷ୍ଟିରୁ ଦେଖିଲେ ପୂର୍ବାପେକ୍ଷା ଅଧିକ ବଳବାନ୍ ହୋଇ ରହିଛି ।

ତଥାପି, ଏଠାରେ ଏହି ପ୍ରଶ୍ନଟି ପଚରା ଯାଇପାରେ, ଯେତେବେଳେ ନାମ, ପ୍ରକାର ଓ ରୂପଟି ଅପରିବର୍ତ୍ତିତ ହୋଇ ରହିଛି, ତେବେ ରାଜନୀତିକ ଏବଂ ପ୍ରକୃତ ଏକକଟି ମଧ୍ୟରେ କାହିଁକି ଏହିପରି ଗୋଟିଏ ପାର୍ଥକ୍ୟର ନିରୂପଣ କରାହେବ ? ପାର୍ଥକ୍ୟଟି ଅବଶ୍ୟ ନିରୂପଣ କରାହେବ, କାରଣ ଏକ ପ୍ରକୃତ ଓ ଗଭୀର ରାଜନୀତି-ବିଜ୍ଞାନ ଲାଗି ଏହାର ସବୁଠାରୁ ଅଧିକ ପ୍ରୟୋଜନ ରହିଛି ଏବଂ ଏହାରି ମଧ୍ୟରେ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ପରିଣାମମାନ ମଧ୍ୟ ଜଡ଼ିତ ହୋଇ ରହିଛି । ଜାତୀୟତାର ସୂତ୍ର ଦ୍ୱାରା ଗୋଟିଏ ହୋଇ ବନ୍ଧା ହୋଇ ନ ଥିବା ଅଷ୍ଟ୍ରିୟା ଭଳି ଏକ ସାମ୍ରାଜ୍ୟ ଯେତେବେଳେ ଖଣ୍ଡ ଖଣ୍ଡ

'oaob.nitrkl.ac.in' images reprocessed

ହୋଇ ଭାଙ୍ଗି ଯାଉଛି, ସେତେବେଳେ ତାହା ସବୁଦିନ ଲାଗିହିଁ ବିଲୁପ୍ତ ହୋଇ ଯାଉଛି; ସେହି କ୍ଷେତ୍ରରେ ବାହ୍ୟ ଏକତ୍ୱଟିର ପୁନଃ ପ୍ରତିଷ୍ଠା କରିବା ଲାଗି ଅନ୍ତର୍ଗତ କୌଣସି ପ୍ରବୃତ୍ତି ପ୍ରକାଶ ପାଉ ନାହିଁ, କାରଣ ସେହି କ୍ଷେତ୍ରରେ କୌଣସି ଯଥାର୍ଥ ଓ ଅନ୍ତର୍ଗତ ଏକତା ମଧ୍ୟ ଆଦୌ ନାହିଁ; ସେହି କ୍ଷେତ୍ରରେ କେବଳ ରାଜନୀତିକ ଉପାୟରେ ଗଢ଼ା ହୋଇଥିବା ଏକ ସମଷ୍ଟିହିଁ ରହିଛି । ମାତ୍ର ଅନ୍ୟ ପକ୍ଷରେ, ଯଦି ପରିସ୍ଥିତିରେ ପଡ଼ି କେଉଁଠାରେ ଏକ ପ୍ରକୃତ ଜାତୀୟ ଏକତା ଭାଙ୍ଗିଯିବାରେ ଲାଗିଥାଏ, ତେବେ ତାହାର ସେହି ଏକତାଟିକୁ ପୁଣି ଉଦ୍ଧାର କରି ପ୍ରତିଷ୍ଠା କରିବା ଲାଗି ଏକ ପ୍ରବୃତ୍ତି ସେହି କ୍ଷେତ୍ରରେ ଅବଶ୍ୟ ବଳବତ୍ତର ରହିଥିବ । ଅନ୍ୟ ସକଳ ସାମ୍ରାଜ୍ୟ ପରି ଗ୍ରୀକ୍ ସାମ୍ରାଜ୍ୟ ମଧ୍ୟ ନଷ୍ଟ ହୋଇ ଯାଇଛି ସତ, ମାତ୍ର ରାଜନୀତିକ ଅସ୍ତିତ୍ୱଟିକୁ ବହୁ ଶତାବ୍ଦୀ ଧରି ହରାଇ ସାରିବା ପରେ ମଧ୍ୟ, ଗ୍ରୀକ୍ ଜାତି ପୁଣି ଆପଣାର ଗୋଟିଏ ସ୍ୱତନ୍ତ୍ର ଶରୀର ଧାରଣ କରି ଆବିର୍ଭୂତ ହୋଇଛି, କାରଣ ତାହା ଆପଣାର ସ୍ୱତନ୍ତ୍ର ଅସ୍ମିତାଟିକୁ ବଞ୍ଚାଇ ରଖିପାରିଛି ଏବଂ ତେଣୁ ତୁର୍କ ଶାସନର ଆଚ୍ଛାଦନଟି ତଳେ ମଧ୍ୟ ତାହା ପ୍ରକୃତରେ ବଞ୍ଚି ରହିଆସିଛି । ତୁର୍କଶାସନର ଅଧୀନରେ ରହିଥିବା ସବୁ ଜାତିଙ୍କର କ୍ଷେତ୍ରରେ ଠିକ୍ ତାହାହିଁ ଘଟିଛି, କାରଣ ଏକାଧିକ ଦିଗରୁ ବିଚାର କଲେ ସେହି ଶକ୍ତିଶାଳୀ କର୍ତ୍ତୃତ୍ୱ ଓ ଶାସନଟି ଯେତେ କଠୋର ହୋଇ ରହିଥିଲେ ହେଁ, ତାହା କଦାପି ସେହି ଜାତିଗୁଡ଼ିକର ଜାତୀୟ ବିଶେଷତାଗୁଡ଼ିକୁ ନଷ୍ଟ କରି ଦେବା ଲାଗି କୌଣସି ଉଦ୍ୟମ କରି ନାହିଁ ବା ଏକ ଅଟୋମାନ୍ ଜାତୀୟତାକୁ ବିକଳ୍ପରୂପେ ପ୍ରତିଷ୍ଠା କରିବାକୁ ଆଦୌ ଯାଇ ନାହିଁ । ତେଣୁ ଏହି ଜାତିଗୁଡ଼ିକ ପୁନର୍ବାର ଜୀବିତ ହୋଇ ଉଠିଛନ୍ତି ଓ ଆପଣାକୁ ପୁନର୍ଗଠିତ କରି ଆଣିଛନ୍ତି, ଅଥବା, ଯେଉଁ ପରିମାଣରେ ସେମାନେ ଆପଣା ଆପଣାର ଜାତୀୟ ବୋଧଟିକୁ ବଞ୍ଚାଇ ରଖି ପାରିଛନ୍ତି, ବର୍ତ୍ତମାନ ସେହି ମାତ୍ରାରେହିଁ ଆପଣାକୁ ପୁନର୍ଗଠିତ କରି ଆଣିବାକୁ ଚେଷ୍ଟା କରୁଛନ୍ତି । ଏହିପରି ଭାବରେ ସର୍ବୀୟ ଜାତୀୟ ବିଚାରଟି ଆପଣାକୁ ପୁନରୁଦ୍ଧାର କରି ଆଣିବାର ଚେଷ୍ଟା କରିଥିଲା ଏବଂ ଯେଉଁସବୁ ଅଞ୍ଚଳରେ ସର୍ବ-ଜାତିର ଲୋକମାନେ ବାସ କରୁଛନ୍ତି ବା ସଂଖ୍ୟାରେ ସର୍ବବୃହତ୍ ହୋଇ ରହିଛନ୍ତି, ତାହା ସେହିସବୁ ଅଞ୍ଚଳକୁ ପୁଣି ଫେରି ପାଇଲା । ଗ୍ରୀସ୍ ମଧ୍ୟ ଆପଣାକୁ ଆପଣାର ପ୍ରଧାନ ଭୂଖଣ୍ଡଟିରେ ଦ୍ୱୀପଗୁଡ଼ିକରେ ଓ ଏସୀୟ ଉପନିବେଶଗୁଡ଼ିକରେ ପୁନର୍ଗଠିତ କରି ଆଣିବାକୁ ଚେଷ୍ଟା କରୁଛି; ମାତ୍ର ଥ୍ରେସ୍ ଅଞ୍ଚଳଟି ହେଲେନିକ୍ ଅପେକ୍ଷା ଅଧିକ ପରିମାଣରେ ବୁଲ୍‌ଗାର୍ ହୋଇ ପଡ଼ିଥିବାରୁ ତାହା ବର୍ତ୍ତମାନ ଆପଣାକୁ ପୁନର୍ଗଠିତ କରିପାରୁ ନାହିଁ । ଅନେକ ଶତାବ୍ଦୀ ପରେ ଇତାଲୀ ପୁନରାୟ ଏକ ବାହ୍ୟ ଏକତ୍ୱରେ ପରିଣତ ହୋଇଛି; କାରଣ, ଗୋଟିଏ ରାଷ୍ଟ୍ର ହୋଇ ଆଉ ରହି ନ ଥିଲେ ମଧ୍ୟ ତାହା ସର୍ବଦା ଗୋଟିଏ ଜାତି ହୋଇହିଁ ରହି ଆସିଛି ।

'oaob.nitrkl.ac.in' images reprocessed

ଯଥାର୍ଥ ଏକତ୍ୱର ଏହି ସତ୍ୟଟି ପ୍ରକୃତରେ ଏତେ ଦୃଢ଼ ଯେ, ଏପରିକି ଯେଉଁସବୁ ଜାତି ଅତୀତରେ କୌଣସି ବାହ୍ୟ ଏକତା କେବେହେଲେ ହାସଲ କରି ନ ଥିଲେ, ଏବଂ ଯେଉଁମାନଙ୍କର ଏହି ଏକତାଟି ହାସଲ କରିବା ଦିଗରେ ଭାଗ୍ୟ, ପରିସ୍ଥିତି ଏବଂ ସେମାନେ ସ୍ୱୟଂ ସର୍ବଦା ପ୍ରତିକୂଳ ହୋଇ ରହିଥିଲେ, ଯେଉଁସବୁ ଜାତି ସର୍ବଦା କେନ୍ଦ୍ରାପସାରୀ ନାନା ଶକ୍ତି ଦ୍ୱାରା ସମାକୁଳ ହୋଇ ରହିଥିଲେ ଓ ଅନାୟାସରେ ବିଦେଶୀ ଅନୁପ୍ରବେଶ ଦ୍ୱାରା କବଳିତ ହୋଇ ପଡୁଥିଲେ, ସେମାନେ ତଥାପି ସର୍ବଦା ଏକ କେନ୍ଦ୍ରାନୁସାରୀ ଶକ୍ତିର ମଧ୍ୟ ବିକାଶ କରାଇ ଆଣି ପାରିଥିଲେ ଏବଂ ସତେଅବା ଅନିବାର୍ଯ୍ୟ ଭାବରେ ଏକ ସଂଗଠିତ ଏକତ୍ୱରେ ଆସି ଉପନୀତ ହୋଇଥିଲେ । ପ୍ରାଚୀନ ଗ୍ରୀସ୍ ସର୍ବଦା ତା'ର ବିଚ୍ଛିନ୍ନତାବାଦୀ ପ୍ରବୃତ୍ତିଗୁଡ଼ିକୁ ଜାବୁଡ଼ି କରି ଧରିଥିଲା, ତା'ର ସ୍ୱୟଂ-ପୂର୍ଣ୍ଣ ନଗର ବା ଆଞ୍ଚଳିକ ରାଷ୍ଟ୍ରଗୁଡ଼ିକୁ ତଥା ପରସ୍ପରର ବିକର୍ଷକ ପରି ହୋଇ ରହିଥିବା ସାନସାନ ସ୍ୱଶାସନଗୁଡ଼ିକୁ ଜିଆଇ ରଖିଥିଲା ସତ, ମାତ୍ର କେନ୍ଦ୍ରାନୁସାରୀ ଶକ୍ତିଟି ତା'ର ଲିଗ୍‌ଗୁଡ଼ିକରେ, ବିଭିନ୍ନ ରାଷ୍ଟ୍ରକୁ ନେଇ ଗଢ଼ା ହୋଇଥିବା ସଂସ୍ଥାଗୁଡ଼ିକରେ ଏବଂ ସ୍ପାର୍ଟା ତଥା ଏଥେନ୍ସ ପ୍ରଭୃତିର ଅଧିରାଜ୍ୟଗୁଡ଼ିକରେ ସର୍ବଦା ପ୍ରକଟ ହେବାରେ ଲାଗିଥିଲା । ପରିଶେଷରେ ତାହା ଆପଣାକୁ ଉପଲବ୍ଧି ମଧ୍ୟ କରିଥିଲା; ପ୍ରଥମେ ବେଶ୍ ଅପୂର୍ଣ୍ଣ ଭାବରେ ଏବଂ ଅସ୍ଥାୟୀ ଭାବରେ ମ୍ୟାସିଡୋନିଆର ଅଧିବ୍ୟବସ୍ଥାଟି ଦ୍ୱାରା, ଏବଂ ତା'ପରେ ପୂର୍ବଭାଗରେ ରହିଥିବା ରୋମାନ୍ ଭୂଖଣ୍ଡଟି କ୍ରମେ ଏକ ଗ୍ରୀକ୍ ଏବଂ ବାଇଜାଣ୍ଟାଇନ୍ ସାମ୍ରାଜ୍ୟ ରୂପେ ବିବର୍ତ୍ତିତ ହୋଇ ଆସିବାର ସେହି ବେଶ୍ ବିଚିତ୍ର ବିକାଶଟି ଦ୍ୱାରା ତାହା ଆପଣାକୁ ଏକ ସତ୍ୟରେ ପରିଣତ କରି ପାରିଥିଲା । ଏବଂ ଆଧୁନିକ ଗ୍ରୀସ୍‌ରେ ଏବେ ତାହାରିହିଁ ଏକ ପୁନର୍ଜୀବନ ସଂଘଟିତ ହୋଇଛି । ଏବଂ ଆମର ଏହି କାଳଟିରେ ମଧ୍ୟ ଆମେ ଦେଖିବାକୁ ପାଇଛୁ ଯେ, ବହୁ ପ୍ରାଚୀନ ସମୟରୁ ସତତ ଭାଗଭାଗ ହୋଇ ରହିଥିବା ଜର୍ମାନୀ ମଧ୍ୟ ନାନା ଅଶୁଭ ପରିସ୍ଥିତିର ରୂପ ଗ୍ରହଣ କରି ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ଆପଣା ଏକତ୍ୱର ସେହି ଅନ୍ତର୍ନିହିତ ଭାବଟିକୁ ବିକଶିତ କରାଇ ଆଣିଛି; ତାହା ହୋହେନ୍‌ଜୋଲର୍ନ ସାମ୍ରାଜ୍ୟଟିରେ ଏକ ମୂର୍ତ୍ତ ରୂପ ଗ୍ରହଣ କରିଛି ଏବଂ ସେହି ସାମ୍ରାଜ୍ୟଟିର ପତନ ପରେ ଏକ ସଂଘୀଭୂତ ସାଧାରଣତନ୍ତ୍ର ମଧ୍ୟରେ ତଥାପି ବଞ୍ଚି ରହିଛି । ଯେଉଁମାନେ କେବଳ ବାହ୍ୟ ପରିସ୍ଥିତିଗୁଡ଼ିକର ଗତି ଓ ବିଧିଗୁଡ଼ିକୁ ନ ଦେଖି ତନ୍ନିହିତ ଶକ୍ତିଗୁଡ଼ିକର କ୍ରିୟାଟିକୁ ଅଧ୍ୟୟନ କରନ୍ତି, ଆପଣାକୁ ଅଷ୍ଟ୍ରୋ-ଜର୍ମାନ୍ ବୋଲି ପରିଚିତ କରାଉଥିବା ସେହି ଯେଉଁ ଜର୍ମାନିକ୍ ଉପାଦାନଟି ତଥାପି ବାହାରେ ରହିଯାଇଛି, ଏହି ଯୁଦ୍ଧର ଏକ ସୁଦୂରପ୍ରସାରୀ ପରିଣାମ ରୂପେ ସେଇଟି ଯଦି ବୃହତ୍ତର ଜର୍ମାନିକ୍ ସମୁଦାୟଟି ମଧ୍ୟରେ ଆସି ସମ୍ମିଳିତ ହୋଇଯାଏ, ତେବେ ସେମାନେ ସେଥିରେ ଆଦୌ କୌଣସି ପ୍ରକାରେ ବିସ୍ମିତ ହେବେ

'oaob.nitrkl.ac.in' images reprocessed

ନାହିଁ । ଅବଶ୍ୟ ଏକଥା ସତ ଯେ ସେଇଟି ପ୍ରୁସିଆ ବା ହୋହେନ୍ସୋଲର୍ନ ସାମ୍ରାଜ୍ୟର କର୍ତ୍ତୃତ୍ୱ ଅଧୀନରେ ରହିବାକୁ ଇଚ୍ଛା ନ କରି ସମ୍ଭବତଃ ଅନ୍ୟ କୌଣସି ସମଗ୍ର ମଧ୍ୟରେ ଆସି ସମ୍ମିଳିତ ହେବାକୁ ଇଚ୍ଛା କରିବ ।* ଇତିହାସପ୍ରସିଦ୍ଧ ଏହି ଦୁଇଟିଯାକ ଉଦାହରଣରେ, ଇତିହାସର ଆହୁରି ଅନେକ ଉଦାହରଣ ପରି, ଅର୍ଥାତ୍, ସାକ୍ସନ୍ ଇଂଲଣ୍ଡର ଏକୀକରଣ, ମଧ୍ୟଯୁଗୀୟ ଫ୍ରାନ୍ସର ଏକୀକରଣ ଏବଂ ଆମେରିକା ଯୁକ୍ତରାଜ୍ୟର ଗଠନ ପ୍ରଭୃତି ଉଦାହରଣ ପରି ଏକ ପ୍ରକୃତ ଏକତା, ମନସ୍ତାତ୍ତ୍ୱିକ ଭୂମି ଉପରେ ଏକ ସଂପୂର୍ଣ୍ଣ ସ୍ୱତନ୍ତ୍ର ଏକକ ପରି ହୋଇ ରହିଥିବା ସମୂହହିଁ ଆପଣା ସତ୍ତାର ଅବଚେତନ ପ୍ରୟୋଜନ ଦ୍ୱାରା ପ୍ରେରିତ ହୋଇ ପ୍ରଥମେ ଅଜ୍ଞାନ ଭାବରେ ଓ ତା'ପରେ ରାଜନୀତିକ ଏକତ୍ୱ ବୋଧର ଭୂମିଟି ଉପରେ ହଠାତ୍ ବା ଧୀରେ ଧୀରେ ଜାଗୃତ ହୋଇଉଠି ଏକ ଅନିବାର୍ଯ୍ୟ ବାହ୍ୟ ଐକ୍ୟ ଦିଗରେ ପ୍ରଧାବିତ ହୋଇ ଆସିଥିଲା । ଏହାକୁ ଆମେ ଏକ ସ୍ୱତନ୍ତ୍ର ସମୂହ-ଆତ୍ମା ବୋଲି କହିବା, ଯାହାକି ଅନ୍ତଃପ୍ରେରିତ ପ୍ରୟୋଜନ ଦ୍ୱାରା ଗତିଶୀଳ ହେବାକୁ ଲାଗେ ଏବଂ ଆପଣାକୁ ଏକ ସଂଗଠିତ ଏକକ ରୂପେ ସଂରଚିତ କରି ଆଣିବା ଲାଗି ବାହ୍ୟ ପରିସ୍ଥିତିଗୁଡ଼ିକୁ ବ୍ୟବହାର କରିଥାଏ ।

ମାତ୍ର ଏହି କ୍ଷେତ୍ରରେ ଭାରତବର୍ଷର ବିକାଶକୁହିଁ ଆମେ ଇତିହାସର ସବୁଠାରୁ ଅଧିକ ଆଶ୍ଚର୍ଯ୍ୟକାରୀ ଦୃଷ୍ଟାନ୍ତ ବୋଲି କହିବା । ଆଉ କୌଣସି ଦେଶର କ୍ଷେତ୍ରରେ କେନ୍ଦ୍ରାପସାରୀ ଏକତାବିରୋଧୀ ଶକ୍ତିଗୁଡ଼ିକ କଦାପି ଏତେଦୂର ଶକ୍ତିଶାଳୀ ହୋଇ ନାହାନ୍ତି, ଏତେ ଅଧିକ ସଂଖ୍ୟାରେ ଦେଖା ଦେଇ ନାହାନ୍ତି ବା ଏତେ ଜଟିଳ ଓ ଅନମନୀୟ ମଧ୍ୟ ହୋଇ ନାହାନ୍ତି । ଏପରିକି ଏହି ବିକାଶଟି ଲାଗି ଯେତିକି ସମୟ ବି ଲାଗିଛି, ସେଇଟି ମଧ୍ୟ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ବୋଲି ମନେ ହେଉଛି; ଯେଉଁସବୁ ପ୍ରଳୟକାରୀ ଉତ୍ଥାନପତନର ମଧ୍ୟ ଦେଇ ଏହି ବିବର୍ତ୍ତନଟି ଆପଣାକୁ କାର୍ଯ୍ୟକାରୀ କରିଆସିଛି, ସେଇଟି ମଧ୍ୟ ଆଦୌ କମ୍ ବିସ୍ମୟ ସୃଷ୍ଟି କରିବ ନାହିଁ । ଏବଂ ତଥାପି ଏହି ସବୁକିଛିର ମଧ୍ୟ ଦେଇ ସେହି ଅନିବାର୍ଯ୍ୟ ପ୍ରବୃତ୍ତିଟି ସତତ ଓ ଅନବଚ୍ଛିନ୍ନ ଭାବରେ କାର୍ଯ୍ୟ କରି ଆସିଛି; ଯେତେବେଳେ ପ୍ରକୃତିର ସ୍ୱଭାବପ୍ରେରିତ ଅଭିପ୍ରାୟଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ମଣିଷ ବାଧାରୂପେ ଆସି ଛିଡ଼ା ହୋଇଥାଏ, ସେତେବେଳେ ପ୍ରକୃତି ଯେପରି ନୀରସ, ଅସ୍ପଷ୍ଟ, ଦୁର୍ଦ୍ଧର୍ଷ ଏବଂ ନିର୍ମମ ଅଦମ୍ୟତା ସହିତ କାର୍ଯ୍ୟ କରେ, ଉକ୍ତ ପ୍ରବୃତ୍ତିଟି ତାହାକୁହିଁ ହାତରେ ନେଇ କାର୍ଯ୍ୟ କରି ଆସିଛି । ଏବଂ ସହସ୍ର ସହସ୍ର ବର୍ଷ ଧରି ଲାଗି ରହିଥିବା ସଂଗ୍ରାମଟି

* ଏହି ସମ୍ଭାବନାଟି କିଛି ସମୟ ପାଇଁ ପ୍ରକୃତରେ ସତ୍ୟରେ ପରିଣତ ହୋଇଥିଲା, ମାତ୍ର ତାହା ଏପରି ଏକ ପରିସ୍ଥିତିରେ ହେଲା, ଯେଉଁଥିରୁ କି ଅଷ୍ଟ୍ରିଆର ଜାତୀୟ ମନୋଭାବଟିର ପୁନରୁତ୍ଥାନ ହେଲା ଏବଂ ଏକ ଏକକ ଜାତୀୟ ଅସ୍ତିତ୍ୱ ଅନିବାର୍ଯ୍ୟ ହୋଇ ପଡ଼ିଲା ।

'oaob.nitrkl.ac.in' images reprocessed

ପରେ ଶେଷରେ ସେହି ପ୍ରବୃତ୍ତିଟିହିଁ ବିଜୟପ୍ରାପ୍ତ ହୋଇଛି । ପ୍ରକୃତିର ଆପଣାର ମାନସ ତଥା ମାନବିକ ସାମଗ୍ରୀ ତାହାର କାର୍ଯ୍ୟଟିର ବିରୋଧ କଲାବେଳେ ସାଧାରଣତଃ ଯାହା ଘଟିଥାଏ, ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅବଚେତନ କର୍ମୀ ସବୁଠାରୁ ଅଧିକ ପ୍ରତିକୂଳ ପରିସ୍ଥିତିଗୁଡ଼ିକୁହିଁ ପ୍ରକୃତିର ସବୁଠାରୁ ଅଧିକ ସଫଳ ସାଧନରୂପେ କାମରେ ଲଗାଇ ପାରିଛି । ଭାରତବର୍ଷରେ ଏହି କେନ୍ଦ୍ରାନୁସାରୀ ପ୍ରବୃତ୍ତିଟିର ଉତ୍ସନିରୂପଣ କରିବାକୁ ଯାଇ ଆମକୁ ଇତିହାସରେ ଲିପିବଦ୍ଧ ହୋଇ ରହିଥିବା ତା'ର ପ୍ରାଚୀନତମ କାଳଟି ପର୍ଯ୍ୟନ୍ତ ଯାଇ ପହଞ୍ଚିବାକୁ ପଡ଼ିବ । ସେହି କାଳଟି ସମ୍ରାଟ୍ ବା ଚକ୍ରବର୍ତ୍ତୀ ରାଜାର ଆଦର୍ଶଟି ମଧ୍ୟରେହିଁ ନିଦର୍ଶିତ ହୋଇ ରହିଥିଲା ଏବଂ ସେତେବେଳେ ଅଶ୍ୱମେଧ ତଥା ରାଜସୂୟ ଯଜ୍ଞକୁ ସାମରିକ ଏବଂ ରାଜନୀତିକ କ୍ଷେତ୍ରଗୁଡ଼ିକରେ ଆଣି ବ୍ୟବହାର କରା ଯାଉଥିଲା । ପ୍ରାୟ ସେହି ପ୍ରସଙ୍ଗଟିକୁହିଁ ଉଦାହୃତ କରି ରଖିବାକୁ ଯେପରି ଭାରତର ଦୁଇଟିଯାକ ଜାତୀୟ ମହାକାବ୍ୟର ରଚନା ହୋଇଛି; କାରଣ ସେଥିମଧ୍ୟରୁ ଗୋଟିକରେ ଏକ ଏକତ୍ୱକାରୀ ଧର୍ମରାଜ୍ୟ-ପ୍ରତିଷ୍ଠାର ବର୍ଣ୍ଣନା ହୋଇଛି ଏବଂ ଅନ୍ୟଟି ଏହିଭଳି ଏକ ଶାସନର ଆଦର୍ଶୀକୃତ ବର୍ଣ୍ଣନାରୁହିଁ ଆରମ୍ଭ ହୋଇଛି; ଦେଶର ପ୍ରାଚୀନ ଏବଂ ପବିତ୍ର ଏକ ଅତୀତରେ ସେହିଭଳି ଗୋଟିଏ ରାଜ୍ୟ ପ୍ରକୃତରେ ରହିଥିଲା ବୋଲି କୁହାଯାଇଛି । ଭାରତବର୍ଷର ରାଜନୀତିକ ଇତିହାସ ହେଉଛି ଦେଶୀୟ ତଥା ବିଦେଶୀୟ କେତେକେତେ ସାମ୍ରାଜ୍ୟର ଏକ କ୍ରମୋତ୍ଥାନ ଓ କ୍ରମପତନର କାହାଣୀ; ସେଗୁଡ଼ିକ ମଧ୍ୟରୁ କେତେକ ଏକତାବିରୋଧୀ ନାନା ଶକ୍ତି ଦ୍ୱାରାହିଁ ଧ୍ୱଂସପ୍ରାପ୍ତ ହୋଇଛନ୍ତି, ମାତ୍ର ପ୍ରତ୍ୟେକେ ସେହି କେନ୍ଦ୍ରାନୁସାରୀ ଏକତାର ପ୍ରବୃତ୍ତିଟିକୁ ମଧ୍ୟ ତାହାର ବିଜୟମଣ୍ଡିତ ଆବିର୍ଭାବଟି ଆଡ଼କୁ ଅଧିକ ନିକଟବର୍ତ୍ତୀ ମଧ୍ୟ କରାଇ ଆଣିଛନ୍ତି ଏବଂ ଏହି କଥାଟିକୁ ଆମେ ଗୋଟିଏ ଅତି ତାତ୍ପର୍ଯ୍ୟପୂର୍ଣ୍ଣ ପରିସ୍ଥିତି ବୋଲି ଜାଣିବା ଯେ, ଉପରେ ରାଜତ୍ୱ କରୁଥିବା ଶାସନଟି ଯେତେ ବେଶୀ ବିଜାତୀୟ ହୋଇ ରହିଛି, ଶାସିତ ଜନସମୂହକୁ ଏକତାବଦ୍ଧ ହେବା ଦିଗରେ ତାହାର ପ୍ରେରକଶକ୍ତିଟି ମଧ୍ୟ ସେତିକି ବେଶୀ ଅଧିକ ହୋଇଛି । ଏଇଥିରୁହିଁ ସେହି ନିଶ୍ଚିତ ସଙ୍କେତଟିର ସର୍ବଦା ପ୍ରମାଣ ମିଳିଯାଉଛି ଯେ ଅସଲ ଜାତି-ଏକକଟି ସେହି କ୍ଷେତ୍ରରେ ପୂର୍ବରୁହିଁ ଅବସ୍ଥିତ ରହିଛି ଏବଂ ତହିଁ ସଙ୍ଗେ ସଙ୍ଗେ ଏକ ଅବିନାଶ୍ୟ ଜାତୀୟ ପ୍ରାଣଶକ୍ତି ମଧ୍ୟ ରହିଛି ଯାହାକି ସଂଗଠିତ ଜାତିତ୍ୱର ସେହି ଅନିବାର୍ଯ୍ୟ କ୍ରମୋନ୍ମେଷକୁ ଏକ ଆବଶ୍ୟକତାରେ ପରିଣତ କରିଦେଇ ପାରୁଛି । ଆମେ ଏହି ଦୃଷ୍ଟାନ୍ତଟିରେ ଦେଖିବାକୁ ପାଇବା ଯେ ସକଳ ଜାତିଭାବନାର ଭିତ୍ତିସ୍ୱରୂପ ମନୋଭୂମିର ଏକତ୍ୱଟି ତାହାକୁ ଏକ ସଂପୂର୍ଣ୍ଣ ଉପଲବ୍ଧ ରୂପ ଆଣି ଦେଉଥିବା ବାହ୍ୟ ସଂଗଠିତ ଏକତ୍ୱରେ ଆତ୍ମପ୍ରକାଶ କରି ପାରିବା ଲାଗି ପ୍ରାୟ ଦୁଇ ହଜାର ବର୍ଷ ସମୟ ଲାଗିଛି ଏବଂ ସେହି ପ୍ରକ୍ରିୟାଟି ବର୍ତ୍ତମାନ ମଧ୍ୟ ସଂପୂର୍ଣ୍ଣ ହୋଇ

'oaob.nitrkl.ac.in' images reprocessed

ନାହିଁ ।* ଏବଂ ତଥାପି, ବସ୍ତୁଟିର ଅସଲ ଉପାଦାନଟି ରହିଥିବାରୁ, ସବୁଠାରୁ ଅଧିକ କଠିନ ଅସୁବିଧାମାନ ଏବଂ ବିଳମ୍ବମାନ, ଜନଗଣଙ୍କ ମଧ୍ୟରେ ରହିଥିବା ଐକ୍ୟ ଲାଗି ସବୁଠାରୁ ଅଧିକ ଅଟଳପ୍ରାୟ ଅସମର୍ଥତାଗୁଡ଼ିକ ଏବଂ ଏପରିକି ବାହାରୁ ଆସି ବାଜିଥିବା ସବୁଠାରୁ ଅଧିକ ବିଭେଦନକାରୀ ଆଘାତଗୁଡ଼ିକ ସେହି ଅନିବାର୍ଯ୍ୟ ଅବଚେତନ ଆବଶ୍ୟକତାଟିକୁ କେବେହେଲେ ନିରସ୍ତ କରି ଦେଇ ନାହାନ୍ତି । ଏବଂ ଏକ ସାଧାରଣ ନିୟମର କେବଳ ଏକ ଦୂରତମ ଦୃଷ୍ଟାନ୍ତ ରୂପେହିଁ ଏହା କୁହାଯାଇଛି ।

ଜାତି-ଗଠନର ପ୍ରକ୍ରିୟାଟି ସକାଶେ ବିଦେଶୀ ଶାସନରୁ ପ୍ରାପ୍ତ ହୋଇଥିବା ଏହି ସାହାଯ୍ୟଟି ବିଷୟରେ ଏଠାରେ କିଞ୍ଚିତ୍ ଆଲୋଚନା କରାଯିବା ଉଚିତ ଏବଂ ଏଇଟି ଯେ କିପରି କାର୍ଯ୍ୟକାରୀ ହୋଇଥାଏ, ତାହା ଦେଖିବା ଉଚିତ । ଇତିହାସରେ ଏହାର ଉଦାହରଣମାନ ପୂର୍ଣ୍ଣ ହୋଇ ରହିଛି । ମାତ୍ର କେତେକ କ୍ଷେତ୍ରରେ ବିଦେଶୀ ଶାସନାଧିକାରର ବ୍ୟାପାରଟି କେବଳ ସାମୟିକ ଓ ଅସଂପୂର୍ଣ୍ଣ ଭାବରେ ହୋଇଛି ଏବଂ ଆଉ ଅନ୍ୟ କେତୋଟିରେ ଏହା ଦୀର୍ଘକାଳସ୍ଥାୟୀ ଓ ସଂପୂର୍ଣ୍ଣ ମଧ୍ୟ ହୋଇଛି ଏବଂ ଆହୁରି ଅନ୍ୟଗୁଡ଼ିକର କ୍ଷେତ୍ରରେ ଅନେକ ସମୟରେ ଭିନ୍ନ ଭିନ୍ନ ରୂପରେ ଏହାର ପୁନରାବୃତ୍ତି ହୋଇଛି । କେତେକ ସ୍ଥଳରେ ଏହାର ଉପଯୋଗିତାଟି ସରିଗଲେ ସେହି ବୈଦେଶିକ ଉପାଦାନଟିକୁ ବର୍ଜନ କରାଯାଇଛି, କେତେକ ସ୍ଥଳରେ ଏହାକୁ ଆତ୍ମସାତ୍ କରି ନିଆଯାଇଛି ଏବଂ ଆଉ କେତେକ ସ୍ଥଳରେ ତାହାକୁ ଏକ ଶାସନକାରୀ ଜାତି ହିସାବରେ ଦୀର୍ଘ ଅଥବା ସ୍ୱଳ୍ପ ସମୟ ଲାଗି ଅଳ୍ପବହୁତ ପରିପାଚନ ସହିତ ଗ୍ରହଣ ମଧ୍ୟ କରି ନିଆଯାଇଛି । ସବୁଯାକ ସ୍ଥଳରେ ମୂଳ ନୀତିଟି ସମାନ ହୋଇ ରହିଛି, ମାତ୍ର ବିଶେଷ କ୍ଷେତ୍ରଟିର ଆବଶ୍ୟକତା ଅନୁସାରେ ପ୍ରକୃତି ସେଇଟିକୁ ନେଇ ଭିନ୍ନ ଭିନ୍ନଭାବରେ କାର୍ଯ୍ୟ କରିଛି । ଇଉରୋପରେ ବାସ କରୁଥିବା ଜାତିମାନଙ୍କ ମଧ୍ୟରୁ ଏପରି ଗୋଟିଏ କେହି ନାହିଁ, ଯାହାକୁ କି ଆପଣାର ଜାତିତ୍ୱଟିକୁ ଉପଲବ୍ଧି କରିବା ଲାଗି ବୈଦେଶିକ ଶାସନାଧୀନତାର ଏକ ପର୍ଯ୍ୟାୟ ଅତିକ୍ରମ କରିବାକୁ ନ ହୋଇଛି; ଏହି ପର୍ଯ୍ୟାୟଟି କେଉଁଠି ଦୀର୍ଘ ହୋଇଛି ତ କେଉଁଠି ଅଳ୍ପଦିନ ସ୍ଥାୟୀ ହୋଇଛି, କେଉଁଠି ଅଧିକ ସଂପୂର୍ଣ୍ଣ ହୋଇଛି ତ କେଉଁଠି କମ୍ ସଂପୂର୍ଣ୍ଣ ହୋଇଛି । ରୁଷିଆ ଏବଂ ଇଂଲଣ୍ଡରେ ଦେଶଜୟ କରିବାକୁ ଆସିଥିବା ଏକ ବିଦେଶୀ ଶକ୍ତିର ଶାସନାଧୀନତାହିଁ କ୍ରମେ ଏକ ଶାସନକାରୀ ଜାତିକୁ ଜନ୍ମ ଦେଇଛି ଏବଂ ଶେଷରେ ତାହା ପରିପାଚିତ ହୋଇ ବୃହତ୍ତର ଜନସମଗ୍ରଟି ସହିତ ମିଶିଯାଇଛି, ସ୍ପେନ

* ମାତ୍ର ଏହି କଥାଟି ସ୍ମରଣ ରଖିବାକୁ ହେବ ଯେ ଫ୍ରାନ୍ସ, ଜର୍ମାନୀ ଓ ଆଧୁନିକ ଇଟାଲୀ ପ୍ରତ୍ୟେକେ ଏକ ଦୃଢ଼ ଏକତ୍ୱକୁ ଆକାର ଦେଇ ତାହାକୁ ପ୍ରତିଷ୍ଠିତ କରିବା ଲାଗି ହଜାରେ, ଦୁଇ ହଜାର ଓ ତତୋଽଧିକ ବର୍ଷ ସମୟ ନେଇଥିଲେ ।

'oaob.nitrkl.ac.in' images reprocessed

କ୍ରମିକ ଭାବରେ ରୋମାନ୍, ଗୋଥ୍ ଏବଂ ମୁର୍ ଶାସନର ଅଧୀନକୁ ଆସିଛି, ଇତାଲୀରେ ଅଷ୍ଟ୍ରୀୟମାନଙ୍କର ରାଜତ୍ୱ ଚାଲିଛି, ବଲ୍‌କାନ୍ ରାଜ୍ୟଗୁଡ଼ିକରେ* ତୁର୍କମାନେ ଦୀର୍ଘକାଳ ଧରି ଆଧିପତ୍ୟ ରଖିଛନ୍ତି, ଜର୍ମାନୀ ଉପରେ ନେପୋଲିୟନ୍‌ଙ୍କର ରାଜତ୍ୱ ଜାରି ହୋଇଛି ଓ ପୁଣି ଅପସରି ଯାଇଛି । ମାତ୍ର ସବୁଯାକ କ୍ଷେତ୍ରରେ ସର୍ବମୂଳ ପରିଣାମ ରୂପେ ଏକ ଆଘାତ ଆସି ବାଜିଛି ବା ଏକ ଚାପ ଆସି ପଡ଼ିଛି, ଯାହାକି ଏକ ଶିଥିଳ ମନୋଭୂମିଗତ ଏକତ୍ୱକୁ ଭିତରୁ ଆପଣାକୁ ସଂଘବଦ୍ଧ କରି ଆଣିବାର ଏକ ପ୍ରୟୋଜନ ରୂପେ ଜାଗ୍ରତ କରିଦେଇଛି, ଅଥବା ଅନୈକ୍ୟର ଅପେକ୍ଷାକୃତ ଅଧିକ ଅନପନେୟ କାରଣଗୁଡ଼ିକୁ ପେଷି ଦେବାକୁ ଓ ହତୋତ୍ସାହିତ କରିଦେବାକୁ ବାହାରିଛି, ତାହାକୁ ତା'ର ସକଳ ସାମର୍ଥ୍ୟ, ସକଳ ପ୍ରାଣବତ୍ତା ଓ ସକଳ ବାସ୍ତବତାରୁ ବଞ୍ଚିତ କରି ରଖିବା ଲାଗି ଅଗ୍ରସର ହୋଇଯାଇଛି । କେତେକ କ୍ଷେତ୍ରରେ ନାମ, ସଂସ୍କୃତି ଏବଂ ସଭ୍ୟତାର ଏକ ସଂପୂର୍ଣ୍ଣ ପରିବର୍ତ୍ତନ ମଧ ଆବଶ୍ୟକ ହୋଇଛି, ଏବଂ ଜାତିସମୂହଟିର ଅଳ୍ପବହୁତ ଗଭୀର ଭାବରେ ଏକ ପରିବର୍ତ୍ତନ ମଧ୍ୟ କରାଯାଇଛି । ଫରାସୀ ଜାତିର ଗଠନରେ ଏଇଟି ପ୍ରକୃତରେ ବଡ଼ ଉଲ୍ଲେଖଯୋଗ୍ୟ ଭାବରେ ଘଟିଛି । ଆପଣାର ଡ୍ରୁଇଡ୍ ସଭ୍ୟତା ଏବଂ ପ୍ରଥମକାଳୀନ ମହାନତା ସତ୍ତ୍ୱେ ବା ସମ୍ଭବତଃ ତାହାରି କାରଣରୁହିଁ ପ୍ରାଚୀନ ଗଲିକ୍ ଜନସମୂହ, ପ୍ରାଚୀନ ଗ୍ରୀକ୍ ବା ପ୍ରାଚୀନ ଭାରତୀୟ ରାଜ୍ୟ ଓ ଗଣରାଜ୍ୟଗୁଡ଼ିକର ତୁଳନାରେ ମଧ୍ୟ ଏକ ଦୃଢ଼ ରାଜନୀତିକ ଐକ୍ୟବଦ୍ଧତାର ସଂଗଠନ ଦିଗରେ ଅପେକ୍ଷାକୃତ ଅଧିକ ଅସମର୍ଥ ହୋଇ ରହିଥିଲେ । ସେଠାରେ ଆଧୁନିକ ଫ୍ରାନ୍ସର ପଟାନ୍ତରହୀନ ଏକତ୍ୱଟିର ପ୍ରତିଷ୍ଠା କରିବା ଲାଗି ସେମାନେ ରୋମାନ୍ ଶାସନ, ଲାଟିନ ସଂସ୍କୃତି ଉପରୁ ଆସି ଆଧିପତ୍ୟ ଜମାଇଥିବା ଏକ ଟିଉଟନିକ୍ ଶାସକବର୍ଗ ଏବଂ ସର୍ବଶେଷରେ ସାମୟିକ ଓ ଆଂଶିକ ଭାବରେ ଇଂରେଜମାନେ ଆସି ଫ୍ରାନ୍ସକୁ ଜୟ କରି ନେବାର ଆଘାତଟିକୁ ଅବଶ୍ୟ ଆବଶ୍ୟକ କରୁଥିଲେ । ତଥାପି, ବର୍ତ୍ତମାନ ସେହି ନାମ, ସଭ୍ୟତା ତଥା ଆଉ ସବୁକିଛି ବଦଳି ଯାଇଥିବା ପରି ମନେ ହେଉଥିଲେ ମଧ ବର୍ତ୍ତମାନର ଫରାସୀ ଜାତି ତଥାପି ଓ ସର୍ବଦା ସେହି ପ୍ରାଚୀନ ଗଲିକ୍ ଜାତି ହୋଇହିଁ ରହିଆସିଛି ଏବଂ ଏହା ମଧରେ ରହିଥିବା ବାସ୍କ, ଗେଲିକ୍, ଆର୍ମୋରିକାନ୍ ତଥା ଅନ୍ୟାନ୍ୟ ପୁରାତନ ଉପାଦାନମାନ ଏହାର ଫ୍ରାଙ୍କ୍ ଓ ଲାଟିନ୍ ସମ୍ମିଶ୍ରଣଟି ଦ୍ୱାରା କିଞ୍ଚିତ୍ ପରିମାଣରେ ବେଶ୍ ପରିବର୍ତ୍ତିତ ହୋଇଯାଇଛି ।

---

* ଏଠାରେ ଏକତ୍ୱବଦ୍ଧ ହେବା ଲାଗି ଆଦୌ କୌଣସି ଗୋଟିଏ ଜନସମୂହ ନ ଥିଲା; ଏଠାରେ ଏକାଧିକ ଭିନ୍ନ ଭିନ୍ନ ଜନଗୋଷ୍ଠୀ ବାସ କରୁଥିଲେ । ସେମାନଙ୍କୁ ପ୍ରତ୍ୟେକଙ୍କୁ ସ୍ୱତନ୍ତ୍ର ଭାବରେ ଆପଣାର ସ୍ୱାତନ୍ତ୍ର୍ୟ ହାସଲ କରିବାକୁ ହେଲା, ବା କେତେକ ସ୍ଥାନରେ ସଦୃଶ ଗୋଷ୍ଠୀମାନେ ମିଶି ଏକ ସମ୍ମିଳନ ଗଠନ କରି ନେଇଥିଲେ ।

'oaob.nitrkl.ac.in' images reprocessed

ଏହିପରି ଭାବରେ ଜାତି ଏକ ମନୋଭୂମିଗତ ଏକକ ହୋଇ ନିୟତ ରହିଆସିଛି, ବହୁବିଧ ଅନେକତମ ରୂପରେ ପ୍ରକୃତି ସେହି ଭାବନାଟିକୁ ବିକଶିତ କରାଇ ଆଣିବାରେ ସର୍ବଦା ତତ୍ପର ରହିଆସିଛି ଏବଂ ସେଇଥିକୁ ନାନା ଭୌତିକ ତଥା ରାଜନୀତିକ ଏକତ୍ୱରେ ପ୍ରଶିକ୍ଷିତ ମଧ୍ୟ କରି ଆସିଛି । ରାଜନୀତିକ ଏକତ୍ୱ ଏହି କ୍ଷେତ୍ରରେ ଆଦୌ ଅସଲ କଥାଟି ନୁହେଁ; ହୁଏତ କୌଣସି ଜାଗାରେ ଏପର୍ଯ୍ୟନ୍ତ ଏଇଟି ହାସଲ ହୋଇପାରି ନାହିଁ; ମାତ୍ର ତଥାପି ଜାତି ଅନବିଚ୍ଛିନ୍ନ ହୋଇ ବଞ୍ଚି ରହିଛି ଏବଂ ଆପଣାର ଉପଲବ୍ଧିଟି ଲାଗି ଅନିବାର୍ଯ୍ୟ ଭାବରେ ଅଗ୍ରସର ହୋଇ ଚାଲିଛି । ହୁଏତ ରାଜନୀତିକ ଏକତ୍ୱ କେଉଁଠି ବିନଷ୍ଟ ହୋଇ ଯାଉଛି, ମାତ୍ର ତଥାପି ଜାତି ବଞ୍ଚି ରହିଛି, ବଞ୍ଚି ରହିବା ଲାଗି ସଂଗ୍ରାମ କରୁଛି ଏବଂ କେତେ କଷ୍ଟ ଭୋଗ କରୁଛି, କିନ୍ତୁ ବିନଷ୍ଟ ହେବା ଲାଗି ନାସ୍ତି କରିବାରେ ଲାଗିଛି । ପୁରାକାଳରେ ଜାତି କଦାପି ସବୁବେଳେ ଗୋଟିଏ ପ୍ରକୃତ ଏବଂ ପ୍ରାଣବନ୍ତ ଏକକ ହୋଇ ରହିପାରୁ ନ ଥିଲା; ସେତେବେଳେ ପ୍ରଜାତି, ବଂଶ, ଗୋଷ୍ଠୀ ବା ଆଞ୍ଚଳିକ ଜନସମୂହହିଁ ଜୀବନ୍ତ ନାନା ସମୁଦାୟ ହୋଇ ରହିଥିଲେ । ଜାତୀୟ ବିକାଶର ପ୍ରୟାସଧାରାରେ ଯେଉଁସବୁ ଏକତ୍ୱ ଏହିସବୁ ଅଧିକ ପୁରାତନ ଜୀବନ୍ତ ସମୂହଗୁଡ଼ିକୁ ନଷ୍ଟ କରି ପକାଇଲେ, ମାତ୍ର ଏଣେ ଏକ ପ୍ରାଣବନ୍ତ ଜାତିତ୍ୱକୁ ଲାଭ କରି ପାରିଲେ ନାହିଁ, ସେଗୁଡ଼ିକ ମଧ୍ୟ ଏହି କୃତ୍ରିମ ବା ରାଜନୀତିକ ଏକତ୍ୱଟି ଭାଙ୍ଗିଯିବା ସଙ୍ଗେ ସଙ୍ଗେ ଅନ୍ତର୍ହିତ ହୋଇ ଯାଇଥିଲେ । ମାତ୍ର ବର୍ତ୍ତମାନ ଜାତିହିଁ ମନୁଷ୍ୟ ସମୂହର ଏକମାତ୍ର ଜୀବନ୍ତ ସାମୂହିକ ଏକକରୂପେ ବିଦ୍ୟମାନ ରହିଛି ଏବଂ ତାହାରି ମଧ୍ୟରେହିଁ ଅନ୍ୟ ସମସ୍ତଙ୍କୁ ଆସି ଏକତ୍ର ମିଳିତ ହେବାକୁ ପଡ଼ିବ ବା ସମସ୍ତଙ୍କୁ ତାହାରି ଅଧୀନ ହୋଇ ରହିବାକୁ ପଡ଼ିବ । ଏପରିକି ପ୍ରଜାତିଗତ କେତେ ପୁରାତନ ଏକତ୍ୱ ଏବଂ ସଂସ୍କୃତିଗତ ଏକତ୍ୱଗୁଡ଼ିକ ତାହାର ସମ୍ମୁଖରେ ଶକ୍ତିହୀନ ବୋଲି ସାବ୍ୟସ୍ତ ହୋଇଯାଉଛନ୍ତି । ସ୍ପେନ୍‌ର କାଟଲୋନିଆନ୍ ପ୍ରଜାତି, ଫ୍ରାନ୍ସରେ ବ୍ରେଟନ୍, ପ୍ରୋଭେନ୍‌ସାଲ୍ ଏବଂ ଆଲ୍‌ସେସିଆନ୍ ବା ଇଂଲଣ୍ଡରେ ୱେଲଶ୍ ପ୍ରଜାତି ବା ଉପସମୂହଗୁଡ଼ିକ ଆପଣାର ଏକ ସ୍ୱତନ୍ତ୍ର ଅସ୍ତିତ୍ୱର ଚିହ୍ନଗୁଡ଼ିକୁ ହୁଏତ କେତେ ଉଦ୍ୟମ ଓ ଅନୁରାଗରେ ପରିପାଳିତ କରି ରଖିପାରନ୍ତି ସତ, ମାତ୍ର ସ୍ପେନିଶ୍, ଫ୍ରେଞ୍ଚ ଓ ବ୍ରିଟିଶ ଜାତିର ସେହି ବୃହତ୍ତର ଜୀବନ୍ତ ଏକତ୍ୱଟିର ଆକର୍ଷଣ ବର୍ତ୍ତମାନ ଏତେବେଶୀ ଶକ୍ତିଶାଳୀ ହୋଇ ରହିଛି ଯେ ଏହିସବୁ କ୍ଷୁଦ୍ରତର ଆଗ୍ରହଗୁଡ଼ିକ ତାହାକୁ କୌଣସି ପ୍ରକାରେ ଆହତ ବା କ୍ଷତିଗ୍ରସ୍ତ କଦାପି କରି ପାରିବେ ନାହିଁ । ଆଧୁନିକ ଯୁଗରେ ଜାତିର ଏହି ଭାବନାଟିକୁ ବାସ୍ତବରେ ଅବିନାଶ୍ୟ ବୋଲି କହିବାକୁ ପଡ଼ିବ; ଅବଶ୍ୟ ଯଦି ଆପଣା ଭିତରର କୌଣସି କାରଣରୁ ତାହା ଲୁପ୍ତ ବା ବିନଷ୍ଟ ହୋଇଯାଏ, ତେବେ ତାହା ସ୍ୱତନ୍ତ୍ର କଥା ହେବ । ତିନୋଟି ଅତି ଶକ୍ତିଶାଳୀ ସାମ୍ରାଜ୍ୟର ପଦତଳେ ବିଦୀର୍ଣ୍ଣ ଓ ପେଷିତ ହୋଇ ପୋଲାଣ୍ଡର

'oaob.nitrkl.ac.in' images reprocessed

ଅସ୍ତିତ୍ୱ ଲୁପ୍ତହିଁ ହୋଇ ଯାଇଥିଲା; ମାତ୍ର ପୋଲିଶ୍ ଜାତି ତଥାପି ବଞ୍ଚିଥିଲା ଓ ପୁଣି ସମୟ ଆସିବା ମାତ୍ରକେ ଗଢ଼ାହୋଇ ଠିଆ ହେଲା । ଜର୍ମାନ୍ ଶାସନର ଅଧୀନରେ ଚାଳିଶବର୍ଷ କାଳ ରହି ଏଲ୍‌ସାଶ୍ ବିଜୟୀ ଶାସକ ସହିତ ରହିଥିବା ପ୍ରଜାତି ତଥା ଭାଷାଗତ ତାହାର ଯାବତୀୟ ସାଦୃଶ୍ୟ ସତ୍ତ୍ୱେ ତଥାପି ଆପଣାର ଫ୍ରେଞ୍ଚ ଜାତିତ୍ୱଟି ପ୍ରତି ବିଶ୍ୱାସୀ ହୋଇ ରହିଥିଲା । କୌଣସି ଜାତିକୁ ବଳପ୍ରୟୋଗ ଦ୍ୱାରା ନଷ୍ଟ କରିଦେବାକୁ କିଂବା ଭାଙ୍ଗିଦେବାକୁ ଏବେ ଯେତେଯେତେ ପ୍ରୟାସ କରାଯାଉଛି, ତାହାକୁ କେବଳ ନିର୍ବୋଧତାପୂର୍ଣ୍ଣ ଏବଂ ବୃଥା ବୋଲି କହିବାକୁ ହେବ, କାରଣ ସେହି ପ୍ରୟାସଗୁଡ଼ିକ ପ୍ରାକୃତିକ ବିବର୍ତ୍ତନର ଏହି ନିୟମଟିକୁ ଏକାବେଳେକେ ଏଡ଼ି ଦେବାକୁ ଯାଉଛନ୍ତି । ଗୋଟିଏ ଗୋଟିଏ ରାଜନୀତିକ ଏକକ ରୂପେ ସାମ୍ରାଜ୍ୟଗୁଡ଼ିକ ହୁଏତ ନଷ୍ଟ ହୋଇ ଯାଇପାରେ, ମାତ୍ର ଜାତି ସର୍ବଦା ଅମର । ଯେପର୍ଯ୍ୟନ୍ତ ଏକ ବୃହତ୍ତର ଜୀବନ୍ତ ଏକକର ସନ୍ଧାନ ନ ମିଳିଛି ଏବଂ ତାହାରି ମଧ୍ୟରେ ଏକ ବରିଷ୍ଠତର ଆକର୍ଷଣର ବୋଲମାନି ଜାତିର ଭାବନାଟି ତାହାରି ମଧ୍ୟରେ ବିଲୀନ ହୋଇ ଯାଇ ନ ପାରିଛି, ସେପର୍ଯ୍ୟନ୍ତ ଜାତି ନିଶ୍ଚୟ ଅମର ରହିଥିବ ।

ବିବର୍ତ୍ତନର କ୍ରମରେ ଆମେ ଏହି ସାମ୍ରାଜ୍ୟକୁହିଁ ସେହି ନିୟତିନିର୍ଦ୍ଦିଷ୍ଟ ଏକକ ବୋଲି କହିପାରିବା କି ନାହିଁ, ତା'ପରେ ଏହି ପ୍ରଶ୍ନଟି ଉତ୍ଥାପିତ ହେଉଛି । ବର୍ତ୍ତମାନ କ୍ଷଣଟିରେ ସାମ୍ରାଜ୍ୟ ନୁହେଁ, ମାତ୍ର ଜାତିହିଁ ଯେ ପ୍ରାଣବନ୍ତ ଏକକଟି ରୂପେ କାର୍ଯ୍ୟ କରୁଛି, ଖାସ୍ ଏଇଥି ସକାଶେହିଁ ଭବିଷ୍ୟତରେ ଯେ ସମ୍ବନ୍ଧଗୁଡ଼ିକ ପୁଣି ଓଲଟି ନ ଯିବ, ସେକଥା ଆଦୌ କୁହାଯାଇ ପାରିବ ନାହିଁ । ମାତ୍ର ଏଇଟି ଅବଶ୍ୟ ସ୍ପଷ୍ଟ ହୋଇଯିବା ଉଚିତ ଯେ ସମ୍ବନ୍ଧଗୁଡ଼ିକୁ ପ୍ରକୃତରେ ବିପରୀତ ହେବାକୁ ହେଲେ ସାମ୍ରାଜ୍ୟ ଏଣିକି ଆଉ କେବଳ ଏକ ରାଜନୀତିକ ଏକତ୍ୱ ହୋଇ ରହିବ ନାହିଁ ଓ ତାହାକୁ ବରଂ ଗୋଟିଏ ମନୋଭୂମିଗତ ଏକତ୍ୱରେ ପରିଣତ ହେବାକୁ ପଡ଼ିବ । ମାତ୍ର ଜାତି ଭାବନାର ବିବର୍ତ୍ତନରେ ଏପରି ଏକାଧିକ ଦୃଷ୍ଟାନ୍ତମାନ ରହିଛି, ଯେତେବେଳେ କି ପ୍ରଥମେ ରାଜନୀତିକ ଏକତ୍ୱର ପ୍ରତିଷ୍ଠା ହୋଇଛି ଏବଂ ତାହାହିଁ ମନୋଗତ ଏକତ୍ୱ ଲାଗି ଏକ ମୂଳଦୁଆ ପରି କାର୍ଯ୍ୟ କରିଛି; ସ୍କଚ୍, ଇଂଲିଶ ଓ ୱେଲ୍‌ଶ୍ ଏହି ତିନୋଟି ଯାକ ସମୂହ ମିଶି ଯେ ବ୍ରିଟିଶ ଜାତିକୁ ତିଆରି କରିଛନ୍ତି, ଏଠାରେ ତାହାକୁ ଦୃଷ୍ଟାନ୍ତ ରୂପେ ନିଆଯାଇ ପାରିବ । ଏକ ବୃହତ୍ତର ପରିମାଣରେ ମଧ୍ୟ କାହିଁକି ଯେ ତତ୍ତୁଲ୍ୟ ଆଉ କୌଣସି ବିବର୍ତ୍ତନ ସମ୍ଭବ ହେବ ନାହିଁ ଏବଂ ଏକ ସମ୍ରାଜ୍ୟଗତ ଏକତ୍ୱର ସ୍ଥାନରେ ଜାତୀୟ ଏକତ୍ୱର ପ୍ରତିଷ୍ଠା କରି ପାରିବ ନାହିଁ, ତାହାର ପ୍ରକୃତରେ ଆଦୌ କୌଣସି ଅନତିକ୍ରମ୍ୟ କାରଣ ନାହିଁ । ସାମ୍ରାଜ୍ୟ ଅନୁସାରେ ଲୋକସମୂହର ଗଠନ କରିବା ଲାଗି ପ୍ରକୃତି ଦୀର୍ଘକାଳରୁ କେତେ ଶ୍ରମ କରିଆସିଛି, ସାମ୍ରାଜ୍ୟକୁ ସ୍ଥାୟିତ୍ୱର ଏକ ବୃହତ୍ତର ସମର୍ଥତା ଆଣି ଦେବ ବୋଲି ତାହାକୁ କେତେକାଳ

'oaob.nitrkl.ac.in' images reprocessed

ଧରି ନାନାପ୍ରକାର ଛାଞ୍ଚରେ ପକାଇ ଆସିଛି, ଏବଂ ପୃଥିବୀ ବ୍ୟାପୀ ସାମ୍ରାଜ୍ୟର ଏହି ଆଦର୍ଶଟି ଯେ ସଚେତନ ଭାବରେ ଆବିର୍ଭୂତ ହୋଇ ଆସିଛି ଏବଂ ଯେତେ ଅଶୋଧିତ, ପ୍ରବଳ ତଥା ପ୍ରମାଦଗ୍ରସ୍ତ ଭାବରେ ହେଲେ ମଧ୍ୟ ତାହା ଜାତୀୟ ଆଦର୍ଶଟିର ସ୍ଥାନରେ ଆପଣାକୁ ପ୍ରତିଷ୍ଠିତ କରି ରଖିବା ଲାଗି ଯେଉଁ ପ୍ରଚେଷ୍ଟାମାନ କରୁଛି, ଆମେ ସେଗୁଡ଼ିକୁ ଅତ୍ୟନ୍ତ ଅଚିନ୍ତିତ ଭାବରେ ସର୍ବଦା କେବଳ ପ୍ରକୃତିର କୌଣସି କ୍ଷିପ୍ର ଲମ୍ଫପ୍ରଦାନ ଓ ପରିବର୍ତ୍ତନର ପୂର୍ବଗାମୀ ସଙ୍କେତ ରୂପେ ଆଦୌ ଗ୍ରହଣ କରିବା ନାହିଁ । ପ୍ରକୃତି ଯାହାକୁ ବେଶ୍ ଧୀର ଗତିରେ ଓ ପ୍ରୟୋଗମୂଳକ ଭାବରେ ଦୀର୍ଘକାଳ ଧରି ପ୍ରସ୍ତୁତ କରି ଆସୁଛି, ଅନେକ ସମୟରେ କ୍ଷିପ୍ର ଲମ୍ଫନ ଓ ପରିବର୍ତ୍ତନ ଦ୍ୱାରା ଯେପରି ସେ ତାହାକୁ ହାସଲ କରି ନେଇଥାଏ, ଆମେ ଏହି କ୍ଷେତ୍ରରେ ମଧ୍ୟ ସେହିପରି କିଛି ଘଟିବ ବୋଲି କଦାପି ଗ୍ରହଣ କରି ନେବା ନାହିଁ । ତେଣୁ, ମାନବ-ଏକତାର ଆଦର୍ଶଟିର ସମ୍ବନ୍ଧଭୂମିରେ ଜାତିତ୍ୱର ଏହି ସୁପ୍ରତିଷ୍ଠିତ ସତ୍ୟଟିକୁ ପରଖି ଦେଖିବା ପୂର୍ବରୁ ଆମକୁ ବର୍ତ୍ତମାନ ଏହି ସମ୍ଭାବନାଟି ବିଷୟରେ ବିଚାର କରିବାକୁ ପଡ଼ିବ । ଇଉରୋପରେ ଯେଉଁ ସଂଘାତ ଓ ଦ୍ୱନ୍ଦ୍ୱଟି ଘଟିଲା, ସେଥିରେ ଦୁଇଟି ଭିନ୍ନ ଭିନ୍ନ ଆଦର୍ଶ ଓ ତେଣୁ ଦୁଇଟି ଭିନ୍ନ ଭିନ୍ନ ସମ୍ଭାବନା ଉତ୍ପନ୍ନ ଓ ପ୍ରେରିତ ହୋଇ ଆସିଥିଲେ ଏବଂ ପୂର୍ଣ୍ଣୋପଲବ୍ଧିର ଅନେକ ନିକଟ ହୋଇ ଆସି ପାରିଥିଲେ । ଗୋଟିଏ ଆଦର୍ଶ ହେଉଛି ସ୍ୱାଧୀନ ଜାତିଗୁଡ଼ିକୁ ନେଇ ଏକ ସଂଘର ସ୍ଥାପନା, ଏବଂ ଆରଟି ହେଉଛି ସମଗ୍ର ପୃଥିବୀକୁ ଅଳ୍ପ କେତୋଟି ବଡ଼ ବଡ଼ ସାମ୍ରାଜ୍ୟ ବା ସାମ୍ରାଜ୍ୟଗତ ଆଧିପତ୍ୟରେ ବାଣ୍ଟି କରି ରଖିବା । ଏକ ବାସ୍ତବ ବୁଦ୍ଧି ସାହାଯ୍ୟରେ ଏହି ଦୁଇଟିଯାକ ବିଚାରକୁ ଏକାଠି ଯୋଡ଼ି ଦେଇ ପାରିବାହିଁ ଅଦୂର ଭବିଷ୍ୟତ ଲାଗି ଏକ ମୂର୍ତ୍ତତମ ସମ୍ଭାବନା ପରି ବୋଧ ହୋଇଥିଲା । ଏହି ସମ୍ଭାବ୍ୟ ସମ୍ମିଶ୍ରଣଟିର ଗୋଟିଏ ଉପାଦାନ ପୂର୍ବରୁହିଁ ଏକ ଜୀବନ୍ତ ଏକକ ହୋଇ ରହିଛି, ଏବଂ ତେଣୁ ଅନ୍ୟ ଉପାଦାନଟିକୁ ମଧ୍ୟ କେତେକ ପରିସ୍ଥିତିରେ ଏକ ଜୀବନ୍ତ ଏକକରେ ପରିଣତ କରି ଦିଆଯାଇ ପାରିବ କି ନାହିଁ ଏବଂ ଯଦି ଦୁଇଟି ମଧ୍ୟରେ ଏକ ସମ୍ମିଶ୍ରଣ ପ୍ରକୃତରେ ଉପଲବ୍ଧ ହୋଇ ପାରିବ, ତେବେ ଜଗତରେ ଏକ ସ୍ଥାୟୀ ନୂତନ ବ୍ୟବସ୍ଥା ଲାଗି ତାହାକୁହିଁ ଏକ ଭିତ୍ତି ରୂପେ ବ୍ୟବହାର କରାଯାଇ ପାରିବ କି ନାହିଁ, ବର୍ତ୍ତମାନ ଏଠାରେ ଟିକିଏ ଅଟକିଯାଇ ସେହି କଥାଟିର ବିଚାର କରିବା ଆବଶ୍ୟକ । ତା' ନ ହେଲେ ସେଇଟି କେବଳ ଅସ୍ଥାୟୀ ଭାବରେ କାମ ଚଳାଇ ନେଉଥିବା ଏକ ଉପାୟ ବ୍ୟତୀତ ଆଉ ଅଧିକ କିଛି ହୋଇ ପାରିବ ନାହିଁ ଏବଂ ସେଥିରେ କୌଣସି ସୁଦୃଢ଼ ସ୍ଥାୟିତ୍ୱ ଲାଗି ଆଉ ଆଦୌ କୌଣସି ସମ୍ଭାବନା ନ ଥିବ ।

'oaob.nitrkl.ac.in' images reprocessed

## ଷଷ୍ଠ ପରିଚ୍ଛେଦ

# ସାମ୍ରାଜ୍ୟର ପୁରାତନ ଏବଂ ଆଧୁନିକ ରୀତି

ପ୍ରଚଳିତ ଭାଷାରେ ସାମ୍ରାଜ୍ୟ ବୋଲି ଅଭିହିତ ହେଉଥିବା ଦୁଇଟିଯାକ ରାଜନୀତିକ ସମୂହ ମଧ୍ୟରେ ରହିଥିବା ପ୍ରଭେଦଟି ବିଷୟରେ ଆମକୁ ସ୍ପଷ୍ଟ ହୋଇଯିବାକୁ ପଡ଼ିବ । କାରଣ, ଏହି କ୍ଷେତ୍ରରେ ଗୋଟିଏ ପାଖରେ ସାଦୃଶ୍ୟସମ୍ପନ୍ନ ଜାତୀୟ ସାମ୍ରାଜ୍ୟ ରହିଛି ଓ ଅନ୍ୟ ପାଖରେ ବୈସାଦୃଶ୍ୟମୟ ଏକତ୍ରୀକୃତ ସାମ୍ରାଜ୍ୟଟି ମଧ୍ୟ ରହିଛି । ସାମ୍ରାଜ୍ୟଗୁଡ଼ିକର ମୂଳ ଉତ୍ପତ୍ତିଗୁଡ଼ିକୁ ପରଖି ଦେଖିଲେ ଅବଶ୍ୟ ସକଳ ସାମ୍ରାଜ୍ୟକୁହିଁ ଗୋଟିଏ ଅର୍ଥରେ ଏକତ୍ରୀକୃତ ଏକକ ବୋଲି କୁହାଯାଇ ପାରିବ; ମାତ୍ର ତଥାପି ବାସ୍ତବ କ୍ଷେତ୍ରରେ ଗୋଟିଏ ପାଖରେ ସାମ୍ରାଜ୍ୟରୂପୀ ସମଷ୍ଟିଟିଏ ରହିଛି, ଯେଉଁଥିରେ କି ସେଇଟିକୁ ଗଠନ କରିଥିବା ଉପାଦାନଗୁଡ଼ିକ ସମୂହସ୍ଥ ସେଗୁଡ଼ିକର ସ୍ୱତନ୍ତ୍ର ଅସ୍ତିତ୍ୱର ଏକ ତୀବ୍ର ସଚେତନତା ଦ୍ୱାରା ପରସ୍ପରଠାରୁ ଆଦୌ ଅଲଗା ହୋଇ ରହି ନାହାନ୍ତି; ଏବଂ ଅନ୍ୟପାଖରେ ସାମ୍ରାଜ୍ୟରୂପୀ ସମଷ୍ଟିଟିଏ ରହିଛି, ଯେଉଁଥିରେକି ସେଇଟିକୁ ଗଠନ କରିଥିବା ଉପାଦାନଗୁଡ଼ିକ ସମୂହସ୍ଥ ସେଗୁଡ଼ିକର ସ୍ୱତନ୍ତ୍ର ଅସ୍ତିତ୍ୱର ଏକ ତୀବ୍ର ସଚେତନତା ଦ୍ୱାରା ପରସ୍ପରଠାରୁ ଆଦୌ ଅଲଗା ହୋଇ ରହି ନାହାନ୍ତି; ଏବଂ ଅନ୍ୟପାଖରେ ସାମ୍ରାଜ୍ୟରୂପୀ ଆଉଗୋଟିଏ ସମଷ୍ଟି ରହିଛି, ଯେଉଁଠାରେକି ପରସ୍ପରଠାରୁ ଭିନ୍ନ ହୋଇ ରହିଥିବାର ଏହି ମନୋଗତ ଭିତ୍ତିଟି ତଥାପି ବଡ଼ ଶକ୍ତିଶାଳୀ ହୋଇ ରହିଛି; ଏବଂ ଦୁଇଟି ମଧ୍ୟରେ ଏକ ପାର୍ଥକ୍ୟ ଅବଶ୍ୟ ରହିଛି । ଫର୍ମୋଜା ଏବଂ କୋରିଆକୁ ଆତ୍ମସାତ୍ କରିନେବା ପୂର୍ବରୁ ଜାପାନ ଗୋଟିଏ ଜାତୀୟ ସମଗ୍ର ହୋଇ ରହିଥିଲା ଏବଂ ଶବ୍ଦର କେବଳ ସମ୍ମାନସୂଚକ ଅର୍ଥରେହିଁ ଏକ ସାମ୍ରାଜ୍ୟ ହୋଇ ରହିଥିଲା; ଏବଂ ଉକ୍ତ ଦେଶ ଦୁଇଟିକୁ ଆତ୍ମସାତ୍ କରିନେବା ପରେ ତାହା ଏକ ପ୍ରକୃତ ଏବଂ ସଂଯୁକ୍ତ ସାମ୍ରାଜ୍ୟରେ ପରିଣତ ହେଲା । ତିନୋଟି ଅନ୍ୟ କ୍ଷୁଦ୍ର ଭୂମିକୁ ଅଧିକାର କରିବାର ବୋଝକୁ ମୁଣ୍ଡାଇବାକୁ ଯାଇ ନ ଥିଲେ ଜର୍ମାନୀ ମଧ୍ୟ ଏକ ବିଶୁଦ୍ଧ ଜାତୀୟ ସାମ୍ରାଜ୍ୟ ହୋଇ ରହିଥା'ନ୍ତା; ଏହି ତିନୋଟି ଭୂମି, — ଏଲସାଶ୍, ପୋଲାଣ୍ଡ ଏବଂ ଶ୍ଲେସ୍‌ଭଇଗ୍ — ହଲ୍‌ଷ୍ଟାଇନ୍ — କୌଣସି ଜର୍ମାନ୍ ଜାତୀୟଭାବ ଦ୍ୱାରା ନୁହେଁ, ମାତ୍ର ସାମରିକ ବଳ ଦ୍ୱାରାହିଁ ତାହା ସହିତ ଆସି ସଂଯୁକ୍ତ ହୋଇଥିଲେ । ବର୍ତ୍ତମାନ ଆମେ ଅନୁମାନ କରିବା ଯେ ଏହି ଟିଉଟନିକ୍ ସମୂହଟିରୁ ଏହାର ବିଜାତୀୟ ଉପାଦାନଗୁଡ଼ିକ ପୁଣି ବାହାରି ଚାଲିଗଲେ ଏବଂ ତାହାସ୍ଥାନରେ ଖୁବ୍ ବେଶୀ ହୋଇ ଅଷ୍ଟ୍ରିଆର ଟିଉଟନିକ୍ ପ୍ରାନ୍ତଗୁଡ଼ିକ ଆସି ତା'ସହିତ ମିଶିଲା । ଯଦି ସେକଥା ହୋଇଥାନ୍ତା, ତେବେ ଆମକୁ ଏକ

'oaob.nitrkl.ac.in' images reprocessed

ସାଦୃଶ୍ୟ-ସମ୍ପନ୍ନ ସମଷ୍ଟିର ଦୃଷ୍ଟାନ୍ତ ମିଳି ଯାଇଥା'ନ୍ତା, ଯାହାକି, ଶବ୍ଦଟିର ସମ୍ମାନବ୍ୟଞ୍ଜକ ଅର୍ଥରେ ତଥାପି ଏକ ସାମ୍ରାଜ୍ୟ ହୋଇ ରହିଥା'ନ୍ତା । କାରଣ, ସେହି କ୍ଷେତ୍ରରେ ତାହା ସମଜାତୀୟ ଟିଉଟନିକ ଜାତିଗୁଡ଼ିକର ଏକ ସଂଯୁକ୍ତ ଏକକରେ ପରିଣତ ହୋଇଥାନ୍ତା; ଅଥବା ଆମେ ସେଗୁଡ଼ିକୁ ବେଶ୍ ଅନାୟାସରେ ଉପଜାତି ବୋଲି ମଧ୍ୟ କହି ପାରିବା, ଯେଉଁମାନେ କି ଆପଣା ଭିତରେ ସ୍ୱଭାବତଃ ବିଚ୍ଛିନ୍ନ ହୋଇ ରହିବାର କୌଣସି ମନୋଭାବ ବା ପ୍ରବୃତ୍ତିକୁ ଆଦୌ ସ୍ଥାନ ଦେଇ ନ ଥାନ୍ତେ, ମାତ୍ର ବରଂ ସର୍ବଦା ଏକ ସ୍ୱାଭାବିକ ଏକତ୍ୱ ଆଡ଼କୁ ଆକର୍ଷିତ ହୋଇ ଆସିଥାନ୍ତେ, ଏବଂ କେବଳ ଏକ ରାଜନୀତିକ ଏକକ ନୁହେଁ, ମାତ୍ର ବଡ଼ ସହଜରେ ଓ ଅନିବାର୍ଯ୍ୟ ଭାବରେ ଏକ ମନୋଗତ ଏକକକୁ ମଧ୍ୟ ତିଆରି କରି ପାରିଥାନ୍ତେ ।

ମାତ୍ର ଏହି ପ୍ରକାରଟିର ଏକ ବିଶୁଦ୍ଧ ନମୁନା ବର୍ତ୍ତମାନ ଆଦୌ ସହଜରେ ଦେଖିବାକୁ ମିଳିବ ନାହିଁ । ଯୁକ୍ତରାଜ୍ୟ ଆମେରିକାକୁ ଆମେ ଏହିଭଳି ଏକ ସଂଯୁକ୍ତ ଏକକର ଗୋଟିଏ ଉଦାହରଣ ବୋଲି କହି ପାରିବା; ଅବଶ୍ୟ ଏକଥା ସତ ଯେ ସେହି ରାଜ୍ୟଟି ସାମୟିକ ଭାବରେ ନିର୍ବାଚିତ ଜଣେ ରାଷ୍ଟ୍ରପତିଙ୍କ ଦ୍ୱାରା ଯେ ଶାସିତ ହେଉଛି ଏବଂ ବଂଶାନୁଗତ ଭାବରେ ଜଣେ ରାଜାଙ୍କ ଦ୍ୱାରା ଶାସିତ ହେଉ ନାହିଁ, ଏହି ଆକସ୍ମିକ କାରଣଟି ସକାଶେ ଆମେ ଏହି ପ୍ରକାରଟିକୁ ଆଦୌ ଗୋଟିଏ ସାମ୍ରାଜ୍ୟର ବିଚାର ସହିତ ଗଅଁଠାଇ ଦେଇ ପାରିବା ନାହିଁ । ତଥାପି, ସାମ୍ରାଜ୍ୟରୂପୀ ସମୂହଟିକୁ ଯଦି ଏକ ରାଜନୀତିକ ଏକକରୁ ଏକ ମନୋଭୂମିଗତ ଏକକରୂପେ ପରିବର୍ତ୍ତିତ ହୋଇ ଆସିବାକୁ ହୁଏ, ତେବେ ହୁଏତ ଏହି କଥାଟି ପ୍ରତୀତ ହେବାକୁ ଲାଗିବ ଯେ ଆବଶ୍ୟକ କେତୋଟି ପରିବର୍ତ୍ତନ ସହିତ ଯୁକ୍ତରାଜ୍ୟ ଆମେରିକାର ଗଠନପଦ୍ଧତିଟିରୁହିଁ ତତ୍ତୁଲ୍ୟ ଗଠନକୁ ନିଷ୍ପନ୍ନ କରି ଆଣି ଆମେ ସେକଥା କରି ପାରିବା । ଏହି ବ୍ୟବସ୍ଥାଟି ମଧ୍ୟରେ ପ୍ରତ୍ୟେକଟି ଉପାଦାନ ରାଜ୍ୟସ୍ତରରେ ଏକ ଯଥେଷ୍ଟ ସ୍ଥାନୀୟ ସ୍ୱତନ୍ତ୍ରତା ବଜାୟ ରଖିବାକୁ ସମର୍ଥ ହେବ, ବୈଧାନିକ ତଥା ଶାସନଗତ କାର୍ଯ୍ୟର କ୍ଷେତ୍ରରେ ତାହାର ସ୍ୱତନ୍ତ୍ର କ୍ଷମତା ରହିବ ଏବଂ ତଥାପି ତାହା ଏକ ଅବିଚ୍ଛେଦ୍ୟ ବୃହତ୍ତର ସମଷ୍ଟିରହିଁ ଅଂଶ ହୋଇ ରହିଥିବ । ଗ୍ରେଟ୍ ବ୍ରିଟେନ୍ ଏବଂ ତାହାର ଉପନିବେଶଗୁଡ଼ିକ ମିଶି ଏକ ସଂଘ ତିଆରି କଲେ ଯେପରି ହେବ, ଠିକ୍ ସେହିପରି ଯେଉଁଠାରେ ଉପାଦାନଗୁଡ଼ିକ ବେଶ୍ ସମଜାତୀୟ ହୋଇ ରହିଥିବ, ସେହିସବୁ କ୍ଷେତ୍ରରେହିଁ ସେଇଟି ସବୁଠାରୁ ଅଧିକ ସହଜ ଭାବରେ କାର୍ଯ୍ୟକାରୀ ହୋଇ ପାରିବ ।

ଆଧୁନିକ ରାଜନୀତି-ବିଚାରରେ ସଜାତୀୟ ଏକକଗୁଡ଼ିକୁ ନେଇ ଗୋଟିଏ ଗୋଟିଏ ବୃହତ୍ ସମଷ୍ଟି ଗଠନ କରିବାଲାଗି ଏବେ ଏକ ପ୍ରବୃତ୍ତି ଦେଖାଦେଉଛି; ଏକ ଅଖିଳ-ଜର୍ମାନିକ୍ ସାମ୍ରାଜ୍ୟ, ଏକ ବୃହତ୍ ରୁଷ ସାମ୍ରାଜ୍ୟ ଓ ଅଖିଳ-ସ୍ଲାଭିକ୍ ସାମ୍ରାଜ୍ୟ

'oaob.nitrkl.ac.in' images reprocessed

ଅଥବା ଏକ ଐକ୍ୟବଦ୍ଧ ମୁସଲମାନ ଜଗତରେ ଅଖିଳ-ଇସ୍‌ଲାମିକ୍ ବିଚାରଟିରେ ଯେଉଁ ସ୍ୱପ୍ନଟି ଦେଖା ହୋଇଛି, ଆମେ ଏଠାରେ ଏଗୁଡ଼ିକୁ ତା'ର ଗୋଟିଏ ଗୋଟିଏ ଉଦାହରଣ ରୂପେ ଗ୍ରହଣ କରିବା[୧] ମାତ୍ର, ସାମରିକ ଏବଂ ରାଜନୈତିକ ବଳପ୍ରୟୋଗର ସେହି ପୁରାତନ ନୀତିଟିକୁ ଖଟାଇ ଏହି ସମଜାତୀୟ ସମୂହଟିର ଆପଣାଠାରୁ ବିସଦୃଶ ହୋଇ ରହିଥିବା ଅନ୍ୟ ଉପାଦାନଗୁଡ଼ିକ ଉପରେ ଆପଣାର ନିୟନ୍ତ୍ରଣ ବିସ୍ତାର କରିବାର ଯେଉଁ ପରମ୍ପରାଟି ରହିଛି, ଏହିସବୁ ପ୍ରବୃତ୍ତି ସାଧାରଣତଃ ତାହାରି ସହିତ ଏକତ୍ର ଗୁନ୍ଥା ହୋଇ ରହିଥାଏ । ଏଠାରେ ଉଦାହରଣ ସ୍ୱରୂପ ଆମେ ଏସୀୟ ଜାତିଗୁଡ଼ିକୁ ରୁଷିଆ ଆପଣାର ଅଧୀନ କରି ରଖିବାର ଘଟଣାଟିକୁ ଉଲ୍ଲେଖ କରି ପାରିବା[୨] ପୂର୍ଣ୍ଣଭାବରେ ହେଉ ଅଥବା ଆଂଶିକ ଭାବରେ ହେଉ, ଜର୍ମାନୀ ଅ-ଜର୍ମାନିକ୍ ଦେଶ ଓ ପ୍ରଦେଶଗୁଡ଼ିକୁ ବଳ ପ୍ରୟୋଗ କରି ଅଧିକାର କରିନେବାର ଘଟଣାଟିକୁ ଉଲ୍ଲେଖ କରିପାରିବା ଏବଂ ମୁସ୍‌ଲିମ୍ ଜଗତର ଖଲିଫା ଅଣମୁସ୍‌ଲିମ୍ ପ୍ରଜାମାନଙ୍କ ଉପରେ ମଧ୍ୟ ଆପଣାର ନିୟନ୍ତ୍ରଣକୁ ଜାରି କରି ରଖିବାର ବିଷୟଟିକୁ ମଧ୍ୟ ସ୍ମରଣ କରି ପାରିବା ।[୩] ଏପରିକି, ଯଦି ଏହି କ୍ଷେତ୍ରରେ ଏହି ଅସଙ୍ଗତିଗୁଡ଼ିକ ବିଦ୍ୟମାନ ନ ଥାନ୍ତା, ତେବେ ମଧ୍ୟ କେବଳ ଆୟାସର ସହିତହିଁ ପୃଥିବୀର ବାସ୍ତବ ବ୍ୟବସ୍ଥାପନାଟି ଏକ ପ୍ରଜାତିଗତ ବା ସାଂସ୍କୃତିକ ଭିତ୍ତି ଉପରେ ସାମ୍ରାଜ୍ୟର ଏକ ପୁନଃନିର୍ମାଣ ଲାଗି ବାଟ ଛାଡ଼ିଦେଇ ପାରନ୍ତା । ଏହି ପ୍ରକାରର ବୃହତ୍ ଓ ଅତିବିସ୍ତୃତ ସମୂହଗୁଡ଼ିକ ଆପଣାର ଅଧିକୃତ ଅଞ୍ଚଳଟି ମଧ୍ୟରେ ଏପରି ଏକାଧିକ ଅନ୍ତଃକ୍ଷେତ୍ରମାନ ଅବଶ୍ୟ ଦେଖିବାକୁ ପାଆନ୍ତେ, ଯେଉଁଠାରେ କି ସେମାନଙ୍କଠାରୁ ସମ୍ପୂର୍ଣ୍ଣ ବିଜାତୀୟ

---

[୧] ବିପ୍ଳବ ଏବଂ ଯୁଦ୍ଧର ପରିଣାମ ସ୍ୱରୂପ ଏହି ତିନୋଟିଯାକର ଧ୍ୱଂସ ହୋଇଛି; ମାତ୍ର, ଯଦି ଜାତିର ଭାବନାଟି ଅସ୍ତମିତ ହୋଇଯାଏ, ତେବେ ଏଥିମଧ୍ୟରୁ ଶେଷଟି ହୁଏତ କୌଣସି ଭବିଷ୍ୟତ ମୁହୂର୍ତ୍ତରେ ପୁନର୍ଜୀବିତ ହୋଇ ଉଠିବ; ଏବଂ, ଯଦି କମ୍ୟୁନିଷ୍ଟ୍‌ବାଦ ଜାତୀୟତାର ବିଚାରଟିକୁ ନଷ୍ଟ କରିଦେବାକୁ ସଫଳ ହୋଇଯାଏ, ତେବେ ଏକ ସମ୍ଭାବନାରୂପେ ଦ୍ୱିତୀୟଟିର ମଧ୍ୟ ଆବିର୍ଭାବ ଘଟି ପାରିବ ।

[୨] ସୋଭିଏଟ୍ ଇଉନିଅନ୍‌ର ପ୍ରତିଷ୍ଠା ଦ୍ୱାରା ବର୍ତ୍ତମାନ ଏହି ସ୍ଥିତିଟିରେ ଏକ ପରିବର୍ତ୍ତନ ଘଟିଛି; ଏହିସବୁ ଏସୀୟ ଜନସମୂହ ସ୍ୱେଚ୍ଛାପ୍ରେରିତ ହୋଇ ରୁଷିଆ ସହିତ ଆସି ମିଶିଛନ୍ତି ବୋଲି ସୋଭିଏଟ୍ ଇଉନିଅନ୍ ଦାବି କରୁଛି । ମାତ୍ର, ଏଇଟିକୁ କେତେଦୂର ଏକ ସ୍ଥାୟୀ ବାସ୍ତବତା ବୋଲି କୁହାଯାଇ ପାରିବ ଅଥବା କେବଳ ଏକ ଆପାତ ଓ ଅସ୍ଥାୟୀ ଘଟଣାରୂପେ ଏହି କଥାଟି ଘଟିଛି, ସେବିଷୟରେ କିଛି ନିଶ୍ଚିତ ଭାବରେ କୁହାଯାଇ ପାରିବ ନାହିଁ ।

[୩] ବର୍ତ୍ତମାନ ଏହି ଦୁଇଟିଯାକ ସାମ୍ରାଜ୍ୟ ବିଲୁପ୍ତ ହୋଇ ଯାଇଛନ୍ତି ଏବଂ ସେମାନେ ପୁଣିଥରେ କେବେ ଜୀବନ ପାଇ ଉଠିବେ ବୋଲି କୌଣସି ସମ୍ଭାବନା ଦିଶୁ ନାହିଁ ।

'oaob.nitrkl.ac.in' images reprocessed

ଅଥବା ମିଶ୍ର ସମୂହମାନ ବାସ କରି ରହିଥାନ୍ତେ । ତେଣୁ, ସଦୃଶ ଜାତିଗୁଡ଼ିକ ଆପଣାର ଦୀର୍ଘ-ପରିପାଳିତ ଜାତୀୟଭାବକୁ ପରିତ୍ୟାଗ କରି ଏହି ପ୍ରକାରର ସଂଘଗୁଡ଼ିକରେ ଆପଣାକୁ ଆଣି ମିଶାଇ ଦେବାଲାଗି ଯେ ହୁଏତ ପ୍ରତିରୋଧ କରିବେ ବା ସେପରି କରିବାକୁ ଅସମ୍ମତ ହେବେ, ଏହି କଥାଟିକୁ ବାଦ୍ ଦେଲେ ମଧ୍ୟ ଏହି କ୍ଷେତ୍ରରେ ମିଶ୍ର ବା ବିସଦୃଶ ନାନା ବିଷୟର ବିସଙ୍ଗତିଟି ମଧ୍ୟ ସର୍ବଦା ରହିଥିବ; ଯେଉଁ ବିଚାର ଏବଂ ଯେଉଁ ସଂସ୍କୃତିଟି ସେମାନଙ୍କୁ ଗୋଟିଏ ସମଗ୍ର ମଧ୍ୟରେ ଆବୋରି ନେବାକୁ ଇଚ୍ଛା କରୁଛି, ସେମାନେ ତାହାର ବିରୋଧ କରିବାଲାଗି ଦୃଢ଼ ହୋଇ ବସିଥିବେ । ତେଣୁ ଏକ ଅଖିଳ-ସ୍ଲାଭିକ୍ ସାମ୍ରାଜ୍ୟର ପ୍ରତିଷ୍ଠା ଲାଗି ସର୍ବପ୍ରଧାନ ସ୍ଲାଭ୍ ରାଜ୍ୟରୂପେ ରୁଷିଆ ବଲ୍‌କାନ୍ ଉପଦ୍ୱୀପଟିକୁ ଆପଣାର ନିୟନ୍ତ୍ରଣରେ ରଖିବାର ହୁଏତ ପ୍ରୟୋଜନ ଆସି ପହଞ୍ଚିବ; ମାତ୍ର ଏହିଭଳି ଏକ ଯୋଜନାକୁ କେବଳ ଯେ ସ୍ୱାଧୀନ ସର୍ବୀୟ ଜାତିଟିର ଏବଂ ବୁଲ୍‌ଗାର ମାନଙ୍କର ସେହି ଅପୂର୍ଣ୍ଣ ସ୍ଲାଭ୍-ବାଦଟିର ସମ୍ମୁଖୀନ ହେବାକୁ ପଡ଼ିବ ତା' ନୁହେଁ, ମାତ୍ର ବିଚାରଟି ସହିତ ସମ୍ପୂର୍ଣ୍ଣ ବେଖାପ ହୋଇ ରହିଥିବା ରୁମାନୀୟ, ଗ୍ରୀକ୍ ଓ ଆଲ୍‌ବାନୀୟ ଉପାଦାନଗୁଡ଼ିକର ମଧ୍ୟ ସମ୍ମୁଖୀନ ହେବାକୁ ପଡ଼ିବ । ତେଣୁ ଏବିଷୟରେ ଆଦୌ ପ୍ରତୀତି ହେଉ ନାହିଁ ଯେ ଅତିବିସ୍ତାରଯୁକ୍ତ ସଜାତୀୟ ସମଷ୍ଟିଗୁଡ଼ିକ ଆଡ଼କୁ ରହିଥିବା ଏହି ପ୍ରବୃତ୍ତିଟି ବିଶ୍ୱର ଇତିହାସରେ ବେଶ୍ କେତେକାଳ ଲାଗି ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଥିଲେ ମଧ୍ୟ ଓ ତାହା ଆଦୌ ଶ୍ରାନ୍ତ ବା ଅନ୍ତିମତଃ ପରାଭୂତ ହୋଇ ନ ଯାଇଥିଲେ ମଧ୍ୟ, ପରିଶେଷରେ ଏକ ସମାଧାନ ଆଣିଦେଇ ପାରିବ ବୋଲି ଆଦୌ କୌଣସି ସମ୍ଭାବନା ରହିଛି । କାରଣ, ଏହି ପ୍ରବୃତ୍ତିଟି ହୁଏତ ବିଜୟୀ ହୋଇ ବାହାରି ପାରିଲେ ମଧ୍ୟ ଏହାକୁ ଅଳ୍ପ ବା ବହୁତ ପରିମାଣରେ ବିଜାତୀୟ ଓ ବୈସାଦୃଶ୍ୟବିଶିଷ୍ଟ ଏକ ପ୍ରକାରଟିର ଅସୁବିଧାଗୁଡ଼ିକର ଅବଶ୍ୟ ସମ୍ମୁଖୀନ ହେବାକୁ ପଡ଼ିବ । ତେଣୁ ଏହି କ୍ଷେତ୍ରରେ ସାମ୍ରାଜ୍ୟର ପ୍ରକୃତ ସମସ୍ୟାଟି ତଥାପି ରହିଯାଉଛି; ଅର୍ଥାତ୍, ନାନା ବିସଦୃଶତା ରହିଥିବା, ପ୍ରଜାତିଗତ ଗଠନ, ଭାଷା ଓ ସଂସ୍କୃତି ପ୍ରଭୃତି କ୍ଷେତ୍ରରେ ବିସଦୃଶ ହୋଇ ରହିଥିବା ସାମ୍ରାଜ୍ୟର କୃତ୍ରିମ ରାଜନୀତିକ ଏକତାଟିକୁ କିପରି ଏକ ପ୍ରକୃତ ମନୋଭୂମିଗତ ଏକତାରେ ରୂପାନ୍ତରିତ କରାଯାଇ ପାରିବ, ଏହି ଅସଲ ସମସ୍ୟାଟି ତଥାପି ଅସମାହିତ ରହିଯାଉଛି ।

ଏହି ବୃହତ୍ ମାତ୍ରାରେ ଏହି ସମସ୍ୟାଟିର ସମାଧାନ କରାଯାଇ ଥିବାର ଏକ ପ୍ରୟାସର କେବଳ ଗୋଟିଏ ବୃହତ୍ ଓ ନିର୍ଦ୍ଦିଷ୍ଟ ଦୃଷ୍ଟାନ୍ତ ଆମକୁ ଇତିହାସରୁ ମିଳି ପାରୁଛି । ରୁଷିଆ, ଇଂଲଣ୍ଡ* ଓ ଫ୍ରାନ୍ସ୍‌ର ଯେଉଁ ବଡ଼ ବଡ଼ ବିସଦୃଶତା ପୂର୍ଣ୍ଣ ଆଧୁନିକ ସାମ୍ରାଜ୍ୟଗୁଡ଼ିକ

---

* ଏହି ସାମ୍ରାଜ୍ୟଟି ଏକ ସ୍ୱାଧୀନ କମନ୍‌ୱେଲ୍‌ଥ୍ ରୂପେ ଆପଣାର ରୂପଟିକୁ ଏପରି ବଦଳାଇ

'oaob.nitrkl.ac.in' images reprocessed

ବିଷୟରେ ଏହି ସମସ୍ୟାଟି ଦେଖା ଦେଉଛି, ସେଗୁଡ଼ିକର କ୍ଷେତ୍ରରେ ଆମକୁ କୌଣସି ବାଟ ଦେଖାଇଲା ଭଳି ପୂର୍ବବର୍ତ୍ତୀ ସ୍ଥିତି ବିଦ୍ୟମାନ ଥିବା କେବଳ ଗୋଟିଏ ଉଦାହରଣ ଇତିହାସରେ ରହିଛି । ପାଞ୍ଚଗୋଟି ଜାତିରେ ପୁରାତନ ଚୀନ୍-ସାମ୍ରାଜ୍ୟ ଅତ୍ୟନ୍ତ ପ୍ରଶଂସନୀୟ ଭାବରେ ସଂଗଠିତ ହୋଇ ରହିଥିଲା, ମାତ୍ର ଏଠାରେ ତାହା ଏକ ଉଦାହରଣ ରୂପେ ଆଦୌ ନିଆଯାଇ ପାରିବ ନାହିଁ । କାରଣ ଏହାକୁ ଗଠିତ କରି ରଖିଥିବା ପ୍ରତ୍ୟେକଟି ଅଂଶ ପ୍ରଜାତି ଦୃଷ୍ଟିରୁ ମଙ୍ଗୋଲିଆନ୍ ହୋଇ ରହିଥିଲେ ଏବଂ ତେଣୁ କୌଣସି ପ୍ରକାର ଅଲଂଘ୍ୟ ସାଂସ୍କୃତିକ ଅସୁବିଧାର ଅବତାରଣା କରୁ ନ ଥିଲେ । ମାତ୍ର, ଖାଲି ଗୋଟିଏ ବା ଦୁଇଟି ଜଟିଳ ବିଷୟକୁ ଛାଡ଼ିଦେଲେ, ଆଧୁନିକ ସାମ୍ରାଜ୍ୟଗୁଡ଼ିକ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ରୋମ୍ ସାମ୍ରାଜ୍ୟ ମଧ ମୂଳତଃ ଠିକ୍ ସେହିସବୁ ସମସ୍ୟାର ସମ୍ମୁଖୀନ ହେଉଥିଲା । ଏବଂ ଏକ ଚମତ୍କାର ସଫଳତାର ସହିତ ସେ ବେଶ୍ କେତେକ ପରିମାଣରେ ସେଗୁଡ଼ିକର ସମାଧାନ ମଧ କରୁଥିଲା । ରୋମ୍ ସାମ୍ରାଜ୍ୟ ଏକାଧିକ ବହୁ ଶତାବ୍ଦୀ ଧରି ସ୍ଥାୟୀ ହୋଇଥିଲା ଏବଂ ଅନେକ ସମୟରେ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିବାର ଭୟ ରହିଥିଲେହେଁ, ତଥାପି, ଏକତାର ତା'ର ଅନ୍ତର୍ଗତ ନୀତିଟି ଦ୍ୱାରା ଓ ଅଧିକ ଶକ୍ତିଶାଳୀ ତା'ର କେନ୍ଦ୍ରାନୁସାରୀ ଆକର୍ଷଣଟି ଦ୍ୱାରା ତାହା ବିଭାଜନକାରୀ ଯାବତୀୟ ପ୍ରବୃତ୍ତି ଉପରେ ବିଜୟ ଲାଭ କରି ପାରିଥିଲା । ପୂର୍ବାଞ୍ଚଳ ଓ ପଶ୍ଚିମାଞ୍ଚଳର ସାମ୍ରାଜ୍ୟଖଣ୍ଡରେ ଦ୍ୱିଖଣ୍ଡିତ ହୋଇଯିବାକୁହିଁ ଏହାର ଏକମାତ୍ର ବିଫଳତା ବୋଲି କୁହାଯାଇ ପାରିବ, ଏବଂ ତାହାହିଁ ତା'ର ଅନ୍ତିମ ପତନଟିକୁ ତ୍ୱରାନ୍ୱିତ କରି ଆଣିଥିଲା । ତଥାପି, ଯେତେବେଳେ ସେହି ପତନଟି ପ୍ରକୃତରେ ଆସି ପହଞ୍ଚିଲା, ସେତେବେଳେ ତାହା ଭିତରୁ କୌଣସି ବିଘଟନ ସୃଷ୍ଟି ହୋଇ ଥିବାରୁ ନୁହେଁ, ମାତ୍ର କେବଳ ତାହାର ଜୀବନକେନ୍ଦ୍ରଟି କ୍ରମଶଃ କ୍ଷୟପ୍ରାପ୍ତ ହୋଇ ଆସିବାରୁହିଁ ତାହା ଘଟିଥିଲା । ବାହାରୁ ବର୍ବର ମାନଙ୍କର ଚାପ ପଡ଼ିବାରୁ ରୋମ୍ ସାମ୍ରାଜ୍ୟର ପତନ ଘଟିଲା ବୋଲି ଭୁଲ୍‌ରେ କୁହା ଯାଇଥାଏ; ମାତ୍ର ତାହାର ଏହି କେନ୍ଦ୍ରସ୍ଥ ଜୀବନଟି ମ୍ଳାନ ହୋଇ ନ ପଡ଼ିବା ପର୍ଯ୍ୟନ୍ତ ବହିଃସ୍ଥ ବର୍ବରମାନଙ୍କ ଚାପଟି ଏହାର ଗୌରବମୟ ଏକତାଟିକୁ ପ୍ରକୃତରେ କୌଣସି ପ୍ରକାରେ କବଳିତ କରି ପାରି ନ ଥିଲା ।

ସାମରିକ ବିଜୟ ଏବଂ ସାମରିକ ଉପନିବେଶ-ସ୍ଥାପନ ଦ୍ୱାରା ରୋମ୍ ସାମ୍ରାଜ୍ୟ ଆପଣାର ଆଧିପତ୍ୟକୁ ବଳବତ୍ତର ରଖି ପାରିଥିଲା; ମାତ୍ର ଥରେ ସେହି ବିଜୟଟି ନିଶ୍ଚିତ

---

ଦେଇଛି ଯେ ଏଠାରେ ସେହି ଆପତ୍ତିଟିର ଆଉ କୌଣସି ସଙ୍ଗତି ରହୁ ନାହିଁ; ଏହି କ୍ଷେତ୍ରରେ ପୁରାତନ ପୃଥିବୀର ଛାଞ୍ଚରେ ଆଉ ପ୍ରକୃତରେ କୌଣସି ସାମ୍ରାଜ୍ୟ ନାହିଁ, ମାତ୍ର ଗୋଟିଏ ସ୍ୱାଧୀନ କମନ୍‌ୱେଲ୍‌ଥ୍ ରହିଛି ଏବଂ ଅଧୀନସ୍ଥ ଅନେକ ସଂଖ୍ୟକ ସନସମୂହ ଏଥିରେ ଅଚିରେ ଆପଣାର ସ୍ୱାୟତ୍ତଶାସନ ଲାଭ କରିବାକୁ ଯାଉଛନ୍ତି ।

'oaob.nitrkl.ac.in' images reprocessed

ଭାବରେ ହାସଲ ହୋଇଯିବା ପରେ ତାହା କେବଳ ଏକ କୃତ୍ରିମ ରାଜନୀତିକ ଏକତାରୂପେ ସେହି ବିଜୟଟିକୁ ଏକତ୍ର କରି ଧରି ରଖିବାରେ ଆଦୌ ସନ୍ତୁଷ୍ଟ ହୋଇ ରହୁ ନ ଥିଲା, ବା, ବିଜିତ ଲୋକମାନଙ୍କ ଲାଗି ସେହି ବିଜୟକୁ ପ୍ରଥମେ ଗ୍ରହଣୀୟ କରିଦେଇ ପାରୁଥିବା ଅର୍ଥନୈତିକ ତଥା ପ୍ରାଶାସନିକ ଦୃଷ୍ଟିରୁ କଲ୍ୟାଣକାରୀ କେବଳ ଏକ ଉତ୍ତମ, ଦକ୍ଷ ଏବଂ ସୁସଂଗଠିତ ସେହି ରାଜନୀତିକ ଅନୁକୂଳତାଟି ଉପରେହିଁ ସେ କଦାପି ପୂର୍ଣ୍ଣ ଆସ୍ଥା ସ୍ଥାପନ କରି ପାରୁ ନ ଥିଲା । ତା'ର ରାଜନୀତିକ ସ୍ୱଭାବବୃତ୍ତିଟି ଆପଣାର ଅଭିପ୍ରାୟ ସମ୍ବନ୍ଧରେ ଏତେ ନିଶ୍ଚିତ ଥିଲା ଯେ ସେ କଦାପି ଏଡ଼େ ସହଜରେ ସନ୍ତୁଷ୍ଟ ହୋଇ ଯାଉ ନ ଥିଲା । କାରଣ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯଦି ସେ ସେହି ପର୍ଯ୍ୟନ୍ତ ଆସି ସେଇଠି ଅଟକି ଯାଉଥାନ୍ତା, ତେବେ ସେହି ସାମ୍ରାଜ୍ୟଟି ଅନେକ ପୂର୍ବରୁହିଁ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ଯାଇଥା'ନ୍ତା । ତା'ର ଅଧୀନରେ ରହିଥିବା ପ୍ରଜାବର୍ଗ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଜାତି ବା ସମଷ୍ଟିରୂପେ ସେମାନଙ୍କର ବୋଧଟିକୁ ସଂରକ୍ଷିତ କରି ରଖି ପାରିଥାନ୍ତେ ଏବଂ ରୋମ୍ ସାମ୍ରାଜ୍ୟର ସୁଦକ୍ଷତା ଏବଂ ପ୍ରାଶାସନିକ ସଂଗଠନସମର୍ଥତା ସହିତ ଥରେ ଅଭ୍ୟସ୍ତ ହୋଇଯିବା ପରେ ସେମାନେ ଅତ୍ୟନ୍ତ ନିଶ୍ଚିତ ଭାବରେ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଭାବରେ ସଂଗଠିତ ଜାତିରୂପେ ଏହିସବୁ ସୁବିଧାକୁ ସ୍ୱତନ୍ତ୍ର ଭାବରେ ଉପଭୋଗ କରିବାକୁହିଁ ମନ ବଳାଇଥାନ୍ତେ । ରୋମାନ୍ ଶାସନ ଯେତେ ଯେତେ ଜାଗାରେ ଆପଣାର ପ୍ରାଧାନ୍ୟ ତଥା ପ୍ରଭାବଟିକୁ ପ୍ରତିଷ୍ଠା କରି ପାରିଥିଲା, ତାହା ସେହି ସବୁଯାକ ସ୍ଥାନରେ ସ୍ୱତନ୍ତ୍ର ଜାତୀୟତାର ଏହି ବୋଧଟିକୁ ସଫଳତାର ସହିତ ଉଡ଼ାଇଦେଇ ପାରିଥିଲା । ଏବଂ ଟିଉଟନିକ୍ ରୀତିରେ କୌଣସି ନିର୍ବୋଧ ପଶୁବଳର ସାଧନ ପ୍ରୟୋଗ କରି ଏହା କରାଯାଇ ନ ଥିଲା, ମାତ୍ର ଏକ ଶାନ୍ତିପୂର୍ଣ୍ଣ ଚାପ ଦ୍ୱାରାହିଁ କରା ଯାଇଥିଲା । ଯେଉଁ ଗୋଟିଏମାତ୍ର ପ୍ରତିଦ୍ୱନ୍ଦ୍ୱୀ ସଂସ୍କୃତି କେତେକ ଦୃଷ୍ଟିରୁ ତା'ର ଆପଣା ସଂସ୍କୃତିଠାରୁ ବରିଷ୍ଠ ଥିଲା, ରୋମ୍ ସର୍ବପ୍ରଥମେ ତାହାରି ସହିତ ଏକ ସାଲିସ କରି ନେଇଥିଲା ଓ ତାହାକୁ ଆପଣା ସାଂସ୍କୃତିକ ଅସ୍ତିତ୍ୱର ଏକ ଅଂଶରୂପେହିଁ ଗ୍ରହଣ କରି ନେଇଥିଲା ଏବଂ ଏପରିକି ତାହାର ସବୁଠାରୁ ଅଧିକ ମୂଲ୍ୟବାନ୍ ଅଂଶରୂପେ ଗ୍ରହଣ କରି ନେଇଥିଲା । ସିଏ ଏକ ଗ୍ରେକୋ-ରୋମାନ୍ ସଭ୍ୟତାକୁ ଜନ୍ମଦେଲା, ଗ୍ରୀକ୍ ଭାଷାକୁ ବିସ୍ତୃତି ଲାଭ କରିବାକୁ ଛାଡ଼ିଦେଲା ଓ ପ୍ରାଚ୍ୟ ସାମ୍ରାଜ୍ୟଖଣ୍ଡଟିରେ ସେହି ସଭ୍ୟତାଟିକୁ ଦୃଢ଼ କରିବାର ଦାୟିତ୍ୱକୁ ମଧ୍ୟ ସେ ତାହାରି ଉପରେ ନ୍ୟସ୍ତ କରି ରଖିଲା, ମାତ୍ର ଲାଟିନ୍ ଭାଷା ତଥା ଲାଟିନ୍ ଶିକ୍ଷାର ମାଧ୍ୟମରେହିଁ ଅନ୍ୟ ସବୁଠାରେ ସେହି ସଭ୍ୟତାର ପ୍ରବେଶ ଘଟାଇଥିଲା । ଏହିପରି ଭାବରେହିଁ ତାହା ଗଲ୍ ଏବଂ ତଦ୍ୱାରା ବିଜିତ ଅନ୍ୟ ପ୍ରଦେଶଗୁଡ଼ିକର କ୍ଷୟମୁଖୀ ଅଥବା ଅପରିପକ୍ୱ ସଂସ୍କୃତିଗୁଡ଼ିକୁ ଶାନ୍ତିପୂର୍ଣ୍ଣ ଓ ସଫଳ ଭାବରେ ଆପଣାର ବଶକୁ ନେଇ ଆସି ପାରିଥିଲା । ମାତ୍ର କେବଳ ଏହି ପ୍ରକ୍ରିୟାଟି ମଧ୍ୟ ହୁଏତ

'oaob.nitrkl.ac.in' images reprocessed

ସକଳ ବିଚ୍ଛିନ୍ନତାଧର୍ମୀ ପ୍ରବୃତ୍ତିକୁ ବିଲୁପ୍ତ କରିଦେଇ ପାରିବ ନାହିଁ ବୋଲି ଏକ ସମ୍ଭାବନା ରହିଥିବାରୁ ସିଏ ଯେ କେବଳ ଲାଟିନ୍-ଜୀବନକୁ ଛୁଆହୋଇ ଆସିଥିବା ଆପଣାର ପ୍ରଜାମାନଙ୍କୁ ଉଚ୍ଚତମ ସାମରିକ ତଥା ଅସାମରିକ ପଦଗୁଡ଼ିକରେ ରହିବାଲାଗି ଅନୁମତି ଦେଇଥିଲା ତା' ନୁହେଁ, ଏପରିକି ସେମାନଙ୍କୁ ସାମ୍ରାଜ୍ୟର ଶାସନସ୍ଥାନ ମାନଙ୍କରେ ଆଣି ବସାଇଥିଲା, ଯାହାଫଳରେ କି ପ୍ରଥମେ ଜଣେ ଇତାଲୀୟ ଗଲ୍ ଏବଂ ତା'ପରେ ଜଣେ ଆଇବେରିଆନ୍ ସ୍ପେନୀୟ ସମ୍ରାଟ୍ ଅଗଷ୍ଟସ୍‌ଙ୍କ ପରେ ମାତ୍ର ଗୋଟିଏ ଶତାବ୍ଦୀ ନ ଯାଉଣୁ ରୋମ୍‌ସମ୍ରାଟ୍ ମାନଙ୍କର ନାମ ଓ କ୍ଷମତା ଦ୍ୱାରା ନ୍ୟସ୍ତ ହୋଇ ପାରିଥିଲେ ତା' ନୁହେଁ, ମାତ୍ର କୌଣସି କାଳବିଳମ୍ବ ନ କରି ସେ ନାଗରିକ ବିଶେଷ ସୁବିଧାଗୁଡ଼ିକର ବିଭିନ୍ନ ଯାବତୀୟ ସ୍ତରଭେଦଟିରୁ ସକଳ ଶକ୍ତିକୁ ଅପସାରଣ କରି ନେଇଥିଲା ଓ ସେଗୁଡ଼ିକୁ ଆଉ ନାମମାତ୍ରରେ ମଧ୍ୟ ରଖିବାକୁ ଦେଇ ନ ଥିଲା,– ଏଗୁଡ଼ିକୁ ସେ ସାମ୍ରାଜ୍ୟର ପ୍ରଥମ କାଳରେ ଆରମ୍ଭ କରିଥିଲା ଓ ପ୍ରସାରିତ ମଧ୍ୟ କରି ରଖିଥିଲା,– ଏବଂ ଏସୀୟ, ଇଉରୋପୀୟ ଏବଂ ଆଫ୍ରିକୀୟ ନିର୍ବିଶେଷରେ କୌଣସି ଭେଦ ନ ରଖି ସକଳ ପ୍ରଜାଙ୍କୁ ଏହି ସୁବିଧାଟି ପୂର୍ଣ୍ଣମାତ୍ରାରେ ଆଣି ଦେଇଥିଲା ।

ଏହାଦ୍ୱାରା ଏହି ଫଳ ହେଲା ଯେ, କେବଳ ରାଜନୀତିକ ଦୃଷ୍ଟିରୁ ନୁହେଁ, ମନୋଗତ କ୍ଷେତ୍ରରେ ମଧ୍ୟ ସମୁଦାୟ ସାମ୍ରାଜ୍ୟଟି ଏକ ଅବିଭାଜ୍ୟ ଗ୍ରେକୋ-ରୋମାନ୍ ଏକତ୍ୱରେ ପରିଣତ ହୋଇଗଲା । କେବଳ ଅଧିକ ବଳ ବା ରୋମାନ୍ ଶାନ୍ତିପୂର୍ଣ୍ଣ ଅବସ୍ଥା ଓ ସୁଶାସନର ସ୍ୱୀକୃତି ହେତୁ ନୁହେଁ, ମାତ୍ର ପ୍ରଦେଶଗୁଡ଼ିକର ସକଳ ଆକାଙ୍କ୍ଷା, ସକଳ ସଂଘଜୀବନ, ଗୌରବ ତଥା ସାଂସ୍କୃତିକ ଘନିଷ୍ଠ ସମ୍ବନ୍ଧମାନ ସେଗୁଡ଼ିକୁ ସାମ୍ରାଜ୍ୟର ରକ୍ଷାକ୍ଷେତ୍ରରେ ଦୃଢ଼ଭାବରେ ସମ୍ପୃକ୍ତ କରି ରଖିଲା । କୌଣସି ପ୍ରଦେଶୀୟ ଶାସକ ଅଥବା ସେନାଧ୍ୟକ୍ଷ ଆପଣା ଆପଣାର ସ୍ୱାର୍ଥସାଧନ ଲାଗି ପ୍ରାଦେଶିକ କୌଣସି ସାମ୍ରାଜ୍ୟଗଠନ ଦିଗରେ ଯେତେଯାହା ପ୍ରୟାସ କଲେ, ସେଗୁଡ଼ିକ ସବୁ ବିଫଳହିଁ ହୋଇ ଯାଇଥିଲା, କାରଣ ସେଗୁଡ଼ିକ ଲାଗି ଆଦୌ କୌଣସି ଭିତ୍ତି ମିଳିଲା ନାହିଁ, ସମର୍ଥନକାରୀ କୌଣସି ପ୍ରବୃତ୍ତିହିଁ ମିଳିଲା ନାହିଁ, ତାହାର ସପକ୍ଷରେ କୌଣସି ଜାତୀୟ ଭାବନା ଜାଗ୍ରତ ହୋଇ ପାରିଲା ନାହିଁ ଏବଂ ଯେଉଁମାନଙ୍କ ଉପରେ ନିର୍ଭର କରି ଏହି ପ୍ରୟାସଟି ଆପଣାକୁ ଅବିଚ୍ଛିନ୍ନ ରଖିବାରେ ସଫଳ ହୋଇଥାନ୍ତା, ସେହି ଜନଗଣ ମଧ୍ୟ ଏଭଳି କୌଣସି ପରିବର୍ତ୍ତନ ଦ୍ୱାରା ପ୍ରକୃତରେ କୌଣସି ଭୌତିକ ବା ଅନ୍ୟ ପ୍ରକାରର ଲାଭ ପାଇବେ ବୋଲି ଅନୁଭବ ବି କରି ପାରିଲେ ନାହିଁ । ଏହି ପର୍ଯ୍ୟନ୍ତ ରୋମାନ୍ ସବୁଥିରେ ସଫଳତା ଲାଭ କରିଥିଲା; ଏବଂ ତା' ପଦ୍ଧତିରେ ମୂଳତଃ ଯେଉଁ ଦୋଷଟି ରହିଥିଲା, ସେ ସେଇଟି ସକାଶେହିଁ ବିଫଳ ହେଲା । ଯେତେ ଶାନ୍ତିପୂର୍ଣ୍ଣ ଭାବରେ ହେଲେ ମଧ୍ୟ, ଆପଣା ଦ୍ୱାରା ଶାସିତ

'oaob.nitrkl.ac.in' images reprocessed

ଜାତିଗୁଡ଼ିକର ଜୀବନ୍ତ ସଂସ୍କୃତିଗୁଡ଼ିକୁ ବା ଉନ୍ମେଷଲାଭ କରି ଆସୁଥିବା ବ୍ୟକ୍ତିତ୍ୱଟିକୁ ଦଳି ଦେବା ଦ୍ୱାରା ରୋମ୍ ସେମାନଙ୍କୁ ସେମାନଙ୍କର ପ୍ରାଣଶକ୍ତିରୁ ବଞ୍ଚିତ କରି ରଖିଲା, ଅର୍ଥାତ୍ ସେମାନଙ୍କ ଶକ୍ତିମତ୍ତାର ଅସଲ ଉତ୍ସଗୁଡ଼ିକରୁହିଁ ସେମାନଙ୍କୁ ବଞ୍ଚିତ କରି ରଖିଲା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାହା ବିଘଟନର ସକଳ ସହାୟକ କାରଣଗୁଡ଼ିକୁ ମୂଳପୋଛ କରି ଦେଇଥିଲା ଏବଂ ବିଘଟନକାରୀ ଯାବତୀୟ ପରିବର୍ତ୍ତନ ବିରୋଧରେ ଏକ ଅକ୍ରିୟ ଶକ୍ତିକୁ ମଧ୍ୟ ନିଶ୍ଚିତ ଭାବରେ ସୃଷ୍ଟି କରି ରଖିଥିଲା; ମାତ୍ର ଏହି ସାମ୍ରାଜ୍ୟଟି କେବଳ କେନ୍ଦ୍ରରେହିଁ ବଞ୍ଚି ରହିଥିଲା, ଏବଂ ଯେତେବେଳେ ସେହି କେନ୍ଦ୍ରଟିର ଶକ୍ତି କ୍ରମେ କ୍ଷୀଣ ହୋଇ ଆସିଲା, ସେତେବେଳେ ତାହାକୁ ପୁନର୍ବାର ନୂତନ ଶକ୍ତି ଆଣି ଦେଇ ପାରିବାଲାଗି ତା'ର ଶରୀରସ୍ଥ କୌଣସି କ୍ଷେତ୍ରରୁ ମଧ୍ୟ ଆଉ କୌଣସି ସହାୟକ ଏବଂ ପୂର୍ଣ୍ଣକାରକ ଶକ୍ତି ଉପଲବ୍ଧ ହେଲା ନାହିଁ । ଏପରିକି ଏକ ବହିରାଗତ ସଭ୍ୟତାର ଚାପ ଦ୍ୱାରା ସେ ଯେଉଁ ଗୋଷ୍ଠୀମାନଙ୍କର ଜୀବନଟିକୁ ସଭ୍ୟ କରି ରଖିଥିଲା, ସେହିମାନଙ୍କ ଭିତରୁ ମଧ୍ୟ ଶକ୍ତିମନ୍ତ ବ୍ୟକ୍ତିମାନେ ବାହାରି ତାକୁ ଶକ୍ତିମାନ୍ କରି ପାରିବେ ବୋଲି ପରିଶେଷରେ ଆଉ କୌଣସି ଭରସା ରହିଲା ନାହିଁ । ତେଣୁ ତାକୁ ସୀମାଞ୍ଚଳଗୁଡ଼ିକରେ ବାସ କରୁଥିବା ବର୍ବରମାନଙ୍କ ଉପରେହିଁ ନିର୍ଭର କରିବାକୁ ପଡ଼ିଲା । ଏବଂ ଯେତେବେଳେ ତାହା ଖଣ୍ଡଖଣ୍ଡ ହୋଇ ଭାଙ୍ଗି ଯିବାକୁ ଆରମ୍ଭ କଲା, ସେତେବେଳେ ପୁନଃଜାଗ୍ରତ ସେହି ପୁରାତନ ଜାତିଗୁଡ଼ିକ ନୁହନ୍ତି, ମାତ୍ର ଏହି ବର୍ବରମାନେହିଁ ରୋମ୍‌ର ଉତ୍ତରାଧିକାରୀ ହୋଇ ବସିଥିଲେ । କାରଣ ସେମାନଙ୍କର ବର୍ବରତାହିଁ ଅନ୍ତତଃ ଏକ ଜୀବନ୍ତ ଶକ୍ତି ଓ ଜୀବନର ପ୍ରେରକ ସୂତ୍ରରୂପେ କାର୍ଯ୍ୟ କରୁଥିଲା, ମାତ୍ର ଗ୍ରେକୋ-ରୋମାନ୍ ସଭ୍ୟତା ସେତେବେଳକୁ ମୃତ୍ୟୁରହିଁ ଏକ ବିଧାନରେ ପରିଣତ ହୋଇ ସାରିଥିଲା । ଯେଉଁସବୁ ଜୀବନଦାୟୀ ଶକ୍ତିର ସଂସ୍ପର୍ଶରେ ଆସି ରୋମ୍ ଆପଣାର ସ୍ୱକୀୟ ଶକ୍ତିଟିକୁ ପରିବର୍ତ୍ତିତ ଓ ନୂତନପ୍ରେରଣାଯୁକ୍ତ କରି ପାରିଥାନ୍ତା, ସେଗୁଡ଼ିକ କୁଆଡ଼େ ଧ୍ୱଂସ ହୋଇ ଯାଇଥିଲା । ପରିଶେଷରେ ଆପଣାର ଶରୀର ଓ ଆପଣାର ବିଧାନଟିକୁ ନେଇ ତାକୁ ଆପଣାକୁ ମଧ୍ୟ ବିଧ୍ୱସ୍ତ ହୋଇ ଯିବାକୁ ପଡ଼ିଲା ଏବଂ ମଧ୍ୟଯୁଗୀୟ ଇଉରୋପର ପ୍ରାଣଶକ୍ତିମନ୍ତ ସଂସ୍କୃତିର ଅକର୍ଷିତ କ୍ଷେତ୍ରଟିରେହିଁ ତାହା ବୀଜରୂପେ ପୁନର୍ବାର ବୁଣା ହେବାଲାଗି ସଞ୍ଚିତ ହୋଇ ରହିଲା । ଆପଣାର ଏଡ଼େ ସଂଗଠିତ ସାମ୍ରାଜ୍ୟଟି ଦ୍ୱାରା ଯାହା କରି ପାରିବାକୁ ରୋମାନ୍ ପାଖରେ ବୁଦ୍ଧି ନ ଥିଲା,— କାରଣ ଏପରିକି ଗଭୀରତମ ଓ ନିଷ୍ଠିତତମ ରାଜନୀତିକ ପ୍ରବୃତ୍ତିକୁ ମଧ୍ୟ କଦାପି ଯଥାର୍ଥ ବୁଦ୍ଧିର ସମତୁଲ ବୋଲି କୁହା ଯିବ ନାହିଁ,— ମଧ୍ୟଯୁଗୀୟ ଖ୍ରୀଷ୍ଟିଆନ୍ ମଣ୍ଡଳଟିର ଶିଥିଳ ଅଥଚ ଜୀବନ୍ତ ଏକତ୍ୱଟିର ପରିବେଶରେ ଯାଇ ପ୍ରକୃତି ସେଇଟିକୁ କରି ପାରିବ ବୋଲି ନିର୍ଦ୍ଧାରିତ ହୋଇ ରହିଥିଲା ।

'oaob.nitrkl.ac.in' images reprocessed

ରୋମ୍‌ର ଦୃଷ୍ଟାନ୍ତଟି ସେହିଦିନଠାରୁ ଇଉରୋପର ରାଜନୀତିକ ମାନସକୁ ଉଦ୍‌ବେଳିତ କରି ରଖି ଆସିଛି । ସାର୍ଲମାଗ୍‌ନ୍‌ଙ୍କର ପବିତ୍ର ରୋମାନ୍ ସାମ୍ରାଜ୍ୟ, ନେପୋଲିଅଁଙ୍କର ସେହି ବିରାଟ ପ୍ରୟାସ ଏବଂ ଟିଉଟନିକ୍ କର୍ମଦକ୍ଷତା ତଥା ଟିଉଟନିକ ସଂସ୍କୃତି ଦ୍ୱାରା ପରିଚାଳିତ ହୋଇଥିବା ଏକ ବିଶ୍ୱ-ସାମ୍ରାଜ୍ୟ ଲାଗି ଜର୍ମାନୀର ସ୍ୱପ୍ନଟିର ପଛରେ ଯେ ଆମେ ସେହି ଦୃଷ୍ଟାନ୍ତଟି ରହିଥିବାର ଦେଖିବାକୁ ପାଇବା ତା' ନୁହେଁ, ମାତ୍ର ଫ୍ରାନ୍‌ସ୍ ଓ ଇଂଲଣ୍ଡ ସମେତ ସାମ୍ରାଜ୍ୟଟିଏ ରହିଥିବା ସବୁ ଜାତି ଅଳ୍ପ ବା ବହୁତ ଯେଉଁ ପରିମାଣରେ ହେଉ ପଛକେ, ତାହାର ପଦାଙ୍କଟିକୁ ଅବଶ୍ୟ ଅନୁସରଣ କରିଛନ୍ତି । ମାତ୍ର ଏହି କଥାଟି ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇ ରହି ଆସିଛି ଯେ ରୋମାନ୍ ସଫଳତାଟିକୁ ପୁନର୍ଜୀବିତ କରାଇବାର ସକଳ ପ୍ରଚେଷ୍ଟା କେବଳ ବିଫଳହିଁ ହୋଇଛି । ରୋମ୍‌ର ସାମ୍ରାଜ୍ୟ ଯେଉଁ ଗୁଳାଟି ଦେଇ ଯାଇଥିଲା, ଆଧୁନିକ ଜାତିମାନେ ସମ୍ପୂର୍ଣ୍ଣ ଭାବରେ ସେହି ଗୁଳାଟିକୁ ଆଦୌ ଅନୁସରଣ କରି ପାରି ନାହାନ୍ତି; ଅଥବା, ଯେଉଁଠି ସେମାନେ ସେଇଟିକୁ ଅନୁସରଣ କରିବାଲାଗି ପ୍ରକୃତରେ ଚେଷ୍ଟା କରିଛନ୍ତି, ସେଠାରେ ସେମାନଙ୍କୁ ସମ୍ପୂର୍ଣ୍ଣ ଭିନ୍ନ ନାନା ପରିସ୍ଥିତିର ସଂଘାତରେ ଆସିବାକୁ ପଡ଼ିଛି, ସେମାନେ ତଦ୍ଦ୍ୱାରା ଏକାବେଳେକେ ଭୁଶୁଡ଼ି ପଡ଼ିଛନ୍ତି ଅଥବା ଅଟକି ଯିବାକୁ ବାଧ ହୋଇଛନ୍ତି । ସତେ ଯେପରି ପ୍ରକୃତି ସେମାନଙ୍କ କାନରେ ଆସି କହିଛି : ''ସେହି ପ୍ରୟୋଗଟିକୁ ନ୍ୟାୟତଃ ତା'ର ଯାବତୀୟ ପରିଣାମଗୁଡ଼ିକ ପର୍ଯ୍ୟନ୍ତ କରାହୋଇ ସାରିଛି ଏବଂ ଥରେ ପ୍ରୟୋଗ ହୋଇଗଲେ ତାହାକୁହିଁ ଯଥେଷ୍ଟ ବୋଲି ମାନିନେବାକୁ ହେବ । ବର୍ତ୍ତମାନ ମୁଁ ନୂତନ ପରିବେଶଗୁଡ଼ିକୁ ପ୍ରସ୍ତୁତ କରି ରଖିଛି, ତେଣୁ ତୁମକୁ ନୂତନ ସାଧନଗୁଡ଼ିକର ଆବିଷ୍କାର କରିବାକୁ ହେବ, ବା, ଯେଉଁଠି ପୁରୁଣା ସାଧନମାନ ଯଥେଷ୍ଟ ପରିମାଣରେ ଶକ୍ତିସମର୍ଥ ହୋଇପାରି ନାହାନ୍ତି କିଂବା ଅନ୍ୟବାଟରେ ଚାଲି ଯାଇଛନ୍ତି, ସେଠାରେ ତୁମକୁ ସେଗୁଡ଼ିକରେ ଆବଶ୍ୟକ ସଂଶୋଧନ ଆଣିବାକୁ ପଡ଼ିବ ବା ପୁରୁଣା ସହିତ ଆଉ କେତୋଟି ନୂତନ ଉପାୟ ଆଣି ଯୋଡ଼ିବାକୁ ପଡ଼ିବ ।''

ଇଉରୋପୀୟ ଜାତିମାନେ ସାମରିକ ବିଜୟ ଓ ଉପନିବେଶ-ପ୍ରସାରର ସେହି ପୁରାତନ ରୋମାନ୍ ଉପାୟଟିକୁ ଅବଲମ୍ବନ କରିହିଁ ଆପଣାର ସାମ୍ରାଜ୍ୟଗୁଡ଼ିକର ବିସ୍ତାର କରିଛନ୍ତି । ଏବଂ ଅଧିକାଂଶ କ୍ଷେତ୍ରରେ ସେମାନେ ଆସିରୀୟ ତଥା ମିଶର୍‌ର ରାଜାମାନଙ୍କ ଦ୍ୱାରା, ଭାରତୀୟ ପୁରାତନ ରାଜ୍ୟଗୁଡ଼ିକର ଏବଂ ଗ୍ରୀକ୍ ନଗରଗୁଡ଼ିକର ଆଚରିତ ନୀତିଟିକୁ ଅର୍ଥାତ୍ ସରଳ ଆଧିପତ୍ୟ ବା କର୍ତ୍ତୃତ୍ୱର ସେହି ପ୍ରାକ୍‌ରୋମାନ୍ ପଦ୍ଧତିଟିକୁ ବର୍ଜନ କରି ଆସିଛନ୍ତି । ମାତ୍ର, ଗୋଟିଏ ରାଜ୍ୟକୁ ଅଧିକାର କରିନେବାର ଅପେକ୍ଷାକୃତ ଅଧିକ ସ୍ୱାଭାବିକ ସାଧନଟି ରୂପେ ବେଳେ ବେଳେ ସଂରକ୍ଷିତ ରାଜ୍ୟର ଆକାରରେ ଏହି ନୀତିଟିକୁ ମଧ୍ୟ କାମରେ ଲଗାଯାଇଛି । ଉପନିବେଶଗୁଡ଼ିକ ଶୁଦ୍ଧ ରୋମାନ୍ ପ୍ରକାରର ହୋଇଛି

'oaob.nitrkl.ac.in' images reprocessed

ବୋଲି କଦାପି କୁହାଯିବ ନାହିଁ; ଶାସନଗତ ତଥା ସାମରିକ ଉଭୟ କ୍ଷେତ୍ରରେ ସେଗୁଡ଼ିକ କାର୍ଥାଜିନିଆନ୍ ଏବଂ ରୋମାନ୍ ଦୁଇଟିକୁ ମିଶାଇ ଏକ ମିଶ୍ର ପ୍ରକାରରହିଁ ହୋଇଛି; ରୋମାନ୍ ଉପନିବେଶଗୁଡ଼ିକ ପରି ଏମାନେ ସ୍ଥାନୀୟ ଅଧିବାସୀମାନଙ୍କୁ ଏକ ଅଧିକ ଉଚ୍ଚସ୍ତରର ନାଗରିକ ଅଧିକାରଗୁଡ଼ିକର ଉପଭୋଗ କରିବାକୁ ଦେଇଛନ୍ତି ଏବଂ ତାହା ସଙ୍ଗେସଙ୍ଗେ ଏବଂ ତା'ଠାରୁ ଅନେକ ଅଧିକ ପରିମାଣରେ ଶୋଷଣରହିଁ ଗୋଟିଏ ଗୋଟିଏ ବ୍ୟବସାୟଗତ ଉପନିବେଶ ହୋଇ ରହିଛନ୍ତି । ଅଲ୍‌ଷ୍ଟର୍‌ର ଇଂରେଜ ଉପନିବେଶକୁ ରୋମାନ୍ ପ୍ରକାରଟିର ସବୁଠାରୁ ଅଧିକ ନିକଟବର୍ତ୍ତୀ ବୋଲି କୁହାଯିବ, ଏବଂ ପୋଲାଣ୍ଡରେ କାର୍ଯ୍ୟକାରୀ ହୋଇଥିବା ଜର୍ମାନ୍ ପ୍ରକାରଟି ଆଧୁନିକ ପରିବେଶ ମଧ୍ୟରେ ସ୍ୱତ୍ୱହରଣ କରିବାର ସେହି ପୁରାତନ ରୋମାନ୍ ରୀତିଟିକୁ ବିକଶିତ କରାଇ ଆଣିଛି । ମାତ୍ର ଆମେ ଏଗୁଡ଼ିକୁ ନିୟମ ବୋଲି ନ କହି କେତେଗୁଡ଼ିଏ ବ୍ୟତିକ୍ରମ ବୋଲିହିଁ କହିବା ।

ବିଜିତ ଅଞ୍ଚଳଗୁଡ଼ିକୁ ଥରେ ଦଖଲ କରିନେଇ ସେଠାରେ ଆପଣାର ଶାସନକୁ ଦୃଢ଼ କରିନେଇ ସାରିବା ପରେ ଆଧୁନିକ ଜାତିମାନେ ଏପରି ଗୋଟିଏ ଅସୁବିଧାର ସମ୍ମୁଖୀନ ହୋଇ ପଡ଼ିଛନ୍ତି, ଯାହାକୁ କି ସେମାନେ, ରୋମାନ୍‌ମାନେ ଯେପରି ପାରିଥିଲେ, ଆଦୌ ଅତିକ୍ରମ କରିପାରି ନାହାନ୍ତି । ସେହି ଅସୁବିଧାଟି ହେଉଛି ଯେ ସେମାନେ ସ୍ଥାନୀୟ ସଂସ୍କୃତିଟିକୁ ଓ ତା' ସହିତ ଆପଣାକୁ ଭିନ୍ନ ବୋଲି ଦେଖୁଥିବା ସେହି ସ୍ଥାନୀୟ ବୋଧଟିକୁ ଆଦୌ ମୂଳୋତ୍ପାଟିତ କରିପାରି ନାହାନ୍ତି । ଏହି ସବୁଯାକ ସାମ୍ରାଜ୍ୟ ପ୍ରଥମେ ଉପନିବେଶଟି ଉପରେ ଆପଣାର ପତାକା ସହିତ ଆପଣାର ସଂସ୍କୃତିଟିକୁ ମଧ୍ୟ ନେଇ ଲଦିଦେବେ ବୋଲି ବିଚାର କରି ସେଠାକୁ ଯାଇଛନ୍ତି; ପ୍ରଥମେ କେବଳ ଏକ ବିଜେତାର ସ୍ୱାଭାବିକ ମନୋଭାବଟି ରୂପେ ଏବଂ ରାଜନୀତିକ ଅଧିକାର ଲାଭର ସତ୍ୟଟିର ଏକ ଆବଶ୍ୟକ ଆନୁଷଙ୍ଗିକ ବ୍ୟାପାର ରୂପେ ଓ ଆପଣାକୁ ସ୍ଥାୟୀ କରି ରଖିବା ଲାଗି ଏକ ନିରାପଦ ବ୍ୟବସ୍ଥାରୂପେ ସେମାନେ ତାହା କରିଛନ୍ତି; ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ଅତି ସଚେତନ ଭାବରେ, ଅନେକ ସମୟରେ ଯେପରି ବଡ଼ ଔପଚାରିକ ଗମ୍ଭୀରତା ସହିତ କୁହାଯାଇଥାଏ, ଆପଣାଠାରୁ "ନିମ୍ନସ୍ତରରେ ରହିଥିବା" ଜାତିଗୁଡ଼ିକ ମଧ୍ୟକୁ ସଭ୍ୟତାର ଲବ୍ଧଫଳଗୁଡ଼ିକୁ ବହନ କରିନେବାର ଅଭିପ୍ରାୟରେ ସେମାନେ ତାହା କରିବାକୁ ଯାଇଛନ୍ତି । ଏହି ପ୍ରୟାସଟି ଯେ ଆଦୌ କେଉଁଠାରେ ଖୁବ୍ ବେଶୀ ସମୃଦ୍ଧିପ୍ରଦ ହୋଇଛି, ସେକଥା ମୋଟେ କୁହାଯାଇ ପାରିବ ନାହିଁ । ଅତୀବ ସଂପୂର୍ଣ୍ଣ ଏବଂ ନିର୍ମମ ଭାବରେ ଆୟର୍ଲାଣ୍ଡରେ ଏହି ପ୍ରୟାସଟିକୁ କରାଯାଇଥିଲା, ଏବଂ, କେବଳ କନଟ୍‌ର ଅରଣ୍ୟାଞ୍ଚଳକୁ ଛାଡ଼ିଦେଲେ ଆଉ ସବୁଠାରୁ ଆଇରିଶ୍ ଭାଷାକୁ ବିଲୁପ୍ତ କରି ଦିଆଯାଇଥିଲେ ମଧ୍ୟ ଓ ପୁରାତନ ଆଇରିଶ୍ ସଂସ୍କୃତିର ବିଶେଷତାସୂଚକ ଯାବତୀୟ ସଙ୍କେତ ପ୍ରକୃତରେ ଅନ୍ତର୍ହିତ ହୋଇ ଯାଇଥିଲେ ମଧ୍ୟ ସେହି

'oaob.nitrkl.ac.in' images reprocessed

ଆହତ ଓ ଅବମାନିତ ଜାତି ଆପଣାକୁ ସ୍ୱତନ୍ତ୍ର କରି ଚିହ୍ନାଇ ପାରିବା ଲାଗି ଯାହାକିଛି ଅନ୍ୟ ଉପାୟ ପାଇଲା, ତାହା ଯେତେ ସାମାନ୍ୟ ବା ନଗଣ୍ୟ ହେଉ ପଛକେ, ତାହାକୁ ଯାଇ ଜାବୁଡ଼ି କରି ଧରିଲା; ଆପଣାର କାଥୋଲିକ୍ ଧର୍ମମତଟିକୁ ଜାବୁଡ଼ି ଧରିଲା, ସେଲ୍‌ଟିକ ପ୍ରଜାତି ଏବଂ ଜାତିତ୍ୱର ସନ୍ତକଟିକୁ ଜାବୁଡ଼ି ଧରିଲା, ଏବଂ ଯେପରିକି ତାହାକୁ ଗୋଟାସୁଦ୍ଧା ଇଂରାଜୀ ରଙ୍ଗରେ ରଙ୍ଗାଇ ଦିଆଗଲା, ସେ ତଥାପି ଇଂରାଜୀ ହେବାକୁ ମନା କରିଦେଲା । ବୈଦେଶିକ ଚାପଟି ଅପସରି ଯିବା ବା ଟିକିଏ ଶିଥିଳ ହୋଇଯିବା ପରେ ତାହାର ଫଳସ୍ୱରୂପ ସେଠାରେ ଏକ ଅତ୍ୟୁଗ୍ର ପ୍ରତିକ୍ଷେପ ଘଟିଛି, ଗେଲିକ୍ ଭାଷାକୁ ପୁଣି ଥରେ ଚାଲୁ କରିବା ପାଇଁ ଏବଂ ସେଲ୍‌ଟିକ୍ ଭାବନା ତଥା ସଂସ୍କୃତିକୁ ପୁନର୍ଗଠନ କରି ଆଣିବା ପାଇଁ ଏକ ପ୍ରୟାସ କରାଯାଇଛି । ଜର୍ମାନମାନେ ପୋଲାଣ୍ଡକୁ ଯାହା ଗୋଟାସୁଦ୍ଧା ପ୍ରୁସୀୟ ରଙ୍ଗରେ ରଙ୍ଗାଇ ଦେବାକୁ ଇଚ୍ଛା କରିଥିଲେ, ସେଥିରେ ସେମାନେ ଆଦୌ ସଫଳ ହୋଇପାରି ନାହାନ୍ତି, ବା ଏପରିକି ତାଙ୍କରି ଭାଷାରେ କଥା କହୁଥିବା ତାହାରି ଜ୍ଞାତି ଆଲ୍‌ସେସିଆନ୍‌ମାନଙ୍କୁ ମଧ୍ୟ ପ୍ରୁସୀୟ ଛାଞ୍ଚଭିତରେ ପକାଇ ପାରିଲେ ନାହିଁ । ରୁଷିଆରେ ବାସ କରୁଥିବା ଫିନ୍‌ମାନେ ଅବିଜିତ ଭାବରେ ଫିନିଶ୍ ହୋଇ ରହିଲେ । ଅଷ୍ଟ୍ରିଆ ଦ୍ୱାରା ଆଚରିତ ନରମ ପଦ୍ଧତିଗୁଡ଼ିକ ଦ୍ୱାରା ଅଷ୍ଟ୍ରିଆରେ ବାସ କରୁଥିବା ପୋଲ୍ ଜର୍ମାନ୍ ଇଲାକା ପୋସନ୍‌ରେ ବାସ କରୁଥିବା ତା'ର ଅତ୍ୟାଚାରିତ ଭାଇଟି ପରି ସେହି ପୋଲିଶ୍ ହୋଇ ରହିଲା । ଏହିପରି ଭାବରେ ଏହି ପ୍ରୟାସଟିର ଅନୁପଯୋଗିତା ସମ୍ବନ୍ଧରେ ସବୁଠାରେ ଏକ ବୋଧ ବୃଦ୍ଧି ପାଇବାକୁ ଲାଗିଲା; ବିଜିତ ଜାତିର ଆତ୍ମାଟିକୁ ମୁକ୍ତ ଛାଡ଼ିଦେବା ଲାଗି ଏକ ପ୍ରବୃତ୍ତି ମଧ୍ୟ ବୃଦ୍ଧି ପାଇଲା । ଅଧିପତି ରାଷ୍ଟ୍ରଟିର କାର୍ଯ୍ୟକଳାପକୁ କେବଳ ନୂତନ ପ୍ରଶାସନଗତ ତଥା ଆର୍ଥିକ ବ୍ୟବସ୍ଥାଗୁଡ଼ିକର ପ୍ରବର୍ତ୍ତନ କରାଇବା ମଧ୍ୟରେ ସୀମିତ ରଖାଯିବା ଉଚିତ ବୋଲି ସମସ୍ତେ ଭାବିବାକୁ ଲାଗିଲେ । ସମାଜ ଓ ସଂସ୍କୃତିର କ୍ଷେତ୍ରରେ ଯେତିକି ପରିବର୍ତ୍ତନକୁ ସ୍ୱେଚ୍ଛାରେ ଗ୍ରହଣ କରି ନିଆଯିବ, ବା ଶିକ୍ଷାଫଳରେ ତଥା ପରିସ୍ଥିତି ଦ୍ୱାରା ବାଧ୍ୟ ହୋଇ ଯେତିକି ସମ୍ଭବ ହେବ, କେବଳ ସେତିକିକୁହିଁ ଅନୁମତି ଦିଆଯିବ ବୋଲି ସମୀଚୀନ ବୋଧ ହେଲା ।

ସାମ୍ରାଜ୍ୟ-ପଦ୍ଧତିରେ ବସ୍ତୁତଃ ନୂତନ ଏବଂ ଅନଭିଜ୍ଞ ହୋଇ ରହିଥିବା ଜର୍ମାନ୍ ଆତ୍ମସାତ୍ କରିନେବାର ସେହି ପୁରାତନ ରୋମାନ୍ ଧାରଣାଟିକୁ ଧରି ପଡ଼ି ରହିଥିଲା ଏବଂ ସିଏ ଉଭୟ ରୋମାନ୍ ଏବଂ ଅଣରୋମାନ୍ ଉପାୟଗୁଡ଼ିକର ଅବଲମ୍ବନ କରି ସେହି ଧାରଣାଟିକୁ କାର୍ଯ୍ୟକାରୀ କରିବାକୁ ଲାଗିଲା । ଏପରିକି ପୂର୍ବର ରୋମ୍ ସମ୍ରାଟ୍‌ମାନେ ଯେତେଦୂର ଯାଇ ପାରିଥିଲେ, ଜର୍ମାନୀ ତା'ଠାରୁ ମଧ୍ୟ ଆହୁରି ଅଧିକ ପଛକୁ ଫେରି ଯିବା ଲାଗି ପ୍ରବୃତ୍ତି ଦେଖାଇଥିଲା, କାନାନ୍‌ରେ ଇହୁଦୀମାନେ ଏବଂ ପୂର୍ବ ବ୍ରିଟେନ୍‌ରେ

'oaob.nitrkl.ac.in' images reprocessed

ସାକ୍ସନ୍‌ମାନେ ଯେଉଁଯାଏ ଯାଇଥିଲେ, ଜର୍ମାନୀ ସେଯାଏ ଯିବା ଲାଗି ପ୍ରବୃତ୍ତି ଦେଖାଇଲା, ବହିଷ୍କାର ଓ ସଂହାରର ନାନା ଉପାୟ ଅବଲମ୍ବନ କରିବାର ପ୍ରବୃତ୍ତି ଦେଖାଇଲା । ମାତ୍ର, ତଥାପି, ତା'ଉପରେ ଆଧୁନିକତାର ସ୍ପର୍ଶ ବାଜିଥିବାରୁ ଓ ଆର୍ଥିକ ପ୍ରୟୋଜନ ଏବଂ ସୁବିଧା-ଅସୁବିଧା ସମ୍ବନ୍ଧରେ ତାହାର କିଞ୍ଚିତ୍ ବୋଧ ରହିଥିବାରୁ ସେ ପରିପୂର୍ଣ୍ଣ ଭାବରେ ଏହି ନୀତିଟିକୁ ଅନୁସରଣ କରିପାରି ନ ଥିଲା ଏବଂ ଶାନ୍ତି ସମୟରେ ମଧ୍ୟ ସେଇଟିର ଅନୁସରଣ କରିପାରୁ ନ ଥିଲା । ତଥାପି ତାହା ସେହି ରୋମାନ୍ ପଦ୍ଧତିଗୁଡ଼ିକରହିଁ ଅନୁସରଣ କରୁଥିଲା, ସ୍ଥାନୀୟ ଭାଷା ଓ ସଂସ୍କୃତି ସ୍ଥାନରେ ଜର୍ମାନ୍ ଭାଷା ଓ ସଂସ୍କୃତିର ପ୍ରବର୍ତ୍ତନ କରୁଥିଲା ଏବଂ ଶାନ୍ତିପୂର୍ଣ୍ଣ ଚାପ ଦେଇ ଏଇଟିକୁ କରିବା ସମ୍ଭବ ହେଉ ନ ଥିବାରୁ ସେ ବଳପ୍ରୟୋଗ କରି ତାହା କରିବାକୁ ଚେଷ୍ଟା କରୁଥିଲା । ଏଭଳି ଏକ ଚେଷ୍ଟା ଅବଶ୍ୟ ବିଫଳହିଁ ହୋଇଥାନ୍ତା; ତାହା ଯେଉଁ ମନୋଗତ ଐକ୍ୟଟିକୁ ଆଣିବା ଲାଗି ଇଚ୍ଛା କରୁଛି, ସେଇଟି ଆଣିପାରିବା ପରିବର୍ତ୍ତେ ତାହା ଜାତୀୟ ଭାବନାଟିକୁ ଆହୁରି ବଢ଼ାଇ ଦେବାରେହିଁ ନିମିତ୍ତରୂପେ କାର୍ଯ୍ୟ କରନ୍ତା ଏବଂ ଏପରି ଏକ ଗଭୀର ଓ ଦୁର୍ଜେୟ ଘୃଣାର ବୀଜ ବପନ କରନ୍ତା, ଯାହାକି ପରିଣାମତଃ ସାମ୍ରାଜ୍ୟ ଲାଗି ବିପଜ୍ଜନକହିଁ ହୁଅନ୍ତା ଏବଂ ବିରୁଦ୍ଧ ଉପାଦାନଗୁଡ଼ିକ ସଂଖ୍ୟାରେ ଅତ୍ୟନ୍ତ ପରିମାଣରେ ଅଳ୍ପ ନ ଥିଲେ ଏବଂ ଶକ୍ତିରେ ଦୁର୍ବଳ ହୋଇ ରହି ନ ଥିଲେ ତାହା ସେହି ସାମ୍ରାଜ୍ୟଟିକୁ ଏକାବେଳେକେ ଧ୍ୱଂସ କରିଦେବାର ଆଶଙ୍କା ମଧ୍ୟ ରହିଥାନ୍ତା । ଇଉରୋପରେ ବିଭିନ୍ନ ଜାତି ମଧ୍ୟରେ ରହିଥିବା ପାର୍ଥକ୍ୟଗୁଡ଼ିକୁ ଆମେ କେବଳ ଗୋଟିଏ ସାଧାରଣ ପ୍ରକାରରହିଁ ଭିନ୍ନ ଭିନ୍ନ ରୂପ ବୋଲି କହିପାରିବା; ଏବଂ, ସଂସ୍କୃତିଗତ ଏହି ପାର୍ଥକ୍ୟଗୁଡ଼ିକୁ ବିଲୁପ୍ତ କରିଦେବା ସେହି ଇଉରୋପରେ ଯଦି ଏଭଳି ଅସମ୍ଭବପ୍ରାୟ ହୋଇ ରହିଥାଏ, ଏବଂ ସେଠାରେ ଯଦି କେବଳ କ୍ଷୁଦ୍ର ଏବଂ ଦୁର୍ବଳ ଉପାଦାନଗୁଡ଼ିକୁହିଁ ଜୟ କରିବାକୁ ଥାଏ, ତେବେ, ଏସିଆ ତଥା ଆଫ୍ରିକାର ଯେଉଁ ବୃହତ୍ ଜନସମୁଦାୟଗୁଡ଼ିକ ବହୁ ଶତାବ୍ଦୀ ଧରି ଏକ ପୁରାତନ ଏବଂ ସୁଗଠିତ ଜାତୀୟ ସଂସ୍କୃତିର ମୂଳଟି ଉପରେ ଠିଆ ହୋଇ ରହିଆସିଛନ୍ତି, ସେଗୁଡ଼ିକର ସମ୍ମୁଖୀନ ହେଉଥିବା ସେହି ସାମ୍ରାଜ୍ୟଗୁଡ଼ିକ ଯେ ସେମାନଙ୍କର ଅସ୍ତିତ୍ୱଟିକୁ ପ୍ରକୃତରେ ବିଲୁପ୍ତ କରିଦେଇ ପାରିବେ, ତାହାର ସ୍ପଷ୍ଟତଃ କୌଣସି ପ୍ରଶ୍ନହିଁ ଉଠୁ ନାହିଁ । ତେଣୁ, ଯଦି ଏହି କ୍ଷେତ୍ରରେ ଏକ ମନୋଗତ ଐକ୍ୟସ୍ଥାପନ ଲକ୍ଷ୍ୟ ହୋଇ ରହିଥାଏ, ତେବେ ତାହାକୁ ଅନ୍ୟ ଉପାୟଗୁଡ଼ିକ ଦ୍ୱାରାହିଁ କରିବାକୁ ପଡ଼ିବ ।

ଆଧୁନିକ ଜଗତର ପରିବେଶଟି ମଧ୍ୟକୁ ଆସି ବିଭିନ୍ନ ସଂସ୍କୃତିଗୁଡ଼ିକର ପରସ୍ପର ଉପରେ ପ୍ରଭାବ ପକାଇବାର ପ୍ରକ୍ରିୟାଟି ଆଦୌ ବନ୍ଦ ହୋଇଯାଇ ନାହିଁ, ବରଂ ଏହା ବୃଦ୍ଧିପ୍ରାପ୍ତହିଁ ହୋଇଛି । ମାତ୍ର ଏହି ପ୍ରଭାବର ପ୍ରକୃତିଟି, ଯେଉଁସବୁ ଉଦ୍ଦେଶ୍ୟ ଆଡ଼କୁ

'oaob.nitrkl.ac.in' images reprocessed

ତାହା ଗତି କରିବାକୁ ଲାଗୁଛି ଏବଂ ଯେଉଁସବୁ ସାଧନ ଦ୍ୱାରା ସେହି ଲକ୍ଷ୍ୟଗୁଡ଼ିକ ସବୁଠାରୁ ଅଧିକ ସଫଳ ଭାବରେ ଉପଲବ୍ଧ ହୋଇପାରିବ, ସେଗୁଡ଼ିକ ଅତ୍ୟନ୍ତ ଗଭୀର ଭାବରେ ବଦଳି ଯାଇଛି । ଆମ ବର୍ତ୍ତମାନର ଜଗତଟି ସମୁଦାୟ ମନୁଷ୍ୟଜାତି ସକାଶେ ଏପରି ଏକ ସାର୍ବଜନୀନ, ବୃହତ୍ ଏବଂ ସ୍ଥିତିସ୍ଥାପକ ସଭ୍ୟତା ଲାଗି କାର୍ଯ୍ୟ କରିବାରେ ଲାଗିଛି, ଯେଉଁଟି ନିମିତ୍ତ କି ଆଧୁନିକ ତଥା ପୁରାତନ ପ୍ରତ୍ୟେକ ସଂସ୍କୃତି ଆପଣା ଆପଣାର ଅବଦାନଟିକୁ ଅବଶ୍ୟ ବହନ କରି ଆଣିବେ ଏବଂ ଯେଉଁଟି ମଧ୍ୟରେ କି ସୁନିରୂପିତ ପ୍ରତ୍ୟେକଟି ମନୁଷ୍ୟ-ସମୂହ ଆପଣା ପାର୍ଥକ୍ୟର ଆବଶ୍ୟକ ଉପାଦାନଟିକୁ ଅବଶ୍ୟ ପ୍ରବିଷ୍ଟ କରାଇ ରଖିପାରିବ । ଏହି ଉଦ୍ଦେଶ୍ୟଟିକୁ କାର୍ଯକାରୀ କରିବାକୁ ହେଲେ, ତିଷ୍ଠି ରହିବା ଲାଗି ଅନିବାର୍ଯ୍ୟତଃ କେତେକ ପରିମାଣରେ ସଂଗ୍ରାମ କରିବାକୁହିଁ ପଡ଼ିବ । ମନୁଷ୍ୟଜାତିକୁ ଆଧାର କରି ପ୍ରକୃତି ଯେଉଁସବୁ ପ୍ରବୃତ୍ତିକୁ କାର୍ଯ୍ୟକାରୀ କରିବାରେ ଲାଗିଛି, ଯେଉଁମାନେ ସେହି ପ୍ରବୃତ୍ତିଗୁଡ଼ିକରହିଁ ସବୁଠାରୁ ଅଧିକ ପରିମାଣରେ ପରିଚର୍ଯ୍ୟା କରି ପାରିବେ, ତିଷ୍ଠି ରହିବା ଲାଗି ସେହିମାନେହିଁ ସବୁଠାରୁ ଅଧିକ ଉପଯୁକ୍ତ ସାବ୍ୟସ୍ତ ହେବେ । ଏଠାରେ ଏହି ପ୍ରବୃତ୍ତିଗୁଡ଼ିକ କହିଲେ ଏହି ମୁହୂର୍ତ୍ତଟିରହିଁ ପ୍ରବୃତ୍ତିଗୁଡ଼ିକୁ ବୁଝାଉ ନାହିଁ, ମାତ୍ର ପୁନଃଜୀବନ ଲାଭ କରୁଥିବା ଅତୀତର ପ୍ରବୃତ୍ତିଗୁଡ଼ିକୁ ଏବଂ ଏପର୍ଯ୍ୟନ୍ତ କେବଳ ପ୍ରାରମ୍ଭିକ ଅବସ୍ଥାରେ ରହିଥିବା ଭବିଷ୍ୟତର ପ୍ରବୃତ୍ତିଗୁଡ଼ିକୁ ବୁଝାଉଛି । ଏବଂ, ସେହି ମହତୀ ପରମା ଜନନୀଙ୍କର ପ୍ରୟାସଗୁଡ଼ିକରେ ଯେଉଁମାନେ ବିମୋଚକ ତଥା ସଂଯୋଜକ ଶକ୍ତିରୂପେ ସବୁଠାରୁ ଅଧିକ କାର୍ଯ୍ୟ କରିପାରିବେ, ତାଙ୍କରି ପ୍ରଚ୍ଛନ୍ନ ବୋଧଟିକୁ ସବୁଠାରୁ ଅଧିକ ପରିମାଣରେ ଗ୍ରହଣ କରିନେଇ ପାରିବେ, ନିଜକୁ ତାହାରି ଅନୁସାରେ ଅନୁକୂଳିତ କରି ରଖିପାରିବେ ଏବଂ ତାହାର ଉନ୍ମୋଚନ ଘଟାଇ ପାରିବେ, ସେମାନେ ମଧ୍ୟ ସବୁଠାରୁ ଅଧିକ ଉପଯୁକ୍ତ ବୋଲି ସାବ୍ୟସ୍ତ ହେବେ । ମାତ୍ର ସାମରିକ ହିଂସାଚରଣ ଅଥବା ରାଜନୀତିକ ଚାପ ଦ୍ୱାରା ଏହି ସଂଗ୍ରାମରେ ଲାଭ କରିବାକୁ ରହିଥିବା ସଫଳତାଟି କଦାପି ସବୁଠାରୁ ଅଧିକ ପରିମାଣରେ ଉପକୃତ ହେବ ନାହିଁ, ବରଂ ଏହାଦ୍ୱାରା ତାହା ସବୁଠାରୁ ଅଧିକ ପରିମାଣରେ ବାଧାପ୍ରାପ୍ତହିଁ ହୋଇବସିବ । ସଶସ୍ତ୍ର ହିଂସା ଦ୍ୱାରା ବିରୁଦ୍ଧାଚାରୀ ଆଦର୍ଶଗୁଡ଼ିକର ଅନ୍ତର୍ନିହିତ ଶକ୍ତିଟିକୁ ଜାଗ୍ରତ କରି ଆଣିବା ଲାଗି ଜର୍ମାନୀର ଶାସକମାନେ ଯଥେଷ୍ଟ ପରିମାଣରେ କୁପ୍ରବର୍ତ୍ତିତ ହୋଇପାରିବା ପୂର୍ବରୁ, ମଙ୍ଗଳ ଲାଗି ହେଉ ବା ଅମଙ୍ଗଳ ଲାଗି ହେଉ, ଜର୍ମାନ୍ ସଂସ୍କୃତି ଭୁବନସାରା କ୍ଷିପ୍ରଭାବରେ ବିଜୟ ପରେ ବିଜୟ ହାସଲ କରିବାରେହିଁ ଲାଗିଥିଲା । ଏବଂ ବର୍ତ୍ତମାନ ମଧ୍ୟ ଯାହାକିଛି ଏଇଟି ମଧ୍ୟରେ ଅସଲ ବସ୍ତୁହୋଇ ରହିଛି, ଅର୍ଥାତ୍, ରାଷ୍ଟ୍ର-ବିଚାର ଏବଂ ରାଷ୍ଟ୍ରହିଁ ଯେ ରାଷ୍ଟ୍ରସ୍ଥ ସମୂହ-ଜୀବନଟିର ସଂଗଠନ କରିବ, ଏହି ଯେଉଁ ଦୁଇଟିଯାକ ଧାରଣା ଜର୍ମାନ୍ ସାମ୍ରାଜ୍ୟବାଦ ତଥା ଜର୍ମାନ୍ ସାମ୍ୟବାଦ ଦୁହିଙ୍କରହିଁ ଏକ

'oaob.nitrkl.ac.in' images reprocessed

ସାଧାରଣ ସମ୍ପତ୍ତି ହୋଇ ରହିଛି, ଯୁଦ୍ଧରେ ଜର୍ମାନ୍ ସାମ୍ରାଜ୍ୟବାଦର ପରାଜୟ ଘଟିଲେ ତାହାହିଁ ସଫଳ ହେବାର ସମ୍ଭାବନା ରହିଛି; ଏକ ନୃଶଂସ ସଂଗ୍ରାମରେ ଜର୍ମାନୀର ବିଜୟ ଘଟିଲେ ତାହା ଯେତେଦୂର ସଫଳ ହେବାର ସମ୍ଭାବନା ରହିଛି, ପରାଜୟ ଘଟିଲେ ତାହା ସଫଳ ହେବାର ତା'ଠାରୁ ଅଧିକ ସମ୍ଭାବନା ରହିଛି ।

ପୃଥିବୀର ପ୍ରବୃତ୍ତିଗୁଡ଼ିକର ଗତି ଏବଂ ଅଭିମୁଖୀନତାରେ ଏହି ଯେଉଁ ପରିବର୍ତ୍ତନଟି ଦେଖା ଦେଇଛି, ତାହା ପାରସ୍ପରିକ ଆଦାନପ୍ରଦାନ ଏବଂ ଅନୁକୂଳନର ଏକ ନିୟମ ଆଡ଼କୁ ଆମର ଅଙ୍ଗୁଳିନିର୍ଦ୍ଦେଶ କରାଇ ଦେଉଛି, ନାନାବିଧ ଅନେକ ଉପାଦାନର ସମ୍ମିଳନଟି ମଧ୍ୟରୁ ଏକ ନୂତନ ଜନ୍ମର ଉନ୍ମେଷ ହେବାକୁ ଯାଉଛି ବୋଲି ଆମକୁ ଇଙ୍ଗିତ ଦେଇ ଯାଉଛି । ବର୍ତ୍ତମାନ ଗୋଟିଏ ଗୋଟିଏ ସାମ୍ରାଜ୍ୟ ବୋଲି ଅଭିହିତ ହେଉଥିବା ଯେଉଁ ସମୂହଗୁଡ଼ିକ ଏହି ନୂତନ ନିୟମଟିକୁ ସ୍ୱୀକାର କରିନେବେ ଏବଂ ତାହାରି ସହିତ ମେଳ ଖାଇଲାଭଳି ଆପଣାର ସଂଗଠନଟିକୁ ମଧ୍ୟ ବଦଳାଇ ନେଇ ପାରିବେ, କେବଳ ସେଇମାନେହିଁ ବର୍ତ୍ତମାନ ସଫଳ ହୋଇପାରିବେ ଓ ପରିଶେଷରେ ବର୍ତ୍ତି ରହିପାରିବେ ବୋଲି ମନେହେବାକୁ ଲାଗୁଛି । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି କ୍ଷେତ୍ରରେ ଏକ ବିପରୀତ ପ୍ରକାରର କେତେ ନା କେତେ ତାତ୍କାଳିକ ବିଜୟ ନିଶ୍ଚୟ ହାସଲ କରାଯାଇ ପାରିବ ଏବଂ ତଦ୍ଦ୍ୱାରା ଉକ୍ତ ନିୟମଟିର ବିରୁଦ୍ଧାଚରଣ କରାଯାଇ ପାରିବ । ମାତ୍ର ଇତିହାସ ବାରବାର ଆମକୁ ଏହି କଥାଟି ଦେଖାଇଦେଇ ଯାଇଛି ଯେ ଜାତିର ସମୁଦାୟ ଭବିଷ୍ୟତଟିକୁ କେବଳ ବିପର୍ଯ୍ୟସ୍ତ କରିହିଁ ଏହିଭଳି ହଠାତ୍ ସଫଳତାଗୁଡ଼ିକୁ ହାସଲ କରାଯାଇପାରିବ । ପାରସ୍ପରିକ ସଂପର୍କସ୍ଥାପନର ଅଭିବୃଦ୍ଧି ଏବଂ ଜ୍ଞାନର ସଂପ୍ରସାରଣର ଫଳସ୍ୱରୂପ ଏହି ନୂତନ ସତ୍ୟଟିକୁ ସ୍ୱୀକୃତି ଦେବା ପୂର୍ବରୁହିଁ ଆରମ୍ଭ ହୋଇ ଯାଇଥିଲା । ବିଭିନ୍ନତାର ଯେ ଅବଶ୍ୟ ଏକ ମୂଲ୍ୟ ରହିଛି, ସେକଥା ସମସ୍ତେ ସ୍ୱୀକାର କରିବାକୁ ଆରମ୍ଭ କରିଥିଲେ, ଏବଂ ଆପଣାକୁ ଜବରଦସ୍ତି ଅନ୍ୟମାନଙ୍କ ଉପରେ ଲଦିଦେଇ ସେମାନଙ୍କୁ ଏକାବେଳେକେ ଦଳି ବା ପେଷିଦେବାକୁ ଏ ସଂସ୍କୃତି ବା ସେ ସଂସ୍କୃତି ଆଗରୁ ଉଦ୍ଧତ ଭାବରେ ଯେଉଁ ଦାବିସବୁ କରି ଆସୁଥିଲା, ତାହା କ୍ରମଶଃ ଆପଣାର ଶକ୍ତିକୁ ହରାଇ ଆସୁଥିଲା ଓ ତାହାର ସେହି ଆତ୍ମ-ଦମ୍ଭମୂଳକ ବିଶ୍ୱାସଟି ମଧ୍ୟ କ୍ରମେ କ୍ଷୀଣ ହେବାରେ ଲାଗିଥିଲା । ଏବଂ ଠିକ୍ ସେହି ସମୟରେହିଁ ଜର୍ମାନ୍ ତରବାରିଟିକୁ ଧରି ବିନଷ୍ଟ ହୋଇଯିବା ପୂର୍ବରୁ ସମ୍ଭବ ହେଲେ ଏକ ପ୍ରତିଶୋଧ ନେବା ଲାଗି ସେହି ପୁରାତନ ଜୀର୍ଣ୍ଣ ପନ୍ଥା ତଥା ସିଦ୍ଧାନ୍ତଟି ହଠାତ୍ ଲମ୍ଫ-ପ୍ରଦାନ କରି ଆସି ଉପସ୍ଥିତ ହୋଇଗଲା । ଏହାର କେବଳ ଏହି ପରିଣାମଟି ହେଲା ଯେ, ଯେଉଁ ସତ୍ୟଟିକୁ ତାହା ଅସ୍ୱୀକାର କରିବାକୁ ଇଚ୍ଛା କରୁଥିଲା, ଏହାଦ୍ୱାରା ତାହାକୁହିଁ ଅଧିକତର ବଳ ମିଳିଲା ଓ

'oaob.nitrkl.ac.in' images reprocessed

ଏକ ସ୍ପଷ୍ଟତର ସ୍ୱୀକୃତି ମଧ୍ୟ ମିଳିଗଲା । ଏପରିକି, ଗୋଟିଏ ଗୋଟିଏ ସାଂସ୍କୃତିକ ଏକକରୂପେ ଇଉରୋପୀୟ ସମୁଦାୟଟି ମଧ୍ୟରେ ବେଲ୍‌ଜିଅମ ଓ ସର୍ବିଆ (ବର୍ତ୍ତମାନ ଯୁଗୋସ୍ଲାଭିଆ) ପ୍ରଭୃତି ଯେଉଁ ଅତିକ୍ଷୁଦ୍ର ରାଷ୍ଟ୍ରଗୁଡ଼ିକ ରହିଥିଲେ, ସେଗୁଡ଼ିକର ମହତ୍ତ୍ୱଟି ମଧ୍ୟ କ୍ରମେ ପ୍ରାୟ ଏକ ସ୍ୱତନ୍ତ୍ର ପଥ ବା ସିଦ୍ଧାନ୍ତର ଗୌରବସ୍ତରକୁ ଉତ୍ତୋଳିତ ହୋଇ ଆସିଲା । ଏସିଆର ସଂସ୍କୃତିଗୁଡ଼ିକର ଯେ ପ୍ରକୃତରେ କୌଣସି ମୂଲ୍ୟ ଅଛି, ତାହାର ସ୍ୱୀକୃତି ପୂର୍ବେ କେବଳ ଭାବୁକ, ପଣ୍ଡିତ ଏବଂ କଳାକାର ମଧ୍ୟରେହିଁ ସୀମାବଦ୍ଧ ହୋଇ ରହିଥିଲା, ଏବଂ ବର୍ତ୍ତମାନ ସଂଗ୍ରାମକ୍ଷେତ୍ରର ସୂତ୍ରଟି ଧରି ତାହା ସାଧାରଣ ଜନମନରେ ପ୍ରବେଶ କରିପାରିଲା । କେତେକ ଜାତିକୁ "ନ୍ୟୂନ" ବୋଲି କହିବାର ଯେଉଁ ସିଦ୍ଧାନ୍ତଟି ଆଗରୁ ରହିଥିଲା, ଆପଣାର ନିଜ ସଂସ୍କୃତିଟିର ଗଢ଼ଣଟିଠାରୁ କେଉଁଠି କେତେ ନିକଟ ବା ଦୂରବର୍ତ୍ତୀ ହୋଇ ରହିଛି, ସେଇଥିରୁ ବିଭିନ୍ନ ସଂସ୍କୃତିର ହୀନତା ବା ବରିଷ୍ଠତାକୁ ମାପିବାର ଯେଉଁ ପ୍ରୟାସ ପୂର୍ବେ କରାଯାଉଥିଲା, ତାହା ବର୍ତ୍ତମାନ ଏପରି ଏକ ଆଘାତର ସମ୍ମୁଖୀନ ହୋଇଛି, ଯାହାକି ତା'ଲାଗି ହୁଏତ ଏକ ମରଣାଘାତ ପରିହିଁ କାର୍ଯ୍ୟ କରିବାକୁ ଯାଉଛି । ମନୁଷ୍ୟଜାତିର ସଚେତନ ମାନସଭୂମି ଉପରେ ଅତ୍ୟନ୍ତ ଦ୍ରୁତ ଭାବରେ ଏକ ନୂତନ ବିଶ୍ୱବ୍ୟବସ୍ଥାର ବୀଜଗୁଡ଼ିକର ବପନ ହେବାରେ ଲାଗିଛି ।

ଯେଉଁଠାରେ ଇଉରୋପୀୟ ଏବଂ ଏସୀୟ ମାନବ ପରସ୍ପରକୁ ଭେଟାଭେଟି ହୋଇଛନ୍ତି, ସବୁଠାରୁ ଅଧିକ ସ୍ପଷ୍ଟ ଭାବରେ ସେହିଠାରେହିଁ ସଂସ୍କୃତିଗୁଡ଼ିକର ପାରସ୍ପରିକ ପ୍ରଭାବଟିର ଏହି ନୂତନ ମୋଡ଼ଟି ଦୃଷ୍ଟିଗୋଚର ହେବାକୁ ଲାଗିଲାଣି । ଉତ୍ତର ଆଫ୍ରିକାରେ ଫରାସୀ ସଂସ୍କୃତି ଓ ଭାରତବର୍ଷରେ ଇଂରାଜୀ-ସଂସ୍କୃତି ଆଉ ଏଣିକି ଫରାସୀ ବା ଇଂରାଜୀ ସଂସ୍କୃତି ହୋଇ କଦାପି ରହି ନାହିଁ ଏବଂ ସେହିସବୁ କ୍ଷେତ୍ରରେ ତାହା ସାଧାରଣତଃ ସଂପୂର୍ଣ୍ଣ ଏସୀୟ ସଭ୍ୟତାଟିହିଁ ଇଉରୋପୀୟ ସଭ୍ୟତାର ସମ୍ମୁଖୀନ ହୋଇଥିବାର ଏକ ସ୍ଥିତିକୁ ସୃଷ୍ଟି କରିଦେଇଛି । ଏହାକୁ ଆମେ ଏଣିକି ଆତ୍ମସାତୀକରଣ ଦ୍ୱାରା ନିଜକୁ ଦୃଢ଼ମୂଳ କରି ରଖିବାର ବାସନା ରଖିଥିବା ଏକ ରାଜକୀୟ କର୍ତ୍ତୃତ୍ୱାଧିକାର ବୋଲି କହିବା ନାହିଁ । ମାତ୍ର ଗୋଟିଏ ସଂପୂର୍ଣ୍ଣ ମହାଦେଶ ଆଉ ଗୋଟିଏ ସଂପୂର୍ଣ୍ଣ ମହାଦେଶ ସହିତ ସମ୍ଭାଷଣ ଲାଗି ଉଦ୍ୟତ ହୋଇ ରହିଥିବାର ଏକ ଦୃଷ୍ଟାନ୍ତରୂପେହିଁ ଦେଖିବା । ଏଠାରେ ରାଜନୀତିର ଅଭିପ୍ରାୟଟି କୁଆଡ଼େ ଗୌଣ ଏବଂ ତାତ୍ପର୍ଯ୍ୟହୀନ ହୋଇ ପଛରେ ଆସି ପଡ଼ିରହୁଛି, ଏକ ବିଶ୍ୱ-ଅଭିପ୍ରାୟହିଁ ତାହାର ସ୍ଥାନାପନ୍ନ ହୋଇ ପ୍ରତିଷ୍ଠିତ ହେବାକୁ ଆସୁଛି । ଏବଂ ଏହି ମୁହାଁମୁହିଁ ଓ ମୁକାବିଲାରେ ଆଉ ଏକ ଆତ୍ମ-ଦମ୍ଭକାରୀ ଇଉରୋପୀୟ ସଭ୍ୟତା କେବଳ ଆପଣାର ଆଲୋକ ଏବଂ ଭଲଟିକୁ ନେଇ ଅର୍ଦ୍ଧବର୍ବର ଏସୀୟ ପାଖରେ ନେଇ ଅଜାଡ଼ି ଦେଉ ନାହିଁ କିଂବା ଶେଷୋକ୍ତ ପକ୍ଷଟି ମଧ୍ୟ କଦାପି ଏକ ଉପକାରୀ ରୂପାନ୍ତରକୁହିଁ କୃତଜ୍ଞ

'oaob.nitrkl.ac.in' images reprocessed

ହୋଇ ଗ୍ରହଣ କରି ନେଉ ନାହିଁ । ଏପରିକି ଏତେବେଶୀ ଅନୁକୂଳନପଟୁ ହୋଇ ରହିଥିବା ଜାପାନ ମଧ୍ୟ, ଇଉରୋପରୁ ସବୁ ଗ୍ରହଣ କରିନେବାର ସେହି ପ୍ରଥମ ଉତ୍ସାହର ପର୍ଯ୍ୟାୟଟି ପରେ ଏବେ ଆପଣାର ସଂସ୍କୃତି ମଧ୍ୟରେ ଯାହାକିଛି ମୌଳିକ ବସ୍ତୁ ରହିଛି, ତାହାକୁ ସଂରକ୍ଷିତ କରିବାରହିଁ ଉଦ୍ୟମ କରିବାକୁ ଆରମ୍ଭ କଲାଣି, ଏବଂ ଅନ୍ୟ ପ୍ରତ୍ୟେକ ସ୍ଥାନରେ ଇଉରୋପରୁ ଯାଇଥିବା ଏହି ପ୍ରବାହଟି ଏପରି ଏକ ଅନ୍ତର୍ଗତ ବାଣୀ ତଥା ଅନ୍ତର୍ଗତ ଶକ୍ତିର ବିରୋଧଟିରହିଁ ସମ୍ମୁଖୀନ ହେଲାଣି, ଯାହାକି ଇଉରୋପରେ ସେହି ବିଜୟୀ ଅତ୍ୟୁତ୍ସାହଟିକୁ 'ରହ' ବୋଲି ଚିତ୍କାର କରି କହି ସାରିଲାଣି ।* କେତେକ ନିର୍ଦ୍ଦିଷ୍ଟ ସଂଶୟ ଏବଂ କୁଣ୍ଠିତତା ସତ୍ତ୍ୱେ ପ୍ରାଚ୍ୟ ଭୂଖଣ୍ଡ ଆଧୁନିକ ଇଉରୋପୀୟ ସଂସ୍କୃତିର ପ୍ରକୃତରେ ମୂଲ୍ୟବାନ୍ ଅଂଶଗୁଡ଼ିକୁ ଗ୍ରହଣ କରି ନେବା ଲାଗି ସମଗ୍ରତଃ ସମ୍ମତି ଦେଖାଇଲାଣି; ଏବଂ ଯେଉଁଠାରେ ସମ୍ମତ ହୋଇପାରୁ ନାହିଁ, ସେଠାରେ ପରସ୍ଥିତି ତଥା ମନୁଷ୍ୟ ଜାତିର ସାଧାରଣ ପ୍ରବୃତ୍ତିଟି ଦ୍ୱାରା ସେ ତାହାକୁ ଗ୍ରହଣ କରିନେବା ଲାଗି ବାଧ୍ୟ ମଧ୍ୟ ହେଉଛି; ଇଉରୋପର ବିଜ୍ଞାନ, ଇଉରୋପର ଅନୁସନ୍ଧିତ୍ସା, ସାର୍ବଜନୀନ ଶିକ୍ଷା ତଥା ସାର୍ବଜନୀନ ଉନ୍ନୟନର ସେହି ଇଉରୋପୀୟ ଆଦର୍ଶ, ଇଉରୋପରେ ନ୍ୟସ୍ତ ଓ ବିଶେଷ ସୁବିଧାଗୁଡ଼ିକର ବିଲୁପ୍ତିସାଧନ, ଆପଣାକୁ କ୍ରମଶଃ ଅଧିକ ପ୍ରସାରିତ ଏବଂ ଉଦାରତାଧର୍ମୀ କରିବାରେ ଲାଗିଥିବା ଇଉରୋପୀୟ ଗଣତାନ୍ତ୍ରିକ ପ୍ରବୃତ୍ତି, ସ୍ୱତନ୍ତ୍ରତା ଏବଂ ସମତା ଲାଗି ପ୍ରାୟ ସହଜାତ ହୋଇ ରହିଥିବା ଇଉରୋପର ସେହି ଆଗ୍ରହ ଏବଂ ସଂକୀର୍ଣ୍ଣ ଓ ଉତ୍ପୀଡ଼କ ପରି ହୋଇ ରହିଥିବା ଯାବତୀୟ ଗଠନକୁ ଭାଙ୍ଗି ପକାଇବାକୁ ଏବଂ ଅଧିକ ସଞ୍ଚରଣଶୀଳତା, ଅଧିକ ଭୂମି ତଥା ଅଧିକ ଆଲୋକ ଇଚ୍ଛା କରିବା ଲାଗି ଇଉରୋପର ସେହି ଆହ୍ୱାନ,— ଏଗୁଡ଼ିକ ଗ୍ରହଣ କରି ନେବାଲାଗି ଏସିଆ କ୍ରମେ ଇଚ୍ଛା ପ୍ରକାଶ କଲାଣି । ମାତ୍ର ତା'ର ଏହି ଇଚ୍ଛୁକତାରେ ଏକ ନିର୍ଦ୍ଦିଷ୍ଟ ଗାରଯାଏ ଆସି ତା'ଠାରୁ ଆଉ ଆଗକୁ ଯିବାଲାଗି ପ୍ରାଚ୍ୟ ଜଗତ ସଫା ମନା କରି ଦେଉଛି; ଏବଂ ଯେଉଁସବୁ ବିଚରଣ-କ୍ଷେତ୍ରକୁ ମନୁଷ୍ୟଜାତିର ଭବିଷ୍ୟଟି ଦୃଷ୍ଟିରୁ ଆମେ ସବୁଠାରୁ ଅଧିକ ଗଭୀର ଓ ସବୁଠାରୁ ଅଧିକ ଆଧାରଭୂତ ବୋଲି କହି ପାରିବା, ଠିକ୍ ସେହିସବୁ କ୍ଷେତ୍ରରେହିଁ ପ୍ରାଚ୍ୟ-ଜଗତ ମନା

---

* ବଲ୍‌ଶେଭିଷ୍ଟ୍ ରୁଷିଆର ପ୍ରଭାବ ଦ୍ୱାରା ପୁନର୍ବଳିତ ହୋଇ ଏବେ ସବୁକିଛିକୁ ଇଉରୋପୀୟ କରାଇ ନେବାର ସେହି ଧୁମ୍‌ଟି ତୁରସ୍କ ଏବଂ ଚୀନରେ ପୁଣିଥରେ ଆବିର୍ଭୂତ ହୋଇଛି । ଯେତେସବୁ ଜାଗାରେ ପ୍ରବଳ ବାଧା ଦେଉଥିବା ଏକ ରକ୍ଷଣଶୀଳତା ସହିତ ଯୁଝି ତାକୁ ଜୟ କରିବାକୁ ପଡୁଛି, ସେହିସବୁ ଜାଗାରେ ଏହିପରି ଏକ ପ୍ରବୃତ୍ତି ଦେଖାଯିବାର ସମ୍ଭାବନା ରହିଛି ସତ, ମାତ୍ର ଏହା ତଥାପି କେବଳ ଏକ ଅସ୍ଥାୟୀ ବା ସାମୟିକ ପର୍ଯ୍ୟାୟରୂପେହିଁ ଆସିପାରିବ ।

'oaob.nitrkl.ac.in' images reprocessed

କରିଦେଉଛି, ଆତ୍ମାର ବିଷୟଗୁଡ଼ିକର କ୍ଷେତ୍ରରେ ଏବଂ ମାନସ ତଥା ମିଜାଜର ଗଭୀର ବିଷୟଗୁଡ଼ିକର କ୍ଷେତ୍ରରେ ସେ ଇଉରୋପକୁ ଗ୍ରହଣ କରିନେବାକୁ ମନା କରିଦେଉଛି । ତେଣୁ ଏଠାରେ ମଧ୍ୟ, ଆମେ ଯାହାକିଛି ଦେଖିବାକୁ ପାଇବା, ତାହା ଗୋଟାକ ଜାଗାରେ ଆଉଗୋଟାକୁ ଗୋଟାସୁଦ୍ଧା ଗ୍ରହଣ କରି ନେବାର ଅଥବା ଗୋଟାଏ ଆସି ଆଉଗୋଟାକୁ ଜୟ କରି ନେବାର ଆଦୌ କୌଣସି ପ୍ରସଙ୍ଗକୁ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଉ ନାହିଁ, ମାତ୍ର ତାହା ପାରସ୍ପରିକ ବୁଝିବା, ପାରସ୍ପରିକ ଆଦାନପ୍ରଦାନ, ଅନୁକୂଳନ ଏବଂ ନୂତନ-ରୂପାୟନ ଆଡ଼କୁହିଁ ଅଙ୍ଗୁଳି ନିର୍ଦ୍ଦେଶ କରିଦେଉଛି ।

ପୁରାତନ ବିଚାରଟି କଦାପି ସଂପୂର୍ଣ୍ଣ ରୂପେ ମରିଯାଇ ନାହିଁ ଓ ଏକ ସର୍ବଶେଷ ସଂଗ୍ରାମ ବ୍ୟତୀତ କଦାପି ମରିଯିବ ନାହିଁ । ବର୍ତ୍ତମାନ ତଥାପି ଏଭଳି ବ୍ୟକ୍ତି ରହିଛନ୍ତି, ଯେଉଁମାନେ କି ଗୋଟାସୁଦ୍ଧା ଖ୍ରୀଷ୍ଟିଆନ୍ ରଙ୍ଗରେ ରଙ୍ଗାଇ ଦିଆଯାଇଥିବା ଏକ ଭାରତବର୍ଷର ସ୍ୱପ୍ନ ଅବଶ୍ୟ ଦେଖୁଛନ୍ତି, ଭାରତୀୟ ଭାଷାଗୁଡ଼ିକୁ ଗୋଟାସୁଦ୍ଧା ବାହାର କରି ନ ଦେଲେ ମଧ୍ୟ ଇଂରାଜୀ ଭାଷା ଯେ ସର୍ବମୁଖ୍ୟ ଭାଷା ହିସାବରେ ଏଠାରେ ସବୁରି ଉପରେ ଆପଣାର ପ୍ରବଳତାଟିକୁ ବିସ୍ତାର କରି ରହିବ; ସେମାନେ ସେହିପରି ଏକ ସ୍ୱପ୍ନ ଦେଖୁଛନ୍ତି । ଅଥବା, ଜଣେ ଇଉରୋପୀୟ ଓ ଜଣେ ଏସିଆବାସୀ ପରସ୍ପରର ଏକ ସମାନ ପାହିଆକୁ ଆସି ପାରିବାଲାଗି ଏକ ପ୍ରୟୋଜନୀୟ ପୂର୍ବସର୍ତ୍ତ ରୂପେ ଇଉରୋପୀୟ ସାମାଜିକ ଗଢ଼ଣ ଏବଂ ଆଚାରଗୁଡ଼ିକୁ ଅବଶ୍ୟ ଗ୍ରହଣ କରିନେବାକୁ ହେବ ବୋଲି ମଧ୍ୟ ସେମାନେ ସ୍ୱପ୍ନ ଦେଖୁଛନ୍ତି । ମାତ୍ର ସେମାନେ ଏପରି ଲୋକ, ଯେଉଁମାନେ କି ଆପଣାର ଭାବନା ଓ ଆପଣାର ଦୃଷ୍ଟିରେ ଅତୀତରହିଁ ଗୋଟିଏ ପୁରୁଷ ଭିତରେ ନିଜକୁ ବାନ୍ଧି କରି ରଖିଛନ୍ତି ଏବଂ ଏକ ନୂତନ ଯୁଗ ଆଡ଼କୁ ହାତ ଦେଖାଇ ନିର୍ଦ୍ଦେଶ କରି ଦେଉଥିବା ଏହି ମୁହୂର୍ତ୍ତଟିର ସଙ୍କେତଗୁଡ଼ିକର ସେମାନେ ଆଦୌ କୌଣସି ମୂଲ୍ୟାଙ୍କନ କରିପାରୁ ନାହାନ୍ତି । ଉଦାହରଣ ସ୍ୱରୂପ, ଯେଉଁସବୁ ଜାଗାରେ ଖ୍ରୀଷ୍ଟିଆନ୍ ଧର୍ମ ଆପଣାର ଅତ୍ୟନ୍ତ ସ୍ପଷ୍ଟ ଗୋଟିଏ ବା ଦୁଇଟି ବରିଷ୍ଠତାକୁ ପ୍ରୟୋଗ କରି ପାରିଛି, କେବଳ ସେହିସବୁ ଜାଗାରେହିଁ ତାହା କୌଣସି ସଫଳତା ହାସଲ କରି ପାରିଛି; ଜାତିଭେଦର ଛାଞ୍ଚଗୁଡ଼ିକ ମଧ୍ୟରେ ବାନ୍ଧି ହୋଇ ରହିଥିବାରୁ ଯେଉଁସବୁ କ୍ଷେତ୍ରରେ ଜଣେ ହିନ୍ଦୁ ହୁଏତ କିଛି ସ୍ପର୍ଶ କରିବାକୁ ବା ସାହାଯ୍ୟ କରିବାକୁ କଦାପି ଯିବ ନାହିଁ, ଖ୍ରୀଷ୍ଟିଆନ୍ ଧର୍ମ ସେଇଠାରେହିଁ ଅବନତ ହୋଇ ଆସିବାକୁ ଆଦୌ କୌଣସି କୁଣ୍ଠା ପ୍ରକାଶ କରି ନାହିଁ ଏବଂ ପତିତ ତଥା ଅତ୍ୟାଚାରିତ ମନୁଷ୍ୟକୁ ଉଠାଇ ନେବା ଲାଗି ଆଗଭର ଓ ପ୍ରସ୍ତୁତ ହୋଇ ରହିଛି; ଯେଉଁଠି ସହାୟତା ଦେବାର ଆବଶ୍ୟକତା ରହିଛି, ସେଠାରେ ଖ୍ରୀଷ୍ଟିଆନ୍ ଧର୍ମ ଅଧିକ ତ୍ୱରାନ୍ୱିତତାର ପ୍ରମାଣ ଦେଇଛି, ଏବଂ ଗୋଟିଏ କଥାରେହିଁ କହିବାକୁ ଗଲେ, ଆପଣାର ପୂର୍ବଗାମୀ ବୌଦ୍ଧଧର୍ମରୁ

'oaob.nitrkl.ac.in' images reprocessed

ଉତ୍ତରାଧିକାର ରୂପେ ପ୍ରାପ୍ତ ହୋଇଥିବା ସେହି କ୍ରିୟାଶୀଳ କରୁଣା ଏବଂ ଉପଯୋଗିତାର ଅଧିକ ପରିଚୟ ଦେଇ ପାରିଛି । ଯେଉଁଠାରେ ତାହା ଏହି ଉତ୍ତୋଳକଟିକୁ ପ୍ରୟୋଗ କରି ନ ପାରିଛି, ସେଠାରେ ଖ୍ରୀଷ୍ଟିଆନ୍ ଧର୍ମ ସଂପୂର୍ଣ୍ଣ ଭାବରେ କେବଳ ବିଫଳହିଁ ହୋଇଯାଇଛି; ଏବଂ ଏହି ଉତ୍ତୋଳକଟିକୁ ତାହା ହୁଏତ ଅତି ସହଜରେ ହରାଇ ବସିବାର ମଧ୍ୟ ଏକ ଆଶଙ୍କା ରହିଛି । କାରଣ ବର୍ତ୍ତମାନର ନୂତନ ସଂକ୍ରମଣଟି ଦ୍ୱାରା ପୁନର୍ଜାଗ୍ରତ ହୋଇ ଆସୁଥିବା ଭାରତବର୍ଷ ମଧ୍ୟ ଆପଣାର ହୃତ ପ୍ରବୃତ୍ତିଗୁଡ଼ିକୁ ପୁନର୍ବାର ଲୋଡ଼ିବାକୁ ଓ ଲାଭ କରିବାକୁ ଆରମ୍ଭ କଲାଣି । ଅତୀତର ସମାଜ-ଛାଞ୍ଚଗୁଡ଼ିକ ଯେଉଁସବୁ କ୍ଷେତ୍ରରେ ନୂତନ ରାଜନୀତିକ ଏବଂ ଆର୍ଥିକ ସ୍ଥିତି ଓ ଆଦର୍ଶଗୁଡ଼ିକର ଅନୁରୂପ ହୋଇପାରୁ ନାହାନ୍ତି, ସେହିସବୁ କ୍ଷେତ୍ରରେ ସେଗୁଡ଼ିକ ବଦଳି ଯାଉଛନ୍ତି; ସ୍ୱାଧୀନତା ଏବଂ ସମତା ଲାଗି ରହିଥିବା କ୍ରମବର୍ଦ୍ଧମାନ ବ୍ୟାକୁଳତାଟି ସହିତ ସେମାନେ ଯେଉଁସବୁ ଜାଗାରେ ସଙ୍ଗତି ରଖିପାରୁ ନାହାନ୍ତି, ସେଠାରେ ସେମାନେ ବଦଳି ଯାଉଛନ୍ତି । ମାତ୍ର ଏପରି କୌଣସି ସୂଚନା ମିଳୁ ନାହିଁ ଯେ ପ୍ରସାରିତ ଦୃଷ୍ଟି ଏବଂ ଉଦାରତାଧର୍ମୀ ଏକ ନୂତନ ଏସୀୟ ସମାଜ ବ୍ୟତୀତ ଏହି ଜନ୍ମପୂର୍ବ ଯନ୍ତ୍ରଣାଟି ମଧ୍ୟରୁ ଆଉ ଅନ୍ୟକିଛି ପ୍ରକୃତରେ ଜନ୍ମଲାଭ କରିବାକୁ ଯାଉଛି । ସବୁ ଜାଗାରେ ସେହି ଗୋଟିଏ ପ୍ରକାର ସୂଚନାମାନ ଦେଖାଯାଉଛି; ସବୁ ସ୍ଥାନରେ ଯାବତୀୟ ଶକ୍ତି ସେହି ଗୋଟିଏ ଭାବ ନେଇହିଁ କାର୍ଯ୍ୟ କରୁଛନ୍ତି । ଆଫ୍ରିକାର ଇସ୍‌ଲାମ୍-ସଂସ୍କୃତି ବା ଭାରତବର୍ଷରେ ଭାରତୀୟ ସଂସ୍କୃତିକୁ ନଷ୍ଟ କରିଦେଇ ଓ ତାହାସ୍ଥାନରେ ଆଉକିଛିର ରୋପଣ କରିବା ଲାଗି ଫ୍ରାନ୍ସ ବା ଇଂଲଣ୍ଡର ଆଉ କୌଣସି ସାମର୍ଥ୍ୟ ନାହିଁ, ଏବଂ ଶୀଘ୍ର ଅଥବା ବିଳମ୍ବରେ ହେଉ ପଛକେ, ସେମାନେ କ୍ରମେ ସେହି ଅଭିଳାଷଟିକୁ ମଧ୍ୟ ହରାଇ ବସୁଛନ୍ତି । ସେମାନଙ୍କ ମଧ୍ୟରେ ଯାହାକିଛି ସାର ଓ ମୂଲ୍ୟବାନ୍ ରହିଛି, ତାହାକୁ ସେମାନେ ଦାନ କରିବେ ଏବଂ ପୁରାତନ ଜାତିଗୁଡ଼ିକ ଆପଣାର ଆବଶ୍ୟକତା ତଥା ଅନ୍ତର୍ଗତ ଭାବଟି ଅନୁସାରେହିଁ ସେଗୁଡ଼ିକୁ ନିଜସ୍ୱ କରିନେବେ, ଏହି କ୍ଷେତ୍ରରେ ସେମାନେ ଏତିକିରୁ କଦାପି ଆଉ କିଛିହେଲେ ଅଧିକ କରିପାରିବେ ନାହିଁ ।

ଏହି ପ୍ରଶ୍ନଟି ଉପରେ ଏହିସବୁ ଆଲୋଚନା କରିବାର ଅବଶ୍ୟ ପ୍ରୟୋଜନ ରହିଥିଲା, କାରଣ ସାମ୍ରାଜ୍ୟବାଦର ଭବିଷ୍ୟତ ପାଇଁ ଏହାକୁ ଆମେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି କହିବା । ସାମ୍ରାଜ୍ୟର ଯେଉଁ ପୁରାତନ ସିଦ୍ଧାନ୍ତଟି ରହିଥିଲା, ତାହା ଲାଗି ସାମ୍ରାଜ୍ୟର ସଂସ୍କୃତିଟିକୁ ବାଟ ଛାଡ଼ି ଦେବା ଲାଗି ସ୍ଥାନୀୟ ସଂସ୍କୃତିଟିର ଅପସାରଣ ଓ ବିଜେତାର ଭାଷାଟିକୁ ବାଟ ଛାଡ଼ି ଦେବା ଲାଗି ସ୍ଥାନୀୟ ଭାଷାଟିର ଅପସାରଣ ଏକାନ୍ତ ଆବଶ୍ୟକ ବୋଲି ବିଚାର କରାଯାଉଥିଲା । ମାତ୍ର ଯେଉଁ ମୁହୂର୍ତ୍ତରେ ତାହା ଅପ୍ରାସଙ୍ଗିକ ହୋଇ ପଡୁଛି ଓ ସେଥିଲାଗି ରହିଥିବା ଇଚ୍ଛାଟିହିଁ ଅବ୍ୟବହାରିକ ବୋଲି ତ୍ୟାଗ କରିବାକୁ ପଡୁଛି,

'oaob.nitrkl.ac.in' images reprocessed

ସେହି ମୁହୂର୍ତ୍ତରେହିଁ ସମସ୍ୟାଟିର ସମାଧାନ ଲାଗି ସାମ୍ରାଜ୍ୟର ସେହି ପୁରାତନ ରୀତିଟି ଆଉ କୌଣସି କାମ ଦେଇ ପାରୁ ନାହିଁ । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ରୋମ୍‌ର ଦୃଷ୍ଟାନ୍ତଟିରୁ ଲବ୍ଧ କେତୋଟି ଶିକ୍ଷା ନିଶ୍ଚୟ ଉପଯୋଗୀ ହୋଇ ରହୁଛି; ସାମ୍ରାଜ୍ୟବାଦର ପ୍ରକୃତ ମର୍ମ ଓ ସାମ୍ରାଜ୍ୟର ପ୍ରକୃତ ଅର୍ଥଟି ଲାଗି ଯେଉଁସବୁ କଥା ବିଶେଷ ଭାବରେ ଆବଶ୍ୟକ, ସେଗୁଡ଼ିକ ତଥାପି ସେହିପରି ଉପଯୋଗୀ ହୋଇ ରହୁଛି; ମାତ୍ର ଏକ ନୂତନ ଛାଞ୍ଚ ଦାବି କରାଯାଉଛି । ଯୁଗର ଆବଶ୍ୟକତାକୁ ମାନି ସେହି ନୂତନ ଛାଞ୍ଚଟି କ୍ରମଶଃ ବିକଶିତ ହୋଇ ଆସିବାକୁହିଁ ଆରମ୍ଭ କରିଦେଲାଣି । ଏହି ଛାଞ୍ଚଟି ହେଉଛି ଏକ ସଂଘୀୟ ଅଥବା ଗୋଟିଏ ମଣ୍ଡଳରୂପେ ଗଠିତ ହୋଇଥିବା ସାମ୍ରାଜ୍ୟର ଛାଞ୍ଚ । ତେଣୁ ଆମେ ବର୍ତ୍ତମାନ ଯେଉଁ ସମସ୍ୟାଟିର ଆଲୋଚନା କରିବା, ତାହା କ୍ରମେ ସାନ ହୋଇ ଏହିପରି ଏକ ଆକାର ଧାରଣ କରୁଛି : ଦୃଢ଼ଭାବରେ ଗୋଟିଏ ସଂଘ ବା ମଣ୍ଡଳରେ ଅନ୍ତର୍ଭୁକ୍ତ ହୋଇ ରହିଥିବା ଏପରି ଏକ ସାମ୍ରାଜ୍ୟଟିଏ ଗଠନ କରିପାରିବା କ'ଣ ପ୍ରକୃତରେ ସମ୍ଭବ, ଯାହାର ଆୟତନ ଓ ପ୍ରସାର ଅନେକ ବଡ଼ ହୋଇଥିବ ଏବଂ ଯାହାମଧ୍ୟରେ ବହୁବିଧ ନାନା ବିଜାତୀୟ ଜାତି ଓ ସଂସ୍କୃତି ଏକତ୍ର ହୋଇ ବାସ କରୁଥିବେ ? ଏବଂ ଠିକ୍ ଏହି ମାର୍ଗରେହିଁ ଆମର ଭବିଷ୍ୟତଟି ଅବସ୍ଥିତ ହୋଇ ରହିଛି ବୋଲି ଯଦି ସ୍ୱୀକାର କରି ନିଆଯାଏ, ତେବେ ବାହାରୁ ଏପରି କୃତ୍ରିମ ବୋଲି ପ୍ରତୀତ ହେଉଥିବା ଏହି ସାମ୍ରାଜ୍ୟଟିକୁ ପ୍ରକୃତରେ କିପରି ଭାବରେ ଏକ ପ୍ରାକୃତିକ ତଥା ମନୋଭୂମିଗତ ଏକକରେ ସଂଗଠିତ କରି ନିଆଯାଇ ପାରିବ ?

'oaob.nitrkl.ac.in' images reprocessed

## ସପ୍ତମ ପରିଚ୍ଛେଦ

# ବହୁମିଳିତ ଜାତିର ସୃଷ୍ଟି

କେବଳ ଦୃଢ଼ ଏବଂ ସୁରକ୍ଷିତ ଭିତ୍ତିଟି ଉପରେ ପ୍ରତିଷ୍ଠିତ ହୋଇ ରହିଥିବା ଏକ ସଂଘୀୟ ସାମ୍ରାଜ୍ୟର ସମସ୍ୟା, ଅର୍ଥାତ୍ ଏକ ଯଥାର୍ଥ ମନୋଭୂମିଗତ ଏକତା ସୃଷ୍ଟି କରି ରଖିବାର ସମସ୍ୟା, ବହୁବିଧ ନାନା ଉପାଦାନକୁ ଏକତ୍ର କରି ରଖିବାକୁ ପଡୁଥିବା ଏକ ସାମ୍ରାଜ୍ୟର ସମସ୍ୟାକୁ ଆମେ ଦୁଇଟି ଭିନ୍ନ ଭିନ୍ନ ପ୍ରଶ୍ନରେ ବିଭକ୍ତ କରି ଦେଖିପାରିବା । ପ୍ରଥମଟି ହେଉଛି ତାହାର ଆକାରଟିର ପ୍ରଶ୍ନ ଓ ସେହି ଆକାରଟି ଯେଉଁ ସତ୍ୟର ଉଦ୍ଦେଶ୍ୟସାଧନ କରିବା ଲାଗି ଅଭିପ୍ରେତ ହୋଇ ରହିଛି, ଦ୍ୱିତୀୟଟି ହେଉଛି ସେହି ସତ୍ୟର ପ୍ରଶ୍ନ । ପ୍ରଥମ ପ୍ରଶ୍ନଟିର ଅନେକ ବ୍ୟାବହାରିକ ମହତ୍ତ୍ୱ ରହିଛି ସତ, ମାତ୍ର କେବଳ ଦ୍ୱିତୀୟଟିକୁହିଁ ଅସଲ ପ୍ରଶ୍ନ ବୋଲି କୁହାଯିବ । ଏକତ୍ୱର ଏକ ଆକୃତି ହୁଏତ ତଦନୁରୂପ ଏକ ସତ୍ୟକୁ ମଧ୍ୟ ସୃଷ୍ଟି କରି ଆଣିବାକୁ ସମ୍ଭବ କରିପାରେ, ତାହାର ଅନୁକୂଳ ହୋଇପାରେ ଓ ଏପରିକି ସେହି ଦିଗରେ ସକ୍ରିୟ ଭାବରେ ସାହାଯ୍ୟ ମଧ୍ୟ କରିପାରେ, ମାତ୍ର ତାହା କଦାପି ସେହି ସତ୍ୟର ସ୍ଥାନାପନ୍ନ ହୋଇ ପାରିବ ନାହିଁ । ଏବଂ, ଆମେ ଏଥିପୂର୍ବରୁ ଯେପରି ଦେଖିସାରିଛୁ, ପ୍ରକୃତିର ଏହି କ୍ରମରେ ଆମେ ମନୋଭୂମିଗତ ସତ୍ୟଟିକୁହିଁ ଅସଲ ସତ୍ୟ ବୋଲି କହିବା, କାରଣ କେବଳ ରାଜନୀତିକ ଏବଂ ପ୍ରଶାସନଗତ ସଂଘବଦ୍ଧତାର ବାହ୍ୟ ଘଟଣାଟି ହୁଏତ ଖାଲି ଗୋଟାଏ ଅସ୍ଥାୟୀ ଏବଂ କୃତ୍ରିମ ସର୍ଜନାରୁ ହୁଏତ ଆଉ ଅଧିକ କିଛି ଆଦୌ ହୋଇ ନ ପାରେ, ଏବଂ ତାହାର ତତ୍କାଳିକ ଉପଯୋଗିତାଟି ଚାଲିଯିବାର ଅବ୍ୟବହିତ ପରେହିଁ ସେହି ସର୍ଜନାଟି ମଧ୍ୟ ଅନିବାର୍ଯ୍ୟ ଭାବରେ ଭୁଶୁଡ଼ି ବି ପଡ଼ିପାରେ, ଅଥବା, ତାହାର ତିଷ୍ଠି ରହିବାଟି ଲାଗି ଅନୁକୂଳ ହୋଇ ରହି ଆସିଥିବା ପରିସ୍ଥିତିସବୁ ମୌଳିକ ଭାବରେ ବା ଏପରିକି ଗମ୍ଭୀର ଭାବରେ ବଦଳିଯିବା ସଙ୍ଗେ ସଙ୍ଗେ ସେଇଟି ମଧ୍ୟ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିପାରେ । ତେଣୁ ଏକ ସଙ୍ଘୀୟ ସାମ୍ରାଜ୍ୟର ରୂପରେ ପ୍ରକୃତରେ କିଭଳି ଏକ ସତ୍ୟର ସୃଷ୍ଟି କରିବା ଅଭିପ୍ରେତ ହୋଇ ରହିଛି, ଏଇଟି ଆମ ବିଚାରର ପ୍ରଥମ ପ୍ରଶ୍ନ ହୋଇ ରହିବ; ଏବଂ, ଏପର୍ଯ୍ୟନ୍ତ ପ୍ରକୃତି ଯେଉଁ ବୃହତ୍ତମ ସଫଳ ମନୁଷ୍ୟ-ସମଗ୍ରଟିକୁ ବିକଶିତ କରାଇ ଆଣି ପାରିଛି, ଏଇଟିକୁ ସେହି ଜାତି-ଛାଞ୍ଚର କେବଳ ଏକ ଆହୁରି ଅଧିକ ବୃହତ୍ କିସମଟିଏ ବୋଲି କୁହାଯିବ ବା ତାହା ଏକ ନୂତନ ପ୍ରକାରର ସମଗ୍ରଟିଏ ହୋଇ ରହିବ, ଯାହାକି ଜାତିର ଆୟତନଟିକୁ ଅତିକ୍ରମ କରି ଯାଇଥିବ ବା ଅତିକ୍ରମ କରିଯିବାର ପ୍ରବୃତ୍ତି ରଖିଥିବ, ଅର୍ଥାତ୍, ଜାତିର

'oaob.nitrkl.ac.in' images reprocessed

କଳ୍ପନାଟି ଯେପରି ପ୍ରଜାତି, ବଂଶ ଓ ନଗର ବା ଅଞ୍ଚଳୀୟ ରାଷ୍ଟ୍ରର କଳ୍ପନାୟତନଟିକୁ ଅତିକ୍ରମ କରିଯାଇଛି, ସଂଘୀୟ ସାମ୍ରାଜ୍ୟ ଜାତିର ଆୟତନଟିକୁ ଠିକ୍ ସେହିପରି ଭାବରେହିଁ ଅତିକ୍ରମ କରିଯିବ, ଆମକୁ ବିଶେଷ କରି ସେହି ସମସ୍ୟାଟିର ବିଚାର କରିବାକୁ ପଡ଼ିବ ।

ଏହିଭଳି ଏକ ସମସ୍ୟାର ସମ୍ମୁଖୀନ ହେଲାବେଳେ ଆପଣାର ପ୍ରଥମ ସ୍ୱାଭାବିକ ଧାରଣା ହିସାବରେ ମନୁଷ୍ୟର ମନ ଏପରି ଏକ କଳ୍ପନାର ପକ୍ଷ ସମର୍ଥନ କରିବ, ଯାହାକି କେବଳ ତାହାରିହିଁ ସୁପରିଚିତ ଖିଆଲଗୁଡ଼ିକର ସବୁଠାରୁ ଅଧିକ ପ୍ରଶସ୍ତି କରିବାରେ ଲାଗିଥିବ ଏବଂ ସେହିଗୁଡ଼ିକୁହିଁ ଅବାରିତ କରି ରଖିବା ପରି ମନେ ହେଉଥିବ । କାରଣ ସ୍ଥୂଳ ଭାବରେ ବିଚାର କରି ଦେଖିଲେ ମନୁଷ୍ୟର ମନ ସର୍ବଦା ଆପଣାର କଳ୍ପନା ବା ଧାରଣାଟିରେ କୌଣସି ଏକ ମୌଳିକ ପରିବର୍ତ୍ତନ ଘଟାଇବା ଲାଗି ପ୍ରାୟ ଅନିଚ୍ଛୁକହିଁ ହୋଇ ରହିଥାଏ । ଯେତେବେଳେ ତାହାର ସତ୍ୟଟି ବିଷୟଗୁଡ଼ିକର କେବଳ ଏକ ଅଭ୍ୟସ୍ତ ଆବରଣ ଦ୍ୱାରାହିଁ ଆଚ୍ଛାଦିତ ହୋଇ ରହିଥାଏ ବା କୌଣସି ପ୍ରକାରର ଏକ ବିଧିଗତ, ବିଧାନଗତ, ବୌଦ୍ଧିକ ଅଥବା ଭାବପ୍ରଣୋଦିତ କଳ୍ପନା ଦ୍ୱାରାହିଁ ଆଚ୍ଛାଦିତ ହୋଇ ରହିଥାଏ, କେବଳ ସେତିକିବେଳେହିଁ ମନ ସବୁଠାରୁ ଅଧିକ ସହଜ ଭାବରେ କୌଣସି ପରିବର୍ତ୍ତନକୁ ଗ୍ରହଣ କରି ନେଇଥାଏ । ଏହିପରି ଗୋଟିଏ କଳ୍ପନାକୁହିଁ କେତେକ ଲୋକ ରାଜନୀତିକ ଏକତାର ଜାତି-ପର୍ଯ୍ୟାୟ ଏବଂ ସାମ୍ରାଜ୍ୟ-ପର୍ଯ୍ୟାୟ ମଧ୍ୟରେ ରହିଥିବା ଗୋଟିଏ ସେତୁ ପରି ସୃଷ୍ଟି କରି ରଖିବା ଲାଗି ଭାବୁଥା'ନ୍ତି । ବର୍ତ୍ତମାନ ଯୁଗରେ ସବୁଠାରୁ ଅଧିକ ସୁରକ୍ଷିତ ଭାବରେ ଯାହା ଜନଗଣଙ୍କୁ ପରସ୍ପର ସହିତ ସମ୍ମିଳିତ କରି ରଖେ, ସେହି ଭୌତିକ ଏକତାଟି ହେଉଛି ଯେ ସେମାନେ ଗୋଟିଏ ଦେଶରେ ଏକତ୍ର ବାସ କରି ରହିଥାନ୍ତି, ଶତ୍ରୁହାତରୁ ସେହି ଦେଶଟିକୁ ରକ୍ଷା କରନ୍ତି, ସେହି ଭୌଗୋଳିକ ଏକତ୍ୱଟିକୁ ନିର୍ଭର କରି ସେମାନଙ୍କର ଏକ ସାଧାରଣ ଅର୍ଥନୈତିକ ଜୀବନ ରହିଥାଏ ଏବଂ ସେହି ଭୌତିକ ତଥା ଅର୍ଥନୈତିକ ବସ୍ତୁସତ୍ୟଟିର ଚାରିପାଖରେ ମାତୃଭୂମିର ଏକ ଭାବନା ମଧ୍ୟ ବିକାଶ ଲାଭ କରିଥାଏ ଏବଂ ସେହି ଭାବନାଟି ହୁଏତ ଏକ ରାଜନୀତିକ ବା ଶାସନଗତ ଏକତ୍ୱର ସ୍ଥାପନା କରିଥାଏ ବା, ଥରେ ଏଇଟି ସ୍ଥାପିତ ହୋଇ ସାରିବା ପରେ, ସେଇଟିକୁ ଦୃଢ଼ ସ୍ଥାୟୀ କରି ରଖିବାରେ ଲାଗିଥାଏ । ଏହି ଶକ୍ତିଶାଳୀ ଭାବନାଟିକୁ ଆମେ ତା'ପରେ ଏକ କଳ୍ପନା ଦ୍ୱାରା ଅଧିକ ପ୍ରସାରିତ କରିଦେବା, ସାମ୍ରାଜ୍ୟଟିର ବହୁଜାତୀୟ ଅଂଶଗୁଡ଼ିକଠାରୁ ଆମେ ଏହାହିଁ ଦାବି କରିବା ଯେ ସେଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି କେବଳ ଆପଣାର ଭୌଗୋଳିକ ମାତୃଭୂମିଟିକୁ ନୁହେଁ, ମାତ୍ର ସାମ୍ରାଜ୍ୟଟିକୁହିଁ ଆପଣାର ଜନନୀରୂପେ ଦେଖିବେ, ବା ଅନ୍ତତଃ, ଯଦି ତାହା ଆପଣାର ପୁରାତନ ଭାବଟିକୁ ତଥାପି ବର୍ଜନ କରି ନ ପାରେ, ତେବେ ବୃହତ୍ତର ଜନନୀ ସ୍ଥାନ ରୂପେ ସେ ପ୍ରଥମେ ଓ ସର୍ବପ୍ରଧାନ

'oaob.nitrkl.ac.in' images reprocessed

ଭାବରେ ସାମ୍ରାଜ୍ୟଟିକୁହିଁ ଗ୍ରହଣ କରି ଶିଖିବ । ମାତୃ-ଦେଶ ବା ମାତୃଭୂମି ଫ୍ରାନ୍ସ ବିଷୟରେ ଯେଉଁ ଫରାସୀ ଧାରଣାଟି ରହିଛି, ତାହାକୁ ଆମେ ଏହିଭଳି ଗୋଟିଏ କଳ୍ପନାର ଏକ ଅନ୍ୟ ରୂପ ବୋଲି କହିବା । ଇଂରାଜ ସାମ୍ରାଜ୍ୟର ଅନ୍ତର୍ଗତ ଅନ୍ୟ ବିଭିନ୍ନ କ୍ଷେତ୍ରଗୁଡ଼ିକ ଉପରେ ଅନେକ ଅଧିକ ପରିମାଣରେ କେତେକେତେ ରାଜନୀତିକ ଅଧିକାର ପ୍ରଦତ୍ତ ହୋଇ ରହିଥିଲେ ହେଁ, ଇଂରାଜୀ ଭାଷାର ଶବ୍ଦ ରଚନାର ଶୈଳୀ ଅନୁସାରେ ସେଗୁଡ଼ିକୁ ଅଧୀନରାଜ୍ୟ ବୋଲି ବର୍ଗୀକୃତ କରାଗଲେ ମଧ୍ୟ ସେଗୁଡ଼ିକୁ ଆମେ ମୂଳ ଦେଶଟିର ଭିନ୍ନ ଭିନ୍ନ ଉପନିବେଶ ବୋଲି କହିପାରିବା; ସମୁଦ୍ରପାରିଉପନିବେଶ ସମେତ ଫ୍ରାନ୍ସର କ୍ଷେତ୍ରରେ ଯେପରି ସବୁ ଭାଗଗୁଡ଼ିକର ଜନନୀ ରୂପେ ଫ୍ରାନ୍ସର ମହାନତା, ଗୌରବ ତଥା ସୁନ୍ଦରତାକୁ କେନ୍ଦ୍ର କରି ସମସ୍ତଙ୍କୁ ଆପଣା ଆପଣାର ଜାତୀୟ ଭାବାନୁରକ୍ତିଗୁଡ଼ିକୁ ଠୁଳ କରି ରଖିବା ଲାଗି ପ୍ରଶିକ୍ଷିତ କରି ଅଣାଯାଇଛି, ବିଚାରର ଭୂମିରେ ଇଂଲଣ୍ଡର ଉପନିବେଶଗୁଡ଼ିକୁ ମଧ୍ୟ ସେହିପରି ଏକତ୍ର ଗୁନ୍ଥି ଦିଆଯାଇଛି । ଏହି ବିଚାର ବା ଭାବନାକୁ ଆମେ ସେଲ୍‌ଟିକ୍-ଲାଟିନ୍ ମାନସ-ପ୍ରବୃତ୍ତିର ଏକ ସ୍ୱାଭାବିକ ବିଚାର ଓ ଭାବନା ବୋଲି କହିପାରିବା, ମାତ୍ର ଟିଉଟନିକ୍‌ର ମନୋଦୃଷ୍ଟି ଲାଗି ଏହାକୁ ଏକ ଅପରିଚିତ ଭାବନା ବୋଲିହିଁ କୁହାଯିବ । ସେଲ୍‌ଟିକ୍ ଯେକୌଣସି ଜାତି ପରି ଫରାସୀମାନଙ୍କର ଯେଉଁ ଆକର୍ଷଣ – ଏବଂ ପରିପାଚନର ଶକ୍ତି ରହିଛି, ସେହି ଚମତ୍କାର ଶକ୍ତିଟି ଦ୍ୱାରା ଏବଂ ପ୍ରଜାତି – ତଥା ବର୍ଣ୍ଣଗତ ପାର୍ଥକ୍ୟଭାବ ଏହି କ୍ଷେତ୍ରରେ ଅପେକ୍ଷାକୃତ ଅନେକ କମ୍ ହୋଇ ରହିଥିବାରୁହିଁ ତାହାଦ୍ୱାରା ମଧ୍ୟ ସେହି ବିଚାରଟି ଅନେକ ସମର୍ଥନ ପାଉଛି ।

ଏହିସବୁ ଭାବନା ମଧ୍ୟରେ ଯେଉଁ ଶକ୍ତି, ଅନେକ ସମୟରେ ଯେଉଁ ଅଲୌକିକ ଶକ୍ତି ନିହିତ ହୋଇ ରହିଛି, ସେଇଟିକୁ ଆମେ ମୁହୂର୍ତ୍ତକ ଲାଗି ମଧ୍ୟ କଦାପି ଗୌଣ କରି ଦେଖିବା ନାହିଁ । ପ୍ରକୃତିର ଏହି ମନୋଭୂମିଗତ ସ୍ୱଭାବଟି ରହିଥାଏ, ତାହାରି ସମ୍ମୁଖୀନ ହେଉଥିବା ସମୟରେହିଁ ଏହି ଭାବନା ଓ କଳ୍ପନାଗୁଡ଼ିକ ତା'ହାତରେ ସବୁଠାରୁ ଅଧିକ ଅଭ୍ୟସ୍ତ ଏବଂ ସବୁଠାରୁ ଅଧିକ ଫଳଦାୟକ ପଦ୍ଧତିରୂପେ କାର୍ଯ୍ୟ କରିଥା'ନ୍ତି । ମାତ୍ର ଏପରି କେତେଗୁଡ଼ିଏ ଅବସ୍ଥାର ଆବଶ୍ୟକତା ରହିଛି, ଯେଉଁଗୁଡ଼ିକ ନ ଥିଲେ କି କୌଣସି ଏକ ଭାବନା ଦୀର୍ଘକାଳ ସକ୍ରିୟ ହୋଇ ରହିପାରିବ ନାହିଁ ବା ହୁଏତ ଆଦୌ ସକ୍ରିୟ ହୋଇପାରିବ ନାହିଁ । ପ୍ରଥମତଃ, ଏହାକୁ ଉପରୁ ସତ୍ୟର ଆଭାସ ଦେଇ ପାରୁଥିବା ଏକ ସାଦୃଶ୍ୟ ଉପରେ ଆଧାରିତ ହୋଇ ରହିବାକୁ ପଡ଼ିବ । ଏହା ଆମକୁ ଏପରି ଏକ ଉପଲଭ୍ୟ ବସ୍ତୁସତ୍ୟ ଆଡ଼କୁ ପରିଚାଳିତ କରି ନେଇଯାଇ ପାରୁଥିବ, ଯାହାକି ସ୍ୱୟଂ ସେହି ଭାବନାଟିର ସ୍ଥାନ ଗ୍ରହଣ କରିପାରିଲା ଭଳି ଅଥବା ପରିଶେଷରେ ତାହାକୁ ଉଚିତ ବୋଲି ପ୍ରତିପାଦିତ କରିଦେଇ ପାରିଲା ଭଳି ଅବଶ୍ୟ ଯଥେଷ୍ଟ ଶକ୍ତିଶାଳୀ ହୋଇଥିବ । ଏବଂ,

'oaob.nitrkl.ac.in' images reprocessed

ଏହି ଉପଲଭ୍ୟ ବସ୍ତୁସତ୍ୟଟି ଆପଣାକୁ ଉତ୍ତରୋତ୍ତର ଭାବରେ ଉପଲବ୍ଧି କରିବାରେ ମଧ୍ୟ ଲାଗିଥିବ ଏବଂ ଖୁବ୍ ଅଧିକ କାଳ ଲାଗି କେବଳ ଏକ ଆକାରହୀନ ଛାୟାମୟତା ମଧ୍ୟରେ କଦାପି ପଡ଼ି ରହିବ ନାହିଁ । ଏପରି ଏକ ସମୟ ଅବଶ୍ୟ ଥିଲା ଯେତେବେଳେ କି ଏହିସବୁ ଆବଶ୍ୟକ ଅବସ୍ଥାର ଅବଶ୍ୟ ପରିପୂରଣ ହେଉ ବୋଲି ଦାବି କରିବାର ସେତେବେଶୀ ପ୍ରୟୋଜନ ନ ଥିଲା, ଯେଉଁ ସମୟରେ କି ବୃହତ୍ତର ଜନଗଣ ଅପେକ୍ଷାକୃତ ଅଧିକ ପରିମାଣରେ କଳ୍ପନାପ୍ରବଣ ହୋଇ ରହିଥିଲେ, ଅଧିକ ପରିମାଣରେ ଅନୁଭବହୀନ ହୋଇ ରହିଥିଲେ ଏବଂ କୌଣସି ଏକ ଭାବ ଅଥବା ପ୍ରତୀତି ଦ୍ୱାରାହିଁ ବେଶ୍ ସନ୍ତୁଷ୍ଟ ହୋଇ ରହିପାରୁଥିଲେ । ମାତ୍ର ମନୁଷ୍ୟଜାତି ଅଧିକରୁ ଅଧିକ ଆଗକୁ ଯାଉଥିବା ସଙ୍ଗେ ସଙ୍ଗେ ତାହା ଆପଣାର ମନୋଭୂମିରେ ଅଧିକରୁ ଅଧିକ ସକ୍ରିୟ ମଧ୍ୟ ହେବାରେ ଲାଗିଛି, ଅଧିକ ପରିମାଣରେ ଆତ୍ମସଚେତନ ହେଉଛି, ତାହାର ଦୃଷ୍ଟି ଅଧିକ ଆଲୋଚନ ଏବଂ ଅବଲୋକନର ସମର୍ଥ ହେଉଛି ଏବଂ ସେ ଅନେକ ଅଧିକ ସତ୍ୱର ଭାବରେ ବାସ୍ତବ ସତ୍ୟ ଏବଂ ସତ୍ୟର ଛଳନା ମଧ୍ୟରେ ରହିଥିବା ଅମେଳଗୁଡ଼ିକୁ ମଧ୍ୟ ବେଶ୍ ବାରିନେଇ ପାରୁଛି । ପୁନଶ୍ଚ, ବିଚାରସମର୍ଥ ବ୍ୟକ୍ତି ମଧ୍ୟ ବର୍ତ୍ତମାନ ସର୍ବତ୍ର ବ୍ୟାପ୍ତ ହୋଇ ରହିଲାଣି; ତାହାର କଥାକୁ ବର୍ତ୍ତମାନ ଏପରି ଅଧିକ ପରିମାଣରେ ଲୋକମାନେ ଶୁଣିବାକୁ ଓ ବୁଝିବାକୁ ଲାଗିଲେଣି, ଯାହାକି ମନୁଷ୍ୟଜାତିର ବିଦିତ ଇତିହାସରେ ଆଗରୁ କେବେହେଲେ ଘଟି ନ ଥିଲା । ଏବଂ ସେହି ବିଚାରକ ମଧ୍ୟ କ୍ରମଶଃ ଅଧିକରୁ ଅଧିକ ପରିମାଣରେ ସତ୍ୟର ଜଣେ ପରୀକ୍ଷକ, ଜଣେ ସମୀକ୍ଷକ ହୋଇ ବାହାରିବାକୁ ଲାଗିଲାଣି, ଯାବତୀୟ ତୁଚ୍ଛା-କଳ୍ପନାର ଏକ ଶତ୍ରୁ ହୋଇ ମଧ୍ୟ ବାହାରିଲାଣି ।*

ତେବେ, ଏପରି କ'ଣ କୁହାଯାଇପାରିବ ଯେ ଏହି କଳ୍ପନାଟି ଏକ ସତ୍ୟର ରୂପ ଗ୍ରହଣ କରି ପାରିବା ଭଳି ଏକ ତତ୍ତୁଲ୍ୟ ବା ସମାନ୍ତର କୌଣସି କଥା ଉପରେ ଆଧାରିତ ହୋଇ ରହିଛି ? ଅନ୍ୟଭାଷାରେ କହିବାକୁ ଗଲେ, ଏକଥା କ'ଣ ସତ ଯେ ଯଥାର୍ଥ ସାମ୍ରାଜ୍ୟରେ ଏହି ସତ୍ୟଟି ଯେତେବେଳେ ଉପଲବ୍ଧ ହୋଇପାରିବ, ସେତେବେଳେ କ'ଣ ତାହା ବର୍ତ୍ତମାନର ଜାତୀୟ ଏକତାରହିଁ ଏକ ବୃହତ୍ତର-ଆୟତନ ସଂସ୍କରଣ ହୋଇ ରହିବ ? ବା, ଯଦି ସେକଥା ନ ହୁଏ, ତେବେ ଯେଉଁ ଉପଲବ୍ଧ ସତ୍ୟଟିକୁ ଏହି କଳ୍ପନାଟି ପ୍ରସ୍ତୁତ

---

* ଏହି ଅବସ୍ଥାମାନ ହୁଏତ ଶୀଘ୍ର ଅନ୍ତର୍ହିତ ମଧ୍ୟ ହୋଇଯାଇପାରେ । ବର୍ତ୍ତମାନ ବିଚାରର ସ୍ୱାଧୀନତା ଉପରେ ସର୍ବତ୍ରହିଁ ଦୌରାତ୍ମ୍ୟ ଆରମ୍ଭ ହେଲାଣି, ଏବଂ ଯେତେବେଳେ ବିଚାର ଲାଗି ଆଉ କୌଣସି ସ୍ୱାଧୀନତା ରହିବ ନାହିଁ, ସେତେବେଳେ ବିଚାରକର ଶକ୍ତିଟି ମଧ୍ୟ ଅବଶେଷରେ ଅନ୍ତର୍ହିତ ହୋଇଯିବାକୁ ଲାଗିବ ।

'oaob.nitrkl.ac.in' images reprocessed

କରି ଆଣିବ ବୋଲି ଅଭିପ୍ରେତ ହୋଇ ରହିଛି, ସେଇଟିକୁ ଆମେ ପ୍ରକୃତରେ କ'ଣ ବୋଲି ଜାଣିବା ? ବିଭିନ୍ନ ଏକକକୁ ନେଇ ଏକତ୍ର ଗ୍ରଥିତ ହୋଇଥିବା ଜାତିଗୁଡ଼ିକର ଇତିହାସରେ କେତେ ନା କେତେ ଉଦାହରଣ ରହିଛି; ଏବଂ, ଯଦି ଆଲୋଚିତ ସମାନ୍ତରଟି ପ୍ରକୃତରେ କାର୍ଯ୍ୟକାରୀ ହୋଇପାରିବ ବୋଲି ଗ୍ରହଣ କରିବାକୁ ହୁଏ, ତେବେ ଏକ ବୃହତ୍ ମାତ୍ରାରେ ଏହିଭଳି ଏକ ସଂଗ୍ରଥିତ ଜାତିର ସୃଷ୍ଟି କରିବାହିଁ ସଂଘୀୟ ସାମ୍ରାଜ୍ୟର କାର୍ଯ୍ୟ ହୋଇ ରହିବା ଉଚିତ । ତେଣୁ ଆମକୁ ସଫଳ ସଂଗ୍ରଥିତ ଜାତିର କେତୋଟି ଅତ୍ୟନ୍ତ ପ୍ରତିନିଧିମୂଳକ ଦୃଷ୍ଟାନ୍ତ ଉପରେ ଅବଶ୍ୟ ଦୃଷ୍ଟିପାତ କରିବାକୁ ପଡ଼ିବ, ଏବଂ ସମାନ୍ତରଟି ଏହି କ୍ଷେତ୍ରରେ ପ୍ରକୃତରେ କେତେଦୂର ପ୍ରଯୁଜ୍ୟ ହୋଇପାରିବ ଏବଂ ଏଠାରେ ସେପରି କୌଣସି ଅସୁବିଧା ପ୍ରତିବନ୍ଧକ ହୋଇ ରହିଛି କି ନାହିଁ ଯାହାକି ଏକ ପୁରାତନ ସଫଳତାକୁ ଟିକିଏ ଅନ୍ୟ ରୂପ ଦେଇ ଅନୁସରଣ କରିବା ଅପେକ୍ଷା ଏକ ନୂତନ ବିବର୍ତ୍ତନ ଆଡ଼କୁହିଁ ଅଧିକ ପରିମାଣରେ ଅଙ୍ଗୁଳି ଦେଖାଇ ଦେଉଛି, ଆମକୁ ସେହି କଥାଟି ଦେଖିବାକୁ ପଡ଼ିବ । ଅସୁବିଧାଗୁଡ଼ିକ ବିଷୟରେ ସମୁଚିତ ଧାରଣାଟି କରି ପାରିଲେ ତାହା ଆମକୁ ସେଗୁଡ଼ିକୁ ଅତିକ୍ରମ କରିଯିବାରେ ମଧ୍ୟ ହୁଏତ ସାହାଯ୍ୟ କରି ପାରିବ ।

ସଫଳତା ସହିତ ସଂଗ୍ରଥିତ ବା ବିବିଧଜାତୀୟ ସାମ୍ରାଜ୍ୟରୂପେ ବିବର୍ତ୍ତିତ ହୋଇ ଆସିଥିବା ଏକ ଜାତି ଏବଂ ସୌଭାଗ୍ୟଶାଳୀ ଭାବରେ ବିବର୍ତ୍ତିତ ହୋଇ ଆସୁଥିବା ଏକ ବହୁଜାତୀୟ ସାମ୍ରାଜ୍ୟ, ଆମର ଆଖି ଆଗରେ ଏହି ଦୁଇଟିଯାକର ଯେଉଁ ସର୍ବଶ୍ରେଷ୍ଠ ଦୃଷ୍ଟାନ୍ତ ରହିଛି, ତାହାକୁ ଆମେ ଯଥାକ୍ରମେ ଅତୀତର ବ୍ରିଟିଶ ଜାତି ଓ ବର୍ତ୍ତମାନର ବ୍ରିଟିଶ୍ ସାମ୍ରାଜ୍ୟ ବୋଲି ଜାଣିବା । ଏହି ଦୁଇଟିଯାକ ନିଶ୍ଚୟ ସଫଳତା ସହିତ ବିବର୍ତ୍ତିତ ହୋଇ ଆସିଛନ୍ତି, ମାତ୍ର ସୌଭାଗ୍ୟର କଥା ଯେ ଗୋଟିଏ ଅଭାବ ମଧ୍ୟ ରହିଛି; କାରଣ ତାହା ଏପର୍ଯ୍ୟନ୍ତ ସମାହିତ ହୋଇପାରି ନ ଥିବା ଗଦାଏ ସମସ୍ୟାର ନାନା ବିପଦର ଅଧୀନ ହୋଇ ରହିଛି ।* ବ୍ରିଟିଶ୍ ଜାତିଟି ଇଂରାଜୀ ଭାଷା କହୁଥିବା ଏକ ଆଙ୍ଗ୍ଲୋ-ନରମାନ୍ ଇଂଲଣ୍ଡ, ୱେଲ୍ଶ୍ ଭାଷା କହୁଥିବା ଏକ ସିମ୍‌ରିକ୍ ୱେଲ୍‌ସ୍, ଇଂରାଜୀ ଭାଷା କହୁଥିବା ଏକ ଅର୍ଦ୍ଧସାକ୍‌ସନ୍ ଓ ଅର୍ଦ୍ଧଗେଲିକ୍ ସ୍କଟ୍‌ଲାଣ୍ଡ୍ ଏବଂ ବଡ଼ ଅପୂର୍ଣ୍ଣ ଓ ବଡ଼ ଆଂଶିକ ଭାବରେ ଏକ ଗେଲିକ୍ ଆୟର୍ଲାଣ୍ଡ୍‌କୁ ନେଇ ଗଠିତ ହୋଇଛି; ଆୟର୍ଲାଣ୍ଡ ସହିତ ପ୍ରଧାନତଃ ଆଙ୍ଗ୍ଲୋ-

* ଏକଥା ମନେ ରଖିବାକୁ ପଡ଼ିବ ଯେ ବେଶ୍ କେତେ ଦଶକ ପୂର୍ବରୁ ଏହି କଥାଟି ଲେଖା ଯାଇଥିଲା ଓ ଏହା ମଧ୍ୟରେ ସେହି ପରିସ୍ଥିତି ତଥା ସେହି ସାମ୍ରାଜ୍ୟଟି ମଧ୍ୟ ସଂପୂର୍ଣ୍ଣ ଭାବରେ ବଦଳି ଗଲାଣି; ସେତେବେଳେ ଏହି ସମସ୍ୟାଟି ଥିଲା, ବର୍ତ୍ତମାନ ତାହା ଆମ ଆଗରେ ଠିକ୍ ସେହିପରି ଆକାରରେ କଦାପି ଉପସ୍ଥିତ ହୋଇ ରହି ନାହିଁ ।

'oaob.nitrkl.ac.in' images reprocessed

ୟଟ୍ ହୋଇ ରହିଥିବା ଏକ ଉପନିବେଶ ମଧ୍ୟ ରହିଛି, ଯାହାକି ତାହାକୁ ବସ୍ତୁତଃ ବଳ ଦ୍ୱାରା ସମ୍ମିଳିତ ସମଗ୍ରଟି ସହିତ ଏକାଠି କରି ରଖିଛି, ମାତ୍ର ତଥାପି ଏକ ଯଥାର୍ଥ ସମ୍ମିଳନକୁ କଦାପି ସମ୍ଭବ କରି ନାହିଁ । ଅତି ଅଳ୍ପଦିନ ପୂର୍ବ ପର୍ଯ୍ୟନ୍ତ ଆୟର୍ଲାଣ୍ଡ ଏହି ଗଠନଟିରେ ବିଫଳତାର ଉପାଦାନଟି ରୂପେହିଁ ଅବସ୍ଥିତ ରହି ଆସିଥିଲା, ଏବଂ କେବଳ ବର୍ତ୍ତମାନ ଯାଇ ଏହି ଗଠନଟିର ଅନ୍ୟ ଏକକଗୁଡ଼ିକଙ୍କଠାରୁ ଏକ ଅନ୍ୟ ଆକାରରେ ତଥା ଅନ୍ୟପ୍ରକାର ପରିସ୍ଥିତିରେ ସମଗ୍ରଟି ସହିତ ତା'ର ତଥାପି ବଡ଼ ଅନିଶ୍ଚିତ ହୋଇ ରହିଥିବା କୌଣସି ନା କୌଣସି ପ୍ରକାରର ଏକ ସମ୍ମିଳନ ସମ୍ଭବ ହେଉଛି; ଏବଂ ବ୍ରିଟିଶ୍ ଜାତି ସହିତ ନୁହେଁ, ବ୍ରିଟିଶ୍ ସାମ୍ରାଜ୍ୟଟି ସହିତହିଁ ଏହି ସମ୍ମିଳନ ସମ୍ଭବ ହେଉଛି । ଅବଶ୍ୟ ଏକଥା ସତ ଯେ ବର୍ତ୍ତମାନ ମଧ୍ୟ ଏହି ସମ୍ମିଳନ କ୍ୱଚିତ୍ ଏକ ଯଥାର୍ଥ ସମ୍ମିଳନରେ ପରିଣତ ହେବାକୁ ଆରମ୍ଭ କରିଛି ।* ପ୍ରକୃତରେ କେଉଁସବୁ ପରିସ୍ଥିତି ଏହାକୁ ଏକ ସାଧାରଣ ସଫଳତାରେ ପରିଣତ କରିଥିଲା ଏବଂ ଏହି ଆଂଶିକ ବିଫଳତାଟିକୁ ମଧ୍ୟ ଘଟାଇଥିଲା ? ଏବଂ ବୃହତ୍ତର ସମସ୍ୟାଟିର ନାନା ସମ୍ଭାବନା ଉପରେ ମଧ୍ୟ ସେଗୁଡ଼ିକ ପ୍ରକୃତରେ କିଭଳି ଆଲୋକପାତ କରୁଛନ୍ତି ?

ଆପଣାର ମନୁଷ୍ୟସମଗ୍ରଗୁଡ଼ିକୁ ଗଠିତ କରି ଆଣିବାର ପ୍ରକ୍ରିୟାରେ ଏକ ସାଧାରଣ ସୂତ୍ରରୂପେ ପ୍ରକୃତି ଯେଉଁ ନିୟମଟିକୁ ଅନୁସରଣ କରି ଆସିଛି, ଆପଣାର ଭୌତିକ ସମଗ୍ରଗୁଡ଼ିକର କ୍ଷେତ୍ରରେ ମଧ୍ୟ ସେ ଠିକ୍ ସେହି ନିୟମଟିର ପାଳନ କରିଥାଏ । ପ୍ରଥମତଃ ସେ ଏକ ପ୍ରାକୃତିକ ଶରୀର ଆଣି ଯୋଗାଇଦିଏ, ତା'ପରେ ଏକ ସାଧାରଣ ଜୀବନଯାପନ ଏବଂ ଏହି ଶରୀରଟି ମଧ୍ୟରେ ରହିଥିବା ଅଂଶଗୁଡ଼ିକର କ୍ଷେତ୍ରରେ ଏକ ପ୍ରାଣଗତ ଆଗ୍ରହ ମଧ୍ୟ ଯୋଗାଇ ଦେଇଥାଏ, ଏବଂ ସର୍ବଶେଷରେ ଏକ ସଚେତନ ମାନସ ବା ଏକ ଏକତ୍ୱର ବୋଧ ଏବଂ ସେହି ସାଧାରଣ ଅହଂବୋଧଟି ଯାହାର ମାଧ୍ୟମରେ ଆପଣାକୁ ଉପଲବ୍ଧି କରିପାରେ ଏବଂ ସକ୍ରିୟ ମଧ୍ୟ ହୋଇପାରେ ସେହିପରି ଗୋଟିଏ କେନ୍ଦ୍ର ବା ଶାସନକାରୀ ଅଙ୍ଗ ଆଣି ଯୋଗାଇ ଦେଇଥାଏ । ତାହାର ଏହି ସାଧାରଣ ପ୍ରକ୍ରିୟାଟିରେ ହୁଏତ ବଂଶୋଦ୍‌ଗମର ଏକ ସାଧାରଣ ସଂପର୍କସୂତ୍ର ଅବଶ୍ୟ ରହିଥାଏ ଅଥବା ଅତୀତର ଏକ ସାହଚର୍ଯ୍ୟ ମଧ୍ୟ ରହିଥାଏ, ଯାହାକି ସଦୃଶକୁ ସଦୃଶ ସହିତ

---

* ସ୍ୱାୟତ୍ତ ଶାସନ ଏକ ସମ୍ଭାବ୍ୟ ସମାଧାନ ବୋଲି ବୋଧ ହେଉଥିବା ସମୟରେ ଏକଥା ଲେଖା ହୋଇଥିଲା; ମାତ୍ର ବିଫଳତାଟିହିଁ ବର୍ତ୍ତମାନ ଏକ ସୁସ୍ଥିର ପରିଣାମରୂପେ ଘୋଷିତ ହୋଇଯାଇଛି ଏବଂ ସେତେବେଳର ଆୟର୍ଲାଣ୍ଡ୍ ବର୍ତ୍ତମାନ ଆୟାର୍ଲାଣ୍ଡ୍‌ର ସ୍ୱାଧୀନ ଗଣରାଜ୍ୟରେ ପରିଣତ ହୋଇଛି ।

'oaob.nitrkl.ac.in' images reprocessed

ଏକତ୍ର ମିଳିକରି ରହିବା ଲାଗି ସମର୍ଥ କରାଏ ତଥା ବିସଦୃଶ ଅନ୍ୟମାନଙ୍କଠାରୁ ତାହାକୁ ପୃଥକ୍ କରି ମଧ୍ୟ ଦେଖାଇ ଦେଉଥାଏ । ଏହି କ୍ଷେତ୍ରରେ ଏକ ସାଧାରଣ ବସତି ରହିଥାଏ; ଏପରି ଗୋଟିଏ ଦେଶ ରହିଥାଏ, ଯାହାକି ଏପରି ଏକ ପରିସ୍ଥିତି ତିଆରି କରି ରଖିଥାଏ ଯେ, ଯେଉଁମାନେ ତାହାର ପ୍ରାକୃତିକ ଚାରିସୀମା ମଧ୍ୟରେ ବାସ କରୁଥା'ନ୍ତି, ସେମାନେ ପରସ୍ପର ସହିତ ଏକତ୍ୱବଦ୍ଧ ହୋଇ ରହିବା ଲାଗି ଏକପ୍ରକାରର ଭୌଗୋଳିକ ଅନିବାର୍ଯ୍ୟତା ମଧ୍ୟରେହିଁ ରହିଥା'ନ୍ତି । ଏହାଠାରୁ ଆହୁରି ପୂର୍ବେ ଯେତେବେଳେ ଗୋଷ୍ଠୀମାନେ ସେମାନେ ବାସ କରୁଥିବା ମାଟିଟି ସହିତ ଏତେ ଦୃଢ଼ଭାବରେ ସମ୍ବନ୍ଧିତ ହୋଇ ରହି ନ ଥିଲେ, ସେତେବେଳେ ଏଗୁଡ଼ିକରୁ ସର୍ବପ୍ରଥମ ସର୍ତ୍ତଟିହିଁ ଅପେକ୍ଷାକୃତ ଅଧିକ ମହତ୍ତ୍ୱପୂର୍ଣ୍ଣ ଥିଲା । ସ୍ଥାୟୀ ହୋଇ ଗୋଟିଏ ଜାଗାରେ ବାସ କରୁଥିବା ଆଧୁନିକ ଗୋଷ୍ଠୀଗୁଡ଼ିକର କ୍ଷେତ୍ରରେ ଦ୍ୱିତୀୟ ସର୍ତ୍ତଟି ସବୁଠାରୁ ପ୍ରଧାନ ହୋଇ ରହିଛି, ମାତ୍ର କୌଣସି ଜାତି ଶୁଦ୍ଧ ହୋଇଥାଉ ଅଥବା ମିଶ୍ର ହୋଇଥାଉ ପଛକେ,— କାରଣ ତାହାର ଉତ୍ପତ୍ତି ସମୟରେ ତାହା କଦାପି କେବଳ ଗୋଟିକୁ ନେଇ ତିଆରି ହୋଇ ନ ଥିବ,— ସେହି ଜାତିର ଏକତାହିଁ ବର୍ତ୍ତମାନ ମହତ୍ତ୍ୱପୂର୍ଣ୍ଣ ଗୋଟିଏ କାରଣ ହୋଇ ରହିଛି; ଏବଂ ଏହି ଭୌଗୋଳିକ ଅନିବାର୍ଯ୍ୟତାଟି ଯେପରି କୌଣସି ନା କୌଣସି ପ୍ରକାରେ ସ୍ଥାୟୀ ହୋଇ ରହିପାରେ, ତାହାର ପଥରେ ଅତିରିକ୍ତ ବୈଷମ୍ୟ ଏବଂ ପାର୍ଥକ୍ୟ ବଡ଼ ସହଜରେ ଘୋର ଅସୁବିଧାଗୁଡ଼ିକର ମଧ୍ୟ ସୃଷ୍ଟି କରିପାରେ । ଏଇଟି ସ୍ଥାୟୀ ହୋଇ ରହିବାକୁ ହେଲେ ଏହି କ୍ଷେତ୍ରରେ ସେହି ଦ୍ୱିତୀୟ ପ୍ରାକୃତିକ ସ୍ଥିତିଟିକୁ ମଧ୍ୟ ବେଶ୍ ଅଧିକ ପରିମାଣରେ ଶକ୍ତିଶାଳୀ ହୋଇ ରହିବାକୁ ପଡ଼ିବ; ଅର୍ଥାତ୍, ଅର୍ଥନୈତିକ ଏକତ୍ୱ ବା ସାଧାରଣ ଜୀବନନିର୍ବାହର ଅଭ୍ୟାସଟି ଅନିବାର୍ଯ୍ୟ ହୋଇ ରହିବ ଏବଂ ରାଜନୀତିକ ଏକତ୍ୱ ବା ଜୀବନଧାରଣ କରି ରହିବା ପାଇଁ ଜୀବନଯାପନ ତଥା ଜୀବନର ବୃଦ୍ଧି ପାଇଁ ଏକ ସାଧାରଣ ପ୍ରାଣିକ ସଂଗଠନର ଅଭ୍ୟାସଟି ମଧ୍ୟ ଅନିବାର୍ଯ୍ୟ ହୋଇ ରହିବ । ଏବଂ ଏହି ଦ୍ୱିତୀୟ ସର୍ତ୍ତଟି ଆପଣାକୁ ସଂପୂର୍ଣ୍ଣ ଶକ୍ତି ସହିତ ସମ୍ଭବ କରି ରଖିବାକୁ ହେଲେ, ଏହି କ୍ଷେତ୍ରରେ ଏପରି କିଛି କଦାପି ରହିବ ନାହିଁ, ଯାହକି ତୃତୀୟ ସର୍ତ୍ତଟିର ଉଦ୍ଭବ ଏବଂ ସ୍ଥାୟିତ୍ୱରେ କୌଣସି ପ୍ରକାର ବାଧା ବା ଉତ୍ସାହହୀନତା ସୃଷ୍ଟି କରିବ ଅଥବା ତାହାକୁ ବିନାଶ କରିଦେବାକୁ ଆସୁଥିବ । ଏହି କ୍ଷେତ୍ରରେ ଏପରି କୌଣସି କାର୍ଯ୍ୟ କଦାପି କରାହେବ ନାହିଁ, ଯାହାକି ଭାବଗତ କ୍ଷେତ୍ରରେ ଅନୈକ୍ୟ ଉପରେ ଅଧିକ ଗୁରୁତ୍ୱ ଦେଉଥିବ ବା ଅବଶିଷ୍ଟ ସମଗ୍ରଟିରୁ କୌଣସି ଏକ ଅଂଗର ଭିନ୍ନତା ବା ବିଲଗତାର ବୋଧଟିକୁ ସ୍ଥାୟୀ କରି ରଖିବାକୁ ଚେଷ୍ଟା କରୁଥିବ । କାରଣ ତଦ୍ୱାରା କେନ୍ଦ୍ର ଅର୍ଥାତ୍ ଶାସନକାରୀ ଅଙ୍ଗଟିକୁ ତାହା ମନୋଭୂମିଗତ ଦୃଷ୍ଟିରୁ ଆଉ ସମଗ୍ରଟିର ପ୍ରତିନିଧି କରି କଦାପି ରଖିବ ନାହିଁ ଏବଂ ତେଣୁ ତାହା ଆଉ ସେହି ସମଗ୍ରଟିର

'oaob.nitrkl.ac.in' images reprocessed

ଅହଂ-ବୋଧଟିର ମଧ୍ୟ କଦାପି ଏକ ଯଥାର୍ଥ କେନ୍ଦ୍ର ହୋଇ ରହିବ ନାହିଁ । ମାତ୍ର ଆମକୁ ଅବଶ୍ୟ ସ୍ମରଣ ରଖିବାକୁ ହେବ ଯେ ବିଚ୍ଛିନ୍ନତାବାଦ ଓ ବିଶିଷ୍ଟତାବାଦ କଦାପି ସମାନ କଥା ନୁହେଁ, କାରଣ ବିଶିଷ୍ଟତାବାଦ ଓ ଏକତା ମଧ୍ୟରେ ଏକ ସହାବସ୍ଥାନ ଅବଶ୍ୟ ସୁସମ୍ଭବ ହୋଇ ପାରିବ; ଗୋଟିଏ ଆଉ ଗୋଟିଏଠାରୁ ପୃଥକ୍ ହୋଇଥିବାରୁ ଯେ ଗୋଟିଏ ଆଉ ଗୋଟିଏ ଠାରୁ ଅଲଗା ହୋଇ ରହେ, ସେକଥା ଆଦୌ ନୁହେଁ, ମାତ୍ର, ଯଥାର୍ଥ ଏକତା ଯେ କଦାପି ସମ୍ଭବ ହୋଇ ପାରିବ ନାହିଁ, ଏହିଭଳି ଏକ ମନୋଭାବହିଁ ଗୋଟିକୁ ଆଉଗୋଟିକଠାରୁ ଅଲଗା କରି ରଖିଥାଏ ।

ବ୍ରିଟିଶ୍ ଜାତିର ଗଠିତ ହୋଇ ଆସିଥିବା କ୍ଷେତ୍ରରେ ଏକତ୍ୱବଦ୍ଧ ହେବାର ଏକ ଭୌଗୋଳିକ ଆବଶ୍ୟକତା ଅବଶ୍ୟ ଉପସ୍ଥିତ ରହିଥିଲା; ୱେଲ୍‌ସ୍ ଓ ଆୟର୍ଲାଣ୍ଡ ଉପରେ ବିଜୟ ଲାଭ କରିବା ଓ ସ୍କଟ୍‌ଲାଣ୍ଡ୍ ସହିତ ମିଳିତ ହେବା,– ଏଗୁଡ଼ିକୁ ଆମେ ଐତିହାସିକ ଘଟଣା ବୋଲି କହିବା, ଯାହାକି କେବଳ ସେହି ଭୌଗୋଳିକ ଆବଶ୍ୟକତାଟି ଆପଣାକୁ କାର୍ଯ୍ୟକାରୀ କରୁଥିବାର ଏକ ନିଦର୍ଶନ ହୋଇ ରହିଥିଲା; ମାତ୍ର ଏହି କ୍ଷେତ୍ରରେ ଜାତି ତଥା ଅତୀତ ସାହଚର୍ଯ୍ୟର ଏକତ୍ୱଟି ସଂପୂର୍ଣ୍ଣ ଭାବରେ ଅନୁପସ୍ଥିତ ରହିଥିଲା ଏବଂ ତେଣୁ ଅଳ୍ପ ବା ବହୁତ ଆୟାସ ସହକାରେ ସେଗୁଡ଼ିକର ସୃଷ୍ଟି କରିବା ବାକୀ ରହିଥିଲା । କାଳଗତ ବୃହତ୍ ଅଥବା ଅଳ୍ପ ଅବଧିଟି ମଧ୍ୟରେହିଁ ୱେଲ୍‌ସ୍ ଏବଂ ସ୍କଟ୍‌ଲାଣ୍ଡ୍ ସହିତ ସଫଳ ଭାବରେ ଏହି ଏକତାଟି ସ୍ଥାପିତ ହୋଇ ପାରିଲା, ମାତ୍ର ଆୟର୍ଲାଣ୍ଡ୍ ସହିତ ଆଦୌ ହୋଇପାରିଲା ନାହିଁ । ଭୌଗୋଳିକ ପ୍ରୟୋଜନକୁ ଆମେ କେବଳ ଗୋଟିଏ ଆପେକ୍ଷିକ ଶକ୍ତି ବୋଲିହିଁ କହିବା; ଅନୈକ୍ୟର କୌଣସି ବିଘଟନକାରୀ ପ୍ରବୃତ୍ତିକୁ ନଷ୍ଟ କରିଦେବାକୁ ଯଦି କୌଣସି ସମୟରେ ଫଳପ୍ରଦ ଭାବରେ କିଛିହିଁ କରା ନ ଯାଉଥାଏ, ତେବେ ସେତେବେଳେ ତାହା ପ୍ରବଳ ହୋଇ ଭୌଗୋଳିକ ପ୍ରୟୋଜନର ଶକ୍ତିଟିକୁ ପୂରାପୂରି ଗ୍ରାସ କରିନେବାର ମଧ୍ୟ ସମ୍ଭାବନା ରହିଥାଏ । ଏପରିକି, ଯେତେବେଳେ ରାଜନୀତିକ ସ୍ତରରେ ମଧ୍ୟ ଏକତ୍ୱଟିକୁ କାର୍ଯ୍ୟକାରୀ କରାଯାଇଥାଏ, ସେତେବେଳେ ତାହା ମଧ୍ୟରେ କ୍ରମଶଃ ବିନଷ୍ଟ ହୋଇଯିବାର ମଧ୍ୟ ଗୋଟିଏ ପ୍ରବୃତ୍ତି ରହିଥାଏ; ବିଶେଷ କରି ଯେତେବେଳେ ଭୌଗୋଳିକ ଏକତାଟିର ମଧ୍ୟରେ ହୁଏତ କୌଣସି ଭୌତିକ ପ୍ରତିବନ୍ଧକ ବା ବିଭାଜନକାରୀ ରେଖା ରହିଥାଏ, ଯାହାକି ଆର୍ଥିକ ସ୍ୱାର୍ଥଗୁଡ଼ିକର କ୍ଷେତ୍ରରେ ନାନା ସଂଘାତ ଆଣି ସୃଷ୍ଟି କରିବା ଲାଗି ଯଥେଷ୍ଟ ଭାବରେ ଶକ୍ତିଶାଳୀ ହୋଇ କାର୍ଯ୍ୟ କରେ, ସେତେବେଳେ ଉକ୍ତ ପ୍ରବୃତ୍ତିଟିର ଅଧିକ ଆଶଙ୍କା ରହିଥାଏ । ଠିକ୍ ଏହିପରି ଏକ ପ୍ରତିବନ୍ଧକ ବେଲ୍‌ଜିଅମ୍‌ଠାରୁ ହଲାଣ୍ଡକୁ ଅଲଗା କରି ରଖିଛି, ନର୍‌ୱେଠାରୁ ସୁଇଡେନ୍‌କୁ ଅଲଗା କରି ରଖିଛି ଓ ଆୟର୍ଲାଣ୍ଡ୍‌ଠାରୁ ଇଂଲଣ୍ଡକୁ ଅଲଗା କରି ରଖିଛି । ଆୟର୍ଲାଣ୍ଡ୍‌ର ଦୃଷ୍ଟାନ୍ତଟିରେ, ଆର୍ଥିକ ବିଭାଜନର ଏହି

'oaob.nitrkl.ac.in' images reprocessed

ଗାରଟିକୁ ନଷ୍ଟ କରିଦେବାକୁ ବା ତା' ଉପରେ କୌଣସି ପ୍ରକାର ସେତୁ ପକାଇ ସେହି ବ୍ୟବଧାନଟିକୁ ଦୂର କରିଦେବାକୁ ଏବଂ ଏକ ପୃଥକ୍ ଅବସ୍ଥିତି, ପୃଥକ୍ ଭୂଖଣ୍ଡର ଭାବନାଟିକୁ ଆଇରିଶ୍‌ମାନଙ୍କର ମନରୁ କାଢ଼ି ନେଇଯିବାକୁ ବ୍ରିଟିଶ୍ ଶାସକମାନେ ଯେ ଆଦୌ କିଛିହେଲେ କଲେ ନାହିଁ ତା' ନୁହେଁ, ମାତ୍ର କାରଣ ଓ ତତ୍‌ପରିଣାମର ଏକ ଅତ୍ୟନ୍ତ ଭୁଲ୍‌ଗଣନାର ବଶବର୍ତ୍ତୀ ହୋଇ ସେମାନେ ସେହି ଦୁଇଟିଯାକ ପାର୍ଥକ୍ୟ ଉପରେ ଯେତେଦୂର ସମ୍ଭବ ହେଲା ସେତେଦୂର ଅଧିକ ଗୁରୁତ୍ୱ ଦେଇଥିଲେ ।

ପ୍ରଥମତଃ, ବ୍ରିଟିଶ୍ ବାଣିଜ୍ୟ ଏବଂ ବେପାରର ସ୍ୱାର୍ଥରକ୍ଷା ସକାଶେ ଆୟର୍ଲାଣ୍ଡ୍‌ର ଅର୍ଥନୈତିକ ଜୀବନ ଓ ସମୃଦ୍ଧିକୁ ଜାଣିଶୁଣି ଦଳି ଦିଆଗଲା ଓ ନଷ୍ଟ କରିଦିଆଗଲା । ଏବଂ ତା'ପରେ ଏକ ସାଧାରଣ ବିଧାନମଣ୍ଡଳ ଓ ସାଧାରଣ ଶାସନବ୍ୟବସ୍ଥା ଓ ସଂସ୍ଥା ଦ୍ୱାରା ଦୁଇ ଦ୍ୱୀପ ମଧ୍ୟରେ ଯେଉଁ ରାଜନୀତିକ ''ଏକତା''ଟିକୁ ଆଣିବା ଲାଗି ଚେଷ୍ଟା କରାଗଲା, ତା'ର ପ୍ରକୃତରେ ଆଉ ଖୁବ୍‌ବେଶୀ ଆବଶ୍ୟକତାହିଁ ନ ଥିଲା, ଏବଂ ସେଇଟିକୁ ଯେଉଁ ଉପାୟରେ ଅଣାଗଲା, ତାହାକୁ ବିଶ୍ଳେଷଣ କରି ଦେଖିବାକୁ ମଧ୍ୟ ଅନେକ ସମୟରେ ସଂକୋଚ ଜାତ ହୋଇଥାଏ । କାରଣ ସେହି ଶାସନସଂସ୍ଥା ଓ ବ୍ୟବସ୍ଥାଟି ଆଦୌ ମନୋଭୂମିଗତ ଏକତ୍ୱର କୌଣସି କେନ୍ଦ୍ର ହୋଇ ରହି ନ ଥିଲା । ଯେଉଁଠାରେ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ସ୍ୱାର୍ଥଗୁଡ଼ିକ କେବଳ ଯେ ଭିନ୍ନ ହୋଇ ରହିଥିଲା ତା' ନୁହେଁ, ମାତ୍ର ପରସ୍ପର ସହିତ ସଂଘାତ ମଧ୍ୟ କରୁଥିଲା, ସେହି କ୍ଷେତ୍ରରେ ତାହା କେବଳ ''ପ୍ରମୁଖ ପକ୍ଷ''ର ଅବାରିତ କର୍ତ୍ତୃତ୍ୱ ଏବଂ ସ୍ୱାର୍ଥ ପ୍ରତିଷ୍ଠାରହିଁ ପ୍ରତିନିଧିତ୍ୱ କରି ପାରିଲା, ବାହାରେ ରହିଥିବା ଭୂଖଣ୍ଡଟିକୁ ଅବାରିତ ଭାବରେ ଅଧୀନ କରି ରଖାଗଲା, ତାହାର ସ୍ୱାର୍ଥଗୁଡ଼ିକୁ ଅସ୍ୱୀକାର କରାଗଲା, ବିଧାନଗତ ନାନା ଶୃଙ୍ଖଳ ଦ୍ୱାରା ତାହାକୁ ବୃହତ୍ତର ଭାଗଟି ସହିତ ଏକତ୍ର ବାନ୍ଧି କରି ରଖାଗଲା ସତ, ମାତ୍ର ପ୍ରକୃତ କୌଣସି ସମ୍ମିଳନ ଦ୍ୱାରା ତାହାକୁ ଯୋଡ଼ି କରି ରଖାଯାଇ ପାରିଲା ନାହିଁ । ଇଂଲଣ୍ଡ ସୁଖସମୃଦ୍ଧି ମଧ୍ୟରେ ବଢ଼ୁଥିଲା ସମୟରେ ଯେଉଁ ଦୁର୍ଭିକ୍ଷଟି ଆସି ଆୟର୍ଲାଣ୍ଡକୁ ପ୍ରାୟ ଜନଶୂନ୍ୟ କରି ଦେଇଥିଲା, ତାହାକୁହିଁ ଆମେ ଏହି ''ସମ୍ମିଳନ''ର ଅଶୁଭ ସ୍ୱଭାବଟି ବିଷୟରେ ପ୍ରକୃତି ଯୋଗାଇ ଦେଇଥିବା ସେହି ଭୟଙ୍କର ପ୍ରମାଣଟି ବୋଲି କହିପାରିବା । ସେହି ସମ୍ମିଳନ ପ୍ରକୃତରେ କୌଣସି ଏକତ୍ୱବଦ୍ଧତାହିଁ ନ ଥିଲା, ମାତ୍ର ସବୁଠାରୁ ଅସଲ ସ୍ୱାର୍ଥଗୁଡ଼ିକର ଏକ ତୀକ୍ଷ୍ଣତମ ବିରୋଧ ହୋଇ ରହିଥିଲା । ଆୟର୍ଲାଣ୍ଡ୍ ଯେ ତିଷ୍ଠି ରହିବାକୁ ଚାହୁଁଥିଲା, ଆୟର୍ଲାଣ୍ଡ୍‌ରେ ହୋଇଥିବା ସ୍ୱାୟତ୍ତଶାସନର ଆନ୍ଦୋଳନ ତଥା ଇଂଲଣ୍ଡଠାରୁ ଅଲଗା ହୋଇଯିବା ଲାଗି ଆନ୍ଦୋଳନକୁ ଆମେ ତାହାର ସେହି ଇଚ୍ଛାଟିରହିଁ ଏକ ସ୍ୱଭାବପ୍ରେରିତ ଓ ଅନିବାର୍ଯ୍ୟ ରୂପପ୍ରକାଶ ବୋଲି କହିପାରିବା । ଆତ୍ମ-ସଂରକ୍ଷଣର ସେହି ଗୋଟିଏ ସୁସ୍ପଷ୍ଟ ପନ୍ଥାକୁ ବାହାର କରି ତାହାରି

'oaob.nitrkl.ac.in' images reprocessed

ଉପରେ ଅଟଳ ରହିବାକୁ ଯାଇ ଆୟର୍ଲାଣ୍ଡ୍ ଯେଉଁ ଆତ୍ମସଂରକ୍ଷଣ-ପ୍ରବୃତ୍ତିଟିକୁ ପ୍ରକଟ କରି ଦେଇଥିଲା, ସେହି ଆନ୍ଦୋଳନଗୁଡ଼ିକୁ ଏତଦ୍‌ବ୍ୟତୀତ ଆଉ କିଛି ବୋଲି କୁହାଯାଇ ପାରିବ ନାହିଁ ।

ମନୁଷ୍ୟ ଜୀବନର କ୍ଷେତ୍ରରେ ସାଧାରଣତଃ ଅର୍ଥନୀତିଗତ ସ୍ୱାର୍ଥଗୁଡ଼ିକୁହିଁ ସବୁଠାରୁ କମ୍ ଅଦଣ୍ଡିତ ଭାବରେ ଲଙ୍ଘନ କରାଯାଇଥାଏ; କାରଣ ସେଗୁଡ଼ିକ ଖାସ୍ ଜୀବନଟି ସହିତହିଁ ଏକାଠି ଯୋଡ଼ା ହୋଇ ରହିଥାନ୍ତି, ଏବଂ ସେଗୁଡ଼ିକୁ ବାରଂବାର ଉଲ୍ଲଙ୍ଘନ କରିବା ଦ୍ୱାରା ଯଦି ତଦ୍ଦ୍ୱାରା ଅତ୍ୟାଚାରିତ ପକ୍ଷଟି ସମୂଳେ ଧ୍ୱଂସପ୍ରାପ୍ତ ହୋଇ ନ ଯାଏ, ତେବେ ତାହା ତିକ୍ତତମ ନାନା ବିଦ୍ରୋହକୁ ଉତ୍ତେଜିତ କରିଆଣେ ଏବଂ ପ୍ରକୃତିର ସବୁଠାରୁ ଅଧିକ ଅନମନୀୟ ଏକ ପ୍ରତିଶୋଧ ଦ୍ୱାରାହିଁ ତାହାର ପରିସମାପ୍ତି ଘଟିଥାଏ । ମାତ୍ର, ପ୍ରାକୃତିକ ପରିବେଶଗୁଡ଼ିକର ତୃତୀୟ ସ୍ତରଟିରେ ମଧ ବ୍ରିଟିଶ୍ ରାଜନୀତିକ ବୁଦ୍ଧି ସମାନଭାବରେ ଉଗ୍ର ଆଉଗୋଟିଏ ଭୁଲ୍ କରି ବସିଲା ଏବଂ ଆୟର୍ଲାଣ୍ଡ୍‌କୁ ଏକ ବିଶିଷ୍ଟ ଓ ସ୍ୱତନ୍ତ୍ର ଏକକରୂପେ ପ୍ରତିଷ୍ଠା କରିବା ଲାଗି ଇଚ୍ଛା କରୁଥିବା ଯାବତୀୟ ଉପାଦାନକୁ ବଳପ୍ରୟୋଗ ଦ୍ୱାରା ନିରାକୃତ କରିବାର ଉଦ୍ୟମ କଲା । ଆୟର୍ଲାଣ୍ଡ୍ ପରି ଓ୍ୱେଲ୍‌ସ୍‌କୁ ମଧ ସାମରିକ ଜୟଲାଭ ଦ୍ୱାରା ହାତକୁ ଅଣା ଯାଇଥିଲା, ମାତ୍ର ତାହାକୁ ଆତ୍ମସାତ୍ କରିବା ଲାଗି କଦାପି ଏତେ ସୁବିସ୍ତୃତ ଭାବରେ କୌଣସି ଚେଷ୍ଟା କରାଯାଇ ନ ଥିଲା । ବଳପ୍ରୟୋଗର ପ୍ରକ୍ରିୟାଟି ପରେ ଏବଂ ସେହି ବଳପ୍ରୟୋଗର ପ୍ରତିରୋଧ କରିବା ଲାଗି ଗୋଟିଏ ଦୁଇଟି ବିଫଳ ପ୍ରଚେଷ୍ଟା କରାଯାଇ ସାରିବା ପରେ ସାଧାରଣତଃ ଯେଉଁ ଅସ୍ୱସ୍ତିର ଅବସ୍ଥାଟି ଆସିଥାଏ, ସେହି ଅବସ୍ଥାଟିରେହିଁ ଓ୍ୱେଲ୍‌ସ୍‌କୁ ପ୍ରାକୃତିକ ପରିସ୍ଥିତିଗୁଡ଼ିକର ଶାନ୍ତିପୂର୍ଣ୍ଣ ଚାପଟିକୁ ଅଙ୍ଗେ ନିଭାଇବାକୁ ଛାଡ଼ି ଦିଆଯାଇଥିଲା ଏବଂ ସେଠାରେ ଯେ ଆପଣାର ପ୍ରଜାତି ତଥା ଭାଷାଟିକୁ ସୁରକ୍ଷିତ କରି ରଖିବାଲାଗି ଏକ ଉଦ୍ୟମ ହେଲା, ତାହା ସିମ୍ରିକ୍ ଏବଂ ସାକ୍‌ସନ୍‌ମାନଙ୍କୁ କ୍ରମଶଃ ଏକ ସାଧାରଣ ବ୍ରିଟିଶ୍ ଜାତିତ୍ୱର ଆୟତନ ମଧ୍ୟରେ ସମ୍ମିଳିତ କରି ଆଣିବାରେ ଆଦୌ କୌଣସି ପ୍ରତିବନ୍ଧକ ସୃଷ୍ଟି କରି ନାହିଁ । ଠିକ୍ ସେହିପରି, ପାର୍ବତ୍ୟାଞ୍ଚଳରେ ବାସ କରୁଥିବା ଜାତିଗୁଡ଼ିକର କେତୋଟି କ୍ଷୁଦ୍ର ସମସ୍ୟାକୁ ଛାଡ଼ିଦେଲେ, କୌଣସି ହସ୍ତକ୍ଷେପ ନ କରିବାର ଏହି ନୀତିଟି ଫଳରେହିଁ ଆହୁରି ଅଧିକ ଶୀଘ୍ରତାର ସହିତ ସ୍କଚ୍ ଜାତିର ଇଂଲିଶ୍ ଜାତି ସହିତ ଏକ ସମ୍ମିଳନ ଘଟିପାରିଛି । ତେଣୁ ବର୍ତ୍ତମାନ ଗ୍ରେଟ୍‌ବ୍ରିଟେନ୍ ଦ୍ୱୀପରେ ଏକ ସଂଗ୍ରଥିତ ବ୍ରିଟିଶ୍ ଜାତି ବାସ କରିବା ସମ୍ଭବ ହୋଇଛି, ତାହାର ଏକ ସାଧାରଣ ଭୂଖଣ୍ଡ ରହିଛି, ପରସ୍ପର ସହିତ ମିଶି ରହିଥିବା ରକ୍ତର ସମ୍ପର୍କଟି ଦ୍ୱାରା ତାହା ଗୋଟିଏ ଜାତି ହୋଇ ଏକତ୍ର ବାନ୍ଧି ହୋଇ ରହିଛି । ସେଠାରେ ପରସ୍ପର ସହିତ ସମ୍ମିଳିତ ହୋଇ ରହିଥିବାର ଏକ ନିଶ୍ଚିତ ଅତୀତ ରହିଛି, ଭୌଗୋଳିକ ପ୍ରୟୋଜନୀୟତା ରହିଛି, ଏକ

'oaob.nitrkl.ac.in' images reprocessed

ସାଧାରଣ ଆର୍ଥିକ ଏବଂ ରାଜନୀତିକ ସ୍ୱାର୍ଥ ରହିଛି ଏବଂ ଏକ ସାଧାରଣ ଅହଂଚେତନାର ଉପଲବ୍ଧି ମଧ୍ୟ ରହିଛି । ଆୟର୍ଲାଣ୍ଡରେ ଠିକ୍ ଓଲଟା ପ୍ରକ୍ରିୟାଟି କାର୍ଯ୍ୟ କରିଛି; ବ୍ୟବସ୍ଥା ଓ ମିଳାମିଶାର କିଞ୍ଚିତ୍ ସାହାଯ୍ୟ ଦ୍ୱାରା ପ୍ରାକୃତିକ ପରିବେଶଗୁଡ଼ିକର କାର୍ଯ୍ୟକାରୀ ହେବା ଯେଉଁଠି ଯଥେଷ୍ଟ ହୋଇ ପାରିଥାନ୍ତା, ସେଠାରେ ତାହା ସ୍ଥାନରେ ଗୋଟିଏ କୃତ୍ରିମ ପ୍ରକ୍ରିୟାର ପ୍ରବର୍ତ୍ତନ କରାଇବାକୁ ଚେଷ୍ଟା କରାଯାଇଛି ଏବଂ ନୂତନ ପରିସ୍ଥିତିଗୁଡ଼ିକ ଉପରେ ପୁରାତନ ପୃଥିବୀର ପଦ୍ଧତିଗୁଡ଼ିକୁ ଆଣି ପ୍ରୟୋଗ କରାଯାଇଛି, ଏବଂ ସେଥିଲାଗି ସେଠାରେ ଠିକ୍ ବିପରୀତ ପରିଣାମଟିହିଁ ଫଳିଛି । ଏବଂ ଏହିପରି ଯାଇ ଯେତେବେଳେ ଭୁଲ୍‌ଟି ଶେଷରେ ଆବିଷ୍କୃତ ହୋଇ ପାରିଲା, ସେତେବେଳେ ପୂର୍ବ କର୍ମର ଫଳଟିକୁ ମଧ୍ୟ ସ୍ୱୀକାର କରି ନିଆଗଲା, ଏବଂ ଆଇରିଶ୍ ସ୍ୱାର୍ଥ ଏବଂ ଆପଣାର ସ୍ୱତନ୍ତ୍ର ଅସ୍ତିତ୍ୱଟିକୁ ବଜାୟ ରଖିବାକୁ ଇଚ୍ଛା କରୁଥିବା ଆଇରିଶ୍ ମନୋଭାବଗୁଡ଼ିକ ଯେପରି ଦାବି କଲେ, ସେହି ପଦ୍ଧତିଗୁଡ଼ିକ ଦ୍ୱାରାହିଁ ସମ୍ମିଳନଟିକୁ କାର୍ଯ୍ୟକାରୀ କରିବାକୁ ପଡ଼ିଲା; ପ୍ରଥମେ ସ୍ୱାୟତ୍ତଶାସନ ଦେବାକୁ ପଡ଼ିଲା ଏବଂ ତା'ପରେ ଏକ ସ୍ୱାଧୀନ ରାଷ୍ଟ୍ରର ସୃଷ୍ଟି କରାଗଲା; ଏଠାରେ ବିଧାନଗତ କୌଣସି ସଂପୂର୍ଣ୍ଣ ସମ୍ମିଳନ କାର୍ଯ୍ୟକାରୀ ହେଲା ନାହିଁ ।

ଏହି ପରିଣାମଟି ହୁଏତ ଏହାର ସୀମାଟିକୁ ମଧ୍ୟ ବେଶ୍ ଅତିକ୍ରମ କରିଯାଇପାରେ । ଏହାଦ୍ୱାରା ପରିଶେଷରେ ସଂପୂର୍ଣ୍ଣ ବ୍ରିଟିଶ୍ ସାମ୍ରାଜ୍ୟଟିରହିଁ ପୁନର୍ଗଠନ ଆବଶ୍ୟକ ହୋଇପାରେ, ଏବଂ ସମ୍ଭବତଃ, ସଙ୍ଘଶାସନର ନୀତିଟିକୁ ଆଧାରରେ ରଖି ଏକ ନୂତନ ଧାରାରେ ସଂପୂର୍ଣ୍ଣ ଆଙ୍ଗ୍ଲୋ-ସେଲ୍‌ଟିକ୍ ଜାତିର ପୁନର୍ଗଠନ ମଧ୍ୟ ଆବଶ୍ୟକ ହୋଇପାରେ । କାରଣ ବ୍ରେଟନ୍, ଆଲ୍‌ସେସିଆନ୍, ବାସ୍କ ଏବଂ ପ୍ରୋଭେନ୍‌ସାଲ୍‌ମାନେ ଯେଉଁପରି ପରିପୂର୍ଣ୍ଣ ଭାବରେ ଫ୍ରାନ୍‌ସର ଅବିଭାଜ୍ୟ ଏକତ୍ୱଟି ମଧ୍ୟରେ ଆସି ସମ୍ମିଳିତ ହୋଇଥିଲେ, ୱେଲ୍‌ସ୍ ଓ ସ୍କଟ୍‌ଲାଣ୍ଡ ସେହିପରି ପରିପୂର୍ଣ୍ଣ ଭାବରେ କଦାପି ଇଂଲଣ୍ଡ ସହିତ ଆସି ସମ୍ମିଳିତ ହୋଇଯାଇ ନାହାନ୍ତି । ୱେଲ୍‌ସ୍ ଏବଂ ସ୍କଟ୍‌ଲାଣ୍ଡର କ୍ଷେତ୍ରରେ କୌଣସି ଅର୍ଥନୀତିଗତ ସ୍ୱାର୍ଥ ବା ଜରୁରୀ ହୋଇ ପଡ଼ିଥିବା ଭୌତିକ ପ୍ରୟୋଜନ ସଙ୍ଘରାଜ୍ୟର ନୀତିଟିକୁ ପ୍ରୟୋଗ କରିବା ଲାଗି ଆବଶ୍ୟକ କରୁ ନ ଥିଲେହେଁ, ତଥାପି ଏହି ଦୁଇଟିଯାକ ପ୍ରଦେଶରେ ଯେତେ ଅପ୍ରଧାନ ହେଲେ ମଧ୍ୟ ତେବେ ସୁଦ୍ଧା ଯଥେଷ୍ଟ ପରିମାଣରେ ସ୍ୱତନ୍ତ୍ର ହୋଇ ରହିବାର ଏକ ମନୋଭାବ ଅବଶ୍ୟ ରହିଛି ବୋଲି କହିବାକୁ ହେବ; ଏହି ମନୋଭାବଟି ଏହାପରେ ହୁଏତ କେଉଁଦିନ ଆଇରିଶ୍ ସମାଧାନଟିର ପ୍ରତିକ୍ରିୟାଟିକୁ ନିଜ ଭିତରେ ଅନୁଭବ କରିବାକୁ ଆରମ୍ଭ କରିବ ଏବଂ ଏହି ଦୁଇଟି ଦେଶ ଦୁଇଟି ଅଲଗା ଅଲଗା ପ୍ରଦେଶ ହୋଇ ରହନ୍ତୁ ବୋଲି ସେହିପରି ଭାବରେ ସ୍ୱୀକାର କରାଯାଉ ଏବଂ ତାହାହିଁ ସବୁଠାରୁ ସୁବିଧାଜନକ ଏବଂ ସନ୍ତୋଷଦାୟକ ହେବ ବୋଲି ସେମାନେ ଦାବି କରି ବାହାରିବେ ।

'oaob.nitrkl.ac.in' images reprocessed

ଏବଂ, ବ୍ରିଟେନ୍ ଏପର୍ଯ୍ୟନ୍ତ ଯେଉଁ ଔପନିବେଶିକ ସାମ୍ରାଜ୍ୟଟିର ଶାସନ କରିଆସିଛି, କୌଣସି ସଙ୍ଘରାଜ୍ୟ ନ ଗଢ଼ି ସ୍ୱାୟତ୍ତଶାସନର ଭିତ୍ତିଉପରେ* ଯେତେବେଳେ ତାହାର ପୁନର୍ଗଠନ କରାଯିବ,— ଦିନେ ଏପରି କରିବା ହୁଏତ ଅନିବାର୍ଯ୍ୟ ହୋଇ ପଡ଼ିବ,— ସେତେବେଳେ ସେଥିରେ ସଙ୍ଘରାଜ୍ୟର ନୀତିଟିକୁ କାର୍ଯ୍ୟକାରୀ କରିବାକୁ ଯିବା ଦ୍ୱାରା ଏହି ସମାଧାନଟି ମଧ୍ୟ ନୂତନ ବଳ ଓ ପ୍ରୋତ୍ସାହନ ଅବଶ୍ୟ ଲାଭ କରିବ । ଜାତୀୟ ତଥା ଔପନିବେଶିକ ଗଢ଼ଣ ଏବଂ ବ୍ରିଟିଶ୍ ଦ୍ୱୀପପୁଞ୍ଜରେ ବାସ କରୁଥିବା ବିଭିନ୍ନ ଜାତିଗୁଡ଼ିକର ସଂପ୍ରସାରଣ ବସ୍ତୁତଃ ଏପରି ଏକ ବିଶେଷ ପରିସ୍ଥିତିରେ ଘଟିଛି ଯେ ଏଥିରୁ ପ୍ରାୟ ଏହି କଥାଟି ପ୍ରତୀତ ହେଉଛି, ସତେ ଯେପରି ଏହି ସଂପୂର୍ଣ୍ଣ ଅବଧିଟି ମଧ୍ୟଦେଇ ପ୍ରକୃତି ଆପଣାର ଯାବତୀୟ କାର୍ଯ୍ୟ ମାଧ୍ୟମରେ ଏହି ସାମ୍ରାଜ୍ୟଟି ପ୍ରକୃତରେ ଏକ ପ୍ରୟୋଗରହିଁ ବୃହତ୍ କ୍ଷେତ୍ରରୂପେ ବ୍ୟବହୃତ ହେଉ ବୋଲି ଅଭିପ୍ରାୟ ରଖିଆସିଛି ଓ ସେହି ଅନୁସାରେ ତାହାକୁ ପ୍ରସ୍ତୁତ ମଧ୍ୟ କରିଆସିଛି; ମନୁଷ୍ୟ-ସମୂହର ଇତିହାସରେ ଏହି ନୂତନ ପ୍ରକାରଟି ସୃଷ୍ଟି ହେଉ, ଅର୍ଥାତ୍ ବହୁମିଳିତ ସଂଗ୍ରଥିତ ଏହି ସାମ୍ରାଜ୍ୟଟି ସୃଷ୍ଟି ହେଉ ବୋଲି ପ୍ରକୃତି ଏଠାରେ ସେହି ପ୍ରୟୋଗଟିର ଅଭିପ୍ରାୟ ରଖିଆସିଛି ଓ ସେହି ଉଦ୍ଦେଶ୍ୟରେହିଁ ତାହାକୁ ପ୍ରସ୍ତୁତ ମଧ୍ୟ କରିଆଣିଛି ।

---

* ବର୍ତ୍ତମାନ ସ୍ୱାୟତ୍ତ ଶାସନ ପରିବର୍ତ୍ତେ ଔପନିବେଶିକ ସ୍ୱାଧୀନତା ମିଳିଛି । ଏହାର ଅର୍ଥ ହେଉଛି ଯେ ବସ୍ତୁତଃ ଏକ ରାଜ୍ୟମଣ୍ଡଳରହିଁ ସୃଷ୍ଟି ହୋଇଛି, ମାତ୍ର ଏପର୍ଯ୍ୟନ୍ତ ତାହା ସେପରି କୌଣସି ଆକାର ଲାଭ କରି ନାହିଁ ।

'oaob.nitrkl.ac.in' images reprocessed

## ଅଷ୍ଟମ ପରିଚ୍ଛେଦ

# ଏକ ସଂଗ୍ରଥିତ ବହୁମିଳିତ ସାମ୍ରାଜ୍ୟର ସମସ୍ୟା

ବ୍ରିଟିଶ୍ ଦ୍ୱୀପପୁଞ୍ଜରେ ଏକ ସଂଗ୍ରଥିତ ଜାତିର ଗଠନ ଯଦି ଆରମ୍ଭରୁହିଁ ଏକ ପୂର୍ବନିଶ୍ଚିତ ନିଷ୍ପତ୍ତି ହୋଇ ରହିଥିଲା, ତେବେ କହିବାକୁ ହେବ ଯେ ଏକ ଭୌଗୋଳିକ ଏବଂ ଅର୍ଥନୈତିକ ପ୍ରୟୋଜନ ରାଜନୀତିକ୍ଷେତ୍ରୀୟ ବୁଦ୍ଧିର ଅତ୍ୟନ୍ତ ପ୍ରଚଣ୍ଡ ଏବଂ ବିକୃତ କେତେକେତେ ଭୁଲ ଦ୍ୱାରା ସେହି ନିଷ୍ପତ୍ତିଟିର ପୂର୍ଣ୍ଣ ପରିପୂରଣଟିକୁ କେବଳ ବାଧାପ୍ରାପ୍ତ କରିହିଁ ରଖିଥିଲା । ମାତ୍ର, ଗ୍ରେଟ୍‌ବ୍ରିଟେନ୍‌ର ଔପନିବେଶିକ ସାମ୍ରାଜ୍ୟଟି ଯେଉଁ କ୍ଷିପ୍ରତର, ଅଥଚ ତଥାପି ଧୀର ଓ ପ୍ରାୟ ଏକ ଅବଚେତନ ପ୍ରକ୍ରିୟା ଦ୍ୱାରା ଏକ ଯଥାର୍ଥ ଏକତ୍ୱରେ ପରିଣତ ହୋଇ ପାରିବା ଭଳି ଏକ ଅବସ୍ଥା ଆଡ଼କୁ କ୍ରମଶଃ ବିବର୍ତ୍ତିତ ହୋଇ ଆସିଛି, ଏଇଟିର କ୍ଷେତ୍ରରେ ଆମେ କଦାପି ସେହି କଥାଟିକୁ କହିପାରିବା ନାହିଁ । ମାତ୍ର ଅଳ୍ପଦିନ ପୂର୍ବେହିଁ ବିଚାର କରାଯାଉଥିଲା ଯେ ଏହି ସାମ୍ରାଜ୍ୟଟିର ଅନ୍ତର୍ଗତ ହୋଇ ରହିଥିବା ଉପନିବେଶଗୁଡ଼ିକ କ୍ରମେ ସାମ୍ରାଜ୍ୟଟିରୁ ଅଲଗା ହୋଇଯିବେ, ସେହି ପ୍ରକ୍ରିୟାଟି ମଧ୍ୟରେ ଅଷ୍ଟ୍ରେଲିଆ ଓ କାନାଡ଼ା ଅନ୍ତତଃ ଦୁଇଟି ନୂତନ ସ୍ୱାଧୀନ ଜାତି ବା ଦେଶରେ ପରିଣତ ହେବେ ଏବଂ ତାହାରି ସହିତହିଁ ଅନିବାର୍ଯ୍ୟତଃ ଏହି ଔପନିବେଶିକ ସାମ୍ରାଜ୍ୟଟିର ବିଲୁପ୍ତି ଘଟିବ । ନ୍ୟାୟତଃ ଏହାକୁହିଁ ସମସ୍ତେ ଏହାର ସର୍ବଶେଷ ପରିଣାମ ବୋଲି ଧରି ନେଉଥିଲେ ଓ ଏଥିରେ ପ୍ରାୟ କେହି କୌଣସି ଶୋଚନା ପ୍ରକାଶ କରୁ ନ ଥିଲେ ।

ଏହିଭଳି ଗୋଟିଏ ମନୋଭାବ ପଛରେ ନିଶ୍ଚୟ କେତେକ ଯୁକ୍ତିଯୁକ୍ତ କାରଣ ମଧ୍ୟ ରହିଥିଲା । ଏହି କ୍ଷେତ୍ରରେ ସମସ୍ତେ ଗୋଟିଏ ସମଗ୍ର ମଧ୍ୟରେ ମିଳିତ ହୋଇ ଆସିବେ ବୋଲି କୌଣସି ଭୌଗୋଳିକ ପ୍ରୟୋଜନ ନ ଥିଲା; ବରଂ ଏହି ବିପରୀତ କଥାଟି କୁହାଯାଇ ପାରିବ ଯେ ଦୂରତାହିଁ ଏଠାରେ ଏକ ରୀତିମତ ମନୋଗତ ବିଚ୍ଛିନ୍ନତାକୁହିଁ ସୃଷ୍ଟି କରି ରଖିଥିଲା । ପ୍ରତ୍ୟେକ ଉପନିବେଶର ଗୋଟିଏ ଅତ୍ୟନ୍ତ ସୁନିର୍ଦ୍ଦିଷ୍ଟ ଦେହାୟତନ ରହିଥିଲା, ଏବଂ, ସେତେବେଳେ ମାନବଜଗତର ବିବର୍ତ୍ତନଟି ପ୍ରକୃତରେ ଯେଉଁ ଧାରାରେ ଗତି କରୁଥିଲା, ସେହି ଦୃଷ୍ଟିରୁ ପ୍ରତ୍ୟେକ ଉପନିବେଶ ପରିଶେଷରେ ଗୋଟିଏ ଗୋଟିଏ ପୃଥକ୍ ଜାତିରେ ପରିଣତ ହେବାକୁ ଯାଉଛନ୍ତି ବୋଲି ସତେଅବା ପୂର୍ବନିର୍ଦ୍ଦିଷ୍ଟ ପରି ମନେ ହେଉଥିଲା । ମୂଳ ଦେଶ ଓ ଉପନିବେଶଗୁଡ଼ିକର ଆପଣା ଆପଣାର ଅର୍ଥଗତ ସ୍ୱାର୍ଥମାନ ପରସ୍ପରଠାରୁ ଭିନ୍ନ ହୋଇ ରହିଥିଲା, ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହିଥିଲା, ଏବଂ ଅନେକ ସମୟରେ ପରସ୍ପରର ବିପରୀତ ମଧ୍ୟ ହୋଇ ରହିଥିଲା । ମୁକ୍ତ ବାଣିଜ୍ୟର

'oaob.nitrkl.ac.in' images reprocessed

ବ୍ରିଟିଶ୍ ନୀତିଟିର ସ୍ଥାନରେ ଉପନିବେଶମାନେ ଯେପରି ବାଣିଜ୍ୟ-ସୁରକ୍ଷାର ନୀତିଟିକୁ ଗ୍ରହଣ କରିଥିଲେ, ସେଇଥିରୁହିଁ ଏହାର ପ୍ରମାଣ ମିଳିଥିଲା । ବ୍ରିଟିଶ୍ ନୌବାହିନୀ ଏବଂ ବ୍ରିଟିଶ୍ ସେନା ବିଦେଶୀ ଆକ୍ରମଣର ସମ୍ଭାବିତ ବିପଦଟିରୁ ସେମାନଙ୍କୁ ଯେଉଁ ସୁରକ୍ଷା ଓ ନିରାପତ୍ତା ଦେଇ ରଖିଥିଲେ, ବ୍ରିଟିଶ୍ ସାମ୍ରାଜ୍ୟ ମଧ୍ୟରେ ରହିବା ଲାଗି ଉପନିବେଶଗୁଡ଼ିକର ସେହି ଗୋଟିଏମାତ୍ର ସ୍ୱାର୍ଥ ରହିଥିଲା । ସାମ୍ରାଜ୍ୟର ଶାସନ ଅଥବା ତା'ର ନିୟତି-ନିର୍ଦ୍ଦେଶନାରେ ସେମାନେ ଆଦୌ କୌଣସି ଅଂଶ ଗ୍ରହଣ କରୁ ନ ଥିଲେ, କୌଣସି ପ୍ରତ୍ୟକ୍ଷ ଆଗ୍ରହ ମଧ୍ୟ ନେଉ ନ ଥିଲେ । ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ବିଚାର କରି ଦେଖିଲେ, ଆପଣା ଆପଣାର ଉତ୍ପତ୍ତି ସମ୍ବନ୍ଧରେ ଏକ ଅସ୍ପଷ୍ଟ ସ୍ମୃତି ଏବଂ ଏକ ଅତିଶିଥିଳ ଭାବନାହିଁ ଏହି କ୍ଷେତ୍ରରେ ସେମାନଙ୍କୁ ଏକତ୍ର ବାନ୍ଧି ରଖିଥିବାର ଏକମାତ୍ର ଡୋର ହୋଇ ରହିଥିଲା; ସେହି ସ୍ମୃତି ଓ ସେହି ଭାବନା ଅତି ସହଜରେ ଉଭେଇ ଯିବାର ମଧ୍ୟ ସବୁବେଳେ ସମ୍ଭାବନା ରହିଥିଲା । ଅତ୍ୟନ୍ତ ସୁସ୍ପଷ୍ଟ ଭାବରେ ପରସ୍ପରଠାରୁ ଅଲଗା ହୋଇ ରହିଥିବା ଏହି ମନୁଷ୍ୟ-ସମୁଦାୟଗୁଡ଼ିକ ଅତି ସ୍ୱଭାବପ୍ରେରିତ ଭାବରେ କ୍ରମେ ଆପଣା ଲାଗି ଏକ ସ୍ୱକୀୟ ସ୍ୱାଧୀନ ଜୀବନ ଏବଂ ସମୂହଗତ ଗୋଟିଏ ସ୍ୱତନ୍ତ୍ର ପ୍ରରୂପ ଗଠନ କରି ନେବାକୁ ଯେଉଁ ପ୍ରବୃତ୍ତି ଦେଖାଉଥିଲେ ଏବଂ ସେମାନଙ୍କ ମଧ୍ୟରେ ଅଲଗା ହୋଇ ଯିବାର ଯେଉଁ ସୁନିର୍ଦ୍ଦିଷ୍ଟ ଭାବନାଟି ମଧ୍ୟ ରହିଥିଲା, ତାହା ସେହି ସ୍ମୃତି ଓ ଶିଥିଳ ଐକ୍ୟବିଚାରଟି ସହିତ ନିତ୍ୟସଂଘର୍ଷ ଲଗାଇବାରେ ଲାଗିଥିଲା । କେଉଁ ଜାତି କେଉଁଠୁ ଉତ୍ପତ୍ତି ହୋଇଛି, ସେଇଟି ମଧ୍ୟ ଭିନ୍ନ ଭିନ୍ନ ହୋଇ ରହିଥିଲା । ଅଷ୍ଟ୍ରେଲିଆର ଜାତିଗତ ମୂଳଟି ବ୍ରିଟିଶ୍ ଥିଲା, ଦକ୍ଷିଣ ଆଫ୍ରିକାରେ ତାହା ମୁଖ୍ୟତଃ ଡଚ୍ ବା ହଲାଣ୍ଡୀୟ ଥିଲା, କାନାଡ଼ାରେ ଅଧେ ଫରାସୀ ଓ ଅଧେ ଇଂଲିଶ୍ ହୋଇ ରହିଥିଲା; ମାତ୍ର ଏହି ତିନୋଟିଯାକ ଦେଶରେ ଜୀବନଗତ ଆଚରଣଗୁଡ଼ିକ, ରାଜନୀତିକ ପ୍ରବୃତ୍ତିଗୁଡ଼ିକ, ଏବଂ ଯଦି ଏପରି କୁହାଯାଇପାରେ, ତେବେ ଚରିତ୍ର, ସ୍ୱଭାବ ଓ ସଂସ୍କୃତିର ଗୋଟିଏ ଗୋଟିଏ ନୂତନ ଧରଣ ମଧ୍ୟ କ୍ରମଶଃ ବିକାଶଲାଭ କରି ଆସୁଥିଲା ଏବଂ ସେଗୁଡ଼ିକ ପୂର୍ବର ସେହି ବ୍ରିଟିଶ୍ ସଂସ୍କୃତି, ସ୍ୱଭାବ, ଜୀବନଗତ ଆଚରଣ ଏବଂ ସାମାଜିକ ତଥା ରାଜନୀତିକ ପ୍ରବୃତ୍ତିଗୁଡ଼ିକଠାରୁ ପ୍ରାୟ ବିପରୀତ ପ୍ରକାରର ହୋଇ ରହିଥିଲା । ଅନ୍ୟ ପକ୍ଷରେ ମୂଳ ଦେଶଟି ମଧ୍ୟ ଆପଣାର ଏହିସବୁ ପ୍ରଶାଖାଗୁଡ଼ିକରୁ ଦେଖିଲା ଭଳି ଆଦୌ କୌଣସି ରାଜନୀତିକ, ସାମରିକ ବା ଅର୍ଥନୈତିକ ଲାଭ ମଧ୍ୟ ପାଉ ନ ଥିଲା; ଗୋଟାଏ ସାମ୍ରାଜ୍ୟର ଅଧିକାରୀ ହୋଇଥିବାର କଥାଟି କେବଳ ଯେତିକି ମର୍ଯ୍ୟାଦା ଆଣି ଦେବାର କଥା, ତାହା ସେତିକି ମାତ୍ରହିଁ ପାଉଥିଲା । ତେଣୁ ଉଭୟ ପକ୍ଷରେ ରହିଥିବା ପରିସ୍ଥିତିମାନ ପରିଶେଷରେ ଶାନ୍ତିପୂର୍ଣ୍ଣ ଭାବରେ ପରସ୍ପରଠାରୁ ଅଲଗା ହୋଇଯିବାର ଏକ ପରିଣତି ଆଡ଼କୁହିଁ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଉଥିଲା, ଏବଂ ଏପରି

'oaob.nitrkl.ac.in' images reprocessed

ହୋଇଥିଲେ ଇଂଲଣ୍ଡ ପ୍ରକୃତରେ ଏକୁଟିଆହିଁ ରହିଯାଇଥାନ୍ତା ଓ ଏକଦା ଏତେଗୁଡ଼ିଏ ନୂତନ ଜାତିଙ୍କର ଜନନୀ ହୋଇଥିଲା ବୋଲି କେବଳ ଗର୍ବ ଅନୁଭବ କରିବା ବ୍ୟତୀତ ତା'ପାଖରେ ଆଉ କିଛି ରହି ନ ଥାନ୍ତା ।

ମାତ୍ର ଏବେ ଭୌତିକ ବିଜ୍ଞାନର ସାହାଯ୍ୟରେ ପୃଥିବୀ କ୍ରମଶଃ ଗୋଟିଏ ହୋଇ ଆସିଲାଣି ଓ ତାହାର ଫଳସ୍ୱରୂପ ବୃହତ୍ତର ସମୂହ ଓ ଗୋଷ୍ଠୀମାନେ ଗଠନ କରିବା ଲାଗି ଏକ ପ୍ରବୃତ୍ତି ଜନ୍ମଲାଭ କଲାଣି, ପୃଥିବୀର ରାଜନୀତିକ ଅବସ୍ଥାଟି କେତେପ୍ରକାରେ ବଦଳି ଗଲାଣି ଏବଂ ଗ୍ରେଟ୍ ବ୍ରିଟେନ୍ ମଧ୍ୟ କେତେ ଗଭୀରଭେଦୀ ରାଜନୀତିକ, ଆର୍ଥିକ ତଥା ସାମାଜିକ ପରିବର୍ତ୍ତନ ଅଭିମୁଖରେ ଗତି କରି ଆସିଲାଣି;– ସବୁଯାକ ପରିସ୍ଥିତି ବର୍ତ୍ତମାନ ଅଲଗା ପ୍ରକାରର ହୋଇଗଲାଣି, ଏବଂ ଔପନିବେଶିକ ସାମ୍ରାଜ୍ୟଟି ଯେ କ୍ରମେ ଗୋଟିଏ ବୃହତ୍ ସଂଗ୍ରଥିତ ରାଜ୍ୟମଣ୍ଡଳ ବା ସମ୍ଭବତଃ ସେହିପରି କୌଣସି ନାମରେ ନାମିତ ହୋଇ ପାରିବା ଭଳି ଗୋଟିଏ ଏକକରୂପେ ସମ୍ମିଳିତ ହୋଇଯିବାକୁ ଯାଉଛି, ଏହି କଥାଟି ବଡ଼ ସହଜରେ ଅନୁମାନ କରି ହେଉଛି ଓ ବସ୍ତୁତଃ ତାହା ଅନିବାର୍ଯ୍ୟ ବୋଲିହିଁ ମନେହେଉଛି । ଏହି ବାଟରେ ଅବଶ୍ୟ ଅନେକ ଅସୁବିଧା ରହିଛି;– ପ୍ରଥମତଃ ଅର୍ଥନୀତିଗତ ଅସୁବିଧାମାନ ରହିଛି, କାରଣ, ଆମେ ଆଗରୁ ଯେପରି ଆଲୋଚନା କରିଛୁ, ଭୌଗୋଳିକ ଦୃଷ୍ଟିରୁ ପରସ୍ପରଠାରୁ ଛିନ୍ନ ହୋଇ ରହିବା ଦ୍ୱାରା ପ୍ରକୃତରେ ଅଲଗା ଅଲଗା ଆଡ଼କୁ ଗତି କରିବାର ଏକ ପ୍ରବୃତ୍ତି ଜନ୍ମଲାଭ କରିଥାଏ, ଅନେକ ସମୟରେ ଅର୍ଥନୀତିଗତ ସ୍ୱାର୍ଥଗୁଡ଼ିକରେ କେତେପ୍ରକାର ପାରସ୍ପରିକ ବିରୋଧ ମଧ୍ୟ ଆସି ପହଞ୍ଚେ; ଏବଂ ଜର୍ମାନ୍ ସାମ୍ରାଜ୍ୟର ବିଭିନ୍ନ ରାଜ୍ୟଗୁଡ଼ିକ ମଧ୍ୟରେ ବା, ମହାଯୁଦ୍ଧରେ ଗୋଟିଏ ପକ୍ଷ ଯେପରି ଯୋଜନା କରିଥିଲା, ଏକ କେନ୍ଦ୍ରୀୟ ଇଉରୋପୀୟ ମଣ୍ଡଳର ରାଜ୍ୟଗୁଡ଼ିକ ମଧ୍ୟରେ ଏକ ମିଳିତ ଶୁଳ୍କବ୍ୟବସ୍ଥାର ପ୍ରଣୟନ ଯେପରି ଏକ ଅତ୍ୟନ୍ତ ସ୍ୱାଭାବିକ କଥା ବୋଲି ମନେହେଉଥିଲା, ପରସ୍ପରଠାରୁ ଅତିବେଶୀ ଦୂରବର୍ତ୍ତୀ ହୋଇ ରହିଥିବା ଦେଶଗୁଡ଼ିକ ମଧ୍ୟରେ ତାହା ପ୍ରକୃତରେ ଏକ କୃତ୍ରିମ ବ୍ୟବସ୍ଥା ପରି ହୋଇ ରହିବ ଏବଂ ସେଥିଲାଗି ଏକ ସତତ ସତର୍କତା ଏବଂ ବଡ଼ ସାବଧାନତାର ସହିତ ସେଇଟିକୁ ନିର୍ବାହ କରିବାର ମଧ୍ୟ ପ୍ରୟୋଜନ ରହିଥିବ । ତଥାପି, ଏକଥା ମଧ୍ୟ ସତ ଯେ ରାଜନୀତିକ ଏକତା ଆପଣାର ଏକ ସ୍ୱାଭାବିକ ସହବର୍ତ୍ତିତା ରୂପେ ଅର୍ଥନୀତି-କ୍ଷେତ୍ରର ଏକତାଟିକୁ ମଧ୍ୟ ଦାବି କରି ବସିବ ଓ ସେଇଟି ବ୍ୟତୀତ ତାହା ପ୍ରକୃତରେ କ୍ୱଚିତ୍ ସଂପୂର୍ଣ୍ଣ ହୋଇପାରିବ । ଏହି କ୍ଷେତ୍ରରେ ରାଜନୀତିକ ଓ ଅନ୍ୟାନ୍ୟ ଅସୁବିଧାମାନ ମଧ୍ୟ ରହିଛି, ଯେଉଁଗୁଡ଼ିକ ହୁଏତ ଏପର୍ଯ୍ୟନ୍ତ ବାହାରକୁ ଜଣାପଡୁ ନାହିଁ; ଏକତ୍ରୀକରଣର ବାସ୍ତବ ପ୍ରକ୍ରିୟାଟିକୁ ଅତ୍ୟନ୍ତ ଅଚିନ୍ତିତ, କ୍ଷିପ୍ର ଓ ଅବିଜ୍ଞ ଭାବରେ ସଂପନ୍ନ କରିବାକୁ ବାହାରି ପଡ଼ିଲେ ହୁଏତ ସେଗୁଡ଼ିକ

'oaob.nitrkl.ac.in' images reprocessed

ମଧ୍ୟ ଆବିର୍ଭୂତ ହେବାକୁ ଆରମ୍ଭ କରିବେ ଏବଂ ସାମ୍ରାଜ୍ୟର ଗଠନଟିକୁ ଏକାବେଳେକେ ଚୂର୍‌ମାର୍ କରିଦେବେ । ମାତ୍ର ଏଗୁଡ଼ିକରୁ କୌଣସିଟି ଯେ ପ୍ରକୃତରେ ଅନତିକ୍ରମ୍ୟ ହୋଇ ଠିଆ ହେବ ଏବଂ ଏକ ପ୍ରକୃତ ପ୍ରତିବନ୍ଧକ ହୋଇ କାର୍ଯ୍ୟ କରିବ, ସେପରି ଭାବିବାର କୌଣସି କାରଣ ନାହିଁ । ପ୍ରଜାତିଗତ ଅସୁବିଧାଟି ଏକଦା ଦକ୍ଷିଣ ଆଫ୍ରିକାରେ ଏକ ଅତ୍ୟନ୍ତ ଗମ୍ଭୀର ଏବଂ ସଂକଟଦାୟକ ଅସୁବିଧା ହୋଇ ରହିଥିଲା ଏବଂ ବର୍ତ୍ତମାନ ମଧ୍ୟ ସେଇଟିର ନିରାକରଣ ହୋଇପାରି ନାହିଁ; ମାତ୍ର ତାହା ଯେ କାନାଡ଼ାରେ ବର୍ତ୍ତମାନ ଏହା ଯେଉଁ ଅବସ୍ଥାରେ ଅଛି, ତାହାଠାରୁ ଅଧିକ ଅନତିକ୍ରମ୍ୟ ହୋଇପଡ଼ିବ, ତାହାର ମଧ୍ୟ କୌଣସି କାରଣ ନାହିଁ । କାରଣ, ଦକ୍ଷିଣ ଆଫ୍ରିକା ଓ କାନାଡ଼ା ଦୁଇଟିଯାକ ଦେଶରେହିଁ ଇଂରାଜୀ ଉପାଦାନଟି ବିଦ୍ୟମାନ ରହିଛି; ସଂଖ୍ୟାଗରିଷ୍ଠ ବା ସଂଖ୍ୟାଲଘୁ ଯେକୌଣସି ସ୍ଥିତିରେ ରହିଥାଉ ପଛକେ, ଏହି ଉପାଦାନଟି ସଦ୍‌ଭାବପ୍ରେରିତ ଏକତ୍ୱ ବା ସମ୍ମିଳନ ଦ୍ୱାରା ବିଜାତୀୟ ଉପାଦାନଟିକୁ ନିଶ୍ଚୟ ସାମ୍ରାଜ୍ୟ ସହିତ ଯୁକ୍ତ କରି ରଖିବ । ବା, ଅଷ୍ଟ୍ରୀୟ ସାମ୍ରାଜ୍ୟଟିର ଏକ ପ୍ରକୃତ ଏକତ୍ରୀକରଣକୁ ଯାହା ଏତେବେଶୀ ଆୟାସସାଧ୍ୟ କରି ପକାଇଥିଲା, ଏହି କ୍ଷେତ୍ରରେ ସେପରି କୌଣସି ଶକ୍ତିଶାଳୀ ବାହ୍ୟ ଆକର୍ଷଣ ନାହିଁ ବା ପୂର୍ବରୁ ନିଦା ହୋଇ ଗଢ଼ା ହୋଇଥିବା ବା ପରସ୍ପର ସହିତ ଆଦୌ ମିଳିବେ ନାହିଁ ବୋଲି ମନେ ହେଉଥିବା ସଂସ୍କୃତି ତଥା ସ୍ୱଭାବଗୁଡ଼ିକ ମଧ୍ୟରେ କୌଣସି ସଙ୍ଘାତ ବା ସଙ୍ଘର୍ଷ ମଧ୍ୟ ନାହିଁ ।

ଏଥିଲାଗି କେବଳ ଏତିକି ଆବଶ୍ୟକ ଯେ ଇଂଲଣ୍ଡ ଯଥାର୍ଥ ପ୍ରବୃତ୍ତିଟି ସହିତ ସର୍ବଦା ସମସ୍ୟାଟିର ସମ୍ମୁଖୀନ ହେଉଥିବ ଓ ଆମେରିକାରେ ସେ ଯେପରି ସାଂଘାତିକ ଭୁଲ୍ ବା ପ୍ରମାଦଟି ଘଟାଇଥିଲା ମାତ୍ର ଦକ୍ଷିଣ ଆଫ୍ରିକାରେ ଯେଉଁ ଭୁଲ୍‌ଟି କରିବାରୁ ଆପଣାକୁ ବଞ୍ଚାଇ ରଖିପାରିଥିଲା, ସେ ଏହି କ୍ଷେତ୍ରରେ ସେପରି କୌଣସି ଭୁଲ୍ ଆଦୌ କରିବ ନାହିଁ । ତାକୁ ସର୍ବଦା ଏହି କଥାଟିକୁ ସ୍ମରଣ ରଖିବାକୁ ହେବ ଯେ ଭବିଷ୍ୟତରେ ସେ କଦାପି ଏପରି ଏକ ପ୍ରଭୁତ୍ୱଶାଳୀ ଦେଶ ହୋଇ ରହିବ ନାହିଁ ଯିଏକି ଆପଣାର ଉପନିବେଶଗୁଡ଼ିକୁ ଠିକ୍ ତାହାରି ପରି ହେବା ଲାଗି ବାଧ୍ୟ କରିବାରେ ଲାଗିଥିବ ବା ସେଗୁଡ଼ିକୁ ଚିରଦିନ ସକାଶେ ଆପଣାର ଅଧୀନ କରି ରଖିଥିବ; ମାତ୍ର ସିଏ ପ୍ରକୃତରେ ଏପରି ଅନେକ ରାଜ୍ୟ ଓ ଜାତିସମୂହର ଏକ ବୃହତ୍ ମଣ୍ଡଳର କେନ୍ଦ୍ରସ୍ୱରୂପ ହୋଇ ରହିବ, ଯେଉଁମାନେ କି ତାହାରି ଦ୍ୱାରା ଆକର୍ଷିତ ହୋଇ ଏକ ନୂତନ ମହାଜାତୀୟ ଏକତ୍ୱରେ ଆସି ସମ୍ମିଳିତ ହୋଇଥିବେ । ଏହି କ୍ଷେତ୍ରରେ ସର୍ବପ୍ରଥମ ସର୍ତ୍ତଟି ହେଉଛି ଯେ ଇଂଲଣ୍ଡ ସଂପୂର୍ଣ୍ଣ ନିୟମନିଷ୍ଠ ଭାବରେ ଉପନିବେଶଗୁଡ଼ିକର ମୁକ୍ତ ଆଭ୍ୟନ୍ତରୀଣ ଜୀବନ ଓ ଇଚ୍ଛା ଏବଂ ସେଗୁଡ଼ିକର ସାମାଜିକ, ସାଂସ୍କୃତିକ ତଥା ଆର୍ଥିକ ପ୍ରବୃତ୍ତିଗୁଡ଼ିକୁ ଯଥୋଚିତ

'oaob.nitrkl.ac.in' images reprocessed

ସମ୍ମାନ ପ୍ରଦର୍ଶନ କରିବ ଏବଂ ସାମ୍ରାଜ୍ୟର ବୃହତ୍ ସାଧାରଣ ସମସ୍ୟାଗୁଡ଼ିକର ସମାଧାନରେ ସେ ଆପଣା ସହିତ ଅନ୍ୟମାନଙ୍କୁ ମଧ୍ୟ ସମାନ ଭାଗ ଦେଉଥିବ । ଏହି ନୂତନ ପ୍ରକାରର ସମଷ୍ଟି ବା ମଣ୍ଡଳଟି ଭିତରେ ସେ ଭବିଷ୍ୟତରେ କେବଳ ଏକ ରାଜନୀତିକ ତଥା ସାଂସ୍କୃତିକ କେନ୍ଦ୍ର ହୋଇ ରହିବ, ଏହି ସମ୍ମିଳନଟି ମଧ୍ୟରେ କବ୍‌ଜାଟିଏ ବା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଗ୍ରନ୍ଥିଟିଏ ହୋଇ ରହିବ । ଇଂଲଣ୍ଡର ଶାସକମାନଙ୍କର ମନଟି ଆପଣାକୁ ଏହିପରି ଭାବରେ ପ୍ରଶିକ୍ଷିତ କରି ରଖିପାରିଲେ, କେବଳ କୌଣସି ଅପ୍ରତ୍ୟାଶିତ ମହାସଂକଟ ବ୍ୟତୀତ ଆଉ କିଛିହେଲେ ଏପରି ଏକ ସାମ୍ରାଜ୍ୟମଣ୍ଡଳର ଗଠନକୁ ବ୍ୟାହତ କରି କଦାପି ରଖିପାରିବ ନାହିଁ, ଯେଉଁଥିରେ କି ଏକ ଶିଥିଳ ବ୍ରିଟିଶ୍ କର୍ତ୍ତୃତ୍ୱ ବା ଆଧିପତ୍ୟ ରହିଥିବା ସ୍ୱାୟତ୍ତ ଶାସନ ଜାଗାରେ ସ୍ୱାୟତ୍ତଶାସନକୁହିଁ ଭିତ୍ତିରୂପେ ଗ୍ରହଣ କରି ଏକ ରାଷ୍ଟ୍ରସଂଘର ପ୍ରବର୍ତ୍ତନ ସମ୍ଭବ ହୋଇଯିବ ।[୧]

ମାତ୍ର ଯେତେବେଳେ ସାମ୍ରାଜ୍ୟର ଅନ୍ୟ ଦୁଇଟି ବୃହତ୍ ଭୂଖଣ୍ଡର,— ମିଶର ଏବଂ ଭାରତର,— ପ୍ରଶ୍ନ ଆସି ପହଞ୍ଚୁଛି, ସେତେବେଳେ ଏହି ସମସ୍ୟାଟି ପ୍ରକୃତରେ ଆହୁରି ଅଧିକ ଜଟିଳ ହୋଇ ପଡୁଛି । ଏଇଟି ଏପରି ଜଟିଳ ହୋଇ ପଡୁଛି ଯେ, ଏହି କ୍ଷେତ୍ରରେ ରହିଥିବା ଶତସଂଖ୍ୟକ ପୂର୍ବଗ୍ରହ ଓ କେତେକେତେ ସ୍ୱାର୍ଥ ଦ୍ୱାରା ସମର୍ଥିତ ରାଜନୀତିକ ମନଟି ସର୍ବପ୍ରଥମେହିଁ ସମସ୍ୟାଟିକୁ ଅସମାହିତ ରଖି ଏକ ସଂଘୀକୃତ ଔପନିବେଶିକ ସାମ୍ରାଜ୍ୟର ଗଠନ ଲାଗି ଏକାନ୍ତ ପ୍ରଲୁବ୍ଧ ହୋଇ ପଡୁଛି, ଯାହାଭିତରେ କି ଏହି ଦୁଇଟି ବଡ଼ ବଡ଼ ଦେଶ ଅଧୀନ ଆଶ୍ରିତରାଜ୍ୟ ହୋଇ ରହିବେ ।[୨] ଏକଥାଟି

---

୧. ଏସବୁ ହେବ, ଯଦି ସାମ୍ରାଜ୍ୟ ବିଜୟୀ ଓ ସମୃଦ୍ଧିଶାଳୀ ହୋଇ ରହେ; ପୁନଶ୍ଚ, ଏଥିଲାଗି ଏକଥା ମଧ୍ୟ ଆବଶ୍ୟକ ଯେ ବ୍ରିଟେନର ବିଦେଶନୀତି ସଂଘୀୟ ଏକତାର କର୍ତ୍ତବ୍ୟ-ବନ୍ଧନ-ଗୁଡ଼ିକୁ ସଙ୍ଘର କ୍ଷୁଦ୍ରତର ସଦସ୍ୟମାନଙ୍କ ଲାଗି କଦାପି ଅତି ଅଧିକ ମାତ୍ରାରେ କ୍ଳେଶକର ମଧ୍ୟ କରିପକାଇବ ନାହିଁ ।

୨. ଏଇଟି ଲେଖାହେବା ପରେ ମିଶର ପ୍ରଶ୍ନଟିର ଏହା ମଧ୍ୟରେ ସମାଧାନ ହୋଇଯାଇଛି, ଏବଂ ଗୋଟିଏ ଅର୍ଥରେ ସମାଧାନଟି ସଙ୍ଘବିରୋଧୀହିଁ ହୋଇଛି । ସେତେବେଳେ ମଧ୍ୟ ଏକ ସ୍ୱାଧୀନ ସ୍ଥିତି ଲାଭ କରିବା ଦିଗରେ ଗତି କରୁଥିବା ଭାରତବର୍ଷ ବର୍ତ୍ତମାନ ସେଇଟିକୁ ହାସଲ କରିସାରିଲାଣି । ଅବଶ୍ୟ ଏକଥା ସତ ଯେ ଏହାର ବିଚ୍ଛିନ୍ନ ହୋଇ ରହିଥିବା ଦୁଇଟିଯାକ ଭାଗ କିୟତ୍କାଳ ପର୍ଯ୍ୟନ୍ତ ଗୋଟିଏ ଗୋଟିଏ ଉପନିବେଶ ହୋଇ ରହିଛନ୍ତି ଏବଂ ସେଥିମଧ୍ୟରୁ ଗୋଟିଏ ସମ୍ଭବତଃ ବେଶ୍ କେତେଦିନ ଯାଏ ସେହି ସ୍ଥିତିଟିକୁହିଁ ସ୍ୱୀକାର କରି ରହିବ, ମାତ୍ର ଏକ ସ୍ୱାଧୀନ ଗଣତନ୍ତ୍ରଶାସିତ ରାଜ୍ୟ ହୋଇଥିଲେ ମଧ୍ୟ ଅନ୍ୟଟି କମନ୍‌ୱେଲ୍‌ଥ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇ ରହିବାର ଗୋଟିଏ ନୂତନ ସୂତ୍ର ବା ରୀତିକୁ ଗ୍ରହଣ କରିନେଇଛି ।

'oaob.nitrkl.ac.in' images reprocessed

ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି ଯେ ଏପରି ଗୋଟିଏ ସମାଧାନ କଦାପି ଅଧିକକାଳ ପର୍ଯ୍ୟନ୍ତ ସ୍ଥାୟୀ ହୋଇ ନ ଥାନ୍ତା, ଏବଂ ଯଦି ତଥାପି ଜିଦ୍‌କରି ସେଇଟିକୁହିଁ ଗ୍ରହଣ କରାଯାଆନ୍ତା, ତେବେ ସେଥିରୁ ପରିଶେଷରେ ଏକ ସର୍ବନାଶ ନ ଘଟିଲେ ମଧ୍ୟ ତାହା ଆମକୁ ଅତ୍ୟନ୍ତ ଅବାଞ୍ଛନୀୟ ପରିଣାମ ଆଡ଼କୁ ଟାଣି ନେଇ ଯାଆନ୍ତା । ଭାରତବର୍ଷର ପୁନର୍ଜାଗରଣ ଠିକ୍ ଆଗାମୀ କାଲିର ସୂର୍ଯ୍ୟୋଦୟ ପରି ଅବଶ୍ୟମ୍ଭାବୀ ହୋଇ ରହିଛି, ଏବଂ ଏପରି ଏକ ଅସାଧାରଣ ସ୍ୱଭାବର, ଏଭଳି ଅନନ୍ୟ କେତେକେତେ ପରମ୍ପରା ଏବଂ ଜୀବନ-ବିଚାରର, ଏଡ଼େ ଶକ୍ତିଶାଳୀ ବୁଦ୍ଧିମତ୍ତା ଏବଂ ଅନ୍ତର୍ନିହିତ କେତେ ଶକ୍ତିର ଏପରି ଗୋଟିଏ ବିରାଟ ସ୍ତୂପ ପରି ହୋଇ ରହିଥିବା ତ୍ରିଂଶକୋଟି ମନୁଷ୍ୟଙ୍କର ଏହି ବୃହତ୍ ଜାତିଟିର ନବଜନ୍ମଲାଭ ଯେ ଆଧୁନିକ ଜଗତର ସବୁଠାରୁ ଅଧିକ ଏକ ପରାକ୍ରମଶାଳୀ ଘଟଣା ରୂପେ ପ୍ରକଟ ହେବାକୁ ଯାଉଛି, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ । ଏକଥା ମଧ୍ୟ ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି ଯେ ନୂତନ ସଂଘୀକୃତ ସାମ୍ରାଜ୍ୟମଣ୍ଡଳଟି ତ୍ରିଂଶକୋଟି ମନୁଷ୍ୟଙ୍କର ଏହି ନବଜାତ ଜାତିଟି ପ୍ରତି କଦାପି ସବୁକାଳ ଲାଗି ଶତ୍ରୁଭାବାପନ୍ନ ହୋଇ ରହିପାରିବ ନାହିଁ, ଏବଂ ବର୍ତ୍ତମାନ ସେହି ସାମ୍ରାଜ୍ୟଟିର ପରିକର ହୋଇ ରହିଥିବା ବ୍ୟକ୍ତିମାନଙ୍କର ସଂକୀର୍ଣ୍ଣଦୃଷ୍ଟି ରାଜନୀତିକ ବୁଦ୍ଧି ଏବଂ ଏହି ଅନିବାର୍ଯ୍ୟ ପ୍ରଶ୍ନଟିକୁ ଯଥାସମ୍ଭବ ଅଧିକକାଳ ପର୍ଯ୍ୟନ୍ତ ଗଡ଼ାଇଦେଇ ରଖିବାକୁ ଇଚ୍ଛା କରୁଥିବା ତାହାର ସ୍ୱାର୍ଥଗୁଡ଼ିକୁ କଦାପି ବର୍ତ୍ତି ରହିବାକୁ ଛାଡ଼ି ଦିଆଯାଇ ପାରିବ ନାହିଁ । ବସ୍ତୁତଃ ଏଇଟିକୁ ଏକ ନୀତିରୂପେ ସ୍ୱୀକାର କରି ନିଆଯାଇ ସାରିଛି; ଭାରତୀୟ ପ୍ରଶ୍ନଟିର ଏକ ବାସ୍ତବ ସମାଧାନକୁ ଯେତେବେଳେ କୌଣସି ଅନିର୍ଦ୍ଦିଷ୍ଟ ଭବିଷ୍ୟମଧ୍ୟକୁ ଗଡ଼ାଇଦେଇ ରଖିବା ଆଉ କୌଣସି ପ୍ରକାରେ ସମ୍ଭବ ହେବ ନାହିଁ, ସେତେବେଳେ ଯେଉଁ ସମସ୍ୟାଗୁଡ଼ିକ ଉତ୍ଥାପିତ ହୋଇ ଆସିବ, ସେହିଗୁଡ଼ିକର ସମ୍ମୁଖୀନ ହେବା ପ୍ରକୃତରେ ବଡ଼ କଷ୍ଟକର ହୋଇ ପଡ଼ିବ ।

ପରସ୍ପରଠାରୁ ଏତେ ବେଶୀ ଭିନ୍ନ ହୋଇ ରହିଥିବା ସମୂହଗୁଡ଼ିକ ମଧ୍ୟରେ ଏକ ବାସ୍ତବ ଏକତାର ସ୍ଥାପନା କରିବାକୁ ହେଲେ ସେଥିରେ ଯେ କିଭଳି ଧରଣର ଅସୁବିଧାମାନ ରହିଥିବ, ତାହା ନିଶ୍ଚୟ ଯଥେଷ୍ଟ ପରିମାଣରେ ସ୍ପଷ୍ଟ ହୋଇ ଯାଉଥିବ । ପ୍ରଥମତଃ, ସେଗୁଡ଼ିକ ଭୌଗୋଳିକ ଦୃଷ୍ଟିରୁ ପରସ୍ପରଠାରୁ ଅଲଗା ହୋଇ ରହିଛନ୍ତି, ଯାହାକି ଭାରତବର୍ଷକୁ ସର୍ବଦା ଏକ ଭିନ୍ନ ଦେଶ ଓ ଭିନ୍ନ ଜାତି କରି ରଖିଆସିଛି; ଏପରିକି, ଯେତେବେଳେ ଭାରତବର୍ଷ ଆପଣାର ରାଜନୀତିକ ଏକତା ହାସଲ କରିବା ଲାଗି ଅସମର୍ଥ ହୋଇ ପଡ଼ିଥିଲା ଏବଂ କେତେକେତେ ଆକ୍ରମଣ ଏବଂ କେତେକେତେ ସଂସ୍କୃତିର ପାରସ୍ପରିକ ସଂକ୍ରମଣ ଦ୍ୱାରା ତାହାର ଚତୁଃପାର୍ଶ୍ୱରେ ରହିଥିବା ସଭ୍ୟତାଗୁଡ଼ିକର ପୂର୍ଣ୍ଣ ଆଘାତ ପାଇବାରେ ଲାଗିଥିଲା, ସେତେବେଳେ ମଧ୍ୟ ତାହା ଏକ ସ୍ୱତନ୍ତ୍ର ଓ ଭିନ୍ନ ଦେଶ

'oaob.nitrkl.ac.in' images reprocessed

ଏବଂ ଭିନ୍ନ ଜାତି ହୋଇ ରହିଥିଲା । ଆଉକିଛି ନ ହେଲେ ଭାରତବର୍ଷରେ ତିରିଶକୋଟି ପରିମାଣର ଏକ ଜନସଂଖ୍ୟା ରହିଛି, ଯାହାକୁ କି ସାମ୍ରାଜ୍ୟର ଅନ୍ୟାନ୍ୟ ଜାତିମାନଙ୍କ ସହିତ ମିଶାଇବାକୁ ଗଲାବେଳେ ତାହା ଅଷ୍ଟ୍ରେଲିଆ, କାନାଡ଼ା ଏବଂ ଦକ୍ଷିଣ ଆଫ୍ରିକାର ଅପେକ୍ଷାକୃତ ପ୍ରାୟ ନଗଣ୍ୟ ଜନସଂଖ୍ୟାଗୁଡ଼ିକୁ ଏକାଠି ମିଶାଇ ଆଣିବାର ସମସ୍ୟାଠାରୁ ଏକ ସଂପୂର୍ଣ୍ଣ ଭିନ୍ନ ବ୍ୟାପାରହିଁ ହେବ । ଇଉରୋପୀୟ ଏବଂ ଏସୀୟ ଜାତି, ବର୍ଣ୍ଣ ଏବଂ ସ୍ୱଭାବର ଭୂମିରେ ଅତ୍ୟନ୍ତ ସ୍ପଷ୍ଟ ଏକ ବିଭାଜକ-ରେଖା ରହି ଆସିଛି । ତା'ପରେ ଏମାନଙ୍କର ଆପଣାର ସୁଦୀର୍ଘ ଅତୀତଟି ରହିଛି, ଉତ୍ପତ୍ତିଗତ ପାର୍ଥକ୍ୟ ରହିଛି, ସ୍ଥାୟୀ ସଂସର୍ଗମାନ ରହିଛି ଏବଂ ଅନ୍ତର୍ନିହିତ ପ୍ରବୃତ୍ତିମାନ ମଧ୍ୟ ରହିଛି, ଏବଂ ଭାରତବର୍ଷ ସଂପୂର୍ଣ୍ଣ ଭାବରେ ବା ପ୍ରଧାନ ଭାବରେ ଏକ ଇଂଲିଶ୍ ଅଥବା ଇଉରୋପୀୟ ସଂସ୍କୃତିକୁ ଗ୍ରହଣ କରିନେବା ଦ୍ୱାରା ଯେ ଏହିସବୁ ବିଭାଜକ ରେଖା ଏକାବେଳେକେ ପୋଛି ହୋଇଯିବାର ବା ସେଗୁଡ଼ିକରେ ହ୍ରାସ ଘଟିବାର କୌଣସି ସମ୍ଭାବନା ରହିଛି, ଏଗୁଡ଼ିକରୁ ସେକଥା ଆଦୌ ମନେ ହେଉ ନାହିଁ । ଏହିସବୁ ଅସୁବିଧା ରହିଛି ବୋଲି କହିବାର ଅର୍ଥ କଦାପି ନୁହେଁ ଯେ ଏହି ସମସ୍ୟାଟିର କଦାପି କୌଣସି ସମାଧାନ ହୋଇପାରିବ ନାହିଁ । ବରଂ, ଆମକୁ ଠିକ୍ ତାହାର ବିପରୀତ କଥାଟିକୁ ଜାଣି ରଖିବାକୁ ହେବ ଯେ ମନୁଷ୍ୟର ମନ ସମ୍ମୁଖରେ ଏପରି କୌଣସି ଅସୁବିଧାକୁ ଆଣି ଉପସ୍ଥାପିତ କରାଯାଇ ପାରିବ ନାହିଁ, ମନୁଷ୍ୟର ମନ ଇଚ୍ଛା କଲେ ଯାହାର କି କୌଣସି ସମାଧାନ କରିପାରିବ ନାହିଁ । ଆମେ ଅବଶ୍ୟ ଅନୁମାନ କରିନେବା ଯେ ଏହି କ୍ଷେତ୍ରରେ ଇଚ୍ଛା ଏବଂ ଆବଶ୍ୟକ ବିବେକ ଉଭୟ ମହଜୁଦ ହୋଇ ରହିଛନ୍ତି; ଆମେ ଅନୁମାନ କରିନେବା ଯେ ବ୍ରିଟିଶ୍ ରାଜନୀତି-ବୁଦ୍ଧି ଆଦୌ କୌଣସି ଅପୂରଣୀୟ ଭୁଲ୍ କରି ବସିବ ନାହିଁ ଏବଂ ଏହିପରି ଏକ ସମସ୍ୟାର ସମ୍ମୁଖୀନ ହେଲାବେଳେ ତାହା ଯେଉଁସବୁ ସାନସାନ ଭୁଲ୍ ଅବଶ୍ୟ କରିବ,— ସେଗୁଡ଼ିକରୁ ମଧ୍ୟ ସେ ସମୟ ଥାଉଁ ଆପଣାକୁ ମୁକ୍ତ କରି ନେଇଯାଇ ପାରିବ । ଅତୀତରେ ଏହାର ସ୍ୱଭାବ ଏବଂ ଅଭ୍ୟାସ ଠିକ୍ ସେହିପରିହିଁ ହୋଇ ରହି ଆସିଛି । ଏବଂ ତେଣୁ ଆମେ ଏକଥାଟିକୁ ମଧ୍ୟ ଅନୁମାନ କରିନେବା ଯେ ଶୀଘ୍ର ହେଉ ଅଥବା ବିଳମ୍ବରେ ହେଉ, ମନୁଷ୍ୟଜାତିର ଏହି ଦୁଇଟି ଅତ୍ୟନ୍ତ, ବିସଦୃଶ ସମୂହ ମଧ୍ୟରେ ସମ୍ଭବତଃ କୌଣସି ନା କୌଣସି ପ୍ରକାରର ଏକତ୍ୱ ଅବଶ୍ୟ ସୃଷ୍ଟି କରାଯାଇ ପାରିବ ।

ତେବେ କିଭଳି ପରିସ୍ଥିତିରେ ଏହା ସମ୍ଭବ ହେବ ଓ ସେହି ଏକତ୍ୱ ପ୍ରକୃତରେ କିଭଳି ସ୍ୱଭାବର ହେବ, ବର୍ତ୍ତମାନ ଏହି ପ୍ରଶ୍ନଟି ରହିଯାଉଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଶାସକ ଜାତିଟି ଆଗରୁ ଅନ୍ୟାନ୍ୟ ସ୍ଥାନରେ ଯେଉଁ ନୀତିଟିକୁ ଏତେଦୂର ସଫଳତାର ସହିତ ପ୍ରୟୋଗ କରି ସାରିଛି ଏବଂ ଯେଉଁ ନୀତିଟିରୁ ଦୂରଛଡ଼ା ହୋଇ ଯିବା

'oaob.nitrkl.ac.in' images reprocessed

ଦ୍ୱାରା ଏକ ନିର୍ଦ୍ଦିଷ୍ଟ ଅବଧି ପରେ ତାହା ତା'ର ଆପଣାର ବୃହତ୍ତର ସ୍ୱାର୍ଥଗୁଡ଼ିକ ଲାଗିହିଁ ଏପରି ହାନିକାରକ ପ୍ରମାଣିତ ହୋଇଛି, ବର୍ତ୍ତମାନ ଅନେକ ଅଧିକ ନିଷ୍ଠାର ସହିତ ଶାସକ ଜାତିକୁ ସେଇଟିକୁ ପ୍ରୟୋଗ କରିପାରିବାକୁ ହେବ । ଭାରତବର୍ଷ ଯେପରି ମୁକ୍ତ ଏବଂ ସ୍ୱତନ୍ତ୍ର ଭାବରେ ବିକାଶଲାଭ କରିପାରିବ ଓ ତଥାପି ଆପଣାକୁ ସାମ୍ରାଜ୍ୟର ଏକତା ପାଖରେ ଅଧୀନ କରି ରଖିବ, ସେଥିଲାଗି ଶାସକ ଜାତି ସବୁପ୍ରକାର ବାଟ ଛାଡ଼ିଦେବ, ତାହାକୁ ସମ୍ମାନ ଦେଖାଇବ ଓ ତାହାର ସକ୍ରିୟ ସହାୟତା କରିବ । ଯେପର୍ଯ୍ୟନ୍ତ ଭାରତବର୍ଷ ନିଜେ ନିଜର ଶାସନ କରି ନାହିଁ, ସେପର୍ଯ୍ୟନ୍ତ, ଯେଉଁମାନେ ଭାରତକୁ ଶାସନ କରୁଛନ୍ତି, ସେମାନଙ୍କ ମନରେ ଭାରତବର୍ଷର ସ୍ୱାର୍ଥହିଁ ସର୍ବପ୍ରଥମ ସ୍ଥାନ ପାଇବ; ଏବଂ ଯେତେବେଳେ ଭାରତ ଆତ୍ମ-ଶାସନର ଅଧିକାର ପାଇବ, ସେତେବେଳେ ତାହା ଏପରି ଏକ ପ୍ରକାରର ହେବ ଯାହାକି ତା'ର ସ୍ୱାର୍ଥଗୁଡ଼ିକ ଦିଗରେ ପ୍ରଯତ୍ନଶୀଳ ହୋଇ ରହିବାରେ ତାକୁ ତାହା କୌଣସି ପ୍ରକାର ବାଧା ଦେବ ନାହିଁ । ଉଦାହରଣ ସ୍ୱରୂପ, ତାକୁ ଏପରି ଏକ ମିଳିତ ଶୁଳ୍କବ୍ୟବସ୍ଥା ମଧ୍ୟରେ ଜବରଦସ୍ତି ଭର୍ତ୍ତି କରାଇ ଦିଆଯିବ ନାହିଁ, ଯାହାକି ବର୍ତ୍ତମାନ ପରିସ୍ଥିତିରେ ତା'ର ଅର୍ଥନୈତିକ ଭବିଷ୍ୟତ ଲାଗି ଅନର୍ଥକାରୀ ହେବାର ଆଶଙ୍କା ରହିଥିବ । ତା'ର ଔଦ୍ୟୋଗିକ ବିକାଶକୁ ଉତ୍‌ପ୍ରେରିତ ଓ ଉତ୍ସାହିତ କରିବା ଭଳି ଏକ ସାହସିକ ନୀତି ଗ୍ରହଣ କରିବା ଦ୍ୱାରା ଯେପର୍ଯ୍ୟନ୍ତ ଏହି ପରିସ୍ଥିତିଗୁଡ଼ିକରେ ପରିବର୍ତ୍ତନ ନ ହୋଇଛି, ତାହା ସ୍ପଷ୍ଟତଃ ବର୍ତ୍ତମାନ ସାମ୍ରାଜ୍ୟ ମଧ୍ୟରେ ବିଦ୍ୟମାନ ଥିବା ବାଣିଜ୍ୟଗତ ଏକାଧିକ ସ୍ୱାର୍ଥର ବିରୋଧ କରୁଥିଲେ ମଧ୍ୟ ତଥାପି ତାହା କଦାପି କରାଯିବ ନାହିଁ । ଭାରତବର୍ଷର ବର୍ଦ୍ଧିଷ୍ଣୁ ଜୀବନଟି ଉପରେ ଇଂଲିଶ୍ ସଂସ୍କୃତି ଅଥବା ଇଂଲିଶ୍ ପରିବେଶଗୁଡ଼ିକୁ ଆଣି ଲଦି ଦେବାକୁ କଦାପି କୌଣସି ଚେଷ୍ଟା କରାଯିବ ନାହିଁ ବା ସାମ୍ରାଜ୍ୟସ୍ଥ ମୁକ୍ତ ଅନ୍ୟ ଜାତିମାନଙ୍କ ମଧ୍ୟରେ ଭାରତବର୍ଷକୁ ଏକ ସ୍ୱୀକୃତ ସ୍ଥାନ ଦେବା ଲାଗି ସେହି ସଂସ୍କୃତି ଓ ପରିବେଶଗୁଡ଼ିକୁ କଦାପି ଏକ ଅପରିହାର୍ଯ୍ୟ ସର୍ତ୍ତରୂପେ ରଖାଯିବ ନାହିଁ ଏବଂ ଆପଣାର ସ୍ୱକୀୟ ସଂସ୍କୃତି ତଥା ସ୍ୱାଭାବିକ ବିକାଶଟିକୁ ସୁରକ୍ଷିତ ଏବଂ କୁସୁମିତ କରି ଆଣିବା ଲାଗି ତା'ର କୌଣସି ଚେଷ୍ଟାରେ କୌଣସି ହସ୍ତକ୍ଷେପ ହେବ ନାହିଁ ବା ତାହାର ବିରୋଧ କରାଯିବ ନାହିଁ । ବାସ୍ତବତା ତଥା ନୀତି ଦୁଇଟିଯାକ କ୍ଷେତ୍ରରେ ତାହାର ଗୌରବ ଓ ସମ୍ମାନ, ତାହାର ମନୋଭାବ ତଥା ଜାତୀୟ ଆକାଙ୍‌କ୍ଷାଗୁଡ଼ିକୁ ଅଧିକରୁ ଅଧିକ ପରିମାଣରେ ଅବଶ୍ୟ ସ୍ୱୀକାର କରାଯାଉଥିବ । ଏହିସବୁ ସର୍ତ୍ତଗୁଡ଼ିକର ରକ୍ଷା ହେଲେ, ତା'ର ରାଜନୀତିକ ତଥା ଅର୍ଥନୈତିକ ସ୍ୱାର୍ଥଗୁଡ଼ିକ ନିରାପଦ ରହିଲେ ଏବଂ ତା'ର ଅବ୍ୟାହତ ବିକାଶ ଲାଗି ସକଳ ଯତ୍ନ କରାଗଲେ, ତେବେ ଯାଇ ଭାରତ ହୁଏତ ସାମ୍ରାଜ୍ୟ ଭିତରେ ରହିବ । ଏବଂ ତା'ପରେ ଅବଶିଷ୍ଟ ଅନ୍ୟ ବିଷୟଗୁଡ଼ିକ ଲାଗି ତାକୁ ଆହୁରି ଅଧିକ ସମୟ ଦିଆଯିବ,

'oaob.nitrkl.ac.in' images reprocessed

ଏକତ୍ରୀକରଣର ପ୍ରକ୍ରିୟାଟି ମଧ୍ୟରେ ରହିଥିବା ଅପେକ୍ଷାକୃତ ଅଧିକ ସୂକ୍ଷ୍ମ ଏବଂ ଅଧିକ କଷ୍ଟକର ଅଂଶଗୁଡ଼ିକ ଅଳ୍ପବହୁତ ସତ୍ୱରତାର ସହିତ ଆପଣାକୁ ପରିପୂର୍ଣ୍ଣ କରିବା ଲାଗି ତାକୁ ଅଧିକ ସମୟ ଦିଆଯିବ ।

ଏହାଫଳରେ ଯେଉଁ ଏକତାର ସୃଷ୍ଟି ହେବ, ତାହା କଦାପି ଏକ ଇଣ୍ଡୋ-ବ୍ରିଟିଶ୍ ସାମ୍ରାଜ୍ୟର ରୂପ ଗ୍ରହଣ କରିବ ନାହିଁ; ତାହାକୁ ଆମେ କେବଳ ଏକ କପୋଳକଳ୍ପନା ବା ଉଦ୍ଭଟ ଭାବନା ବୋଲି କହିବା, ଯଥାର୍ଥ ସମ୍ଭାବନାଗୁଡ଼ିକୁ ଅନେକ ହାନି ପହୁଞ୍ଚାଇ ଯାହାର ଅନୁଧାବନ କରିବା ଆଦୌ ଉଚିତ ହେବ ନାହିଁ । ଉକ୍ତ ସମ୍ଭାବନାଗୁଡ଼ିକ ମଧ୍ୟରୁ ଆମେ ପ୍ରଥମତଃ ଏକ ଦୃଢ଼ ଏକତାର କଳ୍ପନା କରିପାରିବା, ଯାହାକି ସାଧାରଣ ସ୍ୱାର୍ଥଗୁଡ଼ିକ ଦ୍ୱାରା ସୁରକ୍ଷିତ ହୋଇ ରହିବ; ଦ୍ୱିତୀୟତଃ ଏକ ସୁଦୃଢ଼ ବାଣିଜ୍ୟିକ ଆଦାନପ୍ରଦାନ ଏବଂ ପାରସ୍ପରିକ ଔଦ୍ୟୋଗିକ ସହାୟକତା ମଧ୍ୟ ସୁସ୍ଥ ଭାବରେ ସମ୍ଭବ ହୋଇପାରେ ବୋଲି କଳ୍ପନା କରାଯାଇପାରେ; ଏବଂ ତୃତୀୟତଃ, ମନୁଷ୍ୟସମାଜରେ ଏହି ଦୁଇଟି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଅଂଶ ମଧ୍ୟରେ, ଅର୍ଥାତ୍ ଇଉରୋପ ଏବଂ ଏସିଆ ମଧ୍ୟରେ ଏକ ନୂତନ ସାଂସ୍କୃତିକ ସମ୍ବନ୍ଧ ସ୍ଥାପିତ ହେବ ବୋଲି ମଧ୍ୟ ଅନୁମାନ କରାଯାଇପାରେ, ଯାହାଫଳରେ କି ଗୋଟିଏ ମନୁଷ୍ୟ-ପରିବାରର ସମକକ୍ଷ ଦୁଇଜଣ ସଦସ୍ୟରୂପେ ସେମାନେ ପ୍ରତ୍ୟେକଟି ମଧ୍ୟରେ ଯାହାକିଛି ମହାନ୍ ଓ ମୂଲ୍ୟବାନ୍ ରହିଛି, ତାହାର ଆଦାନପ୍ରଦାନ କରିପାରିବେ । ଏବଂ ସର୍ବଶେଷରେ, ଏକଥାଟି ମଧ୍ୟ ଆଶା କରାଯାଇପାରେ ଯେ ଜାତିରୂପୀ ଏକକଟିକୁ ଗଠନ କରିବାରେ ମୁଖ୍ୟତଃ ସହାୟତା କରିଥିବା ରାଜନୀତିକ ଓ ଅର୍ଥନୈତିକ ବିକାଶ ଏବଂ ସାମରିକ ଗୌରବ ପ୍ରଭୃତିର ସେହି ସାଧାରଣ ଅତୀତ ସହଚାରିତାଗୁଡ଼ିକର ସ୍ଥାନରେ ଏକ ଭବ୍ୟତର ମାନବସମାଜର ଜୀବନକୁ ସମ୍ଭବ କରିବା ସକାଶେ ଏକ ନୂତନ, ସମୃଦ୍ଧିମନ୍ତ ଏବଂ ବୈଚିତ୍ର୍ୟମୟ ସଂସ୍କୃତିର ଗଠନରେ ସାହଚର୍ଯ୍ୟ ତଥା ଅନ୍ତରଙ୍ଗ ଅଂଶଗ୍ରହଣର ସେହି ବୃହତ୍ତର ଗୌରବଟି ହୁଏତ ସମ୍ଭବ ହୋଇ ଆସିବ । ନିଶ୍ଚିତ ଭାବରେ ଏହାହିଁ ସେହି ମହାଜାତୀୟ ମଣ୍ଡଳଟିର ପ୍ରକାର ହୋଇ ରହିବ, ଏବଂ ମନୁଷ୍ୟସମାଜର କ୍ରମାଗ୍ରସର ସାମୂହିକତାର ମାର୍ଗରେ ଆମେ ଏଇଟିକୁହିଁ ସମ୍ଭାବ୍ୟ ପରବର୍ତ୍ତୀ ସୋପାନଟି ବୋଲି କହିପାରିବା ।

ଏକଥା ନିଶ୍ଚୟ ସ୍ପଷ୍ଟ ହୋଇଯାଉଛି ଯେ ଏହି ପରବର୍ତ୍ତୀ ସେପାନଟିର କେବଳ ଏହିଭଳି ଏକ ପର୍ଯ୍ୟାୟରୂପେହିଁ କୌଣସି ମୂଲ୍ୟ ରହିବ, ଯାହାକି, ବ୍ୟାବହାରିକ ଦୃଷ୍ଟାନ୍ତ ତଥା ସ୍ୱଭାବଗତ ନାନା ନୂତନ ସଂସ୍କାର, ମନୋଦୃଷ୍ଟି ଏବଂ ସମ୍ମିଳିତ ଜୀବନର ସୃଜନ ଦ୍ୱାରା ଅବିଭକ୍ତ ଗୋଟିଏ ପରିବାର ମଧ୍ୟରେହିଁ ସମଗ୍ର ମନୁଷ୍ୟଜାତିର ଏକତାଟିକୁ ସମ୍ଭବ କରି ଆଣିବ । ଯଦି ପ୍ରକୃତରେ ଏପରି କୌଣସି ବୃହତ୍ତର ଆଦର୍ଶକୁ ଏହା ଆପଣାର

'oaob.nitrkl.ac.in' images reprocessed

ସୀମାଗୁଡ଼ିକରୁ ଆହୁରି ସେପାଖରେ ରହିଥିବାର ପ୍ରତ୍ୟକ୍ଷ ନ କରେ, ତେବେ କେବଳ ଗୋଟାଏ ବୃହଦାକାର ସାମ୍ରାଜ୍ୟ-ଏକକ ତିଆରି କରିବାଟାକୁ ଏକ ଅସଭ୍ୟ ଓ ଏପରିକି ପ୍ରତିକ୍ରିୟାଶୀଳ ବ୍ୟାପାର ବୋଲିହିଁ କୁହାଯିବ । ଯୁଦ୍ଧାସ୍ତ୍ର ଦ୍ୱାରା ସଜ୍ଜିତ ହୋଇ ରହିଥିବା ଏବଂ ରୁଷୀୟ, ଫରାସୀ, ଜର୍ମାନ୍ ଓ ଆମେରିକାନ୍ ପ୍ରଭୃତି ଅନ୍ୟ ଅନେକ ପ୍ରକାଣ୍ଡକାୟ ଏକତ୍ୱଗୁଡ଼ିକଠାରୁ ବାଣିଜ୍ୟିକ, ରାଜନୀତିକ ଓ ସାମରିକ ଅହଂବାଦିତା ଦ୍ୱାରା ବିଭକ୍ତ ହୋଇ ରହିଥିବା କେବଳ ଏକ ବହୁରଙ୍ଗ ଇଣ୍ଡୋବ୍ରିଟିଶ୍ ସାମ୍ରାଜ୍ୟର ନିର୍ମାଣ କରାଗଲେ ତାହା କେବଳ ଏକ ପଶ୍ଚାଦ୍‌ଗତିହିଁ ହୋଇ ରହିବ, ତାହାକୁ କଦାପି ଅଗ୍ରଗତି ବୋଲି କୁହାଯିବ ନାହିଁ । ତେଣୁ ଯଦି ଭବିଷ୍ୟତରେ ଏହିଭଳି ଏକ ବିକାଶକୁହିଁ ସମ୍ଭବ କରିବାକୁ ହୁଏ,— କାରଣ ଏକ ପ୍ରକୃତ ନୂତନ ପ୍ରକାରର ସର୍ବୋତ୍ତମ ଉଦାହରଣ ରୂପେ ଆମେ ଏଠାରେ କେବଳ ବ୍ରିଟିଶ୍ ସାମ୍ରାଜ୍ୟଟିରହିଁ ଆଲୋଚନା କରିଛୁ,— ତେବେ ତାହାକୁ କେବଳ ସେତିକିଟି ମଧ୍ୟରେ ଅଧାବାଟରେ ରହିଥିବା ଏକ ଲକ୍ଷ୍ୟ ବୋଲି ଗ୍ରହଣ କରିବାକୁ ହେବ; ଏବଂ ଆମର ସମ୍ମୁଖରେ ଏହି ଆଦର୍ଶଟି ରହିଥିବ ଯେ ମନୁଷ୍ୟଜାତିକୁ ଭଲ ପାଉଥିବା ଏପରି ବ୍ୟକ୍ତିମାନେ ଏଇଟିକୁ ପ୍ରକୃତରେ ଗ୍ରହଣ କରି ନେଇ ପାରିବେ, ଯେଉଁମାନେ କି ଜାତି ବିରୋଧରେ ଜାତିକୁ ଲଢ଼ାଇ ଦେଉଥିବା ସେହି ପୁରାତନ ଓ ସ୍ଥାନୀୟ ଦୈଶିକପ୍ରୀତିର ସୀମାଗୁଡ଼ିକ ଦ୍ୱାରା କଦାପି ଆବଦ୍ଧ ହୋଇ ରହି ନ ଥିବେ । ଏବଂ ସର୍ବଦା ଆମ ଆଗରେ ଏହି ସର୍ତ୍ତଟିର ଅବଶ୍ୟ ପୂରଣ ହେଉଥିବ ଯେ ଆମର ରାଜନୀତିକ ଏବଂ ପ୍ରଶାସନିକ ସାଧନଗୁଡ଼ିକ ଆମକୁ ମନୁଷ୍ୟଜାତିର ସେହି ଈପ୍ସିତ ଏକତାଟି ଆଡ଼କୁହିଁ ପରିଚାଳିତ କରି ନେଇ ପାରୁଥିବେ; କାରଣ ସେହି ସଂଶୟଯୁକ୍ତ ପୂର୍ବାନୁମାନଟି ଉପରେ ନିର୍ଭର କରିହିଁ ଆମେ ବର୍ତ୍ତମାନ ଆଗକୁ ଯିବାରେ ଲାଗିଛୁ । ପରିଶେଷରେ ଯେ ଏହିଭଳି ଏକ ଉଦ୍ଭବ ବା ବିକାଶ ଘଟିବ, ତାହାର ସମ୍ଭାବନା ଏପର୍ଯ୍ୟନ୍ତ କ୍ଷୀଣ ହୋଇ ରହିଛି, କାରଣ ଏପର୍ଯ୍ୟନ୍ତ ମଧ୍ୟ ଉଭୟ ମୁସ୍‌ଲିମ୍ ତଥା ହିନ୍ଦୁ ଭାରତବର୍ଷର ମନୋଭାବ ବଡ଼ ଅତିରିକ୍ତ ଭାବରେ ସ୍ୱାଧୀନତା ଦିଗରେହିଁ ଢଳି କରି ରହିଛି ଏବଂ ଅନ୍ୟ ସମ୍ଭାବନାଟିର ନିର୍ମାଣ ଲାଗି ଇଂଲିଶ୍ ପକ୍ଷରୁ କିଛି ହେଲେ କରାଯାଇ ନାହିଁ । ମାତ୍ର ଆମକୁ ତଥାପି ଏହି ସମ୍ଭାବନାଟିର ବିଚାର କରିବାକୁ ହେବ; କାରଣ, ପରିବର୍ତ୍ତିତ ପରିସ୍ଥିତିରେ ଏହି କ୍ଷେତ୍ରରେ ହୁଏତ ଏକ ସ୍ୱତନ୍ତ୍ର ଓ ବିଚ୍ଛିନ୍ନ ସ୍ୱଶାସନର ମାର୍ଗଟିର ପରିବର୍ତ୍ତରେ ଏକ ଅପ୍ରତ୍ୟକ୍ଷ ଅଥଚ ପ୍ରକୃତ ସ୍ୱାଧୀନତାକୁ ଯେ ଗ୍ରହଣ କରି ନିଆଯିବ, ତାହାର ଆଦୌ କୌଣସି ଅବକାଶ ନାହିଁ ବୋଲି କଦାପି କୁହାଯାଇ ପାରିବ ନାହିଁ । ଯଦି ପ୍ରକୃତରେ ତାହାହିଁ ଘଟେ, ତେବେ ସେଥିରୁ ସଙ୍କେତ ମିଳିବ ଯେ ସର୍ବଶେଷ ଲକ୍ଷ୍ୟଟିର ସାଧନ ଲାଗି ଅଗ୍ରସର ହେଉଥିବା ବେଳେ ପ୍ରକୃତି ଏହି ମାର୍ଗଟି ଆଡ଼କୁ ପ୍ରକୃତରେ ଏକ ପଦକ୍ଷେପ ଗ୍ରହଣ କରିଛି । ଏହାର

'oaob.nitrkl.ac.in' images reprocessed

ସପକ୍ଷରେ ଅନ୍ତତଃ ଏତିକି ଅବଶ୍ୟ କୁହାଯାଇ ପାରିବ ଯେ, ଯଦି ଏତେଦୂର ବିସଦୃଶ ଓ ଭିନ୍ନ ହୋଇ ରହିଥିବା ଦୁଇଟି ଜାତି ତଥା ସଂସ୍କୃତିର ପରସ୍ପର ସହିତ ସଂଯୁକ୍ତ ହୋଇ ଆସିବା ସମ୍ଭବ ହୁଏ, ତେବେ ବିଶ୍ୱ-ସଂଘର ସେହି ବୃହତ୍ତର ପ୍ରଶ୍ନଟି ମଧ୍ୟ ଅପେକ୍ଷାକୃତ କମ୍ ଦୂରବର୍ତ୍ତୀ ହୋଇ ଆସିଲାଣି ବୋଲି ଦେଖାଯିବାକୁ ଆରମ୍ଭ କରିବ ।*

---

* ଘଟଣାର ପ୍ରବାହଗୁଡ଼ିକ ଏବେ ଏକ ଭିନ୍ନଆଡ଼େ ଗତି କରିଛନ୍ତି ଏବଂ ବ୍ୟାବହାରିକ କ୍ଷେତ୍ରରେ ସର୍ବଦା ତାହାହିଁ ଅନିବାର୍ଯ୍ୟ ହୋଇ ରହି ଆସିଥିଲା । ମାତ୍ର ଏହି ପରିଚ୍ଛେଦଟି ପ୍ରଥମେ ଯେମିତି ଥିଲା, କୌଣସି ପରିବର୍ତ୍ତନ ନ କରି ତାହାକୁ ଠିକ୍ ସେମିତି ରଖାଯାଇଛି, କାରଣ ଏହି ସମ୍ଭାବନାଟିର ଆଲୋଚନା କରିବା ମୂଳ ବିଷୟଟି ଲାଗି ଆବଶ୍ୟକ ହୋଇ ରହିଥିଲା । ସେହି ସମ୍ଭାବ୍ୟ ପ୍ରୟୋଗଟି ଯେ କୌଣସି ସ୍ଥାନରେ ମଧ୍ୟ ଉପଲବ୍ଧିର ନିକଟବର୍ତ୍ତୀ ହୋଇ ଆସିପାରିଲା ନାହିଁ, ତାହାହିଁ ଆମ ସମ୍ମୁଖରେ ଏହି ସତ୍ୟଟିର ଗୋଟିଏ ଦୃଷ୍ଟାନ୍ତ ଆଣି ଯୋଗାଇ ଦେଉଛି ଯେ ଏକ ସଂପୂର୍ଣ୍ଣ ବିଶ୍ୱ-ସଙ୍ଘର ପ୍ରତିଷ୍ଠା ଦିଗରେ ଅଗ୍ରସର ହେବାର ଏହି ମଧ୍ୟବର୍ତ୍ତୀ ପର୍ଯ୍ୟାୟଟିରେ ଆମକୁ ଏପରି ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ, ଯାହାକି ସେହି ଲକ୍ଷ୍ୟଟିର ସାଧନକୁ ପ୍ରାୟ ଅସମ୍ଭବ ବୋଲି ସାବ୍ୟସ୍ତ କରାଇଦେବାକୁ ଆସୁଥିବେ । ବିଶ୍ୱସଙ୍ଘର ସ୍ଥାନରେ ବର୍ତ୍ତମାନ ସୋଭିଏଟ୍ ଇଉନିଅନ୍ ଏବଂ କମନ୍‌ୱେଲ୍‌ଥ୍ ପ୍ରଭୃତି କେତୋଟି ସମୂହର ନିର୍ମାଣ କରାଯାଇଛି ପ୍ରସ୍ତାବିତ ଇଉରୋପୀୟ ଯୁକ୍ତରାଜ୍ୟ ପ୍ରଭୃତି ସମ୍ଭାବନାମାନ ଦେଖାଦେଇଛି; ଏବଂ ଦୁଇ ଆମେରିକା ମଧ୍ୟରେ ଯାହା କ୍ରମଶଃ ନିର୍ମିତ ହୋଇ ଆସୁଛି ଓ ହୁଏତ ଏସିଆରେ ମଧ୍ୟ ଦିନେ ସମ୍ଭବ ହୋଇପାରେ, ସେହିଭଳି ମହାଦେଶୀୟ ଅନ୍ୟ ସମ୍ମିଶ୍ରଣଗୁଡ଼ିକର ମଧ୍ୟ ସମ୍ଭାବନା ଦେଖାଗଲାଣି ।

'oaob.nitrkl.ac.in' images reprocessed

## ନବମ ପରିଚ୍ଛେଦ

# ଏକ ବିଶ୍ୱସାମ୍ରାଜ୍ୟର ସମ୍ଭାବନା

ଯେଉଁ ଶକ୍ତି ଓ ପ୍ରାଣବନ୍ତତା ବର୍ତ୍ତମାନ ଜାତୀୟତାର ଭାବକୁ ଅନ୍ୟ ଯାବତୀୟ ପ୍ରକାରର ସମୂହଭାବନାଠାରୁ ସ୍ୱତନ୍ତ୍ର କରି ତାକୁ ଅନ୍ୟଗୁଡ଼ିକ ଅପେକ୍ଷା ଅଧିକ ଊର୍ଦ୍ଧ୍ୱରେ ନେଇ ରଖିଛି, ସାମ୍ରାଜ୍ୟର ଧାରଣାଟି ଯେ ବର୍ତ୍ତମାନର କୃତ୍ରିମ ଓ ନିର୍ମାଣାତ୍ମକ ଅବସ୍ଥାଟିରୁ ମନୁଷ୍ୟର ମନକୁ ଠିକ୍ ସେହିପରି ଶକ୍ତି ଓ ପ୍ରାଣବନ୍ତତା ସହିତ ପରିଚାଳିତ କରି ପାରୁଥିବା ଏକ ଉପଲବ୍ଧ ମନୋଗତ ସତ୍ୟର ପର୍ଯ୍ୟାୟକୁ ଉନ୍ନୀତ ହୋଇଯାଇ ପାରିବ, ତାହା କେବଳ ଗୋଟିଏ ସମ୍ଭାବନା ହୋଇହିଁ ରହିଛି, ଭବିଷ୍ୟତର ଏକ ଅବଶ୍ୟମ୍ଭାବୀ ନିଶ୍ଚୟତାରେ ଆଦୌ ପରିଣତ ହୋଇ ନାହିଁ । ଏପରିକି ଏହାକୁ ବଡ଼ ଅସ୍ପଷ୍ଟ ଭାବରେ ଜନ୍ମ ନେଉଥିବା ଗୋଟିଏ ସମ୍ଭାବନା ବୋଲି ମଧ୍ୟ କୁହାଯାଇ ପାରିବ; ଏହି ପ୍ରାରମ୍ଭିକ ଅବସ୍ଥାଟି ମଧ୍ୟରେ ତାହା ବର୍ତ୍ତମାନ ରାଜନୀତିକ ନେତାମାନଙ୍କର ଅନେକାନେକ ନିର୍ବୋଧତାର ଶିକାର ହୋଇ ରହିଛି, ବୃହତ୍ ମନୁଷ୍ୟ-ସମଷ୍ଟିଗୁଡ଼ିକର ପ୍ରଚଣ୍ଡ କେତେକେତେ ଆବେଗର ଶିକାର ହୋଇ ରହିଛି ଏବଂ ପ୍ରତିଷ୍ଠିତ କେତେ ଅହଂବାଦିତାର ଅନମନୀୟ ଆତ୍ମସ୍ୱାର୍ଥ ଦ୍ୱାରା ମଧ୍ୟ କବଳିତ ହୋଇ ରହିଛି; ଏବଂ ଏହି ପ୍ରାରମ୍ଭିକ ଅବସ୍ଥାଟି ମଧ୍ୟରୁ ବାହାରି ନ ଆସିବା ପର୍ଯ୍ୟନ୍ତ ଏହା ବର୍ତ୍ତମାନ ମଧ୍ୟ ଯେ ହୁଏତ ଗୋଟିଏ ମୃତଶିଶୁ ହୋଇହିଁ ଜନ୍ମଗ୍ରହଣ ନ କରିବ, ସେହି ବିଷୟରେ ଆମେ କୌଣସି ପ୍ରକାରେ ନିଶ୍ଚିତ ହୋଇପାରିବା ନାହିଁ । ଏବଂ ଯଦି ଏହାହିଁ ହୋଇଥାଏ, ତେବେ ରାଜନୀତିକ ଏବଂ ପ୍ରଶାସନଗତ ପନ୍ଥାରେ ମନୁଷ୍ୟଜାତି ଏକତ୍ରବଦ୍ଧ ହୋଇ ପାରିବା ଲାଗି ଏହା ବ୍ୟତୀତ ପ୍ରକୃତରେ ଆଉ କ'ଣ ସମ୍ଭାବନା ରହିଛି ? ଯଦି, ସମୁଦାୟ ପୃଥିବୀକୁ ଗୋଟିଏ ସାମ୍ରାଜ୍ୟ କରି ଗଢ଼ିବାର ସେହି ପୁରୁଣା ଆଦର୍ଶଟି ଏକ ବାସ୍ତବ ଓ ସମ୍ପାଦିତ ସତ୍ୟରେ ପରିଣତ ହୋଇଯାଇପାରିବ,— ଯେଉଁସବୁ ବିକାଶ ଦ୍ୱାରା ତାହା ସମ୍ଭବ ହେବ, ସେଗୁଡ଼ିକ ଏପର୍ଯ୍ୟନ୍ତ ଆପାତ ଭାବରେ ମଧ୍ୟ ଦୃଶ୍ୟମାନ ହୋଇ ନାହାନ୍ତି,— ଅଥବା, ଯଦି ମୁକ୍ତ ଅନେକ ଜାତିଙ୍କୁ ନେଇ ଗଠିତ ଏକ ମୁକ୍ତ ସହଚାରିତାର ସେହି ବିପରୀତ ଆଦର୍ଶଟି ତାହାର ବାସ୍ତବ ଉପଲବ୍ଧି ଦିଗରେ ପ୍ରତିବନ୍ଧକ ହୋଇ ରହିଥିବା ଯାବତୀୟ ଶକ୍ତିଶାଳୀ ବାଧାକୁ ଅତିକ୍ରମ କରିଯାଇପାରିବ, ତେବେ ଯାଇ ତାହା ସମ୍ଭବ ହେବ ।

ତୁଚ୍ଛା ବଳପ୍ରୟୋଗ ଦ୍ୱାରା ଏକ ବିଶ୍ୱ-ସାମ୍ରାଜ୍ୟ ପ୍ରତିଷ୍ଠା କରିବାର ଧାରଣାଟି ଯେ ବସ୍ତୁଗୁଡ଼ିକର ପ୍ରଗତିଶୀଳ ସ୍ୱଭାବଟି ଆମର ଏହି ଆଧୁନିକ ପୃଥିବୀଟି ମଧ୍ୟରେ

'oaob.nitrkl.ac.in' images reprocessed

ସମ୍ଭବ କରି ଆଣିଥିବା ନୂତନ ପରିସ୍ଥିତିଗୁଡ଼ିକର ଏକାବେଳକେ ବିପରୀତ ହୋଇ କାର୍ଯ୍ୟ କରିବ, ସେକଥାଟିକୁ ଆମେ ଆଗରୁ ଆଲୋଚନା କରି ଦେଖିଛୁ । ତଥାପି, ବର୍ତ୍ତମାନ ଆମେ ଏହିସବୁ ନୂତନ ପରିସ୍ଥିତିକୁ ସମସ୍ୟାଟି ମଧ୍ୟରୁ ଅଲଗା କରି ଦେଖିବା, ଏବଂ, ରୋମ୍ ଯେପରି ଏକଦା ଆପଣାର ପରାକ୍ରମଶାଳୀ ସଂସ୍କୃତି ଏବଂ ରାଜନୀତିକ ଶାସନଟିକୁ ନେଇ ଭୂମଧ୍ୟସାଗରୀୟ ଜନସମୂହ ଏବଂ ଗଲ୍ ଓ ବ୍ରିଟେନ୍ ଉପରେ ନେଇ ଲଦି ଦେଇଥିଲା, ସେହିପରି କୌଣସି ବୃହତ୍ ଜାତି ବା ସମୂହ ସମଗ୍ର ପୃଥିବୀ ଉପରେ ଆପଣାର ଶାସନ ଓ ସଂସ୍କୃତିକୁ ଲଦି ଦେବାର ସିଦ୍ଧାନ୍ତଗତ ସମ୍ଭାବନାଟି ଉପରେ ଆଲୋଚନା କରିବାକୁ ଚେଷ୍ଟା କରିବା । ବା, ହୁଏତ ଏପରି ବି ଅନୁମାନ କରିବା ଯେ ବର୍ତ୍ତମାନର ବୃହତ୍ ଓ ବଳଶାଳୀ ଜାତିଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ଜାତି ହୁଏତ ଆପଣାର ବାହୁବଳ ତଥା କୂଟନୀତି ପ୍ରୟୋଗ କରି ଆପଣାର ସବୁଯାକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାଭୂତ କରିଦେବ, ଏବଂ ତା'ପରେ, ଆପଣାର ଅଧୀନକୁ ଆସିଥିବା ଜାତିଗୁଡ଼ିକର ସଂସ୍କୃତି ତଥା ସ୍ୱତନ୍ତ୍ର ଆଭ୍ୟନ୍ତରୀଣ ଜୀବନକୁ ସମ୍ମାନ ଦେଖାଇ, ଏକ ବିଶ୍ୱଶାନ୍ତି, ହିତୈଷଣା ଦ୍ୱାରା ପ୍ରେରିତ ସୁଶାସନ ଓ ମନୁଷ୍ୟଜାତିର ବର୍ତ୍ତମାନ ଅବସ୍ଥାଟିର ନିରାକରଣ ଉଦ୍ଦେଶ୍ୟରେ ମନୁଷ୍ୟର ଯାବତୀୟ ଜ୍ଞାନ ଏବଂ ସଂପଦକୁ ଅଭୂତପୂର୍ବ ଭାବରେ ସଂଗଠିତ କରି ଆଣିବାର ପ୍ରଲୋଭନ ଦେଖାଇ ଆପଣାର ରାଜତ୍ୱ ଓ କର୍ତ୍ତୃତ୍ୱଟିକୁ ଦୃଢ଼ କରି ରଖିବ । ସିଦ୍ଧାନ୍ତଗତ ଏହି ସମ୍ଭାବନାଟି ପ୍ରକୃତରେ ଉପସ୍ଥିତ ପରିସ୍ଥିତିଗୁଡ଼ିକର ସମ୍ମୁଖୀନ ହୋଇ ଆପଣାକୁ ଏକ ବାସ୍ତବ ସମ୍ଭାବନାରେ ପରିଣତ କରି ଆଣିବା କେତେଦୂର ସମ୍ଭବ ହେବ ବା ନ ହେବ, ଆମକୁ ବର୍ତ୍ତମାନ ସେହି ବିଷୟଟିର ପରୀକ୍ଷା କରି ଦେଖିବାକୁ ହେବ; ଏବଂ, ଯଦି ଆମେ ସେଗୁଡ଼ିକୁ ବିଚାର କରି ଦେଖିବା, ତେବେ ଆମେ ଅବଶ୍ୟ ଜାଣିବାକୁ ପାଇବା ଯେ ସେଭଳି କୌଣସି ପରିସ୍ଥିତି ବର୍ତ୍ତମାନ ବିଦ୍ୟମାନ ନାହିଁ; ବରଂ ସକଳ ପରିସ୍ଥିତି ଏହିଭଳି ଏକ ବିରାଟ ସ୍ୱପ୍ନକୁ ସତ୍ୟରେ ପରିଣତ କରିବାର ବିରୋଧରେହିଁ କାର୍ଯ୍ୟ କରୁଛନ୍ତି;— ଏବଂ ତେଣୁ, ଭବିଷ୍ୟତର ଗୋପନଭଣ୍ଡାରଟି ମଧ୍ୟରେ ଲୁକ୍କାୟିତ ହୋଇରହିଥିବା କେବଳ କେତୋଟି ବିପୁଳ ପରିବର୍ତ୍ତନ ଦ୍ୱାରାହିଁ ଏହା ସମ୍ଭବ ହୋଇପାରିବ ।

ସାଧାରଣତଃ ଅନୁମାନ କରାଯାଇଥାଏ ଯେ, ଯେଉଁ ବଳଶାଳୀ ଆବେଗଟି ଦ୍ୱାରା ପ୍ରବୃତ୍ତ ହୋଇ ଜର୍ମାନୀ ପୃଥିବୀ ସହିତ ତା'ର ଅଧୁନାତନ ସଂଗ୍ରାମଟିରେ ଆସି ଲିପ୍ତ ହୋଇ ପଡ଼ିଲା, ତାହାର ମୂଳଟି ମଧ୍ୟ ଏହିପରି ଏକ ସାମ୍ରାଜ୍ୟ-ସ୍ୱପ୍ନ ମଧ୍ୟରେ ନିହିତ ହୋଇ ରହିଥିଲା । ଜର୍ମାନୀର ପରିଚାଳନା କରୁଥିବା ମାନସଗୁଡ଼ିକରେ ପ୍ରକୃତରେ କେତେଦୂର ସେଚେତନ ଭାବରେ ଏହିଭଳି ଏକ ଅଭିପ୍ରାୟ ରହିଥିଲା, ସେହି କଥାଟି ଅବଶ୍ୟ ନାନା ସଂଶୟ ଲାଗି ଉନ୍ମୁକ୍ତ ହୋଇ ରହିଛି; ମାତ୍ର ଏକଥାଟି ନିଶ୍ଚିତ ଭାବରେ

'oaob.nitrkl.ac.in' images reprocessed

ସତ୍ୟ ଯେ, ସେ ପ୍ରଥମେ ଯେପରି ପ୍ରତ୍ୟାଶା କରିଥିଲା, ଜର୍ମାନୀ ଯଦି ସେହିପରି ଭାବରେହିଁ ଯୁଦ୍ଧରେ ପ୍ରବେଶ କରିଥାନ୍ତା ଓ ଯୁଦ୍ଧ ଲଢ଼ିଥାନ୍ତା, ତେବେ ସେଥିରୁ ସୃଷ୍ଟ ପରିସ୍ଥିତିଟି ତାକୁ ଅନିବାର୍ଯ୍ୟ ଭାବରେ ଏହି ବୃହତ୍ ପ୍ରୟାସଟି ମଧ୍ୟକୁ ନିଶ୍ଚୟ ପରିଚାଳିତ କରି ନେଇଥାନ୍ତା । କାରଣ ଏହାଦ୍ୱାରା ଜର୍ମାନୀ ଏପରି ଏକ ପ୍ରାଧାନ୍ୟର ସ୍ଥିତି ଲାଭ କରିବାକୁ ସମର୍ଥ ହୋଇଥାନ୍ତା, ଯାହାକୁ କି ବିଶ୍ୱ-ଇତିହାସର ଜ୍ଞାତ ଅବଧିଟି ମଧ୍ୟରେ ଅନ୍ୟକୌଣସି ଜାତି ଏପର୍ଯ୍ୟନ୍ତ ଲାଭ କରି ନାହାନ୍ତି; ଏବଂ ଯେଉଁସବୁ ବିଚାର ଓ କଳ୍ପନା ସମ୍ପ୍ରତି ଜର୍ମାନ୍ ବୁଦ୍ଧିଟିକୁ ଶାସନ କରି ଆସିଛନ୍ତି, ତା'ର ଯେ ଏକ ବିଧିନିର୍ଦ୍ଦିଷ୍ଟ ବ୍ରତ ବା କର୍ତ୍ତବ୍ୟ ରହିଛି, ଏକ ଜାତି ହିସାବରେ ଯେ ସିଏ ସମସ୍ତଙ୍କଠାରୁ ଉପରେ ରହିଛି, ତା'ର ସଂସ୍କୃତି ଯେ ଅକଳ୍ପନୀୟ କେତେକେତେ ଶ୍ରେଷ୍ଠତାରେ ଭୂଷିତ ହୋଇ ରହିଛି, ତା'ର ବିଜ୍ଞାନ, ତା'ର ଜୀବନ-ସଂଗଠନ ଏବଂ ପୃଥିବୀଯାକକୁ ବାଟ ଦେଖାଇ ନେବାକୁ ଏବଂ ପୃଥିବୀ ଉପରେ ଆପଣାର ଇଚ୍ଛାଟିକୁ ଏବଂ ଆଦର୍ଶଗୁଡ଼ିକୁ ଆଣି ମଡ଼ାଇ ଦେବାକୁ ଭଗବାନ ତାକୁ ଯେଉଁ ବିଶେଷ ଅଧିକାର ଦେଇଛନ୍ତି, ଆଧୁନିକ ବାଣିଜ୍ୟିକତାର ସର୍ବାଧିକାରୀ ଭାବଟି ସମେତ ଏହିସବୁ କଥାହିଁ ପୃଥିବୀଗୋଟାକୁ ଆପଣା ଅଧୀନତା ମଧ୍ୟକୁ ନେଇ ଆସିବାକୁ ତାକୁ ଅନିବାର୍ଯ୍ୟ ଭାବରେ ସତେଅବା ଈଶ୍ୱରଙ୍କ ଦ୍ୱାରାହିଁ ଏକ କାର୍ଯ୍ୟ ପରି ପ୍ରେରିତ କରି ନେଇଛି । ଏକ ଆଧୁନିକ ଜାତି ଏବଂ ବସ୍ତୁତଃ ସେହି କାର୍ଯ୍ୟଦକ୍ଷତା, ବିଜ୍ଞାନର ସେହି ବୈଜ୍ଞାନିକ ଉପଯୋଜନ, ସଂଗଠନର ସେହି ପ୍ରବଣତା, ରାଷ୍ଟ୍ରର ସହାୟତା ଏବଂ ବୁଦ୍ଧିମତ୍ତା ସହିତ ଜାତୀୟ ତଥା ସାମାଜିକ ସମସ୍ୟାଗୁଡ଼ିକର ସମ୍ମୁଖୀନ ହେବା ଏବଂ ସଭ୍ୟତା କହିଲେ ଇଉରୋପ ଯାହା ବୁଝେ, ଆର୍ଥିକ ସମୃଦ୍ଧି ଓ ସଂପନ୍ନତାର କ୍ଷେତ୍ରରେ ସେହି ନିପୁଣ ସଂଗଠନ ଆଦି ଯାବତୀୟ ଦୃଷ୍ଟିରୁ ସବୁଠାରୁ ଅଧିକ ଅଗ୍ରଗତି କରି ପାରିଥିବା ଜାତିଟି ଯେ ଏହିଭଳି ବିଚାର ଓ ଉଚ୍ଚାଟନାଗୁଡ଼ିକ ଦ୍ୱାରା ପ୍ରକୃତରେ କବଳିତ ହେବ ଓ ତାହାରି ଦ୍ୱାରାହିଁ ତାଡ଼ିତ ହୋଇଗଲା ପରି ଆଗକୁ ଯାଉଥିବ, ତାହାହିଁ ସୁନିଶ୍ଚିତ ଭାବରେ ପ୍ରମାଣିତ କରି ଦେଉଛି ଯେ ସେହି ପୁରାତନ ଦେବାଧିଦେବମାନେ ଆଜି ମଧ୍ୟ ଜୀବିତ ରହିଛନ୍ତି, ପୃଥିବୀକୁ ଜୟ କରି ନେଉଥିବା, ପୃଥିବୀର ଶାସନ କରୁଥିବା ଏବଂ ପୃଥିବୀକୁ ନିର୍ଦ୍ଦୋଷ ଓ ନିଖୁଣ କରି ଗଢୁଥିବା ସେହି ସର୍ବକର୍ତ୍ତୃତ୍ୱଶାଳୀ ଶକ୍ତି ବିଷୟରେ ରହିଥିବା ପୁରାତନ ଆଦର୍ଶଟି ଏବେ ମଧ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ସତ୍ୟ ହୋଇ ଅବସ୍ଥିତ ରହିଛି ଏବଂ ମନୁଷ୍ୟଜାତିର ମନୋଭୂମି ଉପରେ ଏକଦା ତାହାର ଯେଉଁ ପ୍ରତିପତ୍ତି ରହିଥିଲା, ସେଇଟିକୁ ସେ ଆଜିପର୍ଯ୍ୟନ୍ତ ତଥାପି ଛାଡ଼ିପାରି ନାହିଁ । ଏକଥାଟି ମଧ୍ୟ କଦାପି ନିଶ୍ଚିତ ଭାବରେ କହିହେବ ନାହିଁ ଯେ ମହାଯୁଦ୍ଧ ଏହିସବୁ ଶକ୍ତିର ନିଧନ ଘଟାଇ ପାରିଛି, କାରଣ ବଳ ବଳର ସମ୍ମୁଖୀନ ହୋଇହିଁ ଯୁଦ୍ଧର ମୀମାଂସା ହୋଇଛି, ସଂଗଠନ ସଂଗଠନ ଉପରେ

'oaob.nitrkl.ac.in' images reprocessed

ବିଜୟ-ଲାଭ କରିହିଁ ଯୁଦ୍ଧର ମୀମାଂସା ହୋଇଛି । ସେହି ପ୍ରବଳ ଆକ୍ରମଣକାମୀ ଟିଉଟନିକ୍ ଶକ୍ତିର ପ୍ରକୃତ ବଳ କହିଲେ ପ୍ରକୃତରେ ଯାହାକୁ ବୁଝାଉଥିଲା, ଠିକ୍ ସେହିସବୁ ଅସ୍ତ୍ର ଓ ଆୟୁଧର ଅଧିକ ବିଚକ୍ଷଣତାଯୁକ୍ତ ବା ଅନ୍ତତଃ ଅପେକ୍ଷାକୃତ ଅଧିକ ସୁବିଧାଜନକ ଉପଯୋଗ ହେତୁହିଁ ଯୁଦ୍ଧର ମୀମାଂସା ହୋଇଛି । ଜର୍ମାନୀର ଅସ୍ତ୍ରରେହିଁ ଜର୍ମାନୀର ପରାଜୟ ଘଟାଇ ତାହାରି ଦ୍ୱାରାହିଁ ସେତେବେଳେ ଜର୍ମାନୀରେ ମୂର୍ତ୍ତ ହୋଇ ରହିଥିବା ଭାବଟିକୁ ସଂହାର କରିପାରିବା କଦାପି ସମ୍ଭବ ହୋଇ ନ ଥାନ୍ତା; ଏହାଫଳରେ ହୁଏତ କେବଳ ତାହାରିହିଁ ଏକ ପୁନରବତାର ସଂଘଟିତ ହେବାକୁ ଯାଉଛି, ସମ୍ଭବତଃ କୌଣସି ଅନ୍ୟ ଜାତି ବା ଅନ୍ୟ ସାମ୍ରାଜ୍ୟରେ ଏହା ପୁନଃସମ୍ଭୂତ ହେବାକୁ ଯାଉଛି ଏବଂ ସେପରି ପରିସ୍ଥିତିରେ ସମୁଦାୟ ସମରଟିକୁ ପୁଣିଥରେ ଲଢ଼ିବାର ଆବଶ୍ୟକତାଟି ମଧ୍ୟ ଆସି ପହଞ୍ଚିବାକୁ ଯାଉଛି । ଏହି ପୁରାତନ ଦେବତାଗୁଡ଼ିକ ଯେପର୍ଯ୍ୟନ୍ତ ବଞ୍ଚି ରହିଛନ୍ତି, ସେମାନେ ଜୀବନ୍ୟାସ ଦେଇ ରଖିଥିବା ଶରୀରଟିର ଭଗ୍ନ ହୋଇଯିବା ଅଥବା ସେଥିରେ କୌଣସି ଗ୍ଲାନି ଆସି ପହଞ୍ଚିବାକୁ ସେପର୍ଯ୍ୟନ୍ତ ଏକ ଅତ୍ୟନ୍ତ କ୍ଷୁଦ୍ର ଘଟଣା ବୋଲି କୁହାଯାଇ ପାରିବ; କାରଣ ଗୋଟିଏ ଶରୀରକୁ ପରିତ୍ୟାଗ କରି ଆଉ ଗୋଟିଏ ଶରୀରରେ କିପରି ଯେ ପ୍ରବେଶ କରିବାକୁ ହୁଏ, ସେହି ଦେବତାମାନେ ସେକଥା ଭଲକରି ଜାଣିଛନ୍ତି । ୧୮୧୩ ଖ୍ରୀଷ୍ଟାବ୍ଦରେ ଜର୍ମାନୀ ଫ୍ରାନ୍ସ୍‌ରେ ନେପୋଲିଅନିକ୍ ଭାବଟିର ଅପସାରଣ ଘଟାଇଥିଲା, ଏବଂ ଇଉରୋପର ନାୟକ ହିସାବରେ ଫ୍ରାନ୍ସ୍‌ର ଆଉ ଯାହା ବାକି ଥିଲା, ୧୮୭୦ ଖ୍ରୀଷ୍ଟାବ୍ଦରେ ଜର୍ମାନୀ ସେତିକି ମଧ୍ୟ ଭାଙ୍ଗି ଦେଇଥିଲା । ଏବଂ ଯେଉଁ ବସ୍ତୁଟିକୁ ଜର୍ମାନୀ ସ୍ୱୟଂ ଭାଙ୍ଗି ଚୂରମାର କରି ଦେଇଥିଲା, ପରବର୍ତ୍ତୀ କାଳରେ ସେହି ଜର୍ମାନୀ ସ୍ୱୟଂ ତାହାରି ଏକ ଅବତାର ହୋଇ ଆବିର୍ଭୂତ ହେଲା । ଆହୁରି ଏକ ଅଧିକ ଦୁର୍ଦ୍ଧର୍ଷ ମାତ୍ରାରେ ଯେ ଘଟଣାଟିର ପୁନରାବିର୍ଭାବ ଘଟିପାରେ, ତାହାର ସେହି ସାମର୍ଥ୍ୟ ପୂର୍ଣ୍ଣମାତ୍ରାରେ ରହିଛି ।

ଏଥିପୂର୍ବରୁ ନେପୋଲିଅନ୍ ବ୍ୟର୍ଥ ହୋଇଯିବା ଫଳରେ ଏହି ସାମ୍ରାଜ୍ୟସମ୍ବନ୍ଧୀ ସ୍ୱପ୍ନଟି ଏକ ଅସମ୍ଭବ ସ୍ୱପ୍ନ ବୋଲି ଯେତିକି ପ୍ରମାଣ ମିଳିଥିଲା, ଜର୍ମାନୀ ମଧ୍ୟ ବ୍ୟର୍ଥ ହୋଇଯିବା ଫଳରେ ସେହି ଅସମ୍ଭବତା ସମ୍ବନ୍ଧରେ ତା'ଠାରୁ ଆଦୌ କୌଣସି ଅଧିକ ପ୍ରମାଣ ମିଳିଲା ନାହିଁ । କାରଣ ଏପରି ଏକ ପ୍ରକାଣ୍ଡ ଲକ୍ଷ୍ୟକୁ ଚରିତାର୍ଥ କରିବା ଲାଗି ଟିଉଟନିକ୍ ସଂଗଠନଟି ମଧ୍ୟରେ କେବଳ ଗୋଟିକୁ ଛାଡ଼ି ଆଉ ସକଳ ଯାବତୀୟ ଆବଶ୍ୟକ ପରିସ୍ଥିତିର ଅଭାବ ରହିଥିଲା । ତାହାର ସାମରିକ, ବିଜ୍ଞାନକୌଶଳଗତ ଏବଂ ଜାତୀୟ ସଂଗଠନଟି ସବୁଠାରୁ ଅଧିକ ଦୃଢ଼ ଥିଲା, ଏବଂ ପୃଥିବୀର ଅନ୍ୟ କୌଣସି ଜାତି ଏସବୁ କ୍ଷେତ୍ରରେ ସେପର୍ଯ୍ୟନ୍ତ ଆଦୌ ବିକଶିତ ହୋଇ ନ ଥିଲେ; ମାତ୍ର କେବଳ ଯେଉଁ

'oaob.nitrkl.ac.in' images reprocessed

ପ୍ରେରକଶକ୍ତିଟିହିଁ ଏପରି ଗୋଟିଏ ବୃହତ୍ ଉଦ୍ୟମକୁ ସଫଳ କରାଇ ପାରିଥାନ୍ତା, ଏବଂ ନେପୋଲିଅନିକ୍ ଯୁଗରେ ଯେଉଁ ଶକ୍ତି ଅନେକ ଅଧିକ ପରିମାଣରେ ଫ୍ରାନ୍ସଠାରେ ବିଦ୍ୟମାନ ରହିଥିଲା, ଜର୍ମାନୀରେ ସେହି ଶକ୍ତିଟିରହିଁ ଅଭାବ ଥିଲା । ସଫଳତାର ଅପରିହାର୍ଯ୍ୟ ପରିବେଶଗୁଡ଼ିକୁ ସୃଷ୍ଟି କରାଇ ପାରୁଥିବା ସେହି ସଫଳ କୂଟନୈତିକ ପ୍ରତିଭାଟି ମଧ୍ୟ ଜର୍ମାନୀଠାରେ ନ ଥିଲା । ପୃଥିବୀ ଉପରେ ମାଲିକ ହେବାର ପ୍ରୟାସଟିରେ ସେନାବାହିନୀର ଶ୍ରେଷ୍ଠତରତା ଅପେକ୍ଷା ଯେଉଁ ଆନୁଷଙ୍ଗିକ ନୌଶକ୍ତିଟି ରହିଥିବା ମଧ୍ୟ ଏକାନ୍ତ ଆବଶ୍ୟକ, ଜର୍ମାନୀର ତାହା ନ ଥିଲା । ଏବଂ ଜର୍ମାନୀର ଭୌଗୋଳିକ ଅବସ୍ଥିତି ଓ ତାହାର ଶତ୍ରୁମାନେ ଯେପରି ତାକୁ ଚତୁର୍ଦ୍ଦିଗରେ ଘେରି କରି ରହିଥିଲେ, ତାହାରି ଫଳରେ ଜର୍ମାନୀ ଯାବତୀୟ ଅନନୁକୂଳତା ଲାଗି ବିଶେଷ ଭାବରେ ଉନ୍ମୁକ୍ତ ହୋଇ ରହିଥିଲା ଏବଂ ତାହାହିଁ ତା'ର ସ୍ୱାଭାବିକ ପରିପନ୍ଥୀକୁ ସମୁଦ୍ରକ୍ଷେତ୍ରର ମାଲିକ ହେବା ଲାଗି ପ୍ରକୃତରେ ଅନେକ ସାହାଯ୍ୟ କରିଥିଲା । ଏକ ବିପୁଳ ଓ ଦୁର୍ଦ୍ଦମନୀୟ ସମୁଦ୍ରଶକ୍ତି ସହିତ ଏକ ବିପୁଳ ଓ ଦୁର୍ଦ୍ଦମନୀୟ ସ୍ଥଳଶକ୍ତିର ସଂଯୋଗ* ଘଟିଲେ ଯାଇ ଏପରି ଗୋଟିଏ ବିପୁଳ ପ୍ରୟାସ ଏକ ବାସ୍ତବ ସମ୍ଭାବନାରେ ପରିଣତ ହୋଇପାରିବ । କାର୍ଥେଜ୍‌ର ଅଧିକ ଶକ୍ତିଶାଳୀ ନୌଶକ୍ତିକୁ ବିନଷ୍ଟ କରିଦେଇ ପାରିବା ପରେ ଯାଇ ରୋମ୍ ଏକ ବିଶ୍ୱ-ସାମ୍ରାଜ୍ୟ ଭଳି ଗୋଟାଏ କିଛି ହେବା ଲାଗି ଆଶା ପୋଷଣ କରିପାରିଥିଲା । ମାତ୍ର ଜର୍ମାନୀର ରାଜନୀତି-ବୁଦ୍ଧି ଏହି ସମସ୍ୟାଟିର କଳନା କଲାବେଳେ ଏପରି ପ୍ରମାଦରେ ଯାଇ ପଡ଼ି ଯାଇଥିଲା ଯେ ସେ ତାହାର ଶତ୍ରୁସଂଘଟି ମଧ୍ୟରେ ଆଗରୁ ପଙ୍‌କ୍ତିଭୁକ୍ତ ହୋଇ ରହିଥିବା ପୃଥିବୀର ସବୁଠାରୁ ଅଧିକ ଶକ୍ତିଶାଳୀ ନୌଶକ୍ତିଟି ସହିତ ଏକ ସଂଘର୍ଷ ମଧ୍ୟରେ ଆସି ପ୍ରବିଷ୍ଟ ହୋଇ ପଡ଼ିଲା । ସ୍ୱାଭାବିକ ଏହି ଗୋଟିଏ ପରିପନ୍ଥୀ ବିରୋଧରେ ଆପଣାର ଉଦ୍ୟମଗୁଡ଼ିକୁ ଠୁଳ କରି ଆଣିବା ପରିବର୍ତ୍ତେ, ଇଂଲଣ୍ଡ ବିରୋଧରେ ରହିଥିବା ରୁଷିଆ ଏବଂ ଫ୍ରାନ୍ସ୍‌ର ସେହି ପୁରାତନ ଶତ୍ରୁତାଟିକୁ କାମରେ ଲଗାଇବା ପରିବର୍ତ୍ତେ ଜର୍ମାନୀର ଅକୁଶଳ ଓ ନିର୍ମମ କୂଟନୀତି ପୂର୍ବରୁହିଁ ପୂର୍ବର ଏହି ଦୁଇ ଶତ୍ରୁଙ୍କୁ ତା' ନିଜ ବିରୋଧରେ ଖଟାଇ ସାରିଥିଲା । ଇଂଲଣ୍ଡକୁ ଏହି ସଂଘର୍ଷଟି ମଧ୍ୟରୁ ଅଲଗା କରି ରଖିବା ପରିବର୍ତ୍ତେ ଏହା କେବଳ ଆପଣାକୁହିଁ ଅଲଗା କରିଦେବାରେ ସଫଳ ହୋଇଥିଲା, ଏବଂ ଯେଉଁଭଳି ରୀତିରେ ତାହା ଯୁଦ୍ଧଟି ଆରମ୍ଭ କଲା ଓ ଲଢ଼ିଲା, ତାହା ବ୍ୟାବହାରିକ ଦୃଷ୍ଟିରୁ ତାହାକୁ ଆହୁରି ଅଲଗା କରି ପକାଇଲା ଏବଂ ବ୍ରିଟିଶ୍ ବାସନ୍ଦ ଦ୍ୱାରା ଘଟିଥିବା ପ୍ରକୃତ ବିଚ୍ଛିନ୍ନତାଟିକୁ

---

* ଏବଂ ବର୍ତ୍ତମାନ ଏଥିଲାଗି ଆହୁରି ଅନେକ ଅଧିକ ମାତ୍ରାରେ ଏକ ବିପୁଳ ଓ ଅପ୍ରତିଦ୍ୱନ୍ଦ୍ୱୀ ଆକାଶ-ଶକ୍ତିର ମଧ୍ୟ ଆବଶ୍ୟକତା ରହିଛି ।

'oaob.nitrkl.ac.in' images reprocessed

ଆହୁରି ଅଧିକ ବଳଯୁକ୍ତ କରିଥିଲା । ମଧ୍ୟ-ଇଉରୋପ ଏବଂ ତୁରସ୍କରେ ଏକ ବୃହତ୍ ସାମରିକ ସଂକେନ୍ଦ୍ରଣ ଘଟାଇବାର ତାହାର ଏକପାଖିଆ ଚେଷ୍ଟାଟିର ପରିଣାମ ସ୍ୱରୂପ, କେବଳ ଯେଉଁ ଗୋଟିଏ ନୌଶକ୍ତି ହୁଏତ ତା'ର ସପକ୍ଷରେ ରହି ପାରିଥାନ୍ତା, ଜର୍ମାନୀ ସେଇଟିକୁ ମଧ୍ୟ ଅତ୍ୟନ୍ତ ଅକାରଣ ଭାବରେ ଆପଣାଠାରୁ ବିଛିନ୍ନ କରି ରଖିଲା ।

ଏକଥାଟିକୁ ବେଶ୍ କଳ୍ପନା କରି ହେଉଛି ଯେ ପୃଥିବୀ-ଇତିହାସର କୌଣସି ଆଗାମୀ କାଳରେ ଅଧିକ ଅନୁକୂଳ ହୋଇ ଅବସ୍ଥିତ ରହିଥିବା, ଅଧିକ ସାଧନସଂପନ୍ନ ହୋଇଥିବା, ଏକ ସୂକ୍ଷ୍ମତର କୂଟନୈତିକ ବିଚକ୍ଷଣତା ଦ୍ୱାରା ମଣ୍ଡିତ ରହିଥିବା କୌଣସି ଗୋଟିଏ ଜାତି ଅଥବା କେହି ରାଜନୀତି କ୍ଷେତ୍ରର ନେତା ବା ପ୍ରାଚୀନ ଜଗତରେ ଅବସ୍ଥିତ ରୋମ୍ ଭଳି ପରିସ୍ଥିତି, ସ୍ୱଭାବ ଏବଂ ସୌଭାଗ୍ୟ ଦ୍ୱାରା ଅନୁଗୃହୀତ ହୋଇ ରହିଥିବା କୌଣସି ଜାତି ସାମ୍ରାଜ୍ୟସ୍ଥାପନାର ଏହି ଉଦ୍ୟମଟିକୁ ପୁନର୍ବାର ଆରମ୍ଭ କରିବାକୁ ମନ ବଳାଇବ । ତେବେ ସେତେବେଳେ ତାହାର ସାଫଲ୍ୟ ସକାଶେ କ'ଣସବୁ ସର୍ତ୍ତର ପ୍ରୟୋଜନ ହେବ ? ପ୍ରଥମତଃ, ଯେପରି ରୋମ୍ ଗୋଟିଏ ପରେ ଗୋଟିଏ କରି ଆପଣାର ସମ୍ଭାବ୍ୟ ପ୍ରତିଦ୍ୱନ୍ଦ୍ୱୀ ତଥା ଶତ୍ରୁମାନଙ୍କର ସମ୍ମୁଖୀନ ହେବା ଲାଗି ସମର୍ଥ ହୋଇଥିଲା ଏବଂ ଶତ୍ରୁପକ୍ଷ ସଫଳ ଭାବରେ ସମ୍ମିଳିତ ହେବାରୁ ସେମାନଙ୍କୁ ନିବୃତ୍ତ କରି ରଖିପାରିଥିଲା, ସେହିପରି ଏକ ଅତ୍ୟନ୍ତ ସୌଭାଗ୍ୟମୟ ସ୍ଥିତିର ପୁନରାବୃତ୍ତି କରି ନ ପାରିଲେ ତା'ର ଲକ୍ଷ୍ୟଗୁଡ଼ିକ ସମୃଦ୍ଧିମନ୍ତ ହୋଇ ପାରିବାର ହୁଏତ ଆଦୌ ଖୁବ୍‌ବେଶୀ ସମ୍ଭାବନା ନ ଥିବ । ମାତ୍ର ଆଧୁନିକ ପୃଥିବୀରେ, ଯେତେବେଳେ ଏଠାରେ କିଛିହେଲେ ଅଜଣା ରହୁ ନାହିଁ, ଆଧୁନିକ ପ୍ରଚାର ଏବଂ ଦ୍ରୁତ ବିଶ୍ୱବ୍ୟାପୀ ସଂସ୍ଥାପନର ସାଧନଗୁଡ଼ିକ ଦ୍ୱାରା ଈର୍ଷାନ୍ୱିତ ଚକ୍ଷୁ ତଥା ସକ୍ରିୟ ମାନସମାନେ ସବୁକିଛିକୁ ଜାଣି ପାରୁଛନ୍ତି ଓ ସବୁକିଛି ଉପରେ ନିଘା ରଖି ପାରୁଛନ୍ତି, ସେହିଭଳି ଏକ ସୁସତର୍କ ଏବଂ ସୁ-ଅବଗତ ପୃଥିବୀରେ ଏହିଭଳି କୌଣସି ସୌଭାଗ୍ୟବନ୍ତ ଅଗ୍ରଗତି ଲାଗି ପ୍ରକୃତରେ ଆଉ କି ସମ୍ଭାବନା ରହିଛି ? ଏହି ପରିସ୍ଥିତିରେ ଯଦି କୌଣସି ଦେଶ କେବଳ ଏକ କର୍ତ୍ତୃତ୍ୱଶାଳୀ ସ୍ଥିତିରେ ଆସି ଅବସ୍ଥିତ ହୋଇ ଯାଉଛି, ସେଇଥିରେହିଁ ପୃଥିବୀର ଅନ୍ୟସବୁ ଦେଶ ସେବିଷୟରେ ସଙ୍ଗେସଙ୍ଗେ ସତର୍କ ହୋଇ ଯାଉଛନ୍ତି ଏବଂ ସେହି ଶକ୍ତିଟିର ଗୁପ୍ତ ଉଚ୍ଚାକାଙ୍‌କ୍ଷାଗୁଡ଼ିକୁ ସତେଅବା ଅତ୍ୟନ୍ତ ସହଜରେ ବାରିନେଇ ତାହାରି ବିରୋଧରେହିଁ ଆପଣାର ଶତ୍ରୁତାଟିକୁ ଆଣି ଠୁଳ କରି ରଖୁଛନ୍ତି । ତେଣୁ, ଯଦି ପ୍ରଥମତଃ ସାମ୍ରାଜ୍ୟ-ସ୍ଥାପନାର ଏହି ପୁନରାବୃତ୍ତିଟି ଅର୍ଦ୍ଧ-ଅଚେତନ ଭାବରେ ସାଧିତ ହୋଇପାରେ ଏବଂ ସାଧାରଣ ଭାବରେ ଅନ୍ୟମାନଙ୍କର କୌଣସି ଈର୍ଷା ଉଦ୍ରେକ କରି ଆଣିବା ଭଳି ଅଗ୍ରସର ହୋଇ ଯାଉଥିବା ବଡ଼ ଶକ୍ତିଟିର ଯଦି କୌଣସି ନିର୍ଦ୍ଦିଷ୍ଟ କିଂବା ଦୃଶ୍ୟମାନ ଉଚ୍ଚାକାଙ୍‌କ୍ଷା ନ ଥାଏ, ଏବଂ ଦ୍ୱିତୀୟତଃ,

'oaob.nitrkl.ac.in' images reprocessed

ଅନୁକୂଳ କେତୋଟି ଘଟଣା ସେହି ଶକ୍ତିଟିକୁ ଯଦି ତା'ର ଅଭିଳକ୍ଷିତ ଲକ୍ଷ୍ୟଟିର ଏତେବେଶୀ ନିକଟବର୍ତ୍ତୀ କରାଇ ଆଣିପାରନ୍ତି, ଯେପରିକି ସେଇଟିକୁ ଅଟକାଇ ରଖିବାର ଶକ୍ତି ରହିଥିବା ଅନ୍ୟମାନେ ତାହାର ସମ୍ଭାବନାଟି ସମ୍ବନ୍ଧରେ ସଚେତନ ହୋଇ ଉଠିବା ପୂର୍ବରୁହିଁ ସେହି ଲକ୍ଷ୍ୟଟି ଆୟତ୍ତ ମଧ୍ୟକୁ ଆସି ସାରିଥାଏ, ତେବେ ଯାଇ ସେହି ଭାଗ୍ୟବନ୍ତ ପୁନରାବୃତ୍ତିଟି ସମ୍ଭବ ବୋଲି ପ୍ରତୀତ ହେବ । ଉଦାହରଣ ସ୍ୱରୂପ, ଯଦି ପୃଥିବୀରେ ବର୍ତ୍ତମାନ ପ୍ରତିପତ୍ତିଶାଳୀ ହୋଇ ରହିଥିବା ଚାରୋଟି ବା ପାଞ୍ଚୋଟି ବଡ଼ ଶକ୍ତିଙ୍କ ମଧ୍ୟରେ ଅବିଚ୍ଛିନ୍ନ ଭାବରେ କେତେ ସମୟ ଲାଗି ନାନା ସଂଘର୍ଷ ଲାଗିରହେ, ଏବଂ ଯଦି ପ୍ରତ୍ୟେକଟି ସଂଘର୍ଷରେ ଆକ୍ରମଣକାରୀ ଶକ୍ତିଟିର ବଳକୁ ଏପରି ଭାଙ୍ଗି ଦିଆଯାଏ ଯେ ସିଏ ଆଉଥରେ ମୁଣ୍ଡ ଟେକି ଉଠିବ  ବୋଲି ଆଉ କୌଣସି ଆଶା ନ ଥାଏ ଏବଂ ତାହାର ସ୍ଥାନରେ ଆଉ କୌଣସି ନୂତନ ବୃହତ୍ ଶକ୍ତି ମୁଣ୍ଡ ଟେକିବ ବୋଲି ମଧ୍ୟ କୌଣସି ସମ୍ଭାବନା ନ ଥାଏ, ତେବେ ଏକଥାଟି ବେଶ୍ କଳ୍ପନା କରାଯାଇ ପାରିବ ଯେ ଶେଷକୁ ସେଗୁଡ଼ିକ ମଧ୍ୟରୁ ଗୋଟିଏ ଶକ୍ତି ଏପରି ଏକ ସ୍ୱାଭାବିକ ପ୍ରତିପତ୍ତିଶାଳିତାର ସ୍ଥାନରେ ଆସି ଅବସ୍ଥାପିତ ହୋଇଯିବ ଓ ସେହି ସ୍ଥାନଟିକୁ ହାସଲ କରିବାରେ ତାକୁ ଇଚ୍ଛାକୃତ ଭାବରେ ଆଉ କାହା ଉପରେ କୌଣସି ଆକ୍ରମଣ କରିବାକୁ ପଡ଼ିବ ନାହିଁ ବା ଅନ୍ତତଃ, ଅନ୍ୟମାନଙ୍କ ଆକ୍ରମଣର ପ୍ରତିରୋଧ କରୁ କରୁ ତାହାକୁ ସେହି ପ୍ରତିପତ୍ତିଶାଳିତା ଆପେ ଆପେ ଆସି ମିଳିଯିବ ଯେ ତଦ୍ୱାରା ବିଶ୍ୱ-ସାମ୍ରାଜ୍ୟର ସ୍ଥାପନା ସ୍ୱଭାବତଃ ତାହାରି ସାମର୍ଥ୍ୟ ମଧ୍ୟକୁ ଆସିଯିବ । ମାତ୍ର ବର୍ତ୍ତମାନ ଜୀବନର ଯେଉଁ ପରିସ୍ଥିତିଗୁଡ଼ିକ ମଧ୍ୟରେ ଆମେ ରହିଛୁ, ବିଶେଷ କରି ଆଧୁନିକ ଯୁଦ୍ଧର ସ୍ୱଭାବଟି ଯେପରି ଅତ୍ୟଧିକ ଧ୍ୱଂସକାରୀ ହେବାକୁ ଲାଗିଲାଣି, ବିଭିନ୍ନ ଶକ୍ତିମାନଙ୍କ ମଧ୍ୟରେ ହେଉଥିବା ସଂଘର୍ଷରୁ ଏପରି ଏକ ସାମ୍ରାଜ୍ୟର ସ୍ଥାପନା ପୂର୍ବକାଳରେ ବେଶ୍ ସ୍ୱାଭାବିକ ଏବଂ ସମ୍ଭବ ହୋଇ ରହିଥିଲେ ମଧ୍ୟ ବର୍ତ୍ତମାନ  ତାହା ବାସ୍ତବ ସମ୍ଭାବନାଗୁଡ଼ିକର ପରିସରଟିର ବାହାରେ ରହିଥିବା ପରିହିଁ ବୋଧ ହେଉଛି ।

ତେଣୁ, ଆମକୁ ଅନୁମାନ କରିନେବାକୁ ହେବ ଯେ ସମଗ୍ର ପୃଥିବୀକୁ ଆପଣାର ଆୟତ୍ତ କରି ରଖିବାକୁ ଅଗ୍ରସର ହେଉଥିବା କୌଣସି ଶକ୍ତି ଅତ୍ୟନ୍ତ ଅନିବାର୍ଯ୍ୟ ଭାବରେ ଆପଣା ଗତିପଥର କୌଣସି ନା କୌଣସି ପର୍ଯ୍ୟାୟରେ ତା'ର ବିରୋଧ କରି ପାରୁଥିବା ଅନ୍ୟ ସବୁଯାକ ଶକ୍ତିଙ୍କୁ ତା' ବିରୋଧରେ ଏକତ୍ର କରି ଆଣିବ ଏବଂ ସେମାନଙ୍କ ପକ୍ଷରେ ସାରା ପୃଥିବୀର ସହାନୁଭୂତି ଓ ସମର୍ଥନ ମଧ୍ୟ ରହିଥିବ । ଯେତେ ସଫଳ କୂଟନୀତିକୁ କାର୍ଯ୍ୟକାରୀ କରାଗଲେ ମଧ୍ୟ ଏହିପରି ଗୋଟିଏ ସ୍ଥିତି ନିଶ୍ଚୟ ଉପୁଜିବ ବୋଲି ମନେ ହେଉଛି । ଏବଂ ସେତେବେଳେ ସେହି ଅସମାନ ସଂଘାତଟିରେ ବିଜୟ ହାସଲ କରିବା ଲାଗି ତାହା ହାତରେ ଏକ ସୁସଂଗଠିତ ଏବଂ ପରିପୂର୍ଣ୍ଣ ଭାବରେ ପ୍ରସ୍ତୁତ ସାମରିକ ତଥା

'oaob.nitrkl.ac.in' images reprocessed

ନୌଶକ୍ତିଗତ ପ୍ରତିପତ୍ତି ଅବଶ୍ୟ ରହିଥିବ । ମାତ୍ର ଏପରି ଏକ ଅତିପ୍ରତିପତ୍ତିଶାଳୀ ସ୍ଥିତିରେ ଆସି ପହଞ୍ଚି ପାରିବାର ଆଶା ପୋଷଣ କରିବା ଭଳି କୌଣସି ଆଧୁନିକ ସାମ୍ରାଜ୍ୟ ବର୍ତ୍ତମାନ ଜଗତରେ କାହିଁ ? ବର୍ତ୍ତମାନ ଯେଉଁ ସାମ୍ରାଜ୍ୟଗୁଡ଼ିକ ପୂର୍ବରୁ ରହିଛନ୍ତି, ସେହିଗୁଡ଼ିକ ମଧ୍ୟରୁ ହୁଏତ ରୁଷିଆ ଦିନେ ଏପରି ଏକ ଦୁର୍ଦ୍ଦମନୀୟ ସାମରିକ ଶକ୍ତିର ସାମର୍ଥ୍ୟ ଲାଭ କରିପାରେ ଯାହାଆଗରେ କି ଜର୍ମାନୀର ବର୍ତ୍ତମାନ ଶକ୍ତିଟି ତୁଚ୍ଛ ବୋଧ ହୋଇପାରେ । ମାତ୍ର ତାହାର ଏହି ସ୍ଥଳଶକ୍ତିଟି ସହିତ ରୁଷିଆ ଯେ ଏକ ତତ୍ତୁଲ୍ୟ ନୌଶକ୍ତିକୁ ମଧ୍ୟ ଆଣି ସଂଯୁକ୍ତ କରିଦେଇ ପାରିବ, ତାହା ଆଦୌ ସମ୍ଭବ ବୋଲି ଚିନ୍ତା କରି ହେଉ ନାହିଁ । ଇଂଲଣ୍ଡ ଏପର୍ଯ୍ୟନ୍ତ ଏକ ଦୁର୍ଦ୍ଦମନୀୟ ନୌକ୍ଷେତ୍ରୀୟ ପ୍ରତିପତ୍ତି ହାସଲ କରି ରହିଆସିଛି ଏବଂ କେତେକ ପରିସ୍ଥିତିରେ ତାହା ହୁଏତ ସେଥିରେ ଯଥେଷ୍ଟ ବୃଦ୍ଧି ଘଟାଇ ସଶସ୍ତ୍ର ସମସ୍ତ ପୃଥିବୀକୁ ମଧ୍ୟ ଆସ୍ଫାଳନ କରିପାରେ;* ମାତ୍ର ଦେଶର ସମରକ୍ଷମ ସମସ୍ତଙ୍କୁ ସମରବାହିନୀରେ ଅନ୍ତର୍ଭୁକ୍ତ କରି ଆଣିଲେ ଅଥବା ଏହାର ସକଳ ଉପନିବେଶଗୁଡ଼ିକର ସାହାଯ୍ୟ ପାଇ ପାରିଲେ ମଧ୍ୟ ଇଂଲଣ୍ଡ କଦାପି ଏକ ତତ୍ତୁଲ୍ୟ ସ୍ଥଳଶକ୍ତି ଠିଆ କରାଇ ପାରିବ ନାହିଁ । ଅବଶ୍ୟ ଏକଥା ସତ ଯେ ଭାରତର ସକଳ ସାମରିକ ସମ୍ଭାବନାକୁ କାମରେ ଲଗାଇ ପାରିଲେ ଅର୍ଥାତ୍ ସେଥିଲାଗି ଅନୁରୂପ ପରିସ୍ଥିତିଟିକୁ ସୃଷ୍ଟି କରିପାରିଲେ ତାହା ନିଶ୍ଚୟ ଅନ୍ୟକଥା ହେବ । ମାତ୍ର ସେତେବେଳେ ମଧ୍ୟ ଯେଉଁ ଜନସମୂହ ତଥା ଶକ୍ତିଶାଳୀ ସାମ୍ରାଜ୍ୟଗୁଡ଼ିକର ସମ୍ମୁଖୀନ ହେବା ଲାଗି ତାକୁ ପ୍ରସ୍ତୁତ ରହିବାକୁ ପଡ଼ିବ, ଆମକୁ ସେହି କଥାଟି ବିଷୟରେ ଭାବିବାକୁ ପଡ଼ିବ ଏବଂ ସେତେବେଳେ ଆମେ ଏହି କଥାଟିକୁ ନିଶ୍ଚୟ ଦେଖିବାକୁ ପାଇବା ଯେ ଉଭୟ ସ୍ଥଳସେନା ଓ ନୌସେନାର କ୍ଷେତ୍ରରେ ଏହି ପ୍ରତିପତ୍ତିଶାଳିତାର ସୃଷ୍ଟି ପ୍ରକୃତରେ ଏପରି ଏକ କଦାଚିଦ୍‌ଘଟଣା ହୋଇ ରହିବ, ଯାହାକୁ କି ବାସ୍ତବ ସ୍ଥିତିଟି ଦୃଷ୍ଟିରୁ ବିଚାର କଲେ କେବଳ ଏକ କାଳ୍ପନିକ ବ୍ୟାପାର ବୋଲିହିଁ ମନେହେବ ।

ଆପଣାର ସମ୍ଭାବ୍ୟ ଶତ୍ରୁମାନଙ୍କର ପକ୍ଷରେ ଅତ୍ୟନ୍ତ ଅଧିକ ସଂଖ୍ୟାରେ ସୈନ୍ୟ ରହିଛନ୍ତି ବୋଲି ଧରି ନିଆଗଲେ ମଧ୍ୟ ତଥାପି ଗୋଟିଏ ଜାତି ଯେ ଏକ ଅଧିକ ଉନ୍ନତ ବିଜ୍ଞାନ ଏବଂ ଆପଣା ସମ୍ପଦର କୁଶଳତର ବିନିଯୋଗ ଦ୍ୱାରା ଆପଣା ପରିପନ୍ଥୀମାନଙ୍କର ଗୋଷ୍ଠୀଟି ଉପରେ ହୁଏତ ବିଜୟ ଲାଭ କରି ପାରିବ, ସେକଥା ବେଶ୍ କଳ୍ପନା କରାଯାଇପାରେ । ଆପଣା ଉଦ୍ୟମଟିକୁ ସଫଳ ଭାବରେ ଚରିତାର୍ଥ କରିବା ପାଇଁ

* ଏହାକୁ ଆଉ ସତ ବୋଲି କୁହାଯିବ ନାହିଁ, କାରଣ ଆମେରିକାର ନୌବାହିନୀ ଏହା ମଧ୍ୟରେ ଅତ୍ୟନ୍ତ ଅଧିକ ପରିମାଣରେ ବୃଦ୍ଧିପ୍ରାପ୍ତ ହୋଇ ସାରିଲାଣି ।

'oaob.nitrkl.ac.in' images reprocessed

ଜର୍ମାନୀକୁ ଆପଣାର ଅଧିକ ଉନ୍ନତ ବିଜ୍ଞାନ ଉପରେ ନିର୍ଭର କରିବାକୁ ହୋଇଥିଲା ଏବଂ ଯେଉଁ ମୂଳ ନିୟମଗୁଡ଼ିକ ଅନୁସାରେ ସେ ଅଗ୍ରସର ହୋଇଥିଲା, ତାହା ଅବଶ୍ୟ ନିର୍ଦୋଷ ଥିଲା । ମାତ୍ର ଏବେ ଏହି ଆଧୁନିକ ଜଗତରେ ବିଜ୍ଞାନ ଏକ ସାଧାରଣ ସମ୍ପତ୍ତିରେ ପରିଣତ ହୋଇ ସାରିଲାଣି ଏବଂ କୌଣସି ଗୋଟିଏ ଜାତି ଅନ୍ୟମାନଙ୍କୁ ପ୍ରଥମ ଅବସ୍ଥାରେ ଅନେକ ନ୍ୟୂନତାର ସ୍ଥିତିରେ ପକାଇ ଦେବାଭଳି ସେମାନଙ୍କ ତୁଳନାରେ ଏହିପରି ଏକ ଅଭିଯାନରେ ବାହାରିପାରିଲେ ମଧ୍ୟ, ଅତୀତର ଅଭିଜ୍ଞତା ଆମକୁ ଏହି କଥାଟିର ପ୍ରମାଣ ଦେଇ ସାରିଛି ଯେ, ଅଳ୍ପ କେତେ ସମୟ ପରେ,— ଏବଂ ପ୍ରଥମ ଆଘାତରେହିଁ ଏକ ଶକ୍ତିଶାଳୀ ସମ୍ମିଳିତ ଗୋଷ୍ଠୀକୁ ସମ୍ଭବତଃ ଆଦୌ ଦଳି ଦିଆଯାଇ ପାରିବ ନାହିଁ,— ହୃତ କ୍ଷେତ୍ରଗୁଡ଼ିକୁ ନିଶ୍ଚୟ ପୁନରୁଦ୍ଧାର କରି ନିଆଯାଇ ପାରିବ ବା ଅନ୍ତତଃ ଆକ୍ରମଣରୁ ନିଜକୁ ରକ୍ଷା କରିବାର ଏପରି ନାନା ପଦ୍ଧତି ବିକଶିତ ହୋଇ ଆସିବ, ଯାହାକି ହାସଲ କରାଯାଇଥିବା ସୁବିଧାଗୁଡ଼ିକୁ ଅଧିକତଃ ନିଷ୍ପ୍ରଭାବ ହିଁ କରିପକାଇବ । ତେଣୁ ସଫଳତା ଲାଭ କରିବା ପାଇଁ ଉଚ୍ଚାକାଙ୍‌କ୍ଷୀ ଜାତି ବା ସାମ୍ରାଜ୍ୟଟିକୁ ଏକ ନୂତନ ବିଜ୍ଞାନର ବିକାଶ କରିବାକୁ ପଡ଼ିବ ବୋଲି ଆମକୁ ଅନୁମାନ କରିବାକୁ ହେବ; ସେ ଏପରି ନାନା ନୂତନ ଆବିଷ୍କାରକୁ ସମ୍ଭବ କରାଇବ, ଅନ୍ୟମାନେ ଯାହାର କୌଣସି ସନ୍ଧାନ ପାଇ ନ ଥିବେ, ଏବଂ ଯାହାକି ତାକୁ ଅଧିକତର ସଂଖ୍ୟାର ସମ୍ମୁଖରେ ଏକ ବରିଷ୍ଠତର ସ୍ଥାନରେ ଆଣି ଉପସ୍ଥାପିତ କରିଦେଇ ପାରିବ; କୋର୍ଟେସ୍ ଏବଂ ପିଜାରୋ ଆଜ୍‌ଟେକ୍ ଏବଂ ପେରିଭିଆନ୍‌ମାନଙ୍କ ତୁଳନାରେ ଯେଉଁ ବରିଷ୍ଠତର ସ୍ଥାନ ଲାଭ କରିଥିଲେ, ସେ ସେହିପରି ଏକ ସ୍ଥାନ ଆସି ଅଧିକାର କରିବ । ଶୃଙ୍ଖଳା ତଥା ସଂଗଠନ-କ୍ଷେତ୍ରରେ ଯେଉଁ ଉତ୍କର୍ଷ ବା ବରିଷ୍ଠତା ପ୍ରାଚୀନ ରୋମାନ୍‌ମାନଙ୍କୁ ଏକ ସୁବିଧାଜନକ ସ୍ଥାନରେ ଆଣି ରଖିଥିଲା ଏବଂ ଇଉରୋପୀୟମାନଙ୍କୁ ଭାରତବର୍ଷରେ ଯେଉଁ ଅଧିକା ସୁବିଧାଟି ଆଣି ଦେଇଥିଲା, ଏପରି ବିରାଟ ଲକ୍ଷ୍ୟର ପୂରଣ ଦିଗରେ ତାହା ଆଉ କଦାପି ଯଥେଷ୍ଟ ହେବ ନାହିଁ ।

ତେଣୁ, ଏହିସବୁ ଆଲୋଚନାରୁ ଆମେ ବେଶ୍ ଦେଖିବାକୁ ପାଇବା ଯେ ବିଶ୍ୱ-ସାମ୍ରାଜ୍ୟର ସଫଳ ଅନୁଧାବନ ସକାଶେ ଆମକୁ ଏପରି ନାନା ପରିବେଶକୁ ସମ୍ଭବ କରିବାକୁ ପଡ଼ିବ ଯେ ଏକତ୍ରୀକରଣର ଏହି ମାର୍ଗଟିକୁ ଆମେ କ୍ୱଚିତ୍ ଏକ ବାସ୍ତବ ସମ୍ଭାବନାର ପରିସରଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ କରି ବିଚାର କରି ପାରିବା । ବିଶ୍ୱସାମ୍ରାଜ୍ୟର ପ୍ରତିଷ୍ଠା ଲାଗି ପୁନର୍ବାର ଯେ ଏକ ଉଦ୍ୟମ କରାଯାଇପାରେ, ଏହା ଅବଶ୍ୟ ସମ୍ଭବ; ଏବଂ ଏହି ଉଦ୍ୟମଟି ଯେ ନିଶ୍ଚୟ ବ୍ୟର୍ଥହିଁ ହୋଇଯିବ, ସେକଥାଟି ବିଷୟରେ ମଧ୍ୟ ପ୍ରାୟ ଏକ ଭବିଷ୍ୟବାଣୀ କରାଯାଇପାରେ । ଏବଂ ତା' ସଙ୍ଗେ ସଙ୍ଗେ ଆମକୁ ପ୍ରକୃତିର ଆକସ୍ମିକତାଗୁଡ଼ିକୁ ମଧ୍ୟ ବିଚାର ମଧ୍ୟକୁ ନେବାକୁ ହେବ; ଆମକୁ ନେଇ

'oaob.nitrkl.ac.in' images reprocessed

ଆପଣାର କାର୍ଯ୍ୟ କଲାବେଳେ ପ୍ରକୃତି ଯେଉଁ ଅପ୍ରତ୍ୟାଶିତତାଗୁଡ଼ିକର ଉପସ୍ଥାପନା କରାଇଥାଏ, ଆମକୁ ସେଗୁଡ଼ିକ ଲାଗି ମଧ୍ୟ ଏକ ବିସ୍ତୀର୍ଣ୍ଣ ଭୂମି ଛାଡ଼ି ଦେବାକୁ ପଡ଼ିବ । ତେଣୁ ଏପରି ଗୋଟିଏ ଶେଷ ପରିଣତିକୁ ଆମେ ଏକ ତୁଚ୍ଛା ଅସମ୍ଭବ କଥା ବୋଲି ଆଦୌ ଘୋଷଣା କରି ପାରିବା ନାହିଁ । ବରଂ ଓଲଟି ଏକଥା ମଧ୍ୟ କହିପାରିବା ଯେ ଯଦି ତାହାହିଁ ପ୍ରକୃତିର ଅଭିପ୍ରାୟ ହୋଇଥାଏ, ତେବେ ସେ ଅଚିରେ ଅଥବା ମନ୍ଥର ଭାବରେ ଆବଶ୍ୟକ ସାଧନ ତଥା ଆବଶ୍ୟକ ପରିବେଶଗୁଡ଼ିକୁ ଅବଶ୍ୟ ତିଆର କରି ଆଣିବ । ମାତ୍ର ବିଶ୍ୱସାମ୍ରାଜ୍ୟ ତଥାପି ଆଗାମୀ ପୃଥିବୀର ଏକ ଘଟଣା ରୂପେ ଆବିର୍ଭୂତ ହେବାକୁ ରହିଥିଲେ ମଧ୍ୟ, ଏହା ଫଳରେ ଯେଉଁ ସାମ୍ରାଜ୍ୟଟିର ଜନ୍ମ ହେବ, ତାହାକୁ ଏତେଗୁଡ଼ିଏ ପରିପନ୍ଥୀ ଶକ୍ତି ସହିତ ଯୁଝିବାକୁ ପଡ଼ିବ ଯେ, ଏଇଟିକୁ ସୃଷ୍ଟି କରିବା ଅପେକ୍ଷା ଏଇଟିର ନିର୍ବାହ କରିବା ଅଧିକ କଷ୍ଟକର ହୋଇପଡ଼ିବ, ଏବଂ, ଏଇଟି ଖୁବ୍‌ଶୀଘ୍ର ଭୁଶୁଡ଼ି ପଡ଼ିବା ଫଳରେ ଏକ ଅଧିକ ଭଲ ସମାଧାନ ଲାଗି ସମୁଦାୟ ସମସ୍ୟାଟି ଏହି କ୍ଷେତ୍ରରେ ଆମ ସମ୍ମୁଖରେ ପୁନଶ୍ଚ ଆସି ଉପସ୍ଥିତ ହେବ, ଅଥବା, ଏହି ଉଦ୍ୟମଟିରେ ବଳପ୍ରୟୋଗ ଏବଂ କର୍ତ୍ତୃତ୍ୱବିସ୍ତାରର ଯେଉଁ ଉପାଦାନଗୁଡ଼ିକ ପ୍ରେରଣା ସ୍ୱରୂପ ହୋଇ ରହିଥିଲା, ସେଗୁଡ଼ିକୁ ବର୍ଜନ କରିଆସିବା ଫଳରେ ତାହା ଏହି ବିରାଟ ଉଦ୍ୟମଟିର ମୂଳଭୂତ ଉଦ୍ଦେଶ୍ୟଟିର ମଧ୍ୟ ବିରୁଦ୍ଧାଚରଣ କରି ସାରିଥିବ । ଏଇଟି ଅବଶ୍ୟ ଆମ ବିଷୟଟିର ଆଉଗୋଟିଏ ଦିଗ ସହିତ ସମ୍ବନ୍ଧିତ ହୋଇ ରହିଛି, ଏବଂ ବର୍ତ୍ତମାନ ପାଇଁ ଆମେ ତାହାର କୌଣସି ଆଲୋଚନା କରିବା ନାହିଁ । ବର୍ତ୍ତମାନ ଆମେ ହୁଏତ ଏତିକି କହିପାରିବା ଯେ, ଗୋଟିଏ ଗୋଟିଏ ଯଥାର୍ଥ ମନୋଭୂମିଗତ ଏକତ୍ୱ ହୋଇ ରହିଥିବା ବୃହତ୍ ବହୁମିଳିତ ସାମ୍ରାଜ୍ୟଗୁଡ଼ିକର ବିକାଶ ଦ୍ୱାରା ପୃଥିବୀ କ୍ରମେ ଏକତାବଦ୍ଧ ହୋଇ ଆସିବ ବୋଲି ଯଦି କେବଳ ଏକ କ୍ଷୀଣ ଓ ଅନ୍ତର୍ନିହିତ ସମ୍ଭାବନାମାତ୍ର ହୋଇହିଁ ରହିଥାଏ, ତେବେ, କୌଣସି ଗୋଟିଏ ସାମ୍ରାଜ୍ୟିକ କର୍ତ୍ତୃତ୍ୱଶାଳିତା ଦ୍ୱାରା ପୃଥିବୀର ଏକତ୍ୱୀକରଣ ଯାବତୀୟ ସମ୍ଭାବନାର ପରିସରଟିକୁ ପାର ହୋଇଯାଇ ସାରିଲାଣି ଅଥବା ପାର ହୋଇ ଯିବାରେ ଲାଗିଛି ବୋଲିହିଁ କହିବାକୁ ହେବ । ପ୍ରକୃତିର ଅନନ୍ତ ଆକସ୍ମିକତାଗୁଡ଼ିକ ମଧ୍ୟରୁ କେବଳ କୌଣସି ଅପ୍ରତ୍ୟାଶିତ ବ୍ୟାପାରର ଏକ ନୂତନ ବିକାଶ ଦ୍ୱାରାହିଁ ଏହା ଏଣିକି ସମ୍ଭବ ହୋଇପାରିବ ।

'oaob.nitrkl.ac.in' images reprocessed

## ଦଶମ ପରିଚ୍ଛେଦ

## ଇଉରୋପୀୟ ଯୁକ୍ତରାଜ୍ୟ

ଆମକୁ ଏପର୍ଯ୍ୟନ୍ତ ସାମ୍ରାଜ୍ୟରୂପୀ ସମୂହର ନାନା ସମ୍ଭାବନା ବିଷୟରେ ଆଲୋଚନା କରିବାକୁ ପଡ଼ିଲା, କାରଣ ସାମ୍ରାଜ୍ୟ-ରାଷ୍ଟ୍ରର ବିକାଶକୁହିଁ ବର୍ତ୍ତମାନ ପୃଥିବୀରେ ଏକ ଅତିପ୍ରଧାନ ଘଟଣା ବୋଲି କୁହାଯାଇ ପାରିବ । ସ୍ୱାଧୀନ ଓ ଗଣତନ୍ତ୍ରଶାସିତ ଜାତିର ବିକାଶଟି ଯେପରି ଆମର ଏହି ଯୁଗଟିର ପୂର୍ବବର୍ତ୍ତୀ ଯୁଗକୁ ନିୟନ୍ତ୍ରିତ କରି ରଖିଥିଲା, ସାମ୍ରାଜ୍ୟ-ରାଷ୍ଟ୍ରର ଧାରଣାଟି ସେହିପରି ଊନବିଂଶ ଶତାବ୍ଦୀର ଶେଷ ଭାଗ ଏବଂ ବିଂଶ ଶତାବ୍ଦୀର ଆଦ୍ୟ ଭାଗର ଯାବତୀୟ ରାଜନୀତିକ ପ୍ରବୃତ୍ତିକୁ ନିୟନ୍ତ୍ରିତ କରି ଆସିଛି । ସ୍ୱାଧୀନ ଏବଂ ସାର୍ବଭୌମ ଜନସମୂହର ସୂତ୍ରଟି ଫରାସୀ ବିପ୍ଳବର ସର୍ବପ୍ରଧାନ ବିଚାର ହୋଇ ରହିଥିଲା, ଏବଂ, ଭ୍ରାତୃତ୍ୱର ଆଦର୍ଶଟି ଦ୍ୱାରା ସେହି ବିପ୍ଳବର ସୂତ୍ରଟି ମଧ୍ୟକୁ ସଞ୍ଚାରିତ ହୋଇ ଆସିଥିବା ସର୍ବଦେଶୀୟତାର ଉପାଦାନଟି ସତ୍ତ୍ୱେ ମଧ୍ୟ ସେହି ବିଚାରଟି ବସ୍ତୁତଃ କାଳକ୍ରମେ ମୁକ୍ତ, ସ୍ୱାଧୀନ ଏବଂ ଗଣତନ୍ତ୍ର-ରୀତିରେ ସ୍ୱୟଂଶାସିତ ଜାତିର ପ୍ରତିଷ୍ଠା କରିବା ରୂପେହିଁ ପରିଣତ ହୋଇ ଆସିଥିଲା । ସେହି ଆଦର୍ଶଟି ପାଶ୍ଚାତ୍ୟ ଜଗତରେ ମଧ୍ୟ ମହାଯୁଦ୍ଧ ବେଳକୁ ଆପଣାକୁ ସଂପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରି ପାରି ନ ଥିଲା; କାରଣ ସେତେବେଳକୁ ମଧ୍ୟ-ଇଉରୋପ କେବଳ ଆଂଶିକ ଭାବରେହିଁ ଗଣତନ୍ତ୍ର-ଶାସନକୁ ଗ୍ରହଣ କରିପାରିଥିଲା ଏବଂ ରୁଷିଆ ସେହି ସାଧାରଣ ଲକ୍ଷ୍ୟଟି ଦିଗରେ କେବଳ ମୁହଁ ବୁଲାଇ ଦେଖିବାକୁହିଁ ଆରମ୍ଭମାତ୍ର କରିଥିଲା । ଏବଂ ଇଉରୋପରେ ବର୍ତ୍ତମାନ ମଧ୍ୟ ଏପରି ଜନସମୂହମାନ ବା ଉପସମୂହମାନ ରହିଛନ୍ତି, ଯେଉଁମାନେ କି ତଥାପି ଆଉ କାହାର ଅଧୀନ ଅଛନ୍ତି ।* ମାତ୍ର, ଏହି କ୍ଷେତ୍ରରେ ଯେତେ ଅପୂର୍ଣ୍ଣତା ରହିଥାଉ ପଛକେ, ସ୍ୱାଧୀନ ଓ ଗଣତନ୍ତ୍ରଶାସିତ ଜାତିର ଏହି ବିଚାରଟି ଆମେରିକା ଏବଂ ଇଉରୋପର ସମୁଦାୟ ଭୂଖଣ୍ଡଟିରେ ସଫଳ ଭାବରେ ପ୍ରତିଷ୍ଠିତ ହୋଇ ପାରିଛି । ଏସିଆର ଜାତିମାନେ ମଧ୍ୟ ଊନବିଂଶ ଶତାବ୍ଦୀର ଏହି ନିୟନ୍ତ୍ରଣକାରୀ ଆଦର୍ଶଟିକୁ ସମାନ ଭାବରେ ଗ୍ରହଣ କରି ନେଇଛନ୍ତି, ଏବଂ, ପୂର୍ବାଞ୍ଚଳୀୟ ଦେଶ, ତୁରସ୍କ, ପାରସ୍ୟ, ଭାରତବର୍ଷ ଏବଂ ଚୀନ ପ୍ରଭୃତି ଦେଶରେ ଗଣତାନ୍ତ୍ରିକ ଜାତୀୟତାର ଆନ୍ଦୋଳନଗୁଡ଼ିକ ଆତ୍ମ-ଉପଲବ୍ଧିର ପ୍ରଥମ

---

* ଏହି କଥାଟି ଏବେ ଆଉ ସତ୍ୟ ହୋଇ ରହି ନାହିଁ; ଅବଶ୍ୟ ଏକଥା ସତ ଯେ ଏହା ସ୍ଥାନରେ ପ୍ରଜାରାଜ୍ୟ ହୋଇ ରହିବାର ସ୍ଥିତିଟି ହୁଏତ ତଥାପି ଦୃଷ୍ଟିଗୋଚର ହୋଇ ପାରୁଛି ।

'oaob.nitrkl.ac.in' images reprocessed

ପ୍ରଚେଷ୍ଟାଗୁଡ଼ିକରେ ଖୁବ୍‌ବେଶୀ ସୌଭାଗ୍ୟବନ୍ତ ହୋଇ ନ ପାରିଥିଲେ ହେଁ, ସାବଧାନତାର ସହିତ ଅବଲୋକନ କରିବାକୁ ବସିଲେ କୌଣସି ପର୍ଯ୍ୟବେକ୍ଷକ ସେହି ବିଚାରଟି ଗଭୀର ଏବଂ ବ୍ୟାପକ ଭାବରେ ଆପଣାକୁ କାର୍ଯ୍ୟକାରୀ କରିଥିବା ବିଷୟରେ କଦାପି କୌଣସି ସନ୍ଦେହ ପ୍ରକାଶ କରିବ ନାହିଁ । ଏହି କ୍ଷେତ୍ରରେ ହୁଏତ ଯାହାକିଛି ମିଶ୍ରଣ ବା ପରିବର୍ତ୍ତନ ଘଟୁଥିଲା, ଯାହାକିଛି ନୂତନ ପ୍ରବୃତ୍ତିମାନ ଆସି ଦେଖା ଦେଉଥିଲା ଓ ଯାହାକିଛି ପ୍ରତିକ୍ରିୟା ବିଚାରଟିର ବିରୋଧ କରୁଥିଲା, ସେସବୁ ସତ୍ତ୍ୱେ, ଫରାସୀ ବିପ୍ଳବର ମୁଖ୍ୟ ଅବଦାନଗୁଡ଼ିକ ତଥାପି ଯେ ବର୍ତ୍ତି ରହିବ ଏବଂ କେତୋଟି ସ୍ଥାୟୀ ଅର୍ଜନରୂପେ ବିଶ୍ୱଯାକ ବ୍ୟାପ୍ତ ହୋଇଯିବ ଓ ପୃଥିବୀର ଭବିଷ୍ୟତ ବ୍ୟବସ୍ଥାରେ ଗୋଟିଏ ଗୋଟିଏ ଅପରିହାର୍ଯ୍ୟ ଉପାଦାନ ହୋଇ ରହିବ, ସେତେବେଳେ ସେକଥାଟି ବିଷୟରେ କ୍ୱଚିତ୍ ସନ୍ଦେହ ପ୍ରକାଶ କରାଯାଇ ପାରୁଥିଲା । ଜାତୀୟ ଆତ୍ମଚେତନା ଏବଂ ସ୍ୱାୟତ୍ତ ଶାସନ, ଜନଗଣଙ୍କ ସକାଶେ ସ୍ୱାଧୀନତା ଏବଂ ଶିକ୍ଷା, ଏବଂ ରାଜନୀତିକ ସ୍ୱାଧୀନତା ପାଇଁ ଯାହା ଅପରିହାର୍ଯ୍ୟ, ଅନ୍ତତଃ ସେତିକି ସାମାଜିକ ସମତା ଓ ସାମାଜିକ ନ୍ୟାୟ,— ଏଗୁଡ଼ିକ ବିଷୟରେ କ୍ୱଚିତ୍ ସନ୍ଦେହ ପ୍ରକାଶ କରାଯାଉଥିଲା; କାରଣ ଅନମନୀୟ ଓ ଅପରିବର୍ତ୍ତନୀୟ କୌଣସି ଅସମତା ସହିତ ଗଣତାନ୍ତ୍ରିକ ସ୍ୱୟଂ-ଶାସନର କିପରି ସୁସଙ୍ଗତି ସମ୍ଭବ ହୋଇ ପାରିଥାନ୍ତା ?

ମାତ୍ର, ଊନବିଂଶ ଶତାବ୍ଦୀର ପ୍ରେରଣାଟି ଆପଣାକୁ ସର୍ବତ୍ର କାର୍ଯ୍ୟକାରୀ କରିପାରିବା ପୂର୍ବରୁ, ଏପରିକି ସେହି ଇଉରୋପରେ ମଧ୍ୟ ତାହା ଆପଣାକୁ ସଂପୂର୍ଣ୍ଣ ଭାବରେ ଉପଲବ୍ଧି କରି ପାରିବା ପୂର୍ବରୁ, ଇତିମଧ୍ୟରେ ମନୁଷ୍ୟସମାଜର କ୍ରମବିକାଶଶୀଳ ମନରେ ଆସି ଏକ ନୂତନ ପ୍ରବୃତ୍ତି ଆବିର୍ଭୂତ ହୋଇଛି ଏବଂ ମନୁଷ୍ୟସମାଜର ମାନସକୁ ଅଧିକାର ଓ ଉଦ୍‌ବେଳିତ କରିବାରେ ଲାଗିଛି । ଏହି ପ୍ରବୃତ୍ତିଟିକୁ ଆମେ ସର୍ବତୋଭାବେ ସଂଗଠିତ ରାଷ୍ଟ୍ରର ଆଦର୍ଶ ବୋଲି କହିପାରିବା । ଆଧାରଭୂତ ଦୃଷ୍ଟିରୁ ବିଚାର କରି ଦେଖିଲେ ସର୍ବତଃ ପରିପୂର୍ଣ୍ଣ ଭାବରେ ସଂଗଠିତ ହୋଇ ରହିଥିବା ରାଷ୍ଟ୍ରର ଏହି ଆଦର୍ଶଟି ଏକ ସମାଜବାଦୀ ଆଦର୍ଶ ଏବଂ ସେହି ମହାନ୍ ବୈପ୍ଳବିକ ସୂତ୍ରଟିର ଦ୍ୱିତୀୟ ଶବ୍ଦ, ଅର୍ଥାତ୍ ସମତା ଉପରେହିଁ ତାହା ଆଧାରିତ ହୋଇ ରହିଛି; ଊନବିଂଶ ଶତାବ୍ଦୀର ଆନ୍ଦୋଳନଟି ଯେପରି ସେହି ସୂତ୍ରର ପ୍ରଥମ ଶବ୍ଦ ଅର୍ଥାତ୍ ସ୍ୱାଧୀନତା ଉପରେ ଆଧାରିତ ହୋଇ ରହିଥିଲା, ଠିକ୍ ସେହିପରି । ସେହି ମହାନ୍ ଇଉରୋପୀୟ ଜାଗରଣଟି ଯେଉଁ ପ୍ରଥମ ପ୍ରାଣପ୍ରେରଣାଟି ଆଣି ଦେଇଥିଲା, ସେଥିରୁ ଗୋଟାଏ ପ୍ରକାରର ରାଜନୀତିକ ସମତା ହାସଲ ହୋଇ ପାରିଲା । ସମାଜରେ ସମସ୍ତଙ୍କୁ ଗୋଟିଏ ସମାନ ସ୍ତରକୁ ନେଇ ଆସିବାରେ ଏହି ଅସଂପୂର୍ଣ୍ଣ ପ୍ରଚେଷ୍ଟା ତଥାପି ଗୋଟିଏ ଅସମାନତା ବା ରାଜନୀତିକ ପ୍ରାଧାନ୍ୟଲାଭର ସେହି ପ୍ରକାରଟିକୁ ପ୍ରାୟ ସ୍ପର୍ଶ ନ କରିହିଁ ଛାଡ଼ି ଯାଇଥିଲା; ଅର୍ଥାତ୍, ନ

'oaob.nitrkl.ac.in' images reprocessed

ଥିଲାବାଲାଙ୍କ ଉପରେ ଥିଲାବାଲାଙ୍କର ରହିଥିବା ପ୍ରାଧାନ୍ୟଟିକୁ, ଜୀବନର ସଂଗ୍ରାମରେ ଅଧିକ ସଫଳତା ଲାଭ କରିଥିବା ବ୍ୟକ୍ତି ଓ ଅପେକ୍ଷାକୃତ କମ୍ ସଫଳତା ଲାଭ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ରହିଥିବା ଅସମାନତାକୁ ତାହା ସ୍ପର୍ଶହିଁ କରି ନ ଥିଲା । ପ୍ରତିଦ୍ୱନ୍ଦ୍ୱିତା ଉପରେ ଆଧାରିତ ହୋଇ ରହିଥିବା କୌଣସି ସମାଜ ଏହି ପ୍ରାଧାନ୍ୟ ଓ ଏହି ଅସମାନତାକୁ କଦାପି ଦୂର କରିପାରିବ ନାହିଁ, କାରଣ ସାମର୍ଥ୍ୟଗତ ପାର୍ଥକ୍ୟ, ଅସମାନ ସୁଯୋଗ ଏବଂ ପରିବେଶ ତଥା ପରିସ୍ଥିତିଗତ ପ୍ରତିବନ୍ଧକଟି ସେଗୁଡ଼ିକୁ ସର୍ବଦା କେବଳ ଅବଶ୍ୟମ୍ଭାବୀ କରିହିଁ ରଖିଥିବ । ସମାଜରେ ରହିଥିବା ପ୍ରତିଦ୍ୱନ୍ଦ୍ୱିତାମୂଳକ ଧାରାଟିକୁ ନଷ୍ଟ କରିଦେଇ ଓ ତାହା ସ୍ଥାନରେ ସହଯୋଗିତାମୂଳକ ଧାରାଟିର ପ୍ରବର୍ତ୍ତନ କରି ସମାଜବାଦ ଏହି ଦୁରାଗ୍ରହୀ ଅସମାନତାର ହାତରୁ ନିଷ୍କୃତି ଲାଭ କରିବାକୁ ଚେଷ୍ଟା କରିଥାଏ; ମନୁଷ୍ୟ-ସମାଜର ଏକ ସହଯୋଗିତାମୂଳକ ଧାରା କମ୍ୟୁନ୍ ବା ଏକ ସହସମୁଦାୟୀ ଜୀବନର ଆକାରରେ ପୂର୍ବରୁ ମଧ୍ୟ ରହିଥିଲା, ମାତ୍ର ବର୍ତ୍ତମାନ ସେହି କମ୍ୟୁନ୍‌କୁ ଗୋଟିଏ ଏକକ ବା ଧାରାରୂପେ ପୁନଃପ୍ରବର୍ତ୍ତନ କରିବାକୁ ଚେଷ୍ଟା କଲେ ତଦ୍ୱାରା ବସ୍ତୁତଃ ସେହି ପୁରାତନ ନଗର-ରାଷ୍ଟ୍ରର ରୀତିଟିକୁହିଁ ଲେଉଟି ଯିବାକୁହିଁ ବୁଝାଇବ, ଏବଂ ଆଧୁନିକ ଜୀବନର ବୃହତ୍ତର ସମଷ୍ଟିଗତତା ଏବଂ ବୃହତ୍ତର ନାନା ଜଟିଳତାର କ୍ଷେତ୍ରରେ ଏଯୁଗରେ ତାହା ପ୍ରକୃତରେ ସମ୍ଭବ ନ ହେବାରୁ କେବଳ ଏକ ଅତ୍ୟନ୍ତ କଠୋର ଭାବରେ ସଂଗଠିତ ହୋଇ ରହିଥିବା ରାଷ୍ଟ୍ରର ମାଧ୍ୟମରେହିଁ ସେହି ସମାଜବାଦୀ ଆଦର୍ଶଟିକୁ ଉପଲବ୍ଧି କରାଯାଇ ପାରିବ । ସମବିତରଣର ସେହି ମୋଟା ବିଚାରଟି ଦ୍ୱାରା ନୁହେଁ, ମାତ୍ର ଯାବତୀୟ ସମ୍ପତ୍ତିକୁ ସାଧାରଣ ସମ୍ପତ୍ତିରେ ପରିଣତ କରି ଏବଂ ସୁସଂଗଠିତ ରାଷ୍ଟ୍ରର ବଳ ଦ୍ୱାରା ତାହାର ଯାବତୀୟ ବ୍ୟବସ୍ଥାପନ କରାଇ ଦାରିଦ୍ର୍ୟକୁ ଦୂର କରିବା, ସେହି ରାଷ୍ଟ୍ରରୂପୀ ସାଧନଟିର ସାହାଯ୍ୟରେହିଁ ସାର୍ବଜନୀନ ଶିକ୍ଷା ଏବଂ ତାଲିମ୍‌ର ପ୍ରଣୟନ ଦ୍ୱାରା ସୁଯୋଗ ତଥା ସାମର୍ଥ୍ୟକୁ ଯଥାସମ୍ଭବ ସମସ୍ତଙ୍କର ପରିସର ମଧ୍ୟକୁ ଆଣିବା, ଆମେ ଏହିଗୁଡ଼ିକୁହିଁ ଆଧୁନିକ ସମାଜବାଦର ମୂଳଭୂତ ବିଚାର ବୋଲି କହିପାରିବା । ଏହି ପ୍ରଣୟନଟି ମଧ୍ୟରେ ବ୍ୟକ୍ତିଠାରୁ ତା'ର ସମସ୍ତ ସ୍ୱାଧୀନତାକୁ କାଢ଼ି ନେଇଯିବା ବା ଅନ୍ତତଃ ଅତ୍ୟନ୍ତ କଠୋର ଭାବରେ ସେଗୁଡ଼ିକୁ ଯଥାସମ୍ଭବ ହ୍ରାସ କରି ଆଣିବାର କଥାଟି ଅବଶ୍ୟ ନିହିତ ହୋଇ ରହିଛି । ଗଣତାନ୍ତ୍ରିକ ସମାଜବାଦର ଅନ୍ୟଧାରାଟି ରାଜନୀତିକ ସ୍ୱାଧୀନତାର ସେହି ଊନବିଂଶ ଶତାବ୍ଦୀର ଆଦର୍ଶଟିର ତଥାପି ବଞ୍ଚାଇ ରଖିବାକୁ ଇଚ୍ଛା କରୁଛି; ଆପଣାର ଶାସକମାନଙ୍କୁ ଆପେ ବାଛିବା ପାଇଁ, ସେମାନଙ୍କର ଯୋଗ୍ୟତା ବା ଅଯୋଗ୍ୟତାର ବିଚାର କରିବା ପାଇଁ ତଥା ସେମାନଙ୍କୁ ବଦଳାଇ ଦେବା ପାଇଁ ସମସ୍ତଙ୍କର ଯେ ସମାନ ଅଧିକାର ରହିଛି, ଗଣତାନ୍ତ୍ରିକ ସମାଜବାଦ ତାହାକୁ ଦୃଢ଼ ଭାବରେ ଘୋଷଣା କରୁଛି, ମାତ୍ର ଏତିକି ବ୍ୟତୀତ ଅନ୍ୟସକଳ ସ୍ୱାଧୀନତାକୁ

'oaob.nitrkl.ac.in' images reprocessed

ତାହା ଆପଣାର ସେହି କେନ୍ଦ୍ରସ୍ଥ ବା ସର୍ବପ୍ରଧାନ ବିଚାରଟି ପାଖରେ ନେଇ ସମର୍ପି ଦେବାକୁହିଁ ପ୍ରସ୍ତୁତ ହୋଇ ଯାଉଛି ।

ତେଣୁ ଏଥିରୁ ପ୍ରତୀତ ହୋଇ ଆସୁଛି ଯେ ସମାଜବାଦୀ ବିଚାରଟି ଯେତିକି ଅଗ୍ରଗତି କରିବାରେ ଲାଗିଥିବ, ତାହା ଆମକୁ ନିଖୁଣ ଭାବରେ ସଂଗଠିତ ହୋଇ ରହିଥିବା ଏକ ରାଷ୍ଟ୍ରରହିଁ ବିବର୍ତ୍ତନ ଆଡ଼କୁ ଅଧିକରୁ ଅଧିକ ପରିମାଣରେ ପରିଚାଳିତ କରି ନେଉଥିବ; ସେହି ରାଷ୍ଟ୍ର ସକଳ ଶିକ୍ଷା ଓ ତାଲିମର ବ୍ୟବସ୍ଥା କରିବ ଓ ସେଗୁଡ଼ିକୁ ଆପଣା ନିୟନ୍ତ୍ରଣରେ ରଖିବ, ଆମର ଯାବତୀୟ ଅର୍ଥନୈତିକ ବ୍ୟାପାରର ବ୍ୟବସ୍ଥା ସେହି ରାଷ୍ଟ୍ରହିଁ କରିବ । ଏବଂ ସେହି ଉଦ୍ଦେଶ୍ୟଟିର ପରିପୂରଣ ଲାଗି ତଥା ଏକ ସଂପୂର୍ଣ୍ଣ କାର୍ଯ୍ୟଦକ୍ଷତା, ନୈତିକତା ଓ ସାମାଜିକ ନ୍ୟାୟର ନିଶ୍ଚିତ ସ୍ଥାପନା ଲାଗି କୌଣସି ରାଷ୍ଟ୍ର ମଧ୍ୟରେ ବାସ କରୁଥିବା ବ୍ୟକ୍ତିମାନଙ୍କର ବାହ୍ୟ ତଥା ଆଭ୍ୟନ୍ତରୀୟ ଜୀବନର ସକଳ ଅଂଶ ବା ଅନ୍ତତଃ ଏକ ବୃହତ୍ତର ଅଂଶର ବ୍ୟବସ୍ଥା ସେହି ରାଷ୍ଟ୍ର ହାତରେହିଁ ରହିବାକୁ ବାଧ ହେବ । ପ୍ରାଚୀନତର ସମାଜଗୁଡ଼ିକରେ ଯାହାସବୁ ଉଦ୍ୟମ ସାମାଜିକ ଚାପ, ବିଧି ଓ ସମୂହଚଳଣିର କଠୋର ନାନା ନିୟମ, ଚିକିନିଖି ନାନା ବିଧାନ ତଥା ଶାସ୍ତ୍ର ଦ୍ୱାରା ଯାହାସବୁ ଉଦ୍ୟମ କରାଯାଉଥିଲା, ବସ୍ତୁତଃ ସଂଗଠିତ ରାଷ୍ଟ୍ରୀୟ ନିୟନ୍ତ୍ରଣ ଦ୍ୱାରାହିଁ ଏହାକୁ କାର୍ଯ୍ୟକାରୀ କରାଯାଇ ପାରିବ । ବୈପ୍ଲବିକ ଯେକୌଣସି ଆଦର୍ଶର କ୍ଷେତ୍ରରେ ଏହି ବିକାଶଟି ସର୍ବଦା ସତେଅବା ଅବଶ୍ୟମ୍ଭାବୀ ଭାବରେହିଁ ଅନ୍ତର୍ନିହିତ ହୋଇ ରହି ଆସିଥିଲା । 'ଆତଙ୍କର ରାଜତ୍ୱ' ପର୍ଯ୍ୟାୟଟିରେ ଯାକୋବିନ୍‌ମାନଙ୍କ ପକ୍ଷରୁ ଫରାସୀ ସରକାରଙ୍କ ସମକ୍ଷରେ ଯେଉଁ ବାହ୍ୟ ବିପଦଟି ଆସି ପହଞ୍ଚିଥିଲା, ତାହାରି ଚାପରେ ପଡ଼ି ତାହା ପ୍ରଥମେ ଉପରିଭାଗକୁ ଆସିବାକୁ ଆରମ୍ଭ କଲା ଏବଂ ଊନବିଂଶ ଶତାବ୍ଦୀର ପରବର୍ତ୍ତୀ ଭାଗଟିରେ ଏକ ଅନ୍ତର୍ଗତ ପ୍ରୟୋଜନର ଚାପରେ ପଡ଼ି ତାହା କ୍ରମାଗତ ଭାବରେ ଆବିର୍ଭୂତ ହୋଇ ଆସିଛି ଓ ଆପଣାକୁ ଏକ ବାସ୍ତବ ଘଟଣାରେ ପରିଣତ କରିଆସିଛି । ଅବଶ୍ୟ ଏକଥା ସତ ଯେ ଏହା କଦାପି ସଂପୂର୍ଣ୍ଣ ଭାବରେ ନିଜକୁ ପ୍ରକଟ କରି ନାହିଁ, ମାତ୍ର ବର୍ତ୍ତମାନ ମହାଯୁଦ୍ଧର ଅନ୍ତର୍ଗତ ତଥା ବାହ୍ୟ ପ୍ରୟୋଜନର ଏକତ୍ର ସମ୍ମିଳନ ଦ୍ୱାରା ତାହା ସଂପୂର୍ଣ୍ଣତାର ଏକ ପ୍ରାଥମିକ ଆଭାସହିଁ ଧାରଣ କରିଛି । ଆଗରୁ ଏହା କେବଳ ଗୋଟିଏ ଆଦର୍ଶମାତ୍ର ହୋଇ ରହିଥିଲା, ଏବଂ ସେତେବେଳେ ସେଇଟି ଆଡ଼କୁ କେବଳ ପ୍ରାରମ୍ଭିକ କେତୋଟି ଅତି ଅପୂର୍ଣ୍ଣ ପଦକ୍ଷେପ ପକାଇବାହିଁ ସମ୍ଭବ ହେଉଥିଲା; ମାତ୍ର ବର୍ତ୍ତମାନ ଏହା ଗୋଟିଏ ଉପଲଭ୍ୟ କାର୍ଯ୍ୟକ୍ରମରେ ପରିଣତ ହୋଇ ସାରିଲାଣି ଏବଂ ପ୍ରୟୋଜନତଃ, ଯେତେ କ୍ଷିପ୍ର ଏବଂ ଅପୂର୍ଣ୍ଣ ହେଲେ ମଧ୍ୟ, ତାହା ପ୍ରତ୍ୟୟ ଜନ୍ମାଇ ପାରିବା ଭଳି ଏକ ବାସ୍ତବ ପ୍ରଦର୍ଶନ ଦ୍ୱାରା ଆପଣାର ସଂପୂର୍ଣ୍ଣ ସମ୍ଭାବନାଟିକୁ ପ୍ରତିଷ୍ଠିତ କରିଦେଇ ସାରିଲାଣି । ଏକଥା ସତ ଯେ ଏଇଟିକୁ

'oaob.nitrkl.ac.in' images reprocessed

ଉପଲବ୍ଧି କରିବା ସକାଶେ ଏପରିକି ରାଜନୀତିକ ସ୍ୱାଧୀନତାକୁ ମଧ୍ୟ ସାମୟିକ ଭାବରେ ଛଡ଼ାଇ ନେବାକୁ ପଡ଼ିଛି; ମାତ୍ର, ଯୁକ୍ତି କରି ଏହାକୁ କେବଳ ବର୍ତ୍ତମାନ କ୍ଷଣଟିରହିଁ ଏକ ଆକସ୍ମିକତା ବୋଲି କୁହାଯାଇପାରେ, ଏକ ସାମୟିକ ପ୍ରୟୋଜନକୁହିଁ ଏହାଦ୍ୱାରା କିଛି ବାଟ ଛାଡ଼ି ଦିଆଯାଇଛି ବୋଲି କୁହାଯାଇପାରେ । ଏବଂ, ଅପେକ୍ଷାକୃତ ଅଧିକ ସ୍ୱାଧୀନ ପରିବେଶଗୁଡ଼ିକରେ ଜନଗଣ ଆପଣାର ସମ୍ମତି ଦେଇ ଯେଉଁସବୁ ସରକାରଙ୍କ ହାତରେ ଏକ ନିର୍ବାଧ ଏବଂ ସାମୟିକ ଭାବରେ ଦାୟିତ୍ୱଶୂନ୍ୟ କର୍ତ୍ତୃତ୍ୱକୁ ନେଇ ନ୍ୟସ୍ତ କରି ଦେଇଥିଲେ ଏବଂ ସେହି ସରକାରମାନେ ଆଂଶିକ ଭାବରେ ଏବଂ ସାମୟିକଭାବେ ଯାହାସବୁ କରୁଥିଲେ, ଯୁଦ୍ଧାଦିର ଚାପ ନ ଥିବାବେଳେ ଗୋଟିଏ ସ୍ୱୟଂଶାସିତ ଗଣତାନ୍ତ୍ରିକ ରାଷ୍ଟ୍ର ଦ୍ୱାରା ତାହାକୁହିଁ ସଂପୂର୍ଣ୍ଣ ଓ ଚିରସ୍ଥାୟୀଭାବେ କରାଯାଇ ପାରେ ।

ସେହି କ୍ଷେତ୍ରରେ ଜାତିହିଁ ମନୁଷ୍ୟ-ସମୁଦାୟର ନିକଟ ଭବିଷ୍ୟତ ହୋଇ ରହିଥିବା ପରି ବୋଧ ହେବ; ଜାତି ସ୍ୱଶାସିତ ହୋଇ ରହିଥିବ, ରାଜନୀତିକ ଦୃଷ୍ଟିରୁ ସ୍ୱାଧୀନ ହୋଇଥିବ, ମାତ୍ର ଏକ ସଂପୂର୍ଣ୍ଣ ଆର୍ଥିକ ତଥା ସାମାଜିକ ସଂଗଠନକୁ ଆପଣାର ଉଦ୍ଦେଶ୍ୟ କରି ରଖିଥିବ, ଏବଂ ସେହି କାରଣରୁ ବ୍ୟକ୍ତିର ସବୁକିଛି ସ୍ୱାଧୀନତାକୁ ସୁସଂଗଠିତ ଜାତୀୟ ରାଷ୍ଟ୍ରର ନିୟନ୍ତ୍ରଣ ହାତରେ ନେଇ ସମର୍ପି ଦେବାକୁ ପ୍ରସ୍ତୁତ ରହିଥିବ ।* ଅଷ୍ଟାଦଶ ଶତାବ୍ଦୀର ଶେଷ ଓ ଊନବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ଯେପରି ଫ୍ରାନ୍ସ ରାଜନୀତିକ ସ୍ୱାଧୀନତା ଓ ସମାନତାର ଗୋଟିଏ ବୃହତ୍ ପ୍ରଚାରକ ଏବଂ ପ୍ରୟୋଗାତ୍ମକ କର୍ମଶାଳା ହୋଇ ରହିଥିଲା, ଠିକ୍ ସେହିପରି ଊନବିଂଶ ଶତାବ୍ଦୀର ଶେଷ ଏବଂ ବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ଜର୍ମାନୀ ସଂଗଠିତ ରାଷ୍ଟ୍ରର ବିଚାରଟି ଲାଗି ସର୍ବପ୍ରଧାନ ପ୍ରଚାରକ ଏବଂ ପ୍ରୟୋଗାତ୍ମକ କର୍ମଶାଳା ହୋଇ ରହି ଆସିଛି । ସେଠାରେ ସମାଜବାଦର ତତ୍ତ୍ୱଟି ମଧ୍ୟ ମସ୍ତକୋତ୍ତୋଳନ କରିଛି ଏବଂ ସେଠାରେ ତାହାର ପ୍ରଚାରଟି ମଧ୍ୟ ସବୁଠାରୁ ଅଧିକ ସଫଳ ଭାବରେ ହୋଇପାରିଛି, ଯାହାଫଳରେ କି ଜାତିର ଏକ ବୃହତ୍ ଭାଗ ଏହି ନୂତନ ଆଦର୍ଶଟି ଉଦ୍ଦେଶ୍ୟରେ ଆପଣାକୁ ସମର୍ପିତ କରିଦେଇଛି; ଏବଂ ଠିକ୍ ସେହିଠାରେହିଁ ବଡ଼ ବଡ଼ ସମାଜବାଦୀ କାର୍ଯ୍ୟପନ୍ଥା ଏବଂ ଜାତିର ସାମୁଦାୟିକ ମଙ୍ଗଳ ଏବଂ ସାମୁଦାୟିକ ସାମର୍ଥ୍ୟ ସକାଶେ ରାଷ୍ଟ୍ର ଦ୍ୱାରା ବ୍ୟକ୍ତିର ନିୟନ୍ତ୍ରଣର ବିଚାରଟିକୁ ବିକଶିତ କରାଇ ଆଣୁଥିବା ଅନ୍ୟ ସକଳ କାର୍ଯ୍ୟପନ୍ଥାକୁ ସବୁଠାରୁ ଅଧିକ ସଂପୂର୍ଣ୍ଣ ଓ ପ୍ରଶଂସନୀୟ ଭାବରେ କଳ୍ପନା

---

* ପ୍ରଥମରୁହିଁ ଏକ ବିପୁଳ ପରିପୂର୍ଣ୍ଣତା ସହିତ ବଲ୍‌ଶେଭିକ୍ ରୁଷିଆ, ନାତ୍‌ସୀ ଜର୍ମାନୀ ଓ ଫାସିଷ୍ଟ୍ ଇଟାଲୀରେ ଏହାହିଁ କରାଯାଇଥିଲା ଏବଂ ସବୁଠାରେ ଯେ ସମସ୍ତେ ତାହାହିଁ ଗ୍ରହଣ କରିବାକୁ ବାଧ୍ୟ ହେବେ, ସେହି ଆଶଙ୍କାଟିହିଁ ଏକଦା ସର୍ବବ୍ୟାପ୍ତ ହୋଇ ରହିଥିଲା ।

'oaob.nitrkl.ac.in' images reprocessed

କରାଯାଇ ପାରିଛି ଓ କାର୍ଯ୍ୟରେ ପରିଣତ କରାଯାଇ ପାରିଛି । ଏସବୁ କଥା ଯେ ଗୋଟିଏ ସମାଜବାଦ-ବିରୋଧୀ, ସମରବାଦୀ ଓ ସମ୍ଭ୍ରାନ୍ତବର୍ଗୀୟ ସରକାର ଦ୍ୱାରା କରାଯାଇଛି, ତାହାର ଆଦୌ ଖୁବ୍‌ବେଶୀ ମହତ୍ତ୍ୱ ନାହିଁ; ମାତ୍ର ଏହି ନୂତନ ପ୍ରବୃତ୍ତିଟି ଯେ ପ୍ରକୃତରେ କେତେ ବେଶୀ ଅପ୍ରତିରୋଧୀ ଭାବରେ ବଳଶାଳୀ ହୋଇ ଉଠିପାରିଛି, ଏହି କଥାଟି ତାହାରହିଁ ଏକ ପ୍ରମାଣ ହୋଇ ରହିଛି । ଯେଉଁମାନଙ୍କ ହାତରେ ପ୍ରଶାସନିକ କ୍ଷମତାମାନ ଆଗରୁ ରହି ଆସିଥିଲା, ସେହିମାନଙ୍କ ହାତରୁ ସ୍ଥାନ ବଦଳାଇ ତାହା ଯେ ଅବଶ୍ୟମ୍ଭାବୀ ଭାବରେ ଜନଗଣର ହାତକୁ ନ୍ୟସ୍ତ ହୋଇ ଆସିବ, ଏହି କ୍ଷେତ୍ରରେ ଏହାର ବିଜୟଟିକୁ ସଂପୂର୍ଣ୍ଣ କରିବା ଲାଗି କେବଳ ସେତିକିହିଁ ବାକି ରହିଥିଲା ବୋଲି କୁହାଯାଇ ପାରିବ ।

ଏହି ଗତ କେତୋଟି ଦଶନ୍ଧି ଧରି ଆମେ ଜର୍ମାନ୍ ବିଚାରଗୁଡ଼ିକର ଅଭିବୃଦ୍ଧିହିଁ ଲକ୍ଷ୍ୟ କରିଆସିଛୁ ଏବଂ ବିଭିନ୍ନ ଦେଶରେ, ଏପରିକି ବ୍ୟକ୍ତିବାଦର ସ୍ୱଗୃହ ସ୍ୱରୂପ ଇଂଲଣ୍ଡରେ ମଧ୍ୟ ରାଷ୍ଟ୍ରୀୟ ହସ୍ତକ୍ଷେପ ଏବଂ ରାଷ୍ଟ୍ରୀୟ ନିୟନ୍ତ୍ରଣର ସେହି ଜର୍ମାନ୍ ରୀତିଗୁଡ଼ିକୁ ଅନୁସରଣ କରିବା ଲାଗି ଗୋଟିଏ ପ୍ରବୃତ୍ତି ମଧ୍ୟ କ୍ରମଶଃ ଅଧିକରୁ ଅଧିକ ଭାବରେ ଯେ ପ୍ରକଟ ହୋଇ ଆସିଛି, ଆମେ ସେକଥାଟିକୁ ମଧ୍ୟ ଲକ୍ଷ୍ୟ କରି ଆସିଛୁ । ଇଉରୋପୀୟ ମିଳିତ ପକ୍ଷ ବୈପ୍ଳବିକ ଏବଂ ନେପୋଲିଅନିକ୍ ଫ୍ରାନ୍ସ୍‌କୁ ଯେତିକି ପରିମାଣରେ ପରାଭୂତ କରି ପାରିଥିଲେ ଓ ଏପରିକି ରାଜଶାସନ ଓ ସମ୍ଭ୍ରାନ୍ତବର୍ଗୀୟ ଶାସନର ପଦ୍ଧତିଟି ଇଉରୋପର ନୂତନ ବିଚାରଗୁଡ଼ିକୁ ସମଗ୍ର ଇଉରୋପରେ ବ୍ୟାପ୍ତ ହୋଇଯିବାରୁ ଯେତିକି ପରିମାଣରେ ଅଟକାଇ ରଖି ପାରିଥିଲା, ଇଉରୋପୀୟ ମହାସମରରେ ଜର୍ମାନୀ ପରାଭୂତ ହେବା ଦ୍ୱାରା ଜର୍ମାନୀର ଆଦର୍ଶଗୁଡ଼ିକ ତା'ଠାରୁ କଦାପି ଅଧିକ ପରିମାଣରେ ପରାଭୂତ ହୋଇ ଯାଇ ନାହିଁ । ଜର୍ମାନୀର ସୈନ୍ୟବାଦ ଓ ପ୍ରତିକ୍ରିୟାଶୀଳ ସମ୍ଭ୍ରାନ୍ତବର୍ଗ ଏହା ଫଳରେ ଧ୍ୱଂସ ହୋଇ ଯାଇଥିଲା ବୋଲି ସ୍ୱୀକାର କରି ନିଆଗଲେ ମଧ୍ୟ ଏକଥାଟିକୁ ମଧ୍ୟ ସ୍ୱୀକାର କରିବାକୁ ହେବ ଯେ ସାମ୍ରାଜ୍ୟିକ ଗଠନର ସରକାରଟିର ପତନ ଘଟିବା ସଙ୍ଗେ ସଙ୍ଗେ ସେଗୁଡ଼ିକର ପଛରେ ରହି ଯାହା କାର୍ଯ୍ୟ କରି ଆସିଥିଲା ଏବଂ ଆପଣାର ପରିଚର୍ଯ୍ୟା ଲାଗିହିଁ ସେଗୁଡ଼ିକୁ ବାଧ୍ୟ କରି ଆସିଥିଲା, ତଦ୍ଦ୍ୱାରା କେବଳ ତାହାରି ଅଧିକ ସଂପୂର୍ଣ୍ଣ ବିକାଶ ଓ ତାହାରି ଅଧିକ ସଂପୂର୍ଣ୍ଣ ବିଜୟଟିହିଁ ତ୍ୱରାନ୍ୱିତ ହୋଇ ଆସିବ, ଅର୍ଥାତ୍, ପରିପୂର୍ଣ୍ଣ ଭାବରେ ଆପଣାକୁ ସଂଗଠନବଦ୍ଧ କରି ରଖିଥିବା ଏକ ସମାଜବାଦୀ ରାଷ୍ଟ୍ରର ସେହି ବିଶାଳ ଆଧୁନିକ ପ୍ରବୃତ୍ତିଟିହିଁ ତ୍ୱରାନ୍ୱିତ ହୋଇ ଆସିବ, ଏବଂ ତେଣେ ତାହାର ବିରୁଦ୍ଧପକ୍ଷରେ ରହିଥିବା ଦେଶଗୁଡ଼ିକ ମଧ୍ୟ ସେହି ମହାଯୁଦ୍ଧର ସୁସ୍ପଷ୍ଟ ପରିଣାମ ସ୍ୱରୂପ ଅଧିକରୁ ଅଧିକ କ୍ଷିପ୍ର ଭାବରେ ଠିକ୍ ସେହି ଆଦର୍ଶଟି ଅଭିମୁଖରେହିଁ ଧାବିତ ହୋଇ ଆସିଥିବାର ଦୃଷ୍ଟିଗୋଚର ହେବାରେ ଲାଗିଛି ।

'oaob.nitrkl.ac.in' images reprocessed

ଯଦି ଏତିକିହିଁ ସବୁ କଥା ହୁଅନ୍ତା, ତେବେ ବସ୍ତୁଗୁଡ଼ିକର ସ୍ୱାଭାବିକ ବିକାଶ ଜର୍ମାନ୍‌ମାର୍କା ସାମ୍ରାଜ୍ୟବାଦର ବ୍ୟର୍ଥତାଟିରୁ ପ୍ରକୃତରେ ଅଧିକ ସହାୟତାପ୍ରାପ୍ତ ହୋଇ ନ୍ୟାୟତଃ ଆମକୁ ପୃଥିବୀର ଏକ ନୂତନ ବ୍ୟବସ୍ଥା ଆଡ଼କୁ ପରିଚାଳିତ କରି ନେଇଯାଆନ୍ତା, ସ୍ୱାଧୀନ ହୋଇ ରହିଥିବା ଅଥଚ ଅଧିକରୁ ଅଧିକ ପରିମାଣରେ ସଂଗଠନବଦ୍ଧ ହୋଇ ରହିଥିବା ଜାତୀୟ ରାଷ୍ଟ୍ରଗୁଡ଼ିକର ଏକ ଧାରା ସେହି ବ୍ୟବସ୍ଥାର ଭିତ୍ତି ପରି ହୋଇ ରହନ୍ତା । ସେହି ରାଷ୍ଟ୍ରମାନେ ଆପଣାର ସ୍ୱାଧୀନ ସତ୍ତାଗୁଡ଼ିକୁ ବଜାୟ ରଖିପାରିବା ସଙ୍ଗେ ସଙ୍ଗେ ଆନ୍ତର୍ଜାତିକ ନାନା ଲକ୍ଷ୍ୟର ସାଧନ ଲାଗି ଅଳ୍ପ ଅଥବା ଅଧିକ ଘନିଷ୍ଠ ଭାବରେ ପରସ୍ପର ସହିତ ମଧ୍ୟ ଏକତ୍ର ସମ୍ବନ୍ଧଯୁକ୍ତ ହୋଇ ରହିପାରନ୍ତେ । ବୃହତ୍ ବୈପ୍ଲବିକ ଉଦ୍‌ବେଳନଟିର ଉଦ୍ରେକ ହୋଇ ଆସିଥିବା ଦିନଠାରୁ ଏହିଭଳି ଗୋଟିଏ ଆଦର୍ଶହିଁ ତଥାପି ସୁଦୂର ହୋଇ ରହିଥିବା ଏକ ସମ୍ଭାବନାରୂପେ ମନୁଷ୍ୟର ମନକୁ ସର୍ବଦା ଆକର୍ଷିତ କରିଆସିଛି; ଏହି ଆଦର୍ଶଟି ହେଉଛି ସ୍ୱାଧୀନ କେତୋଟି ଜାତିକୁ ନେଇ ଏକ ସଂଘ ଗଠନ କରିବାର ବିଚାରଟିର ଆଦର୍ଶ, ସମଗ୍ର ମନୁଷ୍ୟଜାତି ଲାଗି ଏକ ପାର୍ଲିଆମେଣ୍ଟ ବା ମହାସଂସଦ ଗଠନ କରିବାର ଆଦର୍ଶ, ସମଗ୍ର ପୃଥିବୀକୁ ଗୋଟିଏ ସଂଘ ମଧ୍ୟରେ ସମ୍ମିଳିତ କରି ରଖିବାର ଆଦର୍ଶ । ମାତ୍ର ପୃଥିବୀର ବାସ୍ତବ ସ୍ଥିତିମାନ ବର୍ତ୍ତମାନ ଯେପରି ହୋଇ ରହିଛି, ସେହି ଦୃଷ୍ଟିରୁ ଅଦୂର ଭବିଷ୍ୟତରେ ସେହିଭଳି କୌଣସି ଆଦର୍ଶ ପୂର୍ଣ୍ଣସମ୍ପାଦନ ପ୍ରକୃତରେ ସମ୍ଭବ ହେବ ବୋଲି ଆଦୌ କୌଣସି ଆଶା ଦିଶୁ ନାହିଁ । କାରଣ ବର୍ତ୍ତମାନ ଆମ ପୃଥିବୀରେ କେବଳ ଯେ ଜାତୀୟତାବାଦୀ, ଗଣତନ୍ତ୍ରବାଦୀ ଓ ସମାଜବାଦୀ ବିଚାରଗୁଡ଼ିକହିଁ କାର୍ଯ୍ୟ କରୁଛନ୍ତି, ସେକଥା ଆଦୌ ନୁହେଁ, ଏଣେ ସେହିପରି ସମାନ ଭାବରେ ସାମ୍ରାଜ୍ୟବାଦ ମଧ୍ୟ ସେହିପରି ଅଗ୍ରସର ହେବାରେ ଲାଗିଛି । ବର୍ତ୍ତମାନ ମୁହୂର୍ତ୍ତରେ ଇଉରୋପରେ ମାତ୍ର ଅଳ୍ପକେତୋଟି ଜନସମୂହ ରହିଛନ୍ତି, ଯେଉଁମାନେ କି ଗୋଟିଏ ଗୋଟିଏ ଜାତି ହିସାବରେ ଗୋଟାସୁଦ୍ଧା ଆପଣା ମଧ୍ୟରେହିଁ କେବଳ ସୀମାବଦ୍ଧ ହୋଇ ରହିଛନ୍ତି । ସେମାନେ ପ୍ରତ୍ୟେକେ ଗୋଟିଏ ଗୋଟିଏ ସ୍ୱାଧୀନ ଓ ସ୍ୱତନ୍ତ୍ର ଜାତି ହୋଇ ନିଶ୍ଚୟ ରହିଛନ୍ତି, ମାତ୍ର ସେମାନେ ଏପରି ଆହୁରି ଅନେକ ମନୁଷ୍ୟସମୂହ ଉପରେ କର୍ତ୍ତା ହୋଇ ବସିଛନ୍ତି, ଯେଉଁମାନେ କି ସ୍ୱାଧୀନତା ଲାଭ କରିଛନ୍ତି ଅଥବା କେବଳ ଆଂଶିକ ଭାବରେହିଁ ସ୍ୱାଧୀନ ହୋଇ ପାରିଛନ୍ତି । ଏପରିକି ଚୁଇଁ ବେଲ୍‌ଜିଅମ୍ ମଧ୍ୟ କଙ୍ଗୋର ମାଲିକ ହୋଇ ବସିଛି, ଚୁଇଁ ପର୍ତୁଗାଲ୍‌ର ବି ଉପନିବେଶମାନ ରହିଛି, ପୂର୍ବ ଦ୍ୱୀପପୁଞ୍ଜରେ ଏଡ଼େଟିକିଏ ହଲାଣ୍ଡ୍‌ର ଅଧୀନ ରାଜ୍ୟଗୁଡ଼ିକ ରହିଛି । ଏପରିକି ସାନସାନ ବଲ୍‌କାନ୍ ରାଜ୍ୟଗୁଡ଼ିକ ମଧ୍ୟ ଏକ "ସାମ୍ରାଜ୍ୟ"ର ପୁନଃସ୍ଥାପନା କରିବା ଲାଗି ଆକାଙ୍କ୍ଷିତ ହୋଇଛନ୍ତି ଏବଂ ସେମାନଙ୍କ ଏକା ଜାତିର ହୋଇ ନ ଥିବା ଅନ୍ୟମାନଙ୍କ ଉପରେ

'oaob.nitrkl.ac.in' images reprocessed

ଶାସକ ହୋଇ ରହିବାକୁ ମନ ବଳାଇଛନ୍ତି ବା ଆପଣାର ଅନ୍ତରୀପଟିରେ ସର୍ବପ୍ରଧାନ ହୋଇ ରହିବାର ଏକ ସ୍ୱପ୍ନ ଦେଖି ଆସିଛନ୍ତି । ମାଜିନିଙ୍କର ଇତାଲୀ ତ୍ରିପଲି, ଆବିସିନିଆ, ଆଲବାନିଆ ଓ ଗ୍ରୀକ୍ ଦ୍ୱୀପଗୁଡ଼ିକୁ କ୍ଷେତ୍ର କରି ଆପଣାର ସାମ୍ରାଜ୍ୟବାଦୀ ଦୁଃସାହସିକତା ଓ ଉଚ୍ଚାକାଙ୍କ୍ଷାମାନ ଦେଖାଇବାକୁ ଯାଇଛି । ଆଗାମୀ କେତେବର୍ଷ ମଧ୍ୟରେ ଏହି ସାମ୍ରାଜ୍ୟବାଦୀ ପ୍ରବୃତ୍ତିଗୁଡ଼ିକ ଅନ୍ତତଃ କେତେ ସମୟ ପର୍ଯ୍ୟନ୍ତ ଦୁର୍ବଳ ହୋଇ ପଡ଼ିବା ପରିବର୍ତ୍ତେ ଅଧିକ ଶକ୍ତିଶାଳୀ ହୋଇ ବାହାରିବାରହିଁ ବରଂ ଅଧିକ ସମ୍ଭାବନା ରହିଛି । ଜାତିତ୍ୱର ଏକମାତ୍ର ନୀତିଟିକୁ ଆଧାର କରି ଅନ୍ତତଃ କେବଳ ଇଉରୋପକୁ ପୁନର୍ଗଠିତ କରିବାର ଯେଉଁ ବିଚାରଟି ମହାଯୁଦ୍ଧର ଆରମ୍ଭ ସମୟରେ ଇଂଲଣ୍ଡର ଉଦାରପନ୍ଥୀ ବ୍ୟକ୍ତିମାନଙ୍କର ମନକୁ ତତ୍ପର କରି ରଖିଥିଲା, ସେଇଟି ଏପର୍ଯ୍ୟନ୍ତ ବ୍ୟାବହାରିକ କ୍ଷେତ୍ରରେ ପ୍ରଯୁକ୍ତ ହୋଇପାରି ନାହିଁ । ଏବଂ, ଯଦି ସେଇଟି ପ୍ରକୃତରେ କାର୍ଯ୍ୟତଃ ସମ୍ଭବ ହୋଇଯାଏ, ତେବେ ପାଶ୍ଚାତ୍ୟ ଜାତି ଏବଂ ଜାପାନର ସାମ୍ରାଜ୍ୟବାଦୀ ଉଚ୍ଚାକାଙ୍କ୍ଷାଗୁଡ଼ିକୁ ଚରିତାର୍ଥ କରିବାର ଏକ କ୍ଷେତ୍ରରୂପେ ସମଗ୍ର ଏସିଆ ଏବଂ ଆଫ୍ରିକା ତଥାପି ବାକି ରହିଥିବ । ଯେଉଁ ନିଃସ୍ୱାର୍ଥପରତା ଦ୍ୱାରା ପରିଚାଳିତ ହୋଇ ଆମେରିକାର ଏକ ସଂଖ୍ୟାଗରିଷ୍ଠ ଭାଗ ଫିଲିପାଇନ୍ ଦ୍ୱୀପପୁଞ୍ଜର ସ୍ୱାଧୀନତା ଲାଗି ସମ୍ମତି ଦେଲା ଏବଂ ମେକ୍ସିକୋର ଅଶାନ୍ତିମୟ ପରିସ୍ଥିତିଗୁଡ଼ିକରୁ କୌଣସି ପ୍ରକାର ଫାଇଦା ଉଠାଇବାକୁ ମନ ବଳାଇବାରୁ ଆପଣାକୁ ନିବୃତ୍ତ କରି ରଖିଲା, ପୁରାତନ ପୃଥିବୀର ମନୋଭାବଟିର କ୍ଷେତ୍ରରେ ତାହା ଆଦୌ ସମ୍ଭବ ନୁହେଁ; ଏବଂ ସେହି ଆମେରିକାରେ ମଧ୍ୟ ସେହି ନିଃସ୍ୱାର୍ଥପରତା କ୍ରମେ ଅଧିକରୁ ଅଧିକ ଶକ୍ତିଶାଳୀ ହେବାରେ ଲାଗିଥିବା ସାମ୍ରାଜ୍ୟବାଦୀ ପ୍ରବୃତ୍ତିଟିର ବିରୋଧରେ ଆପଣାକୁ ଯେ ପ୍ରକୃତରେ ଠିଆ କରି ରଖିପାରିବ, ସେଥିରେ ମଧ୍ୟ ଅନେକ ସନ୍ଦେହ ରହିଛି । ଜାତୀୟ ଅହଂକାର, ଅନ୍ୟମାନଙ୍କ ଉପରେ ଅଧିକାର ବିସ୍ତାର କରି ରହିବାର ଗର୍ବ ଓ ସଂପ୍ରସାରଣର ତୀବ୍ର ଲାଳସା,— ଏଗୁଡ଼ିକ ବର୍ତ୍ତମାନ ମଧ୍ୟ ମନୁଷ୍ୟଜାତିର ମାନସକୁ ପରିଚାଳିତ କରିବାରେ ଲାଗିଛି; ଏବଂ, ଉଚ୍ଚତର ଅଭିପ୍ରାୟଗୁଡ଼ିକ ଏବଂ ଏକ ଅଧିକ ଉନ୍ନତ ଜାତୀୟ ନୈତିକତା ପ୍ରାଥମିକ ଓ କ୍ଷୀଣ ଭାବରେ କ୍ରମଶଃ ଉନ୍ମେଷିତ ହୋଇ ଆସୁଥିବା ହେତୁ ସେଗୁଡ଼ିକ ବର୍ତ୍ତମାନ ଆପଣାର ପଦ୍ଧତିରେ ଯେତେଯାହା ପରିମାର୍ଜିତ ହୋଇ ପାରିଥିଲେ ମଧ୍ୟ ତଥାପି ସେହିଗୁଡ଼ିକହିଁ ମନୁଷ୍ୟସମୂହର ମନକୁ ନିୟନ୍ତ୍ରିତ କରୁଛି । ଏବଂ ଏହି ମନୋଭାବଟିରେ ଏକ ମୌଳିକ ପରିବର୍ତ୍ତନ ନ ଘଟିବା ପର୍ଯ୍ୟନ୍ତ ସ୍ୱାଧୀନ ଅନେକ ଜାତିର ଏକ ସଂଘ ଗଠନ କରି ମନୁଷ୍ୟଜାତିକୁ ଏକତତ୍ତ୍ୱବଦ୍ଧ କରି ଆଣିବାର କଳ୍ପନାଟି କେବଳ ଏକ ସୁନ୍ଦର ଓ ଉଚ୍ଚ କଳ୍ପନା ହୋଇହିଁ ରହିବାକୁ ବାଧ୍ୟ ହେବ ।

ଏକ ମୁକ୍ତ ସାହଚର୍ଯ୍ୟ ଏବଂ ଏକତ୍ୱ ଯେ ଆମ ବିକାଶ ଓ ଅଗ୍ରଗତିର ସର୍ବଶେଷ

'oaob.nitrkl.ac.in' images reprocessed

ଲକ୍ଷ୍ୟ ହୋଇ ରହିବ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ, ଏବଂ ଯେପର୍ଯ୍ୟନ୍ତ ସେହି ଲକ୍ଷ୍ୟଟିର ଉପଲବ୍ଧି ହୋଇ ନାହିଁ, ସେପର୍ଯ୍ୟନ୍ତ ଆମର ପୃଥିବୀ ନାନା ସତତ ପରିବର୍ତ୍ତନ ଏବଂ ବିପ୍ଳବ ମଧ୍ୟରେ ଘାଣ୍ଟି ହେବାରେ ଲାଗିଥିବ । ପ୍ରତିଷ୍ଠିତ ପ୍ରତ୍ୟେକ ବ୍ୟବସ୍ଥା, ତାହା ନାନା ଅପୂର୍ଣ୍ଣତାରେ ଭର୍ତ୍ତି ହୋଇ ରହିଥିବାରୁ, କୌଣସି ନା କୌଣସି ଅନ୍ୟାୟକୁ ପ୍ରଶ୍ରୟ ଦେଉଥିବା ନାନା ଯୋଜନା ଓ ବ୍ୟବସ୍ଥାପନାକୁ ଛାଡ଼ି ପାରୁ ନ ଥିବାରୁ ଅଥବା ନାନା ନୂତନ ପ୍ରବୃତ୍ତି ଏବଂ ଶକ୍ତିର ପ୍ରତିବନ୍ଧକ ହୋଇ ଠିଆ ହେଉଥିବାରୁ ବା ତାହାର ପ୍ରୟୋଜନ ଏବଂ ଔଚିତ୍ୟଟି ଚାଲିଯିବା ପରେ ମଧ୍ୟ ତାହା ତଥାପି ନ ଯାଇ ପଡ଼ି ରହୁଥିବାରୁ, ସେହି ବ୍ୟବସ୍ଥାକୁ ଅବଶ୍ୟ କ୍ଳାନ୍ତିରେହିଁ ଆପଣାର ପରିସମାପ୍ତିକୁ ବରଣ କରି ନେବାକୁ ପଡ଼ିବ; ତାହାକୁ ନାନା ପ୍ରତିରୋଧ ଓ ଉଦ୍‌ବେଳନର ସମ୍ମୁଖୀନ ହେବାକୁ ପଡ଼ିବ, ଏହା ସ୍ୱୟଂ ବଦଳିଯିବ ନଚେତ୍ ଏହାକୁ ବଦଳାଇ ଦେବାକୁ ପଡ଼ିବ, ଅଥବା, ତା' ନ ହେଲେ ସେଥିରୁ ଏପରି ନାନା ମହାପ୍ରଳୟମାନ ଉପୁଜିବ, ଯାହାକି ମଝିରେ ମଝିରେ ମନୁଷ୍ୟ ହିସାବରେ ଆମର ଅଗ୍ରଗତିକୁ ନିୟତ ବିବ୍ରତ କରି ଆସିଛି । ମାତ୍ର ସମାଜ-ସଂସ୍ଥାପନର ବର୍ତ୍ତମାନ ଯେଉଁ କୃତ୍ରିମ ଓ ଅପୂର୍ଣ୍ଣ ନୀତିଗୁଡ଼ିକ କାର୍ଯ୍ୟକାରୀ ହୋଇ ରହିଛି, ତାହା ସ୍ଥାନରେ ଯଥାର୍ଥ ନୀତିଗୁଡ଼ିକର ପ୍ରବର୍ତ୍ତନ କରାଇ ପାରିବାର ସମୟ ଏବେସୁଦ୍ଧା ଆସି ନାହିଁ । ଜାତି ଓ ଜାତି ମଧ୍ୟରେ ବର୍ତ୍ତମାନ ଯେଉଁସବୁ ଅସମାନତା ରହିଛି, ସେଗୁଡ଼ିକର ଅପସାରଣ ନ ହୋଇ ପାରିଥିବା ପର୍ଯ୍ୟନ୍ତ, ଅଥବା, ବର୍ତ୍ତମାନ ପ୍ରକୃତ କ୍ଷେତ୍ରରେ ଯେତିକି ଅଛି ବା ସମ୍ଭବ ହେଉଛି, ସମଗ୍ର ପୃଥିବୀ ତାହାଠାରୁ ଏକ ଉଚ୍ଚତର ନୈତିକ ଏବଂ ଆଧ୍ୟାତ୍ମିକ ସୋପାନକୁ ଭିତ୍ତି କରି ଏକ ସାଧାରଣ ଓ ସାର୍ବଜନୀନ ସଂସ୍କୃତିର ଭୂମିକୁ ଉନ୍ନୀତ ହୋଇ ନ ଯିବା ପର୍ଯ୍ୟନ୍ତ ପୃଥିବୀରେ ସ୍ୱାଧୀନ ଜାତିଗୁଡ଼ିକ ପରସ୍ପର ସହିତ ପ୍ରକୃତରେ ସଂଘବଦ୍ଧ ହୋଇ ଆସି ପାରିବେ ବୋଲି ଆଶା କରିବାରେ ଆଦୌ କୌଣସି ଲାଭ ହେବ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ବର୍ତ୍ତମାନ ପୃଥିବୀରେ ଜାତୀୟତାର ନୀତିଟି ତୁଳନାରେ ସାମ୍ରାଜ୍ୟ-ବିସ୍ତାରର ପ୍ରବୃତ୍ତିଟିହିଁ ଅଧିକ ଜୀବନ୍ତ, ଅଧିକ କର୍ତ୍ତୃତ୍ୱଶାଳୀ ଓ ଅଧିକ ବଳଶାଳୀ ହୋଇ ରହିଛି; ଏବଂ ତେଣୁ ବଡ଼ ବଡ଼ ସାମ୍ରାଜ୍ୟର ବିବର୍ତ୍ତନ ଯେ ଅନ୍ତତଃ କିୟତ୍କାଳ ପାଇଁ ଭିନ୍ନ ଭିନ୍ନ ଅନେକ ଜାତିର ବିକଶିତ ହୋଇ ଆସିବାର ପ୍ରବୃତ୍ତିଟିକୁ ନିସ୍ତବ୍ଧ କରି ରଖିବାରେ କଦାପି ବିଫଳ ହେବ ନାହିଁ, ଏଥିରେ ମଧ୍ୟ କୌଣସି ସନ୍ଦେହ ନାହିଁ । ବର୍ତ୍ତମାନ କେବଳ ଏତିକିମାତ୍ର ଆଶା କରାଯାଇ ପାରିବ ଯେ, ବର୍ତ୍ତମାନ ଯେଉଁ ପୁରାତନ ଢଙ୍ଗରେ କୃତ୍ରିମ, ଏବଂ କେବଳ ରାଜନୀତି ମଧ୍ୟରେ ଛନ୍ଦି ହୋଇ ରହିଥିବା ସାମ୍ରାଜ୍ୟମାନ ରହିଛି, ତାହା ସ୍ଥାନରେ ହୁଏତ ଏକ ଅଧିକ ଯଥାର୍ଥ ଏବଂ ଅଧିକ ନୀତି-ପରିଚାଳିତ ପ୍ରକାରର ସାମ୍ରାଜ୍ୟ ଉଦ୍ଭୂତ ହୋଇ ଆସିବ; ଏବଂ ବର୍ତ୍ତମାନ ପୃଥିବୀରେ ଯେଉଁସବୁ ସାମ୍ରାଜ୍ୟ ରହିଛନ୍ତି,

'oaob.nitrkl.ac.in' images reprocessed

ସେମାନେ ଆପଣାକୁ ଆହୁରି ଦୃଢ଼ କରି ଗଢ଼ିବାର ପ୍ରୟୋଜନ ଦ୍ୱାରା ଏବଂ ଏକ ସନ୍ଦୀପିତ ଆତ୍ମସ୍ୱାର୍ଥ ଦ୍ୱାରା ତାଡ଼ିତ ହୋଇ ଜାତୀୟ ସ୍ୱତନ୍ତ୍ରତାକୁ ସ୍ୱୀକାର କରିନେବାକୁହିଁ ଜାତୀୟତାବାଦର ତଥାପି ପ୍ରବଳ ପ୍ରବୃତ୍ତିଟି ଲାଗି ଏକ ବିଜ୍ଞୋଚିତ ଏବଂ ଆବଶ୍ୟକ ଅନୁଦାନ ରୂପେ ଦେଖିବାକୁ ଆରମ୍ଭ କରିବେ ଏବଂ ଏକଥାଟି ମଧ୍ୟ ବିଚାର କରିବାକୁ ସମର୍ଥ ହେବେ ଯେ ସେମାନଙ୍କର ସାମ୍ରାଜ୍ୟିକ ଶକ୍ତି ଏବଂ ଏକତ୍ୱକୁ ଦୁର୍ବଳ କରି ପକାଇବା ପରିବର୍ତ୍ତେ ସେହି ପ୍ରବୃତ୍ତିଟିକୁ ତାହାକୁ ଆହୁରି ଅଧିକ ବଳଶାଳୀ କରିବାର କାର୍ଯ୍ୟରେ ମଧ୍ୟ ବେଶ୍ ବ୍ୟବହାର କରାଯାଇ ପାରିବ । ଏହିପରି ଭାବରେ, ସ୍ୱାଧୀନ ଜାତିମାନଙ୍କୁ ନେଇ ଏକ ସଂଘର ଗଠନ ବର୍ତ୍ତମାନ ଯେତେ଼ ଅସମ୍ଭବ ହୋଇ ରହିଥିଲେ ହେଁ, ଏବେ ମଧ୍ୟ ପୃଥିବୀରେ ଯାହା ସମ୍ଭବ ହୋଇ ନାହିଁ, ତାହାଠାରୁ ଏକ ଅଧିକ ନିବିଡ଼ ସାହଚର୍ଯ୍ୟ ଦ୍ୱାରା ଏକତ୍ର ହୋଇ ଆସିଥିବା କେତେଗୁଡ଼ିଏ ସଂଘଭୁକ୍ତ ସାମ୍ରାଜ୍ୟ ତଥା ସ୍ୱାଧୀନ ଜାତିମାନଙ୍କର ଏକ ବ୍ୟବସ୍ଥାକୁ ତଥାପି ସଂପୂର୍ଣ୍ଣ ଅସମ୍ଭବ ବୋଲି କଦାପି କୁହାଯାଇ ପାରିବ ନାହିଁ; ଏବଂ ଏହିଭଳି ଏବଂ ଅନ୍ୟ କେତୋଟି ପଦକ୍ଷେପ ନେଇ ପାରିଲେ ଅଳ୍ପ ବା ବହୁତ ଏକ ଦୂର ଭବିଷ୍ୟତରେ ମନୁଷ୍ୟ ଜାତି ଲାଗି କୌଣସି ନା କୌଣସି ପ୍ରକାରର ଏକ ରାଜନୀତିକ ଏକତା ହୁଏତ ନିଶ୍ଚୟ ଉପଲବ୍ଧିର ପରିସର ମଧ୍ୟକୁ ଆସିଯାଇ ପାରିବ ।*

ଏହିଭଳି ଗୋଟିଏ ଘନିଷ୍ଠତର ସାହଚର୍ଯ୍ୟ ଲାଗି ମହାଯୁଦ୍ଧ ମଧ୍ୟ ଅନେକ ସୂଚନାକୁ ଉଦ୍ରେକ କରାଇ ଆଣିଥିଲା, ମାତ୍ର ସାଧାରଣତଃ ସେହିସବୁ ସୂଚନା କେବଳ ଇଉରୋପର ବିଭିନ୍ନ ଜାତିମାନଙ୍କ ମଧ୍ୟରେ ଅଧିକ ଭଲ ସମ୍ବନ୍ଧମାନ ସ୍ଥାପନ କରି ରଖିବାରେହିଁ ଆପଣାକୁ ଆବଦ୍ଧ କରି ରଖିଥିଲା । ଏଥିମଧ୍ୟରୁ ଗୋଟିଏ ପ୍ରସ୍ତାବରେ ଆନ୍ତର୍ଜାତିକ ଅଧିକ କଠୋର କେତୋଟି ନିୟମ ଦ୍ୱାରା ଯୁଦ୍ଧର ପରିସମାପ୍ତି ଘଟାଇବାର ମସୁଧା କରାଯାଇଥିଲା; ଏକ ଆନ୍ତର୍ଜାତିକ ବିଚାରାଳୟର ପ୍ରତିଷ୍ଠା କରାଯାଇ ଏବଂ ବିଭିନ୍ନ ଜାତିମାନଙ୍କର ଅନୁମୋଦନ ଦ୍ୱାରା ସମର୍ଥିତ ହୋଇ ସେହିସବୁ ନିୟମ କାର୍ଯ୍ୟକାରୀ ହେବ ଏବଂ ଆକ୍ରମଣକାରୀ ଅର୍ଥାତ୍ ନିୟମଲଂଘନକାରୀ ଯେକୌଣସି ଦେଶ ବିରୋଧରେ ସେମାନେ ସମ୍ମିଳିତ ଭାବରେ

---

* ହିଟଲର୍‌ର ଆବିର୍ଭାବ ଏବଂ ସମସ୍ତ ପୃଥିବୀକୁ କରଗତ କରି ରଖିବା ଲାଗି ଜର୍ମାନୀର ପ୍ରଚଣ୍ଡ ଉଦ୍ୟମ ବର୍ତ୍ତମାନ ଅତ୍ୟନ୍ତ ବିରୋଧପୂର୍ଣ୍ଣ ଭାବରେ ହିଟଲର୍‌ର ପରାଜୟ ଦ୍ୱାରା ପ୍ରକୃତରେ ସହାୟକ ରୂପେହିଁ କାର୍ଯ୍ୟ କରିଛନ୍ତି ଏବଂ ହିଟଲର୍ ବିରୋଧରେ ଜାତ ହୋଇଥିବା ପ୍ରତିକ୍ରିୟା ପୃଥିବୀର ପରିସ୍ଥିତିକୁ ସଂପୂର୍ଣ୍ଣ ଭାବରେ ବଦଳାଇ ଦେଇପାରିଛି : ଇଉରୋପୀୟ ଯୁକ୍ତରାଜ୍ୟର ସମ୍ଭାବନାଟି ବର୍ତ୍ତମାନ ପ୍ରକୃତରେ ବାସ୍ତବ ହୋଇ ଆସିଲା ପରି ବୋଧ ହେଉଛି ଏବଂ ଆପଣାକୁ ଏକ ମୂର୍ତ୍ତ ରୂପ ଦେବା ଲାଗି ଅନୁଭବ କରିବାକୁ ଆରମ୍ଭ କଲାଣି ।

'oaob.nitrkl.ac.in' images reprocessed

ସେହିସବୁ ନିୟମର ପ୍ରୟୋଗ କରିବେ ବୋଲି ମସୁଧା କରାଯାଇଥିଲା । ମାତ୍ର ଏହି ସମାଧାନଟିରେ ଯଦି ସଙ୍ଗେ ସଙ୍ଗେ ଆହୁରି ଅଧିକ ଏବଂ ସୁଦୂରପ୍ରସାରି ଅନ୍ୟାନ୍ୟ ବିକାଶମାନ କରା ନ ଯାଏ, ତେବେ ସେଇଟି ମଧ୍ୟ କଦାପି ସମ୍ଭବ ହୋଇ ପାରିବ ନାହିଁ । କାରଣ, ଆନ୍ତର୍ଜାତିକ ବିଚାରାଳୟ ଯେଉଁ ନିୟମଟିକୁ କରିବ, ତାହାକୁ, ଉଦାହରଣ ସ୍ୱରୂପ, ଇଉରୋପର ଅବଶିଷ୍ଟ ଅଂଶରେ ପ୍ରାଧାନ୍ୟ ବିସ୍ତାର କରି ରହିଥିବା ବିଜୟୀ ଦେଶମାନଙ୍କର ଏକ ମିଳିତ ପକ୍ଷ ଭଳି କେତେକ ଶକ୍ତିଶାଳୀ ଦେଶଙ୍କର ଏକ ସହବନ୍ଧତା ଦ୍ୱାରା କାର୍ଯ୍ୟକାରୀ କରାଯାଇ ପାରୁଥିବ, ଅଥବା, ଇଉରୋପୀୟ ସବୁ ଶକ୍ତିଗୁଡ଼ିକ ଦ୍ୱାରା ମିଳିତ ଭାବରେ ବା ତା' ନ ହେଲେ ଏକ ଇଉରୋପୀୟ ଯୁକ୍ତରାଜ୍ୟ କିଂବା ଅନ୍ୟ କୌଣସି ପ୍ରକାରର ଇଉରୋପୀୟ ସଂଘ ଦ୍ୱାରା କାର୍ଯ୍ୟକାରୀ କରାଯାଇ ପାରୁଥିବ । ବଡ଼ ବଡ଼ ଶକ୍ତିଗୁଡ଼ିକ ଏକତ୍ର ମିଳି ପ୍ରାଧାନ୍ୟ ବିସ୍ତାର କରି ରହିଲେ, ସିଦ୍ଧାନ୍ତର ଭୂମିରେ ତାହା କେବଳ ମାଟର୍‌ନିକ୍ ପଦ୍ଧତିଟିର ଏକ ପୁନରାବୃତ୍ତି କରିବା ପରି ହେବ ଏବଂ କେତେକ ସମୟ ପରେ ତାହା ଗୋଟାସୁଦ୍ଧା ଭାଙ୍ଗି ପଡ଼ିବାକୁହିଁ ବାଧ୍ୟ ହେବ । ଏବଂ, ଅପର ପକ୍ଷରେ, ଅଭିଜ୍ଞତାରୁ ଯେପରି ଦେଖିବାକୁ ମିଳିଛି, ଏକ ଇଉରୋପୀୟ ସଂଗଠନ କହିଲେ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ହୋଇ ରହିଥିବା କେତୋଟି ସମଷ୍ଟି ଗଠନ କରିବାର ସେହି ଅସ୍ୱସ୍ତିମୟ ପ୍ରଚେଷ୍ଟାଟିକୁହିଁ ବୁଝାଇବ, ଯାହାକି ବିଭିନ୍ନ ଦେଶ ମଧ୍ୟରେ ଏକ ଅନିଶ୍ଚିତ ବୁଝାମଣା ବଜାୟ ରଖିବାକୁ ଚେଷ୍ଟା କରୁଥିବ । ଏହାଦ୍ୱାରା ନୂତନ ସଂଘର୍ଷ ଓ ସଂଘାତଗୁଡ଼ିକୁ କେବଳ ଘୁଞ୍ଚାଇ ଦିଆଯାଇ ପାରୁଥିବ ସିନା, ମାତ୍ର କଦାପି ନିରାକୃତ କରାଯାଇ ପାରିବ ନାହିଁ । ଏହିଭଳି ଅପୂର୍ଣ୍ଣ ବ୍ୟବସ୍ଥାଗୁଡ଼ିକରେ ଯେପର୍ଯ୍ୟନ୍ତ କୌଣସି ନିୟମକୁ ମାନିକରି ଚଳିବା ଲାଭଦାୟକ ବୋଲି ବିବେଚିତ ହେଉଥିବ ଏବଂ ନାନାପ୍ରକାର ପରିବର୍ତ୍ତନ ଏବଂ ପୁନଃଯୋଜନର ଅଭିଳାଷ ରଖିଥିବା ଏବଂ ଅନ୍ୟମାନଙ୍କ ଦ୍ୱାରା ସ୍ୱୀକୃତ ହୋଇ ନ ଥିବା ଶକ୍ତିମାନେ ଉପସ୍ଥିତ ମୁହୂର୍ତ୍ତଟିକୁ ପ୍ରତିରୋଧ ଲାଗି ଉପଯୁକ୍ତ ବା ଅନୁକୂଳ ବୋଲି ବିଚାର କରୁ ନ ଥିବେ, କେବଳ ସେହି ପର୍ଯ୍ୟନ୍ତହିଁ ନିୟମଟିର ପାଳନ କରାଯାଉଥିବ । ଯେକୌଣସି ଗୋଟିଏ ଜାତିର ଆୟତନ ଭିତରେ ରହିଥିବା କୌଣସି ନିୟମ ଯେ ଦୃଢ଼ାଧାର ହୋଇ ରହିଥାଏ, ତାହାର ଏକମାତ୍ର କାରଣ ହେଉଛି ଯେ ସେହି ନିମୟଟିର ନିର୍ଦ୍ଧାରଣ କରିଦେବାକୁ ଏବଂ ସେଥିରେ ଆବଶ୍ୟକ ପରିବର୍ତ୍ତନମାନ କରି ପାରିବାକୁ ଏକ ସ୍ୱୀକୃତ ସତ୍ତା ତଦନୁରୂପ ଭାବରେ କ୍ଷମତାପ୍ରାପ୍ତ ହୋଇ ରହିଥାଏ ଏବଂ ନିୟମଗୁଡ଼ିକର ଉଲ୍ଲଂଘନ କରୁଥିବା ସକଳ ବ୍ୟକ୍ତିଙ୍କୁ ଉପଯୁକ୍ତ ଶାସ୍ତି ଦେବା ଲାଗି ମଧ୍ୟ ସେହି ସତ୍ତାର ଯଥେଷ୍ଟ ଶକ୍ତି ରହିଥାଏ । କୌଣସି ନିୟମର ଅବଜ୍ଞା କରିବା ଲାଗି ଯଥେଷ୍ଟ ସମର୍ଥ ହୋଇ ରହିଥିବା ଏବଂ ସେହିଭଳି ଏକ ଉଲ୍ଲଂଘନକୁ ଲାଭଦାୟକ ବୋଲି ମନେ କରୁଥିବା ଦେଶମାନେ ଯେଉଁ ନୈତିକ

'oaob.nitrkl.ac.in' images reprocessed

ବଳବତ୍ତରତାଟିକୁ ଅତି ସହଜରେ ନାକଚ କରିଦେଇ ପାରୁଥିବେ, କେବଳ ସେତିକିରୁ ଅଧିକ କିଛି ସମ୍ଭବ ଓ କାର୍ଯ୍ୟକାରୀ କରି ପାରିବାକୁ ହେଲେ ଯେକୌଣସି ଆନ୍ତର୍ଜାତିକ ଅଥବା ଆନ୍ତଃଇଉରୋପୀୟ ବିଧାନ ମଧ୍ୟରେ ସେହିସବୁ ଅନୁକୂଳ ସାମର୍ଥ୍ୟ ଅବଶ୍ୟ ରହିଥିବା ଦରକାର । ତେଣୁ, ଯେତେ ଯାହା ହୁଗୁଳା ହୋଇଥାଉ ପଛକେ, ଏକ ନୂତନ ବ୍ୟବସ୍ଥା ସମ୍ବନ୍ଧରେ ଏହିସବୁ ପ୍ରସ୍ତାବଗୁଡ଼ିକର ପଶ୍ଚାତ୍‌ରେ ରହିଥିବା ବିଚାରଟିକୁ ଯଦି ବାସ୍ତବରେ ଫଳପ୍ରଦ କରିବାକୁ ହୁଏ, ତେବେ କୌଣସି ନା କୌଣସି ପ୍ରକାରର ଇଉରୋପୀୟ ସଂଘବଦ୍ଧତାକୁ ଏହି କ୍ଷେତ୍ରରେ ଅବଶ୍ୟ ଅତ୍ୟାବଶ୍ୟକ ବୋଲି ଗ୍ରହଣ କରିବାକୁ ପଡ଼ିବ, ଏବଂ ଥରେ ଏହି ଦିଗରେ ଏକ ଅୟମାରମ୍ଭ ହୋଇଗଲେ, ଏହିଭଳି ଗୋଟିଏ ସଂଘ କ୍ରମଶଃ ଅବଶ୍ୟ ଦୃଢ଼ରୁ ଦୃଢ଼ତର ହେଉଥିବ ଏବଂ ଏକ ଇଉରୋପୀୟ ଯୁକ୍ତରାଜ୍ୟର ଗଠନ ଦିଗରେ ତାହା ଅଧିକରୁ ଅଧିକ ଦେଶଙ୍କୁ ଟାଣି ଆଣିବାରେ ମଧ୍ୟ ଲାଗିଥିବ ।

ଏହିପରି ଗୋଟିଏ ଇଉରୋପୀୟ ଏକତାକୁ ଗଠନ କରାଯାଇ ପାରିବ କି ନାହିଁ, ଏବଂ ଯଦି ତାହା ଗଠନ କରାଯିବ, ତେବେ ବିଘଟନର ନାନା ଶକ୍ତିର ସମ୍ମୁଖରେ ତାହାକୁ ତଥାପି ବଜାୟ ରଖାଯାଇ ପାରିବ କି ନାହିଁ ଓ ସେଥିରେ ପୂର୍ଣ୍ଣତା ଅଣାଯାଇ ପାରିବ କି ନାହିଁ, ପାରସ୍ପରିକ କଳହର ଯେଉଁ ନାନାବିଧ କାରଣ ଦୀର୍ଘ କାଳ ଧରି ତାହାକୁ ଭାଙ୍ଗି ଦେବା ଲାଗି ସତତ ଚେଷ୍ଟା କରିବାରେ ଲାଗିଥିବେ, ତାହା ସତ୍ତ୍ୱେ ସେହି ଏକତାଟିକୁ ବଞ୍ଚାଇ ଓ ଅଭିବୃଦ୍ଧ କରି ରଖାଯାଇ ପାରିବ କି ନାହିଁ, କେବଳ ଅଭିଜ୍ଞତାହିଁ ତାହାକୁ ଦେଖାଇ ଦେଇ ପାରିବ । ମାତ୍ର ଏହି କଥାଟି ଅତ୍ୟନ୍ତ ସ୍ପଷ୍ଟ ଯେ ମାନବୀୟ ଅହଂକାରର ବର୍ତ୍ତମାନ ପର୍ଯ୍ୟାୟଟିରେ, ଯଦି ପ୍ରକୃତରେ ଏହିପରି ଏକ ଏକତାର ଗଠନ ସମ୍ଭବ ହୋଇପାରେ, ତେବେ, ବର୍ତ୍ତମାନ ମନୁଷ୍ୟ-ପ୍ରଗତିର ସର୍ବାଗ୍ର ଭାଗରେ ରହିଥିବା ଜାତିଗୁଡ଼ିକଙ୍କ ଦ୍ୱାରା ପୃଥିବୀର ଅବଶିଷ୍ଟ ଭାଗଟିର ସମ୍ମିଳିତ ଶୋଷଣ ତଥା ତାହା ଉପରେ ଆଧିପତ୍ୟ-ବିସ୍ତାର ଲାଗିହିଁ ତାହା ପ୍ରଭୂତ ପରିମାଣରେ ଶକ୍ତିଶାଳୀ ଏକ ସାଧନ ହିସାବରେହିଁ ନିଶ୍ଚୟ କାର୍ଯ୍ୟ କରିବ । ଏବଂ ଏକଥା ମଧ୍ୟ ଅନିବାର୍ଯ୍ୟ ଯେ ତାହା ଆପଣାର ଏକ ବିରୋଧୀ ପକ୍ଷ ହିସାବରେ ଏସୀୟ ଏକତା ଏବଂ ଆମେରିକୀୟ ଏକତାର ଗୋଟିଏ ଗୋଟିଏ ବିଚାରକୁ ମଧ୍ୟ ପ୍ରରୋଚିତ ଓ ଜାଗ୍ରତ କରି ଆଣିବ; ଏବଂ ବର୍ତ୍ତମାନର କ୍ଷୁଦ୍ରତର ଜାତିସ୍ତରୀୟ ଏକତାଗୁଡ଼ିକର ସ୍ଥାନରେ ଏହିସବୁ ମହାଦେଶୀୟ ସମ୍ମିଳନ-ସ୍ଥାପନକୁ ସମଗ୍ର ମନୁଷ୍ୟସମୁଦାୟର ସେହି ସର୍ବଶେଷ-ସ୍ତରୀୟ ସମ୍ମିଳନ ଦିଗରେ ହୁଏତ ଏକ ଅଗ୍ରଗତି ବୋଲି କୁହାଗଲେ ମଧ୍ୟ, ତଥାପି ସେଗୁଡ଼ିକର ପ୍ରତିଷ୍ଠା ଦ୍ୱାରା ଏପରି ଗୋଟିଏ ପ୍ରକାର ଏବଂ ପରିସରର ନାନା ବିପର୍ଯ୍ୟୟ ଆସି ଉପସ୍ଥିତ ହେବ, ଯାହା ସମ୍ମୁଖରେ କି ବର୍ତ୍ତମାନର

'oaob.nitrkl.ac.in' images reprocessed

ବିପର୍ଯ୍ୟୟଟି ଅତ୍ୟନ୍ତ କ୍ଷୁଦ୍ର ହୋଇ ପଡ଼ିବ ଏବଂ ଯାହାମଧ୍ୟରେ କି ମନୁଷ୍ୟଜାତିର ସକଳ ଆଶା ଏକାବେଳେକେ ପଣ୍ଡ ହୋଇଯିବ ଏବଂ ପରିପୂର୍ଣ୍ଣତାର ଅଧିକ ନିକଟବର୍ତ୍ତୀ ହେବା ଲାଗି ଆଗକୁ ଯିବା ପରିବର୍ତ୍ତେ ତାହା ଭୁଶୁଡ଼ିପଡ଼ି ବିନଷ୍ଟହିଁ ହୋଇଯିବ । ମାତ୍ର, ଏକ ଇଉରୋପୀୟ ଯୁକ୍ତରାଜ୍ୟର ସ୍ଥାପନା ବିଷୟରେ ଏହି ପ୍ରଧାନ ଆପତ୍ତିଟି ରହିଛି ଯେ ମନୁଷ୍ୟସମଗ୍ରର ସାଧାରଣ ବୋଧଚେତନାଟି ବର୍ତ୍ତମାନ ତାହାର ମହାଦେଶୀୟ ବିଭେଦଗୁଡ଼ିକର ସୀମାଗୁଡ଼ିକୁ ଅତିକ୍ରମ କରି ମଧ୍ୟ ଗତି କରିବାକୁ ଆରମ୍ଭ କଲାଣି ଏବଂ ସେଗୁଡ଼ିକୁ ଏକ ବୃହତ୍ତର ମାନବୀୟ ବିଚାର ଆଦର୍ଶର ଅଧୀନ କରି ଦେଖିବାକୁ ଆରମ୍ଭ କଲାଣି । ତେଣୁ ଏହି ଦୃଷ୍ଟିରୁ ବିଚାର କରି ଦେଖିଲେ ମହାଦେଶୀୟ ଭିତ୍ତିରେ ଏହିଭଳି ଏକ ବିଭାଜନ ହୁଏତ ଏକ ଅତ୍ୟନ୍ତ ଗୁରୁତର ପ୍ରକାରର ପଶ୍ଚାଦ୍‌ମୁଖୀ ପଦକ୍ଷେପ ପରି କାର୍ଯ୍ୟ କରିପାରେ ଏବଂ ଏହା ଫଳରେ ମନୁଷ୍ୟ-ପ୍ରଗତିକୁ ଅତ୍ୟନ୍ତ ସଂକଟଜନକ ନାନା ପରିଣାମର ସମ୍ମୁଖୀନ ହେବାକୁ ପଡ଼ିପାରେ ।

ଇଉରୋପ ବସ୍ତୁତଃ ଏହିପରି ଗୋଟିଏ ଅସାମାନ୍ୟ ସ୍ଥିତିରେ ରହିଛି ଯେ ଏହା ଯୁଗପଦ୍ ଭାବରେ ସର୍ବ-ଇଉରୋପୀୟ ବିଚାରଟି ଲାଗି ପ୍ରସ୍ତୁତ ଓ ପରିପକ୍ୱ ହୋଇ ରହିଛି ଏବଂ ତେଣେ ସେହି ବିଚାରଟିର ଆୟତନଟିକୁ ଡେଇଁ ଆହୁରି ଆଗକୁ ବାହାରିଯିବା ସକାଶେ ପରିସ୍ଥିତି ଦ୍ୱାରା ବାଧ୍ୟ ହେବାରେ ଲାଗିଛି । ଅଧୁନା ସଂଘଟିତ ହୋଇଥିବା ଇଉରୋପୀୟ ଆନ୍ଦୋଳନଟିର ପ୍ରକୃତି ବିଷୟରେ କରାଯାଇଥିବା କେତୋଟି ଅନୁମାନ ଦ୍ୱାରାହିଁ ଏବେ ସେହି ଦୁଇଟିଯାକ ପ୍ରବୃତ୍ତି ମଧ୍ୟରେ ରହିଥିବା ଦ୍ୱନ୍ଦ୍ୱଟି ବଡ଼ ବିଚିତ୍ର ପ୍ରକାରେ ପ୍ରକଟ ହୋଇ ଆସିଥିଲା । ଏପରି ମତ ବ୍ୟକ୍ତ କରାଯାଇଥିଲା ଯେ ଏହି ମହାଯୁଦ୍ଧରେ ଜର୍ମାନୀ ଯେଉଁ ଅପରାଧଟି କଲା, ଜାତି ସମ୍ବନ୍ଧରେ ଆପଣାର ଅହଂପ୍ରେରିତ ବିଚାରଟିକୁ ଅତିରଞ୍ଜିତ କରି ପକାଇବା ଦ୍ୱାରା, ଏବଂ ସମଗ୍ର ଇଉରୋପର ଯେଉଁ ବୃହତ୍ତର ବିଚାରଟି ପାଖରେ ଜାତିତ୍ୱର ବିଚାରଟିକୁ ବର୍ତ୍ତମାନ ଅଧୀନ ଓ ଗୌଣ କରି ରଖିବାକୁ ପଡ଼ିବ, ତାହାରି ଅବମାନନା କରିବା ଫଳରେହିଁ ଜର୍ମାନୀ ସେହି ଅପରାଧଟି କରିଥିଲା । ଇଉରୋପର ସମଗ୍ର ଜୀବନଟିହିଁ ଏକ ଏକତ୍ୱରୂପେ ଆଉ ସବୁକିଛିକୁ ଆପଣା ମଧ୍ୟରେ ଅନ୍ତର୍ଗତ କରି ରଖିବ, ତାହାରି କଲ୍ୟାଣହିଁ ସର୍ବୋଚ୍ଚ ବିଚାର ଓ ବିବେଚନାର ଦାବି କରିବ, ଏବଂ ଜାତିକୁ କେନ୍ଦ୍ର କରି ଠିଆ ହୋଇଥିବା ଅହଂଭାବନାଟି ବର୍ତ୍ତମାନ କେବଳ ଏହି ବୃହତ୍ତର ଅହଂଭାବନାରହିଁ ଏକ ଅଙ୍ଗୀଭୂତ ଅଂଶରୂପେ ତିଷ୍ଠି ରହିବା ଲାଗି ସମ୍ମତ ହୋଇଯିବ । ଜାତୀୟତାବାଦ ଏବଂ ଯୁଦ୍ଧ ଯେ ଗୋଟିଏ ଗୋଟିଏ ପୁରୁଣା ତତ୍ତ୍ୱରେ ପରିଣତ ହୋଇ ସାରିଲେଣି, ଏବଂ କେବଳ ଜଣେ ଜଣେ ଉତ୍ତମ ଦେଶଭକ୍ତ ନୁହେଁ, ମାତ୍ର ଉତ୍ତମ ଇଉରୋପବାସୀ ହୋଇ ତିଆରି ହେବା ଯେ ଏଣିକି ସନ୍ଦୀପିତ ମାନସବିଶିଷ୍ଟ ପ୍ରତ୍ୟେକ

'oaob.nitrkl.ac.in' images reprocessed

ବ୍ୟକ୍ତିଙ୍କର ଆଦର୍ଶ ହେବା ଉଚିତ, ଏକଦା ନିତ୍‌ଶେ ଦୃଢ଼ ଭାବରେ ଏହି ଘୋଷଣାଟିକୁ କରିଥିଲେ ଏବଂ ତା'ପରେ ଏତେଗୁଡ଼ିଏ ଦଶକ ଅତିବାହିତ ହୋଇଯିବା ପରେ ଯାଇ ତାହା କାର୍ଯ୍ୟତଃ ବର୍ତ୍ତମାନ ସ୍ୱୀକୃତ ହେବାକୁ ଯାଉଛି । ମାତ୍ର ତା'ପରେ ଏହି ପ୍ରଶ୍ନଟି ଅବଶ୍ୟ ଉଠିବ, ବିଶ୍ୱ-ରାଜନୀତିରେ କ୍ରମଶଃ ଅଧିକ ପ୍ରଭାବଶାଳୀ ହୋଇ ଆସୁଥିବା ଆମେରିକାର ଏଥିରେ କିଭଳି ମହତ୍ତ୍ୱ ରହିବ, ଜାପାନ ଓ ଚୀନ ବିଷୟରେ କ'ଣ ହେବ, ଏବଂ ଏସିଆ ମହାଦେଶରେ ବାରଂବାର ଯେଉଁ ଉଦ୍‌ବେଳନମାନ ଦେଖା ଦେଉଛି, ସେ ବିଷୟରେ ମଧ୍ୟ କ'ଣ ହେବ ? ଏହି କାରଣରୁହିଁ ଲେଖକକୁ ତା'ର ପ୍ରଥମ ସୂତ୍ରଟି ପାଖରୁ ହଟିଯିବାକୁ ପଡ଼ିଲା ଏବଂ ଏହି କଥାଟିକୁ ବୁଝାଇ ଦେବାକୁ ପଡ଼ିଲା ଯେ ଏକଥାଟି କହିଲାବେଳେ ସେ କେବଳ ଇଉରୋପକୁ ବୁଝୁ ନ ଥିଲା, ମାତ୍ର ଆପଣାର ରାଜନୀତିକ ବ୍ୟବସ୍ଥା ଏବଂ ସାମାଜିକ ସଂଗଠନର ଭୂମି ରୂପେ ଇଉରୋପୀୟ ସଭ୍ୟତାର ନୀତିଗତ ଆଧାରଗୁଡ଼ିକୁ ସ୍ୱୀକାର କରି ନେଇଥିବା ସକଳ ଜାତିକୁହିଁ ବୁଝୁଥିଲା । ଅପେକ୍ଷାକୃତ ଅଧିକ ଦାର୍ଶନିକ ଏହି ସୂତ୍ରଟି ମଧ୍ୟରେ ସ୍ପଷ୍ଟ ବା ଅନ୍ତତଃ ଆପାତତଃ ସତ୍ୟ ବୋଲି ମନେ ହେଉଥିବା ଏହି ସୁବିଧାଟି ରହିଛି ଯେ ତାହା ଆପଣାର ପରିସର ମଧ୍ୟକୁ ଆମେରିକା ଓ ଜାପାନକୁ ମଧ୍ୟ ଅନ୍ତର୍ଭୁକ୍ତ କରି ଆଣୁଛି ଏବଂ ତେଣୁ ପ୍ରସ୍ତାବିତ ସଂଘଟିର ମଣ୍ଡଳ ଭିତରେ ରହିଥିବା ପ୍ରକୃତରେ ସ୍ୱତନ୍ତ୍ର ଅଥବା ପ୍ରଭାବଶାଳୀ ସବୁଯାକ ଜାତିକୁ ସ୍ୱୀକାର କରୁଛି ଏବଂ, ଜାପାନର ସେହି ଶକ୍ତିଶାଳୀ ରୀତିରେ ହେଉ ବା ଅନ୍ୟ ଯେକୌଣସି ପ୍ରକାରେ ହେଉ, ସେମାନେ ମଧ୍ୟ ଇଉରୋପୀୟ ମାନଟିର ସ୍ତରରେ ଆସି ପହଞ୍ଚିଗଲେଣି ବୋଲି ଯେତେବେଳେ ଅନ୍ୟମାନେ ମଧ୍ୟ ପ୍ରମାଣ କରିଦେଇ ପାରିବେ, ସେତେବେଳେ ସେମାନଙ୍କୁ ସେହି ମଣ୍ଡଳ ଭିତରେ ଅନ୍ତର୍ଗତ କରିନେବାର ଆଶାଟିକୁ ମଧ୍ୟ ତାହା ଉନ୍ମୁକ୍ତ କରି ରଖିଛି ।

ଆପଣାର କଳ୍ପନାରେ ଇଉରୋପ ଆପଣାକୁ ଅବଶିଷ୍ଟ ପୃଥିବୀଠାରୁ ବଡ଼ ଶକ୍ତିଶାଳୀ ଭାବରେ ପୃଥକ୍ କରି ରଖିଥିଲେ ମଧ୍ୟ,— ଇଉରୋପ ମଧ୍ୟରେ ତୁରସ୍କ ଯେ ଲଗାତାର ଭାବରେ ଏକ ଅଂଶ ହୋଇ ରହିଥିଲା, ସେବିଷୟରେ ଅନେକ ସମୟରେ ପ୍ରକଟ କରାଯାଉଥିବା ଅପ୍ରସନ୍ନତା ଓ ଇଉରୋପୀୟମାନଙ୍କ ଉପରେ ଏସୀୟମାନଙ୍କର ଏହି ଶାସନକୁ ସମାପ୍ତ କରି ଦେବା ଲାଗି ପ୍ରକାଶ କରାଯାଉଥିବା ଏକ ଇଚ୍ଛାରୁ ଏହାର ପ୍ରମାଣ ମିଳିଥିଲା;— ତଥାପି ଏକଥାଟି ଅବଶ୍ୟ କହିବାକୁ ହେବ ଯେ ଇଉରୋପ ବସ୍ତୁତଃ ଅତ୍ୟନ୍ତ ଅବିଚ୍ଛେଦ୍ୟ ଭାବରେ ଆମେରିକା ଓ ଏସିଆ ସହିତ ଏକାଠି ଛନ୍ଦାହୋଇ ରହିଛି । ଇଉରୋପୀୟ କେତେଗୁଡ଼ିଏ ଦେଶର ଆମେରିକାରେ ଉପନିବେଶ ରହିଛି, ଏସିଆରେ ମଧ୍ୟ ସମସ୍ତଙ୍କର ଅଧିକୃତ ଅଞ୍ଚଳମାନ ରହିଛି, ଏସିଆକୁ ନେଇ ଭବିଷ୍ୟତ ଆକାଙ୍‌କ୍ଷାମାନ ମଧ୍ୟ ରହିଛି । ଏକମାତ୍ର ଜାପାନହିଁ ଇଉରୋପ ଦ୍ୱାରା ପ୍ରପତିତ ଏହି ଛାୟାଟିର ବାହାରେ

'oaob.nitrkl.ac.in' images reprocessed

ରହିଛି । ସାଂସ୍କୃତିକ ଦୃଷ୍ଟିରୁ ଏସିଆ ସହିତ ଅଭିନ୍ନ ହୋଇ ରହିଥିବା ଉତ୍ତର ଆଫ୍ରିକାରେ ମଧ୍ୟ ଇଉରୋପର ଅଧିକୃତ ଅଞ୍ଚଳ ତଥା ଉଚ୍ଚାକାଙ୍‌କ୍ଷାମାନ ରହିଛି । ତେଣୁ ଗୋଟିଏ ଇଉରୋପୀୟ ଯୁକ୍ତରାଜ୍ୟ କହିଲେ ଏଭଳି କେତେକ ସ୍ୱାଧୀନ ଇଉରୋପୀୟ ଜାତିମାନଙ୍କୁ ନେଇ ଗଠିତ ଗୋଟିଏ ସଂଘକୁ ବୁଝାଇବ, ଯେଉଁମାନେ କି ଅର୍ଦ୍ଧପରାଧୀନ ଏସିଆ ଉପରେ କର୍ତ୍ତୃତ୍ୱ ବିସ୍ତାର କରି ରହିଛନ୍ତି, ଆମେରିକାର କେତେକ ଅଂଶକୁ ଅଧିକାର କରିଛନ୍ତି ଏବଂ ସେଠାରେ ବଡ଼ ଅସ୍ୱସ୍ତିକର ଭାବରେ, ତଥାପି ସ୍ୱାଧୀନ ରହିଥିବା ଓ ତେଣୁ ଅନିବାର୍ଯ୍ୟତଃ ଏହି ଅତିକାୟ ଅମିଶ୍ରଣଟି ଦ୍ୱାରା ନାନା ଅସୁବିଧାରେ ପଡୁଥିବା, ନାନା ଭାବେ ଆତଙ୍କିତ ହେଉଥିବା ଓ ନିଷ୍ପ୍ରଭ ହୋଇ ପଡ଼ିଥିବା ଆହୁରି ଅନେକ ଜାତିର ନିକଟବର୍ତ୍ତୀ ହୋଇ ରହିଛନ୍ତି । ତେଣୁ ଏହି ପରିସ୍ଥିତିରେ ମଧ୍ୟ ଓ ଦକ୍ଷିଣ ଆମେରିକା ସହିତ ଇଂରାଜୀଭାଷୀ ଉତ୍ତର ଆମେରିକାକୁ ଆହୁରି ଅଧିକ ନିବିଡ଼ ଭାବରେ ନିକଟବର୍ତ୍ତୀ କରି ଆଣିବା ଏବଂ ସହଜରେ ଅନୁମାନ କରି ନ ହେଉଥିବା ନାନା ପରିଣାମ ସହିତ ମନ୍‌ରୋ ନୀତିଟି ଉପରେ ଆହୁରି ଅଧିକ ଜୋର୍ ଦେବାହିଁ ଏହାର ଅବଶ୍ୟମ୍ଭାବୀ ଫଳ ହୋଇ ଦେଖାଦେବ । ତେଣେ ଏସିଆରେ ଏହି ପରିସ୍ଥିତିଟି ଦ୍ୱାରା ସମ୍ଭବ ହେଉଥିବା ଦୁଇଟି ଅନ୍ତଃପରିଣାମ ମଧ୍ୟରୁ ଗୋଟିଏ ହେଲେ ନିଶ୍ଚୟ ଘଟିବ; ଅର୍ଥାତ୍, ବର୍ତ୍ତମାନ ଏସିଆରେ ଯେତିକିଟି ଦେଶ ସ୍ୱାଧୀନ ହୋଇ ରହିଛନ୍ତି, ସେଗୁଡ଼ିକ ହୁଏତ କ୍ରମେ ଅନ୍ତର୍ହିତ ହୋଇଯିବେ, ଅଥବା, ଏସିଆରେ ଏକ ବ୍ୟାପକ ପୁନର୍ଜାଗୃତି ଆସି ଦେଖାଦେବ ଏବଂ ତାହା ଫଳରେ ଇଉରୋପକୁ ଏସିଆଖଣ୍ଡରୁ ବାହାରି ଆସିବାକୁହିଁ ପଡ଼ିବ । ଏହିସବୁ ଆନ୍ଦୋଳନ ଓ ପରିବର୍ତ୍ତନକୁ ମନୁଷ୍ୟ-ବିକାଶର ସେହି ପୁରାତନ ଧାରାଟିରହିଁ ଏକ ପ୍ରଲମ୍ବିତ ରୂପ ବୋଲି କୁହାଯିବ, ଏବଂ ଆଧୁନିକ ସଂସ୍କୃତି ଓ ଆଧୁନିକ ବିଜ୍ଞାନ ଯେଉଁ ନୂତନ ବିଶ୍ୱାୟତନ ଅବସ୍ଥାଗୁଡ଼ିକୁ ସୃଷ୍ଟି କରିଛି, ଏସବୁ ସେଗୁଡ଼ିକୁ ଏକାବେଳେକେ ଅବଜ୍ଞା କରି ଚାଲିଯିବ । ମାତ୍ର, ପାଶ୍ଚାତ୍ୟର ଜାତି-ବିଷୟକ ବିଚାରଟିକୁ ଯଦି ଇଉରୋପକୁ ଏକକ କରି ମାନୁଥିବା ବିଚାରଟି ସହିତ ବିଲୀନ ହୋଇ ଯିବାକୁ ହୁଏ, ଅର୍ଥାତ୍, ଏକ ସାଧାରଣ ମାନବସମାଜର ସେହି ବୃହତ୍ତର ଚେତନାଟି ମଧ୍ୟରେ ବିଲୀନ ହୋଇଯିବା ପରିବର୍ତ୍ତେ ଯଦି ତାହା ମହାଦେଶଟିକୁହିଁ ଏକ ବିଶେଷ ଏକକ ବୋଲି ମାନୁଥିବା ବିଚାରଟି ମଧ୍ୟରେ ଆପଣାକୁ ସମ୍ମିଳିତ କରିଦିଏ, ତେବେ ସେହି ଆନ୍ଦୋଳନଗୁଡ଼ିକହିଁ ଏହାର ଅବଶ୍ୟମ୍ଭାବୀ ପରିଣାମ ହୋଇ ଦେଖାଦେବ ।

ତେଣୁ, ବର୍ତ୍ତମାନର ଉଦ୍‌ବେଳନ ଫଳରେ ଜାତି-ଆୟତନର ଊର୍ଦ୍ଧ୍ୱରେ ଶୀଘ୍ର ବା ବିଳମ୍ବରେ ଯଦି କୌଣସି ବ୍ୟବସ୍ଥା ବିବର୍ତ୍ତିତ ହୋଇ ଆସିବ ବୋଲି ଆଶା କରା ଯାଉଥାଏ, ତେବେ ତାହା ଏପରି ଏକ ସଂଘ ବା ସହାୟତନ ହୋଇ ଦେଖାଦେବ, ଯେଉଁଥିରେ କି

'oaob.nitrkl.ac.in' images reprocessed

ଇଉରୋପ ସହିତ ଏସିଆ, ଆଫ୍ରିକା ଏବଂ ଆମେରିକା ମଧ୍ୟ ଅନ୍ତର୍ଭୁକ୍ତ ହୋଇ ରହିଥିବ, ଏବଂ ଆପଣାର ସ୍ୱଭାବରେ ତାହା ଏପରି ଏକ ଆନ୍ତର୍ଜାତିକ ସଂଗଠନରୂପେ ଜନ୍ମଲାଭ କରିବ, ଯେଉଁଥିରେ କି ସୁଇଡେନ୍, ନରୱେ, ଡେନମାର୍କ, ଯୁକ୍ତରାଜ୍ୟ ଆମେରିକା, ଦକ୍ଷିଣ ଆମେରିକାର ସାଧାରଣତନ୍ତ୍ରଗୁଡ଼ିକ ପରି ଅନେକସଂଖ୍ୟକ ସ୍ୱତନ୍ତ୍ର ଦେଶ ତଥା ଇଉରୋପର ଅଧିକାଂଶ ଦେଶ ଯେପରି ହୋଇ ଅଛନ୍ତି, ସାମ୍ରାଜ୍ୟ ତଥା ଉପନିବେଶ ରହିଥିବା ଅନେକ ଦେଶ ମଧ୍ୟ ଅନ୍ତର୍ଭୁକ୍ତ ହୋଇ ରହିବେ । ଦ୍ୱିତୀୟୋକ୍ତ ଦେଶଗୁଡ଼ିକ ବର୍ତ୍ତମାନ ଯେପରି ଅଛନ୍ତି, ସେତେବେଳେ ମଧ୍ୟ ସେମାନେ ହୁଏତ ଠିକ୍ ସେହିପରି ରହିବେ, ଅର୍ଥାତ୍ ଆପେ ସ୍ୱାଧୀନ ଓ ସ୍ୱତନ୍ତ୍ର ହୋଇ ରହିଥିବେ ମାତ୍ର ଅଧୀନସ୍ଥ ଲୋକସମୂହଗୁଡ଼ିକର ମାଲିକ ହୋଇ ରହିଥିବେ, ଅଥବା, ବର୍ତ୍ତମାନ ଅନେକ ଦୂରବର୍ତ୍ତୀ ହୋଇ ରହିଥିବା ଏକ ନୈତିକ ଅଗ୍ରଗତି ଫଳରେ ସେମାନେ ଆଂଶିକ ଭାବରେ ସ୍ୱାଧୀନ ଓ ସଂଘୀକୃତ ସାମ୍ରାଜ୍ୟଗୁଡ଼ିକର ଗୋଟିଏ ଗୋଟିଏ କେନ୍ଦ୍ର ହୋଇ ରହିବେ ଓ ଆଂଶିକ ଭାବରେ ଏପର୍ଯ୍ୟନ୍ତ ଅନୁନ୍ନତ ହୋଇ ପଶ୍ଚାତରେ ରହିଥିବା ଜାତିଗୁଡ଼ିକର ଜଣେ ଜଣେ ମାରଫତଦାର ହୋଇ ରହିବେ । କିୟତ୍କାଳ ପାଇଁ ଆମେରିକା ଯୁକ୍ତରାଜ୍ୟ ଯେପରି ଫିଲିପାଇନ୍ ଦ୍ୱୀପପୁଞ୍ଜର ମାରଫତ୍‌ଦାର ହୋଇ ରହିବାକୁ ଦାବି କରିଛି, ସେହିପରି, ସେହି ଅନୁନ୍ନତ ଦେଶଗୁଡ଼ିକ ଆପେ ଆପଣାକୁ ଶାସନ କରିବାର ସାମର୍ଥ୍ୟଟିକୁ ଅର୍ଜନ କରିବା ପର୍ଯ୍ୟନ୍ତ ସେମାନେ ସେଗୁଡ଼ିକର ମାରଫତଦାର ହୋଇ ରହିବେ । ଉକ୍ତ ଉପନିବେଶଗୁଡ଼ିକର ଅଧୀନସ୍ଥ ପ୍ରଜାମାନେ ମଧ୍ୟ କାଳକ୍ରମେ ସେମାନଙ୍କ ଉପରେ ଲଦା ହୋଇ ରହିଥିବା ଦାସତାଟି ବିଷୟରେ ଅଧିକରୁ ଅଧିକ ଅସହିଷ୍ଣୁ ହୋଇ ପଡ଼ିବେ । ଏବଂ ପ୍ରଥମଟିର କ୍ଷେତ୍ରରେ, ଉପରୁ ଯେଉଁ ଏକତ୍ୱ, ଶୃଙ୍ଖଳା ବା ସାଧାରଣ ଶାସନ ବିଧାନଟିର ପ୍ରତିଷ୍ଠା ହୋଇଥିବ, ତାହା ଅନ୍ୟାୟର ଏକ ପ୍ରକାଣ୍ଡ ରଚନା ଉପରେହିଁ ସ୍ଥାୟୀ ହୋଇ ରହିପାରିବ ଓ ଆଂଶିକ ଭାବରେ ତାହାକୁହିଁ ଭିତ୍ତି କରି ରହିଥିବ; ତଦ୍ୱାରା ତାହା କାଳର ଯାବତୀୟ ବିଦ୍ରୋହ ଓ ବିପ୍ଳବ ଲାଗି ଉନ୍ମୁକ୍ତ ହୋଇ ରହିଥିବ । ଯେଉଁସବୁ ଅନ୍ୟାୟ ଓ ଅବ୍ୟବସ୍ଥାକୁ ମନୁଷ୍ୟ-ବିକାଶର ଅନିବାର୍ଯ୍ୟ କେତୋଟି ଘଟଣାରୂପେ ତାହା କିଛି ସମୟଲାଗି ବେଶ୍ ସହ୍ୟ କରି ନେଉଥାଏ, ସେହିଗୁଡ଼ିକର ବିରୋଧରେ ସେ ପରିଶେଷରେ ଯେଉଁସବୁ ବୃହତ୍ ପ୍ରତିଶୋଧଗୁଡ଼ିକ ଦ୍ୱାରା ମନୁଷ୍ୟର ଅନ୍ତଃଚେତସ୍ ଶକ୍ତିଟିରହିଁ ପ୍ରତିଷ୍ଠା କରିଥାଏ, ତାହା ସେହିସବୁ ପ୍ରତିଶୋଧ ଲାଗି ଉନ୍ମୁକ୍ତ ହୋଇ ରହିଥିବ । ଦ୍ୱିତୀୟଟିରେ ଏଭଳି କେତେକ ସମ୍ଭାବନା ଅବଶ୍ୟ ରହିଥିବ ଯେ, ପ୍ରଥମ ଅବସ୍ଥାଗୁଡ଼ିକରେ ମୁକ୍ତ ମନୁଷ୍ୟ-ସମୁଦାୟଗୁଡ଼ିକ ଦ୍ୱାରା ଗଠିତ ଏକ ମୁକ୍ତ ସାହଚର୍ଯ୍ୟର ସେହି ଚରମ ଆଦର୍ଶଟିରୁ ଯେତେବେଶୀ ଦୂରବର୍ତ୍ତୀ ହୋଇ ରହିଥିଲେ ମଧ୍ୟ, ଏହି ନୂତନ ବ୍ୟବସ୍ଥାଟି ହୁଏତ ଶାନ୍ତିପୂର୍ଣ୍ଣ

'oaob.nitrkl.ac.in' images reprocessed

ଭାବରେ ଏବଂ ମନୁଷ୍ୟଜାତିର ଆଧ୍ୟାତ୍ମିକ ଓ ନୈତିକ ଅଗ୍ରଗତିର ଏକ ସ୍ୱାଭାବିକ କ୍ରମୋନ୍ମୋଚନ ଦ୍ୱାରା ଏପରି ଏକ ଦୃଢ଼, ନ୍ୟାୟସଙ୍ଗତ ଓ ସୁସ୍ଥ ରାଜନୀତିକ, ସାମାଜିକ ତଥା ଅର୍ଥନୈତିକ ଭିତ୍ତି ଆଡ଼କୁ ଆମକୁ ପରିଚାଳିତ କରିନେବ, ଯାହାକି ମନୁଷ୍ୟଜାତିକୁ ତା'ର ଏହି ନିମ୍ନତର ଚିନ୍ତାଗୁଡ଼ିକୁ ନେଇ ଅତିରିକ୍ତ ଭାବରେ ବ୍ୟସ୍ତ ରହିବାରୁ ନିବୃତ୍ତ ହୋଇ ଆସିବାକୁ ସମର୍ଥ କରାଇ ପାରିବ ଏବଂ ପରିଶେଷରେ ଆପଣାର ଅନ୍ତର୍ନିହିତ ନିୟତିଟିର ସେହି ଭବ୍ୟତର ଅଂଶ ହୋଇ ରହିଥିବା ତା'ର ଉଚ୍ଚତର ଆତ୍ମସତ୍ତାଟିର ବିକାଶ କରିବା ଲାଗି ମଧ୍ୟ ତାକୁ ଯୋଗ୍ୟ କରାଇବ । ବା, ଯଦି ସେକଥା ନ ହୁଏ,– କାରଣ, ମନୁଷ୍ୟଜାତିକୁ ନେଇ ପ୍ରକୃତିର ଏହି ଦୀର୍ଘ ପରୀକ୍ଷାଟି ପ୍ରକୃତରେ ସଫଳ ଅଥବା ବ୍ୟର୍ଥ ହେବା ଲାଗି ଯେ ଅଭିପ୍ରେତ ହୋଇ ରହିଛି, ସେକଥା କିଏ ଜାଣିଛି ?– ଆମର ଭବିଷ୍ୟତ ବିଷୟରେ ମନୁଷ୍ୟର ମନ ଆପଣାର ଗୋଚରଭୂମିରେ ତା'ର ଉଚ୍ଚତମ ସମ୍ଭାବନା ରୂପେ ଯେତିକି ଦେଖିବାକୁ ସମର୍ଥ ହେଉଛି, ତାହା ମନୁଷ୍ୟଜାତିକୁ ଅନ୍ତତଃ ସେତିକି ଲାଗି ସମର୍ଥ କରାଇ ଆଣିବ ।

'oaob.nitrkl.ac.in' images reprocessed

## ଏକାଦଶ ପରିଚ୍ଛେଦ

# କ୍ଷୁଦ୍ର ସ୍ୱତନ୍ତ୍ର ଏକକ ଓ ବୃହତ୍ତର ସଂକେନ୍ଦ୍ରିତ ଏକକ

ମାନବଜାତିର ଏକତ୍ରୀକରଣର ସମ୍ଭାବନାଗୁଡ଼ିକୁ ଯଦି ଆମେ ବିଷୟଟିର ରାଜନୀତିକ, ପ୍ରଶାସନିକ ଏବଂ ଅର୍ଥନୈତିକ ଦିଗଗୁଡ଼ିକରୁ ବିଚାର କରିବାକୁ ଯିବା, ତେବେ ଆମେ ଅବଶ୍ୟ ଦେଖିବାକୁ ପାଇବା ଯେ ଏହି କ୍ଷେତ୍ରରେ ସେହି ଦିଗରେ କୌଣସି ଏକ ପ୍ରକାରର ଏକତା ବା ଏକ ପ୍ରଥମ ପଦକ୍ଷେପ କେବଳ ଯେ ସମ୍ଭବ ବୋଲି ପ୍ରତୀତ ହେଉଛି ତା' ନୁହେଁ, ମାତ୍ର ମନୁଷ୍ୟଜାତିର ଏକ ଅନ୍ତର୍ନିହିତ ଭାବ ତଥା ଆବଶ୍ୟକତାର ବୋଧ ଦ୍ୱାରା ସେହି ଏକତା ପ୍ରକୃତରେ ଅଳ୍ପବହୁତ ଭାବରେ ଏକ ଜରୁରୀ ପ୍ରୟୋଜନ ବୋଲିହିଁ ଅନୁଭୂତ ହେଉଛି । ମଣିଷ ମଣିଷକୁ କ୍ରମଶଃ ଅଧିକରୁ ଅଧିକ ପରିମାଣରେ ଜାଣିବାକୁ ସମର୍ଥ ହୋଇଛି ଏବଂ ମଣିଷ ମଣିଷ ମଧ୍ୟରେ ରହିଥିବା ଯୋଗସୂତ୍ରଗୁଡ଼ିକ କ୍ରମେ ଅଧିକରୁ ଅଧିକ ନିବିଡ଼ ହୋଇଛି ଏବଂ ଆଂଶିକ ଭାବରେ ତାହା ମନୁଷ୍ୟଜାତିର ପ୍ରଗତିଶୀଳ ମାନସଟି ମଧ୍ୟରେ ଅଧିକ ପ୍ରଶସ୍ତ ତଥା ଅଧିକ ମୁକ୍ତ ବୌଦ୍ଧିକ ଆଦର୍ଶ ଏବଂ ଭାବଗତ ସହାନୁଭୂତିଗୁଡ଼ିକର ବିକାଶ ଫଳରେହିଁ ସମ୍ଭବ ହୋଇଛି ଏବଂ ମୁଖ୍ୟତଃ ତାହାରି ଦ୍ୱାରାହିଁ ସେହି ଭାବଟିର ସୃଷ୍ଟି ହୋଇ ଆସିଛି । ସେହି ଆଦର୍ଶ ତଥା ସହାନୁଭୂତିଗୁଡ଼ିକର ପରିତର୍ପଣ ଲାଗି କ୍ରମଶଃ ଯେଉଁ ପ୍ରବଳ ଇଚ୍ଛା ଜାଗ୍ରତ ହୋଇଛି, ଆଂଶିକ ଭାବରେ ତାହାରି ସକାଶେ ଉକ୍ତ ଆବଶ୍ୟକତା-ବୋଧଟି ଜନ୍ମଲାଭ କରିଛି; ଏବଂ, ଅଂଶତଃ ଏହାମଧ୍ୟରେ ହୋଇଥିବା ଆର୍ଥିକ ତଥା ଅନ୍ୟାନ୍ୟ ଭୌତିକ ପରିବର୍ତ୍ତନ ଦ୍ୱାରା ମଧ୍ୟ ସମ୍ଭବ ହୋଇଛି । ସେହିସବୁ ପରିବର୍ତ୍ତନ ବିଭକ୍ତ ଜାତୀୟ ଜୀବନ, ଯୁଦ୍ଧ, ବାଣିଜ୍ୟକ୍ଷେତ୍ରର ନାନା ପ୍ରତିଦ୍ୱନ୍ଦ୍ୱିତା ଓ ସେଥିରୁ ଏହି ଜଟିଳ ଏବଂ ସହଜରେ ଅସୁରକ୍ଷିତ ହୋଇ ପଡୁଥିବା ଆଧୁନିକ ସାମାଜିକ ସଂଗଠନଟି ପ୍ରତି ଯେଉଁ ଅସୁରକ୍ଷିତତାର ଅବସ୍ଥା ଏବଂ ବିପଦ ଆସି ପହଞ୍ଚୁଛି, ତାହାର ପରିଣାମଗୁଡ଼ିକୁ ଅର୍ଥନୀତି ତଥା ରାଜନୀତିର କ୍ଷେତ୍ରରେ ଆତଯାତ ହେଉଥିବା ସାଧାରଣ ମନୁଷ୍ୟପ୍ରାଣୀ ତଥା ଆଦର୍ଶବାଦୀ ବିଚାରକ ଉଭୟଙ୍କ ଲାଗି କ୍ରମଶଃ ଅଧିକରୁ ଅଧିକ ପରିମାଣରେ ବଡ଼ କ୍ଲେଶକର ଏବଂ କ୍ଳାନ୍ତିଦାୟକ କରି ପକାଉଛି । ଅବଶିଷ୍ଟ ପୃଥିବୀଟିକୁ ଆପଣା ଅଧିକାରରେ ରଖି ତାହାକୁ ଉପଭୋଗ ଏବଂ ଶୋଷଣ କରିବା ଲାଗି ଏବଂ ସେମାନଙ୍କ ମଧ୍ୟରେ ରହିଥିବା ନାନା ଉତ୍କଟ ପ୍ରତିଦ୍ୱନ୍ଦ୍ୱିତା ଏବଂ ବରଂ ଅଧିକତର ଭାବରେ ସେମାନଙ୍କ ମଧ୍ୟରେ କରାଯାଇଥିବା କେତେକ ସୁବିଧାଜନକ

'oaob.nitrkl.ac.in' images reprocessed

ବୁଝାମଣା ଏବଂ ସାଲିସଗୁଡ଼ିକ ଦ୍ୱାରା ଉପୁଜୁଥିବା ବିପଦଟିର ହାତରୁ ବଞ୍ଚାଇ ରଖିବା ଲାଗି ପୃଥିବୀର ସଫଳ ଜାତିମାନେ ଯେଉଁ ଆକାଙ୍‌କ୍ଷା ରଖିଛନ୍ତି, ଏହି ନୂତନ ପରିବର୍ତ୍ତନଟି ଅଂଶତଃ ସେଥିଲାଗି ମଧ୍ୟ ସମ୍ଭବ ହୋଇପାରିଛି । ଏହି ପ୍ରବୃତ୍ତିଟିର ପ୍ରକୃତ ବଳଟି ଏହାର ବୁଦ୍ଧିଗତ, ଆଦର୍ଶବାଦୀ ଏବଂ ଭାବ ତଥା ସଂବେଗଗତ ଭାଗଗୁଡ଼ିକରେ ରହିଛି । ଏହାର ଅର୍ଥନୈତିକ କାରଣଗୁଡ଼ିକୁ ଅଂଶତଃ ସ୍ଥାୟୀ ବୋଲି କୁହାଯାଇପାରିବ ଓ ତେଣୁ ସେଗୁଡ଼ିକୁ ଶକ୍ତି ଏବଂ ନିରାପଦ କାର୍ଯ୍ୟସମ୍ପାଦନର ଗୋଟିଏ ଗୋଟିଏ ଉପାଦାନ ବୋଲି ମଧ୍ୟ କୁହାଯାଇ ପାରିବ; ସେଗୁଡ଼ିକୁ ଆଂଶିକ ଭାବରେ କୃତ୍ରିମ ଓ ଅସ୍ଥାୟୀ ବୋଲି ମଧ୍ୟ କୁହାଯାଇ ପାରିବ ଓ ତେଣୁ ଅସୁରକ୍ଷିତତା ଏବଂ ଦୁର୍ବଳତାର ମଧ୍ୟ ଗୋଟିଏ ଗୋଟିଏ ଉପାଦାନ ବୋଲି କୁହାଯାଇ ପାରିବ । ଏହି ସମ୍ମିଶ୍ରଣଟି ମଧ୍ୟରେ ରହିଥିବା ଆର୍ଥିକ ପ୍ରେରଣାସ୍ରୋତ-ଗୁଡ଼ିକୁ ତାହାର ଏକ ନିକୃଷ୍ଟତର ଭାଗ ବୋଲି କହିବାକୁ ହେବ; ସେଗୁଡ଼ିକ ଏହି କ୍ଷେତ୍ରରେ ଉପସ୍ଥିତ ରହିବା ଫଳରେ ସମୁଦାୟ ପରିଣାମଟି ହୁଏତ ଏକାବେଳେକେ ବିଗିଡ଼ି ମଧ୍ୟ ଯାଇପାରିବ, ଏବଂ ପ୍ରାଥମିକ ପର୍ଯ୍ୟାୟଟିରେ ଯଦି କୌଣସି ଏକତା ଉପଲବ୍ଧ ବି ହୋଇଥିବ, ତାହା ଶେଷରେ ସେଇଟିକୁ ଏକାବେଳେକେ ବିଘଟିତ କରି ପକାଇବ, ସେଇଟିକୁ ଏକାବେଳେକେ ଓଲଟାଇ ଦେବାକୁହିଁ ଆସିବ ।

ତଥାପି, ଅପେକ୍ଷାକୃତ ନିକଟ ବା ଦୂରତର ଏକ ଭବିଷ୍ୟତରେ କୌଣସି ନା କୌଣସି ପ୍ରକାରର ଏକ ପରିଣାମ ନିଶ୍ଚୟ ସମ୍ଭବ ହେବ । ଯଦି ଏହା ପ୍ରକୃତରେ ଆଦୌ ସମ୍ଭବ ହୁଏ, ତେବେ ତାହା ହୁଏତ କେଉଁ ଧାରାରେ ଆପଣାକୁ କାର୍ଯ୍ୟକାରୀ କରିବ, ଆମେ ସେହି କଥାଟିକୁ ଅବଶ୍ୟ ଦେଖି ପାରିବା;– ସବୁଠାରୁ ଅଧିକ ଜରୁରୀ ସାଧାରଣ ଆବଶ୍ୟକତାଗୁଡ଼ିକ ଦ୍ୱାରା ବାଧ୍ୟ ହୋଇ ପ୍ରଥମେ ଗୋଟାଏ ପ୍ରକାର ପାରସ୍ପରିକ ବୁଝାମଣା ଓ ପ୍ରାରମ୍ଭିକ ସମ୍ମିଳନ ସମ୍ଭବ ହୋଇଯିବ, ଅର୍ଥାତ୍ ବାଣିଜ୍ୟର କ୍ଷେତ୍ରରେ କେତେକ ବୁଝାମଣା ଓ ବ୍ୟବସ୍ଥା ହେବ, ଶାନ୍ତି ଓ ଯୁଦ୍ଧ ବିଷୟରେ ମଧ୍ୟ ବୁଝାମଣା ହେବ, ପୃଥିବୀକୁ ନିୟନ୍ତ୍ରିତ କରି ରଖିବା ଲାଗି ମଧ୍ୟ ବୁଝାମଣା ହେବ । ଏହି ସ୍ଥୂଳ ସ୍ତରର ପ୍ରାରମ୍ଭିକ ବ୍ୟବସ୍ଥାଗୁଡ଼ିକ ଥରେ ଗୃହୀତ ହୋଇଗଲେ ତା'ପରେ ସର୍ବମୀମାଂସକ ବିଚାର ତଥା ଅନ୍ତର୍ନିହିତ ପ୍ରୟୋଜନଟି ଦ୍ୱାରା ବାଧ୍ୟ ହୋଇ ତାହା ବଡ଼ ସ୍ୱାଭାବିକ ଭାବରେ ଘନିଷ୍ଠତର ଏକତାରୂପେ ବିକଶିତ ହୋଇ ଆସିବ, ଏବଂ ଏପରିକି ସମ୍ଭବତଃ ପରିଶେଷରେ ଏପରି ଏକ ସର୍ବୋଚ୍ଚ ଶାସନରୂପେ ବିକଶିତ ହେବ, ଯାହାକି, ସେହି ବ୍ୟବସ୍ଥାଟିର ଦୋଷଗୁଡ଼ିକ ପ୍ରତିଷ୍ଠିତ ହୋଇ ଓ ସେହି ବ୍ୟବସ୍ଥାଟିକୁ ଚଳାଇ ରଖିବା ଲାଗି ବିରୋଧୀ ପରି କାର୍ଯ୍ୟ କରୁଥିବା ଅନ୍ୟ ନାନାବିଧ ଆଦର୍ଶ ତଥା ପ୍ରବୃତ୍ତି କ୍ରମଶଃ ଏକ ଆମୂଳ ପରିବର୍ତ୍ତନ ଘଟାଇବା ପର୍ଯ୍ୟନ୍ତ ଅଥବା ଏହାକୁ ଏହାର ସ୍ୱାଭାବିକ ନାନା ଉପାଦାନରେ ଓ ଅଂଶଗୁଡ଼ିକରେ

'oaob.nitrkl.ac.in' images reprocessed

ଭାଙ୍ଗିଦେଇ ଯିବା ପର୍ଯ୍ୟନ୍ତ ହୁଏତ ସ୍ଥାୟୀ ହୋଇ ରହି ପାରିବ । ଆମେ ଏକଥାଟି ମଧ୍ୟ ଦେଖିସାରିଛୁ ଯେ, ବର୍ତ୍ତମାନ ଅତ୍ୟନ୍ତ ଅବଶ୍ୟମ୍ଭାବୀ ରୂପେ ଯେଉଁସବୁ ପରିବର୍ତ୍ତନ ସଂଘଟିତ ହେବାକୁ ଯାଉଛି, ସେହିଗୁଡ଼ିକ ଦ୍ୱାରା କେତେକ ପରିମାଣରେ ରୂପାନ୍ତରିତ ହୋଇଥିବା ଏହି ବର୍ତ୍ତମାନର ପୃଥିବୀଟିକୁ ଆଧାର କରିହିଁ ଏହିଭଳି ଏକ ଏକତା ଖୁବ୍ ସମ୍ଭବ ପ୍ରତିଷ୍ଠିତ ହେବ । ଆନ୍ତର୍ଜାତିକ ଏପରି ନାନା ପରିବର୍ତ୍ତନ ଘଟିବ, ଯାହାକୁ କି ସ୍ୱୟଂ ଜାତିଗୁଡ଼ିକ ମଧ୍ୟରେ ଅଧିକ ସୁଦୂରପ୍ରସାରୀ ରକମର କୌଣସି ସାମାଜିକ ପରିବର୍ତ୍ତନ ତଥା ଏକ ନୂତନ ମୌଳିକ ନୀତିର ପ୍ରବର୍ତ୍ତନ ବୋଲି ନ କହି କେବଳ କେତେକ ତାତ୍କାଳିକ ବ୍ୟବସ୍ଥା ବା ଅନୁକୂଳନ ବୋଲି କୁହାଯାଇ ପାରିବ । ଅର୍ଥାତ୍, ବର୍ତ୍ତମାନ ସ୍ୱତନ୍ତ୍ର ହୋଇ ରହିଥିବା ଜାତି ତଥା ଉପନିବେଶ ସ୍ଥାପନ କରୁଥିବା ସାମ୍ରାଜ୍ୟଗୁଡ଼ିକ ମଧ୍ୟରେ ଏହି ଏକତାଟି ସଂଘଟିତ ହେବ; ମାତ୍ର ତେଣେ ଭିତରେ ସମାଜରେ ଏପରିସବୁ ନୂତନ ବ୍ୟବସ୍ଥାର ପ୍ରବର୍ତ୍ତନ ହେବ ଓ ପ୍ରଶାସନର କ୍ଷେତ୍ରରେ ମଧ୍ୟ ଏପରି ପରିବର୍ତ୍ତନମାନ ଘଟିବ, ଯାହାକି କ୍ଷିପ୍ର ଭାବରେ ଏକ କଠୋର ରାଷ୍ଟ୍ରୀୟ ସମାଜବାଦ ଆଡ଼କୁ ଅଗ୍ରସର ହୋଇଯିବାରେ ଲାଗିଥିବ ଏବଂ ଏପରି ଏକ ସମତାର ସୂତ୍ରପାତ କରାଇବ, ଯାହାଦ୍ୱାରା ନାରୀଜାତି ଏବଂ ଶ୍ରମିକକୁଳହିଁ ସବୁଠାରୁ ଅଧିକ ପରିମାଣରେ ଲାଭବାନ୍ ହେବେ । କାରଣ, ଆମେ ଏହିଗୁଡ଼ିକୁହିଁ ବର୍ତ୍ତମାନ ମୁହୂର୍ତ୍ତର ସର୍ବପ୍ରଧାନ ଅଧିପ୍ରବୃତ୍ତି ବୋଲି କହିପାରିବା । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହି ମୁହୂର୍ତ୍ତଟି ଯେ ବିଜୟୀ ହୋଇ ସମୁଦାୟ ଭବିଷ୍ୟତଟିକୁ ଆକାର ଦେବ, ସେକଥା କେହି ପୂର୍ଣ୍ଣ ପ୍ରତ୍ୟୟର ସହିତ କଦାପି କହିପାରିବ ନାହିଁ । କାରଣ, ଏହି ମହାନ ମାନବୀୟ ନାଟକଟିର କେଉଁ ହଠାତ୍ ବିସ୍ମୟଗୁଡ଼ିକ, ସେହି ପୁରାତନ ଜାତି-ଆଦର୍ଶର କେଉଁସବୁ ପୁନରୁତ୍ଥାନ, ନୂତନ ସାମାଜିକ ପ୍ରବୃତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବାରେ କେଉଁ ସଂଘାତ, ବିଫଳତା ଏବଂ ଅପ୍ରତ୍ୟାଶିତ ପରିଣାମମାନ, ଏକ ଅତିଭାରୀ ଓ ଯନ୍ତ୍ରବତ୍ ରାଷ୍ଟ୍ର ନିୟନ୍ତ୍ରିତ ସାମୂହିକତା ବିରୋଧରେ ମନୁଷ୍ୟାତ୍ମାର କେଉଁ ବିଦ୍ରୋହ, ଜଣେ ବ୍ୟକ୍ତି ହିସାବରେ ମନୁଷ୍ୟ ଭିତରେ ସ୍ୱତନ୍ତ୍ରତା ଏବଂ ମୁକ୍ତ ଆତ୍ମ-ପରିପୂର୍ଣ୍ଣତା ଲାଗି ଯେଉଁ ଅଦମ୍ୟ ଆକାଙ୍କ୍ଷା ରହିଛି, ସମ୍ଭବତଃ ତାହାରି ପୁନଃପ୍ରତିଷ୍ଠା ଲାଗି ଦାର୍ଶନିକ ନୈରାଜ୍ୟବାଦର ଆଦର୍ଶ କ୍ଷେତ୍ରରେ କେଉଁ ବିକାଶ ଏବଂ କେଉଁ ଶକ୍ତିମତ୍ତା ଏବଂ ପୂର୍ବରୁ କୌଣସି ସୂଚନା ମିଳୁ ନ ଥିବା କେଉଁ ଧର୍ମକ୍ଷେତ୍ରୀୟ ଓ ଆଧ୍ୟାତ୍ମିକ କେତେ ବିପ୍ଳବ ଯେ ହୁଏତ ମନୁଷ୍ୟଜାତିର ଏହି ବର୍ତ୍ତମାନର ଗତିପଥରେ ହସ୍ତକ୍ଷେପ କରିବାକୁ ଆସିବ ଏବଂ ତାହାକୁ ସଂପୂର୍ଣ୍ଣ ଭାବରେ ଏକ ଅନ୍ୟ ପରିସମାପ୍ତି ଆଡ଼କୁ ମୁହାଁଇ ନେଇଯିବ, ସେକଥା ବିଷୟରେ ଆମେ ପ୍ରକୃତରେ କିଛିହେଲେ ଜାଣି ନାହୁଁ । ମନୁଷ୍ୟଜାତିର ଭାଗ୍ୟରେ ଏପରିକି କାଲି କ'ଣ ଘଟିବାକୁ ଯାଉଛି, ନିଶ୍ଚିତ ଭାବରେ ଆଜି ସେହି କଥାଟିର ଘୋଷଣା

'oaob.nitrkl.ac.in' images reprocessed

କରିପାରିବାକୁ ଯେଉଁ ସନ୍ଦୀପନା ବା ଯେଉଁ ନିଶ୍ଚୟଯୁକ୍ତ ବିଜ୍ଞାନର ଆବଶ୍ୟକତା ରହିଛି, ମନୁଷ୍ୟଜାତି ଏପର୍ଯ୍ୟନ୍ତ ସେହି ସନ୍ଦୀପନା ଓ ବିଜ୍ଞାନ ପାଖରେ ପହଞ୍ଚିପାରି ନାହିଁ ।

ଅବଶ୍ୟ ଆମେ ବର୍ତ୍ତମାନ ଧରିନେବା ଯେ ଏପରି କୌଣସି ଅପ୍ରତ୍ୟାଶିତ ଘଟଣା ଏହି କ୍ଷେତ୍ରରେ ମନୁଷ୍ୟର ଗତିପଥରେ କୌଣସି ହସ୍ତକ୍ଷେପ କରିବାକୁ ଆସିବ ନାହିଁ । ତେବେ ମନୁଷ୍ୟଜାତିର ଜୀବନରେ ଗୋଟାଏ ପ୍ରକାରର ରାଜନୀତିକ ଏକତା ସେତେବେଳେ ହୁଏତ ନିଶ୍ଚୟ ଉପଲବ୍ଧ ହୋଇପାରିବ । ଏହି ଏକତାଟି ଯେ ଏହିପରି ଭାବରେ ଓ ଏହି ମୁହୂର୍ତ୍ତରେହିଁ ଉପଲବ୍ଧ ହେବ, ତାହା ପ୍ରକୃତରେ କାମ୍ୟ କି ନୁହେଁ, ଏହି ପ୍ରଶ୍ନଟି ଏଠାରେ ତଥାପି ଅମୀମାଂସିତ ହୋଇ ରହିଯାଉଛି । ଯଦି ତାହାହିଁ ହୁଏ, ତେବେ ତାହା କିପରି ପରିସ୍ଥିତିରେ ହେବ, କେଉଁଭଳି ଅନିବାର୍ଯ୍ୟ ଅବସ୍ଥାଗୁଡ଼ିକ ସମ୍ଭବ ହେଲେ ଯାଇ ହେବ, ଯେଉଁଗୁଡ଼ିକର ଅଭାବରେ କି ଉପଲବ୍ଧ ପରିଣାମଟି ପୂର୍ବରୁ ହୋଇଥିବା ମନୁଷ୍ୟ ଜାତିର ଆଂଶିକ ଏକତ୍ରୀକରଣଗୁଡ଼ିକ ସଦୃଶ କେବଳ ଏକ ଅସ୍ଥାୟୀ ପରିଣାମ ହୋଇହିଁ ରହିଯିବ, ସେହି ପ୍ରଶ୍ନଟି ମଧ୍ୟ ତଥାପି ବାକି ରହିଯାଉଛି । ଏବଂ ମନୁଷ୍ୟଜାତି ଅତୀତରେ ଯେଉଁ ବୃହତ୍ତର ଏକତାଗୁଡ଼ିକୁ ହାସଲ କରିପାରିଛି, ସେଗୁଡ଼ିକ ଲାଗି ତାହାକୁ କେତେ ମୂଲ୍ୟ ଦେବାକୁ ମଧ୍ୟ ପଡ଼ିଛି, ବର୍ତ୍ତମାନ ଆମେ ପ୍ରଥମେ ସେହି କଥାଟିର ବିଚାର କରିବା । ଆମର ଅବ୍ୟବହିତ ଅତୀତଟି ଆମ ଲାଗି ପ୍ରକୃତରେ ଜାତିକୁ ସୃଷ୍ଟି କରିଛି, ପ୍ରଜାତି ତଥା ସଂସ୍କୃତିର କ୍ଷେତ୍ରରେ ସମ୍ବନ୍ଧିତ ହୋଇ ରହିଥିବା ବିଭିନ୍ନ ଜାତିଗୁଡ଼ିକୁ ଏକାଠି କରି ବା ଭୌଗୋଳିକ ଆବଶ୍ୟକତା ଓ ପାରସ୍ପରିକ ଆକର୍ଷଣ ଦ୍ୱାରା ଏକତାବଦ୍ଧ ହୋଇ ରହିଥିବା କେତେ ଜାତିକୁ ଏକାଠି କରି ସ୍ୱାଭାବିକ ସମଜାତୀୟ ସାମ୍ରାଜ୍ୟର ସୃଷ୍ଟି କରିଛି, ବା ସାମରିକ ବିଜୟ ଦ୍ୱାରା ଅଧିକୃତ ହୋଇଥିବା ସେହି କୃତ୍ରିମ ବହୁମିଶ୍ରିତ ସାମ୍ରାଜ୍ୟଟିକୁ ମଧ୍ୟ ସୃଷ୍ଟି କରିଛି, ଯାହାକୁ କି ବଳପ୍ରୟୋଗ ଦ୍ୱାରା, ଉପରୁ ଲଦା ହୋଇଥିବା ନାନା ନିୟମ ଓ ଆଇନର ପ୍ରଣୟନ ଦ୍ୱାରା ଏବଂ ବାଣିଜ୍ୟିକ ତଥା ସାମରିକ ଉପନିବେଶ ସ୍ଥାପନା ଦ୍ୱାରା ବଜାୟ ରଖିବାକୁ ପଡୁଛି, ମାତ୍ର ଯାହାକି ଏବେସୁଦ୍ଧା କୌଣସି ପ୍ରକାର ଯଥାର୍ଥ ମନୋଭୂମିଗତ ଏକତାରୂପେ ଗଢ଼ାହୋଇ ପାରି ନାହିଁ । ମୋଟାମୋଟି ବିଚାର କଲେ ସମଷ୍ଟୀକରଣର ଏହି ପ୍ରତ୍ୟେକଟି ତତ୍ତ୍ୱ ମନୁଷ୍ୟଜାତିକୁ କୌଣସି ନା କୌଣସି ଭାବରେ ନିଶ୍ଚୟ ଲାଭବାନ୍ କରିଛି ବା ତା'ଲାଗି ଅଗ୍ରଗତିର କୌଣସି ନା କୌଣସି ସମ୍ଭାବନାକୁ ଆଣି ଉନ୍ମୋଚିତ କରିଦେଇଛି, ମାତ୍ର ଏକଥା ମଧ୍ୟ ସତ ଯେ ପ୍ରତ୍ୟେକଟି ତତ୍ତ୍ୱ ସହିତ ତାହାର ଅସ୍ଥାୟୀ ଅଥବା ଅନ୍ତର୍ନିହିତ ଅସୁବିଧାଗୁଡ଼ିକ ମଧ୍ୟ ଆସି ପହଞ୍ଚିଛି ଏବଂ ସଂପୂର୍ଣ୍ଣ ମାନବୀୟ ଆଦର୍ଶଟିକୁ ତାହା କୌଣସି ନା କୌଣସି ପ୍ରକାରେ ଆହତ କରି ପକାଇଛି ।

'oaob.nitrkl.ac.in' images reprocessed

ଯେତେବେଳେ ବାହ୍ୟ ତଥା ଯନ୍ତ୍ରବତ୍ ପ୍ରକ୍ରିୟାଗୁଡ଼ିକର ସାହାଯ୍ୟ ନେଇ ଏକ ନୂତନ ଏକତାର ପ୍ରତିଷ୍ଠା ହୁଏ, ସେତେବେଳେ, ଏକକଟି ଆପଣାର ଅନ୍ତର୍ଗତ ଜୀବନରେ କୌଣସି ଏକ ନୂତନ ଏବଂ ସ୍ୱାଧୀନ ସଂପ୍ରସାରଣରେ ପ୍ରବୃତ୍ତ ହେବା ପୂର୍ବରୁ ସାଧାରଣତଃ ଏବଂ ପ୍ରାୟ ଏକ ବ୍ୟାବହାରିକ ପ୍ରୟୋଜନ ଦ୍ୱାରା ବାଧ୍ୟ ହୋଇ ତାହାକୁ ଏକ ଅନ୍ତର୍ଗତ ସଂକୁଞ୍ଚନର ପ୍ରକ୍ରିୟା ମଧ୍ୟଦେଇ ଗତି କରିବାକୁ ହୋଇଥାଏ; କାରଣ ଆପଣାର ଅସ୍ତିତ୍ୱଟିକୁ ଏକ ନିର୍ଦ୍ଦିଷ୍ଟ ସ୍ଥାୟୀ ଆକାର ଦେଇ ରଖିବାହିଁ ତାହାର ସର୍ବପ୍ରଥମ ଆବଶ୍ୟକତା ଏବଂ ପ୍ରବୃତ୍ତି ହୋଇ ରହିଥାଏ । ଯେକୌଣସି ପ୍ରକାରେ ଆପଣାର ଏକତ୍ୱଟିକୁ କାର୍ଯ୍ୟକାରୀ କରିବାହିଁ ତାହାର ସର୍ବପ୍ରଧାନ ଆକାଙ୍‌କ୍ଷା ହୋଇ ରହିଥାଏ ଏବଂ ସେହି ସର୍ବମୁଖ୍ୟ ଆବଶ୍ୟକତାର ପରିତର୍ପଣ କରିବା ଲାଗି ତାହାକୁ ଆପଣାର ବିବିଧତା, ସମଞ୍ଜସତାଯୁକ୍ତ ଜଟିଳତା, ବିଭିନ୍ନ ସାମଗ୍ରୀର ଐଶ୍ୱର୍ଯ୍ୟଶାଳିତା ଏବଂ ଅନ୍ତର୍ଗତ ସମ୍ବନ୍ଧିତତାଗୁଡ଼ିକର ସ୍ୱାଧୀନତାକୁ ମଧ୍ୟ ବିସର୍ଜନ ଦେବାକୁ ପଡ଼ିଥାଏ । କାରଣ ସେପରି ନ କଲେ ଜୀବନର ଯଥାର୍ଥ ପରିପୂର୍ଣ୍ଣ-ଗଠନ ଆଦୌ ସମ୍ଭବ ହୁଏ ନାହିଁ । ଏକ ବଳିଷ୍ଠ ଓ ନିଶ୍ଚିତ ଏକତାର ସୁପ୍ରତିଷ୍ଠା କରିବାକୁ ଯାଇ ତାହାକୁ ଏକ ସର୍ବମୁଖ୍ୟ କେନ୍ଦ୍ରର ସୃଷ୍ଟି କରିବାକୁ ହୁଏ ଓ ଏକ ସଂକେନ୍ଦ୍ରିତ ରାଷ୍ଟ୍ରୀୟ ଶକ୍ତିର ପ୍ରତିଷ୍ଠା କରିବାକୁ ହୁଏ; ସେହି ସଂକେନ୍ଦ୍ରିତ ଶକ୍ତି ଜଣେ ରାଜା, ଏକ ସାମରିକ ସମ୍ଭ୍ରାନ୍ତବର୍ଗ ଅଥବା ଧନିକତନ୍ତ୍ରୀୟ ବର୍ଗ ବା ଅନ୍ୟକୌଣସି ସୁବିଧାଜନକ ଶାସନ ଛାଞ୍ଚ ଯାହା ହୋଇଥାଉ ପଛକେ, ତାହାରି ପ୍ରତିଷ୍ଠା କରିବାକୁ ହୁଏ ଏବଂ ବ୍ୟକ୍ତି, ଗୋଷ୍ଠୀ, ସହର, ଅଞ୍ଚଳ ବା କ୍ଷୁଦ୍ରତର ଅନ୍ୟ ଯେକୌଣସି ଏକକର ସ୍ୱାଧୀନତା ତଥା ସ୍ୱାଧୀନ ଜୀବନକୁ ତାହାର ଅଧୀନ କରି ରଖିବାକୁ ହୁଏ, ତାହାକୁ ବିସର୍ଜନ କରିବାକୁ ହୁଏ । ଏବଂ ଯୁଗପତ୍ ଭାବରେ ଏହି କ୍ଷେତ୍ରରେ ଦୃଢ଼ଭାବରେ ଯନ୍ତ୍ରୀକୃତ ଏବଂ ଅନମନୀୟ ସମାଜବ୍ୟବସ୍ଥାର ସ୍ଥାପନା ଲାଗି ଏକ ପ୍ରବୃତ୍ତି ଜନ୍ମଲାଭ କରେ; ବେଳେବେଳେ ଏପରି ନାନା ବର୍ଗଗତ ଅଥବା ବ୍ୟବସ୍ଥାଗତ ଏକ ସୋପାନକ୍ରମ ସୃଷ୍ଟି କରିବାକୁ ପଡ଼େ, ଯେଉଁଥିରେ କି ନିମ୍ନତର ସକାଶେ ଏକ ନିମ୍ନତର ସ୍ଥାନ ମଧ୍ୟ ନିର୍ଦ୍ଦିଷ୍ଟ ହୋଇ ରହେ, ତାହାକୁ ଏକ ନିମ୍ନତର କାର୍ଯ୍ୟ କରିବାକୁ ପଡ଼େ ଏବଂ ଉଚ୍ଚତରର ତୁଳନାରେ ତାହା ଏକ ନିମ୍ନତର ଅଳ୍ପପରିସର ଜୀବନଯାପନ କରିବା ଲାଗି ବାଧ୍ୟ ହୋଇ ରହେ । ଠିକ୍ ଏହିପରି ରୀତିରେହିଁ ଇଉରୋପରେ ସହର ତଥା ପ୍ରଜାତିଜୀବନର ସମୃଦ୍ଧ ଏବଂ ସ୍ୱାଧୀନ ଅସ୍ତିତ୍ୱଟିର ସ୍ଥାନରେ ରାଜା, ଧର୍ମଯାଜକ, ସମ୍ଭ୍ରାନ୍ତବର୍ଗ, ମଧ୍ୟବିତ୍ତ ଶ୍ରେଣୀ, କୃଷକକୁଳ ଏବଂ ଦାସମାନଙ୍କର ବର୍ଗଟିକୁ ନେଇ ଏକ ସୋପାନକ୍ରମ ଜନ୍ମଲାଭ କରିଥିଲା; ଅଥବା, ଭାରତ ବର୍ଷରେ ମଧ୍ୟ ବୀର୍ଯ୍ୟବନ୍ତ ଆର୍ଯ୍ୟ ଗୋଷ୍ଠୀଗୁଡ଼ିକର ମୁକ୍ତ ଏବଂ ସ୍ୱାଭାବିକ ଜୀବନଟିର ସ୍ଥାନରେ ଏକ ଅତ୍ୟନ୍ତ ଅନମନୀୟ ଜାତିପ୍ରଥାର ପ୍ରଚଳନ କରାଯାଇଥିଲା । ପୁନଶ୍ଚ, ଯେପରି ଆମେ

'oaob.nitrkl.ac.in' images reprocessed

ପୂର୍ବରୁ ଦେଖିସାରିଛୁ, ପ୍ରଥମେ ରହିଥିବା ସେହି କ୍ଷୁଦ୍ର ଅଥଚ ସ୍ୱାଧୀନ ଗୋଷ୍ଠୀଗୁଡ଼ିକର ଏହି ସୁବିଧାଟି ସର୍ବଦା ରହିଥିଲା ଯେ ସେଥିରେ ସାମୁଦାୟିକ ଜୀବନର ସଂପୂର୍ଣ୍ଣ ଶକ୍ତିମୟତାଟି ମଧ୍ୟରେ ସେହି ଗୋଷ୍ଠୀର ସମସ୍ତେ ବା ଅଧିକାଂଶ ବ୍ୟକ୍ତି ସକ୍ରିୟ ଏବଂ ଉତ୍ପ୍ରେରକ ଭାବରେ ଅଂଶଗ୍ରହଣ କରି ପାରୁଥିଲେ । ମାତ୍ର ଗୋଟିଏ ବୃହତ୍ତର ସମୁଦାୟ ମଧ୍ୟରେ ଏହି ଅଂଶଗ୍ରହଣଟି ସମ୍ଭବ ହେବା ଅତ୍ୟନ୍ତ ଅଧିକ କଷ୍ଟକର, ଏବଂ ପ୍ରଥମ ଅବସ୍ଥାରେ ପ୍ରକୃତରେ ଅସମ୍ଭବ । ଏହି କ୍ଷେତ୍ରରେ ତାହା ନ ହୋଇ ଜୀବନର ଶକ୍ତିସଂପନ୍ନତାଟି କୌଣସି ଗୋଟିଏ ଅଧିକ ପ୍ରଭାବାପନ୍ନ କେନ୍ଦ୍ରଟି ମଧ୍ୟକୁ କ୍ରମେ ସଂକେନ୍ଦ୍ରିତ ହୋଇ ଆସିଥାଏ, ବା, ଖୁବ୍ ବେଶୀ ହେଲେ ଶାସନ ଏବଂ ନିର୍ଦ୍ଦେଶନା କରୁଥିବା କୌଣସି ଗୋଟିଏ ବର୍ଗ ବା କେତୋଟି ବର୍ଗ ମଧ୍ୟକୁ ସଂକେନ୍ଦ୍ରିତ ହୋଇ ଆସିଥାଏ । ଏବଂ ତେଣେ ଗୋଷ୍ଠୀମଧ୍ୟରେ ବାସ କରୁଥିବା ବୃହତ୍ତର ଜନଗଣ ଏକ ଆପେକ୍ଷିକ ନିଷ୍କ୍ରିୟତା ମଧ୍ୟରେ ପଡ଼ି ରହିଥା'ନ୍ତି ଏବଂ ଉପରୁ ଯେତିକି ପରିମାଣର ପ୍ରାଣବନ୍ତତାକୁ ତଳଯାଏ ଆସିବାକୁ ଏବଂ ପରୋକ୍ଷ ଭାବରେହିଁ ତଳେ ରହିଥିବା ସେହି ସ୍ଥୂଳତର, ଦୀନତର ଏବଂ ସଂକୀର୍ଣ୍ଣତର ଜୀବନଟିକୁ ପ୍ରଭାବିତ କରିବାକୁ ଅନୁମତି ଦିଆଯାଏ, କେବଳ ସେତିକି ପରିମାଣରେହିଁ ସେମାନେ ସେହି ପ୍ରାଣବନ୍ତତାରୁ ଯଥାସମ୍ଭବ କମ୍ ଓ ଅପ୍ରତ୍ୟକ୍ଷ ଏକ ଭାଗ ପାଇଥା'ନ୍ତି । ମନୁଷ୍ୟ-ବିକାଶର ଯେଉଁ ଇତିହାସଗତ ପର୍ଯ୍ୟାୟଟି ଆଧୁନିକ ଜଗତର ପୂର୍ବରୁ ଆସିଥିଲା ଏବଂ ଆମକୁ ଏହି ଆଧୁନିକ ପର୍ଯ୍ୟାୟଟିରେ ଆଣି ପହଞ୍ଚାଇ ଦେଇ ପାରିଲା, ଅନ୍ତତଃ ସେହି ପର୍ଯ୍ୟାୟଟି ମଧ୍ୟରେହିଁ ଆମେ ଏହିଭଳି ଏକ ଘଟଣା ଦେଖିବାକୁ ପାଇଥାଉ । ଏବଂ ଏହି ଆଧୁନିକ ଜଗତର ସ୍ଥାନରେ ବର୍ତ୍ତମାନ ଯେଉଁ ନୂତନ ରାଜନୀତିକ ଏବଂ ସାମାଜିକ ଆକାରମାନ ଆବିର୍ଭୂତ ହେବାରେ ଲାଗିଛନ୍ତି ବା ହେବାକୁ ଯାଉଛନ୍ତି, ସେଗୁଡ଼ିକର ଦୃଢ଼ ରଚନା ଏବଂ ପ୍ରତିଷ୍ଠା ପାଇଁ ମଧ୍ୟ ଭବିଷ୍ୟତରେ ସେହିଭଳି ଏକ ସଂକେନ୍ଦ୍ରଣମୁଖୀ ଏବଂ ନିର୍ମାଣାତ୍ମକ ଅନମନୀୟତାର ଆବଶ୍ୟକତା ଅନୁଭୂତ ହେବାର ବେଶ୍ ଏକ ସମ୍ଭାବନା ରହିଛି ।

ସାନ ସାନ ମନୁଷ୍ୟଗୋଷ୍ଠୀଗୁଡ଼ିକରେ ଗୋଷ୍ଠୀଭିତରେ ବାସ କରୁଥିବା ସମସ୍ତେ ବଡ଼ ସହଜ ଭାବରେ ଏକ ସକ୍ରିୟ ଅଂଶ ଗ୍ରହଣ କରି ପାରନ୍ତି ଏବଂ ତାହା ଭିତରେ ଯାବତୀୟ ବିଚାର ତଥା ଆନ୍ଦୋଳନଗୁଡ଼ିକ ଅତି ଶୀଘ୍ର ଏବଂ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଅନୁଭୂତ ହୋଇଥାଏ; ଏବଂ, କୌଣସି ପ୍ରକାର ବୃହତ୍ ଏବଂ ଜଟିଳ ସଂଗଠନ ଆବଶ୍ୟକ ନ କରି ସେଗୁଡ଼ିକୁ ସେହିଭଳି ସତ୍ୱର ଭାବରେ କାର୍ଯ୍ୟକାରୀ କରାଯାଇପାରେ ଓ ଏକ ନିର୍ଦ୍ଦିଷ୍ଟ ଆକାର ମଧ୍ୟ ଦିଆଯାଇପାରେ । ଏବଂ ଏହିସବୁ ସାନ ଗୋଷ୍ଠୀ ଏକାନ୍ତ ଭାବରେ ଆପଣାକୁ ସଂରକ୍ଷିତ କରି ରଖିବାର ପ୍ରଥମ ପର୍ଯ୍ୟାୟଟିକୁ ଅତିକ୍ରମ କରିଆସିବା ପରେହିଁ

'oaob.nitrkl.ac.in' images reprocessed

ଅତ୍ୟନ୍ତ ସ୍ୱଭାବପ୍ରେରିତ ହୋଇ ଆତ୍ମସ୍ୱାତନ୍ତ୍ର୍ୟ ଆଡ଼କୁ ମନ ବଳାଇଥା'ନ୍ତି । ଏହିଭଳି ଏକ ପରିବେଶ ମଧ୍ୟରେ କୌଣସି ଏକାଧିପତ୍ୟଶୀଳ ରାଜତନ୍ତ୍ର, ଏକ ନିରଙ୍କୁଶ ସମ୍ଭ୍ରାନ୍ତବର୍ଗୀୟ ଶାସନ, ଏକ ପ୍ରମାଦାତୀତ ପୋପ୍-ଶାସନ ଅଥବା ଏକ ଅଲଂଘନୀୟ ଧର୍ମତାନ୍ତ୍ରିକ ବର୍ଗ ଭଳି ଗଢ଼ଣମାନେ ଆଦୌ ସହଜରେ ଉଧେଇ ପାରନ୍ତି ନାହିଁ । କାରଣ ବୃହତ୍ତର ଜନଗଣ ପାଖରୁ ଦୂରବର୍ତ୍ତୀ ହୋଇ ରହିବା ଦ୍ୱାରା ଯେଉଁ ସୁବିଧାଟି ମିଳେ ଓ ସେମାନଙ୍କର ସମ୍ମାନ ନିର୍ଭର କରି ରହୁଥିବା ବ୍ୟକ୍ତିମନର ଦୈନନ୍ଦିନ ସମାଲୋଚନା ଲାଗି ଉନ୍ମୁକ୍ତ ହୋଇ ରହିବାରୁ ମଧ୍ୟ ଦୂରବର୍ତ୍ତୀ ହୋଇ ରହିବା ଦ୍ୱାରା ଯେଉଁ ସୁବିଧାଟି ପ୍ରାପ୍ତ ହୋଇଥାଏ, ସେମାନଙ୍କର ସେହି ସୁବିଧାଟି ଆଦୌ ନ ଥାଏ; ଏବଂ ଅନ୍ୟଜାଗାରେ ଯେଉଁଟିର ପ୍ରତିଷ୍ଠା କରିବାରେ ଓ ଯେଉଁଟିକୁ ସଂରକ୍ଷିତ କରି ରଖିବାରେ ସେମାନେ ତତ୍ପର ହୋଇ ରହିଥା'ନ୍ତି, ବୃହତ୍ ଜନସମୂହ ଏବଂ ବିସ୍ତୀର୍ଣ୍ଣ ଅଞ୍ଚଳଗୁଡ଼ିକ ଉପରେ କୌଣସି ଏକରୂପତାକୁ ଆଣି ଲଦିଦେବାକୁ ବାଧ ହୋଇ ସେମାନେ ଏହି କ୍ଷେତ୍ରରେ ଆପଣାର ଔଚିତ୍ୟଟିକୁ ମଧ୍ୟ ପ୍ରମାଣିତ କରି ପାରନ୍ତି ନାହିଁ । ତେଣୁ, ରୋମ୍‌ରେ ଯେ ରାଜତନ୍ତ୍ର ଆପଣାକୁ ପ୍ରତିଷ୍ଠାପିତ କରି ରଖିପାରିଲା ନାହିଁ ଏବଂ ଗ୍ରୀସ୍‌ରେ ତାହାକୁ ଯେ ସମସ୍ତେ ଏକ ଅସ୍ୱାଭାବିକ ଏବଂ ଅଳ୍ପକ୍ଷଣସ୍ଥାୟୀ ବଳାପହରଣ ବୋଲିହିଁ ବିଚାର କରୁଥିଲେ, ଆମେ ସେହି କଥାଟି ଦେଖିବାକୁ ପାଇଥାଉ । ଏବଂ, କେବଳ ସ୍ପାର୍ଟା ପରି ଏକ ବିଶୁଦ୍ଧ ସାମରିକ ଗୋଷ୍ଠୀକୁ ବାଦ୍ ଦେଲେ, ଶାସନର ସେହି ସମ୍ଭ୍ରାନ୍ତବର୍ଗୀୟ ପ୍ରକାରଟି ମଧ୍ୟ ପୂର୍ବଟି ତୁଳନାରେ ଅଧିକ ଶକ୍ତିସଂପନ୍ନ ହୋଇଥିଲେହେଁ ଆପଣା ଲାଗି କୌଣସି ପ୍ରକାର ଐକାନ୍ତିକ ପ୍ରଭୁତ୍ୱ ବା କର୍ତ୍ତୃତ୍ୱ ଆଦୌ ସମ୍ଭବ କରିପାରି ନ ଥିଲା ଏବଂ କେଉଁଠି ହେଲେ ଦୃଢ଼ଭାବରେ ସ୍ଥାୟୀ ହୋଇ ରହିପାରି ନ ଥିଲା । ଗଣତାନ୍ତ୍ରିକ ସ୍ୱାତନ୍ତ୍ର୍ୟର ଯେଉଁ ପ୍ରବୃତ୍ତିଟି ମଧ୍ୟରେ ପ୍ରତ୍ୟେକ ବ୍ୟକ୍ତି ଲୋକସଂସ୍ଥାଗତ ଜୀବନରେ ସ୍ୱାଭାବିକ ଭାଗ ନେଇ ପାରୁଥିଲା ଏବଂ ରାଷ୍ଟ୍ରର ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକରେ ମଧ୍ୟ ଅଂଶଗ୍ରହଣ କରିପାରୁଥିଲା, ଯେଉଁଠି କାନୁନ୍ ଏବଂ ଶାସନନୀତିର ନିର୍ଦ୍ଧାରଣରେ ତା'ର ଏକ ସମାନ ଅଧିକାର ଓ ଅଂଶ ରହିଥିଲା, ଏବଂ ଜଣେ ନାଗରିକ ହିସାବରେ ଏବଂ ଜଣେ ବ୍ୟକ୍ତିରୂପେ ଆପଣାର ସାମର୍ଥ୍ୟ ଦ୍ୱାରା ଯେତେଦୂର ପର୍ଯ୍ୟନ୍ତ ସମ୍ଭବ ହେଉଥିଲା, ସେହି କାନୁନ୍ ଓ ନୀତିଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ମଧ୍ୟ ଯେଉଁଠି ତାକୁ ସମାନ ଭାଗ ଅବଶ୍ୟ ମିଳୁଥିଲା,— ନଗର-ରାଷ୍ଟ୍ରର ଗଢ଼ଣଟି ମଧ୍ୟରେହିଁ ସେହି ଗଣତାନ୍ତ୍ରିକ ପ୍ରବୃତ୍ତିଟିର ଭାବନା ସହଜାତ ହୋଇ ରହିଥିଲା ଏବଂ ଅନ୍ତର୍ନିହିତ ହୋଇ ରହିଥିଲା । ରୋମ୍‌ରେ ମଧ୍ୟ ସେହି ପ୍ରବୃତ୍ତିଟି ସମାନ ଭାବରେ ବିଦ୍ୟମାନ ରହିଥିଲା, ମାତ୍ର ଗ୍ରୀସ୍ ପରି ସେଠାରେ ତାହା ସେତେ ସତ୍ୱର ଭାବରେ ବିକାଶଲାଭ କରି ନ ଥିଲା ବା ଆପଣାକୁ ତେତେ ସଂପୂର୍ଣ୍ଣ ଭାବରେ ରୂପାୟିତ ମଧ୍ୟ କରିପାରି ନ ଥିଲା । କାରଣ,

'oaob.nitrkl.ac.in' images reprocessed

ରାଜ୍ୟଜୟ କରୁଥିବା ଗୋଟିଏ ସାମରିକ ରାଷ୍ଟ୍ରର ବିଶେଷ ପ୍ରୟୋଜନଗୁଡ଼ିକ ଦ୍ୱାରା ବାଧ୍ୟ ହୋଇ ରହିଥିବାରୁ ରୋମ ସର୍ବଦା ଜଣେ ସର୍ବୋପରି ପ୍ରତିଷ୍ଠିତ ନିରଙ୍କୁଶ ଶାସକ ବା ସମ୍ରାଟ ଆବଶ୍ୟକ କରୁଥିଲା, ଅଥବା, ତା'ର ବିଦେଶନୀତି ଏବଂ ସାମରିକ କର୍ତ୍ତବ୍ୟ-ଗୁଡ଼ିକର ନିର୍ବାହ କରିବା ଲାଗି ଏକ କ୍ଷୁଦ୍ର ସମ୍ଭ୍ରାନ୍ତବର୍ଗୀୟ ଗୋଷ୍ଠୀ ମଧ୍ୟ ଆବଶ୍ୟକ କରୁଥିଲା । ମାତ୍ର ତଥାପି ଗଣତାନ୍ତ୍ରିକ ଉପାଦାନଟି ସେଠାରେ ମଧ୍ୟ ସର୍ବଦା ବିଦ୍ୟମାନ ରହିଥିଲା, ଏବଂ ଗଣତାନ୍ତ୍ରିକ ପ୍ରବୃତ୍ତିଟି ମଧ୍ୟ ଏପରି ଶକ୍ତିଶାଳୀ ହୋଇ ରହିଥିଲା ଯେ ଆତ୍ମ-ସଂରକ୍ଷଣ ପାଇଁ ରୋମ୍‌ର ସତତ ସଂଗ୍ରାମ ଏବଂ ତା'ର ସତତ ସଂପ୍ରସାରଣ ଭିତରେ ମଧ୍ୟ ପ୍ରାୟ ପ୍ରାଗୈତିହାସିକ କାଳରୁ ସେଇଟି କାର୍ଯ୍ୟ କରିବାକୁ ଆରମ୍ଭ କରି ସାରିଥିଲା ଏବଂ ଭୂମଧ୍ୟସାଗରୀୟ ସାମ୍ରାଜ୍ୟଟି ପାଇଁ କାର୍ଥେଜ୍ ସହିତ ଲାଗିଥିବା ସେହି ପ୍ରବଳ ଦ୍ୱନ୍ଦ୍ୱଯୁଦ୍ଧଟି ପରି ବଡ଼ ବଡ଼ ସଂଗ୍ରାମଗୁଡ଼ିକ ସମୟରେହିଁ ବ୍ୟାହତ ହୋଇ ପଡୁଥିଲା । ଭାରତବର୍ଷରେ ମଧ୍ୟ ସେହି ସର୍ବପ୍ରଥମକାଳୀନ ଗୋଷ୍ଠୀଗୁଡ଼ିକ ଗୋଟିଏ ଗୋଟିଏ ସ୍ୱାଧୀନ ସମୁଦାୟ ହୋଇ ରହିଥିଲେ; ସେଥିରେ ରାଜା କେବଳ ଜଣେ ସାମରିକ ସର୍ବମୁଖ୍ୟ ଅଥବା ପୌରଶାସନର ପ୍ରମୁଖ ହୋଇ ରହିଥିଲେ । ବୁଦ୍ଧଦେବଙ୍କ ସମୟରେ ମଧ୍ୟ ଏହି ଗଣତାନ୍ତ୍ରିକ ଉପାଦାନଟି ଅବିଚ୍ଛିନ୍ନ ହୋଇ ରହିଥିବାର ଆମେ ଦେଖିବାକୁ ପାଇଥାଉ ଏବଂ ଏପରିକି ଚନ୍ଦ୍ରଗୁପ୍ତ ଓ ମେଗାସ୍ଥିନିସ୍‌ଙ୍କ କାଳରେ ମଧ୍ୟ ପ୍ରଥମକାଳୀନ ସ୍ୱାଧୀନ ଶାସନସଂସ୍ଥାଗୁଡ଼ିକୁ ଭାଙ୍ଗିଦେଇ ପରିଶେଷରେ ବୃହତ୍ କର୍ମଚାରୀତନ୍ତ୍ରଗୁଡ଼ିକ ଦ୍ୱାରା ଶାସିତ ରାଜତନ୍ତ୍ର ଓ ସାମ୍ରାଜ୍ୟମାନ ପ୍ରତିଷ୍ଠିତ ହେଉଥିବା ସମୟରେ ତାହା ସାନ ସାନ ରାଷ୍ଟ୍ରଗୁଡ଼ିକରେ ତଥାପି ବଞ୍ଚି ରହିଥିଲା । ସମସ୍ତ ଭାରତୀୟ ଉପଦ୍ୱୀପଟିରେ ବା ଅନ୍ତତଃ ଭାରତବର୍ଷର ଉତ୍ତରାଞ୍ଚଳରେ ଯହୁଁ ଯହୁଁ ଜୀବନକୁ ଏକ ବୃହତ୍ ସଂଗଠନ ମଧ୍ୟରେ ସଂଗଠିତ କରି ଆଣିବାର ଆବଶ୍ୟକତାଟି ଅଧିକରୁ ଅଧିକ ପରିମାଣରେ ଅନୁଭୂତ ହେବାକୁ ଲାଗିଲା, କେବଳ ସେହି ପରିମାଣରେହିଁ ଏହି ଦେଶରେ ନିରଙ୍କୁଶ ରାଜତନ୍ତ୍ରର ଶାସନପ୍ରକାରଟି ବିକଶିତ ହେଲା ଏବଂ ସମାଜର ପଣ୍ଡିତ ଓ ପୁରୋହିତ-ସମ୍ପ୍ରଦାୟମାନେ ସମାଜର ମନଟି ଉପରେ ଆପଣାର ଧର୍ମତାନ୍ତ୍ରିକ ପ୍ରଭୁତ୍ୱଟିକୁ ମଧ୍ୟ ସେହି ପରିମାଣରେ ଲଦିବାକୁ ଆରମ୍ଭ କଲେ, ଏବଂ ସାମାଜିକ ଏକତାର ବନ୍ଧନରଜ୍ଜୁ ରୂପେ ତଥା ଏକ ଜାତୀୟ ସଂସ୍କୃତିର ଏକ ବନ୍ଧନକାରୀ ସମ୍ବନ୍ଧରୂପେ ଆପଣାର କଠୋର ଶାସ୍ତ୍ରବିଧାନଗୁଡ଼ାକୁ ମଧ୍ୟ ଲଦି ଆଣିବାକୁ ଆରମ୍ଭ କରିଥିଲେ ।

ରାଜନୀତିକ ଓ ପୌର ଜୀବନରେ ଯେପରି ଥିଲା, ସାମାଜିକ ଜୀବନରେ ମଧ୍ୟ ଠିକ୍ ସେହିପରିହିଁ ଥିଲା । ଯେକୌଣସି କ୍ଷୁଦ୍ର ଗୋଷ୍ଠୀ ମଧ୍ୟରେ କେତେକ ପରିମାଣରେ ଏକ ଗଣତାନ୍ତ୍ରିକ ସମତା ପ୍ରାୟ ଅନିବାର୍ଯ୍ୟ ଭାବରେ ଦେଖିବାକୁ ମିଳିବ; ଅନମନୀୟ

'oaob.nitrkl.ac.in' images reprocessed

ନାନାପ୍ରକାର ବର୍ଗଗତ ଭେଦ ଏବଂ ବରିଷ୍ଠତାଗୁଡ଼ିକର ସେହି ବିପରୀତ ବସ୍ତୁଟି ବଂଶ ବା ଜାତିର ସାମରିକ ପର୍ଯ୍ୟାୟଟିରେ ହୁଏତ ପ୍ରତିଷ୍ଠିତ ହୋଇପାରେ, ମାତ୍ର, ସ୍ପାର୍ଟା ବା ଭେନିସ୍‌ରେ ଯେପରି ହୋଇଥିଲା, ସେହିଭଳି କେତୋଟି କୃତ୍ରିମ ଉପାୟର ପ୍ରୟୋଗ ନ ହେଲେ ଏକ ଦୃଢ଼ ପ୍ରତିଷ୍ଠିତ ନଗର-ରାଷ୍ଟ୍ରର ଅନ୍ତରଙ୍ଗ ନୈକଟ୍ୟ ଭିତରେ ତାହାକୁ ଦୀର୍ଘକାଳ ଲାଗି ଚାଲୁ ରଖିବା ଆଦୌ ସମ୍ଭବ ହୁଏ ନାହିଁ । ଏବଂ ସେହି ଭେଦଟି ତଥାପି ବିଦ୍ୟମାନ ରହିଥିଲେ ମଧ୍ୟ ତାହାର ଐକାନ୍ତିକତାଟି କଦାପି ସେପରି ତୀକ୍ଷ୍ଣ ହୋଇ ରହିପାରେ ନାହିଁ ଏବଂ ଗଭୀରକୁ ଭେଦି ଏକ ଅପରିବର୍ତ୍ତନୀୟ ସୋପାନକ୍ରମ ରୂପେ ଆପଣାକୁ କଦାପି ଦୃଢ଼ୀଭୂତ କରିପାରେ ନାହିଁ । କ୍ଷୁଦ୍ର ସମୁଦାୟର ସ୍ୱାଭାବିକ ସାମାଜିକ ପ୍ରରୂପଟି ଏପରି ହୋଇ ରହିଥାଏ ଯେ, ଆମେ ଏଥେନ୍ସରେ ଯେପରି ଦେଖିବାକୁ ପାଉ, ସେଥିରେ ଉଚ୍ଚକୁଳଜାତ ଓ ଧନବାନ୍ ନିସିଆସ୍‌ର ଯେତିକି ରାଜନୀତିକ ପ୍ରଭାବ ରହିଥାଏ, ଜୋତା ସିଲେଇ କରୁଥିବା ମୋଚି କ୍ଲେଅନ୍‌ର ମଧ୍ୟ ସେତିକି ପ୍ରଭାବ ଥାଏ; ସର୍ବୋଚ୍ଚ କର୍ମସ୍ଥାନ ତଥା ପୌର କାର୍ଯ୍ୟସଂପାଦନଗୁଡ଼ିକ ସବୁ ଶ୍ରେଣୀର ମନୁଷ୍ୟଙ୍କ ଲାଗି ଉନ୍ମୁକ୍ତ ହୋଇ ରହିଥାଏ, ଏବଂ ତାହା ସଙ୍ଗେ ସଙ୍ଗେ ସାମାଜିକ କର୍ମନିର୍ବାହ ଏବଂ ସମ୍ବନ୍ଧଗୁଡ଼ିକର କ୍ଷେତ୍ରରେ ମଧ୍ୟ ମୁକ୍ତ ଅବାଧ ସହଚାରିତା ଏବଂ ସମତା ଅକ୍ଷୁଣ୍ଣ ରହିଥାଏ । ଟିକିଏ ଭିନ୍ନ ପ୍ରକାରର ହେଲେ ମଧ୍ୟ, ଭାରତୀୟ ସଭ୍ୟତାର ଲିପିବଦ୍ଧ ପ୍ରାଚୀନତର ପର୍ଯ୍ୟାୟଟିରେ ମଧ୍ୟ ଆମେ ସେହିଭଳି ଏକ ଗଣତାନ୍ତ୍ରିକ ସମାନତା ଦେଖିବାକୁ ପାଇଥାଉ । ନାନା ଜାତିକୁ କେନ୍ଦ୍ର କରି ଗଢ଼ି ଉଠିଥିବା ସେହି ଅନମନୀୟ ସୋପାନକ୍ରମ ଏବଂ ଜାତିଭାବନାର ଔଦ୍ଧତ୍ୟଟି ଏକ ପରବର୍ତ୍ତୀ ଯୁଗରେ ବିକାଶଲାଭ କରିଥିଲା; ମାତ୍ର ପ୍ରାଚୀନତର ଯୁଗଟିର ସେହି ଅଧିକ ଅଜଟିଳ ଜୀବନକ୍ଷେତ୍ରରେ ଆଚରିତ କର୍ମଜନିତ ଭେଦ ଅଥବା କର୍ମଜନିତ ବରିଷ୍ଠତା ମଧ୍ୟ କୌଣସି ବ୍ୟକ୍ତିଗତ ଅଥବା ଶ୍ରେଣୀଗତ ବରିଷ୍ଠତାର ଆଦୌ ପରିଚାୟକ ହୋଇ ରହି ନ ଥିଲା । ଆରମ୍ଭକାଳରେ, ସମାଜ ତଥା ଧର୍ମ-ଜୀବନର ସବୁଠାରୁ ଅଧିକ ପବିତ୍ର କର୍ମ ଅର୍ଥାତ୍ ଋଷି ଏବଂ ଯଜ୍ଞକର୍ତ୍ତାର କର୍ମଟି ସକଳ ଶ୍ରେଣୀ ଏବଂ ସକଳ ଧନ୍ଦାର ମଣିଷଙ୍କ ଲାଗି ଉନ୍ମୁକ୍ତ ହୋଇ ରହିଥିଲା । ମଧ୍ୟଯୁଗୀୟ ଇଉରୋପରେ ବୃହତ୍ ସାମାଜିକ ଏବଂ ରାଜନୀତିକ ସମୂହଗୁଡ଼ିକର ବିକାଶ ଫଳରେ ସମୁପସ୍ଥିତ ହୋଇଥିବା ନୂତନ ପରିସ୍ଥିତିଗୁଡ଼ିକ ଦ୍ୱାରା ବାଧ୍ୟ ହୋଇ ଗିର୍ଜା ତଥା ରାଜଶକ୍ତି ମଧ୍ୟ ବିକାଶ ଲାଭ କରି ଆସିଥିଲା ପରି ଧର୍ମତନ୍ତ୍ର, ଜାତିବ୍ୟବସ୍ଥା ଏବଂ ନିରଙ୍କୁଶ ରାଜପଦର ଅନୁଷ୍ଠାନଗୁଡ଼ିକ ଯୁଗପତ୍ ଭାବରେ ବିକଶିତ ହୋଇ ଆସିଥିଲା ।

ପ୍ରାଚୀନ ଗ୍ରୀକ୍, ରୋମାନ୍ ତଥା ଭାରତୀୟ ନଗର-ରାଷ୍ଟ୍ର ଏବଂ ବଂଶୋଦ୍ଭୂତ ସମୂହଗୁଡ଼ିକ ମଧ୍ୟରେ ଏହିଭଳି ପରିବେଶରେ ଯେଉଁସବୁ ସମାଜ ସଂସ୍କୃତିର ପଥରେ

'oaob.nitrkl.ac.in' images reprocessed

ଅଗ୍ରସର ହୋଇଥିଲେ, ସେମାନେ ସତେଅବା ଅନିବାର୍ଯ୍ୟ ଭାବରେ ଜୀବନର ଏକ ସାଧାରଣ ସଜୀବତା ଏବଂ ସଂସ୍କୃତି ତଥା ସୃଷ୍ଟିର ଏପରି ଏକ ଗତିଶୀଳ ଶକ୍ତିମତ୍ତାର ବିକାଶ ଘଟାଇ ପାରିଥିଲେ, ଯେଉଁଥିରୁ କି ପରବର୍ତ୍ତୀ କାଳର ଜାତିଗତ ସମୂହଗୁଡ଼ିକ ସେହିପରି ସତେଅବା ବାଧ ହେଲାପରି ବଞ୍ଚିତ ହୋଇ ରହିଲେ ଏବଂ ଆତ୍ମଗଠନର କେବଳ ଏକ ଦୀର୍ଘ ଅବଧି ପରେ ଯାଇ ସେହି ଅବସ୍ଥାଟି ମଧ୍ୟରୁ ନିଷ୍କୃତି ଲାଭ କରିଥିଲେ; ସେହି ଦୀର୍ଘ ଅବଧିଟି ମଧ୍ୟରେ ସେମାନଙ୍କୁ ଏକ ନୂତନ ସମୂହ-ଶରୀରର ବିକାଶଜନିତ ଅସୁବିଧାଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିଥିଲା ଓ ସେଗୁଡ଼ିକୁ ଅତିକ୍ରମ କରିବାକୁ ମଧ୍ୟ ପଡ଼ିଥିଲା । ଗ୍ରୀକ୍ ନଗରର ସାଂସ୍କୃତିକ ତଥା ପୌରଜୀବନ ମଧ୍ୟରେ, ଏବଂ ଏଥିରେ ଆମେ ଏଥେନ୍ସ୍‌କୁହିଁ ସର୍ବୋଚ୍ଚ ପରିଣାମ ଓ ସର୍ବଶ୍ରେଷ୍ଠ କୃତି ବୋଲି କହିବା,– ସେଇଟି ମଧ୍ୟରେ ଜୀବନ ବଞ୍ଚିବାଟାହିଁ ଏକ ଶିକ୍ଷା ସଦୃଶ ହୋଇ ରହିଥିଲା, ସେଠାରେ ସବୁଠାରୁ ଦରିଦ୍ର ଏବଂ ସବୁଠାରୁ ଧନିକ ଏକାଠି ନାଟକମଞ୍ଚରେ ବସି ସୋଫୋକ୍ଲିସ୍ ଏବଂ ଇଉରିପାଇଡିସ୍‌ଙ୍କର ନାଟକଗୁଡ଼ିକୁ ଦେଖି ପାରୁଥିଲେ ଓ ସେଗୁଡ଼ିକ ବିଷୟରେ ମତ ବ୍ୟକ୍ତ କରିପାରୁଥିଲେ, ଏଥେନ୍ସ୍‌ର ବଣିକ ଏବଂ ବିପଣି-ମାଲିକମାନେ ସକ୍ରେଟିସ୍‌ଙ୍କର ସୂକ୍ଷ୍ମ ଦାର୍ଶନିକ କଥୋପକଥନଗୁଡ଼ିକରେ ଭାଗ ନେଇ ପାରୁଥିଲେ । ତାହାହିଁ ଇଉରୋପ ଲାଗି ଯେ କେବଳ ତା'ର ଆଧାରଗତ ରାଜନୀତିକ ଛାଞ୍ଚ ଏବଂ ଆଦର୍ଶଗୁଡ଼ିକୁ ଗଠନ କରି ଦେଇଥିଲା ତା' ନୁହେଁ, ମାତ୍ର କାର୍ଯ୍ୟତଃ ତାହାର ବୁଦ୍ଧିକ୍ଷେତ୍ରୀୟ, ଦର୍ଶନଗତ, ସାହିତ୍ୟିକ ଏବଂ କଳାତ୍ମକ ସଂସ୍କୃତିଟିର ସକଳ ମୂଳ ଗଢ଼ଣଗୁଡ଼ିକୁ ମଧ୍ୟ ସୃଷ୍ଟି କରିଥିଲା । ସେହିପରି ସମାନଭାବରେ ପ୍ରାଣବନ୍ତ ହୋଇ ରହିଥିବା ଏକକନଗରୀ ରୋମ୍‌ର ରାଜନୀତିକ, ନ୍ୟାୟିକ ଏବଂ ସାମରିକ ଜୀବନ ମଧ୍ୟ ଇଉରୋପ ଲାଗି ତାହାର ରାଜନୀତିକ କ୍ରିୟାତ୍ମକତା, ସମରଶୃଙ୍ଖଳା ଓ ସମର ବିଜ୍ଞାନ, ନିୟମ ଓ ନ୍ୟାୟର ବିଧାନଶାସ୍ତ୍ର ଏବଂ ଏପରିକି ସାମ୍ରାଜ୍ୟ ଏବଂ ଉପନିବେଶସ୍ଥାପନ ସମ୍ବନ୍ଧରେ ତା'ର ଆଦର୍ଶଗୁଡ଼ିକର ଯାବତୀୟ ପ୍ରକାରଗୁଡ଼ିକୁ ମଧ୍ୟ ନିର୍ମାଣ କରି ଦେଇଥିଲା । ଏବଂ ଭାରତବର୍ଷରେ, ତାହାର ବୈଦିକ, ଉପନିଷଦୀୟ ଏବଂ ବୌଦ୍ଧ ସାହିତ୍ୟରେ ଆମେ ଆଧ୍ୟାତ୍ମିକ ଜୀବନର ସେହି ପ୍ରଥମକାଳୀନ ଦୀପ୍ତିମନ୍ତତାରହିଁ ଝଲକମାନ ଦେଖିବାକୁ ପାଇଥାଉ ଏବଂ ତାହାରି ଦ୍ୱାରା ସୃଷ୍ଟ ହୋଇଥିବା କେତେକେତେ ଧର୍ମ, ଦର୍ଶନ ଓ ଅଧ୍ୟାତ୍ମସାଧନାହିଁ ପରବର୍ତ୍ତୀ କାଳରେ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ପ୍ରଭାବ ଦ୍ୱାରା ଏସିଆ ଏବଂ ଇଉରୋପରେ ସେଗୁଡ଼ିକର ଭାବନା ଓ ଜ୍ଞାନର କିୟଦଂଶକୁ ପରିବ୍ୟାପ୍ତ କରିଦେଇ ପାରିଛନ୍ତି । ଏବଂ ପୃଥିବୀର ସବୁସ୍ଥାନରେହିଁ ଏହି ମୁକ୍ତ, ସାର୍ବଜନୀନ ଓ ବହୁସ୍ପନ୍ଦିତ ପ୍ରାଣବନ୍ତ ସଚଳ ଶକ୍ତିର ଉତ୍ସଟି ସକଳ ପାର୍ଥକ୍ୟ ସତ୍ତ୍ୱେ ସେହି ଗୋଟିଏ ହୋଇ ରହିଥିଲା, ଏବଂ ଆଧୁନିକ ପୃଥିବୀ କେବଳ ବର୍ତ୍ତମାନହିଁ ତାହାକୁ

'oaob.nitrkl.ac.in' images reprocessed

କୌଣସି ନା କୌଣସି ଆକାରରେ ଫେରି ପାଇବାକୁ ଆରମ୍ଭମାତ୍ର କରୁଛି । ଏଥିରେ କେବଳ ଅତି ସୀମିତ ହୋଇ ରହିଥିବା କୌଣସି ଶ୍ରେଣୀ ଅଂଶଗ୍ରହଣ କରୁ ନ ଥିଲା, ମାତ୍ର ସାଧାରଣ ଭାବରେ ବ୍ୟକ୍ତିହିଁ ସମୁଦାୟଟିର ଅନେକଶାଖାଯୁକ୍ତ ଜୀବନରେ ଭାଗ ନେଉଥିଲା; ପ୍ରତ୍ୟେକ ବ୍ୟକ୍ତି ସତେଅବା ସମସ୍ତଙ୍କର ଶକ୍ତି ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥିଲା ପରି ଅନୁଭବ କରୁଥିଲା, ଏବଂ ତା'ର ସ୍ୱବିକାଶ ଲାଗି ଏକ ସ୍ୱତନ୍ତ୍ରତା ରହିଥିଲା, ସିଏ ନିଜେ ଯାହା ତାହାହିଁ ହେବାକୁ, ନିଜେ ଯାହା ଇଚ୍ଛା କରୁଛି, ତାହାହିଁ ହାସଲ କରିବାକୁ, ନିଜେ ଚିନ୍ତା କରିବାକୁ ଏବଂ ସେହି ବିଶ୍ୱଜନୀନ ଶକ୍ତିର ଅବାରିତ ବନ୍ୟାଟି ମଧ୍ୟରେ ନିଜେ କିଛି ସୃଷ୍ଟି କରି ପାରିବାକୁ ମଧ୍ୟ ତା'ର ସ୍ୱତନ୍ତ୍ରତା ରହିଥିଲା । ଆଧୁନିକ ଜୀବନ ଏହି ଅବସ୍ଥାଟିକୁ, ବ୍ୟକ୍ତି ଓ ସମଷ୍ଟି ମଧ୍ୟରେ ରହିଥିବା ଏହି ସମ୍ବନ୍ଧଟିକୁ କେତେକ ପରିମାଣରେ ପୁନର୍ବାର ପ୍ରାପ୍ତ କରିବା ଲାଗି ଉଦ୍ୟମ କରି ଆସିଛି; ଏକ କ୍ଳେଶକର, ଅଦକ୍ଷ ଏବଂ ଅପୂର୍ଣ୍ଣ ରୀତିରେ ସେ ତାହା କରିଆସିଛି ସତ, ମାତ୍ର ଏଥିପୂର୍ବରୁ ମନୁଷ୍ୟଜାତି ପାଖରେ ପ୍ରାଣଶକ୍ତି ଓ ଭାବନାର ଯେଉଁ ସାମର୍ଥ୍ୟ ରହିଥିଲା, ଆଧୁନିକ ଜୀବନ ତା'ଠାରୁ ଅନେକ ଅଧିକ ପ୍ରାଣଶକ୍ତି ଏବଂ ବିଚାରସାମର୍ଥ୍ୟ ଦ୍ୱାରା ତାହା କରିଆସିଛି ।

ଏକଥା ମଧ୍ୟ ସମ୍ଭବ ଯେ, ଯଦି ପୁରାତନ କାଳର ସେହି ନଗର-ରାଷ୍ଟ୍ର ଓ ଏକ ଏକ ବଂଶୋଦ୍‌ଭୂତ ଜାତିସକଳ ସ୍ଥାୟୀ ହୋଇ ରହି ପାରିଥା'ନ୍ତେ ଏବଂ ନୂତନ ଜନସମଷ୍ଟିଟି ମଧ୍ୟରେ ଆପଣାର ଜୀବନର ସ୍ୱକୀୟ ଜୀବନଟିକୁ କୌଣସି ପ୍ରକାରେ ହରାଇ ନ ଦେଇ ଅଧିକ ବୃହତ୍ ସ୍ୱତନ୍ତ୍ର ସମୂହଗୁଡ଼ିକର ସୃଷ୍ଟି କରି ପାରିବା ଲାଗି ଆପଣାକୁ ଅନୁରୂପ ଭାବରେ ବଦଳାଇ ଦେଇ ପାରିଥାନ୍ତେ, ତେବେ ଅପେକ୍ଷାକୃତ ଅଧିକ ସରଳତା ସହିତ ଅନେକ ସମସ୍ୟାର ସମାଧାନ ହୋଇ ପାରିଥା'ନ୍ତା, ଏକ ପ୍ରତ୍ୟକ୍ଷ ଦୃଷ୍ଟିସମର୍ଥତା ଏବଂ ପ୍ରକୃତି ପ୍ରତି ଏକ ସ୍ୱାଭାବିକ ସମ୍ବନ୍ଧିତତା ସହିତ ସେଗୁଡ଼ିକର ସମାଧାନ ହୋଇ ପାରିଥାନ୍ତା । ସେହି ସମସ୍ୟାଗୁଡ଼ିକୁ ଆମକୁ ବର୍ତ୍ତମାନ ଏକ ଅତ୍ୟନ୍ତ କ୍ଳେଶକର ଓ ଜଟିଳ ଭାବରେ ସମାଧାନ କରିବାକୁ ପଡୁଛି, ଏବଂ ସେହି ସମାଧାନମାନ କରିବାର ପଥରେ ଆମ ଲାଗି କେତେକେତେ ବୃହତ୍ ବିପଦ ଓ ବହୁବ୍ୟାପ୍ତ ଆଲୋଡ଼ନ ଏବଂ ଉଦ୍‌ବେଳନର ଆଶଙ୍କା ମଧ୍ୟ ଅନ୍ତର୍ନିହିତ ହୋଇ ରହିଛି । ମାତ୍ର ସେଭଳି ଏକ ସରଳ ସମାଧାନ ପ୍ରକୃତରେ ହେବାର ନ ଥିଲା । ପୁରାତନ କାଳର ସେହି ଜୀବନଟିରେ ଏପରି ଅନେକ ମୌଳିକ ଦୋଷ ଓ ଅଭାବ ରହିଥିଲା, ଯାହାର କି ସେହି କାଳ କୌଣସି ନିରାକରଣ କରିପାରି ନ ଥିଲା । ଭୂମଧ୍ୟସାଗରୀୟ ଜାତିଗୁଡ଼ିକ ବିଷୟରେ କହିବାକୁ ଗଲେ, ସମୁଦାୟର ସଂପୂର୍ଣ୍ଣ ପୌର ତଥା ସାଂସ୍କୃତିକ ଜୀବନରେ ସାଧାରଣତଃ ସକଳ ବ୍ୟକ୍ତିଙ୍କର ଭାଗ ନେଇ ପାରିବାର କ୍ଷେତ୍ରରେ ଆମକୁ ସେଠାରେ ଦୁଇଟି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବ୍ୟତିକ୍ରମକୁ ଅବଶ୍ୟ ସ୍ମରଣ

'oaob.nitrkl.ac.in' images reprocessed

ରଖିବାକୁ ପଡ଼ିବ । କାରଣ କ୍ରୀତଦାସ ଲାଗି ସେହି ଅଂଶଗ୍ରହଣର ଅଧିକାର ନିଷିଦ୍ଧ ହୋଇ ରହିଥିଲା ଏବଂ ନାରୀ ଲାଗି ଯେଉଁ ଅଳ୍ପପରିସର ଜୀବନଟିର ଅନୁଗ୍ରହ କରା ହୋଇଥିଲା, ସେଥିରେ ସେହି ଅଂଶଗ୍ରହଣ ପାଇଁ କ୍ୱଚିତ୍ ଆଦୌ କୌଣସି ସ୍ଥାନ ରହିଥିଲା । ଭାରତବର୍ଷରେ କ୍ରୀତଦାସପ୍ରଥା ବସ୍ତୁତଃ ଆଦୌ ପ୍ରଚଳିତ ନ ଥିଲା ଏବଂ ଗ୍ରୀସ୍ ଓ ରୋମ୍‌ର ତୁଳନାରେ ଏଠାରେ ପ୍ରଥମ ଅବସ୍ଥାରେ ନାରୀଲାଗି ଅପେକ୍ଷାକୃତ ଅଧିକ ସ୍ୱତନ୍ତ୍ର ଏବଂ ସମ୍ମାନାସ୍ପଦ ସ୍ଥାନ ଉପଲବ୍ଧ ହେଉଥିଲା ସତ, ମାତ୍ର କ୍ରୀତଦାସଙ୍କ ସ୍ଥାନରେ ଏଠାରେ ଏକ ସେବାକାରୀ ନିଃସ୍ୱ ବର୍ଗର ସୃଷ୍ଟି ଲାଗି ଆଦୌ ଅଧିକ ସମୟ ଲାଗିଲା ନାହିଁ । ଭାରତବର୍ଷରେ ଏହି ବର୍ଗଟିକୁ ଶୂଦ୍ର ବୋଲି କୁହାଯାଇଛି; ଏବଂ ସେହି ଶୂଦ୍ରକୁ ଏବଂ ନାରୀକୁ ସାର୍ବଜନୀନ ଜୀବନର ତଥା ସଂସ୍କୃତିର ସର୍ବୋଚ୍ଚ ଲାଭଗୁଡ଼ିକରୁ ବଞ୍ଚିତ କରି ରଖିବା ଲାଗି ଏକ ପ୍ରବୃତ୍ତି କ୍ରମଶଃ ବୃଦ୍ଧି ପାଇବା ଫଳରେ ଭାରତୀୟ ସମାଜ ପ୍ରକୃତରେ ତା'ର ପାଶ୍ଚାତ୍ୟ ସଜାତୀୟମାନଙ୍କର ସ୍ତରକୁ ଅବନତ ହୋଇ ଆସିଥିଲା । ଅବଶ୍ୟ ଏକଥା ମଧ୍ୟ ସମ୍ଭବ ଯେ, ଆର୍ଥିକ କ୍ଷେତ୍ରର ଦାସତ୍ୱ ଏବଂ ନାରୀର ଅଧୀନସ୍ଥତା, ଏହି ଦୁଇଟିଯାକ ବଡ଼ ସମସ୍ୟା ଉପରେ ବର୍ତ୍ତମାନ ଯୁଗରେ ଯେପରି ଆକ୍ରମଣ ଆରମ୍ଭ ହୋଇଛି, ପ୍ରଥମକାଳୀନ ଭାରତୀୟ ସମୁଦାୟଟି ଆହୁରି ଅଧିକ ଦିନ ଜୀବିତ ରହି ପାରିଥିଲେ ସେଥିରେ ସେହି ସମସ୍ୟାଗୁଡ଼ିକ ଉପରେ ହୁଏତ ସେହିଭଳି ଆକ୍ରମଣମାନ କରାଯାଇଥାନ୍ତା ଓ ସେଗୁଡ଼ିକର ସମାଧାନ ମଧ୍ୟ କରାଯାଇ ପାରିଥା'ନ୍ତା । ମାତ୍ର ତଥାପି ସେଥିରେ ଅନେକ ସନ୍ଦେହର ଅବକାଶ ରହିଛି; କେବଳ ରୋମ୍‌ରେହିଁ ଆମେ ପ୍ରାରମ୍ଭିକ ଏପରି କେତେକ ପ୍ରବୃତ୍ତି ରହିଥିବାର ଦେଖିବାକୁ ପାଇଥାଉ, ଯେଉଁଗୁଡ଼ିକ କି ସମ୍ଭବତଃ ସେହି ଦିଗରେ ଗତି କରି ପାରିଥାନ୍ତେ; ମାତ୍ର ଏକଥା ସତ ଯେ କେବଳ ଏକ ଭବିଷ୍ୟତ ସମ୍ଭାବନାର କେତେକ ଅତ୍ୟନ୍ତ ଅସ୍ପଷ୍ଟ ସୂଚନା ଦେବା ବ୍ୟତୀତ ସେଗୁଡ଼ିକ ମଧ୍ୟ ଅଧିକ ଦୂରଯାଏ ଆଦୌ ଅଗ୍ରସର ହୋଇ ପାରି ନ ଥିଲେ ।

ସମୁଦାୟ ଓ ସମୁଦାୟ ମଧ୍ୟରେ ପାରସ୍ପରିକ କିଭଳି ସଂପର୍କମାନ ରହିବା ଉଚିତ, ସେହି ପ୍ରଶ୍ନଟିର ସମାଧାନ କରିବାର କ୍ଷେତ୍ରରେ ସେହି ପ୍ରଥମ କାଳର ଏହି ମନୁଷ୍ୟସମାଜର ବିଫଳତା ପ୍ରକୃତରେ ଆହୁରି ମହତ୍ତ୍ୱପୂର୍ଣ୍ଣ ହୋଇ ରହିଥିଲା । ଯୁଦ୍ଧହିଁ ସେମାନଙ୍କ ମଧ୍ୟରେ ଏକ ସାଧାରଣ ଓ ସର୍ବସାମୟିକ ସମ୍ବନ୍ଧ ହୋଇ ରହିଥିଲା । ସେମାନଙ୍କୁ ନେଇ ଏକ ସ୍ୱତନ୍ତ୍ରତାଯୁକ୍ତ ସଂଘ ଗଢ଼ିବାର ସକଳ ଚେଷ୍ଟା ବିଫଳ ହୋଇ ଯାଇଥିଲା, ଏବଂ ସାମରିକ ବିଜୟ ବ୍ୟତୀତ ଗୋଟିଏ ରାଜ୍ୟର ଆଉଗୋଟିଏ ରାଜ୍ୟ ସହିତ ମିଶିବା ଲାଗି ଆଉ କୌଣସି ଉପାୟ ନ ଥିଲା । କ୍ଷୁଦ୍ର ସମୁଦାୟଟି ମଧ୍ୟରେ ରହିଥିବା ବେଳେହିଁ ସେତେବେଳେ ମନୁଷ୍ୟ ଆପଣାକୁ ସବୁଠାରୁ ଅଧିକ ପ୍ରାଣବନ୍ତ ବୋଲି ଅନୁଭବ କରୁଥିଲା,

'oaob.nitrkl.ac.in' images reprocessed

ମାତ୍ର ସେହି କ୍ଷୁଦ୍ର ସମୁଦାୟଟିର ମାୟା ତା'ଭିତରେ ଗୋଟାଏ ପ୍ରକାରର ମାନସିକ ତଥା ପ୍ରାଣିକ ସଂକୀର୍ଣ୍ଣତାକୁ ମଧ୍ୟ ଜନ୍ମଦେବାରେ ଲାଗିଥିଲା, ଏବଂ ବୃହତ୍ତର ପ୍ରୟୋଜନ ଏବଂ ପ୍ରବୃତ୍ତିଗୁଡ଼ିକ ଦ୍ୱାରା ପ୍ରେରିତ ହୋଇ ତତ୍କାଳୀନ ଦର୍ଶନ ତଥା ରାଜନୀତିକ ବିଚାର ଜୀବନର କ୍ଷେତ୍ରରେ ଯେଉଁ ନୂତନ ଏବଂ ପ୍ରଶସ୍ତତର ଭାବନା ଓ କଳ୍ପନାଗୁଡ଼ିକୁ ବହନ କରି ଆଣିଥିଲା, ସେହି ସଂକୀର୍ଣ୍ଣତା ଓ ସମସ୍ତଙ୍କଠାରୁ ଅଲଗା ହୋଇ ରହିବାର ଇଚ୍ଛା ଆପଣାକୁ ଏହି କଳ୍ପନା ଓ ଆଦର୍ଶଗୁଡ଼ିକ ସହିତ ଆଦୌ ଖାପ ଖୁଆଇ ପାରି ନ ଥିଲା । ତେଣୁ ସେହି ପୁରାତନ ରାଷ୍ଟ୍ରଗୁଡ଼ିକୁ ଭାଙ୍ଗିଯିବାକୁ ପଡ଼ିଲା, ଅନ୍ତର୍ହିତ ହୋଇଯିବାକୁ ପଡ଼ିଲା; ଭାରତବର୍ଷରେ ତାହା ଗୁପ୍ତ ଓ ମୌର୍ଯ୍ୟ ସାମ୍ରାଜ୍ୟର ପ୍ରକାଣ୍ଡ କର୍ମଚାରୀତନ୍ତ୍ରଗୁଡ଼ିକ ମଧ୍ୟରେ ଅନ୍ତର୍ହିତ ହୋଇଗଲା ଏବଂ ପରେ ପଠାଣ, ମୋଗଲ ଓ ଇଂରେଜମାନେ ସେଗୁଡ଼ିକୁ ପର୍ଯ୍ୟାୟକ୍ରମେ ଅଧିକାର କରି ଦେଇଥିଲେ । ଏବଂ ପାଶ୍ଚାତ୍ୟ ଭୂଖଣ୍ଡରେ ତାହା ଏପରି ନାନା ସାମରିକ ଏବଂ ବାଣିଜ୍ୟିକ ସଂପ୍ରସାରଣର ରୂପ ଧାରଣ କଲା, ଯାହାକି ଆଲେକ୍‌ଜାଣ୍ଡର, କାର୍ଥେଜ୍‌ର ସମ୍ଭ୍ରାନ୍ତତନ୍ତ୍ର ଏବଂ ରୋମ୍‌ର ସାଧାରଣତନ୍ତ୍ର ତଥା ସାମ୍ରାଜ୍ୟଟି ଦ୍ୱାରା ସମ୍ଭବ ଓ ସ୍ଥାପିତ ହୋଇ ପାରିଥିଲା । ଏହି ଶେଷୋକ୍ତ ପ୍ରକାରଗୁଡ଼ିକୁ ଆମେ ଗୋଟିଏ ଗୋଟିଏ ଜାତୀୟ ଏକତା ନ କହି ବିଭିନ୍ନ ଜାତିଙ୍କୁ ଏକାଠି କରି ଗଠିତ ହୋଇଥିବା ଏକତା ବୋଲିହିଁ କହିବା, ମନୁଷ୍ୟସମୁଦାୟକୁ ବଡ଼ ବଡ଼ ଏକତ୍ରୀକରଣ ମଧ୍ୟରେ ବାନ୍ଧି ରଖିବାର ଗୋଟିଏ ଗୋଟିଏ ଅକାଳକୃତ ଉଦ୍ୟମ ବୋଲିହିଁ କହିବା; ଏବଂ ଏକଥା ମଧ୍ୟ ସ୍ମରଣ ରଖିବା ଯେ ମଧ୍ୟବର୍ତ୍ତୀ ଜାତି-ଏକକଟି ସଂପୂର୍ଣ୍ଣ ଓ ସୁସ୍ଥ ଭାବରେ ବିକାଶଲାଭ କରି ନ ପାରିଥିବା ପର୍ଯ୍ୟନ୍ତ ଏହି ଏକତ୍ରୀକରଣଗୁଡ଼ିକୁ ଆଦୌ ସ୍ଥାୟୀ ଭାବରେ ହାସଲ କରାଯାଇ ପାରି ନ ଥିଲା ।

ତେଣୁ ରୋମ୍‌ସାମ୍ରାଜ୍ୟର ପତନ ଅନ୍ତେ ଯେଉଁ ହଜାରଟି ବର୍ଷ ଆସିଲା, ତାହା ସଂପୂର୍ଣ୍ଣ ଭାବରେ ଜାତୀୟ ସମୁଦାୟଟିର ସୃଷ୍ଟି ଲାଗିହିଁ ଉଦ୍ଦିଷ୍ଟ ହୋଇ ରହିଥିଲା । ଏବଂ ଆପଣାର ଏହି ସମସ୍ୟାଟିର ସମାଧାନ କରି ପାରିବା ଲାଗି ତତ୍କାଳୀନ ପୃଥିବୀକୁ ନଗର-ରାଷ୍ଟ୍ରଗୁଡ଼ିକରୁ ଉପଲବ୍ଧ ହୋଇଥିବା ମନୁଷ୍ୟଜାତିର ଅନେକଗୁଡ଼ିଏ ବା ବସ୍ତୁତଃ ଅଧିକାଂଶ ଲାଭକୁ ଛାଡ଼ିଦେଇ ଚାଲି ଆସିବାକୁ ପଡ଼ିଥିଲା । କେବଳ ଏହି ସମସ୍ୟାଟିର ସମାଧାନ ହୋଇ ସାରିବା ପରେ ଯାଇ କେବଳ ଦୃଢ଼ ଭାବରେ ସଂଗଠିତ ହୋଇଥିବା ଏକ ସାମୂହିକ ଜୀବନ ନୁହେଁ, ମାତ୍ର ଏକ ପ୍ରଗତିକାମୀ ତଥା ଅଧିକରୁ ଅଧିକ ପରିପୂର୍ଣ୍ଣ ରୂପେ ଗଠିତ ହୋଇ ପାରୁଥିବା ଏକ ସାମୂହିକ ଜୀବନର ବିକାଶ ଲାଗି ପ୍ରକୃତରେ କୌଣସି ଯଥାର୍ଥ ଉଦ୍ୟମ କରିବା ସମ୍ଭବ ହୋଇ ପାରିଲା, କେବଳ ସାମାଜିକ ଜୀବନର ଏକ ଦୃଢ଼ୀଭୂତ ଛାଞ୍ଚମାତ୍ର ନୁହେଁ, ମାତ୍ର ସେହି ଛାଞ୍ଚଟି ମଧ୍ୟରେ ସ୍ୱୟଂ ଜୀବନରହିଁ ଏକ ସ୍ୱାଧୀନ ଅଭିବୃଦ୍ଧି

'oaob.nitrkl.ac.in' images reprocessed

ଏବଂ ସଂପୂର୍ଣ୍ଣତା ଲାଗି ମଧ୍ୟ କୌଣସି ଯଥାର୍ଥ ଉଦ୍ୟମ କରିବା ସମ୍ଭବ ହୋଇପାରିଲା । ଆମେ ବର୍ତ୍ତମାନ ଏହି ବିବର୍ତ୍ତନଟିର ଏକ ସଂକ୍ଷିପ୍ତ ଅଧ୍ୟୟନ କରିବାକୁ ଚେଷ୍ଟା କରିବା; କୌଣସି ଏକ ବୃହତ୍ତର ସମୂହୀକରଣ ଦିଗରେ ନୂତନ କରି ଉଦ୍ୟମ କରାଗଲେ ତାହା ପୁନର୍ବାର ଏକ ପଶ୍ଚାତ୍‌ପଦକ୍ଷେପର ବିପଦରୁ ଆପଣାକୁ କେତେଦୂର ମୁକ୍ତ ରଖିପାରିବ, ସେକଥାଟିର ବିଚାର କରି ପାରିବା ପୂର୍ବରୁ ଆମେ ଏହି ବିବର୍ତ୍ତନଟିକୁ ଅଧ୍ୟୟନ କରି ଦେଖିବା । ଯେଉଁ ପଶ୍ଚାତ୍-ପଦକ୍ଷେପଟି ଫଳରେ, ଏକ ପ୍ରକାଣ୍ଡ ବାହ୍ୟ ଏକତାର ବିକାଶ ଓ ସ୍ଥାପନା ଦିଗରେହିଁ ସକଳ ଉଦ୍ୟମକୁ ଆଣି ସଂକେନ୍ଦ୍ରିତ କରି ରଖିବା ଲାଗି ସମୁଦାୟର ଅନ୍ତର୍ଗତ ପ୍ରଗତିଟିକୁ ଆମକୁ ଅନ୍ତତଃ କେତେ ସମୟ ସକାଶେ ସ୍ଥଗିତ ବା ପରିହୃତ କରି ରଖିବାକୁ ପଡ଼ିବ, ସମୂହୀକରଣର ଉଦ୍ୟମ ନିଜକୁ ତାହାରି ବିପଦଟିରୁ କେତେଦୂର ମୁକ୍ତ କରି ରଖିପାରିବ, ସେକଥା ବିଚାର କରିବା ପୂର୍ବରୁ ଆମେ ଉକ୍ତ ବିବର୍ତ୍ତନଟିକୁ କିଞ୍ଚିତ୍ ଅଧ୍ୟୟନ କରିବାକୁ ଚେଷ୍ଟା କରିବା ।

'oaob.nitrkl.ac.in' images reprocessed

## ଦ୍ୱାଦଶ ପରିଚ୍ଛେଦ

# ଜାତି-ପୂର୍ବ ସାମ୍ରାଜ୍ୟଗଠନର ପୁରାତନ ଚକ୍ର — ଜାତିଗଠନର ଆଧୁନିକ ଚକ୍ର

ଏକ ଯଥାର୍ଥ ଜାତୀୟ ଏକକର ଗଠନ ଯେ ମନୁଷ୍ୟସମାଜ ଲାଗି ଗୋଟିଏ ସମସ୍ୟା ହୋଇ ରହିଥିଲା ଏବଂ ପ୍ରାଚୀନ ଜଗତଟି ମଧ୍ୟଯୁଗୀୟ ଜଗତ ଲାଗି ଯେ ଏହି ସମସ୍ୟାଟିକୁ ଅସମାହିତ କରି ରଖି ଯାଇଥିଲା, ଆମେ ସେକଥାଟି ଦେଖିସାରିଛୁ । ପ୍ରାଚୀନ ପୃଥିବୀ ଜାତି, ନଗର-ରାଷ୍ଟ୍ର, ବଂଶ ଓ କ୍ଷୁଦ୍ର ଅଞ୍ଚଳୀୟ ରାଷ୍ଟ୍ରରୁହିଁ ଆରମ୍ଭ ହୋଇଥିଲା,— ଏଗୁଡ଼ିକ ସମସ୍ତେ ଗୋଟିଏ ଗୋଟିଏ ଅପ୍ରଧାନ ଏକକରୂପେ ସେଗୁଡ଼ିକର ସମରୂପ ଏପରି ଆଉକେତେକ ଏକକଗୁଡ଼ିକ ଦ୍ୱାରା ପରିବେଷ୍ଟିତ ହୋଇ ଅବସ୍ଥିତ ରହିଥିଲେ, ଯେଉଁଗୁଡ଼ିକ କି ସାଧାରଣ ପ୍ରରୂପରେ ସେଗୁଡ଼ିକର ସଦୃଶ ଥିଲେ, ସାଧାରଣତଃ ଭାଷାର କ୍ଷେତ୍ରରେ ମଧ୍ୟ ସଜାତୀୟ ହୋଇ ରହିଥିଲେ ଏବଂ ଅଧିକାଂଶ ସମୟରେ ଅର୍ଥାତ୍ ଅନେକ ଅଧିକ ପରିମାଣରେ ପ୍ରଜାତିଗତ କ୍ଷେତ୍ରରେ ମଧ୍ୟ ସଦୃଶ ହୋଇ ରହିଥିଲେ; ସେମାନେ ଏକ ସାଧାରଣ ସଭ୍ୟତା ଲାଗି ରହିଥିବା ସେମାନଙ୍କର ଏକ ପ୍ରବୃତ୍ତି ଦ୍ୱାରା ଅନ୍ତତଃ ମନୁଷ୍ୟସମୂହର ଅନ୍ୟ ଭାଗଗୁଡ଼ିକଠାରୁ ଆପଣାକୁ ପୃଥକ୍ ବୋଲି ସୂଚିତ କରି ରଖିଥିଲେ ଏବଂ ଅନୁକୂଳ ଭୌଗୋଳିକ ପରିବେଶ ଦ୍ୱାରା ପରସ୍ପର ସହିତ ରହିଥିବା ସେମାନଙ୍କର ସାଦୃଶ୍ୟର କ୍ଷେତ୍ରରେ ଓ ଅନ୍ୟମାନଙ୍କଠାରୁ ସେମାନଙ୍କର ବୈସାଦୃଶ୍ୟର କ୍ଷେତ୍ରରେ ମଧ୍ୟ ସୁରକ୍ଷିତ ହୋଇ ରହିଥିଲେ । ଏହିପରି ଭାବରେ, ଗ୍ରୀସ୍, ଇଟାଲୀ, ଗଲ୍, ମିଶର, ଚୀନ, ମେଡ଼ୋ-ପାରସ୍ୟ, ଭାରତବର୍ଷ, ଆରବ ଏବଂ ଇସ୍ରାଏଲ୍ ସମସ୍ତେ ଗୋଟିଏ ଗୋଟିଏ ବେଶ୍ ବନ୍ଧନରହିତ ସାଂସ୍କୃତିକ ତଥା ଭୌଗୋଳିକ ସମଷ୍ଟିରୂପେହିଁ ଜନ୍ମଲାଭ କରିଥିଲେ, ଯାହାଦ୍ୱାରା କି ଗୋଟିଏ ଗୋଟିଏ ଜାତି-ଏକକରେ ପରିଣତ ହୋଇପାରିବା ପୂର୍ବରୁ ସେମାନେ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଏବଂ ସୁଚିହ୍ନିତ ସଂସ୍କୃତି-ଏକକର ଆକାର ଧାରଣ କରିଥିଲେ । ସେହି ବନ୍ଧନରହିତ ଏକତ୍ୱଟି ମଧ୍ୟରେ ରହି ଜାତି, ବଂଶ, ନଗର ବା ଅଞ୍ଚଳୀୟ ରାଷ୍ଟ୍ର ଆପଣା ଆପଣାର ଅସ୍ପଷ୍ଟ ସମଷ୍ଟି ମଧ୍ୟରେ ସୁଚିହ୍ନିତ, ଶକ୍ତିଶାଳୀ ଏବଂ ସୁସଂବଦ୍ଧ ଏକତ୍ୱର ବେଶ୍ କେତେଗୁଡ଼ିଏ ବିନ୍ଦୁକୁ ସମ୍ଭବ କରିପାରିଥିଲେ, ଯେଉଁଗୁଡ଼ିକକି ବହିଃସ୍ଥ ପୃଥିବୀଟି ସହିତ ରହିଥିବା ସେମାନଙ୍କର ବୃହତ୍ତର ସାଂସ୍କୃତିକ ଏକତ୍ୱଟିର ଭିନ୍ନତା ଏବଂ ବିରୋଧଟିକୁ ବସ୍ତୁତଃ ଅଧିକରୁ ଅଧିକ ଶକ୍ତିଶାଳୀ ଭାବରେ ଅନୁଭବ କରିପାରୁଥିଲେ

'oaob.nitrkl.ac.in' images reprocessed

ସତ, ମାତ୍ର ତହିଁ ସଙ୍ଗେ ସଙ୍ଗେ ଆପଣାର ପରସ୍ପର ମଧ୍ୟରେ ରହିଥିବା ନାନା ଭିନ୍ନତା, ବିସଦୃଶତା ତଥା ବିରୋଧଗୁଡ଼ିକୁ ମଧ୍ୟ ଅନେକ ସମୟରେ ଅଧିକ ସ୍ପଷ୍ଟ ଏବଂ ଅଧିକ ତୀକ୍ଷ୍ଣ ଭାବରେ ଅନୁଭବ କରି ପାରୁଥିଲେ । ସ୍ଥାନୀୟ ଭିନ୍ନତାର ଏହି ବୋଧଟି ଯେଉଁଠି ସବୁଠାରୁ ଅଧିକ ତୀକ୍ଷ୍ଣ ହୋଇ ରହିଥିଲା, ସେଠାରେ ତାହାର ଏକ ଅନିବାର୍ଯ୍ୟ ପରିଣାମ ରୂପେ ଜାତୀୟ ଏକତ୍ରୀକରଣର ସମସ୍ୟାଟି ସ୍ପଷ୍ଟତଃ ଅଧିକ କଠିନ ହୋଇ ପଡୁଥିଲା ଏବଂ ଯେତେବେଳେ ସେହି ସମସ୍ୟାଟିର କୌଣସି ସମାଧାନ ବାହାର କରାଯାଉଥିଲା, ତାହା ସେତେବେଳେ ଅଧିକରୁ ଅଧିକ ଅବାସ୍ତବ ହୋଇ ରହିବାରହିଁ ପ୍ରବୃତ୍ତି ଦେଖାଯାଉଥିଲା ।

ଅଧିକାଂଶ କ୍ଷେତ୍ରରେହିଁ ଏହାର ଏକ ସମାଧାନ ଲାଗି ଚେଷ୍ଟା କରାଯାଉଥିଲା । ମିଶର ଏବଂ ଜୁଡ଼େଆରେ ଐତିହାସିକ ବିବର୍ତ୍ତନର ସେହି ପ୍ରାଚୀନ ଚକ୍ରଟି ମଧ୍ୟରେ ବି ସଫଳ ଭାବରେ ସେହି ସମାଧାନଟି ଉପଲବ୍ଧ ହୋଇଥିଲା; ମାତ୍ର ଶେଷୋକ୍ତ ଦୃଷ୍ଟାନ୍ତଟିରେ ଅତ୍ୟନ୍ତ ନିଶ୍ଚିତ ଭାବରେ ଏବଂ ପ୍ରଥମୋକ୍ତ ଦୃଷ୍ଟାନ୍ତଟିରେ ବୋଧହୁଏ ସେହି ସମାଧାନର ସଂପୂର୍ଣ୍ଣ ଫଳଟି କେବଳ ଏକ ବିଦେଶୀ ଶାସନର ଅଧୀନସ୍ଥ ହୋଇ ରହିବାର କଠୋର ଶୃଙ୍ଖଳା ଦ୍ୱାରାହିଁ ସମ୍ଭବ ହୋଇପାରିଲା । ଯେଉଁଠି ଏହି ଶୃଙ୍ଖଳାଟି ସମ୍ଭବ ହେଉ ନ ଥିଲା, ଅର୍ଥାତ୍ ଯେଉଁଠାରେ ଆପଣାର ଭିତରୁହିଁ କୌଣସି ନା କୌଣସି ପ୍ରକାରେ ଜାତି-ଏକତାଟିକୁ ହାସଲ କରାଯାଉଥିଲା,– ରୋମ୍, ମାସିଡୋନ୍ ଏବଂ ପାରସ୍ୟର ପର୍ବତୀୟ ବଂଶଗୁଡ଼ିକର କ୍ଷେତ୍ରରେ ଯେପରି ଘଟିଥିଲା, ସାଧାରଣତଃ କୌଣସି ଗୋଟିଏ ଶକ୍ତିଶାଳୀ ବଂଶ, ନଗର ବା ଅଞ୍ଚଳୀୟ ଏକକ ଅନ୍ୟ ସମସ୍ତଙ୍କ ଉପରେ ବିଜୟ ହାସଲ କରିବା ଦ୍ୱାରାହିଁ ଏହା ସମ୍ଭବ ହେଉଥିଲା,– ସେହି ନୂତନ ରାଷ୍ଟ୍ରଟି ଆପଣାର କୃତିଟିକୁ ଏକ ଦୃଢ଼ ଆଧାର ଯୋଗାଇଦେବା ଏବଂ ଜାତୀୟ ଏକତାର ଆପଣାର ଭିତ୍ତିଗୁଡ଼ିକୁ ଗଭୀର ଏବଂ ଦୃଢ଼ ରୂପେ ପ୍ରତିଷ୍ଠିତ କରି ରଖିବା ଲାଗି ଆଦୌ କୌଣସି ଅପେକ୍ଷା ନ କରି ଆପଣାର ତାତ୍କାଳିକ ପ୍ରୟୋଜନଟିକୁ ଅତିକ୍ରମ କରି ଯିବାକୁ ସଙ୍ଗେ ସଙ୍ଗେ ଅଗ୍ରସର ହୋଇ ଯାଉଥିଲା ଏବଂ ଅଧିକରୁ ଅଧିକ ଅଞ୍ଚଳକୁ ଜୟ କରିବାର ଅଭିଯାନରେ ବାହାରି ପଡୁଥିଲା । ଜାତୀୟ ଏକତାର ମନୋଭୂମିଗତ ଚେରଗୁଡ଼ିକ ଖୁବ୍ ଗଭୀରକୁ ଭେଦିବା ପୂର୍ବରୁ, ଜାତି ଦୃଢ଼ଭାବରେ ଆତ୍ମସଚେତନ ହୋଇ ପାରିବା ପୂର୍ବରୁ ଏବଂ ଅପ୍ରତିରୋଧ୍ୟ ଭାବରେ ଆପଣାର ଏକତ୍ୱଟିର ଅଧିକାରୀ ହୋଇ ପାରିବା ଓ ଅଜେୟ ଭାବରେ ତାହାକୁ ଧାରଣ କରି ରହିପାରିବା ପୂର୍ବରୁ ଶାସନକାରୀ ସରକାର ବା ରାଷ୍ଟ୍ର ତାହାକୁ ଏପର୍ଯ୍ୟନ୍ତ ଅଗ୍ରସର କରାଇ ଆଣିଥିବା ସାମରିକ ବେଗବୃତ୍ତିଟି ଦ୍ୱାରା ପ୍ରେରିତ ହୋଇ ଠିକ୍ ସେହିସବୁ ଉପାୟକୁ ଅବଲମ୍ବନ କରି ସଙ୍ଗେ ସଙ୍ଗେ ଏକ ବୃହତ୍ତର ସାମ୍ରାଜ୍ୟ-ସମଷ୍ଟିର ଗଠନ ଦିଗରେ ଚେଷ୍ଟିତ

'oaob.nitrkl.ac.in' images reprocessed

ହୋଇ ପଡ଼ିଥିଲା । ଅସିରିଆ, ମାସିଡ଼ୋନ୍, ରୋମ୍, ପାରସ୍ୟ ଓ ପରେ ଆରବ ସମସ୍ତେ ଏହି ପ୍ରବୃତ୍ତିଟିର ଅନୁସରଣ କରିଥିଲେ ଏବଂ ସେହି ଚକ୍ରଟି ଅନୁସାରେ ଗତି କରିଥିଲେ । ସମ୍ଭବତଃ ଠିକ୍ ସେହି ମାର୍ଗଟିର ଅନୁବର୍ତ୍ତୀ ହୋଇହିଁ ଗେଲିକ୍ ଜାତି ଇଉରୋପ ଓ ପଶ୍ଚିମ ଏସିଆ ଉପରେ ଆପଣାର ବୃହତ୍ ଆକ୍ରମଣଟିକୁ ଆରମ୍ଭ କରିଥିଲେ ଓ ପରବର୍ତ୍ତୀ କାଳରେ ସ୍ୱୟଂ ଗଲ୍ ଯେପରି ଏକତାଚ୍ୟୁତ ହୋଇ ଅଧୋଗତି ଲାଭ କରିଥିଲା, ସେଇଟି ମଧ୍ୟ ସେହି କାରଣରୁ ଘଟିଥିଲା ଏବଂ ମାସିଡୋନିଆ ଅପେକ୍ଷା ଏକ ତଥାପି ଅଧିକ ଅପରିପକ୍ୱ ଓ ଅସୁଗଠିତ ଏକତ୍ରୀକରଣରୁହିଁ ଏହାର ଜନ୍ମ ହୋଇଥିଲା । ଦୃଢ଼ ଭାବରେ ଗଠିତ ଗୋଟିଏ ଗୋଟିଏ ଜାତୀୟ ଏକତ୍ୱର ମୂଳ ପ୍ରତୀକ ରୂପେ ପ୍ରତିଷ୍ଠିତ ହୋଇ ପାରିବା ପୂର୍ବରୁ ଏମାନେ ସମସ୍ତେ ବୃହତ୍ ସାମ୍ରାଜ୍ୟ-ଆନ୍ଦୋଳନଗୁଡ଼ିକର ଜନକ ହେବାକୁ ଆରମ୍ଭ କରି ଦେଇଥିଲେ ।

ଏବଂ ସେହି କାରଣରୁହିଁ ଏହିସବୁ ସାମ୍ରାଜ୍ୟ ସ୍ଥାୟୀ ହୋଇ ରହି ପାରିଲେ ନାହିଁ । କେତେକ ଅନ୍ୟମାନଙ୍କଠାରୁ ଟିକିଏ ଅଧିକ ଦିନ ସ୍ଥାୟୀ ହୋଇପାରିଥିଲେ, କାରଣ ରୋମ୍ ଓ ଇତାଲୀରେ ଯେପରି ହୋଇଥିଲା, ସେମାନେ ଆପଣାର ସେହି ମୂଳ ଜାତୀୟ ଏକତାଟିର କ୍ଷେତ୍ରରେ ଦୃଢ଼ତର ଭିତ୍ତିମାନ ପ୍ରତିଷ୍ଠା କରିବାରେ ସମର୍ଥ ହୋଇପାରିଥିଲେ । ଗ୍ରୀସ୍‌ରେ, ସେହି ଦେଶର ପ୍ରଥମ ଏକତାକାରୀ ଫିଲିପ୍ ଯେଡ଼େ ଅପୂର୍ଣ୍ଣ ଭାବରେ ହେଲେ ମଧ୍ୟ ସତ୍ୱରତାର ସହିତ ଏକତ୍ରୀକରଣର ଯେଉଁ ରୂପରେଖଟି ସମ୍ଭବ କରି ପାରିଥିଲେ, ପୂର୍ବରୁ ଯେପରି ଶିଥିଳ ଭାବରେ ହେଲେ ମଧ୍ୟ ସ୍ପାର୍ଟା ଗ୍ରୀସ୍ ଉପରେ ଯେଉଁ ଅଧିକାର ବିସ୍ତାର କରି ରହିଥିଲା, କେବଳ ତାହାରି ଦ୍ୱାରାହିଁ ସେହି ସତ୍ୱରତାଟି ସମ୍ଭବ ହୋଇଥିଲା । ଏବଂ ତାଙ୍କ ଅନ୍ତେ ବ୍ୟାପକ କଳ୍ପନାପ୍ରବଣତା ଏବଂ ଅତ୍ୟୁତ୍କର୍ଷଯୁକ୍ତ ପ୍ରତିଭାବିଶିଷ୍ଟ ଜଣେ ବ୍ୟକ୍ତି ତାଙ୍କର ଉତ୍ତରାଧିକାରୀ ନ ହୋଇ ଯଦି ତାଙ୍କର ପରବର୍ତ୍ତୀ ଉତ୍ତରାଧିକାରୀମାନେ ଅପେକ୍ଷାକୃତ ଏକ ଧୈର୍ଯ୍ୟଶୀଳ ପ୍ରତିଭାର ହୋଇଥାନ୍ତେ, ତେବେ ପ୍ରଥମ ପର୍ଯ୍ୟାୟର ଏହି ଅଶୋଧିତ ଅଥଚ ବ୍ୟାବହାରିକ ବୁଦ୍ଧିଯୁକ୍ତ ରୂପରେଖଟି ହୁଏତ ଏକ ପୂର୍ଣ୍ଣତର କଳେବର ଲାଭ କରି ପାରିଥାନ୍ତା, ଶକ୍ତିଶାଳୀ ହୋଇ ପାରିଥାନ୍ତା ଏବଂ ତଦ୍ୱାରା ଏକ ସ୍ଥାୟୀ କାର୍ଯ୍ୟ ହାସଲ ହୋଇ ପାରିଥା'ନ୍ତା । ଯିଏ ପୁରୋଗାମୀ ହୋଇ ଏକ ବୃହତ୍ ବ୍ୟାପକତା ସହିତ ସତ୍ୱର ଭାବରେ କୌଣସି କିଛିର ପ୍ରତିଷ୍ଠା କରିଥାଏ, ଆପଣାର ପରବର୍ତ୍ତୀ ଉତ୍ତରାଧିକାରୀ ରୂପେ ଆହୁରି ଅଧିକ ସଂପ୍ରସାରଣର ଆକାଙ୍‌କ୍ଷା ରଖିଥିବା ଜଣେ ବ୍ୟକ୍ତି ଅପେକ୍ଷା ସେ ସଂଗଠନର ସାମର୍ଥ୍ୟ ବା ପ୍ରତିଭାକୁ ବହନ କରିଥିବା ଜଣେ ବ୍ୟକ୍ତିକୁ ଆବଶ୍ୟକ କରିଥାଏ । ଯେତେବେଳେ ଜଣେ ସିଜର୍‌ଙ୍କ ପରେ ଜଣେ ଅଗଷ୍ଟସ୍ ଉତ୍ତରାଧିକାରୀ ହୋଇ ଆସିଲେ, ସେତେବେଳେ ତଦ୍ୱାରା କେତେ ବୃହତ୍ ସ୍ଥାୟିତ୍ୱର କେଡ଼େ କେଡ଼େ କାର୍ଯ୍ୟ ସମ୍ଭବ ହୋଇ

'oaob.nitrkl.ac.in' images reprocessed

ପାରିଲା; ମାତ୍ର ଯେତେବେଳେ ଜଣେ ଫିଲିପ୍‌ଙ୍କ ପରେ ଜଣେ ଆଲେକ୍‌ଜାଣ୍ଡର୍ ଉତ୍ତରାଧିକାରୀ ହୋଇ ଆସିଲେ, ତଦ୍ୱାରା ତାହାର ପରିଣାମ ସ୍ୱରୂପ ପୃଥିବୀ ଲାଗି କେତେ ବୃହତ୍ ମହତ୍ତ୍ୱପୂର୍ଣ୍ଣତାର କେତେକେତେ କୃତି ସମ୍ଭବ ହେଲା ସତ, ମାତ୍ର ଏକ ଏକକ ଘଟଣାରୂପେ ତାହା କେବଳ ଏକ ଅଳ୍ପକ୍ଷଣସ୍ଥାୟୀ ପ୍ରତାପଶାଳିତାର ଚମତ୍କାର ମଧ୍ୟରେହିଁ ପର୍ଯ୍ୟବସିତ ହୋଇ ରହିଲା । ଇଟାଲୀକୁ ଦୃଢ଼ଭାବରେ ଏକତାବଦ୍ଧ କରି ସାରିବା ପର୍ଯ୍ୟନ୍ତ ଓ ଆପଣାର ସାମ୍ରାଜ୍ୟଟି ପାଇଁ ଏକ ଭୂମିର ସ୍ଥାପନା କରିନେବା ପର୍ଯ୍ୟନ୍ତ ସଦାସତର୍କ ପ୍ରକୃତି ତାହାକୁ ସେପରି କୌଣସି ପ୍ରଭାବଶାଳୀ ପ୍ରତିଭାଯୁକ୍ତ ବ୍ୟକ୍ତି ଆଦୌ ପ୍ରଦାନ କରି ନ ଥିଲା, ଏବଂ ସେହି କାରଣରୁହିଁ ରୋମ୍ ଅପେକ୍ଷାକୃତ ଅଧିକ ଦୃଢ଼ ଭାବରେ ଆପଣାକୁ ଗଢ଼ି ଠିଆ କରିବାକୁ ସମର୍ଥ ହୋଇଥିଲା । ତଥାପି, ସେହି ସାମ୍ରାଜ୍ୟଟିକୁ ରୋମ୍ ଏକ ବୃହତ୍ ଜାତିର କେନ୍ଦ୍ର ବା ପ୍ରମୁଖ ରୂପେ ଆଦୌ ପ୍ରତିଷ୍ଠା କରି ନ ଥିଲା; ମାତ୍ର କେବଳ ଗୋଟିଏ କର୍ତ୍ତୃତ୍ୱଶାଳୀ ନଗରୀରୂପେହିଁ ତାହାକୁ ଗଢ଼ିଥିଲା, ଯାହାକି ଏକ ଅଧୀନସ୍ଥ ଇଟାଲୀକୁ ଲମ୍ଫପ୍ରଦାନ କରିବାର ଏକ ପଟା ପରି ବ୍ୟବହାର କରି ଆପଣାର ଚତୁର୍ଦ୍ଦିଗରେ ରହିଥିବା ପୃଥିବୀଟିକୁ କରଗତ କରି ଆଣିବାକୁ ମନସ୍ଥ କରିଥିଲା । ତେଣୁ ତାକୁ ସ୍ୱାଙ୍ଗୀକରଣର ଏକ ଅଧିକ କଠିନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା; ଅର୍ଥାତ୍, ଏକ କ୍ଷୁଦ୍ରତର ଓ ସହଜତର ପରିସର ମଧ୍ୟରେ ସଂପୂର୍ଣ୍ଣ ଏବଂ ଅମିଶ୍ରିତ ଏକତ୍ୱୀକରଣର କଳାଟିକୁ ହାସଲ କରି ତାହାକୁ ନୂତନ ସମସ୍ୟାଟିର କ୍ଷେତ୍ରରେ ପ୍ରୟୋଗ କରିପାରିବା ପୂର୍ବରୁ ଏବଂ, ଆଗ ପରି କେବଳ ଏକ ରୋମାନ୍ ସମଷ୍ଟି ନୁହେଁ, ମାତ୍ର ଏକ ଜୀବନ୍ତ ଇଟାଲୀୟ ଜାତୀୟ ଅବୟବ ମଧ୍ୟରେ ପୁରାତନ ଇଟାଲୀରେ ରହିଥିବା ଗଲିକ୍, ଲାଟିନ୍, ଅମ୍ବ୍ରିଆନ୍, ଅସ୍କାନ୍ ଓ ଗ୍ରେକୋ-ଆପୁଲିଆନ୍ କାରଣଗୁଡ଼ିକ ଦ୍ୱାରା ଉପସ୍ଥାପିତ ହେଉଥିବା ନାନା ପାର୍ଥକ୍ୟ ଓ ଗୋଷ୍ଠୀଗତତାର ଉପାଦାନଗୁଡ଼ିକୁ ଏକତ୍ର ସମ୍ମିଳିତ କରି ଆଣିବା ପୂର୍ବରୁ ତାକୁ ଆପଣା ସଂସ୍କୃତିଠାରୁ ଭିନ୍ନ ସୁଗଠିତ ଅଥବା ଅପକ୍ୱ ନାନା ସଂସ୍କୃତିର ମଣ୍ଡଳଟିକୁ ନେଇ ଗୋଟିଏ ଜାତିରୂପେ ସ୍ୱାଙ୍ଗୀକୃତ କରିବାର ସମସ୍ୟାଟିର ସମ୍ମୁଖୀନ ହେବାକୁ ପଡ଼ିଥିଲା । ତେଣୁ, ରୋମ୍‌ସାମ୍ରାଜ୍ୟ ଏକାଧିକ ଶତାବ୍ଦୀ ପର୍ଯ୍ୟନ୍ତ ବଞ୍ଚି ରହି ପାରିଥିଲେ ମଧ୍ୟ ଏହା କେବଳ ଅସ୍ଥାୟୀ ଭାବରେହିଁ ଆପଣାକୁ ସଂରକ୍ଷିତ କରି ରଖିପାରିଲା, ମାତ୍ର ସେଥିଲାଗି ତାକୁ ଆପଣାର ଅନେକ ବଳ, ଅନେକ ପ୍ରାଣବନ୍ତତା ଏବଂ ଅନ୍ତର୍ଗତ ଶକ୍ତିମତ୍ତାକୁ ହରାଇବାକୁ ପଡ଼ିଥିଲା । ତାହା ଜାତି-ଏକକଟିକୁ ହାସଲ କରିପାରିଲା ନାହିଁ ବା ଏକ ସ୍ଥାୟୀ ସାମ୍ରାଜ୍ୟର ଏକତାଟିକୁ ମଧ୍ୟ ସମ୍ଭବ କରିପାରିଲା ନାହିଁ; ଏବଂ ପୁରାତନ କାଳର ଅନ୍ୟ ସାମ୍ରାଜ୍ୟଗୁଡ଼ିକ ପରି ତାହାକୁ ଶେଷରେ ଭୁଶୁଡ଼ି ପଡ଼ିବାକୁହିଁ ହୋଇଥିଲା ଏବଂ ଯଥାର୍ଥ ଜାତି-ଗଠନର ଏକ ନୂତନ ଯୁଗଲାଗି ବାଟ ଛାଡ଼ିଦେଇ ଅପସରି ଯିବାକୁ ପଡ଼ିଥିଲା ।

'oaob.nitrkl.ac.in' images reprocessed

ଏହି କ୍ଷେତ୍ରରେ ପ୍ରକୃତ ଭୁଲଟି କେଉଁଠାରେ ରହିଗଲା, ଏଠାରେ ତାହାକୁ ଯଥେଷ୍ଟ ଗୁରୁତ୍ୱ ଦେଇ ଦେଖାଇ ଦେବାର ଆବଶ୍ୟକତା ରହିଛି । କ୍ଷୁଦ୍ରତର ବା ବୃହତ୍ତର ଯେକୌଣସି ଆକାରର ହେଉ ପଛକେ, ବିବିଧ ପ୍ରକାର ସମୂହରେ ବାସ କରୁଥିବା ମନୁଷ୍ୟସମାଜର ପ୍ରଶାସନିକ, ରାଜନୀତିକ ତଥା ଅର୍ଥନୈତିକ ସଂଗଠନ ଏପରି ଗୋଟିଏ କାର୍ଯ୍ୟ, ଯାହାର ଆଧାରଟି ଜଡ଼ ପ୍ରକୃତିରେ ପ୍ରାଣିକ ସତ୍ତାଗୁଡ଼ିକର ସୃଜନର ସମସ୍ତରୀୟ ଏକ ବିଷୟ ହୋଇ ରହିଥାଏ । ଅର୍ଥାତ୍, ତାହା ମୂଳତଃ ଜୀବନ୍ତ ଆକୃତିଗୁଡ଼ିକର ସୃଜନ କରିବା ଲାଗି ଅଭିପ୍ରେତ ଭୌତିକ ପ୍ରାଣଶକ୍ତିର ନୀତିଗୁଡ଼ିକ ଦ୍ୱାରା ଶାସିତ ହେଉଥିବା ବାହ୍ୟ ତଥା ଭୌତିକ ପଦ୍ଧତିଗୁଡ଼ିକୁହିଁ କାର୍ଯ୍ୟରେ ଲଗାଇଥାଏ; ଏବଂ ତେଣେ ଅନ୍ୟ ପକ୍ଷରେ ପ୍ରାଣ ଏବଂ ଶରୀରର କ୍ରିୟାଧାରାଟି ପଶ୍ଚାତରେ ଅନ୍ତର୍ନିହିତ ହୋଇ ରହିଥିବା ଏକ ଅତିଭୌତିକ, ଏବଂ ମନୋଭୂମିଗତ ବିଧାନକୁ ବିତରିତ ଓ ଅଭିବ୍ୟକ୍ତ କରିଦେବା ଓ ତାହାକୁ ଏକ ଦୃଢ଼ କାର୍ଯ୍ୟକାରୀ ଅବସ୍ଥାକୁ ନେଇ ଆସିବାହିଁ ତାହାର ଅନ୍ତର୍ଗତ ଉଦ୍ଦେଶ୍ୟ ହୋଇ ରହିଥାଏ । ଏକ ସ୍ୱତନ୍ତ୍ର, ଶକ୍ତିଶାଳୀ, ସୁକେନ୍ଦ୍ରିତ ଓ ସୁବିସ୍ତୃତ ଅହଂ ଲାଗି ଏକ ଶକ୍ତିଶାଳୀ ଓ ସ୍ଥାୟୀ ଶରୀର ତଥା ପ୍ରାଣିକ କ୍ରିୟାଧାରାର ନିର୍ମାଣ କରିବାହିଁ ଏହାର ସମସ୍ତ ଉଦ୍ଦେଶ୍ୟ ଏବଂ ପଦ୍ଧତି ହୋଇ ରହିଥାଏ । ଆମେ ଯେପରି ଆଗରୁ ଦେଖିସାରିଛୁ, ଏହି ପ୍ରକ୍ରିୟାଟିରେ ସର୍ବପ୍ରଥମେ ଏକ ବୃହତ୍ତର ମୁକ୍ତ ଏକତ୍ୱ ମଧ୍ୟରେ କ୍ଷୁଦ୍ରତର ସ୍ୱତନ୍ତ୍ର ଏକକଗୁଡ଼ିକ କ୍ରମେ ନିର୍ମିତ ହୋଇ ଆସିଥାନ୍ତି; ଏଗୁଡ଼ିକର ଏକ ଶକ୍ତିଶାଳୀ ମନୋଭୂମିଗତ ଅସ୍ତିତ୍ୱ ରହିଥାଏ, ଏକ ସୁବିକଶିତ ଶରୀର ରହିଥାଏ ଏବଂ ପ୍ରାଣିକ କ୍ରିୟାଧାରା ମଧ୍ୟ ରହିଥାଏ । ମାତ୍ର ବୃହତ୍ତର ପିଣ୍ଡଟି ମଧ୍ୟରେ ମନୋଭୂମିଗତ ବୋଧ ଏବଂ ପ୍ରାଣିକ ଶକ୍ତିଟି କେବଳ ଅସଂଗଠିତ ଭାବରେହିଁ ଉପସ୍ଥିତ ରହିଥାଏ, ସେଥିରେ କୌଣସି ନିର୍ଦ୍ଦିଷ୍ଟ କ୍ରିୟାଶୀଳତାର ସାମର୍ଥ୍ୟ ନ ଥାଏ ଏବଂ ଶରୀରଟି ମଧ୍ୟ କେବଳ ଏକ ତରଳ ପରିମାଣାତ୍ମକ ସତ୍ତା ହୋଇ ରହିଥାଏ, ଅଥବା ଏକ ଅର୍ଦ୍ଧ-ଅସ୍ପଷ୍ଟ ବା ଖୁବ୍ ବେଶୀ ହେଲେ ଏକ ଅର୍ଦ୍ଧ-ତରଳ ଓ ଅର୍ଦ୍ଧ-ଘନୀଭୂତ ପିଣ୍ଡଟି ହୋଇ ରହିଥାଏ, ଏକ ଶରୀର ଅପେକ୍ଷା ଅଧିକ ପରିମାଣରେ ବରଂ ଏକ ପ୍ଲାଜମ୍ ବା ଜୈବ ପଦାର୍ଥ ହୋଇ ରହିଥାଏ । ଏହାକୁ ଆପଣାର ପରବର୍ତ୍ତୀ ପର୍ଯ୍ୟାୟରେ ଏକ ନିର୍ଦ୍ଦିଷ୍ଟ ଆକାର ନେବାକୁ ପଡ଼ିଥାଏ, ସଂଗଠିତ ହେବାକୁ ପଡ଼ିଥାଏ; ତା'ଲାଗି ଏକ ଦୃଢ଼ ଶାରୀର ଆକାର ତିଆରି ହେବାର ଆବଶ୍ୟକତା ଥାଏ, ଏକ ସୁନିରୂପିତ ପ୍ରାଣସ୍ତରୀୟ କ୍ରିୟାଧାରା ଏବଂ ଏକ ଅତିସ୍ପଷ୍ଟ ମନୋଭୂମିଗତ ବସ୍ତୁସ୍ଥିତି, ଏକ ଆତ୍ମଚେତନା ଏବଂ ମାନସ ଜୀବନ-ଇଚ୍ଛା ସମ୍ଭୂତ ହୋଇ ଆସିବାର ଆବଶ୍ୟକତା ରହିଥାଏ ।

ଏହିପରି ଭାବରେ ଗୋଟିଏ ନୂତନ ବୃହତ୍ ଏକତାର ସ୍ଥାପନା ହୋଇଯାଏ ଏବଂ ଏଇଟି ମଧ୍ୟ ଆପଣାକୁ ତା'ପରେ ସଦୃଶ ଆହୁରି ଅନେକ ଏକତା ମଧ୍ୟରେ ଅନ୍ତର୍ଭୁକ୍ତ

'oaob.nitrkl.ac.in' images reprocessed

ହୋଇ ରହିଥିବାର ଦେଖିବାକୁ ପାଇଥାଏ । ପ୍ରଥମେ ତାହା ସେଗୁଡ଼ିକୁ ଆପଣାଠାରୁ ସଂପୂର୍ଣ୍ଣ ଭିନ୍ନ ବୋଲି ଦେଖେ, ସେଗୁଡ଼ିକୁ ସତେଅବା ଶତ୍ରୁ ପରି ଦେଖୁଥାଏ ଏବଂ ତା'ପରେ ସେଗୁଡ଼ିକ ସହିତ ଏକପ୍ରକାର ସଭେଦ ସମ୍ମିଳନରେ ପ୍ରବିଷ୍ଟ ହୁଏ ଏବଂ ତା'ପରେ ଆମେ ପୁନର୍ବାର ଏକ ଅଧିକ ପ୍ରଶସ୍ତ ମୁକ୍ତ ଏକତ୍ୱ ମଧରେ କେତେଗୁଡ଼ିଏ କ୍ଷୁଦ୍ରତର ସ୍ୱତନ୍ତ୍ର ଏକକ ଆବିର୍ଭୂତ ହେବାର ସେହି ମୂଳ ଘଟଣାଟି ପୁନରାବୃତ୍ତ ହେବାର ଦେଖିବାକୁ ପାଇଥାଉ । ଅନ୍ତର୍ଭୁକ୍ତ ଏହି ଏକକଗୁଡ଼ିକ ଆଗ ଅପେକ୍ଷା ବୃହତ୍ତର ଓ ଜଟିଳତର ହୋଇ ରହିଥାନ୍ତି, ମାତ୍ର ସେଗୁଡ଼ିକର ଅସଲ ସ୍ଥିତିଟି ଠିକ୍ ସେହି ଆଗପରି ହୋଇ ରହିଥାଏ ଏବଂ ଠିକ୍ ସେହି ଆଗଭଳି ଗୋଟିଏ ସମସ୍ୟାହିଁ ସମାଧାନ ଲାଗି ଅପେକ୍ଷା କରି ରହିଥାଏ । ଏହିପରି ଭାବରେ ବିଚାର କରି ଦେଖିଲେ, ସର୍ବପ୍ରଥମେ ନଗର-ରାଷ୍ଟ୍ର ଏବଂ ଅଞ୍ଚଳୀୟ ଜାତିସମୂହ ଇତାଲୀ ବା ହେଲାସ୍ ଭଳି ଏକ ବନ୍ଧନରହିତ ଭୌଗୋଳିକ ଏବଂ ସଂସ୍କୃତିଗତ ଏକତ୍ୱର ଅସମ୍ମିଳିତ ଗୋଟିଏ ଗୋଟିଏ ଅଂଶରୂପେ ସହାବସ୍ଥିତ ହୋଇ ରହିଥିଲେ ଏବଂ ସେହି କ୍ଷେତ୍ରରେ ହେଲେନିକ୍ ବା ଇତାଲୀୟ ନେସନ୍ ବା ଜାତିଟିକୁ ତିଆରି କରିବାର ସମସ୍ୟାଟି ମହଜୁଦ ହୋଇ ରହିଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଏହାର ସ୍ଥାନରେ ଜାତି-ଏକକର ଘଟଣାଟି ଆସି ଆବିର୍ଭୂତ ହେଲା, ସେଗୁଡ଼ିକ କେଉଁଠି ଏକ ନିର୍ଦ୍ଦିଷ୍ଟ ଆକାର ଗ୍ରହଣ କରିସାରିଥିଲେ ତ ଆଉ କେଉଁଠି ସେହି ପ୍ରକ୍ରିୟାଟି ମଧଦେଇ ଗତି କରୁଥିଲେ ଏବଂ ସେହି ମୁକ୍ତ ଭୌଗୋଳିକ ତଥା ସଂସ୍କୃତିଗତ ଏକତାଟିର ଅସମ୍ମିଳିତ ଗୋଟିଏ ଗୋଟିଏ ଅଂଶରୂପେ ସହାବସ୍ଥିତ ହୋଇ ରହିଥିଲେ; ପ୍ରଥମେ ଖ୍ରୀଷ୍ଟିଆନ୍ ଜଗତର ଅଂଶ ହୋଇ ରହିଥିଲେ ଓ ତା'ପରେ ଇଉରୋପର ଅଂଶ ହୋଇ ରହିଲେ । ଏହି ଖ୍ରୀଷ୍ଟିଆନ୍ ଜଗତ ଅଥବା ଏହି ଇଉରୋପକୁ ଗୋଟିଏ ସମ୍ମିଳିତ ରୂପ ଦେଇ ପାରିବାକୁ ବ୍ୟକ୍ତିଗତ ଭାବରେ ଏକାଧିକ ରାଷ୍ଟ୍ରନୀତିଜ୍ଞ ତଥା ରାଜନୀତିର ବିଚାରକମାନେ କଳ୍ପନା କରିଥିଲେ ସତ, ମାତ୍ର ସେହି କଳ୍ପନା ବା ସମସ୍ୟାଟି କେବେହେଲେ ସମାହିତ ହୋଇପାରି ନ ଥିଲା ଏବଂ ଏପରିକି ସେହି ଦିଗରେ ପ୍ରଥମ ପଦକ୍ଷେପଗୁଡ଼ିକର ପ୍ରୟାସ ମଧ କରାଯାଇ ନ ଥିଲା । ଏହି କ୍ଷେତ୍ରରେ ରହିଥିବା ଅସୁବିଧାଗୁଡ଼ିକର କୌଣସି ସମାଧାନ କରାଯାଇ ପାରିବା ପୂର୍ବରୁ ଯେଉଁ ଆଧୁନିକ ଆନ୍ଦୋଳନଟି ଆସି ଜନ୍ମଲାଭ କରିଛି, ତାହାର ସମ୍ମିଳନକାରୀ ଶକ୍ତିଗୁଡ଼ିକ ଆମ୍ଭମାନଙ୍କ ସମକ୍ଷରେ କେତେଗୁଡ଼ିଏ ଜାତି-ଏକକ ଏବଂ ସାମ୍ରାଜ୍ୟ-ଏକକର ସେହି ନୂତନ ଓ ଅଧିକ ଜଟିଳ ଘଟଣାଟିକୁ ଆଣି ଉପସ୍ଥାପିତ କରିଦେଇଛି; ସେହି ଏକକଗୁଡ଼ିକ ଯେତେ ଶିଥିଳ ହେଲେ ମଧ ମନୁଷ୍ୟସମୂହର ସେହି ଜୀବନଗତ କ୍ରମବୃଦ୍ଧିଶୀଳ ପରସ୍ପର-ନିର୍ଭରଶୀଳତା ଏବଂ ବାଣିଜ୍ୟିକ ନିକଟ-ସମ୍ବନ୍ଧିତତା ମଧରେ ଅବସ୍ଥାପିତ ହୋଇ ରହିଛନ୍ତି ଏବଂ ଇଉରୋପକୁ ଗୋଟିଏ କରି ଗଢ଼ିବାର ସେହି

'oaob.nitrkl.ac.in' images reprocessed

ଅନୁପଲବ୍ଧ ସ୍ୱପ୍ନଟି ଉପରେ ସମଗ୍ର ମନୁଷ୍ୟଜାତିକୁ ଗୋଟିଏ କରି ଗଢ଼ିବାର ଉପସ୍ଥିତ ସମସ୍ୟାଟି ବର୍ତ୍ତମାନ ଆପଣାର ଛାୟା ବିସ୍ତାର କରି ଦେଖାଦେବାକୁ ଆରମ୍ଭ କଲାଣି ।

ଜଡ଼ ପ୍ରକୃତିର କ୍ଷେତ୍ରରେ ପ୍ରାଣିକ ଜୀବଗୁଡ଼ିକ କେବଳ ଆପଣା ଉପରେ ସଂପୂର୍ଣ୍ଣ ଭାବରେ ନିର୍ଭର କରି ଆଦୌ ବଞ୍ଚିପାରନ୍ତି ନାହିଁ । ସେମାନେ ଅନ୍ୟ ପ୍ରାଣିକ ଜୀବମାନଙ୍କ ସହିତ ପାରସ୍ପରିକ ଆଦାନପ୍ରଦାନର ଏକ ସମ୍ବନ୍ଧ ସ୍ଥାପନ କରି ଜୀବନ ଧାରଣ କରନ୍ତି, ଅର୍ଥାତ୍ ଆଂଶିକ ଭାବରେ ସେହି ପାରସ୍ପରିକ ଆଦାନପ୍ରଦାନ ଦ୍ୱାରା ବଞ୍ଚନ୍ତି ଓ ଆଂଶିକ ଭାବରେ ଅନ୍ୟମାନଙ୍କୁ ଆପଣାର ଗର୍ଭସାତ୍ କରି ବଞ୍ଚନ୍ତି । କାରଣ ବିଲଗ ହୋଇ ରହିଥିବା ଜଡ଼ସ୍ତରୀୟ ଜୀବନରେ ଏହିଗୁଡ଼ିକହିଁ ସ୍ୱାଙ୍ଗୀକରଣର ପ୍ରକ୍ରିୟା ହୋଇ ରହିଥାଏ । ମାତ୍ର ପ୍ରାଣସ୍ତରୀୟ ଏକତ୍ରୀକରଣର କ୍ଷେତ୍ରରେ ଅନ୍ୟ ପକ୍ଷରେ ଏପରି ଏକ ସ୍ୱାଙ୍ଗୀକରଣ ସମ୍ଭବ ହୋଇଥାଏ, ଯାହାକି ଗୋଟିଏ ଅପରକୁ ଗର୍ଭସାତ୍ କରିନେବାର ଅଥବା ଏକ ବିଚ୍ଛିନ୍ନ ସ୍ୱାତନ୍ତ୍ର୍ୟକୁ ବଜାୟ ରଖିବାର ଦୁଇ ବିପରୀତ ସମ୍ଭାବନାର ପରିସରଟିକୁ ଅତିକ୍ରମ କରି ଯାଇଥାଏ । ସମ୍ଭାବନାଦ୍ୱୟର ଏହି ପରିସରଟି ସ୍ୱାଙ୍ଗୀକରଣର ପ୍ରକ୍ରିୟାଟିକୁ ଗୋଟିଏ ଜୀବନ ଦ୍ୱାରା ଆଉ ଗୋଟିଏ ଜୀବନ ଉପରେ ଉଦ୍‌ଗୀର୍ଣ୍ଣ ଶକ୍ତିଗୁଡ଼ିକର କେବଳ ଏକ ପାରସ୍ପରିକ ଗ୍ରହଣ ମଧ୍ୟରେହିଁ ସୀମାବଦ୍ଧ ହୋଇ ରହିଥାଏ । ମାତ୍ର ପ୍ରାଣସ୍ତରୀୟ ଏକତ୍ରୀକରଣର ସ୍ତରକୁ ଆସି ଏପରି ଅନେକ ଏକକଙ୍କର ଏକ ସମ୍ମିଳନ ସମ୍ଭବ ହୋଇପାରେ, ଯେଉଁମାନେ କି ସଚେତନ ଭାବରେ ଆପଣାକୁ ଏକ ସାମୂହିକ ଏକତ୍ୱର ଅଧୀନ କରି ରଖନ୍ତି ଏବଂ ସେମାନଙ୍କର ଏକତ୍ର ସମ୍ମିଳନର କ୍ଷେତ୍ରରେ ହେଉଥିବା ପ୍ରକ୍ରିୟାଟି ଦ୍ୱାରାହିଁ ସେହି ଏକତାଟି ବିକଶିତ ହୋଇ ଆସିଥାଏ । ଅବଶ୍ୟ ଏକଥା ସତ ଯେ ଏଗୁଡ଼ିକ ମଧ୍ୟରୁ କେତୋଟି ଏକକ ନିହତ ହୋଇ ନୂତନ ଆହୁରି ଅନେକ ଉପାଦାନ ଲାଗି ସାମଗ୍ରୀରୂପେ ବ୍ୟବହୃତ ହୁଅନ୍ତି । ମାତ୍ର ସବୁଗୁଡ଼ିକ କଦାପି ଏହିଭଳି ଭାବରେ କାମରେ ଲାଗି ପାରନ୍ତି ନାହିଁ ବା ଅତ୍ୟନ୍ତ କର୍ତ୍ତୃତ୍ୱସଂପନ୍ନ  ଗୋଟିଏ ଏକକ କଦାପି ଅନ୍ୟ ସବୁଗୁଡ଼ିକୁ ଗର୍ଭସାତ୍ ମଧ୍ୟ କରିପାରେ ନାହିଁ । କାରଣ, ସେପରି ସ୍ଥଳରେ ଆଦୌ କୌଣସି ଏକତ୍ରୀକରଣ ହୋଇପାରେ ନାହିଁ, କୌଣସି ବୃହତ୍ତର ଏକତ୍ୱର ସୃଷ୍ଟି ହୋଇପାରେ ନାହିଁ, କୌଣସି ବୃହତ୍ତର ଜୀବନ ଅବିଚ୍ଛିନ୍ନ ହୋଇ ରହିପାରେ ନାହିଁ; ଗର୍ଭସାତ୍ ହୋଇଥିବା ଜୀବଟିକୁ ହଜମ କରି ଓ ତାହାର ଶକ୍ତିଟିକୁ ଆପଣାର କାମରେ ଲଗାଇ ଗର୍ଭସାତ୍ କରିଥିବା ଜୀବଟିହିଁ କେବଳ କେତେକ ସମୟ ଲାଗିହିଁ ବଞ୍ଚିବାକୁ ସମର୍ଥ ହୋଇଥାଏ । ତେଣୁ ମନୁଷ୍ୟର ଜୀବନସ୍ତରରେ ସମୂହଗୁଡ଼ିକର ଏକତ୍ରୀକରଣର କ୍ଷେତ୍ରରେ ବର୍ତ୍ତମାନ ଏହି ସମସ୍ୟାଟି ଆସି ଦଣ୍ଡାୟମାନ ହୋଇଥାଏ : ଅନ୍ତର୍ଗତ ଏକକଗୁଡ଼ିକୁ ଆମେ କିପରି ଭାବରେ ଏକ ନୂତନ ଏକତ୍ୱର ଅଧୀନ କରି ରଖିପାରିବା, ଯେପରିକି ସେହି ଏକକଗୁଡ଼ିକ

'oaob.nitrkl.ac.in' images reprocessed

କେବେହେଲେ ବିଲୁପ୍ତ ହୋଇ ଯିବେ ନାହିଁ ବା ଅନ୍ତର୍ହିତ ମଧ୍ୟ ହୋଇ ଯିବେ ନାହିଁ ।

ସାମରିକ ବିଜୟ ହାସଲ କରି ସାମ୍ରାଜ୍ୟ ଆକାରରେ ଯେଉଁସବୁ ଏକତାର ପ୍ରତିଷ୍ଠା କରାଯାଉଥିଲା, ସେଥିରେ ଏହି ଦୁର୍ବଳତାଟି ରହିଥିଲା ଯେ ସେଗୁଡ଼ିକ ସ୍ୱାଙ୍ଗୀକୃତ କ୍ଷୁଦ୍ରତର ଏକକଗୁଡ଼ିକୁ ନଷ୍ଟ କରିଦେବାର ଏକ ପ୍ରବୃତ୍ତି ଦ୍ୱାରାହିଁ ପ୍ରେରିତ ହେଉଥିଲେ ଏବଂ କର୍ତ୍ତୃତ୍ୱସମ୍ପନ୍ନ ପ୍ରଧାନାଙ୍ଗଟିର ଜୀବନଧାରଣ ପାଇଁ ସେଗୁଡ଼ିକୁ ଖାଦ୍ୟରୂପେ ବ୍ୟବହାର କରୁଥିଲେ । ରୋମ୍ ସାମ୍ରାଜ୍ୟ ଠିକ୍ ଏହିପରି କରିଥିଲା । ଏହିପରି ଭାବରେ ଗଲ୍, ସ୍ପେନ୍, ଆଫ୍ରିକା ଓ ମିଶରକୁ ମାରି ଦିଆ ଯାଇଥିଲା, ସେଗୁଡ଼ିକୁ ଜୀବନହୀନ ସାମଗ୍ରୀରେ ପରିଣତ କରି ଦିଆଯାଇଥିଲା ଏବଂ ସେଗୁଡ଼ିକର ଶକ୍ତିକୁ କେନ୍ଦ୍ରଲାଗି ଅର୍ଥାତ୍ ରୋମ୍‌ଲାଗି ଆକର୍ଷିତ କରି ଅଣା ଯାଇଥିଲା । ଏହିପରି ଭାବରେ ସମୁଦାୟ ସାମ୍ରାଜ୍ୟଟି କ୍ରମେ ଏକ ଅତିକାୟ ମୁମୂର୍ଷୁ ପିଣ୍ଡରେ ପରିଣତ ହେବାକୁ ଲାଗିଲା ଏବଂ ବେଶ୍ କେତୋଟି ଶତାବ୍ଦୀ ଲାଗି ରୋମ୍‌ର ଜୀବନ ଲାଗି ଆହାର ରୂପେ ବ୍ୟବହୃତ ହୋଇଥିଲା । ଅବଶ୍ୟ ଏହିପରି ଏକ ପଦ୍ଧତିରେ ଅଧୀନସ୍ଥ ଅଙ୍ଗଗୁଡ଼ିକରେ ଜୀବନର କ୍ଷୟ ହେବା କ୍ରମଶଃ ବନ୍ଦ ହୋଇଆସେ ଏବଂ ତା'ପରେ କର୍ତ୍ତୃତ୍ୱଶାଳୀ ପେଟୁ କେନ୍ଦ୍ର-ଏକକଟି ଲାଗି ଶକ୍ତିର ନୂତନ ସଞ୍ଚୟନ ସକାଶେ ଆଉ କୌଣସି ବାଟ ରହେ ନାହିଁ । ପ୍ରଥମ ପର୍ଯ୍ୟାୟରେ ବିଜିତ ପ୍ରଦେଶଗୁଡ଼ିକର ସର୍ବୋତ୍ତମ ବୁଦ୍ଧିଶକ୍ତି ରୋମ୍ ଆଡ଼କୁହିଁ ଧାବମାନ ହେବାକୁ ଲାଗିଥିଲା ଏବଂ ସେଗୁଡ଼ିକର ପ୍ରାଣସ୍ତରୀୟ ବଳବତ୍ତା ରୋମ ମଧ୍ୟକୁ ସମରଶକ୍ତି ଏବଂ ଶାସନଗତ ସମାର୍ଥ୍ୟର ଏକ ବିପୁଳପରିମାଣ ଭଣ୍ଡାରକୁ ଆଣି ଅଜାଡ଼ି ଦେଇଥିଲା । ମାତ୍ର ପରିଶେଷରେ ଦୁଇଟିଯାକହିଁ ବିଫଳ ହୋଇଥିଲେ ଏବଂ ସର୍ବପ୍ରଥମେ ରୋମ୍‌ର ବୁଦ୍ଧିଶକ୍ତି ଓ ତା'ପରେ ତାହାର ସାମରିକ ତଥା ରାଜନୀତିକ ସାମର୍ଥ୍ୟ ଏକ ସମଗ୍ର ମୃତ୍ୟୁର ଆବହ ମଧ୍ୟରେ ପଡ଼ି, ବିଲୁପ୍ତ ହୋଇ ଯାଇଥିଲେ । ଏବଂ ପ୍ରାଚ୍ୟ ଭୂଖଣ୍ଡରୁ ରୋମ୍ ସଭ୍ୟତା ଯେଉଁସବୁ ନୂତନ ବିଚାର ଓ ନୂତନ ଲକ୍ଷ୍ୟଗୁଡ଼ିକୁ ଗ୍ରହଣ କରିବାର ସୁଯୋଗ ଲାଭ କରିଥିଲା, ସେପରି ଘଟି ନ ଥିଲେ ତାହା ଯେତିକି କାଳ ବଞ୍ଚିଲା, ସେତିକି କାଳ ମଧ୍ୟ ହୁଏତ ବଞ୍ଚି ରହିପାରି ନ ଥାନ୍ତା । ଆମ ଆଧୁନିକ ପୃଥିବୀରେ ଜୀବନଗତ ବିଚାର ଏବଂ ଲକ୍ଷ୍ୟଗୁଡ଼ିକର ଚିରନୂତନ ସ୍ରୋତଗୁଡ଼ିକ ଯେପରି ସ୍ପଷ୍ଟ ଏବଂ ଅବିଚ୍ଛିନ୍ନ ଭାବରେ ପ୍ରବେଗ ତଥା ପ୍ରତ୍ୟାବର୍ତ୍ତନ କରୁଥିବାର ପରିଲକ୍ଷିତ ହୋଇଥାଏ, ରୋମ୍ ସାମ୍ରାଜ୍ୟର କ୍ଷେତ୍ରରେ ସେହି ପାରସ୍ପରିକ ଆଦାନପ୍ରଦାନ ଅବଶ୍ୟ ଆଦୌ ସେପରି ସ୍ପଷ୍ଟ ନ ଥିଲା, ଅବିଚ୍ଛିନ୍ନ ମଧ୍ୟ ନ ଥିଲା । ଏବଂ ତେଣୁ ତାହା ପ୍ରକୃତରେ ରୋମ୍ ସାମ୍ରାଜ୍ୟର ପ୍ରାଣଶରୀରଟିକୁ ଆଦୌ କୌଣସି ପ୍ରକାରେ ପୁନର୍ଜୀବିତ କରିପାରି ନ ଥିଲା ବା ତାହାର ଅବକ୍ଷୟୀ ପ୍ରକ୍ରିୟାଟିକୁ ଖୁବ୍ ଅଧିକ କାଳ ଲାଗି ରୋକି ରଖିପାରି ନ ଥିଲା । ତେଣୁ ରୋମ୍‌ର କର୍ତ୍ତୃତ୍ୱଟି କ୍ରମଶଃ ଶିଥିଳ ହୋଇ ଆସିବା ସଙ୍ଗେ ସଙ୍ଗେ ତାହା

'oaob.nitrkl.ac.in' images reprocessed

ଏକଦା ଏପରି ଦୃଢ଼ ଭାବରେ କଷିକରି ଆପଣା ଆୟତ୍ତରେ ରଖିଥିବା ପୃଥିବୀଟି ମଧ୍ୟ କ୍ରମେ ଅନେକ କାଳ ଧରି ଏକ ବିରାଟ, ଆଡ଼ମ୍ବରମୟ ଏବଂ କେଡ଼େ ପ୍ରତାପର ସହିତ ସଂଗଠିତ ହୋଇ ରହିଥିବା କେବଳ ଏକ ଜୀବନ-ରୂପଧାରୀ ମୃତ୍ୟୁରେ ପର୍ଯ୍ୟବସିତ ହୋଇ ରହିଲା ଏବଂ ତାହା ଆଉ କୌଣସି ନୂତନ ସଂଗଠନ ଲାଗି ବା ଆତ୍ମ-ପୁନରୁଜ୍ଜୀବନ ଲାଗି ମଧ୍ୟ ସମର୍ଥ ହୋଇପାରିଲା ନାହିଁ। ଯେତେବେଳେ ଜର୍ମାନୀର ସମତଳ ଅଞ୍ଚଳରୁ ଶକ୍ତିମନ୍ତ ବର୍ବରମାନେ ରୋମ୍ ଭିତରକୁ ମାଡ଼ି ଆସିଲେ, ଡାନିଉବ୍ ନଦୀର ସେପାଖରେ ରହିଥିବା ଚାରଣଭୂମିଗୁଡ଼ିକରୁ ଏବଂ ଆରବର ମରୁଭୂମିଗୁଡ଼ିକରୁ ବର୍ବରମାନେ ରୋମ୍ ଭିତରକୁ ପଶି ଆସିଲେ, ସେତେବେଳେ କେବଳ ତାହାରି ଦ୍ୱାରାହିଁ ପ୍ରାଣଶକ୍ତିର ପୁନଃସଞ୍ଚାର ସମ୍ଭବ ହେଲା।

ଜାତି-ଗଠନର ମଧ୍ୟଯୁଗୀୟପର୍ଯ୍ୟାୟରେ ପ୍ରକୃତି ଯେ ତା'ର ପୂର୍ବକୃତ ଭୁଲଟିକୁ ସୁଧାରି ନେବାକୁ ପ୍ରୟାସ କରୁଥିଲା, ଆମେ ସେକଥାଟି ବେଶ୍ ଦେଖିବାକୁ ପାଇବା। ବସ୍ତୁତଃ, ଯେତେବେଳେ ଆମେ ଏଠାରେ ପ୍ରକୃତିର ଭୁଲଗୁଡ଼ିକ ବିଷୟରେ କହୁଛୁ, ସେତେବେଳେ ଆମେ ଏପରି ଗୋଟିଏ ଚିତ୍ରର ବ୍ୟବହାର କରୁଛୁ, ଯାହାକୁ କି ଆମେ ଅନ୍ୟାୟୋଚିତ ଭାବରେ ଆମ ମାନବୀୟ ମନସ୍ତତ୍ତ୍ୱ ଏବଂ ଅନୁଭୂତିଟି ମଧ୍ୟରୁ ଉଧାର କରି ନେଇ ଆସିଛୁ। କାରଣ ପ୍ରକୃତିର କ୍ଷେତ୍ରରେ ପ୍ରକୃତରେ ଭୁଲ୍ ବୋଲି ଆଦୌ କିଛି ନ ଥାଏ; ମାତ୍ର ପ୍ରକୃତି ଯେତେବେଳେ ଯାହାକିଛି ପଦକ୍ଷେପ ଗ୍ରହଣ କରୁଥାଏ, ତାହାକୁ ସେ କେବଳ ଜାଣିଶୁଣି ଗ୍ରହଣ କରେ, ମାପିଚୁପି ଗ୍ରହଣ କରେ, ଏକ ପୂର୍ବଯୋଜିତ ଛନ୍ଦ ଅନୁସାରେ ସେହି ପଦକ୍ଷେପଗୁଡ଼ିକୁ ସେ ଚିହ୍ନିତ ଏବଂ ପୁନଃଚିହ୍ନିତ କରିବାରେ ଲାଗିଥାଏ; ସେଥିରେ ପ୍ରତ୍ୟେକଟି ପଦକ୍ଷେପର ଅବଶ୍ୟ ଏକ ଅର୍ଥ ରହିଥାଏ ଏବଂ ପ୍ରକୃତିର କ୍ରମାଗ୍ରଗତିର ଯାବତୀୟ କ୍ରିୟା ଓ ପ୍ରତିକ୍ରିୟା ମଧ୍ୟରେ ସେଗୁଡ଼ିକର ଏକ ସ୍ୱକୀୟ ସ୍ଥାନ ମଧ୍ୟ ରହିଥାଏ। ରୋମ୍ ସାମ୍ରାଜ୍ୟର ଏକରୂପତାଟି ଯେପରି କର୍ତ୍ତୃତ୍ୱଶାଳିତା ସହକାରେ ସବୁକିଛି ବୈଚିତ୍ର୍ୟକୁ ପେଷି ଚୂନା କରି ଦେବାକୁ ବାହାରିଥିଲା, ତଦ୍ଦ୍ୱାରା ତାହା ପୂର୍ବତନ କ୍ଷୁଦ୍ରତର ଏକକଗୁଡ଼ିକର ଅତିରିକ୍ତ ବିଚ୍ଛିନ୍ନତାଧର୍ମୀ ପ୍ରାଣଶକ୍ତିଟିକୁ କେବଳ ନିରୁତ୍ସାହିତ କରିବା ଲାଗିହିଁ ପ୍ରୟାସ କରୁଥିଲା, ସେହି ଏକକଗୁଡ଼ିକୁ ସ୍ଥାୟୀଭାବରେ ସଂହାର କରି ପକାଇବା କଦାପି ସେହି ପ୍ରକ୍ରିୟାଟିର ଉଦ୍ଦେଶ୍ୟ ନ ଥିଲା। ଏପରି ନିରୁତ୍ସାହିତ କରିବା ପଛରେ ଏହି ଅଭିପ୍ରାୟଟି ରହିଥିଲା ଯେ, ଯେତେବେଳେ ସେଗୁଡ଼ିକ ପୁନର୍ଜୀବିତ ହୋଇ ଉଠିବାକୁ ଆରମ୍ଭ କରିବେ, ସେତେବେଳେ ସେମାନେ ଯଥାର୍ଥ ଜାତୀୟ ଏକତାର ବିକାଶପଥରେ ଆଦୌ କୌଣସି ଅଲଂଘନୀୟ ପ୍ରତିବନ୍ଧକ ଆଣି ଉପସ୍ଥାପିତ କରି ଦେବେ ନାହିଁ। ଏହି ନିର୍ମମ ଶୃଙ୍ଖଳାଟିର ମଧ୍ୟଦେଇ ଅତିକ୍ରମ ନ କଲେ କେବଳ ଜାତି-ଏକତାଟିକୁ

'oaob.nitrkl.ac.in' images reprocessed

ହୁଏତ କ'ଣସବୁ ହରାଇବାକୁ ପଡ଼ିବ,— ଆସିରୀୟ ଏବଂ ଖାଲ୍‌ଡୀୟ ସାମ୍ରାଜ୍ୟର ଉଦାହରଣଗୁଡ଼ିକରେ ଯେପରି ଘଟିଲା, ଏହା ପ୍ରକୃତ ବିଲୋପର ଯେଉଁ ବିପଦଟିକୁ ବହନ କରି ଆଣିଥାଏ ଏବଂ ସେଇଟିକୁ ଏଡ଼ିଦେଇ ପାରିବା ଦ୍ୱାରା ଯେଉଁ ଆଧ୍ୟାତ୍ମିକ ତଥା ଅନ୍ୟାନ୍ୟ ଲାଭ ଉପଲବ୍ଧ ହୋଇଥାଏ, ଏଠାରେ ଆମେ ସେଗୁଡ଼ିକର ଆଲୋଚନା କରିବା ନାହିଁ;— ସେହି କଥାଟିକୁ ଆମେ ଭାରତବର୍ଷର ଦୃଷ୍ଟାନ୍ତଟି ମଧ୍ୟରେ ଦେଖିବାକୁ ପାଇଥାଉ, ଯେଉଁଠାରେ କି ମୌର୍ଯ୍ୟ, ଗୁପ୍ତ, ଆନ୍ଧ୍ର ଓ ମୋଗଲ ସାମ୍ରାଜ୍ୟଗୁଡ଼ିକ ଯେତେବେଶୀ ପ୍ରକାଣ୍ଡ, ଶକ୍ତିସଂପନ୍ନ ଓ ସୁସଂଗଠିତ ହୋଇ ରହିଥିଲେ ମଧ୍ୟ ଗ୍ରାମାଞ୍ଚଳସ୍ଥ ଗୋଷ୍ଠୀଜୀବନରୁ ଆରମ୍ଭ କରି ଅଞ୍ଚଳୀୟ ବା ଭାଷାଗତ କ୍ଷେତ୍ରଗୁଡ଼ିକରେ ରହିଥିବା ଅଧସ୍ତନ ଏକତାଗୁଡ଼ିକର ଅତ୍ୟନ୍ତ ପରିମାଣରେ ଶକ୍ତିଶାଳୀ ଜୀବନ ଉପରେ ଏକ ବାଷ୍ପଚାଳିତ ରୋଲର୍‌କୁ ନେଇ ମଡ଼ାଇ ଦେବାରେ କେବେହେଲେ ସଫଳ ହୋଇପାରି ନ ଥିଲେ । ଏକ ଅପେକ୍ଷାକୃତ ଅଧିକ ବନ୍ଧନରହିତ ସାମ୍ରାଜ୍ୟବାଦ ଦୁଇ ହଜାର ବର୍ଷ ପ୍ରୟାସ କରି ଯାହା ହାସଲ କରିପାରି ନ ଥିଲା, ସେହି କାର୍ଯ୍ୟଟିକୁ ଗୋଟିଏ ଶତାବ୍ଦୀ ମଧ୍ୟରେ ସାଧନ କରି ପାରିବାକୁ ତାହା ଏପରି ଏକ ଶାସନର ଚାପର ଦରକାର କଲା, ଯାହାକି ଏହି ମାଟିରୁ ଆଦୌ ନିଷ୍ପନ୍ନ ହୋଇ ଆସି ନାହିଁ ଓ ଏଠାରେ ଯାହାର କୌଣସି କେନ୍ଦ୍ର ମଧ୍ୟ ନାହିଁ; ଅର୍ଥାତ୍‌, ତାହା ଏପରି ଏକ ବିଦେଶାଗତ ଜାତିର ଆଧିପତ୍ୟକୁ ଆବଶ୍ୟକ କଲା, ଯାହାକି ଭାରତୀୟ ସଂସ୍କୃତି ଲାଗି ଏକାବେଳକେ ଅନ୍ୟଦେଶୀୟ ହୋଇ ରହିଥିଲା ଏବଂ ଭାରତୀୟ ସାଂସ୍କୃତିକ ପରିବେଶଟିର ଯାବତୀୟ ସଂବେଦନ ତଥା ଆକର୍ଷଣ ବିରୋଧରେ ଧର୍ମତଃ ଅସ୍ତ୍ର-ଉତ୍ତୋଳନ କରି ଦଣ୍ଡାୟମାନ ରହିଥିଲା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହିଭଳି ଗୋଟିଏ ପ୍ରକ୍ରିୟା କହିଲେ ପ୍ରକୃତରେ ଏକ ନିର୍ମମ ଓ ଅନେକ ସମୟରେ ଏକ ବିପଜ୍ଜନକ ଚାପକୁହିଁ ବୁଝାଇଥାଏ, ଏହାଦ୍ୱାରା ପୁରାତନ ଅନୁଷ୍ଠାନ ଓ ସଂସ୍ଥାଗୁଡ଼ିକ ପ୍ରକୃତରେ ଖଣ୍ଡଖଣ୍ଡ ହୋଇ ଭାଙ୍ଗି ପଡ଼ିଥାଏ; କାରଣ ଏକ ଦୀର୍ଘକାଳବ୍ୟାପୀ ପ୍ରତିରୋଧର ଅନମନୀୟ ଅଚଳତା ଦ୍ୱାରା ବିରକ୍ତ ଓ ପରିଶ୍ରାନ୍ତ ହୋଇ ପ୍ରକୃତି ଆପଣାର ସର୍ବପ୍ରଧାନ ଲକ୍ଷ୍ୟଟିକୁହିଁ ହାସଲ କରିବାରେ ଲାଗିଯାଏ, ଏହାଦ୍ୱାରା ପ୍ରକୃତରେ କେତୋଟି ସୁନ୍ଦର ଏବଂ ମୂଲ୍ୟବାନ୍ ବସ୍ତୁ ନଷ୍ଟ ହୋଇଯାଉଛି, ଅସଲ ଲକ୍ଷ୍ୟଟି ହାସଲ ହେବା ପର୍ଯ୍ୟନ୍ତ ସିଏ ସେଦିଗରେ ଆଦୌ କୌଣସି ଧ୍ୟାନ ଦେଉଥିବା ପରି ମନେହୁଏ ନାହିଁ । ମାତ୍ର ଆମେ ଏହି ବିଷୟରେ ବେଶ୍ ନିଶ୍ଚିତ ହୋଇ ରହିପାରିବା ଯେ ଏହି କ୍ଷେତ୍ରରେ ଯଦି କୌଣସି ଧ୍ୱଂସ ପ୍ରକୃତରେ ଘଟିଲା, ଅସଲ ଉଦ୍ଦେଶ୍ୟଟିର ସାଧନ ଲାଗି ସେହି ଧ୍ୱଂସଟି ଅପରିହାର୍ଯ୍ୟ ହୋଇ ଉଠିବାରୁହିଁ ତାହା ଘଟିବାକୁ ବାଧ୍ୟ ହେଲା ।

ରୋମାନ୍ ସାମ୍ରାଜ୍ୟର ଚାପଟି ଅପସାରିତ ହୋଇଯିବା ପରେ, ଇଉରୋପରେ

'oaob.nitrkl.ac.in' images reprocessed

ଏକ ନୂତନ ରଚନାର ନାନା ଉପାଦାନ ରୂପେ ନଗର-ରାଷ୍ଟ୍ର ଏବଂ ଅଞ୍ଚଳୀୟ ଜାତିର ଏକକଗୁଡ଼ିକ ପୁଣି ଉଜ୍ଜୀବିତ ହୋଇ ଉଠିଥିଲେ । ମାତ୍ର କେବଳ ଗୋଟିଏ ଦେଶ ବ୍ୟତୀତ ଏବଂ ଆହୁରି ବିଚିତ୍ର କଥା ଯେ କେବଳ ଇତାଲୀ ବ୍ୟତୀତ ନଗର-ରାଷ୍ଟ୍ର ଜାତୀୟ ଏକତ୍ରୀକରଣର ପ୍ରକ୍ରିୟାଟିରେ ଆଦୌ କୌଣସି ପ୍ରକୃତ ପ୍ରତିରୋଧ ଆଣି ଉପସ୍ଥାପିତ କରି ନ ଥିଲା । ସମ୍ଭବତଃ ଦୁଇଟି ପରିସ୍ଥିତିର କାରଣରୁ ଇତାଲୀରେ ଏହି ଶକ୍ତିଶାଳୀ ପୁନରୁଜ୍ଜୀବନଟି ଘଟି ପାରିଥିଲା; ପ୍ରଥମତଃ, ଇତାଲୀର ସେହି ପ୍ରାଚୀନ କାଳର ମୁକ୍ତ ନଗରଜୀବନ ଆପଣାର ଅନ୍ତର୍ନିହିତ ସମ୍ଭାବନାଗୁଡ଼ିକୁ ସଂପୂର୍ଣ୍ଣ ଭାବରେ ଉପଲବ୍ଧି କରି ପାରିବା ପୂର୍ବରୁହିଁ ରୋମାନ୍ ସାମ୍ରାଜ୍ୟ ଅକାଳରେ ତାହାକୁ ଦମନ କରି ପକାଇବା ଲାଗି ବାହାରିଥିଲା; ଏବଂ ଦ୍ୱିତୀୟତଃ, ସ୍ୱୟଂ ରୋମ୍‌ର ବହୁକାଳସ୍ଥାୟୀ ନାଗରିକ ଜୀବନଟି ଫଳରେ ଏବଂ ଇତାଲୀୟ ମ୍ୟୁନିସିପିଆ ମଧ୍ୟରେ ସ୍ୱତନ୍ତ୍ର ଜୀବନଯାପନର ଏକ ବୋଧ ଆଦୌ ଲୁପ୍ତ ନ ହୋଇ ବଞ୍ଚି ରହିଥିବା ଫଳରେ ତାହା ତଥାପି ବୀଜରୂପରେ ଅବସ୍ଥିତ ରହିଥିଲା । ସେହି ବୋଧଟିକୁ ପ୍ରକୃତରେ କେତେକେତେ ଦମନର ସମ୍ମୁଖୀନ ହେବାକୁ ପଡ଼ିଥିଲା; ମାତ୍ର, ଗଲ୍ ଏବଂ ସ୍ପେନ୍‌ର ସ୍ୱତନ୍ତ୍ର କୁଳ-ଜୀବନଟି ବା ଗ୍ରୀସ୍‌ର ସ୍ୱତନ୍ତ୍ର ନଗର-ଜୀବନଟି ଯେପରି ସେହିଭଳି ଏକ ଦମନ ଫଳରେ ପେଷି ହୋଇ ଆପଣାର ଅସ୍ତିତ୍ୱକୁ ହରାଇ ବସିଥିଲା, ଏହି ବୋଧଟି କଦାପି ସେପରି ଭାବରେ ନିଶ୍ଶେଷିତ ହୋଇ ବିଲୁପ୍ତ ହୋଇଯାଇ ନ ଥିଲା । ଏହିପରି ଭାବରେ, ଏକ ମନୋଭୂମିଗତ ଦୃଷ୍ଟିରୁ ବିଚାର କଲେ, ଇତାଲୀୟ ନଗର-ରାଷ୍ଟ୍ରଟି କଦାପି ପୂର୍ଣ୍ଣତୃପ୍ତ ଅଥବା ପୂର୍ଣ୍ଣକାମ ହୋଇ ବିଲୟ ଲଭି ନ ଥିଲା ବା ତାହା ଆଦୌ ଏପରି ଭାବରେ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଯାଇ ନ ଥିଲା ଯେ ତାହାର ପୁନରୁଜ୍ଜୀବନ ଲାଗି ଆଦୌ କୌଣସି ସମ୍ଭାବନା ନ ଥିଲା । ତେଣୁ ନୂତନ ନାନାବିଧ ରୂପରେ ତାହାର ପୁନରାବିର୍ଭାବ ହୋଇଥିଲା । ଏବଂ ଏହି ପୁନରୁଜ୍ଜୀବନଟି ଇତାଲୀର ଜାତି-ଜୀବନ ସକାଶେ ପ୍ରକୃତରେ ଅନର୍ଥକାରୀ ବୋଲି ପ୍ରମାଣିତ ହୋଇଥିଲା, ମାତ୍ର ଏକଥା ମଧ୍ୟ ସତ ଯେ ପୃଥିବୀର ସଂସ୍କୃତି ଏବଂ ସଭ୍ୟତା ସକାଶେ ତାହା ଏକ ଅକଳନୀୟ ବରଦାନ ଏବଂ ସୁଯୋଗ ରୂପେ ମଧ୍ୟ ଆବିର୍ଭୂତ ହୋଇଥିଲା । କାରଣ, ଗ୍ରୀସ୍‌ର ନଗର-ଜୀବନଟି ମଧ୍ୟରେ ଯେପରି ଗ୍ରେକୋ-ରୋମାନ୍ ଜଗତର କଳା, ସାହିତ୍ୟ, ଦର୍ଶନ ଏବଂ ବିଜ୍ଞାନର ସର୍ବପ୍ରଥମ ସୃଜନ ଘଟିଥିଲା, ଠିକ୍ ସେହିପରି ଇତାଲୀର ଏହି ନଗର-ଜୀବନ ତାହାର ପୁନରୁଦ୍ଧାର କରି ଆଣିଥିଲା, ତାହାକୁ ନୂତନ ଜୀବନ ପ୍ରଦାନ କରିଥିଲା ଏବଂ ଏକ ନୂତନ ଆକାରରେ ତାହାକୁ ଆମ ଆଧୁନିକ ଯୁଗର ହାତରେ ଆଣି ସମର୍ପଣ କରି ଦେଇଥିଲା । ଅନ୍ୟତ୍ର, ଅର୍ଥାତ୍ ମଧ୍ୟଯୁଗୀୟ ଫ୍ରାନ୍ସ, ଫ୍ଲାଣ୍ଡର୍ସ୍ ଏବଂ ଜର୍ମାନୀରେ କେବଳ କେତୋଟି ସ୍ୱତନ୍ତ୍ର ବା ଅର୍ଦ୍ଧସ୍ୱତନ୍ତ୍ର ମ୍ୟୁନିସିପାଲିଟିର ଆକାରରେହିଁ ଏହି ନଗର-

'oaob.nitrkl.ac.in' images reprocessed

ଏକକର ପୁନରାବିର୍ଭାବ ଘଟିଥିଲା । ଏବଂ ଏଗୁଡ଼ିକ ଏକତ୍ରୀକରଣର ଦିଗରେ କେବେହେଲେ କୌଣସି ବାଧା ସୃଷ୍ଟି କରି ନ ଥିଲେ, ସେମାନେ ବରଂ ଏଥିଲାଗି ଏକ ଅବଚେତନ ଭୂମି ତିଆରି କରିଦେବାରେହିଁ ସହାୟକ ପରି କାର୍ଯ୍ୟ କରିଥିଲେ ଏବଂ ଯୁଗପତ୍ ଭାବରେ, ଆପଣାର ନାନା ବିଭବମୟ ଆବେଗ ତଥା ବିଚାର ଓ କଳାର ବନ୍ଧନମୁକ୍ତ ସଞ୍ଚରଣ ଦ୍ୱାରା ବୁଦ୍ଧିଗତ ଏକରୂପତା, ନିଷ୍କ୍ରିୟତା ଓ ତମସାଚ୍ଛନ୍ନତାର ସେହି ମଧ୍ୟଯୁଗର ପ୍ରବୃତ୍ତିଟିକୁ ଅଟକାଇ ରଖିବାରେ ମଧ ସାହାଯ୍ୟ କରିଥିଲେ ।

ରୋମାନ୍ ଚାପର କ୍ଷେତ୍ରଟି ମଧକୁ ଆସି ନ ଥିବା ଆୟର୍ଲାଣ୍ଡ୍ ଓ ଉତ୍ତର ସ୍କଟ୍‌ଲାଣ୍ଡ ପ୍ରଭୃତି କେତୋଟି ଦେଶକୁ ଛାଡ଼ିଦେଲେ ପୁରୁଣା କୁଳ ବା ବଂଶ ଉପରେ ଆଧାରିତ ସେହି ଜାତୀୟ ଗଠନଟି କ୍ରମେ କ୍ଷୟପ୍ରାପ୍ତ ହୋଇ ବିଦାୟ ନେଇଥିଲା ଏବଂ ସେହିସବୁ ଦେଶରେ ତାହା ଏକତ୍ରୀକରଣ ଲାଗି ଇତାଲୀର ନଗର-ରାଷ୍ଟ୍ର ପରି ସମାନ ଭାବରେ ଘାତକ ଭଳି କାର୍ଯ୍ୟ କରିଥିଲା । ତାହା ଆୟର୍ଲାଣ୍ଡ୍‌କୁ ଏକ ସଂଗଠିତ ଏକତ୍ୱରୂପେ ବିକଶିତ ହୋଇ ଆସିବାରେ ଅନ୍ତରାୟ ହୋଇ ରହିଥିଲା ଏବଂ ପର୍ବତୀୟ ସେଲ୍‌ଟମାନଙ୍କୁ ମଧ ଅନେକ ଦିନ ପର୍ଯ୍ୟନ୍ତ ଆଙ୍ଗ୍ଲୋ-ସେଲ୍‌ଟିକ୍ ସ୍କଟ୍ ଜାତି ସହିତ ଏକତ୍ର ହୋଇ ମିଶିଯିବାକୁ ଦେଇ ନ ଥିଲା । ଶେଷରେ ଇଂଲଣ୍ଡ ଆସି ସେମାନଙ୍କ ଉପରେ ଆପଣାର ଅଧିକାର ବିସ୍ତାର କଲା, ଏବଂ ଆପଣାର ରାଜ୍ୟବିସ୍ତାରରେ ଗ୍ରାମ୍ପିଆନ୍ ପର୍ବତମାଳା ଓ ଆଇରିଶ୍ ସାଗରାଞ୍ଚଳଟି ଦ୍ୱାରା ବାଧାପ୍ରାପ୍ତ ହୋଇ ନ ଥିଲେ ରୋମାନ୍ ଶାସନ ଯାହାସବୁ କରିଥାନ୍ତା, ଇଂଲଣ୍ଡ ସେଠାରେ ଠିକ୍ ସେହିସବୁ କଥା କରିବାକୁ ଲାଗିଲା । ପଶ୍ଚିମ ଇଉରୋପର ଅବଶିଷ୍ଟ ଭାଗଟିରେ ରୋମାନ୍ ଶାସନ ଦ୍ୱାରା ସମ୍ପାଦିତ କାର୍ଯ୍ୟଟି ଏପରି ଦୃଢ଼ଭିତ୍ତି ହୋଇ ରହିଥିଲା ଯେ ଜର୍ମାନୀର ଜନଜାତିଗୁଡ଼ିକ ପଶ୍ଚିମାଞ୍ଚଳର ଦେଶଗୁଡ଼ିକୁ ଆପଣାର କର୍ତ୍ତୃତ୍ୱାଧୀନ କରି ରଖିଥିଲେ ମଧ ତଦ୍ୱାରା ସେହି ପୁରାତନ, ଦୃଢ଼ଚିହ୍ନିତ ଏବଂ ଅନମନୀୟ ଭାବରେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହିବାକୁ ଇଚ୍ଛା କରୁଥିବା ବଂଶାଧାରିତ ଜାତିଟିର ଆଦୌ କୌଣସି ପୁନରାବିର୍ଭାବ ଘଟି ନ ଥିଲା । ତତ୍‌ପରିବର୍ତ୍ତେ ତାହା ଜର୍ମାନୀର ଅଞ୍ଚଳୀୟ ରାଜ୍ୟଗୁଡ଼ିକର ସୃଷ୍ଟି କରିଥିଲା, ଫ୍ରାନ୍ସ ଓ ସ୍ପେନ୍‌ର ସାମନ୍ତୀୟ ତଥା ପ୍ରଦେଶୀୟ ବିଭାଜନଗୁଡ଼ିକୁ ମଧ ସୃଷ୍ଟି କରି ଦେଇଥିଲା । ମାତ୍ର କେବଳ ଜର୍ମାନରେ, ଆୟର୍ଲାଣ୍ଡ ଏବଂ ପର୍ବତୀୟ ସ୍କଟ୍‌ଲାଣ୍ଡ୍ ଭଳି ଯେଉଁଠି ରୋମାନ୍ ଆଧିପତ୍ୟକୁ ବହନ କରିବାକୁ ପଡ଼ି ନ ଥିଲା, ଏହି ଅଞ୍ଚଳୀୟ ଜୀବନ ଏକତ୍ରୀକରଣର ମାର୍ଗରେ ପ୍ରକୃତରେ ଏକ ଘୋର ପ୍ରତିବନ୍ଧକ ସୃଷ୍ଟି କରିଥିଲା । ଫ୍ରାନ୍‌ସରେ ଏହାଦ୍ୱାରା ଏକତ୍ରୀକରଣଟି ହୁଏତ ବେଶ୍ କିଛି କାଳ ସକାଶେ ଅଟକି ରହିଯିବ ବୋଲି ବୋଧ ହୋଇଥିଲା; ମାତ୍ର, ବସ୍ତୁତଃ, ପରିଶେଷରେ ଫରାସୀ ଏକତ୍ୱଟି ମଧରେ ବିଭବ ଏବଂ ବୈଚିତ୍ର୍ୟର ଏକ ଅନ୍ୟତମ ଉପାଦାନ ଭାବରେ

'oaob.nitrkl.ac.in' images reprocessed

ଆପଣାକୁ ଏକ ମୂଲ୍ୟବାନ୍ ଏକକରୂପେ ବିକଶିତ କରିବା ଲାଗି ଯେତିକି ସମୟ ଆବଶ୍ୟକ ହେଲା, କେବଳ ସେତିକି ସମୟ ଲାଗିହିଁ ଆପଣାର ପ୍ରତିରୋଧଟିକୁ ବ୍ୟକ୍ତ କରିଥିଲା । ଏକତାର ଏହି ପଟାନ୍ତରହୀନ ପରିପୂର୍ଣ୍ଣତାକୁ ଆମେ ସେହି ପ୍ରଚ୍ଛନ୍ନ ପ୍ରଜ୍ଞାସମ୍ପନ୍ନତାରହିଁ ଏକ ନିଦର୍ଶନ ବୋଲି କହିବା, ଯାହାକି ଫରାସୀ ଇତିହାସରେ ଆମର ଦୃଷ୍ଟିଗୋଚର ହେଉଥିବା ଦୀର୍ଘ ପ୍ରକ୍ରିୟାଟି ମଧ୍ୟରେ ଲୁକ୍କାୟିତ ହୋଇ ରହିଆସିଛି । ଏବଂ କେବଳ ଉପରୁ ଉପରଠାଉରିଆ ଭାବରେ ଦୃଷ୍ଟିପାତ କରୁଥିବା ଲୋକକୁ ସେହି ଇତିହାସ ହୁଏତ ସର୍ବଦା ବଡ଼ ଦୟନୀୟ ଏବଂ ବିକର୍ଷକ ବୋଲି ବୋଧ ହେବ, ଏପର୍ଯ୍ୟନ୍ତ ସେଠାରେ କେବଳ ଅରାଜକତା ଏବଂ ସାମନ୍ତବାଦୀ ଅଥବା ରାଜତନ୍ତ୍ରଗତ ସ୍ବେଚ୍ଛାଚାରିତା ମଧ୍ୟରେ ସତେଅବା ଏକ ଅଦଳବଦଳ ହୋଇ ଆସିଛି ବୋଲି ମନେହେବ; ଇଂଲଣ୍ଡର ଜାତୀୟ ଜୀବନର ଧୀର, ସ୍ଥାୟୀ ଏବଂ ଅନେକ ଅଧିକ ସୁସଂଗଠିତ ବିକାଶଠାରୁ ତାହା ପ୍ରକୃତରେ ଅତ୍ୟନ୍ତ ଅନ୍ୟ ପ୍ରକାରର ବୋଲିହିଁ ମନେହେବ । ମାତ୍ର ଇଂଲଣ୍ଡରେ ସେହି ଆବଶ୍ୟକ ବୈଚିତ୍ର୍ୟ ତଥା ବିଭବମୟତାକୁ ବହନ କରି ପରିଶେଷରେ ଯେଉଁ ରଚନାଟି ସମ୍ଭବ ହେଲା, ତାହାପଛରେ ବରଂ ଅନ୍ୟ ଏକ କାରଣ ରହିଥିଲା; ସେଠାରେ ନୂତନ ଜାତିଟିକୁ ଗଠନ କରିଥିବା ଜନଜାତିଗୁଡ଼ିକ ମଧ୍ୟରେ ଯେଉଁ ବୃହତ୍ ପାର୍ଥକ୍ୟଟି ରହିଥିଲା ଓ ବୃହତ୍ତର ଏକତାଟି ମଧ୍ୟରେ ଏକ ଅଂଶ ହୋଇ ରହିଥିବା ସେମାନଙ୍କର ନିଜର ଏକ ସ୍ଵକୀୟ ଆତ୍ମଚେତନା ସହିତ ୱେଲ୍ସ୍, ଆୟର୍ଲାଣ୍ଡ୍ ଓ ସ୍କଟ୍‌ଲାଣ୍ଡ୍ ଯେପରି ଅଖଣ୍ଡ ଭାବରେ ପୃଥକ୍ ପୃଥକ୍ ସାଂସ୍କୃତିକ ଏକକରୂପେ ତିଷ୍ଠି ରହିପାରିଲେ, ସେହିଗୁଡ଼ିକ ସକାଶେହିଁ ତାହା ସମ୍ଭବ ହୋଇଥିଲା ।

ଏହିପରି ଭାବରେ ଆମେ ଦେଖିବାକୁ ପାଇବା ଯେ ଜାତି-ଗଠନର ଇଉରୋପୀୟ ଚକ୍ରଟି ସହିତ ତାହାର ସେହି ପ୍ରାଚୀନ ଚକ୍ରଟିର ଅବଶ୍ୟ ଏକ ପାର୍ଥକ୍ୟ ରହିଛି । ପ୍ରାଚୀନ ଚକ୍ରଟି ଅଞ୍ଚଳୀୟ ଏବଂ ନଗର-ରାଷ୍ଟ୍ରର ସ୍ତରରୁ ସାମ୍ରାଜ୍ୟର ସ୍ତରକୁ ବିକଶିତ ହୋଇ ଆସିଥିଲା । ଜାତିଗଠନର ଇଉରୋପୀୟ ଚକ୍ରଟି ପ୍ରଥମତଃ ଆବଶ୍ୟକ ମଧ୍ୟବର୍ତ୍ତୀ ସମୂହଟିକୁ ଅବହେଳିତ କରି ରଖି ଆପଣାକୁ କଦାପି ଏକ ବୃହତ୍ତର ଏକତ୍ରୀକରଣ ଆଡ଼କୁ ଧାବିତ କରି ନେଇ ନ ଥିଲା; ଦ୍ଵିତୀୟତଃ, ତିନୋଟି ଆନୁକ୍ରମିକ ପର୍ଯ୍ୟାୟରେ ତାହା ଅତ୍ୟନ୍ତ ଧୀର ଭାବରେ କ୍ରମପରିପକ୍ଵତା ଲାଭ କରି ଅଗ୍ରସର ହୋଇଥିଲା, ଯାହାଫଳରେ କି ଅଭିଳଷିତ ଏକତାଟି ଅବଶ୍ୟ ହାସଲ ହୋଇଥିଲା, ମାତ୍ର ତାହାକୁ ଏକ ସମଗ୍ର ରୂପ ଦେଇ ଗଠନ କରିଥିବା ଅଙ୍ଗସ୍ଵରୂପ ଉପାଦାନଗୁଡ଼ିକୁ ସେଥିଲାଗି ଆଦୌ କୌଣସି ପ୍ରକାରେ ହତ୍ୟା କରିବାକୁ ପଡ଼ି ନ ଥିଲା ବା ଏକତ୍ରୀକରଣର ସାଧନଗୁଡ଼ିକ ଦ୍ଵାରା ସେଗୁଡ଼ିକ କେବେହେଲେ ଅକାଳରେ ବା ଅନୁଚିତ ଭାବରେ କୌଣସି ଧର୍ଷଣର ସମ୍ମୁଖୀନ ହୋଇ

'oaob.nitrkl.ac.in' images reprocessed

ନ ଥିଲେ । ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ରାତିଗ ଏବଂ କେନ୍ଦ୍ରାନୁଗ ପ୍ରବୃତ୍ତିଗୁଡ଼ିକ ମଧ୍ୟରେ ଦୀର୍ଘକାଳ ଧରି ଏକ ଭାରସାମ୍ୟ ରକ୍ଷା କରିବାକୁ ଚେଷ୍ଟା କରାଯାଇଥିଲା ଏବଂ ତଦ୍ଦ୍ୱାରା ସାମନ୍ତବାଦୀ ବ୍ୟାବସ୍ଥାଟି ସେହି ପ୍ରକ୍ରିୟାଟିକୁ ଶୃଙ୍ଖଳା ଏବଂ ଯେତେ ବନ୍ଧନରହିତ ହୋଇଥିଲେ ମଧ୍ୟ ତଥାପି ଏକ ସୁଘଟିତ ଏକତାର ଏକ ସିଦ୍ଧାନ୍ତ ଆଣି ଯୋଗାଇ ଦେଇଥିଲା । ଦ୍ୱିତୀୟ ପର୍ଯ୍ୟାୟଟିକୁ ଏକତ୍ରୀକରଣ ଏବଂ କ୍ରମବୃଦ୍ଧିଶୀଳ ଏକରୂପତାର ଏକ ଆନ୍ଦୋଳନ ବୋଲି କୁହାଯାଇପାରିବ, ଯାହାମଧ୍ୟରେ କି ରୋମ୍‌ର ସେହି ପ୍ରାଚୀନ ସାମ୍ରାଜ୍ୟ-ବ୍ୟବସ୍ଥାର କେତୋଟି ବିଷୟର ଏକ ପୁନରାବୃତ୍ତି ହୋଇଥିଲା, ମାତ୍ର ତାହା ରୋମ୍‌ସାମ୍ରାଜ୍ୟର ଦୃଷ୍ଟାନ୍ତଟି ପରି ସେତେଦୂର ଶକ୍ତିଶାଳୀ ଭାବରେ ସବୁକିଛିକୁ କଦାପି ଦଳିଦେବାକୁ ଆସି ନ ଥିଲା ଅଥବା ତାହା ମଧ୍ୟରେ ନିଃଶକ୍ତ କରି ଦେଇଯିବା ଭଳି ସେପରି କୌଣସି ପ୍ରବୃତ୍ତି ମଧ୍ୟ ନ ଥିଲା । ପ୍ରଥମେ ଆମେ ଏଥିରେ ଏକ ମହାନଗରୀୟ କେନ୍ଦ୍ର କ୍ରମଶଃ ଗଠିତ ହୋଇ ଆସିଥିବାର ଲକ୍ଷ୍ୟ କରିପାରିବା, ଯାହାକି ରୋମ୍ ସଦୃଶ ଅନ୍ୟ ସକଳ ଭାଗଗୁଡ଼ିକରେ ରହିଥିବା ସର୍ବୋତ୍ତମ ପ୍ରାଣଶକ୍ତିଗୁଡ଼ିକୁ ଆପଣା ଆଡ଼କୁ ଆକର୍ଷିତ କରି ଆଣିଥିଲା । ଏକ ଦ୍ୱିତୀୟ ଲକ୍ଷଣ ହିସାବରେ ଏଥିରେ ଏକ ଅତିଦୃଢ଼ ସର୍ବୋଚ୍ଚ କର୍ତ୍ତୃତ୍ୱ ମଧ୍ୟ ବିକଶିତ ହୋଇ ଆସିଥିଲା, ଯାହାକି ଜାତୀୟ ଜୀବନଟି ଉପରେ ଏକ ବୈଧାନିକ, ପ୍ରାଶାସନିକ, ରାଜନୀତିକ ତଥା ଭାଷାଗତ ଏକରୂପତା ଏବଂ କେନ୍ଦ୍ରୀୟତାକୁ ଆଣି ଲଦିଦେଇ ପାରିଥିଲା । ଏହି ଆନ୍ଦୋଳନର ଏକ ତୃତୀୟ ସଙ୍କେତରୂପେ ଏକ ଶାସନକାରୀ ଆଧ୍ୟାତ୍ମିକ ମୁଖ୍ୟପଦ ଏବଂ ସଂସ୍ଥାର ପ୍ରତିଷ୍ଠା କରାଯାଇଥିଲା, ଯାହାକି ସେହିପରି ଏକ ସଦୃଶ ଧାର୍ମିକ ଭାବନା, ବୌଦ୍ଧିକ ଶିକ୍ଷା ଏବଂ ବିଚାରର ଏକରୂପତାକୁ ଆଣି ଲଦିଦେବାରେ ସହାୟକ ହୋଇଥିଲା । ଏକତ୍ରକାରୀ ଏହି ଚାପଟିର ଯଦି ଅତ୍ୟଧିକ ମାର୍ଗପର୍ଯ୍ୟନ୍ତ ଅନୁଧାବନ କରାଯାଇ ଥାଆନ୍ତା, ତେବେ ରୋମାନ୍ ସାମ୍ରାଜ୍ୟର ଦୃଷ୍ଟାନ୍ତଟି ପରି ଏହି କ୍ଷେତ୍ରରେ ମଧ୍ୟ ତାହାର ପରିଣାମ ପ୍ରକୃତରେ ବଡ଼ ଧ୍ୱଂସକାରକହିଁ ହୋଇଥାନ୍ତା; ମାତ୍ର ବିଦ୍ରୋହ ଏବଂ ବିକ୍ଷେପଣର ଏକ ତୃତୀୟ ପର୍ଯ୍ୟାୟ ମଧ୍ୟ ଏଠାରେ ଆସି ପହଞ୍ଚିଥିଲା, ଯାହାକି ଏହିସବୁ ସାଧନଗୁଡ଼ିକର, ଅର୍ଥାତ୍ ସାମନ୍ତତନ୍ତ୍ରୀ, ରାଜତନ୍ତ୍ରୀ ତଥା ଗିର୍ଜାଗତ କର୍ତ୍ତୃତ୍ୱଟିର କାର୍ଯ୍ୟଟି ସମାପ୍ତ ହୋଇଯିବା ସଙ୍ଗେ ସଙ୍ଗେ ସେଗୁଡ଼ିକୁ ଏକାବେଳେକେ ଭାଙ୍ଗି ପକାଇଥିଲା ଅଥବା ଏକ ଅଧସ୍ତନ ସ୍ଥାନକୁ ଖସାଇ ନେଇ ଆସିଥିଲା ଏବଂ ଏକ ଶକ୍ତିଶାଳୀ ତଥା ସୁସଂଗଠିତ ରାଜନୀତିକ, ବୈଧାନିକ, ସାମାଜିକ ଓ ସଂସ୍କୃତିଗତ ସ୍ୱାତନ୍ତ୍ର୍ୟ ଏବଂ ସାମ୍ୟର ମାଧ୍ୟମରେ ଜାତୀୟ ଜୀବନର ପ୍ରସାରଣ ଉଦ୍ଦେଶ୍ୟରେ ତାହା ବିକଳ୍ପରୂପେ ଏକ ନୂତନ ଆନ୍ଦୋଳନର ପ୍ରବର୍ତ୍ତନ କରିଥିଲା । ପ୍ରାଚୀନ ନଗରଟିର କ୍ଷେତ୍ରରେ ଯେପରି ସମ୍ଭବ ହେଉଥିଲା, ଠିକ୍ ସେହିପରି ଏହି ଆଧୁନିକ ଜାତି-ଆୟତନଟି ଭିତରେ ମଧ୍ୟ ଯେପରି ସକଳ ଶ୍ରେଣୀ ଓ ସକଳ ବ୍ୟକ୍ତି

'oaob.nitrkl.ac.in' images reprocessed

ଏହିଭଳି ଭାବରେ ଉନ୍ମୋଚିତ ହୋଇ ଆସିଥିବା ଜାତୀୟ ଜୀବନଟିର ଲାଭଗୁଡ଼ିକୁ ଉପଭୋଗ କରିପାରିବେ ଏବଂ ସେଇଟିର ବନ୍ଧନହୀନ ଶକ୍ତିମୟତାଟି ମଧ୍ୟ ଅଂଶଗ୍ରହଣ କରିପାରିବେ, ସେଇଥିଲାଗି ଯାବତୀୟ ଉଦ୍ୟମ କରିବା ଲାଗିହିଁ ତାହା ପ୍ରବୃତ୍ତି ରଖିଥିଲା ।

ଜାତୀୟ ଜୀବନର ଦ୍ୱିତୀୟ ପର୍ଯ୍ୟାୟଟି ଯେଉଁ ଐକ୍ୟ ଏବଂ ପର୍ଯ୍ୟାପ୍ତ ଏକରୂପତାକୁ ସୃଷ୍ଟି କରି ଆଣିଥାଏ, ତାହାର ତୃତୀୟ ପର୍ଯ୍ୟାୟଟି ତଦୁପଲବ୍ଧ ଲାଭଗୁଡ଼ିକର ଉପଭୋଗ କରେ ଏବଂ ପ୍ରଥମ ପର୍ଯ୍ୟାୟଟିର ସଂପୂର୍ଣ୍ଣ ଧ୍ୱଂସର ହାତରୁ ଯେତିକି ଆଞ୍ଚଳୀୟ ଓ ନାଗରିକ ଜୀବନ ଆପଣାକୁ ତଥାପି ବଞ୍ଚାଇ ରଖିବା ଲାଗି ସମର୍ଥ ହୋଇଥାଏ, ତାହା ନିରାପଦତାର ସହିତ ତାହାର ବିଭିନ୍ନ ସମ୍ଭାବନାକୁ ପୁନର୍ବାର ନୂଆ କରି କାର୍ଯ୍ୟରେ ଲଗାଇ ପାରିବାକୁ ସମର୍ଥ ହୁଏ । ଜାତୀୟ ଅଗ୍ରଗତିର ଏହିସବୁ ପର୍ଯ୍ୟାୟକ୍ରମ ଦ୍ୱାରା, ଯଦି ବା ଯେଉଁଠାରେ ସେପରି ଇଚ୍ଛା କରାଯାଉଛି ଏବଂ ଆବଶ୍ୟକତା ଅନୁଭୂତ ହେଉଛି, ସେଠାରେ ଆମର ଆଧୁନିକ କାଳଟି ଅଧିକରୁ ଅଧିକ ପରିମାଣରେ ଏପରି ଏକ ସଂଘବଦ୍ଧ ଜାତି ବା ସଂଘୀୟ ସାମ୍ରାଜ୍ୟର କଳ୍ପନାଟିକୁ କରିପାରିବା ଲାଗି ସମର୍ଥ ହେଉଛି, ଯାହାକି ସୁଦୃଢ଼ ଭାବରେ ଏକ ମୌଳିକ ତଥା ସମ୍ୟକ୍-ଉପଲବ୍ଧ ମନୋଭୂମିଗତ ଏକତା ଉପରେହିଁ ଆଧାରିତ ହୋଇ ରହିଛି । ଏକ ସରଳ ଗଢ଼ଣର ରୂପରେ ବସ୍ତୁତଃ ଜର୍ମାନୀରେ ଏବଂ ଆମେରିକାରେ ଏକଥାଟି ପୂର୍ବରୁହିଁ ହାସଲ କରାଯାଇ ପାରିଥିଲା । ଆମେ ବର୍ତ୍ତମାନ ଏପରି ଏକ ସ୍ଥାନରେ ଆସି ପହଞ୍ଚିଛୁ, ଯେଉଁଠାରେ କି ଇଚ୍ଛା କଲେ ଆମେ ଅତ୍ୟନ୍ତ ନିରାପଦ ଭାବରେ ଅଧୀନସ୍ଥ ପ୍ରଶାସନ, ଗୋଷ୍ଠୀବ୍ୟବସ୍ଥା ଏବଂ ପ୍ରଦେଶୀୟ ସହରଗୁଡ଼ିକର ମାଧ୍ୟମରେ ଏକ ଆଂଶିକ ବିକେନ୍ଦ୍ରୀକରଣ ଦିଗରେ ଅଗ୍ରସର ମଧ୍ୟ ହୋଇପାରିବା ଏବଂ, ତଦ୍ୱାରା ଏକ ଅତ୍ୟଧିକ ମହାନଗରୀୟ ଆୟତନ ଜାତିର ସର୍ବୋତ୍ତମ ଶକ୍ତିଗୁଡ଼ିକୁ ଆତ୍ମସାତ୍ କରିନେବାର ବ୍ୟାଧିଟି ଲାଗି ଏକ ଆରୋଗ୍ୟପଥ ପାଇବାରେ ଆମକୁ ଏକ ସହାୟତା ବି ମିଳିଯିବ; ଯେପରି ସେହି ଶକ୍ତିଗୁଡ଼ିକ ଅନେକ କେନ୍ଦ୍ର ଏବଂ ଅନେକ ଚକ୍ର ମଧ୍ୟଦେଇ ମୁକ୍ତ ଭାବରେ ସଞ୍ଚାରିତ ହୋଇପାରିବ, ସେଇଟି ମଧ୍ୟ ଅନେକ ପରିମାଣରେ ସହଜ ହୋଇଯିବ । ଯୁଗପତ୍ ଭାବରେ, ଆମେ ସଚେତନ, ସକ୍ରିୟ ଓ ପ୍ରାଣଶକ୍ତିମନ୍ତ ସମୁଦାୟ ଜାତିଟିର ବୁଦ୍ଧିସଂପନ୍ନ ଭାବରେ ପ୍ରତିନିଧିତ୍ୱ କରୁଥିବା ଏପରି ଏକ ରାଷ୍ଟ୍ରର ସୁସଂଗଠିତ ସଦୁପଯୋଗର ମଧ୍ୟ ଏଠାରେ କଳ୍ପନା କରିପାରୁଛୁ, ଯାହାକି ବ୍ୟକ୍ତି ତଥା ସମୂହର ଜୀବନରେ ପରିପୂର୍ଣ୍ଣତା ଆଣିଦେବାରେ ଏକ ସାଧନରୂପେ ବ୍ୟବହୃତ ହୋଇ ପାରିବ । ଜାତିରୂପୀ ସମୂହଟି ସ୍ୱବିକାଶପଥରେ ବର୍ତ୍ତମାନ ଠିକ୍ ଏହି ବିନ୍ଦୁଟିରେ ଆସି ଉପଗତ ହୋଇଛି, ଏବଂ ଭବିଷ୍ୟତରେ ଏଇଟି ଯେପରି ଭାବରେ ଅଗ୍ରସର ହୋଇଯାଇପାରିବ, ସେହି ଅନୁସାରେ ଆମେ ପୁନର୍ବାର ସାମ୍ରାଜ୍ୟରୂପୀ ସମୂହ ବା ମଣ୍ଡଳଟିର ବ୍ୟାପକତର ସମସ୍ୟାଟିର

'oaob.nitrkl.ac.in' images reprocessed

ସମ୍ମୁଖୀନ ହେବାକୁ ଯାଉଛୁ, ଅଥବା, ସମଗ୍ର ମାନବସମୂହର ଉତ୍ତରୋତ୍ତର ବୃଦ୍ଧିପ୍ରାପ୍ତ ହେଉଥିବା ସଂସ୍କୃତିକ୍ଷେତ୍ରୀୟ ଏକତା ତଥା ବାଣିଜ୍ୟିକ ଏବଂ ରାଜନୀତିକ ପରସ୍ପରନିର୍ଭରତାର ଆହୁରି ଅଧିକ ବୃହତ୍ ଓ ବ୍ୟାପକ ସମସ୍ୟାଟିର ମଧ୍ୟ ସମ୍ମୁଖୀନ ହେବାକୁ ଯାଉଛୁ ।

'oaob.nitrkl.ac.in' images reprocessed

## ତ୍ରୟୋଦଶ ପରିଚ୍ଛେଦ

# ଜାତି-ଏକକଟିର ଗଠନ – ତିନୋଟି ପର୍ଯ୍ୟାୟ

ଜାତି-ପ୍ରରୂପଟିର ମଧ୍ୟଯୁଗୀୟ ତଥା ଆଧୁନିକ ବିବର୍ତ୍ତନରେ ଯେଉଁ ତିନୋଟି ବିକାଶ-ପର୍ଯ୍ୟାୟ ରହିଛି, ସେଗୁଡ଼ିକୁ ଆମେ ଗୋଟିଏ ଗୋଟିଏ ପ୍ରକୃତିସିଦ୍ଧ ପ୍ରକ୍ରିୟା ବୋଲି ବିଚାର କରିପାରିବା, ଯେଉଁଥିରେ କି ଏକ ଅନ୍ତର୍ଗତ ଅପେକ୍ଷା ବରଂ ଅଧିକ ପରିମାଣରେ ଏକ ବାହ୍ୟ ପ୍ରକ୍ରିୟା ଦ୍ୱାରାହିଁ ବହୁବିଧ ନାନା ପରିସ୍ଥିତି ଓ ଅନେକଜାତୀୟ ନାନା ବସ୍ତୁ ମଧ୍ୟରୁ ଏକତାର ଗୋଟିଏ ନୂତନ ରୂପକୁ କ୍ରମଶଃ ସୃଷ୍ଟି କରି ଆଣିବାକୁ ହୋଇଛି । ବାହ୍ୟ ପଦ୍ଧତିଟି ସର୍ବଦା ମନୁଷ୍ୟମାନଙ୍କର ମନୋଭୂମିଗତ ସ୍ଥିତିଟିକୁ କେତେପ୍ରକାରେ କେତେ ଛାଞ୍ଚରେ ପକାଇ ପରିସ୍ଥିତି ତଥା ଅନୁଷ୍ଠାନଗୁଡ଼ିକରୁ ପଡୁଥିବା ଚାପ ଦ୍ୱାରା ପ୍ରେରିତ ହୋଇ ନାନା ନୂତନ ରୂପ ଦେବାକୁ ଚେଷ୍ଟା କରୁଥାଏ, ନାନା ନୂତନ ଅଭ୍ୟାସ ମଧ୍ୟରେ ଆଣି ପକାଇବାକୁ ମଧ୍ୟ ଚେଷ୍ଟା କରୁଥାଏ । ଏହା ସାଧାରଣତଃ ପ୍ରତ୍ୟକ୍ଷ ଭାବରେ ଏକ ନୂତନ ମନୋଭୂମିଗତ ଅବସ୍ଥା ସୃଷ୍ଟି କରିବା ଦିଗରେ ସେପରି କୌଣସି ପ୍ରୟାସ କରେ ନାହିଁ, ଯାହାକି ଅନ୍ୟପକ୍ଷରେ ସଂପୂର୍ଣ୍ଣ ମୁକ୍ତ ଏବଂ ନମନୀୟ ଭାବରେ ଏହାର ସ୍ୱକୀୟ ଉପଯୁକ୍ତ ତଥା କାର୍ଯ୍ୟସାଧକ ସାମାଜିକ ଛାଞ୍ଚ ଓ ଗଠନଗୁଡ଼ିକୁ ବିକଶିତ କରାଇ ଆଣିପାରିବ । ପ୍ରଥମୋକ୍ତ ପ୍ରକ୍ରିୟାଟିରେ ବସ୍ତୁଗୁଡ଼ିକର ପ୍ରକୃତିଟି ମଧ୍ୟରେ ପ୍ରଥମତଃ କୌଣସି ନା କୌଣସି ପ୍ରକାରର ଅପେକ୍ଷାକୃତ ଅଧିକ ବନ୍ଧନରହିତ ମାତ୍ର ତଥାପି ଯଥେଷ୍ଟ ପରିମାଣରେ ଅପ୍ରତିରୋଧ୍ୟ ସମାଜ-ବ୍ୟବସ୍ଥା ଏବଂ ସଭ୍ୟତାଗତ ଏକ ସାଧାରଣ ପ୍ରରୂପ ଅବଶ୍ୟ ରହିଥିବ, ଯାହାକି ଭିତରେ ଥାଇ ଏକ ନିର୍ଦ୍ଦିଷ୍ଟ ଗଢ଼ଣ ବା ଛାଞ୍ଚର କାମ ଦେଇପାରିବ ଏବଂ ସେହି ଛାଞ୍ଚଟିର ଆୟତନ ଭିତରେହିଁ ନୂତନ ଅଙ୍ଗାଙ୍ଗିକାଟିକୁ ଦଣ୍ଡାୟମାନ ହେବାକୁ ପଡ଼ିବ । ଦ୍ୱିତୀୟତଃ, ଏହି କ୍ଷେତ୍ରରେ ଅତ୍ୟନ୍ତ ସ୍ୱାଭାବିକ ଭାବରେ କଠୋର ସଂଗଠନର ଗୋଟିଏ ପର୍ଯ୍ୟାୟ ମଧ୍ୟ ଉଦ୍ଭୂତ ହୋଇ ଆସିବ, ଯାହାକି ଆପଣାକୁ ଏକତା, ନିୟନ୍ତ୍ରଣଗତ ଏକକେନ୍ଦ୍ରତା ଏବଂ ସମ୍ଭବତଃ ସେହି କେନ୍ଦ୍ରୀୟ ନିର୍ଦ୍ଦେଶନାଟିର ଅଧୀନରେ ଏକ ସାଧାରଣ ସମତଳନ ଓ ଏକରୂପତା ଆଡ଼କୁ ଉଦ୍ଦିଷ୍ଟ କରି ରଖିଥିବ । ଏବଂ ପରିଶେଷରେ, ଏହି ନୂତନ ଅଙ୍ଗସଂସ୍ଥାପନଟି ଯେପରି ଜୀବନକୁ ଅଶ୍ମୀଭୂତ କରି ନ ପକାଇବ ଓ ତାହାକୁ ନେଇ ଏକ ଅପରିବର୍ତ୍ତନୀୟ ଛାଞ୍ଚ ଭିତରେ କଦାପି ଢାଳି ନ ଦେବ,

'oaob.nitrkl.ac.in' images reprocessed

ଯେପରି ତାହା ତଥାପି ପ୍ରକୃତିର ଏକ ଜୀବନ୍ତ ଓ ଶକ୍ତିମନ୍ତ ସୃଷ୍ଟି ହୋଇ ରହିବାକୁହିଁ ନିଜର ଲକ୍ଷ୍ୟ କରି ରଖିଥିବ, ତେବେ ସେହି କ୍ଷେତ୍ରରେ ବାହାର ରୂପାୟନଟି ନିଶ୍ଚିତ ହୋଇଯିବା ମାତ୍ରକେ ଏବଂ ଏକତାହିଁ ଏକ ମନୋଗତ ତଥା ପ୍ରାଣିକ ଅଭ୍ୟାସରେ ପରିଣତ ହୋଇଯିବା ମାତ୍ରକେ ମୁକ୍ତ ଅନ୍ତର୍ଗତ ବିକାଶର ଏକ ପର୍ଯ୍ୟାୟକୁ ମଧ୍ୟ ଅବଶ୍ୟ ଆସିବାକୁ ପଡ଼ିବ । ଏବଂ ସଂରୂପାୟିତ ଆବଶ୍ୟକତା, ବିଚାର ତଥା ଗୋଷ୍ଠୀଗତ ପ୍ରବୃତ୍ତିଗୁଡ଼ିକ ଦ୍ୱାରା ଯେତେବେଳେ ଆପଣାର ହୃଦୟକ୍ଷେତ୍ରରେ ଓ ଆପଣାର ଆଧାରସ୍ଥଳରେ ଏହି ମୁକ୍ତତର ଅନ୍ତର୍ଗତ କ୍ରିୟାଶୀଳତାଟି ସୁନିଶ୍ଚିତ ଭାବରେ ଅବସ୍ଥାପିତ ହୋଇଯାଇପାରିବ, ସେତେବେଳେ ତାହା ଆପଣା ସହିତ ଆଉ କୌଣସି ବିନାଶ ବା ବିଘଟନର ପ୍ରମାଦକୁ ବହନ କରି ଆଣିବ ନାହିଁ, ସଂଘଟିତ ଶରୀର-ରଚନାଟିର ସୁନିଶ୍ଚିତ ଅଭିବୃଦ୍ଧି ଏବଂ ରୂପାୟନରେ ତାହା ଆଉ କୌଣସି ବାଧା କଦାପି ସୃଷ୍ଟି କରିବ ନାହିଁ ।

ଅପେକ୍ଷାକୃତ ଅଧିକ ବନ୍ଧନରହିତ ସେହି ପ୍ରଥମ ବ୍ୟବସ୍ଥାଟିର ରୂପ ଏବଂ ନୀତିଟି ଉପସ୍ଥିତ ଉପାଦାନଗୁଡ଼ିକର ଅତୀତ ଇତିହାସ ଏବଂ ବର୍ତ୍ତମାନର ଅବସ୍ଥାଗୁଡ଼ିକ ଉପରେ ନିର୍ଭରଶୀଳ ହୋଇ ରହିବାକୁ ବାଧ୍ୟ ହେବ ଏବଂ ସେହି ଉପାଦାନଗୁଡ଼ିକୁ ଏକାଠି କରିହିଁ ଅଭିପ୍ରେତ ନୂତନ ଏକତାଟିକୁ ନିର୍ମାଣ କରିବାକୁ ପଡ଼ିବ । ମାତ୍ର ଏକଥାଟି ଆମର ବେଶ୍ ଦୃଷ୍ଟିଗୋଚର ହୋଇଯିବ ଯେ ଉଭୟ ଇଉରୋପରେ ଏବଂ ଆଫ୍ରିକାରେ ସେହି କ୍ଷେତ୍ରରେ ଏପରି ଏକ ସାଧାରଣ ପ୍ରବୃତ୍ତି ମହଜୁଦ ହୋଇ ରହିଥିଲା, ବିଚାରଗତ କୌଣସି ଘନିଷ୍ଠ ଆଦାନପ୍ରଦାନକୁ ଆମେ ଯାହାର କାରଣ ବୋଲି କଦାପି ଦର୍ଶାଇ ପାରିବା ନାହିଁ ଏବଂ ତେଣୁ ଉଭୟ ସ୍ଥଳରେ ଏହା ପଛରେ ସେହି ଗୋଟିଏ ପ୍ରକୃତିସିଦ୍ଧ କାରଣ ଓ ପ୍ରୟୋଜନ ପ୍ରକୃତରେ କାର୍ଯ୍ୟକାରୀ ହୋଇ ରହିଥିଲା ବୋଲି କହିପାରିବା । ଅର୍ଥାତ୍, ଧର୍ମଚାରଣଗତ କାର୍ଯ୍ୟ, ରାଜନୀତିକ ପ୍ରଭୁତ୍ୱ, ବାଣିଜ୍ୟିକ ଉତ୍ପାଦନ ତଥା ବାଣିଜ୍ୟିକ ବିନିମୟର ସେହି ଦ୍ୱିବିଧ ଅର୍ଥନୀତିଗତ କର୍ତ୍ତବ୍ୟ ଏବଂ ପରିଚର୍ଯ୍ୟାଗତ କର୍ମ ବା ସେବା,– ସମାଜର ଏହି ଚାରୋଟି ଭିନ୍ନଭିନ୍ନ କର୍ମ ଅନୁସାରେ ପ୍ରବର୍ତ୍ତିତ ହୋଇଥିବା ଏକ ବିଭାଜନକୁ ଭିତ୍ତି କରି ଏକ ସାମାଜିକ ସୋପାନକ୍ରମ ଆଡ଼କୁ ଦୁଇଟିଯାକ ସମାଜ କ୍ରମଶଃ ବିକଶିତ ହୋଇ ଯାଉଥିଲା ବୋଲି କହିପାରିବା । ଏହି କ୍ଷେତ୍ରରେ ଯେଉଁ ଭାବନା, ଯେଉଁ ରୂପ ଏବଂ ଯେଉଁ ସାମ୍ୟାବସ୍ଥାଟି ପ୍ରକୃତରେ କାର୍ଯ୍ୟକାରୀ ହେଉଥିଲା, ତାହା ପୃଥିବୀର ବିଭିନ୍ନ ଭାଗରେ ସର୍ବଦା ଅତ୍ୟନ୍ତ ଭିନ୍ନ ଭିନ୍ନ ହୋଇ ରହିଥିଲା ଏବଂ ବିଭିନ୍ନ ସ୍ଥାନରେ ଗୋଷ୍ଠୀଜୀବନର ଅଭିରୁଚି ଓ ତାହାର ପରିବେଶଗୁଡ଼ିକ ଉପରେହିଁ ତାହା ନିର୍ଭର କରୁଥିଲା; ମାତ୍ର ସର୍ବମୂଳ ପ୍ରେରକନୀତିଟି ସବୁଠାରେ ପ୍ରାୟ ଏକାଭଳି ହୋଇ ରହିଥିଲା । ସାଧାରଣ ସାମାଜିକ ଜୀବନର ଏକ ବୃହତ୍ ଓ ଫଳଦାୟକ ରୂପାୟନର ପ୍ରୟୋଜନହିଁ ସବୁଠାରେ ପ୍ରେରକଶକ୍ତି

'oaob.nitrkl.ac.in' images reprocessed

ରୂପେ କାର୍ଯ୍ୟ କରୁଥିଲା; ଏପରି ଏକ ସମାଜଜୀବନର କଳ୍ପନା କରାଯାଉଥିଲା, ଯେଉଁଥିରେ କି ସମାଜରେ ବିଭିନ୍ନ ବ୍ୟକ୍ତିଙ୍କ ଲାଗି ନିର୍ଦ୍ଧାରିତ ସ୍ଥାନଟି ସୁଦୃଢ଼ ଏବଂ ନିଶ୍ଚିତ ହୋଇ ରହିଥିବ, ଏବଂ ଏହାରି ମାଧ୍ୟମରେହିଁ ବ୍ୟକ୍ତିଗତ ସ୍ୱାର୍ଥ ତଥା ସାନସାନ ସାମୂହିକ ସ୍ୱାର୍ଥଗୁଡ଼ିକୁ ଏକ ପର୍ଯ୍ୟାପ୍ତ ଭାବରେ ଶକ୍ତିସମର୍ଥ ଧର୍ମଗତ, ରାଜନୀତିକ ତଥା ଆର୍ଥିକ ଐକ୍ୟବଦ୍ଧତା ଏବଂ ସାଦୃଶ୍ୟର ଅଧୀନ କରି ଅଣାଯାଇ ପାରିବ । ଏକଥାଟିକୁ ବେଶ୍ ଉଲ୍ଲେଖ କରି ରଖାଯାଇ ପାରିବ ଯେ ଯେଉଁ ଇସ୍‌ଲାମିକ୍ ସଭ୍ୟତାରେ ସାମ୍ୟ ଏବଂ ଧର୍ମସ୍ଥ ଭ୍ରାତୃତ୍ୱକୁ ସର୍ବପ୍ରଧାନ ନୀତି କରି ରଖା ଯାଇଥିଲା ଏବଂ ଏହାମଧ୍ୟରେ ରହିଥିବା କ୍ରୀତଦାସ-ପ୍ରଥାର ଯେଉଁ ବିଚିତ୍ର ବ୍ୟବସ୍ଥାଟି ସିଂହାସନରେ ଯାଇ ଉପବିଷ୍ଟ ହେବା ଲାଗି ମଧ୍ୟ ଜଣେ କ୍ରୀତଦାସ ପାଇଁ ଆଦୌ କୌଣସି ବାଧା ରଖି ନ ଥିଲା, ତାହା ଏପରି ଏକ ପ୍ରକାରର ସମାଜକୁ କେବେହେଲେ ବିକଶିତ କରାଇ ଆଣି ପାରି ନ ଥିଲା, ଏବଂ ରାଜନୀତିକ ତଥା ପ୍ରଗତିକାମୀ ଇଉରୋପ ସହିତ ରହିଥିବା ତାହାର ଯାବତୀୟ ଘନିଷ୍ଠ ସମ୍ବନ୍ଧ ସତ୍ତ୍ୱେ ଖଲିଫାମାନଙ୍କର ସାମ୍ରାଜ୍ୟଟି ଭାଙ୍ଗି ପଡ଼ିବା ପରେ ମଧ୍ୟ ଶକ୍ତିଶାଳୀ ଏବଂ ଜୀବନ୍ତ, ସୁସଂଗଠିତ ଏବଂ ସଚେତନ ଜାତି-ଏକକମାନ ବିକଶିତ କରି ଆଣିବାରେ କେବେହେଲେ ସଫଳ ହୋଇ ନ ଥିଲା । କେବଳ ବର୍ତ୍ତମାନ ଯାଇ ଆଧୁନିକ ବିଚାର ଏବଂ ଆଧୁନିକ ପରିସ୍ଥିତିଗୁଡ଼ିକର ଚାପ ପଡ଼ିହିଁ ତାହା ହେବାକୁ ଆରମ୍ଭ କରୁଛି ।

ମାତ୍ର, ପ୍ରସ୍ତୁତିକାଳୀନ ଏହି ପର୍ଯ୍ୟାୟଟିକୁ ସୁଫଳପ୍ରଦ ଭାବରେ ସମ୍ଭବ କରାଇ ପାରିବା ପରେ ମଧ୍ୟ ତାହାର ପରବର୍ତ୍ତୀ ପର୍ଯ୍ୟାୟଗୁଡ଼ିକ ଯେ ଆପଣାଛାଏଁ ତା' ପଛକୁପଛ ଉଦ୍ଭୂତ ହୋଇ ଆସିଲେ, ସେକଥା ଆଦୌ ନୁହେଁ । ଇଉରୋପର ସାମନ୍ତବାଦୀ ଯୁଗଟିରେ ସେଠାରେ ସାମାଜିକ ଚାରୋଟି ଶ୍ରେଣୀ ରହିଥିଲେ; ଧର୍ମଯାଜକ ରହିଥିଲେ; ରାଜା ଏବଂ ସାମନ୍ତମାନେ ରହିଥିଲେ, ବୁର୍ଜୁଆ ବା ମଧ୍ୟବର୍ଗ ଥିଲେ ଓ ଶ୍ରମଜୀବୀମାନେ ରହିଥିଲେ । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର,– ଏହିପରି ଭାରତବର୍ଷରେ ଚତୁର୍ବର୍ଣ୍ଣଗତ ଯେଉଁ ବ୍ୟବସ୍ଥାଟି ରହିଥିଲା, ସେଇଟି ସହିତ ଏହାର ଯଥେଷ୍ଟ ଭାବରେ ଏକ ଘନିଷ୍ଠ ସାଦୃଶ୍ୟ ରହିଥିଲା । ଯେଉଁ ପୃଥକ୍ ବିଚାରଧାରା ଦ୍ୱାରା ପ୍ରଭାବିତ ହୋଇ ଭାରତୀୟ ବର୍ଣ୍ଣବ୍ୟବସ୍ଥାଟି ଆପଣାର ନିଜସ୍ୱ ଲକ୍ଷଣଟିକୁ ଲାଭ କରିଥିଲା, ତାହାକୁ ରାଜନୀତିକ, ସାମାଜିକ ବା ଆର୍ଥିକ ବିଚାର ବୋଲି ନ କହି ଆମେ ବରଂ ଅଧିକ ପରିମାଣରେ ଧାର୍ମିକ ଓ ନୈତିକ କେତେଗୁଡ଼ିଏ ବିଚାର ବୋଲି କହିପାରିବା । ମାତ୍ର ତଥାପି ବ୍ୟାବହାରିକ କ୍ଷେତ୍ରରେ ଏହି ବ୍ୟବସ୍ଥାଟିର ସର୍ବମୁଖ୍ୟ କାର୍ଯ୍ୟଟି ସେହି ସାମାଜିକ ଏବଂ ଅର୍ଥନୈତିକ ହୋଇ ରହିଥିଲା, ଏବଂ ଟିକିନିଖି ବିଷୟଗୁଡ଼ିକର କ୍ଷେତ୍ରରେ ଯେତେ ଅଲଗା ପ୍ରକାରର ହୋଇ ରହିଥିଲେ ମଧ୍ୟ ଏହା ଯେ କାହିଁକି ସେହି ସାଧାରଣ ବିବର୍ତ୍ତନର ପଥଟିକୁ ଅନୁସରଣ କରି ନ ଥାନ୍ତା,

'oaob.nitrkl.ac.in' images reprocessed

ହଠାତ୍ ପ୍ରଥମେ ଅବଲୋକନ କଲାବେଳେ ସେଥିଲାଗି ପ୍ରକୃତରେ କୌଣସି କାରଣ ରହିଥିବା ପରି ଆଦୌ ମନେହୁଏ ନାହିଁ । ପ୍ରଥମ ପର୍ଯ୍ୟାୟଟିରେ ମିକାଡ଼ୋଙ୍କର ଆଧ୍ୟାତ୍ମିକ ତଥା ପାର୍ଥିବ ନେତୃତ୍ୱରେ ଏବଂ ତା'ପରେ ମିକାଡ଼ୋ ଏବଂ ଶୋଗୁନ୍‌ର ଦ୍ୱୈତ ନେତୃତ୍ୱରେ ଜାପାନ ପୃଥିବୀର ଏକ ଅତ୍ୟନ୍ତ ଶକ୍ତିଶାଳୀ ଏବଂ ଆତ୍ମସଚେତନ ଜାତି-ଏକକର ଉଦ୍ଭବ କରାଇ ଆଣିବାରେ ସମର୍ଥ ହେଲା । ଆଧ୍ୟାତ୍ମିକ ତଥା ପାର୍ଥିବ ଜ୍ଞାନ ଏବଂ କାର୍ଯ୍ୟକାରୀ ଶାସନସାମର୍ଥ୍ୟର ବ୍ରାହ୍ମଣ ତଥା କ୍ଷତ୍ରିୟ ଗୁଣଗୁଡ଼ିକୁ ଗୋଟିଏ ଆଧାର ମଧ୍ୟରେ ସମ୍ମିଳିତ କରି ରଖିଥିବା ତାହାର ସେହି ମହାନ୍ ବିଦ୍ୱାନ୍ ଶ୍ରେଣୀ ଏବଂ ଜାତୀୟ ଏକତାର ସର୍ବୋଚ୍ଚ ମୁଖ୍ୟ ଏବଂ ପ୍ରରୂପ ହିସାବରେ ତାହାର ସମ୍ରାଟ ଏବଂ ସ୍ୱର୍ଗରାଜ୍ୟର ପରମପୁତ୍ରର ପଦଟିକୁ ଉଦ୍‌ଭୂତ କରିଆଣି ଚୀନ ମଧ୍ୟ ଏକ ଏକତାବଦ୍ଧ ଜାତିରେ ପରିଣତ ହେବାରେ ସଫଳତା ଲାଭ କରିଥିଲା । ମାତ୍ର ଭାରତବର୍ଷରେ ପରିଣାମ ଅନ୍ୟପ୍ରକାରର ହୋଇଥିଲା, ଓ ଅନ୍ୟାନ୍ୟ କାରଣଗୁଡ଼ିକ ବ୍ୟତୀତ ଏଠାରେ ସାମାଜିକ ବ୍ୟବସ୍ଥାଟିର ଅଲଗା ପ୍ରକାରର ବିବର୍ତ୍ତନକୁ ମଧ୍ୟ ଆମେ ତାହାର ଗୋଟିଏ କାରଣ ବୋଲି କହିପାରିବା । ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକରେ ସେହି ବିବର୍ତ୍ତନ ଏକ ପାର୍ଥିବ ସଂଗଠନ ଏବଂ ପ୍ରଧାନପଦ ଦିଗରେ ଗତି କରିଥିଲା, ସ୍ୱୟଂ ଜାତିଟି ମଧ୍ୟରେ ଏହା ଏକ ଅତ୍ୟନ୍ତ ସ୍ୱଷ୍ଟ ରାଜନୀତିକ ଆତ୍ମଚେତନାର ସୃଜନ କରିଥିଲା ଏବଂ ତାହାର ଫଳସ୍ୱରୂପ ସେଠାରେ ପୁରୋହିତ ବର୍ଗଟିସାମରିକ ତଥା ପ୍ରାଶାସନିକ ବର୍ଗଟିର ଅଧୀନ ହୋଇ ରହିଥିଲା, ବା ସେମାନଙ୍କ ସହିତ ସମଶ୍ରେଣୀୟ ହୋଇ ରହିଲା ବା ଏପରିକି ଅନେକ ସ୍ଥାନରେ ଏକ ସାଧାରଣ ଆଧ୍ୟାତ୍ମିକ ତଥା ପାର୍ଥିବ ମୁଖ୍ୟପଦ ତଳେ ସେହି ଦୁଇଟିଯାକକୁ ଏକତ୍ର ଯୋଡ଼ିଦେଇ ରଖାଗଲା । ଅନ୍ୟ ପକ୍ଷରେ, ମଧ୍ୟଯୁଗୀୟ ଭାରତବର୍ଷରେ ସେହି ବିବର୍ତ୍ତନଟି ପୁରୋହିତ ବର୍ଗର ସାମାଜିକ ପ୍ରାଧାନ୍ୟ ଓ ପ୍ରଭୁତ୍ୱ ଆଡ଼କୁହିଁ ଅଧିକ ପ୍ରବୃତ୍ତି ଦେଖାଇଥିଲା ଏବଂ ଜାତୀୟ ବୋଧର ଭିତ୍ତି ହିସାବରେ ଏକ ସାଧାରଣ ରାଜନୀତିକ ଚେତନା ବଦଳରେ ଏକ ସାଧାରଣ ଆଧ୍ୟାତ୍ମିକ ଚେତନାହିଁ ସ୍ଥାନାପନ୍ନ ହୋଇ ରହିଲା । ଏହି କ୍ଷେତ୍ରରେ ସ୍ଥାୟୀ ଭାବରେ କୌଣସି ପାର୍ଥିବ କ୍ଷେତ୍ର ବିକଶିତ ହୋଇ ଆସିପାରି ନ ଥିଲା, କୌଣସି ବୃହତ୍ ସାମ୍ରାଜ୍ୟ ବା ରାଜ୍ୟକୁ ଆଧାର କରି କୌଣସି ମୁଖ୍ୟଙ୍କର ମଧ୍ୟ ବିକାଶ ହୋଇ ନ ଥିଲା, ଯାହାକି ଆପଣାର ସମ୍ମାନ, କ୍ଷମତା, ପ୍ରାଚୀନତା ଏବଂ ସାଧାରଣଙ୍କର ସମାଜର ତଥା ଆଜ୍ଞାକାରିତା ଲାଭ କରିବା ସକାଶେ ଆପଣାର ଦାବିଟି ବଳରେ ପୁରୋହିତ ବର୍ଗ ଲାଭ କରୁଥିବା ସମ୍ମାନ ଏବଂ ପ୍ରାଧାନ୍ୟକୁ ତା'ର ଆଧିକ୍ୟସ୍ଥାନଟିରୁ ଟଳାଇ ଦେଇ ପାରିଥିଲା ବା ତାହା ସହିତ ଏକ ଭାରସାମ୍ୟ ରକ୍ଷା କରି ପାରିଥିଲା ଓ ରାଜନୀତିକ ତଥା ଆଧ୍ୟାତ୍ମିକ ଏବଂ ସଂସ୍କୃତିଗତ ଏକତାର ଏକ ବୋଧକୁ ସୃଷ୍ଟି ମଧ୍ୟ କରି ପାରିଥିଲା ।

'oaob.nitrkl.ac.in' images reprocessed

ଗୋଟିଏ ପାଖରେ ଗିର୍ଜାର ଅନୁଷ୍ଠାନ ଓ ଆଉଗୋଟିଏ ପାଖରେ ରାଜଶାସିତ ରାଷ୍ଟ୍ରର ଅନୁଷ୍ଠାନ,– ଏହି ଦୁହିଙ୍କ ମଧ୍ୟରେ ଯେଉଁ ସଂଘର୍ଷ ଲାଗି ରହିଥିଲା, ଇଉରୋପର ଇତିହାସରେ ତାହାକୁ ଆମେ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଏବଂ ପ୍ରାଧାନ୍ୟଯୁକ୍ତ ଘଟଣା ବୋଲି ନିଶ୍ଚୟ କହିପାରିବା । ସେହି ସଂଘର୍ଷ ଓ ସମରଟି ଯଦି ଏକ ବିପରୀତ ପରିଣାମରେ ଆସି ପରିସମାପ୍ତ ହୋଇଥାନ୍ତା, ତେବେ ସମସ୍ତ ମନୁଷ୍ୟଜାତିର ଭବିଷ୍ୟତଟିହିଁ ତଦ୍ଦ୍ୱାରା ବିପଦ୍‌ଗ୍ରସ୍ତ ହୋଇ ପଡ଼ିଥାନ୍ତା । ମାତ୍ର ପ୍ରକୃତ କ୍ଷେତ୍ରରେ ଘଟଣା ଯେପରି ଘଟିଲା, ଗିର୍ଜାକୁ ଏକ ପୂର୍ଣ୍ଣସ୍ୱତନ୍ତ୍ର ଅନୁଷ୍ଠାନ ହୋଇ ରହିବା ଲାଗି ଆପଣାର ଦାବିଟିକୁ ପରିତ୍ୟାଗ କରିବାକୁ ପଡ଼ିଲା, ଐହିକ କ୍ଷମତାର କ୍ଷେତ୍ରରେ ସର୍ବେସର୍ବା ହୋଇ ରହିବା ଲାଗି ଆପଣାର ଦାବିଟିକୁ ମଧ୍ୟ ପରିତ୍ୟାଗ କରିବାକୁ ପଡ଼ିଲା । ଏପରିକି, ଯେଉଁ ଜାତିମାନେ କ୍ୟାଥୋଲିକ୍ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ହୋଇ ରହିଲେ, ସେଠାରେ ଐହିକ କର୍ତ୍ତାମାନଙ୍କର ଯଥାର୍ଥ ଯାବତୀୟ ସ୍ୱାଧୀନତା ଏବଂ ପ୍ରଭୁତ୍ୱକୁ ବଡ଼ ସଫଳ ଭାବରେ ରକ୍ଷା କରାଯାଇ ପାରିଥିଲା; କାରଣ ଫ୍ରାନ୍‌ସର ରାଜା ଗାଲିକାନ୍ ଚର୍ଚ୍ଚ ଏବଂ ପୁରୋହିତବର୍ଗ ଉପରେ ଆପଣାର ଏକ ନିୟନ୍ତ୍ରଣ ଜାରି କରି ରଖିପାରିଲେ ଏବଂ ସେହି କାରଣରୁ ଫ୍ରାନ୍ସର କାର୍ଯ୍ୟକଳାପଗୁଡ଼ିକ ଉପରେ ପୋପ୍‌ଙ୍କର କୌଣସିପ୍ରକାର ଫଳପ୍ରସବକାରୀ ହସ୍ତକ୍ଷେପ ଆଉ ସମ୍ଭବ ହୋଇପାରିଲା ନାହିଁ । ସ୍ପେନରେ ପୋପ୍ ଏବଂ ରାଜାଙ୍କ ମଧ୍ୟରେ ଏକ ଘନିଷ୍ଠ ସହଯୋଗ ରହି ଆସିଥିଲେ ମଧ୍ୟ ଏବଂ ସ୍ପେନର ରାଜା ପୋପ୍‌ଙ୍କର ନିରଙ୍କୁଶ ଆଧ୍ୟାତ୍ମିକ କର୍ତ୍ତୃତ୍ୱଟିକୁ ସିଦ୍ଧାନ୍ତତଃ ମାନି ନେଇଥିଲେ ମଧ୍ୟ, ବାସ୍ତବ କ୍ଷେତ୍ରରେ ଐହିକ କ୍ଷେତ୍ରର ଶାସକହିଁ ଧର୍ମସମ୍ବନ୍ଧୀୟ ଯାବତୀୟ ନୀତିର ନିର୍ଦ୍ଧାରଣ ଓ ନିଷ୍ପତ୍ତି କରୁଥିଲେ ଏବଂ ତାଙ୍କରି ଆଦେଶରେହିଁ ଧର୍ମଦ୍ରୋହିତାକୁ ଦମନ କରିବାର ଯାବତୀୟ ଆତଙ୍କଗୁଡ଼ିକ କାର୍ଯ୍ୟକାରୀ ଭାବରେ ଅନୁଷ୍ଠିତ ହୋଇଥିଲା । ଇତାଲୀର ରୋମ୍ ସହରରେ କ୍ୟାଥୋଲିକ୍ ଧର୍ମମତର ଆଧ୍ୟାତ୍ମିକ ଗୁରୁ ଆଖି ଆଗରେ ମହଜୁଦ ହୋଇ ରହିଥିଲେ ଏବଂ ସେହି କାରଣରୁ ଇତାଲୀରେ ରାଜନୀତିକ ଦୃଷ୍ଟିରୁ ଏକତାବଦ୍ଧ ହୋଇ ରହିପାରିଥିବା ଏକ ଜାତିର ବିକାଶ ଦିଗରେ ତାହା ଏକ ବୃହତ୍ ନୈତିକ ପ୍ରତିବନ୍ଧକ ରୂପେ କାର୍ଯ୍ୟ କରିଥିଲା । ରୋମ୍‌ରେହିଁ ଆପଣାର ରାଜାଙ୍କୁ ନେଇ ଅଧିଷ୍ଠିତ କରି ରଖିବାଲାଗି ମୁକ୍ତ ଇତାଲୀୟ ଜନଗଣଙ୍କର ଯେଉଁ ଅତ୍ୟନ୍ତ ଆକୁଳତାପୂର୍ଣ୍ଣ ସଂକଳ୍ପ ରହିଥିଲା, ଆମେ ତାହାକୁ, ଏକ ଆତ୍ମସଚେତନ ଓ ରାଜନୀତିକ ଦୃଷ୍ଟିରୁ ସୁସଂଗଠିତ ଜାତି ମଧ୍ୟରେ କେବଳ ଗୋଟିଏ ମାତ୍ର ସର୍ବୋଚ୍ଚ ତଥା କେନ୍ଦ୍ରସ୍ଥ କର୍ତ୍ତୃତ୍ୱସ୍ଥାନ ରହିଥିବ ଏବଂ ପାର୍ଥିବ ସତ୍ତାଟିହିଁ ଯେ ସେହି କର୍ତ୍ତୃତ୍ୱର ଅଧିକାରୀ ହେବ, ସେହି ନିୟମଟିର ଗୋଟିଏ ପ୍ରତୀକ ବୋଲି ଗ୍ରହଣ କରିପାରିବା । ଯେଉଁ ଜାତିଟି ଏହି ପର୍ଯ୍ୟାୟଟିରେ ଆସି ପହଞ୍ଚି ସାରିଛି ବା ପହଞ୍ଚିବାକୁ ଯାଉଛି ସେ କ୍ଷେତ୍ରରେ, ଧର୍ମକୁ ଏକ ବ୍ୟକ୍ତିଗତ ଅନୁଧାବନ

'oaob.nitrkl.ac.in' images reprocessed

ରୂପେ ପରିଣତ କରି ଧର୍ମଗତ ତଥା ଆଧ୍ୟାତ୍ମିକ ଦାବିଟିକୁ ଆପଣାର ସାଧାରଣ ପାର୍ଥିବ ଏବଂ ରାଜନୀତିକ ଜୀବନଟିରୁ ତାହାକୁ ଅଲଗା କରି ରଖିବାକୁ ହେବ, ଅଥବା ତା' ନ ହେଲେ ପାର୍ଥିବ ଶାସନର ଏକକ କର୍ତ୍ତୃତ୍ୱଟିକୁ ବଜାୟ ରଖିବା ପାଇଁ ରାଷ୍ଟ୍ର ତଥା ଧର୍ମସ୍ଥାନର ଏକତ୍ର ସାହଚର୍ଯ୍ୟ ଦ୍ୱାରା ଦୁଇଟିକୁ ଏକାଠି କରି ରଖିବାକୁ ପଡ଼ିବ, କିମ୍ବା ଜାପାନ, ଚୀନ ଓ ଧର୍ମସଂସ୍କାରକାଳୀନ ଇଂଲଣ୍ଡରେ ଯେପରି ଘଟିଥିଲା, ଗୋଟିଏ କର୍ତ୍ତୃତ୍ୱର ଅଧୀନରେହିଁ ଆଧ୍ୟାତ୍ମିକ ଏବଂ ପାର୍ଥିବ ମୁଖ୍ୟପଦ ଦୁଇଟିକୁ ପରସ୍ପର ସହିତ ଯୋଡ଼ି ଦେବାକୁ ପଡ଼ିବ । ଏପରିକି ଭାରତବର୍ଷରେ ମଧ୍ୟ, ଏକ ସମୂହ ରୂପେ ରାଜପୁତମାନେ ଓ ବିଶେଷ କରି ମିବାରର ରାଜପୁତମାନେହିଁ ସର୍ବପ୍ରଥମେ ପ୍ରଧାନତଃ କୌଣସି ପ୍ରକାର ଆଧ୍ୟାତ୍ମିକ ବୈଶିଷ୍ଟ୍ୟ ନ ଥିବା ଏକ ଜାତୀୟ ଆତ୍ମସଚେତନତାକୁ କେତେକ ପରିମାଣରେ ବିକଶିତ କରାଇ ଆଣି ପାରିଥିଲେ, ଯେଉଁଠି କି ରାଜାହିଁ ପ୍ରତ୍ୟେକ ଦୃଷ୍ଟିରୁ ବିଚାର କରି ଦେଖିଲେ ସମାଜର ସର୍ବମୁଖ୍ୟ ହୋଇ ରହିଥିଲେ, ଜାତିର ମଧ୍ୟ ସର୍ବମୁଖ୍ୟ ହୋଇ ରହିଥିଲେ । ଏବଂ ଅନ୍ୟ ପକ୍ଷରେ, ଯେଉଁମାନେ ଜାତୀୟ ଆତ୍ମସଚେତନତା ଲାଭ କରିସାରି ତାହା ସଙ୍ଗେସଙ୍ଗେ ଏକ ସୁସଂଗଠିତ ରାଜନୀତିକ ଏକତା ହାସଲ କରିବାର ଲକ୍ଷ୍ୟଟିର ସବୁଠାରୁ ଅଧିକ ନିକଟବର୍ତ୍ତୀ ହୋଇ ପାରିଥିଲେ, ସେଥିଲାଗି ଆମେ ଶିଖମାନଙ୍କୁ ଦୃଷ୍ଟାନ୍ତରୂପେ ଗ୍ରହଣ କରିପାରିବା । ଶିଖଗୁରୁ ଗୋବିନ୍ଦ ସିଂହ ଖାଲ୍‌ସାର ସଂଗଠନ ମଧ୍ୟରେ ସୁଚିନ୍ତିତ ଭାବରେହିଁ ଶିଖମାନଙ୍କ ଲାଗି ଏକ ସାଧାରଣ ପାର୍ଥିବ ତଥା ଆଧ୍ୟାତ୍ମିକ କେନ୍ଦ୍ରର ଉଦ୍‌ଭାବନ କରିପାରିଥିଲେ; ଏବଂ ସେହିପରି ମରାଠାମାନେ ମଧ୍ୟ ଆତ୍ମସଚେତନ ଜାତିତ୍ୱଟିର ପ୍ରତିନିଧିତ୍ୱ କରୁଥିବା କେବଳ ଯେ ଏକ ପାର୍ଥିବ ମୁଖ୍ୟପଦର ପ୍ରତିଷ୍ଠା କରି ପାରିଥିଲେ ତା' ନୁହେଁ, ମାତ୍ର ସେମାନେ ସତେଅବା ଆପଣାକୁ ଧର୍ମଗତ ଯାବତୀୟ କ୍ଷେତ୍ରରୁ ଏପରି ଭାବରେ ବାହାର କରି ଆଣିଥିଲେ ଯେ, ବ୍ରାହ୍ମଣ ଓ ଶୂଦ୍ର ନିର୍ବିଶେଷରେ ସେଠାରେ ସମୁଦାୟ ଲୋକସମୂହଟିହିଁ କିୟତ୍କାଳ ସକାଶେ ସମ୍ଭବତଃ ଗୋଟାସୁଦ୍ଧା ସୈନ୍ୟ, ରାଜନୀତିଜ୍ଞ ଏବଂ ଦେଶଶାସକମାନଙ୍କର ଏକ ସମୂହରେ ପରିଣତ ହୋଇ ଯାଇଥିଲା ।

ଅନ୍ୟ ଭାଷାରେ କହିବାକୁ ଗଲେ, ସମାଜସ୍ଥ ଏକ ସୁନିର୍ଦ୍ଦିଷ୍ଟ ସୋପାନକ୍ରମର ଅନୁଷ୍ଠାନ ଜାତୀୟ ଗଠନର ପ୍ରାରମ୍ଭିକ ପ୍ରବୃତ୍ତିଗୁଡ଼ିକ ଲାଗି ଏକ ଆବଶ୍ୟକ ପର୍ଯ୍ୟାୟ ହୋଇ ରହିଆସିଥିବା ପରି ମନେ ହେଉଥିଲେ ମଧ୍ୟ ସେହି ଗଠନର ପରବର୍ତ୍ତୀ ପର୍ଯ୍ୟାୟଗୁଡ଼ିକୁ ସମ୍ଭବ କରିବା ଲାଗି ସେହି ପ୍ରଥମ ପର୍ଯ୍ୟାୟଟି ଆପଣା ମଧ୍ୟରେ ଅବଶ୍ୟ ପରିବର୍ତ୍ତନମାନ ଘଟାଇବ ଓ ଆପଣାକୁ ସମାପ୍ତ କରି ଦେବା ପାଇଁ ମଧ୍ୟ ଯେ ପ୍ରସ୍ତୁତ ହୋଇଯିବ, ତାହାର ମଧ୍ୟ ଏକ ପ୍ରୟୋଜନ ରହିଛି । କୌଣସି ଏକ ସାଧନ ବା ନିମିତ୍ତ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟଟି ଲାଗି ତଥା ପରିସ୍ଥିତିର ଏକ ନିର୍ଦ୍ଦିଷ୍ଟ ସମାହାରବେଳେ ନିଶ୍ଚୟ

'oaob.nitrkl.ac.in' images reprocessed

ଅତ୍ୟୁତ୍ତମ ଓ ସହାୟକ ହୋଇପାରେ; ମାତ୍ର ଯେତେବେଳେ ଅନ୍ୟ ଏକ କାର୍ଯ୍ୟ କରିବାକୁ ରହିଥିବ ଓ ପୂର୍ବ ପରିସ୍ଥିତିଗୁଡ଼ିକ ବଦଳି ଯାଇଥିବ, ଯଦି ସେତେବେଳେ ମଧ୍ୟ ସେହି ସାଧନଟିକୁ ତଥାପି ନ ବଦଳାଇ ସେହିପରିହିଁ ରଖାଯାଏ, ତେବେ ତାହା ଅନିବାର୍ଯ୍ୟ ଭାବରେ ଏକ ପ୍ରତିବନ୍ଧକରେ ପରିଣତ ହୋଇଯିବ । ଆଲୋଚିତ କ୍ଷେତ୍ରରେ ଯେଉଁ ନୂତନ ଦିକ୍‌ଚାଳନାଟିର ଆବଶ୍ୟକତା ରହିଥିଲା, ସେଇଟି ହେଉଛି ଯେ, ଯେଉଁଠି ଗୋଟିଏ ଶ୍ରେଣୀର ଆଧ୍ୟାତ୍ମିକ କର୍ତ୍ତୃତ୍ୱ ରହିଥିଲା ଓ ଆଉଗୋଟିଏ ଶ୍ରେଣୀର ରାଜନୀତିକ କର୍ତ୍ତୃତ୍ୱ ରହିଥିଲା, ସେଠାରେ ସେହି ବ୍ୟବସ୍ଥାଟିକୁ ବଦଳାଇ କ୍ରମବିକଶିତ ହୋଇ ଆସୁଥିବା ଜାତିଟିର ସାର୍ବଜନୀନ ଜୀବନକୁ କେନ୍ଦ୍ରୀକୃତ କରି ଆଣିବାର ଆବଶ୍ୟକତା ରହିଥିଲା, ଜଣେ ଧର୍ମକ୍ଷେତ୍ରୀୟ ମୁଖ୍ୟଙ୍କ ସ୍ଥାନରେ ଜଣେ ପାର୍ଥିବ ମୁଖ୍ୟଙ୍କ ଅଧୀନରେହିଁ ଏହି କେନ୍ଦ୍ରୀକରଣଟିକୁ ସଂପନ୍ନ କରିବାର ଆବଶ୍ୟକତା ରହିଥିଲା । ବା, ଯଦି ଲୋକମାନଙ୍କ ମଧ୍ୟରେ ଧର୍ମଗତ ପ୍ରବୃତ୍ତିଟି ଏତେବେଶୀ ଶକ୍ତିଶାଳୀ ହୋଇ ରହିଥିଲା ଯେ ସେହି କାରଣରୁ ଆଧ୍ୟାତ୍ମିକ ଓ ଇହଗତ ବିଷୟଗୁଡ଼ିକୁ ପରସ୍ପରଠାରୁ ଅଲଗା କରି ରଖିବା ପ୍ରକୃତରେ ସମ୍ଭବ ହୋଇପାରୁ ନ ଥିଲା, ତେବେ ତାହାକୁ ଏପରି ଜଣେ ଜାତୀୟ ମୁଖ୍ୟଙ୍କର ଅଧୀନରେ ସଂପନ୍ନ କରିବାର ଆବଶ୍ୟକତା ରହିଥିଲା, ଯିଏକି ଏହି ଦୁଇଟିଯାକ କ୍ଷେତ୍ରରେହିଁ କର୍ତ୍ତୃତ୍ୱସ୍ଥାନ ରୂପେ ପ୍ରତିଷ୍ଠିତ ରହିପାରିବେ । ବିଶେଷତଃ, ଏଠାରେ ଏକ ରାଜନୀତିକ ଆତ୍ମସଚେତନତାର ସୃଷ୍ଟି କରିବାର ପ୍ରୟୋଜନ ରହିଥିଲା, କାରଣ ସେଇଟି ବ୍ୟତୀତ କୌଣସି ପ୍ରକାର ଜାତି-ଏକକର ସଫଳ ସଂଗଠନ ଆଦୌ ସମ୍ଭବ ହେବ ନାହିଁ ଏବଂ ତେଣୁ ଏହାର ସୃଷ୍ଟି ପାଇଁ ଯଥୋପଯୁକ୍ତ ହୋଇ ରହିଥିବା ମନୋଭାବ, କାର୍ଯ୍ୟକଳାପ ଏବଂ ସାଧନଗୁଡ଼ିକୁହିଁ କିୟତ୍କାଳ ସକାଶେ ବାଟ ଦେଖାଇବାକୁ ପଡ଼ିବ ଏବଂ ଅନ୍ୟାନ୍ୟ ଯାବତୀୟ ମନୋଭାବ, କାର୍ଯ୍ୟକଳାପ ତଥା ସାଧନଗୁଡ଼ିକ ସେଗୁଡ଼ିକର ପଛପଛେ ରହି ସେଗୁଡ଼ିକୁ ବଳପ୍ରଦାନ କରିବାରେ ଲାଗିଥିବ । ଏକ ଗିର୍ଜାସଂସ୍ଥା ଅଥବା ଏକ କର୍ତ୍ତୃତ୍ୱଶାଳୀ ପୁରୋହିତକୁଳ କେବଳ ଆପଣାର କର୍ମବୃତ୍ତିଟି ମଧ୍ୟରେ ଆବଦ୍ଧ ରହି କଦାପି କୌଣସି ଜାତିର ସୁସଂଗଠିତ ରାଜନୀତିକ ଏକତାଟିକୁ ଗଢ଼ିପାରିବ ନାହିଁ । କାରଣ ତାହା ସର୍ବଦା ରାଜନୀତିକ କିଂବା ଶାସନଗତ ପ୍ରୟୋଜନଗୁଡ଼ିକ ଦ୍ୱାରା ପରିଚାଳିତ ନ ହୋଇ ଅନ୍ୟ ବିଚାରଗୁଡ଼ିକ ଦ୍ୱାରାହିଁ ପରିଚାଳିତ ହେଉଥାଏ, ଏବଂ ତାହା ଯେ କେବେ ଆପଣାର ବିଶେଷ ଭାବନା ଏବଂ ସ୍ୱାର୍ଥଗୁଡ଼ିକୁ ସେହି ପ୍ରୟୋଜନଗୁଡ଼ିକର ଅଧୀନ କରି ରଖିବ, ତାହା କଦାପି ଆଶା କରାଯାଇ ପାରିବ ନାହିଁ । ତିବ୍‌ବତରେ ଯେପରି ହୋଇଛି, ଯଦି ଧର୍ମସ୍ଥ ଜାତିଟି ଅଥବା ପୁରୋହିତ-ଶ୍ରେଣୀଟି କାର୍ଯ୍ୟତଃ କୌଣସି ଦେଶର ଶାସନକାରୀ ରାଜନୀତିକ ଶ୍ରେଣୀରୂପେ ମଧ୍ୟ ଅଧିଷ୍ଠିତ ହୋଇ ରହିଥାଏ, କେବଳ ସେହିଠାରେହିଁ

'oaob.nitrkl.ac.in' images reprocessed

ତାହା ଅନ୍ୟପ୍ରକାର ହୁଏ । ଭାରତବର୍ଷରେ, ଯେଉଁ ଜାତିଟି ପୁରୋହିତବୃତ୍ତି ଓ ଧର୍ମସମ୍ବନ୍ଧୀ ସ୍ୱାର୍ଥ ତଥା ବିଚାରଗୁଡ଼ିକ ଦ୍ୱାରା ଏବଂ ଅଂଶତଃ ଆଧ୍ୟାତ୍ମିକ ସ୍ୱାର୍ଥ ତଥା ପ୍ରୟୋଜନଗୁଡ଼ିକ ଦ୍ୱାରା ଆପଣାକୁ ପରିଶାସିତ କରି ଆସିଛି, ଯେଉଁ ଜାତିଟି ଆମର ଯାବତୀୟ ବିଚାର ଏବଂ ଆମ ସମାଜଟି ଉପରେ କର୍ତ୍ତୃତ୍ୱସଂପନ୍ନ ହୋଇ ରହିଛି ଓ ଜାତୀୟ ଜୀବନର ନୀତିଗୁଡ଼ିକର ମଧ୍ୟ ନିର୍ଦ୍ଧାରଣ କରିଦେଇଛି, ମାତ୍ର ବାସ୍ତବ କ୍ଷେତ୍ରରେ କେବେହେଲେ ରାଜତ୍ୱ କରି ନାହିଁ ଅଥବା ଶାସନ ମଧ୍ୟ କରି ନାହିଁ, ସେହି ଜାତିଟିର କର୍ତ୍ତୃତ୍ୱଶାଳିତାହିଁ ଏଠାରେ ଅପେକ୍ଷାକୃତ ଅଧିକ ପରିମାଣରେ ଐହିକ ବିଷୟଗୁଡ଼ିକରେ ଆଗ୍ରହ ରଖିଥିବା ଇଉରୋପୀୟ ଏବଂ ମଙ୍ଗୋଲୀୟ ଜାତିଗୁଡ଼ିକ ଅନୁସରଣ କରିଥିବା ବିକାଶର ମାର୍ଗଟି ଲାଗି ସର୍ବଦା ପ୍ରତିବନ୍ଧକ ପରି ଠିଆ ହୋଇ ରହିଆସିଛି । କେବଳ ବର୍ତ୍ତମାନ ଇଉରୋପୀୟ ସଭ୍ୟତା ଏଠାରେ ଆସି ପ୍ରବେଶ କରିସାରିବା ପରେ ଯାଇ ବ୍ରାହ୍ମଣଜାତି ଜାତୀୟ ଜୀବନଟି ଉପରେ ତା'ର ରହିଆସିଥିବା ଐକାନ୍ତିକ ପ୍ରଭାବଟିର ଅନେକାଂଶକୁ ଯେ କେବଳ ହରାଇଛି ତା' ନୁହେଁ, ମାତ୍ର ଆପଣାକୁ ମଧ୍ୟ ଅନେକ ପରିମାଣରେ ଐହିକତାର କ୍ଷେତ୍ରଟି ମଧ୍ୟକୁ ପ୍ରବିଷ୍ଟ କରାଇ ଆଣିଛି ଏବଂ ତାହାଫଳରେ ରାଜନୀତିକ ତଥା ଐହିକ ପ୍ରୟୋଜନଗୁଡ଼ିକ ମଧ୍ୟ କ୍ରମେ ପୁରୋଭାଗକୁ ଆସିପାରିଛି, ଏକ ପରିବ୍ୟାପ୍ତ ରାଜନୀତିକ ଆତ୍ମ-ସଚେତନତାର ଜାଗୃତି ଘଟିଛି, ଏବଂ ଏକ ଆଧ୍ୟାତ୍ମିକ ତଥା ସଂସ୍କୃତିଗତ ଏକତ୍ୱଠାରୁ ଅତ୍ୟନ୍ତ ସ୍ୱତନ୍ତ୍ର ଭାବରେ ଜାତିର ସଂଗଠିତ ଏକତାଟି ମଧ୍ୟ ସମ୍ଭବ ହୋଇ ପାରିଛି; ତାହା ବସ୍ତୁତଃ ସମ୍ଭବ ହୋଇଛି, କେବଳ କୌଣସି ନିର୍ଦ୍ଦିଷ୍ଟ ଆକାର ପାଇପାରି ନ ଥିବା ଏକ ଅବଚେତନ ପ୍ରବୃତ୍ତିମାତ୍ର ହୋଇ ରହି ନାହିଁ ।

ତେଣୁ, ଜାତି-ଏକକଟିକୁ ବିକଶିତ କରାଇ ଆଣିବାର ଦ୍ୱିତୀୟ ପର୍ଯ୍ୟାୟରେ ସମାଜର ଗଠନଟି ମଧ୍ୟରେ ଏଭଳି ନାନା ପରିବର୍ତ୍ତନ କରାଯାଇଛି, ଯାହାକି ରାଜନୀତିକ ତଥା ପ୍ରାଶାସନିକ ଏକତାର ଏକ ଶକ୍ତିଶାଳୀ ଏବଂ ଦୃଶ୍ୟମାନ କେନ୍ଦ୍ର ଲାଗି ଅବକାଶ ଆଣି ଯୋଗାଇ ଦେଇଛି । ଏକ ସୁନିରୂପିତ ସାମାଜିକ ସୋପାନକ୍ରମ ମଧ୍ୟ ଯେଉଁସବୁ ସ୍ୱାଧୀନତାକୁ ଆଣି ଯୋଗାଇ ଦେଇଥାଏ, ଏହି ପର୍ଯ୍ୟାୟଟିରେ ସେଗୁଡ଼ିକୁ କାଢ଼ି ନେଇ ଯିବା ଲାଗି ଏକ ପ୍ରବଳ ପ୍ରବୃତ୍ତି ଆସି ଦେଖା ଦେଇଛି ଏବଂ ସର୍ବଦା ଏକ ଏକଚ୍ଛତ୍ର ରାଜତନ୍ତ୍ରୀୟ ଶାସନ ନ ହେଲେ ମଧ୍ୟ ଏକ କର୍ତ୍ତୃତ୍ୱଶାଳୀ ରାଜତନ୍ତ୍ରର ଶାସନ ହାତରେ ସବୁ କ୍ଷମତା ଆସି ଠୁଳ ହୋଇ ରହିଛି । ଆଧୁନିକ ଗଣତାନ୍ତ୍ରିକ ବିଚାର ଅନୁସାରେ ରାଜପଦକୁ ହୁଏତ ଆପଣାକୁ କାର୍ଯ୍ୟକାରୀ କରିବାର କୌଣସି କ୍ଷମତା ନ ଥିବା ଗୋଟାଏ ନାମମାତ୍ର ପଦ ହିସାବରେ ସହ୍ୟ କରି ନିଆଯାଏ, ରାଷ୍ଟ୍ରୀୟ ଜୀବନର ଏକ ପରିକର ହିସାବରେ ମାନି ନିଆଯାଏ ବା ଶାସନକାର୍ଯ୍ୟରେ ଗୋଟିଏ ସୁବିଧାଜନକ କେନ୍ଦ୍ର ରୂପେ

'oaob.nitrkl.ac.in' images reprocessed

ତାହାକୁ ଗ୍ରହଣ କରି ନିଆଯାଏ; ମାତ୍ର କୌଣସି ଅପରିହାର୍ଯ୍ୟ ପ୍ରକୃତ ନିୟନ୍ତ୍ରଣକାରୀ ଆସ୍ଥାନ ରୂପେ ଆଉ କଦାପି ବିଚାର କରାଯାଏ ନାହିଁ । କିନ୍ତୁ ମଧ୍ୟ ଯୁଗରେ ଜାତି-ଏକକଟିର ବିକାଶଟି ଯେପରି ପ୍ରକୃତରେ କ୍ରମାଗ୍ରସର ହୋଇ ଆସିଥିଲା, ସେଥିରେ ଏକ ଶକ୍ତିଶାଳୀ ରାଜପଦର ମହତ୍ତ୍ୱକୁ ଆମେ କେବେହେଲେ ଅତିରଞ୍ଜନ କରି କହିପାରିବା ନାହିଁ । ଏପରିକି ମହାଦେଶଟିରୁ ଅଲଗା ହୋଇ ରହିଥିବା ସ୍ୱତନ୍ତ୍ରତାପ୍ରିୟ ବ୍ୟକ୍ତିବାଦୀ ଇଂଲଣ୍ଡରେ ମଧ୍ୟ ପ୍ଲାଣ୍ଟାଜେନେଟ୍ ଏବଂ ଟିଉଡ଼ରମାନଙ୍କୁ ଗୋଟିଏ ଗୋଟିଏ ଅସଲ ଏବଂ କ୍ରିୟାଶୀଳ କେନ୍ଦ୍ରରୂପେ ବ୍ୟବହାର କରିହିଁ ଜାତି ଏକ ଦୃଢ଼ ଆକାର ମଧ୍ୟକୁ ବିକଶିତ ହୋଇପାରିଥିଲା ଏବଂ ଆପଣାର ବଳକ୍ଷେତ୍ରରେ ବୟଃପ୍ରାପ୍ତ ହୋଇ ପାରିଥିଲା; ଏବଂ ଇଉରୋପର ମହାଦେଶୀୟ ଭୂଖଣ୍ଡଟିରେ ମଧ୍ୟ ବିଭିନ୍ନ ଦେଶରେ, ଅର୍ଥାତ୍ ଫ୍ରାନ୍ସ୍‌ରେ କାପେଟ୍ ଏବଂ ସେମାନଙ୍କର ଉତ୍ତରାଧିକାରୀମାନେ, ସ୍ପେନ୍‌ରେ କାଷ୍ଟାଇଲ୍ ବଂଶ, ତଥା ରୁଷିଆରେ ରୋମାନଫ୍ ତଥା ସେମାନଙ୍କର ପୂର୍ବଗାମୀମାନେ ଏହି କ୍ଷେତ୍ରରେ ଯେଉଁସବୁ ଭୂମିକା ଗ୍ରହଣ କରିଥିଲେ, ତାହାକୁ ଆମେ ଆହୁରି ଅଧିକ ପ୍ରଧାନସ୍ଥାନୀୟ ବୋଲି ନିଶ୍ଚୟ କହିପାରିବା । ଏହି ଦୃଷ୍ଟାନ୍ତଗୁଡ଼ିକରୁ ଶେଷଟିର କ୍ଷେତ୍ରରେ ଜଣେ ହୁଏତ ପ୍ରାୟ ଏକଥା ମଧ୍ୟ କହିପାରିବ ଯେ ଇଭାନ୍, ପିଟର୍ ଏବଂ କ୍ୟାଥେରିନ୍‌ମାନେ ନ ଥିଲେ ପ୍ରକୃତରେ ରୁଷିଆ ବୋଲି କିଛି ସମ୍ଭବହିଁ ହୋଇ ନ ଥାନ୍ତା । ଏବଂ ଏପରିକି ଏହି ଆଧୁନିକ ଯୁଗରେ ମଧ୍ୟ, ଜର୍ମାନୀର ଏକତ୍ରୀକରଣ ତଥା ବିକାଶରେ ହୋହେନ୍‌ଜୋଲର୍ନ୍ ବଂଶ ଯେଉଁ ମଧ୍ୟ-ଯୁଗୀୟ ଭୂମିକାଟିକୁ ଗ୍ରହଣ କରିଥିଲେ, ଗଣତାନ୍ତ୍ରିକ ଜାତିବର୍ଗ ତାହାକୁ ଏକ ଅସ୍ୱସ୍ତି ବିସ୍ମୟର ସହିତହିଁ ଅବଲୋକନ କରିବାକୁ ବାଧ୍ୟ ହୋଇଥିଲେ, କାରଣ ସେମାନେ ଏଭଳି ଗୋଟିଏ ବ୍ୟାପାରକୁ ଆଉ ଆଦୌ ବୁଝିପାରି ନ ଥିଲେ ଏବଂ ଏହି ଭୂମିକାଟି ସେମାନଙ୍କୁ ଆଦୌ ମହତ୍ତ୍ୱପୂର୍ଣ୍ଣ ବୋଲି ମନେହୋଇ ନ ଥିଲା । ମାତ୍ର, ବଲ୍‌କାନ୍ ଅଞ୍ଚଳର ନୂତନ ଜାତିମାନଙ୍କର ଗଠନକାଳୀନ ପ୍ରଥମ ପର୍ଯ୍ୟାୟଟିରେ ମଧ୍ୟ ଆମେ ଲକ୍ଷ୍ୟ କଲେ ଠିକ୍ ସେହି ଘଟଣାଟିକୁହିଁ ଦେଖିବାକୁ ପାଇ ପାରିବା । ସେମାନେ ଅଙ୍ଗେ ନିଭାଇଥିବା ଯାବତୀୟ ସୁଖାନ୍ତକତା ଏବଂ ଦୁଃଖାନ୍ତକତା ସତ୍ତ୍ୱେ ସେମାନଙ୍କୁ ଗୋଟିଏ କେନ୍ଦ୍ରର ଚାରିପାଖରେ ଏକତ୍ର କରି ଆଣିବାକୁ ଓ ସେମାନଙ୍କର ବିକାଶରେ ସହାୟତା କରିବାକୁ ସେଠାରେ ଯେ ଜଣେ ରାଜା ଖୋଜା ଯାଉଥିଲେ, ପୁରାକାଳୀନ ପ୍ରୟୋଜନଟିର ଅର୍ଥରେ ଏକ ସଙ୍ଗତ ଘଟଣାରୂପେ ଆମେ ତାହାକୁ ନିଶ୍ଚୟ ସଂପୂର୍ଣ୍ଣ ଭାବରେ ବୁଝିପାରିବା । ବର୍ତ୍ତମାନ*

* ବର୍ତ୍ତମାନ ତାହା ସ୍ଥାନରେ ଯେଉଁ ଆଧ୍ୟାତ୍ମିକ ରାଜନୀତିକ ମୁଖ୍ୟପଦଟିର ପ୍ରତିଷ୍ଠା ହୋଇଛି, ସେଥିରେ ପ୍ରାୟ ଅର୍ଦ୍ଧ-ଈଶ୍ୱରୀୟ ଜଣେ ସର୍ବୋଚ୍ଚ ନେତା ଏକାଧିନାୟକ ହୋଇ ବସିଛନ୍ତି । ଯିଏକି ଆପଣା ମଧ୍ୟରେ ସମୁଦାୟ ଜାତିଟିର ବ୍ୟକ୍ତିତ୍ୱକୁ ବହନ କରି ଅବତରି ଆସିଛନ୍ତି ।

'oaob.nitrkl.ac.in' images reprocessed

ସେକଥାଟି ସେତେ ଯଥାର୍ଥ ଭାବରେ ଏକ ପ୍ରୟୋଜନ ହୋଇ ଦେଖା ଦେବ ନାହିଁ ସତ, ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ଜାତିଗୁଡ଼ିକର ଅବଚେତନ ମାନସରେ ସେହି କଥାଟି ନିଶ୍ଚୟ ଅନୁଭୂତ ହୋଇଥିଲା । ଏକ ନୂତନ ଧରଣର ଜାତି ହିସାବରେ ଜାପାନର ଗଠନ ହେବା ସମୟରେ ମିକାଡ଼ୋ ମଧ୍ୟ ଏକ ତତ୍ତୁଲ୍ୟ ଭୂମିକା ଗ୍ରହଣ କରିଥିଲେ, ନୂତନ ପ୍ରବର୍ତ୍ତନକାରୀମାନଙ୍କର ସ୍ୱଭାବପ୍ରେରିତ ଆଗ୍ରହଟି ମିକାଡ଼ୋଙ୍କୁ ତାଙ୍କର ସେହି ଅସହାୟତାପୂର୍ଣ୍ଣ ଏକାନ୍ତବାସଟି ମଧ୍ୟରୁ ବାହାରକୁ ବାହାର କରି ଆଣିଥିଲା ଏବଂ ଏହି ଅନ୍ତଃତଳୀୟ ଆବଶ୍ୟକତାଟିର ସମ୍ମୁଖୀନ ହେବା ଲାଗି ତାଙ୍କୁ ପ୍ରେରିତ କରିଥିଲା । ବିପ୍ଳବକାଳୀନ ଚୀନରେ ଦେଶର ଶାସନକୁ ଏକ ଜାତୀୟ ରାଜତନ୍ତ୍ରରୂପେ ପରିଣତ କରିଦେବାକୁ ଏକ ସାମୟିକ ଏକାଧିନାୟକତନ୍ତ୍ର ସେଠାରେ ଯେଉଁ ଉଦ୍ୟମ କରିଥିଲା, ତାହାର କାରଣରୂପେ ଆମେ ଏକ ବ୍ୟାବହାରିକ ଦୃଷ୍ଟିସଂପନ୍ନ ବ୍ୟକ୍ତିର ମନରେ ଏହିପରି ଏକ ଅନୁଭବର ଉଦୟ ହୋଇଥିଲା ବୋଲି ଯେତିକି କହିପାରିବା, କେବଳ ଜଣେ ବ୍ୟକ୍ତିର ମହତ୍ତ୍ୱାକାଙ୍‌କ୍ଷାକୁ ମଧ୍ୟ ଠିକ୍ ସେତିକି ପରିମାଣରେ ଦାୟୀ କରିପାରିବା ।* କୌଣସି ଜାତିର ବିକାଶରେ ଏକ ସବୁଠାରୁ ଅଧିକ ସଂକଟପୂର୍ଣ୍ଣ ତଥା ମୀମାଂସକ ପର୍ଯ୍ୟାୟରେ ଜାତୀୟ ଜୀବନକୁ ଗୋଟିଏ ନିର୍ଦ୍ଦିଷ୍ଟ କେନ୍ଦ୍ର ଚାରିପାଖରେ ଆଣି ଠୁଳ କରିଦେବାରେ ଓ ତାହାକୁ ଏକ ନିର୍ଦ୍ଦିଷ୍ଟ ଆକାର ଆଣି ଦେବାରେ ରାଜପଦ ଯେଉଁ ବୃହତ୍ ଭୂମିକାଟି ଗ୍ରହଣ କରି ଆସିଛି, ପ୍ରଧାନତଃ ସେହିଭଳି ଏକ ଅର୍ଥରେହିଁ ରାଜପଦରେ ପ୍ରାୟ ଏକ ପବିତ୍ର ଲକ୍ଷଣଯୁକ୍ତତାକୁ ଆଣି ଆରୋପ କରିବା ଲାଗି ପ୍ରାଚ୍ୟ ଦେଶମାନଙ୍କରେ ସର୍ବଦା ଏକ ସାଧାରଣ ପ୍ରବୃତ୍ତି ରହିଆସିଛି ଓ ପାଶ୍ଚାତ୍ୟ ଦେଶଗୁଡ଼ିକରେ ମଧ୍ୟ ସେହି ପ୍ରବୃତ୍ତିଟି ଏକାବେଳେକେ ଅନୁପସ୍ଥିତ ରହିଛି ବୋଲି କଦାପି କହିହେବ ନାହିଁ । ବଡ଼ ବଡ଼ ରାଜବଂଶମାନେ ବା ସେମାନଙ୍କର ଦାୟାଦମାନେ ସେମାନଙ୍କର ଅଧୋଗତି ତଥା ବିନଷ୍ଟ ହୋଇଯିବାର ମୁହୂର୍ତ୍ତଟିରେ ମଧ୍ୟ ସେହି ଜାତିର ପ୍ରଜାମାନେ ସେମାନଙ୍କ ପ୍ରତି କେତେ ଅଧିକ ଅନୁରକ୍ତିଭାବ ପ୍ରଦର୍ଶନ କରି ଆସିଛନ୍ତି, ଏକଥାଟିରୁ ମଧ୍ୟ ଆମକୁ ତାହାର ଏକ ନିଦର୍ଶନ ମିଳି ଯାଇଥାଏ ।

---

* ଏଠାରେ ଉଲ୍ଲେଖ କରି ରଖିବା ଉଚିତ ଯେ ଚୀନରେ ଆଧୁନିକ ମାନସର ସେହି ଗଣତାନ୍ତ୍ରିକ ଆଦର୍ଶବାଦଟି ମଧ୍ୟ ଜଣେ ''ନେତା''ଙ୍କୁ କେନ୍ଦ୍ରକରି ମୂର୍ତ୍ତରୂପ ଧାରଣ କରିବାକୁ ବାଧ୍ୟ ହୋଇଛି; ଏଥିଲାଗି ତାହା ଜଣେ ସୁନ୍-ୟାତ୍-ସେନ୍ ଅଥବା ଚିଆଙ୍ଗ୍-କାଇ-ଶେକ୍‌ଙ୍କୁ ଲୋଡ଼ିବାକୁ ଯାଇଛି ଏବଂ ଏହି ଜୀବନ୍ତ କେନ୍ଦ୍ରଟିର କ୍ଷମତା ଉପରେହିଁ ସେହି ପ୍ରେରଣାର ଶକ୍ତିଶାଳିତା ସମ୍ପୂର୍ଣ୍ଣଭାବରେ ନିର୍ଭରଶୀଳ ହୋଇ ରହିଛି ।

'oaob.nitrkl.ac.in' images reprocessed

ମାତ୍ର, ଆପଣାର ଏହି ବିଶିଷ୍ଟ ଭୂମିକାରେ ଜାତୀୟ ବିକାଶର ଏହି ଘଟଣାଟି ଯେତେବେଶୀ ପ୍ରଧାନସ୍ଥାନୀୟ ହୋଇ ରହିଥିଲେ ମଧ୍ୟ ତାହା ପ୍ରାୟ ଅନିବାର୍ଯ୍ୟ ଭାବରେହିଁ ଜନଗଣର ଆଭ୍ୟନ୍ତରୀଣ ସ୍ୱାଧୀନତାଗୁଡ଼ିକୁ ଦବାଇ ରଖିବାରେ ଆପଣାକୁ ସର୍ବଦା ସଂଯୁକ୍ତ କରି ରଖି ଆସିଛି ଏବଂ ସେହି କାରଣରୁହିଁ ଯେତେ ଅବିବେଚିତ ଭାବରେ ହେଲେ ମଧ୍ୟ ବଡ଼ ସ୍ୱାଭାବିକ ଭାବରେ ଆଧୁନିକ ମନ ପୁରାତନ ଯୁଗର ରାଜତନ୍ତ୍ରୀୟ ନିରଙ୍କୁଶ ଶାସନ ଓ ତାହାର ପ୍ରବୃତ୍ତିଗୁଡ଼ିକର ବିଚାର କଲାବେଳେ ପ୍ରକୃତରେ ଏତେ କଠୋରତା ପ୍ରଦର୍ଶନ କରି ଆସିଛି । କାରଣ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ପର୍ଯ୍ୟାୟଟିର ଆନ୍ଦୋଳନଟି ସମୟରେ ସମସ୍ତଙ୍କୁ ଆଣି ଗୋଟିଏ କେନ୍ଦ୍ରର ଚାରିପାଖରେ ବାନ୍ଧି କରି ରଖାଯାଇଛି, ନାନା କଠୋରତା ଅବଲମ୍ବନ କରାଯାଇଛି, ଏକରୂପତା, କଠୋର ନିୟନ୍ତ୍ରଣ ଏବଂ ଏକୋଦ୍ଦିଷ୍ଟ ପରିଚାଳନାର ଆଶ୍ରୟ ନିଆଯାଇଛି; ତାହା ଗୋଟିଏ ବିଧାନ, ଗୋଟିଏ ଶାସନ ତଥା କେନ୍ଦ୍ରସ୍ଥ ଗୋଟିଏ କର୍ତ୍ତୃତ୍ୱକୁ ସମସ୍ତଙ୍କ ଉପରେ ଆଣି ଲାଗୁ କରିବାର ପ୍ରୟୋଜନଟିର ସମ୍ମୁଖୀନ ହୋଇଛି; ଏବଂ ତେଣୁ ସେହି କର୍ତ୍ତୃତ୍ୱଟିକୁ ଯେକୌଣସି ପ୍ରକାରେ ଆଣି ଲଦି ଦେବାକୁ ଓ ତାହାକୁ ଗୋଟିଏ କେନ୍ଦ୍ରରେ ଆଣି ଠୁଳ କରି ରଖିବାକୁ ତାହା ବାଧ୍ୟ ହୋଇଛି, ଜନଗଣର ସ୍ୱାଧୀନତା ଓ ସ୍ୱତନ୍ତ୍ର ପୃଥକ୍‌ତାଗୁଡ଼ିକୁ କ୍ରମଶଃ ସଂକୀର୍ଣ୍ଣ କରି ଆଣିବାକୁ ଓ ପ୍ରୟୋଜନ ହେଲେ ସେଗୁଡ଼ିକୁ ଦବାଇ ଦେବାକୁ ମଧ୍ୟ ବାଧ୍ୟ ହୋଇଛି । ଇଂଲଣ୍ଡରେ ଚତୁର୍ଥ ଏଡ଼ୱାର୍ଡଙ୍କଠାରୁ ଏଲିଜାବେଥ୍‌ଙ୍କ ଯାଏ ପ୍ରସାରିତ ହୋଇ ରହିଥିବା ନୂତନ ରାଜତନ୍ତ୍ରର କାଳଟି, ଫ୍ରାନ୍ସ୍‌ରେ ଚତୁର୍ଥ ହେନରିଙ୍କଠାରୁ ଚତୁର୍ଦ୍ଦଶ ଲୁଇଙ୍କ ପର୍ଯ୍ୟନ୍ତ ସେଇ ମହାନ୍ ବୁର୍ବଁ ସମୟଟି, ସ୍ପେନ୍‌ରେ ଫର୍ଡ଼ିନାଣ୍ଡଙ୍କଠାରୁ ଦ୍ୱିତୀୟ ଫିଲିପ୍‌ଙ୍କ ପର୍ଯ୍ୟନ୍ତ ପ୍ରସାରିତ ହୋଇ ରହିଥିବା ଯୁଗଟି ଏବଂ ରୁଷିଆରେ ପିଟର୍ ଦି ଗ୍ରେଟ୍ ଏବଂ କାଥେରିନ୍‌ଙ୍କ ସମୟଟି,– ଏଗୁଡ଼ିକୁ ଆମେ ସେହିଭଳି ଗୋଟିଏ ଗୋଟିଏ ପର୍ଯ୍ୟାୟ ବୋଲି କହିବା, ଯେତେବେଳେ କି ଏହିସବୁ ଜାତି ପରିପକ୍ୱତା ଲାଭ କରିଥିଲେ, ଆପଣାର ସ୍ୱକୀୟ ପ୍ରାଣଟିକୁ ପୂର୍ଣ୍ଣଭାବରେ ଗଠିତ ଓ ଦୃଢ଼ କରି ପାରିଥିଲେ ଏବଂ ଏକ ସୁଦୃଢ଼ ସଂଗଠନ ସମ୍ଭବ କରି ପାରିଥିଲେ । ମାତ୍ର ଏହି ସବୁଗୁଡ଼ିକ କାଳକୁ ଆମେ ଗୋଟିଏ ଗୋଟିଏ ନିରଙ୍କୁଶତା ଏବଂ ଏକଚ୍ଛତ୍ରତାର କାଳ ବୋଲି ମଧ୍ୟ କହିପାରିବା ବା ସେହି ନିରଙ୍କୁଶତା ଓ ଏକଚ୍ଛତ୍ରତା ଆଡ଼କୁ ଅଗ୍ରସର ହୋଇ ଯାଉଥିବା ଗୋଟିଏ ଗୋଟିଏ କାଳ ବୋଲି କହିପାରିବା; ଏହିସବୁ ସମୟରେ ଏକ ନିର୍ଦ୍ଦିଷ୍ଟ ଏକସମାନତାର ପ୍ରତିଷ୍ଠା କରାଯାଇଥିଲା ବା ସେହି ପ୍ରତିଷ୍ଠା ଲାଗି ଉଦ୍ୟମ କରାଯାଇଥିଲା । ଏହି ଏକଚ୍ଛତ୍ରତାର ଅଧିକ ଆଦିମ ପରିଚ୍ଛଦ ଓ ଆଚ୍ଛାଦନଟି ମଧ୍ୟରେ ପୁଣି ଆବିର୍ଭୂତ ହୋଇ ଆସୁଥିବା ରାଷ୍ଟ୍ରର ବିଚାରଟି ଅନ୍ତର୍ଭୁକ୍ତ ହୋଇ ରହିସାରିଥିଲା; ରାଜ୍ୟର ଜନଗଣଙ୍କୁ ଏକ, ଅବିଭକ୍ତ, ସଂପୂର୍ଣ୍ଣ ଭାବରେ

'oaob.nitrkl.ac.in' images reprocessed

କର୍ମଦକ୍ଷ ଏବଂ ମାନସ ତଥା ଶରୀରର କ୍ଷେତ୍ରରେ ସଂପୂର୍ଣ୍ଣ ଓ ନିଖୁଣ ଭାବରେ ସୁନିୟନ୍ତ୍ରିତ କରି ରଖିବା ଉଦ୍ଦେଶ୍ୟରେ ସେମାନଙ୍କର ଜୀବନ, ବିଚାର ଏବଂ ବିବେକ ଉପରେ ଆପଣାର ଅଧିକାରଗୁଡ଼ାକୁ ନେଇ ଲଦି ଦେବାର ସଂପୂର୍ଣ୍ଣ କ୍ଷମତା ଯେ ରହିଛି, ସେଇଟିକୁ ମଧ୍ୟ ସ୍ୱୀକାର କରି ନିଆଯାଇ ସାରିଥିଲା ।*

ଏହି ଦୃଷ୍ଟିକୋଣଟିକୁ ସମ୍ମୁଖରେ ରଖିହିଁ ଆମେ ସବୁଠାରୁ ଅଧିକ ବୁଦ୍ଧିଯୁକ୍ତ ଭାବରେ ଟିଉଡ଼ର ଓ ଷ୍ଟୁଆର୍ଟମାନେ ଜନଗଣଙ୍କ ଉପରେ ଯେଉଁ ରାଜତନ୍ତ୍ରଗତ କର୍ତ୍ତୃତ୍ୱ ଏବଂ ଧର୍ମଗତ ଏକସମାନତା ଦୁଇଟିଯାକକୁ ନେଇ ଲଦିଦେବାର ଚେଷ୍ଟା କରିଥିଲେ, ସେଇଟିକୁ ବୁଝିବାକୁ ସମର୍ଥ ହୋଇଯିବା । ଏବଂ ସେତିକିବେଳେ ଯାଇ ଫ୍ରାନ୍ସରେ ଧର୍ମକୁ ନେଇ ଯେଉଁସବୁ ଯୁଦ୍ଧ ଲାଗିଥିଲା, ସ୍ପେନ୍‌ରେ କାଥୋଲିକ୍ ରାଜତନ୍ତ୍ର ଆପଣାର ଧର୍ମାଧିକରଣର ବିଧାନଟି ଜାରିକରି ଯେଉଁସବୁ ନିର୍ମମ ଅତ୍ୟାଚାର ଭିଆଇଥିଲା, ଏବଂ ରୁଷିଆରେ ନିରଙ୍କୁଶ ଜାର୍‌ମାନେ ମଧ୍ୟ ଜବରଦସ୍ତି ଏକ ନିରଙ୍କୁଶ ଜାତୀୟ ଚର୍ଚ୍ଚ ବା ଗିର୍ଜାସଂସ୍ଥାକୁ ଆଣି ଲଦି ଦେବା ଲାଗି ଯେଉଁ ଉତ୍ପୀଡ଼ନକାରୀ ଇଚ୍ଛାଟିକୁ ପ୍ରକଟ କରିଥିଲେ, ସେଗୁଡ଼ିକର ପ୍ରକୃତ ତାତ୍ପର୍ଯ୍ୟଟିକୁ ମଧ୍ୟ ହୃଦୟଙ୍ଗମ କରିବାକୁ ସମର୍ଥ ହୋଇଯିବା । ଏହି ଚେଷ୍ଟାଟି ଇଂଲଣ୍ଡରେ ସଫଳ ହୋଇ ନ ଥିଲା, କାରଣ ଏଲିଜାବେଥ୍‌ଙ୍କର ରାଜତ୍ୱ ଅନ୍ତେ ତାହା ପ୍ରକୃତରେ କୌଣସି ପ୍ରକୃତ ଆବଶ୍ୟକତାର ଉତ୍ତର ଦେଇ ପାରିଲା ନାହିଁ । କାରଣ ଜାତି ସେତେବେଳକୁ ସୁଗଠିତ ହୋଇ ସାରିଥିଲା, ବଳଶାଳୀ ହୋଇ ସାରିଥିଲା ଏବଂ ବାହାରୁ କେହି ଆସି ତାହାକୁ ପୁନର୍ବାର ଭାଗ ଭାଗ କରିଦେବାର ବିପଦଟିରୁ ସଂପୂର୍ଣ୍ଣ ନିରାପଦ ହୋଇ ସାରିଥିଲା । ଅନ୍ୟତ୍ର, ପ୍ରୋଟେଷ୍ଟାଣ୍ଟ ଏବଂ କାଥୋଲିକ୍ ଉଭୟ ପ୍ରକାରର ଦେଶରେ ତାହା ସଫଳତା ଲାଭ କରିଥିଲା, ବା କେତୋଟି ବିରଳ ଦୃଷ୍ଟାନ୍ତରୂପେ ପୋଲାଣ୍ଡ୍‌ରେ ଏହି ଆନ୍ଦୋଳନଟି ଆଦୌ ଘଟି ପାରିଲା ନାହିଁ ବା ବିଫଳହିଁ ହୋଇଗଲା ଓ ତାହାର ପରିଣାମ ବଡ଼ ଭୟାବହ ହୋଇପଡ଼ିଥିଲା । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ସବୁ ଜାଗାରେ ମନୁଷ୍ୟର ଆତ୍ମା ଉପରେ ଏକ ଅତ୍ୟାଚାର ରୂପେହିଁ ତାହା ନିଜକୁ ସଂଘଟିତ କରିଥିଲା, ମାତ୍ର କେବଳ ଶାସକମାନଙ୍କର ପ୍ରକୃତିଗତ କୌଣସି ଦୁଷ୍ଟତା ହେତୁ ଯେ ଏହା ଘଟିଥିଲା ସେକଥା ନୁହେଁ, ମାତ୍ର ରାଜନୀତିକ ଏବଂ ଯନ୍ତ୍ରବତ୍ କେତେଟା ଉପାୟର ସାହାଯ୍ୟରେ ଜାତି-ଏକକଟିର ଗଠନ-ପର୍ଯ୍ୟାୟରେ ଏକ ଅନିବାର୍ଯ୍ୟ ଘଟଣାରୂପେହିଁ ତାହା ଘଟିଥିଲା । ସାରା ଇଉରୋପରେ କେବଳ ଗୋଟିଏ ଦେଶ ଇଂଲଣ୍ଡରେ ଯେ

---

* ରୁଷିଆ, ଇଟାଲି ଏବଂ ଜର୍ମାନୀରେ ଆମେ ବର୍ତ୍ତମାନ କ୍ରମଶଃ ଅଧିକରୁ ଅଧିକ ସମ୍ପୂର୍ଣ୍ଣହେବାରେ ଲାଗିଥିବା ଏହି ଏକସତ୍ତାତ୍ମକ ବିଚାରଟିର ଦୃଷ୍ଟାନ୍ତ ଦେଖିବାକୁ ପାଇଯିବା ।

'oaob.nitrkl.ac.in' images reprocessed

ମନୁଷ୍ୟକୁ ନିୟନ୍ତ୍ରଣମୁକ୍ତ କରି ରଖିବାର ବିଚାରଟି ଆପଣାର ସ୍ୱାଭାବିକ ସୋପାନଗୁଡ଼ିକ ଦେଇ ଅଗ୍ରସର ହୋଇ ପାରିଥିଲା, ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାହା ମୁଖ୍ୟତଃ ଇଂରେଜ ଜନଗଣଙ୍କରହିଁ ଗୁଣଗତ ସୁଯୋଗ୍ୟତା ସକାଶେ ସମ୍ଭବ ହୋଇଥିଲା; ମାତ୍ର ସୌଭାଗ୍ୟତଃ ଇଂଲଣ୍ଡର ବିଶେଷ ଐତିହାସିକ ଧାରା ଏବଂ ତା'ର ଦ୍ୱୀପାବସ୍ଥିତିର ବିଶେଷ ପରିବେଶଟି ସକାଶେହିଁ ତାହା ଆହୁରି ଅଧିକ ପରିମାଣରେ ସମ୍ଭବ ହୋଇପାରିଲା ।

ଏହି ବିବର୍ତ୍ତନଟି ମଧ୍ୟରେ ରାଜତନ୍ତ୍ରୀୟ ରାଷ୍ଟ୍ର ଜନଗଣଙ୍କର ଧର୍ମକ୍ଷେତ୍ରୀୟ ସ୍ୱତନ୍ତ୍ରତାଗୁଡ଼ିକୁ ହୁଏତ ଦଳି ଚୂନା କରିଦେଲା ଅଥବା ସେଗୁଡ଼ିକୁ ଆପଣା ଅଧୀନରେ ବାଧ୍ୟ କରି ରଖିଲା; ଏବଂ ତାହାର ଆଦେଶପାଳନକାରୀ ଅଥବା ତାକୁ ଆପଣାର ପକ୍ଷକୁ ଆଉଜାଇ ନେଇଥିବା ଗିର୍ଜାବ୍ୟବସ୍ଥାକୁ ଆପଣାର ଈଶ୍ୱରୀୟ ଏକାଧିକାରଗୁଡ଼ିକୁ ଜାରି କରି ରଖିବାରେ ତାହା ଆପଣାର ପୁରୋହିତରୂପେ ବ୍ୟବହାର କରିଥିଲା, ତାହା ଧର୍ମସଂସ୍ଥାକୁ ଓ ଧର୍ମଜୀବନକୁ ଏକ ଇହସ୍ୱାର୍ଥସଂପନ୍ନ ରାଜସିଂହାସନର ପରିଚାରିକା କରି ରଖିଲା । ତାହା ସମ୍ଭ୍ରାନ୍ତବର୍ଗର ସକଳ ସ୍ୱାଧୀନତାକୁ ନଷ୍ଟ କରି ଦେଇଥିଲା ଏବଂ ତାହାକୁ କେବଳ ବିଶେଷ ସୁବିଧା ଭୋଗ କରିବା ଲାଗିହିଁ ଅନୁମତି ଦେଇଥିଲା; ଏବଂ ସମ୍ଭ୍ରାନ୍ତତନ୍ତ୍ର ଯେପରି ରାଜାଙ୍କର କ୍ଷମତାଟିକୁ ସତତ ସମର୍ଥନ କରୁଥିବେ ଏବଂ ତାହାରିହିଁ ପୁଷ୍ଟି କରିବାରେ ଲାଗିଥିବେ, କେବଳ ସେହି ଉଦ୍ଦେଶ୍ୟରେହିଁ ସେମାନଙ୍କୁ ସେହିସବୁ କେତୋଟି ଅଧିକ ସୁବିଧା ପ୍ରଦାନ କରାଯାଇଥିଲା । ବୁର୍ଜୁଆ ମଧ୍ୟବର୍ଗଟିକୁ ସମ୍ଭ୍ରାନ୍ତମାନଙ୍କ ବିରୋଧରେ ପ୍ରୟୋଗ କରି ସାରିବା ପରେ, ରାଜତନ୍ତ୍ର ଯେତେ ଜାଗାରେ ପାରିଲା, ସେଠାରେ ତାହାର ପ୍ରକୃତ ଓ ସକ୍ରିୟ ପୌର ସ୍ୱାଧୀନତାଗୁଡ଼ିକୁ ନଷ୍ଟ କରିଦେଲା, ସେଗୁଡ଼ିକର କେବଳ କେତୋଟି ମାତ୍ର ବାହ୍ୟ ରୂପଗୁଡ଼ିକୁହିଁ ଅନୁମତି ଦେଲା ଏବଂ ତାହା ଆଗରୁ ଯେଉଁ ବିଶେଷ ଅଧିକାର ଓ ସୁବିଧାମାନ ଉପଭୋଗ କରୁଥିଲା, ତାହାର କେବଳ କେତୋଟି ଅଂଶବିଶେଷକୁହିଁ ବାଟ ଛାଡ଼ି ଦେଇଥିଲା । ସାଧାରଣ ଜନଗଣଙ୍କର ତ କୌଣସି ସ୍ୱାଧୀନତା ବା ସ୍ୱାଧୀନ ଅଧିକାର ନ ଥିଲା, ତେଣୁ ସେଗୁଡ଼ିକୁ ନଷ୍ଟ କରିବାର ମଧ୍ୟ ପ୍ରଶ୍ନ ଉଠୁ ନ ଥିଲା । ଏହିପରି ଭାବରେ ରାଜତନ୍ତ୍ରୀୟ ରାଷ୍ଟ୍ର ସମଗ୍ର ଜାତୀୟ ଜୀବନଟିକୁ କେବଳ ଆପଣାରହିଁ କାର୍ଯ୍ୟକଳାପଗୁଡ଼ିକ ମଧ୍ୟକୁ ସଂକେନ୍ଦ୍ରିତ କରି ଆଣିଥିଲା । ଆପଣାର ନୈତିକତା-କ୍ଷେତ୍ରୀୟ ପ୍ରଭାବ ଦେଇ ଗିର୍ଜା ତାହାରି ପରିଚର୍ଯ୍ୟା କଲା, ନୋବ୍‌ଲ୍ ବା ସମ୍ଭ୍ରାନ୍ତଶ୍ରେଣୀ ସେମାନଙ୍କର ସାମରିକ ପରମ୍ପରା ଓ ସମର୍ଥତାଗୁଡ଼ିକ ଜରିଆରେ ତାହାର ପରିଚର୍ଯ୍ୟା କଲେ, ଆପଣାର ଓକିଲମାନଙ୍କର ପ୍ରତିଭା ବା ଚାତୁରୀ ଏବଂ ଆପଣାର ପଣ୍ଡିତ, ବିଚାରକ ତଥା ବ୍ୟବସାୟ ବିଷୟରେ ଏକ ଜନ୍ମଜାତ ସାମର୍ଥ୍ୟ ରହିଥିବା ବ୍ୟକ୍ତିମାନଙ୍କର ବିଦ୍ୟାଗତ ପ୍ରତିଭା ଅଥବା ପ୍ରଶାସନ-କ୍ଷେତ୍ରୀୟ ପାରଙ୍ଗମତା ଜରିଆରେ

'oaob.nitrkl.ac.in' images reprocessed

ବୁର୍ଜୁଆ ଶ୍ରେଣୀ ମଧ୍ୟ ତାହାର ପରିଚର୍ଯ୍ୟା କରିଥିଲା; ସାଧାରଣ ଜନଗଣ ଟିକସ ଦେଉଥିଲେ ଏବଂ ଆପଣାର ରକ୍ତ ଦେଇ ରାଜତନ୍ତ୍ରର ବ୍ୟକ୍ତିଗତ ଅଥବା ଜାତୀୟ ମହତ୍ତ୍ୱାକାଙ୍କ୍ଷା-ଗୁଡ଼ିକର ପରିକର ହୋଇ ରହିଥିଲେ । ମାତ୍ର ଏହି ଯାବତୀୟ ଶକ୍ତିଶାଳୀ ସଂଗଠନ ଏବଂ ବିଷୟଗୁଡ଼ିକର ଏହି ଅତ୍ୟନ୍ତ ସୁବଦ୍ଧ ଶୃଙ୍ଖଳା ଦ୍ୱାରା ଯେଉଁସବୁ ବିଜୟ ହାସଲ କରିବା ଓ ସଫଳତା ଅର୍ଜନ କରିବା ସଫଳ ହୋଇଥିଲା, ଠିକ୍ ସେହିଗୁଡ଼ିକ ଦ୍ୱାରାହିଁ ସେଗୁଡ଼ିକର ସର୍ବନାଶକୁ ମଧ୍ୟ ଡାକି ଅଣା ହୋଇଥିଲା ଏବଂ ନୂତନ ଆବଶ୍ୟକତା ଓ ନୂତନ ମାଧ୍ୟମଗୁଡ଼ିକର ସମ୍ମୁଖରେ ତାହା ଯେ ଏକାବେଳେକେ ଭୁଶୁଡ଼ି ପଡ଼ିବ ଅଥବା ଅପେକ୍ଷାକୃତ କମ୍ ଅନିଚ୍ଛୁକ ଭାବରେ କ୍ରମଶଃ ଆପଣାର ଆସନଟିକୁ ଛାଡ଼ିଦେଇ ଅପସରି ଯିବ, ସେହି କଥାଟି ସତେଯେପରି ପୂର୍ବନିର୍ଦ୍ଧାରିତ ହୋଇ ରହିଥିଲା । ଜାତି ରାଜତନ୍ତ୍ରର ଆବଶ୍ୟକତା ଏବଂ ଔଚିତ୍ୟଟିକୁ ସଚେତନ ଭାବରେ ଅଥବା ଅବଚେତନ ଭାବରେ ଅନୁଭବ କରୁଥିବା ପର୍ଯ୍ୟନ୍ତହିଁ ରାଜତନ୍ତ୍ରକୁ ରହିବାକୁ ଦିଆଯାଇଥିଲା ଅଥବା କୌଣସି ସମର୍ଥନ ମିଳିଥିଲା । ମାତ୍ର ଥରେ ସେଇଟି ଉପଲବ୍ଧ ହୋଇସାରିବା ପରେ ଅତ୍ୟନ୍ତ ଅନିବାର୍ଯ୍ୟ ଭାବରେ ଏହି କ୍ଷେତ୍ରରେ ତାହାର ଆବଶ୍ୟକତା ବିଷୟରେ ପୂର୍ବପରି ପୁଣି ପ୍ରଶ୍ନ ହେବାକୁ ଲାଗିଲା; ସେହି ପ୍ରଶ୍ନ ଇତିମଧ୍ୟରେ ସଂପୂର୍ଣ୍ଣ ଭାବରେ ଆତ୍ମସଚେତନ ହୋଇ ଯାଇଥିଲା ଏବଂ ତେଣୁ ତାହାକୁ ଆଉ ଏଣିକି ଆଦୌ ଦବାଇ ରଖାଯାଇ ପାରିଲା ନାହିଁ କିଂବା ସ୍ଥାୟୀ ଭାବରେ ତାହାର ପ୍ରତିରୋଧ ମଧ୍ୟ କରି ହେଲା ନାହିଁ । ପୁରାତନ ବ୍ୟବସ୍ଥାଟିକୁ କେବଳ ଗୋଟିଏ ନକଲି ପ୍ରତିକୃତିରେ ପରିଣତ କରିଦେଇ ରାଜତନ୍ତ୍ର ପ୍ରକୃତରେ ଆପଣାର ଭୂମିଟିକୁହିଁ ଆପେ ନଷ୍ଟ କରି ଦେଇଥିଲା । ଗିର୍ଜାସଂସ୍ଥାର ଧର୍ମଯାଜକୀୟ କର୍ତ୍ତୃତ୍ୱଟି ବିଷୟରେ ଯେତେବେଳେ ଆଧ୍ୟାତ୍ମିକ କାରଣରୁ ପ୍ରଶ୍ନ ହେବାକୁ ଆରମ୍ଭ କଲା, ସେତେବେଳେ ତାହାକୁ ଆଉ ଅଧିକକାଳ ଐହିକ ସାଧନଗୁଡ଼ିକର ସାଧନରେ ଆଦୌ ବଞ୍ଚାଇ ରଖି ହେଲା ନାହିଁ, ତରବାରି ଅଥବା ଆଇନ୍ ଦ୍ୱାରା ମଧ୍ୟ ରଖି ହେଲା ନାହିଁ । କୁଳୀନବର୍ଗ ଅବଶ୍ୟ ଆପଣାର ବିଶେଷାଧିକାରଗୁଡ଼ିକୁ ଆଗପରି ରଖି ପାରିଥିଲେ, ମାତ୍ର ଆପଣାର ପ୍ରକୃତ କାର୍ଯ୍ୟଗୁଡ଼ିକୁ ହରାଇ ବସିବାରେ ଲାଗିଥିଲେ; ଏବଂ ତେଣୁ ତାହାର ନିମ୍ନରେ ଅବସ୍ଥିତ ଶ୍ରେଣୀଗୁଡ଼ିକ ତାହାକୁ କ୍ରମେ ଘୃଣା ଓ ସନ୍ଦେହର ଚକ୍ଷୁରେ ଦେଖିବାକୁ ଆରମ୍ଭ କଲେ । ବୁର୍ଜୁଆଶ୍ରେଣୀ ଆପଣାର ପ୍ରତିଭା ସମ୍ବନ୍ଧରେ ସଚେତନ ହୋଇ ରହିଥିଲେ, ସମାଜ ମଧ୍ୟରେ ସେମାନଙ୍କର ସାମାଜିକ ଏବଂ ରାଜନୀତିକ ହୀନସ୍ଥାନ ସେମାନଙ୍କୁ ଦଂଶନ କରିବାରେ ଲାଗିଥିଲା, ଆପଣା ଶ୍ରେଣୀରୁ ଉଦ୍‌ଭୂତ ଦାର୍ଶନିକମାନଙ୍କର ବିଚାର ସେମାନଙ୍କୁ ଉଦ୍‌ବୁଦ୍ଧ କରି ରଖିଥିଲା; ଏବଂ ଏହିସବୁ କାରଣରୁ ସେମାନେ ବିଦ୍ରୋହର ଅଗ୍ରଗତିରେ ଆସି ନେତୃତ୍ୱ ନେଲେ ଏବଂ ସେଥିଲାଗି ସାଧାରଣ

'oaob.nitrkl.ac.in' images reprocessed

ଜନଗଣଙ୍କର ସାହାଯ୍ୟ ପାଇବା ଲାଗି ଆବେଦନ କରିଥିଲେ । ଏବଂ ମୂକ, ଅତ୍ୟାଚାରିତ ଏବଂ କଷ୍ଟ ଭୋଗ କରୁଥିବା ସେହି ସାଧାରଣ ଜନଗଣ ସେମାନଙ୍କ ଲାଗି ଆଗରୁ ବାରିତ ହୋଇ ରହିଥିବା ଏହି ନୂତନ ସମର୍ଥନଟି ପାଇ ଜାଗୃତ ହେବାକୁ ଲାଗିଲେ ଓ ସମାଜରେ ପ୍ରଚଳିତ ସମଗ୍ର ସୋପାନକ୍ରମଟିକୁ ଏକାବେଳେକେ ଓଲଟାଇ ଦେଇଥିଲେ । ଏବଂ ସେହି କାରଣରୁ ପୁରୁଣା ପୃଥିବୀଟି ଭୁଶୁଡ଼ି ଭାଙ୍ଗି ପଡ଼ିଲା ଏବଂ ଏକ ନୂତନ ଯୁଗ ଜନ୍ମଗ୍ରହଣ କଲା ।

ଏହି ମହାନ୍ ବୈପ୍ଳବିକ ଆନ୍ଦୋଳନଟି ପଛରେ ଯେଉଁ ଅନ୍ତର୍ଗତ ଔଚିତ୍ୟଟି ରହିଥିଲା, ତାହା ଆମେ ଆଗରୁ ଆଲୋଚନା କରି ଦେଖିସାରିଛୁ । କେବଳ ଏକ ସତ୍ତା ଧରି ପଡ଼ିରହିବା ପାଇଁ ଯେ ଜାତି-ଏକକ ଆପଣାକୁ ଗଠିତ କରି ଆଣେ ଓ ତିଷ୍ଠି ରହିଥାଏ, ସେକଥା ଆଦୌ ନୁହେଁ । ମନୁଷ୍ୟମାନଙ୍କୁ ପରସ୍ପର ସହିତ ଏକତ୍ର କରି ଆଣିବାରେ ଏକ ବୃହତ୍ତର ଛାଞ୍ଚ ଯୋଗାଇଦେବାହିଁ ତାହାର ଲକ୍ଷ୍ୟ ହୋଇ ରହିଥାଏ, ଯାହାଭିତରେ କି କେବଳ ବିଭିନ୍ନ ଶ୍ରେଣୀ କିଂବା ବିଭିନ୍ନ ବ୍ୟକ୍ତି ନୁହନ୍ତି, ମାତ୍ର ସମୁଦାୟ ସମୂହଟିହିଁ ଆପଣାର ପରିପୂର୍ଣ୍ଣ ମାନବିକ ବିକାଶ ଆଡ଼କୁ ଅଗ୍ରସର ହୋଇ ଚାଲିଯାଇ ପାରିବ । ଏବଂ ଆପଣାକୁ ସେହିଭଳି ଭାବରେ ଗଠିତ କରି ଆଣିବାର ଉଦ୍ୟମଟି ଚାଲିଥିବା ପର୍ଯ୍ୟନ୍ତ ହୁଏତ ବୃହତ୍ତର ବିକାଶଟିକୁ ଗୌଣ କରି ପୃଷ୍ଠଭାଗରେ ରଖିଦେବାକୁ ପଡ଼ିଥାଏ ଏବଂ କର୍ତ୍ତୃତ୍ୱ ଓ ଶୃଙ୍ଖଳାକୁହିଁ ସର୍ବପ୍ରଥମ ବିଚାର୍ଯ୍ୟ ବିଷୟ ବୋଲି ଗ୍ରହଣ କରାଯାଇଥାଏ; ମାତ୍ର ଯେତେବେଳେ ସମୂହଟି ଆପଣାର ଅସ୍ତିତ୍ୱ ବିଷୟରେ ପୂର୍ଣ୍ଣନିଶ୍ଚିତ ହୋଇଯାଏ ଏବଂ ଏକ ଅନ୍ତର୍ଗତ ସଂପ୍ରସାରଣର ଆବଶ୍ୟକତାକୁ ଅନୁଭବ କରିବାକୁ ଲାଗେ, ସେତେବେଳେ ତାହା ଆଉ କଦାପି ସର୍ବାଗ୍ର କଥା ହୋଇ ରହିପାରେ ନାହିଁ । ସେତେବେଳେ ପୁରୁଣା ବନ୍ଧନସୂତ୍ରଗୁଡ଼ାକୁ ଭାଙ୍ଗି ଛିଡ଼ାଇ ଦେବାକୁ ପଡ଼େ, ଜାତିକୁ ଦୃଢ଼ ଓ ଗୋଟିଏ କରି ଗଠିତ କରି ଆଣିବାର ସାଧନଗୁଡ଼ିକୁ ବିକାଶ ଲାଗି ଗୋଟିଏ ଗୋଟିଏ ବାଧା ବୋଲି ମଣି ପରିତ୍ୟାଗ କରିବାକୁ ପଡ଼େ । ସେତେବେଳେ ମୁକ୍ତିହିଁ ସମୂହର ସକଳ ଅଭିକ୍ରମରେ ସନ୍ତକ ହୋଇରହେ । ଧର୍ମାନୁଷ୍ଠାନଗତ ଯେଉଁ ସଂସ୍ଥା ବା ବ୍ୟବସ୍ଥାଟି ବିଚାରର ସ୍ୱାଧୀନତା ତଥା ନୈତିକ ଏବଂ ସାମାଜିକ କ୍ଷେତ୍ରରେ ଯାବତୀୟ ନୂତନ ବିକାଶକୁ ଦବାଇ ରଖି ଆସିଥିଲା, ସେଇଟିର ହାତରୁ ତାହାର ସେହି ମନମୁଖି କର୍ତ୍ତୃତ୍ୱଟିକୁ କାଢ଼ି ନେଇଯିବାକୁ ହୁଏ, ଯାହାଫଳରେ କି ମନୁଷ୍ୟ ମାନସିକ ଏବଂ ଆଧ୍ୟାତ୍ମିକ ଦୃଷ୍ଟିରୁ ପୂର୍ଣ୍ଣମୁକ୍ତ ହୋଇ ଅଗ୍ରସର ହୋଇପାରିବ । ରାଜା ଏବଂ ସମ୍ଭ୍ରାନ୍ତକୁଳର ଯାବତୀୟ ଏକାଧିକାର ଏବଂ ବିଶେଷ ସୁବିଧାଗୁଡ଼ିକୁ ନଷ୍ଟ କରିଦେବାକୁ ପଡ଼େ, ଯେପରିକି ସବୁଲୋକେ ଜାତୀୟ କ୍ଷମତା, ଐଶ୍ୱର୍ଯ୍ୟ ତଥା କ୍ରିୟାକଳାପଗୁଡ଼ିକରେ ଆପଣାର ଯଥାର୍ଥ ଅଂଶଟିକୁ ଗ୍ରହଣ କରିପାରିବେ । ଏବଂ ସର୍ବଶେଷରେ, ବୁର୍ଜୁଆ ପୁଞ୍ଜିବାଦକୁ ମଧ୍ୟ ପ୍ରବର୍ତ୍ତାଇ

'oaob.nitrkl.ac.in' images reprocessed

ହେଉ ଅଥବା ବାଧ୍ୟ କରି ହେଉ, ଏପରି ଗୋଟିଏ ଅର୍ଥନୈତିକ ବ୍ୟବସ୍ଥା ମଧ୍ୟକୁ ସମ୍ମତ କରି ଆଣିବାକୁ ପଡ଼େ, ଯେଉଁଥିରେ କି ଦୁଃଖଭୋଗ, ଦାରିଦ୍ର୍ୟ ଏବଂ ଶୋଷଣଲାଗି ଆଉ କୌଣସି ସ୍ଥାନ ରହେ ନାହିଁ ଏବଂ ଗୋଷ୍ଠୀର ସମ୍ପଦକୁ ସେହି ସମ୍ପଦର ସୃଷ୍ଟି ଦିଗରେ ସହାୟତା ଓ ସହଯୋଗ କରୁଥିବା ସମସ୍ତେ ଅଧିକ ସମାନ ଭାବରେ ବାଣ୍ଟିକରି ଉପଭୋଗ କରିବା ମଧ୍ୟ ସମ୍ଭବ ହୁଏ । ଅର୍ଥାତ୍, ଯାବତୀୟ କ୍ଷେତ୍ରରେ, ଜନଗଣଙ୍କୁ ସ୍ୱକୀୟ ଭୂମିଟି ଉପରକୁ ଫେରି ଆସିବାକୁ ପଡ଼େ, ସେମାନଙ୍କ ମଧ୍ୟରେ ରହିଥିବା ମନୁଷ୍ୟପଣିଆର ସମ୍ମାନବୋଧ ଏବଂ ସ୍ୱାଧୀନତାକୁ ଉପଲବ୍ଧି କରିବାକୁ ପଡ଼େ ଏବଂ ଆପଣାର ସାମର୍ଥ୍ୟଟିକୁ ଯଥାସମ୍ଭବ ଅଧିକରୁ ଅଧିକ ପରିମାଣରେ କାର୍ଯ୍ୟରେ ଲଗାଇବାକୁ ପଡ଼େ ।

କାରଣ କେବଳ ସ୍ୱାଧୀନତା ମିଳିଗଲେ ତାହା କଦାପି ଯଥେଷ୍ଟ ହୋଇପାରେ ନାହିଁ; ନ୍ୟାୟର ଆବଶ୍ୟକତାଟି ମଧ୍ୟ ସବୁବେଳେ ରହିଥାଏ ଏବଂ ଏକ ଅତ୍ୟାବଶ୍ୟକ ଦାବିରେ ଆସି ପରିଣତ ହୋଇଯାଏ । ସମାନତା ଲାଗି ଏକ ଆବାଜ ଉତ୍ଥିତ ହୋଇ ଆସିବାକୁ ଲାଗେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ସଂସାରରେ ପୂରାପୂରି ସମାନତା କେବେହେଲେ ସମ୍ଭବ ହୋଇପାରିବ ନାହିଁ; ମାତ୍ର ପୁରାତନ ସମାଜବ୍ୟବସ୍ଥାଟିରେ ଯେଉଁସବୁ ଅନ୍ୟାୟପୂର୍ଣ୍ଣ ଓ ଅନାବଶ୍ୟକ ବୈଷମ୍ୟମାନ ସ୍ୱୀକୃତ ହୋଇ ରହିଆସିଥିଲା, ଏହି ଶବ୍ଦଟି ତାହାର ବିରୋଧରେହିଁ ଅଭିପ୍ରେତ ହୋଇଥିଲା । ସମାଜର ବ୍ୟବସ୍ଥାଟି ନ୍ୟାୟ ଉପରେ ପ୍ରତିଷ୍ଠିତ ହୋଇ ରହିଲେ ସମସ୍ତଙ୍କ ଲାଗି ଏକ ସମାନ ସୁଯୋଗ ରହିବ ଏବଂ ସମସ୍ତଙ୍କୁ ସମାନ ଭାବରେ ଆବଶ୍ୟକ ତାଲିମ ମଧ୍ୟ ଦିଆଯିବ, ଯେପରିକି ସମସ୍ତେ ଆପଣା ଆପଣାର ସାମର୍ଥ୍ୟଗୁଡ଼ିକର ବିକାଶ କରିପାରିବେ ଏବଂ ସେଗୁଡ଼ିକୁ କାମରେ ଲଗାଇ ପାରିବେ; ଏବଂ ଯେତେଦୂର ପର୍ଯ୍ୟନ୍ତ ସମ୍ଭବ ହୋଇପାରିବ, ସାମୂହିକ ଜୀବନରୁ ଉପଲବ୍ଧ ସୁବିଧାଗୁଡ଼ିକରେ ସମସ୍ତଙ୍କର ସମାନ ଅଂଶ ରହିବ; ଆପଣାର ସାମର୍ଥ୍ୟଗୁଡ଼ିକୁ କାମରେ ଲଗାଇ ସେହି ଜୀବନର ଅସ୍ତିତ୍ୱ, ଶକ୍ତିମନ୍ତତା ଏବଂ ବିକାଶକୁ ସମ୍ଭବ କରିବାରେ ଯେଉଁମାନଙ୍କର ଏକ ଅବଦାନ ରହିଥାଏ, ସେମାନଙ୍କର ସମସ୍ତଙ୍କର ଏକ ନ୍ୟାଯ୍ୟ ଅଧିକାର ରୂପେହିଁ ସେମାନଙ୍କର ଏକ ସମାନ ଅଂଶ ଅବଶ୍ୟ ରହିବ । ଆମେ ଆଗରୁ ଯେପରି ଆଲୋଚନା କରି ଦେଖିସାରିଛୁ, ଏହି ଆବଶ୍ୟକତାଟି କେଉଁଠି ହୁଏତ ମୁକ୍ତ ସହକାରିତା ଓ ସହଯୋଗର ଏକ ଆଦର୍ଶର ରୂପ ଧାରଣ କରିଛି ଏବଂ ସେହି କ୍ଷେତ୍ରରେ ସର୍ବସାଧାରଣଙ୍କର ଇଚ୍ଛାକୁହିଁ ପ୍ରକାଶ କରୁଥିବା ଏକ ବିବେକଯୁକ୍ତ ଏବଂ ଉଦାର କେନ୍ଦ୍ରସ୍ଥିତ କର୍ତ୍ତୃତ୍ୱ ସେହି ଆଦର୍ଶଟିର ପରିଚାଳନା ତଥା ସହାୟତା କରିବା ଲାଗି ରହିଛି; ମାତ୍ର ତାହା କ୍ରମଶଃ ଏକ ଏକଚ୍ଛତ୍ର ଓ ସର୍ବଦକ୍ଷ ରାଷ୍ଟ୍ରର ସେହି ପୁରୁଣା ବିଚାରଟି ଆଡ଼କୁ ପ୍ରକୃତରେ ପୁଣି ଲେଉଟି ଯାଇଛି ଏବଂ ସେତେବେଳେ ସମାନତା ଏବଂ ସାମୂହିକ କାର୍ଯ୍ୟଦକ୍ଷତା

'oaob.nitrkl.ac.in' images reprocessed

ସକାଶେ ସ୍ୱାଧୀନତାକୁ ବିସର୍ଜନ ଦିଆଯାଇଛି । ସେତେବେଳେ ସେହି ରାଷ୍ଟ୍ରଟି ଆଉ ପୂର୍ବପରି ରାଜତନ୍ତ୍ରୀୟ ହୋଇ ରହି ନାହିଁ, କୌଣସି ଧର୍ମସଂସ୍ଥା ଦ୍ୱାରା ଶାସିତ ହାଇ ନାହିଁ କିଂବା ସମ୍ଭ୍ରାନ୍ତତନ୍ତ୍ରୀୟ ମଧ ହୋଇ ରହି ନାହିଁ; ସେତେବେଳେ ତାହା ଯାବତୀୟ ଧର୍ମବଶ୍ୟତାରୁ ମୁକ୍ତ ହୋଇ ରହିଛି, ଗଣତନ୍ତ୍ର ଦ୍ୱାରା ଶାସିତ ହୋଇଛି ଓ ସାମ୍ୟବାଦକୁ ଆପଣାର ଲକ୍ଷ୍ୟରୂପେ ଗ୍ରହଣ କରିଛି । ଏହି ପୁଣି ପଛକୁ ଲେଉଟିଯିବା ପଛରେ ଯେଉଁ ମନୋବୈଜ୍ଞାନିକ କାରଣମାନ ରହିଛି, ବର୍ତ୍ତମାନ ଆମେ ସେଗୁଡ଼ିକର ଆଲୋଚନା କରିବା ନାହିଁ । ହୁଏତ ଏହି କଥାଟିକୁ ସତ୍ୟ ବୋଲି ସ୍ୱୀକାର କରିନେବାକୁ ହେବ ଯେ ଯେପର୍ଯ୍ୟନ୍ତ ବ୍ୟକ୍ତିମଣିଷ ତଥା ସାମୂହିକ ମଣିଷ ତା'ର ଅହଂଟି ଦ୍ୱାରା ପରିଚାଳିତ ହୋଇ ଜୀବନ ବଞ୍ଚୁଛି ଏବଂ ଯେପର୍ଯ୍ୟନ୍ତ ସେ ଏକ ବୃହତ୍ ଆଧ୍ୟାତ୍ମିକ ଏବଂ ମନୋବୈଜ୍ଞାନିକ ପରିବର୍ତ୍ତନ ଦ୍ୱାରା କେବଳ ସାମୂହିକ ଏକତ୍ରବାସର ସୀମାଟି ମଧ୍ୟରୁ ବାହାରିଯାଇ ଏକ ତୃତୀୟ ଆଦର୍ଶ ମଧ୍ୟକୁ ଉତ୍ତୋଳିତ ହୋଇ ନ ଯାଇଛି, ସେପର୍ଯ୍ୟନ୍ତ ସ୍ୱାଧୀନତାକୁ ସମାନତା ସହିତ, ସ୍ୱାଧୀନତାକୁ କର୍ତ୍ତୃତ୍ୱ ସହିତ ଏବଂ ସ୍ୱାଧୀନତାକୁ ସଂଗଠିତ ପୂର୍ଣ୍ଣକୁଶଳତା ସହିତ କଦାପି ସଂପୂର୍ଣ୍ଣ ସନ୍ତୋଷଜନକ ଭାବରେ ସମନ୍ୱିତ କରାଯାଇ ପାରିବ ନାହିଁ । କୌଣସି ଏକ ଅତି ଅସ୍ପଷ୍ଟ ଅନ୍ତର୍ବୋଧ ଦ୍ୱାରା ପରିଚାଳିତ ହୋଇ ଫ୍ରାନ୍ସର ବିପ୍ଳବକାଳୀନ ବିଚାରକମାନେ ସ୍ୱାଧୀନତା ଓ ସମାନତାର ସ୍ଲୋଗାନ୍‌ଗୁଡ଼ିକ ସହିତ ସେହି ତୃତୀୟ ଆଦର୍ଶଟିକୁ ମଧ ଏକାଠି ଗୁନ୍ଥି ରଖିଥିଲେ । ସେଇଟି ହେଉଛି ତିନୋଟିଯାକ ମଧ୍ୟରେ ବୃହତ୍ତମ ଆଦର୍ଶ; ଅବଶ୍ୟ ଏକଥା ସତ୍ୟ ଯେ ଏପର୍ଯ୍ୟନ୍ତ ଏହି ଆଦର୍ଶଟି ମଣିଷର ମୁହଁରେ କେବଳ ଗୋଟାଏ ଶୂନ୍ୟଗର୍ଭ ଶବ୍ଦମାତ୍ର ହୋଇ ରହି ଆସିଛି । ସେହି ଆଦର୍ଶଟି ହେଉଛି ଭ୍ରାତୃତ୍ୱର ଆଦର୍ଶ, ବା, ଅପେକ୍ଷାକୃତ କମ୍ ଭାବପ୍ରବଣତା ସହିତ ଓ ଅଧିକ ଯଥାର୍ଥତାର ସହିତ ବ୍ୟକ୍ତ କରିବାକୁ ଗଲେ, ସେଇଟି ହେଉଛି ଏକ ଅନ୍ତରସ୍ଥ ଏକତ୍ୱର ଆଦର୍ଶ । ମନୁଷ୍ୟ ଦ୍ୱାରା ଭିଆଣ କରା ହୋଇଥିବା ସାମାଜିକ, ରାଜନୀତିକ ଅଥବା ଧର୍ମଗତ କୌଣସି ଯାନ୍ତ୍ରିକ ରଚନା ତାହାକୁ କଦାପି ସମ୍ଭବ କରିପାରି ନାହିଁ ବା ପାରିବ ନାହିଁ । ସେହି ଆଦର୍ଶଟିକୁ ମନୁଷ୍ୟର ଆତ୍ମାରେହିଁ ଜନ୍ମଗ୍ରହଣ କରିବାକୁ ପଡ଼ିବ ଏବଂ ମନୁଷ୍ୟ ଭିତରେ ପ୍ରଚ୍ଛନ୍ନ ହୋଇ ରହିଥିବା ଦିବ୍ୟ ଗଭୀର ତଳଗୁଡ଼ିକରୁହିଁ ତାହା ଉତ୍ଥିତ ହୋଇ ଆସିବ ।

'oaob.nitrkl.ac.in' images reprocessed

## ଚତୁର୍ଦ୍ଦଶ ପରିଚ୍ଛେଦ

# ଆନ୍ତର୍ଜାତିକ ଏକତା ଦିଗରେ ଏକ ପ୍ରଥମ ପଦକ୍ଷେପର ସମ୍ଭାବନା – ଏହି ପଥର ବୃହତ୍ ବାଧାମାନ

ବସ୍ତୁତଃ ଏକ କ୍ରମବର୍ଦ୍ଧମାନ ଅନ୍ତର୍ଗତ ଆବଶ୍ୟକତା ଏବଂ ଭାବନାର ଚାପ ଦ୍ୱାରା ପ୍ରେରିତ ହୋଇ, ମାତ୍ର ରାଜନୀତିକ, ଅର୍ଥନୈତିକ ତଥା ସାମାଜିକ ନାନା ଶକ୍ତି ଓ ପ୍ରବୃତ୍ତି, ନାନା ଅଭିବ୍ୟକ୍ତି ଏବଂ ନିମିତ୍ତରୂପୀ କାରଣ ଦ୍ୱାରା ସଂଘଟିତ ହୋଇ ଜାତି-ଏକକର ଯେଉଁ କ୍ରମବିକାଶ ହୋଇ ଆସିଛି, ତାହାରି ଅଧ୍ୟୟନ ଏପରି ଏକ କ୍ରମୋତ୍ତର ଗତିଶୀଳତାର ପରିଚୟ ଦେଇଯାଉଛି, ଯାହାକି ପ୍ରକୃତରେ ପ୍ରାୟ ଏକ ଅତି ହୁଗୁଳା ବିରଚନରୁ ଆରମ୍ଭ ହୋଇଥିଲା,– ସେହି ବିରଚନଟି ମଧ୍ୟରେ ନାନାବିଧ କେତେକେତେ ଉପାଦାନ ଏକତ୍ରୀକରଣ ଲାଗି ଏକାଠି ସଂଗୃହୀତ ହୋଇ ଆସିଥିଲେ, ସେଗୁଡ଼ିକ ଶକ୍ତିଶାଳୀ ସଂକେନ୍ଦ୍ରଣ ଏବଂ ବଳପ୍ରୟୋଗର ଏକ ପର୍ଯ୍ୟାୟ ମଧ୍ୟଦେଇ ଅଗ୍ରସର ହୋଇଥିଲେ, ଯାହାଫଳରେ କି ସଚେତନ ଜାତିଗତ ଅହଂଟି ବିକଶିତ ହୋଇ ଆସିଥିଲା, ଦୃଢ଼ୀଭୂତ ହୋଇଥିଲା, ତାକୁ ଆପଣା ଲାଗି ଏକ କେନ୍ଦ୍ର ତଥା ଆପଣାର ସଚଳ ଜୀବନ ଲାଗି ଯାବତୀୟ ସାଧନୋପକରଣ ମିଳି ଯାଇଥିଲା ଏବଂ ତା'ପରେ ସେହି ବିରଚନଟି ଆହୁରି ଆଗକୁ ଯାଇ ସୁନିଶ୍ଚିତ ସ୍ୱତନ୍ତ୍ର ଅସ୍ତିତ୍ୱର ଏକ ସର୍ବଶେଷ ପର୍ଯ୍ୟାୟରେ ଉପଗତ ହୋଇଥିଲା, ବାହ୍ୟ ସର୍ବବିଧ ଚାପରୁ ଆପଣାକୁ ରକ୍ଷା କରିବା ଲାଗି ଏକ ଅନ୍ତର୍ଗତ ଏକତ୍ୱର ଅଧିକାରୀ ହୋଇଥିଲା, ଯାହା ମଧ୍ୟରେ କି ସ୍ୱାଧୀନ ଜୀବନଯାପନ ସମ୍ଭବ ହୋଇ ପାରିଲା ଏବଂ ଜାତୀୟ ଜୀବନରୁ ଉପଲବ୍ଧ ହୋଇଥିବା ଫାଇଦାଗୁଡ଼ିକରେ ସମସ୍ତେ ସକ୍ରିୟ ଭାବରେ ତଥା ଅଧିକରୁ ଅଧିକ ସମାନ ଭାବରେ ଅଂଶଗ୍ରହଣ କରିପାରିଥିଲେ । ଯଦି ଠିକ୍ ଏହିସବୁ ସାଧନ ଓ କାରଣଗୁଡ଼ିକ ଦ୍ୱାରା ଏବଂ ଜାତିର କ୍ଷେତ୍ରରେ ଯେପରି ହୋଇଥିଲା, ଠିକ୍ ସେହିଭଳି ଏକ ରୀତିରେହିଁ ଆମେ ସମଗ୍ର ମନୁଷ୍ୟଜାତି ଭିତରେ ମଧ୍ୟ ଏକତାର ସ୍ଥାପନ କରିବାକୁ ଇଚ୍ଛା କରୁଥାଉ, ତେବେ ତାହା ଯେ ଠିକ୍ ସେହିଭଳି ଗୋଟିଏ ଗତିପଥକୁ ମଧ୍ୟ ଅନୁସରଣ କରିବ, ଆମକୁ ଅବଶ୍ୟ ସେହି ପ୍ରତ୍ୟାଶାଟି ରଖିବାକୁ ହେବ । ଏଇଟିକୁ ଆମେ ଅନ୍ତତଃ ସବୁଠାରୁ ଅଧିକ ଦୃଶ୍ୟମାନ ହେଉଥିବା ଏକ ସମ୍ଭାବନା ବୋଲି କହିପାରିବା; ଏବଂ ଏହି ଜଗତରେ ଯେତେଯାହା ଏକ ହୁଗୁଳା ସମ୍ମିଶ୍ରିତତା ମଧ୍ୟରୁ, ଅର୍ଥାତ୍ କୌଣସି ଏକ ନିର୍ଦ୍ଦିଷ୍ଟ ଆକାର ଗ୍ରହଣ କରି ନ ଥିବା ଅଲ୍ପବହୁତ ଅସ୍ପଷ୍ଟ ନାନାବିଧ

'oaob.nitrkl.ac.in' images reprocessed

ପ୍ରବୃତ୍ତି ତଥା ଉପାଦାନଗୁଡ଼ିକରୁହିଁ ଆପଣାର ଯାତ୍ରା ଆରମ୍ଭ କରିଥାଏ, ତା'ପରେ ସଂକୁଚନ ଓ ସମାକର୍ଷ ଦ୍ୱାରା କ୍ରମଶଃ ଦୃଢ଼ୀଭୂତ ହୋଇ ଏପରି ଏକ ଦୃଢ଼ ଛାଞ୍ଚରେ ପରିଣତ ହୋଇଯାଏ ଯେଉଁଥିରେ କି ଜୀବନର ବିଭିନ୍ନ ଆକାରଗୁଡ଼ିକର ଐଶ୍ୱର୍ଯ୍ୟମୟ ବିବର୍ତ୍ତନଟି ପରିଶେଷରେ ନିଶ୍ଚିତ ଭାବରେ ସମ୍ଭବ ହୋଇ ଆସେ, ସେହିସବୁ ଯାବତୀୟ ସୃଷ୍ଟିର ପ୍ରକୃତିଗତ ବିଧାନଟି ସହିତ ଏଇଟିର ସଙ୍ଗତି ରହିଥିବା ପରି ବୋଧ ହୋଇଥାଏ ।

ବର୍ତ୍ତମାନ ଆମର ପୃଥିବୀଟି ପ୍ରକୃତରେ ଯେଉଁଭଳି ଅବସ୍ଥା ମଧ୍ୟରେ ରହିଛି ଏବଂ ଅବ୍ୟବହିତ ଭବିଷ୍ୟତରେ ଏହାର ଯେଉଁସବୁ ସମ୍ଭାବନା ରହିଛି, ସେହିଗୁଡ଼ିକୁ ବିଚାର କରି ଦେଖିଲେ ଆମେ ନିଶ୍ଚୟ ଦେଖିବାକୁ ପାଇବା ଯେ ଏହି କ୍ଷେତ୍ରରେ ସେପରି କୌଣସି ନିର୍ଦ୍ଦିଷ୍ଟ ବନ୍ଧନ ରହି ନ ଥିବା ନାନା ଆକାରଗ୍ରହଣ ଏବଂ ନାନା ଅପୂର୍ଣ୍ଣତା ଭରି ରହିଥିବା ଏକ ପ୍ରଥମ ପର୍ଯ୍ୟାୟ ଆସିବହିଁ ଆସିବ । ମନୁଷ୍ୟ ଜାତି ବୁଦ୍ଧିର କ୍ଷେତ୍ରରେ ବର୍ତ୍ତମାନ ଯେତିକି ଦୂର ପ୍ରସ୍ତୁତ ହୋଇ ପାରିଛି, ଏହାର ଭାବଗତ ପ୍ରବୃତ୍ତିଗୁଡ଼ିକର ଯେତିକି ବିକାଶ ହୋଇ ପାରିଛି ବା ଯେଉଁସବୁ ଆର୍ଥିକ ତଥା ରାଜନୀତିକ ପ୍ରେରଣାସ୍ରୋତ ଏବଂ ଅବସ୍ଥାଗୁଡ଼ିକ ଦ୍ୱାରା ତାହା ପ୍ରେରିତ ହେଉଛି ଏବଂ ଯେଉଁଗୁଡ଼ିକୁ ନେଇ ତାହା ଆପଣାକୁ ବ୍ୟାପୃତ କରି ରଖିଛି, ସେଗୁଡ଼ିକ ଅନ୍ତର୍ଗତ ପ୍ରୟୋଜନ ବା ବାହ୍ୟ ଚାପର ଏପରି ଏକ ସ୍ତର ବା ବିନ୍ଦୁରେ ଆସି କଦାପି ଉପନୀତ ହୋଇ ନାହାନ୍ତି, ଯେଉଁଥିରୁ କି ଆମେ ଆମ ଜୀବନର ଭୂମିଟିରେହିଁ ଏକ ସମୂଳ ପରିବର୍ତ୍ତନ ପ୍ରକୃତରେ ଘଟିବ ବୋଲି ଆଶା କରି ପାରିବା ବା ଏକ ସଂପୂର୍ଣ୍ଣ ଅଥବା ଏକ ପ୍ରକୃତ ଏକତ୍ୱର ପ୍ରତିଷ୍ଠା ହୋଇ ପାରିବ ବୋଲି ମଧ୍ୟ ଆଶା କରି ପାରିବା । ଏକ ମନୋଭୂମିଗତ ଏକତ୍ୱ ତ ବହୁଦୂରର କଥା, ବର୍ତ୍ତମାନ ହୁଏତ ଏକ ପ୍ରକୃତ ବାହ୍ୟ ଏକତା ମଧ୍ୟ ସମ୍ଭବ ହୋଇପାରିବ ନାହିଁ । ଏକଥା ଅବଶ୍ୟ ସତ ଯେ ସେହିଭଳି କୌଣସି ଗୋଟିଏ ପଦାର୍ଥର ଏକ ଅସ୍ପଷ୍ଟ ବୋଧ ଏବଂ ଆବଶ୍ୟକତା କ୍ରମେ ଅତି କ୍ଷିପ୍ର ଭାବରେ ଅଧିକରୁ ଅଧିକ ଅନୁଭୂତ ହେବାରେ ଲାଗିଲାଣି, ଏବଂ ଯୁଦ୍ଧରୁ ଆମକୁ ଯେଉଁ ବାସ୍ତବ ଶିକ୍ଷାଟି ମିଳିଛି, ତଦ୍ୱାରା, ମାତ୍ର ଅଳ୍ପ କେତେଜଣ ଶାନ୍ତିବାଦୀ ବା ଆନ୍ତର୍ଜାତିକତାବାଦୀ ଆଦର୍ଶବାଦୀମାନେ ଆଗରୁ ଯେଉଁ ଉଦାର କପୋଳକଳ୍ପନାଟିହିଁ ଏପର୍ଯ୍ୟନ୍ତ କରି ଆସିଥିଲେ, ସେହି ସମ୍ଭାବ୍ୟତାମୟ ଅବସ୍ଥାଭୂମିଟି ମଧ୍ୟରୁ ଭବିଷ୍ୟତ ସମ୍ବନ୍ଧରେ ଏକ ବୃହତ୍ ମନଃଚିତ୍ର ଆମ ଆଗରେ ଆସି ସମୁପସ୍ଥିତ ହୋଇ ଯାଇଛି । କ୍ରମେ ଏକଥାଟି ମଧ୍ୟ ସ୍ୱୀକୃତ ହୋଇଛି ଯେ ଏହି ବିଚାରଟି ମଧ୍ୟରେ ଏପରି ଏକ ଶକ୍ତିଶାଳିତା ରହିଛି ଯାହାକି ଭବିଷ୍ୟତରେ ଏକ ବାସ୍ତବରେ ପରିଣତ ହେବାକୁ ଯାଉଛି, ଏବଂ ଯେଉଁମାନେ ଏହାକୁ କେବଳ ବୁଦ୍ଧିବାଦୀ ଉଦ୍‌ଭ୍ରାନ୍ତ ତଥା କଳ୍ପନାଦର୍ଶୀମାନଙ୍କର ଏକ ସୌଖୀନ୍ କପୋଳକଳ୍ପନା ବୋଲି କହି ଏପର୍ଯ୍ୟନ୍ତ ଉଡ଼ାଇ ଦେଇ ଆସିଥିଲେ,

'oaob.nitrkl.ac.in' images reprocessed

ସେମାନଙ୍କର କଥାର ମଧ୍ୟ ମାତ୍ରା ଓ ଦୃଢ଼ତା କ୍ରମଶଃ ହ୍ରାସ ହୋଇ ଆସିଛି । କାରଣ ସେମାନଙ୍କର ସେହି କଥାଗୁଡ଼ିକ ଆଉ ସେତେ ଦୃଢ଼ଭାବରେ ସାଧାରଣ ମଣିଷର ଅନୁଭୂତିଲବ୍ଧ ବୋଧର ସମର୍ଥନ ଲାଭ କରିପାରି ନାହିଁ; ବସ୍ତୁବାଦୀ ମନର ଯେଉଁ ଅଦୂରଦର୍ଶୀ ସ୍ଥୂଳ ବୋଧଟି କେବଳ ତାତ୍କାଳିକ ବାସ୍ତବତାଗୁଡ଼ାକୁହିଁ ଦୃଢ଼ ଭାବରେ ଅନୁଭବ କରିବାକୁ ସମର୍ଥ ହୁଏ ଏବଂ ଭବିଷ୍ୟତର ସମ୍ଭାବନାଗୁଡ଼ିକ ବିଷୟରେ ପୂରାପୂରି ଅନ୍ଧ ହୋଇ ରହିଥାଏ, ସାଧାରଣ ମନୁଷ୍ୟର ସହଜ ବୋଧଶକ୍ତି ତାହାକୁ ଆଉ ସେପରି ସମର୍ଥନ କରିପାରୁ ନାହିଁ । ମାତ୍ର ଅନ୍ୟ ପକ୍ଷରେ ଏହି ଯୁଗର ବୁଦ୍ଧିଦୃଷ୍ଟି ସଂପନ୍ନ ବ୍ୟକ୍ତିମାନେ ଅଧିକରୁ ଅଧିକ ପ୍ରଭାବଶାଳୀ ଭାବରେ ଏପର୍ଯ୍ୟନ୍ତ ସେପରି କୌଣସି ବିଚାରକୁ ମଧ୍ୟ ପ୍ରସ୍ତୁତ କରି ଆଣି ନାହାନ୍ତି, ଯାହାକି ଲୋକସାଧାରଣଙ୍କର ବିଚାରଗୁଡ଼ିକୁ ଏକ ନୂତନ ଛାଞ୍ଚରେ ଆଣି ପକାଇବାକୁ ସମର୍ଥ ହୁଅନ୍ତା, କିମ୍ବା, ବର୍ତ୍ତମାନର ଅବସ୍ଥାଗୁଡ଼ିକ ବିରୋଧରେ ଉତ୍ତରୋତ୍ତର ଅଧିକ ଶକ୍ତିଶାଳୀ ହେଉଥିବା ଏକ ବିଦ୍ରୋହକୁ କେନ୍ଦ୍ର କରି ଏପରି କୌଣସି ଏକଜୁଟ ହେବା ମଧ୍ୟ ସମ୍ଭବ ହୋଇପାରି ନାହିଁ, ଯାହାଫଳରେ କି ଏକ ଆଦର୍ଶର ଅନୁପ୍ରେରଣା ଦ୍ୱାରା ପ୍ରେରିତ ହୋଇ ଏବଂ ମନୁଷ୍ୟଜାତି ଲାଗି ଏକ ନୂତନ ସୁଖମୟ ଯୁଗର ଆଶା ଦ୍ୱାରା ସଞ୍ଚାଳିତ ହୋଇ କୋଟି କୋଟି ଜନଗଣ ସଂସାରକରଣୀର ଏହି ବର୍ତ୍ତମାନ ଭିତ୍ତିଗୁଡ଼ିକୁ ଏକାବେଳେକେ ଭାଙ୍ଗି ଦେଇ ପାରନ୍ତେ ଓ ସାମୂହିକ ଜୀବନର ଏକ ନୂତନ ବ୍ୟବସ୍ଥାକୁ ରଚନା କରି ପାରନ୍ତେ । ଆଉ ଗୋଟିଏ ଦିଗରେ, ଅର୍ଥାତ୍ ସମାଜର ବ୍ୟକ୍ତିକେନ୍ଦ୍ରିତ ଭିତ୍ତିଟି ଜାଗାରେ ଅଧିକରୁ ଅଧିକ ମାତ୍ରାରେ ଏକ ସାମୂହିକତାକୁ ଆଣି ପ୍ରତିଷ୍ଠା କରିବାର ଦିଗରେ ଅନେକ ପରିମାଣରେ ଏଭଳି ଏକ ବୁଦ୍ଧିପରିଚାଳିତ ପ୍ରସ୍ତୁତି ଅବଶ୍ୟ ସମ୍ଭବ ହୋଇଛି ଏବଂ ଏକ ବିଦ୍ରୋହଶକ୍ତି ମଧ୍ୟ ଏକଜୁଟ ହୋଇପାରିଛି; ସେହି କ୍ଷେତ୍ରରେ ଯୁଦ୍ଧହିଁ ଏକ ଅବକ୍ଷେପକ ଉପାଦାନ ରୂପେ କାର୍ଯ୍ୟକରିଛି ଏବଂ ଆମକୁ ଏକ ଉପଲବ୍ଧ ରାଷ୍ଟ୍ରନିୟନ୍ତ୍ରିତ ସମାଜବାଦର ସମ୍ଭାବନାର ଅଧିକ ନିକଟକୁ,– ତାହା ଯେ ଅନିବାର୍ଯ୍ୟତଃ ଗଣତାନ୍ତ୍ରିକ ହେବ, ସେକଥା ଆଦୌ ନୁହେଁ,– ନେଇଆସି ପାରିଛି । ମାତ୍ର ଆନ୍ତର୍ଜାତିକ ଏକତ୍ରୀକରଣର ଏକ ଶକ୍ତିଶାଳୀ ଆନ୍ଦୋଳନ ଲାଗି ସେପରି କୌଣସି ସ୍ଥିତିଗତ ପୂର୍ବାନୁକୂଳତା ଆଦୌ ସମ୍ଭବ ହୋଇ ନାହିଁ । ଏହି ଦିଗରେ ଏକ ଏକତ୍ରୀକୃତ ଏବଂ ଗତିଶୀଳ ଆଦର୍ଶବାଦର ଯେ ନିକଟରେ କେବେ କୌଣସି ବୃହଦ୍ ଓ ଫଳଦାୟକ ବିସ୍ଫୋରଣ ଘଟିବ, ସେ ବିଷୟରେ ମଧ୍ୟ ପ୍ରକୃତରେ କୌଣସି ଭବିଷ୍ୟବାଣୀ କରିହେବ ନାହିଁ । ହୁଏତ ଏ ଦିଗରେ ଏକ ପ୍ରସ୍ତୁତି ନିଶ୍ଚୟ ଆରମ୍ଭ ହୋଇଗଲାଣି ଅଥବା ଏବେ ଘଟିଥିବା କେତୋଟି ଘଟଣା ତାହାକୁ ଅନେକ ପରିମାଣରେ ସହଜ ଏବଂ ତ୍ୱରାନ୍ୱିତ କରି ଦେଇଛନ୍ତି, ମାତ୍ର ତଥାପି ଏହା ଏପର୍ଯ୍ୟନ୍ତ କେବଳ ପ୍ରଥମ ପର୍ଯ୍ୟାୟଗୁଡ଼ିକରେହିଁ ରହିଛି ।

'oaob.nitrkl.ac.in' images reprocessed

ଏହିଭଳି ନାନା ପରିସ୍ଥିତି ମଧ୍ୟରେ, ପୃଥିବୀର ଯେଉଁ ବୁଦ୍ଧିନାୟକମାନେ ଆନ୍ତର୍ଜାତିକ ଜୀବନର ମୂଳକୁ ଯାଇ କେତୋଟି ସାମାନ୍ୟନୀତି ଅନୁସାରେ ତାହାର ସ୍ଥିତିଟିକୁ ପୁନଃନିରୂପିତ କରିବା ଲାଗି ଇଚ୍ଛା କରୁଛନ୍ତି, ସେମାନଙ୍କର ଭାବନା ତଥା ଯୋଜନାଗୁଡ଼ିକ ଯେ ହଠାତ୍ କୌଣସି ବାସ୍ତବ ରୂପ ଧାରଣ କରିବ, ତାହାର କୌଣସି ସମ୍ଭାବନା ଦେଖାଯାଉ ନାହିଁ । ଏହିସବୁ ପରିବର୍ତ୍ତନକୁ ସମ୍ଭବ କରି ପାରୁଥିବା ଆବଶ୍ୟକ ସେହି ସୃଜନାତ୍ମକ ମନୁଷ୍ୟ-ଆଶାଟିର କୌଣସି ଏକ ସାଧାରଣ ଆଦର୍ଶବାଦୀ ବିସ୍ଫୋରଣ ସମ୍ଭବ ହୋଇପାରୁ ନ ଥିବା ପର୍ଯ୍ୟନ୍ତ ଭବିଷ୍ୟତ କଦ୍‌ାପି ବିଚାରକ୍ଷେତ୍ରର ନେତାମାନଙ୍କର ବିଚାରଗୁଡ଼ିକ ଦ୍ୱାରା ନିର୍ମିତ ହେବ ନାହିଁ; ମାତ୍ର ତାହା ରାଜନୀତିଜ୍ଞରହିଁ ବ୍ୟାବହାରିକ ମନଟି ଦ୍ୱାରା ତିଆରି ହେବାରେ ଲାଗିଥିବ; କାରଣ ସେହି ମନଟିହିଁ ଆଜି ବର୍ତ୍ତମାନର ସାଧାରଣ ବୁଦ୍ଧିସ୍ତର ଏବଂ ମନୋଭାବଟିର ପ୍ରତିନିଧିତ୍ୱ କରୁଛି ଏବଂ ସାଧାରଣତଃ, ଯାହା ସମ୍ଭବ ହୋଇପାରିବ, ତାହାର ସର୍ବାଧିକ ପରିମାଣଟି ଅପେକ୍ଷା ସର୍ବନିମ୍ନଟିର ନିକଟବର୍ତ୍ତୀ ହୋଇ ରହୁଥିବା କିଛି ନା କିଛିକୁ ଆଣି ଫଳପ୍ରଦ କରାଇପାରୁଛି । ବୃହତ୍ ଜନଗଣର ସାଧାରଣ ମନଟି ସାଧାରଣତଃ ଏକ ପକ୍ଷପାତ ଦ୍ୱାରା ପ୍ରେରିତ ପ୍ରଲୁବ୍ଧତା ସହିତ ଏ ବିଚାର ବା ସେ ବିଚାରଟିକୁ ଯାଇ ଗ୍ରହଣ କରି ପକାଇବାରେ ଅଭ୍ୟସ୍ତ ହୋଇ ଆସିଛି ଏବଂ ସେଗୁଡ଼ିକୁ ସେହିଭଳି ଭାବରେ ଗ୍ରହଣ କରିବା ଲାଗି ସର୍ବଦା ପ୍ରସ୍ତୁତ ରହିଥିବାରୁ ତାହା ନିଶ୍ଚୟ ଏହିସବୁ ବିଚାରକୁ ଶୁଣିବା ଲାଗି ମଧ୍ୟ ପ୍ରସ୍ତୁତ ହୋଇପାରିବ; ମାତ୍ର ଏକଥା ମଧ୍ୟ ସତ ଯେ ତାହା ଏପର୍ଯ୍ୟନ୍ତ ଆପଣାର ଯାବତୀୟ କାର୍ଯ୍ୟରେ ଆପଣାର ବିଚାରଗୁଡ଼ିକ ଅପେକ୍ଷା ଆପଣାର ସ୍ୱାର୍ଥଗୁଡ଼ିକ ଦ୍ୱାରାହିଁ ଅଧିକ ପରିମାଣରେ ପରିଚାଳିତ ହୋଇ ଆସିଛି, ଆପଣାର ମନୋବେଗ ଏବଂ ପୂର୍ବଗ୍ରହଗୁଡ଼ିକ ଦ୍ୱାରାହିଁ ପରିଚାଳିତ ହୋଇ ଆସିଛି । ରାଜନୀତିବାଲା ଏବଂ ରାଷ୍ଟ୍ରନୀତିବେତ୍ତାମାନେ, — ଏବଂ ଆମ ସଂସାରରେ ରାଜନୀତିବାଲା-ମାନେ ଭରପୂର ହୋଇ ରହିଥିଲେ ମଧ୍ୟ ରାଷ୍ଟ୍ରନୀତିବେତ୍ତା ଏଠାରେ ପ୍ରାୟ କେହି କୁଆଡ଼େ ନାହାନ୍ତି,— ଜନଗଣର ଏହି ସାଧାରଣସ୍ତରୀୟ ସାମାନ୍ୟମନଟି ଅନୁସାରେହିଁ କାର୍ଯ୍ୟ କରିଥାନ୍ତି; ରାଜନୀତିବାଲାମାନେ ପୂରାପୂରି ସେଇଟି ଦ୍ୱାରାହିଁ ପରିଚାଳିତ ହୁଅନ୍ତି, ଏବଂ ରାଷ୍ଟ୍ରନୀତିଜ୍ଞମାନଙ୍କୁ ଅନୁକ୍ଷଣ ତାହାକୁହିଁ ସର୍ବପ୍ରଧାନ ନିୟାମକରୂପେ ଗ୍ରହଣ କରିବାକୁ ପଡ଼ିଥାଏ ଏବଂ ତେଣୁ ସେ ସେମାନଙ୍କୁ ଯେଉଁଆଡ଼େ ପରିଚାଳିତ କରି ନେଇଯିବାକୁ ଇଚ୍ଛା କରୁଥାଏ, କଦାପି ସେଠାକୁ ନେଇପାରେ ନାହିଁ । ଅବଶ୍ୟ ଏକଥା ସତ ଯେ ଯଦି ରାଷ୍ଟ୍ରନୀତିଜ୍ଞ ଜଣେ ବଡ଼ ପ୍ରତିଭାଶାଳୀ ଓ ଶକ୍ତିମାନ୍ ବ୍ୟକ୍ତି ହୋଇଥାଏ ଓ ତା'ଭିତରେ ଏକ ବୃହତ୍ ମନ ଏବଂ ଗତିଶୀଳ କଳ୍ପନାଶକ୍ତି ସହିତ ମନୁଷ୍ୟମାନଙ୍କ ଉପରେ ସେ ପକାଇ ପାରୁଥିବା ଏକ ବୃହତ୍ ପ୍ରଭାବଶକ୍ତି ମଧ୍ୟ ଏକତ୍ର

'oaob.nitrkl.ac.in' images reprocessed

ସଂଯୁକ୍ତ ହୋଇ ରହିଥାଏ, ତେବେ ସେହି କ୍ଷେତ୍ରରେ ତାହା ନିଶ୍ଚୟ ଅନ୍ୟପ୍ରକାର ହୋଇପାରେ । ପୁନଶ୍ଚ, ଜନଗଣର ସାମାନ୍ୟସ୍ତରୀୟ ସାଧାରଣ ମନଟି ସଙ୍ଗେସଙ୍ଗେ ରାଜନୀତିକ ମନର ମଧ୍ୟ ସର୍ବଦା ଆପଣାର ସ୍ୱକୀୟ ସୀମାଗୁଡ଼ିକ ରହିଥାଏ; ଏପରିକି ଏକଥା ମଧ୍ୟ କୁହାଯାଇପାରିବ ଯେ ରାଜନୀତିକ ମନ ସ୍ଥିତାବସ୍ଥାଟିକୁ ଅଧିକ ସମ୍ମାନର ଚକ୍ଷୁରେ ଦେଖୁଥାଏ; ଯେଉଁ ବୃହତ୍ ଦୁଃସାହସିକ ଅଗ୍ରପଦକ୍ଷେପଟିକୁ ଗ୍ରହଣ କଲେ ଅତୀତର ନିରାପଦ ଆସ୍ଥାନଟିକୁ ପରିତ୍ୟାଗହିଁ କରିବାକୁ ପଡ଼ିବ, ସେ ସେଇଟିଲାଗି ଅଧିକ ପରିମାଣରେ ଅମଙ୍ଗ ଓ ଅପ୍ରବୃତ୍ତ ହୋଇ ରହିଥାଏ । ସେହି କଥାଟିକୁ କରି ପାରିବାକୁ ହେଲେ ତାକୁ ସର୍ବସାଧାରଣଙ୍କର ମତ ବା ଏକ ଶକ୍ତିଶାଳୀ କୌଣସି ସ୍ୱାର୍ଥ ଦ୍ୱାରା ବାଧ ହେବାକୁ ପଡ଼େ ଅଥବା, ଯୁଗର ମାନସିକ ବାୟୁମଣ୍ଡଳଟିରେ ବିଚ୍ଛୁରିତ ହୋଇ ରହିଥିବା ବୃହତ୍ ନୂତନ ଉତ୍ସାହଟି ମଧ୍ୟରେ ତାକୁ ମନ୍ତ୍ରାକର୍ଷିତ ହେଲାପରି ସ୍ୱୟଂ ଆସି ପଡ଼ିଯିବାକୁ ହୁଏ ।

ଯଦି ରାଜନୀତିକ ମନକୁ ତା'ର ଆପଣା ଇଚ୍ଛାରେହିଁ ସଂପୂର୍ଣ୍ଣ ଭାବରେ ଛାଡ଼ି ଦିଆଯାଏ, ତେବେ ବର୍ତ୍ତମାନ ପୃଥିବୀରେ ଯେଉଁ ବୃହତ୍ ଆନ୍ତର୍ଜାତିକ ଉଦ୍‌ବେଳନଟି ଆସି ଅନୁଭୂତ ହେବାକୁ ଲାଗିଲାଣି, ସେଥିରୁ ଆମେ ସେପରି କୌଣସି ପ୍ରକୃତ ବା ଯଥାର୍ଥ ଫଳ କଦାପି ପାଇପାରିବା ନାହିଁ; ହଁ, ସୀମାଗୁଡ଼ାକରେ ନିଶ୍ଚୟ କେତେକ ଅଦଳବଦଳ ହେବ, ସତ୍ତା ଓ ସତ୍ତାଧିକାରର କ୍ଷେତ୍ରରେ କେତେକ ପୁନଃବିତରଣ ମଧ୍ୟ ହେବ ଏବଂ ଆନ୍ତର୍ଜାତିକ, ବାଣିଜ୍ୟିକ ତଥା ଅନ୍ୟାନ୍ୟ ନାନା ସମ୍ବନ୍ଧର କ୍ଷେତ୍ରରେ କାମ୍ୟ ବା ଅକାମ୍ୟ କେତେକ ଉନ୍ନତି ବା ପରିବର୍ତ୍ତନ ଘଟିବ । ତାହାକୁ ଆମେ ଏକ ବିନାଶକାରୀ ସମ୍ଭାବନା ବୋଲି କହିବା ଏବଂ ତାହା ଆମକୁ ଆହୁରି ଅଧିକ ବିନାଶକାରୀ ଆହୁରି କେତେକେତେ ଉଦ୍‌ବେଳନ ଆଡ଼କୁ ଟାଣିକରି ନେଇଯିବ; ଅସଲ ସମସ୍ୟାଟିର ସମାଧାନ ହୋଇ ନ ଥିଲା ପର୍ଯ୍ୟନ୍ତ ଏପରି ହେବହିଁ ହେବ, ଏବଂ ସେହିସବୁ ଉଦ୍‌ବେଳନର କବଳରେ ପଡ଼ି ପୃଥିବୀର ଭବିଷ୍ୟତ କଦାପି ନିରାପଦ ହୋଇ ରହିପାରିବ ନାହିଁ । ତଥାପି, ଏକଥା ମଧ୍ୟ ସତ ଯେ ମନୁଷ୍ୟସମାଜର ମନ ଅତ୍ୟଧିକ ଭାବରେ ଆନ୍ଦୋଳିତ ହେବାକୁ ଆରମ୍ଭ କଲାଣି ଏବଂ ଏହାର ଭାବାକାଙ୍‌କ୍ଷାଗୁଡ଼ିକ ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ଜାଗ୍ରତ ହୋଇ ସାରିଲାଣି; ବିଷୟର ବ୍ୟବସ୍ଥାଗୁଡ଼ାକ ଆଗରୁ ଯେପରି ରହି ଆସିଥିଲା, ସେଗୁଡ଼ାକୁ ଆଉ ଅଧିକ ସହି ହେବ ନାହିଁ ବୋଲି ଏବେ ଅଧିକରୁ ଅଧିକ ମନୁଷ୍ୟ ହୃଦୟଙ୍ଗମ କରିବାକୁ ଆରମ୍ଭ କଲେଣି । ଜାତୀୟ ଅହଂବାଦିତାଗୁଡ଼ାକର ଏକ କୁଣ୍ଡଳୀ ଉପରେ ବର୍ତ୍ତମାନ କେବଳ ଗୋଟାଏ ଅତି ଅକାମ୍ୟ ଆନ୍ତର୍ଜାତିକ ଭାରସାମ୍ୟ ଭରା ଦେଇ ଛିଡ଼ା ହୋଇଛି, କେବଳ ପାରସ୍ପରିକ ଭୟ ଏବଂ କୁଣ୍ଠା ଦ୍ୱାରାହିଁ ସେହି ଅହଂବାଦିତାଗୁଡ଼ାକୁ ଅଟକାଇ

'oaob.nitrkl.ac.in' images reprocessed

ରଖାଯାଇଛି; କଳି ମୀମାଂସା କରିବାର କେତେଟା ଅକାମୀ ସନ୍ଧି ଓ ହେଗ୍‌ଠାରେ ବସିଥିବା କେତେଟା ଅଦାଲତର ନିଷ୍ପତ୍ତି ସେଗୁଡ଼ାକୁ ଅଟକାଇ କରି ରଖିଛି । ଇଉରୋପୀୟ ବଡ଼ ବଡ଼ ଶକ୍ତିମାନେ ଏକାଠି ପରସ୍ପରର ସମ୍ମତି ନେଇ ଯାହାକିଛି କରିବେ ବୋଲି ଯାହା ସ୍ଥିର କରିଛନ୍ତି, ତାହା ଯେ କେତେପ୍ରକାର ଭୁଲ୍ ଓ ବିବାଦର ସୃଷ୍ଟି କରିବାରେ ଲାଗିଛି, ତାହା ଜଣେ ରାଜନୀତିବାଲାର ମନକୁ ମଧ୍ୟ ବର୍ତ୍ତମାନ ବେଶ୍ ପରିଷ୍କାର ହୋଇ ଯାଉଥିବ । ଏହିସବୁ କାରଣରୁ ଆମେ ହୁଏତ ଆଶା କରିପାରିବା ଯେ ଏକ ନୈତିକ ବିଫଳତା ଫଳରେ ପୁରୁଣାଟା ଯେପରି ଭାବରେ ଭୁଶୁଡ଼ି ପଡ଼ିବାକୁ ଯାଉଛି, ତାହାରି ଉତ୍ତରଫଳ ସ୍ୱରୂପ ଏକ ନୂତନ ବ୍ୟବସ୍ଥାର ଆରମ୍ଭ ଦିଗରେ ନିଶ୍ଚୟ ଗମ୍ଭୀର ଭାବରେ କିଛି ନା କିଛି ଉଦ୍ୟମ କରାଯିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯୁଦ୍ଧ ଫଳରେ ଯେଉଁସବୁ କ୍ରୋଧ, ଘୃଣା ଏବଂ ସ୍ୱାର୍ଥପ୍ରଣୋଦିତ ଜାତୀୟ ଉଚ୍ଚାଶାମାନ ଜାଗ୍ରତ ହୋଇଛି, ସେସବୁ ଏହି ପଥରେ ଗୋଟିଏ ଗୋଟିଏ ବଡ଼ ପ୍ରତିବନ୍ଧକ ହୋଇ ଠିଆ ହେବ ଏବଂ କୌଣସି ପ୍ରକାର ନୂତନ ଆରମ୍ଭକୁ ତାହା ହୁଏତ ବଡ଼ ସହଜରେ ବ୍ୟର୍ଥ କରିଦେଇ ପାରିବ ବା ତାହାକୁ କେବଳ ଏକ ସାମୟିକ ସ୍ଥାୟିତ୍ୱ ଆଣି ଦେଇ ପାରିବ । ମାତ୍ର, ଆଉ ଅଧିକ କିଛି ନ ହେଲେ ମଧ୍ୟ, ସଂଗ୍ରାମଟିର କ୍ଷୁବ୍ଧତା କ୍ରମଶଃ ଶିଥିଳ ହୋଇଯିବା ପରେ ସେଥିରୁ ଯେଉଁ ଅବସନ୍ନତା ଏବଂ ଅନ୍ତର୍ଗତ ପ୍ରତିକ୍ରିୟାର ଜନ୍ମ ହେବ, ହୁଏତ ତାହାହିଁ ନାନା ନୂତନ ବିଚାର, ଅନୁଭୂତି, ଶକ୍ତି ଏବଂ ଘଟଣାକୁ ଆବିର୍ଭୂତ ହେବା ଲାଗି ସମୟ ଆଣି ଦେବ ଏବଂ ତାହା ଏହି ଅନିଷ୍ଟକାରୀ ପ୍ରଭାବଟିକୁ କାଟି ଦେବାରେ ନିଶ୍ଚୟ କାର୍ଯ୍ୟ କରିପାରିବ ।*

---

* ଏସବୁ ପ୍ରଥମେ ୧୯୧୬ ମସିହାରେ ଯୁଦ୍ଧ ଶେଷ ହେବା ପୂର୍ବରୁ ଲେଖା ହୋଇଥିଲା । ଏକଥା ସତ ଯେ ଏହି ଉଜ୍ଜ୍ୱଳତର ସମ୍ଭାବନାଟି ହଠାତ୍ ସମ୍ଭବ ହୋଇପାରିଲା ନାହିଁ, ମାତ୍ର ତଥାପି ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ଦିନକୁ ଦିନ ବୃଦ୍ଧି ପାଉଥିବା ଏହି ଅନିଶ୍ଚିତତା, ଅସ୍ତବ୍ୟସ୍ତତା ଓ ବିଶୃଙ୍ଖଳା ଦ୍ୱାରାହିଁ କୌଣସି ନା କୌଣସି ଆନ୍ତର୍ଜାତିକ ବ୍ୟବସ୍ଥାର ସୃଷ୍ଟି ଆମ ଲାଗି ଅଧିକରୁ ଅଧିକ ଅବଶ୍ୟମ୍ଭାବୀ ବୋଲି ଅନୁଭୂତ ହେବାରେ ଲାଗିଛି; କାରଣ ତା' ନ ହେଲେ ଆଧୁନିକ ସଭ୍ୟତା କେବଳ ରକ୍ତପାତ ଏବଂ ଅରାଜକତା ମଧ୍ୟରେ କୁଆଡ଼େ ଭୁଶୁଡ଼ି ପଡ଼ିବାକୁ ବାଧ୍ୟ ହେବ । ଏହି ଆବଶ୍ୟକତାର ପରିଣାମରୂପେ ଲିଗ୍ ଅଫ ନେଶନ୍‌ସ୍‌ର ସୃଷ୍ଟି ହୋଇଛି ଓ ତା'ପରେ ମିଳିତ ଜାତିସଂଘ ମଧ୍ୟ ସେଇଥିରୁ ଜନ୍ମଲାଭ କରିଛି । ରାଜନୀତିକ ଦୃଷ୍ଟିରୁ ଦେଖିଲେ ଏଥିରୁ କୌଣସିଟି ଆପଣାକୁ ଖୁବ୍‌ବେଶୀ ସନ୍ତୋଷଜନକ ବୋଲି ପ୍ରତିପାଦନ କରି ନାହିଁ ସତ, ମାତ୍ର ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ବର୍ତ୍ତମାନଠାରୁ ଶୃଙ୍ଖଳା ଓ ବ୍ୟବସ୍ଥାକୁ କାୟମ ରଖିବା ଲାଗି ଏଭଳି କୌଣସି ଏକ ସଂପରିଯୋଜିତ କେନ୍ଦ୍ର ପୃଥିବୀ ଲାଗି ଏକାବେଳେକେ ଅପରିହାର୍ଯ୍ୟ ବୋଲି ସାବ୍ୟସ୍ତ ହୋଇ ସାରିଲାଣି ।

'oaob.nitrkl.ac.in' images reprocessed

ତଥାପି ଏକଥା ମଧ୍ୟ ସତ ଯେ ଆମେ ଏହି କ୍ଷେତ୍ରରେ ଖୁବ୍ ବେଶୀହେଲେ ଏଥିରୁ ମାତ୍ର ଅଳ୍ପ କିଛିହିଁ ପ୍ରତ୍ୟାଶା କରିପାରିବା । ଜାତିଚୟର ଅନ୍ତର୍ଗତ ଜୀବନରେ ଯୁଦ୍ଧର ଚରମ ପରିଣାମଗୁଡ଼ିକ ଅବଶ୍ୟ ଅତ୍ୟନ୍ତ ଶକ୍ତିଶାଳୀ ହେବ ଓ ସେହି ଜୀବନର ମୂଳଗୁଡ଼ିକୁ ଦୋହଲାଇ ଦେବ; କାରଣ ସେହି କ୍ଷେତ୍ରଟିରେ ସବୁକିଛି ପ୍ରସ୍ତୁତ ହୋଇ ରହିଛି, ଚାପଟି ଅତ୍ୟନ୍ତ ପ୍ରକାଣ୍ଡ ଭାବରେ ଅନୁଭୂତ ହୋଇଛି, ଏବଂ ସେଇଟି ଅପସାରିତ ହୋଇଯିବା ପରେ ଯେଉଁ ପ୍ରସାରଣ ଘଟିବାକୁ ଯାଉଛି, ତୁଳନାତ୍ମକ ଦୃଷ୍ଟିରୁ ଦେଖିଲେ ତାହାର ପରିଣାମଗୁଡ଼ିକ ମଧ୍ୟ ସେହିପରି ଭାବରେ ନିଶ୍ଚୟ ପ୍ରକାଣ୍ଡ ଓ ବୃହତ୍ ହେବ; ମାତ୍ର ଆନ୍ତର୍ଜାତିକ ଜୀବନର କ୍ଷେତ୍ରରେ ଆମେ ଖୁବ୍ ବେଶୀ ହେଲେ ଏକ ନିମ୍ନତମ ପରିମାଣର ମୌଳିକ ପରିବର୍ତ୍ତନର ପ୍ରତ୍ୟାଶା ରଖିପାରିବା, ଯାହାକି, ଯେତେ ସ୍ୱଳ୍ପ ହୋଇଥିଲେ ମଧ୍ୟ, ହୁଏତ ତଥାପି ଏକ ଅପରିବର୍ତ୍ତନୀୟ ପାର୍ଥକ୍ୟରୂପେ କାର୍ଯ୍ୟ କରିପାରିବ, ଯଥେଷ୍ଟ ପ୍ରାଣଶକ୍ତି ରହିଥିବା ଏପରି ଏକ ବୀଜରୂପେ କାର୍ଯ୍ୟ କରିପାରିବ, ଯାହାକି ଭବିଷ୍ୟତରେ ଯେ ତାହାର ନିଶ୍ଚୟ ଆହୁରି ଅଭିବୃଦ୍ଧି ଘଟିବ, ତାହାରି ସୁନିଶ୍ଚିତ ପ୍ରମାଣ ଦେଇ ଯାଉଥିବ । ବସ୍ତୁତଃ, ଏହି ବିଶ୍ୱବ୍ୟାପୀ ସଂଗ୍ରାମଟିର ଅବସାନ ହେବା ପୂର୍ବରୁ ଯଦି ଯଥେଷ୍ଟ ପରିମାଣରେ ନାନା ନୂତନ ଆବିର୍ଭାବ ଘଟି ଆପଣାର ଶକ୍ତି ବଳରେ ଇଉରୋପର ସାଧାରଣ ମାନସକୁ ବଦଳାଇ ଦେଇ ପାରିଥାନ୍ତା, ଇଉରୋପୀୟ ଶାସକବର୍ଗଙ୍କର ଖର୍ବାକୃତି ବିଚାରଗୁଡ଼ିକୁ ଜବରଦସ୍ତି ନେଇ ବୃହତ୍ତର ନାନା ଗଭୀରତା ମଧ୍ୟରେ ସନ୍ନିବେଶିତ କରିପାରିଥାନ୍ତା ଏବଂ ସେତେବେଳ ସୁଦ୍ଧା ଯେତିକି ପରିବର୍ତ୍ତନ ସମ୍ଭବ ହୋଇଥିଲା, ତାହାଠାରୁ ଆହୁରି ଅଧିକ ମୌଳିକ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ଯଦି ତାହା ଅଧିକ ସୁଦୂରଗାମୀ ଏକ ବୋଧକୁ ଜାଗ୍ରତ କରି ଆଣି ପାରିଥା'ନ୍ତା, ତେବେ ଆମେ ସେଥିରୁ ଆହୁରି ଅନେକ ଅଧିକ ଆଶା କରି ପାରିଥାନ୍ତୁ । ମାତ୍ର ସେହି ବୃହତ୍ ସଂଗ୍ରାମଟି ଯେତିକି ଯେତିକି ଆପଣା ଉପସଂହାରର ନିକଟବର୍ତ୍ତୀ ହୋଇ ଆସିଲା, ସେଥିରୁ ସେପରି କୌଣସି ସମ୍ଭାବନାର ଆଦୌ ଉଦ୍‌ଭବ ହେଲା ନାହିଁ; ଏପରି ଗୋଟିଏ ସଂକଟ ସମୟରେ ଯେଉଁ ଗତିଶୀଳ ପର୍ଯ୍ୟାୟରେ ମନୁଷ୍ୟମାନଙ୍କର ଫଳପ୍ରଦ ବିଚାର ତଥା ପ୍ରବୃତ୍ତିଗୁଡ଼ିକ ମୂର୍ତ୍ତ ଆକାର ଧାରଣ କରିଥାଏ, ଏହି କ୍ଷେତ୍ରରେ କୌଣସି ବୃହତ୍ ତଥା ଗଭୀର ଆବେଗର ସୃଷ୍ଟି ନ କରି ସେଇଟି ଅତିକ୍ରାନ୍ତ ହୋଇଗଲା । କେବଳ ଦୁଇଟି କଥାରେ ମନୁଷ୍ୟସମୂହଗୁଡ଼ିକର ସାଧାରଣ ମାନସ ବଡ଼ ଶକ୍ତିଶାଳୀ ଭାବରେ ପ୍ରଭାବିତ ହୋଇଥିଲା । ପ୍ରଥମତଃ, ଏହିପରି ଏକ ବ୍ୟାପକ ବିପର୍ଯ୍ୟୟର ଭବିଷ୍ୟତରେ ଯେ ଆଉ କେବେହେଲେ ପୁନରାବୃତ୍ତି ଘଟିବ, ସେହି ସମ୍ଭାବନାଟି ବିରୋଧରେ ଏକ ବିଦ୍ରୋହବୋଧର ସୃଷ୍ଟି ହୋଇଥିଲା । ଦ୍ୱିତୀୟତଃ ଏହି ବୃହତ୍ ଆଲୋଡ଼ନଟି ଫଳରେ ମନୁଷ୍ୟ-ସମୁଦାୟର

'oaob.nitrkl.ac.in' images reprocessed

ଅର୍ଥନୈତିକ ଜୀବନରେ ଯେଉଁ ପଟାନ୍ତରହୀନ ବିଘଟନଟି ଘଟିବାକୁ ଯାଉଥିଲା ତାହାକୁ ଯେକୌଣସି ମତେ ନିବୃତ୍ତ କରି ରଖିବାକୁ ଉପଯୁକ୍ତ ଉପାୟମାନ ଖୋଜିବାର ଆବଶ୍ୟକତାଟି ଆହୁରି ଅଧିକ ତୀବ୍ର ଭାବରେ ଅନୁଭୂତ ହୋଇଥିଲା । ତେଣୁ ଏହି ଦୁଇଟିଯାକ ଦିଗରେହିଁ କିଞ୍ଚିତ୍ ପ୍ରକୃତ ବିକାଶ ବା ଅଗ୍ରସରତା ଆଶା କରାଯାଇ ପାରିଲା; କାରଣ, ସାଧାରଣ ପ୍ରତ୍ୟାଶା ତଥା ଅଭିଳାଷଟିର ପରିତର୍ପଣ କରିବାକୁ ହେଲେ ଅନ୍ତତଃ ଏତିକି ଲାଗି ଉଦ୍ୟମ କରିବା ପ୍ରକୃତରେ ଅନିବାର୍ଯ୍ୟ ହୋଇ ପଡ଼ିଥିଲା ଏବଂ ଏଗୁଡ଼ିକୁ ନେଇ ଖେଳ ଖେଳି ବସିଥିଲେ ତାହା ଇଉରୋପର ରାଜନୀତିକ ବୁଦ୍ଧି ପ୍ରକୃତରେ ଦେବାଳିଆ ହୋଇଗଲାଣି ବୋଲି ଘୋଷଣା କରିବା ପରି ହୋଇଥା'ନ୍ତା । ସେହିଭଳି ଏକ ବ୍ୟର୍ଥତା ଇଉରୋପର ରାଷ୍ଟ୍ର ତଥା ଶାସକବର୍ଗକୁ ନୈତିକ ତଥା ବୁଦ୍ଧିଗତ ଅସମର୍ଥତାର ଦୋଷରେ ନିଶ୍ଚୟ ଦୋଷୀ ସାବ୍ୟସ୍ତ କରିଥା'ନ୍ତା ଏବଂ ହୁଏତ ତାହାର ଅନ୍ତିମ ପରିଣାମ ସ୍ୱରୂପ ଇଉରୋପୀୟ ଜନସମୂହଗୁଡ଼ିକୁ ସେମାନଙ୍କର ପ୍ରଚଳିତ ଅନୁଷ୍ଠାନଗୁଡ଼ିକର ବିରୋଧରେ ଏବଂ ବିଦ୍ୟମାନ ଚକ୍ଷୁହୀନ ତଥା ବାଟ ଦେଖାଇ ନେଇଯିବାର କୌଣସି ସାଧନ ନ ଥିବା ନେତୃତ୍ୱଟି ବିରୋଧରେ ଏକ ସାଧାରଣ ବିଦ୍ରୋହ ଲାଗି ଉତ୍ତେଜିତ କରି ଦେଇଥା'ନ୍ତା ।

ତେଣୁ, ଯୁଦ୍ଧକୁ କେତେକ ନିର୍ଦ୍ଦିଷ୍ଟ ସୀମା ଭିତରେ ଆବଦ୍ଧ କରି ରଖିବା ପାଇଁ ଓ ଯୁଦ୍ଧର ସମ୍ଭାବନାକୁ ଯଥାସମ୍ଭବ କମ୍ କରି ରଖିବା ପାଇଁ ଏକ ସ୍ଥାୟୀ ତଥା ଫଳପ୍ରଦ ପନ୍ଥା ବାହାର କରି ପାରିବା ଲାଗି ଯେ କୌଣସି ନା କୌଣସି ଉଦ୍ୟମ କରାଯିବ, ଅସ୍ତ୍ରାଦିକୁ ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ରଖିବା ଲାଗି, ବିପଜ୍ଜନକ ବିବାଦଗୁଡ଼ିକୁ ସନ୍ତୋଷଜନକ ଭାବରେ ନିଷ୍ପତ୍ତି କରିଦେବାକୁ ଏବଂ ବିଶେଷ ଭାବରେ, — ଅବଶ୍ୟ ଏକଥା ସତ ଯେ ଏଇଟିର କ୍ଷେତ୍ରରେ ସବୁଠାରୁ ଅଧିକ ବଡ଼ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା, — ଏକ ଯୁଦ୍ଧ ହେବାଲାଗି ପ୍ରାୟ ବାଧ କରି ଆଣୁଥିବା ସ୍ଥିତିଗୁଡ଼ିକର ପଛରେ କେବଳ ଗୋଟିଏ ନ ହେଲେ ମଧ୍ୟ ବର୍ତ୍ତମାନ ଯେଉଁ ବାସ୍ତବିକ ଫଳପ୍ରଦ କାରଣଟି ରହିଛି, ବାଣିଜ୍ୟିକ ଉଦ୍ଦେଶ୍ୟ ତଥା ସ୍ୱାର୍ଥଗୁଡ଼ିକ ମଧ୍ୟରେ ଉପୁଜୁଥିବା ସେହି ସଂଘାତଟିର ସମ୍ମୁଖୀନ ହେବା ଲାଗି ଏକ ସ୍ଥାୟୀ ଓ ଫଳପ୍ରଦ ପନ୍ଥା ବାହାର କରିବା ଲାଗି ଯେ ଅବଶ୍ୟ କିଛି ଉଦ୍ୟମ ହେବ, ତାହା ଅବଶ୍ୟ ପ୍ରତ୍ୟାଶା କରାଯାଉଥିଲା । ଯଦି ଏହି ନୂତନ ବ୍ୟବସ୍ଥାଟି ମଧ୍ୟରେ ଆନ୍ତର୍ଜାତିକ ନିୟନ୍ତ୍ରଣର ବୀଜଟି ଅନ୍ତର୍ନିହିତ ହୋଇ ରହି ପାରିବ, ଏକ ବନ୍ଧନରହିତ ଆନ୍ତର୍ଜାତିକ ସଂଗଠନ ଦିଗରେ ଯଦି ଏହା ଏକ ପ୍ରଥମ ପଦକ୍ଷେପ ରୂପେ କାର୍ଯ୍ୟ କରି ପାରିବ, ବା ସମ୍ଭବତଃ ଏଇଟି ଭିତରେ ସେହିପରି ଏକ ସଂଗଠନର ଉପାଦାନଗୁଡ଼ିକ ବା ପ୍ରାଥମିକ ରୂପରେଖ ବା ଏପରିକି ଏକ ପ୍ରଥମସ୍ତରୀୟ ଯୋଜନା ମଧ୍ୟ କୌଣସି ପ୍ରକାରେ

'oaob.nitrkl.ac.in' images reprocessed

ରହିଥିବ, ଏକ ସଂଘବଦ୍ଧ ଜୀବନ ଲାଗି ଆପଣାର କ୍ରମାଗ୍ରସର ଉଦ୍ୟମରେ ମନୁଷ୍ୟଜାତିର ଜୀବନ ଯାହାକୁ କି ବିକଶିତ ହୋଇଯିବାର ଏକ ଛାଞ୍ଚରୂପେ ଗ୍ରହଣ କରିପାରିବ, ତେବେ ପ୍ରଥମେ ଏହି ବ୍ୟବସ୍ଥାଟି ଯେତେ ପ୍ରାଥମିକ ସ୍ତରର ବା ଅସନ୍ତୋଷଜନକ ହୋଇଥିଲେ ମଧ୍ୟ, ଏହା ମଧ୍ୟରେ ଭବିଷ୍ୟତ ଲାଗି ଏକ ସୁନିଶ୍ଚିତ ପ୍ରତିଶ୍ରୁତି ଅବଶ୍ୟ ରହିଥିବ । ଏଇଟି ଥରେ ଆରମ୍ଭ ହୋଇଗଲେ ମନୁଷ୍ୟଜାତି ପକ୍ଷରେ ଆଉ ସେଇଟିକୁ ଛାଡ଼ି ପଛକୁ ପଳାଇ ଆସିବା ଆଦୌ ସମ୍ଭବ ହେବ ନାହିଁ, ଏବଂ ଏହାର କ୍ରମବିକାଶ-ପଥରେ ଯେତେ ଯାହା ଅସୁବିଧା, ନୈରାଶ୍ୟ, ସଂଗ୍ରାମ, ପ୍ରତିକ୍ରିୟା, ଅନ୍ତରାୟ ବା ନୃଶଂସ ବ୍ୟାଘାତ ଆସି ଉପସ୍ଥିତ ହେଲେ ମଧ୍ୟ ସେଗୁଡ଼ିକ ପରିଶେଷରେ ସେହି ସର୍ବଶେଷ ଓ ଅନିବାର୍ଯ୍ୟ ଲକ୍ଷ୍ୟରେ ଯାଇ ପହଞ୍ଚିବାର ପଥରେ ବାଧକ ହେବା ପରିବର୍ତ୍ତେ ନିଶ୍ଚୟ ସହାୟକ ରୂପେ କାର୍ଯ୍ୟ କରିବେ ।

ତଥାପି ଏପରି କୌଣସି ଆଶା କରି ପକାଇବା ଅବଶ୍ୟ ବୃଥା ହେବ ଯେ ଆନ୍ତର୍ଜାତିକ ନିୟନ୍ତ୍ରଣର ନୀତିଟି ପ୍ରଥମରୁହିଁ ସଂପୂର୍ଣ୍ଣ ଭାବରେ ଫଳପ୍ରଦ ହୋଇ କାର୍ଯ୍ୟ କରିବାକୁ ଆରମ୍ଭ କରିବ ବା ଏହି ବନ୍ଧନରହିତ ପ୍ରଥମ ସଂଗଠନଟି ପ୍ରକୃତରେ ଆଉ ଅଧିକ କୌଣସି ସଂଘାତ, ଦ୍ୱନ୍ଦ୍ୱ, ବିସ୍ଫୋରଣ ଓ ବିପର୍ଯ୍ୟୟକୁ ଏକାବେଳେକେ ବନ୍ଦ କରିଦେଇ ପାରିବ ।* ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେହି ସଂଗଠନଟି ପ୍ରଥମ ଅବସ୍ଥାରେ ଅଧାଅଧି ହୁଏତ କୌଣସି ନିର୍ଦ୍ଦିଷ୍ଟ ଆକୃତି ପାଇବ ଓ ତାହାର ଆଉ ଅଧିକ ଛାୟାବୃତ ହୋଇ ରହିଥିବ । ଏହି ଦିଗରେ ପ୍ରକୃତରେ ଅତି ବଡ଼ ଓ ପ୍ରାୟ ଅଲଂଘନୀୟ ଅସୁବିଧାମାନ ରହିଛି । ମନୁଷ୍ୟଜାତିର ମନର ଏପର୍ଯ୍ୟନ୍ତ ଏବିଷୟରେ ଆଦୌ କୌଣସି ଆବଶ୍ୟକ ଅଭିଜ୍ଞତା ନାହିଁ; ଏହାର ଶାସକବର୍ଗଙ୍କର ବୁଦ୍ଧି ଯଥାର୍ଥ ପ୍ରଜ୍ଞା ଏବଂ ଦୂରଦୃଷ୍ଟିର ଅତ୍ୟାବଶ୍ୟକ ସର୍ବନିମ୍ନ ପରିମାଣଟିକୁ ମଧ୍ୟ ଏପର୍ଯ୍ୟନ୍ତ ହାସଲ କରିପାରି ନାହିଁ । ଜାତିଚୟର ମନୋଦୃଷ୍ଟିରେ ଏଥିଲାଗି ଅପରିହାର୍ଯ୍ୟ ହୋଇ ରହିଥିବା ସହଜାତ ବୃତ୍ତି ଓ ପ୍ରବୃତ୍ତିଗୁଡ଼ିକର ବିକାଶ ହୋଇ ନାହିଁ । ତେଣୁ ବର୍ତ୍ତମାନ ଯାହାକିଛି ବ୍ୟବସ୍ଥା କରାଯିବ, ତାହାକୁ ଜାତୀୟ ଅହଂବାଦିତା, କ୍ଷୁଧାର୍ତ୍ତତା, ଲୁବ୍ଧତା ଏବଂ ଆତ୍ମ-ଶ୍ରେୟସ୍କରତାର ପ୍ରତିଷ୍ଠା ପ୍ରଭୃତିର ସେହି

* ସେତେବେଳେ ଏପରି ଏକ ଭବିଷ୍ୟବାଣୀ କରିବା ନିଶ୍ଚୟ ଭାରି ସହଜ ଥିଲା; ମାତ୍ର ଏହାପରେ ଯାହାସବୁ ଘଟିଲା ଓ ସର୍ବଶେଷରେ ତାହା ଯେପରି ଏକ ଆହୁରି ବଡ଼ ଓ ଅଧିକ ଧ୍ୱଂସକାରକ ଏକ ଯୁଦ୍ଧରେ ପରିଣତି ଲାଭ କଲା, ସେଥିରୁ ସେହି ଭବିଷ୍ୟବାଣୀ ଓ ତାହାର କାରଣଗୁଡ଼ିକ ବିଷୟରେ କରାଯାଇଥିବା ଆକଳନଟି ପ୍ରକୃତରେ ସମ୍ପୂର୍ଣ୍ଣ ଭାବରେ ସିଦ୍ଧହିଁ ହୋଇଗଲା ।

'oaob.nitrkl.ac.in' images reprocessed

ପୁରାତନ ଭୂମିଟି ଉପରେହିଁ ଗତି କରିବାକୁ ହେବ ଏବଂ ସେଗୁଡ଼ିକ ଯେପରି ଅତ୍ୟଧିକ ପରିମାଣରେ ଧ୍ୱଂସକାରକ କୌଣସି ପାରସ୍ପରିକ ସଂଘାତ ମଧ୍ୟରେ ଆସି ପଡ଼ି ନ ଯାନ୍ତି, କେବଳ ସେତିକି ବିଷୟରେ କେତେକ ପରିମାଣରେ ନିଶ୍ଚିତ ହୋଇ ରହିବା ପାଇଁ ଯେତିକି ନିୟନ୍ତ୍ରଣ ଦରକାର, ତାହା କେବଳ ସେତିକି ନିୟନ୍ତ୍ରଣରହିଁ ପ୍ରୟାସ କରିବ । ଏଦିଗରେ ପ୍ରଥମେ ଯେଉଁସବୁ ଉପାୟକୁ ପରୀକ୍ଷା କରି ଦେଖାଯିବ, ତାହା କଦାପି ପର୍ଯ୍ୟାପ୍ତ ବା ଯଥେଷ୍ଟ ହେବ ନାହିଁ, କାରଣ ଯେଉଁସବୁ ଅହଂକାମିତା ଓ ଅହଂବାଦିତାକୁ ତାହା ନିୟନ୍ତ୍ରଣ ମଧ୍ୟରେ ରଖିବାକୁ ଇଚ୍ଛା କରୁଥିବ, ସେହିଗୁଡ଼ିକୁହିଁ ଅତ୍ୟଧିକ ପରିମାଣରେ ସମ୍ମାନ ଦେଖାଇବାକୁ ପଡ଼ିବ । ଦ୍ୱନ୍ଦ୍ୱ ଓ ସଂଘର୍ଷର କାରଣଗୁଡ଼ିକ ଯେମିତି ସେମିତି ରହିଥିବ; ଯେଉଁଭଳି ମାନସିକ ଅଭିମୁଖୀନତାରୁ ସେହି ସଂଘର୍ଷଗୁଡ଼ିକର ଜନ୍ମ ହୋଇଥାଏ, ସେଇଟି ମଧ୍ୟ ବଞ୍ଚି ରହିଥିବ । ହୁଏତ ଏହାର ନିର୍ଦ୍ଦିଷ୍ଟ କେତୋଟି କାର୍ଯ୍ୟକାରିତାର କ୍ଷେତ୍ରରେ ତାହା ସାମୟିକ ଭାବରେ ନିଃଶେଷିତ ହୋଇ ଯାଉଥିବ ବା ଅବଦମିତ ହୋଇ ରହୁଥିବ, ମାତ୍ର ତଥାପି ସଂପୂର୍ଣ୍ଣ ରୂପେ କଦାପି ଛାଡ଼ିଯିବ ନାହିଁ । ସଂଘର୍ଷର କାରଣଗୁଡ଼ିକୁ ହୁଏତ ନିୟନ୍ତ୍ରଣ ମଧ୍ୟରେ ରଖାଯିବ ସତ, ମାତ୍ର ତଥାପି ସେଗୁଡ଼ିକୁ ରହିବାକୁ ବାଟ ଛାଡ଼ି ଦିଆ ଯାଇଥିବ । ଅସ୍ତ୍ରଶସ୍ତ୍ରର ପରିମାଣରେ ହୁଏତ ସୀମା ଧାର୍ଯ୍ୟ କରି ଦିଆଯିବ, ମାତ୍ର ସେଗୁଡ଼ିକର କଦାପି ବିଲୋପ ହେବ ନାହିଁ । ଜାତୀୟ ସୈନ୍ୟବାହିନୀଗୁଡ଼ିକରେ ହୁଏତ ସୈନ୍ୟସଂଖ୍ୟାର ସୀମା ଧାର୍ଯ୍ୟ କରି ଦିଆଯିବ, – ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ସୀମା ଧାର୍ଯ୍ୟ କରି ରଖିବାର ପ୍ରସଙ୍ଗଟି ସର୍ବଦା ଭ୍ରାନ୍ତିକର ହୋଇହିଁ ରହିବ, – ମାତ୍ର ତଥାପି ସେହି ସୈନ୍ୟବାହିନୀଗୁଡ଼ିକ ଅବଶ୍ୟ ରହିବେ । ସାମୂହିକ ମାରଣ ଓ ସଂହାରର ବିଦ୍ୟାରେ ବିଜ୍ଞାନ ଠିକ୍ ବର୍ତ୍ତମାନ ପରି ବିଚକ୍ଷଣ ଭାବରେ ସହାୟତା କରିବାରେ ଲାଗିଥିବ । କେବଳ ଜାତୀୟ ସୈନ୍ୟବାହିନୀଗୁଡ଼ିକର ବିଲୁପ୍ତିସାଧନ ଦ୍ୱାରାହିଁ ଯୁଦ୍ଧର ବିଲୁପ୍ତିସାଧନ ସମ୍ଭବ ହୋଇପାରିବ ଏବଂ ତା'ପରେ ମଧ୍ୟ ତାହା କେବଳ ଅତି କଷ୍ଟରେହିଁ ସମ୍ଭବ ହେବ । ଏପରି କୌଣସି ଅନ୍ୟ ସଂଗଠନର ବିକାଶ ଦ୍ୱାରା ତାହା ସମ୍ଭବ ହେବ, ଯାହାକୁ ତିଆରି କରିବାର ବିଦ୍ୟାଟି ମନୁଷ୍ୟସମାଜର ଏପର୍ଯ୍ୟନ୍ତ ଅଗୋଚର ହୋଇ ରହିଛି; ଅଥବା, ଏପରି ଗୋଟିଏ ସଂଗଠନ ତିଆରି ହୋଇ ପାରିଲେ ମଧ୍ୟ ତାହାର ପୂର୍ଣ୍ଣ ସଦ୍‌ବ୍ୟବହାର କରିବା ଲାଗି ମନୁଷ୍ୟସମାଜ ବେଶ୍ କିଛି ସମୟ ସକାଶେ ହୁଏତ ସମର୍ଥ ହେବ ନାହିଁ ବା ଇଚ୍ଛୁକ ମଧ୍ୟ ହେବ ନାହିଁ । ଏବଂ ଜାତୀୟ ସୈନ୍ୟବାହିନୀଗୁଡ଼ିକର ଯେ ପ୍ରକୃତରେ କୌଣସି ବିଲୁପ୍ତିସାଧନ ଘଟିବ, ତାହାର କୌଣସି ସମ୍ଭାବନା ଦେଖାଯାଉ ନାହିଁ; କାରଣ ପ୍ରତ୍ୟେକ ଜାତି ଅନ୍ୟ ସବୁଯାକ ଜାତିଙ୍କୁ ଅତ୍ୟଧିକ ପରିମାଣରେ ଅବିଶ୍ୱାସ କରିବାରେ ଲାଗିଛି, ପ୍ରତ୍ୟେକ ଜାତିର ଅତ୍ୟଧିକ ପରିମାଣରେ ମହତ୍ତ୍ୱାକାଙ୍‌କ୍ଷା ଓ କ୍ଷୁଧାମାନ ରହିଛି ଏବଂ

'oaob.nitrkl.ac.in' images reprocessed

ଆଉ କୌଣସି ପାଇଁ ନ ହେଲେ ମଧ୍ୟ ଆପଣାର ହାଟକ୍ଷେତ୍ରଗୁଡ଼ିକୁ ଜଗିବା ଲାଗି ଓ ଆପଣାର ରାଜ୍ୟ, ଉପନିବେଶ ତଥା ଅଧୀନସ୍ଥ ଜାତିଗୁଡ଼ିକୁ ଆପଣାର ଅଧୀନ କରି ରଖିବା ଲାଗି ଆପଣାକୁ ଅସ୍ତ୍ରଶସ୍ତ୍ର ଦ୍ୱାରା ସଜ୍ଜିତ ହୋଇ ରହିବାକୁ ପଡୁଛି । ବର୍ତ୍ତମାନ ଜାତି ଜାତି ମଧ୍ୟରେ ଯେଉଁସବୁ ବାଣିଜ୍ୟିକ ପ୍ରତିଦ୍ୱନ୍ଦ୍ୱିତା ଓ ମହତ୍ତ୍ୱାକାଙ୍କ୍ଷାମାନ ରହିଛି, ଯେଉଁ ରାଜନୀତିକ ଦମ୍ଭ, ଯେଉଁସବୁ ସ୍ୱପ୍ନ, ବାସନା ଓ ପରସ୍ପରକାତରତା ରହିଛି, ସେଗୁଡ଼ାକ କଦାପି କାହାର କୁହୁକକାଠି ବାଜି ଉଭେଇଗଲା ପରି କଦାପି ଉଭେଇଯାଉ ନାହିଁ । କେତେକେତେ ଦଶକ ଧରି ଇଉରୋପ ଯେଉଁସବୁ ସଂପଦକୁ ସଞ୍ଚୟ କରି ରଖିଥିଲା, ତାହାକୁ ସିଏ ଦୀର୍ଘ ଅବଧି ଧରି କ୍ରମଶଃ ପୋଖତ ହୋଇ ଆସୁଥିବା କେତେକେତେ ମହତ୍ତ୍ୱାକାଙ୍କ୍ଷା, ଈର୍ଷା ଏବଂ ଘୃଣାର ଏକ ଉନ୍ମତ୍ତ ସଂଘାତ ଦ୍ୱାରା ତିନିଟା ବର୍ଷ ମଧ୍ୟରେ ଯୁଦ୍ଧର ଉତ୍ତପ୍ତ କୁଣ୍ଡ ଭିତରେ ଆଣି ନିକ୍ଷେପ କରିଦେଲା ଏବଂ ଆପଣାର ପୁରୁଷତ୍ୱର ଏକ ବୃହତ୍ ଅଂଶକୁ ଜଳାଞ୍ଜଳି ଦେଇ ଆସିଲା ବୋଲି ଯେ ଏଥର କୁହୁକ ପରି ସବୁ ବଦଳିଯିବ, ସେକଥା କଦାପି ନୁହେଁ । ଏହି ଜାଗରଣଟିକୁ ଆହୁରି ଅନେକ ଗଭୀରକୁ ଯିବାକୁ ପଡ଼ିବ, ଏବଂ ଜାତିଚୟର ମନଃଚାରଣା ସେହି "ଆଶ୍ଚର୍ଯ୍ୟଜନକ, ଐଶ୍ୱର୍ଯ୍ୟମୟ ଏବଂ ଅଦ୍ଭୁତ" କୌଣସି କିଛିରେ ରୂପାନ୍ତରିତ ହୋଇଯିବା ପୂର୍ବରୁ ତାହାକୁ ସକ୍ରିୟ ହେବାର ଅଧିକ ଶୁଦ୍ଧ କେତେକେତେ ମୂଳକୁ ଯାଇ ହାସଲ କରି ପାରିବାକୁ ପଡ଼ିବ; ତେବେଯାଇ ଯୁଦ୍ଧର ଅବସାନ ଘଟିବ ଓ ଆମର ଏହି ସଂକଟପୀଡ଼ିତ ଓ ବାରଂବାର ଝୁଣ୍ଟିକରି ପଡୁଥିବା ମନୁଷ୍ୟଜୀବନ ମଧ୍ୟରେ ଆନ୍ତର୍ଜାତିକ ଯାବତୀୟ ସଂଘର୍ଷର ଅବସାନ ମଧ୍ୟ ଘଟିବ ।

ଜାତିଗତ ଅହଂକାରିତାଗୁଡ଼ାକ ଓ ସଂଘର୍ଷର ସାଧନଗୁଡ଼ାକ ରହିଥିବା ପର୍ଯ୍ୟନ୍ତ ତାହାର କାରଣଗୁଡ଼ାକ ମଧ୍ୟ ସେହିପରି ରହିଥିବ, ତାହାର ଅବସର ଏବଂ କୈଫିୟତ୍‌ଗୁଡ଼ାକ ଲାଗି କଦାପି କୌଣସି ଅଭାବ ହେଉ ନ ଥିବ । ବର୍ତ୍ତମାନର ଏହି ଯୁଦ୍ଧଟି ସମ୍ଭବ ହେଲା, କାରଣ ବଡ଼ବଡ଼ ସବୁ ଜାତି ଅନେକ ଦିନରୁ ଏପରି ସବୁ କାର୍ଯ୍ୟ କରିବାରେ ଲାଗିଥିଲେ ଯାହାକି ଯୁଦ୍ଧକୁ ଅନିବାର୍ଯ୍ୟ ଓ ଅବଶ୍ୟମ୍ଭାବୀ କରି ଆଣିଥା'ନ୍ତା । ଏହି ଯୁଦ୍ଧଟି ହେଲା, କାରଣ ବଲ୍‌କାନ୍ ଅଞ୍ଚଳରେ ଏକ ଅଡୁଆର ଉଦ୍‌ଭବ ହେଲା, ନିକଟ-ପ୍ରାଚ୍ୟରେ ଏକ ଅନ୍ୟ ଆଶାର ଆବିର୍ଭାବ ହେଲା ଏବଂ ଉତ୍ତର ଆଫ୍ରିକାରେ ବାଣିଜ୍ୟିକ ସ୍ୱାର୍ଥ ଓ ଉପନିବେଶ ନେଇ ନାନା ପ୍ରତିଦ୍ୱନ୍ଦ୍ୱିତା ଉପୁଜିଲା । ବଡ଼ ବଡ଼ ଜାତିମାନେ ଶାନ୍ତି ସମୟରେ ମଧ୍ୟ ଅର୍ଥାତ୍ ସେମାନଙ୍କ ମଧ୍ୟରୁ ଜଣେ କେହି ବା କେତେଜଣ ବନ୍ଧୁକ ବା ତୋପର ଆଶ୍ରୟ ନେବାର ବହୁ ପୂର୍ବରୁ ନୀରବରେ ଠିକ୍ ସେହିସବୁ ବିଷୟ ନେଇ ପରସ୍ପର ସହିତ କନ୍ଦଳ କରିବାରେ ଲାଗିଥିଲେ । ସାରାଜେଭୋ ଓ ବେଲ୍‌ଜିଅମ୍ ସେଥିପାଇଁ କେବଳ ଗୋଟିଏ ଗୋଟିଏ ନିଷ୍ପତ୍ତିଗ୍ରହଣକାରୀ ଅବସର ଆଣି ଯୋଗାଇଦେଲେ । କାରଣଗୁଡ଼ିକର ଅସଲ

'oaob.nitrkl.ac.in' images reprocessed

ମୂଳକ୍ଷେତ୍ରକୁ ଯାଇ ପାରିବାକୁ ହେଲେ ଆମକୁ ଅନ୍ତତଃ ପଛମୁହାଁ ହୋଇ ଆଗାଡ଼ିର୍ ଏବଂ ଆଲ୍‌ଜେସିରାସ୍ ଯାଏ ଯିବାକୁ ପଡ଼ିବ । ମରକ୍କୋରୁ ତ୍ରିପଲି ଯାଏ ଏବଂ ତ୍ରିପଲିରୁ ଥ୍ରେସ୍ ଓ ମାସିଡୋନିଆ ଯାଏ ଏବଂ ତା'ପରେ ପୁଣି ମାସିଡୋନିଆଠାରୁ ହେର୍ଟ୍‌ସେଗୋଭିନା ଯାଏ ଯେଉଁ ବିଦ୍ୟୁତ୍‌ସୂତ୍ରଟି ଲମ୍ବି ରହିଥିଲା, ଆମେ ସେଇଟି ମଧ୍ୟରେ ସକଳ କାରଣ ତଥା ସକଳ ପରିଣାମ, ସକଳ ଆଚରଣ ଓ ସେଗୁଡ଼ିକର କର୍ମଫଳର ଅନିବାର୍ଯ୍ୟ ନ୍ୟାୟଟିକୁ ନିଶ୍ଚୟ ଖୋଜି ବାହାର କରି ପାରିବା । ଏହି ସୂତ୍ରଟିରେ ମଧ୍ୟେ ମଧ୍ୟେ ସ୍ଥାନେ ସ୍ଥାନେ ସାନସାନ ବିସ୍ଫୋଟନମାନ ବେଶ୍ ଘଟିବାରେ ଲାଗିଥିଲା ଏବଂ ସବା ଶେଷକୁ ନିଆଁ ଜଳି ଉଠିବାର ସେହି ବିନ୍ଦୁଟି ଆସି ପହଞ୍ଚିଲା ଏବଂ ତାହା ଏପରି ଏକ ପ୍ରକାଣ୍ଡ ବିସ୍ଫୋରଣର ସୃଷ୍ଟି କଲା ଯାହାକି ତମାମ ଇଉରୋପକୁ ରକ୍ତପାତ ଓ ଧ୍ୱଂସରେ ପରିପୂର୍ଣ୍ଣ କରିଦେଇ ଗଲା । ଏକାବେଳେକେ ନିଶ୍ଚିତ କରି ସେକଥାଟି କୁହାଯାଇ ନ ପାରିଲେ ମଧ୍ୟ ଏକଥା ସତ ଯେ ବଲ୍‌କାନ୍ ସମସ୍ୟାଟିର ହୁଏତ ଏକ ସମାଧାନ ନିଶ୍ଚୟ ମିଳି ପାରିଥାନ୍ତା; ହୁଏତ ନିଶ୍ଚିତ ଭାବରେ ଜର୍ମାନୀକୁ ଆଫ୍ରିକା ମହାଦେଶରୁ ବାହାର କରିଦେଇ ଓ ସେହି ଭୂଖଣ୍ଡଟିକୁ ବର୍ତ୍ତମାନ ମିତ୍ରପକ୍ଷ ହୋଇ ଯୁଦ୍ଧ ଲଢୁଥିବା ତିନୋଟି ବା ଚାରୋଟି ଜାତିଙ୍କର ପୂର୍ଣ୍ଣ ଅଧିକାରରେ ଛାଡ଼ିଦେଇ ଅବସ୍ଥାଟିକୁ ଟିକିଏ ସହଜ କରି ଆଣିପାରିବ । ମାତ୍ର, ଜର୍ମାନୀକୁ ସେହି ମାନଚିତ୍ରଟି ଉପରୁ ସଂପୂର୍ଣ୍ଣ ଭାବରେ ବାଦ୍ ଦେଲେ ମଧ୍ୟ ଓ ତାହାର ଅସନ୍ତୋଷ ତଥା ଆକାଙ୍‌କ୍ଷାଗୁଡ଼ାକୁ ଏକ ଇଉରୋପୀୟ ବିଷୟରୂପେ ନିଶ୍ଚିହ୍ନ କରି ଦେଇପାରିଲେ ମଧ୍ୟ, ଯୁଦ୍ଧର ମୂଳକାରଣଗୁଡ଼ିକ ତଥାପି ରହିଯିବ । ସେହି ପରିସ୍ଥିତିରେ ନିକଟ – ଏବଂ ସୁଦୂର-ପ୍ରାଚ୍ୟର ଏକ ଏସୀୟ ସମସ୍ୟା ତଥାପି ରହିବ, ଯାହାକି ହୁଏତ ଆହୁରି କେତେ ନୂତନ ଅବସ୍ଥାର ରୂପ ଧାରଣ କରିବ, ଆହୁରି କେତେ ନୂତନ ରୂପରେ ଆବିର୍ଭୂତ ହୋଇ ଆସିବ ଓ ଆପଣାର ଅନ୍ତର୍ଗତ ଉପାଦାନଗୁଡ଼ିକୁ ତାହା କେତେ ନୂଆନୂଆ ଗୁଚ୍ଛରେ ପୁଣି ଗୁଛି ରଖିବାକୁ ଆରମ୍ଭ କରିବ; ମାତ୍ର ତାହା ତଥାପି ଏପରି ବିପଦସଙ୍କୁଳ ହୋଇ ରହିଥିବ ଯେ ଯଦି ଏହାର କୌଣସି ଏକ ନିର୍ବୋଧ ସମାଧାନ କରିଦିଆଯାଏ ଅଥବା କୌଣସି ସମାଧାନ କରା ନ ଯାଏ, ତେବେ ଆମେ ପ୍ରାୟ ନିଶ୍ଚିତ ଭାବରେ ଏକ ଭବିଷ୍ୟବାଣୀ କରି କହିପାରିବା ଯେ ଏସିଆକୁ ପ୍ରଥମ କ୍ଷେତ୍ର ବା ପ୍ରଥମ ଉଦ୍‌ଭବସ୍ଥାନ ରୂପେ ବ୍ୟବହାର କରି ମଣିଷ ମଣିଷ ଭିତରେ ପରବର୍ତ୍ତୀ ଯୁଦ୍ଧ ଓ ସଂଘାତଟି ଅଚିରେ ପୁଣି ଲାଗିଯିବ । ଏପରିକି, ସେହି ଅସୁବିଧାଟିର ସମାଧାନ ହୋଇଗଲେ ମଧ୍ୟ, ଯେଉଁଠି ଜାତୀୟ ଅହଂବାଦିତା ଏବଂ ଲୋଲୁପତା ଆପଣାକୁ ପରିତୃପ୍ତ କରିବାରେ ବାଟ ଖୋଜିବାରେ ଲାଗିଥିବ, ସେଠାରେ ଅନିବାର୍ଯ୍ୟତଃ ସଂଘର୍ଷ ଓ କନ୍ଦଳର ଆହୁରି କେତେ ନୂଆ ନୂଆ କାରଣ ମଧ୍ୟ ଉଦ୍‌ଭୂତ ହୋଇ ଆସିବ; ଏବଂ ଏହି ଅହଂବାଦିତାଟି ଯେପର୍ଯ୍ୟନ୍ତ ବଞ୍ଚିରହିଥିବ,

'oaob.nitrkl.ac.in' images reprocessed

ଏହା ଯେକୌଣସି ଉପାୟରେ ଆପଣାର ପରିତୃପ୍ତି ଖୋଜିବାରେହିଁ ଲାଗିଥିବ ଏବଂ ଯେତେଯାହା ପରିତୃପ୍ତି ହେଉଥିଲେ ମଧ୍ୟ ସେଥିରେ ତାହାର କଦାପି ପୂର୍ଣ୍ଣ ସନ୍ତୋଷ ହେଉ ନ ଥିବ । ଗଛଟିରେ ତା'ର ଅନୁରୂପ ଫଳଟି ଫଳିବହିଁ ଫଳିବ, ଏବଂ ପ୍ରକୃତି ଯେ ସବୁବେଳେ ଏକ ଅତ୍ୟନ୍ତ ଅଧ୍ୟବସାୟୀ ମାଳୀ ପରି କାର୍ଯ୍ୟ କରୁଥାଏ, ଆମକୁ ଏକଥାଟି ମଧ୍ୟ ସ୍ମରଣ ରଖିବାକୁ ପଡ଼ିବ ।

ଏହାର ପ୍ରତିବିଧାନ ସ୍ୱରୂପ ସୈନ୍ୟବାହିନୀ ଏବଂ ସମରସରଞ୍ଜାମଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ନିୟନ୍ତ୍ରିତ କରି ରଖିବା ଲାଗି ଯେଉଁ ପରାମର୍ଶ ଦିଆ ଯାଇଥାଏ, ଏହାକୁ କେବଳ ଏକ ଭ୍ରମାତ୍ମକ ପ୍ରତିବିଧାନ ବୋଲିହିଁ କୁହାଯିବ । ଏପରିକି, ଏହି ଦିଗରେ ଆମକୁ ଫଳପ୍ରଦ ଆନ୍ତର୍ଜାତିକ ନିୟନ୍ତ୍ରଣର କୌଣସି ଏକ ବାଟ ମିଳିଯାଇ ପାରିଲେ ମଧ୍ୟ ଯୁଦ୍ଧର ସଂଘାତଟି ପ୍ରକୃତରେ ଆସି ପହଞ୍ଚିବା ମାତ୍ରକେ ସେଇଟି ଆଉ ମୋଟେ କାର୍ଯ୍ୟକାରୀ ହୋଇପାରିବ ନାହିଁ । ଇଉରୋପରେ ଯେଉଁ ଯୁଦ୍ଧଟି ଲାଗିଲା, ତାହା ଆମକୁ ସ୍ପଷ୍ଟଭାବରେ ଦେଖାଇଦେଲା ଯେ ଯୁଦ୍ଧ ଲାଗିଥିବା ସମୟରେ ଗୋଟିଏ ଦେଶକୁ ଅସ୍ତ୍ରଶସ୍ତ୍ରାଦିର ଏକ ବିରାଟ ଫ୍ୟାକ୍ଟରିରେ ବେଶ୍ ପରିଣତ କରି ଦିଆଯାଇ ପାରିବ ଏବଂ ଯେକୌଣସି ଜାତି ମଧ୍ୟ ଶାନ୍ତିର ଆଗ୍ରହ ରଖିଥିବା ଆପଣାର ସମୁଦାୟ ପୁରୁଷତ୍ୱଟିକୁ ଏକ ସୈନ୍ୟବାହିନୀରେ ପରିଣତ କରିଦେଇ ପାରିବ । ଇଂଲଣ୍ଡ ପ୍ରଥମେ ଏକ ଅତିକ୍ଷୁଦ୍ର ଓ ପ୍ରାୟ ନଗଣ୍ୟ ସୈନ୍ୟବାହିନୀରୁହିଁ ଆରମ୍ଭ କରିଥିଲା ଏବଂ ମାତ୍ର ଗୋଟାଏ ବର୍ଷର ଅବଧି ମଧ୍ୟରେ ଲକ୍ଷଲକ୍ଷ ଲୋକଙ୍କର ଏକ ସୈନ୍ୟବାହିନୀ ଠିଆ କରିଦେଇ ପାରିଲା ଏବଂ ଦୁଇଟା ବର୍ଷରେ ସେମାନଙ୍କୁ ତାଲିମ ଦେଇ ଓ ଅସ୍ତ୍ରସଜ୍ଜିତ କରି ଚମତ୍କାର ଫଳପ୍ରଦ ଭାବରେ ସେମାନଙ୍କୁ ଆପଣାର ସମରବାହିନୀଟି ମଧ୍ୟରେ ଆଣି ଯୁକ୍ତ କରିଦେଇ ପାରିଲା । ଏହି ଗୋଟିଏ ପ୍ରତ୍ୟକ୍ଷ ଦୃଷ୍ଟାନ୍ତହିଁ ଆମକୁ ଅବଶ୍ୟ ଦେଖାଇଦେଇ ପାରିବା ଉଚିତ ଯେ ସୈନ୍ୟବାହିନୀ ଏବଂ ସମରସରଞ୍ଜାମକୁ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ରଖିଲେ ତଦ୍ଦ୍ୱାରା ତାହା ଶାନ୍ତିକାଳରେ ଜାତିର ବୋଝଟିକୁ କେବଳ କିଞ୍ଚିତ୍ ହାଲୁକା କରିବାରେହିଁ ସାହାଯ୍ୟ କରିବ ଏବଂ ଖାସ୍ ସେହି କାରଣଟି ହେତୁହିଁ ଯୁଦ୍ଧକାଳ ଲାଗି ତାହା ଅଧିକ ସଂପଦ ଓ ସଂବଳ ମହଜୁଦ କରି ରଖିପାରିବ; ମାତ୍ର ତାହା ଯୁଦ୍ଧର ଧ୍ୱଂସକାରୀ ତୀବ୍ରତା ବା ପ୍ରସାରକୁ କଦାପି ନିରାକୃତ କରିଦେଇ ପାରିବ ନାହିଁ ବା ଏପରିକି ତାହାକୁ କଦାପି ହ୍ରାସ ମଧ୍ୟ କରିପାରିବ ନାହିଁ । ଅଥବା ଏକ ଅଧିକ ଶକ୍ତିଶାଳୀ ଆନ୍ତର୍ଜାତିକ ଆଇନ୍‌ର ପ୍ରଣୟନ କଲେ ଏବଂ ତାହାକୁ ଭଙ୍ଗ କରୁଥିବା ଦେଶଗୁଡ଼ିକ ଲାଗି ଫଳପ୍ରଦ ପ୍ରତିବିଧାନର ବ୍ୟବସ୍ଥାମାନ କରିପାରିଲେ ମଧ୍ୟ ତାହା କଦାପି ଏକ ସୁନିଶ୍ଚିତ ବା ସଂପୂର୍ଣ୍ଣ ପ୍ରତିବିଧାନ ରୂପେ କାର୍ଯ୍ୟ କରିପାରିବ ନାହିଁ । ଅନେକ ସମୟରେ କେବଳ ଏତିକି ଆବଶ୍ୟକ ବୋଲି

'oaob.nitrkl.ac.in' images reprocessed

ଦାବି କରାଯାଇଥାଏ; ଆଗେ କୌଣସି ଜାତି ଭିତରେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ବିବାଦ ଲାଗିଲେ, ପରିବାର ପରିବାର ଅଥବା ବଂଶ ବଂଶ ଦ୍ୱାରା ବିବାଦ ଲାଗିଲେ ତାହାର ସମାଧାନ କରିବା ସକାଶେ ବଳ ଦ୍ୱାରା ମୀମାଂସା କରିବାର ବର୍ବର ପ୍ରଣାଳୀଟିକୁ ଗ୍ରହଣ କରାଯାଉଥିଲା ଏବଂ କ୍ରମେ ତାହାର ସ୍ଥାନରେ ଆଇନ୍‌କୁ ଅଣାଗଲା ଓ ତଦ୍ଦ୍ୱାରା ପୂର୍ବରୁ ସେହି ବର୍ବର ପ୍ରଣାଳୀଟିକୁ ବିଲୁପ୍ତ କରି ଦିଆଗଲା । ଅନେକେ ଭାବିଥାନ୍ତି ଯେ ଜାତିସମୂହର ଜୀବନରେ ମଧ୍ୟ ସେହିଭଳି ଅନୁରୂପ ଏକ ବିକାଶ ନିଶ୍ଚୟ ସମ୍ଭବ ହୋଇପାରିବ । ହୁଏତ ସବାଶେଷକୁ ତାହା ସମ୍ଭବ ହୋଇପାରେ, ମାତ୍ର ଏଇଟି ସଙ୍ଗେ ସଙ୍ଗେ ସଫଳତାର ସହିତ କାର୍ଯ୍ୟକରିବାକୁ ଆରମ୍ଭ କରିବ ବୋଲି ପ୍ରତ୍ୟାଶା କରି ବସିଲେ ଆମେ ତଦ୍ଦ୍ୱାରା ଆଇନ୍‌ର ଫଳପ୍ରଦ କର୍ତ୍ତୃତ୍ୱଟିର ପ୍ରକୃତ ଭିତ୍ତିଟିକୁ କେବଳ ଉପେକ୍ଷାହିଁ କରି ବସିବା; ଏକ ସୁବିକଶିତ ଜାତିର ଅବୟବ ଏବଂ ଯେଉଁ ଅବିକଶିତ ଆନ୍ତର୍ଜାତିକ ସଂଘଟିକୁ ଆରମ୍ଭ କରିବା ଲାଗି ପ୍ରସ୍ତାବ କରାଯାଉଛି, ତାହାର ବିଭିନ୍ନ ଅବୟବ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ମଧ୍ୟ ଆମେ ଉପେକ୍ଷା କରିବସିବା ।

କୌଣସି ଗୋଟିଏ ଜାତି ବା ଗୋଷ୍ଠୀ ଭିତରେ ଆଇନ୍‌ର ଯେଉଁ କର୍ତ୍ତୃତ୍ୱ ରହିଥାଏ, ତାହା ମନୁଷ୍ୟକୃତ ଯାବତୀୟ ନିୟମ ଏବଂ ବିଧିଗୁଡ଼ିକ ମଧ୍ୟରେ ରହିଥିବା କୌଣସି ତଥାକଥିତ "ପରାକ୍ରମଶାଳିତା" ବା ଗୂଢ଼ ଶକ୍ତି ଉପରେ ଆଦୌ ନିର୍ଭରଶୀଳ ହୋଇ ରହି ନ ଥାଏ । ଦୁଇଟି ସ୍ଥଳରେ ଏହାର ପ୍ରକୃତ କ୍ଷମତା-ଉତ୍ସଗୁଡ଼ିକର ନିର୍ଣ୍ଣୟ କରାଯାଇ ପାରିବ; ପ୍ରଥମତଃ, ସେହି ଆଇନ୍‌ଟିକୁ ସୁରକ୍ଷିତ କରି ରଖିବା ଲାଗି ଅଧିକସଂଖ୍ୟକ ଲୋକଙ୍କର ବା ଏକ ପରାକ୍ରମଶାଳୀ ସଂଖ୍ୟାଲଘୁ ସମୂହର ବା ସମଗ୍ର ସମୂହଟିର ଯେଉଁ ଆଗ୍ରହ ରହିଥାଏ, ଆମେ ସେଇଟି ଭିତରେ ଏହାର ନିର୍ଣ୍ଣୟ କରି ପାରିବା, ଏବଂ ଦ୍ୱିତୀୟତଃ, ସେହି ଆଗ୍ରହଟିକୁ ପ୍ରକୃତରେ ସଫଳ ଭାବରେ କାର୍ଯ୍ୟକାରୀ କରାଇ ପାରୁଥିବା ଏକ ପୂର୍ଣ୍ଣାଙ୍ଗ ଅସ୍ତ୍ରସଜ୍ଜିତ ପୋଲିସ୍ ବା ସାମରିକ ବାହିନୀର ଆଦେଶ ପାଳନ କରିବାକୁ ମହଜୁଦ ରହିଥିବା ମଧ୍ୟରେ ଆମେ ତାହାର ନିର୍ଣ୍ଣୟ କରି ପାରିବା । ରୂପକର ସାହାଯ୍ୟ ନେଇ ଯାହାକୁ ନ୍ୟାୟର ଖଡ୍‌ଗ ବୋଲି ବର୍ଣ୍ଣନା କରାଯାଇଛି, ତାହାର ଆଦେଶଗୁଡ଼ିକୁ ଜୋର୍ କରି କାର୍ଯ୍ୟକାରୀ କରିବାକୁ ତା' ପଛରେ ଏକ ପ୍ରକୃତ ଖଡ୍‌ଗ ରହିଛି ବୋଲି ଓ ବିଦ୍ରୋହୀ ତଥା ଭିନ୍ନମତବାଦୀ ଲାଗି ନାନା ପ୍ରକାର ଦଣ୍ଡ ଓ ଶାସ୍ତିର ବ୍ୟବସ୍ଥା କରାଯାଇଛି ବୋଲିହିଁ ତାହା ଫଳପ୍ରଦ ହୋଇ କାର୍ଯ୍ୟ କରିପାରୁଛି । ଏବଂ ଏହି ସୈନ୍ୟଶକ୍ତିର ଅସଲ ଚରିତ୍ରଟି ହେଉଛି ଯେ କେବଳ ରାଷ୍ଟ୍ରକୁ ଛାଡ଼ିଦେଲେ ତାହା କାହାରି ବୋଲ ମାନିବାକୁ କାହାରି ହୋଇ ରହି ନାହିଁ, କୌଣସି ବ୍ୟକ୍ତି ବା ଗୋଷ୍ଠୀ ମଧ୍ୟରେ ରହିଥିବା କୌଣସି କ୍ଷୁଦ୍ର ସମୂହର ମଧ୍ୟ ହୋଇରହି ନାହିଁ । ରାଷ୍ଟ୍ର, ଅର୍ଥାତ୍ ଯେଉଁ ରାଜା ବା ଶାସକଶ୍ରେଣୀ

'oaob.nitrkl.ac.in' images reprocessed

ଅଥବା ସଂଗଠନଟି ହାତରେ ସର୍ବୋଚ୍ଚ କର୍ତ୍ତୃତ୍ୱଟି ଠୁଳ ହୋଇ ରହିଛି, ସଶସ୍ତ୍ର ବାହିନୀ କେବଳ ତାହାରି ହୋଇ ରହିଛି । ରାଷ୍ଟ୍ରର ସଶସ୍ତ୍ର ବାହିନୀ ମଧ୍ୟରେ ଏକ ସନ୍ତୁଳନ ସମ୍ଭବ ହୋଇ ପାରିଲେ ବା ଅନ୍ୟ ସମୂହ ତଥା ବ୍ୟକ୍ତିମାନଙ୍କର ଅଧିକାରରେ ରହିଥିବା, କେତେକ ପରିମାଣରେ କେନ୍ଦ୍ରୀୟ ନିୟନ୍ତ୍ରଣରୁ ସ୍ୱତନ୍ତ୍ର ହୋଇ ରହିଥିବା ବା ଶାସକ କର୍ତ୍ତୃତ୍ୱଟି ବିରୋଧରେ ଆପଣାର ଶକ୍ତିକୁ ପ୍ରୟୋଗ କରି ପାରୁଥିବା ଅନ୍ୟ କେତେକ ସଶସ୍ତ୍ର ବାହିନୀର ଅସ୍ତିତ୍ୱ ଦ୍ୱାରା ସେହି ବାହିନୀଟିର ପରାକ୍ରମକୁ ହ୍ରାସ କରି ରଖାଯାଇ ପାରିଲେ ମଧ୍ୟ ତଥାପି କୌଣସି ନିରାପତ୍ତା ସମ୍ଭବ ହେବ ନାହିଁ । ଏପରି ହୋଇ ମଧ୍ୟ, ଅର୍ଥାତ୍ ଏହି କର୍ତ୍ତୃତ୍ୱଟି ପଛରେ ଏକ ପୂର୍ଣ୍ଣକର୍ତ୍ତୃତ୍ୱଶାଳୀ ଏବଂ କେନ୍ଦ୍ରୀକୃତ ସଶସ୍ତ୍ର ବାହିନୀର ସମର୍ଥନ ରହିଲେ ମଧ୍ୟ ବ୍ୟକ୍ତି ବ୍ୟକ୍ତି ଏବଂ ଶ୍ରେଣୀ ଶ୍ରେଣୀ ମଧ୍ୟରେ ହେଉଥିବା କଳହର ନିବାରଣ କରିବାକୁ ଆଇନ୍ ତଥାପି ସମର୍ଥ ହୋଇ ନାହିଁ, କାରଣ ତାହା ସେହି କଳହଟିର ମନୋବୈଜ୍ଞାନିକ, ଆର୍ଥିକ ତଥା ଅନ୍ୟ କାରଣଗୁଡ଼ିକୁ ଦୂର କରିବାକୁ ଆଦୌ ସମର୍ଥ ହୋଇ ନାହିଁ । ଅପରାଧ ଆଉ ଦଣ୍ଡ ଉଭୟକୁ ମିଶାଇ ଆମେ ଗୋଟିଏ ପ୍ରକାରର ପାରସ୍ପରିକ ହିଂସା ବୋଲି କହି ପାରିବା, ଗୋଟିଏ ପ୍ରକାରର ବିଦ୍ରୋହ ଏବଂ ବୈଧାନିକ ସଂଘର୍ଷ ବୋଲି କହି ପାରିବା, ଏବଂ ଯେଉଁସବୁ ସମାଜ ଓ ସମୁଦାୟରେ ସୁଦକ୍ଷ ପୁଲିସ୍‌ବ୍ୟବସ୍ଥା ରହିଛି ଏବଂ ଯେଉଁଠି ଲୋକମାନେ ସର୍ବୋତ୍ତମ ପ୍ରକାରେ ଆଇନ୍‌କୁ ମାନି ଚଳୁଛନ୍ତି, ସେଠାରେ ମଧ୍ୟ ଅପରାଧ ବ୍ୟାପି କରି ରହିଛି । ଅପରାଧର ଏକ ସଂଗଠନ ସାଧାରଣତଃ ସ୍ଥାୟୀ ହୋଇ ପାରେ ନାହିଁ ବା ଆପଣାର ଶକ୍ତିକୁ ସ୍ଥାୟୀ ଭାବରେ ଜାରି କରି ରଖି ପାରେ ନାହିଁ, ମାତ୍ର ତଥାପି ସେପରି ଏକ ସଂଗଠନ ଅବଶ୍ୟ ସମ୍ଭବ ହୋଇ ପାରିବ । କାରଣ ଏହାର ବିରୋଧରେ ସର୍ବଦା ସମାଜର ସମଗ୍ର ଉତ୍ତେଜିତ ଭାବ ଓ ଫଳପ୍ରଦ ସଂଗଠନଟି କାର୍ଯ୍ୟକାରୀ ହୋଇ ରହିଥିବ । ମାତ୍ର, ଆଲୋଚ୍ୟ ବିଷୟଟିର ଦୃଷ୍ଟିରୁ ଯାହା ଅଧିକ ପ୍ରଯୁଜ୍ୟ ବୋଲି ମନେ ହେଉଛି, ସେଇଟି ହେଉଛି ଯେ ସଂଗଠିତ ଜାତିଟିର ପରିସର ଭିତରେ ମଧ୍ୟ ଆଇନ୍ ନାଗରିକ କଳହ ଏବଂ ହିଂସାତ୍ମକ ଅଥବା ସଶସ୍ତ୍ର ବିବାଦର ସମ୍ଭାବନାକୁ ହ୍ରାସ କରି ପାରିଥିଲେ ମଧ୍ୟ ତାହାକୁ ସମ୍ପୂର୍ଣ୍ଣ ଭାବରେ କଦାପି ନିରାକୃତ କରି ପାରି ନାହିଁ । ଯେତେବେଳେ କୌଣସି ଗୋଟିଏ ସମୂହ ବା ଏକ ନିର୍ଦ୍ଦିଷ୍ଟ ମତ ପୋଷଣ କରୁଥିବା ସମୂହ ଆପଣାକୁ ଅତ୍ୟାଚାରିତ ହେଉଥିବାର ଅନୁଭବ କରିଛି, ବା ତା'ପ୍ରତି ଅସହନୀୟ ଅନ୍ୟାୟ ବ୍ୟବହାର କରାଯାଉଛି ବୋଲି ଭାବୁଛି, ସେତେବେଳେ ତାହା ଆଇନ୍ ଏବଂ ତାହାର ସଶସ୍ତ୍ର ବାହିନୀକୁ ଏଡ଼େ ସମ୍ପୂର୍ଣ୍ଣ ଭାବରେ ବିରୁଦ୍ଧ ସ୍ୱାର୍ଥଟି ସହିତ ଏକତ୍ର ଜଡ଼ିତ ହୋଇ ରହିଥିବାର ପ୍ରତ୍ୟକ୍ଷ କରିଛି ଯେ ସେହି ପରିସ୍ଥିତିରେ ସକଳପ୍ରକାର ଆଇନ୍ ଓ ନୀତିକୁ ଫିଙ୍ଗିଦେଇ ଦମନକାରୀର ହିଂସା

'oaob.nitrkl.ac.in' images reprocessed

ବିରୋଧରେ ବିଦ୍ରୋହର ହିଂସାକୁ କୁହୁଳାଇ ଆଣିବାକୁହିଁ ସେମାନେ ତାହାର ଏକମାତ୍ର ପ୍ରତିକାର ରୂପେ ଗ୍ରହଣ କରିଛନ୍ତି ବା ତାହାହିଁ ସେମାନଙ୍କୁ ତାହାର ଏକମାତ୍ର ପ୍ରତିକାର ବୋଲି ମନେ ହୋଇଛି । ଅର୍ଥାତ୍, ସଫଳ ହେବା ଲାଗି ତାହାର କୌଣସି ସମ୍ଭାବନା ପ୍ରକୃତରେ ରହିଛି ବୋଲି ଭାବୁଥିଲେ ତାହା ବଳପ୍ରୟୋଗ ଦ୍ୱାରା ସମସ୍ୟାଟିର ମୀମାଂସା କରିବାର ସେହି ପୁରୁଣା ବାଟଟିର ଆଶ୍ରୟ ନେଇଛି । ଏପରିକି ଆମର ଏହି ଯୁଗଟିରେ ମଧ୍ୟ ଆମେ ସବୁଠାରୁ ଅଧିକ ନିଷ୍ଠାର ସହିତ ଆଇନ୍‌କୁ ମାନି ଚଳୁଥିବା ଜାତିମାନେ ବିଚଳିତ ହୋଇ ପଡ଼ି ଏକ ଧ୍ୱଂସକାରୀ ଗୃହଯୁଦ୍ଧର ଦ୍ୱାରଦେଶରେ ଆସି ପହଞ୍ଚି ଯାଉଥିବାର ଦେଖିବାକୁ ପାଇବା ଏବଂ ସେମାନେ ପସନ୍ଦ କରି ନ ପାରିଲା ଭଳି କୌଣସି ନିର୍ଣ୍ଣୟକୁ ସେମାନଙ୍କ ଉପରେ ଆଣି ଜୋର୍‌କରି ଲଦିଦିଆ ଯାଉଥିବାବେଳେ ଦାୟିତ୍ୱଶୀଳ ରାଷ୍ଟ୍ରନୀତିବିତ୍‌ମାନେ ମଧ୍ୟ ସେହିଭଳି ଏକ ଗୃହଯୁଦ୍ଧ ଲାଗି ସେମାନେ ପ୍ରସ୍ତୁତ ଅଛନ୍ତି ବୋଲି ଘୋଷଣା କରୁଥିବାର ଦେଖିବାକୁ ପାଇବା । ସେହି ନିର୍ଣ୍ଣୟ ବା ନିଷ୍ପତ୍ତିଟି ସର୍ବୋଚ୍ଚ ବୈଧାନିକ କର୍ତ୍ତୃତ୍ୱଶାଳୀ ଆସନଟି ଗ୍ରହଣ କରି ସାରିଥିଲେ ଓ ତାହା ରାଜ-ଅନୁମତି ଲାଭ କରି ସାରିଥିଲେ ମଧ୍ୟ ସେମାନେ ସେପରି ଘୋଷଣା କରୁଥିବାର ଦେଖିବାକୁ ପାଇବା ।

ମାତ୍ର, ଆନ୍ତର୍ଜାତିକ ସ୍ତରରେ କୌଣସି ପ୍ରକାର ଶକ୍ତ ବନ୍ଧନ ନ ଥିବା ଯେଉଁ ସଂଗଠନଟି ଗଢ଼ିବା ହୁଏତ ସଙ୍ଗେ ସଙ୍ଗେ ସମ୍ଭବ ହେବ, ସେଥିରେ ସଶସ୍ତ୍ର ବାହିନୀକୁ ତଥାପି ସେହି ସଂଗଠନଟିର ଅଂଶ ହୋଇ ରହିଥିବା ସମୂହଗୁଡ଼ିକ ମଧ୍ୟରେ ବିଭକ୍ତ ହୋଇ ରହିବାକୁ ବାଧ୍ୟ ହେବ । ସେହି ବାହିନୀ କୌଣସି ସର୍ବୋଚ୍ଚ କର୍ତ୍ତୃତ୍ୱ, ଏକକ ରାଷ୍ଟ୍ରଗୁଡ଼ିକ-ଠାରୁ ଆହୁରି ଉପରେ ରହିଥିବା ଆଉକୌଣସି ରାଷ୍ଟ୍ରଶକ୍ତି ବା ସଂଘୀୟ କାଉନ୍‌ସିଲ୍‌ର ଅଧୀନ ହୋଇ ନ ରହି ସେହି ଅଂଶଗୁଡ଼ିକରହିଁ ଅଧୀନ ହୋଇ ରହିବ । ସାମନ୍ତବାଦୀ ପର୍ଯ୍ୟାୟଗୁଡ଼ିକରେ ଯେତେବେଳେ ପ୍ରତ୍ୟେକ ରାଜା ଓ ସାମନ୍ତର ଭିନ୍ନ ଭିନ୍ନ ଓ ସ୍ୱତନ୍ତ୍ର ଅଧିକାରାଞ୍ଚଳ ଓ ସାମରିକ ଶକ୍ତିସୂତ୍ରମାନ ରହିଥିଲା, ଏପରି ଏକ ସ୍ଥିତି କେବଳ ସେହିପରି ଏକ ଅରାଜକତାମୟ ସଂଗଠନ ସହିତହିଁ ସାଦୃଶ୍ୟ ରଖିବ, ଏବଂ ଯଦି ତା'ପାଖରେ ଯଥେଷ୍ଟ କ୍ଷମତା ଥାଏ, ଅଥବା ଆପଣାର ସାଥୀ-ସଦସ୍ୟମାନଙ୍କ ମଧ୍ୟରୁ ଯଦି ତାହା ଆବଶ୍ୟକ ସଂଖ୍ୟା ବା ବଳର ସଦସ୍ୟଙ୍କୁ ଆପଣା ପାଖକୁ ଟାଣି ନେଇ ପାରିବ, ତେବେ ତାହା ସର୍ବୋଚ୍ଚ କର୍ତ୍ତୃତ୍ୱଟିକୁ ଅବଜ୍ଞା ବା ଅମାନ୍ୟ ମଧ୍ୟ କରି ପାରିବ । ଏବଂ ଏହି କ୍ଷେତ୍ରରେ ସାମନ୍ତବାଦୀ ଯୁଗର ରାଜପଦଟିର ସଦୃଶ କୌଣସି ପଦଟିଏ ମଧ୍ୟ ନ ଥିବ । ସାମନ୍ତବାଦୀ ଯୁଗରେ ଅନ୍ତତଃ ଏପରି ଜଣେ ରାଜା ରହିଥିଲେ ଯିଏକି ଆଉକିଛି ନ ହେଲେ ମଧ୍ୟ ବା ରାଜାମାନଙ୍କ ଉପରେ ପ୍ରକୃତରେ ରାଜାଧିରାଜ ହୋଇ ବସି ନ ଥିଲେ

'oaob.nitrkl.ac.in' images reprocessed

ମଧ୍ୟ ଅନ୍ତତଃ ସମାସ୍କନ୍ଦ ଅନ୍ୟ ରାଜାମାନଙ୍କ ମଧ୍ୟରେ ସର୍ବପ୍ରଥମ ହୋଇ ରହିଥିଲେ, ତାଙ୍କୁ ଅନ୍ୟମାନଙ୍କଠାରୁ ସର୍ବୋଚ୍ଚ କ୍ଷମତାର ସମ୍ମାନ ମିଳୁଥିଲା ଏବଂ ସେହି କ୍ଷମତାକୁ ଏକ ଶକ୍ତିଶାଳୀ ଓ ସ୍ଥାୟୀ ବାସ୍ତବତା ରୂପେ ବିକଶିତ କରି ନେବା ପାଇଁ ତାଙ୍କପାଖରେ କେତେକ ପରିମାଣରେ ଆବଶ୍ୟକ ସାଧନମାନ ମଧ୍ୟ ମହଜୁଦ ରହିଥିଲା ।

ଜାତିଗୁଡ଼ିକ ଉପରେ ସେଗୁଡ଼ିକର ପୃଥକ୍ ପୃଥକ୍ ସାମରିକ ଶକ୍ତିକୁ ନିୟନ୍ତ୍ରଣ କରି ପାରିବା ଲାଗି ଯଦି ଗୋଟିଏ ସଂଯୁକ୍ତ ଅସ୍ତ୍ରସଜ୍ଜିତ ବାହିନୀ ରହିଥାନ୍ତା, ତେବେ ତଦ୍ଦ୍ୱାରା ମଧ୍ୟ ପରିସ୍ଥିତିରେ ଖୁବ୍‌ବେଶୀ ଉନ୍ନତି ହୁଅନ୍ତା ନାହିଁ । କାରଣ କେଉଁଠି ଖୋଲାଖୋଲି କୌଣସି ସଂଘର୍ଷ ଲାଗିଯିବା ମାତ୍ରକେ ଏହି ସଂଯୁକ୍ତ ବାହିନୀଟି ଭାଙ୍ଗି ଖଣ୍ଡଖଣ୍ଡ ହୋଇଯିବ ଏବଂ ତାହାର ଭିନ୍ନଭିନ୍ନ ଭାଗଗୁଡ଼ିକ ବିବଦମାନ ସେଗୁଡ଼ିକର ମୂଳ ବାହିନୀଗୁଡ଼ିକ ମଧ୍ୟକୁ ଲେଉଟି ଚାଲିଯିବେ । କୌଣସି ବିକଶିତ ଜାତି ମଧ୍ୟରେ ବ୍ୟକ୍ତିହିଁ ଏକକ ହୋଇ ରହିଥାଏ ଏବଂ ସିଏ ଅନେକ ବ୍ୟକ୍ତିଙ୍କର ସମୂହଟି ମଧ୍ୟରେ କୁଆଡ଼େ ହୃତପ୍ରାୟ ହୋଇ ରହିଥାଏ; କୌଣସି ସଂଘର୍ଷ ଲାଗିଲେ ସେ ଏକୁଟିଆ କେତେ ଶକ୍ତିକୁ ଅନ୍ୟମାନଙ୍କର ବିରୋଧରେ ପ୍ରୟୋଗ କରି ପାରିବ, ସେକଥାଟିକୁ ସେ ନିଶ୍ଚିନ୍ତ ହୋଇ ସୁମାରି କରି ପାରେ ନାହିଁ । ତା'ସହିତ ଗୋଟିଏ ପାଶରେ ଆବଦ୍ଧ ହୋଇ ରହି ନ ଥିବା ଅନ୍ୟ ସବୁ ବ୍ୟକ୍ତିଙ୍କୁ ସେ ଭୟ କରୁଥାଏ, କାରଣ ସେମାନଙ୍କ ମଧ୍ୟରେ ସେ ସିଏ ଅମାନ୍ୟ କରିବାକୁ ଯାଉଥିବା କର୍ତ୍ତୃତ୍ୱଟିର ସ୍ୱାଭାବିକ ସମର୍ଥକମାନଙ୍କରହିଁ ପ୍ରତ୍ୟକ୍ଷ କରୁଥାଏ । ବିଦ୍ରୋହ କରିବା ତା'ଲାଗି ଏକ ଅତ୍ୟନ୍ତ ବିପଜ୍ଜନକ ଓ ଅନିଶ୍ଚିତ ବ୍ୟାପାର ହୋଇ ରହିଥାଏ, ଏପରିକି ପ୍ରଥମସ୍ତରୀୟ ଏକ ସାମାନ୍ୟ ଷଡ଼ଯନ୍ତ୍ର ମଧ୍ୟ ପ୍ରତ୍ୟେକ ମୁହୂର୍ତ୍ତରେ ଏପରି ସହସ୍ର ଆତଙ୍କ ଏବଂ ବିପଦ ସହିତ ଏକତ୍ର ଗ୍ରଥିତ ହୋଇ ରହିଥାଏ, ଯାହାକି ମାତ୍ର ଅଳ୍ପ କେତୋଟି ବିକ୍ଷିପ୍ତ ଅବସରରେ ସମ୍ମୁଖରେ ଏକ ଭୟଙ୍କର ସମ୍ମିଳିତ ସମୂହ ଆକାରରେ ଅତ୍ୟନ୍ତ ଅଧିକ ହୋଇ ବିଦ୍ୟମାନ ଥାଏ । ଜଣେ ସୈନ୍ୟକୁ ମଧ୍ୟ ଆମେ ଜଣେ ଏକାକୀ ବ୍ୟକ୍ତି ବୋଲି କହି ପାରିବା, ସିଏ ଅନ୍ୟ ସୈନ୍ୟମାନଙ୍କର ଭୟରେ ସତତ ଭୀତ ହୋଇ ରହିଥାଏ; ଆପଣା ଆନୁଗତ୍ୟରେ ସେ କେଉଁଠି ଟିକିଏ ହେଲେ ଅବାଧତାର ଆଭାସ ଦେବାମାତ୍ରକେ ତା'ଉପରେ ଆସି ପ୍ରପତିତ ହେବା ଲାଗି ଏକ କଠୋର ଓ ଭୟଙ୍କର ଦଣ୍ଡ ତା'ଲାଗି ଅପେକ୍ଷା କରି ରହିଥାଏ । ଆପଣାର ସାଥୀ ଅନ୍ୟ ସୈନ୍ୟମାନଙ୍କଠାରୁ ନିର୍ଭର ଭାବରେ କୌଣସି ସମର୍ଥନ ପାଇବା ବିଷୟରେ ସେ କେବେହେଲେ ନିଶ୍ଚିତ ହୋଇପାରେ ନାହିଁ, ଅଥବା, ସେହି ବିଷୟରେ କିଞ୍ଚିତ୍ ପରିମାଣରେ ଭରସା ରଖିପାରୁଥିଲେ ମଧ୍ୟ ସେ ଅସାମରିକ ଜନସମୂହଙ୍କଠାରୁ କୌଣସି ଫଳପ୍ରଦ ସମର୍ଥନ ପାଇବା ବିଷୟରେ କଦାପି ନିଶ୍ଚିତ ହୋଇପାରେ ନାହିଁ, ଏବଂ ତେଣୁ ଆଇନ୍ ଏବଂ ରାଷ୍ଟ୍ରର କର୍ତ୍ତୃତ୍ୱକୁ ଅମାନ୍ୟ କରିବାକୁ ତାକୁ ଉତ୍ସାହିତ କରିବା

'oaob.nitrkl.ac.in' images reprocessed

ଲାଗି ସେ କୌଣସି ନୈତିକ ବଳ ପାଇପାରେ ନାହିଁ । ଏବଂ ଆପଣାର ସାଧାରଣ ମନୋଦୃଷ୍ଟିରେ ସେ ଆଉ ନିଜକୁ ଜଣେ ବ୍ୟକ୍ତି ବୋଲି ଦେଖୁ ନ ଥାଏ, କୌଣସି ପରିବାର ବା ବର୍ଗସ୍ଥ ଜଣେ ସଦସ୍ୟରୂପେ ଦେଖୁ ନ ଥାଏ, ମାତ୍ର ସିଏ ରାଷ୍ଟ୍ର ବା ଦେଶର ହୋଇ ରହିଥାଏ ବା ଅତି କମ୍‌ରେ ସିଏ ଯେଉଁ ଯନ୍ତ୍ରଟିର ଅଂଶଟିଏ ରୂପେ କାର୍ଯ୍ୟ କରୁଥାଏ, ଆପଣାକୁ ସେ ତାହାରି ହୋଇ ରହିଥିବା ପରି ଅନୁଭବ କରୁଥାଏ । ମାତ୍ର ଆମେ ଏଠାରେ ଯେଉଁ ଆନ୍ତର୍ଜାତିକ ସଂଗଠନ ଓ ନିୟନ୍ତ୍ରଣର କଥା ଆଲୋଚନା କରୁଛୁ, ସେହି କ୍ଷେତ୍ରରେ ମାତ୍ର ଅଳ୍ପସଂଖ୍ୟକ କେତୋଟି ଜାତିହିଁ ତାହାର ଅନ୍ତର୍ଗତ ହୋଇ ରହିଥିବେ । ସେଗୁଡ଼ିକ ମଧ୍ୟରେ କେତୋଟି ଶକ୍ତିଶାଳୀ ସାମ୍ରାଜ୍ୟ ମଧ୍ୟ ଥିବେ, ଆପଣାର ଚାରିପାଖକୁ ଦୃଷ୍ଟି ପକାଇ ବେଶ୍ ଦେଖି ପାରୁଥିବେ, ଆପଣାର ଶକ୍ତିଟିକୁ କଳି ପାରୁଥିବେ, ଆପଣାର ସପକ୍ଷରେ ରହିଥିବା ଜାତିମାନଙ୍କ ବିଷୟରେ ସୁନିଶ୍ଚିତ ଥିବେ ଏବଂ ଆପଣା ବିରୋଧରେ କେତେ ଶକ୍ତି ରହିଛି, ସେଇଟିକୁ ମଧ୍ୟ ସୁମାରି କରି ପାରୁଥିବେ । ତେଣୁ ଏହି କ୍ଷେତ୍ରରେ ସେମାନଙ୍କର ଜିତିବାର ବା ହାରିବାର କେତେ ସମ୍ଭାବନା ରହିଛି, ସେମାନଙ୍କୁ କେବଳ ଏତିକି ବିଷୟର ଯାହା ବିଚାର କରିବାକୁ ପଡ଼ିବ । ଏବଂ ସଂଯୁକ୍ତ ବାହିନୀଟିର ସୈନ୍ୟମାନେ ମଧ୍ୟ ଆପଣା ହୃଦୟ ଭିତରେ ସେମାନଙ୍କର ଆପଣା ଆପଣା ଦେଶ ପ୍ରତି ଅନୁଗତ ହୋଇ ରହିଥିବେ ଏବଂ ସେମାନଙ୍କୁ ନିୟନ୍ତ୍ରିତ କରୁଥିବା ସେହି ଅସ୍ପଷ୍ଟ ସଂଗଠନଟି ପ୍ରତି ସେମାନଙ୍କର ପ୍ରକୃତରେ କୌଣସି ଆନୁଗତ୍ୟ ନ ଥିବ ।

ତେଣୁ ଯେଉଁ ଆନ୍ତର୍ଜାତିକ ରାଷ୍ଟ୍ରଟି ଏପରି ତିଆରି ହୋଇଥିବ ଯେ ତାହା କେତୋଟି ଜାତିର କେବଳ ଏକ ବନ୍ଧନରହିତ ସମଷ୍ଟିମାତ୍ର ନ ହୋଇ ଆଉକିଛି ଅଧିକ ହୋଇଥିବ, ବା ବରଂ ଜାତୀୟ ସରକାରଗୁଡ଼ିକ ପଠାଇଥିବା ପ୍ରତିନିଧିମାନଙ୍କର ଏକ ପଞ୍ଚାୟତସଭା ହୋଇଥିବ, ସେଇଟି ପ୍ରକୃତରେ ବିକଶିତ ହୋଇ ନ ଆସିଥିବା ପର୍ଯ୍ୟନ୍ତ ଆଦର୍ଶବାଦୀ ଆଜି ଯେଉଁ ଶାନ୍ତି ଏବଂ ଏକତା ଦ୍ୱାରା ଶାସନ ଚାଲିବ ବୋଲି ସ୍ୱପ୍ନ ଦେଖୁଛି, ଏହି ରାଜନୀତିକ ବା ପ୍ରଶାସନଗତ ସାଧନଗୁଡ଼ିକ ଦ୍ୱାରା ତାହା କେବେହେଲେ ସମ୍ଭବ ହେବ ନାହିଁ; ଅଥବା, ସମ୍ଭବ ହେଲେ ମଧ୍ୟ, ତାହା କଦାପି ସ୍ଥାୟୀ ହୋଇ ପାରିବ ନାହିଁ । ଏପରିକି, ଯଦି ପ୍ରକୃତ ଯୁଦ୍ଧର ନିରାକରଣ ସମ୍ଭବ ହୋଇଯାଏ, ତଥାପି, ଗୋଟିଏ ଜାତିର ପରିସର ଭିତରେ ଯେପରି ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଅପରାଧ କରିବା ଲାଗିରହିଛି ବା ଶ୍ରେଣୀ ଶ୍ରେଣୀ ମଧ୍ୟରେ ଲାଗିଥିବା ସଂଗ୍ରାମରେ ଯେପରି ଅନିଷ୍ଟକାରୀ ସାଧାରଣ ଧର୍ମଘଟ ପ୍ରଭୃତି ଅନ୍ୟ ସାଧନଗୁଡ଼ିକୁ ବ୍ୟବହାର କରାଯାଉଛି, ସେହିପରି ଏହି କ୍ଷେତ୍ରଟିରେ ମଧ୍ୟ ସଂଘର୍ଷର ଅନ୍ୟାନ୍ୟ ସାଧନଗୁଡ଼ିକୁ ବ୍ୟବହାର କରାଯାଉଛି, ସେହିପରି ଏହି କ୍ଷେତ୍ରଟିରେ ମଧ୍ୟ ସଂଘର୍ଷର ଅନ୍ୟାନ୍ୟ ସାଧନମାନ କ୍ରମଶଃ ବିକଶିତ ହୋଇ ଆସିବ ଏବଂ ଯୁଦ୍ଧ

'oaob.nitrkl.ac.in' images reprocessed

ତୁଳନାରେ ସମ୍ଭବତଃ ସେଗୁଡ଼ିକ ଅନେକ ଅଧିକ ଭୟାବହ ହେବ । ଏବଂ, ପ୍ରକୃତିର ଅର୍ଥବ୍ୟବସ୍ଥାରେ ସେଗୁଡ଼ିକର ନିଶ୍ଚୟ ଏକ ଆବଶ୍ୟକତା ଓ ଅନିବାର୍ଯ୍ୟତା ମଧ୍ୟ ରହିଥିବ; କେବଳ ଅହଂପ୍ରେରିତ ବୈମନସ୍ୟ, ମନୋବେଗ ଏବଂ ମହତ୍ତ୍ୱାକାଂକ୍ଷା ମନୋବୈଜ୍ଞାନିକ ପ୍ରୟୋଜନଟିକୁ ପୂରଣ କରିବା ଲାଗି ନୁହେଁ, ମାତ୍ର ଅନ୍ୟାୟ, ଅତ୍ୟାଚାରିତ ଅଧିକାର ଏବଂ ଅବଦମିତ ସମ୍ଭାବନା ପ୍ରଭୃତିର ବୋଧଟି ଲାଗି ଏକ ପ୍ରକାଶମାର୍ଗ ଯୋଗାଇ ଦେବାକୁ ଓ ଏକ ବାହୁ ପ୍ରସାରିଦେବାକୁ ମଧ୍ୟ ସେଗୁଡ଼ିକର ଆବଶ୍ୟକତା ରହିଥିବ । ଅର୍ଥାତ୍, ବିଧାନଟି ସର୍ବତ୍ର ସେହିପରି ଅପରିବର୍ତ୍ତନୀୟ ହୋଇହିଁ ରହିଥିବ; ଯେଉଁଠାରେ ଅହଂକାମନାହିଁ କର୍ମର ଅସଲ ମୂଳ ହୋଇ ରହିଥିବ, ସେଠାରେ ତଦନୁରୂପ ପରିଣାମ ଓ ପ୍ରତିକ୍ରିୟାମାନ ଅବଶ୍ୟ ଫଳିବ, ଏବଂ କୌଣସି ବାହ୍ୟ ସାଧନ ବା ଯନ୍ତ୍ର ଦ୍ୱାରା ତାହାକୁ ଯେତେ ହ୍ରାସ କରି ବା ଦବାଇ ରଖାଗଲେ ମଧ୍ୟ ପରେ ଦିନେ ନା ଦିନେ ଏକ ବିସ୍ଫୋରଣ ଘଟିବ; ଏହି ବିସ୍ଫୋରଣଟିକୁ ବିଳମ୍ବିତ କରି ଦିଆଯାଇ ପାରିବ, ମାତ୍ର କଦାପି ଚିରଦିନ ଲାଗି ନିରାକୃତ କରାଯାଇ ପାରିବ ନାହିଁ ।

ଅନ୍ତତଃ ଏତିକି ସ୍ପଷ୍ଟ ହୋଇଯାଉଛି ଯେ କେନ୍ଦ୍ରସ୍ଥ କୌଣସି ଶକ୍ତିଶାଳୀ ନିୟନ୍ତ୍ରଣ ନ ଥାଇ କୌଣସି ପ୍ରକାର ହୁଗୁଳା ସଂଗଠନ କଦାପି ସନ୍ତୋଷଜନକ ହେବ ନାହିଁ; ଫଳଦାୟକ ବା ସ୍ଥାୟୀ ମଧ୍ୟ ହୋଇପାରିବ ନାହିଁ; ଏହି ନିକଟ ଭବିଷ୍ୟତରେ ଯାହା ଯେତିକି ବିବର୍ତ୍ତିତ ହୋଇ ଆସିପାରିବ ବୋଲି ମନେ ହେଉଛି, ତାହାଠାରୁ ଅନେକ ପରିମାଣରେ କମ୍ ହୁଗୁଳା ଏବଂ ଅଧିକ ଗୋଟା ହୋଇଥିଲେ ମଧ୍ୟ ସେହି ସଂଗଠନ ତଥାପି ସ୍ଥାୟୀ ବା ଫଳପ୍ରଦ ହେବ ନାହିଁ । ତେଣୁ ବର୍ତ୍ତମାନ ଯାହା ଯେପରି ଭାବରେ ରହିଛି, ସେଥିରେ ଏକ ଦ୍ୱିତୀୟ ପଦକ୍ଷେପ ନେବାକୁ ପଡ଼ିବ, ଅଧିକ ଦୃଢ଼ତା ଦିଗରେ ଅଗ୍ରସର ହେବାକୁ ପଡ଼ିବ, ଜାତିମାନଙ୍କର ସ୍ୱାଧୀନତାକୁ ସଙ୍କୁଚିତ କରି ଆଣିବାକୁ ହେବ ଏବଂ ଏପରି ଏକ ଅଭୂତପୂର୍ବ କେନ୍ଦ୍ରୀୟ କର୍ତ୍ତୃତ୍ୱର ସ୍ଥାପନା କରିବାକୁ ହେବ ଯାହାକି ପୃଥିବୀର ସକଳ ଜନସମୂହଙ୍କ ଉପରେ ଏକ ସମରୂପ ନିୟନ୍ତ୍ରଣ ରଖି ପାରୁଥିବ ।

'oaob.nitrkl.ac.in' images reprocessed

## ପଞ୍ଚଦଶ ପରିଚ୍ଛେଦ

# ପରିପୂରଣର କେତୋଟି ମାର୍ଗ

ଯେଉଁସବୁ ଆକାର, ଶକ୍ତି ଓ ପଦ୍ଧତି ଲାଗି ବର୍ତ୍ତମାନ ସମ୍ଭାବନା ରହିଛି ବା ଯେଉଁଗୁଡ଼ିକ ସମ୍ଭବତଃ ଏହାପରେ ଉଦ୍‌ଭୂତ ହେବାକୁ ଯାଉଛି, ସେଗୁଡ଼ିକ ମଧ୍ୟରୁ ମନୁଷ୍ୟର ବାହ୍ୟ ଏକତ୍ରୀକରଣର କ୍ଷେତ୍ରରେ ପରମେଶ୍ୱରଙ୍କର ସେହି ନିଗୂଢ଼ ଇଚ୍ଛାଟି କେଉଁଗୁଡ଼ିକୁ ଅନୁକୂଳରୂପେ ବାଛିନେବ, ସେଇଟି ବିଷୟରେ ଆଲୋଚନା କରିବା ନିଶ୍ଚୟ ବଡ଼ ଆଗ୍ରହୋଦ୍ଦୀପକ ହେବ; ଏବଂ ବର୍ତ୍ତମାନ ଘଟିଯାଉଥିବା ଘଟଣାଗୁଡ଼ିକର ସଂକୀର୍ଣ୍ଣ ପରିଧିଟିକୁ ଡେଇଁ ଯେଉଁମାନେ ଆହୁରି ସେପାଖକୁ ଦୃଷ୍ଟିପାତ କରି ପାରିବେ, ସେମାନଙ୍କ ଲାଗି ତାହା ନିଶ୍ଚୟ ଏକ ଆକର୍ଷକ ବିଷୟ ମଧ୍ୟ ହୋଇ ରହିବ । ମାତ୍ର ଦୁର୍ଭାଗ୍ୟବଶତଃ ଏହି ବିଷୟରେ ଆମେ କେବଳ କେତେକ କଳ୍ପନାଜଳ୍ପନାହିଁ କରି ପାରିବା । ଅତ୍ୟନ୍ତ ବିଚିତ୍ର ଏବଂ ସମ୍ଭାବନାମୟ କେତେକେତେ ଶକ୍ତି ଦ୍ୱାରା ଭରପୂର ହୋଇଥିବା ମନୁଷ୍ୟଜାତିର ଇତିହାସରେ ଏହି ଯୁଗଟି ଏତେ ଏତେ ସମ୍ଭାବନାକୁ ଆଣି ଆମ ସମ୍ମୁଖରେ ରଖିଛି ଏବଂ ନୂତନ ଆଶୟଗତ ଏତେ ବିକାଶ ଏବଂ ବିଷୟଗତ ଏତେ ପରିବର୍ତ୍ତନର ସମ୍ଭାବନା ବର୍ତ୍ତମାନ ଏତେ ଫଳପ୍ରସୂ ଭାବରେ ଆସି ଉପସ୍ଥିତ ହୋଇଛି ଯେ ତଦ୍ୱାରା କେବଳ ଏକ ଅଭେଦ୍ୟ କୁହେଳିପ୍ରାୟ ଅସ୍ପଷ୍ଟତାରହିଁ ସୃଷ୍ଟି ହୋଇଛି ଏବଂ ତା'ଭିତରକୁ ଅନାଇଲା ବେଳକୁ ଅସୁରାକୃତି କେତେକେତେ ଅସ୍ପଷ୍ଟ ଆକାରମାନ କେବଳ ଅଧା ଦୃଷ୍ଟିଗୋଚର ହେଉଥିବା ପରି ମନେ ହେଉଛି । ତେଣୁ କ୍ଷେତ୍ରଟି ଏତେବେଶୀ ଅନୁମାନସାପେକ୍ଷ ହୋଇ ରହିଥିବା ବେଳେ ଆମେ ଶକ୍ତିଗୁଡ଼ିକର ବର୍ତ୍ତମାନ ସ୍ଥିତି ଏବଂ ଅତୀତରୁ ଲବ୍ଧ ଅଭିଜ୍ଞତା ଦ୍ୱାରା ପ୍ରେରିତ ହୋଇ କେବଳ କେତୋଟି ବିଚାରର ଇଙ୍ଗିତମାତ୍ରହିଁ ଦେଇ ପାରିବା ।

ପୃଥିବୀର ବର୍ତ୍ତମାନ ଆନ୍ତର୍ଜାତିକ ପରିସ୍ଥିତି ଏବଂ ଆନ୍ତର୍ଜାତିକ ମନୋଭାବ ଏବଂ ଆନ୍ତର୍ଜାତିକ ନୈତିକତାର ବର୍ତ୍ତମାନ ଅବସ୍ଥାଟି ଦୃଷ୍ଟିରୁ, ସ୍ୱାଧୀନ ଜାତିଗୁଡ଼ିକ ଆସି ଗୋଟିଏ ସଂଘ ଗଠନ କରିବେ ଏବଂ ତାହାରି ଭିତ୍ତି ଉପରେ ଆନ୍ତର୍ଜାତିକ କ୍ଷେତ୍ରରେ ସଙ୍ଗେ ସଙ୍ଗେ ଏକ ସମାଧାନ ହୋଇଯାଇ ପାରିବ, ବ୍ୟାବହାରିକ କ୍ଷେତ୍ରରେ ଏହାର ଆଦୌ କୌଣସି ସମ୍ଭାବନା ନାହିଁ ଓ ତେଣୁ ଆମେ ସେଇଟି ବିଷୟରେ ଆଦୌ କୌଣସି ବିଚାର କରି ନାହୁଁ । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାହାହିଁ ସେହି ସମାଧାନ ଲାଗି ଏକ ଆଦର୍ଶ ଭିତ୍ତିରୂପେ କାର୍ଯ୍ୟ କରି ପାରନ୍ତା । କାରଣ ଆପଣାର ଆଧାରଗତ

'oaob.nitrkl.ac.in' images reprocessed

ଉତ୍ପ୍ରେରକ-ଶକ୍ତି ହିସାବରେ ତାହା ପ୍ରକୃତରେ ବର୍ତ୍ତମାନ ଉପସ୍ଥିତ ରହିଥିବା ଦୁଇଟିଯାକ ମହାନ୍ ନୀତିକୁ ଅର୍ଥାତ୍ ଜାତୀୟତା ଏବଂ ଆନ୍ତର୍ଜାତିକତାର ଏକ ସୌଷମ୍ୟ ଏବଂ ସମନ୍ୱୟକୁହିଁ ଗ୍ରହଣ କରିନେଇ ପାରନ୍ତା । ତାହାକୁ ଗ୍ରହଣ କରିନେବାର ଅର୍ଥ ହୁଅନ୍ତା ଯେ ମନୁଷ୍ୟ-ଏକତାର ସମସ୍ୟାଟିକୁ ଆମେ ଏକାଧାରରେ ଏକ ବୁଦ୍ଧିପରିଚାଳିତ ତଥା ଏକ ସମ୍ପୂର୍ଣ୍ଣ ନୈତିକ ଭିତ୍ତିରେ ମଧ୍ୟ ସମାଧାନ କରିବାକୁ ଚେଷ୍ଟା କରନ୍ତେ, ଅର୍ଥାତ୍ ଏକପକ୍ଷରେ ଆମେ ସ୍ୱାଭାବିକ ଭାବରେ ଆସି ସମବେତ ହୋଇଥିବା ମନୁଷ୍ୟମାନେ ଯେ ଆପଣାର ସ୍ୱକୀୟ ରୀତି ଓ ସ୍ୱକୀୟ ଲକ୍ଷ୍ୟଟି ଅନୁସାରେ ଜୀବନ ବଞ୍ଚି ପାରିବେ ଏବଂ ମନୁଷ୍ୟଜୀବନର ଏକ ପ୍ରତିଷ୍ଠିତ ନୀତି ହିସାବରେ ଜାତୀୟ ସ୍ୱାଧୀନତାକୁ ତା'ର ନ୍ୟାଯ୍ୟ ସମ୍ମାନଟି ମଧ୍ୟ ମିଳି ପାରିବ, ସେଇଟିକୁ ସ୍ୱୀକାର କରି ନେଇ ପାରନ୍ତେ ଏବଂ ଅନ୍ୟ ପକ୍ଷରେ, ଏକତାବଦ୍ଧ ହୋଇ ଗୋଟିଏ ସମଷ୍ଟି ମଧ୍ୟକୁ ଆସିଥିବା ମନୁଷ୍ୟଜାତି ମଧ୍ୟରେ ଯେ ଶୃଙ୍ଖଳା, ପାରସ୍ପରିକ ସାହାଯ୍ୟ, ଏକ ପାରସ୍ପରିକ ଓ ସମ୍ମିଳିତ ଅଂଶଗ୍ରହଣ ଏବଂ ଏକ ସମ୍ମିଳିତ ଜୀବନ ଏବଂ ସ୍ୱାର୍ଥଗୁଡ଼ିକ ଲାଗି ଯେ ପ୍ରକୃତରେ ଏକ ପ୍ରୟୋଜନ ରହିଛି, ସେ ବିଷୟରେ ଆମ ସମସ୍ତଙ୍କର ଯଥେଷ୍ଟ ବୋଧ ମଧ୍ୟ ରହି ପାରନ୍ତା । ଯେଉଁ ସମାଜ ବା ଯେଉଁ ରାଷ୍ଟ୍ରରେ ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ପ୍ରତି ଯଥୋଚିତ ସମ୍ମାନ ଓ ବ୍ୟକ୍ତିସତ୍ତା ଆପଣାର ପରିପୂର୍ଣ୍ଣତା ଲାଭ କରିବା ଦିଗରେ ଯେ ଆପଣାକୁ ମୁକ୍ତ ଭାବରେ ବିକଶିତ କରି ନେଇ ପାରିବ, ସେହି ନୀତିଟିର ସ୍ୱୀକୃତି ସହିତ, ସମାଜ ବା ଜାତିର ଯାବତୀୟ ଆବଶ୍ୟକତା, ଦକ୍ଷତା, ଏକତା, ସ୍ୱାଭାବିକ ବିକାଶ ଏବଂ ସାମୂହିକ ଉତ୍କର୍ଷ ଲାଗି ଯଥୋଚିତ ସମ୍ମାନ ମଧ୍ୟ ସୁସ୍ଥ ଭାବରେ ସମନ୍ୱିତ ହୋଇ ରହିଥାଏ, ଆମେ ତାହାକୁହିଁ ଆଦର୍ଶ ସମାଜ ବା ରାଷ୍ଟ୍ର ବୋଲି କହି ପାରିବା । ଠିକ୍ ସେହିପରି ଭାବରେ ସମଗ୍ର ମାନବଜାତିର ଏକ ଆଦର୍ଶ ସମୂହଟିରେ, ଅର୍ଥାତ୍ ଆମର କଳ୍ପିତ ସେହି ଆନ୍ତର୍ଜାତିକ ସମାଜ ବା ରାଷ୍ଟ୍ରଟିରେ ଜାତୀୟ ସ୍ୱାତନ୍ତ୍ର୍ୟ, ମୁକ୍ତ ଜାତୀୟ ବିକାଶ ଏବଂ ଆତ୍ମ-ଉପଲବ୍ଧି ମଧ୍ୟ ସମଗ୍ର ମନୁଷ୍ୟଜାତିର ଏକତା, ଏକତ୍ରିତ ବିକାଶ ଏବଂ ଉତ୍କର୍ଷ ସହିତ ଅଧିକରୁ ଅଧିକ ପରିମାଣରେ ସମନ୍ୱିତ ହୋଇ ରହିବାରେ ଲାଗିଥିବ ।

ତେଣୁ, ଏହି ମୂଳ ନୀତିଟିକୁ ସ୍ୱୀକାର କରି ନିଆଗଲେ, ସବୁ କଥାଗୁଡ଼ିକୁ ନିଖୁଣ ଭାବରେ କାର୍ଯ୍ୟକାରୀ କରିବାରେ ରହିଥିବା ଅସୁବିଧାଗୁଡ଼ିକର ଦୃଷ୍ଟିରୁ ସେହି କ୍ଷେତ୍ରରେ ନିଶ୍ଚୟ କେତେକ କମ୍‌ବେଶୀ ରହିବ ଯେପରି ଜାତୀୟ ସମୂହଟି ବିକଶିତ ହୋଇ ଆସିବା ସମୟରେ ସ୍ୱତନ୍ତ୍ରତାର କ୍ଷେତ୍ରରେ ବାଧା ବେଳେବେଳେ ଆସି ପହଞ୍ଚୁଥିଲା ଓ ଆଉ କେତେବେଳେ ଦକ୍ଷତା ଏବଂ ଶୃଙ୍ଖଳାର କ୍ଷେତ୍ରରେ ମଧ୍ୟ ବାଧା ଉପସ୍ଥିତ ହେଉଥିଲା, ଠିକ୍ ସେହିପରି । ମାତ୍ର ଯେହେତୁ ସମସ୍ୟାଟିର ଉଚିତ ସ୍ଥିତିଗୁଡ଼ିକୁ ପ୍ରଥମରୁହିଁ

'oaob.nitrkl.ac.in' images reprocessed

ସ୍ୱୀକାର କରି ନିଆ ଯାଇଥିବ ଏବଂ ଏକ ଅନ୍ଧ ବଳକଷାକଷି ଦ୍ୱାରାହିଁ ତାହାର କୌଣସି ପରିଣାମ ବାହାରୁ ବୋଲି କଦାପି ଛାଡ଼ି ଦିଆଯାଇ ନ ଥିବ, ତେଣୁ ପ୍ରକ୍ରିୟାଟି ମଧ୍ୟରେ ଅପେକ୍ଷାକୃତ ଅନେକ କମ୍ ସଂଘାତ ଏବଂ ଉଗ୍ରତା ସହିତ ଖୁବ୍ ଶୀଘ୍ର ଏକ ଉଚିତ ସମାଧାନରେ ଆସି ପହଞ୍ଚିବା ଲାଗି ମଧ୍ୟ ନିଶ୍ଚୟ କେତେକ ସମ୍ଭାବନା ରହିଥିବ ।

ମାତ୍ର ମନୁଷ୍ୟଜାତି ଲାଗି ପ୍ରକୃତରେ ଏପରି ଏକ ଅଭୂତପୂର୍ବ ଭାଗ୍ୟୋଦୟ ଘଟିବ ବୋଲି ଅତି ଅଳ୍ପ ସମ୍ଭାବନା ରହିଛି । ଆମେ ଏହି କ୍ଷେତ୍ରରେ କଦାପି ଆଦର୍ଶ ସ୍ଥିତିଗୁଡ଼ିକର ପ୍ରତ୍ୟାଶା କରି ପାରିବା ନାହିଁ, କାରଣ ସେଥିଲାଗି ଏକ ମନୋଭୂମିଗତ ସ୍ୱଚ୍ଛତାର ପ୍ରୟୋଜନ ରହିଛି, ଏକ ବହୁବିସ୍ତୃତ ବିବେକତା ଏବଂ ବୈଜ୍ଞାନିକ ବୁଦ୍ଧିର ପ୍ରୟୋଜନ ରହିଛି ଏବଂ ସର୍ବୋପରି ଏକ ନୈତିକ ଉତ୍ତୋଳନ ଏବଂ ଋଜୁତାର ପ୍ରୟୋଜନ ମଧ୍ୟ ରହିଛି ଏବଂ ଏପର୍ଯ୍ୟନ୍ତ ମନୁଷ୍ୟଜାତିର ସମଷ୍ଟିଟି, ତାହାର ନାୟକମାନେ ବା ତାହାର ଶାସକମାନେ ସେଦିଗରେ ପ୍ରାୟ କିଛିହେଲେ ଅଗ୍ରସର ହୋଇ ନାହାନ୍ତି । ତେଣୁ ସେଗୁଡ଼ିକ ବର୍ତ୍ତମାନ ବିଦ୍ୟମାନ ରହି ନ ଥିବାରୁ ବିବେକ, ନ୍ୟାୟ ଓ ପାରସ୍ପରିକ ସଦୟତା ସ୍ଥାନରେ ବର୍ତ୍ତମାନ ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶକ୍ତିଗୁଡ଼ିକର ପ୍ରବୃତ୍ତି ଏବଂ ବ୍ୟାବହାରିକ କ୍ଷେତ୍ରରେ ସେଗୁଡ଼ିକର ବ୍ୟାବହାରିକ ତଥା ଆଇନଗତ ଅନୁକୂଳନହିଁ ଅନ୍ୟାନ୍ୟ ଯାବତୀୟ ସମସ୍ୟା ପରି ଏହି ସମସ୍ୟାଟିର କାର୍ଯ୍ୟକାରିତାକୁ ମଧ୍ୟ ଅବଶ୍ୟ ନିୟନ୍ତ୍ରଣ କରିବ । ଏବଂ, ଯେପରି କେବଳ ବ୍ୟକ୍ତିର ଅହଂ ଏବଂ ସାମାଜିକ ସାମୂହିକ ଅହଂର ମଧ୍ୟରେ ଲାଗିଥିବା ଦ୍ୱନ୍ଦ୍ୱ ସକାଶେହିଁ ନୁହେଁ, ମାତ୍ର ମଧ୍ୟବର୍ତ୍ତୀ ଅନେକ ଅନ୍ୟାନ୍ୟ ଶକ୍ତି ମଧ୍ୟରେ ଅବିରାମ ଲାଗିରହିଥିବା ସଂଘର୍ଷ, ଶ୍ରେଣୀ ଶ୍ରେଣୀ ମଧ୍ୟରେ ଦ୍ୱନ୍ଦ୍ୱ ଓ ସମର, ଗିର୍ଜା ଓ ରାଷ୍ଟ୍ର, ରାଜା ଏବଂ ସମ୍ଭ୍ରାନ୍ତବର୍ଗ, ରାଜା ଏବଂ ସର୍ବସାଧାରଣ ପ୍ରଜା, କୁଳୀନ ଏବଂ ଅକୁଳୀନ ସର୍ବସାଧାରଣ, ପୁଞ୍ଜିବାଦୀ ଶୋଷକ ଶ୍ରେଣୀ ଏବଂ ଶ୍ରମିକ ସର୍ବହରା ମଧ୍ୟରେ ଲାଗି ରହିଥିବା ନାନା କଳହ ସକାଶେ ମଧ୍ୟ ରାଷ୍ଟ୍ର ଏବଂ ବ୍ୟକ୍ତିର ସମ୍ବନ୍ଧଗତ ସମସ୍ୟାଟି ସର୍ବଦା ବିପର୍ଯ୍ୟସ୍ତ ଏବଂ ଅସ୍ୱଚ୍ଛ ହୋଇ ରହିଯାଇଛି, ଜାତି ଏବଂ ଆନ୍ତର୍ଜାତିକ ମନୁଷ୍ୟସମାଜର ଏହି ସମସ୍ୟାଟି ମଧ୍ୟ ଯେ ଠିକ୍ ଏହିପରି ମଧ୍ୟବର୍ତ୍ତୀ ନାନା ଶକ୍ତିର କେତେକେତେ ଦାବି ଦ୍ୱାରା ଅବଶ୍ୟ ବିପର୍ଯ୍ୟସ୍ତ ଓ ବାଧାପ୍ରାପ୍ତ ହେବ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ଏଠାରେ ବାଣିଜ୍ୟିକ ନାନା ସ୍ୱାର୍ଥ ତଥା ମେଣ୍ଟ ବିଷୟରେ ବିଶେଷ କରି ଆଦୌ କିଛି ହେଲେ କହିବାର ପ୍ରୟୋଜନ ନାହିଁ, ସଂସ୍କୃତି ଓ ପ୍ରଜାତି-ସମ୍ବନ୍ଧୀୟ କେତେକେତେ ସହାନୁଭୂତି ବିଷୟରେ ମଧ୍ୟ ଖାସ୍ କିଛି କହିବାର ପ୍ରୟୋଜନ ନାହିଁ । ସର୍ବ-ଇସ୍‌ଲାମ୍‌ବାଦ, ସର୍ବସ୍ଲାଭିକ୍‌ବାଦ, ସର୍ବ-ଜର୍ମାନ୍‌ବାଦ, ସର୍ବ-ଆଙ୍ଗ୍ଲୋସାକ୍‌ସନ୍ ବାଦ ସହିତ ଏକ ସମ୍ଭାବନା

'oaob.nitrkl.ac.in' images reprocessed

ରୂପେ ଅଦୂର ଭବିଷ୍ୟତରେ ଯେଉଁ ସର୍ବ-ଆମେରିକାନ୍‌ବାଦ ମଧ୍ୟ ମୁଣ୍ଡ ଟେକିବାକୁ ଯାଉଛି, ସେଗୁଡ଼ିକ ତଥା ଏପର୍ଯ୍ୟନ୍ତ ଜନ୍ମଗ୍ରହଣ କରି ନ ଥିବା ଆହୁରି କେତେକେତେ ବିରାଟକାୟ ଦୈତ୍ୟଗୁଡ଼ିକ ସମ୍ବନ୍ଧରେ ମଧ୍ୟ ବିଶେଷ କରି କିଛି କହିବାର ଆବଶ୍ୟକତା ନାହିଁ । ମାତ୍ର ଏହି କ୍ଷେତ୍ରରେ ସାମ୍ରାଜ୍ୟବାଦ-ରୂପୀ ସେହି ବଡ଼ ମଧ୍ୟବର୍ତ୍ତୀ କାରଣଟି ମଧ୍ୟ ସର୍ବଦା ବିଦ୍ୟମାନ ରହିଥିବ, ଅସ୍ତ୍ରଶସ୍ତ୍ର ଦ୍ୱାରା ସଜ୍ଜିତ ଏବଂ ଆପଣାର ପ୍ରଭାବକୁ ସର୍ବବ୍ୟାପୀ କରି ରଖିଥିବା ସେହି ପ୍ରକାଣ୍ଡ ଦୈତ୍ୟଟି ଆପଣାର ପ୍ରକୃତିଟି ଦ୍ୱାରାହିଁ ପ୍ରେରିତ ହୋଇ ଆପଣାର ପୂର୍ଣ୍ଣ ତର୍ପଣ ଅବଶ୍ୟ ଲୋଡ଼ି ବାହାରିବ, ଅତ୍ୟାଚାରିତ ଏବଂ ଅସୁବିଧାଗ୍ରସ୍ତ ପ୍ରତ୍ୟେକ ଜାତୀୟ ଏକକକୁ ପାଦରେ ଦଳିଦେଇ ତାହା ଆପଣା ବାସନାଗୁଡ଼ିକୁହିଁ ଚରିତାର୍ଥ କରିବାକୁ ଯିବ ଏବଂ ନବଜାତ ଆନ୍ତର୍ଜାତିକ ସୌହାର୍ଦ୍ଦ୍ୟଟିର ଆବଶ୍ୟକତାଗୁଡ଼ିକୁ ପଛରେ ପକାଇଦେଇ ଆପଣାର ନିଜ ଆବଶ୍ୟକତାଗୁଡ଼ିକୁହିଁ ଜୋର୍ କରି ପ୍ରତିଷ୍ଠିତ କରି ରଖିବାକୁ ଇଚ୍ଛା କରିବ । ଏକଥା ନିଶ୍ଚୟ ଆଶା କରାଯିବ ଯେ ସାମ୍ରାଜ୍ୟବାଦକୁ ତା'ର ଏହି ତର୍ପଣ ଅନ୍ତତଃ କିଛିକାଳ ପାଇଁ ଅବଶ୍ୟ ମିଳିବ ଓ ତାହାର ସେହି ଦାବିଟିକୁ ପ୍ରତିରୋଧ କରିପାରିବା ଅନେକ କାଳ ପାଇଁ ପ୍ରାୟ ଅସମ୍ଭବ ହୋଇ ରହିଥିବ । ସେ ଯାହାହେଉ, ଏତିକି କଥା ଅନ୍ତତଃ ମାନିବାକୁ ପଡ଼ିବ ଯେ ତାହାର ଦାବିଗୁଡ଼ାକୁ ଉପେକ୍ଷା କରି ରହିବା ଓ ଲେଖକର କଲମଗାର ମାରି ସେଗୁଡ଼ିକୁ ସେହିପରି ରଖିଦେଇହେବ ବୋଲି କଳ୍ପନା କରିବାଟା କେବଳ ଏକ ଅବାସ୍ତବ ଆଦର୍ଶବାଦର ସୁନାବାଲି ଉପରେ ଡଉଲଡାଉଲ କରି ଗୁଡ଼ାଏ ଦୁର୍ଗର ନିର୍ମାଣ କରିବା ପରିହିଁ ହୋଇ ରହିବ ।

ପ୍ରକୃତ କାର୍ଯ୍ୟକାରିତାର କ୍ଷେତ୍ରରେ ସେହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶକ୍ତିଗୁଡ଼ିକରହିଁ ସର୍ବାଗ୍ରସ୍ଥାନ ରହିଛି । ନୈତିକ ବିଧାନ, ବୁଦ୍ଧି ବା ନ୍ୟାୟକୁ ଗ୍ରହଣ କରିବା ଲାଗି ଯେତିକି ପରିମାଣରେ ସେହି ଶକ୍ତିଗୁଡ଼ିକୁ ବାଧ୍ୟ କରାଯାଇ ପାରେ ବା ପ୍ରବର୍ତ୍ତା ଯାଇପାରେ, ବା, ଯେପରି ଅଧିକାଂଶ ସମୟରେ ଘଟିଥାଏ, ଯେତିକି ପରିମାଣରେ ସେହି ଶକ୍ତିଗୁଡ଼ିକ ସେଗୁଡ଼ିକୁ ଆଜ୍ଞାକାରୀ ସହାୟକ ବା ପ୍ରେରଣାଦାୟକ ଯୁଦ୍ଧନାଦ ରୂପେ ବ୍ୟବହାର କରି ପାରନ୍ତି, କିଂବା ଆପଣା ସ୍ୱାର୍ଥଗୁଡ଼ିକର ରକ୍ଷା ଲାଗି ଏକ ଛଦ୍ମାବରଣ ରୂପେ କାମରେ ଲଗାଇ ପାରନ୍ତି, ସେଗୁଡ଼ିକର ସ୍ଥାନ ଏହି କ୍ଷେତ୍ରରେ କେବଳ ସେହି ଅନୁସାରେହିଁ ନିର୍ଣ୍ଣୀତ ହୋଇଥାଏ । ବେଳେବେଳେ ବିଚାରଗୁଡ଼ିକ ମଧ୍ୟ ସତେଅବା ଏକ ସଶସ୍ତ୍ର ସୈନ୍ୟବାହିନୀ ପରି ଲମ୍ଫ ଦେଇ ବାହାରି ପଡ଼ନ୍ତି ଏବଂ ଅନାଦର୍ଶ-ଶକ୍ତିଗୁଡ଼ିକର ବାଡ଼ଟିକୁ ଭାଙ୍ଗିଦେଇ ଆଗକୁ ଚାଲିଯାଆନ୍ତି । ଅନେକ ସମୟରେ ଆପଣା ଆପଣାର ସ୍ଥିତିଟିକୁ ସେମାନେ ଓଲଟା ମଧ୍ୟ କରିଦିଅନ୍ତି ଓ ସ୍ୱାର୍ଥଗୁଡ଼ିକୁହିଁ ଆପଣାର ଆଜ୍ଞାକାରୀ ସହାୟକରୂପେ ବ୍ୟବହାର କରନ୍ତି, ଆପେ ଜଳିବା ଲାଗି ସେଗୁଡ଼ିକୁ ଇନ୍ଧନରୂପେ କାମରେ

'oaob.nitrkl.ac.in' images reprocessed

ଲାଗନ୍ତି । ବେଳେବେଳେ ସେମାନେ ପ୍ରାଣପାତ କରି ବିଜୟ ହାସଲ କରିଥା'ନ୍ତି । ମାତ୍ର ସାଧାରଣତଃ ସେଗୁଡ଼ିକୁ କେବଳ ଯେ ଏକ ଅର୍ଦ୍ଧଦୀକ୍ଷିତ ଚାପର ଅଧୀନରେ ରହିହିଁ କାର୍ଯ୍ୟ କରିବାକୁ ପଡ଼େ, ତା' ନୁହେଁ, ମାତ୍ର ବଳବାନ୍ ନାନା ଶକ୍ତି ସହିତ ଆପଣାକୁ ଅନୁକୂଳିତ କରି ମଧ କାର୍ଯ୍ୟ କରିବାକୁ ପଡ଼େ; ବା ଏପରିକି ଅନେକ ସମୟରେ ସେହି ଶକ୍ତିଗୁଡ଼ିକୁ ତୁଷ୍ଟ କରି ରଖିବାକୁ ପଡ଼େ, ଲାଞ୍ଚ ଦେବାକୁ ପଡ଼େ ଅଥବା ସେଗୁଡ଼ିକର ମଧଦେଇ କିଂବା ପଛରେ ରହିହିଁ କାର୍ଯ୍ୟ କରିବାକୁ ପଡ଼େ । ସାଧାରଣ ଏବଂ ସାମୂହିକ ମନୁଷ୍ୟଟି ଆହୁରି ଟିକିଏ ଅଧିକ ପରିମାଣରେ ଏକ ବୁଦ୍ଧି ଦ୍ୱାରା ଚାଳିତ, ନୈତିକ ଏବଂ ଆଧାତ୍ମିକ ସତ୍ତାରୂପେ ତିଆରି ହୋଇ ନ ଥିବା ପର୍ଯ୍ୟନ୍ତ ଏବଂ ଅପେକ୍ଷାକୃତ କମ୍ ପ୍ରଧାନ ଭାବରେ ପ୍ରାଣିକ, ସଂବେଗ ଦ୍ୱାରା ପରିଚାଳିତ ଅର୍ଦ୍ଧବିବେକୀ ମନୁଷ୍ୟପ୍ରାଣୀ ହୋଇ ଜୀବନଟିକୁ ବଞ୍ଚି ନ ପାରିବା ପର୍ଯ୍ୟନ୍ତ ଏକଥା କଦାପି ଅନ୍ୟପ୍ରକାରେ ହୋଇ ପାରିବ ନାହିଁ । ଅନ୍ତତଃ କେତେକ ସମୟ ଲାଗି ଅନୁପଲବ୍ଧ ଆନ୍ତର୍ଜାତିକ ବିଚାରଟିକୁ ଏହି ଗୌଣ ପଦ୍ଧତିଟିକୁ ଆଶ୍ରୟ କରି କାର୍ଯ୍ୟ କରିବାକୁ ପଡ଼ିବ ଏବଂ ଜାତୀୟତା ତଥା ସାମ୍ରାଜ୍ୟବାଦର ଉପଲବ୍ଧ ଶକ୍ତିଗୁଡ଼ିକ ସହିତ ଆପଣାକୁ ଅନୁକୂଳିତ କରିହିଁ ଅଗ୍ରସର ହେବାକୁ ପଡ଼ିବ ।

ଏକ ଦୃଢ଼ ଏବଂ ସ୍ଥାୟୀ ବ୍ୟବସ୍ଥାର ବିବର୍ଦ୍ଧନ ଲାଗି ବସ୍ତୁସ୍ଥିତିମାନ ପ୍ରସ୍ତୁତ ହୋଇପାରିବା ମଧରେ ମୁକ୍ତ ବହୁଜାତିତ୍ୱର ନୀତିଟିକୁ ସମ୍ମାନର ଦୃଷ୍ଟିରେ ଦେଖିବାର ଭିତ୍ତି ଉପରେ ଏକ ପ୍ରକୃତ ଆନ୍ତର୍ଜାତିକତା ହୁଏତ ପୃଥିବୀର ବିଚାରବାନ୍ ଏବଂ ବୁଦ୍ଧିଜୀବୀ-ମାନଙ୍କର ଉଦ୍ୟମ ଦ୍ୱାରା ଏତେବେଶୀ ଅଗ୍ରଗତି କରି ଯାଇଥିବ ଯେ ତାହା ରାଷ୍ଟ୍ର ଏବଂ ସରକାରଗୁଡ଼ିକ ଉପରେ ଏକ ଅପ୍ରତିରୋଧୀ ଚାପ ପକାଇବାକୁ ଲାଗିବ ଏବଂ ଏକାବେଳେକେ ସମ୍ପୂର୍ଣ୍ଣ ଭାବରେ ନ ହେଲେ ମଧ ଅଧିକାଂଶତଃ ଆପଣାର ଦାବିଗୁଡ଼ିକୁ ସମସ୍ତଙ୍କ ଦ୍ୱାରା ଗୃହୀତ ଓ ସ୍ୱୀକୃତ କରାଇନେବ, — ଏହିପରି ଏକ ଘଟଣା ଘଟିବା ଲାଗି ପ୍ରକୃତରେ କେତେ ସମ୍ଭାବନା ରହିଛି ବା ନ ରହିଛି, ଏଠାରେ ହୁଏତ ସେହି ପ୍ରଶ୍ନଟି ନିଶ୍ଚୟ ପଚରା ଯାଇପାରେ । ଏହାର ଉତ୍ତରରେ ଏତିକି କୁହାଯିବ ଯେ ଆପଣାର ପ୍ରାଣିକ ସ୍ୱାର୍ଥଗୁଡ଼ିକର ବିସର୍ଜନ ଲାଗି ବାଧ୍ୟ ନ ହେବା ପର୍ଯ୍ୟନ୍ତହିଁ ରାଷ୍ଟ୍ର ଓ ସରକାରମାନେ ସାଧାରଣତଃ କୌଣସି ନୈତିକ ଚାପ ଆଗରେ ମୁଣ୍ଡ ନୁଆଁଇବାକୁ ସମ୍ମତ ହୋଇଥା'ନ୍ତି । ବାଧ୍ୟ ନ ହେଲା ପର୍ଯ୍ୟନ୍ତ ପ୍ରତିଷ୍ଠିତ କୌଣସି ସାମ୍ରାଜ୍ୟ ଆପଣାର ଅଧୀନସ୍ଥ ଭାଗଗୁଡ଼ିକୁ କଦାପି ମୁକ୍ତ କରିବାକୁ ଯିବ ନାହିଁ ବା ବର୍ତ୍ତମାନ ତା'ର ଅଧୀନସ୍ଥ ହୋଇ ରହିଥିବା ଏକ ଜାତିକୁ ଆପଣାର ଜଣେ ସ୍ୱାଧୀନ ସମକକ୍ଷ ରୂପେ କୌଣସି ଆନ୍ତର୍ଜାତିକ ସଭାର ବୈଠକରେ ଯାଇ ବସିବା ଲାଗି କଦାପି ଅନୁମତି ଦେବ ନାହିଁ । ମୁକ୍ତି ବିଷୟରେ ଉତ୍ସାହ

'oaob.nitrkl.ac.in' images reprocessed

ଦେଖାଇବାର ଯେଉଁ ପୁରାତନ ଆଦର୍ଶଟି ରହିଛି, ତାହା ଏକ ସ୍ୱାଧୀନ ଇଟାଲୀର ବିବର୍ତ୍ତନରେ ତାକୁ ସାହାଯ୍ୟ କରିବା ଲାଗି ଫ୍ରାନ୍ସକୁ ହସ୍ତକ୍ଷେପ କରିବା ପାଇଁ ପ୍ରବର୍ତ୍ତାଇ ଥିଲା ଏବଂ ଏକ ନୂତନ ଗ୍ରୀକ୍ ଜାତିର ସୃଷ୍ଟିରେ ସାହାଯ୍ୟ କରିବାକୁ ଫ୍ରାନ୍ସ ଓ ଇଂଲଣ୍ଡକୁ ମଧ୍ୟ ପ୍ରବର୍ତ୍ତାଇ ଥିଲା । ଯୁଦ୍ଧ ସମୟରେ, ଏପରିକି ତରବାରିର ମୁନ ଦେଖାଇ ମଧ୍ୟ ଯେଉଁ ଜାତୀୟ ସ୍ୱତନ୍ତ୍ରତାଗୁଡ଼ିକ ଲାଗି ସମ୍ମାନର ଦାବି କରାଯାଇଥିଲା, ବା, ଆମେ ବର୍ତ୍ତମାନ ଏକଥା ମଧ୍ୟ କହି ପାରିବା ଯେ ତୋପଗୁଳିର ଆବାଜ ଦେଇ ସେହି ଦାବି କରା ଯାଇଥିଲା,– ସେହି ସ୍ୱତନ୍ତ୍ରତାଗୁଡ଼ିକ ପୂର୍ବରୁହିଁ ପ୍ରତିଷ୍ଠିତ ହୋଇ ସାରିଥିଲା ଏବଂ ସେମାନଙ୍କର ତଥାପି ଯେ ବଞ୍ଚି ରହିବାର ଅଧିକାର ରହିଛି, ଏହି କ୍ଷେତ୍ରରେ ସେହି କଥାଟିର ବିଚାର ହୋଇଥିଲା ଏବଂ ସେହି ସୀମାଟିର ବାହାରେ ଯାହାକିଛି ପ୍ରସ୍ତାବ କରା ଯାଇଥିଲା, ତାହା ହେଉଛି ଯେ ଆଗରୁ ଗୋଟିଏ ଗୋଟିଏ ସ୍ୱାଧୀନ ରାଷ୍ଟ୍ର ହିସାବରେ ରହି ଆସିଥିବା ଯେଉଁ ମନୁଷ୍ୟମାନେ ତଥାପି କୌଣସି ବିଦେଶୀ ଶାସନର ଅଧୀନରେ ରହିଥିଲେ, ସେମାନଙ୍କୁ ପୁଣି ସେମାନଙ୍କର ସ୍ୱଜାତିଗତ ଅସ୍ତିତ୍ୱଟିକୁ ଆଣିଦେବା ବିଷୟରେ ବିଚାର କରା ଯାଇଥିଲା, ଏକ ବୃହତ୍ତର ସର୍ବିଆ, ଏକ ବୃହତ୍ତର ରୁମାନିଆ ଗଠନ ଦିଗରେ ପ୍ରସ୍ତାବ ହୋଇଥିଲା, "ମୁକ୍ତ ନ ହୋଇଥିବା" ଇଟାଲୀର ମୁକ୍ତି ଫେରାଇ ଆଣିବାକୁ ଏବଂ ଫ୍ରାନ୍ସକୁ ଆଲ୍‌ସେସ୍-ଲରେନ୍ ପ୍ରଦେଶଟି ଫେରାଇ ଦେବାକୁ ପ୍ରସ୍ତାବ ହୋଇଥିଲା । ରୁଷିଆର ଶାସନାଧୀନ ହୋଇ ରହି ପୋଲାଣ୍ଡ୍ କେବଳ ସ୍ୱାୟତ୍ତଶାସନର ଅଧିକାର ପାଇବ ବୋଲି ପ୍ରସ୍ତାବ ହୋଇଥିଲା, ମାତ୍ର ତା'ପରେ ଜର୍ମାନୀ ରୁଷିଆ ଉପରେ ବିଜୟ ହାସଲ କରିବା ପରେ ସେହି ଆଗ୍ରହଟି ବଦଳି ଯାଇଥିଲା ଓ ତାହା ସହିତ ମିତ୍ରପକ୍ଷର ଆଦର୍ଶବାଦଟି ମଧ୍ୟ ବଦଳି ଯାଇଥିଲା । ଏକ ବୃହତ୍ ସାମ୍ରାଜ୍ୟର ଅଧୀନରେ ରହି ଗୋଟାଏ ପ୍ରକାରର ସ୍ୱୟଂଶାସନର ଅଧିକାର ଲାଭ କରିବା, ବା ଯେଉଁଠି ତାହା ଏପର୍ଯ୍ୟନ୍ତ ସମ୍ଭବ ହୋଇ ନାହିଁ, ସେଠାରୁ ଏକ ସାମ୍ରାଜ୍ୟର "ରକ୍ଷାମଣ୍ଡଳ" ବା "ପ୍ରଭାମଣ୍ଡଳ" ମଧ୍ୟରେ ରହିବାକୁହିଁ ଅନେକେ ଏବେ ଜାତୀୟ ସ୍ୱତନ୍ତ୍ରତାକୁ ଫେରିପାଇବା ଅପେକ୍ଷା ଗୋଟିଏ ଗୋଟିଏ ଅଧିକ ବାସ୍ତବ ଓ ବ୍ୟବହାରୋପଯୋଗୀ କଥା ବୋଲି ବିଚାର କରୁଛନ୍ତି । ଏଥିରୁ ହୁଏତ ଏହିପରି ଏକ ସଙ୍କେତ ମିଳିଯାଉଛି ଯେ ଏହାଦ୍ୱାରା ସଂଘୀୟ ସାମ୍ରାଜ୍ୟଗୁଡ଼ିକ ବେଶ୍ ଅଜାଣତ ଭାବରେ ବିକାଶଲାଭ କରିବାର ଏକ ପ୍ରବୃତ୍ତି ଜନ୍ମଲାଭ କରୁଛି ଏବଂ ଭବିଷ୍ୟତର ଏକ ସମ୍ଭାବନାରୂପେ ଆମେ ଆଗରୁ ଏହି ବିଷୟଟି ଉପରେ ଆଲୋଚନା କରି ସାରିଛେ । ଏକ ସମ୍ପୂର୍ଣ୍ଣ ଆଦର୍ଶରୂପେ ଜାତୀୟ ସ୍ୱତନ୍ତ୍ରତାକୁ ଆଗଭଳି ଏତେ ଲୋକ ଆଉ ଗ୍ରହଣ କରିବାକୁ ସମ୍ମତ ହେଉ ନାହାନ୍ତି ଓ ତାହା ମଧ୍ୟରେ ଆଗର ସେହି ସୃଜନକାରୀ ଶକ୍ତିଟି ମଧ୍ୟ ଆଉ ଦେଖିବାକୁ ମିଳୁ ନାହିଁ । ଯେଉଁ ଜାତିମାନେ ସ୍ୱତନ୍ତ୍ରତା ଲାଗି ସଂଗ୍ରାମ କରୁଛନ୍ତି,

'oaob.nitrkl.ac.in' images reprocessed

ସେମାନଙ୍କୁ କେବଳ ଆପଣା ବଳ ଏବଂ ଉତ୍ସାହ ଉପରେହିଁ ନିର୍ଭର କରିବାକୁ ପଡୁଛି; କେବଳ କେତୋଟି ଉତ୍ସାହୀ ବ୍ୟକ୍ତି ବା କ୍ଷୁଦ୍ର ଗୋଷ୍ଠୀଙ୍କୁ ଛାଡ଼ିଦେଲେ ସେମାନେ କେବଳ ଏକ ଅତି ଶିଥିଳ ବା ଅନିଶ୍ଚିତ ସମର୍ଥନରହିଁ ପ୍ରତ୍ୟାଶା କରି ପାରୁଛନ୍ତି ଏବଂ ସେମାନଙ୍କର ସାହାଯ୍ୟ ମଧ୍ୟ ପୂରାପୂରି ମୌଖିକ ହୋଇ ରହୁଛି ଓ ସେଥିରୁ କୌଣସି ଫଳ ମିଳୁ ନାହିଁ । ସବୁଠାରୁ ଅଧିକ ଆଗୁଆ ବୁଦ୍ଧିଜୀବୀମାନେ ମଧ୍ୟ ବର୍ତ୍ତମାନ ପରାଧୀନ ହୋଇ ରହିଥିବା ଜାତିଗୁଡ଼ିକ ପାଇଁ ଏକ ଅଧୀନସ୍ଥ ସ୍ୱୟଂଶାସନରହିଁ ଅତି ଉତ୍ସାହିତ ଭାବରେ ସମର୍ଥନ କରୁଛନ୍ତି ମାତ୍ର ପ୍ରାୟ ଧୈର୍ଯ୍ୟହୀନ ଭାବରେ ପୂର୍ଣ୍ଣ ସ୍ୱାଧୀନତା ପ୍ରତି ରହିଥିବା ସେମାନଙ୍କର ଦୁର୍ବଳ ଇଚ୍ଛାଗୁଡ଼ିକ ଉପରେ ଦୃଷ୍ଟିପାତ କରୁଥିବା ଭଳି ବୋଧ ହେଉଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ ସାମ୍ରାଜ୍ୟବାଦ ଆପଣାର ସମୃଦ୍ଧିମନ୍ତ ମାର୍ଗଟି ଉପରେ ଅଗ୍ରସର ହୋଇ ଆସିବାରେ ଲାଗିଛି ଏବଂ ସବୁଠାରୁ ଅଧିକ ସ୍ୱାଧୀନତାକାମୀ କଳ୍ପନାଟି ଉପରେ ମଧ୍ୟ ସାମ୍ରାଜ୍ୟରୂପୀ ଏହି ସମୂହଟିହିଁ ମନୁଷ୍ୟ-ପ୍ରଗତିର ଏକ ସୁସମ୍ପନ୍ନ ଶକ୍ତି ହିସାବରେ ଆପଣାକୁ ଅନୁଭୂତ କରାଇ ପାରିଛି ।

ବୃହତ୍ତର ଓ ଅଧିକ ଅନୁକୂଳ ମାର୍ଗଗୁଡ଼ିକୁ ଅନୁସରଣ କରି ଆପଣାର ଆନ୍ତର୍ଜାତିକ ଜୀବନଟିକୁ ସଂଗଠିତ କରି ଆଣିବା ଲାଗି ମନୁଷ୍ୟଜାତିର ଯେଉଁ ନୂତନ ଆବେଗଟି ପ୍ରକାଶ ପାଇଛି, ତାହାରି ଅନୁଧାବନ କରି ଏହି ବିଚାର ବା ମନୋଦୃଷ୍ଟିଟି ହୁଏତ ଆହୁରି କେତେବେଶୀ ଆଗକୁ ଗତି କରି ନ ପାରନ୍ତା ! ଏପରିକି ଏକଥା ମଧ୍ୟ ସମ୍ଭବ ହୋଇପାରେ ଯେ ଆପଣାର ଗୋଟିଏ ସାମ୍ରାଜ୍ୟ ରହିଥିବା ବେଳେ ଜର୍ମାନୀର ଅଧିବାସୀ ପ୍ରକାଶ୍ୟ ଭାବରେ ସାନସାନ ଜାତିଗୁଡ଼ିକ ତଥାପି ତିଷ୍ଠି ରହିବାର ବିରୋଧରେ ଯେଉଁ ଅସହିଷ୍ଣୁତା ବ୍ୟକ୍ତ କରିଥିଲା, ବୃହତ୍ ରାଜନୀତିକ ଏବଂ ବାଣିଜ୍ୟିକ ମେଣ୍ଟଗୁଡ଼ିକ ସମ୍ମୁଖରେ ଆପଣା ଆପଣାର ସ୍ୱୀକୃତ ଅଧିକାରଗୁଡ଼ିକର ସ୍ଥାୟୀ ପ୍ରତିବନ୍ଧକଗୁଡ଼ିକୁ ଠିଆ କରି ସେମାନେ ଯେଉଁ ବିରୋଧ କରୁଥିଲେ ଜର୍ମାନ୍ ନାଗରିକ ସେ ବିଷୟରେ ଯେପରି ଅସହିଷ୍ଣୁ ହୋଇ ପଡୁଥିଲା, ଏବେ ତାହାର କଠୋରତା ହୁଏତ ଊଣା ହୋଇଯାଇ ପାରେ ସତ, ମାତ୍ର ସମ୍ଭବତଃ ତାହାହିଁ ଭବିଷ୍ୟତରେ ଆପଣାକୁ ପ୍ରକୃତରେ ଉଚିତ ଓ ଗ୍ରହଣୀୟ ବୋଲି ପ୍ରତିପାଦନ କରିପାରେ ଏବଂ ଏକ ଅପେକ୍ଷାକୃତ କମ୍ ପାଶବିକ, କମ୍ ଉଦ୍ଧତ ଏବଂ କମ୍ ଆକ୍ରମଣୋଦ୍ୟତ ହୋଇ ରହିଥିବା ଅହଂକେନ୍ଦ୍ରିକତାର ରୂପରେ ତାହାହିଁ ମନୁଷ୍ୟସମୁଦାୟର ସାଧାରଣ ବୋଧଟି ଦ୍ୱାରା ଗୃହୀତ ମଧ୍ୟ ହୋଇ ଯାଇପାରେ । ଅର୍ଥାତ୍, ମନୁଷ୍ୟଜାତିର ରାଜନୀତିକ ବୁଦ୍ଧି ମଧ୍ୟରେ, ବୃହତ୍ ସାମ୍ରାଜ୍ୟକୃତି କେତୋଟି ସଂଘ ମଧ୍ୟରେହିଁ ରାଷ୍ଟ୍ରଗୁଡ଼ିକର ଏକ ପୁନଃ ବ୍ୟବସ୍ଥାପନ ହେଉ ବୋଲି ଆଗ୍ରହ କରିବା ଲାଗି ଏବଂ ସମ୍ଭବତଃ କ୍ରମେ ତାହାହିଁ ହେଉ ବୋଲି ଦାବି କରିବା ଲାଗି ଏକ ଅଧିକ ଶକ୍ତିଶାଳୀ ପ୍ରବୃତ୍ତି ବିକଶିତ

'oaob.nitrkl.ac.in' images reprocessed

ହୋଇ ଆସିପାରେ, ଏବଂ ବର୍ତ୍ତମାନ ଯେପରି କେତୋଟି ସାମ୍ରାଜ୍ୟ ଓ ପୁଣି କେତୋଟି ସ୍ୱତନ୍ତ୍ର ଜାତିଗୁଡ଼ିକର ଏକ ମିଶ୍ରଣ ଦେଖିବାକୁ ମିଳୁଛି, ମନୁଷ୍ୟଜାତି ସେଇଟିକୁହିଁ ପ୍ରଚଳିତ କରି ରଖିବା ଲାଗି ହୁଏତ ଆଦୌ ଇଚ୍ଛା କରି ନ ପାରେ ।*

ମାତ୍ର ଏହି ବିକାଶଟି ଯଦି ସମ୍ଭବ ନ ହୁଏ ବା ଠିକ୍ ସମୟରେ ଆପଣାକୁ କାର୍ଯ୍ୟକାରୀ ନ କରାଏ, ତେବେ ତଥାପି ଏପରି ହେବ ଯେ ବର୍ତ୍ତମାନ ସାମ୍ରାଜ୍ୟଗୁଡ଼ିକର ବାହାରେ ଯେଉଁ ସ୍ୱତନ୍ତ୍ର ରାଷ୍ଟ୍ରଗୁଡ଼ିକ ପ୍ରକୃତରେ ବିଦ୍ୟମାନ ରହିଛନ୍ତି, ହୁଏତ ଆନ୍ତର୍ଜାତିକ ଯେକୌଣସି କାଉନ୍‌ସିଲ୍ ବା ସେହିପରି ଅନ୍ୟ ଯେକୌଣସି ବ୍ୟବସ୍ଥା ପ୍ରତିଷ୍ଠିତ ହୋଇଯାଇ ପାରିବ, ସେମାନେ ଆପଣାକୁ ସେଥିରେ ଯାଇ ଅନ୍ତର୍ଭୁକ୍ତ କରି ରଖିବେ; ମାତ୍ର, ମଧ୍ୟଯୁଗରେ ସାମନ୍ତଶାହୀ ବଡ଼ ବଡ଼ ରାଜାଙ୍କ ସହିତ ସମ୍ବନ୍ଧର କ୍ଷେତ୍ରରେ ସାନ ସାନ ସାମନ୍ତ ବା ନୋବ୍‌ଲ୍‌ମାନେ ଯେଉଁଭଳି ଏକ ସ୍ଥିତିରେ ରହିଥିଲେ, ଏହି ଅନ୍ତର୍ଭୁକ୍ତ ହେବାଟା ସମ୍ଭବତଃ ଅନେକ ପରିମାଣରେ ତାହାରି ପରି ହୋଇ ରହିବ । ଅର୍ଥାତ୍ ସେହି ବ୍ୟବସ୍ଥାଟି ମଧ୍ୟରେ ସେମାନେ ପରସ୍ପରର ସମାନ ହୋଇ ରହିବେ ନାହିଁ, ମାତ୍ର କେତୋଟି ଦେଶ ଆଉ କେତୋଟି ଦେଶର ଅଧୀନ ହୋଇ ରହିବା ପରି ରହିବେ । ଯୁଦ୍ଧ ଦ୍ୱାରା ଏହି କଥାଟି ସ୍ପଷ୍ଟ ପ୍ରମାଣିତ ହୋଇଗଲା ଯେ ଆନ୍ତର୍ଜାତିକ କ୍ଷେତ୍ରରେ କେବଳ ବୃହତ୍‌ଶକ୍ତିଗୁଡ଼ିକରହିଁ ପ୍ରକୃତରେ କୌଣସି ଓଜନ ରହିଛି । ଏବଂ ଅନ୍ୟ ଦେଶଗୁଡ଼ିକୁ ସେଠାରେ ଅନ୍ୟମାନଙ୍କର ଅନୁମତି ଦ୍ୱାରାହିଁ ରହିବାକୁ ପଡୁଛି, ଅନ୍ୟମାନଙ୍କର ରକ୍ଷାକବଚ ଭିତରେ ରହିବାକୁ ପଡୁଛି ବା ଅନ୍ୟମାନଙ୍କ ସହିତ କୌଣସି ନା କୌଣସି ମେଣ୍ଟ ବାନ୍ଧି ରହିବାକୁ ପଡୁଛି । ଯେପର୍ଯ୍ୟନ୍ତ ପୃଥିବୀ ସ୍ୱତନ୍ତ୍ର ନାନା ଜାତିର ବ୍ୟବସ୍ଥାଟି ଦ୍ୱାରା ବ୍ୟବସ୍ଥାବଦ୍ଧ ହୋଇ ରହିଥିଲା, ସେପର୍ଯ୍ୟନ୍ତ ଏଇଟି ହୁଏତ କେବଳ ଏକ ସମ୍ଭାବ୍ୟ ସତ୍ୟ ହୋଇ ରହି ପାରିଥା'ନ୍ତା ଏବଂ ସାନସାନ ଜାତିଗୁଡ଼ିକର ଜୀବନ ଉପରେ ତାହାର ପ୍ରକୃତରେ ସେପରି କୌଣସି ମହତ୍ତ୍ୱପୂର୍ଣ୍ଣ ପ୍ରଭାବ ଆଦୌ ପଡ଼ି ନ ଥା'ନ୍ତା; ମାତ୍ର ଯେତେବେଳେ ସମ୍ମିଳିତ କ୍ରିୟା ବା ଏକ ଅବିରାମ ସକ୍ରିୟ ପାରସ୍ପରିକ କ୍ରିୟାଶୀଳତା ବିଶ୍ୱବ୍ୟବସ୍ଥାର ଏକ ସ୍ୱୀକୃତ ଅଂଶ ବା ମୂଳଦୁଆ ରୂପେ ପ୍ରତିଷ୍ଠିତ ହୋଇ ଯିବାକୁ ବସିଲାଣି, ସେତେବେଳେ ହୁଏତ ସେହି ନିରାପତ୍ତାଟି ଆଉ ପୂର୍ବପରି କଦାପି ରହି ପାରିବ ନାହିଁ । ବର୍ତ୍ତମାନର ଯୁଦ୍ଧରେ ସାନ ସାନ ନିରପେକ୍ଷ ଦେଶଙ୍କୁ ଯେଉଁ ଅବସ୍ଥା ଭୋଗିବାକୁ ପଡ଼ିଲା ବା ଚତୁର୍ଦ୍ଦିଗରେ ବ୍ୟବସାୟୀମାନଙ୍କର ବଡ଼ ବଡ଼ ମେଣ୍ଟ

* ଯଦି ଇଟାଲୀ, ଜର୍ମାନୀ ଓ ଜାପାନର ମହତ୍ତ୍ୱାକାଂକ୍ଷାମାନ ତଥା ଫାସିଷ୍ଟ ବିଚାରଧାରା ସାଧାରଣ ଭାବରେ ବିଜୟଲାଭ କରିଥା'ନ୍ତା, ତେବେ ହୁଏତ ଏହିପରି ଏକ ବ୍ୟବସ୍ଥା କ୍ରମଶଃ ସମ୍ଭବ ହୋଇ ଆସିଥା'ନ୍ତା ।

'oaob.nitrkl.ac.in' images reprocessed

ଦ୍ୱାରା ପରିବେଷ୍ଟିତ ହୋଇ ରହିଥିବା ଏକ ଘରୋଇ କମ୍ପାନିକୁ ଯେଉଁସବୁ ଅବସ୍ଥା ଭୋଗିବାକୁ ପଡ଼ିଥାଏ, କୌଣସି ଏକ ବୃହତ୍ ଶକ୍ତି ସେହିପରି କେତୋଟି ଶକ୍ତିମାନଙ୍କର ଏକ ମେଣ୍ଟର ଇଚ୍ଛା ବିରୋଧରେ ତିଷ୍ଠି ରହିବାକୁ ଗଲେ ଗୋଟିଏ ସାନ ରାଷ୍ଟ୍ରର ଅବସ୍ଥା ତା'ଠାରୁ ଆହୁରି ଅଧିକ ଖରାପ ହେବ । ତାକୁ ଘେରି ରହିଥିବା ବଡ଼ମାନଙ୍କ ମଧ୍ୟରୁ ତାକୁ କେତେବେଳେ ଏ ଦଳର ଓ ପୁଣି କେତେବେଳେ ସେ ଦଳର ନାୟକତ୍ୱକୁ ଗ୍ରହଣ କରି ନେବାକୁହିଁ ବାଧ୍ୟ ହେବାକୁ ପଡୁଥିବ ଏବଂ ଜାତିସମୂହର ଯେକୌଣସି ସଂଘ ବା ସମିତିରେ ତାହାର କୌଣସି ସ୍ୱତନ୍ତ୍ର ଓଜନ ବା ସ୍ୱତନ୍ତ୍ର କ୍ରିୟା ଲାଗି ଆଦୌ ସ୍ଥାନ ରହିବ ନାହିଁ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ସ୍ୱୟଂ ତିଷ୍ଠି ରହିବା ଲାଗି ଏବଂ ସାମ୍ରାଜ୍ୟବାଦୀ ନାନା ଆକ୍ରମକତାର ସମ୍ମୁଖରେ ଆପଣାର ସ୍ୱାର୍ଥଗୁଡ଼ିକୁ ତଥାପି ପ୍ରତିଷ୍ଠିତ କରି ରଖିବା ଲାଗି ସାନ ଜାତିମାନଙ୍କର ଯେଉଁ ଅଧିକାର ରହିଛି, ତାହା ଏବେ ମଧ୍ୟ ଏକ ଶକ୍ତିରୂପେ ସ୍ୱୀକୃତ ହେଉଛି । ବିଭିନ୍ନ ଜାତିଗୁଡ଼ିକୁ ନେଇ ଏବେ ଯେଉଁ ସଂଘର୍ଷଟି ଘଟିଲା, ଅନ୍ତତଃ ସେଥିରେ ସେଇଟି ମଧ୍ୟ ଏକ କାରଣ ହୋଇ ରହିଥିଲା । ମାତ୍ର କୌଣସି ଗୋଟିଏ ମହତ୍ତ୍ୱାକାଂକ୍ଷୀ ବଡ଼ଶକ୍ତିର ଆକ୍ରମକତା ସମ୍ମୁଖରେ ଏହି ଅଧିକାରଟିକୁ ପ୍ରତିଷ୍ଠିତ କରାଇବାକୁ ଯିବା ହେଉଛି ଏକ ସ୍ୱତନ୍ତ୍ର କଥା; ଏବଂ, ବୃହତ୍ ଶକ୍ତିମାନଙ୍କ ମଧ୍ୟରୁ ଏକ ଅଧିକସଂଖ୍ୟକ ଗୋଷ୍ଠୀ ଏକାଠି ହୋଇ ସବୁ ଦେଶ ବା ସବୁ ଜାତିର ସାଧାରଣ ସ୍ୱାର୍ଥ ଦୃଷ୍ଟିରୁ ଯଦି କୌଣସି ବ୍ୟବସ୍ଥାରେ ସମ୍ମତ ହୋଇଯା'ନ୍ତି, ତେବେ ସେଇଟିର ସମ୍ମୁଖରେ କୌଣସି ସାନ ରାଷ୍ଟ୍ର ଆପଣାର ଅଧିକାରଟିକୁ ସାବ୍ୟସ୍ତ କରିବାକୁ ବାହାରିଲେ ନିକଟ ଭବିଷ୍ୟତରେ ତାହାକୁ ଯେ ଏକାବେଳେକେ ଅନ୍ୟପ୍ରକାରେ ବିଚାର କରାଯିବ, ତାହାର ସମ୍ପୂର୍ଣ୍ଣ ସମ୍ଭାବନା ରହିଛି । ବୃହତ୍ ଆକାରର ଏକ ଆନ୍ତର୍ଜାତିକ ସଂଘର୍ଷର ପ୍ରଭାବଗୁଡ଼ିକ ଦ୍ୱାରା ଯଥାସମ୍ଭବ କମ୍ ଆକ୍ରାନ୍ତ ହେବା ଲାଗି ଓ ତେଣୁ ସେହି ସଂଘର୍ଷର ବାହାରେ ରହିବାକୁହିଁ ଇଚ୍ଛା କରୁଥିବା କେତେକ ନିରପେକ୍ଷ ଦେଶଙ୍କ ଯୋଗୁଁ ଯେଉଁ ଅସୁବିଧାଟିର ସୃଷ୍ଟି ହେଲା, ତାହା ଯେ କେବଳ ସଂଘର୍ଷରତ ଦେଶଗୁଡ଼ିକ ଅନୁଭବ କଲେ, ତାହା ଆଦୌ ନୁହେଁ, ସ୍ୱୟଂ ସାନ ସାନ ନିରପେକ୍ଷ ଦେଶଗୁଡ଼ିକ ମଧ୍ୟ ତାହା ଅନୁଭବ କରିଥିଲେ । ଏହି ଅସୁବିଧାଗୁଡ଼ିକୁ ଯଥାସମ୍ଭବ କମ୍ କରି ରଖିବା ଲାଗି ସଂଗ୍ରାମରତ ଦେଶମାନେ କେତେବେଳେ ଏକ ପ୍ରତ୍ୟକ୍ଷ ଓ ପୁଣି ଆଉ କେତେବେଳେ ଏକ ପରୋକ୍ଷ ଚାପ ପକାଇବାକୁ ବାଧ୍ୟ ହେଉଥିଲେ, ଏବଂ ସାନ ସାନ ଦେଶଗୁଡ଼ିକ ମଧ୍ୟ ଯୁଦ୍ଧରେ ସକ୍ରିୟ ଅଂଶଗ୍ରହଣ କରିବାର ଗୁରୁଭାର ଏବଂ ତନ୍ନିହିତ ବିପତ୍ତିଟିର ତୁଳନାରେ କେବଳ ଅପେକ୍ଷାକୃତ କମ୍ କ୍ଷତିକାରକ ବୋଲିହିଁ ନିରପେକ୍ଷ ରହିବାକୁ ଅଧିକ ଗ୍ରହଣୀୟରୂପେ

'oaob.nitrkl.ac.in' images reprocessed

ବାଛି ନେଇଥିଲେ । ଯେକୌଣସି ଆନ୍ତର୍ଜାତିକ ବ୍ୟବସ୍ଥାରେ ଏହିସବୁ କ୍ଷୁଦ୍ରତର ମୁକ୍ତ ରାଷ୍ଟ୍ରଗୁଡ଼ିକର ଆତ୍ମ-ପ୍ରତିଷ୍ଠା ଲାଗି ସକଳ ପ୍ରୟାସକୁ ସମ୍ଭବତଃ ଏକ କ୍ଷୁଦ୍ର ଅହଂକାର ପରି ଦେଖାହେବ ଏବଂ ବୃହତ୍ ସାଧାରଣ ସ୍ୱାର୍ଥଗୁଡ଼ିକ ଦୃଷ୍ଟିରୁ ତାହାକୁ ଏକ ଅସହନୀୟ ପ୍ରତିବନ୍ଧକ ପରି ମଧ୍ୟ ବିଚାର କରାଯିବ; ବା, ବୃହତ୍ ବିଶ୍ୱବ୍ୟାପ୍ତ ସ୍ୱାର୍ଥଗୁଡ଼ିକ ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ଉପସ୍ଥିତ ହେଲେ ତାହାର ନିଷ୍ପତ୍ତି ପଥରେ ମଧ୍ୟ ସେହି ପ୍ରୟାସକୁ ଏକ ବାଧା ବୋଲି ବିଚାର କରାଯିବ । ବସ୍ତୁତଃ ଏହି କଥାଟିର ଯଥେଷ୍ଟ ସମ୍ଭାବନା ଅବଶ୍ୟ ରହିଛି ଯେ ଆନ୍ତର୍ଜାତିକ ଏକତା ଲାଗି ପ୍ରଣୟନ କରାଯାଇଥିବା ଯେକୌଣସି ଗଠନରେ ପୃଥିବୀର ବଡ଼ ବଡ଼ ଶକ୍ତିମାନେ ଏକଥାଟିକୁ ଅବଶ୍ୟ ଦେଖିବେ ଯେ ସେମାନଙ୍କର ବଳ ଏବଂ ପ୍ରଭାବଶାଳିତା ଅନୁସାରେ ସେଥିରେ ସେମାନଙ୍କର କଥାର ମଧ୍ୟ ନିଶ୍ଚୟ ସେତିକି ଅଧିକ ମୂଲ୍ୟ ବା ଓଜନ ରହିବ । ମାତ୍ର ବାହାରୁ ଦେଖିଲା ବେଳକୁ ସେହି ଗଠନଟି ଯଦିଓ ଗଣତାନ୍ତ୍ରିକ ପଦ୍ଧତିରେ ଗଢ଼ା ହୋଇଥିବ ତଥାପି ମଧ୍ୟ କାର୍ଯ୍ୟକ୍ଷେତ୍ରରେ ତାହା ବୃହତ୍ ଶକ୍ତିମାନଙ୍କର କେବଳ ଏକ କୁଳୀନତନ୍ତ୍ର ହୋଇ ରହିବାକୁହିଁ ବାଧ୍ୟ ହେବ । ଏହିସବୁ ଗଠନ ବା ସଂବିଧାନ ଦ୍ୱାରା ପ୍ରକୃତ ସତ୍ୟସ୍ଥିତିଗୁଡ଼ିକ ଘୋଡ଼ାଇ ହୋଇ ରହିଯିବ ସିନା, ମାତ୍ର ତଦ୍ଦ୍ୱାରା ସେଗୁଡ଼ିକର ନିରାକରଣ ହୋଇ ପାରିବ ନାହିଁ । କାରଣ, ସେହି ଗଠନଟି ଯେକୌଣସି ପ୍ରକାରର ବିଚାରକୁ ଏକ ମୂର୍ତ୍ତରୂପ ଦେବାକୁ ଚେଷ୍ଟା କରିଥାଉ ନା କାହିଁକି, ସେଇଟିକୁ ଫଳଦାୟକ ଭାବରେ ବ୍ୟବହାର କରି ପାରୁଥିବା ପ୍ରକୃତ ଉପଲବ୍ଧ ଶକ୍ତିଗୁଡ଼ିକ ଦ୍ୱାରାହିଁ ସେହି ବିଚାରଗୁଡ଼ିକ ପ୍ରକୃତରେ କାର୍ଯ୍ୟକାରୀ ହୋଇ ପାରିବ । ଅଧିକାଂଶ ରାଷ୍ଟ୍ରଙ୍କର ଏକ ଗଣତାନ୍ତ୍ରିକ ଗଠନ ରହିଛି ବା ସେଗୁଡ଼ିକ ଏକ ଗଣତାନ୍ତ୍ରିକ ଗଠନ ମଧ୍ୟଦେଇ ଗତି କରି ଆସିଛନ୍ତି, ମାତ୍ର ତଥାପି ପ୍ରକୃତ ଗଣତନ୍ତ୍ରଟିଏ କେଉଁଠି ହେଲେ ଦେଖିବାକୁ ମିଳୁ ନାହିଁ । ପ୍ରତ୍ୟେକ ସ୍ଥଳରେ ଧନାଢ୍ୟ ଏବଂ ପେସାଦାର ଶ୍ରେଣୀମାନେ ତଥା ବୁର୍ଜୁଆମାନେହିଁ ଲୋକମାନଙ୍କ ନାମରେ ଶାସନ କରି ଆସିଛନ୍ତି । ଠିକ୍ ସେହିପରି, ଆନ୍ତର୍ଜାତିକ ସ୍ତରରେ ଯେକୌଣସି ସଂସ୍ଥା ଗଢ଼ାହେଲେ ବା ଯେକୌଣସି ନିୟନ୍ତ୍ରଣର ବ୍ୟବସ୍ଥା କରାଗଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ଅଳ୍ପ କେତୋଟି ବୃହତ୍ ସାମ୍ରାଜ୍ୟହିଁ ସମଗ୍ର ମନୁଷ୍ୟଜାତି ନାମରେ ସବୁକିଛିର ଶାସନ କରୁଥିବାର ଦୃଷ୍ଟିଗୋଚର ହେବ ।

ଏପରି ନ ହୋଇ ଅନ୍ୟ କୌଣସି ପ୍ରକାର କିଛି ଘଟିଲେ ମଧ୍ୟ ଖୁବ୍ ବେଶୀରେ ତାହା କେବଳ ଅତି ଅଳ୍ପକାଳ ଲାଗିହିଁ ସମ୍ଭବ ହେବ; ଅବଶ୍ୟ ଏକଥା ସତ ଯଦି କେତେକ ନୂତନ ଶକ୍ତି ଓ ପ୍ରବୃତ୍ତି ଆପଣାକୁ ଆଣି ପ୍ରତିଷ୍ଠିତ କରି ପାରିବେ ଏବଂ ବଡ଼ ବଡ଼ ସାମ୍ରାଜ୍ୟସମଷ୍ଟିମାନ ଗଢ଼ିବା ଲାଗି ବର୍ତ୍ତମାନ ପୃଥିବୀରେ ଅତି ପ୍ରବଳ ହୋଇ ରହିଥିବା ପ୍ରବୃତ୍ତିଗୁଡ଼ିକର ପଥରୁଦ୍ଧ କରିପାରିବେ ଅଥବା ସେଗୁଡ଼ିକୁ ସମାପ୍ତ କରିଦେଇ ପାରିବେ,

'oaob.nitrkl.ac.in' images reprocessed

ତେବେ ହୁଏତ ଅନ୍ୟପ୍ରକାର ପରିଣାମ ହେବ । ଏବଂ ସେତେବେଳେ ଉପଲବ୍ଧ ସ୍ଥିତିଟି ଅନେକ ପରିମାଣରେ ସାମନ୍ତବାଦକାଳୀନ ଇଉରୋପର ସ୍ଥିତିପରିହିଁ ହୋଇ ରହିବ; ସେହି କାଳଟିରେ ଇଉରୋପ ଯେପରି ସମଗ୍ର ଖ୍ରୀଷ୍ଟିଆନ୍ ଜଗତକୁ ଗୋଟିଏ ସଂସ୍ଥାରେ ଏକତ୍ର କରିରଖିବା ଲାଗି ଏକ ନିଷ୍ଫଳ ପ୍ରସବପୀଡ଼ାର ପର୍ଯ୍ୟାୟ ମଧ୍ୟଦେଇ ଗତି କରୁଥିଲା, ଠିକ୍ ସେହିପରି ହେବ । ସେତେବେଳେ ଇଉରୋପରେ କେତେ ଧର୍ମୀ, କେତେ ଜଟିଳ ସ୍ୱାର୍ଥ କେତେପ୍ରକାରେ ବଙ୍କାବଙ୍କା ହୋଇ ପରସ୍ପରକୁ ଛେଦନ କରୁଥିଲେ, ପରସ୍ପର ଉପରେ ମାଡ଼ିକରି ରହିଥିଲେ ଓ ପରସ୍ପରକୁ ଭେଦି କରି ମଧ୍ୟ ରହିଥିଲେ । କେତୋଟି କ୍ଷୁଦ୍ର ଶକ୍ତି ଏହି ସ୍ଥିତିଟି ମଧ୍ୟକୁ କିଛି ନା କିଛି ଅବଶ୍ୟ ପ୍ରତ୍ୟାଶା କରୁଥିଲେ, ମାତ୍ର ଆଉ କେତୋଟି ବୃହତ୍‌ଶକ୍ତି ସେମାନଙ୍କ ଉପରେ ଛାୟାବିସ୍ତାର କରିବାରେ ଲାଗିଥିଲେ ଓ ଆଂଶିକ ଭାବରେ ସେମାନଙ୍କୁ ବଳପ୍ରୟୋଗ ଦ୍ୱାରା ବାଧ୍ୟ ବି କରି ରଖୁଥିଲେ । ନୂତନ ବିଶ୍ୱ-ବ୍ୟବସ୍ଥାଟି ସେମାନଙ୍କୁ ଯେତେଯାହା ବାଟ ଆଣି ଯୋଗାଇ ଦେଉଥିଲା, ସେହିସବୁ ବାଟରେ ବୃହତ୍ ଶକ୍ତିମାନେ ସେମାନଙ୍କର ସମ୍ମିଳିତ, ବିଭକ୍ତ ବା ପରସ୍ପର ବିରୋଧୀ ସ୍ୱାର୍ଥଗୁଡ଼ିକର ସେହି ଅନିବାର୍ଯ୍ୟ ଜଟିଳ ଜାଲଟିକୁହିଁ କାର୍ଯ୍ୟକାରୀ କରିବାରେ ଲାଗିଥିଲେ ଏବଂ ସେହି ଉଦ୍ଦେଶ୍ୟଟିର ସାଧନ ଲାଗି ସେମାନଙ୍କୁ ବିଭିନ୍ନ ଶ୍ରେଣୀର, ବିଚାର ବା ବାଦର, ପ୍ରବୃତ୍ତି ତଥା ଅନୁଷ୍ଠାନଗୁଡ଼ିକର ଯେତେଯାହା ସମର୍ଥନ ଉପଲବ୍ଧ ହେଉଥିଲା, ସେମାନେ ତାହାର ବିନିଯୋଗ ମଧ୍ୟ କରୁଥିଲେ । ସେତେବେଳେ ଏସିଆ, ଆଫ୍ରିକା ଏବଂ ଆମେରିକାରେ ରହିଥିବା ଜାଗିରିଗୁଡ଼ିକ ସମ୍ବନ୍ଧରେ କେତେ ସମସ୍ୟା ଆସି ଉପସ୍ଥିତ ହେଉଥିଲା, ସେହିସବୁ ମାହାଲର ହାଟବଜାରର କେତେ ପ୍ରଶ୍ନ ମଧ୍ୟ ଆସି ପହଞ୍ଚୁଥିଲା, ବିଭିନ୍ନ ଶ୍ରେଣୀର ସଂଗ୍ରାମଗୁଡ଼ିକ ଗୋଟିଏ ଗୋଟିଏ ଜାତୀୟ ସମସ୍ୟାରୂପେ ଆରମ୍ଭ ହୋଇ କ୍ରମେ ଆନ୍ତର୍ଜାତିକ ସମସ୍ୟାରେ ପରିଣତ ହୋଇ ଯାଉଥିଲା । ସମାଜବାଦ, ନୈରାଜ୍ୟବାଦ ଏବଂ ମନୁଷ୍ୟଜାତିର ଇତିହାସରେ ଆସିଥିବା ପ୍ରତିଦ୍ୱନ୍ଦ୍ୱିତା ମୂଳକ ଯୁଗଟିର ଅବଶେଷଟି ଏକାଠି ମିଶି ଆପଣା ଆପଣାର ପ୍ରାଧାନ୍ୟ ଲାଗି ଯୁଝିବାରେ ଲାଗିଥିଲେ; ଇଉରୋପୀୟବାଦ, ଏସୀୟବାଦ ଏବଂ ଆମେରିକୀୟବାଦ ମଧ୍ୟରେ କେତେ ସଂଘାତ ଲାଗି ରହିଥିଲା । ଏବଂ ଏହିସବୁ ବୃହତ୍ ଅତୁଆର ଅରଣ୍ୟଟି ମଧ୍ୟରୁ କୌଣସି ନା କୌଣସି ଫଳ ବାହାର କରିବାକୁହିଁ ପଡ଼ିବ । ଇତିହାସରୁ ଆମେ ଯେଉଁସବୁ ପଦ୍ଧତି ସହିତ ପରିଚିତ ହୋଇ ପାରିଛୁ, ହୁଏତ ତା'ଠାରୁ ଏକାବେଳେକେ ପୃଥକ୍ ଆହୁରି ଅନ୍ୟ କେତେକ ପଦ୍ଧତି ଦ୍ୱାରା ସେହି ଫଳଲାଭ ସମ୍ଭବ ହୋଇପାରେ । ଆନ୍ତର୍ଜାତିକ ରାଷ୍ଟ୍ରମଣ୍ଡଳ ଅଥବା ସଂଘ ମଧ୍ୟରେ ଯୁଦ୍ଧକୁ ହୁଏତ ଏକାବେଳେକେ ବିଲୁପ୍ତ କରି ଦିଆଯାଇ ପାରିବ ଅଥବା ଗୃହଯୁଦ୍ଧ ଭଳି ତାହାକୁ ଏକ ଅତି କ୍ୱଚିତ୍ ଘଟୁଥିବା ଏକ ଘଟଣାରେ ପରିଣତ କରି ରଖାଯାଇ

'oaob.nitrkl.ac.in' images reprocessed

ପାରିବ । ହୁଏତ ଏପରି ହେବ ଯେ, ବାଣିଜ୍ୟକ୍ଷେତ୍ରରେ ଆମେ ଏବେ ଯେଉଁସବୁ ବଳପ୍ରୟୋଗକୁ କ୍ରମଶଃ ଅଧିକ ଅହରହ ଭାବରେ ଦେଖିବାକୁ ପାଉଛୁ, ବଳପ୍ରୟୋଗର ସେହିପରି ନାନା ନୂତନ ରୂପ ଦେଖିବାକୁ ମିଳିବ ଓ ପୁରୁଣା ବଳପ୍ରୟୋଗର ବିକଳ୍ପ ହୋଇ କାର୍ଯ୍ୟ କରିବା ବା ଏପରି ନୂଆ ନୂଆ ଆହୁରି ଅନ୍ୟ କୌଶଳମାନ ମଧ୍ୟ ଭିଆଣ ହୋଇ ଆସିବ, ଯେଉଁଗୁଡ଼ିକ ବିଷୟରେ ଆମେ ବର୍ତ୍ତମାନ କୌଣସି କଳ୍ପନା ମଧ୍ୟ କରି ପାରିବା ନାହିଁ । ମାତ୍ର ଅତୀତରେ ସମ୍ପୂର୍ଣ୍ଣ ପରିଣତ ରୂପ ଲାଭ କରିପାରି ନ ଥିବା କ୍ଷୁଦ୍ରତର ସମଷ୍ଟିଗୁଡ଼ିକର ପ୍ରୟାସକ୍ଷେତ୍ରରେ ଯେଉଁ ପରିଣାମଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିଛି, ଏହି ସ୍ଥିତିଟି ଦ୍ୱାରା ମଧ୍ୟ ମନୁଷ୍ୟଜାତି ମୂଳତଃ ସେହି ପରିଣାମଟିର ସମ୍ମୁଖୀନ ହେବ, ଏବଂ ଅଗ୍ରସର ହୋଇ ତାହାକୁ ସେହି ପୁରୁଣା ସଫଳତା, ଅର୍ଦ୍ଧୋପଲବ୍ଧି ଅଥବା ବିଫଳତାର ସମସ୍ୟାଗୁଡ଼ିକ ପାଖରେହିଁ ଆସି ପହଞ୍ଚିବାକୁ ପଡ଼ିବ ।

ବର୍ତ୍ତମାନ ଏକଥାଟି ସମ୍ଭବ ବୋଲି ମନେ ହେଉ ନାହିଁ ସତ, ମାତ୍ର ଯଦି ପୃଥିବୀକୁ କେତୋଟି ସାମ୍ରାଜ୍ୟସମଷ୍ଟିରେ ବିଭକ୍ତ କରି ଦିଆଯାଏ ଏବଂ ସେହି ସମଷ୍ଟିଗୁଡ଼ିକରେ ଅଂଶତଃ ସଂଘାଧୀନ ଓ ଅଂଶତଃ ସଂଘବଦ୍ଧ କେତୋଟି ରାଷ୍ଟ୍ରମଣ୍ଡଳ ବା ସାମ୍ରାଜ୍ୟ ଅନ୍ତର୍ଗତ ହୋଇ ରହିପାରେ, ସମସ୍ୟାଟି ହୁଏତ ସବୁଠାରୁ ଅଧିକ ସ୍ୱାଭାବିକ ଭାବରେ ସରଳ ହୋଇଯିବ । ଅବଶ୍ୟ ଏକଥା ସତ ଯେ ଜାତୀୟ ଅହଂକାରଗୁଡ଼ିକର ବର୍ତ୍ତମାନ ଅବସ୍ଥାରେ ଯେତେବେଶୀ ବଳ ଓ ଦର୍ପ ରହିଛି, ସେହି ଦୃଷ୍ଟିରୁ ଏଇଟିକୁ ହୁଏତ ପ୍ରକୃତରେ କାର୍ଯ୍ୟରେ ପରିଣତ କରାଯାଇ ପାରିବ ନାହିଁ; ମାତ୍ର ନୂତନ ନାନା ବିଚାରର ବିକାଶ ଏବଂ ପରିବର୍ତ୍ତିତ ହୋଇଯାଉଥିବା ପରିସ୍ଥିତିଗୁଡ଼ିକର ଚାପ ଫଳରେ ହୁଏତ ଏପରି ଏକ ସୃଷ୍ଟି ସମ୍ଭବ ହୋଇଯିବ ଏବଂ ଏହାଦ୍ୱାରା ଏକ ଘନିଷ୍ଠତର ସଂଘାଧୀନତା କ୍ରମଶଃ ଉପଲବ୍ଧ ହୋଇ ପାରିବ । ଯେତେ କ୍ଷୀଣ ଭାବରେ ହେଲେ ମଧ୍ୟ ଆମେରିକା ବର୍ତ୍ତମାନ କ୍ରମଶଃ ଅଧିକରୁ ଅଧିକ ସର୍ବଦେଶୀୟ ହେବାରେ ଲାଗିଥିବା ସଂଯୁକ୍ତ ରାଜ୍ୟ ଏବଂ ମଧ୍ୟ ଓ ଦକ୍ଷିଣ ଆମେରିକାର ଲାଟିନ୍ ସାଧାରଣତନ୍ତ୍ରଗୁଡ଼ିକ ମଧ୍ୟରେ ଏକ ଅଧିକ ଭଲ ବୁଝାମଣା ସମ୍ଭବ କରିବା ଦିଗରେ ମନ ବଳାଉଥିବା ପରି ବୋଧ ହେଉଛି ଏବଂ ହୁଏତ କେତେକ ବିଶେଷ ଅବସ୍ଥା ଦ୍ୱାରା ବାଧ୍ୟ ହୋଇ ଏହି ବୁଝାମଣା ହୁଏତ ଏକ ସଂଘୀକୃତ ଅନ୍ତଃ-ଆମେରିକୀୟ ରାଷ୍ଟ୍ରର ରୂପ ଗ୍ରହଣ କରିବ । ଯୁଦ୍ଧର ପରିଣାମ ସ୍ୱରୂପ ଯଦି ଜର୍ମାନୀ ଓ ଅଷ୍ଟ୍ରିଆ ଏକାବେଳେକେ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଇ ନ ଥା'ନ୍ତେ, ତେବେ ନିକଟ ଭବିଷ୍ୟତରେ ଏକ ସଂଘୀକୃତ ଟିଉଟନିକ୍ ସାମ୍ରାଜ୍ୟର କଳ୍ପନାଟି ହୁଏତ ବେଶ୍ ବାସ୍ତବରେ ପରିଣତ ହୋଇ ପାରିଥା'ନ୍ତା, ଏବଂ ବର୍ତ୍ତମାନ ସେହି ଦୁଇଟି ଦେଶ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ଯାଇଥିଲେ ମଧ୍ୟ ସେହି କଳ୍ପନାଟି ଏକ ଦୂର ଭବିଷ୍ୟତରେ ବାସ୍ତବ ରୂପ ଧାରଣ କରିପାରିବ

'oaob.nitrkl.ac.in' images reprocessed

ବୋଲି ତଥାପି ସମ୍ଭାବନା ରହିଛି ।* ଏସୀୟ ଭୂଖଣ୍ଡରେ ମଧ୍ୟ ଏହିଭଳି ସମଷ୍ଟିମାନ ଜନ୍ମଲାଭ କରିବାର ସମ୍ଭାବନା ରହିଛି । ଏହିଭଳି ବୃହଦ୍ ସ୍ୱାଭାବିକ କେତୋଟି ସମଷ୍ଟିରେ ସମଗ୍ର ମନୁଷ୍ୟଜାତି ବାଣ୍ଟି ହୋଇଯାଇ ପାରିଲେ ତଦ୍ୱାରା ଏକାଧିକ ଜଟିଳ ବିଶ୍ୱସମସ୍ୟାର ସମାଧାନ କ୍ରମେ ସହଜ ହୋଇ ଆସିବ, ଏବଂ ଶାନ୍ତି, ପାରସ୍ପରିକ ବୁଝାମଣା ଏବଂ ବୃହତ୍ତର ବିଚାରଗୁଡ଼ିକ ବୃଦ୍ଧିଲାଭ କରୁଥିବା ସଙ୍ଗେସଙ୍ଗେ ତାହା କ୍ରମେ ପୃଥିବୀକୁ ବିଶ୍ୱ-ରାଷ୍ଟ୍ରରୂପୀ ଏକ ଅପେକ୍ଷାକୃତ ଅଧିକ ଯନ୍ତ୍ରଣାହୀନ ଚୂଡ଼ାନ୍ତ ସମଷ୍ଟି-ଜୀବନ ଆଡ଼କୁ ବାଟ ଦେଖାଇ ନେଇଯିବ ।

ଆପଣାର ସେହି ପ୍ରଥମସ୍ତରୀୟ ଶିଥିଳ ସାମନ୍ତବାଦୀ ରୂପଟି ମଧ୍ୟରୁ ଜାତିପ୍ରରୂପଟି ବିବର୍ତ୍ତିତ ହୋଇ ଆସିବାର ଯେଉଁ ଦୃଷ୍ଟାନ୍ତଟି ଅତୀତରେ ରହିଛି, ସେଥିରୁ ମଧ୍ୟ ଆଉ ଗୋଟିଏ ସମ୍ଭାବ୍ୟ ସମାଧାନର ସୂଚନା ମିଳୁଛି । ସେହି କ୍ଷେତ୍ରରେ ବିବିଧ ବଳ ଏବଂ ତୁଲ୍ୟ ଶକ୍ତିଗୁଡ଼ିକର ଅବିରତ ସଂଘର୍ଷରୁ ଯେପରି ସେମାନଙ୍କ ମଧ୍ୟରୁ ଗୋଟିଏ ସ୍ଥାୟୀ ହୋଇ ବାହାରି ଆସିବାର ଆବଶ୍ୟକତାଟି ଆସି ପହଞ୍ଚିଥିଲା, ପ୍ରଥମେ ସମକକ୍ଷମାନଙ୍କ ମଧ୍ୟରେ ଅଧିକ ପ୍ରାଧାନ୍ୟଶାଳୀ ହୋଇ ରହିଥିବା ସାମନ୍ତରାଜା ଯେପରି କ୍ରମେ ଏକ କେନ୍ଦ୍ରୀଭୂତ ରାଜତନ୍ତ୍ରର ପ୍ରରୂପଟି ଲାଗି ବାଟ କଢ଼ାଇ ଆଣିଥିଲେ, ଠିକ୍ ସେହିପରି ବର୍ତ୍ତମାନ ମଧ୍ୟ ବେଶ୍ କଳ୍ପନା କରାଯାଇ ପାରିବ ଯେ ଯଦି ପୃଥିବୀର ସାମ୍ରାଜ୍ୟ ଏବଂ ଜାତିଗୁଡ଼ିକ ଆପଣା ମଧ୍ୟରେ କୌଣସି ପ୍ରକାର ଏକ ଶାନ୍ତିପୂର୍ଣ୍ଣ ସମାଧାନ ଖୋଜି ବାହାର କରିବାକୁ ଅସମର୍ଥ ହୁଅନ୍ତି, ଯଦି ଶ୍ରେଣୀଗତ ଅଶାନ୍ତି, ଆନ୍ତଃବାଣିଜ୍ୟିକ ଅଶାନ୍ତି ଏବଂ ବିଭିନ୍ନ ନୂତନ ବିଚାର ଏବଂ ପ୍ରବୃତ୍ତି ମଧ୍ୟରେ ଲାଗି ରହିଥିବା ଅଶାନ୍ତି କ୍ରମଶଃ ଏକ ଦୀର୍ଘକାଳବ୍ୟାପୀ ସନ୍ଦିଗ୍ଧତା, ବିକ୍ଷୁବ୍ଧତା ଓ ସତତ ପରିବର୍ତ୍ତନରେହିଁ ପରିଣତି ଲାଭ କରେ, ତେବେ ସେଥିମଧ୍ୟରୁ ହୁଏତ ଏକ ନୃପଜାତିର ଉଦ୍‌ଭବ ହୋଇ ଆସିବ, ଯିଏକି ଏକ ଅର୍ଦ୍ଧ-ଅରାଜକ ବା ଅଧା ସ୍ଥିରତା ଭିତରୁ ଏକ ପ୍ରକୃତ ଏବଂ ସୁସ୍ଥାୟୀ ସ୍ଥିରାବସ୍ଥାକୁ ବିକଶିତ କରାଇ ଆଣିବାକୁ ଆପଣାର ପରମ କର୍ତ୍ତବ୍ୟ ବୋଲି ଗ୍ରହଣ କରିନେବ । ଆମେ ଆଗରୁ ଏହି ସିଦ୍ଧାନ୍ତରେ ଆସି ପହଞ୍ଚି ସାରିଛୁ ଯେ ବର୍ତ୍ତମାନ ପୃଥିବୀର ଅବସ୍ଥା ଯେପରି ରହିଛି, ତା'ଠାରୁ ଭିନ୍ନ ଓ ଆଖିକୁ ଦିଶୁ ନ ଥିବା ଆଉ କୌଣସି ଅବସ୍ଥା ନ ଉପୁଜିବା ପର୍ଯ୍ୟନ୍ତ କୌଣସି ଗୋଟିଏ ଜାତି ଯୁଦ୍ଧ କରି କଦାପି ପୃଥିବୀଯାକକୁ ଜୟ କରିନେଇ ପାରିବ

---

* ଏକଚ୍ଛତ୍ର ଶାସକର ଅଧୀନରେ ଏକ ସମରସଜ୍ଜିତ ଜର୍ମାନୀର ଦୁର୍ଜ୍ଜେୟ ଅବସ୍ଥିତିଟି ପରେ ଦୁର୍ଭାଗ୍ୟବଶତଃ ଏହି ପରିଣାମଟିର ଭାଗ୍ୟରେ ଅନ୍ତର୍ହିତ ହୋଇଯିବାର ଗତିଟି ଲେଖା ହୋଇ ରହିଥିବା ପରି ବୋଧ ହେଉଛି ।

'oaob.nitrkl.ac.in' images reprocessed

ନାହିଁ । ମାତ୍ର ଏକ ସାମ୍ରାଜ୍ୟର ଅଧିକାରୀ ହୋଇ ରହିଥିବା ଜାତି,– ଉଦାହରଣ ସ୍ୱରୂପ ଇଂଲଣ୍ଡ,– ଯାହାକି ସାରା ପୃଥିବୀଯାକ ବିସ୍ତୃତ ହୋଇ ରହିଛି ଏବଂ ଯାହାର ସମୁଦ୍ର ଉପରେ ମଧ୍ୟ ଆଧିପତ୍ୟ ରହିଛି, ସଫଳଭାବରେ ଆପଣାର ବିଭିନ୍ନ ଅଂଶଗୁଡ଼ିକୁ କିପରି ଗୋଟିଏ ସଂଘର ଅନ୍ତର୍ଗତ କରି ରଖାଯାଇ ପାରିବ ଏବଂ ସେଗୁଡ଼ିକର ରାଜନୀତିକ ଶକ୍ତିକୁ କିପରି ଯଥାର୍ଥ ଭାବରେ ସଂଗଠିତ କରିହେବ, ଯାହାକୁ ସେହି ଉପାୟଟି ଜଣାଅଛି, ନୂତନ ଯୁଗଟିର ସବୁଠାରୁ ଅଧିକ ପ୍ରଗତିଶୀଳ ଏବଂ ଉଦାରବାଦୀ ପ୍ରବୃତ୍ତିଗୁଡ଼ିକର ପ୍ରତିନିଧି ତଥା ରକ୍ଷକରୂପେ ଆପଣାକୁ ଗଢ଼ିପାରିବା ଲାଗି ଯାହାକୁ ଆବଶ୍ୟକ କୌଶଳମାନ ଜ୍ଞାତ ରହିଛି, ସେଗୁଡ଼ିକର ବିଜୟରେ ଆଗ୍ରହ ରଖିଥିବା ଅନ୍ୟ ଶକ୍ତି ଓ ଅନ୍ୟ ଜାତିଗୁଡ଼ିକ ସହିତ ଯିଏ ଆପଣାକୁ ଏକତ୍ର ସମବେତ କରାଇ ଜାଣିଛି, ଏବଂ ତା' ନିଜପାଖରେ ଏକ ନ୍ୟାୟୋଚିତ ତଥା ପ୍ରକୃତରେ ଫଳଦାୟକ ଆନ୍ତର୍ଜାତିକ ସଂଗଠନକୁ ସମ୍ଭବ କରାଇ ଆଣିବା ଲାଗି ଆବଶ୍ୟକ ଗୁପ୍ତ ଉପାୟଟି ମହଜୁଦ ରହିଛି ବୋଲି ଯିଏ ଅନ୍ୟମାନଙ୍କୁ ଦର୍ଶାଇଦେଇ ପାରୁଛି, ହୁଏତ ସେହି ଜାତି ମଧ୍ୟସ୍ଥ ପରି କାର୍ଯ୍ୟ କରି ଜାତିମାନଙ୍କୁ ପରସ୍ପରର ନିକଟବର୍ତ୍ତୀ କରି ଆଣିବ ଏବଂ ସ୍ୱୟଂ ଏକ ଆନ୍ତର୍ଜାତିକ ଶାସନର କେନ୍ଦ୍ର ହୋଇ ରହି ପାରିବ ବୋଲି ବେଶ୍ କଳ୍ପନା କରାଯାଇ ପାରୁଛି । ଏପରି ଏକ ସମ୍ଭାବନା ଯେକୌଣସି ଏକ ବାସ୍ତବ ରୂପ ଗ୍ରହଣ କରି ପାରିବ ବୋଲି ବର୍ତ୍ତମାନ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଅତିଦୂରବର୍ତ୍ତୀ ହୋଇ ରହିଛି, ମାତ୍ର ନୂତନ ପରିସ୍ଥିତିମାନ ଉପୁଜି ଆସିବା ସଙ୍ଗେ ସଙ୍ଗେ ତାହା ଅବଶ୍ୟ ଭବିଷ୍ୟତର ଏକ ଉପଲଭ୍ୟ ସମ୍ଭାବନାରେ ବେଶ୍ ପରିଣତ ହୋଇଯାଇ ପାରିବ ।

ଏକଥାଟି ମଧ୍ୟ ବେଶ୍ କଳ୍ପନା କରାଯାଇ ପାରିବ ଯେ, ପୃଥିବୀକୁ ଗୋଟିଏ ସଂଗଠନ ମଧ୍ୟରେ ସଂଗଠିତ କରି ରଖିବାର କାର୍ଯ୍ୟଟି ଯଦି ଅତ୍ୟନ୍ତ ଦୁରୂହ ବୋଲି ପ୍ରମାଣିତ ହୁଏ, ଯଦି ଏହି ଦିଗରେ କୌଣସି ସ୍ଥାୟୀ ରାଜିନାମାରେ ଉପନୀତ ହୋଇ ପାରିବା ସମ୍ଭବ ନ ହୁଏ ବା ଏଥିଲାଗି କୌଣସି ପ୍ରକାର ଦୃଢ଼ପ୍ରତିଷ୍ଠିତ ବୈଧାନିକ କର୍ତ୍ତୃତ୍ୱର ସ୍ଥାପନା କରାଯାଇ ନ ପାରେ, ତେବେ କୌଣସି ଗୋଟିଏ ପ୍ରତିପତ୍ତିଶାଳୀ ସାମ୍ରାଜ୍ୟ ଏହି କାର୍ଯ୍ୟଟିକୁ ମୁଣ୍ଡରେ ନ ନେଇ ସ୍ୱାର୍ଥର କ୍ଷେତ୍ରରେ ଯଥେଷ୍ଟ ପରିମାଣରେ ପରସ୍ପରର ନିକଟବର୍ତ୍ତୀ ହୋଇ ରହିଥିବା ଏବଂ ବିଚାରରେ ମଧ୍ୟ ଐକ୍ୟ ରଖୁଥିବା ଦୁଇଟି ବା ତିନୋଟି ସାମ୍ରାଜ୍ୟଶକ୍ତି ହୁଏତ ଏହି କାର୍ଯ୍ୟଟିର ଦାୟିତ୍ୱ ବହନ କରିପାରନ୍ତି; ଆପଣା ଭିତରେ ରହିଥିବା ସମ୍ଭାବ୍ୟ ମତଭେଦ ଏବଂ ଦ୍ୱେଷଗୁଡ଼ିକୁ ଭୁଲିଯାଇ ସେମାନେ ଏହା କରି ପାରନ୍ତି । ସେମାନେ ଏକତ୍ର ବଳଶାଳୀ ହୋଇ ସମସ୍ତଙ୍କ ଉପରେ କର୍ତ୍ତୃତ୍ୱ ବିସ୍ତାର କରି ପାରନ୍ତି, ଯାବତୀୟ ପ୍ରତିରୋଧକୁ ଦଳିଦେଇ ପାରନ୍ତି ଏବଂ ସେହି କର୍ତ୍ତୃତ୍ୱ ବଳରେ କୌଣସି ନା କୌଣସି ପ୍ରକାରର ଏକ ଫଳଦାୟକ ଆନ୍ତର୍ଜାତିକ ବିଧାନ ବା ଶାସନକୁ ମଧ୍ୟ ପ୍ରଚଳିତ

'oaob.nitrkl.ac.in' images reprocessed

କରାଇଦେଇ ପାରନ୍ତି ।* ସେହି କ୍ଷେତ୍ରରେ ପ୍ରକ୍ରିୟାଟି ନିଶ୍ଚୟ ଏକ ଯନ୍ତ୍ରଣାଦାୟକ ପ୍ରକ୍ରିୟା ହେବ ଏବଂ ସେଥିରେ ହୁଏତ ନୈତିକ ଏବଂ ଆର୍ଥିକ ବଳପ୍ରୟୋଗର କେତେନାକେତେ ନୃଶଂସତା ମଧ୍ୟ ଆସି ଘଟିବ; ମାତ୍ର ତଥାପି ଯଦି ତାହାକୁ ଶେଷରେ ସଫଳ ହେବାର ସମ୍ଭାନଟି ଉପଲବ୍ଧ ହୋଇଯାଏ ଏବଂ ସେଥିମଧ୍ୟରୁ ବୈଧାନିକତା ଏବଂ ନ୍ୟାୟର କୌଣସି ଏକ ସହନୀୟ ସ୍ୱରୂପ ଉପଲବ୍ଧ ହୋଇଆସେ ବା ଏପରିକି ସେଥିରୁ ଏକ ବିଭବଶାଳୀ ବ୍ୟବସ୍ଥା ମଧ୍ୟ ସମ୍ଭବ ହୋଇପାରେ, ତେବେ କାଳକ୍ରମେ ତାହା ହୁଏତ ଏକ ସାଧାରଣ ନୈତିକ ସମର୍ଥନର ଅଧିକାରୀ ହୋଇପାରିବ ଏବଂ ପରବର୍ତ୍ତୀ କାଳରେ ଅଧିକ ମୁକ୍ତ ଏବଂ ଅଧିକ ଉନ୍ନତ ପ୍ରକାରଗୁଡ଼ିକର ଉଦ୍‌ଭବ ଲାଗି ଏକ ଆରମ୍ଭବିନ୍ଦୁ ପରି କାର୍ଯ୍ୟ କରିପାରିବ ।

ଆଉ ଏକ ସମ୍ଭାବନା, ଯାହାକୁ କି କଦାପି ଏଡ଼ି ଦିଆଯାଇ ପାରିବ ନାହିଁ, ସେଇଟି ହେଉଛି ଯେ, ଆମେ ଯେଉଁ କେବଳ ଗୋଟିଏ କଥା, ଅର୍ଥାତ୍ ସରକାର ସରକାର ମଧ୍ୟରେ ରହିଥିବା ସମ୍ବନ୍ଧର ବିବର୍ତ୍ତନ ତଥା ରାଜନୀତିକ ବିବର୍ତ୍ତନର ବିଷୟରେହିଁ ଏପର୍ଯ୍ୟନ୍ତ ବିଚାର କରିଛୁ, ତାହା ଦୀର୍ଘ କାଳରୁ ଏକ ପ୍ରମାଦ ପରି ରହି ଆସିଥିବା ଶ୍ରେଣୀ ଶ୍ରେଣୀ ମଧ୍ୟରେ ଲାଗୁଥିବା ସଂଘର୍ଷଟି ଦ୍ୱାରା ହୁଏତ ଆକ୍ରାନ୍ତ ହୋଇ ପଡ଼ିବ । ଯୁଦ୍ଧର ସେହି ଭୟାବହ ପରୀକ୍ଷାଟିର ସମ୍ମୁଖୀନ ହୋଇ ବୈଜ୍ଞାନିକ, ସାଂସ୍କୃତିକ, ଶାନ୍ତିବାଦୀ ଏବଂ ଧର୍ମକ୍ଷେତ୍ରୀୟ ଯାବତୀୟ ଆନ୍ତାର୍ଜାତିକତା ପରି ଶ୍ରମିକ-ଆନ୍ଦୋଳନର ଆନ୍ତର୍ଜାତିକତାଟି ଭାଙ୍ଗି ପଡ଼ିଥିଲା, ଏବଂ ସେହି ପ୍ରଚଣ୍ଡ ସଙ୍କଟ ସମୟରେ ଶ୍ରମିକ ଓ ପୁଞ୍ଜିମାଲିକ ମଧ୍ୟରେ ଲାଗି ଆସିଥିବା ସଂଘର୍ଷ ବନ୍ଦ ହୋଇ ଯାଇଥିଲା । ସେତିକିବେଳେ ସମସ୍ତେ ଆଶା କରିଥିଲେ ଯେ ଯୁଦ୍ଧ ସମାପ୍ତ ହୋଇଗଲା ପରେ ମଧ୍ୟ ଐକ୍ୟ, ସମାଧାନ ତଥା ବୁଝାମଣାର ବାୟୁମଣ୍ଡଳଟି ପୂର୍ବପରି ରାଜତ୍ୱ କରି ରହିବ ଏବଂ ଯେଉଁ ସଂଘର୍ଷଟିର ଆଶଙ୍କା କରା ଯାଉଥିଲା, ସେଇଟିକୁ ଏଡ଼ି ଦିଆଯାଇ ପାରିବ । ମନୁଷ୍ୟର ପ୍ରକୃତି ବା ଇତିହାସ ମଧ୍ୟରେ ଆଦୌ ଏପରି କିଛି ନ ଥିଲା, ଯାହାକି ସେହି ମୁହୂର୍ତ୍ତଟିର ଆଶାବାଦିତାରେ ଏତେ ନିଶ୍ଚିତ ନିର୍ଭରତା ସ୍ଥାପନ କରିବାକୁ ଉଚିତ ବୋଲି ପ୍ରମାଣ କରିଥା'ନ୍ତା । ଇଉରୋପରେ ବିଭିନ୍ନ ଦେଶ ମଧ୍ୟରେ ଲାଗିଥିବା ସଂଘାତଟି ପରି ଶ୍ରେଣୀ ଶ୍ରେଣୀ ଭିତରେ ଲାଗିଥିବା ସଂଘର୍ଷଟି

---

* ଉଦାହରଣ ସ୍ୱରୂପ, ଯଦି ଗଣତନ୍ତ୍ର ଓ ଏକଶାସକତନ୍ତ୍ରଗୁଡ଼ିକ ମଧ୍ୟରେ ଏକ ସଂଘର୍ଷ ଲାଗିଯିବାର ଅବସ୍ଥା ଆସି ପହଞ୍ଚେ, ତେବେ ବିଜୟୀ ବ୍ରିଟେନ୍, ଫ୍ରାନ୍ସ ଓ ଆମେରିକା ବା ଅପର ପକ୍ଷରେ ବିଜୟୀ ଫାସିଷ୍ଟ୍ ଶକ୍ତିମାନେ ଏକତ୍ର ବଳପ୍ରୟୋଗ କରି ପୃଥିବୀରେ ଏକ ପ୍ରଥମସ୍ତରୀୟ ଏକବ୍ୟବସ୍ଥା ହୁଏତ ପ୍ରଚଳନ କରାଇଦେଇ ପାରନ୍ତି ।

'oaob.nitrkl.ac.in' images reprocessed

ମଧ୍ୟ ଭୟ ଦେଖାଇବାରେ ଲାଗିଥିଲା । ଦେଶ ଦେଶ ମଧ୍ୟରେ ଘଟୁଥିବା ସଂଘାତଟି ଆସି ପହଞ୍ଚିବା ପୂର୍ବରୁ ବିଶ୍ୱ-ଶାନ୍ତି ବିଷୟରେ କେତେ ବଡ଼ ବଡ଼ ଆଶା ପୋଷଣ କରା ଯାଉଥିଲା, ଇଉରୋପରେ ଦେଶ ଦେଶ ମଧ୍ୟରେ ଏକ ସହମତି ସ୍ଥାପନ କରିବାର ଚେଷ୍ଟା କରା ଯାଉଥିଲା ଏବଂ ବିବାଦ ନିଷ୍ପତ୍ତିର ଏପରି ନାନା ସନ୍ଧି ଓ ଚୁକ୍ତିର ଉଦ୍ୟମ କରା ଯାଉଥିଲା, ଯାହାକି ଯୁଦ୍ଧକୁ ପରିଶେଷରେ ସମ୍ପୂର୍ଣ୍ଣରୂପେ ଅସମ୍ଭବ କରିଦେବ । ଏବେ ମଧ୍ୟ ଶ୍ରମିକପକ୍ଷ ଓ ପୁଞ୍ଜିମାଲିକଙ୍କ ମଧ୍ୟରେ ଏକ ସହମତିର ସ୍ଥାପନା କରାଯାଇ ପାରିବ ବୋଲି ଆଶା କରାଯାଉଛି, ସେମାନଙ୍କ ମଧ୍ୟରେ ସଂଘର୍ଷ ଉପୁଜାଉଥିବା ସକଳ ଉତ୍କଟ କାରଣକୁ ଚମତ୍କାର ଭାବରେ ସମାଧାନ କରି ଦିଆଯାଇ ପାରିବ ଏବଂ ଉଚ୍ଚତର ଜାତୀୟ ସ୍ୱାର୍ଥଗୁଡ଼ିକର ଦୃଷ୍ଟିରୁ ସୁଶ୍ରାବ୍ୟ ଶବ୍ଦମୟ ନାନା ସାଲିସ୍‌ର ସାନ ସାନ ପର୍ଯ୍ୟାୟଗୁଡ଼ିକରେ ଏହି ସମାଧାନ ହୋଇପାରିବ ବୋଲି ଆଶା କରାଯାଉଛି; ମାତ୍ର ପୂର୍ବର ଉଦ୍ୟମଗୁଡ଼ିକ ପରି ଏଗୁଡ଼ିକ ମଧ୍ୟ ସମାନ ଭାବରେ ପ୍ରତାରଣାପୂର୍ଣ୍ଣ ଏବଂ ଭ୍ରାନ୍ତିକର ହେବ ବୋଲି ପୂର୍ଣ୍ଣ ସମ୍ଭାବନା ରହିଛି । ଏପରିକି ଶାସନଯନ୍ତ୍ରଗୁଡ଼ିକର ସମାଜୀକରଣ ଏବଂ ଉଦ୍ୟୋଗଗୁଡ଼ିକର ଜାତୀୟକରଣ ଏହି କ୍ଷେତ୍ରରେ ରହିଥିବା ଅସଲ ବା ପିଣ୍ଡକାରଣଟିକୁ ଆଦୌ ଦୂର କରି ପାରିବ ନାହିଁ । କାରଣ ଏସବୁ ହେଲେ ମଧ୍ୟ ସେହି ନୂତନ ରାଷ୍ଟ୍ରାୟତ୍ତ ସମାଜବାଦର ପ୍ରକୃତ ରୂପରେଖ ଓ ସ୍ଥିତିଗୁଡ଼ିକ କ'ଣ ହେବ, ସେହି ନିର୍ଣ୍ଣାୟକ ପ୍ରଶ୍ନଟି ତଥାପି ଅସମାହିତ ହୋଇ ରହିଥିବ; ଏହି ସମାଜବାଦ ଶ୍ରମିକଶ୍ରେଣୀର ସ୍ୱାର୍ଥଗୁଡ଼ିକ ଦ୍ୱାରା ନିୟନ୍ତ୍ରିତ ହେବ ବା ପୁଞ୍ଜିବାଦୀ ରାଷ୍ଟ୍ରର ସ୍ୱାର୍ଥଗୁଡ଼ିକୁ ଜଗିବ, ଶ୍ରମିକମାନଙ୍କ ଦ୍ୱାରାହିଁ ଶାସନ ଚଳିବାର ପଦ୍ଧତିଟିର ପ୍ରବର୍ତ୍ତନ କରି ଏହି ସମାଜବାଦ ଗଣତନ୍ତ୍ର ଆଡ଼କୁ ଗତି କରିବ ନା ବର୍ତ୍ତମାନ ଯେଉଁସବୁ ଶ୍ରେଣୀ ସବୁକିଛିର ପରିଚାଳନା କରୁଛନ୍ତି ତାହା ସେହିମାନଙ୍କ ହାତରେ ଏକ କୁଳୀନତନ୍ତ୍ର ବା ଅମଲାତନ୍ତ୍ରର ଆକାର ନେଇ ରହିବ, ଏହିସବୁ ପ୍ରଶ୍ନ ତଥାପି ଅସମାହିତ ରହିଥିବ । ଏହି ପ୍ରଶ୍ନଟିରୁ ହୁଏତ ଏପରି ନାନା ସଂଘର୍ଷ ଓ ସଂଗ୍ରାମର ଉଦ୍‌ଭବ ହେବ, ଯାହାକି କୁହୁଳି କୁହୁଳି କ୍ରମେ ଏକ ଆନ୍ତର୍ଜାତିକ ବା ଅନ୍ତତଃ ଏକ ଆନ୍ତଃ-ଇଉରୋପୀୟ ସଂଘର୍ଷରେ ପରିଣତ ହେବାକୁ ବସିବ; ଯୁଦ୍ଧବେଳେ ତଜ୍ଜନିତ ସଙ୍କଟ ହେତୁ ଯେପରି ପ୍ରତ୍ୟେକଟି ଜାତି ଏକତାବଦ୍ଧ ହୋଇ ଯାଇଥିଲା, ଏହି କ୍ଷେତ୍ରରେ ସେପରି ନ ହୋଇ ତାହା ପ୍ରତ୍ୟେକ ଜାତିକୁ ହୁଏତ ଦୁଇଖଣ୍ଡରେ ବିଭକ୍ତ କରି ପକାଇବ । ଏବଂ ଏହିଭଳି ଗୋଟିଏ ସଂଘର୍ଷରୁ ଯେଉଁ ପରିଣାମମାନ ଉପୁଜିବ, ତାହାର ହୁଏତ କୌଣସି କଳ୍ପନା ବା ଗଣନାହିଁ କରିହେବ ନାହିଁ; ଏହା ହୁଏତ ଅତ୍ୟନ୍ତ ଗତିଶୀଳ ଭାବରେ ଜନଗଣଙ୍କର ବିଚାରଧାରା ଏବଂ ଜୀବନକୁ ନାନା ନୂତନ ଦିଗରେ ଏକାବେଳେକେ ବଦଳାଇ ଦେଇ ଯିବ, ଅଥବା, ବର୍ତ୍ତମାନ ବିଦ୍ୟମାନ ହୋଇ ରହିଥିବା ଜାତି ଓ ସାମ୍ରାଜ୍ୟଗୁଡ଼ିକ ମଧ୍ୟରେ

'oaob.nitrkl.ac.in' images reprocessed

ଯେଉଁସବୁ ବାଡ଼ ଓ ବ୍ୟବଧାନମାନ ରହିଛି, ତାହା ସେଗୁଡ଼ିକୁ ଏକାବେଳେକେ ଭାଙ୍ଗି ପକାଇବ ।*

* ଯୁଦ୍ଧପରେ ଜାତୀୟ ଓ ଆନ୍ତର୍ଜାତୀୟ ଜୀବନରେ ଯେଉଁସବୁ ଘଟଣା ଘଟିଲା, ତଦ୍ୱାରା ଏହି ଭବିଷ୍ୟାନୁମାନଟି ଏକାବେଳେକେ ଠିକ୍ ବୋଲି ପ୍ରମାଣିତ ହୋଇଗଲା ଏବଂ କ୍ରମଶଃ ଅଧିକରୁ ଅଧିକ ଠିକ୍ ବୋଲି ମନେ ହେବାକୁ ଲାଗିଲା । ସ୍ପେନ୍‌ରେ ଯେଉଁ ଅମାନୁଷିକ ନୃଶଂସ ହତ୍ୟାଲୀଳା ଘଟିଲା, ରୁଷିଆ, ଇତାଲୀ ଏବଂ ଜର୍ମାନୀରେ ଦୁଇଟି ପରସ୍ପର-ବିପରୀତ ଆକାର ଧରି ସମାଜବାଦର ଯେଉଁ ଅଭ୍ୟୁଦୟ ହେଲା ଏବଂ ଫ୍ରାନ୍ସ୍‌ର ରାଜନୀତିକ ପରିସ୍ଥିତି ଯେପରି ଅସ୍ୱସ୍ତିଦାୟକ ହୋଇ ରହିଲା, ସେହିଗୁଡ଼ିକୁହିଁ ଆମେ ସେହିସବୁ ପ୍ରବୃତ୍ତି ଫଳବତୀ ହୋଇଥିବାର ଗୋଟିଏ ଗୋଟିଏ ଦୃଷ୍ଟାନ୍ତ ରୂପେ ଗ୍ରହଣ କରି ପାରିବା । ମାତ୍ର କମ୍ୟୁନିଷ୍ଟବାଦର ଜନ୍ମଲାଭ ଦ୍ୱାରା ଏହି ପ୍ରବୃତ୍ତିଟି ଆପଣାର ଚରମ ସୀମାରେ ଆସି ପହଞ୍ଚି ଯାଇଛି ଏବଂ ନୂତନ ଭୂଖଣ୍ଡଟିରେ ଭବିଷ୍ୟତରେ ଯେ କମ୍ୟୁନିଷ୍ଟବାଦ ଏବଂ ତଥାପି ତିଷ୍ଠି ରହୁଥିବା ଏକ ପୁଞ୍ଜିବାଦୀ ଉଦ୍ୟୋଗବାଦ ମଧ୍ୟରେ ଏକ ସଂଗ୍ରାମ ଲାଗି ରହିବ ତଥା ପୁରାତନ ଭୂଭାଗର ଦୁଇଟିଯାକ ମହାଦେଶରେ କମ୍ୟୁନିଷ୍ଟବାଦ ଏବଂ ସମାଜବାଦୀ ଗଣତନ୍ତ୍ରର ଅପେକ୍ଷାକୃତ ଅଧିକ ଉଦାର ତନ୍ତ୍ରଟି ମଧ୍ୟରେ ଏକ ସଂଗ୍ରାମ ବଳବତ୍ତର ରହିବ, ବର୍ତ୍ତମାନ ସେହି କଥାଟି ଖୁବ୍ ସମ୍ଭବ ବୋଲି ବୋଧ ହେଉଛି । ଭବିଷ୍ୟତର ସମ୍ଭାବନାଗୁଡ଼ିକ ବର୍ତ୍ତମାନ ଯେପରି ଦେଖା ଯାଉଛନ୍ତି, ଏହି ଅଧ୍ୟାୟଟିରେ ଏହିସବୁ ଭବିଷ୍ୟାନୁମାନ କରାଗଲାବେଳେ ସେସବୁ ଅନେକ ଅଲଗା ପ୍ରକାରର ଦେଖା ଯାଉଥିଲେ; ସେତେବେଳେ ସବୁକିଛି ଖାଲି ବଦଳିଯିବାରେ ଲାଗିଥିଲା ଏବଂ ଏକ ଅସ୍ପଷ୍ଟ ସନ୍ଦିଗ୍ଧତାର ଅନ୍ଧୁଆ ଭିତରେ ଛନ୍ଦିହୋଇ ରହିଥିଲା । ତେଣୁ ସେହିସବୁ ଭବିଷ୍ୟାନୁମାନ ବର୍ତ୍ତମାନ ପୁରୁଣା ହୋଇଗଲାଣି ବୋଲିହିଁ କହିବାକୁ ହେବ, କାରଣ ବର୍ତ୍ତମାନ ଏହି କ୍ଷେତ୍ରରେ ଅଧିକ ପ୍ରବଳ ଏକ ସଂଘର୍ଷ ଆସି ଉପସ୍ଥିତ ହେଲାଣି ଏବଂ ଆଗରୁ ରହି ଆସିଥିବା ସ୍ଥିତିଗୁଡ଼ିକ କୁଆଡ଼େ ଉଡ଼ାଇନେଇ ଗଲାଣି । ତଥାପି ସେଥିମଧ୍ୟରୁ କେତୋଟି ସ୍ଥିତି ବର୍ତ୍ତମାନ ମଧ୍ୟ ରହିଛନ୍ତି ଏବଂ ପ୍ରାୟୋଗିକ ନୂତନ ବିଶ୍ୱବ୍ୟବସ୍ଥାଟିର, ବା ପ୍ରକୃତରେ କହିବାକୁ ଗଲେ ଭବିଷ୍ୟତର ଯେକୌଣସି ବିଶ୍ୱବ୍ୟବସ୍ଥାର ଅବାଧ ବିବର୍ତ୍ତନକୁ ସେଗୁଡ଼ିକ ପ୍ରକୃତରେ ଅତ୍ୟନ୍ତ ବିପନ୍ନ କରି ରଖିଛନ୍ତି ।

'oaob.nitrkl.ac.in' images reprocessed

## ଷୋଡ଼ଶ ପରିଚ୍ଛେଦ

## ସମରୂପତା ଏବଂ ସ୍ୱାଧୀନତାର ସମସ୍ୟା

ଯେଉଁ ପ୍ରଶ୍ନଟିକୁ ନେଇ ଆମେ ଆଲୋଚନାଟି ଆରମ୍ଭ କରିଥିଲୁ, ତାହା ଏପର୍ଯ୍ୟନ୍ତ ଆସି କୌଣସି ନା କୌଣସି ପ୍ରକାରର ଏକ ଉତ୍ତରରେ ଉପନୀତ ହୋଇ ସାରିଛି । ଆମର ଉପଲବ୍ଧ ଆଲୋକଗୁଡ଼ିକର ସାହାଯ୍ୟ ନେଇ ଆମେ ରାଜନୀତିକ ଏବଂ ଆର୍ଥିକ ଅଭିପ୍ରାୟଗୁଡ଼ିକ ଦ୍ୱାରା ଏବଂ ବିଶୁଦ୍ଧ ଭାବରେ ରାଜନୀତିକ ଏବଂ ପ୍ରାଶାସନିକ ସାଧନଗୁଡ଼ିକୁ କାର୍ଯ୍ୟରେ ଲଗାଇ କିପରି ରାଜନୀତିକ ତଥା ପ୍ରାଶାସନିକ କ୍ଷେତ୍ରରେ ସମଗ୍ର ମନୁଷ୍ୟସମାଜକୁ ଏକତ୍ର କରାଯାଇ ପାରିବ, ତାହାରି ସମ୍ଭାବନାଟି ବିଷୟରେ ଯଥାସମ୍ଭବ ଆଲୋଚନା କରିଛୁ । ଏବଂ ତା'ପରେ ଏହି ସିଦ୍ଧାନ୍ତରେ ଆସି ପହଞ୍ଚିଛୁ ଯେ ଏହି ଏକତ୍ରୀକରଣଟି ଯେ କେବଳ ସମ୍ଭବ ତା' ନୁହେଁ, ମାତ୍ର ମନୁଷ୍ୟସମାଜର ବିଚାର ଏବଂ ପ୍ରବୃତ୍ତିଗୁଡ଼ିକ, ତଥା ସମସାମୟିକ ଘଟଣା ଏବଂ ଉପସ୍ଥିତ ଶକ୍ତି ଏବଂ ଆବଶ୍ୟକତାଗୁଡ଼ିକର ପରିଣାମଚୟ ଅତ୍ୟନ୍ତ ମୀମାଂସକ ଭାବରେହିଁ ଏହି ଦିଗରେ ଗତି କରିବାକୁ ଆରମ୍ଭ କରିଛି । ମନୁଷ୍ୟ-ବିକାଶର ସ୍ରୋତପଥରେ ବିଶ୍ୱପ୍ରକୃତି ଏବେ ଏହି ପ୍ରବାହଟିକୁହିଁ ଏକ ପ୍ରଧାନ ପ୍ରବାହରୂପେ ଆଣି ନିକ୍ଷିପ୍ତ କରି ଦେଇଛି ଏବଂ, ମନୁଷ୍ୟଜାତିର ଅତୀତ ଇତିହାସ ତଥା ଆମର ଉପସ୍ଥିତ ପରିସ୍ଥିତିଗୁଡ଼ିକର ଏକ ନ୍ୟାୟୋଚିତ ପରିଣାମରୂପେ ଏହା ଆସି ଆବିର୍ଭୂତ ହୋଇଛି । ମାତ୍ର ତାହା ସଙ୍ଗେ ସଙ୍ଗେ ଏକଥା ମଧ୍ୟ ସତ ଯେ ଏଇଟି ବିକଶିତ ହୋଇ ଆସିବାରେ ଯେ କୌଣସି ଯନ୍ତ୍ରଣା ସହିବାକୁ ପଡ଼ିବ ନାହିଁ ଅଥବା କୌଣସି ମନ୍ଥରତା ଆଦୌ ଘଟିବ ନାହିଁ, ବା ଏପରିକି ଏହା ଯେ ଅବଶେଷରେ ସୁନିଶ୍ଚିତ ଭାବରେ ବିଜୟଲାଭ କରିବ, ସେଭଳି ଏକ ଭବିଷ୍ୟବାଣୀ କରିବା ଲାଗି ମଧ୍ୟ ଆମ ପାଖରେ କୌଣସି ଯୁକ୍ତି ନାହିଁ । ଏହାର ବାଟରେ କ'ଣ ସବୁ ଅସୁବିଧା ରହିଛି, ଆମେ ସେଥିରୁ କେତୋଟି ଉପରେ ଦୃଷ୍ଟିପାତ କରି ସାରିଛୁ; ଏବଂ ଏହିସବୁ ଅସୁବିଧାକୁ ପାର ହେବା ଲାଗି ଏହା କେଉଁସବୁ ମାର୍ଗରେ ହୁଏତ ବସ୍ତୁତଃ ଅଗ୍ରସର ହେବ, ଆମେ ସେଗୁଡ଼ିକ ଉପରେ ମଧ୍ୟ ଆଖି ପକାଇ ଆସିଛୁ । ଏସବୁଥିରୁ ଆମେ ଏହି ସିଦ୍ଧାନ୍ତଟିରେ ମଧ୍ୟ ଆସି ପହଞ୍ଚିଛୁ ଯେ ଏହା ଯେଉଁ ବାଟରେ ଯିବ ବୋଲି ସର୍ବାଧିକ ସମ୍ଭାବନା ରହିଛି, ତାହା ପ୍ରକୃତରେ ସର୍ବୋତ୍କୃଷ୍ଟ ଆଦର୍ଶ ବାଟ ଆଦୌ ନୁହେଁ; ନ୍ୟାୟ, ସର୍ବୋଚ୍ଚ କାର୍ଯ୍ୟସାଧକତା ଏବଂ ମନୁଷ୍ୟସମାଜର ସର୍ବୋତ୍କୃଷ୍ଟ ବିଚାର ଏହା ଯେଉଁ ମାର୍ଗରେ ଗତି କରୁ ବୋଲି ଦାବି କରୁଛନ୍ତି ଏବଂ ଯେଉଁ ମାର୍ଗଟି ତାହାକୁ ଏକ ସ୍ଥାୟୀ ସଫଳତା ଆଣିଦେବ ବୋଲି ନିଶ୍ଚିତ

'oaob.nitrkl.ac.in' images reprocessed

ଭାବରେ ସର୍ବାଧିକ ସମ୍ଭାବନା ରହିଛି, ତାହା ସେହି ମାର୍ଗଟିକୁ ହୁଏତ କଦାପି ଗ୍ରହଣ କରିବ ନାହିଁ । ଆମର ସାମୂହିକ ବିକାଶର ଏକ ଅତ୍ୟନ୍ତ ପରବର୍ତ୍ତୀ ପର୍ଯ୍ୟାୟରେ ହୁଏତ ଅନ୍ୟପ୍ରକାର ହୋଇପାରେ; ମାତ୍ର ବର୍ତ୍ତମାନ ଏକଥାଟି ବେଶ୍ ସ୍ପଷ୍ଟ ହୋଇ ଯାଉଛି ଯେ ତାହା କଦାପି ପରିପୂର୍ଣ୍ଣ ଭାବରେ ସ୍ୱାଧୀନ ତଥା ସମକକ୍ଷ ଜାତିସମୂହର ଏକ ସଂଘର ଆକୃତି ଗ୍ରହଣ କରିବ ନାହିଁ ଅଥବା ଜାତୀୟତା ଏବଂ ଆନ୍ତର୍ଜାତିକତା – ଏହି ଦୁଇ ବିବଦମାନ ବିଚାର ମଧ୍ୟରେ ଏକ ପରିପୂର୍ଣ୍ଣ ସୁଷମତା ସ୍ଥାପନ କରିବାକୁ ମଧ୍ୟ ତାହା କଦାପି ଆପଣାର ଉଦ୍ଦେଶ୍ୟରୂପେ ଗ୍ରହଣ କରିବ ନାହିଁ ।

ଏବଂ ବର୍ତ୍ତମାନ ଆମକୁ ସମସ୍ୟାଟିର ଦ୍ୱିତୀୟ ଦିଗଟି ଉପରେ ଆଲୋଚନା କରିବାକୁ ପଡ଼ିବ, ଅର୍ଥାତ୍ ମନୁଷ୍ୟ-ଜୀବନ ଓ ମନୁଷ୍ୟ-ପ୍ରଗତିର ଉସମୂଳଗୁଡ଼ିକ ଉପରେ ତାହାର କ'ଣସବୁ ପ୍ରଭାବ ପଡ଼ିବ, ତାହାର ଆଲୋଚନା କରିବାକୁ ହେବ । ରାଜନୀତିକ ଏବଂ ପ୍ରାଶାସନିକ ଦୃଷ୍ଟିରୁ ମନୁଷ୍ୟଜାତି ଗୋଟିଏ ଏକକରୂପେ ପରିଣତ ହୋଇ ଆସିବାଟା ଯେ କେବଳ ସମ୍ଭବ ତାହା ନୁହେଁ, ଆମର ବର୍ତ୍ତମାନ ବିବର୍ତ୍ତନଟି ମଧ୍ୟ ଆମକୁ ଠିକ୍ ସେହି କଥାଟିର ପୂର୍ବସଙ୍କେତ ଦେଇ ଯାଉଛି । ଯେଉଁ ସାମୂହିକ ଜାତୀୟତାବାଦୀ ଅହଂ ଭାବନାଟି ଏହାର ପ୍ରତିରୋଧ କରିବାରେ ଲାଗିଛି, ଏବେ ଉତ୍ତରୋତ୍ତର ବୃଦ୍ଧି ପାଇବାରେ ଲାଗିଥିବା ଏକତ୍ରୀକରଣର ପ୍ରବୃତ୍ତିଟି ହୁଏତ ଅଧିକ ପ୍ରଭାବଶାଳୀ ହୋଇ ସେଇଟିକୁ ରୋଧି ରଖିଦେଇ ପାରିବ; ଇଉରୋପୀୟ ଯୁଦ୍ଧର ଯନ୍ତ୍ରଣାଟି ଅନ୍ତତଃ କିଛି ସମୟ ଲାଗି ଏହି ପ୍ରବୃତ୍ତିଟିକୁ ନିଶ୍ଚୟ ଏକ ମୂର୍ତ୍ତ ରୂପ ଏବଂ ଏକ ସୁସ୍ପଷ୍ଟ ଅଭିବ୍ୟକ୍ତି ପ୍ରଦାନ କରି ଯାଇଥିଲା । ମାତ୍ର, ଏହାର ପ୍ରଥମ ଢିଲା ଅବସ୍ଥାରେ ନୁହେଁ, କିନ୍ତୁ ଏହି ପ୍ରବୃତ୍ତିଟି ଅଧିକ ବିକାଶଲାଭ କରିବା ସଙ୍ଗେ ସଙ୍ଗେ ଏବଂ ଅଧିକ ପରିପୂର୍ଣ୍ଣ ତଥା ଅଧିକ ଶକ୍ତିଶାଳୀ ମଧ୍ୟ ହୋଇଆସିବା ସଙ୍ଗେ ସଙ୍ଗେ ଯେତେବେଳେ ଏକ ସୁଶୃଙ୍ଖଳ ଏକତ୍ରୀଭୂତ ବ୍ୟବସ୍ଥା ପ୍ରତିଷ୍ଠିତ ହୋଇ ଆସିବ, ସେଥିଲାଗି ତାହା ପ୍ରକୃତରେ ମନୁଷ୍ୟସମାଜର ବ୍ୟକ୍ତିଗତ ତଥା ସାମୂହିକ ସ୍ୱତନ୍ତ୍ରତାଗୁଡ଼ିକୁ ଗ୍ରାସ କରି ପକାଇବ କି ନାହିଁ, ବର୍ତ୍ତମାନ ଆମ ଆଗରେ ସେହି ସମସ୍ୟାଟି ରହିଯାଉଛି । ତାହା ଏକ ଦମନକାରୀ ବ୍ୟବସ୍ଥାର ଆକାର ଧାରଣ କରି ମନୁଷ୍ୟ-ଜାତିର ଆତ୍ମାର ମୁକ୍ତ ଜୀବନଗତ ବିକାଶକୁ ଅନ୍ତତଃ କେତେକ ସମୟ ଲାଗି ବ୍ୟାହତ ଅଥବା ଅବରୁଦ୍ଧ କରି ରଖିବାକୁ ଚେଷ୍ଟା କରିବ କି ନାହିଁ ବା ସେହି ବିକାଶ ଅତ୍ୟନ୍ତ ପରିମାଣରେ ନିରୁଦ୍ଧ ହୋଇ ରହିବାର ଏକ ବିପଦର ସମ୍ମୁଖୀନ ହେବ କି ନାହିଁ, ବର୍ତ୍ତମାନ ସେହି ସମସ୍ୟାଟି ରହିଯାଉଛି । ଆମେ ଏକଥାଟିକୁ ଆଲୋଚନା କରି ଦେଖି ସାରିଛୁ ଯେ ଏହିଭଳି ବିକାଶଗୁଡ଼ିକର କ୍ଷେତ୍ରରେ ଏକ ଦୃଢ଼ତାହୀନ ଆକାରଗ୍ରହଣର ଏକ ପର୍ଯ୍ୟାୟର ପଛେପଛେ ସାଧାରଣତଃ ଏକ ନିୟନ୍ତ୍ରଣ ତଥା ସଂକୁଚନର ପର୍ଯ୍ୟାୟ ଆସି ପହଞ୍ଚିଥାଏ, ଯେତେବେଳେ କି ଏକ

'oaob.nitrkl.ac.in' images reprocessed

ଅଧିକ ଅନମନୀୟ ଏକତ୍ରୀକରଣ ଲାଗି ଉଦ୍ୟମ ହେବାକୁ ଲାଗେ ଏବଂ ତାହା ଫଳରେ ନବଲବ୍ଧ ଏକତାଟିକୁ ନାନାପ୍ରକାର ଅନମନୀୟ ଛାଞ୍ଚ ଭିତରେ ଆଣି ପକାଇ ଦେବାର ଆଶଙ୍କା ମଧ୍ୟ ରହିଥାଏ । ଏବଂ ତାହାଦ୍ୱାରା, ମନୁଷ୍ୟଜାତିର ଅତୀତର ଯାବତୀୟ ଆଧ୍ୟାତ୍ମିକ, ରାଜନୀତିକ ଏବଂ ସାମାଜିକ ସଂଗ୍ରାମଗୁଡ଼ିକରୁ ଯାହାକୁ ଆମେ ତାହାର ଲବ୍ଧ ସର୍ବମୂଲ୍ୟବାନ୍ ସମ୍ପଦଟି ବୋଲି କହି ପାରିବା, ମନୁଷ୍ୟର ଜୀବନକ୍ଷେତ୍ରରେ ସେହି ସ୍ୱତନ୍ତ୍ରତାର ଅସଲ ନୀତିଟିକୁ ଦବାଇ ରଖିବାର ଏକ ଆଶଙ୍କା ଅବଶ୍ୟ ରହିଥାଏ । ଆଗରୁ ଯେତେଯେତେ ଏକତ୍ରୀକରଣ କରାଯାଇଛି, ସେଥିରେ ସର୍ବଦା ତାହାହିଁ ଘଟିଛି, ଏବଂ ଉପସ୍ଥିତ କ୍ଷେତ୍ରରେ ମଧ୍ୟ ଠିକ୍ ତାହାହିଁ ଘଟିପାରେ । ପ୍ରଗତିର ଏହି ନୂତନ ମାର୍ଗଟିରେ ଅନୁକ୍ରମର ସେହି ପୁରୁଣା ବୃତ୍ତଟି ପୁନର୍ବାର ଆପଣାକୁ କାର୍ଯ୍ୟକାରୀ କରିବାର ନିଶ୍ଚୟ ଏକ ସମ୍ଭାବନା ରହିଛି ।

ଏହିଭଳି ଗୋଟିଏ ବିକାଶକୁ କେବଳ ଯେ ସମ୍ଭବ ବୋଲି କୁହାଯାଇ ପାରିବ ତା' ନୁହେଁ, ମାତ୍ର, ଯୋଗ୍ୟ ଗୋଟିଏ ମାତ୍ର ସାମ୍ରାଜ୍ୟ, ଜାତି ବା ପ୍ରଜାତିର ପ୍ରଭୁତ୍ୱକୁ ପୃଥିବୀଯାକଟା ଉପରେ ପ୍ରତିଷ୍ଠିତ କରି ରଖିବାର ସେହି ଜର୍ମାନିକ୍ ସିଦ୍ଧାନ୍ତଟି ଅନୁସାରେ ଯଦି ମନୁଷ୍ୟଜାତିକୁ ଏକାଠି କରିବା ଲାଗି ଉଦ୍ୟମ କରାଯାଏ, ତେବେ ସେହି ପରିଣାମଟି ଅବଶ୍ୟମ୍ଭାବୀ ରୂପେ ଫଳିବହିଁ ଫଳିବ । ସମଗ୍ର ମନୁଷ୍ୟଜାତି ଦୁଇଟି ବା ତିନୋଟି ବୃହତ୍ ସାମ୍ରାଜ୍ୟାଧିକାରୀ ଜାତିର ପ୍ରଭୁତ୍ୱ ସ୍ୱୀକାର କରି ରହିବାର ଧାରାଟିକୁହିଁ ଯଦି ନିୟତି ଆପଣାର ସାଧନରୂପେହିଁ କାର୍ଯ୍ୟରେ ଲଗାଇବାକୁ ଯାଏ, ତେବେ ମଧ୍ୟ ଏହି ବିକାଶଟିକୁ ସମାନ ଭାବରେ ଅନିବାର୍ଯ୍ୟ ବୋଲି ଅବଶ୍ୟ କୁହାଯିବ । ଅଥବା, ଏହି ଏକତ୍ରୀକରଣକୁ କାର୍ଯ୍ୟକାରୀ କରୁଥିବା ଶକ୍ତି ଯଦି ସୁସଂଗଠିତ ଏକତ୍ରୀକୃତ ଏକ ଇଉରୋପର ରୂପ ଧାରଣ କରେ ଏବଂ ତାହା ଯଦି ଏକ ବିଶେଷ ପ୍ରବୃତ୍ତି ରଖିଥିବା ରାଜନୀତିକ ବିଚାରକ-ମାନଙ୍କର ଯୋଜନାଟିକୁ ବିକଶିତ କରାଇ ଆଣିବାକୁ ଯାଇ ଅବଶିଷ୍ଟ ପୃଥିବୀଟିକୁ ହାତକୁ ନେଇଆସେ ଏବଂ ଏକ ଅନିର୍ଦ୍ଦିଷ୍ଟ କାଳ ସକାଶେ ମନୁଷ୍ୟଜାତିର ଅଶ୍ୱେତାଙ୍ଗ କୃଷ୍ଣ ସମୂହଗୁଡ଼ିକୁ ଆପଣାର ଅଧୀନସ୍ଥ କରି ରଖେ, ତେବେ ମଧ୍ୟ ସେହି ବିକାଶଟି ଅବଶ୍ୟମ୍ଭାବୀ ହୋଇ ପଡ଼ିବ ।

ଅସଭ୍ୟମାନଙ୍କୁ ସଭ୍ୟ କରିବାକୁହିଁ ଏହିପରି ଅଧୀନସ୍ଥ କରି ରଖିବାର ତଥାକଥିତ ଉଦ୍ଦେଶ୍ୟ ବା ଔଚିତ୍ୟ ବୋଲି କୁହା ଯାଉଥିବ; ଯେଉଁ ଜାତିମାନେ ଅଳ୍ପବିକଶିତ ହୋଇ ରହିଛନ୍ତି, ସେମାନଙ୍କୁ ଇଉରୋପୀୟ ମାର୍ଗରେ ପ୍ରଶିକ୍ଷିତ କରି ଆଣିବାକୁହିଁ ଉଦ୍ଦେଶ୍ୟ ବୋଲି କୁହାଯିବ । ଅବଶ୍ୟ ଆମେ ଭଲକରି ଜାଣିଛୁ ଯେ କାର୍ଯ୍ୟକ୍ଷେତ୍ରରେ ଏହାଦ୍ୱାରା ସେମାନଙ୍କୁ ନାନା ଭାବରେ ଶୋଷଣହିଁ କରା ଯାଉଥିବ, କାରଣ ମନୁଷ୍ୟ-ସ୍ୱଭାବର

'oaob.nitrkl.ac.in' images reprocessed

ସୁଲଭ ମାର୍ଗରେ ଗତି କରି ଉଦାର ଅଥଚ ପରାକ୍ରମଶାଳୀ ଅଭିଭାବକଟି ତା'ର ଏହିପରି ଏକ ସୁବିଧାଜନକ ପରିସ୍ଥିତିରୁ ସ୍ୱୟଂ ଯଥାସମ୍ଭବ ଅଧିକ ଲାଭବାନ୍ ହେବା ଅବଶ୍ୟ ଉଚିତ ବୋଲି କ୍ରମଶଃ ଅନୁଭବ କରିବାକୁ ଆରମ୍ଭ କରିବ, ଅବଶ୍ୟ ଏକଥା ସତ ଯେ ତାହା ସର୍ବଦା ଏକାଧାରରେ ତା'ର ନିଜ ବିକାଶ ତଥା ସାଧାରଣ ଭାବରେ ଦେଖିଲେ ପୃଥିବୀର ବିକାଶ ଦୃଷ୍ଟିରୁହିଁ ଏପରି କଥାଟିକୁ କରିବାରେ ଲାଗିଥିବ । ଆପଣାକୁ ପ୍ରତିଷ୍ଠିତ କରି ରଖିବା ଲାଗି ତତ୍ତ୍ୱାବଧାନକାରୀ ଶାସନଟିକୁ ନିଶ୍ଚୟ ଅଧିକ ଶକ୍ତିଶାଳିତା ଉପରେ ଭରସା କରି ରହିବାକୁ ପଡୁଥିବ, ଶାସିତ ଜାତିର ସ୍ୱାଧୀନ ହେବାର ଇଚ୍ଛାଟିର ତାହା ବିରୋଧୀ ହୋଇ ରହିଥିବ ଏବଂ ଶାସିତମାନେ ଯେ ସେଥିଲାଗି ଯୋଗ୍ୟ ହୋଇ ନାହାନ୍ତି ବା ସେମାନଙ୍କର ସେହି ଆକାଙ୍କ୍ଷାଟି ଯେ ପରିପକ୍ୱ ଅବସ୍ଥାକୁ ଆଦୌ ଆସି ନାହିଁ, ଏହିଭଳି ଏକ କାରଣ ଦର୍ଶାଇବାରେ ଲାଗିଥିବ । ଏହି ଦୁଇଟିଯାକ ଯୁକ୍ତି ହୁଏତ ସବୁକାଳକୁ ବଳବତ୍ତର ହୋଇ ରହିଥିବ, କାରଣ ସେହି ଯୁକ୍ତିଗୁଡ଼ିକୁ ବାଢ଼ିଥିବା ପକ୍ଷଟିର ସନ୍ତୋଷବିଧାନ ହେଲାଭଳି ସେଗୁଡ଼ିକର ଆଦୌ ଖଣ୍ଡନ କରାଯାଇ ପାରିବ ନାହିଁ । ପ୍ରଥମ ଅବସ୍ଥାରେ ଏହି ଶାସନଟିକୁ ହୁଏତ ଏପରି ଭାବରେ କାର୍ଯ୍ୟକାରୀ କରାଯିବ ଯେ ଶାସକ ବର୍ଗଟି ଲାଗି ବ୍ୟକ୍ତି-ସ୍ୱାଧୀନତାର ନୀତିଟି ସୁରକ୍ଷିତ ହୋଇ ରହିଥିବ ଏବଂ ତାହା ସଙ୍ଗେ ସଙ୍ଗେ ଶାସିତ ବର୍ଗଟି ଉପରେ ଏକ ହିତକାମୀ ଅଧୀନତାକୁ ଜୋରକରି ଆଣି ଲଦି ଦିଆ ଯାଇଥିବ । ମାତ୍ର ଏହି ବ୍ୟବସ୍ଥାଟି କଦାପି ସ୍ଥାୟୀ ହେବ ନାହିଁ । ଅତୀତର ଅଭିଜ୍ଞତାରୁ ଆମକୁ ନିଶ୍ଚୟ ଏହି ଶିକ୍ଷାଟି ମିଳୁଛି ଯେ ସାମ୍ରାଜ୍ୟାଧିକାରୀ ଯେକୌଣସି ଜାତି ମଧ୍ୟରେ ସ୍ୱାଧୀନତାର ନୀତିଟି ଅପେକ୍ଷା କର୍ତ୍ତୃତ୍ୱର ନୀତିଟିକୁହିଁ ଅଧିକ ଉପାଦେୟ ବୋଲି ଗ୍ରହଣ କରିବାର ଅଭ୍ୟାସଟି କ୍ରମଶଃ ପ୍ରକଟ ହୋଇ ଆସିଥାଏ, ତାହାର ପ୍ରତିକ୍ରିୟାଟି ତା'ର ଆପଣା ଜୀବନରେ ମଧ୍ୟ ପଡ଼ିବାକୁ ଲାଗେ ଏବଂ ପ୍ରଥମେ ଅଜାଣତରେ ଓ ତା'ପରେ ବିଚାରର ପରିବର୍ତ୍ତନ ତଥା ପରିସ୍ଥିତିଗତ ଏକ ଭବିତବ୍ୟତାର ବିକାଶ ଦ୍ୱାରା ପରିଶେଷରେ ତାହାର ଆପଣାର ଅନ୍ତର୍ଗତ ସ୍ୱାଧୀନତାଟି ମଧ୍ୟ ବିସର୍ଜିତ ହୋଇ ପଡ଼ିବାର ପ୍ରମାଦଟି ଆସି ଉପସ୍ଥିତ ହୋଇଯାଏ । ଏହିଭଳି ଏକ ପରିସ୍ଥିତି କେବଳ ଦୁଇଟି ମାର୍ଗରେହିଁ ଗତି କରିପାରେ; ତଥାପି ଅଧୀନସ୍ଥ ହୋଇ ରହିଥିବା ବା କୁହାଯାଉ ଯେ ସେମାନଙ୍କର ନିଜର ହିତ ଲାଗି ଅନ୍ୟମାନଙ୍କ ଦ୍ୱାରା ଶାସିତ ହେଉଥିବା ଜନଗଣଙ୍କ ମଧ୍ୟରେ ହୁଏତ ସ୍ୱାଧୀନତାର ନୀତିଟି ସମୃଦ୍ଧି ଲାଭ କରେ ଅଥବା ସାଧାରଣ ଭାବରେ ପୃଥିବୀରେ ସେହି ନୀତିଟି କ୍ରମଶଃ କ୍ଷୀଣ ହୋଇଯିବାକୁ ଲାଗେ । ଏହି କ୍ଷେତ୍ରରେ ହୁଏତ ଉଚ୍ଚତର ସ୍ତରଟି ଉପରୁ ଆସି ତଳକୁ ଗ୍ରାସ କରିନିଏ ଅଥବା ନିମ୍ନତର ସ୍ତରଟି ତଳୁ ଯାଇ ଉପରକୁ ଗ୍ରାସ କରିନିଏ; ମାନବୀୟ ବ୍ୟବସ୍ଥା ଅନୁସାରେ ଦୁଇଟିଯାକ ସ୍ଥିତି କଦାପି ସବୁକାଳ ଲାଗି ଏକତ୍ର ସହାବସ୍ଥିତ ହୋଇ ରହିପାରନ୍ତି

'oaob.nitrkl.ac.in' images reprocessed

ନାହିଁ ବା ବିକାଶଲାଭ କରି ପାରନ୍ତି ନାହିଁ । ମାତ୍ର ଦଶଟିରୁ ନଅଟି କ୍ଷେତ୍ରରେ ଏହି କଥାହିଁ ହୁଏ ଯେ ଏହି ସମ୍ବନ୍ଧଟିର ପରିସମାପ୍ତି ଘଟାଇବା ଭଳି କୌଣସି ପରିସ୍ଥିତି ମହଜୁଦ ନ ଥିବାରୁ କେବଳ ଅଧିକ ଦୁଃଖଦ ପରିଣତି ବା ସମ୍ଭାବନାଟିହିଁ ବିଜୟ ଲାଭ କରିଥାଏ ।*

ଏକତ୍ରୀକରଣର ଏହିସବୁ ଯେତେଯେତେ ପ୍ରଣାଳୀ ବିଷୟରେ ଆଲୋଚିତ ହେଲା, ସେଗୁଡ଼ିକୁ କାର୍ଯ୍ୟତଃ କେବଳ ଶକ୍ତିର ପ୍ରୟୋଗ ଦ୍ୱାରାହିଁ ସମ୍ଭବ କରାଯାଇ ପାରିବ, କେବଳ ବାଧ କରିହିଁ ତାହା ହୋଇପାରିବ; ଏବଂ ଯେଉଁଠି ସୁଚିନ୍ତିତ ଓ ଇଚ୍ଛାକୃତ ଭାବରେ ଯୋଜନା କରାଯାଇ ନିୟନ୍ତ୍ରଣମୂଳକ ବ୍ୟବସ୍ଥାଗୁଡ଼ିକୁ ପ୍ରବର୍ତ୍ତିତ କରାଯିବ, ଅଧିକ ଦିନ ଲାଗି ଓ ଅଧିକରୁ ଅଧିକ ବ୍ୟାପକ ଭାବରେ ସେଗୁଡ଼ିକର ବ୍ୟବହାର ହେବ, ତଦ୍ଵାରା ସେହି କ୍ଷେତ୍ରରେ ଯେଉଁମାନେ ଅନ୍ୟମାନଙ୍କୁ ବାଧ କରି ରଖିଥିବେ, ସେମାନଙ୍କ ମଧ୍ୟରେ ସ୍ୱତନ୍ତ୍ରତାର ଆଦର୍ଶଟି ଲାଗି ରହିଥିବା ସମ୍ମାନଟି କ୍ରମଶଃ ନିରୁତ୍ସାହିତ ହେବାରେ ଲାଗିଥିବ, ଏବଂ ଯେଉଁମାନଙ୍କ ଉପରେ ସେହିସବୁ ନିୟନ୍ତ୍ରଣକୁ ଜାରି କରା ଯାଇଥିବ, ସେମାନେ ମଧ୍ୟ ସ୍ୱାଧୀନତା ପ୍ରକୃତରେ କେବେ ସମ୍ଭବ ହୁଏ ବୋଲି ବିଶ୍ୱାସ କରିବାରୁ ଏବଂ ସେହି ସମ୍ଭାବ୍ୟତାଟିକୁ ସମ୍ମାନ ଦେଖାଇବାରୁ କ୍ରମଶଃ ନିରସ୍ତ ହୋଇ ପଡ଼ିବାରେ ଲାଗିଥିବେ । ଏହା ବରଂ ଏପରି ଏକ ପ୍ରଭୁତ୍ୱ-ବିସ୍ତାରକାରୀ କର୍ତ୍ତୃତ୍ୱର ସେହି ବିପରୀତ ଆବର୍ଶର ବୃଦ୍ଧି ଲାଗିହିଁ ଅନୁକୂଳତା ସୃଷ୍ଟି କରୁଥିବ, ଯାହାକି ଆପଣାର ଯାବତୀୟ ପ୍ରବୃତ୍ତିକୁ ଅନମନୀୟତା, ସମରୂପତା ଏବଂ ଏକ ଯାନ୍ତ୍ରିକ ଓ ତେଣୁ ପରିଶେଷରେ ପ୍ରଗତିହୀନ ଏକ ଜୀବନମାର୍ଗର ପ୍ରବର୍ତ୍ତନ ଲାଗି ନିୟୋଜିତ କରି ରଖିଥିବ । ଏହାକୁ ଆମେ କାରଣ ଏବଂ ପରିଣାମର ଏକ ମନୋବୈଜ୍ଞାନିକ ସମ୍ବନ୍ଧ ବୋଲିହିଁ କହି ପାରିବା, ଏବଂ ଯଥାସମ୍ଭବ ଅଧିକରୁ ଅଧିକ ପରିମାଣରେ ସ୍ୱାଧୀନ ସହମତି ଉପରେହିଁ କର୍ତ୍ତୃତ୍ୱର ସକଳ ପ୍ରୟୋଗକୁ ପ୍ରତିଷ୍ଠିତ କରାଇ ରଖିବା ଲାଗି ସର୍ବୋତ୍ତମ ପ୍ରକାରେ ସାବଧାନ ଓ ଯତ୍ନଶୀଳ ରହିବା ବ୍ୟତୀତ ଉକ୍ତ ସମ୍ବନ୍ଧଟିର କାର୍ଯ୍ୟକାରିତାକୁ କଦାପି ଏଡ଼ାଇ ଦିଆଯାଇ ପାରିବ ନାହିଁ । ମାତ୍ର ଆପଣାର ସ୍ୱପ୍ରକୃତି ଏବଂ ଉତ୍ପତ୍ତିଟି ଅନୁସାରେ ଏକତ୍ରୀକରଣର ସେହିସବୁ ଶାସନପ୍ରଣାଳୀ ଏହି ସଂଶୋଧକଟିକୁ

---

* ବିଷୟଗୁଡ଼ିକର ବର୍ତ୍ତମାନ ପ୍ରକୃତ ସ୍ଥିତି ଯେପରି ଅଛି, ସେହି ଦୃଷ୍ଟିରୁ ଏହିସବୁ ବିଚାରର ହୁଏତ ଆଉ କୌଣସି ପ୍ରାସଙ୍ଗିକତା ରହି ପାରୁ ନାହିଁ । ଏସିଆର ଅଧିକ ଭାଗ ବର୍ତ୍ତମାନ ସ୍ୱାଧୀନ ହୋଇ ସାରିଲାଣି ବା ସ୍ୱାଧୀନ ହେବାକୁ ଯାଉଛି, ଏକ ପ୍ରଭୁତ୍ୱଶାଳୀ ପାଶ୍ଚାତ୍ୟ ଜଗତ ବା ଏକ ପ୍ରଭୁତ୍ୱଶାଳୀ ଇଉରୋପର ଏକ ବିଚାର ହିସାବରେ ଆଜି ଆଦୌ କୌଣସି ଶକ୍ତି ନାହିଁ, ମନୁଷ୍ୟ-ମାନସରୁ ତାହା କ୍ରମେ ବିଦାୟ ନେଇ ଯାଉଛି ଓ ବସ୍ତୁତଃ ଅନ୍ତର୍ହିତହିଁ ହୋଇ ଯାଇଛି ।

'oaob.nitrkl.ac.in' images reprocessed

ସ୍ୱାଧୀନ ଭାବରେ କାମରେ ଲଗାଇ ପାରିବାରୁ ସର୍ବଦାହିଁ ବଞ୍ଚିତ ହୋଇ ରହିଥିବ । କାରଣ, ଯେଉଁଟିକୁ ଗ୍ରହଣ କରିବାରେ ସମସ୍ତଙ୍କର ହୁଏତ ସାଧାରଣତଃ ଏକ କୁଣ୍ଠା ରହିଥିବ, ତାହାକୁ ବାଧ କରି ଲଦିବାର ମାର୍ଗଟିକୁ ଅବଲମ୍ବନ କରିବା ବ୍ୟତୀତ ସେମାନଙ୍କର ଆଉ କୌଣସି ଉପାୟ ନ ଥିବ ଏବଂ ପ୍ରତିରୋଧକାରୀ ସକଳ ଶକ୍ତି ଏବଂ ପ୍ରବୃତ୍ତିକୁ ମୂଳପୋଛ କରିଦେଇ ପାରିବା ଲାଗି ସେମାନେ ଆପଣାର ଇଚ୍ଛାଟିକୁହିଁ ଜୋର କରି ଲଦିଦେବାରେ ଲାଗିଥିବେ । ସ୍ୱାଧୀନାକାଂକ୍ଷାର ଯେଉଁସବୁ ଅଭିବ୍ୟକ୍ତି ବିଦ୍ରୋହ ଅଥବା ପ୍ରତିରୋଧର ଭାବଟିକୁହିଁ ବଢ଼ାଇଦେବାରେ ସାହାଯ୍ୟ କରେ ବୋଲି ସେମାନେ ଅଭିଜ୍ଞତାରୁ ଜାଣିଥିବେ, ସେଗୁଡ଼ିକୁ ଦବାଇ ରଖିବା ଲାଗି, ଯଥାସମ୍ଭବ ହ୍ରାସ କରିଦେବା ଲାଗି ଏବଂ ଏପରିକି ଲୋପ କରିଦେବା ଲାଗି ମଧ୍ୟ ସେମାନଙ୍କୁ ହୁଏତ ବାଧ ହେବାକୁ ପଡ଼ିବ; ଅର୍ଥାତ୍, ସ୍ୱାଧୀନ କ୍ରିୟା ଏବଂ ସ୍ୱାଧୀନ ଆତ୍ମ-ଅଭିବ୍ୟକ୍ତିର ସେହି ଯେଉଁସବୁ ବୃହତ୍ତର ସ୍ୱତନ୍ତ୍ରତା ମନୁଷ୍ୟ-ସ୍ୱାଧୀନତାର ସର୍ବୋତ୍ତମ, ସବୁଠାରୁ ଅଧିକ ଶକ୍ତିଶାଳୀ ଓ ସବୁଠାରୁ ଅଧିକ ପ୍ରେରଣାଦାୟକ ଅଂଶରୂପେ ଅବସ୍ଥିତ ରହି କାର୍ଯ୍ୟ କରୁଥାଏ, ସେହି ସବୁଗୁଡ଼ିକୁ ସେମାନେ ଦବାଇ ରଖିବାକୁ, ଯଥାସମ୍ଭବ ହ୍ରାସ କରିଦେବାକୁ ବା ଏପରିକି ସମାପ୍ତ କରିଦେବାକୁ ମଧ୍ୟ ବାଧ ହେବେ । ବର୍ତ୍ତମାନ ଆମେ ଯାହାକୁ ଜାତୀୟ ସ୍ୱାତନ୍ତ୍ର୍ୟ ବୋଲି କହୁଛୁ, ସେମାନେ ତାହାକୁ ସମାପ୍ତ କରିଦେବାକୁ ବାଧ ହେବେ, ପ୍ରଥମେ ହିଂସା ଦ୍ୱାରା ତାହାର ସମାପ୍ତି ଘଟାଇବେ ଓ ତା'ପରେ ଆଇନଗତ ଦମନ ଏବଂ ନିଗ୍ରହ ଦ୍ୱାରା ସେଇଟିକୁ ସମାପ୍ତ କରିଦେବେ । ଏବଂ ଏହି ପ୍ରକ୍ରିୟାଟି ମଧ୍ୟରେ ବ୍ୟକ୍ତି-ସ୍ୱାଧୀନତାର ମଧ୍ୟ ଉନ୍ମୂଳନ ଘଟିବ; ମନୁଷ୍ୟଜାତିର ଯେଉଁ ଅଂଶଟିକୁ ବାଧ କରାଯାଉଛି, ସେମାନଙ୍କ ମଧ୍ୟରେ ଯେପରି ଘଟିବ, ଏବଂ ତାହାର ଏକ ଅନିବାର୍ଯ୍ୟ ପ୍ରତିକ୍ରିୟା ତଥା ସଂକ୍ରମଣ ସ୍ୱରୂପ ସାମ୍ରାଜ୍ୟାଧିକାରୀ ଜାତିଟି ବା ଜାତିଗୁଡ଼ିକ ମଧ୍ୟରେ ବି ସେହିପରି ଘଟିବ । ପୁଣି ସେହି ପୂର୍ବ ଅବସ୍ଥାଟି ଆଡ଼କୁ ଫେରିଯିବା ଏହି କ୍ଷେତ୍ରରେ ସର୍ବଦା ଭାରି ସହଜ ହୋଇ ରହିଥିବ, କାରଣ ଜଣେ ମଣିଷ ହିସାବରେ ମନୁଷ୍ୟର ଯେଉଁ ସମ୍ମାନ ଓ ସ୍ୱାଧୀନତା ରହିଛି, ଦୀର୍ଘ ବିବର୍ତ୍ତନ ଏବଂ ଆୟାସମୟ ଉଦ୍ୟମ ବଳରେହିଁ ମନୁଷ୍ୟ ଆପଣାର ସେହି ଗୁଣଟିର ଅର୍ଜନ ଓ ପ୍ରତିଷ୍ଠା କରି ପାରିଛି । ଅନ୍ୟମାନଙ୍କର ସ୍ୱାଧୀନତା ଲାଗି ସମ୍ମାନ ଦେଖାଇ ପାରିବା ପାଇଁ ସିଏ ଆହୁରି କମ୍ ସ୍ୱାଭାବିକ ଭାବରେହିଁ ଇଚ୍ଛୁକ ହୋଇ ରହିଛି; ଏଇଟି ବ୍ୟତୀତ ତା'ର ନିଜ ସ୍ୱାଧୀନତାଟି ମଧ୍ୟ ଯେ ପ୍ରକୃତରେ ଦୃଢ଼ପ୍ରତିଷ୍ଠିତ ହୋଇ ରହି ପାରିବ ନାହିଁ, ଏକଥାଟି ସତ୍ୟ ହେଲେ ମଧ୍ୟ ସେ ସେଥିଲାଗି କମ୍ ପ୍ରସ୍ତୁତ ହୋଇ ରହିଛି । ମାତ୍ର, ଯେଉଁଠାରେ ସମ୍ଭବ ଓ ଯେଉଁଠି ସେପରି କରିବା ଲାଗି ତାହାର ଏକ ସାମର୍ଥ୍ୟ ମଧ୍ୟ ରହିଛି, ସେଠାରେ ଅତ୍ୟାଚାର କରିବା ଓ ଅନ୍ୟ ଉପରେ ଆପଣାର ପ୍ରଭୁତ୍ୱ ବିସ୍ତାର କରିବା,– ଏବଂ ସ୍ମରଣ

'oaob.nitrkl.ac.in' images reprocessed

ରଖିବାକୁ ହେବ ଯେ ଅନେକ ସମୟରେ ଅତି ଚମତ୍କାର ମତଲବସବୁ ରଖି ସେ ଏପରି କରିଛି, ଓ ଅନ୍ୟ ପକ୍ଷରେ ଯେଉଁମାନେ ତା'ଉପରେ ପ୍ରଭୁତ୍ୱ ବିସ୍ତାର କରିବାକୁ ଆସୁଛନ୍ତି, ସେମାନଙ୍କ ପାଖରେ ଅଧା ପ୍ରବଞ୍ଚିତ ଓ ଅଧା ଦାସ ହୋଇ ରହିବାଟା ତା' ଭିତରେ ସତେଅବା ଜନ୍ମଜାତ ଦୁଇଟି ପ୍ରାଣୀସୁଲଭ ପ୍ରବୃତ୍ତି ହୋଇ ରହିଛି । ତେଣୁ ଯେଉଁ ଅଳ୍ପ କେତୋଟି ସାଧାରଣ ସ୍ୱାଧୀନତାକୁ ସଂଗଠିତ କରିପାରିବା ଲାଗି ମନୁଷ୍ୟ ସମର୍ଥ ହୋଇ ପାରିଛି, ତାହା ଉପରେ ଅନାବଶ୍ୟକ ଭାବରେ ଲଦି ଦିଆଯାଉଥିବା ନିୟନ୍ତ୍ରଣ ଓ ନିରୋଧକୁ ଆମେ ବସ୍ତୁତଃ କେବଳ ଏକ ପଶ୍ଚାତ୍-ପଦକ୍ଷେପ ବୋଲିହିଁ କହିପାରିବା; ତାତ୍କାଳିକ ଦୃଷ୍ଟିରୁ ଏହାଦ୍ୱାରା ଯେତେ ଯାହା ଲାଭ ହେଉଥିଲେ ମଧ ତଥାପି ତାକୁ ଆମେ ତାହାହିଁ କହିବା । ତେଣୁ, ମନୁଷ୍ୟ-ପ୍ରକୃତି ତଥା ସମାଜର ଅପୂର୍ଣ୍ଣ ସ୍ଥିତିଟି ଦୃଷ୍ଟିରୁ ଯେତିକି ଦମନ ବା ନିରୋଧର ପ୍ରୟୋଜନ, ତାହାର ସୀମାଟି ମଧରୁ ଆହୁରି ଆଗକୁ ବାହାରି ଯାଇ ଆହୁରି ଅଧିକ ଦମନ ଓ ନିରୋଧର ଯାବତୀୟ ସଂଘଟନକୁ ଆମେ ସମଗ୍ର ମାନବ-ସମାଜର ପ୍ରଗତି ଉପରେ ପ୍ରକୃତରେ ଏକ ଆଘାତ ବୋଲିହିଁ କହି ପାରିବା, ଯେଉଁଠାରେ ବା ଯାହାଦ୍ୱାରା ସେହି ଦମନ ବା ନିରୋଧଟି ଆଚରିତ ହେଉଥାଉ ପଛକେ, ତାହାକୁ ଆମେ କେବଳ ତାହାହିଁ କହି ପାରିବା ।

ଯଦି ଅନ୍ୟ ପକ୍ଷରେ ବିଭିନ୍ନ ସ୍ୱାଧୀନ ଜାତି ଓ ସାମ୍ରାଜ୍ୟଗୁଡ଼ିକୁ ଏକତ୍ର ସଂଘବଦ୍ଧ କରି ବିଧିବଦ୍ ମନୁଷ୍ୟସମାଜର ଏକତ୍ରୀକରଣ କରାଯାଏ, ଏବଂ ଯଦି ଏହିସବୁ ସାମ୍ରାଜ୍ୟ ମନୋଗତ କ୍ଷେତ୍ରରେ ମଧ ଗୋଟିଏ ଗୋଟିଏ ବାସ୍ତବତା ହୋଇ ରହିବାକୁ ଓ ତେଣୁ ଗୋଟିଏ ଗୋଟିଏ ସ୍ୱାଧୀନ ଅଙ୍ଗ ହୋଇ ରହିବା ଲାଗି ଉଦ୍ୟମ କରନ୍ତି, ଅଥବା, ଯଦି ସେହି ପର୍ଯ୍ୟାୟଟିରେ ଆସି ପହଞ୍ଚିବା ବେଳକୁ ମନୁଷ୍ୟ-ସମାଜ ଏତେଦୂର ଅଗ୍ରଗତି କରି ପାରିଥାଏ ଯେ ଏକ ଏକତ୍ରୀକୃତ ମାନବ-ସମାଜ ମଧରେ 'ସ୍ୱାଧୀନ, ଜାତୀୟ ତଥା ସାଂସ୍କୃତିକ ଗୋଷ୍ଠୀଗଠନର ନୀତିଟିକୁ ପ୍ରକୃତରେ ଗ୍ରହଣ କରି ନିଆଯାଇ ପାରେ, ତେବେ ପୁନରାୟ ପଶ୍ଚାଦ୍‌ଗତି ହେବାର ବିପଦଟି ଅନେକ ପରିମାଣରେ ଊଣା ହୋଇ ଯାଇପାରେ । ମାତ୍ର ତଥାପି ବିପଦଟି ରହିଥାଏ । କାରଣ, ଯେପରି ଆମେ ପୂର୍ବରୁ ଆଲୋଚନା କରି ସାରିଛୁ, ଏକତ୍ରୀକରଣର ପ୍ରତ୍ୟେକ ପର୍ଯ୍ୟାୟରେ ଶୃଙ୍ଖଳା, ବ୍ୟବସ୍ଥା ଏବଂ ସମରୂପତାର ନୀତିଟି ସବୁଠାରେ ଏକ ସ୍ୱାଭାବିକ ପ୍ରବୃତ୍ତି ହୋଇ ରହିଥାଏ । ତେଣେ ସ୍ୱାତନ୍ତ୍ର୍ୟର ନୀତିଟି ମଧ ସମରୂପତାର ଅଭିବୃଦ୍ଧି ଦିଗରେ ଏକ ସ୍ୱାଭାବିକ ଅନ୍ତରାୟ ରୂପେ କାର୍ଯ୍ୟ କରିଥାଏ, ଏବଂ, ଯେକୌଣସି ଯଥାର୍ଥ ବ୍ୟବସ୍ଥା ସହିତ ତା'ର କୌଣସି ପ୍ରକାର ଦ୍ୱନ୍ଦ୍ୱ ଉପୁଜୁ ନ ଥିଲେ ମଧ ଏବଂ ଯେଉଁ ପୂର୍ବପ୍ରତିଷ୍ଠିତ ବ୍ୟବସ୍ଥାଟି ସହିତ ତାହାକୁ ଯୋଡ଼ି ଦିଆଯାଇଛି, ତାହା ସେଇଟି ସହିତ ବଡ଼ ସହଜରେ ସହାବସ୍ଥିତ ଭାବରେ ରହିପାରୁଥିଲେ ମଧ ତାହା

'oaob.nitrkl.ac.in' images reprocessed

କାର୍ଯ୍ୟତଃ ତା'ଠାରୁ ନୂଆ ନୂଆ ଆହୁରି ନାନା ବଳିଦାନ ଦାବି କରିବାକୁ ଆସୁଥିବା ଏକ ନୂତନ ବ୍ୟବସ୍ଥା ସହିତ ଆପଣାକୁ ଆଦୌ ଖାପ ଖୁଆଇ ନେଇ ପାରେ ନାହିଁ । କାରଣ ସେଗୁଡ଼ିକ ଲାଗି ତାହା ମନଃକ୍ଷେତ୍ରରେ ଆଦୌ ପ୍ରସ୍ତୁତ ହୋଇପାରି ନ ଥାଏ । ଅବଶ୍ୟ ଆପଣା କ୍ଷେତ୍ରଟି ମଧ୍ୟରେ ଏଥିରେ ଆଦୌ କୌଣସି ସମସ୍ୟା ଉପୁଜିବା ଉଚିତ ନୁହେଁ, କାରଣ ଯାବତୀୟ ପ୍ରକାରର ଅଗ୍ରଗତି ମଧ୍ୟରେ ଅବଶ୍ୟ କିଛି ନା କିଛି ପରିମାଣରେ ସଂଘାତର ମଧ୍ୟ ସ୍ଥାନ ରହିଥାଏ ଏବଂ ଅନୁକୂଳନର କ୍ଷେତ୍ରରେ ଅବଶ୍ୟ ଅସୁବିଧାମାନ ଉପୁଜିଥାଏ । ଏବଂ ଏହି ପ୍ରକ୍ରିୟାଟି ମଧ୍ୟରେ ଗୋଟିଏ ପାଖରେ ସ୍ୱାତନ୍ତ୍ର୍ୟକୁ ଓ ଅପର ପାଖରେ ଶୃଙ୍ଖଳା ବା ବ୍ୟବସ୍ଥାକୁ କେତୋଟି ଆଘାତ ସହିବାକୁ ପଡ଼ିଲେ ମଧ୍ୟ ଉଭୟେ ତଥାପି କେତେକ ପରିମାଣର ଅଭିଜ୍ଞତା ଲାଭ କରି ସାରିବା ପରେ ଆପଣା ଆପଣାକୁ ଆବଶ୍ୟକ ପରିମାଣରେ ବେଶ୍ ଅନୁକୂଳିତ କରିନେଇ ପାରିବେ ଓ ବଡ଼ ସହଜରେ ଏକ ନୂତନ ଅନୁକୂଳନରେ ଆସି ଅବଶ୍ୟ ପହଞ୍ଚି ପାରିବେ । ମାତ୍ର ଦୁର୍ଭାଗ୍ୟବଶତଃ, ନିଜକୁ ପ୍ରତିଷ୍ଠିତ କରିବାକୁ ଯାଉଥିବା ପ୍ରତ୍ୟେକ ପ୍ରବୃତ୍ତି ବା ଆଦର୍ଶ ଆପଣାର ବୃଦ୍ଧିକାଳରେ ସତେଅବା ସ୍ୱଭାବପ୍ରେରିତ ଭାବରେ ସେଭଳି ଅନୁକୂଳ ପରିସ୍ଥିତି ପାଇବା ମାତ୍ରକେ ଆପଣାକୁ ଅତିମାତ୍ରାରେ ନେଇ ଲଦାଇ ଦେବାକୁ ଓ ଆପଣାର ଦାବିଟିକୁ ଅତିରଞ୍ଜିତ କରି ପକାଇବାକୁ ଏକ ପ୍ରବୃତ୍ତି ଦେଖାଇଥା'ନ୍ତି, ଆପଣାର ଆବେଗ ଓ ଆକାଂକ୍ଷାଗୁଡ଼ିକରେ ଏକ ଏକପାଖିଆ ଚରିତାର୍ଥତା ଲୋଡ଼ି ବାହାରନ୍ତି, ଆପଣାର ନିରଙ୍କୁଶ ଶାସନ ଜାହିର କରି ବାହାରନ୍ତି ଏବଂ ଭିନ୍ନ ଅନ୍ୟ ପ୍ରବୃତ୍ତିଗୁଡ଼ିକୁ ମାଡ଼ି ମକଚି ନଷ୍ଟ କରିଦେବାକୁ ମନ କରନ୍ତି । ବିଶେଷତଃ, ସତେଅବା ଏକ ଅନ୍ଧପ୍ରବୃତ୍ତି ଦ୍ୱାରା ଚାଳିତ ହୋଇ ଯେଉଁସବୁ ନୀତି ବା ମାର୍ଗକୁ ସେମାନେ ଆପଣାର ସ୍ୱକୀୟ ପ୍ରକୃତିଟିଠାରୁ ସବୁଠାରୁ ଅଧିକ ଦୂରବର୍ତ୍ତୀ ହୋଇ ରହିଥିବା ପରି ଅନୁଭବ କରନ୍ତି, ସେଗୁଡ଼ିକୁ ସେମାନେ ବିଶେଷ ଭାବରେ ନଷ୍ଟ କରିଦେବା ଲାଗି ଉତ୍ସାହିତ ହୋଇଥା'ନ୍ତି । ଏବଂ ଏହି ବିରୁଦ୍ଧ ଶକ୍ତିଗୁଡ଼ିକ ଯଦି ସେଗୁଡ଼ିକର କୌଣସି ପ୍ରତିରୋଧ କରିବାକୁ ଆସନ୍ତି, ତେବେ ଆପଣାକୁ ଜାରି ରଖିବା ଲାଗି ତାହାର ସେହି ବଳବତୀ ପ୍ରବୃତ୍ତିଟି ଅତ୍ୟନ୍ତ କ୍ରୁଦ୍ଧ ହୋଇଉଠେ, ହିଂସ୍ର ହୋଇଉଠେ ଓ ଉତ୍ପୀଡ଼ନ କରିବା ଲାଗି ବାହାରେ । ତେଣୁ ଏଭଳି ପରିସ୍ଥିତିରେ ପରସ୍ପର-ଅନୁକୂଳନର ସଂଘାତଟି ସ୍ଥାନରେ ସତେଅବା ଶତ୍ରୁ ଶତ୍ରୁ ମଧ୍ୟରେ ଏକ ସଂଘର୍ଷ ଲାଗିଯାଏ, ଏହି ପ୍ରକ୍ରିୟାରେ କେଡ଼େ ହିଂସ୍ର ଓ ତୀବ୍ର ଭାବରେ କେତେ ଉଠାପକା ଓ କେତେ ଦୋଳନ-ଆନ୍ଦୋଳନ ଲାଗିଥାଏ, କେତେ କ୍ରିୟା ଓ ପ୍ରତିକ୍ରିୟା ହେବାରେ ଲାଗିଥାଏ, ଏ ପାଖଟି ବା ସେପାଖଟି ଯୁଦ୍ଧରେ ଜୟଲାଭ କରିବା ପର୍ଯ୍ୟନ୍ତ ସତତ କେତେ କେତେ ବିବର୍ତ୍ତନ ଓ ବିଦ୍ରୋହ ଲାଗି ରହିଥାଏ ।

'oaob.nitrkl.ac.in' images reprocessed

ମନୁଷ୍ୟସମାଜର ଅତୀତ ବିକାଶରେ ଠିକ୍ ଏହାହିଁ ଘଟି ଆସିଛି; ଧର୍ମଗତ, ସାମାଜିକ ବା ରାଜନୀତିକ, ମନୁଷ୍ୟର ଇତିହାସରେ ଯେତେବେଳେ ଯେତେଯେତେ ବୃହତ୍ ଗଠନ ବା ବିକାଶମାନ ହୋଇ ଆସିଛି, ସେଥିରେ ସବୁଠାରେ ବ୍ୟବସ୍ଥା ଏବଂ ସମରୂପତା ସ୍ୱାଧୀନତା ସହିତ ସଂଗ୍ରାମ ଲଗାଇ ଆସିଛି । ନିକଟ ଭବିଷ୍ୟତରେ ଏହି ବିକାଶଟି ଏକ ଅଧିକ ବୁଦ୍ଧିଯୁକ୍ତ ରୀତିରେ ହେବ ବୋଲି ଭବିଷ୍ୟବାଣୀ କରି ପାରିବାକୁ ଆମପାଖରେ ଏପର୍ଯ୍ୟନ୍ତ ଆପାତତଃ କୌଣସି କାରଣ ନାହିଁ । ଅବଶ୍ୟ ଏକଥା ସତ ଯେ, ତା' ଇତିହାସର ବିଗତ ଯେକୌଣସି ଜ୍ଞାତ ପର୍ଯ୍ୟାୟର ତୁଳନାରେ ମନୁଷ୍ୟ ବସ୍ତୁତଃ ବର୍ତ୍ତମାନ ଅଧିକ ସାଧାରଣ ଭାବରେ ଏକ ବୁଦ୍ଧିଯୁକ୍ତ ଓ ବୁଦ୍ଧି-ପରିଚାଳିତ ପ୍ରାଣୀରେ ପରିଣତ ହୋଇ ଆସୁଥିବା ପରି ନିଶ୍ଚୟ ପ୍ରତୀତ ହେଉଛି, ମାତ୍ର, ତା' ବିକାଶର ଗୋଟିଏ ବା ଦୁଇଟି ଦିଗକୁ ବାଦ୍‌ଦେଲେ, ତା'ର ମନ ଯେ ସେହି କାରଣରୁ ବୁଦ୍ଧି ଦ୍ୱାରାହିଁ ଅଧିକ ପାରିମାଣରେ ପରିଚାଳିତ ହେଉଛି ବା ତା'ର ସମଗ୍ର ଜୀବନଭାବଟି ଯେ ଅଧିକ ସମତାଯୁକ୍ତ ହୋଇ ପାରିଛି, ସେକଥା କଦାପି କୁହାଯାଇ ପାରିବ ନାହିଁ । କାରଣ, କୌଣସି ଏକ ବୁଦ୍ଧି-ଉଚିତ ସହମତିରେ ଆସି ଉପନୀତ ହେବା ଅପେକ୍ଷା ସିଏ ସଂଘର୍ଷ ତଥା ପାରସ୍ପରିକ ବିରୋଧକୁ ଉଚିତ ବୋଲି ଦର୍ଶାଇ ଦେବାକୁହିଁ ଆପଣାର ବୁଦ୍ଧିଶକ୍ତିକୁ ତଥାପି ଅନେକ ଅଧିକ ସାଧାରଣ ଭାବରେ କାମରେ ଲଗାଇବାରେ ଲାଗିଛି । ଏବଂ ତା'ର ମନ ଓ ତା'ର ବୁଦ୍ଧି ସର୍ବଦା ଅତ୍ୟଧିକ ପରିମାଣରେ ତା'ର ପ୍ରାଣିକ ବାସନା ଏବଂ ଅତ୍ୟାକାଂକ୍ଷା-ଗୁଡ଼ିକର ବଶବର୍ତ୍ତୀ ହୋଇ ରହିଛି । ତେଣୁ ଆମକୁ ଏହି କଥାଟି ଅବଶ୍ୟ ଅନୁମାନ କରିନେବାକୁ ହେବ ଯେ ଯଥାସମ୍ଭବ ଅଧିକରୁ ଅଧିକ ଉତ୍ତମ ପରିସ୍ଥିତିରେ ମଧ୍ୟ ତା' ବିକାଶର ସେହି ପୁରାତନ ରୀତିଟିହିଁ ତା' ଜୀବନରେ ଅଧିକ ପ୍ରଭାବଶାଳୀ ହୋଇ ରହିବ ଏବଂ ମଣିଷକୁ ମଣିଷ ସହିତ ଏକତାବଦ୍ଧ କରି ଆଣିବାର ପ୍ରତ୍ୟେକ ଉଦ୍ୟମରେ ସେହି ପୁରୁଣା ସଂଘର୍ଷଟିରହିଁ ବାରବାର ଆଶ୍ରୟ ନିଆ ଯାଉଥିବ । କର୍ତ୍ତୃତ୍ୱ ଏବଂ ବ୍ୟବସ୍ଥାର ନୀତିଟି ସର୍ବଦା ଏକ ଯାନ୍ତ୍ରିକ ଏକତ୍ରୀକରଣ ଦିଗରେ ପ୍ରୟାସ କରିବାରେ ଲାଗିଥିବ; ଅନ୍ୟ ପକ୍ଷରେ ସ୍ୱାଧୀନତାର ନୀତିଟି ତାହାର ପ୍ରତିରୋଧ କରୁଥିବ ଏବଂ ଏକ ଅଧିକ ନମନଶୀଳ, ମୁକ୍ତ ଏବଂ ପ୍ରଶସ୍ତ ପଦ୍ଧତି ଲାଗି ଦାବି କରିବାରେ ଲାଗିଥିବ । ଜାତିଗଠନର କାଳରେ ବିଭିନ୍ନ ପର୍ଯ୍ୟାୟର କ୍ରମବୃଦ୍ଧିଶୀଳ ଆକୃତିଗୁଡ଼ିକୁ ଆପଣାର ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସେମାନେ ଅତୀତରେ ଯେପରି ଭାବରେ ସଂଗ୍ରାମ କରି ଆସିଲେ, ମନୁଷ୍ୟସମାଜର ଏକତାଟିକୁ ମଧ୍ୟ ଆପଣା ନିୟନ୍ତ୍ରଣରେ ରଖିବାକୁ ଦୁଇ ପୁରାତନ ପରିପନ୍ଥୀ ଠିକ୍ ସେହିପରି ଭାବରେହିଁ ସଂଗ୍ରାମ କରିବେ । ଏହି ପ୍ରକ୍ରିୟାଟି ମଧ୍ୟରେ, ଅପେକ୍ଷାକୃତ ଅଧିକ ସଂକୀର୍ଣ୍ଣ ଶକ୍ତିଟି ଲାଗି ପରିସ୍ଥିତି ଅଧିକ ଅନୁକୂଳ ହେବାରହିଁ ସମ୍ଭାବନା

'oaob.nitrkl.ac.in' images reprocessed

ଥିବାରୁ ଜାତୀୟ ତଥା ବ୍ୟକ୍ତିଗତ ସ୍ୱତନ୍ତ୍ରତା ଉଭୟେ ଶୋଚନୀୟ ଅବସ୍ଥାରେ ଆସି ପଡ଼ିଯିବେ । ହଁ, ଏହି ଶକ୍ତିଟିର ବିରୋଧରେ ସେମାନେ ନାନା କାନୁନ ଓ କଟକଣାର କମାଣଧାଡ଼ିର ଗୁଳିବର୍ଷଣ ଆଗରେ ଠିଆ ହେବାକୁ ବାଧ ନ ହେଲେ ଓ ଆମକୁ ଏହିପରି ଏକ ସାମରିକ ନିର୍ବାଣର ଗତି ଲଭିବାକୁ ନ ପଡ଼ିଲେ ତାହାହିଁ କେତେ ସୁଖର କଥା ହେବ !

ମାତ୍ର, ସ୍ୱୟଂ ଜାତିଗୁଡ଼ିକର କ୍ଷେତ୍ରରେ ବ୍ୟକ୍ତି-ସ୍ୱତନ୍ତ୍ରତାର ଭାବନାଟି ଆପଣାର ସେହି ପୁରାତନ ଶକ୍ତିମନ୍ତତାରେ ତଥାପି ସମୃଦ୍ଧ ହେବାରେ ଲାଗିଥିଲେ ହୁଏତ ଏପରି ଏକ ଘଟଣାକୁ ଏଡ଼ାଇ ଦିଆଯାଇ ପାରିବ । କାରଣ ସେତେବେଳେ ତାହା, ଏକ ଅନ୍ତର୍ଗତ ସହାନୁଭବ ଦ୍ୱାରା ପ୍ରେରିତ ହୋଇ ତଥା ଆପଣାର ନିଜ ହିତଟି ଲାଗି ମଧ୍ୟ ସମଗ୍ରଟି ମଧ୍ୟରେ ରହିଥିବା ସବୁ ଜାତିଙ୍କର ସମ୍ମାନଗୁଡ଼ିକ ପାଇଁହିଁ ସମ୍ମାନ ଦାବି କରି ବାହାରିବ । ମାତ୍ର, ବର୍ତ୍ତମାନ ଯାହା ଯେପରି ଦେଖାଯାଉଛି, ଆମେ ପୃଥିବୀରେ ଏଭଳି ଗୋଟିଏ ପର୍ଯ୍ୟାୟ ଭିତରକୁ ପ୍ରବେଶ କରିବାକୁ ଯାଉଛୁ, ଯେଉଁଥିରେ କି ବ୍ୟକ୍ତି-ସ୍ୱତନ୍ତ୍ରତାର ଆଦର୍ଶଟି ରାଷ୍ଟ୍ରବିଚାରର ଛତ୍ରଛାୟା ମଧ୍ୟକୁ ଆସି ସତେଅବା ବିଧିନିର୍ଦ୍ଦିଷ୍ଟ ଭାବରେ ସମ୍ପୂର୍ଣ୍ଣରୂପେ ତାହାରି ଦ୍ୱାରାହିଁ ଆଚ୍ଛନ୍ନ ହୋଇ ରହିଯିବ; ଏକ ପ୍ରକାରର ଅସ୍ଥାୟୀ ମୃତ୍ୟୁ ଅଥବା ଅନ୍ତତଃ ଦୀର୍ଘକାଳବ୍ୟାପୀ ଏକ ଜଡ଼ତା, ନିଷ୍କ୍ରିୟ ଅବସ୍ଥା ବା ନିଦ୍ରାର ବଶବର୍ତ୍ତୀ ହେବାକୁ ନ ପଡ଼ିଲେ ମଧ୍ୟ ତାହା ନିଶ୍ଚୟ ଏହିପରି ଏକ ଗ୍ରାସ ଭିତରେ ଆସି ପଡ଼ିଯିବ । ଏକତ୍ରୀକରଣର ପ୍ରକ୍ରିୟାରେ ଯେଉଁସବୁ ସଂକୋଚନ ଏବଂ ଯନ୍ତ୍ରୀକରଣ ମଧ୍ୟଦେଇ ଗତି କରିବାକୁ ପଡ଼ିବ, ତାହା ଯୁଗପତ୍ ଭାବରେ ତଦନ୍ତର୍ଗତ ପ୍ରତ୍ୟେକ ଏକକଟି ମଧ୍ୟରେ ବି ସେହିପରି ଏକ ସଂକୋଚନର ଓ ଯନ୍ତ୍ରୀକରଣର ପ୍ରକ୍ରିୟାକୁ ଆଣି ଜନ୍ମ ଦେବ । ତେବେ ଏହି ଦୋହରା ପ୍ରକ୍ରିୟାଟି ମଧ୍ୟରେ ସ୍ୱତନ୍ତ୍ରତାର ଭାବନାଟି ସୁରକ୍ଷିତ ଏବଂ ସୁପରିପାଳିତ ହୋଇ ରହିବା ଲାଗି ଆଉ କେଉଁଠି ବା ଅବକାଶ ରହିବ ? ଏହି ଦୋହରା ପ୍ରକ୍ରିୟାଟିରେ ସ୍ୱତନ୍ତ୍ରତାର ସେହି ପୁରାତନ ବ୍ୟାବହାରିକ ରୂପଗୁଡ଼ିକ ହୁଏତ ଅବଶେଷରେ ଅନ୍ତର୍ହିତ ହୋଇଯିବ; ଏବଂ ସେତେବେଳେ, ମନୁଷ୍ୟମନର ଏକ ନୂତନ ଓ ଶକ୍ତିମନ୍ତ ଆଧ୍ୟାତ୍ମିକ ବା ବୁଦ୍ଧିପ୍ରେରିତ ଗତିଶୀଳତାରୁ ସ୍ୱତନ୍ତ୍ରତାର ଯେଉଁ ନୂତନ ସୂତ୍ରୀକରଣଟି ହେବ, ସେଇଟିରେହିଁ ସୁସ୍ଥ ଅଗ୍ରଗତିର ଏକମାତ୍ର ଆଶା ନିହିତ ହୋଇ ରହିଥିବ । ସେହି ନୂତନ ସୂତ୍ରୀକରଣ ବ୍ୟକ୍ତି-ସ୍ୱାଧୀନତାକୁ ଏକ ଗୋଷ୍ଠୀବଦ୍ଧ ଜୀବନର ସାମୂହିକ ଆଦର୍ଶଟି ସହିତ ଏକାଠି ଆଣି ଗଅଁଠାଇ ଦେଇ ପାରିବ, ଗୋଷ୍ଠୀ-ଏକକର ସ୍ୱାଧୀନତାକୁ ମଧ୍ୟ ସମଗ୍ର ମନୁଷ୍ୟଜାତି ଲାଗି ଏକ ଅଧିକ ଏକତ୍ୱବଦ୍ଧ ଜୀବନର ଏହି ନବଜାତ ଆବଶ୍ୟକତାଟି ସହିତ ସମଞ୍ଜସ କରି ରଖି ପାରିବ ।

'oaob.nitrkl.ac.in' images reprocessed

କିନ୍ତୁ ସେହି ସ୍ଥିତିଟି ଆସି ପହଞ୍ଚିବା ପୂର୍ବରୁ, ଆମକୁ ଆଉଗୋଟିଏ କଥାର ବିଚାର କରିବାକୁ ହେବ । ସେହି ବାହ୍ୟ, ଅର୍ଥାତ୍ ରାଜନୀତିକ ଓ ପ୍ରାଶାସନିକ ପଦ୍ଧତିଟି ଯେଉଁସବୁ ଦିଗ ଲାଗି ସାଧାରଣତଃ ଅଧିକ ଅନୁକୂଳ ହୋଇ ରହିଥାଏ, ସେହି ଅଧିକ ବହିର୍ଗତ ଏବଂ ଯାନ୍ତ୍ରିକ ଦିଗଗୁଡ଼ିକର କ୍ଷେତ୍ରରେ ଆମେ ଏକତ୍ରୀକରଣର ଆଦର୍ଶଟିକୁ ପ୍ରକୃତରେ କେତେଦୂର ଅଗ୍ରସର କରାଇ ନେଇଯାଇ ପାରିବା ବୋଲି ସମ୍ଭାବନା ରହିଛି, ଆମକୁ ସେହି ବିଷୟଟିର ବିଚାର କରିବାକୁ ହେବ । ଏବଂ, ଆପଣାର ଅପେକ୍ଷାକୃତ ଅଧିକ ଅତିଶୟତାଯୁକ୍ତ ସୂତ୍ରରୂପଗୁଡ଼ିକରେ ସେଗୁଡ଼ିକ ମନୁଷ୍ୟଜାତିର ପରିପୂର୍ଣ୍ଣତା ଲାଭ କରିବା ଦିଗରେ ଏକ ଯଥାର୍ଥ ପ୍ରଗତିର ପଥରେ କେତେଦୂର ଅନୁକୂଳ ବା ଅନନୁକୂଳ ହୋଇ କାର୍ଯ୍ୟ କରିବେ, ଆମେ ସେହି କଥାଟିର ବିଚାର ମଧ୍ୟ କରିବା । ଏକତ୍ରୀକରଣର ଏହି ପ୍ରକ୍ରିୟାଟି ଦ୍ୱାରା ଖାସ୍ ଜାତୀୟତାର ଆଦର୍ଶଟି ଉପରେ ମଧ୍ୟ ହୁଏତ କେତେଦୂର ଆଞ୍ଚ ଆସିବ, ଏଇଟି ହୁଏତ ସମ୍ପୂର୍ଣ୍ଣ ଭାବରେ ବିଲୁପ୍ତ ହୋଇଯିବ, ଅଥବା, ଯଦି ସେଇଟି ତଥାପି ବଞ୍ଚିରହେ, ତେବେ ନୂତନଗଠିତ ଏକତାକ୍ଷେତ୍ରଟିର ଜୀବନରେ ଜାତି-ଏକକଟିର ପ୍ରକୃତରେ କିଭଳି ସ୍ଥାନ ରହିବ, ଆମେ ସେହି କଥାଟିର ବିଚାର କରିବା । ଏଠାରେ ନିୟନ୍ତ୍ରଣରହିଁ ଏକ ପ୍ରଶ୍ନ ଆସି ଉତ୍‌ଥାପିତ ହେବ, ସାମୂହିକ ଜୀବନଯାପନର ବିଜ୍ଞାନରେ ଏହି ନୂତନ ଜଟିଳତାମୟ ସମସ୍ୟାଟିର କ୍ଷେତ୍ରରେ "ସମଗ୍ର ମନୁଷ୍ୟଜାତି ପାଇଁ ଗୋଟିଏ ପାର୍ଲିଆମେଣ୍ଟ" ଓ ରାଜନୀତିକ ସଂଗଠନ– ବିଷୟକ ଅନ୍ୟ ବିଚାରଗୁଡ଼ିକର ପ୍ରକୃତରେ କିପରି ପ୍ରୟୋଗ କରାଯିବ, ଏଠାରେ ସେହି ପ୍ରଶ୍ନଟି ମଧ୍ୟ ଉତ୍ଥାପିତ ହେବ । ତୃତୀୟତଃ, ଏହି କ୍ଷେତ୍ରରେ ସମରୂପତାର ପ୍ରଶ୍ନଟି ମଧ୍ୟ ରହିଛି । ସେହି ସମରୂପତା ମନୁଷ୍ୟଜାତିର ଜୀବନରେ କେତେଦୂର ସ୍ୱାସ୍ଥ୍ୟକର ହୋଇପାରିବ ବା ମନୁଷ୍ୟଜାତିକୁ ଏକତାବଦ୍ଧ କରି ରଖିବାରେ ତାହାର କେତେଦୂର ଆବଶ୍ୟକତା ରହିଛି, ଆମକୁ ସେହି ପ୍ରଶ୍ନଟିର ବି ବିଚାର କରିବାକୁ ହେବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏଠାରେ ଆମକୁ ଏପରି ସବୁ ସମସ୍ୟା ଓ ପ୍ରଶ୍ନର କ୍ଷେତ୍ର ମଧ୍ୟରେ ପ୍ରବେଶ କରିବାକୁ ହେବ, ଯେଉଁଗୁଡ଼ିକୁ କି ଆମକୁ ଅପେକ୍ଷାକୃତ ଅନେକ ଅଧିକ ଅମୂର୍ତ୍ତ ଭାବରେ ଆଲୋଚନା କରିବାକୁ ପଡ଼ିବ; ଆମେ ଏପର୍ଯ୍ୟନ୍ତ ଯେଉଁସବୁ ସମସ୍ୟାର ବିଚାର କରିଥିଲୁ, ସେଗୁଡ଼ିକ ତୁଳନାରେ ବାସ୍ତବିକତାର ଅନେକ ଅଧିକ କମ୍ ଖିଆଲ ରଖି ଏଗୁଡ଼ିକର ବିଚାର କରିବାକୁ ପଡ଼ିବ । କାରଣ ଏହିସବୁ ସମସ୍ୟା ଏକ ଅନ୍ଧକାରମୟ ଭବିଷ୍ୟତ ମଧ୍ୟରେହିଁ ଅବସ୍ଥିତ ରହିଛି ଏବଂ ଆମ ଅତୀତର ଅଭିଜ୍ଞତା ଗୁଡ଼ିକରୁହିଁ ଆମେ ଯାହାକିଛି ଆଲୋକ ସଂଗ୍ରହ କରି ପାରିବା, ଜୀବନର ସାଧାରଣ ରୀତିଗୁଡ଼ିକରୁ, ଓ ପ୍ରକୃତି ତଥା ସମାଜଶାସ୍ତ୍ରର ସାଧାରଣ ନିୟମଗୁଡ଼ିକରୁ ଯାହାକିଛି ଆଲୋକ ସଂଗ୍ରହ କରି ପାରିବା । ବର୍ତ୍ତମାନର ସ୍ଥିତିଟି ଆମକୁ ଯେଉଁ ସମାଧାନଟି

'oaob.nitrkl.ac.in' images reprocessed

ସମ୍ବନ୍ଧରେ କେବଳ ଏକ ଅତ୍ୟନ୍ତ କ୍ଷୀଣ ଆଲୋକ ଆଣି ଦେଇ ପାରୁଛି, ତାହା କାଳର ଗତିପଥରେ ଟିକିଏ ଅଧିକ ଦୂରକୁ ଭେଦି କରି ରହିଛି, ଅଗଣନୀୟ ସମ୍ଭାବନାର ଏକ ଛାୟାମୟ ଅନ୍ଧକାର ମଧ୍ୟକୁହିଁ ତାହା ବିସ୍ତୃତ ହୋଇ ରହିଛି । ଆମେ ଏ ବିଷୟରେ ଆଗରୁ କିଛିହେଲେ ଦେଖି ପାରିବା ନାହିଁ, ଆମେ କେବଳ କେତୋଟି ଅନୁମାନମାତ୍ର କରିପାରିବା ଏବଂ କେତୋଟି ସାଧାରଣ ନୀତିରହିଁ ବୟାନ କରି ପାରିବା ।

ଆମେ ଦେଖୁଛୁ ଯେ ଅଳ୍ପ ବା ବହୁତ ପରିମାଣରେ ସମ୍ଭାବ୍ୟ ହୋଇ ରହିଥିବା ବେଶ୍ କେତୋଟି ସାଲିସ୍ ସମ୍ବନ୍ଧରେ ସର୍ବଦା ଦୁଇଟି ଚରମ ସମ୍ଭାବନା ରହିଛି । ବର୍ତ୍ତମାନ ଅବସ୍ଥାରେ ଜାତିହିଁ ମନୁଷ୍ୟ-ସମଷ୍ଟିର ଏକ ଦୃଢ଼ ଗୋଷ୍ଠୀ-ଏକକରୂପେ ପ୍ରତିଷ୍ଠିତ ହୋଇ ରହିଛି, ଅନ୍ୟ ଯାବତୀୟ ଏକକ ଏଇଟିର ଅଧୀନ ହୋଇ ରହିବାର ଏକ ପ୍ରବୃତ୍ତି ଦୃଷ୍ଟିଗୋଚର ହେଉଛି । ଏପରିକି ଆଗରୁ ଯାହା ସାମ୍ରାଜ୍ୟିକ ହୋଇ ରହି ଆସିଥିଲା, ସେଇଟି ମଧ୍ୟ ଏବେ କ୍ରମଶଃ ଜାତୀୟ କ୍ଷେତ୍ରରହିଁ ଏକ ବିକାଶରେ ପରିଣତ ହୋଇ ସାରିଲାଣି; ଏବଂ ସାମ୍ରାଜ୍ୟକାଳୀନ ରୋମାନ୍ ଜଗତଟି ସେହି ଯୁଗରେ ଯେପରି ଅତ୍ୟନ୍ତ ସଚେତନ ଭାବରେ ଏକ ବୃହତ୍ତର ସମୂହର ହିତ ଲାଗି ଜୀବନଧାରଣ କରୁଥିଲା, ଏବେ ସାମ୍ରାଜ୍ୟଗୁଡ଼ିକ ଆଦୌ ସେପରି କରୁ ନାହାନ୍ତି; ସେଗୁଡ଼ିକ ବର୍ତ୍ତମାନ ଅନ୍ୟ ଉପରେ ଅଧିକାର-ବିସ୍ତାର ଓ ସମ୍ପ୍ରସାରଣର ଅନ୍ତର୍ଗତ ପ୍ରବୃତ୍ତିଟିର ଚରିତାର୍ଥ କରିବାକୁହିଁ ଜୀବନଧାରଣ କରୁଛନ୍ତି, ସେମାନେ ଅଧିକରୁ ଅଧିକ ଭୂମି ଦଖଲ କରିବା ଲାଗି କ୍ଷୁଧାର୍ତ୍ତ ହୋଇ ରହିଛନ୍ତି, ଅଧିକରୁ ଅଧିକ ଅର୍ଥ ଓ ପଣ୍ୟ ଲାଗି କ୍ଷୁଧାର୍ତ୍ତ ହୋଇ ରହିଛନ୍ତି, ଶକ୍ତିମନ୍ତ ଓ ସମ୍ପଦଶାଳୀ ଜାତିମାନଙ୍କର ପ୍ରାଣିକ, ବୁଦ୍ଧିଗତ ଏବଂ ସାଂସ୍କୃତିକ ଆକ୍ରମକତାର ଚରିତାର୍ଥତା ଲାଗି ରହିଛନ୍ତି । ଅବଶ୍ୟ ତାହାଦ୍ୱାରା ଯେ ଜାତି-ଏକକଟି ସାମୂହିକ ଜୀବନର ଏକ ବୃହତ୍ତର ଆଦର୍ଶ ମଧ୍ୟରେ ଯାଇ କାଳକ୍ରମେ ବିଲୀନ ହୋଇଯିବ, ଏହାଦ୍ୱାରା ସେହି ସମ୍ଭାବନାଟି ଆଦୌ ଖଣ୍ଡିତ ହୋଇଯାଉ ନାହିଁ । ମନୁଷ୍ୟସମାଜ ଏକତ୍ୱବଦ୍ଧ ହେବା ପରେ ମଧ୍ୟ ଗୋଷ୍ଠୀ-ଏକକମାନ ସର୍ବଦା ଅବଶ୍ୟ ରହିଥିବ, ସେହି ଏକତ୍ୱଟି ଯେତେ ସମ୍ପୂର୍ଣ୍ଣ, ଅସହିଷ୍ଣୁ ଏବଂ ସମରୂପ ହୋଇ ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ଗୋଷ୍ଠୀ-ଏକକଗୁଡ଼ିକ ରହିଥିବ, କାରଣ ସେଇଟିକୁ ଯେ ଆମେ କେବଳ ମନୁଷ୍ୟ-ସ୍ୱଭାବର ସ୍ୱକୀୟ ରୀତି ବୋଲି ଜାଣିବା ତା' ନୁହେଁ, ସମଗ୍ର ଜୀବନ ଏବଂ ଯାବତୀୟ ସମୂହ ମଧ୍ୟ ପ୍ରକୃତରେ ସେହି ରୀତିଟିକୁ ଅନୁସରଣ କରି କାର୍ଯ୍ୟ କରନ୍ତି । ଏଠାରେ ଆମେ ବିଶ୍ୱ-ବିଧାନର ଏକ ଅତ୍ୟନ୍ତ ମୌଳିକ ନିୟମ ବିଷୟରେହିଁ ଆଲୋଚନା କରୁଛୁ, ସୃଷ୍ଟିର ସର୍ବମୌଳିକ ଗଣିତ ଏବଂ ଭୌତିକଶାସ୍ତ୍ର ବିଷୟରେ ଆଲୋଚନା କରୁଛୁ । ମାତ୍ର ସେଥିରୁ ଏପରି କୌଣସି ଅର୍ଥ ବାହାରିବା ଉଚିତ ନୁହେଁ ଯେ ଜାତି କେବଳ ଏକମାତ୍ର ଗୋଷ୍ଠୀ-ଏକକ ରୂପେ

'oaob.nitrkl.ac.in' images reprocessed

ଅବଶ୍ୟ ବିଦ୍ୟମାନ ରହିଥିବ । ହୁଏତ ଏଇଟି ଏକାବେଳେ ଅନ୍ତର୍ହିତ ମଧ୍ୟ ହୋଇଯାଇପାରେ; ଏପରିକି ବର୍ତ୍ତମାନ ମଧ୍ୟ ଜାତି-ଧାରଣାଟିକୁ ବର୍ଜନ କରା ଯାଉଥିବାର ସୂଚନା ମଧ୍ୟ କ୍ରମେ ଦେଖିବାକୁ ମିଳିଲାଣି; ଏଣିକି କୌଣସି ପିତୃଭୂମି ବା ମାତୃଭୂମି ରହିବ ନାହିଁ, ଆମେ ସମସ୍ତେ କୌଣସି ବିଶେଷ ଜାତିର ନୁହେଁ, ମାତ୍ର ସମଗ୍ର ବିଶ୍ୱର ଯେ ନାଗରିକ ହୋଇ ରହିବା, ଏହି ବିପରୀତ ବିଚାରଟି ମଧ୍ୟ ଜନ୍ମଲାଭ କଲାଣି । ଏହି ବିଚାରଟିହିଁ ଯୁଦ୍ଧ ପୂର୍ବରୁ ଏକ କ୍ରମବୃଦ୍ଧିଶୀଳ ବିଚାର ହୋଇ ରହିଥିଲା ଏବଂ ସାମୟିକ ଭାବରେ ଏଇଟି ଯୁଦ୍ଧ ଦ୍ୱାରା ସଂଗ୍ରସ୍ତ, ଶାନ୍ତ ଏବଂ ନିରୁତ୍ସାହିତ ହୋଇ ପଡ଼ିଥିଲେ ମଧ୍ୟ ଏଇଟିକୁ ଯେ ଏକାବେଳକେ ମାରି ଦିଆଯାଇଛି, ସେକଥା କଦାପି କୁହାଯାଇ ପାରିବ ନାହିଁ; ଏକ ପରବର୍ତ୍ତୀ ଯୁଗରେ ଏଇଟି ଯେ ଅଧିକତର ତୀବ୍ରତା ସହିତ ପୁନର୍ବାର ମୁଣ୍ଡଟେକି ଉଠିବ, ସେହି ସମ୍ଭାବନାଟି ସମ୍ପୂର୍ଣ୍ଣ ମାତ୍ରାରେ ରହିଛି । ଅନ୍ୟ ପକ୍ଷରେ, ତାହାକୁ ଯେତେ ଯାହା ସଂଗ୍ରାମ କରିବାକୁ ପଡୁ ଅଥବା ବାହାରୁ ଦେଖିବାକୁ ତାହାର ଯେତେବେଶୀ ହ୍ରାସ ଘଟୁ ପଛକେ, ଜାତିର ବିଚାରଟି ହୁଏତ ପୂର୍ଣ୍ଣ ପ୍ରାଣବନ୍ତତା ସହିତ ତଥାପି ବଞ୍ଚି ରହିବ ଏବଂ ବୃହତ୍ତର ଏକତ୍ୱଟିର ପରିସର ମଧ୍ୟରେ ବି ଆପଣାର ଜୀବନ, ଆପଣାର ସ୍ୱତନ୍ତ୍ରତା ତଥା ଆପଣାର ଶକ୍ତିମୟ ବୈଶିଷ୍ଟ୍ୟଟିକୁ ବଜାୟ ରଖିବାକୁ ଚେଷ୍ଟା ମଧ୍ୟ କରିବ । ପରିଶେଷରେ, ଅନ୍ୟଏକ ସମ୍ଭାବନା ରୂପେ ତାହା ହୁଏତ ବଞ୍ଚି ରହିବ, ମାତ୍ର ତାହାର ପ୍ରାଣଶକ୍ତିଟି ସେତେବେଳେ ଅନେକ ପରିମାଣରେ କମ୍ ହୋଇଯିବ ଏବଂ ତାହା ଆଉ କାହାରି ଅଧୀନ ହୋଇ ରହିଥିବ, ବା ଏପରିକି ତାହାର ଆଉ କୌଣସି ପ୍ରକୃତ ପ୍ରାଣବନ୍ତତା ରହି ନ ଥିବ, ଆପଣାର ଏକ ବିଶେଷ ଅସ୍ତିତ୍ୱ ବହନ କରି ସ୍ୱତନ୍ତ୍ର ବା ବିଚ୍ଛିନ୍ନ ହୋଇ ରହିବା ଲାଗି ତାହାଭିତରେ ଆଉ କୌଣସି ଜୀବନ୍ତ ପ୍ରେରଣା ମଧ୍ୟ ନ ଥିବ; ତାହା କେବଳ ଏକ ସୁବିଧାଜନକ ଛାଞ୍ଚ ହୋଇ ରହିବ, ମନୋଭୂମିଗତ କୌଣସି ସତ୍ୟ ହୋଇ ନ ରହି ତାହା ଏକ ଫରାସୀ ବିଭାଗ ବା ଏକ ଇଂରେଜୀ ତାଲୁକା ପରି ଗୋଟିଏ ପ୍ରାଶାସନିକ ବ୍ୟାପାର ହୋଇ ରହିବ । ମାତ୍ର ତଥାପି ତାହା ଭିତରେ ବେଶ୍ ଯଥେଷ୍ଟ ପରିମାଣରେ ଏକ ଯନ୍ତ୍ରବତ୍ ବିଶିଷ୍ଟତା ମଧ୍ୟ ସଂରକ୍ଷିତ ହୋଇ ରହିପାରେ ଯାହାକି କୌଣସି ପରବର୍ତ୍ତୀ ପର୍ଯ୍ୟାୟରେ ମନୁଷ୍ୟ-ଏକତାକୁ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗିରୁଜି ଦେବା ଲାଗି ଏକ ପ୍ରଥମବିନ୍ଦୁ ପରି ଅବଶ୍ୟ କାର୍ଯ୍ୟ କରିପାରେ । ଯଦି ମନୁଷ୍ୟଜାତିର କୌଣସି ପ୍ରକୃତ ଏକତ୍ୱୀକରଣ ନ ହୋଇ ତାହାକୁ କେବଳ ଯାନ୍ତ୍ରିକ ଭାବରେ ଗୋଟିଏ କରି ରଖିବାର ଚେଷ୍ଟା କରାଯାଏ, ତେବେ ସେହି ବିଲୟଟି ଅନିବାର୍ଯ୍ୟ ଭାବରେ ଆସିବ; ଅର୍ଥାତ୍, ଯଦି ମନୁଷ୍ୟଜାତିର ଏକତାଟିକୁ ରାଜନୀତିକ ଓ ପ୍ରାଶାସନିକ ଅଭିପ୍ରାୟ ଦ୍ୱାରାହିଁ ଶାସିତ ଓ ପରିଚାଳିତ କରାଯାଏ, କେବଳ ଯଦି ସେହି ଆର୍ଥିକ, ସାମାଜିକ ଅଥବା କେବଳ ସଂସ୍କୃତିଗତ ସୁବିଧାଜନକତାର

'oaob.nitrkl.ac.in' images reprocessed

ଦୃଷ୍ଟିଟିହିଁ ତାହାର ସମର୍ଥନ କରୁଥାଏ ଏବଂ ମନୁଷ୍ୟଜାତିର ଆଧ୍ୟାତ୍ମିକ ଅଖଣ୍ଡତାର ପ୍ରତିଷ୍ଠା ସକାଶେ ସେହି ଏକତା ଯଦି ଏକ ଭୌତିକ ଭିତ୍ତିରୂପେ ବ୍ୟବହୃତ ହୋଇ ନ ପାରେ, ତେବେ ସେହି ବିଲୟଟି ନିଶ୍ଚୟ ଆସି ପହଞ୍ଚିବ ।

ସମରୂପତାର ଆଦର୍ଶଟି ବିଷୟରେ ମଧ୍ୟ ଠିକ୍ ସେହି କଥାଟି କୁହାଯାଇ ପାରିବ; କାରଣ ଏପରି ଅନେକ ମନର ଉଦାହରଣ ଦେଖିବାକୁ ମିଳିବ, ବିଶେଷ କରି ଏକାବେଳେକେ କଠିନ ଏବଂ ଗୋଟିଏ ଯନ୍ତ୍ରବତ୍ ଛାଞ୍ଚରେ ପଡ଼ିଯାଇଥିବା ମନଗୁଡ଼ିକରେ ଏହି କଥାଟି ବିଶେଷ କରି ଦେଖିବାକୁ ମିଳିବ ଯେ ସେହିସବୁ କ୍ଷେତ୍ରରେ କଳ୍ପନାଶକ୍ତି ଏବଂ ମୁକ୍ତ ପ୍ରାଣିକ ପ୍ରବୃତ୍ତିଟି ତୁଳନାରେ ନ୍ୟାୟଯୁକ୍ତି ଏବଂ ବୌଦ୍ଧିକତାହିଁ ଅଧିକ ସବଳ ହୋଇ ରହିଥିବ; ଅଥବା, ଏକ ବିଚାରର ସୌନ୍ଦର୍ଯ୍ୟଟି ଦ୍ୱାରା ଯେଉଁସବୁ ପ୍ରବୃତ୍ତି ବଡ଼ ସହଜରେ ଆକୃଷ୍ଟ ହୋଇଯାଇଥାଏ ଏବଂ ସେହି ବିଚାରଟିର ସୀମା ଓ ବାଡ଼ଗୁଡ଼ିକୁ ଭୁଲିଯିବାକୁହିଁ ଏକ ସହଜ ପ୍ରବୃତ୍ତି ଦେଖାଇଥାଏ, ସେଗୁଡ଼ିକ ଅପେକ୍ଷା ନ୍ୟାୟଯୁକ୍ତି ଓ ବୁଦ୍ଧିହିଁ ଅଧିକ ବଳବାନ୍ ହୋଇ ରହିଥିବ । ଏହିସବୁ ମନ ଲାଗି ସମରୂପତାହିଁ ଏକ ଆଦର୍ଶ ହୋଇ ରହିଥାଏ ଏବଂ ଅନେକ ସମୟରେ ସେମାନେ ତାହାକୁହିଁ ପ୍ରକୃତରେ ସର୍ବୋଚ୍ଚ ଆଦର୍ଶଟି ରୂପେ ବିଚାର କରି ନେଇଥା'ନ୍ତି ଏବଂ ତା' ବ୍ୟତୀତ ଆଉ କିଛିହେଲେ ଭାବି ପାରନ୍ତି ନାହିଁ । ଭବିଷ୍ୟତରେ ଏହି ସମରୂପତା ଯେ କେବେ ମନୁଷ୍ୟସମାଜର ଜୀବନରେ ଏକ ବାସ୍ତବତା ହୋଇ ରହିବ, ତାହା ଆଦୌ ଅସମ୍ଭବ ନୁହେଁ; ଅବଶ୍ୟ ଏକଥା ସତ ଯେ ବର୍ତ୍ତମାନର ପରିସ୍ଥିତିରେ ତାହା ଏକାନ୍ତ ଅବ୍ୟବହାର୍ଯ୍ୟ ବୋଲି ପ୍ରତୀତ ହେଉଛି ଏବଂ କେତୋଟି କ୍ଷେତ୍ରରେ ଏକ ଅତିଦୂର ଭବିଷ୍ୟତର ହୁଏତ ଏକ ସମ୍ଭାବନା ବ୍ୟତୀତ ବର୍ତ୍ତମାନ ତାହାର କୌଣସି କଳ୍ପନାହିଁ କରିହେଉ ନାହିଁ । ଏହାର କାରଣରୂପେ ଆମେ କହିପାରିବା ଯେ ଏବେ ଜୀବନକ୍ଷେତ୍ରରେ ସମରୂପତା ଆଡ଼କୁ ଏକ ଅତି ପ୍ରବଳ ଉତ୍ସାହ ଓ ଗତିଶୀଳତା ଦେଖିବାକୁ ମିଳୁଛି; ଅଭ୍ୟାସଗୁଡ଼ାକରେ ସମରୂପତା, ଜ୍ଞାନର କ୍ଷେତ୍ରରେ ସମରୂପତା ତଥା ରାଜନୀତି, ସମାଜ, ଅର୍ଥନୀତି ଏବଂ ଶିକ୍ଷା ଯାବତୀୟ କ୍ଷେତ୍ରରେ ସମରୂପତା ଲାଗିହିଁ ଏକ ପ୍ରବଳ ଆଗ୍ରହ ଦୃଷ୍ଟିଗୋଚର ହେଉଛି । ଏବଂ ଏଗୁଡ଼ିକୁ ସେସବୁର ଚୂଡ଼ାନ୍ତ ସୀମା ପର୍ଯ୍ୟନ୍ତ ଅନୁସରଣ କରି ଯିବା ବେଳକୁ ତାହା ସ୍ୱାଭାବିକ ଭାବରେ ସଂସ୍କୃତିର କ୍ଷେତ୍ରରେ ମଧ୍ୟ ଏକ ସମରୂପତା ମଧ୍ୟକୁ ଆମକୁ ପରିଚାଳିତ କରି ନେଇଯିବ । ଏବଂ ଆମେ ଯେତେବେଳେ ସେହି ସୀମାଟିରେ ଯାଇ ପହଞ୍ଚିଯିବା, ସେତେବେଳେ ସମ୍ପୂର୍ଣ୍ଣ ସମରୂପତାର ଏକ ମରଣସ୍ତରରେ ଯାଇ ପହଞ୍ଚିବା ଲାଗି ଏକମାତ୍ର ଗାର ବା ପ୍ରତିବନ୍ଧକ ରୂପେ କେବଳ ମଣିଷ ମଣିଷ ଭିତରେ ଭାଷାଗତ ବିଭିନ୍ନତାଟିହିଁ ବାକୀ ରହିଥିବ । କାରଣ ଏକଥା ସତ ଯେ ସ୍ୱୟଂ ବିଚାର ଦ୍ୱାରା ସୃଷ୍ଟ ତଥା ନିୟନ୍ତ୍ରିତ

'oaob.nitrkl.ac.in' images reprocessed

ହେଉଥିଲେହେଁ ଭାଷା ମଧ୍ୟ ଆମର ବିଚାର ଓ ଭାବନାକୁ ସୃଷ୍ଟି କରିଥାଏ ଓ ନିୟନ୍ତ୍ରଣ ବି କରିଥାଏ । ଏବଂ ତେଣୁ ଭାଷାର କ୍ଷେତ୍ରରେ ଯେପର୍ଯ୍ୟନ୍ତ ଏକ ଭିନ୍ନତା ରହିଥିବ, ସେତେବେଳ ପର୍ଯ୍ୟନ୍ତ ବିଚାର, ଜ୍ଞାନ ଓ ସଂସ୍କୃତିର କ୍ଷେତ୍ରରେ ମଧ୍ୟ କେତେକ ପରିମାଣରେ ଏକ ମୁକ୍ତ ସ୍ୱାତନ୍ତ୍ର୍ୟ ଅବଶ୍ୟ ରହିଥିବ । ମାତ୍ର ଏକଥାଟିର ମଧ୍ୟ ବେଶ୍ କଳ୍ପନା କରାଯାଇ ପାରିବ ଯେ ଯେତେବେଳେ ସଂସ୍କୃତିର କ୍ଷେତ୍ରରେ ଏକ ସାଧାରଣ ସମରୂପତା ହାସଲ ହୋଇଯିବ ଏବଂ ମନୁଷ୍ୟର ଜୀବନ ଅତି ନିବିଡ଼ ଭାବରେ ପରସ୍ପର ସହିତ ସମ୍ବନ୍ଧଯୁକ୍ତ ହୋଇ ଆସିବ, ସେତେବେଳେ ସମସ୍ତ ପୃଥିବୀରେ ଗୋଟିଏ ସାଧାରଣ ଭାଷା ଚଳାଇବା ସକାଶେ ଆଜି ମଧ୍ୟ ଅନୁଭୂତ ହେଉଥିବା ଆବଶ୍ୟକତାଟି ଆହୁରି ଅପ୍ରତିରୋଧ ଏକ ଶକ୍ତି ସହିତ ଅନୁଭୂତ ହେବାକୁ ଲାଗିବ; ଏବଂ ଥରେ ସମଗ୍ର ପୃଥିବୀ ଲାଗି ଗୋଟିଏ ଭାଷା ସୃଷ୍ଟ ଓ ଗୃହୀତ ହୋଇଗଲେ ତାହା ଫଳରେ ଆଞ୍ଚଳିକ ଭାଷାଗୁଡ଼ିକ ହୁଏତ କ୍ରମଶଃ ବିଲୟ ଲଭିବାକୁ ଆରମ୍ଭ କରିବେ; ଏକଦା ଲାଟିନ୍ ଭାଷା ଯେପରି ଗଲ୍, ସ୍ପେନ୍ ଓ ଇଟାଲୀର ଭାଷାଗୁଡ଼ିକୁ ମାରି ପକାଇଥିଲା ବା ଇଂରାଜୀ ଭାଷା ଯେପରି କର୍ନିଶ୍, ଗେଲିକ୍ ଓ ଏର୍ସ୍ ଭାଷାଗୁଡ଼ିକୁ ମାରି ପକାଇଛି ଓ ୱେଲ୍ସ୍ ଭାଷାଟି ଭିତରକୁ ମଧ୍ୟ ମାଡ଼ି ଆସିବାକୁ ଆରମ୍ଭ କଲାଣି, ଏହାଦ୍ୱାରା ଠିକ୍ ସେହିପରି ଘଟିବ । ଅନ୍ୟପକ୍ଷରେ ଆମେ ଏବେ ମୁକ୍ତ ସ୍ୱାତନ୍ତ୍ର୍ୟର ସପକ୍ଷରେ ଏକ ପୁନର୍ଜାଗରଣ ଦେଖିବାକୁ ପାଇବା, ସମରୂପତାକୁ ଅମାନ୍ୟ କରିବା ଲାଗି ମଧ୍ୟ ଏକ ପ୍ରବୃତ୍ତି ଦେଖିବାକୁ ପାଇବା; ମନୁଷ୍ୟର ମନଟି ଯେତେ ଯେତେ ଅଧିକ ପରିମାଣରେ ଅନ୍ତଃକୈନ୍ଦ୍ରିକ ଓ ଆଶୟନିଷ୍ଠ ହେବାକୁ ଲାଗିଛି, ଏହି ପ୍ରବୃତ୍ତିଟି ସେତିକି ସେତିକି ଶକ୍ତିଶାଳୀ ହେଉଛି । ଏବଂ ଯଦି ଏହି ପ୍ରବୃତ୍ତିଟିହିଁ ଆଖର ବିଜୟ ଲାଭ କରେ, ତେବେ ମନୁଷ୍ୟଜାତିର ଏକତ୍ରୀକରଣ ମଧ୍ୟ ଆପଣାକୁ ଏପରି ଭାବରେ ସଂଗଠିତ କରିବା ଲାଗି ବାଧ୍ୟ ହେବ, ଯଦ୍ଦ୍ୱାରା କି ତାହା ଆପଣାର ଅନ୍ତର୍ଗତ ଏକକଗୁଡ଼ିକର ସ୍ୱତନ୍ତ୍ର ସଂସ୍କୃତି, ସ୍ୱତନ୍ତ୍ର ବିଚାର ଓ ସ୍ୱତନ୍ତ୍ର ଜୀବନଧାରଣକୁ ମଧ୍ୟ ଯଥୋଚିତ ସମ୍ମାନ ଦେଇ ଶିଖିବ । ମାତ୍ର ଏହି କ୍ଷେତ୍ରରେ ଏକ ତୃତୀୟ ଘଟଣା ଘଟିବାର ମଧ୍ୟ ସମାନ ସମ୍ଭାବନା ରହିଛି, ଯେଉଁଥିରେ କି ସମରୂପତାହିଁ ସବୁଠାରୁ ଅଧିକ ବଳଶାଳୀ ଏବଂ ପ୍ରଭାବଶାଳୀ ହୋଇ ରହିବ ଏବଂ ସାନ ସାନ ଯେଉଁସବୁ ବିଭିନ୍ନତା ତାହାର ଶାସନଟିର ଭିତ୍ତିଗୁଡ଼ିକୁ କୌଣସି ପ୍ରକାରେ ପ୍ରମାଦଗ୍ରସ୍ତ କରି ପକାଉ ନ ଥିବେ, ସେହି ସମରୂପତା ସେଗୁଡ଼ିକୁ ପୂର୍ଣ୍ଣ ଅନୁମତି ନିଶ୍ଚୟ ଦେଉଥିବ, ଏପରିକି ସେଗୁଡ଼ିକୁ ପ୍ରୋତ୍ସାହିତ ମଧ୍ୟ କରୁଥିବ । ଏବଂ ଏହି କ୍ଷେତ୍ରରେ ମଧ୍ୟ ସେହି ବିଭିନ୍ନତାଗୁଡ଼ିକ ଆପଣା ଆପଣାର ସୀମାଗୁଡ଼ିକ ମଧ୍ୟରେ ଯଥେଷ୍ଟ ପ୍ରାଣବନ୍ତ ଓ ଶକ୍ତିଶାଳୀ ହୋଇ ରହିବେ, ସେଗୁଡ଼ିକ ଆଦୌ ବିଚ୍ଛିନ୍ନତାବାଦୀ ନ ହେଲେ ମଧ୍ୟ କେତେକ ପରିମାଣରେ ଆପଣା ଆପଣାର ବିଶେଷତ୍ୱଗୁଡ଼ିକର ଅବଶ୍ୟ

'oaob.nitrkl.ac.in' images reprocessed

ବିକାଶ କରି ପାରିବେ । ଅଥବା, ସେଗୁଡ଼ିକ ଗୋଟିଏ ଗୋଟିଏ ବେଶ୍ ଅପ୍ରଧାନ ସ୍ୱର ଏବଂ ବର୍ଣ୍ଣ ହୋଇ ମଧ୍ୟ ରହିଯିବେ ଏବଂ ତଥାପି ବୈଚିତ୍ର୍ୟଯୁକ୍ତ ଏକ ପ୍ରଗତିର ନୂତନ ପର୍ଯ୍ୟାୟଟିଏ ସୃଷ୍ଟି ହୋଇ ତାହାରି ମଧ୍ୟରେ ସକଳ ସମରୂପତା ଯେପରି କ୍ରମଶଃ ବିଲୀନ ହୋଇଯିବ, ସେମାନେ ସେଥିଲାଗି କାର୍ଯ୍ୟତଃ ଆରମ୍ଭବିନ୍ଦୁ ଭଳି ହୋଇ ରହିଥିବେ ।

ମନୁଷ୍ୟଜାତିର ପ୍ରଶାସନ-କ୍ଷେତ୍ରୀୟ ସଂଗଠନରେ ମଧ୍ୟ ଠିକ୍ ସେହିପରି ଘଟିବ । ହୁଏତ, କେତେକ ସାମ୍ୟବାଦୀ ଭବିଷ୍ୟଯୋଜନା ଜାତିର ଗଠନ କହିଲେ ଯେଉଁଭଳି ଚିତ୍ରମାନ ଆଖି ଆଗରେ ଦେଖୁଛନ୍ତି, ଏହି କ୍ଷେତ୍ରରେ ହୁଏତ ସେହିପରି ଏକ କେନ୍ଦ୍ରୀୟ କର୍ତ୍ତୃତ୍ୱର ଅଧୀନରେ ସବୁକିଛି ଅତ୍ୟନ୍ତ କଠୋର ଓ ଅନମନୀୟ ଭାବରେ ସଂଗଠିତ ହୋଇ ରହିବ, ଏହି ରାଜତ୍ୱଟି ସବୁ ମଣିଷଙ୍କୁ ଏକ ନିବୁଜ ଓ ସମରୂପ ସଂଗଠନ ମଧ୍ୟକୁ ଉତ୍ତମରୂପେ ମଣ କରି ଆଣିବା ଉଦ୍ଦେଶ୍ୟରେ ଯାବତୀୟ ବ୍ୟକ୍ତିଗତ ତଥା ଆଞ୍ଚଳିକ ସ୍ୱାଧୀନତା ଓ ସ୍ୱାତନ୍ତ୍ର୍ୟକୁ ଦବାଇ କରି ରଖିଥିବ, ଲୋକମାନଙ୍କର ଆର୍ଥିକ ଜୀବନ, ସମାଜଗତ ଅଭ୍ୟାସ, ନୈତିକତା, ଜ୍ଞାନ-ଅର୍ଜନ, ଏପରିକି ଧର୍ମାନୁଷ୍ଠାନ, ଅର୍ଥାତ୍ ମଣିଷଜୀବନର କ୍ରିୟାଶୀଳତାଟି ମଧ୍ୟରେ ଯେତେଯେତେ ବିଭାଗ ରହିଛି, ସବୁଟିକୁ ସେହି ରାଜତ୍ୱ ସମରୂପ କରି ସଂଗଠିତ କରି ରଖିବାରହିଁ ଚେଷ୍ଟା କରିବ । ଏହିଭଳି ଏକ ବିକାଶ ହୁଏତ ଅସମ୍ଭବ ବୋଲି ବୋଧ ହୋଇପାରେ, କାରଣ ନିକଟ ଭବିଷ୍ୟତରେ ତାହା ଆପଣାକୁ ଏକାନ୍ତ ଅବ୍ୟବହାର୍ଯ୍ୟ ବୋଲିହିଁ ସାବ୍ୟସ୍ତ କରି ଦେଇପାରେ; କାରଣ ଏହି ପ୍ରକ୍ରିୟାଟି ଅସଂଖ୍ୟ ଓ ବିପୁଳ ଜନସମୂହଗୁଡ଼ିକୁ ନେଇ କାରବାର କରିବ ଏବଂ ତେଣୁ ତାହାକୁ କେତେକେତେ ଅସୁବିଧାକୁ ଅତିକ୍ରମ କରିବାକୁହିଁ ପଡ଼ିବ, ଏଇଟି ସମ୍ଭବ ହୋଇପାରିବା ଆଗରୁ ପ୍ରଥମେ କେତେ ନା କେତେ ସମସ୍ୟାର ସମାଧାନ ବାହାର କରିବାକୁ ମଧ୍ୟ ପଡ଼ିବ । ମାତ୍ର ଅସମ୍ଭବତାର ଏହି ଧାରଣାଟି ଆଉ ଦୁଇଟି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବିଷୟକୁ ମଧ୍ୟ ଆପଣାର ବିଚାରକ୍ଷେତ୍ରରୁ ବହିର୍ଭୂତ କରି ରଖିବ; ବର୍ତ୍ତମାନ ବିଜ୍ଞାନର ଯେପରି ଅଗ୍ରଗତି ହେବାରେ ଲାଗିଛି, ବିଜ୍ଞାନ ଯେପରି ବୃହଦାକାର କେତେକେତେ ଜନସମୂହଙ୍କୁ ବଡ଼ ସହଜରେ ପଲ ପଲ କରି କାର୍ଯ୍ୟରେ ଲଗାଇଦେଇ ପାରୁଛି,– ସେଥିପାଇଁ ଆମେ ଉପସ୍ଥିତ ଯୁଦ୍ଧଟି ଉପରେ ଦୃଷ୍ଟିପାତ କରିହିଁ ତାହା ବୁଝି ପାରିବା,– ଏବଂ ବୃହଦାକାର କେତେ କେତେ ବ୍ୟାପକ ସମସ୍ୟାର ମଧ୍ୟ ତାହା ଯେପରି ସମ୍ମୁଖୀନ ହେବାକୁ ଯାଉଛି, ଏବଂ ଦ୍ୱିତୀୟରେ ସାମ୍ୟବାଦର ଆଦର୍ଶଟି ମଧ୍ୟ ଯେପରି କ୍ଷିପ୍ର ଗତିରେ ଆଗକୁ ଆଗକୁ ମାଡ଼ିଯିବାରେ ଲାଗିଛି, ଅସମ୍ଭବତାର ସେହି ଧାରଣାଟି ପ୍ରକୃତରେ ଏଗୁଡ଼ିକ ବିଷୟରେ ଆଦୌ କିଛିହେଲେ ବିଚାର କରି କହିପାରିବ

'oaob.nitrkl.ac.in' images reprocessed

ନାହିଁ ।* ଯେକୌଣସି ବେଶ ପରିଧାନ କରି ହେଉ ପଛକେ, ପୃଥିବୀର ସବୁ ମହାଦେଶରେ ସାମ୍ୟବାଦୀ ବିଚାରଟିହିଁ ଜୟଲାଭ କରିବ ଓ କାର୍ଯ୍ୟକାରୀ ହେବ ବୋଲି ଯଦି ଅନୁମାନ କରି ନିଆଯାଏ, ତେବେ ତାହା ସ୍ୱଭାବତଃ ଆମକୁ ଏକ ଆନ୍ତର୍ଜାତିକ ସମାଜୀକରଣ ଆଡ଼କୁହିଁ ପରିଚାଳିତ କରି ନେଇଯିବ; ଏବଂ, ବିଜ୍ଞାନ ତଥା ବୈଜ୍ଞାନିକ ସଂଗଠନ ଦ୍ୱାରା ଏବଂ ଦୂରତା ତଥା ସଂଖ୍ୟା ବିଷୟରେ ବର୍ତ୍ତମାନ ଯେଉଁ ଅସୁବିଧାମାନ ରହିଛି, ସେଗୁଡ଼ିକ କ୍ରମଶଃ ନିରାକୃତ ହୋଇଯିବା ଦ୍ୱାରା ହୁଏତ ସେହି ସମାଜୀକରଣ ସମ୍ଭବ ବି ହୋଇ ଆସିବ । ଅନ୍ୟ ପକ୍ଷରେ, ଏକଥାଟି ମଧ୍ୟ ବେଶ୍ ସମ୍ଭବ ଯେ ଜନଗଣଙ୍କୁ ସତେଅବା ଗୋଟାଏ ସୈନ୍ୟବାହିନୀ ପରି ସୁସଜ୍ଜିତ ଓ ସଂଗଠିତ କରି ରଖିବାର ଆଦର୍ଶ ଏବଂ ସ୍ୱାତନ୍ତ୍ର୍ୟର ଆଦର୍ଶଟି ମଧ୍ୟରେ ବେଶ୍ କେତେ କାଳ ତୀବ୍ର ସଂଗ୍ରାମ ଲାଗିବା ପରେ ଏହି ସାମ୍ୟବାଦୀ ପର୍ଯ୍ୟାୟଟି ମଧ୍ୟ ମନୁଷ୍ୟଜାତିର ଜୀବନରେ ଅପେକ୍ଷାକୃତ ମାତ୍ର ଏକ ଅଳ୍ପକାଳସ୍ଥାୟୀ ପର୍ଯ୍ୟାୟ ବୋଲିହିଁ ପ୍ରମାଣିତ ହେବ, ଇଉରୋପରେ ରାଜତନ୍ତ୍ରୀୟ ଏକଚ୍ଛତ୍ରବାଦ ଯେପରି ମାତ୍ର ଅଳ୍ପକାଳଟି ପାଇଁ ରହି ପାରିଥିଲା, ଠିକ୍ ସେହିପରି । ଏବଂ ସେହି ପର୍ଯ୍ୟାୟଟି ପରେ ଏକ ଦାର୍ଶନିକ ନୈରାଜ୍ୟବାଦର ଆଦର୍ଶଟି ଦ୍ୱାରା ଅନୁପ୍ରାଣିତ ହୋଇଥିବା ଆଉଗୋଟିଏ ପର୍ଯ୍ୟାୟ ଆସି ପହଞ୍ଚିବ; ଅର୍ଥାତ୍ ଏକତ୍ରୀକରଣର ଏପରି ଏକ ପର୍ଯ୍ୟାୟ ଆସି ପହଞ୍ଚିବ, ଯାହାକି ଏକାଧାରରେ ପରିପୂର୍ଣ୍ଣତମ ବ୍ୟକ୍ତି-ସ୍ୱତନ୍ତ୍ରତା ତଥା ସ୍ୱତଃପ୍ରେରିତ ଓ ସ୍ୱାଭାବିକ ଭାବରେ ଗଢ଼ି ଉଠିଥିବା ଗୋଷ୍ଠୀଜୀବନର ସ୍ୱତନ୍ତ୍ରତା ଉପରେ ମଧ୍ୟ ଆଧାରିତ ହୋଇ ରହିଥିବ । ଅଥବା, ଏହି କ୍ଷେତ୍ରରେ ଏକ ମଝିମଝିଆ ସାଲିସ୍ ମଧ୍ୟ ବେଶ୍ ସମ୍ଭବ ହୋଇଯିବ, ଯେଉଁଥିରେ କି ଗୋଟାଏ ପାଖରେ ପ୍ରଭାବଶାଳୀ ସଂଗଠନ ଓ ସର୍ବନିୟନ୍ତ୍ରଣ ରହିଥିବ ଏବଂ ଅନ୍ୟ ପକ୍ଷରେ ତାହାର ଅଧୀନସ୍ଥ ହୋଇ ସ୍ୱତନ୍ତ୍ରତା ଲାଗି ଏକ ସ୍ଥାନ ମଧ୍ୟ ରହିଥିବ । ଏହି ସ୍ୱାଧୀନତା ଅଳ୍ପ ବା ବହୁତ ପରିମାଣରେ ପ୍ରାଣବନ୍ତ ହୋଇ ରହିଥିବ, ମାତ୍ର ଅପେକ୍ଷାକୃତ ଅଳ୍ପ ପ୍ରାଣବନ୍ତ ହେଲେ ମଧ୍ୟ ତଥାପି, ଯେତେବେଳେ କଠୋର ସଂଗଠନ ଓ ନିୟନ୍ତ୍ରଣହିଁ ଆପଣାର ଚରମ ନିୟତି ନୁହେଁ ଏବଂ ତେଣୁ ତା'ର ଭବିଷ୍ୟତ ଲାଗି ଅନୁସନ୍ଧାନ ଓ ପରୀକ୍ଷାର ଏକ ନୂତନ ପର୍ଯ୍ୟାୟ ପୁନରାୟ ଅତ୍ୟାବଶ୍ୟକ

---

* ଏପରିକି ଇଟାଲୀ ଦେଶରେ ଏବେ ପରାଭୂତ ହୋଇ ଯାଇଥିବା ଫାସିଷ୍ଟବାଦର ଆପାତତଃ ଯେଉଁ ପ୍ରତିକ୍ରିୟାଟି ଦେଖିବାକୁ ମିଳିଲା, ତାହା ଯେ ସାମ୍ୟବାଦର ଅସଲ ପ୍ରକୃତି ହୋଇ ରହିଥିବା ରାଷ୍ଟ୍ରୀୟ ସର୍ବନିୟନ୍ତ୍ରଣ ଏବଂ ପରିଚାଳନର ଆଦର୍ଶଟିକୁହିଁ ପ୍ରସ୍ତୁତ କରିବାରେ ଲାଗିଥିଲା ଓ ସେଥିରେ ତାହାର ନୂତନ ସମ୍ଭାବନାଗୁଡ଼ିକ ନିହିତ ହୋଇ ରହିଥିଲା, ସେ ବିଷୟରେ ଆଦୌ କୌଣସି ସନ୍ଦେହ ନାହିଁ ।

'oaob.nitrkl.ac.in' images reprocessed

ହୋଇ ଉଠିଲାଣି ବୋଲି ମନୁଷ୍ୟଜାତି ଅନୁଭବ କରିବାକୁ ଆରମ୍ଭ କରିବ, ସେତେବେଳେ ପୂର୍ବପ୍ରତିଷ୍ଠିତ ନିୟନ୍ତ୍ରଣର ରାଜତନ୍ତ୍ରଟିକୁ ଭାଙ୍ଗିଦେବାରେହିଁ ସେହି ସ୍ୱାଧୀନତା ପ୍ରକୃତରେ ମାର୍ଗର ପ୍ରଥମ ବିନ୍ଦୁ ପରି ନିଶ୍ଚୟ କାର୍ଯ୍ୟ କରିବ ।

ଏହିସବୁ ବ୍ୟାପକ ପ୍ରଶ୍ନକୁ ପରିପୂର୍ଣ୍ଣ ଭାବରେ ଆଲୋଚନା କରି ପାରିବା ଏଠାରେ ଆଦୌ ସମ୍ଭବ ନୁହେଁ । ଆମେ ଏହି କ୍ଷେତ୍ରରେ ଯାହାକିଛି ପ୍ରୟାସ କରିବା, ତାହା ମନୁଷ୍ୟଜାତିର ଏକତ୍ରୀକରଣର ସମସ୍ୟାଟି ଉପରେ ଆପଣାର ବିଚାରମାର୍ଗଟିରେ ଆମକୁ ପରିଚାଳିତ କରିନେବାରେହିଁ ଆମକୁ ହୁଏତ କେତୋଟି ନିର୍ଦ୍ଦିଷ୍ଟ ଧାରଣା ଯୋଗାଇ ଦେଇ ପାରିବ । ଏହି ସମସ୍ୟାଟି ଏକ ବ୍ୟାପକ ସମସ୍ୟା, ଅତ୍ୟନ୍ତ ଅସ୍ପଷ୍ଟ ହୋଇ ରହିଥିବା ଏକ ସମସ୍ୟା; ଏବଂ ସେଇଟି ଉପରେ ଆମେ ଏଠି ସେଠି ଗୋଟିଏ ଗୋଟିଏ କିରଣରେଖା ଆଣି ପକାଇ ପାରିବାକୁ ସମର୍ଥ ହେଲେ ମଧ୍ୟ ତାହା ଆମକୁ ନିଶ୍ଚୟ ସହାୟକ ହେବ, ସମସ୍ୟାଟିର କଠିନତା ଏବଂ ଅସ୍ପଷ୍ଟତାର ଲାଘବ କରିବାରେ ନିଶ୍ଚୟ ସାହାଯ୍ୟ କରିବ ।

'oaob.nitrkl.ac.in' images reprocessed

# ଦ୍ୱିତୀୟ ଭାଗ

'oaob.nitrkl.ac.in' images reprocessed

## ସପ୍ତଦଶ ପରିଚ୍ଛେଦ

# ଆମ ପ୍ରଗତିରେ ପ୍ରକୃତିର ନିୟମ,
# – ବିବିଧତାର ଏକତା,
# ନିୟମବଦ୍ଧତା ଓ ସ୍ୱତନ୍ତ୍ରତା

ପୃଥିବୀରେ ଯେତେ ଯେତେ ପ୍ରାଣୀ ରହିଛନ୍ତି, ସେହିମାନଙ୍କ ମଧ୍ୟରୁ କେବଳ ମନୁଷ୍ୟର କ୍ଷେତ୍ରରେହିଁ ସମ୍ୟକ୍ ଜୀବନ କହିଲେ ସମ୍ୟକ୍ ଜ୍ଞାନର ଆବଶ୍ୟକତା ମଧ୍ୟ ତାହାର ଅନ୍ତର୍ଗତ ହୋଇ ରହିଥାଏ । ବୁଦ୍ଧିବାଦ ଯେପରି କଳ୍ପନା କରିଥାଏ, ମନୁଷ୍ୟକୁ ତା' ବୁଦ୍ଧିସମର୍ଥତାର ଏକମାତ୍ର ଅଥବା ସର୍ବପ୍ରଧାନ ସାଧନଟି ସାହାଯ୍ୟରେ ଜୀବନ ବଞ୍ଚିବାକୁ ହୁଏ ବା, ଆହୁରି ବ୍ୟାପକ ଏବଂ ଜଟିଳ ଭାବରେ କହିବାକୁ ଗଲେ, ମନୁଷ୍ୟ ମଧ୍ୟରେ ରହିଥିବା ଯାବତୀୟ ବୃତ୍ତି ଓ ସାମର୍ଥ୍ୟର ସମଷ୍ଟିଟି ଦ୍ୱାରାହିଁ ତାକୁ ଆପଣାର ଜୀବନଟିକୁ ବଞ୍ଚିବାକୁ ପଡ଼େ । ତା'ର ସତ୍ତାଟିର ଯଥାର୍ଥ ପ୍ରକୃତିଟି ପ୍ରକୃତରେ କ'ଣ ଏବଂ ତା' ଜୀବନର ବିବିଧ ମୂଲ୍ୟ କ୍ଷେତ୍ରରେ ସେହି ପ୍ରକୃତି ଆପଣାକୁ କିପରି କାର୍ଯ୍ୟକାରୀ କରାଉଛି, ପ୍ରତ୍ୟେକ ମନୁଷ୍ୟକୁ ସାରତଃ ସେହି କଥାଟିକୁହିଁ ଜାଣିବାକୁ ହୋଇଥାଏ । ଆଉଟିକିଏ କମ୍ ଅମୂର୍ତ୍ତ ଭାଷାରେ କହିଲେ, ମନୁଷ୍ୟକୁ ପ୍ରକୃତିର ବିଧାନଟିକୁ ଜାଣିବାକୁ ହୁଏ, ଏବଂ ବିଶେଷ କରି ତା' ନିଜ ପ୍ରକୃତିଟିକୁ ଜାଣିବାକୁ ହୋଇଥାଏ; ତା' ଭିତରେ ଓ ତା'ର ଚତୁଃପାର୍ଶ୍ୱରେ ଯେଉଁସବୁ ଶକ୍ତି କାର୍ଯ୍ୟ କରିବାରେ ଲାଗିଛି ଏବଂ ସିଏ ଯେପରି ଅଧିକ ପରିପୂର୍ଣ୍ଣତା ତଥା ଅଧିକ ସୁଖର ଅଧିକାରୀ ହୋଇ ପାରିବ ବା ତହିଁ ସଙ୍ଗେ ସଙ୍ଗେ ତା'ର ସହଚାରୀ ଅନ୍ୟ ମନୁଷ୍ୟମାନେ ଯେପରି ଅଧିକ ପରିପୂର୍ଣ୍ଣତା ଏବଂ ଅଧିକ ସୁଖର ଅଧିକାରୀ ହୋଇ ପାରିବେ, ସେଥିଲାଗି ସେହିସବୁ ଶକ୍ତିକୁ କିପରି ସମୁଚିତ ଭାବରେ କାର୍ଯ୍ୟରେ ଲଗାଇବାକୁ ହେବ, ମଣିଷକୁ ଏହିସବୁ କଥାହିଁ ଜାଣିବାକୁ ପଡ଼ିବ । ପୁରାତନ ଶବ୍ଦରେ କହିବାକୁ ଗଲେ, ଆପଣାର ପ୍ରକୃତିଟି ଅନୁସାରେ ଆପଣାର ଜୀବନଟିକୁ ବଞ୍ଚି ଶିଖିବା ହେଉଛି ମନୁଷ୍ୟର କାର୍ଯ୍ୟ । ମାତ୍ର ଯେପରି ଏକଦା କଳ୍ପନା କରା ଯାଉଥିଲା, ପ୍ରକୃତି କହିଲେ ଆମେ ଆଉ କଦାପି ଏପରି ଏକ ସନାତନ ସମ୍ୟକ୍ ଶାସନ ବୋଲି ଆଦୌ ବୁଝିବା ନାହିଁ, ଯେଉଁଥିରୁ କି ମଣିଷ ବାଟ ଭୁଲି ଦୂରବର୍ତ୍ତୀ ହୋଇ ଆସିଛି; କାରଣ ପ୍ରକୃତି ବରଂ ଏପରି ଗୋଟିଏ ବିଷୟ, ଯାହାକି ସ୍ୱୟଂ ବଦଳିବାରେ ଲାଗିଛି, ଅଗ୍ରଗତି କରୁଛି, ବିବର୍ତ୍ତିତ ହେଉଛି, ଗୋଟିଏ ଉଚ୍ଚତାରୁ ଆଉଗୋଟିଏ ବୃହତ୍ତର ଉଚ୍ଚତାକୁ ଆରୋହଣ କରୁଛି ଏବଂ

'oaob.nitrkl.ac.in' images reprocessed

ଆପଣା ସମ୍ଭାବନାଚୟର ଗୋଟିଏ ସୀମାରୁ ପ୍ରଶସ୍ତତର ଆଉଗୋଟିଏ ସୀମାକୁ ପ୍ରସାରିତ ହେବାରେ ଲାଗିଛି । ଏହି ଯାବତୀୟ ପରିବର୍ତ୍ତନରେ ମଧ୍ୟ ତଥାପି କେତେକ ନିର୍ଦ୍ଦିଷ୍ଟ ଶାଶ୍ୱତ ବିଧାନ ବା ସତ୍ତାଗତ ସତ୍ୟ କାର୍ଯ୍ୟକାରୀ ହୋଇ ରହିଛି, ଯାହାକି ସଦା ଅପରିବର୍ତ୍ତିତ ହୋଇ ରହିଛି, ଏବଂ ସେହିଗୁଡ଼ିକର ଦୃଢ଼ ଭୂମିଟି ଉପରେ ସେହିଗୁଡ଼ିକହିଁ ସର୍ବମୂଳ ସାମଗ୍ରୀରୂପେ ଗ୍ରହଣ କରି ଏବଂ ଆପଣାଭିତରେ ସେହିଗୁଡ଼ିକୁ ଏକ ଛାଞ୍ଚ ପରି ଧରି ଆମର ଯାବତୀୟ ପ୍ରଗତି ତଥା ପରିପୂର୍ଣ୍ଣତା ଅଗ୍ରସର ହେବାକୁ ବାଧ୍ୟ ହେଉଛି । ସେପରି ନ ହେଉଥିଲେ କେବଳ ଅନନ୍ତ ଅରାଜକତାହିଁ ପରିଣାମ ହୋଇ ରହିଥା'ନ୍ତା ଏବଂ ତାହାର ଶକ୍ତିଗୁଡ଼ିକର ସଂଘାତ ମଧ୍ୟରୁ ବି କୌଣସି ପ୍ରକାରର ପୃଥିବୀବ୍ୟବସ୍ଥା କଦାପି ସମ୍ଭବ ହେଉ ନ ଥା'ନ୍ତା ।

ମନୁଷ୍ୟସ୍ତରର ଆହୁରି ପୂର୍ବକୁ ରହିଥିବା ପଶୁ ଏବଂ ଉଦ୍‌ଭିଦର ଜୀବନକୁ ଏହି ଜ୍ଞାନର ଆବଶ୍ୟକତାର କୌଣସି ପ୍ରକାରେ ଅଧୀନ ହୋଇ ରହିବାକୁ ପଡୁ ନାହିଁ, କିଂବା ଜ୍ଞାନର ସେହି ଅବଶ୍ୟମ୍ଭାବୀ ସହଚାରୀ ଏକ ସଚେତନ ଇଚ୍ଛାଶକ୍ତିର ମଧ୍ୟ ଅଧୀନ ହୋଇ ରହିବାକୁ ମଧ୍ୟ ପଡୁ ନାହିଁ । ଜ୍ଞାନ ଯାହାକିଛି କଳ୍ପନା କରୁଛି, ତାହାକୁ କାର୍ଯ୍ୟରେ ପରିଣତ କରିବା ଲାଗି ନିରନ୍ତର ବାଧ୍ୟ ହେଉଥିବା କୌଣସି ଇଚ୍ଛାଶକ୍ତିର ବୋଲ ମାନିବାକୁ ପଡୁ ନାହିଁ । ଏହି ବିମୁକ୍ତିଟି ଫଳରେ ତାହା ବିପୁଳ କେତେ କେତେ ପ୍ରମାଦ, ବିକୃତି ଏବଂ ବ୍ୟାଧିରୁ ନିଷ୍କୃତି ମଧ୍ୟ ପାଇ ଯାଉଛି, କାରଣ ତାହା ପ୍ରକୃତିର ନିରୂପଣଟି ଅନୁସାରେ ସ୍ୱତଃସ୍ଫୂର୍ତ୍ତ ଭାବରେହିଁ ବଞ୍ଚି ପାରୁଛି, ପ୍ରକୃତିର ଜ୍ଞାନ ଏବଂ ପ୍ରକୃତିର ଇଚ୍ଛାହିଁ ତାହାର ମଧ୍ୟ ଜ୍ଞାନ ତଥା ଇଚ୍ଛା ହୋଇ ରହିଛି; ଏବଂ ଚେତନ ଅଥବା ଅଚେତନ ଯେକୌଣସି ସ୍ଥିତିରେ ରହିଥାଉ ପଛକେ, ପ୍ରକୃତିର ନିୟମଗୁଡ଼ିକ ମଧ୍ୟରୁ ବାହାରି ଯିବାକୁ ଓ ପ୍ରକୃତିର ବୋଲ ନ ମାନିବାକୁ ତାହାର ଆଦୌ କୌଣସି ସମର୍ଥତା ନାହିଁ । ଅପର ପକ୍ଷରେ ମନୁଷ୍ୟଠାରେ ଏପରି ଗୋଟିଏ ଶକ୍ତି ଥିଲା ପରି ପ୍ରତୀତ ହେଉଛି, ଯାହାଦ୍ୱାରା କି ସେ ଆପଣାର ମନ ଓ ଆପଣାର ଇଚ୍ଛାକୁ ନେଇ ପ୍ରକୃତିର ଇଚ୍ଛା ଓ ପ୍ରକୃତିର ମନ ଉପରେ ଲଦି ମଧ୍ୟ ଦେଇ ପାରୁଛି । ପ୍ରକୃତିର ନାନାବିଧ ଗତିଶୀଳତାକୁ ନିୟନ୍ତ୍ରଣ କରିବାର ଏକ ସମ୍ଭାବନା ମଧ୍ୟ ମନୁଷ୍ୟଠାରେ ରହିଛି; ଏପରିକି ପ୍ରକୃତି ତାକୁ ଯେଉଁ ବାଟରେ ଯିବାକୁ ଆଦେଶ ଦେଉଛି, ସେବାଟେ ନ ଯାଇ ଆଉ ଏକ ଅନ୍ୟ ବାଟରେ ଯିବାକୁ ମଧ୍ୟ ମଣିଷଠାରେ ଏକ ସମ୍ଭାବନା ରହିଛି । ମାତ୍ର ଏକଥା କହିଲାବେଳେ ଭାଷାର ପ୍ରୟୋଗରେ ପ୍ରକୃତରେ ଏକ ବିରୂପଣକାରୀ କୌଶଳ ନିହିତ ହୋଇ ରହିଯାଉଛି । କାରଣ ମନୁଷ୍ୟର ମନଟି ମଧ୍ୟ ସେହି ପ୍ରକୃତିର ଗୋଟିଏ ଅଂଶ; ମନୁଷ୍ୟର ମନ ତା' ପ୍ରକୃତିର ସର୍ବବୃହତ୍ ଅଂଶ ହୋଇ ନ ଥିଲେ ମଧ୍ୟ ତାହାର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଅଂଶ । ଆମେ ହୁଏତ ଏପରି କହି ପାରିବା ଯେ, ମନୁଷ୍ୟର ସୋପାନରେ ପ୍ରବେଶ କରି ପ୍ରକୃତି ଆପଣାର ବିଧାନ ତଥା ଶକ୍ତିଗୁଡ଼ିକ

'oaob.nitrkl.ac.in' images reprocessed

ସମ୍ବନ୍ଧରେ କେତେକ ପରିମାଣରେ ସ୍ୱୟଂସଚେତନ ହୋଇଛି, ଆପଣାର ଅଗ୍ରଗତି-ପଥରେ ସେ କରୁଥିବା ସଂଘର୍ଷଟି ସମ୍ବନ୍ଧରେ ଆଂଶିକ ଭାବରେ ସଚେତନ ହୋଇଛି ଏବଂ ଜୀବନ ତଥା ସତ୍ତାଗତ ତାହାର ଆପଣା ପ୍ରକ୍ରିୟାଗୁଡ଼ିକ ଉପରେ ସର୍ବଦା ଅଧିକରୁ ଅଧିକ ଉଚ୍ଚ ବିଧାନକୁ ଲଦି ଦେବାର ସଚେତନ ଇଚ୍ଛାଟି ଦ୍ୱାରା ତାହା ଏହି କ୍ଷେତ୍ରରେ ଅନୁପ୍ରେରିତ ହୋଇ ରହିଛି । ଅବମାନବ ଜୀବନସ୍ତରରେ ଏକ ପ୍ରାଣିକ ତଥା ଭୌତିକ ସଂଗ୍ରାମ ଚାଲିଛି, ମାତ୍ର କୌଣସି ମନୋଗତ ସଂଘାତ ନାହିଁ । କେବଳ ମନୁଷ୍ୟହିଁ ଆପଣା ମନୋଗତ ସଂଘାତଟିର ଅଧୀନ ହୋଇ ରହିଛି, ଏବଂ ତେଣୁ ତାକୁ କେବଳ ଅନ୍ୟମାନଙ୍କ ସହିତ ନୁହେଁ, ଆପଣା ସହିତ ମଧ୍ୟ ଯୁଦ୍ଧରତ ହୋଇ ରହିବାକୁ ପଡୁଛି । ଏବଂ ଆପଣା ସହିତ ଯୁଦ୍ଧରତ ହୋଇ ରହିବାର ସାମର୍ଥ୍ୟଟି ତା'ଠାରେ ରହିଥିବାରୁ ସିଏ ଆଉ ଗୋଟିଏ ସାମର୍ଥ୍ୟର ମଧ୍ୟ ଅଧିକାରୀ ହୋଇ ରହିପାରିଛି, ଯାହାକି ଇତର ଜନ୍ତୁଠାରେ ଦେଖିବାକୁ ମିଳୁ ନାହିଁ; ଅର୍ଥାତ୍ ଅନ୍ତଃବିବର୍ତ୍ତନ ଲାଗି ମନୁଷ୍ୟର ଏକ ସାମର୍ଥ୍ୟ ରହିଛି, ଉତ୍ତରୋତ୍ତର ଭାବରେ ଅଧିକ ଉଚ୍ଚକୁ ଅଗ୍ରସର ହୋଇ ଯିବାର ସାମର୍ଥ୍ୟ ରହିଛି, ଏକ ସତତ ଆତ୍ମ-ଆରୋହଣ ଲାଗି ସାମର୍ଥ୍ୟ ରହିଛି ।

ଜୀବନକ୍ଷେତ୍ରରେ ଭାବନାଗତ ଏକ ଦ୍ୱନ୍ଦ୍ୱ ଏବଂ ଅଗ୍ରଗତି ଦ୍ୱାରାହିଁ ବର୍ତ୍ତମାନ ଏହି ବିବର୍ତ୍ତନଟି ସଂଘଟିତ ହେଉଛି । ଜୀବନର ଯେଉଁ ଶକ୍ତି ଏବଂ ପ୍ରବୃତ୍ତିଗୁଡ଼ିକ ଆବଶ୍ୟକତା, ବାସନା ତଥା ନାନା ସ୍ୱାର୍ଥର ରୂପ ଧାରଣ କରି ପ୍ରକଟ ହେବାରେ ଲାଗିଛନ୍ତି, ମନୁଷ୍ୟଜୀବନର ଯାବତୀୟ ବିଚାର ଓ ଧାରଣାକୁ ସେଗୁଡ଼ିକର ପ୍ରାଥମିକ ଅବସ୍ଥାରେ କେବଳ ସେହିସବୁ ଶକ୍ତି ଓ ପ୍ରବୃତ୍ତିରହିଁ ଏକ ମାନସିକ ଅନୁଲିଖନ ବୋଲିହିଁ କୁହାଯାଇ ପାରିବ । ମନୁଷ୍ୟର ମନ ଭିତରେ ଏକ ବ୍ୟାବହାରିକ ବୁଦ୍ଧିଶକ୍ତି ରହିଛି, ଯାହାକି ଅଳ୍ପବହୁତ ପରିମାଣରେ ସ୍ପଷ୍ଟ ଏବଂ ସୁନିର୍ଦ୍ଦିଷ୍ଟ ହୋଇ ରହିଛି, ଯାହାକି ସେହି ଆବଶ୍ୟକତା ତଥା ବାସନା ଇତ୍ୟାଦିକୁ ଅବଧାରଣ କରିନେଉଛି ଏବଂ ଆପଣାର ପୂର୍ବ-ଅଭିଜ୍ଞତା, ଅଗ୍ରରୁଚି ଏବଂ ବିଚାରଟି ଦ୍ୱାରା ପରିଚାଳିତ ହୋଇ ସେଗୁଡ଼ିକ ମଧ୍ୟରୁ ଏଇଟିକୁ ବା ସେଇଟିକୁ ଅପେକ୍ଷାକୃତ ଅଧିକ ଅଥବା ଅପେକ୍ଷାକୃତ କମ୍ ମୂଲ୍ୟ ଦେବାରେ ଲାଗିଛି । ଆପଣାର ଇଚ୍ଛାଶକ୍ତି ଓ ବୁଦ୍ଧି ଖଟାଇ ମନୁଷ୍ୟ ସେଗୁଡ଼ିକ ମଧ୍ୟରୁ କେତୋଟିକୁ ଗ୍ରହଣ କରି ନେଉଛି, ଅନ୍ୟଗୁଡ଼ିକୁ ପ୍ରତ୍ୟାଖ୍ୟାନ କରୁଛି, ନିରୁତ୍ସାହିତ କରି ରଖୁଛି ଏବଂ ଏପରିକି ସେଗୁଡ଼ିକୁ ଅପସାରିତ ଓ ବିଲୁପ୍ତ କରିଦେଇ ପାରୁଛି । ମାତ୍ର ଏହି ପ୍ରାଥମିକ ପ୍ରକ୍ରିୟାଟି ମଧ୍ୟରୁ ଜୀବନ ସମ୍ବନ୍ଧରେ ମନୁଷ୍ୟର ଅବଧାରଣା-କ୍ଷେତ୍ରରେ ଏକ ଦ୍ୱିତୀୟ ଏବଂ ଅଧିକ ଅଗ୍ରଗତି କରିଥିବା ସାମର୍ଥ୍ୟର ମଧ୍ୟ ଉଦ୍‌ଭବ ଘଟୁଛି; କେବଳ ଏକ ମାନସିକ ଅନୁଲିଖନ ଏବଂ ସଙ୍ଗେ ସଙ୍ଗେ ଗତିଶୀଳ ହୋଇ ସେଗୁଡ଼ିକର ସମ୍ମୁଖୀନ ହେବାର ସୋପାନଟିର ସୀମାକୁ

'oaob.nitrkl.ac.in' images reprocessed

ଅତିକ୍ରମ କରି ମନୁଷ୍ୟ ତା' ନିଜ ମଧ୍ୟରୁ ଓ ତା'ର ପରିବେଶଟି ମଧ୍ୟରୁ ଉଦ୍‌ଭୂତ ହୋଇଥିବା ଏବଂ ଉଦ୍‌ଭୂତ ହୋଇ ଆସୁଥିବା ଶକ୍ତି ଓ ପ୍ରବୃତ୍ତିଗୁଡ଼ିକୁ ନିୟମବଦ୍ଧ କରି ପାରୁଛି ଓ ସେଗୁଡ଼ିକର ମୂଲ୍ୟାଙ୍କନ କରୁଛି । ପ୍ରକୃତିର ଗୋଟିଏ ଗୋଟିଏ ସ୍ଥିର ପ୍ରକ୍ରିୟା ଏବଂ ବିଧାନରୂପେ ସିଏ ସେଗୁଡ଼ିକର ଅଧ୍ୟୟନ କରୁଛି ଏବଂ ସେଗୁଡ଼ିକର ନିୟମ ଓ ପ୍ରତିମାନଟିକୁ ବୁଝିବା ଲାଗି ଚେଷ୍ଟା କରୁଛି । ସେ ଆପଣାର ମନ, ପ୍ରାଣ ତଥା ଶରୀରର ନିୟମଗୁଡ଼ିକୁ ମଧ୍ୟ ଠାବ କରିବାର ଚେଷ୍ଟା କରୁଛି, ତା'ର ପରିବେଶଟିକୁ ରୂପ ଦେବାରେ ଲାଗିଥିବା ପରିପାର୍ଶ୍ୱସ୍ଥ ଘଟଣା ଏବଂ ଶକ୍ତିଗୁଡ଼ିକର ବିଧାନ ଓ ନିୟମଟିକୁ ଠାବ କରିବା ଲାଗି ଉଦ୍ୟମ କରୁଛି, ତା'ର ଚାରିପାଖରେ ରହି ତା'ର କ୍ରିୟାଟିର କ୍ଷେତ୍ର ଏବଂ ନିର୍ଦ୍ଦିଷ୍ଟ ପ୍ରକାରଟିକୁ ନିର୍ଦ୍ଧାରିତ କରି ଦେଉଥିବା ସେହି ଘଟଣା ଓ ଶକ୍ତିଗୁଡ଼ିକୁ ଠାବ କରିବାର ଚେଷ୍ଟା କରୁଛି । ମନୁଷ୍ୟମାତ୍ରକେ ଆମେ ଗୋଟିଏ ଗୋଟିଏ ଅପୂର୍ଣ୍ଣ ଏବଂ ବିବର୍ତ୍ତନଶୀଳ ସତ୍ତା ହୋଇ ରହିଥିବାରୁ ଜୀବନର ବିଧାନଗୁଡ଼ିକ ବିଷୟରେ ଆମର ଏହି ଅଧ୍ୟୟନ ଏହି କ୍ଷେତ୍ରରେ ଦୁଇଟି ବିଭାବର ଦର୍ଶନ କରିବାକୁ ବାଧ୍ୟ ହେଉଛି : ଯାହା ଅଛି, ସେ ତାହାର ବିଧାନଟିକୁ ଅବଧାରଣା କରି ପାରୁଛି ଓ ଯାହା ହେବ ବୋଲି ସମ୍ଭାବନା ରହିଛି ତଥା ଯାହା ହେବା ଉଚିତ, ସେ ତାହାର ବିଧାନଟିକୁ ମଧ୍ୟ ଅବଧାରଣା କରୁଛି, ଅର୍ଥାତ୍ ଆମ ବାସ୍ତବତା ତଥା ଆମ ଭବିଷ୍ୟ ସମ୍ଭାବନାଗୁଡ଼ିକର ବିଧାନଟିର ଅବଧାରଣା କରିପାରୁଛି । ଦ୍ୱିତୀୟ ବିଭାବଟି ମନୁଷ୍ୟର ବୁଦ୍ଧି କହିଲେ ସର୍ବଦା ବସ୍ତୁଗୁଡ଼ିକ ବିଷୟରେ ଏକ ବିବେକଚାଳିତ ଓ ସୁନିଶ୍ଚିତ ବିବୃତ୍ତି ଦେଇ ପାରିବାର ପ୍ରବୃତ୍ତିକୁ ବୁଝାଉଛି, ଏକ ସୁନିର୍ଦ୍ଦିଷ୍ଟ ଆଦର୍ଶ ମାନ ବା ନୀତିଚୟକୁ ବୁଝାଉଛି, ଆମର ବାସ୍ତବ ଜୀବନକୁ ଆମେ ଯାହାର ସ୍ତରଟିରୁ ଏକ ସ୍ଖଳନ ବା ବିଚ୍ୟୁତି ବୋଲି ଜାଣିବା ବା ଆମର ବାସ୍ତବ ଜୀବନଟି ଯାହା ଆଡ଼କୁ କ୍ରମାଗ୍ରସର ହୋଇ ଯିବାର ଆକାଂକ୍ଷା ରଖିଛି ବୋଲି ମଧ୍ୟ ଜାଣିବା ।

ପ୍ରକୃତି ଏବଂ ଜୀବନ ବିଷୟରେ ବିବର୍ତ୍ତନାତ୍ମକ ଧାରଣାଟି ଆମକୁ ଏକ ଅଧିକ ଗଭୀର ଦୃଷ୍ଟିକ୍ଷେତ୍ରକୁ ପରିଚାଳିତ କରି ନେଇ ଆସୁଛି । ଯାହାକିଛି ଅଛି ବା ଯାହାକିଛି ହେବା ସମ୍ଭବ, ଆମେ ସେଗୁଡ଼ିକୁ ଜୀବନର ସେହି ଅପରିବର୍ତ୍ତନୀୟ ସତ୍ୟ ତଥା ଆମ ପ୍ରକୃତିର ସେହି ଶକ୍ତି ବା ସାମର୍ଥ୍ୟଗୁଡ଼ିକର ବିଭିନ୍ନ ଅଭିବ୍ୟକ୍ତି ବୋଲି ଜାଣିବା, ଯେଉଁଗୁଡ଼ିକୁ କି ଆମେ କଦାପି ଏଡ଼ିଦେଇ ପଳାଇ ଯାଇ ପାରିବା ନାହିଁ, ସେଗୁଡ଼ିକରୁ ପଳାଇଯିବା ସକାଶେ ଆମେ ଅଭିପ୍ରେତ ମଧ୍ୟ ହୋଇ ଆସି ନାହୁଁ । କାରଣ ଜୀବନ କହିଲେ ଯେତେବେଳେ ଯାହାକିଛିକୁ ବୁଝାଉଛି, ସେଗୁଡ଼ିକର ମଧ୍ୟଦେଇ ପ୍ରକୃତି ଆପଣାକୁ ପରିପୂର୍ଣ୍ଣହିଁ କରିବାରେ ଲାଗିଛି, ସେଗୁଡ଼ିକର ମଧ୍ୟଦେଇ ପ୍ରକୃତି ଆପଣାକୁ କଦାପି ବିନଷ୍ଟ କରି ଦେଉ ନାହିଁ କିଂବା ଅସ୍ୱୀକୃତ କରି ରଖୁ ନାହିଁ । ମାତ୍ର ଆମେ ଇଚ୍ଛା କଲେ ଆମ

'oaob.nitrkl.ac.in' images reprocessed

ପ୍ରକୃତି ତଥା ଜୀବନର ଏହି ସ୍ଥିର ସତ୍ୟ ଏବଂ ସାମର୍ଥ୍ୟଗୁଡ଼ିକର ରୂପ, ବ୍ୟବସ୍ଥା ତଥା ମୂଲ୍ୟଗୁଡ଼ିକୁ ଆହୁରି ଉପରକୁ ଉଠାଇ ନେଇ ପାରିବା, ସେଗୁଡ଼ିକରେ ପରିବର୍ତ୍ତନ ଆଣି ପାରିବା ଏବଂ ସେଗୁଡ଼ିକୁ ପ୍ରସାରିତ ମଧ୍ୟ କରିଦେଇ ପାରିବା; ଏବଂ ସେହିପରି କରିବା ଲାଗିହିଁ ଆମେ ଅଭିପ୍ରେତ ହୋଇ ଆସିଛୁ । ଏବଂ ଆମ ଅଗ୍ରଗତିର ଧାରାଟି ମଧ୍ୟରେ ଏହି ପରିବର୍ତ୍ତନ ଏବଂ କ୍ରମପରିପୂର୍ଣ୍ଣତା ହୁଏତ ଏକ ମୌଳିକ ରୂପାନ୍ତର ପାଖରେ ମଧ୍ୟ ଆମକୁ ନେଇ ପହଞ୍ଚାଇ ଦେଇ ପାରିବ; ଅବଶ୍ୟ ଏକଥା ସତ ଯେ ଏହି ପ୍ରକ୍ରିୟାଟିରେ ଅସଲ ବସ୍ତୁଗୁଡ଼ିକରେ ଆଦୌ କୌଣସି ପରିବର୍ତ୍ତନ ଘଟିବ ନାହିଁ । ଆମର ପ୍ରକୃତି ତଥା ଜୀବନ ଅଭିବ୍ୟକ୍ତିର ଯେଉଁ ରୂପ, ମୂଲ୍ୟ ଅଥବା ସାମର୍ଥ୍ୟ ପାଖରେ ଆସି ପହଞ୍ଚି ପାରିଛନ୍ତି, ଆମେ ତାହାକୁହିଁ ଆମର ବାସ୍ତବ ବୋଲି କହିବା; ସେଗୁଡ଼ିକର ପ୍ରତିମାନ ଓ ବିଧାନ ଆମ ବିବର୍ତ୍ତନର ଠିକ୍ ସେହି ସୋପାନଟିର ଅନୁରୂପ ଏକ ସୁନିଶ୍ଚିତ ବ୍ୟବସ୍ଥା ବା ପ୍ରକ୍ରିୟା ରୂପେହିଁ ରୂପାୟିତ ହୋଇ ରହିଛି । ଆମ ଭିତରେ ରହିଥିବା ଯାବତୀୟ ସମ୍ଭାବନା-ଶକ୍ତି ଆମକୁ ଅଭିବ୍ୟକ୍ତିର ଏକ ନୂତନ ଆକାର, ନୂତନ ମୂଲ୍ୟ ଏବଂ ନୂତନ ସାମର୍ଥ୍ୟ ଆଡ଼କୁ ଅଙ୍ଗୁଳିନିର୍ଦ୍ଦେଶ କରି ଦେଖାଇ ଦେଉଛନ୍ତି, ସେଗୁଡ଼ିକର ଯଥୋପଯୁକ୍ତ ବିଧାନ ଏବଂ ପ୍ରତିମାନ ହୋଇ ରହିଥିବା ନୂତନ ଏବଂ ଯଥୋପଯୁକ୍ତ ବ୍ୟବସ୍ଥା ଏବଂ ପ୍ରକ୍ରିୟାଟି ଆଡ଼କୁ ନିର୍ଦ୍ଦେଶ କରି ଦେଖାଇ ଦେଉଛନ୍ତି । ଏହିପରି ଭାବରେ ବାସ୍ତବ ତଥା ସମ୍ଭାବ୍ୟତାର ମଝିରାସ୍ତାରେ ଛିଡ଼ା ହୋଇ ଆମର ବୁଦ୍ଧି ବର୍ତ୍ତମାନର ବିଧାନ ଏବଂ ଆକାରଟିକୁ ଆମ ପ୍ରକୃତି ଏବଂ ଜୀବନର ଚିରନ୍ତନ ବିଧାନ ବୋଲି ଭ୍ରମ କରି ପକାଉଛି ଏବଂ ଯେକୌଣସି ପରିବର୍ତ୍ତନକୁ ତାହା ଏକ ପତନ ବା ବିଚ୍ୟୁତି ବୋଲି ମଣିବାର ମଧ୍ୟ ସର୍ବଦା ଏକ ସମ୍ଭାବନା ରହିଛି; ଅଥବା, ଅପର ପକ୍ଷରେ, ଭବିଷ୍ୟତର କୌଣସି ସମ୍ଭାବ୍ୟ ବିଧାନକୁ ବା ଆକାରକୁ ତାହା ଆମ ଜୀବନର ଆଦର୍ଶ-ବିଧାନ ବୋଲି ଭ୍ରମ କରି ପକାଉଛି ଏବଂ ସେହି ଆଦର୍ଶରୁ ବାସ୍ତବ କ୍ଷେତ୍ରରେ ଯାହାକିଛି ବିଚ୍ୟୁତି ଯେତେବେଳେ ଘଟୁଛି, ତାହାକୁ ସେ ଆମ ପ୍ରକୃତିର ଏକ ଭୁଲ୍ ବା ପାପ ବୋଲିହିଁ ବିଚାର କରୁଛି । ସକଳ ପରିବର୍ତ୍ତନର ସମ୍ମୁଖୀନ ହୋଇ ମଧ୍ୟ ଯାହା ତଥାପି ସ୍ଥିର ଓ ଅଟଳ ରହିଛି, ଯଥାର୍ଥରେ ଆମେ ତାହାକୁହିଁ ଚିରନ୍ତନ ବା ସନାତନ ବୋଲି କହିପାରିବା, ଏବଂ ଆମର ଆଦର୍ଶକୁ ମଧ୍ୟ ଆମେ କେବଳ ତାହାରି ଏକ କ୍ରମବୃଦ୍ଧିଶୀଳ ଅଭିବ୍ୟକ୍ତି ବୋଲିହିଁ କହିପାରିବା । ଆତ୍ମ-ଅଭିବ୍ୟକ୍ତିର ମାର୍ଗରେ ଉଚ୍ଚତା, ବିସ୍ତାର ଏବଂ ପୂର୍ଣ୍ଣତାର ଯଦି ପ୍ରକୃତରେ କୌଣସି ସୀମା ରହିଥାଏ ଏବଂ ସେହି ଦିଗରେ ଅଗ୍ରସର ହୋଇ ଯେଉଁ ସର୍ବୋଚ୍ଚ ସୀମାଟିରେ ଯାଇ ପହଞ୍ଚି ପାରିବ ବୋଲି ମନୁଷ୍ୟର ସାମର୍ଥ୍ୟ ରହିଛି, ହୁଏତ ସେଇଟିକୁହିଁ ଆମେ ତା'ର ଚିରନ୍ତନ ଆଦର୍ଶଟି ବୋଲି କହିପାରିବା; ଆଗରୁ ଏ ବିଷୟରେ ଆମର ଏକ ଜ୍ଞାନ ଥିଲେ ଯାଇ ଆମେ ତାହା କହିପାରିବା, ଏବଂ

'oaob.nitrkl.ac.in' images reprocessed

ଏକଥା ମଧ୍ୟ ସତ ଯେ ଏପର୍ଯ୍ୟନ୍ତ ସର୍ବୋଚ୍ଚ ସମ୍ଭାବନାଗୁଡ଼ିକ ବିଷୟରେ ଆମେ ଯଥାର୍ଥରେ କିଛି ଜାଣି ନାହୁଁ ।

ଜୀବନକ୍ଷେତ୍ରରୁ ମନୁଷ୍ୟର ମନ ବିଚାର ବା ଆଦର୍ଶ ବୋଲି ଯାହାକିଛି ହାସଲ କରୁଛି ବା ଜୀବନକ୍ଷେତ୍ରରେ ସେଗୁଡ଼ିକର ଯେତେ ଯାହା ପ୍ରୟୋଗ କରୁଛି, ତାହାକୁ କେବଳ ସେହି ଜୀବନରହିଁ ଅଭିବ୍ୟକ୍ତିଟି ବ୍ୟତୀତ କଦାପି ଆଉ କିଛି ବୋଲି କୁହାଯାଇ ପାରିବ ନାହିଁ; ଆପଣାର ବିଧାନଟିକୁ ଏହି ଜୀବନ ଯେତିକି ଯେତିକି ଅଧିକ ପରିମାଣରେ ଆବିଷ୍କାର କରିବାକୁ ସମର୍ଥ ହେଉଛି, ଏଇଟିକୁ ସେ ଯେତିକି ଯେତିକି ଅଧିକ ଉଚ୍ଚରେ ନେଇ ଲଗାଇ ପାରୁଛି ଓ ତାହାର ସମ୍ଭାବନାଗୁଡ଼ିକୁ ସେ ଯେତିକି ଯେତିକି ଉପଲବ୍ଧି କରି ପାରୁଛି, ବିଚାର ବା ଆଦର୍ଶ କହିଲେ କେବଳ ସେହିଗୁଡ଼ିକର ଅଭିବ୍ୟକ୍ତିକୁହିଁ ସର୍ବଦା ବୁଝାଇବ । ଆପଣାକୁ ଜୀବନରୂପେ ଅଭିବ୍ୟକ୍ତ କରିଦେବାର ତା'ର ମାନବୀୟ ମାର୍ଗଟିରେ ପ୍ରକୃତି କ୍ରମୋତ୍ତର ଭାବରେ ଆପଣାର ମୂଲ୍ୟଚୟ ତଥା ସମ୍ଭାବନାଗୁଡ଼ିକୁ ଯେପରି ଉପଲବ୍ଧି କରୁଛି ଓ ସେଗୁଡ଼ିକୁ ପରିପୂର୍ଣ୍ଣ କରିବାରେ ଲାଗିଛି, ଆମର ମାନସ ଭୂମି କହିଲେ ପ୍ରକୃତିର ସେହି ଗତିପଥଟିର ସଚେତନ ଅଂଶଟିକୁହିଁ ବୁଝାଇବ । ଯଦି ସେହି ମାନସଭୂମିଟି ପୂର୍ଣ୍ଣତାଯୁକ୍ତ ହୋଇ ରହିଥା'ନ୍ତା, ତେବେ ଆପଣା ଜ୍ଞାନ ତଥା ଇଚ୍ଛାର କ୍ଷେତ୍ରରେ ତାହା ସେହି ସଂଗୁପ୍ତ ପରମ ଜ୍ଞାନ ଏବଂ ପରମ ଇଚ୍ଛାର ସମଗ୍ରତାଟି ସହିତ ମଧ୍ୟ ଅବଶ୍ୟ ଏକାତ୍ମ ଓ ଅଭିନ୍ନ ହୋଇ ରହିଥା'ନ୍ତା, ଯେଉଁ ପରମ ଜ୍ଞାନ ଏବଂ ଇଚ୍ଛାକୁ ପ୍ରକୃତି ଉପରିଭାଗକୁ ଆଣିବାର ଉଦ୍ୟମ କରୁଛି, ତାହାରି ସହିତ ଅଭିନ୍ନ ହୋଇ ରହିଥା'ନ୍ତା । ତେବେ ସେହି କ୍ଷେତ୍ରରେ କୌଣସି ପ୍ରକାର ମାନସିକ ଦ୍ୱନ୍ଦ୍ୱ ଲାଗି ଆଉ କୌଣସି ଅବକାଶହିଁ ନ ଥା'ନ୍ତା । କାରଣ ସେତେବେଳେ ଆମେ ପ୍ରକୃତିର ଗତିଟି ସହିତ ଆପଣାକୁ ଏକାତ୍ମକ କରି ରଖି ପାରନ୍ତେ, ତାହାର ଉଦ୍ଦେଶ୍ୟଟିକୁ ସ୍ୱୟଂ ଜାଣି ପାରନ୍ତେ ଏବଂ ବୁଦ୍ଧିସମ୍ପନ୍ନ ଭାବରେ ତାହାର ମାର୍ଗଟିର ଅନୁସରଣ ବି କରି ପାରନ୍ତେ । କେବଳ ପ୍ରକୃତିହିଁ ସବୁକିଛି କରୁଛି ଏବଂ ଆମର ମନ ତଥା ଜୀବନର ଯାବତୀୟ ଗତିଶୀଳତା କେବଳ ସେହି ପ୍ରକୃତିର ପ୍ରଣାଳୀଗୁଡ଼ିକରହିଁ କର୍ମ ହୋଇ ରହିଛି ବୋଲି ଗୀତାରେ ଯେପରି ଗୁରୁତ୍ୱ ଦିଆଯାଇ କୁହାଯାଇଛି, ସେତେବେଳେ ଆମେ ସେହି ସତ୍ୟଟିର ଉପଲବ୍ଧି କରି ପାରନ୍ତେ । ଆପଣାର ପ୍ରାଣଶକ୍ତି, ସହଜାତ ପ୍ରବୃତ୍ତି ଏବଂ ଯାନ୍ତ୍ରିକ ସ୍ୱଭାବ ଦ୍ୱାରା ପରିପ୍ରେରିତ ହୋଇ ଅବମାନବ ଜୀବନଟି ଠିକ୍ ତାହାହିଁ କରୁଛି, ଆପଣା ପ୍ରରୂପଟିର ସୀମାଗୁଡ଼ିକ ମଧ୍ୟରେ ତାହା ପ୍ରକୃତି ଅନୁସାରେ ଜୀବନଯାପନ କରୁଛି ଏବଂ ଅନ୍ୟ ଜୀବନଗୁଡ଼ିକ ସହିତ ସଂଘାତରେ ଆସୁଥିଲେ ମଧ୍ୟ ଅନ୍ତର୍ଗତ ଯାବତୀୟ ସଂଘାତରୁ ତାହା ମୁକ୍ତ ହୋଇ ରହିଛି । ଏକ ଅତିମାନବୀୟ ଜୀବନ ପୂର୍ଣ୍ଣ ସଚେତନ ଭାବରେ ଏହି ପରିପୂର୍ଣ୍ଣତାକୁ ହାସଲ କରି

'oaob.nitrkl.ac.in' images reprocessed

ପାରିବ, ବସ୍ତୁଗୁଡ଼ିକରେ ପ୍ରଚ୍ଛନ୍ନ ହୋଇ ରହିଥିବା ସେହି ପରମ ଜ୍ଞାନ ଏବଂ ପରମ ଇଚ୍ଛାକୁ ତାହା ଆପଣାର ଜ୍ଞାନ ଏବଂ ଆପଣାର ଇଚ୍ଛାରେ ପରିଣତ କରି ପାରିବ ଏବଂ ପ୍ରକୃତିର ମୁକ୍ତ, ସ୍ୱତଃପ୍ରେରିତ ଏବଂ ସୌଷମ୍ୟଯୁକ୍ତ ଗତିଟି ସାହାଯ୍ୟରେହିଁ ତାହା ପ୍ରକୃତିର ମାଧ୍ୟମରେ ଆପଣାକୁ ପରିପୂର୍ଣ୍ଣ କରିପାରିବ । ଅନାକୁଳ ଓ ଅବିଶ୍ରାନ୍ତ ଭାବରେ ତାହା ଆପଣାର ପରିପୂର୍ଣ୍ଣ ବିକାଶଟି ଆଡ଼କୁ ଅଗ୍ରସର ହୋଇ ପାରିବ; ଯେଉଁ ପରିପୂର୍ଣ୍ଣ ବିକାଶ ତା'ର ଅନ୍ତର୍ଗତ ଓ ତେଣୁ ତାହାର ପୂର୍ବନିୟତ ଅଭୀଷ୍ଟ ହୋଇ ରହିଛି, ସେ ତାହାରି ଆଡ଼କୁ ନିଶ୍ଚୟ ଅଗ୍ରସର ହୋଇ ପାରିବ । ବସ୍ତୁତଃ, ଆମର ମାନସଭୂମିଟି ଅପୂର୍ଣ୍ଣତାଯୁକ୍ତ ହୋଇ ରହିଥିବାରୁ, ଆମେ ପ୍ରକୃତିର ପ୍ରବୃତ୍ତି ତଥା ଗନ୍ତବ୍ୟସ୍ଥଳଗୁଡ଼ିକ ବିଷୟରେ କେବଳ ଏକ ସାମୟିକ ଆଭାସ ପାଇବାକୁହିଁ ସମର୍ଥ ହେଉଛୁ; ଏବଂ ଯେତେବେଳେ ଯେଉଁ ଆଭାସଟିକୁ ପାଉଛୁ, ତାହାକୁ ଆମେ ଏକ ପରମ ନୀତି ବା ଆମ ଜୀବନ ତଥା ଆଚରଣର ଏକ ଆଦର୍ଶ ସିଦ୍ଧାନ୍ତର ଆୟତନ ମଧ୍ୟକୁ ଉତ୍ତୋଳିତ କରିନେଉଛୁ । ଆମେ ପ୍ରକୃତିର ପ୍ରକ୍ରିୟାଟିର କେବଳ ଗୋଟିଏ ପାଖହିଁ ଦେଖିବାକୁ ପାଉଛୁ, ତାହାକୁହିଁ ସମୁଦାୟ ଓ ପରିପୂର୍ଣ୍ଣ ପଦ୍ଧତିଟି ରୂପେ ଆଣି ଆଗରେ ରଖି ଦେଉଛୁ । ଏବଂ ତାହାହିଁ ଆମ ଜୀବନର ବ୍ୟବସ୍ଥାଟିର ଅବଶ୍ୟ ପରିଶାସନ କରିବ ବୋଲି ସ୍ଥିର କରି ନେଉଛୁ । ନାନା ଅପୂର୍ଣ୍ଣତାଯୁକ୍ତ ବ୍ୟକ୍ତି ଏବଂ ଆହୁରି ଅଧିକ ଅପୂର୍ଣ୍ଣତାଯୁକ୍ତ ସାମୂହିକ ମନଟିର ମାଧ୍ୟମରେ କାର୍ଯ୍ୟ କରୁଥିବାରୁ ଆମ ପ୍ରକୃତି ଆମ ଜୀବନର ସତ୍ୟ ଏବଂ ସାମର୍ଥ୍ୟଗୁଡ଼ିକୁ ପରସ୍ପରର ବିରୋଧୀ କେତୋଟି ରୀତି ଓ ସାମର୍ଥ୍ୟ ରୂପେ ଆଣି ଉପସ୍ଥାପିତ କରିଦେଉଛି, ଆମର ବୁଦ୍ଧି ତଥା ସଂବେଗଗୁଡ଼ିକର ମଧ୍ୟଦେଇ ଆମେ ଆପଣାକୁ ନେଇ ସେଗୁଡ଼ିକ ସହିତ ଲଗାଇ ରଖୁଛୁ, କେତେବେଳେ ଏଇଟିକୁ ଓ ଆଉ କେତେବେଳେ ସେଇଟିକୁ ଅଧିକ ସମର୍ଥନ ଦେଖାଉଛୁ ଅଥବା ତାହାକୁ ଗୌଣ କରି ରଖୁଛୁ । ଏହିପରି ଭାବରେ ସେଗୁଡ଼ିକ ଆମର ପ୍ରକୃତି ଦ୍ୱାରା ମନୁଷ୍ୟର ମନୋଭୂମି ଉପରେ କେତେ ସଂଘର୍ଷ ଏବଂ ଦ୍ୱନ୍ଦ୍ୱର ଅବସ୍ଥା ମଧ୍ୟଦେଇ ଏକ ପାରସ୍ପରିକ ଜ୍ଞାନ ଏବଂ ପାରସ୍ପରିକ ପ୍ରୟୋଜନୀୟତା-ବୋଧ ଆଡ଼କୁ ପରିଚାଳିତ ହେବାରେ ଲାଗିଛନ୍ତି, କ୍ରମୋତ୍ତର ଭାବରେ ଏକ ଯଥାର୍ଥ ସମ୍ବନ୍ଧିତତା ଏବଂ ସେଗୁଡ଼ିକର ସମ୍ଭାବନାଗୁଡ଼ିକର ଏକ ସମନ୍ୱୟ ଆଡ଼କୁ ପରିଚାଳିତ ହୋଇ ଯାଉଛନ୍ତି ଏବଂ ମନୁଷ୍ୟ-ଜୀବନର ପ୍ରସାରଣଯୁକ୍ତ ସମ୍ଭାବନାଟିର କ୍ଷେତ୍ରରେ ଉପଲବ୍ଧ ଶକ୍ତିଗୁଡ଼ିକର ଏକ କ୍ରମବୃଦ୍ଧିଶୀଳ ସୌଷମ୍ୟ ଏବଂ ସଂଗଠନ ରୂପେ ତାହା ଉପସ୍ଥାପିତ ହେବାରେ ଲାଗିଛି ।

ମନୁଷ୍ୟ-ସମାଜର ସାମାଜିକ ବିବର୍ତ୍ତନଟିକୁ ଆମେ ଅନିବାର୍ଯ୍ୟତଃ ତିନୋଟି ଅପରିବର୍ତ୍ତନୀୟ ଏକକ, ଅର୍ଥାତ୍, ବ୍ୟକ୍ତିସମୂହ, ନାନାବିଧ ଗୋଷ୍ଠୀ ଏବଂ ସମଗ୍ର ମାନବଜାତି, ଏହି ତିନୋଟିର ମଧ୍ୟରେ ବିଭିନ୍ନ ସମୟରେ ରହି ଆସିଥିବା ନାନା ସମ୍ବନ୍ଧର

'oaob.nitrkl.ac.in' images reprocessed

ବିକାଶ ବୋଲିହିଁ ବୁଝିବା । ଏଥିରୁ ପ୍ରତ୍ୟେକଟି ଏକକ ଆପଣାର ସ୍ୱକୀୟ ପରିପୂର୍ଣ୍ଣତା ଏବଂ ସ୍ୱକୀୟ ପରିତର୍ପଣ ଲାଗି ବାଟ ଖୋଜିବାରେ ଲାଗିଥାଏ, ମାତ୍ର ଅନ୍ୟଗୁଡ଼ିକଠାରୁ ସ୍ୱତନ୍ତ୍ର ବା ସ୍ୱାଧୀନ ଭାବରେ ନୁହେଁ, ମାତ୍ର ଅନ୍ୟଗୁଡ଼ିକ ସହିତ ଆପଣାକୁ ସମ୍ବନ୍ଧିତ କରି ରଖିହିଁ ପ୍ରତ୍ୟେକଟି ଆପଣାର ବିକାଶ ସାଧନ କରିବାକୁ ବାଧ୍ୟ ହୁଏ । ତା'ର ନିଜର ଅନ୍ତର୍ଗତ ବୃଦ୍ଧିସାଧନ ଏବଂ ପରିପୂର୍ଣ୍ଣତା ତଥା ତା'ର ବହିରଙ୍ଗ ଜୀବନଟିରେ ଏହାର ଅଭିବ୍ୟକ୍ତିହିଁ ଅବଶ୍ୟ ପ୍ରତ୍ୟେକ ବ୍ୟକ୍ତିର ସ୍ୱାଭାବିକ ସର୍ବପ୍ରଥମ ଲକ୍ଷ୍ୟ ହୋଇ ରହିବ; ମାତ୍ର ଅନ୍ୟ ବ୍ୟକ୍ତିମାନଙ୍କ ସହିତ ରହିଥିବା ତା'ର ସମ୍ବନ୍ଧଗୁଡ଼ିକର ମାଧ୍ୟମରେହିଁ ପ୍ରତ୍ୟେକ ବ୍ୟକ୍ତି ଏହି ଲକ୍ଷ୍ୟଟିକୁ ହାସଲ କରିପାରିବ; ସିଏ ଯେଉଁସବୁ ଧର୍ମଗତ, ସାମାଜିକ, ସାଂସ୍କୃତିକ ଓ ରାଜନୀତିକ ନାନାପ୍ରକାର ଗୋଷ୍ଠୀ ମଧ୍ୟରେ ବାସ କରୁଛି, ସେଗୁଡ଼ିକ ସହିତ ତା'ର ରହିଥିବା ସମ୍ବନ୍ଧଗୁଡ଼ିକର ମଧ୍ୟଦେଇହିଁ ସିଏ ସେଇଟିର ଉପଲବ୍ଧି କରିବ, ସମଗ୍ର ମନୁଷ୍ୟଜାତିର ଭାବନା ଏବଂ ପ୍ରୟୋଜନଟି ସହିତ ତା'ର ଯେଉଁସବୁ ସମ୍ବନ୍ଧ ରହିଛି, ସେଇଟି ମଧ୍ୟଦେଇହିଁ ତାହାକୁ ସେହି ଲକ୍ଷ୍ୟଟିର ପରିପୂରଣ ଲୋଡ଼ିବାକୁ ପଡ଼ିବ । ଗୋଷ୍ଠୀ ମଧ୍ୟ ଆପଣାକୁ ପରିପୂର୍ଣ୍ଣ କରିବାରେ ଅବଶ୍ୟ ତତ୍ପର ରହିବ, ମାତ୍ର ସେହି ଗୋଷ୍ଠୀର ଗଣ-ଚେତନା ଏବଂ ସାମୂହିକ ସଂଗଠନ ଯେଉଁଭଳି ହୋଇଥାଉ ପଛକେ, କେବଳ ଆପଣା ଆୟତନଟି ମଧ୍ୟରେ ବାସ କରୁଥିବା ବ୍ୟକ୍ତିମାନଙ୍କ ଜରିଆରେହିଁ ଗୋଷ୍ଠୀ ନିଜର ବୃଦ୍ଧିସାଧନ କରି ପାରିବ; ତା'ର ପରିବେଶଟି ତାହାକୁ ଯେଉଁସବୁ ସ୍ଥିତି ମଧ୍ୟରେ ଆଣି ଅବସ୍ଥାପିତ କରି ରଖିଛି, ସେହିଗୁଡ଼ିକର ଅଧୀନ ହୋଇ ରହିହିଁ ସେ ତାହା କରିପାରିବ । ଏବଂ, ଅନ୍ୟ ଅନେକ ଗୋଷ୍ଠୀ ଓ ଅନେକ ବ୍ୟକ୍ତି ତଥା ସମଗ୍ର ମାନବଜାତି ସହିତ ରହିଥିବା ତା'ର ସମ୍ବନ୍ଧଗୁଡ଼ିକ ଯେଉଁସବୁ ପରିସ୍ଥିତିକୁ ଆଣି ତା'ଉପରେ ଲଦି ଦେଇଥା'ନ୍ତି, ସେଗୁଡ଼ିକର ଅଧୀନ ରହି ମଧ୍ୟ ତାକୁ ଆପଣାର ପରିପୂର୍ଣ୍ଣତାଟିକୁ ଲୋଡ଼ିବାକୁ ପଡ଼ିବ । ଏକ ସମଗ୍ର ହିସାବରେ ମନୁଷ୍ୟଜାତିର ବର୍ତ୍ତମାନ କୌଣସି ପ୍ରକାର ସଚେତନ ଭାବରେ ସଂଗଠିତ ହୋଇଥିବା ସାଧାରଣ ଜୀବନ ନାହିଁ; ଏହାର କେବଳ ଏକ ଅତ୍ୟନ୍ତ ଅପୂର୍ଣ୍ଣ ସଂଗଠନହିଁ ରହିଛି, ଯାହାକି ମନୁଷ୍ୟବୁଦ୍ଧି ଓ ମନୁଷ୍ୟ-ଇଚ୍ଛା ଅପେକ୍ଷା ଅନେକ ଅଧିକ ପରିମାଣରେ ବିଭିନ୍ନ ପରିସ୍ଥିତି ଦ୍ୱାରାହିଁ ନିରୂପିତ ହେବାରେ ଲାଗିଛି । ମାତ୍ର ତଥାପି, ଆମେ ସବୁ ମନୁଷ୍ୟ ଯେ ଏକାଠି ରହିଛୁ, ଆମ ସମସ୍ତଙ୍କର ଯେ ଏକ ସାଧାରଣ ସ୍ୱଭାବ ରହିଛି ଓ ସାଧାରଣ ନିୟତି ମଧ୍ୟ ରହିଛି, ସେହି ଭାବନା ଓ ସେହି ବାସ୍ତବ ସ୍ଥିତିଟିହିଁ ସର୍ବଦା ମନୁଷ୍ୟର ବିଚାର ତଥା କାର୍ଯ୍ୟ ଉପରେ ଆପଣାର ଏକ ଶକ୍ତିଶାଳୀ ପ୍ରଭାବ ପକାଇ ଆସିଛି । ମନୁଷ୍ୟଜାତି ପ୍ରତି ପ୍ରତ୍ୟେକ ମନୁଷ୍ୟର କି କି କର୍ତ୍ତବ୍ୟ ରହିବ, ତାହାହିଁ ଆମ ନୀତିଶାସ୍ତ୍ର ଓ ଧର୍ମର ଏକ ପ୍ରଧାନ ଚର୍ଚ୍ଚା ଓ କର୍ମ ହୋଇ ରହିଆସିଛି । ମନୁଷ୍ୟଜାତି

'oaob.nitrkl.ac.in' images reprocessed

ମଧ୍ୟରେ କାଳେକାଳେ ଯେଉଁସବୁ ବୃହତ୍ ଆନ୍ଦୋଳନ ଏବଂ ପରିବର୍ତ୍ତନ ହୋଇ ଆସିଛି, ସେଗୁଡ଼ିକର ଚାପ ତାହାରି ଅନ୍ତର୍ଗତ ହୋଇ ବାସ କରୁଥିବା ତାହାର ଭିନ୍ନ ଭିନ୍ନ ଗୋଷ୍ଠୀଗୁଡ଼ିକର ଭାଗ୍ୟକୁ ସର୍ବଦାହିଁ ପ୍ରଭାବିତ କରିଛି । ଏବଂ ତାହାର ଏକ ସତତ ବିପରୀତ-ଚାପ ରୂପେ ଭିନ୍ନଭିନ୍ନ ସାମାଜିକ, ସାଂସ୍କୃତିକ, ରାଜନୀତିକ ତଥା ଧର୍ମଗତ ଗୋଷ୍ଠୀଗୁଡ଼ିକର ପ୍ରଭାବ ମନୁଷ୍ୟଜାତି ଉପରେ ମଧ୍ୟ ଆସି ପଡ଼ିଛି; ସେଗୁଡ଼ିକ ସ୍ୱୟଂ ଆପଣାର ପ୍ରସାର ଘଟାଇ ସମ୍ଭବ ହେଲେ ସମୁଦାୟ ମନୁଷ୍ୟଜାତିକୁ ଆପଣାର ବିସ୍ତାରଟି ମଧ୍ୟରେ ଅନ୍ତର୍ଗତ କରି ରଖିବା ଲାଗି ମଧ୍ୟ ପ୍ରୟାସ କରିଛନ୍ତି । ଏବଂ ଯଦି ବା ଯେତେବେଳେ ସମଗ୍ର ମନୁଷ୍ୟଜାତି ପ୍ରକୃତରେ ଏକ ସଂଗଠିତ ସାଧାରଣ ଜୀବନର ସ୍ତରରେ ଆସି ପହଞ୍ଚିବ ଏବଂ ଆପଣା ଲାଗି ଏକ ସାର୍ବଜନୀନ ପରିପୂର୍ଣ୍ଣତା ଏବଂ ପରିତର୍ପଣ ଲୋଡ଼ି ବାହାରିବ, ସେତେବେଳେ ମଧ୍ୟ ଏହି ସମଗ୍ରଟି ସହିତ ତା'ର ବିଭିନ୍ନ ଭାଗଗୁଡ଼ିକର ରହିଥିବା ନାନା ସମ୍ବନ୍ଧ ଦ୍ୱାରା ସେ ତାହା କରିପାରିବ; ଏବଂ ଏକକ ମନୁଷ୍ୟ-ବ୍ୟକ୍ତି ଏବଂ ଏକକ ଗୋଷ୍ଠୀଗୁଡ଼ିକର ଯେଉଁ ସତତ ପ୍ରସାରିତ ହେଉଥିବା ଜୀବନଟିର ଯାବତୀୟ ଅଗ୍ରଗତି ସମଗ୍ର ମନୁଷ୍ୟଜାତିର ଜୀବନସ୍ଥ ବୃହତ୍ତର ସୋପାନଗୁଡ଼ିକର ଅନ୍ତର୍ଗତ ହୋଇ ରହିଛି, ତାହାର ସାହାଯ୍ୟରେହିଁ ମନୁଷ୍ୟଜାତି ତାହା କରିବାକୁ ସମର୍ଥ ହେବ ।

ପ୍ରକୃତି ସର୍ବଦାହିଁ ଏହି ତିନୋଟି ସୋପାନଧାରାରେ କାର୍ଯ୍ୟ କରୁଛି ଏବଂ ଏଥିରୁ ଆମେ କୌଣସିଟିକୁ କଦାପି ବିଲୁପ୍ତ କରିଦେଇ ପାରିବା ନାହିଁ । ପ୍ରକୃତି ସର୍ବଦା ଏକ ତଥା ଅନେକର ଦୃଶ୍ୟ ଅଭିବ୍ୟକ୍ତିଟିରୁହିଁ ଆପଣାର ଯାତ୍ରା ଆରମ୍ଭ କରୁଛି, ଆପଣାର ସମଗ୍ରତା ଓ ସେଥିରେ ଅନ୍ତର୍ଗତ ହୋଇ ରହିଥିବା ଏକକଗୁଡ଼ିକରୁ ତା'ର ଯାତ୍ରା ଆରମ୍ଭ କରୁଛି ଏବଂ ଏହି ଦୁଇଟି ମଧ୍ୟରେ ଏପରି ଏକାଧିକ ଅନ୍ତର୍ବର୍ତ୍ତୀ ଐକ୍ୟମାନ ସୃଷ୍ଟି କରି ନେଉଛି, ଯାହା ନ ଥିଲେ କି ସମଗ୍ର ଅଥବା ଏକକ କାହାରି ସମ୍ପୂର୍ଣ୍ଣ ବିକାଶ କଦାପି ହୋଇ ପାରୁ ନ ଥା'ନ୍ତା । ଜୀବନର ପ୍ରକରଣଟିରେ ମଧ୍ୟ ପ୍ରକୃତି ସର୍ବଦା ବଂଶ, ଉପବଂଶ ଏବଂ ବ୍ୟକ୍ତି, ଏହିପରି ତିନୋଟି ସୋପାନକୁ ସୃଷ୍ଟି କରୁଛି । ମାତ୍ର, ଇତର ପ୍ରାଣୀମାନଙ୍କର ସୋପାନରେ ପ୍ରକୃତି ଅତି ଅନମ୍ୟ ଭାବରେ ଗୋଟିକୁ ଅନ୍ୟଠାରୁ ଅଲଗା କରି ରଖୁଥିଲେ ଏବଂ ସଂକ୍ଷିପ୍ତ ଭାବରେ ଅନେକଙ୍କୁ ନେଇ ଗୋଟିଏ ବର୍ଗରେ ଠୁଳ କରି ଦେଉଥିଲେ ମଧ୍ୟ, ମନୁଷ୍ୟର ସ୍ତରକୁ ଆସି ତାହା ସେପରି ନ କରି ଆପଣାକୃତ ବିଭାଜନଗୁଡ଼ିକୁ ସତେଅବା ପାଦରେ ଦଳିଦେଇ ଚାଲିଯାଉଛି, ସମଗ୍ର ମନୁଷ୍ୟବର୍ଗଟିକୁ ଏକ ଐକ୍ୟବୋଧ ଆଡ଼କୁ ପରିଚାଳିତ କରି ନେବା ଲାଗି ଉଦ୍ୟମ କରୁଛି, ସେହି ଐକ୍ୟଟିକୁ ଉପଲବ୍ଧି କରିବା ଲାଗି ତାହାକୁ ପ୍ରେରିତ କରି ରଖୁଛି । ସ୍ଥାନୀୟ ସହସମ୍ବନ୍ଧ, ସାଧାରଣ ସ୍ୱାର୍ଥବନ୍ଧନ ତଥା ବିଚାରର ଏକତା ଦ୍ୱାରା କୌଣସି ଗୋଟିଏ ବଂଶ ଅଥବା ଉପବଂଶର କେତେଗୁଡ଼ିଏ

'oaob.nitrkl.ac.in' images reprocessed

ବ୍ୟକ୍ତିଙ୍କୁ ଗୋଟିଏ ପଲ୍ଲଭିତରେ ଏକଜୁଟ କରିଆଣି ସତେଅବା ଏକ ସହଜାତ ପ୍ରବୃତ୍ତି ଦ୍ୱାରା ଚାଳିତ ହୋଇ ଆସିଲା ପରି କୌଣସି ମନୁଷ୍ୟଗୋଷ୍ଠୀ ତିଆରି ହେଉ ନାହିଁ; ଏବଂ, ଭିନ୍ନଭିନ୍ନ ବର୍ଗ, ଜାତି, ସ୍ୱାର୍ଥ, ବିଚାର ତଥା ସଂସ୍କୃତି ଅଧିକ ଅନ୍ତରଙ୍ଗ ଭାବରେ ପରସ୍ପର ସହିତ ସଂଯୁକ୍ତ ହୋଇ ଆସିବା ସଙ୍ଗେସଙ୍ଗେ ମନୁଷ୍ୟର ଭାବନା ତଥା ସହାନୁଭୂତିଗୁଡ଼ିକ ମଧ୍ୟ କ୍ରମପ୍ରସାରିତ ହୋଇ ଯାଉଥିବାରୁ ଏହି ସୀମାଗୁଡ଼ିକ ମଧ୍ୟ କ୍ରମଶଃ ଅତିକ୍ରାନ୍ତ ହୋଇଯିବାରେ ଲାଗିଛି । ମାତ୍ର, ଆପଣା ଆପଣାର ବିଚ୍ଛିନ୍ନତାର କ୍ଷେତ୍ରରେ ସେଗୁଡ଼ିକର ସୀମାଗୁଡ଼ିକୁ ଅତିକ୍ରମ କରାଯାଇ ପାରୁଥିଲେ ମଧ୍ୟ ସେଗୁଡ଼ିକ ତଥାପି ବାସ୍ତବକ୍ଷେତ୍ରରେ ବଳବତ୍ତର ରହିଛନ୍ତି, କାରଣ ସେଗୁଡ଼ିକ ପ୍ରକୃତିର ଏକ ମର୍ମସ୍ଥ ନୀତିଟିକୁହିଁ ଆଶ୍ରୟ କରି ଅବସ୍ଥିତ ରହିଛନ୍ତି, ନାନାବିଧତାରେ ଐକ୍ୟର ପ୍ରତିଷ୍ଠା କରିବାକୁ ପ୍ରକୃତି ମଧ୍ୟରେ ଯେଉଁ ନୀତିଟି କାର୍ଯ୍ୟ କରୁଛି, ସେଗୁଡ଼ିକ ତାହାକୁହିଁ ଆଶ୍ରୟ କରିଛନ୍ତି । ତେଣୁ ଏକଥାଟି ଅବଶ୍ୟ ପ୍ରତୀତ ହୋଇଯିବ ଯେ ବ୍ୟକ୍ତିକୁ ଏବଂ ସକଳ ବ୍ୟକ୍ତିଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣ ସାମର୍ଥ୍ୟଟି ଯାଏ ବିକଶିତ କରି ଆଣିବାହିଁ ନିଶ୍ଚୟ ପ୍ରକୃତିର ଆଦର୍ଶ ବା ଚରମ ଉଦ୍ଦେଶ୍ୟ ହୋଇ ରହିଛି; ଯେଉଁ ଅନେକ ବିଭାବଯୁକ୍ତ ଜୀବନ ଏବଂ ଅନ୍ତର୍ନିହିତ ସମ୍ଭାବନାଗୁଡ଼ିକୁ ବିକଶିତ କରି ଆଣିବା ଲାଗିହିଁ ଗୋଟିଏ ଗୋଷ୍ଠୀ ସହିତ ଆଉଗୋଟିଏ ଗୋଷ୍ଠୀର ରହିଥିବା ପାର୍ଥକ୍ୟ-ଗୁଡ଼ିକର ସୃଷ୍ଟି ହୋଇଥିଲା, ତାହାକୁହିଁ ସମ୍ପୂର୍ଣ୍ଣରୂପେ କାର୍ଯ୍ୟକାରୀ କରି ଆଣିବା ପ୍ରକୃତିର ଆଦର୍ଶ ଏବଂ ଚରମ ଉଦ୍ଦେଶ୍ୟ ହୋଇ ରହିଛି; ଏବଂ ମନୁଷ୍ୟଜାତିର ସମ୍ମିଳିତ ଜୀବନକୁ ତା'ର ପୂର୍ଣ୍ଣ ଓ ସାର୍ବଜନୀନ ସାମର୍ଥ୍ୟ ତଥା ପରିତର୍ପଣ ଯାଏ ବିକଶିତ କରି ନେଇଆସିବାହିଁ ପ୍ରକୃତିର ଆଦର୍ଶ ଓ ଅଭୀଷ୍ଟ ହୋଇ ରହିଛି । ବ୍ୟକ୍ତି ଅଥବା କ୍ଷୁଦ୍ର ଗୋଷ୍ଠୀର ଜୀବନଟିର ପୂର୍ଣ୍ଣତାକୁ କୌଣସି ପ୍ରକାରେ ଦବାଇ ଦେଇ ନୁହେଁ, ମାତ୍ର ସେମାନେ ବିକଶିତ କରି ଆଣୁଥିବା ବିବିଧତାର ପରିପୂର୍ଣ୍ଣ ସୁଯୋଗ ଗ୍ରହଣ କରିହିଁ ପ୍ରକୃତି ତାହା କରିବାରେ ଲାଗିଛି । ମନୁଷ୍ୟଜାତିର ସମଗ୍ର ବିଭବଗୁଡ଼ିକୁ ଆହୁରି ଅଭିବୃଦ୍ଧ କରି ପାରିବାକୁ ଏବଂ ତାହାକୁ ଏକ ସାର୍ବଜନୀନ ଅଧିକାର ତଥା ଉପଭୋଗର ଭଣ୍ଡାର ଭିତରେ ରଖି ତାହାର ବିନିଯୋଗ କରିବାକୁ ହୁଏତ ଏହାହିଁ ସବୁଠାରୁ ଅଧିକ ଉତ୍କୃଷ୍ଟ ମାର୍ଗ ବୋଲି ପ୍ରତୀତ ହେବାକୁ ଲାଗିବ ।

ତେଣୁ, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ, ବ୍ୟକ୍ତି ଓ ଗୋଷ୍ଠୀ ମଧ୍ୟରେ, ଗୋଷ୍ଠୀ ଓ ଗୋଷ୍ଠୀ ମଧ୍ୟରେ ଏବଂ କ୍ଷୁଦ୍ରତର ଗୋଷ୍ଠୀ ଏବଂ ସମଗ୍ର ମନୁଷ୍ୟଜାତି ମଧ୍ୟରେ, ମନୁଷ୍ୟଜାତିର ଗୋଷ୍ଠୀଗତ ଜୀବନ ତଥା ଗୋଷ୍ଠୀଗତ ଚେତନା ଏବଂ ସେହି ମନୁଷ୍ୟ ସମଗ୍ରର ଅନ୍ତର୍ଗତ ହୋଇ ରହିଥିବା ଓ ମୁକ୍ତ ଭାବରେ ବିକଶିତ ହେବାରେ ଲାଗିଥିବା ସାମୂହିକ ଏବଂ ବ୍ୟକ୍ତିଗତ ଏକକ ମଧ୍ୟରେ ସର୍ବଦା ଏକ ପାରସ୍ପରିକ ଆଦାନପ୍ରଦାନ ରହିବ, ପରସ୍ପର

'oaob.nitrkl.ac.in' images reprocessed

ପରସ୍ପରଠାରୁ ଗ୍ରହଣ କରି ତାହାକୁ ନିଜସ୍ୱରେ ପରିଣତ କରି ପାରୁଥିବେ, ଏହି ସାଧାରଣ ନୀତିଟିର ଆଚରଣ ଦ୍ୱାରାହିଁ ମନୁଷ୍ୟଜାତି ଐକ୍ୟବଦ୍ଧ ହୋଇ ଅଗ୍ରଗତି କରି ପାରିବ । କେତେକ ପରିମାଣରେ ବର୍ତ୍ତମାନ ସ୍ୱୟଂ ପ୍ରକୃତି ମଧ୍ୟ ବସ୍ତୁତଃ ଏହି ଆଦାନପ୍ରଦାନଟିକୁ ସମ୍ଭବ କରିବାର ଉଦ୍ୟମଟିକୁ ଆରମ୍ଭ କରି ଦେଇଥିଲେ ମଧ୍ୟ, ମନୁଷ୍ୟର ଜୀବନ ତଥାପି ଏପରି ଗୋଟିଏ ନୀତି ଦ୍ୱାରା ପରିଶାସିତ ହେବା ଲାଗି ଆହୁରି ଅନେକ ବାଟ ବାକି ରହିଛି, ଏହି ବନ୍ଧନମୁକ୍ତ ଓ ସୌଷମ୍ୟଯୁକ୍ତ ପାରସ୍ପରିକତାଠାରୁ ତାହା ଅନେକ ଦୂରରେ ରହିଛି । ବର୍ତ୍ତମାନ ମଧ୍ୟ ସଂଘର୍ଷ ଚାଲିଛି, ବିଚାର ବିଚାର ଭିତରେ ବିରୋଧ ଲାଗି ରହିଛି, ଆବେଗ ତଥା ସ୍ୱାର୍ଥଗୁଡ଼ିକ ମଧ୍ୟରେ ସଂଘାତ ଲାଗିଛି, ଅନ୍ୟ ଉପରେ ନାନାପ୍ରକାର ଯୁଦ୍ଧ ଭିଆଇ ପ୍ରତ୍ୟେକେ ସ୍ୱୟଂ ଲାଭବାନ୍ ହେବାକୁ ଉଦ୍ୟମ ମଧ୍ୟ କରୁଛନ୍ତି, ଗୋଟିଏ ପ୍ରକାରର ବୁଦ୍ଧିଗତ, ପ୍ରାଣକ୍ଷେତ୍ରୀୟ ଅଥବା ଭୌତିକ ସ୍ତରର ଲୁଟତରାଜ ଦ୍ୱାରା, ବିତ୍ତାପହରଣ ଦ୍ୱାରା ଅଥବା ଏପରିକି ଅନ୍ୟକୁ ଏକାବେଳେକେ ଦବାଇ ରଖିବା, ଗିଳି ପକାଇବା, ଏବଂ ଅନ୍ୟ ଗୋଷ୍ଠୀଗୁଡ଼ିକର ବ୍ୟକ୍ତିମାନଙ୍କୁ ଆପଣାର ଉଦରରେ ପକାଇଦେଇ ସେମାନଙ୍କୁ ହଜମ କରିନେବା ଦ୍ୱାରା ନାନାବିଧ ଯୁଦ୍ଧ ଭିଆଇ ଲାଭ ଉଠାଇବା ସକାଶେ ପ୍ରତ୍ୟେକେ ତତ୍ପର ହୋଇ ରହିଛନ୍ତି; ପରସ୍ପର ମଧ୍ୟରେ ଏକ ମୁକ୍ତ ଏବଂ ଐଶ୍ୱର୍ଯ୍ୟସମ୍ପନ୍ନ ଆଦାନପ୍ରଦାନର ଅବକାଶ ତାହା ତୁଳନାରେ ଅତ୍ୟନ୍ତ କମ୍ ହୋଇ ରହିଛି । ଜୀବନର ଏହି ରୀତି ଓ ଏହି ସୋପାନଟିକୁ ଯେ ଅବଶ୍ୟ ଅତିକ୍ରମ କରିଯିବାକୁ ହେବ, ଆପଣାର ସର୍ବୋଚ୍ଚ ଭାବନାଗୁଡ଼ିକୁ ଭାବୁଥିଲାବେଳେ ଓ ସର୍ବୋଚ୍ଚ ଆକାଂକ୍ଷାଗୁଡ଼ିକର ପୋଷଣ କରୁଥିବାବେଳେ ମନୁଷ୍ୟଜାତି ସେକଥା ଖୁବ୍ ଭଲଭାବରେ ଜାଣିବାକୁ ପାଇଛି ସତ, ମାତ୍ର ତାହାକୁ ଜୀବନରେ ପ୍ରୟୋଗ କରିପାରିବାକୁ ସେ ହୁଏତ ସମୁଚିତ ବାଟଗୁଡ଼ିକୁ ପାଇ ନାହିଁ ବା ସେଥିଲାଗି ତା'ର କେବେହେଲେ ଯଥେଷ୍ଟ ଶକ୍ତି ହୋଇପାରି ନାହିଁ । ଏବଂ ତାହା ପରିବର୍ତ୍ତରେ ସେ ବର୍ତ୍ତମାନ ବ୍ୟକ୍ତିର ଜୀବନକୁ ଗୋଷ୍ଠୀର ଜୀବନ ପାଖରେ ଅତ୍ୟନ୍ତ କଠିନ ଭାବରେ ଅନୁଗତ ଏବଂ ଅଧସ୍ତନ କରି ରଖି ଆପଣାର ବିକାଶକ୍ଷେତ୍ରରେ ଘଟୁଥିବା ଯାବତୀୟ ସଂଘର୍ଷ ତଥା ବିଶୃଙ୍ଖଳାରୁ ନିଷ୍କୃତି ପାଇଯିବାକୁ ଚେଷ୍ଟା କରୁଛି; ଏବଂ ଏହିପରି ଅଗ୍ରସର ହେଉ ହେଉ ତାହା ନ୍ୟାୟତଃ ଏପରି ଏକ ସ୍ତରକୁ କ୍ରମେ ଚାଳିତ ହୋଇ ଆସିଯିବ, ଯେତେବେଳେ କି ତାହା ଗୋଷ୍ଠୀର ଜୀବନକୁ ଅତ୍ୟନ୍ତ କଠୋର ଭାବରେ ମନୁଷ୍ୟଜାତିର ଐକ୍ୟବଦ୍ଧ ଓ ଦୃଢ଼ସଂଗଠିତ ଜୀବନଟିର ଅନୁଗତ ଏବଂ ଅଧସ୍ତନ ରଖି ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ଲାଗିଥିବା ଦ୍ୱନ୍ଦ୍ୱ ଓ ସଂଘର୍ଷରୁ ମଧ୍ୟ ନିଷ୍କୃତି ପାଇବା ଲାଗି ଚେଷ୍ଟା ଆରମ୍ଭ କରିଦେବ । ବିଶୃଙ୍ଖଳା, ସଂଘର୍ଷ ଏବଂ ବୃଥାପଚୟରୁ ନିଷ୍କୃତି ଲାଭ କରିବା ପାଇଁ ସ୍ୱାଧୀନତାର ଅପସାରଣ କରିନେବା, ବିଚ୍ଛିନ୍ନ ହୋଇ ଚାଲିବାର ଯାବତୀୟ ମନୋବୃତ୍ତି ଏବଂ ତଜ୍ଜନିତ

'oaob.nitrkl.ac.in' images reprocessed

ଅପ୍ରୀତିକର ଜଟିଳତାଗୁଡ଼ିକ ମଧ୍ୟରୁ ନିଷ୍କୃତି ଲାଭ କରିବା ସକାଶେ ସବୁପ୍ରକାର ବିଚିତ୍ରତା ଓ ବିବିଧତାକୁ କାଢ଼ି ବାହାର କରିଦେବା,— ଏଗୁଡ଼ିକୁ ଆମେ ନିଶ୍ଚୟ ଶୃଙ୍ଖଳା ଏବଂ ଅତିସଂଗଠନ ଲାଗି ଗୋଟିଏ ଗୋଟିଏ ଏପରି ପ୍ରବୃତ୍ତି ବୋଲି କହି ପାରିବା, ଯାହାଦ୍ୱାରା କି କେବଳ ବୁଦ୍ଧି ଦ୍ୱାରା ପ୍ରେରିତ ହେଉଥିବା ଆମ ବିବେକଟାର ପ୍ରାୟ ଏକ ସ୍ୱେଚ୍ଛାଚାରୀ ଅନ୍ଧ ଅନମନୀୟତା ପ୍ରକୃତି-ପ୍ରକ୍ରିୟାର ଆୟାସକର ଗତିରେଖାଗୁଡ଼ିକ ସ୍ଥାନରେ ଆପଣାର ସଳଖ ଓ ସିଧା ବାଟଟିକୁହିଁ ଉପସ୍ଥାପିତ କରି ରଖିବାର ଚେଷ୍ଟା କରିବାରେ ଲାଗିଥାଏ ।

ମାତ୍ର, ଜୀବନରେ ନିୟମ ଓ ଶାସନାଙ୍କୁଶ ଲାଗି ଯେତିକି ପ୍ରୟୋଜନ ରହିଛି, ସ୍ୱାଧୀନତା ଲାଗି ମଧ୍ୟ ଠିକ୍ ସେତିକି ପ୍ରୟୋଜନ ରହିଛି; ଆମ ଜୀବନରେ ଯଥାର୍ଥ ପରିପୂର୍ଣ୍ଣତା ଆଣିବାକୁ ହେଲେ ଐକ୍ୟବଦ୍ଧତାର ଯେତିକି ପ୍ରୟୋଜନ ରହିଛି, ବିବିଧତାର ମଧ୍ୟ ସେତିକି ପ୍ରୟୋଜନ ଅବଶ୍ୟ ରହିଛି । ଆପଣାର ଅସଲ ସାର ଏବଂ ସମଗ୍ରତାଟି ସ୍ଥାନରେ ଜୀବନ ବା ଅସ୍ତିତ୍ୱ କେବଳ ଗୋଟିଏ ଜୀବନରୂପେହିଁ ଅବସ୍ଥିତ ରହିଛି; ଆପଣାର ଲୀଳାକ୍ଷେତ୍ରରେ ତାହା ଅନିବାର୍ଯ୍ୟ ଭାବରେହିଁ ଅନେକବିଧ ଓ ଅନେକରୂପ ହୋଇ ରହିଛି । ସବୁ କ୍ଷେତ୍ରରେ କେବଳ ଚରମ ସମରୂପତାଟା ଆପଣାକୁ ଜାହିର କରିବାକୁ ଆସିଲେ ତଦ୍ୱାରା କେବଳ ଜୀବନଟାହିଁ ବିଦାୟ ନେଇ ଚାଲିଯିବ; ଏବଂ ଅନ୍ୟ ପକ୍ଷରେ ଆମେ ଏକଥା ମଧ୍ୟ କହିପାରିବା ଯେ ଜୀବନ ଆପଣା ଭିତରେ ନାନାବିଧତାର ଯେତିକି ଐଶ୍ୱର୍ଯ୍ୟ ସୃଷ୍ଟି କରିବାକୁ ସମର୍ଥ ହେଉଥିବ, ଆମେ ସେଇଥିରୁହିଁ ଜୀବନସ୍ଥ ଗତିସ୍ପନ୍ଦନର ଶକ୍ତିଶୀଳତାକୁ ମାପିବା ଲାଗି ମଧ୍ୟ ସମର୍ଥ ହେଉଥିବା । ଯୁଗପତ୍ ଭାବରେ, ଜୀବନକୁ ଶକ୍ତିମନ୍ତ ଓ ସମୃଦ୍ଧିଶାଳୀ କରିବା ସକାଶେ ବିବିଧତାକୁ ଆମେ ଯେତିକି ଅତ୍ୟାବଶ୍ୟକ ବୋଲି ଗ୍ରହଣ କରିବା, ଜୀବନରେ ଏକ ଶୃଙ୍ଖଳା, ବ୍ୟବସ୍ଥା ଏବଂ ସ୍ଥିରତା ଆଣିଦେବା ସକାଶେ ଏକତାକୁ ମଧ୍ୟ ଆମେ ଠିକ୍ ସେତିକି ଅତ୍ୟାବଶ୍ୟକ ବୋଲି ଗ୍ରହଣ କରିବା । ଆମକୁ ଯେ ଏକତାର ସୃଷ୍ଟି କରିବାକୁ ହେବ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ; ମାତ୍ର ତାହା ଯେ ଅବଶ୍ୟ ଏକ ବାଧ୍ୟତାମୂଳକ ସମରୂପତା ହୋଇ ରହିବ, ସେଥିଲାଗି ମଧ୍ୟ ଆଦୌ କୌଣସି କାରଣ ନାହିଁ । ଯଦି ମନୁଷ୍ୟ ଏକ ପରିପୂର୍ଣ୍ଣ ଆଧ୍ୟାତ୍ମିକ ଐକ୍ୟର ଉପଲବ୍ଧି କରି ପାରନ୍ତା, ତେବେ ତା'ଲାଗି ଆଉ କୌଣସି ପ୍ରକାରର ସମରୂପତା ଆଦୌ ଦରକାର ହୁଅନ୍ତା ନାହିଁ; କାରଣ ସେହି ଆଧ୍ୟାତ୍ମିକ ଐକ୍ୟର ଭିତ୍ତିଟି ଉପରେ ବିବିଧତାର ଲୀଳାଟି ଯଥାସମ୍ଭବ ଅଧିକ ପରିମାଣରେ ଓ ଅଧିକ ସ୍ଥାୟୀ ଭାବରେ ନିଶ୍ଚୟ ଉପଲବ୍ଧ ହୋଇ ପାରନ୍ତା । ଏବଂ ପୁନଶ୍ଚ, ଯଦି ମନୁଷ୍ୟ ସିଦ୍ଧାନ୍ତତଃ ଏକ ସ୍ଥାୟୀ, ସୁସ୍ପଷ୍ଟ ଏବଂ ସୁଦୃଢ଼ ଐକ୍ୟର ଉପଲବ୍ଧି କରି ପାରନ୍ତା, ତେବେ ତା'ର ଜୀବନକ୍ଷେତ୍ରରେ ଏକ ସୁସମ୍ପନ୍ନ ଓ ଏପରିକି ସୀମାହୀନ ବିବିଧତାର ପ୍ରୟୋଗ ମଧ୍ୟ ହୁଏତ ନିଶ୍ଚୟ ସମ୍ଭବ ହୁଅନ୍ତା ଏବଂ

'oaob.nitrkl.ac.in' images reprocessed

ସେହି କ୍ଷେତ୍ରରେ ତଥାପି ବିଶୃଙ୍ଖଳା, ଭ୍ରାନ୍ତି ବା ସଂଘର୍ଷ ଲାଗି ମଧ୍ୟ ଆଦୌ କୌଣସି ଆଶଙ୍କା ରହନ୍ତା ନାହିଁ । ମାତ୍ର ଏହି ଦୁଇଟି ମଧ୍ୟରୁ ମନୁଷ୍ୟ କୌଣସି ଗୋଟିକୁ ମଧ୍ୟ ହାସଲ କରି ପାରୁ ନ ଥିବାରୁ ସିଏ ସର୍ବଦା ଯଥାର୍ଥ ଏକତାଟି ସ୍ଥାନରେ ଏକ ସମରୂପତାର ବାଧ୍ୟତାକୁ ଆଣି ଲଦି ଦେବା ପାଇଁ ଭାରି ପ୍ରଲୁବ୍ଧ ହୋଇ ପଡୁଛି । ମନୁଷ୍ୟ ଭିତରେ ରହିଥିବା ପ୍ରାଣ-ଶକ୍ତି ବିବିଧତାହିଁ ଚାହୁଁଛି, ମାତ୍ର ତା'ର ବୁଦ୍ଧି ସମରୂପତାକୁହିଁ ଅଧିକ ଗ୍ରହଣୀୟ ବୋଲି ବିଚାର କରି ନେଉଛି । ତାହାକୁ ସେ ଅଧିକ ଗ୍ରହଣଯୋଗ୍ୟ ବୋଲି ମନେ କରୁଛି; କାରଣ, ଯଥାର୍ଥ ଏକତାରେ ଯାଇ ପହଞ୍ଚି ପାରିବା ସବୁବେଳେ ଅନେକ ଅଧିକ କଷ୍ଟସାଧ୍ୟ ହୋଇ ରହିଛି ଏବଂ ସମରୂପତା ତା'ଲାଗି ସତେଅବା ଚାହିଁଲା ମାତ୍ରକେ ଦୃଢ଼ ଏକତ୍ୱର ଏକ ଭ୍ରମ ମଧ୍ୟ ସୃଷ୍ଟି କରିଦେଇ ପାରୁଛି । ସିଏ ସମରୂପତାକୁହିଁ ଅଧିକ ଗ୍ରହଣୀୟ ମଣୁଛି, କାରଣ, ଦ୍ୱିତୀୟତଃ ନିୟମ, ଶୃଙ୍ଖଳା ଓ ସଂଗଠିତ ହୋଇ ରହିବାର ଯେଉଁ ବ୍ୟାପାରଟି ତା'ଲାଗି ଅତ୍ୟନ୍ତ କଷ୍ଟକର ହୋଇ ରହିଥା'ନ୍ତା, ସମରୂପତା ସେଇଟିକୁ ତା'ଲାଗି ବେଶ୍ ସହଜ କରିଦେଇ ପାରୁଛି । ସମରୂପ ହେବାକୁ ଅପେକ୍ଷାକୃତ ଅଧିକ ଗ୍ରହଣୀୟ ବୋଲି ଭାବିବାର ଆଉଗୋଟିଏ କାରଣ ମଧ୍ୟ ହେଉଛି ଯେ, ପ୍ରଚୁର ପରିମାଣର ଯାବତୀୟ ବିବିଧତାକୁ ସଂଘର୍ଷ ଏବଂ ବିଚ୍ଛିନ୍ନତା ଲାଗି ଏକ ବାହାନା ରୂପେ ବ୍ୟବହାର କରିବା ପାଇଁ ମନୁଷ୍ୟମନର ସାଧାରଣତଃ ଏକ ଚିରପ୍ରବଣତା ରହିଆସିଛି ଏବଂ ସେହି କାରଣରୁ ଐକ୍ୟର ଉପଲବ୍ଧି କରିପାରିବାକୁ ସମରୂପତାହିଁ ତାହାକୁ ସତେଅବା ଏକମାତ୍ର ସୁଦୃଢ଼ ତଥା ସୁଲଭ ମାର୍ଗ ବୋଲି ପ୍ରତୀତ ହେବାରେ ଲାଗିଛି । ପୁନଶ୍ଚ, ଜୀବନର କୌଣସି ଏକ ନିର୍ଦ୍ଦିଷ୍ଟ ଦିଗରେ ଅଥବା ନିର୍ଦ୍ଦିଷ୍ଟ ବିଭାଗରେ ଏକ ସମରୂପତା ଅର୍ଜନ କରି ପାରିବା ଦ୍ୱାରା ମନୁଷ୍ୟ ବିକଶିତ ହେବା ଲାଗି ରହିଥିବା ତା'ର ଶକ୍ତିଗୁଡ଼ିକୁ ଅନ୍ୟାନ୍ୟ ଦିଗରେ ଯଥାସମ୍ଭବ କମ୍ ଖର୍ଚ୍ଚ କରିବାକୁ ଏକ ସାହାଯ୍ୟ ମଧ୍ୟ ପାଉଛି । ଆପଣାର ଆର୍ଥିକ ଜୀବନଟିକୁ ଯଥାସମ୍ଭବ ସମରୂପ ଓ ସମମାନ କରିଆଣି ତାହାର ସମସ୍ୟାଗୁଡ଼ିକଠାରୁ ଯଦି ସେ କିଞ୍ଚିତ୍ ନିସ୍ତାର ପାଇ ପାରିଲା, ତେବେ ତଦ୍ୱାରା ସେ ହୁଏତ ଅପେକ୍ଷାକୃତ ଅଧିକ ଅବସର ମଧ୍ୟ ପାଇପାରିବ, ଅଧିକ ଅବକାଶ ପାଇପାରିବ ବୋଲି ବିଚାରୁଛି, ଯାହାଦ୍ୱାରା କି ସେ ଆପଣାର ବୁଦ୍ଧି ତଥା ସଂସ୍କୃତିର ମଧ୍ୟ ବିକାଶ ଘଟାଇ ପାରିବ । ଅଥବା, ପୁନଶ୍ଚ, ଯଦି ସେ ଆପଣାର ସମଗ୍ର ସାମାଜିକ ଅସ୍ତିତ୍ୱଟିକୁ ଏକ ସମାନ ମାନରେ ଆଣି ପକାଇଦେଇ ପାରିବ ଏବଂ ତାହାର ପରବର୍ତ୍ତୀ ଅନ୍ୟାନ୍ୟସମସ୍ୟାଗୁଡ଼ିକୁ ବର୍ଜନ କରି ରହି ପାରିବ, ତେବେ ସମ୍ଭବତଃ ସେ ଏପରି ଏକ ପ୍ରଶାନ୍ତି ଏବଂ ଝଞ୍ଜାଳମୁକ୍ତ ମନର ଅଧିକାରୀ ହୋଇପାରିବ, ଯାହାଦ୍ୱାରା କି ଅଧିକ ଶକ୍ତିଶାଳୀ ଭାବରେ ସେ ଆପଣାର ଆଧ୍ୟାତ୍ମିକ ବିକାଶଟି ଦିଗରେ ପ୍ରକୃତରେ ଅଧିକ

'oaob.nitrkl.ac.in' images reprocessed

ମନ ଦେଇପାରିବ । ଅବଶ୍ୟ ଏକଥା ସତ ଯେ ଏପରି ଏକ ପରିସ୍ଥିତିରେ ମଧ୍ୟ ଅସ୍ତିତ୍ୱର ଅତିଜଟିଳ ଏକତ୍ୱଟି ଅବଶ୍ୟମ୍ଭାବୀ ଭାବରେ ଆପଣାର ସତ୍ୟଟିକୁ ଆଣି ଆମ ଆଗରେ ଥୋଇ ଦେଇଥାଏ : ଏବଂ ପରିଶେଷରେ ମନୁଷ୍ୟର ଆର୍ଥିକ ଜୀବନକୁ କୌଣସି ପ୍ରକାରେ ବ୍ୟାହତ କରି ରଖିବା ଫଳରେ ବା ତାହାକୁ କୌଣସି ପ୍ରକାର ଦୀନତା ମଧ୍ୟରେ ପକାଇ ରଖିବା ଫଳରେ ତା'ର ସାମାଜିକ ଗତିଶୀଳତାରେ ମଧ୍ୟ ଯେଉଁ ବାଧା ଆସି ପହଞ୍ଚେ, ସେଥିରୁ ମନୁଷ୍ୟର ବୌଦ୍ଧିକ ଏବଂ ସାଂସ୍କୃତିକ ଅଭିବୃଦ୍ଧି ଅବଶ୍ୟ କ୍ଷତିଗ୍ରସ୍ତ ହୋଇଥାଏ । ମନୁଷ୍ୟଜାତିର ଆଧ୍ୟାତ୍ମିକ ବିକାଶଟି ହୁଏତ ଯେତେ ଅଧିକପ୍ରସାରୀ ଉଚ୍ଚତାଗୁଡ଼ିକର ଅଧିକାରୀ ହୋଇ ପାରିଥିଲେ ମଧ୍ୟ ଆପଣାର ସମୃଦ୍ଧିମନ୍ତତା ଏବଂ ପ୍ରାଣବନ୍ତତାର ଅବିଚ୍ଛିନ୍ନ ଉତ୍ସଗୁଡ଼ିକର କ୍ଷେତ୍ରରେ ଅବଶେଷରେ କ୍ରମଶଃ କ୍ଷୀଣଶକ୍ତି ହୋଇଆସେ, ଅତିରିକ୍ତ ପରିମାଣରେ ଏକ ସମମାନ ଓ ଅତିସଂଗଠିତ ଛାଞ୍ଚଟା ମଧ୍ୟରେ ସମାଜକୁ ଚାପି ଦିଆଯାଇ ଥିବାରୁ ଓ ତାହାକୁ ତାହାରି ଉପରେ ନିର୍ଭର କରି ରହିବାକୁ ପଡୁଥିବାରୁହିଁ ତାହା କ୍ରମଶଃ କ୍ଷୀଣଶକ୍ତି ହୋଇଯାଏ । ନିମ୍ନଭାଗରୁ ଜଡ଼ତା ଜନ୍ମଲାଭ କରିବାକୁ ଆରମ୍ଭ କରେ ଏବଂ ଏପରିକି ସର୍ବୋଚ୍ଚ ଶିଖରଗୁଡ଼ିକ ଯାଏ ମଧ୍ୟ ସ୍ପର୍ଶ କରିବାକୁ ଲାଗେ ।

ଆମ ମନୋଭୂମିଗତ ଜୀବନକ୍ଷେତ୍ରରେ ଯେଉଁସବୁ ଅପୂର୍ଣ୍ଣତା ରହିଛି, ସେହିଗୁଡ଼ିକ ହେତୁରୁ ଏକ ସମରୂପତାକୁ ଅନ୍ତତଃ କେତେକ ପରିମାଣରେ ସ୍ୱୀକାରହିଁ କରିନେବାକୁ ପଡ଼େ, ଏପରିକି ସେଥିଲାଗି ଏକ ଅଭିଳାଷ ମଧ୍ୟ ରଖିବାକୁ ହୁଏ; ମାତ୍ର ତଥାପି ଏହି ସମରୂପତାକୁହିଁ ଆମେ କଦାପି ପ୍ରକୃତିର ପ୍ରକୃତ ଲକ୍ଷ୍ୟ ବୋଲି କହିବା ନାହିଁ; ଏକ ଐଶ୍ୱର୍ଯ୍ୟମୟ ଅନେକବିଧତାକୁ ପ୍ରୋତ୍ସାହିତ କରି ରଖି ପାରୁଥିବା ଯଥାର୍ଥ ଏକତା ଲାଗି ଅଭିଳାଷକୁହିଁ ଆମେ ପ୍ରକୃତିର ଅସଲ ଲକ୍ଷ୍ୟ ବୋଲି କହିବା । ଏକ ସାଧାରଣ ଯୋଜନା ଅନୁସାରେ ପ୍ରକୃତି ତା'ର ବିଷୟଗୁଡ଼ିକୁ ସର୍ବଦା ଗଢ଼ିବାରେ ଲାଗିଥାଏ ସତ, ମାତ୍ର ତାହା ଅନୁକ୍ଷଣ ଏକ ଅନନ୍ତ ବିଚିତ୍ରତା ଉପରେହିଁ ଜୋର ଦେବାରେ ଯେ ଲାଗିଥାଏ, ପ୍ରକୃତିର କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏହି ବସ୍ତୁସତ୍ୟଟିରୁହିଁ ଆମେ ତାହାର ଅସଲ ରହସ୍ୟଟିର ଏକ ସ୍ପଷ୍ଟ ପରିଚୟ ପାଇଯାଇ ପାରିବା । ମନୁଷ୍ୟର ରୂପଟିକୁ ଗଢ଼ିବା ପଛରେ ସେହି ଗୋଟିଏ ଯୋଜନା କାର୍ଯ୍ୟକାରୀ ହେଉଛି ସତ, ମାତ୍ର ଆପଣାର ଶାରୀରିକ ଗଠନ ବା ଲକ୍ଷଣରେ ଆମେ କୌଣସି ଦୁଇଜଣ ମଣିଷଙ୍କୁ ମଧ୍ୟ କଦାପି ଏକାବେଳେକେ ଏକାଭଳି ଦେଖିବାକୁ ପାଇବା ନାହିଁ । ଆପଣାର ଅନ୍ତର୍ଗଠନ ଏବଂ ସର୍ବସାମାନ୍ୟ ଧାରାଗୁଡ଼ିକର କ୍ଷେତ୍ରରେ ମନୁଷ୍ୟର ପ୍ରକୃତି ନିଶ୍ଚୟ ଗୋଟିଏ ହୋଇ ରହିଛି ସତ, ମାତ୍ର ଏପରି ଦୁଇଜଣ ମଧ୍ୟ ମଣିଷ ଏହି ସଂସାରରେ ନାହାନ୍ତି, ଯେଉଁମାନଙ୍କର ମିଜାଜ, ମନୋଲକ୍ଷଣଗୁଡ଼ିକ ଏବଂ ମନୋଗତ ଉପାଦାନଟି ମଧ୍ୟ ଠିକ୍ ଏକାଭଳି ହୋଇଥିବ ଓ ସେଥିରେ ଆଦୌ

'oaob.nitrkl.ac.in' images reprocessed

କୌଣସି ପାର୍ଥକ୍ୟ ନ ଥିବ । ଜୀବନର ସର୍ବମୂଳ ଯୋଜନା ଏବଂ ମୀମାଂସକ ନୀତିଗୁଡ଼ିକର କ୍ଷେତ୍ରରେ ଜୀବନକୁ ଆମେ ନିଶ୍ଚୟ ଗୋଟିଏ ବୋଲି କହିବା ସତ, ଏପରିକି ଆମେ ଉଦ୍‌ଭିଦକୁ ମଧ୍ୟ ପ୍ରାଣୀମାନଙ୍କର ପୂର୍ବଜ ସହୋଦର ବୋଲି କହିବା ଲାଗି ଅନେକ ସୁସ୍ପଷ୍ଟ କାରଣ ମଧ୍ୟ ଦେଖିବାକୁ ପାଇବା, ମାତ୍ର ଏକଥାଟି ମଧ୍ୟ ଆମକୁ ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ଜୀବନର ଏହି ଏକତ୍ୱଟି ମଧ୍ୟରେ ଭିନ୍ନଭିନ୍ନ ଅନନ୍ତ ପ୍ରକାରକୁହିଁ ସ୍ଥାନ ଦିଆଯାଇଛି, ଭିନ୍ନ ଭିନ୍ନ ଅନନ୍ତ ପ୍ରରୂପକୁ ମଧ୍ୟ ଅଭିବ୍ୟକ୍ତି ଲାଗି ପ୍ରୋତ୍ସାହନ ମିଳୁଛି । ଯେଉଁ ଯୋଜନାଟି ଅନୁସାରେ ବ୍ୟକ୍ତି ବ୍ୟକ୍ତିଠାରୁ ଭିନ୍ନ ହୋଇ ରହିଛି, ସେହି ଯୋଜନାଟି ଅନୁସାରେ ଗୋଟିଏ ମନୁଷ୍ୟଗୋଷ୍ଠୀ ମଧ୍ୟ ଆଉଗୋଟିଏ ମନୁଷ୍ୟଗୋଷ୍ଠୀଠାରୁ ସ୍ୱାଭାବିକ ଭାବରେହିଁ ଭିନ୍ନ ହୋଇ ରହିଛି । ପ୍ରତ୍ୟେକ ଗୋଷ୍ଠୀ ତା'ର ଆପଣା ସ୍ୱଭାବଟିକୁ ବିକଶିତ କରାଇ ଆଣୁଛି, ତାକୁ ଅନ୍ୟମାନଙ୍କଠାରୁ ବିଭିନ୍ନ କରି ପରିଚିତ କରାଇ ଦେଉଥିବା ବିଧାନଟିକୁ ଓ ତା'ର ସ୍ୱାଭାବିକ ରୀତିଟିକୁ ମଧ୍ୟ ବିକଶିତ କରାଇ ଆଣୁଛି । ଏହି ବିଭିନ୍ନତାର ଏବଂ ଆପଣାର ସ୍ୱତନ୍ତ୍ର ବିଧାନ ଓ ରୀତିଟିକୁ ଅନୁସରଣ କରିବାର ଏହି ମୌଳିକ ନିୟମଟିର ତା'ର ଜୀବନ ଲାଗି ଅବଶ୍ୟ ଏକ ପ୍ରୟୋଜନୀୟତା ରହିଛି, ମାତ୍ର ମନୁଷ୍ୟଜାତିର ସୁସ୍ଥ ସମଗ୍ର ଜୀବନଟି ଲାଗି ମଧ୍ୟ ତାହାର ଏକ ପ୍ରୟୋଜନୀୟତା ରହିଛି । କାରଣ, ଗୋଟିଏ ଜୀବ ଆଉଗୋଟିଏ ଜୀବଠାରୁ ସ୍ୱତନ୍ତ୍ର ହୋଇ ବିକଶିତ ହେବାର ଏହି ନୀତିଟି କଦାପି ମୁକ୍ତ ପାରସ୍ପରିକ ଆଦାନପ୍ରଦାନର ବାଟଟିକୁ ଓଗାଳି ବସୁ ନାହିଁ, ସେହି ଗୋଟିଏ ସାଧାରଣ ଭଣ୍ଡାର ମଧ୍ୟରୁ ସମସ୍ତେ ଯେ ସମୃଦ୍ଧିମନ୍ତ ହୋଇ ବାହାରୁଥିବେ ଓ ଯେତେ ବିଭିନ୍ନ ହେଲେ ମଧ୍ୟ ସମସ୍ତେ ଯେ ସେହି ସାଧାରଣ ଭଣ୍ଡାରଟିକୁ ମଧ୍ୟ ସମୃଦ୍ଧିମନ୍ତ କରିବାରେ ଲାଗିଥିବେ, ତାହା କଦାପି ତାହାର ବିରୁଦ୍ଧାଚରଣ କରୁ ନାହିଁ । ଏବଂ ପରସ୍ପର ପରସ୍ପର ଦ୍ୱାରା ସମୃଦ୍ଧିମନ୍ତ ହେବାର ଏହି ନୀତିଟିକୁହିଁ ଆମେ ଜୀବନର ଆଦର୍ଶ ନୀତି ବୋଲି ଦେଖି ଆସିଛୁ । ଅପର ପକ୍ଷରେ, ବିଭିନ୍ନତାର ଏହି ରୀତିଟି ସୁପ୍ରତିଷ୍ଠ ହୋଇ ରହି ନ ଥିଲେ ଏହି କ୍ଷେତ୍ରରେ ପରସ୍ପର ମଧ୍ୟରେ ଏକ ମୁକ୍ତ ଆଦାନପ୍ରଦାନ ଅଥବା ପାରସ୍ପରିକ ପରିଗ୍ରହଣ ଲାଗି ମଧ୍ୟ ଆଦୌ କୌଣସି ଅବକାଶ ରହି ନ ଥା'ନ୍ତା । ତେଣୁ ଆମେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖିବାକୁ ପାଉଛୁ ଯେ ଆମ ଏକତ୍ୱ ଏବଂ ଆମର ଅନେକବିଧତ୍ୱ ମଧ୍ୟରେ ରହିଥିବା ସୌଷମ୍ୟଟିରେହିଁ ଜୀବନର ଅସଲ ସତ୍ୟଟି ନିହିତ ହୋଇ ରହିଛି । ଆପଣାର ଯାବତୀୟ କୃତି ଓ ଯାବତୀୟ କରଣିରେ ପ୍ରକୃତି ସମାନ ଭାବରେହିଁ ଏକତା ଉପରେ ଏବଂ ଅନେକବିଧତା ଉପରେ ଗୁରୁତ୍ୱ ଦେଇ ଆସିଛି । ଆମେ ଏକଥାଟି ମଧ୍ୟ ବେଶ୍ ଦେଖିବାକୁ ପାଇବା ଯେ ଯେକୌଣସି ଯଥାର୍ଥ ଆଧ୍ୟାତ୍ମିକ ଏବଂ ମନଃସ୍ତରୀୟ ଏକତା ଏକ ବନ୍ଧନହୀନ ଅନେକବିଧତାକୁ ମଧ୍ୟ ଅବଶ୍ୟ ଅନୁମତି ଦେଇ ପାରିବ, ଏବଂ ପ୍ରକୃତିର ସମଷ୍ଟିଟିକୁ

'oaob.nitrkl.ac.in' images reprocessed

ଏବଂ ସର୍ବସାମାନ୍ୟ ଅସଲ ନୀତିଟିକୁ ଏକ ଗଠନରୂପ ଦେଇ ପାରିବାକୁ ଅତି କମ୍‌ରେ ଯେତିକି ସମରୂପତା ଅବଶ୍ୟ ରଖିବାକୁ ପଡ଼ିବ, ସେତିକି ବ୍ୟତୀତ ପ୍ରକୃତି ଆଉ ସବୁକିଛି ସମରୂପତାକୁ ବେଶ୍ ପରିହାର କରିଦେଇ ପାରିବ । ଆମେସବୁ ସେହି ପରିପୂର୍ଣ୍ଣତାର ସ୍ଥିତିରେ ଯାଇ ପହଞ୍ଚିବା ପର୍ଯ୍ୟନ୍ତ ସମରୂପତାର ପଦ୍ଧତିଟିକୁ ଅବଶ୍ୟ ପ୍ରୟୋଗ କରା ଯାଉଥିବ, ମାତ୍ର ଆମେ କଦାପି ସେଇଟିକୁ ଅତିରିକ୍ତ ପରିମାଣରେ ଆମ ଉପରେ ମଢ଼ାଇ ଦେବାକୁ ଯିବା ନାହିଁ, କାରଣ ତଦ୍ଦ୍ୱାରା ଅସଲ ଉତ୍ସଗୁଡ଼ିକର ମୂଳରେହିଁ ପ୍ରାଣଶକ୍ତି ନିରୁତ୍ସାହିତ ହୋଇ ପଡ଼ିବ, ଜୀବନର ଐଶ୍ୱର୍ଯ୍ୟ ଏବଂ ତାହାର ସୁସ୍ଥ ତଥା ସ୍ୱଭାବପ୍ରେରିତ ସ୍ୱୟଂ-ଅଭିବ୍ୟକ୍ତିକୁ ପ୍ରକୃତରେ ନିରୁତ୍ସାହିତ କରି ରଖିବାହିଁ ସାର ହେବ ।

ବନ୍ଧନ ଏବଂ ବନ୍ଧନମୁକ୍ତତା ମଧ୍ୟରେ ରହିଥିବା କଳହଟି ମଧ୍ୟ ଠିକ୍ ଏହି ଭୂମି ଉପରେ ଦଣ୍ଡାୟମାନ ହୋଇ ରହିଛି ଏବଂ ତାହା ଆମକୁ ଠିକ୍ ଏହିପରି ଏକ ସମାଧାନ ଆଡ଼କୁ ମଧ୍ୟ ପରିଚାଳିତ କରି ନେଇଯିବ । ଅନେକବିଧତା ଅର୍ଥାତ୍ ଅନେକବିଧ ହୋଇ ଅଭିବ୍ୟକ୍ତ ହେବାର ଏହି କାର୍ଯ୍ୟକାରୀ ରୀତିଟି ସବୁବେଳେ ନିଶ୍ଚୟ ଏକ ମୁକ୍ତ ଅନେକବିଧତାହିଁ ହୋଇ ରହିବ । କାରଖାନା ପରି ପ୍ରକୃତି କେବେ କିଛି ତିଆରି କରେ ନାହିଁ, ସେ ବାହାରୁ ଆଣି କୌଣସି ଛାଞ୍ଚ ଅଥବା କୌଣସି ନିୟମକୁ କଦାପି ଲଦିଦିଏ ନାହିଁ । ପ୍ରତ୍ୟେକ ଜୀବନ ଯେପରି ତା' ଆପଣା ଭିତରୁହିଁ ବିକଶିତ ହୋଇ ଆସିବ, ପ୍ରକୃତି ତାକୁ ସେହି ସକାଶେହିଁ ପ୍ରେରିତ କରି ରଖିଥାଏ; ପ୍ରତ୍ୟେକ ଜୀବ ଯେପରି କେବଳ ଆପଣାର ସ୍ୱାଭାବିକ ବିଧାନ ଏବଂ ସ୍ୱାଭାବିକ ବିକାଶଟିକୁହିଁ ପ୍ରତିଷ୍ଠିତ କରାଇ ଆଣିପାରିବ, ପ୍ରକୃତି ତାହାକୁ ସେଇଥିଲାଗି ପ୍ରବୃତ୍ତ କରି ରଖିଥାଏ । ଅବଶ୍ୟ ଏକଥା ସତ ଯେ ଜୀବର ସେହି ବିକାଶଟି ତା'ର ପରିବେଶଟି ସହିତ ରହିଥିବା ତା'ର ସଂଯୋଗସୂତ୍ରଗୁଡ଼ିକ ଦ୍ୱାରା ମଧ୍ୟ ଆବଶ୍ୟକ ଭାବରେ ପ୍ରଭାବିତ ଓ ପରିବର୍ତ୍ତିତ ହୋଇଥାଏ । ବ୍ୟକ୍ତିର ସ୍ୱାଧୀନତା, କୌଣସି ଜାତିର ସ୍ୱାଧୀନତା, ଧର୍ମଗତ ଓ ସାମାଜିକ ସ୍ୱାଧୀନତା ଅଥବା ନୀତିଗତ ଜୀବନର ସ୍ୱାଧୀନତା ଆଦି ଯାହା କହ ପଛକେ, ତାହା ଆମ ଜୀବନର ଏହି ସର୍ବମୂଳ ବିଧାନଟି ଉପରେହିଁ ସର୍ବଦା ଦଣ୍ଡାୟମାନ ହୋଇ ରହିଛି । ସ୍ୱାଧୀନତା କହିଲେ ଆମ ସତ୍ତାର ନିୟମଟିକୁ ମାନିବା ଲାଗି ରହିଥିବା ଆମର ସ୍ୱାଧୀନତାକୁ ବୁଝାଉଛି । ଆମେ ଯେପରି ଆମ ସ୍ୱଭାବ-ନିରୂପିତ ଆତ୍ମ-ପରିପୂର୍ଣ୍ଣତା ମଧ୍ୟକୁ ବିକଶିତ ହୋଇ ଉଠିପାରିବା, ଅତ୍ୟନ୍ତ ସ୍ୱାଭାବିକ ଏବଂ ମୁକ୍ତ ଭାବରେ ଆମେ ଆମ ପରିବେଶଟି ସହିତ ଆମର ସୌଷମ୍ୟଟିକୁ ଖୋଜି ପାଇପାରିବା, ଆମର ସ୍ୱାଧୀନତା କହିଲେ ପ୍ରକୃତରେ ସେହି ସ୍ୱାଧୀନତାକୁହିଁ ବୁଝାଉଛି । ଏବଂ ଏହି ସ୍ୱାଧୀନତାକୁ ଅଯଥୋଚିତ ଭାବରେ ବ୍ୟବହାର କରିବାକୁ ବସିଲେ ସେଥିରୁ ଆମ ସ୍ୱାଧୀନତାଟି ଲାଗି ଯେଉଁ ବିପନ୍ନତା ଓ

'oaob.nitrkl.ac.in' images reprocessed

ଅନନୁକୂଳତାମାନ ଆସି ପହଞ୍ଚିବ, ଯେଉଁସବୁ ବିଶୃଙ୍ଖଳା, ସଂଘର୍ଷ, ଅପଚୟ ଏବଂ ଅସ୍ତବ୍ୟସ୍ତତାମାନ ଉପୁଜିବାକୁ ଆରମ୍ଭ କରିବ, ସେଗୁଡ଼ିକ ଆମ ଆଗରେ ବସ୍ତୁତଃ ନିଶ୍ଚୟ ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଥିବ । ମାତ୍ର, ବ୍ୟକ୍ତି ବ୍ୟକ୍ତି ଭିତରେ ଓ ଗୋଷ୍ଠୀ ଗୋଷ୍ଠୀ ଭିତରେ ଏକତାର ଯେଉଁ ବୋଧଟି ସବୁବେଳେ ରହିଥିବା ଉଚିତ, ସେଇଟି ପ୍ରକୃତରେ ନ ଥିଲେ ଅଥବା ସେଥିରେ କୌଣସି ଦୋଷ ରହିଥିଲେହିଁ ସେହିସବୁ ବିଶୃଙ୍ଖଳା ବା ସଂଘର୍ଷ ଜନ୍ମଲାଭ କରିବ, କାରଣ ସେହି ଦୋଷସବୁ ରହିଥିବା ପର୍ଯ୍ୟନ୍ତ ସମ୍ପୃକ୍ତ ଜାତି ଓ ବ୍ୟକ୍ତିମାନେ ପରସ୍ପରକୁ ମାଡ଼ିଦଳି ଦେଇ ମଧ୍ୟ ଆପଣା ଆପଣାକୁ ପ୍ରତିଷ୍ଠିତ କରି ରଖିବାର ଚେଷ୍ଟା କରିବାରେ ଲାଗିଥିବେ, ପାରସ୍ପରିକ ସହାୟତା ଏବଂ ଆଦାନପ୍ରଦାନ ଦ୍ୱାରା ସେମାନେ ଆଦୌ ଲାଭବାନ୍ ଓ ସମୃଦ୍ଧ ହେବାକୁ ଇଚ୍ଛା କରୁ ନ ଥିବେ ଓ ଆପଣାର ସହଚାରୀ ଅନ୍ୟମାନଙ୍କର ମୁକ୍ତ ବିକାଶଟିର କ୍ଷେତ୍ରରେ ଅନଧିକାର ପ୍ରବେଶ କରିହିଁ ସେମାନେ ଆପଣା ଆପଣା ଲାଗି ସ୍ୱାଧୀନତାର ଦାବି କରିବାରେ ଲାଗିଥିବେ । ଯଦି ଏହି କ୍ଷେତ୍ରରେ ଏକ ଯଥାର୍ଥ, ଏକ ଆଧ୍ୟାତ୍ମିକ ତଥା ମନୋଭୂମିଗତ ଏକତାର ସ୍ଥାପନ ସମ୍ଭବ ଓ କାର୍ଯ୍ୟକାରୀ ହୋଇପାରେ, ତେବେ ସ୍ୱାଧୀନତାରୁ କେବେହେଲେ କୌଣସି ଆପଦ ବା ଅନନୁକୂଳତା ଉପୁଜିବାକୁ ଆସିବ ନାହିଁ; କାରଣ ସେତେବେଳେ ଏକତା ଦ୍ୱାରାହିଁ ଉଦ୍‌ବୁଦ୍ଧ ହୋଇ ମୁକ୍ତ ବ୍ୟକ୍ତିମାନେ ଆପଣା ଦ୍ୱାରା ଅର୍ଥାତ୍ ଆପଣାର ପ୍ରୟୋଜନଗୁଡ଼ିକ ଦ୍ୱାରା ପ୍ରେରିତ ହୋଇ ଆପଣାର ବିକାଶଟିକୁ ସେମାନଙ୍କର ସହଚାରୀ ଅନ୍ୟ ବ୍ୟକ୍ତିମାନଙ୍କର ବିକାଶଟି ସହିତ ସମ୍ପୂର୍ଣ୍ଣ ଭାବରେ ସଂଗ୍ରଥିତ କରି ରଖିପାରୁଥିବେ ଏବଂ ସେହି ଅନ୍ୟ ବ୍ୟକ୍ତିମାନଙ୍କର ବନ୍ଧନମୁକ୍ତ ବିକାଶ ବ୍ୟତୀତ ଆପଣାକୁ କଦାପି ସମ୍ପୂର୍ଣ୍ଣ ବୋଲି ଅନୁଭବ କରୁ ନ ଥିବେ । ବର୍ତ୍ତମାନ ଆମର ଜୀବନକ୍ଷେତ୍ରଟି ଯେପରି ଦୋଷଯୁକ୍ତ ହୋଇ ରହିଛି ଓ ଆମ ମନ ତଥା ଇଚ୍ଛାର କ୍ଷେତ୍ରଗୁଡ଼ିକ ଯେପରି ଅଜ୍ଞାନଗ୍ରସ୍ତ ହୋଇ ରହିଛି, ପୂର୍ଣ୍ଣତଃ ସେହି କାରଣରୁହିଁ ଆମକୁ ବାହାର କୌଣସି ଶକ୍ତି ଦ୍ୱାରା ସୀମାୟିତ ଏବଂ ବାଧ୍ୟ କରି ରଖିବା ଲାଗିହିଁ ଯେତେ ଯାହା ନିୟମ ଏବଂ ସଂଗଠନର ଲୋଡ଼ା ପଡୁଛି ଓ ସେଗୁଡ଼ିକର ସାହାଯ୍ୟ ନେବାକୁ ପଡୁଛି । ଏକ କଠୋର ନିୟମବ୍ୟବସ୍ଥା ଏବଂ ବାଧ୍ୟବାଧକତାରୁ ଆମକୁ ବଡ଼ ସହଜରେ ଯେଉଁସବୁ ସୁବିଧା ମିଳିଯାଉଛି, ତାହା ଆମେ ନିଶ୍ଚୟ ସ୍ପଷ୍ଟ ଭାବରେ ବୁଝି ପାରୁଥିବା, ମାତ୍ର ସେଥିରେ ଠିକ୍ ସେହିପରି ବଡ଼ ବଡ଼ ଅସୁବିଧାମାନ ମଧ୍ୟ ରହିଛି । ଆଇନକାନୁନ ଓ ବାଧ୍ୟବାଧକତା ଯେଉଁ ପରିପୂର୍ଣ୍ଣତାକୁ ସୃଷ୍ଟି କରିବାରେ ସଫଳ ହୁଏ, ଯାନ୍ତ୍ରିକ ହୋଇ ପଡ଼ିବା ଲାଗି ତାହାଭିତରେ ଏକ ପ୍ରବୃତ୍ତି ସର୍ବଦା ରହିଥାଏ ଏବଂ ଏପରିକି ଏହା ଯେଉଁ ଶୃଙ୍ଖଳା ଏବଂ ବ୍ୟବସ୍ଥାଟିକୁ ଆଣି ଲଦିଦିଏ, ସେଇଟି ମଧ୍ୟ ପରିଶେଷରେ ଭାରି କୃତ୍ରିମ ହୋଇପଡ଼େ ଏବଂ ଉପରେ ପଡ଼ିଥିବା ଯୁଆଳିଟି ଢିଲା ହୋଇଗଲେ ବା

'oaob.nitrkl.ac.in' images reprocessed

ସମସ୍ତଙ୍କୁ ସୀମାଭିତରେ ଆୟତ୍ତ କରି ରଖୁଥିବା ମୁଠାଟି ଅପସାରିତ ହୋଇଗଲେ ସେଇଟି ମଧ୍ୟ ଭୁଶୁଡ଼ି ପଡ଼ିବ ବୋଲି ନିରନ୍ତର ଆଶଙ୍କା ରହିଥାଏ । ଏବଂ ଏହି ପଦ୍ଧତିଟିକୁ ଅତିରିକ୍ତ ଭାବରେ ଜାବୁଡ଼ି କରି ରହିଲେ ଉପରୁ ଲଦି ଦିଆ ହୋଇଥିବା ଏକ ବ୍ୟବସ୍ଥା ସ୍ୱାଭାବିକ ଅଭିବୃଦ୍ଧିର ନିୟମଟିକୁ ହତୋତ୍ସାହିତ କରି ପକାଇବାକୁ ଆରମ୍ଭ କରେ । ଏବଂ ଏହି ମୁକ୍ତ ସ୍ୱାଭାବିକ ଅଭିବୃଦ୍ଧିହିଁ ହେଉଛି ଜୀବନର ଯଥାର୍ଥ ପଦ୍ଧତି ଏବଂ ତେଣୁ ସେଇଟି ହତୋତ୍ସାହିତ ହୋଇ ରହିଲେ ଯଥାର୍ଥ ଅଭିବୃଦ୍ଧି ଓ ବିକାଶର ସାମର୍ଥ୍ୟଟିର ମଧ୍ୟ ସଂହାର ଘଟିବାର ଅନେକ ଆଶଙ୍କା ରହିଥାଏ । ଆପଣାକୁ ଦବାଇ ରଖି ଓ ଅତିରିକ୍ତ ପରିମାଣରେ ଅନ୍ୟମାନଙ୍କ ସହିତ ସମମାନ ଓ ସମରୂପ ହୋଇ ରହିବାର ପ୍ରୟାସ କରି ଆମର କେବଳ ଅନିଷ୍ଟହିଁ ଘଟିଥାଏ; ଅତିରିକ୍ତ ସଂଗଠନ ଫଳରେ ଆମେ ପ୍ରକୃତିର ସ୍ୱତଃସ୍ଫୂର୍ତ୍ତ ଉଦ୍ୟମଟିର ବେକ ମୋଡ଼ି ଦେଇଥାଉ ଏବଂ ପ୍ରକୃତି ମଧ୍ୟରେ ଅନ୍ତର୍ବୁଦ୍ଧି-ପ୍ରଣୋଦିତ ଆତ୍ମ-ଅନୁକୂଳନର ଯେଉଁ ଅଭ୍ୟାସଟି ରହିଛି, ସେଇଟିକୁ ମଧ୍ୟ ନଷ୍ଟଭ୍ରଷ୍ଟ କରି ପକାଉ । ଆମର ସ୍ଥିତିସ୍ଥାପକତାର ଶକ୍ତିଟି ଖର୍ବ ହୋଇଯାଏ, ଅପହୃତ ହୋଇ ରହେ, ଏବଂ ତେଣୁ ଆମ ବ୍ୟକ୍ତିତ୍ୱଟି ମଧ୍ୟକୁ ସକଳ ପ୍ରାଣବନ୍ତତା ଅନ୍ତର୍ହିତ ହୋଇଯିବାକୁ ଲାଗେ; ଏପରିକି ବାହାରକୁ ଦେଖିବାକୁ ସବୁ ବେଶ୍ ଭଲ ଏବଂ ସନ୍ତୁଳିତ ଭାବରେ ଚାଲିଥିଲେ ମଧ୍ୟ ତାହା ଭିତରୁ ଭିତରୁ ଶୁଷ୍କ ହୋଇ ଯାଉଥାଏ । ଯେଉଁ ବିଧାନ ପ୍ରକୃତରେ ଆମ ନିଜର ବିଧାନ ନୁହେଁ ବା ଆମର ଯଥାର୍ଥ ପ୍ରକୃତିଟି ଯେଉଁ ନିୟମକୁ ଆତ୍ମସ୍ୱରେ ପରିଣତ କରି ପାରୁ ନାହିଁ, ତାହାକୁ ଦୀର୍ଘକାଳ ପର୍ଯ୍ୟନ୍ତ ଜାରି କରି ରଖିବା ଅପେକ୍ଷା ବରଂ ଅରାଜକତାହିଁ ଶ୍ରେୟସ୍କର । ଏବଂ ଦମନକାରୀ ଓ ନିବୃତ୍ତିକାରୀ ଯାବତୀୟ ଆଇନ୍ ଓ ବିଧାନକୁ ଆମେ କେବଳ ଅସ୍ଥାୟୀ ଭାବରେ କାମ ଚଳାଇ ନେଉଥିବା ଏକ ଉପାୟ ବୋଲି କହି ପାରିବା, ଯଥାର୍ଥ ବିଧାନର ଏକ ଅସ୍ଥାୟୀ ବିକଳ୍ପ ବୋଲିହିଁ କହିବା । ପ୍ରକୃତ ବା ଯଥାର୍ଥ ବିଧାନ ତ ଆମ ଭିତରୁହିଁ ବିକାଶିତ ହୋଇ ଆସିବ, ସେହି ବିଧାନ ଆମ ସ୍ୱତନ୍ତ୍ରତା ଲାଗି କେବେ କୌଣସି ପ୍ରକାରେ ବାଧକ ପରି କାର୍ଯ୍ୟ କରିବ ନାହିଁ, ତାହା ଆମ ସ୍ୱତନ୍ତ୍ରତାର କେବଳ ଏକ ମୂର୍ତ୍ତ ରୂପ ଏବଂ ଦୃଶ୍ୟମାନ ଅଭିବ୍ୟକ୍ତି ହୋଇ ରହିଥିବ । ଯେଉଁ ଅନୁପାତରେ ଆମେ ସ୍ୱତନ୍ତ୍ରତାକୁହିଁ ଆମ ଯାବତୀୟ ନିୟମ ଓ ବିଧାନର ଜନନୀ କରି ରଖି ପାରିବା, ସେହି ଅନୁପାତରେହିଁ ଆମ ସମାଜର ପ୍ରକୃତ ତଥା ପ୍ରାଣବନ୍ତ ପ୍ରଗତି ସମ୍ଭବ ହୋଇ ପାରିବ । ଯେତେବେଳେ ମନୁଷ୍ୟ ଆପଣାର ସହଚାରୀ ଅନ୍ୟ ମଣିଷଟିକୁ ଜାଣି ଶିଖିବ ଏବଂ ତାହା ସହିତ ଆଧ୍ୟାତ୍ମିକ ଏକାତ୍ମକତା ଅର୍ଜନ କରି ଜାଣିବ, ସେତେବେଳେ ମନୁଷ୍ୟର ସମାଜ ଆପଣାର ପରିପୂର୍ଣ୍ଣତା ଲାଭ କରିବ, ତା'ର ଆତ୍ମ-ଅନୁଶାସିତ ଅନ୍ତଃପ୍ରେରିତ ସ୍ୱତନ୍ତ୍ରତାର ଏକ ବହିରଙ୍ଗ ପ୍ରକାଶ ବା ଗଠନରୂପେହିଁ ସେତେବେଳେ ତା' ସମାଜର ସ୍ୱତଃପ୍ରେରିତ ବିଧାନଟି ଆପଣାକୁ ବଳବତ୍ତର କରି ରଖିଥିବ ।

'oaob.nitrkl.ac.in' images reprocessed

## ଅଷ୍ଟାଦଶ ପରିଚ୍ଛେଦ

# ଆଦର୍ଶ ସମାଧାନ:
# ମନୁଷ୍ୟଜାତିର ମୁକ୍ତ ସମୂହୀକରଣ

ମନୁଷ୍ୟଜାତିକୁ ଏକତ୍ରୀକୃତ କରି ଆଣିବାର ଯେକୌଣସି ବୁଦ୍ଧିଯୁକ୍ତ ପ୍ରୟାସରେ ମନୁଷ୍ୟଜୀବନର ବିକାଶରେ ଯେଉଁସବୁ ପ୍ରବୃତ୍ତି ପ୍ରକୃତିର ମୌଳିକ ଓ ଅପରିବର୍ତ୍ତନୀୟ କେତୋଟି ପ୍ରବୃତ୍ତିରୂପେ ରହି କାର୍ଯ୍ୟ କରୁଛି, ତାହାରି ଉପରେ ଆଧାରିତ ଏହି ମୂଳନୀତିଗୁଡ଼ିକ ହିଁ ସ୍ପଷ୍ଟତଃ ମାର୍ଗଦର୍ଶନକାରୀ ବିଚାରରୂପେ ଆମକୁ ପରିଚାଳିତ କରି ନେଇଯିବା ଉଚିତ। ଏବଂ, ଯଦି ଆମେ ଲାଇକର୍ଗାନ୍ ସଂବିଧାନଟିର ଅଥବା ଆମ ଆଗରେ ଜଣେ ଆଦର୍ଶ ମୁନି ତଥା ଆଦର୍ଶ ନୃପତି ହୋଇ ରହିଥିବା ମନୁଙ୍କର ନୀତିଗୁଡ଼ିକର ଧାରାରେ ସେହି ଏକତ୍ରୀକରଣକୁ ସମ୍ଭବ କରାଇବାକୁ ଇଚ୍ଛା କରୁଥାଉ, ତେବେ ଆମେ ହୁଏତ ନିଶ୍ଚୟ ସେହିପରି ଏକ ମାର୍ଗର ଅନୁସରଣ ବେଶ୍ କରିପାରିବା। ଏଥିରେ କୌଣସି ସନ୍ଦେହ ନାହିଁ ଯେ ବୃହତ୍ ବୃହତ୍ ବିଭିନ୍ନ ମନୁଷ୍ୟ-ସମୂହର ବାସନା, ଆକାଂକ୍ଷା ଏବଂ ସ୍ୱାର୍ଥଗୁଡ଼ିକର ଅନୁସାରେହିଁ ଅତ୍ୟନ୍ତ ଭିନ୍ନ ଭିନ୍ନ ନାନା ରୀତିରେ ଏକତ୍ରୀକରଣ ଲାଗି ସେହି ପ୍ରଚେଷ୍ଟାଟି କରାଯିବ ଏବଂ ଏହି ପୃଥିବୀରେ ରହିଥିବା ବୁଦ୍ଧିନାୟକମାନଙ୍କର ସେହି ଅର୍ଦ୍ଧାଲୋକିତ ବିବେଚନା-ଶକ୍ତି ଏବଂ ପୃଥିବୀରେ ରହିଥିବା ରାଷ୍ଟ୍ରନେତା ଓ ରାଜନୀତିଜ୍ଞ-ମାନଙ୍କର ସ୍ୱ-ଅନୁଭବ-ପ୍ରସୂତ ସୁବିଧାବାଦ ବ୍ୟତୀତ ଅନ୍ୟ କୌଣସି ବୃହତ୍ତର ବା ଉତ୍କୃଷ୍ଟତର ଆଲୋକ ମଧ୍ୟ କଦାପି ତାହାର ପଥ ଦେଖାଇବ ନାହିଁ; ଏବଂ ସେହି କାରଣରୁହିଁ ଏକଥାଟି ଭାରି ସମ୍ଭବ ଲାଗୁଛି ଯେ ସେହି ବାଟରେ ଆମକୁ କେତେ କେତେ ଗୋଳମାଳିଆ ପରୀକ୍ଷା, ପ୍ରତିକ୍ଷେପ ଓ ପ୍ରତ୍ୟାବର୍ତ୍ତନ, ପ୍ରତିରୋଧ ଏବଂ ଦୁରାଗ୍ରହର ଦୃଷ୍ଟାନ୍ତ ମଧ୍ୟ ଅବଶ୍ୟ ଦେଖିବାକୁ ମିଳିବ। ମନୁଷ୍ୟର ଅବିବେକପଣ ଯେଡ଼େବଡ଼ ଅନ୍ତରାୟ ହେବାକୁ ଆସୁଥିଲେ ମଧ୍ୟ ଏହି ପ୍ରଚେଷ୍ଟାଟି ତଥାପି କ୍ରମାଗ୍ରସର ହେଉଥିବ ଏବଂ ତାହାର ସେହି ଗତିପଥରେ ପରସ୍ପର-ପ୍ରତିଦ୍ୱନ୍ଦ୍ୱୀ କେତେ ବିଚାର ଓ କେତେ କେତେ ସ୍ୱାର୍ଥର କେତେ ନା କେତେ କୋଳାହଳ ଶୁଣିବାକୁ ମିଳିବ, ସିଦ୍ଧାନ୍ତର କେତେ ଯୁଦ୍ଧ ମଧ୍ୟରେ ତାହାକୁ ଝୁଣ୍ଟି ଝୁଣ୍ଟି ଯିବାକୁ ପଡ଼ିବ, କେତେ ଦର୍ପ ଓ ତେଜ ଦେଖାଉଥିବା କେତେ ଦଳ ଓ କେତେ ପକ୍ଷର ସଂଘର୍ଷ ମଧ୍ୟଦେଇ ତାହା ଆଗକୁ ଯାଉଥିବ ଏବଂ ଅଳ୍ପବହୁତ ଅଦକ୍ଷ କେତେ କେତେ ସାଲିସ୍‌ରେ ମଧ୍ୟ ସେହିସବୁ ସଂଘର୍ଷର ଉପସଂହାର କରାଯାଉଥିବ। ଆମେ ଆଗରୁ

'oaob.nitrkl.ac.in' images reprocessed

ଯେପରି କହି ସାରିଛୁ, ଅତ୍ୟନ୍ତ ଅସୁବିଧାଜନକ କଦାପି ନ ହେଲେ ମଧ୍ୟ ଅତ୍ୟନ୍ତ ଆଦର୍ଶହୀନ ପଦ୍ଧତିର ସାହାଯ୍ୟ ନେଇ ସେହି ଏକତ୍ରୀକରଣର ବ୍ୟବସ୍ଥା ହୋଇପାରେ, ସେଥିଲାଗି କିଞ୍ଚିତ୍ ପରିମାଣରେ ହିଂସାର ବି ଆଚରଣ ଦେଖିବାକୁ ମିଳିପାରେ, ଅଳ୍ପ କେତୋଟି ବୃହତ୍ ତଥା ଶକ୍ତିଶାଳୀ ସାମ୍ରାଜ୍ୟ ଏଥିରେ ହୁଏତ ପ୍ରତିପତ୍ତିଶାଳୀ ହୋଇ ରହିବାକୁ ଆସିପାରନ୍ତି, ବା ଏଥିଭିତରୁ ହୁଏତ ଗୋଟିଏ ସର୍ବାଧିକ-ଶକ୍ତିଶାଳୀ ବିଶ୍ୱସାମ୍ରାଜ୍ୟର ଉଦ୍ଭବ ହୋଇ ଆସିପାରେ ବା ଏକ ରାଜଶାସିତ ବୃହତ୍‌ରାଷ୍ଟ୍ରର ପ୍ରତିଷ୍ଠା ବି ହୋଇପାରେ, ଯାହାକୁ କି ହୁଏତ ସମସ୍ତେ ସ୍ୱୀକାର କରିନେଇ ପାରନ୍ତି ଅଥବା, ମନୁଷ୍ୟଜାତିର ଶାସନକର୍ତ୍ତା ରୂପେ ନ ହେଲେ ମଧ୍ୟ ଯାହା ଆପଣାକୁ ମନୁଷ୍ୟଜାତିର ମଧ୍ୟସ୍ଥ ବା କାଜି ହିସାବରେ ସମସ୍ତଙ୍କ ଉପରେ ଆଣି ଲଦିଦେବାକୁ ପ୍ରବୃତ୍ତ ହୋଇପାରେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ରାଜନୀତି, ପ୍ରଶାସନ ଏବଂ ଅର୍ଥନୈତିକତାର କ୍ଷେତ୍ରରେ ମନୁଷ୍ୟଜାତିର ଏକତ୍ରୀକରଣ ଦିଗରେ ଯେତେଯାହା ପ୍ରଚେଷ୍ଟା କରାଯିବ, ସେଥିରେ କୌଣସି ବୁଦ୍ଧିପ୍ରେରିତ ସିଦ୍ଧାନ୍ତ ବା ଅତ୍ୟାବଶ୍ୟକ ବୋଲି ବୋଧ ହେଉଥିବା ଆଲୋକକୁ କଦାପି ଯଥାର୍ଥ କାର୍ଯ୍ୟସାଧକ ଶକ୍ତିଟିରୂପେ ଗ୍ରହଣ କରାଯିବ ନାହିଁ, ମାତ୍ର ତାତ୍କାଳିକ ପ୍ରୟୋଜନ ଓ ତାତ୍କାଳିକ ସୁବିଧା ଏବଂ ଅତ୍ୟାବଶ୍ୟକ ବୋଲି ବୋଧ ହେଉଥିବା କ୍ଷମତାକୁହିଁ ବାସ୍ତବ ଓ ଫଳପ୍ରଦ ଶକ୍ତିରୂପେ ସ୍ୱୀକାର କରି ନିଆଯିବ ।

ତଥାପି, ଅସଲ ଆଦର୍ଶଟି ହଠାତ୍ ସଂଗେସଂଗେ ସମ୍ଭବ ହୋଇ ନ ପାରିଲେ ମଧ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆମର ଯାବତୀୟ କ୍ରିୟା ଓ ପଦକ୍ଷେପକୁ ପ୍ରକୃତରେ ଅଧିକରୁ ଅଧିକ ପରିମାଣରେ ସେହି ଦିଗରେହିଁ ଗତି କରିବାକୁ ପଡ଼ିବ । ଏବଂ ସର୍ବୋତ୍କୃଷ୍ଟ ଉପାୟଟିକୁ ଗ୍ରହଣ କରିବା ସର୍ବଦା ସମ୍ଭବ ହୋଇ ନ ପାରିଲେ ମଧ୍ୟ ସର୍ବୋତ୍କୃଷ୍ଟ ଉପାୟଟି ସହିତ ଆମକୁ ଅବଶ୍ୟ ପରିଚିତ ହୋଇ ରହିବାକୁ ପଡ଼ିବ, ଯେପରିକି, ବିଭିନ୍ନ ସିଦ୍ଧାନ୍ତ, ବିଭିନ୍ନ ଶକ୍ତି ଓ ବିଭିନ୍ନ ସ୍ୱାର୍ଥ ମଧ୍ୟରେ କନ୍ଦଳ ଉପସ୍ଥିତ ହେବା ସମୟରେ ପରସ୍ପର ସହିତ ଆମର ଯାବତୀୟ କାରବାରଟିର କ୍ଷେତ୍ରରେ ସେହି ଉପାୟଟି ଅନ୍ତତଃ କିଛି ଅଂଶରେ ଆସି ପ୍ରବେଶ କରିପାରିବ ଏବଂ ତଦ୍ୱାରା, ଆମ ଅଗ୍ରଗତିର ମୂଲ୍ୟ ହିସାବରେ ଆମର ଅଜ୍ଞାନ ଓ ଅବିବେକ ଆମକୁ ଯେତେଯେତେ ପ୍ରମାଦ, ପଥ ଝୁଣ୍ଟିବା ଏବଂ କଷ୍ଟଭୋଗ ଲାଗି ବାଧ୍ୟ କରାଉଥିବ, ସେଥିରେ କିଞ୍ଚିତ ଲାଘବ ଘଟାଇ ପାରୁଥିବ । ତେଣୁ, ମନୁଷ୍ୟଜାତିର ଏକତ୍ରୀକରଣ ସିଦ୍ଧାନ୍ତତଃ ଏପରି ଗୋଟିଏ ବିଧାନ ହୋଇ ରହିବ, ଯେଉଁଥିରେ କି ସାଧାରଣ ଏବଂ ସୌଷମ୍ୟଯୁକ୍ତ ଜୀବନର ସର୍ବପ୍ରଥମ ନିୟମରୂପେ ଭିନ୍ନ ଭିନ୍ନ ମନୁଷ୍ୟଜାତିଙ୍କୁ ସ୍ଥାନୀୟ ବିଶେଷତ୍ୱ ଉପରେ ଆଧାରିତ ସେମାନଙ୍କର ପ୍ରାକୃତିକ ବିଭାଜନଗୁଡ଼ିକ ଅନୁସାରେ ଆପଣା ଆପଣାର ସ୍ୱକୀୟ ଗୋଷ୍ଠୀଗୁଡ଼ିକୁ ଗଠନ କରିବା

'oaob.nitrkl.ac.in' images reprocessed

ଲାଗି ସଂପୂର୍ଣ୍ଣ ସ୍ୱାଧୀନତା ଦିଆଯିବ; ଇତିହାସର ଅପେକ୍ଷାକୃତ ଅଧିକ ତୀବ୍ର ଆକସ୍ମିକତାଗୁଡ଼ିକ ଅନୁସାରେ ନୁହେଁ ଅଥବା କ୍ଷୁଦ୍ରତର ଏବଂ ଅସମୟୋଚିତ ଭାବରେ ସଂଗଠିତ ଅନ୍ୟ ଜାତି ବା ସମୂହଗୁଡ଼ିକୁ ପରାଧୀନ ରଖି ସେମାନଙ୍କର ସ୍ୱାର୍ଥଗୁଡ଼ିକରହିଁ ପରିଚର୍ଯ୍ୟା କରିବାକୁ ବା ପ୍ରଜାଙ୍କ ପରି ସେମାନଙ୍କର ଆଦେଶଗୁଡ଼ାକରହିଁ ପାଳନ କରିବା ସକାଶେ ବାଧ କରିବାକୁହିଁ ଆପଣାର ସଦାଚରିତ ନୀତି କରି ରଖିଥିବା କେତୋଟି ଅଧିକ ଶକ୍ତିଶାଳୀ ଜାତିଙ୍କର ଅହଂ ଦ୍ୱାରା ପରିଚାଳିତ ଇଚ୍ଛା ଦ୍ୱାରା ମଧ୍ୟ ନୁହେଁ, ମାତ୍ର ପ୍ରଜାତି ବା ଗୋଷ୍ଠୀଗତ ବିଶେଷତ୍ୱ, ସଂସ୍କୃତି ତଥା ଆର୍ଥିକ ସୁବିଧା ଉପରେ ଆଧାରିତ ସ୍ୱାଭାବିକ ବିଭାଜନ ଅନୁସାରେହିଁ ସେମାନଙ୍କର ସ୍ୱକୀୟ ଗୋଷ୍ଠୀଗୁଡ଼ିକୁ ଗଠନ କରିବା ଲାଗି ସେମାନଙ୍କୁ ଅନୁମତି ଦିଆଯିବ । ବର୍ତ୍ତମାନ ପୃଥିବୀରେ ଜାତି ଜାତିକୁ ନେଇ ଯେଉଁ ବ୍ୟବସ୍ଥାଟି ଚଳୁଛି, ଆର୍ଥିକ ପ୍ରଭାବ ଶକ୍ତି, କେତେକେତେ ରାଜନୀତିକ କୂଟନୀତି, ସନ୍ଧି ଓ କ୍ରୟବିକ୍ରୟ ଦ୍ୱାରା ଏବଂ ସାମରିକ ହିଂସାଚରଣ ଦ୍ୱାରାହିଁ ସେଗୁଡ଼ିକୁ କାର୍ଯ୍ୟକାରୀ କରାଯାଇଛି, ଏସବୁଥିରେ ନୈତିକତାର କୌଣସି ସିଦ୍ଧାନ୍ତ ବା ସମଗ୍ର ମନୁଷ୍ୟଜାତିର କଲ୍ୟାଣ ବିଷୟରେ କୌଣସି ସାଧାରଣ ନିୟମ ଉପରେ ଆଦୌ କୌଣସି ଦୃଷ୍ଟି ଦିଆଯାଇ ନାହିଁ । ମୋଟାମୋଟି ଭାବରେ ତାହା ବିଶ୍ୱଶକ୍ତିର କେତେକ ଲକ୍ଷ୍ୟ ସାଧନ କରିବାରେ ନିଶ୍ଚୟ ସହାୟକ ହୋଇଛି, ଏବଂ କେତେ ରକ୍ତପାତ, କଷ୍ଟଭୋଗ, ନୃଶଂସତା, ଅତ୍ୟାଚାର ଓ ବିଦ୍ରୋହର ମଧ୍ୟଦେଇ ମନୁଷ୍ୟଜାତିକୁ ପରସ୍ପରର ଅଧିକ ନିକଟବର୍ତ୍ତୀ କରି ଆଣିବାରେ ତାହା ଅବଶ୍ୟ ସାହାଯ୍ୟ କରିଛି । ଆପଣାର ଆୟତନଟିରେ ଯେତେ ଅନାଦର୍ଶସ୍ଥାନୀୟ ହୋଇଥିଲେ ମଧ୍ୟ ତଥାପି ତିଷ୍ଠି ରହିଥିବା ଏବଂ ଜବରଦସ୍ତି ଆପଣାକୁ ପ୍ରତିଷ୍ଠିତ କରି ରଖିଥିବା ଯାବତୀୟ ବିଷୟ ପରି ଏହି ଘଟଣାଟିର ମଧ୍ୟ ଏକ ଔଚିତ୍ୟ ଅବଶ୍ୟ ରହିଛି; ଏହାକୁ ଆମେ ଏକ ନୈତିକ ଔଚିତ୍ୟ ବୋଲି କଦାପି କହିପାରିବା ନାହିଁ ସତ, ମାତ୍ର ଏକ ଜୀବବୈଜ୍ଞାନିକ ଔଚିତ୍ୟ ଅବଶ୍ୟ ରହିଛି । ଆପଣାର ଇତର ପ୍ରାଣୀମାନଙ୍କ କ୍ଷେତ୍ରରେ ପ୍ରକୃତିକୁ ଯାହା କରିବାକୁ ପଡୁଛି, ଏକ ଅର୍ଦ୍ଧ-ପଶୁ ଅବସ୍ଥାରେ ରହିଥିବା ମଣିଷର କ୍ଷେତ୍ରରେ ମଧ୍ୟ ପ୍ରକୃତିକୁ ଯେଉଁସବୁ ଅଶୋଧିତ ଉପାୟଗୁଡ଼ିକୁ ଅବଲମ୍ବନ କରିବାକୁ ପଡୁଛି, ସେହି ପ୍ରୟୋଜନଟିର କ୍ଷେତ୍ରରହିଁ ଔଚିତ୍ୟଟି ରହିଛି । ମାତ୍ର ମନୁଷ୍ୟଜାତିର ଏକତ୍ରୀକରଣ ଦିଗରେ ଥରେ ସେହି ବୃହତ୍ ପଦକ୍ଷେପଟି ନିଆଯିବା ପରେ ଆଗରୁ ନାନା କାରଣରୁ ରହି ଆସିଥିବା କୃତ୍ରିମ ବ୍ୟବସ୍ଥାଗୁଡ଼ିକ ଲାଗି ଆଉ ତିଷ୍ଠି ରହିବାର ଆଦୌ କୌଣସି ଔଚିତ୍ୟ ବା କାରଣ ରହିବ ନାହିଁ । ଏହା ପ୍ରକୃତରେ ଏହିପରିହିଁ ହେବ, କାରଣ ପ୍ରଥମତଃ, କେତେଟା ବିଶେଷ ଜାତିଙ୍କର ଅହଂବାଦିତା, ଅହଂକାର ଅଥବା ଲୋଲୁପତାର ପରିତର୍ପଣ ଲାଗି ନୁହେଁ, ମାତ୍ର ସମୁଦାୟ ପୃଥିବୀଟିର ସୁବିଧା ଏବଂ ହିତହିଁ ଆମ ସମ୍ମୁଖରେ ଏହି କ୍ଷେତ୍ରରେ

'oaob.nitrkl.ac.in' images reprocessed

ଆମର ପ୍ରକୃତ ଉଦ୍ଦେଶ୍ୟ ହୋଇ ରହିଥିବ; ଏବଂ ଦ୍ୱିତୀୟତଃ, କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଜାତିର ଅନ୍ୟ ଜାତିମାନଙ୍କ ଉପରେ ବୈଧ ବା ଆଇନ୍-ସମର୍ଥିତ ଯେତେ ଯାହା ଦାବି ରହିଥାଉ ପଛକେ, ଆର୍ଥିକ କ୍ଷେତ୍ରରେ ଲାଭ ଏବଂ ସଂପ୍ରସାରଣ ସଂକ୍ରାନ୍ତୀୟ ଯେତେଯାହା ପ୍ରୟୋଜନ ରହିଥାଉ ପଛକେ, ସୁଷ୍ଠୁ ଭାବରେ ସଂଗଠିତ ଏକ ବିଶ୍ୱ-ସଂଘ ବା ବିଶ୍ୱ-ରାଷ୍ଟ୍ରରେ ଆଉ କଦାପି ସଂଘର୍ଷ ବା ପ୍ରତିଦ୍ୱନ୍ଦ୍ୱିତା-ନୀତିର ଆଧାର ଉପରେ ସେଗୁଡ଼ିକର ଆୟୋଜନ ବା ବ୍ୟବସ୍ଥା ହେବ ନାହିଁ, ମାତ୍ର ସହଯୋଗିତା ଏବଂ ପାରସ୍ପରିକ ଅନୁକୂଳନ-ନୀତିର ଆଧାର ଉପରେ ବା ଅନ୍ତତଃ ଆଇନ୍, ସମତାନ୍ୟାୟ ଏବଂ ନ୍ୟାୟୋଚିତ ପାରସ୍ପରିକ ଆଦାନ-ପ୍ରଦାନର ଆଧାର ଉପରେହିଁ ସେଗୁଡ଼ିକର ନିର୍ଣ୍ଣୟ ବା ବ୍ୟବସ୍ଥା ହେବ । ତେଣୁ ବଳପ୍ରୟୋଗ କରି ଅଥବା କୃତ୍ରିମ ଭାବରେ ସମସ୍ତଙ୍କୁ ଗୋଟିଏ ସମଷ୍ଟି ମଧ୍ୟରେ ଆଣି ଭର୍ତ୍ତି କରିଦେବା ଲାଗି ଏହି କ୍ଷେତ୍ରରେ ଆଦୌ କୌଣସି ଅବକାଶ ରହିବ ନାହିଁ; କେବଳ ଐତିହାସିକ ପରମ୍ପରା ବା ସଂପୂର୍ଣ୍ଣରୂପେ ଆପଣାକୁ ପ୍ରତିପାଦିତ କରି ଦେଇଥିବା ବସ୍ତୁସତ୍ୟ ଲାଗି ମଧ୍ୟ ଅବକାଶ ରହିବ । ମାତ୍ର ଏକଥା ମଧ୍ୟ ସତ ଯେ ବିଶ୍ୱ-ବ୍ୟବସ୍ଥାରେ ଏକ ବୃହତ୍ ପରିବର୍ତ୍ତନ ସମ୍ଭବ କରିବାକୁ ଯାଉଥିବା ବେଳେ ଏସବୁର ପ୍ରକୃତରେ ଅତି କମ୍ ମହତ୍ତ୍ୱହିଁ ରହିବ; କାରଣ ଶତଶତ ପରମ୍ପରା ଭାଙ୍ଗି ଦେବାକୁ ଏବଂ ବହୁତରସଂଖ୍ୟକ ପ୍ରତିପାଦିତ ବସ୍ତୁସତ୍ୟ ପୁଣି ଅବ୍ୟବସ୍ଥିତ କରିଦେବାକୁ ମନୁଷ୍ୟଜାତି ପ୍ରକୃତରେ ପ୍ରସ୍ତୁତ ହୋଇ ରହି ନ ଥିଲେ ସେହି ପରିବର୍ତ୍ତନଟିକୁ ହାସଲ କରିବା ମଧ୍ୟ ସମ୍ଭବ ହେବ ନାହିଁ ।

ତେଣୁ ସମସ୍ତଙ୍କୁ ଆଣି ସମଷ୍ଟିବଦ୍ଧ କରିବାର ଆବଶ୍ୟକତାଟି ଏହି କ୍ଷେତ୍ରରେ ଅବଶ୍ୟ ରହିଥିବାରୁ, ମୁକ୍ତ ତଥା ସ୍ୱାଭାବିକ ସମଷ୍ଟୀକରଣର ଏକ ପଦ୍ଧତିହିଁ ମନୁଷ୍ୟ-ଏକତାର ସର୍ବପ୍ରଥମ ନୀତି ହୋଇ ରହିବ, ମାତ୍ର ସେଥିରେ ଅନ୍ତର୍ଗତ କଳହ, ଅସଂଗତି, ଦମନ ବା ବିଦ୍ରୋହ ପ୍ରଭୃତି ଲାଗି ଆଦୌ କୌଣସି ସ୍ଥାନ ରହିବ ନାହିଁ । ଅର୍ଥାତ୍ ଜାତି ଜାତି ଭିତରେ ଅଥବା ସମୂହ ସମୂହ ମଧ୍ୟରେ ଏସବୁ ଲାଗି କୌଣସି ସ୍ଥାନ ରହିବ ନାହିଁ । କାରଣ ତା' ନ ହେଲେ ବିଶ୍ୱରାଷ୍ଟ୍ରକୁ ଅନ୍ତତଃ ଆଂଶିକ ଭାବରେ ଆଇନ୍ ଦ୍ୱାରା ଅନୁମୋଦିତ ଅନ୍ୟାୟ ଏବଂ ଦମନର ଏକ ପଦ୍ଧତି ଉପରେହିଁ ଆଧାରିତ ହୋଇ ରହିବାକୁ ପଡ଼ିବ, ବା, ଖୁବ୍ ବେଶୀ ହେଲେ, ଯେତେ ପ୍ରଶମିତ ପରିମାଣରେ ହେଉ ପଛକେ, ବଳପ୍ରୟୋଗ ଏବଂ ବାଧ୍ୟ କରିବାର ଏକ ନୀତି ଉପରେ ଆଧାରିତ ହୋଇ ରହିବ । ଏହିପରି ଏକ ଯୋଜନା ମଧ୍ୟରେ ଏପରି ଏକାଧିକ ଅସନ୍ତୁଷ୍ଟ ଉପାଦାନମାନ ଅବଶ୍ୟ ରହିବେ ଯେଉଁମାନେ କି ପରିବର୍ତ୍ତନର ଯେକୌଣସି ଆଶାକୁ ଯାଇ ମାଡ଼ି ବସିବା ଲାଗି ସଦା-ବ୍ୟଗ୍ର ହୋଇ ରହିଥିବେ, ଏବଂ ସେମାନଙ୍କର ନୈତିକ ସମସ୍ତ ଶକ୍ତିକୁ ତଥା ସେମାନଙ୍କ ପାଖରେ

'oaob.nitrkl.ac.in' images reprocessed

ଯାହାକିଛି ଭୌତିକ ବଳ ରହିଥିବ, ସେଇଟିକୁ ମଧ୍ୟ ସେମାନେ ନୂତନ ସଂଗଠନଟିରେ ବିବାଦ ସୃଷ୍ଟି କରିବା ଦିଗରେ, ସେଇଟି ମଧ୍ୟରୁ ବାହାରିଯିବା ଅଥବା ସେଇଟିକୁ ଏକାବେଳେକେ ଭାଙ୍ଗି ପକାଇବା ଦିଗରେ ଯାହାକିଛି ଇଚ୍ଛା ପ୍ରକାଶ ପାଇବ, ତାହାରି ପକ୍ଷରେ ନେଇ ଅଜାଡ଼ି ଦେବାକୁ ବାହାରିବେ ଏବଂ ସମ୍ଭବତଃ ପୂରାତନ ସ୍ଥିତିଟିକୁ ଫେରି ଆସିବାର ଯେକୌଣସି ଉଦ୍ୟମରେ ମଧ୍ୟ ସେଗୁଡ଼ିକର ପ୍ରୟୋଗ କରି ବାହାରିବେ । ତେଣୁ, ଏହିପରି ଭାବରେ, ବିଦ୍ରୋହ ଲାଗି ନୈତିକ ସହାନୁଭୂତି ରହିଥିବା କେନ୍ଦ୍ରମାନ ହୁଏତ ତଥାପି ସଂରକ୍ଷିତ ହୋଇ ରହିଯିବ, ଯାହାକି, ମଣିଷର ମନ ବର୍ତ୍ତମାନ ଯେପରି ଅସ୍ଥିର ହୋଇ ରହିଛି, ଅନୁକୂଳ ନାନା ପର୍ଯ୍ୟାୟ ଆସି ପହଞ୍ଚିବା ମାତ୍ରକେ ସଂକ୍ରମଣ ଏବଂ ଆତ୍ମବିସ୍ତାରଣ ଲାଗି କ୍ଷମତାଶାଳୀ ହୋଇ ଉଠିବାକୁ କଦାପି ପଶ୍ଚାତ୍‌ପଦ ହେବ ନାହିଁ । ବସ୍ତୁତଃ, ଯେକୌଣସି ଯୋଜନା ହେଉ ପଛକେ, ଯଦି ତାହା ଅସଂଗତିଗୁଡ଼ିକୁ ନେଇ କୌଣସି ଅପରିବର୍ତ୍ତନୀୟ ଛାଞ୍ଚ ଭିତରେ ପକାଇ ଦେଉଥିବା ଭଳି ଦେଖାଯିବ, ଅନ୍ୟାୟ ଏବଂ ଅସମତାକୁ ସ୍ଥାୟୀ କରି ରଖୁଥିବା ଭଳି ଅଥବା ସ୍ଥାୟୀ ଭାବରେ ବାଧ୍ୟ କରିବା ଓ ବଳପ୍ରୟୋଗ କରି ଅଧୀନରେ ରଖିବାର କୌଣସି ନୀତି ଉପରେ ଆପଣାକୁ ଠିଆ କରି ରଖୁଥିବା ଭଳି ଦେଖାଯିବ, ତେବେ ତାହା ଆପଣାକୁ ଆଉ ଦୃଢ଼କରି ରଖି ପାରିବ ନାହିଁ ଏବଂ ଆପଣାର ସ୍ୱଭାବଟି ଦ୍ୱାରାହିଁ ଅଳ୍ପକାଳସ୍ଥାୟୀ ହୋଇ ରହିବାର ପରିଣାମଟିକୁ ଭୋଗ କରିବାକୁ ବାଧ୍ୟ ହେବ ।

ଏବେ ଘଟିଥିବା ବିଶ୍ୱଯୁଦ୍ଧଟି ସମୟରେ ପ୍ରକୃତରେ ସ୍ଥିତି ଯେଉଁଠି ଯେପରି ଥିଲା, ତାହାକୁ ସେହିପରି ଅପରିବର୍ତ୍ତନୀୟ ରଖି ତାହାରି ଆଧାର ଉପରେହିଁ ବିଶ୍ୱ ବିଷୟରେ ଏକ ନିଷ୍ପତ୍ତି କରି ନେବା ଲାଗି ଯୁଦ୍ଧବେଳେ ଯେଉଁ ପ୍ରବୃତ୍ତିଟି ଦେଖା ଦେଇଥିଲା, ତାହା ଭିତରେ ଠିକ୍ ଏହି ଦୁର୍ବଳତାଟିହିଁ ରହିଥିଲା । ସେହିପରି ଗୋଟିଏ ନିଷ୍ପତ୍ତିକୁ ପ୍ରକୃତରେ ବଳବତ୍ତର କରାଯାଇ ଥିଲେ ତାହା ଏପରି ଅବସ୍ଥାଗୁଡ଼ିକୁ ଆଣି ସ୍ଥାୟୀ କରି ରଖିବାର ପ୍ରମାଦଟି ମଧ୍ୟରେ ଆମକୁ ପକାଇ ଦେଇଥାନ୍ତା, ଯେଉଁଗୁଡ଼ିକ କି ସ୍ୱଭାବତଃ କେବଳ ଅଳ୍ପକାଳସ୍ଥାୟୀ ହୋଇହିଁ ରହିଥାନ୍ତେ । ଏହା ଦ୍ୱାରା ଯେ କେବଳ ବହିଃସ୍ଥ କେତୋଟି ଅସନ୍ତୁଷ୍ଟ ସଂଖ୍ୟାଲଘୁ ଗୋଷ୍ଠୀଙ୍କ ଉପରେ ଏହି ଜାତି ବା ସେହି ଜାତିର ଶାସନଟି ଆସି ଜାରି ହୋଇ ରହିଥାନ୍ତା ତା’ ନୁହେଁ, ଏସିଆର ଅଧିକାଂଶ ଭାଗ ଏବଂ ସମୁଦାୟ ଆଫ୍ରିକା ଉପରେ ମଧ୍ୟ ଇଉରୋପର କର୍ତ୍ତୃତ୍ୱଟି ସେହିପରି ବଜାୟ ରହିଥାନ୍ତା । ଏହିସବୁ ଅବସ୍ଥାରେ, ବିଭିନ୍ନ ଜାତିକୁ ନେଇ ଯେଉଁ ସଂଘଟି ଗଢ଼ାହେବ ବା ଯେଉଁ ପ୍ରାରମ୍ଭିକ ଏକତାଟିର ସ୍ଥାପନା କରାଯିବ, ତାହା କେବଳ ମୁଷ୍ଟିମେୟ କେତେକ ସଂଖ୍ୟକ ଗୋରା ଜାତିମାନଙ୍କର ଏକ ଅଳ୍ପତନ୍ତ୍ର ଦ୍ୱାରା ମନୁଷ୍ୟଜାତିର ବିଶାଳ ସମୂହଟିର ନିୟନ୍ତ୍ରଣରହିଁ ସମାନ ହୋଇ ରହିବ ।

'oaob.nitrkl.ac.in' images reprocessed

ଏବଂ ଏହାକୁ ଆମେ କଦାପି ପୃଥିବୀ ଲାଗି ଏକ ଦୀର୍ଘସ୍ଥାୟୀ ସମାଧାନର ନୀତି ବୋଲି ଆଦୌ କହିପାରିବା ନାହିଁ । କାରଣ, ସେହି ଅବସ୍ଥାରେ ଅନିବାର୍ଯ୍ୟତଃ କେବଳ ଗୋଟିଏ ବା ଦୁଇଟି ବିକଳ୍ପ ପରିଣାମହିଁ ଘଟିବ । ଏକ ନୂତନ ବ୍ୟବସ୍ଥାକୁ ଏହି କ୍ଷେତ୍ରରେ ଆଇନ୍ ଏବଂ ଶକ୍ତିର ପ୍ରୟୋଗ ଦ୍ୱାରା ସ୍ଥିତାବସ୍ଥାଟିକୁହିଁ ସଂରକ୍ଷିତ କରି ରଖିବାକୁ ପଡ଼ିବ ଏବଂ ମୌଳିକ କୌଣସି ପରିବର୍ତ୍ତନ ଲାଗି ଉଦ୍ୟମ କରାଗଲେ ତାହାର ପ୍ରତିରୋଧ ମଧ କରିବାକୁ ପଡ଼ିବ । ମାତ୍ର ଏହାଦ୍ୱାରା କ୍ରମଶଃ ବଡ଼ ଅସ୍ୱାଭାବିକ ଭାବରେ କେତେ କେତେ ବୃହତ୍ ସ୍ୱାଭାବିକ ତଥା ନୈତିକ ଶକ୍ତିକୁ ଦମନ କରି ରଖିବାକୁ ହେବ ଏବଂ ପରିଶେଷରେ ସେଥିରୁ ଏକ ପ୍ରକାଣ୍ଡ ବିଶୃଙ୍ଖଳାହିଁ ଉପୁଜିବ, ସମ୍ଭବତଃ ପୃଥିବୀଯାକକୁ ଖଣ୍ଡଖଣ୍ଡ କରିଦେବା ଭଳି ଏକ ବିସ୍ଫୋରଣ ମଧ ଜନ୍ମଲାଭ କରିବ । ଅଥବା, କୌଣସି ନା କୌଣସି ପ୍ରକାରର ସାର୍ବଜନୀନ ବିଧାନଗତ କର୍ତ୍ତୃତ୍ୱର ତଥା ପରିବର୍ତ୍ତନକାରୀ ସାଧନଗୁଡ଼ିକର ପ୍ରତିଷ୍ଠା କରିବାକୁ ପଡ଼ିବ, ଯାହାଦ୍ୱାରା କି ମନୁଷ୍ୟଜାତିର ବିଚାର ଏବଂ ମନୋଭାବଟି ସାମ୍ରାଜ୍ୟବାଦୀ ଅହଂକାମିତାଗୁଡ଼ିକ ଉପରେ ଆପଣାର ପ୍ରଭାବ ପକାଇପାରିବ ଏବଂ ଯାହା ଫଳରେ କି ବର୍ତ୍ତମାନ ପରାଧୀନ ହୋଇ ରହିଥିବା, ଏସୀୟ ଓ ଆଫ୍ରିକୀୟ ଜନସମୂହଗୁଡ଼ିକ ଉତ୍ତରୋତ୍ତର ବୃଦ୍ଧି ପାଉଥିବା ସେମାନଙ୍କର ଆତ୍ମ-ସଚେତନତାର ଦାବିଗୁଡ଼ିକୁ ବିଶ୍ୱସ୍ତରର ନାନା ସଭାରେ ନେଇ ଅନୁଭୂତ କରାଇ ପାରିବେ ।* ମାତ୍ର ବୃହତ୍ ଏବଂ ଶକ୍ତିଶାଳୀ ସାମ୍ରାଜ୍ୟଗୁଡ଼ିକର ଅହଂଭାବ ଉପରେ ହସ୍ତକ୍ଷେପ କରିପାରୁଥିବା ଏଭଳି ଏକ କର୍ତ୍ତୃତ୍ୱର ପ୍ରତିଷ୍ଠା କରିବା ପ୍ରକୃତରେ ବଡ଼ କଷ୍ଟକର ହେବ, ତାହା ଅତ୍ୟନ୍ତ ମନ୍ଥର ଭାବରେ କାର୍ଯ୍ୟ କରିବ ଏବଂ ଆପଣାର କ୍ଷମତା ଅଥବା ନୈତିକ ପ୍ରଭାବକୁ ପ୍ରୟୋଗ କରିବାର କ୍ଷେତ୍ରରେ ତାହା କଦାପି ନିଶ୍ଚିନ୍ତ ହୋଇ ରହିପାରିବ ନାହିଁ ବା ଆପଣାର ବିଭିନ୍ନ ବିଚାରବିମର୍ଶରେ ତାହା କଦାପି ଏକ ଶାନ୍ତ ଓ ସୌଷମ୍ୟଯୁକ୍ତ ବାତାବରଣ ବଜାୟ ରଖିପାରିବ ନାହିଁ । ଏହା କାଳକ୍ରମେ ବୃହତ୍ ଶକ୍ତିଗୁଡ଼ିକର ଏକ ଅଳ୍ପତନ୍ତ୍ର ମନୋଭାବ ଏବଂ ସ୍ୱାର୍ଥଗୁଡ଼ିକରହିଁ

---

* ଏହିଭଳି କିଛିତ୍ କ୍ଷୀଣ ଆଦର୍ଶକୁ ଆଗରେ ରଖି ଲିଗ୍ ଅଫ୍ ନେସନ୍‌ସ୍‌ର ଆରମ୍ଭ ହୋଇଥିଲା ସତ, ମାତ୍ର ସାମ୍ରାଜ୍ୟ-କର୍ତ୍ତୃତ୍ୱର ଅହଂବାଦିତାଗୁଡ଼ାକର ବିରୋଧ କରିବା ଦିଗରେ ଅତି କୁଣ୍ଠିତ ଭାବରେ ମଧ ଏଥିରେ ଯେଉଁ ପ୍ରାରମ୍ଭିକ ଚେଷ୍ଟାମାନ କରାହେଲା, ତାହାର ପରିଣାମ ସ୍ୱରୂପ କେତେକ ସଦସ୍ୟ ଲିଗ୍‌କୁ ଛାଡ଼ି ଚାଲି ଯାଇଥିଲେ ଏବଂ ଆପଣାର ପ୍ରତିଶ୍ରୁତିମାନ ପ୍ରତ୍ୟାହାର କରି ଆଣିହିଁ ତାହା ଆପଣା ସଦସ୍ୟମାନଙ୍କ ମଧରେ ଏକ ଗୃହଯୁଦ୍ଧକୁ ଏଡ଼ାଇ ରଖି ପାରିଲା । ପ୍ରକୃତରେ କହିବାକୁ ଗଲେ, ଅଳ୍ପକେତୋଟି ବୃହତ୍‌ଶକ୍ତିଙ୍କର ସ୍ୱାର୍ଥନୀତିର ଅଧୀନ ହୋଇ କାର୍ଯ୍ୟ କରୁଥିବା ଏକ ଆଜ୍ଞାବହ ହେବା ବ୍ୟତୀତ ଏହା କେବେହେଲେ ଆଦୌ ଅଧିକ କିଛି ହୋଇପାରି ନ ଥିଲା ।

'oaob.nitrkl.ac.in' images reprocessed

ପ୍ରତିନିଧିତ୍ୱ କରୁଥିବା ଏକ ସଂସ୍ଥା ହୋଇ ରହିବ, ବା, ରାଷ୍ଟ୍ର, ରାଷ୍ଟ୍ର ଭିତରେ କ୍ରମେ ଏହି ସଂସ୍ଥାରୁ ଓହରିଯିବାର ଏକ ଆନ୍ଦୋଳନ ଆରମ୍ଭ ହୋଇଯିବ, ବା ଗୃହଯୁଦ୍ଧ ଲାଗିଯିବ; ଆମେରିକାରେ ଦାସତ୍ୱ-ସମସ୍ୟାଟିର ଯେଉଁଭଳି ସମାଧାନ ହେଲା, ଏଠାରେ ମଧ୍ୟ ହୁଏତ ତାହାହିଁ ହେବ । ଏହି କ୍ଷେତ୍ରରେ ହୁଏତ କେବଳ ଗୋଟିଏ ପରିଣାମହିଁ ଘଟିବ;— ବିଗତ ମହାଯୁଦ୍ଧ ଫଳରେ ଇଉରୋପରେ ଯେଉଁ ଉଦାରବାଦୀ ମନୋଭାବ ଏବଂ ନୀତିଗୁଡ଼ିକ ପ୍ରଥମ କରି ଜାଗ୍ରତ ହୋଇ ଆସିଥିଲେ, ସ୍ଥାୟୀ କ୍ରିୟାଶୀଳ ଶକ୍ତିବଳରେ ସେଗୁଡ଼ିକ କ୍ରମେ ସ୍ଥାୟୀ ହୋଇ ରହିଯିବେ ଏବଂ ସେମାନଙ୍କର ଅଣ-ଇଉରୋପୀୟ ଅଧୀନରାଷ୍ଟ୍ରଗୁଡ଼ିକ ସହିତ ଇଉରୋପୀୟ ଜାତିଗୁଡ଼ିକର ବ୍ୟବହାର ତଥା ଆଚରଣର କ୍ଷେତ୍ରକୁ ମଧ୍ୟ ତାହା ପ୍ରସାରିତ ହୋଇଆସିବ । ଅର୍ଥାତ୍, ଅନ୍ୟ ଭାଷାରେ କହିଲେ, ଆପଣା ସାମ୍ରାଜ୍ୟବାଦୀ ରୀତିଟିର ସ୍ୱଭାବଟିକୁ ବଦଳାଇଦେବାହିଁ ଇଉରୋପୀୟ ଜାତିଗୁଡ଼ିକର ଏକ ସ୍ଥାୟୀ ରାଜନୀତିକ ନୀତି ହୋଇ ରହିବ, ଏବଂ ଯଥାସମ୍ଭବ ତ୍ୱରାନ୍ୱିତଭାବରେ ସେମାନଙ୍କୁ ଆପଣା ଆପଣାର ସାମ୍ରାଜ୍ୟଗୁଡ଼ିକୁ ବର୍ତ୍ତମାନର କୃତ୍ରିମ ଐକ୍ୟର ଅବସ୍ଥାରୁ ଯଥାର୍ଥ ମନୋଭୂମିଗତ ନାନା ଏକତାରୂପେ ବଦଳି ଯିବାକୁ ପଡ଼ିବ ।

ମାତ୍ର ଏଠାରେ ଆମେ ଉପସ୍ଥାପିତ କରିଥିବା ମୂଳ ନୀତିଟିକୁ ସ୍ୱୀକାର କରିନେବାରେହିଁ ଅବଶ୍ୟମ୍ଭାବୀ ଭାବରେ ଏହାର ପରିସମାପ୍ତି ଘଟିବ, ଅର୍ଥାତ୍ ପୃଥିବୀ ବର୍ତ୍ତମାନ ପର୍ଯ୍ୟନ୍ତ ଯେପରି ଆଂଶିକ ଭାବରେ ମୁକ୍ତ ଓ ଆଂଶିକ ଭାବରେ ବଳାତ୍କାରର ଅଧୀନ ନାନା ସମଷ୍ଟିରେ ବିଭକ୍ତ ହୋଇ ରହିଛି ସେପରି ନୁହେଁ, ମାତ୍ର ମୁକ୍ତ ଏବଂ ସ୍ୱାଭାବିକ ସମଷ୍ଟିଗୁଡ଼ିକର ଏକ ବ୍ୟବସ୍ଥାରେହିଁ ତାହାର ଯୋଜନା ହୋଇ ରହିବ । କାରଣ, ବର୍ତ୍ତମାନ ଯେଉଁସବୁ ଜାତି ସାମ୍ରାଜ୍ୟ ଭିତରେ ଅନ୍ତର୍ଗତ ହୋଇ ରହିଛନ୍ତି ଓ ତେଣୁ ତାହାର ଅଧୀନ ହୋଇ ରହିଛନ୍ତି, ସେହିମାନଙ୍କର ସ୍ୱାଧୀନ ସମ୍ମତି ଦ୍ୱାରାହିଁ ଯଥାର୍ଥ ମନୋଭୂମିଗତ ଏକତାଟି ସମ୍ଭବ ହୋଇ ପାରିବ, ଏବଂ ସ୍ୱାଧୀନ ସମ୍ମତିର କ୍ଷମତାଟି ମଧ୍ୟରେ ସ୍ୱାଧୀନ ଅସମ୍ମତି ଏବଂ ଅଲଗା ହୋଇ ବାହାରି ଯିବା ପାଇଁ ସ୍ୱାଧୀନ ଇଚ୍ଛାଟି ମଧ୍ୟ ଅବଶ୍ୟ ଅନ୍ତର୍ଗତ ହୋଇ ରହିବ । ଏବଂ ଯଦି ସଂସ୍କୃତି ଅଥବା ମନୋଭାବଗତ କୌଣସି ଅସାମଞ୍ଜସ୍ୟ ହେତୁ କିଂବା ଆର୍ଥିକ ଅଥବା ଅନ୍ୟ କୌଣସି ସ୍ୱାର୍ଥରେ ଅମେଳ ରହିଥିବା ହେତୁ ଉଦ୍ଦିଷ୍ଟ ମନୋଭୂମିଗତ ଏକତାଟି ପ୍ରତିଷ୍ଠିତ ହୋଇ ନ ପାରିଲା, ତେବେ ଏହିପରି ଅଲଗା ହୋଇଯିବାକୁ ହୁଏତ ଅନିବାର୍ଯ୍ୟ ବୋଲି ମାନି ନେବାକୁ ହେବ ବା ସେହି କ୍ଷେତ୍ରରେ ବଳପ୍ରୟୋଗର ସେହି ପୁରୁଣା ବାଟଟିକୁ ଅବଲମ୍ବନ କରିବାକୁ ପଡ଼ିବ; ମାତ୍ର ବିରାଟ ଜନଏକକଙ୍କ କ୍ଷେତ୍ରରେ ଏହି ବାଟଟିକୁ ଅବଲମ୍ବନ କରିବା ପ୍ରକୃତରେ କଷ୍ଟକର ହେବ, କାରଣ ଏହି ନୂତନ ପ୍ରକ୍ରିୟାଟିର ମଧ୍ୟ ଦେଇ ଗତିକରି ସେମାନେ ନିଶ୍ଚୟ ଆତ୍ମସଚେତନ

'oaob.nitrkl.ac.in' images reprocessed

ହୋଇ ଉଠିଥିବେ ଏବଂ ଆପଣାର ସମ୍ମିଳିତ ବୁଦ୍ଧିଶକ୍ତି ଏବଂ ପ୍ରାଣବନ୍ତତାକୁ ମଧ୍ୟ ପୁନରାବିଷ୍କାର କରି ପାରିଥିବେ । ବିଭିନ୍ନ ଜନସମଷ୍ଟିକୁ ସାମ୍ରାଜ୍ୟରୂପୀ ସମଷ୍ଟି ମଧ୍ୟରେ ଆଣି ଏକତ୍ର କରି ରଖିବାର ଏହି ଉପାୟଟିକୁ କଦାପି ଏକ ଅନିବାର୍ଯ୍ୟ ପଦକ୍ଷେପ ରୂପେ ନୁହେଁ, ମାତ୍ର ଏକ ସମ୍ଭାବ୍ୟ ପରବର୍ତ୍ତୀ ପଦକ୍ଷେପ ରୂପେ ଗ୍ରହଣ କରିବାକୁହିଁ ପଡ଼ିବ; ବର୍ତ୍ତମାନର ପରିସ୍ଥିତି ଯେପରି ରହିଛି, ସେହି କ୍ଷେତ୍ରରେ ଏକ ସମ୍ମିଳିତ ମାନବଜାତି ସମ୍ଭବ କରିପାରିବା ଅପେକ୍ଷା ଏଇଟିକୁ ସମ୍ଭବ କରିବା ନିଶ୍ଚୟ ଅଧିକ ସମ୍ଭବ ହେବ । ମାତ୍ର ସାମ୍ରାଜ୍ୟ ମଧ୍ୟରେ ଅନ୍ତର୍ଗତ କରାଯାଇ ହାସଲ କରାଯାଇଥିବା ଏହି ଏକତ୍ୱଗୁଡ଼ିକର ବୁଦ୍ଧିସମର୍ଥିତ କେବଳ ଦୁଇଟି ଉଦ୍ଦେଶ୍ୟହିଁ ରହିପାରିବ; ପ୍ରଥମଟି ହେଉଛି ଯେ, ପୃଥିବୀର ସବୁ ଜାତିଙ୍କୁ ଏକତ୍ୱବଦ୍ଧ କରି ଆଣିବା ଦିଗରେ ଏବଂ ଏକ ବୃହତ୍ ପରିସରରେ ପ୍ରଶାସନଗତ ତଥା ଅର୍ଥନୈତିକ ସଂଘୀକରଣ ଲାଗି ଏକ ପରୀକ୍ଷା କରିବା ଦିଗରେ ତାହା ଏକ ଅଧାବାଟିଆ ଘର ପରି କାର୍ଯ୍ୟ କରିବ; ଏବଂ ଦ୍ୱିତୀୟତଃ, ବିଭିନ୍ନ ଜାତି, ବିଭିନ୍ନ ପରମ୍ପରା, ବର୍ଣ୍ଣ ତଥା ସଭ୍ୟତାର ଜନସମୂହମାନଙ୍କୁ ଏକ ସାଧାରଣ ରାଜନୀତିକ ପରିବାର ମଧ୍ୟରେ ଏକତ୍ର ବାସ କରିବାରେ ତାଲିମ କରି ଆଣିବା ଲାଗି ତାହା ଏକ ସାଧନରୂପେ କାର୍ଯ୍ୟ କରିବ; ଏକତାବଦ୍ଧତାର ଯେକୌଣସି ଭାବୀ ଯୋଜନାରେ ସମୁଦାୟ ମନୁଷ୍ୟଜାତିକୁ ଯେପରି ଭାବରେ ବାସ କରିବାକୁ ପଡ଼ିବ, ଯେଉଁଥିରେ କି ବିଚିତ୍ରତା ଓ ପାର୍ଥକ୍ୟର ନୀତିଟିକୁ ଅବଶ୍ୟ ସମ୍ମାନ ଦେଖାଯିବ ଏବଂ ବାଧ କରି ସମସ୍ତଙ୍କୁ ଗୋଟାଏ ଜୀବନହୀନ ସମରୂପତାର ଦାଣ୍ଡି ଭିତରେ ଆଣି କଦାପି ପକାଇ ଦିଆଯିବ ନାହିଁ, ସେହି ଦିଗରେ ତାହା ଅବଶ୍ୟ ଏକ ସାଧନ ରୂପେ କାର୍ଯ୍ୟ କରିବ । ଏହି ବୃହତ୍ତର ଏକତାଟିର ଦିଗରେ ଅଗ୍ରସର ହେବାର କେବଳ ଏକ ସାଧନ ହିସାବରେହିଁ ପ୍ରକୃତିର ପ୍ରକ୍ରିୟା ଏବଂ ଯୋଜନାଟି ମଧ୍ୟରେ ସାମ୍ରାଜ୍ୟରୂପୀ ବହୁଜାତୀୟ ଏକକଟିର ନିଶ୍ଚୟ ଏକ ମୂଲ୍ୟ ରହିଛି । ଏବଂ, ସମ୍ଭବ ପରି ଦିଶିଲେ ମଧ୍ୟ ଯାହା କେବେ ସମ୍ଭବନୀୟ ବୋଲି ଆଦୌ ମନେହେଉ ନାହିଁ, କୌଣସି ପ୍ରକାର ସ୍ୱାଭାବିକ ଆକର୍ଷଣ ଅଥବା ସମ୍ପୂର୍ଣ୍ଣ ସମ୍ମିଳନ ଘଟାଉଥିବା କୌଣସି ଅଭୁତଘଟନ ଦ୍ୱାରା ପରେ ତାହାକୁ ପରିପୁଷ୍ଟ କରି ରଖାଯାଇ ନ ପାରିଲେ, ବୃହତ୍ତର ଏକତାଟି ହାସଲ ହୋଇ ଆସିବା ସଙ୍ଗେସଙ୍ଗେ ସେଇଟି କ୍ରମେ ବିଲୁପ୍ତ ହୋଇ ଯାଉଥିବ । ବିକାଶର ଏହି ଧାରାଟିରେ ମଧ୍ୟ, ଏବଂ ବିକାଶର ଯେକୌଣସି ଧାରାରେ କେବଳ ସ୍ୱାଧୀନ ତଥା ସ୍ୱାଭାବିକ ଭାବରେହିଁ ଜାତିଗୁଡ଼ିକୁ ଏକତ୍ର କରାଇବାର ଏହି ନୀତିଟିକୁ ଅନ୍ତିମ ସିଦ୍ଧାନ୍ତରୂପେ ମାନିନେବାକୁ ପଡ଼ିବ, ସର୍ବଶେଷ ଏବଂ ପରିପୂର୍ଣ୍ଣ ଭିତ୍ତିଟି ରୂପେ ଗ୍ରହଣ କରିବାକୁ ପଡ଼ିବ । ଏପରି ଅବଶ୍ୟ ହେବ, କାରଣ ଏହା ବ୍ୟତୀତ ଆଉ କୌଣସି ମୂଳଦୁଆ ଉପରେହିଁ ମନୁଷ୍ୟଜାତି ମଧ୍ୟରେ ଏକତ୍ୱସ୍ଥାପନ କଦାପି ସ୍ଥାୟୀ କିମ୍ବା

'oaob.nitrkl.ac.in' images reprocessed

ଦୃଢ଼ ହୋଇପାରିବ ନାହିଁ । ଏବଂ ଏପରି ଅବଶ୍ୟ ହେବ, କାରଣ, ଏକତ୍ୱ ସ୍ଥାପନଟି ଥରେ ସୁଦୃଢ଼ଭାବରେ ହାସଲ ହୋଇଗଲେ ଏବଂ ବର୍ତ୍ତମାନ ରହିଥିବା ଯୁଦ୍ଧ ଏବଂ ଦ୍ୱେଷପୂର୍ଣ୍ଣ ପାରସ୍ପରିକ ପ୍ରତିଯୋଗିତାର ସ୍ଥାନରେ ପରସ୍ପରସମ୍ବନ୍ଧ ଏବଂ ପାରସ୍ପରିକ ଅନୁକୂଳନର ଅଧିକ ଉପାଦେୟ ପଦ୍ଧତିଗୁଡ଼ିକ ସମ୍ଭବ ହେବାକୁ ଆରମ୍ଭ କଲେ ତା'ପରେ ଆଉ ଅନ୍ୟ କୌଣସି କୃତ୍ରିମ ବ୍ୟବସ୍ଥାକୁ ତଥାପି ଜିଆଇ ରଖିବା ଲାଗି ଆଦୌ କୌଣସି କାରଣ ନ ଥିବ ଏବଂ ତେଣୁ ଔଚିତ୍ୟ ତଥା ଆବଶ୍ୟକତା ଉଭୟ ଦୃଷ୍ଟିରୁ ତାହା ଅବଶ୍ୟ ଏକ ପରିବର୍ତ୍ତନ ଘଟାଇବ । କୌଣସି ଦେଶର ପ୍ରାକୃତିକ ପ୍ରଦେଶ-ବିଭାଗଗୁଡ଼ିକ ଅନୁସାରେ ତାହାର ପ୍ରଶାସନଗତ ବ୍ୟବସ୍ଥାଟି ଯେପରି ଅନାୟାସ ଓ ସ୍ୱାଭାବିକ ଭାବରେ ସମ୍ଭବ ହୋଇଯାଏ, ଏକତ୍ରୀକରଣର ଏକ ସ୍ୱାଭାବିକ ପଦ୍ଧତିର ପ୍ରତିଷ୍ଠା କ୍ରମଶଃ ସେହିପରି ଅନାୟାସ ଓ ସ୍ୱାଭାବିକ ହୋଇ ଆସିବ । ଏବଂ, କ୍ଷମତାର ହସ୍ତାନ୍ତରୀକରଣ ବା ମୁକ୍ତ ସଂଘୀକରଣର ଯେକୌଣସି ବ୍ୟବସ୍ଥାରେ ପ୍ରଜାତିଗତ ବିଶେଷତ୍ୱ, ଜାତୀୟ ମନୋଭାବ ଅଥବା ଦୀର୍ଘପ୍ରତିଷ୍ଠିତ ସ୍ଥାନୀୟ ଏକତାଗୁଡ଼ିକ ଉପରେ ଯେପରି ଅବଶ୍ୟ ଧ୍ୟାନ ଦିଆଯାଇଥାଏ, ବୁଦ୍ଧିର ସମର୍ଥନ ଏବଂ ସୁବିଧାଜନକତା ଉଭୟ ଦୃଷ୍ଟିରୁ ଏଠାରେ ମଧ୍ୟ ତାହା ଅବଶ୍ୟମ୍ଭାବୀ ହୋଇପଡ଼ିବ । ଅବଶ୍ୟ ଏକଥା ସତ ଯେ ଅନ୍ୟ ଅନେକ ଆବଶ୍ୟକତା ନୀତିଟିର ପ୍ରୟୋଗଟିର କ୍ଷେତ୍ରରେ କେତେକ ପରିବର୍ତ୍ତନ ଘଟାଇବ, ମାତ୍ର ଏହି ପ୍ରୟୋଗଟିକୁ ପୂରାପୂରି ଅଚଳ କରିଦେବାକୁ କୌଣସିଟି ପରିବର୍ତ୍ତନର କଦାପି ଶକ୍ତି ନ ଥିବ ।

ଏହି ଗୋଷ୍ଠୀକରଣ ମଧ୍ୟରେ ଜାତିହିଁ ସ୍ୱାଭାବିକ ଏକକଟି ହୋଇ ରହିବ, କାରଣ ପ୍ରକୃତିର ବିବର୍ତ୍ତନହିଁ ସେହି ଭିତ୍ତିଟିକୁ ଅତ୍ୟନ୍ତ ଦୃଢ଼ ଭାବରେ ନିର୍ମାଣ କରି ରଖିଛି ଏବଂ ବୃହତ୍ତର ଏକତାଟି ପ୍ରତି ଦୃଷ୍ଟି ରଖି ସେହି ବିବର୍ତ୍ତନ ଆମକୁ ସେଇଟିକୁ ଯୋଗାଇ ଦେଇଥିବା ପରି ମନେ ହେଉଛି । ଏବଂ, ସେହି କାରଣରୁ, ଏକତ୍ରୀକରଣର ଏହି କାର୍ଯ୍ୟଟିକୁ ଆମ ଇତିହାସର ଏକ ଅତି ପରବର୍ତ୍ତୀ ପର୍ଯ୍ୟାୟକୁ ଗଡ଼ାଇ ଦେବା ଲାଗି ଯଦି ଆମର ଇଚ୍ଛା ନ ଥାଏ ଏବଂ ସମଷ୍ଟୀକରଣର ଜାତିଭିତ୍ତିକ ଏହି ଆଦର୍ଶଟି ଇତ୍ୟବସରରେ ତାହାର ସମସ୍ତ ବଳ ଓ ପ୍ରାଣଶକ୍ତିକୁ ହରାଇବସି ଆଉ କୌଣସି ଆଦର୍ଶ ମଧ୍ୟରେ ବିଲୁପ୍ତ ହୋଇଯାଉ ବୋଲି ଯଦି ଆମେ ଇଚ୍ଛା କରୁ ନ ଥାଉ, ତେବେ ମୁକ୍ତ ଏବଂ ସ୍ୱାଭାବିକ ଜାତି-ଏକକ ଏବଂ ଖୁବ୍ ସମ୍ଭବ ସେହି ଜାତି-ଗୋଷ୍ଠୀହିଁ ଏକ ଦୃଢ଼ ଏବଂ ସୌଷମ୍ୟଯୁକ୍ତ ବିଶ୍ୱବ୍ୟବସ୍ଥାର ଯଥାର୍ଥ ଏବଂ ଜୀବନ୍ତ ମୂଳଦୁଆ ହୋଇ ରହିବ ବୋଲି ଲାଗୁଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ପ୍ରଜାତିର ଆଜି ମଧ୍ୟ ଏକ ମୂଲ୍ୟ ରହିଛି ଏବଂ ଏହି କ୍ଷେତ୍ରରେ ସେଇଟି ମଧ୍ୟ ଗୋଟିଏ ଉପାଦାନ ରୂପେ ଅବଶ୍ୟ ଆସି ପ୍ରବେଶ କରିବ, ମାତ୍ର କେବଳ ଗୋଟିଏ ଗୌଣ ଉପାଦାନ ରୂପେହିଁ ତାହା ପ୍ରବେଶ କରିବ । ହୁଏତ କେତେକ

'oaob.nitrkl.ac.in' images reprocessed

ଗୋଷ୍ଠୀକରଣର ସ୍ଥଳରେ ପ୍ରଜାତିହିଁ ସର୍ବପ୍ରଧାନ ଏବଂ ମୀମାଂସକ ହେବ, ଏବଂ ଅନ୍ୟ ସ୍ଥଳଗୁଡ଼ିକରେ, ଆଂଶିକ ଭାବରେ ଭାଷା ତଥା ପ୍ରଜାତିଗତ ସକଳ ପାର୍ଥକ୍ୟକୁ ବୁଡ଼ାଇ ଦେଉଥିବା ଏକ ଜାତୀୟ ମନୋଭାବ ଦ୍ୱାରା ଏବଂ ଆଂଶିକ ଭାବରେ ସ୍ଥାନୀୟ ସମ୍ପର୍କ ଏବଂ ଭୌଗୋଳିକ ଅଖଣ୍ଡତ୍ୱ ଦ୍ୱାରା ସୃଷ୍ଟ ହେଉଥିବା ଆର୍ଥିକ ତଥା ଅନ୍ୟାନ୍ୟ ସମ୍ବନ୍ଧ ଦ୍ୱାରା ପ୍ରଜାତିର ଭାବନାଟି କୁଆଡ଼େ କାଟ ଖାଇଯିବ । ସଂସ୍କୃତିଗତ ଏକତାର ଅବଶ୍ୟ ମୂଲ୍ୟ ରହିବ, ମାତ୍ର ସବୁ କ୍ଷେତ୍ରରେ ଯେ ସେଇଟି ପ୍ରଭାବଶାଳୀ ହୋଇ ରହିବ, ତାହାର ଆଦୌ କୌଣସି କାରଣ ନାହିଁ; ଏପରିକି ପ୍ରଜାତି ଏବଂ ସଂସ୍କୃତିର ମିଳିତ ଶକ୍ତିଟି ମଧ ହୁଏତ ଯଥେଷ୍ଟ ପରିମାଣରେ ଶକ୍ତିଶାଳୀ ହୋଇ କଦାପି ମୀମାଂସକ ହେବାକୁ ଆସିବ ନାହିଁ ।

ଏହି ଜଟିଳ ମିଶ୍ରତାର ଦୃଷ୍ଟାନ୍ତଟିକୁ ଆମେ ସବୁଆଡ଼େ ଦେଖିବାକୁ ପାଇପାରିବା । ଭାଷା, ପ୍ରଜାତି ଏବଂ ସଂସ୍କୃତି ଓ ଏପରିକି ମନୋଭାବର ନାନା ସାଦୃଶ୍ୟ ଦ୍ୱାରା ବିଚାରକଲେ ସୁଇଜରଲାଣ୍ଡରେ ଭିନ୍ନ ଭିନ୍ନ ଜାତିଗତ ସମୂହ ରହିଥିବାର ବେଶ୍ ଦୃଷ୍ଟିଗୋଚର ହେବ; ସେଠାରେ ଲାଟିନ୍ ଏବଂ ଟିଉଟୋନିକ୍ ଏହି ଦୁଇଟି ଭିନ୍ନ ଭିନ୍ନ ସଂସ୍କୃତିଗତ ମନୋଭାବ ରହିଛି ଏବଂ ପ୍ରଜାତି ଓ ଭାଷା ଦୃଷ୍ଟିରୁ ଜର୍ମାନ୍, ଫ୍ରେଞ୍ଚ ଏବଂ ଇଟାଲିଆନ୍ ଏହିପରି ତିନୋଟି ମନୋଭାବ ରହିଛି । ଏବଂ ଜାତି ଜାତି ମଧ୍ୟରେ ହେଉଥିବା ସଂଘର୍ଷ ମଧ୍ୟରେ ସୁଇଜରଲାଣ୍ଡର ସହାନୁଭୂତିକୁ ଗୋଳମାଳିଆ ଏବଂ ବିଭକ୍ତ କରିଦେବାରେ ଏହି ପାର୍ଥକ୍ୟଗୁଡ଼ିକର ଯଥେଷ୍ଟ ଅବଦାନ ରହିଛି । ମାତ୍ର ଅନ୍ୟ ଯାବତୀୟ ମନୋଦୃଷ୍ଟି ଓ ଭାବନାକୁ ବୁଡ଼ାଇ ଦେଇ ହେଲଭେଟିଆନ୍ ଜାତିତ୍ୱର ଭାବନାଟିହିଁ ସବୁରି ଉପରେ ମୀମାଂସକ ଭାବଟି ରୂପେ ତିଷ୍ଠି ରହିପାରିଛି । ଏବଂ, ସୁଇଜରଲାଣ୍ଡର ବିଭିନ୍ନ ଭାଗଗୁଡ଼ିକ ଯେ କେବେ ସ୍ୱେଚ୍ଛାରେ ପରସ୍ପରଠାରୁ ଅଲଗା ହୋଇଯିବେ ବା ଦେଶର ଦୀର୍ଘକାଳର ସ୍ୱାଭାବିକ, ସ୍ଥାନୀୟ ତଥା ଐତିହାସିକ ଏକତାଟିକୁ ଏକାବେଳେକେ ନଷ୍ଟ କରିଦେବେ, ଉକ୍ତ ଜାତୀୟ ଭାବନାହିଁ ତାହାକୁ ବର୍ତ୍ତମାନ ବାରିତ କରି ରଖିପାରିଛି ଏବଂ ସର୍ବଦାହିଁ ଠିକ୍ ତାହାହିଁ କରୁଥିବ । ପ୍ରଜାତି, ଭାଷା ଏବଂ ପୂର୍ବତନ ଇତିହାସ ଦୃଷ୍ଟିରୁ ବିଚାର କଲେ ଆଲ୍‌ସେଶ୍‌କୁ ପ୍ରଧାନତଃ ଏକ ଜର୍ମାନିକ୍ ସମଷ୍ଟିର ଅଂଶ ବୋଲି କୁହାଯିବ; ମାତ୍ର ଆଲ୍‌ସେଶ୍-ଲରାଁନ୍‌କୁ ଏଲ୍‌ସାଶ୍-ଲୋଥରିଙ୍ଗେନ ରୂପେ ବଦଳାଇ ଦେବାକୁ ଜର୍ମାନ୍‌ବାସୀ ଯେତେଯାହା ଚେଷ୍ଟା କଲେ ଓ ପ୍ରଜାତି, ଭାଷା ତଥା ପୂର୍ବ-ଇତିହାସର ଭାବନାଗୁଡ଼ିକୁ ଯେତେପ୍ରକାରେ ଆବେଦନ କଲେ, ତାହା କେବଳ ବ୍ୟର୍ଥହିଁ ପ୍ରମାଣିତ ହୋଇଗଲା । ଜାତୀୟ, ଐତିହାସିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ରହିଥିବା ଲୋକମାନଙ୍କର ଜୀବନ୍ତ ମନୋଭାବନା ଏବଂ ଘନିଷ୍ଠ ସମ୍ବନ୍ଧଗୁଡ଼ିକ ସେମାନଙ୍କୁ ତଥାପି ଫ୍ରାନ୍‌ସ୍ ସହିତ ଏକତ୍ର

'oaob.nitrkl.ac.in' images reprocessed

ବାନ୍ଧିକରି ରଖିପାରିଲା । କାନାଡ଼ା ଏବଂ ଅଷ୍ଟ୍ରେଲିଆଙ୍କର ବ୍ରିଟିଶ୍ ଦ୍ୱୀପପୁଞ୍ଜ ସହିତ କୌଣସି ଭୌଗୋଳିକ ସମ୍ବନ୍ଧ ନାହିଁ, ବା ପରସ୍ପର ସହିତ ମଧ୍ୟ ସେମାନଙ୍କର କୌଣସି ସମ୍ପର୍କ ନାହିଁ । ଏବଂ ପୂର୍ବନିୟତ ଅବସ୍ଥିତିଟି ଅନୁସାରେ କାନାଡ଼ା ସତେଅବା ଏକ ଆମେରିକାନ୍ ଗୋଷ୍ଠୀଗତ ଏକକର ଅନ୍ତର୍ଗତ ହୋଇ ରହିଥିବା ପରି ନିଶ୍ଚୟ ବୋଧ ହେବ । ମାତ୍ର ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ସେହି ଦୁଇଟିଯାକ ଦେଶ, ଅଧିକରୁ ଅଧିକ ସର୍ବଦେଶୀୟ ହେବାରେ ଲାଗିଥିବା ଆମେରିକାନ୍ ଜାତି ମଧ୍ୟରେ ଗୋଟିଏ ସମ୍ପୂର୍ଣ୍ଣ ଭାବରେ ବିଲୀନ ହୋଇଯିବା ଅପେକ୍ଷା ଏବଂ ଅନ୍ୟଟି ଏକ ଅଷ୍ଟ୍ରେଲେସିଆନ୍ ମଣ୍ଡଳରୂପେ ଅଲଗା ହୋଇ ରହିବା ଅପେକ୍ଷା, ଏକ ବ୍ରିଟିଶ୍ ଗୋଷ୍ଠୀ ବା ମଣ୍ଡଳ ଭିତରେ ରହିବାକୁହିଁ ଅଧିକ ପସନ୍ଦ କରିବେ । ଅବଶ୍ୟ ଏହା ଭିତରେ ଯଦି ସେମାନଙ୍କର ବର୍ତ୍ତମାନର ଦୃଷ୍ଟି ଓ ଭାବନାଟିରେ କୌଣସି ପରିବର୍ତ୍ତନ ଘଟେ, ତେବେ ତାହା ଅଲଗା କଥା ହେବ; ମାତ୍ର ସେପରି କୌଣସି ପରିବର୍ତ୍ତନ ଘଟିବ ବୋଲି ବର୍ତ୍ତମାନ ସହଜରେ ତା'ର ଆଦୌ କୌଣସି ପୂର୍ବସଙ୍କେତ ମିଳୁ ନାହିଁ । ଅନ୍ୟ ପକ୍ଷରେ, ଅଷ୍ଟ୍ରିଆ-ହଙ୍ଗେରୀର ସ୍ଲାଭୋନିକ ଏବଂ ଲାଟିନ୍ ଉପାଦାନଗୁଡ଼ିକ ଯଦିଓ ଇତିହାସ, ଭୌଗୋଳିକ ଅବସ୍ଥିତି ଏବଂ ଆର୍ଥିକ ସୁବିଧାଜନକତା ଦୃଷ୍ଟିରୁ ସେହି ସାମ୍ରାଜ୍ୟଟିରେ ଅନ୍ତର୍ଭୁକ୍ତ ହୋଇ ରହିଥିଲେ ତଥାପି, ଅତ୍ୟନ୍ତ ଦୃଢ଼ ଭାବରେ କ୍ରମେ ପରସ୍ପରଠାରୁ ବିଚ୍ଛିନ୍ନ ହେବାରେହିଁ ଲାଗିଥିଲେ ଏବଂ ଯେଉଁଠାରେ ସ୍ଥାନୀୟ ଅବସ୍ଥାଟି ଅନୁକୂଳ ହୋଇ ପାରୁଥିଲା, ସେମାନେ ସେଠାରେ ଆପଣାର ପ୍ରଜାତିଗତ, ସାଂସ୍କୃତିକ ଏବଂ ଭାଷାଗତ ଜ୍ଞାତି ବା କୁଟୁମ୍ବଗୁଡ଼ିକ ସହିତ ଏକତ୍ର ହୋଇଯିବାକୁ ମନ ବଳାଉଥିଲେ । ମାଗ୍ୟାର୍‌ମାନଙ୍କ ସହିତ ଅଷ୍ଟ୍ରିୟା ଯେଉଁଭଳି ବ୍ୟବହାର ଦେଖାଇଲା, ଆପଣାର ସ୍ଲାଭ୍ ପ୍ରଜାମାନଙ୍କ ସହିତ ମଧ୍ୟ ଯଦି ସେ ସେହିଭଳି ବ୍ୟବହାର ଦେଖାଇଥାନ୍ତା ବା ଆପଣାର ଜର୍ମାନ୍, ସ୍ଲାଭ୍, ମାଗ୍ୟାର୍ ଓ ଇଟାଲିଆନ୍ ଉପାଦାନଗୁଡ଼ିକରୁ ଆପଣାର ଏକ ନିଜସ୍ୱ ଜାତୀୟ ସଂସ୍କୃତି ଗଠନ କରିବାରେ ସମର୍ଥ ହୋଇଥାନ୍ତା, ତେବେ ତାହା ଏକାବେଳେକେ ଅନ୍ୟ ପ୍ରକାରର ହୋଇଥାନ୍ତା ଏବଂ ତାହାର ଏକତ୍ୱଟି ବିଭେଦକ ଯାବତୀୟ ବହିଃଶକ୍ତି ବିରୋଧରେ ଅବଶ୍ୟ ସୁରକ୍ଷିତ ରହି ପାରିଥାନ୍ତା । ପ୍ରଜାତି, ଭାଷା, ସ୍ଥାନୀୟ ସମ୍ବନ୍ଧ ଏବଂ ଆର୍ଥିକ ସୁବିଧାଜନକତା ଯେ ଗୋଟିଏ ଗୋଟିଏ ଶକ୍ତିଶାଳୀ ଦିଗ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ, ମାତ୍ର ଏକ ସମ୍ମିଳନ ଘଟାଇବା ଦିଗରେ ଯାହା ମୀମାଂସକ ଦିଗରୂପେ କାର୍ଯ୍ୟ କରିବ, ସେଇଟିକୁ ଅବଶ୍ୟ ଏକ ସର୍ବପ୍ରଧାନ ମନୋଭୂମିଗତ ଉପାଦାନ ହୋଇ ରହିବାକୁହିଁ ପଡ଼ିବ । ଅନ୍ୟ ଦିଗଗୁଡ଼ିକ ଯେତେ ଗତିଶୀଳ ବା ଚଞ୍ଚଳ ହୋଇ ଥାଆନ୍ତୁ ପଛକେ, ସେହି ଅଧିକ ଶକ୍ତିଶାଳୀ ପ୍ରଧାନ ଦିଗଟି ପାଖରେ ସମସ୍ତଙ୍କୁ ନତମସ୍ତକ ହେବାକୁହିଁ ପଡ଼ିବ; ଏକ ବୃହତ୍ତର ଏକତ୍ୱର ସୀମା ଭିତରେ ଆପଣାର ମୁକ୍ତ ବିଶେଷ

'oaob.nitrkl.ac.in' images reprocessed

ବିଶେଷ ଅଭିବ୍ୟକ୍ତି ଏବଂ ଆତ୍ମ-ଅଧିକୃତି ଲାଗି ସେମାନେ ଯେତେ ଆକାଂକ୍ଷିତ ଓ ଚେଷ୍ଟିତ ହୋଇ ରହିଥାନ୍ତୁ ପଛକେ, ଅଧିକ ଶକ୍ତିଶାଳୀ ଆକର୍ଷଣଟି ନିକଟରେ ସେମାନଙ୍କୁ ଗୌଣ ଓ ଅଧୀନ ହୋଇ ରହିବାକୁହିଁ ପଡ଼ିବ ।

ଠିକ୍ ଏହି କାରଣଟି ସକାଶେହିଁ, କୌଣସି ଅମୂର୍ତ୍ତ ଅଥବା ବ୍ୟାବହାରିକ ନିୟମ ନୁହେଁ ଅଥବା ଐତିହାସିକ ପରମ୍ପରାର କୌଣସି ନୀତି କିଂବା ବାସ୍ତବ ସ୍ଥିତିଟିକୁ ବିଭିନ୍ନ ଜାତି ଉପରେ ନେଇ ଲଦି ଦେବା ଦ୍ୱାରା ନୁହେଁ, ମାତ୍ର ଏକ ସ୍ୱାଧୀନ ଓ ସ୍ୱେଚ୍ଛାକୃତ ଗୋଷ୍ଠୀବଦ୍ଧ ହେବାହିଁ ଗୃହୀତ ମୌଳିକ ନୀତି ହୋଇ ରହିବ । ହୁଏତ ଭାରି ସହଜରେ ଆମ ମନ ଭିତରେ ଆମେ ଏକ ନୂତନ ସଂଗଠନର ଯୋଜନା ତିଆରି କରିଦେଇ ପାରିବା ଏବଂ ଏପରି ଭିତ୍ତିସବୁ ଉପରେ ସେହି ସଂଗଠନଟିକୁ ଠିଆ କରିବାକୁ ଇଚ୍ଛା କରିବା, ଯାହାକି ହଠାତ୍ ଦେଖିଲା ବେଳକୁ ବେଶ୍ ବୁଦ୍ଧିସଂଗତ ଏବଂ ସୁବିଧାଜନକ ବୋଲି ବୋଧ ହେଉଥିବ । ହଠାତ୍ ଦେଖିଲା ବେଳକୁ ଏପରି ବୋଧ ହେବ ଯେ ଇଉରୋପରେ, ଏସିଆରେ ଅଥବା ଆମେରିକାରେ ଯେଉଁଟି ଅନୁସାରେ ଜାତିମାନଙ୍କୁ ଏକାଠି କରାଯାଇଛି, ସେହିଭଳି ଏକ ପଦ୍ଧତି ଅନୁସାରେ ସବୁଠାରୁ ଅଧିକ ବୁଦ୍ଧିସଂଗତ ଏବଂ ସୁବିଧାଜନକ ଭାବରେ ସମଗ୍ର ମନୁଷ୍ୟଜାତିର ଏକତାକୁ ମଧ୍ୟ ବେଶ୍ ପ୍ରତିଷ୍ଠିତ କରାଯାଇ ପାରିବ । ଆମେରିକାରେ ବାସ କରୁଥିବା ଲାଟିନ୍ ଏବଂ ଇଂରାଜୀଭାଷୀ ଦୁଇଟି ବା ତିନୋଟି ଗୋଷ୍ଠୀ ବା ଉପଗୋଷ୍ଠୀକୁ ଏକାଠି କରିଦେଇ ହେବ, ମାଙ୍ଗୋଲିଆନ୍, ଭାରତୀୟ ଏବଂ ପଶ୍ଚିମ-ଏସୀୟ,— ଏସିଆର ଏହି ତିନୋଟି ସମୂହକୁ ମଧ୍ୟ ଏକାଠି କରାଯିବ, ଏବଂ ଉତ୍ତର ଆଫ୍ରିକାରେ ବାସ କରୁଥିବା ମୁସଲିମ୍‌ମାନଙ୍କୁ ସମ୍ଭବତଃ ଏକ ସ୍ୱାଭାବିକ ସଂଯୋଜନ ରୂପେ ତୃତୀୟଟି ସହିତ ଯୋଡ଼ି ଦିଆଯିବ; ଇଉରୋପରେ ଯେଉଁ ଚାରିଟି ସମୂହ ରହିଛନ୍ତି, ଅର୍ଥାତ୍ ଲାଟିନ୍, ସ୍ଲାଭୋନିକ୍, ଟିଉଟନିକ୍ ଏବଂ ଆଙ୍ଗ୍ଲୋ-ସେଲ୍‌ଟିକ୍‌ମାନଙ୍କୁ ଏକାଠି କରି ଦିଆଯିବ ଏବଂ ଯେଉଁ ଉପନିବେଶଗୁଡ଼ିକ ପୂର୍ବ ସ୍ଥିତିଟି ଅନୁସାରେ ରହିବାକୁ ଚାହିଁବେ, ଶେଷୋକ୍ତ ସମୂହଟି ସହିତ ସେମାନଙ୍କୁ ସଂଯୁକ୍ତ କରି ରଖାଯିବ । ଏବଂ ମଧ୍ୟ ଏବଂ ଦକ୍ଷିଣ ଆଫ୍ରିକା ବର୍ତ୍ତମାନ ଯେଉଁଭଳି ଅବସ୍ଥାରେ ଅଛନ୍ତି, ସେମାନଙ୍କୁ ସେହି ଅବସ୍ଥାରେହିଁ ଆପଣାର ବିକାଶସାଧନ କରିବା ଲାଗି ଛାଡ଼ି ଦିଆଯିବ; ଅବଶ୍ୟ ଅପେକ୍ଷାକୃତ ଅଧିକ ସହାନୁଭୂତିପୂର୍ଣ୍ଣ ଏବଂ ପ୍ରଗତିଶୀଳ ନୀତିଗୁଡ଼ିକର ଆଧାର ଉପରେ ଏସବୁ କରାଯିବ ଏବଂ ସେହି ନୀତିଗୁଡ଼ିକ ଉପରେହିଁ ଏକ ଏକତାବଦ୍ଧ ମାନବଜାତିର ମନୋଭାବଟି ସବୁବେଳେ ମହତ୍ତ୍ୱ ଦେବାରେ ଲାଗିଥିବ । ଅବସ୍ଥା ଆହୁରି ଅଧିକ ଭଲ ରହି ପାରିଲେ, ବର୍ତ୍ତମାନ ଯେଉଁସବୁ ଅସୁବିଧା ଅତ୍ୟନ୍ତ ବାସ୍ତବ ଏବଂ ସ୍ପଷ୍ଟ ବୋଲି ପ୍ରତୀତ ହେଉଛି, ସେଗୁଡ଼ିକର ହୁଏତ ଆଦୌ ସେତେ ବେଶୀ ମହତ୍ତ୍ୱ ରହିବ ନାହିଁ । ଉଦାହରଣସ୍ୱରୂପ,

'oaob.nitrkl.ac.in' images reprocessed

ଆମେ ସମସ୍ତେ ଖୁବ୍ ଭଲ କରି ଜାଣୁ ଯେ ଯେଉଁସବୁ ଦେଶ ବାହାରୁ ଦେଖିବାକୁ କେତୋଟି ବନ୍ଧନ ଦ୍ୱାରା ପରସ୍ପର ସହିତ ଅତି ଘନିଷ୍ଠ ଭାବରେ ସଂଯୁକ୍ତ ହୋଇ ରହିଥାନ୍ତି, ସେମାନଙ୍କ ମଧ୍ୟରେ ପ୍ରକୃତରେ କେତେ କେତେ ଉତ୍କଟ ବିଦ୍ୱେଷ ଓ ବୈରଭାବ ରହିଥାଏ ଏବଂ ସେହିସବୁଗୁଡ଼ିକ ଦ୍ୱାରା ସେମାନେ ପରସ୍ପରଠାରୁ କେତେ ପ୍ରକାରେ ବିଭକ୍ତ ହୋଇ ରହିଥାନ୍ତି । ଏପରିକି, ଯେଉଁସବୁ ଜାତି ସହିତ ସେମାନଙ୍କର ଆଦୌ କୌଣସି ସାଦୃଶ୍ୟ ବା ସାଧାରଣ ବନ୍ଧନ ନ ଥାଏ, ଯେଉଁସବୁ ଅଧିକ କଳ୍ପନାସ୍ତରୀୟ ଓ ଅପେକ୍ଷାକୃତ କମ୍ ବାସ୍ତବ ବୈରଭାବ ସେମାନଙ୍କୁ ସେହି ଅନ୍ୟ ଜାତିଗୁଡ଼ିକଠାରୁ ଅଲଗା କରିଥାଏ, ତା'ଠାରୁ ଏହି କ୍ଷେତ୍ରରେ ଅଧିକ ବୈରଭାବ ଓ ବିଦ୍ୱେଷ ରହିଥାଏ । ଜାପାନ ଓ ଚୀନ ଉଭୟେ ମଙ୍ଗୋଲୀୟ ହୋଇଥିଲେ ମଧ୍ୟ ମନୋଭାବରେ ପରସ୍ପରଠାରୁ ଅତ୍ୟନ୍ତ ତୀବ୍ର ଭାବରେ ବିଭକ୍ତ ହୋଇ ରହିଛନ୍ତି; ଆରବ, ତୁର୍କ ଏବଂ ପାରସିକମାନେ ଧର୍ମ ଓ ସଂସ୍କୃତି ଦୃଷ୍ଟିରୁ ସେହି ଗୋଟିଏ ଇସ୍‌ଲାମିକ୍ ଗୋଷ୍ଠୀର ଅନ୍ତର୍ଭୁକ୍ତ ହୋଇ ରହିଥିଲେ ମଧ୍ୟ, ସେମାନଙ୍କ ମଧ୍ୟରେ ରହିଥିବା ପାରସ୍ପରିକ ମନୋଭାବଟି ଯଦି ନ ବଦଳି ଠିକ୍ ଏହିପରି ରହେ, ସେମାନେ କଦାପି ଗୋଟିଏ ପରିବାରର ଅନ୍ତର୍ଗତ ହୋଇ ସଦ୍‌ଭାବର ସହିତ ଚଳିପାରିବେ ନାହିଁ । ସେମାନଙ୍କୁ ପରସ୍ପର ସହିତ ଏକତ୍ର କରି ଆଣିବା ପାଇଁ ଏବଂ ସେମାନଙ୍କର ଏକତ୍ୱଟିକୁ ଚିରସ୍ଥାୟୀ କରି ରଖିବା ପାଇଁ ନରୱେ ଏବଂ ସୁଇଡେନ୍ ମଧ୍ୟରେ ସବୁକିଛି ମହଜୁଦ ରହିଥିଲା, ବୁଦ୍ଧି ଦ୍ୱାରା କୌଣସି ପ୍ରକାରେ ସମର୍ଥିତ ହେଉ ନ ଥିବା ପାରସ୍ପରିକ କେବଳ ଗୋଟିଏ ତୀବ୍ର ମନୋଭାବ ଏହି କ୍ଷେତ୍ରରେ ରହିଥିଲା, ଯାହାକି ସେହି ଏକତ୍ୱଟିକୁ ସ୍ଥାୟୀ ହୋଇ ରହିବାକୁ ଆଦୌ ସମ୍ଭବ କରିଦେଲା ନାହିଁ । ମାତ୍ର, ଯେପର୍ଯ୍ୟନ୍ତ ଦୁଇ ଦେଶ ବା ଜାତି ମଧ୍ୟରେ ବାସ୍ତବ କ୍ଷେତ୍ରରେ ଅବନ୍ଧୁଜନୋଚିତ କୌଣସି ଚାପ ବିଦ୍ୟମାନ ରହିଥାଏ ଏବଂ ଯେପର୍ଯ୍ୟନ୍ତ ଗୋଟିଏ ଜାତି ଆଉ ଗୋଟିଏ ଜାତିର ଅଧୀନ ହୋଇ ରହିଛି, ସେଇଟିର କର୍ତ୍ତୃତ୍ୱ ଦ୍ୱାରା କୌଣସି ପ୍ରକାରେ ଅସମର୍ଥ ହୋଇ ରହିଛି ଅଥବା ତା'ର ବ୍ୟକ୍ତିତ୍ୱଟି ଅନ୍ୟଟି ଦ୍ୱାରା ଅତ୍ୟାଚାରିତ ହୋଇ ପଡ଼ିବାର ଭୟ ରହିଛି ବୋଲି ଭାବୁଥାଏ, କେବଳ ସେହି କ୍ଷେତ୍ରରେହିଁ ସେହି ଦୁଇଟି ଜାତି ମଧ୍ୟରେ ବାସ୍ତବିକ କୌଣସି ବିଦ୍ୱେଷ ବା ବୈରଭାବ ଲାଗି ରହିଥାଏ । ସେହି ଚାପ ଏବଂ ମନୋଭାବଟିକୁ ଘୁଞ୍ଚାଇ ଦିଆଯାଇ ପାରିଲେ ସେହି ବିଦ୍ୱେଷ ମଧ୍ୟ ହୁଏତ କୁଆଡ଼େ ଅପସରି ଯାଏ । ଦୃଷ୍ଟାନ୍ତ ସ୍ୱରୂପ, ଆମେ ଏହି କଥାଟି ଅବଶ୍ୟ ଲକ୍ଷ୍ୟ କରି ରଖିବା ଉଚିତ ଯେ ନରୱେ ଓ ସୁଇଡେନ୍ ପରସ୍ପରଠାରୁ ଅଲଗା ହୋଇଯିବାପରେ ସ୍କାଣ୍ଡିନେଭିଆର ତିନୋଟି ଯାକ ଦେଶ ଏକତ୍ର କାର୍ଯ୍ୟ କରିବା ଦିଗରେ ଅଧିକରୁ ଅଧିକ ଇଚ୍ଛୁକ ହୋଇ ଆସୁଛନ୍ତି ଏବଂ ଇଉରୋପରେ ଆପଣାକୁ ଏକ ସ୍ୱାଭାବିକ ସମୂହରୂପେ ଅନୁଭବ କରିବାକୁ ମଧ୍ୟ ଆରମ୍ଭ କରୁଛନ୍ତି ।

'oaob.nitrkl.ac.in' images reprocessed

ଦୁଇଟି ସ୍ୱତନ୍ତ୍ର ଜାତୀୟ ବ୍ୟକ୍ତିତ୍ୱ ହିସାବରେ ଆଇରିଶ୍ ଏବଂ ଇଂରେଜ ଜାତି ମଧ୍ୟରେ ଯେତେ ଦୋଷଯୁକ୍ତ ହୋଇଥିଲେ ମଧ୍ୟ ତଥାପି ପୂର୍ବାପେକ୍ଷା ଅଧିକ ନ୍ୟାୟୋଚିତ ସମ୍ବନ୍ଧ ବାସ୍ତବତଃ ସ୍ଥାପିତ ହୋଇ ସାରିବା ପରେ, ଏହି ଦୁଇଟି ଜାତି ମଧ୍ୟରେ ବହୁକାଳରୁ ଯେଉଁ ବୈରଭାବ ରହି ଆସିଥିଲା, ସେଇଟି କ୍ରମଶଃ ହ୍ରାସ ହୋଇ ଯିବାରେ ଲାଗିଛି । ଅଷ୍ଟ୍ରୀୟ ଏବଂ ମାଗ୍ୟାର ଏହି ଦୁଇ ରାଜ୍ୟ ମଧ୍ୟରେ ଏକ ନ୍ୟାୟୋଚିତ ସମ୍ବନ୍ଧର ପ୍ରତିଷ୍ଠା ହୋଇପାରିବା ସଙ୍ଗେସଙ୍ଗେହିଁ ଦୁଇ ଜାତି ମଧ୍ୟରେ ରହିଥିବା ବୈରଭାବଟି ମଧ୍ୟ ସମାପ୍ତ ହୋଇଯାଇଛି । ତେଣୁ ଏହି କଥାଟି ବେଶ୍ ସହଜରେ କଳ୍ପନା କରାଯାଇ ପାରିବ ଯେ ଶତ୍ରୁତାର କାରଣଗୁଡ଼ିକ ଅପସରି ଯିବା ଭଳି ଏକ ବ୍ୟବସ୍ଥା ପ୍ରବର୍ତ୍ତିତ ହେବା ସଙ୍ଗେ ସଙ୍ଗେ ସ୍ୱାଭାବିକ ମିତ୍ରଭାବମାନ ସ୍ଥାୟୀ ହୋଇ ରହିବାକୁ ଆରମ୍ଭ କରିବ, ଏବଂ ବର୍ତ୍ତମାନ ଆମେ ଯେଉଁଭଳି ଗୋଷ୍ଠୀକରଣର କଳ୍ପନା କରୁଛୁ, ସେଇଟି ହୁଏତ ସହଜରେ ଏକ ସତ୍ୟରେ ପରିଣତ ହୋଇ ଆସିବ । ଏଠାରେ ଅବଶ୍ୟ ଏପରି ଏକ ଯୁକ୍ତି ହୋଇପାରେ ଯେ ପ୍ରୟୋଜନ ଦ୍ୱାରା ବାଧ୍ୟ ହୋଇ ମନୁଷ୍ୟଜାତି ମଧ୍ୟରେ ଏକତାବଦ୍ଧ ହୋଇ ରହିବାର ପ୍ରବୃତ୍ତି ବା ଧାରାଟି ବୃଦ୍ଧି ପାଉଥିବା ସଙ୍ଗେ ସଙ୍ଗେ ମନୁଷ୍ୟଜାତି ଏହିଭଳି ଏକ ସମଞ୍ଜସତା ଦିଗରେ ନିଶ୍ଚୟ ଅଗ୍ରସର ହୋଇ ଯାଉଥିବ । ହୁଏତ ଏପରି ମଧ୍ୟ ହୋଇପାରେ ଯେ ପୃଥିବୀରେ କୌଣସି ଏକ ବୃହତ୍ ପରିବର୍ତ୍ତନ ଏବଂ ବିପ୍ଳବ ଘଟିବ ଏବଂ ତାହାହିଁ ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ଏବଂ ସତ୍ୱରତା ସହିତ ଯାବତୀୟ ପ୍ରତିବନ୍ଧକକୁ ଦୂର କରି ଦେଇଯିବ; ଫରାସୀ ବିପ୍ଳବ ଦ୍ୱାରା ଫ୍ରାନ୍ସ୍‌ରେ ଏକ ସମରୂପ ଗଣତାନ୍ତ୍ରିକ ବ୍ୟବସ୍ଥାଟିର ପଥରେ ରହିଥିବା ଏକ ପୁରାତନ ରାଜତନ୍ତ୍ରଗତ ପ୍ରତିବନ୍ଧକଗୁଡ଼ିକ ଯେପରି ଦୂର ହୋଇଯାଇଥିଲା, ଠିକ୍ ସେହିପରି । ମାତ୍ର ବୁଦ୍ଧିସମର୍ଥିତ ସୁବିଧାଜନକତାର ଏହି ବ୍ୟବସ୍ଥାଗୁଡ଼ିକ ସହିତ ବିଭିନ୍ନ ଜାତିଗୁଡ଼ିକର ପ୍ରକୃତ ମନୋଭାବମାନ ବାସ୍ତବିକ ମେଳ ନ ଖାଇ ପାରିଥିଲା ପର୍ଯ୍ୟନ୍ତ ଏହିଭଳି ଯେକୌଣସି ସମାଧାନ ଆଦୌ କାର୍ଯ୍ୟକାରୀ ହୋଇପାରିବ ନାହିଁ । ଏବଂ ଏହିପରି ଏକ ମେଳ ଖାଇବାର ଆଦର୍ଶସ୍ଥିତିଠାରୁ ଆମ ପୃଥିବୀର ପ୍ରକୃତ ଅବସ୍ଥାଟି ବର୍ତ୍ତମାନ ଯୋଜନ ଯୋଜନ ଦୂରରେ ଯାଇ ରହିଛି ।

ଜାତୀୟ ମନୋଭାବଟି ଉପରେ ଆଧାରିତ ହୋଇଥିବା ଏକ ନୂତନ ଭୂମିର ଧାରଣାଟି ଏକଦା ଏକ ସୀମାବଦ୍ଧ କ୍ଷେତ୍ର ମଧ୍ୟରେ ସତେଅବା ଏକ ବ୍ୟାବହାରିକ ବିଚାରର ରୂପ ନେଉଥିବା ପରି ବୋଧ ହୋଇଥିଲା । ଅବଶ୍ୟ କେବଳ ଇଉରୋପୀୟ ପୁନଃ-ବ୍ୟବସ୍ଥାରେହିଁ ତାହା ସୀମିତ ହୋଇ ରହିଥିଲା ଏବଂ ଏପରିକି ସେଠାରେ ମଧ୍ୟ ଯୁଦ୍ଧ ଏବଂ ବଳପ୍ରୟୋଗର ନ୍ୟାୟ ଦ୍ୱାରା ପରାଜିତ ସାମ୍ରାଜ୍ୟଗୁଡ଼ିକ ଉପରେ ତାହାକୁ ଲଦି ଦିଆଯିବାକୁ ଯାଉଥିଲା । ଏବଂ ତାହାର କେବଳ ଏକ ଆହୁରି ସୀମାବଦ୍ଧ ରୂପରେହିଁ

'oaob.nitrkl.ac.in' images reprocessed

ଅନ୍ୟମାନେ ସେଇଟିକୁ ଆପଣା ଲାଗି ସ୍ୱୀକାର କରିନେବାକୁ ସମ୍ମତି ପ୍ରକାଶ କରିଥିଲେ; ପୋଲାଣ୍ଡକୁ ସ୍ୱୟଂଶାସନର ସୁବିଧାଟି ଦାନ କରି ରୁଷିଆ ଏଥିଲାଗି ସମ୍ମତ ହେଉଥିଲା, ଆୟର୍ଲାଣ୍ଡକୁ ହୋମରୁଲ ପ୍ରଦାନ କରି ଏବଂ ଆପଣାର ଉପନିବେଶଗୁଡ଼ିକ ସହିତ ଏକ ସଂଘ ମଧ୍ୟରେ ରହି ଇଂଲଣ୍ଡ ମଧ୍ୟ ସେକଥା କରିବାକୁ ଯାଉଥିଲା । ମାତ୍ର ତଥାପି ମୂଳ ନୀତିଟିକୁ ଅନ୍ୟ ନାନା ଭାବରେ ଅସ୍ୱୀକାର କରାଯିବାରେ ଲାଗିଥିଲା ଏବଂ ଏପରିକି, ସାମ୍ରାଜ୍ୟସମ୍ବନ୍ଧୀ କେତେକେତେ ମହତ୍ତ୍ୱାକାଂକ୍ଷା ଏବଂ ଅତ୍ୟାବଶ୍ୟକତାର ବୋଲ ମାନି ଆଉ ଦୁଇଟି ଅସ୍ୱୀକୃତି ଆପଣାକୁ ପ୍ରତିଷ୍ଠିତ କରିବା ଲାଗି ଯାଉଥିବା ପରି ମଧ୍ୟ ବୋଧ ହେଉଥିଲା । ଏପରିକି ଏହି ନୂତନ ନୀତିଟିକୁ ଗୋଟିଏ ନୂତନ ନାମ ମଧ୍ୟ ଦିଆଗଲା ଏବଂ ବେଶ୍ କେତେକ ସମୟ ଲାଗି ଆତ୍ମ-ନିୟନ୍ତ୍ରଣର ବିଚାରଟିକୁ ଔପଚାରିକ ଅନୁମତି ମଧ୍ୟ ମିଳି ଯାଇଥିଲା ଏବଂ ପ୍ରାୟ ଏକ ଈଶ୍ୱରାଦେଶ ପରି ବିବେଚିତ ହେଉଥିଲା । ପ୍ରୟୋଗର କ୍ଷେତ୍ରରେ ତାହାର ଯେତେ ଯାହା ଅପୂର୍ଣ୍ଣତା ରହିଥିଲେ ମଧ୍ୟ, ଯଦି ତାହାକୁ ବାସ୍ତବ କ୍ଷେତ୍ରରେ ସଫଳତାର ସହିତ କାର୍ଯ୍ୟକାରୀ କରା ଯାଇଥାନ୍ତା, ତେବେ ତଦ୍ୱାରା ଏକ ନୂତନ ଆଦର୍ଶ ପ୍ରକୃତରେ ଜନ୍ମ ଲାଭ କରିଥାନ୍ତା, ଶିଶୁ ହୋଇ ବଢ଼ିଥାନ୍ତା ଏବଂ ମନୁଷ୍ୟଜାତିର ଆଶାକ୍ଷେତ୍ରରେ ତାହା ଭବିଷ୍ୟତରେ ସେଇଟିରହିଁ ଏକ ବିସ୍ତୃତତର କ୍ଷେତ୍ରରେ ପ୍ରୟୋଗ ହେବ ବୋଲି ଏକ ପ୍ରତିଶ୍ରୁତି ବହନ କରି ଆସିଥାନ୍ତା ଓ ଶେଷରେ ହୁଏତ ବିଶ୍ୱବ୍ୟାପୀ ହୋଇ ଯାଇଥାନ୍ତା । ଏହି ଉଚ୍ଚ ଘୋଷଣାଗୁଡ଼ିକ ଯୁଦ୍ଧରେ ମିତ୍ରପକ୍ଷର ବିଜୟ ଦ୍ୱାରା ପ୍ରକୃତରେ ରଦ୍ଦ ହୋଇ ଯାଇଥିଲେ ମଧ୍ୟ, ମୁକ୍ତ ଜାତୀୟ ଏକକଗୁଡ଼ିକୁ ଏକତ୍ର ଗୋଷ୍ଠୀବଦ୍ଧ କରିନେବାର ଆଧାର ଉପରେ ସମଗ୍ର ପୃଥିବୀର ଏକ ପୁନଃବ୍ୟବସ୍ଥା କରିନେବାର ଏହି ଆଦର୍ଶଟିକୁ ତୁଚ୍ଛା ଗୋଟିଏ ଅସମ୍ଭବ ସ୍ୱପ୍ନ ବୋଲି କହି ଉଡ଼ାଇ ଦେବା ଆଉ କଦାପି ସମ୍ଭବ ହେବ ନାହିଁ, ତାହାକୁ ଏକ ସମ୍ପୂର୍ଣ୍ଣ ଭାବରେ କେବଳ ଗୋଟିଏ ଅସଂଗତ କଳ୍ପନାଦର୍ଶ ବୋଲି ଆଦୌ କୁହାଯାଇ ପାରିବ ନାହିଁ ।

ତଥାପି, ସେହି ଆଦର୍ଶଟିର ବିରୋଧରେ ମଧ୍ୟ ପ୍ରଭୂତ ନାନା ଶକ୍ତି ଏବେ ବିଦ୍ୟମାନ ହୋଇ ରହିଛି ଏବଂ କେବଳ ଦୀର୍ଘକାଳବ୍ୟାପୀ ନାନା କଷ୍ଟକର ସଂଗ୍ରାମ ବ୍ୟତୀତ ଯେ ସେଗୁଡ଼ିକୁ ପରାଭୂତ କରି ଦିଆଯାଇ ପାରିବ, ଏହାକୁ କେବଳ ଏକ ଅଳସ ପ୍ରତ୍ୟାଶା ବୋଲିହିଁ କୁହାଯିବ । ଜାତିଗତ ତଥା ସାମ୍ରାଜ୍ୟଗତ ଅହଂବାଦକୁହିଁ ଆମେ ଏହି କ୍ଷେତ୍ରରେ ବିପରୀତ ଶକ୍ତିଗୁଡ଼ିକ ମଧ୍ୟରୁ ସର୍ବପ୍ରଥମ ଓ ସବୁଠାରୁ ଅଧିକ ଶକ୍ତିଶାଳୀ ବୋଲି କହିବା । ଯେତେବେଳେ ଶାସନ କରିବା ଓ ପ୍ରଭୁତ୍ୱ ବିସ୍ତାର କରି ରହିବାହିଁ ଅତୀତରେ କରାଯାଇଥିବା ପ୍ରୟାସଗୁଡ଼ିକର ପୁରସ୍କାର ରୂପେ ଉପଲବ୍ଧ ହୋଇ ରହିଛି, ସେତେବେଳେ ଅନ୍ୟମାନଙ୍କ ଉପରେ ଆଧିପତ୍ୟ ରଖିବା ଓ ତଥାପି ଶାସକ ହୋଇ ରହିବାଟିର ବାସନା ଏବଂ ପ୍ରବୃତ୍ତିଟିକୁ

'oaob.nitrkl.ac.in' images reprocessed

ପରିହାର କରିପାରିବା, କେବଳ ଆଧିପତ୍ୟ ଏବଂ ପ୍ରଭୁତ୍ୱର ସୁଦୃଢ଼ ପ୍ରତିଷ୍ଠା ଫଳରେହିଁ ଯାହା ସମ୍ଭବ ହୋଇ ପାରୁଛି, ଅଧୀନସ୍ଥ ରାଜ୍ୟ ଏବଂ ଉପନିବେଶର ସେହି ବାଣିଜ୍ୟିକ ଶୋଷଣ ଏବଂ ତଜ୍ଜନିତ ଲାଭ ଓ ସୁବିଧାଗୁଡ଼ିକୁ ଛାଡ଼ିଦେଇ ଆସିବା, ଦିନେ ଯେଉଁମାନେ କେବଳ ପ୍ରଜା ହୋଇ ରହିଥିଲେ ଓ ଆପଣାର ସମୃଦ୍ଧି ବଢ଼ାଇବାରେ ଯେଉଁମାନେ କେବଳ କେତୋଟି ଅନ୍ୟ ସାମର୍ଥ୍ୟହୀନ ସାଧନରୂପେହିଁ ବ୍ୟବହୃତ ହେଉଥିଲେ, ସେମାନେ ଯେ ଶକ୍ତିଶାଳୀ ଏବଂ ଅନେକ ସମୟରେ ପ୍ରବଳାକାର ଜନସମୂହର ରୂପ ଧାରଣ କରିବେ ଓ ଜାତୀୟ ମୁକ୍ତି ଲାଭ କରିବା ଲାଗି ସକ୍ରିୟ ହୋଇ ଉଠିବେ, କ୍ରମଶଃ ଶକ୍ତିମାନ୍ ସମକକ୍ଷରୂପେ ଓ ସମ୍ଭବତଃ ଅଜେୟ ଏକାଧିକ ପ୍ରତିଦ୍ୱନ୍ଦ୍ୱୀରୂପେ ଆବିର୍ଭୂତ ହେବାକୁ ଆରମ୍ଭ କରିବେ, ସେହି ସତ୍ୟ ଓ ବାସ୍ତବତାଟିକୁ ନିରୁଦ୍‌ବେଗ ହୋଇ ସମ୍ମୁଖୀନ ହୋଇପାରିବା,— ଏଗୁଡ଼ାକୁ ଅହଂବାଦୀ ଓ ଅହଂ ଦ୍ୱାରା ପ୍ରେରିତ ମନୁଷ୍ୟସ୍ୱଭାବଟି ଉପରେ ନିଶ୍ଚୟ ଗୋଟିଏ ଗୋଟିଏ ଅତିରିକ୍ତ ଭାବରେ ବୃହତ୍ ଦାବି ବୋଲିହିଁ କୁହାଯିବ; ଏବଂ ବାସ୍ତବ ପ୍ରୟୋଜନ ବା ବର୍ତ୍ତମାନର ଦୃଶ୍ୟମାନ କ୍ଷତିଟିକୁ ପୂରଣ କରିଦେଇ ପାରୁଥିବା କୌଣସି ବୃହତ୍ ଓ ମୂର୍ତ୍ତ ଲାଭର ପ୍ରତ୍ୟାଶା ଦେଖାଇ ଆମର ମନ ଉପରେ କୌଣସି ବିଶେଷ ସୁବିଧା ଲାଭ କରିବାର ଆଶାଟିକୁ ଜୋର କରି ଲଦିଦିଆ ନ ଗଲେ ସେହି ଦାବିଗୁଡ଼ିକୁ ହୁଏତ କେହି ସହଜରେ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ମାନି ନେବାକୁ କଦାପି ପ୍ରସ୍ତୁତ ହେବେ ନାହିଁ । ସଭ୍ୟତା ସକାଶେ, ଅର୍ଥାତ୍ ଯଥାର୍ଥରେ କହିଲେ ଇଉରୋପୀୟ ସଭ୍ୟତାଟି ସକାଶେ ପୃଥିବୀର ଅବଶିଷ୍ଟ ଭୂଖଣ୍ଡଟିକୁ ଅକ୍ତିଆରରେ ରଖିବାକୁ ଇଉରୋପର ଯେଉଁ ଦାବି ରହିଛି, କୌଣସି ପ୍ରକାରର ସମାନତା ବା ସ୍ୱାଧୀନତାର ପରିସର ମଧ୍ୟକୁ ଆସିବାକୁ ହେଲେ ଏସୀୟମାନଙ୍କୁ ଇଉରୋପୀୟ ସଭ୍ୟତାଟିକୁ ଅବଶ୍ୟ ଗ୍ରହଣ କରି ନେବାକୁ ହେବ ବୋଲି ଇଉରୋପ ପକ୍ଷରୁ ଯେଉଁ ସର୍ତ୍ତଟି ରହିଆସିଛି, ଇଉରୋପ ଏପର୍ଯ୍ୟନ୍ତ ସେହି ଦାବି ଏବଂ ସେହି ସର୍ତ୍ତଟିକୁ ପରିହାର କରିପାରି ନାହିଁ । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ଯେ ଇଉରୋପର ଏହି ଦାବିଟି ଏସିଆରେ ତାହାର ସମସ୍ତ ଶକ୍ତିକୁ ହରାଇବାକୁହିଁ ଯାଉଛି; ମାତ୍ର ଆଫ୍ରିକା ମହାଦେଶରେ ବାସ୍ତବ ପରିସ୍ଥିତି ଯେପରି ରହିଛି ସେହି ଦୃଷ୍ଟିରୁ ସେହି ଦାବିଟି ପଛରେ ଦୃଢ଼ ଔଚିତ୍ୟ ମଧ୍ୟ ରହିଛି । ବର୍ତ୍ତମାନ ପାଇଁ ଆମକୁ ଏତିକି ଉଲ୍ଲେଖ କରି ରଖିବାକୁ ହେବ ଯେ ପୃଥିବୀରେ ନବଜାତ ଆଦର୍ଶଟିକୁ ବ୍ୟାପକ ଭାବରେ ସ୍ୱୀକାର କରିନେବା ବିରୋଧରେ ଏହି ଦାବି ଅତ୍ୟନ୍ତ ପ୍ରବଳଭାବରେ କାର୍ଯ୍ୟ କରୁଛି ଏବଂ ଏଥିରୁ ଉଙ୍କୁଟି ହୋଇ ଆସୁଥିବା ସମସ୍ୟାଗୁଡ଼ିକର ସମାଧାନ ନ ହୋଇ ପାରିବା ପର୍ଯ୍ୟନ୍ତ ଏପରି କୌଣସି ଆଦର୍ଶ ସିଦ୍ଧାନ୍ତକୁ ଭିତ୍ତିକରି ପୃଥିବୀର ଏକ ବ୍ୟବସ୍ଥା ହୋଇ ପାରିବାକୁ ମଧ୍ୟ ଅପେକ୍ଷା କରିବାକୁହିଁ ପଡ଼ିବ; ନୂତନ ଆହୁରି ନାନା

'oaob.nitrkl.ac.in' images reprocessed

ଶକ୍ତିର ବିବର୍ତ୍ତିତ ହୋଇ ଆସିବା ତଥା ଉଭୟ ଏସିଆ ଏବଂ ଇଉରୋପରେ ଏପର୍ଯ୍ୟନ୍ତ ଅପୂର୍ଣ୍ଣ ହୋଇ ରହିଥିବା କେତୋଟି ଆଧ୍ୟାତ୍ମିକ, ବୁଦ୍ଧିକ୍ଷେତ୍ରୀୟ ତଥା ଭୌତିକ ବିପ୍ଳବର ଅଭ୍ୟୁଦୟ ଘଟିବା ପର୍ଯ୍ୟନ୍ତହିଁ ତାହାକୁ ଅପେକ୍ଷା କରିବାକୁ ପଡ଼ିବ ।*

* ବର୍ତ୍ତମାନ ଏହି ବିପ୍ଳବଗୁଡ଼ିକ ସଂଘଟିତ ହେଲାଣି, ଏବଂ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ନ ହେଲେ ମଧ୍ୟ ଏହିସବୁ ପ୍ରତିବନ୍ଧକ ବି ଦୂର ହୋଇଗଲାଣି ଅଥବା କ୍ରମଶଃ କ୍ଷୀଣତର ହୋଇ ବିଲୁପ୍ତ ହୋଇଯିବାକୁ ଯାଉଛି ।

'oaob.nitrkl.ac.in' images reprocessed

## ଊନବିଂଶ ପରିଚ୍ଛେଦ

# କେନ୍ଦ୍ରୀକରଣ ଏବଂ ସମରୂପତା ଆଡ଼କୁ ପ୍ରବୃତ୍ତି – ବୈଦେଶିକ ବ୍ୟାପାରଚୟର ପ୍ରଶାସନ ଏବଂ ନିୟନ୍ତ୍ରଣ

ଆପଣା ଆପଣାର ସ୍ୱାଭାବିକ ପରସ୍ପର-ସାଦୃଶ୍ୟ, ମନୋଭାବ ତଥା ଅର୍ଥନୈତିକ ଏବଂ ଅନ୍ୟାନ୍ୟ ସୁବିଧାଜନକତା ଦ୍ୱାରା ପରିଚାଳିତ ହୋଇ ଯଦି ବିଭିନ୍ନ ଜାତି ମୁକ୍ତ ଭାବରେ ପରସ୍ପର ସହିତ ଗୋଷ୍ଠୀବଦ୍ଧ ହେବାକୁ ଆସନ୍ତି ଏବଂ ଯଦି ତାହାକୁହିଁ ଏକ ସ୍ଥାୟୀ ବିଶ୍ୱ-ସଂଘର ଚୂଡ଼ାନ୍ତ ଭିତ୍ତି ବୋଲି ଗ୍ରହଣ କରି ନିଆଯାଏ, ତେବେ ତାହାର ପରବର୍ତ୍ତୀ ପ୍ରଶ୍ନଟି ହେଉଛି, ମନୁଷ୍ୟଜାତିର ଏହି ବୃହତ୍ତର ଏବଂ ଜଟିଳତର ଏକତାଟି ମଧ୍ୟରେ ଅନ୍ତର୍ଭୁକ୍ତ ହୋଇ ରହିଥିବା ଏହିସବୁ ଜାତି-ଏକକଗୁଡ଼ିକର ସ୍ଥିତି ପ୍ରକୃତରେ କିପରି ହୋଇ ରହିବ ? ସେମାନେ କ'ଣ କେବଳ ନାମକୁ ମାତ୍ର ସ୍ୱତନ୍ତ୍ର ଓ ଏକକ ହୋଇ ରହିବେ, ଏକ ବୃହତ୍ ଯନ୍ତ୍ରରେ କେବଳ ଗୋଟିଏ ଗୋଟିଏ ଅଂଶ ହୋଇ ରହିବେ, ଅଥବା, ସେଗୁଡ଼ିକ ପ୍ରକୃତରେ ନିଜ ନିଜର ଏକ ଯଥାର୍ଥ ଓ ଜୀବନ୍ତ ବ୍ୟକ୍ତିତ୍ୱକୁ ବଜାୟ ରଖି ପାରିବେ, ନିଜ ନିଜର ଏକ ଫଳପ୍ରଦ ସ୍ୱାଧୀନତା ଏବଂ ସୁଗଠିତ ଜୀବନକୁ ବଜାୟ ରଖି ପାରିବେ ? ମନୁଷ୍ୟ ଏକତାର ଆଦର୍ଶଟି ଆମକୁ କ'ଣ ସମଗ୍ର ମନୁଷ୍ୟଜାତିକୁ ବଳପ୍ରୟୋଗ କରି ବା ଅନ୍ତତଃ ସେହିପରି ଅତ୍ୟନ୍ତ ପ୍ରଭାବ ପକାଇ ଏକାଠି ଗୋଟିଏ କରି ଗୋଟିଏ ବିରାଟ ଜାତି ଏବଂ ଅନେକ ପ୍ରାନ୍ତ ବିଶିଷ୍ଟ ଏକ କେନ୍ଦ୍ରୀକୃତ ବିଶ୍ୱରାଷ୍ଟ୍ର ଭିତରେ ଆଣି ପକାଇ ଦିଆଯିବ ବୋଲି ଏକ ସଂକେତ ଦେଉଛି, ଅଥବା, ଏକ ଅପେକ୍ଷାକୃତ ଅଧିକ ଜଟିଳ, ବନ୍ଧନମୁକ୍ତ ଏବଂ ସ୍ଥିତିସ୍ଥାପକ ବ୍ୟବସ୍ଥା ମଧ୍ୟରେ ସେଗୁଡ଼ିକୁ ସ୍ୱାଧୀନ ଜାତିସମୂହର ଏକ ବିଶ୍ୱ-ସଂଘ ମଧ୍ୟରେ ଆଣି ସମ୍ମିଳିତ କରାଯିବ,– କାର୍ଯ୍ୟତଃ ଆମେ ଏହିପରି ଏକ ପ୍ରଶ୍ନର ସମ୍ମୁଖୀନ ହୋଇଯାଉଛୁ । ଯଦି ପ୍ରଥମୋକ୍ତ ଅଧିକ କଠୋର ବିଚାର, ପ୍ରବୃତ୍ତି ବା ପ୍ରୟୋଜନଟି ଯଥାର୍ଥରେ ଅଧିକ ପ୍ରଭାବଶାଳୀ ହୋଇ ରହେ, ତେବେ ଆମକୁ ଅବଶ୍ୟ ଏପରି ଗୋଟିଏ ପର୍ଯ୍ୟାୟ ମଧ୍ୟଦେଇ ଯିବାକୁ ହେବ, ଯେତେବେଳେକି ଜାତୀୟ ତଥା ବ୍ୟକ୍ତିଗତ ନାନା ସ୍ୱାତନ୍ତ୍ର୍ୟକୁ ନାନା ପ୍ରକାରେ ଦବାଇ ଦିଆ ଯାଉଥିବ, ସଂକୁଚିତ କରି ରଖାଯିବ ଏବଂ ଏପରିକି ଖଣ୍ଡିତ କରି ଦିଆଯିବ; ଇଉରୋପୀୟ ଜାତି-ଗଠନର ଇତିହାସରେ ସଂଘଟିତ ହୋଇଥିବା ତିନୋଟି ପର୍ଯ୍ୟାୟ ମଧ୍ୟରୁ ଦ୍ୱିତୀୟ ପର୍ଯ୍ୟାୟଟିରେ ଯେପରି ହୋଇଥିଲା, ଏହି କ୍ଷେତ୍ରରେ ଠିକ୍ ସେହିପରି ହେବ । ଯଦି ପ୍ରକ୍ରିୟାଟି ସଂପୂର୍ଣ୍ଣ

'oaob.nitrkl.ac.in' images reprocessed

ଭାବରେ ସାଫଲ୍ୟ ଲାଭ କରେ, ତେବେ ତାହା ଏପରି ଗୋଟିଏ କେନ୍ଦ୍ରୀକୃତ ବିଶ୍ୱ-ଶାସନରେ ଆସି ଉପନୀତ ହେବ, ଯାହାକି ଆପଣାର ସମରୂପ ଅନମ୍ୟ ଶାସନ ଏବଂ ବିଧାନକୁ, ସମରୂପ ପ୍ରଶାସନ-ବ୍ୟବସ୍ଥାକୁ, ସମରୂପ ଅର୍ଥ ଏବଂ ଶିକ୍ଷାର ବ୍ୟବସ୍ଥାକୁ, ଆପଣାର ଗୋଟିଏ ସଂସ୍କୃତି, ଗୋଟିଏ ସାମାଜିକ ସିଦ୍ଧାନ୍ତ, ଗୋଟିଏ ସଭ୍ୟତା ଓ ଏପରିକି ସମ୍ଭବତଃ ଗୋଟିଏ ଭାଷା ଓ ଗୋଟିଏ ଧର୍ମକୁ ଆଣି ସମଗ୍ର ମାନବଜାତି ଉପରେ ଲଦିଦେବାକୁ ବସିବ । ସ୍ୱୟଂ କେନ୍ଦ୍ରୀକୃତ ହୋଇ ରହି ତାହା ଆପଣାର କେତୋଟି କ୍ଷମତାକୁ ଜାତୀୟ ସଭା ଏବଂ ପରିଷଦଗୁଡ଼ିକ ହାତରେ ଛାଡ଼ିଦେବ; ମାତ୍ର, କେନ୍ଦ୍ରୀକୃତ ଫରାସୀ ସରକାର,— ଅର୍ଥାତ୍ ଫ୍ରାନ୍ସର ପାର୍ଲିଆମେଣ୍ଟ ଏବଂ ଫ୍ରାନ୍ସର ଅମଲାତନ୍ତ୍ର,— ଆପଣାର କେତେକ କ୍ଷମତାକୁ ବିଭାଗୀୟ ପ୍ରଶାସକ ଏବଂ ପରିଷଦଗୁଡ଼ିକୁ ଓ ସେମାନଙ୍କର ଅଧୀନରେ ଥିବା କେତେକ କର୍ମଚାରୀ ତଥା କମ୍ୟୁନଗୁଡ଼ିକୁ ନେଇ ଯେପରି ସମର୍ପଣ କରି ଦେଇଥାନ୍ତି, ଏହି କ୍ଷେତ୍ରରେ କେବଳ ସେତିକି ହେବ ।

ବିଶ୍ୱ-ବ୍ୟାପାରର କ୍ଷେତ୍ରରେ ଏପରି ସ୍ଥିତିଟିଏ ଯେ କେବେ ପ୍ରକୃତରେ ଆସିବ, ତାହା ବର୍ତ୍ତମାନ ଯଥେଷ୍ଟ ଦୂରବର୍ତ୍ତୀ ହୋଇ ରହିଥିବା କେବଳ ଏକ ସ୍ୱପ୍ନ ପରିହିଁ ଅବସ୍ଥିତ ରହିଛି, ଏବଂ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, କେବଳ କୌଣସି କୁସୁମଗଣ୍ଠି ମତାଗ୍ରହୀକୁ ଛାଡ଼ିଦେଲେ, ଏହାକୁ କେହି କଦାପି ଏକ ଅତ୍ୟନ୍ତ ସୁନ୍ଦର ସ୍ୱପ୍ନ ବୋଲି କହିବାକୁ ଯିବ ନାହିଁ । ଆପଣାକୁ ସଂପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ କରିବାକୁ ଏହା ନିଶ୍ଚୟ ଏକ ଦୀର୍ଘ ସମୟ ନେବ । ଏବଂ ତା ପୂର୍ବରୁ ତାହାକୁ ଏକ ବନ୍ଧନମୁକ୍ତ ଗଠନର ପର୍ଯ୍ୟାୟକୁ ଅତିକ୍ରମ ବି କରିବାକୁ ପଡ଼ିବ; ମଧ୍ୟଯୁଗୀନ ଇଉରୋପରେ ଫ୍ରାନ୍ସ ଓ ଜର୍ମାନୀର ସାମନ୍ତବାଦୀ ଏକତାର କ୍ଷେତ୍ରରେ ଯେଉଁଭଳି ଘଟିଥିଲା, ଏଠାରେ ଠିକ୍ ତଦନୁରୂପ ଘଟିବ । ତଥାପି, ଅବିରାମ ଭାବରେ ଅଧିକରୁ ଅଧିକ ପ୍ରଖର ହେବାରେ ଲାଗିଥିବା ଯେଉଁ ବେଗରେ ବର୍ତ୍ତମାନ ପୃଥିବୀ ଅଗ୍ରସର ହେବାରେ ଲାଗିଛି ଏବଂ ଭବିଷ୍ୟତ ମଧ୍ୟରେ ଆମକୁ ଆନ୍ତର୍ଜାତିକ ବିଚାର, ଦୃଷ୍ଟିକୋଣ ତଥା ଆଚରଣ କ୍ଷେତ୍ରରେ ଯେଉଁସବୁ ବିରାଟ ବିପ୍ଳବମାନ ସଂଘଟିତ ହେବାକୁ ଯାଉଥିବାର ପ୍ରତିଶ୍ରୁତି ମିଳୁଛି, ସେହି ଦୃଷ୍ଟିରୁ ଉକ୍ତ ସମ୍ଭାବନାଟିକୁ ଆମେ କେବଳ ଯେ ଏକ ସର୍ବଶେଷର ପରିଣତି ବୋଲି ଦେଖିପାରିବା ତା' ନୁହେଁ, ମାତ୍ର ଏହାକୁ ଏପରି ଗୋଟିଏ ଦୂରବର୍ତ୍ତୀ ସମ୍ଭାବନା ବୋଲି ଆମେ ବେଶ୍ କଳ୍ପନା ମଧ୍ୟ କରିପାରିବା, ଯାହାକୁ କି କଦାପି ପରିମାପନର ବାହାର ବୋଲି ଆଦୌ କୁହାଯାଇ ପାରିବ ନାହିଁ । ଯଦି ବିଶ୍ୱର ବ୍ୟାପାରଗୁଡ଼ିକ ସେହି ଗୋଟିଏ ଦିଗରେ ଅନମ୍ୟ ଓ ଅପରାଜିତ ଭାବରେ ଗତି କରିବାରେ ଲାଗିବ ଏବଂ ବିଜ୍ଞାନ ତା'ଠାରୁ ଅଧିକ ଅନମ୍ୟ ଓ ଅପ୍ରତିହତ ହୋଇ ଆଗକୁ ଯାଉଥିବ ଏବଂ ତା'ଫଳରେ ସେମାନେ ଯଦି ବର୍ତ୍ତମାନ

'oaob.nitrkl.ac.in' images reprocessed

ରହିଥିବା ଦେଶଗତ, ଭୌଗୋଳିକ ତଥା ମନୋଭୂମିସ୍ଥ ବିଭାଜନଗୁଡ଼ିକୁ ଏହିପରି ଭାବରେ ବିଲୁପ୍ତ କରିଦେବାରେ ଲାଗିଥିବେ ଏବଂ ବୃହତ୍ ଓ ନିବୁଜ ଦୃଢ଼-ସଂଗଠନ ଲାଗି ଆପଣାର ସାଧନ ତଥା ଶକ୍ତିଗୁଡ଼ିକୁ ଠିକ୍ ଏହିପରି ଭାବରେ ବଢ଼ାଇବାରେ ଲାଗିବେ, ତେବେ ବର୍ତ୍ତମାନ ସୁଦୂରବର୍ତ୍ତୀ ହୋଇ ରହିଥିବା ପରି ମନେ ହେଉଥିବା ସ୍ଥିତିଟି ହୁଏତ ଗୋଟିଏ ବା ଦୁଇଟି ଶତାବ୍ଦୀ ଭିତରେ ଆସି ଉପସ୍ଥିତ ହୋଇଯିବ, ବା ଖୁବ୍ ବେଶୀ ହେଲେ ଏଥିଲାଗି ତିନି ଚାରି ଶତାବ୍ଦୀ ଲାଗିବ । ମନୁଷ୍ୟ ଜାତିକୁ ଏକତ୍ୱବଦ୍ଧ କରିବାର ସର୍ବପ୍ରଧାନ ସାଧନରୂପେ କାର୍ଯ୍ୟ କରୁଥିବା ପ୍ରକ୍ରିୟାଟିରେ ଯଦି ବଳପ୍ରୟୋଗ ଏବଂ ସଂକୋଚନର ଆଶ୍ରୟ ନିଆଯାଏ, ଏଥିରେ ଯଦି ଅଳ୍ପ କେତୋଟି ବଡ଼ ଜାତି ଅନ୍ୟ ଜାତିମାନଙ୍କ ଉପରେ ପ୍ରତିପତ୍ତି ବିସ୍ତାର କରି ରହନ୍ତି, ଅଥବା ଏଥିରୁ ଯଦି ଏକ ରାଜ-ରାଷ୍ଟ୍ରର ଉଦ୍ଭବ ହୋଇ ଆସେ ବା କୌଣସି ଏକ ସାମ୍ରାଜ୍ୟ ଏହା ଫଳରେ ଜଳ ଏବଂ ସ୍ଥଳରେ ସର୍ବପ୍ରଭାବଶାଳୀ ହୋଇ ରହେ, ତେବେ ତାହାର ପରିଣତିରୂପେ ନ୍ୟାୟତଃ ତାହାହିଁ ଘଟିବ । ଏକ ପୂର୍ବବର୍ତ୍ତୀ ସ୍ଥିତି ହିସାବରେ କୌଣସି ଅପେକ୍ଷାକୃତ ଅଧିକ ବନ୍ଧନମୁକ୍ତ ଏକତ୍ୱର ଯଦି ପ୍ରତିଷ୍ଠା ହୋଇଯାଏ, ତେବେ ସାମ୍ୟବାଦୀ କିମ୍ବା ଆନ୍ତର୍ଜାତିକତାବାଦୀ କୌଣସି ଉଗ୍ର ଅନମ୍ୟ ମତବାଦର ରାଜନୀତିକ ମତଟି ପୃଥିବୀସାରା ବିଜୟଲାଭ କରିବା ଦ୍ୱାରା ବା ତାହାକୁ ଅବଲମ୍ବନ କରିଥିବା ଗୋଟିଏ ଦଳ ରାଜନୀତିକ କ୍ଷମତାକୁ ଆସିବା ଦ୍ୱାରାହିଁ ହୁଏତ ତାହା ଆପଣାକୁ କାର୍ଯ୍ୟକାରୀ କରିବ । ଫରାସୀ ବିପ୍ଳବ କାଳରେ କେନ୍ଦ୍ରୀକରଣବାଦୀ ଯାକୋବିନ୍‌ମାନଙ୍କର ମନୋଦୃଷ୍ଟିଟି ଯେପରି ଥିଲା, ଏହି ମତବାଦୀଙ୍କର ମନୋଦୃଷ୍ଟିଟି ଠିକ୍ ସେହିପରି ହେବ; ଅର୍ଥାତ୍ ଅତୀତର କୌଣସି ବିଚାର ବା ଭାବସଂଯୋଗ ପ୍ରତି ସେମାନେ ଆଦୌ କୌଣସି ଉଦାରତା ଦେଖାଇବେ ନାହିଁ, ସମଷ୍ଟିଗତ ବ୍ୟକ୍ତିବାଦ ଲାଗି କୌଣସି ସହାନୁଭୂତି ପ୍ରକାଶ ବି କରିବେ ନାହିଁ ଏବଂ ମନୁଷ୍ୟଜାତିକୁ ଏକ ଅମିଶ୍ରିତ ସମତା ଏବଂ ଏକତା ଭିତରକୁ ଆଣିବା ଲାଗି ରହିଥିବା ଆପଣାର ବିଚାରଟିର ପୂର୍ଣ୍ଣପ୍ରତିଷ୍ଠା କରିବା ଲାଗି ସେମାନେ ସେଗୁଡ଼ିକ ପକ୍ଷରେ ରହିଥିବା ଦୃଶ୍ୟମାନ ଯାବତୀୟ ସମର୍ଥନକୁ ଦଳିଦେବାକୁ ବାହାରିବେ ଓ ସେଗୁଡ଼ିକର ଅସ୍ତିତ୍ୱକୁହିଁ ଲୋପ କରିଦେବେ ।

ଏହିଭଳି ଗୋଟିଏ ବ୍ୟବସ୍ଥାକୁ ଯେପରି ଭାବରେ ଯେଉଁଭଳି ଶକ୍ତିର ପ୍ରୟୋଗ କରି ପ୍ରତିଷ୍ଠିତ କରାଯାଉ ପଛକେ, ଆଧୁନିକ ସମାଜବାଦକୁ ଅନୁପ୍ରାଣିତ କରି ଆଣୁଥିବା ଗଣତାନ୍ତ୍ରିକ ରାଷ୍ଟ୍ରବିଚାରଟି ଦ୍ୱାରା ତାହାର ଶାସନ ହେଉଥାଉ ଅଥବା, ସମ୍ଭବତଃ ସମାଜବାଦୀ, ମାତ୍ର ତେଣେ ଅଗଣତାନ୍ତ୍ରିକ ବା ଗଣତନ୍ତ୍ର-ବିରୋଧୀ ହୋଇ ରହିଥିବା ତୁଚ୍ଛା ଏକ ରାଷ୍ଟ୍ରୀୟ ଭାବନାଟି ଦ୍ୱାରା ତାହା ଆପଣାକୁ ପରିଚାଳିତ କରୁଥାଉ ପଛକେ, ପରିପୂର୍ଣ୍ଣ ଏକତା ଯେ କେବଳ ସମରୂପତା ଦ୍ୱାରାହିଁ ସମ୍ଭବ ହୋଇପାରିବ, ସେହି ବ୍ୟବସ୍ଥାଟି

'oaob.nitrkl.ac.in' images reprocessed

ଏହି ସିଦ୍ଧାନ୍ତ ଉପରେହିଁ ଠିଆ ହୋଇ ରହିବ । ଯାନ୍ତ୍ରିକ ଅଥବା ବାହ୍ୟ ନାନା ସାଧନର ଆଶ୍ରୟ ନେଇ ଏକତ୍ୱର ପ୍ରତିଷ୍ଠା କରିବାକୁ ଇଚ୍ଛା କରୁଥିବା ଯାବତୀୟ ବିଚାର ବସ୍ତୁତଃ ଅତି ସ୍ୱାଭାବିକ ଭାବରେ ସମରୂପତାର ଆକର୍ଷଣ ଭିତରେହିଁ ଆସି ପଡ଼ିଯାଏ । ତାହାର ଗୃହୀତ ସିଦ୍ଧାନ୍ତ ବା ପ୍ରତିପାଦନଟି ହୁଏତ ଇତିହାସ ଦ୍ୱାରା ତଥା ଅତୀତରୁ ଲବ୍ଧ ଅଭିଜ୍ଞତା ଦ୍ୱାରା ସମର୍ଥିତ ହେଉଥିଲା ପରି ବୋଧ ହେଉଥାଏ; କାରଣ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଜାତୀୟ ଏକତାଟିକୁ ହାସଲ କରିବାର ଯାବତୀୟ ପର୍ଯ୍ୟାୟରେ କେନ୍ଦ୍ରୀକରଣ ଏବଂ ସମରୂପତା ଆଡ଼କୁ ରହିଥିବା ପ୍ରବୃତ୍ତିଟିହିଁ ସର୍ବଦା ମୀମାଂସକ ପ୍ରେରକଟି ରୂପେ କାର୍ଯ୍ୟ କରି ଆସିଛି, ସର୍ବଶେଷ ସୋପାନରୂପେ ସମରୂପତା ହାସଲ କରିବାରେ ତାହାହିଁ ଏକ ସର୍ତ୍ତରୂପେ କାର୍ଯ୍ୟ କରି ଆସିଛି । କୌଣସି ଲୋକ-ଜୀବନର ଭିନ୍ନ ଭିନ୍ନ ଓ ଅନେକ ସମୟରେ ପରସ୍ପରର ପ୍ରତିସ୍ପର୍ଦ୍ଧୀ ହୋଇ ରହିଥିବା ଉପାଦାନଗୁଡ଼ିକୁ ଏକାଠି ଗୋଟିଏ ଗୁଚ୍ଛରେ ଏକତ୍ର କରି ଯଦି କେଉଁଠି ଗୋଟିଏ ଜାତୀୟ ରାଷ୍ଟ୍ର ଗଢ଼ା ହୋଇ ଥିବାର ପୂର୍ବଦୃଷ୍ଟାନ୍ତ ରହିଥିବ, ତେବେ ତାହାହିଁ ଅତ୍ୟନ୍ତ ସ୍ୱାଭାବିକ ଭାବରେ, ପୃଥିବୀର ଜନଗଣଙ୍କୁ ଅର୍ଥାତ୍ ସମୁଦାୟ ମାନବଜାତିକୁ ଗୋଟିଏ ବିଶ୍ୱ-ଜାତି ଏବଂ ବିଶ୍ୱ-ରାଷ୍ଟ୍ରରେ ଗଠିତ କରି ଆଣିବା ଲାଗି ନିର୍ଣ୍ଣାୟକ ପୂର୍ବଦୃଷ୍ଟାନ୍ତ ରୂପେ ଅବଶ୍ୟ କାର୍ଯ୍ୟ କରିପାରିବ । ସମରୂପତା ଆଡ଼କୁ ରହିଥିବା ଆଲୋଚିତ ପ୍ରବୃତ୍ତିଟି ଯେ ପ୍ରକୃତରେ ଭାରି ଶକ୍ତିଶାଳୀ, ଆଧୁନିକ ଯୁଗରେ ଆମ ଆଗରେ ତାହାର ଅତି ମହତ୍ତ୍ୱପୂର୍ଣ୍ଣ କେତେ କେତେ ଉଦାହରଣ ମହଜୁଦ ରହିଛି ଏବଂ ସଭ୍ୟତା ଆଗକୁ ମାଡ଼ି ଚାଲିଥିବା ସଙ୍ଗେସଙ୍ଗେ ସେହି ଶକ୍ତିଟି ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇ ଯାଇଥିବା ଟର୍କିଶ ସାମ୍ରାଜ୍ୟରେ ପ୍ରଜାତି, ଭାଷା, ଧର୍ମ ତଥା ସଂସ୍କୃତିର କ୍ଷେତ୍ରଗୁଡ଼ିକରେ ଯେତେ ଯାହା ବିଭିନ୍ନ ଓ ବିସଦୃଶ ଉପାଦାନମାନ ରହିଥିଲା, ସେଗୁଡ଼ିକ ପ୍ରତି ସହିଷ୍ଣୁଭାବ ଆଚରଣ କରିବାର ଆଦର୍ଶଟିକୁ ନେଇହିଁ ଟର୍କିଶ ଆନ୍ଦୋଳନଟି ଆରମ୍ଭ ହୋଇଥିଲା । ମାତ୍ର, ସତେଅବା ଅତ୍ୟନ୍ତ ଅନିବାର୍ଯ୍ୟ ଭାବରେ ପ୍ରାଦୁର୍ଭାବଶାଳୀ ତରୁଣ ଟର୍କ୍ ଉପାଦାନଟି ଆବଶ୍ୟକ ହେଲେ ବଳପ୍ରୟୋଗ ଦ୍ୱାରା ମଧ୍ୟ ଏକ ସମରୂପ ଅଟୋମାନ୍ ସଂସ୍କୃତି ଏବଂ ଅଟୋମାନ୍ ଜାତୀୟତାର ପ୍ରତିଷ୍ଠା କରିବା ଲାଗି ରହିଥିବା ପ୍ରବୃତ୍ତିଟି ଦ୍ୱାରାହିଁ କୁଆଡ଼େ ମନ କୁଆଡ଼େ ଅଡ଼ି ଚାଲିଗଲା । ବର୍ତ୍ତମାନ ସେହି ପ୍ରବୃତ୍ତିଟି ଆପଣାର ପରିପୂର୍ଣ୍ଣତା ଲାଭ କରିଛି, ଏବଂ ସେଥିଲାଗି ତାହାକୁ ଆଗ ତା ଆୟତନ ମଧ୍ୟରେ ରହିଥିବା ଗ୍ରୀକ୍ ଉପାଦାନଟିକୁ ନିର୍ମୂଳ କରିଦେବାକୁ ହୋଇଛି, ସାମ୍ରାଜ୍ୟଟିକୁ ହରାଇବାକୁ ପଡ଼ିଛି ଏବଂ ତାହାରି ମଧ୍ୟରୁହିଁ ବର୍ତ୍ତମାନର କ୍ଷୁଦ୍ର ଓ ଶୁଦ୍ଧ ଆଧୁନିକ ତୁର୍କୀରାଷ୍ଟ୍ରଟିର ଜନ୍ମ ହୋଇଛି । ମାତ୍ର ବଡ଼ ବିଚିତ୍ର କଥା ଯେ ଏହି କ୍ଷେତ୍ରରେ ଇଉରୋପୀୟ ସଂସ୍କୃତି, ସାମାଜିକ ଗଠନ ତଥା ସଂସ୍କାରଗୁଡ଼ିକର ସଂସର୍ଗକୁ ଆପଣା

'oaob.nitrkl.ac.in' images reprocessed

ଭିତରେ ଆଣି ପ୍ରବେଶ କରାଇ ଓ ସେଗୁଡ଼ିକୁ ଆପଣାର ସଂସ୍କୃତି, ସାମାଜିକ ଗଢ଼ଣ ଏବଂ ସଂସ୍କାରରେ ପରିଣତ କରିଦେବାକୁ ଚେଷ୍ଟା କରି ଜାତୀୟ ଏକରୂପତାର ଆଦର୍ଶଟିକୁ ପ୍ରକୃତରେ ଗୌଣ କରି ଦିଆଯାଇଛି । ବେଲ୍‌ଜିଅମରେ ଟିଉଟନିକ ଫ୍ଲେମିଙ୍ଗ୍ ଏବଂ ଗଲିକ୍ ୱାଲୁନ୍‌ମାନଙ୍କର ଉଭୟ ଉପାଦାନହିଁ ପ୍ରାୟ ସମାନ ଭାବରେ ପରସ୍ପର ସହିତ ମିଶିକରି ରହିଥିଲେ; ମାତ୍ର ସେହି କ୍ଷେତ୍ରରେ ଏକ ଫ୍ରାଙ୍କୋ-ବେଲ୍‌ଜିଆନ୍ ସଂସ୍କୃତିର ତତ୍ତ୍ୱାବଧାନରେ ଏବଂ ଫରାସୀକୁହିଁ ଅଧିକ କ୍ଷମତାସଂପନ୍ନ ଏକ ଭାଷାରେ ପରିଣତ କରି ସେହି ବେଲ୍‌ଜିଅକୁ କ୍ରମେ ଏକ ରାଷ୍ଟ୍ରରୂପେ ବିକଶିତ କରି ଅଣାଯାଇଛି । ଏବଂ ଅନ୍ୟ ପକ୍ଷରେ ଯେଉଁ ଫ୍ଲେମିଙ୍ଗ୍ ଆନ୍ଦୋଳନଟି ଫ୍ଲେମିଶ୍ ଏବଂ ଫରାସୀ ଦୁଇଟିଯାକ ଭାଷାକୁ ସମାନ ଅଧିକାର ପ୍ରାପ୍ତ ହୋଇଥିଲେ ନ୍ୟାୟତଃ ସନ୍ତୁଷ୍ଟ ହୋଇ ପାରିଥାନ୍ତା, ସେଇଟି ମଧ୍ୟ ସ୍ଥିତିଟିକୁ ଠିକ୍ ଓଲଟାଇ ଦେବାକୁହିଁ ଆପଣାର ଲକ୍ଷ୍ୟ କରି ରଖିଥିଲା; ଫ୍ଲେମିଶ୍ ଭାଷାଟି କେବଳ ପ୍ରତିଷ୍ଠିତ ହୋଇ ରହୁ ବୋଲି ଦାବି ନ କରି ଦୁଇ ଭାଷା ମଧ୍ୟରେ ଫ୍ଲେମିଶ୍ ଭାଷାହିଁ ଅଧିକ କର୍ତ୍ତୃତ୍ୱଶାଳୀ ଭାଷାରୂପେ ସ୍ୱୀକୃତ ହେଉ ବୋଲି ତାହା ଲକ୍ଷ୍ୟ ରଖିଥିଲା, ତାହା ଏକ ବିଶୁଦ୍ଧ ଦେଶଜ ଫ୍ଲେମିଶ୍ ସଂସ୍କୃତି ଲାଗି ଦାବି କରି ବାହାରିଥିଲା । ଆପଣାର ପ୍ରାଚୀନ ଉପାଦାନଗୁଡ଼ିକୁ ଗୋଟିଏ ସଂଗଠନ ମଧ୍ୟକୁ ଏକତ୍ର କରି ଆଣିବାକୁ ଯାଇ ଜର୍ମାନୀ ତାହାର ତତ୍କାଳୀନ ଅଙ୍ଗରାଷ୍ଟ୍ରଗୁଡ଼ିକୁ ଆପଣା ଆପଣାର ନିୟନ୍ତ୍ରଣ ଓ ପ୍ରଶାସନଗୁଡ଼ିକୁ ବଜାୟ ରଖିବାକୁ ଅବଶ୍ୟ ଛାଡ଼ି ଦେଇଥିଲା, ମାତ୍ର ଏହା ଫଳରେ ପ୍ରଭୂତ ବିଭିନ୍ନତାର ଯେଉଁ ସମ୍ଭାବନାଟିକୁ ଉନ୍ମୁକ୍ତ କରି ରଖାଗଲା, ସେଇଟିକୁ ବର୍ଲିନରେ ପରିପାଳିତ ହୋଇ ଆସୁଥିବା ଜାତୀୟ ଜୀବନର କେନ୍ଦ୍ରୀକରଣଟି ଦ୍ୱାରା ପ୍ରାୟ ବିଲୁପ୍ତ ବି କରିଦିଆ ଯାଉଥିଲା । ତେଣୁ ନାମକୁ ମାତ୍ର ସମସ୍ତେ କେନ୍ଦ୍ରରୁ ଅଲଗା ହୋଇ ରହିଥିଲେ ସତ, ମାତ୍ର ଏକ ଅତ୍ୟନ୍ତ ବାସ୍ତବ ତଥା ଅତ୍ୟନ୍ତ ପ୍ରତିପତ୍ତିଶାଳୀ ଏକରୂପତାହିଁ ସବୁଟି ଉପରେ ଆପଣାର ଛାୟାକୁ ବିସ୍ତାର କରି ରଖିଥିଲା ଯାହାକି, ଦକ୍ଷିଣରେ ଅବସ୍ଥିତ ରାଜ୍ୟଗୁଡ଼ିକର ଅପେକ୍ଷାକୃତ ଅଧିକ ଗଣତାନ୍ତ୍ରିକ ଏବଂ ମାନବିକତାବାଦୀ ପ୍ରବୃତ୍ତି ତଥା ଅନୁଷ୍ଠାନଗୁଡ଼ିକ ସତ୍ତ୍ୱେ ଜର୍ମାନୀକୁ କ୍ରମଶଃ ଏକ ବୃହତ୍ତର ପ୍ରୁସିଆର ପ୍ରତିରୂପ ମଧ୍ୟକୁ ଦୀକ୍ଷିତ କରି ନେଇ ଆସିଲା । ସୁଇଜରଲାଣ୍ଡ, ଯୁକ୍ତରାଜ୍ୟ ଆମେରିକା, ଦକ୍ଷିଣ ଆଫ୍ରିକା ପରି ବସ୍ତୁତଃ ଏକ ମୁକ୍ତତର ପ୍ରକାରର ସଂଘର ଆପାତ ପ୍ରରୂପମାନ ଅବଶ୍ୟ ରହିଛି; ମାତ୍ର ଏହିସବୁ ସ୍ଥଳରେ ମଧ ଏକରୂପତାର ଭାବନାଟି ପ୍ରକୃତରେ ବଡ଼ ପ୍ରଭାବଶାଳୀ ହୋଇ ରହିଛି, ଅଥବା, ଟିକିନିଖିର କ୍ଷେତ୍ରରେ ଯେତେ ପାର୍ଥକ୍ୟ ରହିଥିଲେ ମଧ ଓ ସାନ ସାନ ବିଷୟଗୁଡ଼ିକରେ ଅନ୍ତର୍ଗତ ରାଜ୍ୟଗୁଡ଼ିକୁ ଆପଣା ଆପଣାର ସ୍ୱତନ୍ତ୍ର ଆଇନମାନ ପାସ୍ କରିବା ଲାଗି ଯେତେ ପରିସର ଛାଡ଼ିଦିଆ ଯାଇଥିଲେ ମଧ୍ୟ ସେହି ଏକରୂପତାର ଭାବନାଟିହିଁ ସବୁଠାରୁ ଅଧିକ ପ୍ରଭାବଶାଳୀ ହୋଇ ରହିବାର

'oaob.nitrkl.ac.in' images reprocessed

ପ୍ରବୃତ୍ତି ଦେଖାଉଛି । ପ୍ରତ୍ୟେକ ସ୍ଥାନରେହିଁ ଅଭିଳଷିତ ଏକତା ଆପଣାର ଏକ ସୁଦୃଢ଼ ଭିତ୍ତି ହିସାବରେ ଅଳ୍ପ ବା ବହୁତ ପରିମାଣରେ ଏକରୂପତା ସୃଷ୍ଟି କରିବା ଲାଗିହିଁ ଆହ୍ୱାନ ଦେଉଥିବା ପରି ଏବଂ ସେହି ଦିଗରେ ଚେଷ୍ଟା କରୁଥିବା ପରି ବୋଧ ହେଉଛି ।

ଯେଉଁ ସର୍ବପ୍ରଥମ ଏକରୂପତାରୁ ଅବଶିଷ୍ଟ ଆଉ ସବୁ ଏକରୂପତାର ଉଦ୍ଭବ ହେଉଛି, ତାହା ହେଉଛି ଏକ କେନ୍ଦ୍ରୀକୃତ ଶାସନଯନ୍ତ୍ରର ଏକରୂପତା ଏବଂ ଯେ କୌଣସି ପ୍ରକାରେ ଏକ ଏକରୂପ ପ୍ରଶାସନର ବ୍ୟବସ୍ଥା କରିବା ହେଉଛି ସେହି ଯନ୍ତ୍ରଟିର ଏକ ସ୍ୱାଭାବିକ କର୍ମ । ଆପଣାର ରାଜନୀତିକ ତଥା ଆର୍ଥିକ ଜୀବନରେ ଯେଉଁ ସମୂହ ଏକ ସର୍ବାଙ୍ଗଯୁକ୍ତ, ଏକତା ହାସଲ କରିବ ବୋଲି ଚାହୁଁଛି, ତା' ଲାଗି ଏକ କେନ୍ଦ୍ରୀୟ ଶାସନ-ଯନ୍ତ୍ରର ଅବଶ୍ୟ ଆବଶ୍ୟକତା ରହିଛି । ନାମକୁ ମାତ୍ର ହେଉ ଅଥବା ପ୍ରାରମ୍ଭିକ ପର୍ଯ୍ୟାୟଟିରେ ହେଉ, ଆପଣାର ସ୍ୱକୀୟ ସୀମାଗୁଡ଼ିକ ମଧ୍ୟରେ ଆପଣାକୁ ତଥାପି ସାର୍ବଭୌମ କ୍ଷମତା ଯୁକ୍ତ ବୋଲି ଦାବି କରୁଥିବା କେତୋଟି ରାଜ୍ୟରୁହିଁ ଏହି କେନ୍ଦ୍ରୀୟ ଶାସନର ଅବୟବଟି ତିଆରି ହୋଇଥିଲେହେଁ ଏବଂ କେବଳ ସୁବିଧା ଦୃଷ୍ଟିରୁହିଁ ସେମାନେ କେତୋଟି ସାଧାରଣ ଉଦ୍ଦେଶ୍ୟ ସାଧନ ଲାଗି ଆପଣା ଆପଣାର କ୍ଷମତାରୁ ଅଳ୍ପ କେଇଟି କ୍ଷମତା ଏହି ଯନ୍ତ୍ରଟି ହାତରେ ନେଇ ନ୍ୟସ୍ତ କରି ରଖିଥିଲେହେଁ, ବସ୍ତୁତଃ ତାହା ତଥାପି ସ୍ୱୟଂହିଁ ଏକ ସାର୍ବଭୌମ ସଂସ୍ଥାରୂପେ ପ୍ରତିଷ୍ଠିତ ହୋଇ ପାରିବା ଲାଗି ସର୍ବଦା ପ୍ରବୃତ୍ତି ଦେଖାଇଥାଏ ଏବଂ ଆପଣା ହାତରେ ଅଧିକରୁ ଅଧିକ କ୍ଷମତା କେନ୍ଦ୍ରୀଭୂତ କରି ରଖି ସ୍ଥାନୀୟ ବିଧାନମଣ୍ଡଳ ବା ସ୍ଥାନୀୟ କର୍ତ୍ତାମାନଙ୍କୁ କେବଳ ପ୍ରଦତ୍ତ କେତୋଟି କ୍ଷମତା ଛାଡ଼ିଦେବାରହିଁ ବାସନା ରଖିଥାଏ । ଅପେକ୍ଷାକୃତ ଅଧିକ ବନ୍ଧନମୁକ୍ତ ହୋଇ ରହିଥିବା ଏକ ପଦ୍ଧତିଟିର ବାସ୍ତବ ଅସୁବିଧାମାନ ଏହି ପ୍ରବୃତ୍ତିଟିକୁ ବଳ ଆଣିଦିଏ ଏବଂ ଏକ ଅନଧିକାର ପ୍ରବେଶର ବିରୋଧରେ ତିଆରି ହୋଇ ରହିଥିବା ରକ୍ଷା-ଉପାୟଗୁଡ଼ିକର ଶକ୍ତିକୁ କାଳକ୍ରମେ ଦୁର୍ବଳ କରି ପକାଏ । ଏହି ଅନଧିକାର ପ୍ରବେଶଟାହିଁ କ୍ରମେ ଅଧିକରୁ ଅଧିକ ସମ୍ପୂର୍ଣ୍ଣ ଭାବରେ ହିତକାରୀ ବୋଲି ମନେ ହେବାକୁ ଲାଗେ ଏବଂ ସାଧାରଣ ଆବଶ୍ୟକତାର ନ୍ୟାୟଟି ଦ୍ୱାରା ଅଧିକରୁ ଅଧିକ ପରିମାଣରେ ସମର୍ଥିତ ବି ହେବାକୁ ଲାଗେ । ଏକଥା ସତ ଯେ ଯୁକ୍ତରାଜ୍ୟ ଆମେରିକାରେ ଆପଣାର ସର୍ବମୂଳ ସଂବିଧାନଟି ପ୍ରତି ଏକ ଅନୁରକ୍ତି ସଦା ବଳବତ୍ତର ରହିଛି ଏବଂ ସ୍ଥାନୀୟ ଧାରାଗୁଡ଼ିକ ବ୍ୟତୀତ ଅନ୍ୟ କୌଣସି ଧାରାରେ କରା ଯାଉଥିବା ସଂବିଧାନଗତ କୌଣସି ନୂତନ ପ୍ରଚଳନକୁ ଗ୍ରହଣ କରିନେବା ବିଷୟରେ ମଧ୍ୟ ସେଠାରେ ବେଶ୍ ମଙ୍କରତା ରହିଛି; ମାତ୍ର ସେଠାରେ ମଧ ଉକ୍ତ ପ୍ରବୃତ୍ତିଟି କ୍ରମଶଃ ଦେଖାଦେବାକୁ ଆରମ୍ଭ କଲାଣି ଏବଂ, ସେହି ଦେଶରେ ଯଦି ଏକ ସୁପ୍ରିମ କୋର୍ଟ ବା ସର୍ବୋଚ୍ଚ ନ୍ୟାୟାଧିକରଣ ନ ଥା'ନ୍ତା ଏବଂ ସର୍ବମୂଳ ସଂବିଧାନଟିରେ ଆଇନଗତ

'oaob.nitrkl.ac.in' images reprocessed

ଯେକୌଣସି ହସ୍ତକ୍ଷେପକୁ ଯଦି ତାହା ନାକଚ କରି ଦେଉ ନ ଥା'ନ୍ତା, ଅଥବା, ଅନ୍ୟ ଜାତିଗୁଡ଼ିକର କ୍ଷେତ୍ରରେ ଯେଉଁସବୁ ପ୍ରଯୋଜନ ଯାବତୀୟ ପ୍ରକୃତ କ୍ଷମତାକୁ ଆତ୍ମସାତ୍ କରି ନେଇ ଆପଣାକୁ ଯାବତୀୟ ଜାତୀୟ କ୍ରିୟାଶୀଳତାର ଉତ୍ପତ୍ତିସ୍ଥଳ ତଥା ସର୍ବୋଚ୍ଚ ସ୍ଥଳ ବା କେନ୍ଦ୍ରରେ ପରିଣତ କରି ରଖିବାରେ କେନ୍ଦ୍ରସ୍ଥ ସରକାର ବା ଶାସନଯନ୍ତ୍ରକୁ ସହାୟତାହିଁ କରି ଆସିଛି, ବୈଦେଶିକ ସକଳ ବ୍ୟାପାର ଏବଂ ଜଟିଳତାରୁ ଅଲଗା ହୋଇ ରହିବାର ଆମେରିକାନ୍ ନୀତିଟି ଯଦି ସେହିସବୁ ପ୍ରୟୋଜନର ଚାପଟିକୁ ହଟାଇ ଦେଇ ପାରୁ ନ ଥା'ନ୍ତା, ତେବେ ଏହା ମଧ୍ୟରେ ସେହି ଦେଶରେ ମଧ୍ୟ କେତେ କେତେ ବଡ଼ ଓ ମୌଳିକ ପରିବର୍ତ୍ତନ କରାଯାଇ ସାରନ୍ତାଣି । ଯୁକ୍ତରାଜ୍ୟ ଆମେରିକାର ପାରମ୍ପରିକ ନୀତି, ତାହାର ଶାନ୍ତିପ୍ରିୟତା, ସମର-ମନୋବୃତ୍ତିର ବିରୋଧ, ଇଉରୋପୀୟ ବ୍ୟାପାରର ଜଟିଳତାଗୁଡ଼ିକରେ ଲିପ୍ତ ହୋଇ ପଡ଼ିବାକୁ ତା'ର ଅନିଚ୍ଛୁକତା ବା ଇଉରୋପର ନୀତିଗୁଡ଼ିକ ସହିତ ଅତିରିକ୍ତ ଭାବରେ ସଂଶ୍ଳିଷ୍ଟ ହୋଇ ରହିବା ଲାଗି ଅନିଚ୍ଛା, ପଶ୍ଚିମ ଗୋଲାର୍ଦ୍ଧଟିରେ ଇଉରୋପୀୟ ଶକ୍ତିଗୁଡ଼ିକର ଉପନିବେଶମାନ ତଥା ନାନାବିଧ ସ୍ୱାର୍ଥ ରହିଥିଲେ ମଧ୍ୟ ସେମାନେ ଆସି ଆମେରିକାର ନାନା ବ୍ୟାପାରରେ ହସ୍ତକ୍ଷେପ କରିବା ବିଷୟରେ ଆମେରିକାର ଉଦ୍‌ବିଗ୍ନତା,– ଏସବୁ ସମ୍ଭବ ହେଉଛି, କାରଣ ଆମେରିକାରେ ମୁଖ୍ୟତଃ ଏହିପରି ଗୋଟିଏ ମନୋଭାବ ରହିଛି ଯେ ଏହିପରି ବିଚ୍ଛିନ୍ନ ହୋଇ ରହିପାରିଲେହିଁ ଆମେରିକା ନିରାପଦ ଭାବରେ ନିଜର ଅନୁଷ୍ଠାନଗୁଡ଼ିକୁ ଅକ୍ଷୁଣ୍ଣ ରଖିପାରିବ ଏବଂ ତା'ର ଜାତୀୟ ଜୀବନର ସ୍ୱତନ୍ତ୍ର ରୀତିଟିକୁ ମଧ୍ୟ ବଜାୟ ରଖି ପାରିବ । ଥରେ ସମର-ଅଭିମୁଖୀ ହୋଇ ପଡ଼ିଲେ ଏବଂ ପୁରାତନ-ପୃଥିବୀର ରାଜନୀତିର ଭଉଁରି ଭିତରେ ଥରେ ଯାଇ ପଡ଼ିଗଲେ, ବେଳେବେଳେ ଯେପରି ହୋଇଯାଉଛି ବୋଲି ଆଶଙ୍କା ମଧ୍ୟ ହେଉଛି, କେନ୍ଦ୍ରୀକରଣ ଦିଗରେ ବଡ଼ ବଡ଼ ପରିବର୍ତ୍ତନ କରିବା ଲାଗି ବାଧ ହେବାରୁ ଏବଂ ସଂଘୀୟ ସିଦ୍ଧାନ୍ତଟି ମଧ୍ୟ କ୍ରମେ ଦୁର୍ବଳ ହୋଇ ପଡ଼ିବାରୁ ସେହି ଦେଶଟିକୁ ଆଉ କୌଣସି କଥା ଦୀର୍ଘକାଳ ଲାଗି କଦାପି ଅଟକାଇ ରଖି ପାରିବ ନାହିଁ ।* ଏହିଭଳି ଏକ ଆତ୍ମକେନ୍ଦ୍ରିତ ନିରପେକ୍ଷତା ରଖିପାରିଥିବାରୁହିଁ ସୁଇଜରଲାଣ୍ଡରେ ସଂଘୀୟ ସାଂବିଧାନିକ ସ୍ଥିତିଟି ନିରାପଦ ହୋଇ ରହିପାରିଛି ।

* ରୁଜ୍‌ଭେଲଟ୍‌ଙ୍କ ନୀତି ଓ ଏହାକୁ ଯେଉଁସବୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା, ସେହିଥିରୁହିଁ ଆମେରିକାରେ କାର୍ଯ୍ୟ କରୁଥିବା ଦୁଇ ବିରୋଧୀ ଶକ୍ତିର ତାକତ ବିଷୟରେ ସ୍ପଷ୍ଟ ଉଦାହରଣ ମିଳିଯାଉଛି । ଏବଂ ଯେତେ ମନ୍ଥର ହେଲେ ମଧ୍ୟ, ସଂଘୀୟ ସ୍ଥିତିଟିକୁ ସବଳ କରି ରଖିବା ଦିଗରେ ସେଠି ଯେଉଁ ପ୍ରବୃତ୍ତିଟି ରହିଛି, ସେ ବିଷୟରେ କଦାପି କୌଣସି ସନ୍ଦେହ କରାଯାଇ ପାରିବ ନାହିଁ ।

'oaob.nitrkl.ac.in' images reprocessed

ଦୁଇଟି ପ୍ରାଥମିକ ଆବଶ୍ୟକତାରୁହିଁ ଜାତୀୟ କେନ୍ଦ୍ରୀକରଣ ପ୍ରବୃତ୍ତିଟି ବୃଦ୍ଧିଲାଭ କରିଥାଏ; ସର୍ବପ୍ରଥମ ଆବଶ୍ୟକତା ଏବଂ ଯେଉଁଠି ସବୁଠାରୁ ଅଧିକ ଚାପ ଦେବାରେ ଲାଗିଥାଏ, ସେଇଟି ହେଉଛି ଯେ ଜାତି ପୂର୍ଣ୍ଣ ସଂହତି ରଖିବାକୁ ଚାହୁଁଥାଏ, ସମସ୍ତଙ୍କର ମନକୁ ଗୋଟିଏ ଅଭୀଷ୍ଟ ଦିଗରେହିଁ ଉଦ୍ଦିଷ୍ଟ କରି ରଖିବାକୁ ଚାହୁଁଥାଏ ଏବଂ ଅନ୍ୟ ଜାତିମାନଙ୍କ ବିରୋଧରେ ଏକ ଏକୋଦ୍ଦିଷ୍ଟ ଓ କେନ୍ଦ୍ରୀକୃତ ସକ୍ରିୟତା ଅବଲମ୍ବନ କରିବାକୁ ମଧ୍ୟ ଚାହୁଁଥାଏ; ବହିରାକ୍ରମଣ ବିରୋଧରେ ଆତ୍ମରକ୍ଷା କରିବାକୁ ଯାଇ ହେଉ ଅଥବା ଜାତୀୟ ସ୍ୱାର୍ଥ ଏବଂ ମହତ୍ତ୍ୱାକାଂକ୍ଷାଗୁଡ଼ିକର ଅନୁଧାବନ କରିବା ସମୟରେ ଅନ୍ୟମାନଙ୍କ ଉପରେ ଆକ୍ରମଣ କରିବାକୁ ଯାଇ ହେଉ, ତାହା ସେଗୁଡ଼ିକ କରିବା ଲାଗି ଏକ ପ୍ରୟୋଜନ ଅନୁଭବ କରୁଥାଏ । ଯୁଦ୍ଧ ଏବଂ ଯୁଦ୍ଧାଭିମୁଖିତାର ପରିଣାମରୂପେ କେନ୍ଦ୍ରୀକରଣ ଲାଗି ଯେଉଁ ଆଗ୍ରହ ଜନ୍ମେ, ସମସ୍ତ ଶକ୍ତିକୁ ଠୁଳ ଓ କେନ୍ଦ୍ରୀଭୂତ କରି ଆଣିବା ଲାଗି ଯୁଦ୍ଧ ଯେଉଁ ଆହ୍ୱାନ ଦେଇଥାଏ, ଆଦିମତମ କାଳରୁ ସେଗୁଡ଼ାକ ଇତିହାସର ଏକ ସାଧାରଣ ବ୍ୟାପାର ହୋଇ ରହି ଆସିଛି । କେନ୍ଦ୍ରୀଭୂତ ଏବଂ ଏକତନ୍ତ୍ରବାଦୀ ରାଜତନ୍ତ୍ରର ବିବର୍ତ୍ତନରେ ଏହାହିଁ ମୁଖ୍ୟ ପ୍ରେରକରୂପେ କାର୍ଯ୍ୟ କରିଛି, ସୁସଂହତିଯୁକ୍ତ ଏବଂ ଶକ୍ତିଶାଳୀ ସମ୍ଭ୍ରାନ୍ତତନ୍ତ୍ରକୁ ସୁରକ୍ଷିତ କରି ରଖିବାରେ, ବିଭିନ୍ନ ବହୁଧର୍ମୀ ଉପାଦାନକୁ ଏକାଠି ଗୋଟିଏ ଛାଞ୍ଚ ଓ ଗଢ଼ଣ ଭିତରେ ଆଣି ଢାଳିବାରେ ଏବଂ କେନ୍ଦ୍ରାପସାରୀ ଯାବତୀୟ ପ୍ରବୃତ୍ତିକୁ ବ୍ୟାହତ କରି ରଖିବାରେ ତାହାହିଁ ମୁଖ୍ୟ ପ୍ରେରକ ହୋଇ ରହି ଆସିଛି । ଯେଉଁସବୁ ଦେଶ ଏହି ଆବଶ୍ୟକତାଟିର ସମ୍ମୁଖୀନ ହୋଇଛନ୍ତି ଅଥଚ ବିଭିନ୍ନ କ୍ଷମତାର ଏହି କେନ୍ଦ୍ରୀକରଣକୁ ବିକଶିତ କରି ଆଣିବାରେ ବା ତାହାକୁ ସଂରକ୍ଷିତ କରି ରଖିବାରେ ସମର୍ଥ ହୋଇପାରି ନାହାନ୍ତି, ସେମାନେ ଜୀବନର ଯୁଦ୍ଧରେ ସର୍ବଦା ପରାଭୂତ ହୋଇ ପଡ଼ିବାରହିଁ ମତିଗତି ଦେଖାଇଛନ୍ତି; ଇଉରୋପରେ ଇତାଲୀ ଓ ପୋଲାଣ୍ଡ ବା ଏସିଆରେ ଭାରତବର୍ଷକୁ ଦୀର୍ଘକାଳ ଧରି ଯେଉଁ ଦୁର୍ଭାଗ୍ୟର ସମ୍ମୁଖୀନ ହେବାକୁ ପଡ଼ିଥିଲା, ଉକ୍ତ ଦେଶଗୁଡ଼ିକ ସେଗୁଡ଼ିକର ସମ୍ମୁଖୀନ ନ ହୋଇଥିଲେ ମଧ୍ୟ ତଥାପି ସର୍ବଦା ଦୁର୍ଭାଗ୍ୟ ଭୋଗି ଆସିଛନ୍ତି । ଆମ ଏହି ଆଧୁନିକ ପୃଥିବୀରେ ମଧ୍ୟ ଯେ ସେହି ପୁରାତନ ନିୟମଟି ନିଶ୍ଚୟ କାର୍ଯ୍ୟକରୁଛି, ଚୀନ ତାହାରି ଏକ ପ୍ରତ୍ୟକ୍ଷ ପ୍ରମାଣ ହୋଇ ରହିଥିଲା । ସାମରିକ ସୁରକ୍ଷା ଏବଂ ସାମରିକ ବିଜୟ ଲାଗି ଆପଣାକୁ ଅତି ଶକ୍ତିଶାଳୀ ଭାବରେ କେନ୍ଦ୍ରୀଭୂତ ଏବଂ ସଂଗଠିତ କରି ରଖିଥିବା ଗୋଟିଏ ଦେଶର ସଂକେନ୍ଦ୍ରିତ ବଳର ସମ୍ମୁଖୀନ ହେବା ଲାଗି ପଶ୍ଚିମ ଇଉରୋପର ସ୍ୱାଧୀନ ରାଷ୍ଟ୍ରଗୁଡ଼ିକ ଯେ ଆପଣାର ବହୁକଷ୍ଟୋପାର୍ଜିତ ସ୍ୱାଧୀନତାଗୁଡ଼ିକୁ ଘଗିତ କରି ରଖିବାକୁ ବାଧ୍ୟ ହେଲେ ଏବଂ ଏକ ଦାୟିତ୍ୱହୀନ ସେନେଟ୍ ଦ୍ୱାରା ଶାସନ ଚଳାଇବାର ସେହି ପୁରାତନ ରୋମାନ୍ ପଦ୍ଧତିଟିକୁ ଆଦରିନେଲେ ଏବଂ ଏପରିକି ଅନେକ

'oaob.nitrkl.ac.in' images reprocessed

ସମୟରେ ଏକ ପ୍ରଚ୍ଛନ୍ନ ଏକାଧିନାୟକତନ୍ତ୍ରର ଆଶ୍ରୟ ନେଇଥିଲେ, ମାତ୍ର କାଲିହିଁ ଆମ ଆଗରେ ସେହି ଘଟଣାଟି ଘଟି ଯାଇଛି । ପ୍ରକୃତ ଏକ ଯୁଦ୍ଧ ଚାଲିଥିଲା ବେଳେ ଏହି ଆବଶ୍ୟକତାବୋଧଟି ଯଦି ପ୍ରଚ୍ଛନ୍ନ ଅଥବା ପ୍ରତ୍ୟକ୍ଷ ଭାବରେ ବଞ୍ଚିରହିବାକୁ ସମର୍ଥ ହୁଏ, ତେବେ ଏଥିରେ ଆଦୌ କୌଣସି ସନ୍ଦେହ ରହିବା ଉଚିତ ନୁହେଁ ଯେ ତଦ୍ଦ୍ୱାରା, ଗଣତନ୍ତ୍ର ଓ ସ୍ୱାଧୀନତା ଆଧୁନିକ ଯୁଗରେ ସେଗୁଡ଼ିକ ପୁନଃପ୍ରତିଷ୍ଠିତ ହେବା ଦିନରୁ ଯେତେଯାହା ଆଘାତ ଓ ବ୍ୟାଘାତ ପାଇଛନ୍ତି, ଏଥର ସେଗୁଡ଼ିକ ଅପେକ୍ଷା ସେମାନେ ଏକ ଅଧିକ ସଙ୍କଟଜନକ ଏବଂ ସମ୍ଭବତଃ ମରଣାନ୍ତକ ଆଘାତର ସମ୍ମୁଖୀନ ହେବେ ।*

ଜର୍ମାନୀର ଜୀବନକୁ ଆପଣାର କୁକ୍ଷି ଭିତରକୁ ନେଇ ଯିବା ପାଇଁ ପ୍ରୁସିଆ ଯେଉଁ କ୍ଷମତା ଦେଖାଇଲା, ତାହା ପଛରେ ଦୁଇଟି ବୃହତ୍ ତଥା ବୈରଭାବାପନ୍ନ ଜାତି ମଧ୍ୟରେ ରହିଥିବା ଏକ ଅନିରାପଦ ସ୍ଥିତି ପ୍ରାୟ ସଂପୂର୍ଣ୍ଣ ଭାବରେହିଁ ଏକ କାରଣ ହୋଇ ରହିଥିଲା । ଇଉରୋପରେ ଆପଣାର ଏକ ବିଚିତ୍ର ସ୍ଥିତିଟି ଦ୍ୱାରା ଆପଣା ରାଜ୍ୟ ବିସ୍ତାରର କ୍ଷେତ୍ରରେ ଜର୍ମାନ୍ ରାଇଖ୍ ବା ସାମ୍ରାଜ୍ୟଶକ୍ତି ତା'ର ଚାରିପାଖରୁ ତାକୁ ସମସ୍ତେ ସତେ ଅବା ଘେରି ଆସୁଥିବା ପରି ଓ ତା'ର ନିରାପତ୍ତାଟିକୁ ଏକାନ୍ତ ବିପନ୍ନ କରି ଦେଉଥିବା ପରି ଯେପରି ଅନୁଭବ କରିବାକୁ ଲାଗିଲା, ସେଇଟି ମଧ ଏକ ବଡ଼ କାରଣ ରୂପେ କାର୍ଯ୍ୟ କରୁଥିଲା । ଇଂଲଣ୍ଡ ଏବଂ ଇଂଲଣ୍ଡ ଅଧୀନରେ ରହିଥିବା ଉପନିବେଶଗୁଡ଼ିକରେ ଯୁଦ୍ଧ ଲାଗିଥିବା ସମୟରେ ତାହାଫଳରେ ସମସ୍ତଙ୍କୁ ନେଇ ଗୋଟିଏ ସଂଘ ଗଢ଼ିବାର ବିଚାରଟିକୁ ଯେଉଁ ପ୍ରଭୂତ ବଳ ମିଳିଥିଲା, ସେଇଟିକୁ ମଧ ସେଇ ପ୍ରବୃତ୍ତିଟିର ଆଉ ଗୋଟିଏ ଉଦାହରଣ ରୂପେ ଗ୍ରହଣ କରାଯାଇ ପାରିବ । ଏହି ଉପନିବେଶଗୁଡ଼ିକ ଯେପର୍ଯ୍ୟନ୍ତ ଇଂଲଣ୍ଡର ଯାବତୀୟ ଯୁଦ୍ଧ ତଥା ବିଦେଶନୀତିଠାରୁ ଅଲଗା ରହିପାରୁଥିଲେ ଏବଂ ସେସବୁ ଦ୍ୱାରା କୌଣସି ପ୍ରକାରେ ଆକ୍ରାନ୍ତ ଅଥବା ପ୍ରଭାବିତ ହେଉ ନ ଥିଲେ, ସେ ପର୍ଯ୍ୟନ୍ତ ଏହି ବିଚାରଟି କାର୍ଯ୍ୟକାରୀ ହେବା ଲାଗି ଅତ୍ୟନ୍ତ କମ୍ ଅବସର ରହିଥିଲା । ମାତ୍ର, ଯେତେବେଳେ ପ୍ରକୃତ ଯୁଦ୍ଧଟି ଆସି ସମ୍ମୁଖରେ ପହଞ୍ଚିଗଲା ଏବଂ ସେଥିରୁ ଯେଉଁସବୁ କଠିନ ଅସ୍ୱସ୍ତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଲା, ତାହା ସଙ୍ଗେ ସଙ୍ଗେ ପ୍ରାୟ ସଂପୂର୍ଣ୍ଣ ଭାବରେ ବିକେନ୍ଦ୍ରିତ ହୋଇ ରହି ଆସିଥିବା ଏକ ପଦ୍ଧତି ଭିତରେ ସାମ୍ରାଜ୍ୟର

---

* ଏବଂ ଏପରିକି ବର୍ତ୍ତମାନ ମଧ ଶକ୍ତିର ସ୍ରୋତଟି ଯେଉଁ ଆଡ଼କୁ ବହି ଯାଉଥିବା ପରି ଦେଖାଯାଉଛି, ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାହା ଗଣତନ୍ତ୍ରରୁ ଦୂରକୁ ଦୂରକୁ ଚାଲିଯାଉଛି ଏବଂ ଅଧିକରୁ ଅଧିକ ଏକ ଅତିକଠୋର ରାଷ୍ଟ୍ରୀୟ ନିୟନ୍ତ୍ରଣ ଏବଂ ରାଷ୍ଟ୍ରୀୟ ଅତିସଂଗଠନ ଆଡ଼କୁ ଧାବିତ ହେବାରେ ଲାଗିଛି ।

'oaob.nitrkl.ac.in' images reprocessed

ଅନ୍ତଃନିହିତ ସକଳ ବଳକୁ ଜୋର କରି କେନ୍ଦ୍ରୀଭୂତ କରି ଆଣିବାରେ ଯେପରି ଏକ ସ୍ପଷ୍ଟ ଅସମର୍ଥତା ଅନୁଭୂତ ହେବାକୁ ଲାଗିଲା, ତାହାରି ଫଳରେହିଁ ବ୍ରିଟିଶ ସାମ୍ରାଜ୍ୟର ବନ୍ଧନମୁକ୍ତ ଏବଂ ସହଜ ଗଠନଟିକୁ କଷି କରି ଗୋଟିଏ ସମଷ୍ଟିରେ ବାନ୍ଧିରଖିବା ପ୍ରାୟ ଅନିବାର୍ଯ୍ୟ ହୋଇ ଉଠିଲା ବୋଲି ମନେ ହେଉଛି । ଏବଂ ଏହି ନୀତିଟିକୁ ଥରେ ସ୍ୱୀକାର କରିନେବା ପରେ ଏବଂ ପ୍ରାରମ୍ଭିକ ଭାବରେ ଏହାକୁ କାର୍ଯ୍ୟକାରୀ କରିବା ପରେ ଏହା ଯେ ଆମକୁ ଆପଣା ସହିତ ଆହୁରି କେତେ କୁଆଡ଼କୁ ଦଉଡ଼ାଇ ନେଇଯିବ, ତାହାର ଏକ ପୂର୍ଣ୍ଣ ସମ୍ଭାବନା ସର୍ବଦା ରହିଛି ।* ଯେଉଁଠି ଶାନ୍ତିହିଁ କାମ୍ୟ ହୋଇ ରହିବ ସେଠାରେ କୌଣସି ନା କୌଣସି ପ୍ରକାରର ଅତିରିକ୍ତ ବନ୍ଧନହୀନ ଏକ ସଂଘର ସ୍ଥାପନାହିଁ ଚମତ୍କାର କାମ ଚଳାଇଦେବ; ମାତ୍ର ଯେଉଁଠି ସେହି ଶାନ୍ତିଟି ବିପନ୍ନ ହୋଇ ପଡ଼ିବ କିଂବା ଜୀବନ ଲାଗି ଚାଲିଥିବା ସଂଗ୍ରାମଟି ଦୁଷ୍କର ଏବଂ ଭୟାବହ ହୋଇ ଉଠିବ, ସେତେବେଳେ ଏହିପରି ସ୍ୱତନ୍ତ୍ର ଓ ବନ୍ଧନମୁକ୍ତ ହୋଇ ରହିବା ହୁଏତ ଏକ ଅସୁବିଧା ପରି ବୋଧ ହେବ ଏବଂ ଏପରିକି ତାହା ଏକ ମରଣାନ୍ତକ ଭୁଲ୍‌ରେ ମଧ୍ୟ ପରିଣତ ହୋଇଯାଇ ପାରିବ, ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ କରିଦେବା ଲାଗି ସତେ ଯେପରି ଅଦୃଷ୍ଟର ବେଳ ଆସି ପହଞ୍ଚିଯିବ ।

ବହିର୍ବିପଦର ଚାପ ଏବଂ ସାମ୍ରାଜ୍ୟବିସ୍ତାରର ଆବଶ୍ୟକତା କେବଳ ଏକ ଶକ୍ତିଶାଳୀ ରାଜନୀତିକ ତଥା ସାମରିକ କେନ୍ଦ୍ରୀକରଣ ଦିଗକୁ ପରିଚାଳିତ କରି ନେବାର ଏକ ପ୍ରବୃତ୍ତିକୁହିଁ

---

* ବର୍ତ୍ତମାନ ଏହା ଯେତେଦୂର ଯାଏ ଅଗ୍ରସର ହୋଇ ପାରିଛି, ତାହାଫଳରେ ସମସ୍ତଙ୍କୁ ସମାନ ସ୍ଥିତି ଦିଆଯାଇଛି, ମାତ୍ର ବୈଦେଶିକ ବ୍ୟାପାରରେ ସେମାନେ ପରସ୍ପର ସହିତ ପରାମର୍ଶ ଓ ଅନ୍ତରଙ୍ଗ ଆଲୋଚନା କରି ଯାହା କରିବେ ବୋଲି ବ୍ୟବସ୍ଥା ରହିଛି । ସେମାନେ ପରସ୍ପର ମଧ୍ୟରେ ରହିଥିବା ଆର୍ଥିକ ସହଯୋଗକୁ ଆହୁରି ଘନିଷ୍ଠ କରିବେ; ମାତ୍ର ଯଦି ବଡ଼ ବଡ଼ ଯୁଦ୍ଧ ବହୁଦିନ ପର୍ଯ୍ୟନ୍ତ ଚାଲେ, ତେବେ ସେହି ଯୁଦ୍ଧର ଅନୁକୂଳ ବା ପ୍ରତିକୂଳ ଗତିଟି ଅନୁସାରେ ଏପର୍ଯ୍ୟନ୍ତ ସେତେ ଶକ୍ତ ହୋଇ ଗଢ଼ା ହୋଇ ନ ଥିବା ବ୍ୟବସ୍ଥାଟିକୁ ତାହା ଏକାବେଳେକେ ଭାଙ୍ଗି ପକାଇବ, ଅଥବା ଏକ ଅଧିକ ସୁସଂଯୁକ୍ତ ବ୍ୟବସ୍ଥାକୁ ଜୋର୍ କରି ଲଦିଦେବାକୁ ଆସିବ । ମାତ୍ର ପ୍ରକୃତ କ୍ଷେତ୍ରରେ ବର୍ତ୍ତମାନ ଯେଉଁ ଔପନିବେଶିକ ସ୍ୱାଧୀନତା ଏବଂ ଓ୍ୱେଷ୍ଟମିନିଷ୍ଟର ଷ୍ଟାଟିଉଟ୍‌ର ପ୍ରବର୍ତ୍ତନ ହେବାକୁ ଯାଉଛି ଏବଂ ତାହା ଯେପରି କୌଣସି ପ୍ରକାର ବ୍ୟାବହାରିକ ଉଦ୍ଦେଶ୍ୟସାଧନ ଲାଗି ଏକ ସଂଘର ସ୍ଥାପନାକୁ ଅନାବଶ୍ୟକ କରି ଦେଉଛି ଏବଂ କାର୍ଯ୍ୟତଃ ଏକ ସମ୍ପୂର୍ଣ୍ଣ ସ୍ୱାଧୀନତାର ପକ୍ଷରେ ରହିଥିବା ମନୋଭାବଟି ଲାଗି ତାହାକୁ ଏପରି ହୁଏତ ଅବାଞ୍ଛନୀୟ ବୋଲି ପ୍ରତିପାଦିତ କରିଛି, ସେହି ଦୃଷ୍ଟିରୁ ଉକ୍ତ ସମ୍ଭାବନାଟି ପ୍ରାୟ ପ୍ରତିହତ ହୋଇ ରହିଗଲା ପରି ମନେ ହେଉଛି ।

'oaob.nitrkl.ac.in' images reprocessed

ଜନ୍ମ ଦେଇଥା'ନ୍ତି । ଏକ ନିବିଡ଼ ଆଭ୍ୟନ୍ତର ସଂଗଠନ ଲାଗି ଯେଉଁ ପ୍ରୟୋଜନଟି ଅନୁଭୂତ ହେଉଥାଏ ଏବଂ ଏହିପରି ଭାବରେ ଉଦ୍ଭୂତ ହୋଇ ଆସିଥିବା କେନ୍ଦ୍ରଟି ଯେଉଁଠି ଏହାକୁ କାର୍ଯ୍ୟକାରୀ କରିବାର ଅସ୍ତ୍ରରୂପେ ବ୍ୟବହୃତ ହୋଇଥାଏ, ସେଇଥିରୁହିଁ ଏକରୂପତାର ଅଭିବୃଦ୍ଧି ଜନ୍ମଲାଭ କରେ । ଯେଉଁସବୁ ଆବଶ୍ୟକତା ସେହି କେନ୍ଦ୍ରରୂପୀ ଅସ୍ତ୍ରଟିକୁ ଜନ୍ମ ଦେଇଥାଏ, ସେଇଗୁଡ଼ିକହିଁ ଆଂଶିକ ଭାବରେ ଏହି ସଂଗଠନର ମଧ୍ୟ ହେତୁ ହୋଇଥାଏ; ମାତ୍ର, ଏକ ସୁବ୍ୟବସ୍ଥିତ ସାମାଜିକ ତଥା ଆର୍ଥିକ ଜୀବନ ଲାଗି ଏକରୂପତାରୁ ଯେଉଁସବୁ ସୁବିଧା ପ୍ରାପ୍ତ ହୋଇଥାଏ, ସେଇଟି ମଧ୍ୟ ଆହୁରି ଅଧିକ ପରିମାଣରେ ସେହି ସଂଗଠନର ଉଦ୍‌ଭବ କରାଇ ଆଣେ; ସେହି ସୁବିଧାଗୁଡ଼ିକ ଉପରେ ଜୀବନ ଖୁବ୍‌ବେଶୀ ଗୁରୁତ୍ୱ ବା ମୂଲ୍ୟ ଦିଏ ନାହିଁ ସତ, ମାତ୍ର ମନୁଷ୍ୟର ବୁଦ୍ଧି ସତତ ସେହିଗୁଡ଼ିକ ଲାଗିହିଁ ଦାବି କରିବାରେ ଲାଗିଥାଏ;— ଏକ ସୁସ୍ପଷ୍ଟ, ସରଳ ଏବଂ ଜୀବନର ଜଟିଳତା ଓ ବହୁମୁଖିତା ତଥାପି ଯେତେଦୂର ପର୍ଯ୍ୟନ୍ତ ସମ୍ଭବ କରିପାରିବ, ସେହିପରି ଏକ ସହଜ ଶୃଙ୍ଖଳାପଦ୍ଧତି ଲାଗିହିଁ ବୁଦ୍ଧି ସବୁବେଳେ ଦାବି କରୁଥାଏ । ଆମ ଜୀବନରେ ଅନ୍ତର୍ନିହିତ ହୋଇ ରହିଥିବା ସୁଗଠିତ ଜୈବ ଶୃଙ୍ଖଳାଟିର ଅପେକ୍ଷାକୃତ ଅଧିକ ପରିମାଣର ସେହି ସ୍ୱତଃପ୍ରବୃତ୍ତ ଓ ସହଜାତ ସୁନମ୍ୟ ତଥା ସ୍ଥିତିସ୍ଥାପକ ନୀତିଟି ଦ୍ୱାରା ନୁହେଁ, ମାତ୍ର ଆପଣାର ସ୍ୱକୀୟ ରୀତିଟି ଅନୁସାରେ ମନୁଷ୍ୟର ବୁଦ୍ଧି ଜୀବନଟିକୁ ବ୍ୟବସ୍ଥିତ ଏବଂ ସଂଗଠନବଦ୍ଧ କରି ରଖିବାକୁ ଆରମ୍ଭ କରିବା ମାତ୍ରକେ ତାହା ସତେଅବା ବାଧ୍ୟ ହେଲା ପରି ଜଡ଼ପ୍ରକୃତିରହିଁ ଅନୁସରଣ କରିବାକୁ ଆରମ୍ଭ କରେ, ସୃଷ୍ଟିକୁ ବ୍ୟବସ୍ଥା ମଧ୍ୟରେ ରଖିବା ଲାଗି ପ୍ରକୃତି ଯେପରି ଆପଣା ମୂଳ ନିୟମଗୁଡ଼ିକର ଏକରୂପତାରେ ସର୍ବଦା ଅଟଳ ହୋଇ ରହିଛି, ମନୁଷ୍ୟର ବୁଦ୍ଧି ମଧ୍ୟ ସେହିପରି କରିବ ବୋଲି ଅଭୀଷ୍ଟ କରି ରଖିଥାଏ; ମାତ୍ର ତାହା ସହିତ ସେ ଯଥାସମ୍ଭବ ଅଧିକ ପରିମାଣରେ ସେହି ନିୟମଗୁଡ଼ିକୁ ଏକରୂପ-ଭାବରେ ପ୍ରୟୋଗ କରିବାକୁ ମଧ୍ୟ ଚେଷ୍ଟା କରୁଥାଏ । ଜୀବନରେ ରହିଥିବା ମହତ୍ତ୍ୱପୂର୍ଣ୍ଣ ଯାବତୀୟ ପାର୍ଥକ୍ୟ ଓ ବୈଚିତ୍ର୍ୟକୁ ଦବାଇ ରଖିବାକୁ ଚେଷ୍ଟା କରେ । କେବଳ ଯେତେବେଳେ ସେହି ବୁଦ୍ଧି ଆପଣାକୁ ପ୍ରସାରିତ କରିଦେଇ ପାରେ ଏବଂ ପ୍ରକୃତି ଭିତରେ ରହିଥିବା ଜଟିଳତା ଓ ଅନେକମୁଖିତାଗୁଡ଼ିକୁ ବୁଝିବାକୁ ଓ ସେଗୁଡ଼ିକୁ ନେଇ କାରବାର କରିବାକୁ ଆପଣାକୁ ଅଧିକ ସାମର୍ଥ୍ୟଯୁକ୍ତ ବୋଲି ଅନୁଭବ କରିବାକୁ ଲାଗେ, ସେତିକିବେଳେ ଯାଇ ଜୀବନର ସିଦ୍ଧାନ୍ତଟି ସର୍ବଦା ଆମ ପାଖରୁ ଯାହା ଦାବି କରୁଥିବା ପରି ମନେ ହୋଇଥାଏ, ସେ ପ୍ରକୃତରେ କୌଣସି ପ୍ରକାର ଅସ୍ୱସ୍ତି ପ୍ରକାଶ ନ କରି ସେଗୁଡ଼ିକର ସମ୍ମୁଖୀନ ହୋଇପାରେ । ସେହି ସିଦ୍ଧାନ୍ତଟି ମୁକ୍ତ ବୈଚିତ୍ର୍ୟମୟତା ଦାବି କରୁଥାଏ ଏବଂ ମୂଳନୀତିଗୁଡ଼ିକ ଯେତେ ଏକରୂପ ହୋଇ ରହିଥିଲେ ମଧ୍ୟ ପ୍ରୟୋଗର କ୍ଷେତ୍ରରେ ତାହା ଏକ ସୂକ୍ଷ୍ମ ବିବିଧତା ମଧ୍ୟ ଦାବି କରିଥାଏ ।

'oaob.nitrkl.ac.in' images reprocessed

ଜାତୀୟତାକୁ ଆଧାର କରି ସଂଗଠିତ ହେଉଥିବା କୌଣସି ସମାଜକୁ ତିଆରି କଲାବେଳେ, କାମ୍ୟ ସଂଗଠନଟିର ବିଶେଷ କେନ୍ଦ୍ରସ୍ଥ ଆବଶ୍ୟକତାଟି ସହିତ ସବୁଠାରୁ ଅଧିକ ପରିମାଣରେ ଆପଣାକୁ ସମ୍ପୃକ୍ତ କରି ରଖିଥିବା ଦିଗଗୁଡ଼ିକର କ୍ଷେତ୍ରରେହିଁ ତାହା ସ୍ୱଭାବତଃ ସର୍ବପ୍ରଥମେ ଏକ ଏକରୂପତା ଓ ପାର୍ଥକ୍ୟହୀନତାକୁ ଲକ୍ଷ୍ୟ କରି ଧରିଥାଏ, ଅର୍ଥାତ୍ ଜାତୀୟ ଜୀବନର ରାଜନୀତିକ ଏବଂ ସାମରିକ କାର୍ଯ୍ୟ ବ୍ୟାପାରଗୁଡ଼ିକର କ୍ଷେତ୍ରରେ ତାହା ସେହି ଏକରୂପତାକୁ ଲୋଡ଼ିଥାଏ । ପ୍ରଥମେ ଯଥେଷ୍ଟ ଏକରୂପତା ତାହାର ଲକ୍ଷ୍ୟ ହୋଇ ରହିଥାଏ, ଏବଂ ତା'ପରେ ଏକ ନିର୍ଦ୍ୱନ୍ଦ୍ୱ ଏକତାକୁ ଉଦ୍ଦେଶ୍ୟରୂପେ ଗ୍ରହଣ କରେ, ପ୍ରଶାସନର କ୍ଷେତ୍ରରେ ମଧ୍ୟ ଏକରୂପତାର ପ୍ରବର୍ତ୍ତନ କରିବାକୁ ଚାହେଁ ।

ଯେଉଁ ରାଜତନ୍ତ୍ରମାନ ଇତିହାସରେ ସଂକେନ୍ଦ୍ରଣର ଏହି ପ୍ରୟୋଜନଟିକୁ ଏକ ପ୍ରକୃତ ପ୍ରୟୋଜନ ବୋଲି ମନେ କରିଛନ୍ତି, ସେମାନେ ସର୍ବପ୍ରଥମେ ଏକ ପ୍ରାଥମିକ ସଂକେନ୍ଦ୍ରଣ ଲାଗି ମନ ବଳାଇଛନ୍ତି, ଅର୍ଥାତ୍ ରାଜ୍ୟଶାସନର ମୁଖ୍ୟ ସୂତ୍ର ଓ ରଜ୍ଜୁଗୁଡ଼ିକୁ ସେମାନେ କେନ୍ଦ୍ରସ୍ଥ କର୍ତ୍ତୃତ୍ୱର ହାତରେ ଆଣି ଠୁଳ କରି ଦେଇଛନ୍ତି । ଏହି ରୀତିଟିକୁ ଆମେ ପ୍ରତ୍ୟେକ ଉଦାହରଣ କ୍ଷେତ୍ରରେ ଦେଖିବାକୁ ପାଇବା, ମାତ୍ର ସେହି ପ୍ରକ୍ରିୟାଟିର ବିଭିନ୍ନ ପର୍ଯ୍ୟାୟଗୁଡ଼ିକ ସତେଅବା ସବୁଠାରୁ ଅଧିକ ପ୍ରାଞ୍ଜଳ ଭାବରେ ଫ୍ରାନ୍ସର ରାଜନୀତିକ ଇତିହାସରେହିଁ ପରିଦର୍ଶିତ ଓ ସୂଚିତ ହୋଇ ରହିଛନ୍ତି । କାରଣ, ସାମନ୍ତବାଦୀ ବିଚ୍ଛିନ୍ନତାବାଦ ଏବଂ ସାମନ୍ତବାଦୀ ନ୍ୟାୟାଧିକାରର କ୍ଷେତ୍ରରେ ସେଠାରେ ଯେଉଁ ଅସ୍ତବ୍ୟସ୍ତତା ଆସି ଉପସ୍ଥିତ ହୋଇଥିଲା, ସେଥିରୁ ପ୍ରାୟ ଦୁର୍ଜେୟ ଅନେକ ଅସୁବିଧାର ଜନ୍ମ ହେଲା, ଏବଂ ତଥାପି ଅବିଚଳିତ ଭାବରେ ସର୍ବଦା କେନ୍ଦ୍ରୀକରଣ ଉପରେହିଁ ଅଧିକ ମହତ୍ତ୍ୱ ଦେଇ ଏବଂ ସେଗୁଡ଼ିକର ତଥାପି ତିଷ୍ଠି ରହିଥିବା ପରିଣାମଗୁଡ଼ିକ ପ୍ରତି ପରିଶେଷରେ ଏକ ତୀବ୍ର ପ୍ରତିକ୍ରିୟା ଦେଖାଇ ସେଠାରେ ସବୁଠାରୁ ଅଧିକ ସଫଳତାର ସହିତ ସେଗୁଡ଼ିକର ଖଣ୍ଡନ ତଥା ଅପସାରଣ କରାଯାଇ ପାରିଥିଲା । ସେଠାରେ ରାଜତନ୍ତ୍ର ଆପଣାକୁ ଅଧିକରୁ ଅଧିକ କେନ୍ଦ୍ରୀଭୂତ କରି ଆଣିବାର ଅଭିପ୍ରାୟ ରଖିଥିଲା, ଏବଂ ଇଂଲଣ୍ଡର ବାରବାର ଆକ୍ରମଣ, ସ୍ପେନ୍‌ର ଚାପ, ନାନା ଗୃହଯୁଦ୍ଧ,— ଏସବୁଥିରୁ ଫ୍ରାନ୍ସକୁ ଯେଉଁ ଶିକ୍ଷା ମିଳୁଥିଲା, ତାହାହିଁ ସେହି ରାଜତନ୍ତ୍ରକୁ ସର୍ବୋଚ୍ଚ ତୁଙ୍ଗକ୍ଷମତାରେ ଆଣି ବସାଇଦେଲା ଏବଂ ଶେଷକୁ ଅତ୍ୟନ୍ତ ଅନିବାର୍ଯ୍ୟ ଭାବରେ ତାହା ଯେଉଁ ଏକଚ୍ଛତ୍ର ନିରଙ୍କୁଶତାକୁ ବିକଶିତ କରାଇ ଆଣିଲା, ତାହାହିଁ ଚତୁର୍ଦ୍ଦଶ ଲୁଇଙ୍କର ବିରାଟ ଐତିହାସିକ ଆକୃତିଟି ମଧ୍ୟରେ ଏଡ଼େ ଅସାଧାରଣ ଭାବରେ ମୂର୍ତ୍ତିମନ୍ତ ହୋଇ ଉଠିଥିଲା । "ମୁଁଇ ରାଷ୍ଟ୍ର" ବୋଲି ତାଙ୍କର ଯେଉଁ ପ୍ରସିଦ୍ଧ ଉକ୍ତିଟି ରହିଛି, ସେତେବେଳେ ସେହି ଦେଶରେ କେବଳ ଗୋଟିଏ ମାତ୍ର ବିବାଦାତୀତ ସର୍ବୋଚ୍ଚ ସାର୍ବଭୌମ କ୍ଷମତାର ବିକାଶ କରାଇ ଆଣିବା ଲାଗି ଯେଉଁ

'oaob.nitrkl.ac.in' images reprocessed

ପ୍ରୟୋଜନଟି ଅନୁଭୂତ ହେଉଥିଲା, ତାହା ପ୍ରକୃତରେ ସେହି ପ୍ରୟୋଜନଟିକୁହିଁ ବ୍ୟକ୍ତ କରି ଆଣିଲା । ଦେଶ ସେତେବେଳେ ଏପରି ଏକ ସର୍ବୋଚ୍ଚ କ୍ଷମତାସ୍ଥାନର ଆବଶ୍ୟକତା ଅନୁଭବ କରୁଥିଲା, ଯାହାକି ଆପଣା ମଧ୍ୟରେ ସକଳ ସାମରିକ, ବିଧାନଗତ ତଥା ପ୍ରଶାସନିକ ସକଳ କର୍ତ୍ତୃତ୍ୱଶକ୍ତିକୁ ସଂକେନ୍ଦ୍ରିତ କରି ରଖିପାରିବ ଏବଂ ତେବେ ସାମନ୍ତବାଦ-କାଳୀନ ଫ୍ରାନ୍‌ସର ସେହି ଢିଲା ଓ ପ୍ରାୟ ଅରାଜକ ହୋଇ ପଡ଼ିଥିବା ସଂଗଠନଟି ଆଉ ତିଷ୍ଠି ରହି ପାରିବ ନାହିଁ । ବୁର୍ବନ୍‌ମାନଙ୍କର ଶାସନଯନ୍ତ୍ରଟି ପ୍ରଥମେ ପ୍ରାଶାସନିକ କେନ୍ଦ୍ରୀକରଣ ତଥା ଏକତାକୁହିଁ ଆପଣାର ଉଦ୍ଦେଶ୍ୟ କରି ରଖିଥିଲା, ଏବଂ କେବଳ ଗୌଣ ଭାବରେହିଁ କେତେକ ପରିମାଣରେ ପ୍ରାଶାସନିକ ଏକରୂପତାର ପ୍ରତିଷ୍ଠା ମଧ୍ୟ କରିବାକୁ ଚାହୁଁଥିଲା । ଏହି ଦ୍ୱିତୀୟ ଉଦ୍ଦେଶ୍ୟଟିକୁ ତାହା କଦାପି ସମ୍ପୂର୍ଣ୍ଣ ସଫଳତାର ସହିତ ସମ୍ପନ୍ନ କରି ପାରୁ ନ ଥିଲା, କାରଣ, ଯେଉଁ ସମ୍ଭ୍ରାନ୍ତତନ୍ତ୍ରକୁ ହଟାଇଦେଇ ସେ ଆପଣାକୁ ଆଣି ପ୍ରତିଷ୍ଠିତ କରିଥିଲା, ତାକୁ ତାହାରି ଉପରେହିଁ ନିର୍ଭରଶୀଳ ହୋଇ ରହିବାକୁ ପଡୁଥିଲା । ମାତ୍ର ତେଣେ ତାହା ସେହି ସମ୍ଭ୍ରାନ୍ତତନ୍ତ୍ରକୁ ତାହାର ସାମନ୍ତବାଦକାଳୀନ ବିଶେଷ ସୁବିଧାଗୁଡ଼ିକର ଯାବତୀୟ ଅଡୁଆ ଓ ଆବର୍ଜନାର କ୍ଷେତ୍ରଟିକୁ ଛାଡ଼ିଦେବାକୁ ମଧ୍ୟ ବାଧ୍ୟ ହେଉଥିଲା । ଫରାସୀ ବିପ୍ଳବ ଆସି ଏହି ସମ୍ଭ୍ରାନ୍ତତନ୍ତ୍ରର ମୂଳୋତ୍ପାଟନ କଲା ଏବଂ ପ୍ରାଚୀନ ବ୍ୟବସ୍ଥାଟିର ଭଗ୍ନାବଶେଷଗୁଡ଼ିକୁ ବିଲୁପ୍ତ କରିଦେଲା । ଏକ କଠୋର ଏକରୂପତାର ପ୍ରତିଷ୍ଠା କରିବାକୁ ଯାଇ ତାହା ରାଜତନ୍ତ୍ରର କାର୍ଯ୍ୟଟିକୁ ଆଦୌ ବଦଳାଇ ଦେଇ ନ ଥିଲା, ବରଂ ତାହାର ଅଧା ହୋଇ ରହିଥିବା କାର୍ଯ୍ୟଟିକୁ ସମ୍ପୂର୍ଣ୍ଣ କରିଦେଇଥିଲା । ବିଧାନ-କ୍ଷେତ୍ରୀୟ, ଶୁଳ୍କସମ୍ବନ୍ଧୀ, ଆର୍ଥିକ, ବିଚାର-ବିଭାଗୀୟ,ଏବଂ ସାମାଜିକ ଯାବତୀୟ ପ୍ରକାରର ଏକ ସମ୍ପୂର୍ଣ୍ଣ ଏକତ୍ୱ ଓ ଏକରୂପତା,— ରାଜତନ୍ତ୍ରୀୟ ହେଉ ଅଥବା ଗଣତାନ୍ତ୍ରିକ ଛାଞ୍ଚର ହେଉ, ଆପଣାର ସର୍ବମୂଳ ଆବେଗଟି ଦ୍ୱାରା ଫରାସୀ ନିରଙ୍କୁଶତାବାଦ ତାହାକୁହିଁ ଲକ୍ଷ୍ୟ ରୂପେ ଗ୍ରହଣ କରିଥିଲା ଏବଂ ସେହି ଆଡ଼କୁ ଗତି କରିବାରେ ମଧ୍ୟ ଲାଗିଥିଲା । ସାମନ୍ତବାଦୀ ଫ୍ରାନ୍‌ସର ଅସ୍ତବ୍ୟସ୍ତ ବ୍ୟବସ୍ଥାଟି ମଧ୍ୟରୁ ରାଜତନ୍ତ୍ରର ଅମଳରେ ଯାହା କେବଳ ଧୀରେଧୀରେ ବିକାଶ ଲାଭ କରି ଆସୁଥିଲା, ଜାକୋବିନ୍‌ମାନଙ୍କର ଶାସନ ଏବଂ ନେପୋଲିଅଁଙ୍କର ରାଜତ୍ୱକାଳରେ ତାହା ଅତ୍ୟନ୍ତ ବେଗର ସହିତ ଫଳବତୀ ହୋଇଗଲା ।

ଅନ୍ୟସବୁ ଦେଶରେ ଏହି ଆନ୍ଦୋଳନଟି ଏତେ ପ୍ରତ୍ୟକ୍ଷ ଭାବରେ ଆଦୌ ହୋଇ ନ ଥିଲା, ଏବଂ ପୁରାତନ ସମାଜର ଅନୁଷ୍ଠାନଗୁଡ଼ିକ ତିଷ୍ଠି ରହିବା ଲାଗି ସେମାନଙ୍କର ମୂଳ ଔଚିତ୍ୟଟିକୁ ହରାଇ ସାରିବା ପରେ ମଧ୍ୟ ତଥାପି ତିଷ୍ଠି ରହିବା ସକାଶେ ପୂର୍ବାପେକ୍ଷା ଅଧିକ ଦୁରାଗ୍ରହୀ ହୋଇ ଉଠିଥିଲେ । ମାତ୍ର ଇଉରୋପର ସର୍ବତ୍ର, ଏପରିକି ଜର୍ମାନୀ* ଓ ରୁଷିଆରେ ମଧ୍ୟ ସେହି ସମାନ ପ୍ରବୃତ୍ତିଟିହିଁ କାର୍ଯ୍ୟ କରୁଥିଲା ଓ ତାହାର ସର୍ବଶେଷ

'oaob.nitrkl.ac.in' images reprocessed

ପରିଣାମଟି ମଧ୍ୟ ଅନିବାର୍ଯ୍ୟ ହୋଇ ରହିଥିଲା । ସେହି ବିବର୍ତ୍ତନଟିର ଅଧ୍ୟୟନ ଭବିଷ୍ୟତ ଲାଗି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ହୋଇ ରହିବ; କାରଣ ଆଧୁନିକ ସଭ୍ୟ ପୃଥିବୀଟିର ତଥାପି ବଡ଼ ଅଡୁଆ ହୋଇ ପଡ଼ିଥିବା ଅବ୍ୟବସ୍ଥାଟି ମଧ୍ୟରୁ ଏକ ବିଶ୍ୱ-ରାଷ୍ଟ୍ର ବିବର୍ତ୍ତିତ ହୋଇ ଆସିଲା ବେଳେ ଯେଉଁ ବାଧାଗୁଡ଼ିକୁ ଅତିକ୍ରମ କରିବାକୁ ହେବ, ସେତେବେଳେ ମଧ୍ୟ ମୂଳତଃ ସେହିସବୁ ବାଧା ଓ ଅସୁବିଧାମାନ ବର୍ତ୍ତମାନ ରହିଥିଲା; ସେଗୁଡ଼ିକର ଆକାର ଏବଂ ପ୍ରସାର ବର୍ତ୍ତମାନ ତୁଳନାରେ ଯେତେ ପୃଥକ୍ ହେଲେ ମଧ୍ୟ ଆମେ ମୂଳତଃ ଠିକ୍ ସେହିସବୁ ବାଧା ଓ ଅସୁବିଧାରହିଁ ସମ୍ମୁଖୀନ ହେବା ।

---

* ଜର୍ମାନୀରେ ଏହି ଆନ୍ଦୋଳନର ଯେଉଁ ନିରଙ୍କୁଶତାବାଦୀ ଚରମ ରୂପ ପ୍ରକାଶ ପାଇଲା, ତାହା ଉଲ୍ଲେଖଯୋଗ୍ୟ । ସେଠାରେ ଅଭୂତପୂର୍ବ କେନ୍ଦ୍ରୀକରଣ ହେଲା, ଅତି ଅନମ୍ୟ ଓ କଠୋର ଭାବରେ ସମସ୍ତଙ୍କୁ ଏକମାନ ଓ ଏକରୂପ କରି ଗଢ଼ାଗଲା; ହିଟ୍‌ଲର୍‌ଙ୍କ ଅଧୀନରେ ଜାତୀୟବାଦୀ ସମାଜତାନ୍ତ୍ରିକ ଦଳର ରାଜତ୍ୱକାଳରେ ଏସବୁ ହେଲା ।

'oaob.nitrkl.ac.in' images reprocessed

## ବିଂଶ ପରିଚ୍ଛେଦ

# ଆର୍ଥିକ କେନ୍ଦ୍ରୀକରଣ ଦିଗରେ ପ୍ରବୃତ୍ତି

ଗୋଟିଏ କେନ୍ଦ୍ରୀୟ କର୍ତ୍ତୃତ୍ୱ ଏବଂ ଆପଣାର ରାଜନୀତିକ, ସାମରିକ ଏବଂ ଖାସ୍‌ଭାବରେ ପ୍ରାଶାସନିକ କାର୍ଯ୍ୟଗୁଡ଼ିକର କ୍ଷେତ୍ରରେ ବାଞ୍ଛିତ ଏକତ୍ୱ ତଥା ଏକରୂପତାଟିକୁ ହାସଲ କରିସାରିବା ପରେ ମଧ୍ୟ ଆମେ କୌଣସି ଜାତୀୟ ଏକତାର ପ୍ରକୃତ ସଂଗଠନଟି ସମ୍ପୂର୍ଣ୍ଣ ହୋଇଗଲା ବୋଲି କଦାପି କହି ପାରିବା ନାହିଁ । ଏହାର ସମଗ୍ର ଜୀବନଟିର ଆଉ ଗୋଟିଏ ଦିଗ ରହିଛି, ଅର୍ଥାତ୍ ବିଧାନସମ୍ବନ୍ଧୀ ଓ ତା'ର ଆନୁଷଙ୍ଗିକ ଦିଗଟି ରହିଛି, ସମାନ ଭାବରେ ମହତ୍ତ୍ୱପୂର୍ଣ୍ଣ ତାହାର ବିଚାରବିଭାଗୀୟ ଦିଗଟି ମଧ୍ୟ ରହିଛି । ବିଧାନଗତ କ୍ଷମତାଟିକୁ କାର୍ଯ୍ୟକାରୀ କରିବାର ଦିଗଟି ସବୁବେଳେ ସାର୍ବଭୌମ କର୍ତ୍ତୃତ୍ୱର ଏକ ବିଶେଷ ଲକ୍ଷଣରୂପେ ରହି ଆସି ନ ଥିଲେ ମଧ୍ୟ ସେଇଟି କାଳକ୍ରମେ ତାହାର ଏକ ବିଶେଷ ଲକ୍ଷଣରେହିଁ ପରିଣତ ହୋଇଯାଇଥାଏ । ନ୍ୟାୟତଃ ଆମେ ହୁଏତ ଅନୁମାନ କରିନେଇ ପାରନ୍ତେ ଯେ, ଯେକୌଣସି ସମାଜରେ ସଚେତନ ଏବଂ ସଂଗଠିତ ଭାବରେ ଆପଣା ଜୀବନ-ବିଧାନଗୁଡ଼ିକର ନିରୂପଣ କରିଦେବାହିଁ ତା'ର ସର୍ବପ୍ରଥମ କାର୍ଯ୍ୟ ହୋଇ ରହନ୍ତା, ଆଉ ସବୁଯାକ ବିଧାନ ଏଇଥିରୁ ନିଷ୍ପନ୍ନ ହୋଇ ଆସନ୍ତେ, ଏଇଟି ଉପରେହିଁ ନିର୍ଭର କରନ୍ତେ, ଏବଂ ତେଣୁ, ସେହି ବିଧାନଗୁଡ଼ିକରହିଁ ସ୍ୱଭାବତଃ ସର୍ବପ୍ରଥମେ ବିକାଶ ହୋଇ ପାରନ୍ତା । ମାତ୍ର, ଆପଣାର ସ୍ୱକୀୟ ବିଧାନଗୁଡ଼ିକର ଅନୁସରଣ କରିହିଁ ଜୀବନର ବିକାଶ ହୋଇଥାଏ । ତା'ର ଆପଣା ଶକ୍ତିଗୁଡ଼ିକର ଚାପ ଦ୍ୱାରାହିଁ ତା'ର ବିକାଶ ହୋଇଥାଏ; ଏବଂ ଆତ୍ମସଚେତନ ମନର ବିଧାନ ଅଥବା ନ୍ୟାୟଟି ଅନୁସାରେ କଦାପି ତାହାର ବିକାଶ ହୁଏ ନାହିଁ । ଅବଚେତନ ଦ୍ୱାରାହିଁ ତାହାର ସର୍ବପ୍ରଥମ ଗତିପଥଟିର ନିର୍ଦ୍ଧାରଣ ହୁଏ, ଏବଂ ସେତେବେଳେ ତାହା କେବଳ ଗୌଣ ଭାବରେ ଏବଂ ଅମୌଳିକ ବ୍ୟୁତ୍ପନ୍ନ ଭାବରେହିଁ ଆତ୍ମସଚେତନ ହୋଇ ରହିଥାଏ । ମନୁଷ୍ୟସମାଜର ବିକାଶଧାରାଟି ମଧ୍ୟ ସେହି ନିୟମଟିର ଅନୁସରଣ କରି ଆସିଛି । ମନୁଷ୍ୟ ଆପଣାର ଅସଲ ପ୍ରକୃତିର କ୍ଷେତ୍ରରେ ଗୋଟିଏ ମନୋମୟ ସତ୍ତା ହୋଇଥିଲେ ମଧ୍ୟ ଗୋଟିଏ ଚେତନାଯୁକ୍ତ ଜୀବ ହିସାବରେ ସେ ଅଧିକାଂଶତଃ ଏକ ଯାନ୍ତ୍ରିକ ମନଃସତ୍ତାକୁ ବହନ କରିହିଁ କାର୍ଯ୍ୟତଃ ଆପଣାର ଯାତ୍ରା ଆରମ୍ଭ କରିଛି, ପ୍ରକୃତିର ମନୁଷ୍ୟ-ଦେହଧାରୀ ଏକ ପ୍ରାଣୀରୂପେ ସେ ଏହି ଯାତ୍ରାଟିକୁ ଆରମ୍ଭ କରିଛି, ଏବଂ କେବଳ ଏକ ପରବର୍ତ୍ତୀ ପର୍ଯ୍ୟାୟରେହିଁ ଏକ ଆତ୍ମସଚେତନ ଜୀବନଧାରୀ ସତ୍ତା ଅର୍ଥାତ୍ ଆପଣାକୁ ଅଧିକରୁ ଅଧିକ ପରିପୂର୍ଣ୍ଣ କରିବାରେ ଲାଗିଥିବା

'oaob.nitrkl.ac.in' images reprocessed

ମନୁ ହୋଇ ଆବିର୍ଭୂତ ହୋଇ ପାରୁଛି । ମନୁଷ୍ୟବ୍ୟକ୍ତିକୁ ଠିକ୍ ଏହି ଗତିପଥଟିର ଅନୁସରଣ କରିବାକୁ ପଡ଼ିଛି, ସମାଜସ୍ଥ ମନୁଷ୍ୟ ବ୍ୟକ୍ତି-ମନୁଷ୍ୟର ପଦାଙ୍କ ଅନୁସରଣ କରିଛି ଏବଂ ତାହା ସର୍ବଦା ସର୍ବୋଚ୍ଚ ବ୍ୟକ୍ତି-ବିକାଶର ତୁଳନାରେ ଅନେକ ପଛରେ ପଡ଼ି ରହିଛି । ତେଣୁ, ଆପଣା ଆବଶ୍ୟକତାଗୁଡ଼ିକର ପୂରଣ ଲାଗି ଏକ ସମଗ୍ର ସଂଗଠନ ହିସାବରେ ସଚେତନ ତଥା ସମ୍ପୂର୍ଣ୍ଣ ଭାବରେ ଆପଣାର ବିଧାନଗୁଡ଼ିକୁ ଆପେ ତିଆରି କରୁଥିବା ପ୍ରତ୍ୟେକ ସମାଜର ଯେଉଁ ବିକାଶ ନ୍ୟାୟତଃ ସର୍ବପ୍ରଥମ ଆବଶ୍ୟକ ପଦକ୍ଷେପ ହୋଇ ରହନ୍ତା, ଜୀବନର ନ୍ୟାୟ ମଧ୍ୟକୁ ଆସି ତାହା ପ୍ରକୃତରେ ସର୍ବଶେଷ ଏବଂ ଚରମ ପଦକ୍ଷେପଟି ହୋଇ ରହିଛି । ଏହି ପଦକ୍ଷେପଟି କେବଳ ସର୍ବଶେଷରେହିଁ ରାଷ୍ଟ୍ରକୁ ସାଧନରୂପେ ବ୍ୟବହାର କରି ସମାଜକୁ ତା'ର ସାମରିକ, ରାଜନୀତିକ, ପ୍ରାଶାସନିକ, ଆର୍ଥିକ, ସାମାଜିକ ତଥା ସାଂସ୍କୃତିକ, ଅର୍ଥାତ୍ ତା' ଜୀବନର ସମଗ୍ର ସଂଗଠନଟିକୁ ପୂର୍ଣ୍ଣଭାବରେ ଗଢ଼ି ପାରିବା ଲାଗି ସମର୍ଥ କରି ପାରୁଛି । ରାଷ୍ଟ୍ର ଏବଂ ସମାଜର ବିକାଶ କେତେଦୂର କେଉଁଠି ସମାନାର୍ଥକ ଭାବରେ କାର୍ଯ୍ୟକାରୀ ହୋଇ ପାରୁଛି, ତାହାରି ଉପରେହିଁ ଉକ୍ତ ପ୍ରକ୍ରିୟାଟିର ସମ୍ପୂର୍ଣ୍ଣତା ନିର୍ଭର କରି ରହିଛି । ଏହିଠାରେହିଁ ଗଣତନ୍ତ୍ରର ଅସଲ ମହତ୍ତ୍ୱଟି ନିହିତ ହୋଇ ରହିଛି ବୋଲି ଆମେ ଦେଖିବାକୁ ସମର୍ଥ ହେବା; ଠିକ୍ ସେଇଟିକୁହିଁ ସମାଜବାଦର ମହତ୍ତ୍ୱ ବୋଲି ମଧ୍ୟ ଜାଣିବା । ସମ୍ପୂର୍ଣ୍ଣଭାବରେ ଏକ ଆତ୍ମସଚେତନ ଏବଂ ତେଣୁ ସ୍ୱାଧୀନ ତଥା ସଚେତନ ଭାବରେ ଆପଣାକୁ ନିୟନ୍ତ୍ରିତ କରି ପାରୁଥିବା ଗୋଟିଏ ସମଗ୍ରରୂପେ ସମାଜ ଯେ କ୍ରମଶଃ ପ୍ରସ୍ତୁତ ହୋଇ ଆସୁଛି, ଗଣତନ୍ତ୍ର ଓ ସମାଜବାଦକୁ ଆମେ ତାହାରିହିଁ ଦୁଇଟି ସଙ୍କେତ ବୋଲି ଜାଣିବା ।* ମାତ୍ର ଏଠାରେ ଉଲ୍ଲେଖ କରି ରଖାଯିବା ଉଚିତ ଯେ ସେହି ସର୍ବୋଚ୍ଚ ସ୍ତରଟିରେ ଆସି ପହଞ୍ଚିବା ସକାଶେ ଆଧୁନିକ ଗଣତନ୍ତ୍ର ଏବଂ ଆଧୁନିକ ସମାଜବାଦକୁ କେବଳ ନାନା ଭୁଲ୍ କରୁଥିବା ଏକ ପ୍ରଥମସ୍ତରୀୟ ଓ ଅଶୋଧିତ ପ୍ରଚେଷ୍ଟା ବୋଲି କୁହାଯିବ, ଏକ ଅଦକ୍ଷ ସଙ୍କେତ ବୋଲି କୁହାଯିବ, ଏକ ମୁକ୍ତ ଏବଂ ବୁଦ୍ଧିସମ୍ପନ୍ନ ଉପଲବ୍ଧି ବୋଲି କଦାପି କୁହାଯିବ ନାହିଁ ।

ଆଇନ୍ କହିଲେ ଆମେ ଯାହା ବୁଝିଥାଉ ଅଥବା ରୋମାନ *Lex* କହିଲେ ପ୍ରକୃତରେ ଯାହା ବୁଝାଯାଉଥିଲା, ସମାଜର ସର୍ବପ୍ରଥମ ପର୍ଯ୍ୟାୟରେ ସେହି ପ୍ରଥମ କାଳରେ ସେପରି କୌଣସି କଥାର ଆଦୌ ଉଦ୍ଭବ ହୋଇ ନ ଥିଲା । କେବଳ ଗୁଡ଼ାଏ

* ଫାସିଷ୍ଟବାଦ ଓ ଜାତୀୟ ସମାଜବାଦ ଏହି ସୂତ୍ରଟିରୁ "ସ୍ୱାଧୀନ ଭାବରେ" ଅଂଶଟିକୁ କାଟି ଦେଇଛନ୍ତି ଏବଂ ହିଂସା ତଥା ବଳାତ୍କାର ଦ୍ୱାରା ସମସ୍ତଙ୍କୁ ଗୋଟିଏ ଶୃଙ୍ଖଳା ଭିତରେ ପୂରାଇ ସେହି ସୁସଂଗଠିତ, ଆତ୍ମନିୟନ୍ତ୍ରଣକାରୀ ଚେତନାଟିର ନିର୍ମାଣ କରିବାରେ ନିଜକୁ ନିୟୋଜିତ କରି ରଖିଛନ୍ତି ।

'oaob.nitrkl.ac.in' images reprocessed

ଅଭ୍ୟାସ ବା ସଂସ୍କାର ରହିଥିଲା, ଯାହାକୁ ସମସ୍ତେ ମାନି କରି ଚଳୁଥିଲେ, ନାନା ଭାଷାରେ ଏହାକୁ nomoi, mores ଏବଂ ଆଚାର ବୋଲି କୁହାଯାଇଛି । କୌଣସି ଗୋଷ୍ଠୀ ଭିତରେ ବାସ କରୁଥିବା ଜଣେ ମଣିଷର ଅନ୍ତଃସ୍ୱଭାବଟି ଦ୍ୱାରାହିଁ ତାହାର ନିର୍ଦ୍ଧାରଣ ହେଉଥିଲା ଏବଂ ତା' ଉପରେ ଆସି ପ୍ରଭାବ ପକାଉଥିବା ତା' ପରିବେଶଟିର ନାନା ଶକ୍ତି ଏବଂ ପ୍ରୟୋଜନ ମଧ୍ୟ ସେଇଟିକୁ ନିର୍ଦ୍ଧାରଣ କରି ଦେଉଥିଲା । ସେହି ଆଚାରଗୁଡ଼ିକ କ୍ରମେ ଗୋଟିଏ ଗୋଟିଏ *instituta* ବା ଅନୁଷ୍ଠାନରେ ପରିଣତ ହେଲେ, ଅର୍ଥାତ୍ ସେଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ତଥା ଔପଚାରିକ ସ୍ଥିତି ଅର୍ଜନ କଲେ ଏବଂ କ୍ରମେ ଦାନା ବାନ୍ଧି ଗୋଟିଏ ଗୋଟିଏ ଆଇନ୍‌ରେ ପରିଣତ ହୋଇଗଲେ । ପୁନଶ୍ଚ, ସେଗୁଡ଼ିକ ସର୍ବଦା ସମାଜର ସମଗ୍ର ଜୀବନଟି ସହିତହିଁ ସଂଯୁକ୍ତ ହୋଇ ରହିଥା'ନ୍ତି; ସେତେବେଳେ ରାଜନୀତିକ ଓ ପ୍ରାଶାସନିକ ମଧ୍ୟରେ କୌଣସି ଭେଦ ନ ଥାଏ, ସାମାଜିକ ଏବଂ ଧର୍ମସମ୍ବନ୍ଧୀୟ ଆଇନ ମଧ୍ୟରେ ବି କୌଣସି ଭେଦ ନ ଥାଏ । ସେମାନେ ସମସ୍ତେ କେବଳ ଯେ ଗୋଟିଏ ସମଗ୍ର ଶୃଙ୍ଖଳା ଭିତରେ ପରସ୍ପର ସହିତ ସଂଯୁକ୍ତ ହୋଇ ରହିଥା'ନ୍ତି ତା' ନୁହେଁ, ମାତ୍ର ଅଭେଦ୍ୟ ଭାବରେ ପରସ୍ପର ମଧ୍ୟରେ ପ୍ରବିଷ୍ଟ ହୋଇ ରହିଥା'ନ୍ତି ଏବଂ ପରସ୍ପରକୁ ନିର୍ଦ୍ଧାରିତ ଏବଂ ରୂପାୟିତ କରିବାରେ ମଧ୍ୟ ଲାଗିଥା'ନ୍ତି । ପ୍ରାଚୀନ ଇହୁଦୀମାନଙ୍କର ଆଇନ୍ ଠିକ୍ ଏହିପରି ଥିଲା, ହିନ୍ଦୁ-ଶାସ୍ତ୍ରର ନିୟମଗୁଡ଼ିକ ମଧ୍ୟ ଏହିପରି ଥିଲା । ଆଧୁନିକ ଯୁଗ ପର୍ଯ୍ୟନ୍ତ ସମାଜର ସେହି ପ୍ରଥମକାଳୀନ ବିଧାନ ବା ନୀତିଗୁଡ଼ିକ ସେହିଗୁଡ଼ିକ ମାଧ୍ୟମରେହିଁ ସଂରକ୍ଷିତ ହୋଇ ଆସିଥିଲା; ମନୁଷ୍ୟ ମଧ୍ୟରେ କାର୍ଯ୍ୟ କରୁଥିବା ବିଶ୍ଳେଷଣକାରୀ ଏବଂ ବ୍ୟାବହାରିକ ବୁଦ୍ଧିର ସ୍ୱାଭାବିକ ବିକାଶଟି ଫଳରେ ଅନ୍ୟତ୍ର ବିଶେଷତା ଏବଂ ବିଭିନ୍ନତାର ଯେଉଁ ପ୍ରବୃତ୍ତିଗୁଡ଼ିକ ଜୟଲାଭ କଲା, ସେଗୁଡ଼ିକ ସତ୍ତ୍ୱେହିଁ ସେଗୁଡ଼ିକ ସଂରକ୍ଷିତ ହୋଇ ଆସିଥିଲା । ହଁ, ଏହି ଜଟିଳ ରୂଢ଼ିଗତ ବିଧାନଟି ଏକ ବିବର୍ତ୍ତନ ମଧ୍ୟଦେଇ ଗତି କରିଥିଲା ସତ, ମାତ୍ର କ୍ରମଶଃ ବଦଳିବାରେ ଲାଗିଥିବା କେତେକେତେ ବିଚାର ଏବଂ ଅଧିକରୁ ଅଧିକ ଜଟିଳ ହେବାରେ ଲାଗିଥିବା ନାନା ପ୍ରୟୋଜନର ବୋଲ ମାନି ସାମାଜିକ ଅଭ୍ୟାସଗୁଡ଼ିକ ମଧ୍ୟ ସ୍ୱାଭାବିକ ଭାବରେ ବିକଶିତ ହୋଇ ଆସିବା ସଙ୍ଗେ ସଙ୍ଗେହିଁ ସେଗୁଡ଼ିକ ବିବର୍ତ୍ତିତ ହେଉଥିଲା । କୌଣସି ପ୍ରକାରେ ସୁନିର୍ଦ୍ଦିଷ୍ଟ ହୋଇ ରହିଥିବା ଗୋଟିଏ ବିଧାନ-ନିର୍ମାଣକାରୀ କର୍ତ୍ତୃତ୍ୱସ୍ଥାନରୁ ସେଗୁଡ଼ିକ କଦାପି ଆପଣାର ଆକାର ଲାଭ କରୁ ନ ଥିଲେ, ସେହିପରି କୌଣସି କର୍ତ୍ତୃତ୍ୱ ସେଗୁଡ଼ିକୁ କଦାପି ନିର୍ବାଚିତ କରି ଆଣୁ ନ ଥିଲା ଅଥବା ସେଇଟି ପଛରେ ସର୍ବସାଧାରଣଙ୍କର ସମ୍ମତି ରହିଛି ବୋଲି ଅନୁମାନ କରି ସେଗୁଡ଼ିକୁ ଧାର୍ଯ୍ୟ କରାଯାଉ ନ ଥିଲା କିମ୍ବା ଜନପ୍ରୟୋଜନ ଓ ଜନମତର ଏକ ସାଧାରଣ ସର୍ବସମ୍ମତିକୁ ଭିତ୍ତିକରି ବିଚାରର କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟାନ୍ୱିତ ହେଉଥିବା କୌଣସି ବିଷୟ ଦ୍ୱାରା

'oaob.nitrkl.ac.in' images reprocessed

ତାହା ନିର୍ଦ୍ଧାରିତ ହେଉ ନ ଥିଲା । ଆପଣାର କ୍ଷମତା ଏବଂ ପ୍ରଭାବ ବଳରେ ହୁଏତ ରାଜା, ଧର୍ମଦୂତ, ଋଷି ଏବଂ ବ୍ରାହ୍ମଣ ନିୟାମକମାନେ ଏପରି ଏକ କାର୍ଯ୍ୟାନୁଷ୍ଠାନକୁ ସମ୍ଭବ କରାଉଥିଲେ, ମାତ୍ର ଏମାନଙ୍କ ମଧ୍ୟରୁ କେହି ହେଲେ ବିଧାନନିର୍ମାଣକାରୀ ଏକ ସର୍ବୋଚ୍ଚ କର୍ତ୍ତୃତ୍ୱର ସ୍ଥାନରେ ଆଦୌ ବିଦ୍ୟମାନ ନ ଥିଲେ । ଭାରତବର୍ଷରେ ରାଜା କହିଲେ ଧର୍ମାନୁଶାସନର କାର୍ଯ୍ୟାନୁଷ୍ଠାତା ବୋଲି ବୁଝାଉଥିଲା; ମାତ୍ର କୌଣସି କ୍ଷେତ୍ରରେ ବିଧାନନିର୍ମାଣକାରୀକୁ ବୁଝାଉ ନ ଥିଲା, କିଂବା କେବଳ କେତୋଟି ବିଶେଷ କ୍ଷେତ୍ରରେ ଏବଂ ପ୍ରାୟ ଦୃଶ୍ୟମାନ ହେଉ ନ ଥିବା ଏକ କ୍ଷୁଦ୍ର କ୍ଷେତ୍ରରେହିଁ ସେପରି ବୁଝାଉଥିଲା ।

ବସ୍ତୁତଃ ଏକଥାଟି ଏଠାରେ ନିଶ୍ଚୟ ଉଲ୍ଲେଖଯୋଗ୍ୟ ମନେହେବ ଯେ ବୃଦ୍ଧିଗତ ଏହି ନିୟମଟି ଜଣେ ସର୍ବମୂଳ ବିଧାନ-ନିର୍ମାତା, ଅର୍ଥାତ୍ ଜଣେ ମନୁ, ମୋଜେସ୍ ବା ଲାଇକର୍ଗସ୍‌ଙ୍କ ଦ୍ୱାରା ପ୍ରଣୀତ ହୋଇ ଆସିଛି ବୋଲି ଅନେକ ସମୟରେ କୁହାଯାଉ ଥିଲା । ମାତ୍ର ଏପରି ଗୋଟିଏ ପରମ୍ପରା ପଛରେ ପ୍ରକୃତରେ ଯେକୌଣସି ଐତିହାସିକ ସତ୍ୟ ରହିଛି, ଆଧୁନିକ ଅନୁସନ୍ଧାନ ତାହାକୁ ସ୍ୱୀକାର କରୁ ନାହିଁ; ଏବଂ, ପ୍ରକୃତରେ ଜ୍ଞାତ ହୋଇ ପାରୁଥିବା ତଥ୍ୟଗୁଡ଼ିକର ଏବଂ ମନୁଷ୍ୟ-ମନର ସାଧାରଣ ପ୍ରକ୍ରିୟା ତଥା ତାହାର ବିକାଶଟିକୁ ବିଚାର କରି ଦେଖିଲା ବେଳକୁ ସମ୍ଭବତଃ ତାହାହିଁ ପ୍ରକୃତରେ ଠିକ୍ ବୋଲି ବୋଧ ହେଉଛି । ବସ୍ତୁତଃ, ଯଦି ଆମେ ଭାରତବର୍ଷର ପୌରାଣିକ ପରମ୍ପରାଟିକୁ ପରୀକ୍ଷା କରି ଦେଖିବା, ତେବେ ଆମେ ନିଶ୍ଚୟ ଜାଣିବାକୁ ପାଇବା ଯେ ମନୁଙ୍କ ବିଷୟରେ ରହି ଆସିଥିବା ଧାରଣାଟି ସର୍ବାପେକ୍ଷା ଅଧିକ ପରିମାଣରେ କେବଳ ଏକ ପ୍ରତୀକ ମାତ୍ର । ମନୁଙ୍କ ନାମଟିର ଅର୍ଥ ହେଉଛି ମନୋମୟ ସତ୍ତାକୁ ଧାରଣ କରିଥିବା ମନୁଷ୍ୟ । ମନୁ ହେଉଛନ୍ତି ମନୁଷ୍ୟଜାତିର ସେହି ଦିବ୍ୟ ବିଧାନଦାତା ଓ ମନୋମୟ ଅର୍ଦ୍ଧଦେବତା ଯିଏକି କୌଣସି ଜାତି ବା ଜନସମୂହ ଆପଣାର ବିବର୍ତ୍ତନଟିକୁ ପରିଚାଳିତ କରି ନେବାର ଧାରାଗୁଡ଼ିକୁ ନିର୍ଦ୍ଧାରଣ କରି ଦେଇଥା'ନ୍ତି । ପୁରାଣରେ ସେହି ମନୁ ବା ତାଙ୍କର ପୁତ୍ରମାନେ ସୂକ୍ଷ୍ମଲୋକମାନଙ୍କରେ ରାଜତ୍ୱ କରୁଛନ୍ତି ବୋଲି କୁହାଯାଇଛି, ଅଥବା ଆମେ ହୁଏତ ଯେପରି କହି ପାରିବା, ସେମାନେ ଏପରି ଏକ ବୃହତ୍ତର ମନଃକ୍ଷେତ୍ରରେ ରାଜତ୍ୱ କରୁଛନ୍ତି, ଯାହାକି ଆମ ଲାଗି ଅବଚେତନ ହୋଇ ରହିଛି ଏବଂ ମନୁଷ୍ୟର ଏହି ଚେତନ ଜୀବନଟିର ବିକାଶ-ଧାରାଟିକୁ ସେହିଠାରେ ରହି ନିରୂପିତ କରିଦେବାକୁ ସେମାନଙ୍କର ସାମର୍ଥ୍ୟ ରହିଛି । ମନୁଙ୍କର ବିଧାନଟି ହେଉଛି ମାନବ-ଧର୍ମଶାସ୍ତ୍ର; ଅର୍ଥାତ୍ ଏହି ଅର୍ଥରେ ତାହାକୁ ଆମେ ମନୋମୟ ମନୁଷ୍ୟସତ୍ତାର ଆଚରଣ ଲାଗି ଏକ ନିୟମବିଜ୍ଞାନ ବୋଲି କହିପାରିବା;– ଅର୍ଥାତ୍ ଯେକୌଣସି ମନୁଷ୍ୟସମାଜର ନିୟମଗୁଡ଼ିକୁ ଆମେ ସେହି ସମାଜର ମନୁ ନିର୍ଦ୍ଧାରିତ କରି ଦେଇଥିବା ପ୍ରକାର ଓ ଧାରାଗୁଡ଼ିକର ସଚେତନ ବିବର୍ତ୍ତନର

'oaob.nitrkl.ac.in' images reprocessed

ପରିଣତି ବୋଲି କହିପାରିବା । ଯଦି କେବେ ଜଣେ ଶରୀରଧାରୀ ମନୁ, ଜଣେ ଜୀବନଧାରୀ ମୋଜେସ୍ ବା ମହମ୍ମଦଙ୍କର ଆବିର୍ଭାବ ହୁଏ, ତେବେ ଆମେ ତାଙ୍କୁ ଅଗ୍ନି ଏବଂ ମେଘଗୁଡ଼ିକ ଦ୍ୱାରା ଆଚ୍ଛାଦିତ ହୋଇ ରହିଥିବା ପରମ ଦିବ୍ୟସତ୍ତାଙ୍କରହିଁ କେବଳ ଜଣେ ସନ୍ଦେଶବାହକ ବା ମୁଖପାତ୍ର ବୋଲିହିଁ କହି ପାରିବା, ତାଙ୍କୁ ଆମେ ସାଇନାଇ ପର୍ବତ ଉପରେ ଅବସ୍ଥାନ କରୁଥିବା ଯାହୋବା ବା ଆପଣାର ଦୂତମାନଙ୍କ ଜରିଆରେ କଥା କହୁଥିବା ଆଲ୍ଲା ବୋଲି କହି ପାରିବା । ଆମେ ସମସ୍ତେ ଜାଣୁ ଯେ ଆରବଜାତିର ତତ୍କାଳୀନ ସାମାଜିକ, ଧର୍ମଗତ ଓ ପ୍ରାଶାସନିକ ଚଳଣିଗୁଡ଼ିକୁ କେବଳ ବିକଶିତ କରି ଆଣି ମହମ୍ମଦ ଏକ ନୂତନ ଶୃଙ୍ଖଳାର ପ୍ରଣୟନ କରିଥିଲେ; ଅନେକ ସମୟରେ ଆପଣାର ଏକ ସମାଧିସ୍ଥ ଅବସ୍ଥାରେ, ଯେତେବେଳେ ସେ ନୂତନ ଶୃଙ୍ଖଳାର ପ୍ରଣୟନ କରିଥିଲେ; ଅନେକ ସମୟରେ ଆପଣାର ଏକ ସମାଧିସ୍ଥ ଅବସ୍ଥାରେ, ଯେତେବେଳେ ସେ ନିଜର ଚେତନ ଆତ୍ମାକୁ ଛାଡ଼ି ଅତିଚେତନ ଆତ୍ମା ମଧ୍ୟକୁ ଚାଲି ଯାଉଥିଲେ, ସ୍ୱୟଂ ପରମେଶ୍ୱରହିଁ ତାଙ୍କର ଗୁପ୍ତ ସଂବୁଦ୍ଧ ମନଟିର ସମକ୍ଷରେ ତାଙ୍କୁ ସେହି ଅନୁଜ୍ଞାଗୁଡ଼ିକୁ ଡାକି କରି କହି ଦେଉଥିଲେ । ଆମେ ସେସବୁକୁ ଅତିବୌଦ୍ଧିକ ବୋଲି କହିପାରିବା, ଅଥବା ଇଚ୍ଛା କଲେ ବୁଦ୍ଧିବିରୁଦ୍ଧ ବୋଲି ମଧ୍ୟ କହି ପାରିବା, ମାତ୍ର ଏହା ନିର୍ଭୁଲ୍ ଭାବରେ ମନୁଷ୍ୟ-ବିକାଶର ଧାରାରେ ଏକ ସମ୍ପୂର୍ଣ୍ଣ ଭିନ୍ନ ପର୍ଯ୍ୟାୟରହିଁ ସୂଚନା ଦେଇ ଯାଇଥାଏ; ଯେଉଁ ଅବସ୍ଥାରେ ବୁଦ୍ଧିପ୍ରେରିତ ଓ ବ୍ୟାବହାରିକ ମନର ଶାସନରେହିଁ ସମାଜ ପରିଚାଳିତ ହେଉଥାଏ ଏବଂ ସମାଜର ପରିବର୍ତ୍ତନଶୀଳ ଆବଶ୍ୟକତା ଏବଂ ଚିରନ୍ତନ ପ୍ରୟୋଜନଗୁଡ଼ିକର ସମ୍ପର୍କରେ ଆସି ଯେଉଁଠି ବୁଦ୍ଧି ଏକ ସୁସ୍ପଷ୍ଟ ଏବଂ ସୂତ୍ରବଦ୍ଧ ନିୟମର ପ୍ରଣୟନ ଦାବି କରିବାକୁ ଲାଗେ, ଏକ ସୁନିର୍ଦ୍ଦିଷ୍ଟ ବିଧାନନିର୍ମାଣକାରୀ କର୍ତ୍ତୃତ୍ୱ, ସମାଜର ସଂଗଠିତ ମସ୍ତିଷ୍କ ବା କେନ୍ଦ୍ରଟି ଯେଉଁ ନିୟମଗୁଡ଼ିକର ନିର୍ଦ୍ଧାରଣ କରି ଦେଉଥାଏ, ଉକ୍ତ ପଦ୍ଧତିଟି ଏଇଟିଠାରୁ ସମ୍ପୂର୍ଣ୍ଣ ଏକ ଭିନ୍ନ ପର୍ଯ୍ୟାୟରହିଁ ସୂଚନା ଦେଇ ଯାଇଥାଏ ।

ଆମେ ଯେପରି ପୂର୍ବରୁ ଦେଖି ସାରିଛୁ, ବିକାଶ ବୁଦ୍ଧି ଦ୍ୱାରା ପ୍ରେରିତ ହେଉଥିଲେ ତାହା ଏକ କେନ୍ଦ୍ରୀୟ କର୍ତ୍ତୃତ୍ୱକୁ ମଧ୍ୟ ସୃଷ୍ଟି କରି ଆଣେ,— ପ୍ରଥମେ କେନ୍ଦ୍ରରେ ଅତି ସ୍ପଷ୍ଟ ଭାବରେ ଏକ ଶକ୍ତି ଜନ୍ମଲାଭ କରେ, ମାତ୍ର ତା'ପରେ ସେହି ଶକ୍ତି ଅଧିକରୁ ଅଧିକ ପରିମାଣରେ ସମାଜ ସହିତ ସମସୀମାଯୁକ୍ତ ହେବାକୁ ଆରମ୍ଭ କରେ ବା ପ୍ରତ୍ୟକ୍ଷ ଭାବରେ ସମାଜର ପ୍ରତିନିଧିତ୍ୱ କରିବାକୁ ଲାଗେ ଏବଂ ତା'ପରେ ତାହା କ୍ରମେ ସାମାଜିକ କ୍ରିୟାଶୀଳତାର ବିଶେଷ ବିଶେଷ ଓ ଭିନ୍ନ ଭିନ୍ନ ଭାଗଗୁଡ଼ିକୁ ଆପଣା ହାତକୁ ନେଇଯାଏ । ପ୍ରଥମ କାଳରେ ରାଜାହିଁ ଏହି କର୍ତ୍ତୃତ୍ୱ ସ୍ଥାନରେ ରହିଥିଲେ, ସେ ନିର୍ବାଚିତ ହୋଇ ଗାଦୀରେ ବସୁଥିଲେ ଅଥବା ବଂଶାନୁକ୍ରମିକ ଭାବରେ ଆସନାରୂଢ଼ ହେଉଥିଲେ; ଏବଂ ଆପଣାର

'oaob.nitrkl.ac.in' images reprocessed

ସର୍ବମୂଳ ଭୂମିକାଟି ଅନୁସାରେ ସେ ଯୁଦ୍ଧର ଜଣେ ନାୟକ ଥିଲେ ଓ ଆପଣା ଗୋଷ୍ଠୀରେ ଆଗରୁ କେବଳ ଜଣେ ମୁଖ୍ୟ ହୋଇ ରହିଥିଲେ, ବଡ଼ମାନଙ୍କ ମଧ୍ୟରେ ସର୍ବାଗ୍ରସ୍ଥାନରେ ଥିଲେ, ବଳବାନ୍‌ମାନଙ୍କ ମଧ୍ୟରେ ଶ୍ରେଷ୍ଠ ଥିଲେ ଓ ଜାତି ତଥା ସୈନ୍ୟବାହିନୀର ସଂଯୋଜକ ହୋଇ ରହିଥିଲେ । ଏଗୁଡ଼ିକର ସକଳ କ୍ରିୟାତ୍ମକତାରେ ସେ ମୂଳଗଣ୍ଠି ହୋଇ ରହିଥିଲେ ସତ, ମାତ୍ର ତଥାପି ଏଗୁଡ଼ିକର ନିର୍ଦ୍ଧାରଣ ପ୍ରଧାନତଃ କଦାପି ତାଙ୍କରି ଉପରେ ନ୍ୟସ୍ତ ହୋଇ ରହି ନ ଥିଲା । କେବଳ ଯୁଦ୍ଧ ସମୟରେ, ଯେତେବେଳେ ସଫଳ ଭାବରେ କ୍ରିୟାଶୀଳ ହୋଇ ପାରିବା ପାଇଁ ଶକ୍ତି ଓ କ୍ଷମତାର ସମ୍ପୂର୍ଣ୍ଣ କେନ୍ଦ୍ରୀକରଣହିଁ ସର୍ବପ୍ରଥମ ଆବଶ୍ୟକତା ହୋଇ ରହିଥିଲା, ସେ ସେତିକିବେଳେହିଁ ସମ୍ପୂର୍ଣ୍ଣ ଭାବରେ ସର୍ବୋଚ୍ଚ ହୋଇ ରହୁଥିଲେ । ସିଏ ଫଉଜର ନାୟକ ଥିଲେ, ଅଧିନାୟକ ହିସାବରେ ସେଇ ଚୂଡ଼ାନ୍ତ ଆଦେଶ ଦେଉଥିଲେ । ଦଳର ପ୍ରଧାନ ହୋଇ ରହିବା ଏବଂ ଦଳକୁ ଶାସନ କରିବାର ଏହି ସଂଯୁକ୍ତ କ୍ଷମତାକୁ ଯେତେବେଳେ ସେ ବାହାରୁ ଭିତର ଆଡ଼କୁ ସଂପ୍ରସାରିତ କରି ଦେଉଥିଲେ, ସେତେବେଳେ ସେ ପ୍ରଶାସନ-କ୍ଷମତାର ମଧ୍ୟ ଅଧିକାରୀ ହୋଇ ପାରୁଥିଲେ; ସମାଜ-ଶାସନର କ୍ଷେତ୍ରରେ କେବଳ ଜଣେ ପ୍ରଧାନ ଯନ୍ତ୍ର ହୋଇ ନ ରହି ସେ ସମାଜର କାର୍ଯ୍ୟକାରୀ ଶାସକରୂପେହିଁ ଅବତୀର୍ଣ୍ଣ ହେଉଥିଲେ ।

ଏହିପରି ଭାବରେ, ଗୋଷ୍ଠୀଭିତରର ରାଜନୀତି ଅପେକ୍ଷା ବହିଃକ୍ଷେତ୍ରର ରାଜନୀତିରେ ଅଧିକ କ୍ଷମତାପନ୍ନ ହୋଇ ପାରିବା ତାଙ୍କ ଲାଗି ସ୍ୱଭାବତଃ ଅଧିକ ସହଜ ହୋଇ ଯାଉଥିଲା । ବର୍ତ୍ତମାନ ମଧ୍ୟ ଯେଉଁଠି ଇଉରୋପୀୟ ସରକାରଗୁଡ଼ିକୁ ଅନ୍ତଃ-ବ୍ୟାପାରର ନାନା କ୍ଷେତ୍ରରେ ଜନମତର ଅପେକ୍ଷା ରଖିବାକୁ ପଡ଼ିଥାଏ ବା ଜାତିକୁ ଆପଣା ନୀତିଗୁଡ଼ିକର ସପକ୍ଷରେ ପ୍ରବର୍ତ୍ତାଇ ଆଣିବାକୁ ଅଥବା ଫୁସୁଲେଇବାକୁ ପଡ଼ିଥାଏ, ବହିଃବ୍ୟାପାରୀୟ ରାଜନୀତିରେ ସେହି ସରକାରମାନେ କେବଳ ଆପଣାର ବିଚାରଗୁଡ଼ିକ ଦ୍ୱାରା ପରିଚାଳିତ ହୋଇହିଁ ସମ୍ପୂର୍ଣ୍ଣ ଭାବରେ ବା ତା' ନ ହେଲେ ଅଧିକତର କ୍ଷେତ୍ରରେ କାର୍ଯ୍ୟ କରିବାକୁ ସମର୍ଥ ହୋଇଥା'ନ୍ତି । କାରଣ, ସେତେବେଳେ ସେମାନଙ୍କୁ ଆପଣାର ଗୁପ୍ତ କୂଟନୀତି ଦ୍ୱାରା ଚାଳିତ ହୋଇହିଁ ସେମାନଙ୍କର କାର୍ଯ୍ୟପନ୍ଥା ନିର୍ଣ୍ଣୟ କରିବା ଲାଗି ବାଟ ଛାଡ଼ି ଦିଆଯାଏ, ଏବଂ ସେସବୁ କ୍ଷେତ୍ରରେ ସାଧାରଣ ଲୋକଙ୍କର କିଛିହେଲେ କହିବାକୁ ନ ଥାଏ ଓ ଜାତିର ନିର୍ବାଚିତ ପ୍ରତିନିଧିମାନେ ମଧ୍ୟ ସାଧାରଣ ଭାବରେ କେବଳ ପରିଣାମଗୁଡ଼ିକ ବିଷୟରେ ହୁଏତ କିଛି ସମାଲୋଚନା କରିପାରନ୍ତି ବା ପରିଣାମଟି ଲାଗି ଆପଣାର ସମର୍ଥନ ଘୋଷଣା କରି କିଛି କହିପାରନ୍ତି । ବହିଃବ୍ୟାପାରୀୟ ରାଜନୀତିରେ ସେମାନଙ୍କର ପ୍ରାୟ କିଛିହେଲେ କରିବାର ନ ଥାଏ ବା ଖୁବ୍ ବେଶୀ ହେଲେ ଯଥାସମ୍ଭବ କମ୍ କରିବାକୁ ରହିଥାଏ, କାରଣ ଗୋପନ ବ୍ୟବସ୍ଥା ଓ ଗୋପନ

'oaob.nitrkl.ac.in' images reprocessed

ସନ୍ଧିଗୁଡ଼ିକୁ ଅଟକାଇ ରଖିବା ଲାଗି ସେମାନଙ୍କର କୌଣସି ଶକ୍ତି ନ ଥାଏ; ଏପରିକି ଯେଉଁସବୁ ଚୁକ୍ତି ବା ସନ୍ଧି ବିଷୟରେ ଅନେକ ଆଗରୁ ସାଧାରଣରେ ଜଣାଇ ଦିଆଯାଏ; ସେତେବେଳେ ସେମାନେ ଖୁବ୍ ବେଶୀ ହେଲେ ସେଇଟି ପ୍ରତି ଆପଣାର ସମର୍ଥନଟିକୁ ଯାହା ପ୍ରତ୍ୟାହୃତ କରି ରଖିପାରନ୍ତି, ମାତ୍ର ସେଥିରେ ମଧ୍ୟ ଜାତିର ବହିଃବ୍ୟାପାରୀୟ ଯାବତୀୟ କ୍ରିୟାତ୍ମକତାରେ ଆବଶ୍ୟକ ନିଶ୍ଚିତତା ଓ ଅବିଚ୍ଛିନ୍ନତା ତଥା ସେହି ଆବଶ୍ୟକ ଏକରୂପତାଟି ମଧ୍ୟ ବିନଷ୍ଟ ହୋଇ ପଡ଼ିବାର ସର୍ବଦା ଆଶଙ୍କା ରହିଥିବ । ତଦ୍ଦ୍ୱାରା କୌଣସି ଜାତି ଉପରେ ବାହାରର ଅନ୍ୟ ସରକାରମାନଙ୍କର ଯେଉଁ ବିଶ୍ୱାସଟି ଥିବ, ସେଇଟି ମଧ୍ୟ ବିନଷ୍ଟ ହୋଇଯିବ ଏବଂ ସେହି ଅସଲ ବିଶ୍ୱାସଟି ନ ଥିଲେ ସେମାନଙ୍କ ସହିତ କଥାବାର୍ତ୍ତା ବି କିପରି କରିହେବ ଓ ସେମାନଙ୍କ ସହିତ କୌଣସି ସ୍ଥାୟୀ ଚୁକ୍ତି ବା ମେଣ୍ଟରେ କିପରି ବା ରହିହେବ ? ପୁଣି ଏକ ସଙ୍କଟ ସମୟରେ ମଧ୍ୟ ଜନଗଣ ଆପଣାର ସମର୍ଥନଟିକୁ କଦାପି ପ୍ରକୃତରେ ପ୍ରତ୍ୟାହୃତ କରି ରଖି ପାରିବେ ନାହିଁ, ଯୁଦ୍ଧ ବା ଶାନ୍ତି କୌଣସିଟି ପାଇଁ ମଧ୍ୟ ସେକଥା କରି ପାରିବେ ନାହିଁ; ଯେଉଁ ସର୍ବଶେଷ ଘଡ଼ି ଅଥବା ସର୍ବଶେଷ ମୁହୂର୍ତ୍ତରେ ଯୁଦ୍ଧ ବା ଶାନ୍ତି ଅନିବାର୍ଯ୍ୟ ହୋଇ ରହିଥିବ, ଏବଂ କେବଳ ଯେତିକିବେଳେହିଁ ପ୍ରକୃତରେ ଫଳପ୍ରଦ ଭାବରେ ଜନଗଣର ମତ ଲୋଡ଼ାଯାଇ ପାରିବ, ସେତେବେଳେ ସେମାନେ କଦାପି ସେଥିଲାଗି ଆପଣାର ସମର୍ଥନଟିକୁ ପ୍ରତ୍ୟାହାର କରିନେଇ ପାରିବେ ନାହିଁ । ପୁରାତନ ରାଜତନ୍ତ୍ରଗୁଡ଼ିକ ସମୟରେ, ଯେତେବେଳେ ରାଜାହିଁ ଯୁଦ୍ଧ କରୁଥିଲେ ଓ ଶାନ୍ତିସ୍ଥାପନା କରୁଥିଲେ ଏବଂ ଜାତୀୟ ସ୍ୱାର୍ଥରକ୍ଷା ସମ୍ବନ୍ଧରେ ତାଙ୍କର ରହିଥିବା ଧାରଣାଗୁଡ଼ିକ ଅନୁସାରେହିଁ ସେ ଦେଶର ବହିଃବ୍ୟାପାରଗୁଡ଼ିକର ବ୍ୟବସ୍ଥାପନା କରୁଥିଲେ, ଏଗୁଡ଼ିକ କରିବା ସମୟରେ ସେ ଯେତେବେଳେ ମୁଖ୍ୟତଃ ଆପଣାର ବିଶେଷ ଝୁଙ୍କ, ଅଭିରୁଚି ତଥା ବ୍ୟକ୍ତିଗତ ଓ ପାରିବାରିକ ସ୍ୱାର୍ଥଗୁଡ଼ିକ ଦ୍ୱାରାହିଁ ପରିଚାଳିତ ହେଉଥିଲେ, ସେତେବେଳେ ଆହୁରି ଅଧିକ ଅନିବାର୍ଯ୍ୟ ଭାବରେହିଁ ସେକଥା ଘଟୁଥିଲା । ମାତ୍ର ଏହି କ୍ଷେତ୍ରରେ ଯାହାକିଛି ଅସୁବିଧାମାନ ଜଡ଼ିତ ହୋଇ ରହିଥାଉ ପଛକେ, ଯୁଦ୍ଧ, ଶାନ୍ତି ଏବଂ ବୈଦେଶିକ ରାଜନୀତିର ବ୍ୟବସ୍ଥା କରିବା ତଥା ଯୁଦ୍ଧକ୍ଷେତ୍ରରେ ନାୟକତ୍ୱ ଗ୍ରହଣ କରିବାର କାର୍ଯ୍ୟ ବା ଭୂମିକାଟିକୁ ଅନ୍ତତଃ କେନ୍ଦ୍ରୀକୃତ କରି ରଖିଦିଆ ଯାଇଛି, ସର୍ବୋଚ୍ଚ କର୍ତ୍ତୃତ୍ୱ ସ୍ଥାନଟି ସହିତ ତାହାକୁ ଆଣି ଏକାଠି ଯୋଡ଼ି ଦିଆଯାଇଛି । ବୈଦେଶିକ ବ୍ୟାପାରର ବ୍ୟବସ୍ଥାକୁ ପ୍ରକୃତରେ ପାର୍ଲିଆମେଣ୍ଟର ନିୟନ୍ତ୍ରଣରେ ଆଣି ରଖିବାର ବା ଏପରିକି କୂଟନୀତିର ସକଳ ବ୍ୟାପାରରେ କୌଣସି ଗୋପନୀୟତା ନ ରଖି ତାହାକୁ ମୁକ୍ତ କରି ରଖିବାର ଦାବିଟି,– ଆମର ବର୍ତ୍ତମାନ ଧାରଣାଗୁଡ଼ିକ ଲାଗି ଏହା ଏକ କଷ୍ଟକର ବ୍ୟାପାର ସତ, ମାତ୍ର ଏକଦା ଏହାର ପ୍ରକୃତରେ ଆଚରଣ କରାଯାଉଥିଲା ଏବଂ ଏବେ ମଧ୍ୟ

'oaob.nitrkl.ac.in' images reprocessed

ସମ୍ପୂର୍ଣ୍ଣ ଭାବରେ ଆଚରଣ କରାଯାଇ ପାରିବ,– ପ୍ରକୃତରେ ରାଜତନ୍ତ୍ର ଓ ସମ୍ଭ୍ରାନ୍ତତନ୍ତ୍ରର ସ୍ତରରୁ ଏକ ଗଣତାନ୍ତ୍ରିକ ପଦ୍ଧତିମଧ୍ୟକୁ ରୂପାନ୍ତର ଘଟିବାର ପ୍ରକ୍ରିୟାଟି ମଧ୍ୟରେ ଆମେ ଏହାକୁ ଆଉ ଗୋଟିଏ ଅଧିକ ସୋପାନ ବୋଲି କହିପାରିବା । ବର୍ତ୍ତମାନ ଏହିଟିକୁ ନେଇ ଗଣତନ୍ତ୍ର ଯେତେ ଯାହା ବଢ଼ାଇ କରି କହୁଥାଉ ପଛକେ, ଏହାକୁ କଦାପି ଗୋଟିଏ ସମ୍ପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଇ ପାରିବ ନାହିଁ । ଏଇଟି ଦ୍ୱାରା, ସର୍ବୋଚ୍ଚ କ୍ଷମତାସମ୍ପନ୍ନ ଯାବତୀୟ କାର୍ଯ୍ୟ ଆଗରୁ ଯେପରି ଜଣେ ସାର୍ବଭୌମ ଶାସକ ବା ମାତ୍ର ଅଳ୍ପ କେତେଜଣ ପ୍ରଶାସକ କର୍ମଚାରୀଙ୍କ ହାତରେ ସମର୍ପିତ ହୋଇ ରହିଥିଲା, ତାହା ଏଣିକି ଗଣତାନ୍ତ୍ରିକ ରାଷ୍ଟ୍ରରୂପେ ସଂଗଠିତ ହୋଇ ରହିଥିବା ସମଗ୍ର ସମାଜଟି ହାତରେହିଁ ସମର୍ପିତ ହୋଇ ରହିଲା ।

କୌଣସି ସମାଜର ଆଭ୍ୟନ୍ତରୀଣ ଯାବତୀୟ କର୍ମଭାରକୁ ଆପଣା ହାତକୁ ନେଇଯିବା ଦ୍ୱାରା କେନ୍ଦ୍ରୀୟ ସତ୍ତାଟିକୁ ଏକ ଅଧିକ ଆୟାସସାଧ୍ୟ କାର୍ଯ୍ୟର ସମ୍ମୁଖୀନ ହେବାକୁ ପଡ଼ିଥାଏ, କାରଣ, ସେଗୁଡ଼ିକୁ ଅଥବା ସେଗୁଡ଼ିକର ମୁଖ୍ୟ ନିୟନ୍ତ୍ରଣଟିକୁ ଆପଣା ହାତକୁ ଛଡ଼ାଇ ଆଣିବା ଦ୍ୱାରା ତାହା ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବା ତାହାକୁ ପରିବର୍ତ୍ତିତ କରିଦେବାକୁ ଚାହୁଁଥିବା କେତେକେତେ ଶକ୍ତିଶାଳୀ ଅନ୍ୟ କ୍ରିୟାତ୍ମକତା ଏବଂ ସ୍ୱାର୍ଥର ଏବଂ କେତେ ପ୍ରତିଷ୍ଠିତ ଏବଂ ଅନେକ ସମୟରେ ଶ୍ରଦ୍ଧା ସହକାରେ ଆକାଂକ୍ଷିତ ଜାତିଗତ ଅଭ୍ୟାସ, ସଂସ୍କାର ତଥା ପ୍ରଚଳିତ କେତେ ଅଧିକାର ଏବଂ ବିଶେଷାଧିକାର ଉପରେ ମଧ୍ୟ ଧ୍ୟାନ ରଖିବାକୁ ବାଧ୍ୟ ହୋଇଥାଏ । ମାତ୍ର ଆପଣା ସ୍ୱଭାବରେ ଯେଉଁସବୁ କାର୍ଯ୍ୟ ଶାସନସମ୍ବନ୍ଧୀୟ ଏବଂ ପ୍ରାଶାସନିକ ହୋଇ ରହିଥାଏ, ତାହା ପରିଶେଷରେ ବାଧ୍ୟ ହୋଇ ସେଗୁଡ଼ିକୁ ଗୋଟିଏ ନିୟନ୍ତ୍ରଣ ଭିତରକୁହିଁ ଆଣିଥାଏ । ଜାତୀୟ ସଂଗଠନର ଏହି ପ୍ରାଶାସନିକ ଦିଗଟିର ମୁଖ୍ୟ ତିନୋଟି ଭାଗ ରହିଛି : ଗୋଟିଏ ଅର୍ଥବ୍ୟବସ୍ଥାର ଭାଗ, ଆଉ ଗୋଟିଏ ଖାସ୍ ଶାସନସମ୍ବନ୍ଧୀୟ ଭାଗ ଏବଂ ଶେଷଟି ନ୍ୟାୟାଳୟ-ସମ୍ବନ୍ଧୀ ଭାଗ । ଅର୍ଥବ୍ୟବସ୍ଥାର କ୍ଷମତାଟିର ଅର୍ଥ ହେଲା ଯେ ସେଥିରେ ସାଧାରଣ ଅର୍ଥରାଶିର ନିୟନ୍ତ୍ରଣ କରିବାକୁ ପଡ଼େ, ଜାତୀୟ ଉଦ୍ଦେଶ୍ୟଗୁଡ଼ିକ ଲାଗି ସମାଜରୁ ଆଦାୟ ହୋଇ ଆସୁଥିବା ଅର୍ଥସମ୍ପଦର ବ୍ୟୟବ୍ୟବସ୍ଥା କରିବାକୁ ହୁଏ; ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯେଉଁ ସତ୍ତାଟି ସାମୂହିକ ଜୀବନର ସମ୍ମିଳିତ କ୍ରିୟାଟିକୁ ସଂଗଠିତ କରିବା ଏବଂ ତାହାକୁ ଫଳଦକ୍ଷ କରି ରଖିବାର ଦାୟିତ୍ୱକୁ ଆପଣା ହାତକୁ ନେଇଥାଏ, ଅର୍ଥବ୍ୟବସ୍ଥା ପ୍ରକୃତରେ ତାହାରି ହାତରେ ଯାଇ ରହେ । ମାତ୍ର ସେହି ସତ୍ତାଟି ଏହି କ୍ଷେତ୍ରରେ ଆପଣାର ଦାୟିତ୍ୱଟିକୁ କାହା ସହିତ ବାଣ୍ଟି ରଖିବାର ଇଚ୍ଛା କରେ ନାହିଁ, ଏସବୁ ବିଷୟରେ ତାହା କଦାପି ଆଉ କାହାରି ନିୟନ୍ତ୍ରଣ ରହୁ ବୋଲି ମଧ୍ୟ ଚାହେଁ ନାହିଁ, ଏହି ସଂକ୍ରାନ୍ତୀୟ ଯାବତୀୟ କ୍ଷମତା

'oaob.nitrkl.ac.in' images reprocessed

ସମ୍ପୂର୍ଣ୍ଣ ଭାବରେ ଗୋଟିଏ ଥାନରେ ଠୁଳ ହୋଇ ରହିବାକୁହିଁ ଚାହୁଁଥାଏ; ତେଣୁ ସକଳ ବ୍ୟୟ କେବଳ ତାହାରି ସ୍ୱାଧୀନ ଇଚ୍ଛାଟି ଅନୁସାରେ ନିରୂପିତ ହେଉ ବୋଲି ଯେ ସେ ସ୍ୱଭାବତଃ ଅଭିଳାଷ ରଖିଥାଏ ତା' ନୁହେଁ, ମାତ୍ର ସମାଜରୁ ସାଧାରଣ ଅର୍ଥକୋଷକୁ ପ୍ରକୃତରେ କେତେ ପରିମାଣର ଅର୍ଥ ଆସିବ ଏବଂ ଜାତିର ଅଙ୍ଗ ହୋଇ ରହିଥିବା ବ୍ୟକ୍ତି ଓ ଶ୍ରେଣୀମାନେ ଏହି ପରିମାଣଟିକୁ କିପରି ପ୍ରକାରେ ବାଣ୍ଟିକରି ଦେବେ, ତାହା ସେଇଟିର ମଧ୍ୟ ନିୟନ୍ତ୍ରଣ କରିବାକୁ ଇଚ୍ଛା କରୁଥାଏ । ରାଜତନ୍ତ୍ରର ତ ଏକ ନିରଙ୍କୁଶ କେନ୍ଦ୍ରସତ୍ତା ଆଡ଼କୁ ପ୍ରବୃତ୍ତି ରହିଥାଏ, ତେଣୁ ତାହା ଏହି କ୍ଷମତାଟିକୁ ସର୍ବଦା ଆପଣା ହାତରେ ରଖିବାକୁହିଁ ଇଚ୍ଛା କରି ଆସିଛି ଓ ସେଥିଲାଗି ସଂଗ୍ରାମ ବି କରିଆସିଛି; କାରଣ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଜାତିର ଅର୍ଥକୋଷଟି ଯାହାର ନିୟନ୍ତ୍ରଣରେ ରହିବ, ସେଥିରୁ ସେଇ ପ୍ରକୃତ ସାର୍ବଭୌମ କ୍ଷମତାର ଅଧିକାରୀ ହୋଇ ରହିଛି ବୋଲି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ସୂଚନା ମିଳିବ ଏବଂ ସେହି ନିୟନ୍ତ୍ରଣହିଁ ଏହି କ୍ଷମତାର ସବୁଠାରୁ ଅଧିକ ଫଳପ୍ରଦ ଉପାଦାନ ହୋଇ ରହିଥିବ, ଲୋକଙ୍କର ଜୀବନ ଓ ଶରୀର ଉପରେ ନିୟନ୍ତ୍ରଣଠାରୁ ସମ୍ଭବତଃ ଏହାହିଁ ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇ ରହିଥିବ । ସବୁଠାରୁ ଅଧିକ ପରିମାଣରେ ସ୍ୱେଚ୍ଛାଚାରୀ ହୋଇ ରହିଥିବା ଶାସନମାନଙ୍କରେ ଏହି ଆର୍ଥିକ ନିୟନ୍ତ୍ରଣଟି ମଧ୍ୟ ଏକାବେଳେକେ ସମ୍ପୂର୍ଣ୍ଣ ହୋଇ ରହିଥାଏ ଏବଂ ଏତେସବୁ କ୍ଷେତ୍ରକୁ ପ୍ରସାରିତ ହୋଇ ରହିଥାଏ ଯେ ବିଚାରବିଭାଗର କୌଣସି ସାହାଯ୍ୟ ନ ନେଇ ମଧ୍ୟ ତାହା ଲୋକଙ୍କର ସମ୍ପତ୍ତିକୁ ବାଜ୍ୟାପ୍ତ କରି ନେଇପାରେ, ଅପହରଣ ବି କରି ନେଇପାରେ । ଅନ୍ୟପକ୍ଷରେ, ଯେଉଁ ଶାସକଙ୍କୁ ଦେୟର ପରିମାଣ ଓ ଟିକସର ପଦ୍ଧତି ବିଷୟରେ ପ୍ରଜାମାନଙ୍କ ସହିତ ଆଗ ଆଲୋଚନା କରି ତେବେଯାଇ ତାହାକୁ ଧାର୍ଯ୍ୟ କରିବାକୁ ପଡୁଥାଏ, ସେହି କ୍ଷେତ୍ରରେ ତାହାର ସାର୍ବଭୌମ କ୍ଷମତାଟି ପ୍ରକୃତରେ ଏକ ଘେର ଭିତରେ ଆସି ପଡ଼ି ଯାଇଥାଏ ଏବଂ ତା'ପରେ ସିଏ ଆଉ ଅସଲ ସାର୍ବଭୌମ ଓ ସଂପୂର୍ଣ୍ଣ କ୍ଷମତାଧାରୀ ହୋଇ ଆଦୌ ରହିପାରେ ନାହିଁ । ଅସଲ କ୍ଷମତାଟି ଶାସନର ତଳ ସୋପାନସ୍ଥ ଆଉ କେଉଁଠି ଆସି ରହିଥାଏ ଏବଂ ତା'ଠାରୁ ସେହି ଅନ୍ୟ ସତ୍ତାଟି ହାତକୁ ସାର୍ବଭୌମ କ୍ଷମତାକୁ ହସ୍ତାନ୍ତରିତ କରି ନେବାର ଯେକୌଣସି ସଂଗ୍ରାମରେ ସେହି ଅସଲ କ୍ଷମତାଟିକୁ ତା' ବିରୋଧରେ ବେଶ୍ ପ୍ରୟୋଗ କରାଯାଇପାରେ ଓ ତଦ୍ଦ୍ୱାରା ତାକୁ ଖତମ ମଧ୍ୟ କରି ଦିଆଯାଇ ପାରେ । ଏହି କାରଣରୁହିଁ, ରାଜତନ୍ତ୍ର ସହିତ ଆପଣାର ସଂଗ୍ରାମଟିରେ ଇଂଲଣ୍ଡବାସୀ ଜନଗଣଙ୍କର ସର୍ବପ୍ରଧାନ ରାଜନୀତିକ ଦୃଷ୍ଟିଟି ସତେଅବା ସ୍ୱତଃପ୍ରବୃତ୍ତ ଭାବରେ ଟିକସ ଆଦାୟ କରିବାର ଏହି ପ୍ରଶ୍ନଟି ଉପରେହିଁ ନିବଦ୍ଧ ହୋଇ ରହିଥିଲା ଏବଂ ଅର୍ଥକୋଷ ଉପରେ ଅଧିକାରୀ ହୋଇ ରହିବାର ଲଢ଼ାଇରେ ସେମାନେ ଏଇ କଥାଟିକୁହିଁ ମୁଖ୍ୟ କରି ଧରିଥିଲେ ।

'oaob.nitrkl.ac.in' images reprocessed

ଷ୍ଟୁଆର୍ଟମାନଙ୍କର ପରାଜୟ ଦ୍ୱାରା ପାର୍ଲିଆମେଣ୍ଟରେ ଥରେ ସେହି କଥାଟିର ନିଷ୍ପତ୍ତି ହୋଇଯିବା ପରେ ରାଜତନ୍ତ୍ରର ସାର୍ବଭୌମତାରୁ ଜନତନ୍ତ୍ରର ସାର୍ବଭୌମତାକୁ ରୂପାନ୍ତରିତ ହୋଇ ଆସିବାକୁ ଇଂଲଣ୍ଡରେ ଆଉ ମୋଟେ ଅଧିକ ସମୟ ଲାଗିଲା ନାହିଁ । ଅଥବା, ଅଧିକ ନିର୍ଭୁଲ ଭାବରେ କହିଲେ, ସାମୂହିକ ଜୀବନର ଅସଲ ନିୟନ୍ତ୍ରଣଟି ରାଜାଙ୍କ ହାତରୁ ସମ୍ଭ୍ରାନ୍ତତନ୍ତ୍ରର ହାତକୁ, ସେଠାରୁ ପୁଞ୍ଜିପତିମାନଙ୍କ ହାତକୁ ଓ ତା'ପରେ ପୁଣି ସମଗ୍ର ଜନଗଣଙ୍କର ହାତକୁ ଆସି ପାରିବା କେବଳ ସମୟରହିଁ ଏକ ପ୍ରଶ୍ନ ହୋଇ ରହିଲା । ଏଥିମଧ୍ୟରୁ ଶେଷୋକ୍ତ ଦୁଇଟି ସୋପାନହିଁ ବିଗତ ଅଶୀ ବର୍ଷର ବିବର୍ତ୍ତନଟିକୁ କ୍ଷିପ୍ର ଗତିରେ ଅଗ୍ରସର କରାଇ ନେବାରେ ଲାଗିଛି ଏବଂ ତା'ଭିତରୁ ଗୋଟିଏ ତଥାପି ସମ୍ପୂର୍ଣ୍ଣ ହୋଇ ନାହିଁ । ଫ୍ରାନ୍ସରେ ରାଜତନ୍ତ୍ରହିଁ ବଡ଼ ସଫଳ ଭାବରେ କାର୍ଯ୍ୟତଃ ଏହି ନିୟନ୍ତ୍ରଣଟିକୁ ଆପଣା ହାତରେ ରଖି ପାରିଥିଲା ଏବଂ ତାହାହିଁ ତାହାର ଏକ ବଳ ହୋଇ ରହିଥିଲା । ଯେତେବେଳେ ରାଜତନ୍ତ୍ର ସାଧାରଣ ଅର୍ଥକୋଷଟିକୁ ନ୍ୟାୟ ଏବଂ ମିତବ୍ୟୟିତା ସହିତ ଚଳାଇ ନ ପାରିଲା, ଯେତେବେଳେ ଜନସାଧାରଣ କରଭାରରେ ପେଷିହୋଇ ଯାଉଥିଲେ ଅଥଚ ସମ୍ଭ୍ରାନ୍ତଶ୍ରେଣୀ ଓ ଧର୍ମରାଜ୍ୟର ଶାସକମାନଙ୍କର ଅତୁଳ ସମ୍ପତ୍ତି ଉପରେ କୌଣସି କର ବସାଇବାକୁ ରାଜତନ୍ତ୍ର ଅନିଚ୍ଛୁକ ହେଲା ଏବଂ ତେଣୁ ପୁଣି ସମଗ୍ର ଜାତିର ମତ ଲୋଡ଼ିବା ଅତ୍ୟାବଶ୍ୟକ ହୋଇ ଉଠିଲା, ସେତେବେଳେ ଯାଇ ତାହା ଫରାସୀ ବିପ୍ଳବ ଲାଗି ଏକ ଅବସର ଆଣି ଯୋଗାଇଦେଲା । ଯଥେଷ୍ଟ ପରିମାଣରେ ଅଗ୍ରସର ହୋଇ ପାରିଥିବା ଆଧୁନିକ ଦେଶମାନଙ୍କରେ ଆମେ ନିୟନ୍ତ୍ରଣକାରୀ ଏପରି ଗୋଟିଏ ସତ୍ତା ରହିଥିବାର ଦେଖିବାକୁ ପାଇବା, ଯିଏ କି ଅଳ୍ପ ବା ବହୁତ ସମ୍ପୂର୍ଣ୍ଣ ଭାବରେ ସମଗ୍ର ଜାତିର ପ୍ରତିନିଧିତ୍ୱ କରୁଛି ବୋଲି ଅନ୍ତତଃ ଏକ ଦାବି କରୁଥାଏ; ବ୍ୟକ୍ତି ତଥା ବିଭିନ୍ନ ଶ୍ରେଣୀଙ୍କୁ ସେହି ସତ୍ତା ପାଖରେ ମୁଣ୍ଡ ନୁଆଁଇ ସବୁ ମାନି ନେବାକୁହିଁ ପଡ଼େ, କାରଣ ସମଗ୍ର ସମାଜର ଇଚ୍ଛାଟିରୁ ସେମାନଙ୍କୁ କୌଣସି ସମର୍ଥନ ମିଳୁ ନ ଥାଏ । ମାତ୍ର ସେକଥା ଯାହା ହେଉ ପଛକେ, ଟିକସ ଧାର୍ଯ୍ୟ ବା ଆଦାୟ କରିବାର ପ୍ରଶ୍ନଗୁଡ଼ିକ ନୁହେଁ, ମାତ୍ର ସମାଜର ଆର୍ଥିକ ଜୀବନଟିର ଯଥାର୍ଥ ସଂଗଠନ ଏବଂ ଯଥାର୍ଥ ପ୍ରଶାସନ କିପରି ଭାବରେ ହେବ, ତାହାରି ପ୍ରଶ୍ନଗୁଡ଼ିକହିଁ ବର୍ତ୍ତମାନ ଆମ ପୃଥିବୀରେ ଭବିଷ୍ୟତର ବିପ୍ଳବଗୁଡ଼ିକ ଲାଗି କ୍ଷେତ୍ର ପ୍ରସ୍ତୁତ କରି ଆଣିବାରେ ଲାଗିଛି ।

'oaob.nitrkl.ac.in' images reprocessed

## ଏକବିଂଶ ପରିଚ୍ଛେଦ

# ବିଧାନଗତ ତଥା ସାମାଜିକ କେନ୍ଦ୍ରୀକରଣ ଏବଂ ଏକରୂପତା ଆଡ଼କୁ ପ୍ରବୃତ୍ତି

ଯେତେବେଳେ ବିଚାର-ବିଭାଗୀୟ ପ୍ରଶାସନରେ ଏକତା ଏବଂ ଏକରୂପତା ଆସିଯାଏ, ବିଶେଷ କରି ଏହାର ଫୌଜଦାରୀ ବିଭାଗଟିରେ ଏଗୁଡ଼ିକ ହାସଲ ହୋଇଯାଏ, ସେତେବେଳେ ପ୍ରଶାସନର ଅସଲ କ୍ଷମତାଗୁଡ଼ିକୁ ସାର୍ବଭୌମ କ୍ଷମତାଶାଳୀର ହାତକୁ କେନ୍ଦ୍ରୀଭୂତ କରି ଆଣିବାର କାର୍ଯ୍ୟଟି ପ୍ରକୃତରେ ସମ୍ପୂର୍ଣ୍ଣ ହୋଇଯାଏ । କାରଣ ଶୃଙ୍ଖଳା-ରକ୍ଷା ଏବଂ ଆଭ୍ୟନ୍ତରୀଣ ଶାନ୍ତିରକ୍ଷା ସହିତ ଏଇଟି ବଡ଼ ଅନ୍ତରଙ୍ଗ ଭାବରେ ଯୋଡ଼ିହୋଇ ରହିଥାଏ । ପୁନଶ୍ଚ, ଫୌଜଦାରୀ ଅର୍ଥାତ୍ ଦଣ୍ଡନ୍ୟାୟ ବିଭାଗଟିର କର୍ତ୍ତୃତ୍ୱଟିକୁ ଶାସକ ଆପଣା ହାତରେ ଆଣି ରଖିବାର ଏକ ଆବଶ୍ୟକତା ଅନୁଭୂତ ହୁଏ, ଯେପରିକି ସେ ତା' ବିରୋଧରେ ହେଉଥିବା ସକଳ ବିଦ୍ରୋହକୁ ରାଜଦ୍ରୋହ ବୋଲି କହି ଦବାଇଦେଇ ପାରିବ ଏବଂ ଏପରିକି, ଯଥାସମ୍ଭବ ସକଳ ପ୍ରକାର ଟୀକା ଓ ସମାଲୋଚନା ଏବଂ ବିରୋଧକୁ ବନ୍ଦ କରିଦେଇ ପାରିବ । ଏବଂ ଚିନ୍ତା କରିବାର ତଥା କଥା କହିବାର ଯେଉଁ ସ୍ୱାଧୀନତା ଏକ ଅଧିକ ପରିପୂର୍ଣ୍ଣ ସାମାଜିକ ଆଦର୍ଶ ଲୋଡ଼ିବାକୁ ଯାଇ ଏବଂ ପରୋକ୍ଷ ଅଥବା ପ୍ରତ୍ୟକ୍ଷ ଭାବରେ ପ୍ରଗତିକୁ ପ୍ରୋତ୍ସାହନ ଦେଇ ପ୍ରତିଷ୍ଠିତ ଯାବତୀୟ କ୍ଷମତା ଏବଂ ଅନୁଷ୍ଠାନଗୁଡ଼ିକ ଲାଗି ଅତ୍ୟନ୍ତ ବିପଜ୍ଜନକ ସାବ୍ୟସ୍ତ ହୋଇଥା'ନ୍ତି, ଆହୁରି ଅଧିକ ଭଲକରି କିଛି ସମ୍ଭବ କରାଇବାର ପ୍ରେରଣାରେ ପ୍ରତିଷ୍ଠିତ କର୍ତ୍ତୃତ୍ୱଟିକୁ ଟାଳିଦେବାକୁ ବାହାରନ୍ତି, ତାହା ସେଗୁଡ଼ିକୁ ମଧ୍ୟ ଉଚିତ ଶାସ୍ତି ଦେଇପାରିବ । ନ୍ୟାୟାଧିକାରର ଏକତ୍ୱ, ଅର୍ଥାତ୍ ନ୍ୟାୟାଧିକରଣଗୁଡ଼ିକର ସ୍ଥାପନା, ନ୍ୟାୟାଧୀଶମାନଙ୍କର ନିଯୁକ୍ତି, ସେମାନଙ୍କୁ ବେତନ ଦେବା, ସେମାନଙ୍କୁ କାଢ଼ିନେଇ ପାରିବା ଏବଂ ବିଭିନ୍ନ ଅପରାଧର ସଂଜ୍ଞାନିରୂପଣ କରି ସେଗୁଡ଼ିକର ବିହିତ ଦଣ୍ଡମାନ ମଧ୍ୟ ନିର୍ଣ୍ଣୟ କରିପାରିବା,— ଆମେ ଏହିଗୁଡ଼ିକୁହିଁ ସର୍ବୋଚ୍ଚ ଶାସକର ହାତରେ ନ୍ୟସ୍ତ ହୋଇ ରହିଥିବା ବିଚାରବିଭାଗୀୟ କ୍ଷମତାର ଫୌଜଦାରୀ ବା ଦଣ୍ଡନ୍ୟାୟର ଦିଗ ବୋଲି କହିପାରିବା । ନ୍ୟାୟାଧିକାରର ତତ୍ତୁଲ୍ୟ ଆଉ ଗୋଟିଏ ଏକତ୍ୱ, ଅର୍ଥାତ୍ ଦେୱାନୀ ଆଇନଗୁଡ଼ିକୁ କାର୍ଯ୍ୟକାରୀ କରିବା ଲାଗି ନ୍ୟାୟାଧିକରଣମାନ ବସାଇବା, ସମ୍ପତ୍ତି, ବିବାହ ତଥା ସମାଜର ସାଧାରଣ ବ୍ୟବସ୍ଥାଟି ସହିତ ସମ୍ପର୍କ ରଖିଥିବା ଅନ୍ୟ ଯାବତୀୟ ସାମାଜିକ ବ୍ୟାପାରର କ୍ଷେତ୍ରରେ ରହିଥିବା ଆଇନଗୁଡ଼ିକୁ ବଦଳାଇ ପାରିବାର

'oaob.nitrkl.ac.in' images reprocessed

ଅଧିକାର ରଖିବା, ଆମେ ଏଗୁଡ଼ିକୁ ତାହାର ଦେଓ୍ୱାନୀ ଦିଗ ବୋଲି କହିବା । ମାତ୍ର, ଯେତେବେଳେ କୌଣସି ରାଷ୍ଟ୍ର ସ୍ୱାଭାବିକ ଓ ସଂଗଠିତ ସମାଜଟି ସ୍ଥାନରେ ଆପଣାକୁହିଁ ସ୍ଥାନାପନ୍ନ କରି ପ୍ରତିଷ୍ଠିତ କରିବାକୁ ଇଚ୍ଛା କରୁଥାଏ, ସେତେବେଳେ ଦେଓ୍ୱାନୀ ଆଇନ୍‌ର ଏକତା ଓ ଏକରୂପତା ଉପରେ ତାହା ସେତେ ବେଶୀ ଜରୁରୀ ଓ ତାତ୍କାଳିକ ମହତ୍ତ୍ୱ ଆଦୌ ଦିଏ ନାହିଁ । କାରଣ ଏକ ସାଧନ ହିସାବରେ ତାହା ରାଷ୍ଟ୍ର ଲାଗି ସେତେ ବେଶୀ ଯଥାର୍ଥଭାବରେ ମହତ୍ତ୍ୱପୂର୍ଣ୍ଣ ବୋଲି ଆଦୌ ମନେହୁଏ ନାହିଁ । ତେଣୁ ଫୌଜଦାରୀ ଅର୍ଥାତ୍ ଦଣ୍ଡନ୍ୟାୟର ନ୍ୟାୟାଧିକାରକୁହିଁ ଏକ ବୃହତ୍ତର ବା କ୍ଷୁଦ୍ରତର ଏକତ୍ୱ ମଧ୍ୟରେ ଆଣି ଏକାଠି କରି ଦିଆଯାଏ ।

ସର୍ବପ୍ରଥମେ ଏହିସବୁ କ୍ଷମତା ସମଗ୍ର ସମାଜ ହାତରେହିଁ ରହିଥିଲା ଏବଂ ବେଶ୍ ବନ୍ଧନମୁକ୍ତ ଏବଂ ସମ୍ପୂର୍ଣ୍ଣ ଭାବରେ ପରମ୍ପରା ଦ୍ୱାରା ନିୟନ୍ତ୍ରିତ ନାନାବିଧ ସ୍ୱାଭାବିକ ଉପାୟ ଏବଂ ବ୍ୟବସ୍ଥା ଦ୍ୱାରା ସେଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଥିଲା । ଏଠାରେ ଆମେ ଭାରତବର୍ଷର ପଞ୍ଚାୟତ ବ୍ୟବସ୍ଥାକୁ ଏହାର ଏକ ଦୃଷ୍ଟାନ୍ତରୂପେ ଗ୍ରହଣ କରିପାରିବା, ସଂଘ ଏବଂ ସ୍ୱାଭାବିକଭାବରେ ଗଢ଼ି ଉଠିଥିବା ଅନ୍ୟ ନାନା ସମିତି ବା ସମୂହର ନ୍ୟାୟାଧିକାରର ଉଲ୍ଲେଖ କରିପାରିବା; ରୋମ୍‌ରେ ଥିବା ନାନା ପ୍ରକାରର କମିସିଆ ଅର୍ଥାତ୍ ରୋମ୍ ତଥା ଏଥେନ୍‌ସ୍‌ରେ ଗୁଳା ପକାଇ ଅଥବା ଅନ୍ୟ କୌଣସି ପ୍ରକାରେ ନିର୍ବାଚିତ ହୋଇ ଆସୁଥିବା ପୌରସଭାମାନଙ୍କରେ ଯେପରି ହେଉଥିଲା, ସେଗୁଡ଼ିକ ହାତରେ ନ୍ୟସ୍ତ ହୋଇ ରହିଥିବା ନ୍ୟାୟାଧିକାରର କ୍ଷମତାଗୁଡ଼ିକର ବି ଦୃଷ୍ଟାନ୍ତ ନେଇପାରିବା । କେତେକ କ୍ଷେତ୍ରରେ ସ୍ୱୟଂ ରାଜା ଅଥବା ପ୍ରବୀଣ ଗୁରୁଜନମାନେ ମଧ୍ୟ ସେମାନଙ୍କର ପ୍ରଶାସନଗତ କ୍ଷମତାର ପ୍ରୟୋଗ କରି ବିଚାରର କ୍ଷେତ୍ରରେ ସେହି ସଭାଗୁଡ଼ିକୁ ତିଆରି କରି ଦେଉଥିଲେ । ତେଣୁ ଆପଣାର ସେହି ପ୍ରଥମକାଳୀନ ବିକାଶର ପର୍ଯ୍ୟାୟରେ ମନୁଷ୍ୟମାନଙ୍କର କେତେ କେତେ ସମୂହର ନ୍ୟାୟକ୍ଷେତ୍ରୀୟ ପ୍ରଶାସନରେ ଦୀର୍ଘକାଳ ଧରି ବେଶ୍ ଅନେକ ପରିମାଣରେ ଏକ ଅନେକବିଧତା ରହି ଆସିଥିଲା ଏବଂ ନ୍ୟାୟାଧିକାରର କ୍ଷେତ୍ରରେ ସେତେବେଳେ କୌଣସି ଏକରୂପତାର ଆବଶ୍ୟକତା ନ ଥିଲା, ସେମାନେ ସେହି ଆବଶ୍ୟକତାକୁ ଆଦୌ ଅନୁଭବ ବି କରୁ ନ ଥିଲେ କିଂବା ବିଚାରବିଭାଗୀୟ କର୍ତ୍ତୃତ୍ୱର ଉତ୍ସସ୍ଥାନରେ କୌଣସି କେନ୍ଦ୍ରୀଭୂତ ଏକତ୍ୱ ଅବଶ୍ୟ ରହିବ ବୋଲି ମଧ୍ୟ ସେମାନେ ଆବଶ୍ୟକ ମଣୁ ନ ଥିଲେ । ମାତ୍ର, ରାଷ୍ଟ୍ରର ଭାବନାଟି ବିକାଶଲାଭ କରିବା ସଙ୍ଗେ ସଙ୍ଗେ ଏହି ଏକତ୍ୱ ଏବଂ ଏହି ଏକରୂପତା ଅବଶ୍ୟ ଆସି ପହଞ୍ଚିବ । ଏହି ପ୍ରକ୍ରିୟାଟିରେ ତାହା ପ୍ରଥମେ ଏହିସବୁ ନାନାବିଧ ନ୍ୟାୟାଧିକାରକୁ ରାଜାଙ୍କଠାରେହିଁ ଠୁଳ କରି ଆଣିବ, ରାଜାକୁହିଁ ସେଗୁଡ଼ିକର ସର୍ବମୂଳ ଅନୁମନ୍ତା ରୂପେ ମାନିନେବ, ରାଜାକୁହିଁ

'oaob.nitrkl.ac.in' images reprocessed

ନ୍ୟାୟାବେଦନର ସର୍ବୋଚ୍ଚ ଆସ୍ଥାନରୂପେ ଓ ସର୍ବମୂଳ କ୍ଷମତାଗୁଡ଼ିକର ଯଥାର୍ଥ ଅଧିକାରୀ ରୂପେ ସ୍ୱୀକାର କରିନେବ । ପ୍ରାଚୀନ କାଳରେ ଭାରତବର୍ଷରେ ଯେପରି ହେଉଥିଲା, ବେଳେବେଳେ ଏକ ନ୍ୟାୟସମ୍ମତ ପ୍ରକ୍ରିୟା ଦ୍ୱାରାହିଁ ଏହିସବୁ କ୍ଷମତାକୁ କାର୍ଯ୍ୟକାରୀ କରାଯାଉଥିବା, ମାତ୍ର ଆଉ ବେଳେବେଳେ ଅଧିକ ପରିମାଣରେ ଏକଚ୍ଛତ୍ର ଶାସନାଧୀନ ହୋଇ ରହିଥିବା ସମୂହମାନଙ୍କରେ ଆଜ୍ଞାପତ୍ରମାନ ଜାରି କରାହୋଇ ତାହା ସମ୍ପନ୍ନ ହେଉଥିବ । ବିଶେଷ କରି ନ୍ୟାୟଦଣ୍ଡର କ୍ଷେତ୍ରଟିରେ ସେଇଟି ଅଧିକ ଚଳୁଥିବ, ଦଣ୍ଡବିଧାନର କ୍ଷେତ୍ରରେ ଏବଂ ଆହୁରି ନିର୍ଦ୍ଦିଷ୍ଟ ଭାବରେ ବ୍ୟକ୍ତିଗତ ଭାବରେ ସ୍ୱୟଂ ରାଜାଙ୍କ ବିରୋଧରେ କୌଣସି ଅପରାଧର ବା ରାଷ୍ଟ୍ରର କର୍ତ୍ତୃତ୍ୱ ବିରୋଧରେ କରାଯାଉଥିବା କୌଣସି ଅପରାଧର ଦଣ୍ଡବିଧାନ କରିବା ସମୟରେ ସେହି ପଦ୍ଧତିକୁ ଗ୍ରହଣ କରାଯାଉ ଥିବ । ଏକତ୍ରୀକରଣର ଏହି ପ୍ରବୃତ୍ତିଟି ଏବଂ ରାଷ୍ଟ୍ରୀୟ କର୍ତ୍ତୃତ୍ୱର ଏହି ପ୍ରବୃତ୍ତିଟି ବିରୋଧରେ ଅନେକ ସମୟରେ ସାମୂହିକ ଜୀବନ ମଧ୍ୟରେ ରହିଥିବା ଏକ ଧର୍ମାନୁପ୍ରାଣିତ ଭାବ ବିଦ୍ରୋହ କରି ଉଠିଥାଏ; ପ୍ରାଚ୍ୟ ଜଗତର ଅଧିକାଂଶ ଦେଶରେ ଯେପରି ଘଟିଥାଏ, ସେହି ସମୂହ ବା ଗୋଷ୍ଠୀ ଆପଣାର ନିୟମ ଓ ଚଳଣିଗୁଡ଼ିକୁ ସତେଅବା ଗୋଟିଏ ଗୋଟିଏ ଭାରି ପବିତ୍ର ବ୍ୟାପାର ପରି ଦେଖୁଥାଏ ଏବଂ ରାଜା ଏବଂ ରାଷ୍ଟ୍ର ମଧ୍ୟ ସେହିଗୁଡ଼ିକର ଅଧୀନ ହୋଇ ରହୁ ବୋଲି ଇଚ୍ଛା କରୁଥାଏ । ନ୍ୟାୟର ପ୍ରଶାସକରୂପେହିଁ ରାଜାଙ୍କୁ ଗ୍ରହଣ କରି ନିଆଯାଏ ସତ, ମାତ୍ର ଯେଉଁ ବିଧାନ ବା ନିୟମଗୁଡ଼ିକ ତାଙ୍କଠାରୁ ଉଦ୍ଭବ ହୋଇ ଆସି ନାହିଁ ଓ ଯେଉଁଗୁଡ଼ିକର ସିଏ କେବଳ ଜଣେ ବାହକ ହୋଇ ରହିଛନ୍ତି, ରାଜା ଓ ରାଷ୍ଟ୍ର ଅବଶ୍ୟ ସେହିଗୁଡ଼ିକ ଦ୍ୱାରାହିଁ ପରିଚାଳିତ ହେବେ ବୋଲି ଆଶା କରାଯାଉ ଥାଏ । ଅନେକ ସମୟରେ ଧର୍ମାନୁପ୍ରେରିତ ଏହି ଭାବନାଟିରୁ ସମାଜରେ ଈଶ୍ୱରତନ୍ତ୍ର ଆଡ଼କୁ ଅନୁରକ୍ତି ରଖୁଥିବା ଏକ ଉପାଦାନର ବିକାଶ ହୋଇ ଆସେ, ନିଜର ସ୍ୱତନ୍ତ୍ର ସ୍ୱକ୍ଷେତ୍ରୀୟ କର୍ତ୍ତୃତ୍ୱ ଏବଂ ନ୍ୟାୟାଧିକାର ରହିଥିବା ଏକ ଗିର୍ଜାସଂସ୍ଥାର ଉଦ୍ଭବ ହୁଏ, ବ୍ରାହ୍ମଣ ନ୍ୟାୟାଧିକାରୀମାନଙ୍କର ହାତରେ ରହିଥିବା ଏକ ଶାସ୍ତ୍ରର ଜନ୍ମ ହୁଏ ବା ଉଲେମାଗୁଡ଼ିକ ହାତରେ ନ୍ୟସ୍ତ ହୋଇ ରହିଥିବା ଏକ ବିଧାନର ପ୍ରଣୟନ କରାଯାଏ । ଯେଉଁସବୁ ସ୍ଥାନରେ ଧର୍ମାନୁପ୍ରାଣିତ ଭାବଟିର ଏହିପରି ଏକ ପ୍ରତିପତ୍ତି ରହିଥାଏ, ସେଠାରେ ରାଷ୍ଟ୍ରୀୟ ଯାବତୀୟ ନ୍ୟାୟାଧିକରଣରେ ବ୍ରାହ୍ମଣ ନ୍ୟାୟାଧିକାରୀମାନଙ୍କୁ ରାଜା ଅଥବା ରାଜାଙ୍କ ଦ୍ୱାରା ନିଯୁକ୍ତ ବିଚାରପତିଙ୍କ ସହିତ ସମ୍ମିଳିତ କରିନେଇ ଏବଂ ବିବାଦାସ୍ପଦ ଯାବତୀୟ ପ୍ରଶ୍ନରେ ପଣ୍ଡିତ ଅଥବା ଉଲେମାମାନଙ୍କର ସର୍ବୋଚ୍ଚ କର୍ତ୍ତୃତ୍ୱଟିକୁହିଁ ସ୍ୱୀକାର କରିନେଇ ସେଠାରେ ଏକ ସମାଧାନ ବାହାର କରାଯାଇ ଥାଏ । ଅନ୍ୟପକ୍ଷରେ ଯେପରି ଇଉରୋପରେ ହୋଇଛି, ଯେଉଁଠି ଧର୍ମର ଭାବଟି ଅପେକ୍ଷା ରାଜନୀତିକ ଭାବଟିରେହିଁ ବଳ ଅଧିକ ଥାଏ, ଧର୍ମତନ୍ତ୍ରୀୟ

'oaob.nitrkl.ac.in' images reprocessed

ନ୍ୟାୟାଧିକାରଟି କାଳକ୍ରମେ ରାଷ୍ଟ୍ରର ଅଧୀନକୁ ଚାଲି ଆସେ ଏବଂ ପରିଶେଷରେ ବିଲୟ ଲଭିବାକୁ ବାଧ୍ୟ ହୁଏ ।

ଏହିପରି ଭାବରେ, ଗୋଟିଏ ସମଗ୍ର ଶରୀରରୂପେ କାର୍ଯ୍ୟ କରୁଥିବା ସମାଜରୁ ବୁଦ୍ଧି ଦ୍ୱାରା ପରିଶାସିତ ଏକ ସମାଜକୁ ପରିବର୍ତ୍ତନ ଘଟିବାର ପ୍ରକ୍ରିୟାଟିରେ ଏକ ବୃହତ୍ ସାଧନା ରୂପେ କାର୍ଯ୍ୟ କରୁଥିବା ଏହି ରାଷ୍ଟ୍ର ବା ରାଜତନ୍ତ୍ର ପରିଶେଷରେ ସକଳ ବିଧାନର ସର୍ବୋଚ୍ଚ କର୍ତ୍ତାରୂପେ ଏବଂ ସାଧାରଣ ବ୍ୟବସ୍ଥା ଓ କର୍ମଦକ୍ଷତାର ମୂର୍ତ୍ତିମନ୍ତ ପ୍ରତୀକରୂପେ ପ୍ରତିଷ୍ଠିତ ହୋଇଆସେ । ଯେଉଁଠି ନ୍ୟାୟବିଭାଗକୁ ସ୍ୱେଚ୍ଛାଚାରୀ ଓ ଦାୟିତ୍ୱହୀନ ସକଳ କ୍ଷମତାର ଅଧିକାରୀ ହୋଇ ବସିଥିବା ଏକ ଶାସନର ଅଧୀନ କରି ରଖାଯାଏ, ସେଠାରେ ତଜ୍ଜନିତ ବିପଦଟି ନିଶ୍ଚୟ ବଡ଼ ସ୍ପଷ୍ଟ ହୋଇ ଯାଉଥିବ । ମାତ୍ର, କେବଳ ଗୋଟିଏ ଦେଶ ଇଂଲଣ୍ଡରେ, ଯେଉଁଠାରେ କି ସ୍ୱତନ୍ତ୍ରତାକୁ ଶୃଙ୍ଖଳା ସହିତ ସମାନ ଭାବରେ ମହତ୍ତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଇ ଆସିଛି, ତା'ଠାରୁ ଏଇଟିକୁ କମ୍ ଆବଶ୍ୟକ ଅଥବା ବିଲ୍‌କୁଲ ଅନାବଶ୍ୟକ ବୋଲି କଦାପି ବିଚାର କରାଯାଇ ନାହିଁ । ସେଠାରେ ଏକ ପ୍ରଥମ କାଳରୁହିଁ ରାଷ୍ଟ୍ରର ବିଚାରବିଭାଗୀୟ କ୍ଷମତାକୁ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ରଖିବା ଲାଗି ଏକ ସଫଳ ଚେଷ୍ଟା ହୋଇଆସି ପାରିଛି । ଇଂଲଣ୍ଡରେ ନ୍ୟାୟାଧୀଶମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେବାର ଏକ ଦୃଢ଼ ପରମ୍ପରା ରହିଥିଲା, ଏବଂ ତାହାକୁ ପୁଷ୍ଟ କରି ରଖିବା ପାଇଁ ଥରେ ନିଯୁକ୍ତ ହୋଇଯିବା ପରେ ସେମାନଙ୍କର ସ୍ଥାନ ଏବଂ ପାରିଶ୍ରମିକ ବିଷୟରେ ସମ୍ପୂର୍ଣ୍ଣ ନିରାପତ୍ତା ମଧ ରହୁଥିଲା । ଅଂଶତଃ ଏହି କାରଣରୁ ଏବଂ ଅଂଶତଃ ଜୁରି ବ୍ୟବସ୍ଥାଟିର ଅନୁଷ୍ଠାନଟି ହେତୁ ରାଷ୍ଟ୍ରର ବିଚାରବିଭାଗୀୟ କ୍ଷମତାକୁ ସୀମାବଦ୍ଧ କରିବା ସେଠାରେ ସମ୍ଭବ ହୋଇପାରୁ ଥିଲା । ମନୁଷ୍ୟ-ତିଆରି ସାମାଜିକ ଅଥବା ରାଜନୀତିକ ସକଳ ଅନୁଷ୍ଠାନରେ ସାଧାରଣତଃ ଯାହା ହୋଇଥାଏ, ଏଥିରେ ମଧ୍ୟ ଅତ୍ୟାଚାର ଓ ଅନ୍ୟାୟ ଲାଗି ତଥାପି ଅନେକ ସ୍ଥାନ ରହିଥିଲା, ମାତ୍ର ତେବେ ସୁଦ୍ଧା ଲକ୍ଷ୍ୟଟି ମୋଟାମୋଟି ଭାବରେ ହାସଲ ହୋଇ ପାରିଥିଲା ବୋଲି ଅବଶ୍ୟ କୁହାଯାଇ ପାରିବ । ଏଠାରେ ହୁଏତ ଉଲ୍ଲେଖ କରି ରଖିବା ଉଚିତ ଯେ ଅନ୍ୟ କେତୋଟି ଦେଶ ମଧ୍ୟ ଏହି ଜୁରି-ବ୍ୟବସ୍ଥାଟିକୁ ଗ୍ରହଣ କରିଛନ୍ତି । ମାତ୍ର ସେସବୁ ଦେଶରେ ଶୃଙ୍ଖଳା ଓ ବ୍ୟବସ୍ଥାର ଅଧିକ ପ୍ରାଦୁର୍ଭାବ ରହି ଆସି ଥିବାରୁ ସେଠାରେ ବିଚାରବିଭାଗଟି କାଳକ୍ରମେ ଶାସନବିଭାଗର ନିୟନ୍ତ୍ରଣ ଭିତରେହିଁ ଆସି ପଶିଯାଇଛି । ଅବଶ୍ୟ ଏକଥା ସତ ଯେ, ଯେଉଁଠାରେ ଶାସନ ବିଭାଗ କେବଳ ଯେ ସମାଜର ପ୍ରତିନିଧିତ୍ୱ କରୁଛି ତା'ନୁହେଁ, ମାତ୍ର ଯେଉଁଠି ତାହା ସମାଜ ଦ୍ୱାରାହିଁ ନିଯୁକ୍ତ ହେଉଛି ଏବଂ ସମାଜର ନିୟନ୍ତ୍ରଣାଧୀନ ହୋଇ ରହିଛି, ସେଠାରେ ସେହି ଦୋଷଟି ଯେତେ ପ୍ରମାଦକାରୀ ହୋଇ ରହିଛି, ଯେଉଁଠାରେ ଶାସନବିଭାଗ ଉପରେ

'oaob.nitrkl.ac.in' images reprocessed

ସମାଜର ଆଦୌ କୌଣସି ନିୟନ୍ତ୍ରଣ ନାହିଁ, ସେଠାରେ ତାହା ତା'ଠାରୁ ଅନେକ ଅଧିକ ପରିମାଣରେ ପ୍ରମାଦକାରୀ ହୋଇଛି ।

ବିଚାର-ବିଭାଗର ସଂଚାଳନରେ ଏକତା ଏବଂ ଏକରୂପତା ଯେଉଁ ରୀତିରେ ବିକଶିତ ହୋଇ ଆସିଥାଏ, ଆଇନ୍‌ର କ୍ଷେତ୍ରରେ ତାହା ଟିକିଏ ଅନ୍ୟପ୍ରକାରେ ବିକଶିତ ହୋଇଥାଏ । ସର୍ବପ୍ରଥମେ ଅର୍ଥାତ୍ ଆରମ୍ଭ କାଳରେ ଆଇନ୍ ସର୍ବଦା ରୂଢ଼ିଗତ ହୋଇ ରହିଥାଏ । ଏବଂ, ଯେଉଁଠି ତାହା ଅତ୍ୟନ୍ତ ମୁକ୍ତ ଭାବରେ ରୂଢ଼ିରୂପରେହିଁ ଆଧାରିତ ଥାଏ, ଅର୍ଥାତ୍ ଯେଉଁଠି ତାହା କେବଳ ଜନଗଣଙ୍କର ସାମାଜିକ ଅଭ୍ୟାସଗୁଡ଼ିକୁହିଁ ବ୍ୟକ୍ତ କରିଦେଉ ଥାଏ, କେବଳ ଅତି କ୍ଷୁଦ୍ର କେତୋଟି ସମାଜକୁ ଛାଡ଼ିଦେଲେ, ସେଠାରେ ସେହି ଆଇନ୍ ରୂଢ଼ି ଓ ପ୍ରଥାଗୁଡ଼ିକର କ୍ଷେତ୍ରରେ ସ୍ୱଭାବତଃ ଏକ ପ୍ରଚୁର ବୈଚିତ୍ର୍ୟ ଲାଗି ବାଟ ଛାଡ଼ିଦେବାକୁ ବାଧ୍ୟ ହୋଇଥାଏ । ଭାରତବର୍ଷରେ, ଅସ୍ପଷ୍ଟ ନାନା ସୀମା ମଧ୍ୟରେ ସମାଜର ସାଧାରଣ ବିଧାନଟି ଧର୍ମଗତ ଏବଂ ନାଗରିକ ଯେତିକି ପ୍ରଥା ବା ଚଳଣିକୁ ସ୍ୱୀକାର କରୁଥିଲା, ଯେକୌଣସି ସମ୍ପ୍ରଦାୟ ବା ଏପରିକି ଯେକୌଣସି ପରିବାର ମଧ୍ୟ ତାହାଠାରୁ କେତେ ବିଚିତ୍ର ଓ ବିବିଧ ଆହୁରି କେତେପ୍ରକାର ଚଳଣିର ବିକାଶ କରିବା ଲାଗି ବେଶ୍ ଅବସର ପାଉଥିଲା । ଏବଂ ଏହି ସ୍ୱାଧୀନତାଟି ଏବେ ମଧ୍ୟ ହିନ୍ଦୁ ଆଇନ୍‌ର ସିଦ୍ଧାନ୍ତଟିରେ ତଥାପି ଏକ ଅଂଶ ହୋଇ ରହିଛି; ଅବଶ୍ୟ ଏକଥା ସତ ଯେ ବର୍ତ୍ତମାନ ଏହି କ୍ଷେତ୍ରରେ କୌଣସି ନୂତନ ପ୍ରକାରାନ୍ତରକୁ ସ୍ୱୀକୃତ କରାଇ ପାରିବା ବାସ୍ତବକ୍ଷେତ୍ରରେ ଅତ୍ୟନ୍ତ କଷ୍ଟକର ହୋଇ ପଡ଼ିଛି । ଅଲଗା ପ୍ରକାରର ଚଳଣି ଲାଗି ଭାରତବର୍ଷରେ ସ୍ୱତଃ ପ୍ରେରିତ ଭାବରେ ଯେଉଁ ସ୍ୱାଧୀନତାଟି ରହି ଆସିଥିଲା, ଆମେ ତାହାକୁ ପୂର୍ବରୁ ଚଳି ଆସୁଥିବା ଏକ ସ୍ୱାଭାବିକ ଏବଂ ଅଙ୍ଗାଙ୍ଗୀ ସମ୍ବନ୍ଧଯୁକ୍ତ ସାମାଜିକ ଜୀବନରହିଁ ତଥାପି ଅବଶେଷ ହୋଇ ରହିଯାଇଥିବା ଗୋଟିଏ ସଂକେତ ବୋଲି କହିପାରିବା, ସେଠାରେ ଯେ ବୁଦ୍ଧି ଦ୍ୱାରା ଚାଳିତ ହୋଇ କୌଣସି କୃତ୍ରିମ ବ୍ୟବସ୍ଥା ଚାଲୁ ନ ଥିଲା ଓ ଜୀବନକୁ ବୁଦ୍ଧିର ନିର୍ଦ୍ଧାରଣ ଦ୍ୱାରା କୌଣସି ପ୍ରକାରେ ଯାନ୍ତ୍ରିକ କରି ଦିଆଯାଉ ନ ଥିଲା, ଆମେ ସେକଥାଟିକୁ ମଧ୍ୟ ଜାଣି ରଖିବା । ଗୋଟିଏ ସମଗ୍ରରୂପେ ବାସ କରୁଥିବା ସାମୂହିକ ଜୀବନଟିହିଁ ସେଠାରେ ଆପଣାର ସାଧାରଣ ନିର୍ବାହ-ଧାରାଟିକୁ ଧାର୍ଯ୍ୟ କରି ଦେଉଥିଲା; ବୁଦ୍ଧି ବା ଯୁକ୍ତିର କୌଣସି ଧରାବନ୍ଧା ନିୟମ ଦ୍ୱାରା ନୁହେଁ, ମାତ୍ର ବରଂ ସାମୂହିକ ଜୀବନର ଏକ ସାଧାରଣ ବିବେକ, ସହଜ ପ୍ରବୃତ୍ତି ବା ଅନ୍ତର୍ବୋଧ ଦ୍ୱାରାହିଁ ତାହା ସେହି ଧାରାଟିକୁ ତଥା ବିଶେଷ ବିଶେଷ ବିଭିନ୍ନତାଗୁଡ଼ିକୁ ଧାର୍ଯ୍ୟ କରି ଦେଉଥିଲା ।

ଯେତେବେଳେ ଚଳଣି ବା ପ୍ରଥାଗୁଡ଼ିକ ସ୍ଥାନରେ କୌଣସି ଏକ ନିର୍ଦ୍ଦିଷ୍ଟ କୋଡ୍ କିଂବା ସଂବିଧାନକୁ ଆଣି ଚଳାଇବାର ପ୍ରବୃତ୍ତି ଆସି ପ୍ରକାଶ ପାଏ, ସେତିକିବେଳେ

'oaob.nitrkl.ac.in' images reprocessed

ତାହାହିଁ ଏକ ବୁଦ୍ଧିମାର୍ଗୀ ବିବର୍ତ୍ତନର ପ୍ରଥମ ଦୃଶ୍ୟ ସଙ୍କେତଟି ଆଣି ଯୋଗାଇ ଦିଏ । ମାତ୍ର ତଥାପି କୋଡ୍ ଏବଂ କୋଡ୍ ଭିତରେ ମଧ୍ୟ ସବୁବେଳେ ପାର୍ଥକ୍ୟ ଅବଶ୍ୟ ରହିଛି । ପ୍ରଥମ ପ୍ରକାରର କୋଡ୍‌ଟି ମଧ୍ୟରେ ଏପରି କେତେକ ବ୍ୟବସ୍ଥା ରହିଥାଏ ଯେଉଁଗୁଡ଼ିକ ପ୍ରକୃତରେ ଅଲିଖିତ ଅବସ୍ଥାରେ ଥାଏ ଅଥବା କେବଳ ଆଂଶିକ ଭାବରେହିଁ ଲେଖା ହୋଇଥାଏ ଏବଂ ସେଗୁଡ଼ିକ ଆପଣାକୁ କୌଣସି ପ୍ରକାରେ ପକ୍କା କୋଡ୍‌ର ଛାଞ୍ଚ ଭିତରେ ଆଣି ଆଦୌ ପକାଇ ନ ଥା'ନ୍ତି, ସେଗୁଡ଼ିକ କେବଳ କେତୋଟି ନିୟମର ଏକ ଭାସମାନ ସମୂହ ରୂପେହିଁ ରହିଥାନ୍ତି, କେବଳ କେତୋଟି ନଜିର ବା ପୂର୍ବ ଦୃଷ୍ଟାନ୍ତରୂପେ ରହିଥାନ୍ତି ଏବଂ ଅନେକ ସଂଖ୍ୟକ କେବଳ ଚଳଣିଗତ କେତେକେତେ ନିୟମ ଲାଗି ତଥାପି ସ୍ଥାନ ଛାଡ଼ି ଦେଇଥା'ନ୍ତି । ଏବଂ ଆହୁରି ଏପରି କେତେକ ବ୍ୟବସ୍ଥା ମଧ୍ୟ ଦେଖିବାକୁ ମିଳିବ, ଯେଉଁଗୁଡ଼ିକ କି ପ୍ରକୃତରେ ଏକ ପକ୍କା କୋଡ୍‌ର ଆକାର ଧାରଣ କରି ସାରିଥା'ନ୍ତି, ମାତ୍ର ଆମେ ସେଗୁଡ଼ିକୁ ବସ୍ତୁତଃ ପୂର୍ବବର୍ତ୍ତୀ ଚଳଣିଗୁଡ଼ିକର କେବଳ ଏକ ଅସ୍ଥାଭୂତ ରୂପ ବୋଲିହିଁ କହିପାରିବା; ସେଗୁଡ଼ିକ ସାମାଜିକ ଜୀବନକୁ ଏକ ସ୍ୱୀକୃତ ନିର୍ଦ୍ଦିଷ୍ଟ ଛାଞ୍ଚରେ ଆଣି ପକାଇବାରେ ସହାୟତା କରିଥା'ନ୍ତି ସତ, ମାତ୍ର ସେଗୁଡ଼ିକୁ କଦାପି ବୁଦ୍ଧିର ନିର୍ଦ୍ଧାରଣ ଭିତରେ ଆଣି ପକାଇ ଦିଅନ୍ତି ନାହିଁ । ପ୍ରାଚୀନ ହିନ୍ଦୁଶାସ୍ତ୍ରକୁ ଆମେ ଏହାର ଏକ ଦୃଷ୍ଟାନ୍ତ ବୋଲି କହିବା । ପରିଶେଷରେ, ଇଚ୍ଛାକୃତଭାବରେ ଶୃଙ୍ଖଳାବଦ୍ଧ କରାଯାଇଥିବା ଏପରି କେତେକ କୋଡ୍ ମଧ୍ୟ ରହିଛି, ଯେଉଁଗୁଡ଼ିକୁ କି ବୁଦ୍ଧି ଖଟାଇ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ମଧ୍ୟରେ ଆଣି ପକାଇ ଦିଆଯାଇଛି; ସେହି କ୍ଷେତ୍ରରେ ସର୍ବୋଚ୍ଚ କ୍ଷମତାସମ୍ପନ୍ନ ଏକ କର୍ତ୍ତୃତ୍ୱ ଆଇନ୍‌ର ସମ୍ପୂର୍ଣ୍ଣ ଛାଞ୍ଚଟିକୁ ନିର୍ଦ୍ଧାରଣ କରି ଦେଇଛି ଏବଂ ନୂତନ ଆବଶ୍ୟକତାଗୁଡ଼ିକ ସହିତ ଖାପ ଖାଇପାରିବା ସକାଶେ ମଝିରେ ମଝିରେ ବୁଦ୍ଧି ଦ୍ୱାରା ପ୍ରେରିତ ହୋଇ ସେଗୁଡ଼ିକରେ କେତେକ ପରିବର୍ତ୍ତନ ମଧ୍ୟ କରିଆସିଛି; ଯେଉଁସବୁ ଅଦଳ ବଦଳ ସମଗ୍ର ବ୍ୟବସ୍ଥାଟିର ବୁଦ୍ଧି ପ୍ରସୂତ ଏକତା ଏବଂ ଯୁକ୍ତିସିଦ୍ଧ ଅପରିବର୍ତ୍ତନୀୟତାରେ ଆଦୌ କୌଣସି ଆଞ୍ଚ ଆଣିବ ନାହିଁ, ସେଗୁଡ଼ିକରେ କେବଳ କିଞ୍ଚିତ୍ ପରିବର୍ତ୍ତନହିଁ କରି ପାରୁଥିବ ଓ ସେଗୁଡ଼ିକୁ କ୍ରମବିକଶିତ କରି ଆଣୁଥିବ, ତାହା ସେଥିରେ କେବଳ ସେତିକି ମାତ୍ର ଅଦଳ ବଦଳହିଁ କରିଛି । ଏହି ଶେଷୋକ୍ତ ପ୍ରକାରଟି ଆପଣାର ପୂର୍ଣ୍ଣ ପରିପକ୍ୱତା ଲାଭ କରିବା ସଙ୍ଗେ ସଙ୍ଗେ ସମାଜରେ କାର୍ଯ୍ୟ କରୁଥିବା ଅପେକ୍ଷାକୃତ ଅଧିକ ଅସ୍ପଷ୍ଟ ଓ ଅଧିକ ଅନବଲମ୍ବିତ ଜୀବନର ସେହି ସହଜ ବୃତ୍ତିଟି ଉପରେ ଅପେକ୍ଷାକୃତ ଅଧିକ ପରିମିତ ଅଥଚ ଅଧିକ ଆତ୍ମସଚେତନ ଏବଂ ଅଧିକ ଆତ୍ମସହାୟକ ବୁଦ୍ଧି-ପରିଚାଳିତ ବୃତ୍ତିଟିରହିଁ ବିଜୟ ଘୋଷିତ ହୋଇଛି । ସମାଜ ଯେତେବେଳେ ଏହିପରି ଏକ ସମ୍ପୂର୍ଣ୍ଣ ଭାବରେ ଆତ୍ମସଚେତନ ଏବଂ ବିଧିବଦ୍ଧ ଭାବରେ ବୁଦ୍ଧିପ୍ରେରିତ ହୋଇ ଆପଣାର ଜୀବନଟିର

'oaob.nitrkl.ac.in' images reprocessed

ନିର୍ଦ୍ଧାରଣ ଏବଂ ବ୍ୟବସ୍ଥା କରିପାରିବାର ସାଫଲ୍ୟରେ ଆସି ଉପନୀତ ହୋଇଛି, ଗୋଟିଏ ପାଖରେ ଏକ ସୁନିର୍ଦ୍ଦିଷ୍ଟ ଏବଂ ଏକରୂପ ସମ୍ବିଧାନ ଦ୍ୱାରା ଏବଂ ଅନ୍ୟ ପାଖରେ ଏକ ଏକରୂପ ଓ ବୁଦ୍ଧିସମୃଦ୍ଧ ଭାବରେ ସୁଗଠିତ ଏକ ପୌର ତଥା ଦଣ୍ଡନ୍ୟାୟଗତ ଆଇନ୍‌ର ସାହାଯ୍ୟରେ ସମାଜ ତାହା କରିବାରେ ସମର୍ଥ ହୋଇଛି, ସେତେବେଳେହିଁ ତାହା ଆପଣା ବିକାଶଟିର ପରବର୍ତ୍ତୀ ଦ୍ୱିତୀୟ ପର୍ଯ୍ୟାୟରେ ଆସି ପହଞ୍ଚି ଯାଇଛି । ସେତେବେଳେ ବୁଦ୍ଧିର ଆଲୋକଟି ସାହାଯ୍ୟରେ ତାହା ଆପଣାର ସମୁଦାୟ ଜୀବନଟିକୁ ଆତ୍ମସଚେତନ ଓ ଏକରୂପ ଭାବରେ ବ୍ୟବସ୍ଥିତ କରି ରଖିବାରେ ସମର୍ଥ ହେଉଛି; ତାହାହିଁ ଆଧୁନିକ ସମାଜବାଦର ପରିଚାଳନକାରୀ ନୀତି ହୋଇ ରହିଛି ଏବଂ ସମାଜର ଦାର୍ଶନିକମାନଙ୍କର କଳ୍ପିତ ଆଦର୍ଶ ସମାଜ-ବ୍ୟବସ୍ଥାର ପ୍ରବୃତ୍ତିଗୁଡ଼ିକ ଠିକ୍ ଏହି ଆଡ଼କୁହିଁ ଧାବିତ ହୋଇ ଆସିଛି ।

ମାତ୍ର "କିଏ ରାଷ୍ଟ୍ର ହୋଇ ରହିବ", ଏହି ବଡ଼ ପ୍ରଶ୍ନଟିର ସ୍ଥିର ସମାଧାନ ହୋଇ ସାରିଲେ ଯାଇ ଆମେ ତା'ପରେ ଯାଇ ଆଲୋଚିତ ଏହି ପର୍ଯ୍ୟାୟଟିରେ ଆସି ପହଞ୍ଚି ପାରିବା । ସମାଜର ବୁଦ୍ଧି, ସମାଜର ଇଚ୍ଛା ଓ ସମାଜର ବିବେକହିଁ କ'ଣ ମୂର୍ତ୍ତ ରୂପ ଧାରଣ କରି ରାଜାର ଆସ୍ଥାନରେ ତଥା ତାଙ୍କର ପରାମର୍ଶଦାତାମାନଙ୍କର ପଦରେ ଆସି ଅଧିଷ୍ଠିତ ହେବ, ନା ଆପଣାକୁ ସ୍ୱୟଂ ଈଶ୍ୱରଙ୍କ ଦ୍ୱାରାହିଁ ପ୍ରେରିତ ବୋଲି କହୁଥିବା ସ୍ୱେଚ୍ଛାଚାରୀ ଓ ଧନିକତନ୍ତ୍ରୀ ଶାସକଶ୍ରେଣୀ ଅଥବା ଅନ୍ତତଃ ଯଥେଷ୍ଟ ଭାବରେ ସମଗ୍ର ସମାଜର ପ୍ରତିନିଧିତ୍ୱ କରି ପାରୁଥିବା ଭଳି ବୋଧ ହେଉଥିବା ଏକ ସଂସ୍ଥାହିଁ ସେହି କାର୍ଯ୍ୟଟିକୁ କରିବ ? ବା, ଏହି ଯାବତୀୟ ସମ୍ଭାବନା ମଧ୍ୟରୁ କେତୋଟିକୁ ଅଥବା ସବୁଗୁଡ଼ିକୁ ନେଇ କରା ଯାଇଥିବା ଏକ ସାଲିସ ଦ୍ୱାରାହିଁ ସେହି କଥାଟି ସାଧିତ ହେବ ? ସାଂବିଧାନିକ ଇତିହାସର ସମୁଦାୟ ଗତିପଥଟି ବରାବର ଏହି ସମସ୍ୟାଟିରହିଁ ସମାଧାନ କରିବା ଲାଗି ଉଦ୍ୟମ କରି ଆସିଛି, ଏବଂ ବାହାରୁ ଯେତେ ଯାହା ଯେପରି ଦେଖାଯାଉଛି, ସେଥିରୁ ଜଣା ପଡୁଛି ଯେ ତାହା ବିଭିନ୍ନ ସମ୍ଭାବନାଗୁଡ଼ିକ ମଧ୍ୟରେ ସର୍ବଦା ଏକ ଦୋଦୁଲ୍ୟମାନ ଅବସ୍ଥାରେହିଁ ରହି ଆସିଛି । ମାତ୍ର ବାସ୍ତବ କ୍ଷେତ୍ରରେ ଆମେ ଏହି କଥାଟିକୁ ଅବଶ୍ୟ ପ୍ରତ୍ୟକ୍ଷ କରି ପାରିବା ଯେ ଏହାର ସମୁଦାୟ ଗତିପଥଟିରେ ଏପରି ଗୋଟିଏ ପ୍ରୟୋଜନର ଚାପ ଅନୁକ୍ଷଣ କାର୍ଯ୍ୟ କରିଆସିଛି, ଯାହାକି ବସ୍ତୁତଃ ପ୍ରଥମ ପର୍ଯ୍ୟାୟଗୁଡ଼ିକରେ ରାଜତନ୍ତ୍ରୀ, ସମ୍ଭ୍ରାନ୍ତତନ୍ତ୍ରୀ ତଥା ଅନ୍ୟ ଯାବତୀୟ ପର୍ଯ୍ୟାୟ ମଧଦେଇ ଗତି କରିଛି, ମାତ୍ର ଶେଷକୁ ରାଷ୍ଟ୍ର-ପରିଚାଳନାର ଏକ ଗଣତାନ୍ତ୍ରିକ ଛାଞ୍ଚ ଭିତରକୁହିଁ ନିର୍ଗତ ହୋଇ ଯାଇଛି । ରାଜା ପ୍ରଥମେ ସ୍ୱୟଂ ରାଷ୍ଟ୍ର ହୋଇ ରହିବାକୁ ଚେଷ୍ଟା କରିଛନ୍ତି;— ତାଙ୍କ ବିବର୍ତ୍ତନର ପ୍ରବେଗଟି ତାଙ୍କ ଉପରେ ଏହିପରି ଏକ ଚେଷ୍ଟାକୁ ପ୍ରାୟ ଲଦି

'oaob.nitrkl.ac.in' images reprocessed

ଦେଇଯାଇଛି,— ସେହି ରାଜା ବସ୍ତୁତଃ ରାଜ୍ୟରେ ଚଳୁଥିବା ବିଧାନର ଉପ୍‌ରିସ୍ଥଳ ଏବଂ ଶିଖର ହୋଇ ରହିବାକୁହିଁ ବାଧ୍ୟ ହୋଇଛନ୍ତି, ସମାଜର ବିଧାନକ୍ଷେତ୍ରୀୟ ତଥା ଶାସନଗତ ସକଳ କାର୍ଯ୍ୟକୁ ସେ ଆତ୍ମସାତ୍ କରିନେବାକୁ ବାଧ୍ୟ ହୋଇଛନ୍ତି, ସେହିସବୁ କ୍ଷେତ୍ରରେ ନିହିତ ହୋଇ ରହିଥିବା କାର୍ଯ୍ୟସାଧକ ବିଚାର ଏବଂ କାର୍ଯ୍ୟସାଧକ କ୍ରିୟାନୁଶୀଳନକୁ ସେ ଆପଣା ମଧ୍ୟକୁ ଟାଣି ନେଇଯିବାକୁ ବାଧ୍ୟ ହୋଇଛନ୍ତି । ମାତ୍ର ଏଭଳି କରୁଥିବା ସମୟରେ ମଧ୍ୟ ସେ ପରବର୍ତ୍ତୀ କାଳରେ ଆସୁଥିବା ଗଣତାନ୍ତ୍ରିକ ରାଷ୍ଟ୍ରଟି ଲାଗିହିଁ କ୍ଷେତ୍ର ପ୍ରସ୍ତୁତ କରି ଦେଇଛନ୍ତି ।

ଆମେ ସମ୍ଭବତଃ ବେଶ୍ ଦେଖିବାକୁ ପାଇବା ଯେ ସବୁ ଜାଗାରେ ରାଜା ଥିଲେ, ସାମରିକ ଓ ପୌର କ୍ଷେତ୍ରଗୁଡ଼ିକରେ ତାଙ୍କୁ ପରାମର୍ଶ ଦେବା ଲାଗି ସମିତିମାନ ଥିଲା, ଯାଜକକୁଳ ରହିଥିଲେ ଏବଂ ମୁକ୍ତ ନାଗରିକମାନଙ୍କର ଏକ ସମୂହ ମଧ୍ୟ ରହିଥିଲା ଯାହାକି ଯୁଦ୍ଧର ପ୍ରୟୋଜନମାନ ଆସି ପହଞ୍ଚୁଥିବା ସମୟରେ ଆପଣାକୁ ଏକ ସୈନ୍ୟବାହିନୀରେ ପରିଣତ କରିପାରୁ ଥିଲା । ମାତ୍ର ଆର୍ଯ୍ୟଜାତିଗୁଡ଼ିକ ମଧ୍ୟରେ ଏସବୁ କଥା ଅତ୍ୟନ୍ତ ନିଶ୍ଚିତଭାବରେ ରହିଥିଲା ଏବଂ ଏହି ଉପାଦାନଗୁଡ଼ିକରୁହିଁ ସମାଜର ଆତ୍ମ-ସଚେତନ ବିବର୍ତ୍ତନଟି ପ୍ରକୃତରେ ଆରମ୍ଭ ହୋଇଥିଲା । ସ୍ୱାଧୀନ ଜାତିଗୁଡ଼ିକର ସେହି ପ୍ରାଥମିକ ଓ ପ୍ରଥମକାଳୀନ ରୂପଗ୍ରହଣର ପର୍ଯ୍ୟାୟରେ ସେଗୁଡ଼ିକ ତାହାର ତିନୋଟି ଶ୍ରେଣୀରହିଁ ପ୍ରତିନିଧିତ୍ୱ କରୁଥିଲେ ବୋଲି କୁହାଯାଇ ପାରିବ । ଏହି ଗଠନଟିରେ ରାଜାହିଁ ସର୍ବମୂଳ ଆଧାର ହୋଇ ରହିଥିଲେ । ରାଜା ଇଚ୍ଛା କଲେ ଯାଜକକୁଳର କ୍ଷମତାରୁ ଆପଣାକୁ ମୁକ୍ତ କରି ଆଣି ପାରୁଥିଲେ, ଆପଣାର ପରାମର୍ଶଦାତା ପରିଷଦକୁ ସିଏ ଇଚ୍ଛାକଲେ ତାଙ୍କର ମରଜିକୁ କାର୍ଯ୍ୟକାରୀ କରିବାର କେବଳ ଏକ ସାଧନମାତ୍ର କରି ରଖିପାରୁ ଥିଲେ ଏବଂ ସେହି ପରିଷଦ ଯେଉଁ ସମ୍ଭ୍ରାନ୍ତବର୍ଗଟିର ପ୍ରତିନିଧିତ୍ୱ କରୁଥିଲା, ତାହାକୁ ମଧ୍ୟ ତାଙ୍କ ନିଜ କାର୍ଯ୍ୟଗୁଡ଼ିକରହିଁ ଏକ ରାଜନୀତିକ ଏବଂ ସାମରିକ ସମର୍ଥକ ରୂପେ ବ୍ୟବହାର କରି ପାରୁଥିଲେ । ମାତ୍ର ନାଗରିକ ସଭାର ନିୟନ୍ତ୍ରଣରୁ ଆପଣାକୁ ମୁକ୍ତ କରି ନ ପାରିଥିବା ପର୍ଯ୍ୟନ୍ତ ଏବଂ ସେହି ସଭାଟିକୁ ଡାକିବା ଲାଗି ଆଦୌ ବାଧ୍ୟ ନ ହେବା ପର୍ଯ୍ୟନ୍ତ ସେ କଦାପି ବାସ୍ତବ ମୁଖ୍ୟ ପଦରେ ଅଧିଷ୍ଠିତ ହୋଇପାରୁ ନ ଥିଲେ, ତାଙ୍କୁ ଏକମାତ୍ର ବିଧାନକର୍ତ୍ତା ବୋଲି କୁହାଯିବା ତ ଆହୁରି ଦୂରର କଥା । ଫ୍ରାନ୍ସର ରାଜତନ୍ତ୍ର ସେପରି କରିବାରେ ପ୍ରକୃତରେ ସଫଳ ହୋଇ ପାରିଥିଲେ, ଶହ ଶହ ବର୍ଷ ଗତ ହୋଇ ଯାଉଥିଲେ ମଧ୍ୟ ଷ୍ଟେଟ୍‌ସ୍ ଜେନେରାଲ୍ ବା ସର୍ବୋଚ୍ଚ ପ୍ରତିନିଧି-ସଭାକୁ ରାଜା ହୁଏତ ମାତ୍ର ଥରେ ବା ଦୁଇଥର ଏବଂ ଅତ୍ୟଧିକ ଜରୁରୀ ଓ କଷ୍ଟକର ପରିସ୍ଥିତିର ଚାପ ଦ୍ୱାରା ବାଧ୍ୟ ହୋଇହିଁ ଡାକୁଥିଲେ । ଫରାସୀ ପାର୍ଲିଆମେଣ୍ଟ ପରି ଏକ ଅ-ରାଜନୀତିକ ନିଷ୍କକ୍ଷ ସଂସ୍ଥା ହାତରେ

'oaob.nitrkl.ac.in' images reprocessed

ବିଧାନ-ନିର୍ମାଣର ବାସ୍ତବ କାର୍ଯ୍ୟଟିର ସମର୍ପଣ କରିଦେଲେ ମଧ୍ୟ ରାଜାଙ୍କୁ ସେଠାରେ ମଧ୍ୟ ଅବଶ୍ୟ ଏକ ପ୍ରତିରୋଧ-କେନ୍ଦ୍ରର ସମ୍ମୁଖୀନ ହେବାକୁ ପଡ଼ିବ । ତେଣୁ ଯଦି ପ୍ରତିନିଧିସଭାକୁ ଉଠାଇ ଦିଆଯାଏ ବା ଆପଣାର ଖୁସୀ ଅନୁସାରେ ସେହି ସଭାଟିକୁ ଡାକିବାକୁ ଅଥବା ନ ଡାକିବାକୁ ମଧ୍ୟ ରାଜାଙ୍କର କ୍ଷମତା ରହିଥାଏ, ତେବେ ତାହାକୁ ଆମେ ନିଶ୍ଚୟ ତାଙ୍କଠାରେ ଏକଚ୍ଛତ୍ର କ୍ଷମତା ରହିଥିବାର ଏକ ସଙ୍କେତ ବୋଲି କହି ପାରିବା । ମାତ୍ର, ସାମାଜିକ ଜୀବନର ଅନ୍ୟ ଯାବତୀୟ କ୍ଷମତା ବା ନିୟନ୍ତ୍ରଣରୁ ରାଜା ଯେତେବେଳେ ଆପଣାକୁ ମୁକ୍ତ କରି ନେଇଯା'ନ୍ତି ଅଥବା ସେହିସବୁ କ୍ଷମତାକୁ ଆପଣାରହିଁ ଅଧୀନ କରି ରଖନ୍ତି, ସେତିକିବେଳେ, ଅର୍ଥାତ୍ ତାଙ୍କ ସର୍ବୋଚ୍ଚ ସଫଳତାର ଠିକ୍ ସେହି ବିନ୍ଦୁଟିରୁହିଁ ତାଙ୍କର ବିଫଳତାଟିର ଆରମ୍ଭ ହୋଇଥାଏ । କାରଣ, ସାମାଜିକ ବିବର୍ତ୍ତନରେ ରାଜତନ୍ତ୍ରର ପଦ୍ଧତିଟିକୁ ଯେଉଁସବୁ ସକାରାତ୍ମକ ଭୂମିକା ଗ୍ରହଣ କରିବାକୁ ଥିଲା, ଏହି ବିନ୍ଦୁଟିକୁ ଆସି ସେହି ସବୁଗୁଡ଼ିକରହିଁ ପରିପୂରଣ ହୋଇ ଯାଇଥାଏ; ଏବଂ ତା'ପରେ, ରାଷ୍ଟ୍ରର ପରବର୍ତ୍ତୀ ରୂପାନ୍ତରଟି ସାଧିତ ହୋଇଯିବା ପର୍ଯ୍ୟନ୍ତ ରାଜତନ୍ତ୍ରକୁ ରାଷ୍ଟ୍ରକୁ କେବଳ ଗୋଟିଏ କରି ଧରି ରଖିବାକୁହିଁ ହୋଇଥାଏ ଅଥବା ତା' ନ ହେଲେ, ଆପଣାର ଅତ୍ୟାଚାର ଦ୍ୱାରା ଜନଗଣର ସାର୍ବଭୌମତ୍ୱ ପ୍ରତିଷ୍ଠା କରିବା ଲାଗି ହୋଇ ଆସୁଥିବା ଆନ୍ଦୋଳନଟିକୁ ଉଦ୍ଦୀପିତ କରି ଆଣିବାକୁ ହୋଇଥାଏ ।

ଏପରି ହେବାର କାରଣ ହେଉଛି ଯେ ବିଧାନନିର୍ମାଣର କ୍ଷମତାଟିକୁ ଆପଣା ହାତକୁ ନେଇ ନେବା ଦ୍ୱାରା ରାଜତନ୍ତ୍ର ପ୍ରକୃତରେ ଆପଣା ସତ୍ତାର ଯଥାର୍ଥ ନିୟମ-ସୀମାଟିର ଲଂଘନ କରିଥାଏ, ତାହା ଆପଣାର ଧର୍ମରହିଁ ସୀମାଲଂଘନ କରିଥାଏ, ଏପରିସବୁ କାର୍ଯ୍ୟକୁ ଆପଣା ହାତକୁ ଟେକି ନେଇଥାଏ ଯାହାକୁ କି ତାହା ସୁସ୍ଥ ଓ ସଫଳ ଭାବରେ କଦାପି ସମ୍ପାଦନ କରି ପାରିବ ନାହିଁ । ପ୍ରଶାସନ ବା ରାଜ୍ୟର ଶାସନ କହିଲେ କେବଳ ଜନଗଣର ବହିରଙ୍ଗ ଜୀବନଟିକୁହିଁ ଏକ ସାମାନ୍ୟ ନିୟମବଦ୍ଧତା ଭିତରେ ରଖିବାର କାର୍ଯ୍ୟଟିକୁ ବୁଝାଇବ, ଲୋକଜୀବନର ବିକଶିତ ବା ବିକଶମାନ ସଂଗଠନଟିର ବହିରଙ୍ଗ କାର୍ଯ୍ୟକଳାପଗୁଡ଼ିକୁହିଁ ପରିପୋଷିତ କରି ରଖିବାକୁ ବୁଝାଇବ । ଏବଂ ରାଜା ମଧ୍ୟ ଏହି କାର୍ଯ୍ୟଟିରେ ନିଶ୍ଚୟ ନିୟାମକ ଓ ନିୟନ୍ତ୍ରକ ହୋଇ ରହିପାରିବେ । ଭାରତୀୟ ଲୋକଶାସନ-ଶାସ୍ତ୍ରରେ ଯାହାକୁ ରାଜଧର୍ମ ବୋଲି କୁହାଯାଇ ଥିଲା, ରାଜା ସେହି ଧର୍ମଟିର ଅବଶ୍ୟ ସମ୍ପାଦନ କରିପାରିବେ । ମାତ୍ର ସମାଜ ଲାଗି ବିଧାନ ଗଢ଼ିବା, ସାମାଜିକ ବିକାଶ, ସଂସ୍କୃତି, ଧର୍ମ, ଏବଂ ଏପରିକି ଲୋକମାନଙ୍କର ଆର୍ଥିକ ଜୀବନଟିର ନିର୍ଦ୍ଧାରଣକୁ ମଧ୍ୟ ରାଜ-କର୍ତ୍ତବ୍ୟର ପରିସରଟିର ବାହାରେ ବୋଲି କହିବାକୁ ହେବ । ଏହିସବୁକୁ ଆମେ ସମାଜର ଜୀବନ, ବିଚାର ଏବଂ ଆତ୍ମାରହିଁ ଗୋଟିଏ ଗୋଟିଏ ଅଭିବ୍ୟକ୍ତି ବୋଲି ଜାଣିବା,

'oaob.nitrkl.ac.in' images reprocessed

ଏବଂ ରାଜାଙ୍କର ଯଦି ସେପରି ବଳିଷ୍ଠ ବ୍ୟକ୍ତିତ୍ୱ ଥିବ ଅଥବା ଯୁଗର ଅନ୍ତଃସ୍ପୃହାଟି ସହିତ ଯଦି ତାଙ୍କର ପ୍ରକୃତରେ ସଂଯୋଗ ରହିଥିବ, ସିଏ ସେଗୁଡ଼ିକୁ ପ୍ରଭାବିତ କରିବାରେ ହୁଏତ ଅବଶ୍ୟ ସହାୟକ ହୋଇପାରିବେ, ମାତ୍ର ସେଗୁଡ଼ିକର କଦାପି ନିର୍ଦ୍ଧାରଣ କରିପାରିବେ ନାହିଁ । ସେଗୁଡ଼ିକୁ ଆମେ ଜାତୀୟ ଧର୍ମର ଗୋଟିଏ ଗୋଟିଏ ଅଙ୍ଗ ବୋଲିହିଁ କହିବା; — ଏଠାରେ ଆମେ ସେହି ଭାରତୀୟ ଶବ୍ଦଟିକୁହିଁ ବ୍ୟବହାର କରିବା, କେବଳ ସେହି ଶବ୍ଦଟିହିଁ ଏହି ବିଷୟରେ ସମଗ୍ର ଅର୍ଥଟିକୁ ପ୍ରକାଶ କରିବା ଲାଗି ସମର୍ଥ ହୋଇ ପାରିବ । କାରଣ, ଆମ ପ୍ରକୃତିର ନିୟମଟିକୁହିଁ ଆମେ ଆମର ଧର୍ମ ବୋଲି ବୁଝିଥାଉ, ଧର୍ମ କହିଲେ ସେହି ନିୟମଟିର ସୂତ୍ରବଦ୍ଧ ଅଭିବ୍ୟକ୍ତିଟିକୁ ମଧ୍ୟ ବୁଝାଇଥାଏ । କେବଳ ସମାଜହିଁ ତା' ଧର୍ମର ବିକାଶ ବା ବିବର୍ତ୍ତନର ମାର୍ଗଟିକୁ ନିର୍ଣ୍ଣୟ କରିଦେଇ ପାରିବ ବା ତାହାର ଅଭିବ୍ୟକ୍ତିଟିକୁ ମଧ୍ୟ ଆଣି ଏକ ନିର୍ଦ୍ଦିଷ୍ଟ ସୂତ୍ରର ଆକାର ଦେଇପାରିବ । ଏବଂ, ଅତ୍ୟନ୍ତ ସ୍ୱାଭାବିକଭାବରେ ଏକ ସହଜ ଏବଂ ଅନ୍ତର୍ବୋଧଗତ ବିକାଶ ଦ୍ୱାରା ପୁରାତନ ପଦ୍ଧତିଟି ଅନୁସାରେ ଏହି କାର୍ଯ୍ୟଟିକୁ କରା ନ ଯାଇ ସଂଗଠିତ ଜାତୀୟ ବିବେକଶକ୍ତି ଏବଂ ଜାତୀୟ ଇଚ୍ଛାର ମାଧ୍ୟମରେ ଏକ ଆତ୍ମ-ସଚେତନ ନିୟାମନ ଦ୍ୱାରା ଯଦି ତାହାକୁ କରିବାକୁ ହୁଏ, ତେବେ ସେଥିଲାଗି ଏପରି ଗୋଟିଏ ଶାସନକାରୀ ସଂସ୍ଥାର ଗଠନ କରିବାକୁ ପଡ଼ିବ, ଯାହାକି, ସମଗ୍ର ସମାଜଟିର ବିବେକବୁଦ୍ଧି ଏବଂ ଇଚ୍ଛାର ଏକ ସମ୍ପୂର୍ଣ୍ଣ ମୂର୍ତ୍ତ ରୂପ ହୋଇ ନ ପାରିଲେ ମଧ୍ୟ ତଥାପି ଅଳ୍ପବହୁତ ପରିମାଣରେ ତାହାର ଯଥେଷ୍ଟ ପ୍ରତିନିଧିତ୍ୱ କରିପାରିବ । ଏକ ଶାସକଶ୍ରେଣୀ, ସମ୍ଭ୍ରାନ୍ତତନ୍ତ୍ର ଅଥବା ବୁଦ୍ଧି ଦ୍ୱାରା କାର୍ଯ୍ୟ ସମ୍ପାଦନ କରି ପାରୁଥିବା ଧର୍ମତନ୍ତ୍ର ବସ୍ତୁତଃ ଠିକ୍ ଏଇଟିର ପ୍ରତିନିଧିତ୍ୱ କରିପାରିବ ନାହିଁ ସତ, ମାତ୍ର ତାହା ହୁଏତ ଜାତୀୟ ବିବେକ ଏବଂ ଜାତୀୟ ଇଚ୍ଛାର କୌଣସି ଗୋଟିଏ ଶକ୍ତିଶାଳୀ ବା ପ୍ରଭାବଯୁକ୍ତ ଭାଗଟିର ଅବଶ୍ୟ ପ୍ରତିନିଧିତ୍ୱ କରିପାରିବ । ମାତ୍ର ସେଇଟି ମଧ୍ୟ ଏକ ଗଣତାନ୍ତ୍ରିକ ରାଷ୍ଟ୍ରର କ୍ରମବିକାଶରେ କେବଳ ଏକ ପର୍ଯ୍ୟାୟ ହୋଇହିଁ ରହିପାରିବ । ଏହି କଥାଟିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ବର୍ତ୍ତମାନ ଯେଉଁପରି ଭାବରେ ଗଣତନ୍ତ୍ରର ପଦ୍ଧତିଟି କାର୍ଯ୍ୟକାରୀ ହେଉଛି, ତାହାକୁ କଦାପି ବିକାଶର ସର୍ବଶେଷ ଅଥବା ତତ୍‌ପୂର୍ବ ପର୍ଯ୍ୟାୟଟି ବୋଲି କୁହାଯାଇ ପାରିବ ନାହିଁ । କାରଣ ଏହା ଅନେକ ସମୟରେ କେବଳ ଦେଖିବାକୁହିଁ ଗଣତନ୍ତ୍ର ହୋଇ ରହିଛି ଏବଂ ଯେଉଁସବୁ ସ୍ଥାନରେ ଏହା ସବୁଠାରୁ ଭଲ ଭାବରେ ସମ୍ଭବ ହୋଇଛି, ସେଠାରେ ତାହା କେବଳ ସଂଖ୍ୟାଧିକ୍ୟର ଶାସନ ଯାଏ ଯାଇ ପାରିଛି ଏବଂ ଦଳୀୟ ଶାସନର ବହୁ ତ୍ରୁଟିପୂର୍ଣ୍ଣ ପଦ୍ଧତିଟି ଦ୍ୱାରାହିଁ କାର୍ଯ୍ୟକାରୀ ହେଉଛି । ଏହାର ଦୋଷଗୁଡ଼ିକ ଏବେ ଅଧିକରୁ ଅଧିକ ପରିମାଣରେ ଆମର ଦୃଷ୍ଟିଗୋଚର ହେବାକୁ ଆରମ୍ଭ କଲାଣି ଏବଂ ମୁଖ୍ୟତଃ ସେହିଗୁଡ଼ିକ ଲାଗିହିଁ ପ୍ରତିନିଧିସଭା

'oaob.nitrkl.ac.in' images reprocessed

ଦ୍ୱାରା ରାଜ୍ୟଶାସନ-ପଦ୍ଧତିଟି ବିଷୟରେ ଏବେ ଆମର ଅଧିକରୁ ଅଧିକ ଅସନ୍ତୋଷ ମଧ୍ୟ ପ୍ରକାଶ ପାଇଲାଣି । ପୂର୍ଣ୍ଣାଙ୍ଗ ପରିପୂର୍ଣ୍ଣତା ଲାଭ କରିଥିବା ଏକ ଗଣତନ୍ତ୍ରକୁହିଁ ସମାଜ-ବିବର୍ତ୍ତନର ସର୍ବଶେଷ ଅବସ୍ଥା ହେବ ବୋଲି ଆମେ କଦାପି ଅନୁମାନ କରିପାରିବା ନାହିଁ; ମାତ୍ର ତଥାପି ଏହି ଗଣତନ୍ତ୍ରକୁ ଆମର ସେହି ଆବଶ୍ୟକ ପ୍ରଶସ୍ତ ଦୃଢ଼ ଭୂମିଟି ବୋଲି ଅବଶ୍ୟ କୁହାଯିବ, ଯାହା ଉପରେ ଦଣ୍ଡାୟମାନ ହୋଇ ସାମାଜିକସତ୍ତାର ଆତ୍ମସଚେତନତାଟି ଆପଣାର ସ୍ୱକୀୟ ପରିଚୟ ଓ ପ୍ରତିଷ୍ଠା ଲାଭ କରିବାକୁ ସମର୍ଥ ହୋଇପାରିବ ।* ଆମେ ଆଗରୁ ଯେପରି କହିଛୁ, ସେହି ଆତ୍ମ-ଚେତନାଟି ଯେ ପରିପୂର୍ଣ୍ଣତା ହାସଲ କରିବା ଦିଗରେ କ୍ରମଶଃ ପରିପକ୍ୱ ହୋଇ ଆସିବାକୁ ଆରମ୍ଭ କରୁଛି, ଗଣତନ୍ତ୍ର ଏବଂ ସମାଜବାଦକୁ ଆମେ ତାହାରି ଗୋଟିଏ ଗୋଟିଏ ସଙ୍କେତ ବୋଲି ଜାଣିବା ।

ଆଇନ ତିଆରି କରିବା ହଠାତ୍ ହୁଏତ ଗୋଟିଏ ପ୍ରକାରର ବାହ୍ୟ ବିଷୟ ବୋଲି ମନେ ହୋଇପାରେ, ପ୍ରଶାସନ ଲାଗିହିଁ ଗୋଟିଏ ବାହ୍ୟ ଗଠନ ବୋଲି ମନେ ହୋଇପାରେ, ଏବଂ ସାମାଜିକ ଜୀବନର ନାନା ଅର୍ଥନୈତିକ ଗଠନ, ତାହାର ଧର୍ମ, ତାହାର ଶିକ୍ଷା ଅଥବା ସଂସ୍କୃତି ପରି ତାହା ମଧରେ ରହିଥିବା କୌଣସି ଘନିଷ୍ଠ ଅଂଶ ବୋଲି ହୁଏତ ମନେ ହୋଇ ନ ପାରେ । ଏଇଟି ବାହାରୁ ଦେଖିବାକୁ ଏହିପରି ବୋଧ ହୋଇଥାଏ, କାରଣ ଇଉରୋପୀୟ ଜାତିଗୁଡ଼ିକର ଅତୀତ ପୌରବ୍ୟବସ୍ଥାରେ ତାହା ପ୍ରାଚ୍ୟଜଗତର ବିଧିଗୁଡ଼ିକ ପରି ଅର୍ଥାତ୍ ଶାସ୍ତ୍ର ପରି ସାମାଜିକ ଜୀବନର ସମୁଦାୟଟି ସହିତ ଆପଣାକୁ କେବେହେଲେ ସମ୍ପୃକ୍ତ କରି ରଖି ନାହିଁ, ମାତ୍ର ଅଧୁନାତନ କାଳ ପର୍ଯ୍ୟନ୍ତ ତାହା ଆପଣାକୁ କେବଳ ରାଜନୀତି ଏବଂ ସାଂବିଧାନିକ ଆଇନ୍ ପ୍ରଣୟନ ମଧ୍ୟରେହିଁ ସୀମାବଦ୍ଧ କରି ରଖିଛି, କେବଳ ପ୍ରଶାସନର ନୀତିଗୁଡ଼ିକ ମଧରେ ଓ ତାହାରି ପ୍ରକ୍ରିୟାଟି ମଧରେ ସୀମାବଦ୍ଧ କରି ରଖିଛି; ଏବଂ ଧନ ସମ୍ପତ୍ତିର ସୁରକ୍ଷା ଓ ସାଧାରଣ ଶୃଙ୍ଖଳାରକ୍ଷା ସକାଶେ ଯେତିକି ଆବଶ୍ୟକ ହୋଇଛି, ତାହା ସାମାଜିକ ଏବଂ ଆର୍ଥିକ ବିଧିପ୍ରଣୟନର ନୀତି ଏବଂ ପ୍ରକ୍ରିୟାଟି ସହିତ ଆପଣାକୁ କେବଳ ସେତିକି ମାତ୍ର ସମ୍ପୃକ୍ତ

* ଏଥିରୁ ଏପରି ଅର୍ଥ କରାଯିବା ଆଦୌ ଉଚିତ ନୁହେଁ ଯେ ଭବିଷ୍ୟତର କୌଣସି ଏକ କାଳରେ ଏକ ଯଥାର୍ଥ ଗଣତନ୍ତ୍ର ଅବଶ୍ୟ ସମ୍ଭବ ହୋଇଯିବ । କାରଣ, ବ୍ୟକ୍ତିଗତ ଭାବରେ ହେଉ ଅଥବା ସାମୂହିକ ଭାବରେ ହେଉ, ଏକ ପୂର୍ଣ୍ଣ ଆତ୍ମ-ଚେତନାର ସୋପାନରେ ଆସି ପହଞ୍ଚିବା ଲାଗି ମନୁଷ୍ୟର ପଥଟିକୁ ଅତ୍ୟଧିକ ପରିମାଣରେ ଏକ ଆୟାସସାଧ ଜଟିଳତା ବୋଲିହିଁ କୁହାଯାଇ ପାରିବ । ଏକ ପ୍ରକୃତ ଗଣତନ୍ତ୍ରର ପ୍ରତିଷ୍ଠା ହୋଇପାରିବା ପୂର୍ବରୁ ଅକାଳ-ଆଗତ ଏକ ସମାଜବାଦୀ ପ୍ରଚେଷ୍ଟା ହୁଏତ ସେହି ପ୍ରକ୍ରିୟାଟିକୁ ଡେଇଁ ଆଗକୁ ଟପି ଚାଲିଯିବ ।

'oaob.nitrkl.ac.in' images reprocessed

କରି ରଖିଛି । ହୁଏତ ଏପରି ମନେ ହୋଇପାରେ ଯେ ଏହି ସବୁଗୁଡ଼ିକ ବିଷୟ ସମ୍ଭବତଃ ରାଜାଙ୍କର ଶାସନ-ପରିସରଟିର ବେଶ୍ ଅନ୍ତର୍ଗତ ହୋଇ ରହିପାରେ, ଏବଂ ଏହି କ୍ଷେତ୍ରରେ କୌଣସି ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଯେତିକି ଦକ୍ଷତାର ସହିତ ସେସବୁର ନିର୍ବାହ କରିପାରିବ, ଜଣେ ରାଜା ମଧ୍ୟ ଠିକ୍ ସେତିକି ଦକ୍ଷତାର ସହିତ ସେଗୁଡ଼ିକର ଅବଶ୍ୟ ନିର୍ବାହ କରିପାରନ୍ତି । ମାତ୍ର ଇତିହାସରୁ ଆମକୁ ଯେଉଁଭଳି ପ୍ରମାଣମାନ ମିଳିଥାଏ, ଏହା ବସ୍ତୁତଃ ଆଦୌ ସେପରି ନୁହେଁ । ବିଧି-ପ୍ରଣୟନର କ୍ଷେତ୍ରରେ ରାଜାଙ୍କୁ ସର୍ବଦା ଜଣେ ଅପାରଗ ବ୍ୟକ୍ତି ବୋଲିହିଁ କୁହାଯିବ, ଏବଂ ତୁଚ୍ଛା ସମ୍ଭ୍ରାନ୍ତତନ୍ତ୍ରଗୁଡ଼ିକ ମଧ୍ୟ ତା'ଠାରୁ କଦାପି ଖୁବ୍‌ବେଶୀ ଅଧିକ ଦକ୍ଷତା ଆଦୌ ଦେଖାଇ ପାରିବେ ନାହିଁ । କାରଣ ଯେ କୌଣସି ସମାଜର ବିଧାନ ତଥା ଅନୁଷ୍ଠାନଗୁଡ଼ିକୁ ଆମେ ସେହି ସମାଜ ଆପଣାର ଜୀବନ ତଥା ଆପଣାର ଧର୍ମପାଳନ ଲାଗି ତିଆରି କରି ରଖୁଥିବା ଗଢ଼ଣଟି ବୋଲିହିଁ କହିପାରିବା । ଯେତେବେଳେ ସେହି ସମାଜ ଆପଣା ବୁଦ୍ଧି ଏବଂ ଇଚ୍ଛାକୁ ଆତ୍ମସଚେତନ ଭାବରେ କାର୍ଯ୍ୟରେ ଲଗାଇ ଆପଣା ଲାଗି ଏଗୁଡ଼ିକର ନିରୂପଣ କରିଦେବାକୁ ଆରମ୍ଭ କରେ, ସେତେବେଳେ ଏହି କାର୍ଯ୍ୟଟି ଯେତେଅଳ୍ପ ବା ଅଧିକ ସୀମା ମଧ୍ୟରେ କରାଯାଉଥିଲେ ମଧ ସେହି ସମାଜ ଏପରି ଗୋଟିଏ ଦିଗରେ ପ୍ରଥମ ପଦକ୍ଷେପଟି ଗ୍ରହଣ କରିଛି ବୋଲି କୁହାଯାଇ ପାରିବ, ଯାହାକି ପରିଶେଷରେ ଅନିବାର୍ଯ୍ୟ ଭାବରେ ତାହାର ସମୁଦାୟ ସାମାଜିକ ତଥା ସାଂସ୍କୃତିକ ଜୀବନଟିକୁ ଆତ୍ମ-ସଚେତନ ଭାବରେ ଶୃଙ୍ଖଳାବଦ୍ଧ କରି ରଖିବାର ଏକ ଉଦ୍ୟମରେ ଆସିହିଁ ପର୍ଯ୍ୟବସିତ ହୋଇଯିବ । ଏବଂ, ତାହାର ଆତ୍ମ-ସଚେତନତା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ତାହା ବିଚାରଦ୍ରଷ୍ଟାମାନେ ଯେଉଁ କାଳ୍ପନିକ ଆଦର୍ଶ ସମାଜର ଚିତ୍ରମାନ କରିଛନ୍ତି, ତାହାର ଉପଲବ୍ଧି ଦିଗରେ ଯଥାର୍ଥ ଉଦ୍ୟମଟି ଲାଗି ମଧ୍ୟ ଆପଣାକୁ ଅବଶ୍ୟ ପ୍ରଧାବିତ କରି ରଖିବ । କାରଣ, ସମାଜର ମନଟି ପରିଶେଷରେ ଯେଉଁ ଦିଗରେ ଆପଣାକୁ ଗତିଶୀଳ କରାଇବ, ସାମାଜିକ ଆଦର୍ଶ-କଳ୍ପନାର ବିଚାରକକୁ ଆମେ ବିଚାରର କ୍ଷେତ୍ରରେ ତାହାରିହିଁ ପୂର୍ବଦ୍ରଷ୍ଟା ପରି କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତି ବୋଲି କହିପାରିବା ।

ମାତ୍ର ଏକଥା ଏକାନ୍ତ ସତ୍ୟ ଯେ ଜଣେ ବ୍ୟକ୍ତି ହିସାବରେ କୌଣସି ଦାର୍ଶନିକ ବା ବିଚାରକ କେବଳ ଆପଣା କଳ୍ପନା ବୁଦ୍ଧିର ବିଚାରକୁ ପ୍ରୟୋଗ କରି ବୁଦ୍ଧି ଦ୍ୱାରା ପ୍ରେରିତ ଏକ ଆତ୍ମ-ସଚେତନ ସମାଜର ବିବର୍ତ୍ତନ ବିଷୟରେ ଟିକେ ଟିକେ ସବୁକିଛି ନିର୍ଦ୍ଧାରଣ କରିଦେଇ ପାରିବ ନାହିଁ; ଏବଂ ଠିକ୍ ସେହିପରି ଶାସନ-କାର୍ଯ୍ୟରେ ରହିଥିବା କୌଣସି ବ୍ୟକ୍ତି ଅଥବା ଶାସନସ୍ଥ ବ୍ୟକ୍ତିମାନଙ୍କର କୌଣସି ଅନୁକ୍ରମ ମଧ୍ୟ ଆପଣାର ବା ସେମାନଙ୍କର ସ୍ୱେଚ୍ଛାପ୍ରଣୋଦିତ କ୍ଷମତାଟି ବଳରେ ବସ୍ତୁତଃ ତାହାର ନିର୍ଦ୍ଧାରଣ କରି

'oaob.nitrkl.ac.in' images reprocessed

ପାରିବେ ନାହିଁ । ଏକଥା ବଡ଼ ସ୍ପଷ୍ଟ ଯେ ସେ କଦାପି ଜାତିର ସମୁଦାୟ ସାମାଜିକ ଜୀବନଟିର ନିରୂପଣ କରିଦେଇ ପାରିବେ ନାହିଁ, କାରଣ ସେଇଟି ତାଙ୍କ ସକାଶେ ଅତିରିକ୍ତ ବଡ଼ ହୋଇପଡ଼ିବ । ଆପଣାର ସମୁଦାୟ ସାମାଜିକ ଜୀବନରେ କୌଣସି ସ୍ୱେଚ୍ଛା ପ୍ରଣୋଦିତ ଜଣେ ବ୍ୟକ୍ତିର ପରାକ୍ରମୀ ହାତଟି ଲଦିହୋଇ ରହିଥାଉ ବୋଲି କୌଣସି ସମାଜ ମଧ କଦାପି ଇଚ୍ଛା କରିବ ନାହିଁ । ସିଏ ଆର୍ଥିକ ଜୀବନଟିର ବି ନିର୍ଦ୍ଧାରଣ କରି ପାରିବ ନାହିଁ, କାରଣ ସେଇଟି ମଧ୍ୟ ତା' ଲାଗି ଅତିରିକ୍ତ ବଡ଼ ହୋଇପଡ଼ିବ । ସିଏ କେବଳ ସେଇଟି ଉପରେ ଜଗୁଆଳି ହୋଇ ରହିପାରିବ ଏବଂ ଯେଉଁଠି କୌଣସି ସାହାଯ୍ୟ ଦରକାର ହେବ, ସେ ସେଠାରେ ସମାଜକୁ ଏଦିଗରେ ଅଥବା ସେଦିଗରେ କିଞ୍ଚିତ୍ ସାହାଯ୍ୟ ମଧ୍ୟ କରିପାରିବ । ସିଏ ଧର୍ମଜୀବନର ବି ନିୟନ୍ତ୍ରଣ କରିପାରିବ ନାହିଁ; ଏହି ଉଦ୍ୟମଟି ଇତିହାସରେ ଏକାଧିକ ବାର କରାଯାଇ ଥିଲେ ମଧ୍ୟ ଏହି କ୍ଷେତ୍ରଟି ଯେ ତା'ଲାଗି ଅତିରିକ୍ତ ପରିମାଣରେ ଗଭୀର ହୋଇପଡ଼ିବ, ସେକଥା ଅବଶ୍ୟ ସ୍ୱୀକାର କରିବାକୁ ହେବ । କାରଣ ଧର୍ମ କହିଲେ ବ୍ୟକ୍ତିର ଆଧ୍ୟାତ୍ମିକ ଏବଂ ନୈତିକ ଜୀବନକୁ ବୁଝାଏ, ଈଶ୍ୱରଙ୍କ ସହିତ ତା' ଆତ୍ମାର ସମ୍ବନ୍ଧଗୁଡ଼ିକୁ ବୁଝାଏ ଏବଂ, ଅନ୍ୟ ବ୍ୟକ୍ତିମାନଙ୍କ ସହିତ ତା'ର ଇଚ୍ଛା ଏବଂ ତା'ର ଚରିତ୍ରର ଅତି ଅନ୍ତରଙ୍ଗ ଆଚରଣ ଏବଂ କାର୍ଯ୍ୟକଳାପଗୁଡ଼ିକୁ ବୁଝାଏ । ଏବଂ, କୌଣସି ରାଜା ବା ଶାସକ-ଶ୍ରେଣୀ, ଏପରିକି କୌଣସି ଧର୍ମତନ୍ତ୍ର ଅଥବା ଯାଜକଗୋଷ୍ଠୀ ମଧ୍ୟ ଜଣେ ବ୍ୟକ୍ତିର ଅଥବା ଗୋଟିଏ ଜାତିର ଆତ୍ମା ଲାଗି ଆପଣାକୁ ଏକ ସ୍ଥାନାପନ୍ନରୂପେ ପ୍ରକୃତରେ କଦାପି ଅବସ୍ଥାପିତ କରି ରଖିପାରିବ ନାହିଁ । ସିଏ ଜାତୀୟ ସଂସ୍କୃତିର ମଧ ନିର୍ଦ୍ଧାରଣ କରି ପାରିବ ନାହିଁ; ସେହି ସଂସ୍କୃତିର ବୃହତ୍ ସମୃଦ୍ଧିମନ୍ତ କାଳଗୁଡ଼ିକରେ ସିଏ ସେହି ସଂସ୍କୃତି ଆପଣା ପ୍ରବୃତ୍ତିଟିର ସ୍ୱକୀୟ ଶକ୍ତି ଦ୍ୱାରା ଯେଉଁ ଦିଗରେ ଗତି କରୁଥିବ ଆପଣାର ସୁରକ୍ଷା ଦେଇ ତାହାକୁ ସେହି ଗତିପଥରେ ଦୃଢ଼ ହୋଇ ରହିବାରେହିଁ ଯାହାକିଛି ସହାୟତା କରିପାରିବ । ଏତିକିଠାରୁ ଅଧିକକୁ ମନ ବଳାଇଲେ ତାହା କେବଳ ବୁଦ୍ଧିବିରୁଦ୍ଧ ହେବ ଏବଂ ତାହା ଏକ ବୁଦ୍ଧି ପରିଚାଳିତ ସମାଜର ବିକାଶ ଦିଗରେ ଆଦୌ କୌଣସି ସାହାଯ୍ୟ କରିବ ନାହିଁ । ଆପଣାର ସ୍ୱେଚ୍ଛାଚାରୀ ବଳପ୍ରୟୋଗ ଦ୍ୱାରା ସିଏ ହୁଏତ ଆପଣାର ଏହି ଉଦ୍ୟମଟିକୁ ବଳ ଦେବାକୁ ଇଚ୍ଛା କରିବ, ମାତ୍ର ତଦ୍ଦ୍ୱାରା ସମାଜର ପରିଶେଷରେ ଶକ୍ତିହ୍ରାସହିଁ ଘଟିବ, ସମାଜର ସ୍ଥାଣୁତା ଆସି ପହଞ୍ଚିବ ଏବଂ ସେତେବେଳେ ସିଏ ରାଜାମାନଙ୍କର ଈଶ୍ୱରଦତ୍ତ ଅଧିକାର ଭଳି କୌଣସି ପ୍ରକାର ରହସ୍ୟମୟ ମିଥ୍ୟାର ଆଶ୍ରୟ ନେଇ ଅଥବା ରାଜତନ୍ତ୍ରକୁ ଏକ ବିଶେଷ ଈଶ୍ୱରୀୟ ଅନୁଷ୍ଠାନ ବୋଲି କହି ଆପଣାର ଅତ୍ୟାଚାରଟିକୁ ଉଚିତ ବୋଲି ପ୍ରମାଣ କରି ବାହାରିବ । ଏପରିକି, ଜଣେ ସାର୍ଲିମାନ, ଜଣେ ଅଗଷ୍ଟସ୍, ଜଣେ

'oaob.nitrkl.ac.in' images reprocessed

ନେପୋଲିଅଁ, ଜଣେ ଚନ୍ଦ୍ରଗୁପ୍ତ, ଅଶୋକ ବା ଆକବରଙ୍କ ପରି ଅସାଧାରଣ ଶାସକମାନେ ମଧ୍ୟ ସମୟଟି ଲାଗି ପ୍ରୟୋଜନୀୟ ବୋଲି ମନେ ହେଉଥିବା କେତୋଟି ଅନୁଷ୍ଠାନର ପ୍ରବର୍ତ୍ତନ ବ୍ୟତୀତ ଆଉ ଅଧିକ କିଛିହେଲେ କରିବାକୁ ସମର୍ଥ ହେବେ ନାହିଁ ଏବଂ ଏକ ସଂକଟ ଯୁଗରେ ସେହି ସମୟଟିର ସର୍ବୋତ୍ତମ ବା ତା' ନ ହେଲେ ତାହାର ସବଳତମ ପ୍ରବୃତ୍ତିଗୁଡ଼ିକ ଉଦ୍ଭୂତ ହୋଇ ଆସିବାରେ ସାହାଯ୍ୟ କରିବା ବ୍ୟତୀତ ସେମାନେ ଆଉ କିଛି କରିପାରିବେ ନାହିଁ । ଏବଂ ଯେତେବେଳେ ସେମାନେ ସେତିକିରୁ ଆଉ କିଛି ଅଧିକ କରିବାକୁ ବାହାରିବେ, ସେତେବେଳେ ଅବଶ୍ୟ ବିଫଳ ହେବେ । ଆପଣାର ସନ୍ଦୀପିତ ବୁଦ୍ଧିଯୁକ୍ତିକୁ ଖଟାଇ ଭାରତୀୟ ଜାତି ଲାଗି ଆକବର ଏକ ନୂତନ ଧର୍ମର ପ୍ରଣୟନ କରିବା ପାଇଁ ଯେଉଁ ଚେଷ୍ଟା କରିଥିଲେ, ସେଇଟି କେଡ଼େ ଦୀପ୍ତିମନ୍ତ ଭାବରେ ଶେଷରେ ବ୍ୟର୍ଥ ହୋଇ ନ ଗଲା ! ଅଶୋକଙ୍କର ଅନୁଶାସନଗୁଡ଼ିକ ଆଜି ମଧ ସ୍ତମ୍ଭ ଏବଂ ଶୈଳ ଉପରେ ଖୋଦିତ ହୋଇ ରହିଛି ସତ, ମାତ୍ର ଭାରତୀୟ ଧର୍ମ ଏବଂ ସଂସ୍କୃତିର ବିକାଶ ଆପଣାର ଏକ ଅନ୍ୟ ପଥଦେଇ ଗତି କରିଛି, ଏକ ମହାନ୍ ଜନସମୂହର ଆତ୍ମା ନିରୂପଣ କରି ଦେଇଥିବା କେତେକେତେ ଅଧିକ ଜଟିଳ ଓ ଅନେକମୁଖୀ ଦିଗରେ ତାହା ଗତି କରି ଚାଲିଯାଇଛି । ସହସ୍ର ବର୍ଷରେ ସମ୍ଭବତଃ ପୃଥିବୀରେ ଥରେ ଅବତୀର୍ଣ୍ଣ ହେଉଥିବା ଜଣେ ବିରଳ ବ୍ୟକ୍ତି ମନୁ, ଅବତାର ଅଥବା ଧର୍ମଦୂତ ହୁଏତ ଆପଣାର ଈଶ୍ୱରଦତ୍ତ ଅଧିକାରଟି ବିଷୟରେ ଯଥାର୍ଥରେ କିଛି କହିବା ଲାଗି ସମର୍ଥ ହୁଅନ୍ତି; କାରଣ ତାଙ୍କ ସମର୍ଥତାର ଗୋପନ ସତ୍ୟଟି କୌଣସି ରାଜନୀତିକ ଭୂମିରେ ନୁହେଁ, ମାତ୍ର ଏକ ଆଧାତ୍ମିକ ଭୂମିରେହିଁ ନିହିତ ହୋଇ ରହିଥାଏ । ମାତ୍ର ଯେତେବେଳେ ଶାସକ ହୋଇ ବସିଥିବା ଜଣେ ସାଧାରଣ ରାଜନୀତିକ ବ୍ୟକ୍ତି କିଂବା ରାଜନୀତିକ ଅନୁଷ୍ଠାନ ଏହିପରି ଏକ ଦାବି କରି ବାହାରିଛନ୍ତି, ସେତେବେଳେ ମନୁଷ୍ୟ ମନର ବହୁସଂଖ୍ୟକ ନିର୍ବୋଧତା ମଧ୍ୟରେ ତାହା ସମ୍ଭବତଃ ତାହାର ସବୁଠାରୁ ଅଧିକ ବିଚିତ୍ର ଏକ ଦୃଷ୍ଟାନ୍ତ ହୋଇ ରହିଛି ।

ମାତ୍ର ତାହାର ଔଚିତ୍ୟ ପ୍ରମାଣ ଯେତେ ବେଶୀ ମିଥ୍ୟାଯୁକ୍ତ ହୋଇଥାଉ ଓ ବ୍ୟାବହାରିକ କ୍ଷେତ୍ରରେ ତାହା ଯେତେ ବେଶୀ ବିଫଳ ହୋଇ ଯାଇଥାଉ ପଛକେ, ଏକଥା ସତ ଯେ ସେହିଭଳି ଏକ ପ୍ରଚେଷ୍ଟା ଆମ ସମାଜର ବିବର୍ତ୍ତନରେ ପ୍ରକୃତରେ ଅନିବାର୍ଯ୍ୟହିଁ ଥିଲା, ତାହାର ଅବଶ୍ୟ ଏକ ଫଳ ଫଳିଲା, ଓ ତେଣୁ ତାହା ଆବଶ୍ୟକ ମଧ ଥିଲା । ଏହାକୁ ଆମେ ଅନିବାର୍ଯ୍ୟ ବୋଲି କହିବା, କାରଣ ମଧ୍ୟବର୍ତ୍ତିକାଳୀନ ଏହି ସାଧନଟି ମନୁଷ୍ୟ-ବୁଦ୍ଧି ଏବଂ ମନୁଷ୍ୟ-ଇଚ୍ଛାର ସର୍ବପ୍ରଥମ ଧାରଣାଟିରହିଁ ପ୍ରତିନିଧି ହୋଇ ରହିଥିଲା, ତାହା ସମାଜ-ଜୀବନକୁ ଆପଣା ଅକ୍ତିଆରକୁ ଆଣି ତାହାକୁ ଆପଣାର ଖୁସୀ, କ୍ଷମତା ଏବଂ ବୁଦ୍ଧିପ୍ରେରିତ ରୁଚି ଅନୁସାରେ ନୂଆରୂପ ଦେବାକୁ, ନୂଆ କରି ଗଢ଼ିବାକୁ ଏବଂ

'oaob.nitrkl.ac.in' images reprocessed

ନୂଆ ଭାବରେ ଖଞ୍ଜିବାକୁ ଚେଷ୍ଟା କରିଥିଲା; ମନୁଷ୍ୟ-ବ୍ୟକ୍ତି ମଧ୍ୟରେ ରହିଥିବା ପ୍ରକୃତିଟିକୁ ଶାସନ କରିବାକୁ ତାହା ଯେପରି ଆଗରୁ ଆଂଶିକ ଭାବରେ ଶିଖି ସାରିଥିଲା, ମନୁଷ୍ୟ-ସମଷ୍ଟିର ପ୍ରକୃତିଟିକୁ ମଧ ଏଥର ସେହିପରି ଶାସନ କରିପାରିବାକୁ ଚେଷ୍ଟା କଲା । ଏବଂ ମନୁଷ୍ୟ-ସମଷ୍ଟି ଉପରେ ବୁଦ୍ଧିର କୌଣସି ସନ୍ଦୀପନ ଘଟି ନ ଥିବାରୁ ଏବଂ ଏହିଭଳି ଏକ ବୁଦ୍ଧିଯୁକ୍ତ ଉଦ୍ୟମ ଲାଗି ତାହା ଅସମର୍ଥ ହୋଇ ରହିଥିବାରୁ, ସମର୍ଥ ବ୍ୟକ୍ତି ଅଥବା ବୁଦ୍ଧିସମ୍ପନ୍ନ ଓ ସମର୍ଥ ଅନେକ ବ୍ୟକ୍ତିଙ୍କର ଏକ ମଣ୍ଡଳୀ ବ୍ୟତୀତ ସେକଥାଟିକୁ ଆଉ କିଏ କରିପାରିବ ? ଏକଚ୍ଛତ୍ର ଶାସନ, ସମ୍ଭ୍ରାନ୍ତତନ୍ତ୍ର ଏବଂ ଧର୍ମତନ୍ତ୍ର ପଛରେ ସମ୍ପୂର୍ଣ୍ଣତଃ ଏହି ଯୁକ୍ତିଟିହିଁ ନିହିତ ହୋଇ ରହିଛି । ଏହି ଯୁକ୍ତିଟିର ବିଚାରଟିକୁ ଆମେ କେବଳ ଏକ ମିଥ୍ୟା-ବିଚାର ବୋଲି କହିବା, ଏକ ଅର୍ଦ୍ଧସତ୍ୟ ବା ଅସ୍ଥାୟୀ ସତ୍ୟ ବୋଲିହିଁ କହିବା; କାରଣ ଯେଉଁ ଶ୍ରେଣୀ ଅଥବା ଯେଉଁ ବ୍ୟକ୍ତି ପ୍ରକୃତରେ ଅଧିକ ଅଗ୍ରଗତି କରିଛି, ସମଗ୍ର ସମଷ୍ଟିଟି ଯେପରି ସଚେତନଭାବରେ ତାହାର ନିଜ କାର୍ଯ୍ୟଟି ନିଜେ କରିପାରିବ, ସେଥିଲାଗି ତାହାକୁ ଅଧିକରୁ ଅଧିକ ପରିମାଣରେ ଅବଗତ କରାଇବା ଓ ପ୍ରଶିକ୍ଷଣ ଦେବା ହେଉଛି ତାହାର ଯଥାର୍ଥ କାର୍ଯ୍ୟ, ଚିରକାଳ ଲାଗି ତାହାର କାର୍ଯ୍ୟଗୁଡ଼ିକୁ ନିଜେ ଯାଇ କରିଦେବା ଆଦୌ ପ୍ରକୃତ କାର୍ଯ୍ୟ ନୁହେଁ ।* ମାତ୍ର ବିଚାରଟିକୁ ଆପଣାର ଗତିପଥଟିକୁହିଁ ଅନୁସରଣ କରି ଯିବାକୁ ହୋଇଥିଲା ଏବଂ ବିଚାରଟି ମଧରେ ରହିଥିବା ଇଚ୍ଛାଶକ୍ତିଟି, — କାରଣ ଆପଣାକୁ ଚରିତାର୍ଥ ବା ପରିପୂର୍ଣ୍ଣ କରିବା ଲାଗି ପ୍ରତ୍ୟେକ ବିଚାର ମଧରେ ଏକ ପ୍ରତିପତ୍ତି ବିସ୍ତାର କରିବାକୁ ଚାହୁଁଥିବା ଇଚ୍ଛାଶକ୍ତି ମଧ ରହିଛି,— ସତେଅବା ବାଧ୍ୟ ହୋଇ ଆପଣାର ଚରମ ପରିଣତିଟି ଲାଗି ମଧ ପ୍ରୟାସ କରିଥିଲା । ମାତ୍ର ଏଥିରେ ଏତିକି ଅସୁବିଧା ରହିଗଲା ଯେ ଶାସକ ବ୍ୟକ୍ତି ବା ଶ୍ରେଣୀ ସାମାଜିକ ଜୀବନର ଅପେକ୍ଷାକୃତ ଅଧିକ ଯାନ୍ତ୍ରିକ ଭାଗଟିକୁହିଁ ଆପଣା ହାତକୁ ନେଇପାରିଲା ଓ ସେହି ଭାଗଟିରେହିଁ ଯାହାକିଛି କରିପାରିଲା, ମାତ୍ର ଯାହାକିଛି ସମାଜର ଅପେକ୍ଷାକୃତ ଅଧିକ ଅନ୍ତରଙ୍ଗ ସତ୍ତାଟିର ପ୍ରତିନିଧିତ୍ୱ କରୁଥିଲା, ତାହା ସେଇଟିର ହାତରେ ଆଦୌ ପଡ଼ିଲା ନାହିଁ, ସେହି ବ୍ୟକ୍ତିମାନେ ବା ଶ୍ରେଣୀମାନେ ସମାଜର ଆତ୍ମାକୁ ଆଦୌ ସ୍ପର୍ଶ କରିପାରିଲେ ନାହିଁ । ତଥାପି ସେହି କଥାଟିକୁ କରି ନ ପାରିବା ପର୍ଯ୍ୟନ୍ତ

---

* ଏଠାରେ ଆଦୌ ଏକଥାଟି କୁହାଯାଉ ନାହିଁ ଯେ ପରିପୂର୍ଣ୍ଣତା ହାସଲ କରିଥିବା କୌଣସି ସମାଜରେ ରାଜତନ୍ତ୍ରୀ, ସମ୍ଭ୍ରାନ୍ତତନ୍ତ୍ରୀ ଅଥବା ଧର୍ମତନ୍ତ୍ରୀ କୌଣସି ଉପାଦାନ ଲାଗି ଆଦୌ ଏତେ ଟିକିଏ ହେଲେ ସ୍ଥାନ ରହିବ ନାହିଁ; ମାତ୍ର ସେହି କ୍ଷେତ୍ରରେ ଏମାନେ ଏକ ସଚେତନ ଗୋଷ୍ଠୀ ମଧରେହିଁ ସେତେବେଳେ ଆପଣା ଆପଣାର କାର୍ଯ୍ୟଦାୟିତ୍ୱଗୁଡ଼ିକର ସମ୍ପାଦନ କରିପାରିବେ, ମାତ୍ର ଏକ ଚେତନାହୀନ ଜନସମଷ୍ଟିକୁ କଦାପି ବାନ୍ଧିଇ ରଖିବେ ନାହିଁ କିଂବା ସେମାନଙ୍କୁ ଠେଲି ଠେଲି ଆଗକୁ ନେବାରେ ମଧ କଦାପି ଲାଗି ନ ଥିବେ ।

'oaob.nitrkl.ac.in' images reprocessed

ସେମାନଙ୍କର ପ୍ରବୃତ୍ତିଟି ଯେ କଦାପି ଚରିତାର୍ଥ ହେବ ନାହିଁ ଓ ସେମାନଙ୍କର ଅଧିକୃତିଗୁଡ଼ିକ ମଧ୍ୟ ଯେ କଦାପି ପୂର୍ଣ୍ଣ ନିରାପଦ ହେବ ନାହିଁ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ । କାରଣ ଏହି ବିଷୟଟି ଲାଗି ଏହି କ୍ଷେତ୍ରରେ ଏକ ଭୟ ଅବଶ୍ୟ ରହିଥିବ ଯେ ସେମାନଙ୍କ ଅପେକ୍ଷା ଅଧିକ ସଂପୂର୍ଣ୍ଣ ଶକ୍ତିଗୁଡ଼ିକ ଆସି ସେମାନଙ୍କର ସ୍ଥାନଟିକୁ ଅଧିକାର କରି ନେବ, ଏହି ଅଧିକ ସମ୍ପୂର୍ଣ୍ଣ ଶକ୍ତିଗୁଡ଼ିକ ଅନିବାର୍ଯ୍ୟତଃ ମନୁଷ୍ୟଜାତିର ବୃହତ୍ତର ମନଟି ମଧ୍ୟରୁ ଉଦ୍ଭୂତ ହୋଇ ଆସିବେ ଏବଂ ସେମାନଙ୍କୁ ବହିଷ୍କୃତ କରିଦେବେ ଓ ସେମାନଙ୍କର ଆସ୍ଥାନଟିକୁ ସ୍ୱୟଂ ଅଧିକାର କରିନେବେ ।

ପରିପୂର୍ଣ୍ଣ ଭାବରେ ଅଧିକାର କରିନେବାର ଏହିଭଳି ଯାବତୀୟ ପ୍ରୟାସର ଦୁଇଟି ପ୍ରଧାନ ଉପାୟହିଁ ଉପଯୁକ୍ତ ବୋଲି ବୋଧ ହେଉଛି ଏବଂ ତେଣୁ ସେହି ଦୁଇଟିରହିଁ ପ୍ରୟୋଗ ମଧ୍ୟ କରାଯାଇଛି । ଏଥିମଧ୍ୟରୁ ଗୋଟିକକୁ ପ୍ରଧାନତଃ ନକାରାତ୍ମକ ବୋଲି କୁହାଯିବ; ଗୋଷ୍ଠୀର ଜୀବନ ତଥା ଆତ୍ମା ଉପରେ ଉତ୍ପୀଡ଼ନ ଚଳାଇ ଏଇଟି ଆପଣାକୁ କାର୍ଯ୍ୟକାରୀ କରିବାକୁ ଯାଇଛି, ତାହା ଗୋଷ୍ଠୀର ବିଚାର, ବାଣୀ, ସଂଘବଦ୍ଧତା ତଥା ବ୍ୟକ୍ତିଗତ ଏବଂ ସମ୍ମିଳିତ ସକଳ କାର୍ଯ୍ୟ ଉପରେ ଅଚ୍ଛବହୃତ ଏକ ସମ୍ପୂର୍ଣ୍ଣ ନିଷେଧ ଆଣି ଲଦି ଦେଇଛି, ଏବଂ କେବଳ ଯେଉଁସବୁ ବିଚାର, ସଂସ୍କୃତି ଏବଂ କାର୍ଯ୍ୟକଳାପ ଶାସନକାରୀ ଏକଚ୍ଛତ୍ରବାଦଟିକୁ ସ୍ୱୀକାର କରିନେଇଛି, ତାହାର ତୋଷାମଦ କରିଛି ଅଥବା ସହାୟତା କରିଛି, ସେହି ଉପାୟଟା କେବଳ ସେହିପରି ବିଚାର ଇତ୍ୟାଦିକୁ ଉତ୍ସାହିତ କରିଛି ବା ସେଗୁଡ଼ିକର ପୃଷ୍ଠପୋଷକତା କରିଛି । ନିଷେଧଗୁଡ଼ିକୁ ଆଣି ଲଦିଦେବାର ସେହି ପ୍ରକ୍ରିୟାଟିରେ ମନୁଷ୍ୟ-ବ୍ୟକ୍ତି ଏବଂ ସମାଜସ୍ଥ ମନୁଷ୍ୟର ପବିତ୍ରତମ ସମ୍ବନ୍ଧ ତଥା ସ୍ୱାଧୀନତାଗୁଡ଼ିକ ଉପରେ କେତେ ପ୍ରକାର ହସ୍ତକ୍ଷେପ କରାଯାଇଛି, କେତେପ୍ରକାର ଚାପ ପକାଯାଇଛି ଓ ସେଗୁଡ଼ିକୁ ଅତି ଘୃଣ୍ୟ କେତେ କେତେ ପରୀକ୍ଷାର ସମ୍ମୁଖୀନ କରାଯାଇଛି । ଆର ଉପାୟଟିକୁ ଆମେ ସକାରାତ୍ମକ ବୋଲି କହିପାରିବା; ଏହା ଦ୍ୱାରା ସମାଜର ଧର୍ମ ଉପରେ ଏକ ନିୟନ୍ତ୍ରଣ ଲାଭ କରିବାର ଚେଷ୍ଟା କରାଯାଇଛି ଏବଂ ଧର୍ମଯାଜକକୁହିଁ ରାଜାର ଆଧାତ୍ମିକ ସହାୟକାରୀ କରି ଡାକି ଅଣାଯାଇଛି । କାରଣ, ପ୍ରକୃତିର ଅତି ନିକଟବର୍ତ୍ତୀ ହୋଇ ରହିଥିବା ସମାଜଗୁଡ଼ିକରେ ଏବଂ ଆଂଶିକଭାବରେ ବୁଦ୍ଧି ଦ୍ୱାରା ପରିଚାଳିତ ହେଉଥିଲେ ମଧ୍ୟ ଯେଉଁ ସମାଜସବୁ ତଥାପି ଆମ ଜୀବନସତ୍ତାର ପ୍ରାକୃତିକ ନୀତି ଓ ବିଧିଗୁଡ଼ିକୁ ଆଦୌ ଛାଡ଼ିପାରି ନାହାନ୍ତି, ସେଗୁଡ଼ିକରେ ଧର୍ମ ସମସ୍ତ ଜୀବନର କ୍ଷେତ୍ରଟି ଉପରେ ବିସ୍ତୃତ ହୋଇ ରହି ନ ଥିଲେ ମଧ୍ୟ ତାହା ତଥାପି ବ୍ୟକ୍ତି ତଥା ସମାଜର ସମୁଦାୟ ଜୀବନଟି ଉପରେ ପ୍ରହରୀ ପରି ଜଗି ରହିଛି, ଶକ୍ତିଶାଳୀଭାବରେ ତାହାକୁ ପ୍ରଭାବିତ କରୁଛି ଏବଂ ତାହାକୁ ଏକ ନିର୍ଦ୍ଦିଷ୍ଟ ଛାଞ୍ଚ ଭିତରେ ଆଣି ପକାଇବା ଲାଗି ଚେଷ୍ଟା କରିବାରେ

'oaob.nitrkl.ac.in' images reprocessed

ଲାଗିଛି । ଭାରତରେ ପ୍ରାୟ ଆଧୁନିକ କାଳଟି ପର୍ଯ୍ୟନ୍ତ ଧର୍ମ ତାହାହିଁ କରିଥିଲା, ଏବଂ ଏସିଆର ସବୁ ଦେଶରେ ଅନେକ ପରିମାଣରେ ତାହାହିଁ ହୋଇଥିଲା । କୌଣସି ଧର୍ମକୁ ରାଷ୍ଟ୍ର ଆପଣା ଧର୍ମରୂପେ ଗ୍ରହଣ କରିନେବା ପଛରେ ଏହି ପ୍ରଚେଷ୍ଟାଟିରହିଁ ଏକ ଅଭିବ୍ୟକ୍ତି ନିହିତ ହୋଇ ରହିଥାଏ । ମାତ୍ର ରାଷ୍ଟ୍ରସ୍ୱୀକୃତ ଧର୍ମକୁ ଆମେ କେବଳ ଏକ କୃତ୍ରିମ ବିକରାଳତା ବୋଲିହିଁ କହିପାରିବା; ଅବଶ୍ୟ ଏକଥା ସତ ଯେ କୌଣସି ଜାତୀୟ ଧର୍ମ ଏକ ଜୀବନ୍ତ ବାସ୍ତବତା ହୋଇ ରହିବା ଲାଗି ସବୁବେଳେ ଏକ ପୂର୍ଣ୍ଣ ସମ୍ଭାବନାହିଁ ରହିଛି । ମାତ୍ର ସେହି ଜାତୀୟ ଧର୍ମଟି ଯଦି ପରିଶେଷରେ ଅନ୍ତର୍ଗତ ଧର୍ମଭାବନାଟିକୁ କ୍ରମଶଃ କେତେଟା ବାହ୍ୟସୂତ୍ର ଓ ଉପଚାରବହୁଳତା ମଧ୍ୟରେ ପକାଇ ତାହାକୁ ମାରିଦେବାକୁ ଯାଉ ନ ଥାଏ ବା ଆଧ୍ୟାତ୍ମିକ ସଂପ୍ରସାରଣରେ କୌଣସି ପ୍ରକାର ବାଧା ଦେବାଲାଗି ଇଚ୍ଛା କରୁ ନ ଥାଏ, ତେବେ ସେଇଟିକୁ ବି ଅବଶ୍ୟ ସହିଷ୍ଣୁ ହେବାକୁ ପଡ଼ିବ, ଆତ୍ମ-ଅନୁକୂଳନର ସାମର୍ଥ୍ୟ ରଖିବାକୁ ପଡ଼ିବ, ନମନୀୟ ହେବାକୁ ପଡ଼ିବ ଏବଂ ସମାଜର ଗଭୀରତର ଜୀବନର ଏକ ଦର୍ପଣ ପରି ହୋଇ ରହିବାକୁ ପଡ଼ିବ । କିୟତ୍କାଳ ଲାଗି ସଫଳ ହେଉଥିବା ପରି ବୋଧ ହେଉଥିଲେ ମଧ୍ୟ ଏହି ଦୁଇଟିଯାକ ଉପାୟ ପରିଶେଷରେ କେବଳ ବିଫଳ ହେବାକୁହିଁ ଅଭିପ୍ରେତ ହୋଇ ରହିଛନ୍ତି; ଅତ୍ୟାଚାରିତ ସାମାଜିକ ସତ୍ତାଟିର ବିଦ୍ରୋହ ଦ୍ୱାରା ସେମାନେ ବିଫଳ ହେବାକୁ ବାଧ୍ୟ ହେବେ ଅଥବା ସେହି ସମାଜଟି କ୍ରମଶଃ କ୍ଷୟପ୍ରାପ୍ତ ଓ ଦୁର୍ବଳ ହୋଇ ମରିଯିବା ଦ୍ୱାରା ବା ସତେଅବା ମୃତ ହୋଇ ବଞ୍ଚି ରହିବାକୁ ବାଧ୍ୟ ହେବା ଦ୍ୱାରାହିଁ ସେହି ଉପାୟଦୁଇଟି ବିଫଳ ହେବେ । ଗ୍ରୀସ୍, ରୋମ୍, ମୁସଲମାନ ଜାତିଗୁଡ଼ିକ, ଚୀନ ଏବଂ ଭାରତବର୍ଷ ପରିଶେଷରେ ଯେଉଁ ନିଷ୍କ୍ରିୟତା ଏବଂ ବଳହୀନତାର ଶିକାର ହୋଇ ପଡ଼ିଲେ, ଏକଚ୍ଛତ୍ରବାଦରୁ ହୁଏତ ତାହାହିଁ ଉପୁଜିବ ବା ତା' ନ ହେଲେ ଏସବୁଥିରୁ ନିଷ୍କୃତି ଆଣିଦେବା ଲାଗି ଏକ ଆଧ୍ୟାତ୍ମିକ, ସାମାଜିକ ଏବଂ ରାଜନୀତିକ ବିପ୍ଳବ ଆବିର୍ଭୂତ ହୋଇ ଆସିବ । ତଥାପି ଆମେ ଏଇଟିକୁ ମାନବୀୟ ବିକାଶରେ ଏକ ଅନିବାର୍ଯ୍ୟ ପର୍ଯ୍ୟାୟ ବୋଲିହିଁ ମାନିନେବା, ଏହି ପ୍ରୟୋଗଟି ଅବଶ୍ୟ ହେବାକୁ ରହିଥିଲା ବୋଲି ଗ୍ରହଣ କରିନେବା । ଏହାର ବିଫଳତାଟି ସତ୍ତ୍ୱେ ଏଥିରୁ ମଧ୍ୟ ଫଳ ଅବଶ୍ୟ ଫଳିଥିଲା ଏବଂ ଏପରିକି ତାହାର ସେହି ବିଫଳତାଟି ସକାଶେହିଁ ସେହି ଫଳଗୁଡ଼ିକ ଉପଲବ୍ଧ ହୋଇଥିଲା । କାରଣ, ଯେଉଁ ନିରଙ୍କୁଶତାବାଦୀ ସାମ୍ୟବାଦୀ ରାଷ୍ଟ୍ରଟି ବର୍ତ୍ତମାନ ଜନ୍ମଲାଭ କରି ଆସୁଥିବା ପରି ମନେହେଉଛି, ନିରଙ୍କୁଶତାବାଦୀ ରାଜତନ୍ତ୍ରୀ ଏବଂ ସମ୍ଭ୍ରାନ୍ତତନ୍ତ୍ରୀ ରାଷ୍ଟ୍ରକୁ ଆମେ ସେହି ବିଚାରଟିର ଜନକ ବୋଲିହିଁ ଜାଣିବା । ସେଇଟି ପଛରେ ଯେତେ ଯାହା ଅନର୍ଥର କାରଣ ରହିଥାଉ ପଛକେ, ଆମେ ସେଇଟିକୁ ଏକ ଆବଶ୍ୟକ ସୋପାନ ବୋଲି ଅବଶ୍ୟ ସ୍ୱୀକାର କରିବା, କାରଣ କେବଳ ଏହିପରି

'oaob.nitrkl.ac.in' images reprocessed

ଭାବରେହିଁ ବୁଦ୍ଧିକୁ ଅବଲମ୍ବନ କରି ଧରି ଆପଣାକୁ ଶାସନ କରିବାକୁ ସମର୍ଥ ହେଉଥିବା ଏକ ସମାଜର ସ୍ପଷ୍ଟ ବିଚାରଟି ନିଶ୍ଚିତଭାବରେ ବିକଶିତ ହୋଇ ଆସି ପାରିଥିଲା ।

କାରଣ, ରାଜା ଅଥବା ସମ୍ଭ୍ରାନ୍ତତନ୍ତ୍ର ସେମାନଙ୍କ କାଳରେ ଯାହା କରିପାରି ନ ଥିଲେ, ଗଣତନ୍ତ୍ର ଦ୍ୱାରା ଆପଣାକୁ ପରିଚାଳିତ କରୁଥିବା ରାଷ୍ଟ୍ର ହୁଏତ ସେଇଟିକୁ କରିବା ଲାଗି ଚେଷ୍ଟା କରି ପାରିବ ଏବଂ ତାହାକୁ ପରିପୂର୍ଣ୍ଣତାର ଅଧିକ ନିକଟବର୍ତ୍ତୀ କରାଇ ଆଣି ପାରିବ । ଏହି କ୍ଷେତ୍ରରେ ସଫଳ ହୋଇ ପାରିବା ଲାଗି ହୁଏତ ତାହାଲାଗି ଅଧିକତର ସମ୍ଭାବନା ରହିଛି, ହୁଏତ ଅଧିକ ନିରାପଦ ଭାବରେ ତାହା ସେଇଟିକୁ କରିବା ଲାଗି ସମର୍ଥ ହୋଇ ପାରିବ । ଅର୍ଥାତ୍, ଗଣତାନ୍ତ୍ରିକ ରାଷ୍ଟ୍ର ସଚେତନ ଏବଂ ସଂଗଠିତ ଏକତା ଲାଗି ଚେଷ୍ଟା କରି ପାରିବ, ସର୍ବସାମାନ୍ୟ ଓ ବୁଦ୍ଧିପ୍ରେରିତ ନୀତିଗୁଡ଼ିକର କ୍ଷେତ୍ରରେ ନିୟମବଦ୍ଧ କାର୍ଯ୍ୟସାଧକତା ସମ୍ଭବ କରିବା ଦିଗରେ, ବୁଦ୍ଧିସମର୍ଥିତ ବ୍ୟବସ୍ଥାଟି ଦିଗରେ ଏବଂ ଏକ ବିକଶିତ ସମାଜକୁ ଆତ୍ମଶାସନ ଦ୍ୱାରା ଅଧିକରୁ ଅଧିକ ପୂର୍ଣ୍ଣାଙ୍ଗ କରି ଆଣିବା ଦିଗରେ ତାହା ଚେଷ୍ଟା କରିପାରିବ । ଏହାହିଁ ଆଧୁନିକ ଜୀବନର ବିଚାର, ଏବଂ ଯେତେ ଅପୂର୍ଣ୍ଣ ଭାବରେ ହେଲେ ମଧ୍ୟ ଏହାହିଁ ହେଉଛି ଆଧୁନିକ ଜୀବନର ପ୍ରଚେଷ୍ଟା । ଏବଂ ଏହି ପ୍ରୟାସଟିହିଁ ଆଧୁନିକ ପ୍ରଗତିର ସମୁଦାୟ ତର୍କାଧାର ରୂପେ କାର୍ଯ୍ୟ କରି ଆସିଛି । ଏକତା ଏବଂ ଏକରୂପତାକୁ ଆମେ ଏହାର ଦୁଇଟି ପ୍ରଧାନ ପ୍ରବୃତ୍ତି ବୋଲି କହିବା; କାରଣ ଏ ଦୁଇଟି ନ ହେଲେ, ଯେଉଁ ଅତି ବ୍ୟାପକ ଏବଂ ଅତି ଗଭୀର ବସ୍ତୁଟିକୁ ଆମେ ଜୀବନ ବୋଲି କହୁଛୁ, ତାହାର ଅଗଣିତ ନାନା ଜଟିଳତା ଏବଂ ଅନେକମୁଖିତାକୁ ଆମେ କିପରି ଅକ୍ତିଆରକୁ ଆଣିପାରିବା, ତାହା ଉପରେ ଆପଣାର ଅଧିକାରଟିକୁ ସମ୍ଭବ କରିପାରିବା ଏବଂ ଏକ ତର୍କବୁଦ୍ଧି ଓ ଏକତ୍ରୀକୃତ ଇଚ୍ଛାଶକ୍ତିର ସାହାଯ୍ୟ ନେଇ ସେଇଟିକୁ କିପରି ଆମର ପରିକଳନା ଏବଂ ପରିବ୍ୟବସ୍ଥା ମଧ୍ୟକୁ ଆଣି ବି ପାରିବା ? ସାମ୍ୟବାଦ ବା ସମାଜବାଦହିଁ ଏହି ବିଚାରଟିକୁ ପରିପୂର୍ଣ୍ଣଭାବରେ ବ୍ୟକ୍ତ କରିଦେଇ ପାରୁଛି । ସାମୂହିକ ଜୀବନଟିର ନିୟନ୍ତ୍ରଣ କରୁଥିବା ସାମାଜିକ ଏବଂ ଅର୍ଥନୈତିକ ଯାବତୀୟ ଆଦର୍ଶ ଓ ପ୍ରକ୍ରିୟାଗୁଡ଼ିକର କ୍ଷେତ୍ରରେ ଏକରୂପତା ରହିବ, ମୂଳତଃ ସମସ୍ତଙ୍କର ସମାନତାକୁ ମାନିନେଇ ସେହି ଏକରୂପତାକୁ ସ୍ଥାୟୀ କରି ରଖାଯିବ, ଏବଂ ସାମାଜିକ ତଥା ଅର୍ଥନୈତିକ ଜୀବନର ପ୍ରତ୍ୟେକ ଭାଗ ଏବଂ ଉପଭାଗରେ ରାଷ୍ଟ୍ରହିଁ ତାହାର ବ୍ୟବସ୍ଥାପକ ହୋଇ ରହିବ; ବୈଜ୍ଞାନିକ ପ୍ରଣାଳୀ ଦ୍ୱାରା ସୁସଂଗଠିତ ହୋଇ ରହିଥିବା ରାଷ୍ଟ୍ର-ପରିଚାଳିତ ଏକ ଶିକ୍ଷାର ପ୍ରକ୍ରିୟା ଦ୍ୱାରା ସଂସ୍କୃତିର କ୍ଷେତ୍ରରେ ମଧ୍ୟ ଏକରୂପତା ଅଣାଯିବ; ସମୁଦାୟଟିକୁ ନିୟମ ଭିତରେ ପରିପାଳିତ କରି ରଖିବାକୁ ଏକ ଏକତ୍ରୀଭୂତ, ଏକରୂପ ଏବଂ ପୂର୍ଣ୍ଣସଂଗଠିତ ସରକାର ଏବଂ ପ୍ରଶାସନର ପ୍ରତିଷ୍ଠା ହେବ, ଯାହାକି ସମୁଦାୟ ସାମାଜିକ ଜୀବନର ପ୍ରତିନିଧିତ୍ୱ

'oaob.nitrkl.ac.in' images reprocessed

କରିବ ଏବଂ ତାହାରି ଲାଗିହିଁ କାର୍ଯ୍ୟ କରିବ;— ଆମେ ଏହାକୁହିଁ ଆମର କଳ୍ପିତ ଆଦର୍ଶ ସମାଜ ବୋଲି କହିବା, ଯାହାକି, ଉପସ୍ଥିତ ସକଳ ବାଧା ଓ ବିରୋଧୀ ପ୍ରବୃତ୍ତିଗୁଡ଼ିକ ସତ୍ତ୍ୱେ ଶେଷରେ କୌଣସି ନା କୌଣସି ଆକାରରେ ଏକ ଜୀବନ୍ତ ବାସ୍ତବରେ ପରିଣତ ହୋଇ ପାରିବ ବୋଲି ଆଶା କରାଯାଉଛି । ଏହାହିଁ ପ୍ରତୀତ ହେଉଛି ଯେ ପ୍ରକୃତିର ବୃହତ୍ ଏବଂ ଅସ୍ପଷ୍ଟ ପ୍ରକ୍ରିୟାଗୁଡ଼ିକର ସ୍ଥାନରେ ବିଜ୍ଞାନର ପ୍ରବର୍ତ୍ତନ ହେବ, ଏକ ପରିପୂର୍ଣ୍ଣତାକୁ ସମ୍ଭବ କରିଆଣିବ ବା, ସାମୂହିକ ମାନବଜୀବନର କ୍ଷେତ୍ରରେ ଅନ୍ତତଃ କୌଣସି ନା କୌଣସି ପରିମାଣରେ ତାହା ଆମକୁ ପରିପୂର୍ଣ୍ଣତା ଆଡ଼କୁ ବହନ କରି ନେଇଯିବ ।

'oaob.nitrkl.ac.in' images reprocessed

## ଦ୍ୱାବିଂଶ ପରିଚ୍ଛେଦ

# ବିଶ୍ୱ-ସଂଘ ନା ବିଶ୍ୱରାଷ୍ଟ୍ର

ତେଣୁ, ସିଦ୍ଧାନ୍ତତଃ ଏହାହିଁ ହେଉଛି ରାଷ୍ଟ୍ରବିକାଶର ଇତିହାସ । ଏଇଟି ହେଉଛି କେନ୍ଦ୍ରସ୍ଥ ଏକ କର୍ତ୍ତୃତ୍ୱର ବିକାଶ ଦ୍ୱାରା କଠୋର ଏକତ୍ରୀକରଣର ଏକ ଇତିହାସ; ପ୍ରଶାସନ, ଆଇନ-ପ୍ରଣୟନ, ସାମାଜିକ ଏବଂ ଆର୍ଥିକ ଜୀବନ, ସଂସ୍କୃତି ତଥା ସଂସ୍କୃତିର ପ୍ରଧାନ ପ୍ରଧାନ ସାଧନ, ଶିକ୍ଷା ଏବଂ ଭାଷାର କ୍ଷେତ୍ରରେ ଉତ୍ତରୋତ୍ତର ବୃଦ୍ଧି ପାଉଥିବା ଏକରୂପତାର ଇତିହାସ । ମୋଟ ଉପରେ କହିବାକୁ ଗଲେ ଏହି କ୍ଷେତ୍ରରେ କେନ୍ଦ୍ରସ୍ଥ କର୍ତ୍ତୃତ୍ୱଟିହିଁ ଅଧିକରୁ ଅଧିକ ପରିମାଣରେ ସବୁକିଛି ନିର୍ଦ୍ଧାରଣ କରିବାକୁ ଲାଗେ ଓ ସବୁକିଛିକୁ ନିୟନ୍ତ୍ରଣ କରେ । ଏହି ପ୍ରକ୍ରିୟାଟି ପରିଶେଷରେ ଏପରି ଏକ ପରିଣତି ଲାଭ କରେ ଯେତେବେଳେ କି ଏକମାତ୍ର ଶାସନକାରୀ ଏହି କର୍ତ୍ତୃତ୍ୱଟି ବା ସାର୍ବଭୌମ କ୍ଷମତା ସ୍ଥାନଟି କେନ୍ଦ୍ରସ୍ଥ ଜଣେ ଶାସନକାରୀ ବା ସମର୍ଥ ଶ୍ରେଣୀଟିର ଶାସନର ସ୍ତରରୁ ଏପରି ଏକ ସଂସ୍ଥାକୁ ରୂପାନ୍ତରିତ ହୋଇଯାଏ, ଯାହାର କାର୍ଯ୍ୟଟି କ୍ରମେ ସମୁଦାୟ ସମାଜରହିଁ ବିଚାର ତଥା ଇଚ୍ଛାର ପ୍ରତିନିଧିତ୍ୱ କରିବା ଲାଗିହିଁ ଅଭିପ୍ରେତ ହୋଇ ରହେ । ତତ୍ତ୍ୱତଃ ଏହି ପରିବର୍ତ୍ତନଟି ସମାଜ ଏକ ପ୍ରାକୃତିକ ଓ ଏକାଙ୍ଗୀଭୂତ ସ୍ତରରୁ ଏକ ବୁଦ୍ଧି-ପରିଚାଳିତ ଏବଂ ଯନ୍ତ୍ରବତ୍ ସଂଗଠନବଦ୍ଧ ସ୍ତରଟିକୁ ବିବର୍ତ୍ତିତ ହୋଇଯିବାର ଏକ ପ୍ରକ୍ରିୟାରହିଁ ପରିଚାୟକ ହୋଇ ରହିଥାଏ । ଆଗରୁ ଯେଉଁଠି ଏକ ଶିଥିଳ ଅଥଚ ସ୍ୱାଭାବିକ ଏକତା ରହିଥିଲା, ଏକ ନିର୍ଦ୍ଦିଷ୍ଟ ସାବଲୀଳତା ସହିତ ଜୀବନ ଆପଣାର ବିଭିନ୍ନ ଅଙ୍ଗ ତଥା ଶକ୍ତିଗୁଡ଼ିକୁ ଯେଉଁଠି ଅନ୍ତର୍ଗତ ଆବଶ୍ୟକତା ଏବଂ ପରିବେଶର ପ୍ରୟୋଜନ ତଥା ଅସ୍ତିତ୍ୱର ପ୍ରଥମ ଅବସ୍ଥାଗୁଡ଼ିକର ଚାପ ଦ୍ୱାରାହିଁ ବିକଶିତ କରାଇ ଆଣିବାକୁ କାର୍ଯ୍ୟକ୍ଷମତା ବୋଲି କୁହାଯାଉଥିଲା, ତାହା ସ୍ଥାନରେ ବର୍ତ୍ତମାନ ଏକ ବୁଦ୍ଧିପ୍ରେରିତ ଓ କେନ୍ଦ୍ରୀଭୂତ ଏକତ୍ରୀକରଣର ପ୍ରବର୍ତ୍ତନ ହେଲା ଏବଂ ବୁଦ୍ଧିକ୍ଷେତ୍ରୀୟ ପୂର୍ଣ୍ଣ କାର୍ଯ୍ୟଦକ୍ଷତାହିଁ ତାହାର ଲକ୍ଷ୍ୟ ହୋଇ ରହିଲା । ଆଗରୁ ଯେଉଁଠି ଏକ ଶିଥିଳପ୍ରାୟ ଏକତା ରହିଥିଲା ଓ ତାହା ନାନା ପ୍ରକାରର ସ୍ୱାଭାବିକ ଅନେକମୁଖିତା ଏବଂ ବୈଚିତ୍ର୍ୟ ଦ୍ୱାରା ପୂର୍ଣ୍ଣ ହୋଇରହିଥିଲା, ତାହାର ସ୍ଥାନରେ ଏକ ବୁଦ୍ଧିଚାଳିତ, ସୁଶୃଙ୍ଖଳ ଏବଂ କଠୋର ଏକରୂପତାର ପ୍ରବର୍ତ୍ତନ ହେଲା । ଆଗରୁ ସମାଜର ସ୍ୱାଭାବିକ ସ୍ୱାଙ୍ଗୀଭୂତ ଇଚ୍ଛାଟି ଆପଣାକୁ କେତେକେତେ ଚଳଣି ଓ ଅନୁଷ୍ଠାନରୂପେ ଅଭିବ୍ୟକ୍ତ କରିଦେଉଥିଲା ଏବଂ ସମାଜର ସ୍ୱଭାବ ଓ ବିଶେଷ ମିଜାଜଟିର ପରିଣାମ ସ୍ୱରୂପହିଁ ସେହି ଅନୁଷ୍ଠାନଗୁଡ଼ିକର ବିକାଶ ହୋଇ ଆସିଥିଲା; ଏବଂ ବର୍ତ୍ତମାନ ସେଗୁଡ଼ିକର ସ୍ଥାନରେ ସମଗ୍ର ସମାଜର ବୁଦ୍ଧି-

'oaob.nitrkl.ac.in' images reprocessed

ପରିଚାଳିତ ଇଚ୍ଛାହିଁ ବଡ଼ ଯତ୍ନର ସହିତ ସୁଚିନ୍ତିତ ଆଇନ ଏବଂ ସୁଶୃଙ୍ଖଳ ନିୟନ୍ତ୍ରଣ ରୂପେ ଆପଣାକୁ ଅଭିବ୍ୟକ୍ତ କଲା ଓ ପ୍ରବର୍ତ୍ତିତ ହେବାକୁ ଲାଗିଲା । ଆଗରୁ ଯେଉଁଠି ଜୀବନର ଶକ୍ତିମତ୍ତା ଓ ଉର୍ବରତାହିଁ ପ୍ରଧାନ ହୋଇ ରହିଥିଲା, ଏକ ସ୍ୱାଭାବିକ ସରଳତା ସହିତ ତାହାର ବୃହତ୍ ରେଖାଗୁଡ଼ିକ ନିର୍ଣ୍ଣୀତ ହୋଇ ରହିଥିଲା ଏବଂ ଟିକିନିଖି ବିଶେଷ ଅଭିବ୍ୟକ୍ତିଗୁଡ଼ିକର କ୍ଷେତ୍ରରେ ତାହା ବଡ଼ ଅସ୍ପଷ୍ଟ, ଗୋଳିଆମିଶା ଏବଂ ପୁଷ୍କଳ ଏକ ଅନେକମୁଖିତାର ଆକାର ଗ୍ରହଣ କରିଥିଲା, ତାହାର ସ୍ଥାନରେ ରାଷ୍ଟ୍ରର ସେହି ସର୍ବଶେଷ ପରିପୂର୍ଣ୍ଣ ରୂପ ଧାରଣ କରି ଅତି ଯତ୍ନର ସହିତ ଉଦ୍‌ଭାବିତ ଉତ୍ପାଦନକାରୀ ଏବଂ ନିୟନ୍ତ୍ରଣକାରୀ ଏକ ଅତିକାୟ ଯନ୍ତ୍ରହିଁ ପରିଶେଷରେ ଆବିର୍ଭୂତ ହୋଇ ଆସିଲା । ମନୁଷ୍ୟର ଅତି ଦକ୍ଷ ଅଥଚ ସ୍ୱେଚ୍ଛା ଦ୍ୱାରା ପରିଚାଳିତ ଅସହିଷ୍ଣୁ ବିଜ୍ଞାନ ଓ ବିବେକବୁଦ୍ଧିଟାହିଁ ରାଷ୍ଟ୍ରର ରୂପ ଧାରଣ କଲା ଏବଂ ଅତ୍ୟନ୍ତ ସଫଳଭାବରେ ଆପଣାକୁ ପ୍ରକୃତିର ଯାବତୀୟ ଅନ୍ତର୍ବୋଧ ତଥା ବିବର୍ତ୍ତନାତ୍ମକ ପରୀକ୍ଷଣଗୁଡ଼ିକର ସ୍ଥାନାପନ୍ନ ରୂପେ ଆଣି ପ୍ରତିଷ୍ଠିତ କରିଦେଲା; ବୁଦ୍ଧି ଦ୍ୱାରା ସଞ୍ଚାଳିତ ସଂଗଠନଗୁଡ଼ାକ ସ୍ୱାଭାବିକ ସମଗ୍ରାଙ୍ଗିତାର ସ୍ଥାନାପନ୍ନ ହୋଇ ରହିଲା ।

ରାଜନୀତିକ ଏବଂ ପ୍ରାଶାସନିକ ସାଧନଗୁଡ଼ିକର ସାହାଯ୍ୟରେ ଯଦି ଆମେ ମନୁଷ୍ୟଜାତିକୁ ଗୋଟିଏ ଏକତା ମଧ୍ୟରେ ବାନ୍ଧି ରଖିବା ବିଷୟରେ ଚିନ୍ତା କରିବା, ତେବେ ଏକ ନବସୃଷ୍ଟ ଅଥଚ ତଥାପି ବଡ଼ ଢିଲା ହୋଇ ରହିଥିବା ଏକ ସ୍ୱାଭାବିକ ଓ ସ୍ୱାଙ୍ଗୀଭୂତ ମାନବୀୟ ଏକତାରୁ ଗୋଟିଏ ବିଶ୍ୱରାଷ୍ଟ୍ର ଯେ ପରିଶେଷରେ ସଂଗଠିତ ହୋଇ ଆସିବ, ଆମେ ସେକଥାଟିକୁ ମଧ୍ୟ ବୁଝିବାକୁ ପାଇବା । କାରଣ ଏହି କ୍ଷେତ୍ରରେ ଏକ ସ୍ୱାଭାବିକ ଓ ସ୍ୱାଙ୍ଗୀଭୂତ ଏକତା ଆଗରୁହିଁ ରହି ଆସିଥିବ; ତାହାକୁ ଆମେ ଜୀବନର ଏକତା ବୋଲି କହି ପାରିବା, ଅଜାଣତରେ ପରସ୍ପର ସହିତ ଏକତ୍ର ହୋଇ ରହିବାର ଏକତା ବୋଲି କହି ପାରିବା; ସମ୍ପୂର୍ଣ୍ଣ ଅଙ୍ଗଟି ମଧ୍ୟରେ ଅନ୍ତର୍ଗତ ହୋଇ ରହିଥିବା ଭାଗଗୁଡ଼ିକର ଏପରି ଏକ ଅନ୍ତରଙ୍ଗ ପରସ୍ପର-ନିର୍ଭରଶୀଳ ଅସ୍ତିତ୍ୱର ଏକତା ବୋଲି କହି ପାରିବା, ଯେଉଁଥିରେ ଗୋଟିକର ଜୀବନ ଓ ଗୋଟିକର ସଚଳ ହେବା ଅନ୍ୟମାନଙ୍କର ଜୀବନକୁ ମଧ୍ୟ ପ୍ରଭାବିତ କରି ରଖିଛି । ଶହେ ବର୍ଷ ପୂର୍ବରୁ ଏହି ଏକତା ହୁଏତ କଦାପି ସମ୍ଭବ ହୋଇ ନ ଥା'ନ୍ତା । ବର୍ତ୍ତମାନ ଗୋଟିଏ ମହାଦେଶର ଜୀବନ ଆଉ ଗୋଟିଏ ମହାଦେଶର ଜୀବନଠାରୁ ଆଉ ମୋଟେ ଭିନ୍ନ ହୋଇ ରହି ନାହିଁ; ବର୍ତ୍ତମାନ କୌଣସି ଜାତି ଆପଣାର ଇଚ୍ଛା ଓ ଖୁସୀ ଅନୁସାରେହିଁ ଆପଣାକୁ କଦାପି ଅନ୍ୟମାନଙ୍କଠାରୁ ଅଲଗା କରି ରଖି ପାରିବ ନାହିଁ ଏବଂ ଆପଣାର ଏକ ବିଚ୍ଛିନ୍ନ ଜୀବନ କଦାପି ବଞ୍ଚି ପାରିବ ନାହିଁ । ବିଜ୍ଞାନ, ବାଣିଜ୍ୟ ଏବଂ ଦ୍ରୁତ-ଯୋଗାଯୋଗ-ବ୍ୟବସ୍ଥା ଫଳରେ ଏପରି ଏକ ସ୍ଥିତି ସମ୍ଭବ ହୋଇ

'oaob.nitrkl.ac.in' images reprocessed

ପାରିଛି, ଯାହା ଫଳରେ କି ମନୁଷ୍ୟଜାତିର ଯେଉଁ ଭିନ୍ନଭିନ୍ନ ସମୂହଗୁଡ଼ିକ ଏକଦା ଆତ୍ମସୀମାବଦ୍ଧ ହୋଇ ଜୀବନଯାପନ କରୁଥିଲେ, ସେମାନେ ଏକ ସୂକ୍ଷ୍ମ ଏକତ୍ରୀକରଣର ପ୍ରକ୍ରିୟା ଦ୍ୱାରା ଏପରି ଗୋଟିଏ ସମୂହରେ ପରିଣତ ହୋଇ ଯାଇଛନ୍ତି, ଯାହାର ପ୍ରାଣଗତ ଅସ୍ତିତ୍ୱଟି ପ୍ରକୃତରେ ଏକ ହୋଇ ସାରିଲାଣି ଏବଂ ମାନସିକ ଅସ୍ତିତ୍ୱଟି ମଧ୍ୟ ବଡ଼ ଦ୍ରୁତ ଗତିରେ ଏକ ହେବାକୁ ଯାଉଛି । ଏହି ସୂକ୍ଷ୍ମ ଓ ସ୍ୱାଙ୍ଗୀଭୂତ ଏକତାଟି ଯେପରି ଆପଣାକୁ ପ୍ରକଟ କରି ଆଣିପାରିବ ଏବଂ ଏକ ଘନିଷ୍ଠତର ଓ ଅଧିକ ସଂଗଠିତ ସଂଘର ଆବଶ୍ୟକତାଟିକୁ ଉଦ୍‌ଘାଟିତ କରି ଦେଇପାରିବ ଓ ସେଥିଲାଗି ଏକ ଅନୁକୂଳ ଇଚ୍ଛାକୁ ମଧ୍ୟ ସୃଷ୍ଟି କରି ପାରିବ, ସେଥିଲାଗି ପ୍ରକୃତରେ ପ୍ରେରଣକାରୀ ଓ ରୂପାନ୍ତରକାରୀ ଏକ ବଡ଼ କୌଣସି ଆଘାତର ଆବଶ୍ୟକତା ରହିଥିଲା ଏବଂ ମହାଯୁଦ୍ଧ ଦ୍ୱାରାହିଁ ସେହି ଆଘାତଟି ସମ୍ଭବ ହୋଇଗଲା । ଏକ ବିଶ୍ୱ-ରାଷ୍ଟ୍ର ବା ବିଶ୍ୱ-ସଂଘର ବିଚାରଟି କେବଳ ଯେ ବିଚାରକର ସେହି ଚିନ୍ତନକାରୀ ଏବଂ ପୂର୍ବାନୁମାନକାରୀ ମନଟି ଭିତରୁ ଜନ୍ମଲାଭ କରିଛି ସେକଥା କଦାପି ନୁହେଁ, ମାତ୍ର ଏହି ନୂତନ ପରସ୍ପର ସହିତ ଘନିଷ୍ଠଭାବରେ ସମ୍ବନ୍ଧଯୁକ୍ତ ଜୀବନର ଆବଶ୍ୟକତାରୁ ମଧ୍ୟ ସମଗ୍ର ମନୁଷ୍ୟଜାତିର ଚେତନାଟି ମଧ୍ୟରେ ତାହା ଜନ୍ମଲାଭ କରିଛି ।

ପରସ୍ପର ମଧ୍ୟରେ ଏକ ବୁଝାମଣା ଦ୍ୱାରା ହେଉ ଅଥବା ପରିସ୍ଥିତିଗୁଡ଼ିକ ଦ୍ୱାରା ବାଧ୍ୟ ହୋଇ ଏବଂ ଆଉ କେତୋଟି ନୂତନ ଓ ଅନର୍ଥକାରୀ ଆଘାତ ଖାଇ ହେଉ, ବର୍ତ୍ତମାନ ଏକ ବିଶ୍ୱରାଷ୍ଟ୍ରର ସ୍ଥାପନା କରିବାକୁହିଁ ପଡ଼ିବ । କାରଣ ବର୍ତ୍ତମାନ ତଥାପି ତିଷ୍ଠି ରହିଥିବା ସେହି ପୁରାତନ ବ୍ୟବସ୍ଥାଗୁଡ଼ିକ ଯେଉଁ ପରିସ୍ଥିତିଗୁଡ଼ିକୁ ଆଶ୍ରୟ କରି ରହିଥିଲା, ସେହି ପରିସ୍ଥିତି ଓ ଅବସ୍ଥାଗୁଡ଼ିକ ବଦଳିଯାଇ ସାରିଲାଣି । ବର୍ତ୍ତମାନର ନୂତନ ଅବସ୍ଥା ଏକ ନୂତନ ବ୍ୟବସ୍ଥାରହିଁ ଦାବି କରୁଛି, ଏବଂ, ସେଇଟି ତିଆରି ନ ହୋଇ ପାରିବା ପର୍ଯ୍ୟନ୍ତ ଆମକୁ ଏକ ପରିବର୍ତ୍ତନକାଳୀନ ମଧ୍ୟବର୍ତ୍ତୀ ଯୁଗ ଦେଇ ଗତି କରିବାକୁ ପଡ଼ିବ, ଯେଉଁଥିରେ କି କେତେକେତେ ଆପଦ ଲାଗି ରହିଥିବ, କେତେ କେତେ ବିଶୃଙ୍ଖଳା ଯାଉଥିବ ଓ ପୁଣି ଆସୁଥିବ; ଏପରି ଅନେକ ଅନିବାର୍ଯ୍ୟ ସଂକଟ ମଧ୍ୟ ଦେଇ ଗତି କରିବାକୁ ହେଉଥିବ, ଯାହାକୁ ମାଧ୍ୟମରୂପେ ବ୍ୟବହାର କରି ପ୍ରକୃତି ଆପଣାର ପ୍ରଚଣ୍ଡ ଉପାୟଟିରେ ସିଏ ଆପେ ବିବର୍ଦ୍ଧିତ କରାଇ ଆଣିଥିବା ଆବଶ୍ୟକତାଟିକୁ କାର୍ଯ୍ୟକାରୀ କରି ନେଇଆସିବ । ଏହି ପ୍ରକ୍ରିୟାଟିରେ ଜାତିସ୍ତରୀୟ ଓ ସାମ୍ରାଜ୍ୟଗତ କେତେକେତେ ଅହଂମନ୍ୟତା ମଧ୍ୟରେ କେତେ ସଂଘାତ ଲାଗିବ ଏବଂ ତଦ୍ୱାରା ଅତିବେଶୀ କ୍ଷତି ସହିବାକୁ ପଡ଼ିବ ଏବଂ ଅନେକ ଦୁଃଖଭୋଗ କରିବାକୁ ପଡ଼ିବ; ଅଥବା, ଯଦି ପୃଥିବୀ ବିବେକ ଏବଂ ସଦ୍‌ଭାବ ଦ୍ୱାରାହିଁ ପରିଚାଳିତ ହୁଏ, ତେବେ ହୁଏତ କ୍ଷତି ଓ ଦୁଃଖର ପରିମାଣ ଅଳ୍ପତମ ହୋଇପାରିବ । ସେହି ବିବେକ କହିଲେ ଆମ ଆଗରେ ଦୁଇଟି ବିକଳ୍ପ ସମ୍ଭାବନା ଓ ତେଣୁ ଦୁଇଟି ଆଦର୍ଶ

'oaob.nitrkl.ac.in' images reprocessed

ଆସି ଦୃଷ୍ଟିଗୋଚର ହେଉଛନ୍ତି; ଗୋଟିଏ ହେଉଛି ଏକ ବିଶ୍ୱ-ରାଷ୍ଟ୍ରର ଆଦର୍ଶ ଯାହାକି କେନ୍ଦ୍ରୀକରଣ ଏବଂ ଏକରୂପତାର ଆଧାର ଉପରେ ଠିଆହୋଇ ରହିଛି ଓ ଯାହା ଏକ ଯାନ୍ତ୍ରିକ ଏବଂ ବାହ୍ୟ ଏକତାକୁ ଆଣି ପ୍ରତିଷ୍ଠିତ କରିଦେବ, ଏବଂ ଦ୍ୱିତୀୟଟି ହେଉଛି ଏକ ବିଶ୍ୱ-ସଂଘର ଆଦର୍ଶ, ଯାହାକି ସ୍ୱାଧୀନତା ଏବଂ ଅନେକବିଧତା ଉପରେ ଠିଆ ହୋଇ ରହିଛି ଏବଂ ଯାହା ଏକ ବନ୍ଧନହୀନ ଓ ବୁଦ୍ଧିପ୍ରେରିତ ଏକତାକୁ ଆଣି ପ୍ରତିଷ୍ଠିତ କରିଦେବ । ଆମେ କ୍ରମାନୁସାରେ ବର୍ତ୍ତମାନ ଏହି ଦୁଇଟିଯାକ ବିଚାର ଓ ଦୁଇଟିଯାକ ସମ୍ଭାବନା ବିଷୟରେ ଆଲୋଚନା କରି ଦେଖିବା ।

'oaob.nitrkl.ac.in' images reprocessed

## ତ୍ରୟୋବିଂଶ ପରିଚ୍ଛେଦ

# ରାଷ୍ଟ୍ରଶାସନର ଭିନ୍ନଭିନ୍ନ ରୂପ

ଏପରି ଗୋଟିଏ ବିଶ୍ୱସଂଘର କଳ୍ପନା, ଯେଉଁଥିରେ କି ମୁକ୍ତ ନାନା ଜାତି ଓ ଏକାଧିକ ସାମ୍ରାଜ୍ୟ ଏକାଠି ହୋଇ ରହିଥିବେ; ପ୍ରଥମେ ଏହି ସଂଘ ବେଶ୍ ଶିଥିଳ ହୋଇ ଗଠିତ ହୋଇଥିବ, ମାତ୍ର କାଳକ୍ରମେ ଏବଂ ଅଭିଜ୍ଞତା ଅନୁସାରେ ତାହା ଅଧିକରୁ ଅଧିକ ପରିମାଣରେ ସୁଦୃଢ଼ ହେବାରେ ଲାଗିଥିବ,– ହଠାତ୍ ଦୃଷ୍ଟିପାତ କଲାବେଳକୁ ଏହାକୁହିଁ ରାଜନୀତିକ ଏକତାର ସବୁଠାରୁ ଅଧିକ ସମ୍ଭାବ୍ୟ ସ୍ୱରୂପ ବୋଲି ମନେ ହେଉଛି । ବସ୍ତୁତଃ କେବଳ ଏହି ପ୍ରକାରଟିହିଁ ହୁଏତ ସଙ୍ଗେ ସଙ୍ଗେ ସମ୍ଭବ ହୋଇପାରିବ; ମନୁଷ୍ୟଜାତିର ମନ ଭିତରେ ଏକତାର ଇଚ୍ଛାଟି ଦ୍ରୁତଗତିରେ ପ୍ରଭାବସମର୍ଥ ହୋଇ କାର୍ଯ୍ୟ କରିବ ବୋଲି ଯଦି ଅନୁମାନ କରାଯାଏ, ତେବେ ସେହି ପ୍ରକାରଟିହିଁ ସମ୍ଭବ ହେବ । ମାତ୍ର ଅନ୍ୟ ପକ୍ଷରେ ଏକ ବିଶ୍ୱ-ରାଷ୍ଟ୍ର ଗଢ଼ିବାର ଭାବନାଟିହିଁ ବର୍ତ୍ତମାନ ଅଧିକ ପ୍ରଧାନ ହୋଇ ରହିଛି । ଆମ ଇତିହାସରେ ରାଷ୍ଟ୍ରହିଁ ଏପର୍ଯ୍ୟନ୍ତ ଏକତ୍ରୀକରଣର ସବୁଠାରୁ ଅଧିକ ସଫଳ ଓ ଅଧିକ କାର୍ଯ୍ୟସାଧକ ସାଧନରୂପେ କାର୍ଯ୍ୟ କରି ଆସିଛି, ଏବଂ, ବିଭିନ୍ନ ସମାଜର କ୍ରମବୃଦ୍ଧିଶୀଳ ସାମୂହିକ ଜୀବନ ଆପଣା ଲାଗି ଯେଉଁସବୁ ନାନାବିଧ ଆବଶ୍ୟକତାର ସୃଷ୍ଟି କରିଛି ଏବଂ ଏବେ ମଧ୍ୟ ସୃଷ୍ଟି କରିବାରେ ଲାଗିଛି, ରାଷ୍ଟ୍ର ସବୁଠାରୁ ଅଧିକ ସମର୍ଥ ଭାବରେ ସେଗୁଡ଼ିକର ସମ୍ମୁଖୀନ ହୋଇ ପାରିଛି । ପୁନଶ୍ଚ, ଏହି ଉପାୟ ବା ବିଧାନଟି ସହିତହିଁ ମନୁଷ୍ୟର ମନ ବର୍ତ୍ତମାନ କ୍ରମଶଃ ବେଶ୍ ପରିଚିତ ଓ ଅଭ୍ୟସ୍ତ ହୋଇ ଆସିପାରିଛି ଏବଂ ସେଇଟିରେ ନିହିତ ଉଭୟ ନ୍ୟାୟଗତ ତଥା ବ୍ୟାବହାରିକ କାରଣଟି ସକାଶେହିଁ ତାହା କାର୍ଯ୍ୟ କରିବାର ଏକ ସବୁଠାରୁ ଅଧିକ ସହଜ ଓ ପ୍ରସ୍ତୁତ ହୋଇ ରହିଥିବା ସାଧନରୂପେ ଆମ ଆଗରେ ମହଜୁଦ ହୋଇ ରହିଛି । କାରଣ, ଆମର ସୀମିତଶକ୍ତି ବୁଦ୍ଧିଟି ଯାହାକୁ ଆପଣାର ସର୍ବୋତ୍ତମ ସାଧନ ବୋଲି ବିଚାର କରିବାକୁ ପ୍ରଲୁବ୍ଧ ହେଉଛି, ସିଏ ଯାହାକୁ ଯାବତୀୟ ସଂଗଠନର ଏକ ଅତିସ୍ପଷ୍ଟ ଓ ନିର୍ଦ୍ଦୋଷ ସାଧନ ଏବଂ ଏକ ଅକାଟ୍ୟ ପ୍ରଣାଳୀ ବୋଲି ଭାବୁଛି, ରାଷ୍ଟ୍ର ଆମକୁ ସେଇଟିକୁ ଆଣି ବେଶ୍ ଯୋଗାଇଦେଇ ପାରୁଛି । ତେଣୁ ଏହା ଆଦୌ ଅସମ୍ଭବ ନୁହେଁ ଯେ, ଅଧିକତର ପରିମାଣରେ ଏକ ବନ୍ଧନମୁକ୍ତ ସଂଘର ସ୍ତରରୁ ଆରମ୍ଭ କରୁଥିଲେ ମଧ୍ୟ, ଆପଣାର ପାରସ୍ପରିକ ପ୍ରୟୋଜନ ଏବଂ ସ୍ୱାର୍ଥଗୁଡ଼ିକୁ କ୍ରମଶଃ ଅଧିକରୁ ଅଧିକ ନିବିଡ଼ ଭାବରେ କାର୍ଯ୍ୟକାରୀ କରିବାକୁ ଯାଇ ପୃଥିବୀର ଜାତିସମୂହ ହୁଏତ ସେମାନେ ସମ୍ମୁଖୀନ ହେଉଥିବା ନାନା ସମସ୍ୟାର ଚାପରେ ପଡ଼ି ଖୁବ୍ ଶୀଘ୍ର

'oaob.nitrkl.ac.in' images reprocessed

ସେହି ସଂଘଟିକୁ ଏକ ବିଶ୍ୱ-ରାଷ୍ଟ୍ରର ସେହି ଅଧିକ କଠୋର ଆକାର ଦେବାକୁ ବାହାରିବେ । ବିଶ୍ୱ-ରାଷ୍ଟ୍ରର ସୃଷ୍ଟି ଦିଗରେ ବର୍ତ୍ତମାନ ଯେଉଁସବୁ ତାତ୍କାଳିକ ଦୁଃସାଧ୍ୟତା ରହିଛି, ବା ଯେଉଁସବୁ ଅନେକ ବାଧା ତାହାର ବାଟ ଓଗାଳି ଠିଆ ହୋଇଛି, ଆମେ ସେଇଟିକୁହିଁ ଭିତ୍ତି କରି କଦାପି ନିରାପଦ ଭାବରେ କୌଣସି ଉପସଂହାର କରିଦେଇ ପାରିବା ନାହିଁ; କାରଣ ଅତୀତର ଅଭିଜ୍ଞତା ଆମକୁ ଏହି କଥାଟିକୁ ଅବଶ୍ୟ ଦର୍ଶାଇଦେଇ ଯାଉଛି ଯେ ଏହି ଦୁଃସାଧ୍ୟତାର ଯୁକ୍ତିଟିର ପ୍ରକୃତରେ ପ୍ରାୟ ଆଦୌ କୌଣସି ମୂଲ୍ୟ ନାହିଁ । ଆଜିର ବାସ୍ତବବାଦୀ ମଣିଷ ଯାହାକୁ ଅସମ୍ଭବ କହି ଅସ୍ୱୀକାର କରିବାରେ ଲାଗିଛି, ଯାହାକୁ ସେ ଦୁଃସାଧ୍ୟ ବୋଲି କହୁଛି, ଅନେକ କ୍ଷେତ୍ରରେ ଠିକ୍ ସେହି କଥାଟିକୁହିଁ ଭବିଷ୍ୟତର ବଂଶଧରମାନେ ଆପଣାର ଉପଲବ୍ଧି ଲାଗି ଏକ ଲକ୍ଷ୍ୟରୂପେ ବାଛି ନେଉଛନ୍ତି ଏବଂ ପରିଶେଷରେ କୌଣସି ନା କୌଣସି ଆକାରରେ ତାହାକୁ କାର୍ଯ୍ୟକ୍ଷେତ୍ରରେ ସମ୍ଭବ କରାଇବାରେ ସଫଳ ବି ହୋଇ ପାରୁଛନ୍ତି ।

ମାତ୍ର ବିଶ୍ୱ-ରାଷ୍ଟ୍ର କହିଲେ ଏପରି ଏକ ଶକ୍ତିଶାଳୀ କେନ୍ଦ୍ରୀୟ କ୍ଷମତା-ଆସ୍ଥାନକୁ ବୁଝାଉଛି ଯାହାକି ସକଳ ଜାତିର ସମ୍ମିଳିତ ଇଚ୍ଛାଟିର ପ୍ରତିନିଧିତ୍ୱ କରି ପାରୁଥିବ, ବା ଅନ୍ତତଃ ତାହାରି ଦ୍ୟୋତକ ହୋଇ ରହି ପାରୁଥିବ । ଏହି କ୍ଷେତ୍ରରେ ଅତ୍ୟନ୍ତ ଅପରିହାର୍ଯ୍ୟ ଭାବରେ ଆବଶ୍ୟକ ଯାବତୀୟ କ୍ଷମତାକୁ ଏହି କେନ୍ଦ୍ରସ୍ଥ ଓ ସାଧାରଣ ଶାସନ-ସଂସ୍ଥାଟି ହାତରେ ନେଇ ଠୁଳ କରି ରଖି ଦିଆଯିବ, ଅନ୍ତତଃ ସେହି କ୍ଷମତାଗୁଡ଼ିକର,— ସାମରିକ, ପ୍ରାଶାସନିକ, ବିଚାରକ୍ଷେତ୍ରୀୟ, ଆର୍ଥିକ, ବିଧାନ ସମ୍ବନ୍ଧୀ, ସାମାଜିକ ଓ ଶିକ୍ଷାସମ୍ବନ୍ଧୀ ସକଳ କ୍ଷମତାର ମୂଳଟି ଆସି ତାହାରି ହାତରେ ବନ୍ଧାହୋଇ ରହିବ । ଏବଂ ଏହାର ପ୍ରାୟ ଏକ ଅନିବାର୍ଯ୍ୟ ପରିଣାମ ସ୍ୱରୂପ ଏହି ଯାବତୀୟ କ୍ଷେତ୍ରରେ ପୃଥିବୀଯାକ ସର୍ବତ୍ର ମାନବ-ଜୀବନରେ ଏକ ଏକରୂପତାହିଁ କ୍ରମଶଃ ବୃଦ୍ଧି ପାଇବାରେ ଲାଗିବ, ଏପରିକି ସମସ୍ତ ପୃଥିବୀ ସକାଶେ ଗୋଟିଏ ସାଧାରଣ ଭାଷା ବାଛି ନେବାକୁ ଅଥବା ଗଠନ କରିବାକୁ ମଧ୍ୟ ସମ୍ଭବତଃ ସମସ୍ତେ ଅନୁଭବ କରିବାକୁ ଆରମ୍ଭ କରିବେ । ସମାଜ ବିଷୟରେ ଆଦର୍ଶ-କଳ୍ପନା କରି ଯାଇଥିବା ବିଚାରକମାନେ ବସ୍ତୁତଃ ଏହିପରି ଭାବରେହିଁ ଏକତ୍ର-ସମ୍ମିଳିତ ଏକ ପୃଥିବୀର ସ୍ୱପ୍ନ ଦେଖିଛନ୍ତି ଓ ତାହାକୁହିଁ ଆମ ଆଗରେ ଆଣି ଉପସ୍ଥାପିତ କରିଦେବା ଲାଗି ଅଧିକରୁ ଅଧିକ ପ୍ରବୃତ୍ତ ହୋଇ ଆସିଛନ୍ତି । ଏହି ପରିଣାମଟିରେ ଆସି ପହଞ୍ଚିବା ଲାଗି ରହିଥିବା ଅସୁବିଧାଗୁଡ଼ିକ ବର୍ତ୍ତମାନ ଆମ ଆଗରେ ଅତି ସ୍ପଷ୍ଟ ହୋଇ ରହିଛି; ମାତ୍ର ହଠାତ୍ ଦେଖାଯାଏ ସେଗୁଡ଼ିକ ଯେତେ ବଡ଼ ବଡ଼ ଅସୁବିଧା ବୋଲି ମନେ ହେଉଛନ୍ତି, ସେଗୁଡ଼ିକ ସମ୍ଭବତଃ ଆଦୌ ସେତେ ବଡ଼ ନୁହନ୍ତି ଏବଂ ସେ ସବୁଗୁଡ଼ିକର ନିଶ୍ଚୟ କୌଣସି ନା କୌଣସି ସମାଧାନ ରହିଛି । ଏହାକୁ ଆମେ ଆଉ କଦାପି କେବଳ ଏକ ଆଦର୍ଶ

'oaob.nitrkl.ac.in' images reprocessed

କଳ୍ପନା ବା କାଳ୍ପନିକତା ବୋଲି କହିପାରିବା ନାହିଁ ଓ ଆଦର୍ଶକଳ୍ପନା କରିବାରେ ଲାଗିଥିବା କୌଣସି ବିଚାରକର କେବଳ ଏକ ଅବାସ୍ତବ ସ୍ୱପ୍ନ ବୋଲି କହି ତାହାକୁ ଆଦୌ ଆଡ଼େଇ ଦେଇ ପାରିବା ନାହିଁ ।

ଏହି ଶାସନ-ସଂସ୍ଥାଟିର ସ୍ୱଭାବ ଏବଂ ଗଠନଟି କିପରି ହେବ, ସେହି ବିଷୟଟି ନେଇ ଆମେ ହୁଏତ ସର୍ବପ୍ରଥମ ଅସୁବିଧାଟିର ସମ୍ମୁଖୀନ ହେବା ଏବଂ ଏହି ସମସ୍ୟାଟି ମଧ୍ୟରେ ହୁଏତ କେତେକେତେ ସଂଶୟ ଏବଂ ଆପଜ୍ଜନକତା ପୂର୍ଣ୍ଣ ହୋଇ ରହିଥିବ । ପ୍ରାଚୀନ କାଳରେ ନିରଙ୍କୁଶତାବାଦୀ ଓ ରାଜତନ୍ତ୍ରୀ ସମାଧାନଟି ଦ୍ୱାରା କ୍ଷୁଦ୍ରତର ସୀମାଗୁଡ଼ିକ ମଧ୍ୟରେ ଏହି ପ୍ରଶ୍ନଟିର ସମାଧାନ କରିଦିଆ ଯାଉଥିଲା ଏବଂ ବିଜେତା ଜାତିଟିର ଶାସନକୁ ମାନି ନେଇ ଏହି ଦିଗରେ ପ୍ରଥମ ପଦକ୍ଷେପଟି ଗ୍ରହଣ କରା ଯାଉଥିଲା । ପାରସିକ ଏବଂ ରୋମାନ୍ ସାମ୍ରାଜ୍ୟର କ୍ଷେତ୍ରରେ ଆମେ ଠିକ୍ ତାହାହିଁ ଦେଖିବାକୁ ପାଇବା । ମାତ୍ର ବଳଶାଳୀ କେତେ ଜାତି ବା ସେଗୁଡ଼ିକର ସର୍ବାଧିଶାସକ ହୋଇ ରହିଥିବା ଜାର୍ ଏବଂ କାଇଜର୍‌ମାନେ ଅତୀତରେ ଯାହାକିଛି ସ୍ୱପ୍ନ ଦେଖିଥା'ନ୍ତୁ ପଛକେ, ମନୁଷ୍ୟ-ସମାଜର ଉପସ୍ଥିତ ନୂତନ ପରିବେଶଗୁଡ଼ିକରେ ସେହି ଉପାୟଟି କଦାପି ସେତେ ସହଜରେ ଆମ ଲାଗି ଉପଲବ୍ଧ ହୋଇପାରିବ ନାହିଁ । ମଝିରେ ଅଳ୍ପ କେତେ କାଳ ଲାଗି ତିଷ୍ଠି ରହିବାର ଓ ଆପଣାକୁ ପୁନଃସ୍ଥାପିତ କରିବାର ଏକ ଭୁଲ୍ ପ୍ରୟାସ କରିବା ପରେ ସ୍ୱୟଂ ରାଜତନ୍ତ୍ରର ବିଚାରଟିହିଁ କ୍ରମଶଃ ଚାଲିଯିବାକୁ ଆରମ୍ଭ କଲାଣି । ଏହା ସତେଅବା ଆପଣାର ସର୍ବଶେଷ ପ୍ରାଣପୀଡ଼ାର ନିକଟବର୍ତ୍ତୀ ହୋଇ ଆସିଲାଣି ଓ ତାହା ଉପରେ କାଳରାତ୍ରିର ମୋହରଟି ଆସି ବସିବାକୁ ଆଉ କଦାପି ବେଶୀ ବିଳମ୍ବ ନାହିଁ । ଅବଶ୍ୟ ଏକଥା ସତ ଯେ ବର୍ତ୍ତମାନ ବାହାରେ ଆମ ଆଗରେ ଯାହାସବୁ ପ୍ରବୃତ୍ତି ରୂପେ ଦେଖାଯାଉଛି, ସେଗୁଡ଼ିକ ଅନେକ ସମୟରେ ଆମକୁ ପ୍ରକୃତରେ କୌଣସି ପ୍ରକାର ଅଭ୍ରାନ୍ତ ସୂଚନା ଆଦୌ ଦେଉ ନାହିଁ; ମାତ୍ର ଅନ୍ୟ ଅନେକ ପ୍ରତିଭାସ ତୁଳନାରେ ବର୍ତ୍ତମାନର ଏହି ଦୃଷ୍ଟାନ୍ତଟି ମଧ୍ୟ ସମାନ ଭାବରେ ଅର୍ଥାତ୍ ଠିକ୍ ସେହିପରି ଭ୍ରାନ୍ତିମୟ ସାବ୍ୟସ୍ତ ହେବ ବୋଲି ଅପେକ୍ଷାକୃତ କମ୍ ସମ୍ଭାବନା ରହିଛି । କାରଣ ବର୍ତ୍ତମାନ ତଥାପି ବଞ୍ଚି ରହିଥିବା ରାଜତନ୍ତ୍ରଗୁଡ଼ିକର ବିଲୋପ-ସାଧନ କରିଦେବା ଲାଗି ସମ୍ପ୍ରତି ଏକ ଅତି ପ୍ରବଳ ଶକ୍ତି କାର୍ଯ୍ୟ କରୁଛି, ତାହା ଏହି ବ୍ୟବସ୍ଥାଟିର ମୂଳରୁହିଁ ଏହାକୁ ବିଲୁପ୍ତ କରିଦେବାକୁ ଚେଷ୍ଟା କରୁଛି ଏବଂ ସେହି ଶକ୍ତିଟି କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ସାମାଜିକ ସମୂହଗୁଡ଼ିକ କ୍ରମଶଃ ଏକ ସଚେତନ ପରିପକ୍ୱତା ହାସଲ କରି ପାରିଛନ୍ତି, ଏବଂ ବଂଶାନୁକ୍ରମିକ କୌଣସି ରାଜତନ୍ତ୍ର ସେମାନଙ୍କ ଲାଗି ସେମାନଙ୍କର ଶାସନକାର୍ଯ୍ୟଟିକୁ ଆସି ନିର୍ବାହିତ କରିଦେଉ ବା ଏପରିକି ସେମାନଙ୍କର କୌଣସିପ୍ରକାର ପ୍ରତିନିଧିତ୍ୱ କରୁ ବୋଲି ସେମାନେ ଆଉ ମୋଟେ ଆବଶ୍ୟକ କରୁ

'oaob.nitrkl.ac.in' images reprocessed

ନାହାନ୍ତି । ଏହି କ୍ଷେତ୍ରରେ ବ୍ରିଟିଶ୍ ସାମ୍ରାଜ୍ୟକୁ ଏକ ବ୍ୟତିକ୍ରମ ବୋଲି ଗ୍ରହଣ କରାଯାଇ ପାରେ ସତ, ମାତ୍ର ରାଜତନ୍ତ୍ରହିଁ ଲୋକସମୂହର ପ୍ରତୀକ ହୋଇ ରହୁ ବୋଲି ବର୍ତ୍ତମାନ କେହି ଆବଶ୍ୟକ କରୁ ନାହାନ୍ତି । ଫଳରେ, ଯେପରି ଇଂଲଣ୍ଡରେ ହୋଇଛି, ରାଜତନ୍ତ୍ର ଏଣିକି ହୁଏତ କେବଳ ନାମକୁ ମାତ୍ର ତିଷ୍ଠି ରହିବ; କାରଣ ଏପରିକି ଫ୍ରାନ୍ସ୍‌ର ରାଷ୍ଟ୍ରପତିଠାରୁ ମଧ୍ୟ ଇଂଲଣ୍ଡରେ ରାଜାର ହୁଏତ କମ୍ କ୍ଷମତା ରହିଛି ଏବଂ ଆମେରିକାର ସାଧାରଣତନ୍ତ୍ରଗୁଡ଼ିକର ଶାସନ-ମୁଖ୍ୟମାନଙ୍କଠାରୁ ଅନେକ କମ୍ କ୍ଷମତା ରହିଛି । ତା' ନ ହେଲେ ରାଜତନ୍ତ୍ର କ୍ରମେ ଏକ ପ୍ରତିବନ୍ଧକରହିଁ କାରଣ ହୋଇ ରହିବ, ଜନଗଣଙ୍କର କ୍ରମବର୍ଦ୍ଧମାନ ଗଣତାନ୍ତ୍ରିକ ଭାବନାଟି ଲାଗି ଏକ ଦମନକାରୀ ହୋଇ ରହିବ ଏବଂ ଅଳ୍ପ ବା ଅଧିକ ଯେକୌଣସି ମାତ୍ରାରେ ହେଉ ପଛକେ, ପ୍ରତିକ୍ରିୟାର ଶକ୍ତିଗୁଡ଼ିକ ଲାଗି ଏକ ଆଶ୍ରୟସ୍ଥଳୀ ବା ଅନ୍ତତଃ ଏକ ସୁଯୋଗ ହୋଇ ରହିଥିବ । ତେଣୁ ରାଜତନ୍ତ୍ରର ମର୍ଯ୍ୟାଦା ଏବଂ ଲୋକପ୍ରିୟତା ଏବେ ଆଦୌ ବଢ଼ୁ ନାହିଁ, ଅନ୍ୟପକ୍ଷରେ ତାହା କ୍ରମଶଃ ହ୍ରାସ ହେବାରେହିଁ ଲାଗିଛି ଏବଂ ଭବିଷ୍ୟତରେ କୌଣସି ଏକ ସଂକଟ କ୍ଷଣରେ ଯେତେବେଳେ ତାହା ଜାତିର ମନୋଭାବନାଟି ସହିତ ଅତି ପ୍ରବଳ ଭାବରେ ଧକ୍କା ଲଗାଇବାକୁ ଆସିବ, ସେତେବେଳେ ତାହାର ପତନ ଘଟିବ ଏବଂ କୌଣସି ସ୍ଥାୟୀ ପୁନରୁତ୍ଥାନ ଲାଗି ଆଉ ପ୍ରାୟ କୌଣସି ସମ୍ଭାବନାହିଁ ନ ଥିବ ।

ଏହିପରି ଭାବରେ ରାଜତନ୍ତ୍ରର ପତନ ଘଟି ସାରିଲାଣି ବା ପ୍ରାୟ ସର୍ବତ୍ର ତାହାର ପତନ ପ୍ରାୟ ଅବଶ୍ୟମ୍ଭାବୀ ହୋଇ ଆସିଲାଣି; ଏବଂ ଯେଉଁସବୁ ଦେଶରେ ରାଜତନ୍ତ୍ରର ପରମ୍ପରାଟି ସବୁଠାରୁ ଅଧିକ ମଜଭୁତ ହୋଇ ରହିଥିଲା, ସେଠାରେ ତାହାର ସତେଅବା ସବୁଠାରୁ ଅଧିକ ହଠାତ୍ ଭାବରେ ପତନ ଘଟିବ ବୋଲି ମନେ ହେଉଛି । ଏପରିକି ଏହି ବର୍ତ୍ତମାନ କାଳରେ ମଧ୍ୟ ଜର୍ମାନୀ ଏବଂ ଅଷ୍ଟ୍ରିୟାରେ ରାଜତନ୍ତ୍ରର ପତନ ଘଟିଛି, ଚୀନ, ପର୍ତ୍ତୁଗାଲ ଏବଂ ରୁଷିଆରେ ପତନ ଘଟିଛି, ଗ୍ରୀସ୍ ଏବଂ ଇଟାଲୀରେ ତାହା ସଂକଟର ସମ୍ମୁଖୀନ ହୋଇଛି ।* ସ୍ପେନରେ ମଧ୍ୟ ରାଜତନ୍ତ୍ରକୁ ଆସନଚ୍ୟୁତ କରାଯାଇଛି । କେବଳ କେତୋଟି ସାନସାନ ଦେଶକୁ ଛାଡ଼ିଦେଲେ ଇଉରୋପୀୟ ମହାଦେଶରେ ଆଉ କୌଣସିଠାରେ ତାହା ଆଦୌ ନିରାପଦ ହୋଇ ରହି ନାହିଁ । ଯେଉଁସବୁ ଦେଶରେ ତାହା ତଥାପି ତିଷ୍ଠି ରହିଛି, ସେଠାରେ ତାହା ଅତୀତର କୌଣସି କାରଣ ସକାଶେହିଁ ତିଷ୍ଠି ରହିଛି ଏବଂ କ୍ରମଶଃ ପରାଭୂତ ହେବାକୁ ଆରମ୍ଭ କରି ନ ଥିଲେ ମଧ୍ୟ ସେମାନଙ୍କର

* ବର୍ତ୍ତମାନ ଇଟାଲୀରେ ମଧ୍ୟ ଏହାର ପ୍ରୟାସ ହୋଇ ସାରିଲାଣି ଏବଂ ଏହା ପୁନର୍ବାର ଫେରିଆସିବ ବୋଲି ଆଉ କୌଣସି ସମ୍ଭାବନା ଦିଶୁ ନାହିଁ ।

'oaob.nitrkl.ac.in' images reprocessed

ଶକ୍ତିଟି ଯେ କ୍ରମେ ପରାଭୂତ ହେବାକୁ ଆରମ୍ଭ କରିବ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ଦୁଇଟି ଯାକ ଆମେରିକା ପରି ଇଉରୋପୀୟ ମହାଦେଶଟି ମଧ୍ୟ ସମୟ ଅନୁସାରେ ଗୋଟାସୁଦ୍ଧା ଗଣତନ୍ତ୍ର ଦ୍ୱାରା ଶାସିତ ହେବାକୁ ଲାଗିବ ବୋଲି ସତେଅବା ନିୟତିନିର୍ଦ୍ଦିଷ୍ଟ ହୋଇ ରହିଥିବା ପରି ମନେହେଉଛି । କାରଣ ରାଜତନ୍ତ୍ର ବଞ୍ଚି ରହିବା କହିଲେ ବର୍ତ୍ତମାନ ଜଗତର କେବଳ ଅତୀତଟାହିଁ ବଞ୍ଚି ରହିବା ବୋଲି ବୁଝିବାକୁ ହେବ; କାରଣ ଏଯୁଗର ମାନବସମାଜର ବାସ୍ତବ ଆବଶ୍ୟକତା, ଯାବତୀୟ ଆଦର୍ଶ ଏବଂ ମନୋଦୃଷ୍ଟି ମଧ୍ୟରେ ଏହାର ଆଉ କୌଣସି ଗଭୀର ମୂଳ ନାହିଁ । ଯେତେବେଳେ ତାହା ସମ୍ପୂର୍ଣ୍ଣରୂପେ ଅନ୍ତର୍ହିତ ହୋଇଯିବ, ସେତେବେଳେ ତାହା ବଞ୍ଚି ରହି ପାରିଲା ନାହିଁ ବୋଲି କହିବା ଅପେକ୍ଷା ତାହା ଆଉ ତିଷ୍ଠି ପାରିଲା ନାହିଁ ବୋଲି କହିବାହିଁ ଅଧିକ ଯଥାର୍ଥ ହେବ ।

ଏବଂ ଗଣତନ୍ତ୍ରାତ୍ମକ ପ୍ରବୃତ୍ତିଟିକୁ ଆପଣାର ମୂଳରେ ବସ୍ତୁତଃ ପାଶ୍ଚାତ୍ୟ ବୋଲିହିଁ କହିବାକୁ ହେବ; ଆମେ ଯେତିକି ଯେତିକି ଅଧିକ ପରିମାଣରେ ପାଶ୍ଚାତ୍ୟ ଜଗତର ଅଧିକ ନିକଟବର୍ତ୍ତୀ ହେଉଥିବା, ତାହା ସେତିକି ସେତିକି ଅଧିକ ଶକ୍ତିଶାଳୀ ବୋଲି ଅନୁଭୂତ ହେବାରେ ଲାଗିଥିବ । ଇତିହାସରେ ପ୍ରକୃତରେ ଯାହା ଘଟିଛି, ସେହି ଦୃଷ୍ଟିରୁ ବିଚାର କଲେ ପଶ୍ଚିମ ଇଉରୋପରେହିଁ ଏହି ପ୍ରବୃତ୍ତିଟି ମୁଖ୍ୟତଃ ଶକ୍ତିଶାଳୀ ହୋଇଛି ଏବଂ ଆମେରିକାର ନୂତନ ସମାଜଗୁଡ଼ିକରେ ଆପଣାର ପ୍ରତିପତ୍ତି ବିସ୍ତାର କରି ପାରିଛି । ହୁଏତ ଏପରି ଅନୁମାନ କରାଯାଇପାରେ ଯେ ପୃଥିବୀର ସକ୍ରିୟ ସମ୍ମିଳିତ ଜୀବନ ମଧ୍ୟରେ ଏସିଆର ପ୍ରବେଶ ଘଟିବା ସଙ୍ଗେ ସଙ୍ଗେ ଯେତେବେଳେ ପ୍ରାଚ୍ୟ ମହାଦେଶଟି ମଧ୍ୟବର୍ତ୍ତିକାଳୀନ ଅବସ୍ଥାଟିର ଏହି ବର୍ତ୍ତମାନ ଜାଲ ପାଶଟି ମଧ୍ୟରୁ ବାହାରି ଯାଇ ସାରିଥିବ, ସେତେବେଳେ ହୁଏତ ରାଜତନ୍ତ୍ରୀୟ ବିଚାରଟି ପୁନର୍ବାର ବଳଶାଳୀ ହେବାକୁ ଆରମ୍ଭ କରିବ ଏବଂ ଜୀବନ୍ତ ହୋଇ ଉଠିବାର ପୁଣି ଏକ ମୂଳସୂତ୍ର ପାଇଯିବ । କାରଣ ଏସିଆ ମହାଦେଶରେ ରାଜତନ୍ତ୍ର ଯେ କେବଳ ରାଜନୀତିକ ଏକାଧିକ ଆବଶ୍ୟକତା ଏବଂ ଅବସ୍ଥାକୁ ଆଶ୍ରୟ କରି ରହିଥିବା ଏକ ବାସ୍ତବ ସତ୍ୟରୂପେ ପ୍ରତିଷ୍ଠିତ ହୋଇ ଆସିଥିଲା ତା' ନୁହେଁ, ମାତ୍ର ତାହା ଏକ ଆଧ୍ୟାତ୍ମିକ ପ୍ରତୀକ ମଧ୍ୟ ହୋଇ ଆସିଥିଲା ଏବଂ ପରମପବିତ୍ର ଭାବସ୍ୱଭାବ ଦ୍ୱାରା ଆବୃତ ହୋଇ ରହିଥିଲା । ମାତ୍ର ଇଉରୋପ ପରି ଏସିଆରେ ମଧ୍ୟ ରାଜତନ୍ତ୍ରର ଏକ ଐତିହାସିକ ବିକାଶଧାରା ଅବଶ୍ୟ ରହିଥିଲା, କେତେକ ବିଶେଷ ପରିସ୍ଥିତିରୁହିଁ ତାହାର ଉଦ୍ଭବ ହୋଇଥିଲା ଏବଂ ତେଣୁ ସେହି ପରିସ୍ଥିତିଗୁଡ଼ିକ ଯେତେବେଳେ ଅନ୍ତର୍ହିତ ହୋଇଯିବ, ସେତେବେଳେ ରାଜତନ୍ତ୍ରର ତିଷ୍ଠି ରହିବା ଲାଗି ମଧ୍ୟ ଆଉ କୌଣସି କାରଣ ରହିବ ନାହିଁ । ବାହାରେ ଉପରିଭାଗରେ ଯେତେଯାହା ରୂପ ଧାରଣ କରିଥାଉ

'oaob.nitrkl.ac.in' images reprocessed

ପଛକେ, ଏସିଆର ଅସଲ ମାନସଟି ସତତ ରାଜନୀତିକ ନୁହେଁ, ମାତ୍ର ସାମାଜିକହିଁ ରହି ଆସିଛି; ଉପରିଭାଗରେ ରାଜତନ୍ତ୍ରୀ ଓ ସମ୍ଭ୍ରାନ୍ତତନ୍ତ୍ରୀ ହୋଇ ରହିଆସିଛି ସତ, ମାତ୍ର ଅନ୍ତର୍ଭାବର ସ୍ତରରେ ତାହା ମଧ୍ୟରେ ସର୍ବଦା ମୂଳତଃ ଏକ ଗଣତାନ୍ତ୍ରିକ ପ୍ରବୃତ୍ତିହିଁ ରହିଆସିଛି ଓ ଏକ ଈଶ୍ୱରତନ୍ତ୍ରୀୟ ଅନ୍ତରାବେଶ ମଧ୍ୟ ରହି ଆସିଛି । କେବଳ ଗୋଟିଏ ଦେଶ ଜାପାନରେହିଁ ରାଜତନ୍ତ୍ରୀୟ ବିଚାରର ମୂଳଟି ଅତ୍ୟନ୍ତ ଗଭୀରକୁ ଭେଦି ରହିଛି ଏବଂ ତାହା ଏହି ସାଧାରଣ ନିୟମଟି ମଧ୍ୟରେ ଗୋଟିଏ ପ୍ରଧାନ ବ୍ୟତିକ୍ରମ ହୋଇ ରହିଛି । ଏବଂ ସେଠାରେ ମଧ୍ୟ ପରିବର୍ତ୍ତନର ଏକ ବୃହଦ୍ ପ୍ରବୃତ୍ତି ପ୍ରକଟ ହେବାକୁ ଆରମ୍ଭ କଲାଣି । ଆପଣାର ଗଣତାନ୍ତ୍ରିକ ପଦ୍ଧତିଟି ମଧ୍ୟରେ ବୁଦ୍ଧିର ଏକ ଔପଚାରିକ ସମ୍ଭ୍ରାନ୍ତତାକୁ ସ୍ଥାନ ଦେଇ ଆସିଥିଲେ ମଧ୍ୟ ଏବଂ ପ୍ରତୀକରୂପେ ଜଣେ ସମ୍ରାଟଙ୍କୁ ବସାଇ ଆସିଥିଲେ ମଧ୍ୟ ଚୀନ ମୂଳତଃ ସର୍ବଦା ଗଣତନ୍ତ୍ର ଦ୍ୱାରାହିଁ ପରିଚାଳିତ ହୋଇ ଆସିଛି ଏବଂ ବର୍ତ୍ତମାନ ନିଃସନ୍ଦେହଭାବରେ ଏକ ସାଧାରଣତନ୍ତ୍ର ହୋଇ ରହିଛି । ରାଜତନ୍ତ୍ରର ପୁନଃସ୍ଥାପନା କରିବା ଲାଗି ବା ସାମୟିକ ଭାବରେ ତାହା ସ୍ଥାନରେ କେତେ ପ୍ରକାରର ଏକାଧିନାୟକତ୍ୱର ପଦ୍ଧତିଟିକୁ ଚଳାଇବାର ପ୍ରଚେଷ୍ଟାଟିରେ ଯେଉଁ ଅସୁବିଧାଟି ଆସି ପହଞ୍ଚିଛି, ତାହା ସେଠାରେ ଅନ୍ତଃସୂତ୍ରରୂପେ ରହି ଆସିଥିବା ଏକ ଗଣତାନ୍ତ୍ରିକ ଭାବନା ହେତୁହିଁ ସମ୍ଭବ ହୋଇଛି; ବର୍ତ୍ତମାନ ସେହିସବୁ ଦେଶରେ ଆପଣାର ସର୍ବୋଚ୍ଚ ଶାସନପ୍ରଣାଳୀ ରୂପେ ଏକ ଗଣତାନ୍ତ୍ରିକ ପ୍ରଣାଳୀକୁହିଁ ଗ୍ରହଣ କରି ନେଇଥିବାରୁ ସେହି ଭାବନାଟି ଆହୁରି ଶକ୍ତିଯୁକ୍ତ ହୋଇପାରିଛି । ଏବଂ ଏହି ସମସ୍ୟାଟିର କ୍ଷେତ୍ରରେ ଆମେ ଏହାକୁହିଁ ପାଶ୍ଚାତ୍ୟ ଅଭିଜ୍ଞତାଟିର ଏକ ଅତ୍ୟନ୍ତ ମୂଲ୍ୟବାନ୍ ଅବଦାନ ବୋଲି କହିପାରିବା ଏବଂ ଏକଥା ମଧ୍ୟ ସ୍ୱୀକାର କରିବା ଯେ ପ୍ରାଚ୍ୟ ଜଗତର ଶୁଦ୍ଧ ଭାବରେ ସାମାଜିକ ସେହି ପୁରାତନ ଗଣତନ୍ତ୍ରଗୁଡ଼ିକ ଏହିପରି ଏକ ସମାଧାନରେ ପ୍ରକୃତରେ ଉପନୀତ ହୋଇ ପାରି ନ ଥିଲେ । ଆପଣା ରାଜବଂଶଗୁଡ଼ିକର ଦୀର୍ଘକ୍ରମଟିକୁ ବର୍ଜନ କରି ଆସି ଚୀନ ଆପଣା ଅତୀତର ଏପରି ଗୋଟିଏ ଉପାଦାନଟିକୁ ଛାଡ଼ି ଆସିଛି, ଯେଉଁଟିକୁ କେବଳ ତା'ର ଉପରି ଭାଗଟିରେହିଁ ତିଷ୍ଠି ରହିଥିଲା ଓ ତା'ର ସାମାଜିକ ସ୍ୱଭାବ ଏବଂ ସଂସ୍କାରଗୁଡ଼ିକର କେନ୍ଦ୍ରଟିକୁ ହୁଏତ କେବେହେଲେ ସ୍ପର୍ଶ କରି ନ ଥିଲା । କେବଳ ମୋଗଲମାନଙ୍କର ସେହି ଅପେକ୍ଷାକୃତ ସଂକ୍ଷିପ୍ତ ଶାସନକାଳଟିକୁ ଛାଡ଼ିଦେଲେ, ଭାରତବର୍ଷରେ ରାଜତନ୍ତ୍ରୀୟ ବିଚାରଟି ସର୍ବଦା ଈଶ୍ୱରତନ୍ତ୍ରୀୟ ଓ ସାମାଜିକ ବିଚାରର ପାର୍ଶ୍ୱବର୍ତ୍ତୀ ହୋଇ ରହି ଆସିଥିଲା, ମାତ୍ର ସେଇଟି ଉପରେ କଦାପି ପ୍ରଭାବବିସ୍ତାର କରିପାରି ନ ଥିଲା; ମାତ୍ର ଏକ ବ୍ରିଟିଶ୍ ଅମଲାତନ୍ତ୍ରର ଶାସନ ଫଳରେ ଏବଂ ଜାତିର କ୍ରିୟାଶୀଳ ମାନସଟି ଇଉରୋପୀୟ ରାଜନୀତିକ ଭାବନା ଦ୍ୱାରା ଗୋଟାସୁଦ୍ଧା ରଙ୍ଗାଇ ହୋଇଯିବା ଫଳରେ ସେହି ବିଚାରଟି ସମ୍ପୂର୍ଣ୍ଣ ଭାବରେ ବିଲୁପ୍ତ ହୋଇ ନ ଗଲେହେଁ

'oaob.nitrkl.ac.in' images reprocessed

ତଥାପି ବଡ଼ ଦୁର୍ବଳ ହୋଇ ପଡ଼ିଲା ।* ପଶ୍ଚିମ ଏସିଆରେ ତୁରସ୍କରୁ ରାଜତନ୍ତ୍ର ଅନ୍ତର୍ହିତ ହୋଇଯାଇଛି; ଯେଉଁସବୁ ରାଜ୍ୟରେ ଏକ ସଂକେନ୍ଦ୍ରଣକାରୀ ଶକ୍ତି ବା ସର୍ବମୂଳ ପ୍ରସ୍ତରରୂପେ ଜଣେ ରାଜା ରହିବା ଦରକାର ହେଉଛି, କେବଳ ସେହିଗୁଡ଼ିକରେହିଁ ରାଜତନ୍ତ୍ର ତିଷ୍ଠି ରହିଛି ।

ଏସୀୟ ଜଗତରେ ଦୁଇଟିଯାକ ଚରମ ପ୍ରାନ୍ତରେ, ଅର୍ଥାତ୍ ଗୋଟିଏ ପାଖରେ ଜାପାନରେ ଏବଂ ଆଉ ଗୋଟିଏ ପାଖରେ ତୁରସ୍କରେ ବିଶ୍ୱଯୁଦ୍ଧର ଅନ୍ତ ହୋଇଯିବା ପରେ ରାଜତନ୍ତ୍ର ତଥାପି ଆପଣାର ପୁରାତନ ଅତିପବିତ୍ର ସ୍ୱଭାବଟିର କିୟଦଂଶକୁ ସଂରକ୍ଷିତ କରି ରଖି ପାରିଥିଲା ଏବଂ ଜାତିର ଜନମାନସରେ ତାହାର ତଥାପି ଏକ ଆବେଦନ ରହି ଯାଇଥିଲା । ଏପର୍ଯ୍ୟନ୍ତ ତଥାପି ସମ୍ପୂର୍ଣ୍ଣ ଭାବରେ ଗଣତନ୍ତ୍ରର ଧାରାରେ ପଡ଼ି ପାରି ନ ଥିବା ଜାପାନରେ ମିକାଡ଼ୋଙ୍କର ଆସ୍ଥାନଟିକୁ ଘେରି ଯେଉଁ ଭାବନାଟି ରହି ଆସିଥିଲା, ସେଇଟି ବର୍ତ୍ତମାନ ଦୃଶ୍ୟମାନ ଭାବରେ ମଧ୍ୟ କ୍ରମେ ଦୁର୍ବଳ ହୋଇ ପଡ଼ିଲାଣି; ତାଙ୍କ ପ୍ରତି ସେହି ପୂର୍ବ ସମ୍ମାନ ରହିଛି, ମାତ୍ର ତାଙ୍କର ପ୍ରକୃତ କ୍ଷମତା ଅତ୍ୟନ୍ତ ସୀମାବଦ୍ଧ ହୋଇଗଲାଣି; ଏବଂ, ଗଣତନ୍ତ୍ର ଓ ସମାଜବାଦର ଅଭିବୃଦ୍ଧି ଘଟୁଥିବା ସଙ୍ଗେ ସଙ୍ଗେ ଦୁର୍ବଳକାରୀ ତଥା ସୀମିତକାରୀ ସେହି ପ୍ରକ୍ରିୟାଟି ଆହୁରି ବଳ ପାଇବ ଏବଂ ଇଉରୋପରେ ଯାହା ଫଳିଲା, ସେଠାରେ ମଧ୍ୟ ଠିକ୍ ସେହି ଫଳ ଫଳିବ । ମୁସ୍‌ଲିମ୍ ଜଗତର ଖଲିଫାପଦଟି ପ୍ରଥମେ ଏକ ଈଶ୍ୱରତନ୍ତ୍ରୀୟ ଗଣତନ୍ତ୍ରରହିଁ ମୁଖ୍ୟପଦଟିକୁ ସୂଚିତ କରି ଦେଉଥିଲା, ଏବଂ ଏକ ମୁସ୍‌ଲିମ୍ ସାମ୍ରାଜ୍ୟର ଦ୍ରୁତ ଅଭିବୃଦ୍ଧି ସଙ୍ଗେ ସଙ୍ଗେ ତାହା କ୍ରମେ ଏକ ରାଜନୀତିକ ଅନୁଷ୍ଠାନରେ ଆସି ପରିଣତ ହେଲା ଏବଂ ବର୍ତ୍ତମାନ ତ ତାହା ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଯାଇ ସାରିଲାଣି । ବର୍ତ୍ତମାନ ବିଲୁପ୍ତ ହୋଇ ଯାଇଥିବା ଖଲିଫାପଦଟି ହୁଏତ ବିଶୁଦ୍ଧତଃ କେବଳ ଗୋଟିଏ ଧର୍ମମୁଖ୍ୟ-ପଦ ହିସାବରେ ତିଷ୍ଠି ରହି ପାରିଥା'ନ୍ତା, ଏବଂ ତାହାର ସେହି ଭୂମିକାଟିରେ ମଧ୍ୟ, ପାରସ୍ୟ, ଆରବ ଏବଂ ମିଶରରେ ଆହୁରି ଅନେକ ନୂତନ ଆଧ୍ୟାତ୍ମିକ ଓ ଜାତୀୟ ଆନ୍ଦୋଳନର ଉତ୍ଥାନ ଫଳରେ ସେହି ପଦଟିର ଏକତ୍ୱଟି ବିପନ୍ନ ହୋଇ ପଡ଼ିଲା । ମାତ୍ର ସାମ୍ପ୍ରତିକ ଏସିଆରେ ଏଇଟି ହେଉଛି ଏକମାତ୍ର ପ୍ରକୃତ ଏବଂ ମହତ୍ତ୍ୱପୂର୍ଣ୍ଣ

---

* ଏବଂ ବର୍ତ୍ତମାନ ଦେଶ ସ୍ୱାଧୀନ ହୋଇଯିବା ପରେ ଓ ସେଠାରେ ଏକ ସାଧାରଣତନ୍ତ୍ର ଶାସନ ଓ ଗଣତାନ୍ତ୍ରିକ ସଂବିଧାନର ପ୍ରତିଷ୍ଠା ହେବା ପରେ ଆଗରୁ ଶାସନ କରି ଆସୁଥିବା ରାଜାମାନେ ହୁଏତ ଅନ୍ତର୍ହିତ ହୋଇ ଯାଇଛନ୍ତି ଅଥବା ଅପ୍ରଧାନ ଜଣେ ଜଣେ ରାଜମୁଖ୍ୟ ହୋଇ ରହିଛନ୍ତି । ସେମାନଙ୍କର ସାନସାନ ରାଜ୍ୟଗୁଡ଼ିକ ଆଂଶିକ ଅଥବା ସମ୍ପୂର୍ଣ୍ଣ ଭାବରେ ଗଣତନ୍ତ୍ରର ଧାରାଟି ମଧ୍ୟରେ ଆସି ପ୍ରବିଷ୍ଟ ହେଉଛନ୍ତି ବା ସତେଅବା ନିୟତିନିର୍ଦ୍ଦିଷ୍ଟ ଭାବରେ ସେଗୁଡ଼ିକ ଏକ ଏକତ୍ରୀଭୂତ ଭାରତ ମଧ୍ୟରେ ମିଳାଇ ଯିବାରେ ଲାଗିଛନ୍ତି ।

'oaob.nitrkl.ac.in' images reprocessed

ସତ୍ୟ ଯେ ଏହି ମହାଦେଶର ଭବିଷ୍ୟତଟିର ସମୁଦାୟ ସକ୍ରିୟ ଶକ୍ତିଟି କୌଣସି ଧର୍ମଯାଜକଗୋଷ୍ଠୀ ଅଥବା ସମ୍ଭ୍ରାନ୍ତତନ୍ତ୍ର ମଧ୍ୟରେ କଦାପି କେନ୍ଦ୍ରୀଭୂତ ହୋଇ ରହି ନାହିଁ, ମାତ୍ର, ବିପ୍ଳବଟିର ପୂର୍ବରୁ ରୁଷିଆରେ ଆଗରୁ ଯେଉଁଭଳି ଘଟିଯାଇଛି, ତାହା ନୂତନ ହୋଇ ସୃଷ୍ଟ ହୋଇଥିବା ଏକ ବୁଦ୍ଧିଜୀବୀବର୍ଗ ମଧ୍ୟରେହିଁ କେନ୍ଦ୍ରୀଭୂତ ହୋଇ ରହିଛି; ଏହି ବର୍ଗଟି ପ୍ରଥମରେ ସଂଖ୍ୟାଦୃଷ୍ଟିରୁ ସାନ ହୋଇ ରହିଛି ସତ, ମାତ୍ର ତାହାର ଶକ୍ତି ଅଧିକରୁ ଅଧିକ ପରିମାଣରେ ବୃଦ୍ଧି ପାଇବାରେ ଲାଗିଛି, ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚିବା ଲାଗି ତାହାର ସ୍ଥିର ସଂକଳ୍ପଟି ମଧ୍ୟ ବଢ଼ିବାରେ ଲାଗିଛି ଏବଂ ଆଧ୍ୟାତ୍ମିକତାର ଯେଉଁ ଶକ୍ତିଟିକୁ ତାହା ଦାୟାଦରୂପେ ଲାଭ କରିଛି, ସେହି କାରଣରୁ ଯେ ତାହା ଅଧିକରୁ ଅଧିକ ପରିମାଣରେ ଗତିଶୀଳ ହୋଇ ଆଗକୁ ଯିବାରେ ଲାଗିଥିବ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ଏସିଆ ହୁଏତ ତା'ର ପ୍ରାଚୀନ ଆଧ୍ୟାତ୍ମିକତାଟିକୁ ବଞ୍ଚାଇ ରଖିବାକୁ ନିଶ୍ଚୟ ସମର୍ଥ ହୋଇଯିବ; ଏପରିକି ସବୁଠାରୁ ଦୁର୍ବଳ ଓ ଶକ୍ତିହୀନ ହୋଇ ପଡ଼ିଥିବା ଅବସ୍ଥାରେ ମଧ୍ୟ ତାହା ପ୍ରତ୍ୟକ୍ଷବାଦୀ ଇଉରୋପୀୟ ମନ ଉପରେ ଅଧିକରୁ ଅଧିକ ପରିମାଣରେ ଆପଣାର ମର୍ଯ୍ୟାଦାଟିକୁ ନେଇ ସ୍ଥାପନା କରିବାକୁ ସମର୍ଥ ହୋଇଛି । ମାତ୍ର ସେହି ଆଧ୍ୟାତ୍ମିକତା ପ୍ରକୃତରେ ଯେକୌଣସି ଧାରାରେ ଗତି କରୁ ପଛକେ, ଏହି ନୂତନ ବୁଦ୍ଧିଜୀବୀବର୍ଗର ମନୋଭାବହିଁ ସେହି ଗତିପଥଟିର ନିୟନ୍ତ୍ରଣ କରିବ ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାହା ସେହି ପୁରାତନ ବିଚାର ଏବଂ ପ୍ରତୀକଗୁଡ଼ିକ ବ୍ୟତୀତ ତାହା ଅନ୍ୟ ଅନେକ ପଥରେ ମଧ୍ୟ ଅବଶ୍ୟ ପ୍ରବାହିତ ହେବ । ତେଣୁ ଏସୀୟ ରାଜତନ୍ତ୍ର ତଥା ଧର୍ମତନ୍ତ୍ରର ସେହି ପୁରୁଣା ଆକାରଗୁଡ଼ିକ ଅବଶ୍ୟ ଅନ୍ତର୍ହିତ ହୋଇଯିବେ; ଭବିଷ୍ୟତରେ ସେପରି ଘଟିବାର ହୁଏତ ଏକ ସମ୍ଭାବନା ରହିଥିଲେ ମଧ୍ୟ, ବର୍ତ୍ତମାନ ଯେକୌଣସି ନୂତନ ରୂପରେ ସେଗୁଡ଼ିକର ପୁନରାବିର୍ଭାବ ଘଟିବ, ତାହାର ଆଦୌ କୌଣସି ସମ୍ଭାବନା ଦିଶୁ ନାହିଁ ।

ପରିଶେଷରେ ରାଜତନ୍ତ୍ରର ବିଚାରଟି ଲାଗି କେବଳ ଗୋଟିଏ ମାତ୍ର ସମ୍ଭାବନା ରହିଥିଲା ପରି ପ୍ରତୀତ ହେଉଛି । ମନେ ହେଉଛି ଯେ ବିଭିନ୍ନଧର୍ମୀ ଏକାଧିକ ସାମ୍ରାଜ୍ୟର ଏକତା ଲାଗି ଏକ ସହଜ ପ୍ରତୀକ ରୂପେ ହୁଏତ ରାଜତନ୍ତ୍ରର ବ୍ୟବସ୍ଥାଟିକୁ ବଞ୍ଚାଇ ରଖାଯିବ, ଏବଂ ପୃଥିବୀର ରାଜନୀତିକ ସାମୂହିକ ଚିତ୍ରଟି ବର୍ତ୍ତମାନ ଯେପରି ହୋଇ ରହିଛି, ତାହାକୁହିଁ ଭିତ୍ତି କରାଯାଇ ଗଢ଼ା ହେଉଥିବା ଯେକୌଣସି ଏକତ୍ରୀକରଣ-ବ୍ୟବସ୍ଥାରେ ସେହି ସାମ୍ରାଜ୍ୟଗୁଡ଼ିକହିଁ ବୃହତ୍ତମ ଉପାଦାନ ରୂପେ ଅବଶ୍ୟ ରହିବେ । ମାତ୍ର ଏପରିକି ଏହିସବୁ ସାମ୍ରାଜ୍ୟ ଲାଗି ମଧ୍ୟ ଉକ୍ତ ପ୍ରତୀକଟି ପ୍ରକୃତରେ ଅପରିହାର୍ଯ୍ୟ ବୋଲି କେବେହେଲେ ପ୍ରମାଣିତ ହୋଇ ନାହିଁ । ଫ୍ରାନ୍ସ୍ କୌଣସି ରାଜାଙ୍କ ବ୍ୟତୀତ ବେଶ୍ କାମ ଚଳାଇ

'oaob.nitrkl.ac.in' images reprocessed

ନେଇଛି, ରୁଷିଆରେ ଏବେ ରାଜପଦର ବିଲୋପସାଧନ ଘଟିଛି । ଅନ୍ତର୍ଗତ କେତୋଟି ଜାତି ଲାଗି ଅଷ୍ଟ୍ରିୟାରେ ସେହି ପଦଟି ଏପରି ଘୃଣାକର ବୋଧ ହୋଇଛି ଏବଂ ସେମାନେ ତାହାକୁ ଦାସତ୍ୱର ଏପରି ଏକ ନିନ୍ଦନୀୟ ନିଦର୍ଶନ ରୂପେ ଗ୍ରହଣ କରିଛନ୍ତି ଯେ ମହାଯୁଦ୍ଧର ଧକ୍କା ବାଜି ଭୂଶୁଡ଼ି ପଡ଼ିବା ପୂର୍ବରୁ ମଧ ତାହା ସେଠାରେ ବିନଷ୍ଟ ହୋଇଯିବାକୁ ବାଧ ହୋଇଛି । କେବଳ ଇଂଲଣ୍ଡ ଓ ଆଉ କେତେକ କ୍ଷୁଦ୍ର ଦେଶରେ ରାଜପଦ ଏକାଧାରରେ ଅହାନିକର ଏବଂ ଉପଯୋଗୀ ହୋଇ ରହିପାରିଛି ଏବଂ ତେଣୁ ଏକ ସାଧାରଣ ସମର୍ଥନ ତାହାକୁ ପ୍ରତିଷ୍ଠିତ କରି ରଖିଛି । ବର୍ତ୍ତମାନ ପୃଥିବୀରେ ଏକ ମୁଖ୍ୟ, ସବୁଠାରୁ ଅଧିକ ପ୍ରଭାବଶାଳୀ ଏବଂ ଶକ୍ତିଶାଳୀ ଶକ୍ତିରୂପେ ଅବସ୍ଥିତ ଥିବା ବ୍ରିଟିଶ ସାମ୍ରାଜ୍ୟ* ଯଦି ଭବିଷ୍ୟତ ଏକତ୍ରୀକରଣର କେନ୍ଦ୍ର ବା ପ୍ରକାରଟି ହେବା ଲାଗି ଉଦ୍ଦିଷ୍ଟ ହୋଇ ରହିଥାଏ, ତେବେ ହୁଏତ ବେଶ୍ କଳ୍ପନା କରାଯାଇ ପାରିବ ଯେ ରାଜତନ୍ତ୍ରୀୟ ଉପାଦାନଟିର ରୂପଟି ତିଷ୍ଠି ରହିବାର ନିଶ୍ଚୟ କେତେକ ସମ୍ଭାବନା ରହିଛି; ଏବଂ ଆଦୌ କୌଣସି ତାତ୍ପର୍ଯ୍ୟ ନ ଥିବା ଏକ ଛାଞ୍ଚଟି ମଧ ବେଳେବେଳେ ବୃଦ୍ଧି ଏବଂ ପ୍ରାଣବନ୍ତତାର ଭବିଷ୍ୟତ ସମ୍ଭାବନାଗୁଡ଼ିକ ଲାଗି ଏକ ଆଶ୍ରୟ ଏବଂ କେନ୍ଦ୍ର ହେବାରେ ବେଶ୍ ଉପଯୋଗୀ ହୋଇପାରେ । ମାତ୍ର ଏହାର ଏକ ପ୍ରତିଶକ୍ତି ରୂପେ ସମଗ୍ର ଆମେରିକାର ଦୃଢ଼ ଗଣତନ୍ତ୍ରର ମନୋଭାବଟି ମଧ ଅନ୍ୟ ପକ୍ଷରେ ଦଣ୍ଡାୟମାନ ରହିଛି ଏବଂ ଗଣତାନ୍ତ୍ରିକ ଗଠନ-ବ୍ୟବସ୍ଥାଟି ଅଧିକରୁ ଅଧିକ ପରିମାଣରେ ବିସ୍ତାର ଲାଭ କରିବାରେ ଲାଗିଛି । ତେଣୁ ଯେତେ ନାମକୁ ମାତ୍ର ହେଲେ ମଧ, ଅତ୍ୟଧିକ ପରିମାଣରେ ଏକ ବିମିଶ୍ରିତ ସମୁଦାୟର କେବଳ ଗୋଟିଏ ଉପାଦାନରହିଁ ପ୍ରତିନିଧିତ୍ୱ କରୁଥିବା ଏକ ରାଜତନ୍ତ୍ର ଯେ ସାର୍ବଜନୀନ ଏକତ୍ରୀକରଣର କୌଣସି ଏକ ଛାଞ୍ଚରୂପେ ସମସ୍ତଙ୍କ ଦ୍ୱାରା ଗୃହୀତ ହୋଇଯିବ, ତାହାର ଅତି କମ୍ ସମ୍ଭାବନା ରହିଛି । ଅନ୍ତତଃ ଅତୀତରେ କେବଳ ରାଜ୍ୟଜୟର ଚାପ ଦ୍ୱାରା ବାଧ ହୋଇହିଁ ଏହିପରି କୌଣସି ଘଟଣା ଘଟିଛି । ଆପଣାର ଅଭିଜ୍ଞତା ବଳରେ ଯଦି ବିଶ୍ୱରାଷ୍ଟ୍ର କେବେ ବା ଆପଣାର ସଂବିଧାନଟି ମଧରେ ରାଜତନ୍ତ୍ରୀୟ ଉପାଦାନଟିର ପ୍ରବେଶ ଅଥବା ପୁନଃପ୍ରବେଶ କରାଇବାକୁ ସୁବିଧାଜନକ ବୋଲି ବିଚାର କରେ, ତେବେ ସେଇଟି ମଧ ଗଣତାନ୍ତ୍ରିକ ରାଜପଦର କୌଣସି ଏକ ନୂତନ ରୂପରେହିଁ ହେବାକୁ ବାଧ ହେବ । ମାତ୍ର ରାଜତନ୍ତ୍ରର ଏକ ନିଷ୍କ୍ରିୟ ଆସନଟିର ଏକ ଅନ୍ୟ ପ୍ରତିରୂପ ହିସାବରେ ଏକ ଗଣତାନ୍ତ୍ରିକ ରାଜପଦର ବିକାଶ କରାଇ ଆଣିବାକୁ ଆଧୁନିକ ଜଗତ ଏବେ ମଧ ସଫଳ ହୋଇପାରି ନାହିଁ ।

ଆଧୁନିକ ବିଶ୍ୱ-ପରିସ୍ଥିତିରେ ଯେଉଁ ଦୁଇଟି ନିୟନ୍ତ୍ରଣକାରୀ ଘଟଣା ସମୁଦାୟ

* ଏହା ବର୍ତ୍ତମାନ ଆଉ ସାମ୍ରାଜ୍ୟ ହୋଇ ରହି ନାହିଁ, ଏକ କମନ୍‌ୱେଲ୍‌ଥ୍‌ର ରୂପ ଗ୍ରହଣ କରି ସାରିଲାଣି ।

'oaob.nitrkl.ac.in' images reprocessed

ସମସ୍ୟାଟିକୁ ପରିବର୍ତ୍ତିତ କରି ଦେଉଛନ୍ତି, ସେଗୁଡ଼ିକ ହେଉଛନ୍ତି ଯେ ଏହି ପ୍ରକାରର ଏକତ୍ରୀକରଣରେ ଜାତିଚୟହିଁ ବ୍ୟକ୍ତିମାନଙ୍କର ସ୍ଥାନ ଅଧିକାର କରୁଛନ୍ତି, ଏବଂ ଏହି ଜାତିମାନଙ୍କୁ ଆମେ ଗୋଟିଏ ଗୋଟିଏ ପରିପକ୍ୱତା-ପ୍ରାପ୍ତ ଆତ୍ମ-ସଚେତନ ସମାଜ ବୋଲି କହିପାରିବା, ଯେଉଁମାନେ କି ସେହି କାରଣରୁ ସାମାଜିକ ଗଣତନ୍ତ୍ରର ସୁବିଦିତ ଛାଞ୍ଚଗୁଡ଼ିକ ଅଥବା ସମାଜବାଦର କୌଣସି ଅନ୍ୟ ଛାଞ୍ଚ ମଧ୍ୟଦେଇ ଅଗ୍ରସର ହୋଇଯିବାକୁ ସତେଅବା ପୂର୍ବନିର୍ଦ୍ଦିଷ୍ଟ ହୋଇ ରହିଛନ୍ତି । ଯେଉଁସବୁ ଭିନ୍ନ ଭିନ୍ନ ସମୂହ ବିଶ୍ୱ-ରାଷ୍ଟ୍ରର ଅନ୍ତର୍ଗତ ହୋଇ ରହିବେ, ସେଗୁଡ଼ିକ ସ୍ୱଗଠନର ଯେଉଁସବୁ ନୀତିଗୁଡ଼ିକୁ ମାନି ଅଗ୍ରସର ହେବାକୁ ଚେଷ୍ଟା କରି ଆସିଛନ୍ତି, କଳ୍ପିତ ବିଶ୍ୱ-ରାଷ୍ଟ୍ରଟି ମଧ୍ୟ ଯେ ସେହି ନୀତିଗୁଡ଼ିକୁ ଅନୁସରଣ କରି ଅଗ୍ରସର ହେବାକୁ ଚେଷ୍ଟିତ ହେବ, ସେପରି ଅନୁମାନ କରିନେବା ବେଶ୍ ଯୁକ୍ତିଯୁକ୍ତ ବୋଧ ହେଉଛି । ପରସ୍ପର ସହିତ ସଂଘାତ ସୃଷ୍ଟି କରୁଥିବା ଜାତୀୟ ମନୋଭାବ ସ୍ୱାର୍ଥ ଏବଂ ସଂସ୍କୃତିଗୁଡ଼ିକ ଯେଉଁସବୁ ଅସୁବିଧାର ସୃଷ୍ଟି କରିବେ, ଏବଂ ବିଚ୍ଛିନ୍ନତାବାଦୀ ଜାତୀୟ ମନୋଭାବକୁ ନିରୁତ୍ସାହିତ କରି ଏବଂ ଏକ ସର୍ବଦେଶୀୟ ଆନ୍ତର୍ଜାତିକତାର ବିକାଶସାଧନ କରି ଆମକୁ ଯେପରି ସେଗୁଡ଼ିକୁ ଏକାବେଳେକେ ବିଲୁପ୍ତ କରି ଦେବାକୁ ହେବ, ବା ସଫଳ ଭାବରେ ସେଗୁଡ଼ିକୁ ଗୌଣ ବା ଅଧୀନସ୍ଥ କରି ରଖିବାକୁ ପଡ଼ିବ ଓ ସେଗୁଡ଼ିକୁ ଯଥାସମ୍ଭବ କମ୍ କରି ଦେବାକୁ ପଡ଼ିବ, ଏଗୁଡ଼ିକୁ ଯଥାର୍ଥ ଭାବରେ ଅନୁମାନ କରିନେଇ ପାରିଲେ ଆମର ସମସ୍ୟାଟି ଆହୁରି ସରଳ ହୋଇଯିବ । ବିଶ୍ୱଯୁଦ୍ଧ ଫଳରେ ଆନ୍ତର୍ଜାତୀୟତାର ପଥରେ ଯେଉଁ ଘୋର ପ୍ରତିବନ୍ଧକଟି ସୃଷ୍ଟି ହୋଇଛି ଏବଂ ଜାତୀୟତାବାଦୀ ମନୋଭାବଟି ଯେପରି ପ୍ରବଳ ଭାବରେ ବୃଦ୍ଧି ପାଇଛି, ସେଗୁଡ଼ିକ ସତ୍ତ୍ୱେ ସେହି ସମସ୍ୟାର ସମାଧାନକୁ କଦାପି ସମ୍ପୂର୍ଣ୍ଣ ଭାବରେ ଅସମ୍ଭବ ବୋଲି କୁହାଯିବ ନାହିଁ । କାରଣ, ଏକଥା ବେଶ୍ କଳ୍ପନା କରି ହେଉଛି ଯେ, ଯୁଦ୍ଧ ଦ୍ୱାରା ସୃଷ୍ଟ ହୋଇଥିବା ମନୋଭାବଗୁଡ଼ିକର ପ୍ରଭାବ ଯେତେବେଳେ ଅପସରି ଯିବ, ସେତେବେଳେ ହୁଏତ ଚାରିଗୁଣ ଅଧିକ ଶକ୍ତିରେ ଆନ୍ତର୍ଜାତୀୟତାର ପୁନଃପ୍ରସାର ଘଟିବ । ସେହି କ୍ଷେତ୍ରରେ ଏକତ୍ରୀକରଣର ପ୍ରବୃତ୍ତିଟି ବିଶ୍ୱବ୍ୟାପୀ ଏକ ସାଧାରଣତନ୍ତ୍ରର ପ୍ରତିଷ୍ଠାକୁହିଁ ଆପଣା ସମ୍ମୁଖରେ ଆଦର୍ଶ କରି ରଖିବ, ବିଭିନ୍ନ ଜାତି ବା ଦେଶଗୁଡ଼ିକ ସେହି ସାଧାରଣତନ୍ତ୍ରର ଗୋଟିଏ ଗୋଟିଏ ଅଂଶ ବା ପ୍ରଦେଶ ହୋଇ ରହିବେ ଏବଂ ସମଗ୍ର ପୃଥିବୀର ସମ୍ମିଳିତ ଗଣତନ୍ତ୍ରଗୁଡ଼ିକ ପାଖରେ ଦାୟିତ୍ୱଶୀଳ ହୋଇ ରହିଥିବା ଏକ କାଉନ୍‌ସିଲ୍ ଅଥବା ପାର୍ଲିଆମେଣ୍ଟ ଦ୍ୱାରା ସେହି ଜାତିଗୁଡ଼ିକର ଶାସନ ହେବ; ଅବଶ୍ୟ ଏକଥା ସତ ଯେ ପ୍ରଥମ ଅବସ୍ଥାରେ ଏହିସବୁ ପ୍ରଦେଶ ଅତ୍ୟନ୍ତ ତୀକ୍ଷ୍ଣଭାବରେ ପରସ୍ପରଠାରୁ ଅଲଗା ହୋଇ ରହିଥିବ । ଅଥବା, ଏହି କ୍ଷେତ୍ରରେ ଆନ୍ତର୍ଜାତିକ କାଉନ୍‌ସିଲରେ ଏକ ଛଦ୍ମବେଶୀ

'oaob.nitrkl.ac.in' images reprocessed

ସମ୍ଭ୍ରାନ୍ତତନ୍ତ୍ରର କୌଣସି ଏକ ପ୍ରକାରର ପ୍ରତିଷ୍ଠା ହେବ, ଯାହାକି ଆପଣାର ପ୍ରଥମ ରୂପାୟଣ ବୋଲି କୁହାଯାଇ ପାରୁଥିବା ଏକ ଅର୍ଦ୍ଧ-ନିଷ୍କ୍ରିୟ ଗଣତନ୍ତ୍ରର ସମ୍ମତି ନେଇହିଁ ଶାସନ କରୁଥିବ ଏବଂ ନିର୍ବାଚନ ଅଥବା ଅନ୍ୟ କୌଣସି ଉପାୟରେ ସେହି ସମ୍ମତିଟି ଅଭିବ୍ୟକ୍ତ ହେଉଥିବ । କାରଣ, ଆଧୁନିକ ଗଣତନ୍ତ୍ର କହିଲେ ବର୍ତ୍ତମାନ ଆମେ ବସ୍ତୁତଃ ତାହାହିଁ ବୁଝିବା; ସାଧାରଣ ଜନମତ, ନିର୍ଦ୍ଦିଷ୍ଟ ଅବଧି ପରେ ଗୋଟିଏ ଗୋଟିଏ ନିର୍ବାଚନ ଏବଂ ଯେଉଁମାନେ ଜନଗଣଙ୍କର ସନ୍ତୋଷଭାଜନ ହୋଇ ନ ପାରିବେ, ସେମାନଙ୍କୁ ପୁନର୍ନିର୍ବାଚିତ ନ କରିବା ଲାଗି ମଧ୍ୟ ଜନଗଣଙ୍କର ଅଧିକାର,— ଏଇଗୁଡ଼ିକୁହିଁ ଆମେ ସମସ୍ତ ଗଣତନ୍ତ୍ରର ଉପାଦାନ ବୋଲି କହିପାରିବା । ଏଥିରେ ଦେଶର ଶାସନଟି ପ୍ରକୃତରେ ବୁର୍ଜୁଆଶ୍ରେଣୀ ହାତରେ ରହେ, ପେସାଦାର ବ୍ୟବସାୟୀମାନଙ୍କ ହାତରେ ରହେ ଏବଂ ଯେଉଁଠାରେ ଜମିଦାର ଶ୍ରେଣୀ ତଥାପି ବର୍ତ୍ତମାନ ଥାଏ, ସେମାନଙ୍କ ହାତରେ ମଧ୍ୟ ରହେ । ଏମାନଙ୍କ ସହିତ ଶ୍ରମିକମାନଙ୍କର ଶ୍ରେଣୀଟିରୁ ଆଉ କେତେକ ନୂତନ ବ୍ୟକ୍ତି ମଧ୍ୟ ଆସି ଜୁଟନ୍ତି ଓ ଏମାନଙ୍କର ସଂଖ୍ୟାଟିକୁ ପୁଷ୍ଟ କରନ୍ତି; ଏମାନେ ମଧ୍ୟ ଖୁବ୍‌ଶୀଘ୍ର ଶାସନକାରୀ ଶ୍ରେଣୀଗୁଡ଼ିକର ରାଜନୀତିକ ମନୋଭାବ ତଥା ବିଚାରଗୁଡ଼ିକୁ ଆତ୍ମସ୍ଥ କରିନିଅନ୍ତି ।* ମନୁଷ୍ୟସମାଜ ବର୍ତ୍ତମାନ ଯେଉଁ ସ୍ଥିତିରେ ରହିଛି, ଯଦି ତାହାକୁହିଁ ଆଧାର କରି ଏକ ବିଶ୍ୱ-ରାଷ୍ଟ୍ରର ସ୍ଥାପନା କରିବାକୁ ହୁଏ, ତେବେ ହୁଏତ ଏହି ନୀତିଗୁଡ଼ିକର ଅନୁସରଣ କରିହିଁ ତାହା ଆପଣାର କେନ୍ଦ୍ରଶାସନବ୍ୟବସ୍ଥାଟିର ବିକାଶ କରିବା ଲାଗି ଚେଷ୍ଟା କରିପାରେ ।

ମାତ୍ର ବର୍ତ୍ତମାନ ସମୟଟିକୁ ଆମେ ଗୋଟିଏ ପରିବର୍ତ୍ତନକାଳୀନ ସମୟ ବୋଲି କହିବା, ଏବଂ ଶେଷରେ ଏକ ବୁର୍ଜୁଆ ବିଶ୍ୱରାଷ୍ଟ୍ରହିଁ ଯେ ଏହାର ସର୍ବଶେଷ ପରିଣତି ହେବ, ସେକଥା କଦାପି ସମ୍ଭବ ବୋଲି ଲାଗୁ ନାହିଁ । ପ୍ରଗତିଶାଳୀ ପ୍ରତ୍ୟେକ ଜାତିରେ ମଧ୍ୟବିତ୍ତ ଶ୍ରେଣୀର ସର୍ବାଧିକ ପ୍ରଭାବଶାଳିତା ଉପରେ ବର୍ତ୍ତମାନ ଦୁଇଆଡ଼ୁ ଦୁଇଟି ବିପଦର ଆଶଙ୍କା ରହିଛି । ପ୍ରଥମ ବିପଦଟିକୁ ଆମେ ବୁଦ୍ଧିଜୀବୀମାନଙ୍କର ଅସନ୍ତୋଷ ବୋଲି ଜାଣିବା, ଯେଉଁମାନେ କି ବିଶ୍ୱରାଷ୍ଟ୍ର-ଶାସନର କଳ୍ପନାହୀନ ବ୍ୟବସାୟୀ ମନୋଭାବର ତୁଚ୍ଛା ବ୍ୟାବହାରିକତା ଏବଂ ଅନମନୀୟ ବାଣିଜ୍ୟିକତାକୁ ସେମାନଙ୍କର ଆଦର୍ଶଗୁଡ଼ିକୁ ଉପଲବ୍ଧି କରିବା ଦିଗରେ ଏକ ପ୍ରତିବନ୍ଧକ ବୋଲି ମଣିବେ । ଏବଂ, ଅନ୍ୟ ପକ୍ଷରେ,

---

* ବର୍ତ୍ତମାନ ଏହି ସ୍ଥିତିଟି ବଦଳି ଗଲାଣି ଏବଂ ଟ୍ରେଡ୍ ଇଉନିୟନ୍ ଓ ସେହିପରି ଆହୁରି ଅନେକ ଅନୁଷ୍ଠାନ ବର୍ତ୍ତମାନ ଅନ୍ୟାନ୍ୟ ଶ୍ରେଣୀଗୁଡ଼ିକ ସହିତ ସମାନ କ୍ଷମତା ଲାଭ କରି ପାରିଛନ୍ତି ।

'oaob.nitrkl.ac.in' images reprocessed

ଶ୍ରମିକମାନଙ୍କର ସେହି ବୃହତ୍ ଏବଂ ବର୍ଦ୍ଧମାନ ଶକ୍ତିଟିରୁ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇବ, କାରଣ ଶ୍ରମିକମାନେ ଦେଖିବାକୁ ପାଇବେ ଯେ ଗଣତାନ୍ତ୍ରିକ ଯାବତୀୟ ଆଦର୍ଶ ଏବଂ ପରିବର୍ତ୍ତନକୁ ମଧ୍ୟବିତ୍ତ ଶ୍ରେଣୀଟାହିଁ ଆପଣାର ସ୍ୱାର୍ଥସିଦ୍ଧିରେ ଲଗାଇବାରେ ଲାଗିଛି; ଏବଂ ଯେପରିକି ନିଶ୍ଚିତ ଭାବରେ ଶ୍ରମିକମାନଙ୍କର ସ୍ୱାର୍ଥ ଅନୁସାରେହିଁ ଶାସନ ଚାଲିପାରିବ, ସେଥିପାଇଁ ପାର୍ଲିଆମେଣ୍ଟ ଶାସନ ବଦଳରେ ତାହା ଆଗରେ ଏପର୍ଯ୍ୟନ୍ତ କୌଣସି ବିକଳ୍ପ ଦିଶି ନ ଥିଲେ ମଧ୍ୟ ଶ୍ରମିକଶ୍ରେଣୀ ତଥାପି ଅସନ୍ତୋଷ ପ୍ରକାଶ କରିବାକୁ ଲାଗିବ ।* ଏହି ଦୁଇଟିଯାକ ଅସନ୍ତୋଷ ଏକଜୁଟ ହେଲେ ତଦ୍ଦ୍ୱାରା ହୁଏତ କେଉଁ ପରିବର୍ତ୍ତନମାନ ଘଟିବ, ସେକଥା ଆଗରୁ ଅନୁମାନ କରି କହିପାରିବା ଆଦୌ ସମ୍ଭବ ନୁହେଁ । ଏହି ସମ୍ମିଳନଟି ରୁଷିଆରେହିଁ ସବୁଠାରୁ ଅଧିକ ବଳଶାଳୀ ହୋଇଥିଲା ଏବଂ ଆମେ ଦେଖିସାରିଛୁ ଯେ ତାହା ସେଠାରେ ସଂଘଟିତ ହୋଇଥିବା ବିପ୍ଳବର ନେତୃତ୍ୱ ଗ୍ରହଣ କରିଥିଲା, ବୁର୍ଜୁଆ ଶ୍ରେଣୀକୁ ତାହା ତାହାରି ନିୟନ୍ତ୍ରଣରେ ରହିବାକୁ ବାଧ୍ୟ କଲା; ଅବଶ୍ୟ ଏକଥା ସତ ଯେ ଏହିପରି ଭାବରେ ଯେଉଁ ସାଲିସଟି କାର୍ଯ୍ୟକାରୀ ହେଲା, ତାହା ଯୁଦ୍ଧର ସଙ୍କଟକାଳଟି କଟିଯିବା ପରେ ଖୁବ୍ ବେଶୀ କାଳ ଆଦୌ ସ୍ଥାୟୀ ହୋଇ ପାରି ନ ଥିଲା । ତା'ପରେ ରୁଷିଆ ଦେଶରେ ପୂର୍ବରୁ ଚଳି ଆସିଥିବା ସମାଜ-ବ୍ୟବସ୍ଥାଟିର "ପରିସମାପ୍ତି" ଘଟିଛି ଏବଂ ନୂତନ ପ୍ରବୃତ୍ତିଗୁଡ଼ିକର ବିଜୟଟିକୁ ସମ୍ପୂର୍ଣ୍ଣ କରାଯାଇଛି । ଦୁଇଟିଯାକ ଦିଗରେ ଏହା ହୁଏତ କିଛିତ୍ ପରିବର୍ତ୍ତନଯୁକ୍ତ ସମ୍ଭ୍ରାନ୍ତତନ୍ତ୍ରର ଏକ ନୂତନ ପ୍ରକାରକୁ ଆଣି ପ୍ରତିଷ୍ଠା କରିଦେବ ଏବଂ ସେହି ସମ୍ଭ୍ରାନ୍ତତନ୍ତ୍ର ଏକ ଗଣତାନ୍ତ୍ରିକ ଭୂମି ଉପରେ ଠିଆ ହୋଇଥିବ । ଏକ ଆଧୁନିକ ସମାଜକୁ ଶାସନ କରିବାର କ୍ଷେତ୍ରଟି ବର୍ତ୍ତମାନ ଅତିରିକ୍ତ ପରିମାଣରେ ଜଟିଳତାଯୁକ୍ତ ଏକ ଧନ୍ଦାରେ ପରିଣତ ହେବାକୁ ଯାଉଛି, ଏହାର ପ୍ରତ୍ୟେକଟି ଅଂଶରେହିଁ ଏକ ବିଶେଷ ଜ୍ଞାନ, ବିଶେଷ ଦକ୍ଷତା ଓ ବିଶେଷ ଯୋଗ୍ୟତାର ଆବଶ୍ୟକତା ହେଉଛି ଏବଂ, ରାଷ୍ଟ୍ରନିୟନ୍ତ୍ରିତ ସମାଜବାଦ ଦିଗରେ ଗୋଟିଏ ଗୋଟିଏ ନୂତନ ପଦକ୍ଷେପ ନିଆ ଯାଉଥିବା ସଙ୍ଗେ ସଙ୍ଗେ ଏହି ପ୍ରବୃତ୍ତିଟି ମଧ୍ୟ ଅବଶ୍ୟ ବୃଦ୍ଧି ପାଇବାରେ ଲାଗିଥିବ । ପରିଷଦ-ସଦସ୍ୟ ଏବଂ ପ୍ରଶାସକ ପାଇଁ ଯେଉଁସବୁ ବିଶେଷ ପ୍ରଶିକ୍ଷଣ ଏବଂ ବିଶେଷ ଯୋଗ୍ୟତାର ଆବଶ୍ୟକତା ରହିଛି ଏବଂ ତା'ସହିତ ଯୁଗଟି ମଧ୍ୟରେ ଯେଉଁ ଗଣତାନ୍ତ୍ରିକ

---

* ରୁଷିଆରେ ସୋଭିଏଟ୍ ରାଷ୍ଟ୍ରର ଆବିର୍ଭାବ ଘଟିବା ପୂର୍ବରୁ ଏବଂ ଫାସିଷ୍ଟ ରାଷ୍ଟ୍ରଗୁଡ଼ିକର ଜନ୍ମହେବା ପୂର୍ବରୁ ଏହା ଲେଖା ଯାଇଥିଲା । ଦ୍ୱିତୀୟ ଦୃଷ୍ଟାନ୍ତଟିରେ ସ୍ୱୟଂ ମଧ୍ୟବିତ୍ତ ଶ୍ରେଣୀହିଁ ଗଣତନ୍ତ୍ର ବିରୋଧରେ ବିଦ୍ରୋହ କରିଥିଲା ଏବଂ ବେଶ୍ କିଛିକାଳ ନିମନ୍ତେ ରାଷ୍ଟ୍ର ଏବଂ ରାଷ୍ଟ୍ରଶାସନର ଏକ ନୂତନ ପ୍ରକାରକୁ ଆଣି ପ୍ରତିଷ୍ଠା କରାଇଥିଲା ।

'oaob.nitrkl.ac.in' images reprocessed

ପ୍ରବୃତ୍ତିଗୁଡ଼ିକର ଆବିର୍ଭାବ ହେବାରେ ଲାଗିଛି, ଦୁହେଁ ଏକାଠି ହୋଇ ହୁଏତ ପୁରାତନ ଚୀନରେ ପ୍ରଚଳିତ ରାଷ୍ଟ୍ରଶାସନ-ପ୍ରଣାଳୀଟିର କୌଣସି ଏକ ନୂତନ ସଂସ୍କରଣର ଆବିର୍ଭାବ ଘଟାଇବେ, ଯେଉଁଥିରେ କି ନିମ୍ନରେ ଜୀବନର ଏକ ଗଣତାନ୍ତ୍ରିକ ସଂଗଠନ ରହିଥିବ ଏବଂ ଉପର ସ୍ତରରେ କୌଣସି ଏକ ପ୍ରକାରର ଅମଲାତନ୍ତ୍ର ବୁଦ୍ଧି ଦ୍ୱାରା ପରିଚାଳିତ ହୋଇ ଦେଶର ଶାସନ କରୁଥିବେ; ଅର୍ଥାତ୍ ବିଶେଷ ଜ୍ଞାନ ଏବଂ ସାମର୍ଥ୍ୟ ଥିବା ଏକ ସମ୍ଭ୍ରାନ୍ତତନ୍ତ୍ର ଶାସନର ବିଭିନ୍ନ ପଦରେ ଅଧିଷ୍ଠିତ ହୋଇ ରହିଥିବ ଏବଂ ଶ୍ରେଣୀଗୁଡ଼ିକ ମଧ୍ୟରେ ଆଦୌ କୌଣସି ତାରତମ୍ୟ ନ ରଖି ସାଧାରଣ ସମୂହଟି ମଧ୍ୟରୁହିଁ ସେମାନଙ୍କୁ ବାଛିକରି ଅଣା ଯାଉଥିବ । ଏହି କ୍ଷେତ୍ରରେ ଏକାନ୍ତ ଅପରିହାର୍ଯ୍ୟ ଭାବରେ ସମସ୍ତଙ୍କ ଲାଗି ସମାନ ସୁଯୋଗ ରହିଥିବ, ମାତ୍ର ଶାସନ କରୁଥିବା ଏହି ସର୍ବୋତ୍କୃଷ୍ଟ ବ୍ୟକ୍ତିମାନେ ତଥାପି ଆପଣାର ବେଶ୍ ଗୋଟିଏ ବର୍ଗ ବା ଶ୍ରେଣୀ ତିଆରି କରିନେବେ ଏବଂ ସମାଜର ଗଠନଟି ମଧ୍ୟରେ ସେହିପରି ଏକ ବିଶେଷ ଶ୍ରେଣୀ ହୋଇ ରହିବେ । ଏବଂ ଅନ୍ୟ ପକ୍ଷରେ, ଯେପରି ଅନେକେ ଚିନ୍ତା କରୁଛନ୍ତି, ଯଦି ଆଧୁନିକ ଜାତିମାନଙ୍କ ଦ୍ୱାରା ଆଚରିତ ଉଦ୍ୟୋଗବାଦରେ ଏକ ପରିବର୍ତ୍ତନ ଘଟେ, ଏବଂ ଯଦି ତାହା ଗୋଟିଏ ପ୍ରକାରର ଶ୍ରେଣୀ-ସମାଜବାଦ ରୂପେ ବିକାଶଲାଭ କରେ, ତେବେ ଶ୍ରମିକଶ୍ରେଣୀ ମଧ୍ୟରୁ ଜନ୍ମଲାଭ କରିଥିବା ଏକ ଶ୍ରେଣୀ-ସମ୍ଭ୍ରାନ୍ତତନ୍ତ୍ରହିଁ ହୁଏତ ସମାଜରେ ଶାସକଗୋଷ୍ଠୀ ରୂପେ ଅଧିଷ୍ଠିତ ହେବାକୁ ଆସିଯିବ ।* ଏସବୁଥିରୁ ଯଦି କୌଣସି ଗୋଟିଏ କଥା ଘଟିବ, ତେବେ ଏକ ବିଶ୍ୱ-ରାଷ୍ଟ୍ରର ପ୍ରତିଷ୍ଠା ଲାଗି ଯେକୌଣସି ଆନ୍ଦୋଳନ ମଧ୍ୟ ଠିକ୍ ସେହି ଦିଗରେହିଁ ଗତି କରିବ ଏବଂ ଠିକ୍ ସେହି ଛାଞ୍ଚର ଏକ ଶାସନସଂସ୍ଥାକୁ ବିକଶିତ କରାଇ ଆଣିବ ।

ମାତ୍ର ଏହି ଉଭୟ ସମ୍ଭାବନାର ବିଚାର କଲାବେଳେ ଆମେ ଜାତୀୟତା ବାଦରୂପୀ ସେହି ବୃହତ୍ କାରଣଟିର ଆଦୌ କୌଣସି ବିଚାର କରି ନାହୁଁ, ଜାତୀୟତାବାଦ ଯେଉଁସବୁ ପରସ୍ପରବିରୋଧୀ ସ୍ୱାର୍ଥ ଏବଂ ପ୍ରବୃତ୍ତିଗୁଡ଼ିକୁ ଜନ୍ମ ଦେଇଥାଏ, ସେଗୁଡ଼ିକର ବିଚାର କରି ନାହୁଁ । ଏପରି ଅନୁମାନ କରାଯାଇଛି ଯେ ଏହିସବୁ ପରସ୍ପର-ବିରୋଧୀ ସ୍ୱାର୍ଥଗୁଡ଼ିକୁ

* ବେଶ୍ କିଛି ସମୟ ଲାଗି ରୁଷିଆରେ ଏହି ପ୍ରକାରର ଏକ ପ୍ରୟାସ ହୋଇଥିଲା । ମାତ୍ର ସେତେବେଳର ପରିସ୍ଥିତି ସେଥିଲାଗି ଅନୁକୂଳ ହୋଇ ନ ଥିଲା; ଏବଂ ଯେଉଁ ସରକାର ବିପ୍ଳବକାଳୀନ ଅଥବା ଅସ୍ଥାୟୀ ହୋଇ ନ ଥିବ, ସେପରି ଏକ ସରକାରର କୌଣସି ରୂପ କୌଣସିଠାରେହିଁ ଦୃଷ୍ଟିଗୋଚର ହେଉ ନାହିଁ । ଫାସିଷ୍ଟ ଇଟାଲୀରେ ଏକ ସମବାୟୀ ସରକାରର ସ୍ଥାପନା ଲାଗି ଘୋଷଣା କରାଯାଇଥିଲା ସତ, ମାତ୍ର ଏଇଟି ମଧ୍ୟ କୌଣସି ପ୍ରକୃତ କାର୍ଯ୍ୟକାରୀ ଓ ନିର୍ଦ୍ଦୋଷ ଆକାର ଗ୍ରହଣ କରିପାରି ନ ଥିଲା ।

'oaob.nitrkl.ac.in' images reprocessed

ଲଂଘିଯିବାକୁ ହେଲେ ସର୍ବୋତ୍କୃଷ୍ଟ ପନ୍ଥା ହିସାବରେ ଆମକୁ ଏକ ବିଶ୍ୱ-ପାର୍ଲିଆମେଣ୍ଟର ବିକାଶ କରାଇ ଆଣିବାକୁ ପଡ଼ିବ । ଏକଥା ମଧ୍ୟ ଅନୁମାନ କରାଯାଇଛି ଯେ ଏହିଭଳି ଏକ ପାର୍ଲିଆମେଣ୍ଟ୍‌ରେ ମୁକ୍ତ ଓ ସ୍ୱାଧୀନ ଭାବରେ ପ୍ରସ୍ତୁତ ଏବଂ ମୁକ୍ତ ଓ ସ୍ୱାଧୀନ ଭାବରେ ଅଭିବ୍ୟକ୍ତ ସଂଖ୍ୟାଧିକ୍ୟଙ୍କର ମତଟି ଅନୁସାରେହିଁ ଯାବତୀୟ କାର୍ଯ୍ୟ ସମ୍ପାଦିତ ହେବ । ପାର୍ଲିଆମେଣ୍ଟ ଦ୍ୱାରା ଶାସନର ପଦ୍ଧତିଟି ଇଂରେଜମାନଙ୍କର ରାଜନୀତିକ ପ୍ରତିଭାଟିରୁ ଉଦ୍‌ଭୂତ ହୋଇଛି ଏବଂ ଗଣତନ୍ତ୍ରର କ୍ରମବିବର୍ତ୍ତନରେ ଆମେ ଏହାକୁ ଏକ ଆବଶ୍ୟକ ପର୍ଯ୍ୟାୟ ବୋଲି ନିଶ୍ଚୟ କହିବା, କାରଣ ଏଇଟି ବ୍ୟତୀତ, ଯଥାସମ୍ଭବ କମ୍ ସଂଘାତ ସହିତ ବୃହତ୍ ଲୋକସମୂହଗୁଡ଼ିକ ସହିତ ସମ୍ପର୍କ ରଖୁଥିବା ରାଜନୀତି, ପ୍ରଶାସନ, ଅର୍ଥନୀତି ଓ ବିଧାନ-ପ୍ରଣୟନ ପ୍ରଭୃତି ବଡ଼ ବଡ଼ ସମସ୍ୟାର ବିଚାର ତଥା ନିର୍ବାହ କରି ପାରିବା ଲାଗି ଆବଶ୍ୟକ ସାର୍ବଜନୀନ ବୃତ୍ତିଟିର ଆଦୌ ସହଜରେ ଯଥୋଚିତ ବିକାଶ ହୋଇ ପାରିବ ନାହିଁ । ରାଷ୍ଟ୍ରର ଶାସକମାନେ ଯେପରି ବ୍ୟକ୍ତି ଏବଂ ଜାତିର ସ୍ୱାଧୀନତାଗୁଡ଼ିକୁ ଦବାଇ ରଖି ନ ପାରିବେ, ସେଥିଲାଗି ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇ ପାରିଥିବା ଉପାୟଗୁଡ଼ିକ ମଧ୍ୟରୁ କେବଳ ଏହି ଉପାୟଟିହିଁ ସାଫଲ୍ୟ ଅର୍ଜନ କରିପାରିଛି । ତେଣୁ ଯେଉଁସବୁ ଜାତି ସମାଜର ଆଧୁନିକ ଗଢ଼ଣଟି ମଧ୍ୟକୁ ଉଦ୍‌ଭୂତ ହୋଇ ଆସୁଛନ୍ତି, ସେଗୁଡ଼ିକ ଅତ୍ୟନ୍ତ ସ୍ୱାଭାବିକ ଏବଂ ଯଥାର୍ଥଭାବରେ ରାଷ୍ଟ୍ରଶାସନର ଏହି ସାଧନଟି ଆଡ଼କୁ ମଧ୍ୟ ଏକ ଆକର୍ଷଣ ଅନୁଭବ କରୁଛନ୍ତି । ମାତ୍ର ପାର୍ଲିଆମେଣ୍ଟ୍ ଦ୍ୱାରା ଶାସନ କରିବାର ପଦ୍ଧତିଟିକୁ ଏକ ଅଧିକ ଗଣତାନ୍ତ୍ରିକ ଗଣତନ୍ତ୍ର ଆଡ଼କୁ ରହିଥିବା ଆଧୁନିକ ପ୍ରବୃତ୍ତିଟି ସହିତ ସଂଯୁକ୍ତ କରିପାରିବା ଏପର୍ଯ୍ୟନ୍ତ ସମ୍ଭବ ବୋଲି ପ୍ରମାଣ ମିଳି ନାହିଁ; ପାର୍ଲିଆମେଣ୍ଟ୍ ଦ୍ୱାରା ଶାସନ କରିବାର ପଦ୍ଧତି ସବୁକ୍ଷେତ୍ରରେହିଁ ହୁଏତ କିଞ୍ଚିତ୍ ପରିବର୍ତ୍ତନଯୁକ୍ତ ଏକ ସମ୍ଭ୍ରାନ୍ତବାଦୀ ଅଥବା ଏକ ମଧ୍ୟବର୍ଗୀ ଶାସନରହିଁ ସାଧନରୂପେ କାର୍ଯ୍ୟ କରି ଆସିଛି । ପୁନଶ୍ଚ, ଏହି ପଦ୍ଧତିଟି ଦ୍ୱାରା ଅତିରିକ୍ତ ଭାବରେ ଅନେକ କାଳକ୍ଷେପଣ କରିବାକୁ ପଡ଼ୁଛି, ଶକ୍ତିବ୍ୟୟ ମଧ୍ୟ କରିବାକୁ ପଡ଼ୁଛି ଏବଂ ତାହାକୁ ଏପରି ଏକ ଅସ୍ପଷ୍ଟ, ଅନିଶ୍ଚିତ ଏବଂ ସର୍ବଦା ଏପାଖ ସେପାଖ ହେଉଥିବା କାର୍ଯ୍ୟକାରିତାର ମଧ୍ୟଦେଇ ଗତି କରିବାକୁ ପଡ଼ୁଛି, ଯାହାକି ପରିଶେଷରେ କୌଣସି ନା କୌଣସି ପ୍ରକାରର ବେଶ୍ ସହିହୋଇ ଯାଉଥିବା ଗୋଟାଏ ପରିଣାମକୁ ଆଣି ଉପସ୍ଥାପିତ କରିଦେଉଛି । ବର୍ତ୍ତମାନ କ୍ରମଶଃ ଅଧିକ ସମର୍ଥନ ପାଉଥିବା ଓ ଅଧିକ ଆବଶ୍ୟକ ବୋଲି ଅନୁଭୂତ ହେଉଥିବା ସୁଦକ୍ଷ ଶାସନ ତଥା ପ୍ରଶାସନ ବିଷୟରେ ଯେଉଁସବୁ ଅକାଟ୍ୟ ଓ କଠୋର ବିଚାରମାନ ଜନ୍ମଲାଭ କରୁଛି, ସେଗୁଡ଼ିକ ସହିତ ପାର୍ଲିଆମେଣ୍ଟାରି ପଦ୍ଧତିଟି ଆଦୌ ଉତ୍ତମ ଭାବରେ ଖାପ ଖାଇ ପାରୁ ନାହିଁ, ଏବଂ ଯେତେବେଳେ ଆମେ ସାରା ପୃଥିବୀର ଶାସନବ୍ୟବସ୍ଥା କରି ବାହାରିବା, ତାହାର ଦକ୍ଷତାର କ୍ଷେତ୍ରରେ ତାହା

'oaob.nitrkl.ac.in' images reprocessed

ପ୍ରକୃତରେ ହୁଏତ ଘାତକ ବୋଲିହିଁ ପ୍ରମାଣିତ ହୋଇଯିବ । ପାର୍ଲିଆମେଣ୍ଟ୍ ଦ୍ୱାରା ଶାସନ କହିଲେ କାର୍ଯ୍ୟତଃ ସଂଖ୍ୟାଗରିଷ୍ଠଙ୍କର ଶାସନ ଏବଂ ଉତ୍ପୀଡ଼ନଟିକୁହିଁ ବୁଝାଇଥାଏ, ଏପରିକି ଏକ ଅତ୍ୟନ୍ତ କ୍ଷୁଦ୍ର ସଂଖ୍ୟାଗରିଷ୍ଠ ପକ୍ଷର ଶାସନକୁ ବୁଝାଇଥାଏ, ଏବଂ ଏକଥାଟିକୁ ମଧ୍ୟ ସ୍ମରଣ ରଖିବାକୁ ପଡ଼ିବ ଯେ ଆଧୁନିକ ମନ ସଂଖ୍ୟାଲଘିଷ୍ଠମାନଙ୍କର ଅଧିକାରଗୁଡ଼ିକ ଉପରେହିଁ କ୍ରମଶଃ ଅଧିକରୁ ଅଧିକ ମହତ୍ତ୍ୱ ଦେବାରେ ଲାଗିଛି । ଏବଂ ଯେତେବେଳେ ଏକ ବିଶ୍ୱରାଷ୍ଟ୍ରର ପ୍ରତିଷ୍ଠା ହେବ, ସେତେବେଳେ ଏହିସବୁ ଅଧିକାରର ମହତ୍ତ୍ୱ ଆହୁରି ଅଧିକ ପରିମାଣରେହିଁ ବଢ଼ିଯିବ; କାରଣ ବିଶ୍ୱ-ରାଷ୍ଟ୍ରରେ ସେହିସବୁ ଅଧିକାରକୁ ଦଳିଦେଇ ଚାଲିଯିବା ଲାଗି ଯଦି କୌଣସି ପ୍ରକାର ଚେଷ୍ଟା କରାଯାଏ, ତେବେ ସେଥିରୁ ହୁଏତ ବଡ଼ ସହଜରେ କେତେ ଅସନ୍ତୋଷ ଏବଂ ବିଶୃଙ୍ଖଳା ଆସି ଦେଖାଦେବ, ଅଥବା ଏପରି ନାନା ବିପ୍ଳବ ଲାଗି ବାଟ ଫିଟାଇଦେବ, ଯାହାକି ସମଗ୍ର ସଂଗଠନଟି ଲାଗି ଘାତକ ପରିହିଁ କାର୍ଯ୍ୟ କରିବ । ସବୁଠାରୁ ବଡ଼ କଥା ହେଉଛି ଯେ, ବିଶ୍ୱର ଜାତିସମୂହଙ୍କୁ ନେଇ ଯେଉଁ ପାର୍ଲିଆମେଣ୍ଟ୍ ଗଢ଼ା ହେବ, ତାହାକୁ ପ୍ରୟୋଜନତଃ ମୁକ୍ତ ଜାତିମାନଙ୍କରହିଁ ଏକ ସମ୍ମିଳିତ ପାର୍ଲିଆମେଣ୍ଟ୍ ହୋଇ ରହିବାକୁ ପଡ଼ିବ, ଏବଂ ପୃଥିବୀରେ କ୍ଷମତାଗୁଡ଼ିକ ଯେପରି ଅସଂଗତ ଏବଂ ଶୃଙ୍ଖଳାହୀନ ଭାବରେ ବିତରିତ ହୋଇ ରହିଛି, ସେହି ଅବସ୍ଥାରେ ତାହାର କୌଣସି ସଫଳ ପ୍ରବର୍ତ୍ତନ ହୁଏତ ଆଦୌ ସମ୍ଭବ ହେବ ନାହିଁ । କେବଳ ଏସୀୟ ସମସ୍ୟାଗୁଡ଼ିକୁ ମଧ୍ୟ ଯଦି ଏହିପରି ଅସମାହିତ ଭାବରେହିଁ ଛାଡ଼ି ଦିଆଯାଏ, ତେବେ ସେଇଟି ଏକ ଘାତକ ପ୍ରତିବନ୍ଧକ ପରି କାର୍ଯ୍ୟ କରିବ । ଏବଂ କେବଳ ଏସିଆରେ ନୁହେଁ, ଅସମାନତା ଏବଂ ଅସଙ୍ଗତିଗୁଡ଼ାକ ବର୍ତ୍ତମାନ ସର୍ବବ୍ୟାପୀ ହୋଇ ରହିଛି, ଅଗଣିତ ସଂଖ୍ୟାରେ ରହିଛି ।

ସାମ୍ପ୍ରତିକ ବିଶ୍ୱବ୍ୟବସ୍ଥାରେ ଯେଉଁସବୁ ମୁକ୍ତ ଏବଂ ସାମ୍ରାଜ୍ୟିକ ଜାତି ରହିଛନ୍ତି, ସେମାନଙ୍କୁ ସଦସ୍ୟରୂପେ ଗ୍ରହଣ କରି ଗୋଟିଏ ସର୍ବୋଚ୍ଚ କାଉନ୍‌ସିଲ୍ ଗଠନ କଲେ ତାହାକୁ ହୁଏତ ଏକ ସମ୍ଭାବ୍ୟ ରୂପ ବୋଲି କୁହାଯାଇ ପାରିବ, ମାତ୍ର ଏଥିରେ ମଧ୍ୟ ତାହାର ସ୍ୱକୀୟ ଅସୁବିଧାମାନ ରହିଛି । ଯଦି ବସ୍ତୁତଃ ଏହି କାଉନ୍‌ସିଲ୍‌ରେ କ୍ରମେ ଅଳ୍ପକେତୋଟି ଶକ୍ତିଶାଳୀ ସାମ୍ରାଜ୍ୟିକ ଦେଶଗୁଡ଼ିକରହିଁ ଏକ ସମ୍ଭ୍ରାନ୍ତତନ୍ତ୍ର ପ୍ରଚଳିତ ହେବାକୁ ଲାଗେ, ତେବେଯାଇ ପ୍ରଥମ ଅବସ୍ଥାରେ ତାହା ଆଦୌ କୌଣସି କାର୍ଯ୍ୟ ସାଧନ କରିପାରିବ; ସେହି କ୍ଷେତ୍ରରେ କେବଳ ସେହି କେତୋଟି ଶକ୍ତିଶାଳୀ ଜାତି ଯାହା କହିବେ, ତାହାହିଁ ପ୍ରତ୍ୟେକ କଥାରେ କାର୍ଯ୍ୟକାରୀ ହେବ; ମାତ୍ର ଯେଉଁସବୁ ରାଜ୍ୟମଣ୍ଡଳର ହାତରେ କୌଣସି ସାମ୍ରାଜ୍ୟ ନ ଥିବ, ଯେଉଁମାନଙ୍କର ସଂଖ୍ୟା ଅଧିକ ଥିଲେ ମଧ୍ୟ ଯେଉଁମାନେ ଶକ୍ତି ଓ ଆକାରରେ ସାନ ହୋଇଥିବେ, ସେମାନଙ୍କର କଥା କେତେବେଳେ ହେଲେ ରହୁ ନ ଥିବ । ପ୍ରକୃତ କ୍ଷମତାପ୍ରୟୋଗର ଏହି ପ୍ରକାରର ଏକ ସମ୍ଭ୍ରାନ୍ତତନ୍ତ୍ରର ସ୍ଥିତିରୁ ଏକ

'oaob.nitrkl.ac.in' images reprocessed

କ୍ରମୋତ୍ତର ଏବଂ ସମ୍ଭବ ହେଲେ ଶାନ୍ତିପୂର୍ଣ୍ଣ ବିବର୍ତ୍ତନ ଫଳରେ ଯଦି କ୍ରମଶଃ ଏକ ଅଧିକ ନ୍ୟାୟୋଚିତ ଏବଂ ଆଦର୍ଶସ୍ଥାନୀୟ ପଦ୍ଧତିର ଉଦ୍‌ଭବ ଘଟିପାରେ, ତେବେଯାଇ ସେହି କାଉନ୍‌ସିଲ୍ ସ୍ଥାୟୀ ହୋଇ ରହିପାରିବ । ସେହି ଅଧିକ ନ୍ୟାୟୋଚିତ ଏବଂ ଆଦର୍ଶସ୍ଥାନୀୟ ପଦ୍ଧତିଟିରେ ସାମ୍ରାଜ୍ୟବାଦୀ ଯାବତୀୟ ବିଚାର ବିଲୁପ୍ତ ହୋଇଯିବ ଏବଂ ବଡ଼ ବଡ଼ ସାମ୍ରାଜ୍ୟମାନେ ସେମାନଙ୍କର ସ୍ୱତନ୍ତ୍ର ଅସ୍ତିତ୍ୱଗୁଡ଼ିକୁ ଏକାଠି ମିଶାଇ ଦେଇ ଏକ ଐକ୍ୟବଦ୍ଧ ସଂଯୁକ୍ତ ମାନବସମୂହରେହିଁ ପରିଣତ ହୋଇଯିବେ । ଜାତିଗତ ଅହଂବାଦିତା ସେହି ବିବର୍ତ୍ତନଟି ହେବା ଲାଗି କେତେଦୂର ବାଟ ଛାଡ଼ି ଦେବ ଓ ତେଣୁ ଏହି ବିବର୍ତ୍ତନରେ ପ୍ରକାଶ୍ୟ କୌଣସି ସଂଗ୍ରାମ ଏବଂ ବିପଜ୍ଜନକ ନାନା ବିପ୍ଳବର ଆଉ ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ, ବର୍ତ୍ତମାନ ଚାରିଆଡ଼େ ଏକ ସହଜ ଉଦାରତାବାଦର ଯେତେ ବୟାନ କରା ଯାଉଥିଲେ ମଧ, ତାହା ତଥାପି ଏକ ଅତ୍ୟନ୍ତ ସଂଶୟପୂର୍ଣ୍ଣ ସମସ୍ୟା ହୋଇ ରହିଛି, ଏହି ସମସ୍ୟାଟି ମଧରେ ହୁଏତ କେତେକେତେ ଅଶୁଭକାରୀ ସମ୍ଭାବନା ଭର୍ତ୍ତିହୋଇ ରହିଛି ।

ତେଣୁ, ମୋଟ ଉପରେ କହିବାକୁ ଗଲେ, ଆମେ ଯେକୌଣସି ବାଟରେ ଆଗକୁ ଯାଉ ନା କାହିଁକି, ଏକ ବିଶ୍ୱ-ରାଷ୍ଟ୍ରର ପ୍ରତିଷ୍ଠା ପଥରେ ଏପରି ସବୁ ନାନା ସନ୍ଦେହ ଓ ଅସୁବିଧାମାନ ରହିଛି, ଯେଉଁଗୁଡ଼ିକ କି ବର୍ତ୍ତମାନ ସମାଧାନର ବାହାରେ ବୋଲି ପ୍ରତୀତ ହେଉଛି । ଆମ ଅତୀତର ଯେଉଁସବୁ ବିଚାର ଏବଂ ସ୍ୱାର୍ଥ ଏପର୍ଯ୍ୟନ୍ତ ଆମକୁ ଛାଡ଼ି ଯାଇ ପାରି ନାହାନ୍ତି, ସେହିଗୁଡ଼ିକରୁହିଁ କେତେକ ସଂଶୟ ଏବଂ ଅସୁବିଧାର ଜନ୍ମ ହୋଇଛି; ଭବିଷ୍ୟତର ଯେଉଁସବୁ କ୍ରାନ୍ତିକାରୀ ଶକ୍ତି ଅତ୍ୟନ୍ତ କ୍ଷିପ୍ର ଭାବରେ ବିକଶିତ ହୋଇ ଆସୁଛନ୍ତି, କେତେକେ ସେହିଗୁଡ଼ିକରୁହିଁ ଜନ୍ମଲାଭ କରିଛନ୍ତି । ଅବଶ୍ୟ ଏହାର ଆଦୌ ଏପରି ଅର୍ଥ କରାଯିବା ଉଚିତ ନୁହେଁ ଯେ ସେଗୁଡ଼ିକର କଦାପି କୌଣସି ସମାଧାନ ହୋଇ ପାରିବ ନାହିଁ ଅଥବା ହେବ ନାହିଁ । ମାତ୍ର ସେହି ସମାଧାନଟି ପ୍ରକୃତରେ କିପରି ଏକ ଧାରା ବା ମାର୍ଗରେ ଗତି କରିବ, ତାହା ଆମ ବର୍ତ୍ତମାନ କଳ୍ପନାର ବହିର୍ଭୂତ ହୋଇ ରହିଛି; ଏବଂ ବର୍ତ୍ତମାନ ପୃଥିବୀର ଯାବତୀୟ ଚାପ ତଥା ପ୍ରୟୋଜନରୁ ଆମର ଯେଉଁ ବ୍ୟବହାରିକ ଅଭିଜ୍ଞତାଟି ଉପଲବ୍ଧ ହେବ ଏବଂ ସେଗୁଡ଼ିକୁ ନେଇ ଆମେ ପ୍ରକୃତରେ ଯେଉଁ ପରୀକ୍ଷାମାନ କରିବା, ସେହି ସମାଧାନଟି ବସ୍ତୁତଃ ସେହିଗୁଡ଼ିକ ଦ୍ୱାରାହିଁ ନିରୂପିତ ହେବ । ତା'ପରେ, ରାଷ୍ଟ୍ରଶାସନର ଛାଞ୍ଚଟି ପ୍ରକୃତରେ ଏପରି ହେବ ନା ସେପରି ହେବ ସେଇଟା ଆଉ ଏକ ବଡ଼ ପ୍ରଶ୍ନ ହୋଇ କଦାପି ରହିବ ନାହିଁ । ତେଣୁ କାର୍ଯ୍ୟକାରୀ କରାଯାଇ ପାରିବା ଭଳି ଏକ ବିଶ୍ୱ-ରାଷ୍ଟ୍ରର ଯେକୌଣସି ପଦ୍ଧତି ସମ୍ଭବ ହେବା ଲାଗି କ୍ଷମତାଗୁଡ଼ିକର ଯେଉଁ ଏକତ୍ରୀକରଣ ଏକାନ୍ତ ଆବଶ୍ୟକ ହେବ ଏବଂ ଯେଉଁ ଏକରୂପତାଟିକୁ ଅବଶ୍ୟ ସମ୍ଭବ କରାଇବାକୁ ପଡ଼ିବ, ସେଇଟି ହେଉଛି ଆମର ପ୍ରକୃତ ସମସ୍ୟା ।

'oaob.nitrkl.ac.in' images reprocessed

## ଚତୁର୍ବିଂଶ ପରିଚ୍ଛେଦ

# ସାମରିକ ଏକତ୍ରୀକରଣର ପ୍ରୟୋଜନ

ଏକତ୍ରୀକରଣର ଯେଉଁ ପ୍ରକ୍ରିୟାଟି ମଧ୍ୟରେ କୌଣସି ଏକ ସଂଗଠିତ ଜନସମୂହର ଯାବତୀୟ କ୍ଷମତା ଓ ଶକ୍ତି ସାର୍ବଭୌମ ଗୋଟିଏ ମାତ୍ର ଶାସକସଂସ୍ଥା ମଧ୍ୟକୁ ସଂକେନ୍ଦ୍ରିତ ହୋଇଆସେ ଏବଂ ଯେଉଁ ପ୍ରକ୍ରିୟାଟିକୁ ଆମେ ଜାତି-ସଂଗଠନର ସବୁଠାରୁ ଅଧିକ ପ୍ରାଧାନ୍ୟଯୁକ୍ତ ଲକ୍ଷଣ ବୋଲି ସର୍ବଦା କହିପାରିବା, ସେଥିରେ ସାମରିକ ପ୍ରୟୋଜନହିଁ ଆରମ୍ଭ ଅବସ୍ଥାଟିରେ ପ୍ରକାଶ୍ୟ କ୍ଷେତ୍ରରେ ସବୁଠାରୁ ବୃହତ୍ ଭୂମିକାଟିକୁହିଁ ଗ୍ରହଣ କରିଆସିଛି । ଏହି ପ୍ରୟୋଜନଟିର ଏକ ବାହ୍ୟ ଦିଗ ରହି ଆସିଥିଲା, ଏକ ଅନ୍ତର୍ଗତ ଦିଗ ମଧ ରହି ଆସିଥିଲା; ବାହାରୁ କୌଣସି ଶକ୍ତି ଆସି ଜାତିରେ କୌଣସି ପ୍ରକାର ବିଘଟନ ଘଟାଇବ ବା ଜାତି ଉପରେ ବିଜୟ ହାସଲ କରିନେବ,— ସେଗୁଡ଼ିକ ବିରୋଧରେ ଜାତିକୁ ସୁରକ୍ଷିତ କରି ରଖିବା ହେଉଛି ବାହ୍ୟ ପ୍ରୟୋଜନ, ଏବଂ ଜାତି ଭିତରେହିଁ ପୌରଜୀବନର କ୍ଷେତ୍ରରେ କୌଣସି ବିଘଟନ ଘଟିବ ବା ବିଶୃଙ୍ଖଳା ଉପସ୍ଥିତ ହେବ, ତାହାରି ବିରୋଧରେ ଜାତିକୁ ସୁରକ୍ଷିତ କରି ରଖିବା ହେଉଛି ଅନ୍ତର୍ଗତ ପ୍ରୟୋଜନ । କ୍ରମଗଠିତ ହୋଇ ଆସୁଥିବା କୌଣସି ଏକ ଜାତିର ଅନ୍ତର୍ଗତ ଭାବଗୁଡ଼ିକୁ ଏକାଠି ଗୋଟିଏ କରି ବାନ୍ଧିରଖିବା ସକାଶେ ଯଦି ଏକ ସାଧାରଣ ପ୍ରାଶାସନିକ କର୍ତ୍ତୃତ୍ୱର ଏକାନ୍ତ ପ୍ରୟୋଜନ ରହିଥାଏ, ତେବେ ଆପଣାର ସର୍ବପ୍ରଥମ ଆବଶ୍ୟକତା ଓ ଅଧିକାର ରୂପେ ସେହି କେନ୍ଦ୍ରୀୟ କର୍ତ୍ତୃତ୍ୱ ଆପଣା ହାତରେ ଉପଲବ୍ଧ ସକଳ ସାଧନକୁହିଁ ରଖିବାକୁ ଇଚ୍ଛା କରିବ, ଯାହାଦ୍ୱାରା କି ତାହା ସମଗ୍ର ଗଠନଟିକୁ ଦୁର୍ବଳ କରିଦେବାର ଅଥବା ଭାଙ୍ଗି ପକାଇବାର ଆଶଙ୍କା ରହିଥିବା ଯାବତୀୟ ସାଂଘାତିକ ମତଭେଦ ଏବଂ ତୀବ୍ର ସଂଘର୍ଷକୁ ନିରାକୃତ କରି ରଖିପାରିବ । ରାଜତନ୍ତ୍ର ହେଉ ବା ଅନ୍ୟ ଯେକୌଣସି କେନ୍ଦ୍ରୀୟ ସଂସ୍ଥା ହୋଇଥାଉ, ତାହାକୁ ଆଂଶିକ ଭାବରେ ନୈତିକ ଶକ୍ତି ଏବଂ ମନୋକ୍ଷେତ୍ରୀୟ ନାନା ପ୍ରବର୍ତ୍ତନ ଦ୍ୱାରାହିଁ ସେହି ଲକ୍ଷ୍ୟଟିକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ । କାରଣ ଅନ୍ତର୍ଗତ ଭାବଗୁଡ଼ିକ ଲାଗି ତାହା ସଂଘବଦ୍ଧତା ଓ ଏକତ୍ୱରହିଁ ପ୍ରତୀକ ହୋଇ ରହିଥିବ, ଏବଂ ସେହି ଭାବଗୁଡ଼ିକ ମଧ୍ୟରେ ପରସ୍ପରଠାରୁ ବିଭିନ୍ନ ହୋଇ ରହିବା ଲାଗି ସ୍ଥାନୀୟ, ପ୍ରଜାତୀୟ, ବଂଶଗତ ଅଥବା ଶ୍ରେଣୀଗତ ଯେତେଯାହା ପ୍ରବୃତ୍ତି ସହଜାତ ପ୍ରାୟ ହୋଇ ରହିଥିଲେ ମଧ ତାହା ସେଗୁଡ଼ିକର ଦୃଶ୍ୟମାନ ଏବଂ ପ୍ରତିଷ୍ଠିତ ଏକତାଟି ଲାଗି ଅବଶ୍ୟ ଏକ ସମ୍ମାନଭାବ ଆଣି ଉପରୁ ଲଦିଦେଇ ପାରୁଥିବ । ତାହା ଜାତିର ସମ୍ମିଳିତ କର୍ତ୍ତୃତ୍ୱଟି ଲାଗି ଏକ ମୂର୍ତ୍ତରୂପ କେନ୍ଦ୍ର ହୋଇ ରହିଥିବ,

'oaob.nitrkl.ac.in' images reprocessed

ଏବଂ ବିଭିନ୍ନ ଅଂଶଗୁଡ଼ିକର ଯେତିକି ନୈତିକ ଅଧିକାର ରହିଛି, ତାହାଠାରୁ ଅଧିକ ବୃହତ୍, ଆପଣାର ନୈତିକ ଶକ୍ତିଟିକୁ ଆଣି ଲଦି ଦେବା ଲାଗି ତାହାର ସମସ୍ତ ଅଧିକାର ରହିଥିବ; ଏପରିକି ସେହି ଅଂଶଗୁଡ଼ିକ ଗୋଟିଏ ଗୋଟିଏ ଉପଜାତି ହୋଇ ରହିଥିଲେହେଁ ତାହାର ସେହି ଅଧିକାର ରହିଥିବ, ସେହି ଅଂଶଗୁଡ଼ିକର ଆନୁଗତ୍ୟକୁ ଦାବି କରିବା ଲାଗି ପୂର୍ଣ୍ଣ ଅଧିକାର ରହିଥିବ । ମାତ୍ର ସର୍ବଶେଷରେ ଏକଥାଟି ମଧ୍ୟ କୁହାଯିବ ଯେ, ଯେତେବେଳେ ବିଦ୍ରୋହକାରୀ ସ୍ୱାର୍ଥ ଓ ମନୋଭାବଗୁଡ଼ାକ ଅତ୍ୟନ୍ତ ପ୍ରବଳ ହୋଇ ଉଠିବେ ଏବଂ କ୍ରୋଧଗୁଡ଼ାକ ଅତି ତୀବ୍ର ହୋଇ ଉଠିବ, ସେତେବେଳେ ସେହିସବୁ ଅଭିପ୍ରାୟ ଯେକୌଣସି ମୁହୂର୍ତ୍ତରେ ବିଫଳ ହୋଇ ପଡ଼ିବାରହିଁ ଆଶଙ୍କା ରହିଥିବ ଓ ସେହିପରି ଏକ ପରିସ୍ଥିତିରେ ଅନ୍ତର୍ଗତ ସେହି ଉପାଦାନଗୁଡ଼ିକଠାରୁ ଅଧିକ ଶକ୍ତିଶାଳୀ ହୋଇ ରହି ବିଭେଦକାରୀ ଯେକୌଣସି ଗୃହଯୁଦ୍ଧକୁ ଅଟକାଇ ରଖିବା ଲାଗି ଶାସନକାରୀ ସଂସ୍ଥାଟି ହାତରେ ସର୍ବଦା ବୃହତ୍ତମ ସାମରିକ ଶକ୍ତିଟି ମଧ୍ୟ ଅବଶ୍ୟ ରହିଥିବା ଏକାନ୍ତ ଆବଶ୍ୟକ ହେବ । ଅଥବା, ଯଦି ଗୃହଯୁଦ୍ଧ କିଂବା ବିଦ୍ରୋହଟି ପ୍ରକୃତରେ ଆସି ଘଟିଯାଏ,—ରାଜତନ୍ତ୍ର ବା ରାଜ୍ୟର ଶାସନ କୌଣସି କଳହରେ ବିବଦମାନ କୌଣସି ଗୋଟିଏ ଦଳ ବା ପକ୍ଷ ସହିତ ଅତ୍ୟନ୍ତ ଘନିଷ୍ଠ ଭାବରେ ସଂପୃକ୍ତ ହୋଇ ପଡ଼ିଲେ କିଂବା ସେହି ଶାସନହିଁ ସ୍ୱୟଂ ସକଳ ଅସନ୍ତୋଷ ଏବଂ ଆକ୍ରମଣର ବିଷୟ ହୋଇ ରହିଥିଲେ ଏପରି ଏକ ଘଟଣା ଘଟିବା ଲାଗି ସବୁବେଳେ ସମ୍ଭାବନା ରହିଥିବ;— ତେବେ ସେତେବେଳେ ଶାସନଟି ପଛରେ ଏପରି ଯଥେଷ୍ଟ ପରିମାଣରେ ଅଧିକ ବଳ ଅବଶ୍ୟ ରହିଥିବ, ଯାହାଫଳରେ କି ତାହା ସେହି ସଂଘର୍ଷଟିରେ ଅବଶ୍ୟ ଜୟଲାଭ କରିବ ବୋଲି ସୁନିଶ୍ଚିତ ରହିପାରିବ । ଏକଥା ସତ ଯେ କେବଳ ଏକ ସଫଳ ନିରସ୍ତ୍ରୀକରଣ ବ୍ୟତୀତ ସେହି ବିଜୟ କଦାପି ପରିପୂର୍ଣ୍ଣ ଭାବରେ ସମ୍ଭବ ହେବ ନାହିଁ; ମାତ୍ର, ଯାବତୀୟ ସମରଶକ୍ତି ଯଦି କେନ୍ଦ୍ରରେହିଁ ଠୁଳ ହୋଇ ରହିପାରିବ ଏବଂ ସମାଜର ପ୍ରକୃତ ତଥା ପ୍ରଚ୍ଛନ୍ନ ସବୁଯାକ ସାମରିକ ଶକ୍ତି ଯଦି କେବଳ ତାହାରି ଅବିଭକ୍ତ ନିୟନ୍ତ୍ରଣଟିର ଅଧୀନ ହୋଇ ରହିପାରିବ, ତେବେ ଯାଇ ସେହି ବିଜୟଟିକୁ ଯଥାସମ୍ଭବ ଅଧିକ ପରିପୂର୍ଣ୍ଣ ଭାବରେ ହାସଲ କରାଯାଇ ପାରିବ ।

ବିଶ୍ୱ-ରାଷ୍ଟ୍ରର ଗଠନ ବର୍ତ୍ତମାନ ଯେତେ ଅବଚେତନ, ଅସ୍ପଷ୍ଟ ଏବଂ ଅଗଠିତ ଅବସ୍ଥାରେ ରହିଥିଲେ ମଧ୍ୟ, ତାହାର ବିକାଶଗତ ପ୍ରବୃତ୍ତିଟି ମଧରେ ଉକ୍ତ ସାମରିକ ପ୍ରୟୋଜନଟି ମଧ ଠିକ୍ ସେହିପରି ସମାନ ଭାବରେ ଏକ ବୃହତ୍ ଓ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିବାକୁ ଆରମ୍ଭ କରି ସାରିଲାଣି । ପୃଥିବୀର ଜନସମୂହଗୁଡ଼ିକ ଯେତେ ଶିଥିଳ ଏବଂ ଶୃଙ୍ଖଳାବିହୀନ ହେଲେ ମଧ ଆପଣା ଆପଣାର ଜୀବନରେ ଏପରି ଏକ ଏକତାର ଅଧିକାରୀ ହେବାକୁ ଆରମ୍ଭ କରି ସାରିଲେଣି, ଯାହାଫଳରେ କି ସେମାନେ କଦାପି

'oaob.nitrkl.ac.in' images reprocessed

ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ଆପଣା ଲାଗି ଏକ ପୂର୍ଣ୍ଣସ୍ୱତନ୍ତ୍ର ଓ ସମ୍ପୂର୍ଣ୍ଣ ଆତ୍ମ-ନିର୍ଭରଶୀଳ ଜୀବନ ଯାପନ କରି ପାରିବେ ନାହିଁ । ପୃଥିବୀର ଅନ୍ୟାନ୍ୟ ଭାଗରେ ଯାହାକିଛି ଘଟୁଛି ଓ ଯେତେଯାହା ଆନ୍ଦୋଳନ ହେଉଛି, ତାହାର ଯାବତୀୟ ପ୍ରଭାବ ଏବଂ ପ୍ରତିକ୍ରିୟାକୁ ପ୍ରତ୍ୟେକ ଜନସମୂହ କ୍ରମେ ଆପଣାର ସଂସ୍କୃତି, ରାଜନୀତିକ ଯାବତୀୟ ପ୍ରବୃତ୍ତି ଏବଂ ଅର୍ଥନୀତିଗତ ଜୀବନ ଭିତରେ ଅନୁଭବ କରିବାକୁ ଆରମ୍ଭ କଲେଣି । ପ୍ରଚ୍ଛନ୍ନଭାବରେ ହେଉ ଅଥବା ପ୍ରତ୍ୟକ୍ଷଭାବରେ ହେଉ, ସମଗ୍ରଟିର ଜୀବନ ଯେ ତା' ଆପଣାର ସ୍ୱତନ୍ତ୍ର ଜୀବନଟିକୁ ଏକାବେଳେକେ ଆବୋରି ପକାଇବାକୁ ଆସିଲାଣି, ବର୍ତ୍ତମାନ ପ୍ରତ୍ୟେକଟି ସମୂହ ତାହା ଅନୁଭବ କରୁଛି । ବିଜ୍ଞାନ ତଥା ଆନ୍ତର୍ଜାତିକ ବାଣିଜ୍ୟ, ଏବଂ ପ୍ରଭାବବିସ୍ତାରକାରୀ ପାଶ୍ଚାତ୍ୟ ଜଗତ ଯେପରି ଭାବରେ ଏସିଆ ଏବଂ ଆଫ୍ରିକାର ରାଜନୀତି ଓ ସଂସ୍କୃତି ଭିତରେ ଯାଇ ପଶିଗଲାଣି, ସେଇଟିକୁ ମଧ୍ୟ ଆମେ ଏହି ବୃହତ୍ ପରିବର୍ତ୍ତନଟି ପଛରେ ରହିଥିବା ଗୋଟିଏ ଗୋଟିଏ କାରଣ ବୋଲି କହିପାରିବା । ସେପରି କୌଣସି ଦୃଢ଼ ବନ୍ଧନ ନ ଥିବା ଏହି ଅସ୍ୱୀକୃତ ଏବଂ ମୂଳସ୍ଥ ଏକତାଟିରେ ମଧ୍ୟ ବଡ଼ ବଡ଼ ଯୁଦ୍ଧ ପ୍ରକୃତରେ ଘଟିବା ଅଥବା ସେଗୁଡ଼ିକ ଘଟିବ ବୋଲି ଏକ ସମ୍ଭାବନା ରହିବା ସମୁଦାୟ ଗଠନଟି ଲାଗି ଏକ ବ୍ୟାଘାତକାରୀ ଶକ୍ତିଶାଳୀ ଉପାଦାନରେ ପରିଣତ ହୋଇଗଲାଣି ଏବଂ ଏହି ବ୍ୟାଘାତଟି ଯେ ଦିନେ ସମଗ୍ର ମାନବଜାତି ପାଇଁ ମରଣାନ୍ତକ ହୋଇପାରିବ, ତାହାର ମଧ୍ୟ ଆଶଙ୍କା ରହିଛି । ଏପରିକି, ଇଉରୋପୀୟ ଯୁଦ୍ଧଟି ଲାଗିବାର ପୂର୍ବରୁ ମଧ୍ୟ ସମସ୍ତଙ୍କ ସକାଶେ ଘାତକ ବୋଲି ପ୍ରତିପାଦିତ ହେବାର ସମ୍ଭାବନା ରହିଥିବା କୌଣସି ସଂଘର୍ଷ କାଳେ ଜଣେ ଦୁଇଜଣଙ୍କ ମଧ୍ୟରେ ଲାଗିଯିବ, ସେଥିଲାଗି ତାହାକୁ ଏଡ଼ାଇ ରଖିବା ବା ତାହାର ସମ୍ଭାବ୍ୟତାକୁ ଯଥାସମ୍ଭବ କମ୍ କରି ରଖିବାର ପ୍ରୟୋଜନଟିକୁ ମଧ୍ୟ ସମସ୍ତେ ଅତ୍ୟନ୍ତ ତୀବ୍ରଭାବରେ ଅନୁଭବ କରିଥିଲେ ଏବଂ ସେହି ଉଦ୍ଦେଶ୍ୟରେ ନାନା ପ୍ରକାର ସୁ-ଅଭିପ୍ରେତ ଅଥଚ ଅତିକ୍ଷୀଣ ଏବଂ ଦୋଷଯୁକ୍ତ ଉପାୟଗୁଡ଼ିକର ଆପାତ ଅବତାରଣା ମଧ୍ୟ କରାଯାଇଥିଲା । ଅନ୍ତତଃ କାମରେ ଲାଗି ପାରିବା ଲାଗି ତିଆରି ହୋଇଥିବା ଏହିସବୁ ଉପାୟ ମଧ୍ୟରୁ ଯଦି କୌଣସିଟି ମଧ୍ୟ ସନ୍ତୋଷଜନକ ଭାବରେ କାର୍ଯ୍ୟସାଧନ କରିପାରିଥା'ନ୍ତା, ତେବେ ଆପଣାର ଏହି ଉପସ୍ଥିତ ଅନାଦର୍ଶ ସ୍ଥାନୀୟ ଅବସ୍ଥାଗୁଡ଼ିକୁ ନେଇ ପୃଥିବୀ ହୁଏତ ଅନେକ ଦିନରୁ ବେଶ୍ ସନ୍ତୁଷ୍ଟ ହୋଇ ରହିଯାଇ ପାରିଥା'ନ୍ତା ଏବଂ ମନୁଷ୍ୟସମାଜର ସାଧାରଣ ମନୋଭୂମିଟି ଉପରେ ଏକ ଦୃଢ଼ତର ଆନ୍ତର୍ଜାତିକ ସଂଗଠନ ସକାଶେ ରହିଥିବା ଜରୁରୀ ଆବଶ୍ୟକତାଟି ଆଉ ଆପଣାକୁ ଏତେ ଶକ୍ତିଶାଳୀ ଭାବରେ କଦାପି ଅନୁଭୂତ କରାଇ ନ ଥା'ନ୍ତା । ମାତ୍ର ଇଉରୋପରେ ଯେଉଁ ସଂଘର୍ଷଟି ଆସି ଘଟିଲା, ସେଇଟି ସେହି ପୁରୁଣା ଅବ୍ୟବସ୍ଥିତ ଅବସ୍ଥାଟିକୁ ଅନିର୍ଦ୍ଦିଷ୍ଟ

'oaob.nitrkl.ac.in' images reprocessed

କାଳ ସକାଶେ ତିଷ୍ଠି ରହିବା ଲାଗି ଆଉ ଆଦୌ ବାଟ ଛାଡ଼ି ଦେଲା ନାହିଁ । ଏପରି ଏକ ସର୍ବନାଶୀ ଦୁର୍ଘଟଣାର ଯେ କୌଣସି ପୁନରାବୃତ୍ତି ନ ହେଉ, କିଛିକାଳ ଲାଗି ସମସ୍ତେ ସେହି କଥାଟିକୁ ସ୍ୱୀକାର କରି ନେଇଥିଲେ । ଏଥର ଆନ୍ତର୍ଜାତିକ କ୍ଷେତ୍ରରେ ଏପରି ଏକ ସଂଘର୍ଷହୀନ ଶାନ୍ତିପୂର୍ଣ୍ଣ ଅବସ୍ଥାର ସୃଷ୍ଟି କରିବା ଓ ଅନ୍ତତଃ ତାହାର ଅନୁସନ୍ଧାନ କରିବା ଦରକାର ପଡ଼ିଲା ଓ ଏପରି ଏକ କର୍ତ୍ତୃତ୍ୱର ପ୍ରତିଷ୍ଠା ଆବଶ୍ୟକ ହେଲା, ଯାହାକି ବିପଜ୍ଜନକ ଆନ୍ତର୍ଜାତିକ ସମସ୍ୟାଗୁଡ଼ିକର କୌଣସି ନା କୌଣସି ସମାଧାନ ସମ୍ଭବ କରାଇ ପାରିବ, ଏବଂ ମାନବୀୟ ଏକତା ଦୃଷ୍ଟିରୁ ଆମେ ହୁଏତ ଯାହାକୁ ମାନବଗୋଷ୍ଠୀର ବିଭିନ୍ନ ସମୂହ ମଧ୍ୟରେ ଲାଗି ଯାଉଥିବା ଏକ ଗୃହଯୁଦ୍ଧ ବୋଲି କହିପାରିବା, ସେଗୁଡ଼ିକର ମଧ୍ୟ ନିରାକରଣ କରିପାରିବ ।

ଆନ୍ତର୍ଜାତିକ ଶାନ୍ତିର ଥାପନା ଲାଗି ଆମକୁ ପ୍ରଥମେ କ'ଣ ସବୁ କରିବାକୁ ହେବ ଓ କିପରି ପରିବେଶମାନ ସୃଷ୍ଟି କରିବାକୁ ହେବ, ଅଳ୍ପ ବା ଅଧିକ ପ୍ରଭାବଯୁକ୍ତ ଭାବରେ ସେହି ବିଷୟରେ ନାନାପ୍ରକାର ବିଚାର ଉପସ୍ଥାପନ କରାଯାଇଥିଲା । ଏଗୁଡ଼ିକ ଭିତରୁ ଯେଉଁଟିକୁ ଆମେ ସବୁଠାରୁ ଅଧିକ ଅପକ୍ୱ ବୋଲି କହିପାରିବା, ସେଇଟି ପ୍ରକୃତରେ ଏକ ଅତି ନିର୍ବୋଧ ଧାରଣାରହିଁ ଅବତାରଣା କରିଥିଲା ଏବଂ ଏପରି ଗୋଟିଏ ଏକତରଫା ପ୍ରୋପାଗଣ୍ଡା ତାହାର ଅବତାରଣା କରାଇଥିଲା, ଯାହାକି କଳ୍ପନା କରୁଥିଲା ଯେ ଜର୍ମାନର ସମରପ୍ରିୟତା ଓ ସାମରିକବାଦକୁ ସମ୍ପୂର୍ଣ୍ଣଭାବରେ ବିନଷ୍ଟ କରିଦେଇ ପାରିଲେହିଁ କେବଳ ତାହାରି ଦ୍ୱାରା ପୃଥିବୀର ଭବିଷ୍ୟତ ଶକ୍ତି ସୁଦୃଢ଼ ଭାବରେ ସ୍ଥାପିତ ହୋଇଯାଇ ପାରିବ । ଜର୍ମାନୀର ସାମରିକ ଶକ୍ତି, ରାଜନୀତି ଓ ବାଣିଜ୍ୟର କ୍ଷେତ୍ରରେ ତାହାର ନାନା ମହତ୍ତ୍ୱାକାଂକ୍ଷା, ଭୌଗୋଳିକ ଦୃଷ୍ଟିରୁ ତାକୁ ସମସ୍ତେ ଚାରିଆଡୁ ଘେରି ରହିଛନ୍ତି ବୋଲି ଜର୍ମାନୀର ମନରେ ଏକ ଅତି ତୀବ୍ର ପ୍ରତିକ୍ରିୟା ଏବଂ ଏକ ଅନନୁକୂଳ ବିପକ୍ଷୀ ମେଣ୍ଟ ତାକୁ ଚାରିଆଡୁ ଉଗାଳି ରହିଛନ୍ତି ବୋଲି ଏକ ଆଶଙ୍କା,– ଏହି ଯେଉଁ ଯୁଦ୍ଧଟି ଏବେ ଲାଗିଲା, ତାହାପଛରେ ଏଇଟିହିଁ ତାତ୍କାଳିକ ନୈତିକ କାରଣ ହୋଇ ରହିଥିଲା । ମାତ୍ର ଯୁଦ୍ଧର ଅସଲ କାରଣଟି ତ ଆନ୍ତର୍ଜାତିକ ପରିସ୍ଥିତିର ସ୍ୱକୀୟ ସ୍ୱଭାବଟି ମଧ୍ୟରେହିଁ ଥିଲା, ଜାତୀୟ ଜୀବନର ମାନସ ପରିସ୍ଥିତିଟି ମଧ୍ୟରେହିଁ ନିହିତ ହୋଇ ରହିଥିଲା । ଏହି ମାନସିକ ପରିସ୍ଥିତିର ସର୍ବପ୍ରଧାନ ଲକ୍ଷଣଟି ହେଉଛି ଯେ ଦେଶପ୍ରେମ ବା ଜାତିକୁ ଶ୍ରଦ୍ଧା କରିବାର ପବିତ୍ର ନାମଟିର ଆଢୁଆଳରେ ଜାତିଗତ ଅହଂବାଦଟାରହିଁ ଅତି ପ୍ରବଳତା ଓ ଅତ୍ମ୍ୟୁପାସନା ପ୍ରଭାବ ବିସ୍ତାର କରି ରହିଥିଲା । ଅଙ୍ଗଭୂତ ଯେକୌଣସି ଜୀବନ ପରି ପ୍ରତ୍ୟେକ ଜାତିଗତ ଅହଂବାଦ ଏକ ଦୁଇ ପ୍ରକାରର ଚରିତାର୍ଥତା କାମନା କରିଥାଏ, ଗୋଟିଏ ହେଉଛି ସଘନ ଚରିତାର୍ଥତା ଏବଂ ଆରଟି ହେଉଛି ବିସ୍ତୃତି ବା ବ୍ୟାପ୍ତିମୂଳକ

'oaob.nitrkl.ac.in' images reprocessed

ଚରିତାର୍ଥତା । ଜାତିର ସଂସ୍କୃତିକୁ ଆହୁରି ଗଭୀର କରିବା ଓ ଆହୁରି ସମୃଦ୍ଧ କରି ତିଆରି କରିବା, ଜାତିର ଆୟତନସୀମାଟି ମଧ୍ୟରେ ତାହାର ରାଜନୀତିକ ବଳ ଏବଂ ଆର୍ଥିକ ସ୍ୱାସ୍ଥ୍ୟରେ ବୃଦ୍ଧିସାଧନ କରିବା,– ଏସବୁ ଆଦୌ ଯଥେଷ୍ଟ ବୋଲି ଅନୁଭୂତ ହୁଏ ନାହିଁ, କାରଣ ଏହା ସହିତ ବାହାରେ ମଧ୍ୟ ତା' ସଂସ୍କୃତିର ଏକ ବ୍ୟାପ୍ତି ଏବଂ ବିସ୍ତାର ବି ଲୋଡ଼ା ହେଉଥାଏ, ତା'ର ରାଜନୀତିକ ବିସ୍ତାର, ଆଧିପତ୍ୟ, କ୍ଷମତା ବା ପ୍ରଭାବଟି ଲୋଡ଼ା ହେଉଥାଏ, ଏବଂ ଆପଣାର ବାଣିଜ୍ୟିକ ସିଦ୍ଧି ଲାଗି ତାହା କିପରି ସମଗ୍ର ପୃଥିବୀଟିକୁ ଆପଣାର କାମରେ ଲଗାଇ ପାରିବ, ପ୍ରଭୁତ୍ୱଶାଳୀ ହୋଇ ସେହି ଅବସରଗୁଡ଼ିକୁ ଆହୁରି ପ୍ରଶସ୍ତ କରି ରଖିବା ମଧ୍ୟ ଲୋଡ଼ା ହେଉଥାଏ । ଏହି ସ୍ୱାଭାବିକ ବା ସହଜାତ ଅଭିଳାଷଟିକୁ କଦାପି ନୀତିକ୍ଷେତ୍ରର ଏକ ଅସୁସ୍ଥ ବିଚ୍ୟୁତି ବା ଭ୍ରଷ୍ଟତା ବୋଲି କୁହାଯିବ ନାହିଁ, ଏହାକୁ ଅହଂ ଦ୍ୱାରା ପରିଚାଳିତ ହେଉଥିବା ଜୀବନର ଏକ ସହଜାତ ପ୍ରବୃତ୍ତି ବୋଲିହିଁ କୁହାଯିବ; ଏବଂ ଅହଂ ଦ୍ୱାରା ପରିଚାଳିତ ନ ହେଉଥିବା କୌଣସି ଜୀବନ ଆମକୁ ବର୍ତ୍ତମାନ ଆଦୌ କେଉଁଠି ହେଲେ ଦେଖିବାକୁହିଁ ମିଳିବ କି ? ମାତ୍ର ଶାନ୍ତିପୂର୍ଣ୍ଣ ଓ ଅନାକ୍ରମକ ମାର୍ଗରେ ଯାଉଥିବା ପର୍ଯ୍ୟନ୍ତ ଏହି ପ୍ରବୃତ୍ତିଟିକୁ କେବଳ ଏକ ସୀମିତ ମାତ୍ରାରେହିଁ ତୃପ୍ତ କରାଯାଇ ପାରିବ । ଏବଂ ଯେଉଁଠି ତାହା ଆପଣାକୁ ନାନା ପ୍ରତିବନ୍ଧକ ଦ୍ୱାରା ବାଧାପ୍ରାପ୍ତ ହେଉଥିଲା ପରି ଅନୁଭବ କରିବ ଓ ସେହି ପ୍ରତିବନ୍ଧକଟିକୁ ହଟାଇ ଦିଆଯାଇ ପାରିବ ବୋଲି ଭାବୁଥିବ, ଯେଉଁଠାରେ ନାନା ବାଧା ଆସି ତାହାର ବିରୋଧ କରୁଥିବେ, ତାକୁ ଚାରିଆଡୁ ଘେରି ଆସି ତାହାର ଗତିକୁ ବନ୍ଦ କରି ଦେଉଥିବେ, ଆପଣାର ଆବଶ୍ୟକତା ଓ ବଳର ଅନୁପାତରେ ନିତାନ୍ତ ଅଯଥେଷ୍ଟ ବୋଲି ମନେ ହେଉଥିବା ଅଧିକାର ଏବଂ ଆଧିପତ୍ୟରେ ସିଏ ପାଇ ପାରୁଥିବା ଭାଗଟିରେ ଯେତେବେଳେ ସେ ଆଦୌ ସନ୍ତୁଷ୍ଟ ହୋଇ ପାରୁ ନ ଥିବ, ଅଥବା, ବିସ୍ତୃତି ଲାଭର ନୂତନ ସମ୍ଭାବନାମାନ ତା' ସମ୍ମୁଖରେ ଉନ୍ମୋଚିତ ହୋଇ ଯାଉଥିବ ଏବଂ କେବଳ ସେହି ବିସ୍ତାର ମଧ୍ୟରେହିଁ ତା'ର ବଳଶାଳିତା ନିଜର କାମ୍ୟ ଭାଗଟିକୁ ପ୍ରକୃତରେ ଲାଭ କରିପାରିବ ବୋଲି ଭାବିବାକୁ ଲାଗିବ, ସେତେବେଳେ ତାହା ତତ୍‌କ୍ଷଣାତ୍ କୌଣସି ନା କୌଣସି ବଳର ଆଶ୍ରୟ ନେବାକୁ ବାହାରି ପଡ଼ିବ, ଏବଂ ତା' ସମ୍ମୁଖରେ ଯେତିକି ପରିମାଣରେ ପ୍ରତିରୋଧ ଆସି ପହଞ୍ଚିବାର ସମ୍ଭାବନା ରହିଥିବ, ସେ କେବଳ ତାହାରି ଦ୍ୱାରାହିଁ ସେହି ପରିମାଣରେ କ୍ଷାନ୍ତ ହୋଇ ରହୁଥିବ । ଯଦି ସେ କେବଳ ଏକ ଦୁର୍ବଳ ବିରୋଧିତାରହିଁ ସମ୍ମୁଖୀନ ହେଉଥିବ, ଯଦି ସେଥିରେ କୌଣସି ସଂଗଠନ ନ ଥିବ ଅଥବା ତାହା ଉପଯୁକ୍ତ ପ୍ରକାରେ ସଂଗଠିତ ହୋଇ ନ ଥିବ, ତେବେ ତାହାକୁ ଦଳିଦେଇ ଆଗକୁ ଚାଲିଯିବାକୁ ସେ ଆଦୌ କୌଣସି କୁଣ୍ଠାବୋଧ କରିବ ନାହିଁ । ମାତ୍ର ଯଦି ସେହି ବିରୋଧିତା ପ୍ରକୃତରେ ଶକ୍ତିଶାଳୀ ହୋଇଥାଏ ଓ ତାହାକୁ ଭୟ

'oaob.nitrkl.ac.in' images reprocessed

କରିବାକୁ ପଡୁଥାଏ, ତେବେ ତାହା ନିଶ୍ଚୟ କ୍ଷାନ୍ତ ହୋଇ ରହିବ, କେତେପ୍ରକାରେ ମେଣ୍ଟ ଲୋଡ଼ିବାକୁ ଯିବ ଅଥବା ଆପଣାର ବେଳଟି ଲାଗି ସର୍ତକ ହୋଇ ଅପେକ୍ଷା କରୁଥିବ । କେବଳ ଜର୍ମାନୀ ଭିତରେ ଯେ ଏକ ଏକଚାଟିଆ ସମ୍ପତ୍ତି ପରି ବିସ୍ତାର ଲାଭ କରିବାର ଏହି ପ୍ରବୃତ୍ତି ଓ ଏହି ଅହଂବାଦିତା ଘର କରି ରହିଥିଲା, ସେକଥା ଆଦୌ ନୁହେଁ; ମାତ୍ର ଏକଥା ସତ ଯେ ତାହାର ଅହଂବାଦିତାଟି ସବୁଠାରୁ ଅଧିକ ଭଲ ଭାବରେ ସଂଗଠିତ ହୋଇ ରହିଥିଲା, ସବୁଠାରୁ କମ୍ ପରିମାଣରେ ତୃପ୍ତ ହୋଇଥିଲା, ତାହା ବୟସରେ ସମସ୍ତଙ୍କଠାରୁ ସାନ ଥିଲା, ସବୁଠାରୁ ଅଧିକ ଅଶୋଧିତ ଥିଲା ଓ ସବୁଠାରୁ ଅଧିକ ବୁଭୁକ୍ଷୁ ହୋଇ ରହିଥିଲା, ଆପଣାର ବଳ ଉପରେ ତାହା ସବୁଠାରୁ ଅଧିକ ବିଶ୍ୱାସ କରି ପାରୁଥିଲା ଓ ସବୁଠାରୁ ଅଧିକ ଦୁଃସାହସୀ ଥିଲା, ଆପଣା କାମନାଗୁଡ଼ିକର ଦମ୍ଭଦୃପ୍ତ ନୃଶଂସତାରେ ସବୁଠାରୁ ଅଧିକ ସନ୍ତୁଷ୍ଟ ହୋଇ ରହିଥିଲା । ଜର୍ମାନ-ସାମରିକବାଦଟି ପଦାକୁ ବାହାରିବା ଫଳରେ ଓ ସେଇଟିକୁ ଭାଙ୍ଗିଦେବା ଫଳରେ ହୁଏତ କେବଳ ସାମୟିକ ଭାବରେହିଁ ଅନେକ ମସ୍ତକଯୁକ୍ତ ବାଣିଜ୍ୟିକ କୁସ୍ତାକୁସ୍ତିଟିର ତୀବ୍ରତା ଟିକିଏ କମ୍ ହୋଇ ଗଲା ପରି ଅନୁଭୂତ ହୋଇପାରେ, ମାତ୍ର ସେ ଯେଡ଼େ ବିପଜ୍ଜନକ ଏବଂ ଅସ୍ଥିର ହୋଇଥାଉ ପଛକେ, କେବଳ ଜଣେ ପ୍ରତିଦ୍ୱନ୍ଦ୍ୱୀକୁ ହଟାଇଦେବା ଦ୍ୱାରା ସେଥିରେ କେବେହେଲେ ସମାପ୍ତି ଘଟି ପାରିବ ନାହିଁ । ଯେପର୍ଯ୍ୟନ୍ତ କୌଣସି ନା କୌଣସି ପ୍ରକାରର ସମରଲିପ୍ସା ବଞ୍ଚି ରହିଥିବ, ଯେ ପର୍ଯ୍ୟନ୍ତ ରାଜନୀତିକ ଏବଂ ବାଣିଜ୍ୟିକ ଆତ୍ମବର୍ଦ୍ଧନର କ୍ଷେତ୍ରଗୁଡ଼ିକ ମହଜୁଦ ହୋଇ ରହିଥିବ, ଯେପର୍ଯ୍ୟନ୍ତ ଜାତିକୁ କେନ୍ଦ୍ର କରି ବିକଶିତ ହେଉଥିବା ଅହଂବାଦଗୁଡ଼ାକ ବଞ୍ଚି ରହିଥିବେ, ସେଗୁଡ଼ିକୁ ସମସ୍ତେ ପବିତ୍ର ବୋଲି ବିଚାରୁଥିବେ ଏବଂ ଛାୟାବିସ୍ତାର କରିବା ଲାଗି ରହିଥିବା ସେମାନଙ୍କର ଜନ୍ମଜାତ ପ୍ରବୃତ୍ତିଟିକୁ ସମୂଳେ ନିବୃତ୍ତ କରି ରଖିବା ଲାଗି ଆମ ପାଖରେ କୌଣସି ପ୍ରତିକାର ନ ଥିବ, ସେପର୍ଯ୍ୟନ୍ତ ଏକ ସମ୍ଭାବନା ରୂପେ ଯୁଦ୍ଧ ଅନୁକ୍ଷଣ ଦଣ୍ଡାୟମାନ ରହିଥିବ ଏବଂ ମନୁଷ୍ୟମାନଙ୍କୁ ନେଇ ଗଢ଼ା ହୋଇଥିବା ଗଣ ବା ସମୂହଗୁଡ଼ିକର ଜୀବନରେ ପ୍ରାୟ ଏକ ପ୍ରୟୋଜନ ହୋଇହିଁ ରହିଥିବ ।

ପଛରେ ବଡ଼ ବଡ଼ ସମର୍ଥକମାନଙ୍କର ବଳ ଥାଇ ଏହି କ୍ଷେତ୍ରରେ ଆଉ ଗୋଟିଏ ବିଚାରର ଉପସ୍ଥାପନା କରାଯାଇ ଥିଲା ଯେ ସ୍ୱାଧୀନ ଏବଂ ଗଣତନ୍ତ୍ର ଦ୍ୱାରା ଶାସିତ ଜାତିମାନଙ୍କର ଗୋଟିଏ ଲୀଗ୍ ବା ସଂଘ ଗଢ଼ା ହେବ, ଯିଏ କି ଆପଣାର ଚାପଟିକୁ ପ୍ରୟୋଗ କରି ଶାନ୍ତିର ରକ୍ଷା କରିପାରିବ ଏବଂ ଦରକାର ହେଲେ ସେଥିଲାଗି ବଳପ୍ରୟୋଗ ବି କରି ପାରିବ । ପୂର୍ବଟିର ତୁଳନାରେ ନିଶ୍ଚୟ କମ୍ ଅଶୋଧିତ ହୋଇଥିଲେ ମଧ୍ୟ, ଆମେ ଏହି ସମାଧାନଟିକୁ ସେହି କାରଣରୁ ଅନ୍ୟଟି ତୁଳନାରେ କଦାପି ଅଧିକ ସନ୍ତୋଷଜନକ ବୋଲି ଆଦୌ କହିପାରିବା ନାହିଁ । ଏଇଟି ହେଉଛି ଏକ ପୁରାତନ

'oaob.nitrkl.ac.in' images reprocessed

ବିଚାର, ଏବଂ ନେପୋଲିଅନ୍‌ଙ୍କ ପତନ ପରେ ମେଟର୍‌ନିଖ୍ ଏହି ବିଚାରଟିକୁହିଁ କାର୍ଯ୍ୟକାରୀ କରିଥିଲେ । ଏହି କ୍ଷେତ୍ରରେ କେବଳ ଏତିକି ପାର୍ଥକ୍ୟ ରହିଛି ଯେ ମେଟର୍‌ନିଖ୍ ରାଜତନ୍ତ୍ରଗୁଡ଼ିକ ମଧ୍ୟରେ ଏକ ପବିତ୍ର ମେଣ୍ଟ ଗଢ଼ିବାର ଉଦ୍ୟମ କରିଥିଲେ, ଶାନ୍ତିରକ୍ଷା କରିବା ଲାଗି, ରାଜତନ୍ତ୍ରୀୟ ବ୍ୟବସ୍ଥାଟିକୁ ସୁରକ୍ଷିତ କରି ରଖିବା ଲାଗି ଏବଂ ଗଣତନ୍ତ୍ରକୁ ଦବାଇ ରଖିବା ଲାଗି ସେ ଉକ୍ତ ଉଦ୍ୟମଟି କରିଥିଲେ; ଏବଂ ଏହି ଦ୍ୱିତୀୟ ବିଚାରଟିରେ ସ୍ୱାଧୀନ ଜାତିଗୁଡ଼ିକୁ ନେଇ, ଏବଂ ସାମ୍ରାଜ୍ୟର ଅଧିକାରୀ ହୋଇରହିଥିବା ଜାତିଗୁଡ଼ିକୁ ନେଇ ମଧ୍ୟ,— ଗଣତନ୍ତ୍ରକୁ ଯେକୌଣସି ପ୍ରକାରେ କାଏମ୍ ରଖିବାକୁ ଏବଂ ଶାନ୍ତିରକ୍ଷା କରିବାକୁ ଉଦ୍ୟମ ହୋଇଥିଲା । ଗୋଟିଏ କଥାରେ ଆମେ ସମ୍ପୂର୍ଣ୍ଣ ଭାବରେହିଁ ନିଶ୍ଚିତ ହୋଇ ରହିପାରିବା ଯେ ଏହି ନୂତନ ଲୀଗ୍‌ଟିକୁ ମଧ୍ୟ ତା'ର ପୂର୍ବବର୍ତ୍ତୀ ପ୍ରଥମ ଲୀଗ୍‌ଟିରହିଁ ଦଶା ଭୋଗିବାକୁ ପଡ଼ିବ; ଅର୍ଥାତ୍, ସେହି ଲୀଗ୍ ଭିତରେ ରହିଥିବା ଶକ୍ତିଗୁଡ଼ିକ ଯଥେଷ୍ଟ ପରିମାଣରେ ପ୍ରତିଷ୍ଠିତ ଏକତାଟି ମଧ୍ୟରୁ ହୁଗୁଳି ଆସିବା ମାତ୍ରକେ ଏହି ଲିଗ୍‌ଟି ମଧ୍ୟ ଭାଙ୍ଗିଯିବାକୁ ବସିବ । ବା, ୧୮୪୮ ମସିହାରେ ଅତ୍ୟାଚାରିତ ହୋଇ ରହିଥିବା ଗଣତନ୍ତ୍ରର ଏକ ସବଳ ପୁନର୍ଜାଗରଣ ଫଳରେ ଯେପରି ଘଟିଥିଲା ଅଥବା ସେହି ନବୀନ ଦୈତ୍ୟ ସମାଜବାଦ ଏବଂ ଏକ ବୁର୍ଜୁଆ ଗଣତାନ୍ତ୍ରିକ ପୃଥିବୀର ପୁରାତନ ଓ ପ୍ରତିଷ୍ଠିତ ଦେବତାମାନଙ୍କ ମଧ୍ୟରେ ଭବିଷ୍ୟତରେ ଅବଶ୍ୟ ଲାଗିବାକୁ ଯାଉଥିବା ଦ୍ୱନ୍ଦ୍ୱଯୁଦ୍ଧଟି ଫଳରେ ଯେପରି ଅବସ୍ଥାଟିଏ ସୃଷ୍ଟି ହେବ, ସେହିପରି କୌଣସି ଏକ ନୂତନ ପରିସ୍ଥିତିର ଆବିର୍ଭାବ ହେବା ମାତ୍ରକେ ଲିଗ୍‌ଟି ଭାଙ୍ଗିଯିବ । ବିପ୍ଳବବାଦୀ ରୁଷିଆରେ ଏହି ଦ୍ୱନ୍ଦ୍ୱଟିର ଦୁର୍ଜ୍ଜୟ ଛାୟାରେଖାଗୁଡ଼ିକହିଁ କ୍ରମଶଃ ଦୃଷ୍ଟିଗୋଚର ହୋଇ ଆସିଲାଣି, ସେଇଟି କ୍ରମେ ଏକ ଶରୀର ଧାରଣ କଲାଣି ଏବଂ ଇଉରୋପଯାକ ସବୁଆଡ଼କୁ ମାଡ଼ିଯିବା ଲାଗି ତାହା ଆଦୌ ଖୁବ୍ ବେଶୀ ସମୟ ନେବ ନାହିଁ । ଏହାଦ୍ୱାରା ଯୁଦ୍ଧ ଏବଂ ତାହାର ପରବର୍ତ୍ତୀ ପରିଣାମଗୁଡ଼ିକ ହୁଏତ କିୟତ୍କାଳ ସକାଶେ ବାରିତ ହୋଇ ରହିଯିବ । ମାତ୍ର ହୁଏତ ଏକଥା ମଧ୍ୟ ବେଶ୍ ସମ୍ଭବ ହୋଇପାରେ ଯେ ଏହାଦ୍ୱାରା ଯୁଦ୍ଧ ଆହୁରି ନିକଟବର୍ତ୍ତୀ ହୋଇ ଆସିବ ଏବଂ ତାହାର ବଳଟି ମଧ୍ୟ ଆହୁରି ଅଧିକ ହୋଇଯିବ । ଏ କାରଣଟି ସକାଶେ ହେଉ ଅଥବା ସେ କାରଣଟି ସକାଶେ ହେଉ, ଅଥବା ଏକତ୍ର ଦୁଇଟି ଯାକ କାରଣରୁ ହେଉ, ତଦ୍ଦ୍ୱାରା ଲୀଗଟି ନିଶ୍ଚିତ ଭାବରେ ଭାଙ୍ଗିଯିବ । ସ୍ୱେଚ୍ଛାପ୍ରବୃତ୍ତ ଭାବରେ ଗଢ଼ା ହୋଇଥିବା କୌଣସି ଲୀଗ୍ ସ୍ୱଭାବତଃ କଦାପି ସ୍ଥାୟୀ ହୋଇ ରହିପାରିବ ନାହିଁ । କାରଣ ଯେଉଁସବୁ ବିଚାର ତାହାକୁ ସମର୍ଥନ କରୁଥିଲେ, ସେଗୁଡ଼ିକ ବଦଳି ଯିବେ; ଯେଉଁସବୁ ସ୍ୱାର୍ଥ ତାହାକୁ ସମ୍ଭବ ଓ କାର୍ଯ୍ୟକାରୀ କରିଥିଲେ, ସେଗୁଡ଼ିକ ହୁଏତ ଏକାବେଳେକେ ଅନ୍ୟ ପ୍ରକାରର ହୋଇଯିବେ ବା ଏପରି ପୁରୁଣା ହୋଇଯିବେ ଯେ ଆଉ କୌଣସି କାମରେ ଲାଗିପାରିବେ ନାହିଁ ।

'oaob.nitrkl.ac.in' images reprocessed

ଏଠାରେ ଏପରି ଏକ ଅନୁମାନ କରାଯାଇଛି ଯେ ରାଜତନ୍ତ୍ରଗୁଡ଼ିକ ପରି ଗଣତନ୍ତ୍ର ଦ୍ୱାରା ଶାସିତ ଦେଶମାନେ ଯୁଦ୍ଧରେ ଲିପ୍ତ ହୋଇ ପଡ଼ିବାକୁ ଅପେକ୍ଷାକୃତ କମ୍ ପ୍ରସ୍ତୁତ ହୋଇ ରହିବେ । ମାତ୍ର କେବଳ ଏକ ନିର୍ଦ୍ଦିଷ୍ଟ ଆୟତନ ମଧ୍ୟରେହିଁ ଆମେ ଏଇଟିକୁ ସତ୍ୟ ବୋଲି ଗ୍ରହଣ କରିପାରିବା । ବର୍ତ୍ତମାନ ଯେଉଁ ଦେଶଗୁଡ଼ିକୁ ଗୋଟିଏ ଗୋଟିଏ ଗଣତନ୍ତ୍ର ବୋଲି କୁହାଯାଉଛି, ସେଗୁଡ଼ିକ ପ୍ରକୃତରେ ହେଉଛନ୍ତି ଗୋଟିଏ ଗୋଟିଏ ବୁର୍ଜୁଆ ରାଷ୍ଟ୍ର; କେବଳ ବାହ୍ୟ ଗଢ଼ଣଟିରେହିଁ ସେଗୁଡ଼ିକ ମଧ୍ୟରୁ କେହି ସାଂବିଧାନିକ ଗଣତନ୍ତ୍ରର ଆକାର ଗ୍ରହଣ କରିଛନ୍ତି ଓ ଆଉ କେହି ଏକ ମଧ୍ୟମବର୍ଗ-ଶାସିତ ସାଧାରଣତନ୍ତ୍ର ହୋଇ ରହିଛନ୍ତି । ମାତ୍ର ପ୍ରକୃତ କଥା ହେଉଛି ଯେ, ଆଗରୁ ସେସବୁ କ୍ଷେତ୍ରରେ ଯେଉଁ ରାଜତନ୍ତ୍ର ବା ସମ୍ଭ୍ରାନ୍ତତନ୍ତ୍ରଗୁଡ଼ିକର ରାଜତ୍ୱ ଚାଲୁଥିଲା, ମାତ୍ର କେତୋଟି ପରିବର୍ତ୍ତନ ସହିତ ବର୍ତ୍ତମାନ ସେଠାରେ ମଧ୍ୟମ ବର୍ଗଟିହିଁ ସେଗୁଡ଼ିକର କୂଟନୀତିଗତ ନାନା ସଂସ୍କାର ବୈଦେଶିକ ନୀତି ଓ ଆନ୍ତର୍ଜାତିକ ବିଚାରଗୁଡ଼ିକୁ ଗ୍ରହଣ ଓ ଆତ୍ମସାତ୍ କରିନେଇଛି ।* ଶାସକବର୍ଗଟିର ମନଃ-କ୍ଷେତ୍ରରେ ଧାରାଟିକୁ ଏହିପରି ଭାବରେ ଅବିଚ୍ଛିନ୍ନ ରଖିବାହିଁ ସତେଅବା ଏକ ସ୍ୱାଭାବିକ ନିୟମ ପରି ହୋଇ ରହିଥିବା ଭଳି ମନେ ହେଉଛି । ଜର୍ମାନୀ ଦେଶରେ ସମ୍ଭ୍ରାନ୍ତ ଶ୍ରେଣୀ ଓ ପୁଞ୍ଜିବାଦୀ ଶ୍ରେଣୀ ଏକାଠି ମିଶି ଆପଣାର ଅତିରଞ୍ଜିତ ଏବଂ ଉନ୍ମତ୍ତପ୍ରାୟ ମହତ୍ତ୍ୱାକାଂକ୍ଷାଟିକୁ ଘୋଷଣା କରୁଥିବା ପ୍ୟାନ୍-ଜର୍ମାନ୍ ଦଳଟିକୁ ଗଠନ କରିଥିଲେ । ନୂତନ ରୁଷିଆରେ ବୁର୍ଜୁଆ ଶ୍ରେଣୀ ଆପଣାର ସ୍ୱଳ୍ପସ୍ଥାୟୀ ଶାସନକାଳଟିରେ କେବଳ ଆଭ୍ୟନ୍ତରୀଣ ବ୍ୟାପାରଗୁଡ଼ିକରେହିଁ ଜାରପଦର ରାଜନୀତିକ ବିଚାରଗୁଡ଼ିକୁ ବର୍ଜନ କରିଥିଲା ଏବଂ ତଦ୍ଦ୍ୱାରା ଏକଚ୍ଛତ୍ର-ଶାସନର ବିଲୁପ୍ତି ସାଧନରେ ସହାୟକ ହୋଇଥିଲା ସତ, ମାତ୍ର ବୈଦେଶିକ ବ୍ୟାପାରଗୁଡ଼ିକର କ୍ଷେତ୍ରରେ କେବଳ ଜର୍ମାନ୍ ପ୍ରଭାବଟିକୁ ବାଦ୍ ଦେଇ ତାହା ସେହି ଜାର୍‌ପଦର ଯାବତୀୟ ବିଚାରକୁ ସଂରକ୍ଷିତ କରି ରଖିଥିଲା, ରୁଷିଆର ସାମ୍ରାଜ୍ୟ ବିସ୍ତାର ଏବଂ କନ୍‌ଷ୍ଟାଣ୍ଟିନୋପଲ୍ ସହରକୁ ଆପଣାର ଅଧିକାରକୁ ଆଣିବାର ସପକ୍ଷରେହିଁ ରହିଥିଲା । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଦୁଇଟି ଭିତରେ ଏକ ମହତ୍ତ୍ୱପୂର୍ଣ୍ଣ ପ୍ରଭେଦ ନିଶ୍ଚୟ ରହିଛି । ରାଜତନ୍ତ୍ରୀ ବା ସମ୍ଭ୍ରାନ୍ତତନ୍ତ୍ରୀ ରାଷ୍ଟ୍ର ଆପଣାର ମତଲବରେ ରାଜନୀତିକ ହୋଇହିଁ ରହିଥାଏ ଏବଂ ସର୍ବପ୍ରଥମେ ରାଜ୍ୟବିସ୍ତାର ଓ ରାଜନୀତିକ ପ୍ରାଧାନ୍ୟ ଇଚ୍ଛା କରୁଥାଏ ବା ବିଭିନ୍ନ ଜାତିଗୁଡ଼ିକ ମଧ୍ୟରେ ପ୍ରଭୁତ୍ୱ ଇଚ୍ଛା କରୁଥାଏ । ସେତେବେଳେ ବାଣିଜ୍ୟିକ ଉଦ୍ଦେଶ୍ୟମାନ କେବଳ ଅପ୍ରଧାନ ହୋଇ ରହିଥା'ନ୍ତି,

* ସେହିପରି ସୋଭିଏଟ୍ ରୁଷିଆ ଜାରମାନଙ୍କଠାରୁ ମାତ୍ର କିଞ୍ଚିତ୍ ପରିବର୍ତ୍ତନ ସହିତ ବା ଆଦୌ କୌଣସି ପରିବର୍ତ୍ତନ ନ କରି ଏହିସବୁ ବିଚାର ଓ ସଂସ୍କାରକୁ ଗ୍ରହଣ କରି ନେଇଛି ।

'oaob.nitrkl.ac.in' images reprocessed

ପ୍ରଥମ ଲକ୍ଷ୍ୟଟିରହିଁ ପରିକର ହୋଇ ରହିଥା'ନ୍ତି । ମାତ୍ର ଗୋଟିଏ ବୁର୍ଜୁଆ ରାଷ୍ଟ୍ରରେ ଠିକ୍ ଓଲଟା ରୀତିଟିହିଁ ଦୃଷ୍ଟିଗୋଚର ହୁଏ, କାରଣ ପୃଥିବୀର ହାଟବଜାରଗୁଡ଼ିକୁ ଅକ୍ତିଆରରେ ଆଣିବାକୁହିଁ ତାହା ପ୍ରଧାନ ଲକ୍ଷ୍ୟ କରି ରଖିଥାଏ, ଧନାଗମର ନୂତନ ନୂତନ କ୍ଷେତ୍ର ଉପରେ ପ୍ରଭୁତ୍ୱ ଅର୍ଜନ କରିବା, ଉପନିବେଶ ବା ଅଧୀନସ୍ଥ ଅଞ୍ଚଳଗୁଡ଼ିକର ଗଠନ କରି ଅଥବା ଜୟ କରି ଆଣି ବାଣିଜ୍ୟ ଏବଂ ଉଦ୍ୟୋଗ-କ୍ଷେତ୍ରର ଲାଭ ପାଇଁ ସେଗୁଡ଼ିକୁ କାର୍ଯ୍ୟରେ ଲଗାଇବାହିଁ ସେତେବେଳେ ପ୍ରଧାନ ଲକ୍ଷ୍ୟ ହୋଇ ରହେ, ଏବଂ ରାଜନୀତିକ ଯାବତୀୟ ଅଭିବୃଦ୍ଧି ଅଧିକ ଅଭିଳଷିତ ଏହି ଲକ୍ଷ୍ୟଟିର କେବଳ ଏକ ସାଧନ ହୋଇ ରହିଥାଏ । ପୁନଶ୍ଚ, ରାଜତନ୍ତ୍ରୀ ବା ସମ୍ଭ୍ରାନ୍ତତନ୍ତ୍ରୀ ରାଷ୍ଟ୍ରନାୟକମାନେ କାର୍ଯ୍ୟସାଧନ ପାଇଁ ପ୍ରାୟ ଏକ ପ୍ରଥମ ଇଷ୍ଟରୂପେହିଁ ଯୁଦ୍ଧର ମାର୍ଗଟିକୁ ଗ୍ରହଣ କରିବାକୁ ଯାଉଥିଲେ । ଆପଣା କୂଟନୀତିର ପ୍ରତିକ୍ରିୟା ବା ଫଳଟି ଅସନ୍ତୋଷକର ହେବା ମାତ୍ରକେ ସିଏ ତରବାରି ବା ବନ୍ଧୁକ ଧରିବାକୁ ବ୍ୟଗ୍ର ହୋଇ ପଡୁଥିଲେ । ମାତ୍ର ବୁର୍ଜୁଆ ରାଷ୍ଟ୍ରନାୟକ ତା' ନ କରି ଏହି କ୍ଷେତ୍ରରେ କୁଣ୍ଠା ପ୍ରକାଶ କରୁଛି, ସବୁଆଡ଼ୁ ସବୁକଥାକୁ ଗଣନା କରି ଦେଖୁଛି, କୂଟନୀତିକୁ ଏକ ଦୀର୍ଘ ପ୍ରସାର ଦେଇ ଦେଖୁଛି, ଏବଂ ମୂଲାମୂଲି କରି, ସାମୟିକ ବ୍ୟବସ୍ଥାମାନ କରି, ଶାନ୍ତିପୂର୍ଣ୍ଣ ଚାପ ପକାଇ ଏବଂ ସ୍ୱକ୍ଷମତାର ପ୍ରଦର୍ଶନ କରି ତାହା ଆପଣାର ଲକ୍ଷ୍ୟଗୁଡ଼ିକୁ ସିଦ୍ଧ କରିବା ଲାଗି ଚେଷ୍ଟା କରୁଛି । ଅବଶ୍ୟ ସବାଶେଷରେ ସିଏ ମଧ୍ୟ ଯୁଦ୍ଧର ଆଶ୍ରୟ ନେବାକୁ ପ୍ରସ୍ତୁତ ହେଉଛି; ମାତ୍ର ଯେତେବେଳେ ଏହି ଅନ୍ୟ ପନ୍ଥାଗୁଡ଼ିକ ବିଫଳ ହୋଇ ଯାଉଛନ୍ତି, ଯଦି ଅଭିଳଷିତ ଲକ୍ଷ୍ୟଟି ଗୃହୀତ ପନ୍ଥାଗୁଡ଼ିକର ସମପରିମାଣ ବୋଲି ମନେ ହେଉଛି ଏବଂ ଯୁଦ୍ଧର ବୃହତ୍ ଖେଳଟିକୁ ଖେଳି ଯେତେବେଳେ ସଫଳତା ଏବଂ ପକ୍କା ଲାଭ ମିଳିବ ବୋଲି ଖୁବ୍ ବେଶୀ ସମ୍ଭାବନା ରହିଥିବା ପରି ପ୍ରତୀତି ମିଳୁଛି, କେବଳ ସେତିକିବେଳେ ଯାଇ ସେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଯାଉଛି । ମାତ୍ର ଅନ୍ୟ ପକ୍ଷରେ ବୁର୍ଜୁଆ ଗଣତାନ୍ତ୍ରିକ ରାଷ୍ଟ୍ର ଏପରି ଏକ ବୃହଦାକାର ସାମରିକ ସଂଗଠନର ବିକାଶ କରାଇ ଆଣିଛି, ପୂର୍ବ ଯୁଗର ରାଜତନ୍ତ୍ର ଓ ସମ୍ଭ୍ରାନ୍ତତନ୍ତ୍ରଗୁଡ଼ିକ ଯାହାରକି କୌଣସି କଳ୍ପନାହିଁ କରିପାରି ନ ଥିଲେ । ଏବଂ ଏହାରି ଦ୍ୱାରାହିଁ ଯଦି ବଡ଼ ବଡ଼ ଯୁଦ୍ଧ ଲାଗିବାକୁ ଅଧିକ ସମୟ ଲାଗୁଛି, ତଥାପି ଶେଷକୁ ଏଭଳି ଯୁଦ୍ଧମାନ ଯେ ଅବଶ୍ୟ ଲାଗିବ, ତାହା ବେଶ୍ ସୁନିଶ୍ଚିତ ହୋଇଯାଉଛି; ସେସବୁ ଯୁଦ୍ଧର ଅନୁପାତମାନ ଅତିରିକ୍ତ ପରିମାଣରେ ବଡ଼ ହୋଇଯାଉଛି ଏବଂ ଆମ ଏ ଯୁଗରେ ତାହାର କଳନା କରିବା ଓ ପରିମାପନ ରଖିବା ପ୍ରାୟ ଅସମ୍ଭବ ହୋଇ ପଡ଼ିଲାଣି ।

ସେହି ସମୟରେ ଖୁବ୍ ଜୋର୍ ଦେଇ ଏକଥାଟି କୁହାଯାଉଥିଲା ଯେ ଉଦାର-ଦୃଷ୍ଟିସମ୍ପନ୍ନ ଜାତିମାନେ ଯୁଦ୍ଧରେ ବିଜୟୀ ହୋଇପାରିଲେ ତଦ୍ୱାରା ଯେଉଁ ଶାନ୍ତିର

'oaob.nitrkl.ac.in' images reprocessed

ପୁନଃସ୍ଥାପନ ହେବ, ତାହାଫଳରେ ଏକ ଶାନ୍ତିର ପରିବେଶ ସୃଷ୍ଟି ହେବ ଏବଂ ସମ୍ପୂର୍ଣ୍ଣ ଭାବରେ ଗଣତାନ୍ତ୍ରିକ ହୋଇ ତିଆରି ହୋଇଥିବା ଅନୁଷ୍ଠାନଗୁଡ଼ିକହିଁ ନିର୍ଣ୍ଣାୟକ ହୋଇ ରହି ପାରିବେ । ଏହି କଥାଟି ଆନ୍ତର୍ଜାତିକ ନୂତନ ପରିସ୍ଥିତିର ଗୋଟିଏ ନିୟମ ହୋଇ ରହିଥିଲା ଯେ ଆପଣାର ଭାଗ୍ୟଟିକୁ ସ୍ୱୟଂ ଗଢ଼ିବା ଲାଗି ପ୍ରତ୍ୟେକ ଜାତିର ପୂର୍ଣ୍ଣ ଅଧିକାର ରହିବ ଏବଂ ପ୍ରତ୍ୟେକ ଜାତି କେବଳ ସେମାନଙ୍କର ମୁକ୍ତ ସହମତି ଦ୍ୱାରାହିଁ ଆପଣାର ଶାସନ କରିପାରିବେ । କେବଳ ଇଉରୋପକୁ ଛାଡ଼ିଦେଲେ ଆଉ କୌଣସିଠାରେହିଁ ଏହି ସର୍ତ୍ତଟିର ସତ୍ୱର ପୂରଣ ହେବ ବୋଲି କୌଣସି ସମ୍ଭାବନା ନାହିଁ, ଏବଂ ଏପରିକି ଇଉରୋପରେ ମଧ୍ୟ ସେହି ନୀତିଟିକୁ ତାହାର ସମଗ୍ର ତାତ୍ପର୍ଯ୍ୟଟି ସହିତ ଆଦୌ ସ୍ୱୀକାର କରାଯାଇ ନାହିଁ ବା ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ବି କରାଯାଇ ନାହିଁ । ଯଦି ପୃଥିବୀର ସବୁଠାରେ ଏହି ନୀତିଟିକୁ ପ୍ରୟୋଗ କରାଯାଇ ପାରୁଥା'ନ୍ତା, ଏହି ନୀତିଟିକୁ କ୍ରିୟାନ୍ୱିତ କରିପାରିବା ଲାଗି ଯଦି ବର୍ତ୍ତମାନ ଜାତି ଜାତି ମଧ୍ୟରେ ରହିଥିବା ସମ୍ବନ୍ଧଗୁଡ଼ିକୁ ଏବଂ ସେମାନଙ୍କର ମନୋଭୂମିଟିକୁ ଅନୁରୂପ ଭାବରେ ବଦଳାଇ ଦିଆଯାଇ ପାରନ୍ତା, ତେବେ ପୃଥିବୀରୁ ଯୁଦ୍ଧ ଏବଂ ବିପ୍ଳବ ପଛରେ ରହିଥିବା ଅତି ଉର୍ବର କାରଣଟିର ନିରାକରଣ ନିଶ୍ଚୟ ସମ୍ଭବ ହୋଇଯା'ନ୍ତା ସତ, ମାତ୍ର ଯୁଦ୍ଧ ଓ ବିପ୍ଳବର ସବୁଯାକ କାରଣ କଦାପି ଅପସରି ଯାଆନ୍ତା ନାହିଁ । ଇଉରୋପର ଜାତିଗୁଡ଼ିକ ଆହୁରି ଅଧିକ ପରିମାଣରେ ଗଣତାନ୍ତ୍ରିକ ହୋଇଗଲେ ଯେ ତାହା ନିଶ୍ଚୟ ହୋଇଯିବ, ସେହି କଥାର ମଧ୍ୟ ଆଦୌ କୌଣସି ଗ୍ୟାରେଣ୍ଟି ନାହିଁ । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ଗଣତନ୍ତ୍ର, ଯିଏ କି ଆପଣାର ସଂବିଧାନଟି ଲାଗି ବ୍ୟକ୍ତି-ସ୍ୱାଧୀନତାକୁ ନିର୍ଭର କରି ରହିପାରିବ, ତାହା କେବଳ ବିଶ୍ୱମୟ ବୃହତ୍ ଉତ୍ତେଜନାର କେତୋଟି ମୁହୂର୍ତ୍ତକୁ ଛାଡ଼ିଦେଲେ ଖୁବ୍ ସମ୍ଭବ ଯୁଦ୍ଧ ଲାଗି ଏକ ପ୍ରତିକୂଳ ମନୋଦୃଷ୍ଟି ପୋଷଣ କରୁଥିବ । ଯୁଦ୍ଧ ସାଧାରଣତଃ ଅତ୍ୟନ୍ତ ତୀବ୍ର ଭାବରେ ଉପଲବ୍ଧ ସକଳ ଶକ୍ତିର ସଂକେନ୍ଦ୍ରଣ ଦାବି କରିଥାଏ, ଆନୁଗତ୍ୟ-ଭାବ ଦାବି କରେ, ମୁକ୍ତ-ଇଚ୍ଛାକୁ ଆଦୌ ସକ୍ରିୟ ହେବାକୁ ଦିଏ ନାହିଁ, ମୁକ୍ତ କର୍ମକୁ ମଧ୍ୟ ବାଟ ଛାଡ଼େ ନାହିଁ ଏବଂ ସମାଲୋଚନା କରିବାର ଅଧିକାରଟିକୁ ମଧ୍ୟ କାଢ଼ି ନେଇଯାଏ । ଆମେ ଏସବୁକୁ ଏକ ଯଥାର୍ଥ ଗଣତାନ୍ତ୍ରିକ ପ୍ରବୃତ୍ତିର ସମ୍ପୂର୍ଣ୍ଣ ବିରୋଧି ବୋଲି ଜାଣିବା । ମାତ୍ର ଭବିଷ୍ୟତରେ ଯେ ଯେଉଁସବୁ ଦେଶରେ ଗଣତନ୍ତ୍ରର ଶାସନ ଚଳିବ, ସେଠାରେ ତାହା ଖୁବ୍ ସମ୍ଭବ ଅତି ଶକ୍ତିଶାଳୀଭାବରେ ସଂକେନ୍ଦ୍ରିତ ହୋଇଥିବା ରାଷ୍ଟ୍ରଶାସନର ରୂପ ଧାରଣ କରିବ, ଯେଉଁଥିରେ କି ସ୍ୱାଧୀନତାର ଆଦର୍ଶଟି କୌଣସି ପ୍ରକାରର ଏକ ରାଷ୍ଟ୍ରୀୟ ସମାଜବାଦର ଗଢ଼ଣ ମଧ୍ୟରେ ଏକ କର୍ମଦକ୍ଷ ଗୋଷ୍ଠୀ-ଜୀବନରହିଁ ଅଧୀନ ହୋଇ ରହିବ । ସେହି ପ୍ରକାରର ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ହୁଏତ ଯୁଦ୍ଧ ଲାଗି

'oaob.nitrkl.ac.in' images reprocessed

ମଧ୍ୟ ଅଧିକତର ସାମର୍ଥ୍ୟ ରହିବ, ବୁର୍ଜୁଆ ଗଣତନ୍ତ୍ରଗୁଡ଼ିକରେ ବର୍ତ୍ତମାନ ଯେତିକି ସମ୍ଭବ ହେଉଛି, ଶତ୍ରୁତା ଓ ସମର ସମୟରେ ତାହା ଖୁବ୍ ସମ୍ଭବ ଏକ ଅଧିକ ତୀବ୍ର ଭାବରେ ସଂକେନ୍ଦ୍ରିତ ହୋଇଥିବା ସାମରିକ ସଂଗଠନକୁ ଆଣି ଠିଆ କରିଦେଇ ପାରିବ; ଏବଂ ଏକଥାଟି ମଧ୍ୟ କଦାପି ନିଶ୍ଚିତ ଭାବରେ କହିହେବ ନାହିଁ ଯେ ଆପଣାର ସାଧନ ଏବଂ ଆପଣାର କ୍ଷମତାଟିକୁ କାର୍ଯ୍ୟରେ ଲଗାଇବାକୁ ତାହା ପ୍ରକୃତରେ କମ୍ ପ୍ରଲୁବ୍ଧ ହେବ । ଆପଣାର ପ୍ରବୃତ୍ତିଗୁଡ଼ିକରେ ସମାଜବାଦ ଆପଣାକୁ ପ୍ରକୃତରେ ଆନ୍ତର୍ଜାତିକ ଏବଂ ଶାନ୍ତିକାମୀ ବୋଲି ପ୍ରମାଣ ଦେଇଛି, କାରଣ ସାମରିକ ପ୍ରସ୍ତୁତିର ଯାବତୀୟ ପ୍ରୟୋଜନ ପ୍ରକୃତରେ କେବଳ ଉଚ୍ଚତର ବର୍ଗଗୁଡ଼ିକର ଶାସନ ଲାଗିହିଁ ଏକ ଅନୁକୂଳ ପରିସ୍ଥିତି ଆଣି ଯୋଗାଇ ଦେଇଥାଏ, ଏବଂ କାରଣ ସ୍ୱୟଂ ଯୁଦ୍ଧକୁ ମଧ୍ୟ ଶାସନସଂସ୍ଥା ଏବଂ ପୁଞ୍ଜିବାଦୀମାନଙ୍କର ଅଭିପ୍ରାୟ ସିଦ୍ଧି ଲାଗି ବ୍ୟବହାର କରା ଯାଇଥାଏ । ଯୁଦ୍ଧ ସାଧାରଣତଃ ଯେଉଁ ବିଚାର ତଥା ଶ୍ରେଣୀଗୁଡ଼ିକର ପ୍ରତିନିଧିତ୍ୱ କରିଥାଏ, ସେଗୁଡ଼ିକ ବର୍ତ୍ତମାନ ଆଗ ଅପେକ୍ଷା ଅନେକ ଦବି କରି ରହିଛନ୍ତି, ପ୍ରକୃତ ଯୁଦ୍ଧ ଲଢ଼ି ସେଗୁଡ଼ିକ କୌଣସି ପ୍ରକାରେ ବୃଦ୍ଧିଲାଭ କରୁ ନାହାନ୍ତି ଅଥବା ଯୁଦ୍ଧର ପ୍ରତ୍ୟକ୍ଷ ଲାଭଗୁଡ଼ିକ ଦ୍ୱାରା ଉପକୃତ ବି ହେଉ ନାହାନ୍ତି । ଯେତେବେଳେ ସେହି ବିଚାର ଏବଂ ସ୍ୱାର୍ଥଗୁଡ଼ିକ ପୁଣି ରାଷ୍ଟ୍ର ଶାସନରେ ଅଧିକାରୀ-ପଦରେ ରହିବେ ଏବଂ ଯୁଦ୍ଧର ପ୍ରଲୋଭନ ଏବଂ ସୁଯୋଗଗୁଡ଼ିକୁ ପ୍ରତ୍ୟକ୍ଷ ଭାବରେ ଦୃଷ୍ଟ ହେଉ ନ ଥିଲେହେଁ ବଡ଼ ସହଜରେ ସେଗୁଡ଼ିକ ବିଷୟରେ ଅନୁମାନ କରାଯାଇ ପାରୁଥିବ, ସେତେବେଳେ ପ୍ରକୃତରେ କ'ଣ ଘଟିବ ? କ୍ଷମତାର ଅଧିକାରୀ ହେବା ହେଉଛି ଯାବତୀୟ ଆଦର୍ଶବାଦ ଲାଗି ଏକ ବୃହତ୍ ପରୀକ୍ଷା ଏବଂ ଧର୍ମାୟତନର ଭିତରେ ଅଥବା ବାହାରେ ଏପର୍ଯ୍ୟନ୍ତ ଏପରି କୌଣସି ଆଦର୍ଶବାଦ ଦୃଷ୍ଟି ଗୋଚର ହୋଇ ନାହିଁ ଯାହାକି କ୍ଷମତାର ଅଧିକାରରୁ ଆପଣାକୁ ଦୂରରେ ରଖିପାରିଛି, କ୍ଷମତା ଦ୍ୱାରା ଆପଣାକୁ କ୍ଷୁଦ୍ର ଓ ଦୁର୍ନୀତିଗ୍ରସ୍ତ କରି ପକାଇବାର ଦୁର୍ଦ୍ଦଶାଟିରୁ ଆପଣାକୁ ବଞ୍ଚାଇ ରଖିପାରିଛି ।

ଜାତି ଜାତି ମଧ୍ୟରେ ଶାନ୍ତିର ଅବସ୍ଥାଟି ସୁରକ୍ଷିତ ହୋଇ ରହିବ ବୋଲି ଯଦି ପରସ୍ପର ସହିତ ନାନା ଦ୍ୱନ୍ଦ୍ୱ ଦ୍ୱାରା ସମ୍ବନ୍ଧିତ ହୋଇ ରହିଥିବା ଜାତୀୟ ଅହଂଗୁଡ଼ିକରହିଁ ସାଧାରଣ ସହମତିଟି ଉପରେ ଆସ୍ଥା ସ୍ଥାପନ କରି ରହିବାକୁ ହୁଏ, ତେବେ ତାହା ଏକ ନ୍ୟାୟଗତ ପରସ୍ପର ବିରୋଧିତା ଉପରେହିଁ ଆସ୍ଥା ସ୍ଥାପନ କରି ରହିବା ଭଳି ହେବ । ଯଦି ଆମେ ବୁଦ୍ଧି ଦେଇ ବିଚାର କରି ବସିବା ଓ ଏହି ବିଷୟରେ ଆମର ରହିଥିବା ଅଭିଜ୍ଞତାଟିର ସାହାଯ୍ୟ ନେବା ତେବେ କାର୍ଯ୍ୟକ୍ଷେତ୍ରୀୟ ଏହି ଅସଂଭାବ୍ୟତାକୁ କେବଳ ଏକ ଅସାଧ୍ୟତା ବୋଲିହିଁ କୁହାଯିବ ଏବଂ ଭବିଷ୍ୟତର ନିର୍ମାଣ ଲାଗି ଏକ ସୁଦୃଢ଼ ମୂଳଦୁଆ

'oaob.nitrkl.ac.in' images reprocessed

ଯୋଗାଇ ଦେବାରେ ଏହା ହୁଏତ ଆଦୌ ସମର୍ଥ ହେବ ନାହିଁ । ଶାନ୍ତିରକ୍ଷା ପାଇଁ କୌଣସି ଲୀଗ୍ ବା ସଂଘ ଗଢ଼ାହେଲେ ତାହା କେବଳ କିୟତ୍କାଳ ସକାଶେ ସଶସ୍ତ୍ର ସଂଘର୍ଷକୁହିଁ ଅଟକାଇ ରଖିପାରିବ । ଯଦି ମଧ୍ୟସ୍ଥତାର ମୀମାଂସାଗୁଡ଼ିକୁ ଜୋର୍ କରି କାର୍ଯ୍ୟକାରୀ କରାଯାଏ, ଏପରିକି ଦୋଷୀ ଦେଶଟି ବିରୋଧରେ ସମସ୍ତେ ଏକାଠି ହୋଇ ଏକ ବୃହତ୍ ସଶସ୍ତ୍ର ଆକ୍ରମଣ କରିବାକୁ ଆସିବେ ବୋଲି ଯଦି ଏକ ଆଶଙ୍କା ମଧ୍ୟ ରହିଥାଏ, ତଦ୍ଦ୍ୱାରା ଯୁଦ୍ଧ ଲାଗିବାର ସମ୍ଭାବନାଟି ହୁଏତ କିଞ୍ଚିତ୍ ହ୍ରାସ ପାଇଯିବ ଏବଂ ଅପେକ୍ଷାକୃତ ଅଧିକ ଦୁର୍ବଳ ଏବଂ ଅଧିକ ସାନ ଦେଶଗୁଡ଼ିକ ପାଇଁ ତାହା ଯୁଦ୍ଧକୁ ହୁଏତ ଏକାବେଳେକେ ନିଷିଦ୍ଧ କରି ରଖି ପାରିବ; ମାତ୍ର ଯେତେବେଳେ କେବଳ ନିଜର ଲାଭ ଉଦ୍ଦେଶ୍ୟରେହିଁ ବିଶ୍ୱର ସ୍ଥାୟୀ ବ୍ୟବସ୍ଥାଟିକୁ ଓଲଟାଇ ପକାଇବା ଲାଗି କେତୋଟି ଦେଶ ଏକ ଶକ୍ତିଶାଳୀ ମେଣ୍ଟ ବାନ୍ଧି ବାହାରିବେ ଏବଂ ଯେତେବେଳେ କୌଣସି ବୃହତ୍ ଶକ୍ତିଶାଳୀ ଦେଶ ତାହାକୁ ସେହି ମେଣ୍ଟରେ ଆପେ ଯାଇ କେନ୍ଦ୍ର ହୋଇ ରହିବାର ଗୋଟିଏ ପରମ ସୁଯୋଗ ବୋଲି ଦେଖୁଥିବ, ସେତେବେଳେ ସେହି ଦେଶଟି ହୁଏତ ଦୁଃସାହସିକତାର ଅନିଶ୍ଚିତ ବାଟଟିକୁ ଗ୍ରହଣ କରିବା ଲାଗିହିଁ ଶ୍ରେୟସ୍କର ବୋଲି ବିଚାରିବ, କାରଣ ସେଥିରେ ସେ ଆପଣା ଲାଗି କେତେକ ସୁବିଧା ମାରି ଆଣିବ ବୋଲି ବେଶ୍ ଆଶା କରୁଥିବ, ଏବଂ ସେହି ବାଟରେ ରହିଥିବା ବିପଦଗୁଡ଼ିକ ଅପେକ୍ଷା ସେଥିରୁ ହାସଲ ହେବାକୁ ଯାଉଥିବା ସୁବିଧାଗୁଡ଼ିକୁ ସେ ପରିମାଣରେ ଅନେକ ବେଶୀ ବୋଲି ହିସାବ ମଧ୍ୟ କରି ପାରୁଥିବ ।* ପୁନଶ୍ଚ ବଡ଼ ବଡ଼ ପରିବର୍ତ୍ତନ ଏବଂ ଆନ୍ଦୋଳନ ଘଟୁଥିବା ସମୟରେ ଯେତେବେଳେ ବଡ଼ ବଡ଼ ବିଚାର, କେତେ କେତେ ବୃହତ୍ ସ୍ୱାର୍ଥ, ଏବଂ ପ୍ରବାହ ସୃଷ୍ଟିକାରୀ କେତେ କେତେ ଆବେଗ ଓ ଅସ୍ଥିରତା ପୃଥିବୀର ବିଭିନ୍ନ ଜାତିକୁ ପରସ୍ପରଠାରୁ ବିଭକ୍ତ କରି ରଖିଥାଏ, ସେତେବେଳେ ଏହିଭଳି ଗୋଟିଏ ଲୀଗ୍‌ର ସମଗ୍ର ବ୍ୟବସ୍ଥାଟି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିବାରହିଁ ଅଧିକତର ସମ୍ଭାବନା ରହିଥାଏ ଏବଂ ତାହାର ଉପାଦେୟତାଟିର ବିଶେଷ ଉପାଦାନଗୁଡ଼ିକୁ ଆଉ କଦାପି ବର୍ତ୍ତି ରହି ପାରିବେ ନାହିଁ ବୋଲି ଆଶଙ୍କା ମଧ୍ୟ ରହିଥାଏ । ଏହି କ୍ଷେତ୍ରରେ ତାତ୍କାଳିକ କାର୍ଯ୍ୟ ଚଳାଇଦେବା ଭଳି ଆମେ ଯେତେ ଯାହା ବାଟ ବାହାର କରିବାକୁ ଯିବା, ତାହାର ଅନୁପାଦେୟତାଟି ଅଚିରେ ପଦାରେ ପଡ଼ିଯିବାକୁ ଅବଶ୍ୟ ବାଧ୍ୟ ହେବ; ସେତେବେଳେ ଆନ୍ତର୍ଜାତିକ ଜୀବନର କୌଣସି ଏକ ସୁବିଚାରିତ ସଂଗଠନ

---

* ଏସବୁ ଲେଖିଲାବେଳେ ଲୀଗ ଅଫ୍ ନେଶନ୍‌ସ୍ ଗଢ଼ା ହୋଇ ନ ଥିଲା; ସେଇଟି ଗଢ଼ାହେବା ପରେ ତାହାର ଇତିହାସଟି ଯେପରି ହେଲା, ତାହା ଏହିସବୁ ପଛାର ଅନୁପାଦେୟତା ବିଷୟରେ ଆମ୍ ଲାଗି ଯଥେଷ୍ଟ ପ୍ରମାଣ ଆଣି ଯୋଗାଇ ଦେଇଛି ।

'oaob.nitrkl.ac.in' images reprocessed

ସମ୍ଭବ କରିବାର ଯାବତୀୟ ପ୍ରଚେଷ୍ଟାକୁ ବର୍ଜନ କରି ଆସିବାକୁ ପଡ଼ିବ ଏବଂ ଘଟଣାର ସ୍ରୋତଟି ଦ୍ୱାରା ଚାଳିତ ହୋଇ ଅନିଶ୍ଚିତ ଭାବରେ କିଛି ଗୋଟାଏ ଉପାୟ ବାହାର କରିବା ବ୍ୟତୀତ ଆଉ ଅନ୍ୟ ଉପାୟ ନ ଥିବ । ଏପରି ଏକ ଯଥାର୍ଥ, କାର୍ଯ୍ୟକ୍ଷମ ଏବଂ ଶକ୍ତିଯୁକ୍ତ କର୍ତ୍ତୃତ୍ୱର ସୃଷ୍ଟି କରାଯିବ, ଯାହାକି ମନୁଷ୍ୟସମାଜର ସାମୂହିକ ଜୀବନ ଏବଂ ମନୋଦୃଷ୍ଟି ମଧ୍ୟରେ ରହିଥିବା ସାର୍ବଜନୀନବୋଧ ଏବଂ ସାର୍ବଜନୀନ ଶକ୍ତିଟିରହିଁ ପ୍ରତିନିଧିତ୍ୱ କରି ପାରୁଥିବ ଏବଂ, ସର୍ବଦା ଲଂଘନୀୟ ଏକ ନୀତିଗତ ସମ୍ମତିରେ ଏକ ଦୁର୍ବଳ ବନ୍ଧନ ଭିତରେ ଏକତ୍ର ଢିଲା ଭାବରେ ବନ୍ଧା ହୋଇ ରହିଥିବା ଓ ତା'ରି ଶକ୍ତି ଦୃପ୍ତଭାବରେ ପରସ୍ପରଠାରୁ ଅଲଗା ହୋଇ ରହିଥିବା ଗୋଟିଏ ରାଷ୍ଟ୍ରରୁ ଯାହା ଅବଶ୍ୟ କିଛି ଅଧିକ ହୋଇଥିବ, ଏହି କ୍ଷେତ୍ରରେ ଆମେ ତାହାକୁହିଁ ସମ୍ଭାବ୍ୟ ଏକମାତ୍ର କାର୍ଯ୍ୟସାଧକ ପଦକ୍ଷେପଟି ବୋଲି କହିପାରିବା । ସମସ୍ତଙ୍କର ସମ୍ମତି ନେଇ ଏପରି ଗୋଟିଏ କର୍ତ୍ତୃତ୍ୱ ପ୍ରକୃତରେ ନିର୍ମିତ ହୋଇପାରିବ କି ନାହିଁ, କେତେକ ପରିମାଣରେ ବିଚାରଗୁଡ଼ିକର ବିକାଶ ଦ୍ୱାରାହିଁ ଆପଣାକୁ ସୃଷ୍ଟି ନ କରି ତା'ଠାରୁ ଆହୁରି ଅଧିକ ପରିମାଣରେ ଘଟଣାଚକ୍ରର ଚାପଗୁଡ଼ିକ ଦ୍ୱାରା ବାଧ୍ୟ ଓ ବଶ ହୋଇ ତାହା ଆପଣାକୁ ସୃଷ୍ଟି କରିବା ଲାଗି ବାଧ୍ୟ ହେବ କି ନାହିଁ, କେବଳ ଭବିଷ୍ୟତହିଁ ଏହି ପ୍ରଶ୍ନଟିର ପ୍ରକୃତ ଉତ୍ତର ଦେଇ ପାରିବ ।

ଏହିଭଳି ଗୋଟିଏ କର୍ତ୍ତୃତ୍ୱ ପଛରେ ସମଗ୍ର ମନୁଷ୍ୟଜାତିର ମନୋଗତ ସ୍ୱୀକୃତିଟି ଅବଶ୍ୟ ରହିଥିବ, ବିଭିନ୍ନ ଜାତି ଉପରେ ସେମାନଙ୍କର ନିଜର ଜାତୀୟ କର୍ତ୍ତୃତ୍ୱଟିର ଯେତେ ପ୍ରଭାବ ପଡୁଛି, ସେହି କର୍ତ୍ତୃତ୍ୱ ସେମାନଙ୍କ ଉପରେ ତା'ଠାରୁ ଅଧିକ ପ୍ରଭାବ ଲାଗି ସମର୍ଥ ହେବ, ଏବଂ ସାଧାରଣ ଯେକୌଣସି ପରିସ୍ଥିତିରେ ତାହା ଅବଶ୍ୟ ସେମାନଙ୍କର ଆନୁଗତ୍ୟଟିକୁ ଲାଭ କରି ପାରୁଥିବ । ଏହା ଯେ ମନୁଷ୍ୟଜାତିର ଏକତାର କେବଳ ଗୋଟିଏ ପ୍ରତୀକ ତଥା ଗୋଟିଏ କେନ୍ଦ୍ର ହୋଇ ରହିବ ତା' ନୁହେଁ, ମାତ୍ର ସ୍ୱତନ୍ତ୍ର ସକଳ ଜାତୀୟ ସ୍ୱାର୍ଥଗୁଡ଼ିକର ତୁଳନାରେ ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇ ରହିଥିବା ବୃହତ୍ ସାଧାରଣ ସ୍ୱାର୍ଥ ତଥା ସାଧାରଣ ହିତର ସଫଳ ସଂରକ୍ଷଣ ଏବଂ ବିକାଶ ଲାଗି ନିର୍ଭର ପ୍ରତିଶ୍ରୁତି ଦେବାକୁ ସମର୍ଥ ହୋଇ ତାହା ଆପଣାକୁ ନିୟତ ବିଶ୍ୱର କାର୍ଯ୍ୟରେହିଁ ନିୟୋଜିତ କରି ରଖିଥିବ; ଯେଉଁ ଆବଶ୍ୟକତାବୋଧରୁ ଏହି ସଂସ୍ଥାଟି ଜନ୍ମଲାଭ କରିଛି, ତାହା ସମ୍ପୂର୍ଣ୍ଣ ଭାବରେ ସେହି-ଗୁଡ଼ିକରହିଁ ତର୍ପଣ କରିପାରୁଥିବ । ସେହି ସଂସ୍ଥା ଅଧିକରୁ ଅଧିକ ପରିମାଣରେ ସତତ ବୃଦ୍ଧି ପାଉଥିବ ଏକ ଅବିଭକ୍ତ ମାନବଜାତିର ବୋଧଟିକୁ ସୁନିର୍ଦ୍ଦିଷ୍ଟ ଏବଂ ସୁସଂସ୍ଥାପିତ କରିଦେବାରେ ଅବଶ୍ୟ ସହାୟତା କରି ପାରୁଥିବ, ଏପରି ଏକ ଅବିଭକ୍ତ ସାଧାରଣ ଜୀବନର ବୋଧଟିକୁ ବିକଶିତ କରାଇ ଆଣୁଥିବ, ଯେଉଁଥିରେ କି

'oaob.nitrkl.ac.in' images reprocessed

ଦେଶକୁ ଦେଶଠାରୁ, ଜାତିକୁ ଜାତିଠାରୁ, ବର୍ଣ୍ଣକୁ ବର୍ଣ୍ଣଠାରୁ ଓ ମହାଦେଶକୁ ମହାଦେଶଠାରୁ ଅଲଗା କରି ବିଚାର କରୁଥିବା ସୁତୀକ୍ଷ୍ଣ ବିଭାଜନଗୁଡ଼ିକ କ୍ରମଶଃ ଆପଣାର ବଳଟିକୁ ହରାଇ ବସିବେ ଏବଂ ପରିଶେଷରେ ବିଲୁପ୍ତ ମଧ୍ୟ ହୋଇଯିବେ । ଏହିସବୁ ପରିସ୍ଥିତି ବିଦ୍ୟମାନ ରହିପାରିଲେ ଏହି ସଂଘାଟି ଏପରି ଏକ ନୈତିକ କର୍ତ୍ତୃତ୍ୱକୁ ବିକଶିତ କରାଇ ଆଣିପାରିବ, ଯାହାଫଳରେ କି ତାହା ଅଧିକରୁ ଅଧିକ କମ୍ ବିରୋଧ ଏବଂ ସଂଘର୍ଷ ସହିତ ମନୁଷ୍ୟଜାତିକୁ ଏକତ୍ୱବଦ୍ଧ କରି ଆଣିବାର ଆପଣାର ଅସଲ ଲକ୍ଷ୍ୟଟିର ଅନୁଧାବନ କରିପାରିବ । ପ୍ରଥମେ ତାହା ଯେଉଁ ମନୋଗତ ସ୍ୱୀକୃତିଟିକୁ ଲାଭ କରିଥିବ, ତାହାର ସ୍ୱଭାବଟି ପ୍ରକୃତରେ କିପରି ହେବ, ତାହା ଅନେକ ପରିମାଣରେ ସେହି ସଂଘାଟିର ସଂବିଧାନ ଏବଂ ପ୍ରକୃତିଟି ଉପରେହିଁ ନିର୍ଭର କରିବ; ଏବଂ ପୃଥିବୀର ଜନଗଣଙ୍କ ଉପରେ ତାହା ଯେଉଁ ନୈତିକ କର୍ତ୍ତୃତ୍ୱଟିକୁ କାର୍ଯ୍ୟକାରୀ କରିବାକୁ ଯିବ, ତା'ପରେ ତାହା ସେଇଟିର ପ୍ରକୃତି ଏବଂ ଶକ୍ତିକୁ ମଧ୍ୟ ନିର୍ଦ୍ଧାରଣ କରିଦେଇ ପାରିବ । ଯଦି ତାହାର ସଂବିଧାନ ଓ ସ୍ୱଭାବ ଏପରି ହୋଇଥିବ ଯେ ତାହାର ଅସଲ ଭାବ ଏବଂ ସ୍ୱାର୍ଥଟିକୁ ରକ୍ଷା କରିବାକୁ ଯାଇ ତାହା ସମୁଦାୟ ମାନବଜାତି ଅଥବା ମାନବଜାତି ମଧ୍ୟରେ ବାସକରୁଥିବା ଅଧିକାଂଶ ଭିନ୍ନ ଭିନ୍ନ ଭାଗଙ୍କର ସକ୍ରିୟ ସମର୍ଥନ ଲାଭ କରି ପାରୁଥିବ, ବା, ଅନ୍ତତଃ ଯେଉଁମାନଙ୍କର ମନୋଭାବ ତଥା ସମର୍ଥନକୁ ପ୍ରକୃତରେ ଶକ୍ତିଶାଳୀ ବୋଲି ବିଚାର କରାଯାଉଥିବ ଏବଂ ଯାହା ସମ୍ପୃକ୍ତ କାଳଟିର ପ୍ରଧାନ ରାଜନୀତିକ, ସାମାଜିକ ଓ ସାଂସ୍କୃତିକ ବିଚାର ଏବଂ ସ୍ୱାର୍ଥଗୁଡ଼ିକର ପ୍ରତିନିଧିତ୍ୱ କରୁଥିବ, ସେହିଗୁଡ଼ିକର ସମର୍ଥନ ଲାଭ କରି ପାରୁଥିବ, ତେବେ ତାହା ମନୋଗତ ସର୍ବାଧିକ ସ୍ୱୀକୃତିର ଅଧିକାରୀ ହୋଇପାରିବ, ସର୍ବାଧିକ ନୈତିକ କର୍ତ୍ତୃତ୍ୱ ଲାଭ କରିପାରିବ ଏବଂ ସେତେବେଳେ ତାହାର ଗତିପଥଟି ମଧ୍ୟ ଅପେକ୍ଷାକୃତ ଅଧିକ ପରିମାଣରେ ନିର୍ବିଘ୍ନ ହୋଇଯାଇ ପାରିବ । ମାତ୍ର ଏହିସବୁ ଦୃଷ୍ଟିରୁ ସଂଘାଟିରେ ଯଦି କୌଣସି ଅଭାବ ରହିଥାଏ, ତେବେ ଏହା ପଛରେ ଥିବା ସମରଶକ୍ତିର ଅଧିକତର ସଂକେନ୍ଦ୍ରଣ ଏବଂ ପ୍ରଦର୍ଶନ ଦ୍ୱାରା ତାହା ଆପଣାର ଅଭାବଟିକୁ ପୂରଣ କରିବା ଲାଗି ସର୍ବଦା ଚେଷ୍ଟା କରୁଥିବ, ସାଧାରଣ ଜୀବନକ୍ଷେତ୍ରରେ ନାନାବିଧ ଅସାଧାରଣ ଓ ଦୃଷ୍ଟି ଆକର୍ଷଣକାରୀ ଉପାୟର ଅବଲମ୍ବନ କରି ତାହା ସେହି ଅଭାବଟିର ପୂରଣ କରିବାକୁ ଇଚ୍ଛା କରୁଥିବ, ମନୁଷ୍ୟ-ସମାଜର ସଂସ୍କୃତି ତଥା ବିକାଶର କ୍ଷେତ୍ରରେ ମଧ୍ୟ ତାହା ସେହିପରି କରୁଥିବ । ଯେଉଁସବୁ ଉପାୟ ଅବଲମ୍ବନ କରି ରୋମ୍ ସାମ୍ରାଜ୍ୟର ଶାସକମାନେ ନିଜର କର୍ତ୍ତୃତ୍ୱକୁ ଭୂମଧ୍ୟ-ସାଗରୀୟ ଓ ଅନ୍ୟ ପାଶ୍ଚାତ୍ୟ ଜାତିମାନଙ୍କ ଉପରେ ଲଦିକରି ରଖିଥିଲେ, ଦୀର୍ଘକାଳ ଧରି ସେମାନଙ୍କର ସ୍ୱୀକୃତି ହାସଲ କରିପାରିଥିଲେ ଏବଂ ସେମାନଙ୍କର ସ୍ୱତନ୍ତ୍ର ଜାତୀୟ ଅସ୍ତିତ୍ୱଟିକୁ ସାମ୍ରାଜ୍ୟର ଅଧୀନ କରି ରଖିଥିଲେ ଓ ଶେଷକୁ

'oaob.nitrkl.ac.in' images reprocessed

ବିଲୁପ୍ତ ମଧ୍ୟ କରି ଦେଇଥିଲେ, ସେହିପରି ଉପାୟମାନ ଅବଲମ୍ବନ କରୁଥିବ ।

ମାତ୍ର, ଦୁଇଟିଯାକ କ୍ଷେତ୍ରରେହିଁ, ସାମରିକ କ୍ଷମତାର ଅଧିକାର ଏବଂ ସାମରିକ କ୍ଷମତାର ସଂକେନ୍ଦ୍ରଣ ଦୀର୍ଘକାଳ ପାଇଁ ଏହାର ନିରାପତ୍ତା ଲାଗି ସର୍ବପ୍ରଥମ ସର୍ତ୍ତ ହୋଇ ରହିଥିବ, ଏବଂ ଏହାର ସ୍ୱକୀୟ ନିୟନ୍ତ୍ରଣଟିର ଫଳପ୍ରଦତା ଏବଂ ଏହି ଅଧିକୃତି ଯଥାଶୀଘ୍ର ସମ୍ଭବ ଏକ ଐକାନ୍ତିକ ଅଧିକାରରେ ମଧ ପରିଣତ ହେବାକୁ ବସିବ । ପୃଥିବୀର ବିଭିନ୍ନ ଦେଶ ସେମାନଙ୍କର ନିରସ୍ତ୍ରୀକରଣ ଲାଗି ପ୍ରକୃତରେ ଯେ ସମ୍ମତ ହୋଇଯିବେ, ବର୍ତ୍ତମାନ ସେହି କଥାଟି ଆଗରୁ ଅନୁମାନ କରି କହିପାରିବା ଆଦୌ ସହଜ ନୁହେଁ । କାରଣ ଯେ ପର୍ଯ୍ୟନ୍ତ ଯେ କୌଣସି ପ୍ରକାରର ଜାତିସ୍ତରୀୟ ଅହଂବାଦିତାଗୁଡ଼ାକ ବଳଶାଳୀ ହୋଇ ରହିଥିବ ଏବଂ ସେଗୁଡ଼ିକ ସହିତ ପରସ୍ପର ପ୍ରତି ଏକ ଅବିଶ୍ୱାସ ମଧ ଜବର ହୋଇ ରହିଥିବ, ସେପର୍ଯ୍ୟନ୍ତ ଦେଶଗୁଡ଼ିକ ଏକ ସାମରିକବାହିନୀର ଅଧିକାରୀ ହୋଇ ରହିବାର ବର୍ତ୍ତମାନ ସ୍ଥିତିଟିକୁ କଦାପି ଛାଡ଼ି ଦେଇପାରିବେ ନାହିଁ; କାରଣ, ଯେତେବେଳେ ସେମାନଙ୍କର ସ୍ୱାର୍ଥଗୁଡ଼ିକ ଉପରେ ବା ସେମାନଙ୍କର ସମୃଦ୍ଧି ଏବଂ ସେମାନଙ୍କର ଅସ୍ତିତ୍ୱ ଲାଗି ଯେଉଁସବୁ କଥାକୁ ସେମାନେ ଅତ୍ୟାବଶ୍ୟକ ବୋଲି ମନେ କରୁଛନ୍ତି, ସେଗୁଡ଼ିକ ଉପରେ କୌଣସି ଆଞ୍ଚ ଆସି ପହଞ୍ଚିବ, ସେତେବେଳେ ଆପଣାର ରକ୍ଷା ଲାଗି ସେମାନେ ସେହି ବାହିନୀଟି ଉପରେହିଁ ଆସ୍ଥା ସ୍ଥାପନ କରି ରହିପାରିବେ । ଆନ୍ତର୍ଜାତିକ ଶାସନଟିର ପ୍ରତିଶ୍ରୁତ ନିରପେକ୍ଷତା ସମ୍ବନ୍ଧରେ କୌଣସି ପ୍ରକାର ସଂଶୟ ଆସି ଉପୁଜିଲେହିଁ ତାହା ମଧ୍ୟ ଠିକ୍ ସେହି ଦିଗରେ ଗତି କରିବ । ମାତ୍ର ସୁନିଶ୍ଚିତଭାବରେ ଯୁଦ୍ଧକୁ ବନ୍ଦ କରିବାକୁ ହେଲେ ଏଭଳି ଏକ ନିରସ୍ତ୍ରୀକରଣ ଏକାନ୍ତ ଆବଶ୍ୟକ ହୋଇ ରହିଥିବ; ଅନ୍ୟ କୌଣସି ବଡ଼ ଧରଣର ଓ ମୌଳିକ ମନୋଭୂମିଗତ ଏବଂ ନୈତିକ ପରିବର୍ତ୍ତନ ସମ୍ଭବ ନ ହୋଇ ପାରିଥିବା ପର୍ଯ୍ୟନ୍ତ ଆମକୁ ନିରସ୍ତ୍ରୀକରଣ ଉପରେହିଁ ନିର୍ଭର କରିବାକୁ ପଡ଼ିବ । ଏବଂ ଜାତି ଓ ଦେଶର ସ୍ତରରେ ସୈନ୍ୟବାହିନୀଗୁଡ଼ିକ ରହିଥିବା ପର୍ଯ୍ୟନ୍ତ ସେମାନଙ୍କ ମଧରେ ଯୁଦ୍ଧର ଏକ ସମ୍ଭାବନା ନିଶ୍ଚୟ ରହିଥିବ, ଏପରିକି ଯୁଦ୍ଧ ନିଶ୍ଚୟ ଲାଗିଯିବ ବୋଲି ଆଶଙ୍କା ମଧ ସର୍ବଦା ରହିଥିବ । ଶାନ୍ତି ସମୟରେ ସେହି ବାହିନୀଗୁଡ଼ିକ ହୁଏତ ଯେତେ ଛୋଟ ଆକାରର ହୋଇ ରହିଥାନ୍ତୁ ପଛକେ, ଏବଂ ଆନ୍ତର୍ଜାତିକ କର୍ତ୍ତୃତ୍ୱଟିର ପକ୍ଷରେ ତା'ର ଆପଣାର ମଧ ଗୋଟିଏ ସୈନ୍ୟବାହିନୀ ମହଜୁଦ ରହିଥାଉ ପଛକେ, ସେହି କର୍ତ୍ତୃତ୍ୱ ସର୍ବଦା ସେହି ସାମନ୍ତବାଦୀ ରାଜାଙ୍କ ଭଳି ହୋଇ ରହିବାକୁହିଁ ବାଧ ହେବ, ଯିଏକି ତାଙ୍କ ପ୍ରଜା ଏବଂ ଅଧୀନସ୍ଥ ଲୋକମାନଙ୍କ ଉପରେ ତାଙ୍କର ପ୍ରକୃତରେ ଏକ ଫଳପ୍ରଦ ନିୟନ୍ତ୍ରଣ ରହିଛି ବୋଲି କେତେବେଳେ ହେଲେ ସମ୍ପୂର୍ଣ୍ଣ ସୁନିଶ୍ଚିତ ରହିପାରୁ ନ ଥିଲେ । ବିଭିନ୍ନ ଦେଶଗୁଡ଼ିକ ଉପରେ ସତର୍କ ଦୃଷ୍ଟି ଓ ତତ୍ତ୍ୱାବଧାନ ରଖି ପାରିବା ଲାଗି ଆନ୍ତର୍ଜାତିକ

'oaob.nitrkl.ac.in' images reprocessed

କର୍ତ୍ତୃତ୍ୱଟିର ହାତରେ ପୃଥିବୀର ଏକମାତ୍ର ପ୍ରଶିକ୍ଷିତ ସୈନ୍ୟବାହିନୀଟି ଅବଶ୍ୟ ରହିଥିବା ଉଚିତ, ଏବଂ ଦ୍ୱିତୀୟତଃ, ଯୁଦ୍ଧର ଶସ୍ତ୍ରାସ୍ତ୍ର ତଥା ଅନ୍ୟ ସରଞ୍ଜାମଗୁଡ଼ିକୁ ତିଆରି କରିବାର ସାଧନଗୁଡ଼ିକ ମଧ୍ୟ କେବଳ ତାହାରି ହାତରେହିଁ ରହିଥିବା ଉଚିତ, କାରଣ ତା' ନ ହେଲେ ତା'ର ଏକାଧିକାରଟି ମଧ୍ୟ କଦାପି ଫଳପ୍ରଦ ହୋଇପାରିବ ନାହିଁ । ତେଣୁ ଜାତି ସ୍ତରରେ ଏବଂ ବ୍ୟକ୍ତିଗତ ଅଧିକାରରେ ଯେତେ ଯେଉଁଠି ଅସ୍ତ୍ର ତିଆରି କରୁଥିବା ଓ ଅନ୍ୟାନ୍ୟ ଯୁଦ୍ଧ ସାମଗ୍ରୀର ଉତ୍ପାଦନ କରାଉଥିବା କାରଖାନାମାନ ରହିଛି, ସେଗୁଡ଼ିକୁ ବନ୍ଦ ହୋଇ ଯିବାକୁ ପଡ଼ିବ । ପୁରୁଣା କାଳରେ ରହିଥିବା ସାମନ୍ତମାନଙ୍କର ସୈନ୍ୟବାହିନୀଗୁଡ଼ିକ ବର୍ତ୍ତମାନ ଯେପରି କେବଳ ଅତୀତ ଏବଂ ମୃତ ଯୁଗଗୁଡ଼ିକରହିଁ ସ୍ମୃତିମାତ୍ର ହୋଇ ରହିଛି, ଜାତିସ୍ତରରେ ସେନାବାହିନୀଗୁଡ଼ିକୁ ମଧ୍ୟ ସେହିପରି ହୋଇଯିବାକୁ ପଡ଼ିବ ।

ଏହିପରି ଗୋଟିଏ ନିଷ୍ପତ୍ତିର ସମ୍ପାଦନ ଦ୍ୱାରାହିଁ ବର୍ତ୍ତମାନର ଆନ୍ତର୍ଜାତିକ ପରିସ୍ଥିତିଟି ବଦଳରେ ଏକ ବିଶ୍ୱ-ରାଷ୍ଟ୍ରର ନିର୍ମାଣ ସୁନିଶ୍ଚିତ ଭାବରେ ସମ୍ଭବ ହୋଇଯିବ । କାରଣ, ଆନ୍ତର୍ଜାତିକ କର୍ତ୍ତୃତ୍ୱ ଯେତେବେଳେ କେବଳ ବିବାଦଗୁଡ଼ାକର ନିଷ୍ପତ୍ତି କରି ଦେଉଥିବା ଗୋଟିଏ ସଂସ୍ଥା ହୋଇ ନ ରହି ଆନ୍ତର୍ଜାତିକ ବିଧାନରହିଁ ପ୍ରକୃତ ଉତ୍ସସ୍ଥାନ ହୋଇ ରହିବ ଓ ସେହି ବିଧାନଗୁଡ଼ିକୁ କାର୍ଯ୍ୟକାରୀ କରିବାର ପଛରେ ରହିଥିବା ଚୂଡ଼ାନ୍ତ କ୍ଷମତାସ୍ଥଳ ହୋଇ ରହିବ, ସେତେବେଳେ ଯାଇ ତାହା ଯଥାର୍ଥରେ ଫଳପ୍ରଦ ହୋଇ ରହିଛି ବୋଲି କୁହାଯାଇ ପାରିବ । ଅନମନୀୟ ବା ଅବାଧ୍ୟ କୌଣସି ଜାତି ବା ବର୍ଗଗୁଡ଼ିକ ବିରୋଧରେ ତାହାର ବ୍ୟବସ୍ଥାଗୁଡ଼ିକୁ ଯଥାର୍ଥଭାବରେ ଲାଗୁ କରିପାରିବା ଲାଗି, କେବଳ ରାଜନୀତିକ ବା କେବଳ ବାଣିଜ୍ୟିକ ବା ଶିଳ୍ପଗତ ନୁହେଁ, ମାତ୍ର ସକଳ ପ୍ରକାରର ସଂଘର୍ଷର ନିରାକରଣ କରିପାରିବା ଲାଗି, ଅଥବା, କେବଳ ଶାନ୍ତିପୂର୍ଣ୍ଣ ଉପାୟ ଦ୍ୱାରା ଆଇନ୍ କିଂବା ମଧ୍ୟସ୍ଥତା ବ୍ୟତୀତ ଅନ୍ୟ କୌଣସି ମାର୍ଗରେ ଯେପରି ସେଗୁଡ଼ିକର ନିଷ୍ପତ୍ତି ନ ହୁଏ, ଅନ୍ତତଃ ସେହି ବିଷୟରେ ନିଶ୍ଚିତ ରହିପାରିବା ଲାଗି, ହିଂସାତ୍ମକ ପରିବର୍ତ୍ତନ ଏବଂ ବିପ୍ଳବର ଯାବତୀୟ ପ୍ରୟାସକୁ ଦମନ କରି ରଖି ପାରିବା ଲାଗି ବିଶ୍ୱ-ରାଷ୍ଟ୍ର ଆପଣାର ସବଳତମ ସ୍ଥିତିରେ ମଧ୍ୟ ତା'ର ଆପଣା ହାତରେହିଁ ସବୁଯାକ ଶକ୍ତି ସଂକେନ୍ଦ୍ରିତ ହୋଇ ରହୁ ବୋଲି ନିଶ୍ଚୟ ଆବଶ୍ୟକ କରିବ । ମଣିଷ ବର୍ତ୍ତମାନ ଯେପରି ଅଛି, ଠିକ୍ ସେହିପରି ରହିଥିବା ଯାଏ, ଆମର ଯାବତୀୟ ଆଦର୍ଶବାଦ ଏବଂ ଉଦାରବାଦୀ ଶାନ୍ତିକାମୀ ଆଶାଗୁଡ଼ିକ ସତ୍ତ୍ୱେ ଏହି ବଳହିଁ ଆମର ଚୂଡ଼ାନ୍ତ ମୀମାଂସକ ହୋଇ ରହିଥିବ, ତାହାହିଁ ମଣିଷର ଜୀବନକୁ ନିୟନ୍ତ୍ରଣ କରୁଥିବ; ଏବଂ ତେଣୁ ଯାହା ପାଖରେ ବଳ ଅଛି, ସେଇ ଯଥାର୍ଥ ଶାସନକର୍ତ୍ତା ହୋଇ ମଧ୍ୟ ରହିଥିବ । ସାଧାରଣ ସମୟଗୁଡ଼ିକରେ ବଳ ସମ୍ଭବତଃ ଆପଣାର ନଗ୍ନ ଓ ନୃଶଂସ

'oaob.nitrkl.ac.in' images reprocessed

ଅସ୍ତିତ୍ୱଟିକୁ କିଞ୍ଚିତ୍ ପରିମାଣରେ ବେଶ୍ କୌଣସି ପ୍ରକାରର ଆବରଣ ତଳେ ଲୁଚାଇ ରଖିପାରିବ ଏବଂ କେବଳ ଅତ୍ୟନ୍ତ ନରମ ଓ ଅତ୍ୟନ୍ତ ସଭ୍ୟ ଆକାରରେହିଁ ଆପଣାକୁ ହୁଏତ ଅଭିବ୍ୟକ୍ତ କରୁଥିବ; — ଏଠାରେ କେବଳ ତୁଳନାତ୍ମକ ଭାବରେ ନରମ ବୋଲି କୁହାଯାଉଛି, କାରଣ, କାରାଗୃହ ଏବଂ ଘାତକ ଆମର ବର୍ତ୍ତମାନ ସମାଜିକ ବ୍ୟବସ୍ଥାର ଦୁଇ ମହାନ୍ ସ୍ତମ୍ଭ ହୋଇ ତଥାପି ରହି ନାହାନ୍ତି କି ? — ମାତ୍ର ତାହାହିଁ ଆମ ସଭ୍ୟତାର ଭ୍ରାନ୍ତିକାରୀ ପ୍ରତିଭାସଗୁଡ଼ିକୁ ବହନ କରି ବେଶ୍ ନୀରବ ହୋଇ ଦଣ୍ଡାୟମାନ ରହିଥିବ, ଡାକରା ଆସିଲା ମାତ୍ରକେ ତତ୍‌କ୍ଷଣାତ୍ ଆସି ହସ୍ତକ୍ଷେପ କରିବା ଲାଗି ପ୍ରସ୍ତୁତ ହୋଇ ରହିଥିବ, ଆମର ଏହି ସାମାଜିକ ବିଶ୍ୱାୟତନଟିର ଅଧିକ ନିଷ୍ପକ୍ଷ ମାତ୍ର ଅଧିକ କ୍ଷୀଣଶକ୍ତି ଦେବତାମାନଙ୍କର କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ଅପେକ୍ଷା କରି ରହିଥିବ । ବଳକୁ ଯେତିକି ବିକୀର୍ଣ୍ଣ କରି ରଖାଯାଇଥିବ ତଦ୍ଦ୍ୱାରା ପ୍ରକୃତିର କାର୍ଯ୍ୟଗୁଡ଼ିକ ସ୍ୱାଧୀନ ଭାବରେ ସମାହିତ ହୋଇ ପାରିବା ଲାଗି ସେତିକି ଅବକାଶ ମିଳିବ । ସେହି ବଳକୁ ଆମେ ଜୀବନରହିଁ ଏକ ପରିକର ବୋଲି କହିପାରିବା, ମାତ୍ର ତାହାକୁ ବିସମ୍ବାଦ ଏବଂ ସଂଘର୍ଷର ପରିକର ବୋଲି କୁହାଯାଇ ପାରିବ; ଯେତେବେଳେ ଏହି ବଳକୁ ସଂକେନ୍ଦ୍ରିତ କରି ଅଣାଯିବ, ତେବେ ତାହା ସୁନିଶ୍ଚିତ ଭାବରେ ଏକ ସୁଦୃଢ଼ ସଂଗଠନକୁ ଆପଣା ସାଙ୍ଗରେ ବହନ କରି ଆଣିବ ଏବଂ ଶୃଙ୍ଖଳା ଓ ବ୍ୟବସ୍ଥାକୁ ଗୁଣ୍ଠି ରଖିଥିବା ଏକ ରଜ୍ଜୁ ପରି କାର୍ଯ୍ୟକରି ପାରିବ ।

'oaob.nitrkl.ac.in' images reprocessed

ଓଡ଼ିଶା
ଗ୍ରନ୍ଥ ନଂ - ୩୮୪

## ପଞ୍ଚବିଂଶ ପରିଚ୍ଛେଦ

# ଯୁଦ୍ଧ ଏବଂ ଅର୍ଥନୈତିକ ଏକତାର ପ୍ରୟୋଜନ

ସାମରିକ ଆବଶ୍ୟକତା, ଜାତି ଜାତି ମଧ୍ୟରେ ଲାଗୁଥିବା ଯୁଦ୍ଧର ଚାପ, ଏବଂ ବିଶ୍ୱ-ରାଷ୍ଟ୍ର, ବିଶ୍ୱ-ସଂଘ ବା ବିଶ୍ୱ-ଶାନ୍ତିର ଲୀଗ୍ ପରି କୌଣସି ଗୋଟିଏ ଆନ୍ତର୍ଜାତିକ ସଂସ୍ଥା ହାତରେ ସକଳ ଶକ୍ତି ଏବଂ କର୍ତ୍ତୃତ୍ୱକୁ ଠୁଳ କରି ରଖି ତାହାରି ସାହାଯ୍ୟରେ ଯୁଦ୍ଧର ନିରାକରଣ ଲାଗି ରହିଥିବା ଆବଶ୍ୟକତା,— ଏହିଗୁଡ଼ିକହିଁ ସବୁଠାରୁ ଅଧିକ ପ୍ରତ୍ୟକ୍ଷ ଭାବରେ ମନୁଷ୍ୟଜାତିକୁ ପରିଶେଷରେ କୌଣସି ନା କୌଣସି ପ୍ରକାରର ଏକ ଆନ୍ତର୍ଜାତିକ ସଂଘବଦ୍ଧତା ଆଡ଼କୁ ପରିଚାଳିତ କରି ନେଇଯିବ । ମାତ୍ର ଏଇଟି ପଛରେ ଆଉ ଗୋଟିଏ ପ୍ରୟୋଜନ ମଧ୍ୟ ରହିଛି ଯାହାକି ଆଧୁନିକ ମାନସ ଉପରେ ଅନେକ ଅଧିକ ଶକ୍ତିଶାଳୀ ଭାବରେହିଁ ଆପଣାର କାର୍ଯ୍ୟ କରୁଛି,— ଏଠାରେ ସେହି ବାଣିଜ୍ୟିକ ଓ ଔଦ୍ୟୋଗିକ ପ୍ରୟୋଜନଟିର କଥା କୁହାଯାଉଛି ଏବଂ ଅର୍ଥନୀତି-କ୍ଷେତ୍ରର ପରସ୍ପର-ନିର୍ଭରଶୀଳତାରୁହିଁ ଏହି ପ୍ରୟୋଜନଟି ଜନ୍ମଲାଭ କରିଛି । ବାଣିଜ୍ୟିକତାବାଦକୁ ଆମେ ଆଧୁନିକ ସାମାଜିକ ପରିସ୍ଥିତିରହିଁ ଗୋଟିଏ ବ୍ୟାପାର ବୋଲି କହିବା; ସେଇଟିକୁ ଜଣେ ହୁଏତ ପ୍ରାୟ ଆଧୁନିକ ସମାଜର ସମୁଦାୟ ବ୍ୟାପାରଟି ବୋଲି ମଧ୍ୟ କହି ପାରିବ । ଯେକୌଣସି ସଂଘବଦ୍ଧ ସମୂହ ସକାଶେ ଜୀବନର ଅର୍ଥନୀତିଗତ ଭାଗଟିକୁ ଆମେ ସର୍ବଦା ଏକ ମହତ୍ତ୍ୱପୂର୍ଣ୍ଣ ଓ ଏପରିକି ମୂଳଭୂତ ଭାଗ ବୋଲି ମଧ୍ୟ ନିଶ୍ଚୟ କହିପାରିବା । ମାତ୍ର ପୂର୍ବକାଳରେ ଏଇଟି କେବଳ ସର୍ବପ୍ରଥମ ଆବଶ୍ୟକତାଟି ରୂପେହିଁ ବିଦ୍ୟମାନ ରହିଥିଲା; ଏହି ପ୍ରୟୋଜନଟି ସେତେବେଳେ ମନୁଷ୍ୟମାନଙ୍କର ବିଚାର-ରାଜ୍ୟଟିକୁ ଆଦୌ ସମ୍ପୂର୍ଣ୍ଣ ଭାବରେ ଅଧିକାର କରି ରହି ନ ଥିଲା, ମନୁଷ୍ୟର ସାମାଜିକ ଜୀବନର ସମଗ୍ର ରଙ୍ଗଟିକୁ କଦାପି ନିର୍ଦ୍ଧାରଣ କରୁ ନ ଥିଲା, ଅନ୍ୟ ସକଳ ପ୍ରୟୋଜନର ଉପରେ ରହି ତାହା କଦାପି ସ୍ପଷ୍ଟତଃ ସମାଜ-ଜୀବନର ଯାବତୀୟ ନୀତିର ମୂଳ ଜନକ ରୂପେ ଆଦୌ ସ୍ୱୀକୃତ ହେଉ ନ ଥିଲା । ପ୍ରାଚୀନ ମନୁଷ୍ୟକୁ ତା'ର ସମୂହଟି ମଧ୍ୟରେ ଆମେ ଆରିଷ୍ଟଟ୍ଲୀୟ ଅର୍ଥରେ ପ୍ରଥମତଃ ଏକ ରାଜନୀତିକ ସତ୍ତା ବୋଲିହିଁ କହିପାରିବା । ପ୍ରଥମତଃ ଧର୍ମ ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ ହେବାର ସୋପାନଟିକୁ ଛାଡ଼ି ଚାଲି ଆସିବା ପରେ ସେ ପ୍ରଥମତଃ ଏକ ରାଜନୀତିକ ସତ୍ତା ହୋଇହିଁ ରହିଲା ଏବଂ ତା'ର ଏହି ସର୍ବପ୍ରଧାନ ଧନ୍ଦାଟି ସହିତ ସେ ଚିନ୍ତା, କଳା ଓ ସଂସ୍କୃତିକୁ ମଧ୍ୟ ନେଇ ଯୋଡ଼ି ଦେଇଥିଲା; ଜୀବନର ପ୍ରୟୋଜନଗୁଡ଼ିକ ବିଷୟରେ ଆପଣାକୁ ଯଥେଷ୍ଟ ପରିମାଣରେ ସମ୍ପନ୍ନ ଓ ନିଶ୍ଚିନ୍ତ କରିଦେଇ ପାରିବା ସଙ୍ଗେ

'oaob.nitrkl.ac.in' images reprocessed

ସଙ୍ଗେ ସେ ସବୁଠାରୁ ଅଧିକ ତାହାହିଁ କରିଥିଲା । ସମୂହର ଅର୍ଥନୀତିଗତ ପ୍ରେରଣାଗୁଡ଼ିକୁ ଯେତେବେଳେ ଏକ ଯାନ୍ତ୍ରିକ ଆବଶ୍ୟକତା ରୂପେହିଁ କାର୍ଯ୍ୟକାରୀ କରା ଯାଉଥିଲା, ଭୌତିକ ସତ୍ତାର କ୍ଷେତ୍ରରେ ଥିବା ଏକ ପ୍ରବଳ ବାସନାରୂପେ ତାହାକୁ କାମରେ ଲଗା ଯାଉଥିଲା ସତ, ମାତ୍ର ମନୁଷ୍ୟମନର ଏକ ପୁରୋଭାଗୀୟ ପ୍ରଧାନ ଭାବନା ରୂପେ ଆଦୌ କାର୍ଯ୍ୟକାରୀ କରାଯାଉ ନ ଥିଲା । କେବଳ ତା'ର ଏକ ଅତ୍ୟନ୍ତ ବାହ୍ୟ ଦିଗଟିକୁ ଛାଡ଼ିଦେଲେ ସମାଜକୁ କଦାପି ଏକ ଅର୍ଥନୀତି ଦ୍ୱାରା ନିରୂପିତ ସଂଗଠନରୂପେ ବିଚାର କରାଯାଉ ନ ଥିଲା, ସେପରି ଭାବରେ ତାହାର ଅଧ୍ୟୟନ ମଧ୍ୟ ହେଉ ନ ଥିଲା । ଅର୍ଥନୀତିସ୍ଥ ମଣିଷର ସମାଜରେ ଏକ ସମ୍ମାନାସ୍ପଦ ସ୍ଥାନ ରହିଥିଲା ସତ, ମାତ୍ର ତୁଳନାତ୍ମକ ଭାବରେ ବିଚାର କରି ଦେଖିଲେ ଏକ ନିମ୍ନ ସ୍ଥାନହିଁ ରହିଥିଲା । ଅର୍ଥନୀତିର ମଣିଷକୁ ସମାଜରେ କେବଳ ତୃତୀୟ ଜାତି ବା ବର୍ଗଟି ଅର୍ଥାତ୍ ବୈଶ୍ୟର ସ୍ଥାନଟି ମିଳିଥିଲା । ବୁଦ୍ଧିର ଅଧିକାରୀ ଏବଂ ରାଜନୀତିକ କ୍ଷମତାର ଅଧିକାରୀ ହାତରେ ନେତୃତ୍ୱ ରହିଥିଲା; ଅର୍ଥାତ୍ ବିଚାରକାରୀ, ଶାସ୍ତ୍ରାଧିକାରୀ, ଦାର୍ଶନିକ ଓ ଯାଜକ ବ୍ରାହ୍ମଣମାନଙ୍କ ହାତରେ ଏବଂ ଶାସନକାରୀ ଓ ଯୋଦ୍ଧା କ୍ଷତ୍ରିୟ ହାତରେ ରହିଥିଲା । ଏହି ଦୁଇ ଶ୍ରେଣୀର ବିଚାର ଏବଂ କର୍ମ ବ୍ୟାପାରଗତ ଆଗ୍ରହଗୁଡ଼ିକହିଁ ସମାଜର ମାର୍ଗଗୁଡ଼ିକୁ ନିର୍ଦ୍ଧାରଣ କରି ଦେଉଥିଲା, ସମାଜର ସଚେତନ ସକଳ ଗତି ଓ କ୍ରିୟାର ନିରୂପଣ କରୁଥିଲା, ସବୁଠାରୁ ଅଧିକ ଶକ୍ତିଶାଳୀଭାବରେ ସମାଜର ଯାବତୀୟ ଅଭିପ୍ରାୟକୁ ରଙ୍ଗାଇ କରି ରଖୁଥିଲା । ବାଣିଜ୍ୟିକ ସ୍ୱାର୍ଥଗୁଡ଼ିକ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ରହିଥିବା ସମ୍ବନ୍ଧଗୁଡ଼ିକର କ୍ଷେତ୍ରରେ ତଥା ଯୁଦ୍ଧ ଏବଂ ଶାନ୍ତିର ଅଭିପ୍ରାୟଗୁଡ଼ିକ ମଧ୍ୟରେ ଆସି ନିଶ୍ଚୟ ପ୍ରବେଶ କରୁଥିଲା ସତ, ମାତ୍ର ସୌହାର୍ଦ୍ୟ ଏବଂ ଶତ୍ରୁତାର ନିୟନ୍ତ୍ରଣ-କ୍ଷେତ୍ରରେ କେବଳ ଗୋଟିଏ ଗୋଟିଏ ଗୌଣ ଏବଂ ଅନ୍ୟାଧୀନ କାରଣ ହୋଇହିଁ ପ୍ରବେଶ କରୁଥିଲା ଏବଂ କେବଳ ଅତ୍ୟନ୍ତ କ୍ୱଚିତ୍ ଓ ସତେ ଯେପରି ଆକସ୍ମିକ ଭାବରେହିଁ ଶାନ୍ତି, ସଂଘବନ୍ଧନ ତଥା ସଂଘର୍ଷର ପ୍ରକାଶ୍ୟ ଏବଂ ସଚେତନ କାରଣଗୁଡ଼ିକ ମଧ୍ୟରେ ପରିଗଣିତ ହୋଇପାରୁଥିଲା । ରାଜନୀତିକ ଚେତନା ଏବଂ ରାଜନୀତିକ ଅଭିପ୍ରାୟହିଁ ସର୍ବପ୍ରଧାନ ହୋଇ ରହିଥିଲା; ଧନସମ୍ପଦର ଅଭିବୃଦ୍ଧିକୁ ରାଜନୀତିକ କ୍ଷମତା ତଥା ବୃହତ୍ତ୍ୱର ଏକ ସାଧନ ରୂପେ ବିଚାର କରାଯାଉଥିଲା, ରାଷ୍ଟ୍ରର ଜଙ୍ଗମ ସମ୍ପଦଗୁଡ଼ିକର ଆଧିକ୍ୟ ରୂପେହିଁ ବିଚାର କରାଯାଉଥିଲା; ମାତ୍ର ତାହାକୁ ଏକ ସାଧ୍ୟରୂପେ ଅଥବା ବିଚାରର ପ୍ରଥମ ମାନଦଣ୍ଡରୂପେ କ୍ୱଚିତ୍ ବିଚାର କରାଯାଉଥିଲା ।

ବର୍ତ୍ତମାନ ସବୁକିଛି ବଦଳି ଯାଇଛି । ବର୍ତ୍ତମାନର ସାମାଜିକ ବିକାଶଟିର ଘଟଣାଟିକୁ ବିଚାର କରି ଆମେ ତାହାକୁ ବ୍ରାହ୍ମଣ ଏବଂ କ୍ଷତ୍ରିୟରହିଁ କ୍ଷୟପ୍ରାପ୍ତ ହୋଇ ଆସିବାର ପର୍ଯ୍ୟାୟ ବୋଲି କହିପାରିବା, ଏକ ବୃହତ୍ ଅନୁଷ୍ଠାନରୂପେ ଗିର୍ଜାର, ସାମରିକ ସମ୍ଭ୍ରାନ୍ତତନ୍ତ୍ରର

'oaob.nitrkl.ac.in' images reprocessed

ଏବଂ ବିଦ୍ୟା ତଥା ସଂସ୍କୃତିର କ୍ଷେତ୍ରରେ ରହି ଆସିଥିବା ସେହି ସମ୍ଭ୍ରାନ୍ତତନ୍ତ୍ରଟିର ମଧ୍ୟ କ୍ଷୟପ୍ରାପ୍ତ ହୋଇ ଆସିବାର ଏକ ପର୍ଯ୍ୟାୟ ବୋଲି କହିପାରିବା; ଏବଂ ଅନ୍ୟ ପକ୍ଷରେ ତାହାକୁ ଆମେ ବୈଶ୍ୟ ଓ ଶୂଦ୍ର, ପୁଞ୍ଜିବାଦୀ ଓ ଶ୍ରମିକଶ୍ରେଣୀର କ୍ଷମତାରେ ଆସି ପ୍ରତିଷ୍ଠିତ ହେବା, ଅର୍ଥାତ୍ ଶିଳ୍ପ ଏବଂ ବାଣିଜ୍ୟ ସହିତ ଆପଣାକୁ ସମ୍ବନ୍ଧିତ କରି ରଖିଥିବା ବର୍ଗଗୁଡ଼ିକରହିଁ ପ୍ରାଧାନ୍ୟକୁ ଆସିବାର ଏକ ପର୍ଯ୍ୟାୟ ବୋଲି କହିପାରିବା । ଏମାନେ ସମସ୍ତେ ଏକାଠି ମିଶି ସେମାନଙ୍କର ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ହୁଏତ ଏକାବେଳେକେ ଗିଳି ପକାଇଛନ୍ତି ଅଥବା ସେମାନଙ୍କୁ ପ୍ରତିଦ୍ୱନ୍ଦ୍ୱିତାର କ୍ଷେତ୍ରଗୁଡ଼ିକରୁ ଏକାବେଳେକେ ବାହାରକୁ ନିକାଳି ଦେଇ ପାରିଛନ୍ତି; ବର୍ତ୍ତମାନ ଏମାନେ ପ୍ରତ୍ୟେକେ ସ୍ୱୟଂ ସମସ୍ତ କ୍ଷେତ୍ରଟିକୁ ଅଧିକାର କରି ରହିବାର ଏକ ପାରସ୍ପରିକ ଭ୍ରାତୃସଂହାରର ସଂଘର୍ଷ ମଧ୍ୟରେ ଲିପ୍ତ ହୋଇ ରହିଛନ୍ତି । ଏହି ସଂଘର୍ଷରୁ ଯେଉଁ ପରିଣାମଟି ଘଟିବାକୁ ଯାଉଛି ବୋଲି ଲେଖା ହୋଇ ରହିଥିବା ପରି ବୋଧ ହେଉଛି, ସେଇଥିରୁ ସତେଅବା ଦିଶିଦିଶି ଯାଉଛି ଯେ ସାମାଜିକ ଗୁରୁତ୍ୱାକର୍ଷଣର ଶକ୍ତିଟି ମଧ୍ୟରେ ଦେଖା ଦେଇଥିବା ନିମ୍ନଗତି ପ୍ରବୃତ୍ତିଟି କ୍ରମଶଃ ଆପଣାର ସମ୍ପୂର୍ଣ୍ଣତା ଲାଭ କରିବ, ଶ୍ରମିକଶ୍ରେଣୀରହିଁ ଅନ୍ତିମ ବିଜୟ ଘଟିବ ଏବଂ ସମାଜର ଯାବତୀୟ ଆଦର୍ଶ ତଥା ଅନୁଷ୍ଠାନଗୁଡ଼ିକୁ ଏପରି ଭାବରେ ପୁନର୍ଗଠନ କରାଯିବ, ଯେଉଁଥିରେ କି ଶ୍ରମ ଅର୍ଥାତ୍ ଶ୍ରମିକଶକ୍ତିହିଁ ସାମାଜିକ ସମ୍ବନ୍ଧ କ୍ଷେତ୍ରରେ ସର୍ବପ୍ରଥମ ଏବଂ ସବୁଠାରୁ ଅଧିକ ସମ୍ମାନାସ୍ପଦ ଭୂମିରୂପେ ପ୍ରତିଷ୍ଠିତ ହେବ ଏବଂ ଅନ୍ୟ ଯାବତୀୟ ଭୂମିର ମୂଲ୍ୟ ନିର୍ଦ୍ଧାରଣ କରିବା ଲାଗି ସମର୍ଥ ହେବ । ଅବଶ୍ୟ ଏକଥା ସତ ଯେ ବର୍ତ୍ତମାନ ସେହି ବୈଶ୍ୟହିଁ ସମାଜରେ ତଥାପି ସେହି ସର୍ବପ୍ରଧାନ ବର୍ଗ ହୋଇରହିଛି, ସାରା ପୃଥିବୀର ଜୀବନଟି ଉପରେ ସିଏ ଆପଣାର ବାଣିଜ୍ୟିକତାର ମୋହରଟିକୁ ବାଡ଼େଇକରି ରଖିଛି ଏବଂ ତାହାରି ପରିଣାମ ସ୍ୱରୂପ ଆର୍ଥିକ ମଣିଷହିଁ ବର୍ତ୍ତମାନ ସମାଜରେ ସର୍ବପ୍ରଧାନ ହୋଇରହିଛି, ବାଣିଜ୍ୟିକ ମୂଲ୍ୟାଙ୍କନାଗୁଡ଼ିକହିଁ ପ୍ରାୟ ସାର୍ବଜନୀନ ଓ ବିଶ୍ୱବ୍ୟାପୀ ହୋଇ ରହିଛି, ଅର୍ଥାତ୍ ମନୁଷ୍ୟଜୀବନର ଯାବତୀୟ କ୍ଷେତ୍ରରେ ପ୍ରତ୍ୟେକ ପଦାର୍ଥର ପ୍ରୟୋଜନବାଦୀ, ଆର୍ଥିକ କାର୍ଯ୍ୟଦକ୍ଷତା ଏବଂ ସେହି ଧନର ଅଧିକ ଉତ୍ପାଦନ କରିପାରିବାର ମୂଲ୍ୟବୋଧଟିହିଁ ସାର୍ବଜନୀନ ହୋଇ ରହିଛି । ଏପରିକି ଜ୍ଞାନ, ଚିନ୍ତା, ବିଜ୍ଞାନ, କଳା, ସାହିତ୍ୟ ତଥା ଧର୍ମର କ୍ଷେତ୍ରଗୁଡ଼ିକରେ ଆମର ରହିଥିବା ଦୃଷ୍ଟିଟିରେ ମଧ୍ୟ ଜୀବନର ସେହି ଅର୍ଥପ୍ରଧାନ ମୂଲ୍ୟାଙ୍କନଟି ଆପଣାର ପ୍ରାଦୁର୍ଭାବଟିକୁ ବିସ୍ତାର କରି ରହିଛି ।*

---

* ଏକଥାଟି ବେଶ୍ ଦୃଷ୍ଟିଗୋଚର ହୋଇପାରିବ ଯେ ସମାଜବାଦୀ ନୂତନ ସମାଜଗୁଡ଼ିକରେ ମଧ୍ୟ ବାଣିଜ୍ୟିକ ମନୋଭାବଟିକୁ ସର୍ବପ୍ରଧାନ କରି ରଖିବାର ସେହି ବୁର୍ଜୁଆ ସଂସ୍କାରଟିକୁହିଁ

'oaob.nitrkl.ac.in' images reprocessed

କାରଣ, ଜୀବନ ତଥା ସଂସ୍କୃତି ବିଷୟରେ ଏହି ଆଧୁନିକ ଅର୍ଥ-ପ୍ରଧାନ ଦୃଷ୍ଟିକୋଣଟିର ଏବଂ ସେଥିରୁ ସମ୍ଭୂତ ସବୁକିଛିର ପ୍ରଧାନତଃ ସବୁବେଳେ ଏକ ଅଳଙ୍କରଣଗତ ମୂଲ୍ୟହିଁ ରହିଛି; ସେଗୁଡ଼ିକୁ ଆମେ ଗୋଟିଏ ଗୋଟିଏ ମହାର୍ଘ ଏବଂ କାମ୍ୟ ବିଳାସସାମଗ୍ରୀ ବୋଲି କହିପାରିବା, ଏକାନ୍ତ ଅପରିହାର୍ଯ୍ୟ ଅତ୍ୟାବଶ୍ୟକତା ବୋଲି କଦାପି କହିପାରିବା ନାହିଁ। ଏହି ଦୃଷ୍ଟିକୋଣଟି ଅନୁସାରେ ଧର୍ମ ହେଉଛି ମନୁଷ୍ୟ-ମନରହିଁ ଏକ ଅନ୍ୟତମ ଉପଜାତ ଦ୍ରବ୍ୟ ଏବଂ ଏହା ସମ୍ପୂର୍ଣ୍ଣଭାବରେ ଏକ ନିରର୍ଥକ ଏବଂ ପ୍ରତିବନ୍ଧକ-ସୃଷ୍ଟିକାରୀ ସାମଗ୍ରୀ ନ ହୋଇଥିଲେ ମଧ୍ୟ ଏହାର ଅତ୍ୟନ୍ତ ସୀମିତ ଅଳ୍ପ କେତେକ ପ୍ରୟୋଜନ ରହିଛି ବୋଲି ବିଚାର କରାଯାଉଛି। ଏହି ଦୃଷ୍ଟିଟିର ମାନଦଣ୍ଡରେ ଶିକ୍ଷାର ଏକ ମହତ୍ତ୍ୱ ରହିଛି ବୋଲି ଅବଶ୍ୟ ସ୍ୱୀକାର କରାଯାଉଛି, ମାତ୍ର ସେହି ଶିକ୍ଷାର ଧ୍ୟେୟ ତଥା ରୂପଟି ସଂସ୍କୃତି ସହିତ ଯେତିକି ସମ୍ବନ୍ଧ ରଖିଛି, ବିଜ୍ଞାନସାମର୍ଥ୍ୟ, ପ୍ରୟୋଜନସିଦ୍ଧତା ଏବଂ ଅର୍ଥନୀତିଗତ ଆବଶ୍ୟକତା ରହିତ ତାହାଠାରୁ ଅନେକ ଅଧିକ ସମ୍ବନ୍ଧହିଁ ରଖିଛି; ଅର୍ଥନୈତିକ ସଂଗଠନର ପ୍ରକାଣ୍ଡ କ୍ଷେତ୍ରଟିରେ ଏକ ସାମର୍ଥ୍ୟଯୁକ୍ତ ଏକକ ହିସାବରେ ବ୍ୟକ୍ତି ଆପଣାର ଯଥୋଚିତ ଭୂମିକାଟିକୁ ଯେପରି ଆଶାନୁରୂପ ଭାବରେ ତୁଲାଇ ପାରିବ, ତାହାକୁ ସେଇଥିଲାଗି ପ୍ରସ୍ତୁତ କରି ପାରିବାରେହିଁ ଏହି ଶିକ୍ଷାର ଯାହାକିଛି ମୂଲ୍ୟ ରହିଛି। ଜ୍ଞାନର ଅଭିବୃଦ୍ଧି ତଥା ଅଗ୍ରଗତି ଲାଗି ପ୍ରକୃତିର ରହସ୍ୟସତ୍ୟଗୁଡ଼ିକର ଉଦ୍‌ଘାଟନ କରୁଥିବାରୁ ଯେ ଏହି ଶିକ୍ଷାରେ ବିଜ୍ଞାନର ଏତେ ଅଧିକ ପରିମାଣରେ ମହତ୍ତ୍ୱ ରହିଛି, ସେକଥା ଆଦୌ ନୁହେଁ, ମାତ୍ର କୁଶଳ ଯନ୍ତ୍ରପାତି ତିଆରି କରିବାରେ ତଥା ସମାଜର ଅର୍ଥନୈତିକ ଯାବତୀୟ ସମ୍ପଦ ଏବଂ ସମ୍ଭାବନାକୁ ବିକଶିତ କରାଇ ଆଣିବାରେ ଓ ସଂଗଠିତ କରିବାରେ ତାହା ସେହି ସତ୍ୟଗୁଡ଼ିକୁ କାମରେ ଲଗାଇ ପାରୁଛି ବୋଲିହିଁ ବିଜ୍ଞାନକୁ ଆବଶ୍ୟକ ଓ ମହତ୍ତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ସମାଜର ସକଳ ଚିନ୍ତା-ଶକ୍ତି, ଏବଂ ଏପରିକି ତାହାର ଆତ୍ମା-ଶକ୍ତି,— ଯଦି ବର୍ତ୍ତମାନ ମଧ୍ୟ ତାହା ପାଖରେ ଆତ୍ମା ବୋଲି କୌଣସି ଅସାର ଏବଂ ଅନୁତ୍ପାଦକ ସାମଗ୍ରୀ ତଥାପି ଅବସ୍ଥିତ ରହିଥାଏ,—

---

ଗ୍ରହଣ କରି ନିଆଯାଇଛି ଏବଂ ଏପରିକି ଅଧିକତର ମାତ୍ରାରେହିଁ ସେଇଟିକୁ ଅବାଧିତ କରି ରଖାଯାଇଛି। ହଁ, ତାହାକୁ ବୁର୍ଜୁଆ ଅର୍ଥବ୍ୟବସ୍ଥାର କୌଣସି ଭୂମି ଉପରେ ଆଧାରିତ ନ କରି ଶ୍ରମର ଭୂମି ଉପରେହିଁ ଆଧାରିତ କରି ରଖାଯାଇଛି। ଉତ୍ପାଦନରୁ ସମ୍ଭୂତ ଲାଭଗୁଡ଼ିକୁ ଏକ ନୂତନ ବିତରଣ-ରୀତିର ଅଧୀନ କରି ରଖିବାକୁ ଚେଷ୍ଟା ହେଉଛି, ଅଥବା, ତା' ନ ହେଲେ, ଅଧିକ ଉଲ୍ଲେଖଯୋଗ୍ୟ ଭାବରେ, ସବୁକିଛିକୁ ରାଷ୍ଟ୍ରର ମୁଠା ଭିତରକୁ ସଂକେନ୍ଦ୍ରିତ କରି ଅଣାଯାଉଛି।

'oaob.nitrkl.ac.in' images reprocessed

ତାହାକୁ ଆମେ ବର୍ତ୍ତମାନ ସମାଜର ଧର୍ମ ବା ସାହିତ୍ୟ ଭିତରେ କେବେହେଲେ ଖୋଜିବାକୁ ଯିବା ନାହିଁ । ଅବଶ୍ୟ ଏକଥା ସତ୍ୟ ଯେ ଧର୍ମ ତଥାପି ଆପଣାର ଅତିକ୍ଷୀଣ କୃଶ ଅସ୍ତିତ୍ୱଟି ନେଇ ତଥାପି ଘୁଷୁଡ଼ି ଘୁଷୁଡ଼ି ଚାଲିଛି; ଏବଂ ସାହିତ୍ୟ ତଥାପି ପ୍ରଚୁର ପରିମାଣରେ ରହିଛି ଏବଂ ପ୍ରସବିବାରେ ଲାଗିଛି; ମାତ୍ର ଦୈନିକ ପତ୍ରକାରିତାର ମହଲରେ ଏଗୁଡ଼ିକ ମୂଳତଃ ସେହି ବାଣିଜ୍ୟିକତାରହିଁ ଗୋଟିଏ ଗୋଟିଏ ସାଧନ ହୋଇ ରହିଛନ୍ତି ଏବଂ ସେହି ରାଜନୀତିପ୍ରଧାନ ଓ ବାଣିଜ୍ୟପ୍ରଧାନ ଅଭିପ୍ରାୟଗୁଡ଼ିକ ଦ୍ୱାରାହିଁ ପରିଚାଳିତ ହେବାରେ ଲାଗିଛନ୍ତି; ସାହିତ୍ୟକୁ ସଂସ୍କୃତିର ଏକ ପ୍ରତ୍ୟକ୍ଷ ସାଧନରୂପେ ଆଦୌ ବ୍ୟବହାର କରାଯାଉ ନାହିଁ । ରାଜନୀତି, ଏବଂ ଏପରିକି ରାଷ୍ଟ୍ରର ଶାସନ ମଧ୍ଯ ଅଧିକରୁ ଅଧିକ ପରିମାଣରେ ଏକ ଉଦ୍ୟୋଗୀକୃତ ସମାଜର ବିକାଶ ସକାଶେହିଁ ଏକ ଯନ୍ତ୍ରରେ ପରିଣତ ହେବାରେ ଲାଗିଛନ୍ତି; ଗୋଟିଏ ପାଖରେ ବୁର୍ଜୁଆ ପୁଞ୍ଜିବାଦର ପରିଚର୍ଯ୍ୟା କରିବା ଏବଂ ଅନ୍ୟ ପକ୍ଷରେ ଅର୍ଥନୀତିମୂଳ ସମାଜବାଦର ଆଗମନ ଲାଗି ଏକ ଅର୍ଦ୍ଧ-ଅନଭିପ୍ରେତ ମାର୍ଗର ପରିଚର୍ଯ୍ୟା କରିବା ମଧ୍ୟରେ ସେଗୁଡ଼ିକ ପ୍ରାୟ ଦ୍ୱିବିଭକ୍ତ ହୋଇ ରହିବାକୁ ବାଧ୍ୟ ହେଉଛନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ମୁକ୍ତ ବିଚାର ଓ ମୁକ୍ତିଧର୍ମୀ ସଂସ୍କୃତି ଉତ୍ତରୋତ୍ତର ବୃଦ୍ଧି ପାଇବାରେ ଲାଗିଥିବା ବାଣିଜ୍ୟିକତାର ପ୍ରକାଣ୍ଡ ପିଣ୍ଡଟିର କେବଳ ଉପରିଭାଗରେ ରହି ତାହାକୁ କିଞ୍ଚିତ୍ ପରିମାଣରେ ପ୍ରଭାବିତ ଓ ପରିବର୍ତ୍ତିତ କରିବାରେ ସମର୍ଥ ହେଉଥିଲେ ମଧ୍ଯ ସେଗୁଡ଼ିକ ସ୍ୱୟଂ ଅଧିକରୁ ଅଧିକ ପରିମାଣରେ ମନୁଷ୍ୟ-ଜୀବନର ସେହି ଅର୍ଥନୀତିମୂଳ, ବାଣିଜ୍ୟିକ ଏବଂ ଉଦ୍ୟୋଗପ୍ରଧାନ ଦୃଷ୍ଟିଟି ଦ୍ୱାରାହିଁ ପ୍ରଭାବିତ, ସଂକ୍ରାମିତ, ଅନୁରଞ୍ଜିତ ଏବଂ ବଶୀଭୂତ ହେବାରେ ଲାଗିଛନ୍ତି ।

ଏହି ବୃହତ୍ ପରିବର୍ତ୍ତନଟି ଆନ୍ତର୍ଜାତିକ ସମ୍ବନ୍ଧଗୁଡ଼ିକର ପ୍ରକୃତିଟିକୁ ଅତୀତରେ ଅତ୍ୟନ୍ତ ଗଭୀର ଭାବରେ ପ୍ରଭାବିତ କରିଛି ଏବଂ ଭବିଷ୍ୟତରେ ଯେ ତାହା ସେଗୁଡ଼ିକୁ ଆହୁରି ଅଧିକ ପ୍ରତ୍ୟକ୍ଷ ଓ ଅଧିକ ଶକ୍ତିଶାଳୀଭାବରେ ପ୍ରଭାବିତ କରିବ, ତାହାର ବହୁତ ସମ୍ଭାବନା ରହିଛି । କାରଣ, ନିକଟ ଭବିଷ୍ୟତରେ କୌଣସି ନୂତନ ଦିଗରେ ଏହି କ୍ଷେତ୍ରରେ ଏକ ପରିବର୍ତ୍ତନ ଘଟିବ, ତାହାର କୌଣସି ସମ୍ଭାବନା ଦେଖାଯାଉ ନାହିଁ । ଖୁବ୍ ସତ୍ୱର ଯେ ବାଣିଜ୍ୟିକତାର ଏହି ଯୁଗଟିର ଅବସାନ ଘଟିବାକୁ ଯାଉଛି, ଭବିଷ୍ୟବାଣୀ କଲା ପରି ଅବଶ୍ୟ କେତେକ ବ୍ୟକ୍ତି ସେହିପରି ଘୋଷଣା କରୁଛନ୍ତି । ମାତ୍ର ଏହି ପରିଣାମଟି ପ୍ରକୃତରେ କିଭଳି ଭାବରେ ଘଟିବ, ତାହାକୁ ଆଗରୁ ଠଉରାଇ କହିପାରିବା ଆଦୌ ସହଜ ନୁହେଁ; ଏବଂ, ଏହି କଥାଟିକୁ ଏକାନ୍ତ ନିଶ୍ଚିତ ଭାବରେ କୁହାଯାଇପାରେ ଯେ ପ୍ରଧାନତଃ ରାଜନୀତିକ ହୋଇ ରହିଥିବା ଅତୀତ ଯୁଗର ସେହି ମନୋଭାବଟିକୁ ଅଥବା ପ୍ରାଚୀନ ସମ୍ଭ୍ରାନ୍ତତନ୍ତ୍ରୀ ସାମାଜିକ ଗଢ଼ଣର ସେହି ପୂର୍ବତନ ପରିବେଶ ଏବଂ ଆକୃତିଗୁଡ଼ିକୁ

'oaob.nitrkl.ac.in' images reprocessed

ପୁଣି ଲେଉଟି ଗଲେ ତାହା କଦାପି ସମ୍ଭବ ହେବ ନାହିଁ । ଅତିରିକ୍ତ ପରିମାଣରେ ରକ୍ଷଣଶୀଳ ହୋଇ ରହିଥିବା ମାନସଟି ଅତୀତର ସେହି ସୁବର୍ଣ୍ଣ ଯୁଗଟିକୁ ମନେ ପକାଇ ଯେଉଁ ଦୀର୍ଘନିଶ୍ୱାସ ପକାଇଥାଏ,– ଏବଂ ଏକଥାଟି ନିରାଟ ସତ୍ୟ ଯେ ଦୂରରୁ ଥାଇ ଆମର କଳ୍ପନାପ୍ରବଣ ଆଖିକୁ ଅତୀତର ଯୁଗଟି ଯେତେ ବେଶୀ ସୁନେଲି ବୋଲି ଦେଖାଯାଏ, ତାହା ଆଦୌ ସେତେ ବେଶୀ ସୁନେଲି ନ ଥିଲା, – ସେହି ଦୀର୍ଘଶ୍ୱାସଟିକୁ ଆମେ କେବଳ ଏକ ବୃଥା ଦୀର୍ଘଶ୍ୱାସ ବୋଲି କହିବା, ଏବଂ ସ୍ୱ-ଅଗ୍ରଗତିର ଦ୍ୱରିତ ବେଗଟି ଦ୍ୱାରା କାଳପୁରୁଷର ରଥ ସେଇଟିକୁ କେବଳ ଶୂନ୍ୟ ଭିତରକୁହିଁ ନିକ୍ଷେପ କରିଦେଇ ଚାଲିଯାଏ । ସ୍ୱୟଂ ବାଣିଜ୍ୟିକତାର କ୍ଷେତ୍ରରେ କୌଣସି ଏକ ଅପ୍ରତ୍ୟାଶିତ ବିକାଶ ଘଟିଲେ ଅଥବା ମନୁଷ୍ୟସମାଜର ଜୀବନରେ ଆଧ୍ୟାତ୍ମିକତାର କୌଣସି ପୁନର୍ଜାଗରଣ ଘଟିବା ଫଳରେ ମନୁଷ୍ୟଜାତି ଜୀବନର ରାଜନୀତିକ ତଥା ଅର୍ଥଗତ ଉଦ୍ଦେଶ୍ୟଗୁଡ଼ିକୁ ତା'ର ଆଧ୍ୟାତ୍ମିକ ଉଦ୍ଦେଶ୍ୟଟିର ଅଧୀନ କରି ରଖିପାରିଲେ ଯାଇ ବାଣିଜ୍ୟିକତାର ଅବସାନ ଘଟିପାରିବ ।

କେତେକ ସୂଚନା ଏହି ଦିଗରେ ଆମକୁ ଅଙ୍ଗୁଳିନିର୍ଦ୍ଦେଶ କରି ଦେଖାଇ ଦେଉଛନ୍ତି ବୋଲି ବିଚାର କରାଯାଉଛି । ଧର୍ମଭାବରେ ଏକ ପୁନର୍ଜୀବନ ଘଟିବାରେ ଆରମ୍ଭ କଲାଣି, ଏବଂ ଯେଉଁସବୁ ପୁରାତନ ଧର୍ମବିଶ୍ୱାସ ଏବଂ ଧର୍ମପ୍ରକାରଗୁଡ଼ିକୁ ଏପର୍ଯ୍ୟନ୍ତ ହତୋତ୍ସାହିତ କରାଯାଇ ଆସିଥିଲା, ସେଗୁଡ଼ିକରେ ମଧ୍ୟ ଗୋଟିଏ ପ୍ରକାର ଶକ୍ତିର ସଞ୍ଚାର ହେଲାଣି । ମନୁଷ୍ୟସମାଜର ଐହିକ ବିଚାରଟି ମଧ୍ୟରେ ଏପରି ଏକ ଆଦର୍ଶବାଦର ସୂଚନାମାନ ମିଳିଲାଣି ଯାହାକି ଅଧିକରୁ ଅଧିକ ପରିମାଣରେ ଆପଣାର ନାନାବିଧ ଅଭିପ୍ରାୟଗୁଡ଼ିକ ମଧ୍ୟରେ ଏକ ଆଧ୍ୟାତ୍ମିକ ଉପାଦାନକୁ ମଧ୍ୟ ଅନ୍ତର୍ଭୁକ୍ତ କରି ରଖିବାକୁ ମନ କରୁଛି । ମାତ୍ର ଏସବୁ ଏପର୍ଯ୍ୟନ୍ତ ଅତ୍ୟନ୍ତ ସାମାନ୍ୟ ମାତ୍ରାରେ ହୋଇଛି, କେବଳ ଉପରି ଭାଗରେହିଁ ଘଟିଛି; ବିଚାର ଏବଂ ଆଚରଣର ସମୁଦାୟ କ୍ଷେତ୍ରଟି, ପ୍ରକୃତରେ କାର୍ଯ୍ୟକାରୀ ହେଉଥିବା ଅଭିପ୍ରାୟଟି ଏବଂ ଯଥାର୍ଥ ପ୍ରେରକଶକ୍ତିଟିରେ ଏପର୍ଯ୍ୟନ୍ତ ତାହାର ଆଘାତ ବାଜି ନାହିଁ ଓ ସେସବୁ ଏବେ ସୁଦ୍ଧା ନ ବଦଳି ସେହିପରି ରହିଛି । ସେହି ପ୍ରେରକଶକ୍ତି ଆପଣାକୁ ଆଜି ମଧ ମନୁଷ୍ୟସମାଜର ସମ୍ପୂର୍ଣ୍ଣ ଉଦ୍ୟୋଗୀକରଣ ଆଡ଼କୁ ଧାବିତ କରି ରଖିଛି, ଏକ ଅର୍ଥନୈତିକ ଏବଂ ଉତ୍ପାଦନକାରୀ ସମୂହ-ସଂଗଠନ ରୂପେ ତାହା ତଥାପି ସମାଜର ଜୀବନଟିକୁ ପରିପୂର୍ଣ୍ଣ କରି ଗଢ଼ିବା ଲାଗି ଉଦ୍ୟତ ହୋଇରହିଛି । ପୁନଶ୍ଚ, ଏହି ମନୋଭାବଟି ଯେ ଆପଣାକୁ କ୍ରମନିଃଶେଷିତ କରି ବିଦାୟ ନେଇ ଚାଲିଯିବ, ଏବେ ସୁଦ୍ଧା ତାହାର ଆଦୌ କୌଣସି ସମ୍ଭାବନା ଦିଶୁ ନାହିଁ; – କାରଣ ତାହା ଏପର୍ଯ୍ୟନ୍ତ ଆପଣାର ସମ୍ପୂର୍ଣ୍ଣ ଅଭିପ୍ରେତ ପଥଟିକୁ ଅତିକ୍ରମ କରିପାରି ନାହିଁ ଏବଂ ବିକାଶଲାଭ କରିବାରେ ଲାଗିଛି,

'oaob.nitrkl.ac.in' images reprocessed

ଏହାର ଶକ୍ତିଟି କୌଣସି ଗୁଣରେ ହ୍ରାସ ହୋଇଯାଉ ନାହିଁ । ଅଧିକନ୍ତୁ, ଆଧୁନିକ ସମାଜବାଦ ଦ୍ୱାରା ଏଇଟି ବରଂ ସାହାଯ୍ୟପ୍ରାପ୍ତ ହେବାରେହିଁ ଲାଗିଛି ଏବଂ ସେହି ସମାଜବାଦହିଁ ଭବିଷ୍ୟର ମୀମାଂସାକାରୀ ପ୍ରଭୁ ହେବାକୁ ଯାଉଛି ବୋଲି ଏକ ପ୍ରତିଶ୍ରୁତି ମଧ୍ୟ ଘୋଷିତ ହେଲାଣି । ସମାଜବାଦର କାଳଟି ପୂର୍ବରୁ ବୁର୍ଜୁଆ ପୁଞ୍ଜିବାଦର ଗୋଟିଏ ଯୁଗ ଆସିବ, ତାହାରି ଦାୟାଦରୂପେ ସମାଜବାଦର ଆବିର୍ଭାବ ହେବ, ଆପଣାର କାର୍ଯ୍ୟରେ ଲଗାଇବା ପାଇଁ ସମାଜବାଦ ସେହି ପୁଞ୍ଜିବାଦ କାର୍ଯ୍ୟ ତଥା ସଂଗଠନକୁ ଆତ୍ମସାତ୍ କରିନେବ ଏବଂ ଆପଣାର ନୀତି ତଥା ପଦ୍ଧତିଗୁଡ଼ିକ ଦ୍ୱାରା ସେଥିରେ ଆବଶ୍ୟକ ପରିବର୍ତ୍ତନମାନ ଘଟାଇବ ବୋଲି ମାର୍କ୍ସ୍‌ବାଦୀ ତତ୍ତ୍ୱରେ ଯେଉଁ ଘୋଷଣାଟି କରାଯାଇଛି, ସମାଜବାଦ ତାହାରି ଅନୁସରଣ କରି ଆଗକୁ ଯାଉଛି । ସମାଜବାଦ ବସ୍ତୁତଃ ପୁଞ୍ଜିବାଦୀର ସ୍ଥାନରେ ଶ୍ରମଣଶକ୍ତିକୁହିଁ ସର୍ବନିର୍ଣ୍ଣାୟକ ପ୍ରଭୁରୂପେ ନେଇ ବସାଇବାକୁ ଇଚ୍ଛା କରୁଛି ।* ମାତ୍ର ଏହାର କେବଳ ଏତିକି ଅର୍ଥ ବୁଝାଯିବା ଉଚିତ ଯେ ପ୍ରତ୍ୟେକ କାର୍ଯ୍ୟ ପଛରେ ଶ୍ରମର ଯେତିକି ଅବଦାନ ରହିଥିବ ଏବଂ ପରିଣାମସ୍ୱରୂପ ଯେତିକି କାର୍ଯ୍ୟ ଉତ୍ପନ୍ନ ହେବ, ସେଥିରେ ଲାଗିଥିବା ଅଥବା ସେଥିରୁ ପ୍ରାପ୍ତ ହୋଇଥିବା ଅର୍ଥଟି ତୁଳନାରେ ତାହାହିଁ ଅଧିକ ପରିମାଣରେ ସେହି କାର୍ଯ୍ୟଟିର ମୂଲ୍ୟ ନିର୍ଦ୍ଧାରଣ କରିବ । ଏଇଟିକୁ ଆମେ ଅର୍ଥନୀତିବାଦର ଗୋଟିଏ ପାଖକୁ କେବଳ ଆଉ ଗୋଟିଏ ପାଖକୁହିଁ ଏକ ପରିବର୍ତ୍ତନ ବୋଲି କହିପାରିବା; ଅର୍ଥନୀତିବାଦକୁ ଛାଡ଼ି ମନୁଷ୍ୟଜୀବନର ଆଉ କୌଣସି ଉଚ୍ଚତର ଅଭିପ୍ରାୟ ଏହି କ୍ଷେତ୍ରରେ ସର୍ବପ୍ରଧାନ ନିର୍ଣ୍ଣାୟକ ରୂପେ ପ୍ରତିଷ୍ଠିତ ହେବ ବୋଲି କଦାପି କହିପାରିବା ନାହିଁ । ଆନ୍ତର୍ଜାତିକ ସମ୍ବନ୍ଧର କ୍ଷେତ୍ରରେ ଯେଉଁ ଏକତ୍ରୀକରଣ ହେବ, ତାହାକୁ ଅନେକ ମଧ୍ୟରୁ ଏହି ପରିବର୍ତ୍ତନଟିର ମଧ୍ୟ ପ୍ରଧାନତଃ ସମ୍ମୁଖୀନ ହେବାକୁ ପଡ଼ିବ; ଏହି ପରିବର୍ତ୍ତନଟି ହୁଏତ ତାହାର ସର୍ବପ୍ରଧାନ ସହାୟକ ହେବ ଅଥବା ସର୍ବପ୍ରଧାନ ପ୍ରତିବନ୍ଧକ ରୂପେ କାର୍ଯ୍ୟ କରିବ ।

---

* ଗୋଟିଏ ପକ୍ଷରେ ସମାଜବାଦ ଏବଂ ଅନ୍ୟପକ୍ଷରେ ଗଣତାନ୍ତ୍ରିକ ଅଥବା ସମତାବାଦୀ ବିଚାରଟିର ଅଥବା ସର୍ବହରା-ବର୍ଗର ବିଦ୍ରୋହଟିର ଯେଉଁ ସମ୍ବନ୍ଧ ରହିଛି, ଆମେ ତାହାକୁ ଇତିହାସର ସାର ନିଷ୍କର୍ଷ ବୋଲି ନ କହି ଏକ ଆକସ୍ମିକ ଘଟଣା ବୋଲିହିଁ କହିବା । ଇଟାଲୀର ଫାସିଷ୍ଟବାଦରେ ଯେଉଁ ସମାଜବାଦର ଉଦ୍ଭବ ହୋଇଥିଲା, ତାହାର ଆବିର୍ଭୂତ ରୂପ, ତାହାର ବିଚାର ଅଥବା ଅନ୍ତଃପରିବେଶଟି ମଧ୍ୟରେ ଗଣତନ୍ତ୍ର ଅଥବା ସମତାବାଦର କୌଣସି ସୂଚନାହିଁ ନ ଥିଲା । ସେହି ଫାସିଷ୍ଟବାଦର ଅନ୍ତ ହୋଇ ସାରିଲାଣି, ମାତ୍ର ସେହି କ୍ଷେତ୍ରରେ ସମାଜବାଦ ଏବଂ ଶ୍ରମିକଶକ୍ତିର ପ୍ରଧାନତା ମଧ୍ୟରେ କୌଣସି ଅନିବାର୍ଯ୍ୟ ସମ୍ବନ୍ଧ ରହିଥିଲା ବୋଲି ଆଦୌ ଦେଖାଯାଉ ନାହିଁ ।

'oaob.nitrkl.ac.in' images reprocessed

ଅତୀତରେ, ବାଣିଜ୍ୟବାଦର ଏକ ଫଳସ୍ୱରୂପ, ସମଗ୍ର ମନୁଷ୍ୟସମୂହ ଯଥାର୍ଥରେ ଏକ ଅର୍ଥନୈତିକ ଏକତ୍ୱ ମଧ୍ୟରେହିଁ ଗୋଟିଏ କରି ବନ୍ଧା ହୋଇ ରହିଆସି ପାରିଥିଲା, ବାହାରର ରାଜନୀତିକ କ୍ଷେତ୍ରରେ ତାହା ଯେତେ ବେଶୀ ପରସ୍ପରଠାରୁ ବିଚ୍ଛିନ୍ନ ବୋଲି ଦେଖା ଯାଉଥିଲେ ମଧ୍ୟ ଅର୍ଥନୀତିର କ୍ଷେତ୍ରରେ ସେହି ଏକତ୍ୱ ସମ୍ଭବ ହୋଇ ପାରିଥିଲା। ମାତ୍ର ଆମେ ଏହାକୁ କେବଳ ନାନା ଅବିଚ୍ଛେଦ୍ୟ ଅନ୍ତଃସମ୍ବନ୍ଧିତତା ଏବଂ ଅନ୍ତରଙ୍ଗ ପରସ୍ପର ନିର୍ଭରଶୀଳତାଜନିତ ଏକ ଅବଚେତନ ଏକତ୍ୱ ବୋଲିହିଁ କହିପାରିବା। ଏକ ଭାବଗତ ଆନ୍ତରିକ ଏକତ୍ୱ ବା ସଚେତନ ସଂଗଠିତ ଜୀବନର ଏକ ଏକତ୍ୱ ବୋଲି ଆଦୌ କହିପାରିବା ନାହିଁ। ତେଣୁ ଏହି ଅନ୍ତଃସମ୍ବନ୍ଧଗୁଡ଼ିକରୁ ଏକାଧାରରେହିଁ ଶାନ୍ତିର ପ୍ରୟୋଜନ ଏବଂ ତେଣେ ଯୁଦ୍ଧର ଅନିବାର୍ଯ୍ୟତା ଦୁଇଟିଯାକ ଉପଲବ୍ଧ ହୋଇ ପାରୁଥିଲା। ସେହି ସମ୍ବନ୍ଧଗୁଡ଼ିକୁ ଏକ ସାଧାରଣ ପରିବେଶ ମଧ୍ୟରେ କାର୍ଯ୍ୟକାରୀ କରି ରଖିବାକୁ ଶାନ୍ତିର ପ୍ରୟୋଜନ ହେଉଥିଲା ଏବଂ ସେଗୁଡ଼ିକର ସଭାଗତ ସମଗ୍ର ପଦ୍ଧତିଟିର କ୍ଷେତ୍ରରେ ଯୁଦ୍ଧ ଅତ୍ୟନ୍ତ ଭୟାନକ ଭାବରେ ସବୁକିଛିକୁ ଅସ୍ତବ୍ୟସ୍ତ କରି ପକାଉଥିଲା। ମାତ୍ର ସଂଗଠନବଦ୍ଧ ଏକକଗୁଡ଼ିକ ରାଜନୀତିର କ୍ଷେତ୍ରରେ ଗୋଟିଏ ଗୋଟିଏ ବିଚ୍ଛିନ୍ନ ଏବଂ ପରସ୍ପର-ପ୍ରତିଦ୍ୱନ୍ଦ୍ୱୀ ଜାତିରୂପେ ଅବସ୍ଥିତ ରହିଥିବାରୁ, ସେମାନଙ୍କର ବାଣିଜ୍ୟିକ ଅନ୍ତଃସମ୍ବନ୍ଧଗୁଡ଼ିକ ମଧ୍ୟ କେବଳ ପ୍ରତିଦ୍ୱନ୍ଦ୍ୱିତା ଏବଂ ପାରସ୍ପରିକ ନାନା ସଂଘର୍ଷର ନାନା ସମ୍ବନ୍ଧରେ ଆସି ପର୍ଯ୍ୟବସିତ ହୋଇ ରହୁଥିଲା, ଅଥବା, ପାରସ୍ପରିକ ବିନିମୟ, ପାରସ୍ପରିକ ନିର୍ଭରଶୀଳତା ଏବଂ ତେଣେ ଶତ୍ରୁତାପୂର୍ଣ୍ଣ ବିଚ୍ଛିନ୍ନତା-ବାଦରହିଁ ଏକ ଅତ୍ୟନ୍ତ ଅସ୍ତବ୍ୟସ୍ତ ଅଡୁଆ ମଡୁଆ ହୋଇ ରହୁଥିଲା। ପରସ୍ପର ମଧ୍ୟରେ ବାଣିଜ୍ୟଗତ କେତେ କଟକଣା ରଖି ସେମାନେ ପରସ୍ପର ହାତରୁ ଆପଣାକୁ ସୁରକ୍ଷିତ କରି ରଖିବାକୁ କେତେ ଚେଷ୍ଟା କରୁଥିଲେ, ଏକଚାଟିଆ ବଜାର ତଥା ଶୋଷଣକ୍ଷେତ୍ର ଲାଗି ସେମାନଙ୍କ ଭିତରେ ପ୍ରତିଦ୍ୱନ୍ଦ୍ୱିତାର କେତେ ଦଉଡ଼ ଲାଗି ରହିଥିଲା; ଯେଉଁଠି ଏକଚାଟିଆ ଅଧିକାରଗୁଡ଼ାକ ସମ୍ଭବ ହୋଇପାରୁ ନ ଥିଲା, ହାଟବଜାର ଓ ଶୋଷଣକ୍ଷେତ୍ରର ସେହିସବୁଠାରେ ସେମାନେ ଆପଣା ଲାଗି ଟିକିଏ ସ୍ଥାନ ବା ପ୍ରାଧାନ୍ୟ ଯୋଗାଡ଼ କରି-ପାରିବାକୁ କେତେ ସଂଘର୍ଷ କରୁଥିଲେ ଏବଂ ବାଣିଜ୍ୟିକ କଟକଣାର ନାନାବିଧ ବାଡ଼ ରହିଥିଲେ ମଧ୍ୟ ପରସ୍ପରର ବିଚରଣକ୍ଷେତ୍ର ମଧ୍ୟରେ ଅନୁପ୍ରବେଶ କରିପାରିବାକୁ ସେମାନେ କେତେମନ୍ତେ ପ୍ରୟାସ କରିବାରେ ଲାଗିଥିଲେ। ଏହିଗୁଡ଼ିକହିଁ ତତ୍କାଳୀନ ସେହି ଶତ୍ରୁତା ଏବଂ ବିଚ୍ଛିନ୍ନତାବାଦର ଚିରାଚରିତ ଲକ୍ଷଣ ହୋଇ ରହିଥିଲା। ଏହିଭଳି ପରିବେଶରେ କେଉଁଠାରେ ହଠାତ୍ ଯୁଦ୍ଧ ଲାଗିଯିବାଟା କେବଳ ସମୟସାପେକ୍ଷ ହୋଇହିଁ ରହିଥିଲା; କୌଣସି ଗୋଟିଏ ଜାତି ବା କେତୋଟି ଜାତିର କୌଣସି ସମୂହ ଶାନ୍ତିପୂର୍ଣ୍ଣ ଉପାୟରେ ଆଉ ଆଗକୁ ଯିବା ଲାଗି ଅସମର୍ଥ ହେବାର ଅନୁଭବ କରିବା

'oaob.nitrkl.ac.in' images reprocessed

ମାତ୍ରକେ ଅଥବା, ତା'ର ପ୍ରତିଦ୍ୱନ୍ଦ୍ୱୀ ଅନ୍ୟମାନେ ଅଧିକରୁ ଅଧିକ ପରିମାଣରେ ଏକମେଳ ହୋଇ ନିଶ୍ଚିତଭାବରେ ତା'ର ସମ୍ପ୍ରସାରଣ-ପଥରେ ଏକ ବାଧା ଆଣି ଉପୁଜାଇ ଦେବାର ଆଶଙ୍କା ଉପସ୍ଥିତ ହେବା ମାତ୍ରକେ ଯୁଦ୍ଧ ଅନିବାର୍ଯ୍ୟ ହୋଇ ପଡୁଥିଲା । ଫ୍ରାନ୍ସ୍ ଆଉ ଜର୍ମାନୀ ମଧ୍ୟରେ ଲାଗିଥିବା ଯୁଦ୍ଧଟିକୁହିଁ ରାଜନୀତିକ ଅଭିପ୍ରାୟଗୁଡ଼ିକ ଦ୍ୱାରା ପ୍ରେରିତ ଶେଷ ବୃହତ୍ ଯୁଦ୍ଧ ବୋଲି କୁହାଯାଇ ପାରିବ । ତା'ପରେ, ରାଜନୀତିକ ଅଭିପ୍ରାୟ ବା କାରଣ ବାଣିଜ୍ୟିକ ଅଭିପ୍ରାୟ ଅର୍ଥାତ୍ କାରଣଟି ଲାଗି ପ୍ରଧାନତଃ ଏକ ଆଚ୍ଛାଦନ ରୂପେହିଁ କାର୍ଯ୍ୟ କରିଆସିଛି । ରାଜନୀତିକ କ୍ଷେତ୍ରରେ ଅଷ୍ଟ୍ରୀୟା ସର୍ବିୟାକୁ ଆପଣାର ଅଧୀନ କରି ରଖିବାକୁ କଦାପି ଇଚ୍ଛାକରୁ ନ ଥିଲା, କାରଣ ତଦ୍ୱାରା ଅଷ୍ଟ୍ରୀୟ ସାମ୍ରାଜ୍ୟଟି ଲାଗି ଏକ ନୂତନ ଅଡୁଆ ଆସି ଉପସ୍ଥିତ ହୋଇଥା'ନ୍ତା; ମାତ୍ର ବାଣିଜ୍ୟିକ ସ୍ୱାର୍ଥଦୃଷ୍ଟିରୁ, ସାଲୋନିକାକୁ ହାତକୁ ଆଣି ସେହି ବହିର୍ଗମନ-ଦ୍ୱାରଟିକୁ ଆପଣା ଅଧିକାରକୁ ଆଣିବାହିଁ ଅଷ୍ଟ୍ରିୟା ଅନୁସରଣ କରିଥିବା ନୀତିଟିର ମୂଳ ଅଭିପ୍ରାୟ ହୋଇ ରହିଥିଲା । ଉପରେ ଯାହାକୁ ଅଖିଳ-ଜର୍ମାନବାଦ ବୋଲି କୁହାଯାଉଥିଲା, ତାହା ବିପୁଳ ଆହୁରି ଅନେକ ସମ୍ପଦ ଏବଂ ରାଇନ ନଦୀର କୂଳରେ ଅବସ୍ଥିତ ଦେଶଗୁଡ଼ିକୁ ଅଧିକାର କରି ଉତ୍ତର ସାଗରକୁ ଏକ ନିର୍ଗମ ଦ୍ୱାର ହାସଲ କରିବା ଲାଗି ରହି ଆସିଥିବା ଜର୍ମାନ ଉଦ୍ୟୋଗକ୍ଷେତ୍ରର ସେହି କାମନାଗୁଡ଼ିକୁହିଁ ଆଚ୍ଛାଦିତ କରି ରଖିଥିଲା । ଫ୍ରାନ୍ସର ରାଜ୍ୟାଞ୍ଚଳ ଉପରେ ଆପଣାର ଶାସନଦଣ୍ଡକୁ ବିସ୍ତାର କରିବା ମୋଟେ ନୁହେଁ, ମାତ୍ର ଆଫ୍ରିକାରେ ଥିବା ଶୋଷଣ କ୍ଷେତ୍ରଗୁଡ଼ିକୁ, ଏବଂ ସମ୍ଭବତଃ ଫରାସୀ କୋଇଲା ଖଣିଗୁଡ଼ିକୁ ମଧ୍ୟ ଅଧିକାରକୁ ଆଣି ପାରିବାହିଁ ଜର୍ମାନୀର ଯଥାର୍ଥ ମତଲବ ହୋଇ ରହିଥିଲା । ଆଫ୍ରିକାରେ, ଚୀନ୍‌ରେ, ପାରସ୍ୟରେ, ମେସୋପୋଟାମିଆରେ ବାଣିଜ୍ୟିକ ମତଲବଗୁଡ଼ାକହିଁ ରାଜନୀତିକ ତଥା ସାମରିକ ଯାବତୀୟ କାର୍ଯ୍ୟକାରୀ ପଦକ୍ଷେପର ନିର୍ଦ୍ଧାରଣ କରୁଥିଲା । ଯୁଦ୍ଧ ଏଣିକି ଆଉ ଉଚ୍ଚାକାଙ୍‌କ୍ଷା ଏବଂ ଅଧିକ ଭୂମିକୁ ଆପଣାର ଅଧିକାରକୁ ଆଣିବାର କ୍ଷୁଧାର ବୈଧ ସନ୍ତାନ ହୋଇ ଆଦୌ ରହିଲା ନାହିଁ, ତାହା ଅଧିକ ବିତ୍ତ ଲାଗି ଏକ କ୍ଷୁଧା ଅର୍ଥାତ୍ ତୁଚ୍ଛା ବାଣିଜ୍ୟିକତାରହିଁ ଏକ ଅବୈଧ ଜାରଜସନ୍ତାନ ରୂପେ ଆବିର୍ଭୂତ ହେବାକୁ ଆରମ୍ଭ କଲା ଓ ରାଜନୀତିକ ଯାବତୀୟ ମହତ୍ତ୍ୱାକାଙ୍‌କ୍ଷା କେବଳ ତା'ର ଏକ ଅନୁମାନିତ ପିତାରୂପେ କାର୍ଯ୍ୟ କରିବାକୁ ଲାଗିଲା ।

ଏବଂ ଅପରପକ୍ଷରେ, ମନୁଷ୍ୟ ଜୀବନର ଔଦ୍ୟୋଗିକ ସଂଗଠନବଦ୍ଧତା ଏବଂ ଜାତି ଜାତି ମଧ୍ୟରେ ବାଣିଜ୍ୟିକ କ୍ଷେତ୍ରରେ ରହିଥିବା ପାରସ୍ପରିକ ନିର୍ଭରଶୀଳତା ଲାଗି କ୍ରମେ ଯୁଦ୍ଧର ପରିଣାମ ଏବଂ ଧକ୍କାଟି ପ୍ରାୟ ଅସହନୀୟ ବୋଲି ଅନୁଭୂତ ହେବାକୁ ଆରମ୍ଭ କରିଛି । ଅବଶ୍ୟ ଏପରି କହିଲେ ଅତିରିକ୍ତ ହୋଇପଡ଼ିବ ଯେ ଯୁଦ୍ଧ ଦ୍ୱାରା ସେହି

'oaob.nitrkl.ac.in' images reprocessed

ସଂଗଠିତତାଟି ଏକାବେଳେକେ ଧ୍ୱସ୍ତବିଧ୍ୱସ୍ତ ହୋଇପଡ଼ିଛି; ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯୁଦ୍ଧ ତାହାକୁ ଓଲଟପାଲଟ ଏବଂ ଇତସ୍ତତଃ କରିପକାଇଛି । ଏହାର ସମସ୍ତ ପ୍ରଣାଳୀଟିକୁ ଭାରି ଅଡୁଆ କରି ପକାଇଛି ଏବଂ କେତେ ଅସ୍ୱାଭାବିକ ପରିଣାମ ଆଡ଼କୁ ତାହାକୁ ବିଚ୍ୟୁତ କରି ନେଇଯାଇଛି । ଏହି ଯୁଦ୍ଧ ଫଳରେ ଯୁଦ୍ଧଲିପ୍ତ ଦେଶଗୁଡ଼ିକୁ ବ୍ୟାପକଭାବରେ ଦୁଃଖ ଓ ଅନାଟନ ଭୋଗ କରିବାକୁ ହୋଇଛି, ନିରପେକ୍ଷ ଦେଶଗୁଡ଼ିକର ଜୀବନ ମଧ୍ୟ କେତେ ପ୍ରକାରେ ଅସ୍ତବ୍ୟସ୍ତ ହୋଇପଡ଼ିଛି; ବିଶ୍ୱର ଇତିହାସରେ ଏହି ଘଟଣାଟିର ପ୍ରକୃତରେ କୌଣସି ସମାନ୍ତର ନାହିଁ । ଏହି ସଂକଟଟିକୁ ଆଉଥରେ କଦାପି ଭୋଗିବାକୁ ପଡ଼ିବ ନାହିଁ ଏବଂ ଆପେ ଆପଣାକୁ ସଭ୍ୟତା ବୋଲି କହୁଥିବା ଏହି ପୃଥିବୀର ଆଧୁନିକ ଔଦ୍ୟୋଗିକ ସଂଗଠନ ଉପରକୁ ଯେଉଁମାନେ ଯୁଦ୍ଧରୂପୀ ଏହି ବିପନ୍ନତା ଏବଂ ଘୋର ଅଶାନ୍ତିକୁ ବହନ କରି ଆଣିଛନ୍ତି, ସେମାନଙ୍କୁ ସେମାନଙ୍କର ଯଥୋଚିତ ଦଣ୍ଡ ଦେବାକୁ ପଡ଼ିବ ଏବଂ ଏକ ଯଥାର୍ଥ ନିଷେଧ ଏବଂ ବର୍ଜନ ଦ୍ୱାରା ସେମାନଙ୍କୁ କେତେକ ବର୍ଷ ଲାଗି ଆନ୍ତର୍ଜାତିକ କ୍ଷେତ୍ରରୁ ବହିଷ୍କୃତ କରି ରଖିବାକୁ ହେବ ବୋଲି ଏବେ ଯେଉଁ ରୋଷୋକ୍ତିମାନ ପ୍ରକାଶ ପାଇଛି, ଏହି ଶିକ୍ଷାଟି ମନୁଷ୍ୟଜାତିର ପ୍ରକୃତରେ କେତେ ଗଭୀରକୁ ପ୍ରବେଶ କରିଛି, ସେଥିରୁ ତାହାର ଯଥେଷ୍ଟ ପ୍ରମାଣ ମିଳିଯାଇଛି । ମାତ୍ର ଯୁଦ୍ଧର ପରବର୍ତ୍ତୀ ମନୋଭାବଟି ଦ୍ୱାରା ଯାହା ପ୍ରଦର୍ଶିତ ହୋଇଛି, ତାହା ଆମକୁ ଏହି କଥାଟିକୁ ମଧ୍ୟ ଦେଖାଇ ଦେଇଛି ଯେ ଏସବୁ ଘଟଣାର ଅସଲ ଓ ଅନ୍ତର୍ଗତ ସତ୍ୟଟିକୁ ହୁଏତ ଏପର୍ଯ୍ୟନ୍ତ ହୃଦୟଙ୍ଗମ କରାଯାଇ ନାହିଁ ବା ଏହାର ମଞ୍ଜଟି ଭିତରକୁ ପ୍ରବେଶ କରିବା ପ୍ରକୃତରେ ସମ୍ଭବ ହୋଇ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ଦୃଷ୍ଟିଟିରୁ ବିଚାର କରି ଦେଖିଲେ ମଧ୍ୟ ଆନ୍ତର୍ଜାତୀୟ ଜୀବନକୁ ଯେକୌଣସି ନୂତନ ପ୍ରକାରେ ସଂଗଠିତ କରିବା ଲାଗି ବାହାରିବା ମାତ୍ରକେ ଆମକୁ ସର୍ବପ୍ରଥମେ ଯୁଦ୍ଧର ନିରାକରଣ କରିବା ଦିଗରେ ମଧ୍ୟ ନିଶ୍ଚିତ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ । ମାତ୍ର ରାଜନୀତିକ ଅସ୍ତିତ୍ୱର କ୍ଷେତ୍ରରେ ପରସ୍ପରଠାରୁ ଅଲଗା ହୋଇ ରହିଥିବା ଜାତିଗୁଡ଼ିକ ମଧ୍ୟରେ ବର୍ତ୍ତମାନ ଲାଗି ରହିଥିବା ବାଣିଜ୍ୟିକ ପ୍ରତିଦ୍ୱନ୍ଦ୍ୱିତାର ସେହି ପୁରୁଣା ଅବସ୍ଥାଟି ଯେପର୍ଯ୍ୟନ୍ତ ଏକ ସ୍ଥାୟୀ ଅବସ୍ଥା ହୋଇ ରହିଥିବ, ସେପର୍ଯ୍ୟନ୍ତ ଯୁଦ୍ଧର ସମ୍ପୂର୍ଣ୍ଣ ନିରାକରଣ ହୋଇପାରିବ ବା କିପରି ? ଯଦି ଶାନ୍ତିକୁ ତଥାପି ଏକ ପ୍ରଚ୍ଛନ୍ନ ଯୁଦ୍ଧରତତା କରି ରଖିବାକୁ ହୁଏ, ସଂଘର୍ଷ ଏବଂ ପ୍ରତିଦ୍ୱନ୍ଦ୍ୱିତାରହିଁ ଏକ ସଂଗଠନରେ ପରିଣତ କରି ରଖିବାକୁ ହୁଏ, ତେବେ ସେଥିରୁ ଉପୁଜୁଥିବା ମୂର୍ତ୍ତ ବିପଦଟିର କିପରି ନିରାକରଣ କରାଯାଇ ପାରିବ ? ଏଠାରେ କୁହାଯାଇ ପାରିବ ଯେ, ସମାଜବାଦର ଆଗମନ ପୂର୍ବରୁ ଯେକୌଣସି ଜାତିର ପ୍ରତିଦ୍ୱନ୍ଦ୍ୱିତାମୂଳକ ବାଣିଜ୍ୟିକ କାରବାରର କ୍ଷେତ୍ରରେ ଯେପରି କରାଯାଇ ପାରୁଥିଲା, ଆଇନ୍-ପ୍ରଣୟନ ଦ୍ୱାରା ବର୍ତ୍ତମାନ

'oaob.nitrkl.ac.in' images reprocessed

ଅନିବାର୍ଯ୍ୟ ହୋଇ ରହିଥିବା ସଂଘର୍ଷ ଏବଂ ଶତ୍ରୁତାକୁ ନିୟନ୍ତ୍ରଣ ମଧ୍ୟରେ ରଖି ଏହା ନିଶ୍ଚୟ ସମ୍ଭବ ହୋଇଯିବ । ମାତ୍ର, ପ୍ରତିଦ୍ୱନ୍ଦ୍ୱିତାରତ ବ୍ୟକ୍ତି ଅଥବା ସମୂହଗୁଡ଼ିକ କେବଳ ସେହି ଗୋଟିଏ ସାମାଜିକ ସଂଗଠନର ଅଂଶ ହୋଇ ରହିଥିଲେ ଏବଂ ଗୋଟିଏ ସରକାରର କର୍ତ୍ତୃତ୍ୱାଧୀନ ହୋଇ ରହିଥିଲେ ଓ ଏଇଟିର ବିରୋଧରେ ଆପଣାର ସ୍ୱତନ୍ତ୍ର ବ୍ୟକ୍ତିକେନ୍ଦ୍ରିତ ଇଚ୍ଛାଟିକୁ ଜାରି କରିପାରୁ ନ ଥିଲେ ବୋଲିହିଁ ସେକଥା ସମ୍ଭବ ହେଉଥିଲା । ତେଣୁ ଦେଶ ଦେଶ ଭିତରେ ଯଦି ଆମେ ଏହିପରି ଏକ ନିୟନ୍ତ୍ରଣକୁ କାର୍ଯ୍ୟକାରୀ କରି ରଖିବାକୁ ଇଚ୍ଛା କରିବା, ତେବେ ନ୍ୟାୟତଃ ଅଥବା ବାସ୍ତବତଃ, ଏକ ସଂକେନ୍ଦ୍ରିତ ବିଶ୍ୱ-ରାଷ୍ଟ୍ରର ପ୍ରତିଷ୍ଠା ବ୍ୟତୀତ ଆଉ ଅନ୍ୟ କୌଣସି ସମାଧାନ ଆମ ଆଗରେ ସମାଧାନ ବୋଲି ମନେହେବ ନାହିଁ ।

ମାତ୍ର ଏଠାରେ ଆମେ ଅନୁମାନ କରିନେବା ଯେ ଯୁଦ୍ଧଜନିତ ସେହି ମୂର୍ତ୍ତ ବିପଦଟିକୁ ଆମେ ନିରାକୃତ କରି ରଖିପାରିବା; ଆଇନ୍ ବଳରେ ନୁହେଁ, ମାତ୍ର, ଯେଉଁସବୁ ଅତି ସାଂଘାତିକ ଘଟଣାରୁ ହୁଏତ ଯୁଦ୍ଧ ଲାଗିଯିବାର ସମ୍ଭାବନା ରହିଥିବ, ସେଥିରେ ସବଳ ହସ୍ତକ୍ଷେପ କରିବାର ନୀତିଟିଏ ବଳବତ୍ତର ରଖି ଆମେ ହୁଏତ ତାହା କରିପାରିବା; ଆନ୍ତର୍ଜାତିକ କର୍ତ୍ତୃତ୍ୱ ଧାରଣ କରିଥିବା କୌଣସି ସଂସ୍ଥାର ସ୍ଥାପନା ଦ୍ୱାରା ନୁହେଁ, ମାତ୍ର ମୁଣ୍ଡ ଉପରେ ଝୁଲିକରି ରହିଥିବା ଆନ୍ତର୍ଜାତିକ ଚାପର ଭୟଟି ଦେଖାଇ ଆମେ ହୁଏତ ତାହା ସମ୍ଭବ କରିପାରିବା । ସେହି କ୍ଷେତ୍ରରେ ପ୍ରଚ୍ଛନ୍ନ ଯୁଦ୍ଧର ଭୀତିଟି ତଥାପି ବଳବତ୍ତର ରହିଥିବ, ଏପରିକି ତାହା ଆହୁରି କେତେ କେତେ ଅଭୂତପୂର୍ବ ଓ ଆତଙ୍କକାରୀ ରୂପ ଧାରଣ କରିବାର ମଧ୍ୟ ଆଶଙ୍କା ଆସି ଉପୁଜିବ । ଅନ୍ୟ ଅସ୍ତ୍ରଶସ୍ତ୍ରର ବ୍ୟବହାର କରିବାରୁ ବଞ୍ଚିତ ହୋଇ ଜାତିଗୁଡ଼ିକ ଅଧିକରୁ ଅଧିକ ପରିମାଣରେ ସମ୍ଭବତଃ ବାଣିଜ୍ୟକ୍ଷେତ୍ରୀୟ ନାନା ଚାପ ଆଣି ପକାଇବାର ଅସ୍ତ୍ରଟିର ଶରଣ ନେବା ଲାଗି ବାଧ୍ୟ ହେବେ; ଜାତୀୟ ଜୀବନର ଚାରିସୀମା ଭିତରେ ରହି ପୁଞ୍ଜିବାଦୀମାନେ ଓ ଶ୍ରମିକପକ୍ଷ ପରସ୍ପର ସହିତ ସ୍ଥାୟୀଭାବରେ 'ଶାନ୍ତିପୂର୍ଣ୍ଣ' ସଂଘର୍ଷରେ ଲିପ୍ତ ହୋଇ ରହିଥିବା ବେଳେ ଯେପରି କରିଥିଲେ, ଠିକ୍ ସେହିପରି । ଅବଶ୍ୟ ଏହି କ୍ଷେତ୍ରରେ ଅସ୍ତ୍ରୋପକରଣମାନ ଅନ୍ୟପ୍ରକାର ହେବ, ମାତ୍ର ସେଗୁଡ଼ିକ ସେହି ପୁରୁଣା ନୀତିଟିରହିଁ ଅନୁସରଣ କରିବେ; ସେହି ଧର୍ମଘଟ ଓ ତାଲାବନ୍ଦ ପ୍ରଭୃତି ମାର୍ଗର ଅନୁସରଣ କରିବେ, ଯାହାକୁକି ଆମେ ଗୋଟିଏ ଦୃଷ୍ଟିରୁ ଆପଣାର ଦାବିଗୁଡ଼ିକର ପୂରଣ ଲାଗି ଦୁର୍ବଳତର ପକ୍ଷଟିର ଏକ ସମ୍ମିଳିତ ଅସକ୍ରିୟ ପ୍ରତିରୋଧ ବୋଲି କହିପାରିବା ଏବଂ ଅନ୍ୟ ଦୃଷ୍ଟିରୁ ସବଳତର ପକ୍ଷଟି ତରଫରୁ ଆପଣାର ଇଚ୍ଛାଗୁଡ଼ିକୁ ଆଣି ଲଦିଦେବା ଲାଗି ଏକ ଅସକ୍ରିୟ ଚାପ ପକାଇବାର ଦୃଷ୍ଟାନ୍ତ ବୋଲି ମଧ୍ୟ ବେଶ୍ କହିପାରିବା । ଜାତିଜାତି ମଧ୍ୟରେ ଅନୁମିତ ସଂଘର୍ଷଟିର କ୍ଷେତ୍ରରେ ବାଣିଜ୍ୟିକ

'oaob.nitrkl.ac.in' images reprocessed

ବାସନ୍ଦକୁହିଁ ଆମେ ଧର୍ମଘଟର ଅନୁରୂପ ଅସ୍ତ୍ରଟିରୂପେ ବିଚାର କରିବା; ଏସିଆ ତଥା ଇଉରୋପରେ ଯେତେ ଅସଂଗଠିତ ଭାବରେ ହେଲେ ମଧ୍ୟ ଏଇଟିର ଏକାଧିକ ପ୍ରୟୋଗ କରାଯାଇ ସାରିଛି; ଏବଂ, ରାଜନୀତି ଅଥବା ବାଣିଜ୍ୟର କ୍ଷେତ୍ରରେ ବଡ଼ ଦୁର୍ବଳ ହୋଇ ରହିଥିବା ଗୋଟିଏ ଜାତି ଏହାର ପ୍ରୟୋଗ କଲେ ମଧ୍ୟ ତାହା ନିଶ୍ଚୟ ଅତୀବ ମାତ୍ରାରେ ଫଳଦାୟକ ହେବ ଏବଂ ପ୍ରଭାବଶାଳୀ ମଧ୍ୟ ହୋଇପାରିବ । କାରଣ ଅପେକ୍ଷାକୃତ ଅଧିକ ବଳବାନ୍ ଜାତି ଲାଗି ଅପେକ୍ଷାକୃତ ଅଧିକ ଦୁର୍ବଳ ଜାତିର ମଧ୍ୟ ଏକ ଆବଶ୍ୟକତା ରହିଛି, ଆଉ ଅନ୍ୟ କୌଣସି ହିସାବରେ ନ ହେଲେ ମଧ, ତଥାପି ଆପଣାର ପଣ୍ୟଗୁଡ଼ିକ ଲାଗି ଏକ ବଜାର ହିସାବରେ ଏବଂ ବାଣିଜ୍ୟ ତଥା ଉଦ୍ୟୋଗର କ୍ଷେତ୍ରରେ ଏକ ସହଜଲଭ୍ୟ ଶିକାର ହିସାବରେ ଅବଶ୍ୟ ଏକ ଆବଶ୍ୟକତା ରହିଛି । ତାଲାବନ୍ଦର ଅନୁରୂପ ମାର୍ଗ ବା ଅସ୍ତ୍ରଟି ହିସାବରେ ଆମେ ପୁଞ୍ଜି ଅଥବା ଯନ୍ତ୍ରପାତି ଯୋଗାଇ ଦେବାକୁ ନାସ୍ତି କରିଦେବାର ବିଚାର କରି ପାରିବା; ଯେଉଁ ଦେଶଟି ଅନ୍ୟମାନଙ୍କର ଅବମାନନା କରିଥିବ ଅଥବା ସେମାନଙ୍କର ଶରବ୍ୟ ହୋଇଥିବ, ସିଏ ଆବଶ୍ୟକ କରୁଥିବା କୌଣସି ପଣ୍ୟଦ୍ରବ୍ୟ ବା ସକଳ ପଣ୍ୟଦ୍ରବ୍ୟକୁ ସେହି ଦେଶକୁ ପଠାଇବାକୁ ନିଷିଦ୍ଧ କରିଦେବାର ବିଚାର କରି ପାରିବା; ଏପରିକି ସମୁଦ୍ର ଜଳରେ ସେହି ଦେଶର ଯାବତୀୟ କାରବାରକୁ ବନ୍ଦ କରି ଦିଆଯାଇ ପାରିବ ଏବଂ ସେଇଟି ଅଧିକ ଦିନ ସ୍ଥାୟୀ ହୋଇ ରହିଲେ ତାହା ସେହି ଦେଶର ଶିଳ୍ପୋଦ୍ୟୋଗକୁ ଏକାବେଳେକେ ନଷ୍ଟ କରିଦେବ ଅଥବା ସେହି ଜାତିଟିକୁ ଉପବାସୀ ବି ରଖିଦେବ । ପ୍ରଥମେ କେବଳ ଯୁଦ୍ଧ ସମୟରେହିଁ ଏହିଭଳି ଅବରୋଧକୁ ଏକ ଅସ୍ତ୍ରରୂପେ ବ୍ୟବହାର କରାଯାଉଥିଲା; ମାତ୍ର ଏହା ଗ୍ରୀସ୍ ବିରୋଧରେ ଯୁଦ୍ଧର ଏକ ବିକଳ୍ପ ରୂପେ ବି ବ୍ୟବହୃତ ହେଲା ଏବଂ ଏହି ଚଳଣିଟିକୁ ବଡ଼ ସହଜରେ ଭବିଷ୍ୟତରେ ମଧ୍ୟ ବ୍ୟବହାର କରାଯାଇ ପାରିବ । ଏବଂ ଏତଦ୍‌ବ୍ୟତୀତ, ନିଷେଧାତ୍ମକ ଶୁଳ୍କ ଜାରି କରିବାର ଅସ୍ତ୍ରଟି ମଧ୍ୟ ସବୁବେଳେ ମହଜୁଦ ହୋଇ ରହିଥିବ ।

ଏଥିରୁ ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଥିବ ଯେ କେବଳ ଯେ ବାଣିଜ୍ୟିକ ଅଭିପ୍ରାୟ ବା ଇଷ୍ଟସାଧନ ଲାଗିହିଁ ଏହିସବୁ ଅସ୍ତ୍ରକୁ କାମରେ ଆଣି ଲଗାଯିବ, ସେକଥା ମୋଟେ ନୁହେଁ । ଜାତୀୟ ଯେକୌଣସି ସ୍ୱାର୍ଥର ରକ୍ଷା ଲାଗି ବା ତାହାକୁ ଆକ୍ରମଣ କରିବା ଲାଗି ମଧ୍ୟ ସେଗୁଡ଼ିକର ଅବଲମ୍ବନ କରାଯାଇ ପାରିବ । ଜାତି ଓ ଜାତିର ସମ୍ବନ୍ଧ କ୍ଷେତ୍ରରେ ନ୍ୟାୟ ବା ଅନ୍ୟାୟର ଯେକୌଣସି ଦାବିକୁ ଜୋର୍ କରି କାର୍ଯ୍ୟକାରୀ କରିବା ଲାଗି ସେଗୁଡ଼ିକର ପ୍ରୟୋଗ ହୋଇପାରିବ । ବାଣିଜ୍ୟିକ ଚାପକୁ ଯୁଦ୍ଧର ଏକ ସହାୟକରୂପେ ବ୍ୟବହାର କଲେ ତାହା ଯେ କେଡ଼େ ଶକ୍ତିଶାଳୀ ଅସ୍ତ୍ରର କାମ ଦେଇ ପାରିବ, ସେ କଥାଟି ଆଗରୁ ଦର୍ଶାଇ ଦିଆଯାଇଛି । ମହାଯୁଦ୍ଧରେ ଜର୍ମାନୀକୁ ଯେ ଶେଷରେ ସମ୍ପୂର୍ଣ୍ଣରୂପେ

'oaob.nitrkl.ac.in' images reprocessed

ପରାହତ କରାଯାଇ ପାରିଲା, ଅବରୋଧକୁହିଁ ଆମେ ସେହି ବିଜୟର ପ୍ରକୃତ ଅସ୍ତ୍ର ବୋଲି ଜାଣିବା; ଅର୍ଥାଗମର ସୂତ୍ରଗୁଡ଼ିକୁ କାଟିଦିଆଗଲା, ସମ୍ପଦ ଓ ଖାଦ୍ୟ ଆସିବାର ବାଟଟିକୁ ବନ୍ଦ କରିଦିଆଗଲା, ଜର୍ମାନୀର ଉଦ୍ୟୋଗ ଓ ବାଣିଜ୍ୟକୁ ଏକାବେଳେକେ ବିନଷ୍ଟ କରିଦିଆଗଲା, ଏବଂ ତା'ପରେ ଜର୍ମାନୀ ପରାହତ ହେଲା । ଜର୍ମାନୀର ଏହି ଯେଉଁ ସାମରିକ ପରାଜୟଟି ଘଟିଲା, ତାହା ପ୍ରତ୍ୟକ୍ଷ ଭାବରେ ତାହାର ସାମରିକ ଅକ୍ଷମର୍ଥତା ଯୋଗୁଁ ଯେ ଘଟିଲା, ସେକଥା ଆଦୌ ନୁହେଁ, ମାତ୍ର ମୂଳତଃ ସମ୍ପଦ ହ୍ରାସ ହୋଇଯିବାରୁ ଏବଂ ସମ୍ପଦ ଉପଲବ୍ଧ ନ ହେବାରୁହିଁ ଘଟିଲା, ଜର୍ମାନୀ କ୍ଳାନ୍ତ ହୋଇ ପଡ଼ିବାରୁ ଘଟିଲା, ଅର୍ଦ୍ଧ-ଉପବାସୀ ହୋଇ ରହିବାରୁ ଏବଂ, ସିଏ ଯେ ପୁନର୍ବାର ଆପଣାର କ୍ଷତିଗୁଡ଼ିକର ପୂରଣ କରିପାରିବ ବା ଏହି ଦୁର୍ଦ୍ଦଶାଟିରୁ ମୁକୁଳି ସ୍ୱାଭାବିକ ଅବସ୍ଥାକୁ ଆସିପାରିବ, ଏହିପ୍ରକାରର ଯାବତୀୟ ଆଶାରୁ ବିଚ୍ୟୁତ ହୋଇ ପଡ଼ିବାର ଏକ ଅସହନୀୟ ସ୍ଥିତି ଏବଂ ସେଥିରୁ ଉପୁଜୁଥିବା ଏକ ନୈତିକ ନୈରାଶ୍ୟ ହେତୁହିଁ ଘଟିଲା । ଭବିଷ୍ୟତରେ ମଧ୍ୟ ତଥାକଥିତ "ଶାନ୍ତି"ର ଅବସ୍ଥାରେ ଏହି ଉପାୟଟିକୁ ହୁଏତ ଅନେକ ପରିମାଣରେ ନିଶ୍ଚୟ ପ୍ରୟୋଗ କରାଯାଇ ପାରିବ । ରାଜନୀତି-କ୍ଷେତ୍ରର ଯୁଦ୍ଧଟି ଶେଷ ହୋଇ ଯାଇଥିଲେ ମଧ୍ୟ ବାଣିଜ୍ୟର କ୍ଷେତ୍ରରେ ତଥାପି ସେହି ଯୁଦ୍ଧକୁ ଚଳାଇ ରଖିବା ଲାଗି ଏକଦା କେତେକ ମହଲରୁ ଏକ ପ୍ରସ୍ତାବ ମଧ୍ୟ ଆସିଥିଲା; ଏହାଦ୍ୱାରା ଜର୍ମାନୀକୁ ଯେ କେବଳ ସାମ୍ରାଜ୍ୟର ଅଧିକାରୀ ହୋଇ ରହିଥିବା ବଡ଼ ବଡ଼ ଜାତିଙ୍କର ତାଲିକାରୁ ଏକାବେଳେକେ ନିକାଳି ଦିଆଯିବ ତାହା ନୁହେଁ, ମାତ୍ର ଏହା ଦ୍ୱାରା ଜର୍ମାନୀ ସ୍ଥାୟୀଭାବରେ ବାଧାଯୁକ୍ତ ହୋଇ ରହିଯିବ, ବାଣିଜ୍ୟ ତଥା ଶିଳ୍ପୋଦ୍ୟୋଗ-କ୍ଷେତ୍ରର ଜଣେ ପ୍ରତିଦ୍ୱନ୍ଦ୍ୱୀ ହିସାବରେ ମଧ୍ୟ ଅସମର୍ଥ ହୋଇ ରହିବ ଏବଂ ଏପରିକି ସମ୍ପୂର୍ଣ୍ଣରୂପେ ବିନଷ୍ଟ ବି ହୋଇଯିବ । ବଲ୍‌ଶେଭିଷ୍ଟ ରୁଷିଆ ବିରୋଧରେ ମଧ୍ୟ ସମସ୍ତେ ଏହିପରି ଗୋଟିଏ ନୀତି ଗ୍ରହଣ କରନ୍ତୁ, ତାକୁ କେହି ପୁଞ୍ଜି ଯୋଗାଇ ନ ଦିଅନ୍ତୁ, ତା'ସହିତ ବାଣିଜ୍ୟ-ସମ୍ବନ୍ଧ ନ ରଖନ୍ତୁ ଏବଂ ଗୋଟିଏ ପ୍ରକାରର ଶତ୍ରୁତାପୂର୍ଣ୍ଣ ଅବରୋଧର ଘେର ତିଆରି କରାଯାଇ ତାକୁ ଅଲଗା କରି ରଖାଯାଉ ବୋଲି ଏବେ ପ୍ରକାଶ୍ୟଭାବରେ ଏକ ମତ ମଧ୍ୟ ବ୍ୟକ୍ତ କରାଯାଇଛି, ବେଶ୍ କିଛି ସମୟ ଲାଗି ତାହାକୁ ପ୍ରାୟ କାର୍ଯ୍ୟକାରୀ ମଧ୍ୟ କରାଯାଇଛି । ଏବଂ ଏପରି ଏକ ପ୍ରସ୍ତାବ ମଧ୍ୟ ଦିଆଯାଇଛି ଯେ ଏଥିଲାଗି "ଶାନ୍ତିଲୀଗ୍" ନାମରେ ଏକ ଅନୁଷ୍ଠାନ* ଗଢ଼ାଯାଉ ଏବଂ ଯେକୌଣସି ଅବାଧ୍ୟ ଜାତି ବିରୋଧରେ ସାମରିକ ବାହିନୀ ଲଗାଇବା ପରିବର୍ତ୍ତେ ବାଣିଜ୍ୟିକ ଚାପର ଅସ୍ତ୍ରଟିକୁ ପ୍ରୟୋଗ କରିବାର କାର୍ଯ୍ୟଟି ସେହି ଲୀଗ୍ ଉପରେହିଁ ନ୍ୟସ୍ତ ହୋଇରହୁ ।

ମାତ୍ର, ଯେ ପର୍ଯ୍ୟନ୍ତ ଏକ ଯଥେଷ୍ଟ ଦୃଢ଼ ଆନ୍ତର୍ଜାତିକ କର୍ତ୍ତୃତ୍ୱର ପ୍ରତିଷ୍ଠା ନ ହୋଇ

---

* ପରେ-ତାହାହିଁ ଲୀଗ୍ ଅଫ୍ ନେଶନ୍‌ସ୍ ରୂପେ ଜନ୍ମଲାଭ କଲା ।

'oaob.nitrkl.ac.in' images reprocessed

ପାରିଛି, ସେ ପର୍ଯ୍ୟନ୍ତ ଏହି ଅସ୍ତ୍ରଟିର ବ୍ୟବହାର ଯେ କେବଳ ଏହିସବୁ ଅବସର ମଧ୍ୟରେ ସୀମିତ ହୋଇ ରହିପାରିବ ଅଥବା କେବଳ ନ୍ୟାୟୋଚିତ ଏବଂ ବୈଧ ଉଦ୍ଦେଶ୍ୟଗୁଡ଼ିକର ହାସଲ ସକାଶେ ଯେ ତାହାର ପ୍ରୟୋଗ କରାଯିବ, ସେ କଥା ଆଦୌ କହିହେଉ ନାହିଁ। ଅନ୍ୟମାନଙ୍କ ତରଫରୁ ଏକ ସାଧାରଣ ଉପେକ୍ଷା ସମ୍ମୁଖରେ ଆପଣାକୁ ତଥାପି ନିରାପଦ କରି ରଖିପାରୁଥିବା କୌଣସି ବୃହତ୍ ଜାତି ଆଉ ଗୋଟିଏ ଦୁର୍ବଳ ଜାତିକୁ ପେଷି ବା ଦଳି ଦେବା ପାଇଁ ମଧ୍ୟ ଏହାର ବ୍ୟବହାର କରିପାରିବ, କେତୋଟି ବୃହତ୍ ସାମ୍ରାଜ୍ୟ-ଶକ୍ତି ଏକାଠି ମିଶି କରି ମଧ୍ୟ ପୃଥିବୀରେ ଆପଣାର ସ୍ୱାର୍ଥପ୍ରଣୋଦିତ ଇଚ୍ଛା ଏବଂ ମନ୍ଦ ମତଲବଗୁଡ଼ାକୁ ବଳପୂର୍ବକ ଜାରି କରି ରଖିବା ପାଇଁ ସେହି ଅସ୍ତ୍ରଟିର ପ୍ରୟୋଗ କରିପାରିବେ। ଯେକୌଣସି ପ୍ରକାର ବଳପ୍ରୟୋଗ ଏବଂ ଜବରଦସ୍ତିର ଅଧିକାରକୁ ଯଦି ଏକ ନ୍ୟାୟ ଦ୍ୱାରା ପ୍ରେରିତ ନିରପେକ୍ଷ କର୍ତ୍ତୃତ୍ୱ ସ୍ଥାନରେ ସଂକେନ୍ଦ୍ରିତ କରି ରଖା ନ ଯାଏ, ତେବେ ତାହାର ଅପପ୍ରୟୋଗ ଏବଂ ଅପବ୍ୟବହାର କରାଯିବାର ଆଶଂକାଟି ମଧ୍ୟ ସବୁବେଳେ ବଳବତ୍ତର ରହିଥିବ। ତେଣୁ ଏଥିରେ କୌଣସି ସନ୍ଦେହ ନାହିଁ ଯେ ମନୁଷ୍ୟସମାଜର ଏକତା ବୃଦ୍ଧି ପାଉଥିବା ସଙ୍ଗେ ସଙ୍ଗେ ପ୍ରାୟ ଅନିବାର୍ଯ୍ୟ ଭାବରେହିଁ ଏହିପରି ଏକ କର୍ତ୍ତୃତ୍ୱସ୍ଥଳର ବିବର୍ତ୍ତିତ ହୋଇ ଆସିବା ଅଚିରେ ଏକାନ୍ତ ଆବଶ୍ୟକ ବୋଲି ଉପଲବ୍ଧ ହେବାକୁ ଲାଗିବ। ଆପଣାର ପ୍ରଥମକାଳୀନ ଓ ଅପୂର୍ଣ୍ଣତାଯୁକ୍ତ ପର୍ଯ୍ୟାୟଟିରେ ମଧ୍ୟ ଆମର କଳ୍ପିତ ବିଶ୍ୱରାଷ୍ଟ୍ରକୁ ଯେ ଆପଣାର ହାତରେହିଁ ସାମରିକ ଶକ୍ତିଟିକୁ ସଂକେନ୍ଦ୍ରିତ କରି ରଖିବାକୁ ହେବ ତା'ନୁହେଁ, ମାତ୍ର ଜାତି-ରାଷ୍ଟ୍ର ତା'ବେଳକୁ ଯାହାକୁ କେବଳ ଏକ ଅତିଧୀର ଓ ସ୍ୱଭାବଗତ ବିକାଶ ଦ୍ୱାରା ହାସଲ କରିପାରିଥିଲା, ବିଶ୍ୱରାଷ୍ଟ୍ରକୁ ଆରମ୍ଭରୁହିଁ ପୂର୍ଣ୍ଣସଚେତନ ଭାବରେ ସେଇଟିକୁ କରିବାକୁ ପଡ଼ିବ, ଅର୍ଥାତ୍, ମନୁଷ୍ୟଜାତିର ବାଣିଜ୍ୟିକ, ଔଦ୍ୟୋଗିକ ଏବଂ ଅର୍ଥନୈତିକ ଜୀବନଟିକୁ ସୁସଂବଦ୍ଧ କରି ରଖିବାର କାର୍ଯ୍ୟଟିକୁ ହାତକୁ ନେବାକୁ ପଡ଼ିବ ଏବଂ ନିଃସନ୍ଦେହଭାବରେ ସର୍ବପ୍ରଥମେ ଆନ୍ତର୍ଜାତିକ ବାଣିଜ୍ୟର ମୁଖ୍ୟ ସମ୍ବନ୍ଧସୂତ୍ରଗୁଡ଼ିକୁ ସ୍ୱୟଂ ନିୟନ୍ତ୍ରଣ ମଧ୍ୟରେ ରଖିବାକୁ ପଡ଼ିବ* ଏବଂ ପରିଶେଷରେ ଅତ୍ୟନ୍ତ

---

* ବର୍ତ୍ତମାନ ପ୍ରାୟ ମୃତ ହୋଇ ପଡ଼ି ରହିଥିବା ଲୀଗ୍ ଅଫ୍ ନେଶନ୍‌ସ୍‌ର କାର୍ଯ୍ୟକଳାପରେ ଏହିଭଳି ଏକ କାର୍ଯ୍ୟାରମ୍ଭର କେତୋଟି ସୂଚନା ଆପଣାକୁ ଆବିର୍ଭୂତ କରାଇ ଆଣିବାକୁ ଚେଷ୍ଟା କରୁଥିଲା। ଏହି କାର୍ଯ୍ୟଗୁଡ଼ିକ କେବଳ ଆଦର୍ଶ ସ୍ତରରେ ରହିଥିଲା, କେବଳ କେତୋଟି ଉପଦେଶ ରୂପେ ଆପଣାକୁ ବ୍ୟକ୍ତ କରୁଥିଲା; ନିରସ୍ତ୍ରୀକରଣ ବିଷୟରେ ତାହା ଯେଉଁସବୁ ବ୍ୟର୍ଥ ଆଲୋଚନା କରୁଥିଲା ଓ ପୁଞ୍ଜି ଏବଂ ଶ୍ରମ ଭିତରେ ରହିଥିବା କେତୋଟି ସମ୍ବନ୍ଧକୁ ଯେପରି ନିୟମବଦ୍ଧ କରି ରଖିବାର ଅର୍ଦ୍ଧ-ପ୍ରୟାସ ମାନ କରୁଥିଲା, ପ୍ରାୟ ସେହିପରି। ମାତ୍ର

'oaob.nitrkl.ac.in' images reprocessed

ଅନିବାର୍ଯ୍ୟ ଭାବରେ ଏହି ବାଣିଜ୍ୟର ସମ୍ପୂର୍ଣ୍ଣ ପଦ୍ଧତି ଏବଂ ନୀତିଗୁଡ଼ିକୁ ମଧ୍ୟ ଆପଣା ନିୟନ୍ତ୍ରଣରେ ରଖିବାକୁ ପଡ଼ିବ । ଆମ ବର୍ତ୍ତମାନ ଯୁଗରେ ଉଦ୍ୟୋଗ ଓ ବାଣିଜ୍ୟ ଆମ ସାମାଜିକ ଜୀବନର ଛଅଭାଗରୁ ପାଞ୍ଚଭାଗ ସ୍ଥାନ ଅଧିକାର କରି ରହିଥିବାରୁ ଏବଂ ଅର୍ଥନୀତିହିଁ ଆଧୁନିକ ସମାଜର ନିୟନ୍ତ୍ରଣକାରୀ ନୀତିରୂପେ ଆପଣାକୁ ପ୍ରତିଷ୍ଠିତ କରିଥିବାରୁ, ଆମର କଳ୍ପିତ ବିଶ୍ୱ-ରାଷ୍ଟ୍ରଟି ଯଦି ମନୁଷ୍ୟର ଜୀବନକୁ ତାହାର ଏହି ମୂଳ ନିୟମ ଏବଂ ବୃହତ୍ତମ କ୍ରିୟାଶୀଳତାର କ୍ଷେତ୍ରଟିରେ ଆପଣାର ନିୟନ୍ତ୍ରଣରେ ରଖିବାକୁ ସମର୍ଥ ନ ହୁଏ, ତେବେ ତାହାର କେବଳ ନାମରେ ମାତ୍ର ଅବସ୍ଥିତ ରହିବାହିଁ ସାର ହେବ ।

---

ସେହି ଆବଶ୍ୟକତାଟିକୁ ଯେ ସମସ୍ତେ ଅନୁଭବ କରୁଛନ୍ତି, ସେଥିରୁ ତାହାର ପ୍ରମାଣ ମିଳିଯାଉଥିଲା ଏବଂ ତେଣୁ ଭବିଷ୍ୟତର ପଥରେ ସେଗୁଡ଼ିକ ଅବଶ୍ୟ ଗୋଟିଏ ଗୋଟିଏ ସୂଚକସ୍ତମ୍ଭ ହୋଇ ରହିଥିଲା ।

'oaob.nitrkl.ac.in' images reprocessed

## ଷଡ୍‌ବିଂଶ ପରିଚ୍ଛେଦ

# ପ୍ରାଶାସନିକ ଏକତ୍ୱର ପ୍ରୟୋଜନ

ଏକ ଆନ୍ତର୍ଜାତିକ ସଂଗଠନ ସମ୍ଭବ କରିବାକୁ ହେଲେ ପ୍ରଥମ ପଦକ୍ଷେପଟି ରୂପେ ଆମକୁ କ'ଣ କରିବାକୁ ହେବ, ସେହି ବିଷୟରେ ବର୍ତ୍ତମାନ ଯେଉଁସବୁ କଳ୍ପନା ରହିଛି, ସେଗୁଡ଼ିକ ମଧ୍ୟରୁ ପ୍ରାୟ ପ୍ରତ୍ୟେକଟିରେହିଁ ଏକଥାଟିକୁ ପ୍ରାୟ ସୁନିଶ୍ଚିତ ବୋଲି ଧରି ନିଆଯାଇଛି ଯେ ସେହି ସଂଗଠନରେ ସମ୍ପୃକ୍ତ ଜାତିଗୁଡ଼ିକ ଆଗ ପରି ଆପଣାର ସ୍ୱତନ୍ତ୍ର ଅସ୍ତିତ୍ୱଟିକୁ ଅବଶ୍ୟ ଗ୍ରହଣ କରି ରହିଥିବେ ଏବଂ, ଯୁଦ୍ଧର ନିରାକରଣ, ବିପଜ୍ଜନକ ନାନା ବିବାଦର ନିଷ୍ପତ୍ତି ଏବଂ ସାଧାରଣ ଉପାୟଗୁଡ଼ିକ ଦ୍ୱାରା ସେମାନେ ସମାଧାନ କରିପାରୁ ନ ଥିବା ବଡ଼ ବଡ଼ ଆନ୍ତର୍ଜାତିକ ପ୍ରଶ୍ନଗୁଡ଼ିକୁ ସମାଧାନ କରିବାର କ୍ଷମତା ପ୍ରଭୃତିକୁହିଁ ସେମାନେ ଆନ୍ତର୍ଜାତିକ କ୍ରିୟାଶୀଳତାର ହାତରେ ସମର୍ପଣ କରିଦେବେ । ଏହି ବିକାଶଟି ଯେ କେବଳ ସେହି ପର୍ଯ୍ୟନ୍ତ ଆସି ତା'ପରେ ଅଟକିଯିବ, ତାହା ଆଦୌ ସମ୍ଭବ ନୁହେଁ; ଏହି ପ୍ରଥମ ପଦକ୍ଷେପଟି ପରେ ଅନିବାର୍ଯ୍ୟତଃ ଆହୁରି କେତୋଟି ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ, ଯେଉଁଗୁଡ଼ିକକି କେବଳ ସେହି ଗୋଟିଏ ଦିଗରେ ଅଗ୍ରସର ହୋଇ ଯାଉଥିବେ । ଏହି କ୍ଷେତ୍ରରେ ଯାହାକିଛି କର୍ତ୍ତୃତ୍ୱର ପ୍ରତିଷ୍ଠା ସମ୍ଭବ ହେବ, ଯଦି କେବଳ କଥାବାର୍ତ୍ତାର ଏକ ପଞ୍ଚାୟତ-ବୈଠକ ନ ହୋଇ ତାହାକୁ ପ୍ରକୃତରେ କୌଣସି ପରିମାଣରେ ମଧ୍ୟ ଏକ ଯଥାର୍ଥ କର୍ତ୍ତୃତ୍ୱ ହୋଇ ରହିବାର ଥାଏ, ତେବେ ତାହାକୁ ଅଧିକ ବାରଂବାର କାର୍ଯ୍ୟ କରିବାକୁହିଁ ପଡ଼ିବ ଏବଂ ଆପଣା ହାତରେ ଅଧିକରୁ ଅଧିକ କ୍ଷମତା ଗ୍ରହଣ କରିବାକୁ ମଧ୍ୟ ପଡୁଥିବ । ନିରାକୃତ କରି ରଖି ପାରିବା ଭଳି ପ୍ରତ୍ୟେକ ବିକ୍ଷୋଭ ତଥା ସଂଘର୍ଷର ନିରାକରଣ, ପରେ ସେହିସବୁ ସମସ୍ୟା ଓ ବିପଦ ଯେପରି ଆଉ ଥରେ ନ ଘଟିବ, ସେଥିଲାଗି ଅନୁରୂପ ବ୍ୟବସ୍ଥାଗ୍ରହଣ,– ପ୍ରଥମ ଅବସ୍ଥାରେ ଏହି ସଂଗଠନର ସ୍ୱଳ୍ପ କ୍ଷମତା ରହିଥିବା ହେତୁ ତାହା ସେ ବିଷୟରେ କିଛି କରିପାରୁ ନ ଥିଲା ଓ ଆୟତ୍ତର ବାହାର ହୋଇଯିବା ପୂର୍ବରୁ ଯଥାସମୟରେ ସେଗୁଡ଼ିକ ଉପରେ କୌଣସି ହସ୍ତକ୍ଷେପ ମଧ୍ୟ କରିପାରୁ ନ ଥିଲା, ସାଧାରଣ ଲକ୍ଷ୍ୟସାଧନ ନିମିତ୍ତ ତାହା ବିଭିନ୍ନ କାର୍ଯ୍ୟକଳାପ ମଧ୍ୟରେ ଏକ ସମନ୍ୱିତ ସମ୍ବନ୍ଧୀକରଣ ମଧ୍ୟ ସମ୍ଭବ କରିପାରୁ ନ ଥିଲା; ଏହିସବୁ ସ୍ଥିତିର ଆବଶ୍ୟକତା ଦ୍ୱାରା ବାଧ୍ୟ ହୋଇ ମନୁଷ୍ୟସମାଜ କ୍ରମଶଃ ଦୃଢ଼ରୁ ଦୃଢ଼ତର ସଂଘବଦ୍ଧତା ଆଡ଼କୁ ଅଗ୍ରସର ହୋଇ ଯାଉଥିବ, ବଡ଼ ବଡ଼ ଏବଂ ବିଶେଷ ବ୍ୟାପାରରେ ସ୍ୱେଚ୍ଛାପ୍ରଣୋଦିତ ହୋଇ ଆପଣାକୁ ସବୁରି ଇଚ୍ଛାର ଅଧୀନ କରି ରଖିବାର ସ୍ତରରୁ

'oaob.nitrkl.ac.in' images reprocessed

ଅଧିକାଂଶ ବ୍ୟାପାରରେହିଁ ବାଧ ହୋଇ ସାର୍ବଜନୀନ ନିଷ୍ପତ୍ତି ଦ୍ୱାରାହିଁ ପରିଚାଳିତ ହେବାର ସ୍ତରଟିକୁ ଅଗ୍ରସର ହୋଇ ଯାଉଥିବ । ଅଧିକ ଶକ୍ତିଶାଳୀ ଜାତିମାନେ ଏହି ସଂଗଠନଟିକୁ ସେମାନଙ୍କର ନିଜନିଜର ଉଦ୍ଦେଶ୍ୟସାଧନ ଲାଗି କାମରେ ଲଗାଇବାକୁ ଯେଉଁ ବାସନାମାନ ରଖିଥିବେ, ଆପଣାର ସ୍ୱାର୍ଥଗୁଡ଼ିକର ରକ୍ଷା ଲାଗି ଏହି ସଂଗଠନ ଉପରେ ନିର୍ଭର କରି ରହିବା ଲାଗି ଅଧିକ ଦୁର୍ବଳ ଜାତିମାନେ ଯେଉଁ ଯଥାର୍ଥ ପ୍ରୟୋଜନ ରହିଛି ବୋଲି ଦେଖି ପାରୁଥିବେ ଏବଂ ଅନ୍ତର୍ଗତ ଯେଉଁସବୁ ବିକ୍ଷୋଭ ତଥା ବିପ୍ଳବ ଘଟିବାରେ ଲାଗିଥିବ ଅଥବା ଘଟିବାର ଆଶଙ୍କା ବି ରହିଥିବ, ଆନ୍ତର୍ଜାତିକ ସଭାଟି ହାତରେ ଅଧିକ କ୍ଷମତା ଆଣି ଦେବାକୁ ଏବଂ ଏହାର ସାଧାରଣ କାର୍ଯ୍ୟକଳାପର ସୀମାଗୁଡ଼ିକୁ ଅଧିକ ସଂପ୍ରସାରିତ କରିବାକୁ ସେହି ସବୁଯାକ ମିଶି ସହାୟକ ପରି କାର୍ଯ୍ୟ କରୁଥିବେ । ବିଜ୍ଞାନ, ଚିନ୍ତା ଏବଂ ଧର୍ମ,— ଏହି ତିନୋଟିଯାକ ଶକ୍ତି ଆଧୁନିକ ଯୁଗରେ ଯେପରି ଅଧିକରୁ ଅଧିକ ପରିମାଣରେ ଜାତୀୟ ଭିନ୍ନତାଗୁଡ଼ିକୁ ଅତିକ୍ରମ କରି ଚାଲିଯିବାକୁ ଏବଂ ମାନବଜାତିକୁ ଜୀବନ ତଥା ଭାବଗତତାର ଏକତ୍ୱ ଆଡ଼କୁ ଉଦ୍‌ବୁଦ୍ଧ କରିନେବାକୁ ଯେଉଁ ପ୍ରବୃତ୍ତିଟି ଦେଖାଉଛନ୍ତି, ସେମାନେ ଜାତି ଜାତି ମଧ୍ୟରେ ରହିଥିବା ନାନା ବାଡ଼, ବୈର ତଥା ବିଭେଦ ବିଷୟରେ କ୍ରମେ ଅଧିକରୁ ଅଧିକ ଅଧୈର୍ଯ୍ୟ ହୋଇ ପଡ଼ିବାରେ ଲାଗିବେ ଏବଂ ଏକ ପରିବର୍ତ୍ତନ ଆଣିବା ଲାଗି ଆପଣାର ଶକ୍ତିଶାଳୀ ପ୍ରଭାବଟିକୁ ମଧ୍ୟ କାମରେ ଲଗାଇବେ । ଏକପକ୍ଷରେ ପୁଞ୍ଜିବାଦ ଓ ଅପର ପକ୍ଷରେ ଶ୍ରମିକବର୍ଗ ମଧ୍ୟରେ ବର୍ତ୍ତମାନ ଯେଉଁ ମହାନ୍ ସଂଗ୍ରାମଟି ଚାଲିଛି, ତାହା ହୁଏତ ଅତ୍ୟନ୍ତ କ୍ଷିପ୍ର ଭାବରେ ବିଶ୍ୱବ୍ୟାପୀ ହୋଇଯିବ ଏବଂ ଏପରି ଏକ ଆନ୍ତର୍ଜାତିକ ସଂଗଠନର ସ୍ଥାପନା ପାଖରେ ଆସି ପହଞ୍ଚିବ, ଯାହାକି ସେହି ଅବଶ୍ୟମ୍ଭାବୀ ପଦକ୍ଷେପଟିକୁ ପ୍ରକୃତରେ ପ୍ରେରିତ କରି ନେଇ ଆସିବ ବା, ଏପରିକି ସେହି ପ୍ରକୃତ ସଂକଟଟିକୁ ଆଣି ଘଟାଇଦେବ, ଯାହାକି ଅଭିଳଷିତ ପରିବର୍ତ୍ତନଟି ଘଟିବାରେ ନିମିତ୍ତ ପରି କାର୍ଯ୍ୟ କରିବ ।*

ବର୍ତ୍ତମାନ ଆମେ ଯେତିକି ଅନୁମାନ କରିପାରୁଛୁ, ସେଥିରୁ ଜଣାଯାଉଛି ଯେ

* ସମ୍ଭବତଃ ଏଭଳି ପ୍ରତୀତ ହୋଇପାରେ ଯେ ଫାସିଷ୍ଟ୍‌ବାଦ ଶ୍ରେଣୀ-ସଂଘର୍ଷର ଲୋପ ଘଟାଇ ଏହିପରି ଏକ ବିକାଶକୁ ପ୍ରକୃତରେ ଅଟକାଇ ରଖିବ, ମାତ୍ର ସ୍ୱୟଂ ସେହି ଫାସିଷ୍ଟ୍-ଦେଶଗୁଡ଼ିକରେ ମଧ୍ୟ, ଏହି ବିଲୋପସାଧନ ହୁଏତ କେବଳ ଏକ ଅସ୍ଥାୟୀ ପ୍ରହସନର ଭୂମିକା ଯେ ଗ୍ରହଣ କରିଛି, କୌଣସି ନିର୍ଦ୍ଦିଷ୍ଟ ସମାଧାନ ସମ୍ଭବ ନ କରି କେବଳ ଏକ ଅନିଶ୍ଚୟତାରହିଁ ସୃଷ୍ଟି କରିଛି, ଏଭଳି ଏକ ସଂଶୟ ପ୍ରକାଶ କରିବା ଲାଗି ଯଥେଷ୍ଟ ଅବକାଶ ରହିଛି ।

'oaob.nitrkl.ac.in' images reprocessed

ଏକ ବୃତ୍ତାନ୍ତ ପରିଣାମରୂପେ ଏପରି ଗୋଟିଏ ବିଶ୍ୱ-ରାଷ୍ଟ୍ର ଉଦ୍‌ଭୂତ ହୋଇ ଆସିବାକୁ ଯାଉଛି, ଯାହାର ସଂଜ୍ଞାଗୁଡ଼ିକ ଉତ୍ତମରୂପେ ନିର୍ଦ୍ଧାରିତ ହୋଇ ପାରିଥିବ ଏବଂ ବିଭିନ୍ନ ଜାତିଗୁଡ଼ିକ ଯାହାର ଗୋଟିଏ ଗୋଟିଏ ପ୍ରଦେଶ ହୋଇ ରହିବେ । ଏହି ଆନ୍ତର୍ଜାତିକ କର୍ତ୍ତୃତ୍ୱ-ସଂସ୍ଥାଟି ଜାତି-ଜାତିଗୁଡ଼ିକ ମଧ୍ୟରେ ଲାଗୁଥିବା ବିବାଦଗୁଡ଼ିକର ନିୟନ୍ତ୍ରଣ କରିବା ଦାୟିତ୍ୱଟିକୁ ହାତକୁ ନେବ, ବିଭିନ୍ନ ଦେଶ ମଧ୍ୟରେ ଅର୍ଥନୈତିକ ସନ୍ଧି ତଥା ବିଭିନ୍ନ ଦେଶ ମଧ୍ୟରେ ରହିଥିବା ସମ୍ବନ୍ଧଗୁଡ଼ିକର ନିୟନ୍ତ୍ରଣ ବି କରିବ; ଅର୍ଥାତ୍ ତାହା ଏକ ମଧ୍ୟସ୍ଥ ମୀମାଂସାକାରୀ ରୂପେ ଆପଣାର କାର୍ଯ୍ୟଟିକୁ ଆରମ୍ଭ କରିବ, ମଝିରେ ମଝିରେ ସେଗୁଡ଼ିକୁ କାର୍ଯ୍ୟକାରୀ କରିବାର ସଂସ୍ଥାରୂପେ ମଧ୍ୟ ନିଜକୁ ପ୍ରଯୁକ୍ତ କରି ପାରିବ ଏବଂ ତା'ପରେ କ୍ରମଶଃ ଆପଣାକୁ ଏକ ବିଧାନ-ପ୍ରସ୍ତୁତକାରୀ ସଂସ୍ଥା ତଥା ସ୍ଥାୟୀଭାବରେ ସେହି ବିଧାନଗୁଡ଼ିକୁ କାର୍ଯ୍ୟକାରୀ କରିବାର କ୍ଷମତା ବହନ କରୁଥିବା ଏକ ସଂସ୍ଥାରେ ପରିଣତ କରି ଆଣିବ । ଭବିଷ୍ୟତର ନୂଆନୂଆ ଆଲୋଡ଼ନ ଓ ବିପ୍ଳବକୁ ଏଡ଼ାଇ ରଖି ପାରିବାକୁ ହେଲେ, ଆନ୍ତର୍ଜାତିକ ଯାବତୀୟ ବ୍ୟାପାରରେ ଏହି ସଂସ୍ଥାଟି ଦ୍ୱାରା ବିଭିନ୍ନ ବିଧାନର ପ୍ରଣୟନ ହେବା ଏକାନ୍ତ ଆବଶ୍ୟକ ହୋଇପଡ଼ିବ; କାରଣ ଏପରି ଏକ କଳ୍ପନା କରି ନେବା ପ୍ରକୃତରେ ବୃଥାହିଁ ହେବ ଯେ ମହାଯୁଦ୍ଧଟି ସରିବା ପରେ ଆନ୍ତର୍ଜାତିକ କ୍ଷେତ୍ରରେ ସ୍ୱାକ୍ଷରିତ ହୋଇଥିବା ଯେକୌଣସି ରାଜିନାମା, ବ୍ୟବସ୍ଥା ଏବଂ ଶୃଙ୍ଖଳା ପ୍ରକୃତରେ ସ୍ଥାୟୀ ହୋଇ ରହିବ ବା ସେଗୁଡ଼ିକୁ ସୁନିର୍ଦ୍ଦିଷ୍ଟ ଭାବରେ କାର୍ଯ୍ୟକାରୀ ବି କରାଯିବ । ଜାତି ଜାତି ଓ ମହାଦେଶ ମହାଦେଶ ମଧ୍ୟରେ ରହିଥିବା ସମ୍ବନ୍ଧଗୁଡ଼ିକ ଭିତରେ ବର୍ତ୍ତମାନ ଯେତେ ଯାହା ଅନ୍ୟାୟ, ଅସମାନତା, ଅସ୍ୱାଭାବିକତା ତଥା କଳହ ବା ଅସନ୍ତୋଷର ମଞ୍ଜିମାନ ପୋତା ହୋଇ ରହିଛି, ସେସବୁ ହୁଏତ ସେଇମିତି ରହିଥିବ ଏବଂ ସେଇଗୁଡ଼ିକରୁ ନୂଆ ଶତ୍ରୁତାଗୁଡ଼ିକ ଜନ୍ମ ହେବେ ଏବଂ ନୂଆ ବିସ୍ଫୋରଣଗୁଡ଼ିକ ଲାଗି କ୍ଷେତ୍ର ପ୍ରସ୍ତୁତ ହୋଇଯିବ । ଜାତି ରାଷ୍ଟ୍ର ମଧ୍ୟରେ ଏକ ବିଧାନ-ପ୍ରଣୟନକାରୀ କର୍ତ୍ତୃତ୍ୱ ଦ୍ୱାରା ବର୍ତ୍ତମାନ ଏହି ସମସ୍ୟାଗୁଡ଼ିକର ନିରାକରଣ ଲାଗି ପ୍ରୟାସ ହେଉଛି, ଏବଂ ନୂତନ ବିଚାର, ସ୍ୱାର୍ଥ, ଶକ୍ତି ତଥା ଆବଶ୍ୟକତା ସହିତ ତାଳ ରଖି ସେହି କର୍ତ୍ତୃତ୍ୱ ବର୍ତ୍ତମାନ ଯେପରି ପ୍ରଚଳିତ ବ୍ୟବସ୍ଥାଗୁଡ଼ିକରେ ସତତ ପରିବର୍ତ୍ତନ ଓ ଅଦଳବଦଳ ଘଟାଇ ଆସୁଛି, କ୍ରମବିକଶିତ ହୋଇ ଆସୁଥିବା ବିଶ୍ୱ-ରାଷ୍ଟ୍ରଟିର କ୍ଷେତ୍ରରେ ମଧ୍ୟ ଠିକ୍ ତାହାହିଁ ହେବ । ଆପଣାର କ୍ରିୟାଶୀଳତା, କ୍ଷମତା ଏବଂ ପ୍ରକ୍ରିୟାଗୁଡ଼ିକୁ ବିକଶିତ, ପ୍ରସାରିତ ଏବଂ ନିୟନ୍ତ୍ରିତ କରି ଆଣିବା ସଙ୍ଗେ ସଙ୍ଗେ ବିଧାନ-ପ୍ରଣୟନ କରିବାର ସେହି କ୍ଷମତାଟି କ୍ରମେ ଅଧିକରୁ ଅଧିକ ଜଟିଳ ଓ ଅନେକକ୍ଷେତ୍ରୀୟ ହେବାରେ ଲାଗିଥିବ, ଅଧିକତର କ୍ଷେତ୍ରରେ ଯାଇ ହସ୍ତକ୍ଷେପ କରିବାକୁ ବାଧ୍ୟ ହେଉଥିବ ଏବଂ ବିଚ୍ଛିନ୍ନ ଭାବରେ ଜାତୀୟ କ୍ଷେତ୍ରଗୁଡ଼ିକରେ

'oaob.nitrkl.ac.in' images reprocessed

ଯେତେ ଯାହା କ୍ରିୟାନୁଷ୍ଠାନ ଗ୍ରହଣ କରାଯାଉଥିବ, ସେଗୁଡ଼ିକୁ ହୁଏତ ନାକଚ କରିଦେବାକୁ ପଡୁଥିବ ବା ସେଗୁଡ଼ିକର ସ୍ଥାନରେ ଆପଣାର ଆଇନ୍‌ଗୁଡ଼ିକର ପ୍ରବର୍ତ୍ତନ କରାଇବାକୁ ପଡୁଥିବ । ଅର୍ଥାତ୍, ଏପରି କରିବା ଦ୍ୱାରା ଆପଣାର ବିଧାନଗୁଡ଼ିକୁ କାର୍ଯ୍ୟକାରୀ କରାଇବାର କ୍ଷମତାଟି ମଧ୍ୟ ବୃଦ୍ଧି ପାଇବାରେ ଲାଗିଥିବ ଏବଂ ସେଥିରୁ ବିଧାନଗୁଡ଼ିକୁ କାର୍ଯ୍ୟକାରୀ କରାଇବାର ଗୋଟିଏ ଆନ୍ତର୍ଜାତିକ ସଂସ୍ଥା ମଧ୍ୟ କ୍ରମବିକଶିତ ହୋଇଆସିବ । ପ୍ରଥମ ଅବସ୍ଥାରେ, ଯାହାକିଛି ପ୍ରକାଶ୍ୟତଃ ତାହାର ନିୟନ୍ତ୍ରଣ ଲାଗି ଅପେକ୍ଷା ରଖୁଥିବ, କେବଳ ସେହିପରି କେତୋଟି ଅତୀବ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ ତଥା ବ୍ୟାପାରଗୁଡ଼ିକର ସୀମା ମଧ୍ୟରେହିଁ ତାହା ଆପଣାର କାର୍ଯ୍ୟଟିକୁ ଆବଦ୍ଧ କରି ରଖିବ; ମାତ୍ର କ୍ରମଶଃ ଆପଣାର ହାତକୁ ଅଧିକରୁ ଅଧିକ ପରିମାଣରେ ପ୍ରାୟ ପ୍ରତ୍ୟେକ ଅଥବା ଅଧିକାଂଶ ବ୍ୟାପାରଗୁଡ଼ିକର କ୍ଷେତ୍ରକୁ ମଧ୍ୟ ସଂପ୍ରସାରିତ କରିବାର ଏକ ପ୍ରବୃତ୍ତି ତଥା ପ୍ରୟୋଜନ ଜନ୍ମଲାଭ କରିବ, ଏକ ଆନ୍ତର୍ଜାତିକ ପରିଣାମ ତଥା ମହତ୍ତ୍ୱ ରହିଛି ବୋଲି ମନେ ହେଉଥିବା ପ୍ରତ୍ୟେକ ବ୍ୟାପାରର କ୍ଷେତ୍ରକୁ ତାହା ପ୍ରସାରିତ ହୋଇଯିବ । ଏପରିକି ବର୍ତ୍ତମାନ ଯେଉଁସବୁ କ୍ଷେତ୍ରରେ ଏକକ ଜାତିମାନେ ଆପଣା ଆପଣା ଅଧିକାର ଏବଂ କ୍ଷମତା ବିଷୟରେ ଅତିସଚେତ ଓ ଅତୀର୍ଷାନ୍ୱିତ ହୋଇ ରହିଛନ୍ତି, ଅଚିରେ ତାହା ସେହିସବୁ କ୍ଷେତ୍ର ଉପରେ ମଧ୍ୟ ଆକ୍ରମଣ କରିବ ଓ ସେଗୁଡ଼ିକୁ ଦଖଲ କରିନେବ । ଏବଂ ପରିଶେଷରେ ତାହା ଜାତୀୟ ଜୀବନର ସମୁଦାୟ ସଂଗଠନଟି ମଧ୍ୟକୁ ଭେଦକରି ଚାଲିଥିବ, ଏବଂ ମନୁଷ୍ୟ-ସମାଜର ସମ୍ମିଳିତ ଜୀବନ, ସଂସ୍କୃତି, ବିଜ୍ଞାନ, ସଂଗଠନ, ଶିକ୍ଷା ତଥା କାର୍ଯ୍ୟଦକ୍ଷତାର ଆହୁରି ସୁଯୋଜିତ ପରସ୍ପର-ସମନ୍ୱୟନ ଦୃଷ୍ଟିରୁ ସେଗୁଡ଼ିକୁ ଆନ୍ତର୍ଜାତିକ ନିୟନ୍ତ୍ରଣ ମଧ୍ୟକୁ ନେଇଆସିବ । ବର୍ତ୍ତମାନ ବିଭିନ୍ନ ଜାତିଗୁଡ଼ିକ ମୁକ୍ତ ହୋଇ ରହିଛନ୍ତି, ପରସ୍ପରଠାରୁ ଅଲଗା ହୋଇ ରହିଛନ୍ତି; ଆନ୍ତର୍ଜାତିକ ସଂସ୍ଥାଟି ପ୍ରଥମ ପର୍ଯ୍ୟାୟରେ ସେଗୁଡ଼ିକୁ ଆମେରିକାର ଯୁକ୍ତରାଷ୍ଟ୍ର ବା ଜର୍ମାନ ସାମ୍ରାଜ୍ୟଟି ମଧ୍ୟରେ ରହିଥିବା ରାଜ୍ୟଗୁଡ଼ିକର ସ୍ତରକୁ ନେଇଆସିବ ଏବଂ କ୍ରମେ ସେଗୁଡ଼ିକ ସମ୍ଭବତଃ ମନୁଷ୍ୟସମୂହରୂପୀ ସେହି ଗୋଟିଏ ଜାତିର ଭିନ୍ନଭିନ୍ନ ଭୌଗୋଳିକ ପ୍ରଦେଶ ବା ବିଭାଗରୂପେ ପରିଣତ ହୋଇ ଆସିବେ ।

ବର୍ତ୍ତମାନ ଜାତୀୟତାବାଦର ଯେଉଁ ଆଦର୍ଶଟି ତଥାପି ଭାରି ଶକ୍ତିଶାଳୀ ହୋଇ ରହିଛି; ଏକ ଗୋଷ୍ଠୀ ହିସାବରେ ଅନ୍ୟ ସମସ୍ତଙ୍କଠାରୁ ଅଲଗା ହୋଇ ରହିବାର ବୋଧ, ଏକ ସମୂହ ହିସାବରେ ସ୍ୱତନ୍ତ୍ର ଓ ସ୍ୱାଧୀନ ହୋଇ ରହିବାର ପ୍ରବୃତ୍ତି, ଆପଣାକୁ ନେଇ ଗର୍ବ ଓ ସୁଖ ଅନୁଭବ କରିବାର ବାସନା, ଆପଣାର ଅହଂଟି ମଧ୍ୟରେ ରହିହିଁ ଆତ୍ମପରିତୃପ୍ତି ଲାଭ କରିବାର ଯାବତୀୟ ଉତ୍ସ ଓ ଅବସର, ମାନବୀୟ ବିଚାରଟିକୁ ଜାତୀୟ ବିଚାରଟିର ଅଧୀନ ଓ ଅଧସ୍ତନ କରି ରଖିବା ଲାଗି ତାହାର ଜିଦ୍ — ଏହିଗୁଡ଼ିକହିଁ ଏକ ପରିପୂର୍ଣ୍ଣ

'oaob.nitrkl.ac.in' images reprocessed

ଆନ୍ତର୍ଜାତିକ ସଂସ୍ଥା ତ୍ୱରିତ ବିକଶିତ ଓ ସମ୍ଭବ ହୋଇ ପାରିବାର ପଥରେ ବର୍ତ୍ତମାନ ପ୍ରତିବନ୍ଧକ ହୋଇ ରହିଛନ୍ତି । ମାତ୍ର ତଥାପି ଆମର ମନେହେଉଛି ଯେ ନୂତନ କରି ଜନ୍ମଲାଭ କରିଥିବା ଆନ୍ତର୍ଜାତିକତାର ବିଚାରଟି ସତ୍ୱରତା ସହିତ ବୃଦ୍ଧିଲାଭ କରିବ, ଜାତୀୟତାବାଦର ସେହି ଅତୀତ ବିଚାର ଏବଂ ମନୋଦଶାଟିକୁ ଆପଣାର ଲଗାମ ଭିତରକୁ ଆଣି ପାରିବ, ସ୍ୱୟଂ ପ୍ରଧାନତା ଲାଭ କରିବ ଏବଂ ମନୁଷ୍ୟର ମନକୁ ଅଧିକାର କରିନେବ । ଯେପରି ବୃହତ୍ତର ଜାତି-ଗୋଷ୍ଠୀଟି ଏକଦା କ୍ଷୁଦ୍ରତର ସକଳ ବଂଶୀୟ, ଉପଜାତୀୟ ଏବଂ ଆଞ୍ଚଳିକ ସମୂହଗୁଡ଼ିକୁ ଆପଣାର ଅଧୀନ କରି ନେଇଥିଲା ଓ ସେଗୁଡ଼ିକୁ ନିଜ ମଧ୍ୟକୁ ଗ୍ରହଣ କରି ନେଇଥିଲା ଏବଂ ସାମ୍ରାଜ୍ୟରୂପୀ ବୃହତ୍ତର ଗୋଷ୍ଠୀଟି ବର୍ତ୍ତମାନ ଯେପରି କ୍ଷୁଦ୍ରତର ଜାତି-ଗୋଷ୍ଠୀଗୁଡ଼ିକୁ ଆପଣାର ଅଧୀନ କରି ରଖିବାକୁ ଇଚ୍ଛା କରୁଛି ଏବଂ ପୂର୍ଣ୍ଣ ବିକାଶର ସୁଯୋଗ ପାଇଲେ ଯାହା ସେଗୁଡ଼ିକୁ ପରିଶେଷରେ ସମ୍ଭବତଃ ଆପଣାର ସମଗ୍ରାୟତନଟି ମଧ୍ୟକୁ ଗ୍ରହଣ ବି କରିନେଇ ପାରିବ, ସେହିପରି ଆମେ ଅନୁମାନ କରୁଛୁ ଯେ ସମ୍ମିଳିତ ସବୁ ମଣିଷଙ୍କର ସେହି ସମ୍ପୂର୍ଣ୍ଣ ମନୁଷ୍ୟଗୋଷ୍ଠୀଟି ଦିନେ ବର୍ତ୍ତମାନ ଅଲଗା ଅଲଗା ହୋଇ ରହିଥିବା ମନୁଷ୍ୟସମାଜର ଏହି ସାନ ଏକକଗୁଡ଼ିକୁ ଆପଣାର ଅଧୀନସ୍ଥ କରି ଆଣିପାରିବ ଏବଂ କ୍ରମେ ଆପଣା ମଧ୍ୟରେ ଗ୍ରହଣ କରିନେଇ ପାରିବ । କେବଳ ଆନ୍ତର୍ଜାତୀୟତାର ବିଚାରଟି, ଅର୍ଥାତ୍ ଅଖଣ୍ଡ ସେହି ଗୋଟିଏ ମନୁଷ୍ୟସମାଜର ବିଚାରଟି କ୍ରମଶଃ ବୃଦ୍ଧି ପାଇ ପାରିଲେ ଯାଇ ଜାତୀୟତାବାଦ ଅପସରି ଯାଇପାରିବ; କେବଳ ଅନ୍ୟ ଉପରେ ଜୟଲାଭ କରି ବା ଅନ୍ୟକୁ ଜବରଦସ୍ତି ବାଧ୍ୟ କରି ଏକ ବାହାରସ୍ତରୀୟ ଏକତ୍ରୀକରଣର ସେହି ପୁରୁଣା ସ୍ୱାଭାବିକ ଢଙ୍ଗଟି ଆଉ ଏଣିକି ଆଦୌ ସମ୍ଭବ ହୋଇ ନ ପାରିଲେ ଯାଇ ତାହା ହୋଇପାରିବ । କାରଣ, ଆଗରୁ ଅବଲମ୍ବିତ ହୋଇ ଆସୁଥିବା ଯୁଦ୍ଧର ପଦ୍ଧତିଟି କ୍ରମଶଃ ଅତିବେଶୀ ଅନର୍ଥକାରୀ ହେବାକୁ ଆରମ୍ଭ କଲାଣି, ଏବଂ, କ୍ଷିପ୍ର ଭାବରେ ହେଉ ଅଥବା ସେହି ପୁରାତନ ଧୀରଗତି ରୋମାନ୍ ପଦ୍ଧତିରେ ହେଉ, ଅବଶିଷ୍ଟ ସମସ୍ତ ପୃଥିବୀକୁ ଜୟକରି ଗୋଟିଏ ଆୟତନ ମଧ୍ୟକୁ ନେଇ ଆସିବା ଲାଗି ବର୍ତ୍ତମାନ କୌଣସି ଗୋଟିଏ ସାମ୍ରାଜ୍ୟର ଆଉ ବଳ ନାହିଁ, ସାଧନ ମଧ୍ୟ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଜାତି-ରାଷ୍ଟ୍ର ବିକଶିତ ହୋଇ ଆସିବାର ପୂର୍ବରୁ ଅବସ୍ଥିତ ସେହି ପୁରାତନ, କ୍ଷୁଦ୍ରତର ଏବଂ ଅପେକ୍ଷାକୃତ ଅନେକ କମ୍ ପରିମାଣରେ ଆତ୍ମସଚେତନ ହୋଇପାରିଥିବା ଗୋଷ୍ଠୀଗୁଡ଼ିକର ବିଚ୍ଛିନ୍ନ ହୋଇ ରହିବାର ମନୋଭାବଟି ତୁଳନାରେ ଜାତୀୟତାବାଦକୁ ଆମେ ସବୁଦୃଷ୍ଟିରୁ ଏକ ଅଧିକ ଶକ୍ତିଶାଳୀ ପ୍ରତିବନ୍ଧକ ବୋଲି ନିଶ୍ଚୟ କହିପାରିବା । ମନୁଷ୍ୟଜାତିର ସାମୂହିକ ମାନସକ୍ଷେତ୍ରରେ ଏହି ଜାତୀୟତାବାଦହିଁ ଏପର୍ଯ୍ୟନ୍ତ ସବୁଠାରୁ ଅଧିକ ଶକ୍ତିଶାଳୀ ପ୍ରଭାବ ହୋଇ ବସିରହିଛି,

'oaob.nitrkl.ac.in' images reprocessed

ଜାତି-ଏକକଗୁଡ଼ିକ ଏପର୍ଯ୍ୟନ୍ତ ବି ଏକ ଅବିନାଶ୍ୟ ପ୍ରାଣବନ୍ତତା ପ୍ରଦାନ କରିବାରେ ଲାଗିଛି ଏବଂ ସେଇଟି ଅନ୍ତର୍ହିତ ହୋଇଗଲାଣି ବୋଲି ପ୍ରତୀତ ହେଉଥିବା ସମୟରେ ମଧ୍ୟ ସେଇଟିର ପୁନରାବିର୍ଭାବ ଘଟିବାର ସକଳ ସମ୍ଭାବନା ରହିଛି । ମାତ୍ର ଯେତେବେଳେ ବହୁଳ କେତେକେତେ ପରିବର୍ତ୍ତନ ଘଟିବାର ଏକ ନୂତନ ଯୁଗ ଆରମ୍ଭ ହେବାକୁ ଯାଉଛି, ସେତେବେଳେ ଆମେ କଦାପି ପ୍ରବୃତ୍ତିଗୁଡ଼ିକର ଉପସ୍ଥିତ ଭାରସାମ୍ୟ-ଭୂମିଟି ଉପରେ ଅବସ୍ଥିତ ରହି ନିରାପଦ ଭାବରେ ବିଚାର କରିପାରିବା ନାହିଁ । ବର୍ତ୍ତମାନ ମଧ୍ୟ କେବଳ ନାନା ନୂତନ ବିଚାର ନୁହେଁ, ମାତ୍ର ନୂତନ ଶକ୍ତିସ୍ରୋତମାନ ମଧ୍ୟ କାର୍ଯ୍ୟ କରିବାକୁ ଆରମ୍ଭ କରି ସାରିଲେଣି; ସେଗୁଡ଼ିକ ବର୍ତ୍ତମାନର ପ୍ରତିଷ୍ଠିତ ଶକ୍ତିଚୟ ନ ହୋଇ ଭବିଷ୍ୟତରହିଁ ହୋଇଥିବାରୁ ଓ ସେଗୁଡ଼ିକ ଅଧିକ ଶକ୍ତିମନ୍ତ ଭାବରେ ଆବିର୍ଭୂତ ଓ କାର୍ଯ୍ୟକାରୀ ହୋଇ ପାରୁଥିବାରୁ, ସେଗୁଡ଼ିକୁ ଆମେ ବର୍ତ୍ତମାନ କଳ୍ପନା କରି ପାରୁଥିବାରୁ ଆହୁରି ଆଗରୁ ଜାତୀୟତାବାଦକୁ ଆପଣାର ଅଧୀନ କରିନେବାରେ ସଫଳ ହୋଇ ପାରିବେ ବୋଲି ମଧ୍ୟ ଅବଶ୍ୟ ଏକ ସମ୍ଭାବନା ରହିଛି ।

ବିଶ୍ୱ-ରାଷ୍ଟ୍ରର ସିଦ୍ଧାନ୍ତଟିକୁ ଯଦି ତାହାର ନ୍ୟାୟପ୍ରେରିତ ଶେଷ ପରିଣାମଗୁଡ଼ିକ ପର୍ଯ୍ୟନ୍ତ ବିକଶିତ କରାଇ ନିଆଯାଇ ପାରେ, ତେବେ ସେଥିରୁ ସମ୍ଭୂତ ପ୍ରକ୍ରିୟାଟି, କେନ୍ଦ୍ରୀୟ ଶାସନ କ୍ରମଶଃ ଜାତୀୟ ଜୀବନର ସମୁଦାୟ ପ୍ରଶାସନଟିକୁ ଆପଣା ହାତରେ ଠୁଳକରି ନେଇଥିବାର ପ୍ରକ୍ରିୟାଟି ପରିହିଁ ହେବ; ଗୋଟିଏ କେନ୍ଦ୍ରରେ ଆପଣାକୁ ଠୁଳକରି ରଖିଥିବା ଏହି ପ୍ରଶାସନ ପ୍ରଥମେ ଏକ ରାଜତନ୍ତ୍ରର ରୂପରେ ଏବଂ ତା'ପରେ ଏକ ଗଣତନ୍ତ୍ର ଦ୍ୱାରା ପରିଚାଳିତ ଆସେମ୍ବ୍ଲି ରୂପେହିଁ ଏହା କରିଥିଲା । ଏହି ତୁଲ୍ୟତାଟିକୁ ଆମେ ତତ୍ତ୍ୱତଃ ଏକ ତୁଲ୍ୟତା ବୋଲି କହିବା, ସେହିଟିକୁ କାର୍ଯ୍ୟକାରୀ କରିବାରେ ସବୁବେଳେ ଏକ ପ୍ରକୃତି, ପ୍ରକାର ତଥା ପ୍ରସାରଗତ ପାର୍ଥକ୍ୟ ଅବଶ୍ୟ ରହିଥିବ । ଏହି କ୍ଷେତ୍ରରେ ଗୋଟିଏ ଆନ୍ତଃଜାତୀୟ କର୍ତ୍ତୃତ୍ୱକେନ୍ଦ୍ରରେହିଁ ସାମରିକ ଓ ଆରକ୍ଷଣ-ସମ୍ପର୍କୀୟ, ପ୍ରାଶାସନିକ, ନ୍ୟାୟ ଓ ବିଧାନ-ସମ୍ବନ୍ଧୀୟ, ଅର୍ଥନୀତିଗତ, ସାମାଜିକ ଏବଂ ସାଂସ୍କୃତିକ ଯାବତୀୟ ନିୟନ୍ତ୍ରଣ ସଂକେନ୍ଦ୍ରିତ ହୋଇ ରହିବ । ଏକ ଶକ୍ତିଶାଳୀ କେନ୍ଦ୍ରୀକରଣବାଦୀ ବିଚାର ଏହି କେନ୍ଦ୍ରୀକରଣର ପ୍ରାଣ ହୋଇ ରହିବ, ସମରୂପତାର ଏହି ସିଦ୍ଧାନ୍ତଟି ସର୍ବାଧିକ ବ୍ୟାବହାରିକ ସୁବିଧା ସକାଶେହିଁ ଆପଣାକୁ କାର୍ଯ୍ୟକାରୀ କରିବ, ଏବଂ ତାହାର ପରିଣାମ ସ୍ୱରୂପ ପୃଥିବୀର ସର୍ବତ୍ର ମନୁଷ୍ୟର ଜୀବନ ତଥା ଯାବତୀୟ କାର୍ଯ୍ୟକଳାପ ଏକ ବୁଦ୍ଧି ପରିଚାଳିତ ନିୟମବଦ୍ଧତା ଦ୍ୱାରାହିଁ ନିୟନ୍ତ୍ରିତ ହେବ; ନ୍ୟାୟ, ବିଶ୍ୱରେ ସମସ୍ତଙ୍କ ଲାଗି ଅଧିକରୁ ଅଧିକ କଲ୍ୟାଣ, ପ୍ରୟାସର ସୁସଂଯୋଜନ ଏବଂ ବିଜ୍ଞାନସମ୍ମତ କାର୍ଯ୍ୟଦକ୍ଷତା ଏହାର ମୁଖ୍ୟ ଲକ୍ଷ୍ୟ ହୋଇ ରହିବ । ଆଗେ ଜାତି-ଗୋଷ୍ଠୀଗୁଡ଼ିକ ଯାହାକିଛି କରୁଥିଲେ, ଅଲଗା ଅଲଗା

'oaob.nitrkl.ac.in' images reprocessed

ହୋଇ କରୁଥିଲେ; ପ୍ରତ୍ୟେକେ ଆପଣା ଲାଗିହିଁ ଯାହାକିଛି କରୁଥିଲେ, ତେଣୁ ପାରସ୍ପରିକ ସର୍ବାଧିକ ସଂଘାତ ଓ ବିବାଦ ଭିତରେ ଓ ସର୍ବାଧିକ ଅପଚୟ ସହିତ ତାହା କରୁଥିଲେ; ତାହା ପରିବର୍ତ୍ତରେ ଏବେ ସେହି କ୍ଷେତ୍ରରେ ଏକ ପାରସ୍ପରିକ ସମନ୍ୱୟନର ପ୍ରୟାସ ଆରମ୍ଭ ହେବ, ଏକ ସୁସଂଗଠିତ ଆଧୁନିକ ରାଷ୍ଟ୍ରରେ ଆମେ ବର୍ତ୍ତମାନ ଯେଉଁ ଭଳି ସମନ୍ୱୟନ ଦେଖିବାକୁ ପାଉଛୁ, ସେହିଭଳି ଏକ ସମନ୍ୱୟନ ଆରମ୍ଭ ହେବ, ଏକ ପରିପୂର୍ଣ୍ଣ ରାଷ୍ଟ୍ରନିୟନ୍ତ୍ରିତ ସମାଜବାଦହିଁ ତାହାର ସମ୍ପୂର୍ଣ୍ଣ ଆଦର୍ଶ ହୋଇ ରହିବ । ଏକଥା ସତ ଯେ ବର୍ତ୍ତମାନ କୌଣସିଠାରେ ମଧ ଏହି ଆଦର୍ଶଟିର ପୂର୍ଣ୍ଣ ଉପଲବ୍ଧି ହୋଇପାରି ନାହିଁ, ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାହା ଅତ୍ୟନ୍ତ ତ୍ୱରାର ସହିତ ଆବିର୍ଭୂତ ହୋଇ ଆସିବାକୁ ଆରମ୍ଭ କଲାଣି ।* ଗୋଷ୍ଠୀଗତ କ୍ରିୟାଶୀଳତାର ପ୍ରତ୍ୟେକଟି ବିଭାଗ ଉପରେ ଟିକିଏ ଦୃଷ୍ଟି ବୁଲାଇ ଆଣିପାରିଲେ ଆମେ ଏହିପରି ଏକ ପରିଣତିକୁ ଅବଶ୍ୟମ୍ଭାବୀ ବୋଲି ନିଶ୍ଚୟ ଦେଖିବାକୁ ପାଇବା ।

ଆମେ ଏଥିପୂର୍ବରୁ ଦେଖିସାରିଛୁ ଯେ ଯାବତୀୟ ସାମରିକ ଶକ୍ତି,– ଏବଂ ବିଶ୍ୱରାଷ୍ଟ୍ରର କ୍ଷେତ୍ରରେ ତାହା ଏକ ଅନ୍ତର୍ଜାତୀୟ ସଶସ୍ତ୍ର ପୁଲିସ୍-ବାହିନୀକୁହିଁ ବୁଝାଇବ, – ସାଧାରଣ ଗୋଟିଏ କର୍ତ୍ତୃତ୍ୱ ସ୍ଥାନରେ ସଂକେନ୍ଦ୍ରିତ ହୋଇ ରହିବା ଏକାନ୍ତ ଆବଶ୍ୟକ ହୋଇପଡ଼ିବ; ତା' ନ ହେଲେ ରାଷ୍ଟ୍ର କଦାପି ସ୍ଥାୟୀ ହୋଇ ରହିପାରିବ ନାହିଁ । କେତେକ ପରିମାଣରେ ଅର୍ଥନୈତିକ ବ୍ୟାପାରଗୁଡ଼ିକ କ୍ଷେତ୍ରରେ ନିଷ୍ପତ୍ତି ଗ୍ରହଣ କରିବାର ମଧ ଏକ ଚୂଡ଼ାନ୍ତ ଅଧିକାରସ୍ଥଳ ସମୟକ୍ରମେ ଅନିବାର୍ଯ୍ୟତଃ ଆସିବ । ଏବଂ ପରିଶେଷରେ ଏହି କ୍ଷମତାପନ୍ନତା ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହାସଲ କରିବା ପର୍ଯ୍ୟନ୍ତ ଅବଶ୍ୟ ଅଗ୍ରସର ହୋଇ ଯାଉଥିବ, ଅଧବାଟରେ କଦାପି ରହିଯିବ ନାହିଁ । କାରଣ ଆମ ପୃଥିବୀର ଅର୍ଥନୈତିକ ଜୀବନ କ୍ରମଶଃ ଏକ ଏବଂ ଅବିଭାଜ୍ୟ ହେବାରେହିଁ ଲାଗିଛି । ମାତ୍ର ଆନ୍ତର୍ଜାତୀୟ ସମ୍ବନ୍ଧକ୍ଷେତ୍ରର ବର୍ତ୍ତମାନ ଅବସ୍ଥାଟି ନାନା ବିରୋଧୀ ତତ୍ତ୍ୱର ଏକ ଅସଂଗତିମୟ ମିଶ୍ରଣର ଅବସ୍ଥାରେ ରହିଛି; ସେହି ତତ୍ତ୍ୱଗୁଡ଼ିକ ଆଂଶିକ ଭାବରେ ପରସ୍ପର ସହିତ ଦ୍ୱନ୍ଦ୍ୱରତ ହୋଇ ରହିଛନ୍ତି, ଏବଂ ଆଂଶିକ ଭାବରେ ଯଥାସମ୍ଭବ ସୁଚାରୁ ଭାବରେ ପରସ୍ପର ସହିତ ନିଜକୁ

* ଏସବୁ ଲେଖା ହୋଇଥିବାର ସମୟଟି ପରେ ଆଲୋଚିତ ସେହି ଆବିର୍ଭାବ ଅନ୍ତତଃ ତିନୋଟି ବଡ଼ ବଡ଼ ଜାତିଙ୍କର କ୍ଷେତ୍ରରେ ଅତୀବ ତ୍ୱରା ଏବଂ ସମ୍ପୂର୍ଣ୍ଣତା ସହିତ ସମ୍ଭବ ହୋଇ ଆସିଲାଣି ଏବଂ ଅନ୍ୟ ଅପେକ୍ଷାକୃତ ସାନ ସାନ ଦେଶଗୁଡ଼ିକ ମଧ ବେଶ୍ କିଛିତ୍ କୁଣ୍ଠାର ସହିତ ଓ ଯଥେଷ୍ଟ ଭାବରେ ଆପଣାକୁ ପ୍ରକଟ କରାଉ ନ ଥିବା ଆତ୍ମସଚେତନତା ସହିତ ସେହି ବଡମାନଙ୍କର ଅନୁକରଣ କରିବାରେ ଲାଗିଛନ୍ତି ।

'oaob.nitrkl.ac.in' images reprocessed

ଅନୁକୂଳିତ ବି କରି ରଖିଛନ୍ତି । ମାତ୍ର ସେଥିରୁ ଯାହା ସର୍ବ-ପ୍ରଶସ୍ତ ଫଳ ମିଳୁଛି, ତାହା ମଧ୍ୟ ସାର୍ବଜନୀନ କଲ୍ୟାଣ ଓ ସ୍ୱାର୍ଥ ଦୃଷ୍ଟିରୁ କେବଳ ମନ୍ଦ ଏବଂ ଅନିଷ୍ଟକାରୀ ବୋଲି ସାବ୍ୟସ୍ତ ହେଉଛି । ଗୋଟିଏ ପକ୍ଷରେ ସବୁରି ସଂସ୍ଥାନ-କ୍ଷେତ୍ରଟିକୁ ଭେଦ କରି ଏକ ଏକତ୍ୱ ରହିଛି, ଯାହା ଦ୍ୱାରା କି ବାଣିଜ୍ୟିକ କ୍ଷେତ୍ରରେ ଗୋଟିଏ ଜାତି ଅନ୍ୟ ସମସ୍ତଙ୍କ ଉପରେ ନିର୍ଭରଶୀଳ ହୋଇ ରହିଛି । ଏବଂ ଅନ୍ୟ ପାଖରେ ଜାତିକୈନ୍ଦ୍ରିକ ଏକ ଈର୍ଷାଭାବ ମଧ୍ୟ କାର୍ଯ୍ୟ କରୁଛି, ଅହଂଭାବ ଓ ଆପଣା ଆପଣାର ଅସ୍ତିତ୍ୱ ବିଷୟରେ ଏକ ପରସ୍ପର-ବିଚ୍ଛିନ୍ନତାର ଭାବ କାର୍ଯ୍ୟ କରୁଛି, ଯାହାଫଳରେକି ପ୍ରତ୍ୟେକ ଜାତି ଏକାଧାରରେ ଆପଣାର ଶିଳ୍ପୋଦ୍ୟୋଗ-କ୍ଷେତ୍ରୀୟ ଅନଧୀନତାକୁ ପ୍ରତିଷ୍ଠିତ କରି ରଖିବାକୁ ଚେଷ୍ଟା କରୁଛି ଏବଂ ତେଣେ ବିଦେଶୀ ବଜାର-କ୍ଷେତ୍ରରେ ସରି ସରି ଆସୁଥିବା ତା'ର ବାଣିଜ୍ୟ-କାରବାରଗତ କାର୍ଯ୍ୟକଳାପଗୁଡ଼ାକୁ ତଥାପି ଯଥାସାଧ୍ୟ ଧରି ରଖିବାକୁ ବି ଚେଷ୍ଟା କରୁଛି । ଏହି ଦୁଇଟିଯାକ ତତ୍ତ୍ୱର ପାରସ୍ପରିକ କ୍ରିୟାଟି ବର୍ତ୍ତମାନ ଆଂଶିକ ଭାବରେ ସେହି କ୍ଷେତ୍ରର ସ୍ୱାଭାବିକ ଶକ୍ତି ଓ ବୃତ୍ତିଗୁଡ଼ିକ ଯେପରି ଭାବରେ କାର୍ଯ୍ୟ କରୁଛନ୍ତି ତାହାରି ଉପରେ ନିର୍ଭର କରୁଛି, ଆଂଶିକଭାବରେ ଅନୁକ୍ତ ଆଚରଣ ଓ ବୁଝାମଣା ଉପରେ ନିର୍ଭର କରୁଛି ଏବଂ ପୁଣି ଆଂଶିକ ଭାବରେ ଶୁଳ୍କଗତ ସୁରକ୍ଷା, ନାନାପ୍ରକାର ବଦାନ୍ୟତା, ରାଷ୍ଟ୍ର ତରଫରୁ ମିଳୁଥିବା କୌଣସି ନା କୌଣସି ପ୍ରକାରର ଅନୁଦାନର କେତେବିଧ ବ୍ୟବସ୍ଥା ଏବଂ ଅନ୍ୟ ପକ୍ଷରେ ବାଣିଜ୍ୟିକ ନାନା ସନ୍ଧି ଓ ଚୁକ୍ତି ଉପରେ ମଧ୍ୟ ନିର୍ଭର କରୁଛି । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ବିଶ୍ୱ-ରାଷ୍ଟ୍ରର ବିକାଶ ହୋଇ ଚାଲିଥିବା ସଙ୍ଗେ ସଙ୍ଗେ ଏଇଟା ମଧ୍ୟ କ୍ରମେ ଏକ ଅସଙ୍ଗତି ବୋଲି ଅନୁଭୂତ ହେବ, କେବଳ ଅପଚୟକାରୀ ଏବଂ ଅଲାଭକର ଏକ ପ୍ରକ୍ରିୟା ବୋଲିହିଁ ମନେହେବ । ଆପଣାକୁ ଯଥାର୍ଥରେ କାର୍ଯ୍ୟସାଧକ କରି ରଖିବାକୁ ହେଲେ କୌଣସି ଅନ୍ତର୍ଜାତୀୟ କର୍ତ୍ତୃତ୍ୱସଂସ୍ଥାନକୁ ବାଧ୍ୟ ହୋଇ ଅଧିକରୁ ଅଧିକ ପରିମାଣରେ ଜାତି ଓ ଜାତି ମଧ୍ୟରେ ରହିଥିବା ଯାବତୀୟ ପ୍ରକାରର ବନ୍ଧନରୁ ମୁକ୍ତ ଦ୍ୱିପକ୍ଷୀୟ ବ୍ୟବସ୍ଥାଗୁଡ଼ିକରେ ଯାଇ ହସ୍ତକ୍ଷେପ କରିବାକୁ ପଡ଼ିବ, ସେଥିରେ ଆବଶ୍ୟକ ନାନା ପରିବର୍ତ୍ତନ ମଧ୍ୟ କରିବାକୁ ପଡ଼ିବ । ସମୁଦାୟ ମନୁଷ୍ୟଜାତିର ବାଣିଜ୍ୟିକ ସ୍ୱାର୍ଥଗୁଡ଼ିକୁହିଁ ସେହି କ୍ଷେତ୍ରରେ ସର୍ବାଗ୍ରସ୍ଥାନ ଦେବାକୁ ହେବ; ଏ ଜାତିର ବା ସେ ଜାତିର ଆଚରଣରେ ଯେଉଁସବୁ ସ୍ୱତନ୍ତ୍ର ପ୍ରବୃତ୍ତିମାନ ରହିଛି, ବାଣିଜ୍ୟର କ୍ଷେତ୍ରରେ ଯେଉଁସବୁ ସ୍ୱତନ୍ତ୍ର ମହତ୍ତ୍ୱାକାଂକ୍ଷା ବା ବିଦ୍ୱେଷମାନ ରହିଛି, ସେଗୁଡ଼ିକୁ ସାମୁଦାୟିକ କଲ୍ୟାଣ ପାଖରେ ଅଧୀନ ଓ ଗୌଣ ହୋଇ ରହିବାକୁ ବାଧ୍ୟ କରାଯିବ । ଆଗରୁ ପରସ୍ପରର ଶୋଷଣ କରିବାହିଁ ଆଦର୍ଶ ହୋଇ ରହିଥିଲା, ତାହାର ସ୍ଥାନାପନ୍ନ ରୂପେ ବର୍ତ୍ତମାନ ସମଗ୍ର ମନୁଷ୍ୟଜାତିର ସମ୍ମିଳିତ ଅର୍ଥନୈତିକ ଜୀବନରେ ଆପଣାର ଉପଯୁକ୍ତ ଓ ଯଥାଯୋଗ୍ୟ

'oaob.nitrkl.ac.in' images reprocessed

ଅଂଶଟିକୁ ବହନ କରିବା ଆଦର୍ଶ ହୋଇ ରହିବ । ବିଶେଷ କରି, ସମାଜବାଦ ଯହୁଁ ଯହୁଁ ଅଗ୍ରଗତି କରି ଯାଉଥିବ ଏବଂ ଏପର୍ଯ୍ୟନ୍ତ ଅଲଗା ଅଲଗା ହୋଇ ରହିଆସିଥିବା ଦେଶଗୁଡ଼ିକର ସମଗ୍ର ଆର୍ଥିକ ଜୀବନର ନିୟମନ କରିବାକୁ ଆରମ୍ଭ କରିବ, ସେହି ସମାନ ସିଦ୍ଧାନ୍ତଟି ଅନ୍ତର୍ଜାତୀୟ କ୍ଷେତ୍ରରେ ମଧ୍ୟ ଅଧିକରୁ ଅଧିକ ଭାବରେ ସ୍ୱୀକୃତ ହେବାରେ ଲାଗିଥିବ ଏବଂ ପରିଶେଷରେ ବିଶ୍ୱ-ରାଷ୍ଟ୍ରକୁହିଁ ପୃଥିବୀଯାକର ଶିଳ୍ପୋଦ୍ୟୋଗଗତ ଯାବତୀୟ ଉତ୍ପାଦନ ଓ ବିତରଣ-ବ୍ୟବସ୍ଥାର ଦାୟିତ୍ୱଟିକୁ ନିଜ ହାତକୁ ନେଇ ତାହାର ଯଥାର୍ଥ ପରିଚାଳନା କରିବାକୁ ପଡ଼ିବ । ମଝିରେ କେତେକ ସମୟ ସକାଶେ ପ୍ରତ୍ୟେକ ଦେଶକୁ ହୁଏତ ତା'ର ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକୁ ସ୍ୱୟଂ ଉତ୍ପାଦନ କରିବା ଲାଗି ଛାଡ଼ିଦିଆଯିବ; ମାତ୍ର ଶେଷରେ ସମ୍ଭବତଃ ଏହି କଥାଟିହିଁ ସର୍ବତ୍ର ଅନୁଭୂତ ହେବାକୁ ଲାଗିବ ଯେ, ବ୍ରିଟିଶ୍ ଦ୍ୱୀପପୁଞ୍ଜର ଅବଶିଷ୍ଟ ଅଂଶଟିଠାରୁ ସ୍ୱତନ୍ତ୍ର ଭାବରେ ୱେଲ୍ସ୍ ଏବଂ ସ୍କର୍ଟଲାଣ୍ଡ୍ ଆପଣା ଆପଣାର ପ୍ରୟୋଜନୀୟ ପଦାର୍ଥଗୁଡ଼ିକୁ ଆପେ ଉତ୍ପାଦନ କରିବା ଲାଗି ପ୍ରକୃତରେ ଯେତେ ଆବଶ୍ୟକତା ରହିଛି, ଏଇଟିର କ୍ଷେତ୍ରରେ ମଧ୍ୟ ଠିକ୍ ସେତିକି ଆବଶ୍ୟକତା ରହିଛି; ବା ଭାରତବର୍ଷର କୌଣସି ଗୋଟିଏ ପ୍ରଦେଶ ଦେଶର ଅବଶିଷ୍ଟ ଭାଗଟିଠାରୁ ନିଜକୁ ସ୍ୱତନ୍ତ୍ର ରଖି ଏକ ଅର୍ଥନୈତିକ ଏକକରୂପେ ବିକଶିତ ହେବା ଲାଗି ଯେତିକି ପ୍ରୟୋଜନ ରହିଛି, ସେଇଟିର ମଧ୍ୟ କେବଳ ସେତିକି ପ୍ରୟୋଜନହିଁ ରହିଛି । ପ୍ରତ୍ୟେକ ଦେଶ ଯାହାକିଛି ପାରିବେ, କେବଳ ତାହାରି ଉତ୍ପାଦନ ଓ ବିତରଣ କରିବେ, ସମଗ୍ର ମାନବସମୂହର ମୋଟ ଆବଶ୍ୟକତା ତଥା ଚାହିଦା ମେଣ୍ଟାଇବା ଲାଗି ସେମାନେ ସର୍ବାଧିକ ଅନୁକୂଳତା ରକ୍ଷା କରି, ସର୍ବାଧିକ ସ୍ୱାଭାବିକ ତଥା କୁଶଳ ଭାବରେ ତାହା କରିବେ ଏବଂ ସେମାନଙ୍କର ନିଜ ଆବଶ୍ୟକତା ଓ ଚାହିଦାଟି ମଧ୍ୟ ସମୂହର ଆବଶ୍ୟକତା ଏବଂ ଚାହିଦାଟି ମଧ୍ୟରେ ଅନ୍ତର୍ଭୁକ୍ତ ହୋଇ ରହିଥିବ । ମନୁଷ୍ୟସମାଜର ସାର୍ବଜନୀନ ଇଚ୍ଛାଟି ଦ୍ୱାରାହିଁ ମୀମାଂସିତ ହୋଇଥିବା ଏକ ବ୍ୟବସ୍ଥା ଅନୁସାରେ ପ୍ରତ୍ୟେକ ଦେଶ ଆପଣାର ସରକାରଟି ଜରିଆରେହିଁ ସେହି ଉତ୍ପାଦନ ଏବଂ ବିତରଣରେ ଅଂଶଗ୍ରହଣ କରୁଥିବ, ଏବଂ ଏପରି ଗୋଟିଏ ପଦ୍ଧତି ଅନୁସାରେ ତାହା କରୁଥିବ, ଯାହାକି, ସ୍ଥାନୀୟ ଟିକିନିଖିରେ ଯେତେ ଫରକ କରାଯାଇ ପାରୁଥିଲେ ମଧ୍ୟ, ତଥାପି ଆପଣାର ସିଦ୍ଧାନ୍ତଗୁଡ଼ିକରେ ସମସ୍ତଙ୍କ ପାଇଁ ଏକରୂପ ହୋଇ ରହିଥିବ, ଯାହାଫଳରେ କି ପ୍ରୟୋଜନତଃ ଜଟିଳ ଓ ଅନେକମୁଖୀ ହୋଇ ରହିଥିବା ଏକ ସଂଗଠନ ପକ୍ଷରେ ଯଥାସମ୍ଭବ ଅଧିକ ସରଳ, ଅଧିକ ପ୍ରତିବନ୍ଧକହୀନ ଏବଂ ଅଧିକ ବୁଦ୍ଧିସଂଯୁକ୍ତ ଭାବରେ କାର୍ଯ୍ୟ କରିବା ସମ୍ଭବ ହୋଇ ପାରୁଥିବ ।

ଜାତି-ରାଷ୍ଟ୍ରଗୁଡ଼ିକ ତିଆରି ହୋଇ ଆସୁଥିବା ସମୟରେ ସମାଜର ସାଧାରଣ

'oaob.nitrkl.ac.in' images reprocessed

ବ୍ୟବସ୍ଥାଟିର ପ୍ରଶାସନ କାର୍ଯ୍ୟ ତା'ପକ୍ଷରେ ଯେତେଦୂର ଏକ ଚିନ୍ତାର ବିଷୟ ହୋଇ ରହିଥିଲା, ବର୍ତ୍ତମାନ ପର୍ଯ୍ୟାୟରେ ତାହା ସେଇଟିଠାରୁ ଯଥେଷ୍ଟ କମ୍ ଚିନ୍ତାର ବିଷୟ ହୋଇ ରହିବ, କାରଣ ସେତେବେଳେ ବ୍ୟବସ୍ଥା ଏବଂ ଶୃଙ୍ଖଳାର ଉପାଦାନଟିକୁ ରୀତିମତ ନୂଆ କରି ସୃଷ୍ଟି କରିବାକୁ ପଡୁଥିଲା, ଏବଂ ହିଂସା, ଅପରାଧ ତଥା ବିଦ୍ରୋହ ଯେପରି ଅଧିକ ସହଜ ଥିଲା, ଠିକ୍ ସେହିପରି ଭାବରେ ମନୁଷ୍ୟସମାଜ ମଧ୍ୟରେ ତାହା ସତେଅବା ଏକ ସ୍ୱାଭାବିକ ଏବଂ ସାଧାରଣ ପ୍ରକୃତି ମଧ୍ୟ ହୋଇ ରହିଥିଲା । ବର୍ତ୍ତମାନ ଏହି ଦୃଷ୍ଟିରୁ ଦେଖିଲେ ଗୋଷ୍ଠୀଜୀବନର ଏକକଗୁଡ଼ିକ ଯେ ବେଶ୍ ସହନୀୟ ଭାବରେ ସୁସଂଗଠିତ ହୋଇ ରହିଛନ୍ତି ତା' ନୁହେଁ ଏବଂ ଦେଶ ଦେଶ ମଧ୍ୟରେ କେବଳ ଯେ ଏକାନ୍ତ ଭାବରେ ଆବଶ୍ୟକ ରାଜିନାମାଗୁଡ଼ିକ ପ୍ରକୃତରେ ମହଜୁଦ ହୋଇ ରହିଛି ତା' ନୁହେଁ, ମାତ୍ର ଜାତୀୟ, ଆଞ୍ଚଳିକ ତଥା ନଗରସ୍ତରୀୟ ଶାସନଗତ ସୁବିସ୍ତୃତ ନାନା ବ୍ୟବସ୍ଥିତତା ଦ୍ୱାରା ସେଗୁଡ଼ିକ ଅଧିକରୁ ଅଧିକ ପରିମାଣରେ ସତ୍ତ୍ୱର ହୋଇ ରହିଥିବା ଏକ ଯୋଗସୂତ୍ର-ସାମର୍ଥ୍ୟ ଦ୍ୱାରା ପରସ୍ପର ସହିତ ସଂଲଗ୍ନ ହୋଇ ବି ରହିଛନ୍ତି; ବର୍ତ୍ତମାନ ଅଂଶଗୁଡ଼ିକର ଜୀବନକ୍ଷେତ୍ରଗୁଡ଼ିକୁ ଶୃଙ୍ଖଳା ମଧ୍ୟରେ ରଖିବା ଯେକୌଣସି ରାଷ୍ଟ୍ର ପକ୍ଷରେ ସମ୍ଭବ ହୋଇ ପାରୁଛି, ଏବଂ ଏକଥା ସତ ଯେ ପୂର୍ବତନ କାଳର ଅଧିକ ଅମାର୍ଜିତ ରାଷ୍ଟ୍ରଶାସନଗୁଡ଼ିକ ସଫଳତାର ସହିତ ସେଗୁଡ଼ିକର ସମ୍ମୁଖୀନ ହେବାରେ ଆଦୌ ସମର୍ଥ ହେଉ ନ ଥିଲେ । ଏପରି ମଧ୍ୟ ଚିନ୍ତା କରାଯାଇପାରେ ଯେ ବିଶ୍ୱ-ରାଷ୍ଟ୍ରର ବ୍ୟବସ୍ଥା ଭିତରେ ଆପଣାର ଆଭ୍ୟନ୍ତରୀଣ ବ୍ୟବସ୍ଥାର କ୍ଷେତ୍ରରେ ପ୍ରତ୍ୟେକ ଦେଶକୁ ତା'ର ସ୍ୱତନ୍ତ୍ର କ୍ରିୟା ଲାଗି ଛାଡ଼ି ଦିଆଯିବ, ବସ୍ତୁତଃ ତା'ର ସ୍ୱତନ୍ତ୍ର ରାଜନୀତିକ, ସାମାଜିକ ତଥା ସାଂସ୍କୃତିକ ଜୀବନର ଯାବତୀୟ ବ୍ୟାପାରରେ ତାକୁ ସେହି ସ୍ୱତନ୍ତ୍ରତାଟି ଅବଶ୍ୟ ମିଳିବ । ମାତ୍ର ଏହି କ୍ଷେତ୍ରଟିରେ ମଧ୍ୟ ତଥାପି ଏକ ସମ୍ଭାବନା ରହିଛି ଯେ, ଆମେ ବର୍ତ୍ତମାନ ଯେତେଦୂର କଳ୍ପନା କରିପାରୁଛୁ, ବିଶ୍ୱ-ରାଷ୍ଟ୍ରକୁ ହୁଏତ ତା'ଠାରୁ ଆହୁରି ଅଧିକ ଏକ କେନ୍ଦ୍ରୀକରଣ ଏବଂ ସମରୂପତା ଦାବି କରିବାକୁ ପଡ଼ିବ ।

ଉଦାହରଣସ୍ୱରୂପ, ଆମେ ଏଠାରେ ସମାଜ ଭିତରେ ଉଦ୍‌ଭୂତ ହେବାରେ ଲାଗିଥିବା ଅପରାଧକୁ ଏକ ଉପାଦାନରୂପେ ଆଲୋଚନା କରିବା । ଏହି ଉପାଦାନଟି ଏପର୍ଯ୍ୟନ୍ତ ସମାଜ ଭିତରୁ ନିରାକୃତ ହୋଇପାରି ନାହିଁ ଏବଂ ସମାଜ ଏବେ ମଧ୍ୟ ସେଥିଲାଗି ଅନବରତ ସଂଗ୍ରାମ କରିବାରେ ଲାଗିଛି । ବର୍ତ୍ତମାନର ସମାଜ-ବ୍ୟବସ୍ଥା ଏହି ବ୍ୟାପାରଟିର କ୍ଷେତ୍ରରେ ଯେ ବଡ଼ ଅଶୋଧିତ ଅବସ୍ଥାରେ ରହିଛି ଏବଂ ଆହୁରି ଅଧିକ ମୂଳଭୂତ ଭାବରେ ଯେ ଆମକୁ ଏହି ସମସ୍ୟାଟିର ସମ୍ମୁଖୀନ ହେବାକୁ ଏକ ଅଧିକ ଗମ୍ଭୀର ପ୍ରୟାସ କରିବାକୁ ପଡ଼ିବ, ସେହି କଥାଟି ଅବଶ୍ୟ ସ୍ୱୀକାର କରିବାକୁ ହେବ । ଯେଉଁ ଦୂଷିତ ମାନବ-

'oaob.nitrkl.ac.in' images reprocessed

ଉପାଦାନଟି ମଧ୍ୟରେ ଅପରାଧର ବୀଜାଣୁ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଆପଣା ଲାଗି ଏକ ପ୍ରଜନନ-କ୍ଷେତ୍ର ପାଇବାରେ ଲାଗିଛି ଏବଂ ଯେଉଁ ଉପାଦାନଟି ଏକ ବିରାଟ ସ୍ତୂପ ପରି ସେହି ସମାଜ ଭିତରେ ବାରବାର ଜନ୍ମଲାଭ କରୁଛି, ସେଇଟିର ନିବିଡ଼ ପର୍ଯ୍ୟବେକ୍ଷଣ ଏବଂ ତତ୍ତ୍ୱାବଧାନ କରିବାହିଁ ହୁଏତ ସର୍ବପ୍ରଥମ ଆବଶ୍ୟକତା ହୋଇ ଦେଖାଦେବ । ବର୍ତ୍ତମାନ ଏହି କାର୍ଯ୍ୟଟିକୁ ସାଧାରଣତଃ ବଡ଼ ଅଶୋଧିତ ଏବଂ ଦୋଷଯୁକ୍ତ ଭାବରେ କରାଯାଉଛି, ଅପରାଧଟି ପ୍ରକୃତରେ ଘଟିସାରିବା ପରେ ପ୍ରତ୍ୟେକ ଦେଶର ପୋଲିସ୍ ବିଭାଗ ଏହି କଥାଟିକୁ କରୁଛି; ଏ ଦେଶରୁ ସେ ଦେଶକୁ ପଳାଇଯାଇ ଯଦି କିଏ ଅପରାଧ କରି ଦଣ୍ଡ ଏଡ଼ାଇ ରହିବାକୁ ଚେଷ୍ଟା କରିବ, ସେଥିଲାଗି ଦେଶ ଦେଶ ମଧ୍ୟରେ ଅପରାଧୀକୁ ଫେରାଇଦେବା ବିଷୟରେ କେତେପ୍ରକାର ଚୁକ୍ତି ରହିଛି, ଅନୌପଚାରିକ ସହାୟତାର ବ୍ୟବସ୍ଥାମାନ ମଧ୍ୟ ରହିଛି । ବିଶ୍ୱ-ରାଷ୍ଟ୍ର ଏହି କ୍ଷେତ୍ରରେ ଅନ୍ତର୍ଜାତୀୟ ତଥା ସ୍ଥାନୀୟ ଦୁଇଟିଯାକ ତତ୍ତ୍ୱାବଧାନର ବ୍ୟବସ୍ଥା ରଖିବ; ଯାହାକୁ ଆମେ ଆନ୍ତର୍ଜାତିକ ଅପରାଧ ଓ ବିଶୃଙ୍ଖଳା ବୋଲି ହୁଏତ କହିବା ଏବଂ ଭବିଷ୍ୟତର ପରିବେଶଗୁଡ଼ିକରେ ଯାହା ଅତିରିକ୍ତ ପରିମାଣରେ ବୃଦ୍ଧି ପାଇବ ବୋଲି ସମସ୍ତ ସମ୍ଭାବନା ରହିଛି, କେବଳ ସେହି ଅପରାଧଗୁଡ଼ିକର ସମ୍ମୁଖୀନ ହେବାକୁ ନୁହେଁ, ମାତ୍ର ଅପରାଧର ନିରାକରଣରୂପୀ ସେହି ଅଧିକ ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟଟିର ସାଧନ ଲାଗି ମଧ୍ୟ ବିଶ୍ୱ-ରାଷ୍ଟ୍ର ଦୁଇଟିଯାକ ତତ୍ତ୍ୱାବଧାନର ବ୍ୟବସ୍ଥା ଅବଲମ୍ବନ କରିବ ।

ଯେଉଁସବୁ ସ୍ଥାନରେ ଅପରାଧର ଚେରଟି ଯାଇ ରହିଛି ଏବଂ ଯେଉଁଠି ଅପରାଧର ପ୍ରକୃତରେ ଜନ୍ମସଞ୍ଚାର ହେଉଛି, ସେହିଠାରେ ମଧ୍ୟ ଅପରାଧ-ସମସ୍ୟାଟିର ସମ୍ମୁଖୀନ ହେବାକୁ ବିଶ୍ୱରାଷ୍ଟ୍ର ତା'ର ଦ୍ୱିତୀୟ ପ୍ରୟୋଜନଟି ରୂପେ ହୃଦୟଙ୍ଗମ କରିବ । ବିଶ୍ୱରାଷ୍ଟ୍ର ତିନୋଟି ଉପାୟରେ ସେହି ଚେଷ୍ଟାଟିକୁ କରିପାରିବ : ପ୍ରଥମତଃ, ତାହା ଶିକ୍ଷାର ଏକ ଅଧିକ ସନ୍ଦୀପିତ ପଦ୍ଧତିର ପ୍ରବର୍ତ୍ତନ କରିବ ଓ ମନୁଷ୍ୟର ନୈତିକ ତଥା ପ୍ରକୃତିଗତ ଜୀବନାଚରଣକୁ ତାହା ଏପରି ଏକ ତାଲିମ ଦେବ, ଯାହା ଦ୍ୱାରା ଅପରାଧ-ପ୍ରବଣତା ଆପଣାର ବୃଦ୍ଧି ଲାଗି ସାଧାରଣତଃ କୌଣସି ଅନୁକୂଳ କ୍ଷେତ୍ର ପାଇପାରିବ ନାହିଁ; ଦ୍ୱିତୀୟତଃ, ନାନା ବୈଜ୍ଞାନିକ ତଥା ସୁଜନନସମ୍ବନ୍ଧୀ ପ୍ରଣାଳୀ ଦ୍ୱାରା ତାହା ବିଦ୍ୱିଷିତ ମନୁଷ୍ୟ-ଉପାଦାନଟିର ପର୍ଯ୍ୟବେକ୍ଷଣ କରିବ, ଚିକିତ୍ସା କରିବ, ତାହାକୁ ଅନ୍ୟମାନଙ୍କଠାରୁ ଅଲଗା କରି ରଖିବ ଏବଂ ସମ୍ଭବତଃ ତାକୁ ପ୍ରଜନନକ୍ଷମତାହୀନ କରିଦେବ; ଏବଂ ତୃତୀୟତଃ, ଏକ ସହାନୁଭୂତିଶୀଳ ଓ ଜ୍ଞାନସମ୍ପନ୍ନ କାରାଗାର ବ୍ୟବସ୍ଥା ଓ ଦଣ୍ଡବିଧାନର ପଦ୍ଧତିର ପ୍ରବର୍ତ୍ତନ କରିବ, କେବଳ ଶାସ୍ତି ଦେଇଦେବାହିଁ ଯାହାର ଉଦ୍ଦେଶ୍ୟ ହୋଇ ରହି ନ ଥିବ, ମାତ୍ର ପ୍ରଥମ ତଥା ପୋଖତ ଉଭୟ ପ୍ରକାରର ଅପରାଧୀଙ୍କର ଆବଶ୍ୟକ

'oaob.nitrkl.ac.in' images reprocessed

ସଂଶୋଧନ କରିବାକୁହିଁ ଯାହା ଆପଣାର ଧ୍ୟେୟ କରି ରଖିଥିବ । ସିଦ୍ଧାନ୍ତଗତ ଏକ ସମରୂପତା ଉପରେ ତାହା କେତେକ ପରିମାଣରେ ଅବଶ୍ୟ ଦୃଷ୍ଟି ଦେଉଥିବ, ଯେପରିକି ପୃଥିବୀର କୌଣସିଠାରେ ଏପରି କୌଣସି ଦେଶ ନ ଥିବେ, ଯେଉଁମାନେ କି ସେହି ପଛୁଆ ଓ ପୁରୁଣାକାଳର ବା ଅନୁପାଦେୟ ଏବଂ ଭ୍ରାନ୍ତ ପଦ୍ଧତିଗୁଡ଼ିକୁ ତଥାପି ଛାଡ଼ିପାରି ନ ଥିବେ ଓ ତେଣୁ ଏହି କ୍ଷେତ୍ରରେ ରହିଥିବା ସାର୍ବଜନୀନ ଉଦ୍ଦେଶ୍ୟଟିକୁ ପ୍ରାୟ ବ୍ୟର୍ଥ କରି ପକାଉଥିବେ । ଏହି କାରଣରୁ ହୁଏତ ନିୟନ୍ତ୍ରଣର କେନ୍ଦ୍ରୀକରଣ ଲାଗି ମଧ୍ୟ ଏକ ପ୍ରୟୋଜନ ରହିଥିବ ବା ଅନ୍ତତଃ ଏପରି କରିବା ଉଚିତ ବୋଲି ସର୍ବଦା ପରାମର୍ଶ ଦିଆଯାଇ ପାରିବ । ବିଚାର-ବିଭାଗୀୟ ପଦ୍ଧତିଟିର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା । ଏଥିରେ ବର୍ତ୍ତମାନ ଯେଉଁ ପଦ୍ଧତିଟି ଚାଲୁଛି, ତାକୁ ତଥାପି ଏକ ବୁଦ୍ଧିସମ୍ପନ୍ନ ଓ ସଭ୍ୟୋଚିତ ପଦ୍ଧତି ବୋଲି ବିଚାର କରାଯାଉଛି ଏବଂ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଏହା ପୂର୍ବରୁ ମଧ୍ୟଯୁଗରେ ଏହି କ୍ଷେତ୍ରରେ ପଦ୍ଧତି ବୋଲି ଯାହାସବୁ ଚାଲୁଥିଲା, ସେଗୁଡ଼ିକର ତୁଳନାରେ ଏହା ନିଶ୍ଚୟ ଅଧିକ ବୁଦ୍ଧିସମ୍ପନ୍ନ ଏବଂ ଅଧିକ ସଭ୍ୟ । ମାତ୍ର, ଏପରି ଏକ ସମୟ ଅବଶ୍ୟ ଆସୁଛି, ଯେତେବେଳେ ଏହି ପଦ୍ଧତିଟିକୁ ମଧ୍ୟ ଭାରି ବିକୃତ, ଅପାରଗ, ଅବୁଦ୍ଧିଆ ଏବଂ ଏହାର ଅନେକଗୁଡ଼ିଏ ପ୍ରଧାନ ପ୍ରଧାନ କ୍ଷେତ୍ରରେ ପ୍ରାୟ ଅର୍ଦ୍ଧବର୍ବର ବୋଲି କହି ନିନ୍ଦା କରାଯିବ, ବା ଖୁବ୍ ବେଶୀ ହେଲେ, ସମାଜ-ବିଚାର, ସାମାଜିକ ଅନୁଭବ ଏବଂ ସାମାଜିକ ଜୀବନର ଏକ ପୂର୍ବତନ ପର୍ଯ୍ୟାୟରେ ଯେଉଁସବୁ ଅଧିକ ବିଭ୍ରାନ୍ତିଭ୍ରଷ୍ଟ ଏବଂ ସ୍ୱେଚ୍ଛାଚାର-ପ୍ରଣୋଦିତ ପଦ୍ଧତିଗୁଡ଼ିକ ପ୍ରଚଳିତ ଥିଲା, ତାହାକୁ ତାହାରି ଗୋଟିଏ ଅର୍ଦ୍ଧ-ଦୀକ୍ଷିତ ସଂସ୍କରଣ ବୋଲିହିଁ କୁହାଯିବାକୁ ଆରମ୍ଭ ହେବ । ଯହୁଁ ଯହୁଁ ଏକ ଅଧିକ ବୁଦ୍ଧିସମ୍ପନ୍ନ ପଦ୍ଧତିର ବିକାଶ ହୋଇଆସିବ, ପୃଥିବୀର ଯେକୌଣସି ଭାଗରେ ମଧ୍ୟ ବିଚାର-ବିଭାଗୀୟ ତଥା କାନୁନ୍-ସମ୍ବନ୍ଧୀୟ ସେହି ପୁରାତନ ପଦ୍ଧତିଗୁଡ଼ାକୁ ସୁରକ୍ଷିତ ରଖିବାର ଚେଷ୍ଟା କରିବାଟା ତହୁଁ ତହୁଁ ଅଧିକ ଅସହନୀୟ ବୋଲି ଅନୁଭୂତ ହେବ ଏବଂ ବିଶ୍ୱ-ରାଷ୍ଟ୍ର ସେଗୁଡ଼ିକର ସ୍ଥାନରେ ନୂଆନୂଆ ନୀତି ଓ ପଦ୍ଧତିଗୁଡ଼ିକୁ ଏକ ସାଧାରଣ ବିଧାନ-ପ୍ରଣୟନ ଦ୍ୱାରା ଏବଂ ସମ୍ଭବତଃ ଏକ କେନ୍ଦ୍ରୀକୃତ ସାଧାରଣ ନିୟନ୍ତ୍ରଣ ଦ୍ୱାରା ତାହାକୁ ସର୍ବତ୍ର ପ୍ରଯୁଜ୍ୟ କରି ରଖିବା ଲାଗି ଆଗଭର ହୋଇଆସିବ ।

ଏକଥାଟି ହୁଏତ ବେଶ୍ ସ୍ୱୀକାର କରାଯାଇ ପାରିବ ଯେ ଏହି ଯାବତୀୟ ବ୍ୟାପାରର କ୍ଷେତ୍ରରେ ସମରୂପତା ଏବଂ କେନ୍ଦ୍ରୀକରଣ ଦୁଇଟିଯାକ ନିଶ୍ଚୟ ଶୁଭକାରକ ହେବ ଏବଂ କେତେକ ପରିମାଣରେ ଏହା ଅନିବାର୍ଯ୍ୟ ରୂପେହିଁ ଘଟିବ । ଏହିଭଳି ଏକ ପରିବେଶରେ ଜାତୀୟ ବିଚ୍ଛିନ୍ନତା ଏବଂ ସ୍ୱତନ୍ତ୍ରତାର ଦ୍ୱେଷଭାବକୁ ମନୁଷ୍ୟସମାଜର ସାଧାରଣ ହିତର କ୍ଷେତ୍ରରେ କଦାପି ହସ୍ତକ୍ଷେପ କରିବାକୁ ଦିଆଯିବ ନାହିଁ । ମାତ୍ର,

'oaob.nitrkl.ac.in' images reprocessed

ଆପଣାର ରାଜନୀତିକ ବ୍ୟବସ୍ଥାଟିକୁ ବାଛିନେବାର କ୍ଷେତ୍ରରେ ଏବଂ ଆପଣା ସାମାଜିକ ଜୀବନର କେତେକ ଅନ୍ୟାନ୍ୟ କ୍ଷେତ୍ରରେ ଆପଣାର ସ୍ୱକୀୟ ଆଦର୍ଶଗୁଡ଼ିକର ଅନୁଧାବନ କରିବାକୁ, ଆପଣାର ବିଶେଷ ପ୍ରକୃତିଗୁଡ଼ିକର ଅନୁବର୍ତ୍ତୀ ହେବାକୁ ଏବଂ ସୁସ୍ଥ ତଥା ସ୍ୱାଭାବିକଭାବରେ ମୁକ୍ତ ହୋଇ ରହିବାକୁ ବିଭିନ୍ନ ଜାତିକୁ ନିଶ୍ଚୟ ଅନୁମତି ଦିଆଯାଇପାରେ । ଏପରିକି ଆମେ ଏକଥା ମଧ୍ୟ କହିପାରିବା ଯେ ଏହିସବୁ ବ୍ୟାପାରରେ ଗମ୍ଭୀର କୌଣସି ପ୍ରକାର ହସ୍ତକ୍ଷେପକୁ ଜାତିଗୁଡ଼ିକ କଦାପି ସହ୍ୟ କରି ପାରିବେ ନାହିଁ, ଏବଂ ବିଶ୍ୱ-ରାଷ୍ଟ୍ରକୁ ଏହିପରି କୌଣସି ଅଭିପ୍ରାୟର ସାଧନରେ ବ୍ୟବହାର କରାଗଲେ ତାହା ହୁଏତ ତାହାର ଅସ୍ତିତ୍ୱକୁ ମଧ୍ୟ ବିପନ୍ନ କରି ପକାଇବ । ମାତ୍ର, ବସ୍ତୁତଃ କହିବାକୁ ଗଲେ, ରାଜନୀତିକ ହସ୍ତକ୍ଷେପ ନ କରିବାର ଏହି ନୀତିଟିକୁ ଅତୀତରେ ଯେତିକି ସ୍ୱୀକୃତି ମିଳିଛି ବା ବର୍ତ୍ତମାନ ଯେତିକି ସ୍ୱୀକୃତି ମିଳୁଛି, ଭବିଷ୍ୟତରେ ସମ୍ଭବତଃ ତା'ଠାରୁ ଅନେକ କମ୍ ସ୍ୱୀକୃତିହିଁ ମିଳିବ । ସବୁ ସମୟରେ, ଅର୍ଥାତ୍ ପରସ୍ପର-ବିରୋଧୀ ରାଜନୀତିକ କୌଣସି ଦୁଇଟି ବିଚାର ମଧ୍ୟରେ ଏକ ବୃହତ୍ ଏବଂ ତୀବ୍ର ସଂଘର୍ଷ ଚାଲିଥିବା ସମୟରେ, ଉଦାହରଣସ୍ୱରୂପ, ପ୍ରାଚୀନ ଗ୍ରୀସ୍‌ରେ ସମ୍ଭ୍ରାନ୍ତତନ୍ତ୍ର ଏବଂ ଗଣତନ୍ତ୍ର ମଧ୍ୟରେ ଏବଂ ଆଧୁନିକ ଇଉରୋପରେ ପୁରାତନ ରାଜ୍ୟଶାସନ ଏବଂ ଫରାସୀ ବିପ୍ଳବର ବିଚାରଗୁଡ଼ିକ ମଧ୍ୟରେ ଏକ ତୁମୁଳ ସଂଘର୍ଷ ଚାଲିଥିବା ସମୟରେ ରାଜନୀତିକ ହସ୍ତକ୍ଷେପ ନ କରିବାର ନୀତିଟି ସତେଅବା କୁଆଡ଼େ ଚୁଲିକୁ ଚାଲିଯାଇଛି । ମାତ୍ର ବର୍ତ୍ତମାନ ଆମେ ସମ୍ପୂର୍ଣ୍ଣ ଆଉ ଗୋଟିଏ ଅବସ୍ଥା ଦେଖିବାକୁ ପାଉଛୁ,— ହସ୍ତକ୍ଷେପ କରିବାର ସେହି ବିପରୀତ ନୀତିଟି ବର୍ତ୍ତମାନ ଆନ୍ତର୍ଜାତିକ ଜୀବନର ଏକ ସଚେତନ ଶାସନ ରୂପେହିଁ ଆପଣାକୁ କ୍ରମପ୍ରତିଷ୍ଠିତ କରିବାରେ ଲାଗିଛି । ଯେପରି ଆମେରିକା କିଉବାରେ ହସ୍ତକ୍ଷେପ କଲା, ଏବେ ସେହିପରି ଏକ ହସ୍ତକ୍ଷେପର ଅଧିକରୁ ଅଧିକ ସମ୍ଭାବନା ରହିଛି; ଜାତୀୟ ସ୍ୱାର୍ଥରକ୍ଷାର କୌଣସି ଚିରାଚରିତ କାରଣରୁ ନୁହେଁ, ମାତ୍ର ସ୍ପଷ୍ଟତଃ ସ୍ୱାଧୀନତା, ସାଂବିଧାନିକତା ଏବଂ ଗଣତନ୍ତ୍ରର ପକ୍ଷସମର୍ଥନ କରି ଏକ ହସ୍ତକ୍ଷେପ ହେବାର ଅଧିକତର ସମ୍ଭାବନା ରହିଛି । ଅଥବା, ଏକ ବିପରୀତ ସାମାଜିକ କିଂବା ରାଜନୀତିକ ସିଦ୍ଧାନ୍ତର ପକ୍ଷ ଗ୍ରହଣ କରି, ତେଣୁ ସମ୍ପୂର୍ଣ୍ଣ ଆନ୍ତର୍ଜାତିକ କୌଣସି କାରଣରୁ ଅଧିକ ହସ୍ତକ୍ଷେପ ହେବାର ସମ୍ଭାବନା ରହିଛି,ଏବଂ ବ୍ୟାବହାରିକ ଦୃଷ୍ଟିରୁ ବିଚାର କଲେ ଏହି ବିଚାରଟିର ବଳରେହିଁ କୌଣସି ଗୋଟିଏ ଦେଶର ଆଭ୍ୟନ୍ତରୀଣ ବ୍ୟବସ୍ଥାଗୁଡ଼ିକ ମଧ୍ୟ ବିଶୃଙ୍ଖଳା ଏବଂ ଅପର୍ଯ୍ୟାପ୍ତତାର କେତେକ ପରିସ୍ଥିତିରେ କେବଳ ସେହି ଗୋଟିଏ ଦେଶର ଜୀବନ ସହିତ ଜଡ଼ିତ ହୋଇ ରହି ନାହିଁ, ମାତ୍ର ତା'ର ପ୍ରତିବେଶୀ-ଦେଶଗୁଡ଼ିକର ତଥା ବୃହତ୍ତର ମନୁଷ୍ୟସମାଜର ଜୀବନ ସହିତ ମଧ୍ୟ ଜଡ଼ିତ ହୋଇ ରହିଛି । ଗତ ଯୁଦ୍ଧ ସମୟରେ ଗ୍ରୀସ୍ ସମ୍ବନ୍ଧରେ ମିତ୍ରପକ୍ଷ ଠିକ୍ ଏହିପରି ଏକ ନୀତିର

'oaob.nitrkl.ac.in' images reprocessed

ଉପସ୍ଥାପନା କରିଥିଲେ । ଯେପର୍ଯ୍ୟନ୍ତ ଜର୍ମାନୀ ନିଜର ତତ୍କାଳୀନ ରାଜନୀତିକ ଗଠନଟିକୁ ତଥା ନୀତିଗୁଡ଼ିକୁ ବର୍ଜନ କରି ଆଧୁନିକ ଗଣତନ୍ତ୍ରର ବିଧାନଗୁଡ଼ିକୁ ଗ୍ରହଣ ନ କରିଛି ଏବଂ ଏକାଧିପତ୍ୟ ଶାସନର ସେହି ପୁରାତନ ଅବଶେଷଗୁଡ଼ିକୁ ଛାଡ଼ି ନ ଆସିଛି, ସେପର୍ଯ୍ୟନ୍ତ ଜର୍ମାନୀ ସହିତ କୌଣସି ପ୍ରକାର ଚୁକ୍ତିରେ ଆବଦ୍ଧ ହେବାକୁ ଏବଂ କାର୍ଯ୍ୟତଃ, ଜର୍ମାନୀକୁ ଜାତିଗୁଡ଼ିକର କୌଣସି ସମ୍ମିଳନ ଭିତରେ ପ୍ରବେଶ କରାଇ ଦେବାକୁ ମିତ୍ରପକ୍ଷ ଯେପରି ଭାବରେ ସିଧା ନାହିଁ କରି ଦେଇଥିଲେ ସେତେବେଳେ ପୃଥିବୀର ଏକ ଅତ୍ୟନ୍ତ ଶକ୍ତିଶାଳୀ ଜାତି ଲାଗି ମଧ୍ୟ ସେହି ନୀତିଟିରହିଁ ପ୍ରୟୋଗ କରା ଯାଇଥିଲା ।*

ମନୁଷ୍ୟ ସମୂହର ଜୀବନଟି ଅଧିକରୁ ଅଧିକ ଏକତାବଦ୍ଧ ହୋଇ ଆସିବା ସଙ୍ଗେ ସଙ୍ଗେ କୌଣସି ଗୋଟିଏ ଜାତିର ଆଭ୍ୟନ୍ତରୀଣ ବ୍ୟାପାରରେ ମଧ୍ୟ ସମଗ୍ର ମନୁଷ୍ୟଜାତିର ଏକ ସାଧାରଣ ସ୍ୱାର୍ଥ ନିହିତ ହୋଇ ରହିଛି ବୋଲି ହୃଦୟଙ୍ଗମ କରିବାର ବିଚାରଟି ନିଶ୍ଚୟ ଅଭିବୃଦ୍ଧି ଲାଭ କରିବାରେ ଲାଗିଥିବ । ସାମ୍ୟବାଦ ପକ୍ଷରୁ ଯେଉଁ ଆହ୍ୱାନଟି ଆସି ପହଞ୍ଚିବ ଅର୍ଥାତ୍ ସର୍ବଶକ୍ତିଶାଳୀ ରାଷ୍ଟ୍ରର ସମ୍ପୂର୍ଣ୍ଣ ଆବିର୍ଭାବଟି ପୃଥିବୀ ସମକ୍ଷରେ ଯେଉଁ ନୂତନ ଆହ୍ୱାନଟିକୁ ଆଣି ଉପସ୍ଥାପିତ କରିଦେବ, ତାହାହିଁ ଭବିଷ୍ୟତର ସେହି ସର୍ବବୃହତ୍ ରାଜନୀତିକ ପ୍ରଶ୍ନଟି ରୂପେ ଆସି ଦଣ୍ଡାୟମାନ ହେବ । ଏବଂ ପୃଥିବୀର ପୁରୋଗାମୀ ଜାତିଗୁଡ଼ିକର କ୍ଷେତ୍ରରେ ଯଦି ସେହି ସମାଜବାଦରହିଁ ବିଜୟ ହୁଏ, ତେବେ ଏହା ଏକ ସମ୍ପୂର୍ଣ୍ଣ ନିଶ୍ଚିତ କଥା ଯେ ତାହା ପୃଥିବୀର ସର୍ବତ୍ର ଯେକୌଣସି ପ୍ରକାରେ କେବଳ ତାହାରି ରାଜତ୍ୱର ପ୍ରତିଷ୍ଠା ହେଉ ବୋଲି ଦାବି କରି ବାହାରିବ; କେବଳ ପରୋକ୍ଷ ଚାପପକାଇ ନୁହେଁ, ଏପରିକି ପ୍ରତ୍ୟକ୍ଷ ହସ୍ତକ୍ଷେପ ଦ୍ୱାରା ମଧ୍ୟ ତାହା ସିଏ ପଛୁଆ ବୋଲି ମନେ କରୁଥିବା ଦେଶଗୁଡ଼ିକ ବିଷୟରେ ସେହି ବିଚାରଟିକୁ କରିବସିବ । ଯେଉଁ ଆନ୍ତର୍ଜାତିକ କର୍ତ୍ତୃତ୍ୱ ସ୍ଥାନଟିରେ, ତାହା ଗୋଟିଏ ପାର୍ଲିଆମେଣ୍ଟ ରୂପରେ ରହିଥାଉ ବା ଅନ୍ୟ ଯେକୌଣସି ରୂପରେ ରହିଥାଉ, ସମାଜବାଦ ଯେତେବେଳେ ବହୁମତର ସମର୍ଥନ ପାଇବ ବା ଏକ

* ସବୁପ୍ରକାର ମୁଖାକୁ ତଳକୁ ଫିଙ୍ଗିଦେଇ ଫାସିଷ୍ଟ୍ ଶକ୍ତିମାନେ ସ୍ପେନର ପ୍ରତିଷ୍ଠିତ ଗଣତାନ୍ତ୍ରିକ ସରକାରକୁ ପଦଚ୍ୟୁତ କରିବା ଲାଗି ସେହି ଦେଶରେ ଯେପରି ହସ୍ତକ୍ଷେପ କଲେ, ଆମକୁ ସେଇଥିରୁହିଁ ଭବିଷ୍ୟତରେ ଖୁବ୍ ସମ୍ଭବ କ'ଣ ସବୁ ଘଟିବାକୁ ଯାଉଛି, ତାହାର ଏକ ଦୃଷ୍ଟାନ୍ତ ମିଳିଯାଇ ପାରିବ । ତା'ପରେ ଠିକ୍ ସେହି ଦେଶରେ ଫ୍ରାଙ୍କୋଙ୍କ ଶାସନ ଉପରେ ଏକ ବିପରୀତ ଅର୍ଥରେ ମଧ୍ୟ ହସ୍ତକ୍ଷେପ କରାଯାଇଛି ଏବଂ ଯେତେ ଅପୂର୍ଣ୍ଣ ଏବଂ ଅନିଶ୍ଚିତଭାବରେ ହେଲେ ମଧ୍ୟ ଫ୍ରାଙ୍କୋ-ଶାସନ ଆପଣାର ପଦ୍ଧତି ଏବଂ ନୀତିରେ ପରିବର୍ତ୍ତନ ଘଟାଉ ବୋଲି ତା' ଉପରେ ଚାପ ମଧ୍ୟ ଦିଆଯାଇଛି ।

'oaob.nitrkl.ac.in' images reprocessed

ପ୍ରଧାନ ଶକ୍ତିରୂପେ ଆପଣାର ପ୍ରଭାବ ପକାଇବାକୁ ଆରମ୍ଭ କରିବ, ତାକୁ ସେ ଅବସର ପାଇବା ମାତ୍ରକେହିଁ ଉପେକ୍ଷା ବା ଅବହେଳା କରି ପକାଉଥିବ । ପୁନଶ୍ଚ, କେତୋଟି ଜାତି ଯେ ପୂର୍ବପରି ଗୋଟିଏ ଗୋଟିଏ ପୁଞ୍ଜିବାଦୀ ସମାଜ ହୋଇ ରହିବେ, ସ୍ୱୟଂ ଅଧିକତର ଅଂଶରେ ସମାଜବାଦୀ ହୋଇଥିବାରୁ ଏକ ବିଶ୍ୱରାଷ୍ଟ୍ର ଖୁବ୍‌ସମ୍ଭବ ସେକଥାଟିକୁ କଦାପି ସହ୍ୟ କରି ପାରିବ ନାହିଁ । ଏକ ପୁଞ୍ଜିବାଦୀ ଅଥବା ସମାଜବାଦୀ ଗ୍ରେଟ୍‌ବ୍ରିଟେନ୍ ଯେପରି ଏକ ସମାଜବାଦୀ ଅଥବା ପୁଞ୍ଜିବାଦୀ ସ୍କଟ୍‌ଲାଣ୍ଡ୍ କିଂବା ୱେଲ୍‌ସ୍‌ର ଅସ୍ତିତ୍ୱକୁ କେବେହେଲେ ସହ୍ୟ କରି ପାରିବ ନାହିଁ, ଠିକ୍ ସେହିପରି । ଅନ୍ୟପକ୍ଷରେ, ଯଦି ସବୁଯାକ ରାଷ୍ଟ୍ର ଆପଣାର ବାହ୍ୟ ରୂପରେ ସମାଜବାଦୀ ହୋଇଯିବେ, ତେବେ ଏହି ସବୁଯାକ ବିଚ୍ଛିନ୍ନ ସମାଜବାଦୀ ବ୍ୟବସ୍ଥାଗୁଡ଼ିକୁ ମନୁଷ୍ୟ-ଜୀବନର ଏକ ବୃହତ୍ ବ୍ୟବସ୍ଥା ମଧ୍ୟକୁ ସମନ୍ୱିତ କରି ଆଣିବାହିଁ ବିଶ୍ୱ-ରାଷ୍ଟ୍ର ପକ୍ଷରେ ଅତ୍ୟନ୍ତ ସ୍ୱାଭାବିକ ହୋଇପଡ଼ିବ । ମାତ୍ର ପରିପୂର୍ଣ୍ଣ ଭାବରେ ସମାଜବାଦର ବିକାଶ ହେବାର ଅର୍ଥ ହେଉଛି ଯେ ତଦ୍ୱାରା ରାଜନୀତିକ ଏବଂ ସାମାଜିକ ଜୀବନର କାର୍ଯ୍ୟକଳାପ ମଧ୍ୟରେ ରହିଥିବା ପାର୍ଥକ୍ୟଟି କ୍ରମଶଃ ବିଲୁପ୍ତ ହୋଇଯିବ, ଏହାଫଳରେ ଲୋକଜୀବନର ଏକ ସମାଜୀକରଣହିଁ ହୋଇଯିବ ଏବଂ ଏହି ଜୀବନଟି ତାହାର ପ୍ରତ୍ୟେକ ଅଙ୍ଗ ଏବଂ ପ୍ରତ୍ୟେକ କ୍ଷେତ୍ରରେ ତା'ର ଆପଣାର ଏକ ସଂଗଠିତ ସରକାର ତଥା ପ୍ରଶାସନର ଅଧୀନରେ ରହିବାକୁ ବାଧ ହେବ । ସାନ ବା ବଡ଼ କୌଣସି ବିଷୟ ତାହାର ଆଖି ଏଡ଼ାଇ କଦାପି ଯାଇପାରିବ ନାହିଁ । ଜନ୍ମ ଓ ବିବାହ, ଶ୍ରମ, ବିନୋଦନ ଏବଂ ବିଶ୍ରାମ, ଶିକ୍ଷା, ସଂସ୍କୃତି, ଶରୀର ତଥା ଚରିତ୍ରର କର୍ଷଣ, — ଏହି ସବୁଯାକ ସମାଜବାଦୀ ବ୍ୟବସ୍ଥାବୁଦ୍ଧିର ପରିସର ଭିତରେ ଆସି ପ୍ରବେଶ କରିବ ଏବଂ ତାହାର ଅତିତତ୍ପର ଅସହିଷ୍ଣୁ ନିୟନ୍ତ୍ରଣରହିଁ ଅଧୀନ ହୋଇରହିବ । ତେଣୁ ଯଦି ଏକ ଆନ୍ତର୍ଜାତିକ ସମାଜବାଦର ପ୍ରତିଷ୍ଠା ହୁଏ, ତେବେ ଭିନ୍ନ ଭିନ୍ନ ଜାତିମାନଙ୍କର ରାଜନୀତି ଅଥବା ସାମାଜିକ ଜୀବନ ଖୁବ୍ ସମ୍ଭବ ପ୍ରତିଷ୍ଠିତ ବିଶ୍ୱରାଷ୍ଟ୍ରର କେନ୍ଦ୍ରୀକୃତ ନିୟନ୍ତ୍ରଣଟି ମଧ୍ୟରୁ ଆଉ କଦାପି ବାହାରେ ରହିପାରିବ ନାହିଁ ।*

---

* ଜର୍ମାନୀ ଏବଂ ଇଟାଲୀରେ ପୂର୍ଣ୍ଣ ସରକାରୀ ନିୟନ୍ତ୍ରଣ ଦିଗରେ ଯେଉଁ ପ୍ରବୃତ୍ତିଟି ଦେଖାଦେଇଛି, ତାହାରି ମଧ୍ୟରେ ବଡ଼ ଆଶ୍ଚର୍ଯ୍ୟଜନକ ଭାବରେ ଆମକୁ ସମାଜବାଦର ଏହି ଦିଗଟିର କାର୍ଯ୍ୟକାରୀ ରୂପଟିର ଏକ ସ୍ପଷ୍ଟ ଦୃଷ୍ଟାନ୍ତ ମିଳିଯାଉଛି । ଏଇଟି ଲେଖାହେବା ସମୟରେ ଜାତୀୟ (ଫାସିଷ୍ଟ) ସମାଜବାଦ ଏବଂ ମାର୍କ୍‌ସିଷ୍ଟ ସମାଜବାଦ ମଧ୍ୟରେ ବିଭେଦଟିକୁ କଦାପି ଦେଖି ହୋଇପାରି ନ ଥା'ନ୍ତା । ମାତ୍ର ଦୁଇଟି ମଧ୍ୟରୁ ଯେଉଁଟି ତିଷ୍ଠିରହୁ ପଛକେ, ଦୁହିଙ୍କ ମଧ୍ୟରେ ଏକ ସଦୃଶ ମୂଳସିଦ୍ଧାନ୍ତ ଅବଶ୍ୟ ରହିଛି ।

'oaob.nitrkl.ac.in' images reprocessed

ଆମ ଜୀବନର ବର୍ତ୍ତମାନ ଯାବତୀୟ କଳ୍ପନା ଏବଂ ପ୍ରତିଷ୍ଠିତ ଯାବତୀୟ ଅଭ୍ୟସ୍ତତାଠାରୁ ଏହି ବିଶ୍ୱ-ବ୍ୟବସ୍ଥାଟି ପ୍ରକୃତରେ ବହୁଦୂରବର୍ତ୍ତୀ ହୋଇ ରହିଛି ସତ, ମାତ୍ର ଏହିସବୁ କଳ୍ପନା ଓ ଏହିସବୁ ଅଭ୍ୟସ୍ତତା ଆପଣା ଆପଣାର ଚେରମୂଳରେ ତଥାପି କେତେକେତେ ପରିବର୍ତ୍ତନର ନାନା ଶକ୍ତିଶାଳୀ ପ୍ରବାହଗୁଡ଼ିକ ଦ୍ୱାରା ପ୍ରଭାବିତ ହେବାକୁ ଆରମ୍ଭ କରି ସାରିଲେଣି । ସମରୂପତାହିଁ କ୍ରମଶଃ ଅଧିକରୁ ଅଧିକ ପରିମାଣରେ ଆମ ପୃଥିବୀର ଏକ ବିଧାନରେ ପରିଣତ ହେବାକୁ ଯାଉଛି; ଆମର ମନୋଭାବଗୁଡ଼ାକ ଯେତେ ଅନ୍ୟପ୍ରକାର ହୋଇଥାଉ ପଛକେ ଓ ସେହି ପୁରୁଣାକୁ ସଂରକ୍ଷିତ ଅଥବା ପୁନରୁଜ୍ଜୀବିତ କରି ରଖିବା ଲାଗି ଆମେ ସଚେତନ ଭାବରେ ଯେତେ ଯାହା ଉଦ୍ୟମ କରୁଥାଉ ପଛକେ, ସ୍ଥାନୀୟ ସ୍ୱତନ୍ତ୍ରତା ଓ ଏକକ ବିଶେଷତାଗୁଡ଼ିକ ବଞ୍ଚି ରହିବା ଏବେ ଅଧିକରୁ ଅଧିକ ପରିମାଣରେ ପ୍ରକୃତରେ ବଡ଼ କଷ୍ଟକର ହୋଇ ପଡ଼ିଲାଣି । ମାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ ଯେ ସମରୂପତାର ବିଜୟ ସଙ୍ଗେ ସଙ୍ଗେ ସେଥିରୁ କେନ୍ଦ୍ରୀକରଣ ଆଡ଼କୁ ଏକ ପ୍ରବୃତ୍ତି ନିଶ୍ଚୟ ଜନ୍ମଲାଭ କରିବ ଏବଂ ସ୍ୱତନ୍ତ୍ର ହୋଇ ରହିବା ଲାଗି ଆମଭିତରେ ଯାହାକିଛି ମୂଳଭୂତ ପ୍ରେରଣା ରହିଛି, ତାହା କୁଆଡ଼େ ଅନ୍ତର୍ହିତ ହୋଇଯିବ । ଏବଂ ଥରେ ଏହି କେନ୍ଦ୍ରୀକରଣ ଆମ ଜୀବନରେ ଚେକାମାଡ଼ି ବସିଗଲେ ତାହା ଆମ ଜୀବନର ସମରୂପତାକୁ ଆହୁରି ପକ୍କା କରିଦେବ । ସମରୂପତା ଭିତରେ ବିଚରଣ କରୁଥିବା ଏକ ମାନବସମୂହ ଲାଗି ଯାହାକିଛି ବିଶେଷତ୍ୱ ଓ ବିକେନ୍ଦ୍ରୀକରଣ ତଥାପି ଅପରିହାର୍ଯ୍ୟ ବୋଲି ଅନୁଭୂତ ହେବ, ତାହାକୁ କେବଳ ପ୍ରଶାସନଗତ ଏକ ସୁବିଧା ପାଇଁହିଁ ରଖାଯିବ, ଯଥାର୍ଥ ବିଭିନ୍ନତା ଓ ବୈଚିତ୍ର୍ୟକୁ ଏକ ଆବଶ୍ୟକତା ବୋଲି ମାନି ସେଗୁଡ଼ିକ ଲାଗି କଦାପି ଅନୁମତି ଦିଆଯିବ ନାହିଁ । ଏକ ପ୍ରଭାବସମ୍ପନ୍ନ ଅନ୍ତର୍ଜାତୀୟତାର ପରିବେଶ ମଧ୍ୟରେ ଯେତେବେଳେ ଜାତୀୟ ମନୋଭାବ ଓ ଜାତୀୟ ଉତ୍ସାହଟିର ବିଲୁପ୍ତି ଘଟିବ, ସେତେବେଳେ ସଂସ୍କୃତି ଓ ସାମୂହିକ ଅସ୍ତିତ୍ୱର ବୃହଦ୍ ସମସ୍ୟାଗୁଡ଼ିକହିଁ ଆମର କଳ୍ପିତ ବିଶ୍ୱ-ରାଷ୍ଟ୍ରଟି ମଧ୍ୟରେ ଅପ୍ରଧାନ ରୂପେ ହେଲେ ମଧ୍ୟ ତଥାପି ବିଭିନ୍ନତାର ଏକ ଦୃଢ଼ନୀତିକୁ ସଂରକ୍ଷିତ କରିବାର ହୁଏତ ଏକମାତ୍ର କାରଣ ହୋଇ ରହିବ । ମାତ୍ର, ଗୋଷ୍ଠୀଗତ ଭିନ୍ନତାର ଯେକୌଣସି ଅନ୍ୟ ବାହ୍ୟ ଆଙ୍ଗିକ ପରି ଏବେ ସଂସ୍କୃତିଗତ ବୈଚିତ୍ର୍ୟଟି ମଧ୍ୟ ସମାନ ଭାବରେ ବିପନ୍ନ ହୋଇ ପଡ଼ିଛି । ଇଉରୋପର ବିଭିନ୍ନ ଜାତିଗୁଡ଼ିକ ମଧ୍ୟରେ ବର୍ତ୍ତମାନ ପାର୍ଥକ୍ୟ ବୋଲି ଯାହାକିଛି ରହିଛି, ତାହାକୁ ଆମେ କେବଳ ସେହି ଗୋଟିଏ ସମଗ୍ର ପାଶ୍ଚାତ୍ୟ ସଂସ୍କୃତିର କେତୋଟି ସାନସାନ ରୂପଭେଦ ବୋଲିହିଁ କହିପାରିବା । ଏବଂ ବର୍ତ୍ତମାନ, ବିଚାର, ଜୀବନ ତଥା ତାହାର ପ୍ରଣାଳୀଟିର କ୍ଷେତ୍ରରେ କେବଳ ଏକ ସମରୂପତା ଆଣି ଦେଉଥିବା ସେହି ବୃହଦ୍‌ଶକ୍ତି ରୂପେ ଆଧୁନିକ ବିଜ୍ଞାନ ଆମ ସଂସ୍କୃତି ଓ ଆମର

'oaob.nitrkl.ac.in' images reprocessed

ଜୀବନର ଏକ ବୃହତ୍ତର ଅଂଶରେ ପରିଣତ ହେବାରେ ଲାଗିଛି ଏବଂ ପରିଶେଷରେ ସେହି ଜୀବନ ଓ ସଂସ୍କୃତିକୁ ଗୋଟାସୁଦ୍ଧା ଆବୋରି ନେଇଯିବ ବୋଲି ବାହାରିଛି, ସେହି ପରିସ୍ଥିତିଟିରେ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଆଲୋଚିତ ସେହିସବୁ ରୂପଭେଦର ମହତ୍ତ୍ୱ ମଧ୍ୟ କ୍ରମଶଃ ହ୍ରାସ ହୋଇଯିବାରେ ଲାଗିଥିବ । ବର୍ତ୍ତମାନ ତଥାପି ଯେଉଁ ମୂଳଭୂତ ପ୍ରଭେଦଟି ଦେଖିବାକୁ ମିଳୁଛି ବୋଲି କୁହାଯାଇ ପାରିବ, ସେଇଟି ହେଉଛି ପାଶ୍ଚାତ୍ୟ ମନ ଏବଂ ପ୍ରାଚ୍ୟ ମନ ଭିତରେ ରହିଥିବା ପ୍ରଭେଦ । ମାତ୍ର ଏହି କ୍ଷେତ୍ରଟିରେ ମଧ୍ୟ ଏସିଆ ଗୋଟାସୁଦ୍ଧା ଇଉରୋପୀୟ ରଙ୍ଗରେ ଦୀକ୍ଷିତ ହୋଇଯିବାର ମାଡ଼ଟିକୁ ସହିବାରେ ଲାଗିଛି ଏବଂ ଯେତେ ମନ୍ଥର ଭାବରେ ହେଲେ ବି, ଇଉରୋପରେ ମଧ୍ୟ କ୍ରମଶଃ ବୈରାଗ୍ୟର ଏକ ପଛିଆଣୀ ବୋହିଲାଣି । ଏଥିରୁ ଯେ ଏକ ସାଧାରଣ ବିଶ୍ୱ-ସଂସ୍କୃତି ଜନ୍ମଲାଭ କରିବାକୁ ଯାଉଛି, ତାହାହିଁ ସବୁଠାରୁ ଅଧିକ ସମ୍ଭବ ବୋଲି ମନେହେଉଛି । ବର୍ତ୍ତମାନ କେନ୍ଦ୍ରୀକରଣ ବିଷୟରେ ଯେଉଁ ଆପତ୍ତିଟି ରହିଛି, ସେଇଟି ସେତେବେଳେ ଏକାବେଳକେ ଦୂରୀଭୂତ ହୋଇ ନ ଗଲେ ମଧ୍ୟ ତାହାର ବଳଟି ନିଶ୍ଚୟ ପ୍ରଭୂତ ପରିମାଣରେ ହ୍ରାସ ହୋଇଯିବ । ଜାତିଗତ ବୋଧକୁ ଆମେ ହୁଏତ ଏକ ଅଧିକ ଶକ୍ତିଶାଳୀ ପ୍ରତିବନ୍ଧକ ବୋଲି କହିପାରିବା, କାରଣ ସେଇଟି ପଛରେ ବୁଦ୍ଧିର ଅପେକ୍ଷାକୃତ କମ୍ ସମର୍ଥନ ରହିଛି । ମାତ୍ର, ଅଦୂର ଭବିଷ୍ୟତରେ ଆମର ଜୀବନରେ ଯେଉଁସବୁ ବୌଦ୍ଧିକ, ସାଂସ୍କୃତିକ ଏବଂ ବାହ୍ୟ ଜୀବନକ୍ଷେତ୍ରୀୟ ସଂଯୋଗ ଏବଂ ସଂପର୍କମାନ ଅବଶ୍ୟମ୍ଭାବୀ ଭାବରେ ଘଟିବାକୁ ଯାଉଛି, ସେହି ଜାତିଗତ ବୋଧର ପ୍ରତିବନ୍ଧକଟି ମଧ୍ୟ ଏଇଟି ଦ୍ୱାରା ଅବଶ୍ୟ ନିରାକୃତ ହୋଇଯିବ ।*

ତେଣୁ, ବିଶ୍ୱଧର୍ମୀ ସମାଜବାଦୀ ବିଚାରକର ସେହି ସ୍ୱପ୍ନଟି ଯେ ଆଖର ସଫଳ ହେବାକୁ ଯାଉଛି, ସେକଥା ମଧ୍ୟ ବେଶ୍ ସମ୍ଭବ ହୋଇପାରେ । ଏବଂ ବିଶ୍ୱଶକ୍ତିଗୁଡ଼ିକର ପ୍ରବାହଟିକୁ ଯଦି ବର୍ତ୍ତମାନ ପରି ଏହିସବୁ ଦିଗରେ ବହିବାକୁ ଦିଆଯାଏ, ତେବେ ତାହା

---

* ଫାସିଷ୍ଟ୍ ଏବଂ ନାତ୍‌ସୀ ଜାତିବାଦଟି ଏହି ସମ୍ଭାବନାଟି ଉପରେ ପ୍ରକୃତରେ ଏକ ଶକ୍ତ ଆଘାତ କରୁଛି, ଏବଂ ଯଦି ଏଇଟିର ଶକ୍ତି ଏହିପରି ଅବାରିତ ହୋଇ ରହେ, ତେବେ ତାହା ଯେ ଏକତ୍ୱୀକରଣକୁ କଦାପି ସମ୍ଭବ କରାଇ ଦେବ ନାହିଁ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ଅବଶ୍ୟ ଅଳ୍ପ କେତୋଟି ଶକ୍ତିଶାଳୀ ଜାତି ଦେଶଜୟ ଅଥବା ସ୍ୱନିୟନ୍ତ୍ରଣ-ବିସ୍ତାର ଦ୍ୱାରା ଯଦି ପୃଥିବୀର ଏକତ୍ୱୀକରଣ କରନ୍ତି, ତେବେ ତାହା ଅନ୍ୟ କଥା ହେବ । ଅବଶ୍ୟ ଜାତିବୋଦର ଏହି ପର୍ଯ୍ୟାୟଟି ଯେ କେବଳ ଏକ ଅସ୍ଥାୟୀ ପର୍ଯ୍ୟାୟ, ସେକଥା ମଧ୍ୟ ବେଶ୍ ସମ୍ଭବ ହୋଇପାରେ ।

'oaob.nitrkl.ac.in' images reprocessed

ଯେ ଗୋଟିଏ ଦୃଷ୍ଟିରୁ ଅଲବତ୍ ସମ୍ଭବ ହେବ, ସେଥିରେ କୌଣସି ସନ୍ଦେହ ନାହିଁ। ଏପରିକି, ବର୍ତ୍ତମାନ ଯାହା ଏକାନ୍ତ କାଳ୍ପନିକ ବୋଲି ମନେ ହେଉଛି, ସାରା ପୃଥିବୀ ଲାଗି ଗୋଟିଏ ସାଧାରଣ ଭାଷା ପ୍ରଚଳିତ ହେବା ମଧ୍ୟ ଦିନେ ବାସ୍ତବତାରେ ପରିଣତ ହୋଇ ଯାଇପାରେ । କାରଣ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯେକୌଣସି ରାଷ୍ଟ୍ର ତାହାର ସାଧାରଣ ଯାବତୀୟ ଜୀବନ-ବ୍ୟାପାରର ନିର୍ବାହ, ତାହାର ବିଚାର ଓ ତାହାର ସାହିତ୍ୟର ସାଧନରୂପେ ଦେଶରେ କେବଳ ଗୋଟିଏ ଭାଷାର ପ୍ରତିଷ୍ଠା ହେଉ ବୋଲି ପ୍ରବୃତ୍ତି ରଖିଥାଏ । ତା' ବାହାରେ ଆଉ ଯାହାକିଛି ଥାଏ, ତାହା କ୍ରମଶଃ ବୋଲି, ସ୍ଥାନୀୟ ଭାଷା ଏବଂ ପ୍ରଦେଶୀୟ ଭାଷାରେ ପରିଣତ ହୋଇ ରହିଯାଏ । ଗ୍ରେଟ୍ ବ୍ରିଟେନ୍‌ରେ ଓ୍ୱେଲ୍‌ଶ୍ ଭାଷାଟି ଯେପରି ହୋଇ ରହିଲା, କିଂବା ଫ୍ରାନ୍‌ସ୍‌ରେ ବ୍ରେତଁ ଓ ପ୍ରୋଭେନ୍‌ସାଲ୍ ଭାଷାଗୁଡ଼ିକ ଯେଉଁ ଦଶା ଲଭିଲା, ସେଗୁଡ଼ିକ ସେହିପରି ହୋଇ ରହିଯାଏ । ଅବଶ୍ୟ ଏହି କ୍ଷେତ୍ରରେ ସୁଇଜରଲାଣ୍ଡ ହେଉଛି ଗୋଟିଏ ବ୍ୟତିକ୍ରମ, ମାତ୍ର ଏଗୁଡ଼ିକର ସଂଖ୍ୟା ଅନେକ କମ୍, ଖୁବ୍ ବେଶୀ ହେଲେ ଗୋଟିଏ ବା ଦୁଇଟି; ଏବଂ ଅସାଧାରଣ କେତୋଟି ତଦନୁକୂଳ ପରିସ୍ଥିତି ହେତୁହିଁ ସେଗୁଡ଼ିକ ସଂରକ୍ଷିତ ହୋଇ ରହିପାରିଛି । ବସ୍ତୁତଃ ଏହି କଥାଟି ଅନୁମାନ କରିବା ଆମ ଲାଗି ଭାରି କଷ୍ଟକର ହେଉଥିବ ଯେ, ଯେଉଁସବୁ ଭାଷାର ଏକ ଶକ୍ତିଶାଳୀ ସାହିତ୍ୟ ରହିଛି, କୋଟିକୋଟି ସଂସ୍କୃତି-ବିଦଗ୍ଧ ଲୋକେ ଯେଉଁ ଭାଷାରେ କଥାବାର୍ତ୍ତା କରୁଛନ୍ତି, ସେସବୁ ଭାଷା ପ୍ରକୃତରେ ଆପଣାକୁ ନେଇ ଏକ ଅପ୍ରଧାନ ସ୍ଥାନରେ ଗୌଣ କରି ରଖିବେ; ଏବଂ ମନୁଷ୍ୟର କୌଣସି ପୁରାତନ ଅଥବା ନୂତନ ଭାଷା ଯେ ସେଗୁଡ଼ିକୁ ପ୍ରକୃତରେ ଆସନଚ୍ୟୁତ କରିଦେବ, ସେକଥା ଆମେ ହୁଏତ କଳ୍ପନାହିଁ କରି ପାରିବା ନାହିଁ । ମାତ୍ର ତଥାପି ଏକଥା କଦାପି କୁହାଯାଇ ପାରିବ ନାହିଁ ଯେ ଦିନେ ଯେତେବେଳେ ବୈଜ୍ଞାନିକ ବୁଦ୍ଧି ମନୁଷ୍ୟଜାତିର ମନକୁ ଆସି ପ୍ରକୃତରେ ଅଧିକାର କରିନେବ ଓ ତା'ଫଳରେ ଯେତେବେଳେ ବିଚ୍ଛିନ୍ନତାର ପକ୍ଷପାତୀ ଯାବତୀୟ ମନୋଭାବ କେବଳ ଏକ ବର୍ବର ଅବସ୍ଥାର ପୁରାତନାବଶେଷ ରୂପେ ବର୍ଜିତ ହୋଇ ରହିବ, ସେତେବେଳେ ମନୋଭୂମିର ଏହି ଅଲୌକିକ ଘଟଣାଟି ମଧ୍ୟ ପ୍ରକୃତରେ ଆଦୌ ଘଟିବ ନାହିଁ । ସେ ଯାହାହେଉ ପଛକେ, ସଂସ୍କୃତିର କ୍ଷେତ୍ରରେ ସମରୂପତା, ଶିକ୍ଷାର କ୍ଷେତ୍ରରେ ସମରୂପତା, ଜୀବନ ଓ ତାହାକୁ ସଂଗଠିତ କରି ରଖିବାର କ୍ଷେତ୍ରରେ ସମରୂପତା ହାସଲ କରିବା ଦିଗରେ ଭାଷାଗତ ବିଭିନ୍ନତା ଯେ କେବେ ପ୍ରକୃତରେ ଅବଶ୍ୟ ଏକ ଅନତିକ୍ରମ୍ୟ ବାଧା ପରି ବାଟ ଉଗାଳି ଠିଆ ହେବ, ସେକଥା ଆଦୌ ନୁହେଁ । ମନୁଷ୍ୟଜାତିର ସମ୍ମିଳିତ ଇଚ୍ଛାଶକ୍ତି ଏବଂ ବୁଦ୍ଧି-ବିଜ୍ଞାନକୌଶଳର ଯାବତୀୟ ସାଧନକୁ ଜୀବନର ସକଳ ବିଭାଗର ପରିଚର୍ଯ୍ୟାରେ ଖଟାଇ ରଖିବ ଓ ତାହାକୁ ଅନୁରୂପ ଭାବରେ ନିୟନ୍ତ୍ରଣରେ ରଖିପାରିବ,

'oaob.nitrkl.ac.in' images reprocessed

ସମସ୍ତ ମନୁଷ୍ୟଜାତିର କଲ୍ୟାଣ ଲାଗି ସେଗୁଡ଼ିକର ବିନିଯୋଗ ହୋଇପାରିବ,— ଏଥିରେ ଭାଷାଗତ ଭିନ୍ନତା କାହିଁକି ଏକ ଦୁର୍ଲଂଘ୍ୟ ପ୍ରତିବନ୍ଧକ ରୂପେ ଠିଆ ହେବ ? କାରଣ, ଆମେ ଯେଉଁ ବିଶ୍ୱ-ରାଷ୍ଟ୍ରଟିର କଳ୍ପନା କରୁଛୁ, ତାହା ପ୍ରକୃତରେ ସେହିଗୁଡ଼ିକ ଲାଗିହିଁ ଆପଣାକୁ ଉଦ୍ଦିଷ୍ଟ କରି ରଖିବ, ତାହାହିଁ ସେହି ବିଶ୍ୱରାଷ୍ଟ୍ରର ଯଥାର୍ଥ ତାତ୍ପର୍ଯ୍ୟ ହେବ, ତାହାର ଔଚିତ୍ୟଟିକୁ ଯଥାର୍ଥ ଭାବରେ ସାବ୍ୟସ୍ତ କରିବ, ଏବଂ ମନୁଷ୍ୟଜୀବନର କ୍ଷେତ୍ରରେ ତାହାହିଁ ତା'ର ଅଭୀଷ୍ଟ ହୋଇ ରହିବ । ଏବଂ, ପରିଶେଷରେ, ଅନ୍ୟ କିଛି ନୁହେଁ, ମାତ୍ର ଏଇଟିକୁହିଁ ଯେ ବିଶ୍ୱ-ରାଷ୍ଟ୍ରର ତିଷ୍ଠିରହିବା ଲାଗି ଏକମାତ୍ର ଔଚିତ୍ୟରୂପେ ବିଚାର କରାଯିବ, ପ୍ରକୃତରେ ତାହାହିଁ ଏକମାତ୍ର ସମ୍ଭାବନା ବୋଲି ମନେ ହେଉଛି ।

'oaob.nitrkl.ac.in' images reprocessed

## ସପ୍ତବିଂଶ ପରିଚ୍ଛେଦ

# ବିଶ୍ୱ-ରାଷ୍ଟ୍ରର ବିପଦ

ତେବେ ଏହାହିଁ ହେଉଛି ବିଶ୍ୱ-ରାଷ୍ଟ୍ରର ଏକ ଚରମ ସମ୍ଭାବ୍ୟ ରୂପ; ସମାଜବାଦୀ, ବିଜ୍ଞାନ ଦ୍ୱାରା ପ୍ରେରିତ ଓ ଲୋକୋପକାରୀ ଚିନ୍ତାଶୀଳ ବ୍ୟକ୍ତିମାନେ ଏହାର ଏହି ରୂପଟିରହିଁ ସ୍ୱପ୍ନ ଦେଖି ଆସିଛନ୍ତି । ଏହି ଚିନ୍ତାଶୀଳମାନଙ୍କୁହିଁ ଆମେ ଆଧୁନିକ ମାନସର ଚେତନାଗତ ସର୍ବୋଚ୍ଚ ଉପଲବ୍ଧ ଭୂମିର ଜଣେ ଜଣେ ପ୍ରତିନିଧି ବୋଲି କହିପାରିବା ଏବଂ ତେଣୁ ଏହାର ପ୍ରବୃତ୍ତିଗୁଡ଼ିକର ଗତିଧାରାଗୁଡ଼ିକୁ ଠିକ୍ ଠିକ୍ ଠଉରାଇ ନେଇ ପାରିବା ବୋଲି ମଧ୍ୟ ସେମାନେ ଅବଶ୍ୟ ସମର୍ଥ ବୋଲି ଆମେ କହିପାରିବା । ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ ବୁଦ୍ଧିର ମାର୍ଗରେ କେବଳ ଅର୍ଦ୍ଧ-ମଣ ହୋଇ ରହିଥିବା ଜଣେ ସାଧାରଣ ଲୋକ, ଯାହାର ଦୃଷ୍ଟି କେବେହେଲେ ସିଏ ବର୍ତ୍ତମାନ ବଞ୍ଚୁଥିବା ଦିନଟିର ଓ ଏହାପରେ କାଲି ଆସୁଥିବା ଦିନଟିର ସେପାଖକୁ ଯାଇ ଆଉ କିଛି ହେଲେ ଚିନ୍ତା କରିପାରୁ ନାହିଁ, ଉକ୍ତ ଚିନ୍ତାଶୀଳମାନଙ୍କର ସେହି କଳ୍ପନାମାନ ଏମାନଙ୍କ ଲାଗି ହୁଏତ ବଡ଼ ଅବାସ୍ତବ ଓ ଅସମ୍ଭବ ବୋଲିହିଁ ମନେ ହେବ । ମାତ୍ର ଯଥାର୍ଥ କ୍ଷେତ୍ରରେ ଆମେ ଏଗୁଡ଼ିକୁ ସେଭଳି କିଛିବୋଲି ଆଦୌ କହିପାରିବା ନାହିଁ; ସର୍ବଦା ସେଗୁଡ଼ିକର ବାହ୍ୟରୂପରେ ନ ହେଲେ ମଧ୍ୟ, ସେଗୁଡ଼ିକର ସାରସତ୍ୟର କ୍ଷେତ୍ରରେ ସେଗୁଡ଼ିକୁ ଆମେ ମାନବ-ଏକତା ଲାଗି ପ୍ରକାଶ ପାଇଥିବା ସେହି ପ୍ରାରମ୍ଭିକ ବାସନାଟିର କେବଳ ଏକ ନ୍ୟାୟସମର୍ଥିତ ପରିଣାମ ମାତ୍ର ନୁହେଁ, ମାତ୍ର ନିଶ୍ଚିତଭାବରେ ସମ୍ଭବ ହେବାକୁ ଯାଉଥିବା ତାହାର ସେହି ବ୍ୟାବହାରିକ ସର୍ବଶେଷ ରୂପ ବୋଲି ମଧ୍ୟ କହିପାରିବା । ଏକ ଯାନ୍ତ୍ରିକ ଏକତ୍ରୀକରଣର ମାର୍ଗ ଦେଇ, ଅର୍ଥାତ୍ ରାଷ୍ଟ୍ରର ନୀତିଟିକୁ ମୂଳ କରି ଧରି ଯଦି ଏଇଟିର ଅନୁଧାବନ କରାଯାଏ, ତେବେ ଆମେ ଶେଷରେ ଏହିପରି ଏକ ସ୍ଥାନରେ ପହଞ୍ଚିବା ବୋଲି ଆମେ ଆଗରୁ ଦେଖିଆସିଛୁ । ତେଣୁ, ଏକତ୍ରୀଭୂତ ଏବଂ ଶେଷରେ ଏକ ସମାଜବାଦୀ ଗଠନର ଆକାର ଗ୍ରହଣ କରୁଥିବା ଜାତି-ରାଷ୍ଟ୍ରର ବିକାଶ ମାର୍ଗଟିରେ ଯେଉଁ କାର୍ଯ୍ୟକାରୀ ପଦ୍ଧତି ତଥା ପ୍ରୟୋଜନଗୁଡ଼ିକ ପ୍ରଚ୍ଛନ୍ନ ହୋଇ ରହିଆସିଛନ୍ତି, ସେହିଗୁଡ଼ିକୁ ସ୍ପଷ୍ଟ କରି ଦେଖାଇ ଦେବାକୁହିଁ ଆମେ ସେହି କାରଣରୁହିଁ ଏକାନ୍ତ ଆବଶ୍ୟକ ବୋଲି ମନେ କରି ଆସିଛୁ । ଏବଂ ଅନ୍ତର୍ଜାତୀୟ କ୍ଷେତ୍ରରେ ମଧ୍ୟ ଏକତ୍ରୀକରଣର ଏହି ପ୍ରକ୍ରିୟାଟି କିପରି ବିକଶିତ ହେବାର ଏକ ତୁଲ୍ୟ ପ୍ରୟୋଜନ ଦ୍ୱାରା ପ୍ରେରିତ ହୋଇ ଅନିବାର୍ଯ୍ୟତଃ ସେହି ପରିଣାମଗୁଡ଼ିକରେ ଆମକୁ ନେଇ ପହଞ୍ଚାଇ ଦେବ, ତଦ୍ୱାରା ଆମେ ଏକଥାଟି ମଧ୍ୟ ଦେଖିବା ଲାଗି ସମର୍ଥ ହୋଇଛୁ । ରାଷ୍ଟ୍ରର

'oaob.nitrkl.ac.in' images reprocessed

ନୀତିଟିକୁ ମୂଳ କରି ଧରିଲେ ଶେଷକୁ ସମରୂପତା, ନିୟନ୍ତ୍ରଣ ବଦ୍ଧତା ଏବଂ ଯାନ୍ତ୍ରିକତା ପାଖରେ ଯାଇ ଯେ ଅବଶ୍ୟ ପହଞ୍ଚିବାକୁ ପଡ଼ିବ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ; ଏବଂ ଏହି କ୍ଷେତ୍ରରେ ସମାଜବାଦକୁହିଁ ଆମେ ତା'ର ଅବଶ୍ୟମ୍ଭାବୀ ଶେଷ ପରିଣତି ବୋଲି ଜାଣିବା । ରାଜନୀତିକ ତଥା ସାମାଜିକ ବିକାଶର କ୍ଷେତ୍ରରେ କୋଉଠି କିଛି ହେଲେ ଆକସ୍ମିକଭାବରେ ଘଟେ ନାହିଁ, ସେଥିରେ କିଛି ଦୈବାତ୍ ଘଟିବ ବୋଲି କୌଣସି ଅବକାଶ ନ ଥାଏ; ତେଣୁ ସମାଜବାଦର ଆବିର୍ଭାବକୁ ଆମେ କଦାପି ଏକ ଆକସ୍ମିକତା ବୋଲି କହିବା ନାହିଁ, ଏହା ଘଟି ପାରିଥା'ନ୍ତା ବା ହୁଏତ ଘଟି ନ ପାରି ବି ଥାଆନ୍ତା ଭଳି କୌଣସି କଥା କଦାପି କହି ପାରିବା ନାହିଁ, ଏହା ରାଷ୍ଟ୍ରର ବିଚାରଟି ମଧ୍ୟରେ ବୀଜରୂପେ ସନ୍ନିହିତ ହୋଇ ରହିଥିଲା ଏବଂ ତାହାରି ଅନିବାର୍ଯ୍ୟ ପରିଣାମ ରୂପେହିଁ ଘଟିଲା ବୋଲି କହିବାକୁ ବାଧ୍ୟ ହେବା । ଯେଉଁ ମୁହୂର୍ତ୍ତରୁ ରାଷ୍ଟ୍ରବିଷୟକ ଧାରଣାଟିକୁ ଅନୁକୂଳିତ କରି କାର୍ଯ୍ୟକ୍ଷେତ୍ରରେ ଲାଗୁ କରିବା ପ୍ରୟାସ ହେଲାଣି, ସେହି ମୁହୂର୍ତ୍ତରୁହିଁ ସମାଜବାଦ ମଧ୍ୟ ତାହାର ଏକ ଅନିବାର୍ଯ୍ୟ ପରିଣତି ରୂପେ ପ୍ରଚ୍ଛନ୍ନ ହୋଇ ରହି ଆସିଛି । ଇତିହାସର ଆଲ୍‌ଫ୍ରେଡ଼ ଏବଂ ସାଲିମାଡ୍‌ନ୍‌ମାନେ ଓ ସେମାନଙ୍କ ସହିତ ଅନ୍ୟ ଯେଉଁମାନେ ତାହାର ଯଥାର୍ଥ ସମୟଟି ଆସିବା ପୂର୍ବରୁ ଏକତ୍ରୀକରଣକୁ କାର୍ଯ୍ୟପନ୍ଥା ରୂପେ ଗ୍ରହଣ କରିଥିଲେ, ସେମାନଙ୍କର କରଣିଟି ଭିତରେ ମଧ ଏହି ପରିଣାମଟି ନିଶ୍ଚିତଭାବରେ ରହିଥିଲା; କାରଣ ପ୍ରାୟ ସବୁବେଳେ ଲୋକେ ଏପରି ସବୁ କାର୍ଯ୍ୟରେ ହାତ ଦେଇଥା'ନ୍ତି; ସେହିସବୁ କାର୍ଯ୍ୟରୁ ପ୍ରକୃତରେ କି ଭଳି ପରିଣାମମାନ ଉପୁଜିବ, ସେବିଷୟରେ ସେମାନଙ୍କର ପ୍ରାୟ କୌଣସି ଜ୍ଞାନ ନ ଥାଏ । ମାତ୍ର ଆମ ଆଧୁନିକ ଯୁଗରେ ସଙ୍କେତଗୁଡ଼ିକ ଏଡ଼େ ସ୍ପଷ୍ଟଭାବରେ ପରିଦୃଷ୍ଟ ହେବାରେ ଲାଗିଲେଣି ଯେ ଆମର ଏହି କ୍ଷେତ୍ରରେ କୌଣସି ପ୍ରକାରେ ପ୍ରବଞ୍ଚିତ ହେବାର ଆଦୌ କୌଣସି ଆଶଙ୍କା ନାହିଁ । ପୃଥିବୀର ଏକତ୍ରୀକରଣ ଲାଗି ଏକ ଯାନ୍ତ୍ରିକ ମୂଳଦୁଆଟିଏ ତିଆରି କଲେ ସେହି ପ୍ରୟାସରୁ ଏପରି ଏକ ପରିଣାମ ଉପୁଜିବ, ବର୍ତ୍ତମାନ ତାହା ଆମଠାରୁ ଯେତେ ଦୂରବର୍ତ୍ତୀ ହୋଇ ରହିଥିଲେ ମଧ, ତାହା ସେହି ମୂଳଦୁଆଟି ମଧରେ ନିହିତ କୌଣସି ତାତ୍କାଳିକ ଅଥବା ଦୂରସ୍ଥ ନାନା ସମ୍ଭାବନାରୁ କଦାପି ଉପୁଜିବ ନାହିଁ ବୋଲି ଆମେ ଆଦୌ କଳ୍ପନା କରିପାରିବା ନାହିଁ । ଅତିରିକ୍ତ ଭାବରେ ନିୟମ ଦ୍ୱାରା ନିୟନ୍ତ୍ରିତ ହେଉଥିବା ଏକ ଏକତ୍ରୀକରଣ, ଏକ ଅତିବ୍ୟାପକ ସମରୂପତା, ଏକତାବନ୍ଧ ମାନବଜାତିର ଏକ ନିୟମବନ୍ଧା ସମାଜୀକରଣ,— ଆମ ପ୍ରୟାସର ପୂର୍ବନିର୍ଦ୍ଧାରିତ ପରିଣାମ ରୂପେ ଆମକୁ ଏହିଗୁଡ଼ିକହିଁ ଉପଲବ୍ଧ ହେବ ।

କୌଣସି ଏକ ବିପରୀତ ଶକ୍ତି ଯଦି ଏହି କ୍ଷେତ୍ରରେ ଆବିର୍ଭୂତ ହୋଇ ନିଜର ଭେଟୋ ପ୍ରୟୋଗ କରିବାକୁ ସମର୍ଥ ହୁଏ, ତେବେ ଯାଇ ଉପରେ ଆଲୋଚିତ ପରିଣାମଟି

'oaob.nitrkl.ac.in' images reprocessed

ଅନ୍ୟଥା ହୋଇପାରିବ । ଏସିଆରେ ଠିକ୍ ଏହିପରି ଘଟିଲା; ଆପଣାର କେତେକ ସୀମା ଭିତରେ ଏହାକୁ ଅତ୍ୟନ୍ତ ଶକ୍ତିଶାଳୀଭାବରେ ଗ୍ରହଣ କରାଯାଇ ଥିଲେ ମଧ୍ୟ ରାଷ୍ଟ୍ରର ଧାରଣାଟି ନିଜକୁ ଚରିତାର୍ଥ କରିବାର କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ବିନ୍ଦୁରୁ ମୋଟେ ଆଗକୁ ଯାଇପାରିଲା ନାହିଁ, କାରଣ ଜାତୀୟ ଜୀବନର ସର୍ବମୂଳ ନୀତିଟି ସେଠାରେ ରାଷ୍ଟ୍ରଧାରଣାର ନିରଙ୍କୁଶ ଓ ସର୍ବଦମନକାରୀ ବିକାଶର ଏକାନ୍ତ ବିରୋଧୀ ହୋଇ ରହିଥିଲା । ଏସିଆର ବିଭିନ୍ନ ଜାତି, ଏପରିକି ଏହାର ସବୁଠାରୁ ଅଧିକ ପରିମାଣରେ ସଂଗଠିତ ହୋଇ ରହିଆସିଥିବା ଜାତିମାନେ ମଧ୍ୟ ସର୍ବଦା ଗୋଟିଏ ଗୋଟିଏ ଜନଗୋଷ୍ଠୀ ରୂପେ ଜୀବନଧାରଣ କରିଆସିଛନ୍ତି, ଆଧୁନିକ ଅର୍ଥରେ ଆମେ ଯାହାକୁ ଜାତି ବୋଲି କହୁଛୁ, ଏସିଆରେ ଜନଗୋଷ୍ଠୀଗୁଡ଼ିକ ସେପରି ଭାବରେ ପ୍ରାୟ ଆଦୌ ବିକାଶଲାଭ କରି ନାହାନ୍ତି । ହଁ, ଆତ୍ମିକ କ୍ଷେତ୍ରରେ ସେମାନଙ୍କର ଏକ ସାଧାରଣ ଜୀବନ ରହିଥିଲା, ସେମାନଙ୍କର ଏକ ସାଧାରଣ ସଂସ୍କୃତି ଥିଲା, ସାଧାରଣ ସାମାଜିକ ସଂଗଠନଟିଏ ରହିଥିଲା, ଜଣେ ସାଧାରଣ ରାଜନୀତିକ ମୁଖ୍ୟ ସେଗୁଡ଼ିକର ଶାସନ ବି କରୁଥିଲେ, ଏବଂ ଏହି ଅର୍ଥରେ ଆମେ ସେଗୁଡ଼ିକୁ ଗୋଟିଏ ଗୋଟିଏ ଜାତି ବୋଲି କହିପାରିବା, ମାତ୍ର ସେମାନେ ଗୋଟିଏ ଗୋଟିଏ ଜାତି-ରାଷ୍ଟ୍ର ହୋଇ ରହିଥିଲେ ବୋଲି କଦାପି କହି ପାରିବା ନାହିଁ । କେବଳ ଏକ ସୀମାବଦ୍ଧ ଓ କେବଳ ଉପରସ୍ତରୀୟ ଜୀବନର ନାନା କ୍ରିୟା ଲାଗି ସେଠାରେ ରାଷ୍ଟ୍ରର ଏକ ଗଠନ ରହିଥିଲା; ମାତ୍ର ଲୋକମାନଙ୍କର ପ୍ରକୃତ ଜୀବନଟି ଭିନ୍ନ ଅନ୍ୟ ନାନା ଶକ୍ତି ଦ୍ୱାରାହିଁ ପରିଶାସିତ ହେଉଥିଲା ଏବଂ ରାଷ୍ଟ୍ରଶକ୍ତି ସେଗୁଡ଼ିକରେ କୌଣସି ହସ୍ତକ୍ଷେପ କରି ପାରୁ ନ ଥିଲା । ଜାତୀୟ ସଂସ୍କୃତିକୁ ସଂରକ୍ଷିତ ଏବଂ ସୁରକ୍ଷିତ କରି ରଖିବାହିଁ ତା'ର ସର୍ବପ୍ରଧାନ କାର୍ଯ୍ୟ ଥିଲା; ଏବଂ ଲୋକସମୁଦାୟର ଯଥାର୍ଥ ଜୀବନଟି ଯେପରି ଅବ୍ୟାହତ ଭାବରେ ତା'ର ନିଜ ମାର୍ଗଟିରେ ତା'ର ଆପଣାର ଅନ୍ତର୍ଗତ ପ୍ରବୃତ୍ତିଗୁଡ଼ିକର ଅନୁସରଣ କରି ଅଗ୍ରସର ହୋଇ ପାରିବ, ସେଇଥିଲାଗି ଯଥେଷ୍ଟ ପରିମାଣରେ ଏକ ସାମାଜିକ ତଥା ପ୍ରଶାସନଗତ ଏବଂ ଯଥାସମ୍ଭବ ଏକ ସ୍ଥାୟୀ ଓ ଦୃଢ଼ ଶୃଙ୍ଖଳା ଏବଂ ବ୍ୟବସ୍ଥା ମହଜୁଦ କରି ରଖିବାହିଁ ରାଷ୍ଟ୍ରର ପ୍ରଧାନ କର୍ତ୍ତବ୍ୟ ହୋଇ ରହିଥିଲା । ମନୁଷ୍ୟସମୂହର ବିଭିନ୍ନ ଜାତି ଯଦି ଜାତିତ୍ୱବୋଧର ନିଜ ନିଜର ସେହି ବିକଶିତ ସ୍ୱଭାବବୋଧଟିକୁ ସଂରକ୍ଷିତ କରି ରଖିବାରେ ସଫଳ ହୋଇ ପାରିବେ ଏବଂ ରାଷ୍ଟ୍ର-ଧାରଣାର ପ୍ରାଦୁର୍ଭାବଟିକୁ ଏଡ଼ାଇ ରହିପାରିବା ଲାଗି ଯଥେଷ୍ଟ ପରିମାଣରେ ଶକ୍ତିଶାଳୀ ହୋଇ ପାରିବେ, ତେବେ ଏକ ସଂଗଠିତ ବିଶ୍ୱ-ରାଷ୍ଟ୍ରର ପରିବର୍ତ୍ତେ ମନୁଷ୍ୟଜାତି ଲାଗି ଏଭଳି ଅନ୍ୟ କୌଣସି ଏକତ୍ୱ ପ୍ରକୃତରେ ସମ୍ଭବ ବି ହୋଇପାରିବ । ସେତେବେଳେ ତାହାର ପରିଣାମ ସ୍ୱରୂପ ମନୁଷ୍ୟ-ସମୂହର କେବଳ ଗୋଟିଏ ଜାତି ସ୍ଥାପିତ ହୋଇ

'oaob.nitrkl.ac.in' images reprocessed

ରହିବ ନାହିଁ ଅଥବା ଏକ ବିଶ୍ୱ-ରାଷ୍ଟ୍ର ବି ଗଢ଼ିବାକୁ ପଡ଼ିବ ନାହିଁ, ମାତ୍ର ସମଗ୍ର ପୃଥିବୀରେ ମନୁଷ୍ୟଜାତିର କେବଳ ଗୋଟିଏ ସମୁଦାୟ ରହିବ ଏବଂ ଏଥିରେ ରହିଥିବା ଭିନ୍ନ ଭିନ୍ନ ଜାତି-ଏକକଗୁଡ଼ିକ ବନ୍ଧନହୀନ ଓ ସ୍ୱାଧୀନତାଯୁକ୍ତ ଭାବରେ ପରସ୍ପର ସହିତ ସଂଘବଦ୍ଧ ହୋଇ ବି ରହିଥିବେ । ଅଥବା, ଏପରି ବି ହୋଇପାରେ ଯେ, ଜାତି କହିଲେ ଆମେ ଏବେ ଯାହା କିଂବା ଯେପରି ବୁଝୁଛୁ, ତାହା ପୂରାପୂରି ଚାଲିଯିବ; ମାତ୍ର ତାହା ସ୍ଥାନରେ ଗୋଷ୍ଠୀ-ଏକକଗୁଡ଼ିକର କୌଣସି ଏକ ଅନ୍ୟ ପ୍ରକାରଟିଏ ଉଦ୍ଭୂତ ହୋଇଆସିବ, ଯଥେଷ୍ଟ ପରିମାଣରେ କ୍ଷମତାପନ୍ନ ହୋଇ ରହିଥିବା କୌଣସି ଅନ୍ତର୍ଜାତୀୟ ବ୍ୟବସ୍ଥା ଓ ଗଠନ ସେହି ଏକକଗୁଡ଼ିକୁ ସେଗୁଡ଼ିକର ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଅନ୍ତଃସମ୍ବନ୍ଧଗୁଡ଼ିକର କ୍ଷେତ୍ରରେ ପୂର୍ଣ୍ଣ ସୁରକ୍ଷିତ କରି ରଖିଥିବ ।

ଏହି ଦୁଇଟି ମଧ୍ୟରୁ ଆମେ କେଉଁ ସମ୍ଭାବନାଟିକୁ ଅଧିକ ଚାହିଁବା ? ସେହି ପ୍ରଶ୍ନଟିର ଉତ୍ତର ଦେବାକୁ ହେଲେ ଆମକୁ ନିଜକୁ ଆଉ ଗୋଟିଏ ପ୍ରଶ୍ନ ପଚାରିବାକୁ ପଡ଼ିବ,— ଏକତ୍ରୀକୃତ ଏକ ବିଶ୍ୱ-ରାଷ୍ଟ୍ରର ସୃଷ୍ଟି ହେବା ଦ୍ୱାରା ସେଥିରୁ ଯାହା ଫଳମିଳିବ, ସେଥିରୁ ମନୁଷ୍ୟ-ସମାଜର ଜୀବନ ଲାଗି ଲାଭ କେତେ ହେବ, କ୍ଷତି ବା କେତେ ହେବ ? ଯାହାକିଛି ସମ୍ଭାବନା ଦେଖା ଯାଉଛି, ସେଥିରୁ ଏହି ଫଳ ହେବ ଯେ, ପ୍ରାଚୀନ ରୋମ୍ ସାମ୍ରାଜ୍ୟରେ ଆମେ ଯାହାକିଛି ହୋଇଥିବାର ଦେଖିବାକୁ ପାଇଥାଉ, ଅଧିକାଂଶରେ ମୂଳତଃ ତାହାହିଁ ଘଟିବ; ଅବଶ୍ୟ ଏକଥା ସତ ଯେ ସେତେବେଳ ଏବଂ ବର୍ତ୍ତମାନ ମଧ୍ୟରେ ଯେଉଁ ବୃହତ୍ ପାର୍ଥକ୍ୟଟି ରହିଛି, ସେହି ଅନୁସାରେ ଫଳଗୁଡ଼ିକର ପ୍ରକୃତିରେ ମଧ୍ୟ ପ୍ରଭେଦ ରହିଥିବ । ଲାଭ ଦିଗଟିକୁ ବିଚାର କଲେ, ପ୍ରଥମତଃ ଆମର ଏକ ବିରାଟ ଲାଭ ହେବ ଯେ ପୃଥିବୀରେ ଶାନ୍ତି ସୁନିଶ୍ଚିତ ହୋଇ ରହିବ । ହୁଏତ ଅନ୍ତର୍ଗତ ନାନା ଆଘାତ ତଥା ଉଦ୍‌ବେଳନର କ୍ଷେତ୍ରରେ ତାହା ଏକାବେଳେକେ ପୂରାପୂରି ନିରାପଦ ହୋଇପାରିବ ନାହିଁ ସତ, ମାତ୍ର ଆମେ ସମ୍ଭବତଃ ଅନୁମାନ କରିପାରିବା ଯେ କେତେକ ବଡ଼ ବଡ଼ ପ୍ରଶ୍ନ ଓ ସମସ୍ୟାର ପ୍ରାୟ କେତେକ ପରିମାଣରେ ଏକ ସ୍ଥାୟୀ ସମାଧାନ ହୋଇଯିବ, ଏବଂ ତେଣୁ, ପ୍ରାଚୀନ ରୋମ୍ ସାମ୍ରାଜ୍ୟର ଅର୍ଥନୈତିକ ବ୍ୟବସ୍ଥାକୁ ମଝିରେ ମଝିରେ ପୌର ନାନା ବିସମ୍ବାଦର ଯେଉଁସବୁ ଉଗ୍ରତା ଓ ହିଂସା ପ୍ରାୟ ବିପର୍ଯ୍ୟସ୍ତ କରି ପକାଉଥିଲା, ଏହା ସେଗୁଡ଼ିକର ନିରାକରଣ କରିଦେଇ ପାରିବ । ଏବଂ ଏହି କ୍ଷେତ୍ରରେ ଯେତେ ଯାହା ଅବ୍ୟବସ୍ଥା ଓ ଅସ୍ତବ୍ୟସ୍ତତା ଆସି ପହଞ୍ଚୁଥିଲେ ମଧ୍ୟ ତାହା କଦାପି ସଭ୍ୟତାର ସ୍ଥାୟୀ ବୁଣାଟଟିକୁ ବିଶେଷ ନଷ୍ଟ କରିଦେଇ ପାରିବ ନାହିଁ ଏବଂ ସବୁକିଛିକୁ ନେଇ ପୁଣିଥରେ ଏକ ବିରାଟ ସମୂଳ ଓ ଅତିତୀବ୍ର ପରିବର୍ତ୍ତନର ଆବହ ମଧ୍ୟକୁ ପକାଇ ଦେବ ନାହିଁ । ଏହିପରି ଭାବରେ ଶାନ୍ତି ସୁନିଶ୍ଚିତ ହୋଇ ରହିଲେ ତାହା ଫଳରେ ଏପରି ଏକ ସୁଖ

'oaob.nitrkl.ac.in' images reprocessed

ଏବଂ ସମ୍ପନ୍ନତାର ବିକାଶ ହୋଇପାରିବ, ଯାହାକି ଏଥିପୂର୍ବରୁ କଦାପି ସମ୍ଭବ ହୋଇ ନ ଥିଲା । ମନୁଷ୍ୟସମାଜର ବୁଦ୍ଧି ସେତେବେଳେ ଆଉ ଅଲଗା ଖଣ୍ଡ ଖଣ୍ଡ ହୋଇ କାର୍ଯ୍ୟ କରିବ ନାହିଁ, ତାହା ଠୁଳ ଗୋଟିଏ ପରି କାର୍ଯ୍ୟ କରିବ ଓ ତେଣୁ ତାହାରି ଦ୍ୱାରା ଅନେକ ଅନେକ ବଡ଼ ବଡ଼ ସମସ୍ୟାର ସମାଧାନ ବି ହୋଇଯାଇ ପାରିବ । ମନୁଷ୍ୟ-ସମୂହର ପ୍ରାଣିକ ଜୀବନଟି ଏକ ସୁନିଶ୍ଚିତ ବୁଦ୍ଧି ଦ୍ୱାରା ପରିଚାଳିତ ବ୍ୟବସ୍ଥାଟି ମଧ୍ୟରେ ଆସି ଦୃଢ଼ସ୍ଥାୟୀ ହୋଇ ରହିପାରିବ; ସେହି ବ୍ୟବସ୍ଥାଟି ସୁସମ୍ପନ୍ନ ହୋଇ ରହିଥିବ, ନିୟମଗୁଡ଼ିକ ଦ୍ୱାରା ସୁନିୟନ୍ତ୍ରିତ ହୋଇ ରହିଥିବ, ସୁ-ଅବଗତ ମଧ୍ୟ ହୋଇ ରହିଥିବ । ତାହାର ସମଗ୍ର ସଂଗଠନଟି ଅତୀବ ସନ୍ତୋଷଜନକ ଭାବରେ ସବୁପ୍ରକାର ଅସୁବିଧା ଓ ବାଧାର ସମାଧାନ କରିଦେଇ ପାରୁଥିବ, ଯଥାସମ୍ଭବ କମ୍ ସଂଘାତ ସହିତ ତାହା ସକଳ ଅତ୍ୟାବଶ୍ୟକତା ତଥା ସକଳ ସମସ୍ୟାର ସମ୍ମୁଖୀନ ହୋଇପାରୁଥିବ । ଏସବୁଥିରେ ତାହାକୁ ଯଥାସମ୍ଭବ କମ୍ ଅଶାନ୍ତିର ସମ୍ମୁଖୀନ ହେବାକୁ ପଡୁଥିବ, କୌଣସି ପ୍ରକାର ଦୁଃସାହସ ଏବଂ ବିପଦର ଅନିଶ୍ଚୟତା ଭିତରକୁ ଆଦୌ ଯିବାକୁ ପଡୁ ନ ଥିବ । ପ୍ରଥମ ପର୍ଯ୍ୟାୟରେ, ସଂସ୍କୃତି ଏବଂ ବୁଦ୍ଧିଗତ ଅନୁଶୀଳନର କ୍ଷେତ୍ରରେ ଏକ ବିରାଟ ବିକାଶ ଘଟିବ । ମନୁଷ୍ୟ ଜୀବନର ଅଧିକତର ସମ୍ପନ୍ନତା ଲାଗି, ଜ୍ଞାନର ବୃଦ୍ଧି ପାଇଁ ଏବଂ ବିଚକ୍ଷଣ କର୍ମକୁଶଳତା ପାଇଁ ବିଜ୍ଞାନ ଆପଣାକୁ ଚମତ୍କାରଭାବରେ ସଂଗଠନବଦ୍ଧ କରିନେବ । ପୃଥିବୀର ଭିନ୍ନ ଭିନ୍ନ ସଂସ୍କୃତିଗୁଡ଼ିକ,— ବାସ୍ତବକ୍ଷେତ୍ରରେ ଯେଉଁଗୁଡ଼ିକ ତଥାପି ସ୍ୱତନ୍ତ୍ର ହୋଇ ବଞ୍ଚିରହିଥିବେ, ଯେ ଏଣିକି ଅଧିକ ଅନ୍ତରଙ୍ଗଭାବରେ କେବଳ ନିଜର ବିଚାରଗୁଡ଼ିକ କ୍ଷେତ୍ରରେ ଏକ ପାରସ୍ପରିକ ବିନିମୟ ସମ୍ଭବ କରିପାରିବେ ତା' ନୁହେଁ, ମାତ୍ର ସେମାନେ ଆପଣାର ଉପଲବ୍ଧ ଲାଭଗୁଡ଼ିକୁ ମଧ୍ୟ ଏକ ସାଧାରଣ ଭଣ୍ଡାର ମଧ୍ୟରେ ଏକତ୍ର କରି ରଖିପାରିବେ, ଏବଂ ଚିନ୍ତା, ସାହିତ୍ୟ ତଥା ମହାନ୍ କଳାର କ୍ଷେତ୍ରଗୁଡ଼ିକରେ ବେଶ୍ କିଛି ସମୟ ଲାଗି କେତେ ନୂଆ ନୂଆ ପ୍ରେରଣା ଏବଂ ପରିପ୍ରକାଶ ସମ୍ଭବ ହେବାକୁ ଲାଗିବ । ପୂର୍ବର ତୁଳନାରେ ମନୁଷ୍ୟମାନେ ଏଣିକି ଅଧିକ ଘନିଷ୍ଠ ଭାବରେ ଓ ଅଧିକ ସମ୍ପୂର୍ଣ୍ଣ ଭାବରେ ପରସ୍ପରକୁ ଭେଟିପାରିବେ, ଏବଂ ଏପରି ଏକ ବୃହତ୍ତର ବୁଝାମଣାର ବିକାଶ କରାଇ ଆଣିପାରିବେ, ଯାହାକି ବର୍ତ୍ତମାନ ବଳବତ୍ତର ରହିଥିବା ସଂଘାତ, ବିଦ୍ୱେଷ ଏବଂ ବିରୋଧର କେତେକେତେ ଆକସ୍ମିକ ବିସ୍ଫୋଟନରୁ ନିଜକୁ ସୁରକ୍ଷିତ କରି ରଖିପାରିବ; ଏବଂ ସେମାନେ ଭ୍ରାତୃତ୍ୱର ଆଦର୍ଶଟି ପାଖରେ ନ ହେଲେ ମଧ୍ୟ,— କାରଣ କେବଳ ରାଜନୀତିକ, ସାମାଜିକ ଓ ସାଂସ୍କୃତିକ ସଂଘବଦ୍ଧତା ଦ୍ୱାରା ଭ୍ରାତୃତ୍ୱ ଉପଲବ୍ଧ ହୋଇପାରିବ ନାହିଁ,— ତଥାପି ତଦନୁରୂପ କୌଣସି ଏକ ଅନୁକୃତି ପାଖରେ ଆସି ପହଞ୍ଚିଯାଇ ପାରିବେ, ଯଥେଷ୍ଟ ପରିମାଣରେ ଏକ ଭଦ୍ର ଓ ସୁରୁଚିଯୁକ୍ତ ସାହଚର୍ଯ୍ୟ ଏବଂ ପାରସ୍ପରିକ ବିନିମୟର

'oaob.nitrkl.ac.in' images reprocessed

ସୋପାନରେ ଆସି ପହଞ୍ଚି ପାରିବେ । ମନୁଷ୍ୟ ସମାଜର ଏହି ବିକାଶଟିର କ୍ଷେତ୍ରରେ ଏକ ଅଭୂତପୂର୍ବ ଭବ୍ୟତା, ସମ୍ପନ୍ନତା ଓ ସୌମ୍ୟତା ଉପଲବ୍ଧ ହୋଇପାରିବ, ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେହି ଯୁଗର ଜଣେ କେହି ବରିଷ୍ଠ କବି ସର୍ବସ୍ୱୀକୃତ ସାଧାରଣ ବା ସରକାରୀ ଭାଷାଟିରେ, — ଏସ୍ପେରାଣ୍ଟୋ ଭାଷାରେ ବୋଲି ଆମେ କହିପାରିବା କି ?, — ଦୃଢ଼ ପ୍ରତ୍ୟୟର ସହିତ ସୁବର୍ଣ୍ଣ-ଯୁଗ ଅଚିରେ ସମାଗତ ହେବାକୁ ଯାଉଛି ବୋଲି ଆପଣାର କବିତା ଦେଇ ଘୋଷଣା କରିବାକୁ ଆସିବେ, ଅଥବା, ସେହି ଯୁଗଟି ପ୍ରକୃତରେ ଆସି ସମାଗତ ହୋଇଗଲା ଏବଂ ଏଣିକି ତାହା ଅବଶ୍ୟ ଚିରସ୍ଥାୟୀ ହୋଇରହିବ ବୋଲି ଘୋଷଣା ମଧ୍ୟ କରିଦେବେ । ମାତ୍ର ଏହିପରି କେତୋଟି ବର୍ଷ ବ୍ୟତୀତ ହୋଇଯିବା ପରେ, ସେହି ଶକ୍ତିମତ୍ତା କ୍ରମଶଃ ସତେଅବା ନିର୍ବାପିତ ହୋଇ ଆସିବ, ମନୁଷ୍ୟର ମନ ଏବଂ ମନୁଷ୍ୟର ଜୀବନରେ ଏକ ସ୍ଥାଣୁତା ଆସି ଦେଖାଦେବ, ଏବଂ ତା'ପରେ ନିଷ୍କ୍ରିୟତା ଆସି ଗ୍ରାସ କରିବ, ଅବକ୍ଷୟ ଆସିବ ଓ ବିଘଟଣ ଆସି ପହଞ୍ଚିଯିବ । ଏହିସବୁ ଯାବତୀୟ ଉପାର୍ଜନ ଓ ସମ୍ପନ୍ନତା ମଧ୍ୟରେ ମନୁଷ୍ୟର ଆତ୍ମା କ୍ରମଶଃ ଶୁଷ୍କ ହୋଇ ଯିବାକୁ ଆରମ୍ଭ କରିବ ।

ରୋମାନ୍ ସାମ୍ରାଜ୍ୟରେ ମୂଳତଃ ଯେଉଁସବୁ କାରଣରୁ ଏପରି ଏକ ପରିଣାମ ଘଟିଥିଲା, ଏହି କ୍ଷେତ୍ରରେ ମଧ୍ୟ ଠିକ୍ ସେହିସବୁ କାରଣରୁ ତାହା ଘଟିବ । ଏକ ଶକ୍ତିସମୁଜ୍ଜ୍ୱଳଜୀବନର ପରିବେଶଗୁଡ଼ିକ କ୍ରମଶଃ ନଷ୍ଟ ହୋଇଯିବ, ମୁକ୍ତ ବିଚରଣର ଅବସାନ ଘଟିବ, ଗତିଶୀଳ ବିଭିନ୍ନତାଟି ଚାଲିଯିବ; ଏବଂ ମୁକ୍ତଭାବରେ ବିକଶିତ ହେଉଥିବା ସ୍ୱତନ୍ତ୍ର ଜୀବନ-ମାର୍ଗଗୁଡ଼ିକ ପରସ୍ପରକୁ ଯେଉଁ ଆହ୍ୱାନ ଏବଂ ପ୍ରେରଣା ଦେଉଥା'ନ୍ତି, ସେଇଟିର ବି ଅନ୍ତ ହୋଇଯିବ । ହୁଏତ ଏପରି କୁହାଯାଇ ପାରେ ଯେ ତାହା କଦାପି ଘଟିବ ନାହିଁ, କାରଣ ବିଶ୍ୱ-ରାଷ୍ଟ୍ର ଏକ ମୁକ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ରୂପେହିଁ ପ୍ରତିଷ୍ଠିତ ହୋଇଥିବ, ଏବଂ ତାହାକୁ ଆମେ ମନୁଷ୍ୟର ଯାବତୀୟ ସ୍ୱାଧୀନତାକୁ ତଣ୍ଟି ଚିପି ମାରି ଦେଉଥିବା କୌଣସି ସାମ୍ରାଜ୍ୟ ଅଥବା ଏକରାଜତ୍ୱର ସମତୁଲ କରି କଦାପି କଳ୍ପନା କରିବା ନାହିଁ; କାରଣ, ମୁକ୍ତି ତଥା ପ୍ରଗତିହିଁ ଆଧୁନିକ ଜୀବନର ମୂଳଭୂତ ନିୟାମକ ହୋଇ ରହିଥିବ ଏବଂ ଯାହାକିଛି ସେହି ମୂଳ ସତ୍ୟଟିର ବାଧକ ହେବ ଅଥବା ବିରୋଧ କରିବ, ତାହାକୁ କଦାପି ସହ୍ୟ କରାଯିବ ନାହିଁ । ମାତ୍ର ଏହି ସବୁଯାକ କଥା ଭିତରେ ଆମକୁ ପ୍ରକୃତରେ ଆମର ଆବଶ୍ୟକ ନିରାପତ୍ତାଟି ଆଦୌ ପ୍ରଦତ୍ତ ହୋଇ ଥିଲା ପରି ମନେହେଉ ନାହିଁ । କାରଣ, ଯାହା ବର୍ତ୍ତମାନ ଆମ ଆଗରେ ରହିଛି, ସମ୍ପୂର୍ଣ୍ଣ ରୂପେ ଭିନ୍ନ ଅନ୍ୟାନ୍ୟ ପରିବେଶରେ ତାହା ଯେ ତଥାପି ରହିବ, ତାହାକୁ ଅବଶ୍ୟମ୍ଭାବୀ ବୋଲି ଗ୍ରହଣ କରି ନେବାକୁ ଆଦୌ କୌଣସି କାରଣ ନାହିଁ; ଏବଂ ଯେତେବେଳେ ତାହା ରହିବ ବୋଲି

'oaob.nitrkl.ac.in' images reprocessed

ନିଶ୍ଚୟ କରି କୁହାଯାଉଛି, ସେତେବେଳେ ବର୍ତ୍ତମାନ ଅବସ୍ଥାଟିରୁ ପ୍ରସୂତ ଏକ ବିଚିତ୍ର ମରୀଚିକାକୁ ନେଇ ଭବିଷ୍ୟତର ସମ୍ପୂର୍ଣ୍ଣ ଭିନ୍ନ ବାସ୍ତବତା ଉପରେ ଜୋର୍ କରି ଲଦି ଦିଆଯାଉଛି ବୋଲିହିଁ କହିବାକୁ ପଡ଼ିବ । ଗଣତନ୍ତ୍ର ଯେ ସକଳ ପରିସ୍ଥିତିରେ ଅବଶ୍ୟ ସ୍ୱାଧୀନତାର ସୁରକ୍ଷା କରିବ, ଏପରି ଭାବିବା ଲାଗି ଆଦୌ କୌଣସି କାରଣ ନାହିଁ; ବରଂ ବର୍ତ୍ତମାନ ଆମେ ଓଲଟି ଦେଖିବାକୁ ପାଉଛୁ ଯେ ଗଣତାନ୍ତ୍ରିକ ପଦ୍ଧତିରେ ଚାଲୁଥିବା ରାଷ୍ଟ୍ରଶାସନ ଏବେ ସତେଅବା ଭାରି ନିଶ୍ଚିତଭାବରେ ବ୍ୟକ୍ତିସ୍ୱାଧୀନତାକୁ ସଂଗଠିତ ଭାବରେ ସଂହାର କରିବାରହିଁ ଏକ ସ୍ଥିତି ଆଡ଼କୁ ଅଗ୍ରସର ହେବାରେ ଲାଗିଛି; ଏବଂ ପ୍ରାଚୀନ ସମ୍ଭ୍ରାନ୍ତତନ୍ତ୍ର ଅଥବା ରାଜତନ୍ତ୍ରଗୁଡ଼ିକରେ ଆମେ ସ୍ୱପ୍ନରେ ମଧ୍ୟ ଏତେ ବେଶୀ ସଂହାରର କଳ୍ପନା କରି ପାରି ନ ଥା'ନ୍ତେ । ଏ କଥାଟି ଅବଶ୍ୟ ସତ୍ୟ ହୋଇପାରେ ଯେ ପୂର୍ବତନ ସେହିସବୁ ଶାସନ-ବ୍ୟବସ୍ଥା ସହିତ ମନମୁଖି ଅତ୍ୟାଚାର ଓ ଦମନର ଯେଉଁ ଅତୀବ ହିଂସାତ୍ମକ ତଥା ପାଶବିକ ମାର୍ଗଗୁଡ଼ିକ ପ୍ରାୟ ଗଣ୍ଠିହୋଇ ରହିଥିଲା, ଯେଉଁସବୁ ଦେଶ ଭାଗ୍ୟବଶତଃ ରାଷ୍ଟ୍ରଶାସନର ଏକ ଉଦାର ମାର୍ଗକୁ ଆସିବାରେ ସମର୍ଥ ହୋଇଛନ୍ତି, ଗଣତନ୍ତ୍ର ସେହିସବୁ ଦେଶ ଓ ସେହିସବୁ ଜାତିଙ୍କୁ ସେହିସବୁ ଅତ୍ୟାଚାରରୁ ସୁନିଶ୍ଚିତ ଭାବରେ ମୁକ୍ତ କରି ଆଣିଛି ଓ ତାହାକୁ ନିଃସନ୍ଦେହ ଭାବରେ ଏକ ଅତି ବଡ଼ ଲାଭ ବୋଲି କୁହାଯିବ । ବର୍ତ୍ତମାନ ସେହି ଅତ୍ୟାଚାର କେବଳ ବିପ୍ଳବ ତଥା ଉତ୍ତେଜନାର ସମୟଗୁଡ଼ିକରେ ପୁନର୍ବାର ଦୃଷ୍ଟିଗୋଚର ହେଉଛି, ଅନେକ ସମୟରେ ଉତ୍ତେଜିତ କୌଣସି ସମୂହର ଜୁଲମ ଏବଂ କ୍ରୂରତା ବା ଏକ ବର୍ବର ବିପ୍ଳବକାଳୀନ ଅଥବା ପ୍ରତିକ୍ରିୟାଶୀଳ ଦମନଲୀଳା ଚାଲିଥିବା ସମୟରେହିଁ ସେସବୁ ଦେଖିବାକୁ ମିଳୁଛି । ମାତ୍ର ଏଥି ସହିତ ସ୍ୱାଧୀନତାର କ୍ଷେତ୍ରରେ ମଧ୍ୟ ନାନା ପ୍ରକାରେ ବଞ୍ଚିତ ହେବାକୁ ପଡ଼ିଛି, ଯାହାକି ବାହାରକୁ ଭାରି ସମ୍ମାନାସ୍ପଦ, ଅଧିକ ସୂକ୍ଷ୍ମ ଏବଂ ପଦ୍ଧତି-ସୁଗଠିତ ପରି ପ୍ରତୀୟମାନ ହେଉଛି ସତ, ଆପଣାର ପଛରେ ଏକ ବୃହତ୍ତର ଶକ୍ତିର ପୋଷକତା ରହିଥିବା ହେତୁ ଏହାର ଆଚରିତ ମାର୍ଗଗୁଡ଼ିକ ଅପେକ୍ଷାକୃତ ଅଧିକ ମୃଦୁ ଏବଂ ପୀଡ଼ାହୀନ ବି ଲାଗୁଛି ସତ, ମାତ୍ର ଠିକ୍ ସେହି କାରଣରୁହିଁ ତାହା ଅଧିକ ଫଳପ୍ରଦ ଭାବରେ ଲାଗୁ ହୋଇ ପାରୁଛି ଏବଂ ଅଧିକ ବ୍ୟାପକ ଭାବରେ ନିଜକୁ ଜାରି କରି ରଖିପାରୁଛି । ସଂଖ୍ୟା-ଗରିଷ୍ଠର ଉତ୍ପୀଡ଼ନ ଏବେ ଏକ ସୁପରିଚିତ କଥା ହୋଇ ରହିଲାଣି, ଏବଂ କେତେକ ଆଧୁନିକ ବୁଦ୍ଧିଜୀବୀ* ଅତ୍ୟନ୍ତ ରୋଷପ୍ରଦର୍ଶନ ସହିତ ଏହାର ଜୀବନ ଅପହରଣକାରୀ ପ୍ରଭାବଗୁଡ଼ିକର ବର୍ଣ୍ଣନା ମଧ୍ୟ କରିଛନ୍ତି । ମାତ୍ର ଏହି ବାଟରେ ଗଲେ ଆମ ଲାଗି ଭବିଷ୍ୟତରେ ପ୍ରକୃତରେ ଯାହାସବୁ

---

* ଇବ୍‌ସନ୍ ତାଙ୍କ ନାଟକ 'ଜନଗଣର ଶତ୍ରୁ'ରେ ଯେପରି ବର୍ଣ୍ଣନା କରିଛନ୍ତି ।

'oaob.nitrkl.ac.in' images reprocessed

ନିହିତ ହୋଇ ରହିଛି, ତାହାକୁ ଆମେ ସେହି ବର୍ଣ୍ଣନାଗୁଡ଼ିକଠାରୁ ଅଧିକ ଦୁର୍ଜ୍ଞେୟ ଓ ଭୟାନକ ବୋଲି ଜାଣିବା । ଏହି ଉତ୍ପୀଡ଼ନ ସମଗ୍ର ସମୂହରହିଁ ଏକ ଉତ୍ପୀଡ଼ନ ହେବାକୁ ଯାଉଛି, ସ୍ୱ-ଅନ୍ତର୍ଗତ ଗୋଷ୍ଠୀ ତଥା ଏକକଗୁଡ଼ିକର ଉପରେ ଏହା ଆତ୍ମ-ସମ୍ମୋହିତ ସମଗ୍ର ଜନଗଣଙ୍କରହିଁ ଏକ ଉତ୍ପୀଡ଼ନ ହେବାକୁ ଯାଉଛି ।*

ଏହି ଘଟଣାଟିକୁ ଆମେ ପ୍ରକୃତରେ ଏକ ଉଲ୍ଲେଖନୀୟ ଘଟଣା ବୋଲି କହିବା, ଏବଂ, ଗଣତନ୍ତ୍ର ଏକ ଆନ୍ଦୋଳନ ରୂପେ ଜନ୍ମଲାଭ କରୁଥିବା ସମୟରେ ବ୍ୟକ୍ତି-ସ୍ୱତନ୍ତ୍ରତାର ଆଦର୍ଶଟିକୁ ଯେ ତାହା ଆପଣା ସମ୍ମୁଖରେ ରଖିଥିଲା, ଉଭୟ ପ୍ରାଚୀନ ତଥା ଆଧୁନିକ କାଳରେ ଯେ ସେପରି ହୋଇଥିଲା, ଏହି କାରଣରୁହିଁ ସେହି ବିକାଶଟିକୁ ହୁଏତ ଆହୁରି ଅଧିକ ଉଲ୍ଲେଖନୀୟ ବୋଲି କୁହାଯାଇ ପାରିବ । ପ୍ରାଚୀନ ଗ୍ରୀକ୍‌ମାନେ ଗଣତନ୍ତ୍ରକୁ ଦୁଇଟି ପ୍ରଧାନ ପ୍ରଧାନ ବିଚାର ସହିତ ଗଅଁଠାଇ ରଖିଥିଲେ; ପ୍ରଥମତଃ, ଗୋଷ୍ଠିଜୀବନର ଶାସନ, ବିଧାନ-ପ୍ରଣୟନ ତଥା ପ୍ରଶାସନର ପ୍ରକୃତ କ୍ଷେତ୍ରରେ ପ୍ରତ୍ୟେକ ନାଗରିକ ଫଳପ୍ରଦ ଏବଂ ବ୍ୟକ୍ତିଗତ ଭାବରେ ଅବଶ୍ୟ ଅଂଶଗ୍ରହଣ କରିବ, ଏବଂ ଦ୍ୱିତୀୟତଃ, ବ୍ୟକ୍ତିଗତ ଭାବଜୀବନ ତଥା କ୍ରିୟାଶୀଳତା ସକାଶେ ସେଥିରେ ଅନେକ ପରିମାଣରେ ସ୍ୱତନ୍ତ୍ରତା ମଧ୍ୟ ରହିବ । ମାତ୍ର, ଆମେରିକାର ଯୁକ୍ତରାଜ୍ୟରେ କିୟତ୍କାଳ ଲାଗି ଏହି ଦିଗଟିରେ କେତେକ ପରିମାଣରେ ଏକ ପ୍ରବୃତ୍ତି ନିର୍ଭୁଲ ଭାବରେ ବିଦ୍ୟମାନ ରହିଥିଲେ ମଧ୍ୟ, ଏକଥାଟି ଏକାନ୍ତ ସତ୍ୟ ଯେ ଗଣତନ୍ତ୍ରର ଆଧୁନିକ ପ୍ରକାର ଓ ପଦ୍ଧତିଟିରେ ଉକ୍ତ ଦୁଇଟି ବିଚାର ମଧ୍ୟରୁ କୌଣସିଟି ମଧ୍ୟ ଆଦୌ ତିଷ୍ଠି ରହି ପାରିବ ନାହିଁ, ବିକଶିତ ହୋଇ ପାରିବ ନାହିଁ । ବଡ଼ ବଡ଼ ରାଷ୍ଟ୍ରଗୁଡ଼ିକରେ ସେହି ରାଷ୍ଟ୍ରର ପ୍ରତ୍ୟେକ ନାଗରିକ ରାଷ୍ଟ୍ରର ଶାସନରେ କଦାପି କୌଣସି ଫଳପ୍ରଦ ଭାଗ ନେଇ ପାରିବ ନାହିଁ, ମଝିରେ ମଝିରେ ବିଧାୟକ ଏବଂ ପ୍ରଶାସକମାନଙ୍କୁ ବାଛିବାରେ ତାହାର ଯାହା ଏକ ସମାନ ଭାଗ ରହିଥିବ । ସମୂହର କ୍ଷେତ୍ରରେ ଏଇଟି ଯେତେ ଫଳପ୍ରଦ ଭାବରେ ଆପଣାକୁ ଯେତେ କାର୍ଯ୍ୟକାରୀ କରୁଥିଲେ ମଧ୍ୟ ବ୍ୟକ୍ତି ଲାଗି ତାହା ତଥାପି କେବଳ ଏକ ଅବାସ୍ତବତା ହୋଇହିଁ ରହିଥିବ । ନିୟମତଃ

* ଫାସିଷ୍ଟ୍ ଇତାଲୀ ଏବଂ ସୋଭିଏଟ୍ ରୁଷିଆରେହିଁ ଆମକୁ ଏହି ଉତ୍ପୀଡ଼ନଟିର ପ୍ରଥମ କଠୋର ଆରମ୍ଭଟି ଦେଖିବାକୁ ମିଳିଥିଲା । ଏହି ଅଧ୍ୟାୟଟିକୁ ଲେଖିବା ସମୟରେ କେବଳ କଳ୍ପନାର ପୂର୍ବଦୃଷ୍ଟିରେହିଁ ଏପରିସବୁ ଘଟିବ ବୋଲି ଅନୁମାନ କରି ହେଉଥିଲା । ମାତ୍ର ତାହାର ଅନୁପାତଗୁଡ଼ିକ ପରେ ବୃଦ୍ଧି ପାଇବାକୁ ଲାଗିଲା, ତାହା ଏକ ବାସ୍ତବ ସତ୍ୟରେ ପରିଣତ ହେଲା, ଏବଂ ବର୍ତ୍ତମାନ ଆମେ ତାହାର ପୂର୍ଣ୍ଣାଙ୍ଗ ଏବଂ ଭୟାନକ ଆକୃତିଟିକୁ ବେଶ୍ ଦେଖିବାକୁ ପାଇପାରିବା ।

'oaob.nitrkl.ac.in' images reprocessed

ଏହି ବିଧାୟକ ବା ପ୍ରଶାସକମାନେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀରୁ କଦାପି ନିର୍ବାଚିତ ହୋଇ ଆସିବେ ନାହିଁ, କାରଣ ଗୋଟିଏ ଶ୍ରେଣୀ କହିଲେ କଦାପି ସମଗ୍ର ସମାଜଟିକୁ ବୁଝାଇବ ନାହିଁ, ଏବଂ ଏପରିକି ସାମୂହିକ ଗୋଷ୍ଠୀଟିର ସଂଖ୍ୟାଗରିଷ୍ଠ ଭାଗଟିକୁ ମଧ୍ୟ ବୁଝାଇବ ନାହିଁ । ମାତ୍ର ବର୍ତ୍ତମାନ କାଳଟିରେ ପ୍ରାୟ ସର୍ବତ୍ରହିଁ ସେମାନେ କେବଳ ଗୋଟିଏ ଶ୍ରେଣୀ, ମଧ୍ୟବିତ୍ତ ଶ୍ରେଣୀଟିରୁହିଁ ନିର୍ବାଚିତ ହୋଇ ଆସୁଛନ୍ତି ଏବଂ ଏହି ବିଧାୟକ ତଥା ପ୍ରଶାସକମାନେ ଯଥାର୍ଥରେ ସେମାନଙ୍କୁ ନିର୍ବାଚିତ କରି ପଠାଇଥିବା ବ୍ୟକ୍ତିମାନଙ୍କର କୌଣସି ପ୍ରତିନିଧିତ୍ୱ କରୁ ନାହାନ୍ତି । ସେମାନେ ଯେଉଁ ଶକ୍ତିଟିର ପ୍ରତିନିଧିତ୍ୱ କରୁଛନ୍ତି, ତାହା ହେଉଛି ଏକ ଅନ୍ୟ ଶକ୍ତି, ତାହାର କୌଣସି ଆକାର ନାହିଁ ବା କୌଣସି ଶରୀର ନାହିଁ, ସେହି ଶକ୍ତିହିଁ ବର୍ତ୍ତମାନ ଆପଣାକୁ ପୂର୍ବତନ କାଳର ସେହି ରାଜା ଓ କୁଳୀନତନ୍ତ୍ରର ସ୍ଥାନରେ ଅଧିଷ୍ଠିତ ଓ ଆରୂଢ଼ କରି ରଖିଛି, ଏବଂ ଆଧୁନିକ ରାଷ୍ଟ୍ରର ବିରାଟ ଯନ୍ତ୍ରସଂଗଠନଟି ମଧ୍ୟରେ ସେହି ନୈର୍ବ୍ୟକ୍ତିକ ସମୂହ-ସତ୍ତା ହୁଏତ ଗୋଟିଏ ପ୍ରକାରର ବାହ୍ୟ ଆକାର, ବାହ୍ୟ ଶରୀର ଏବଂ ସଚେତନ ସତ୍ତା ଧାରଣ କରି ରହିବାକୁ ପ୍ରୟାସ କରିବାରେ ଲାଗିଛି । ପୁରାତନ ଦମନ ଓ ଉତ୍ପୀଡ଼ନ ସମ୍ମୁଖରେ ବ୍ୟକ୍ତି ଯେତିକି ପରିମାଣରେ ନିଃସମ୍ବଳ ହୋଇ ରହିଥିଲା, ଏହି ଶକ୍ତିଟି ସମ୍ମୁଖରେ ସେ ବର୍ତ୍ତମାନ ଅଧିକ ନିଃସମ୍ବଳ ଓ ଅସହାୟ ହୋଇ ରହିଛି । ସେହି ଶକ୍ତିଟିର ପ୍ରବଳ ଚାପ ଆପଣାର ସମରୂପ ଛାଞ୍ଚ ଓ ଗୁଳାଗୁଡ଼ିକ ମଧ୍ୟକୁ ତାକୁ ଜବରଦସ୍ତି ପେଷି ଭର୍ତ୍ତି କରାଇ ଦେଉଥିବାର ବ୍ୟକ୍ତି ଅନୁଭବ କରିପାରୁଛି ସତ, ମାତ୍ର, ଏକ ଅସମର୍ଥ ଅରାଜକତାବାଦ ମଧ୍ୟରେ ଯାଇ ଆଶ୍ରୟ ନେବା ବ୍ୟତୀତ ତା' ଆଗରେ ଆଉ କୌଣସି ବାଟହିଁ ନାହିଁ; ଅଥବା, ଆପଣାକୁ ପ୍ରତ୍ୟାହୃତ କରିନେଇ ସିଏ ଆପଣା ଆତ୍ମା କିଂବା ଆପଣାର ବୁଦ୍ଧିଗତ ସତ୍ତାଟିର ସ୍ୱାତନ୍ତ୍ର୍ୟଟି ମଧ୍ୟକୁ ଅପସରି ଯାଉଛି ଏବଂ କେତେକ ପରିମାଣରେ ଏକଥାଟି ତଥାପି ସମ୍ଭବ ହୋଇ ପାରୁଛି ।

କାରଣ, କଥା କହିବାର ପୂର୍ଣ୍ଣ ସ୍ୱାଧୀନତା ଏବଂ ଚିନ୍ତା କରିବାର ପୂର୍ଣ୍ଣ ସ୍ୱାଧୀନତା,— ଆମେ ଏହାକୁହିଁ ଆଧୁନିକ ଗଣତନ୍ତ୍ରର ଗୋଟିଏ ଲାଭ ବୋଲି କହିପାରିବା; ପ୍ରାଚୀନ କାଳର ସ୍ୱାତନ୍ତ୍ର୍ୟଟି ମଧ୍ୟରେ ଏଇଟି ଏତେଦୂର ପର୍ଯ୍ୟନ୍ତ ଉପଲବ୍ଧ ହୋଇପାରି ନ ଥିଲା, ଏବଂ ଏଇଟିକୁ ଏ ପର୍ଯ୍ୟନ୍ତ ମଧ୍ୟ ଅସ୍ୱୀକାର କରାଯାଇ ନାହିଁ । ଏବଂ ଏହି ସ୍ୱତନ୍ତ୍ରତାଟି ଯେପର୍ଯ୍ୟନ୍ତ ବିଦ୍ୟମାନ ରହିଥିବ, ସେପର୍ଯ୍ୟନ୍ତ ମନୁଷ୍ୟସମାଜ କେବେ ସ୍ଥାଣୁ ହୋଇପଡ଼ିବ ଓ ତା'ପରେ ଏକାବେଳକେ ନିଷ୍କ୍ରିୟତାର କବଳରେ ପଡ଼ିଯିବ ବୋଲି ଭୟ କରିବାର ହୁଏତ ଆଉ କୌଣସି କାରଣ ନ ଥିବ; ବିଶେଷ କରି ଯେତେଦିନ ପର୍ଯ୍ୟନ୍ତ ତାହାର ଆନୁଷଙ୍ଗିକ ଭାବରେ ସାର୍ବଜନୀନ ଶିକ୍ଷାର ପ୍ରଚଳନ ହେଉଥିବ ଏବଂ ତାହା ଏକ ଯଥାର୍ଥ ଫଳପ୍ରଦ ଶକ୍ତିମତ୍ତାକୁ ଜନ୍ମ ଦେବାରେ ମାନବୀୟ ସେହି ପ୍ରଶସ୍ତତମ କ୍ଷେତ୍ରଟିକୁ ଯୋଗାଇ

'oaob.nitrkl.ac.in' images reprocessed

ଦେଇ ପାରୁଥିବ, ସେତେଦିନ ଯାଏ ସେପରି କୌଣସି ଭୟର କାରଣ ନ ଥିବ । ବିଚାରର ସ୍ୱାଧୀନତା ଏବଂ ବାଣୀର ସ୍ୱାଧୀନତା,— ଏ ଦୁଇଟିକୁ ସର୍ବଦା ଯୁଗପଦ୍ ଭାବରେ ଅବସ୍ଥାନ କରିବାକୁ ହେବ; କାରଣ ଯେଉଁଠି କଥା କହିବାର ସ୍ୱାଧୀନତା ଉପରେ କୋଲପ ପକାଇ ଦିଆଯାଇଥିବ, ସେଠାରେ କୌଣସି ଯଥାର୍ଥ ଚିନ୍ତା-ସ୍ୱାଧୀନତା ସମ୍ଭବ ହୋଇପାରିବ ନାହିଁ । ମାତ୍ର ସ୍ୱାଧୀନ ଭାବରେ ବିଭିନ୍ନ ସଂସ୍ଥା ମଧ୍ୟରେ ସମ୍ମିଳିତ ଓ ଏକତ୍ର ହେବାର ସ୍ୱାଧୀନତାଟି ବ୍ୟତୀତ ଉକ୍ତ ଦୁଇଟି ସ୍ୱାଧୀନତା ମଧ୍ୟ କଦାପି ସମ୍ପୂର୍ଣ୍ଣ ହେବ ନାହିଁ । କାରଣ କଥା କହିବାର ସ୍ୱାଧୀନତାର ଅର୍ଥ ହେଉଛି ସ୍ୱାଧୀନ ପ୍ରଚାରର ମଧ୍ୟ ସ୍ୱାଧୀନତା ଏବଂ ଆପଣାର ଲକ୍ଷ୍ୟଗୁଡ଼ିକର ସାଧନ ଲାଗି କେବଳ ସଂସ୍ଥାଗୁଡ଼ିକ ମାଧ୍ୟମରେହିଁ ପ୍ରଚାରର ସ୍ୱାଧୀନତା ଫଳପ୍ରଦ ହୋଇ ପାରିବାର ସମ୍ଭାବନା ରହିଥାଏ । ଯେତେ ଯାହା ସୀମା ଭିତରେ ଆୟତ୍ତାଧୀନ ହୋଇ ବା ସାବଧାନ ସୁରକ୍ଷା ସହିତ ରହିଥିଲେ ମଧ୍ୟ ଏହି ତୃତୀୟ ସ୍ୱାଧୀନତାଟି ମଧ୍ୟ ଗଣତାନ୍ତ୍ରିକ ସବୁ ରାଷ୍ଟ୍ରରେ ଉପଲବ୍ଧ ହୋଇ ରହିଥାଏ । ମାତ୍ର ମାନବସମାଜ ପୂର୍ଣ୍ଣ ନିରାପତ୍ତା ସହିତ ଏହି ତିନୋଟିଯାକ ମୌଳିକ ଓ ବୃହତ୍ ସ୍ୱାଧୀନତାକୁ ହାସଲ କରି ପାରିଛି କି ନାହିଁ, ଆମ ଆଗରେ ଏହା ଅବଶ୍ୟ ଏକ ପ୍ରଶ୍ନ ହୋଇ ରହିଛି । ସ୍ୱତନ୍ତ୍ର ଦେଶଗୁଡ଼ିକରେ ମଧ୍ୟ ମଝିରେ ମଝିରେ ସେହିସବୁ ସ୍ୱାଧୀନତାକୁ କାଢ଼ି ନିଆଯାଉଛି ଏବଂ ପରାଧୀନ ଦେଶମାନଙ୍କରେ ଯେଉଁ ଅନେକ ପ୍ରତିବନ୍ଧକ ଦ୍ୱାରା ସେଗୁଡ଼ିକୁ ଯେପରି ବାଡ଼ ଦେଇ ରଖାଯାଉଛି, ଏଠାରେ ଆମେ ସେକଥାଟିର ଆଲୋଚନା କରିବା ନାହିଁ । ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ଦିଗରେ ବେଶ୍ କେତେକ ଅଚାନକ ଘଟଣା ହୁଏତ ଆମ ଲାଗି ଅପେକ୍ଷା କରି ରହିଛି ।* ସର୍ବ-ନିୟନ୍ତ୍ରଣକାରୀ ଆଧୁନିକ ରାଷ୍ଟ୍ର ସବାଶେଷରେ ଯାଇ ଚିନ୍ତାର ସ୍ୱାଧୀନତା ଉପରେ ସିଧା ହସ୍ତକ୍ଷେପ ବା ଆକ୍ରମଣ କରିବ; ସାମୂହିକ ମନ ଅଥବା ସମୂହର ଶାସକମାନେ ଯେଉଁ ଛାଞ୍ଚଟିକୁହିଁ ଭଲ ବୋଲି ମନେ କରିବେ, ବ୍ୟକ୍ତିର ସମୁଦାୟ ଜୀବନଟିକୁ ସେହି ଛାଞ୍ଚଟି ଅନୁସାରେ ନିଗଡ଼ କରି ରଖିବାକୁହିଁ ରାଷ୍ଟ୍ରପକ୍ଷରୁ ସବାଆଗ ପ୍ରୟାସ କରାଯିବ । ମାତ୍ର ଜୀବନକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେବାରେ ଚିନ୍ତାର ଯେ କିପରି ଏକ ସର୍ବଶକ୍ତିଶାଳୀ ମହତ୍ତ୍ୱ ରହିଛି, ସେକଥା ହୃଦୟଙ୍ଗମ କରିବା ମାତ୍ରକେ ରାଷ୍ଟ୍ର ସେଇଟିକୁ ମଧ୍ୟ ହାତ ମୁଠାକୁ ଆଣିବା ଲାଗି ବାହାରିବ;

* ଏଇଟି ଆଉ ଏକ ଅଚାନକ ଘଟଣା ହୋଇ ରହି ନାହିଁ, ଅଧିକରୁ ଅଧିକ ପରିମାଣରେ ଏକ ଉପଲବ୍ଧ ବାସ୍ତବତା ରୂପେ ଅବତୀର୍ଣ୍ଣ ହେବାରେ ଲାଗିଛି । ବର୍ତ୍ତମାନ ରୁଷିଆ ଦେଶରେ କଥା କହିବାର ସ୍ୱାଧୀନତା ନାହିଁ, ଚିନ୍ତାର ବି ସ୍ୱାଧୀନତା ନାହିଁ; ଜର୍ମାନୀ ଏବଂ ଦକ୍ଷିଣ ଇଉରୋପରେ ମଧ୍ୟ ସେଗୁଡ଼ିକୁ ବେଶ୍ କେତେକାଳ ଲାଗି ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାହୃତ କରି ନିଆ ଯାଇଥିଲା ।

'oaob.nitrkl.ac.in' images reprocessed

ରାଷ୍ଟ୍ରୀୟ ଶିକ୍ଷାର ପ୍ରବର୍ତ୍ତନ ଦ୍ୱାରା ଏବଂ ପ୍ରାଚୀନ ଅନେକ ଶିକ୍ଷାପଦ୍ଧତିରେ ଯେପରି କରାଯାଇଥିଲା, ଗୋଷ୍ଠୀଗତ ତଥା ନୈତିକ, ସାମାଜିକ, ସାଂସ୍କୃତିକ ତଥା ଧର୍ମଗତ ଜୀବନକ୍ଷେତ୍ରରେ କେବଳ ସମର୍ଥିତ ବିଚାରଗୁଡ଼ିକୁହିଁ ଗ୍ରହଣ କରିବା ସକାଶେ ବ୍ୟକ୍ତିକୁ ଅନୁରୂପ ପ୍ରଶିକ୍ଷଣ ଦେଇ ତାହା ବ୍ୟକ୍ତିର ବିଚାରକୁ ସ୍ୱୟଂ ତିଆରି କରିବାକୁ ଅଗ୍ରସର ହୋଇଯିବ । କେବଳ ଏହି ଅସ୍ତ୍ରଟି କୌଣସି କାମ ଦେଲା ନାହିଁ ବୋଲି ଜାଣିବାକୁ ପାଇଲେ ଯାଇ ରାଷ୍ଟ୍ର ତା'ପରେ ସମ୍ଭବତଃ ଚିନ୍ତାର ସ୍ୱାଧୀନତା ଉପରେ କୌଣସି ସିଧା ପ୍ରତିବନ୍ଧକ ଲଗାଇବାକୁ ପ୍ରବୃତ୍ତ ହେବ; ଏହି ସ୍ୱାଧୀନତା ଦ୍ୱାରା ରାଷ୍ଟ୍ର ଏବଂ ସଭ୍ୟତାକୁ ବିପଦ ଉପୁଜିବାର ଆଶଙ୍କା ରହିଛି ବୋଲି କୈଫିୟତ୍ ଦେଇ ରାଷ୍ଟ୍ର ତାହା କରିବ । ବର୍ତ୍ତମାନ ମଧ୍ୟ ଆମେ ବ୍ୟକ୍ତିର ଚିନ୍ତା ଉପରେ ହସ୍ତକ୍ଷେପ କରିବା ଲାଗି ରାଷ୍ଟ୍ର ଆପଣାର ଅଧିକାରମାନ ପ୍ରୟୋଗ କରିବାର ଦୃଷ୍ଟାନ୍ତମାନ ଦେଖିବାକୁ ପାଇଲୁଣି ଏବଂ ଅତୀବ ଅଶୁଭ ସୂଚକ ବିଧିରେ ଏଗୁଡ଼ିକର ଘୋଷଣା ମଧ୍ୟ କରାଗଲାଣି । ମନୁଷ୍ୟଜାତିକୁ ଅନ୍ତତଃ ତା'ର ଧର୍ମଗତ ସ୍ୱତନ୍ତ୍ରତାଗୁଡ଼ିକୁ ଉପଭୋଗ କରିବାକୁ ଦିଆଯାଇଥା'ନ୍ତା ବୋଲି ଆମେ ହୁଏତ କଳ୍ପନା କରି ପାରିଥାନ୍ତେ; ମାତ୍ର ଏବେ 'ନୂତନ ଚିନ୍ତା'ର ଜଣେ ବ୍ୟାଖ୍ୟାତାକୁ ମଧ୍ୟ ଆମେ ନିଶ୍ଚିତ ଭାବରେ ଏହି ନୀତିଟିକୁ ପ୍ରତିପାଦନ କରି ବାହାରିବାର ଦେଖିବାକୁ ପାଇଲୁଣି ଯେ ବ୍ୟକ୍ତିର ଧର୍ମଗତ ସ୍ୱାଧୀନତାକୁ ସ୍ୱୀକାର କରିବା ଲାଗି ରାଷ୍ଟ୍ର ଆଦୌ କୌଣସି ପ୍ରକାରେ ବାଧ୍ୟ ନୁହେଁ, ଏବଂ ତାହା ଧର୍ମଗତ ବିଚାରର ସ୍ୱାଧୀନତା ପାଇଁ ଅନୁମତି ଦେଲେ ମଧ୍ୟ, ଏହାକୁ ତଥାପି କେବଳ ଏକ ଇଷ୍ଟସିଦ୍ଧିକାରୀ ସାମୟିକ ବ୍ୟାପାର ବୋଲି ବୁଝିବାକୁ ହେବ ସିନା, ମାତ୍ର ଏକ ଅଧିକାର ବୋଲି କଦାପି କୁହାଯିବ ନାହିଁ । ଯୁକ୍ତିଦର୍ଶାଇ କୁହାଯାଉଛି ଯେ ଉପାସନାର ସ୍ୱାଧୀନତା ଦେବାକୁ ମଧ୍ୟ ରାଷ୍ଟ୍ର ବାଧ୍ୟ ନୁହେଁ; ଏବଂ ଏହି ଯୁକ୍ତିଟି ବସ୍ତୁତଃ ନ୍ୟାୟସଙ୍ଗତ ବୋଲି ମନେ ହେଉଛି; କାରଣ ବ୍ୟକ୍ତିର ସମୁଦାୟ ଜୀବନ କ୍ଷେତ୍ରଟି ଉପରେ ନିୟନ୍ତ୍ରଣ ରଖିବାକୁ ଯଦି ରାଷ୍ଟ୍ରର ଅଧିକାର ରହିଲା, ତେବେ ବ୍ୟକ୍ତିର ଧର୍ମକୁ ମଧ୍ୟ ନିୟନ୍ତ୍ରୟଣରେ ରଖିବା ଲାଗି ତାହାର ନିଶ୍ଚୟ ଅଧିକାର ରହିବା ଉଚିତ । ଧର୍ମ ହେଉଛି ବ୍ୟକ୍ତିର ଜୀବନର ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଭାଗ, ତା' ଚିନ୍ତାର ମଧ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ଭାଗ, ଏବଂ ବ୍ୟକ୍ତିର ଜୀବନ ଉପରେ ମଧ୍ୟ ତା'ର କେତେ ଶକ୍ତିଶାଳୀ ପ୍ରଭାବ ସବୁବେଳେ ରହିଛି । ତେଣୁ ସେଇଟି ଉପରେ ନିୟନ୍ତ୍ରଣ ନ ରହିଲେ ବ୍ୟକ୍ତି ଉପରେ ନିୟନ୍ତ୍ରଣ ରହିପାରିବ କିପରି ?*

---

* ଚିନ୍ତାର ସ୍ୱାଧୀନତାକୁ ସମ୍ପୂର୍ଣ୍ଣ ଭାବରେ ଦବାଇ ରଖିବାକୁ ରାଷ୍ଟ୍ର ଅନ୍ତତଃ କେତେକ ସମୟ ଲାଗି ନିଶ୍ଚୟ କୁଣ୍ଠାବୋଧ କରିବ,— ଏପରି ଅନୁମାନ କରିବା ଆମ ପୂର୍ବଦୃଷ୍ଟିର ପ୍ରକୃତରେ ଏକ ଭ୍ରମ ଥିଲା ବୋଲି କୁହାଯିବ । ବଲ୍‌ଶେଭିଷ୍ଟ ରୁଷିଆ ଏବଂ ଏକନାୟକବାଦୀ ଅନ୍ୟ

'oaob.nitrkl.ac.in' images reprocessed

ଭବିଷ୍ୟତରେ ଦିନେ ଏକ ସର୍ବ-ନିୟନ୍ତ୍ରଣକାରୀ ସମାଜବାଦୀ ବିଶ୍ୱ-ରାଷ୍ଟ୍ରର ପ୍ରତିଷ୍ଠା ହେବ ବୋଲି ଯଦି ଅନୁମାନ କରାଯାଏ, ତେବେ ଏହିପରି ଏକ ଶାସନର ଛାୟା ମଧ୍ୟରେ ଚିନ୍ତାର ସ୍ୱାଧୀନତାକୁ ସର୍ବଥା ଏକ ସମାଲୋଚନା ବୋଲିହିଁ ବିଚାର କରାଯିବ, କେବଳ ଟିକିନିଖି ଏଇଟା ବା ସେଇଟାର ସମାଲୋଚନା ନୁହେଁ, ମାତ୍ର ବିଦ୍ୟମାନ ଯାବତୀୟ ଅବସ୍ଥା ପଛରେ ପ୍ରେରକ ହୋଇ ରହିଥିବା ନୀତିଗୁଡ଼ିକରହିଁ ଏକ ସମାଲୋଚନା ବୋଲି ବିଚାର କରାଯିବ । ଯଦି ଏହି ସମାଲୋଚନା କେବଳ ମୃତ ଅତୀତଟା ଉପରେ ଆପଣାର ଦୃଷ୍ଟିକୁ ଆବଦ୍ଧ କରି ନ ରଖି ଭବିଷ୍ୟତର ବି ଅବଲୋକନ କରିବାକୁ ଇଚ୍ଛା କରୁଥାଏ, ତେବେ ଏହା କେବଳ ଗୋଟିଏ ଦିଗରେହିଁ ଆପଣାକୁ ପରିଚାଳିତ କରି ନେଇପାରିବ; ତାହା ଆପଣାକୁ ଅରାଜକତା ଦିଗରେହିଁ ପରିଚାଳିତ କରିନେବ । ସେହି ଅରାଜକତା ଟଲ୍‌ଷ୍ଟୟଙ୍କ ଦ୍ୱାରା ଘୋଷିତ ଆଧ୍ୟାତ୍ମିକ ଅରାଜକତା ହୋଇପାରେ, ବା ତା' ନ ହେଲେ ବର୍ତ୍ତମାନ ଏକ କ୍ଷୁଦ୍ର ସଂଖ୍ୟାଲଘୁ ଗୋଷ୍ଠୀର ପ୍ରାୟ ଏକ ଧର୍ମ ହୋଇ ରହିଥିବା ମାତ୍ର ତଥାପି ଇଉରୋପର ଅନେକ ଦେଶରେ ଏକ ଶକ୍ତି ରୂପେ କ୍ରମଶଃ ବୃଦ୍ଧିଲାଭ କରୁଥିବା ସେହି ବୁଦ୍ଧିବାଦୀ ଅରାଜକତା ରୂପେ ମଧ୍ୟ ଆପଣାକୁ ଅନୁଭୂତ କରାଇପାରେ । ବ୍ୟକ୍ତିର ବନ୍ଧନମୁକ୍ତ ବିକାଶକୁହିଁ ତାହା ଆପଣାର ସିଦ୍ଧାନ୍ତ ବୋଲି ଘୋଷଣା କରିପାରେ ଓ ସକଳପ୍ରକାର ରାଷ୍ଟ୍ର ତଥା ଶାସନକୁ ତାହା ଆଉ କେବଳ ଏକ ଆବଶ୍ୟକ ବା ଅପରିହାର୍ଯ୍ୟ ମନ୍ଦ ବୋଲି ନୁହେଁ, ଏକ ମନ୍ଦ ବୋଲି କହି ତାହାର ତିରସ୍କାର ବି କରିପାରେ । ପ୍ରତ୍ୟେକ ବ୍ୟକ୍ତିର ତା' ଆପଣା ଭିତରୁହିଁ ମୁକ୍ତ ଭାବରେ ନୈତିକତା, ବୁଦ୍ଧି ଏବଂ ଭାବଗତ ଜୀବନର କ୍ଷେତ୍ରରେ ବିକଶିତ ହୋଇ ଆସିବାକୁ ତାହା ମନୁଷ୍ୟ-ଜୀବନର ଯଥାର୍ଥ ଆଦର୍ଶ ବୋଲି ଦୃଢ଼ଭାବରେ ଘୋଷଣା କରି ଦେଇପାରେ, ଏବଂ ଏହି ଆଦର୍ଶଟିକୁ ବିସର୍ଜନ ଦେଇ ଆଉ କୌଣସି ବିଷୟର ଅର୍ଜନ ବା ଅଧିକାରକୁ ଆଦୌ କାମ୍ୟ ବୋଲି ଗ୍ରହଣ କରିବା ଉଚିତ ନୁହେଁ ବୋଲି ମଧ୍ୟ ପ୍ରକାଶ୍ୟରେ କହି ଦେଇପାରେ । ସେହି ବିସର୍ଜନକୁ ତାହା ଆପଣାର ଆତ୍ମାକୁ ବିସର୍ଜନ କରିବା ବୋଲି ବ୍ୟକ୍ତ କରିପାରେ । ସମାଜରେ ବ୍ୟକ୍ତିମାନେ ମୁକ୍ତ ଭାବରେ ବିଭିନ୍ନ ସଂସ୍ଥା ଗଢ଼ିପାରିବେ, ପରସ୍ପର ସହିତ ଭ୍ରାତୃତ୍ୱର ସୂତ୍ରରେ ଆବଦ୍ଧ ହୋଇ ରହିବେ ଏବଂ ସରକାରୀ ଅଥବା ଅନ୍ୟ କୌଣସି ପ୍ରକାରର କ୍ଷମତା ସେମାନଙ୍କୁ କୌଣସି

---

ରାଷ୍ଟ୍ରଗୁଡ଼ିକରେ ଏହାକୁ ପୂର୍ଣ୍ଣ ପ୍ରତ୍ୟୟର ସହିତ ସଙ୍ଗେ ସଙ୍ଗେ କାର୍ଯ୍ୟକାରୀ କରାଗଲା । ରୁଷିଆରେ ଧର୍ମଗତ ସ୍ୱାଧୀନତାକୁ ଅବଶ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରିଦିଆ ଯାଇ ନାହିଁ ସତ, ମାତ୍ର ଜର୍ମାନୀରେ ଯେପରି ଘଟିଥିଲା, ଏବେ ରୁଷିଆରେ ମଧ୍ୟ ସେହିପରି ରାଷ୍ଟ୍ର ତରଫରୁ ଚାପ ପକାଇ ତାହାକୁ ବଡ଼ କଠିନ ଭାବରେ ଚୂନା କରି ଦିଆଯାଉଛି ।

'oaob.nitrkl.ac.in' images reprocessed

ପ୍ରକାରେ ବାଧ କରୁ ନ ଥିବ,— ଏହାକୁହିଁ ତାହା ସମାଜର ଅଭିଳଷିତ ଆଦର୍ଶ ବୋଲି ପ୍ରଚାର କରିପାରେ ।

ଆମର କଳ୍ପିତ ବିଶ୍ୱ-ରାଷ୍ଟ୍ର କିପରି ଭାବରେ ମୁକ୍ତ ବିଚାରର ଏଭଳି ଏକ ସିଦ୍ଧାନ୍ତଟିର ସମ୍ମୁଖୀନ ହେବ ? ବ୍ୟକ୍ତିଗତ ଅଥବା ସାମୂହିକ କୌଣସି କାର୍ଯ୍ୟକ୍ରମ ଗ୍ରହଣ ନ କରିଥିବା ପର୍ଯ୍ୟନ୍ତ ବିଶ୍ୱରାଷ୍ଟ୍ର ତାହାକୁ ହୁଏତ ସହନ କରିଯିବ; ମାତ୍ର ଯେଉଁ ମୁହୂର୍ତ୍ତରେ ସେହି ସିଦ୍ଧାନ୍ତଟି ଜୀବନର ବ୍ୟାବହାରିକ କ୍ଷେତ୍ରରେ ଆପଣାକୁ ମଡ଼ାଇ ଦେଖିବା ଲାଗି ପ୍ରସାରିତ ଅଥବା ଉଦ୍ୟତ ହେବ, ତଦ୍ଦ୍ୱାରା ସେହି ରାଷ୍ଟ୍ରର ଓ ତାହାର ଅସ୍ତିତ୍ୱରେ ରହିବାର ସମୁଦାୟ ସିଦ୍ଧାନ୍ତଟି ଉପରେ ସତେଅବା ଆକ୍ରମଣ କଲା ଭଳି ହେବ ଏବଂ ତାହାର ମୂଳଦୁଆଟି ସତେଅବା ଦୋହଲି ଯିବ, ନିନ୍ଦିତ ହେବ ତଥା ଆସନ୍ନ ବିପଦ ଭିତରେ ଆସି ପଡ଼ିଯିବ । ଏହି ବିନାଶ-ଚେଷ୍ଟାଟିକୁ ସମୂଳେ ବନ୍ଦ କରିଦେବା ବା ତା' ନ ହେଲେ ଆପଣାର ଧ୍ୱଂସ ଲାଗି ଆପଣାର ସମ୍ମତି ପ୍ରଦାନ କରିବା,— ପ୍ରତିଷ୍ଠିତ କ୍ଷମତାଟି ଆଗରେ କେବଳ ଏହି ଦୁଇଟି ବାଟହିଁ ଉନ୍ମୁକ୍ତ ରହିଥିବ । ମାତ୍ର ଏଭଳି କୌଣସି ପ୍ରୟୋଜନ ଆସି ପ୍ରକୃତରେ ପହଞ୍ଚିବା ପୂର୍ବରୁ, ଜୀବନର ଯାବତୀୟ ବ୍ୟାପାର ରାଷ୍ଟ୍ର ଦ୍ୱାରାହିଁ ନିୟନ୍ତ୍ରିତ ହେବାର ସିଦ୍ଧାନ୍ତଟି ମନୁଷ୍ୟର ମାନସିକ ତଥା ଭୌତିକ ଜୀବନର ନିୟନ୍ତ୍ରଣ ମଧ୍ୟକୁ ନିଜକୁ ପ୍ରସାରିତ କରିଦେଇ ସାରିଥିବ, ଏବଂ ପୂର୍ବତନ ସଭ୍ୟତାଗୁଡ଼ିକରେ ଯେପରି ଆଦର୍ଶ ବୋଲି ଗ୍ରହଣ କରାଯାଇଥିଲା, ସମୂହ-ମନହିଁ ସେଗୁଡ଼ିକର ନିୟନ୍ତ୍ରଣ କରୁଥିବ । ଏହାର ଅନିବାର୍ଯ୍ୟ ପରିଣାମ ସ୍ୱରୂପ ସମାଜର ଏକ ଗତିରହିତ ବ୍ୟବସ୍ଥାହିଁ ଗ୍ରହଣୀୟ ହୋଇରହିବ । କାରଣ ବ୍ୟକ୍ତିକୁ ବ୍ୟକ୍ତିର ସ୍ୱାଧୀନତାର ଅବସର ଦିଆ ନ ଗଲେ କୌଣସି ସମାଜ କଦାପି ପ୍ରଗତିଧର୍ମୀ ହୋଇ ରହିପାରିବ ନାହିଁ । ଏକ ନିୟନ୍ତ୍ରଣବଦ୍ଧ ନିର୍ଦ୍ଦୋଷତାର ଗୁଳା ବା ଗାତଟି ଭିତରେ ତାହା ଲାଖି ରହିଯିବାକୁ ବାଧ ହେବ; ଅଥବା, ସେହି ବ୍ୟବସ୍ଥାଟି ପଛରେ ରହିଥିବା ବୁଦ୍ଧିଗତ ସମର୍ଥନ କିଂବା ତାହାର ଗଠନଟି ମଧ୍ୟରେ ଅନୁଭୂତ ହେଉଥିବା ଏକ ସୁଆନୁପାତିକତାର ଧାରଣା ସକାଶେ ତାହାକୁ ହୁଏତ ନିର୍ଦ୍ଦୋଷ ଓ ପରିପୂର୍ଣ୍ଣ ବୋଲି କୁହା ଯାଉଥିବ । ଏକ ସମୂହ ବା ଏକ ଜନସମଷ୍ଟି ଆପଣାର ଚେତନାଭୂମିରେ ସର୍ବଦା ରକ୍ଷଣଶୀଳ ଓ ସ୍ଥିତି-ପକ୍ଷପାତୀ ହୋଇ ରହିଥାଏ ଏବଂ କେବଳ ଅବଚେତନ ପ୍ରକୃତିର ମନ୍ଦଗତି ପ୍ରକ୍ରିୟାଟି ଦ୍ୱାରା ତାଡ଼ିତ ହୋଇହିଁ ତାହା ବଡ଼ ମନ୍ଥର ଭାବରେ ଗତି କରିବାରେ ଅଭ୍ୟସ୍ତ ହୋଇ ରହିଥାଏ । କେବଳ ମୁକ୍ତ ବ୍ୟକ୍ତିକୁହିଁ ଜଣେ ସଚେତନ ପ୍ରଗତିକାମୀ ଓ ପୁରୋଗାମୀ ବୋଲି କୁହାଯାଇ ପାରିବ । କେବଳ ସେଇ ଯେତେବେଳେ ସମୂହ ସକାଶେ ନିଜର ସୃଜନଶୀଳ ସକ୍ରିୟ ଚେତନାଟିକୁ ଆଣି କାମରେ ଲଗାଇବାକୁ ସମର୍ଥ ହୁଏ, ସେତିକିବେଳେ ଯାଇ ଏକ ପ୍ରଗତିଶୀଳ ସମାଜ ସମ୍ଭବ ହୁଏ ।

'oaob.nitrkl.ac.in' images reprocessed

## ଅଷ୍ଟାବିଂଶ ପରିଚ୍ଛେଦ

# ଐକ୍ୟରେ ଅନେକବିଧତା

ଏକଥାଟି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଯେ ଜୀବନର ଅସଲ ଓ ମୂଳଭୂତ ଶକ୍ତି ତଥା ବାସ୍ତବତାଗୁଡ଼ିକ ସର୍ବଦା ଆମ ଦୃଷ୍ଟିପଥରେ ରହିଥିବ; ତା' ନ ହେଲେ ଆମେ କେତେବେଳେ ଯେ କେବଳ ତର୍କନ୍ୟାୟଗତ ବୁଦ୍ଧି ଏବଂ ସେହି ତର୍କନ୍ୟାୟ ଯେଉଁ କଠୋର ତଥା ସୀମିତକାରୀ ବିଚାରଧାରଣା ମଧ୍ୟରେ ଆସକ୍ତ ହୋଇ ରହିଥାଏ, ତାହାରି ସ୍ୱେଚ୍ଛାଚାରୀ ଶାସନଟିର କବଳରେ ଯାଇ ପଡ଼ିଯିବା, ସେକଥା ଆମେ ନିଜେ ବି ଜାଣି ପାରିବା ନାହିଁ । ସେହି ତର୍କନ୍ୟାୟ ଆମକୁ ଏପରି ନାନା ପ୍ରୟୋଗ ଭିତରେ ଆଣି ପକାଇ ଦିଏ, ଯାହାକି ବ୍ୟାବହାରିକ କ୍ଷେତ୍ରରେ ବେଶ୍ ସୁବିଧାଜନକ ବୋଲି ମନେ ହୋଇଥାଏ ଏବଂ ଏକ ଐକିକ ଓ ସୁ-ଆନୁପାତିକତାଯୁକ୍ତ ବିଚାର ଲାଗି ଭାରି ଆକର୍ଷକ ପରି ଲାଗେ ସତ, ମାତ୍ର ତାହା ଯେ ଆମଠାରୁ ଜୀବନର ସମସ୍ତ ଶକ୍ତିମତ୍ତାକୁ ଅପହରଣ କରି ନେଇଯିବ ଏବଂ ଜୀବନର ଅସଲ ଚେରଗୁଡ଼ିକୁ ଯେ ଶୁଷ୍କ ଓ ପ୍ରାଣରସହୀନ କରି ପକାଇବ, ତାହାର ଏକ ଭୟ ମଧ୍ୟ ରହିଥାଏ । କାରଣ ତର୍କନ୍ୟାୟର ବୁଦ୍ଧିଗତ ପଦ୍ଧତିଟି ଲାଗି ଯାହା ଏକାବେଳେକେ ଖାଣ୍ଟି, ନିର୍ଦ୍ଦୋଷ ଏବଂ ସନ୍ତୋଷଜନକ ବୋଲି ପ୍ରତିପାଦିତ ହୁଏ, ତାହା ଯେ ଅନେକ ସମୟରେ ଜୀବନର ଅସଲ ସତ୍ୟଟିକୁ ଉପେକ୍ଷା କରି ଚାଲି ଯାଇଥାଏ ଏବଂ ମନୁଷ୍ୟସମାଜର ଜୀବନ୍ତ ପ୍ରୟୋଜନଗୁଡ଼ିକୁ ମଧ୍ୟ ପ୍ରାୟ ପାସୋରି ପକାଇଥାଏ, ଏପରି ମଧ୍ୟ ବେଶ୍ ସମ୍ଭବ ହୋଇଥାଏ । ଐକ୍ୟ ହେଉଛି ଏପରି ଗୋଟିଏ ଆଦର୍ଶ, ଯାହାକୁ କି ଆମେ କଦାପି ସ୍ୱେଚ୍ଛାଚାରୀ ଅଥବା ଅବାସ୍ତବ ବୋଲି କହିପାରିବା ନାହିଁ । କାରଣ ଐକ୍ୟ ହେଉଛି ଅସ୍ତିତ୍ୱର ମୂଳଭୂତ ଆଧାରସ୍ୱରୂପ । ଏହି ଐକ୍ୟ ଯାବତୀୟ ବସ୍ତୁର ଆଧାରସ୍ଥାନରେ ପ୍ରଚ୍ଛନ୍ନ ହୋଇ ରହିଛି ଏବଂ ପ୍ରକୃତି ଭିତରେ କାର୍ଯ୍ୟ କରୁଥିବା ବିବର୍ତ୍ତନଶୀଳୀ ବୃତ୍ତିଟି ସଚେତନ ଭାବରେ ସର୍ବୋଚ୍ଚ ସୋପାନରେ ସେହି ଐକ୍ୟର ଉପଲବ୍ଧି ସକାଶେହିଁ ଧାବିତ ହୋଇ ଚାଲିଛି । ଏହି ବିବର୍ତ୍ତନ ଅନେକବିଧତା ମଧ୍ୟଦେଇ ଗତି କରୁଛି, ଏକ ସାଧାରଣ ଓ ସରଳ ଐକ୍ୟର ସ୍ତରରୁ ଜଟିଳ ଏବଂ ଅନେକମୁଖୀ ଐକ୍ୟ ଆଡ଼କୁ ଗତି କରିବାରେ ଲାଗିଛି । ଆମ ମନୁଷ୍ୟଜାତି ଏହି ଐକ୍ୟ ଆଡ଼କୁହିଁ ଯାଉଛି ଓ ଦିନେ ନା ଦିନେ ସେହି ଐକ୍ୟରହିଁ ଉପଲବ୍ଧି କରିବ ।

ମାତ୍ର ସମରୂପତା କଦାପି ଜୀବନର ବିଧାନ ନୁହେଁ । ଜୀବନ ବୈଚିତ୍ର୍ୟ ଓ ବହୁବିଧତା ଦ୍ୱାରାହିଁ ତିଷ୍ଠି ରହିଛି; ଏହା ନିୟମସିଦ୍ଧ ଭାବରେ ଏହାହିଁ ଇଚ୍ଛା କରୁଛି ଯେ

'oaob.nitrkl.ac.in' images reprocessed

ପ୍ରତ୍ୟେକ ଗୋଷ୍ଠୀ ଏବଂ ପ୍ରତ୍ୟେକ ଏକକ ବା ସତ୍ତା ଆପଣାର ବିଶ୍ୱଜନୀନ ଭୂମିରେ ଅନ୍ୟ ସମସ୍ତଙ୍କ ସହିତ ଅବଶ୍ୟ ଏକାତ୍ମ ଓ ଅଭିନ୍ନ ହୋଇ ରହିଥିବ ସତ, ମାତ୍ର ବିଭିନ୍ନତାର କୌଣସି ଏକ ବିଧାନରେ ଅଥବା ଶୃଙ୍ଖଳାଗତ ଟିକିନିଖିର କ୍ଷେତ୍ରରେ ତାହା ଅନନ୍ୟ ଓ ଅସାଧାରଣ ମଧ୍ୟ ହୋଇଥିବ । ଯେଉଁଠି ସମରୂପତାହିଁ ଆପଣାକୁ କାର୍ଯ୍ୟକାରୀ ରୀତି କରି ରଖିଥାଏ, ସେଠାରେ ତାହା ଅତିରିକ୍ତ ପରିମାଣରେ କେନ୍ଦ୍ରୀକରଣ ଆଡ଼କୁ ପ୍ରବୃତ୍ତି ରହିଥାଏ; ମାତ୍ର ଆମେ ତାହାକୁ ଜୀବନର ଏକ ସୁସ୍ଥ ପଦ୍ଧତି ବୋଲି କଦାପି କହି ପାରିବା ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଶୃଙ୍ଖଳା ହେଉଛି ଜୀବନର ବିଧାନ ବା ଜୀବନର ଧର୍ମ, ମାତ୍ର ତା' ବୋଲି ଏକ କୃତ୍ରିମ ନିୟମବଦ୍ଧତାକୁ ଆମେ କଦାପି ସେହି ବିଧାନରୂପେ ଜୀବନ ଉପରେ ନେଇ ଲଦିଦେଇ ପାରିବା ନାହିଁ । ଅସଲ ଓ ପ୍ରକୃତ ଶୃଙ୍ଖଳା ଭିତରୁ ଆସେ, ଆପଣାକୁ ଆବିଷ୍କାର କରି ପାରିଥିବା, ଆପଣାର ଅସଲ ବିଧାନଟି ସହିତ ପରିଚିତି ଲାଭ କରିଥିବା ତଥା ଅନ୍ୟମାନଙ୍କ ସହିତ ଆପଣାର ସମ୍ବନ୍ଧଗୁଡ଼ିକୁ ମଧ୍ୟ ଚିହ୍ନିଥିବା ଏକ ପ୍ରକୃତିରୁ ନିଷ୍ପନ୍ନ ଏକ ପରିଣାମ ରୂପେହିଁ ଏହି ଶୃଙ୍ଖଳା ସମ୍ଭବ ହୁଏ । ତେଣୁ ଯେଉଁ ଶୃଙ୍ଖଳା ଯଥାସମ୍ଭବ ଅଧିକ ବ୍ୟାପକ ଓ ବୃହତ୍ ଏକ ସ୍ୱାଧୀନତା ଉପରେ ଆଧାରିତ ହୋଇ ରହିଥାଏ, ତାହାହିଁ ଯଥାର୍ଥତମ ଶୃଙ୍ଖଳା । କାରଣ ଏହି ସ୍ୱାଧୀନତାହିଁ ଏକାଧାରରେ ଏକ ଶକ୍ତିସଂଯୁକ୍ତ ବିଭିନ୍ନତାର ସର୍ତ୍ତ, ଆପଣା ସହିତ ପରିଚୟ ଲାଭ କରିବାର ମଧ୍ୟ ଏକ ସର୍ତ୍ତ । ଆପଣାକୁ ନାନା ଗୋଷ୍ଠୀରେ ବିଭକ୍ତ କରିଦେଇ ପ୍ରକୃତି ସେହି ବିଭିନ୍ନତାକୁ ହାସଲ କରିଥାଏ, ପୁଣି, ଗୋଷ୍ଠୀଟି ମଧ୍ୟରେ ଯେଉଁ ବ୍ୟକ୍ତିମାନେ ଅଛନ୍ତି, ସେହିମାନଙ୍କର ବ୍ୟକ୍ତିଗତ ବିଶେଷତ୍ୱଗୁଡ଼ିକର ମାଧ୍ୟମରେହିଁ ସ୍ୱାଧୀନତା ଉପରେ ଗୁରୁତ୍ୱ ଦେବାରେ ଲାଗିଥାଏ । ତେଣୁ, ମନୁଷ୍ୟଜାତିର ଏକତାକୁ ଯଦି ସମ୍ପୂର୍ଣ୍ଣ ଭାବରେ ଦୃଢ଼ ଓ ସୁସ୍ଥ ହେବାକୁ ହୁଏ, ଏବଂ ଯଦି ଜୀବନର ଗଭୀରତମ ବିଧାନଗୁଡ଼ିକ ସହିତ ସେହି ଏକତାର ସଂଗତି ମଧ୍ୟ ରହୁ ବୋଲି ଆମେ ଇଚ୍ଛା କରୁଥାଉ, ତେବେ ମୁକ୍ତ ଗୋଷ୍ଠୀଗଠନର ମୂଳଦୁଆ ଉପରେହିଁ ସେହି ଏକତାକୁ ପ୍ରତିଷ୍ଠିତ ହୋଇ ରହିବାକୁ ପଡ଼ିବ । ପୁନଶ୍ଚ, ଆଲୋଚିତ ଏହି ଗୋଷ୍ଠୀଗୁଡ଼ିକୁ ମଧ୍ୟ ସ୍ୱାଧୀନ ଓ ବନ୍ଧନମୁକ୍ତ ବ୍ୟକ୍ତିମାନଙ୍କରହିଁ ଏକ ସ୍ୱାଭାବିକ ସମ୍ମିଳନ ହୋଇ ରହିବାକୁ ପଡ଼ିବ । ଏହି ସଂଜ୍ଞାଟି ହେଉଛି ଏକ ଆଦର୍ଶ ସଂଜ୍ଞା, ଏବଂ ଆମ ପୃଥିବୀର ବର୍ତ୍ତମାନ ପରିସ୍ଥିତିରେ ଅଥବା ମନୁଷ୍ୟ-ଜାତିର କୌଣସି ନିକଟ ଭବିଷ୍ୟତରେ ମଧ୍ୟ ଏହି ଆଦର୍ଶକୁ ବାସ୍ତବରେ ପରିଣତ କରିବା ହୁଏତ କଦାପି ସମ୍ଭବ ହେବ ନାହିଁ । ମାତ୍ର ତଥାପି ଏହି ଆଦର୍ଶଟିକୁ ନୟନ ସମକ୍ଷରେ ରଖିବାକୁ ହେବ, କାରଣ ଯେତିକି ଅଧିକରୁ ଅଧିକ ପରିମାଣରେ ଆମେ ସେହି ଆଦର୍ଶଟିର ନିକଟବର୍ତ୍ତୀ ହେଉଥିବା, ଆମେ ଯେ ଯଥାର୍ଥ ପଥରେ ରହିଛୁ, ସେହି ବିଷୟରେ ଆମେ ଅଧିକରୁ ଅଧିକ ନିଶ୍ଚିତ ହୋଇ

'oaob.nitrkl.ac.in' images reprocessed

ପାରୁଥିବା । ମନୁଷ୍ୟର ଜୀବନରେ ଅତିରିକ୍ତ ପରିମାଣରେ ଯେଉଁ କୃତ୍ରିମତାଟି ରହିଯାଇଛି, ତାହାହିଁ ହେଉଛି ତାହାର ଅନେକ ଗଭୀରକୁ ଭେଦି ତାକୁ ଆବୋରି ରହିଥିବା ଅଧିକାଂଶ ବ୍ୟାଧିର କାରଣ । ମନୁଷ୍ୟ ଆପଣା ପାଖରେ ବିଶ୍ୱାସୀ ହୋଇ ରହିପାରୁ ନାହିଁ, ପ୍ରକୃତିର କ୍ଷେତ୍ରରେ ନିଷ୍ଠାବାନ୍ ବି ରହିପାରୁ ନାହିଁ, ଏବଂ ସେହି କାରଣରୁହିଁ ସେ ବାରବାର ଝୁଣ୍ଟିବାରେ ଲାଗିଛି, କଷଣ ଭୋଗିବାରେ ଲାଗିଛି ।

ପ୍ରକୃତି ମଧ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭାଜନର ଗୋଟିଏ ବଡ଼ ବିଧାନର ଉଦ୍ଦେଶ୍ୟ ଏବଂ କାର୍ଯ୍ୟକାରିତା ବିଷୟରେ ବିଚାର କଲେ ଆମେ ସ୍ୱାଭାବିକ ଗୋଷ୍ଠୀ ଗଠନର ପ୍ରୟୋଜନ ତଥା ଉପଯୋଗିତାଟିକୁ ଦେଖିବାକୁ ନିଶ୍ଚୟ ସମର୍ଥ ହୋଇଯିବା । ମନୁଷ୍ୟର ଭାଷା ବିଭିନ୍ନ ଗୋଷ୍ଠୀରେ ବିଭିନ୍ନ ହେଉ ବୋଲି ପ୍ରକୃତି ଯେପରି ଗୁରୁତ୍ୱ ନ୍ୟସ୍ତ କରିଆସିଛି, ଏଠାରେ ତାହାରି କଥା କୁହାଯାଉଛି । ଗତ ଶତାବ୍ଦୀର ଶେଷ ଏବଂ ଏହି ଶତାବ୍ଦୀଟିର ଆରମ୍ଭ ବେଳକୁ ସମଗ୍ର ମାନବଜାତି ଲାଗି ଗୋଟିଏ ସାଧାରଣ ଭାଷାର ଅନ୍ୱେଷଣ କରିବାର ପ୍ରୟାସଟି ବେଶ୍ ବଳଶାଳୀ ହୋଇ ଉଠିଥିଲା ଏବଂ ସେଥିରୁ ଏକାଧିକ ପ୍ରୟୋଗ ଓ ପରୀକ୍ଷାର ଉଦ୍ଭବ ମଧ୍ୟ ହୋଇଥିଲା । ମାତ୍ର ସେଗୁଡ଼ିକ ମଧ୍ୟରୁ କୌଣସିଟି ପ୍ରୟୋଗ ସାର୍ଥକ ଭାବରେ ସ୍ଥାୟୀ ହୋଇପାରିଲା ନାହିଁ । ସମଗ୍ର ମାନବଜାତିର ସ୍ତରରେ ଭାବର ଆଦାନ ପ୍ରଦାନ ସକାଶେ ଏକ ସାଧାରଣ ମାଧ୍ୟମର ହୁଏତ ଅନେକ ପ୍ରୟୋଜନ ରହିଛି, ଏବଂ କୌଣସି ଗୋଟିଏ କୃତ୍ରିମ ଭାବରେ ଗଠିତ ଭାଷା ଅଥବା ପାରମ୍ପରିକ ଭାଷାକୁ ସାଧାରଣ ଭାଷା ରୂପେ ବ୍ୟବହାର କଲେ ହୁଏତ ଏହି ପ୍ରୟୋଜନଟିକୁ ମେଣ୍ଟାଇବା ଦିଗରେ ଆମକୁ ଅନେକ ସାହାଯ୍ୟ ମିଳୁଛି । କେତେବେଳେ ଏଥିପାଇଁ ଲାଟିନ୍ ପରି ଏକ ସ୍ୱାଭାବିକ ଭାଷାକୁ ଗ୍ରହଣ କରାଯାଇଛି, କେତେବେଳେ ଅବା କିଞ୍ଚିତ୍ ପରିମାଣରେ ଫରାସୀ ଭାଷାକୁ ଏହି ମାଧ୍ୟମ ରୂପେ ବ୍ୟବହାର କରାଯାଇଛି ଏବଂ ବେଶ୍ କେତେ କାଳ ପର୍ଯ୍ୟନ୍ତ ଏହି ସବୁ ଭାଷା ଇଉରୋପୀୟ ଜାତିଗୁଡିକ ମଧ୍ୟରେ ଭାବଗତ ପାରମ୍ପରିକ ସମ୍ବନ୍ଧ ଓ ସଂଯୋଗର ସାଧାରଣ ସାଂସ୍କୃତିକ ଭାଷାରୂପେ ବ୍ୟବହୃତ ବି ହୋଇଛନ୍ତି । ବା, ଭାରତବର୍ଷରେ ବିଭିନ୍ନ ଜନଗୋଷ୍ଠୀଙ୍କ ଲାଗି ସେହିପରି ସଂସ୍କୃତକୁ ମଧ୍ୟ ବ୍ୟବହାର କରାଯାଇଛି । ମାତ୍ର ଏହି ଏକତ୍ରୀକରଣର ଯେତେ ଯାହା ଉପଚାର ମନୁଷ୍ୟସମାଜର ଭିନ୍ନ ଭିନ୍ନ ସ୍ୱାଭାବିକ ଭାଷାଗୁଡ଼ିକର ବ୍ୟାପକ ଏବଂ ମୁକ୍ତ ବ୍ୟବହାରକୁ ଯେତେବେଳେ ନଷ୍ଟ କରି ପକାଇଛି, ଆପଣାର ଛାୟା ବିସ୍ତାର କରି ତାହାକୁ ଗ୍ରାସ କରି ପକାଇଛି, ତାହାକୁ ଖର୍ବ କରି ପକାଇଛି ଅଥବା ନିରୁତ୍ସାହିତ କରି ରଖିଛି, ସେତେବେଳେ ଅତି ସୁନିଶ୍ଚିତ ଭାବରେ ତାହା ମନୁଷ୍ୟର ଜୀବନ ଲାଗି ହାନିକାରକ ହୋଇଛି, ମନୁଷ୍ୟର ପ୍ରଗତି ଲାଗି ବାଧକ ହୋଇ କାର୍ଯ୍ୟ କରିଛି । ବାବେଲ୍‌ର ଦୁର୍ଗ ବିଷୟରେ ରହିଥିବା ସେହି

'oaob.nitrkl.ac.in' images reprocessed

ପୁରାତନ କାହାଣୀଟି ଭାଷାର ବିଭିନ୍ନତା ଓ ବହୁବିଧତାକୁ ମନୁଷ୍ୟ ଜାତି ଉପରେ ପଡ଼ିଥିବା ଏକ ଅଭିଶାପ ବୋଲି ବର୍ଣ୍ଣନା କରିଛି । ମାତ୍ର ଏହି ବିଭିନ୍ନତାର ଯେତେ ଯାହା ଅସୁବିଧା ଅଥବା ଅବିଗୁଣ ରହିଥାଉ ପଛକେ,– ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ ସଭ୍ୟତାର ବିକାଶ ଓ ସମୂହ ସମୂହ ମଧ୍ୟରେ ଉତ୍ତରୋତ୍ତର ବୃଦ୍ଧି ପାଉଥିବା ପାରସ୍ପରିକ ସମ୍ବନ୍ଧ ଫଳରେ ସେହି ଅସୁବିଧାଗୁଡ଼ିକ କ୍ରମଶଃ ହ୍ରାସ ହୋଇଯିବାରେ ଲାଗିଛନ୍ତି,– ସେହି ବିଭିନ୍ନତା ଏବଂ ବହୁବିଧତା ଏକ ଅଭିଶାପ ତୁଳନାରେ ଏକ ଆଶୀର୍ବାଦ ରୂପେହିଁ ଅଧିକ କାର୍ଯ୍ୟ କରିଛି, ମନୁଷ୍ୟସମାଜ ଉପରେ ଲଦିଦିଆ ଯାଇଥିବା ଏକ ଅସମର୍ଥତା ଅପେକ୍ଷା ତାହା ଲାଗି ଏକ ବିଶେଷ ଦାନ ଏବଂ ଅନୁକୂଳତା ପରିହିଁ ଅଧିକ କାର୍ଯ୍ୟ କରିଛି । କୌଣସି ଉଦ୍ଦେଶ୍ୟ ନ ଥାଇ ଗୋଟାଏ ବିଷୟକୁ ବୃଥା ଅତିରଞ୍ଜିତ କରି ଦେଖାଇବାକୁ ଗଲେ ତଦ୍ୱାରା କେବଳ ମନ୍ଦଫଳହିଁ ହୋଇଥାଏ, ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଭାବ ତଥା ସଂସ୍କୃତିର ଯଥାର୍ଥ ଅନେକବିଧତାର ପ୍ରକାଶ କ୍ଷେତ୍ରରେ ପ୍ରକୃତରେ କୌଣସି ଉଦ୍ଦେଶ୍ୟ ସାଧନ ନ କରୁଥିଲେ ମଧ୍ୟ ଯେତେବେଳେ ନାନା ବିଭିନ୍ନ ଭାଷାକୁ ଅଯଥା ଓ ଅତିରିକ୍ତ ଭାବରେ ଗହଳକରି ରହିବାକୁ ଅବସର ଦିଆଯାଏ, ସେତେବେଳେ ତାହା କୌଣସି ପ୍ରକାରେ ସହାୟକ ହୁଏ ନାହିଁ ଓ ଏକ ପ୍ରତିବନ୍ଧକ ପରିହିଁ କାର୍ଯ୍ୟ କରେ । ମାତ୍ର, ଏହିପରି ଏକ ଅତିରିକ୍ତତା ଅତୀତରେ ରହି ଆସିଥିଲେ ମଧ୍ୟ* ଏଣିକି ତାହା ଯେ ଭବିଷ୍ୟତରେ ମଧ୍ୟ ତଥାପି ରହିବ, ତାହାର ପ୍ରାୟ କୌଣସି ସମ୍ଭାବନା ନାହିଁ । ବରଂ ଏହାର ବିପରୀତ ପ୍ରବୃତ୍ତିଟିରହିଁ ସୂଚନା ମିଳୁଛି । ଅତୀତ କାଳରେ ଭାଷା କ୍ଷେତ୍ରର ବିଭିନ୍ନତା ଜ୍ଞାନ ଏବଂ ସହ-ଅନୁଭୂତି ଲାଗି ଗୋଟିଏ ଗୋଟିଏ ପ୍ରତିବନ୍ଧକ ସୃଷ୍ଟି କରି ରଖିବାରେହିଁ ସାହାଯ୍ୟ କରୁଥିଲା, ଏପରିକି ଏକ ବାସ୍ତବ ଘୃଣା ଲାଗି ସତେଅବା ଏକ ଛଳ କାରଣ ରୂପେ ବ୍ୟବହୃତ ହେଉଥିଲା ଏବଂ ବିଭାଜନଗୁଡ଼ାକୁ କଠିନ ଓ ଅନମନୀୟ କରି ରଖିବାର ପ୍ରବୃତ୍ତି ଦେଖାଉଥିଲା । ପରସ୍ପରର ଆୟତନଟି ମଧ୍ୟକୁ ପ୍ରବେଶ କରିବାର ଅବସର ମଧ୍ୟ ବଡ଼ ଅଯଥେଷ୍ଟ ହୋଇ ରହିଥିଲା ଏବଂ ସେହି କାରଣରୁ ପରସ୍ପର ମଧ୍ୟରେ ବୁଝାମଣାର ମଧ୍ୟ ଅଭାବ ରହିଥିଲା, ସେହି ବୁଝାମଣାକୁ ଦୂର କରିବା ଦିଗରେ କୌଣସି

* ଭାରତବର୍ଷରେ ବିଦ୍ୟାମାର୍ତ୍ତଣ୍ଡମାନେ ଯେତେ ସଂଖ୍ୟାରେ ଭାଷା ରହିଛି ବୋଲି ଘୋଷଣା କରିଛନ୍ତି, ତାହାର କୌଣସି ସୀମା ନାହିଁ । ଏହାକୁ କେବଳ ଏକ ନିର୍ବୋଧ ମିଥ୍ୟା ଘୋଷଣା ବୋଲିହିଁ କୁହାଯିବ । ଏହି ଦେଶରେ ପ୍ରାୟ ବାରୋଟି ପର୍ଯ୍ୟନ୍ତ ପ୍ରଧାନ ଭାଷା ରହିଛି । ଅନ୍ୟଗୁଡ଼ିକୁ ଆମେ ଗୋଟିଏ ଗୋଟିଏ 'ବୋଲି' ବୋଲି କହିବା ବା ପ୍ରଜାତୀୟ ଭାଷାର କେତୋଟି ପୁରାତନ ଅବଶେଷ ବୋଲି ବି କହିପାରିବା, ଯାହାକି ଶେଷରେ ଅବଶ୍ୟ ଲୁପ୍ତ ହୋଇଯିବ ।

'oaob.nitrkl.ac.in' images reprocessed

କ୍ରିୟାଶୀଳତା ନ ଥିଲା, ଏବଂ ଅନେକ ଅନେକ ଭୁଲ୍-ବୁଝାମଣାକୁ ସକ୍ରିୟ କରି ରଖିବାରେ ତାହା ଉର୍ବର କ୍ଷେତ୍ର ଯୋଗାଇ ଦେଉଥିଲା । ମାତ୍ର ଏଗୁଡ଼ିକୁ ଆମେ ଆମ ବିକାଶ ଧାରାର ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେହିଁ ପ୍ରସୂତ ହେଉଥିବା ଏକ ଅନିବାର୍ଯ୍ୟ ମନ୍ଦଫଳ ବୋଲିହିଁ କହିବା; ମନୁଷ୍ୟ-ସମୁଦାୟଟି ମଧ୍ୟରେ ଅତ୍ୟନ୍ତ ଶକ୍ତିଶାଳୀଭାବରେ ଆପଣାର ବୈଶିଷ୍ଟ୍ୟଗୁଡ଼ିକୁ ବଜାୟ ରଖିଥିବା ଗୋଷ୍ଠୀ-ଆତ୍ମାଗୁଡ଼ିକର ସମର୍ଥ ବିକାଶ ଲାଗି ସେତେବେଳେ ଯେଉଁ ପ୍ରୟୋଜନଟି ରହିଥିଲା, ସେହି ପ୍ରୟୋଜନଟିରହିଁ ଏକ ଅତୀକରଣ ବୋଲି କହିବା । ଏପର୍ଯ୍ୟନ୍ତ ବି ଏହି ଅସୁବିଧାଗୁଡ଼ିକର ଦୂରୀକରଣ ହୋଇ ନାହିଁ ସତ, ମାତ୍ର ସମୂହ ସମୂହ ଭିତରେ ଯେତିକି ପାରସ୍ପରିକ ସମ୍ବନ୍ଧ ଓ ଆଦାନପ୍ରଦାନ ବୃଦ୍ଧି ପାଇବାରେ ଲାଗିଛି ତଥା ପରସ୍ପରର ଚିନ୍ତା, ଭାବଗତ ଜୀବନ ତଥା ବ୍ୟକ୍ତିତ୍ୱଟି ସହିତ ପରିଚିତ ହେବାଲାଗି ବ୍ୟକ୍ତି ତଥା ଜାତିଗୁଡ଼ିକ ମଧ୍ୟରେ ଯେତିକି ଅଧିକ ଆକାଂକ୍ଷା ଜାତ ହେଉଛି, ସେଗୁଡ଼ିକ ସେହି ଅନୁପାତରେ କମ୍ ହେବାରେ ଲାଗିଛନ୍ତି, ସେଗୁଡ଼ିକ ଆହୁରି ଅଧିକରୁ ଅଧିକ ହ୍ରାସ ହୋଇଯିବାର ପ୍ରବୃତ୍ତି ରଖିଛନ୍ତି; ଏବଂ ପରିଶେଷରେ ସେଗୁଡ଼ିକ ଯେ କାହିଁକି ଅପସରି ନ ଯିବେ, ତାହାର ଆଦୌ କୌଣସି କାରଣ ନାହିଁ ।

ଭାଷାଗତ ବହୁବିଧତା ଦ୍ୱାରା ମନୁଷ୍ୟର ଭାବକ୍ଷେତ୍ରରେ ଦୁଇଟି ମୁଖ୍ୟ ଉଦ୍ଦେଶ୍ୟର ସାଧନ ହୋଇଥାଏ,— ଏକତ୍ୱୀକରଣ ଦିଗରେ ଏହା କାମରେ ଲାଗିଥାଏ ଏବଂ ବହୁବିଧତା ରକ୍ଷା କରିବାରେ ମଧ୍ୟ ସହାୟକ ହୋଇଥାଏ । ଯେଉଁମାନେ ଗୋଟିଏ ଭାଷାରେ କଥାବାର୍ତ୍ତା କରନ୍ତି, ସେହି ଭାଷା ସେମାନଙ୍କୁ ଏକ ବୃହତ୍ତର ଏକତ୍ୱ ମଧ୍ୟକୁ ନେଇ ଆସିବାରେ ସାହାଯ୍ୟ କରିଥାଏ; ବିକାଶଶୀଳ ବିଚାର, ଏକ ନିର୍ଦ୍ଦିଷ୍ଟ ଆକାରପ୍ରାପ୍ତ ମନୋଦୃଷ୍ଟି ତଥା କ୍ରମ-ପରିପକ୍ୱ ହୋଇ ଆସୁଥିବା ଏକ ଭାବଗତ ଜୀବନର ଏକତ୍ୱ ମଧ୍ୟକୁ ସେମାନଙ୍କୁ ନେଇ ଆସିବାରେ ସାହାଯ୍ୟ କରିଥାଏ । ଏହା ଏପରି ଏକ ସୂତ୍ରରେ ସମ୍ପୃକ୍ତ ସମସ୍ତଙ୍କୁ ଏକତ୍ର ବାନ୍ଧି ରଖେ, ଯାହାକି ବୌଦ୍ଧିକ, ସୌନ୍ଦର୍ଯ୍ୟବୋଧଗତ ଏବଂ ଅଭିବ୍ୟକ୍ତି-ସମ୍ବନ୍ଧୀୟ ଯାବତୀୟ କ୍ଷେତ୍ରରେ ପ୍ରକୃତରେ ଏକ ସୂତ୍ର ବା ବନ୍ଧନ ରୂପେ କାର୍ଯ୍ୟ କରେ; ଯେଉଁଠି ବିଭାଜନ ଥାଏ, ସେଠାରେ ବିଭାଜନର ରେଖାଗୁଡ଼ିକୁ ନମନୀୟ କରିଆଣେ, ଏବଂ ଯେଉଁଠି ଏକତା ଉପଲବ୍ଧ ହୋଇ ସାରିଥାଏ, ସେଠାରେ ସେହି ଏକତାକୁ ଦୃଢ଼ୀଭୂତ କରିଥାଏ । ବିଶେଷଭାବରେ, ଜାତୀୟ ଅଥବା ପ୍ରଜାତିଗତ ଏକତାକୁ ତାହା ଆତ୍ମ-ସଚେତନତା ଆଣି ଦେଇଥାଏ ଏବଂ ଏକ ସାର୍ବଜନୀନ ଆତ୍ମ-ଅଭିବ୍ୟକ୍ତି ଏବଂ ପ୍ରାପ୍ତ ସଫଳତାଗୁଡ଼ିକର ଏକ ସାର୍ବଜନୀନ ଇତିହାସର ଏକ ଏକତ୍ରକାରୀ ଡୋରକୁ ଆବିର୍ଭୂତ କରାଇଆଣେ । ଅନ୍ୟ ପକ୍ଷରେ, ଗୋଟିଏ ଜାତିକୁ ଆଉଗୋଟିଏ ଜାତିଠାରୁ ସ୍ୱତନ୍ତ୍ର ଓ ଏକକରୂପେ ଜାଣିବା ସକାଶେ ଏହା ଏକ ସାଧନରୂପେ କାର୍ଯ୍ୟ କରେ, ଏହି କ୍ଷେତ୍ରରେ

'oaob.nitrkl.ac.in' images reprocessed

ସମ୍ଭବତଃ ସବୁଠାରୁ ଅଧିକ ଶକ୍ତିଶାଳୀ ସାଧନରୂପେ କାର୍ଯ୍ୟ କରେ; ଏହା ବିଭାଜନର କେବଳ ଏକ ନିଷ୍ଫଳ ସିଦ୍ଧାନ୍ତ ହୋଇ କେବେହେଲେ ରହେ ନାହିଁ, ମାତ୍ର ପରସ୍ପରର ସ୍ୱାତନ୍ତ୍ର୍ୟଟିକୁ ଚିହ୍ନାଇ ଦେଉଥିବା ଏକ ସଫଳ ତଥା ସହାୟକ ସନ୍ତକ ହୋଇ ରହିଥାଏ । କାରଣ କୌଣସି ଭାଷା ଗୋଟିଏ ସମୂହର ସ୍ୱାଭାବିକ ଭାଷାହୋଇ ରହିଥାଏ, ତାହା ସେହି ଜାତିର ଆତ୍ମାରହିଁ ଏକ ପରିଚାୟକ ହୋଇ ରହିଥାଏ, ତାହାର ଶକ୍ତିପରିହିଁ କାର୍ଯ୍ୟ କରୁଥାଏ । ତେଣୁ ପ୍ରତ୍ୟେକ ଜାତି ଏହା ଫଳରେ ଆପଣାର ସ୍ୱତନ୍ତ୍ର ଭାବସତ୍ତାଟିକୁ ବିକଶିତ କରାଇ ଆଣିବାକୁ ସମର୍ଥ ହୁଏ, ଆପଣାର ସ୍ୱତନ୍ତ୍ର ବିଚାର-ବ୍ୟଞ୍ଜନାଟିକୁ, ଜୀବନର ସମ୍ମୁଖୀନ ହେବାର ତଥା ଜ୍ଞାନ ଏବଂ ଅନୁଭୂତିର ସମୀପବର୍ତ୍ତୀ ହେବାର ସ୍ୱତନ୍ତ୍ର ରୀତିଟିକୁ ମଧ୍ୟ ବିକଶିତ କରାଇ ଆଣେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେ ଅନ୍ୟ ଜାତିଗୁଡ଼ିକର ବିଚାରକୁ ମଧ୍ୟ ଗ୍ରହଣ କରେ, ସେମାନଙ୍କ ଜୀବନର ଅନୁଭୂତି ତଥା ଭାବଗତ ଯାବତୀୟ କ୍ରିୟାଶୀଳତା ଦ୍ୱାରା ଅବଶ୍ୟ ପ୍ରଭାବିତ ହୁଏ; ମାତ୍ର ସେଗୁଡ଼ିକୁ ସେ ଏକ ସ୍ୱକୀୟତା ଓ ଏକ ନୂତନତାରେ ରୂପାନ୍ତରିତ କରିଦିଏ, ଏବଂ ସେହି ପରିପାଚନ ଏବଂ ପରିବର୍ତ୍ତନଟି ଦ୍ୱାରା ତାହା ସମଗ୍ର ମାନବସମାଜର ଜୀବନକୁ ଅଧିକ ବୈଭବମୟ କରିଦିଏ, ଅନ୍ୟମାନଙ୍କଠାରୁ ସଫଳଭାବରେ ଗ୍ରହଣ କରି ସିଏ ସମଗ୍ରଟିକୁହିଁ ଐଶ୍ୱର୍ଯ୍ୟଶାଳୀ କରେ ଏବଂ ଯାହା ଅନ୍ୟ ସ୍ଥାନରେ ଉପଲବ୍ଧ ହୋଇ ସାରିଥିଲା, ସେ ସେଇଟିର କଦାପି ଏକ ପୁନରାବୃତ୍ତିହିଁ କରେ ନାହିଁ । ତେଣୁ ଯେକୌଣସି ଜାତି ଅର୍ଥାତ୍ ମାନବସମୂହର ଗୋଷ୍ଠୀ-ଆତ୍ମା ଲାଗି ଏହା ଏକାନ୍ତ ଆବଶ୍ୟକ ଯେ ସିଏ ତା'ର ଭାଷାଟିକୁ ସଂରକ୍ଷିତ କରି ରଖିବ, ଏହାକୁ ଏକ ଶକ୍ତିଶାଳୀ ଓ ଜୀବନ୍ତ ସାଂସ୍କୃତିକ ସାଧନରୂପେ ବ୍ୟବହାର କରିବାକୁ ଅବଶ୍ୟ ସମର୍ଥ ହେବ । ଯେଉଁ ଜାତି, ପ୍ରଜାତି ଅଥବା ଯେଉଁ ଜନସମୂହ ଆପଣାର ଭାଷାଟିକୁ ହରାଇ ବସେ, ସିଏ ଆପଣାର ସମଗ୍ର ଜୀବନ ଅଥବା ଯଥାର୍ଥ ଜୀବନଟିକୁ କଦାପି ବଞ୍ଚି ପାରିବ ନାହିଁ । ଏବଂ ଏହି କ୍ଷେତ୍ରରେ ଆପଣାର ଏକ ଭାଷା ରହିବା ଦ୍ୱାରା ଜାତୀୟ ଜୀବନ ସକାଶେ ଯେଉଁ ସୁବିଧାଟି ଉପଲବ୍ଧ ହୋଇ ପାରୁଛି, ତାହା ଯୁଗପତ୍ ଭାବରେ ମନୁଷ୍ୟ-ସମାଜର ସାଧାରଣ ଜୀବନଟି ସକାଶେ ମଧ୍ୟ ଅବଶ୍ୟ ଏକ ଅନୁକୂଳତା ହୋଇ ରହିବ ।

ଆପଣାର ଏକ ସ୍ୱତନ୍ତ୍ର ଭାଷା ନ ରହିବା ଦ୍ୱାରା ଏକ ସ୍ୱତନ୍ତ୍ର ମନୁଷ୍ୟଗୋଷ୍ଠୀ ଯେ କେତେଦୂର କ୍ଷତିଗ୍ରସ୍ତ ହୁଏ, ଆପଣାର ସ୍ୱାଭାବିକ ଆତ୍ମ-ଅଭିବ୍ୟକ୍ତିର ମାଧ୍ୟମଟି ବଦଳରେ ଏକ ବିଦେଶୀ ଭାଷାକୁ ଗ୍ରହଣ କରି ତାହାକୁ ଯେ କେତେ କ'ଣ ହରାଇବାକୁ ପଡ଼େ, ବ୍ରିଟିଶ୍ ସାମ୍ରାଜ୍ୟର ଦୁଇଟି ଉପନିବେଶ,— ଆମେରିକାର ଯୁକ୍ତରାଜ୍ୟ ଓ ଆୟର୍ଲାଣ୍ଡର ଦୃଷ୍ଟାନ୍ତରୁ ଆମେ ତାହାର ପରିଚୟ ପାଇ ପାରିବା । ଉପନିବେଶଗୁଡ଼ିକ ଗୋଟିଏ ଗୋଟିଏ

'oaob.nitrkl.ac.in' images reprocessed

ସ୍ୱତନ୍ତ୍ର ଜାତିର ରୂପ ଗ୍ରହଣ କରି ନ ଥିଲେ ମଧ୍ୟ ମନୋଭୂମିଗତ ଅର୍ଥରେ ମଧ୍ୟ ସେମାନେ ଯେ ପ୍ରକୃତରେ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ସମୂହ, ସେ ବିଷୟରେ ଆଦୌ କୌଣସି ସନ୍ଦେହ ନାହିଁ । ଆପଣା ଜୀବନର ଅଧିକାଂଶ ଭାଗରେ, ବା ଅନ୍ତତଃ ଏକ ବୃହତ୍ ଭାଗରେ, ଉତ୍ପତ୍ତି ତଥା ରାଜନୀତିଗତ ଏବଂ ସାମାଜିକ ଅନୁରକ୍ତି ଓ ସହାନୁଭୂତିଗୁଡ଼ିକର କ୍ଷେତ୍ରରେ ଇଂଲଣ୍ଡବାସୀଙ୍କ ପରି ହୋଇଥିଲେ ମଧ୍ୟ ସେଇସବୁ ଉପନିବେଶଗୁଡ଼ିକୁ ଆମେ ଏପର୍ଯ୍ୟନ୍ତ କଦାପି ଇଂଲଣ୍ଡର ଏକ ପ୍ରତିକୃତି ବୋଲି କହିପାରିବା ନାହିଁ । ସେହିସବୁ ଉପନିବେଶରେ ବାସ କରୁଥିବା ଅଧିବାସୀମାନଙ୍କର ଏକ ପୃଥକ୍ ମନୋଭାବ ରହିଛି ବୋଲି ପ୍ରତିପାଦିତ ହୋଇ ସାରିଲାଣି, ଏକ ସ୍ୱକୀୟ ରୁଚି ଏବଂ ବିକଶିତ ହୋଇ ଆସୁଥିବା ସ୍ୱତନ୍ତ୍ର ଚରିତ୍ର ରହିଛି ବୋଲି ମଧ୍ୟ ପରିଚୟ ମିଳିଲାଣି । ମାତ୍ର ଏକଥା ସତ୍ୟ ଯେ ଏହି ନୂତନ ବ୍ୟକ୍ତିତ୍ୱଟି ବର୍ତ୍ତମାନ ସେହି ଅଧିବାସୀମାନଙ୍କର ଜୀବନର ଅପେକ୍ଷାକୃତ ଅଧିକ ବହିରଙ୍ଗ ଏବଂ ନିୟମଚାଳିତ କ୍ଷେତ୍ରଗୁଡ଼ିକରେହିଁ ବ୍ୟକ୍ତ ହୋଇପାରିବ, ଏବଂ ସେହିସବୁ କ୍ଷେତ୍ରରେ ମଧ୍ୟ ତଥାପି କୌଣସି ପ୍ରକାର ବୃହତ୍ତା, କାର୍ଯ୍ୟସାଧକତା ଏବଂ ଫଳପ୍ରଦତା ସହିତ ଆଦୌ ପ୍ରକଟ ହେବ ନାହିଁ । ପୃଥିବୀର ସାଂସ୍କୃତିକ କ୍ଷେତ୍ରରେ ବ୍ରିଟିଶ୍ ଉପନିବେଶଗୁଡ଼ିକର ପ୍ରକୃତରେ ସେପରି କୌଣସି ଗଣ୍ୟତା ନାହିଁ, କାରଣ ସେମାନଙ୍କର ଆପଣା ଭୂମିରୁ ଜନ୍ମଲାଭ କରିଥିବା କୌଣସି ସଂସ୍କୃତି ନାହିଁ ଏବଂ କାରଣ ଆପଣାର ଏହି ଭାଷାଟିର କାରଣରୁହିଁ ସେଗୁଡ଼ିକ ବିଲାତର କେବଳ ଗୋଟିଏ ଗୋଟିଏ ପ୍ରଦେଶ ପରି ହୋଇ ରହିଛନ୍ତି ଓ କେବଳ ସେତିକି ହୋଇ ରହିବାକୁ ବାଧ୍ୟ ହେଉଥିବେ । ଆପଣାର ମନୋଭୂମିଗତ ଜୀବନରେ ସେମାନେ ହୁଏତ ଯେତିକି ବୈଶିଷ୍ଟ୍ୟର ବିକାଶ ଘଟାଇବା ଲାଗି ସମର୍ଥ ହେବେ, ତାହା କେବଳ ଗୋଟାଏ ପ୍ରକାରର ପ୍ରାଦେଶିକତାର ସୃଷ୍ଟି କରିବାରେହିଁ ପ୍ରାୟ ସହାୟକ ହୋଇ ରହିଥିବ, ସେଗୁଡ଼ିକର ଏକ କେନ୍ଦ୍ରୀୟ ଓ ସ୍ୱକୀୟ ବୌଦ୍ଧିକ, ସୌନ୍ଦର୍ଯ୍ୟବୋଧଗତ ତଥା ଭାବଗତ ଜୀବନ ସୃଷ୍ଟି କରିବାରେ ତାହା ଖୁବ୍‌ବେଶୀ ସାହାଯ୍ୟ କରିବ ନାହିଁ ଏବଂ ଏହି କ୍ଷେତ୍ରରେ ଯାହାକିଛି ସମ୍ଭବ ହେବ, ମନୁଷ୍ୟସମାଜ ଲାଗି ତାହାର ହୁଏତ କୌଣସି ବିଶିଷ୍ଟ ମହତ୍ତ୍ୱ ମଧ୍ୟ ରହିବ ନାହିଁ । ଠିକ୍ ଏହି କାରଣଟି ସକାଶେହିଁ ଏକ ରାଜନୀତିକ ଏବଂ ଅର୍ଥନୈତିକ ସତ୍ତା ହିସାବରେ ଏତେ ଶକ୍ତିଶାଳୀ ଭାବରେ ସ୍ୱତନ୍ତ୍ର ହୋଇ ରହିଥିଲେହେଁ ସମଗ୍ର ଆମେରିକା ସଂସ୍କୃତିର କ୍ଷେତ୍ରରେ ଇଉରୋପର କେବଳ ଗୋଟିଏ ପ୍ରଦେଶ ହୋଇ ରହିବାରହିଁ ପ୍ରବୃତ୍ତି ଦେଖାଇ ଆସିଛି; ଦକ୍ଷିଣ ଓ ମଧ୍ୟ ଆମେରିକା ସ୍ପେନିଶ୍ ଭାଷା ଉପରେ ନିର୍ଭରଶୀଳ ହୋଇ ରହି ଆସିଛନ୍ତି ଏବଂ ଉତ୍ତର ଭାଗଟି ଇଂରାଜୀ ଭାଷା ଉପରେ ନିର୍ଭରଶୀଳ ହୋଇ ରହିଛି । କେବଳ ଆମେରିକାର ଯୁକ୍ତରାଜ୍ୟର ଜୀବନହିଁ ଏକ ବୃହତ୍ ତଥା ସ୍ୱତନ୍ତ୍ର ସାଂସ୍କୃତିକ ସତ୍ତା ରୂପେ

'oaob.nitrkl.ac.in' images reprocessed

ଅବତୀର୍ଣ୍ଣ ହୋଇ ପାରିବା ଲାଗି ଏକ ପ୍ରବୃତ୍ତି ଦେଖାଉଛି ଓ କିଛି ଉଦ୍ୟମ ବି କରୁଛି। ମାତ୍ର ଏହି ଦିଗରେ ତାହା ଯେତିକି ସଫଳତା ହାସଲ କରିଛି, ତାହା ପ୍ରକୃତରେ ତାହାର ଶକ୍ତିର ସମତୁଲ ଆଦୌ ହୋଇପାରି ନାହିଁ। ସଂସ୍କୃତି ଦୃଷ୍ଟିରୁ ବିଚାର କରି ଦେଖିଲେ ତାହା ଏବେ ମଧ୍ୟ ଅନେକ ପରିମାଣରେ ସେହି ଇଂଲଣ୍ଡରହିଁ ଗୋଟିଏ ପ୍ରଦେଶ ହୋଇ ରହିଛି । ଦୁଇ ତିନୋଟି ପ୍ରଖ୍ୟାତ ନାମ ସତ୍ତ୍ୱେ ଯୁକ୍ତରାଜ୍ୟ ଆମେରିକାର ସାହିତ୍ୟ, ଏହାର କଳା ଓ ବିଚାର, ଅଥବା ଉଚ୍ଚ ମାନସିକ ସ୍ତରର ଅନ୍ୟ ଯେକୌଣସି ଅଭିବ୍ୟକ୍ତି ଆପଣାର ଆତ୍ମିକ-ରୀତିଟିର କ୍ଷେତ୍ରରେ ସଂପୂର୍ଣ୍ଣ ସ୍ୱତନ୍ତ୍ର ରହି କୌଣସି ଶକ୍ତିଶାଳୀ ପରିପକ୍ୱତା ହାସଲ କରିପାରି ନାହିଁ। ଏପରି ହୋଇଛି, କାରଣ ଆପଣାକୁ ଅଭିବ୍ୟକ୍ତ କରିବାକୁ ରହିଥିବା ଏହାର ଯେଉଁ ମାଧ୍ୟମ ଅର୍ଥାତ୍ ସାଧନଟିକୁ, ବା ପ୍ରକାରାନ୍ତରେ କହିଲେ ଏହାର ଯେଉଁ ସ୍ୱକୀୟ ଭାଷାଟିକୁ ତା'ର ଜାତୀୟ ମାନସ ଯେପରି ଭାବରେ ଆକୃତି ଦେଇଥା'ନ୍ତା ଏବଂ ଅନ୍ୟପକ୍ଷରେ ତାହାରି ଦ୍ୱାରା ଯେପରି ଏକ ବିଶିଷ୍ଟ ଆକାର ଧାରଣ କରି ପାରିଥା'ନ୍ତା, ତାହା ବାସ୍ତବ କ୍ଷେତ୍ରରେ ଏପରି ଗୋଟିଏ ଦେଶ ଦ୍ୱାରା ତିଆରି ହେଲା ବା ଏବେ ମଧ୍ୟ ତିଆରି ହେବାକୁ ବାଧ୍ୟ ହେଉଛି, ଯାହାର କି ଅନ୍ୟଗୋଟିଏ ମାନସଭୂମି ରହିଛି ଏବଂ ଆମେରିକା ଯୁକ୍ତରାଜ୍ୟ ସେହି ଅନ୍ୟ ଭୂମିଟିରେହିଁ ଆପଣାର କେନ୍ଦ୍ରଟିକୁ ତଥା ଆପଣା ବିକାଶର ବିଧାନଟିକୁ ଖୋଜି ବାହାର କରିବାକୁ ବାଧ୍ୟ ହେଉଛି । ଏକ ପୂର୍ବତନ କାଳରେ ଆମେରିକା ଆପଣାର ଆବଶ୍ୟକତାଗୁଡ଼ିକ ଅନୁସାରେ ଇଂରାଜୀ ଭାଷାକୁ ବିକଶିତ କରାଇ ଆଣିଥା'ନ୍ତା ଓ ତାକୁ ବଦଳାଇ ଦେଇଥା'ନ୍ତା ଏବଂ ତା'ହେଲେ ପରିଶେଷରେ ଆମେରିକାର ଭାଷା ଏକ ନୂତନ ଭାଷା ହୋଇ ପାରିଥା'ନ୍ତା । ମଧ୍ୟଯୁଗର ଜାତିମାନେ ଯେମିତି ଲାଟିନ୍ ଭାଷାର ସମ୍ମୁଖୀନ ହୋଇଥିଲେ ଏବଂ ଏହିପରି ଭାବରେ ଆତ୍ମ-ଅଭିବ୍ୟକ୍ତିର ଏକ ସ୍ୱକୀୟ ମାଧ୍ୟମ ସୃଷ୍ଟି କରିବାରେ ସମର୍ଥ ହୋଇଥିଲେ, ଠିକ୍ ସେହିପରି । ମାତ୍ର, ବର୍ତ୍ତମାନ ଅବସ୍ଥାରେ ଏହି କଥାଟି ସେତେ ସହଜରେ ଆଦୌ ସମ୍ଭବ ହେବ ନାହିଁ।*

---

* ଆମେରିକାରେ ଯେ ପ୍ରକୃତରେ ସେହିପରି ଗୋଟିଏ ସ୍ୱତନ୍ତ୍ର ବିକାଶ ଘଟୁଛି, ଏବେ ତାହାର ନିଶ୍ଚିତ ପ୍ରମାଣ ମିଳୁଛି । ଏଇଟି କିପରି ଭାବରେ ଯଥାର୍ଥରେ ଏକ ଶକ୍ତିଶାଳୀ ବାସ୍ତବତାରେ ପରିଣତ ହେବାକୁ ଯାଉଛି, ଭବିଷ୍ୟତହିଁ ତାହା ଦର୍ଶାଇ ଦେଇ ପାରିବ । ବର୍ତ୍ତମାନ ଯେତିକି ସମ୍ଭବ ହୋଇଛି, ତାହାକୁ ଆମେ କେବଳ ଏକ ପ୍ରାଦେଶିକ ପ୍ରବୃତ୍ତି ବୋଲି କହିପାରିବା, ଗୋଟିଏ ପ୍ରକାରର ଜାତୀୟ ଅପଭାଷା ବା ଗୋଟିଏ ଅବାଗିଆ ବିଚିତ୍ରତା ବୋଲିହିଁ କହିପାରିବା । ଏପରିକି, ଏହାର ସର୍ବଶେଷ ବିକାଶର ସ୍ତରକୁ ଆସି ମଧ୍ୟ ଏହା ତଥାପି କେବଳ ଗୋଟାଏ ପ୍ରକାରର ସ୍ଥାନୀୟ ବୋଲି ହୋଇରହିବ, ଏକ ଜାତୀୟ ଭାଷାରେ ଆଦୌ ପରିଣତ ହୋଇପାରିବ ନାହିଁ ।

'oaob.nitrkl.ac.in' images reprocessed

ଆପଣାର ସ୍ୱତନ୍ତ୍ର ଜାତୀୟତା ତଥା ସ୍ୱତନ୍ତ୍ର ସଂସ୍କୃତିଟିକୁ ଅତୁଟ ରଖିଥିଲାବେଳେ ଆୟର୍ଲାଣ୍ଡର ମଧ୍ୟ ନିଜର ଏକ ଭାଷା ରହିଥିଲା ଏବଂ ଯେତେବେଳେ ତାହା ସେଇଟିକୁ ହରାଇ ବସିଲା, ସେତେବେଳେ ତାହା ସମଗ୍ର ମାନବଜାତି ଲାଗି ତଥା ଆଇରିଶ୍ ଜାତି ଲାଗି ଏକ ପ୍ରଭୂତ କ୍ଷତି ହୋଇ ରହିଲା । ଏହି ସେଲ୍ଟିକ୍ ଜାତି ଆପଣାର ଚୈତ୍ୟ ପ୍ରବୃତ୍ତି, ତ୍ୱରା ସହିତ କାର୍ଯ୍ୟ କରିପାରୁଥିବା ବୁଦ୍ଧି ଏବଂ ସୂକ୍ଷ୍ମ କଳ୍ପନାଶକ୍ତି ଦ୍ୱାରା ପ୍ରଥମ ପର୍ଯ୍ୟାୟଟିରେ ଇଉରୋପୀୟ ସଂସ୍କୃତି ତଥା ଇଉରୋପୀୟ ଧର୍ମ ଲାଗି କେତେ କ'ଣ ଅବଦାନ ନ ଦେଇଛି, ଏବଂ ସ୍ୱାଭାବିକ ଭାବରେ ବିକାଶଲାଭ କରିଥିଲେ ତାହା ଏହି ବିଗତ ଅନେକ ଶତାବ୍ଦୀ ମଧ୍ୟରେ ପୃଥିବୀ ଲାଗି ପ୍ରକୃତରେ ଆହୁରି କେତେକେତେ ସମ୍ପଦ ନ ଦେଇ ପାରିଥା'ନ୍ତା ! ମାତ୍ର ଆୟର୍ଲାଣ୍ଡ ଉପରେ ଗୋଟିଏ ବିଦେଶୀ ଭାଷାକୁ ଆଣି ଲଦି ଦିଆଗଲା ଏବଂ ଗୋଟିଏ ଜାତିକୁ କ୍ରମଶଃ ଏକ ପ୍ରଦେଶରେହିଁ ପରିଣତ କରି ରଖାଗଲା, ଯାହା-ଫଳରେ କି ଅନେକ ଶତାବ୍ଦୀ ଯାବତ୍ ଆୟର୍ଲାଣ୍ଡ କେବଳ ମୂକ ହୋଇରହିଲା, ତାହାର ସଂସ୍କୃତି ପ୍ରାୟ ଗତିରହିତ ହୋଇ ପଡ଼ିଲା, ଇଉରୋପର ଜୀବନ-କ୍ଷେତ୍ରରେ ସତେଅବା ଏକ ବିଗତବଳ ମୃତ ସାମର୍ଥ୍ୟ ହୋଇ ରହିଲା । ଇଂରାଜୀ ସଂସ୍କୃତି ଉପରେ ତା'ପରେ ଏହି ଜାତିର ଯେଉଁ କ୍ଷୀଣ ପରୋକ୍ଷ ପ୍ରଭାବଟି ପଡ଼ିଥିଲା ଅଥବା ଚିନ୍ତା ଜଗତର ଏକ ବିଦେଶୀ ଛାଞ୍ଚ ଭିତରକୁ ଆପଣାର ଜାତୀୟ ପ୍ରତିଭାଟିକୁ ନେଇ ଅଜାଡ଼ି ଦେବା ଲାଗି ବାଧ୍ୟ ହେଉଥିବା ପ୍ରତିଭାଶାଳୀ ଆୟର୍ଲାଣ୍ଡବାସୀ-ମାନେ ଯେଉଁ ଅଳ୍ପ କେତେକ ପ୍ରତ୍ୟକ୍ଷ ଅବଦାନ ଦେଇପାରିଲେ, ତାହାକୁ ଆମେ କଦାପି ଉକ୍ତ କ୍ଷତିଟି ଲାଗି ଏକ ଯଥେଷ୍ଟ କ୍ଷତିପୂରଣ ବୋଲି କହିପାରିବା ନାହିଁ । ଏପରିକି, ପରାଧୀନତାରୁ ମୁକ୍ତ ହେବା ଲାଗି ସଂଗ୍ରାମଲିପ୍ତ ଥିବାବେଳେ ଆୟର୍ଲାଣ୍ଡ ଯେତେବେଳେ ନିଜର ସେହି ଅସଲ ସ୍ୱତନ୍ତ୍ର ଆତ୍ମାଟିକୁ ପୁନର୍ବାର ଫେରି ପାଇବା ଲାଗି ଏକ ପ୍ରୟାସ କରୁଥିଲା ଏବଂ ସେହି ଆତ୍ମାକୁ ଏକ ଅଭିବ୍ୟକ୍ତିର ମାର୍ଗ ଆଣି ଦେବାକୁ ଉଦ୍ୟମ କରୁଥିଲା, ସେତେବେଳେ ସେଥିରେ ମଧ୍ୟ ପ୍ରତିବନ୍ଧକ ଆଣି ପହୁଞ୍ଚାଗଲା, ଏବଂ ଯେଉଁ ଭାଷା ସ୍ୱାଭାବିକ ଭାବରେ ତାହାର ଭାବଜୀବନ ତଥା ବିଶିଷ୍ଟ ପ୍ରବୃତ୍ତିଟିକୁ ପ୍ରକାଶ କରିବାରେ ଏକାନ୍ତ ଅସମର୍ଥ, ସେହିପରି ଏକ ଭାଷାକୁ ବ୍ୟବହାର କରିବା ଲାଗି ତାକୁ ବାଧ୍ୟ କରାଗଲା । ସମ୍ଭବତଃ ସମୟକ୍ରମେ ଆୟର୍ଲାଣ୍ଡ ଏହି ପ୍ରତିବନ୍ଧକଟିକୁ ଜୟ କରିଯିବ, ଏହି ଭାଷାଟିକୁ ତା'ର ନିଜର ଭାଷାରେ ପରିଣତ କରିନେବ ଓ ସେହି ଭାଷାଟିକୁ ବାଧ୍ୟକରି ଆପଣାକୁ ଅଭିବ୍ୟକ୍ତ କରିବାର କାମରେ ଆଣି ଲଗାଇ ପାରିବ; ମାତ୍ର ଆପଣାର ଗେଲିକ୍ ଭାଷାଟିର ମାଧ୍ୟମରେ ସେ ଯେଉଁ ଐଶ୍ୱର୍ଯ୍ୟବନ୍ତତା, ଶକ୍ତିଶାଳିତା ଏବଂ ବନ୍ଧନହୀନ ବ୍ୟକ୍ତିତ୍ୱସମ୍ପନ୍ନତା ସହିତ ତାହା କରିପାରି ଥାଆନ୍ତା, ଏକ ଅନ୍ୟ ଭାଷାରେ ସେପରି କରିପାରିବା ଆୟର୍ଲାଣ୍ଡ ପକ୍ଷରେ ହୁଏତ ସମ୍ଭବ ହେଲେ ମଧ୍ୟ

'oaob.nitrkl.ac.in' images reprocessed

ସେଥିଲାଗି ତାକୁ ନିଶ୍ଚୟ ବହୁକାଳ ଲାଗିବ। ନିଜର ଗେଲିକ୍ ଭାଷାଟିର ପୁନରୁଦ୍ଧାର କରିବାକୁ ସେ ଅନେକ ଉଦ୍ୟମ କରିଛି, ମାତ୍ର ସେହି ପଥରେ ରହିଥିବା ସ୍ୱାଭାବିକ ପ୍ରତିବନ୍ଧକଗୁଡ଼ିକ ପ୍ରକୃତରେ ଏଡ଼େ ଦୁର୍ବହ ଭାବରେ ତାକୁ ମାଡ଼ି ଧରିଛନ୍ତି ଓ ସମ୍ଭବତଃ ସର୍ବଦାହିଁ ସେହିପରି ରହିଥିବେ ଏବଂ ଅତ୍ୟନ୍ତ ଦୃଢ଼ଭାବରେ ଆପଣାକୁ ପ୍ରତିଷ୍ଠିତ କରି ରଖିଥିବେ ଯେ ନିଜର ସେହି ଉଦ୍ୟମରେ ଆୟର୍ଲାଣ୍ଡକୁ ହୁଏତ କେବେହେଲେ ପୂର୍ଣ୍ଣ ସାଫଲ୍ୟ ପ୍ରାପ୍ତ ହେବ ନାହିଁ।

ଆଧୁନିକ ଭାରତ ହେଉଛି ଏହି କ୍ଷେତ୍ରରେ ଆଉ ଗୋଟିଏ ଉଲ୍ଲେଖଯୋଗ୍ୟ ଦୃଷ୍ଟାନ୍ତ। ଭାରତବର୍ଷରେ ଇଂରାଜୀ ଭାଷା ଭାରତୀୟ ଭାଷାଗୁଡ଼ିକୁ ଦୀର୍ଘକାଳ ଯେପରି ଛାଇ କରି ରଖିଆସିଛି ଏବଂ ଭାରତର ସାଂସ୍କୃତିକ ଜୀବନରେ ଗୋଟିଏ ଗୋଟିଏ ଯଥାର୍ଥ ସାଧନରୂପେ କାର୍ଯ୍ୟ କରିବାକୁ ତାହା ସେଗୁଡ଼ିକୁ ଯେପରି କୌଣସି ଅବସରହିଁ ଦେଇ ନାହିଁ, ସେଇଟି ତୁଳନାରେ ଆଉ ଅନ୍ୟ କିଛି ହେଲେ ଭାରତବର୍ଷର ଦ୍ରୁତତର ବିକାଶରେ ଆଉ ଏଡ଼େ ବଡ଼ ବାଧା ହୋଇ ଠିଆ ହୋଇ ନାହିଁ, ଏଡ଼େ ସଫଳତାର ସହିତ ଆଉ କିଛି ହେଲେ ଆଧୁନିକ କାଳରେ ଭାରତବର୍ଷର ଆତ୍ମା-ଆବିଷ୍କାର ତଥା ଅଭିବୃଦ୍ଧିକୁ ଅଟକାଇ ରଖିଦେଇ ନାହିଁ। ଏହି କଥାଟି ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଯେ, ଭାରତବର୍ଷର କେବଳ ଯେଉଁ ଗୋଟିଏ ଉପ-ଜାତି ପ୍ରଥମରୁହିଁ ଆପଣାର ବେକ ଉପରେ ଏହି ଯୁଆଳିଟିକୁ ଆଦରି ନେବାକୁ ମନା କରି ଦେଇଥିଲା, ନିଜର ଭାଷାଟିର ବିକାଶରେହିଁ ଆପଣାକୁ ତତ୍ପର ଓ ଅର୍ପିତ କରି ରଖିଥିଲା, ଦୀର୍ଘ ଅନେକ ବର୍ଷ ପର୍ଯ୍ୟନ୍ତ ତାହାକୁହିଁ ଆପଣାର ପ୍ରଧାନତମ କରଣୀୟରେ ପରିଣତ କରି ରଖିଥିଲା, ନିଜର ମୌଳିକତମ ମାନସ ତଥା ସବୁଠାରୁ ଅଧିକ ଜୀବନଶାଳୀ ସାମର୍ଥ୍ୟଗୁଡ଼ିକୁ ସେହି କାର୍ଯ୍ୟଟିରେ ବିନିଯୁକ୍ତ କରିଥିଲା ଏବଂ ସେଇଥିଲାଗି ସେଇ ଗୋଟିଏ କଥାକୁ ଛାଡ଼ିଦେଲେ ଅନ୍ୟ ଯାବତୀୟ ବିଷୟ ପ୍ରତି କେବଳ ଏକ ଉପେକ୍ଷାର ସହିତ ଆପଣାର କର୍ତ୍ତବ୍ୟ କରୁଥିଲା, ବାଣିଜ୍ୟ ଓ ବ୍ୟବସାୟର କ୍ଷେତ୍ରଗୁଡ଼ିକୁ ଅବହେଳା କରୁଥିଲା, କେବଳ ଏକ ବୌଦ୍ଧିକ ଏବଂ ଭାଷଣବାଜିର ଖେଳ ପରି ରାଜନୀତି କରିବାରେ ଲାଗିଥିଲା, ସେହି ଏକମାତ୍ର ବଙ୍ଗଦେଶହିଁ ସର୍ବପ୍ରଥମେ ଆପଣାର ଆତ୍ମାଟିକୁ ପୁନର୍ବାର ଫେରି ପାଇଥିଲା, ଆପଣାର ଜୀବନରେ ଆଧ୍ୟାତ୍ମିକତା ଓ ଯଥାର୍ଥ ଭାବଗତତାର ପୁନଃପ୍ରବାହ ଘଟାଇ ପାରିଲା, ଆପଣାର ମହାନ୍ ଆଧ୍ୟାତ୍ମିକ ପୁରୁଷମାନଙ୍କର ବାଣୀକୁ ଶୁଣିବା ଲାଗି ସମଗ୍ର ପୃଥିବୀର ଧ୍ୟାନକୁ ଆକର୍ଷଣ କରି ଆଣିପାରିଲା, ପୃଥିବୀକୁ ବିଶ୍ୱବ୍ୟାପୀ ପ୍ରଖ୍ୟାତି ତଥା ପ୍ରସିଦ୍ଧି ଲାଭ କରିଥିବା ସର୍ବପ୍ରଥମ ଆଧୁନିକ ଭାରତୀୟ କବି ଓ ଭାରତୀୟ ବୈଜ୍ଞାନିକ ସେଇ ସମ୍ଭବ କରି ପାରିଲା ଓ ପୃଥିବୀକୁ ଦେଇ ପାରିଲା, ଭାରତବର୍ଷର ମୃତପ୍ରାୟ କଳାର ପୁନରୁଜ୍ଜୀବନ ଘଟାଇ ପାରିଲା

'oaob.nitrkl.ac.in' images reprocessed

ଓ ସେଥିରେ ତା'ର ପୂର୍ବ ସାମର୍ଥ୍ୟଟିକୁ ଆଣି ଭରିଦେଇ ପାରିଲା, ବିଶ୍ୱର ସଂସ୍କୃତିକ୍ଷେତ୍ରରେ ଭାରତବର୍ଷକୁ ପୁନର୍ବାର ଗଣା କରାଇଲା, ଏବଂ ବାହ୍ୟ ଜୀବନକ୍ଷେତ୍ରରେ ଏସବୁର ଏକ ପୁରସ୍କାର ସ୍ୱରୂପ, ଏପରି ଏକ ପ୍ରାଣୋତ୍ସାହମୟ ରାଜନୀତିକ ଚେତନାରେ ଏବଂ ରାଜନୀତିକ ସକ୍ରିୟତାରେ ଆସି ପହଞ୍ଚି ପାରିଥିଲା, ଯାହାକି ଆପଣାର ଭାବସ୍ଥାନ ଏବଂ ସର୍ବମୂଳ ଆଦର୍ଶଟିର ସ୍ଥାନରେ କୌଣସି ପ୍ରକାରେ କୌଣସି ଅନୁକରଣର ଦାସ ହୋଇ ରହି ନ ଥିଲା ଏବଂ ଆପଣାର ପ୍ରେରଣାଟିକୁ କେବଳ ଆପଣାଠାରୁହିଁ ଲାଭ କରୁଥିଲା ।* ଗୋଟିଏ ଜାତିର ଭାଷାର ସେହି ଜାତିର ଜୀବନରେ ପ୍ରକୃତରେ ଏତେଦୂର ମୂଲ୍ୟ ଓ ଏତେଦୂର ତାତ୍ପର୍ଯ୍ୟ ରହିଛି; ଏବଂ ବୃହତ୍ତର ମନୁଷ୍ୟଜାତି ଲାଗି ମଧ୍ୟ ତାହାର ଏତେବେଶୀ କଲ୍ୟାଣକାରିତା, ତାତ୍ପର୍ଯ୍ୟ ଓ ମହତ୍ତ୍ୱ ରହିଛି ଯେ ଯେଉଁ ଗୋଷ୍ଠୀ-ଆତ୍ମାଗୁଡ଼ିକ ତାହାର ଅନ୍ତର୍ଭୁକ୍ତ ହୋଇ ରହିଛନ୍ତି, ସେମାନଙ୍କୁ ଏକ ଶକ୍ତିଶାଳୀ ଗୋଷ୍ଠୀ-ବୈଶିଷ୍ଟ୍ୟ ସହିତ ଆପଣା ଆପଣାର ସ୍ୱାଭାବିକ ଅଭିବ୍ୟକ୍ତି-ମାଧ୍ୟମଟିକୁ ବଞ୍ଚାଇ ରଖିବାକୁ ପଡ଼ିବ, ସେଇଟିର ବିକାଶ ଘଟାଇବାକୁ ପଡ଼ିବ ଏବଂ କାର୍ଯ୍ୟରେ ମଧ୍ୟ ଲଗାଇବାକୁ ପଡ଼ିବ ।

ଗୋଟିଏ ସାଧାରଣ ଭାଷାରୁ ଏକତାର ଭାବଟି ମଧ୍ୟ ଜନ୍ମଲାଭ କରିଥାଏ, ଏବଂ ତେଣୁ ହୁଏତ ଏକଥା ମଧ୍ୟ କୁହାଯାଇ ପାରିବ ଯେ ସମଗ୍ର ମନୁଷ୍ୟଜାତିର ଏକତାକୁ ସମ୍ଭବ କରିବାକୁ ହେଲେ ଭାଷାର କ୍ଷେତ୍ରରେ ମଧ୍ୟ ଅବଶ୍ୟ ଏକତା ରହିଥିବା ଆବଶ୍ୟକ ହେବ । ଏହି ବୃହତ୍ତର ଲାଭଟି ପାଇଁ ଆମକୁ ବିଭିନ୍ନତାର ଲାଭଗୁଡ଼ିକୁ ବିସର୍ଜନ କରିବାକୁ ପଡ଼ିବ, ଏହି ସାମୟିକ ବର୍ଜନଟି ଯେତେ ଗମ୍ଭୀର ଏବଂ ଚିନ୍ତାଜନକ ହୋଇଥିଲେ ମଧ୍ୟ ତଥାପି ତାହା କରିବାକୁ ପଡ଼ିବ । ମାତ୍ର ଏହି ଏକତ୍ୱଟି ଯେତେବେଳେ ମାନବଜାତିର ଏକ ସ୍ୱାଭାବିକ ଅଭିବ୍ୟକ୍ତି ରୂପେ ସମ୍ଭବ ହେବ ଅଥବା ଦୀର୍ଘକାଳର ଅନ୍ତରନୁକୂଳନ ଏବଂ ଅନ୍ତର୍ବିକାଶ ଫଳରେ ଯେତେବେଳେ ଏହାକୁ ଏକ ସ୍ୱାଭାବିକ ଅଭିବ୍ୟକ୍ତିରେ ପରିଣତ କରି ଦିଆଯାଇ ପାରିବ, କେବଳ ସେତିକିବେଳେ ତାହା ଏକ ଯଥାର୍ଥ, ଫଳପ୍ରଦ ତଥା ଜୀବନ୍ତ ଏକତ୍ୱ ହୋଇ ରହିପାରିବ । ଯେତେବେଳେ କୌଣସି ଜାତି ବା ମାନବଗୋଷ୍ଠୀ ତା' ଲାଗି ଆଦୌ ସ୍ୱାଭାବିକ ହୋଇ ରହିଆସି ନ ଥିବା କୌଣସି ବିଶ୍ୱଭାଷାରେ କଥା କହିବାରେ ଆପଣାକୁ ଅଭ୍ୟସ୍ତ କରିନେବାକୁ ଚେଷ୍ଟା କରିଛି, ଏବଂ ତାହାର ଯେଉଁ ଇତିହାସଟି ରହିଛି, ସେଥିରୁ ଆମକୁ ଉତ୍ସାହିତ ହେବା ଲାଗି ହୁଏତ ଆଦୌ ବେଶୀ କିଛି ମିଳିବ ନାହିଁ । ସେଗୁଡ଼ିକ ସର୍ବଦା ସର୍ବତ୍ରହିଁ ଏକ ମୃତଭାଷାପ୍ରାୟ ହୋଇ ରହିବାର ପ୍ରବୃତ୍ତି

* ବର୍ତ୍ତମାନ ଅବଶ୍ୟ ସବୁକିଛି ବଦଳି ଯାଇଛି ଏବଂ ଭାରତବର୍ଷରେ ପ୍ରକୃତ ଅବସ୍ଥାଗୁଡ଼ିକ ଯେପରି ହୋଇ ରହିଛି, ସେହି ଦୃଷ୍ଟିରୁ ଏହି ମନ୍ତବ୍ୟଗୁଡ଼ିକ ତା'କ୍ଷେତ୍ରରେ ଆଦୌ ପ୍ରଯୁଜ୍ୟ ହୋଇ ପାରିବ ନାହିଁ ।

'oaob.nitrkl.ac.in' images reprocessed

ଦେଖାଇ ଆସିଛନ୍ତି, ଆପଣାର ପ୍ରତିପତ୍ତିଟାକୁ ବଜାୟ ରଖିଥିବା ପର୍ଯ୍ୟନ୍ତ ସେଗୁଡ଼ିକ ସତେଅବା ବନ୍ଧ୍ୟା ହୋଇ ରହିଛନ୍ତି; ମାତ୍ର ଯେତେବେଳେ ସେସବୁର ଗଠନଟି କ୍ରମଶଃ ଭାଙ୍ଗିଭାଙ୍ଗି ଯାଇଛି ଓ ସେଥିରୁ ନିଷ୍ପନ୍ନ ହେଉଥିବା ନୂଆ ଅନ୍ୟ ଭାଷାମାନ ଗଢ଼ି ଉଠିଛି, ଅଥବା ତଥାପି ତିଷ୍ଠି ରହିଥିବା ପୁରୁଣା ଭାଷାଟିକୁ ଛାଡ଼ିଦେଇ ସେଇ ନୂଆ ଭାଷାଗୁଡ଼ିକ ଅଲଗା ହୋଇ ଯାଇଛନ୍ତି ଅର୍ଥାତ୍ ଯେଉଁଠି ସେହି ପୁରୁଣା ଭାଷାଗୁଡ଼ିକ ଆପଣା ଉପରେ ଏହି ନୂତନ ମୋହର ଏବଂ ନୂତନ ପ୍ରଭାବଟିକୁ ବହନ କରି ପୁନର୍ଜନ୍ମ ଲାଭ କରିଛନ୍ତି, ସେହିଠାରେହିଁ ସେଗୁଡ଼ିକ କୌଣସି ନା କୌଣସି ଅର୍ଥରେ ଫଳପ୍ରସୂ ହୋଇ ରହିଛନ୍ତି । ପାଶ୍ଚାତ୍ୟ ଜଗତରେ, ଆପଣାର ସାଧାରଣ ପ୍ରତିପତ୍ତି-ବିସ୍ତାରର ସେହି ପ୍ରଥମ ଶତାବ୍ଦୀଟି ପରେ ଲାଟିନ୍ ବସ୍ତୁତଃ ଏକ ମୃତ ବସ୍ତୁରେ ପରିଣତ ହୋଇ ଯାଇଥିଲା, ନୂତନ ସୃଷ୍ଟି ଲାଗି ତା'ଭିତରେ ଆଉ କୌଣସି ଶକ୍ତିହିଁ ନ ଥିଲା, ଏବଂ ସେହି ଭାଷାଟିରେ କଥା କହୁଥିବା ଜନଗଣଙ୍କ ମଧ୍ୟରେ ତାହା କୌଣସି ନୂତନ ବା ଜୀବନ୍ତ ତଥା ବିକାଶଶୀଳ ସଂସ୍କୃତିର ଉଦ୍‌ଭବ ଘଟାଇ ପାରୁ ନ ଥିଲା; ଏପରିକି ଖ୍ରୀଷ୍ଟିଆନ୍ ଧର୍ମ ପରି ଏଡ଼େ ବଡ଼ ଗୋଟିଏ ଶକ୍ତି ମଧ୍ୟ ତାହାକୁ ଏକ ନୂତନ ଜୀବନ ଆଣି ଦେବାରେ ସମର୍ଥ ହେଲା ନାହିଁ । ଏବଂ ଯେଉଁ ଅବଧିଗୁଡ଼ିକ ମଧ୍ୟରେ ଲାଟିନ୍ ଭାଷା ଇଉରୋପୀୟ ବିଚାରର ଏକ ସାଧନ ରୂପେ କାର୍ଯ୍ୟ କରୁଥିଲା, ସେହିସବୁ ଯୁଗ ଓ ଅବଧି ପ୍ରକୃତରେ ସବୁଠାରୁ ଅଧିକ ଭାରାକ୍ରାନ୍ତ ହୋଇ ରହିଥିଲା, ସବୁଠାରୁ ଅଧିକ ପାରମ୍ପରିକ ଏବଂ ସବୁଠାରୁ କମ୍ ଫଳସମର୍ଥ ହୋଇ ରହିଥିଲା । ମାତ୍ର ଯେତେବେଳେ ମୁମୂର୍ଷୁ ଲାଟିନ୍ ଭାଷା ଓ ତଥାପି ଲୁପ୍ତ ହୋଇଯାଇ ନ ଥିବା ଅନ୍ୟ ପୁରାତନ ଭାଷାଗୁଡ଼ିକର ଖତରା ଅବଶେଷ ମଧ୍ୟରୁ ନୂତନ ଭାଷାଗୁଡ଼ିକର ଆବିର୍ଭାବ ଘଟିଲା ଏବଂ ଲାଟିନ୍‌ର ସ୍ଥାନରେ ସେହିଗୁଡ଼ିକହିଁ ଜାତୀୟ ସଂସ୍କୃତିର ଗୋଟିଏ ଗୋଟିଏ ପରିପୂର୍ଣ୍ଣ ବାହନରୂପେ ଅବସ୍ଥାପିତ ହେବାକୁ ଆସିଲେ, ସେତିକିବେଳେ ଯାଇ ଏକ ଶକ୍ତିଶାଳୀ ନୂତନ ଜୀବନର ତ୍ୱରାନ୍ୱିତ ବିକାଶ ଘଟିବାକୁ ଲାଗିଲା । ସ୍ୱାଭାବିକ ଭାଷାଟିରେ ଗୋଟିଏ ଜାତିର ଲୋକମାନେ ଆପଣା ଆପଣା ଭିତରେ ଯେ କଥାବାର୍ତ୍ତା କରୁଥିବେ, କେବଳ ସେତିକି ନୁହେଁ, ସେହି ଭାଷାଟି ମାଧ୍ୟମରେ ସେହି ଜାତିର ଉଚ୍ଚତର ଜୀବନ ତଥା ଉଚ୍ଚତର ବିଚାର ବି ଅବଶ୍ୟ ଅଭିବ୍ୟକ୍ତ ହୋଇ ପାରୁଥିବ । ଇଂଲଣ୍ଡ ୱେଲ୍‌ସ୍‌କୁ ଜୟ କରିନେବା ପରେ ୱେଲ୍‌ସ୍ ଭାଷା ଯେପରି ବଞ୍ଚି ରହିଥିଲା, ଫ୍ରାନ୍‌ସ୍‌ରେ ବ୍ରେଁତ ବା ପ୍ରୋଭେନ୍‌ସାଲ୍ ଭାଷାଗୁଡ଼ିକ ଯେପରି ରହିଥିଲା, କିଂବା ଏକଦା ଅଷ୍ଟ୍ରିୟାରେ ଚେକ୍ ଭାଷା ଯେପରି ତିଷ୍ଠି ରହିଥିଲା ବା ରୁଷୀୟ ସାମ୍ରାଜ୍ୟ ଭିତରେ ଲିଥୁଆନିଆନ୍ ଭାଷାର ଯେଉଁ ଅସ୍ତିତ୍ୱ ଥିଲା, ସେହିପରି ଯେଉଁ ଭାଷା କେବଳ ଏକ ସ୍ଥାନୀୟ ଅଥବା ପ୍ରାଦେଶିକ ବୋଲି ହିସାବରେହିଁ ତିଷ୍ଠି ରହିଥିବ, ସେହି ଭାଷା କ୍ରମଶଃ କ୍ଷୀଣହିଁ ହୋଇଯିବ, ବନ୍ଧ୍ୟା ହୋଇ

'oaob.nitrkl.ac.in' images reprocessed

ଆସିବ ଏବଂ ବଞ୍ଚି ରହିବାର ଯାବତୀୟ ଯଥାର୍ଥ ଲକ୍ଷ୍ୟର କଦାପି ସାଧନ କରି ପାରିବ ନାହିଁ ।

କୌଣସି ଜନସମୂହର ଭାଷା ହେଉଛି ତା'ର ସାଂସ୍କୃତିକ ଜୀବନର ଏକ ସଙ୍କେତ, ତାହାର ବିଚାରର କ୍ଷେତ୍ରରେ ତଥା ତାହାର କ୍ରିୟାଶୀଳ ଆତ୍ମାର ପଶ୍ଚାତରେ ଦଣ୍ଡାୟମାନ ରହି ତାହାକୁ ସମୃଦ୍ଧ କରିବାରେ ଲାଗିଥିବା ମାନସକ୍ଷେତ୍ରରେ ସେହି ଜନଗଣର ଆତ୍ମା ଲାଗି ତା'ର ଭାଷା ହେଉଛି ଏକ ଦର୍ପଣ । ତେଣୁ କେବଳ ବାହ୍ୟ ସାମଗ୍ରୀଗୁଡ଼ିକର ତୁଳନାରେ ଏହି ଭାଷାର କ୍ଷେତ୍ରରେହିଁ ଅନେକବିଧତାର ସତ୍ୟଟିକୁ ଏବଂ ତାହାର ଆବଶ୍ୟକତାଗୁଡ଼ିକୁ ଆହୁରି ଅଧିକ ସତ୍ୱର ଭାବରେ ଠାବ କରିନେବାକୁ ହେବ; ମାତ୍ର ସେହି ବହୁବିଧତା ଯେଉଁ ବସ୍ତୁଟିକୁ ଅଭିବ୍ୟକ୍ତ କରି ଆଣିଥାଏ, ତାହାରି କ୍ଷେତ୍ରରେ ମଧ ଏହି ସତ୍ୟଗୁଡ଼ିକ ସମାନ ଭାବରେ ପ୍ରଯୁଜ୍ୟ ବୋଲିହିଁ ସେଗୁଡ଼ିକର ଯାହାକିଛି ମହତ୍ତ୍ୱ ରହିଛି, ତାହା ଯେଉଁ ସାମଗ୍ରୀଟିର ଏକ ପ୍ରତୀକରୂପେ କାର୍ଯ୍ୟ କରୁଥାଏ ଏବଂ ଯାହାର ଏକ ସାଧନ ହୋଇ ରହିଥାଏ, ଏହି ସତ୍ୟଗୁଡ଼ିକ ସେହି ବିଷୟଟିର କ୍ଷେତ୍ରରେ ପ୍ରଯୁଜ୍ୟ ବୋଲିହିଁ ସେଗୁଡ଼ିକର କୌଣସି ମହତ୍ତ୍ୱ ରହିଥାଏ । ଭାଷାଗତ ବିବିଧତାକୁ ସଂରକ୍ଷିତ କରି ରଖିବାକୁହିଁ ପଡ଼ିବ, କାରଣ, ସଂସ୍କୃତି ସଂସ୍କୃତି ମଧ୍ୟରେ ଯେଉଁ ବିବିଧତା ରହିଛି ଓ ବହୁ ଆତ୍ମିକ ସତ୍ତାର ସମାହାରରେ ଗଠିତ ଗୋଷ୍ଠୀଗୁଡ଼ିକ ମଧ୍ୟରେ ଯେଉଁ ପାର୍ଥକ୍ୟ ରହିଛି, ସେଗୁଡ଼ିକୁ ମଧ ସଂରକ୍ଷିତ କରି ରଖିବାକୁ ପଡ଼ିବ; ଏବଂ, କାରଣ ସେହି ବୈଚିତ୍ର୍ୟ ଓ ବହୁବିଧତାଟି ନ ରହିଲେ ଜୀବନକୁ ତା'ର ପୂର୍ଣ୍ଣ ବିଚରଣର ସୁଯୋଗଟି ମଧ କଦାପି ମିଳିବ ନାହିଁ, କାରଣ, ସେହି ବୈଚିତ୍ର୍ୟର ଅଭାବ ରହିଥିଲେ ପତନ ଓ ଗତିହୀନତାର ମଧ ଏକ ବିପଦ ରହିଥିବ, ହୁଏତ ଅନିବାର୍ଯ୍ୟଭାବେ ଆମକୁ ସେହି ଦଶାଟିକୁହିଁ ଲାଭ କରିବାକୁ ପଡ଼ିବ । ଏବର ଚିନ୍ତାଶୀଳ ବ୍ୟକ୍ତି ନିଜର ଯୁକ୍ତିବୁଦ୍ଧି ଦ୍ୱାରା ପରିଚାଳିତ ହୋଇ ଯାହାକୁ ଏକ ଆଦର୍ଶ-ଥାପନା ରୂପେ ସ୍ୱପ୍ନ ଦେଖିବାରେ ଲାଗିଛି, ଏବଂ ଏକ ନିର୍ଦ୍ଦିଷ୍ଟ ପ୍ରବୃତ୍ତି ସବୁଠାରୁ ଅଧିକ ପ୍ରଭାବଶାଳୀ ହୋଇ ରହିଲେ ଯାହାର ବେଶ୍ ଏକ ସମ୍ଭାବନା ରହିଛି ଓ ଏପରିକି ଯାହା ହୁଏତ ପ୍ରକୃତରେ ସମ୍ଭବ ହେବାକୁ ଯାଉଛି ବୋଲି ଆମେ ଆଲୋଚନା କରି ଦେଖିସାରିଛୁ, ଯଦି ତାହାରି ଅନୁକ୍ରମରେ ଜାତୀୟ ବୈଚିତ୍ର୍ୟଗୁଡ଼ିକ ଅନ୍ତର୍ହିତ ହୋଇଯାଏ ଏବଂ ମାନବ-ଏକତା ନାମରେ ଏକ ଭିନ୍ନତାରହିତ ଏକରୂପତାରହିଁ ପ୍ରତିଷ୍ଠା ହୁଏ, ତେବେ ତଦ୍ଦ୍ୱାରା ହୁଏତ ରାଜନୀତିକ ଶାନ୍ତିର ମଧ ପ୍ରତିଷ୍ଠା ହୋଇଯିବ, ଆର୍ଥିକ କ୍ଷେତ୍ରରେ ସମୃଦ୍ଧି ଘଟିବ, ପ୍ରଶାସନ ପକ୍କା ହୋଇ ଚାଲିବ, ଏବଂ ପ୍ରାଚୀନ କାଳରେ ରୋମ୍ ସାମ୍ରାଜ୍ୟର ଅମଳରେ ଏକ କ୍ଷୁଦ୍ରତର ଆୟତନ ଭିତରେ ଯେଉଁ ଏକତା ସମ୍ଭବ ହୋଇଥିଲା, ଠିକ୍ ସେହିପରି ଶତାଧିକ ଭୌତିକ ସମସ୍ୟାର ସମାଧାନ ବି ହୋଇଯିବ ।

'oaob.nitrkl.ac.in' images reprocessed

ମାତ୍ର ଯଦି ଏହି ଏକତା ଦ୍ୱାରା ମନୁଷ୍ୟ ମାନସକ୍ଷେତ୍ରରେ ସୃଜନଶକ୍ତିହୀନ ଓ ବନ୍ଧ୍ୟା ହୋଇ ରହେ, ମାନବଜାତିର ଆତ୍ମା ଯଦି ଯାବତୀୟ ଗତିଶୀଳତାକୁ ହରାଇ ବସେ, ତେବେ ପରିଶେଷରେ ସେଥିରୁ ଆମର ପ୍ରକୃତରେ କେତେ କ'ଣ ଲାଭ ବା ମଙ୍ଗଳ ହେବ ? ଏଠାରେ ସଂସ୍କୃତି ଉପରେ, ମାନସକ୍ଷେତ୍ରର ତଥା ଆତ୍ମାର ସମ୍ପଦ ତଥା ଅର୍ଜନଗୁଡ଼ିକ ଉପରେ ଯେଉଁ ଗୁରୁତ୍ୱ ଦିଆଯାଉଛି, ତଦ୍ୱାରା ଯେ ଜୀବନର ବାହ୍ୟ ଭୌତିକ ଦିଗଟିର ମୂଲ୍ୟ ହ୍ରାସ କରି ଦେଖାଇଦେବାର କୌଣସି ଅଭିପ୍ରାୟ ବ୍ୟକ୍ତ କରାଯାଉଛି, ସେକଥା ଆଦୌ ନୁହେଁ । ପ୍ରକୃତି ଅଦମ୍ୟ ଓ ଅବିଶ୍ରାନ୍ତ ଭାବରେ ସର୍ବଦା ଯାହା ଉପରେ ଏତେବେଶୀ ଗୁରୁତ୍ୱ ଦେଇ ଆସିଛି, ତାହାକୁ କମ୍ ଗୁରୁତ୍ୱ ବିଶିଷ୍ଟ ବୋଲି ଦର୍ଶାଇବାକୁ ମୋର ଆଦୌ କୌଣସି ଅଭିପ୍ରାୟ ନାହିଁ । ମୁଁ ତ ଓଲଟି କହିବି ଯେ ଆମର ଆନ୍ତର ଓ ଆମର ବାହ୍ୟ ପରସ୍ପର ଉପରେ ନିର୍ଭରଶୀଳ ହୋଇ ରହିଛନ୍ତି । କାରଣ ଆମେ ଖୁବ୍ ଭଲ କରି ଦେଖିପାରିବା ଯେ କୌଣସି ଏକ ଜାତିର ଜୀବନରେ ଯେତେବେଳେ ଜାତୀୟ ସଂସ୍କୃତି ଏବଂ ମନଃସ୍ତରର ତଥା ଆତ୍ମାର ଜୀବନରେ ପ୍ରଭୂତ ଶକ୍ତିମତ୍ତାର ଆଲୋଡ଼ନ ଆଣି ଏକ ବିରାଟ ପର୍ଯ୍ୟାୟର ଆବିର୍ଭାବ ହେଉଛି, ସେତେବେଳେ ତାହା ସର୍ବଦା ଏକ ସାଧାରଣ ଆଲୋଡ଼ନ ଏବଂ ଆନ୍ଦୋଳନରହିଁ ଏକ ଅଂଶରୂପେ ଆବିର୍ଭୂତ ହେଉଛି, ଯେଉଁଥିରେ କି ଅନ୍ୟ ଅଂଶଟିରୂପେ ସେହି ଜାତିର ବାହ୍ୟ ରାଜନୀତିକ, ଆର୍ଥିକ ତଥା ବ୍ୟାବହାରିକ ଜୀବନରେ ମଧ୍ୟ ସେହିପରି ଏକ ଶକ୍ତିମାନ୍ ପର୍ଯ୍ୟାୟ ଅବଶ୍ୟ ମହଜୁଦ ହୋଇ ରହିଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସଂସ୍କୃତିକ୍ଷେତ୍ରର ପ୍ରଗତି ଭୌତିକ ପ୍ରଗତିର ମଧ୍ୟ କାରଣ ହୋଇପାରୁଛି ବା ଭୌତିକ ପ୍ରଗତିରେ ଆହୁରି ଅଭିବୃଦ୍ଧି ଘଟାଇ ପାରୁଛି; ମାତ୍ର ସମ୍ପୂର୍ଣ୍ଣ ଭାବରେ ପରିପୂର୍ଣ୍ଣ ତଥା ସୁସ୍ଥ ଶକ୍ତିସମ୍ପନ୍ନତା ସହିତ ଅଭିବୃଦ୍ଧି ଲାଭକରି ପାରିବା ଲାଗି ମଧ୍ୟ ସାଂସ୍କୃତିକ କ୍ଷେତ୍ରଟି ଲାଗି ଭୌତିକର ଏକାନ୍ତ ଆବଶ୍ୟକତା ରହିଛି । ଯେଉଁ ବିଶାଳ ବିଶ୍ୱ-ସଂସ୍କୃତି ମଧ୍ୟରେ ସମଗ୍ର ମାନବଜାତି ଅବଶ୍ୟ ଏକତ୍ର ତଥା ଏକତାବଦ୍ଧ ହୋଇ ରହିବ, ତାହାରି ଏକ ଆଧାରରୂପେ ମନୁଷ୍ୟର ଏହି ପୃଥିବୀଟି ମଧ୍ୟରେ ଶାନ୍ତି, କଲ୍ୟାଣକାରିତା ତଥା ସ୍ଥାୟୀ ଶୃଙ୍ଖଳା ଯେପରି ବିରାଜମାନ କରୁଥିବ, ଆମର ସେହି କଥାଟି ମଧ୍ୟ କାମ୍ୟ ହୋଇ ରହିବା ଉଚିତ । ମାତ୍ର ଆନ୍ତର ଏକତ୍ୱ ହେଉ ଅଥବା ବାହ୍ୟ ଏକତ୍ୱ ହେଉ, ଯଦି ଏଥିରେ ଶାନ୍ତି, ଶୃଙ୍ଖଳା ଏବଂ କଲ୍ୟାଣକାରିତାଠାରୁ ଆହୁରି ଅନେକ ମହତ୍ତ୍ୱପୂର୍ଣ୍ଣ ସେହି ଉପାଦାନଟି, ଅର୍ଥାତ୍ ସ୍ୱତନ୍ତ୍ରତାମୟ ଜୀବନ ଏବଂ ଶକ୍ତିମୟ ଜୀବନର ସେହି ଅସଲ ଉପାଦାନଟି ନ ରହେ, ତେବେ ତାହା ଆଉ କୌଣସି କାମର ହୋଇପାରିବ ନାହିଁ; ଏବଂ କେବଳ ବିଭିନ୍ନତା ଲାଗି ଯଥେଷ୍ଟ ଅବକାଶ ରହିଲେ ତଥା ଗୋଷ୍ଠୀ ଓ ବ୍ୟକ୍ତିର ଜୀବନରେ ଆବଶ୍ୟକ ସ୍ୱତନ୍ତ୍ରତାଟି ସମ୍ଭବ ହୋଇପାରିଲେ ଯାଇ ସେଗୁଡ଼ିକ ମଧ୍ୟ

'oaob.nitrkl.ac.in' images reprocessed

ଉପଲବ୍ଧ ହୋଇପାରିବ । ତେଣୁ କୌଣସି ପ୍ରକାର ସମରୂପ ଗୋଟିଏ ପ୍ରକାରର ଏକତା, ତର୍କନ୍ୟାୟର ଦୃଷ୍ଟିରୁ ଅତି ସରଳ ଏବଂ ସୁଖବୋଧ, ବିଜ୍ଞାନର ଦୃଷ୍ଟିରୁ ଅତି ଚମତ୍କାର ଭାବରେ ନିୟମବଦ୍ଧ ଏବଂ ଆପତ୍ତିଶୂନ୍ୟ ଭାବରେ ନିର୍ଦୋଷ ଓ ପ୍ରାୟ ଯନ୍ତ୍ରବତ୍ ହୋଇ ରହିଥିବା ଏକ ସମାନତା ଆଦୌ ନୁହେଁ, ମାତ୍ର ଏକ ଜୀବନ୍ତ ଏକତ୍ୱହିଁ ଆମ ସମସ୍ତଙ୍କର ଆଦର୍ଶ ହୋଇ ରହିବା ଉଚିତ, ଯେଉଁଥିରେ କି ସୁସ୍ଥ ଯାବତୀୟ ସ୍ୱତନ୍ତ୍ରତା ଏବଂ ବିଭିନ୍ନତା ମଧ୍ୟ ଯଥେଷ୍ଟ ପରିମାଣରେ ରହିଥିବା ଉଚିତ । ଆମର ଦୃଷ୍ଟି ସମକ୍ଷରେ ସର୍ବଦା ଏହି ଆଦର୍ଶଟିହିଁ ରହିଥିବ ଏବଂ ମାନବ-ଭବିଷ୍ୟତର ଭୂମିରେ ସେହି ଆଦର୍ଶଟିର ଉପଲବ୍ଧି ଲାଗିହିଁ ଆମର ଉଦ୍ୟମ କରିବା ଉଚିତ ।

ମାତ୍ର ଏହି କଷ୍ଟକର ଲକ୍ଷ୍ୟଟିକୁ ଆମେ ପ୍ରକୃତରେ କିପରି ଭାବରେ ହାସଲ କରି ପାରିବା ? କାରଣ, ଯଦି ଅତିରିକ୍ତ ଏକରୂପତା ଏବଂ କେନ୍ଦ୍ରୀକରଣ ଫଳରେ ଅତ୍ୟାବଶ୍ୟକ ବିଭିନ୍ନତା ଏବଂ ଏକାନ୍ତ ପ୍ରୟୋଜନୀୟ ସ୍ୱାଧୀନତାଗୁଡ଼ିକ ଅନ୍ତର୍ହିତ ହୋଇଯିବ ବୋଲି ଆଶଙ୍କା ରହିଥାଏ, ତେବେ, ଅପରପକ୍ଷରେ, ଏକ ଅତ୍ୟୁତ୍ସାହପୂର୍ଣ୍ଣ ନାନାବିଧତା ଏବଂ ପକ୍କା ଗୋଷ୍ଠୀବ୍ୟକ୍ତିବାଦ ଆମକୁ ପୁଣି ସେହି ପୁରାତନ ବିଚ୍ଛିନ୍ନତାବାଦରେ ଆଣି ବାରବାର ପକାଇଦେବାର ଏବଂ ତାହାକୁହିଁ ଗ୍ରହଣ କରିବାକୁ ଆମକୁ ବଡ଼ ଅନମନୀୟ ଭାବରେ ଦାବି କରୁଥିବାର ଏକ ଆଶଙ୍କା ରହିଥିବ, ଯାହାକି ମନୁଷ୍ୟ-ସମାଜର ଏକତାକୁ କେବେହେଲେ ପରିପୂର୍ଣ୍ଣ ହେବାକୁ ଦେବ ନାହିଁ ବା ଏପରିକି ସେହି ଏକତାଟିର ଚେରଟିକୁ ଦୃଢ଼ ହୋଇ ତିଷ୍ଠି ରହିବାକୁ ମଧ୍ୟ କଦାପି ଦେବ ନାହିଁ । କାରଣ ଅନ୍ତର୍ଭୁକ୍ତ ଗୋଷ୍ଠୀ ବା ବିଭାଜନଗୁଡ଼ିକ ମଧ୍ୟରେ, ଆମେରିକାର ଯୁକ୍ତରାଜ୍ୟରେ ବର୍ତ୍ତମାନ ଯେପରି ଅଛି, ସେହିଭଳି କେବଳ କେତେକ ପରିମାଣରେ ଏକ ପ୍ରଶାସନିକ ଏବଂ ବିଧାନପ୍ରଣୟନଗତ ବିଭିନ୍ନତା ରହିଲେ ତାହା କଦାପି ଯଥେଷ୍ଟ ହେବ ନାହିଁ; ଏବଂ ଆମେରିକାର ଯୁକ୍ତରାଜ୍ୟରେ ବର୍ତ୍ତମାନ ଯେପରି ହେଉଛି— ଯଦି କେବଳ ବାହ୍ୟ ଗଠନଗତ ବିଭିନ୍ନତା ଲାଗିହିଁ ସ୍ୱାଧୀନତା ରହିଥାଏ ଏବଂ ଏକ ଅଧିକ ଗଭୀର ଆନ୍ତର ବିଭିନ୍ନତା ଦ୍ୱାରା ପ୍ରେରିତ ହୋଇ ସାଧାରଣ ସ୍ୱୀକୃତ ମାନଟିରୁ ଘଟୁଥିବା ଯାବତୀୟ ପ୍ରତ୍ୟକ୍ଷ ଭେଦକୁ ନିରୁତ୍ସାହିତ ବା ନିଷିଦ୍ଧ କରି ରଖା ଯାଇଥାଏ, ତେବେ ସେଇଟି ମଧ୍ୟ କଦାପି ଯଥେଷ୍ଟ ହେବ ନାହିଁ । ବା ଜର୍ମାନୀରେ ଯେଉଁ ଢାଞ୍ଚଟି ବର୍ତ୍ତମାନ ଚଳୁଛି— ଯଦି ସ୍ଥାନୀୟ ସ୍ୱାଧୀନତା ଲାଗି କିଞ୍ଚିତ୍ ଅବକାଶ ରଖି ସେହି ଏକତାଟିର ସ୍ଥାପନା କରାଯାଏ, ତେବେ ସେଇଟି ବି କଦାପି ପର୍ଯ୍ୟାପ୍ତ ହେବ ନାହିଁ । କାରଣ, ଜର୍ମାନୀରେ ଯାହା ପ୍ରକୃତରେ ହୋଇଥିଲା, ତଦ୍ୱାରା କେନ୍ଦ୍ରରେ ଏକ ଅତିଶୃଙ୍ଖଳିତ ପ୍ରୁସିଆନ୍ ଅଧିକାରବାଦ ଅଧିଷ୍ଠିତ ରହି ସମସ୍ତଙ୍କୁ ଗୋଟିଏ ଏକକରେ ବାନ୍ଧି ରଖିଥିଲା ଏବଂ ବାହାରର କେତେଟା ଉପଚାର, ଏବଂ ଆକାରର କ୍ଷେତ୍ରରେହିଁ ସେଠାରେ କୌଣସି

'oaob.nitrkl.ac.in' images reprocessed

ସ୍ୱାଧୀନତା ରହି ପାରିଥିଲା । ବ୍ରିଟିଶ୍ ଉପନିବେଶର ପ୍ରକାରଟି ମଧ୍ୟ ଏହି କ୍ଷେତ୍ରରେ ଆମକୁ କୌଣସି ସମାଧାନର ସଙ୍କେତ ଦେଇପାରିବ ନାହିଁ; କାରଣ ସେଠି ସ୍ଥାନୀୟ ସ୍ୱତନ୍ତ୍ରତା ରହିଛି ଓ ଜୀବନର କ୍ଷେତ୍ରରେ ପ୍ରତ୍ୟେକ ଗୋଷ୍ଠୀର ବିଚ୍ଛିନ୍ନ ଭାବରେ ଏକ ଶକ୍ତି-ସମ୍ପନ୍ନତା ରହିଛି ସତ, ମାତ୍ର ଅସଲ ମଥା, ହୃଦୟ ଏବଂ କେନ୍ଦ୍ରସ୍ଥ ଭାବପ୍ରେରଣାଟି କେବଳ ରାଜ ଦେଶଟିରେ ଯାଇ ରହିଛି ଏବଂ ଆଉ ଅନ୍ୟମାନେ ସମସ୍ତେ ଖୁବ୍ ବେଶୀ ହେଲେ ସେହି ଗୋଟିଏ ଆଙ୍ଗ୍ଲୋ-ସାକ୍ସନ୍ ବିଚାରରହିଁ ବାହାରେ ଅବସ୍ଥିତ କେତୋଟି ସ୍ତମ୍ଭସ୍ଥାନ ହୋଇ ରହିଛନ୍ତି ।* ସୁଇଜରଲାଣ୍ଡର କାଣ୍ଟନ୍-ଶାସନର ପଦ୍ଧତିଟି ମଧ୍ୟରେ ବି ଆମେ କୌଣସି ଫଳପ୍ରଦ ସଦୃଶ ଦୃଷ୍ଟାନ୍ତ ପାଇବା ନାହିଁ; କାରଣ ଏହି କ୍ଷେତ୍ରରେ ଅନୁପାତ ଏବଂ ଛାଞ୍ଚଟିର ସ୍ୱଳ୍ପତାକୁ ବାଦ୍‌ଦେଲେ ମଧ୍ୟ ଆମକୁ ଏକଥାଟିକୁ ମଧ୍ୟ ସ୍ମରଣ ରଖିବାକୁ ପଡ଼ିବ ଯେ ସେହି ଦେଶରେ ସୁଇଶ୍ ଜୀବନ ଏବଂ ବ୍ୟାବହାରିକ ଜୀବନଦୃଷ୍ଟି କହିଲେ କେବଳ ଗୋଟିଏ ଜୀବନ ଏବଂ ଗୋଟିଏ ପ୍ରେରଣାକୁହିଁ ବୁଝାଉଛି ଏବଂ ତାହା ସଙ୍ଗେ ସଙ୍ଗେ ସେଠା ଅଧିବାସୀମାନେ ମାନସିକ କ୍ଷେତ୍ରରେ ତିନୋଟି ଭିନ୍ନ ଭିନ୍ନ ସଂସ୍କୃତି ଉପରେ ନିର୍ଭରଶୀଳ ହୋଇ ରହିଛନ୍ତି ଏବଂ ସେହି ତିନୋଟି ସଂସ୍କୃତି ସମଗ୍ର ସୁଇଶ୍ ଜାତିକୁ ତିନିଭାଗରେ ବିଭକ୍ତ କରି ରଖିଦେଇଛି । ଏକ ସାର୍ବଜନୀନ ସୁଇଶ୍ ସଂସ୍କୃତିର ଅସ୍ତିତ୍ୱହିଁ ନାହିଁ । ବରଂ କୁହାଯାଇପାରିବ ଯେ, ଏକ ବୃହତ୍ତର ଏବଂ ଅଧିକ ଆୟାସସାଧ୍ୟ ମାତ୍ରାରେ ହେଲେ ମଧ୍ୟ ଏବଂ ଅଧିକତର ଜଟିଳତା ରହିଥିଲେ ମଧ୍ୟ, ଏହି କ୍ଷେତ୍ରରେ ଆମ ଉପସ୍ଥିତ ସମସ୍ୟାଟିର ବ୍ରିଟିଶ୍ ସାମ୍ରାଜ୍ୟର ସମ୍ମୁଖରେ ଅନ୍ତତଃ ଗୋଟିଏ ମୁହୂର୍ତ୍ତ ଲାଗି ହେଉଥିବା ସମସ୍ୟାଟି ସହିତ ଏକ ସାଦୃଶ୍ୟ ରହିଛି । ଯଦି ଏକ ଯଥାର୍ଥ ଏକତ୍ୱ ମଧ୍ୟରେ ଗ୍ରେଟ୍ ବ୍ରିଟେନ୍, ଆୟର୍ଲାଣ୍ଡ୍, ବ୍ରିଟିଶ୍ ସାମ୍ରାଜ୍ୟର ସବୁଯାକ ଉପନିବେଶ, ମିଶର ଏବଂ ଭାରତବର୍ଷକୁ ଏକାଠି କରି ଅଣାଯାଏ, ସେମାନଙ୍କର ସମସ୍ତଙ୍କର ଲାଭକୁ ଏକ ସାଧାରଣ ଭଣ୍ଡାରରେ ଏକାଠି ଆଣି ରଖାଯାଏ, ସେମାନଙ୍କର ଶକ୍ତିଗୁଡ଼ିକ ଯଦି ଏକ ସାଧାରଣ ଉଦ୍ଦେଶ୍ୟସାଧନରେ ଲଗାଯାଏ, ଆପଣା ଆପଣାର ଏକକ ବ୍ୟକ୍ତିତ୍ୱଟିକୁ ସଂରକ୍ଷିତ କରି ରଖି ଏକ ମହାଜାତୀୟ ଜୀବନ ମଧ୍ୟରେ ସେମାନଙ୍କର ଜାତୀୟ ବ୍ୟକ୍ତି-ଅସ୍ତିତ୍ୱଟିକୁ ଅନୁଭବ କରିବାରେ ଯଦି ସେମାନଙ୍କୁ ସାହାଯ୍ୟ କରାଯାଏ, ତେବେ ତାହା ପ୍ରକୃତରେ କିପରି ହୁଅନ୍ତା ? ଏଥିରେ ଆୟାର୍ଲାଣ୍ଡ ଆପଣାର ଆଇରିଶ୍ ଆତ୍ମା, ଆଇରିଶ୍ ଜୀବନ ତଥା ସାଂସ୍କୃତିକ ସ୍ୱତ୍ରଟିକୁ ବଜାୟ ରଖି ପାରନ୍ତା, ଭାରତବର୍ଷ ମଧ୍ୟ ଆପଣାର ଭାରତୀୟ ଆତ୍ମା, ଭାରତୀୟ ଜୀବନ ଓ ସାଂସ୍କୃତିକ ସ୍ୱତ୍ରଟିକୁ ବଜାୟ ରଖିଥା'ନ୍ତା ଏବଂ ଅନ୍ୟ

* ଆଗ ତୁଳନାରେ ଏଇଟି ବର୍ତ୍ତମାନ ହୁଏତ ଅନେକ କମ୍ ହୋଇଗଲାଣି, ମାତ୍ର ଏଇଟାକୁ ଆମେ ଖୁବ୍ ଗୋଟାଏ ବଡ଼ ଉନ୍ନତି ବା ପରିବର୍ତ୍ତନ ବୋଲି ଆଦୌ କହି ପାରିବା ନାହିଁ ।

'oaob.nitrkl.ac.in' images reprocessed

ଏକକଗୁଡ଼ିକ ମଧ୍ୟ ସେମାନଙ୍କର ଆପଣାର ଆତ୍ମା, ଜୀବନ ଓ ସାଂସ୍କୃତିକ ସ୍ୱତନ୍ତ୍ରଟିକୁ ବିକାଶ କରି ପାରୁଥା'ନ୍ତେ । ପୂର୍ବରୁ ସାମ୍ରାଜ୍ୟ-ଗଠନରେ ଯାହା ଅନୁସରଣୀୟ ହୋଇ ରହିଥିଲା, ଏଥିରେ ତାହାରି ଅନୁସାରେ ସମସ୍ତଙ୍କୁ ଇଂରାଜୀ ପୁଟରେ ବୁଡ଼ାଇ ଦେଇ ଏକତ୍ର କରିନେବାର କୌଣସି ପ୍ରୟାସ ହୁଅନ୍ତା ନାହିଁ, ମାତ୍ର ସ୍ୱେଚ୍ଛାକୃତ ସ୍ୱାଧୀନତା ସହିତ ଏକତ୍ର-ଅବସ୍ଥାନର ସେହି ବୃହତ୍ତର ଅଥଚ ଏପର୍ଯ୍ୟନ୍ତ ଅନୁପଲବ୍ଧ ନୀତିଟି ଦ୍ୱାରାହିଁ ସମସ୍ତଙ୍କୁ ଏକାଠି କରି ରଖାଯାଇ ପାରନ୍ତା । ସମସ୍ତଙ୍କୁ ଗୋଟାଏ ପେଣ୍ଟା ବା ସମ୍ଭବହେଲେ ବରଂ ଗୋଟାଏ ଗୋଛାରେ ବାନ୍ଧି ଏକାଠି କରି ରଖିବା ବ୍ୟତୀତ ଏହି କ୍ଷେତ୍ରରେ ଏକ ସମାଧାନ ସ୍ୱରୂପ ଆଉ ଅନ୍ୟ କୌଣସି ପ୍ରସ୍ତାବ ଦିଆଯାଇ ନାହିଁ; ତାଙ୍କଗୁଡ଼ିକୁ କୌଣସି ସାଧାରଣ ମୂଳ ବା ଏକତାବଦ୍ଧ ଅତୀତର ଏକ ଜୀବନ୍ତ କାଣ୍ଡରେ ଆଣି ଏକାଠି କରିବା କଥା କେବେହେଲେ କୁହାଯାଇ ନାହିଁ, କାରଣ ଆମର ଆଖି ଆଗରେ ତାହାର କୌଣସି ନଜିର ବି ନାହିଁ । କେବଳ ପ୍ରଶାସନିକ ଏକତ୍ୱର ଏକ କୃତ୍ରିମ ସୂତାରେ ସେଗୁଡ଼ିକୁ ବାନ୍ଧି ରଖିବା କଥା କୁହାଯାଇଛି ଏବଂ କେନ୍ଦ୍ରାପସାରିଣୀ ନାନା ଶକ୍ତି ଦ୍ୱାରା ଯେକୌଣସି ସମୟରେ ସେହି ସୂତାଟି ଛିଡ଼ିଯିବାର ଓ ତା'ପରେ ଆଉ ଗଅଁଠାଇ ନ ହେବାର ମଧ୍ୟ ସର୍ବଦା ପୂର୍ଣ୍ଣ ଆଶଙ୍କା ରହିଛି ।

ମାତ୍ର, ହୁଏତ ଏପରି କୁହାଯାଇପାରେ ଯେ ଏକତା ହେଉଛି ସର୍ବପ୍ରଥମେ ପ୍ରୟୋଜନ ଏବଂ ଆମକୁ ଯେକୌଣସି ପ୍ରକାରେ ହେଲେ ମଧ୍ୟ ତାହା ହାସଲ କରିବାକୁ ପଡ଼ିବ; ସ୍ଥାନୀୟ ଏକକଗୁଡ଼ିକର ସ୍ୱତନ୍ତ୍ର ଅସ୍ତିତ୍ୱଟିକୁ ପେଷି ଚୂନାକରିଦେଇ ଏକଦା ଯେପରି ଜାତୀୟ ଏକତା ହାସଲ କରାଯାଇଥିଲା, ଠିକ୍ ସେହିପରି । ହୁଏତ ଏକଥା ବି ସମ୍ଭବ ହୋଇପାରେ ଯେ ଆମେ ଆହୁରି ଆଗକୁ ଗଲେ ଜାତି-ଏକକଠାରୁ ଭିନ୍ନ ଗୋଷ୍ଠୀଗତ ବିଭିନ୍ନତାର ଆଉ ଗୋଟିଏ ନୂତନ ସୂତ୍ର ଆମ ହାତରେ ଆସି ପହଞ୍ଚିଯିବ । ମାତ୍ର ଏଠାରେ ଯେଉଁ ସମାନ୍ତରଟି ଟଣାଗଲା, ଆମେ ତାହାକୁ କେବଳ ଭ୍ରମାତ୍ମକ ବୋଲିହିଁ କହିବା, କାରଣ ଏଥିରେ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ବିଷୟର ଏକାନ୍ତ ଅଭାବ ରହିଯାଉଛି । କାରଣ, ଅନେକ କ୍ଷୁଦ୍ରତର ଗୋଷ୍ଠୀ ଯେତେବେଳେ ଗୋଟିଏ ବୃହତ୍ତର ଏକକରେ ଏକତ୍ର ହୋଇଛନ୍ତି ଏବଂ ସେହିପରି ଅନ୍ୟାନ୍ୟ ବୃହତ୍ତର ଏକକଙ୍କ ଭିତରେ ବାସ କରିବାକୁ ଆରମ୍ଭ କରିଛନ୍ତି, ଜାତିର ଜନ୍ମ-ଇତିହାସ ସେହିଠାରୁହିଁ ଆରମ୍ଭ ହୋଇଛି । ଏହା ଫଳରେ, ଏକ ପୂର୍ବତନ କାଳରେ ଗ୍ରୀସ୍, ଭାରତବର୍ଷ ଏବଂ ଇଟାଲୀରେ ଯେଉଁସବୁ କ୍ଷୁଦ୍ରାୟତନ ଏକକ ଆମକୁ ସଂସ୍କୃତିର କ୍ଷେତ୍ରରେ କେତେ ଚମତ୍କାର ଐଶ୍ୱର୍ଯ୍ୟର ଅଧିକାରୀ କରାଇଥିଲେ ଅଥଚ ରାଜନୀତି-କ୍ଷେତ୍ରରେ ଯେଉଁଗୁଡ଼ିକରୁ ନିଷ୍ପନ୍ନ ଫଳ ଅତ୍ୟନ୍ତ ଅସନ୍ତୋଷଜନକ ହୋଇଥିଲା, ସେଗୁଡ଼ିକ କ୍ରମେ ନଷ୍ଟ ହୋଇଗଲେ ସତ, ମାତ୍ର ବିଭିନ୍ନତାମୂଳକ ବିବିଧତା ଫଳରେ

'oaob.nitrkl.ac.in' images reprocessed

ଜୀବନର ଯେଉଁ ଆଧାରସୂତ୍ରଗୁଡ଼ିକ ସେତେବେଳେ ମୂର୍ତ୍ତିମନ୍ତ ଓ ସ୍ପଷ୍ଟ ହୋଇ ଯାଇଥିଲା, ଜାତି-ଏକକର ବିକାଶ ପରେ ମଧ୍ୟ ବିଭିନ୍ନ ଏକକଗୁଡ଼ିକ ଲାଗି ସେଗୁଡ଼ିକ, ସଂରକ୍ଷିତ ହୋଇ ରହିଲା, ମହାଦେଶୀୟ ସାଂସ୍କୃତିକ ଜୀବନଟି ଏକ ସାଧାରଣ ପୃଷ୍ଠଭୂମି ରୂପେ ବି ସଂରକ୍ଷିତ ହୋଇ ରହିଲା । ମାତ୍ର ଆମର ଆଲୋଚିତ ଏହି କ୍ଷେତ୍ରରେ ସେପରି କିଛି କଦାପି ସମ୍ଭବ ହୋଇପାରିବ ନାହିଁ । ଏହି କ୍ଷେତ୍ରରେ ଏକ ସମଗ୍ର ଏକତ୍ୱର ପ୍ରତିଷ୍ଠା ହେବ, ଏକ ବିଶ୍ୱ-ଜାତିର ପ୍ରତିଷ୍ଠା ହେବ, ଏବଂ ବିବିଧତାର ଯାବତୀୟ ବାହ୍ୟ ଉତ୍ସ ଅନ୍ତର୍ହିତ ହୋଇଯିବ । ତେଣୁ ଅନ୍ତରସ୍ଥ ଉତ୍ସଟିକୁ କୌଣସି ନା କୌଣସି ପ୍ରକାରେ ଅନୁକୂଳ ଭାବରେ ବଦଳାଇ ନେବାକୁ ପଡ଼ିବ, କୌଣସି ନା କୌଣସି ପ୍ରକାରେ ସେଇଟିକୁ ବୃହତ୍ତର ଏକକଟିର ଅଧୀନ କରି ରଖିବାକୁ ପଡ଼ିବ । ମାତ୍ର ସେଇଟିକୁ ତଥାପି ସଂରକ୍ଷିତ କରି ରଖିବାକୁ ପଡ଼ିବ ଏବଂ ସେଇଟି ଯେପରି ବଞ୍ଚିରହେ, ସେଥିଲାଗି ସକଳ ପ୍ରକାରର ପ୍ରୋତ୍ସାହନ ବି ଦେବାକୁ ପଡ଼ିବ । ହୁଏତ ଏପରି ହେବ ଯେ ଏକଥା ଆଦୌ ଘଟିବ ନାହିଁ, ସମସ୍ତଙ୍କୁ ଗୋଟିଏ ଛାଞ୍ଚ ଭିତରେ ଆଣି ପୂରାଇବାର ବିଚାରଟି ହୁଏତ ପ୍ରତିପତ୍ତି ସହିତ ଆସ୍ଥାନ ମାଡ଼ି ରହିବ ଏବଂ ବର୍ତ୍ତମାନର ଜାତିଗୁଡ଼ିକୁ ଗୋଟିଏ ସୁନିୟନ୍ତ୍ରିତ ମହାଯନ୍ତ୍ରବତ୍ ରାଷ୍ଟ୍ରର କେବଳ କେତୋଟି ଭୌଗୋଳିକ ପ୍ରଦେଶ ବା ପ୍ରଶାସନିକ ବିଭାଗରେହିଁ ପରିଣତ କରି ରଖିଦେବ । ମାତ୍ର ସେହି ପରିସ୍ଥିତିରେ ଜୀବନର ଏହି ଅପମାନିତ ଓ ଆହତ ଆବଶ୍ୟକତାଟି ଅବଶ୍ୟ ପ୍ରତିଶୋଧ ନେବାକୁ ଆସିବ; ଏହା ଫଳରେ ଏକ ଗତିରହିତତା ଆସି ପହଞ୍ଚିବ, ସମଗ୍ର ଗଠନଟି ଭୁଷୁଡ଼ି ପଡ଼ିବ ଏବଂ ଏପରି ଏକ ସଂଘର୍ଷ ଜନ୍ମଲାଭ କରିବ, ଯେଉଁଥିରୁ କି ନୂତନ କେତେକେତେ ବିଚ୍ଛିନ୍ନତା ଉପୁଜିବାରେ ଲାଗିବ; ଅଥବା ଭିତରୁହିଁ ବିଦ୍ରୋହର କୌଣସି ନା କୌଣସି କାରଣ କୁହୁଳି ଉଠି ପ୍ରତିଶୋଧ ନେବାକୁ ଆସିବ । ଉଦାହରଣସ୍ୱରୂପ, ଏକ ଅରାଜକତାହିଁ ଆପଣାକୁ ବଳାତ୍କାର ସହକାରେ ପରିତ୍ରାଣର ଏକ ସନ୍ଦେଶରୂପେ ପ୍ରଚାର କରିବାକୁ ଆସିବ ଏବଂ ଆହୁରି କୌଣସି ନୂତନ ସର୍ଜନା ଲାଗି ବିଶ୍ୱ-ବ୍ୟବସ୍ଥାଟିକୁ ଭାଙ୍ଗି ଖଣ୍ଡଖଣ୍ଡ କରିଦେବ । ବହୁବିଧତା ମଧ୍ୟରେ ତଥାପି ଏକତାକୁ ବଜାୟ ରଖିବାର ଏପରି କୌଣସି ସିଦ୍ଧାନ୍ତ ପ୍ରକୃତରେ ରହିଛି କି ନାହିଁ, ଯାହା ଦ୍ୱାରା କି କ୍ରିୟା ଏବଂ ପ୍ରତିକ୍ରିୟା, ସର୍ଜନ ଏବଂ ବିନାଶ, ଉପଲବ୍ଧି ଏବଂ ପୁନଃପତନର ଏହି ପଦ୍ଧତିଟିକୁ ସମ୍ପୂର୍ଣ୍ଣଭାବରେ ଏଡ଼ାଇ ନ ରଖି ପାରିଲେ ମଧ୍ୟ ତାହାର କ୍ରିୟାଟିକୁ ଯଥାସମ୍ଭବ ହ୍ରାସ କରି ରଖିହେବ ଏବଂ ସେଥିରୁ ଏକ ଅଧିକ ଅବିକ୍ଷୁବ୍ଧ ତଥା ସୌଷମ୍ୟଯୁକ୍ତ କ୍ରିୟାଶୀଳତା ଲାଗି ବାଟ ବି ମିଳିଯାଇ ପାରିବ, ବର୍ତ୍ତମାନ ଆମ ଆଗରେ ସେଇଟି ହେଉଛି ଅସଲ ପ୍ରଶ୍ନ ।

'oaob.nitrkl.ac.in' images reprocessed

## ଊନତ୍ରିଂଶ ପରିଚ୍ଛେଦ

# 'ଲୀଗ୍ ଅଫ୍ ନେଶନ୍ସ୍'ର ବିଚାର

ଏପରି ଗୋଟିଏ ସମାଧାନ ବାହାରି ପାରିବ, ଯେଉଁଥିରେକି ଏକ ଆବଶ୍ୟକ ଗୋଷ୍ଠୀ-ସ୍ୱତନ୍ତ୍ରତାର ରକ୍ଷା ହୋଇପାରିବ ଏବଂ ତଥାପି ଅନ୍ୟପକ୍ଷରେ ସମସ୍ତ ମାନବଜାତିର ଏକତାଟିକୁ ମଧ୍ୟ ପ୍ରତିଷ୍ଠା କରାଯାଇପାରିବ, – ସେହିଭଳି କେବଳ ଗୋଟିଏ ମାତ୍ର ସମାଧାନ ଆମ ଆଖି ଆଗରେ ଆସି ଦୃଷ୍ଟିଗୋଚର ହୋଇଯାଉଛି । ଏହି ସମାଧାନର ମାର୍ଗଟି ଅନୁସାରେ ଅତିରିକ୍ତ ଭାବରେ ଗୋଟିଏ ସଂଗଠନ ଭିତରେ ଏକମୁଷ୍ଟି ହୋଇ ରହିଥିବା କୌଣସି ବିଶ୍ୱ-ରାଷ୍ଟ୍ର ଲାଗି ଆମେ ଉଦ୍ୟମ କରିବା ନାହିଁ, ମାତ୍ର ଏପରି ଏକ ବିଶ୍ୱ-ସଂଘର ସ୍ଥାପନା ଲାଗି ସଚେଷ୍ଟ ହେବା, ଯାହାକି ମୁକ୍ତ ହୋଇଥିବ, ସ୍ଥିତିସ୍ଥାପକ ହୋଇଥିବ ଏବଂ ଉତ୍ତରୋତ୍ତର ବୃଦ୍ଧି ପାଇବାରେ ବି ଲାଗିଥିବ । ଏହିପରି ଏକ ପ୍ରୟାସ କରି ପାରିବାକୁ ହେଲେ, ଯେଉଁ ପ୍ରବୃତ୍ତିଟି ପ୍ରାୟ ଅନିବାର୍ଯ୍ୟ ଭାବରେହିଁ ରାଜନୀତିକ, ଅର୍ଥନୈତିକ ଏବଂ ପ୍ରଶାସନଗତ ନାନା ଉପାୟ ଅବଲମ୍ବନ କରି ଏକ ଏକତ୍ରୀକରଣ ଦିଗରେ ଚେଷ୍ଟିତ ହେଉଥିବ, ଅର୍ଥାତ୍, ସଂକ୍ଷେପରେ କହିଲେ, କେତେଟା ଯାନ୍ତ୍ରିକ ନିୟମ-ପ୍ରବର୍ତ୍ତନର ବଳରେ ଜାତି-ରାଷ୍ଟ୍ରର ବିବର୍ତ୍ତନ-ଧାରାଟିକୁ ଅନୁସରଣ କରିବା ଲାଗି ଉତ୍ସାହ ରଖୁଥିବ, ଆମକୁ ସେହି ପ୍ରବୃତ୍ତିଟିକୁ ଯଥାସମ୍ଭବ ନିରୁତ୍ସାହିତ କରି ରଖିବାକୁ ପଡ଼ିବ । ଏବଂ, ଅପରପକ୍ଷରେ ଆମକୁ ସକଳ ଉତ୍ସାହ ଦେଇ ସେହି ଆଦର୍ଶ-ଅନୁପ୍ରେରିତ ଜାତୀୟତାବାଦର ମଧ୍ୟ ପୁନରୁଦ୍ଧାର କରିବାକୁ ହେବ, ଯାହାକି ଯୁଦ୍ଧ ପୂର୍ବରୁ ଗୋଟାଏ ଦିଗରୁ ଇଂଲଣ୍ଡ, ରୁଷିଆ, ଜର୍ମାନୀ ଓ ଫ୍ରାନ୍ସର କ୍ରମଶଃ କାୟାବିସ୍ତାର କରିବାରେ ଲାଗିଥିବା ବିଶ୍ୱ-ସାମ୍ରାଜ୍ୟଗୁଡ଼ିକର ଗୁରୁଭାର ଦ୍ୱାରା ଏବଂ ଅପର ଦିଗରୁ ଆନ୍ତର୍ଜାତିକତାବାଦର ସେହି ବିପରୀତ ଆଦର୍ଶଟିର ଅଗ୍ରଗତି ଦ୍ୱାରା ମଧ୍ୟ ପ୍ରାୟ ଚୂର୍ଣ୍ଣବିଚୂର୍ଣ୍ଣ ହୋଇ ଯିବାକୁ ବସିଥିଲା । ସେହି ଆନ୍ତର୍ଜାତିକତାବାଦ ବଡ଼ ଧ୍ୱଂସମୂଳକ ଭାବରେ ଦେଶ ଓ ଜାତି ପ୍ରଭୃତି ବିଚାରକୁ ସଂକୀର୍ଣ୍ଣ ବିଚାର ବୋଲି କହୁଥିଲା ଓ ସେଗୁଡ଼ିକ ପ୍ରତି ତୀବ୍ର ଘୃଣାଭାବ ପୋଷଣ କରୁଥିଲା ଏବଂ ଜାତୀୟତାବାଦୀ ଦେଶଭକ୍ତିର ଅନିଷ୍ଟକାରୀ ପରିଣାମଗୁଡ଼ିକୁ ନିନ୍ଦା କରିବାରେହିଁ ଲାଗିଥିଲା । ମାତ୍ର, ଯେଉଁ ବିଚାରଟିକୁ ଆମେ ଯଥେଷ୍ଟ ପୁନର୍ବଳନ ଦେବା ବୋଲି ଏଠାରେ କୁହାଯାଉଛି, ସେଥିରେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ରହିଥିବା ବିଚ୍ଛିନ୍ନତାବାଦୀ ଯେଉଁ ମନୋଭାବଗୁଡ଼ିକ ଲାଗି ଆମକୁ ଏପର୍ଯ୍ୟନ୍ତ ମଧ୍ୟ କୌଣସି ଆରୋଗ୍ୟପଥ ମିଳି ନାହିଁ, ଆମକୁ ସେଇଟିର ମଧ୍ୟ ଏକ ପ୍ରତିକାର ଖୋଜି ବାହାର

'oaob.nitrkl.ac.in' images reprocessed

କରିବାକୁ ହେବ । ଏହିସବୁ କଥାକୁ ଆମେ କିପରି ସମ୍ଭବ କରିବା ?

ଆମର ଏହି ପ୍ରୟାସଟିରେ କ୍ଷତିପୂରଣକାରୀ ପ୍ରତିକ୍ରିୟାର ସେହି ସ୍ୱାଭାବିକ ନୀତିଟି ପ୍ରକୃତରେ ଆମ ସପକ୍ଷରେ ଯାଉଛି । କ୍ରିୟା ଓ ପ୍ରତିକ୍ରିୟାର ଯେଉଁ ନିୟମଟି ଭୌତିକ ବିଜ୍ଞାନର କ୍ଷେତ୍ରରେ ମଧ କାର୍ଯ୍ୟ କରୁଛି, ମନୁଷ୍ୟମାନଙ୍କର କ୍ରିୟାଶୀଳତାର କ୍ଷେତ୍ରରେ ତାହା ଅଧିକ ସତତ ଏବଂ ଅଧିକ ବ୍ୟାପକ ଏକ ସତ୍ୟରୂପେ କାର୍ଯ୍ୟକାରୀ ହୋଇ ରହିଛି, କାରଣ ମନୁଷ୍ୟର କ୍ରିୟାଗୁଡ଼ିକୁ ସର୍ବଦା ମୁଖ୍ୟତଃ ମନଃକ୍ଷେତ୍ରୀୟ ନାନାବିଧ ଶକ୍ତି ଉପରେ ନିର୍ଭରଶୀଳ ହୋଇ ରହିବାକୁ ପଡୁଛି । ଏହି ନିୟମଟିକୁ ଏକ ସୁପ୍ରତିଷ୍ଠିତ ନିୟମ ବୋଲି ବେଶ୍ ମାନି ନିଆଯାଇ ପାରିବ ଯେ, ମନୁଷ୍ୟର ଜୀବନରେ ସକ୍ରିୟ ଯେତେଯେତେ ଶକ୍ତିର ଚାପ ଆସି ପଡୁଛି, ସେହି କ୍ଷେତ୍ରରେ ପ୍ରତିକ୍ରିୟା ରୂପେ ଆହୁରି କେତେକେତେ ବିପରୀତ ବା ଅନ୍ୟରୂପୀ ଶକ୍ତିଗୁଡ଼ିକର ଏକ ପ୍ରବୃତ୍ତି ମଧ ଆସି ଦେଖାଦେଉଛି, ଯାହା ହୁଏତ ତତ୍‌କ୍ଷଣାତ୍ ଆଦୌ କାର୍ଯ୍ୟକାରୀ ହେଉ ନାହିଁ ବା ସମପରିମାଣ ଓ ସମ୍ପୂର୍ଣ୍ଣ କ୍ଷତିପୂରଣ ସାଧନ କରିପାରୁଥିବା ଏକ ଶକ୍ତି ରୂପେ ହୁଏତ କାର୍ଯ୍ୟ କରୁ ନାହିଁ ସତ, ମାତ୍ର ସେହି ପ୍ରବୃତ୍ତିଟି ଯେ ଭବିଷ୍ୟତରେ ସେହି କ୍ଷେତ୍ରଟିରେ ଆପଣାକୁ ପ୍ରବର୍ତ୍ତିତ କରିବାକୁ ଯାଉଛି ଏବଂ ସେଥିରେ ଯେ କିଞ୍ଚିତ୍ ପରିମାଣରେ କ୍ଷତିପୂରଣକାରୀ ଶକ୍ତି ଅବଶ୍ୟ ନିହିତ ହୋଇ ରହିଛି, ଏଥିରେ କୌଣସି ସନ୍ଦେହ ନାହିଁ । ଆମେ ଏଇଟିକୁ ଏକ ଦାର୍ଶନିକ ଆବଶ୍ୟକତା ବୋଲି କହିପାରିବା, ଅନୁଭୂତିଲବ୍ଧ ଏକ ସତତ ସତ୍ୟ ବୋଲି ମଧ କହିବା । କାରଣ, ନାନା ପରସ୍ପର-ବିରୋଧୀ ଶକ୍ତିର ପାରସ୍ପରିକ କ୍ରିୟାବିକ୍ରିୟା ମଧରେ ଭାରସାମ୍ୟ ରକ୍ଷା କରିବାର ଏକ ପଦ୍ଧତି ଦ୍ୱାରାହିଁ ପ୍ରକୃତି ଆପଣାର କାର୍ଯ୍ୟ କରିଥାଏ । ଅନ୍ୟ ଯାବତୀୟ ପ୍ରବୃତ୍ତିକୁ ବାଦ୍ ଦେଇ ପ୍ରକୃତି କିଛି ସମୟ ଲାଗି କେବଳ ଗୋଟିଏ ପ୍ରବୃତ୍ତିକୁହିଁ ସର୍ବପ୍ରଧାନ ଶକ୍ତିରୂପେ ବଜାୟ ରଖିସାରିବା ପରେ ତାହା ଆପଣାର ଏହି ଅତିରଞ୍ଜନଟି ମଧରେ ଏକ ସଂଶୋଧନ ଆଣିବାକୁ ଇଚ୍ଛା କରେ ଏବଂ ପୂର୍ବଟିର ଠିକ୍ ବିପରୀତ ଏକ ନୂତନ ଏବଂ ପରିବର୍ତ୍ତିତ ପ୍ରବୃତ୍ତିକୁ ସେହି କ୍ଷେତ୍ରରେ ଆଣି ସଞ୍ଚାରିତ କରିଦେବାକୁ ଆରମ୍ଭ କରେ; ସେଇଟି ମରି ଯାଇଥିଲେ ତାହାକୁ ପୁନରୁଜ୍ଜୀବିତ କରିଆଣେ, ବା ଆଗରୁ କେବଳ ସୁପ୍ତ ହୋଇ ରହିଥିଲେ ସେଇଟିକୁ ପୁଣିଥରେ ଜାଗ୍ରତ କରିଆଣେ । ସେଇଟିକୁ କେନ୍ଦ୍ରୀକୃତ କରି ରଖିବା ଲାଗି ଦୀର୍ଘକାଳ ଅବିରାମ ତତ୍ପର ହୋଇ ରହିବା ପରେ ପ୍ରକୃତି ଅନ୍ତତଃ ଏକ ଗୌଣ ହୋଇ ରହିଥିବା ବିକେନ୍ଦ୍ରୀକରଣର ପ୍ରକ୍ରିୟା ଦ୍ୱାରା ସେଇଟିରେ କିଛି ପରିବର୍ତ୍ତନ ଆଣିବା ଲାଗି ଚେଷ୍ଟାକରେ । ଅଧିକରୁ ଅଧିକ ଏକରୂପତା ସମ୍ଭବ କରିବା ସକାଶେ ଅବିରାମ ଭାବରେ ତତ୍ପର ହୋଇ ରହିବା ପରେ ସିଏ ଅନେକବିଧ ପରିବର୍ତ୍ତନ ଏବଂ ରୂପଭେଦର ଭାବଟିକୁ ଆଣି ପୁଣି କାମରେ ଲଗାଏ । ଏହାର ଫଳସ୍ୱରୂପ ଯେ ସର୍ବଦା

'oaob.nitrkl.ac.in' images reprocessed

ଶକ୍ତିର କ୍ଷେତ୍ରରେ ଦୁଇଟିଯାକ ପ୍ରବୃତ୍ତି ମଧ୍ୟରେ ଏକ ସମତା ଘଟିଥାଏ ସେକଥା ଆଦୌ ନୁହେଁ, ଏହି କ୍ଷେତ୍ରରେ ହୁଏତ ଯେକୌଣସି ପ୍ରକାରର ଏକ ସାଲିସ୍ ମଧ୍ୟ ସମ୍ଭବ ହୋଇପାରେ । ଅଥବା, ସାଲିସ୍ ପରିବର୍ତ୍ତରେ କାର୍ଯ୍ୟତଃ ଗୋଟିଏ ପ୍ରବୃତ୍ତି ଅନ୍ୟ ପ୍ରବୃତ୍ତିଟି ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ବିଲୀନ ହୋଇ ବି ଯାଇପାରେ ଏବଂ ତାହା ଫଳରେ ଏପରି ଏକ ନୂତନ ବସ୍ତୁର ସୃଷ୍ଟି ହୁଏ ଯାହାକୁ କି ଆମେ ଦୁଇଟିଯାକ ତତ୍ତ୍ୱର ଏକ ମିଶ୍ରଣ ବୋଲି ମଧ୍ୟ କହିପାରିବା । ମନୁଷ୍ୟଜାତି-ରୂପୀ ବୃହତ୍ ଓ ସମଗ୍ର ଏକକଟିକୁ ନେଇ କାର୍ଯ୍ୟ କଲାବେଳେ ପ୍ରକୃତି ହୁଏତ ଠିକ୍ ସେହି ପଦ୍ଧତିଟିକୁ ଆଣି କାର୍ଯ୍ୟରେ ଲଗାଇପାରେ, ଅର୍ଥାତ୍ ଏକତ୍ରୀକରଣ ଏବଂ ଗୋଷ୍ଠୀ-ବିଭିନ୍ନତାର ପ୍ରବୃତ୍ତି, ଏହି ଦୁଇଟିର କ୍ଷେତ୍ରରେ ମଧ୍ୟ ସେହି ପଦ୍ଧତିଟିକୁ ଆଣି କାର୍ଯ୍ୟକାରୀ କରିପାରେ । ବର୍ତ୍ତମାନ, ଏକତ୍ରକାରୀ ସ୍ୱାଙ୍ଗୀକରଣର ସେହି ସାମ୍ରାଜ୍ୟବାଦୀ ପ୍ରବୃତ୍ତିଟିର ବିରୋଧରେ ଗୋଷ୍ଠୀ-ବିଭିନ୍ନତାର ଅନ୍ୟ ପ୍ରବୃତ୍ତିଟି ଜାତିକୁହିଁ ଆପଣାର ଆଧାର ବା ଆରମ୍ଭରୂପେ ବ୍ୟବହାର କରିବାରେ ଲାଗିଛି । ଏବଂ ବର୍ତ୍ତମାନ ମନୁଷ୍ୟଜାତି ମଧ୍ୟରେ କାର୍ଯ୍ୟ କରୁଥିବା ପ୍ରକୃତିର ଏହି ଧାରାଟି ହୁଏତ ଜାତି-ଏକକଟିର ଧ୍ୱଂସସାଧନ ବି କରିଦେଇପାରେ; ଆଗରୁ ସେ ଯେପରି ପ୍ରଜାତି ଏବଂ ବଂଶର ଏକକଗୁଡ଼ିକର ଧ୍ୱଂସସାଧନ କରିଥିଲା, ସେହିପରି ଜାତି-ଏକକଟିର ଧ୍ୱଂସସାଧନ କରି ଗୋଷ୍ଠୀକରଣର ସଂପୂର୍ଣ୍ଣ ଏକ ନୂତନ ତତ୍ତ୍ୱକୁ ବିକଶିତ କରାଇ ଆଣିପାରେ; ମାତ୍ର ସିଏ ସେଇଟିକୁ ବେଶ୍ ସଂରକ୍ଷିତ ବି କରି ରଖିପାରେ ଏବଂ ଏକତ୍ରୀକରଣର ସେହି ଅତ୍ୟନ୍ତ ଭାରଯୁକ୍ତ ପ୍ରବୃତ୍ତିଟି ସହିତ ଏକ ଭାରସାମ୍ୟ ସମ୍ଭବ କରିବା ଉଦ୍ଦେଶ୍ୟରେ ତାହାକୁ ସେ ଯଥେଷ୍ଟ ପରିମାଣରେ ପ୍ରାଣଶକ୍ତି ପ୍ରଦାନ କରିପାରେ ଏବଂ ଏହା ଦ୍ୱାରା ଆମର ଅନେକ ଉପକାର ବି କରିପାରେ । ଏଠାରେ ଆମେ ଏହି ଦ୍ୱିତୀୟ ସମ୍ଭାବନାଟିକୁହିଁ ବିଚାର କରି ଦେଖିବା ।

ସାମ୍ରାଜ୍ୟବାଦ ଏବଂ ଜାତୀୟତାବାଦ,— ଏହି ଦୁଇଟିଯାକ ଶକ୍ତିହିଁ ଯୁଦ୍ଧ ପୂର୍ବରୁ ପୃଥିବୀରେ କାର୍ଯ୍ୟ କରୁଥିଲେ । ସାମ୍ରାଜ୍ୟବାଦ ଭିତରେ ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ମାତ୍ରାର ଘନତା ରହିଥିଲା, ତାହା ଭିତରେ ଜର୍ମାନୀର ଅଧିକ ଅନମନୀୟ ସାମ୍ରାଜ୍ୟବାଦ ରହିଥିଲା, ଅପେକ୍ଷାକୃତ ଅଧିକ ଉଦାରତାସମ୍ପନ୍ନ ବ୍ରିଟିଶ୍ ସାମ୍ରାଜ୍ୟବାଦ ବି ରହିଥିଲା । ସେମାନଙ୍କୁ ଆମେ ମୂଳତଃ ସେହି ଗୋଟିଏ କଥାରହିଁ ଦୁଇଟି ପାଖ ବୋଲି କହିବା, ଜାତୀୟ ଅହଂବାଦିତାର ଗୋଟିଏ ପାଖରେ ଏକ ଆକ୍ରମକ ଏବଂ ବିସ୍ତାରକାମୀ ଏବଂ ଅନ୍ୟ ପାଖରେ ଆତ୍ମରକ୍ଷାକାରୀ ଉଭୟ ବିଭାବର ରୂପାୟଣ ବୋଲି କହିବା । ମାତ୍ର, ସାମ୍ରାଜ୍ୟବାଦର ଧାରାଟି ମଧ୍ୟରେ ଆପଣାକୁ ଅତିରିକ୍ତ ପରିମାଣରେ ବିସ୍ତାରିତ କରୁ କରୁ ପରିଶେଷରେ ହୁଏତ ଆପଣାର ବିଲୟ ଘଟାଇବା ଲାଗି ମଧ୍ୟ ଏହି ଅହଂବାଦିତାର

'oaob.nitrkl.ac.in' images reprocessed

ଏକ ସମ୍ଭାବନା ରହିଥିଲା; ଯେଉଁପରି ଭାବରେ ତାହା ପୂର୍ବରୁ ଆକ୍ରମକ ପ୍ରଜାତିର ଏକକଟି କ୍ରମଶଃ ବିଲୁପ୍ତ ହୋଇ ଯାଇଥିଲା, ଠିକ୍ ସେହିପରି । ଉଦାହରଣସ୍ୱରୂପ ଆମେ ପାରସିକ ପ୍ରଜାତିଟିକୁ ଏକ ଦୃଷ୍ଟାନ୍ତରୂପେ ଗ୍ରହଣ କରିପାରିବା; ପାରସିକ ପ୍ରଜାତି ପ୍ରଥମ ପର୍ଯ୍ୟାୟରେ ପାରସିକ ସାମ୍ରାଜ୍ୟ ମଧ୍ୟରେ ବିଲୀନ ହୋଇଗଲା ଏବଂ ତା'ପରେ ପାରସିକ ଜନଗଣଙ୍କର ଜାତି-ଆୟତନଟି ମଧ୍ୟରେ ବି ବିଲୀନ ହୋଇଯାଇଥିଲା । ବା, ପୂର୍ବକାଳର ନଗର-ରାଷ୍ଟ୍ରର ସେହି ଏକକଟି ମଧ୍ୟ ପ୍ରଥମେ ରୋମାନ୍ ସାମ୍ରାଜ୍ୟଟି ମଧ୍ୟରେ ବିଲୀନ ହୋଇ ଯାଇଥିଲା ଏବଂ ପୁନରୁଜ୍ଜୀବିତ ହୋଇ ପାରିବାର ସକଳ ସମ୍ଭାବନା ହରାଇ ତା'ପରେ ଉଭୟେ ପ୍ରଜାତି ଏବଂ ନଗର-ରାଷ୍ଟ୍ର ଜାତିରୂପୀ ଏକକଗୁଡ଼ିକ ମଧ୍ୟରେ ବିଲୀନ ହୋଇ ଯାଇଥିଲେ । ଏବଂ, କ୍ରମଶଃ ଅସ୍ତ ଯାଉଥିବା ଲାଟିନ୍ ଏକତା ଉପରେ ଜର୍ମାନ୍ ପ୍ରଜାତିମାନଙ୍କର ଆକ୍ରମଣ ହେତୁ ତାହା ଫଳରେ ଯେଉଁ ସମ୍ମିଶ୍ରଣମାନ ହୋଇଥିଲା, ସେଇଥି ଭିତରୁ ଜାତିଗୁଡ଼ିକର ଆବିର୍ଭାବ ହୋଇଥିଲା । ଠିକ୍ ସେହିପରି ବା ତତ୍ତୁଲ୍ୟ ଏକ ପଦ୍ଧତିରେ ଆକ୍ରମକ ଜାତୀୟ ସାମ୍ରାଜ୍ୟବାଦ ମଧ୍ୟ ହୁଏତ ଦିନେ ବିଶ୍ୱବ୍ୟାପୀ ହୋଇଯାଇ ଶେଷରେ ବର୍ତ୍ତମାନର ଜାତି-ଏକକଗୁଡ଼ିକୁ ମଧ୍ୟ ଦିନେ ନଷ୍ଟ କରିଦେବ; ଏକ ପୂର୍ବତନ ଯୁଗରେ ଅଧିକ କ୍ଷମତାଶାଳୀ କେତୋଟି ନଗର-ରାଷ୍ଟ୍ର ଏବଂ ପ୍ରଜାତିଙ୍କର ଆକ୍ରମକ ଆତ୍ମବିସ୍ତାର ଫଳରେ ନଗର-ରାଷ୍ଟ୍ର ଏବଂ ପ୍ରଜାତି ଯେପରି ନଷ୍ଟ ହୋଇଯାଇଥିଲେ, ଠିକ୍ ସେହିପରି । ଆତ୍ମରକ୍ଷାକାରୀ ଜାତୀୟତାବାଦର ଶକ୍ତିଟି ବର୍ତ୍ତମାନ ଏହି ପ୍ରବୃତ୍ତିଟି ବିରୋଧରେ ଆପଣାର ପ୍ରତିକ୍ରିୟା ପ୍ରକଟ କରିବାକୁ ଆରମ୍ଭ କରିଛି, ତାହାକୁ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ଅଟକାଇ ରଖିବାକୁ ଚେଷ୍ଟା କରିଛି ଏବଂ ବାରବାର ତାହାର ବିବର୍ତ୍ତନଗତ ଲକ୍ଷ୍ୟଟିକୁ ବ୍ୟାହତ କରି ପକାଉଛି । ମାତ୍ର, ଏହି ଯୁଦ୍ଧଟି ପୂର୍ବରୁ ବୃହତ୍ ସାମ୍ରାଜ୍ୟାଧିକାରୀ ସମୂହଗୁଡ଼ିକର ଶାସନକାରୀ ରାଷ୍ଟ୍ରଗୁଡ଼ିକ ବିଜ୍ଞାନ, ସଂଗଠନ-ନୈପୁଣ୍ୟ ଏବଂ କର୍ମ-ପ୍ରବୀଣତା ଫଳରେ ଯେପରି ଅତିରିକ୍ତଭାବରେ ଶକ୍ତିଶାଳୀ ହୋଇ ଉଠିବାକୁ ଆରମ୍ଭ କଲେ, ସେଥିରେ ପରିଷ୍କାର ପ୍ରତୀତ ହେବାକୁ ଲାଗିଲା, ଯେପରି ଜାତୀୟତାବାଦର ସେହି ବିଚ୍ଛିନ୍ନତାଧର୍ମୀ ଶକ୍ତିଟିର ପ୍ରକୃତରେ ସମ୍ପୂର୍ଣ୍ଣ ଭାବରେ ଶକ୍ତିହୀନ ହୋଇ ପଡ଼ିବାର ଓ ଶେଷରେ କୁଆଡ଼େ ଦବିକରି ରହିଯିବାର ସମୟଟି ଆସି ଉପସ୍ଥିତ ହେବାକୁ ଲାଗିଲା ।

ସେତେବେଳେ ଘଟୁଥିବା ସକଳ ଘଟଣା କେବଳ ଏହି ଗୋଟିଏ ଦିଗକୁ ଅଙ୍ଗୁଳିନିର୍ଦ୍ଦେଶ କରି ଦେଖାଇ ଦେଉଥିଲା । ଏସିଆର ପ୍ରଧାନ ଭୂଖଣ୍ଡଟିରେ କୋରିଆଦେଶ ଜନ୍ମଲାଭ କରୁଥିବା ଜାପାନ-ସାମ୍ରାଜ୍ୟ ମଧ୍ୟରେ ଅନ୍ତର୍ହିତ ହୋଇ ଯାଇଥିଲା । ନାନା ପ୍ରଭାବମଣ୍ଡଳ ବିସ୍ତାର କରି ରହିଥିବା ଯେଉଁ ପଦ୍ଧତିଟି ପ୍ରକୃତରେ ଏକ ସଂରକ୍ଷିତ ରାଜ୍ୟ-ବ୍ୟବସ୍ଥାର ଆବରଣଟି ତଳେ ଆପଣାକୁ ଜାରି କରି ରଖିଥିଲା, ପାରସ୍ୟର ଜାତୀୟତା

'oaob.nitrkl.ac.in' images reprocessed

ତାହାରି ଶିକାର ହୋଇଥିଲା ଏବଂ ତାହାରି ଦ୍ୱାରା ଅବଦମିତ ହୋଇ ରହିଗଲା । ଏହିସବୁ କ୍ଷେତ୍ରର ଯାବତୀୟ ଅଭିଜ୍ଞତା ଆମକୁ ଅବଶ୍ୟ ଦର୍ଶାଇ ଦେଇ ଯାଉଥିବ ଯେ ଯେଉଁଠି ସଂରକ୍ଷିତ ରାଜ୍ୟବ୍ୟବସ୍ଥାର ପ୍ରବର୍ତ୍ତନ ଆରମ୍ଭ ହୁଏ, ତଦ୍ୱାରା ଠିକ୍ ସେହି ମୁହୂର୍ତ୍ତରୁହିଁ ତଥାକଥିତ ସଂରକ୍ଷିତ ଜାତିଟିର ପରିସମାପ୍ତି ଘଟିବା ମଧ୍ୟ ଆରମ୍ଭ ହୋଇଯାଏ । ଗିଳିବା ପୂର୍ବରୁ ପାଟିରେ ରଖି ଚୋବାଇବାର ସେହି ପ୍ରଥମ ପ୍ରକ୍ରିୟାଟିକୁହିଁ ବଞ୍ଚାଇ କରି ଏପରି ଏକ ଶବ୍ଦ ଦେଇ କୁହାଯାଏ । ତିବ୍‌ବତ ଏବଂ ଶ୍ୟାମଦେଶ ଏତେବେଶୀ ବଳହୀନ ହୋଇ ପଡ଼ିଥିଲେ ଏବଂ କ୍ରମଶଃ ତଳକୁ ତଳକୁ ଯାଉଥିବାର ଦେଖା ଯାଉଥିଲେ ଯେ ସେମାନେ ଆଉ ଅଧିକ ଦିନ ନିରାପଦଭାବରେ ଗୋଟିଏ ଗୋଟିଏ ଜାତି ହୋଇ ତିଷ୍ଠି ରହିପାରିବେ ବୋଲି କଦାପି ଆଶା କରାଯାଇ ପାରୁ ନ ଥିଲା । ବିଶ୍ୱ-ବୃହଦ୍‌ଶକ୍ତିମାନଙ୍କ ମଧ୍ୟରେ ରହିଥିବା ପାରସ୍ପରିକ ଅସହିଷ୍ଣୁତା ଏବଂ ଆପଣାର ଆକାରଟି କାରଣରୁହିଁ ଚୀନ୍ ସେମାନଙ୍କ ହାବୁଡ଼ ଭିତରୁ ଖସିଯାଇ ପାରିଥିଲା, ତାହାର ଆକାରଟି ଏଡ଼େ ବଡ଼ ଥିବାରୁ ତାହାକୁ ଗିଳିବାହିଁ ପ୍ରକୃତରେ ଭାରି କଷ୍ଟକର ହେଲା, ଗିଳି ହଜମ କରିବା ତ ଆହୁରି ଦୂରର କଥା । ସମଗ୍ର ଏସିଆ ମହାଦେଶ ଯେ ଚାରୋଟି, ପାଞ୍ଚୋଟି ଅଥବା ଖୁବ୍ ବେଶୀ ହେଲେ ଛଅଟି ବଡ଼ ବଡ଼ ସାମ୍ରାଜ୍ୟ ଭିତରେ ଖଣ୍ଡ ଖଣ୍ଡ ହୋଇ ବାଣ୍ଟି ହୋଇଯିବ, ତାହା କ୍ରମଶଃ ସତେଅବା ଅବଶ୍ୟମ୍ଭାବୀ ବୋଲି ମନେ ହେବାକୁ ଲାଗିଲା । ଆନ୍ତର୍ଜାତିକ କ୍ଷେତ୍ରରେ ଏକ ଅଭୂତପୂର୍ବ ଓଲଟ ପାଲଟ ଘଟିଲେ ଯାଇ ହୁଏତ ଏହି ଘଟଣାଟିକୁ ଅଟକାଇ ରଖାଯାଇ ପାରିବ ବୋଲି ବୋଧ ହେଲା । ମରକ୍କୋର ବିଳୟ ଘଟିବା ସଙ୍ଗେ ସଙ୍ଗେହିଁ ଇଉରୋପର ଉତ୍ତର ଆଫ୍ରିକା ଉପରେ ବିଜୟ କାର୍ଯ୍ୟତଃ ସମ୍ପୂର୍ଣ୍ଣ ହୋଇ ଯାଇଥିଲା, ମିଶର ଉପରେ ଇଂଲଣ୍ଡର ସଂରକ୍ଷକତ୍ୱ ଦୃଢ଼ ହୋଇ ରହିଲା ଏବଂ ତ୍ରିପଲି ଉପରେ ଇଟାଲୀର ଅଧିକାର ସାବ୍ୟସ୍ତ ହୋଇଗଲା । ସୋମାଲିଲାଣ୍ଡ ମଧ୍ୟ କ୍ରମଶଃ ଗିଳାହେବାର ପ୍ରାଥମିକ ପ୍ରକ୍ରିୟାଟି ମଧ୍ୟ ଦେଇ ଗତି କରୁଥିଲା । ମେନେଲିକ୍‌ଙ୍କର ନେତୃତ୍ୱ ଏକଦା ଆବିସିନିଆକୁ ବଞ୍ଚାଇ ରଖି ପାରିଥିଲା ସତ, ମାତ୍ର ବର୍ତ୍ତମାନ ଆଭ୍ୟନ୍ତରୀଣ ବିବାଦ ଦ୍ୱାରା ପୁଣି ଛିନ୍ନଭିନ୍ନ ହେବାରେ ଲାଗିଥିବାରୁ ତାହା ବିଷୟରେ ରହିଥିବା ଇଟାଲୀୟ ଔପନିବେଶିକ ସାମ୍ରାଜ୍ୟର ସେହି ପୂର୍ବ ସ୍ୱପ୍ନଟି ମଧ୍ୟ ପୁନଃଜାଗ୍ରତ ହେବାକୁ ଲାଗିଲା । ଇଉରୋପର ଆଗକୁ ମାଡ଼ି ମାଡ଼ି ଆସୁଥିବା ସାମ୍ରାଜ୍ୟବାଦୀ ଆକ୍ରମକତାର ବନ୍ୟାଟି ସମ୍ମୁଖରେ ବୁଅର ସାଧାରଣତନ୍ତ୍ରଗୁଡ଼ିକ କୁଆଡ଼େ ବିଲୁପ୍ତ ହୋଇଯାଇଥିଲେ । ଏବଂ ଆଫ୍ରିକା-ମହାଦେଶର ଅବଶିଷ୍ଟ ସମସ୍ତ ଅଞ୍ଚଳ କାର୍ଯ୍ୟତଃ ତିନୋଟି ବଡ଼ ଶକ୍ତି ଏବଂ ଦୁଇଟି ସାନ ଶକ୍ତିର ବ୍ୟକ୍ତିଗତ ସମ୍ପତ୍ତିରେ ପରିଣତ ହୋଇ ସାରିଥିଲା । ଅବଶ୍ୟ ଇଉରୋପରେ ତଥାପି ଅଳ୍ପ କେତୋଟି ସାନ ସ୍ୱାଧୀନ ଜାତି ବଞ୍ଚି ରହି ପାରିଥିଲେ, ବଲ୍‌କାନ୍ ଅଞ୍ଚଳରେ ଥିଲେ, ଟିଉଟନିକ୍

'oaob.nitrkl.ac.in' images reprocessed

ଅଞ୍ଚଳରେ ମଧ୍ୟ ରହିଥିଲେ । ଏବଂ ପ୍ରାୟ କୌଣସି ମହତ୍ତ୍ୱସ୍ଥାନ ନ ଥିବା ଦୁଇଟି ନିରପେକ୍ଷ ଦେଶ ମଧ୍ୟ ରହିଥିଲେ । ମାତ୍ର ବଲ୍‌କାନ୍ ଦେଶଗୁଡ଼ିକ ପ୍ରାୟ ସର୍ବଦା ନାନା ଅନିଶ୍ଚୟତା ଏବଂ ଅଶାନ୍ତିର ଅଭିନୟମଞ୍ଚ ପରି ବ୍ୟବହୃତ ହେଉଥିଲେ ଏବଂ, ସର୍ବିୟା କିଂବା ବୁଲ୍‌ଗେରିଆର ଆଧିପତ୍ୟ ତଳେ ଏକ ତରୁଣ, ବଦ୍ଧାଶୀ ଓ ମହତ୍ତ୍ୱାକାଂକ୍ଷୀ ସ୍ଲାଭ୍ ସାମ୍ରାଜ୍ୟର ଗଠନ ହୋଇ ପାରିଥିଲେ ବା ଅଷ୍ଟ୍ରିଆ କିଂବା ରୁଷିଆର ଛାୟା ଭିତରକୁ ସେମାନେ ସମସ୍ତେ ଅନ୍ତର୍ହିତ ହୋଇ ଯାଇଥିଲେ ଯେତେବେଳେ ତୁରସ୍କକୁ ଇଉରୋପରୁ ନିକାଲି ଦିଆଯାଇ ପାରିଥା'ନ୍ତା, କେବଳ ସେତିକିବେଳେ ଯାଇ ପରସ୍ପର ସହିତ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜାତୀୟ ଅହଂବାଦିତାଗୁଡ଼ିକର ପରିସମାପ୍ତି ଘଟିଥା'ନ୍ତା । କ୍ରମଶଃ ପ୍ରସାରିତ ହୋଇ ଆସୁଥିବା ଜର୍ମାନୀ ଟିଉଟନିକ୍ ରାଷ୍ଟ୍ରଗୁଡ଼ିକୁ ପ୍ରଲୁବ୍ଧ କଲା, ଏବଂ ଯଦି ସେହି ଜର୍ମାନୀର ଶକ୍ତି ଜଣେ ନୂତନ ବିସ୍ମାର୍କ୍‌ଙ୍କର ସ୍ଥିରବିଚାରସମ୍ପନ୍ନ ଅଥଚ ସାହସଯୁକ୍ତ କୂଟନୈତିକ ବୁଦ୍ଧି ଦ୍ୱାରା ପରିଚାଳିତ ହୋଇପାରିଥାନ୍ତା, ତେବେ ସେଗୁଡ଼ିକୁ ଅନ୍ତର୍ଭୁକ୍ତ କରିନେବାର ଅଭିପ୍ରାୟଟିକୁ ତଥାପି ବୁଝି ହୋଇଥା'ନ୍ତା । ଯୁବକସ୍ୱାନମାନଙ୍କୁ ଦଉଡ଼ିରୁ ଫିଟାଇଦେବା ପୂର୍ବରୁ ଯଦି ଦ୍ୱିତୀୟ ଉଇଲିଅମ୍ ପରଲୋକ ଗମନ କରିଥା'ନ୍ତେ, ତେବେ ସେପରି ଗୋଟିଏ ଅବସ୍ଥା ଆସି ପହଞ୍ଚିବା କଦାପି ଅସମ୍ଭବ ହୋଇ ନ ଥାନ୍ତା । ବାକି ରହିଲା ଆମେରିକା, ଯେଉଁଠାରେ କି ସାମ୍ରାଜ୍ୟବାଦ ସେପର୍ଯ୍ୟନ୍ତ ମସ୍ତକ ଉତ୍ତୋଳନ କରିପାରି ନ ଥିଲା, ମାତ୍ର ରୁଜ୍‌ଭେଲଟ୍-ସମର୍ଥିତ ରିପବ୍ଲିକାନବାଦର ଆକାର ଗ୍ରହଣ କରି ତାହା ତଥାପି ନିଜକୁ ଉଦ୍‌ଭୂତ କରି ଆଣିବାକୁ ଆରମ୍ଭ କରିଥିଲା । ଏବଂ ମେକ୍‌ସିକୋ ଯେପରି ହସ୍ତକ୍ଷେପ କରିବାରେ ଲାଗିଥିଲା, ତାହା ଉପରକୁ ଯେତେ କୁଣ୍ଠିତ ହୋଇ ରହିଥିଲେ ମଧ୍ୟ ତଥାପି ଏହି କ୍ଷେତ୍ରରେ ଯେ ଅବଶେଷରେ ଏକ ସଂରକ୍ଷିତ-ରାଜ୍ୟବ୍ୟବସ୍ଥାର ପ୍ରବର୍ତ୍ତନ ଅନିବାର୍ଯ୍ୟ ହୋଇପଡ଼ିବ ଓ ବିଶୃଙ୍ଖଳ ହୋଇପଡ଼ିଥିବା ମଧ୍ୟ-ଆମେରିକାର ଜନତନ୍ତ୍ରଗୁଡ଼ିକ ଶେଷକୁ ଯେ ଗୋଟିଏ ସମଷ୍ଟିରେ ଯାଇ ମିଶିଯିବେ, ସେକଥା ମଧ୍ୟ ସ୍ପଷ୍ଟ ହେବାକୁ ଆରମ୍ଭ କରିଥିଲା । ଏବଂ ସେହି ପରିସ୍ଥିତିରେ ଆତ୍ମରକ୍ଷା ଦୃଷ୍ଟିରୁ ସମଗ୍ର ଦକ୍ଷିଣ-ଆମେରିକାକୁ ନେଇ ଗୋଟିଏ ସଂଘ ଗଢ଼ାହେବାଟା ହୁଏତ ଏକ ଆବଶ୍ୟକତା ରୂପେ ଦୃଷ୍ଟିଗୋଚର ହୋଇଥା'ନ୍ତା; ମାତ୍ର ସେତିକିବେଳେ ଏକ ବିରାଟ ବିଭୀଷିକାର ଅବତାରଣା କରି ବିଶ୍ୱ-ଯୁଦ୍ଧର ଘଟଣାଟି ଘଟିଲା, ଏବଂ ପ୍ରାୟ ଡଜନେ ପାଖାପାଖି ବଡ଼ ବଡ଼ ସାମ୍ରାଜ୍ୟରେ ସାରା ପୃଥିବୀ କ୍ରମଶଃ ବାଣ୍ଟି ହୋଇଯିବା ଦିଗରେ ଯେଉଁ ଆଗକୁ ଆଗକୁ ଯିବାରେ ଲାଗିଥିଲା, ତାହା ସେଥିରେ ଏକ ବାଧା ସୃଷ୍ଟି କରିଥିଲା ।

ଯୁଦ୍ଧ ହେତୁ ଏକ ଆଶ୍ଚର୍ଯ୍ୟଜନକ ଶକ୍ତିଶାଳିତା ସହିତ ମୁକ୍ତ ଜାତିତ୍ୱର ଭାବନାଟି ପୁନରୁଜ୍ଜୀବନ ଲାଭ କଲା । ଏହାର ତିନୋଟି ରୂପ ପ୍ରକଟ ହେବାକୁ ଲାଗିଲା, ଏବଂ

'oaob.nitrkl.ac.in' images reprocessed

ପ୍ରତ୍ୟେକଟି ରୂପ ଆପଣାର ଏକ ସ୍ୱକୀୟ ପ୍ରକାରକୁ ଧାରଣ କରି ପ୍ରକଟ ହୋଇଥିଲେ । ପ୍ରଥମତଃ ଇଉରୋପରେ ଜର୍ମାନୀର ଯେଉଁସବୁ ସାମ୍ରାଜ୍ୟବାଦୀ ଉଗ୍ରାଭିଳାଷମାନ ରହିଥିଲା, ତାହାର ଏକ ବିପରୀତ ବିକଳ୍ପରୂପେ, ସ୍ୱୟଂ ଗୋଟିଏ ଗୋଟିଏ ସାମ୍ରାଜ୍ୟ ଧରି ରହିଥିଲେ ମଧ୍ୟ ମିତ୍ରପକ୍ଷର ଜାତିମାନେ ମୁକ୍ତ ଜାତିତ୍ୱର ଏକ ସୀମିତ ଆଦର୍ଶ ଲାଗି ଆବେଦନ କରିବାକୁ ବାଧ୍ୟ ହୋଇଥିଲେ ଏବଂ ଆପଣାକୁ ଏହାର ପକ୍ଷସମର୍ଥକ ଓ ରକ୍ଷାକାରୀ ରୂପେ ଅବତୀର୍ଣ୍ଣ କରାଇଥିଲେ । ରାଜନୀତିକ କ୍ଷେତ୍ରରେ ଇଉରୋପ ତୁଳନାରେ ଅଧିକ ଆଦର୍ଶପ୍ରେରିତ ହୋଇ ରହିଥିବା ଆମେରିକା ମୁକ୍ତ ଜାତିମାନଙ୍କର ଗୋଟିଏ ଲୀଗ୍ ଗଢ଼ାଯାଉ ବୋଲି ଦାବି କରି ଯୁଦ୍ଧରେ ଯୋଗ ଦେଇଥିଲା । ପରିଶେଷରେ, ରୁଷ-ବିପ୍ଳବର ନୂତନ ମୂଳ ଆଦର୍ଶଟି ସୃଜନାଭିଳାଷୀ ଏହି ନୂଆ ଅରାଜକତାଟି ମଧ୍ୟରେ ସମ୍ପୂର୍ଣ୍ଣ ଗୋଟିଏ ନୂତନ ଉପାଦାନ ଆଣି ସନ୍ନିବିଷ୍ଟ କରି ଦେଇଥିଲା; କୌଣସି ପ୍ରକାର କୂଟନୀତି ଏବଂ ଆତ୍ମ-ସ୍ୱାର୍ଥରୁ ଆପଣାକୁ ମୁକ୍ତ ରଖି ତାହା, ଅନ୍ୟ ସମୂହଗୁଡ଼ିକଠାରୁ ଆପଣାକୁ ସ୍ପଷ୍ଟ ଭାବରେ ସୂଚିତ କରି ଦେଉଥିବା ପ୍ରତ୍ୟେକ ମନୁଷ୍ୟ-ସମୂହର ଯେ ନିଜର ରାଜନୀତିକ ସ୍ଥିତି ତଥା ନିୟତିଟିର ମୀମାଂସା କରିବା ଲାଗି ପୂର୍ଣ୍ଣ ଅଧିକାର ରହିଛି, ସେହି କଥାଟିକୁ ଅତ୍ୟନ୍ତ ପରିଷ୍କାର, ନିର୍ଦ୍ଦିଷ୍ଟ ତଥା ଅଟଳ ଭାବରେ ଆପଣାର ସ୍ୱୀକୃତି ପ୍ରଦାନ କରିଥିଲା । ଏହି ତିନୋଟିଯାକ ପଦକ୍ଷେପ ବସ୍ତୁତଃ ପରସ୍ପରଠାରୁ ଏକାନ୍ତ ଭିନ୍ନ ହୋଇ ରହିଥିଲେ, ମାତ୍ର ବାସ୍ତବକ୍ଷେତ୍ରରେ ମନୁଷ୍ୟଜାତିର ଯେଉଁ ଭବିଷ୍ୟଟି ଆମକୁ ସମ୍ଭବ ବୋଲି ମନେ ହେଉଛି, କାର୍ଯ୍ୟତଃ ଏହି ତିନୋଟିଯାକ ସେଇଟି ସହିତ କୌଣସି ନା କୌଣସି ପ୍ରକାରେ ସଂଲଗ୍ନ ହୋଇ ରହିଥିଲେ । ପ୍ରଥମଟି ଆପଣାର ବିଚାରଟିକୁ ଉପସ୍ଥିତ ପରିସ୍ଥିତିଗୁଡ଼ିକ ଉପରେ ଆଧାରିତ କରି ରଖିଥିଲା ଏବଂ ସେଥିରେ କୌଣସି ପ୍ରକାରର ଗୋଟିଏ ପୁନର୍ବ୍ୟବସ୍ଥା ସମ୍ଭବ କରିବା ଲାଗି ଉଦ୍ଦେଶ୍ୟ ରଖିଥିଲା । ଦ୍ୱିତୀୟଟି ଭବିଷ୍ୟ ବିଷୟରେ ଆଦୌ ସମ୍ପୂର୍ଣ୍ଣ ଭାବରେ ଦୂରବର୍ତ୍ତୀ ହୋଇ ରହି ନ ଥିବା ଏକ ସମ୍ଭାବନାକୁ ଯଥାଶୀଘ୍ର ବାସ୍ତବ କ୍ଷେତ୍ରରେ ଆଣି ଲଗାଇ ପାରିବାକୁ ଆଗ୍ରହୀ ହୋଇ ରହିଥିଲା । ଏବଂ ତୃତୀୟଟି ବିପ୍ଳବର କିମିଆଟିକୁ କାର୍ଯ୍ୟରେ ଲଗାଇ,— କାରଣ ଆମେ ଯାହାକୁ ଅନ୍ୟ ଉପଯୁକ୍ତ କୌଣସି ଶବ୍ଦ ନ ପାଇ ବିପ୍ଳବ ବୋଲି କହିଥାଉ, ତାହାକୁ ବସ୍ତୁତଃ ବିବର୍ତ୍ତନରହିଁ ଏକ ତ୍ୱରାନ୍ୱିତ ଭାବରେ ସଂକେନ୍ଦ୍ରିତ ହୋଇ ଆସିଥିବା ଗତିଶୀଳତା ବୋଲି ତ କୁହାଯାଇ ପାରିବ,— ଏପରି ଏକ ଦୂର ଲକ୍ଷ୍ୟକୁ ବାସ୍ତବରୂପେ ପ୍ରେରିତ କରି ଆଣିବା ଲାଗି ବାହାରିଥିଲା, ଯାହାକି ଇତିହାସର ସାଧାରଣ ଗତିପଥଟି ଦେଇ ଯାଇଥିଲେ ହୁଏତ ଏକ ଅତ୍ୟନ୍ତ ଦୂର ଭବିଷ୍ୟତରେହିଁ ଉପଲବ୍ଧ ହୋଇ ପାରିଥା'ନ୍ତା ଅଥବା ଆଦୌ ଉପଲବ୍ଧ ହୋଇ ନ ଥା'ନ୍ତା । ଆମେ ଏହି ତିନୋଟିଯାକର ବିଚାର କରିବା; କାରଣ ଭବିଷ୍ୟ-

'oaob.nitrkl.ac.in' images reprocessed

ସମ୍ବନ୍ଧୀ ଯେଉଁ ଦୃଷ୍ଟିଟି କେବଳ ଆପାତତଃ ଉପଲବ୍ଧ ହୋଇ ପାରିବା ଭଳି ଦେଖା ଯାଉଥିବା ସମ୍ଭାବନାଗୁଡ଼ିକର ବର୍ତ୍ତମାନ ଉପଲବ୍ଧ ହୋଇ ସାରିଥିବା ଶକ୍ତିଗୁଡ଼ିକୁହିଁ ଦେଖିବା ଲାଗି ସମର୍ଥ ହୁଏ, ତାହାକୁ ପ୍ରମାଦଗ୍ରସ୍ତ ହେବାକୁହିଁ ପଡ଼ିଥାଏ । ପୁନଶ୍ଚ ସଙ୍ଗେ ସଙ୍ଗେ ଈପ୍ସିତ ଅଭିଳାଷଗୁଡ଼ିକୁ ପ୍ରକୃତ କ୍ଷେତ୍ରରେ ଫଳାଇ ପାରିବାକୁ ଯେତେ ଅସମର୍ଥ ହୋଇଥିଲେ ମଧ୍ୟ ଆପଣାକୁ ଫଳାଇ ପାରିବାର ଉଦ୍ୟମଟି ଦ୍ୱାରାହିଁ ରୁଷିଆର ସେହି ବିଚାରଟି ଆପଣାକୁ ଏକ ବାସ୍ତବ ଶକ୍ତି ରୂପେହିଁ ପରିଣତ କରି ପାରିଥିଲା, ଏବଂ ଭବିଷ୍ୟତର ମାନବଜାତି ଯେଉଁସବୁ ଶକ୍ତି ଦ୍ୱାରା ହୁଏତ ପ୍ରକୃତରେ ପ୍ରଭାବିତ ହେବାକୁ ଯାଉଛି, ନିଜକୁ ସେହିଗୁଡ଼ିକ ମଧ୍ୟରୁ ଗୋଟିଏ ରୂପେ ଅବଶ୍ୟ ପରିଗଣିତ କରାଇ ପାରିଲା । ପ୍ରକୃତ କାର୍ଯ୍ୟକ୍ଷେତ୍ରରେ ଆପଣାକୁ ଅବତୀର୍ଣ୍ଣ କରାଇ ଆଣିବାକୁ ଯେଉଁ ବୃହତ୍ ବିଚାରଟି ପ୍ରୟାସ କରିବାକୁ ଆରମ୍ଭ କରିଦେଲାଣି, ଆମେ ସେହି ଶକ୍ତିଟିକୁ କଦାପି ଅପୁଚ୍ଛା ଓ ଅଗଣା କରି ରଖିଦେଇ ପାରିବା ନାହିଁ, ବା, ବର୍ତ୍ତମାନ ମୁହୂର୍ତ୍ତଟିରେ ଆପଣାକୁ ସଙ୍ଗେସଙ୍ଗେ କାର୍ଯ୍ୟକାରୀ କରାଇ ପାରିବା ଲାଗି ତା' ଭିତରେ କେତେ ଦୂର କି ସମ୍ଭାବନା ରହିଥିବା ପରି ଆମକୁ ଦେଖାଯାଉଛି, ଆମେ କେବଳ ସେଇଥିରୁ ମଧ୍ୟ ତାହାର କୌଣସି ମୂଲ୍ୟାୟନ କରି ପାରିବା ନାହିଁ ।

ଇଂଲଣ୍ଡ, ଫ୍ରାନ୍ସ, ଇଟାଲି, ଅର୍ଥାତ୍ ମିତ୍ରପକ୍ଷର ପଶ୍ଚିମ-ଇଉରୋପୀୟ ଭାଗଟି ଯେଉଁ ଦୃଷ୍ଟିକୋଣଟିକୁ ଗ୍ରହଣ କରିଥିଲେ, ତାହା ପୃଥିବୀର ଏକ ପୁନର୍ବ୍ୟବସ୍ଥାକୁ ଆପଣାର ବିଚାରରେ ରଖିଥିଲା ସତ, ମାତ୍ର ଆପଣାର ତତ୍କାଳୀନ ସ୍ଥିତିଟିରେ ତାହା କୌଣସି ଆମୂଳ ପରିବର୍ତ୍ତନର ଚିନ୍ତା କରୁ ନ ଥିଲା । ଏକଥା ସତ ଯେ ସବୁ ଜାତି ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଜାତି ହୋଇ ରହିବେ ବୋଲି ତାହା ଏକ ନୀତିରୂପେ ଘୋଷଣା କରିଥିଲା; ମାତ୍ର ଆନ୍ତର୍ଜାତିକ ରାଜନୀତିର ଯେଉଁ କ୍ଷେତ୍ରଟି ଏବେ ମଧ୍ୟ ସ୍ୱଭାବସ୍ଥ କେତୋଟି ଶକ୍ତି ତଥା ସ୍ୱାର୍ଥରହିଁ ଏକ କ୍ରୀଡ଼ାସ୍ଥଳ ହୋଇ ରହିଛି ଓ ଯେଉଁଠାରେ ଆଦର୍ଶଗୁଡ଼ାକୁ ମନୁଷ୍ୟ ମନରେ କେବଳ ଏକ ଅପେକ୍ଷାକୃତ ଏବର ଆବିର୍ଭାବ ବୋଲିହିଁ କୁହାଯାଇ ପାରିବ, ସେଠାରେ ଯାବତୀୟ ତତ୍ତ୍ୱ ଓ ସିଦ୍ଧାନ୍ତ କେବଳ ସ୍ୱୀକୃତ ସ୍ୱାର୍ଥଗୁଡ଼ିକ ସହିତ ତାଳ ଓ ସଂଗତି ରଖିହିଁ ସମ୍ଭବ ହୋଇପାରିବ, ଅଥବା, ସେହି ସ୍ୱାର୍ଥଗୁଡ଼ିକର ବିରୋଧୀ ହୋଇଥିଲେ ମଧ୍ୟ ଯେଉଁଠାରେ ବିରୋଧୀ ସେହି ସ୍ୱାର୍ଥଗୁଡ଼ିକୁ ବଳହୀନ କରିଦେଇ ପାରିବା ଭଳି ଯଥେଷ୍ଟ ବଳଶାଳୀ ସ୍ୱଭାବସ୍ଥ ଶକ୍ତିଗୁଡ଼ିକ ସେହି ତତ୍ତ୍ୱ ଓ ସିଦ୍ଧାନ୍ତଗୁଡ଼ିକର ସହାୟତା ଦେବା ଲାଗି ଉପସ୍ଥିତ ରହିଥିବେ, ସେଠାରେ ମଧ୍ୟ ସେଗୁଡ଼ିକ ଆପଣାକୁ କାର୍ଯ୍ୟକାରୀ କରିପାରିବ । ରାଜନୀତିର କ୍ଷେତ୍ରରେ ଆଦର୍ଶଗୁଡ଼ିକ ବିଶୁଦ୍ଧଭାବରେ କାର୍ଯ୍ୟକାରୀ ହୋଇ ପାରିବାକୁ ଆଜି ମଧ୍ୟ ସମ୍ପୂର୍ଣ୍ଣ ଏକ ବିପ୍ଳବକାରୀ କାର୍ଯ୍ୟ ବୋଲି କୁହାଯାଇ ପାରିବ, ଏବଂ

'oaob.nitrkl.ac.in' images reprocessed

କେବଳ ଅତ୍ୟନ୍ତ ବିଶେଷ କୌଣସି ସଂକଟ ସମୟରେହିଁ ତାହା କାର୍ଯ୍ୟକାରୀ ହୋଇପାରିବ ବୋଲି ଆମେ ଆଶା କରିପାରିବା । ଯେଉଁଦିନ ତାହା ଜୀବନର ଏକ ସ୍ୱାଭାବିକ ନିୟମରେ ପରିଣତ ହେବ, ସେଦିନ ମନୁଷ୍ୟର ସ୍ୱଭାବ ଓ ମନୁଷ୍ୟର ଜୀବନହିଁ ଏକ ନୂତନ ବସ୍ତୁରେ ପରିଣତ ହୋଇ ସାରିଥିବେ, ପ୍ରାୟ ଏକ ଅତିପାର୍ଥିବ ଏବଂ ଦିବ୍ୟସ୍ତରକୁ ଉନ୍ନୀତ ହୋଇ ଯାଇଥିବେ । ସେହିଦିନ ଏବେ ମଧ୍ୟ ଆସି ନାହିଁ । ଇଉରୋପର ମିତ୍ରଶକ୍ତିମାନେ ଏପରି ଗୋଟିଏ ଗୋଟିଏ ଜାତିର ପ୍ରତିନିଧିତ୍ୱ କରୁଥିଲେ, ଯେଉଁମାନେ କି ଅତୀତରେ ସାମ୍ରାଜ୍ୟର ଅଧିକାରୀ ହୋଇ ରହିଥିଲେ ଏବଂ ଭବିଷ୍ୟତରେ ମଧ୍ୟ ସାମ୍ରାଜ୍ୟର ଅଧିକାରୀ ହୋଇ ରହିବେ ବୋଲି କଳ୍ପନା କରୁଥିଲେ; ସେମାନେ ଇଚ୍ଛାକଲେ ମଧ୍ୟ କେବଳ ଗୋଟାଏ ବିଚାର ଦ୍ୱାରାହିଁ ପ୍ରେରିତ ହୋଇ ସେମାନେ ସେହି ଅତୀତ ଓ କଳ୍ପିତ ସେହି ଭବିଷ୍ୟତଟି ମଧ୍ୟରୁ କଦାପି ମୁକ୍ତ ହୋଇ ବାହାରି ଆସି ପାରି ନ ଥା'ନ୍ତେ । ପ୍ରତ୍ୟେକଟି ପକ୍ଷରେ ଆପଣା ଆପଣାର ସାମ୍ରାଜ୍ୟଟିକୁ ସୁରକ୍ଷିତ କରି ରଖିବାହିଁ ସେହିସବୁ ରାଜ୍ୟର ସର୍ବପ୍ରଥମ ସ୍ୱାର୍ଥ ହୋଇଥା'ନ୍ତା, ତେଣୁ ସେଗୁଡ଼ିକର ରାଷ୍ଟ୍ରନେତାମାନଙ୍କର ମଧ୍ୟ ସର୍ବପ୍ରଥମ କର୍ତ୍ତବ୍ୟ ହୋଇଥା'ନ୍ତା, ଏବଂ ଏପରିକି, ସେମାନଙ୍କର ମତରେ ଯେଉଁଠାରେ ଆଇନସଙ୍ଗତ ଭାବରେ ତାହା କରାଯାଇ ପାରିବ, ସେଠାରେ ସାମ୍ରାଜ୍ୟଟିର ଆହୁରି ବିସ୍ତାର ସମ୍ଭବ କରିବାହିଁ ସେମାନଙ୍କର ସ୍ୱାର୍ଥର ଅନୁକୂଳ ହୋଇଥା'ନ୍ତା, ସେମାନଙ୍କର କର୍ତ୍ତବ୍ୟ ବି ହୋଇ ରହିଥା'ନ୍ତା । ଯେଉଁଠି ସେମାନଙ୍କର ସାମ୍ରାଜ୍ୟଗତ ସ୍ୱାର୍ଥଗୁଡ଼ିକରେ ଆଦୌ କୌଣସି ଆଞ୍ଚ ବା ଆଘାତ ଆସିବ ନାହିଁ, କେବଳ ସେହିସବୁ କ୍ଷେତ୍ରରେହିଁ ସେମାନେ ମୁକ୍ତଜାତିତ୍ୱର ଆଦର୍ଶଟିକୁ ସମ୍ପୂର୍ଣ୍ଣ ଅମିଶ୍ରିତଭାବରେ କାର୍ଯ୍ୟକାରୀ କରାଇପାରିଲେ; ଅର୍ଥାତ୍ ତୁରସ୍କ ଏବଂ କେନ୍ଦ୍ରପକ୍ଷର ଶକ୍ତିମାନଙ୍କ ବିରୋଧରେ ତାହାର ପ୍ରୟୋଗ କରି ପାରିଲେ, କାରଣ ସେଠାରେ ସେହି ଆଦର୍ଶଟି ସେମାନଙ୍କର ସ୍ୱକୀୟ ସାମ୍ରାଜ୍ୟଗତ ସ୍ୱାର୍ଥଗୁଡ଼ିକ ସହିତ ପୂର୍ଣ୍ଣ ସଙ୍ଗତି ରଖିପାରୁଥିଲା । ଜର୍ମାନୀ, ଅଷ୍ଟ୍ରିୟା ଏବଂ ତୁରସ୍କର ସ୍ୱାର୍ଥ ବିରୋଧରେ ମଧ୍ୟ ଏକ ସଫଳ ସମରର ସ୍ୱଭାବସ୍ଥ ଶକ୍ତିର ସାହାଯ୍ୟରେ ସେହି ଆଦର୍ଶଟିର ପ୍ରତିଷ୍ଠା ହୋଇ ପାରିଥିଲା ଏବଂ ତାହାର ପରିଣାମଟି ନୀତି ଦୃଷ୍ଟିରୁ ସମ୍ପୂର୍ଣ୍ଣ ଉଚିତ ବା ଅନୁମୋଦନୀୟ ବୋଲି ଦେଖାଇ ଦେବା ବି ସମ୍ଭବ ହୋଇଥିଲା, କାରଣ ବିପର୍ଯ୍ୟୟ ଲଭିବାକୁ ନିୟତିନିର୍ଦ୍ଦିଷ୍ଟ ହୋଇ ରହିଥିବା ଶକ୍ତିଗୁଡ଼ିକ ସେହି ସମରକୁ ଡାକି କରି ନେଇଆସିଲେ ବୋଲି କୁହାଯାଇ ପାରିଲା । ମାତ୍ର ଯେଉଁସବୁ ସ୍ଥଳରେ ସେମାନଙ୍କର ନିଜ ସାମ୍ରାଜ୍ୟଗତ ସ୍ୱାର୍ଥଗୁଡ଼ିକ ଉପରେ ବାଧା ଆସି ପହଞ୍ଚୁଥିଲା, ସେହି ଆଦର୍ଶଟିକୁ ସେଠାରେ କଦାପି ବିଶୁଦ୍ଧ ଭାବରେ କାର୍ଯ୍ୟକାରୀ କରାଯାଇ ପାରି ନ ଥା'ନ୍ତା, କାରଣ ସେଠାରେ ତାହା ପ୍ରତିଷ୍ଠିତ ଶକ୍ତିଗୁଡ଼ିକର ବିରୁଦ୍ଧାଚରଣହିଁ କରୁଥିଲା ଏବଂ ସେହି ବିରୋଧଟିକୁ ନାକଚ କରିଦେବା ସକାଶେ ସେହି

'oaob.nitrkl.ac.in' images reprocessed

କ୍ଷେତ୍ରରେ ଯଥେଷ୍ଟ ସାମର୍ଥ୍ୟସମ୍ପନ୍ନ କୌଣସି ବିକଳ୍ପ-ଶକ୍ତି ମଧ୍ୟ ମହଜୁଦ ନ ଥିଲା । ତେଣୁ କେବଳ ଏକ ସୀମିତ ଅର୍ଥରେହିଁ ଏଠାରେ ସେଇଟିକୁ କାର୍ଯ୍ୟକାରୀ କରିହେବ, ବିଶୁଦ୍ଧ ସାମ୍ରାଜ୍ୟବାଦର ଶକ୍ତିଟିକୁ କିଞ୍ଚିତ ପରିମାଣରେ ସଂଯତ କରି ରଖିବାର ଏକ ଶକ୍ତିରୂପେହିଁ କାର୍ଯ୍ୟକାରୀ କରିହେବ । ଏହିପରି ଭାବରେ ଏହାର ପ୍ରୟୋଗ କରାଗଲେ ବସ୍ତୁତଃ ଖୁବ୍ ବେଶୀ ହେଲେ ଏହା ଆଭ୍ୟନ୍ତରୀଣ ସ୍ୱଶାସନ ବା ସ୍ୱାୟତ୍ତଶାସନର ସୁବିଧାଟି ଲାଗି ଅନୁମତି ଦେବା ପର୍ଯ୍ୟନ୍ତ ଅଗ୍ରସର ହୋଇ ପାରିବ ଏବଂ ଯେତେବେଳେ ଯେଉଁ ରାଷ୍ଟ୍ର ଏହା ଯେତିକି ଦୂର ସମ୍ଭବ ବୋଲି ବିଚାର କରିବେ, ତାହା କେବଳ ସେତିକିବେଳେ ଓ ସେତିକି ଦୂର ଯାଏ ଅଗ୍ରସର ହୋଇପାରିବ । ଏକ ପକ୍ଷରେ ସାମ୍ରାଜ୍ୟର ସ୍ୱାର୍ଥ ଓ ଅନ୍ୟ ପକ୍ଷରେ ଅଧୀନ ହୋଇ ରହିଥିବା ଦେଶଟିର ସ୍ୱାର୍ଥ ଯେତେଦୂର ପର୍ଯ୍ୟନ୍ତ ପରସ୍ପର ଲାଗି ସ୍ଥାନ କରିନେଇ ପାରୁଥିବେ, ସେହି ଦୃଷ୍ଟିରୁ କାର୍ଯ୍ୟତଃ ଯେତିକି ସମ୍ଭବ ହେବ ଓ ଯେତିକି ଫଳପ୍ରଦ ବୋଲି ମନେହେବ, ତାହା କେବଳ ସେତିକି ଦୂର ଅଗ୍ରସର ହୋଇ ପାରିବ । ଅନ୍ୟଭାଷାରେ କହିବାକୁ ଗଲେ, ଜଣେ ସାଧାରଣ ମଣିଷର ସାଧାରଣ ବୁଦ୍ଧି ଯେପରି ଭାବରେ ଏହି କଥାଟିକୁ ବୁଝିବ, ଆମକୁ ସେହି କଥାଟିକୁ ଠିକ୍ ସେହିପରି ଭାବରେହିଁ ବୁଝିବାକୁ ହେବ; ମାତ୍ର ଆପଣାର ସିଦ୍ଧାନ୍ତଟିର ନିରାଭରଣ ବିଶୁଦ୍ଧତାଟିକୁ ଛାଡ଼ି ଆଉ କୌଣସି କିଛିର ବିଚାର କରିବା ଲାଗି ପ୍ରସ୍ତୁତ ନ ଥିବା ସେହି ରୁକ୍ଷ-ମାର୍କା ବିଶୁଦ୍ଧ ଆଦର୍ଶବାଦୀର ଅର୍ଥ ଓ ବୋଧ ଦେଇ ତାହାର ବିଚାର କରିବା କଦାପି ସମ୍ଭବ ହେବ ନାହିଁ, କାର୍ଯ୍ୟତଃ କୌଣସି ସ୍ଥାନରେ ମଧ୍ୟ ତାହାକୁ ସେହି ଅର୍ଥରେ କେହି କଦାପି ବୁଝି ନାହାନ୍ତି ।

ମିତ୍ରପକ୍ଷ ସମ୍ପୂର୍ଣ୍ଣ ବିଜୟ ଲାଭ କରିବା ପରେ ଏହାର ପ୍ରତିନିଧି-ଦେଶମାନେ ମୁକ୍ତ ଜାତିତ୍ୱର ଏହି ଯେଉଁ ସୀମିତ ଆଦର୍ଶଟିକୁ ହୁଏତ କାର୍ଯ୍ୟକାରୀ କରି ପାରିଥା'ନ୍ତେ, ତେବେ ବ୍ୟାବହାରିକ କ୍ଷେତ୍ରରେ ତାହାର ପରିଣାମମାନ କ'ଣ ହୋଇଥା'ନ୍ତା ? ଆମେରିକାରେ ଏହା ଆପଣାକୁ ସଙ୍ଗେ ସଙ୍ଗେ କାର୍ଯ୍ୟକାରୀ କରିବା ଲାଗି କୌଣସି କ୍ଷେତ୍ର ପାଇ ନ ଥା'ନ୍ତା । ଆଫ୍ରିକାରେ ଯେ ଆଦୌ କୌଣସି ସ୍ୱତନ୍ତ୍ର ଜାତି ନାହାନ୍ତି ତା' ନୁହେଁ, ମାତ୍ର କେବଳ ମିଶର ଓ ଆବିସିନିଆକୁ ଛାଡ଼ିଦେଲେ, ପ୍ରକୃତ ଅର୍ଥରେ କୌଣସି ଜାତିହିଁ ନାହାନ୍ତି । କାରଣ, ଆଫ୍ରିକା ହେଉଛି ପୃଥିବୀର ଏପରି ଏକମାତ୍ର ଗୋଟିଏ ଅଂଶ ଯେଉଁଠାରେ କି ପୁରାତନ ପ୍ରଜାତିକାଳୀନ ଅବସ୍ଥାମାନ ଏବେ ମଧ୍ୟ ଦୃଷ୍ଟିଗୋଚର ହୋଇପାରିବ, ଏବଂ ଯେଉଁଠି କେବଳ ପ୍ରଜାତୀୟ ଲୋକମାନେହିଁ ବାସ କରୁଛନ୍ତି; ରାଜନୀତିର ଅର୍ଥରେ ଆମେ ସେମାନଙ୍କୁ ଗୋଟିଏ ଗୋଟିଏ ଜାତି ବୋଲି ଆଦୌ କହିପାରିବା ନାହିଁ । ତେଣୁ ମିତ୍ରପକ୍ଷ ସମ୍ପୂର୍ଣ୍ଣ ବିଜୟ ଲାଭ କଲେ ଆଫ୍ରିକା ମହାଦେଶଟି

'oaob.nitrkl.ac.in' images reprocessed

ତିନୋଟି ଔପନିବେଶିକ ସାମ୍ରାଜ୍ୟ ଭିତରେ ତିନିଭାଗ ହୋଇ ବାଣ୍ଟି ହୋଇଯିବ; ଅର୍ଥାତ୍, ଇଟାଲୀ, ଫ୍ରାନ୍‌ସ ଓ ଇଂଲଣ୍ଡ ମହାଦେଶଟିକୁ ଆପଣା ଭିତରେ ବାଣ୍ଟିନେବେ, ଏବଂ ତା' ମଝିରେ ଗୋଟିଏ ଗୋଟିଏ ସାନ ଅଞ୍ଚଳ ବେଲ୍‌ଜିଅମ୍, ସ୍ପେନ୍ ଓ ପର୍ତ୍ତୁଗାଲ୍‌ର ଅଧୀନସ୍ଥ ହୋଇ ରହିଥିବ; ତା' ସହିତ କେତେକ ବର୍ଷ ପର୍ଯ୍ୟନ୍ତ ଆବିସିନିଆର ରାଜତନ୍ତ୍ରଟି ମଧ୍ୟ ଅନିଶ୍ଚିତ ଭାବରେ ତିଷ୍ଠି ରହିଥିବ । ଏସିଆରେ, ତୁରସ୍କ ସାମ୍ରାଜ୍ୟର ଭଗ୍ନାବଶେଷ ମଧ୍ୟରୁ ତିନୋଟି ବା ଚାରୋଟି ନୂତନ ଜାତିଙ୍କର ଆବିର୍ଭାବ ହେବ ସତ, ମାତ୍ର ଯଥେଷ୍ଟ ପରିପକ୍ୱତା ଅର୍ଜନ କରି ନ ଥିବାରୁ ଏମାନେ ଅନ୍ତତଃ କିଛି ସମୟ ପର୍ଯ୍ୟନ୍ତ କୌଣସି ଗୋଟିଏ ବୃହତ୍‌ଶକ୍ତିର ପ୍ରଭାବ ଅଥବା ସୁରକ୍ଷାର ଛାୟାତଳେ ରହିବା ଲାଗି ବାଧ୍ୟ ହେବେ । ଇଉରୋପରେ ଆଲ୍‌ସେସ୍ ଏବଂ ପୋଲାଣ୍ଡ ଚାଲିଯିବା ଫଳରେ ଜର୍ମାନୀର ଆକୃତି ଛୋଟ ହୋଇ ଆସିବ, ଅଷ୍ଟ୍ରୀୟ ସାମ୍ରାଜ୍ୟ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯିବ, ଆଡ୍ରିଆଟିକ୍ ଉପକୂଳାଞ୍ଚଳ ପୁନର୍ବାର ସର୍ବିୟା ଏବଂ ଇଟାଲୀ ହାତରେ ରହିବ, ଚେକ୍ ଏବଂ ପୋଲିଶ ଜାତିଦ୍ୱୟ ସେମାନଙ୍କର ସ୍ୱତନ୍ତ୍ରତା ଲାଭ କରିବେ, ବଲ୍‌କାନ୍ ଅନ୍ତରୀପ ଓ ସନ୍ନିହିତ ରାଜ୍ୟଗୁଡ଼ିକର ସୀମାଗୁଡ଼ିକରେ କେତେକ ପରିମାଣରେ ଏକ ପୁନଃନିର୍ଦ୍ଧାରଣ ହେବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏସବୁର ଫଳରେ ପୃଥିବୀର ମାନଚିତ୍ରରେ ଏକ ବୃହତ୍ ପରିବର୍ତ୍ତନ ଘଟିବ, ମାତ୍ର ତଥାପି ଏଗୁଡ଼ିକ ଦ୍ୱାରା କୌଣସି ମୂଳଭୂତ ରୂପାନ୍ତର ଆଦୌ ଘଟିବ ନାହିଁ । ବେଶ୍ କେତୋଟି ନୂତନ ସ୍ୱାଧୀନ ଜାତିର ସୃଷ୍ଟି ହେବା ଦ୍ୱାରା ଜାତୀୟତାବାଦର ବର୍ତ୍ତମାନ ପ୍ରବୃତ୍ତିଟି ନିଶ୍ଚୟ କିଞ୍ଚିତ୍ ପ୍ରସାର ଲାଭ କରିବ; ଏବଂ, ବିଜୟୀ ସାମ୍ରାଜ୍ୟଗୁଡ଼ିକର ପ୍ରକୃତ ରାଜ୍ୟ-ସୀମାରେ ପ୍ରସାର ଘଟିବା ଫଳରେ, ସେମାନଙ୍କର ପ୍ରଭାବ ବିଶ୍ୱବ୍ୟାପୀ ହୋଇଯିବା ଫଳରେ ଏବଂ ଆନ୍ତର୍ଜାତିକ କ୍ଷେତ୍ରରେ ସେମାନଙ୍କର ଦାୟିତ୍ୱଗୁଡ଼ିକ ବଢ଼ିଯିବା ଫଳରେ ସାମ୍ରାଜ୍ୟକୁ ଏକକ କରି ଗୋଟିଏ ଗୋଟିଏ ସମୂହ ଗଢ଼ିବାର ବର୍ତ୍ତମାନ ପ୍ରବୃତ୍ତିଟି ମଧ୍ୟ ଅନେକ ଅଧିକ ଅଭିବୃଦ୍ଧି ଲାଭ କରିବ ।

ତଥାପି, ଏଥିରୁ କେତୋଟି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଫଳ ଅବଶ୍ୟ ହାସଲ ହୋଇପାରିବ, ଯାହାକି ପରିଶେଷରେ ଏକ ବିଶ୍ୱ-ସଂଘର ସ୍ଥାପନା ଦିଗରେ ବାଟ ଫିଟାଇ ଦେଇଯିବ । ଯୁଦ୍ଧର ଏବଂ ସେହି ଯୁଦ୍ଧ ଘୋଷଣା କରିଥିବା ମୁକ୍ତଜାତିଦ୍ୱର ସିଦ୍ଧାନ୍ତଟିରୁ ଯେଉଁ ରୁଷ-ବିପ୍ଳବ ଜନ୍ମଲାଭ କରିଛି, ତାହାର ବୈପ୍ଳବିକ ତତ୍ତ୍ୱଟି ଯଦି ପ୍ରକୃତରେ ବିଜୟଲାଭ କରେ ଓ ପ୍ରତିଷ୍ଠିତ ହୋଇ ରହେ, ତେବେ ତଦ୍ଦ୍ୱାରା ଏକ ଆକ୍ରମଣ-ପ୍ରବଣ ସାମ୍ରାଜ୍ୟରୂପେ ରୁଷିଆର ଅନ୍ତର୍ଦ୍ଧାନ ଘଟିବ ଏବଂ ବର୍ତ୍ତମାନ ଯେଉଁଠି ଏକ ସାମ୍ରାଜ୍ୟବାଦୀ ସମଷ୍ଟି ଦେଖିବାକୁ ମିଳୁଛି, ତାହା ସ୍ଥାନରେ ଏକ ରୂପାନ୍ତର ଘଟି ମୁକ୍ତ ସାଧାରଣତନ୍ତ୍ରଗୁଡ଼ିକର

'oaob.nitrkl.ac.in' images reprocessed

ଏକ ସମୂହ ବା ସଂଘର ପ୍ରତିଷ୍ଠା ହେବ ଓ ସେଇଟିକୁହିଁ ଆମେ ଏହି କ୍ଷେତ୍ରରେ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଫଳ ବୋଲି କହିବା । ଦ୍ୱିତୀୟ ପରିଣାମଟି ସ୍ୱରୂପ, ଜର୍ମାନୀମାର୍କା ଯେଉଁ ସାମ୍ରାଜ୍ୟବାଦଟି ଏପର୍ଯ୍ୟନ୍ତ ରହି ଆସିଥିଲା, ସେଇଟି ଖଣ୍ଡ ଖଣ୍ଡ ହୋଇ ନଷ୍ଟ ହୋଇଯିବ ଏବଂ ତା' ଅଧୀନରେ ପ୍ରପୀଡ଼ିତ ହୋଇ ରହି ଆସିଥିବା ଅନେକ ସ୍ୱତନ୍ତ୍ରଜାତି ତଦ୍ୱାରା ନିଷ୍କୃତିଲାଭ କରିବେ ।[୨] ତୃତୀୟତଃ, ଆପଣାର ଏକ ସ୍ୱତନ୍ତ୍ର ପରିଚୟ ବହନ କରୁଥିବା ଜାତିଗୁଡ଼ିକର ସଂଖ୍ୟା ଅନେକଗୁଣ ବଢ଼ିଯିବ, ଅନ୍ୟ ସମସ୍ତେ ସେମାନଙ୍କର ସ୍ୱତନ୍ତ୍ର ଅସ୍ତିତ୍ୱଟିକୁ ସ୍ୱୀକୃତି ଦିଅନ୍ତୁ ବୋଲି ସେମାନେ ଦାବି କରିବାକୁ ଆରମ୍ଭ କରିବେ, ବିଶ୍ୱବ୍ୟବସ୍ଥାର କ୍ଷେତ୍ରରେ ସେମାନଙ୍କର ମଧ୍ୟ ନ୍ୟାୟତଃ ଏକ ମତ ରହିଛି ବୋଲି ଦାବି ଉତ୍ତୋଳନ କରିବେ; ଏବଂ ଏହାରି ଫଳରେହିଁ ଆନ୍ତର୍ଜାତିକ ସମସ୍ୟାଗୁଡ଼ିକର ଏକ ଚୂଡ଼ାନ୍ତ ସମାଧାନ ହିସାବରେ ଏକ ସ୍ୱତନ୍ତ୍ର ବିଶ୍ୱସଂଘ-ସ୍ଥାପନାର ବିଚାରଟିହିଁ ଅଧିକରୁ ଅଧିକ ବଳ ପାଇବାରେ ଲାଗିବ । ଏକ ଚତୁର୍ଥ ଫଳରୂପେ, ପରିବର୍ତ୍ତିତ ପରିସ୍ଥିତି ଦ୍ୱାରା ବାଧ୍ୟ ହୋଇ ବ୍ରିଟିଶ୍ ଜାତି ଯେତେବେଳେ ବ୍ରିଟିଶ୍ ସାମ୍ରାଜ୍ୟର ପୁନର୍ଗଠନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିବେ, ସେତେବେଳେ ସ୍ୱତନ୍ତ୍ର ଜାତିତ୍ୱର ସେହି ସୀମିତ ସିଦ୍ଧାନ୍ତଟିକୁ ସେମାନଙ୍କୁ ଅବଶ୍ୟ ସ୍ୱୀକାର କରିନେବାକୁ ପଡ଼ିବ ।

ଏହି ବିକାଶଟି ଦୁଇଟି ରୂପ ନେବ; – ପ୍ରଥମରେ ଆୟର୍ଲାଣ୍ଡ ଏବଂ ଭାରତବର୍ଷ ଲାଗି ସ୍ୱଶାସନର ସିଦ୍ଧାନ୍ତଟିକୁ ସ୍ୱୀକାର କରି ନିଆଯିବ ଏବଂ ଦ୍ୱିତୀୟରେ ସାମ୍ରାଜ୍ୟ ଭିତରେ ରହିଥିବା ପ୍ରତ୍ୟେକ ଜାତି ଆପଣାର ଏକ ସ୍ୱତନ୍ତ୍ର ମତ ରହିଛି ବୋଲି ଯେଉଁ ଦାବି କରୁଛି, ସେହି ଦାବିଟିକୁ ମଧ୍ୟ ସ୍ୱୀକାର କରି ନିଆଯିବ । ଏବଂ ସ୍ୱଶାସନର ସିଦ୍ଧାନ୍ତଟିକୁ ସ୍ୱୀକାର କରି ନିଆଯିବା ପରେ ଏହି ମତାଧିକାର କହିଲେ କେବଳ ଏକ ମୁକ୍ତ ଓ ସମାନ ମତାଧିକାରକୁହିଁ ବୁଝାଇବ ।[୩] ଏକାଠି ମିଳାଇକରି ଦେଖିଲେ ଏହି ଦୁଇଟିଯାକ ଘଟଣାରୁ

---

୧. ସିଦ୍ଧାନ୍ତ ଅନୁସାରେ ଏଗୁଡ଼ିକ ଯେତେ ସ୍ୱତନ୍ତ୍ର ରହିବେ ବୋଲି କୁହାଯାଇ ଥିଲା, ବଲ୍‌ଶେଭିକ୍ ଶାସନରେ ସେମାନେ କାର୍ଯ୍ୟତଃ ଆଦୌ ସେତେଦୂର ସ୍ୱତନ୍ତ୍ର ନାହାନ୍ତି । ମାତ୍ର ତଥାପି ସିଦ୍ଧାନ୍ତଟି ଯାହା ଥିଲା ତାହାହିଁ ରହିଛି ଏବଂ ଅଧିକ ମୁକ୍ତ ଏକ ଭବିଷ୍ୟତରେ ଏହାର ଯଥୋଚିତ ଭାବରେ ବିକଶିତ ହେବାର ସାମର୍ଥ୍ୟ ମଧ୍ୟ ରହିଛି ।

୨. ଜଣେ ଏକାଧିନାୟକ ଅଧୀନରେ ଜର୍ମାନୀରେ ବର୍ତ୍ତମାନ ଯେଉଁ ସାମରିକ ଶାସନ ଦୃଢ଼ ଆସନ ଜମାଇ ରହିଛି, ସେଥିରୁ ଏହି ଫଳଟି ଦୁର୍ଭାଗ୍ୟବଶତଃ ପ୍ରାୟ ନିୟତିନିର୍ଦ୍ଦିଷ୍ଟ ଭାବରେ ଅନ୍ତର୍ହିତ ହୋଇଯିବ ବୋଲି ମନେ ହେବାକୁ ଲାଗିଲାଣି ।

୩. ବର୍ତ୍ତମାନ ଏହାକୁ ଔପନିବେଶିକ ସ୍ୱାଧୀନତା ବୋଲି କୁହାଯାଉଛି । ଦୁର୍ଭାଗ୍ୟବଶତଃ, କେବଳ ଏକ ପ୍ରଚଣ୍ଡ ଆନ୍ଦୋଳନ ପରେହିଁ ଆୟର୍ଲାଣ୍ଡରେ ଏହି ସ୍ୱୀକୃତିଟି ପ୍ରକୃତରେ କାର୍ଯ୍ୟକାରୀ ହୋଇଥିଲା

'oaob.nitrkl.ac.in' images reprocessed

ଆମେ ଏହାହିଁ ବୁଝିବା ଯେ ଆଗରୁ ଯେଉଁଠି ସାମ୍ରାଜ୍ୟ ରହିଥିଲା ଓ ଜାତୀୟତାବାଦୀ ସାମ୍ରାଜ୍ୟବାଦର ସେହି ପୁରୁଣା ସିଦ୍ଧାନ୍ତଟିକୁ କଳେବର ଦେଇ ରଖିଥିଲା, ସର୍ବପ୍ରତିପତ୍ତିଶାଳୀ କେବଳ ଗୋଟିଏ ଜାତିର ଅର୍ଥାତ୍ ଇଂଲଣ୍ଡର ସର୍ବୋଚ୍ଚ ଶାସନ-ନିୟନ୍ତ୍ରଣର ବ୍ୟବସ୍ଥା ଦ୍ୱାରାହିଁ ଯେଉଁ ସାମ୍ରାଜ୍ୟବାଦ ଆପଣାଙ୍କୁ ପ୍ରକଟକରି ରଖିଥିଲା, ସେଇଟି କ୍ରମଶଃ ବଦଳିଯାଇ ପରିଶେଷରେ ବିଭିନ୍ନ ଜାତିଙ୍କୁ ନେଇ ଏକ ମୁକ୍ତ ଏବଂ ସମାନ ରାଷ୍ଟ୍ରମଣ୍ଡଳ ବା କମନ୍‌ୱେଲ୍‌ଥ୍‌ରେ ପରିଣତ ହୋଇପାରିଲା ଏବଂ ଏହି ଜାତିମାନେ ଏକ ପାରସ୍ପରିକ ସଦିଚ୍ଛା ଓ ସହମତି ଦ୍ୱାରା ପରସ୍ପର ସହିତ ସୁନମ୍ୟ ସହଯୋଗ ରକ୍ଷା କରିପାରିଲେ ଏବଂ ଆପଣାର ସାଧାରଣ ବ୍ୟାପାର ଗୁଡ଼ିକର ନିର୍ବାହ କରିପାରିଲେ । ଅର୍ଥାତ୍, ଅନ୍ୟ ଭାଷାରେ କହିଲେ, କେତେକ ସୀମିତତା ସହିତ ହେଲେ ମଧ୍ୟ ଏହି ନୂତନ ବିକାଶଟି ଭବିଷ୍ୟତ ଲାଗି ଠିକ୍ ସିଦ୍ଧାନ୍ତଟିକୁ ଆଣି କାର୍ଯ୍ୟକାରୀ କରିବାକୁ ବୁଝାଇ ପାରିଲା, ଯାହାକି ଏକ ବୃହତ୍ତର ପରିସରରେ ଏକ ମୁକ୍ତ ବିଶ୍ୱ-ରାଷ୍ଟ୍ରର ଗଠନରେ ଅନ୍ତଃସୂତ୍ର ପରି ଅବଶ୍ୟ କାର୍ଯ୍ୟ କରିପାରିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏଥିଲାଗି ଆହୁରି ଅନେକ କାର୍ଯ୍ୟ ସାଧନ କରିବାକୁ ପଡ଼ିବ, କେତେବେଳେ ସଂପ୍ରସାରଣ ଘଟାଇବାକୁ ପଡ଼ିବ ଏବଂ ଅନେକ ପ୍ରତିଶକ୍ତିର ବାଧାକୁ ମଧ୍ୟ ଅତିକ୍ରମ କରିପାରିବାକୁ ହେବ, ଏବଂ ତା'ପରେ ଯାଇ ଏହିପରି ଗୋଟିଏ ରାଷ୍ଟ୍ରମଣ୍ଡଳ ପ୍ରକୃତରେ ଏକ ଉପଲବ୍ଧ ଘଟଣାରେ ପରିଣତ ହୋଇପାରିବ;

---

ଏବଂ ଦେଶ ଦୁଇ ଖଣ୍ଡରେ ଅଲଗା ଅଲଗା ହୋଇଯିବା ଫଳରେ ସେହି ସ୍ୱୀକୃତିରେ ଏକ କଳଙ୍କ ମଧ୍ୟ ଲାଗିଥିଲା । ଭାରତବର୍ଷରେ ଏକ ଶକ୍ତିଶାଳୀ ଅହିଂସ ପ୍ରତିରୋଧ ପରେ ସେଠାରେ ମଧ୍ୟ ଏହାର ସ୍ୱୀକୃତି ମିଳିଲା, ମାତ୍ର କେବଳ ଏକ ଖଣ୍ଡିତ ଓ ବିକୃତ ଆକାରରେହିଁ ମିଳିଲା ଏବଂ ପୂର୍ଣ୍ଣ ସ୍ୱତନ୍ତ୍ରତାଦାନକୁ ଏକ ଦୂର ଭବିଷ୍ୟକୁ ଘୁଞ୍ଚାଇ ଦିଆଗଲା । ମିଶରରେ ମଧ୍ୟ କେବଳ ଏକ ସଂଗ୍ରାମ ପରେ ଯାଇ ସ୍ୱାଧୀନତା ମିଳିଥିଲା, ମାତ୍ର ସେଠାରେ ମଧ୍ୟ ଏକ ସନ୍ଧିଫଳରେ ବ୍ରିଟିଶ୍ ନିୟନ୍ତ୍ରଣକୁ ବଜାୟ ରଖା ଯାଇଥିଲା । ତଥାପି, ଏକ ସ୍ୱାଧୀନ ଇରାକ୍, ସ୍ୱାଧୀନ ଆରବ ରାଜ୍ୟ ଓ ସିରିଆର ସାଧାରଣତନ୍ତ୍ରଗୁଡ଼ିକୁ ସୃଷ୍ଟି କରିବାରେ, ପାରସ୍ୟଦେଶରୁ ସାମ୍ରାଜ୍ୟବାଦୀ ପ୍ରଭାବଟିକୁ ପ୍ରତ୍ୟାହୃତ କରିନେବାରେ ଓ ସର୍ବୋପରି, ପୂର୍ବେ ଯେଉଁଠି ପ୍ରତିପତ୍ତି ବିସ୍ତାର କରି ଏକ ସାମ୍ରାଜ୍ୟ ରହିଥିଲା, ବିଭିନ୍ନ ଜାତିମାନଙ୍କୁ ନେଇ ଗଠିତ ହୋଇଥିବା ଏକ ରାଜ୍ୟମଣ୍ଡଳ ଭିତରେ ଆଭ୍ୟନ୍ତରୀଣ କ୍ଷେତ୍ରରେ ପ୍ରତ୍ୟେକ ରାଜ୍ୟ ଲାଗି ଏକ ସ୍ୱାଧୀନ ଏବଂ ସମାନ ସ୍ଥାନର ପ୍ରଣୟନ କରିଥିବା ଔପନିବେଶିକ ସ୍ୱାଧୀନତାକୁ ଏକ ଅନୁଷ୍ଠାନରୂପେ ସ୍ୱୀକାର କରି ନେବାରେ ଜାତୀୟତାବାଦୀ ସିଦ୍ଧାନ୍ତହିଁ ପ୍ରକୃତରେ ଆପଣାକୁ କାର୍ଯ୍ୟକାରୀ କରିଥିଲା । ଏବଂ ଯେତେ ଅପୂର୍ଣ୍ଣ ଓ ଅଭାବଯୁକ୍ତ ହୋଇଥିଲେ ମଧ୍ୟ ଏହିସବୁ ପ୍ରାପ୍ତଫଳ କ୍ରମଶଃ ସେହିସବୁ ବୃହତ୍ତର ସିଦ୍ଧିକୁ ପ୍ରସ୍ତୁତ କରି ଆଣିଲା, ଯାହାକି ବର୍ତ୍ତମାନ ସ୍ୱତନ୍ତ୍ର ଜାତିସମୂହଙ୍କର ଏକ ନୂତନ ପୃଥିବୀର ଏକ ଅଂଶରୂପେ ଆପଣାକୁ କାର୍ଯ୍ୟକାରୀ କରିବାରେ ଲାଗିଛି ।

'oaob.nitrkl.ac.in' images reprocessed

ମାତ୍ର, ଅନ୍ତତଃ ସିଦ୍ଧାନ୍ତର ସ୍ତରରେ ଯେ ଏହା ଏକ ନିର୍ଦ୍ଦିଷ୍ଟ ଆକାର ଗ୍ରହଣ କରିପାରିଛି, ଅଙ୍କୁରୋଦ୍‌ଗମର କ୍ଷେତ୍ରରେ ଆପଣାକୁ ପ୍ରବିଷ୍ଟ କରାଇ ପାରିଛି, ଆମେ ଏହାକୁହିଁ ବିଶ୍ୱ-ଇତିହାସର ଏକ ଉଲ୍ଲେଖଯୋଗ୍ୟ ଘଟଣା ବୋଲି ଅବଶ୍ୟ କହିପାରିବା । ବର୍ତ୍ତମାନ ଭବିଷ୍ୟ ଲାଗି ଆମ ଆଗରେ ଦୁଇଟି ପ୍ରଶ୍ନ ରହିଛି । ଅନ୍ୟ ଯେଉଁସବୁ ସାମ୍ରାଜ୍ୟ ଏବେ ମଧ୍ୟ ଏକ ପ୍ରତିପତ୍ତିଶାଳୀ କେନ୍ଦ୍ରୀକରଣର ସେହି ପୁରୁଣା ସିଦ୍ଧାନ୍ତଟିକୁ ଜାବୁଡ଼ି ଧରି ବସିଛନ୍ତି, ସେମାନଙ୍କ ଉପରେ ଏହି ନୂତନ ପରୀକ୍ଷାଟିର କିପରି କ’ଣ ପ୍ରଭାବ ପଡ଼ିବ ? ଯଦି ସେହି ପରୀକ୍ଷାଟି ସଫଳତା ଲାଭକରେ, ତେବେ ସେଥିରୁ ଏହି ଫଳଟି ଉପଲବ୍ଧ ହେବ ଯେ, ସେହିସବୁ ଅନ୍ୟ ସାମ୍ରାଜ୍ୟ ଶକ୍ତିଶାଳୀ ନାନା ଜାତୀୟତାବାଦୀ ଆନ୍ଦୋଳନର ଉତ୍ତରୋତ୍ତର ବିକାଶର ସମ୍ମୁଖୀନ ହେବା ସଙ୍ଗେ ସଙ୍ଗେ ସେମାନେ ମଧ୍ୟ ସମ୍ଭବତଃ ଠିକ୍ ସେହି ସମାଧାନଟିକୁ ବା ଏକ ତତ୍ତୁଲ୍ୟ ସମାଧାନକୁ ଗ୍ରହଣ କରିବା ଲାଗି ଆଗଭର ହୋଇ ଆସିବେ; ଜାତିର ବ୍ୟାପାର କ୍ଷେତ୍ରରେ ସେମାନେ ଯେପରି ଯେତେ ଏଠି ସେଠି ପରିବର୍ତ୍ତନ ସହିତ ହେଲେ ମଧ୍ୟ ଇଂଲଣ୍ଡଠାରୁ ତା’ର ସଫଳ ପାର୍ଲିଆମେଣ୍ଟ ଦ୍ୱାରା ଶାସନ କରିବାର ପଦ୍ଧତିଟିକୁ ଗ୍ରହଣ କରି ନେଇଛନ୍ତି, ଠିକ୍ ସେହିପରି । ଦ୍ୱିତୀୟତଃ, ପୃଥିବୀରେ ନବଗଠନଟି ଫଳରେ ସାମ୍ରାଜ୍ୟଗୁଡ଼ିକର ବାହାରେ ଯେଉଁ ଅନେକସଂଖ୍ୟକ ସ୍ୱାଧୀନ ଜାତି ବା ସାଧାରଣତନ୍ତ୍ର ଆବିର୍ଭୂତ ହୋଇ ଆସିବେ, ସେମାନଙ୍କ ସହିତ ଏହି ସାମ୍ରାଜ୍ୟଗୁଡ଼ିକର କ’ଣ କିପରି ସମ୍ବନ୍ଧ ରହିବ ? ସାମ୍ରାଜ୍ୟର ବିଚାରଟି ଆପଣାକୁ ପୁନର୍ବାର ବିସ୍ତୃତିଲାଭ କରାଇବାର ବିପଦଟିକୁ ଏହି ନୂତନ ଜାତିଗୁଡ଼ିକୁ ସୁରକ୍ଷିତ କରି ରଖିବା କିପରି ସମ୍ଭବ ହେବ, ଅଥବା, ଆନ୍ତର୍ଜାତିକ ସମୂହମଣ୍ଡଳଟି ଭିତରେ ସେମାନଙ୍କର ଅସ୍ତିତ୍ୱଟିକୁ କିପରି ସେହି ବୃହତ୍ ଛାୟାବିଶିଷ୍ଟ ସାମ୍ରାଜ୍ୟଗୁଡ଼ିକର ପ୍ରଚଣ୍ଡ କ୍ଷମତାପନ୍ନତା ସହିତ ସହସମନ୍ୱିତ କରି ରଖାଯାଇ ପାରିବ ? ଏହି ସ୍ଥଳରେହିଁ ସ୍ୱାଧୀନ ଜାତିମାନଙ୍କୁ ନେଇ ଗୋଟିଏ ଲୀଗ୍ ଗଠନ କରିବାର ଆମେରିକାର ସେହି ବିଚାରଟି ଆମ ସମକ୍ଷରେ ଆସି ଦଣ୍ଡାୟମାନ ହେବ ଏବଂ ଗୋଟିଏ ସିଦ୍ଧାନ୍ତ ରୂପେ ତାହାର ପ୍ରକୃତରେ ଅନେକ ଔଚିତ୍ୟ ରହିଛି ବୋଲି ଆମେ ନିଶ୍ଚୟ ହୃଦୟଙ୍ଗମ କରି ପାରିବା ।

ଏହି ସିଦ୍ଧାନ୍ତଟିକୁ କାର୍ଯ୍ୟକାରୀ କରାଗଲେ ତାହା ପ୍ରକୃତରେ କିପରି କେଉଁଠି କ’ଣ ସବୁର ପ୍ରବର୍ତ୍ତନ କରିବ, ଦୁର୍ଭାଗ୍ୟବଶତଃ ସେକଥାଟିକୁ ଜାଣିବା ସବୁବେଳେହିଁ ଏକ କଷ୍ଟକର ବ୍ୟାପାର ହୋଇ ରହିଆସିଛି । ପ୍ରଥମେ ପ୍ରେସିଡେଣ୍ଟ୍ ଉଇଲ୍‌ସନ୍‌ହିଁ ଏହି ସିଦ୍ଧାନ୍ତଟିର ବୟାନ କରିଥିଲେ, ଏବଂ ତାଙ୍କର ଉକ୍ତିଗୁଡ଼ିକ ସବୁବେଳେ ଏପରି ବଡ଼ ବଡ଼ ଆଦର୍ଶବାଦର କଥାରେ ଭର୍ତ୍ତି ହୋଇ ରହିଥିଲା, ଯାହାକି ଅନେକ ସମୟରେ ଭାରି ଅସ୍ପଷ୍ଟ ଓ ଝାପ୍‌ସା ଝାପ୍‌ସା ମନେ ହେଉଥିଲା, ସେଥିରେ କେତେ ପ୍ରେରଣାତ୍ମକ ବିଚାର ଏବଂ

'oaob.nitrkl.ac.in' images reprocessed

ବାକ୍ୟାଂଶଗୁଡ଼ିକର ବ୍ୟବହାର ହୋଇଥିଲା ସତ, ମାତ୍ର ସେଗୁଡ଼ିକୁ କାର୍ଯ୍ୟ କ୍ଷେତ୍ରରେ କିପରି ପ୍ରୟୋଗ କରାଯିବ, ସେହି ବିଷୟରେ କୌଣସି ପରିଷ୍କାର ନିର୍ଦ୍ଦିଷ୍ଟ ଚିତ୍ର ଦିଆଯାଇ ନ ଥିଲା । ପ୍ରେସିଡେଣ୍ଟଙ୍କ ମୁଣ୍ଡରେ ପ୍ରକୃତରେ କ'ଣ ସବୁ କଥା ରହିଛି, ତାହା ଜାଣିବାକୁ ହେଲେ ଆମକୁ ଆଲୋକ ଲାଗି ଆମେରିକାର ଜନଗଣଙ୍କର ଅତୀତ ଇତିହାସ ଏବଂ ପାରମ୍ପରିକ ମନୋଦୃଷ୍ଟିକୁ ବିଚାର କରି ଦେଖିବାକୁ ପଡ଼ିବ । ମନୋଭାବ ଓ ସିଦ୍ଧାନ୍ତର କ୍ଷେତ୍ରରେ ଆମେରିକାର ଯୁକ୍ତରାଜ୍ୟ ସର୍ବଦା ଶାନ୍ତି-କାମୀ ହୋଇ ରହିଆସିଛି, ସାମ୍ରାଜ୍ୟବାଦର ବିରୋଧୀ ହୋଇ ରହିଆସିଛି, ତଥାପି ଏସବୁ ତଳେ ଅନ୍ତଃଧାରା ରୂପେ ଏକ ଜାତୀୟତାବାଦୀ ପ୍ରବଣତା ମଧ୍ୟ ସେଠାରେ ସବୁବେଳେ ପ୍ରଚ୍ଛନ୍ନ ରହି ଆସିଛି । ସେହି ପ୍ରବଣତାଟି ଏବେ ଏକ ସାମ୍ରାଜ୍ୟବାଦୀ ଗତି ଧାରଣ କରିବ ବୋଲି ସବୁପ୍ରକାର ଶଙ୍କାର ସୃଷ୍ଟି କରିଥିଲା ଏବଂ ଜାତିକୁ ଦୁଇ ତିନୋଟି ଯୁଦ୍ଧ ଭିତରକୁ ଠେଲି ମଧ୍ୟ ଦେଇଥିଲା । ସେହି ଯୁଦ୍ଧରୁ ଯେଉଁ ବିଜୟ ମିଳିଲା, ଆମେରିକାକୁ ତାହାର ଫଳଗୁଡ଼ିକୁ ଆପଣାର ସାମ୍ରାଜ୍ୟବାଦ-ବିରୋଧୀ ଶାନ୍ତିକାମିତା ସହିତ ଯେକୌଣସି ପ୍ରକାରେ ଏକ ସଂଗତି ରକ୍ଷା କରି ହଜମ କରିବାକୁ ପଡ଼ିଥିଲା । ଯୁଦ୍ଧ କରି ଆମେରିକା ମେକ୍ସିକାନ୍ ଟେକ୍ସାସ୍‌କୁ ନିଜର ରାଜ୍ୟରେ ଏକାଠି ମିଶାଇ ଦେଇଥିଲା, ତା'ପରେ ସେଇଟିକୁ ନିଜ ସଂଘଟି ମଧ୍ୟରେ ଗୋଟିଏ ରାଜ୍ୟରୂପେ ପରିଣତ କରି ଦେଇଥିଲା ଏବଂ ଆମେରିକୀୟ ଉପନିବେଶ-ବାଦୀମାନଙ୍କ ଦ୍ୱାରା ସେହି ରାଜ୍ୟଟିକୁ ପ୍ରପୀଡ଼ିତ କରି ପକାଇଲା । ସ୍ପେନ୍‌ଠାରୁ କିଉବାକୁ ଜୟ କଲା, ପ୍ରଥମେ ସ୍ପେନ୍‌ଠାରୁ ଓ ତା'ପରେ ବିଦ୍ରୋହୀ ଫିଲିପିନୋମାନଙ୍କଠାରୁ ଫିଲିପାଇନ୍ ଦ୍ୱୀପପୁଞ୍ଜକୁ ଜୟ କରି ଆଣିଲା; ମାତ୍ର ସେହିସବୁ ଦେଶରେ ଉପନିବେଶ ସ୍ଥାପନକାରୀମାନଙ୍କୁ ନେଇ ଭର୍ତ୍ତି କରି ନ ପାରିବାରୁ ଆମେରିକାର ପ୍ରଭାବମଣ୍ଡଳଟିକୁ ରକ୍ଷା କରି ତାହା କିଉବାକୁ ପୁଣି ସ୍ୱାଧୀନ କରିଦେଲା ଏବଂ ଫିଲିପିନୋମାନଙ୍କୁ ମଧ୍ୟ ପୂର୍ଣ୍ଣ ସ୍ୱାଧୀନତା ଦେବା ଲାଗି ପ୍ରତିଶ୍ରୁତି ଦେଲା । ଆମେରିକାର ଆଦର୍ଶବାଦଟି ସବୁବେଳେହିଁ ଆମେରିକାର ସ୍ୱାର୍ଥଗୁଡ଼ିକୁ ରକ୍ଷା କରିବାର ଏକ ଧୂର୍ତ୍ତ ସଚେତନତା ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ ହୋଇଆସିଛି, ଏବଂ ଆମେରିକାର ରାଜନୀତିକ ବିଚାର ତା'ର ସଂବିଧାନଟିକୁ ସୁରକ୍ଷିତ କରି ରଖିବାକୁହିଁ ଏହି ଯାବତୀୟ ସ୍ୱାର୍ଥ ମଧ୍ୟରେ ସର୍ବୋଚ୍ଚ ସ୍ୱାର୍ଥ ବୋଲି ଗ୍ରହଣ କରାଯିବା ଉଚିତ । ଏହି ଦୃଷ୍ଟିରୁ, ବହିରାଗତ ହେଉ ଅଥବା ଆମେରିକୀୟ ହେଉ, ସକଳ ସାମ୍ରାଜ୍ୟବାଦକୁହିଁ ଏକ ପ୍ରାଣଘାତକ ପ୍ରମାଦକାରୀ ଘଟଣା ରୂପେ ଅନୁଭବ କରିପାରିବା ଉଚିତ ।

ଏହାରି ଏକ ଫଳସ୍ୱରୂପ ଏବଂ ମିତ୍ର-ଶକ୍ତିମାନଙ୍କର ଆହୁରି ଅଧିକ ପରିମାଣରେ ସୀମିତ ଲକ୍ଷ୍ୟ ଓ ଅଭୀଷ୍ଟଟି ସହିତ ଏହାକୁ ଅନିବାର୍ଯ୍ୟ ଭାବରେ ସନ୍ନିଶ୍ରିତ ହୋଇ ରହିବାର

'oaob.nitrkl.ac.in' images reprocessed

ଫଳସ୍ୱରୂପ ମଧ୍ୟ, ଏହି କ୍ଷେତ୍ରରେ ଯେଉଁ 'ଲୀଗ୍ ଅଫ୍ ନେଶନ୍‌ସ'ଟି ଗଠିତ ହେଲା, ତାହା ଆପଣା ଭିତରେ ଏକ ଅବସରବାଦୀ ଓ ଏକ ଆଦର୍ଶବାଦୀ ଦୁଇଟିଯାକ ଉପାଦାନକୁ ସ୍ଥାନ ଦେବା ଲାଗି ବାଧ୍ୟହିଁ ହୋଇଥିଲା । ଯୁଦ୍ଧର ବିଭୀଷିକାଟି ମଧ୍ୟରୁ ବାହାରି ଆସିବା ସଙ୍ଗେ ସଙ୍ଗେ ପୃଥିବୀର ମାନଚିତ୍ର ଓ ରାଜନୀତିକ ଗଠନଟି ଯେପରି ରୂପ ଗ୍ରହଣ କରିଥିଲା, ତାହାକୁହିଁ ଆଇନ୍‌ସଙ୍ଗତ ଓ ଠିକ୍ ବୋଲି ଅନୁମୋଦିତ କରିନେବାହିଁ ଅବସରବାଦୀ ଉପାଦାନଟିର ସର୍ବପ୍ରଥମ କାର୍ଯ୍ୟକାରୀ ରୂପ ହେବାକୁ ବାଧ୍ୟ ହେଲା । ଏବଂ ଆଦର୍ଶବାଦୀ ପାଖଟିରେ, ଯଦି ଲୀଗ୍ ଭିତରେ ଆମେରିକା ଆପଣାର ପ୍ରଭାବଟିକୁ କାର୍ଯ୍ୟକାରୀ କରି ଏଇଟିର ସମର୍ଥନ କରେ, ତେବେ ଲୀଗ୍‌ର ଯାବତୀୟ କାର୍ଯ୍ୟକଳାପରେ ଗଣତାନ୍ତ୍ରିକ ନୀତିଟିରହିଁ ଅଧିକରୁ ଅଧିକ ପରିମାଣରେ ପ୍ରୟୋଗ କରିବା ଲାଗି ନିଶ୍ଚୟ ଏକ ଅନୁକୂଳତା ମିଳିଯିବ । ଏବଂ ଏହାର ଫଳସ୍ୱରୂପ ହୁଏତ ପରିଶେଷରେ ଏଥିରୁ ଏକ ବିଶ୍ୱଯୁକ୍ତରାଜ୍ୟ କ୍ରମୋଦ୍‌ଭୂତ ହୋଇଆସିବ, ଯେଉଁଥିରେକି ଶାସନକାରୀ ସଂସ୍ଥାଟିରୂପେ ଜାତିସମୂହର ଏକ ଗଣତାନ୍ତ୍ରିକ କଂଗ୍ରେସ ବା ମହାସଭା ସଂସ୍ଥାପିତ ହୋଇରହିବ । ପୃଥିବୀର ମାନଚିତ୍ରଟିକୁ ଆଇନ୍‌ସଙ୍ଗତ ଓ ଠିକ୍ ବୋଲି ଅନୁମୋଦିତ କରାଇନେଲେ ତଦ୍ୱାରା ଯୁଦ୍ଧର ଆଶଙ୍କାଟିକୁ ଯଥାସମ୍ଭବ ହ୍ରାସ କରି ରଖିବାର ସୁଫଳଟି ଅବଶ୍ୟ ମିଳିବ । ଅବଶ୍ୟ ଏକଥା ସତ ଯେ ଯଦି ଏକ ପ୍ରକୃତ ଲୀଗ୍ ଅଫ୍ ନେସନ୍‌ସ ଆପଣାକୁ ବ୍ୟାବହାରିକ ବୋଲି ସାବ୍ୟସ୍ତ କରିବ ଏବଂ ଯଦି ତାହା ପ୍ରକୃତରେ ସଫଳତା ଲାଭ କରିବ, ତେବେଯାଇ ତାହା ହେବ । କାରଣ ସର୍ବୋତ୍‌କୃଷ୍ଟ ପରିସ୍ଥିତିରେ ମଧ୍ୟ ଲୀଗ୍ ଅଫ୍ ନେଶନ୍‌ସ୍ ଆପଣାକୁ ବ୍ୟାବହାରିକ ବୋଲି ସାବ୍ୟସ୍ତ କରିବ ଏବଂ ନିଶ୍ଚୟ ସଫଳତା ହାସଲ କରିବ ବୋଲି କଦାପି କୁହାଯାଇ ପାରିବ ନାହିଁ ।* ମାତ୍ର ଏଥିରୁ ଏକ ଖରାପ ଫଳ ମଧ୍ୟ ଫଳିବ; ଏବଂ ଯେଉଁଟି ପ୍ରକୃତ ସ୍ଥିତିରେ ଅଂଶତଃ କୃତ୍ରିମ, ଅନିୟମିତ, ଅସଂବଦ୍ଧ ଏବଂ କେବଳ କେତେକ ସମୟ ଲାଗିହିଁ ଉପଯୋଗୀ ହେବାକୁ ବାଧ୍ୟ ହୋଇଥାନ୍ତା, ଏହା ତାହାକୁ ଗୋଟିଏ ଅପରିବର୍ତ୍ତନୀୟ ଖାସ୍ ଛାଞ୍ଚରେ ପରିଣତ କରିଦେଇ ଯିବାର ଏକ ପ୍ରବୃତ୍ତି ରଖିଥିବ । ଶୃଙ୍ଖଳା ଏବଂ ସ୍ଥିରତା ଆଣିବା ସକାଶେ ଆଇନ୍ ଅବଶ୍ୟ ଦରକାର, ମାତ୍ର ପରିସ୍ଥିତି ଏବଂ ନୂତନ ଆବଶ୍ୟକତାମାନ ଆବଶ୍ୟକ କରିବା ସଙ୍ଗେସଙ୍ଗେ ପ୍ରଚଳିତ ଆଇନ୍‌ଗୁଡ଼ିକୁ ବଦଳାଇ ଦେଇ ପାରିବା ପାଇଁ ଯଦି ଏଥିରେ ଏକ ଫଳପ୍ରଦ ବିଧାନ ଓ ବ୍ୟବସ୍ଥା ନ ଥାଏ, ତେବେ ସେହି ଆଇନ୍ କ୍ରମଶଃ ଏକ ରକ୍ଷଣଶୀଳ ଏବଂ ବାଧକ ଶକ୍ତିରେହିଁ ପରିଣତ ହୋଇଯାଏ ।

---

* ପରେ 'ଲୀଗ ଅଫ୍ ନେଶନ୍‌ସ୍' ଗଢ଼ାହେଲା, ଆମେରିକା ତା'ର ବାହାରେ ରହିଲା । ମାତ୍ର ଲୀଗ୍ ଇଉରୋପୀୟ କୂଟନୀତି ପାଇଁହିଁ ଏକ ଅସ୍ତ୍ରରୂପେ ବ୍ୟବହୃତ ହେଲା ଏବଂ ତାହାହିଁ ଭବିଷ୍ୟତ ଲାଗି ,ଏକ ଅଶୁଭ ସଙ୍କେତ ହୋଇ ରହିଲା ।

'oaob.nitrkl.ac.in' images reprocessed

ଏବଂ ଯଦି ଏକ ପ୍ରକୃତ ପାର୍ଲିଆମେଣ୍ଟ୍, କଂଗ୍ରେସ ବା ଜାତିମାନଙ୍କୁ ନେଇ ଗଢ଼ା ହୋଇଥିବା ଗୋଟିଏ କାଉନ୍‌ସିଲ୍ ପ୍ରତିଷ୍ଠିତ ହୋଇ ରହିପାରେ, ତେବେଯାଇ ସେହି ବ୍ୟବସ୍ଥା ଲାଗି ଏକ ସମ୍ଭାବନା ରହିଥାଏ । ମାତ୍ର, ସେଇଟି ସମ୍ଭବ ହେବା ପୂର୍ବରୁ, ପୁରାତନ ସିଦ୍ଧାନ୍ତଗୁଡ଼ିକୁ ଘଣ୍ଟ ଘୋଡ଼ାଇ ରଖିବା ଲାଗି ଅଧିକରୁ ଅଧିକ ପରିମାଣରେ ହେଉଥିବା ପ୍ରୟାସଟିର ଓ ତାହାର ଶକ୍ତିଟିର ଆମେ କିପରି ସମ୍ମୁଖୀନ ହୋଇପାରିବା ଏବଂ ଏପରି ଏକ ବିବର୍ତ୍ତନ ବିଷୟରେ ନିଶ୍ଚିତ ହୋଇ ରହିପାରିବା ଯାହାକି ଗଣତାନ୍ତ୍ରିକ ଆମେରିକାନ୍ ଆଦର୍ଶଟି ଇଚ୍ଛା କରୁଥିବା ସେହି ପରିପୂର୍ଣ୍ଣତାଟି ଆଡ଼କୁ ଆମକୁ ବାଟ ଦେଖାଇ ନେଇଯାଇ ପାରିବ ? ଆମେରିକା ଏହିପରି ଏକ ଲୀଗ୍‌ରେ କେବଳ ଉପସ୍ଥିତ ରହିଲେ ଅଥବା ସେଠାରେ ଆପଣାର ପ୍ରଭାବ ପକାଇ ପାରିଲେ ତାହା ଉଦ୍ଦେଶ୍ୟସାଧନ ଲାଗି କଦାପି ଯଥେଷ୍ଟ ହେବ ନାହିଁ । କାରଣ ତାହାରି ପାର୍ଶ୍ୱବର୍ତ୍ତୀ ହୋଇ ଅନ୍ୟାନ୍ୟ କେତେକେତେ ପ୍ରଭାବ ବି ନିଶ୍ଚୟ ରହିଥିବ, ଯାହାକି ସ୍ଥିତାବସ୍ଥାଟିକୁ ଅକ୍ଷୁଣ୍ଣ କରି ରଖିବାକୁହିଁ ଆପଣାର ସ୍ୱାର୍ଥ ବୋଲି ମଣୁଥିବ, ଏବଂ ଆହୁରି କେତେକ ପ୍ରଭାବ ରହିଥିବ, ଯାହାକି ସାମ୍ରାଜ୍ୟବାଦୀ ସମାଧାନଟିକୁ ବିକଶିତ କରାଇ ଆଣିବାକୁହିଁ ଇଚ୍ଛା କରୁଥିବ । ତେଣୁ ଏହି କ୍ଷେତ୍ରରେ ଆଉଗୋଟିଏ ଶକ୍ତି ଓ ଆଉଗୋଟିଏ ପ୍ରଭାବ ରହିବା ଆବଶ୍ୟକ ହେବ । ଏବଂ, ଯଦି ରୁଷିଆର ଆଦର୍ଶଟିର ଯଥାର୍ଥ ପ୍ରୟୋଗ କରାଯାଏ ଏବଂ ତାହାକୁ ଏକ ଶକ୍ତି ରୂପେ ବଞ୍ଚାଇ ରଖାଯାଏ, ତେବେ ହୁଏତ ତାହାହିଁ ଏହି କ୍ଷେତ୍ରରେ ଆମକୁ ଆସି ସାହାଯ୍ୟ କରିପାରିବ ଓ ନିଜର ଔଚିତ୍ୟଟିକୁ ସାବ୍ୟସ୍ତ ମଧ୍ୟ କରିବ । ଆହୁରି ଏକ ଅଦୃଷ୍ଟପୂର୍ବ ଉଦ୍ଦେଶ୍ୟର ସାଧନ ନିମିତ୍ତ ମନୁଷ୍ୟ-ସଂସାରର ପିଣ୍ଡଟିକୁ ପୁନରାକୃତ କରି ଗଢ଼ିବାର ଆପଣାର ବିରାଟ ଯନ୍ତଟି ମଧ୍ୟକୁ ଉପାଦାନ ସ୍ୱରୂପ ପ୍ରକୃତି ଯେଉଁ ତିନୋଟି ସାମ୍ରାଜ୍ୟବାଦ-ବିରୋଧୀ ଶକ୍ତିକୁ ଆଣି ହୁଏତ ନିକ୍ଷେପ କରିବାକୁ ଯାଉଛି, ଆମ ଉଦ୍ଦେଶ୍ୟଟିର ସାଧନ ଲାଗି ହୁଏତ ସେଇଟିହିଁ ତିନୋଟି ମଧ୍ୟରେ ସବୁଠାରୁ ଅଧିକ ଆଗ୍ରହସଂଚାରକ ଏବଂ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ପ୍ରମାଣିତ ହେବାକୁ ଯାଉଛି ।

'oaob.nitrkl.ac.in' images reprocessed

## ତ୍ରିଂଶ ପରିଚ୍ଛେଦ

# ମୁକ୍ତ ସଂଘଗଠନର ସିଦ୍ଧାନ୍ତ

ପ୍ରତ୍ୟେକ ଜାତିକୁ ଆତ୍ମ-ନିୟନ୍ତ୍ରଣର ଅଧିକାର ଦିଆଯାଉ ଏବଂ ସେମାନେ ଏକତ୍ର ଗୋଟିଏ ସଂଘରେ ସମ୍ମିଳିତ ହୋଇ ରହନ୍ତୁ ବୋଲି ଯେଉଁ ମୂଳ ଧାରଣାଟି ରୁଷିଆରେ ରହି ଆସିଥିଲା, ତାହାର ବିଷୟ ତଥା ପରିଣାମଗୁଡ଼ିକ ଏକ ବିପ୍ଳବର ତାତ୍କାଳିକ ବ୍ୟାପାରଟି ଦ୍ୱାରା ଅତ୍ୟନ୍ତ ପରିମାଣରେ ଜଟିଳ ହୋଇ ପଡ଼ିଲା । ଏହାର ପୂର୍ବଗାମୀ ଫରାସୀ ବିପ୍ଳବଟି ପରି ରୁଷିଆର ଏହି ବିପ୍ଳବ ସଙ୍ଗେ ସଙ୍ଗେ ଏବଂ ମଧ୍ୟବର୍ତ୍ତୀ କୌଣସି ସ୍ୱାଭାବିକ ପର୍ଯ୍ୟାୟ ଲାଗି କୌଣସି ଅବକାଶ ନ ରଖି କେବଳ ରାଷ୍ଟ୍ରଶାସନର ନୁହେଁ, ମାତ୍ର ସମାଜରହିଁ ପୁରୁଣା ମୂଳଦୁଆଟିକୁ ଭାଙ୍ଗି ନୂଆ କରିଦେବାକୁ ଚାହୁଁଥିଲା, ଏବଂ ପୁନଶ୍ଚ, ଏକ ବିଭୀଷିକାମୟ ଯୁଦ୍ଧର ଚାପତଳେ ରହିହିଁ ତାହାକୁ ଆପଣାର ସେହି କାର୍ଯ୍ୟକ୍ରମଟିକୁ ହାସଲ କରିବାକୁ ପଡ଼ିଲା । ଏହି ଦ୍ୱିପ୍ରକାର ପରିସ୍ଥିତିଟି ଅନିବାର୍ଯ୍ୟ ଭାବରେ ଏକ ପଟାନ୍ତରହୀନ ଅରାଜକତାରେ ଯାଇ ପର୍ଯ୍ୟବସିତ ହେଲା ଏବଂ ଘଟଣାକ୍ରମେ ସେଠାରେ ଏପରି ଏକ ଉଗ୍ରବାଦୀ ରାଜନୀତିକ ଦଳର ସବଳ ପ୍ରତିପତ୍ତି ବିସ୍ତୃତ ହୋଇ ରହିଲା, ଯିଏକି ବିପ୍ଳବର ବିଚାରଗୁଡ଼ିକର ପ୍ରତିନିଧିତ୍ୱ କରୁଥିଲା ଏବଂ ଆପଣାର ତୀବ୍ର କାର୍ଯ୍ୟକ୍ରମଗୁଡ଼ିକରେ କୌଣସିପ୍ରକାର ସାଲିସ୍ କରିବାକୁ ଆଦୌ ପ୍ରସ୍ତୁତ ନ ଥିଲା । ଏହି ଦୃଷ୍ଟିରୁ ବିଚାର କରି ଦେଖିଲେ ଆମେ ବଲ୍‌ଶେଭିକ୍ ଏକଚ୍ଛତ୍ରବାଦୀ ସ୍ୱେଚ୍ଛାଚାରିତାକୁ ଫରାସୀ ଆତଙ୍କ-ରାଜତ୍ୱ ସମୟର ସେହି ଜାକୋବିନ୍ ସ୍ୱେଚ୍ଛାଚାରିତା ସହିତହିଁ ତୁଳନା କରିପାରିବା । ଆପଣାର ଅଭିପ୍ରାୟଟିକୁ କାର୍ଯ୍ୟକାରୀ କରିବା ଲାଗି ଜାକୋବିନ୍ ସ୍ୱେଚ୍ଛାଚାରିତା ବେଶ୍ ଯଥେଷ୍ଟ ସମୟ ପାଇଁ ତିଷ୍ଠି ରହିଥିଲା, ଏବଂ ପ୍ରବଳ ଓ ପ୍ରଚଣ୍ଡ ଭାବରେ ସମାଜର ଉତ୍ତର-ସାମନ୍ତବାଦୀ ବ୍ୟବସ୍ଥାଟିକୁ ପୂରାପୂରି ଭାଙ୍ଗିଦେଇ ତାହା ସ୍ଥାନରେ ଗଣତାନ୍ତ୍ରିକ ବିକାଶର ସର୍ବପ୍ରଥମ ମଧ୍ୟବିତ୍ତଶ୍ରେଣୀୟ ମୂଳଦୁଆଟିକୁ ପକାଇବା ଲାଗି ଯେକୌଣସି ପ୍ରକାରେ ଆବଶ୍ୟକ ପରିବର୍ତ୍ତନଟିକୁ କାର୍ଯ୍ୟକାରୀ କରିବାହିଁ ତାହାର ଅଭିପ୍ରାୟ ହୋଇ ରହିଥିଲା । ରୁଷିଆର ଶ୍ରମିକଦଳୀୟ ସ୍ୱେଚ୍ଛାଚାରିତା ଅର୍ଥାତ୍ ସୋଭିଏତ୍‌ଗୁଡ଼ିକର ଶାସନ ଆପଣାର ଆଧିପତ୍ୟକୁ ଦୃଢ଼ କରି ଯଥେଷ୍ଟ କାଳ ପର୍ଯ୍ୟନ୍ତ କ୍ଷମତାରେ ରହିପାରିଥିଲା ଏବଂ ସମାଜର ପରିବର୍ତ୍ତନକୁ ତାହାର ଏକ ଦ୍ୱିତୀୟ ଏବଂ ଅଧିକ ଅଗ୍ରବର୍ତ୍ତୀ ମୂଳଦୁଆ ପର୍ଯ୍ୟନ୍ତ ନେଇଆସିଥିଲା, ବା ଏପରିକି ବିକାଶର ତତୋଽଧିକ ଏକ ସ୍ତରକୁ ମଧ୍ୟ ପରିଚାଳିତ କରି ଆଣିଥିଲା । ମାତ୍ର, ମୁକ୍ତ ଜାତିତ୍ୱର ବିଚାରଟି ଉପରେ ତାହାର ଯେଉଁ ପରିଣାମଟି ହେଲା,

'oaob.nitrkl.ac.in' images reprocessed

ଏଠାରେ ଆମେ କେବଳ ସେହି ବିଷୟଟିରହିଁ ଆଲୋଚନା କରିବା । ଏହି ବିଷୟଟିରେ, କେବଳ ସାନ ପ୍ରତିକ୍ରିୟାଶୀଳ ରାଜନୀତିକ ଦଳଟିକୁ ଛାଡ଼ିଦେଲେ, ସମୁଦାୟ ରୁଷିଆ ମୂଳରୁହିଁ ଏକମତ ହୋଇ ରହିଥିଲା । ମାତ୍ର ବଳର ଆଶ୍ରୟ ନେଇ ରାଷ୍ଟ୍ରର ଶାସନ କରିବାର ଏହି ନୀତିଟି ଏହି କ୍ଷେତ୍ରରେ ଏକ ବିରୋଧୀ ଉପାଦାନକୁ ମଧ ନିଷ୍ପନ୍ନ କରାଇ ଆଣିଲା ଯାହାଫଳରେ କି ଖାସ୍ ରୁଷିଆରେ ମଧ ସେହି ବିଚାରଟି ଯଥାର୍ଥଭାବରେ କାର୍ଯ୍ୟକାରୀ ହେବା କ୍ରମେ ବିପନ୍ନ ହୋଇ ପଡ଼ିଲା ଏବଂ ତେଣୁ, ବିଶ୍ୱ- ବିକାଶର ସେହି ଅବ୍ୟବହିତ ଭବିଷ୍ୟତରେ ସେହି ବିଚାରଟି ଯେତିକି ଶକ୍ତିଶାଳିତା ଅର୍ଜନ କରି ପାରିଥା’ନ୍ତା, ସେହି ଶକ୍ତିଟି ଭାରି ଦୁର୍ବଳ ହୋଇ ପଡ଼ିଲା ।* କାରଣ ସେହି ବିଚାରଟି ଏପରି ଏକ ନୈତିକ ସିଦ୍ଧାନ୍ତ ଉପରେ ଦଣ୍ଡାୟମାନ ହୋଇ ରହିଛି, ଯାହାର ପ୍ରକୃତ ମୁହୂର୍ତ୍ତଟି ଭବିଷ୍ୟତ ମଧରେହିଁ ନିହିତ ରହିଛି । ଅନ୍ୟଜାତିଗୁଡ଼ିକର କ୍ଷେତ୍ରରେ ବଳର ଶରଣ ନେଇ ଯେତେ ଯେଉଁଠି ରାଷ୍ଟ୍ରଶାସନ ଚାଲିଛି, ତାହାକୁ ଅତୀତ ତଥା ବର୍ତ୍ତମାନରହିଁ ଏକ ବିଷୟ ବୋଲି କହିବା; ଏବଂ ମୁକ୍ତ ନିଷ୍ପତ୍ତିଗ୍ରହଣ ତଥା ମୁକ୍ତ ସ୍ଥାନସ୍ୱୀକୃତିର ଆଧାର ଉପରେ ଯେଉଁ ନୂତନ ବିଶ୍ୱ-ବ୍ୟବସ୍ଥାଟି ଗଢ଼ାହେବାକୁ ଯାଉଛି, ସେଇଟି ସହିତ ଏହାର ମୂଳତଃ ଆଦୌ କୌଣସି ସଙ୍ଗତି ନାହିଁ । ତେଣୁ, ଏହି ବିଚାରଟିର ଆଜିଯାଏ ଯେତେ ଯେଉଁଠି ପ୍ରୟୋଗ ହୋଇଛି, ସେଗୁଡ଼ିକୁ ଆଲୋଚନାର ଭୂମିରୁ ବାଦ୍ ଦେଇହିଁ ଆମେ ଏହି ବିଚାରଟିର ଆଲୋଚନା କରିବା, କାରଣ ଏହି ବିଚାରଟିର ପ୍ରତିଷ୍ଠା ଲାଗି ଆମକୁ ପ୍ରୟୋଜନତଃ ସେଗୁଡ଼ିକୁ ବାଧାଦୁଷ୍ଟ ଏବଂ ଅପୂର୍ଣ୍ଣ ବୋଲି ଜାଣି ଛାଡ଼ି ଆସିବାକୁ ପଡ଼ିବ ।

ଆମ ପୃଥିବୀର ରାଜନୀତିକ ବ୍ୟବସ୍ଥାଟି ଏପର୍ଯ୍ୟନ୍ତ ପ୍ରାୟ ସମ୍ପୂର୍ଣ୍ଣ ଭାବରେ ଏକ ଭୌତିକ ଓ ପ୍ରାଣିକ, ଅର୍ଥାତ୍ ଭୌଗୋଳିକ, ବାଣିଜ୍ୟିକ, ରାଜନୀତିକ ଏବଂ ସାମରିକ ଆଧାରଟିକୁହିଁ ଆଶ୍ରୟ କରି ରହିଆସିଛି । ଏହି ଆଧାରଟି ଉପରେ ଜାତିର ବିଚାରଟି ତଥା ରାଷ୍ଟ୍ରର ବିଚାରଟି ଉଭୟେ ଆପଣାକୁ ଗଢ଼ି ତିଆରି କରିଛନ୍ତି ଓ ତାହାରି ଉପରେହିଁ କାର୍ଯ୍ୟକାରୀ ହୋଇ ରହିଛନ୍ତି । ତେଣୁ ଅଭିପ୍ରେତ ପ୍ରଥମ ଐକ୍ୟଟି କେବଳ ଏକ ଭୌଗୋଳିକ, ବାଣିଜ୍ୟିକ, ରାଜନୀତିକ ଏବଂ ସାମରିକ ସଂଯୋଜନ ହୋଇ ରହିବାକୁହିଁ ବାଧ ହୋଇଛି, ଏବଂ ସେହି ଐକ୍ୟଟିର ପ୍ରତିଷ୍ଠା କରିବାକୁ ଯାଇ ଆଗରୁ ପ୍ରଜାତୀୟତାର

* ଅବଶ୍ୟ ଏକଥା ସତ ଯେ ରୁଷିଆର ସଂଘଭୁକ୍ତ ରାଜ୍ୟଗୁଡ଼ିକୁ କେତେକ ପରିମାଣରେ ଏକ ସାଂସ୍କୃତିକ, ଭାଷାଗତ ଏବଂ ଆହୁରି ଅନ୍ୟ କେତେ ପ୍ରକାରର ସ୍ୱାତନ୍ତ୍ୟ ନିଶ୍ଚୟ ଦିଆଯାଇଛି, ମାତ୍ର ତା’ ବାହାରେ ଆଉ ସବୁକିଛି କେବଳ ଭ୍ରାନ୍ତିଜନକ ହୋଇରହିଛି, କାରଣ ସେସବୁ ବସ୍ତୁତଃ ମସ୍କୋରେ ଥିବା ଅତିମାତ୍ରାରେ କେନ୍ଦ୍ରୀକୃତ ଏକ ସ୍ୱେଚ୍ଛାଚାରୀ ଶାସନର ବଳ ଦ୍ୱାରାହିଁ ଶାସିତ ହେବାରେ ଲାଗିଛି ।

'oaob.nitrkl.ac.in' images reprocessed

ଯେଉଁ ପ୍ରାଣିକ ସିଦ୍ଧାନ୍ତଟି ଉପରେ ବଂଶ ଏବଂ ଉପଜାତି ଆପଣାକୁ ଦଣ୍ଡାୟମାନ କରି ରଖିଥିଲେ, ସବୁସ୍ଥାନରେହିଁ ସେଇଟିକୁ ପଦଦଳିତ କରି ଦିଆଗଲା । ଏ କଥା ସତ ଯେ ବର୍ତ୍ତମାନ ମଧ୍ୟ ପ୍ରଧାନତଃ ପ୍ରଜାତିର ବିଚାରଟି ଉପରେହିଁ ଜାତିତ୍ୱର ଭାବନାଟି ଦଣ୍ଡାୟମାନ ହୋଇ ରହିଛି, ମାତ୍ର ସେହି ବିଚାରଟି କେବଳ ଏକ କଳ୍ପନା ପରି ହୋଇ ରହିଛି । ଏକଦା ଅନେକ ଜାତି ଏକାଠି ମିଶିଯାଇ ଯେ ଜାତି ଗଢ଼ାହୋଇଛି, ତାହା କେବଳ ସେହି ଐତିହାସିକ ଘଟଣାଟିକୁ ସୂଚିତ କରିଦେଉଛି ଏବଂ ଇତିହାସ ତଥା ଭୂଗୋଳକୁ ଭିତ୍ତି କରି ପରସ୍ପର ସହିତ ସମ୍ମିଳିତ ହେବାର ତଥ୍ୟଟିକୁ ଏକ ସ୍ୱାଭାବିକ ଅଭିପ୍ରାୟ ବୋଲି ସିଦ୍ଧ କରି ଦେଇଯାଇଛି । ଯେକୌଣସି ଜାତିତ୍ୱ କେବଳ ଆଂଶିକ ଭାବରେହିଁ ଏହିପରି ସମ୍ମିଳିତ ହେବାର ମୂଳଦୁଆଟି ଉପରେ ଠିଆହୋଇ ରହିଛି, ଏବଂ ସେହି ସମ୍ମିଳନଟିକୁ ଆହୁରି ଅଧିକ ମହତ୍ତ୍ୱ ଆଣି ଦେଇ ଯାଉଥିବା ଅନ୍ୟାନ୍ୟ କାରଣଗୁଡ଼ିକ ଉପରେ ମଧ୍ୟ ଅଂଶତଃ ଦଣ୍ଡାୟମାନ ହୋଇରହିଛି; ଏହି କାରଣଗୁଡ଼ିକ ହେଉଛି ସାମୂହିକ ସ୍ୱାର୍ଥ, ଭାଷାଗତ ସମତା ଏବଂ ସାଂସ୍କୃତିକ ଏକତା, ଏବଂ ଏହି ସବୁଯାକ କାରଣ ଏକାଠି ମିଶି ସାମୂହିକ ମନୋଭୂମିରେ ମଧ୍ୟ ଏପରି ଏକ ବିଚାର ଓ ଐକ୍ୟଭାବନାକୁ ବିକଶିତ କରି ଆଣିଛନ୍ତି ଯାହାକି ଜାତୀୟତାବାଦର ବିଚାରଦୃଷ୍ଟିଟି ମଧ୍ୟରେ ପ୍ରକଟ ହୋଇପାରିଛି । ମାତ୍ର, ଜାତିର ବିଚାର ଏବଂ ରାଷ୍ଟ୍ରର ବିଚାର କଦାପି ସବୁଠାରେ ଯୁଗପତ୍‌ଭାବରେ ଏକାଠି ହୋଇ ରହି ନାହାନ୍ତି ଏବଂ ଅଧିକାଂଶ ସ୍ଥଳରେ ରାଷ୍ଟ୍ରର ଧାରଣାଟିହିଁ ଜାତିର ଧାରଣାଟିକୁ ପାଦରେ ଦଳିଦେଇ ଆଗକୁ ଚାଲିଯାଇଛି; ସର୍ବଦା କେବଳ ସେହି ଭୌତିକ କାରଣଗୁଡ଼ିକୁ, ଅର୍ଥାତ୍ ଭୌଗୋଳିକ, ରାଜନୀତିକ ଏବଂ ସାମରିକ ପ୍ରୟୋଜନ ଅଥବା ସୁବିଧାର କାରଣଗୁଡ଼ିକୁ ଦର୍ଶାଇ ତାହା କରାଯାଇଛି । ଦୁହିଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗିବାର ଏହି କ୍ଷେତ୍ରରେ, ପ୍ରାଣିକ ଏବଂ ଭୌତିକ ଯାବତୀୟ ସଂଗ୍ରାମ ବେଳେ ଯାହା ସର୍ବତ୍ର ହୋଇଥାଏ, ବଳ ଓ ଶକ୍ତିର ପ୍ରୟୋଗକୁହିଁ ଚୂଡ଼ାନ୍ତ ମୀମାଂସାକାରୀ ରୂପେ ଆଣି ଆସନରେ ବସାଇ ଦିଆଯାଇଛି । ମାତ୍ର ଏଠାରେ ଆମେ ଯେଉଁ ନୂତନ ସିଦ୍ଧାନ୍ତଟିର ଆଲୋଚନା କରୁଛୁ,* ଆପଣାକୁ ଅନ୍ୟମାନଙ୍କଠାରୁ ଏକ ସ୍ୱତନ୍ତ୍ର ଗୋଷ୍ଠୀରୂପେ ଅନୁଭବ କରୁଥିବା ପ୍ରାକୃତିକ ପ୍ରତ୍ୟେକ ସମୂହର ଆପଣାର ନିଜର ସ୍ଥାନ ଏବଂ ସମ୍ବନ୍ଧଗୁଡ଼ିକୁ ନିଜେ ନିର୍ଣ୍ଣୟ କରିବା ଲାଗି ପୂର୍ଣ୍ଣ ଅଧିକାର ରହିଛି ବୋଲି ଆମେ ଯେଉଁ ବିଚାରଟିର ଏଠି ଆଲୋଚନା କରୁଛୁ, ତାହା ଏହିସବୁ ପ୍ରାଣିକ ତଥା ଭୌତିକ କାରଣର ବାଡ଼ଗୁଡ଼ାକୁ କୁଆଡେ ଉଡ଼ାଇ ଫିଙ୍ଗି ଦେଉଛି

---

* ଏକ ତାତ୍ତ୍ୱିକ ସିଦ୍ଧାନ୍ତ ରୂପେ ମିତ୍ରପକ୍ଷ ଏଇଟିକୁ ସ୍ୱୀକାର କରିଥିଲେ, ସେମାନେ ତାହାକୁ ଆତ୍ମନିୟନ୍ତ୍ରଣ ବୋଲି ନାମ ଦେଇଥିଲେ; ମାତ୍ର କହିବା ଅନାବଶ୍ୟକ ଯେ ସେହି ସ୍ଲୋଗାନ୍‌ଟିର କାଳଟି ସରିଯିବା ପରେ ତାହା ପ୍ରତି ଆଉ କୌଣସି ଧ୍ୟାନ ଦିଆଯାଇ ନାହିଁ ।

'oaob.nitrkl.ac.in' images reprocessed

ଏବଂ ରାଜନୀତିକ ତଥା ଅର୍ଥନୈତିକ ପ୍ରୟୋଜନର ଦାବିଗୁଡ଼ିକ ସ୍ଥାନରେ ମୁକ୍ତ-ଇଚ୍ଛା ଏବଂ ମୁକ୍ତ ନିଷ୍ପତ୍ତି ଗ୍ରହଣର ମାନସଭୂମିର ସିଦ୍ଧାନ୍ତଟିକୁ ସେଠାରେ ସ୍ଥାନାପନ୍ନ ଭାବରେ ପ୍ରତିଷ୍ଠିତ କରି ରଖିବାକୁ ଚାହୁଁଛି । ଅଥବା, ବରଂ ଏପରି କୁହାଯାଇ ପାରିବ ଯେ ଗୋଟିଏ ସମୂହରେ ଅନ୍ତର୍ଭୁକ୍ତ ହୋଇ ରହିବାର ପ୍ରାଣିକ ଏବଂ ଭୌତିକ କାରଣଗୁଡ଼ିକ ପକ୍ଷରେ ଯେତେବେଳେ ଏହି ମାନସଭୂମିର ସମର୍ଥନଟି ରହିଥିବ ଏବଂ ଯେତେବେଳେ ଏଗୁଡ଼ିକ ଆପଣାକୁ ତାହାରି ଉପରେ ଆଧାରିତ କରି ରଖିଥିବେ, କେବଳ ସେତିକିବେଳେ ଯାଇ ସେଗୁଡ଼ିକର କୌଣସି ଯୁକ୍ତିଯୁକ୍ତତା ରହିଥିବ ।

ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ଏହି ଦୁଇଟି ସିଦ୍ଧାନ୍ତ କାର୍ଯ୍ୟକ୍ଷେତ୍ରରେ କିପରି ଆଚରଣ କରିଥା'ନ୍ତି, ଆମେ ଖାସ୍ ରୁଷିଆର ଉଦାହରଣଟିରୁ ସେହି କଥାର ଅବଧାରଣ କରିପାରିବା; ଏହି ଉଦାହରଣଟିହିଁ ବର୍ତ୍ତମାନ ଆମ ସମକ୍ଷରେ ବଡ଼ ସୁସ୍ପଷ୍ଟ ଭାବରେ ବିଦ୍ୟମାନ ରହିଛି । 'ଜାତି' ଶବ୍ଦଟିର ଶୁଦ୍ଧ ଅର୍ଥଟିରେ ଆମେ ଫ୍ରାନ୍ସ, ଇଟାଲୀ, ଗ୍ରେଟ୍‌ବ୍ରିଟେନ୍ ବା ଆଧୁନିକ ଜର୍ମାନୀକୁ ଯେପରି ଗୋଟିଏ ଗୋଟିଏ ଜାତି ବୋଲି କହିପାରିବା, ରୁଷିଆ ତା'ର ଇତିହାସର କୌଣସି ପର୍ଯ୍ୟାୟରେ ମଧ୍ୟ ସେହିପରି ଗୋଟିଏ ଜାତି-ରାଷ୍ଟ୍ରର ରୂପ ଗ୍ରହଣ କରି ନାହିଁ । ଏହା ସର୍ବଦା ନାନା ଜାତିଙ୍କର ଗୋଟିଏ ସମଷ୍ଟି ହୋଇ ରହିଆସିଛି; ଗ୍ରେଟ୍ ରୁଷିଆ, ରୁଥେନିଆନ୍ ଇଉକ୍ରେନ୍, ଶ୍ୱେତ ରୁଷିଆ, ଲିଥୁଆନିଆ, ପୋଲାଣ୍ଡ ଓ ସର୍ବିୟା ପ୍ରଭୃତି ଅନେକ ଜାତିଙ୍କର ଏକ ସମଷ୍ଟି ହୋଇ ରହି ଆସିଛି । ଏହିସବୁ ଜାତି ହେଉଛନ୍ତି ସମସ୍ତେ ସ୍ଲାଭିକ୍ ଜାତି; ଏମାନଙ୍କ ଭିତରେ ଛିଟିକାଏ କରି ଟାର୍ଟାର ଏବଂ ଜର୍ମାନ୍ ରକ୍ତ ମଧ୍ୟ ରହିଛି । ଏହା ସହିତ କୁଅରଲାଣ୍ଡ୍ ରହିଛି ଯାହାକି ମୁଖ୍ୟତଃ ସ୍ଲାଭ ମାତ୍ର ଆଂଶିକ ଭାବରେ ଜର୍ମାନ୍ ହୋଇ ରହିଛି, ଫିନଲାଣ୍ଡ ରହିଛି ଯାହାରକି ଅବଶିଷ୍ଟ ରୁଷିଆ ସହିତ କୌଣସି ପ୍ରକାରର କୌଣସି ସଜ୍ଞାତିତା ନାହିଁ । ଏବଂ ତା'ପରେ ଏବେ ତୁର୍କିସ୍ତାନ୍‌ର ଏସୀୟ ଜାତିମାନେ ମଧ୍ୟ ଆସି ମିଶିଛନ୍ତି । ଏମାନେ ସମସ୍ତେ ଜାର୍‌ଙ୍କର ଶାସନାଧୀନ ହୋଇ ରହିଥିଲେ, ଏତିକି ବ୍ୟତୀତ ଏମାନଙ୍କୁ ଏକାଠି ବାନ୍ଧି ରଖିବା ଲାଗି ଅନ୍ୟ କୌଣସି ସୂତ୍ରହିଁ ନାହିଁ । ଏମାନେ ସମସ୍ତେ ଭବିଷ୍ୟତରେ ଗୋଟିଏ ଜାତି ହୋଇ ପରସ୍ପର ସହିତ ସମ୍ମିଳିତ ହୋଇଯିବାର ଏକ ସମ୍ଭାବନା ରହିଛି, ସେତେବେଳେ ରୁଷ ଭାଷାହିଁ ସେମାନଙ୍କର ସାମୂହିକ ସଂସ୍କୃତିଟିର ବାହନ ବା ସାଧନ ହୋଇ ରହିବ, ବିଚାର ତଥା ରାଷ୍ଟ୍ରଶାସନର ମଧ୍ୟ ବାହନ ହୋଇ ରହିବ;— ସେହି ସମ୍ମିଳନଟି ପଛରେ କେବଳ ଏହି ଗୋଟିଏ ମାତ୍ର ମାନସଭୂମିଗତ ଔଚିତ୍ୟ ନିହିତ ହୋଇ ରହିଥିଲା ଏବଂ ରୁଷିଆର ପୂର୍ବବର୍ତ୍ତୀ ଶାସକମାନେ ମଧ୍ୟ ତାହାକୁହିଁ ଅଭିପ୍ରାୟ କରି ରଖିଥିଲେ । କେବଳ ରାଷ୍ଟ୍ରଶାସନର ବଳକୁ ପ୍ରୟୋଗ କରିହିଁ ସେକଥା କରାଯାଇ ପାରିଥା'ନ୍ତା; ଇଂଲଣ୍ଡ

'oaob.nitrkl.ac.in' images reprocessed

ଦୀର୍ଘ କାଳରୁ ଆୟର୍ଲାଣ୍ଡରେ ସେହି ପ୍ରୟୋଗର ପ୍ରୟାସ କରିଆସିଛି, ଜର୍ମାନ୍, ପୋଲାଣ୍ଡ୍ ଏବଂ ଲରେନ୍‌ରେ ଜର୍ମାନୀ ମଧ୍ୟ ସେଇଟିର ପ୍ରୟୋଗ କରିଛି । ହଙ୍ଗେରୀ ସହିତ ସମ୍ମିଳିତ ହେବା ଲାଗି ଅଷ୍ଟ୍ରିଆ ଯେଉଁ ପଦ୍ଧତିର ଅନୁସରଣ କରିଥିଲା, ହଙ୍ଗେରୀକୁ ଦୁଇନମ୍ବର ସ୍ତରର ଗୋଟିଏ ଭାଗୀଦାର କରି ରଖିଥିଲା, ମଝିରେ ମଝିରେ କିଞ୍ଚିତ୍ ପରିମାଣରେ ମୃଦୁ ହୋଇ ଆସୁଥିବା ଚାପର ପ୍ରୟୋଗ କରୁଥିଲା, ହଙ୍ଗେରୀକୁ କେତେକେତେ ବିଶେଷ ସୁବିଧା ଦେଉଥିଲା ଓ ପ୍ରଶାସନଗତ ଅର୍ଦ୍ଧ-ସ୍ୱାତନ୍ତ୍ର୍ୟ ଦେବାର କେତେ ମାର୍ଗ ଅବଲମ୍ବନ କରୁଥିଲା । ଆଲୋଚିତ କ୍ଷେତ୍ରରେ ସେହି ପଦ୍ଧତିଗୁଡ଼ିକୁ ମଧ୍ୟ ପ୍ରୟୋଗ କରି ଦେଖାଯାଇ ପାରିଥା'ନ୍ତା, ମାତ୍ର ଅଷ୍ଟ୍ରିୟାରେହିଁ ସେହିସବୁ ପଦ୍ଧତିକୁ ଅତ୍ୟନ୍ତ କମ୍ ସାଫଲ୍ୟ ମିଳିଥିଲା । ଏକ ସାଧାରଣ ସଂସ୍କୃତି, ସାଧାରଣ ଅତୀତ କିଂବା ଆଗରୁ ବିକଶିତ ହୋଇ ସାରିଥିବା ଅଥବା ବିକଶିତ ହୋଇ ଆସୁଥିବା ଏକ ସାଧାରଣ ଜାତିତ୍ୱବୋଧ ଦ୍ୱାରା ପ୍ରେରିତ ହୋଇ, ଯେଉଁଠି କେତୋଟି ରାଷ୍ଟ୍ର, ଜାତି ବା ଅର୍ଦ୍ଧଜାତି ପୂର୍ବରୁହିଁ ପରସ୍ପର ସହିତ ଏକାଠି ହେବା ଲାଗି ଏକ ଅନୁକୂଳ ମନୋଭାବ ଦେଖାଇଛନ୍ତି, କେବଳ ସେହି କେତୋଟି ଦୃଷ୍ଟାନ୍ତକୁ ଛାଡ଼ିଦେଲେ ସଂଘଗଠନ ଆଜିପର୍ଯ୍ୟନ୍ତ ମଧ୍ୟ କେଉଁଠି ହେଲେ ଏକ ସଫଳ ସିଦ୍ଧାନ୍ତ ବୋଲି ନିଜକୁ ପ୍ରମାଣିତ କରିପାରି ନାହିଁ । ଆମେରିକାର ରାଜ୍ୟଗୁଡ଼ିକର ଏବଂ ଜର୍ମାନୀରେ ସେହିପରି ପରିବେଶମାନ ମହଜୁଦ ରହିଥିଲା, ଚୀନ୍ ଏବଂ ଭାରତବର୍ଷରେ ସେହି ପରିବେଶମାନ ରହିଛି; ମାତ୍ର ଅଷ୍ଟ୍ରିୟା ବା ରୁଷିୟାରେ ସେଗୁଡ଼ିକ କଦାପି ବିଦ୍ୟମାନ ନ ଥିଲେ । କିଂବା, ଯଦି ବସ୍ତୁସ୍ଥିତି ଏବଂ ବିଚାରମାନ ଅନୁରୂପ ଭାବରେ ପରିପକ୍ୱ ହୋଇ ରହିଥା'ନ୍ତା, ତେବେ ଏହିଭଳି ଏକ ପ୍ରୟାସ ପରିବର୍ତ୍ତରେ ଭିନ୍ନ ଭିନ୍ନ ଜାତିଙ୍କୁ ଏକାଠି କରି ଏକ ସ୍ୱତନ୍ତ୍ରତାଯୁକ୍ତ ଜାତି-ସଂଘ ସ୍ଥାପନା କରିବା ଲାଗି ନିଶ୍ଚୟ ଏକ ଚେଷ୍ଟା କରାଯାଇଥା'ନ୍ତା, ସେଥିରେ ଜାତିଙ୍କୁ ଜାତିତ୍ୱର ଊର୍ଦ୍ଧ୍ୱରେ ରହିଥିବା ବିଚାରଟିର ପ୍ରତୀକ ଏବଂ ଐକ୍ୟର ଏକ ସୂତ୍ରରୂପେ ଗ୍ରହଣ କରା ଯାଇଥାନ୍ତା, ମାତ୍ର ଏଇଟିକୁ ସମ୍ଭବ କରିବା ସକାଶେ ପୃଥିବୀର ଗତିକ୍ଷେତ୍ରଟି ତଥାପି ପ୍ରସ୍ତୁତ ହୋଇ ନ ଥିଲା । ମାନସକ୍ଷେତ୍ରରେ ଅନମ୍ୟ ଭାବରେ ଏକ ପ୍ରତିରୋଧ ମହଜୁଦ ରହିଥିଲା ପର୍ଯ୍ୟନ୍ତ ସମସ୍ତଙ୍କୁ ଏକାଠି କରିବାର ପ୍ରାଣିକ ଏବଂ ଭୌତିକ ଅଭିପ୍ରାୟଟି କେବଳ ଶକ୍ତି ଓ ବଳର ପ୍ରୟୋଗ କରିବାକୁହିଁ ମନ କରିବ, ସାମରିକ, ପ୍ରଶାସନିକ ଏବଂ ରାଜନୀତିକ ବଳ ପ୍ରୟୋଗ କରିବାରେ ଲାଗିଥିବ ଏବଂ ଅତୀତରେ ଯଥେଷ୍ଟ ସଂଖ୍ୟକ ଦୃଷ୍ଟାନ୍ତରେ ସେହିଗୁଡ଼ାକରହିଁ ଜିତାପଟ ହୋଇଛି । ରୁଷିଆରେ, ରୁଷ୍ ସାମ୍ରାଜ୍ୟର ଅନ୍ତତଃ ସ୍ଲାଭିକ୍ ଭାଗଗୁଡ଼ିକରେ ଏଇଟି କ୍ରମେ ସଫଳ ହେବା ଦିଗରେ ଅଗ୍ରଗତି କରିବାରେ ଲାଗିଥିଲା; ବଳର ଦୀର୍ଘକାଳବ୍ୟାପୀ ରାଜତ୍ୱ ଆୟର୍ଲାଣ୍ଡରେ ଯେପରି ବିଫଳ ହୋଇଯାଇଥିଲା, ଫିନ୍‌ଲାଣ୍ଡ୍‌ରେ ଓ ସମ୍ଭବତଃ ପୋଲାଣ୍ଡରେ

'oaob.nitrkl.ac.in' images reprocessed

ମଧ୍ୟ ତାହା ଆହୁରି ଅଧିକ ଅସଂଶୋଧନୀୟ ଭାବରେ ବିଫଳ ହୋଇ ଯାଇଥା'ନ୍ତା; ଏହାର ଏକ ଆଂଶିକ କାରଣ ହେଉଛି ଯେ ରୁଷିଆ ବା ଜର୍ମାନୀରେ ସ୍ଥାପିତ ଏକ ସ୍ୱେଚ୍ଛାଚାରତନ୍ତ୍ର ଇଚ୍ଛା କଲେ ମଧ୍ୟ ସମ୍ପୂର୍ଣ୍ଣ ଓ ସହଜ ଭାବରେ ଜଣେ କ୍ରମୱେଲ୍ କିଂବା ଏଲିଜାବେଥ୍ଙ୍କର ସେହି ପୂର୍ଣ୍ଣସିଦ୍ଧ, ସମ୍ପୂର୍ଣ୍ଣ ନୃଶଂସ ଏବଂ ଲୁଣ୍ଠନକାରୀ ପଦ୍ଧତିଗୁଡ଼ିକୁ କଦାପି ପ୍ରୟୋଗ କରିପାରି ନ ଥା'ନ୍ତା ।* ଏବଂ ଅଂଶତଃ ଆଉଗୋଟିଏ କାରଣ ହେଉଛି ଯେ ଜାତୀୟତାବାଦର ସେହି ପ୍ରତିରୋଧକାରୀ ମାନସଭୂମିଗତ ବିଷୟଟି କ୍ରମେ ଅତ୍ୟନ୍ତ ଆତ୍ମସଚେତନଶୀଳ ହୋଇ ପାରିଛି, ଏକ ସଂଗଠିତ ଅହିଂସ ପ୍ରତିରୋଧର ସାମର୍ଥ୍ୟ ଅର୍ଜନ କରିଛି ବା ଅନ୍ତତଃ ବଞ୍ଚିରହିବା ଲାଗି ଏକ ସକ୍ରିୟତାଶୂନ୍ୟ ଶକ୍ତିର ଅଧିକାରୀ ମଧ୍ୟ ହୋଇପାରିଛି ।

ମାତ୍ର ଏହି କ୍ଷେତ୍ରରେ ମାନସଭୂମିର ଔଚିତ୍ୟଟି ଯେତେ ଦୁର୍ବଳ ହୋଇ ରହିଥିଲେ ମଧ୍ୟ ବା କେବଳ ସ୍ପଷ୍ଟ ହେବାର ପ୍ରକ୍ରିୟାଟି ମଧ୍ୟରେ ଗତି କରୁଥିଲେ ମଧ୍ୟ, ଫିନ୍‌ଲାଣ୍ଡ ସମେତ ସମଗ୍ର ରୁଷିଆକୁ ପ୍ରକୃତରେ ଏକତ୍ରୀକୃତ କରିବା ସକାଶେ କେତେ ନା କେତେ ପ୍ରାଣିକ ତଥା ଭୌତିକ କାରଣ ରହିଥିଲା । ରୁଷିଆର ପିଟର୍ ଓ କାଥେରିନ୍‌ମାନେ ଯାହାସବୁ କରି ଯାଇଥିଲେ, ତାହା ଏକ ସୁଦୃଢ଼ ରାଜନୀତିକ, ସାମରିକ ଓ ଅର୍ଥନୈତିକ ପ୍ରୟୋଜନର ଭୂମି ଉପରେ ଆଧାରିତ ହୋଇ ରହିଥିଲା । ରାଜନୀତିକ ଏବଂ ସାମରିକ ଦୃଷ୍ଟିକୋଣରୁ ବିଚାରକରି ଦେଖିଲେ, ଏକତାବଦ୍ଧ ନ ହେବା ଦ୍ୱାରା ଏହି ସ୍ଲାଭିକ ଜାତିମାନଙ୍କୁ ପ୍ରତ୍ୟେକଙ୍କୁ ପ୍ରାୟ ସବୁକିଛି ଖାଲି ହରାଇବାକୁ ପଡୁଥିଲା, କାରଣ ଅଲଗା ଅଲଗା ହୋଇ ରହିଥିବା ପର୍ଯ୍ୟନ୍ତ ସେମାନେ ପ୍ରତ୍ୟେକେ ସୁଇଡେନ୍, ତୁରସ୍କ, ଏକ ଶକ୍ତୁରାଜ୍ୟ ଓ ଶକ୍ତିଶାଳୀ ରାଜ୍ୟ ହୋଇ ରହିଥିବା ପର୍ଯ୍ୟନ୍ତ ପୋଲାଣ୍ଡ ଅଥବା ଜର୍ମାନୀ ଓ ଅଷ୍ଟ୍ରିୟା ପ୍ରଭୃତି ଯେ କୌଣସି ଶକ୍ତିଶାଳୀ ପ୍ରତିବେଶୀର ପ୍ରପୀଡ଼ନ ଲାଗି ଉନ୍ମୁକ୍ତ ହୋଇ ରହିଥିଲେ ଏବଂ ପରସ୍ପରକୁ ମଧ୍ୟ ଉନ୍ମୁକ୍ତ କରି ରଖିଥିଲେ । ପୋଲାଣ୍ଡ କବଳରୁ ଆପଣାକୁ ରକ୍ଷା କରିବାର

---

* ନାତ୍‌ସୀ ଜର୍ମାନୀରେ ସେହି ମଧ୍ୟଯୁଗୀୟ ବର୍ବର ନୃଶଂସତାର ପୁନରାଚରଣ କରାଯିବା ପରେ ଆମେ ଆଉ ଏପରି କଥା କହିପାରିବା ନାହିଁ; "ଆଧୁନିକ" ମାନବ-ଜାତିର ବିକାଶକ୍ରମରେ ଏହାକୁ ଆମେ ଗୋଟିଏ ଅତି ଅସାଧାରଣ ଘଟଣା ବୋଲି କହିବା । ମାତ୍ର ଏହାକୁ ହୁଏତ କେବଳ ଏକ ସାମୟିକ ପଶ୍ଚାଦ୍‌ଗମନ ବୋଲି ବି ବିଚାର କରାଯାଇ ପାରେ; ଅବଶ୍ୟ ଏକଥା ସତ ଯେ, ଏହି କ୍ଷେତ୍ରରେ ଏବେ ଯାହାସବୁ ଘଟୁଛି, ତାହା ମନୁଷ୍ୟ-ସ୍ୱଭାବର ଭବିତବ୍ୟ ଆହୁରି ଅଧିକ କାଳିମମୟ ନାନା ସମ୍ଭାବନା ବିଷୟରେ ମଧ୍ୟ କେତେ ନା କେତେ କରାଳ ଆଲୋକପାତ କରିଦେଉଛି ।

'oaob.nitrkl.ac.in' images reprocessed

ଗୋଟିଏ ଉପାୟରୂପେହିଁ ବସ୍ତୁତଃ ଇଉକ୍ରେନ୍‌ର କୋସାକ୍‌ମାନେ ଏକ ପାରସ୍ପରିକ ସହମତି ଦ୍ୱାରା ରୁଷିଆ ସହିତ ଆସି ଏକାଠି ମିଶିଥିଲେ । ସ୍ୱୟଂ ପୋଲାଣ୍ଡର ଶକ୍ତି ମଧ୍ୟ ଯେତେବେଳେ ହ୍ରାସ ହୋଇଯାଉଥିଲା, ସେତେବେଳେ ତାହା ପକ୍ଷରେ ତିନୋଟି ବୃହତ୍ ତଥା ଶକ୍ତିଶାଳୀ ପ୍ରତିବେଶୀ-ରାଷ୍ଟ୍ରଙ୍କ ମଝିରେ ଏକୁଟିଆ ଅସହାୟ ହୋଇ ଠିଆହେବା ଅପେକ୍ଷା ରୁଷିଆ ସହିତ ଏକାଠି ହେବାହିଁ ଅଧିକ ପ୍ରଶସ୍ତ ଓ ଲାଭଦାୟକ ହୋଇ ରହିଥିଲା । ଏବଂ, ତିନୋଟି କ୍ଷୁଧାର୍ତ୍ତ ରାଷ୍ଟ୍ରଶକ୍ତିଙ୍କ ମଧ୍ୟରେ ତିନି ଭାଗରେ ବଣ୍ଟା ହୋଇ ଆପେ ବିଲୁପ୍ତ ହୋଇଯିବା ଅପେକ୍ଷା ରୁଷିଆ ସହିତ ସମ୍ପୂର୍ଣ୍ଣ ଭାବରେ ମିଶିଯିବାହିଁ ତା' ଲାଗି ନିଶ୍ଚୟ ଏକ ଅଧିକ ଉଚିତ ସମାଧାନ ହୋଇପାରିଥା'ନ୍ତା । ଅନ୍ୟପକ୍ଷରେ, ସମସ୍ତଙ୍କୁ ଏକାଠି ମିଶାଇ ଏହି ଯେଉଁ ରାଷ୍ଟ୍ରଟିକୁ ତିଆରି କରା ଯାଇଥାନ୍ତା, ଯାହାକି ଭୌଗୋଳିକ ଦୃଷ୍ଟିରୁ ସତେଅବା ଗୋଟିଏ ଭୂମି ହୋଇ ରହିଥାନ୍ତା, ନିଜର ବିସ୍ତାରରେ ଏକ ବୃହତ୍ ଭୂମି ହୋଇ ରହିଥାନ୍ତା, ଅଗଣିତ ଜନଗଣଙ୍କର ଭୂମି ହୋଇ ରହିଥାନ୍ତା, ତେବେ ପ୍ରାକୃତିକ ପରିବେଷ୍ଟନୀଗୁଡ଼ିକ ଦ୍ୱାରା ତାହାର ଯଥାର୍ଥ ସୁରକ୍ଷା ହୋଇ ପାରିଥାନ୍ତା ଏବଂ ଆପଣାର ସାଧନ ତଥା ସମ୍ବଳରେ ମଧ୍ୟ ତାହା କେଡ଼େ ଐଶ୍ୱର୍ଯ୍ୟଶାଳୀ ହୋଇ ରହିଥାନ୍ତା; ଯଦି ଯଥୋଚିତଭାବରେ ଏହାକୁ ସଂଗଠିତ କରାଯାଇ ପାରିଥାନ୍ତା, ତେବେ ତାହା ଯେ କେବଳ ନିଜେ ନିଜକୁ ସବୁ ସଂକଟରୁ ମୁକ୍ତକରି ରଖିପାରିଥାନ୍ତା ତା' ନୁହେଁ, ମାତ୍ର ଏସିଆର ଅଧେ ଭୂମି ଉପରେ ତାହାର ପ୍ରତିପତ୍ତି ବିସ୍ତୃତ ହୋଇ ରହିଥାନ୍ତା, ଏବଂ ଅଧେ ଇଉରୋପକୁ ମଧ୍ୟ ଅନ୍ତର୍ଭୁକ୍ତ କରି ରଖିଥାନ୍ତା । ଯଥାର୍ଥ ସଂଗଠନ ଏବଂ ବିକାଶ ନ ଥାଇ ମଧ୍ୟ ତାହା ବର୍ତ୍ତମାନ ଅଧେ ଏସିଆ ଉପରେ ବିସ୍ତୃତ ହୋଇ ରହିଛି । ଠିକ୍ ତାହାହିଁ ପ୍ରାୟ କରିବା ଲାଗି ଯିବା ବେଳକୁହିଁ ତାହା ଏକ ସଶସ୍ତ୍ର ମଧ୍ୟସ୍ଥଶକ୍ତି ହିସାବରେ ସବୁଠାରେ ହସ୍ତକ୍ଷେପ କରିବାକୁ ଆରମ୍ଭ କରିଦେଲା, କେଉଁଠି କାହାକୁ ମୁକ୍ତକରି ଆଣିବାର ଭୂମିକାରେ ଯାଇ ଅବତୀର୍ଣ୍ଣ ହେଲା, ଅଷ୍ଟ୍ରୋ-ହଙ୍ଗେରୀ ଏବଂ ବଲ୍କାନ୍ ଅଞ୍ଚଳରେ ଅତ୍ୟାଚାରରହିଁ ବିଜୟୀ ପ୍ରତିନିଧି ହୋଇ ବାହାରିଲା । ଏପରିକି ଫିନ୍‌ଲାଣ୍ଡକୁ ଆଣି ଆପଣା ସହିତ ମିଶାଇ ଦେବାର କାର୍ଯ୍ୟଟିକୁ ମଧ୍ୟ ଏହି ଦୃଷ୍ଟିରୁ ଉଚିତ ବୋଲି ଦର୍ଶାଗଲା; କୁହାଗଲା ଯେ ଫିନ୍‌ଲାଣ୍ଡ୍ ସ୍ୱାଧୀନ ହୋଇ ରହିଥିଲେ ରୁଷିଆ ଭୌଗୋଳିକ ତଥା ଅର୍ଥନୈତିକ ଦୃଷ୍ଟିରୁ ବଡ଼ ଅପୂର୍ଣ୍ଣ ହୋଇ ରହିଥାନ୍ତା, ବିପଦ ଲାଗି ଉନ୍ମୁକ୍ତ ହୋଇ ରହିଥାନ୍ତା ଏବଂ କେବଳ ବଲ୍ଟିକ୍ ସାଗରଟି ବ୍ୟତୀତ ବାହାରକୁ ବାହାରିବାର ଆଉ କୌଣସି ବାଟ ନ ଥା'ନ୍ତା । ଏବଂ ଏକ ଶକ୍ତିଶାଳୀ ସୁଇଡେନ ଅଥବା ଏକ ଶକ୍ତିଶାଳୀ ଜର୍ମାନୀ ଫିନ୍‌ଲାଣ୍ଡକୁ କରଗତ କରି ରଖିଥିଲେ ବା ସ୍ୱ-ପ୍ରଭାବ ଦ୍ୱାରା ତାହାକୁ ଚାଳିତ କରିଥିଲେ ତଦ୍ୱାରା ରୁଷିଆର ରାଜଧାନୀ ଏବଂ ରୁଷିଆର ସାମ୍ରାଜ୍ୟ ପ୍ରତି ସତତ ଏକ ସାମରିକ ବିପଦ ଦଣ୍ଡାୟମାନ ହୋଇ ରହିଥାନ୍ତା । ତେଣୁ,

'oaob.nitrkl.ac.in' images reprocessed

ଫିନ୍‌ଲାଣ୍ଡକୁ ଆଣି ରୁଷିଆରେ ମିଶାଇଦେବା ଦ୍ୱାରା ରୁଷିଆ ନିରାପଦ ହୋଇପାରିଲା, ନିଶ୍ଚିନ୍ତ ହୋଇ ପାରିଲା ଏବଂ ଆପଣାର ଏହି ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ରଟିରେ ଶକ୍ତିଶାଳୀ ହୋଇ ବି ରହିପାରିଲା । ଅନ୍ୟପକ୍ଷରୁ ଯୁକ୍ତି ଦର୍ଶାଇ ହୁଏତ ଏକଥା ମଧ୍ୟ କୁହାଯାଇ ପାରିବ ନାହିଁ ଯେ ଏହା ଦ୍ୱାରା ଫିନ୍‌ଲାଣ୍ଡର ମଧ୍ୟ ପ୍ରକୃତରେ କିଛି କ୍ଷତି ହେଲା, କାରଣ, ଯଦି ଫିନ୍‌ଲାଣ୍ଡ୍ ସ୍ୱାଧୀନ ହୋଇ ରହିଥାନ୍ତା, ତେବେ ତାହା ଏଡ଼େ ସାନ ଓ ଏତେବେଶୀ ବଳହୀନ ହୋଇ ରହିଥାନ୍ତା ଯେ ପ୍ରତିବେଶୀ ସାମ୍ରାଜ୍ୟଶକ୍ତିଗୁଡ଼ିକର ଆକ୍ରମଣ ହାତରୁ ତାହା ନିଜକୁ କଦାପି ବଞ୍ଚାଇ ରଖିପାରି ନ ଥାନ୍ତା ଏବଂ ତେଣୁ ତାକୁ ସେହି ରୁଷିଆର ସମର୍ଥନ ଉପରେହିଁ ଆସ୍ଥା ରଖିବାକୁ ପଡ଼ିଥାନ୍ତା । ମାତ୍ର, ଯେତେ ସାମୟିକ ଭାବରେ ହେଲେ ମଧ୍ୟ, ରୁଷ-ବିପ୍ଳବ ଫଳରେ ଯେଉଁ କେନ୍ଦ୍ରାତିସାରିଣୀ ଶକ୍ତିମାନେ ସକ୍ରିୟ ହୋଇ ପାରିଛନ୍ତି ଓ ପ୍ରତ୍ୟେକ ଜାତି ଆପଣାର ଭାଗ୍ୟକୁ ଆପେ ନିଷ୍ପତ୍ତି କରିବେ ବୋଲି ଯେଉଁ ନୀତିଟିକୁ ଗ୍ରହଣ କରାଯାଇଛି, ତଦ୍ଦ୍ୱାରା ଉପରେ ଆଲୋଚିତ ସକଳ ଅନୁକୂଳତା ଏବଂ ସୁବିଧାକୁ ନଷ୍ଟ କରି ଦିଆଯାଇଛି ।

ଅତ୍ୟନ୍ତ ସ୍ପଷ୍ଟ ଭାବରେ ବୁଝି ହେଉଥିବ ଯେ ଏହିସବୁ ଯୁକ୍ତି ପ୍ରାଣିକ ଓ ଭୌତିକ ପ୍ରୟୋଜନକୁହିଁ ଆଧାର କରି କରାଯାଇଛି, ନୈତିକ ତଥା ମାନସଭୂମିର ଔଚିତ୍ୟଟି ପ୍ରତି ଏଥିରେ ଆଦୌ କୌଣସି ଧ୍ୟାନ ଦିଆଯାଇ ନାହିଁ, ଏବଂ ଇଚ୍ଛାକଲେ ସେହିଗୁଡ଼ିକର ଖିଅ ଧରି ଆହୁରି ଆଗକୁ ବି ଯାଇହେବ ଓ ଆହୁରି କେତେକଥା କହିହେବ । ଏହି ଯୁକ୍ତିଗୁଡ଼ିକର ଆଶ୍ରୟ ନେଇ ଟ୍ରିଏଷ୍ଟ୍ ଉପରେ ଅଷ୍ଟ୍ରିଆର ଏକଦା ରହିଥିବା ଆଧିପତ୍ୟକୁ ଠିକ୍ ବୋଲି କୁହାଯାଇ ପାରିବ, ସ୍ଲାଭିକ୍ ରାଜ୍ୟଗୁଡ଼ିକ ଉପରେ ମଧ୍ୟ ତା'ର ଅଧିକାରକୁ ସାବ୍ୟସ୍ତ କରାଯାଇ ପାରିବ । ଏହି ଯୁକ୍ତିଗୁଡ଼ିକୁ ଦେଖାଇ ଏକଦା ଆଇରିଶ୍ ଜନଗଣଙ୍କର ଅବିରାମ ପ୍ରତିରୋଧ ସତ୍ତ୍ୱେ ଆୟର୍ଲାଣ୍ଡ ଉପରେ ଇଂଲଣ୍ଡର ବିଜୟ ଏବଂ ଆଧିପତ୍ୟକୁ ମଧ୍ୟ ଠିକ୍ ବୋଲି କୁହା ଯାଇଥିଲା ସେହି ଯୁକ୍ତିଟିକୁ ଆହୁରି ଟିକିଏ ଅଧିକ ଲମ୍ବାଇ ଦେଇ ମଧ୍ୟ ସମଗ୍ର ପୃଥିବୀକୁ ଜର୍ମାନୀର ଅଧିକାର-ମଣ୍ଡଳ ଭିତରକୁ ଆଣିବା ଲାଗି ଜର୍ମାନୀର ସେହି ଯୋଜନାଟିକୁ ମଧ୍ୟ ଠିକ୍ ବୋଲି କୁହାଯାଇ ପାରିବ, ଏପରିକି ସମସ୍ତଙ୍କୁ ଗ୍ରାସ କରିବାର ଏବଂ ସମସ୍ତଙ୍କ ମଧ୍ୟକୁ ପ୍ରସାରିତ ହୋଇଯିବାର ଯେଉଁ ବୃହତ୍ତର କଳ୍ପନାମାନ ଜର୍ମାନୀର ରହିଛି, ଆମେ ସେଇଟିକୁ ମଧ୍ୟ ହୁଏତ ଠିକ୍ ବୋଲି କହିବା । ଏହି ଯୁକ୍ତିଗୁଡ଼ିକୁ ପୁଣି ଲମ୍ବାଇଦେଇ ବର୍ତ୍ତମାନ ଆଦୌ କୌଣସି ନୈତିକ ଔଚିତ୍ୟ ନ ଥିବା ଇଉରୋପୀୟ ଜାତିମାନଙ୍କର ସାମ୍ରାଜ୍ୟ-ବିସ୍ତାରର ଘଟଣାଟିକୁ ମଧ୍ୟ ଆମେ ଉଚିତ ବୋଲି କହିବା । ଜାତିତ୍ୱର ସୀମାଗୁଡ଼ିକୁ ଅତିକ୍ରମ କରିଯାଇ ମାନସ-ଭୂମିରେ ନାନା ଏକତାର ସୃଷ୍ଟି କରିପାରିଥିଲେହିଁ ହୁଏତ ଭବିଷ୍ୟତରେ ତାହାର ଆଦୌ କୌଣସି ନୈତିକ ଔଚିତ୍ୟ ରହିଥିଲା

'oaob.nitrkl.ac.in' images reprocessed

ବୋଲି ଆମେ ହୁଏତ ଦର୍ଶାଇ ପାରିଥା'ନ୍ତେ । କାରଣ ପ୍ରାଣିକ ଏବଂ ଭୌତିକ କାରଣଗୁଡ଼ିକ ସେତେବେଳେ ଯେପରି ଥିଲା, ବର୍ତ୍ତମାନ ମଧ୍ୟ ସେହିପରି ରହିଛି । ଏପରିକି, ବର୍ତ୍ତମାନ ସୃଷ୍ଟ ହେବାର ପ୍ରକ୍ରିୟା ମଧ୍ୟଦେଇ ଗତି କରୁଥିବା ଏକ ଏକତ୍ରୀକୃତ ରୁଷ୍-ସଂସ୍କୃତି ଓ ଜୀବନକୁ ନୈତିକ, ମାନସଭୂମିଗତ ଏବଂ ସାଂସ୍କୃତିକ ଦୃଷ୍ଟିରୁ ଉଚିତ ବୋଲି କହିବାର ଏହି ଯୁକ୍ତିଟିକୁ ଆମେ ଆହୁରି ବି ବଢ଼ାଇଦେଇ ପାରିବା ଏବଂ ଗୋଟାକ ପରେ ଗୋଟାଏ ଦେଶକୁ ସାମ୍ରାଜ୍ୟଭୁକ୍ତ କରିନେଇ ଏବଂ ରାଷ୍ଟ୍ରଶକ୍ତିର ପ୍ରୟୋଗ କରି ଇଉରୋପୀୟ ସଭ୍ୟତାକୁ ବିଶ୍ୱବ୍ୟାପୀ କରିଦେବା ସକାଶେ ଇଉରୋପ ଯେଉଁ ଦାବି କରୁଛି, ସେଇଟିକୁ ମଧ୍ୟ ବୃହତ୍ତର ସ୍ତରରେ ଏକ ତତ୍ତୁଲ୍ୟ ନୈତିକ ଉଚିତ କଥା ବୋଲି କହିବାକୁ ବାହାରିବା । ଏବଂ ଏଇଟିକୁ ମଧ୍ୟ ଆହୁରି ଲମ୍ବାଇଦେଇ ପାରିଲେ, ଜର୍ମାନ୍ ସୈନ୍ୟଶକ୍ତି ଓ ଜର୍ମାନୀ ସଂସ୍କୃତିର ଦଣ୍ଡଛାୟା ତଳେ ସମଗ୍ର ପୃଥିବୀକୁ ଏକ ପ୍ରକାର ଏକତ୍ରିତ କରିଆଣିବା ଲାଗି ଯୁଦ୍ଧ ପୂର୍ବରୁ ଜର୍ମାନୀର ଯେଉଁ ଆଦର୍ଶଟି ରହିଥିଲା, ଆମେ ହୁଏତ ସେଇଟିକୁ ମଧ୍ୟ ଉଚିତ ବୋଲି କହିବାକୁ ଆରମ୍ଭ କରିବା । ମାତ୍ର, ଏହିପରି ଲମ୍ବାଇ ଲମ୍ବାଇ ଯୁକ୍ତିଟିର ଦୁରୁପଯୋଗ କରିବାର ଯେତେ ଆଶଙ୍କା ରହିଥିଲେ ମଧ୍ୟ, ଆମର ବର୍ତ୍ତମାନର ଯେଉଁ ପୃଥିବୀଟିରେ ବଳପ୍ରୟୋଗର ନିୟମଟାହିଁ ମୂଳତଃ ସର୍ବଶକ୍ତିଶାଳୀ ନିୟମ ହୋଇ ରହିଛି, ସେଠାରେ ପ୍ରାଣିକ ପ୍ରୟୋଜନ ପକ୍ଷରେ ନିଶ୍ଚୟ କୌଣସି ନା କୌଣସି ଯୁକ୍ତି ରହିବହିଁ ରହିବ । ଆଗକାଳରେ ଯେତେ ପରିମାଣରେ ବଳର ପ୍ରୟୋଗ ହେଉଥିଲା, ବର୍ତ୍ତମାନ ତାହା ଊଣା ହୋଇଯାଇଥିଲେ ମଧ୍ୟ ତଥାପି ଏଇଟି ଯେ ଏକ ନିୟମରୂପେ ଏବେ ବି ତିଷ୍ଠି ରହିଛି, ତାହା ସ୍ୱୀକାର କରିବାକୁ ପଡ଼ିବ । ଆମ ପୃଥିବୀ ପ୍ରାଣିକ ଏବଂ ଭୌତିକ ପ୍ରୟୋଜନଟି ଦ୍ୱାରା ଏତେ ଶକ୍ତିଶାଳୀ ଭାବରେ ନିୟନ୍ତ୍ରିତ ହେଉଥିବା ପର୍ଯ୍ୟନ୍ତ, ତାହାର ପକ୍ଷସମର୍ଥନ ଲାଗି ଆମକୁ କିଛି ଜାଗା ଛାଡ଼ିଦେବାକୁହିଁ ପଡ଼ିବ । ଅନ୍ତତଃ, ଯେଉଁଯାଏ ରୁଷିଆ, ଇଉନାଇଟେଡ୍ କିଙ୍ଗ୍‌ଡମ୍* ଓ ଏପରିକି ଆପଣାର ପ୍ରାକୃତିକ ସୀମାଗୁଡ଼ିକ ମଧ୍ୟରେ ଅଷ୍ଟ୍ରିଆ ଭଳି ସ୍ୱାଭାବିକ ଭୌଗୋଳିକ ଏକତ୍ୱଗୁଡ଼ିକର ପ୍ରଶ୍ନ ଉଠୁଛି, ସେପର୍ଯ୍ୟନ୍ତ ଆମକୁ ତାହା ସ୍ୱୀକାର କରିନେବାକୁ ପଡ଼ିବ ।**

ବସ୍ତୁତଃ ଏକ ସମ୍ଭାବ୍ୟ ଭବିଷ୍ୟ ମଧ୍ୟରେହିଁ ରୁଷିଆର ଏହି ସିଦ୍ଧାନ୍ତଟିର ସ୍ଥାନ

---

* ବର୍ତ୍ତମାନ ଗ୍ରେଟ୍ ବ୍ରିଟେନ୍ ଓ ଆୟର୍ଲାଣ୍ଡ ବୋଲି କହିବାକୁ ହେବ, କାରଣ ବର୍ତ୍ତମାନ ଇଉନାଇଟେଡ୍ କିଙ୍ଗ୍‌ଡମ୍‌ର ଆଉ କୌଣସି ଅସ୍ତିତ୍ୱ ନାହିଁ ।

** ଅଷ୍ଟ୍ରିୟାର ସାମ୍ରାଜ୍ୟଟି ଭାଙ୍ଗିଯିବା ପରେ ସେଠାରେ ଯେଉଁ ସାନସାନ ଦେଶମାନେ ଆବିର୍ଭୂତ ହୋଇ ଆସିଛନ୍ତି, ଏହି ଦୃଷ୍ଟିରୁ ସେମାନଙ୍କର ଗୁରୁତର କ୍ଷତିସାଧନ କରିଥିବା ଆର୍ଥିକ ପରିଣାମଗୁଡ଼ିକୁ ମଧ୍ୟ ଆମେ ଅବଶ୍ୟ ସ୍ମରଣରେ ରଖିଥିବା ।

'oaob.nitrkl.ac.in' images reprocessed

ନିର୍ଣ୍ଣୀତ ହୋଇ ରହିଛି, ଯେତେବେଳେକି ନୈତିକ ଏବଂ ମାନସଭୂମିଗତ ସିଦ୍ଧାନ୍ତଗୁଡ଼ିକ ସର୍ବପ୍ରଧାନ ସିଦ୍ଧାନ୍ତରୂପେ ଗଣ୍ୟ ହେବାକୁ ପ୍ରକୃତରେ ଏକ ସୁଯୋଗ ଲାଭ କରିବେ, ଏବଂ ସେହିଗୁଡ଼ିକ ଅନୁସାରେହିଁ ପ୍ରାଣିକ ତଥା ଭୌତିକ ପ୍ରୟୋଜନମାନ ଆପଣାକୁ ଅନୁକୂଳିତ କରି ରଖିଥିବେ। ବର୍ତ୍ତମାନ ତ ପରିସ୍ଥିତି ଠିକ୍ ବିପରୀତ ପ୍ରକାରର ହୋଇ ରହିଛି। ସେତେବେଳେ ଯାବତୀୟ ବିଷୟର ଯେଉଁ ବ୍ୟବସ୍ଥାଟି ହେବ, ତାହା ବର୍ତ୍ତମାନ ଆନ୍ତର୍ଜାତିକ ରୀତିଟିର ଠିକ୍ ଓଲଟା ପ୍ରକାରରହିଁ ହେବ। ବର୍ତ୍ତମାନ ପରିସ୍ଥିତି ଯେପରି ରହିଛି, ସେଥିରେ ଏହି ସିଦ୍ଧାନ୍ତଟିକୁ ନାନା ବାଧା ବିରୋଧରେ ସଂଗ୍ରାମ କରି ଆଗକୁ ଯିବାକୁ ପଡ଼ିବ ଏବଂ ସେହି ବାଧାଗୁଡ଼ିକ ଅନେକ ସମୟରେ ଅତ୍ୟନ୍ତ ଦୁର୍ଲଂଘ୍ୟ ବୋଲି ମଧ ମନେ ହେବ। ଏକ ସ୍ୱେଚ୍ଛାଚାରୀ ଏବଂ ସମରବାଦୀ ଜର୍ମାନୀ ଯେତେବେଳେ ଅସାଧୁ କୂଟନୀତି ଏବଂ ତରବାରିର ସାହାଯ୍ୟ ନେଇ ଅନ୍ୟ ସାମ୍ରାଜ୍ୟଗୁଡ଼ିକ ପରି ବଡ଼ ଅନମନୀୟ ଭାବରେ ଆପଣାର ବିସ୍ତାର ଘଟାଇବାରେ ପ୍ରବୃତ୍ତ ହୋଇ ରହିଥିଲା, ସେତେବେଳେ ବିଭିନ୍ନ ଜାତିର ସ୍ୱତନ୍ତ୍ର ନିଷ୍ପତ୍ତି-ଗ୍ରହଣ ଅଧିକାରକୁ ଭିତ୍ତିକରି ଏକ ଗଣତାନ୍ତ୍ରିକ ଶାନ୍ତିର ପ୍ରତିଷ୍ଠା କରିବା ଲାଗି ରୁଷିଆ ପକ୍ଷରୁ ଜର୍ମାନୀକୁ ପ୍ରସ୍ତାବ ଦିଆ ଯାଇଥିଲା ଏବଂ ସେହି ପ୍ରସ୍ତାବଟି ଲାଗି ରୁଷିଆକୁ ଅନେକ ଉପହସିତ କରାଗଲା, ତାକୁ ତତୋଽଧିକ ପରିମାଣରେ ମିଥ୍ୟା ଅପବାଦ ମଧ ଦିଆଗଲା। ବ୍ୟବହାରିକ ରାଜନୀତିକ ବୁଦ୍ଧି ଦୃଷ୍ଟିରୁ ବିଚାର କରି ଦେଖିଲେ ଏହି ଉପହାସ କରିବା ପଛରେ ନିଶ୍ଚୟ ଏକ ଔଚିତ୍ୟ ଥିଲା; କାରଣ ପ୍ରସ୍ତାବଟି ପ୍ରକୃତ ତଥ୍ୟ ଏବଂ ସମ୍ପୃକ୍ତ କ୍ଷେତ୍ରଟିରେ କାର୍ଯ୍ୟ କରୁଥିବା ଶକ୍ତିଗୁଡ଼ିକୁ ଆଦୌ ବିଚାରକୁ ଆଣି ନ ଥିଲା ଏବଂ କେବଳ ନିରାବରଣ ଏବଂ ଯାବତୀୟ ପ୍ରମାଦ ଲାଗି ଉନ୍ମୁକ୍ତ ହୋଇ ରହିଥିବା କଳ୍ପନାଟିର ଶକ୍ତି ଉପରେହିଁ ଆଧାରିତ ହୋଇ ରହିଥିଲା। ଆପଣାର ବୈପ୍ଲବିକ ଉତ୍ସାହଟିର ପ୍ରଥମ ମାଦକତା ଦ୍ୱାରା ପ୍ରେରିତ ହୋଇ ଏକଦା ଫ୍ରାନ୍ସର ଅଧିବାସୀମାନେ ଯେଉଁପରି ଆଚରଣ ଦେଖାଇଥିଲେ, ପକ୍କା ଆଦର୍ଶବାଦୀ ହୋଇ ରୁଷିଆର ଅଧିବାସୀମାନେ ମଧ ସେହିପରି ଆଚରଣ ଦେଖାଇଲେ। ରୁଷୀୟମାନେ ସ୍ୱାଧୀନତା ଏବଂ ଗଣତାନ୍ତ୍ରିକ ଶାନ୍ତି ବିଷୟରେ ଆପଣାର ନୂତନ ନୀତିଟିକୁ ପ୍ରଥମେ କେବଳ ଜର୍ମାନୀ ଆଗରେ ନୁହେଁ, ମାତ୍ର ଏକ ପ୍ରସ୍ତାବ ଆକାରରେ ପୃଥିବୀ ଆଗରେ ଆଣି ବାଢ଼ିଦେଲେ; ସେମାନେ ଆଶା କରିଥିଲେ ଯେ ଏହି ପ୍ରସ୍ତାବଟିରେ ଯେଉଁ ନୈତିକ ସୌନ୍ଦର୍ଯ୍ୟ, ସତ୍ୟ ଓ ଅନୁପ୍ରେରଣା ରହିଥିଲା, ତାହାରି ଦ୍ୱାରା ଆକୃଷ୍ଟ ହୋଇ ସମସ୍ତେ ତାକୁ ନିଶ୍ଚୟ ଗ୍ରହଣ କରିନେବେ; ବିଭିନ୍ନ ଦେଶର ସରକାରମାନେ ଗ୍ରହଣ କରିବେ ନାହିଁ, ମାତ୍ର ଜନଗଣ ନିଶ୍ଚୟ ଗ୍ରହଣ କରିନେବେ, ଏବଂ ତା'ପରେ ଜନଗଣ ଆପଣା ଆପଣାର ସରକାରମାନଙ୍କୁ ସେଥିଲାଗି ବାଧ କରିବେ ଓ ସରକାରମାନେ ତାହାର ବିରୋଧରେ ଗଲେ ସେମାନଙ୍କୁ

'oaob.nitrkl.ac.in' images reprocessed

ବଦଳାଇ ଦେବେ । ଫ୍ରାନ୍‌ସ୍‌ର ବିପ୍ଳବୀମାନଙ୍କ ପରି ସେମାନଙ୍କୁ ମଧ୍ୟ ଏହି କଥାଟି ଆବିଷ୍କାର କରିବାକୁ ହୋଇଥିଲା ଯେ ଆମର ଏହି ସଂସାର ହେଉଛି ଏପରି ଏକ ସ୍ଥାନ, ଯେଉଁଠାରେ କି, ଆଦର୍ଶଗୁଡ଼ିକ ହାତରେ ବା ସେଗୁଡ଼ିକ ପଛରେ ଯେତେବେଳେ ପ୍ରବଳ ପ୍ରାଣିକ ଏବଂ ଭୌତିକ ଶକ୍ତି ରହିଥିବ, ସେତିକିବେଳେ ଯାଇ ଆଦର୍ଶଗୁଡ଼ିକୁ ନେଇ ତା' ଉପରେ ଲଦି ଦିଆଯାଇ ପାରିବ । ଆପଣାର ଏକାନ୍ତବାଦୀ ଜାତୀୟତାର ଆଦର୍ଶରେ ବିଶ୍ୱାସ କରୁଥିବା ଫରାସୀ ଜାକୋବିନ୍‌ମାନେ କେବଳ ଅସ୍ତ୍ରର ବଳରେହିଁ ଆପଣାର ଯାବତୀୟ ଶକ୍ତିକୁ ସଂକେନ୍ଦ୍ରିତ କରି ପାରିଥିଲେ ଓ ଏକ ବିରୋଧୀ ବିଶ୍ୱ ଦ୍ୱାରା ବେଷ୍ଟିତ ରହି ମଧ୍ୟ ଆପଣାର ନୀତିଟି ଲାଗି ବିଜୟ ହାସଲ କରି ପାରିଥିଲେ । ଆପଣାର ନୀତିଟିକୁ ପ୍ରକୃତ କ୍ଷେତ୍ରରେ ଫଳପ୍ରଦ କରିବାକୁ ଯାଇ ରୁଷିଆର ଆଦର୍ଶ-ବାଦୀମାନେ ଦେଖିଥିଲେ ଯେ ଖାସ୍ ନୀତିଟିହିଁ ଦୁର୍ବଳତାର ଏକ ଉତ୍ସରୂପେ କାର୍ଯ୍ୟ କରୁଥିଲା; ଅନମନୀୟ ଜର୍ମାନ୍-ଦୋଷଦର୍ଶିତାର ସମ୍ମୁଖୀନ ହୋଇପାରିବା ଲାଗି ସେମାନଙ୍କର ଆଦୌ କୌଣସି ସାମର୍ଥ୍ୟ ନ ଥିଲା । ସେମାନଙ୍କର ସଂଗଠନରେ କୌଣସି ଅଭାବ ଥିଲା ବୋଲି ଯେ ଏପରି ହେଲା, ତାହା ଆଦୌ ନୁହେଁ,— କାରଣ, ବିପ୍ଳବକାଳୀନ ଫ୍ରାନ୍‌ସ୍ ମଧ୍ୟ ଅସଂଗଠିତ ଅବସ୍ଥାରେ ଥିଲା, ମାତ୍ର ତଥାପି ବାଧାଟିକୁ ଅତିକ୍ରମ କରିପାରିଥିଲା,— ପୁରାତନ ରୁଷ୍ ସାମାଜିକ ଗଠନର ଯେଉଁ ବିଘଟନ ଲାଗି ସେମାନେ ଆପଣାର ସମ୍ମତି ଦେଇଥିଲେ, ବସ୍ତୁତଃ ତାହାହିଁ ସେମାନଙ୍କୁ ସମ୍ମିଳିତ ଓ ସଂଗଠିତ ଭାବରେ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରିବାର ଯାବତୀୟ ସାଧନରୁ ବଞ୍ଚିତ କରି ରଖିଥିଲା । ତଥାପି ସେମାନଙ୍କର ନୀତି ଓ ସିଦ୍ଧାନ୍ତଟି ଏକ ଅପେକ୍ଷାକୃତ ଅଧିକ ପ୍ରଗତିଶୀଳ ସିଦ୍ଧାନ୍ତ ଥିଲା, କାରଣ ତାହା ଏକ ନୈତିକ ସିଦ୍ଧାନ୍ତ ଥିଲା; ଯେଉଁ ଆକ୍ରମଣଶୀଳ ଜାତୀୟତାବାଦହିଁ ଫରାସୀ ବିପ୍ଳବର ଅନ୍ତର୍ଜାତୀୟ ସ୍ତରରେ ଏକମାତ୍ର ପରିଣାମ ଥିଲା ବୋଲି କୁହାଯାଇ ପାରିବ, ରୁଷୀୟମାନଙ୍କର ସିଦ୍ଧାନ୍ତଟି ନିଶ୍ଚୟ ତାହା ଅପେକ୍ଷା ଅଧିକ ପ୍ରଗତିଶାଳୀ ଥିଲା । ଏବଂ ଭବିଷ୍ୟ ଲାଗି ମଧ୍ୟ ଏଥିରେ ଏକ ବୃହତ୍ତର ତାତ୍ପର୍ଯ୍ୟ ନିହିତ ହୋଇ ରହିଛି ।

ଏହି ସିଦ୍ଧାନ୍ତଟି ହେଉଛି ଭବିଷ୍ୟରହିଁ ଏକ ସିଦ୍ଧାନ୍ତ, ଯେତେବେଳେ ସ୍ୱତନ୍ତ୍ର ଜାତିଗୁଡ଼ିକୁ ନେଇ ଏକ ବିଶ୍ୱସଂଘର ସ୍ଥାପନା ସମ୍ଭବ ହୋଇଯିବ, ଏବଂ ସେଥିରେ ସ୍ୱତନ୍ତ୍ର ଆତ୍ମ-ନିୟନ୍ତ୍ରଣର ଏହି ନୀତିଟିହିଁ ସର୍ବପ୍ରଥମ ସକ୍ରିୟତା ହୋଇ ରହିବ ଅଥବା ସର୍ବପ୍ରଧାନ ଶେଷ ପରିଣାମଟି ରୂପେ ହୁଏତ ଉପଲବ୍ଧ ହେବ; ସେହି ସିଦ୍ଧାନ୍ତଟି ଏପରି ଏକ ବିଶ୍ୱବ୍ୟବସ୍ଥାର ଅନ୍ତର୍ଗତ ଏକ ସିଦ୍ଧାନ୍ତ, ଯେତେବେଳେ କି ପୃଥିବୀରେ ଯୁଦ୍ଧ ବା ବଳପ୍ରୟୋଗ ବୋଲି ଆଉ କିଛି ନ ଥିବ । ଜାତୀୟ ଅଥବା ଅନ୍ତର୍ଜାତୀୟ ସମ୍ବନ୍ଧରେ ଚରମ ଭିତ୍ତିରୂପେ କେହି ସେଗୁଡ଼ିକର ଆଶ୍ରୟ ନେଉ ନ ଥିବେ ଏବଂ ତାହାର ଏକ ବିକଳ୍ପରୂପେ ମୁକ୍ତ

'oaob.nitrkl.ac.in' images reprocessed

ପାରସ୍ପରିକ ସମ୍ମତିକୁ ଗ୍ରହଣ କରିବା ଲାଗି ପ୍ରସ୍ତୁତ ହୋଇ ଯାଇଥିବେ । କେବଳ ଗୋଟିଏ ଋଷିଆର ସୀମା ଭିତରେ ହେଲେ ମଧ୍ୟ,* ଯଦି ସେହି ବିଚାରଟି ଆପଣାକୁ କାର୍ଯ୍ୟକାରୀ କରି ପାରିଥା'ନ୍ତା, କେବଳ ଏକ ଜାତୀୟ ସଂକେନ୍ଦ୍ରଣ ଦ୍ୱାରା ଉପଲବ୍ଧ ହୋଇ ପାରୁଥିବା ସେହି ଆକ୍ରମଣଶୀଳ ଶକ୍ତିସମ୍ପନ୍ନତା ସହିତ ମଧ୍ୟ ଯଦି ତାହା ସାର୍ବଜନୀନ ସକ୍ରିୟତାର କୌଣସି ନୀତିରେ ଆସି ପହଞ୍ଚି ପାରିଥା'ନ୍ତା, ତେବେ ତାହା ପୃଥିବୀ ଲାଗି ଏକ ନୂତନ ନୈତିକ ଶକ୍ତିମତ୍ତାରହିଁ ଦ୍ୟୋତକ ହୋଇ ପାରିଥା'ନ୍ତା । ନାନାବିଧ ବୃହତ୍ ସର୍ତ୍ତ ଓ ସୀମା ବ୍ୟତୀତ ଏହି ବିଚାରଟି ହୁଏତ ଅନ୍ୟ କେଉଁଠାରେ କାହାରି ଦ୍ୱାରାହିଁ ସ୍ୱୀକୃତ ହେବ ନାହିଁ, ଅବଶ୍ୟ ଅପ୍ରତ୍ୟାଶିତ ଭାବରେ ବିପ୍ଳବାଦି ଘଟିଲେ ଅନ୍ୟପ୍ରକାର ଘଟିପାରେ; ମାତ୍ର ସେହି ବିଚାରଟି ଏକ ଶକ୍ତିରୂପେ ନିଶ୍ଚୟ ବିଦ୍ୟମାନ ରହିଥିବ, ଆପଣା ଲାଗି ପୃଥିବୀକୁ ପ୍ରସ୍ତୁତ କରିବାରେ ଲାଗିଥିବ, ଏବଂ ଯେତେବେଳେ ପୃଥିବୀ ପ୍ରସ୍ତୁତ ହୋଇଯିବ, ସେତେବେଳେ ମାନବ-ଏକତାର ସେହି ଚୂଡ଼ାନ୍ତ ବ୍ୟବସ୍ଥାରେ ତାହା ନିଶ୍ଚୟ ଏକ ବୃହତ୍ ଓ ମୀମାଂସକ ଭୂମିକା ଗ୍ରହଣ କରିବ । ମାତ୍ର, ଆପଣାକୁ କାର୍ଯ୍ୟକାରୀ କରିବାର ବର୍ତ୍ତମାନ ପ୍ରଚେଷ୍ଟାରେ ଯଦି ତାହା ସମ୍ପୂର୍ଣ୍ଣରୂପେହିଁ ଅସଫଳ ହୋଇ ରହେ, ତେବେ ଅଧିକ ସମୁଚିତ ଭାବରେ ପ୍ରସ୍ତୁତ ହୋଇପାରିଥିବା କୌଣସି ଭବିଷ୍ୟତକାଳରେ ସିଏ ତାହାର ଭୂମିକାଟିକୁ ଗ୍ରହଣ କରିପାରିବା ଲାଗି ଅବଶ୍ୟ ଏକ ଅବକାଶ ମଧ୍ୟ ରହିଥିବ ।

* ବିଚାରଟିକୁ ସେତେବେଳେ ନିଷ୍ଠାର ସହିତ ଗ୍ରହଣ କରାଯାଇଥିଲା ସତ, ମାତ୍ର ଯେଉଁ ବିପ୍ଳବକାରୀ ବଳପ୍ରୟୋଗର ନୀତିଟି ଉପରେ ସୋଭିଏଟ୍‌ବାଦ ତଥାପି ନିର୍ଭରଶୀଳ ହୋଇ ରହିଛି, ତାହାରି ସକାଶେହିଁ ତାହା ଆପଣାର ତାତ୍ପର୍ଯ୍ୟଟିକୁ ହରାଇ ବସିଛି ।

'oaob.nitrkl.ac.in' images reprocessed

## ଏକତ୍ରିଂଶ ଅଧ୍ୟାୟ

# ଏକ ମୁକ୍ତ ବିଶ୍ୱ-ସଂଘ ଲାଗି ଯାହା ଦରକାର

ଏକ ମୁକ୍ତ ବିଶ୍ୱ-ସଂଘ ସ୍ୱଭାବତଃ ଏକ ଅନେକମୁଖୀ ଏକତ୍ୱରୂପେ ଗଠିତ ହୋଇ ଅବଶ୍ୟ ରହିବା ଉଚିତ, ଯାହାକି ବହୁବିଧତା ଓ ବିଭିନ୍ନତା ଉପରେ ଆଧାରିତ ହୋଇ ରହିଥିବ ଏବଂ ସେହି ବହୁବିଧତା ମୁକ୍ତ ଆତ୍ମ-ନିୟନ୍ତ୍ରଣର ନୀତିଟି ଉପରେ ଆଧାରିତ ହୋଇ ରହିଥିବ । ଯନ୍ତ୍ରବତ୍ ଯେଉଁଠି ଏକ ଏକାନ୍ତବାଦୀ ବ୍ୟବସ୍ଥା ଚାଲୁଥାଏ, ତାହା ସେଠାରେ ଆପଣାର ବିଚାରଟି ଦ୍ୱାରାହିଁ ପ୍ରେରିତ ହୋଇ ମନୁଷ୍ୟସମୂହର ଭୌଗୋଳିକ ଗୋଷ୍ଠୀ-ବିଭାଜନକୁ କେବଳ ପ୍ରାଦେଶିକ ବିଭାଗୀକରଣର କେତୋଟି ସୁବିଧା ରୂପେ ଦେଖିଥାଏ, ତାହାକୁ ସେ ପ୍ରଶାସନଗତ ଗୋଟିଏ ସୁବିଧା ପରି ଦେଖିଥାଏ; ଫରାସୀ ବିପ୍ଳବ ସମୟରେ ଯେପରି ପୁରାତନ ପ୍ରାକୃତିକ ଏବଂ ଐତିହାସିକ ବିଭାଜନଗୁଡ଼ିକ ପ୍ରତି ଆଦୌ କୌଣସି ଦୃଷ୍ଟି ନ ଦେଇ ଫ୍ରାନ୍ସ୍‌କୁ ନୂଆ କରି କେତୋଟି ଭାଗରେ ବିଭକ୍ତ କରିଦିଆ ଯାଇଥିଲା, ଠିକ୍ ସେହିପରି । ଏହି ବ୍ୟବସ୍ଥାଟି ମନୁଷ୍ୟଜାତିକୁ କେବଳ ଗୋଟିଏ ଜାତି ବୋଲିହିଁ ଦେଖିବ ଏବଂ ପୁରାତନ ବିଚ୍ଛିନ୍ନତାବାଦୀ ଜାତୀୟ ଭାବଟିକୁ ସମ୍ପୂର୍ଣ୍ଣ ରୂପେ ମୂଳପୋଛ କରିବାକୁ ଚେଷ୍ଟା କରିବ । ଆପଣାର ଗଠନଟିକୁ ତାହା ସମ୍ଭବତଃ କେତୋଟି ମହାଦେଶ ରୂପେ ସଜାଇ ରଖିବ ଓ ସେହି ମହାଦେଶଗୁଡ଼ିକୁ ସୁବିଧାଜନକ ଭୌଗୋଳିକ ସୀମାଗୁଡ଼ିକ ସାହାଯ୍ୟରେ ପୁନର୍ବାର ବିଭକ୍ତ କରିଦେବାକୁ ଇଚ୍ଛା କରିବ । ମାତ୍ର ଏହାର ସମ୍ପୂର୍ଣ୍ଣ ବିପରୀତ ଅନ୍ୟ ବିଚାରଟି ଅନୁସାରେ ଏକତ୍ୱର ଭୌଗୋଳିକ ଏବଂ ଭୌତିକ ନିୟମଗୁଡ଼ିକୁ ମାନସଭୂମିଗତ ନିୟମଟିର ଅଧୀନ କରି ରଖାଯିବ; କାରଣ ଯନ୍ତ୍ରବତ୍ କୌଣସି ପ୍ରକାର ଏକ ବିଭାଜନ ନୁହେଁ, ମାତ୍ର ଏକ ଜୀବନ୍ତ ବୈଚିତ୍ର୍ୟ ଓ ବହୁବିଧତାହିଁ ତାହାର ଅଭୀଷ୍ଟ ହୋଇ ରହିଥିବ । ସେହି ଅଭୀଷ୍ଟଟିକୁ ପ୍ରାପ୍ତ କରିବାକୁ ହେଲେ, ମନୁଷ୍ୟ-ସମୁଦାୟର ଭିନ୍ନ ଭିନ୍ନ ଗୋଷ୍ଠୀ ବା ସମୂହଗୁଡ଼ିକୁ ସେମାନଙ୍କର ନିଜର ସ୍ୱତନ୍ତ୍ର ଇଚ୍ଛା ଏବଂ ସ୍ୱାଭାବିକ ନାନା ସାଦୃଶ୍ୟ ଅନୁସାରେ ବିଭିନ୍ନ ଗୋଷ୍ଠୀ ଗଠନ କରି ରହିବାକୁ ଛାଡ଼ିଦିଆ ଯିବ । ଏକ ଅନିଚ୍ଛୁକ ଜାତି ଅଥବା ସ୍ୱତନ୍ତ୍ର ଜନଗୋଷ୍ଠୀକୁ ଆଉ ଗୋଟିଏ ବ୍ୟବସ୍ଥା ମଧ୍ୟରେ ପ୍ରବେଶ କରିବା ଲାଗି କିଂବା ତାହା ସହିତ ଯୋଗଦେବା ଲାଗି ବା ଯୁକ୍ତ ହୋଇ ରହିବା ଲାଗି ବାଧ୍ୟ କରିବା ସକାଶେ କୌଣସି ଚାପ ବା ବଳର ପ୍ରୟୋଗ କରାଯିବ ନାହିଁ; ଅନ୍ୟ ଗୋଟିଏ ଜାତି ବା ଗୋଷ୍ଠୀର ସୁବିଧା, ସଂବୃଦ୍ଧି ଅଥବା ରାଜନୀତିକ ପ୍ରୟୋଜନ ସକାଶେ ବା ଏପରିକି ସାଧାରଣ ସୁବିଧା ଦୃଷ୍ଟିରୁ ମଧ୍ୟ କୌଣସି ଗୋଷ୍ଠୀର ଇଚ୍ଛାଟିକୁ ଅବଜ୍ଞା କରି

'oaob.nitrkl.ac.in' images reprocessed

ଏପରି କଦାପି କରାଯିବ ନାହିଁ । ହୁଏତ ଏପରି ହୋଇପାରିବ ଯେ, ଇଂଲଣ୍ଡ ଓ କାନାଡ଼ା ପରି ଅଥବା ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ପରି ଯେଉଁସବୁ ଜାତି ବା ଦେଶ ଭୌଗୋଳିକ ଦୃଷ୍ଟିରୁ ପରସ୍ପରଠାରୁ ଅତ୍ୟନ୍ତ ଦୂରବର୍ତ୍ତୀ ହୋଇ ରହିଛନ୍ତି, ସେମାନେ ଇଚ୍ଛାକଲେ ପରସ୍ପର ସହିତ ନିଶ୍ଚୟ ସଂଯୁକ୍ତ ହୋଇ ରହିପାରିବେ । ଏବଂ, ଇଂଲଣ୍ଡ ଓ ଆୟର୍ଲାଣ୍ଡ ପରି ଅଥବା ରୁଷିୟା ଏବଂ ଫିନ୍‌ଲାଣ୍ଡ୍ ପରି ଯେଉଁସବୁ ଦେଶ ପରସ୍ପର ସହିତ ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ଗୋଟିଏ ଅଞ୍ଚଳରେ ରହିଛନ୍ତି, ସେମାନେ ଇଚ୍ଛାକଲେ ଅଲଗା ଅଲଗା ହୋଇ ରହିପାରିବେ । ଏକତ୍ୱହିଁ ଏହି କ୍ଷେତ୍ରରେ ଜୀବନର ପ୍ରଶସ୍ତତମ ବିଧାନ ହୋଇ ରହିବ ସତ, ମାତ୍ର ସ୍ୱାଧୀନତାହିଁ ତାହାର ଆଧାରଶିଳା ହୋଇ ରହିଥିବ ।*

ବର୍ତ୍ତମାନର ରାଜନୀତିକ ଏବଂ ବାଣିଜ୍ୟଗତ ଭିତ୍ତି ଉପରେ ଗଢ଼ାହୋଇ ରହିଥିବା ଏକ ପୃଥିବୀରେ ଗୋଷ୍ଠୀଗଠନର ଏହି ମାର୍ଗଟି ଅନେକ ସମୟରେ ଆମ ସମକ୍ଷରେ ପ୍ରାୟ ଅଲଂଘ୍ୟ ହୋଇ ରହିଥିବା କେତେ କେତେ ଅସୁବିଧା ଏବଂ କଠିନତା ଆଣି ହୁଏତ ଠିଆ କରିଦେବ ସତ, ମାତ୍ର କେବଳ ଯେଉଁଭଳି ଏକ ଅବସ୍ଥାରେ ଏକ ମୁକ୍ତ ବିଶ୍ୱ-ସଂଘ ସମ୍ଭବ ହୋଇପାରିବ, ସେହି ଅବସ୍ଥା ବା ପରିବେଶଟି ସୃଷ୍ଟି ହେବା ମାତ୍ରକେ ଏହି ଅସୁବିଧା ଏବଂ କଠିନତାମାନ କୁଆଡ଼େ ଅନ୍ତର୍ହିତ ହୋଇଯିବ । ଆପଣାର ସୁରକ୍ଷା ଲାଗି ଅଧିକ ବଳ ମିଳିବ ବୋଲି ଜୋର୍ ଜବରଦସ୍ତି କରି ଦୁଇଟି ଗୋଷ୍ଠୀକୁ ଏକାଠି କରି ରଖିବାର ସାମରିକ ପ୍ରୟୋଜନ ଅଥବା ଅନ୍ୟ ଦେଶଗୁଡ଼ିକୁ ଆକ୍ରମଣ କରିବା ଲାଗି ଅଧିକ ଶକ୍ତି ମିଳିବ ବୋଲି ମଧ୍ୟ ସେପରି କରିବାର ସାମରିକ ସକଳ ପ୍ରୟୋଜନ ସେହି ନୂତନ ପରିବେଶଟିରେ କଦାପି ରହିବ ନାହିଁ, କାରଣ ସେତେବେଳେ ଆଉ ଯୁଦ୍ଧ ବି ସମ୍ଭବ ହେବ ନାହିଁ । ଏଣେ ମୁକ୍ତ ବିଶ୍ୱସଂଘ ରହିଥିବ ଏବଂ ତେଣେ ଅନ୍ତର୍ଜାତୀୟ ମତଭେଦଗୁଡ଼ିକୁ ଦୂର କରିବା ଲାଗି ବଳର ଆଶ୍ରୟ ନିଆ ଯାଉଥିବ,— ଏହି ଦୁଇଟିଯାକ ବିଚାରକୁ ଆମେ କଦାପି ଏକତ୍ର କରି ପାରିବା ନାହିଁ ଏବଂ ବ୍ୟବହାରିକ କ୍ଷେତ୍ରରେ ଦୁଇଟିଯାକ କଦାପି ଏକାଠି ରହିପାରିବେ ନାହିଁ । ଏବଂ ରାଜନୀତିକ ପ୍ରୟୋଜନଟି ମଧ୍ୟ ଆଉ କଦାପି ରହିବ ନାହିଁ; କାରଣ ଯେଉଁ ରାଜନୀତିକ ପ୍ରୟୋଜନର ଦୁହାଇ ଦେଇ ଆମେ ଦୁଇଟି ଗୋଷ୍ଠୀକୁ ବଳପ୍ରୟୋଗପୂର୍ବକ ଏକାଠି ରଖିବାକୁ ଇଚ୍ଛା କରୁଥାଉଁ, ତାହା ମୁଖ୍ୟତଃ ପରସ୍ପର ସହିତ

---

* ଏଥିରେ କୌଣସି ସଂଶୟ ନାହିଁ ଯେ ଯେକୌଣସି ମୂଳସିଦ୍ଧାନ୍ତରେ ତା'ର ପ୍ରୟୋଗ କ୍ଷେତ୍ରରେ ନିଶ୍ଚୟ କୌଣସି ନା କୌଣସି ସୀମା ଅବଶ୍ୟ ରହିବ । ତା' ନ ହେଲେ, ଅତ୍ୟନ୍ତ ଅଦ୍ଭୁତ ଏବଂ ଅବ୍ୟାବହାରିକ ଅସମ୍ଭବତାଗୁଡ଼ାକ ଆସି ଏକ ଜୀବନ୍ତ ସତ୍ୟକୁ କ୍ଷେତ୍ରଟିରୁ ନିକାଲି ବାହାର କରିଦେବେ ଓ ସ୍ୱୟଂ ତାହାର ସ୍ଥାନଟିକୁ ମାଡ଼ି ବସିବେ ।

'oaob.nitrkl.ac.in' images reprocessed

ଦ୍ୱନ୍ଦ୍ୱ ଲାଗି ରହିବାର ସେହି କଳ୍ପନାଟିରୁହିଁ ଗଠିତ ହୋଇଥାଏ । ସେଥିରୁ ଆନ୍ତର୍ଜାତିକ ଜୀବନରେ ନାନା ଅସ୍ଥିର ଅବସ୍ଥାର ସୃଷ୍ଟି ହୁଏ, ଏବଂ ତାହାର ପରିଣାମ ସ୍ୱରୂପ, ଯେଉଁମାନେ ପ୍ରଥମେ ସାମରିକ ପ୍ରୟୋଜନର ଦୁଆଟିକୁ ଉଠାଇଥା'ନ୍ତି, ଭୌତିକ ବଳରେ ଓ ସଂଗଠନରେ ସବୁଠାରୁ ଅଧିକ ସୁଦୃଢ଼ ଏବଂ ବଳଯୁକ୍ତ ହୋଇ ରହିଥିବା ସେହିପରି କେତୋଟି ଜାତିଙ୍କୁହିଁ ପୃଥିବୀ ଉପରେ ଆଧିପତ୍ୟ ବିସ୍ତାର କରି ରହିବାକୁ ଛାଡ଼ି ଦିଆଯାଏ । ଏକ ମୁକ୍ତ ବିଶ୍ୱ-ସଂଘରେ ଯେତେବେଳେ ପରସ୍ପରର ସହମତି ଦ୍ୱାରାହିଁ ଯାବତୀୟ ବ୍ୟାପାରର ନିର୍ଦ୍ଧାରଣ ଓ ଯାବତୀୟ ମତପାର୍ଥକ୍ୟର ମୀମାଂସା ହେଉଥିବ, ବା ସେହି ସହମତି ସମ୍ଭବ ହୋଇ ନ ପାରିଲେ ଯେଉଁଠି ମଧ୍ୟସ୍ଥ-ବିଚାର ଦ୍ୱାରା ସେଗୁଡ଼ିକର ନିଷ୍ପତ୍ତି କରାଯାଉଥିବ, ବାସ୍ତବକ୍ଷେତ୍ରରେ ପରସ୍ପର ସହିତ ଆଦୌ ସମ୍ବନ୍ଧଯୁକ୍ତ ହୋଇ ରହି ନ ଥିବା ବୃହତ୍ ବୃହତ୍ ଲୋକସମୂହଙ୍କୁ ଆଣି ଏକାଠି ଗୋଟିଏ ରାଷ୍ଟ୍ରରେ ଭର୍ତ୍ତି କରି ରଖିଲେ ତଦ୍ୱାରା ହୁଏତ ଏହି ଗୋଟିଏ ସୁବିଧା ମିଳିବ ଯେ ଏହି ସମୂହଟିର ବୃହତ୍ ଆକାର ଏବଂ ଜନସଂଖ୍ୟା ହେତୁ ଆମେ ଅନ୍ୟମାନଙ୍କର ଉପରେ ଅଧିକ ପ୍ରଭାବ ପକାଇ ପାରିବା । ମାତ୍ର ଯଦି ଜାତିମାନଙ୍କୁ ସେମାନଙ୍କର ଇଚ୍ଛା ବିରୋଧରେ ଆଣି ଗୋଟିଏ ରାଷ୍ଟ୍ର ଭିତରେ ଭର୍ତ୍ତି କରି ରଖା ଯାଇଥାଏ, ତେବେ ଏହି ପ୍ରଭାବ ପ୍ରକୃତରେ ଆଦୌ ସମ୍ଭବ ହେବ ନାହିଁ । କାରଣ ସେତେବେଳେ ତାହା ବରଂ ଦୁର୍ବଳତାରହିଁ ଏକ କାରଣ ହୋଇ ରହିବ, ସେହି ରାଷ୍ଟ୍ରର ଅନ୍ତର୍ଜାତୀୟ କ୍ଷେତ୍ରରେ ଯାବତୀୟ କାର୍ଯ୍ୟକଳାପରେ ତାହା ଅନୈକ୍ୟରହିଁ କାରଣ ହୋଇ ରହିବ; ଅବଶ୍ୟ, ଯଦି ଆନ୍ତର୍ଜାତିକ ବ୍ୟବସ୍ଥାଟି ମଧ୍ୟରେ ତାହା ଭିତରେ ଅନ୍ତର୍ଭୁକ୍ତ ହୋଇ ରହିଥିବା ସମୂହଗୁଡ଼ିକର ଇଚ୍ଛା ଏବଂ ମତକୁ ସମ୍ପୂର୍ଣ୍ଣ ଅବଜ୍ଞା କରି କେବଳ ଆପଣାର ଆକାର ଏବଂ ଜନସଂଖ୍ୟା ବଳରେହିଁ ତାକୁ ଆପଣାର ପ୍ରଭାବ ପକାଇବାକୁ ଛାଡ଼ି ଦିଆଯାଏ, ତାହା ଭିନ୍ନ କଥା ହେବ । ଏହିପରି ଭାବରେ ଫିନ୍‌ଲାଣ୍ଡ୍ ଓ ପୋଲାଣ୍ଡ୍‌ର ଜନସଂଖ୍ୟା ଏକ ସଂଯୁକ୍ତ ରୁଷିଆର ମତସଂଖ୍ୟାରେ ନିଶ୍ଚୟ ଏକ ବୃଦ୍ଧି ଘଟାଇ ପାରିବ ଏବଂ ଜାତିସମୂହର କଉନ୍‌ସିଲ୍‌ରେ ହୁଏତ ତାହାର ନିଶ୍ଚୟ ଏକ ମାନ୍ୟତା ରହିବ; ମାତ୍ର ସେହି ଯନ୍ତ୍ରବତ୍ ଅବାସ୍ତବ ଏକତ୍ୱ ମଧ୍ୟରେ ଫିନ୍‌ଲାଣ୍ଡ୍‌ବାସୀ ଓ ପୋଲାଣ୍ଡବାସୀଙ୍କର ମନୋଭାବ ଏବଂ ମତକୁ ଅଭିବ୍ୟକ୍ତ ହୋଇ ପାରିବା ଲାଗି ଆଦୌ କୌଣସି ଅବସର ବା ବାଟହିଁ ମିଳିବ ନାହିଁ ।* ମାତ୍ର ଆଧୁନିକ ଯୁଗରେ ନ୍ୟାୟ ଓ ଯୁକ୍ତି କହିଲେ ଯାହା ବୁଝାଇଥାଏ, ଏହା ତାହାର ଏକାନ୍ତ ବିରୁଦ୍ଧାଚରଣ କରିବ, ଏବଂ ସ୍ୱାଧୀନତା ଓ ସ୍ୱତନ୍ତ୍ରତାର କେବଳ ଯେଉଁ ନୀତିଟିହିଁ ବିଶ୍ୱ-ବ୍ୟବସ୍ଥାଟି ଲାଗି ଏକ ଦୃଢ଼ ଏବଂ ସ୍ଥିର

* ଭାରତକୁ ଲୀଗ୍ ଅଫ୍ ନେଶନ୍‌ସ୍‌ରେ ନେଇ ଭର୍ତ୍ତି କରିଦେବାକୁହିଁ ସ୍ପଷ୍ଟତଃ ଏହିପରି ଏକ ବ୍ୟବସ୍ଥା ବୋଲି କୁହାଯାଇ ପାରିବ ।

'oaob.nitrkl.ac.in' images reprocessed

ମୂଳଦୁଆ ଯୋଗାଇ ଦେବାରେ ସମର୍ଥ ହୁଅନ୍ତା, ତାହା ସହିତ ଏହାର ଆଦୌ କୌଣସି ତାଳ ମିଳିବ ନାହିଁ । ତେଣୁ, ଯୁଦ୍ଧର ବିଲୁପ୍ତି ସାଧନ ଘଟିଲେ ଏବଂ ଶାନ୍ତିପୂର୍ଣ୍ଣ ଉପାୟରେହିଁ ମତପାର୍ଥକ୍ୟଗୁଡ଼ିକର ନିଷ୍ପତ୍ତି ହେଲେ ତଦ୍ଦ୍ୱାରା ଜବରଦସ୍ତି କରି ଦେଶ ସହିତ ଦେଶକୁ ଏକାଠି ବାନ୍ଧି ରଖିବାର ଆଉ କୌଣସି ସାମରିକ ଆବଶ୍ୟକତା ରହିବ ନାହିଁ, ଏବଂ ପ୍ରତ୍ୟେକ ଜନସମୂହକୁ ତା'ର ଏକ ସ୍ୱତନ୍ତ୍ର ମତ ଓ ସ୍ୱତନ୍ତ୍ର ସ୍ଥାନ ସହିତ ପୃଥିବୀରେ ବାସ କରିବାର ଅଧିକାର ଦିଆଗଲେ, ବଳପୂର୍ବକ ଏକତ୍ୱ-ସ୍ଥାପନା କରିବାର କୌଣସି ରାଜନୀତିକ ଆବଶ୍ୟକତା ମଧ୍ୟ ଆଉ ରହିବ ନାହିଁ । ଯୁଦ୍ଧର ବିଲୁପ୍ତିସାଧନ ଏବଂ ସବୁ ଜାତିଙ୍କର ସମାନ ଅଧିକାର ରହିଛି ବୋଲି ସ୍ୱୀକୃତିଦାନ,– ଏହି ଦୁଇଟି ପରସ୍ପର ସହିତ ଏକାଠି ଗଅଁଠା ହୋଇ ରହିଛନ୍ତି । ଇଉରୋପରେ ଏବେ ଯେଉଁ ସଂଘର୍ଷଟି ଲାଗିଗଲା, ସେଥିରେ ଯେତେ ଅପୂର୍ଣ୍ଣଭାବରେ ହେଲେ ମଧ୍ୟ ଅନ୍ତତଃ ଗୋଟାଏ ମୁହୂର୍ତ୍ତ ସକାଶେ ସେହି ପରସ୍ପର-ନିର୍ଭରଶୀଳତାକୁ ସ୍ୱୀକାର କରିଦିଆ ଯାଇଥିଲା; ଏବଂ ଯଦି ମନୁଷ୍ୟଜାତି ଭିତରେ କେବେ କୌଣସି ଏକତାର ପ୍ରତିଷ୍ଠା କରିବାକୁ ହୁଏ, ତେବେ ସେହିଟିକୁହିଁ ସ୍ଥାୟୀରୂପେ ଗ୍ରହଣ କରିନେବାକୁ ପଡ଼ିବ ।

ଏହାପରେ ଅର୍ଥନୈତିକ ପ୍ରଶ୍ନଟି ବାକୀ ରହିଲା, ଏବଂ ଏକ ପ୍ରାଣିକ ତଥା ଭୌତିକ ଜୀବନ ବ୍ୟବସ୍ଥା ଭିତରେ ଆମେ ଏହାକୁହିଁ ଏକମାତ୍ର ମହତ୍ତ୍ୱପୂର୍ଣ୍ଣ ସମସ୍ୟାଟି ବୋଲି ଜାଣିବା ଏବଂ ଆମର ଏହି ବିଶ୍ୱ-ବ୍ୟବସ୍ଥାଟି ମଧ୍ୟରେ ସେଥିରୁ ଯେ ଯେକୌଣସି ଗମ୍ଭୀର ଅସୁବିଧାର ସୃଷ୍ଟି ହେବ, ତାହାର ସବୁବେଳେହିଁ ଏକ ଆଶଙ୍କା ରହିଛି; ଏବଂ ଏକଥା ମଧ୍ୟ ସମ୍ଭବ ଯେ ଏହି କ୍ଷେତ୍ରରେ ଆମେ ଆଲୋଚନା କରୁଥିବା ଏହି ଅପେକ୍ଷାକୃତ ଅଧିକ ଅନେକମୁଖୀ ଏକତା ଅପେକ୍ଷା ଏକ ଏକାନ୍ତବାଦୀ ଗଠନ ଓ ବ୍ୟବସ୍ଥାରୁହିଁ ଅଧିକ ସୁବିଧା ମିଳିବ ବୋଲି ମନେହେବାକୁ ଲାଗିବ । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଆମର ବର୍ତ୍ତମାନ ଅର୍ଥନୈତିକ ବ୍ୟବସ୍ଥାଟି ମଧ୍ୟରେ ଯାହା ଏତେବେଶୀ ଏକ ବୃହତ୍ ସ୍ଥାନ ଅଧିକାର କରି ରହିଛି, ଜୋର୍ ଜବରଦସ୍ତି ଖଟାଇ ଗୋଟିଏ ଜାତି ଆଉ ଗୋଟିଏ ଜାତିର ଅର୍ଥନୈତିକ ଶୋଷଣ କରିବାର ରୀତିଟିର ଦୁଇଟିଯାକ ବ୍ୟବସ୍ଥାରେହିଁ ନିଶ୍ଚୟ ଅବସାନ ଘଟିବ । ସେହି କ୍ଷେତ୍ରରେ ହୁଏତ ଏକ ଶାନ୍ତିପୂର୍ଣ୍ଣ ଅର୍ଥନୈତିକ ସଂଗ୍ରାମ ଲାଗିହିଁ ସମ୍ଭାବନା ରହିଥିବ, ବିଚ୍ଛିନ୍ନ ହୋଇ ରହିବାର ଏକ ଅବକାଶ ରହିଥିବ, ନାନାପ୍ରକାର କୃତ୍ରିମ ପ୍ରତିବନ୍ଧକ ଆଣି ଠିଆ କରିବାର ବି ସମ୍ଭାବନା ରହିଥିବ; ଏବଂ ଏକଥା ଅତ୍ୟନ୍ତ ସ୍ପଷ୍ଟ ଯେ ଏହି କଥାଟିହିଁ ସାମ୍ପ୍ରତିକ ବାଣିଜ୍ୟଗତ ସଭ୍ୟତାଟିରେ ଏକ ଅତି ପ୍ରଭାବଶାଳୀ ଏବଂ ଅଧିକରୁ ଅଧିକ ମୁଖ୍ୟ ଲକ୍ଷଣ ହୋଇ ରହିଆସିଛି । ମାତ୍ର ଏକଥା ମଧ୍ୟ ସମ୍ଭବ ଯେ ରାଜନୀତିକ କ୍ଷେତ୍ରରୁ ସଂଗ୍ରାମର ଉପାଦାନଟିର ଥରେ ନିରାକରଣ ଘଟିଲେ ଅର୍ଥନୈତିକ କ୍ଷେତ୍ରରେ

'oaob.nitrkl.ac.in' images reprocessed

ମଧ୍ୟ ସେହି ସଂଗ୍ରାମଜନିତ ତାପଟି ଅନେକ ପରିମାଣରେ ହ୍ରାସ ହୋଇଯିବ । ଯେଉଁ ଆତ୍ମ-ସମ୍ପୂର୍ଣ୍ଣତା ଏବଂ ଅନ୍ୟ ତୁଳନାରେ ଅଧିକ ଓ ପ୍ରଭାବଶାଳୀ ହୋଇ ରହିବାକୁ ରାଜନୀତି-କ୍ଷେତ୍ରର ଯାବତୀୟ ପ୍ରତିଦ୍ୱନ୍ଦ୍ୱିତା, ସଂଗ୍ରାମ ଏବଂ ଜାତି ଜାତି ମଧ୍ୟରେ ରହିଥିବା ସମ୍ବନ୍ଧଗୁଡ଼ିକ ହଠାତ୍ ଶତ୍ରୁତାପୂର୍ଣ୍ଣ ହୋଇପଡ଼ିବା ବିଷୟରେ ରହିଥିବା ସମ୍ଭାବନାଟି ବର୍ତ୍ତମାନ ଏତେ ବେଶୀ ଗୁରୁତ୍ୱ ଦେବାରେ ଲାଗିଛନ୍ତି, ତାହାର କଠୋରତା ଓ ଗୁରୁତା ସେତେବେଳେ ଅନେକ ପରିମାଣରେ ଊଣା ହୋଇଯିବ ଏବଂ ଅପେକ୍ଷାକୃତ ଅଧିକ ମୁକ୍ତ ଏକ ବାତାବରଣ ମଧ୍ୟରେ ପାରସ୍ପରିକ ଆଦାନ-ପ୍ରଦାନର ଉପାଦେୟତା ଓ ଲାଭଗୁଡ଼ିକ କ୍ରମଶଃ ଅଧିକ ସହଜରେ ଦୃଷ୍ଟିଗୋଚର ହେବାକୁ ଲାଗିବ । ଉଦାହରଣ ସ୍ୱରୂପ, ଏକଥାଟି ଅତ୍ୟନ୍ତ ସ୍ପଷ୍ଟ ହୋଇ ଦେଖା ଯାଉଥିବ ଯେ ଫିନିଶ୍ ବନ୍ଦରଗୁଡ଼ିକ ଦେଇ ରୁଷିଆର ବାଣିଜ୍ୟ-ସରବରାହ ଲାଗି ଅଧିକ ପ୍ରୋତ୍ସାହନ ଦେଇ ସେହି ଫିନ୍‌ଲାଣ୍ଡହିଁ ଅନେକ ଅଧିକ ପରିମାଣରେ ଲାଭବାନ୍ ହେବ; ଏବଂ ଟ୍ରିଏଷ୍ଟ୍ ଇଟାଲୀ ମଧ୍ୟରେ ରହି ନିଜ ଭିତରେ ଏବଂ ତାହାକୁ ବାଣିଜ୍ୟିକ କାରବାର ଯୋଗାଇ ଦେଉଥିବା ସ୍ୱାଭାବିକ ଅଞ୍ଚଳଗୁଡ଼ିକ ମଧ୍ୟରେ ଏକ ପ୍ରତିବନ୍ଧକ ଠିଆ କରି ନ ରଖି ବର୍ତ୍ତମାନର ଅଷ୍ଟ୍ରିୟ ପ୍ରଦେଶଗୁଡ଼ିକର ବାଣିଜ୍ୟ-ସରବରାହ ଲାଗି ପ୍ରୋତ୍ସାହନ ଦେଲେ ସେ ନିଜେ ମଧ୍ୟ ଅନେକ ଅଧିକ ଲାଭବାନ୍ ହୋଇପାରିବ । ରାଜନୀତିକ ବା ପ୍ରଶାସନିକ କ୍ଷେତ୍ରରେ ସ୍ୱତନ୍ତ୍ରତା ପ୍ରାପ୍ତ କରିଥିବା ଏବଂ ନିଜର କୃଷି ଏବଂ ଟେକ୍‌ନିକ୍ ସମ୍ବନ୍ଧୀୟ ଯାବତୀୟ ଶିକ୍ଷାର ବିକାଶ କରିବା ଲାଗି ଓ ଆପଣାର ଉତ୍ପାଦନଶାଳିତାକୁ ଯଥେଷ୍ଟ ପରିମାଣରେ ସଂଘର୍ଷ କରିବାକୁ ସମର୍ଥ ହେଉଥିବା ଏକ ଆୟର୍ଲାଣ୍ଡ୍ ନିଜକୁ ଆଦୌ ଅଲଗା କରି ନ ରଖି ଆପଣା ସହିତ ଗ୍ରେଟ୍ ବ୍ରିଟେନ୍‌ର ବାଣିଜ୍ୟକୁ ମଧ୍ୟ ଯାତାୟାତ କରିବା ଲାଗି ଯଦି ସୁବିଧା ଦେବ, ତେବେ ତଦ୍ୱାରା ସେହି ଆୟର୍ଲାଣ୍ଡରହିଁ ଅନେକ ଅଧିକ ଲାଭ ହେବ; ଏବଂ, ଆପଣାର ଜମିଦାରୀରେ ଆୟର୍ଲାଣ୍ଡକୁ ଏକ ଦରିଦ୍ର ଏବଂ ଉପବାସୀ ଗୋଲାମ ପରି କରି ନ ରଖି ଏପରି ଗୋଟିଏ ସ୍ୱାଧୀନ ଆୟର୍ଲାଣ୍ଡ ସହିତ କୌଣସି ଏକ ରାଜିନାମା କରିବା ଦ୍ୱାରା ସ୍ୱୟଂ ଇଂଲଣ୍ଡ ବି ଅଧିକ ଲାଭବାନ୍ ହେବ । ଗୋଟିଏ ସଂଘରେ ସମ୍ମିଳିତ ହୋଇ ରହିବାର ଏହି ବିଚାର ଏବଂ ସତ୍ୟକୁ ଯଦି ଥରେ ବିଶ୍ୱଯାକ ସୁନିର୍ଦ୍ଦିଷ୍ଟ ଭାବରେ ବଳବତ୍ତର ହୋଇ ରହିବାକୁ ଆରମ୍ଭ କରେ, ତେବେ ସ୍ୱାର୍ଥଗତ ଐକ୍ୟଗୁଡ଼ିକ ଅଧିକ ସ୍ପଷ୍ଟଭାବରେ ଦୃଷ୍ଟିଗୋଚର ମଧ୍ୟ ହେବାକୁ ଲାଗିବ; ଏବଂ, ବର୍ତ୍ତମାନ ଗୋଟିଏ ଦେଶକୁ ଆଉ ଗୋଟିଏ ଦେଶଠାରୁ ବିଚ୍ଛିନ୍ନ କରି ରଖିଥିବା ପ୍ରତିବନ୍ଧକଗୁଡ଼ିକର ଚାପ ଦ୍ୱାରା ଯେଉଁ ଦୂରତାପ ଯୁକ୍ତ କୃତ୍ରିମ ସମୃଦ୍ଧି ସମ୍ଭବ ହୋଇ ପାରୁଛି, ତାହା ବଦଳରେ ସ୍ୱାଭାବିକ ଭାବରେ ଏକ ପାରସ୍ପରିକ ସୌଷମ୍ୟଯୁକ୍ତ ସମ୍ବନ୍ଧର ଜୀବନ ମଧ୍ୟରେ ଯେଉଁ ରାଜିନାମାମାନ ହେବ ଓ ପାରସ୍ପରିକ ସକ୍ରିୟ ସହଯୋଗିତା ସମ୍ଭବ ହେବ, ସେଥିରୁ

'oaob.nitrkl.ac.in' images reprocessed

ସମ୍ପୃକ୍ତ ସମସ୍ତଙ୍କୁ ଅନେକ ଅଧିକା ସୁବିଧା ଉପଲବ୍ଧ ହେବ । ଯେଉଁ ବ୍ୟବସ୍ଥାରେ ନିୟତ ନାନା ସଂଗ୍ରାମ ଓ ଅନ୍ତର୍ଜାତୀୟ ପ୍ରତିଦ୍ୱନ୍ଦ୍ୱିତାହିଁ ନିୟମ ହୋଇ ରହିଛି, ସେଥିରେ ପରିଣାମରେ ଖାଲି ଚାପ ଓ ସଂଘାତ ସହିବାକୁ ହେବ ନାହିଁ ତ ଆଉ କ'ଣ ହେବ ? ମାତ୍ର ଯେତେବେଳେ ଏଇଟି ସ୍ଥାନରେ ଶାନ୍ତି ଓ ସମ୍ମିଳିତତାର ଏକ ବ୍ୟବସ୍ଥା ସୃଷ୍ଟି ହେବ ଓ ତାହା ଫଳରେ ଯେତେବେଳେ ସମସ୍ତେ ଆପଣା ମଧ୍ୟରେ ଅନ୍ୟ ସମସ୍ତଙ୍କ ପାଇଁ ମଧ ସ୍ଥାନ ଛାଡ଼ି ଦେଇ ପାରୁଥିବେ, ସେତେବେଳେ ସେହି ଚାପ ଓ ସଂଘାତକୁ ହାନିକର ବୋଲିହିଁ ବିଚାର କରାଯିବ । ସାର୍ବଜନୀନ ସହମତି ଦ୍ୱାରାହିଁ ସାର୍ବଜନୀନ ବ୍ୟାପାରଗୁଡ଼ିକର ମୀମାଂସା କରିଦେବା ଏକ ମୁକ୍ତ ବିଶ୍ୱ-ସଂଘର ଆଚରିତ ନୀତି ହୋଇ ରହିବ ଏବଂ କେବଳ ରାଜନୀତିକ ମତଭେଦଗୁଡ଼ିକୁ ଦୂର କରିବାରେ ବା ରାଜନୀତିକ ସମ୍ବନ୍ଧଗୁଡ଼ିକର ନିର୍ଦ୍ଧାରଣ କରିଦେବାରେହିଁ ଏହି ନୀତି ଆପଣାକୁ କଦାପି ସୀମାବଦ୍ଧ କରି ରଖିବ ନାହିଁ, ମାତ୍ର ସମ୍ପୂର୍ଣ୍ଣ ସ୍ୱଭାବତଃ ତାହା ଅର୍ଥନୈତିକ କ୍ଷେତ୍ରରେ ମତଭେଦ ତଥା ଅର୍ଥନୈତିକ ସମ୍ବନ୍ଧଗୁଡ଼ିକର କ୍ଷେତ୍ରକୁ ମଧ ସଂପ୍ରସାରିତ ହୋଇଯିବ । ଯଦି ଯୁଦ୍ଧର ନିରାକରଣ କରିବାକୁ ହୁଏ ଏବଂ ସକଳ ଜାତିଙ୍କ ଲାଗି ଆତ୍ମ-ନିୟନ୍ତ୍ରଣର ଅଧିକାରଟିକୁ ସ୍ୱୀକୃତି ଦେବାକୁ ହୁଏ, ତେବେ ପାରସ୍ପରିକ ଓ ସାର୍ବଜନୀନ ସହମତି ଦ୍ୱାରା ଅଭିଳଷିତ ଏହାର ସେହି ନୂତନ ବ୍ୟବସ୍ଥାଟି ମଧ୍ୟରେ ବିଶ୍ୱର ଅର୍ଥନୀତିଗତ ଜୀବନଟିକୁ ଅନୁରୂପ ଭାବରେ ସଂଗଠିତ କରିନେବା ଓ ସଜାଡ଼ିନେବା ମଧ ଏକ ମୁକ୍ତ ବିଶ୍ୱ-ରାଷ୍ଟ୍ର ଲାଗି ଅବଶ୍ୟ ଆମର ତୃତୀୟ ସର୍ତ୍ତ ହୋଇରହିବ ।

ମୁକ୍ତ ବିଶ୍ୱ-ସଂଘର ସ୍ଥାପନା ଫଳରେ ସମଗ୍ର ମନୁଷ୍ୟଜାତିର ଆତ୍ମା ପାଇଁ, ଏହାର ସଂସ୍କୃତି ପାଇଁ ତଥା ଏହାର ବୌଦ୍ଧିକ, ନୈତିକ, ସୌନ୍ଦର୍ଯ୍ୟ-ବୋଧଗତ ଓ ଆଧ୍ୟାତ୍ମିକ ଅଭିବୃଦ୍ଧି ପାଇଁ କେଉଁ କେଉଁ ଲାଭ ମିଳିବ, ବର୍ତ୍ତମାନ ସେହି ମାନସଭୂମିଗତ ପ୍ରଶ୍ନଟିର ଆଲୋଚନା କରିବା ବାକି ରହିଛି । ଏକ ବୃହତ୍ତର ଏକତା ଲାଗି ଅଭିବୃଦ୍ଧି ଲାଭ କରିବା ହେଉଛି ମନୁଷ୍ୟଜାତିର ମାନସଭୂମିଗତ ଜୀବନଟି ଲାଗି ବର୍ତ୍ତମାନ ସର୍ବପ୍ରଥମ ବଡ଼ ଆବଶ୍ୟକତା । ମାତ୍ର ଯେଉଁ ଏକତାଟି ଲାଗି ଆବଶ୍ୟକତା ରହିଛି, ସେଇଟି ହେଉଛି ଏକ ଜୀବନ୍ତ ଏକତା; ଖାଲି ସଭ୍ୟତାର ବାହାର କେତୋଟି କ୍ଷେତ୍ରରେ ନୁହେଁ, ପୋଷାକରେ ନୁହେଁ, ଚଳପ୍ରଚଳରେ ନୁହେଁ, ଜୀବନର ବାହାର ଅଭ୍ୟାସଗୁଡ଼ାକରେ ନୁହେଁ, ରାଜନୀତିକ, ସାମାଜିକ ଏବଂ ଆର୍ଥିକ ବ୍ୟବସ୍ଥାର ଯାବତୀୟ ଟିକିନିଖି ବ୍ୟାପାରରେ ମଧ ନୁହେଁ । ଏହି ଏକତାକୁ ଆମେ ଏକ ଏକରୂପତା ବୋଲି ମଧ କଦାପି ଗ୍ରହଣ କରିନେବା ନାହିଁ, ସଭ୍ୟତାର ଏହି ଯନ୍ତ୍ରପ୍ରଧାନ ଯୁଗଟି ତ ଆମକୁ ଏହି ଏକରୂପତାଟି ଆଡ଼କୁହିଁ ଚାଳିତ କରି ନେବାରେ ଲାଗିଛି । ମାତ୍ର ଏଠାରେ ଏକତା କହିଲେ ଆମେ ପୃଥିବୀର ସର୍ବତ୍ର ଏକ ମୁକ୍ତ ବିକାଶର

'oaob.nitrkl.ac.in' images reprocessed

ପରିସର ସୃଷ୍ଟି ହେବାକୁହିଁ ବୁଝିବା, ଯେଉଁଠି ସବୁଠାରେ ସମ୍ପୂର୍ଣ୍ଣ ମିତ୍ରତାଭାବ ସହିତ ଏକ ମୁକ୍ତ ଆଦାନ-ପ୍ରଦାନ ଲାଗିରହିଥିବ, ପରସ୍ପର ମଧ୍ୟରେ ଅନ୍ତରଙ୍ଗ ବୁଝାମଣା ଥିବ, ଆମେ ଯେ ସମସ୍ତେ ମନୁଷ୍ୟ, ଏହି ଅନୁଭୂତିଟି ଜୀବନ୍ତ ହୋଇ ରହିଥିବ, ସମଗ୍ର ମନୁଷ୍ୟଜାତି ଯେଉଁ ସାଧାରଣ ଆଦର୍ଶଚୟ ଏବଂ ସତ୍ୟଗୁଡ଼ିକ ଆଡ଼କୁ ଗତି କରିବାରେ ଲାଗିଛି, ସେହି ବିଷୟରେ ସମସ୍ତେ ଚେତନାଶୀଳ ରହିଥିବେ ଏବଂ ଆମର ଏହି ସମ୍ମିଳିତ ମାନବିକ ପ୍ରଗତିଟି ଲାଗି ପ୍ରୟାସର କ୍ଷେତ୍ରରେ କେତେକ ପରିମାଣରେ ସମସ୍ତଙ୍କ ମଧ୍ୟରେ ଏକ ଏକତ୍ୱ ଏବଂ ସହଯୋଗିତା ମଧ୍ୟ ରହିଥିବ। ବର୍ତ୍ତମାନ ହୁଏତ ଆମକୁ ଏପରି ବୋଧ ହୋଇପାରେ ଯେ ରାଜନୀତିକ ବ୍ୟବସ୍ଥାର କ୍ଷେତ୍ରରେ ପରସ୍ପରଠାରୁ ଅଲଗା ହୋଇ ନ ରହି ଭିନ୍ନ ଭିନ୍ନ ଅନେକ ଜାତି ଓ ସଂସ୍କୃତି ଗୋଟିଏ ରାଜନୀତିକ ରାଷ୍ଟ୍ର-ଏକକ ମଧ୍ୟରେ ଆସି ବାସ କଲେ ସେସବୁ କଥା ଅଧିକ ପରିମାଣରେ ସାହାଯ୍ୟ ପାଇବ ଏବଂ ଅଗ୍ରଗତି କରି ପାରିବ। ଏହି କଥାଟି ହୁଏତ ସାମୟିକ ଭାବରେ କେତେକ ପରିମାଣରେ ସତ ହୋଇପାରେ, ମାତ୍ର ବର୍ତ୍ତମାନ ଆମେ ତାହାର ସୀମାଗୁଡ଼ିକ ବିଷୟରେ ମଧ୍ୟ ଆଲୋଚନା କରି ଦେଖିବା।

ଗୋଟିଏ ଅଧିକ ପ୍ରତିପତ୍ତିଶାଳୀ ଦେଶ ବଳପ୍ରୟୋଗ କରି ଆଉ ଗୋଟିଏ ଅଧୀନ ଜାତିକୁ ଆପଣା ମଧ୍ୟରେ ଅନ୍ତର୍ଭୁକ୍ତ କରି ରଖିବା ପକ୍ଷରେ ମାନସ ଭୂମିଗତ ଯେଉଁ ଯୁକ୍ତିଟି ଦର୍ଶାଯାଉଥିଲା, ସେଇଟି ଅନୁସାରେ, ଅପେକ୍ଷାକୃତ କମ୍ ଉନ୍ନତ ଏକ ସଭ୍ୟତା ଅଥବା ଗୋଟିଏ ସମ୍ପୂର୍ଣ୍ଣ ବର୍ବର ଲୋକସମୂହ ଉପରେ ଏକ ଅଧିକ ଉନ୍ନତ ସଭ୍ୟତାକୁ ନେଇ ଲଦିଦେବାରେ ଅନେକ ସୁଫଳ ରହିଛି ଓ ତେଣୁ ଏଥିଲାଗି ଉନ୍ନତିଶୀଳ ସଭ୍ୟତାଟିର ଏକ ଅଧିକାର ରହିଛି ବୋଲି ମଧ୍ୟ କୁହାହେଉଥିଲା। ଏହିପରି ଭାବରେ ୱେଲ୍ସ୍ ଏବଂ ଆଇରିଶ୍ ଜାତିର ଲୋକମାନଙ୍କୁ ସମସ୍ତେ କହିବାରେ ଲାଗିଥିଲେ ଯେ ସେମାନଙ୍କୁ ଅଧୀନ କରି ରଖାଯିବା ଦ୍ୱାରା ତାହା ସେମାନଙ୍କ ଲାଗି ପ୍ରକୃତରେ ଏକ ଆଶୀର୍ବାଦ ପରିହିଁ କାମ ଦେଉଛି; ସେମାନେ ଯାହାକୁ ନିଜର ଭାଷା ବୋଲି କହୁଛନ୍ତି, ସେଗୁଡ଼ାକ ପ୍ରକୃତରେ ନିହାତି ନଗଣ୍ୟ ଗୋଟାଏ ଗୋଟାଏ ସ୍ଥାନୀୟ ବୋଲି ବ୍ୟତୀତ ଆଉ କିଛି ନୁହେଁ ଓ ସେଗୁଡ଼ାକ ଯଥାସମ୍ଭବ ବିଲୁପ୍ତହିଁ ହୋଇଯିବା ଉଚିତ। ଏବଂ ଯଦି ସେମାନେ ଇଂରାଜୀ ଭାଷାରେ କଥା କହିବେ, ଇଂରାଜୀ ସମାଜର ଆନୁଷ୍ଠାନିକ ଛାଞ୍ଚଗୁଡ଼ାକୁ ଗ୍ରହଣ କରିନେବେ ଏବଂ ବ୍ରିଟିଶ୍ ବିଚାରଗୁଡ଼ିକ ଦ୍ୱାରା ପ୍ରଭାବିତ ହେବେ, କେବଳ ତା'ହେଲେ ଯାଇ ସେମାନେ ସଭ୍ୟ ହୋଇପାରିବେ, ସଂସ୍କୃତି ତଥା ସମୃଦ୍ଧି ଲାଭ କରି ପାରିବେ। ବ୍ରିଟିଶମାନେ ଭାରତକୁ ବ୍ରିଟିଶ୍ ସଭ୍ୟତା ଏବଂ ବ୍ରିଟିଶ୍ ଆଦର୍ଶଗୁଡ଼ିକର ଅମୂଲ୍ୟ ଧନ ଆଣି ଦେଇଛନ୍ତି, ଏହି କଥା କହି ଭାରତବର୍ଷ ଉପରେ ବ୍ରିଟେନ୍‌ର ଆଧିପତ୍ୟକୁ ଉଚିତ ବୋଲି କହିବାର ଚେଷ୍ଟା

'oaob.nitrkl.ac.in' images reprocessed

ହେଉଥିଲା; ଯେଉଁ ଖ୍ରୀଷ୍ଟିଆନ୍ ଧର୍ମକୁ ସେମାନେ କେବଳ ଏକମାତ୍ର ପ୍ରକୃତ ଧର୍ମ ବୋଲି କହୁଥିଲେ, ଏକ ଅଣ-ଖ୍ରୀଷ୍ଟିଆନ୍, କେବଳ ଅନ୍ଧକାର ମଧ୍ୟରେହିଁ ନିମଗ୍ନ ଅର୍ଦ୍ଧବର୍ବର ଜାତିଟି ଲାଗି ତାହାର ଯେ କେତେ କ'ଣ ମୂଲ୍ୟ ରହିଥିବ, ଏଠାରେ ସେ ବିଷୟରେ ଆଲୋଚନା ନ କରିବାହିଁ ଭଲ । ବର୍ତ୍ତମାନ ଏହି ଭ୍ରମ କଳ୍ପନାଗୁଡ଼ିକର ବିସ୍ଫୋଟନ ହୋଇ ସାରିଲାଣି । ଯେଉଁ ସେଲ୍ଟିକ୍ ଜୀବନଦୃଷ୍ଟି ଏବଂ ସେଲ୍ଟିକ୍ ସଂସ୍କୃତି କେତେଟା ବ୍ୟାବହାରିକ ଦିଗରେ ଲାଟିନ୍ ଏବଂ ଟିଉଟନିକ୍ ଦୃଷ୍ଟି ଏବଂ ସଂସ୍କୃତି ତୁଳନାରେ କେତେକ ପରିମାଣରେ ହୁଏତ ଊଣା ଥିଲେହେଁ ଆଧ୍ୟାତ୍ମିକତାରେ ତା'ଠାରୁ ନିଶ୍ଚିତ ଉଚ୍ଚତର ସ୍ଥାନୀୟ ହୋଇ ରହିଥିଲା, ତାହାକୁ ଦୀର୍ଘକାଳ ପର୍ଯ୍ୟନ୍ତ ବିକଶିତ ହେବାକୁ ନ ଦେଇ ଦବାଇ ରଖିବା ଦ୍ୱାରା କେବଳ ଯେ ସେହି ସେଲ୍ଟିକ୍ ଜାତିଗୁଡ଼ିକର କ୍ଷତି ହେଲା ସେତିକି ନୁହେଁ, ମାତ୍ର ସମଗ୍ର ବିଶ୍ୱ ସକାଶେ ଏକ କ୍ଷତି ହୋଇ ରହିଲା, ସେ କଥା ଆମେ ନିଶ୍ଚୟ ଅତ୍ୟନ୍ତ ସ୍ପଷ୍ଟ ଭାବରେ ବୁଝିପାରିବା ଲାଗି ସମର୍ଥ ହେବା । ବ୍ରିଟିଶ୍ ସଭ୍ୟତା, ସଂସ୍କୃତି ଓ ଧର୍ମ ଆପଣାକୁ ଯେ ଅଧିକ ଉନ୍ନତ ବୋଲି ଘୋଷଣା କରିବାର ଛଳନା କରୁଥିଲା, ଭାରତ ତାହାକୁ ଅତ୍ୟନ୍ତ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରିଛି । ହଁ, ଭାରତ ରାଜନୀତିରେ ତଥା ଏକ ବୃହତ୍ତର ସାମାଜିକ ସମାନତା ଆଡ଼କୁ ଉଦ୍‌ବୋଧନ ଦେଉଥିବାର ପ୍ରବୃତ୍ତିଟି ମଧ୍ୟରେ ଆଧୁନିକ ଆଦର୍ଶ ଏବଂ ମାର୍ଗଗୁଡ଼ିକୁ ଗ୍ରହଣ କରିଛି ସତ, ମାତ୍ର ତାହାକୁ କେବଳ ବ୍ରିଟିଶ୍ ଆଦର୍ଶ ଓ ମାର୍ଗ ବୋଲି କହିବା ଲାଗି ଆଦୌ କୌଣସି କାରଣ ନାହିଁ । ଏବଂ, ପୃଥିବୀ ବିଷୟରେ ସୁବିଦିତ ରହିଥିବା ଇଉରୋପୀୟ ମାନସ ଆଗରେ ମଧ୍ୟ ଏକଥା ଏବେ ବେଶ୍ ସ୍ପଷ୍ଟ ହେବାକୁ ଲାଗିଲାଣି ଯେ ଭାରତବର୍ଷକୁ ଯଦି ଗୋଟାସୁଦ୍ଧା ବିଲାତି କରିବାର ଚେଷ୍ଟା କରାଯାଇଥାନ୍ତା, ତେବେ ତାହା କେବଳ ଭାରତ ପାଇଁ ନୁହେଁ, ସମଗ୍ର ମାନବସମାଜ ପାଇଁ ମଧ୍ୟ ଅନେକ କ୍ଷତିର କାରଣ ହୋଇଥାନ୍ତା ।

ତଥାପି, ହୁଏତ ଏପରି ମଧ୍ୟ କୁହାଯାଇ ପାରିବ ଯେ, ରାଜ୍ୟ ସହିତ ରାଜ୍ୟକୁ ଏକାଠି କରିନେବାର ସେହି ପୁରାତନ ବିଧିଟି ହୁଏତ ଭୁଲ୍ ହୋଇଥାଇପାରେ, ମାତ୍ର ଗୋଟିଏ ରାଜ୍ୟ ସହିତ ଆଉ ଗୋଟିଏ ରାଜ୍ୟ ଆସି ମିଶିବା ଫଳରେହିଁ ସେଥିରୁ ଭବିଷ୍ୟତରେ ନିଶ୍ଚୟ ଭଲ ପରିଣାମ ଉପୁଜିଥାଏ । ବ୍ରିଟେନ୍ ସହିତ ଏକାଠି ରହି ଆୟର୍‌ଲାଣ୍ଡକୁ ଅନେକ ପରିମାଣରେ ଆପଣାର ପୁରାତନ ଜାତୀୟ ଭାଷାଟିକୁ ହରାଇବାକୁ ପଡ଼ିଛି ଏବଂ ୱେଲ୍‌ସ୍‌ର ସାହିତ୍ୟ ଆଉ ଏକ ଜୀବନ୍ତ ସାହିତ୍ୟ ହୋଇ ରହିପାରି ନାହିଁ ସତ, ମାତ୍ର ତାହାର ଏକ ବୃହତ୍ କ୍ଷତିପୂରଣ ସ୍ୱରୂପ ବର୍ତ୍ତମାନ ସେଲ୍ଟିକ୍ ପ୍ରାଣ-ସଚେତନତାଟି ପୁନର୍ବାର ଜନ୍ମଲାଭ କରିବାକୁ ଆରମ୍ଭ କଲାଣି ଏବଂ ପୃଥିବୀ ଯାକ କୋଟି କୋଟି ମଣିଷ ଯେଉଁ ଇଂରାଜୀ ଭାଷାରେ କଥା କହୁଛନ୍ତି, ସେଇଟି ଉପରେ ମଧ୍ୟ ଆପଣାର ପ୍ରଭାବ

'oaob.nitrkl.ac.in' images reprocessed

ପକାଇଲାଣି । ଏବଂ ଏପରି ଅନୁମାନ କରାଯାଉଛି ଯେ ବ୍ରିଟିଶ୍ ସାମ୍ରାଜ୍ୟ ଭିତରେ ସେଲ୍ଟିକ୍ ଦେଶଗୁଡ଼ିକ ଅନ୍ତର୍ଭୁକ୍ତ ହୋଇ ରହିବା ଦ୍ୱାରା ତଦ୍ୱାରା ଏକ ଆଙ୍ଗ୍ଲୋ-ସେଲ୍ଟିକ୍ ଜୀବନ ଏବଂ ଆଙ୍ଗ୍ଲୋ-ସେଲ୍ଟିକ୍ ସଂସ୍କୃତି ମଧ୍ୟ କ୍ରମଶଃ ବିକଶିତ ହୋଇ ଆସିବ, ଏବଂ ଦୁଇଟିଯାକ ଉପାଦାନ ଅଲଗା ଅଲଗା ବିକଶିତ ହୋଇଥିଲେ ତଦ୍ୱାରା ପୃଥିବୀର ଯେଉଁ ଅଧିକ ଉପକାର ହୋଇଥାନ୍ତା, ଏହା ଫଳରେ ତା'ଠାରୁ ଅଧିକ ଉପକାର ହେବ । ଇଂରାଜୀ ଭାଷାକୁ ଆଂଶିକ ଭାବରେ ଆପଣାର ଭାଷାରେ ପରିଣତ କରିନେଇ ଭାରତବର୍ଷ ଆପଣାକୁ ଆଧୁନିକ ଜଗତର ଜୀବନ ସହିତ ସଂଯୁକ୍ତ କରିବାକୁ ସମର୍ଥ ହୋଇ ପାରିଛି ଏବଂ ଏକ ବୃହତ୍ତର ଭିତ୍ତି ଉପରେ ଆପଣାର ସାହିତ୍ୟ, ଜୀବନ ଏବଂ ସଂସ୍କୃତିକୁ ଏକ ନୂତନ ଆକାର ଦେଇ ଗଢ଼ିପାରିଛି; ଏବଂ ଯେହେତୁ ବର୍ତ୍ତମାନ ଭାରତ ଏକ ନୂତନ ଜଗତର ପରିପ୍ରେକ୍ଷୀରେ ନିଜର ପ୍ରକୃତ ପ୍ରାଣସତ୍ତାଟିକୁ ତଥା ଆଦର୍ଶଗୁଡ଼ିକୁ ପୁନରୁଜ୍ଜୀବିତ କରାଇ ଆଣୁଛି, ସେପରି କରି ତାହା ପାଶ୍ଚାତ୍ୟ-ଜଗତର ବିଚାର ଉପରେ ମଧ୍ୟ ଏକ ପ୍ରଭାବ ପକାଇବାକୁ ଯାଉଛି । ତେଣୁ ଏହି ଦୁଇଟିଯାକ ଦେଶ ସବୁଦିନ ଲାଗି ଏକାଠି ଯୋଡ଼ାହୋଇ ରହିଲେ ଏବଂ ଘନିଷ୍ଠ ସଂଲଗ୍ନତା ଦ୍ୱାରା ଦୁହିଙ୍କର ସଂସ୍କୃତି ମଧ୍ୟରେ ଏକ ସତତ ପାରସ୍ପରିକ କ୍ରିୟା-ବିକ୍ରିୟା ଲାଗିରହିଲେ, ଦୁହିଙ୍କ ସଂସ୍କୃତି ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହି ଏକ ବିଚ୍ଛିନ୍ନ ଜୀବନ ଯାପନ କରିବା ଦ୍ୱାରା ଯେତେ ଉପକାର ହୁଅନ୍ତା, ଏହା ଦ୍ୱାରା ସେମାନଙ୍କ ଉଭୟ ପାଇଁ ତଥା ସମସ୍ତ ପୃଥିବୀ ପାଇଁ ନିଶ୍ଚୟ ଅଧିକ ଉପକାର ହେବ ।

ଘଟଣା-କ୍ଷେତ୍ରଟିର ଏହାହିଁ ସମଗ୍ର ସତ୍ୟ ନ ହୋଇଥିଲେ ମଧ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ବିଚାରଟି ମଧ୍ୟରେ କେତେ ଅବଧି ପର୍ଯ୍ୟନ୍ତ ଏକ ଆପାତ ସତ୍ୟ ଅବଶ୍ୟ ରହିଛି । ଏବଂ, ଏକତା ଲାଗି ସାମ୍ରାଜ୍ୟବାଦ ଯେଉଁ ସମାଧାନଟି ଦେଉଛି ବା ଯେଉଁ ଗତିପଥଟିକୁ ନିର୍ଦ୍ଦେଶ କରିଦେବାର ଦାବି କରୁଛି, ତାହାକୁ ତା'ର ପୂର୍ଣ୍ଣ ମହତ୍ତ୍ୱ ଦେଇ ଆମେ ବିଚାର କରି ସାରିଛୁ । ମାତ୍ର ଏଥିରେ ସତ୍ୟର ଯେଉଁ ଉପାଦାନଟି ରହିଛି, ବର୍ତ୍ତମାନର ଅସ୍ୱାଭାବିକ, ଅପ୍ରୀତିକର ଏବଂ ମିଥ୍ୟାମୟ ସମ୍ବନ୍ଧଗୁଡ଼ିକ ସ୍ଥାନରେ ଏକ ସ୍ୱତନ୍ତ୍ରତା ଓ ସମାନତାଯୁକ୍ତ ମିଳନ ସମ୍ଭବ ହୋଇପାରିଲେ ଯାଇ ତାହାକୁ ସ୍ୱୀକାର କରିବାର ପ୍ରକୃତରେ କୌଣସି ତାତ୍ପର୍ଯ୍ୟ ରହିବ । ପୁନଶ୍ଚ, ଏହିସବୁ ଲାଭ ବା ଉପକାରର କେବଳ ଏକ ମଧ୍ୟବର୍ତ୍ତୀ ପାହାଚ ହିସାବରେହିଁ କୌଣସି ମୂଲ୍ୟ ରହିବ, ଯାହାକି ଆମକୁ ଏକ ବୃହତ୍ତର ଏକତା ଆଡ଼କୁ ଚାଳିତ କରି ନେଇଯିବ ଏବଂ ସେତେବେଳେ ଏହି ଘନିଷ୍ଠ ସହଚାରିତାର ମଧ୍ୟ ପୂର୍ବର ସେହି ମହତ୍ତ୍ୱ କଦାପି ରହିବ ନାହିଁ । କାରଣ ଏକ ସାର୍ବଜନୀନ ବିଶ୍ୱସଂସ୍କୃତିକୁହିଁ ଆମେ ସର୍ବଶେଷ ଉଦ୍ଦେଶ୍ୟ ବୋଲିହିଁ ଜାଣିବା, ଯେଉଁଥିରେ କି କୌଣସି ଜାତୀୟ ସଂସ୍କୃତିକୁ ତା'ଠାରୁ ନୀତି ଏବଂ ଦୃଷ୍ଟିରେ ଭିନ୍ନ ହୋଇ ରହି ଆସିଥିବା କୌଣସି ଅନ୍ୟ ସଂସ୍କୃତି

'oaob.nitrkl.ac.in' images reprocessed

ସହିତ ନେଇ ଏକାଠି ମିଶାଇ ଅଥବା ଗୋଳାଇ ଦିଆଯିବ ନାହିଁ, ମାତ୍ର ତାହାକୁ ତାହାର ପୂର୍ଣ୍ଣ ସାମର୍ଥ୍ୟର ଗାରଟି ପର୍ଯ୍ୟନ୍ତ ବିକଶିତ ହେବା ଲାଗି ସକଳ ପରିସର ଯୋଗାଇ ଦିଆଯିବ, ସେହି ଲକ୍ଷ୍ୟଟିର ଉପଲବ୍ଧି ଦିଗରେ ତା'ପରେ ତାହା ଅନ୍ୟ ସକଳ ସଂସ୍କୃତି ଦ୍ୱାରା ମଧ୍ୟ ଉପକୃତ ହେବ ଏବଂ ସେମାନଙ୍କୁ ବି ଆପଣାର ଲାଭ ଏବଂ ପ୍ରଭାବଗୁଡ଼ିକ ଦ୍ୱାରା ଉପକୃତ କରିପାରିବ । ଏପରି କ୍ଷେତ୍ରରେ ସବୁଯାକ ସଂସ୍କୃତି ପରସ୍ପରଠାରୁ ସ୍ୱତନ୍ତ୍ର ରହି ଏବଂ ପରସ୍ପର ଉପରେ ପ୍ରଭାବ ପକାଇ ମାନବୀୟ ପରିପୂର୍ଣ୍ଣତାର ସେହି ସାଧାରଣ ଲକ୍ଷ୍ୟ ଓ ବିଚାରଟିରହିଁ ପରିଚର୍ଯ୍ୟାରେ ଲାଗି ପାରିବେ । ଗୋଟିଏ ସଂସ୍କୃତି ଆଉ ଗୋଟିଏ ସଂସ୍କୃତିଠାରୁ ଅଲଗା ବା ବିଚ୍ଛିନ୍ନ ହୋଇ ରହିଲେ ଏ ଦିଗରେ କଦାପି ସର୍ବୋତ୍ତମ ସାହାଯ୍ୟ ମିଳିବ ନାହିଁ,— ଏବଂ ସେତେବେଳେ ସେହି ବିପଦଟିର ଆଦୌ କୌଣସି ଆଶଙ୍କା ନ ଥିବ,— ମାତ୍ର ଯଦି ସେମାନେ ଆପଣାର ଜୀବନକ୍ଷେତ୍ରରେ ନିଜ ନିଜର ଏକ ସ୍ୱକୀୟ ପରିଚୟ ବଜାୟ ରଖିପାରିବେ ଏବଂ କୌଣସି କୃତ୍ରିମ ଏକତ୍ୱସ୍ଥାପନର ଯାନ୍ତ୍ରିକ ବନ୍ଦୋବସ୍ତ ପାଖରେ ମୁଣ୍ଡ ନୁଆଁଇ ନ ରହିବେ, ତେବେ ଯାଇ ସେମାନେ ସେହି ଦିଗରେ ସବୁଠାରୁ ଅଧିକ ସାହାଯ୍ୟ କରିପାରିବେ । ଏପରିକି, ଗୋଟିଏ ସ୍ୱତନ୍ତ୍ର ଜାତିର ସୀମା ଭିତରେ ବି ବିକାଶ ଏବଂ ବିବିଧତା ଲାଗି ଅଧିକତର ସ୍ଥାନୀୟ ସ୍ୱାଧୀନତା ରହିପାରିଲେ ତଦ୍ୱାରା ହୁଏତ ଅନେକ ଲାଭ ହୋଇପାରିବ । ପ୍ରାଚୀନ ଗ୍ରୀସ୍, ପ୍ରାଚୀନ ଭାରତବର୍ଷ ଏବଂ ମଧ୍ୟଯୁଗୀୟ ଇତାଲୀରେ ଯେଉଁ ପ୍ରାଣବନ୍ତ ସ୍ଥାନୀୟ ଏବଂ ଅଞ୍ଚଳୀୟ ଜୀବନଟି ରହିଥିଲା, ଏଠାରେ ଗୋଟାଏ ଅର୍ଥରେ ସେହି ସ୍ଥିତିକୁ ଫେରି ଆସିବାର କଥା କୁହାଯାଉଛି । କାରଣ ଯେଉଁ ପରିବେଶଟି ମଧ୍ୟରୁ ଭୌତିକ ସଂଘର୍ଷର ସେହି ପୁରୁଣା କଥାଗୁଡ଼ାକୁ ବହିଷ୍କୃତ କରି ରଖାଯାଇଛି, ସେଠାରେ ଗୋଟିଏ ଜାତି ସ୍ୱତନ୍ତ୍ର ହୋଇ ରହିଲେ ତାହାକୁ କଳହ, ରାଜନୀତିକ ଶକ୍ତିହୀନତା ଏବଂ ଅନିଶ୍ଚୟତାର ଅସୁବିଧାଗୁଡ଼ାକୁ ଆଉ କଦାପି ଭୋଗ କରିବାକୁ ପଡ଼ିବ ନାହିଁ, ଏବଂ ଅନ୍ୟ ପକ୍ଷରେ ତାହାର ସାଂସ୍କୃତିକ ତଥା ମାନସକ୍ଷେତ୍ରୀୟ ଯାବତୀୟ ସୁବିଧା ଉପଲବ୍ଧ ହେବାର ମଧ୍ୟ ଯାବତୀୟ ସମ୍ଭାବନା ରହିଥିବ । ଯେତେବେଳେ ପୃଥିବୀରେ ଶାନ୍ତି ଓ ସ୍ୱାଧୀନତା ବିପଦମୁକ୍ତ ହୋଇ ରହିବ, ସେତେବେଳେ ଯାଇ ଆମ ପୃଥିବୀ ପକ୍ଷରେ ଆପଣା ଜୀବନର ଯଥାର୍ଥ ମାନବୀୟ ସାମର୍ଥ୍ୟଗୁଡ଼ିକର ସଘନ ବିକାଶ ଲାଗି ଆପଣାକୁ ସମର୍ପିତ କରି ରଖିବା ସମ୍ଭବ ହେବ; ଏକ ଏକତାବଦ୍ଧ ମାନବସମୂହର ସୁଦୃଢ଼ ଆୟତନଟି ମଧ୍ୟରେ ବ୍ୟକ୍ତିଗତ, ସ୍ଥାନୀୟ, ଅଞ୍ଚଳୀୟ ତଥା ଜାତୀୟ ମାନସର ପୂର୍ଣ୍ଣ ପ୍ରୋତ୍ସାହନ ଏବଂ ପ୍ରସ୍ଫୁଟନ ଲାଗି ତାହା ସେତିକିବେଳେ ଯାଇ ପ୍ରକୃତରେ ସମର୍ଥ ହେବ ।

ବିଶ୍ୱ-ସଂଘର ସଂଗଠନଟି ଠିକ୍ କେଉଁ ରୂପ ଧାରଣ କରିବ, ସେ କଥା ଆଗରୁ

'oaob.nitrkl.ac.in' images reprocessed

କହିଦେଇ ପାରିବା ଆଦୌ ସମ୍ଭବ ନୁହେଁ ଏବଂ ସେହି ରୂପଟି ପ୍ରକୃତରେ କ'ଣ ହେବ, ସେ ବିଷୟରେ ଗୁଡ଼ାଏ କଳ୍ପନା କରି ବସିବାରେ ମଧ୍ୟ କୌଣସି ଲାଭ ହେବ ନାହିଁ। କେବଳ ଏତିକି ସତ ଯେ ସେଥିଲାଗି ଆମକୁ ବର୍ତ୍ତମାନ ପ୍ରଚଳିତ ଓ ସ୍ୱୀକୃତ କେତୋଟି ବିଚାରକୁ ଏକାବେଳକେ ବଦଳାଇ ଦେବାକୁ ପଡ଼ିବ ବା ହୁଏତ ତ୍ୟାଗ କରିବାକୁ ପଡ଼ିବ। ସାରା ପୃଥିବୀ ଲାଗି ଗୋଟିଏ ପାର୍ଲିଆମେଣ୍ଟ୍ ରହିବ ବୋଲି ଭାବିବା ବେଳକୁ ତାହା ପ୍ରଥମେ ନିଶ୍ଚୟ ଭାରି ଆକର୍ଷକ ବୋଲି ମନେ ହେଉଛି, କାରଣ ପାର୍ଲିଆମେଣ୍ଟ୍ ଜରିଆରେ ଶାସନ ଚଳିବାର ଛାଞ୍ଚଟି ସହିତହିଁ ଆମର ମନ ଆଗରୁ ଅଭ୍ୟସ୍ତ ହୋଇ ରହିଯାଇଛି। ମାତ୍ର ଦେଶମାନଙ୍କରେ ବର୍ତ୍ତମାନ ଯେଉଁ ଏକାନ୍ତବାଦୀ ଜାତୀୟ ଶାସନମାନ ଚଳୁଛି, ସେମାନଙ୍କ ଦ୍ୱାରା ଯେଉଁ ବିଶ୍ୱ-ପ୍ରତିନିଧିସଭା ଗଠିତ ହେବ, ତାହା ଏପରି ଏକ ବୃହତ୍ ଓ ଜଟିଳ ମୁକ୍ତ ବିଶ୍ୱ-ସଂଘ ପାଇଁ କଦାପି ଯଥାର୍ଥ ଯନ୍ତ୍ରଟିଏ ପରି କାର୍ଯ୍ୟ କରିପାରିବ ନାହିଁ। କେବଳ ଏକ ଏକାନ୍ତବାଦୀ ବିଶ୍ୱ-ସଂଘ ଲାଗିହିଁ ତାହା ଯନ୍ତ୍ର ହୋଇପାରିବ। ଏକ ବିଶ୍ୱ-ସଂଘ କହିଲେ ତଦ୍ଦ୍ୱାରା ଆମେ ଯଦି ଜର୍ମାନୀ ବା ଆମେରିକାରେ ବର୍ତ୍ତମାନ ଚଳୁଥିବା ପ୍ରକାରଟିକୁହିଁ ବୁଝୁଥିବା, ତେବେ, ଆମର କଳ୍ପିତ ବିଶ୍ୱ-ସଂଘଟି ଯାହାକୁ ଆପଣାର ଏକ ପ୍ରଧାନ ଆଧାର ସିଦ୍ଧାନ୍ତ ରୂପେ ଗ୍ରହଣ କରିବ ବୋଲି ଆମେ କହୁଛୁ, ସେହି ବୃହତ୍ତର ବିବିଧତା ଏବଂ ଜାତୀୟ ବିକାଶ ନିମିତ୍ତ ପୂର୍ଣ୍ଣ ସ୍ୱାଧୀନତା ଲାଗି ତାହା କଦାପି ଏକ ଯଥୋଚିତ ଯନ୍ତ୍ରରୂପେ କାର୍ଯ୍ୟସାଧନ କରିପାରିବ ନାହିଁ। ବରଂ, ଆପଣାର କେତୋଟି ସାଧାରଣ ଉଦ୍ଦେଶ୍ୟ ଓ ଲକ୍ଷ୍ୟଗୁଡ଼ିକର ସାଧନ ଲାଗି ପୃଥିବୀର ବିଭିନ୍ନ ଜାତି ବା ଦେଶ ଏକତ୍ର ଗୋଟିଏ ସଂଘ ଗଠନ କରିବେ, ବିବାଦ ଏବଂ ସଂଘର୍ଷର ଯାବତୀୟ କାରଣଗୁଡ଼ିକର ଅପସାରଣ ପାଇଁ ତଥା ପାରସ୍ପରିକ ସହାୟତା ଏବଂ ଆଦାନପ୍ରଦାନ ପାଇଁ ସେମାନେ ପାରସ୍ପରିକ ସମ୍ବନ୍ଧ ଓ ନିୟମନର କ୍ଷେତ୍ରରେ କେତୋଟି ବିଧାନକୁ ମାନିଚଳିବେ, ମାତ୍ର ତଥାପି ସେହି ସଂଘରେ ପ୍ରତ୍ୟେକ ଏକକ ଲାଗି ଆଭ୍ୟନ୍ତରୀଣ ପୂର୍ଣ୍ଣ ସ୍ୱାଧୀନତା ରହିଥିବ ଏବଂ ଆତ୍ମ-ନିୟନ୍ତ୍ରଣର ପୂର୍ଣ୍ଣ କ୍ଷମତା ମଧ୍ୟ ରହିଥିବ, ଆମେ ଏହାକୁହିଁ ସେହି ଅଭିଳଷିତ ଏକତାର ଯଥାର୍ଥ ଆଧାରନୀତି ବୋଲି ଜାଣିବା।

ମାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ଏକତା ପ୍ରକୃତରେ ଏକ ବଡ଼ ଶିଥିଳ ଓ ସ୍ୱତନ୍ତ୍ରତାଯୁକ୍ତ ଏକତା ହୋଇ ରହିବ; ତେବେ, ସେହି କ୍ଷେତ୍ରରେ, ଅନ୍ୟମାନଙ୍କଠାରୁ ବିଚ୍ଛିନ୍ନ ହୋଇଯିବାର ଯେଉଁ ମନୋଭାବ ଓ ସଂଘର୍ଷ ତଥା ମତଭେଦର ଯେଉଁ କାରଣଗୁଡ଼ିକ ଏତେ ଶକ୍ତିଶାଳୀ ହୋଇ ତଥାପି ତିଷ୍ଠି ରହିଥିବ ଯେ ତାହା ଏକତାର ବୃହତ୍ତର ମୂଳନୀତିଗୁଡ଼ିକୁ ସ୍ଥାୟୀ ଓ ଦୃଢ଼ କରି ରଖିବାର ମାର୍ଗରେ ନାନା ପ୍ରକାର ବିପଦ ଭିଆଇବାରେ ଲାଗିଥିବ, ସେଗୁଡ଼ିକୁ ନିରାକୃତ କରି ରଖିବାରେ କିପରି କ'ଣ

'oaob.nitrkl.ac.in' images reprocessed

ପ୍ରତିବିଧାନମାନ ରହିବା ଆବଶ୍ୟକ ହେବ ? ଏପରିକି ଯଦି ସେହି ମନୋଭାବକୁ ଏବଂ ସେହିସବୁ କାରଣକୁ ଯଦି ଯଥେଷ୍ଟ ପରିମାଣରେ ପରିପକ୍ୱ ହୋଇ ଉଠିବାକୁ ଏକ ପରିସର ମିଳିଯାଏ, ତେବେ କିପରି ଭାବରେ ସେଗୁଡ଼ିକର ନିରାକରଣ କରାଯିବ ? ଅନ୍ୟ ପକ୍ଷରେ ଏକାନ୍ତବାଦୀ ଦୃଷ୍ଟିର ଆଦର୍ଶଟି ଏହିସବୁ ବିପରୀତ ପ୍ରବୃତ୍ତିର ପ୍ରକାଶରୂପ ଓ ଏପରିକି ସେଗୁଡ଼ିକର ମୂଳ କାରଣଗୁଡ଼ିକୁ ମଧ୍ୟ ଦୂର କରିଦେବାକୁ ସର୍ବଦା ପ୍ରୟାସ କରିଥାଏ, ଏବଂ ଏପରି କରି ତାହା ପ୍ରକୃତରେ ସଂଘକୁ ସ୍ଥାୟୀ କରି ରଖିବାକୁ ଏକ ନିଶ୍ଚିତ ପଦକ୍ଷେପ ନେଇଥାଏ ବୋଲି ହୁଏତ ଆମର ମନେ ହୋଇପାରେ । ମାତ୍ର ତାହାର ଉତ୍ତରରେ ହୁଏତ ଏହି କଥାଟି ପ୍ରତି ଆମେ ସମସ୍ତଙ୍କର ଦୃଷ୍ଟି-ଆକର୍ଷଣ କରିବା ଯେ, ଯଦି କେବଳ ରାଜନୀତିକ ବିଚାର ଏବଂ ନିୟମ-ପ୍ରବର୍ତ୍ତନ ଦ୍ୱାରା ଏବଂ ରାଜନୀତିକ ତଥା ଆର୍ଥିକ ମତଲବଗୁଡ଼ିକର ଚାପ ପକାଇ ସେହି ଏକତାଟିକୁ ସମ୍ଭବ କରାଯାଏ, ଅର୍ଥାତ୍, ଯଦି ଏକତ୍ରୀକରଣ ଦ୍ୱାରା ଉପଲବ୍ଧ ହେଉଥିବା ଭୌତିକ ସୁଖ, ଲାଭ ଏବଂ କଲ୍ୟାଣଗୁଡ଼ିକର ବିଚାର ଏବଂ ଅଭିଜ୍ଞତାଟି ଦ୍ୱାରାହିଁ ତାହାର ସ୍ଥାପନା କରାଯାଏ, ତେବେ ସେହି ଏକାନ୍ତବାଦୀ ସମାଧାନ-ବ୍ୟବସ୍ଥାଟି ମଧ୍ୟ ନିଶ୍ଚୟ ସ୍ଥାୟୀ ହୋଇ ରହିବ ବୋଲି କଦାପି କୁହାଯାଇ ପାରିବ ନାହିଁ । କାରଣ, ମଣିଷର ମନ ଏବଂ ଏହି ଜଗତର ପରିସ୍ଥିତିମାନ ସ୍ୱଭାବତଃ ଯେପରି ସତତ ବଦଳି ବଦଳି ଯିବାରେ ଲାଗିଥାଏ, ଏବଂ ଜୀବନ କ୍ରିୟାଶୀଳ ହୋଇ ରହିଥିବା ଯାଏ ଯେପରି ଏହିପରି ହେଉଥାଏ, ସେହି କ୍ଷେତ୍ରରେ ଅନିବାର୍ଯ୍ୟତଃ କେତେ ନୂଆ ବିଚାରର ଆବିର୍ଭାବ ହୁଏ, କେତେ ନୂଆ ପରିବର୍ତ୍ତନମାନ ଘଟେ । ଏବଂ, ବିବିଧତା, ବିଚ୍ଛିନ୍ନତା ଏବଂ ସ୍ୱତନ୍ତ୍ର ଜୀବନଯାପନର ହୃତ ଉପାଦାନଗୁଡ଼ିକୁ ପୁନର୍ବାର ଜାଗ୍ରତ କରି ଆଣିବା ଲାଗି ଯେଉଁ ବାସନା ଅବଦମିତ ହୋଇ ରହିଥିବ, ହୁଏତ ତାହାହିଁ ସେହି ନୂତନ ବିଚାର ଓ ପରିବର୍ତ୍ତନଗୁଡ଼ିକରୁ ସୁଯୋଗ ଗ୍ରହଣ କରିପାରେ ଏବଂ ସେତେବେଳେ ତାହା ଯାହାକୁ ଏକ ସୁସ୍ଥ ଏବଂ ଆବଶ୍ୟକ ପ୍ରତିକ୍ରିୟା ବୋଲି ଅନୁଭବ କରୁଥାଏ, ତାହାରି ଲାଗି ସେସବୁକୁ କାର୍ଯ୍ୟରେ ଲଗାଇପାରେ । ଏହି ସ୍ଥିତିରେ, ଯେଉଁ ଜୀବନହୀନ ଏକତାଟି ସ୍ଥାପିତ ହୋଇ ରହିଥାଏ, ତାହା ଅନ୍ତରସ୍ଥିତ ଜୀବନର ଚାପଟି ଦ୍ୱାରା ହୁଏତ ଖଣ୍ଡ ଖଣ୍ଡ ହୋଇଯାଏ; ବାହାରୁ ଏକ ଚାପ ଆସି ପଡ଼ିବା ଫଳରେ ତାହାରି ଏକ ଅସହାୟ ଶିକାର ହୋଇ ଜୀବନହୀନ ରୋମାନ୍ ଏକତାଟି ଏକଦା ଯେପରି ନଷ୍ଟ ହୋଇଯାଇଥିଲା, ଠିକ୍ ସେହିପରି । ଏବଂ ତା'ପରେ ସ୍ଥାନୀୟ, ଆଞ୍ଚଳିକ ତଥା ଜାତୀୟ ଅହଂବାଦିତା ଆପଣା ଲାଗି ପୁଣି ନାନା ନୂତନ ଆକାର ଓ ନୂତନ ସଂଚରଣ-କେନ୍ଦ୍ର ସୃଷ୍ଟି କରିନେବାକୁ ଆଉ ମୋଟେ ବେଶୀ ବେଳ ଲାଗିବ ନାହିଁ ।

ଅନ୍ୟ ପକ୍ଷରେ, ଏକ ମୁକ୍ତ ବିଶ୍ୱ-ସଂଘ ମୂଳତଃ ଜାତୀୟ ଭିତ୍ତିଟି ଉପରହିଁ ଆପଣାକୁ

'oaob.nitrkl.ac.in' images reprocessed

କାର୍ଯ୍ୟକାରୀ କରିବାକୁ ଆରମ୍ଭ କରିବ ସତ, ମାତ୍ର ଏହି ଜାତୀୟତାର ବିଚାରଟିରେ କାଳକ୍ରମେ ଏକ ମୌଳିକ ରୂପାନ୍ତର ଆସି ଘଟିବା ଲାଗି ସର୍ବଦା ପ୍ରତ୍ୟାଶା କରାଯାଇ ପାରିବ; ହୁଏତ ଏପରି ବି ହୋଇପାରିବ ଯେ ତାହା ସ୍ୱୟଂ ଅନ୍ତର୍ହିତ ହୋଇ ଏପରି ଏକ ନୂତନ ଏବଂ ଅପେକ୍ଷାକୃତ କମ୍ ଚାପ ସହିତ ଏକାଠି ଧରି ରଖା ଯାଇଥିବା ଗୋଷ୍ଠୀ-ସମୂହର ଏକ ଆକାରର ଆବିର୍ଭାବ ଲାଗି ବାଟ ଛାଡ଼ିଦେବ, ଯାହାଭିତରେ କି ବିଚ୍ଛିନ୍ନତାମୂଳକ କୌଣସି ଭାବ ନ ଥିବ, ମାତ୍ର ଯାହା ତଥାପି, ଆପଣାର ପୂର୍ଣ୍ଣ ସନ୍ତୋଷବିଧାନ ଏବଂ ସୁସ୍ଥ ଜୀବନଯାପନ ସକାଶେ ଉଭୟେ ବ୍ୟକ୍ତି ତଥା ସମୂହ ସ୍ୱତନ୍ତ୍ରତା ଏବଂ ପାର୍ଥକ୍ୟର ଯେଉଁ ଉପାଦାନଟିକୁ ଆବଶ୍ୟକ କରିଥା'ନ୍ତି, ତାହା ସେଇଟିକୁ ମଧ୍ୟ ସୁରକ୍ଷିତ କରି ରଖିପାରିବ । ପୁନଶ୍ଚ, ରାଜନୀତିକ ତଥା ନିୟମତନ୍ତ୍ରଗତ ବିଚାର ଏବଂ ମୂଳଦୁଆଟି ପରି ଅନ୍ୟ ପକ୍ଷରେ ମାନସ କ୍ଷେତ୍ରୀୟ ଭାବନା ତଥା ଭିତ୍ତିଟି ଉପରେ ସମାନ ଗୁରୁତ୍ୱ ଦେଇ ତାହା ଆବଶ୍ୟକ ବୌଦ୍ଧିକ ତଥା ମନଃକ୍ଷେତ୍ରୀୟ ପରିବର୍ତ୍ତନର ନିଶ୍ଚିତ ବିକାଶ ଲାଗି ମଧ୍ୟ ଏକ ଅଧିକ ମୁକ୍ତ ଓ କମ୍ କୃତ୍ରିମ ଆକାର ତଥା ପରିସର ମଧ୍ୟ ଯୋଗାଇ ଦେଇପାରିବ । କାରଣ ଭିତରେ କେବଳ ଏହିପରି ଏକ ପରିବର୍ତ୍ତନ ଘଟିଲେ ଯାଇ ଏହି କ୍ଷେତ୍ରରେ ଏକତ୍ରୀକରଣ ସ୍ଥାୟୀ ହୋଇ ରହିବାର କୌଣସି ସମ୍ଭାବନା ରହିଥିବ । ମନୁଷ୍ୟତାର ଜୀବନ୍ତ ବିଚାର ଅର୍ଥାତ୍ ମନୁଷ୍ୟତାର ଧର୍ମଟିର ଅଭିବୃଦ୍ଧିକୁହିଁ ସେହି ପରିବର୍ତ୍ତନ ବୋଲି କୁହାଯିବ; କାରଣ କେବଳ ତାହାରି ଦ୍ୱାରା ଯାଇ ଜୀବନ, ଅନୁଭବ ଏବଂ ଦୃଷ୍ଟିକୋଣର ସେହି ମାନସଭୂମିଗତ ପରିବର୍ତ୍ତନଟି ଆସି ପାରିବ, ସର୍ବପ୍ରଥମେ ଆପଣାର ସାର୍ବଜନୀନ ମନୁଷ୍ୟତାର ଭୂମି ଉପରେ ଜୀବନଟିକୁ ବାନ୍ଧି, ଆପଣାର ବ୍ୟକ୍ତିଗତ ତଥା ସାମୂହିକ ଅହଂବାଦଟିକୁ ସଂଯମ ବନ୍ଧନ ମଧ୍ୟରେ ରଖି ଏବଂ ତଥାପି ମନୁଷ୍ୟ ମଧ୍ୟରେ ଯେଉଁ ଦିବ୍ୟତା ଅନ୍ତର୍ନିହିତ ହୋଇ ରହିଛି, ସ୍ୱକୀୟ ଓ ସ୍ୱାଭାବିକ ରୀତିରେ ସେଇଟିକୁ ବିକଶିତ ଏବଂ ପ୍ରକଟ କରି ଆଣିବାକୁ ଆବଶ୍ୟକ ହେଉଥିବା ବ୍ୟକ୍ତିଗତ ଏବଂ ସାମୂହିକ କୌଣସି ଯଥାର୍ଥ ସାମର୍ଥ୍ୟକୁ କଦାପି ନ ହରାଇ ସେହି ପରିବର୍ତ୍ତନଟି ବ୍ୟକ୍ତି ତଥା ସମାଜ ଉଭୟଙ୍କୁ କ୍ରମଶଃ ସେହିପରି ଏକ ଜୀବନ ଲାଗି ଅଭ୍ୟସ୍ତ ଓ ପ୍ରସ୍ତୁତ କରିଆଣି ପାରିବ । ମନୁଷ୍ୟ-ଜାତିର ଭୌତିକ ଜୀବନର ଏହି ଆୟତନଟି ଥରେ ସୁପ୍ରତିଷ୍ଠିତ ହୋଇଗଲେ, ମନୁଷ୍ୟ ଭିତରେ ରହିଥିବା ସେହି ଦିବ୍ୟତାହିଁ ମନୁଷ୍ୟ-ଜୀବନର ଯଥାର୍ଥ ଅଭୀଷ୍ଟ ଓ ସାଧନାରୂପେ କ୍ରମେ ଉଦ୍ଭୂତ ଓ ପ୍ରକାଶିତ ହୋଇ ଆସିବାକୁ ଆରମ୍ଭ କରିବ ।

'oaob.nitrkl.ac.in' images reprocessed

## ଦ୍ୱାତ୍ରିଂଶ ପରିଚ୍ଛେଦ

# ଆନ୍ତର୍ଜାତିକତା

ମନୁଷ୍ୟଜାତି କହିଲେ ମନୁଷ୍ୟମାନଙ୍କର କେବଳ ଗୋଟିଏ ଜାତିକୁ ବୁଝାଇବ, ସବୁ ମଣିଷ ସେହି ଗୋଟିଏ ଜୀବନକୁ ବଞ୍ଚୁଥିବେ ଓ ସାଧାରଣ ସାମୂହିକ ସ୍ୱାର୍ଥ କହିଲେ ସମସ୍ତଙ୍କର ସେହି ଗୋଟିଏ ସ୍ୱାର୍ଥକୁ ବୁଝାଉଥିବ, ଏହି ଭାବନାଟିକୁ ଆମେ ଆଧୁନିକ ବିଚାରରୁ ଉତ୍ପନ୍ନ ହୋଇଥିବା ଏକ ଅତ୍ୟନ୍ତ ବିଶେଷ ତଥା ତାତ୍ପର୍ଯ୍ୟପୂର୍ଣ୍ଣ ସାମଗ୍ରୀ ବୋଲି କହି ପାରିବା । ଏଇଟି ହେଉଛି ଇଉରୋପୀୟ ମାନସରୁ ପ୍ରସୂତ; ଇଉରୋପୀୟ ମାନସ ଆପଣାର ବିଶେଷ ସ୍ୱଭାବଟି ଅନୁସାରେ ଜୀବନାନୁଭବର ସ୍ତରରୁ ବିଚାରର ସ୍ତରକୁ ଗତି କରିଥାଏ, ଏବଂ ଅଧିକ ଗଭୀରକୁ ଯିବା ଲାଗି ମନ ନ କରି, ଜୀବନର ବାହ୍ୟ ଅବୟବ ଏବଂ ଅନୁଷ୍ଠାନଗୁଡ଼ିକୁ, ତାହାର ବ୍ୟବସ୍ଥା ଓ ରୀତିଟିକୁ ବଦଳାଇବାର ଏକ ପ୍ରୟାସ କରି ତାହା ପୁଣି ବିଚାରର ସ୍ତରଟିରୁ ଜୀବନ ମଧ୍ୟକୁ ବାହୁଡ଼ି ଆସେ । ଇଉରୋପୀୟ ମାନସରେ ଏହି ବିଚାରଟି କ୍ରମେ ଯେଉଁ ଆକାରଟି ଧାରଣ କରିଛି, ଏବେ ତାହାକୁ ଆନ୍ତର୍ଜାତିକତା ବୋଲି କୁହାଯାଉଛି । ଜାତୀୟତାର ବିଚାରାୟତନ ଓ ଗଢ଼ଣଟି ମଧ୍ୟରୁ ବାହାରି ଯାଇ, ମନୁଷ୍ୟ-ଜାତିର ସେହି ବୃହତ୍ତର ସମନ୍ୱୟଟି ସକାଶେ ଆବଶ୍ୟକ ପଡ଼ିଲେ ଗୋଟିଏ ଦୃଷ୍ଟିରୁ ତାହାକୁ ନଷ୍ଟ କରିଦେବା ପାଇଁ ମନୁଷ୍ୟର ମନ ଓ ଜୀବନ ଯେଉଁ ପ୍ରୟାସଟି କରିବାରେ ଲାଗିଛି, ତାହାହିଁ ହେଉଛି ଆନ୍ତର୍ଜାତିକତା । ଆପଣାର କୌଣସି ବ୍ୟାବହାରିକ ଫଳ ଫଳାଇ ପାରିବା ପୂର୍ବରୁ, ଏହି ମାର୍ଗରେ ଗତି କରୁଥିବା ଯେକୌଣସି ବିଚାରକୁ ପ୍ରୟୋଜନବଶ ହୋଇ ଯୁଗର ଜୀବନ ମଧ୍ୟରେ ରହିଥିବା କୌଣସି ବାସ୍ତବ ବିଚାର ବା ବିକଶମାନ ଶକ୍ତିଟି ସହିତ ଆପଣାକୁ ସଂଲଗ୍ନ କରି ରଖିବାକୁହିଁ ପଡ଼ିବ । ମାତ୍ର ସାଧାରଣତଃ ଏହିପରି ଘଟିଥାଏ ଯେ ଆପଣାର ଏହି ସ୍ଥୂଳତର ସହଚାରୀଟିର ଆଗ୍ରହ ଏବଂ ପୂର୍ବ-ସମ୍ପଦଗୁଡ଼ିକର ସଂସ୍ପର୍ଶରେ ଆସି ଅଳ୍ପ ଅଥବା ବହୁତ ପରିମାଣରେ ତାହାକୁ ସ୍ୱୟଂ ଆପଣାକୁହିଁ ଖର୍ବ କରି ଆଣିବାକୁ ପଡ଼ିଥାଏ, ଏପରିକି ଅନେକ ସମୟରେ ଆପଣାକୁ ବିକୃତ କରିଦେବାକୁ ମଧ୍ୟ ପଡ଼ିଥାଏ ଏବଂ ତା'ପରେ ଆଉ ଆଦୌ ବିଶୁଦ୍ଧ ଓ ସମ୍ପୂର୍ଣ୍ଣ ହୋଇ ରହିପାରୁ ନ ଥିବା ଆପଣାର ସେହି ଆକୃତିଟିକୁ ନେଇ ତାହାକୁ ଅନୁଶୀଳନର ପ୍ରଥମ ପର୍ଯ୍ୟାୟଟି ମଧ୍ୟରେ ପ୍ରବେଶ କରିବାକୁ ପଡ଼େ ।

ଆନ୍ତର୍ଜାତିକତାର ବିଚାରଟି ଅଷ୍ଟାଦଶ ଶତାବ୍ଦୀର ବିଚାରଦର୍ଶନରୁ ଜନ୍ମଲାଭ କରିଥିଲା । ଏବଂ ଫରାସୀ ବିପ୍ଳବର ସେହି ପ୍ରଥମ ଆଦର୍ଶ-ଉଜ୍ଜ୍ୱଳ ପର୍ଯ୍ୟାୟଗୁଡ଼ିକରେ

'oaob.nitrkl.ac.in' images reprocessed

ତାହା କେତେକ ପରିମାଣରେ ଏକ ଅଭିବ୍ୟକ୍ତି ମଧ୍ୟ ଲାଭ କରି ପାରିଥିଲା । ମାତ୍ର ସେତେବେଳେ ତାହା କେବଳ ଏକ ଅତି ଅସ୍ପଷ୍ଟ ବୌଦ୍ଧିକ ଦୃଷ୍ଟିକୋଣ ହୋଇହିଁ ରହିଥିଲା, ଆପଣାକୁ କାର୍ଯ୍ୟକାରୀ କରି ପାରିବାର ମାର୍ଗଟିକୁ ପରିଷ୍କାର ଭାବରେ ଦେଖି ପାରୁଥିବା ଏକ ସ୍ପଷ୍ଟ ବିଚାରରେ ଆଦୌ ପରିଣତ ହୋଇ ପାରି ନ ଥିଲା । ଏକ ଦୃଶ୍ୟମାନ ଆକାର ଧାରଣ କରିବା ଲାଗି କିଛିହେଲେ ସାହାଯ୍ୟ ପାଇ ପାରିବା ପାଇଁ ତାହା ଜୀବନ ଭିତରେ ମଧ୍ୟ ସେପରି କୌଣସି ପ୍ରବଳ ଶକ୍ତିର ଆବିଷ୍କାର କରି ନ ଥିଲା । ଫରାସୀ ବିପ୍ଳବ ଓ ତାହାକୁ କେନ୍ଦ୍ର କରି ଗଢ଼ି ଉଠିଥିବା ସଂଗ୍ରାମଟିରୁ ଯାହା ଜନ୍ମଲାଭ କରିଥିଲା, ତାହାକୁ ଆମେ କଦାପି ଆନ୍ତର୍ଜାତିକତା ବୋଲି କହିପାରିବା ନାହିଁ, ଆମେ ତାହାକୁ କେବଳ ଏକ ପୂର୍ଣ୍ଣବିକଶିତ ଓ ଆତ୍ମସଚେତନ ଜାତୀୟତାବାଦ ବୋଲିହିଁ କହିପାରିବା । ତା'ପରେ ଆମେ ଊନବିଂଶ ଶତାବ୍ଦୀରେ ସେହି ବୃହତ୍ତର ବିଚାରଟି ଦାର୍ଶନିକମାନଙ୍କର ମନରେ ପୁଣି ଅଭିବୃଦ୍ଧି ଲାଭ କରି ଆସୁଥିବାର ଦେଖିବାକୁ ପାଇବା; ତାହା କେତେବେଳେ ଏକ ପରିବର୍ତ୍ତିତ ଆକାରରେ ଅଭିବୃଦ୍ଧି ଲାଭ କରୁଥିଲା ତ ଆଉ କେତେବେଳେ ଆପଣା ଆଦର୍ଶବାଦର ଶୁଦ୍ଧ ପ୍ରକରଣଟି ରୂପରେ ଅଭିବୃଦ୍ଧି ଲାଭ କରୁଥିଲା; ପରିଶେଷରେ ତାହା ଆପଣାକୁ ଆଣି ସାମ୍ୟବାଦ ଓ ନୈରାଜ୍ୟବାଦର ବୃଦ୍ଧିଲାଭ କରୁଥିବା ଶକ୍ତିଗୁଡ଼ିକ ସହିତ ସଂଯୁକ୍ତ କରିଦେଲା ଏବଂ ତା'ପରେ ତାହା ଏକ ନିର୍ଦ୍ଦିଷ୍ଟ ଆକାର ଗ୍ରହଣ କଲା ଏବଂ ଅବଧାରଣ କରିହେଉଥିବା ଏକ ପ୍ରାଣିକ ଶକ୍ତିରେ ପରିଣତ ହୋଇ ପାରିଲା । ଆପଣାର ପୂର୍ଣ୍ଣବିଶୁଦ୍ଧ ସଂସ୍କରଣରେ ତାହା ବୁଦ୍ଧିବାଦୀମାନଙ୍କ ଦ୍ୱାରା ଅଭିଳଷିତ ଓ କଳ୍ପିତ ଏକ ଆନ୍ତର୍ଜାତିକତା ହୋଇ ରହିଲା, ଜାତୀୟତାକୁ ଅତୀତର ଏକ ସଂକୀର୍ଣ୍ଣ ଜୀବନଦୃଷ୍ଟି ବୋଲି କହି ତା'ପ୍ରତି ଅସହିଷ୍ଣୁତା ଦେଖାଇଲା, ନିଜ ଦେଶ ପ୍ରତି ଶ୍ରଦ୍ଧା ପ୍ରଦର୍ଶନ କରିବାର ଯାବତୀୟ ପ୍ରବୃତ୍ତିକୁ ବୁଦ୍ଧି ଦ୍ୱାରା ଅସମର୍ଥିତ ଏକ ଭ୍ରମବିଶ୍ୱାସ ବୋଲି କହି ତାହାକୁ ଘୃଣା କରିବାକୁ ଲାଗିଲା । ଜାତୀୟତାକୁ ତାହା ଏକ ଅନିଷ୍ଟକାରୀ ସାମୂହିକ ଅହଂବାଦିତା ବୋଲି କହିଲା, ତାହାକୁ କେବଳ ସଂକୀର୍ଣ୍ଣ ବୁଦ୍ଧିର ପରିଚାୟକ ବୋଲି ଘୋଷଣା କଲା ଏବଂ ସେଥିରୁ ଜାତି ଜାତି ମଧ୍ୟରେ କେବଳ ଉଦ୍ଧତତା, ପୂର୍ବଗ୍ରହ, ଘୃଣା, ଉତ୍ପୀଡ଼ନ, ବିରୋଧ, ବିଭାଜନ ଏବଂ ସଂଘର୍ଷହିଁ ଉତ୍ପନ୍ନ ହୋଇଥାଏ ବୋଲି ଦାବି କଲା; ଜାତୀୟତା ହେଉଛି ଆମ ଅତୀତରହିଁ କେବଳ ଏକ ସ୍ଥୂଳ ଅବଶେଷ ମାତ୍ର ଏବଂ ବୁଦ୍ଧିପ୍ରେରିତ ବିବେକଶକ୍ତିର ବୃଦ୍ଧି ହେଉଥିବା ସଙ୍ଗେସଙ୍ଗେ ତାହା ଅବଶ୍ୟ ଧ୍ୱଂସପ୍ରାପ୍ତ ହୋଇଯିବ ବୋଲି ମଧ୍ୟ ଘୋଷଣା କରିଦେଲା । ଏହି ଆନ୍ତର୍ଜାତିକତା ଯେଉଁ ଆଖିରେ ବିଶ୍ୱଜଗତକୁ ପ୍ରତ୍ୟକ୍ଷ କରିଥାଏ, ସେହି ଅନୁସାରେ ମଣିଷକୁ କେବଳ ତାହାର ମନୁଷ୍ୟତ୍ୱ ଦେଇହିଁ ବିଚାର କରାଯାଏ ଏବଂ ସେଥିଲାଗି ଜନ୍ମ, ସୋପାନ, ବର୍ଗ, ବର୍ଣ୍ଣ, ଧର୍ମ ଏବଂ ଜାତୀୟତା ପ୍ରଭୃତି ଯାବତୀୟ ଭୌତିକ ତଥା

'oaob.nitrkl.ac.in' images reprocessed

ସମାଜଗତ ଆକସ୍ମିକତାକୁ ତାହା ମହତ୍ତ୍ୱହୀନ ବୋଲି ବର୍ଜନ କରିବାକୁ ଇଚ୍ଛା କରେ । ଏହିସବୁ ଆକସ୍ମିକତା ଆମର ଜୀବନରେ ଏହି ନାନାବିଧ ପ୍ରାଚୀର ଏବଂ ଆବରଣଗୁଡ଼ିକୁ ସୃଷ୍ଟି କରି ରଖିଛି ଏବଂ ସେହିଗୁଡ଼ିକର ଆଢୁଆଳରେ ମଣିଷ ତା'ର ସାଥୀ ଅନ୍ୟ ମଣିଷଙ୍କଠାରୁ ଆପଣାକୁ ଲୁଚାଇ ରଖିଛି ବୋଲି କୁହା ଯାଇଥାଏ । ଏହି ଛାଞ୍ଚଗୁଡ଼ିକୁ ମଣିଷ କୌଣସି ସହାନୁଭୂତିକୁ ପ୍ରବେଶ କରିବାକୁ ଦେଉ ନ ଥିବା କେତୋଟି ଆଶ୍ରୟସ୍ଥଳ ଓ ବିମ୍ବ ପରି ବ୍ୟବହାର କରୁଥାଏ, ଯାହା ଭିତରୁ ଥାଇ ସେ ଅନ୍ୟ ମଣିଷଙ୍କ ସହିତ ଆତ୍ମରକ୍ଷା ଅଥବା ଆକ୍ରମଣରେ ଏକ ଯୁଦ୍ଧ ଲଢ଼ିବାରେ ଲାଗିଥାଏ; ସେଇଥିରୁ ଜାତି ଜାତି ମଧ୍ୟରେ ଯୁଦ୍ଧର ଭିଆଣ ହୁଏ, ମହାଦେଶ ଓ ମହାଦେଶ ମଧ୍ୟରେ ଯୁଦ୍ଧ ଲାଗେ, ଶ୍ରେଣୀ ଶ୍ରେଣୀ, ବର୍ଣ୍ଣ ବର୍ଣ୍ଣ, ଧର୍ମ ଧର୍ମ ଏବଂ ସଂସ୍କୃତି ସଂସ୍କୃତି ମଧ୍ୟରେ ରଣକଳହ ଲାଗି ରହିଥାଏ । ସବୁ ମଣିଷଙ୍କ ମଧ୍ୟରେ ସାଧାରଣ ଧର୍ମରୂପେ ଯେଉଁ ମନୁଷ୍ୟସୁଲଭ ସହାନୁଭୂତିଭାବ ରହିଛି, ଯେଉଁ ସାଧାରଣ ଲକ୍ଷ୍ୟମାନ ରହିଛି ଓ ସେମାନଙ୍କ ମଧ୍ୟରେ ଭବିଷ୍ୟତକୁ ନେଇ ଯେଉଁ ଉଚ୍ଚତମ ଆଗ୍ରହ ଓ ଆକାଙ୍କ୍ଷାମାନ ରହିଛି, ସେହିଗୁଡ଼ିକୁହିଁ ଆଧାର କରି ବୁଦ୍ଧିବାଦୀ ଆନ୍ତର୍ଜାତିକ-ଦୃଷ୍ଟିସମ୍ପନ୍ନ ବିଚାରଟି ମଣିଷକୁ ମଣିଷର ସମ୍ମୁଖରେ ଆଣି ଅବସ୍ଥାପିତ କରିବାକୁ ଚାହେଁ ଏବଂ ତାହାରି ସାହାଯ୍ୟରେ ଉପରେ ଆଲୋଚିତ ହୋଇଥିବା ଯାବତୀୟ ବର୍ବରତାର ବିନାଶ କରିବାକୁ ଚାହେଁ । ଆପଣାର ଦୃଷ୍ଟିକୋଣରେ ଏହି ବିଚାରକୁ ପୂରାପୂରି ଏକ ଭବିଷ୍ୟବାଦୀ ବିଚାର ବୋଲିହିଁ କୁହାଯିବ; ଅତୀତର ସେହି ନାନା ବିଭ୍ରାନ୍ତିମୟ ଓ ଅନ୍ଧକାରାଚ୍ଛନ୍ନ କଲ୍ୟାଣ-ଯୁଗଟି ଉପରୁ ଦୃଷ୍ଟି ଅପସାରିତ କରି ଆଣି ତାହା ଭବିଷ୍ୟତର ଏପରି ଏକ ଶୁଦ୍ଧତର କଲ୍ୟାଣ ଯୁଗ ଉପରେ ଦୃଷ୍ଟି ନିବଦ୍ଧ କରି ରଖିବାକୁ ଯାଏ, ଯେତେବେଳେ କି ମନୁଷ୍ୟ ପୂର୍ଣ୍ଣ ପରିପକ୍ୱତା ଅର୍ଜନ କରି ଯଥାର୍ଥରେ ବୁଦ୍ଧି ଦ୍ୱାରା ପ୍ରେରିତ ଏବଂ ନୀତି ଦ୍ୱାରା ପରିଚାଳିତ ଏକ ସତ୍ତାରେ ପରିଣତ ହେବାକୁ ଆରମ୍ଭ କରିବ ଏବଂ ଆପଣାର ଜୀବନ ମଧ୍ୟରୁ ପୂର୍ବଗ୍ରହ, କ୍ରୋଧାତୁରତା ଏବଂ ଅନର୍ଥର ଯାବତୀୟ ମୂଳକୁ ଫିଙ୍ଗିଦେଇ ମୁକ୍ତ ହୋଇ ଆସିପାରିବ । ସେତେବେଳେ ବିଚାର ତଥା ଅନୁଭୂତିର କ୍ଷେତ୍ରରେ ମନୁଷ୍ୟଜାତି କେବଳ ଗୋଟିଏ ହୋଇରହିବ, ଏବଂ ବର୍ତ୍ତମାନ ଜୀବନ ଅସଚେତନ ଭାବରେ ଯାହା ଅଛି, ସେତେବେଳେ ପୂର୍ଣ୍ଣ ସଚେତନ ଭାବରେ ତାହା ହୋଇ ରହିବ, ଅର୍ଥାତ୍, ଏହି ପୃଥିବୀପୃଷ୍ଠରେ ଆପଣାର ସ୍ଥିତି ଏବଂ ଆପଣାର ନିୟତିରେ ତାହା ଏକ ଓ ଅବିଭାଜ୍ୟ ହୋଇ ରହିବ ।

ଏହି ବିଚାରଟି ଯେ ଅତ୍ୟନ୍ତ ଉଚ୍ଚ ଓ ଅତ୍ୟନ୍ତ ମହତ, ସେଥିରେ କେହି କଦାପି କୌଣସି ପ୍ରଶ୍ନ କରିବ ନାହିଁ । ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯେତେବେଳେ ମାନବଜାତି ଏହି ଆଧାରଟି ଉପରେ ଜୀବନଟିକୁ ବଞ୍ଚିବାକୁ ଆରମ୍ଭ କରିବ, ସେତେବେଳେ

'oaob.nitrkl.ac.in' images reprocessed

ବର୍ତ୍ତମାନ ଆମର ଯାବତୀୟ ପ୍ରତ୍ୟାଶା ତୁଳନାରେ ତାହା ନିଶ୍ଚୟ ଉନ୍ନତତର ହେବ, ଅଧିକ ଶୁଦ୍ଧ ହେବ, ଅଧିକ ଶାନ୍ତିରେ ରହିବ ଏବଂ ଅଧିକ ସନ୍ଦୀପନଯୁକ୍ତ ହୋଇପାରିବ । ମାତ୍ର ଏକ ସତ୍ତା ହିସାବରେ ମନୁଷ୍ୟ ବର୍ତ୍ତମାନ ଯେଉଁ ସ୍ତରରେ ପ୍ରକୃତରେ ରହିଛି, ସେହି ଦୃଷ୍ଟିରୁ ବିଚାର କଲେ ସେହି ଶୁଦ୍ଧ ବିଚାରଟି ନିଃସନ୍ଦେହ ଭାବରେ ସତତ ଏକ ବୃହତ୍ ଶକ୍ତି ହୋଇ ରହିଥିଲେହେଁ ଏକ ବୃହତ୍ ଦୁର୍ବଳତା ଦ୍ୱାରା ମଧ୍ୟ ନିଶ୍ଚୟ ଆକ୍ରାନ୍ତ ହୋଇପଡ଼ିବ । ଅବଶ୍ୟ ଏକଥା ସମ୍ପୂର୍ଣ୍ଣ ସତ ଯେ ଏହି ବିଚାରଟି ମଧ୍ୟରେ ଆଖର ଏପରି ଏକ ଶକ୍ତି ନିହିତ ହୋଇ ରହିଛି, ଯାହାଫଳରେ କି, ଥରେ ଜନ୍ମଲାଭ କଲେ, ତାହା ମନୁଷ୍ୟ-ଜୀବନର ଅବଶିଷ୍ଟ ଭାଗଟିକୁ ମଧ୍ୟ ନିଜର ଅକ୍ତିଆରକୁ ନେଇ ଆସିବ, ଏବଂ ଶେଷରେ ଆପଣାର ସତ୍ୟଟିକୁ ସ୍ୱୀକାର କରିନେବାକୁ ତାହାକୁ ବାଧ୍ୟ କରିବ ଏବଂ ତଦ୍ଦ୍ୱାରା ମନୁଷ୍ୟ ସେହି ବିଚାରଟିକୁ ଜୀବନରେ ଏକ ମୂର୍ତ୍ତ ରୂପ ଦେବା ଲାଗି କୌଣସି ନା କୌଣସି ପ୍ରୟାସ ନିଶ୍ଚୟ କରିବ । ଆମେ ତାହାକୁହିଁ ବିଚାରଟି ମଧ୍ୟରେ ନିହିତ ହୋଇ ରହିଥିବା ତାହାର ବଳ ବୋଲି କହିବା । ମାତ୍ର ଯେହେତୁ ମନୁଷ୍ୟ ବର୍ତ୍ତମାନ ଅନ୍ତର ଅପେକ୍ଷା ଜୀବନର ବାହ୍ୟଟାରେହିଁ ଅଧିକ ପରିମାଣରେ ବଞ୍ଚିବାରେ ଲାଗିଛି, ତାହାଫଳରେ ସେ ମୁଖ୍ୟତଃ ତା'ର ଅସ୍ତିତ୍ୱର ପ୍ରାଣିକ ଭାଗଟି ଦ୍ୱାରା, ପ୍ରାଣିକ ସ୍ପନ୍ଦନ ତଥା ଅନୁଭୂତି ଦ୍ୱାରା ଏବଂ ତା'ର ସେହି ଚିରାଭ୍ୟସ୍ତ ମନଃକ୍ଷେତ୍ରଟି ଦ୍ୱାରାହିଁ ନିୟନ୍ତ୍ରିତ ଓ ଚାଳିତ ହେବାରେ ଲାଗିଛି; ଆପଣାର ଉଚ୍ଚତର ଭାବନା-ମନ ଦ୍ୱାରା ସେ ସେତେବେଶୀ ପରିଚାଳିତ ହୋଇପାରୁ ନାହିଁ । ଏହି ପ୍ରାଣିକ ଓ ଅଭ୍ୟସ୍ତ ମାନସିକଟି ଭିତରେହିଁ ସେ ପ୍ରକୃତରେ ବଞ୍ଚି ପାରୁଥିଲା ପରି ଅନୁଭବ କରୁଛି, ପ୍ରକୃତରେ ଅଛି ଏବଂ ରହିଛି ବୋଲି ପ୍ରତୀତି ପାଉଛି, ଏବଂ ତେଣେ ବିଚାରଗୁଡ଼ିକର ଜଗତଟି ତା'ଲାଗି ସତେଅବା ଅନେକ ଦୂରବର୍ତ୍ତୀ ଓ ଅମୂର୍ତ୍ତ ଗୋଟାଏ ଆଉ କ'ଣ ହୋଇ ରହିଛି । ସେହି ବିଚାରର ବିଚରଣ-ମାର୍ଗଟି ଯେତେ ଶକ୍ତିଶାଳୀ ଓ ଆଗ୍ରହୋଦ୍ଦୀପକ ହୋଇଥିଲେ ମଧ୍ୟ ତାହା ତଥାପି ଜୀବନ୍ତ ପରି ଲାଗୁ ନାହିଁ, ଏବଂ ଜୀବନରେ ମୂର୍ତ୍ତ ହୋଇ ଫୁଟି ପାରିଲା ପର୍ଯ୍ୟନ୍ତ ତାହା ଠିକ୍ ପ୍ରକୃତ ଜୀବନର ଏକ ସାମଗ୍ରୀ ବୋଲି ଆଦୌ ଅନୁଭୂତ ହେଉ ନାହିଁ । ସେହି ଅମୂର୍ତ୍ତତା ଏବଂ ଦୂରବର୍ତ୍ତିତାରେହିଁ ବିଚାରଟିର ଦୁର୍ବଳତା ନିହିତ ହୋଇ ରହିଛି ବୋଲି କୁହାଯିବ ।

ଏହି ଅମୂର୍ତ୍ତତା-ବୋଧ ଆନ୍ତର୍ଜାତିକତାର ବିଚାରଟି ଉପରେ ଅନାବଶ୍ୟକ ଭାବରେ ଏକ ତ୍ୱରାନ୍ୱିତତାର ଭାବ ଆଣି ଲଦିଦେବାକୁ ଚେଷ୍ଟା କରୁଛି ଏବଂ ଜୀବନରେ ଶୀଘ୍ର ଏହି ବିଚାରଟିକୁ ସ୍ୱୀକାର କରି ନିଆଯାଉ ଏବଂ ଅତିଶୀଘ୍ର ତାହାକୁ ଏକ ମୂର୍ତ୍ତ ରୂପ ଦିଆଯାଉ ବୋଲି ଦାବି କରୁଛି । ଯଦି ଆପଣାର ଶକ୍ତି ଉପରେ ଏହାର ଯଥେଷ୍ଟ ବିଶ୍ୱାସ ରହିଥା'ନ୍ତା, ଏବଂ ମନୁଷ୍ୟର ମର୍ମଭିତରେ ଭଲ କରି ଭେଦିବା ଯାଏ ବିକଶିତ ହେବାରେ, ଆପଣାକୁ

'oaob.nitrkl.ac.in' images reprocessed

ଅବିରତ ଭାବରେ ପ୍ରେରିତ କରିବାରେ ଓ ଆପଣାର ମହତ୍ତ୍ୱଟିକୁ ଅନୁଭୂତ କରାଇବାରେ ଏହା ପ୍ରକୃତରେ ସନ୍ତୁଷ୍ଟ ହୋଇ ରହି ପାରନ୍ତା, ତେବେ ତାହା ହୁଏତ ସମୟକ୍ରମେ ମନୁଷ୍ୟାତ୍ମାର ଜୀବନ-ଭୂମିରେ ଏକ ଯଥାର୍ଥ ଅଂଶ ହୋଇ ପ୍ରତିଷ୍ଠିତ ହୋଇପାରନ୍ତା, ତା'ର ମାନସକ୍ଷେତ୍ରରେ ଏକ ସ୍ଥାୟୀ ଶକ୍ତିରୂପେ ବସିଯାଇ ପାରନ୍ତା ଏବଂ ଆପଣାର ଆଦର୍ଶଟି ଅନୁସାରେ ମନୁଷ୍ୟର ଜୀବନକୁ ଏକ ନୂଆ ଛାଞ୍ଚରେ ଗଢ଼ିବାରେ ହୁଏତ ସଫଳତା ବି ଲାଭ କରି ପାରନ୍ତା । ମାତ୍ର ଅନିବାର୍ଯ୍ୟତଃ ଏହା ଭିତରେ ସର୍ବଦା ଯଥାଶୀଘ୍ର ସମ୍ଭବ ମନୁଷ୍ୟ-ଜୀବନର କୌଣସି ନା କୌଣସି ଆକାର ମଧ୍ୟରେ ପ୍ରବେଶ କରିବା ଲାଗି ଏକ ଅଭିଳାଷ ରହି ଆସିଛି, କାରଣ ସେଇଟି ହୋଇ ନ ପାରିବା ପର୍ଯ୍ୟନ୍ତ ତାହା ଆପଣାକୁ ଯଥେଷ୍ଟ ଶକ୍ତିଶାଳୀ ବୋଲି ଅନୁଭବ କରିପାରୁ ନାହିଁ ଏବଂ ଆପଣାର ସତ୍ୟଟି ଲାଗି ଅନୁରୂପ କ୍ଷେତ୍ରଟିଏ ତିଆରି କରିଛି ବୋଲି ତାହା ଆଦୌ ଯଥେଷ୍ଟ ଭାବରେ ନିଶ୍ଚିତ ହୋଇପାରୁ ନାହିଁ । ଆପଣା ସମ୍ବନ୍ଧରେ ଯଥାର୍ଥ ଜ୍ଞାନ ଲାଭ କରିବା ପୂର୍ବରୁ ତାହା କିଛି ନା କିଛି ସକ୍ରିୟତା ଅର୍ଜନ କରିବ ଓ କାର୍ଯ୍ୟ ହାସଲ କରିବ ବୋଲି ଦଉଡ଼ି ଯାଉଛି, ଏବଂ ତେଣୁ ଆପଣାର ବିଫଳତା ଲାଗି ସ୍ୱୟଂ ବାଟ କାଢ଼ି ଦେଉଛି । ସତେଅବା ଜୟଲାଭ କରୁଥିଲା ପରି ଓ ଆପଣାର ଉଦ୍ଦେଶ୍ୟଟିକୁ ପରିପୂର୍ଣ୍ଣ କରି ଦେଉଥିବା ପରି ବାହାରୁ ପ୍ରତୀତ ହେଉଥିବା ସମୟରେ ମଧ୍ୟ ତାହା ବିଫଳତା ଲାଗିହିଁ କ୍ଷେତ୍ର ପ୍ରସ୍ତୁତ କରିବାରେ ଲାଗିଛି । କାରଣ ସଫଳତା ଅର୍ଜନ କରିବା ସକାଶେ ତାହା ଅନ୍ୟ ଲକ୍ଷ୍ୟ ଦ୍ୱାରା ପ୍ରେରିତ କେତେକେତେ ସାମର୍ଥ୍ୟ ଏବଂ ଗତିଶୀଳତା ସହିତ ଯାଇ ହାତ ମିଳାଉଛି, ସେହି ଅନ୍ୟ ସାମର୍ଥ୍ୟ ଓ ଗତିଶୀଳତାଗୁଡ଼ିକ ସେମାନଙ୍କର ନିଜର କ୍ଷେତ୍ରଟିକୁ ଓ ଦାବିଗୁଡ଼ିକୁ ଅଧିକ ଟାଣ କରିବା ଉଦ୍ଦେଶ୍ୟରେ ତା'ଠାରୁ ଆବଶ୍ୟକ ସହାୟତା ପାଇ ବେଶ୍ ପ୍ରସନ୍ନ ଅନୁଭବ କରୁଛି । ତେଣୁ ଯେତେବେଳେ ପରିଶେଷରେ ତାହା ଆପଣାର କୌଣସି ଲକ୍ଷ୍ୟ ହାସଲ କରୁଛି, ସେତେବେଳେ କେବଳ ବଡ଼ ବିମିଶ୍ରିତ, ଅଶୋଧିତ ଏବଂ ଅଫଳପ୍ରଦ ଭାବରେହିଁ ତାହା କରି ପାରୁଛି । କେବଳ ଏକ ଆଂଶିକ ସଂସ୍କାର ହିସାବରେହିଁ ଜୀବନ ତାହାକୁ ଗ୍ରହଣ କରିନେଉଛି, ମାତ୍ର ସମ୍ପୂର୍ଣ୍ଣ ଭାବରେ ଅଥବା ଆବଶ୍ୟକ ନିଷ୍ଠାଟି ସହିତ କେବେହେଲେ ଗ୍ରହଣ କରୁ ନାହିଁ । ପୃଥିବୀରେ ଗୋଟିଏ ପରେ ଗୋଟିଏ ହୋଇ ପ୍ରତ୍ୟେକ ବିଚାରର ପ୍ରାୟ ସେହି ଇତିହାସଟି ଘଟିଛି, ଏବଂ, ମନୁଷ୍ୟର ପ୍ରଗତିକ୍ଷେତ୍ରରେ କାହିଁକି ପ୍ରାୟ ଅନୁକ୍ଷଣ କିଛି ନା କିଛି ଅବାସ୍ତବ, ଅନିଶ୍ଚିତ ଏବଂ ସନ୍ତାପମୟ ହୋଇ ରହିଆସିଛି, ଏହାକୁ ଅନ୍ତତଃ ତାହାର ଗୋଟିଏ କାରଣ ବୋଲି ନିଶ୍ଚୟ କୁହାଯାଇ ପାରିବ ।

ବର୍ତ୍ତମାନ ମୁହୂର୍ତ୍ତରେ ମନୁଷ୍ୟର ଜୀବନରେ ଏପରି ଅନେକ ପରିବେଶ ଓ ପ୍ରବୃତ୍ତି ମହଜୁଦ ରହିଛି, ଯାହାକୁ କି ଆନ୍ତର୍ଜାତିକତାର ବିଚାରଟିର ଅଗ୍ରଗତି ଲାଗି ଅନୁକୂଳ

'oaob.nitrkl.ac.in' images reprocessed

ବୋଲି କୁହାଯାଇ ପାରିବ । ଆନ୍ତର୍ଜାତିକ ଜୀବନର ଗ୍ରନ୍ଥିଗୁଡ଼ିକ ଅନବରତ କ୍ରମଶଃ ପରସ୍ପରର ଅଧିକରୁ ଅଧିକ ନିକଟବର୍ତ୍ତୀ ହୋଇ ଆସୁଛି, ମଣିଷ ମଣିଷ ମଧ୍ୟରେ ସମ୍ପର୍କ-ବିନ୍ଦୁଗୁଡ଼ିକ ବହୁଗୁଣିତ ହେବାରେ ଲାଗିଛି, ଯୋଗାଯୋଗର ସୂତ୍ରଗୁଡ଼ିକ ମଧ୍ୟ ବଢ଼ିବାରେ ଲାଗିଛି, ଏବଂ ଚିନ୍ତନ, ବିଜ୍ଞାନ ତଥା ଜ୍ଞାନର କ୍ଷେତ୍ରରେ ପାରସ୍ପରିକ ସାହଚର୍ଯ୍ୟମାନ ବୃଦ୍ଧି ପାଇବାରେ ଯେ ଲାଗିଛି, ଏହାକୁ ଆମେ ସେହି ଅନୁକୂଳ ଶକ୍ତିଗୁଡ଼ିକ ମଧ୍ୟରୁ ସବୁଠାରୁ ଅଧିକ ସାମର୍ଥ୍ୟଯୁକ୍ତ ବୋଲି ଜାଣିବା, ଏହି ଦିଗରେ ବିଜ୍ଞାନହିଁ ବିଶେଷ ଭାବରେ ଏକ ବୃହତ୍ ସାଧନରୂପେ କାର୍ଯ୍ୟ କରି ଆସିଛି; କାରଣ ବିଜ୍ଞାନର ସତ୍ୟସିଦ୍ଧାନ୍ତଗୁଡ଼ିକ ସର୍ବଜନଙ୍କରହିଁ ସମ୍ପଦରେ ପରିଣତ ହୋଇଯାଉଛି, ବିଜ୍ଞାନର ପଦ୍ଧତିଗୁଡ଼ିକ ସର୍ବଜନ ଲାଗି ଉନ୍ମୁକ୍ତ ହୋଇ ରହିଛି ଓ ବିଜ୍ଞାନର ଫଳଗୁଡ଼ିକ ସମସ୍ତଙ୍କ ଲାଗି ଉପଲବ୍ଧ ହୋଇ ପାରୁଛି । ଏହା ସ୍ୱଭାବତଃ ଆନ୍ତର୍ଜାତିକ ହୋଇ ରହିଛି; କେଉଁଠି କୌଣସି ଜାତୀୟ ବିଜ୍ଞାନ ସମ୍ଭବ ହୋଇ ପାରିବ ବୋଲି ଆମେ ଆଦୌ କହିପାରିବା ନାହିଁ, କୌଣସି ନିର୍ଦ୍ଦିଷ୍ଟ ଜାତି ବିଜ୍ଞାନର କାର୍ଯ୍ୟ ଓ ବିକାଶରେ ଅମୁକ ଅବଦାନଟି ଦେଇଛି ବୋଲିହିଁ ଆମେ କହିପାରିବା ଏବଂ ତାହା ସମସ୍ତ ମାନବଜାତିର ଏକ ଅବିଭାଜ୍ୟ ଉତ୍ତରାଧିକାର ରୂପେ ଅବଶ୍ୟ ପ୍ରତିଷ୍ଠିତ ହୋଇ ରହିବ । ତେଣୁ ବୈଜ୍ଞାନିକମାନେ ଅଥବା ବିଜ୍ଞାନ ଦ୍ୱାରା ପ୍ରଭୂତ ଭାବରେ ପ୍ରଭାବିତ ହୋଇଥିବା ଅନ୍ୟମାନେ ବି ଅପେକ୍ଷାକୃତ ଅଧିକ ସହଜରେ ଆନ୍ତର୍ଜାତିକ-ଭାବାପନ୍ନ ହୋଇଯାଇ ପାରିବେ ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ ବର୍ତ୍ତମାନ ସମଗ୍ର ପୃଥିବୀହିଁ ବିଜ୍ଞାନର ପ୍ରଭାବଟିକୁ ଅନୁଭବ କରିବାକୁ କ୍ରମେ ଆରମ୍ଭ କରିବାରେ ଲାଗିଲାଣି, ସେହି ପ୍ରଭାବଟି ମଧ୍ୟରେ ବଞ୍ଚିବାକୁ ବି ଆରମ୍ଭ କଲାଣି । ବିଜ୍ଞାନର ବଳରେହିଁ ପୃଥିବୀର ଯେକୌଣସି ଭାଗ ଅନ୍ୟ ପ୍ରତ୍ୟେକ ଭାଗ ସହିତ ଘନିଷ୍ଠତର ସମ୍ପର୍କରେ ଆସି ପାରିଲାଣି ଏବଂ ସେଥିରୁ ମଧ୍ୟ ଗୋଟାଏ ପ୍ରକାରର ଆନ୍ତର୍ଜାତିକ ମନୋବୃତ୍ତି ସତତ ବୃଦ୍ଧି ପାଇବାରେ ଲାଗିଛି । ଏପରିକି ସର୍ବଦେଶୀୟ ଜୀବନ-ସଂସ୍କାରମାନ ଆଜି ଆଦୌ ଦୁର୍ଲଭ ହୋଇ ରହି ନାହିଁ ଏବଂ ପୃଥିବୀରେ ବର୍ତ୍ତମାନ ବେଶ୍ ଅନେକ ସଂଖ୍ୟାରେ ଏପରି ଲୋକ ଅଛନ୍ତି, ଯେଉଁମାନେ କି ନିଜ ଦେଶର ନାଗରିକ ହୋଇ ରହିବା ସଙ୍ଗେ ସଙ୍ଗେ ସମାନ ଭାବରେ ଅଥବା ତା'ଠାରୁ ଅଧିକ ମାତ୍ରାରେ ମଧ୍ୟ ସମଗ୍ର ବିଶ୍ୱର ନାଗରିକ ହୋଇ ରହିଛନ୍ତି । ଜ୍ଞାନର ବୃଦ୍ଧି ଫଳରେ ବିଭିନ୍ନ ଜାତି ପରସ୍ପରର କଳା, ସଂସ୍କୃତି, ଧର୍ମ ଓ ଚିନ୍ତନଗୁଡ଼ିକୁ ଜାଣିବା ଲାଗି ଅଧିକ ଆଗ୍ରହୀ ହେବାକୁ ଆରମ୍ଭ କଲେଣି ଏବଂ ଅନେକ ସ୍ଥଳରେ ସେମାନଙ୍କ ମଧ୍ୟରେ ରହିଥିବା ସେହି ପୁରୁଣା ଜାତୀୟତାବାଦୀ ମନୋବୃତ୍ତିଟିର ପୂର୍ବଗ୍ରହ, ବୃଥାଦମ୍ଭ ଏବଂ ବିଚ୍ଛିନ୍ନତାର ଭାବଗୁଡ଼ିକ ଅନେକ ପରିମାଣରେ ଭାଙ୍ଗି ଭାଙ୍ଗି ବି ଯାଉଛି । ଏହି କ୍ଷେତ୍ରରେ ଧର୍ମହିଁ ସବାଆଗ ଯାଇ ବାଟ ଦେଖାଇଥା'ନ୍ତା, ମାତ୍ର ଆପଣାର

'oaob.nitrkl.ac.in' images reprocessed

ଅଧ୍ୟାତ୍ମ ଭାବଟିର କ୍ଷେତ୍ର ଅପେକ୍ଷା ଆପଣାର ବାହ୍ୟାଙ୍ଗ ତଥା ଅବଲୌକିକ ଉପାଦାନଗୁଡ଼ିକ ଉପରେହିଁ ଅତିରିକ୍ତ ମହତ୍ତ୍ୱ ଦେଉଥିବାରୁ ଧର୍ମ ମଣିଷକୁ ଏକତା ଶିକ୍ଷାଦେବା ସଙ୍ଗେ ସଙ୍ଗେ ପ୍ରାୟ ସମାନ ଭାବରେ ବା ଏପରିକି ତା'ଠାରୁ ଅଧିକ ପରିମାଣରେ ଭେଦ ଓ ଅନୈକ୍ୟର ମଞ୍ଜି ବୁଣିବାରେହିଁ କାମରେ ଲାଗି ଆସିଛି । ଅବଶ୍ୟ ଏକଥା ସତ ଯେ, ଯେତେ କ୍ଷୀଣ ଏବଂ ଅଫଳପ୍ରଦ ଭାବରେ ହେଲେ ମଧ୍ୟ, ଆଧ୍ୟାତ୍ମିକତାହିଁ ଯେ ସର୍ବୋପରି ତାହାର ସର୍ବପ୍ରଧାନ କ୍ଷେତ୍ର ଏବଂ ତାହାହିଁ ମଧ୍ୟ ଯେ ଯାବତୀୟ ଧର୍ମରେ ସର୍ବସାଧାରଣ ଉପାଦାନ ଓ ସର୍ବସାଧାରଣ ଐକ୍ୟସୂତ୍ର ହୋଇ ରହିଛି, ଧର୍ମ ଏବେ ସେହି କଥାଟିକୁ କ୍ରମଶଃ ହୃଦୟଙ୍ଗମ କରିବାକୁ ଆରମ୍ଭ କରୁଛି । ଏହିସବୁ ପ୍ରଭାବ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଏବଂ ସଚେତନ ଭାବରେ ପରସ୍ପର ସହିତ ସହଯୋଗ କରିବାକୁ ସମର୍ଥ ହେବା ସଙ୍ଗେ ସଙ୍ଗେ ହୁଏତ ଏକଥା ଆଶା କରାଯାଇ ପାରିବ ଯେ ମାନସକ୍ଷେତ୍ରରେ ମଧ୍ୟ ଆବଶ୍ୟକ ପରିବର୍ତ୍ତନଟି ହେବାକୁ ଆରମ୍ଭ କରିବ; ଏହି ପରିବର୍ତ୍ତନ କୌଣସି କୋଳାହଳ ନ କରି ଧୀରେ ଧୀରେ ତଥାପି ଅତ୍ୟନ୍ତ ନିଶ୍ଚିତ ଓ ଅପ୍ରତିରୋଧ୍ୟ ଭାବରେ ହେବ ଏବଂ ଶେଷରେ ଅଧିକ କ୍ଷିପ୍ର ହୋଇ ମନୁଷ୍ୟସମାଜର ଜୀବନରେ ଏକ ପ୍ରକୃତ ଏବଂ ମୂଳଭୂତ ପରିବର୍ତ୍ତନ ଘଟାଇ ପାରିବା ଲାଗି ଆବଶ୍ୟକ ପ୍ରସ୍ତୁତି କରିଦେବ ।

ମାତ୍ର ବର୍ତ୍ତମାନ ଏହି ପ୍ରକ୍ରିୟାଟି ଅତ୍ୟନ୍ତ ଧୀରେ ଧୀରେହିଁ ହେଉଛି, ଏବଂ ଏହାରି ମଧ୍ୟରେ ଆପଣାକୁ କାର୍ଯ୍ୟକାରୀ କରିବାର ଉତ୍ସୁକତାରେ ଆନ୍ତର୍ଜାତିକତାର ଭାବନାଟି କ୍ରମେ ଅଧିକରୁ ଅଧିକ ଶକ୍ତିଶାଳୀ ହେବାରେ ଲାଗିଥିବା ଓ ଏକ ଆନ୍ତର୍ଜାତିକ ସ୍ୱଭାବ ବହନ କରିଥିବା ଦୁଇଟି ଆନ୍ଦୋଳନ ସହିତ ହାତ ମିଳାଇଛି ଓ ତା'ସହିତ ଆପଣାକୁ ପ୍ରାୟ ଗୋଟାସୁଦ୍ଧା ନେଇ ମିଶାଇ ଦେଇ ସାରିଲାଣି । ସେହି ଦୁଇଟି ଆନ୍ଦୋଳନ ହେଉଛନ୍ତି ସାମ୍ୟବାଦ ଏବଂ ନୈରାଜ୍ୟବାଦର ଆନ୍ଦୋଳନ । ମାତ୍ର ଏହି ସାମ୍ୟବାଦୀ ଓ ନୈରାଜ୍ୟବାଦୀ ଆନ୍ତର୍ଜାତିକତାର ଏକ ପରୀକ୍ଷା ନିକଟ ଅତୀତରେ ହୋଇ ଯାଇଛି, ତାହାକୁ ଇଉରୋପୀୟ ଯୁଦ୍ଧର ଅଗ୍ନିପରୀକ୍ଷା ଦେଇ ଗତି କରିବାକୁ ହୋଇଛି ଏବଂ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାରେ ତାହା ବଡ଼ ନୈରାଶ୍ୟଜନକ ଭାବରେ ବିଫଳହିଁ ହୋଇଛି । ଯୁଦ୍ଧ ସମୟରେ ସେଠି ପ୍ରତ୍ୟେକ ଦେଶରେ ସାମ୍ୟବାଦୀ ପାର୍ଟି ଅତ୍ୟନ୍ତ ସହଜରେ ପ୍ରାୟ କୌଣସି ସଙ୍କୋଚ ଅନୁଭବ ନ କରି ଆପଣାର ଆନ୍ତର୍ଜାତିକ ପ୍ରତିଶ୍ରୁତିଟିକୁ ଛାଡ଼ି ଫିଙ୍ଗି ଦେଲେ ଓ ଏହି ବିଚାରଟିର ଖାସ୍ ସମର୍ଥକ ଜର୍ମାନ୍ ସାମ୍ୟବାଦ ଏହି ଶକ୍ତିଶାଳୀ ପ୍ରତିଶ୍ରୁତିଭଙ୍ଗରେ ବଡ଼ ପ୍ରଭାବଶାଳୀ ଭାବରେହିଁ ପଥପ୍ରଦର୍ଶକର ଭୂମିକା ଗ୍ରହଣ କରିଥିଲା । ଏକଥା ଅବଶ୍ୟ ସତ ଯେ ପ୍ରତ୍ୟେକ ଦେଶରେ ଅଳ୍ପସଂଖ୍ୟକ ମାତ୍ର କେତେଜଣ ଏହି ଆଦର୍ଶଟିର ନୀତିଗୁଡ଼ିକ ପ୍ରତି ବୀର ପରି ନିଷ୍ଠାବାନ୍ ହୋଇ ରହିଥିଲେ ବା ଅତିଶୀଘ୍ର

'oaob.nitrkl.ac.in' images reprocessed

ସେହିଗୁଡ଼ିକ ପାଖକୁ ପୁଣି ଫେରି ଆସିଥିଲେ, ଏବଂ ଯୁଦ୍ଧର ସେହି ଅତିକାୟ ଆନ୍ତର୍ଜାତିକ ନରସଂହାରର ସର୍ବବ୍ୟାପୀ ଅବସନ୍ନତାଟି ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ବହୁସଂଖ୍ୟକ ଲୋକ ମଧ୍ୟ ଚୈତନ୍ୟୋଦୟ ହେଲା ପରି ସେହି ଦିଗଟି ଆଡ଼କୁ ଲେଉଟି ଆସିଥିଲେ; ମାତ୍ର ଏହାକୁ ଆମେ ବିଚାରଟିର ଅର୍ଥାତ୍ ତାହାର ମୂଳନୀତିଗୁଡ଼ିକର ଫଳ ବୋଲି ନ କହି ବରଂ ଅଧିକ ପରିମାଣରେ ତତ୍କାଳୀନ ପରିସ୍ଥିତିଟିରହିଁ ଫଳ ବୋଲି କହିବା । ହୁଏତ ଏପରି କୁହାଯାଇ ପାରିବ ଯେ, ଅନ୍ତତଃ ଆପଣାର ଅଧିକ ଉଗ୍ର ଏକ ରୂପରେ, ରୁଷୀୟ ସାମ୍ୟବାଦ ଏହି ଆନ୍ତର୍ଜାତିକତାବାଦୀ ମନୋଭାବଟିକୁ ଗଭୀରତର ଭାବରେ ବହନ କରି ରହିଛି ବୋଲି ସଙ୍କେତମାନ ଦେଖାଇଛି । ମାତ୍ର ପ୍ରକୃତ କଥା କହିବାକୁ ଗଲେ ତାହା ଏକ ବିଶୋଧିତ ଜାତୀୟତାବାଦର ଭିତ୍ତି ଉପରେ ଏକ ଶ୍ରମିକତନ୍ତ୍ରର ବିକାଶସାଧନ କରିବାକୁହିଁ ପ୍ରାୟ ସବୁଯାକ ପ୍ରୟାସ କରିଆସିଛି, କେବଳ ବିପ୍ଳବର ଉଦ୍ଦେଶ୍ୟପୂରଣ କରିବାର କ୍ଷେତ୍ରଗୁଡ଼ିକ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ସେହି ଜାତୀୟତାବାଦ କୌଣସି ଆକ୍ରମଣାତ୍ମକ ପଦକ୍ଷେପ ଗ୍ରହଣ କରି ନାହିଁ ଏବଂ ତାହା ଯଥାସାଧ୍ୟ ଆପଣାକୁ ଆପଣାର ସୀମାଟି ଭିତରେହିଁ ବାଡ଼ ଦେଇ ରଖିଛି । ମାତ୍ର ବୃହତ୍ତର ଆନ୍ତର୍ଜାତିକ ଭାବନାଟିକୁ ଆଧାର କରି ରୁଷିଆ କଦାପି ସେହି ଶ୍ରମିକତନ୍ତ୍ରର ପ୍ରତିଷ୍ଠା କରିବାକୁ ଚେଷ୍ଟା କରି ନାହିଁ । ସେକଥା ଯାହାହେଉ ପଛକେ, ରୁଷିଆର ଏହି ପ୍ରୟାସଟି ଦ୍ୱାରା ବସ୍ତୁତଃ ଯାହାକିଛି ଫଳ ଫଳିଛି, ତାହା ବର୍ତ୍ତମାନ ଯାଏ ତିଷ୍ଠିରହି ପାରିବା ଭଳି ଯଥେଷ୍ଟ ପ୍ରାଣିକ ବଳ ଓ ସାମର୍ଥ୍ୟ ଅର୍ଜନ କରିବା ଦିଗରେ ବିଚାରଟିର ବିଫଳତାକୁହିଁ ପ୍ରମାଣିତ କରିଦେଇଛି । ଆନ୍ତର୍ଜାତିକତାର ସତ୍ୟଟି ଯେ ଅତ୍ୟନ୍ତ ଉପାଦେୟ ଏବଂ ମାନବ-ପ୍ରଗତିର ବର୍ତ୍ତମାନ ପର୍ଯ୍ୟାୟରେ ଏହାର ଯେ ପ୍ରୟୋଗ କରାଯାଇ ପାରିବ, ସେହି ଫଳଗୁଡ଼ିକୁ ଏହାର ସପକ୍ଷରେ ବ୍ୟବହାର କରିପାରିବା ଅପେକ୍ଷା ଆନ୍ତର୍ଜାତିକତାର ବିରୋଧରେହିଁ ହୁଏତ ଅଧିକ ପରିମାଣରେ ଏକ ବେଶ୍ ପ୍ରଭାବକାରୀ ଯୁକ୍ତି ରୂପେ ପ୍ରୟୋଗ କରାଯାଇ ପାରିବ ।

ବାସ୍ତବ ଜୀବନର କଠୋର ପରୀକ୍ଷାର ସମ୍ମୁଖୀନ ହୋଇ ଆନ୍ତର୍ଜାତିକତାର ଆଦର୍ଶଟି ଯେ ଏପରି ପ୍ରାୟ ସମ୍ପୂର୍ଣ୍ଣ ଭାବରେ ନିଜକୁ ଅସମର୍ଥ ବୋଲି ପରିଚିତ କଲା, ଏହାର କାରଣ କ'ଣ ? ଏହାର ଏକ ଆଂଶିକ କାରଣ ଏପରି ହୋଇପାରେ ଯେ ସାମ୍ୟବାଦର ବିଜୟ ସହିତ ଆନ୍ତର୍ଜାତିକତାର ଅଗ୍ରଗତି ଯେ ଅବଶ୍ୟ ଏକତ୍ର ବନ୍ଧାହୋଇ ରହିଛି, ସେପରି ଭାବିବାକୁ ହୁଏତ ଆଦୌ କୌଣସି କାରଣ ନାହିଁ । ଜାତିଗତ ସମୂହ ବା ଗୋଷ୍ଠୀଟିର ଅଭିବୃଦ୍ଧିକୁ ସମ୍ପୂର୍ଣ୍ଣ କରିବା ଲାଗି ସାମ୍ୟବାଦକୁ ପ୍ରକୃତରେ ଏକ ପ୍ରୟାସ ବୋଲି କୁହାଯିବ; ବ୍ୟକ୍ତି ପୂର୍ବରୁ ଯାହା କେବେ ନ କରିଛି, ତାହାରି ଦ୍ୱାରା ସେହି କାର୍ଯ୍ୟଟିକୁ କରାଇ, ଅର୍ଥାତ୍ ଆପଣା ପାଇଁ ନ ବଞ୍ଚି ଅଧିକ ପରିମାଣରେ ସମୂହଟି ଲାଗି ବଞ୍ଚିବା

'oaob.nitrkl.ac.in' images reprocessed

ଲାଗି ତାହାକୁ ପ୍ରବୃତ୍ତ କରାଇ ସାମ୍ୟବାଦ ସେହି ପ୍ରୟାସଟିକୁ କରିଆସିଛି । ସାମ୍ୟବାଦ ଆନ୍ତର୍ଜାତିକତାର ଭାବନାରୁ ନୁହେଁ, ମାତ୍ର ଜାତୀୟତାର ଭାବନାଟିରୁହିଁ ବିକଶିତ ହୋଇ ଆସିଛି । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯେତେବେଳେ ଜାତିକୁ ଭିତ୍ତି କରି ଗଢ଼ା ହେଉଥିବା ସମାଜଟି ପକ୍କା ହୋଇଯିବ, ସେତେବେଳେ ଅନେକ ଜାତିକୁ ଏକାଠିକରି ଏକ ସମାଜ ମଧ୍ୟ ନିଶ୍ଚୟ ପ୍ରତିଷ୍ଠିତ ହୋଇ ପାରିବ, ଏପରିକି ଅବଶ୍ୟ ପ୍ରତିଷ୍ଠିତ କରିବାକୁ ପଡ଼ିବ । ମାତ୍ର ସାମ୍ୟବାଦର ଏକ ପରବର୍ତ୍ତୀ ପର୍ଯ୍ୟାୟର ଅଥବା ପରିଶେଷର ପରିଣାମ ରୂପେ ଏହା ହେବ; ଏଇଟି ଯେ ସାମ୍ୟବାଦ ସକାଶେ ପ୍ରଥମେ ଏକାନ୍ତ ପ୍ରୟୋଜନୀୟ, ସେକଥା ଆଦୌ ନୁହେଁ । ଜୀବନର ସଂକଟ କ୍ଷଣଗୁଡ଼ିକରେ, କେବଳ ଯେଉଁଗୁଡ଼ିକର ପ୍ରାଥମିକ ଓ ଏକାନ୍ତ ଆବଶ୍ୟକତା ରହିଛି, ସେଗୁଡ଼ିକହିଁ ଯଥାର୍ଥରେ ପ୍ରଭାବକାରୀ ରୂପେ କାର୍ଯ୍ୟ କରିଥାଏ; ଏବଂ ଅନ୍ୟ ଯେଉଁଟି ଅପେକ୍ଷାକୃତ ଅଧିକ ଦୂରବର୍ତ୍ତୀ ହୋଇ ରହିଥାଏ, ସେହି ଉପାଦାନଟି କେବଳ ତୁଚ୍ଛା ଏକ ବିଚାର ହୋଇ ପଡ଼ି ରହିଥାଏ ଓ କାର୍ଯ୍ୟକାରୀ ହେବା ଲାଗି ତଥାପି ପ୍ରସ୍ତୁତ ହୋଇ ନ ଥାଏ । ସେଇଟି ଯେତେବେଳେ ଏକ ଅତ୍ୟାବଶ୍ୟକ ବା ଏକ ମନୋଭୂମିଗତ ପ୍ରୟୋଜନରେ ପରିଣତ ହୋଇପାରେ, କେବଳ ସେତିକିବେଳେ ଯାଇ ତାହାର ଶକ୍ତିଶାଳୀ ହେବାର କୌଣସି ସମ୍ଭାବନା ରହିଥାଏ । ଏହି ଯେ ବିଫଳତାଟି ଘଟିଲା, ତାହାର ପ୍ରକୃତ କାରଣ ବା ତାହା ପଛରେ ନିହିତ ରହିଥିବା ଅସଲ ସତ୍ୟଟି ହେଉଛି ଯେ, କେବଳ କେତେଜଣ ବିଶେଷ ବ୍ୟକ୍ତିଙ୍କୁ ଛାଡ଼ିଦେଲେ ଆନ୍ତର୍ଜାତିକତା ବର୍ତ୍ତମାନ ମଧ୍ୟ କେବଳ ଏକ ଭାବନା ହୋଇହିଁ ରହିଛି । ଏହା ଏପର୍ଯ୍ୟନ୍ତ ଆମ ପ୍ରାଣମୟ ଅନୁଭବର ଅତି ନିକଟରେ ରହିଥିବା ଏକ ବସ୍ତୁରେ ପରିଣତ ହୋଇପାରି ନାହିଁ, ଅଥବା ଅନ୍ୟ ପକ୍ଷରେ ଆମ ମାନସ-କ୍ଷେତ୍ରରେ ମଧ୍ୟ ସ୍ଥାନ ପାଇପାରି ନାହିଁ । ଜଣେ ସାଧାରଣ ସାମ୍ୟବାଦୀ ବା ସିଣ୍ଡିକାଲିଷ୍ଟ କଦାପି ସାଧାରଣ ମାନବିକ ଅନୁଭୂତିଟିକୁ ଛାଡ଼ି ପକାଇଯାଇ ପାରିବ ନାହିଁ, ଏବଂ ପରୀକ୍ଷାର ସମୟ ଆସି ପହଞ୍ଚିଲେ ସିଏ ମଧ୍ୟ, ସାଧାରଣ ସମୟରେ ସିଏ ଯାବତୀୟ ପକ୍ଷ ବା ଦଳର ବାହାରେ ରହିଛି ବୋଲି ଯେତେ ପ୍ରସିଦ୍ଧ ହୋଇ ରହିଥିଲେ ବି, ଆପଣାର ଅନ୍ତଃହୃଦୟ ଏବଂ ଅନ୍ତରସ୍ଥିତିରେ ଜଣେ ଜାତୀୟତାବାଦୀ ହୋଇ ରହିଛି ବୋଲି ଜଣାପଡ଼ି ଯାଉଛି । ପୁନଶ୍ଚ, ଏକ ପ୍ରାଣିକ ଘଟଣାରୂପେ, ଏହିସବୁ ଆନ୍ଦୋଳନ ପ୍ରତିଷ୍ଠିତ ଅବସ୍ଥା ବିରୋଧରେ ଶ୍ରମିକଶ୍ରେଣୀର ଏକ ବିଦ୍ରୋହରୂପେହିଁ ଆତ୍ମପ୍ରକାଶ କରିଛି ଏବଂ ସେଥିରେ କେତେଜଣ ବୁଦ୍ଧିବାଦୀଙ୍କର ସହାୟତା ପ୍ରାପ୍ତ ହୋଇଛି; ଏହି ବୁଦ୍ଧିବାଦୀମାନେ ଆନ୍ତର୍ଜାତିକତାବାଦ ପକ୍ଷରେହିଁ ଏକଜୁଟ ହୋଇଛନ୍ତି, କାରଣ ସେଇଟି ମଧ୍ୟ ସେମାନଙ୍କୁ ଏକ ବୁଦ୍ଧିବାଦୀ ବିଦ୍ରୋହରୂପେ ପ୍ରତୀତ ହୋଇଛି ଏବଂ କାରଣ ଏହାର ବିଚାରଟି ଯୁକ୍ତିରେ ସେମାନଙ୍କର ସହାୟତାହିଁ କରିଛି । ଯଦି ଶ୍ରମିକଶ୍ରେଣୀ କ୍ଷମତାକୁ

'oaob.nitrkl.ac.in' images reprocessed

ଆସିବ, ତେବେ ତାହା ଆପଣାର ଆନ୍ତର୍ଜାତିକତାବାଦୀ ପ୍ରବୃତ୍ତିଗୁଡ଼ିକୁ ପ୍ରକୃତରେ ଆପଣା ପାଖରେ ରଖିବ ନା ସେଗୁଡ଼ିକୁ ବର୍ଜନ କରି ଚାଲିଆସିବ ? ଯେଉଁସବୁ ଦେଶରେ ଶ୍ରମିକଶ୍ରେଣୀ ସର୍ବୋଚ୍ଚ କ୍ଷମତାରୂଢ଼ ହୋଇ ରହିଛି ବା ହୋଇ ଆସିଛି, ସେସବୁ ଦେଶର ଅଭିଜ୍ଞତାରୁ ମିଳୁଥିବା ଉତ୍ତର ଆମକୁ ଏ ଦିଗରେ ଆଦୌ କୌଣସି ଉତ୍ସାହ ଦେଉ ନାହିଁ; ଏବଂ ଅନ୍ତତଃ ଏତିକି କଥା ହୁଏତ ଅବଶ୍ୟ କୁହାଯାଇ ପାରିବ ଯେ, ବର୍ତ୍ତମାନ ତୁଳନାରେ ଯଦି ସେତେବେଳକୁ ମନୁଷ୍ୟଜାତି ମଧ୍ୟରେ ସଂଘଟିତ ହେଉଥିବା ମାନସକ୍ଷେତ୍ରୀୟ ପରିବର୍ତ୍ତନଟି ଅଧିକ ଦୂର ଆଦୌ ଅଗ୍ରସର ହୋଇପାରି ନ ଥାଏ, ତେବେ ଶ୍ରମିକଶ୍ରେଣୀ ଆନ୍ତର୍ଜାତିକତାର ଭାବଟିକୁ ଯେତିକି ପରିମାଣରେ ବଜାୟ ରଖିବାକୁ ସମର୍ଥ ହେବ, ହୁଏତ ତା'ଠାରୁ ଅଧିକ ମାତ୍ରାରେ ସେ ସେଇଟିକୁ ବର୍ଜନ କରି ପକାଇବ ଏବଂ ଅଧିକ ପରିମାଣରେ ସେହି ପୁରୁଣା ମାନବୀୟ ଅଭିପ୍ରାୟଗୁଡ଼ିକ ଦ୍ୱାରାହିଁ ପ୍ରେରିତ ହୋଇ କାର୍ଯ୍ୟ କରିବାକୁ ଆରମ୍ଭ କରିବ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ସଫଳତା ହାସଲ କରିଥିବା ଜାତୀୟତାବାଦରେ ଯାହାକିଛି ବିପଜ୍ଜନକ ଓ ଅନର୍ଥକାରୀ ହୋଇ ରହିଥିଲା, ତାହାର ଏକ ବିସ୍ଫୋରଣ ରୂପେହିଁ ଗତ ଇଉରୋପୀୟ ଯୁଦ୍ଧଟି ଘଟିଲା ଏବଂ ସେହି ଯୁଦ୍ଧଟିରୁ ଯେଉଁ ବ୍ୟାପକ ଅଗ୍ନିଦାହ ଘଟିଲା, ତାହାର ପ୍ରକ୍ରିୟାଟି ଏପରି ଅନେକ ପଦାର୍ଥକୁ ମଧ୍ୟ ପୋଡ଼ି ଭସ୍ମ କରିଦେଲା, ଯାହାର ବିନାଶ ପ୍ରକୃତରେ ଆବଶ୍ୟକ ହୋଇ ରହିଥିଲା । ଏହା ପ୍ରକୃତରେ ଆନ୍ତର୍ଜାତିକତାର ଭାବନାଟିକୁ ଅଧିକ ବଳଶାଳୀ କରିପାରିଛି ଏବଂ ସେହି ଭାବନାଟିକୁ ଗ୍ରହଣ କରିବା ଲାଗି କେତେକେତେ ସରକାର ଓ ଜାତିକୁ ପ୍ରାୟ ବାଧ୍ୟ ମଧ୍ୟ କରିଛି । ମାତ୍ର, ଅସାଧାରଣ ଓ ଅସ୍ୱାଭାବିକ କେତେକ ପରିସ୍ଥିତିର ପ୍ରଚଣ୍ଡ ଚାପରେ ପଡ଼ି ବିଶେଷ କୌଣସି ସଂକଟର ମୁହୂର୍ତ୍ତରେ ଯେଉଁସବୁ ବିଚାରକୁ ଗ୍ରହଣ କରାଯାଏ ଓ ସଂକଳ୍ପମାନ ନିଆଯାଏ, ସେଗୁଡ଼ିକ ଉପରେ ଆମେ କଦାପି ଖୁବ୍‌ବେଶୀ ବିଶ୍ୱାସ ସ୍ଥାପନ କରିପାରିବା ନାହିଁ । ଏହା ଦ୍ୱାରା ପରିଶେଷରେ ହୁଏତ କେତେକ ପ୍ରଭାବ ନିଶ୍ଚୟ ପଡ଼ିବ, ଆନ୍ତର୍ଜାତିକ ସମ୍ପର୍କ ଓ କାରବାରର କ୍ଷେତ୍ରରେ ପ୍ରଥମେ ପ୍ରଥମେ କେତେକ ଅଧିକ ନ୍ୟାୟାନୁମୋଦିତ ସିଦ୍ଧାନ୍ତକୁ ଅବଶ୍ୟ ସ୍ୱୀକୃତି ଦିଆଯିବ, ଏବଂ ଏକ ଅଧିକ ଉନ୍ନତ, ଅଧିକ ବୁଦ୍ଧିସମର୍ଥିତ ବା ଅନ୍ତତଃ ଅଧିକ ସୁବିଧାଜନକ ଏକ ଆନ୍ତର୍ଜାତିକ ବ୍ୟବସ୍ଥା ସ୍ଥାପନ କରିବା ଦିଗରେ ନିଶ୍ଚୟ କେତେକ ପ୍ରଚେଷ୍ଟା କରାଯିବ । କିନ୍ତୁ ଯେପର୍ଯ୍ୟନ୍ତ ମନୁଷ୍ୟତାର ଭାବନାଟି କେବଳ ମଣିଷର ବୁଦ୍ଧିର କ୍ଷେତ୍ରରେ ନୁହେଁ, ମାତ୍ର ମନୋଭାବ, ଅନୁଭବ, ସ୍ୱାଭାବିକ ସହାନୁଭୂତି ଏବଂ ମାନସିକ ସଂସ୍କାରଗୁଡ଼ିକ ମଧ୍ୟରେ ଅଭିବୃଦ୍ଧି ଲାଭ ନ କରିଛି, ତେବେ ତଦ୍ୱାରା ଯେଉଁ ଅଗ୍ରଗତି ସମ୍ଭବ ହେଉଥିବ, ତାହା ଖୁବ୍‌ସମ୍ଭବ କେବଳ ବାହ୍ୟ

'oaob.nitrkl.ac.in' images reprocessed

ଅନୁକୂଳନଗୁଡ଼ିକର କ୍ଷେତ୍ରରେ ହେଉଥିବ ଏବଂ ପ୍ରାଣିକ ବ୍ୟାପାରଗୁଡ଼ିକର କ୍ଷେତ୍ରରେ କମ୍ ହେଉଥିବ; ନାନା ବିମିଶ୍ରିତ ଏବଂ ଅହଂପ୍ରେରିତ ଉଦ୍ଦେଶ୍ୟସାଧନରେ ସେହି ଆଦର୍ଶଟିକୁ ଅଧିକ କାର୍ଯ୍ୟରେ ଲଗା ହେଉଥିବ, ମାତ୍ର ତାହାକୁ ସଙ୍ଗେ ସଙ୍ଗେ ଅଥବା ଯଥାସମ୍ଭବ ଶୀଘ୍ର ଆଦର୍ଶଟିର କୌଣସି ବୃହତ୍ତର ଏବଂ ନିଷ୍ପାପର ଉପଲବ୍ଧି ସକାଶେ ଆଦୌ ବ୍ୟବହାର କରାହେବ ନାହିଁ । ମଣିଷ ଯେପର୍ଯ୍ୟନ୍ତ ତା'ର ହୃଦୟ ଭିତରେ ପ୍ରସ୍ତୁତ ନ ହୋଇଛି, ସେପର୍ଯ୍ୟନ୍ତ ବିଶ୍ୱ-ପରିସ୍ଥିତିରେ କୌଣସି ସ୍ଥାୟୀ ଓ ଅଧିକ ଭିତରକୁ ଭେଦ କରିଥିବା ପରିବର୍ତ୍ତନ କଦାପି ସମ୍ଭବ ହେବ ନାହିଁ । ବା, ଯଦି ସମ୍ଭବ ହେବ, ତେବେ କେବଳ ବାଧ ହୋଇ ସମ୍ଭବ ହେବ; ଭୌତିକଶକ୍ତି ଦ୍ୱାରା ବାଧ ହୋଇ ସମ୍ଭବ ହେବ ଅଥବା ପରିସ୍ଥିତି ଦ୍ୱାରା ବାଧ ହୋଇ ବି ସମ୍ଭବ ହେବ । ଏବଂ ସେପରି କ୍ଷେତ୍ରରେ ପ୍ରକୃତ କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରିବାଟି ତଥାପି ବାକି ରହିଥିବ । ତଦ୍ଦ୍ୱାରା ହୁଏତ ଏକ ବାହ୍ୟ ଛାଞ୍ଚ ପ୍ରସ୍ତୁତ ହୋଇଥିବ ସତ, ମାତ୍ର ସେହି ନିୟମ-ବାଧ ଯନ୍ତ୍ରବତ୍ ଶରୀରଟା ମଧ୍ୟରେ ପ୍ରକୃତ ପ୍ରାଣ ବା ଆତ୍ମାର ସଞ୍ଚାରିତ ହେବା ତଥାପି ବାକି ରହିଥିବ ।

'oaob.nitrkl.ac.in' images reprocessed

## ତ୍ରୟୋତ୍ରିଂଶ ପରିଚ୍ଛେଦ

# ଆନ୍ତର୍ଜାତିକତାବାଦ ଓ ମାନବ-ଏକତା

ତେଣୁ, ମାନବତାର ଯେଉଁ ଭାବନାଟି ଆମ ମନ ଉପରେ କାର୍ଯ୍ୟ କାରିବାକୁ ଆରମ୍ଭ କରି ସାରିଲାଣି ଏବଂ ଏପରିକି କିଞ୍ଚିତ୍ ମାତ୍ରାରେ ଉର୍ଦ୍ଧ୍ୱରୁ ଥାଇ ଆମର କାର୍ଯ୍ୟଗୁଡ଼ିକୁ ପ୍ରଭାବିତ କରିବାକୁ ମଧ୍ୟ ଆରମ୍ଭ କଲାଣି, ତାହାକୁହିଁ ପ୍ରୋତ୍ସାହନ ଦେବା ଏବଂ ତାହାକୁ କେବଳ ଏକ ଭାବନା ସ୍ତରରୁ ଆଉ କିଛି ଅଧିକରେ ପରିଣତ କରିବା ହେଉଛି ଆମ ଲାଗି ସବୁଠାରୁ ବଡ଼ ଆବଶ୍ୟକତା; ଏବଂ ତାହାହିଁ ଆମର ସବୁଠାରୁ ବଡ଼ ସମସ୍ୟା । ସେହି ଭାବନାଟି ଯେତେ ବଳଶାଳୀ ହୋଇଥିଲେ ମଧ୍ୟ ଆମେ ତାହାକୁ କେବଳ ସେତିକିରୁ ଆଉକିଛି ଅଧିକରେ ପରିଣତ କରିବା, ତାହାକୁ ଆମ ସ୍ୱଭାବରେ ଏକ କେନ୍ଦ୍ରୀୟ ପ୍ରେରକ ଏବଂ ସ୍ଥାୟୀ ଭାଗ ରୂପେ ପରିଣତ କରି ରଖିବା । ସେହି ବିଚାରଟିର ପରିତର୍ପଣ ଆମ ଜୀବନର ମାନସଭୂମି ଲାଗି ଏକ ପ୍ରୟୋଜନ ହୋଇ ଅବଶ୍ୟ ରହିବା ଉଚିତ; ପରିବାର ଏବଂ ଜାତିର ବିଚାରଗୁଡ଼ିକ ପ୍ରତ୍ୟେକେ ଯେପରି ପରିତର୍ପଣର ସେମାନଙ୍କର ସ୍ୱକୀୟ ଆବଶ୍ୟକତାଟି ସହିତ ଆମ ଜୀବନର ମାନସଭୂମି ଲାଗି ଗୋଟିଏ ଗୋଟିଏ ପ୍ରେରକ ହୋଇ ରହିଛନ୍ତି, ଠିକ୍ ସେହିପରି । ମାତ୍ର ଏହି କଥାଟିକୁ ଆମେ କିପରି କରିପାରିବା ? ପରିବାରର ବିଚାରଟି ଲାଗି ଏହି ଗୋଟିଏ ବିଶେଷ ଅନୁକୂଳତା ରହିଥିଲା ଯେ ତାହା ଆମ ଜୀବନର ଏକ ସର୍ବପ୍ରାଥମିକ ପ୍ରାଣିକ ଆବଶ୍ୟକତାରୁହିଁ ଉଦ୍‌ଭୂତ ହେଉଥିଲା ଏବଂ ସେହି କାରଣରୁ ଆମ ଜୀବନର ମାନସଭୂମିରେ ଗୋଟିଏ ପ୍ରେରଣା ଏବଂ ଆବଶ୍ୟକତା ହୋଇ ରହିବା ଲାଗି ତାହାକୁ ପ୍ରାୟ କୌଣସି କଷ୍ଟ କରିବାକୁ ପଡୁ ନ ଥିଲା; କାରଣ ଆମର ସବୁଠାରୁ ଅଧିକ ପ୍ରସ୍ତୁତ ଓ ସବୁଠାରୁ ଅଧିକ ବଳଶାଳୀ ମନୋଗତ ଓ ମାନସକ୍ଷେତ୍ରୀୟ ପ୍ରେରଣାଗୁଡ଼ିକ ସର୍ବଦା ଆମ ପ୍ରାଣିକ ଆବଶ୍ୟକତା ଏବଂ ସହଜାତ ପ୍ରବୃତ୍ତିଗୁଡ଼ିକରୁହିଁ ଉଦ୍‌ଭୂତ ହୋଇ ଆସିଥା'ନ୍ତି । ବଂଶ ଓ ପ୍ରଜାତିର ବିଚାରଗୁଡ଼ିକ ଏହିପରି ଏକ ମୂଳରୁ ଉତ୍ପନ୍ନ ହୋଇଥିଲା; ଅବଶ୍ୟ ସେଗୁଡ଼ିକ ପରିବାରର ବିଚାରଟି ପରି ଆଦୌ ସେତେଦୂର ପ୍ରାଥମିକ ବା ସେତେଦୂର ଅପ୍ରତିରୋଧ୍ୟ ନ ଥିଲା, ଏବଂ ତେଣୁ ଅପେକ୍ଷାକୃତ ଅଧିକ ଶିଥିଳ ଓ ଅଧିକ ଅସ୍ଥାୟୀ ମଧ୍ୟ ହୋଇ ରହିଥିଲା । ମାତ୍ର ତଥାପି, କୌଣସି ସମୂହ ଭିତରେ ଅନ୍ୟମାନଙ୍କ ସହିତ ଏକତ୍ରହୋଇ ବାସ କରିବା ଲାଗି ମାନବସ୍ୱଭାବ ମଧ୍ୟରେ ଯେଉଁ ପ୍ରାଣିକ ଆବଶ୍ୟକତାଟି ରହିଛି, ସେଗୁଡ଼ିକ ସେଇଥିରୁହିଁ ଜନ୍ମଲାଭ କରିଥିଲା ଏବଂ ପୂର୍ବର ପରିବାରସଂସ୍ଥାଟି କ୍ରମଶଃ ବଡ଼ ହୋଇ ବଂଶ ବା ପ୍ରଜାତିର ଯେଉଁ ସ୍ଥୂଳ

'oaob.nitrkl.ac.in' images reprocessed

ଆକାର ଗ୍ରହଣ କରିଥିଲା, ତାହାହିଁ ତାକୁ ଅନିବାର୍ଯ୍ୟତଃ ଏକ ପୂର୍ବପ୍ରସ୍ତୁତ ଭୂମି ମଧ୍ୟ ଯୋଗାଇ ଦେଇଥିଲା । ଏହି ସମୂହଗଠନଗୁଡ଼ିକୁ ଆମେ ସ୍ୱାଭାବିକ ଭାବରେ ବିବର୍ତ୍ତିତ ହୋଇ ଆସିଥିବା ଗଠନରୂପେ ବୁଝିବା, ଏବଂ ଇତରପ୍ରାଣୀର ସ୍ତରରେହିଁ ଏହି ବିବର୍ତ୍ତନଗତ ଛାଞ୍ଚଗୁଡ଼ିକ ତିଆରି ହୋଇ ସାରିଥିଲା ।

ଅନ୍ୟପକ୍ଷରେ, କୌଣସି ପ୍ରାଥମିକ ଓ ପ୍ରାଣିକ ଆବଶ୍ୟକତାରୁ ଜାତିର ବିଚାରଟି ଜନ୍ମଲାଭ କରି ନ ଥିଲା; ତାହା ଏକ ଦ୍ୱିତୀୟସ୍ତରୀୟ ଓ ଏପରିକି ଏକ ତୃତୀୟସ୍ତରୀୟ ଆବଶ୍ୟକତାରୁହିଁ ଉତ୍ପନ୍ନ ହୋଇଥିଲା । ସେହି ଆବଶ୍ୟକତାଟି ମଧ୍ୟ ଆମ ପ୍ରାଣିକ ପ୍ରକୃତିରେ ଅନ୍ତର୍ନିହିତ ହୋଇ ରହିଥିବା କୌଣସି କିଛିର ପରିଣାମରୂପେ ନିଷ୍ପନ୍ନ ହୋଇ ନ ଥିଲା, ମାତ୍ର ତାହା ଆମ ପରିସ୍ଥିତି ମଧ୍ୟରୁହିଁ ନିଷ୍ପନ୍ନ ହୋଇଥିଲା, ପରିସ୍ଥିତିଗତ ବିବର୍ତ୍ତନଟିରୁ ଜନ୍ମଲାଭ କରିଥିଲା । କୌଣସି ପ୍ରାଣିକ ଆବଶ୍ୟକତାରୁ ନୁହେଁ, ତାହା ଏକ ଭୌଗୋଳିକ ଏବଂ ଇତିହାସଗତ ଆବଶ୍ୟକତାରୁହିଁ ସମ୍ଭୂତ ହୋଇଥିଲା । ଏବଂ ଆମେ ବେଶ୍ ଦେଖିବାକୁ ପାଇବା ଯେ ଏକ ପରିଣାମରୂପେ ତାହା ଅଧିକତମ ମାତ୍ରାରେ ବାଧ୍ୟ ହୋଇହିଁ ତିଆରି ହୋଇଥିଲା; ନିଃସନ୍ଦେହ ଭାବରେ ଅଂଶତଃ ପରିସ୍ଥିତି ଦ୍ୱାରା ବାଧ୍ୟ ହୋଇ, ମାତ୍ର ଭୌତିକ ବଳପ୍ରୟୋଗ ଦ୍ୱାରା ମଧ୍ୟ ବାଧ୍ୟ ହୋଇ ତିଆରି ହୋଇଥିଲା । ରାଜା ଅଥବା ବିଜେତା ପ୍ରଜାତି ଦ୍ୱାରା ତାହାକୁ ଏକ ସାମରିକ ଓ ଆଧିପତ୍ୟଶାଳୀ ରାଷ୍ଟ୍ରରେ ପରିଣତ କରି ଦିଆ ଯାଇଥିଲା । ଅଥବା, ଅନ୍ୟ ପକ୍ଷରେ, ବଳପ୍ରୟୋଗ ବିରୋଧରେ ଏକ ପ୍ରତିକ୍ରିୟାରୂପେ ମଧ୍ୟ ଏହା ଜନ୍ମଲାଭ କରିଥିଲା, ରାଜ୍ୟଜୟ ଏବଂ ଆଧିପତ୍ୟ ବିରୋଧରେ ଆପଣାକୁ ସଂଗଠିତ କରି ଆଣିଥିଲା; ଭୌଗୋଳିକ ବା ଏପରିକି ଐତିହାସିକ ଦୃଷ୍ଟିରୁ ବିଚାର କରି ଦେଖିଲେ ବା ସାଂସ୍କୃତିକ ଦୃଷ୍ଟିରୁ ମଧ୍ୟ ଏକ ହୋଇ ରହିଥିଲେହେଁ ଯେଉଁମାନଙ୍କ ମଧ୍ୟରେ ତଥାପି ସଂବଦ୍ଧତାଶକ୍ତିର ଅଭାବ ରହିଥିଲା ବା ଯେଉଁମାନେ ଏକ ଆରମ୍ଭକାଳୀନ ନାନାଜାତୀୟତା ଅଥବା ସ୍ଥାନୀୟ, ଅଞ୍ଚଳୀୟ ଓ ଅନ୍ୟ ନାନା ବିଭାଜନ ବିଷୟରେ ଅତିମାତ୍ରାରେ ସଚେତନ ହୋଇ ରହିଥିଲେ, ସେହି ପ୍ରତିକ୍ରିୟାର ପରିଣାମସ୍ୱରୂପ ସେମାନେ କ୍ରମେ ଅଥବା ହଠାତ୍ ଗୋଟିଏ ସମୂହରେ ପରିଣତ ହୋଇ ଯାଇଥିଲେ । ତଥାପି ସେହି କ୍ଷେତ୍ରରେ ଅବଶ୍ୟ ଏକ ପ୍ରୟୋଜନ ରହିଥିଲା, ନାନାପ୍ରକାର ବିଫଳତା ତଥା ମିଥ୍ୟା-ସଫଳତାର ପର୍ଯ୍ୟାୟଗୁଡ଼ିକୁ ପାର ହୋଇ ଜାତି ଏକ ସଂସ୍ଥାରୂପେ ଏକ ରୂପ ବା ଆକାର ଗ୍ରହଣ କରି ପାରିଥିଲା, ଏବଂ ସେହି ଆକାରଟି ମଧ୍ୟରେ ତାହାର ଆତ୍ମାର ଏକ ଅଭିବ୍ୟକ୍ତି ରୂପେ ଏବଂ ତାହାର ସ୍ଥାୟିତ୍ୱର ଏକ ଦୃଢ଼ ପ୍ରତିଶ୍ରୁତି ରୂପେ ଜାତିପ୍ରୀତି ଓ ଦେଶଭକ୍ତିର ମାନସ-ପ୍ରେରଣାଟି ଏକ ସଚେତନ ଜାତୀୟ ଅହଂ ବିକଶିତ ହୋଇ ଆସୁଥିବାର ସଂକେତ ରୂପେ ଆବିର୍ଭୂତ ହୋଇ ଆସିଲା । କାରଣ ଏଭଳି ଏକ ଆତ୍ମା ବ୍ୟତୀତ, ଗଠନଟି

'oaob.nitrkl.ac.in' images reprocessed

ମଧ୍ୟରେ ଏପରି ଏକ ମାନସ-ପ୍ରେରଣା ଏବଂ ଉପସ୍ଥିତି ବ୍ୟତୀତ ଜାତି ଯେ ପ୍ରକୃତରେ ସ୍ଥାୟୀ ହୋଇ ରହିପାରିବ, ତାହାର କୌଣସି ପ୍ରତିଶ୍ରୁତି ମିଳୁ ନ ଥିଲା । କାରଣ ସେଇଟି ନ ଥିଲେ, ଯାହାକିଛି ପରିସ୍ଥିତିରୁ ଜନ୍ମଲାଭ କରିଥିଲା, ସେହି ପରିସ୍ଥିତିହିଁ ତାହାକୁ ପୁନର୍ବାର ବିନଷ୍ଟ କରିଦେଇ ପାରିବ ବୋଲି ଏକ ସମ୍ପୂର୍ଣ୍ଣ ଆଶଙ୍କା ରହିଥିଲା । ଠିକ୍ ଏହି କାରଣଟି ସକାଶେହିଁ ପ୍ରାଚୀନ ପୃଥିବୀରେ କୌଣସି ଜାତିର ସୃଷ୍ଟି ସମ୍ଭବ ହୋଇ ନ ଥିଲା; ଅବଶ୍ୟ ଏକଥା ସତ ଯେ ଏକ କ୍ଷୁଦ୍ର ମାତ୍ରାରେ ସାନ ସାନ ବଂଶ ଓ ଆଞ୍ଚଳୀୟ କେତୋଟି ଜାତି ଅଳ୍ପ କେତେବର୍ଷ ଲାଗି ତଥାପି ଜନ୍ମଲାଭ କରିଥିଲେ, ମାତ୍ର ସାଧାରଣତଃ ସେଗୁଡ଼ିକର ଗଠନ ବଡ଼ ଶିଥିଳ ହୋଇ ରହିଥିଲା । ପ୍ରାଚୀନ ଜଗତରେ କେବଳ କୃତ୍ରିମ ଉପାୟରେ କେତୋଟି ସାମ୍ରାଜ୍ୟର ସୃଷ୍ଟି ହୋଇଥିଲା, କାଳକ୍ରମେ ସେଗୁଡ଼ିକ ଖଣ୍ଡଖଣ୍ଡ ହୋଇଗଲେ ଓ ସେଗୁଡ଼ିକ ଯିବା ଅନ୍ତେ କେବଳ ଅରାଜକତାହିଁ ଘୋଟି ଯାଇଥିଲା ।

ତେବେ, ଏହି ଯେଉଁ ଅନ୍ତର୍ଜାତୀୟ ଏକତା ପ୍ରକୃତରେ କୌଣସି ନିର୍ଦ୍ଦିଷ୍ଟ ଆକାର ଗ୍ରହଣ କରିବା ପୂର୍ବରୁ ପ୍ରଥମକାଳୀନ ନାନା ଅସ୍ପଷ୍ଟତା ମଧ୍ୟରେ ନିମଗ୍ନ ହୋଇ ରହିଛି ଏବଂ ପରସ୍ପର ସହିତ ସମ୍ମିଳିତ ହେବା ଲାଗି ପରସ୍ପର ଆଡ଼କୁ ଆକର୍ଷିତ ହୋଇ ଆସୁଥିବା କେତୋଟି କୋଷାଣୁଙ୍କର ଉଦ୍‌ବେଳନ ପରି ହୋଇ ରହିଛି, ସେଇଟି ବିଷୟରେ ପୁଣି କ'ଣ ହେବ ? ଏହା ପକ୍ଷରେ ପ୍ରକୃତରେ ସେପରି କୌଣସି ପ୍ରୟୋଜନୀୟତା କ'ଣ ଅଛି, ଯାହାକି ଆମକୁ ସେଇଟିକୁ ସମ୍ଭବ କରିବା ଦିଗରେ ବାଧ୍ୟ କରି ଆଣିବ ? କେବଳ ବାହ୍ୟ ବସ୍ତୁଗୁଡ଼ିକ ଆଡ଼କୁ ଅବଲୋକନ କରିପାରୁଥିବା ପର୍ଯ୍ୟନ୍ତ ଏହାର ଆବଶ୍ୟକତାଗୁଡ଼ିକ ପୂର୍ବତନ ଆଲୋଚିତ ଅନ୍ୟ ସଂସ୍ଥାଗୁଡ଼ିକର ଆବଶ୍ୟକତା ତୁଳନାରେ ଅନେକ କମ୍ ପ୍ରତ୍ୟକ୍ଷ ଓ ଅନେକ କମ୍ ଅପ୍ରତିରୋଧ ବୋଲି ପ୍ରତୀତ ହେଉଥିବ । ଏହି କ୍ଷେତ୍ରରେ ପ୍ରକୃତ ପ୍ରାଣିକ ଆବଶ୍ୟକତା ବୋଲି କିଛି ନାହିଁ; ଅନ୍ତର୍ଜାତୀୟ ଏକତା ନ ହେଲେ ମଧ୍ୟ ଏକ ସମୂହ ହିସାବରେ ମାନବ-ସମୁଦାୟ ଆପଣାର ଯାବତୀୟ ବିଷୟ ବେଶ୍ ନିର୍ବାହ କରିପାରିବ, ଅର୍ଥାତ୍ ସାଧାରଣ ଭାବରେ ବେଶ୍ ବଞ୍ଚିରହି ପାରିବ । ଅବଶ୍ୟ ଏକଥା ସତ ଯେ ଏହି ବଞ୍ଚିବାଟାକୁ ଆମେ ସେହି ସମୁଦାୟଟିର ପରିପୂର୍ଣ୍ଣତାପ୍ରାପ୍ତ, ବୁଦ୍ଧି ଦ୍ୱାରା ପ୍ରେରିତ ବା ଆଦର୍ଶସ୍ଥାନୀୟ ଏକ ସାମୂହିକ ଜୀବନଯାପନ ବୋଲି କଦାପି କହିପାରିବା ନାହିଁ । ମାତ୍ର, ସେପରି ଦେଖିବାକୁ ଗଲେ, ବର୍ତ୍ତମାନ ସୁଦ୍ଧା ମନୁଷ୍ୟର ଜୀବନରେ ବା ତା'ର ସମାଜରେ ଏପରି କୋଉଠି କ'ଣ ଅଛି, ଯାହାକୁ କି ଆମେ ପରିପୂର୍ଣ୍ଣତାଯୁକ୍ତ, ବୁଦ୍ଧି ଦ୍ୱାରା ପ୍ରେରିତ ଅଥବା ଆଦର୍ଶସ୍ଥାନୀୟ ବୋଲି କହି ପାରିବା ? ଅନ୍ତତଃ ବର୍ତ୍ତମାନ ପର୍ଯ୍ୟନ୍ତ କିଛିହେଲେ ନାହିଁ; ଏବଂ ତଥାପି ଆମ ଜୀବନ ଯେକୌଣସି ପ୍ରକାରେ ଅବଶ୍ୟ ଚାଲିବାରେ ଲାଗିଛି, କାରଣ ଆମ ଭିତରେ ଯେଉଁ ପ୍ରାଣିକ ସତ୍ତାଟି ଆମ ସହଜାତ ପ୍ରବୃତ୍ତି ତଥା

'oaob.nitrkl.ac.in' images reprocessed

କ୍ରିୟାଶୀଳତାଗୁଡ଼ିକର କ୍ଷେତ୍ରରେ ସବୁଠାରୁ ଅଧିକ ପ୍ରତିପତ୍ତିଶାଳୀ ଉପାଦାନଟି ହୋଇ ରହିଛି, ତାହା ଏସବୁ କୌଣସିଟି ପ୍ରତି ଆଦୌ ଅପେକ୍ଷା ରଖି ନାହିଁ, ଏବଂ କେବଳ ସହନୀୟ ଅଥବା ଅନିଶ୍ଚିତ ଅଥବା ଆଂଶିକ ଭାବରେ ବେଶ୍ ଭଲ ଲାଗୁଥିବା ଗୋଟାଏ ପ୍ରକାରର ଜୀବନରେ ତାହା ବେଶ୍ ସନ୍ତୁଷ୍ଟ ହୋଇଯାଇ ପାରୁଛି, କାରଣ ତାହା କେବଳ ସେତିକି ସହିତ ଅଭ୍ୟସ୍ତ ହୋଇ ରହିଆସିଛି ଓ ତେଣୁ କେବଳ ସେତିକିକୁହିଁ ଆବଶ୍ୟକ ବୋଲି ଅନୁଭବ କରୁଛି । ଭାବୁକ, ବିଚାରକ ଓ ଆଦର୍ଶବାଦୀମାନଙ୍କ ପରି ଯେଉଁମାନେ ଏତିକିରେ ସନ୍ତୁଷ୍ଟ ହୋଇ ପାରୁ ନାହାନ୍ତି, ସେମାନେ ସର୍ବଦା ଅଳ୍ପସଂଖ୍ୟକ ହୋଇ ରହି ଆସିଛନ୍ତି ଏବଂ ପରିଶେଷରେ କୌଣସି ପ୍ରକାର ପ୍ରଭାବ ପକାଇ ପାରୁ ନ ଥିବା ଏକ ସଂଖ୍ୟାଲଘିଷ୍ଠତାରେ ପରିଣତ ହୋଇ ଯାଇଛନ୍ତି । କାରଣ, ପରିଶେଷରେ ସର୍ବଦା ସେମାନଙ୍କୁ ଅଂଶତଃ ଆପଣାର ବାଟଟି ମିଳି ଯାଉଥିଲେ ମଧ୍ୟ, ସେମାନଙ୍କର ଏହି ବିଜୟଟି ପ୍ରକୃତରେ ଏକ ପରାଜୟରେହିଁ ପର୍ଯ୍ୟବସିତ ହୋଇ ରହିଯାଏ । କାରଣ ପ୍ରାଣଶକ୍ତି ଦ୍ୱାରା ପରିଚାଳିତ ହେଉଥିବା ମଣିଷମାନେହିଁ ତଥାପି ବହୁସଂଖ୍ୟକ ହୋଇ ରହିଥା'ନ୍ତି, ଏବଂ ସଂଖ୍ୟାଲଘୁମାନଙ୍କୁ ଆପାତତଃ ଯେଉଁ ସାଫଲ୍ୟଟି ମିଳିଥାଏ, ସେମାନେ ତାହାକୁ ସେହି ଅଳ୍ପସଂଖ୍ୟକ ଲୋକମାନଙ୍କର ବୁଦ୍ଧିପ୍ରେରିତ ପୋଷିତ ଆଶାଟିକୁ ଏକ ବିଦ୍ରୂପରେହିଁ ପରିଣତ କରି ଦିଅନ୍ତି; ଯେଉଁ ଆଦର୍ଶଟିକୁ ଅଳ୍ପସଂଖ୍ୟକମାନେ ଅତ୍ୟନ୍ତ ସ୍ପଷ୍ଟଭାବରେ ଦେଖିପାରୁଥା'ନ୍ତି ଓ ପରିପୂର୍ଣ୍ଣତା ହାସଲ କରିବା ଲାଗି ଯେଉଁ ସାଧୁପରାମର୍ଶମାନ ଦେଉଥା'ନ୍ତି, ବହୁସଂଖ୍ୟକମାନେ ତାହାକୁ ଏକ ଦୟନୀୟ ବିଡ଼ମ୍ବନାରେ ପରିଣତ କରିଦିଅନ୍ତି ।

ଏପରି ଏକ ଏକତ୍ରୀକରଣ ଲାଗି ଆଦୌ କୌଣସି ଭୌଗୋଳିକ ଆବଶ୍ୟକତା ନାହିଁ; ଅବଶ୍ୟ ଏକଥା ସତ ଯେ, ବିଜ୍ଞାନର ପ୍ରସାଦରେ ପୃଥିବୀ ତଥା ପୃଥିବୀର ଅଧିବାସୀମାନେ ପରସ୍ପରର ଅଧିକ ନିକଟବର୍ତ୍ତୀ ହୋଇ ଆସିଥିବାରୁ ଏବଂ ସତେଅବା କୌଣସି ଯାଦୁ କାମ କରିଥିବା ପରି ଭୌତିକ ଦୂରତ୍ୱଗୁଡ଼ାକ କମି ଆସିଥିବାରୁ ଓ ପ୍ରତିବନ୍ଧକମାନ ହ୍ରାସ ହୋଇ ଯାଇଥିବାରୁହିଁ ଏକତ୍ରୀକରଣର ଏହି ଆବଶ୍ୟକତାଟିର ସୃଷ୍ଟି ହୋଇଛି ବୋଲି ଯଦି କୁହାଯାଏ, ତେବେ ତାହା ନିଶ୍ଚୟ ଏକ ଭିନ୍ନ କଥା ହେବ । ମାତ୍ର ଭବିଷ୍ୟତରେ ଯାହା ଘଟିବାକୁ ଯାଉଥାଉ ପଛକେ, ଏତିକିକୁ ଆମେ କଦାପି ଯଥେଷ୍ଟ ବୋଲି କହିପାରିବା ନାହିଁ; ଆମ ପୃଥିବୀ ବର୍ତ୍ତମାନ ମଧ୍ୟ ଏକ ବୃହତ୍ ପୃଥିବୀ ହୋଇ ରହିଛି ଏବଂ ତା'ର ବିଭାଜନଗୁଡ଼ିକ ମଧ୍ୟ ଗୋଟିଏ ଗୋଟିଏ ବାସ୍ତବ ବିଭାଜନ ରୂପେ ତଥାପି ବିଦ୍ୟମାନ ରହିଛନ୍ତି ଏବଂ ଏଗୁଡ଼ିକ ମଧ୍ୟରେ ଔପଚାରିକ ଭାବରେ ଏକ ଏକତ୍ୱ ସ୍ଥାପନ କରି ରଖିବାର କୌଣସି ଅତ୍ୟାବଶ୍ୟକତା ନାହିଁ । ଯଦି ପ୍ରକୃତରେ ସେପରି କୌଣସି ଜରୁରୀ ଆବଶ୍ୟକତା ଥାଏ, ତେବେ,— ଯଦି ବର୍ତ୍ତମାନ ଅଥବା ଭବିଷ୍ୟତରେ

'oaob.nitrkl.ac.in' images reprocessed

ଏପରି ଗୋଟିଏ ନାମର ପ୍ରୟୋଗ କରି ଏହି ବସ୍ତୁଟିର ବର୍ଣ୍ଣନା କରାଯାଇ ପାରେ, – ଆମେ ତାହାକୁ ଏକ ଐତିହାସିକ ଆବଶ୍ୟକତା ବୋଲି କହିବା; ଅର୍ଥାତ୍ ଏହାକୁ ଆମେ ଏପରି ଏକ ଆବଶ୍ୟକତା ବୋଲି କହିବା, ଆନ୍ତର୍ଜାତିକ ସମ୍ବନ୍ଧର ବିବର୍ତ୍ତନକ୍ରମରେ ଆବିର୍ଭୂତ ହୋଇଥିବା କେତେକ ନିର୍ଦ୍ଦିଷ୍ଟ ବାସ୍ତବ ପରିସ୍ଥିତିର ପରିଣାମ ସ୍ୱରୂପହିଁ ଯାହା ଜନ୍ମଗ୍ରହଣ କରିଛି । ଏବଂ ସେହି ଆବଶ୍ୟକତା ହେଉଛି ଅର୍ଥନୀତିର ଆବଶ୍ୟକତା, ରାଜନୀତିର ଆବଶ୍ୟକତା ଓ ବାହାର ଗଠନଟି ସହିତ ସମ୍ବନ୍ଧ ରଖୁଥିବା ଆବଶ୍ୟକତା; ଏହିସବୁ ଆବଶ୍ୟକତା କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ହୁଏତ କୌଣସି କୌଣସି ଅସ୍ଥାୟୀ ଅଥବା ପ୍ରାରମ୍ଭିକ ଗଠନଛାଞ୍ଚଟିଏ ଗଢ଼ି ଆଣିବେ ବୋଲି ଏକ ସମ୍ଭାବନା ରହିଛି, ମାତ୍ର ସେହି ଛାଞ୍ଚଟିରେ ଜୀବନ୍ୟାସ କରିପାରିବା ଲାଗି ଯେଉଁ ମାନସଭୂମିଗତ ବାସ୍ତବତାଟି ଦରକାର, ସେଇଟିକୁ ପ୍ରଥମ ଅବସ୍ଥାରେ ସେମାନେ କଦାପି ଗଢ଼ିଦେଇ ପାରିବେ ନାହିଁ । ପୁନଶ୍ଚ, ଏଇଟି ଏପର୍ଯ୍ୟନ୍ତ ଏଭଳି ଯଥେଷ୍ଟ ଭାବରେ ପ୍ରାଣଶକ୍ତି ଦ୍ୱାରା ପ୍ରେରିତ ହେବାକୁ ସମର୍ଥ ହୋଇ ନାହିଁ ଯେ ଆମେ ଏହାକୁ ନିର୍ଭୁଲ ଭାବରେ ଗୋଟିଏ ଆବଶ୍ୟକତା ବୋଲି କହିପାରିବା । କାରଣ, କେତେଟା ବିଶେଷ ବିପଦ ଏବଂ ଅସୁବିଧାର ନିରାକରଣ ଲାଗି ଏକ ଆବଶ୍ୟକତା ରୂପେହିଁ ତାହା ପ୍ରଧାନତଃ ଦେଖାଦେଇଛି; ଏଠାରେ ଆମେ ଯୁଦ୍ଧର ନିରାକରଣକୁ ସେହିପରି ଗୋଟିଏ ଦୃଷ୍ଟାନ୍ତ ରୂପେ ଗ୍ରହଣ କରିପାରିବା । ଅଥବା, ଖୁବ୍ ବେଶୀ ହେଲେ ଜାତି ଜାତି ଭିତରେ ଅଧିକ ଭଲଭାବରେ ଏକ ସହଯୋଗମୂଳକ ସମ୍ବନ୍ଧ ସ୍ଥାପିତ ହେଉ ବୋଲି ସମସ୍ତେ କ୍ରମଶଃ ଯେପରି ଦୃଢ଼ତାର ସହିତ ଇଚ୍ଛା କରୁଛନ୍ତି, ଆମେ ତାହାକୁ ସେହିଭଳି ଗୋଟିଏ ଆବଶ୍ୟକତା ବୋଲି କହିପାରିବା । ମାତ୍ର ଆପଣାର ସାମର୍ଥ୍ୟ ଭିତରେ ତାହା କେବଳ ଏକ ସମ୍ଭାବନାକୁହିଁ ସୂଚାଇ ଦେଉଛି; ଏପରିକି କୌଣସି ଏକ ନୈତିକ ସୁନିଶ୍ଚିତତା ନୁହେଁ, ମାତ୍ର ଏକତାର ଏକ ପ୍ରଥମ ଅସ୍ପଷ୍ଟ ନକ୍ସା ଅଥବା କୌଣସି ସ୍ଥାୟୀ ରୂପରେଖ ଧାରଣ କରି ନ ଥିବା ଏକ ଛାଞ୍ଚକୁ ସୂଚାଇ ଦେଉଛି, ଏବଂ ତାହା ଆହୁରି ଅଧିକ ଘନିଷ୍ଠ ଓ ଅଧିକ ବାସ୍ତବ କୌଣସି ଏକ ଅବସ୍ଥା ପାଖକୁ ଆମକୁ ହୁଏତ ବାଟ ଦେଖାଇ ନେଇଯାଇ ପାରିବ ବା ହୁଏତ ନେଇ ନ ପାରିବ ବୋଲି ବିଚାର କରାଯାଉଛି ।

ମାତ୍ର ବାହ୍ୟ ପରିସ୍ଥିତିର ଶକ୍ତିଟି ଅପେକ୍ଷା ଆଉ ଗୋଟିଏ ଶକ୍ତି ମଧ୍ୟ ରହିଛି ଏବଂ ବିଚାରର କ୍ଷେତ୍ର ମଧ୍ୟକୁ ସେଇଟିକୁ ଆଣିବା ଲାଗି ମଧ୍ୟ ଆମର ଅବଶ୍ୟ ଅଧିକାର ରହିଛି । କାରଣ, ବାହାରର ଯେତେ ଯେତେ ପରିସ୍ଥିତି ଏବଂ ପ୍ରୟୋଜନ ସମ୍ବନ୍ଧରେ ପ୍ରକୃତିରେ ଥାଇ ଆମେ ଅପେକ୍ଷାକୃତ ଅଧିକ ସହଜରେ ସଜ୍ଞାନ ହୋଇପାରୁଛୁ, ସେଇଟିର ପଛରେ ସବୁଟି ମଧ୍ୟରେ ଏକ ଆନ୍ତର ପ୍ରୟୋଜନୀୟତା ସବୁବେଳେ ଅବଶ୍ୟ ରହିଛି, ସ୍ୱୟଂ

'oaob.nitrkl.ac.in' images reprocessed

ପ୍ରକୃତି ମଧ୍ୟରେ ଏପରି ଏକ ଇଚ୍ଛାଶକ୍ତି ଓ ପରିକଳ୍ପନା ଅଛି, ଯାହାକି ପ୍ରକୃତିଗତ ଯାବତୀୟ ବିକାଶର ଯାବତୀୟ ବାହ୍ୟ ସଙ୍କେତର ପୁରୋଗାମୀ ହୋଇ ରହିଛି ଏବଂ ଯାବତୀୟ ବାଧା ତଥା ବିଫଳତା ସତ୍ତ୍ୱେ ଯାହା ପରିଶେଷରେ ନିଜକୁ ଅବଶ୍ୟ ଉପଲବ୍ଧି କରିବ ବୋଲି ଉଦ୍ଦିଷ୍ଟ ହୋଇ ରହିଛି । ସମ୍ପ୍ରତି ପ୍ରକୃତିର କ୍ଷେତ୍ରରେ ତାହାର ନିମ୍ନତମ ରୂପାୟନଗୁଡ଼ିକର ସ୍ତର ପର୍ଯ୍ୟନ୍ତ ମଧ୍ୟ ଆମେ ଏହି ସତ୍ୟଟିକୁ ସର୍ବତ୍ର ଦେଖିବାକୁ ପାଇବା; ଏହା ଏପରି ଏକ ଇଚ୍ଛାଶକ୍ତି ଯାହା ସତ୍ତାର ବୀଜଟି ମଧ୍ୟରେହିଁ ବିଦ୍ୟମାନ ରହିଛି, ତାହା ରୂପାୟନଟିର ସୀମା ଭିତରେ ଯଥେଷ୍ଟ ପରିମାଣରେ ସଚେତନ ହୋଇ ପାରି ନାହିଁ ବା କେବଳ ଆଂଶିକ ଭାବରେ ସଚେତନ ହୋଇ ପାରିଛି, ମାତ୍ର ତଥାପି ପ୍ରକୃତି ମଧ୍ୟରେ ଅବଶ୍ୟ ବିଦ୍ୟମାନ ରହିଛି । ତାହା ଅବଚେତନ ଅବସ୍ଥାରେ ରହିଛି, ତାକୁ ତୁମେ ଅଚେତନ ଅବସ୍ଥାରେ ରହିଛି ବୋଲି ମଧ୍ୟ କହିପାର; ମାତ୍ର ଏହା ତଥାପି ଏକ ଅନ୍ଧ ଇଚ୍ଛାଶକ୍ତି ହୋଇ ରହିଛି, ଏପରି ଏକ ଅନୁଚ୍ଚାରିତ ଭାବନା ହୋଇ ଅବସ୍ଥିତ ରହିଛି, ଯେଉଁଥିରେ କି ତାହା ନିର୍ମାଣ କରିବାକୁ ଯାଉଥିବା ରୂପାୟନଟି ଆଗରୁହିଁ ତଥା-ନିହିତ ହୋଇ ରହିଛି । ପରିସ୍ଥିତିଗତ ପ୍ରୟୋଜନଗୁଡ଼ିକ ବ୍ୟତୀତ ଆଉ ଗୋଟିଏ ପ୍ରୟୋଜନ ଯେ ରହିଛି, ସେ ବିଷୟରେ ତାହା ସଜ୍ଞାନ ଓ ସଚେତନ ରହିଛି । ସେହି ପ୍ରୟୋଜନଟି ସ୍ୱୟଂ ସତ୍ତାଟି ମଧ୍ୟରେହିଁ ସଞ୍ଚିତ ଓ ବିଧୃତ ହୋଇ ରହିଛି ଏବଂ ଅବିରାମ ତଥା ଅନିବାର୍ଯ୍ୟ ଭାବରେ ଏପରି ଏକ ରୂପାୟନକୁ ଜନ୍ମଦେବାକୁ ଲାଗିଛି, ଯାହାକି ପ୍ରୟୋଜନଟିର ସର୍ବୋତ୍ତମ ପରିତର୍ପଣ କରିପାରିବ; ଆମେ ତାହାର କ୍ରିୟାଟିରେ ଯେତେଯାହା ହସ୍ତକ୍ଷେପ କରିବାକୁ ବାହାରିଲେ ଓ ତାହାକୁ ବ୍ୟର୍ଥ କରିବା ଲାଗି ଯେତେ ଲାଗିଥିଲେ ମଧ୍ୟ ସେ ପରିଶେଷରେ ସେହି ରୂପଟିରହିଁ ସୃଷ୍ଟି କରିବାକୁ ଯାଉଛି ।

ଜୀବବିବର୍ତ୍ତନର ବୈଜ୍ଞାନିକ ବ୍ୟାଖ୍ୟାଟି ଅନୁସାରେ ଏହା ସତ, ଏବଂ ଏକ ଅଧିକ ସୂକ୍ଷ୍ମ ଏବଂ ପରିବର୍ତ୍ତନୀୟ ଦୃଷ୍ଟିରୁ ବିଚାର କଲେ ଏହା ମାନସ-ଭୂମିର ସ୍ୱଭାବଟି ଅନୁସାରେ ମଧ୍ୟ ସତ । ବର୍ତ୍ତମାନ ମନୁଷ୍ୟର ପ୍ରକୃତି ଏପରି ଜଣେ ବ୍ୟକ୍ତିର ପ୍ରକୃତି ହୋଇ ରହିଛି, ଯିଏକି ଏକ ପକ୍ଷରେ ତା'ର ବ୍ୟକ୍ତି-ସତ୍ତାଟି ଉପରେ ସର୍ବଦା ଅଧିକରୁ ଅଧିକ ଗୁରୁତ୍ୱ ଦେବାରେ ଲାଗିଛି ଓ ଯଥାସାଧ୍ୟ ଅଧିକରୁ ଅଧିକ ପରିମାଣରେ ସେଇଟିର ବିକାଶ କରିବାରେ ଲାଗିଛି, ମାତ୍ର ଯିଏ କି ଅନ୍ୟ ପକ୍ଷରେ ତା' ଆପଣା ଭିତରେ ରହିଥିବା ପରମ ଭାବନା ଅର୍ଥାତ୍ ପରମ ସତ୍ୟଟିର ଚାଳନା ଦ୍ୱାରା ଚାଳିତ ହେବାରେ ଲାଗିଛି; ତାହାରି ପରି ଅନ୍ୟ ମନୁଷ୍ୟମାନଙ୍କ ସହିତ ନିଜକୁ ଏକତ୍ର ସମ୍ମିଳିତ କରି ରଖିବା ଲାଗି, ନିଜକୁ ସେହିମାନଙ୍କ ସହିତ ମିଶାଇ ଦେବାକୁ ଓ ଅନ୍ୟମାନଙ୍କୁ ତା' ନିଜ ସହିତ ସଂଯୁକ୍ତ କରି ରଖିବାକୁ, ସମସ୍ତଙ୍କୁ ନେଇ ଗୋଟିଏ ଗୋଟିଏ ମନୁଷ୍ୟଗୋଷ୍ଠୀ ଗଢ଼ି ରହିବାକୁ,

'oaob.nitrkl.ac.in' images reprocessed

ସମୂହ ଓ ସମାଜଗୁଡ଼ିକର ସୃଷ୍ଟି କରିବାକୁ ସେ ପରିଚାଳିତ ହେବାରେ ଲାଗିଛି । ଏବଂ ଯଦି ଏପରି କୌଣସି ଗୋଟିଏ ସମୂହ ରହିଥାଏ, ଯାହାକୁ କି ସେ ନିଶ୍ଚୟ ଉପଲବ୍ଧି କରି ପାରିବ, ମାତ୍ର ସେ ଏପର୍ଯ୍ୟନ୍ତ ଯାହାର ଉପଲବ୍ଧି କରିପାରି ନାହିଁ, ତେବେ ଆମେ ଏବିଷୟରେ ବେଶ୍ ସୁନିଶ୍ଚିତ ରହିପାରିବା ଯେ ସିଏ ସେଇଟିକୁ ମଧ୍ୟ ପରିଶେଷରେ ଆବଶ୍ୟ ସମ୍ଭବ କରିନେଇ ପାରିବ । ତା' ଭିତରେ କାର୍ଯ୍ୟ କରୁଥିବା ଏହି ଇଚ୍ଛାଶକ୍ତିଟି ସର୍ବଦା ବା ଅନେକ ସମୟରେ ଆଦୌ ଯଥେଷ୍ଟ ଭାବରେ ସଚେତନ ହୋଇ ରହି ନ ଥାଏ, ଆଗକୁ କ'ଣ ସବୁ ହେବାକୁ ଯାଉଛି, ସେସବୁକୁ ସିଏ ହୁଏତ ଆଦୌ ଦେଖିବାକୁ ସମର୍ଥ ହୁଏ ନାହିଁ; ସେଇଟି ଅନେକ ସମୟରେ ପ୍ରାୟ ଅବଚେତନ ହୋଇ ରହିଥାଏ, ମାତ୍ର ତଥାପି ତାହାହିଁ ଶେଷରେ ଏକ ଅପ୍ରତିରୋଧ ଶକ୍ତିରୂପେ ପ୍ରକଟ ହୋଇଉଠେ । ଏବଂ, ଆନ୍ତର୍ଜାତିକତାର ବିଚାରଟି କ୍ଷେତ୍ରରେ ବର୍ତ୍ତମାନ ଯେପରି ହୋଇଛି, ଯଦି ସେହି ଇଚ୍ଛାଶକ୍ତିଟି ତା'ର ସଚେତନ ମନଟି ମଧ୍ୟରେ ଆସି ପ୍ରବିଷ୍ଟ ହୋଇପାରେ, ତେବେ ଏକ କ୍ଷିପ୍ର ବିବର୍ତ୍ତନ ନିଶ୍ଚୟ ଘଟିବାକୁ ଯାଉଛି ବୋଲି ଆମେ ଅବଶ୍ୟ ଆଶା କରି ପାରିବା । ପ୍ରକୃତି ଭିତରେ ଆପଣାକୁ କାର୍ଯ୍ୟକାରୀ କରୁଥିବା ଏହିପରି ଏକ ଇଚ୍ଛାଶକ୍ତି ଆପଣା ଲାଗି ଅନୁକୂଳ ପରିସ୍ଥିତି ତଥା ସଂଘଟନଗୁଡ଼ିକୁ ତିଆରି କରି ନେଇଥାଏ ଅଥବା ଘଟଣା-ପ୍ରବାହର ଚାପରେ ପଡ଼ି ସେଗୁଡ଼ିକ ତିଆରି ହୋଇଯାଉଥାଏ । ଏବଂ ସେଗୁଡ଼ିକ ଯଥେଷ୍ଟ ପରିମାଣରେ ମହଜୁଦ ହୋଇ ରହି ନ ଥିଲେ ମଧ୍ୟ, ପ୍ରକୃତି ଅନେକ ସମୟରେ ସେଗୁଡ଼ିକୁ ସେଗୁଡ଼ିକର ସେହି ଆପାତ କାର୍ଯ୍ୟସାଧିକା-ଶକ୍ତିଠାରୁ ଅନେକ ଅଧିକ ମାତ୍ରାରେ ତଥାପି ବ୍ୟବହାର କରିବାକୁ ମନ ବଳାଇଥାଏ; ସେଥିରେ ଯେ ବିଫଳତାର ମଧ୍ୟ ସମ୍ଭାବନା ରହିଛି, ସେ ବିଷୟରେ ମୋଟେ ମୁଣ୍ଡ ଖେଳାଏ ନାହିଁ, କାରଣ ସିଏ ଏକଥାଟିକୁ ଠିକ୍ ଜାଣିଥାଏ ଯେ ଶେଷରେ ତାହାରିହିଁ ସାଫଲ୍ୟ ଘଟିବ ଏବଂ ବିଫଳତାର ଯାବତୀୟ ଅନୁଭୂତି ପରିଶେଷରେ ଉପଲବ୍ଧ ହେବାକୁ ଯାଉଥିବା ସଫଳତା ଦିଗରେହିଁ ତାକୁ ସାହାଯ୍ୟ କରିବାରେ ଲାଗିଥିବେ ।

ତେବେ ହୁଏତ ଆମକୁ ଏଠାରେ ଏହିପରି କୁହାଯିବ ଯେ ଆମେ ପ୍ରକୃତିରେ କାର୍ଯ୍ୟ କରୁଥିବା ଏହି ଅନିବାର୍ଯ୍ୟ ଇଚ୍ଛାଶକ୍ତିଟି ଉପରେ ଆସ୍ଥା ସ୍ଥାପନ କରିବା, ଏବଂ ସିଏ ଯେଉଁ ପଦ୍ଧତିଟିର ଅନୁସରଣ କରୁଛି, ଆମେ ବି ତାହାର ସେହି ପଦ୍ଧତିଟିର ଅନୁସରଣ କରି ଆଗକୁ ଯିବା । ଯେକୌଣସି ପ୍ରକାରେ ଆମେ ଏହି ଗଠନଟିକୁ ତିଆରି କରିନେବା, ସମୂହକୁ ନେଇ ଆମେ ଯେକୌଣସି ଗଠନ ତିଆରି କରିନେବା; କାରଣ ପ୍ରକୃତି ଯେଉଁ ଆକୃତିଟିକୁ ଆପଣାର ଅଭିପ୍ରାୟ ମଧ୍ୟରେ ରଖିଛି, ସେଇଟିର ପୂର୍ଣ୍ଣ ସ୍ୱରୂପ ବିଷୟରେ ତା'ର ପୂର୍ବରୁହିଁ ସଜ୍ଞାନତା ରହିଛି ଏବଂ ଅଭିପ୍ରେତ ଭାବନାଟିର ଶକ୍ତି ଏବଂ ତାହାକୁ

'oaob.nitrkl.ac.in' images reprocessed

ଉପଲବ୍ଧି କରିବା ଲାଗି ଆମ ଭିତରେ ରହିଥିବା ଇଚ୍ଛାଶକ୍ତିକୁ ନେଇ ଆପଣାର ସମୟ ଅନୁସାରେ ସିଏ ପରିଶେଷରେ ତାହାକୁ ନିଶ୍ଚୟ କାର୍ଯ୍ୟକାରୀ କରାଇବାକୁ ଯାଉଛି, ପରିସ୍ଥିତିର ପ୍ରଭାବଶାଳୀ ଶକ୍ତି ଓ ଯାବତୀୟ ପ୍ରକାରର ଚାପର ସାହାଯ୍ୟ ନେଇ, ଏପରିକି ଆବଶ୍ୟକ ହେଲେ ଭୌତିକ ବଳର ସାହାଯ୍ୟ ବି ନେଇ ପ୍ରକୃତି ସେଇଟିକୁ କାର୍ଯ୍ୟକାରୀ କରିବାକୁ ଯାଉଛି, କାରଣ ସେଇଟି ମଧ୍ୟ ତଥାପି ତାହାରି ଆବଶ୍ୟକ କାର୍ଯ୍ୟପ୍ରଣାଳୀର ଏକ ଅଂଶ ହୋଇ ରହିଥିବା ପରି ବୋଧ ହେଉଛି । ତେବେ ଆମେ ବର୍ତ୍ତମାନ ସେହି ଗଠନଟିକୁ ତିଆରି କରିବା । ଆଗ ଶାରୀର ଢାଞ୍ଚଟି ତିଆରି ହୋଇଗଲେ ସେହି ଶରୀରରେହିଁ ଆତ୍ମାର ବିକାଶ ହେବ । ଏବଂ ଯଦି ଏହି ଶାରୀର ଗଠନଟି ପ୍ରଥମ ପର୍ଯ୍ୟାୟରେ କେବଳ କୃତ୍ରିମ ହୋଇ ରହିଥାଏ, ଏବଂ ଯଦି ଏଇଟି ମଧ୍ୟରେ ମାନସକ୍ଷେତ୍ରୀୟ କୌଣସି ସଚେତନ ସତ୍ୟ କାର୍ଯ୍ୟ କରୁ ନ ଥାଏ ଓ ତାହାକୁ ପ୍ରାଣବନ୍ତ କରି ରଖୁ ନ ଥାଏ ବା କେବଳ ଏକ କ୍ଷୁଦ୍ର ଆକାରରେହିଁ ରହିଥାଏ, ଆମେ ତଥାପି ସେ ବିଷୟରେ କୌଣସି ଚିନ୍ତା କରିବା ନାହିଁ । ଆଗ ଶରୀରଟି ତିଆରି ହୋଇଗଲେ ତା'ପରେ ସେଇଟି ମଧ୍ୟ କ୍ରମଶଃ ଅଚିରେ ଗଢ଼ିହୋଇ ଆସିବ । କାରଣ ଜାତିର ଗଠନଟି ମଧ୍ୟ ପ୍ରଥମ ପର୍ଯ୍ୟାୟରେ ଠିକ୍ ସେହିପରି ଅଳ୍ପ ବହୁତ କୃତ୍ରିମ ଭାବରେହିଁ ତିଆରି ହୋଇଥିଲା, ପରସ୍ପର ସହିତ ହୁଏତ କୌଣସି ସଂଗତି ରଖୁ ନ ଥିବା ନାନା ଉପାଦାନକୁ ନେଇ ଗଠିତ ହୋଇଥିଲା, ଏବଂ ଏକ ଅବଚେତନ ଧାରଣାର ପ୍ରୟୋଜନ ଦ୍ୱାରା ଚାଳିତ ହୋଇ ବସ୍ତୁତଃ ସେଗୁଡ଼ିକୁ ଏକତ୍ର କରି ଅଣାଗଲା । ଅବଶ୍ୟ ଏକଥା ସତ ଯେ ବାହାରୁ ଦେଖିବାକୁ କେବଳ ଶାରୀରିକ ବଳର ପ୍ରୟୋଗ କରି ଓ ପରିସ୍ଥିତି ଦ୍ୱାରା ବାଧ୍ୟ ହୋଇ ଏସବୁ ହେଲା ବୋଲି ମନେହେଲା । ପ୍ରଥମେ ଜାତିଗତ ଅହଂ ଆପଣାକୁ ତିଆରି କରି ଆଣିଲା, ଜାତିର ଭୌଗୋଳିକ ଶରୀରଟି ସହିତ ଆପଣାକୁ ଏକାତ୍ମ କରି ରଖିଲା ଏବଂ ତାହାରି ମଧ୍ୟରେ ଜାତୀୟ ଏକତା ଲାଗି ଏକ ମାନସିକ ସହଜାତ ଅଭିଳାଷ ଏବଂ ସେହି ଅଭିଳାଷଟିର ପରିତର୍ପଣ କରିବାର ପ୍ରୟୋଜନଟିକୁ ମଧ୍ୟ ବିକଶିତ କରାଇ ଆଣିଲା । ଠିକ୍ ସେହିପରି ଭାବରେ ଆନ୍ତର୍ଜାତିକ ସଂଗଠନଟି ମଧ୍ୟରେ ଏକ ସାମୂହିକ ମାନବ-ଅହଂର ବିକାଶ ହୋଇ ଆସିବ ଏବଂ ସେଥିରେ ମାନବ-ଏକତା ଲାଗି ଏକ ମାନସିକ ସ୍ୱାଭାବିକ ଅଭିଳାଷ ତଥା ସେହି ଅଭିଳାଷଟିର ପରିତର୍ପଣ କରିବାର ପ୍ରୟୋଜନଟିକୁ ମଧ୍ୟ ତାହା ବିକଶିତ କରାଇ ଆଣିବ । ତାହାହିଁ ଆମକୁ ତାହାର ସ୍ଥାୟିତ୍ୱ ବିଷୟରେ ପ୍ରତିଶ୍ରୁତି ଆଣି ଦେଇଯିବ । ଏବଂ ମଣିଷର ସ୍ୱଭାବ ବର୍ତ୍ତମାନ ଯେଉଁଭଳି ଅଛି, ସେହି ଦୃଷ୍ଟିରୁ ମନେହେଉଛି ଯେ ଖୁବ୍‌ସମ୍ଭବ ଘଟଣାଟି ଠିକ୍ ଏହିପରି ଭାବରେହିଁ ଘଟିବ । ବସ୍ତୁତଃ, ଯଦି ଆମେ ଏଇଟିକୁ ଅଧିକ ଭଲଭାବରେ କରିବାକୁ ସମର୍ଥ ନ ହେବା, ତେବେ ଏହା ଏହିପରି ଭାବରେହିଁ ଘଟିବ; କାରଣ,

'oaob.nitrkl.ac.in' images reprocessed

ଯେକୌଣସି ପ୍ରକାରେ ହେଉ ପଛକେ, ଏହା ଘଟିବହିଁ ଘଟିବ, ଅଧିକ ଖରାପ ଭାବରେ ହେଉ ଅଥବା ଅଧିକ ଭଲଭାବରେ ହେଉ, ଅବଶ୍ୟ ଘଟିବ ।

ଏହିସବୁ ବିଚାରର ପରିପ୍ରେକ୍ଷୀରେ ଆମେ ଅତ୍ୟନ୍ତ ସଂକ୍ଷେପରେ ବର୍ତ୍ତମାନର ବିଶ୍ୱ-ପରିସ୍ଥିତିରେ ଆମକୁ ଏହିପରି ଏକ ପରିଣତି ଆଡ଼କୁ କ୍ରମଶଃ ଗଢ଼ି ନେଉଥିବାର ସର୍ବପ୍ରଧାନ ସମ୍ଭାବନା ତଥା ସାମର୍ଥ୍ୟଗୁଡ଼ିକର ଏକ ପୁନରାଲୋଚନା କରିବାକୁ ଚେଷ୍ଟା କରିବା । ଆଗେ ଗୋଟାଏ ବଡ଼ ଶକ୍ତି ଆସି ଅନ୍ୟ ସମସ୍ତଙ୍କୁ ଜୟ କରି ନେଉଥିଲା, ତା'ଫଳରେ ପୃଥିବୀର ଗୋଟିଏ ଅଂଶ ବଳପ୍ରୟୋଗ ଦ୍ୱାରା ବାଧ ହୋଇ ଅବନତ ହୋଇ ରହୁଥିଲା ଏବଂ ଅବଶିଷ୍ଟ ଆଉ ସବୁ ଜାତି ଏହି ବୃହତ୍‌ଶକ୍ତିଟିର ଅଧୀନସ୍ଥ ହୋଇ ରହୁଥିଲେ, ତାହାରି ସୁରକ୍ଷା ତଳେ ଆସି ଆଶ୍ରୟ ଗ୍ରହଣ କରୁଥିଲେ ବା ନିର୍ଭରଶୀଳ ମିତ୍ରରାଜ୍ୟ ହୋଇ ରହିବାକୁ ବାଧ ହେଉଥିଲେ ଏବଂ ଏହା ଦ୍ୱାରା ଯେଉଁ ସମଗ୍ରଟି ତିଆରି ହେଉଥିଲା, ତାହାହିଁ ପରିଶେଷରେ ଏକ ବୃହତ୍ ଏକତ୍ରୀକରଣର ସର୍ବମୂଳ ଗଠନରୂପେ ଅବସ୍ଥିତ ରହୁଥିଲା । ପୁରାତନ ପୃଥିବୀରେ ଏହାହିଁ ଏକତ୍ରୀକରଣର ପନ୍ଥା ଥିଲା, ପୂର୍ବଗାମୀ ପ୍ରାଚୀନ ରୋମ୍‌ରେ ତାହାର ସ୍ୱଭାବଟି ଠିକ୍ ଏହିପରି ହୋଇ ରହିଥିଲା । ବର୍ତ୍ତମାନ ପୃଥିବୀରେ ସେକଥା ହଠାତ୍ ସମ୍ଭବ ହୋଇଯିବ ବୋଲି ମୋଟେ ସମ୍ଭବ ଲାଗୁ ନାହିଁ । କାରଣ ଏଥିଲାଗି ବର୍ତ୍ତମାନ ବଳର କ୍ଷେତ୍ରରେ ଏକ ଅତିରିକ୍ତ ପ୍ରାଧାନ୍ୟ ରହିବା ଆବଶ୍ୟକ ହେବ, ଉଭୟ ଜଳ ଓ ସ୍ଥଳରେ (ଏବଂ ବର୍ତ୍ତମାନ ଆକାଶପଥରେ ମଧ୍ୟ) ଯୁଗପତ୍ ଭାବରେ ପ୍ରଭୂତ ଶକ୍ତିର ଅଧିକାରୀ ହୋଇ ରହିବାକୁ ହେବ । ଏକ ଅପ୍ରତିରୋଧ ଅଧିକ ବିଜ୍ଞାନଶକ୍ତି ଓ ସଂଗଠନ ଆବଶ୍ୟକ ହେବ ଏବଂ ଏସବୁ ସହିତ ସତତ କେବଳ ସଫଳତା ଅର୍ଜନ କରୁଥିବା କୂଟନୈତିକ ବୁଦ୍ଧି ତଥା ଏକ ଅଜେୟ ଉତ୍ତମ ଭାଗ୍ୟ ମଧ୍ୟ ସାଙ୍ଗରେ ରହିଥିବା ଆବଶ୍ୟକ ହେବ । ଅତୀତ ପରି ଆମ ପୃଥିବୀର ଭବିଷ୍ୟତରେ ମଧ୍ୟ ଯଦି ଆନ୍ତର୍ଜାତିକ ରାଜନୀତିର କ୍ଷେତ୍ରରେ ଯୁଦ୍ଧ ଏବଂ କୂଟନୈତିକ ଚତୁରତାକୁହିଁ ତଥାପି ମୀମାଂସକ ଶକ୍ତି ହୋଇ ରହିବାକୁ ହୁଏ, ତେବେ ଏଭଳି ଏକ ସମ୍ମିଳନ ଆଦୌ ସମ୍ଭବ ହେବ ନାହିଁ ବୋଲି ଭବିଷ୍ୟୋକ୍ତି କରି ବସିଲେ ତାହା ନିଶ୍ଚୟ ଅବିବେକିତା ହେବ; ଏବଂ ଯଦି ଅନ୍ୟାନ୍ୟ ସକଳ ଉପାୟ ବିଫଳ ହୋଇଯାଆନ୍ତି, ତେବେ ଏହି ଉପାୟଟି ଅବଶ୍ୟ ଜନ୍ମଲାଭ କରିବ । କାରଣ ଭବିଷ୍ୟତର ସମ୍ଭାବନାଗୁଡ଼ିକ ବିଷୟରେ ବିଚାର କଲାବେଳେ ଆମେ କୌଣସିଟିକୁହିଁ ଅସମ୍ଭବ ବୋଲି କହିଦେଇ ପାରିବା ନାହିଁ ଏବଂ ଏହି କଥାଟିକୁ ଅବଶ୍ୟ ସ୍ମରଣ ରଖିଥିବା ଯେ ପ୍ରକୃତି ଭିତରେ ସଂଜାତ ହେଉଥିବା ପ୍ରୟୋଜନର ପ୍ରାବଲ୍ୟଟିହିଁ ସର୍ବଦା ଆପଣାକୁ ପରିପୂରଣ କରିବାର ଉପାୟଟିକୁ ବାହାର କରିବାରେ ଲାଗିଥାଏ । ମାତ୍ର, ବର୍ତ୍ତମାନ ମୁହୂର୍ତ୍ତରେ, ଭବିଷ୍ୟତର ସମ୍ଭାବନାଗୁଡ଼ିକ ଏହିଭଳି ଏକ ଦିଗକୁ ଆଦୌ ଅଙ୍ଗୁଳିନିର୍ଦ୍ଦେଶ କରି ଦେଖାଇ

'oaob.nitrkl.ac.in' images reprocessed

ଦେଉ ନାହିଁ । ବରଂ, ଅନ୍ୟପକ୍ଷରେ, ଏପରି ଏକ ପ୍ରବଳ ସମ୍ଭାବନା ରହିଛି ଯେ ସମଗ୍ର ପୃଥିବୀ, ବା ଅନ୍ତତଃ ପୂର୍ବ ଗୋଲାର୍ଦ୍ଧର ତିନୋଟିଯାକ ମହାଦେଶ ଆପଣାର ଆଧିପତ୍ୟରେ ପ୍ରବଳ ବୃଦ୍ଧି ହାସଲ କରିଥିବା ତିନୋଟି ବା ଚାରୋଟି ବୃହଦ୍ ସାମ୍ରାଜ୍ୟଙ୍କର ଅଧୀନସ୍ଥ ହୋଇ ରହିବେ, ସେହିମାନଙ୍କର ପ୍ରଭାବ-ମଣ୍ଡଳ ଅଥବା ସୁରକ୍ଷା-କ୍ଷେତ୍ର ଭିତରେ ଆସି ରହିବେ । ଏବଂ ଏହିପରି ଭାବରେ ସେଗୁଡ଼ିକ ଏପରି ଏକ ଶକ୍ତିଶାଳୀ ପ୍ରାଧାନ୍ୟ ବିସ୍ତାର କରିବାକୁ ଆରମ୍ଭ କରିବେ, ଯାହାକୁ କି ସେମାନେ ହୁଏତ ପାରସ୍ପରିକ ଚୁକ୍ତି ଦ୍ୱାରା ସ୍ଥାୟୀ କରି ରଖିପାରିବେ ଓ ତଦ୍ୱାରା ଦ୍ୱନ୍ଦ୍ୱ ଲାଗିବାର ସକଳ କାରଣକୁ ଏଡ଼ି ପାରୁଥିବେ; ଅଥବା ଏହି ପ୍ରାଧାନ୍ୟ ଫଳରେ ସେମାନଙ୍କ ଭିତରେ ଏପରି ଏକ ପ୍ରତିଦ୍ୱନ୍ଦ୍ୱିତା ଆସି ଲାଗିଯିବ, ଯାହାକି ଆହୁରି କେତେ ନୂଆ ଯୁଦ୍ଧ ଓ ପରିବର୍ତ୍ତନର କାରଣରୂପେ କାର୍ଯ୍ୟ କରିବ । ଏବେ ଇଉରୋପର ଦେଶଗୁଡ଼ିକୁ ନେଇ ଯେଉଁ ବୃହଦ୍ ସଂଘର୍ଷଟି ଲାଗିଗଲା, ତାହାରି ପରିଣାମ ସ୍ୱରୂପ ସ୍ୱଭାବତଃ ହୁଏତ ତାହାହିଁ ଘଟିଥାନ୍ତା ।

ମାତ୍ର ଏହି ସମ୍ଭାବନାଟି ମଧ୍ୟରେ ଇତିମଧ୍ୟରେ ଜାତିତ୍ୱର କଳ୍ପନାଟିର ଏକ ପୁନର୍ବଳନ ସମ୍ଭବ ହୋଇଛି, ତାହା ଆପଣାକୁ ଆତ୍ମ-ନିୟନ୍ତ୍ରଣର ସିଦ୍ଧାନ୍ତଟିର ସେହି ନୂତନ ସୂତ୍ରଟି ଦେଇ ଅଭିବ୍ୟକ୍ତ କରି ଆଣିଛି ଏବଂ ବୃହତ୍ ବିଶ୍ୱ-ସାମ୍ରାଜ୍ୟଗୁଡ଼ିକ ସେହି ବିଚାରଟିକୁ ଅନ୍ତତଃ ଏକ ମୌଖିକ ସମ୍ମାନ ପ୍ରଦର୍ଶନ କରିବା ଲାଗି ବାଧ୍ୟ ହୋଇଛନ୍ତି । ଜାତିତ୍ୱଶକ୍ତିର ପୁନରୁଦୟ-ଜନିତ ଏହି ହସ୍ତକ୍ଷେପଟି ପୃଥିବୀକୁ ଅନ୍ତର୍ଜାତୀୟତାର ଆଦର୍ଶଟି ଆଡ଼କୁ ପରିଚାଳିତ କରି ନେଇଯାଉଛି ଏବଂ ତାହା ଏକ ତଥାକଥିତ ଲୀଗ୍ ଅଫ୍ ନେଶନ୍‌ସ୍‌ର ଆକାର ଗ୍ରହଣ କରିବାକୁ ଯାଉଛି । ପରିସ୍ଥିତି ବର୍ତ୍ତମାନ ଯେପରି ରହିଛି ବା ଅଦୂର ଭବିଷ୍ୟତରେ ଯେପରି ହୋଇ ରହିବାକୁ ଯାଉଛି, ସେହି ଦୃଷ୍ଟିରୁ ବ୍ୟାବହାରିକ ଭାବରେ ବିଚାର କରି ଦେଖିଲେ ଏହି ଲୀଗ୍ ଅଫ୍ ନେଶନ୍‌ସ୍ ଯାହାକିଛି କରିବାକୁ ସମର୍ଥ ହେଉ ପଛକେ, ପୃଥିବୀ ତଥାପି ଠିକ୍ ସେହିପରି ଅଳ୍ପକେତୋଟି ବୃହଦ୍‌ଶକ୍ତିଙ୍କର ନିୟନ୍ତ୍ରଣାଧୀନ ହୋଇ ରହିଥିବ; ଅଧିକସଂଖ୍ୟକ କ୍ଷୁଦ୍ରତର ଅଥବା ଅପେକ୍ଷାକୃତ କମ୍ ଶକ୍ତିଶାଳୀ ଜାତିଗୁଡ଼ିକର ସହାନୁଭୂତି ତଥା ସମର୍ଥନଟିକୁ ପାଇବା ଲାଗି ଯେଉଁ ପ୍ରୟୋଜନଟି ରହିଥାଏ, କେବଳ ତାହାରି ଦ୍ୱାରାହିଁ ସେହି ନିୟନ୍ତ୍ରଣକୁ କୌଣସି ପ୍ରକାରେ ଶାସନ ମଧ୍ୟରେ ରଖାଯାଇ ପାରିବ । ପୂର୍ଣ୍ଣଭାବରେ ସେଇଟିକୁ ସ୍ୱୀକାର କରିନିଆ ନ ଗଲେ ମଧ୍ୟ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ବାସ୍ତବିକ କ୍ଷେତ୍ରରେ ନିୟନ୍ତ୍ରଣକାରୀ ଏହି ଅଳ୍ପକେତୋଟି ଦେଶହିଁ ବହୁମତସାପେକ୍ଷ ଯାବତୀୟ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନର ନିଷ୍ପତ୍ତି କରିବାରେ ଲାଗିଥିବେ । ଏବଂ ଏପରି ଏକ ଚଳଣି ରହି ନ ଥିଲେ ସଂଖ୍ୟାଧିକ ପକ୍ଷର ନିଷ୍ପତ୍ତିଗୁଡ଼ିକୁ କୌଣସି ଅନିଚ୍ଛୁକ ବୃହଦ୍ ଶକ୍ତି ଅଥବା ଶକ୍ତିଗୁଚ୍ଛ ବିରୋଧରେ ଯେକୌଣସି ମତେ ଲାଗୁ କରିପାରିବା ମଧ୍ୟ

'oaob.nitrkl.ac.in' images reprocessed

ଆଦୌ ସମ୍ଭବ ହେବ ନାହିଁ । ହୁଏତ ଏପରି ଏକ ସମ୍ଭାବନା ରହିଛି ଯେ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ ବିକଶିତ ହୋଇ ଉଠୁଥିବା ସଙ୍ଗେ ସଙ୍ଗେ ତଦ୍ୱାରା ହୁଏତ ଦ୍ୱନ୍ଦ୍ୱ ଲାଗିବାର ଆଶଙ୍କାମାନ ମଧ୍ୟ କ୍ରମଶଃ ହ୍ରାସ ହୋଇଯିବା ଲାଗି ସହାୟତା ମିଳୁଥିବ, କ୍ଷମତାର ଅପବ୍ୟବହାର କରିବାର ଆଶଙ୍କାଟି ବି ଊଣା ହେବାରେ ସହାୟତା ମିଳୁଥିବ; — ପ୍ରକୃତରେ ଏହି କଥାଟି ଅବଶ୍ୟ ଘଟିବ ବୋଲି କେହି କଦାପି କହିପାରିବ ନାହିଁ । ମାତ୍ର ସେପରି ହେଲେ ମଧ୍ୟ ତାହା ତଥାପି ଏକାଠି ଗୋଟିଏ ସଙ୍ଗଠନ ଭିତରେ ରହିବାର ଏହି ପ୍ରକୃତ ସ୍ୱଭାବଟିକୁ କଦାପି ବଦଳାଇ ଦେଇ ପାରିବ ନାହିଁ ।

ଏଠାରେ ଏହି ଯେତେ ଯାହାକିଛି ଆଲୋଚନା କରାଯାଉଛି, ସେଥିରେ ଏକତାର ପ୍ରକୃତ କୌଣସି ମାନସ ବୋଧ ସୃଷ୍ଟି ହୋଇ ପାରିଲା ଭଳି ହଠାତ୍ କୌଣସି ସମ୍ଭାବନା ରହିଛି ବୋଲି ମୋତେ ମନେ ହେଉ ନାହିଁ, ଏବଂ ସେହିପରି ଏକ ବୋଧର ବିକାଶ ଲାଗି ଏକ ଆବଶ୍ୟକତା ସୃଷ୍ଟି କରିବା ତ ଆହୁରି ଦୂରର କଥା । ଏପରି ଏକ ଗଠନରୂପ ହୁଏତ ବେଶ୍ ବିବର୍ତ୍ତିତ ହୋଇ ଆସିପାରେ, ମାତ୍ର ଏଥିଲାଗି ଆମକୁ ଅପ୍ରତ୍ୟାଶିତ କୌଣସି ଆକସ୍ମିକତାର ଅଧ୍ୟାୟ ଉପରେ ଆସ୍ଥା ସ୍ଥାପନ କରି ରହିବାକୁ ହେବ, ଅଥବା, ଅନ୍ତର୍ଜାତୀୟତାର ବିଚାରଟିକୁ ଅଭିବ୍ୟକ୍ତ କରି ଆଣି ପ୍ରକୃତି ଆପଣାର ଯେଉଁ ପ୍ରବଳ ଅଭିଳାଷଟିକୁ ଘୋଷଣା କରିଦେଇଛି, ଆମେ ଖୁବ୍ ବେଶୀ ହେଲେ ସେଇଟି ଉପରେ ବିଶ୍ୱାସ ସ୍ଥାପନ କରି ରହିପାରିବା । ସେହି କ୍ଷେତ୍ରଟିରେ ଏକଦା ଏପରି ଏକ ସମ୍ଭାବନାର ଉଦୟ ହୋଇଥିଲା, ଯାହାକି ଅତ୍ୟନ୍ତ ତ୍ୱରାର ସହିତ ହଠାତ୍ ଆଉ ଅଧିକ କିଛିକୁ ବିକଶିତ କରାଇ ଆଣିବ ବୋଲି ପ୍ରତୀତ ହେଉଥିଲା; ପୃଥିବୀର ସବୁଯାକ ଆଗୁଆ ଦେଶରେ ଏପରି ଗୋଟିଏ ଶକ୍ତିଶାଳୀ ରାଜନୀତିକ ଦଳ ଜନ୍ମଲାଭ କରି ଆସୁଥିଲା, ଯାହାକି ଅନ୍ତର୍ଜାତୀୟତାକୁ ଆଦର୍ଶ କରି ଧରିଥିଲା, ସେମାନଙ୍କର ଅନ୍ୟ ଯାବତୀୟ ଲକ୍ଷ୍ୟର ସର୍ବପ୍ରଥମ ପ୍ରୟୋଜନ ରୂପେ ତାହା ସଚେତନ ଭାବରେ ଅନ୍ତର୍ଜାତୀୟତାକୁହିଁ ଆବଶ୍ୟକ ବୋଲି ହୃଦୟଙ୍ଗମ କରୁଥିଲା, ସେଇଟିକୁହିଁ ସର୍ବାଗ୍ର ଅଧିକାର ଦେବା ଲାଗି ଅଧିକରୁ ଅଧିକ ସଂକଳ୍ପବଦ୍ଧ ହେଉଥିଲା ଏବଂ ତାହାକୁ ଏକ ବାସ୍ତବତାରେ ପରିଣତ କରିବା ଲାଗି ଆନ୍ତର୍ଜାତିକ କ୍ଷେତ୍ରରେ ଆପଣାର ଶାଖାଗୁଡ଼ିକ ମଧ୍ୟରେ ଏକତାର ପ୍ରତିଷ୍ଠା କରିବାକୁ ଇଚ୍ଛା କରୁଥିଲା । ଶ୍ରମିକ-ଶ୍ରେଣୀ ସହିତ ବୁଦ୍ଧିଜୀବୀମାନଙ୍କର ସମ୍ମିଶ୍ରଣ ଘଟିବା ଫଳରେ ଜର୍ମାନୀ, ରୁଷିଆ ଏବଂ ଅଷ୍ଟ୍ରିୟାରେ ସୋସିଆଲିଷ୍ଟ ପାର୍ଟିଗୁଡ଼ିକର ଗଠନ ହୋଇଥିଲା, ଇଂଲଣ୍ଡର ଶ୍ରମିକ ଦଳକୁ ନୂଆ କରି ତିଆରି କରାଗଲା ଏବଂ ଇଉରୋପର ଅନ୍ୟ ଅଧିକାଂଶ ଦେଶରେ ସେହିପରି ଦଳମାନ ଗଠିତ ହୋଇଛି । ଏବଂ ତାହାହିଁ ଅନ୍ତର୍ଜାତୀୟତା ଦିଗରେ ଗତି କରୁଥିବା ପରି ବୋଧ ହେଉଛି । ଅନ୍ତର୍ଜାତୀୟତା ଏବଂ ଶ୍ରମିକଶ୍ରେଣୀକୁ ଶାସନର

'oaob.nitrkl.ac.in' images reprocessed

ଦାୟିତ୍ୱରେ ଆଣି ବସାଇବାକୁ ଆପଣାର ଦୁଇଟି ପ୍ରଧାନ ନୀତିରୂପେ ଗ୍ରହଣ କରିଥିବା ଏହି ବିଶ୍ୱବ୍ୟାପୀ ଆନ୍ଦୋଳନଟି ଏହା ଭିତରେ ରୁଷିଆରେ ଏକ ବିପ୍ଳବ ଘଟାଇ ସାରିଥିଲା ଏବଂ ମଧ୍ୟ-ଇଉରୋପରେ ଆଉ ଗୋଟିଏ ବଡ଼ ଧରଣର ସୋସିଆଲିଷ୍ଟ୍ ବିପ୍ଳବ ଘଟାଇବାକୁ ଯାଉଥିବା ପରି ବୋଧ ବି ହେଉଥିଲା । ଏହି ଦଳଟି ଯେ ସବୁଦେଶରେ ଥିବା ଶାଖାଗୁଡ଼ିକୁ ପରସ୍ପର ସହିତ ଏକତ୍ରିତ କରାଇ ଆଣିବ, ତାହା ଆଦୌ କଳ୍ପନାତୀତ ନ ଥିଲା । ଊନବିଂଶ ଶତାବ୍ଦୀରେ ଯେଉଁ ବିପ୍ଳବଗୁଡ଼ିକ ଘଟିଥିଲା, ସେହିପରି ଏକାଧିକ ବିପ୍ଳବ ସଂଘଟିତ କରି ଏବଂ ସେଗୁଡ଼ିକର ଦୃଷ୍ଟାନ୍ତଟିର ଚାପ ପକାଇ, ଅପେକ୍ଷାକୃତ କମ୍ ହିଂସାମୂଳକ ମାତ୍ର ତଥାପି କ୍ଷିପ୍ର କେତେକେତେ ବିବର୍ତ୍ତନକୁ ସମ୍ଭବ କରି ଆଣି ଅଥବା ସେସବୁ କିଛି ନ କରି ପ୍ରତ୍ୟେକ ଦେଶରେ କ୍ରମଶଃ କେବଳ ଏକ ସଂଖ୍ୟାଗରିଷ୍ଠତା ହାସଲ କରି ସେହି ଦଳ ହୁଏତ ସମଗ୍ର ଇଉରୋପକୁ ନିୟନ୍ତ୍ରଣାଧୀନ କରି ରଖି ପାରିଥାନ୍ତା । ଆମେରିକାର ସାଧାରଣତନ୍ତ୍ରଗୁଡ଼ିକରେ ଏବଂ ଏସିଆର ଦେଶଗୁଡ଼ିକରେ ମଧ୍ୟ ତାହା ଆପଣାର ତୁଲ୍ୟ ଗଠନମାନ ସୃଷ୍ଟି କରି ପାରିଥା'ନ୍ତା । ଲୀଗ୍ ଅଫ୍ ନେଶନ୍ସ୍‌ର ସଂଗଠନଟିକୁ କାମରେ ଲଗାଇ, ଅଥବା, ଆବଶ୍ୟକ ହେଲେ ବଳପ୍ରୟୋଗ ଦ୍ୱାରା କିଂବା ଅର୍ଥନୈତିକ ଚାପ ପକାଇ ତାହା ସକଳ ଜାତିକୁ ଅନ୍ତର୍ଜାତୀୟ ସଂଗଠନର କୌଣସି ଅପେକ୍ଷାକୃତ ଅଧିକ ଦୃଢ଼ ବ୍ୟବସ୍ଥା ମଧ୍ୟକୁ ପ୍ରବର୍ତ୍ତାଇ ଅଥବା ବାଧ୍ୟ କରି ଆଣିପାରିଥା'ନ୍ତା । ଏହାଫଳରେ ଏକ ବିଶ୍ୱ-ରାଷ୍ଟ୍ର ସମ୍ଭବ ହୋଇଥା'ନ୍ତା, ଅଥବା ଗଣତନ୍ତ୍ର ଦ୍ୱାରା ଶାସିତ ଅନେକ ଦେଶଙ୍କୁ ନେଇ ଗୋଟିଏ ସଂଘ ସ୍ଥାପିତ ହୋଇ ପାରିଥା'ନ୍ତା; ସାଧାରଣ ସିଦ୍ଧାନ୍ତଗୁଡ଼ିକର ନିରୂପଣ ଲାଗି ସମସ୍ତଙ୍କୁ ନେଇ ଏକ ଶାସନ-ପରିଷଦ ରହିଥା'ନ୍ତା, ସମସ୍ତଙ୍କ ଲାଗି ମହତ୍ତ୍ୱପୂର୍ଣ୍ଣ ହୋଇ ରହିଥିବା ବ୍ୟାପାରଗୁଡ଼ିକର ନିର୍ଣ୍ଣୟ ଲାଗି ବା ଅନ୍ତତଃ ଯଥାର୍ଥ ଭାବରେ ଅନ୍ତର୍ଜାତୀୟ ପ୍ରସଙ୍ଗ ଏବଂ ସମସ୍ୟାଗୁଡ଼ିକର ନିଷ୍ପତ୍ତି ଲାଗି ଏହି ପରିଷଦ କାର୍ଯ୍ୟ କରୁଥା'ନ୍ତା । ଏହିପରି ଭାବରେ ସବୁ ଜାତିଙ୍କ ଉପରେ ଲାଗୁ ହେଲା ଭଳି ଏକ ସାଧାରଣ ବିଧାନାବଳୀ ବିକଶିତ ହୋଇ ଆସିଥାନ୍ତା, ସେହି ବିଧାନାବଳୀକୁ କାର୍ଯ୍ୟରେ ଲଗାଇବାକୁ ଅନ୍ତର୍ଜାତୀୟ ବିଚାରାଳୟ ବସିଥା'ନ୍ତା ଏବଂ ସେଗୁଡ଼ିକର ସଂରକ୍ଷଣ ତଥା ପ୍ରୟୋଗ ଲାଗି କୌଣସି ନା କୌଣସି ପ୍ରକାରର ଅନ୍ତର୍ଜାତୀୟ ପୋଲିସ୍-ବାହିନୀର ବି ଏକ ବ୍ୟବସ୍ଥା ରହିଥା'ନ୍ତା । ଏହିପରି ଭାବରେ, ସୋସିଆଲିଷ୍ଟ୍ ହୋଇଥାଉ ବା ଆଉ ଯାହାକିଛି ହୋଇଥାଉ ପଛକେ, ଏକ ବିଚାରର ସର୍ବବ୍ୟାପୀ ବିଜୟଲାଭ ନିଜର ମଡେଲ୍‌ଟି ଅନୁସାରେ ସମଗ୍ର ମାନବ-ସମୁଦାୟଟିକୁ ସଂଗଠିତ କରିବା ଲାଗି ପ୍ରୟାସ କରିପାରିଥା'ନ୍ତା ବା ହୁଏତ ଆଉ କୌଣସି ଅପ୍ରତ୍ୟାଶିତ ମଡେଲ୍ ଅନୁସାରେ ସଂଗଠିତ କରିବାର ପ୍ରୟାସ କରିଥା'ନ୍ତା; ଏବଂ ତାହା ଫଳରେ ଯଥେଷ୍ଟ ପରିମାଣରେ ଏକ ଔପଚାରିକ ବ୍ୟବସ୍ଥାବଦ୍ଧ ଏକତା ହୁଏତ ସମ୍ଭବ ହୋଇପାରିଥା'ନ୍ତା ।

'oaob.nitrkl.ac.in' images reprocessed

ତେଣୁ ପ୍ରଶ୍ନ ଉଠୁଛି, ସମ୍ପୂର୍ଣ୍ଣ ଔପଚାରିକ ଏହି ଏକତାଟି ମଧ୍ୟରୁ କିପରି ଏକ ମାନସଭୂମିଗତ ପ୍ରକୃତ ଏକତା ସୃଷ୍ଟି ହୋଇ ପାରିବ, ଏବଂ ଏହାକୁ କେତେଦୂର ଏକ ଜୀବନ୍ତ ଏକତାରେ ପରିଣତ କରି ରଖାଯାଇ ପାରିବ ? କାରଣ, କେବଳ ବାହ୍ୟ ଔପଚାରିକ ଭାବରେ କେତେଟା ସାଧାରଣ ନିୟମକୁ ଗଣ୍ଠି କରି ପ୍ରଶାସନ, ରାଜନୀତି ଏବଂ ଅର୍ଥନୀତିର କ୍ଷେତ୍ରରେ ଦେଶଗୁଡ଼ିକ ପରସ୍ପର ସହିତ ମିଶିଗଲେ ସେଇଥିରୁ ଯେ ଏକ ମାନସକ୍ଷେତ୍ରୀୟ ଏକତା ମଧ୍ୟ ସମ୍ଭବ ହୋଇଯିବ, ସେପରି ଭାବିବା ଲାଗି ଆଦୌ କୌଣସି କାରଣ ନାହିଁ । କୌଣସି ବୃହତ୍ ସାମ୍ରାଜ୍ୟ ଏପର୍ଯ୍ୟନ୍ତ ତାହା ସମ୍ଭବ କରି ପାରି ନାହାନ୍ତି, ଏବଂ ଏପରିକି, ଯେଉଁ ରୋମାନ୍ ସାମ୍ରାଜ୍ୟରେ କେତେକ ପରିମାଣରେ ଏକ କର୍ତ୍ତବ୍ୟବୋଧର ପ୍ରତିଷ୍ଠା ଅବଶ୍ୟ ହୋଇଥିଲା, ସେଠାରେ ମଧ୍ୟ ସେହି ଏକତା ଆଦୌ ଅନ୍ତରଙ୍ଗ ନ ଥିଲା ଅଥବା ଜୀବନ୍ତ ମଧ୍ୟ ନ ଥିଲା; ବାହାରୁ ଓ ଭିତରୁ ଯେତେ ଯାହା ଆଘାତ ଆସି ପହଞ୍ଚୁଥିଲା, ସେହି ଏକତା ସେଗୁଡ଼ିକର କଦାପି ସମ୍ମୁଖୀନ ହୋଇପାରୁ ନ ଥିଲା । ଏବଂ, ମୁକ୍ତ ବିଭିନ୍ନତା ଓ ପରସ୍ପର-ସାହାଯ୍ୟକାରୀ ପ୍ରତିଦ୍ୱନ୍ଦ୍ୱିତାର ସ୍ୱାଭାବିକ ଉପାଦାନଗୁଡ଼ିକ କ୍ରମଶଃ ହ୍ରାସ ହୋଇ ଆସିବାରୁ ଅବକ୍ଷୟ ତଥା ଜୀବନଶକ୍ତିହୀନତାର ଯେଉଁ ଅଧିକ ବିପଜ୍ଜନକ ଦୁର୍ଗତିଟି ସେଠାରେ ଆସି ଉପସ୍ଥିତ ହୋଇଥିଲା, ସେହି ଏକତା ସେଇଟିକୁ ମଧ୍ୟ ଅଟକାଇ ରଖି ପାରି ନ ଥିଲା । ଏକ ସମ୍ପୂର୍ଣ୍ଣ ବିଶ୍ୱ-ସଂଘରେ ଏହି ସୁବିଧାଟି ଅବଶ୍ୟ ରହିବ ଯେ ବାହାରୁ କୌଣସି ଶକ୍ତିକୁ ଭୟ କରିବା ଲାଗି ଏହାର ଆଉ କୌଣସି ଅବକାଶ ରହିବ ନାହିଁ, କାରଣ ସେତେବେଳେ ଏପରି କୌଣସି ଶକ୍ତି ଆଦୌ ବିଦ୍ୟମାନ ନ ଥିବ । ମାତ୍ର ବହିଃଚାପର ଏହି ଅନୁପସ୍ଥିତି ହୁଏତ ବିଘଟନର ଅନ୍ତର୍ଗତ ଉପାଦାନଗୁଡ଼ିକ ଲାଗି ଅଧିକ ଅବସର ଆଣି ଯୋଗାଇ ଦେଇ ପାରିବ, ସେହି ଉପାଦାନଗୁଡ଼ିକୁ ଶକ୍ତିଶାଳୀ ହେବା ଲାଗି ହୁଏତ ଅଧିକ ସାହାଯ୍ୟ କରିବ । ଅବକ୍ଷୟର ଅନୁକୂଳ ପରିସରଗୁଡ଼ିକୁ ଯୋଗାଇ ଦେବାଲାଗି ତାହା ହୁଏତ ଆହୁରି କ୍ଷେତ୍ର ତିଆରି କରିଦେବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହା ହୁଏତ ସଂଘଟିର ଆୟତନ ମଧ୍ୟରେ ବୌଦ୍ଧିକ ତଥା ରାଜନୀତିକ କ୍ଷେତ୍ରର କ୍ରିୟାଶୀଳତାରେ ପ୍ରଭୂତ ବୃଦ୍ଧିସାଧନ କରାଇବ, ସାମାଜିକ ପ୍ରଗତି ଲାଗି ମଧ୍ୟ ଅଧିକ ଅବସର ସୃଷ୍ଟି କରିବ, ଏବଂ ତାହାରି ଦ୍ୱାରାହିଁ ସ୍ୱୟଂ ଜୀବନ୍ତ ହୋଇ ରହିବାର ପ୍ରେରଣା ପାଉଥିବ; ମାତ୍ର, ବିଭିନ୍ନ ଓ ବିବିଧ ଭାବରେ ବିକଶିତ ହେବାର ପରିସର କ୍ରମଶଃ ହ୍ରାସ ହୋଇ ଆସୁଥିଲେ କ୍ଳାନ୍ତ ହୋଇ ପଡ଼ିବା ଲାଗି ଓ ଗତିରହିତ ହୋଇଯିବା ଲାଗି ସ୍ୱଭାବତଃ ଯେଉଁ ପ୍ରବୃତ୍ତିଟି ଆସି ଗ୍ରାସ କରି ପକାଇଥାଏ ଏବଂ ଏପରିକି ସାମାଜିକ ତଥା ଅର୍ଥନୈତିକ ଆବଶ୍ୟକତାଗୁଡ଼ିକର ପରିପୂର୍ଣ୍ଣ ପରିତର୍ପଣ ଅନେକ ସମୟରେ ଯେଉଁ ଅବସାଦ ଏବଂ ଗତିରହିତତାର ପ୍ରକ୍ରିୟାଟିକୁ ତ୍ୱରାନ୍ୱିତ କରି ପକାଏ, ତାହାରି ସମ୍ମୁଖରେ

'oaob.nitrkl.ac.in' images reprocessed

ପ୍ରଗତିର ଏହି ରୀତି ଓ ବିଧିଟି କଦାପି ନିରାପଦ ଓ ଦୃଢ଼ ହୋଇ ରହି ପାରିବ ନାହିଁ । ଏବଂ ମନୁଷ୍ୟ ସମୁଦାୟଟି ମଧ୍ୟରେ ପୁନର୍ବାର ଜୀବନର ସଚଳତା ଆଣିବା ଲାଗି ସେତେବେଳେ ଏକତାଟିକୁ ଭାଙ୍ଗିଦେବାକୁ ବସିବା ହୁଏତ ଆବଶ୍ୟକ ବୋଲି ମନେ ହେବ । ପୁନଶ୍ଚ, ରୋମାନ୍ ସାମ୍ରାଜ୍ୟର କ୍ଷେତ୍ରରେ କେବଳ ରୋମାନ୍ ଏକତାର ଭାବନାଟି ଲାଗି ସର୍ବଦା ଆବେଦନ କରା ଯାଉଥିଲା, ଏବଂ ଏହି ବିଶ୍ୱ-ସଂଘ ସେହି କ୍ଷେତ୍ରରେ ମାନବ-ଏକତାର ଭାବନାଟି ଲାଗିହିଁ ଆବେଦନ କରୁଥିବ ଓ ତାହା ଯେ ଏକ ପ୍ରକୃତ ଓ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଆଦର୍ଶ, ଏଥିରେ କୌଣସି ସନ୍ଦେହ ନାହିଁ । ମାତ୍ର ଯଦି ଏକତାର ଏହି ଆଦର୍ଶ ବା ଭାବନାଟି ମଧ୍ୟରେ ମନୁଷ୍ୟର ମନକୁ ଆବେଦନ କରିପାରିବା ଲାଗି ଶକ୍ତି ରହିଛି, ପରସ୍ପରଠାରୁ ବିଭିନ୍ନ ହୋଇ ଜୀବନ ବଞ୍ଚିବାର ଭାବନାଟିରେ ମଧ୍ୟ ସେହି ଶକ୍ତିଟି ଠିକ୍ ସେହିପରିହିଁ ରହିଛି, କାରଣ ଦୁଇଟିଯାକ ଭାବନାହିଁ ତା' ପ୍ରକୃତିର ପ୍ରାଣିକ ପ୍ରବୃତ୍ତିଗୁଡ଼ିକର ଦ୍ୱାରରେହିଁ ଆଘାତ କରିବାକୁ ଚେଷ୍ଟା କରୁଛନ୍ତି । ଏବଂ, ମନୁଷ୍ୟ ଯେତେବେଳେ ଥରେ ଏକତାକୁ ପରୀକ୍ଷା କରି ଦେଖି ସାରିଥିବ ଏବଂ ତାହାର ଅବଦାନଗୁଡ଼ିକ ତା' ସମଗ୍ର ପ୍ରକୃତିଟିର କଦାପି ତୃପ୍ତି ବିଧାନ କରିପାରୁ ନାହିଁ ବୋଲି ସମ୍ଭବତଃ ସେ ଯେତେବେଳେ ଜାଣିବାକୁ ସମର୍ଥ ହେବ, ସେତେବେଳେ, ପରସ୍ପରଠାରୁ ବିଭିନ୍ନ ହୋଇ ଜୀବନ ବଞ୍ଚିବାର ଭାବନାଟି ଯେ ତାକୁ ଅଧିକ ଆକୃଷ୍ଟ କରିନେବ ନାହିଁ, ଏ ବିଷୟରେ କିଏ ନିର୍ଭର ପ୍ରତିଶ୍ରୁତି ଦେଇ ପାରିବ ? କେବଳ କୌଣସି ଅତ୍ୟନ୍ତ ଶକ୍ତିଶାଳୀ ମାନସଭୂମିଗତ ଉପାଦାନର ବୃଦ୍ଧିସାଧନ ଦ୍ୱାରାହିଁ ସେ ଏକତାକୁ ତା' ଲାଗି ଏକାନ୍ତ ଆବଶ୍ୟକ ବୋଲି ଅନୁଭବ କରିବାକୁ ପ୍ରବୃତ୍ତ କରାଇ ରଖିଥିବ; ଆପଣାର ଅନ୍ୟ ନାନାବିଧ ଆବଶ୍ୟକତା ଓ ଅନୁବୃତ୍ତିକୁ ପରିତୃପ୍ତ କରିବାକୁ ଯାଇ ତା' ଜୀବନରେ ଅନ୍ୟ ଯାହାକିଛି ପରିବର୍ତ୍ତନ ଓ ବ୍ୟାବହାରିକ ପରିଯୋଜନ କାମ୍ୟ ବୋଲି ମନେ ହେଉଥିବ, ସେଗୁଡ଼ିକ ସତ୍ତ୍ୱେ ସିଏ ଏକତାକୁ ମଧ୍ୟ ଏକାନ୍ତ ଆବଶ୍ୟକ ବୋଲି ହୃଦୟଙ୍ଗମ କରୁଥିବ ।

ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥାର ଆକାର ଗ୍ରହଣ କରିହିଁ ମନୁଷ୍ୟଜାତିର ଏହି ଔପଚାରିକ ଏକତା ଆପଣାକୁ ପ୍ରତିଷ୍ଠିତ କରିବ । ଏହି ବ୍ୟବସ୍ଥାଟି ପ୍ରଥମେ ଜନ୍ମଲାଭ କରିବ, ବୃଦ୍ଧିପାଇବ ଏବଂ ପରିଶେଷରେ ଚରମ ବିନ୍ଦୁରେ ମଧ୍ୟ ଆସି ପହଞ୍ଚିବ । ମାତ୍ର ପ୍ରତ୍ୟେକ ବ୍ୟବସ୍ଥାର ପ୍ରକୃତିଟି ସଚରାଚର ଏପରି ଭାବରେ ତିଆରି ହୋଇ ରହିଥାଏ ଯେ, ଆପଣାର ଚରମ ଉତ୍କର୍ଷ ସ୍ଥାନଟିରେ ଆସି ପହଞ୍ଚି ଯିବା ପରେ ତାହା କ୍ରମେ ଅବକ୍ଷୟପ୍ରାପ୍ତ ହୁଏ ଓ ମରି ବି ଯାଏ । ତେଣୁ ସଂଗଠନଟିକୁ ଏହି ଅବକ୍ଷୟ ଓ ମରଣର କବଳରୁ ବଞ୍ଚାଇ ରଖିବାକୁ ହେଲେ ସଂଗଠନଟିର ଅନ୍ତଃସୂତ୍ରରୂପେ ଏପରି ଏକ ମାନସକ୍ଷେତ୍ରୀୟ ସତ୍ୟ ବାସ୍ତବ ହୋଇ କାର୍ଯ୍ୟ କରୁଥିବା ଆବଶ୍ୟକ, ଯାହାକି ଆପଣାର ଅଙ୍ଗଟିରେ ଯାହାକିଛି ପରିବର୍ତ୍ତନ ହେବାରେ ଲାଗିଥିଲେ ମଧ୍ୟ ତଥାପି ତୁଟି ଯାଇ ନ ଥିବ ଓ ଜୀବନ୍ତ ହୋଇ ରହିଥିବ । ଏହି

'oaob.nitrkl.ac.in' images reprocessed

ଫଳରେ ଜାତିଗୁଡ଼ିକ ମଧ୍ୟରେ ଏକ ପ୍ରକାରର ସାମୂହିକ ଜାତୀୟ ଅହଂ କାର୍ଯ୍ୟ କରିବାରେ ଲାଗିଥାଏ ଯାହାକି ପ୍ରାଣିକ ଯାବତୀୟ ପରିବର୍ତ୍ତନ ମଧ୍ୟରେ ତଥାପି ଅତୁଟ ହୋଇ ରହିଥାଏ । ମାତ୍ର ସେହି ଅହଂଟି ଯେ ଆପେ ଆପେ ବଞ୍ଚି ରହିଥାଏ ଓ ଅମର ହୋଇ ରହିଥାଏ, ସେ କଥା ମୋଟେ କୁହାଯାଇ ପାରିବ ନାହିଁ । ତାହା ଏପରି କେତେଗୁଡ଼ିଏ ବସ୍ତୁକୁ ଆଶ୍ରୟ କରି ରହିଥାଏ ଯାହା ସହିତ କି ତାହା ନିଜକୁ ଏକାତ୍ମ କରି ରଖିଥାଏ । ପ୍ରଥମତଃ, ଭୌଗୋଳିକ ଶରୀରଟି ଅର୍ଥାତ୍ ଗୋଟିଏ ଦେଶ ଅବସ୍ଥିତ ଥାଏ; ଦ୍ୱିତୀୟତଃ, ସେହି ଦେଶରେ ବାସ କରୁଥିବା ସମସ୍ତଙ୍କର କେତୋଟି ସାଧାରଣ ସ୍ୱାର୍ଥ ମଧ୍ୟ ରହିଥାଏ;— ଦେଶର ସୁରକ୍ଷା, ଅର୍ଥନୈତିକ ସୁବ୍ୟବସ୍ଥା ଓ ଅଗ୍ରଗତି ତଥା ରାଜନୀତିକ ସ୍ୱାଧୀନତା ପ୍ରଭୃତି ସାଧାରଣ ସ୍ୱାର୍ଥଗୁଡ଼ିକ ରହିଥାଏ । ତୃତୀୟରେ, ଦେଶର ଗୋଟିଏ ସାଧାରଣ ନାମ ରହିଥାଏ, ସାଧାରଣ ମନୋଭାବ ରହିଥାଏ, ଏକ ସାଧାରଣ ସଂସ୍କୃତି ମଧ୍ୟ ଥାଏ । ମାତ୍ର ଏଠାରେ ଆମକୁ ସ୍ମରଣ ରଖିବାକୁ ପଡ଼ିବ ଯେ କୌଣସି ଦେଶରେ ବାସ କରୁଥିବା ବ୍ୟକ୍ତିମାନଙ୍କର ଅଲଗା ଅଲଗା ପ୍ରବୃତ୍ତିଗୁଡ଼ିକ ଏକତ୍ର ସଂଲୀନ ହୋଇ ଯାଇଥିବାରୁ ଏବଂ ସେମାନଙ୍କ ମଧ୍ୟରେ ଏକତା ଲାଗି ଏକ ସ୍ୱାଭାବିକ ଇଚ୍ଛା ରହିଥିବାରୁହିଁ ସେହି ଜାତୀୟ ଅହଂଟି ଜୀବିତ ହୋଇ ରହିଥାଏ । କାରଣ ଜାତି ଆପଣାକୁ ଗୋଟିଏ ବୋଲି ଅନୁଭବ କରୁଥାଏ, ଅନ୍ୟମାନଙ୍କଠାରୁ ଆପଣାକୁ ସ୍ୱତନ୍ତ୍ର ବୋଲି ଅନୁଭବ କରୁଥାଏ । ସେହି ଅନ୍ୟ ଜାତିଗୁଡ଼ିକ ସହିତ ନାନା ପ୍ରକାର ଆଦାନପ୍ରଦାନ କରି ଓ ଆପଣା ସ୍ୱଭାବର ଯାବତୀୟ କ୍ରିୟାଶୀଳତାରେ ସେମାନଙ୍କ ସହିତ ନାନାବିଧ ସଂଗ୍ରାମରେ ରତ ରହି ତାହା ଆପଣାର ପ୍ରାଣଶକ୍ତିଟିକୁ ବି ଜୀବନ୍ତ ବୋଲି ଅନୁଭବ କରିପାରେ । ମାତ୍ର ଏହି ସବୁଯାକ ମିଶି ମଧ୍ୟ ଏହି କ୍ଷେତ୍ରରେ ତଥାପି ଯଥେଷ୍ଟ ହୋଇ ପାରନ୍ତି ନାହିଁ; ଏବଂ ତେଣୁ ଏଠାରେ ଆଉ ଏକ ଅଧିକ ଗଭୀର ଉପାଦାନ ବି ନିହିତ ହୋଇ ରହିଥାଏ । ଦେଶକୁ ଯେ ପ୍ରାୟ ନିଶ୍ଚିତ ଭାବରେ ଏକ ଧର୍ମକୁ ଘାପି ରଖିବାକୁ ହୁଏ, ସର୍ବଦା ପ୍ରକାଶ୍ୟ ଭାବରେ ନ ହେଲେ ମଧ୍ୟ ସତତ ଏହି ମୂର୍ତ୍ତିମତୀ ଜନନୀ ଅର୍ଥାତ୍ ଦେଶକୁ ପବିତ୍ର ବୋଲି ସ୍ୱୀକାର କରା ଯାଉଥାଏ, ଏବଂ ତା' ସହିତ, ଯେତେ ଅସ୍ପଷ୍ଟ ଭାବରେ ହେଲେ ମଧ୍ୟ, ଜାତିକୁ ଗୋଟିଏ ସମୂହ-ଆତ୍ମା ବୋଲି ସ୍ୱୀକାର କରି ନିଆଯାଏ; ସେହି ଆତ୍ମାକୁ ସଂଜୀବିତ କରି ରଖିବାହିଁ ପ୍ରତ୍ୟେକ ମନୁଷ୍ୟର ସର୍ବ-ପ୍ରଥମ କର୍ତ୍ତବ୍ୟ ଓ ସର୍ବପ୍ରଥମ ଆବଶ୍ୟକତା ବୋଲି ଘୋଷଣା କରାଯାଏ, ତାହାକୁ ସକଳପ୍ରକାର ଧର୍ଷଣ ଏବଂ କଳଙ୍କରୁ ରକ୍ଷା କରିବାକୁ, ଏବଂ ଯଦି ସେହି ମାତୃଭୂମିର ଧର୍ଷଣ ହେଉଥାଏ, ତେବେ ଧୈର୍ଯ୍ୟ ଅବଲମ୍ବନ କରି ତାହାର ବନ୍ଧନମୁକ୍ତି ଓ ପୁନଃସଂସ୍ଥାପନ ସକାଶେ ସଂଗ୍ରାମ କରିବାକୁ ମଧ୍ୟ ପରମ କର୍ତ୍ତବ୍ୟ ଓ ପରମ ଆବଶ୍ୟକତା ବୋଲି କୁହାଯାଏ । ଅଥବା, ଯଦି କୌଣସି ପ୍ରକାର ମରଣାନ୍ତକ ଆଧ୍ୟାତ୍ମିକ

'oaob.nitrkl.ac.in' images reprocessed

ବ୍ୟାଧିର ସଂକ୍ରମଣରେ ଜାତି ବ୍ୟାଧିଗ୍ରସ୍ତ ହୋଇ ପଡ଼େ, ତେବେ ତାହାର ଆରୋଗ୍ୟବିଧାନ କରିବା, ତାହାକୁ ପୁନର୍ଜୀବନ ଆଣିଦେବା ଓ ତାହାର ଜୀବନରକ୍ଷା କରିବାକୁହିଁ ପବିତ୍ର କର୍ତ୍ତବ୍ୟ ଓ ପ୍ରୟୋଜନ ବୋଲି ଗ୍ରହଣ କରି ନିଆଯାଏ ।

ଏକ ବଡ଼ ବରଦାନ ରୂପେ ବିଶ୍ୱ-ରାଷ୍ଟ୍ର ପୃଥିବୀର ଅଧିବାସୀମାନଙ୍କୁ ଶାନ୍ତି ଆଣିଦେବ, ଆର୍ଥିକ ସମନ୍ନତା ଆଣିଦେବ, ସାଧାରଣ ସୁରକ୍ଷିତତା ଆଣିଦେବ ଏବଂ ବୌଦ୍ଧିକ, ସାଂସ୍କୃତିକ ଓ ସାମାଜିକ କ୍ରିୟାଶୀଳତା ଏବଂ ପ୍ରଗତି ଲାଗି ସମ୍ମିଳିତ ହେବାର କେତେକେତେ ଅବସର ମଧ ଆଣି ଯୋଗାଇଦେଇ ପାରିବ । ମାତ୍ର ଯେଉଁ ଅସଲ କଥାଟିର ଆବଶ୍ୟକତା ରହିଛି, ସେଇଟିକୁ ସମ୍ଭବ କରିବା ଲାଗି ଏଗୁଡ଼ିକ ମଧ୍ୟରୁ କୌଣସିଟି ସ୍ୱୟଂସମ୍ପୂର୍ଣ୍ଣ ଭାବରେ କଦାପି ଯଥେଷ୍ଟ ହେବ ନାହିଁ । ବର୍ତ୍ତମାନ ଆମେ ସମସ୍ତେ ଶାନ୍ତି ଇଚ୍ଛା କରୁଛୁ, ସୁରକ୍ଷା ଇଚ୍ଛା କରୁଛୁ, କାରଣ ତାହା ଯଥେଷ୍ଟ ପରିମାଣରେ ଆମ ପାଖରେ ନାହିଁ । ମାତ୍ର ଆମକୁ ଅବଶ୍ୟ ସ୍ମରଣ ରଖିବାକୁ ପଡ଼ିବ ଯେ ମନୁଷ୍ୟର ଜୀବନରେ ସଂଘର୍ଷ ଲାଗି ମଧ ଏକ ଆବଶ୍ୟକତା ରହିଛି, ଦୁଃସାହସୀ ହେବାର ଓ ସଂଗ୍ରାମ କରିବାର ଆବଶ୍ୟକତା ବି ରହିଛି; ନିଜର ଅଭିବୃଦ୍ଧି ଏବଂ ସୁସ୍ଥ ଜୀବନ ଲାଗି ମଣିଷର ଏସବୁ ଲାଗି ପ୍ରାୟ ଏକ ପ୍ରୟୋଜନ ମଧ ରହିଛି । ଯଦି ପୃଥିବୀଯାକ ଶାନ୍ତିର ପ୍ରତିଷ୍ଠା ହୋଇଯିବ ଏବଂ ଅତ୍ୟନ୍ତ ନୀରସ ଭାବରେ ସବୁକିଛି ସୁରକ୍ଷିତ ହୋଇ ରହିଥିବ, ତେବେ ମନୁଷ୍ୟର ସେହି ପ୍ରବୃତ୍ତିଗୁଡ଼ିକ ଅଧିକାଂଶ ପରିମାଣରେ ଅବଦମିତ ହୋଇ ରହିଯିବ ଏବଂ ସେହି ଦମନଟିର ବିରୋଧରେ ସେ ସଫଳ ଭାବରେ ହୁଏତ ବିଦ୍ରୋହ ଘୋଷଣା କରି ବାହାରିବ । ଆର୍ଥିକ ସମନ୍ନତା କଦାପି ଆମକୁ ସ୍ଥାୟୀଭାବରେ ସନ୍ତୁଷ୍ଟ କରି ରଖି ପାରିବ ନାହିଁ, ଏବଂ ଯେଉଁ ବୃହତ୍ ମୂଲ୍ୟ ଦେଇ ଆମେ ସେଇଟିକୁ ହାସଲ କରିବାକୁ ଯିବା, ସେଇଟି ହୁଏତ ଏତେବେଶୀ ହୋଇପଡ଼ିବ ଯେ ତଦ୍ୱାରା ସେହି ସମନ୍ନତାର ଆକର୍ଷଣ ଏବଂ ମୂଲ୍ୟଟି ବି ଆମ ଆଖିରେ କ୍ରମଶଃ କମି କମି ଯାଉଥିବ । ବ୍ୟକ୍ତିଗତ ତଥା ଜାତିଗତ ସ୍ୱତନ୍ତ୍ରତା ଲାଭ କରିବା ପାଇଁ ମନୁଷ୍ୟ ଭିତରେ ଯେଉଁ ସ୍ୱତଃପ୍ରବୃତ୍ତ ଇଚ୍ଛାଟି ରହିଛି, ତାହାହିଁ ବିଶ୍ୱ-ରାଷ୍ଟ୍ର ପାଇଁ ସମ୍ଭବତଃ ସତତ ଏକ ବିପଦ ହୋଇ ରହିଥିବ; ତେଣୁ ବିଶ୍ୱ-ରାଷ୍ଟ୍ରକୁ ଆପଣାର ବ୍ୟବସ୍ଥାଟିକୁ ଏପରି ଭାବରେ କରିବାକୁ ପଡ଼ିବ, ଯେଉଁଥିରେ କି ସେହିସବୁ ଇଚ୍ଛା ଲାଗି ମୁକ୍ତ କ୍ରିୟାଶୀଳତାର ଯଥେଷ୍ଟ ଅବସର ଅବଶ୍ୟ ରହିଥିବ । ଏହି କ୍ଷେତ୍ରରେ ବୌଦ୍ଧିକ ଏବଂ ସାଂସ୍କୃତିକ କାର୍ଯ୍ୟକଳାପ ଲାଗି ଏକ ସାଧାରଣ ଅବସର ଯୋଗାଇ ଦିଆଗଲେ ହୁଏତ ତଦ୍ୱାରା ଅନେକ କିଛି ହୋଇ ପାରିବ, ମାତ୍ର ସମ୍ପୂର୍ଣ୍ଣ ଭାବରେ ଶକ୍ତିଶାଳୀ ହୋଇ ପାରିଥିବା ସେହି ଆବଶ୍ୟକ ମନୋଭୂମିଗତ ଉପାଦାନଟିକୁ ସମ୍ଭବ କରିବା ଲାଗି ଏସବୁ ସମ୍ଭବତଃ ଆଦୌ ଯଥେଷ୍ଟ ହେବ ନାହିଁ । ଏବଂ ସେହି କ୍ଷେତ୍ରରେ, ସୃଷ୍ଟ ସମୂହ-ଅହଂଟିକୁ

'oaob.nitrkl.ac.in' images reprocessed

କେବଳ ଏକତାର ଇଚ୍ଛାଟି ଉପରେହିଁ ଆସ୍ଥା ସ୍ଥାପନ କରି ରହିବାକୁ ପଡ଼ିବ; କାରଣ, ଜାତୀୟ ଅହଂକୁ ତାହାର ପ୍ରାଣଶକ୍ତିର ପ୍ରାୟ ଅର୍ଦ୍ଧେକ ଆଣି ଯୋଗାଇ ଦେଉଥିବା ବିଭିନ୍ନ ହୋଇ ରହିବାର ପ୍ରବୃତ୍ତିଟି ସହିତ ତାହାର ଅବଶ୍ୟ ଦ୍ୱନ୍ଦ୍ୱ ଲାଗି ରହିଥିବ ।

ଏହା ଆଦୌ ଅସମ୍ଭବ ନୁହେଁ ଯେ ଏହି ବାହ୍ୟ ସଂଗଠନଟି ଲାଗି ଯେଉଁ ଅନ୍ତର୍ଗତ ଉପାଦାନଟିର ଏକାନ୍ତ ଆବଶ୍ୟକତା ରହିଛି, ସେଇଟି ହୁଏତ ତାହାର ଅଭିବୃଦ୍ଧି ଲାଭ କରିବାର ପ୍ରକ୍ରିୟାଟି ମଧ୍ୟରେହିଁ ଅଧିକରୁ ଅଧିକ ପରିମାଣରେ ସୃଷ୍ଟ ହେବାରେ ଲାଗିଥିବ, ମାତ୍ର ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ କେତେକ ମନୋଭୂମିଗତ ଉପାଦାନକୁ ଏହି କ୍ଷେତ୍ରରେ ଅନ୍ତତଃ ଶକ୍ତିଶାଳୀ ଭାବରେ ବିଦ୍ୟମାନ ରହିବାକୁହିଁ ପଡ଼ିବ । ପରିବର୍ତ୍ତନଟିକୁ ସ୍ଥାୟୀ କରି ରଖିବାକୁ ହେଲେ ମନୁଷ୍ୟତାର ଏକ ଧର୍ମ ଆବଶ୍ୟକ ହେବ, ବା ତତ୍ତୁଲ୍ୟ ସେହିପରି କୌଣସି ମନୋଭାବର ପ୍ରୟୋଜନ ରହିଥିବ, ଯାହାକି ଦେଶକୁ ନେଇ ଗଢ଼ି ଉଠିଥିବା ଜାତୀୟତାବାଦୀର ଧର୍ମଟି ତୁଳନାରେ ଅଧିକ ଶକ୍ତିଶାଳୀ ହୋଇଥିବ, ଅଧିକ ସୁସ୍ପଷ୍ଟ ଏବଂ ଅଧିକ ଆତ୍ମ-ସଚେତନ ହୋଇଥିବ, ଆପଣାର ଆବେଦନରେ ଅଧିକ ବିଶ୍ୱବ୍ୟାପୀ ମଧ୍ୟ ହୋଇଥିବ । ଆପଣା ଭାବନା ଓ ଆପଣା ଜୀବନର ଯାବତୀୟ କ୍ଷେତ୍ରରେ ସମଗ୍ର ମନୁଷ୍ୟଜାତି ମଧ୍ୟରେ ସେହି ଗୋଟିଏ ଆତ୍ମା ବିଦ୍ୟମାନ ରହିଛି ବୋଲି ପ୍ରତ୍ୟେକ ମନୁଷ୍ୟ ଅତ୍ୟନ୍ତ ସ୍ପଷ୍ଟଭାବରେ ସ୍ୱୀକାର କରିନେବ; ପ୍ରତ୍ୟେକ ମନୁଷ୍ୟବ୍ୟକ୍ତି ଏବଂ ପ୍ରତ୍ୟେକ ଜାତି ସେହି ଆତ୍ମାରହିଁ ଏକ ଅବତାର ତଥା ମୂର୍ତ୍ତରୂପ ବୋଲି ଅନୁଭୂତ ହେଉଥିବ । ଅହଂର ଯେଉଁ ବିଧାନଟି ଅନ୍ୟ ସବୁଟିଠାରୁ ଅଲଗା ହୋଇ ରହି ଆପଣାର ଜୀବନଟିକୁ ବଞ୍ଚି ରହିଥାଏ, ମନୁଷ୍ୟ ସେହି ବିଧାନଟିର ଆୟତନସୀମାଟିକୁ ଅତିକ୍ରମ କରି ଉଠି ଚାଲିଯିବ; – ମାତ୍ର ତଥାପି ବ୍ୟକ୍ତିବୈଶିଷ୍ଟ୍ୟ ବିନଷ୍ଟ ହୋଇଯିବ ନାହିଁ, କାରଣ ସେଇଟି ନ ଥିଲେ ମନୁଷ୍ୟର ଜୀବନରେ ଆଉ କୌଣସି ଗତିଶୀଳତା ମଧ୍ୟ ରହିବ ନାହିଁ । ସାର୍ବଜନୀନ ଜୀବନଟି ଏପରି ଏକ ବିଧାନ ଦ୍ୱାରା ନିୟନ୍ତ୍ରିତ ହେବ ଏବଂ ତାହାର ବ୍ୟବସ୍ଥାଟି ମଧ୍ୟ ଏପରି ଭାବରେ ହେବ ଯେ ବ୍ୟକ୍ତିଗତ ବିଶିଷ୍ଟତାକୁ ସେଥିରେ ବିକଶିତ ହେବାର ପୂର୍ଣ୍ଣ ପରିସର ମିଳୁଥିବ, ନାନା ବୈଚିତ୍ର୍ୟ ମଧ୍ୟରେ ସକଳ ପ୍ରକାରର ଆଦାନପ୍ରଦାନ ମଧ୍ୟ ସମ୍ଭବ ହେଉଥିବ; ଏବଂ, ଯେଉଁ ସାହସିକତାର ଭାବ ଏବଂ ବିଜୟ ଦ୍ୱାରା ମଣିଷର ଆତ୍ମା ବଞ୍ଚିବାକୁ ସମର୍ଥ ହୁଏ ଓ ବଡ଼ ହୁଏ, ତାହାର ଆବଶ୍ୟକତାଟିକୁ ପୂରଣ କରିବା ଲାଗି ମଧ୍ୟ କୌଣସି କାର୍ପଣ୍ୟ କରାଯାଉ ନ ଥିବ । ଏବଂ ଏହିସବୁର ପରିଣାମ ସ୍ୱରୂପ, ମାନବସମାଜର ଏକ ସ୍ଥିତିସ୍ଥାପକତାଯୁକ୍ତ ପ୍ରଗତି-ଅଭିଳାଷୀ ସମାଜରେ ଯେଉଁ ଅନେକବର୍ଣ୍ଣ ଜୀବନ ଓ ଅଭିବୃଦ୍ଧି ଉପଲବ୍ଧ ହେବ, ସେଗୁଡ଼ିକର ସହଜ ଅଭିବ୍ୟକ୍ତି ଲାଗି ମଧ୍ୟ ଯଥେଷ୍ଟ ପରିମାଣରେ ମାର୍ଗ ଉନ୍ମୁକ୍ତ ହୋଇ ରହିଥିବ, ସାଧନ ମହଜୁଦ ରହିଥିବ ।

'oaob.nitrkl.ac.in' images reprocessed

## ଚତୁଃତ୍ରିଂଶ ପରିଚ୍ଛେଦ

# ମାନବତାର ଧର୍ମ

ମାନବତାର ଧର୍ମ କହିଲେ ହୁଏତ ବୁଦ୍ଧିଗତ ଓ ଭାବଗତ ଏକ ଆଦର୍ଶକୁ ବୁଝାଇପାରେ ବା ଏପରି ଏକ ଜୀବନ୍ତ ଓ ନିର୍ଦ୍ଦିଷ୍ଟ ମତାଗ୍ରହକୁ ବୁଝାଇପାରେ ଯାହାର କି ବୁଦ୍ଧିକ୍ଷେତ୍ରଗତ, ମନଃସ୍ତରୀୟ ତଥା ବ୍ୟାବହାରିକ ନାନା ଫଳ ଉପଲବ୍ଧ ହୋଇ ପାରୁଛି; ଅଥବା, ତାହା ଏକ ଆଧ୍ୟାତ୍ମିକ ଆକାଂକ୍ଷାକୁ ମଧ୍ୟ ବୁଝାଇପାରେ, ଜୀବନ ବଞ୍ଚିବାର ଏକ ସଂହିତା କିଂବା ସିଦ୍ଧାନ୍ତକୁ ବୁଝାଇପାରେ; ମନୁଷ୍ୟଜାତିର ଆତ୍ମାରେ ଯେ ଏକ ପରିବର୍ତ୍ତନ ହୋଇଛି, ଅଂଶତଃ ତାହାରି ଏକ ସଂକେତ ତଥା ଅଂଶତଃ ତାହାରି ଏକ କାରଣକୁ ବୁଝାଇ ପାରେ । ମାନବତାର ବୁଦ୍ଧିକ୍ଷେତ୍ରଗତ ଧର୍ମଟି କେତେକ ପରିମାଣରେ ବର୍ତ୍ତମାନ ବିଦ୍ୟମାନ ରହିଛି, ଅଂଶତଃ, ଅଳ୍ପସଂଖ୍ୟକ କେତେକଙ୍କ ମନ ଭିତରେ ଏକ ସଚେତନ ବିଧାନ ମାର୍ଗ ରୂପେ ରହିଛି ଏବଂ ଅଂଶତଃ, ସମଗ୍ର ମନୁଷ୍ୟଜାତିର ଚେତନା ମଧ୍ୟରେ ଏକ ସମ୍ଭାବନାମୟ ଛାୟା ରୂପେ ଅବସ୍ଥିତ ରହିଛି । ଏହା ଏପରି ଏକ ଭାବପ୍ରେରଣାର ଛାୟା ରୂପେ ଅବସ୍ଥିତ ରହିଛି ଯାହାକି ଏବେ ମଧ୍ୟ ଜନ୍ମ ଲାଭ କରି ନାହିଁ ସତ, ମାତ୍ର ଆପଣାର ଜନ୍ମ ଲାଗି ପ୍ରସ୍ତୁତ ହେବାରେ ଲାଗିଛି । ଆମର ଏହି ଭୌତିକ ଜଗତ କହିଲେ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବରେ ମୂର୍ତ୍ତିମନ୍ତ ହୋଇ ରହିଥିବା କେତେକ ବସ୍ତୁର ସମାହାରକୁ ଅବଶ୍ୟ ବୁଝାଉଛି ସତ, ମାତ୍ର ତାହା ସଙ୍ଗେ ସଙ୍ଗେ ଏଠାରେ କେତେ କେତେ ଶକ୍ତିଶାଳୀ ଛାୟାମାନ ବି ଅବସ୍ଥାନ କରୁଛନ୍ତି, କେତେକେତେ ମୃତ ଓ ବ୍ୟତୀତ ବସ୍ତୁର ପ୍ରେତମାନ ଅବସ୍ଥାନ କରୁଛନ୍ତି ଏବଂ ଏବେ ମଧ୍ୟ ଜନ୍ମଲାଭ କରି ନ ଥିବା ଆହୁରି କେତେକେତେ ବସ୍ତୁର ଭାବ-ପ୍ରେରଣାଗୁଡ଼ିକ ମଧ୍ୟ ଏଠାରେ ଅବସ୍ଥାନ କରୁଛନ୍ତି । ମୃତ ଓ ବ୍ୟତୀତ ବସ୍ତୁଗୁଡ଼ିକର ପ୍ରେତାତ୍ମାମାନେ ପ୍ରକୃତରେ ଗୋଟିଏ ଗୋଟିଏ ବାସ୍ତବତାର ରୂପ ଧାରଣ କରି ଆମକୁ ସନ୍ତାପିତ କରିବାରେ ଲାଗିଛନ୍ତି ଏବଂ ସେଗୁଡ଼ାକ ବର୍ତ୍ତମାନ ଏଠାରେ ବହୁତ ସଂଖ୍ୟାରେ ଅଛନ୍ତି; କେତେ କେତେ ମୃତ ଧର୍ମ, ମୃତ କଳା, ମୃତ ନୈତିକତା ଏବଂ ମୃତ ରାଜନୀତିକ ମତ ସିଦ୍ଧାନ୍ତର ପ୍ରେତାତ୍ମାରୂପେ ସେଗୁଡ଼ିକ ଅବସ୍ଥାନ କରୁଛନ୍ତି; ସେଗୁଡ଼ିକ ଆପଣାର ସେହି ପଚାଶଢ଼ା ଶରୀରଗୁଡ଼ାକୁ ସେହିପରି ବଞ୍ଚାଇ ରଖିବାକୁ ଜିଦ୍‌ଧରି ବସିଛନ୍ତି ଅଥବା ବସ୍ତୁ ସମଗ୍ରଟିର ବର୍ତ୍ତମାନ ପିଣ୍ଡଟିକୁ କେତେକ ପରିମାଣରେ ଜୀବନ୍ତତା ଆଣି ଦେବା ଲାଗି ମଧ୍ୟ ଚେଷ୍ଟା କରୁଛନ୍ତି । ବଡ଼ ଅନମନୀୟ ଭାବରେ ସେମାନେ ଆପଣାର ଅତୀତର ସେହି ପବିତ୍ର ସୂତ୍ରଗୁଡ଼ିକର ପୁନରାବୃତ୍ତି କରିବାରେ ଲାଗିଛନ୍ତି, ପଶ୍ଚାନ୍ମୁଖୀ କେତେ

'oaob.nitrkl.ac.in' images reprocessed

କେତେ ମନକୁ ସମ୍ମୋହିତ କରି ରଖିଛନ୍ତି ଏବଂ ଏପରିକି ମାନବଜାତି ମଧ୍ୟରେ ରହିଥିବା ପ୍ରଗତିକାମୀ ଅଂଶଟିକୁ ମଧ୍ୟ ଗ୍ରସ୍ତ କରି ପକାଉଛନ୍ତି । ମାତ୍ର ଏମାନଙ୍କ ସହିତ ଏହି ପୃଥିବୀରେ ସେହି ଅସମ୍ଭୃତ ଭାବପ୍ରେରଣାମାନ ବି ରହିଛି, ଯେଉଁଗୁଡ଼ିକ କି ଏପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ମୂର୍ତ୍ତ ରୂପ ଧାରଣ କରିପାରି ନାହାନ୍ତି, ତଥାପି ମାନସକ୍ଷେତ୍ରରେ ସେଗୁଡ଼ିକର ଜନ୍ମ ସଂଘଟିତ ହୋଇ ସାରିଲାଣି ଏବଂ ସେଗୁଡ଼ିକ ଗୋଟିଏ ଗୋଟିଏ ପ୍ରଭାବ ରୂପେ ବିଦ୍ୟମାନ ରହିଛନ୍ତି । ମନୁଷ୍ୟର ମନ ସେଗୁଡ଼ିକର ଅବସ୍ଥିତି ବିଷୟରେ ଅବଶ୍ୟ ସଜ୍ଞାନ ରହିଛି ଏବଂ ବିଧିବଦ୍ଧ ଓ ନିର୍ଦ୍ଦିଷ୍ଟ ଭାବରେ ନ ହେଲେ ମଧ୍ୟ ମନୁଷ୍ୟ-ସମୁଦାୟ ସେଗୁଡ଼ିକ ଦ୍ୱାରା ପ୍ରଭାବିତ ହେବାରେ ଲାଗିଛି । ଅଷ୍ଟାଦଶ ଶତାବ୍ଦୀର ମନରେହିଁ ମାନବତାର ଧର୍ମଟି ପ୍ରଥମେ ଜନ୍ମଲାଭ କରିଥିଲା, ସେହି ଶତାବ୍ଦୀର ବୁଦ୍ଧିବାଦୀ ବିଚାରକମାନଙ୍କର ମାନସପୁତ୍ର ରୂପେ ଆବିର୍ଭୂତ ହୋଇଥିଲା, ଯେଉଁମାନେ କି ପୌରୋହିତ ଖ୍ରୀଷ୍ଟିଆନ୍ ଧର୍ମର ପ୍ରଧାନତଃ ବାହ୍ୟ ଆଧ୍ୟାତ୍ମିକବାଦଟିର ଏକ ବିକଳ୍ପରୂପେ ତାହାକୁ ବିକଶିତ କରି ଆଣିଥିଲେ । ପଜିଟିଭିଜ୍‌ମ୍ ବା ପ୍ରତ୍ୟକ୍ଷବାଦୀ ଦର୍ଶନରୂପେ ତାହା ଆପଣାକୁ ଏକ ମୂର୍ତ୍ତ ରୂପ ଦେବାକୁ ଚେଷ୍ଟା କରିଥିଲା ଏବଂ ଏହି ଧର୍ମଟିର ନିର୍ଦ୍ଦିଷ୍ଟ ବିଶ୍ୱାସଗୁଡ଼ିକୁ ଏକ ସୂତ୍ରାୟତନ ମଧ୍ୟରେ ପ୍ରକଟ କରି ପାରିବା ଲାଗି ଏକ ପ୍ରୟାସ ମଧ୍ୟ କରିଥିଲା; ମାତ୍ର, ସେହି ବିବେକବୁଦ୍ଧିର ଯୁଗଟିରେ ମଧ୍ୟ ସମସ୍ତଙ୍କର ସ୍ୱୀକୃତି ଲାଭ କରିବା ପାଇଁ ତାହାକୁ ଅତ୍ୟନ୍ତ ଅତିରିକ୍ତ ଓ କଠିନ ଭାବରେ କେବଳ ବୁଦ୍ଧିବାଦୀ ଏକ ଭୂମି ଉପରେହିଁ ଦଣ୍ଡାୟମାନ ହେବାକୁ ପଡ଼ିଥିଲା । ସଂବେଗର କ୍ଷେତ୍ରରେ ଆମେ ଲୋକୋପକାରବାଦକୁହିଁ ତାହାର ସର୍ବପ୍ରଧାନ ପରିଣାମ ବୋଲି କହି ପାରିବା । ମନୁଷ୍ୟର ହିତ-ଚିନ୍ତା କରିବା, ସମାଜର ସେବା କରିବା ଏବଂ ସେହିପରି ଆଉ କେତେକ କାର୍ଯ୍ୟରେ ଆପଣାକୁ ତତ୍ପର କରି ରଖିବାରେହିଁ ତାହା ଆପଣାର ଭଲ କାର୍ଯ୍ୟଗୁଡ଼ିକୁ ଏକ ବାହ୍ୟ ରୂପ ଦେଇ ଆସିଛି । ଗଣତନ୍ତ୍ର, ସମାଜବାଦ ଓ ଶାନ୍ତିବାଦକୁ ଅନେକ ପରିମାଣରେ ଏହାରିହିଁ ଗୋଟିଏ ଗୋଟିଏ ଗୌଣ ପରିଣାମ ବୋଲି କୁହାଯାଇ ପାରିବ, ବା ଏଇଟି ଅନ୍ତର୍ଗତ ଭାବରେ ବିଦ୍ୟମାନ ରହିଥିବାରୁହିଁ ସେଗୁଡ଼ିକ ଅନେକ ପରିମାଣରେ ଶକ୍ତିଶାଳୀ ହୋଇ ପାରିଛନ୍ତି ବୋଲି ଅନ୍ତତଃ ସ୍ୱୀକାର କରିବାକୁ ପଡ଼ିବ ।

ଏହି ଧର୍ମଟିର ସର୍ବମୂଳ ବିଚାରଟି ହେଉଛି ଯେ ଆମେ ଏହି କ୍ଷେତ୍ରରେ ମନୁଷ୍ୟଜାତିକୁହିଁ ଇଷ୍ଟରୂପେ ସ୍ଥାପନ କରି ତାହାର ଉପାସନା କରିବା, ମନୁଷ୍ୟ କେବଳ ତାହାରିହିଁ ସେବା କରିବ, ଏବଂ ମନୁଷ୍ୟ-ସତ୍ତା ତଥା ମନୁଷ୍ୟ-ଜୀବନକୁ ସମ୍ମାନ ଦେଖାଇବା, ତାହାରି ସେବା କରିବା ଏବଂ ତାହାର ପ୍ରଗତି କାମନା କରିବାହିଁ ଭାବପ୍ରେରଣାର ସ୍ତରରେ ମଣିଷର ସର୍ବପ୍ରଧାନ କର୍ତ୍ତବ୍ୟ ଏବଂ ସର୍ବପ୍ରଧାନ ଉଦ୍ଦେଶ୍ୟ ହୋଇ ମଧ୍ୟ ରହିବ । ଆଉ କୌଣସି ପିତୁଳା ବା ପ୍ରତିମା, — ଜାତି, ରାଷ୍ଟ୍ର, ପରିବାର ବା

'oaob.nitrkl.ac.in' images reprocessed

ଆଉ କିଛିହେଲେ ତାହାର ସ୍ଥାନ ଅଧିକାର କରି ପାରିବ ନାହିଁ; ଯେତିକି ପରିମାଣରେ ଏଗୁଡ଼ିକ ମାନବତାର ଏକ ଭାବମୂର୍ତ୍ତି ହୋଇ ରହିପାରିବେ, କେବଳ ସେତିକି ପରିମାଣରେହିଁ ଆମେ ସେଗୁଡ଼ିକୁ ପ୍ରକୃତରେ ସମ୍ମାନାସ୍ପଦ ବୋଲି ଜାଣିବା; ଯେତିକି ପରିମାଣରେ ସେଗୁଡ଼ିକ ସେହି ଭାବମୂର୍ତ୍ତିଟିକୁ ଆସନଟି ଉପରେ ବସାଇ ରଖିଥିବେ ଓ ତାହାର ଆତ୍ମ-ଅଭିବ୍ୟକ୍ତିରେ ସହାୟତା କରୁଥିବେ, କେବଳ ସେତିକି ପରିମାଣରେହିଁ ସେମାନେ ସମ୍ମାନର ଯୋଗ୍ୟ ହୋଇ ରହିବେ । ମାତ୍ର, ଏହିସବୁ ପ୍ରତିମାର ଉପାସନା ଯେତେବେଳେ ଅସଲ ଭାବ-ଆତ୍ମାର ଭୂମିଟିକୁ ବଳ ଦେଖାଇ ଅପହରଣ କରିବାକୁ ବାହାରେ ଏବଂ ଏହାର କ୍ଷେତ୍ରଟି ସହିତ ସମ୍ପୂର୍ଣ୍ଣ ଅସଙ୍ଗତ ନାନା ଦାବି କରିବାକୁ ଆରମ୍ଭ କରେ, ତେବେ ସେତେବେଳେ ସେହି ପ୍ରତିମାଗୁଡ଼ିକୁ ଅବଶ୍ୟ ବର୍ଜନ କରିବାକୁ ପଡ଼ିବ । ଧର୍ମକ୍ଷେତ୍ରରେ, ରାଜନୀତିର, ସମାଜ ଅଥବା ସଂସ୍କୃତିକ୍ଷେତ୍ରର କୌଣସି ମତ ବା ବିଶ୍ୱାସ ଯେତେବେଳେ ସେହି ଭାବ-ଆତ୍ମାର ଦାବିଗୁଡ଼ିକ ବିରୋଧରେ ଯିବାକୁ ଆରମ୍ଭ କରିବ, ସେତେବେଳେ ତାହାର କୌଣସି ଆଜ୍ଞାକୁ ଆମେ କଦାପି ମାନ୍ୟ ବୋଲି ଗ୍ରହଣ କରି ପାରିବା ନାହିଁ । ଏହି ଆଧୁନିକ ମୁଖ୍ୟ ପ୍ରତିମାଗୁଡ଼ିକ ମଧ୍ୟରୁ ବିଜ୍ଞାନ ବି ଯେ ଗୋଟିଏ, ତାହା କଦାପି ଅସ୍ୱୀକାର କରାଯିବ ନାହିଁ; ମାତ୍ର, ଜ୍ଞାନ ଓ ପ୍ରଗତିର କ୍ଷେତ୍ରକୁ ପ୍ରଶସ୍ତ କରିଦେଇ ଯେତେବେଳ ଯାଏ ତାହା ମାନବତା-ଧର୍ମର ସହାୟତା ତଥା ପରିଚର୍ଯ୍ୟା କରିପାରୁଥିବ, କେବଳ ସେତିକି ଯାଏହିଁ ଆମେ ତାହାକୁ ମୂଲ୍ୟବାନ୍ ବୋଲି ଗ୍ରହଣ କରି ପାରିବା, ଏବଂ ତେଣୁ ସେହି ଭାବ-ଆତ୍ମାର ନୀତି-ଦୃଷ୍ଟିର ବିରୋଧୀ ହେଲା ଭଳି କୌଣସି ଦାବି କରି ବାହାରିଲେ ଆମେ ବିଜ୍ଞାନକୁ ମଧ୍ୟ ସେଥିଲାଗି କଦାପି ଅନୁମତି ଦେବା ନାହିଁ । ଯୁଦ୍ଧ, ମୃତ୍ୟୁ-ଦଣ୍ଡ, ମନୁଷ୍ୟଜୀବନର ସଂହାର, ବ୍ୟକ୍ତି, ରାଷ୍ଟ୍ର ଅଥବା ସମାଜ ଯିଏ ଏଗୁଡ଼ାକୁ କରୁଥାଉ ପଛକେ, ସକଳ ପ୍ରକାରର ନୃଶଂସ କାର୍ଯ୍ୟ, କେବଳ ଶାରୀରିକ ସ୍ତରର ନୁହେଁ, ମାତ୍ର ନୈତିକ ସ୍ତରର ମଧ୍ୟ ଯାବତୀୟ ନୃଶଂସତା, ଉପରୁ ମହତ୍ତ୍ୱପୂର୍ଣ୍ଣ ପରି ଦିଶୁଥିବା ଯାହାକିଛି କାରଣ କିଂବା ଯାହାକିଛି ସ୍ୱାର୍ଥସାଧନର ମତଲବରେ କରାଯାଉ ଥାଉ ପଛକେ, ଯେକୌଣସି ମନୁଷ୍ୟ ବ୍ୟକ୍ତି ଅଥବା ଯେକୌଣସି ମନୁଷ୍ୟ ଶ୍ରେଣୀକୁ ପ୍ରତିଷ୍ଠାଚ୍ୟୁତ କରି ତଳକୁ ନେଇ ଆସିବା, ମଣିଷ ଦ୍ୱାରା ମଣିଷର, ଶ୍ରେଣୀ ଦ୍ୱାରା ଶ୍ରେଣୀର ଏବଂ ଗୋଟିଏ ଜାତି ଦ୍ୱାରା ଆଉ ଗୋଟିଏ ଜାତି ଉପରେ ଯାବତୀୟ ଅତ୍ୟାଚାର ଓ ଯାବତୀୟ ଶୋଷଣ, ପୂର୍ବେ ଧର୍ମ ଏବଂ ନୀତି ଯେଉଁଗୁଡ଼ିକୁ ସହି ଯାଉଥିଲେ ବା ଏପରିକି କାର୍ଯ୍ୟକ୍ଷେତ୍ରରେ ଯେଉଁଗୁଡ଼ିକର ପକ୍ଷସମର୍ଥନ କରୁଥିଲେ, ସାମାଜିକ ଜୀବନ ତଥା ସମାଜର ଅନୁଷ୍ଠାନଗୁଡ଼ିକର ତତ୍ତୁଲ୍ୟ ଯାବତୀୟ ଅଭ୍ୟାସ ଓ ସଂସ୍କାର, ସେଗୁଡ଼ିକର ଆଦର୍ଶ-ବିଧାନ ଏବଂ ଆଦର୍ଶ ସିଦ୍ଧାନ୍ତଟିର କ୍ଷେତ୍ରରେ ସେମାନେ ଯାହାକିଛି କରୁଥା'ନ୍ତୁ

'oaob.nitrkl.ac.in' images reprocessed

ପକ୍ଷକେ, ଏହି ସବୁଗୁଡ଼ିକୁ ଆମେ ମାନବତାର ଧର୍ମଟି ବିରୋଧରେ କେବଳ ଗୋଟିଏ ଗୋଟିଏ ଅପରାଧ ବୋଲିହିଁ କହିବା; ନୀତି ଦ୍ୱାରା ପରିଚାଳିତ ମନ ଏହାକୁ ସର୍ବଥା ଘୃଣ୍ୟ ଓ ନିନ୍ଦନୀୟ ବୋଲି କହିବ, ଆପଣାର ମୌଳିକ ବିଶ୍ୱାସଗୁଡ଼ିକ ଅନୁସାରେ ଏଗୁଡ଼ିକୁ କେବଳ ନିଷିଦ୍ଧ କରିହିଁ ରଖିଥିବ । ଏହି ଅପରାଧଗୁଡ଼ିକ ବିରୋଧରେ ସର୍ବଦା ସଂଗ୍ରାମ କରିବାକୁ ହେବ, କୌଣସି ପ୍ରକାରେହିଁ ସେଗୁଡ଼ିକୁ ହେବା ଲାଗି ବାଟ ଛାଡ଼ି ଦିଆଯିବ ନାହିଁ । ଜାତି, ଧର୍ମ, ବର୍ଣ୍ଣ, ନାଗରିକତା, ସାମାଜିକ ସ୍ଥାନ, ରାଜନୀତିକ ଅଥବା ସାମାଜିକ ଉତ୍କର୍ଷର କ୍ଷେତ୍ରରେ ମଣିଷ ମଣିଷ ଭିତରେ ଯେତେ ଯାହା ତାରତମ୍ୟ ରହିଥାଉ ପଛକେ, ମଣିଷ ପାଖରେ ମଣିଷ ଅବଶ୍ୟ ଏକ ପବିତ୍ର ବସ୍ତୁ ହୋଇ ରହିଥିବ । ମନୁଷ୍ୟର ଶରୀରକୁ ସକଳ ପ୍ରକାର ସମ୍ମାନ ପ୍ରଦର୍ଶନ କରାଯାଉଥିବ, ସକଳପ୍ରକାର ହିଂସା ଏବଂ ଅତ୍ୟାଚାରରୁ ତାହା ସୁରକ୍ଷିତ ରହିଥିବ, ବିଜ୍ଞାନର ଶକ୍ତି ଦ୍ୱାରା ତାହାକୁ ବ୍ୟାଧି ତଥା ନିବାର୍ଯ୍ୟ ମୃତ୍ୟୁ ପାଖରୁ ସୁଦୃଢ଼ କରି ରଖାଯିବ । ମନୁଷ୍ୟର ଜୀବନକୁ ପବିତ୍ର ବୋଲି ଜ୍ଞାନ କରାଯିବ, ସଂରକ୍ଷିତ କରି ରଖାଯିବ, ଦୃଢ଼ କରାଯିବ, ଉଦାତ୍ତ ତଥା ଉଚ୍ଛୋଳିତ କରି ନିଆ ଯାଉଥିବ । ମନୁଷ୍ୟର ହୃଦୟକୁ ମଧ୍ୟ ପବିତ୍ର ବୋଲି ଜ୍ଞାନ କରାଯିବ, ତାହାକୁ ଯଥୋଚିତ ପରିସର ଯୋଗାଇ ଦିଆଯିବ, ଯାବତୀୟ ହିଂସା ଓ ବଳପ୍ରୟୋଗରୁ ତାହାର ସୁରକ୍ଷା କରାଯିବ; ଯାବତୀୟ ଦମନ ଓ ଯନ୍ତ୍ରୀକରଣର କବଳରୁ ତାହାକୁ ସୁରକ୍ଷିତ କରି ରଖାଯିବ ଏବଂ ତାହାକୁ ଛୋଟ କରି ପକାଇବାର ଅଭିପ୍ରାୟ ରଖିଥିବା ଯାବତୀୟ ପ୍ରଭାବରୁ ତାହାକୁ ମୁକ୍ତ କରି ରଖାଯିବ । ମନୁଷ୍ୟର ମନକୁ ସକଳ ବନ୍ଧନ ଭିତରୁ ମୁକ୍ତ କରି ଅଣାଯିବ, ତାହାକୁ ସକଳ ସ୍ୱାଧୀନତା ମିଳିବ, ସକଳ ପ୍ରଶସ୍ତତା ଓ ସକଳ ଅବସର ଅବଶ୍ୟ ମିଳିବ, ଆପଣାକୁ ପ୍ରଶିକ୍ଷିତ ଏବଂ ବିକଶିତ କରିବା ଲାଗି ଆବଶ୍ୟକ ସକଳ ସାଧନ ତାକୁ ମିଳିବ, ମାନବଜାତିର ସେବା ଲାଗି ଆପଣାର ସର୍ବବିଧ ସାମର୍ଥ୍ୟକୁ କାର୍ଯ୍ୟରେ ଲଗାଇ ପାରିବା ଲାଗି ତାହାକୁ ସଂଗଠିତ ହେବାର ପରିସରଟି ମଧ୍ୟ ପ୍ରାପ୍ତ ହେଉଥିବ । ଏବଂ ଏଗୁଡ଼ାକୁ କେବଳ ଗୋଟାଏ ଗୋଟାଏ ଆଦର୍ଶସ୍ଥରୀୟ ବା ହିତାଭିକାଂକ୍ଷୀ ଭାବନାରୂପେହିଁ ସ୍ୱୀକାର କରାଯିବ ନାହିଁ, ମାତ୍ର ସମ୍ପୂର୍ଣ୍ଣ ଭାବରେ ତଥା ବ୍ୟାବହାରିକ କ୍ଷେତ୍ରରେ ମଧ୍ୟ ତାହାକୁ ସ୍ୱୀକୃତି ମିଳିବ, ପ୍ରତ୍ୟେକ ମନୁଷ୍ୟ ବ୍ୟକ୍ତି, ପ୍ରତ୍ୟେକ ଜାତି, ତଥା ସମଗ୍ର ମାନବଜାତିର କ୍ଷେତ୍ରରେ ତାହାକୁ ସେହି ସ୍ୱୀକୃତିଟି ପ୍ରାପ୍ତ ହେବ । ମୋଟାମୋଟି ଭାବରେ କହିବାକୁ ଗଲେ ମାନବତାର ବୁଦ୍ଧି-ଅନୁପ୍ରେରିତ ଧର୍ମଟି ଦ୍ୱାରା ଆମେ ଏହିସବୁ କଥାକୁ ବୁଝିବା ।

ମାନବତାର ଏହି ଧର୍ମଟି କେତେ ବେଶୀ ପ୍ରଭାବ ପକାଇ ପାରିଛି ଓ ଫଳପ୍ରସୂ ଭାବରେ କେତେ କ'ଣ କାର୍ଯ୍ୟ କରିବାକୁ ସମର୍ଥ ହୋଇଛି, ସେହି କଥାଟି ଜାଣି ପାରିବାକୁ ହେଲେ ଆମକୁ ଗୋଟିଏ ବା ଦୁଇଟି ଶତାବ୍ଦୀ ପୂର୍ବର ମାନବ-ଜୀବନ, ମନୁଷ୍ୟର ବିଚାର

'oaob.nitrkl.ac.in' images reprocessed

ଏବଂ ଅନୁଭୂତି ସହିତ ଯୁଦ୍ଧ-ପୂର୍ବ ସମୟଟିର ମାନବ-ଜୀବନ, ମାନବ-ବିଚାର ଏବଂ ଅନୁଭୂତିର କେବଳ ଏକ ତୁଳନାହିଁ କରିବାକୁ ପଡ଼ିବ । ପରମ୍ପରାନିଷ୍ଠ ଧର୍ମ ଯାହାକୁ ସଫଳ ଭାବରେ କରିବା ଲାଗି ଅସମର୍ଥ ହୋଇ ରହିଥିଲା, ମାନବତାର ଏହି ଧର୍ମଟି ସେହିପରି ଅନେକ କଥାକୁ ହାସଲ କରି ପାରିଲା,– ଏହାର ପ୍ରଧାନ କାରଣ ହେଉଛି ଯେ ଏହା ଆପଣାକୁ ସତତ ଏକ ବୁଦ୍ଧି ଦ୍ୱାରା ପ୍ରଣୋଦିତ ଏବଂ ସମୀକ୍ଷାତ୍ମକ ସମାଧାନ ରୂପେ କାର୍ଯ୍ୟକାରୀ କରାଇ ପାରିଥିଲା, ସ୍ଥିତାବସ୍ଥା ଉପରେ ନିର୍ମମ ଭାବରେ ଆକ୍ରମଣ କରି ପାରିଥିଲା ଏବଂ ଭବିଷ୍ୟର ବସ୍ତୁଗୁଡ଼ିକ ଲାଗି ଅଦମ୍ୟ ଯୋଦ୍ଧା ହୋଇ ବାହାରିଥିଲା । ତାହା ସର୍ବଦା ଭବିଷ୍ୟନିଷ୍ଠ ହୋଇ ରହିଥିଲା,– ମାତ୍ର ଅନ୍ୟ ପକ୍ଷରେ ପରମ୍ପରାନିଷ୍ଠ ଧର୍ମ ସ୍ଥିତାବସ୍ଥାର ସ୍ୱୀକୃତ ସତ୍ତା ତଥା କ୍ଷମତାଗୁଡ଼ିକ ସହିତ ଏକାଠି ଗୋଟିଏ ଶିବିରରେ ସମ୍ମିଳିତ ହୋଇଥିଲା, ଏପରିକି ଅତୀତର ସତ୍ତା ଓ କ୍ଷମତାଗୁଡ଼ିକ ସହିତ ଆପଣାକୁ ବାନ୍ଧି ରଖିଥିଲା; ସେହିମାନଙ୍କ ସହିତ ଆପେ କରିଥିବା ସାଲିସ୍‌ଗୁଡ଼ିକ ମଧ୍ୟରେ ଛନ୍ଦି ହୋଇ ରହିଥିଲା, ତେଣୁ ଖୁବ୍ ବେଶୀ ହେଲେ କେବଳ କୌଣସି ବସ୍ତୁର ପ୍ରକୋପଟିକୁ ପ୍ରଶମିତ କରି ଆଣିବାରେ ଅଥବା କେଉଁଠି କିଛିତ୍ ସଂସ୍କାର ଘଟାଇବାରେହିଁ ତାହା ଆପଣାକୁ ସକ୍ରିୟ ଭାବରେ ପରିଚାଳିତ କରି ପାରୁଥିଲା । ପୁନଶ୍ଚ, ମାନବତାର ଧର୍ମ ମନୁଷ୍ୟଜାତି ଉପରେ ବିଶ୍ୱାସ ସ୍ଥାପନ କରିଛି, ଏହି ପୃଥିବୀରେ ତାହାର ଭବିଷ୍ୟଟି ଉପରେ ମଧ୍ୟ ବିଶ୍ୱାସ ରଖିଛି, ଏବଂ ତେଣୁ ତାହାର ପାର୍ଥିବ ଅଗ୍ରଗତି-କ୍ଷେତ୍ରରେ ମଧ୍ୟ ତାହାକୁ ସାହାଯ୍ୟ କରି ପାରିବା ଲାଗି ତା' ଭିତରେ ସାମର୍ଥ୍ୟ ରହିଛି । ମାତ୍ର, ଅନ୍ୟ ପକ୍ଷରେ, ପରମ୍ପରାନିଷ୍ଠ ଧର୍ମଗୁଡ଼ିକ ମନୁଷ୍ୟର ପାର୍ଥିବ ଜୀବନକୁ କେବଳ ଏକ ସୁ-ଅଭିଳାଷୀ ଖେଦ ଏବଂ ହତାଶାର ଆଖିରେହିଁ ଦେଖିବାକୁ ସମର୍ଥ ହେଉଥିଲେ ଏବଂ ମନୁଷ୍ୟ ସେଇଟିକୁ ଶାନ୍ତ ଓ ପରିତୁଷ୍ଟ ଭାବରେ କେବଳ ସହ୍ୟ କରୁ ବୋଲି ତାହାକୁ ଉପଦେଶ ଦେଉଥିଲେ । ଏପରିକି, ଏହି ପାର୍ଥିବ ଜୀବନର ସ୍ଥୂଳତା, ନୃଶଂସତା, ଅତ୍ୟାଚାର ଏବଂ ଯାବତୀୟ କଷ୍ଟ ଓ କ୍ଳେଶକୁ ଆମକୁ ପରଲୋକରେ ମିଳିବାକୁ ଯାଉଥିବା ଏକ ଅଧିକ ସୁଖସିକ୍ତ ଜୀବନକୁ ବୁଝିବାର ଏବଂ ତାହାର ଯୋଗ୍ୟ ହେବାର ସାଧନରୂପେ ତାହାର ସ୍ୱାଗତ କରିବା ଲାଗି ମଧ୍ୟ ଉପଦେଶ ଦେଉଥିଲେ । ଯେକୌଣସି ଧର୍ମବିଶ୍ୱାସକୁ ଏପରିକି ବୁଦ୍ଧି ଦ୍ୱାରା ପ୍ରେରିତ ହେଉଥିବା ଏକ ଧର୍ମବିଶ୍ୱାସକୁ ମଧ୍ୟ ଯେକୌଣସି ପ୍ରକାରେ ନାନା ଅସାଧ୍ୟ ଓ ଅଲୌକିକ ଘଟଣାକୁ ସାଧନ କରିବା ଦିଗରେ ପଟୁତା ଦେଖାଇବାକୁ ପଡ଼ିବ, ଏବଂ, ମାନବତାର ଏହି ଧର୍ମଟି, ଆପଣାକୁ ପ୍ରକୃତରେ କାର୍ଯ୍ୟକାରୀ କରିବାକୁ ଯାଇ କୌଣସି ଶାରୀର ଆକାର, ଆପଣାକୁ ପ୍ରତିଷ୍ଠିତ କରାଇ ପାରିଲା ଭଳି ଏକ ରୂପ ବା କୌଣସି ଦୃଶ୍ୟମାନ ସଞ୍ଚାରଣ-ପଥ ଗ୍ରହଣ କରି ନ ଥିଲେ ମଧ୍ୟ, ଯାହାକିଛି ସାଧନ କରିବା ଲାଗି ଆପଣାର

'oaob.nitrkl.ac.in' images reprocessed

ଯାତ୍ରା ଆରମ୍ଭ କରିଥିଲା, ତୁଳନାତ୍ମକ ଭାବରେ ଦେଖିଲେ ତାହାର ବେଶ୍ ଅନେକ ଭାଗକୁ କାର୍ଯ୍ୟକାରୀ କରାଇବାରେ ସମର୍ଥ ହୋଇଥିଲା । କେତେକ ପରିମାଣରେ ଏହା ସମାଜକୁ ଅପେକ୍ଷାକୃତ ମନୁଷ୍ୟୋଚିତ କରି ଆଣିଲା, ଆଇନ୍‌କାନୁନ୍ ଓ ଦଣ୍ଡବ୍ୟବସ୍ଥା ଭିତରେ ମାନବିକତାର ଭାବକୁ ଆଣି ପ୍ରବିଷ୍ଟ କରାଇ ପାରିଲା, ମନୁଷ୍ୟ ପ୍ରତି ମନୁଷ୍ୟର ଦୃଷ୍ଟିଭଙ୍ଗୀରେ ମଧ୍ୟ ମାନବିକତାର ସଞ୍ଚରଣ ଘଟାଇଲା, ଆଇନ୍ ଦ୍ୱାରା ସମର୍ଥିତ ଅନେକ ଉତ୍ପୀଡ଼ନର ବିଲୋପସାଧନ କଲା, ଦାସତ୍ୱର ଅପେକ୍ଷାକୃତ ଅଧିକ ଅଶୋଧିତ ସଂସ୍କରଣଗୁଡ଼ିକୁ ବିଲୁପ୍ତ କରିଦେଲା; ଯେଉଁମାନେ ନିରୁତ୍ସାହିତ ଓ ଅଧଃପତିତ ହୋଇ ରହିଥିଲେ, ସେମାନଙ୍କୁ ଉପରକୁ ଉଠାଇ ଆଣିଲା, ମନୁଷ୍ୟଜାତିର ମନରେ କେତେକେତେ ବଡ଼ ଆଶା ଆଣି ଭରିଦେଲା, ଲୋକହିତୈଷିତା, ବଦାନ୍ୟତା ଏବଂ ମନୁଷ୍ୟ ସମାଜର ସେବା ପ୍ରଭୃତି ଭାବକୁ ଉତ୍‌ପ୍ରେରଣା ଦେଲା । ସର୍ବତ୍ର ସ୍ୱାଧୀନତା ଅର୍ଜନ କରିବାର ଅଭିଳାଷଟିକୁ ଉତ୍ସାହିତ କଲା, ଅତ୍ୟାଚାରର ବାଟରେ ପ୍ରତିବନ୍ଧକ ଲଗାଇ ରଖିଲା ଏବଂ ତାହାର ଅପେକ୍ଷାକୃତ ଅଧିକ ନୃଶଂସ ଅଭିବ୍ୟକ୍ତିଗୁଡ଼ିକୁ ଯଥାସମ୍ଭବ ଅନେକ କମ୍ କରି ରଖିଲା । ଯୁଦ୍ଧକୁ ମଧ୍ୟ ମାନବିକତାର ସୀମା ମଧ୍ୟକୁ ନେଇ ଆସି ପାରିବା ଲାଗି ତାହା ପ୍ରାୟ ସଫଳକାମ ହେବାକୁ ଯାଉଥିଲା, ଏବଂ ଆଧୁନିକ ବିଜ୍ଞାନରେ ଏହାର ଠିକ୍ ବିପରୀତ ପ୍ରବୃତ୍ତିଟି ଆସି ଦେଖା ଦେଇ ନ ଥିଲେ ତାହା ହୁଏତ ସେଥିରେ ସମ୍ପୂର୍ଣ୍ଣ ସଫଳତା ଲାଭ କରି ପାରିଥା'ନ୍ତା । ଖ୍ରୀଷ୍ଟିଆନ୍ ଧର୍ମର କଳ୍ପିତ ସେହି ଆଦର୍ଶ ଯୁଗଟି ଲାଗି ଅପେକ୍ଷା ନ କରି ମଧ୍ୟ ଆମେ ଯେ ଏହି ପୃଥିବୀରୁ ସବୁ ଯୁଦ୍ଧର ଅନ୍ତ ହେବ ବୋଲି କଳ୍ପନା କରିପାରିବା, ମନୁଷ୍ୟ ଲାଗି ତାହା ସେକଥା ଭାବିବା ମଧ୍ୟ ସମ୍ଭବ କରି ଆଣିଲା । ଅନ୍ତତଃ, ଏତିକି ପରିବର୍ତ୍ତନ ଅବଶ୍ୟ ଆସିଲା ଯେ, ଶାନ୍ତି କହିଲେ ଯେଉଁଠି ଆଗେ ସତତ ଯୁଦ୍ଧବିଗ୍ରହ ମଧ୍ୟରେ ଏକ ଅତିବିରଳ କେବଳ ଏକ ବିରତି ଅବସ୍ଥାକୁହିଁ ବୁଝାଉଥିଲା, ଏବେ ଯୁଦ୍ଧହିଁ କ୍ରମେ ଏକ ଅନ୍ତଃବର୍ତ୍ତୀକାଳୀନ ଅନ୍ୟ ଅବସ୍ଥାରେ ପରିଣତ ହୋଇ ଆସିଲା । ଅବଶ୍ୟ ଏକଥା ସତ ଯେ ଶାନ୍ତି ମଧ୍ୟରେ ଯୁଦ୍ଧର ଏହି ଅନ୍ତଃବର୍ତ୍ତୀ-କାଳୀନ ଅବସ୍ଥାଟିକୁ ବାରବାର ଭୋଗିବାକୁ ହେଉଥିଲା ଏବଂ ଶାନ୍ତିର ଅବସ୍ଥାଟି ଏବେ ମଧ୍ୟ କେବଳ ଏକ ସଶସ୍ତ୍ର ଶାନ୍ତିର ଅବସ୍ଥା ହୋଇହିଁ ରହିଥିଲା । ଏହାକୁ ହୁଏତ ଏକ ବୃହତ୍ ପଦକ୍ଷେପ ବୋଲି କୁହାଯାଇ ନ ପାରେ, ମାତ୍ର ତଥାପି ଏହା ଯେ ସମ୍ମୁଖ ଦିଗକୁ ଏକ ପଦକ୍ଷେପ ହୋଇ ରହିଥିଲା, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ମନୁଷ୍ୟ-ବ୍ୟକ୍ତିର ମହିମା ଓ ପ୍ରତିଷ୍ଠା ବିଷୟରେ ଏହା ଆମକୁ ନୂତନ କଳ୍ପନାମାନ ଆଣିଦେଲା । ତାହାର ଶିକ୍ଷା ଲାଗି ନୂତନ ବିଚାରମାନ ଆଣିଦେଲା, ନୂତନ ଭୂମିମାନ ଉନ୍ମୋଚିତ କରିଦେଲା, ତା'ର ଆତ୍ମବିକାଶ ତଥା ସମ୍ଭାବ୍ୟ ସାମର୍ଥ୍ୟଗୁଡ଼ିକ ଲାଗି ନୂତନ ପ୍ରତ୍ୟାଶାମାନ ଆଣିଦେଲା । ମନୁଷ୍ୟର ଜ୍ଞାନ ପାଇଁ ନୂତନ

'oaob.nitrkl.ac.in' images reprocessed

ପ୍ରସାରମାନ ଆଣିଦେଲା; ମନୁଷ୍ୟ-ସମୁଦାୟର ପ୍ରଗତି ତଥା ସମୃଦ୍ଧି ଲାଗି ମନୁଷ୍ୟର ଯେଉଁ ଦାୟିତ୍ୱ ରହିଛି, ଏହା ସେହିଟିକୁ ତାକୁ ଅଧିକ ପରିମାଣରେ ଅନୁଭବ କରି ଶିଖାଇଲା । ମନୁଷ୍ୟ-ସମୂହର ସାଧାରଣ ଆତ୍ମ-ସମ୍ମାନ ଏବଂ ସାମର୍ଥ୍ୟ-ବୋଧରେ ଏହା ଏକ ଉତ୍ତୋଳନ ଘଟାଇଲା । ଯିଏ ଦାସ ହୋଇ ରହିଥିଲା, ତାହାକୁ ଆଶା ଆଣିଦେଲା; ଯିଏ ତଳେ ପଡ଼ି ପେଷି ହୋଇ ଯାଉଥିଲା, ତାକୁ ଆତ୍ମପ୍ରତିଷ୍ଠା ଆଣି ଦେଲା, ଆପଣା ପୌରୁଷର କ୍ଷେତ୍ରରେ ସମ୍ଭାବନା ଦୃଷ୍ଟିରୁ ଜଣେ ଶ୍ରମିକକୁ ମଧ ଧନୀ ଏବଂ ଶକ୍ତିଶାଳୀର ସମକକ୍ଷ କରାଇଦେଇ ପାରିଲା । ହଁ, ଯାହା ଅଛି, ଯେତେବେଳେ ଆମେ ଯାହା ହେବା ଉଚିତ, ତାହା ସହିତ ସେଇଟିର ତୁଳନା କରିବାକୁ ଯିବା, ଯାହାକିଛି ପ୍ରକୃତରେ ହାସଲ ହୋଇଛି, ତାହା ସହିତ ଆଦର୍ଶଟିର ତୁଳନା କରିବାକୁ ଯିବା, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏସବୁ କେବଳ ଏକ ପ୍ରସ୍ତୁତିପର୍ବରହିଁ ଯତ୍‌କିଞ୍ଚିତ୍ ସିଦ୍ଧି ବୋଲି ପ୍ରତୀତ ହେବାକୁ ଲାଗିବ । ମାତ୍ର ତଥାପି ଏହାକୁ ପ୍ରାୟ ଦେଢ଼ ଶତାବ୍ଦୀ ବା ତଦୂର୍ଦ୍ଧ୍ୱ ଏକ ଅବଧିର ଗୋଟିଏ ଗୌରବମୟ ସଫଳତା ବୋଲି ଉଲ୍ଲେଖ କରି ରଖିବାକୁ ହେବ; ଯେଉଁ ଭାବପ୍ରେରଣାଟି ପ୍ରକୃତରେ କୌଣସି ନିର୍ଦ୍ଦିଷ୍ଟ ରୂପ ଗ୍ରହଣ କରି ନ ଥିଲା, କେବଳ ଉପଲବ୍ଧ କେତୋଟି ସାଧନକୁ ହାତରେ ନେଇ ଯାହାକୁ କାର୍ଯ୍ୟ କରିବାକୁ ପଡ଼ିଥିଲା, ଏବଂ ସ୍ୱକୀୟ ତଥା ସଂକେନ୍ଦ୍ରିତ ଭାବରେ ଆପଣାର କାର୍ଯ୍ୟ କରିବା ଲାଗି ଯାହା ତଥାପି କୌଣସି ଆକାର, ଆଧାନ ଅଥବା ଦୃଶ୍ୟମାନ କୌଣସି ଯନ୍ତ୍ର ମଧ ପାଇ ପାରି ନ ଥିଲା, ତାହା ଲାଗି ଏତିକି ସିଦ୍ଧିକୁ ମଧ ଏକ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ସିଦ୍ଧି ବୋଲି କହିବାକୁ ପଡ଼ିବ । ମାତ୍ର ସମ୍ଭବତଃ ଠିକ୍ ଏଇଥିରେହିଁ ଏହାର ପ୍ରକୃତ ଶକ୍ତି ଏବଂ ଅନୁକୂଳତା ନିହିତ ହୋଇ ରହିଥିଲା, କାରଣ ତାହାହିଁ ତାକୁ ଏକ ନିର୍ଦ୍ଦିଷ୍ଟ ଆକାର ମଧରେ ଦାନା ବାନ୍ଧି କ୍ରମେ ସ୍ଥାଣୁ ହୋଇଯିବାର ଦୁର୍ଗତିରୁ ବଞ୍ଚାଇ ରଖି ପାରିଲା, ବା ଅନ୍ତତଃ ଏହାର ଅପେକ୍ଷାକୃତ ଅଧିକ ମୁକ୍ତ ଓ ସୂକ୍ଷ୍ମକ୍ରିୟାଶୀଳତାଟିକୁ ହରାଇବାର ଦୁର୍ଗତିରୁ ଏହାକୁ ବଞ୍ଚାଇ ରଖିପାରିଲା ।

ମାତ୍ର ତଥାପି ଆପଣାର ସମ୍ପୂର୍ଣ୍ଣ ଭବିଷ୍ୟଟିକୁ ସିଦ୍ଧ କରି ପାରିବାକୁ ହେଲେ, ମାନବତାର ଏହି ବିଚାର ଓ ଏହି ଧର୍ମଟିକୁ ଆପଣାକୁ ଆହୁରି ସ୍ପଷ୍ଟ ରୂପେ ଉପସ୍ଥାପିତ କରିବାକୁ ହେବ, ଆହୁରି ଅଧିକ ଆଗ୍ରହର ସହିତ ଗତିଶୀଳ ହେବାକୁ ପଡ଼ିବ ଏବଂ ଅଧିକ ସୁସ୍ପଷ୍ଟ ଭାବରେ ଆପଣାକୁ ପ୍ରାୟ ଅନିବାର୍ଯ୍ୟ ଭାବରେ ଆଣି ପ୍ରତିଷ୍ଠିତ କରିବାକୁ ପଡ଼ିବ । କାରଣ, ତା' ନ ହେଲେ କେବଳ ଅଳ୍ପ କେତେଜଣଙ୍କ ମନ ଭିତରେହିଁ କୌଣସି ସୁସ୍ପଷ୍ଟତା ସହିତ ତାହା କାର୍ଯ୍ୟ କରିବାକୁ ସମର୍ଥ ହେବ ଏବଂ ସାଧାରଣ ଜନଗଣଙ୍କ ସ୍ତରରେ କେବଳ କିଞ୍ଚିତ୍ ପରିବର୍ତ୍ତନକାରୀ ଏକ ପ୍ରଭାବ ହୋଇହିଁ ରହିଥିବ ସିନା, ମାତ୍ର ମନୁଷ୍ୟ-ଜୀବନର ଏକ ସାଧାରଣ ବିଧାନରେ କଦାପି ପରିଣତ ହୋଇପାରିବ ନାହିଁ ।

'oaob.nitrkl.ac.in' images reprocessed

ଏବଂ ଯେତେଦିନ ଯାଏ ତାହା ସେହିଭଳି ସ୍ଥିତିରେ ରହିଥିବ, ତେବେ ନିଜର ସର୍ବପ୍ରଧାନ ଶତ୍ରୁଟିକୁ ମଧ୍ୟ ତାହା କଦାପି ବଶ କରି ଆଣି ପାରିବ ନାହିଁ । ସେହି ଶତ୍ରୁଟି ହେଉଛି ମଣିଷର ଅହଂଭାବ, ତାହାହିଁ ସକଳ ଯଥାର୍ଥ ଧର୍ମର ଶତ୍ରୁ; ଏହି ଅହଂଭାବ ବ୍ୟକ୍ତିର ହୋଇପାରେ, କୌଣସି ଶ୍ରେଣୀର ହୋଇପାରେ, ଅଥବା କୌଣସି ଜାତିର ମଧ୍ୟ ହୋଇପାରେ । ଏହିସବୁ ଅହଂଭାବକୁ ମାନବତାର ଧର୍ମ ହୁଏତ କିୟତ୍କାଳ ସକାଶେ ନରମ କରି ରଖିପାରେ, ସେଗୁଡ଼ିକରେ ଏଠିସେଠି କୌଣସି ପରିବର୍ତ୍ତନ ଘଟାଇପାରେ; ଅଥବା, ସେଗୁଡ଼ିକର ଅଧିକ ଉଦ୍ଧତ, ଅଧିକ ମୁକ୍ତ ଏବଂ ଅଧିକ ପାଶବିକ ଅଭିବ୍ୟକ୍ତିଗୁଡ଼ିକୁ ତାହା ବଳ ଖଟାଇ ନିୟନ୍ତ୍ରିତ କରି ରଖିପାରେ, ଅଧିକ ଭଲ କେତୋଟି ଅନୁଷ୍ଠାନକୁ ଗ୍ରହଣ କରିବା ସକାଶେ ସେଗୁଡ଼ିକୁ ବାଧ୍ୟ ବି କରିପାରେ; ମାତ୍ର, ସକଳ ମନୁଷ୍ୟ ଲାଗି ଶ୍ରଦ୍ଧାଭାବକୁ ବାଟ ଛାଡ଼ି ସ୍ୱୟଂ ଅପସରି ଯିବା ପାଇଁ ତାହା ସେହି ଅହଂଭାବକୁ ହୁଏତ କେବେହେଲେ ସମର୍ଥ କରାଇ ପାରିବ ନାହିଁ, ମଣିଷ ମଣିଷ ଭିତରେ ଏକ ଯଥାର୍ଥ ଏକତାକୁ ସ୍ୱୀକାର କରିନେବା ଲାଗି ତାହାକୁ କଦାପି ସମର୍ଥ କରାଇ ପାରିବ ନାହିଁ । କାରଣ, ମୂଳତଃ ତାହାହିଁ ତ ମାନବତାର ଧର୍ମଟିର ଲକ୍ଷ୍ୟ ହୋଇ ରହିବ, ମନୁଷ୍ୟର ଯାବତୀୟ ଧର୍ମ ଲାଗି ମଧ୍ୟ ତାହାହିଁ ପାର୍ଥିବ ଲକ୍ଷ୍ୟ ହୋଇ ରହିବାକୁ ବାଧ୍ୟ ହେବ । ଶ୍ରଦ୍ଧା ଓ ପ୍ରେମ, ମନୁଷ୍ୟ-ଭ୍ରାତୃତ୍ୱ ଲାଗି ପାରସ୍ପରିକ ସ୍ୱୀକୃତି, ସବୁ ମନୁଷ୍ୟ ଯେ ମୂଳତଃ ଗୋଟିଏ ଉପାଦାନର, ସେହି ସତ୍ୟଟି ବିଷୟରେ ଏକ ଜୀବନ୍ତବୋଧ ଏବଂ ବିଚାର, ଅନୁଭୂତି ତଥା ଜୀବନର କ୍ଷେତ୍ରଗୁଡ଼ିକରେ ସେହି ଏକତ୍ୱଟିକୁ କାର୍ଯ୍ୟକାରୀ କରାଇବାର ପ୍ରୟାସ,— ଏହିଗୁଡ଼ିକହିଁ ଅସଲ ଲକ୍ଷ୍ୟ ହୋଇ ରହିବ । ପ୍ରାଚୀନ ବୈଦିକ ସୂତ୍ରରେ (ଋକ୍ ବେଦ, ୧୦/୧୯୧) ହଜାର ହଜାର ବର୍ଷ ପୂର୍ବେ ପ୍ରଥମେ ଏହି ଆଦର୍ଶଟିକୁହିଁ ବ୍ୟକ୍ତ କରାଯାଇଥିଲା, ଏବଂ ଏହି ପୃଥିବୀପୃଷ୍ଠରେ ରହିଥିବା ମନୁଷ୍ୟ-ଜୀବନ ଲାଗି ଆମ ଭିତରେ ରହିଥିବା ଆତ୍ମା ଓ ପରମ ଦିବ୍ୟତାର ତାହାହିଁ କାଳେ କାଳେ ସର୍ବୋଚ୍ଚ ଅନୁଜ୍ଞାଟି ହୋଇ ଅବଶ୍ୟ ରହିଥିବ । ସେଇଟି ସମ୍ଭବ ନ ହେଲା ପର୍ଯ୍ୟନ୍ତ ମାନବତାର ଧର୍ମ ଅସିଦ୍ଧ ହୋଇ ରହିଥିବ । ଏବଂ ସେଇଟି ସମ୍ଭବ ହୋଇଗଲେ ତଦ୍ୱାରା ଏପରି ଏକ ଅତ୍ୟାବଶ୍ୟକ ମନଃସ୍ତରୀୟ ପରିବର୍ତ୍ତନ ମଧ୍ୟ ସମ୍ଭବ ହୋଇଯିବ ଓ କାର୍ଯ୍ୟ କରିବାକୁ ଆରମ୍ଭ କରିବ, ଯାହା ବ୍ୟତୀତ କି କୌଣସି ଔପଚାରିକ ଏବଂ ନିୟମବଦ୍ଧ, କୌଣସି ରାଜନୀତିକ ଅବା ପ୍ରଶାସନଗତ ଏକତା କଦାପି ଯଥାର୍ଥ ହୋଇ ପାରିବ ନାହିଁ, ସ୍ଥାୟୀ ମଧ୍ୟ ହୋଇ ପାରିବ ନାହିଁ । ଏବଂ ଯଦି ଏକଥାଟି ସମ୍ଭବ ହୋଇଯାଏ, ତେବେ ସେହି ବାହ୍ୟ ଏକତାଟି ମଧ୍ୟ ହୁଏତ ଆଦୌ ଅପରିହାର୍ଯ୍ୟ ବୋଲି ଅନୁଭୂତ ହେବ ନାହିଁ, କିମ୍ବା ଅପରିହାର୍ଯ୍ୟ ବୋଲି ମନେ ହେଲେ ମଧ୍ୟ ତାହା ବଡ଼ ସ୍ୱାଭାବିକ ଭାବରେ ଆସିଯିବ । ବର୍ତ୍ତମାନ ଯେପରି ତାହା କେବଳ ଅନର୍ଥକାରୀ କେତୋଟି

'oaob.nitrkl.ac.in' images reprocessed

ମାର୍ଗରେହିଁ ସମ୍ଭବ ହେବ ବୋଲି ମନେ ହେଉଛି, ସେପରି ନୁହେଁ, ମାତ୍ର ମନୁଷ୍ୟର ମନ ତାହାକୁ ଆବଶ୍ୟକ ବୋଲି ଅନୁଭବ କରୁଥିବାରୁହିଁ ତାହା ସମ୍ଭବ ହୋଇଯିବ ଏବଂ ପରିପୂର୍ଣ୍ଣତା ଲାଭ କରିଥିବା ଓ ଯଥୋଚିତ ଭାବରେ ବିକଶିତ ହୋଇ ଆସିଥିବା ଆମ ମାନବ-ସ୍ୱଭାବର ଏକ ଆଧାରଭୂତ ଆବଶ୍ୟକତା ହିସାବରେହିଁ ତାହାକୁ ସ୍ଥାୟୀ କରି ରଖାଯାଇ ପାରିବ ।

ମାତ୍ର, ମାନବତାକୁ ଯଦି କେବଳ ବୁଦ୍ଧି ଏବଂ ଭାବପ୍ରବଣତା ଦେଇ ଏକ ଧର୍ମ ରୂପେ ତିଆରି କରାଯାଏ, ତେବେ ଆମର ମାନସଭୂମିରେ ତାହା ପ୍ରକୃତରେ ଏଡ଼େ ବଡ଼ ଏକ ପରିବର୍ତ୍ତନ ଘଟାଇ ପାରିବ କି ନାହିଁ, ତାହାହିଁ ହେଉଛି ଅସଲ ପ୍ରଶ୍ନ । କେବଳ ବୁଦ୍ଧିର କ୍ଷେତ୍ରରେ କାର୍ଯ୍ୟ କରୁଥିବା କୌଣସି ଚିନ୍ତା ପଛରେ ଅନେକ ସମୟରେ ଆମର ଭାବୁକତା ଓ ସଂବେଗମୟତାର ବେଶ୍ ସମର୍ଥନ ରହିପାରେ, ମାତ୍ର ସେତେବେଳେ ମଧ୍ୟ ସେହି ଚିନ୍ତାଟି ମଧ୍ୟରେ ଏହି ଦୁର୍ବଳତାଟି ରହିଥାଏ ଯେ ତାହା ମନୁଷ୍ୟସତ୍ତାର ଅସଲ କେନ୍ଦ୍ରଟିରେ ଯାଇ ପହଞ୍ଚିପାରେ ନାହିଁ । ବୁଦ୍ଧି ଏବଂ ସଂବେଗ,— ଆମେ ଏଗୁଡ଼ିକୁ କେବଳ ସତ୍ତାର କେତେଗୁଡ଼ିଏ ସାଧନ ବା ଯନ୍ତ୍ର ବୋଲିହିଁ ଜାଣିବା, ଏବଂ ଏକଥା ମଧ୍ୟ ସତ ଯେ ସେଗୁଡ଼ିକ ସେହି ସତ୍ତାର ନିମ୍ନତର ବାହ୍ୟ ରୂପାୟନଟିର ଯନ୍ତ୍ରରୂପେ କାର୍ଯ୍ୟ କରିପାରନ୍ତି ଅଥବା ଅନ୍ତର୍ଗତ ଉଚ୍ଚତର ମନୁଷ୍ୟର ଯନ୍ତ୍ରରୂପେ ବି କାର୍ଯ୍ୟ କରିପାରନ୍ତି; ସେଗୁଡ଼ିକ ଅହଂର ଭୃତ୍ୟ ହୋଇ କାର୍ଯ୍ୟ କରିପାରନ୍ତି ଅଥବା ଆତ୍ମାର ନାନା ସଞ୍ଚରଣ-ପଥ ହୋଇ ମଧ୍ୟ ରହିପାରନ୍ତି । ପ୍ରାୟ ଏକ ସର୍ବାଦ୍ୟ ଅନ୍ତର୍ବୋଧ ଦ୍ୱାରା ପ୍ରେରିତ ହୋଇହିଁ ଗତ ଅଷ୍ଟାଦଶ ଶତାବ୍ଦୀରେ ମାନବତା-ଧର୍ମର ଲକ୍ଷ୍ୟଟିକୁ ସୂତ୍ରବଦ୍ଧ କରି ରଖା ଯାଇଥିଲା । ସ୍ୱାଧୀନତା, ସମତା ଏବଂ ଭ୍ରାତୃତ୍ୱର ସେହି ତିନୋଟି ସଜାତୀୟ ଭାବନାକୁ ଆଖି ଆଗରେ ରଖି ମନୁଷ୍ୟ-ସମାଜକୁ ନୂତନ ଭାବେ ଗଢ଼ିବାହିଁ ସେହି ଲକ୍ଷ୍ୟଟି ହୋଇ ରହିଥିଲା, ଏବେ ମଧ୍ୟ ସେହି ଲକ୍ଷ୍ୟ ତାହାହିଁ ହୋଇ ରହିଛି । ଏହି ଅନେକ ବର୍ଷ ମଧ୍ୟରେ ଆମେ ବିଭିନ୍ନ କ୍ଷେତ୍ରରେ ନାନା ଭାବେ ଅଗ୍ରଗତି କରିଥିଲେ ମଧ୍ୟ ଏହି ବିଚାରଗୁଡ଼ିକ ମଧ୍ୟରୁ ଏପର୍ଯ୍ୟନ୍ତ କୌଣସିଟି ସିଦ୍ଧ ହୋଇପାରି ନାହିଁ । ଯେଉଁ ସ୍ୱାଧୀନତାକୁ ଆଧୁନିକ ପ୍ରଗତିର ମୂଳ ସାରୋପାଦାନ ବୋଲି ଏତେ ବଡ଼ ପାଟି କରି ଘୋଷଣା କରି କୁହାଯାଇଛି, ତାହା ହେଉଛି କେବଳ ଏକ ବାହ୍ୟ ସ୍ୱାଧୀନତା, କେବଳ ଯନ୍ତ୍ରବତ୍ ପରିଚାଳିତ ହେବାର ସ୍ୱାଧୀନତା, ତାହା ଏକ ଅବାସ୍ତବ ସ୍ୱାଧୀନତା । ଯେଉଁ ସମତାକୁ ହାସଲ କରିବା ଲାଗି ଏତେ ଧାଁ-ଧପଡ଼ ହୋଇଛି ଓ ଏତେ ସଂଗ୍ରାମ କରିବାକୁ ପଡ଼ୁଛି, ସେଇଟି ମଧ୍ୟ ସମାନ ଭାବରେହିଁ କେବଳ ଏକ ବାହ୍ୟ ସମାନତା ହୋଇ ରହିଛି, କେବଳ କେତେଟା ଯାନ୍ତ୍ରିକ ନିୟମରେ ବାନ୍ଧି ହୋଇ ରହିଛି ଏବଂ ତାହା ଯେ ପରିଶେଷରେ ଏକ ମିଛ ସମାନତାରେ ପର୍ଯ୍ୟବସିତ ହେବ,

'oaob.nitrkl.ac.in' images reprocessed

ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ଆମ ଜୀବନର ବ୍ୟବସ୍ଥାରେ ଭ୍ରାତୃତ୍ୱକୁ ଏପର୍ଯ୍ୟନ୍ତ ମଧ୍ୟ ବ୍ୟାବହାରିକ ବାସ୍ତବ କ୍ଷେତ୍ରରେ ଲାଗି ପାରିଲା ଭଳି ଏକ ସତ୍ୟରୂପେ ଦାବି କରାଯାଇ ପାରି ନାହିଁ, ଏବଂ ଏହାର ବିକଳ୍ପରୂପେ ଆମ ଆଗରେ ଯାହା ଆଣି ଥୋଇ ଦିଆଯାଉଛି, ତାହା ସମାନ-ଅଧିକାରଯୁକ୍ତ ହୋଇ ପରସ୍ପର ସହିତ କେତେଟା ଗୋଷ୍ଠୀ ବା ସମିତିରେ ଆସି ଅନ୍ତର୍ଭୁକ୍ତ ହୋଇ ରହିବାର ବାହ୍ୟ ଏବଂ ଯନ୍ତ୍ରବତ୍ ଗୋଟିଏ ନୀତି ବ୍ୟତୀତ ଆଉ କିଛି ହେଲେ ହେବାକୁ ସମର୍ଥ ହୋଇ ନାହିଁ, ବା, ଖୁବ୍ ବେଶୀ ହେଲେ ଶ୍ରମିକଗୋଷ୍ଠୀର ପରସ୍ପର-ସହଚାରିତା ପର୍ଯ୍ୟନ୍ତହିଁ ଆସିବାକୁ ସମର୍ଥ ହୋଇଛି । ଏପରି ହୋଇଛି, କାରଣ ଏକ ବୁଦ୍ଧି-ରାଜତ୍ୱର ଯୁଗରେ ମାନବତାର ଭାବନା ଏକ ଧର୍ମ ତଥା ଚିଦ୍‌ଗତ ସତ୍ୟ ଓ ଆତ୍ମାର ଏକ କର୍ଷଣବସ୍ତୁ ରୂପେ ଆପଣାର ଅସଲ ସ୍ୱଭାବଟିକୁ ମୁଖା ଦ୍ୱାରା ଢାଙ୍କି ରଖିବାକୁ ବାଧ୍ୟ ହୋଇଛି, ମଣିଷର ଅନ୍ତର୍ଗତ ସତ୍ତାଟି ବଦଳରେ ତାହା ତାହାର ପ୍ରାଣିକ ଏବଂ ଭୌତିକ ମନଟି ପାଖରେହିଁ ଆବେଦନ କରିବାକୁ ବାଧ୍ୟ ହୋଇଛି । କେବଳ ରାଜନୀତିକ ଏବଂ ସାମାଜିକ ଅନୁଷ୍ଠାନଗୁଡ଼ିକୁ ବିପ୍ଳବ ଦ୍ୱାରା ବଦଳାଇ ଦେବାର ପ୍ରୟାସଟି ମଧ୍ୟରେହିଁ ତାହା ଆପଣାର ଯାବତୀୟ ପ୍ରୟାସକୁ ସୀମାବଦ୍ଧ କରି ରଖିଛି । ଏହିସବୁ ଅନୁଷ୍ଠାନକୁ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ କରି ରଖିବା ଲାଗି ମନୁଷ୍ୟ-ସମାଜର ସାଧାରଣ ମନର କ୍ଷେତ୍ରରେ କେବଳ ଯେତିକି ପରିବର୍ତ୍ତନ ଆବଶ୍ୟକ, ସେହି ମନଟିର ଭାବନା ତଥା ଭାବର କ୍ଷେତ୍ରରେ ଯେତିକି ପରିବର୍ତ୍ତନ ଆବଶ୍ୟକ, ଏହା କେବଳ ସେତିକି ପରିବର୍ତ୍ତନ ଆଣିବା ଲାଗି ଯାହାକିଛି ଚେଷ୍ଟା କରିଛି । ମନୁଷ୍ୟଜାତିର ଆତ୍ମାର କ୍ଷେତ୍ରଟିର ତୁଳନାରେ ତାହା ଅଧିକ ପରିମାଣରେ ମନୁଷ୍ୟ-ଜୀବନର ଯାନ୍ତ୍ରିକ ବ୍ୟବସ୍ଥାଟିକୁ ତଥା ମନୁଷ୍ୟର ବାହ୍ୟ ମନଟିକୁ ନେଇ ଯାହାକିଛି କାର୍ଯ୍ୟ କରିଛି । ସମକକ୍ଷମାନେ ଏକାଠି ହୋଇ ଗଢ଼ିଥିବା ନାନା ଗୋଷ୍ଠୀ ଓ ସମିତିରେ ଏକ ରାଜନୀତିକ, ସାମାଜିକ ତଥା ଆଇନ୍ ଦ୍ୱାରା ସଂରକ୍ଷିତ ସ୍ୱାଧୀନତା, ସମତା ଏବଂ ପାରସ୍ପରିକ ସହାୟତାର ପ୍ରତିଷ୍ଠା ଲାଗି ତାହା ଯାହାକିଛି ଶ୍ରମ କରି ଆସିଛି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେଗୁଡ଼ିକର ଆପଣା ଆପଣା କ୍ଷେତ୍ରରେ ଏହିସବୁ ଲକ୍ଷ୍ୟର ନିଶ୍ଚୟ ଅନେକ ମହତ୍ତ୍ୱ ରହିଛି, ମାତ୍ର ଆମେ ସେଗୁଡ଼ିକୁ କଦାପି ସର୍ବମୂଳ କଥା ବୋଲି ଗ୍ରହଣ କରିପାରିବା ନାହିଁ । ମଣିଷର ଭିତର ପ୍ରକୃତିଟି ବଦଳିଲେ ଯାଇ ସେଗୁଡ଼ିକ କେବଳ ତାହାରି ଉପରେହିଁ ଆଧାରିତ ହୋଇ ରହିପାରିବେ । ଜୀବନ ବଞ୍ଚିବାର ଅନ୍ତର୍ଗତ ଧାରାଟି ବଦଳି ଯାଇ ପାରିଲେହିଁ ସେଗୁଡ଼ିକ ତାହାରି ଭିତ୍ତି ଉପରେ ସମ୍ଭବ ହୋଇ ପାରିବେ । ସେହି ଅସଲ ପରିବର୍ତ୍ତନଟି ଦିଗରେ ମନୁଷ୍ୟର ବିକାଶ ଲାଗି ଏକ ଅଧିକ ବୃହତ୍ ପରିସର ଓ ଅଧିକ ଉପଯୁକ୍ତ କ୍ଷେତ୍ର ଯୋଗାଇ ଦେବାରେ ସାଧନରୂପେ

'oaob.nitrkl.ac.in' images reprocessed

ବ୍ୟବହୃତ ହେବାରେହିଁ ସେଗୁଡ଼ିକର ଯାହାକିଛି ସ୍ୱକୀୟ ମହତ୍ତ୍ୱ ରହିଛି ବୋଲି କୁହାଯାଇ ପାରିବ । ଏବଂ ସେହି ପରିବର୍ତ୍ତନଟି ଥରେ ହାସଲ ହୋଇଗଲେ, ବୃହତ୍ତର ଅନ୍ତର୍ଗତ ଜୀବନର ଏକ ବହିଃପ୍ରକାଶ ରୂପେ ସେଗୁଡ଼ିକର ପ୍ରକୃତରେ କୌଣସି ମହତ୍ତ୍ୱ ରହିଛି ବୋଲି କୁହାଯାଇ ପାରିବ । ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱ,– ଏଗୁଡ଼ିକୁ ଆମେ ସେହି ଆତ୍ମାରହିଁ ତିନୋଟି ଦେବତ୍ୱ-ଶକ୍ତି ବୋଲି ଜାଣିବା; ତେଣୁ ସମାଜର କୌଣସି ବହିରଙ୍ଗ ଯନ୍ତ୍ର-ବ୍ୟବସ୍ଥା ଦ୍ୱାରା ସେଗୁଡ଼ିକୁ ପ୍ରକୃତରେ କଦାପି ହାସଲ କରାଯାଇ ପାରିବ ନାହିଁ । ମନୁଷ୍ୟ ଯେପର୍ଯ୍ୟନ୍ତ କେବଳ ତା'ର ବ୍ୟକ୍ତିଗତ ଅଥବା ସାମୂହିକ ଅହଂଟି ମଧ୍ୟରେ ବାନ୍ଧି ହୋଇ ଜୀବନ ବଞ୍ଚିବାରେ ଲାଗିଛି, ସେପର୍ଯ୍ୟନ୍ତ ମଣିଷ ଦ୍ୱାରା ମଧ୍ୟ ଏଗୁଡ଼ିକ କଦାପି ହାସଲ କରାଯାଇ ପାରିବ ନାହିଁ । ଯେତେବେଳେ ଅହଂ ସ୍ୱାଧୀନତାର ଦାବି କରି ବାହାରେ, ସେତେବେଳେ ଏକ ପ୍ରତିଯୋଗିତାମୂଳକ ବ୍ୟକ୍ତିବାଦ ପାଖରେ ଯାଇ ପହଞ୍ଚିବାହିଁ ସାର ହୁଏ । ଯେତେବେଳେ ତାହା ସମତା ଲାଗି ଜିଦ୍ କରିବାକୁ ଯାଏ, ସେତେବେଳେ ତାହା ପ୍ରଥମେ କଳହ ଓ ସଂଘର୍ଷ ଭିତରେ ଆସି ଛନ୍ଦି ହୋଇଯାଏ, ତା'ପରେ ପ୍ରକୃତି ମଧ୍ୟରେ ରହିଥିବା ବହୁବିଧତାକୁ ଉପେକ୍ଷା କରିବାକୁ ଆରମ୍ଭ କରେ ଏବଂ ସେହି ଉଦ୍ଦେଶ୍ୟଟିକୁ ସମ୍ପୂର୍ଣ୍ଣ ସଫଳ ଭାବରେ ପୂରଣ କରିବାର ଏକ ମାର୍ଗ ସ୍ୱରୂପ ତାହା ଗୋଟିଏ କୃତ୍ରିମ ସମାଜକୁ ଗଢ଼ି ଥୋଇଦିଏ, ଯନ୍ତ୍ର ଦ୍ୱାରା ପରିଚାଳିତ ଗୋଟିଏ ବ୍ୟବସ୍ଥାକୁ ଆଣି ଲିଆଇବାକୁ ଲାଗେ । ଯେଉଁ ସମାଜ ସ୍ୱାଧୀନତାକୁହିଁ ଆପଣାର ଆଦର୍ଶ ବୋଲି ମାନେ ଓ ତାହାରି ଅନୁଧାବନ କରୁଥାଏ, ସିଏ କଦାପି ସମତା ହାସଲ କରିପାରେ ନାହିଁ । ଯିଏ ସମତାକୁ ଲକ୍ଷ୍ୟ କରି ରଖିଥାଏ, ସିଏ ସ୍ୱାଧୀନତାଟିକୁ ବର୍ଜନ କରିବାକୁହିଁ ବାଧ୍ୟ ହୁଏ । ଏବଂ ଅହଂ ପାଖରେ ଭ୍ରାତୃତ୍ୱ ବିଷୟରେ କହିବାର ଅର୍ଥ ହେଉଛି ତାହାର ସ୍ୱଭାବର ସମ୍ପୂର୍ଣ୍ଣ ବିରୋଧୀ କୌଣସି ଏକ ବିଷୟରେ କିଛି କହିବାକୁ ଯିବା । ଅହଂ କେବଳ ଏତିକି ଜାଣିଥାଏ ଯେ ଅହଂଭାବ ଦ୍ୱାରା ଅନୁପ୍ରେରିତ କେତେଟା ଉଦ୍ଦେଶ୍ୟର ପୂରଣ ଲାଗିହିଁ ମନୁଷ୍ୟ ପରସ୍ପର ସହିତ ଆସି ଏକତ୍ର ହୋଇଥାଏ, ଏବଂ ଖୁବ୍ ବେଶୀ ହେଲେ, ଶ୍ରମ, ଉତ୍ପାଦନ, ଉପଭୋଗ ଏବଂ ଆନନ୍ଦପ୍ରାପ୍ତିର ସମାନ ବିତରଣ ଲାଗି ଯଥାଶକ୍ତି ନିକଟ-ସମ୍ପର୍କଯୁକ୍ତ ହେବା ଲାଗିହିଁ ସମର୍ଥ ହୋଇଥାଏ ।

ତଥାପି, ମାନବତାର ବିଚାରଟି ପଛରେ ଯେଉଁ ତିନୋଟି ଯାକ ସିଦ୍ଧାନ୍ତ ରହିଛି, ସେଗୁଡ଼ିକୁ ହାସଲ କରି ପାରିବା ଲାଗି ଭ୍ରାତୃଭାବନା ହେଉଛି ପ୍ରକୃତ ଚାବିକାଠି । ମଣିଷ ମଣିଷ ମଧ୍ୟରେ ଭ୍ରାତୃତ୍ୱ-ଶକ୍ତିର ପ୍ରତିଷ୍ଠା ହୋଇ ପାରିଲେ ଯାଇ ସ୍ୱାଧୀନତା ଏବଂ ସମତା ଦୁଇଟି ଯାକ ସମ୍ଭବ ହୋଇପାରିବେ ଏବଂ ଆଉ ଯେକୌଣସି ଅନ୍ୟ ଭିତ୍ତି ଉପରେ ସେମାନେ କଦାପି ତିଷ୍ଠି ରହିପାରିବେ ନାହିଁ । ମାତ୍ର କେବଳ ଆତ୍ମାରେହିଁ ହେଉଛି ଭ୍ରାତୃତ୍ୱର

'oaob.nitrkl.ac.in' images reprocessed

ପ୍ରକୃତ ଆସ୍ଥାନ ଏବଂ ଆତ୍ମା ଦ୍ୱାରାହିଁ ଭ୍ରାତୃତ୍ୱର କୌଣସି ଅସ୍ତିତ୍ୱ ସମ୍ଭବ ହୋଇପାରିବ । ଆଉ ଅନ୍ୟ କିଛି ଦ୍ୱାରା ତାହା କଦାପି ସମ୍ଭବ ହେବ ନାହିଁ । କାରଣ, ଭ୍ରାତୃତ୍ୱ ଭୌତିକ ଜ୍ଞାତିତ୍ୱର ଏକ ବସ୍ତୁ ନୁହେଁ ଅଥବା ପ୍ରାଣିକ ସାମୂହିକତାର କିଂବା ବୁଦ୍ଧିପ୍ରେରିତ ଏକ ସହମତିର ମଧ୍ୟ ବସ୍ତୁ ନୁହେଁ । ଯେତେବେଳେ ଆତ୍ମା ସ୍ୱତନ୍ତ୍ରତାର ଦାବି କରେ, ସେତେବେଳେ ଆତ୍ମ-ବିକାଶ ସକାଶେହିଁ ସେଇଟିର ଦାବି କରିଥାଏ, ମଣିଷ ଭିତରେ ତାହାର ସମୁଦାୟ ସତ୍ତାଟିକୁ ପରିପୂର୍ଣ୍ଣ କରି ଅନ୍ତର୍ନିହିତ ଦିବ୍ୟ ସତ୍ତାଟିର ଆତ୍ମ-ବିକାଶ ସକାଶେହିଁ ସେଇଟିର ଦାବି କରିଥାଏ । ଆତ୍ମା ଯେତେବେଳେ ସମତାର ଦାବି କରେ, ସେତେବେଳେ ତାହା ସମସ୍ତଙ୍କ ସକାଶେହିଁ ସେହି ସ୍ୱତନ୍ତ୍ରତାର ଦାବି କରିଥାଏ । ସବୁରି ଭିତରେ ବିଦ୍ୟମାନ ସେହି ଗୋଟିଏ ଆତ୍ମାର ସ୍ୱୀକୃତି ଦାବି କରିଥାଏ, ସବୁ ମଣିଷ ଭିତରେ ସେହି ଯେଉଁ ଗୋଟିଏ ଈଶ୍ୱରତ୍ୱ ବିଦ୍ୟମାନ ରହିଛି, ତାହାରି ସ୍ୱୀକୃତି ଦାବି କରିଥାଏ । ଯେତେବେଳେ ଆତ୍ମା ଭ୍ରାତୃତ୍ୱ ଲାଗି ପ୍ରୟାସ କରେ, ସେତେବେଳେ ତାହା ଆତ୍ମବିକାଶର ସେହି ସାର୍ବଜନୀନ ସ୍ୱତନ୍ତ୍ରତାକୁ ଏକ ସାଧାରଣ ଲକ୍ଷ୍ୟ ଓ ସାଧାରଣ ଜୀବନ ଉପରେ ଆଣି ପ୍ରତିଷ୍ଠିତ କରି ରଖିବାର ଚେଷ୍ଟା କରୁଥାଏ, ଏହି ଅନ୍ତର୍ଗତ ଆଧ୍ୟାତ୍ମିକ ଏକତାର ସ୍ୱୀକୃତି ଉପରେ ମନ ତଥା ସଂବେଗର ଏକତ୍ୱକୁ ଆଣି ପ୍ରତିଷ୍ଠିତ କରି ରଖିବାର ଚେଷ୍ଟା କରୁଥାଏ । ଏହି ତିନୋଟିଯାକ କଥାକୁ ଆମେ ବସ୍ତୁତଃ ସେହି ଆତ୍ମାରହିଁ ସ୍ୱଭାବ ବୋଲି କହିପାରିବା; କାରଣ, ସ୍ୱାଧୀନତା, ସମତା ଓ ଏକତ୍ୱ,— ଏଗୁଡ଼ିକ ହେଉଛି ସେହି ପରମ ଚିଦ୍‌ଗତତାରହିଁ ଗୋଟିଏ ଗୋଟିଏ ଶାଶ୍ୱତ ବିଭାବ ବା ଗୁଣ । ଧର୍ମ ବ୍ୟାବହାରିକ କ୍ଷେତ୍ରରେ ଏହି ସତ୍ୟଟିକୁ ସ୍ୱୀକାର କରିନେବ, ମନୁଷ୍ୟ ଭିତରେ ଆତ୍ମାକୁ ଜାଗ୍ରତ କରାଇ ଆଣିବ, ଏବଂ ଆପଣାର ଅହଂ ଦ୍ୱାରା ନୁହେଁ, ମାତ୍ର ଆତ୍ମା ଦ୍ୱାରା ପ୍ରେରିତ ହୋଇହିଁ ଜୀବନ ବଞ୍ଚିବା ଲାଗି ତାହା ମନୁଷ୍ୟକୁ ଉଦ୍‌ବୋଧିତ କରିବାର ପ୍ରୟାସ କରୁଥିବ,— ଧର୍ମର ଅନ୍ତର୍ଗତ ତାତ୍ପର୍ଯ୍ୟ କହିଲେ ଆମେ ଏହି କଥାଟିକୁହିଁ ବୁଝିବା; ଏବଂ, ମନୁଷ୍ୟ-ସମାଜର ଜୀବନରେ ଆପଣାକୁ ପରିପୂର୍ଣ୍ଣ କରି ପାରିବା ପୂର୍ବରୁ ମାନବତାର ଧର୍ମ ନିଜେ ମଧ୍ୟ ଅବଶ୍ୟ ଏହିଠାରେହିଁ ଆସି ଉପନୀତ ହେବାକୁ ପଡ଼ିବ ।

'oaob.nitrkl.ac.in' images reprocessed

## ପଞ୍ଚତ୍ରିଂଶ ପରିଚ୍ଛେଦ

# ସାରାଂଶ ଓ ଉପସଂହାର

ଅନ୍ୟ ଭାଷାରେ କହିଲେ,– ଏବଂ ଆମେ ଶେଷକୁ ଆସି ଏଥିରୁ ଏହି ଉପସଂହାରରେହିଁ ପହଞ୍ଚିବା,– ରାଜନୀତିକ ତଥା ପ୍ରଶାସନିକ ନାନା ଉପାୟ ଦ୍ୱାରା ଏକ ଅନିଶ୍ଚିତ ଏବଂ ପ୍ରାୟ ଯନ୍ତ୍ରବତ୍ ଏକତାର ରଚନା କରିବା ବେଶ୍ ସମ୍ଭବ ହୋଇଥିଲେ ମଧ୍ୟ, ତଦ୍ୱାରା ହୁଏତ ମାନବଜାତି ମଧ୍ୟରେ ଯେଉଁ ଏକତା ପ୍ରତିଷ୍ଠିତ ହୋଇପାରିବ, ତାହା ପ୍ରକୃତରେ କଦାପି ଏକ ସ୍ଥାୟୀ ଓ ବାସ୍ତବ ଏକତା ହୋଇ ରହିପାରିବ ନାହିଁ; ମାନବତାର ଯେଉଁ ଧର୍ମଟି ବର୍ତ୍ତମାନ ମନୁଷ୍ୟଜାତିର ସର୍ବୋଚ୍ଚ ସକ୍ରିୟ ଆଦର୍ଶ ହୋଇ ରହିଛି, ଯଦି ସେଇଟି ଆପଣାକୁ ଆଧାତ୍ମିକ ଭାବରେ ଅନୁପ୍ରେରିତ କରିପାରେ ଓ ମନୁଷ୍ୟ-ଜୀବନର ସାର୍ବଜନୀନ ଅନ୍ତର୍ଗତ ବିଧାନରେ ପରିଣତ ହୋଇପାରେ, କେବଳ ତେବେଯାଇ ସେହି ଏକତା ସ୍ଥାୟୀ ହୋଇପାରିବ ଏବଂ ତାହାକୁ ପ୍ରକୃତ ଏକତା ବୋଲି କୁହାଯାଇ ପାରିବ ।

ବାହ୍ୟ ଏକତାଟି ସମ୍ଭବତଃ ବେଶ୍ ପ୍ରତିଷ୍ଠିତ ହୋଇଯାଇ ପାରିବ,– ନିଶ୍ଚିତ ଭାବରେ ହୋଇପାରିବ ବୋଲି କଦାପି କୁହାଯାଇ ନ ପାରିଲେ ମଧ୍ୟ ଏକ ପରିମେୟ କାଳାବଧି ମଧ୍ୟରେ ତାହା ସମ୍ଭବତଃ ପ୍ରତିଷ୍ଠିତ ହୋଇ ଯାଇପାରିବ,– କାରଣ ମନୁଷ୍ୟ-ସମାଜ ମଧ୍ୟରେ କ୍ରିୟା କରୁଥିବା ପ୍ରକୃତିର ତାହାହିଁ ଅବଶ୍ୟମ୍ଭାବୀ ସର୍ବଶେଷ ଗତିରୂପେ ନିରୂପିତ ହୋଇ ରହିଛି ଏବଂ ତାହାହିଁ ଆମକୁ କ୍ରମଶଃ ବୃହତ୍ତର ଏବଂ ଆହୁରି ବୃହତ୍ତର ନାନା ସାମୂହିକତା ଆଡ଼କୁ ଚାଳିତ କରି ନେଉଛି ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏକ ଅଧିକ ପରସ୍ପର-ନିକଟବର୍ତ୍ତୀ ଅନ୍ତର୍ଜାତୀୟ ବ୍ୟବସ୍ଥା ମଧ୍ୟରେ ସମଗ୍ର ମାନବଜାତିକୁ ଆଣି ଏକଜୁଟ କରିବାରେ ତାହା କଦାପି ବିଫଳକାମ ହେବ ନାହିଁ ।

ପ୍ରକୃତିର ଏହି କ୍ରିୟାଟି ଆପଣାର ଲକ୍ଷ୍ୟ ସିଦ୍ଧ କରିବାର ସାଧନରୂପେ ସର୍ବଦା ଦୁଇଟି ଶକ୍ତି ଉପରେ ନିର୍ଭରଶୀଳ ହୋଇ ରହିଛି, ଏବଂ ସେହି ଶକ୍ତିଦ୍ୱୟ ଏକତ୍ର ହୋଇ ବୃହତ୍ତର ସାମୂହିକତାକୁ ପ୍ରାୟ ଏକ ଅନିବାର୍ଯ୍ୟ ପରିଣାମରେ ପରିଣତ କରି ରଖିଛନ୍ତି । ପ୍ରଥମତଃ, ସାମୂହିକ ଓ ସାଧାରଣ ସ୍ୱାର୍ଥଗୁଡ଼ିକ କ୍ରମଶଃ ଅଧିକରୁ ଅଧିକ ପରିମାଣରେ ପରସ୍ପରର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ଆସୁଛନ୍ତି, ବା, ଅନ୍ତତଃ ସେହି ସ୍ୱାର୍ଥଗୁଡ଼ିକ କ୍ରମେ ଏପରି ଭାବରେ ଏକ ବୃହତ୍ ଓ ଆହୁରି ବୃହତ୍ ବୃତ୍ତରେ ଏକାଠି ବାନ୍ଧିହୋଇ ଯାଉଛନ୍ତି ଓ ପରସ୍ପର ସହିତ ଏପରି ସମ୍ବନ୍ଧିତ ହେବାରେ ଲାଗିଛନ୍ତି, ଯାହାଫଳରେ କି

'oaob.nitrkl.ac.in' images reprocessed

ପୁରାତନ ବିଭାଜନଗୁଡ଼ିକ ଗୋଟିଏ ଗୋଟିଏ ପ୍ରତିବନ୍ଧକ ଏବଂ ଦୁର୍ବଳତାର କାରଣ ବୋଲି ଅନୁଭୂତ ହେଉଛନ୍ତି, ବାଧା ଏବଂ ସଂଘର୍ଷର କାରଣ ହୋଇ ଠିଆ ହେଉଛନ୍ତି ଏବଂ ସେହି ସଂଘର୍ଷରୁ ଯେଉଁ ସଂଘାତ ଓ ପରସ୍ପର-ଦ୍ୱନ୍ଦ୍ୱ ଉପୁଜୁଛି, ତାହା ପ୍ରକୃତରେ ସମସ୍ତଙ୍କ ଲାଗିହିଁ ଏକ ଧ୍ୱଂସକାରୀ ବିପର୍ଯ୍ୟୟକୁ ବହନ କରି ଆଣୁଛି । ଏପରିକି, ଏହି ସଂଘର୍ଷରେ ବିଜୟୀ ହୋଇ ବାହାରୁଥିବା ପକ୍ଷଟି ଲାଗି ମଧ୍ୟ ତାହା ସେହି ବିପଦଟିକୁ ବହନ କରି ଆଣୁଛି, ଆପଣାର ଲାଭଗୁଡ଼ିକ ସକାଶେ ତାହାକୁ ଅତିବେଶୀ ମୂଲ୍ୟ ଗଣିବାକୁ ପଡୁଛି । ଏବଂ ଯୁଦ୍ଧ ଯହୁଁ ଯହୁଁ ଅଧିକ ଜଟିଳ ଓ ଧ୍ୱଂସକାରକ ହେବାରେ ଲାଗିଛି, ପ୍ରତ୍ୟାଶିତ ସେହି ଲାଭଗୁଡ଼ିକ ହସ୍ତଗତ ହେବା ମଧ୍ୟ କ୍ରମେ ଅଧିକରୁ ଅଧିକ କଷ୍ଟକର ହୋଇପଡୁଛି, ଏବଂ ସଫଳତାଟି ମଧ୍ୟ ଅନିଶ୍ଚିତ ହୋଇ ରହିଯାଉଛି । ସବୁରି ସ୍ୱାର୍ଥ ପ୍ରକୃତରେ ଏକତ୍ର ଗୋଟିଏ ଗୋଷ୍ଠୀ ପରି ହୋଇ ରହିଛି ଅଥବା ପରସ୍ପର ସହିତ ଘନିଷ୍ଠ ଭାବରେ ସମ୍ବନ୍ଧିତ ହୋଇ ରହିଛି ବୋଲି ସମସ୍ତେ ଯହୁଁ ଯହୁଁ ଅଧିକରୁ ଅଧିକ ପରିମାଣରେ ଦେଖିବାକୁ ପାଇବେ ଏବଂ ସଂଘାତ ତଥା ଧ୍ୱଂସକାରୀ ସଂଘର୍ଷଟିର ପରିଣାମଗୁଡ଼ିକର ସମ୍ମୁଖୀନ ହେବାକୁ ଯହୁଁ ଯହୁଁ ଅଧିକ ଅନିଚ୍ଛା ପ୍ରକାଶିତ ହେବ, ସେତେବେଳେ, ଯେଉଁସବୁ ବିଭାଜନରୁ ଏହିଭଳି ପ୍ରମାଦମାନ ଉପୁଜିବାରେ ଲାଗିଛି, ସେଗୁଡ଼ିକୁ ହ୍ରାସ କରିପାରିବା ଲାଗି ଯେକୌଣସି ମାର୍ଗ ଅବଲମ୍ବନ କରିବା ପାଇଁ ସମସ୍ତେ ଅଧିକରୁ ଅଧିକ ପରିମାଣରେ ପ୍ରବୃତ୍ତ ହେବାକୁ ଲାଗିବେ । ଏବଂ ଯେତେବେଳେ ବିଭାଜନଗୁଡ଼ିକର ହ୍ରାସ କରିବା ଲାଗି ଏହି ପ୍ରବୃତ୍ତି ଥରେ ଏକ ନିର୍ଦ୍ଦିଷ୍ଟ ରୂପରେଖ ଗ୍ରହଣ କରିବାକୁ ସମର୍ଥ ହୋଇଯିବ, ସେଥିରୁ ଏପରି ଏକ ପ୍ରେରକଶକ୍ତିର ସୃଷ୍ଟି ହେବ, ଯାହାକି ସମସ୍ତଙ୍କୁ ଅଧିକରୁ ଅଧିକ ଘନିଷ୍ଠ ସମ୍ମିଳନ ଆଡ଼କୁ ପରିଚାଳିତ କରି ନେଇଯିବ । ଯଦି ଏହିସବୁ ସାଧନ ଦ୍ୱାରା ପ୍ରକୃତି ସଫଳତା ଲାଭ କରି ନ ପାରିବ, ଯଦି ଅସଙ୍ଗତିଟା ଏତେ ବଡ଼ ହୋଇ ରହିଥିବ ଯେ ଏକତ୍ରୀକରଣର ଏହି ପ୍ରବୃତ୍ତିଟି କଦାପି ଜୟଲାଭ କରିପାରିବ ନାହିଁ, ତେବେ ପ୍ରକୃତି ଅନ୍ୟ ସାଧନଗୁଡ଼ିକୁ ଆଣି କାମରେ ଲଗାଇବ, ଅର୍ଥାତ୍, ଯୁଦ୍ଧ ଓ ବିଜୟ ଅଥବା କୌଣସି ଶକ୍ତିଶାଳୀ ରାଷ୍ଟ୍ର କିଂବା ସାମ୍ରାଜ୍ୟର ଅସ୍ଥାୟୀ ଭାବରେ ସମସ୍ତଙ୍କ ଉପରେ ଆଧିପତ୍ୟ-ବିସ୍ତାର ପ୍ରଭୃତି ଅନ୍ୟ ଉପାୟଗୁଡ଼ିକୁ କାର୍ଯ୍ୟରେ ଲଗାଇବ ବା ଏହିଭଳି ଏକ ଆଧିପତ୍ୟ-ବିସ୍ତାରର ବିପଦକୁ ସର୍ବଦା ଜାରି କରି ରଖିଥିବ । ଏବଂ ଯେଉଁମାନେ ଏସବୁ ଦ୍ୱାରା ଆପଣାକୁ ବିପନ୍ନ ବୋଲି ଅନୁଭବ କରିବେ, ସେମାନେ ଅଧିକ ଘନିଷ୍ଠ ଭାବରେ ପରସ୍ପର ସହିତ ମିଳିତ ହେବାର ପନ୍ଥାଟିକୁ ଗ୍ରହଣ କରିବା ଲାଗି ବାଧ୍ୟ ହେବେ । ଏହିପରି ଉପାୟମାନ ଅବଲମ୍ବନ କରି ଓ ବାହ୍ୟ ପ୍ରୟୋଜନୀୟତାର ଏହି ଶକ୍ତିଟିକୁ କାମରେ ଲଗାଇହିଁ ପ୍ରକୃତି ଏକଦା ଜାତି-ଏକକ ଏବଂ ଜାତୀୟ ସାମ୍ରାଜ୍ୟଗୁଡ଼ିକର ରଚନା କରିଥିଲା, ଏବଂ ପରିସ୍ଥିତି

'oaob.nitrkl.ac.in' images reprocessed

ତଥା କ୍ରିୟାଶୀଳ ହେବାର କ୍ଷେତ୍ରରେ ଯେତେଯାହା ଉଷତ୍ ପରିବର୍ତ୍ତନ ହେଲେ ମଧ୍ୟ ମୂଳତଃ ମନୁଷ୍ୟସମାଜକୁ ଅନ୍ତଃଜାତୀୟ ଏକତ୍ରୀକରଣ ଆଡ଼କୁ ପରିଚାଳିତ କରି ନେଇଯିବାରେ ପ୍ରକୃତି ବର୍ତ୍ତମାନ ସେହି ଶକ୍ତି ଓ ସେହି ଉପାୟଗୁଡ଼ିକୁ କାର୍ଯ୍ୟରେ ଲଗାଇବାରେ ଲାଗିଛି ।

ମାତ୍ର, ଦ୍ୱିତୀୟତଃ, ଏହି କ୍ଷେତ୍ରରେ ସମସ୍ତଙ୍କୁ ଏକତ୍ର କରି ଆଣୁଥିବା ଏକ ସାଧାରଣ ଅଭିଳାଷର ଶକ୍ତିଟି ମଧ୍ୟ ରହିଛି । ଏହି ଶକ୍ତି ହୁଏତ ଦୁଇପ୍ରକାର ମାର୍ଗରେ କାର୍ଯ୍ୟ କରିପାରିବ; ଏକ ଉନ୍ମେଷକାରୀ ଅଥବା ସାହାଯ୍ୟକାରୀ କାରଣରୂପେ ଏହାର ହୁଏତ ଆଗରୁ ଆବିର୍ଭାବ ହେବ ବା ଏକ ସମ୍ମିଳନକାରୀ ପରିଣାମ ରୂପେ ଏଇଟି ପରେ ଆସି ପହଞ୍ଚିବ । ପ୍ରଥମ କ୍ଷେତ୍ରଟିରେ, ଯେଉଁସବୁ ଦେଶ ଆଗରୁ ଅଲଗା ଅଲଗା ହୋଇ ରହିଥିଲେ, ସେମାନଙ୍କ ମଧ୍ୟରେ ଏକ ବୃହତ୍ତର ଏକତାର ଭାବ ଉନ୍ମେଷିତ ହୋଇ ଉଠିବ ଏବଂ ଏକକଗୁଡ଼ିକୁ ସମ୍ମିଳନର ଏପରି ଏକ ମୂର୍ତ୍ତ ରୂପ ଖୋଜି ବାହାର କରିବାକୁ ତାହା ଏପରି ଭାବରେ ପରିଚାଳିତ କରିନେବ, ଯାହାକି ପ୍ରଧାନତଃ, ଏକତା ଲାଗି ରହିଥିବା ଅଭିଳାଷ ଓ ତା'ପଛରେ ରହିଥିବା ବିଚାରର ଶକ୍ତିଟି ଦ୍ୱାରା ସମ୍ଭବ ହୋଇଯିବ, ବା, ଗୌଣ ଭାବରେ, ଅନ୍ୟ ଓ ଆହୁରି ଅନେକ ବାହ୍ୟ ଘଟଣା ଏବଂ କାରଣଗୁଡ଼ିକ ଲାଗି ସହାୟକ ରୂପେ କାର୍ଯ୍ୟ କରି ତାହା ସେହି ସମ୍ମିଳନକୁ ସମ୍ଭବ କରିଆଣିବ । ଏଠାରେ ଆମେ ହୁଏତ ସ୍ମରଣ ରଖିବା ଯେ ଆଗକାଳେ ଏହି ଭାବନାଟି ଆପଣାକୁ ଯଥେଷ୍ଟ ଫଳପ୍ରଦ ଭାବରେ କାର୍ଯ୍ୟକାରୀ କରି ନ ଥିଲା; ସାନ ସାନ ବଂଶ ବା ଅଞ୍ଚଳୀୟ ଜାତିଗୋଷ୍ଠୀଗୁଡ଼ିକ ମଧ୍ୟରେ ଏହାର ଯଥେଷ୍ଟ ପ୍ରଭାବ ପଡ଼ି ନ ଥିଲା । ସାଧାରଣତଃ ବାହ୍ୟ ପରିସ୍ଥିତି ଦ୍ୱାରା ଏବଂ ବହୁତର କ୍ଷେତ୍ରରେ ତାହାର ସେହି ସ୍ଥୂଳତମ ରୂପଟି, ଅର୍ଥାତ୍ ଯୁଦ୍ଧ ଏବଂ ରାଜ୍ୟଜୟ ଦ୍ୱାରା ଏବଂ ପରସ୍ପର ମଧ୍ୟରେ ଯୁଦ୍ଧରତ ହୋଇ ରହିଥିବା ସଂଲଗ୍ନ ଜାତିଗୁଡ଼ିକ ଉପରେ ସେମାନଙ୍କ ମଧ୍ୟରୁ ସବୁଠାରୁ ଅଧିକ ଶକ୍ତିଶାଳୀ ଜାତିର ଆଧିପତ୍ୟ-ବିସ୍ତାର ଦ୍ୱାରା ସେତେବେଳେ ଏକତାର ପ୍ରତିଷ୍ଠା ହେଉଥିଲା । ମାତ୍ର ପରବର୍ତ୍ତୀ ଯୁଗରେ ଏକତାଭାବର ଶକ୍ତିଟିହିଁ ଏକ ଅଧିକ ସ୍ପଷ୍ଟ ରାଜନୀତିକ ବିଚାର ଦ୍ୱାରା ପରିପୁଷ୍ଟ ହେଲା ଏବଂ କ୍ରମଶଃ ଅଧିକ ପରିମାଣରେ ଫଳପ୍ରଦ ହୋଇ ପ୍ରତିଷ୍ଠିତ ହେଲା । ବିଭିନ୍ନ ଜାତି ବେଳେବେଳେ ପ୍ରଥମେ ଏକାଠି ମିଶି ସ୍ୱାଧୀନତା ଲାଗି ସଂଗ୍ରାମ କରିଛନ୍ତି କିଂବା ଏକ ସାଧାରଣ ଶତ୍ରୁ ବିରୋଧରେ ଯୁଦ୍ଧ କରିବାକୁ ଯାଇ ଏକଜୁଟ ହେବାକୁ ବାଧ୍ୟ ହୋଇଛନ୍ତି ସତ, ମାତ୍ର ଏହିପରି ଭାବରେ ସେମାନଙ୍କ ମଧ୍ୟରେ ଏକ ସଂଘ ବା ସମୂହର ପ୍ରତିଷ୍ଠା ଦ୍ୱାରା ବୃହତ୍ତର ଜାତୀୟ ସମୂହଗୁଡ଼ିକ ବିକଶିତ ହୋଇ ଆସିଛନ୍ତି । ଏହିପରି ଭାବରେ ଆମେରିକାର ଯୁକ୍ତରାଜ୍ୟ ଏକାଠି ହୋଇଛି, ଇଟାଲୀ ତିଆରି ହୋଇଛି, ଜର୍ମାନୀ ତିଆରି

'oaob.nitrkl.ac.in' images reprocessed

ହୋଇଛି, ଏବଂ ଅପେକ୍ଷାକୃତ ଅଧିକ ଶାନ୍ତିପୂର୍ଣ୍ଣ ଭାବରେ ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ-ଆଫ୍ରିକାର ରାଜ୍ୟସଂଘଗୁଡ଼ିକ ଜନ୍ମଲାଭ କରିଛି । ମାତ୍ର ଅନ୍ୟତ୍ର, ବିଶେଷ କରି ପୂର୍ବରୁ ସଂଘଟିତ ହୋଇଥିବା ଜାତୀୟ ଏକତ୍ରୀକରଣଗୁଡ଼ିକର କ୍ଷେତ୍ରରେ ବାହ୍ୟ, ଔପଚାରିକ ବା ଏକ ଯାନ୍ତ୍ରିକ ଭାବରେ ଏକତ୍ର ହେବାର ଫଳସ୍ୱରୂପ ସମ୍ପୂର୍ଣ୍ଣଭାବରେ ହେଉ ଅଥବା ମୁଖ୍ୟ ଭାବରେ ହେଉ, ଏକତାର ଅଭିଳାଷଟି ବିକଶିତ ହୋଇ ଆସିଛି । ମାତ୍ର ଏହି ଅଭିଳାଷ ବା ଭାବଟିର ବିକାଶକୁ ସମ୍ଭବ କରିବାକୁ ହେଲେ ଅଥବା ସେଇଟିକୁ ସଂରକ୍ଷିତ କରି ରଖିବାକୁ ହେଲେ, ଏହି କ୍ଷେତ୍ରରେ ମନଃକ୍ଷେତ୍ରୀୟ ଉପାଦାନଟିର ଏକାନ୍ତ ଆବଶ୍ୟକତା ରହିଛି । ଏବଂ ସେଇଟି ବ୍ୟତୀତ କୌଣସି ସ୍ଥାୟୀ ଓ ଦୃଢ଼ ଏକତା କେବେହେଲେ ସମ୍ଭବ ହେବ ନାହିଁ । ସେଇଟି ନ ଥିବାରୁ, ଏପରି ଏକ ଭାବ ସୃଷ୍ଟି କରିବାରେ ଅଥବା ସେଇଟିକୁ ଯଥେଷ୍ଟ ପରିମାଣରେ ଜୀବନ୍ତ, ସ୍ୱାଭାବିକ ଏବଂ ଶକ୍ତିଶାଳୀ କରି ରଖିବାରେ ସଫଳ ହୋଇ ନ ପାରିବାରୁହିଁ ସମୂହଗୁଡ଼ିକ ନାନାସ୍ଥାନରେ ବଡ଼ ଅନିଶ୍ଚିତ ଭାବରେ ତିଷ୍ଠି ରହିବାକୁ ବାଧ୍ୟ ହୋଇଛନ୍ତି । ଅଷ୍ଟ୍ରୋ-ହଙ୍ଗେରୀର ସମୂହଟିକୁ ଏଠାରେ ଦୃଷ୍ଟାନ୍ତରୂପେ ଗ୍ରହଣ କରାଯାଇପାରେ । ଅତୀତର ସାମ୍ରାଜ୍ୟଗୁଡ଼ିକ ମଧ୍ୟ ଏହି କାରଣରୁ ବଡ଼ ଅଳ୍ପକାଳସ୍ଥାୟୀ ହୋଇ ରହିଛନ୍ତି, ଏବଂ ଯଦି ପରିସ୍ଥିତିଗୁଡ଼ିକ ବଦଳି ନ ଯାଏ, ତେବେ ବର୍ତ୍ତମାନ ପୃଥିବୀରେ ରହିଥିବା ବଡ଼ ବଡ଼ ସାମ୍ରାଜ୍ୟଗୁଡ଼ିକ ମଧ୍ୟ ସମ୍ଭବତଃ ସେହି କାରଣରୁହିଁ କ୍ରମଶଃ ଭୁଶୁଡ଼ି ପଡ଼ିବ ଓ ଖଣ୍ଡ ଖଣ୍ଡ ହୋଇଯିବାକୁ ବାଧ୍ୟ ହେବ ।

କୌଣସି ଏକ ପ୍ରକାରର ଆନ୍ତର୍ଜାତିକ ବିଶ୍ୱ-ସଂଗଠନର ପ୍ରତିଷ୍ଠା ଦିଗରେ ବର୍ତ୍ତମାନ ଯେଉଁସବୁ ଶକ୍ତିଗୁଡ଼ିକର ଏକ ପ୍ରବୃତ୍ତି ଦେଖାଦେଉଛି ଓ ଦୂର ଭବିଷ୍ୟତରେ ପୃଥିବୀର ଜାତିସମୂହ ଏକତ୍ର ଗୋଟିଏ ଏକତ୍ୱ ମଧ୍ୟରେ ଆସି ସମ୍ମିଳିତ ହୋଇଯିବେ ବୋଲି ସେଥିରୁ ଯେଉଁ ଅନୁମାନ କରାଯାଉଛି, ଏଇଟିକୁ ପ୍ରାୟ ଅବଶ୍ୟମ୍ଭାବୀ କରି ପକାଉଥିବା କାରଣଗୁଡ଼ିକ ଗତ ବେଶ୍ କିଛିକାଳ ହେଲା କ୍ରିୟାଶୀଳ ହୋଇ ରହିଥିଲେ ମଧ୍ୟ ତାହା ବର୍ତ୍ତମାନ କେବଳ ଏକ ବିଚାର ବା ଆକାଂକ୍ଷାରୂପେହିଁ ଆପଣାର ଘୋଷଣା କରିବାକୁ ଆରମ୍ଭ କରୁଛି ଏବଂ ଆବଶ୍ୟକତା ତଥା ପରିବେଶର ଚାପ ଦ୍ୱାରା ଅର୍ଥାତ୍ ବାହ୍ୟ ପରିସ୍ଥିତି ଦ୍ୱାରା ତାହା ଏକ ସତ୍ୟରେ ପରିଣତ ହେବାକୁ ଯାଉଛି । ଯୁଗପତ୍ ଭାବରେ ଏହିସବୁ ବାହ୍ୟ ପରିସ୍ଥିତି ଦ୍ୱାରା ଏକ ବିଶେଷ ମନୋଭାବ ମଧ୍ୟ ପରିପୁଷ୍ଟ ଏବଂ ଉତ୍ପ୍ରେରିତ ହୋଇ ଆସୁଛି, ଯାହାକୁ କି ଆମେ ଏକ ବିଶ୍ୱନାଗରିକତ୍ୱର ଭାବ ବା ଅନ୍ତର୍ଜାତୀୟତାର ଭାବ ବୋଲି କହିପାରିବା; ଏହି ଭାବଟି ଏବେ ମଧ୍ୟ ବଡ଼ ଅସ୍ପଷ୍ଟ ରହିଛି, ଏକ ଝାପ୍‌ସା ଆଦର୍ଶ ପରି ହୋଇ ରହିଛି ଏବଂ ହୁଏତ ତାହାହିଁ ଔପଚାରିକ ଏକତାବଦ୍ଧତାର ଗତିକୁ ତ୍ୱରାନ୍ୱିତ କରି ଆଣିବ ବୋଲି ମନେ ହେଉଛି । କେବଳ ଏଇଟି ଉପରେ ନିର୍ଭର କରି

'oaob.nitrkl.ac.in' images reprocessed

ରହିଲେ ଏହି ମନୋଭାବଟି ହୁଏତ ସ୍ପଷ୍ଟ ହେବାକୁ ଯାଉଥିବା କୌଣସି ପ୍ରକାର ବାହ୍ୟ ଗଠନଗତ ଏକତ୍ୱକୁ ସଂରକ୍ଷିତ କରି ରଖିବାରେ ଆଦୌ ଯଥେଷ୍ଟ ହେବ ନାହିଁ, କାରଣ ଜାତୀୟ ଭାବନା ପରି ଏହା ସହଜରେ କଦାପି ସେତେବେଶୀ ନିବିଡ଼ ଏବଂ ଶକ୍ତିଶାଳୀ ହୋଇ ପାରିବ ନାହିଁ । କାରଣ, ଆପଣାର ଏକମାତ୍ର ପୁଷ୍ଟିଦାୟକ ଖାଦ୍ୟରୂପେ ତାହାକୁ ଏକତ୍ୱବଦ୍ଧ ହୋଇ ରହିବାରୁ ପ୍ରାପ୍ତ ହେଉଥିବା ସୁବିଧାଗୁଡ଼ିକ ଉପରେହିଁ ନିର୍ଭର କରିବାକୁ ପଡ଼ିବ । ମାତ୍ର ଅତୀତର ଅଭିଜ୍ଞତାରୁ ଆମକୁ ନିଶ୍ଚୟ ଏହି କଥାଟି ଦେଖିବାକୁ ମିଳିବ ଯେ ସୁବିଧାଜନକତାର ଏହି ପ୍ରୟୋଜନଟିହିଁ ଏକାକୀ ପ୍ରତିକୂଳ ପରିସ୍ଥିତିଗୁଡ଼ିକର ଚାପକୁ ପ୍ରତିରୋଧ କରି ପାରିବାକୁ କଦାପି ଯଥେଷ୍ଟ ହେବ ନାହିଁ; ପୁରାତନ କେନ୍ଦ୍ରାତିଗ ଶକ୍ତିଗୁଡ଼ିକ ଯେତେବେଳେ ପୁନର୍ବାର ଆପଣାକୁ ପ୍ରତିଷ୍ଠିତ କରି ରଖିବାକୁ ଆସିବେ ଅଥବା ନୂତନ କେନ୍ଦ୍ରାତିଗ ଶକ୍ତିଗୁଡ଼ିକ ସଫଳ ଭାବରେ ବୃଦ୍ଧି ପାଇବାକୁ ଲାଗିବେ, ସେତେବେଳେ ତାହା ସେଗୁଡ଼ିକର ଚାପକୁ କଦାପି ପ୍ରତିରୋଧ କରି ପାରିବେ ନାହିଁ । ଅବଶ୍ୟ ଏହି କ୍ଷେତ୍ରରେ ଆଉ ଗୋଟିଏ ଅଧିକ ସାମର୍ଥ୍ୟଶାଳୀ ଶକ୍ତି ମଧ କାର୍ଯ୍ୟ କରୁଛି, ଅର୍ଥାତ୍ ବୁଦ୍ଧି ଦ୍ୱାରା ପ୍ରେରିତ ହୋଇ ଆସୁଥିବା ଏକ ମାନବତା-ଧର୍ମ କ୍ରିୟାଶୀଳ ହେବାକୁ ଆରମ୍ଭ କରୁଛି; ଅଳ୍ପ କେତେଜଣଙ୍କ ମୁଣ୍ଡରେ ତାହାର ଏକ ପରିଷ୍କାର ଚିତ୍ର ଦୃଷ୍ଟିଗୋଚର ହେଲାଣି ଏବଂ ଆହୁରି ବହୁସଂଖ୍ୟକ ଲୋକ ତାହାର ପରିଣାମଗୁଡ଼ିକୁ ଓ ଛଦ୍ମରୂପଗୁଡ଼ିକୁ ଅନୁଭବ କରୁଛନ୍ତି; ତାହାହିଁ ଆଧୁନିକ ମଣିଷର ମନରେ ଏହି ପ୍ରବୃତ୍ତିଟିକୁ ଆବିର୍ଭୂତ କରାଇ ଆଣିବାରେ ଅନେକ ପରିମାଣରେ ସାହାଯ୍ୟ କରିଛି, ତାହା ବିକଶମାନ ଅନୁଷ୍ଠାନଗୁଡ଼ିକୁ ମଧ ଏକ ଅନୁରୂପ ଗତି ଆଣିଦେବାରେ ସହାୟତା କରିଛି । ଏଇଟି ହେଉଛି ମନୋଭୂମିର ଏକ ଶକ୍ତି, ତାହା ଜାତିର ସୂତ୍ରଟିର ସୀମାକୁ ଅତିକ୍ରମ କରି ଚାଲିଯାଉଛି ଏବଂ ଦେଶକୁହିଁ ସବୁକିଛି ବୋଲି ମାନୁଥିବା ଧର୍ମଟିକୁ ଅପସାରିତ କରିଦେବାକୁ ଇଚ୍ଛା କରୁଛି; ଏବଂ ଏପରିକି, ଆପଣାର ଅଧିକ ଚରମ ଆକାରଗୁଡ଼ିକରେ, ଜାତୀୟ ଭାବନାଟିକୁ ମଧ ସମ୍ପୂର୍ଣ୍ଣ ଭାବରେ ଉତ୍ପାଟିତ କରିନେବାକୁ ବି ଆକାଂକ୍ଷା ରଖିଛି ଏବଂ ସମଗ୍ର ମନୁଷ୍ୟ-ସମୁଦାୟକୁ ନେଇ ଗୋଟିଏ ଜାତି ନିର୍ମାଣ କରିବ ବୋଲି ବର୍ତ୍ତମାନ ଏହା ମଧରେ ରହିଥିବା ବିଭାଜନଗୁଡ଼ିକୁ ବିଲୁପ୍ତ କରିଦେବାକୁ ବସିଛି ।

ତେଣୁ, ଆମେ ହୁଏତ ଏପରି କହିପାରିବା ଯେ, ଏହି ପ୍ରବୃତ୍ତିଟି ପରିଶେଷରେ ଆପଣାକୁ ନିଶ୍ଚୟ ଚରିତାର୍ଥ କରିବ; ବାଟରେ ଯେତେଯାହା ବାଧା ରହିଥିଲେ ମଧ ତାହା ଆପଣାକୁ ଚରିତାର୍ଥ କରିବ । ମାତ୍ର ବାଧା କ'ଣ କିଛି କମ୍ ରହିଛି ? – ଜାତିର ଏକକଟି ନିର୍ମିତ ହେଲାବେଳେ ଯେତେ ବାଧା ରହିଥିଲା, ବର୍ତ୍ତମାନ ତା'ଠାରୁ ଅଧିକ ବାଧା ରହିଛି । ଅନ୍ତର୍ଜାତୀୟ ସମ୍ବନ୍ଧର ଏହି ବର୍ତ୍ତମାନ ଅସନ୍ତୋଷକର ସ୍ଥିତିରୁ ଯଦି ଆମକୁ କେତେକେତେ

'oaob.nitrkl.ac.in' images reprocessed

ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡ଼େ, ଯଦି ମନୁଷ୍ୟଜାତିକୁ ବର୍ତ୍ତମାନର ଯୁଦ୍ଧଟି ପରି ବୃହତ୍ ଏବଂ ବିଶ୍ୱବ୍ୟାପୀ ନାନା ବିପଦର ସମ୍ମୁଖୀନ ହେବାକୁ ପଡ଼େ ବା ଯଦି ଏପରି ବିପଦଗୁଡ଼ିକୁ ସାମନା କରିବାକୁ ପଡ଼େ, ଯେଉଁଗୁଡ଼ିକ କି ପ୍ରତ୍ୟେକେ ଆପଣାର ପରିସରରେ ବେଶ୍ ସୀମିତ ହୋଇ ରହିଥିଲେ ମଧ୍ୟ ସ୍ୱାର୍ଥଗୁଡ଼ିକର ବର୍ଦ୍ଧନଶୀଳ ପରସ୍ପର-ସମ୍ବନ୍ଧିତତା ହେତୁ ଏକତ୍ର ମିଶି ଏକ ବିଶ୍ୱବ୍ୟାପୀ ଆକାର ଧାରଣ କରନ୍ତି ଏବଂ ଅନିବାର୍ଯ୍ୟତଃ ପ୍ରତ୍ୟକ୍ଷଭାବରେ ସେହି ବିପଦଗୁଡ଼ିକର କବଳରେ ପଡ଼ୁ ନ ଥିବା ଅନ୍ୟମାନଙ୍କୁ ମଧ୍ୟ ପ୍ରାଦୁର୍ଭୂତ କରାଉଥାନ୍ତି, ତେବେ ଶେଷରେ ମାନବଜାତିକୁ ଆତ୍ମରକ୍ଷାର ବାଟ ଖୋଜି ଏକ ନୂତନ, ଅଧିକ ଘନିଷ୍ଠ ଏବଂ ଅଧିକ ଦୃଢ଼ଭାବରେ ଏକତ୍ୱବଦ୍ଧ ବିଶ୍ୱବ୍ୟବସ୍ଥା ମଧ୍ୟକୁ ଆସିବା ଲାଗି ବାଧ୍ୟ ହେବାକୁହିଁ ପଡ଼ିବ । ମନୁଷ୍ୟଜାତି ହୁଏତ ସେହି ବାଟରେ ଯିବ, ନଚେତ୍ ଚିରକାଳ ଲାଗି ଆତ୍ମହତ୍ୟାର ବାଟରେ ଯିବାରେ ଲାଗିଥିବ, ଦୁଇଟି ମଧ୍ୟରୁ ତାକୁ ଗୋଟିଏ ବାଟକୁ ବାଛିନେବାକୁ ପଡ଼ିବ । ଯଦି ମନୁଷ୍ୟର ବିବେକବୁଦ୍ଧି ଉଚିତ ବାଟଟିକୁ ପାଇବାରେ ଅସମର୍ଥ ହୁଏ, ତେବେ ସ୍ୱୟଂ ପ୍ରକୃତି ସୁନିଶ୍ଚିତ ଭାବରେ ଏହିସବୁ ପରିବର୍ତ୍ତନକୁ ଏପରି ଭାବରେ ସମ୍ଭବ କରି ଆଣିବ, ଯେପରିକି ତା'ର ଅଭିଳଷିତ ଲକ୍ଷ୍ୟଟି ସାଧିତ ହୋଇଯାଇ ପାରିବ । ତେଣୁ,– ଶୀଘ୍ର ହେଉ ଅଥବା ପରିଶେଷରେ ହେଉ, କ୍ରମଶଃ ବୃଦ୍ଧି ପାଇବାରେ ଲାଗିଥିବା ନିଜର ସେହି ଏକତାଭାବ ଦ୍ୱାରା ଓ ସାଧାରଣ ସ୍ୱାର୍ଥ ଏବଂ ଅନୁକୂଳତା ଦ୍ୱାରା ପ୍ରେରିତ ହୋଇ ହେଉ ଅଥବା ପରିସ୍ଥିତି-ସକଳର ବିବର୍ତ୍ତନଗତ ଚାପଟି ଦ୍ୱାରା ବାଧ୍ୟ ହୋଇ ହେଉ,– ଆମେ ହୁଏତ ଏହି କଥାଟିକୁ ଧରିନେଇ ପାରିବା ଯେ ମନୁଷ୍ୟର ଏହି ପୃଥିବୀପୃଷ୍ଠର ଜୀବନ ପରିଶେଷରେ ଏକତାବଦ୍ଧ ହୋଇ ଆସିବ ଅଥବା ଅନ୍ତତଃ ଏହି କ୍ଷେତ୍ରରେ କୌଣସି ନା କୌଣସି ବାହ୍ୟ ସଂଗଠନ ନିଶ୍ଚୟ ସମ୍ଭବ ହୋଇଯିବ; ଯେଉଁସବୁ କଥା ଆମର କଳ୍ପନାର ବାହାରେ ରହିଛି, ତାହାଲାଗି ବାଟ ଛାଡ଼ିଦେଲେ ମଧ୍ୟ ତଥାପି ବ୍ୟାବହାରିକ କ୍ଷେତ୍ରରେ ତାହାହିଁ ଅବଶ୍ୟମ୍ଭାବୀ ବୋଲି ମନେ ହେଉଛି ।

ଜାତିର କ୍ଷେତ୍ରରେ ଘଟିଥିବା ଅତୀତର ସେହି ବିବର୍ତ୍ତନଟିର ତୁଳନା ଦେଇ ମୁଁ ଆଗରୁ ଏହି କଥାଟି ଦର୍ଶାଇବାର ପ୍ରୟାସ କରିଛି ଯେ ଅନ୍ତର୍ଜାତୀୟ କ୍ଷେତ୍ରରେ ଏହି ଏକତ୍ରୀକରଣ ଅବଶ୍ୟ ଅଥବା ଖୁବ୍‌ସମ୍ଭବ ଏହି ଦୁଇଟିରୁ କୌଣସି ଗୋଟିଏ ଆକାର ଗ୍ରହଣ କରିବ । ହୁଏତ ଏକ କେନ୍ଦ୍ରୀଭୂତ ବିଶ୍ୱ-ରାଷ୍ଟ୍ରର ଗଠନ ହେବ ଅଥବା କିଛିଟା ଶିଥିଳତା ଲାଗି ସ୍ଥାନ ରଖିଥିବା ଏକ ବିଶ୍ୱ-ସଂଘ ଗଢ଼ାଯିବ, ଯାହାକି ମନୁଷ୍ୟଜାତିର ସାଧାରଣ ଉଦ୍ଦେଶ୍ୟଗୁଡ଼ିକର ସାଧନ ପାଇଁ ପୃଥିବୀର ବିଭିନ୍ନ ଜାତିଙ୍କୁ ନେଇ ଏକ ଅତିଘନିଷ୍ଠ ସଂଘରୂପେ ଗଠିତ ହୋଇ ଆସିବ ଅଥବା ଏକ ସାଧାରଣ ରାଜ୍ୟସଂଘର ଆକାର ଧରି ଅବସ୍ଥିତ ରହିବ । ଏହି ଶେଷ ପ୍ରକାରଟିକୁ ଆମେ ସବୁଠାରୁ ଅଧିକ କାମ୍ୟ ବୋଲି କହିବା,

'oaob.nitrkl.ac.in' images reprocessed

କାରଣ, ଜୀବନର ମୁକ୍ତ ସଞ୍ଚରଣ ଏବଂ ମନୁଷ୍ୟଜାତିର ସୁସ୍ଥ ଅଗ୍ରଗତି ସକାଶେ ଯେଉଁ ବିଚିତ୍ର ରୀତିଟିର ଆବଶ୍ୟକତା ରହିଛି, ଏଇଟି ଦ୍ୱାରା ତାହାକୁ କାର୍ଯ୍ୟକାରୀ ହେବା ଲାଗି ଯଥେଷ୍ଟ ପରିସର ଉପଲବ୍ଧ ହୋଇ ପାରିବ । ଏକ ବିଶ୍ୱ-ରାଷ୍ଟ୍ର ଗଠିତ ହେବାର ପ୍ରକ୍ରିୟାରେ ସର୍ବପ୍ରଥମେ ହୁଏତ ଏକ କେନ୍ଦ୍ରସ୍ଥ କର୍ତ୍ତୃତ୍ୱ ସ୍ଥାପିତ ହେବ, ଯାହାର କାର୍ଯ୍ୟକଳାପ ପ୍ରଥମେ ହୁଏତ ଭାରି ସୀମାବଦ୍ଧ ହୋଇ ରହିଥିବ, ମାତ୍ର ଥରେ ସେଇଟିର ସ୍ଥାପନା ହୋଇଗଲେ, ତାହା ଅନିବାର୍ଯ୍ୟ ଭାବରେ ଏକ କେନ୍ଦ୍ରୀକୃତ ଅନ୍ତର୍ଜାତୀୟ ନିୟନ୍ତ୍ରଣର ବିବିଧ ଯାବତୀୟ ପ୍ରୟୋଜନୀୟତାକୁ ଆପଣା ହାତରେ ଆଣି ଠୁଳ କରିବାକୁ ବାହାରିବ । ଏକ ରାଷ୍ଟ୍ରର କ୍ଷେତ୍ରରେ ଯେପରି ହୋଇଛି, ଅର୍ଥାତ୍ ପ୍ରଥମେ ରାଜତନ୍ତ୍ରର ରୂପରେ ଏବଂ ତା'ପରେ ଏକ ପାର୍ଲିଆମେଣ୍ଟର ରୂପରେ ରାଷ୍ଟ୍ର ଯେପରି ଅଳ୍ପ ଅଳ୍ପ କରି ଜାତିର ସମଗ୍ର ଜୀବନଟିକୁ କ୍ରମଶଃ ନିଜର ନିୟନ୍ତ୍ରଣ ଭିତରକୁ ନେଇ ଆସିଛି, ଅର୍ଥାତ୍ ଆମେ ଯେପରି ସର୍ବଶେଷରେ ଆସି ଏକ କେନ୍ଦ୍ରୀକୃତ ସାମ୍ୟବାଦୀ ରାଷ୍ଟ୍ରର ହାତପାଆନ୍ତାରେ ଆସି ପହଞ୍ଚି ଗଲୁଣି ଏବଂ ସାମ୍ୟବାଦୀ ରାଷ୍ଟ୍ର ଯେପରି ତା' ଭିତରେ ବାସ କରୁଥିବା ବ୍ୟକ୍ତିମାନଙ୍କର ଜୀବନର କୌଣସି ଅଂଶଟିକୁ ମଧ୍ୟ ଅନିୟନ୍ତ୍ରିତ ରଖି କଦାପି ଛାଡ଼ିଦେବ ନାହିଁ, ଏହି କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି ହେବାକୁ ଯାଉଛି । ବିଶ୍ୱ-ରାଷ୍ଟ୍ରରେ ମଧ୍ୟ ଏହିପରି ଏକ ପ୍ରକ୍ରିୟା ଫଳରେ କ୍ରମଶଃ ବିଭିନ୍ନ ଜାତିମାନଙ୍କର ସମଗ୍ର ଜୀବନଯାତ୍ରାର ପୂର୍ଣ୍ଣ ନିୟନ୍ତ୍ରଣକୁହିଁ ତାହା ଆପଣା ହାତକୁ ନେଇଯିବ, ପରିଶେଷରେ ଜାତିଗୁଡ଼ିକର ବ୍ୟକ୍ତିଗତ ବୈଶିଷ୍ଟ୍ୟ ବୋଲି ଆଉ କିଛିହେଲେ ରହିବ ନାହିଁ, ତାହାର ପରିସ୍ପଷ୍ଟ ବିଭାଜନଗୁଡ଼ିକ କ୍ରମଶଃ ସେହି ଗୋଟିଏ ସାଧାରଣ ରାଷ୍ଟ୍ରର କେତୋଟି ବିଭାଗୀୟ ସମୂହୀକରଣ, ପ୍ରଦେଶ ଅଥବା ଜିଲ୍ଲା ହୋଇ ରହିଯିବ । ବର୍ତ୍ତମାନ ଭାବିଲା ବେଳକୁ ପରିଶେଷରେ ଏହିଭଳି ଗୋଟିଏ ପରିଣତି ଆସି ପହଞ୍ଚିବାର ସମ୍ଭାବନା ହୁଏତ ଏକ ତୁଚ୍ଛା ଅଦ୍ଭୁତ ସ୍ୱପ୍ନ ବା ବାସ୍ତବରେ କଦାପି ଘଟିବାକୁ ଯାଉ ନ ଥିବା କେବଳ ଏକ କଳ୍ପନା ବୋଲିହିଁ ବୋଧ ହେବ; ମାତ୍ର ଏପରି କେତେକ ଅବସ୍ଥା, ଯାହାକି ପରିଶେଷରେ ଯେ କେବେହେଲେ ଘଟିବ ନାହିଁ ଏପରି ନୁହେଁ, ସେଗୁଡ଼ିକ ଫଳରେ ଏମିତି ଗୋଟିଏ ପରିଣତି ହୁଏତ ବେଶ୍ ସମ୍ଭବ ହୋଇ ଆସିପାରେ, ଏବଂ ଏପରିକି, ଏହିପରି ଗତି କରିକରି ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ଆସି ପହଞ୍ଚିଯିବା ପରେ, ତାହା ହୁଏତ ଅନିବାର୍ଯ୍ୟ ଭାବରେ ଘଟିପାରେ । ଅନ୍ୟ ପକ୍ଷରେ, କୌଣସି ବିଶ୍ୱ-ରାଷ୍ଟ୍ରର ଗଠନ ନ ହୋଇ ଯଦି ଏକ ବିକେନ୍ଦ୍ରିତ ସଂଘୀୟ ବ୍ୟବସ୍ଥା କିଂବା ରାଜ୍ୟସଂଘର ସ୍ଥାପନା ହୁଏ, ତେବେ ତଦ୍ୱାରା ଜାତୀୟ ଭିତ୍ତିଟି ସଂରକ୍ଷିତ ହୋଇ ରହିପାରିବ, ଜାତୀୟ ଜୀବନଟିକୁ ବଞ୍ଚିବା ଲାଗି ଅଧିକ ହେଉ ବା ଅଳ୍ପ ହେଉ ଅବଶ୍ୟ ସ୍ୱାଧୀନତା ରହିବ, ମାତ୍ର ତେଣେ ସ୍ୱତନ୍ତ୍ର ଜାତୀୟ ସ୍ୱାର୍ଥଗୁଡ଼ିକ ବୃହତ୍ତର ସାଧାରଣ ସ୍ୱାର୍ଥଗୁଡ଼ିକର ଅଧୀନ ହୋଇ ରହିଥିବେ

'oaob.nitrkl.ac.in' images reprocessed

ଏବଂ ବୃହତ୍ତର ଅନ୍ତର୍ଜାତୀୟ ପ୍ରୟୋଜନଗୁଡ଼ିକ ଲାଗି ସ୍ୱତନ୍ତ୍ର ସମ୍ପୂର୍ଣ୍ଣ ସ୍ୱାଧୀନତା ସର୍ବଦା ଉପଲବ୍ଧ ହୋଇ ରହିଥିବ ।

ଯେଉଁ ସମସ୍ୟାଟି ଏକ ସମ୍ପୂର୍ଣ୍ଣ ନୂତନ ସମସ୍ୟାରୂପେ ଆସି ଆବିର୍ଭୂତ ହୋଇଛି, ସେଇଟିର ଚର୍ଚ୍ଚା କଲାବେଳେ ଅତୀତର ଦୃଷ୍ଟାନ୍ତଗୁଡ଼ିକୁ କେତେଦୂର ନିରାପଦ ଭାବରେ ମାର୍ଗଦର୍ଶକ ରୂପେ ବ୍ୟବହାର କରାଯାଇପାରେ, ଏଠାରେ ହୁଏତ ସେହି ପ୍ରଶ୍ନଟି ଉତ୍ଥାପନ କରାଯିବ । ଏହି କ୍ଷେତ୍ରରେ ଅଧିକ ଗଭୀର ଭାବରେ ତଥା ଅଧିକ ସ୍ୱାଧୀନ ଭାବରେ ସେହି ନୂତନ ସମସ୍ୟାଟିରୁହିଁ ଉଦ୍‌ଭୂତ ହୋଇ ତାହାରି ଜଟିଳତାଗୁଡ଼ିକର ସମ୍ମୁଖୀନ ହେବା ଲାଗି ଅଧିକ ସମର୍ଥ ହୋଇ ପାରୁଥିବା କୌଣସି ଅନ୍ୟକିଛିର ବିକାଶ କରାଇ ଆଣିବା କାହିଁକି ବା ସମ୍ଭବ ନ ହେବ, ଏଠାରେ ସେହି ପ୍ରଶ୍ନଟି ବେଶ୍ ପଚରାଯାଇ ପାରିବ । ମାତ୍ର ଆମକୁ ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ଆପଣାର ନୂତନ ସମସ୍ୟାଗୁଡ଼ିକର ସମ୍ମୁଖୀନ ହେଉଥିବା ସମୟରେ ମଧ୍ୟ ମନୁଷ୍ୟଜାତି ତାହାର ଅତୀତର ନାନା ଅଭିଜ୍ଞତା ଦ୍ୱାରା ଅବଶ୍ୟ ପ୍ରଭାବିତ ହୋଇଥାଏ ଏବଂ ତେଣୁ ଅତୀତର ଅଭିପ୍ରାୟ ଏବଂ ଦୃଷ୍ଟାନ୍ତଗୁଡ଼ିକ ଦ୍ୱାରା ଅବଶ୍ୟ ପ୍ରେରିତ ହୋଇଥାଏ । ଏପରିକି, ନୂତନ ବିଚାରଗୁଡ଼ିକ ପାଖରେ ହାବୁଡ଼ି ଯାଉଥିବା ସମୟରେ ମଧ୍ୟ, ସେହି ବିଚାରଗୁଡ଼ିକୁ କୌଣସି ନିର୍ଦ୍ଦିଷ୍ଟ ଆକାର ଦେବା ଲାଗି ତାକୁ ଅତୀତ ମଧ୍ୟକୁ ଯିବାକୁହିଁ ହୋଇଥାଏ । ଏକାବେଳେକେ ମୂଳସୁଦ୍ଧା ସବୁ ବଦଳାଇ ଦେବାକୁ ଆସିଥିବା ଅଧିକାଂଶ ବିପ୍ଳବର କ୍ଷେତ୍ରରେ ବାହାରକୁ ଯାହାସବୁ ଗୋଟାସୁଦ୍ଧା ବଦଳିଗଲା ପରି ମନେ ହେଉଥାଏ, ସେଇଟିର ପଛରେ ମଧ୍ୟ ଆମେ ସମ୍ପୂର୍ଣ୍ଣ ଅନିବାର୍ଯ୍ୟ ଭାବରେ ନୂତନ ବ୍ୟବସ୍ଥାଟିର ଅନ୍ତର ଭିତରେ ଅବିଚ୍ଛିନ୍ନତା ଓ ନିରନ୍ତରତାର ସିଦ୍ଧାନ୍ତଟି ଅବସ୍ଥିତ ରହି କାର୍ଯ୍ୟ କରୁଥିବାର ଦେଖିବାକୁ ପାଇଥାଉ । ପୁନଶ୍ଚ, ଏହି କ୍ଷେତ୍ରରେ ବିଦ୍ୟମାନ ଦୁଇଟିଯାକ ଶକ୍ତି କେବଳ ବିକଳ୍ପ ଏହି ଦୁଇଟି ମାର୍ଗରେ ସେମାନଙ୍କ ମଧ୍ୟରେ ରହିଥିବା ଦ୍ୱନ୍ଦ୍ୱଟିର ସମାଧାନ କରିପାରିବେ,– ଦୁଇଟି ମଧ୍ୟରୁ ଗୋଟିକୁ ଅର୍ଥାତ୍ ସ୍ୱତନ୍ତ୍ର ଜାତୀୟ-ପ୍ରେରଣାଟିକୁ ଏକାବେଳେକେ ଅପସରାଇ ଦେଇ ତାହା କରିପାରିବେ ବା ଦୁଇଟି ମଧ୍ୟରେ ପରସ୍ପର ଲାଗି ଆବଶ୍ୟକ ଅବକାଶ ଯୋଗାଇ ଦେଇ ତାହା କରିପାରିବେ । ଅନ୍ୟ ପକ୍ଷରେ, ଏକଥା ମଧ୍ୟ ବେଶ୍ ସମ୍ଭବ ବୋଲି ଜଣାଯାଉଛି ଯେ ମନୁଷ୍ୟର ଭାବନା ଏବଂ କାର୍ଯ୍ୟପନ୍ଥା ଏବେ ହୁଏତ ଏପରି ଏକ ନୂତନ ମାର୍ଗରେ ଗତି କରିବାକୁ ଆରମ୍ଭ କରିବ, ଯାହା ଦ୍ୱାରା କି ଏପରି କେତେକ ସମ୍ଭାବନାର ଆବିର୍ଭାବ ହେବ, ଯେଉଁଗୁଡ଼ିକର କି ଆମେ ଆଦୌ କୌଣସି ପୂର୍ବ ଆଭାସହିଁ ପାଇ ନ ଥିଲୁ ଏବଂ ଏହାଫଳରେ ଏକ ଏକାନ୍ତ ଭିନ୍ନ ପରିଣତି ଆଡ଼କୁ ଆମକୁ ଚାଳିତ କରି ନେଇଯିବ । ଏବଂ, ଆମେ ଇଚ୍ଛାକଲେ ଆମର କଳ୍ପନାଶକ୍ତିକୁ ହୁଏତ ଏହି ମାର୍ଗରେହିଁ ଧାବିତ କରିବାକୁ ଚେଷ୍ଟା କରିବା ଓ

'oaob.nitrkl.ac.in' images reprocessed

ତଦ୍ଦ୍ୱାରା ଅଧିକ ଉପାଦେୟ ଓ ଅଧିକ ଫଳଦାୟକ ଏକ ଆଦର୍ଶ ବ୍ୟବସ୍ଥାର ଉଦ୍‌ଭବ କରାଇ ଆଣି ପାରିବା । ମନୁଷ୍ୟ-କଳ୍ପନାର ଏହିସବୁ ଗଠନାତ୍ମକ ପ୍ରୟାସର ଅବଶ୍ୟ ଏକ ସ୍ୱକୀୟ ମୂଲ୍ୟ ରହିଛି ଏବଂ ଅନେକ ସମୟରେ ଅନେକ ମୂଲ୍ୟ ରହିଛି; ମାତ୍ର ଏହି ଗ୍ରନ୍ଥରେ ମୁଁ ଯେଉଁ ଅଧ୍ୟୟନଟିର ପ୍ରୟାସ କରିଛି, ସେଥିରେ ଏଭଳି କୌଣସି ପ୍ରକାର କଳ୍ପନାନୁମାନ ଗୁଡ଼ିକ କରିବା ଯେ ଏକାନ୍ତ ଅସଙ୍ଗତ ହେବ, ସେକଥାଟି ନିଶ୍ଚୟ ସ୍ପଷ୍ଟ ହୋଇ ଯାଉଥିବ ।

ଏଠାରେ ଯେଉଁ ଦୁଇଟି ବିକଳ୍ପର କଥା ବିଚାର କରାଯାଇଛି ଏବଂ ଯେଉଁ ତିନୋଟି ଭବିଷ୍ୟପ୍ରକାରର ଆଲୋଚନା କରାଯାଇଛି, ସେଥିରୁ କୌଣସିଟି ମଧ୍ୟରେ ଯେ ଆପତ୍ତି କରିବାର ଆଦୌ କିଛି ନାହିଁ, ସେକଥା କଦାପି ଦାବି କରାଯାଇ ପାରିବ ନାହିଁ । ସମ୍ପୂର୍ଣ୍ଣ କେନ୍ଦ୍ରୀକରଣ ଦ୍ୱାରା ଏକ ବିଶ୍ୱ-ରାଷ୍ଟ୍ରର ସ୍ଥାପନା ହେଲେ ତଦ୍ଦ୍ୱାରା ଯନ୍ତ୍ରବତ୍ ଏକତ୍ୱ ବା ଏପରିକି ଏକରୂପତାର ବିଚାରଟିର ବିଜୟହିଁ ଘୋଷିତ ହୋଇଯିବ । ଏହା ଫଳରେ ପ୍ରାୟ ଅନିବାର୍ଯ୍ୟ ଭାବରେ, ମନୁଷ୍ୟର ଜୀବନ ଏବଂ ମନୁଷ୍ୟ-ପ୍ରଗତିର କ୍ଷେତ୍ରରେ ଏକ ଅପରିହାର୍ଯ୍ୟ ଶକ୍ତିଶାଳୀ ସାଧନ ରୂପେ କାର୍ଯ୍ୟ କରି ଆସିଥିବା ଏକ ଉପାଦାନକୁ ଅକାରଣରେ ଅବଦମିତ କରି ରଖାଯିବ, ଅର୍ଥାତ୍ ବିଭିନ୍ନ ଜାତିଙ୍କୁ ମୁକ୍ତ ଭାବରେ ବିକଶିତ ହେବାକୁ ଦେବାର ଉପାଦାନଟି ଅବଦମିତ ହୋଇ ରହିଯିବ । ଏବଂ ଏହି ଅବଦମନ ଯଦି ସ୍ଥାୟୀ ଭାବରେ ଅବାରିତ ହୋଇ ରହେ ଏବଂ ଆପଣାର ସବୁଯାକ ପ୍ରବୃତ୍ତିକୁ ଚରିତାର୍ଥ କରିବା ଲାଗି ଅବକାଶ ପାଏ, ତେବେ ପରିଶେଷରେ ଜୀବନର ବାହ୍ୟାକାରଟିକୁ ଧାରଣ କରି ରହିଥିବା ଏକ ମୃତ୍ୟୁହିଁ ଅବଶ୍ୟମ୍ଭାବୀ ହୋଇଯିବ, ଏକ ଗତିରହିତତାହିଁ ଏକମାତ୍ର ଗତି ହୋଇ ରହିବ, ଅଥବା, ଏହି ଦୁର୍ଗତି ମଧ୍ୟରୁ ଆମକୁ ମୁକୁଳାଇ ଆଣିବା ଲାଗି ଏପରି କୌଣସି ଏକ ନୂତନ ଅଥଚ କ୍ରାନ୍ତିକାମୀ ଶକ୍ତି ଉଦ୍‌ବେଳିତ ହୋଇ ଆସିବ, ଯାହାକି ସମସ୍ତ ରଚନାଟିକୁ ଖଣ୍ଡ ଖଣ୍ଡ କରି ଭାଙ୍ଗିଦେବ । କୌଣସି ଯାନ୍ତ୍ରିକ ବ୍ୟବସ୍ଥାକୁ ଆଦରି ନେବାର ପ୍ରବୃତ୍ତିଟି ଲାଗି ସ୍ୱୟଂ ଏକ ନିର୍ଭୁଲ ଯନ୍ତ୍ର ପରି କାର୍ଯ୍ୟ କରୁଥିବା ମନୁଷ୍ୟର ତର୍କବୁଦ୍ଧିର ଏକ ବଡ଼ ସହଜ ଆସକ୍ତତା ସବୁବେଳେ ରହିଛି, ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ବ୍ୟବସ୍ଥାଟିକୁ ଚଳାଇବା ସବୁଠାରୁ ଅଧିକ ସହଜ ବୋଲି ପ୍ରତୀତ ହୁଏ ଓ ଚାହିଁଲା ମାତ୍ରକେ ତାହା ସତେଅବା ହାତପାଆନ୍ତାରେ ଆସି ମିଳିଯାଉଥାଏ । ତେଣୁ ଏହି ବ୍ୟବସ୍ଥାଟିକୁ ସମ୍ପୂର୍ଣ୍ଣ ଭାବରେ ବିକଶିତ କରି ଆଣିବାଟାହିଁ ହୁଏତ ମନୁଷ୍ୟର ବୁଦ୍ଧି ଲାଗି ସବୁଠାରୁ ଅଧିକ କାମ୍ୟ, ଅଧିକ ପ୍ରୟୋଜନୀୟ ଏବଂ ଅଧିକ ଅବଶ୍ୟମ୍ଭାବୀ ବୋଲି ବୋଧ ହେବ; ମାତ୍ର ଏହା ଦ୍ୱାରା ଶେଷରେ ଯେଉଁ ପରିଣତି ଘଟିବ, ସେଇଟି ମଧ୍ୟ ଆଗରୁ ପ୍ରାୟ ନିର୍ଦ୍ଧାରିତ ହୋଇ ରହିଛି ଏବଂ ଜଳଜଳ ହୋଇ ଦେଖାଯାଉଛି ।

'oaob.nitrkl.ac.in' images reprocessed

ସବୁକିଛିକୁ କେନ୍ଦ୍ରୀକୃତ କରି ଆଣିଥିବା ଏକ ସାମ୍ୟବାଦୀ ରାଷ୍ଟ୍ର ଥରେ ପ୍ରତିଷ୍ଠିତ ହୋଇଯିବା ପରେ ଭବିଷ୍ୟତ ଲାଗି ହୁଏତ ଏକ ପ୍ରୟୋଜନ ରୂପେ ଅନୁଭୂତ ହୋଇପାରେ, ମାତ୍ର ଏହା ବିରୋଧରେ ଏକ ପ୍ରତିକ୍ରିୟା ମଧ୍ୟ ପରିଶେଷରେ ଠିକ୍ ସେହିପରି ଏକ ପ୍ରୟୋଜନ ରୂପେ ବି ଅନୁଭୂତ ହୋଇପାରେ । ଏହାର ଚାପଟି ଯେତିକି ବୃଦ୍ଧି ପାଇବାରେ ଲାଗିଥିବ, ସେତିକି ଅଧିକ ସୁନିଶ୍ଚିତ ଭାବରେ ତାହାର ସମ୍ମୁଖୀନ ହେବା ଲାଗି ନୈରାଜ୍ୟବାଦର ଆଧ୍ୟାତ୍ମିକ, ବୁଦ୍ଧିପ୍ରେରିତ, ପ୍ରାଣିକ ତଥା ବ୍ୟାବହାରିକ ସିଦ୍ଧାନ୍ତଟିର ପ୍ରସାର ମଧ୍ୟ ଘଟିପାରେ ଏବଂ ସେହି ଯାନ୍ତ୍ରିକ ବ୍ୟବସ୍ଥାଗତ ଚାପଟି ବିରୋଧରେ ଏକ ବିଦ୍ରୋହ କୁହୁଳି ଉଠିପାରେ । ଠିକ୍ ସେହିପରି ଗୋଟାଏ ବିରାଟକାୟ ଯନ୍ତ୍ର ପରି ସଂଗଠିତ ଏବଂ କେନ୍ଦ୍ରୀକୃତ ଏକ ବିଶ୍ୱ-ରାଷ୍ଟ୍ର ମଧ୍ୟ ପରିଶେଷରେ ତା' ବିରୋଧରେ ତତ୍ତୁଲ୍ୟ ଏକ ଶକ୍ତିକୁ ଜାଗ୍ରତ କରି ଆଣିବ ଏବଂ ଏହାର ସର୍ବଶେଷ ପରିଣାମସ୍ୱରୂପ ସେଇଟି ହୁଏତ ଏକାବେଳେକେ ଭୁଶୁଡ଼ି ପଡ଼ିବ, ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ପଡ଼ିବ; ଏପରିକି, ସମସ୍ୟାଟିର ସମାଧାନ କରିବା ଲାଗି ଶେଷରେ ଏକ ଯୋଗ୍ୟତର ପ୍ରୟାସ ଲାଗି ବାଟ ଫିଟାଇ ଦେଉଥିବା ମାନବୀୟ ଗତିଚକ୍ରର ହୁଏତ ଏକ ପୁନରାବୃତ୍ତିର ପ୍ରୟୋଜନରେ ପଡ଼ି ସବୁକିଛି ଖଣ୍ଡଖଣ୍ଡ ହୋଇ ଭାଙ୍ଗିଯିବ । ଶାନ୍ତି ଏବଂ ସ୍ଥିରତା ଦୃଷ୍ଟିରୁ ଯଦି ମନୁଷ୍ୟଜାତି ତା' ଜୀବନର ସମଗ୍ର ଅବଶିଷ୍ଟାଂଶଟି ଲାଗି ତାହାରି ଦ୍ୱାରା ନିୟନ୍ତ୍ରିତ ହୋଇ ରହିବାକୁ ମନ କରନ୍ତା ଏବଂ ଥରେ ରୋମାନ୍ ସାମ୍ରାଜ୍ୟର ଅଧୀନରେ ଯେପରି ଘଟିଥିଲା, ଆପଣାର ବ୍ୟକ୍ତିଗତ ସ୍ୱାଧୀନତା ସକାଶେ ଆଧ୍ୟାତ୍ମିକ ଜୀବନ ମଧ୍ୟରେ ଯାଇ ଆଶ୍ରୟ ନିଅନ୍ତା, ହୁଏତ ତେବେଯାଇ ସେହି ବ୍ୟବସ୍ଥାଟି ସ୍ଥାୟୀ ହୋଇ ରହିପାରନ୍ତା । ମାତ୍ର ସେପରି ହେଲେ ବି ତାହା କେବଳ ଏକ ଅସ୍ଥାୟୀ ସମାଧାନରୂପେହିଁ କୌଣସି କାମ ଦେବ । ଏକ ସଂଘୀୟ ବ୍ୟବସ୍ଥାରେ ମଧ୍ୟ ସୁନିଶ୍ଚିତ ଭାବରେ ମନୁଷ୍ୟର ଜୀବନ, ତା'ର ଯାବତୀୟ ଅନୁଷ୍ଠାନ ଏବଂ କାର୍ଯ୍ୟକଳାପ ଲାଗି ସାଧାରଣ ଗୋଟିଏ ପ୍ରକାର ବା ଛାଞ୍ଚର ପ୍ରତିଷ୍ଠା କରିବା ଲାଗି ପ୍ରବୃତ୍ତି ରହିଥିବ, କେବଳ ସାନ ସାନ କେତେଟା ପାର୍ଥକ୍ୟର ବିକାଶ ଲାଗି ଯାହା କିଛିତ୍ ଅବକାଶ ଦିଆ ଯାଉଥିବ । ମାତ୍ର କେବଳ ସେତିକିମାତ୍ର ଅବକାଶ ମଧ୍ୟରେ ପାର୍ଥକ୍ୟ ଲାଗି ଜୀବନ୍ତ ପ୍ରକୃତି ମଧ୍ୟରେ ରହିଥିବା ଆବଶ୍ୟକତା କଦାପି ସର୍ବଦା ପରିତୁଷ୍ଟ ହୋଇ ରହିଯିବ ନାହିଁ । ଅନ୍ୟ ପକ୍ଷରେ, ଅପେକ୍ଷାକୃତ ଅଧିକ ସ୍ୱାଧୀନତା ପ୍ରଦତ୍ତ ହୋଇ ରହିଥିବା ଏକ ରାଜ୍ୟସଂଘ ବିଷୟରେ ଆପତ୍ତି ପ୍ରକାଶ କରି ହୁଏତ ଏପରି କୁହାଯିବ ଯେ ଏହା ଦ୍ୱାରା କେନ୍ଦ୍ରାତିସାରିଣୀ ଶକ୍ତିଗୁଡ଼ିକ ଲାଗି ଅତିବେଶୀ ସ୍ୱାଧୀନତା ମିଳିଯିବ, ସେହି ଶକ୍ତିଗୁଡ଼ିକ ନୂତନ ବଳରେ ପୁନର୍ବାର ଜାଗ୍ରତ ହେବାକୁ ଇଚ୍ଛାକଲେ ସେମାନଙ୍କୁ ଅଟକାଇବା ଲାଗି ଆଉ କୌଣସି ବାଟ ନ ଥିବ । ଏପରି ଏକ ବନ୍ଧନମୁକ୍ତ ସଂଘଗଠନ କଦାପି ସ୍ଥାୟୀ ହୋଇ ରହିପାରିବ ନାହିଁ;

'oaob.nitrkl.ac.in' images reprocessed

ଏହାକୁ ଏପାଖକୁ ଅଥବା ସେପାଖକୁ ନିଶ୍ଚୟ ଯିବାକୁ ପଡ଼ିବ, ପରିଶେଷରେ ଏକ ନିବୁଜ ଓ ଅନମନୀୟ କେନ୍ଦ୍ରୀକରଣର ଆଶ୍ରୟ ନେବାକୁ ପଡ଼ିବ, ନଚେତ୍ ଶେଷକୁ ସେହି ଢିଲା ଏକତାଟି ପୁନର୍ବାର ଖଣ୍ଡଖଣ୍ଡ ହୋଇ ଭାଙ୍ଗିଯିବ ଏବଂ ସ୍ଥିତି ଆଗରୁ ଯେପରି ରହିଥିଲା, ପୁଣି ସେହିପରି ହୋଇ ବସିବ ।

ଏଠାରେ ଏକ ପରିତ୍ରାଣକାରୀ ସାମର୍ଥ୍ୟରୂପେ ଏକ ନୂତନ ମନଃକ୍ଷେତ୍ରୀୟ ଉପାଦାନର ପ୍ରୟୋଜନ ହେବ, ଯାହାକି ଏକାଧାରରେ ମନୁଷ୍ୟଜାତି ଲାଗି ଏକ ଏକତାବଦ୍ଧ ଜୀବନକୁ ଆବଶ୍ୟକ ବୋଲି ଅନୁଭୂତ କରାଇବ ଏବଂ ସ୍ୱାଧୀନତାର ସିଦ୍ଧାନ୍ତଟିକୁ ଯଥୋଚିତ ସମ୍ମାନ ଓ ସ୍ୱୀକୃତି ଦେବା ଲାଗି ସେହି ଏକତାକୁ ବାଧ ବି କରାଇ ପାରିବ । ଏହି କ୍ଷେତ୍ରରେ ମାନବତାର ଧର୍ମଟି ଏକମାତ୍ର କ୍ରମବର୍ଦ୍ଧନଶୀଳ ଶକ୍ତି ବୋଲି ମନେ ହେଉଛି ଯାହାକି ସେହି ଦିଗରେ ଗତି କରିବାରେ ଲାଗିଛି; କାରଣ ମନୁଷ୍ୟଜାତି ଏକ ବୋଲି ତାହା ଆମକୁ ଏକ ବୋଧ ଆଣି ଦେବାର ପ୍ରୟାସ କରୁଛି, ତାହାର ସମ୍ମୁଖରେ ମନୁଷ୍ୟଜାତିକୁ ଏକ ସମଗ୍ର ଏକକରୂପେ ଗ୍ରହଣ କରିବାର ବିଚାରଟି ରହିଛି, ମାତ୍ର ତଥାପି ଯୁଗପତ୍ ଭାବରେ ତାହା ମନୁଷ୍ୟ-ବ୍ୟକ୍ତି ଲାଗି ମଧ୍ୟ ଯଥୋଚିତ ସମ୍ମାନ ରଖିଛି ଏବଂ ମନୁଷ୍ୟ ଦ୍ୱାରା ଗଠିତ ସ୍ୱାଭାବିକ ସମୂହ ବା ଗୋଷ୍ଠୀ ଲାଗି ବି ସମ୍ମାନ ରଖିଛି । ମାତ୍ର ସେହି ଧର୍ମ ବର୍ତ୍ତମାନ ଯେପରି କେବଳ ଏକ ବୁଦ୍ଧିସ୍ତରରେହିଁ ରହିଛି, ତାହା ଆଦୌ ଯଥେଷ୍ଟ ମନେ ହେଉ ନାହିଁ । ସେହି ବିଚାରଟିର ଯଥେଷ୍ଟ ଶକ୍ତିଶାଳିତା ରହିଛି, ସେଥିରୁ ନିଷ୍ପନ୍ନ ହେଉଥିବା ଫଳଗୁଡ଼ିକର ମଧ୍ୟ ଯଥେଷ୍ଟ ଶକ୍ତି ରହିଛି; ମାତ୍ର ଆପଣାର ଆଦର୍ଶଟି ଅନୁସାରେ ମାନବଜାତିର ସମଗ୍ର ଜୀବନଟିକୁ ଗଠନ କରିପାରିବା ଲାଗି ତା' ଭିତରେ ଏପର୍ଯ୍ୟନ୍ତ ଯଥେଷ୍ଟ ଶକ୍ତି ଆସି ନାହିଁ । କାରଣ, ମନୁଷ୍ୟ-ପ୍ରକୃତିର ଅହଂବାଦୀ ପାଖଟି ଲାଗି ତାହାକୁ ଏପର୍ଯ୍ୟନ୍ତ ବି ଅତ୍ୟଧିକ ପରିମାଣରେ ବାଟ ଛାଡ଼ିଦେବାକୁ ହେଉଛି; ଏହି ଅହଂବାଦୀ ପାଖଟି ଏକଦା ଆମ ସ୍ୱଭାବର ସମଗ୍ର ଅଂଶଟି ହୋଇ ରହିଥିଲା ଓ ଆଜି ମଧ୍ୟ ତାହା ଆମ ସ୍ୱଭାବର ଦଶଭାଗରୁ ନଅଭାଗ ଅଂଶ ଅଧିକାର କରି ରହିଛି, ଏବଂ ମାନବତା-ଧର୍ମର ବୃହତ୍ତର ଆଦର୍ଶଟି ସହିତ ତାହା ବିରୋଧୀ ହୋଇ ରହିଛି । ଅନ୍ୟ ଦିଗରେ, ଏହା ମୁଖ୍ୟତଃ ଆମର ବୁଦ୍ଧିଶକ୍ତି ଉପରେହିଁ ନିର୍ଭର କରି ରହୁଥିବାରୁ ତାହା ମଉକା ମିଳିବା ମାତ୍ରକେହିଁ କେବଳ ବାହ୍ୟ ସଂଗଠନଗତ କେତେଟା ଯାନ୍ତ୍ରିକ ସମାଧାନକୁ ଗ୍ରହଣ କରିବା ଲାଗି ଧାଇଁ ଯାଉଛି । କାରଣ ଯେକୌଣସି ବୁଦ୍ଧିଗତ ଧାରଣା ସର୍ବଦା ଆପଣାର ନିଜ ଯନ୍ତ୍ରର ଜାଲଟି ଭିତରେ ଛନ୍ଦି ହୋଇ ପଡ଼ିହିଁ ଆପଣାର ବିଚରଣାଟିକୁ ଶେଷ କରିଥାଏ, ଆପଣାର ସେହି ଅତିରିକ୍ତ ଭାବରେ ବାନ୍ଧି ପକାଉଥିବା ପ୍ରକ୍ରିୟାଟିର ଦାସହିଁ ହୋଇ ରହେ । ସେହି ତର୍କବୁଦ୍ଧିର ଯନ୍ତ୍ରଟି ଆଉ ଗୋଟାଏ ପ୍ରକାରେ ବୁଲିଗଲେ

'oaob.nitrkl.ac.in' images reprocessed

ସେଥିରୁ ଆଉ ଗୋଟାଏ ନୂଆ ସମାଧାନ ଜନ୍ମଲାଭ କରେ, ପ୍ରଥମଟି ବିରୋଧରେ ବିଦ୍ରୋହ ଘୋଷଣା କରେ ଏବଂ ପ୍ରତିଷ୍ଠିତ ପୂର୍ବ ଯନ୍ତ୍ରଟିକୁ ଭାଙ୍ଗିଦେଇଯାଏ; ମାତ୍ର ତାହାର ପରିଣାମସ୍ୱରୂପ ତାହା ସ୍ଥାନରେ କେବଳ ଆଉ ଗୋଟାଏ ଅନ୍ୟ ଯାନ୍ତ୍ରିକ ବ୍ୟବସ୍ଥା ଆସି ଥାନ ମାଡ଼ି ବସିବାହିଁ ସାର ହୁଏ, ଆଉ ଗୋଟାଏ ନୂଆ ମତ, ସୂତ୍ର ବା ରୀତି ଆସି ପହଞ୍ଚିଯାଏ ।

ଏକ ଆଧ୍ୟାତ୍ମିକ ମାନବ-ଧର୍ମକୁହିଁ ଆମେ ଭବିଷ୍ୟତର ସବୁ ଆଶା ବୋଲି କହିବା । ଏକ ବିଶ୍ୱ-ଧର୍ମ କହିଲେ ସାଧାରଣତଃ ଲୋକେ ଯାହା ବୁଝନ୍ତି, ଏଠାରେ ସେକଥା ଆଦୌ କୁହାଯାଉ ନାହିଁ; ଆଧ୍ୟାତ୍ମିକ ମାନବତା-ଧର୍ମ କହିଲେ ଏଠାରେ ସେହିପରି କୌଣସି ବ୍ୟବସ୍ଥା, କେବଳ ବାହ୍ୟ ମତ ଓ ବୁଦ୍ଧିଗତ ବିଶ୍ୱାସର କୌଣସି ଏକ ବସ୍ତୁକୁ ବୁଝାଉ ନାହିଁ, କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ଅଥବା ବାହ୍ୟ ଅନୁଷ୍ଠାନକୁ ମଧ୍ୟ ବୁଝାଉ ନାହିଁ । ସେହିସବୁର ସାହାଯ୍ୟ ନେଇ ମନୁଷ୍ୟଜାତି ଏକତା ପାଇଁ କେତେ ପ୍ରଚେଷ୍ଟା କରିସାରିଛି; ସେଥିରେ ସେ ବିଫଳ ହୋଇଛି, ଏବଂ ବିଫଳ ହେବାହିଁ ଉଚିତ ଥିଲା, କାରଣ, କେବଳ ମାନସିକ ସ୍ତରର ଗୋଟାଏ ମତ ବା ପ୍ରାଣିକ ସ୍ତରର ଗୋଟାଏ ବାହ୍ୟାକୃତି ଦେଇ ଆମେ କଦାପି କୌଣସି ବିଶ୍ୱ-ଧର୍ମବ୍ୟବସ୍ଥାର ରଚନା କରିପାରିବା ନାହିଁ । ମର୍ମସ୍ଥଳରେ ଯେଉଁ ଚିଦ୍‌ଗତ ସତ୍ତା ରହିଛି, ତାହା ଯେ ପ୍ରକୃତରେ ଗୋଟିଏ, ସେଥିରେ କୌଣସି ସନ୍ଦେହ ନାହିଁ, ମାତ୍ର ଅନ୍ୟ ଯେକୌଣସି ସ୍ତରର ଜୀବନ ତୁଳନାରେ ଆଧ୍ୟାତ୍ମିକ ଜୀବନ ଆପଣାର ଆତ୍ମ-ଅଭିବ୍ୟକ୍ତିର କ୍ଷେତ୍ରରେ ଏବଂ ବିକାଶର ପଥରେ ସ୍ୱାଧୀନତା ଏବଂ ବୈଶିଷ୍ଟ୍ୟ ଉପରେ ଅଧିକ ପରିମାଣରେହିଁ ଗୁରୁତ୍ୱ ଦେଇଥାଏ । ମାନବତାର ଧର୍ମ କହିଲେ ସର୍ବଦା ଅଧିକରୁ ଅଧିକ ପରିମାଣରେ ଏହିପରି ଏକ ଉପଲବ୍ଧିକୁ ବୁଝାଏ ଯେ ଏହି ସବୁଟି ପଛରେ ଏକ ପ୍ରଚ୍ଛନ୍ନ ପରମ ଚିଦ୍‌ଗତତା ରହିଛି, ଏକ ଦିବ୍ୟ ପରମସତ୍ୟ ରହିଛି ଯାହାମଧ୍ୟରେ କି ଆମେ ସମସ୍ତେ ଅଭେଦ ଭାବରେ ଅନ୍ତର୍ଗତ ହୋଇ ରହିଛୁ; ସେହି ଉପଲବ୍ଧିଟି ଅନୁସାରେ ମାନବଜାତିକୁହିଁ ବର୍ତ୍ତମାନ ପୃଥିବୀପୃଷ୍ଠରେ ସେହି ପରମସତ୍ୟର ଉଚ୍ଚତମ ବାହକ ରୂପେ ସ୍ୱୀକାର କରିବାକୁ ହୁଏ, ମନୁଷ୍ୟଜାତି ଏବଂ ମନୁଷ୍ୟସତ୍ତାକୁ ନିମିତ୍ତରୂପେ ବ୍ୟବହାର କରି ସେହି ସତ୍ୟ କ୍ରମୋତ୍ତର ଭାବରେ ଏଠାରେ ଆପଣାର ପ୍ରକାଶ ଘଟାଇବ ବୋଲି ସ୍ୱୀକାର କରାଯାଏ । ଏଥିରୁ ବୁଝିବାକୁ ହୁଏ ଯେ ଏହି ଜ୍ଞାନଟିକୁ ନେଇ ଜୀବନ ବଞ୍ଚିବା ଲାଗି ଅଧିକରୁ ଅଧିକ ପ୍ରୟାସ କରାଯାଉଥିବ, ପୃଥିବୀରେ ଏହି ଦିବ୍ୟ ଚିଦାତ୍ମାଙ୍କର ରାଜ୍ୟଟିକୁ ଆଣି ପ୍ରତିଷ୍ଠା କରିବା ଦିଗରେ ଅନବରତ ଉଦ୍ୟମ କରାଯିବ । ଆମରି ଭିତରେ ସେହି ସତ୍ୟଟି ଅଭିବୃଦ୍ଧି ଲାଭ କରୁଥିବା ସଙ୍ଗେ ସଙ୍ଗେ ଆମର ସହଚାରୀ ଅନ୍ୟ ମନୁଷ୍ୟଙ୍କ ସହିତ ଏକାତ୍ମତା-ଅର୍ଜନହିଁ କ୍ରମେ ଆମ ସମଗ୍ର ଜୀବନର ସର୍ବମୁଖ୍ୟ ନୀତିରୂପେ ପ୍ରତିଷ୍ଠିତ

'oaob.nitrkl.ac.in' images reprocessed

ହୋଇଯାଉଥିବ; ଏହି ଏକାତ୍ମତା କେବଳ ପାରସ୍ପରିକ ସହଯୋଗର ଏକ ବାହ୍ୟ ରୀତି ହୋଇ ରହିବ ନାହିଁ, ମାତ୍ର ଏକ ଗଭୀରତର ଭ୍ରାତୃତ୍ୱବନ୍ଧନରେ ପରିଣତ ହୋଇଯିବ; ଏକତା, ସମତା ଏବଂ ଏକ ସାର୍ବଜନୀନ ଜୀବନର ଏକ ଯଥାର୍ଥ ଓ ଅନ୍ତର୍ଗତ ବୋଧରେହିଁ ପରିଣତ ହୋଇଯିବ। କେବଳ ତାହାର ସହଚାରୀ ଅନ୍ୟ ମଣିଷଙ୍କର ଜୀବନରେହିଁ ତା'ର ନିଜ ଜୀବନଟି ପରିପୂର୍ଣ୍ଣତା ଲାଭ କରି ପାରିବ ବୋଲି ସେତେବେଳେ ପ୍ରତ୍ୟେକ ବ୍ୟକ୍ତି ଅବଶ୍ୟ ଉପଲବ୍ଧି କରିବ। ବ୍ୟକ୍ତିର ଜୀବନରେ ସ୍ୱାଧୀନତା ଏବଂ ପରିପୂର୍ଣ୍ଣତା ଲାଗି ଯେତିକି ସ୍ଥାନ ରହିଥିବ, କେବଳ ସେତିକି ପରିମାଣରେହିଁ ସମଗ୍ର ମନୁଷ୍ୟଜାତିର ପରିପୂର୍ଣ୍ଣତା ଏବଂ ଅବାରିତ ସୁଖପ୍ରତିଷ୍ଠା ସମ୍ଭବ ହୋଇପାରିବ ବୋଲି ମନୁଷ୍ୟଜାତି ଅବଶ୍ୟ ଉପଲବ୍ଧି କରିବ। ଏହି ଧର୍ମଟି ଅନୁସାରେ ଏକ ଶୃଙ୍ଖଳା ଅବଶ୍ୟ ରହିବ, ବିମୋଚନର ଏକ ମାର୍ଗ ମଧ୍ୟ ଅବଶ୍ୟ ରହିବ, ଅର୍ଥାତ୍, ଏପରି ଏକ ମାର୍ଗ ଉନ୍ମୁକ୍ତ ହୋଇ ରହିବ, ଯାହାଦ୍ୱାରା କି ପ୍ରତ୍ୟେକ ମନୁଷ୍ୟ ତା' ନିଜଭିତରେ ସେହି ବିମୋଚନର ବିକାଶ କରାଇ ଆଣିପାରିବ, ଯେପରିକି ଏହିପରି ଭାବରେ ସମଗ୍ର ମନୁଷ୍ୟଜାତିର ଜୀବନରେ ମଧ୍ୟ ଏହାର ବିକାଶ ସମ୍ଭବ ହୋଇଯିବ। ଏହି କଥାଟି ମଧ୍ୟରେ ଯେତେ ଯାହା ବିଷୟ ନିହିତ ହୋଇ ରହିଛି, ତା' ଭିତରକୁ ପ୍ରବେଶ କରିବାକୁ ଯାଇ ଆମର ଆଲୋଚ୍ୟ ବିଷୟର ଆକାରଟି ମଧ୍ୟ ଅତିରିକ୍ତ ମାତ୍ରାରେ ବଢ଼ିଯିବ ଏବଂ ଏଠାରେ ତାହାର ଆଦୌ କୌଣସି ଅବକାଶ ନାହିଁ; ବର୍ତ୍ତମାନ ଏତିକି କହିଲେ ଯଥେଷ୍ଟ ହେବ ଯେ ଭବିଷ୍ୟତର ମାର୍ଗଟି ଠିକ୍ ଏହି ଦିଗ ଦେଇ ଆଗକୁ ଚାଲିଯାଇଛି। ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯଦି ଏଇଟି ମଧ୍ୟ ଅବଶିଷ୍ଟ ଆଉସବୁ ବିଚାର ପରି କେବଳ ଏକ ବିଚାରମାତ୍ର ହୋଇ ରହେ, ତେବେ ଅନ୍ୟ ଯାବତୀୟ ବିଚାରର ଯେଉଁ ଗତି ହୋଇଛି, ଏଇଟିର ମଧ୍ୟ ଠିକ୍ ସେହି ଗତି ହେବ। ମାତ୍ର ଯଦି ଏହାକୁ ଆମେ ଆମ ସତ୍ତାର ଏକ ସତ୍ୟରୂପେ ପ୍ରକୃତରେ ଗ୍ରହଣ କରିପାରିଥାଉ, ତେବେ କେବଳ ଏହି ସତ୍ୟଟି ଦିଗରେ ସବୁକିଛି ଗତି କରିବାରେ ଲାଗିଛି ବୋଲି କୁହାଯାଇ ପାରିବ ଏବଂ ଏହାରି ମଧ୍ୟରେହିଁ ଆମକୁ ଏପରି ଏକ ମୂଳଭୂତ, ଅନ୍ତର୍ଗତ, ପରିପୂର୍ଣ୍ଣ ଏବଂ ଯଥାର୍ଥ ମାନବ-ଏକତା ଲାଗି ଆବଶ୍ୟକ ସାଧନ ଓ ମାର୍ଗଟି ମିଳିଯାଇ ପାରିବ, ଯାହାକି ମନୁଷ୍ୟ-ଜୀବନର ଏକତ୍ୱୀକରଣ ଲାଗି ଏକମାତ୍ର ଦୃଢ଼ ଭିତ୍ତିରୂପେ ପ୍ରତିଷ୍ଠିତ ହୋଇପାରିବ। ଅର୍ଥାତ୍, ଏକ ଆଧ୍ୟାତ୍ମିକ ଏକତ୍ୱର ଉପଲବ୍ଧି କରିବାକୁ ହେବ, ସେଥିରୁ ଯେଉଁ ମାନସକ୍ଷେତ୍ରୀୟ ଏକତ୍ୱ ଉତ୍ପନ୍ନ ହେବ, ତାହା କଦାପି କୌଣସି ବୁଦ୍ଧିପ୍ରସୂତ ଅଥବା ବାହ୍ୟ ଏକରୂପତା ଉପରେ ନିର୍ଭରଶୀଳ ହୋଇ ରହିବ ନାହିଁ ଏବଂ ତାହା ଜୀବନର କ୍ଷେତ୍ରରେ ଏପରି ଏକ ଏକତ୍ୱର ଅବଶ୍ୟ ପ୍ରତିଷ୍ଠା କରିବ, ଯାହାକି ଏକତ୍ରୀକରଣର କୌଣସି ଯାନ୍ତ୍ରିକ ଉପାୟ ସହିତ ଆଦୌ

'oaob.nitrkl.ac.in' images reprocessed

ବାନ୍ଧିହୋଇ ରହି ନ ଥିବ, ମାତ୍ର ଏକ ମୁକ୍ତ ଅନ୍ତର୍ଗତ ବିଭିନ୍ନତା ତଥା ସମ୍ପୂର୍ଣ୍ଣ ମୁକ୍ତଭାବରେ ନାନାବିଧ ହୋଇ ରହିଥିବା ବାହ୍ୟ ଆତ୍ମ-ଅଭିବ୍ୟକ୍ତି ଦ୍ୱାରା ତାହାର ସେହି ଦୃଢ଼ ଏକତାଟିକୁ ସମ୍ପଦଶାଳୀ କରିବାରେ ଲାଗିଥିବ; ମନୁଷ୍ୟ ଜୀବନର ଏକ ଉଚ୍ଚତର ସୋପାନର ଉପଲବ୍ଧି ଲାଗି ଏହାହିଁ ଆଧାରରୂପେ କାର୍ଯ୍ୟ କରିବ ।

ଏହିପରି ଏକ ଉପଲବ୍ଧି ଯଦି ତ୍ୱରାନ୍ୱିତ ଭାବରେ ମନୁଷ୍ୟସମାଜ ମଧ୍ୟରେ ବିକଶିତ ହୋଇ ଉଠିପାରନ୍ତା, ତେବେ ଅନ୍ତର୍ଗତ ସତ୍ୟରୁ ବାହ୍ୟ ରୂପାୟନଗୁଡ଼ିକ ଆଡ଼କୁ ଅଗ୍ରସର ହୋଇ ଆମେ ଏକ ଅଧିକ ଗଭୀର ଏବଂ ଅଧିକ ଯଥାର୍ଥ ଭାବରେ ଏକତ୍ରୀକରଣର ଏହି ସମସ୍ୟାଟିର ସମାଧାନ କରିନେଇ ପାରନ୍ତେ । ମାତ୍ର ଯେପର୍ଯ୍ୟନ୍ତ ସେହି ସମୟଟି ଆସି ନ ପହଞ୍ଚିଛି, ସେପର୍ଯ୍ୟନ୍ତ ଯନ୍ତ୍ରବଦ୍ଧ ନାନା ନିୟମ ଓ ଉପାୟ ଦ୍ୱାରା ସେଇଟିକୁ ସମ୍ଭବ କରିବାର ପ୍ରଚେଷ୍ଟାଟି ଅବଶ୍ୟ ବଳବତ୍ତର ରହିଥିବ ଓ ଆଗକୁ ଆଗକୁ ଯାଉଥିବ । ମାତ୍ର, ମନୁଷ୍ୟସମାଜ ମଧ୍ୟରେ ଅଧିକରୁ ଅଧିକ ସଂଖ୍ୟାରେ କ୍ରମେ ଏହିଭଳି ମନୁଷ୍ୟ-ବ୍ୟକ୍ତି ବାହାରିବେ, ଯେଉଁମାନେ କି ଏହି ସତ୍ୟଟିକୁ ହୃଦୟଙ୍ଗମ କରିବେ ଏବଂ ଆପଣା ଭିତରେ ତାହାର ବିକାଶସାଧନ କରିବାରେ ଲାଗିଥିବେ, ଯେପରିକି, ଯେତେବେଳେ ମନୁଷ୍ୟର ମନ ତା'ର ଏହି ଯାନ୍ତ୍ରିକ ପ୍ରବୃତ୍ତିଟି ଭିତରୁ ବାହାରକୁ ବାହାରିଯିବା ଲାଗି ପ୍ରସ୍ତୁତ ହୋଇଯିବ, ସମ୍ଭବତଃ, ତା'ର ଯାବତୀୟ ଯାନ୍ତ୍ରିକ ସମାଧାନ କେବଳ ଅସ୍ଥାୟୀ ଭାବରେହିଁ ଏକ ସମାଧାନ ଆଣି ଦେଉଥିବ ଓ ତେଣୁ ତାକୁ ବାରବାର ନିରାଶ କରିବାରେ ଲାଗିଥିବ ବୋଲି ଯେତେବେଳେ ସେ ସ୍ପଷ୍ଟଭାବରେ ଦେଖିପାରିବ, ସେତେବେଳେ ପରମ ଚିଦ୍‌ଗତ ସତ୍ୟଟି ହୁଏତ ଆସି ଏହି କ୍ଷେତ୍ରରେ ପହଞ୍ଚିଯିବ ଏବଂ ମନୁଷ୍ୟ-ସମୁଦାୟକୁ ତା'ର ସମ୍ଭାବ୍ୟ ଉଚ୍ଚତମ ସୁଖ ତଥା ପରିପୂର୍ଣ୍ଣତାର ପଥରେ ଅଗ୍ରସର କରାଇ ନେଇଯିବ : ତା'ର ଉଚ୍ଚତର ଆଶାଟି କେବଳ ଏଇଥିରେହିଁ ନିହିତ ହୋଇ ରହିଛି ।

'oaob.nitrkl.ac.in' images reprocessed

# ଏକ ଅନୁଯୋଜନ

ଏହି ପୁସ୍ତକଟିର ଲେଖା ଶେଷ ହୋଇ ଆସିଲା ବେଳକୁ ନୂତନ ବିଶ୍ୱ-ବ୍ୟବସ୍ଥାଟିର ଏକ ପ୍ରାରମ୍ଭିକ ସକୁଣ୍ଠ ପ୍ରତିଷ୍ଠା ଦିଗରେ ଏକ ପ୍ରୟାସ କରିବା ଲାଗି ଆଲୋଚନା ଆରମ୍ଭ ହୋଇ ଯାଇଥିଲା; ଏପରି ଏକ ବିଶ୍ୱ-ବ୍ୟବସ୍ଥାର ସ୍ଥାୟୀ ପ୍ରୟୋଜନୀୟତା ବିଷୟରେ ରାଷ୍ଟ୍ର ତଥା ବିଭିନ୍ନ ରାଷ୍ଟ୍ରର ଜନସମୂହ, ଉଭୟଙ୍କର କ୍ରମେ ହୃଦ୍‌ବୋଧ ହେବାକୁ ଆରମ୍ଭ କରିଥିଲା, ପୃଥିବୀରେ ଆଦୌ କୌଣସି ବ୍ୟବସ୍ଥା କାଏମ୍ ରଖିବାକୁ ଗଲେ ଏପରି ଏକ ପ୍ରାରମ୍ଭିକ ପଦକ୍ଷେପକୁ ସମସ୍ତେ ଆବଶ୍ୟକ ବୋଲି ଅନୁଭବ କରୁଥିଲେ । ସେତେବେଳେ ଏହି ବିଷୟଟିକୁ ନେଇ ବିଚାର କରା ଯାଉଥିଲା ସତ, ମାତ୍ର ସେଇଟିକୁ ସେପରି କୌଣସି ବ୍ୟାବହାରିକ ମୂର୍ତ୍ତରୂପ ଦିଆଯାଇ ପାରି ନ ଥିଲା । ମାତ୍ର ଠିକ୍ ସେହିପରି କିଛି ହେବାକୁ ଅବଶ୍ୟ ଯାଉଥିଲା ଏବଂ ଶେଷକୁ ସେହି ସ୍ମରଣୀୟ ଆରମ୍ଭଟି ମଧ୍ୟ ହୋଇଗଲା । ଏକ ନାମ ଓ ନିର୍ଦ୍ଦିଷ୍ଟ ରୂପରେଖ ଦିଆଯାଇ ତାହାକୁ 'ଲୀଗ୍ ଅଫ୍ ନେଶନ୍‌ସ୍' ବୋଲି କୁହାଗଲା । ଶୁଭରେ ଆଦୌ ତା'ର ଜନ୍ମ ହୋଇ ନ ଥିଲା, ତାହାର ଗଠନଟି ପଛରେ କୌଣସି ସୁ-ଅନୁପ୍ରେରଣା ନ ଥିଲା ଅଥବା ତାହା ଖୁବ୍ ବେଶୀ ଦିନ ତିଷ୍ଠି ରହିପାରିବ ବା ଖୁବ୍ ଗୁଡ଼ାଏ ସଫଳତା ସହିତ ଆପଣାର କାର୍ଯ୍ୟ କରିପାରିବ ବୋଲି ମଧ୍ୟ ଅଭିପ୍ରେତ ବି ହୋଇ ନ ଥିଲା । ମାତ୍ର ଏପରି ଗୋଟିଏ ସଂଗଠିତ ପ୍ରୟାସ ତଥାପି ଆଦୌ ଯେ କରାଯାଇ ପାରିବ ଏବଂ ସଙ୍ଗେ ସଙ୍ଗେ ଭାଙ୍ଗି ନ ଯାଇ ଅନ୍ତତଃ କେତେଦିନ ପାଇଁ ଯେ ଆପଣା ପଥରେ ଅଗ୍ରସର ହୋଇ ପାରିବ, ତାହାକୁହିଁ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଘଟଣା ବୋଲି କୁହାଯାଇ ପାରିବ; ଏଥିରୁ ପୃଥିବୀର ଇତିହାସରେ ପ୍ରକୃତରେ ଏକ ସମ୍ପୂର୍ଣ୍ଣ ନୂତନ ଅଧ୍ୟାୟ ଆରମ୍ଭ ହେଲା ବୋଲି ସୂଚିତ ହୋଇ ଯାଉଥିଲା । ବିଶେଷତଃ, ଏହା ଏପରି ଏକ ପ୍ରଥମ ପ୍ରୟାସ ଥିଲା, ଯାହାକି, ବିଫଳକାମ ହୋଇଗଲେ ମଧ୍ୟ, ନିଶ୍ଚୟ କୌଣସି ଏକ ପରବର୍ତ୍ତୀ ରୂପ ଗ୍ରହଣ କରିବ ବୋଲି ସୁନିଶ୍ଚିତ ହୋଇ ରହିଥିଲା; ଏକ ସଫଳ ସମାଧାନ ବାହାର କରାଯାଇ ମନୁଷ୍ୟର ଭବିଷ୍ୟତକୁ ନିରାପଦ କରି ରଖିବା ପର୍ଯ୍ୟନ୍ତ ଏହି ପ୍ରୟାସଟି ପୁନଃପୁନଃ କରାଯାଉଥିବ ବୋଲି ସୁନିଶ୍ଚିତ ହୋଇ ରହିଥିଲା । ଏହି କ୍ଷେତ୍ରରେ ମନୁଷ୍ୟଜାତିର ଭବିଷ୍ୟତକୁ କେବଳ ସେତେବେଳେ ଅବିଚ୍ଛିନ୍ନ ଭାବରେ ଲାଗିରହିଥିବା ବିଶୃଙ୍ଖଳା ଓ ପ୍ରାଣଘାତକ ବିପଦଟିରୁ ନିରାପଦ ରଖିବାକୁ ଯେ ଏପରି ଏକ ସମାଧାନର ଆବଶ୍ୟକତା ରହିଥିଲା ତା' ନୁହେଁ, ମାତ୍ର ଧ୍ୱଂସମୂଳକ ଯାବତୀୟ ସମ୍ଭାବନାରୁ ମଧ୍ୟ ପୃଥିବୀକୁ ନିରାପଦ ରଖିବା ଲାଗି ତାହାର ଆବଶ୍ୟକତା ରହିଥିଲା, ଯାହାକି ବଡ଼ ସହଜରେ ପୃଥିବୀ-ସଭ୍ୟତାକୁ ଏକାବେଳେକେ ଭୁଷୁଡ଼ାଇ ଦେବାର ଆଶଙ୍କା ରହିଥିଲା, ଏବଂ ଯାହାକୁ

'oaob.nitrkl.ac.in' images reprocessed

କି ଆମେ ସମଗ୍ର ମନୁଷ୍ୟଜାତିର ଆତ୍ମହତ୍ୟା ବୋଲି ବର୍ଣ୍ଣନା କରିପାରିବା, ପରିଶେଷରେ ସେହିପରି ଏକ ପରିଣାମରେ ଆଣି ପହଞ୍ଚାଇ ଦେବାର ବିପଦ ଯାହା ମଧ୍ୟରେ ନିହିତ ହୋଇ ରହିଥିଲା । ସତେଅବା ଅଭିପ୍ରେତ ହୋଇ ରହିଥିବା ପରି ଲୀଗ୍ ଅଫ୍ ନେଶନ୍ସ୍ ଅନ୍ତର୍ହିତ ହୋଇଗଲା ଏବଂ ତାହା ସ୍ଥାନରେ 'ମିଳିତ ଜାତିସଂଘର' ଗଠନ ହେଲା; ଏହି ଅନୁଷ୍ଠାନଟିହିଁ ବର୍ତ୍ତମାନ ପୃଥିବୀର ପୁରୋଭାଗରେ ଦଣ୍ଡାୟମାନ ହୋଇ ରହିଛି ଏବଂ କୌଣସି ନା କୌଣସି ପ୍ରକାରର ସୁଦୃଢ଼ ସ୍ଥାୟିତ୍ୱ ଏବଂ ସଫଳତା ଲାଗି ସଂଗ୍ରାମ କରିବାରେ ଲାଗିଛି; ତାହାର ସେହି ବୃହତ୍ ଏବଂ ସୁଦୂରପ୍ରସାରୀ ପ୍ରଚେଷ୍ଟାଟିର ସ୍ଥାୟିତ୍ୱ ତଥା ସଫଳତା ଉପରେହିଁ ପୃଥିବୀର ଭବିଷ୍ୟତ ନିର୍ଭର କରି ରହିଛି ।

ଆପଣାର ଅଭିପ୍ରେତ ଉଦ୍ଦେଶ୍ୟଟିର ସାଧନ କରିବା ଲାଗି ପ୍ରକୃତି ବିଶ୍ୱବ୍ୟାପୀ ଯେତେଯେତେ ପ୍ରବୃତ୍ତିକୁ ଗତିଶୀଳ କରି ରଖିଛି, ଏଇଟି ହେଉଛି ତାହାରି ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଏବଂ ମୀମାଂସକ ପରିଣାମ,– ଏକ ସର୍ବପ୍ରଧାନ ଘଟଣା । ମନୁଷ୍ୟର ପ୍ରଚେଷ୍ଟାରେ କେତେ କ'ଣ ଅଭାବ ରହିଛି, ତା'ର ମନ କେତେ କେଉଁଠି ଝୁଣ୍ଟି ପଡ଼ିଯିବାରେ ଲାଗିଛି, ଏହି ବୃହତ୍ ଦୁଃସାହସିକ ପଦକ୍ଷେପଟିର ସଫଳତାକୁ ବ୍ୟାହତ କରି ରଖିବାକୁ ଅଥବା କିଛି କାଳ ଲାଗି ବିଳମ୍ବିତ କରିଦେବାକୁ କେତେକେତେ ପ୍ରତିକୂଳ ସମ୍ଭାବନା ମଧ୍ୟ ରହିଛି; ମାତ୍ର ତଥାପି, ଯାହା ଅବଶ୍ୟ ହେବା ଉଚିତ ଓ ଯାହା ଏକାନ୍ତ ଆବଶ୍ୟକ, ଏହି ଘଟଣାଟି ମଧ୍ୟରେହିଁ ତାହାରି ନିର୍ଦ୍ଧାରଣଟି ନିହିତ ହୋଇ ରହିଛି । ଏହି ଘଟଣା-ପ୍ରବାହରେ କେତେକେତେ ବିପଦ ଓ ବିପର୍ଯ୍ୟୟ ଆସି ଦେଖା ଦେଇଛନ୍ତି । ସେହି ପ୍ରଚେଷ୍ଟାଟିର ଅଭିପ୍ରାୟକୁ କାର୍ଯ୍ୟକାରୀ କରିବାର ପଥରେ କେତେ ପ୍ରତିବନ୍ଧକ ଆଣି ପହଞ୍ଚାଇଛନ୍ତି, ମାତ୍ର ତଥାପି ସେମାନେ ସମସ୍ତେ ମିଶି କରି ମଧ୍ୟ ମନୁଷ୍ୟଜାତିର ଅଗ୍ରଗତି ଏବଂ ଏପରିକି ତା'ର ତିଷ୍ଠି ରହିପାରିବା ଲାଗି ଅତ୍ୟାବଶ୍ୟକ ହୋଇ ରହିଥିବା ଏହି ପ୍ରୟାସଟିର ସଫଳ ଆବିର୍ଭାବ ଏବଂ ବିକାଶକୁ ଅଟକାଇ ରଖିପାରି ନାହାନ୍ତି ଏବଂ ଭବିଷ୍ୟତରେ ଆହୁରି ଯେତେ ଯାହା ବିପର୍ଯ୍ୟୟ ଆସି ଘଟିଲେ ମଧ୍ୟ ସେମାନେ ସେହି ବିକାଶକୁ କଦାପି ଅଟକାଇ ରଖିପାରିବେ ନାହିଁ । ଆମ ପୃଥିବୀ ଉପରେ ଏହା ମଧ୍ୟରେ ଦୁଇଦୁଇଟା ପ୍ରଚଣ୍ଡ ଓ ସର୍ବଧ୍ୱଂସକାରୀ ଯୁଦ୍ଧର ବାତ୍ୟା ବହିଯାଇଛି । ତାହା ସହିତ ଅଥବା ତା'ର ପରବର୍ତ୍ତୀ ପରିଣାମ ରୂପେ ବିପ୍ଳବମାନ ବି ସଂଘଟିତ ହୋଇଛି; ସେସବୁର ସୁଦୂରପ୍ରସାରୀ ପରିଣାମଗୁଡ଼ିକ ଆମ ପୃଥିବୀର ରାଜନୀତିକ ମାନଚିତ୍ରଟିକୁହିଁ ବଦଳାଇ ଦେଇ ଯାଇଛି, ଅନ୍ତର୍ଜାତୀୟ ଭାରସାମ୍ୟଟିକୁ ଦୋହଲାଇ ପକାଇଛି । ପାଞ୍ଚଟି ମହାଦେଶରେ ଏକଦା ମୋଟାମୋଟି ସ୍ଥାୟୀ ହୋଇ ରହିଥିବା ପରି ମନେ ହେଉଥିବା ସମତାବସ୍ଥାକୁ ତାହା ନଷ୍ଟ କରି ଦେଇଛି ଏବଂ ସମୁଦାୟ ଭବିଷ୍ୟତଟିକୁ ମଧ୍ୟ କେତେ କ'ଣ ବଦଳାଇ ଦେଇଯାଇଛି ।

'oaob.nitrkl.ac.in' images reprocessed

ଆହୁରି ଅଧିକ ବିନାଶକାରୀ ଏକ ତୃତୀୟ ଯୁଦ୍ଧର ବିପଦ ଆମର ସମ୍ମୁଖରେ ସତେଅବା ଅପେକ୍ଷା କରି ରହିଥିବା ପରି ମନେ ହେଉଛି । ସେଥିରେ ଯେଉଁସବୁ ଶସ୍ତ୍ରାସ୍ତ୍ର ଏବଂ ବିନାଶର ବୈଜ୍ଞାନିକ ଉପାୟମାନ ବ୍ୟବହୃତ ହେବ, ଏପର୍ଯ୍ୟନ୍ତ ଉଦ୍‌ଭାବିତ ହୋଇ ପାରିଥିବା ଅସ୍ତ୍ର ଓ ଉପାୟଗୁଡ଼ିକର ତୁଳନାରେ ସେଗୁଡ଼ିକ ଅନେକ ଅଧିକ ସାଂଘାତିକ ହେବାକୁ ଯାଉଛି; ସେହିସବୁ ଶସ୍ତ୍ରାସ୍ତ୍ରର ବିସ୍ତୃତ ବ୍ୟବହାର ହେଲେ ତାହା ମନୁଷ୍ୟର ସଭ୍ୟତାକୁ ସତେଅବା ଗୋଟାଏ ଆଘାତରେ ଖଣ୍ଡଖଣ୍ଡ କରି ଭାଙ୍ଗି ପକାଇବ ଏବଂ ତାହାର ପରିଣାମ ସ୍ୱରୂପ ମନୁଷ୍ୟଜାତିର ବିସ୍ତୃତ ବିଲୁପ୍ତି ମଧ୍ୟ ସଂଘଟିତ ହେବ । ଏହି ବିପଦର ଆଶଙ୍କାଟି ଆଜି ସତତ ସନ୍ତ୍ରାସ ସହିତ ଜାତିଙ୍କର ମନ ସମ୍ମୁଖରେ ଝୁଲିକରି ରହିଛି, ସେମାନଙ୍କୁ ଆହୁରି ଅଧିକ ଯୁଦ୍ଧ ଲାଗି ଉତ୍‌ପ୍ରେରିତ ଓ ପ୍ରସ୍ତୁତ କରିବାରେ ଲାଗିଛି ଏବଂ ଏକ ସ୍ଥାୟୀ ବୈରଭାବର ବାତାବରଣ ସୃଷ୍ଟି କରି ରଖିଛି । ଏହାକୁ ସିଧା ଦ୍ୱନ୍ଦ୍ୱ ବା ଯୁଦ୍ଧ ବୋଲି କୁହା ନ ଗଲେ ମଧ୍ୟ, ଯାହାକୁ ଆମେ "ଶୀତଳ ଯୁଦ୍ଧ" ବୋଲି କହୁଛୁ, ଶାନ୍ତିର ସମୟରେ ମଧ୍ୟ ତାହା ବର୍ତ୍ତମାନ ରହିଛି । ମାତ୍ର ଯେଉଁ ଦୁଇଟିଯାକ ଯୁଦ୍ଧ ଘଟି ଯାଇଛନ୍ତି ଓ ତା'ପରେ ସମାପ୍ତ ବି ହୋଇଛନ୍ତି, ସେମାନେ ତଥାପି ସମସ୍ତଙ୍କୁ ଏକାଠି ମିଶାଇ ଗୋଟିଏ ସଂଘ ଗଠନ କରିବାର ପ୍ରୟାସଟିଏ ଆରମ୍ଭ କରିବା ଦିଗରେ କରାଯାଇଥିବା ପ୍ରଥମ ତଥା ଦ୍ୱିତୀୟ ବୃହତ୍ ଚେଷ୍ଟାଗୁଡ଼ିକୁ ତଥାପି ବନ୍ଦ କରି ରଖିପାରି ନାହାନ୍ତି । ଏକ ବାସ୍ତବ ସଂଗଠନ ତିଆରି କରିବା ଦିଗରେ ପ୍ରଚେଷ୍ଟା କରାଯାଇଛି, ସେହି ଉଦ୍ଦେଶ୍ୟଟିକୁ ଆଗରେ ରଖି ଏକ ସଂଗଠିତ ମାଧ୍ୟମ ତିଆରି କରିବାର ପ୍ରୟାସ ହୋଇଛି; ବରଂ ଏପରି ବି କୁହାଯାଇ ପାରିବ ଯେ ସେହି ଦୁଇଟିଯାକ ଯୁଦ୍ଧ ଏହି ନୂତନ ସୃଷ୍ଟିଟିର କାରଣ ପରି କାର୍ଯ୍ୟ କରିଛନ୍ତି ଓ ତାହାକୁ ଅଧିକ ତ୍ୱରାନ୍ୱିତ କରି ଦେଇଛନ୍ତି । ପ୍ରଥମ ଯୁଦ୍ଧଟିର ଏକ ପ୍ରତ୍ୟକ୍ଷ ପରିଣାମ ରୂପେ ଲୀଗ୍ ଅଫ୍ ନେଶନ୍‌ସ୍‌ର ଜନ୍ମ ହୋଇଥିଲା, ଠିକ୍ ସେହିପରି ସମସ୍ତ ପୃଥିବୀ ବ୍ୟାପୀ ଯେଉଁ ଦ୍ୱିତୀୟ ସମରଟି ହେଲା, ତାହାରି ପରିଣାମ ସ୍ୱରୂପ ମିଳିତ ଜାତିସଂଘ ଜନ୍ମଲାଭ କଲା । ଅଧିକାଂଶ ନ ହେଲେ ମଧ୍ୟ ଅନେକ ଲୋକ ଯେଉଁ ତୃତୀୟ ଯୁଦ୍ଧଟି ଅବଶ୍ୟ ଘଟିବାକୁ ଯାଉଛି ବୋଲି କହୁଛନ୍ତି, ଯଦି ତାହା ପ୍ରକୃତରେ ଘଟେ, ତେବେ ସତେଅବା ଅନିବାର୍ଯ୍ୟ ଭାବରେ ତାହା ଖୁବ୍ ସମ୍ଭବ ଏହି ଦିଗରେ ଆଉ ଗୋଟିଏ ପଦକ୍ଷେପ ସଂଘଟିତ କରାଇବ ଏବଂ ସମ୍ଭବତଃ ତା'ପରେ ଆମକୁ ଏହି ମହାନ୍ ବିଶ୍ୱ-ପ୍ରଚେଷ୍ଟାର ସର୍ବଶେଷ ପରିଣାମଟି ମଧ୍ୟ ଦେଖିବାକୁ ମିଳିଯିବ । ଆପଣାର ଅଭିପ୍ରାୟଟି ଦୃଷ୍ଟିରୁ ଯେତେ ବିପରୀତ ଓ ବିପଜ୍ଜନକ ବୋଲି ମନେ ହେଉଥିଲେ ମଧ୍ୟ ପ୍ରକୃତି ସେହି ଅଭିପ୍ରାୟଟିକୁ ପୂରଣ କରିବା ଲାଗିହିଁ ଏହିସବୁ ଉପାୟକୁ କାର୍ଯ୍ୟକାରୀ କରିଥାଏ । ଆଧ୍ୟାତ୍ମିକ ବିଜ୍ଞାନ ତଥା ଯୋଗମାର୍ଗର ଅଭ୍ୟାସକ୍ଷେତ୍ରରେ ଯେପରି ପ୍ରକୃତି ମଧ୍ୟରେ

'oaob.nitrkl.ac.in' images reprocessed

ନିହିତ ହୋଇ ରହିଥିବା ମାନସ ସମ୍ଭାବନାଗୁଡ଼ିକୁ ଉତ୍ତୋଳିତ କରି ଆଣିବାକୁ ପଡ଼େ, ଯେଉଁ ସମ୍ଭାବନାଗୁଡ଼ିକ ଆଧ୍ୟାତ୍ମିକ ପରିପୂର୍ଣ୍ଣତା ଏବଂ ଚରିତାର୍ଥତାର ପଥରେ ବାଧା ପରି ହୋଇ ରହିଥା'ନ୍ତି, ସେଗୁଡ଼ିକୁ ଉପରକୁ ଉଠାଇ ଆଣି ଯେପରି ସେଗୁଡ଼ିକର ନିରାକରଣ କରିବାକୁ ହୋଇଥାଏ, ଯେଉଁ କାର୍ଯ୍ୟଟି ସାଧିତ ହୋଇସାରିଛି, ସେଇଟିକୁ ଭଗ୍ନ କରିଦେବା ଲାଗି ଏପରିକି କେତୋଟି ସୁପ୍ତ ସମ୍ଭାବନା ମଧ୍ୟ କେବେ ଉତ୍ଥିତ ହୋଇ ଆସିବେ ବୋଲି ଆଶଙ୍କା ରହିଥାଏ, ସେଗୁଡ଼ିକୁ ଉତ୍ତୋଳିତ କରିନେଇ ଯେପରି ସେଗୁଡ଼ିକର ଅନ୍ତ କରାଯାଏ, ପ୍ରକୃତି ମଧ୍ୟ ସିଏ ଆପଣାର ମାର୍ଗରେ ସଂସ୍ପର୍ଶରେ ଆସୁଥିବା ବିଶ୍ୱ-ଶକ୍ତିଗୁଡ଼ିକୁ ନେଇ ଅନୁରୂପ ଭାବରେ କାର୍ଯ୍ୟ କରିଥାଏ । ଯେଉଁସବୁ ସମ୍ଭାବନା ତା'ର କାର୍ଯ୍ୟରେ ସହାୟକ ହେବେ, କେବଳ ସେହିଗୁଡ଼ିକୁ ଉଦ୍‌ବୋଧିତ କରିଆଣି ନୁହେଁ, ମାତ୍ର ଯେଉଁଗୁଡ଼ିକୁ ପ୍ରକୃତି ଅତି ସାଧାରଣ ବା ଏପରିକି ଅପରିହାର୍ଯ୍ୟ ଗୋଟିଏ ଗୋଟିଏ ବାଧା ବୋଲି ଜାଣିଥାଏ, ଯେଉଁମାନେ ହଠାତ୍ କେତେବେଳେ ଉତ୍ଥିତ ହୋଇ ତା'ର ପ୍ରଚ୍ଛନ୍ନ ଇଚ୍ଛାଟି ଆଗରେ ପ୍ରତିବନ୍ଧକ ହୋଇ ଠିଆ ହେବେ ବୋଲି ଜାଣିଥାଏ, ପ୍ରକୃତି ସେଗୁଡ଼ିକୁ ମଧ୍ୟ ଉଦ୍‌ବୋଧିତ କରିଆଣେ । ସେଗୁଡ଼ିକୁ ନଷ୍ଟ କରି ଦେବାକୁହିଁ ସେଗୁଡ଼ିକୁ ଉଦ୍‌ବୋଧିତ କରି ଆଣିଥାଏ । ମନୁଷ୍ୟଜାତିର ଇତିହାସରେ ଆମେ ଏପରି ଅନେକ ଥର ଘଟିଥିବାର ଦେଖିବାକୁ ପାଇବା; ଯେଉଁ କାର୍ଯ୍ୟଟି ସାଧିତ ହେବାକୁ ଯାଉଛି, ତାହାରି ମାତ୍ରାଟିର ଅନୁରୂପ ହେଲା ପରି ବର୍ତ୍ତମାନ ପୃଥିବୀରେ ଯେଉଁ ପ୍ରଚଣ୍ଡ ଶକ୍ତିଟି ଜାଗ୍ରତ ହୋଇ ଉଠିଛି, ଆମେ ସେଇଟିକୁ ତାହାରି ଏକ ଦୃଷ୍ଟାନ୍ତ ବୋଲି ଜାଣିବା । ମାତ୍ର ଅନନ୍ତ-ଶକ୍ତିଧାରିଣୀ ସୃଷ୍ଟିକାରିଣୀ ପରମା ଶକ୍ତି ଓ ତାଙ୍କର ପ୍ରବର୍ତ୍ତକ ବିଧାତାଙ୍କର ଅଭିପ୍ରାୟଟିକୁ ଏହି ପ୍ରତିରୋଧ-ଶକ୍ତିଗୁଡ଼ିକ ଆପଣାର ଯାବତୀୟ ପ୍ରତିରୋଧ ଦ୍ୱାରା ପ୍ରକୃତରେ ବ୍ୟାହତ କରି ରଖିବାର ତୁଳନାରେ ବରଂ ଅଧିକ ପରିମାଣରେ ସର୍ବଦା ତାହାର ସହାୟତାହିଁ କରିଥା'ନ୍ତି ।

ତେଣୁ, ଏପର୍ଯ୍ୟନ୍ତ ଯେତିକି ହାସଲ କରାଯାଇ ପାରିଛି ଏବଂ ଭବିଷ୍ୟତରେ ଅଧିକ ଯାହାକିଛି ହାସଲ ହୋଇପାରିବ ବୋଲି ସମ୍ଭାବନା ଦେଖାଯାଉଛି, ଆମେ ନ୍ୟାୟତଃ ଆଶାନ୍ୱିତ ହୋଇହିଁ ତାହା ଉପରେ ଦୃଷ୍ଟିପାତ କରିପାରିବା । ଅବଶ୍ୟ ଏକଥା ମଧ୍ୟ ସତ ଯେ ଏହି କାର୍ଯ୍ୟଟି ମଧ୍ୟରେ ଯେଉଁସବୁ ଅନୁଚିତ ବିଷୟ ରହିଛି, ବିପଦପୂର୍ଣ୍ଣ ନାନା ପ୍ରବୃତ୍ତି ଏବଂ ଗମ୍ଭୀର ଭାବରେ ନାନା ବାଧା ଆସି ପହଞ୍ଚିବାର ଯେଉଁସବୁ ସମ୍ଭାବନା ରହିଛି ଏବଂ ହୁଏତ ସମ୍ପାଦିତ ହୋଇସାରିଥିବା କାର୍ଯ୍ୟଟିକୁ ପଣ୍ଡ କରିଦେବା ଭଳି ମନୁଷ୍ୟର ଏହି ସଂସାରରେ ଏପରିକି ଯେଉଁସବୁ ବିଶୃଙ୍ଖଳା ରହିଛି, ଆମର ଆଶାବାଦ ସେସବୁ ପ୍ରତି ଆମକୁ କଦାପି ଅନ୍ଧ କରି ପକାଇବ ନାହିଁ । ବର୍ତ୍ତମାନ ପ୍ରକୃତ ସ୍ଥିତିଗୁଡ଼ିକ ଯେପରି ରହିଛି,

'oaob.nitrkl.ac.in' images reprocessed

ସେହି ଦୃଷ୍ଟିରୁ ହୁଏତ ଏକଥା ମଧ୍ୟ ସ୍ୱୀକାର କରାଯାଇ ପାରିବ ଯେ ମିଳିତ ଜାତିସଂଘଟି ମଧ୍ୟରେ ରହିଥିବା ଅଭାବଗୁଡ଼ିକ ବିଷୟରେ ଅଧିକାଂଶ ଲୋକ ଏବେ ଭାରି ଅସନ୍ତୋଷ ପ୍ରକାଶ କରୁଛନ୍ତି, ସେହି ସଂଗଠନଟିରେ ଯେଉଁସବୁ ଭୁଲ୍ ଏବଂ ଅନିଷ୍ଟକାରିତା ତାହାର ଅସ୍ତିତ୍ୱଟିକୁ ମଧ୍ୟ ବିପନ୍ନ କରି ପକାଇଛି, ସେବିଷୟରେ ସେମାନେ ଅନେକ ଅସ୍ୱସ୍ତି ଅନୁଭବ କରୁଛନ୍ତି ଏବଂ ସଂଗଠନଟି ଯେ ପରିଶେଷରେ ଆଦୌ କୌଣସି ସଫଳତା ଲାଭ କରିବ, ସେକଥା ନେଇ ଭାରି ନିରାଶାବାଦ ପୋଷଣ କରୁଛନ୍ତି ଓ ଅଧିକରୁ ଅଧିକ ସଂଶୟ ବି ପ୍ରକାଶ କରୁଛନ୍ତି । ଏହି ନିରାଶାବାଦର ପକ୍ଷସମର୍ଥନ କରିବା ଲାଗି ମୋଟେ କୌଣସି ଆବଶ୍ୟକତା ନାହିଁ, ଏବଂ ସେପରି କରିବା କୌଣସି ବିଜ୍ଞତା ମଧ୍ୟ ହେବ ନାହିଁ । କାରଣ, ଯଦି ଆମର ମନୋଭାବଟି ଠିକ୍ ଏହିପରି ହୋଇ ରହେ, ତେବେ ଯେଉଁସବୁ ପରିଣାମ ଉପୁଜିବାକୁ ଯାଉଛି ବୋଲି ତାହା ଭବିଷ୍ୟବାଣୀ କରିବାରେ ଲାଗିଛି, ମାତ୍ର ଯାହା ଘଟିବା ଆଦୌ ଅବଶ୍ୟମ୍ଭାବୀ ନୁହେଁ, ତାହା ହୁଏତ ସେହିଗୁଡ଼ିକୁହିଁ ଘଟାଇ ଆଣିବାରେ ପ୍ରେରଣା ଯୋଗାଇ ଦେବ । ମାତ୍ର ତା' ସଙ୍ଗେ ସଙ୍ଗେ ବିପଦଟିକୁ ଆଦୌ ନ ଦେଖୁଥିଲା ପରି ହେଲେ ମଧ୍ୟ କାମ ଚଳିବ ନାହିଁ । ଯେଉଁମାନେ ବିଭିନ୍ନ ଜାତିର ନେତୃତ୍ୱ ଗ୍ରହଣ କରୁଛନ୍ତି, ଯେଉଁମାନଙ୍କ ମଧ୍ୟରେ ସଫଳତା ଲାଭ କରିବାର ଆବଶ୍ୟକ ଇଚ୍ଛାଶକ୍ତିଟି ରହିଛି ଏବଂ ପରିହାର୍ଯ୍ୟ କୌଣସି ପ୍ରକାର ବିଫଳତା ସକାଶେ ଭବିଷ୍ୟ ଯେଉଁମାନଙ୍କୁ ଅବଶ୍ୟ ଦାୟୀ କରିବ, ସେମାନଙ୍କୁ ସର୍ବଦା ଅବିବେକୀ ଯାବତୀୟ ନୀତି ଓ ଘାତକ ଭୁଲ୍‌ଗୁଡ଼ିକ ବିଷୟରେ ଅତ୍ୟନ୍ତ ସତର୍କ ରହିବାକୁ ପଡ଼ିବ । ସଂଗଠନଟି ମଧ୍ୟରେ ଅଥବା ତାହାର ସଂବିଧାନ ଭିତରେ ଯେଉଁସବୁ ଅଭାବ ରହିଛି, ସେଗୁଡ଼ିକର ତ୍ୱରିତ ପ୍ରତିକାର କରିବାକୁ ପଡ଼ିବ ଅଥବା କ୍ରମଶଃ ଅତ୍ୟନ୍ତ ସାବଧାନତା ସହିତ ସେଗୁଡ଼ିକର ନିରାକରଣ କରିବାକୁ ହେବ । ଆବଶ୍ୟକ ହେଉଥିବା ପରିବର୍ତ୍ତନଟି ବିରୋଧରେ ଯଦି କୌଣସି ଦୁରାଗ୍ରହୀ ପ୍ରତିରୋଧ ପ୍ରକଟ କରାଯାଏ, ତେବେ ସଂଗଠନଟିକୁ ଆଦୌ ଭାଙ୍ଗିଯିବାକୁ ନ ଦେଇ ସେଗୁଡ଼ିକୁ ଜୟ କରିବାକୁ ଅଥବା ବନ୍ଦ କରିବାକୁ ପଡ଼ିବ । ଆଦୌ ସହଜ ଏବଂ ତ୍ୱରାନ୍ୱିତ ଭାବରେ ନ ହେଲେ ମଧ୍ୟ ଏହି ସଂଗଠନଟିକୁ ନିର୍ଦ୍ଦୋଷ କରି ଗଢ଼ିବା ଦିଗରେ ତଥାପି ଅଗ୍ରଗତି କରିବାକୁ ହେବ ଏବଂ ଯେକୌଣସି ପ୍ରକାରେ ପୃଥିବୀର ଆଶାକ୍ଷେତ୍ରରେ ରହିଥିବା ଯାବତୀୟ ବ୍ୟର୍ଥତା-ଭାବକୁ ନିରାକୃତ କରିବାକୁ ହେବ । କାରଣ, ଏହି ବାଟଟିକୁ ଛାଡ଼ିଦେଲେ ମନୁଷ୍ୟଜାତି ଲାଗି ଆଉ କୌଣସି ବାଟହିଁ ନାହିଁ; ଅବଶ୍ୟ, ଯେଉଁ ପରମଶକ୍ତି ମନୁଷ୍ୟକୁ ପରିଚାଳିତ କରି ନେଉଛନ୍ତି, କୌଣସି ପ୍ରକାର ମୁକ୍ତିଦାୟକ ଅନ୍ୟ ଦିଗକୁ ମୁହାଁଇ ନେଇ, ମନୁଷ୍ୟର ଇଚ୍ଛାଶକ୍ତି ବା ପ୍ରକୃତିରେ କୌଣସି ପରିବର୍ତ୍ତନ ଘଟାଇ କିମ୍ବା ବିବର୍ତ୍ତନର କ୍ଷେତ୍ରରେ ହଠାତ୍ କୌଣସି ଅଗ୍ରଗତି ସମ୍ଭବ କରାଇ ଆଣି ଯଦି ସିଏ କୌଣସି

'oaob.nitrkl.ac.in' images reprocessed

ବୃହତ୍ତର ପଥକୁ ଆଣି ମନୁଷ୍ୟଜାତି ଆଗରେ ଉନ୍ମୁକ୍ତ କରିଦେବେ, ଏବଂ ଏତେ ବଡ଼ ଯେଉଁ ଉଲ୍ଲମ୍ଫନଟି ହେବ ବୋଲି ଆଗରୁ ମୋଟେ ସହଜରେ ପ୍ରତୀତିର ସହିତ କୁହାଯାଇ ପାରିବ ନାହିଁ, ଯଦି ତାହାରି ଦ୍ୱାରା ଆମ ମନୁଷ୍ୟ-ନିୟତିର ଆଉ ଅନ୍ୟ ଏକ ତଥା ବୃହତ୍ତର ସମାଧାନ ପ୍ରକୃତରେ ସାଧ୍ୟ ବା ସମ୍ଭବ ହୋଇ ଆସିବ, ତେବେ ତାହା ଅବଶ୍ୟ ଏକ ଅନ୍ୟ କଥା ହେବ ।

ଲୀଗ୍ ଅଫ୍ ନେଶନ୍‌ସ୍‌ର ଆକାରଟିକୁ ଗ୍ରହଣ କରି ସମଗ୍ର ପୃଥିବୀକୁ ଗୋଟିଏ ଅନୁଷ୍ଠାନରେ ଏକତ୍ର କରି ରଖିବା ଲାଗି ଯେଉଁ ଆରମ୍ଭଟି ହୋଇଥିଲା, ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାହାର ପ୍ରଥମ ବିଚାର ଓ ରୂପାୟନଟିର ଗଠନ-କ୍ଷେତ୍ରରେ ଏକାଧିକ ଭୁଲ୍ ରହିଯାଇଥିଲା; ସବୁକଥାରେ ସମସ୍ତେ କେବଳ ଗୋଟିଏ ମତ ପୋଷଣ କରିବେ ବୋଲି ଯେଉଁ ଜୋର୍ ଦିଆ ଯାଇଥିଲା, ଯାହାଫଳରେ ତାହା ପ୍ରାୟ ଏକ ନିଷ୍ଫଳତାରେ ପରିଣତ ହୋଇ ରହିବାର ଏକ ପ୍ରବୃତ୍ତି ଦେଖାଉଥିଲା, ପ୍ରକୃତ କ୍ଷେତ୍ରରେ ଯାବତୀୟ କାର୍ଯ୍ୟକୁ ତାହା ଅତିମାତ୍ରାରେ ସୀମାବଦ୍ଧ କରି ପକାଉଥିଲା, ଏକ ବାଧାରୂପେ ଦଣ୍ଡାୟମାନ ହୋଇ ରହୁଥିଲା ଏବଂ ଲୀଗ୍‌ର ଫଳଦାୟକତାକୁ ମଧ୍ୟ ବଡ଼ ବ୍ୟାହତ କରି ରଖୁଥିଲା । ମାତ୍ର ସର୍ବପ୍ରଧାନ ଅଭାବ ବା ଦୋଷଟି ମୂଳ କଳ୍ପନାଟିରେହିଁ ରହିଥିଲା, ସଂସ୍ଥାଟିର ସାଧାରଣ ଗଠନଟି ମଧ୍ୟରେ ରହିଥିଲା, ଏବଂ ସେହି ସମୟରେ ପୃଥିବୀର ପରିସ୍ଥିତି ଯେଉଁଭଳି ଥିଲା, ତାହା ସେଇଥିରୁହିଁ ଏକ ସ୍ୱାଭାବିକ ପ୍ରତ୍ୟକ୍ଷ ପରିଣାମ ରୂପେହିଁ ନିଷ୍ପନ୍ନ ହୋଇଥିଲା । ଲୀଗ୍ ଅଫ୍ ନେଶନ୍‌ସ୍ ବସ୍ତୁତଃ ବଡ଼ ବଡ଼ ଶକ୍ତିମାନଙ୍କ ଦ୍ୱାରା ନିୟନ୍ତ୍ରିତ ଗୋଟିଏ ଅଲ୍ପତନ୍ତ୍ର ହୋଇ ରହିଥିଲା, ପ୍ରତ୍ୟେକ ବଡ଼ ଶକ୍ତି ପଛରେ ମାଳେ ମାଳେ ସାନ ରାଷ୍ଟ୍ର ରହିଥିଲେ ଓ ବଡ଼ ଶକ୍ତିମାନେ ପ୍ରତ୍ୟେକେ ବୃହତ୍ତର ପୃଥିବୀର ସ୍ୱାର୍ଥ ତଥା ହିତ ଅପେକ୍ଷା ଅଧିକତର ପରିମାଣରେ ଯଥାସମ୍ଭବ କେବଳ ଆପଣା ନୀତିଟିକୁ କାଏମ୍ କରି ନେବାକୁହିଁ ସାଧାରଣ ସଂଗଠନଟିକୁ ବ୍ୟବହାର କରିବାରେ ଲାଗିଥିଲେ । ପ୍ରଧାନତଃ ରାଜନୀତିର କ୍ଷେତ୍ରରେ ଏହାର ଏହି ସ୍ୱଭାବଟି ସବୁଠାରୁ ଅଧିକ ପ୍ରକଟ ହୋଇଯାଉଥିଲା, ଏବଂ ଏହିଭଳି ଏକ ବସ୍ତୁସ୍ଥିତିରେ ଯେଉଁସବୁ ଚାଲ ଖେଳା ଯାଉଥିଲା, ବିବାଦମାନ ସୃଷ୍ଟି କରାଯାଉଥିଲା ଓ ଅନିବାର୍ଯ୍ୟତଃ ଯେଉଁସବୁ ଚୁକ୍ତି ଓ ସାଲିସ୍‌ମାନ କରିନିଆ ଯାଉଥିଲା, ତାହା ଲୀଗ୍‌ର କାର୍ଯ୍ୟଗୁଡ଼ିକୁ ଉପକାରକ ଓ ଫଳଦାୟକ ହୋଇ ପାରିବାରେ ଆଦୌ ସାହାଯ୍ୟ କରୁ ନ ଥିଲା; ଅର୍ଥାତ୍ ଯେଉଁସବୁ ଉଦ୍ଦେଶ୍ୟକୁ ଆଗରେ ରଖି ଲୀଗ୍ ଆପଣାକୁ କାର୍ଯ୍ୟକାରୀ କରିବାକୁ ଇଚ୍ଛା କରୁଥିଲା, ସେହି ଉଦ୍ଦେଶ୍ୟଗୁଡ଼ିକର ପୂରଣ ହୋଇପାରୁ ନ ଥିଲା । ଆମେରିକା ଲୀଗ୍‌ର ବାହାରେ ରହିଥିଲା, ଏବଂ ଏହି କ୍ଷେତ୍ରରେ ରୁଷିଆ ଯେପରି ନୀତି ଅବଲମ୍ବନ କରିଥିଲା, ତାହା ଏହି ପ୍ରଥମ ସାହସିକ ଉଦ୍ୟମଟିର ଅନ୍ତିମ ବିଫଳତାକୁ

'oaob.nitrkl.ac.in' images reprocessed

ଅପରିହାର୍ଯ୍ୟ ନ ହେଲେ ମଧ ଏକ ସ୍ୱାଭାବିକ ପରିଣାମରେହିଁ ପରିଣତ କରିଦେଇଥିଲା । ଏହିସବୁ ପ୍ରମାଦକୁ ଏଡ଼ି ପାରିବା ଲାଗି ମିଳିତ ଜାତିସଂଘରେ ଅନ୍ତତଃ ଏକ ସିଦ୍ଧାନ୍ତରୂପେ ଏକ ପ୍ରୟାସ କରାଯାଇଥିଲା; ମାତ୍ର ସେହି ପ୍ରୟାସଟିକୁ ପରିପୂର୍ଣ୍ଣ ଭାବରେ କରାହୋଇ ନ ଥିଲା ଏବଂ ତାହା ସମ୍ପୂର୍ଣ୍ଣ ଭାବରେ ସଫଳ ମଧ ହେଲା ନାହିଁ । ନିରାପତ୍ତା ପରିଷଦରେ ପାଞ୍ଚ ବୃହତ୍ ଶକ୍ତିକୁ ଯେଉଁ ବିଶେଷ ପ୍ରଧାନ ସ୍ଥାନ ପ୍ରଦତ୍ତ ହୋଇ ରହିଲା, ସେଥିରେ ପୂର୍ବର ସେହି ଅଳ୍ପତନ୍ତ୍ରର ଏକ ଅତି ପ୍ରତିପତ୍ତିଶାଳୀ ଉପାଦାନ ତଥାପି ରହିଗଲା ଏବଂ ଭେଟୋ-କ୍ଷମତା ପ୍ରୟୋଗର କୌଶଳଟି ଦ୍ୱାରା ତାହା ଅଧିକ ଜବର ହୋଇ ରହିପାରିଲା । ଅବଶ୍ୟ ଏକଥା ସତ ଯେ ବାସ୍ତବତାବୋଧ ପ୍ରତି ଦୃଷ୍ଟି ରଖି ଏବଂ ବସ୍ତୁସ୍ଥିତିର ପ୍ରକୃତ ଅବସ୍ଥାଟିକୁ ତଥା ଦ୍ୱିତୀୟ ମହାଯୁଦ୍ଧର ଅନ୍ତିମ ଫଳଗୁଡ଼ିକୁ ସ୍ୱୀକାର କରିନେବାର ଆବଶ୍ୟକତାଟିକୁ ହୃଦୟଙ୍ଗମ କରି ଏହିସବୁ ବିଶେଷ ସୁବିଧା ଦେବାର ବ୍ୟବସ୍ଥା ହୋଇଥିଲା ଏବଂ ହୁଏତ ଏକଥା ସତ ଯେ ତାହାକୁ ବାଦ୍ ଦେଇ ଅଗ୍ରସର ହେବା ସମ୍ଭବ ହୋଇ ପାରି ନ ଥା'ନ୍ତା । ମାତ୍ର ଏହି ବିଶେଷ ସୁବିଧାଗୁଡ଼ିକ ଯେପରି ଭାବରେ ତିଆରି ହେଲା ବା ବିଶ୍ୱ-ପରିସ୍ଥିତି ଏହି ବ୍ୟବସ୍ଥାଟିକୁ ଯେପରି ଭାବରେ କାର୍ଯ୍ୟ କରିବାକୁ ବାଧ କଲା ଅଥବା ଏହାର ରଚନାଟି ମଧରେ ସମ୍ମିଳିତ ଭାବରେ କାର୍ଯ୍ୟ କରି ପାରିବାର ଅସୁବିଧାଗୁଡ଼ିକ ଯେପରି ନିହିତ ହୋଇ ରହିଥିଲା, ସେହି ଦୃଷ୍ଟିରୁ ସେଗୁଡ଼ିକ ଆଉକିଛି କରିବାକୁ ସମର୍ଥ ହେବା ଅପେକ୍ଷା ଅଡୁଆ ସୃଷ୍ଟି କରିବାରେ ଏବଂ ନୂତନ ଅନୁଷ୍ଠାନଟିର କାର୍ଯ୍ୟରେ ବାଧା ହୋଇ ଠିଆ ହେବାରେ ଓ ତାହାର ସଫଳତାକୁ ନାନା ଭାବରେ ଖର୍ବ କରି ରଖିବାରେହିଁ ଅଧିକ ସାହାଯ୍ୟ କରିଛି । ସଂଗଠନର ଏହିସବୁ ଅଭାବକୁ ଦୂର କରିବା ଲାଗି ଯଦି ତରତର କରି ଏକାବେଳେକେ ଗୁଡ଼ାଏ ବଦଳାଇ ଦେବାକୁ କିଛି ଚେଷ୍ଟା କରାଯାଏ, ତଦ୍ୱାରା ହୁଏତ ସମଗ୍ର ସଂଗଠନଟି ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି; ସେଗୁଡ଼ିକୁ ଆଦୌ ନ ବଦଳାଇ ସେହିପରିହିଁ ରହିବାକୁ ଦେଲେ ରୋଗଟି ଆହୁରି ଅଧିକକାଳ-ସ୍ଥାୟୀ ହୋଇ ରହିବାହିଁ ସାର ହେବ । ସଂଗଠନଟିରେ ସଂଗତି ଓ ନିରୁପଦ୍ରବ ହୋଇ କାର୍ଯ୍ୟ କରିବାର ଅବସରର ଯେଉଁ ଅଭାବ ରହିଛି, ତାହାର ପରିଣାମ ସ୍ୱରୂପ ଅନୁଷ୍ଠାନଟି ଯେପରି ଆସ୍ଥା ହରାଇବାରେ ଲାଗିଛି, ତାହାର କାର୍ଯ୍ୟଗୁଡ଼ିକ ଯେପରି ସୀମିତ ହୋଇ ରହୁଥିବା ପରି ଓ ନିଷ୍ଫଳ ହୋଇପଡୁଥିବା ପରି ପ୍ରତୀତ ହେଉଛି, ତାହାହିଁ ଏକ ବ୍ୟର୍ଥତାବୋଧ ଓ ସଂଶୟଦୃଷ୍ଟିକୁ ଅଧିକରୁ ଅଧିକ ପ୍ରସାରିତ କରିଦେଉଥିବାର କାରଣ ହୋଇ ରହିଛି । ସମଗ୍ର ଭାବରେ ଦେଖିଲେ ଆମ ପୃଥିବୀ ଏହି ସଂଗଠନଟିକୁ ବର୍ତ୍ତମାନ ପ୍ରାୟ ସେହି ଆଖିରେ ଦେଖୁଛି; ଯେଉଁ ସଂଗଠନଟିକୁ ଆମେ ଏକ ମହାନ୍ ଓ ଅତ୍ୟାବଶ୍ୟକ ସଂଗଠନ ବୋଲି କହିବା, କେତେ କେତେ ଉଚ୍ଚ ଆଶା ସହିତ ଯେଉଁଟିର ସ୍ଥାପନା ହୋଇଥିଲା

'oaob.nitrkl.ac.in' images reprocessed

ଏବଂ ଯେଉଁଟି ବିନା ପୃଥିବୀର ଅବସ୍ଥାଗୁଡ଼ାକ ଆହୁରି ଅନେକ ଗୁଣ ଖରାପ ହୋଇଯିବେ, ଅଧିକ ବିପଜ୍ଜନକ ହୋଇପଡ଼ିବେ ବା ଏପରିକି ସେଗୁଡ଼ିକର ପ୍ରତିବିଧାନ କରିବା ଲାଗି ଆଉ ପ୍ରାୟ କୌଣସି ବାଟ ନ ଥିବ, ତାହାରି ଭବିଷ୍ୟ ବିଷୟରେ ସମସ୍ତେ ସନ୍ଦେହ କରିବାକୁ ଆରମ୍ଭ କରୁଛନ୍ତି । ଏକ ନୂତନ ବିପର୍ଯ୍ୟୟର ପରିଣାମ ସ୍ୱରୂପ ଏହି ସଂଗଠନଟି ଭୁଶୁଡ଼ି ପଡ଼ିବ, ତେବେ ଯାଇ ଆଉ ଅନ୍ୟପ୍ରକାରେ ଗଠିତ ହୋଇଥିବା କୌଣସି ସଂସ୍ଥାକୁ ତା'ର ବିକଳ୍ପରୂପେ ଗଠନ କରିବାର ଏକ ତୃତୀୟ ଚେଷ୍ଟା କରାଯାଇ ପାରିବ । ବର୍ତ୍ତମାନ ଭବିଷ୍ୟ ମଧ୍ୟରେ ଅଦୃଶ୍ୟ ହୋଇ ରହିଥିବା କେତେକ ନିର୍ଦ୍ଦିଷ୍ଟ ଦୁର୍ଲକ୍ଷଣ ଯଦି ବିପଦଟିଏ ଭିଆଇବାରେ ସମର୍ଥ ହୁଅନ୍ତି, ତେବେ ଯାଇ ହୁଏତ ତୃତୀୟ ଏକ ସଂଗଠନ ଜନ୍ମଲାଭ କରିପାରେ; ଏଥର ଏଇଟି ହୁଏତ ଅଧିକ ସଫଳତା ପ୍ରାପ୍ତ ହୋଇପାରେ, ଏପରି ଏକ ବିପର୍ଯ୍ୟୟକୁ ଆଉ ଥରେ କଦାପି ଘଟିବା ଲାଗି ଦିଆଯିବ ନାହିଁ ବୋଲି ଅଧିକ ସାଧାରଣ ଭାବରେ ଓ ଅଧିକ ପରିମାଣରେ ପ୍ରକାଶ ପାଉଥିବା ଏକ ସଂକଳ୍ପ ଫଳରେହିଁ ତାହା ହୁଏତ ଅଧିକ ସଫଳତା ହାସଲ କରିପାରେ । ମାତ୍ର ଏକ ତୃତୀୟ ପ୍ରଳୟଙ୍କରୀ ସଂଘର୍ଷ ପରେ ଯାଇ ତାହା ହେବ, ଏବଂ, ଦୁଇଟି ବିଶ୍ୱଯୁଦ୍ଧରୂପୀ ଦୁର୍ବିପାକ ପରେ ଏତେ ଆୟାସ ଏବଂ ଅସ୍ୱସ୍ତିକରତା ସହିତ ଯେଉଁ ଅନ୍ତର୍ଜାତୀୟ ସଂଗଠନଟି ବର୍ତ୍ତମାନ ଭାଙ୍ଗି ନ ଯାଇ ତିଷ୍ଠି ରହି ପାରିଛି, ଆଉ ଗୋଟିଏ ଯୁଦ୍ଧ ଓ ସଂଘର୍ଷ ଆସି ସେଇଟିର ମୂଳଦୁଆଗୁଡ଼ିକୁ ମଧ୍ୟ ଦୋହଲାଇ ଦେଇଯିବ । ତଥାପି, ଏପରି ଗୋଟିଏ ଆକସ୍ମିକତା ଆସି ପହଞ୍ଚିଲେ ମଧ୍ୟ, ପ୍ରକୃତି ସ୍ୱୟଂ ଯେଉଁ ପ୍ରତିବନ୍ଧକଗୁଡ଼ିକୁ ଆଣି ଠିଆ କରି ରଖିଛି, ପ୍ରକୃତିର କାର୍ଯ୍ୟଟି ପଛରେ ରହିଥିବା ଅଭିପ୍ରାୟଟି ସେଗୁଡ଼ିକୁ ନିଶ୍ଚୟ ଅତିକ୍ରମ କରିଯିବ ବୋଲି ଅନେକ ସମ୍ଭାବନା ରହିଛି, ସେଗୁଡ଼ିକୁ ସବୁଦିନ ପାଇଁ ଅତିକ୍ରମ କରିଯିବ ବୋଲି ପୂର୍ଣ୍ଣ ସମ୍ଭାବନା ରହିଛି । ମାତ୍ର ସେଥିଲାଗି ଅନ୍ତତଃ କାଳକ୍ରମେ ଏକ ଯଥାର୍ଥ ବିଶ୍ୱରାଷ୍ଟ୍ରର ଗଠନ ଏକାନ୍ତ ଆବଶ୍ୟକ ହୋଇପଡ଼ିବ, ଯେଉଁଥିରୁ କି କୌଣସି ଦେଶ ଅଲଗା ହୋଇ ବାହାରେ ରହି ନ ଥିବେ ଏବଂ ତାହା ସମତାର ନୀତି ଉପରେ ଆଧାରିତ ହୋଇ ରହିଥିବ । ବିଭିନ୍ନ ଦେଶର ଆକାର କିମ୍ବା ଶକ୍ତି ସେହି ସମତାକୁ କୌଣସି ପ୍ରକାରେ ପ୍ରଭାବିତ କରିବାକୁ କଦାପି ଆସୁ ନ ଥିବେ । ପୃଥିବୀରେ ବାସ କରୁଥିବା ଜାତିସମୂହଙ୍କର ଏକ ସୁଶୃଙ୍ଖଳିତ ସୌଷମ୍ୟ ମଧ୍ୟରେ ଆକାର ଓ ଶକ୍ତିଶାଳିତାର ସେହିସବୁ ବିଚାର ଆପଣାର ସ୍ୱାଭାବିକ ପ୍ରଭାବଗୁଡ଼ିକୁ ଅବଶ୍ୟ ପକାଇ ପାରୁଥିବେ ଏବଂ ସେହି ଜାତିଗୁଡ଼ିକର ସ୍ୱାର୍ଥ ଏକ ନୂତନ ଅନ୍ତର୍ଜାତୀୟ ବ୍ୟବସ୍ଥାର ଆଇନ୍ ଦ୍ୱାରା ଅବଶ୍ୟ ସୁରକ୍ଷିତ ହୋଇ ରହିଥିବ । ସମସ୍ତଙ୍କୁ ନିଶ୍ଚିତ ଭାବରେ ନ୍ୟାୟ ମିଳୁଥିବ, ସମତାହିଁ ସର୍ବମୂଳ ହୋଇ ରହିଥିବ ଏବଂ ସବୁଠାରେ ଅଧିକାର ଏବଂ କର୍ତ୍ତବ୍ୟ ଦୁଇଟିଯାକ ଏକତ୍ର ସଂଯୁକ୍ତ ହୋଇ ରହିଥିବ; — ଏହି ବିଶ୍ୱ-

'oaob.nitrkl.ac.in' images reprocessed

ରାଷ୍ଟ୍ରରେ ତାହାହିଁ ବିଧାନ ହୋଇ ରହିବ ଏବଂ ସମସ୍ତ ଗଠନସୌଧଟିରେ ତାହାହିଁ ମୂଳଭିତ୍ତି ହୋଇ ରହିଥିବ ।

ମିଳିତ ଜାତିସଂଘର ସାଧାରଣ ଆସେମ୍ବ୍ଲିକୁ ଗଠନ କରିବାର ଦୋଷଗୁଡ଼ିକ ଯେତେ ମହତ୍ତ୍ୱପୂର୍ଣ୍ଣ ହୋଇଥିଲେହେଁ ବର୍ତ୍ତମାନର ଏହି ଦ୍ୱିତୀୟ ପର୍ଯ୍ୟାୟଟିରେ ଏକତ୍ୱ ଦିଗରେ ଅଗ୍ରଗତି କରିଯିବାର ପଥରେ ସେହି ଦୋଷଗୁଡ଼ିକରେହିଁ ଯେ ପ୍ରକୃତ ବିପଦଟି ରହିଛି, ସେକଥା ଆଦୌ ନୁହେଁ, ମାତ୍ର ପୃଥିବୀର ଜାତିସମୂହ ଦୁଇଟି ଶିବିରରେ ଯେପରି ବିଭକ୍ତ ହୋଇ ରହିଛନ୍ତି, ପ୍ରକୃତ ବିପଦଟି ତାହାରି ଭିତରେ ରହିଛି । ଏହି ଦୁଇଟିଯାକ ଶିବିର ପରସ୍ପରର ସ୍ୱାଭାବିକ ପ୍ରତିଦ୍ୱନ୍ଦ୍ୱୀ ହୋଇ ରହିବାର ପ୍ରବୃତ୍ତି ପୋଷଣ କରୁଛନ୍ତି ଏବଂ ଯେକୌଣସି ମୁହୂର୍ତ୍ତରେ ଯେ ସେମାନେ ପରସ୍ପରର ପ୍ରତ୍ୟକ୍ଷ ଶତ୍ରୁରୂପେ ଅବତୀର୍ଣ୍ଣ ହୋଇ ଆସିବେ, ସେମାନଙ୍କ ମଧ୍ୟରେ ଯେ ଆଉ କୌଣସି ମିଳାମିଶା ସମ୍ଭବ ହେବ ନାହିଁ ଓ ଏକତ୍ର ସହାବସ୍ଥାନ ଅସମ୍ଭବ ହୋଇପଡ଼ିବ, ତାହାର ଏକ ପୂର୍ଣ୍ଣ ସମ୍ଭାବନା ରହିଛି । କାରଣ, ଏହାର କାରଣ ହେଉଛି ଯେ, ଯାହାକୁ ବଲ୍‌ଶେଭିଷ୍ଟ୍ ରୁଷିଆର କମ୍ୟୁନିଷ୍ଟ୍‌ବାଦ ବୋଲି କୁହାଯାଉଛି, ତାହା ଯେକୌଣସି ତ୍ୱରାନ୍ୱିତ ସ୍ୱାଭାବିକ ବିବର୍ତ୍ତନ ଫଳରେ ସମ୍ଭବ ହୋଇଛି, ସେକଥା ଆଦୌ ନୁହେଁ; ତାହା ଏପରି ଏକ ଅଭୂତପୂର୍ବ ଭୟଙ୍କର ଓ ଦୀର୍ଘ ବିପ୍ଲବ ଫଳରେ ଆସି ପ୍ରବର୍ତ୍ତିତ ହୋଇଛି, ଯାହାକି ଅତିରିକ୍ତ ମାତ୍ରାରେ ଏକ ରକ୍ତାକ୍ତ ଆକାର ଧାରଣ କରିଛି ଏବଂ ଯାହାକି ଏପରି ଏକ ସ୍ୱେଚ୍ଛାଚାରୀ ଏବଂ ଅସହିଷ୍ଣୁ ରାଷ୍ଟ୍ର-ବ୍ୟବସ୍ଥାକୁ ଜନ୍ମ ଦେଇଛି, ଯାହାକି ଶ୍ରେଣୀ-ଯୁଦ୍ଧ ଉପରେ ଆପଣାକୁ ପ୍ରତିଷ୍ଠିତ କରି ରଖିଛି । ଏହି ଶ୍ରେଣୀ-ଯୁଦ୍ଧରେ କେବଳ ଶ୍ରମିକ-ସର୍ବହରାମାନଙ୍କ ବ୍ୟତୀତ ଆଉ ସମସ୍ତଙ୍କୁ ଦଳି ଦେଇ ନିଶ୍ଚିହ୍ନ କରି ଦିଆଯାଇଛି ଏବଂ "ବିଲୁପ୍ତ" କରି ଦିଆଯାଇଛି । ସେହି ରାଷ୍ଟ୍ର-ବ୍ୟବସ୍ଥା "ଶ୍ରମିକ-ସର୍ବହରାର ଏକ ଶାସନ" ଉପରେ ପ୍ରତିଷ୍ଠିତ ହୋଇ ରହିଛି; ବରଂ ଏପରି କୁହାଯାଇ ପାରିବ ଯେ ଶ୍ରମିକ-ଶ୍ରେଣୀର ନାମରେ ସକଳ କାର୍ଯ୍ୟ କରୁଥିବା ଏକ ଅତି-ସଂକୀର୍ଣ୍ଣ ଅଥଚ ସର୍ବ-ଶକ୍ତିଶାଳୀ ପାର୍ଟି-ଶାସନ ଉପରେ ପ୍ରତିଷ୍ଠିତ ହୋଇ ରହିଛି ଏକ ପୋଲିସ୍-ରାଷ୍ଟ୍ର ଉପରେ ଆଧାରିତ ହୋଇ ରହିଛି ଏବଂ ବାହାରେ ଅବସ୍ଥିତ ପୃଥିବୀଟି ସହିତ ଏକ ମରଣାନ୍ତକ ସଂଘର୍ଷରେ ଲିପ୍ତ ହୋଇ ରହିଛି । ଏହି ନୂତନ ରାଷ୍ଟ୍ରଟିର ଶାସକ ଓ ନାୟକମାନଙ୍କର ମନରେ ଏହି ସଂଘର୍ଷର ଭୟାବହତା ଏପରି ଏକ ଧାରଣାକୁ କ୍ରମଶଃ ଦୃଢ଼ଭାବରେ ରୋପିତ କରି ରଖିଛି ଯେ ଏହି ସଂଘର୍ଷ ସତ୍ତ୍ୱେ ସେମାନେ ଯେ କେବଳ ବଞ୍ଚିକରି ରହିବେ ସେତିକି ନୁହେଁ, ମାତ୍ର ଏହି ସଂଘର୍ଷ ଅବିଚ୍ଛିନ୍ନ ଭାବରେ ଚାଲିବ, ସେମାନଙ୍କର ଆଧିପତ୍ୟ କ୍ରମଶଃ ଅଧିକ ପ୍ରସାରିତ ହୋଇ ଯାଉଥିବ, ଯାହାଫଳରେ କି ପରିଶେଷରେ ନୂତନ ବ୍ୟବସ୍ଥାଟି ପୁରାତନ ବ୍ୟବସ୍ଥାଟିକୁ ଏକାବେଳକେ ଧ୍ୱଂସ କରିଦେବ

'oaob.nitrkl.ac.in' images reprocessed

ଅଥବା ତାହାର ଉଚ୍ଛେଦ-ସାଧନ କରିବ, ସମଗ୍ର ପୃଥିବୀପୃଷ୍ଠରୁ ନ ହେଲେ ମଧ୍ୟ ପୃଥିବୀର ଅଧିକତର ଭାଗଟିରୁ ତାହାର ଉଚ୍ଛେଦସାଧନ କରିଦେଇ ପାରିବ; ଏବଂ ତା'ପରେ ପୃଥିବୀର ଜନଗଣଙ୍କ ଉପରେ ଏକ ନୂତନ ରାଜନୀତିକ ତଥା ସାମାଜିକ ସିଦ୍ଧାନ୍ତର ଶାସନ ଚାଲିବ ବା ପୃଥିବୀରେ ସମସ୍ତେ ସେଇଟିକୁ ସାଧାରଣ ଭାବରେ ନିଶ୍ଚୟ ଗ୍ରହଣ କରିନେବେ । ମାତ୍ର ଏପରି ମଧ୍ୟ ହୋଇପାରେ ଯେ ଏହି ଅବସ୍ଥାଗୁଡ଼ିକରେ ହୁଏତ ଏକ ପରିବର୍ତ୍ତନ ଘଟିବ, ବର୍ତ୍ତମାନର ପରିସ୍ଥିତି ଆପଣାର ଉଗ୍ରତାଟିକୁ ହରାଇ ବସିବ ଓ ପୂର୍ଣ୍ଣ ପରିଣାମଗୁଡ଼ିକୁ ଘଟାଇବାର ସୁଯୋଗ ପାଇବ ନାହିଁ; ସଂଘର୍ଷଟିର ପ୍ରାରମ୍ଭିକ ଭୟଙ୍କରତା, ତିକ୍ତତା ଏବଂ ଉତ୍ତେଜନାଗୁଡ଼ାକ କ୍ରମେ କଟିଯିବ ଏବଂ ସୁରକ୍ଷାର ଏକ ପ୍ରତ୍ୟୟ ହୋଇଯିବା ପରେ ବର୍ତ୍ତମାନ କେତେକ ପରିମାଣରେ ସେହି ତିକ୍ତତା ଇତ୍ୟାଦି ହ୍ରାସ ହେବାକୁ ମଧ୍ୟ ଆରମ୍ଭ କଲାଣି । ନୂତନ ବ୍ୟବସ୍ଥାଟି ମଧ୍ୟରେ ଯେଉଁ ସବୁଠାରୁ ଅଧିକ ଅସହିଷ୍ଣୁ ଏବଂ ଦମନପ୍ରିୟ ଉପାଦାନଗୁଡ଼ିକ ରହିଥିଲା, ସେଗୁଡ଼ିକ ହୁଏତ କ୍ରମେ ହାଲୁକା ହେବାକୁ ଆରମ୍ଭ କରି ସାରିଲାଣି; ଏକତ୍ର ଅଥବା ପରସ୍ପରର ପାର୍ଶ୍ୱବର୍ତ୍ତୀ ହୋଇ ରହିବାଟା ଆଗରୁ ଯେପରି ସମ୍ପୂର୍ଣ୍ଣ ଅସମ୍ଭବ ବୋଲି ବୋଧ ହେଉଥିଲା ଓ ଦୁଇଟିଯାକ ଶିବିର ଏଥିଲାଗି ସମ୍ପୂର୍ଣ୍ଣ ଅସମର୍ଥ ବୋଲି ଯେପରି ଅନୁଭବ କରୁଥିଲେ, ସେସବୁ ହୁଏତ କ୍ରମେ ଅନ୍ତର୍ହିତ ହୋଇ ଆସିଲାଣି ଏବଂ ଏକ ଅଧିକ ନିରାପଦ-ଯୁକ୍ତ ଉଭୟ-ସ୍ୱୀକୃତ ପନ୍ଥା ସମ୍ଭବ ବି ହେଲାଣି । ତଥାପି ପୂର୍ବର ସେହି ଅସ୍ୱସ୍ତି, ସଂଘର୍ଷ ଏକାନ୍ତ ଅନିବାର୍ଯ୍ୟ ବୋଲି ଏକ ଧାରଣା ଯେ ଏବେ ସୁଦ୍ଧା ରହିଛି ଓ ପରସ୍ପର ପ୍ରତି ସହିଷ୍ଣୁତା ଅବଲମ୍ବନ କରିବା ଏବଂ ଅର୍ଥନୀତିର କ୍ଷେତ୍ରରେ ପରସ୍ପର ସକାଶେ ସ୍ଥାନ ରଖିପାରିବା ଯେ ବଡ଼ କଷ୍ଟକର ବୋଲି ମନେ ହେଉଛି, ତାହାର ସର୍ବମୂଳ କାରଣ ହେଉଛି ଯେ ପୃଥିବୀ ଉପରେ ଆଧିପତ୍ୟ ବିସ୍ତାର କରିବାର ଏକ ମାଧ୍ୟମରୂପେ ଆଦର୍ଶବାଦର ସଂଘର୍ଷକୁ କାମରେ ଆଣି ଲଗାଇବାର ବିଚାରଟି ଏବେସୁଦ୍ଧା ବଳବତ୍ତର ହୋଇ ରହିଛି ଏବଂ ତାହାହିଁ ଜାତିମାନଙ୍କୁ ପରସ୍ପରକୁ ସନ୍ଦେହ କରିବାର ଓ ପରସ୍ପରଠାରୁ ବିପଦର ଆଶଙ୍କା କରୁଥିବାର ଏକ ସ୍ଥିତିରେ ଆଣି ପକାଇ ରଖିଛି, ସେହି ସନ୍ଦେହ ଓ ଭୟ ଦ୍ୱାରା ପରିଚାଳିତ ହୋଇ ସେମାନେ ଆତ୍ମରକ୍ଷା ତଥା ଆକ୍ରମଣ ଲାଗି ସଶସ୍ତ୍ର ପ୍ରସ୍ତୁତିମାନ କରିବାରେ ଲାଗିଛନ୍ତି । ଦୁଇଟିଯାକ ଆଦର୍ଶବାଦ ପରସ୍ପରର ପାର୍ଶ୍ୱବର୍ତ୍ତୀ ହୋଇ ରହିପାରିବ ନାହିଁ ବୋଲି ଯେ ଉକ୍ତ ଅସ୍ୱସ୍ତି ଓ ଆଶଙ୍କାଗୁଡ଼ିକ ରହିଛି, ସେକଥା ଆଦୌ ନୁହେଁ । ଯଦି ଏହି ଉପାଦାନଟିର ନିରାକରଣ ସମ୍ଭବ ହୋଇପାରେ, ତେବେ ଯେଉଁଭଳି ଏକ ପୃଥିବୀରେ ଦୁଇଟିଯାକ ଆଦର୍ଶବାଦ ଏକତ୍ର ଅବସ୍ଥାନ କରି ପାରନ୍ତେ ଏବଂ ପରସ୍ପର ମଧ୍ୟରେ ଏକ ଅର୍ଥନୈତିକ ଆଦାନପ୍ରଦାନ ମଧ୍ୟ ସମ୍ଭବ କରାଇ ପାରନ୍ତେ, ପରସ୍ପରର ଅଧିକ ନିକଟବର୍ତ୍ତୀ ହୋଇ ଆସିପାରନ୍ତେ, ସେହି

'oaob.nitrkl.ac.in' images reprocessed

ପୃଥିବୀକୁ କଦାପି ଅକଳ୍ପନୀୟ ବା ଅସମ୍ଭବ ବୋଲି କୁହା ଯାଆନ୍ତା ନାହିଁ । କାରଣ ପୃଥିବୀ ବର୍ତ୍ତମାନ ଯେଉଁ ଦିଗରେ ଗତି କରିବାରେ ଲାଗିଛି, ସେଥିରୁ ମନେ ହେଉଛି ଯେ ଗୋଷ୍ଠୀର ଜୀବନଟି ଉପରେ ରାଷ୍ଟ୍ରର ଅଧିକରୁ ଅଧିକ ନିୟନ୍ତ୍ରଣ ରହିବାର ବିଚାରଟି କ୍ରମଶଃ ଅଧିକ ବିକାଶପ୍ରାପ୍ତ ହେବାରେ ଲାଗିଛି; ଏବଂ ବେଶ୍ କଳ୍ପନା କରି ହେଉଛି ଯେ କ୍ରମେ ଗୋଟିଏ ପାଖରେ ସାମ୍ୟବାଦୀ ରାଷ୍ଟ୍ରଗୁଡ଼ିକର ସମୂହଗୁଡ଼ିକ ଅବସ୍ଥାନ କରିବେ ଏବଂ ଅନ୍ୟ ପାଖରେ କେତେକ ପରିମାଣରେ ପରିବର୍ତ୍ତିତ ହୋଇଥିବା ଏକ ପୁଞ୍ଜିବାଦକୁ ସହଯୋଜିତ ଏବଂ ନିୟନ୍ତ୍ରିତ କରୁଥିବା ରାଷ୍ଟ୍ରମାନଙ୍କର ଆଉଗୋଟିଏ ସମୂହ ମଧ୍ୟ ଅବସ୍ଥିତ ରହିଥିବ; ଦୁହେଁ ଖୁବ୍‌ସମ୍ଭବ ପରସ୍ପରର ପାର୍ଶ୍ୱବର୍ତ୍ତୀ ହୋଇ ରହିଥିବେ ଏବଂ ପରସ୍ପର ସହିତ ନାନା ବନ୍ଧୁତାପୂର୍ଣ୍ଣ ସମ୍ବନ୍ଧ ବି ସ୍ଥାପନ କରି ପାରିଥିବେ । ଏପରିକି, ଏହି କ୍ଷେତ୍ରରେ ଏପରି ଏକ ବିଶ୍ୱ-ରାଷ୍ଟ୍ରର ଆବିର୍ଭାବ ବି ସମ୍ଭବ ହୋଇପାରେ, ଯେଉଁଥିରେ କି ଦୁଇଟିଯାକ ଶିବିର ଆପଣାର ଅନୁଷ୍ଠାନଗୁଡ଼ିକୁ ସୁରକ୍ଷିତ କରି ରଖିପାରିବେ, ଏବଂ ଏକ ସାଧାରଣ ସହସମିତିରେ ଏକତ୍ର ଉପବେଶନ ମଧ୍ୟ କରିପାରିବେ । ଏବଂ ଏହି ଭିତ୍ତିଟି ଉପରେ ପୃଥିବୀରେ ସମସ୍ତଙ୍କୁ ନେଇ ଗୋଟିଏ ବିଶ୍ୱ-ସଂଘର ସ୍ଥାପନା ଯେ ହୋଇ ପାରିବ, ତାହାକୁ ମଧ୍ୟ କଦାପି ଅସମ୍ଭବ ବୋଲି କହିହେବ ନାହିଁ । ବସ୍ତୁତଃ, ଏହିପରି ଏକ ଅନ୍ତିମ କ୍ରମ-ପରିଣତିକୁ ଧ୍ୟାନରେ ରଖି ମିଳିତ ଜାତିସଂଘର ସ୍ଥାପନା କରାଯାଇଥିଲା; କାରଣ ଏହି ସଂଗଠନଟି ବର୍ତ୍ତମାନ ଯେଉଁଭଳି ହୋଇ ରହିଛି, ତାହାକୁ କଦାପି ତା'ର ଚୂଡ଼ାନ୍ତ ରୂପ ବୋଲି ଗ୍ରହଣ କରାଯାଇ ପାରିବ ନାହିଁ । ଆମେ ଏହାକୁ କେବଳ ଏକ ନାନା ଅପୂର୍ଣ୍ଣତାଯୁକ୍ତ ଆରମ୍ଭମାତ୍ର ବୋଲି କହିବା, ଭବିଷ୍ୟତର ଏକ ବୃହତ୍ତର ଅନୁଷ୍ଠାନର ଏକ ପ୍ରଥମ-ସୋପାନସ୍ଥ କେନ୍ଦ୍ରରୂପେ ଯାହାର ଉପଯୋଗିତା ରହିଛି, ଆବଶ୍ୟକତା ମଧ୍ୟ ରହିଛି । ଭବିଷ୍ୟତର ସେହି ବୃହତ୍ତର ସଂଗଠନଟି ମଧ୍ୟରେ ପୃଥିବୀର ସବୁ ଜାତି ଗୋଟିଏ ମାତ୍ର ଅନ୍ତର୍ଜାତୀୟ ଏକତ୍ୱର ଆୟତନ ମଧ୍ୟରେ ପରସ୍ପର ସହିତ ସମ୍ମିଳିତ ହୋଇ ପାରିବେ; ଏବଂ ଏହିପରି ଏକ ଆନ୍ଦୋଳନର ସନ୍ଦର୍ଭରେ, ଏକ ବିଶ୍ୱ-ରାଷ୍ଟ୍ରର ସ୍ଥାପନାକୁହିଁ ଆମେ ଏକମାତ୍ର ନ୍ୟାୟସ୍ଥ ଓ ଅନିବାର୍ଯ୍ୟ ସର୍ବଶେଷ ପରିଣତି ବୋଲି କଳ୍ପନା କରି ପାରିବା ।

ଭବିଷ୍ୟତ ସମ୍ବନ୍ଧରେ ଏହି କଳ୍ପନାଟିକୁ ବର୍ତ୍ତମାନର ପରିସ୍ଥିତିରେ ହୁଏତ ଅତି ସହଜ ଏକ ଆଶାବାଦ କହି ଅପବାଦ ଦିଆଯାଇ ପାରିବ, ମାତ୍ର ନୈରାଶ୍ୟବାଦୀମାନେ ପୃଥିବୀ ଯେଉଁ ଧ୍ୱଂସମୂଳକ ବାଟରେ ଯିବ ବୋଲି ପ୍ରତ୍ୟାଶା କରୁଛନ୍ତି, ସେଇଟି ପରି ଏହି ଆଶାବାଦୀ କଳ୍ପନାଟିର ମଧ୍ୟ ଠିକ୍ ସେତିକି ସମ୍ଭାବନା ରହିଛି; କାରଣ ସେମାନେ ଯେଉଁ ପ୍ରଳୟ ତଥା ସଭ୍ୟତାନାଶ ବିଷୟରେ ବେଳେବେଳେ ଭବିଷ୍ୟବାଣୀ କରିବାରେ ଲାଗିଛନ୍ତି, ଏକ ନୂତନ ଯୁଦ୍ଧ ଲାଗିଲେ ସେଇଟି ଯେ ତା'ର ଏକ ଅବଶ୍ୟମ୍ଭାବୀ ପରିଣାମ ହେବ,

'oaob.nitrkl.ac.in' images reprocessed

ସେପରି ଭାବିବାର ଆଦୌ କୌଣସି କାରଣ ନାହିଁ । ମନୁଷ୍ୟ ସ୍ୱୟଂ କରିଥିବା କେତେକେତେ ଭୁଲ୍‌ରୁ ଅଥବା ପ୍ରକୃତି ଗ୍ରହଣ କରିଥିବା କେତେକେତେ ପଦକ୍ଷେପରୁ ଯେଉଁ ଚରମ ଅନିଷ୍ଟକାରୀ ବିପର୍ଯ୍ୟୟଗୁଡ଼ିକ ଉପୁଜିଛି, ମନୁଷ୍ୟଜାତି ସେଗୁଡ଼ିକୁ ପାର ହୋଇ ଆସିଥିବାର କେତେ ନା କେତେ ଦୃଷ୍ଟାନ୍ତ ଆମ ଆଗରେ ରହିଛି; ଏବଂ ଯଦି ମନୁଷ୍ୟସମୁଦାୟର ଅସ୍ତିତ୍ୱଟି ପଛରେ ଆଦୌ କୌଣସି ଅର୍ଥ ରହିଥାଏ, ତାହାର ଦୀର୍ଘ ଅନେକ ଯୁଗର ଇତିହାସ ଏବଂ ଅବିଚ୍ଛିନ୍ନ ଜୀବନଧାରଣକୁ ଯଦି କେବଳ ଆପଣାକୁ ଯେକୌଣସି ପ୍ରକାରେ ସଂଗଠିତ କରି ନେଉଥିବା ଏକ ଆକସ୍ମିକତାରହିଁ ଦୈବ-ପରିଣାମ ବୋଲି ଧରିନିଆ ନ ଯାଏ, ତେବେ ଏହା ବ୍ୟତୀତ ଆଉ ଅନ୍ୟକିଛି ହେବା ଆଦୌ ସମ୍ଭବ ନୁହେଁ । ଅବଶ୍ୟ ଏକଥା ସତ ଯେ ପୃଥିବୀ ବିଷୟରେ ଏକ ତୁଚ୍ଛା ଜଡ଼ବାଦୀ ଦୃଷ୍ଟିଦେଇ କଥାଟିର ବିଚାର କଲେ ତାହା ନିଶ୍ଚୟ ଅନ୍ୟପ୍ରକାର ହେବ । ମନୁଷ୍ୟ ଯଦି ବଞ୍ଚି ରହିବାକୁ ଏବଂ ସିଏ ବର୍ତ୍ତମାନ ଯେଉଁ ବିବର୍ତ୍ତନଟିର ପୁରୋଭାଗରେ ରହିଛି ଓ କେତେକ ପରିମାଣରେ ଅର୍ଦ୍ଧ-ସଚେତନ ଭାବରେ ସିଏ ଯେଉଁ ଯାତ୍ରାଟିରେ ନାୟକର ଭୂମିକା ଗ୍ରହଣ କରିଛି, ସେଇଟିକୁ ଆହୁରି ଆଗକୁ ବହି ନେଇ ଯିବାକୁ ଅଭିପ୍ରେତ ହୋଇ ରହିଥାଏ, ତେବେ ତାକୁ ତା' ବର୍ତ୍ତମାନର ଅରାଜକତାମୟ ଅନ୍ତର୍ଜାତୀୟ ଜୀବନଟି ଭିତରୁ ଅବଶ୍ୟ ବାହାରି ଆସିବାକୁ ପଡ଼ିବ ଏବଂ ଏକ ସୁସଂଗଠିତ ଐକ୍ୟବଦ୍ଧ କ୍ରିୟାଶୀଳତାର ମୂଳଦୁଆ ପକାଇବାକୁହିଁ ପଡ଼ିବ । ଏକାନ୍ତବାଦୀ ହେଉ ଅଥବା ସଂଘୀୟ ହେଉ, ଏକ ରାଜ୍ୟସଂଘ ହେଉ ବା ନାନା ଉପାଦାନର ଏକ ସମ୍ମିଶ୍ରଣ ମଧ୍ୟ ହେଉ, ତାକୁ ପରିଶେଷରେ କୌଣସି ନା କୌଣସି ପ୍ରକାରର ଏକ ବିଶ୍ୱ-ରାଷ୍ଟ୍ରରେ ଆସି ପହଞ୍ଚିବାକୁହିଁ ପଡ଼ିବ । ଏବଂ ଏହାଠାରୁ କୌଣସି କ୍ଷୁଦ୍ରତର ଏବଂ ଶିଥିଳତର ଆପାତ-ପନ୍ଥା ଦ୍ୱାରା କେବେହେଲେ ଯଥୋଚିତ ଭାବରେ ଉଦ୍ଦେଶ୍ୟଟିର ସାଧନ ହୋଇପାରିବ ନାହିଁ । ସେହି ଦୃଷ୍ଟିରୁ ବିଚାର କଲେ, ଏହି ଗ୍ରନ୍ଥରେ ପୋଷଣ କରାଯାଇଥିବା ସାଧାରଣ ସିଦ୍ଧାନ୍ତଟିର ଅବଶ୍ୟ ଏକ ଔଚିତ୍ୟ ରହିଛି ବୋଲି ପ୍ରମାଣିତ ହୋଇଯିବ, ଏବଂ ଆଗାମୀ ଘଟଣାବଳୀ ମୁଖ୍ୟତଃ ଯେଉଁ ଧାରାରେ ଅଗ୍ରଗତି କରିବାକୁ ଯାଉଛି, ଅନ୍ତତଃ ମନୁଷ୍ୟସମୁଦାୟର ବିଭିନ୍ନ ଜାତିଙ୍କର ଭବିଷ୍ୟତ-ଇତିହାସଟି ମୁଖ୍ୟ ଯେଉଁ ପ୍ରବୃତ୍ତିଟି ଦ୍ୱାରା ପରିଚାଳିତ ହେବାକୁ ଯାଉଛି, ଆମେ କେତେକ ପରିମାଣରେ ଏକ ଆତ୍ମପ୍ରତ୍ୟୟ ସହିତ ସେହି ବିଷୟରେ ଭବିଷ୍ୟାନୁମାନ କରି ପାରିବା ।

ବର୍ତ୍ତମାନ ଅନ୍ତର୍ଜାତୀୟ କ୍ଷେତ୍ରରେ ଯେଉଁ ବ୍ୟବସ୍ଥାଟି ଚାଲୁରହିଛି, ଯଦି ତାହାକୁ ଆଦୌ ଏକ ବ୍ୟବସ୍ଥା ବୋଲି କୁହାଯାଏ, ସତତ ନାନା ବିବର୍ତ୍ତନାତ୍ମକ ଅଥବା ବିପ୍ଳବ ଦ୍ୱାରା ସଂଘଟିତ ନାନା ପରିବର୍ତ୍ତନ ଦ୍ୱାରା ସମ୍ଭବ ହୋଇପାରୁଥିବା ଏହିପରି ଏକ ଅସ୍ଥାୟୀ ବ୍ୟବସ୍ଥାଟି ପରିବର୍ତ୍ତରେ ଏକ ଇଚ୍ଛାକୃତ ଓ ସୁଚିନ୍ତିତ ଅନ୍ୟ ବ୍ୟବସ୍ଥାର, ଏକ ଯଥାର୍ଥ

'oaob.nitrkl.ac.in' images reprocessed

ବ୍ୟବସ୍ଥାର, ଅର୍ଥାତ୍, ପୃଥିବୀର ବିଭିନ୍ନ ଜାତିମାନଙ୍କର ଯାବତୀୟ ସାମୂହିକ ସ୍ୱାର୍ଥଗୁଡ଼ିକର ପୂର୍ତ୍ତି କରିପାରୁଥିବା ଏକ ପ୍ରକୃତ ଏକତାର ପ୍ରବର୍ତ୍ତନ କରାଯାଇ ପାରିବ କି ନାହିଁ, ବିବର୍ତ୍ତନଶୀଳ ପ୍ରକୃତି ମନୁଷ୍ୟଜାତିକୁ ବର୍ତ୍ତମାନ ସେହି ପ୍ରଶ୍ନଟି ପଚାରୁଛି । ମନୁଷ୍ୟ-ସମୁଦାୟର ପ୍ରତିଭା ଏକ ବିଶ୍ୱବ୍ୟବସ୍ଥା ପ୍ରତିଷ୍ଠା କରିବା ଲାଗି ଆପଣାର ଯେଉଁ ପ୍ରଥମ ପ୍ରୟାସଟିକୁ ଏପର୍ଯ୍ୟନ୍ତ କରିଆସିଥିଲା, ତଦ୍ୱାରା ସିଏ ଏଠାରେ ପ୍ରାୟ ଏକ ଅବ୍ୟବସ୍ଥା ଓ ଅରାଜକତାକୁହିଁ ସୃଷ୍ଟି କରି ରଖିଥିଲା, ସେହି ଅବ୍ୟବସ୍ଥାଟି ମଧ୍ୟରେ କେତେକେତେ ଶକ୍ତି ଏକାଠି ମିଶି ଯେଉଁଠି ଯେପରି ଭାବରେ ସମ୍ଭବ ହେଉଥିଲା, ସଭ୍ୟତା ଓ ବ୍ୟବସ୍ଥା ନାମରେ ବୃହତ୍ତର ତଥା କ୍ଷୁଦ୍ରତର କେତେକେତେ ପିଣ୍ଡ ଗଠନ କରି ଥୋଇଦେଉଥିଲେ ଏବଂ ସେହି ପିଣ୍ଡଗୁଡ଼ିକ ଯେକୌଣସି ସମୟରେ ଭୁଶୁଡ଼ି ଭାଙ୍ଗି ପଡ଼ିବେ ବା ବହିଃସ୍ଥ ଆଉ କୌଣସି ଅରାଜକତାର ଆକ୍ରମଣ ଫଳରେ ଖଣ୍ଡ ଖଣ୍ଡ ହୋଇଯିବେ ବୋଲି ସର୍ବଦା ଆଶଙ୍କା ରହିଥିଲା । ଏହା ବଦଳରେ ଶେଷରେ ଏକ ଅନ୍ତର୍ଜାତୀୟ ବ୍ୟବସ୍ଥା ବୋଲି ଗୋଟାଏ କିଛି ପ୍ରତିଷ୍ଠିତ ହୋଇପାରିଲା, ତା' ଭିତରେ ଆନ୍ତର୍ଜାତିକ ଆଇନ୍ ବୋଲି କୁହାଯାଇ ପାରୁଥିବା କିଛି କିଛି ଉପାଦାନକୁ କାୟମ୍ କରି ରଖାଗଲା, ଅର୍ଥାତ୍ ଅନ୍ତର୍ଯୋଗାଯୋଗ ଓ ପାରସ୍ପରିକ ଆଦାନପ୍ରଦାନର କିଛି ଉପାଦାନର ପ୍ରଣୟନ କରାଗଲା, ଯାହାକି ଜାତିଜାତି ମଧ୍ୟରେ ରହିଥିବା ନାନା ଶତ୍ରୁତା ଏବଂ ଦ୍ୱନ୍ଦ୍ୱ ସତ୍ତ୍ୱେ ସେମାନଙ୍କୁ ଏକତ୍ର ବାସ କରିବାର ଏକ ଭୂମି ଯୋଗାଇଦେଇ ପାରିଲା; ତାହାଫଳରେ ଯେଉଁ ନିରାପତ୍ତାଟି ସମ୍ଭବ ହେଲା, ତାହା ଅସ୍ଥାୟିତ୍ୱ ଏବଂ ବିପନ୍ନାବସ୍ଥାର ଏକ ଏକାନ୍ତର ଦଶା ମଧ୍ୟରେ ଗତି କରିବାକୁ ବାଧ ହେଲା, ଏବଂ ଯେତେ ସ୍ଥାନୀୟ ଭାବରେ ହେଉ ପଛକେ, ସେହି ନିରାପତ୍ତା ନାନା ଦମନ, ରକ୍ତପାତ, ବିଦ୍ରୋହ ଏବଂ ବିଶୃଙ୍ଖଳାର କେତେକେତେ କୁତ୍ସିତ ଘଟଣାକୁ ବାଟ ଛାଡ଼ିଦେବାକୁ ବାଧ ହେଉଥିଲା; ପୃଥିବୀର କେତେକେତେ ବୃହତ୍ ଅଞ୍ଚଳକୁ ଧ୍ୱଂସସ୍ତୂପରେ ପରିଣତ କରିଦେଉଥିବା ଯୁଦ୍ଧଗୁଡ଼ିକ ବିଷୟରେ ଏଠାରେ କିଛି କହିବାହିଁ ଉଚିତ ନୁହେଁ । ମନୁଷ୍ୟସମୂହ ମଧ୍ୟରେ ତାହାରି ନିୟତିଟିକୁ ପରିଚାଳିତ କରି ଯେଉଁ ଦେବତା ଅଧିଷ୍ଠିତ ହୋଇ ବସିଛନ୍ତି, ସିଏ ମନୁଷ୍ୟର ମନ ଓ ତା'ର ହୃଦୟ ଭିତରେ ବର୍ତ୍ତମାନ ଏପରି ଏକ ନୂତନ ବ୍ୟବସ୍ଥାର ଆଶାଟିଏ ଜାଗ୍ରତ କରି ଆଣିଛନ୍ତି, ଯାହାକି ସେହି ପୁରୁଣା ଅସନ୍ତୋଷଜନକ ବ୍ୟବସ୍ଥାଟିର ସ୍ଥାନାପନ୍ନ ରୂପେ ପ୍ରତିଷ୍ଠିତ ହେବ ଏବଂ ବିଶ୍ୱର ଜୀବନ କ୍ଷେତ୍ରରେ ଏପରି ନାନା ବିକଳ୍ପ ଅବସ୍ଥାକୁ ସମ୍ଭବ କରିଆଣିବ, ଯାହାଦ୍ୱାରା କି ପରିଶେଷରେ ଏକ ସ୍ଥାୟୀ ଶାନ୍ତି ଏବଂ କଲ୍ୟାଣମୟତାର ପ୍ରତିଷ୍ଠା କରିପାରିବା ଲାଗି ଏକ ଉଚିତ ସମ୍ଭାବନା ମଧ୍ୟ ରହିଥିବ । ମନୁଷ୍ୟ-ଏକତାର ଯେଉଁ ଆଦର୍ଶଟିକୁ ଏପର୍ଯ୍ୟନ୍ତ କେବଳ ଅଳ୍ପସଂଖ୍ୟକ ମାତ୍ର କେତେ ଜଣହିଁ ପୋଷଣ କରି ଆସିଛନ୍ତି ଏବଂ ଏପର୍ଯ୍ୟନ୍ତ

'oaob.nitrkl.ac.in' images reprocessed

ଯାହା କେବଳ ଏକ ଉଚ୍ଚ ଅଥଚ ଅବାସ୍ତବ ଆଦର୍ଶ ପରିହିଁ ହୋଇ ରହିଛି, ସେତେବେଳେ ଯାଇ ସର୍ବପ୍ରଥମ ଥର ପାଇଁ ସେହି ଆଦର୍ଶ ଏକ ସୁନିଶ୍ଚିତ ସତ୍ୟରେ ପରିଣତ ହୋଇ ଆସିବ; ହୁଏତ ସେତିକିବେଳେ ଯାଇ ଶାନ୍ତି ଏବଂ ସହମତିର ଏକ ଦୃଢ଼ ମୂଳଦୁଆ ତିଆରି ହୋଇପାରିବ ଏବଂ ଏପରିକି ମନୁଷ୍ୟ ଦେଖିଆସିଥିବା ସର୍ବୋଚ୍ଚ ସ୍ୱପ୍ନଗୁଡ଼ିକୁ ସତ୍ୟରେ ପରିଣତ କରିବାର ଏକ ଅବକାଶ ମଧ୍ୟ ଉନ୍ମୋଚିତ ହୋଇଯିବ, ମନୁଷ୍ୟଜାତିକୁ ଅଧିକରୁ ଅଧିକ ପରିପୂର୍ଣ୍ଣ କରିନେବା ପାଇଁ, ଏକ ପରିପୂର୍ଣ୍ଣତାଯୁକ୍ତ ସମାଜର ସ୍ଥାପନା ପାଇଁ ତଥା ମନୁଷ୍ୟ-ପ୍ରକୃତି ଏବଂ ମନୁଷ୍ୟର ଆତ୍ମାକୁ ଆହୁରି ଉଚ୍ଚକୁ ଏବଂ ଉପରକୁ ବିବର୍ତ୍ତିତ କରି ନେଇଯିବା ଲାଗି ଏକ ମୁକ୍ତ ଅବକାଶ ଆସି ପହଞ୍ଚିଯିବ । ଆମର ଏହି ଯୁଗରେ ଆଜି ଯେଉଁମାନେ ବାସ କରୁଛନ୍ତି ଓ ଖୁବ୍ ବେଶୀ ହେଲେ ଯେଉଁମାନେ କାଲି ଏଠାକୁ ଆସିବେ, ସେହିମାନଙ୍କୁହିଁ ଏହି ପ୍ରଶ୍ନଟିର ଉତ୍ତର ଦେବାକୁ ହେବ । କାରଣ, ଯଦି ଆମେ ଅତିରିକ୍ତ ଭାବରେ ମୁହୂର୍ତ୍ତଟିକୁ କେବଳ ଗଡ଼ାଇ ଦେବାରେ ଲାଗିଥିବା ବା ଯଦି ଅନେକ କାଳଯାଏ ଖାଲି ବିଫଳ ହୋଇ ଚାଲିଥିବା, ତେବେ ତାହା ଏପରି ଅଧିକ ପରିମାଣରେ ନାନା ଦୁର୍ବିପାକର ମାର୍ଗଟିକୁ ଉନ୍ମୁକ୍ତ କରିଦେଇ ଯାଉଥିବ, ଯାହାକି ଦୀର୍ଘ ଅନେକ କାଳ ପର୍ଯ୍ୟନ୍ତ ଏହି ପୃଥିବୀରେ କେବଳ ଏକ ଧ୍ୱଂସକାରକ ଅବ୍ୟବସ୍ଥା ଓ ଅସ୍ତବ୍ୟସ୍ତତାକୁହିଁ ସୃଷ୍ଟି କରି ରଖିଥିବ ଏବଂ ଏକ ସମାଧାନକୁ କ୍ରମେ ଅଧିକରୁ ଅଧିକ ପରିମାଣରେ ଅତିମାତ୍ରାରେ କଷ୍ଟକର ବା ଏପରିକି ଅସମ୍ଭବ ବି କରିଦେବାରେ ଲାଗିଥିବ । ସମ୍ଭବତଃ ପରିଶେଷରେ ତାହା ଆମକୁ ଏପରି ଏକ ସଂଘାତ ବିନ୍ଦୁରେ ଆଣି ହାବୁଡ଼ାଇ ଦେବ, ଯାହାର କି ଆଉ କୌଣସି ପ୍ରତିକାର ନ ଥିବ, ଯାହାଫଳରେ କି କେବଳ ବର୍ତ୍ତମାନର ବିଶ୍ୱ-ସଭ୍ୟତାଟି ନୁହେଁ, ମାତ୍ର ଯାବତୀୟ ସଭ୍ୟତାରହିଁ ଅବସାନ ଘଟିବ । ବିପୁଳ ଓ ବିସ୍ତୃତ ପରିମାଣରେ ଏକ ବିନାଶ ଘଟିଯିବା ପରେ ସମ୍ଭବତଃ ତଜ୍ଜନିତ ଧ୍ୱଂସାବହ ତଥା ଅରାଜକତା ମଧ୍ୟରୁ ଏକ ନୂତନ, ଆୟାସକର ଏବଂ ଅନିଶ୍ଚିତ ଆରମ୍ଭ ସମ୍ଭବ କରିବାକୁହିଁ ପଡ଼ିବ; ମାତ୍ର, ମନୁଷ୍ୟଜାତିକୁ ଅଧିକ ଯୋଗ୍ୟ କରି ବିକଶିତ କରି ଆଣିବାକୁ ବା ହୁଏତ ଏକ ବୃହତ୍ତର ଅତିମାନବୀୟ ସମାଜକୁ ସମ୍ଭବ କରିପାରିବାକୁ ଯଦି ଆମକୁ ଏକ ବାଟ ମିଳି ଯାଇଥିବ, କେବଳ ସେତିକିବେଳେ ଯାଇ ଆମେ ଏହି କ୍ଷେତ୍ରରେ ଏକ ଅଧିକ ସଫଳ ସୃଷ୍ଟି ସମ୍ଭବ କରିପାରିବା ବୋଲି କୌଣସି ଭବିଷ୍ୟବାଣୀ କରାଯାଇ ପାରିବ ।

ଆପଣାର ସାମୂହିକ ଜୀବନନିର୍ବାହର କ୍ଷେତ୍ରରେ ବୃହତ୍ତମ ସ୍ୱାଭାବିକ ଏକକଟି ରୂପେ ମନୁଷ୍ୟସମୁଦାୟ ଜାତିର ଯେଉଁ ଉପାଦାନଟିକୁ ସୃଷ୍ଟି କରିପାରିଛି ଓ ବଢ଼ାଇ ଆଣିଛି, ତାହା ପ୍ରକୃତରେ ଏହି କ୍ଷେତ୍ରରେ ତା'ର ସର୍ବଶେଷ ଓ ଚୂଡ଼ାନ୍ତ ଏକକ ହୋଇ ରହିବ ନା ଏପରି ଗୋଟିଏ ବୃହତ୍ତର ସମୂହ ଗଢ଼ିବା ମଧ୍ୟ ସମ୍ଭବ ହେବ, ଯାହା ମଧ୍ୟରେକି

'oaob.nitrkl.ac.in' images reprocessed

ପୃଥିବୀର ଅନେକ ବା ଏପରିକି ଅଧିକାଂଶ ଜାତି ଆସି ଅନ୍ତର୍ଭୁକ୍ତ ହୋଇ ରହି ପାରିବେ ଏବଂ ଶେଷକୁ ସମସ୍ତେ ସେହି ସମ୍ମିଳିତ ସମଗ୍ରତାରହିଁ ଅଂଶ ହୋଇ ରହିବେ, ତାହାହିଁ ଆମର ସର୍ବପ୍ରଧାନ ପ୍ରଶ୍ନ । ବୃହତ୍‌କୁ ବୃହତ୍ତର କରି ଗଢ଼ିବା, ଅନେକ ବଡ଼ ଓ ଏପରିକି ଜାତି-ଆୟତନର ସୀମାଗୁଡ଼ାକୁ ଅତିକ୍ରମ କରି ଅଧିକ ବିସ୍ତୃତ ସମୂହଗୁଡ଼ିକର ସ୍ଥାପନା ଲାଗି ଆଗଭର ହୋଇଯିବା, ଏଥିଲାଗି ମନୁଷ୍ୟ ଭିତରେ ଏକ ଆବେଗର କୌଣସି ଅଭାବ କେବେହେଲେ ପରିଲକ୍ଷିତ ହୋଇ ନାହିଁ । ବରଂ ଏପରି କୁହାଯାଇ ପାରିବ ଯେ ମନୁଷ୍ୟ-ଜାତିର ଜୀବନାବେଗଗୁଡ଼ିକରେ ତାହାହିଁ ପ୍ରାୟ ଏକ ଚିରନ୍ତନ ପ୍ରବୃତ୍ତି ହୋଇ ରହିଆସିଛି । ମାତ୍ର ଏହି ଆବେଗଟି ଆଗରୁ ଯେଉଁସବୁ ଆକୃତି ଗ୍ରହଣ କରିଛି, ସେଥିରେ ଅନ୍ୟ ଜାତିଗୁଡ଼ିକ ଉପରେ ପ୍ରଭୁତ୍ୱ ବିସ୍ତାର କରି ରହିବା ଲାଗି କୌଣସି ଏକ ବଳବାନ୍ ଜାତିର ଇଚ୍ଛାଟାହିଁ ଅଧିକ ପରିମାଣରେ ପ୍ରକାଶ ପାଇଛି; ଅନ୍ୟ ରାଜ୍ୟଗୁଡ଼ିକର ଅଞ୍ଚଳଗୁଡ଼ିକୁ ନିଜ ଅଧିକାରକୁ ଆଣିବା ଲାଗି, ସେଗୁଡ଼ିକର ଅଧିବାସୀମାନଙ୍କୁ ଅଧୀନସ୍ଥ କରି ରଖିବା ଲାଗି, ସେହିସବୁ ରାଜ୍ୟରେ ରହିଥିବା ସମ୍ପଦଗୁଡ଼ିକୁ ନିଜ କାର୍ଯ୍ୟରେ ଆଣି ଲଗାଇବା ଲାଗି ଏକ ଇଚ୍ଛାହିଁ ପ୍ରକାଶ ପାଇଛି । ବେଳେବେଳେ ଏହି କ୍ଷେତ୍ରରେ କେତେକ ପରିମାଣରେ ଅନ୍ୟମାନଙ୍କୁ ଆପଣାର ସଦୃଶ କରି ଆତ୍ମସାତ୍ କରିନେବାର ଏକ ପ୍ରୟାସ ମଧ୍ୟ କରାଯାଇଛି, ଆଧିପତ୍ୟଶାଳୀ ଏକ ଜାତିର ସଂସ୍କୃତିକୁ ନେଇ ଅନ୍ୟମାନଙ୍କ ଉପରେ ଲଦି ଦିଆଯାଇଛି, ଏବଂ ସାଧାରଣ ଭାବରେ କହିଲେ, ସମ୍ପୂର୍ଣ୍ଣ ଭାବରେ ହେଉ ଅଥବା ଯଥାସମ୍ଭବ ଅଧିକ ଭାବରେ ହେଉ, ଅନ୍ୟକୁ ଗ୍ରାସ କରିନେବାର ଏକ ବ୍ୟବସ୍ଥାକୁ ପ୍ରଚଳିତ କରି ରଖାଯାଇଛି । ରୋମାନ୍ ସାମ୍ରାଜ୍ୟ ଏକଦା ଏହି ପ୍ରୟାସଟିର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ହୋଇ ରହିଥିଲା; ରାଜନୀତିକ ତଥା ପ୍ରଶାସନିକ ଏକତାର ଏକ ସୁବିସ୍ତୃତ ଗଠନ ଭିତରେ ଜୀବନ ତଥା ସଂସ୍କୃତିର ଏକ ନିର୍ଦ୍ଦିଷ୍ଟ ରୀତିକୁ ଅବଲମ୍ବନ କରି ଯେଉଁ ଗ୍ରେକୋ-ରୋମାନ୍ ଏକତାର ଉପଲବ୍ଧି ହୋଇଥିଲା, ତଦ୍ଦ୍ୱାରା ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ସୀମା ମଧ୍ୟରେ ଏହି ସଭ୍ୟତା ଯେଉଁଠାରେ ଉପନୀତ ହୋଇଥିଲା, ତାହାକୁ ଆମେ ମାନବ-ଏକତାର ଏକ ପ୍ରଥମ ଦୃଷ୍ଟାନ୍ତ ଅଥବା ଏକ ଅପୂର୍ଣ୍ଣତାଯୁକ୍ତ ସୂଚନାର ଦିଗରେ ନିକଟତମ ବିନ୍ଦୁ ବୋଲି ଗ୍ରହଣ କରିପାରିବା । ଏତେ ବଡ଼ ଆୟତନ ଓ ବିସ୍ତାର ସହିତ ନ ହେଲେ ମଧ୍ୟ ଅପେକ୍ଷାକୃତ ଅଳ୍ପ ପରିପୂର୍ଣ୍ଣକାରୀ ସାମର୍ଥ୍ୟ ସହିତ ଇତିହାସର ବିଭିନ୍ନ ପର୍ଯ୍ୟାୟରେ ଏହିଭଳି ପ୍ରୟାସମାନ ସର୍ବଦା କରାଯାଇ ଆସିଛି, ମାତ୍ର ଅଳ୍ପ କେତୋଟି ଶତାବ୍ଦୀର ଅବଧି ମଧ୍ୟରେହିଁ ଏଗୁଡ଼ିକ ବଡ଼ ଅସ୍ଥାୟୀ ଭାବରେ ସୀମାବଦ୍ଧ ହୋଇ ରହିଯାଇଛି । ଏଗୁଡ଼ିକୁ ହାସଲ କରିବା ଲାଗି ମୂଳତଃ ଅନୁପଯୁକ୍ତ ନାନାବିଧ ସାଧନ ଓ ଉପାୟଗୁଡ଼ିକର ବିନିଯୋଗ କରାଯାଇଥିଲା, କାରଣ, ମନୁଷ୍ୟସମୂହର ପ୍ରାଣଶକ୍ତିର ବିକାଶ ତଥା ସୁସ୍ଥ ବିବର୍ତ୍ତନ ଲାଗି ଅତ୍ୟାବଶ୍ୟକ

'oaob.nitrkl.ac.in' images reprocessed

ଅନ୍ୟ ଅନେକ ଜୀବନ-ପ୍ରବୃତ୍ତିର ସେହିସବୁ ଉପାୟ ବିରୁଦ୍ଧାଚରଣ କରୁଥିଲା; ଯାହାକିଛି ପରିଶେଷରେ ମନୁଷ୍ୟକୁ ଗତିରହିତ କରି ପକାଇବେ ଏବଂ ତା'ର ପ୍ରଗତିକୁ ବ୍ୟାହତ କରି ରଖିବେ, ସେଗୁଡ଼ିକର ଖଣ୍ଡନ ଲାଗି ଅତ୍ୟାବଶ୍ୟକ ଆହୁରି ଅନେକ ପ୍ରବୃତ୍ତିର ତାହା ବିରୁଦ୍ଧାଚରଣ କରୁଥିଲା । ଜାତି-ଏକକ ମଧ୍ୟରେ ଯେଉଁ ଅଜେୟ ପ୍ରାଣଶକ୍ତି ରହିଛି ଏବଂ ବଞ୍ଚି ରହିବାର ଯେଉଁ ସାମର୍ଥ୍ୟ ରହିଛି, ସାମ୍ରାଜ୍ୟରୂପୀ ସମୂହଗୁଡ଼ିକ ତାହାକୁ କଦାପି ଅର୍ଜନ କରି ପାରି ନ ଥା'ନ୍ତେ । ଯେଉଁସବୁ ସାମ୍ରାଜ୍ୟ-ଏକକ ସ୍ଥାୟୀ ହୋଇ ରହି ପାରିଛନ୍ତି, ସେଗୁଡ଼ିକ ପ୍ରକୃତରେ ଗୋଟିଏ ଗୋଟିଏ ବୃହତ୍ ଜାତି-ଏକକ ରୂପେହିଁ ରହି ଆସିଛନ୍ତି, ଜର୍ମାନୀ ଏବଂ ଚୀନ ପରି ସେମାନେ କେବଳ ସାମ୍ରାଜ୍ୟର ନାମଟିକୁହିଁ ବହନ କରିଛନ୍ତି । ଏସବୁକୁ ଆମେ କଦାପି ଜାତିର ଆୟତନ-ସୀମାକୁ ଅତିକ୍ରମି ଯାଇଥିବା ଗୋଟିଏ ଗୋଟିଏ ରାଷ୍ଟ୍ର ବୋଲି ଆଦୌ କହିପାରିବା ନାହିଁ ଏବଂ ସାମ୍ରାଜ୍ୟଗୁଡ଼ିକର ଗଠିତ ହୋଇଥିବାର ଇତିହାସରେ ଆମେ ଏଗୁଡ଼ିକର କଦାପି ସୁମାରି କରିପାରିବା ନାହିଁ । ତେଣୁ, ସାମ୍ରାଜ୍ୟ-ଗଠନ କରିବାର ପ୍ରବୃତ୍ତିଟି ମାନବ-ଜୀବନର ବୃହତ୍ତର ଏକତାଗୁଡ଼ିକ ଆଡ଼କୁ ପ୍ରକୃତି ମଧ୍ୟରେ ରହିଥିବା ଏକ ଶକ୍ତିଶାଳୀ ପ୍ରବୃତ୍ତିକୁହିଁ ସୂଚାଇ ଦେଉଥିଲେ ମଧ୍ୟ,— ଏବଂ, ଏକ ବୃହତ୍ତର ମାନଦଣ୍ଡର ଭୂମିରେ ମନୁଷ୍ୟସମଗ୍ରର ବିଭିନ୍ନ ଓ ବହୁବିଧ ସମୂହଗୁଡ଼ିକୁ ଆଣି ଗୋଟିଏ ସମ୍ମିଳନକାରୀ ଅଥବା ସଂଯୁକ୍ତ ଜୀବନ-ଏକକ ମଧ୍ୟରେ ଏକତାବଦ୍ଧ କରି ରଖିବାର ଇଚ୍ଛା ଏହା ମଧ୍ୟରେ ପ୍ରଚ୍ଛନ୍ନ ହୋଇ ରହିଥିବାର ଆମେ ବେଶ୍ ଦେଖିବାକୁ ପାଇପାରିବା,— ଏହାକୁ ତଥାପି ଏକ ଅସଫଳ ଗଠନପ୍ରୟାସ ବୋଲି ଜାଣି ରଖିବାକୁ ହେବ; ଏହାର ପରବର୍ତ୍ତୀ ପର୍ଯ୍ୟାୟ ବୋଲି ପ୍ରକୃତରେ କିଛି ନାହିଁ ଏବଂ ଏହି ଦିଗରେ ଆହୁରି ଆଗକୁ ଗତି କରିବାକୁ ହେଲେ ଏହା ଆମକୁ ଆଦୌ କୌଣସି କାମ ଦେବ ନାହିଁ । ପ୍ରକୃତ କଥାଟି ହେଉଛି ଯେ, ଏକ ନୂତନ ଉପାୟକୁ କାମରେ ଲଗାଇ ଅଥବା କୌଣସି ନୂତନ ପରିସ୍ଥିତିର ସୁଯୋଗ ନେଇ ପୃଥିବୀର ସକଳ ଜାତିକୁ ଗୋଟିଏ ଆୟତନ ମଧ୍ୟକୁ ନେଇଆସି ପାରିଲେ ଓ ସେମାନଙ୍କୁ କୌଣସି ନା କୌଣସି ପ୍ରକାରର ଏକତାବଦ୍ଧତା ଆଡ଼କୁ ପ୍ରବର୍ତ୍ତାଇ ବା ବାଧ୍ୟ କରି ନେଇଆସିଲେ ଯାଇ ହୁଏତ ପୃଥିବୀ ସାରା ଆଧିପତ୍ୟ ବିସ୍ତାର କରି ରହିବାର ଯେକୌଣସି ନୂତନ ଉଦ୍ୟମ ସଫଳ ହୋଇପାରିବ । କମ୍ୟୁନିଷ୍ଟ ରୁଷିଆରେ ଯେପରି ହୋଇଛି, ଏକ ନିର୍ଦ୍ଦିଷ୍ଟ ଆଦର୍ଶ, ଗୋଟିଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ନେଇ ଗୋଟିଏ ଶକ୍ତିଶାଳୀ ଶାସକର ଅଧୀନରେ ବିଭିନ୍ନ ଜାତିକୁ ସଫଳ ଭାବରେ ପରସ୍ପର ସହିତ ଯୋଡ଼ିକରି ରଖିବା,— ସେହି ଲକ୍ଷ୍ୟଟିର ସାଧନ ଦିଗରେ ଏସବୁ ହୁଏତ ଏକ ସାମୟିକ ସଫଳତା ଆଣି ଦେଇପାରିବ । ମାତ୍ର ଏପରି ଏକ ପରିଣାମକୁ ଆମେ କଦାପି ଖୁବ୍‌ବେଶୀ କାମ୍ୟ ବୋଲି କହିବା ନାହିଁ ଓ ତାହା ଏକ ସ୍ଥାୟୀ ବିଶ୍ୱ-ରାଷ୍ଟ୍ରର ପ୍ରତିଷ୍ଠା

'oaob.nitrkl.ac.in' images reprocessed

ଦିଗରେ ଆମକୁ ହୁଏତ କୌଣସି ନିର୍ଭର ପ୍ରତିଶ୍ରୁତି ମଧ୍ୟ ଦେଇପାରିବ ନାହିଁ । ଏହି କ୍ଷେତ୍ରରେ ଅନ୍ୟାନ୍ୟ ନାନାବିଧ ବିକାଶ ଲାଗି ମଧ୍ୟ କେତେକେତେ ପ୍ରବୃତ୍ତି ରହିବ, କେତେକେତେ ପ୍ରତିରୋଧ ଉପସ୍ଥିତ ହେବ ଏବଂ କେତେପ୍ରକାର ଆବେଗ ଜନ୍ମଲାଭ କରିବ, ଯାହାକି ଶୀଘ୍ର ଅଥବା ବିଳମ୍ବରେ ତାହାକୁ ଭୁଶୁଡ଼ାଇ ପକାଇବ ବା ଏପରି କୌଣସି ବୈପ୍ଳବିକ ପରିବର୍ତ୍ତନ ଲାଗି ବାଟ ଫିଟାଇଦେବ, ଯାହାକି ତାହାକୁ ସମୂଳେ ଅନ୍ତର୍ହିତ କରାଇଦେବ । ଆଖର, ଏହିଭଳି ଯେକୌଣସି ଅବସ୍ଥାକୁ କେବଳ ଅତିକ୍ରମ କରିଯିବାକୁହିଁ ପଡ଼ିବ; ଏକାନ୍ତବାଦୀ ହୋଇ ମଧ୍ୟ ତଥାପି ସ୍ଥିତିସ୍ଥାପକ ହୋଇ ରହି ପାରିଥିବା,— କାରଣ ଏହି ସ୍ଥିତିସ୍ଥାପକତା ନ ଥିଲେ ଏକାନ୍ତବାଦୀ ରାଷ୍ଟ୍ର ହୁଏତ କେବଳ ଏକ ଗତିରହିତତାହିଁ ଆଣିଦେବ ଏବଂ ଜୀବନପ୍ରବାହର ମୂଳଟିକୁ କ୍ରମେ ଶୁଷ୍କ କରି ପକାଇବ,— ଅଥବା ସ୍ୱାଧୀନ ଜାତି ଅର୍ଥାତ୍ ଜନସମଗ୍ରଗୁଡ଼ିକୁ ଏକତ୍ର କରି ଆଣି ପାରିଥିବା ଏକ ଯଥାର୍ଥ ବିଶ୍ୱ-ରାଷ୍ଟ୍ରର ପ୍ରତିଷ୍ଠା ହୋଇପାରିଲେ ଯାଇ ତାହା ଏକ ଦୃଢ଼ ଏବଂ ସ୍ଥାୟୀ ବିଶ୍ୱବ୍ୟବସ୍ଥା ଦିଗରେ ଆବଶ୍ୟକ ଦ୍ୱାରଟିକୁ ଉନ୍ମୁକ୍ତ କରିଦେଇ ପାରିବ ।

ମାନବ-ଏକତାର ପ୍ରକୃତ ଉପଲବ୍ଧି କରିବାକୁ ହେଲେ ଆମକୁ କେଉଁ ସାଧନମାନ ଗ୍ରହଣ କରିବାକୁ ହେବ, କେଉଁ ପଦ୍ଧତିଗୁଡ଼ିକୁ ଅନୁସରଣ କରିବାକୁ ହେବ, ପୂର୍ବ-ଅନୁସରିତ ଧାରାଟିରୁ କେଉଁଠି କିପରି ଅନ୍ୟପ୍ରକାର ଯିବାକୁ ହେବ ବା ତା' ପରେ ବିକାଶର କେଉଁ ମାର୍ଗଟିକୁ ଗ୍ରହଣ କରିବାକୁ ହେବ, କେବଳ କେତୋଟି ନିର୍ଦ୍ଦିଷ୍ଟ ଦିଗକୁ ଦେଖାଇଦେବା ବ୍ୟତୀତ ଏହି ପୁସ୍ତକରେ ଉପସ୍ଥାପିତ କରାଯାଇଥିବା ବିଚାର ଏବଂ ସିଦ୍ଧାନ୍ତଗୁଡ଼ିକର ପୁନରାବୃତ୍ତି କରି କହିବା ଲାଗି ଏଠାରେ ଆଦୌ କୌଣସି ପ୍ରୟୋଜନ ନାହିଁ । ମାତ୍ର ତଥାପି କେତେକ ଦିଗରେ ଏପରି ନାନା ସମ୍ଭାବନା ଜନ୍ମଲାଭ କଲାଣି, ଯେଉଁ ଦୃଷ୍ଟିରୁ କି ଏହି ପୁସ୍ତକର ଅଧ୍ୟାୟଗୁଡ଼ିକରେ ଲେଖା ଯାଇଥିବା ବିଷୟ ଏବଂ ନିର୍ଣ୍ଣୀତ ହୋଇଥିବା ସିଦ୍ଧାନ୍ତଗୁଡ଼ିକରେ କେତେକ ପରିବର୍ତ୍ତନ କରିବା ଅବଶ୍ୟ ଦରକାର ହେଉଛି । ଉଦାହରଣ ସ୍ୱରୂପ, ଆମେ ଏପରି ଏକ ସିଦ୍ଧାନ୍ତରେ ଆସି ପହଞ୍ଚିଥିଲୁ ଯେ କୌଣସି ଗୋଟିଏ ଅତ୍ୟନ୍ତ କ୍ଷମତାଶାଳୀ ଜାତି ଅଥବା ସାମ୍ରାଜ୍ୟ ନିଜର ଆଧିପତ୍ୟ-ବିସ୍ତାର ଦ୍ୱାରା ସାରା ପୃଥିବୀକୁ ଜୟ କରିନେବ ବା ଗୋଟିଏ ଶାସନଦଣ୍ଡ ତଳେ ଏକତ୍ର କରି ରଖିବ, ବର୍ତ୍ତମାନ ସେପରି କୌଣସି ସମ୍ଭାବନା ନାହିଁ । ମାତ୍ର ସେହି କଥାଟିକୁ ଆଉ ସେତେ ନିଶ୍ଚିତ ଭାବରେ ଆଦୌ କୁହାଯାଇ ପାରିବ ନାହିଁ, କାରଣ କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଏପରି ଏକ ପ୍ରୟାସ ହେବାର ବେଶ୍ ସମ୍ଭାବନା ରହିଛି ବୋଲି ଆମକୁ ଏହି ଅଧ୍ୟାୟରେ ସ୍ୱୀକାର ମଧ୍ୟ କରିବାକୁ ପଡ଼ିଛି । କୌଣସି ଏକ ଅତ୍ୟନ୍ତ କ୍ଷମତାଶାଳୀ ଶକ୍ତି ନିଜ ଚାରିପାଖରେ ବନ୍ଧୁଆ ଅଥଚ ଅଧସ୍ତନ ସପକ୍ଷମାନଙ୍କୁ ବେଶ୍ ଏକଜୁଟ କରି ନେଇଆସିପାରେ, ସେମାନଙ୍କର ବଳ ଓ

'oaob.nitrkl.ac.in' images reprocessed

ସମ୍ପଦଗୁଡ଼ିକର ସାହାଯ୍ୟ ନେଇ ସେମାନଙ୍କୁ ଅନ୍ୟ ବିପକ୍ଷଶକ୍ତି ବା ଜାତିମାନଙ୍କ ସହିତ ଏକ ବିଶ୍ୱ-ସଂଘର୍ଷ ମଧ୍ୟକୁ ବେଶ୍ ଟାଣି ନେଇଆସିପାରେ । ଯେତେ ସାମୟିକ ଭାବରେ ହେଲେ ମଧ, ଯଦି ପ୍ରତିପତ୍ତିଶାଳୀ ଦେଶଟି ବିଜ୍ଞାନ ଉଦ୍ଭାବନ କରିବାକୁ ବାହାରିଥିବା କୌଣସି ଶକ୍ତିସମ୍ପନ୍ନ ଆକ୍ରମକ ଯୁଦ୍ଧସାଧନକୁ ବ୍ୟବହାର କରିବା ଲାଗି ଅତିରିକ୍ତ ସମର୍ଥତା ହାସଲ କରିଥାଏ, ସେଥିରେ ପ୍ରାୟ ଏକଚାଟିଆ ଅଧିକାର ହାସଲ କରିଥାଏ ଓ ସେହି ସାଧନଟିକୁ ଫଳପ୍ରଦ ଭାବରେ ବ୍ୟବହାର କରିପାରେ, ତେବେ ସେହି ସମ୍ଭାବନାଟି ନିଶ୍ଚୟ ଆହୁରି ଅଧିକ ହୋଇଯିବ । ଏହିସବୁ ଅଶୁଭ ଉଦ୍ଭାବନ ସମୂହ ବିନାଶ ଓ ଏପରିକି ବିପୁଳ ସ୍ତରରେ ସବୁକିଛିକୁ ନିଶ୍ଚିହ୍ନ କରିଦେବାର ଯେଉଁ ସନ୍ତ୍ରାସଟିକୁ ଆପଣା ସହିତ ବହନ କରି ଆଣିବ, ହୁଏତ ତାହା ଏହିସବୁ ଉଦ୍ଭାବନର ସାମରିକ ବିନିଯୋଗ ଉପରେ ଏକ ନିଷେଧ ଜାରିକରି ରଖିବା ଦିଗରେ ଓ ସେଗୁଡ଼ିକୁ କୌଣସି ପ୍ରକାରେ ବିନିଯୋଗ ନ କରାଇ ଦେବା ଦିଗରେ ବିଭିନ୍ନ ରାଷ୍ଟ୍ର ଏବଂ ଜାତିଙ୍କୁ ପ୍ରବୃତ୍ତ କରାଇ ଆଣିବ । ମାତ୍ର, ମନୁଷ୍ୟର ସ୍ୱଭାବରେ ଯେପର୍ଯ୍ୟନ୍ତ ପରିବର୍ତ୍ତନ ନ ଘଟିଛି, ଏହି ନିଷେଧ ବା ପ୍ରତିକାର କେବଳ ବଡ଼ ଅନିଶ୍ଚିତ ଓ ଅସ୍ଥାୟୀ ହୋଇ ରହିବାକୁହିଁ ବାଧ୍ୟ ହେବ ଏବଂ କୌଣସି କ୍ଷେତ୍ରରେ କାହାରି ମହତ୍ତ୍ୱାକାଂକ୍ଷା ନୀତିର ବାଡ଼ଟିକୁ ଲଂଘିଯିବାକୁ ବସିଲେ ତଦ୍ଦ୍ୱାରା ତାହା ଗୁପ୍ତ ଭାବରେ, ସମସ୍ତଙ୍କୁ ବିସ୍ମିତ କରି ଏକ ନିର୍ଦ୍ଦିଷ୍ଟ ମୀମାଂସକ ମୁହୂର୍ତ୍ତର ସୁଯୋଗ ନେବାକୁ ବି ଅଗ୍ରସର ହୋଇଯିବ, ଯାହାଫଳରେ କି ତାହା ନିଶ୍ଚୟ ବିଜୟ ଲାଭ କରିବ ବୋଲି ସ୍ପଷ୍ଟ ଦେଖିବାକୁ ପାଇବ ଏବଂ ତେଣୁ ସେହି ଭୟଙ୍କର ସୁଯୋଗଟିକୁ ଗ୍ରହଣ କରିବା ଲାଗି ସେ ହୁଏତ ପ୍ରସ୍ତୁତ ବି ହୋଇଯିବ । ଏଠାରେ ଯୁକ୍ତି କରି କୁହାଯାଇପାରେ ଯେ ଗତ ଯୁଦ୍ଧଟିର ଇତିହାସ ଏହି ସମ୍ଭାବନାଟି କେବେହେଲେ ଆସି ପହଞ୍ଚିବ ନାହିଁ ବୋଲି ପ୍ରମାଣ ଦେଇଯାଉଛି, କାରଣ ସବୁଯାକ ପରିସ୍ଥିତି ପୂର୍ଣ୍ଣ ମାତ୍ରାରେ ଅନୁକୂଳ ହୋଇ ନାହିଁ, ମାତ୍ର ପ୍ରାୟ ତାହାର ନିକଟବର୍ତ୍ତୀ ହୋଇ ରହିଥିବାର ଏକ କ୍ଷଣରେ ମଧ ଆକ୍ରମକ ଶକ୍ତିଗୁଡ଼ିକ ସେମାନଙ୍କର ପ୍ରୟାସରେ ବିଫଳହିଁ ହେଲେ ଏବଂ ତାହାର ବିନାଶକାରୀ ପରିଣାମ ସ୍ୱରୂପ ଏକ ଭୟଙ୍କର ପରାଜୟ ସ୍ୱୀକାର କରିବାକୁ ବାଧ୍ୟ ହେଲେ । ମାତ୍ର, ସେ କଥା ଯାହାହେଉ ପଛକେ, ଏକଥା ମଧ ସତ ଯେ ସେମାନେ ଏକଦା ସଫଳତା ହାସଲ କରିବାର ଠିକ୍ ଧାରାରେ ଆସି ପହଞ୍ଚି ଯାଇଥିଲେ, ଏବଂ ପରେ ଯେତେବେଳେ ଅଧିକ ବିଚକ୍ଷଣତାର ସହିତ ଏବଂ ଅଧିକ ସଂଗଠିତ ଭାବରେ ଯୁଦ୍ଧର ଏହି ଦୁଃସାହସିକତାର ପୁନର୍ବାର ଏକ ଅବସର ଆସିବ, ସେତେବେଳେ ପୃଥିବୀକୁ ହୁଏତ ସେଭଳି ଏକ ସୌଭାଗ୍ୟ ଆଦୌ ମିଳିବ ନାହିଁ । ଆମେ ଅନ୍ତତଃ ସେହି ସମ୍ଭାବନାଟିକୁ ଉଲ୍ଲେଖ କରି ରଖିଥିବା, ଏବଂ ଯେଉଁମାନଙ୍କ ହାତରେ ତାହାର ପ୍ରତିକାର କରିବାର ସାମର୍ଥ୍ୟ ରହିଛି ଓ ମନୁଷ୍ୟଜାତିର

'oaob.nitrkl.ac.in' images reprocessed

କଲ୍ୟାଣ ଯେଉଁମାନଙ୍କର ଦାୟିତ୍ୱରେ ରହିଛି, ସେମାନେ ଏଭଳି ଏକ ସମ୍ଭାବନା ବିଷୟରେ ସର୍ବଦା ଅବଶ୍ୟ ସର୍ତକ ରହିଥିବେ ।

ସେହି ସମୟରେ ଏକ ସମ୍ଭାବନାରୂପେ ମହାଦେଶୀୟ କେତୋଟି ସମୂହର ବିକାଶ କରାଇ ଆଣିବା ଦିଗରେ ପ୍ରସ୍ତାବ ଦିଆ ଯାଇଥିଲା, ଏକ ମିଳିତ ଇଉରୋପ-ଗଠନର ପ୍ରସ୍ତାବ ଆସିଥିଲା; ଯୁକ୍ତରାଜ୍ୟର ନେତୃତ୍ୱରେ ଆମେରିକା-ମହାଦେଶ-ଖଣ୍ଡରେ ବାସ କରୁଥିବା ଜନସମୂହଗୁଡ଼ିକୁ ନେଇ କୌଣସି ପ୍ରକାରର ଗୋଟିଏ ସଂଗୁନ୍ଥନ ସମ୍ଭବ କରିବାର ବିଚାର ହୋଇଥିଲା । ଏପରିକି, ସେତେବେଳେ ଏସିଆରେ ଯେଉଁ ପୁନର୍ଜାଗରଣ ଦେଖା ଦେଇଥିଲା ଓ ଇଉରୋପୀୟ ଜାତିମାନଙ୍କର ଆଧିପତ୍ୟ ଭିତରୁ ମୁକ୍ତ ହୋଇ ଆସିବା ଲାଗି ଏସିଆରେ ଯେଉଁ ଆନ୍ଦୋଳନଟି ଆରମ୍ଭ ହେଲା, ତାହାରି ଫଳରେ ସମ୍ଭବତଃ ଏହି ମହାଦେଶର ଦେଶସକଳ ମଧ୍ୟ ଆତ୍ମରକ୍ଷାର ଆବଶ୍ୟକତା ଦ୍ୱାରା ପ୍ରେରିତ ହୋଇ ପରସ୍ପର ସହିତ ଏକତ୍ର ହୋଇ ଆସିବେ, ସେପରି ଏକ ଅନୁମାନ ବି କରାଯାଇଥିଲା । ଏବଂ ଆଶା କରାଯାଇଥିଲା ଯେ ଭିନ୍ନ ଭିନ୍ନ ମହାଦେଶକୁ ନେଇ ଏହିପରି ବୃହତ୍ ଗୁଚ୍ଛମାନ ଗଠିତ ହୋଇଗଲେ ତାହା ପରିଶେଷରେ ଏକ ବିଶ୍ୱ-ସଂଘର ସ୍ଥାପନା ଦିଗରେ ନିଶ୍ଚୟ ଏକ ମଧ୍ୟବର୍ତ୍ତୀ ସୋପାନ ରୂପେ କାର୍ଯ୍ୟ କରିବ । ଏହି ସମ୍ଭାବନାଟି କେତେକ ପରିମାଣରେ ଏକ ନିର୍ଦ୍ଦିଷ୍ଟ ଆକାର ଗ୍ରହଣ କରିବା ଲାଗି ଏତେଶୀଘ୍ର କାର୍ଯ୍ୟ କରିବାକୁ ଆରମ୍ଭ କରିଥିବା ପରି ଲାଗୁଛି, ଯାହାକି ସେତେବେଳେ ହୁଏତ କେହି କଦାପି ଆଶାହିଁ କରିପାରି ନ ଥିବେ । ଆମେରିକାର ଦୁଇଟି ଯାକ ମହାଦେଶରେ ତାହା ପ୍ରକୃତରେ ଏକ ଅତିପ୍ରଧାନ ଏବଂ ବ୍ୟାବହାରିକ ଆକାର ଧାରଣ କରି ପାରିଛି, ଅବଶ୍ୟ ଏକଥା ସତ ଯେ ତାହା ଏବେ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଉପଲବ୍ଧ ହୋଇପାରି ନାହିଁ । ଇଉରୋପରେ ମଧ୍ୟ ଏକ ଯୁକ୍ତରାଜ୍ୟ ଗଠନ କରିବାର ବିଚାରଟି ପ୍ରକୃତରେ ଆକାର ଗ୍ରହଣ କରିବାକୁ ଆରମ୍ଭ କଲାଣି ଏବଂ କ୍ରମେ ଏକ ଔପଚାରିକ ଅସ୍ତିତ୍ୱ ଗ୍ରହଣ କରିବାକୁ ବି ଯାଉଛି । ମାତ୍ର ତଥାପି ଏକ ସମ୍ପୂର୍ଣ୍ଣ ଏବଂ ପୂର୍ଣ୍ଣୋପଲବ୍ଧ ସମ୍ଭାବନା ରୂପେ ତାହା ଏପର୍ଯ୍ୟନ୍ତ ବିକଶିତ ହୋଇପାରି ନାହିଁ । କାରଣ ସେଠାରେ ପରସ୍ପର-ବିରୋଧୀ ଦୁଇ ଆଦର୍ଶବାଦ ମଧ୍ୟରେ ଶତ୍ରୁତା ଲାଗି-ରହିଛି । ଯାହାକି ଲୁହା ପରଦାର ସେପାଖରେ ରହିଥିବା ରୁଷିଆ ଓ ତା'ର ପ୍ରଭାବାଧୀନ ରାଜ୍ୟଗୁଡ଼ିକୁ ତଥା ପଶ୍ଚିମ ଇଉରୋପକୁ ପରସ୍ପରଠାରୁ ବିଚ୍ଛିନ୍ନ କରି ରଖିଛି । ଏହି ବିଚ୍ଛିନ୍ନତା କ୍ରମେ ଏତେ ଆଗକୁ ବଢ଼ିଯାଇଛି ଯେ ଜଣାହେଉଥିବା ଏକ ଭବିଷ୍ୟକାଳ ମଧ୍ୟରେ ସେହି ଶତ୍ରୁତାରେ କେବେ ଅବସାନ ହୋଇପାରିବ ବୋଲି ଆଗରୁ ଅନୁମାନ କରି କହିବା ମଧ୍ୟ ଭାରି କଷ୍ଟକର ହୋଇପଡ଼ିଲାଣି । ଅନ୍ୟ କୌଣସି ପରିସ୍ଥିତିରେ ବିଭିନ୍ନ ମହାଦେଶର ଦେଶ ସମୂହ ପରସ୍ପର ମଧ୍ୟରେ ଏପରି ଏକ ଗୋଷ୍ଠୀ ବାନ୍ଧିବାର ପ୍ରବୃତ୍ତି ଦେଖାଇଥିଲେ

'oaob.nitrkl.ac.in' images reprocessed

ସେଥିରୁ ମହାଦେଶୀୟ କେତେ ବଡ଼ ବଡ଼ ସଂଘର୍ଷ ଓ ସଂଘାତ ଆସି ଉପସ୍ଥିତ ହେବ ବୋଲି ଆଶଙ୍କା କରା ଯାଇଥାନ୍ତା । ଦୃଷ୍ଟାନ୍ତ ସ୍ୱରୂପ, ଏକଦା ଯାହାକୁ ସମ୍ଭବ ବୋଲି କଳ୍ପନା କରା ଯାଉଥିଲା : ଏକ ପୁନଃଜାଗ୍ରତ ଏସିଆ ଏବଂ ପାଶ୍ଚାତ୍ୟ ଭୂଖଣ୍ଡ ମଧ୍ୟରେ ସଂଘାତ ଓ ଗୋଳ ଲାଗିଯିବ ବୋଲି ଆଶଙ୍କା ସୃଷ୍ଟି ହୋଇଥା'ନ୍ତା । ମାତ୍ର ଇଉରୋପ ଏବଂ ଆମେରିକା ଏସିଆର ପୁନଃଜାଗରଣକୁ ସ୍ୱୀକର କରିନେଲେ, ତା'ପରେ ପ୍ରାଚ୍ୟର ଦେଶଗୁଡ଼ିକ କ୍ରମଶଃ ସ୍ୱାଧୀନ ବି ହୋଇଗଲେ ଏବଂ ଏଣେ, ଏକଦା ଓ ବସ୍ତୁତଃ ପୃଥିବୀ-ସମକ୍ଷରେ ଆପଣାକୁ ପାଶ୍ଚାତ୍ୟ ଆଧିପତ୍ୟ ବିରୋଧରେ ଏସିଆର ମୁକ୍ତିକର୍ତ୍ତା ଏବଂ ଏକ ମୁକ୍ତ ଇଉରୋପର ନେତାରୂପେ ଦେଖାଉଥିବା ଜାପାନର ମଧ୍ୟ ପତନ ହେଲା । ଏହି ସବୁଯାକ ଘଟଣା ମିଶି ସେହି ବିପଜ୍ଜନକ ସମ୍ଭାବନାଟିର ନିରାକରଣ କରିଦେଲେ । ଅନ୍ୟାନ୍ୟ କ୍ଷେତ୍ର ପରି ଏହି କ୍ଷେତ୍ରରେ ମଧ୍ୟ ଦୁଇ ପରସ୍ପର-ବିରୋଧୀ ଆଦର୍ଶବାଦ ମଧ୍ୟରେ କେବେ ଏକ ସଂଘର୍ଷ ଲାଗିଯିବାରେହିଁ ବରଂ ପ୍ରକୃତ ବିପଦଟି ନିହିତ ହୋଇ ରହିଛି । ଗୋଟିଏ ଆଦର୍ଶବାଦର ପଟରେ ରୁଷିଆ ଏବଂ ଲାଲ୍ ଚୀନ୍ ଅଧିନାୟକତ୍ୱ କରୁଛନ୍ତି । ଏବଂ ଆଂଶିକ ଭାବରେ ସାମରିକ ପନ୍ଥାମାନ ଅବଲମ୍ବନ କରି ଓ ଆଂଶିକ ଭାବରେ ଶକ୍ତିଶାଳୀ ଉଗ୍ର ରାଜନୀତିକ ନାନା ସାଧନକୁ କାର୍ଯ୍ୟରେ ଲଗାଇ ଏକ ଅନିଚ୍ଛୁକ, ବା ଅନ୍ତତଃ ସଂକ୍ରାମିତ ହୋଇ ସାରିଥିଲେ ମଧ୍ୟ ସମ୍ମତ ନ ଥିବା ଏସିଆ ଓ ଇଉରୋପ ଉପରେ କମ୍ୟୁନିଷ୍ଟବାଦର ଏକପାଖିଆ ଆଦର୍ଶଟିକୁ ଆଣି ଲଦିଦେବାର ଚେଷ୍ଟା କରୁଛନ୍ତି । ଅନ୍ୟପଟଟିରେ ଏପରି କେତୋଟି ଦେଶ ଏକ ମେଣ୍ଟ ଗଢ଼ିଛନ୍ତି, ଯେଉଁମାନେ ଅଂଶତଃ ପୁଞ୍ଜିବାଦକୁ ଓ ଅଂଶତଃ ନରମପନ୍ଥୀ ସମାଜବାଦକୁ ସ୍ୱୀକାର କରୁଛନ୍ତି; ସେମାନେ ଏବେ ମଧ୍ୟ ବେଶ୍ ଏକ ଆସକ୍ତିର ସହିତ ସ୍ୱାଧୀନତାର ବିଚାରଟିକୁ ଆବୋରି ରହିଛନ୍ତି,—ବିଚାରର ସ୍ୱାଧୀନତା ଏବଂ ବ୍ୟକ୍ତିର ସ୍ୱାଧୀନ ଜୀବନକୁ ସମର୍ଥନ ଜଣାଉଥିବା କେତେକ ଅବଶେଷକୁ ଆଦରି ରହିଛନ୍ତି । ଆମେରିକାରେ, ବିଶେଷତଃ ଲାଟିନ୍ ଦେଶଗୁଡ଼ିକରେ ସତେଅବା ଭାରି ଅସହିଷ୍ଣୁ ଭାବରେ ସମଗ୍ର ମହାଦେଶ ଓ ସନ୍ନିହିତ ଦ୍ୱୀପଗୁଡ଼ିକୁ ଗୋଟାସୁଦ୍ଧା ଆମେରିକାରେ ପରିଣତ କରିଦେବା ଲାଗି ଏକ ଅଭିଯାନ ଲାଗିଯାଇଥିବା ପରି ବୋଧ ହେଉଛି । ଏହାକୁ ଆମେ ଗୋଟାଏ ପ୍ରକାର ସମ୍ପ୍ରସାରିତ ମନ୍‌ରୋ ନୀତି ବୋଲି ବେଶ୍ କହିପାରିବା, ଯାହାକି ମହାଦେଶର ଉତ୍ତର-ଭାଗରେ ଏପର୍ଯ୍ୟନ୍ତ କେତେକ ରାଜ୍ୟକୁ ନିଜ ଅଧୀନରେ ରଖିଥିବା ଇଉରୋପୀୟ ଦେଶଗୁଡ଼ିକ ସହିତ ଏକ ବୈମନସ୍ୟ ବି ଲଗାଇ ଦେଇପାରେ । ମାତ୍ର ଏଥିରୁ କେବଳ ସାନ ସାନ କେତେକ ଅସୁବିଧା ତଥା ଅସଙ୍ଗତି ଉପୁଜିବ, ଏବଂ ସମ୍ଭବତଃ କେବେହେଲେ କୌଣସି ଗମ୍ଭୀର ସଂଘାତର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ଏସବୁ ଲାଗି ହୁଏତ ମିଳିତ ଜାତିସଂଘର ଏକ ମଧ୍ୟସ୍ଥତା କିମ୍ବା ନୂତନ

'oaob.nitrkl.ac.in' images reprocessed

ସଂଯୋଜନା ଆବଶ୍ୟକ ହେବ, ମାତ୍ର ତା' ଅପେକ୍ଷା ଆଉ କିଛି ଅଧିକ ଗମ୍ଭୀର ପରିଣତି ଭୋଗିବାକୁ ପଡ଼ିବ ନାହିଁ । ଏସିଆରେ ଏକ ଅଧିକ ସଂକଟଜନକ ପରିସ୍ଥିତି ଆସି ଦେଖାଯାଇଛି ଏବଂ କମ୍ୟୁନିଷ୍ଟ ଚୀନ୍‌ର ଆବିର୍ଭାବ ହେତୁ ପୃଥିବୀର ଏହି ଭାଗଟିରେ ବାସ କରୁଥିବା ଜାତିମାନଙ୍କ ମଧ୍ୟରେ ଏକ ମହାଦେଶୀୟ ଐକ୍ୟବୋଧତା ସ୍ଥାପନ କରିବା ଦିଗରେ ଏକ ତୀବ୍ର ଅନ୍ତରାୟ ଆସି ଉପସ୍ଥିତ ହୋଇଛି । ଏହା ଫଳରେ ଏପରି ଗୋଟିଏ ବୃହତ୍ ମେଣ୍ଟ ତିଆରି ହେବାରେ ଲାଗିଛି, ଯାହାକି ଦୁଇ ବୃହତ୍ କମ୍ୟୁନିଷ୍ଟ ଶକ୍ତି ରୁଷିଆ ଏବଂ ଚୀନ୍ ମଧ୍ୟରେ ସମଗ୍ର ଉତ୍ତର ଏସିଆକୁ ଅନ୍ତର୍ଭୁକ୍ତ କରିନେବ ବୋଲି ଭାରି ଆଶଙ୍କା ରହିଛି; ଭୟ ହେଉଛି ଯେ ତାହା କ୍ରମେ ଦକ୍ଷିଣ-ପଶ୍ଚିମ-ଏସିଆ ଏବଂ ତିବ୍ବତକୁ ମଧ୍ୟ ଗ୍ରାସ କରିବାକୁ ବାହାରିବ, ହୁଏତ ଭାରତବର୍ଷର ସୀମା ପର୍ଯ୍ୟନ୍ତ ମାଡ଼ି ଆସିବ, ଏବଂ ଭାରତବର୍ଷ ତଥା ପଶ୍ଚିମ-ଏସିଆର ନିରାପତ୍ତାକୁ ବିପନ୍ନ କରି ପକାଇବ । ଏହି କ୍ଷେତ୍ରରେ ଆକ୍ରମଣ ଓ ଏହିସବୁ ଦେଶକୁ ଅଧିକାର କରିନେବାର ଭୟ ରହିଥିବ, ଏବଂ ଅନୁପ୍ରବେଶ ଦ୍ୱାରା ଓ ଏପରିକି ଅନେକ ଅଧିକ ସାମରିକ ଶକ୍ତି ଦ୍ୱାରା ଏକ ଅବାଞ୍ଛିତ ଆଦର୍ଶବାଦକୁ ଆଣି ସମସ୍ତଙ୍କୁ ତାହାରି ଅଧୀନ କରି ରଖାଯିବ । ସେହି ଆଦର୍ଶବାଦର ରାଜନୀତିକ ଏବଂ ସାମାଜିକ ଅନୁଷ୍ଠାନ ଓ ଗଠନଗୁଡ଼ିକୁ ଆଣି ଲଦି ଦିଆଯିବ, କମ୍ୟୁନିଷ୍ଟବାଦର ଏହି ଉଗ୍ର ଦୁର୍ଦ୍ଧର୍ଷ ଶକ୍ତିଟିର ଆଧିପତ୍ୟ ବିସ୍ତୃତ ହୋଇଯିବ ଓ ତାହାର ସେହି ଅଭିଯାନଟିର ପ୍ରତିରୋଧ କରିବାକୁ ହୁଏତ ଆଉ କାହାରି ଶକ୍ତି ପାଉ ନ ଥିବ । ଏବଂ ଏକ ଅବଶ୍ୟ-ପରିଣାମ ରୂପେ ସମଗ୍ର ମହାଦେଶଟି ଦୁଇଟି ଅତିକାୟ ବ୍ୟୂହ ମଧ୍ୟରେ ଦୁଇଭାଗରେ ବିଭକ୍ତ ହୋଇଯିବ, ସେହି ଦୁଇ ବ୍ୟୂହ ମଧ୍ୟରେ ହୁଏତ ସକ୍ରିୟ ବିରୋଧ ବିଗ୍ରହ ମଧ୍ୟ ଆରମ୍ଭ ହୋଇଯିବ ଏବଂ ସେଥିରୁ ଏପରି ଏକ ବୃହତ୍ ବିଶ୍ୱକନ୍ଦଳ ଆସି ଉପୁଜିବ, ଯାହାକି ଆଗରୁ ଘଟିଥିବା ଯାବତୀୟ କନ୍ଦଳ ଓ ସଂଘର୍ଷକୁ କୁଆଡ଼େ ଅତିକ୍ରମ କରି ଚାଲିଯିବ । ଏବଂ ତାହା ଫଳରେ, ଦୁଇ ଶିବିର ମଧ୍ୟରେ କୌଣସି ପ୍ରକୃତ ଯୁଦ୍ଧ ନ ଲାଗିଲେ ମଧ୍ୟ, ବିଶ୍ୱ-ସଂଘର ଯେ କୌଣସି ସମ୍ଭାବନା ହୁଏତ ଅନିର୍ଦ୍ଦିଷ୍ଟ କାଳ ପାଇଁ ସୁଦୂର ପରାହତ ହୋଇ ରହିଯିବ; କାରଣ ଦୁଇ ପକ୍ଷର ସ୍ୱାର୍ଥଗୁଡ଼ିକ ଭିତରେ ଆଦୌ କୌଣସି ସଂଗତି ରହିବ ନାହିଁ ଏବଂ ଦୁଇ ଆଦର୍ଶବାଦ ପରସ୍ପରଠାରୁ ଏତେ ଦୂରବର୍ତ୍ତୀ ହୋଇଯିବେ ଯେ ସେମାନଙ୍କୁ କୌଣସି ଗୋଟିଏ ଆୟତନ ଭିତରେ ଆଣି ରଖିବା ପ୍ରାୟ ଅସମ୍ଭବ ହୋଇପଡ଼ିବ । ତିନି ବା ଚାରୋଟି ମହାଦେଶୀୟ ସଂଘ ଜନ୍ମଲାଭ କରିପାରେ । ସେମାନେ ଗୋଟିଏ ଏକତା ମଧ୍ୟକୁ ସମ୍ମିଳିତ ହୋଇ ଆସିବେ ବୋଲି ଯେଉଁ ସମ୍ଭାବନା ବିଷୟରେ ଆଲୋଚନା କରାଯାଉଥିଲା, ଏହି ପରିସ୍ଥିତିରେ ତାହା ହାତରୁ ଖସିଯାଇ କେତେ ଦୂରକୁ ଚାଲିଯିବ ଏବଂ ସାରା ପୃଥିବୀକୁ ଦୋହଲାଇ ଦେଇ ପାରୁଥିବା ଏକ ସଂଘର୍ଷ ବ୍ୟତୀତ

'oaob.nitrkl.ac.in' images reprocessed

ହୁଏତ ଆଦୌ ଅନ୍ୟକିଛି ସମ୍ଭବ ହୋଇ ପାରିବ ନାହିଁ ବୋଲି ପ୍ରତୀତ ହେବାକୁ ଲାଗିବ ।

ସମାଜବାଦ ଯେ ଦିନେ ସବୁ ଜାତିର କ୍ଷେତ୍ରକୁ ପ୍ରସାରିତ ହୋଇଯିବ, ଏକଥା ହୁଏତ ସମ୍ଭବ ହେବ ବୋଲି ଏକଦା କଳ୍ପନା କରିହେଉଥିଲା । ତେବେ ଏହିସବୁ ଅନ୍ତର୍ଗତ ପ୍ରବୃତ୍ତି ଦ୍ୱାରା ପ୍ରେରିତ ହୋଇ ସେତେବେଳେ ହୁଏତ ଏକ ଅନ୍ତର୍ଜାତୀୟ ଏକତାର ବି ସୃଷ୍ଟି ହୋଇ ପାରିଥାନ୍ତା । କାରଣ, ଏହି ପ୍ରବୃତ୍ତିଗୁଡ଼ିକ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଏକ ବିଚ୍ଛିନ୍ନତାବାଦୀ ଦୃଷ୍ଟିକୋଣ ପୋଷଣ କରୁଥିବା ଜାତି-ଭାବନାର ବିଭାଜନ-ଶକ୍ତିଗୁଡ଼ିକୁ ବେଶ୍ ଅତିକ୍ରମ କରିଯାଇଥାନ୍ତେ; ଜାତି-ଭାବନାରୁ ଯେଉଁସବୁ ପ୍ରତିଦ୍ୱନ୍ଦ୍ୱିତା ଏବଂ ଶତ୍ରୁତାର ପ୍ରବୃତ୍ତିମାନ ଜନ୍ମଲାଭ କରି ଆମକୁ ପ୍ରତ୍ୟକ୍ଷ ସମର ମଧ୍ୟରେ ଆଣି ହାବୁଡ଼ାଇ ଦେଉଥିଲେ, ସେଗୁଡ଼ିକୁ ନିଶ୍ଚୟ ଅତିକ୍ରମ କରିଯାଇଥାନ୍ତେ । ସେହି କ୍ଷେତ୍ରରେ ତାହାକୁହିଁ ବିଶ୍ୱ-ସଂଘର ପ୍ରତିଷ୍ଠା ଦିଗରେ ପଡ଼ିଥିବା ସ୍ୱାଭାବିକ ମାର୍ଗଟି ବୋଲି ବିଚାର କରାଯାଇଥାନ୍ତା ଏବଂ ବସ୍ତୁତଃ ପରିଶେଷରେ ତାହାହିଁ ପଥରୂପେ ଗୃହୀତ ହୋଇଥାନ୍ତା । ମାତ୍ର, ପ୍ରଥମତଃ, କେତେକ ନିର୍ଦ୍ଦିଷ୍ଟ ଚାପରେ ପଡ଼ି ସମାଜବାଦ ଆପଣାକୁ ବିଭାଜକ ଜାତୀୟ ମନୋଭାବର ସଂକ୍ରମଣରୁ କୌଣସି ପ୍ରକାରେ ସୁରକ୍ଷିତ ହୋଇ ରହିପାରିଥିବାର ଆଦୌ ପ୍ରମାଣ କରିପାରି ନାହିଁ ଏବଂ ପରସ୍ପରଠାରୁ ଅଲଗା ହୋଇ ରହିଥିବା ଜାତୀୟ ରାଷ୍ଟ୍ରଗୁଡ଼ିକରେ କ୍ଷମତାରେ ଆସିବା ପରେ ସମାଜବାଦର ଅନ୍ତର୍ଜାତୀୟ ପ୍ରବୃତ୍ତିଟି ହୁଏତ ପ୍ରକୃତରେ ବଞ୍ଚି ରହିଥିବା ବୋଲି ଆଦୌ ନିର୍ଭର କରି କହିହେଉ ନାହିଁ, କାରଣ ବିଭିନ୍ନ ଦେଶରେ କ୍ଷମତାକୁ ଆସିଲେ ତାହାର ଫଳସ୍ୱରୂପ ତାହା କେବଳ ପ୍ରତିଦ୍ୱନ୍ଦ୍ୱିତାମୂଳକ ଜାତୀୟ ସ୍ୱାର୍ଥ ଓ ଆବଶ୍ୟକତା-ଗୁଡ଼ିକରହିଁ ଦାୟାଦ ହୋଇ ରହିବ । ଏବଂ ନୂତନ ସମାଜବାଦୀ ସଂସ୍ଥାଗୁଡ଼ିକରେ ହୁଏତ ସେହି ପୁରୁଣା ମନୋଦୃଷ୍ଟିଟିହିଁ ହୁଏତ ସେହିପରି ବଞ୍ଚି ରହିଥିବ । ପୁଣି, ଏକଥା ମାନିନେବାର ଆଦୌ କୌଣସି କାରଣ ନାହିଁ ଯେ ସତେଅବା ଅନିବାର୍ଯ୍ୟ ଭାବରେ ପୃଥିବୀର ସବୁଯାକ ଦେଶରେ ସମାଜବାଦ ବିସ୍ତାରଲାଭ କରିବ; ଏପରି ହୁଏତ ଆଦୌ ହେବ ନାହିଁ ଏବଂ ଅନେକ କାଳଯାଏ ହୋଇପାରିବ ନାହିଁ । ଉପସ୍ଥିତ ବିଶ୍ୱ-ପ୍ରବୃତ୍ତିଗୁଡ଼ିକ ମଧ୍ୟରୁ ଯାହା ଅବଶ୍ୟ ଉଦ୍ଭୂତ ହୋଇ ଆସିବ ବୋଲି ଏକଦା ବଡ଼ ସମ୍ଭବ ବୋଲି ମନେ ହେଉଥିଲା ଏବଂ ସମ୍ଭବତଃ ଏବେ ମଧ୍ୟ ମନେ ହେଉଛି, ଏବେ ଆହୁରି ଅନ୍ୟ ଶକ୍ତି ଓ ଅନ୍ୟ ପ୍ରବୃତ୍ତିଗୁଡ଼ିକ ଜନ୍ମଲାଭ କରି ହୁଏତ ତାହା ସହିତ ବିବାଦ ଲଗାଇ ଦେବେ । ଗୋଟିଏ ପାଖରେ କମ୍ୟୁନିଷ୍ଟବାଦ ଓ ଅନ୍ୟ ପକ୍ଷରେ, ଯେତେ ସୀମାବଦ୍ଧ ଭାବରେ ହେଲେ ମଧ୍ୟ ତଥାପି ସ୍ୱାଧୀନତାର ମୂଳ ସିଦ୍ଧାନ୍ତଟିକୁ, ପ୍ରତ୍ୟେକ ବ୍ୟକ୍ତିର ବିବେକ, ବିଚାର ଏବଂ ବିଚାରର ସ୍ୱାଧୀନତାକୁ ସମ୍ମାନ ପ୍ରଦର୍ଶନ କରୁଥିବା, ଅପେକ୍ଷାକୃତ କମ୍ ଅତିଶୟତାର ସମର୍ଥନ କରୁଥିବା ସମାଜବାଦୀ ବିଚାରଟି ମଧ୍ୟରେ ଚାଲିଥିବା ଦ୍ୱନ୍ଦ୍ୱଟି ଓ ପାର୍ଥକ୍ୟଟି ଯଦି ପ୍ରକୃତରେ

'oaob.nitrkl.ac.in' images reprocessed

ଅଧିକ କାଳ ସ୍ଥାୟୀ ହୋଇ ରହିଯାଏ, ତେବେ ତଦ୍ଦ୍ୱାରା ବିଶ୍ୱ-ରାଷ୍ଟ୍ରର ଗଠନ ଦିଗରେ ହୁଏତ ଏକ ଗମ୍ଭୀର ବାଧା ଆସି ଉପସ୍ଥିତ ହୋଇଯିବ । ଯେଉଁଠାରେ ବ୍ୟକ୍ତିର ଯଥାର୍ଥ ସ୍ୱାଧୀନତା ଲାଗି ଏତେ ଟିକିଏ ହେଲେ ସ୍ଥାନ ନ ଥିବ, କିଂବା, କେବଳ ଏକ ସାମୂହିକତାବାଦୀ ରାଷ୍ଟ୍ରଶରୀରର ବଡ଼ କଠୋର ଭାବରେ ନିୟନ୍ତ୍ରିତ ଯାନ୍ତ୍ରିକତାକୁ କାର୍ଯ୍ୟକାରୀ କରିବାରେ ଏକ କ୍ଷୁଦ୍ରକୋଷ ହୋଇ ରହିବା ବ୍ୟତୀତ ବା ସେହି ଯନ୍ତ୍ରର ଏକ ଅଂଶ ହୋଇ ରହିବା ବ୍ୟତୀତ ବ୍ୟକ୍ତିର ଏକ ଅସ୍ତିତ୍ୱ ବଜାୟ ରଖି ପାରିବା ସକାଶେ କୌଣସି ଅବକାଶହିଁ ନ ଥିବ, ସେଠାରେ ଗୋଟିଏ ସଂବିଧାନ ତିଆରି କରିବା, ଏକ ସୌଷମ୍ୟଯୁକ୍ତ ରାଷ୍ଟ୍ର-ବିଧିର ପ୍ରଣୟନ କରି ତାହାକୁ କାର୍ଯ୍ୟକ୍ଷେତ୍ରରେ ସମ୍ଭବ କରାଇବା ପ୍ରକୃତରେ ଆଦୌ ସମ୍ଭବ ହେବ ନାହିଁ, କଳ୍ପନା ମଧ କରିହେବ ନାହିଁ । ଏଠାରେ ଏକଥା ଆଦୌ କୁହାଯାଉ ନାହିଁ ଯେ କମ୍ୟୁନିଷ୍ଟବାଦର ସିଦ୍ଧାନ୍ତଟି ମଧରୁହିଁ କେବଳ ଏହିଭଳି ପରିଣାମ ଉପୁଜିବାକୁ ବାଧ ହେବ ବା ଏହି ପଦ୍ଧତିଟି ଅନିବାର୍ଯ୍ୟ ଭାବରେ ମନୁଷ୍ୟର ସଭ୍ୟତାକୁ କେବଳ ଉଇହୁଙ୍କାର ଯାନ୍ତ୍ରିକତାରେ ନେଇ ପରିଣତ କରିଦେବ ବା ବ୍ୟକ୍ତିକୁ ଯାବତୀୟ ପ୍ରକାରେ ଦବାଇ ରଖିବ । ବରଂ ତାହା ହୁଏତ ଓଲଟି ଏକାଧାରାରେ ବ୍ୟକ୍ତିର ଜୀବନରେ ପୂର୍ଣ୍ଣ ଚରିତାର୍ଥତାର ବିଧାନ କରିବ ତଥା ସାମୂହିକ ଜୀବନରେ ମଧ ସମ୍ପୂର୍ଣ୍ଣ ସୌଷମ୍ୟ ସ୍ଥାପନ କରିପାରିବ । କମ୍ୟୁନିଜିମ୍‌ର ନାମ ନେଇ ଏ ପର୍ଯ୍ୟନ୍ତ ଯେତେଗୁଡ଼ିଏ ମାର୍ଗର ବିକାଶ କରାଯାଇଛି, ସେଗୁଡ଼ିକ ପ୍ରକୃତରେ କମ୍ୟୁନିଜିମ୍ ନୁହନ୍ତି, ସେଗୁଡ଼ିକ ହେଉଛନ୍ତି ଅତିରିକ୍ତ ମାତ୍ରାରେ ଅନମନୀୟ ହୋଇ ବସିଯାଇଥିବା ରାଷ୍ଟ୍ରାୟତ୍ତ ସମାଜବାଦରହିଁ ଗୋଟିଏ ଗୋଟିଏ ସଂସ୍କରଣ । ମାତ୍ର ଏକଥା ମଧ ଆଦୌ ଅସମ୍ଭବ ନୁହେଁ ଯେ କେବଳ ସେହି ମାର୍କ୍‌ସ୍‌ବାଦୀ ଗୁହାଟିରୁ ବାହାରକୁ ବାହାରିଯାଇ ସମାଜବାଦ୍ ଅନ୍ୟାନ୍ୟ ଆଉ କେତେ ବାଟରେ ମଧ ବିକାଶ ଲାଭ କରିପାରେ ଏବଂ ଅପେକ୍ଷାକୃତ କମ୍ ନମନୀୟ ଆଉ କେତେ ରୀତିର ଅନୁସରଣ କରିପାରେ । ଉଦାହରଣସ୍ୱରୂପ, ଦିନେ ସହକାରିତା ଉପରେ ଆଧାରିତ ଏକ ସମାଜବାଦର ବିକାଶ ହୋଇ ଆସିପାରେ, ଯାହାଭିତରେ କି ବାଧ କରି ଶାସନ କରିବା ଲାଗି କୌଣସି ପ୍ରକାର ଅମଲାତାନ୍ତ୍ରିକ କଠୋରତା ଅବଲମ୍ବନ କରିବାକୁ ନ ପଡ଼ିପାରେ ବା ପୋଲିସ୍‌ରାଜ୍‌ର କୌଣସି ଆବଶ୍ୟକତା ମଧ ନ ଥାଇପାରେ; ମାତ୍ର ସାରା ପୃଥିବୀଯାକ ସମାଜବାଦର ଛାଞ୍ଚ ଯେ କେବଳ ଗୋଟିଏ ପ୍ରକାରର ହୋଇ ରହିବ, ବର୍ତ୍ତମାନ ପରିସ୍ଥିତିରେ ସେକଥା କଦାପି ଆଗରୁ ନିଶ୍ଚିତ ଭାବରେ କହି ଦିଆଯାଇ ପାରିବ ନାହିଁ ଏବଂ ତାହାହିଁ ଭବିଷ୍ୟତର ସର୍ବବୃହତ୍ ସମ୍ଭାବନା ବୋଲି କ୍ୱଚିତ୍ କୁହାଯାଇ ପାରିବ । ସୁଦୂର ପ୍ରାଚ୍ୟରେ ନିକଟରେ ଘଟି-ଯାଇଥିବା କେତୋଟି ଘଟଣାରୁ ଯେଉଁ କେତୋଟି ନିର୍ଦ୍ଦିଷ୍ଟ ସମ୍ଭାବନା ବା ପ୍ରବୃତ୍ତିର ଆବିର୍ଭାବ ହୋଇଛି, ତା'ସତ୍ତ୍ୱେ ଆମେ ଏକଥା

'oaob.nitrkl.ac.in' images reprocessed

ତଥାପି କହିପାରିବା ଯେ ଗୋଟିଏ ପାଖରେ ପୁଞ୍ଜିବାଦୀ ଓ ଆଉ ଗୋଟିଏ ପାଖରେ ସମାଜବାଦୀ, ସମସ୍ତ ପୃଥିବୀ ଏହିପରି ଭାବରେ ଦୁଇଟି ବାଟରେ ବିଭକ୍ତ ହୋଇଯିବାରହିଁ ବର୍ତ୍ତମାନ ସବୁଠାରୁ ଅଧିକ ସମ୍ଭବ ବୋଲି ମନେ ହେଉଛି । ଆମେରିକାରେ ବ୍ୟକ୍ତିବାଦ ପ୍ରତି ଅନୁରକ୍ତି ରହିଛି, ପୁଞ୍ଜିବାଦୀ ସମାଜ ବ୍ୟବସ୍ଥା ପ୍ରତି ବି ଅନୁରକ୍ତି ରହିଛି ଏବଂ କେବଳ କମ୍ୟୁନିଷ୍ଟବାଦ ପ୍ରତି ନୁହେଁ, ଏପରିକି ନରମପନ୍ଥୀ ସମାଜବାଦ ପ୍ରତି ମଧ୍ୟ ଏକ କଠୋର ବିରୋଧ ପୂର୍ଣ୍ଣମାତ୍ରାରେ ରହିଛି ଏବଂ ଏହି ତୀବ୍ରତାରେ କେବେ କୌଣସି ହ୍ରାସ ପ୍ରକୃତରେ ଘଟିବ ବୋଲି ପ୍ରାୟ କୌଣସି ସମ୍ଭାବନା ଦୃଷ୍ଟିଗୋଚର ହେଉ ନାହିଁ । ପୁରାତନ ପୃଥିବୀର ମହାଦେଶଗୁଡ଼ିକ ଉପରେ ହୁ ହୁ ହୋଇ ମାଡ଼ି ଯାଉଥିବା କମ୍ୟୁନିଷ୍ଟବାଦର ଚରମ ସଫଳତାକୁ ଆମେ ଦିନେ ଏକ ସମ୍ଭାବନା ରୂପେ ଅନୁଭବ କରୁଥିଲୁ ସତ; ମାତ୍ର ଯଦି ଉପସ୍ଥିତ ପରିସ୍ଥିତିଗୁଡ଼ିକୁ ବିଚାର କରାଯାଏ ଏବଂ ବିବଦମାନ ଶକ୍ତିଗୁଡ଼ିକ ମଧ୍ୟରେ ରହିଥିବା ଭାରସାମ୍ୟଟିକୁ ତଉଲି ଦେଖାଯାଏ, ତେବେ ସେଇଟି ମଧ୍ୟ କଦାପି ସମ୍ଭବ ହେବ ନାହିଁ ବୋଲି ଲାଗିବ, ଏବଂ ତାହା ପ୍ରକୃତରେ ସମ୍ଭବ ହେଲେ ମଧ୍ୟ, ତଥାପି ତା' ଭିତରେ ମଧ୍ୟ ପରସ୍ପର ଲାଗି କୌଣସି ନା କୌଣସି ପରିମାଣରେ ସ୍ଥାନ ଛାଡ଼ିଦେବାହିଁ ଆବଶ୍ୟକ ହୋଇପଡ଼ିବ ବୋଲି ପ୍ରତୀତ ହେବ । ଅବଶ୍ୟ, ଯଦି ଦୁଇଟି ମଧ୍ୟରୁ କୌଣସି ଗୋଟିଏ ଶକ୍ତି ଅତି ବେଶୀ ପରାକ୍ରମୀ ହୋଇ ଅପର ପକ୍ଷଟି ଉପରେ ସମ୍ପୂର୍ଣ୍ଣ ବିଜୟ ଲାଭ କରେ, ତେବେ ତାହା ନିଶ୍ଚୟ ଅନ୍ୟ କଥା ହେବ । ଏହି ଅନୁକ୍ରମଟି ସଫଳ ହେବାକୁ ହେଲେ ସେଥିଲାଗି ଏପରି ଗୋଟିଏ ସଂଗଠନ ନିର୍ମାଣ କରିବା ଆବଶ୍ୟକ ହେବ, ବିବାଦର ସମ୍ଭାବନା ରଖିଥିବା ଯେ କୌଣସି ପ୍ରଶ୍ନର ଯେଉଁଠାରେ ଏକ ସମାଧାନ କରାଯାଇ ପାରିବ ଏବଂ ସେଥିଲାଗି କୌଣସି ପ୍ରତ୍ୟକ୍ଷ ଯୁଦ୍ଧର ଆବଶ୍ୟକତାହିଁ ନ ଥିବ । ସେହି ସଂଗଠନଟି ଲୀଗ୍ ଅଫ୍ ନେଶନ୍‌ସ୍ ତଥା ମିଳିତ ଜାତିସଂଘର ଉତ୍ତରାଧିକାରୀ ରୂପେ କାର୍ଯ୍ୟ କରିବ ଓ ନିଜକୁ ସେହି ଦିଗରେ ପରିଚାଳିତ କରିନେବ । ନୀତି ତଥା ଆଦର୍ଶକୁ ନେଇ ରୁଷିଆ ଏବଂ ଆମେରିକା ମଧ୍ୟରେ ସତତ ଏତେ ଏତେ ବିରୋଧ ଲାଗିରହିଥିଲେ ମଧ୍ୟ ସେମାନେ ଏ ପର୍ଯ୍ୟନ୍ତ ଏପରି କୌଣସି ପଦକ୍ଷେପକୁ ସର୍ବଦା ଏଡ଼ି ଏଡ଼ି ଆସିଛନ୍ତି, ଯାହାକି ମିଳିତ ଜାତିସଂଘର ସଂରକ୍ଷଣକୁହିଁ ଆୟାସସାଧ୍ୟ ବା ଅସମ୍ଭବ କରିଦେଇ ପାରିଥାନ୍ତା । ଆମ ଆଲୋଚିତ ଏହି ତୃତୀୟ ସଂଗଠନଟି ମଧ୍ୟ ତାହାର ଅବିଚ୍ଛିନ୍ନ ଭାବରେ ବଞ୍ଚି ରହିବାର ସେହି ସମାନ ଆବଶ୍ୟକତା ଏବଂ ଅବଶ୍ୟମ୍ଭାବୀ ଉପଯୋଗିତା ଦ୍ୱାରାହିଁ ସଂରକ୍ଷିତ ହୋଇ ରହିବ । ଠିକ୍ ସେହି ସମାନ ଶକ୍ତିଗୁଡ଼ିକହିଁ ସମାନ ଦିଗରେ କାର୍ଯ୍ୟ କରିବେ ଏବଂ ଏକ ଫଳପ୍ରଦ ବିଶ୍ୱସଂଘର ସୃଷ୍ଟି ତଥାପି ସମ୍ଭବ ହେବ । ଏବଂ ତା'ପରେ ମନୁଷ୍ୟଜାତିର ସାଧାରଣ ଯାବତୀୟ ଆବଶ୍ୟକତା ଏବଂ ଆତ୍ମ-ସଂରକ୍ଷଣ

'oaob.nitrkl.ac.in' images reprocessed

ଲାଗି ମନୁଷ୍ୟଜାତିର ଆବଶ୍ୟକତା ସେହି ସଂଘର ସ୍ଥାପନାକୁ ପ୍ରକୃତରେ ଅନିବାର୍ଯ୍ୟ କରି ଆଣିବ ବୋଲି ଆସ୍ଥା ସ୍ଥାପନ କରାଯାଇ ପାରିବ ।

ତେଣୁ, ମିଳିତ ଜାତିସଂଘର ପ୍ରତିଷ୍ଠା ପରେ ଘଟିଯାଇଥିବା ଘଟଣାଗୁଡ଼ିକରେ, ଏକ ବିଶ୍ୱ-ସଂଗଠନ ତିଆରି କରିବା ଲାଗି ସାନ୍ ଫ୍ରାନ୍‌ସିସ୍କୋଠାରେ ଯେଉଁ ମୀମାଂସାକାରୀ ପଦକ୍ଷେପଟି ଗ୍ରହଣ କରାଗଲା, ସେହି ମହାନ୍ ଶୁଭାରମ୍ଭର ପରବର୍ତ୍ତୀ ଅବଧିଟିରେ ଏପରି କିଛି ଉପଲବ୍ଧ ହୋଇ ନାହିଁ, ଯାହାକି ପରିଶେଷରେ ଏକ ଯଥାର୍ଥ ବିଶ୍ୱ-ଏକତାର ପ୍ରତିଷ୍ଠା ଦିଗରେ ସଫଳ ହୋଇପାରିବ । ମାତ୍ର ତାହା ବୋଲି ଏହି ମହାନ୍ ଉଦ୍ୟମ ଯେ ସର୍ବଶେଷରେ ଅବଶ୍ୟ ସଫଳତାପ୍ରାପ୍ତ ହେବ, ତାହାର ପ୍ରତ୍ୟାଶା କରିବାରେ ଆମକୁ ନିରୁତ୍ସାହିତ କରିବା ଲାଗି ଏଥିରେ ଆଦୌ କୌଣସି କାରଣ ନାହିଁ । ଏହି କ୍ଷେତ୍ରରେ ଅନେକ ବିପଦ ରହିଛି, ଅନେକ ଅସୁବିଧା ରହିଛି; ଏହି କ୍ଷେତ୍ରରେ କେତେ କେତେ ଦ୍ୱନ୍ଦ୍ୱ ଓ ସଂଘାତ ଘଟିବ ବୋଲି ଆଶଙ୍କା ମଧ୍ୟ ରହିଛି, ଏପରିକି ଭବିଷ୍ୟତକୁ ବିପଦାପନ୍ନ କରିଦେବା ଭଳି ବଡ଼ ବଡ଼ ସଂଘାତ ଘଟିବାର କେତେ ଆଶଙ୍କା ରହିଛି; ମାତ୍ର ତଥାପି ଏହି ଉଦ୍ୟମଟିରେ ଆମେ ଯେ ସମ୍ପୂର୍ଣ୍ଣ ଭାବରେ ବିଫଳ ହୋଇଯିବା, ସେପରି ଅନୁମାନ କରିବାର ଆଦୌ କୌଣସି କାରଣ ନାହିଁ । ଅବଶ୍ୟ ମନୁଷ୍ୟଜାତି ନିଶ୍ଚୟ ବିଫଳ ହୋଇଯିବ ବୋଲି ଭବିଷ୍ୟବାଣୀ କରିବାକୁହିଁ ଯଦି ଆମେ ମନକରି ବସିଥିବା, ତେବେ ତାହା ସ୍ୱତନ୍ତ୍ର କଥା ହେବ । ଅଧିକରୁ ଅଧିକ ବୃହତ୍ ସମୂହମାନ ଗଠନ କରିବାକୁ ପ୍ରକୃତି ଭିତରେ ଗୋଟିଏ ପ୍ରବୃତ୍ତି ଅନ୍ତର୍ନିହିତ ହୋଇ ରହିଛି ଏବଂ ତେଣୁ, ସର୍ବଶେଷରେ ସର୍ବବୃହତ୍ ସମୂହଟି ଗଠିତ ହେବାକୁ ଯାଉଛି ଏବଂ ପୃଥିବୀର ଜାତିମାନେ ଶେଷରେ ଗୋଟିଏ ସଂସ୍ଥା ଭିତରେ ସମ୍ମିଳିତ ହେବାକୁ ଯାଉଛନ୍ତି ବୋଲି ଆମେ ଯେଉଁ ପ୍ରମେୟଟିର ପ୍ରତିଷ୍ଠା କରି ଆସିଛୁ, ତାହା ତଥାପି ଅପରିବର୍ତ୍ତନୀୟ ରହିଛି । ମାନବସମାଜର ଭବିଷ୍ୟ ଠିକ୍ ଏହିପରି ଏକ ଗତିପଥ ସକାଶେ ଦୃଢ଼ ଭାବରେ ଦାବି କରିବାରେ ଲାଗିଛି; ଏହି କ୍ଷେତ୍ରରେ ସଂଘଟିତ ହେଉଥିବା ଯାବତୀୟ ଦ୍ୱନ୍ଦ୍ୱ, ଯାବତୀୟ ବିକ୍ଷୋଭ ଯେତେ ତୀବ୍ର ଓ ଯେତେ ପ୍ରଚଣ୍ଡ ହେଲେ ମଧ୍ୟ ସେହି ଭବିଷ୍ୟଟିକୁ ହୁଏତ କିଛିତ୍ ପରିମାଣରେ ବିଳମ୍ବିତ କରିଦେଇ ପାରିବେ, ଅଥବା ଏପରିକି, ତାହା ବର୍ତ୍ତମାନ ଯେଉଁଭଳି ଏକ ଆକାର ଗ୍ରହଣ କରିବ ବୋଲି ଆମକୁ ପ୍ରତିଶ୍ରୁତି ଦେଇଯାଉଛି, ସେମାନେ ସେହି ଆକାରଗୁଡ଼ିକୁ ବେଶ୍ ଅନେକ ପରିମାଣରେ ହୁଏତ ବଦଳାଇ ଦେଇ ପାରିବେ ପଛକେ, ମାତ୍ର ସେମାନେ ତଥାପି ତାହାକୁ ପଥ ଉଗାଳି କଦାପି ରଖି ପାରିବେ ନାହିଁ । କାରଣ ଏହି ଏକତାଟି ସମ୍ଭବ ନ ହେଲେ ସାମୂହିକ ବିନାଶହିଁ ମନୁଷ୍ୟଜାତି ଲାଗି କଳ୍ପିତ ଏକମାତ୍ର ବିକଳ୍ପ ନିୟତି ହୋଇ ରହିବ । ମାତ୍ର, ବିଜ୍ଞାନର ଆଧୁନିକ ଆବିଷ୍କାର ତଥା ଉଦ୍ଭାବନଗୁଡ଼ିକ ଫଳରେ ଏଗୁଡ଼ିକ ହେତୁ ଉପଲବ୍ଧ

'oaob.nitrkl.ac.in' images reprocessed

ହେଉଥିବା ହିତକାରୀ ପରିଣାମଗୁଡ଼ିକ ସହିତ ପ୍ରାୟ ସମପରିମାଣ ହୋଇ ତାହାର ଦୁର୍ବିପାକ-ସାଧନକାରୀ ସମ୍ଭାବନାଗୁଡ଼ିକ ଯେତେ ଯାହା ବୃଦ୍ଧି ପାଇବାରେ ଲାଗିଥାଉ ଓ ସେଗୁଡ଼ିକର ବିସ୍ତାରଲାଭକୁ ଆଉ ପ୍ରାୟ ଆଦୌ ସୀମାଭିତରେ ରଖାଯାଇ ପାରିବ ନାହିଁ ବୋଲି ଯେତେ ମନେ ହେଉଥାଉ ପଛକେ, ସେହି ଆଶଙ୍କିତ ବିନାଶଟିକୁ ଆମେ କେବଳ ଏକ କାଳ୍ପନିକ ଓ ମୂଳହୀନ ଆଶଙ୍କା ବୋଲିହିଁ କହିବା; ସେହି ବିଜ୍ଞାନ ବଳରେ ମନୁଷ୍ୟସମାଜର ଜାତିମାନେ ଶେଷକୁ କେବଳ ଶାନ୍ତି ଓ ସୌଭାଗ୍ୟଶାଳିତାହିଁ ଲାଭ କରିବେ ବା ଏକ ପରିପୂର୍ଣ୍ଣ ସମାଜର ପ୍ରତିଷ୍ଠା ହୋଇଯିବ ବୋଲି ଆଗେ କରାଯାଉଥିବା ପ୍ରତ୍ୟାଶାଟି ଯେପରି କେବଳ କାଳ୍ପନିକ ଓ ମୂଳହୀନ ଥିଲା, ଏହି ଆଶଙ୍କାଟିକୁ ମଧ୍ୟ ଠିକ୍ ସେହିପରି କାଳ୍ପନିକ ଏବଂ ମୂଳହୀନ ବୋଲିହିଁ କୁହାଯିବ । ଆଉ କୌଣସି ଉପରେ ବିଶ୍ୱାସ ନ କରିପାରିଲେ ଆମେ ଅନ୍ତତଃ ବିବର୍ତ୍ତନଗତ ମୂଳ ପ୍ରବୃତ୍ତିଟି ଉପରେ ବିଶ୍ୱାସ ସ୍ଥାପନ କରି ପାରିବା; ଏବଂ ଆଉ କୌଣସି ପ୍ରଚ୍ଛନ୍ନ ବୃହତ୍ତର କର୍ତ୍ତୃଶକ୍ତି ଉପରେ ବିଶ୍ୱାସ ରଖି ନ ପାରିଲେ ମଧ୍ୟ, ଯେଉଁ ବିଶ୍ୱଶକ୍ତିକୁ ଆମେ ପ୍ରକୃତି ବୋଲି କହୁଛୁ, ସେଥିରେ ଯେ ମନୁଷ୍ୟସମାଜକୁ ଅନ୍ତତଃ ଆବଶ୍ୟକ ଓ ଉଦ୍ଦିଷ୍ଟ ପରବର୍ତ୍ତୀ ସୋପାନଟି ପର୍ଯ୍ୟନ୍ତ ପରିଚାଳିତ କରିନେବାର ଅର୍ଥାତ୍ ସେହି ଆତ୍ମସଂରକ୍ଷଣକାରୀ ପରବର୍ତ୍ତୀ ପଦକ୍ଷେପଟି ଗ୍ରହଣ କରିବାର ଏକ ଅଭିପ୍ରାୟ ଅବଶ୍ୟ ରହିଛି, ସେହି ଦିଗରେ ଗତି କରିବା ଲାଗି ପ୍ରକୃତି ଯେ ପ୍ରକାଶ୍ୟଭାବରେ ଯାବତୀୟ କାର୍ଯ୍ୟ ସମ୍ପାଦନ କରିବାରେ ଲାଗିଛି, ଆମେ ଅନ୍ତତଃ ସେହି ପ୍ରକୃତି ଉପରେ ବିଶ୍ୱାସ ରଖିପାରିବା । କାରଣ ସେହି ପ୍ରୟୋଜନଟି ପ୍ରକୃତି ଭିତରେ ଅବଶ୍ୟ ରହିଛି, ଅନ୍ତତଃ ସେହି ବିଷୟରେ କୌଣସି ନା କୌଣସି ପରିମାଣରେ ଏକ ସାଧାରଣ ପରିଚୟ ଏହା ମଧ୍ୟରେ ହାସଲ ହୋଇ ସାରିଛି; ଏବଂ ଯେଉଁ ବସ୍ତୁଟି ପାଖକୁ ପ୍ରକୃତି ସେହି ଭାବନାଟିକୁ କ୍ରମଶଃ ପରିଚାଳିତ କରି ନେଇଯିବ, ସେହି ବସ୍ତୁଟି ମଧ୍ୟ ଜନ୍ମଗ୍ରହଣ କରି ସାରିଲାଣି ଏବଂ ତାହାର ଅଭିପ୍ରେତ ଶରୀରଟି ମଧ୍ୟ ଏକ ମୂର୍ତ୍ତ ରୂପ ଲାଭ କରିବା ସକାଶେ ଆକୃତି ଜଣାଇବାକୁ ଆରମ୍ଭ କଲାଣି । ଏହି ନୂତନ ସୃଷ୍ଟିଟି ଯେଉଁ ଅବସ୍ଥାଗୁଡ଼ିକ ମଧ୍ୟଦେଇ ଗତି କରିବ, ଯେଉଁ ସମ୍ଭାବନାଗୁଡ଼ିକୁ ପାରି ହେବ ଓ ଯେଉଁ ଆକାରଗୁଡ଼ିକୁ ଗ୍ରହଣ କରିବ, ଏହି ଗ୍ରନ୍ଥଟି ମଧ୍ୟରେ ଆମେ ସେହିଗୁଡ଼ିକୁହିଁ ସୂଚାଇ ଦେଇ ଆସିଛୁ; ଏବଂ ଏଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ ସବୁଠାରୁ ଅଧିକ କାମ୍ୟ ବୋଲି ମନେ ହେଉଛନ୍ତି, କୌଣସି ପ୍ରକାର ଅନ୍ଧ ସୂତ୍ରୀକରଣ ନ କରି ଓ ବ୍ୟକ୍ତିଗତ ମତକୁ କୌଣସି ପ୍ରକାର ପ୍ରାଧାନ୍ୟ ନ ଦେଇ ଆମେ ସେଗୁଡ଼ିକର ମଧ୍ୟ ସୂଚନା ଦେବାକୁ ଚେଷ୍ଟା କରିଛୁ । ଏହି କ୍ଷେତ୍ରରେ ଯେତେଗୁଡ଼ିଏ ଶକ୍ତି କ୍ରିୟାଶୀଳ ହୋଇ ରହିଛନ୍ତି ଏବଂ ସେଥିରୁ ଯେଉଁସବୁ ପରିଣାମ ନିଷ୍ପନ୍ନ ହେବାର ସମ୍ଭାବନା ଦେଖାଯାଉଛି, ଆମେ ନିଷ୍ପକ୍ଷ ଭାବରେ ସେଗୁଡ଼ିକ

'oaob.nitrkl.ac.in' images reprocessed

ବିଷୟରେ ବିଚାର କରିଛୁ ଏବଂ ତାହାହିଁ ଏହି ଅଧ୍ୟୟନଟିର ଲକ୍ଷ୍ୟ ହୋଇ ରହିଛି । ବର୍ତ୍ତମାନ ଯେଉଁ ବସ୍ତୁଟି ଆମ ଆଗରେ ନିଶ୍ଚିତରୂପେ ଏକମାତ୍ର କାମ୍ୟ ଓ ଇପ୍ସିତ ବସ୍ତୁ ବୋଲି ଦେଖାଯାଉଛି, ସେଇଟିକୁ କାର୍ଯ୍ୟକାରୀ କରିବା ଲାଗି ମନୁଷ୍ୟଜାତିର ବୁଦ୍ଧିଗତ ଏବଂ ନୈତିକ କେତେ କ'ଣ ସାମର୍ଥ୍ୟ ରହିଛି, ବାକୀ ସବୁ କଥା କେବଳ ତାହାରି ଉପରେହିଁ ନିର୍ଭର କରିବ ।

ତେଣୁ, ଉପସଂହାର କରି ଆମେ ଏହି କଥାଟି କହିବାକୁ ଇଚ୍ଛା କରିବା ଯେ ବର୍ତ୍ତମାନ ପୃଥିବୀର ପରିସ୍ଥିତି ସମଗ୍ର ଭାବରେ ଯେଉଁପରି ହୋଇରହିଛି, ଏପରିକି ଏହି ପରିସ୍ଥିତିଟି ମଧ୍ୟରେ ଯାହାସବୁ ଆମକୁ ସବୁଠାରୁ ଅଧିକ ନିରୁତ୍ସାହିତ କରି ପକାଉଛି ଏବଂ ଯାହାସବୁ ଅତି ବିପଜ୍ଜନକ ସମ୍ଭାବନା ରୂପେ ଅବସ୍ଥିତ ରହିଛି, ସେଗୁଡ଼ିକୁ ବିଚାର ମଧ୍ୟକୁ ଆଣି ମଧ୍ୟ, କୌଣସି ନା କୌଣସି ପ୍ରକାରର ବିଶ୍ୱ-ସଂଘ ସ୍ଥାପିତ ହେବାର ଆବଶ୍ୟକତା ଏବଂ ଅବଶ୍ୟମ୍ଭାବିତା ବିଷୟରେ ଆମେ ଯେଉଁ ଦୃଷ୍ଟିକୋଣଟି ନେଇଛୁ, ସେଇଟିକୁ ବଦଳାଇ ଦେବା ଲାଗି ଆମ ପାଖରେ ଆଦୌ କୌଣସି କାରଣ ନାହିଁ । ପ୍ରକୃତି ଠିକ୍ ସେହି ଆଡ଼କୁ ଧାବିତ ହୋଇଯାଉଛି, ଯାବତୀୟ ପରିସ୍ଥିତି ଆମକୁ ଠିକ୍ ସେଇଥିଲାଗି ବାଧ୍ୟ କରୁଛି ଏବଂ ବର୍ତ୍ତମାନ ତଥା ଭବିଷ୍ୟତର ଭୂମି ଉପରେ ତାହାହିଁ ମନୁଷ୍ୟଜାତିର ଆବଶ୍ୟକତା ହୋଇ ରହିଛି, ଏବଂ ଏହି ସମସ୍ତେ ମିଶି ତାହାକୁ ପ୍ରକୃତରେ ଅବଶ୍ୟମ୍ଭାବୀ କରି ଦେଉଛନ୍ତି । ଆମେ ଯେଉଁସବୁ ସାଧାରଣ ସିଦ୍ଧାନ୍ତଗୁଡ଼ିକରେ ଆସି ଉପନୀତ ହୋଇଛୁ, ସେଗୁଡ଼ିକ ସେହିପରି ଅଖଣ୍ଡନୀୟ ହୋଇ ରହୁଛନ୍ତି; ବିଶ୍ୱ-ସଂଘର କଳ୍ପନାଟି ହୁଏତ ଯେଉଁସବୁ ରୂପାତ୍ମକତା ଗ୍ରହଣ କରିବ, ବିକଳ୍ପ ତଥା କ୍ରମିକ ବିକାଶର ଯେଉଁସବୁ ସମ୍ଭାବ୍ୟ ରୂପ ଅଥବା ଧାରାର ଅନୁସରଣ କରିବ, ସେ ବିଷୟରେ ଆମେ କରିଥିବା ବିଚାରଗୁଡ଼ିକ ମଧ୍ୟ ସେହିପରି ସିଦ୍ଧ ହୋଇ ରହୁଛନ୍ତି । ସର୍ବଶେଷ ପରିଣାମରୂପେ ଅବଶ୍ୟ ଏକ ବିଶ୍ୱ-ରାଷ୍ଟ୍ରର ପ୍ରତିଷ୍ଠା ହେବ ଏବଂ ସମ୍ପୂର୍ଣ୍ଣ ସ୍ୱାଧୀନ ହୋଇ ରହିଥିବା ବିଭିନ୍ନ ଜାତିଙ୍କୁ ନେଇ ଗଢ଼ା ଯାଇଥିବା ଏକ ସଂଘହିଁ ନିଶ୍ଚିତ ଭାବରେ ସେହି ରାଷ୍ଟ୍ରର ସବୁଠାରୁ ଅଧିକ କାମ୍ୟ ରୂପ ହୋଇ ରହିବ । ସେହି ସଂଘ ଭିତରେ ଅନ୍ୟଙ୍କୁ ନିଜର ଅଧୀନ କରି ରଖିବା ଲାଗି କୌଣସି ସ୍ଥାନ ନ ଥିବ, କୌଣସି ପ୍ରକାର ଅସମାନତାକୁ ଆଣି ଜୋର କରି ଲଦି ଦିଆଯିବ ନାହିଁ ଏବଂ ସକଳ ପ୍ରକାର ପ୍ରଭୁତ୍ୱ-ବିସ୍ତାର ଅନ୍ତର୍ହିତ ହୋଇଯାଇଥିବ । କେତେକ ଦେଶ ସେଥିରେ ଏକ ବୃହତ୍ତର ସ୍ୱାଭାବିକ ପ୍ରଭାବଶାଳିତାକୁ ହୁଏତ ବଜାୟ ରଖିଥିବେ ସତ, ମାତ୍ର ସମସ୍ତଙ୍କୁ କେବଳ ସମାନ ସ୍ଥାନହିଁ ମିଳିଥିବ । ଗୋଟିଏ ରାଜ୍ୟ-ସଂଘ ସ୍ଥାପିତ ହେବା ଦ୍ୱାରା ବିଶ୍ୱ-ରାଷ୍ଟ୍ରର ଅଙ୍ଗସ୍ୱରୂପ ରହିଥିବା ଜାତିମାନଙ୍କୁ ଯଥାସମ୍ଭବ ଅଧିକ ସ୍ୱତନ୍ତ୍ରତା ମିଳିପାରିବ, ମାତ୍ର ଏହା ଦ୍ୱାରା ବିଭାଜନକାରୀ ବା କେନ୍ଦ୍ରାତିସାରିଣୀ ପ୍ରବୃତ୍ତିଗୁଡ଼ିକୁ ମଧ୍ୟ କ୍ରିୟାଶୀଳ

'oaob.nitrkl.ac.in' images reprocessed

ହେବା ଲାଗି ଗୁଡ଼ାଏ ଅବକାଶ ମିଳିଯିବାର ଆଶଙ୍କା ଆସି ପହଞ୍ଚିବ । ତେଣୁ ସେଭଳି କ୍ଷେତ୍ରରେ ଏକ ସଂଘୀୟ ସମଗ୍ର-ସଂଗଠନହିଁ ସବୁଠାରୁ ଅଧିକ କାମ୍ୟ ବୋଲି ପ୍ରତିପାଦିତ ହେବ । ଘଟଣାବଳୀର ପ୍ରବାହହିଁ ଆଉ ସବୁକିଛିର ନିର୍ଦ୍ଧାରଣ କରିଦେବ, ସର୍ବସମ୍ମତି କ୍ରମେ ନିରୂପିତ ହେବ, ଅଥବା ଭବିଷ୍ୟତରେ ଅଭିବୃଦ୍ଧି ଲାଭ କରୁଥିବା ବିଚାର ଏବଂ ପ୍ରୟୋଜନଗୁଡ଼ିକ ସଂଗଠନଟିକୁ ଯେପରି ରୂପ ଦେବେ, ତାହାରି ଦ୍ୱାରାହିଁ ସବୁକିଛିର ନିର୍ଣ୍ଣୟ କରାଯିବ । ଏହିଭଳି ଭାବରେ ଏକ ବିଶ୍ୱ-ସଂଘ ପ୍ରତିଷ୍ଠିତ ହେଲେ ତାହାକୁ ଦୀର୍ଘ ଅନେକ ଦିନ ଅସ୍ତିତ୍ୱରେ ରହିବାର ବା ଚିରସ୍ଥାୟୀ ହୋଇ ରହିବାର ସର୍ବୋତ୍ତମ ସମ୍ଭାବନାଟି ପ୍ରାପ୍ତ ହୋଇ ପାରିବ । ଆମର ଏହି ପୃଥିବୀଟି ହେଉଛି ସତତ ନାନା ପରିବର୍ତ୍ତନ ଘଟି ଯାଉଥିବା ଏକ ପୃଥିବୀ, ଏବଂ ତେଣୁ ସମୟ ସମୟରେ କେତେକେତେ ଅନିଶ୍ଚୟତା ଏବଂ ବିପଦ ଏହି କ୍ଷେତ୍ରରେ ସଂଗଠନଟିକୁ ହୁଏତ କେତେଭଳି ଆକ୍ରାନ୍ତ କରିବାକୁ ଆସିବେ, ତାହାକୁ କେତେଭଳି ଅଡୁଆରେ ପକାଇ ଦେଉଥିବେ । ନୂତନ ବିଚାର ତଥା ନୂତନ କେତେକେତେ ଶକ୍ତି ଜନ୍ମଲାଭ କରୁଥିବା ସଙ୍ଗେ ସଙ୍ଗେ ଗଠିତ ସୌଧଟି କେତେଭଳି ବିପ୍ଳବାତ୍ମକ ପ୍ରବୃତ୍ତି ଦ୍ୱାରା କେତେପ୍ରକାରେ ଆନ୍ଦୋଳିତ ହେବାରେ ଲାଗିଥିବ, ସେଗୁଡ଼ିକ ମନୁଷ୍ୟଜାତିର ସାଧାରଣ ମାନସକ୍ଷେତ୍ରରେ କୌଣସି ପ୍ରକାର ପ୍ରଭାବ ପକାଇବା ସଙ୍ଗେସଙ୍ଗେ ସଂଗଠନଟି ମଧ୍ୟ ଦୋହଲି ଯାଉଥିବ; ମାତ୍ର ତଥାପି ସବୁଠାରୁ ଅସଲ ପଦକ୍ଷେପଟି ନିଆଯାଇ ସାରିଥିବ ଓ ମନୁଷ୍ୟଜାତିର ଭବିଷ୍ୟତଟି ସୁନିଶ୍ଚିତ ବୋଲି ଘୋଷିତ ହୋଇ ସାରିଥିବ; ଅଥବା, ବର୍ତ୍ତମାନର ଯେଉଁ ଯୁଗଟିରେ ମନୁଷ୍ୟଜାତି କେତେକେତେ ଅସମାହିତ ଆବଶ୍ୟକତା ଏବଂ ପ୍ରତିକୂଳତା ଦ୍ୱାରା ସଂତ୍ରାସିତ ଓ ବାଧାପ୍ରାପ୍ତ ହୋଇ ରହିଛି, କେତେ ଅନିଶ୍ଚିତ ଅବସ୍ଥା, ବିପୁଳ କ୍ରାନ୍ତି, ବିରାଟ ଏବଂ ରକ୍ତାକ୍ତ ବିଶ୍ୱବ୍ୟାପୀ କେତେକେତେ ଦ୍ୱନ୍ଦ୍ୱ ଓ ସଂଘର୍ଷ ଦ୍ୱାରା ସମାକୁଳ ହୋଇ ରହିଛି ଓ ଆହୁରି ଅନେକ ସଂଘର୍ଷ ଉପଗତ ହୋଇଯିବେ ବୋଲି ତାକୁ ଭୟ ଦେଖାଉଛନ୍ତି, ଅନ୍ତତଃ ସେହି ଯୁଗଟି ଅତିକ୍ରାନ୍ତ ହୋଇସାରିଥିବ । ସେତେବେଳେ ମାନବ-ଏକତାର ଆଦର୍ଶଟି ଆଉ ଏକ ଅନୁପଲବ୍ଧ ଆଦର୍ଶମାତ୍ର ହୋଇ ରହିବ ନାହିଁ, ତାହା ଏକ ଉପଲବ୍ଧ ସତ୍ୟରେହିଁ ପରିଣତ ହୋଇଯିବ ଏବଂ ସେହି ଏକତାକୁ ସୁରକ୍ଷିତ କରି ରଖିବାର ଦାୟିତ୍ୱଟି ଏକତାବଦ୍ଧ ମାନବଜାତିର ହାତରେ ଅର୍ପିତ ହୋଇ ରହିଥିବ । ମାନବଜାତିର ଭବିଷ୍ୟ-ନିୟତି ଦେବତାମାନଙ୍କର ଅଙ୍କରେ ସୁରକ୍ଷିତ ହୋଇ ରହିବ, ଏବଂ ମାନବଜାତି ଅବିଚ୍ଛିନ୍ନ ଭାବରେ ତିଷ୍ଠି ରହିବା ଦ୍ୱାରା ଦେବତାମାନଙ୍କର ଯଦି କୌଣସି ଅଭୀଷ୍ଟ ସିଦ୍ଧି ହେବାର ଥାଏ, ତେବେ ତାହା ସେହିଠାରେହିଁ ସମ୍ପୂର୍ଣ୍ଣ ନିରାପଦ ହୋଇ ରହିଥିବ ।

ସମାପ୍ତ

'oaob.nitrkl.ac.in' images reprocessed

# ଯୁଦ୍ଧ ଓ ଆତ୍ମନିୟନ୍ତ୍ରଣ

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

# ପ୍ରଥମ ସଂସ୍କରଣର ଭୂମିକା

ଏହି ପୁସ୍ତକଟିରେ ଯେଉଁ ଚାରୋଟି* ପ୍ରବନ୍ଧ ପ୍ରକାଶିତ ହୋଇଛି, ସେଗୁଡ଼ିକ ସବୁଯାକ ଗୋଟିଏ ସମୟରେ ଲେଖା ହୋଇ ନ ଥିଲା ବା ବିଚାରଣ ତଥା ଉଦ୍ଦେଶ୍ୟର କ୍ଷେତ୍ରରେ ସେଗୁଡ଼ିକ ମଧ୍ୟରେ ଜାଣିଶୁଣି କୌଣସି ସଂଲଗ୍ନତା ରଖି ସେଗୁଡ଼ିକର କଳ୍ପନା କରାଯାଇ ନ ଥିଲା । ଯୁଦ୍ଧ ଲାଗିବାର ପ୍ରଥମ କେତୋଟି ମାସ ମଧ୍ୟରେ ପ୍ରଥମଟି ଲେଖା ହୋଇଥିଲା, ଯୁଦ୍ଧ ସରିଆସିଲା ବେଳକୁ ଆଉ ଦୁଇଟି ଲେଖାହେଲା ଏବଂ ଶେଷ ପ୍ରବନ୍ଧଟି ଏବେ ବଡ଼ ଅକୁଶଳ ଭାବରେ ଯୋଡ଼ା ହୋଇ ତିଆରି ହୋଇଥିବା, ଝୁଣ୍ଟିବାରେ ଲାଗିଥିବା ଓ ନାନାପ୍ରକାରେ ସଂକୁଚିତ ହୋଇ ରହିଥିବା ସେହି ଯନ୍ତ୍ରଟିର, ଅର୍ଥାତ୍ ଲୀଗ୍ ଅଫ୍ ନେଶନ୍‌ସ୍‌ର ଗଠନ ଏବଂ ପ୍ରଥମ କ୍ରିୟାଶୀଳ ହେବାର ପର୍ଯ୍ୟାୟଟିରେ ଲେଖା ହୋଇଥିଲା । ତଥାପି ଚାରୋଟିଯାକ ପ୍ରବନ୍ଧ ସତେଅବା ଏକ ସାଧାରଣ ବିଚାରଭୂମି ଦ୍ୱାରା ଏକତ୍ର ବାନ୍ଧିହୋଇ ରହିଛନ୍ତି ବା ଅନ୍ତତଃ ଗୋଟିଏ ସାଧାରଣ ଦୃଷ୍ଟିକୋଣରୁହିଁ ପରସ୍ପର ସହିତ ସମ୍ବନ୍ଧ ଥିବା ଚାରୋଟି ବିଷୟ ଉପରେ ଅବଲୋକନ କରିବାର ଚେଷ୍ଟା କରିଛନ୍ତି । ସେହି ସାଧାରଣ ଦୃଷ୍ଟିକୋଣଟି ହେଉଛି, ନାନା ସଙ୍କଟ ଏବଂ ଦାରୁଣ ବିପ୍ଳବର ଏହି ସଙ୍କଟମୟ ଯୁଗରେ ମନୁଷ୍ୟଜାତିର ଭାଗ୍ୟ ଆମେ ବ୍ୟବହାର କରୁଥିବା ଯନ୍ତ୍ର ବା ବାହ୍ୟ ଗଠନଗୁଡ଼ାକ ଉପରେ ଯେତେ ନିର୍ଭର ନ କରିବ, ଯେଉଁ ଚିଦ୍‌ଗତ ଭାବାତ୍ମାଟିକୁ ବହନ କରି ଆମେ ଜୀବନଧାରଣ କରିଛୁ, ତାହାରି ଉପରେହିଁ ତା'ଠାରୁ ଅନେକ ଅଧିକ ପରିମାଣରେ ନିର୍ଭର କରିବ । ଏହି ସତ୍ୟଟି ଅତ୍ୟନ୍ତ ସ୍ପଷ୍ଟ ହୋଇଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ଆମେ ଏଇଟି ବିଷୟରେ ବେଶ୍ ବିସ୍ମୃତ ହୋଇ ରହିଯାଇଥାଉ । ସେହି ସତ୍ୟଟିର ବର୍ତ୍ତମାନ ମୁହୂର୍ତ୍ତଟିରେ କି ଭଳି ତାତ୍ପର୍ଯ୍ୟ ରହିଛି, ଏକ ଭୂମିକାର ମାଧ୍ୟମରେ ସେହି ବିଷୟରେ ଦୁଇପଦ କଥା କହିବା ଏଠାରେ କଦାପି ଅବାନ୍ତର ହେବ ନାହିଁ ।

ଆମେ ବର୍ତ୍ତମାନ ଯେଉଁ ଯୁଗଟିରେ ବାସ କରୁଛୁ, ତାହାର କେତେକ ବିଶେଷ ସ୍ୱଭାବ ରହିଛି, ସେହି ସ୍ୱଭାବଟି ନାନା ସଙ୍କଟଆଡ଼କୁ ଅଙ୍ଗୁଳିନିର୍ଦ୍ଦେଶ କରି ଦେଉଛି, ଏବଂ ସେଇଥି ସକାଶେହିଁ ଆମର ବର୍ତ୍ତମାନ ପରିସ୍ଥିତିଟି ମଧ୍ୟ ଏପରି ଜଟିଳ ହୋଇ ରହିଛି । ଏହି ଯୁଗଟି ହେଉଛି ବିପୁଳ ତଥା ସବେଗ ନାନା ପରିବର୍ତ୍ତନର ଗୋଟିଏ ଯୁଗ; ଏହି ପରିବର୍ତ୍ତନଗୁଡ଼ିକ ଏତେବେଶୀ ବେଗର ସହିତ ହେବାରେ ଲାଗିଛି ଯେ ସେଗୁଡ଼ିକ ମଧ୍ୟରେ ବାସ କରୁଥିବା ଆମଭିତରୁ ଖୁବ୍ ଅଳ୍ପସଂଖ୍ୟକ ବ୍ୟକ୍ତିହିଁ ସେଗୁଡ଼ିକର ସକଳ

---

* ଏହି ସଂସ୍କରଣରେ ଏକ ପଞ୍ଚମ ପ୍ରବନ୍ଧ ''ଯୁଦ୍ଧ ପରେ'' ଯୋଡ଼ି ଦିଆଯାଇଛି ।

'oaob.nitrkl.ac.in' images reprocessed

ଭାରଟିକୁ କରଗତ କରି ପାରିବାକୁ ଆଶା କରି ପାରୁଛନ୍ତି, ସେଗୁଡ଼ିକର ଗଭୀରତମ ମର୍ମାର୍ଥଗୁଡ଼ିକୁ ବୁଝି ପାରୁଛନ୍ତି ବା ସେଗୁଡ଼ିକର ସମ୍ଭାବ୍ୟ ପରିଣାମ ବିଷୟରେ ନିରାପଦ ଭାବରେ କୌଣସି ନିଶ୍ଚିତ କଳ୍ପନା କରି ପାରୁଛନ୍ତି । ଆମର ଚତୁର୍ଦ୍ଦିଗରେ କେତେକେତେ ଆଶା ଆମକୁ କେତେ ଭାବରେ ପ୍ରେରିତ କରି ରଖିଛି, ଆମର ଦୃଷ୍ଟିପଥକୁ ଉଚ୍ଚ ଓ ବୃହତ୍ କେତେ କେତେ ଆଦର୍ଶ ଗହଳ କରି ରଖିଛି, ଆମର ଏହି କ୍ଷେତ୍ରଟିରେ ବିରାଟ କେତେକେତେ ଶକ୍ତି କାର୍ଯ୍ୟ କରିବାରେ ଲାଗିଛନ୍ତି । ଏହି ଯୁଗଟିକୁ ଆମେ ମନୁଷ୍ୟଜାତିର ଜୀବନରେ ସେହି ବିରାଟ ସଙ୍କଟମୟ ମୁହୂର୍ତ୍ତଗୁଡ଼ିକ ମଧ୍ୟରୁ ଗୋଟିଏ ବୋଲି କହିବା, ଯେତେବେଳେ କି ସବୁକିଛି ପରିବର୍ତ୍ତନ ଆଡ଼କୁ ଧାବିତ ହେବାରେ ଲାଗିଛି, ସବୁକିଛି ପୁନର୍ଗଠିତ ହେବାକୁ ବାହାରିଛି । ଭବିଷ୍ୟତର ଆଦର୍ଶଗୁଡ଼ିକ, ବିଶେଷତଃ ସ୍ୱାଧୀନତା, ସମତା, ସାଧାରଣ ଜନଗଣ ତଥା ଏକତାର ଆଦର୍ଶଗୁଡ଼ିକ ଆଗରୁ ଯେପରି କେବଳ ଏକ ଆଧ୍ୟାତ୍ମିକ ଜୀବନକ୍ଷେତ୍ରରେ ଏକ ସୀମାବଦ୍ଧ ପରିସରକୁ ଆଦରି ରହି ଆସିଥିଲେ, ତାହା ମଧ୍ୟରୁ ସେଗୁଡ଼ିକ ବାହାରି ଆସିବାକୁ ଇଚ୍ଛା କରୁଛନ୍ତି ଏବଂ ମନୁଷ୍ୟଜାତିର ଜୀବନକ୍ଷେତ୍ରରେହିଁ କ୍ରିୟାନ୍ୱିତତାର ଏକ ଯଥାର୍ଥ ଆତ୍ମା ଏବଂ ମୂର୍ତ୍ତ ରୂପ ଲାଭ କରିବା ଦିଗରେ ଏକ ପ୍ରଥମ ପଦକ୍ଷେପର ଅନ୍ତର୍ଭୁକ୍ତ ହୋଇ ରହିବାକୁ ଦାବି କରୁଛନ୍ତି । ମାତ୍ର ଏହିଭଳି ଯେକୌଣସି ଚରିତାର୍ଥତା ବିରୋଧରେ କେତେକେତେ ଶକ୍ତିଶାଳୀ ବାଧା ସଜ୍ଜିତ ହୋଇ ରହିଛନ୍ତି, ଏବଂ ଏଗୁଡ଼ିକ ମଧ୍ୟରୁ ସବୁଠାରୁ ବଡ଼ ବାଧା ବା ପ୍ରତିବନ୍ଧକଟି ଆଉ କେଉଁଠୁ ବାହାରୁ ଆସୁ ନାହିଁ, ତାହା ଆମ ଭିତରୁହିଁ ଆସୁଛି । କାରଣ ସେଗୁଡ଼ିକ ମନୁଷ୍ୟଜାତିର ପୂର୍ବ ସ୍ୱଭାବଟିର ସେହି ପୁରାତନ ଓ ଚିରାଭ୍ୟସ୍ତ ନାନା ଆବେଗ ଏବଂ ଅନମନୀୟ ଓ ଅଦମ୍ୟ ଅସ୍ୱୀକୃତିଟି ବ୍ୟତୀତ ଆଉ କିଛି ନୁହେଁ; ଆପଣାର ନିତ୍ୟନୈମିତ୍ତିକ ମନଟିକୁ ସିଏ ଯେପରି ଅହଂପ୍ରେରିତ, ପ୍ରାଣିକ ଏବଂ ଭୌତିକ ସ୍ୱାର୍ଥ ତଥା ମହତ୍ତ୍ୱାକାଂକ୍ଷା-ଗୁଡ଼ିକ ପାଖରେ ସମ୍ପୂର୍ଣ୍ଣ ଭାବରେ ଅଧୀନ କରି ରଖିଦେଇଛି, ସେଇଟି ବ୍ୟତୀତ ସେହି ପ୍ରତିବନ୍ଧକଗୁଡ଼ିକ ଆଉ କିଛି ନୁହେଁ । ତା'ର ସେହି ଆଗ୍ରହ ଓ ଉଚ୍ଚାଶାମାନ ତାକୁ ପରସ୍ପର ସହିତ ଏକତ୍ର ସମ୍ମିଳିତ କରି ନ ଆଣି ଅଧିକରୁ ଅଧିକ ଦ୍ୱନ୍ଦ୍ୱ ଏବଂ ବିସଙ୍ଗତି ଭିଆଇବାରେ ଲାଗିଛନ୍ତି; ତା'ର ତଥାକଥିତ ବ୍ୟାବହାରିକ ବିବେକଶକ୍ତିର ସତ୍ୟାଭାସଗୁଡ଼ିକ କେବଳ ଉପସ୍ଥିତ ଆଜି ବା କାଲି ଦିନଟିର ସମ୍ଭାବନାଗୁଡ଼ିକୁହିଁ ଦେଖି ପାରୁଛନ୍ତି, ମାତ୍ର ତା'ପରଦିନ କ'ଣ ଘଟିବ ବା ନ ଘଟିବ, ସେଥିଲାଗି ଆଖି ବୁଜିଦେଇ ବସିଛନ୍ତି । ମନୁଷ୍ୟ-ଭିତରେ ଛଳନା ଓ ମିଛଛଳନାର କେତେକେତେ ସଂସ୍କାର ରହିଛି, ଯାହାକି ମନୁଷ୍ୟଗୋଷ୍ଠୀ ଓ ମନୁଷ୍ୟ-ଜାତିମାନଙ୍କ ଉପରେ ଏକ ସୁଦୃଶ୍ୟ ଓ ଆକର୍ଷକ ଆଦର୍ଶବାଦର ଛଳ ମେଲିଦେଇ ତାହାରି ତଳେ କେବଳ ନିଜନିଜର ସ୍ୱାର୍ଥଟିର ଅନୁଧାବନ ଓ ଅନୁଶୀଳନ କରିବାକୁହିଁ

'oaob.nitrkl.ac.in' images reprocessed

ଅଧିକ ପ୍ରେରଣା ଦେବାରେ ଲାଗିଛି । ରାଜନୀତି ଭିତରେ ରହିଥିବା ବ୍ୟକ୍ତିମାନଙ୍କର କୂଟନୈତିକ କପଟଚାରଣ ଫଳରେ ଏହି ସଂସ୍କାର ବା ଅଭ୍ୟାସଟି କେବଳ ଆଂଶିକ ଭାବରେ ତିଆରି ହୋଇଛି ସତ, ମାତ୍ର ତା'ଠାରୁ ଅନେକ ଅଧିକ ପରିମାଣରେ ପ୍ରାୟ ସବୁଠାରେ ଦେଖିବାକୁ ମିଳୁଥିବା ଏକ ଅର୍ଦ୍ଧ-ସ୍ୱେଚ୍ଛାକୃତ ଆତ୍ମପ୍ରବଞ୍ଚନା ଦ୍ୱାରାହିଁ ତିଆରି ହୋଇଛି; ଏବଂ, ପରିଶେଷରେ, ଆହୁରି ଅଧିକ ଅନ୍ଧଭାବରେ କେତେକେତେ ଅତୃପ୍ତ ବାସନାଶକ୍ତି ଏବଂ ଅଶୋଧିତ ଅପୂର୍ଣ୍ଣ କେତେକେତେ ଆଦର୍ଶବାଦ,— ବଲ୍‌ଶେଭିଜ୍‌ମ୍‌ର ଆଦର୍ଶଟିକୁ ଏହାରି ମଧ୍ୟରେହିଁ ସୁମାରି କରାଯିବ,— ଆସି ବନ୍ୟା ପରି ମନୁଷ୍ୟର ଜୀବନକ୍ଷେତ୍ରରେ ପ୍ରବେଶ କରୁଛି ଏବଂ ଏହିଭଳି ଏକ ଯୁଗରେ ଯେଉଁସବୁ ଅଶାନ୍ତି ଓ ଅସନ୍ତୋଷ ରହିଛି, ସେଇଥିରୁ ଯାବତୀୟ ପ୍ରକାରର ଫାଇଦା ଉଠାଇବାରେ ଲାଗିଛି ଓ ବେଶ୍ କେତେ ସମୟ ଲାଗି ମନୁଷ୍ୟସମାଜର ଜୀବନକୁ କବଳିତ କରି ନେଉଛି । ଆଜି ଏହିଗୁଡ଼ାକହିଁ ଆମର ଚତୁର୍ଦ୍ଦିଗରେ ଅତ୍ୟନ୍ତ ପ୍ରବଳ ହୋଇ ରହିଛନ୍ତି ଏବଂ ଆମର କୌଣସି ଉଦ୍ୟମ ଉଚିତ ଭାବନାଟି ଦ୍ୱାରା ଆଦୌ ଅନୁପ୍ରେରିତ ହୋଇପାରୁ ନାହିଁ ଅଥବା ଏଥି ମଧ୍ୟରୁ କୌଣସି ଯଥାର୍ଥ ମାର୍ଗର ମଧ୍ୟ ବିକାଶ କରି ଆଣିପାରୁ ନାହିଁ । ଆମର ଯେଉଁ ଆଧୁନିକ ମନଟି ଭୌତିକ ବିଜ୍ଞାନର ଯାବତୀୟ ବିଜୟ ଦ୍ୱାରା ସନ୍ଦୀପିତ ହେବା ସଙ୍ଗେ ସଙ୍ଗେ ସେଗୁଡ଼ିକ ଦ୍ୱାରା ଠିକ୍ ସମାନଭାବରେ ଅନ୍ଧ ବି ହୋଇ ରହିଛି, ତାହା ଆମକୁ ବାରବାର ଯେଉଁ ଗୋଟିଏ ବୋଲି ବାଟ ଦେଖାଇବାରେ ଲାଗିଛି, ତାହା ଆମକୁ ଯନ୍ତ୍ରବ୍ୟବସ୍ଥାଗୁଡ଼ାକରେ ବୃଦ୍ଧିସାଧନ କରି ତାହାରି ଦ୍ୱାରା ମୁକ୍ତିଲାଭ କରିବାର ସେହି ପାଶ୍ଚାତ୍ୟ ସମାଧାନଟିକୁହିଁ ବାଢ଼ିଦେବାରେ ଲାଗିଛି । ଉଚିତ ଯନ୍ତ୍ରଟି ଉପରେ ଅଧିକାର ଲାଭ କରିପାରିଲେ ଆମେ ସବୁକିଛି ସାଧ କରିଦେଇ ପାରିବା ବୋଲି ତାହା ଆମକୁ ମନ୍ତ୍ରଣା ଦେଉଛି,— ଆଧୁନିକ ମତ ବା ବିଶ୍ୱାସ କହିଲେ ଏବେ ସତେଅବା କେବଳ ଏତିକି ବୁଝାଇବାକୁ ଆରମ୍ଭ କଲାଣି । ମାତ୍ର କୌଣସି ଆମେରିକାନ୍ ଫ୍ୟାକ୍ଟରୀ ଭିତରେ ଅର୍ଡ଼ର ଦେଇ ଆମେ କଦାପି ମନୁଷ୍ୟଜାତିର ନିୟତିଗୁଡ଼ିକୁ ତିଆରି କରିପାରିବା ନାହିଁ । ଏଇଟି ହେଉଛି ତା'ଠାରୁ ଏକ ଅଧିକ ସୂକ୍ଷ୍ମ ବସ୍ତୁ ଏବଂ ତାହାହିଁ ବର୍ତ୍ତମାନ ଆମ ସମ୍ମୁଖରେ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ସମସ୍ୟା ହୋଇ ରହିଛି, ଏବଂ ଆମେ ନିଜର ବୋଲି କହିବାରେ ଲାଗିଥିବା ବସ୍ତୁଗୁଡ଼ିକ ମଧ୍ୟରେ ରହିଥିବା ଅସଲ ଭାବଟି ଯଦି ଉଚିତ ସ୍ଥାନରେ ନ ଥାଏ ଅଥବା କୌଣସି ମିଥ୍ୟାର ସଂଚରଣ ଫଳରେ ସେଇଟି ବିକୃତ ହୋଇପଡ଼େ, ତେବେ କୌଣସି ପଦ୍ଧତି ଅଥବା କୌଣସି ଯନ୍ତ୍ର ଆମ ଲାଗି ସେହି ଭାବଗୁଡ଼ିକୁ ତିଆରି କରିଦେଇ ପାରିବ ନାହିଁ ଏବଂ ଇପ୍ସିତ ବସ୍ତୁଗୁଡ଼ିକୁ ଆମ ପାଖରେ ଆଣି ଦେଇଯିବ ନାହିଁ । ବିଜ୍ଞାନର ଅନୁସରଣ କରୁଥିବା ଓ ଶିଳ୍ପୋଦ୍ୟୋଗରେ ବ୍ୟାପୃତ ରହିଥିବା ଆଧୁନିକ

'oaob.nitrkl.ac.in' images reprocessed

ମନ ଠିକ୍ ଏହି ସତ୍ୟଟିକୁହିଁ ବିସ୍ମରି ରହିଛି, କାରଣ ତାହା କେବଳ ପ୍ରକ୍ରିୟାଟିକୁ ଦେଖୁଛି, ପଣ୍ୟଗୁଡ଼ାକୁ ଦେଖୁଛି ଓ ଉତ୍ପାଦନକୁ ଦେଖୁଛି, ମାତ୍ର ମଣିଷ ଭିତରେ ରହିଥିବା ଭାବାତ୍ମାଟିକୁ ପାସୋରି ଦେଉଛି, ତା' ସଭାକୁ ପରିଚାଳିତ କରି ନେଉଥିବା ଗଭୀରତର ଅନ୍ତର୍ଗତ ଅର୍ଥଟିକୁ ଅବହେଳା କରିରଖିଛି ।

ଯୁଦ୍ଧର ବିଲୋପସାଧନ ହେଉଛି ଏହି ଯୁଗର ଏକ ଇପ୍ସିତ ଏବଂ ପ୍ରତ୍ୟାଶିତ ଆଦର୍ଶ । ମାତ୍ର ଏହି ଅଭିଳାଷଟିର ମୂଳରେ ପ୍ରକୃତରେ ଆମର କେଉଁ ପ୍ରେରଣାଟି କାର୍ଯ୍ୟ କରୁଛି ? ହୃଦୟ ହୃଦୟ ଭିତରେ ଆହୁରି ଅଧିକ ଏକତା ରହିବ, ସହାନୁଭୂତି ରହିବ, ଜନଗଣ ଏବଂ ଜାତିସମୂହଙ୍କ ମଧ୍ୟରେ ଅଧିକ ବୁଝାମଣା ରହିବ, ଜାତି ଜାତି ମଧ୍ୟରେ ରହିଥିବା ଘୃଣା, ପ୍ରଲୁବ୍ଧତା, ଉଚ୍ଚାଶାକୁ ଅପସାରିତ କରିଦେଇ ପାରିବା ଲାଗି ଏକ ସୁସ୍ଥିର ଦୃଢ଼ ଇଚ୍ଛା ରହିବ, ଅର୍ଥାତ୍ ଯାବତୀୟ ସଂଘର୍ଷ ଏବଂ ସମରର ଉର୍ବର ବୀଜଗୁଡ଼ିକୁ ଦୂର କରିଦେବାର ତୀବ୍ର ଇଚ୍ଛାଟି ରହିଥିବ,– ସେହି ଅଭିଳାଷଟି ପଛରେ ପ୍ରକୃତରେ ଏହିସବୁ ପ୍ରେରଣା କାର୍ଯ୍ୟ କରୁଛି କି ? ଯଦି ତାହାହିଁ ହୋଇଥାଏ, ତେବେ ସେବିଷୟରେ ଆଉ କିଛିହେଲେ ଭାବିବାକୁ ପଡ଼ିବ ନାହିଁ ଏବଂ ଆମ ଉଦ୍ୟମରେ ସୁନିଶ୍ଚିତ ଭାବରେ ଅଭିଳଷିତ ସିଦ୍ଧିଟି ମଧ୍ୟ ମିଳିଯିବ । ମାତ୍ର ଏଠାରେ ଯେଉଁ ଗଭୀର ଅନ୍ତର୍ଭାବଟିର କଥା କୁହାଗଲା, ତାହାର କିୟଦଂଶ ହୁଏତ ଆମର ମନୋଭାବର କ୍ଷେତ୍ରଟିରେ ଥାଇପାରେ, ମାତ୍ର ପ୍ରକୃତ କାର୍ଯ୍ୟକ୍ଷେତ୍ରରେ ଏହାର ଖୁବ୍ କମ୍ ଅଂଶ ରହିଛି ଏବଂ ଆମ ଜୀବନର ସର୍ବପ୍ରଧାନ ଉତ୍ପ୍ରେରକ ଶକ୍ତିଟି ମଧ୍ୟରେ ବି ତାହା ତଥାପି ଖୁବ୍ କମ୍ ପରିମାଣରେ ରହିଛି । ବୃହତ୍ତର ଜନସାଧାରଣଙ୍କ ଲାଗି ସେହି ଅଭିଳାଷଟି କହିଲେ ବରଂ କାମ କରି ଧନ କମାଇ ସହଜରେ ଧନ ଗଚ୍ଛିତ କରି ରଖିବାକୁ ବୁଝାଉଛି, ନିରାପଦ ହୋଇ ରହିବାକୁ ବୁଝାଉଛି, ଯୁଦ୍ଧପ୍ରଭୃତି ଦ୍ୱାରା କୌଣସି ପ୍ରକାରେ ବାଧାପ୍ରାପ୍ତ ନ ହୋଇ ଏହିପରି ଏକ ଜୀବନ ବଞ୍ଚିବାକୁ ବୁଝାଉଛି । ଯେଉଁମାନେ ଦେଶର ନୀତି ନିର୍ଦ୍ଧାରଣ କରୁଛନ୍ତି ଓ ଶାସକ ହୋଇ ରହିଛନ୍ତି, ଅତୀତର ଉପାର୍ଜନଗୁଡ଼ିକୁ ସୁରକ୍ଷିତ କରି ରଖିବା ଲାଗି ଯେଉଁ ଶାନ୍ତି ଏବଂ ନିରାପତ୍ତା ଦରକାର, ଅଭିଳାଷଟି ଦ୍ୱାରା ସେମାନେ ପ୍ରାୟ ସେତିକି ବୁଝୁଛନ୍ତି । ପୃଥିବୀକୁ ସେମାନେ ଯେପରି ନିଜର ଅଧୀନରେ ରଖିଛନ୍ତି, ତାହାକୁ ଆପଣାର କାର୍ଯ୍ୟରେ ଲଗାଉଛନ୍ତି, ବଡ଼ ବଡ଼ ଦୃଢ଼ ସଂଗଠିତ ସାମ୍ରାଜ୍ୟାଧିକାରୀ ଓ ଉଦ୍ୟୋଗପତି ଜାତିମାନେ ଯୁଦ୍ଧର ବିଲୋପସାଧନ କହିଲେ ସେହି ଅବସ୍ଥାଟିକୁହିଁ କାୟମ କରି ରଖିବା ବୋଲି ଭାବୁଛନ୍ତି; କୌଣସି ପ୍ରକାର ନୂତନ ଅପରିତୃପ୍ତ ଇଚ୍ଛା ବା କ୍ଷୁଧା ଆବିର୍ଭୂତ ହୋଇ ଯେପରି ହିଂସାତ୍ମକ ଅଶାନ୍ତି, ବିଦ୍ରୋହ ଓ ବିପ୍ଳବ ପ୍ରଭୃତି ଅଶାନ୍ତ ଅବସ୍ଥାର ସୃଷ୍ଟି ନ କରେ, ପ୍ରଧାନତଃ ସେଇଥିଲାଗି ସେମାନେ ଯୁଦ୍ଧର ଅବସାନ ଇଚ୍ଛା କରୁଛନ୍ତି । ଏକ ସମୟରେ ଏପରି ଆଶା କରା ଯାଉଥିଲା ଯେ

'oaob.nitrkl.ac.in' images reprocessed

ଯୁଦ୍ଧ ଦିନେ ସ୍ୱୟଂ ଅସମ୍ଭବ ହୋଇପଡ଼ିବ ଓ ତେଣୁ ଆପେ ଆପେ ବିଲୁପ୍ତ ହୋଇଯିବ; ମାତ୍ର କେତେ ଆନନ୍ଦଦାୟକ ସେହି ସମୂହ ସମାଧାନଟି ପଛରେ ଏବେ ଆଉ କାହାରି ପ୍ରତ୍ୟୟ ନାହିଁ । ମାତ୍ର ଏବେ ଆଶା କରାଯାଉଛି ଯେ ଯୁଦ୍ଧରେ ବିଜୟଲାଭ କରିଥିବା ଦେଶମାନଙ୍କର ଗୋଟିଏ ଲୀଗ୍ ଗଢ଼ି ସେହି ସଂଗଠନଟି ଦ୍ୱାରା ଯୁଦ୍ଧକୁ ବାହାର କରି ଦିଆଯାଇ ପାରିବ; ଏହି ଲୀଗ୍‌ରେ ଅନ୍ୟମାନେ ମଧ୍ୟ ରହିବେ, ଅଧସ୍ତନ ସଦସ୍ୟରୂପେ ଅଥବା ଆଶ୍ରିତରୂପେ ରହିବେ; କେତେକ ଇଚ୍ଛା କଲେ ରହିବେ, ଆଉ କେତେକ ଇଚ୍ଛା କରୁଥିଲେ ବା ନ କରୁଥିଲେ ମଧ୍ୟ ରହିବେ । ଏହି ନ୍ୟାୟୋଚିତ ଏବଂ ଅଦ୍‌ଭୁତ ବ୍ୟବସ୍ଥାଟିର ଯାଦୁବଳରେ ଏକତ୍ର ବସି ପରାମର୍ଶ କରୁଥିବା ରାଷ୍ଟ୍ରନୀତିଜ୍ଞ ତଥା ରାଷ୍ଟ୍ରଶାସକମାନଙ୍କର ବୁଦ୍ଧି ଏବଂ ସଦିଚ୍ଛା ଜନସାଧାରଣଙ୍କର ବୁଦ୍ଧି ଏବଂ ସଦିଚ୍ଛାର ସମର୍ଥନ ଲାଭ କରି ଯାବତୀୟ ସ୍ୱାର୍ଥକୁ ସଂଯୁକ୍ତ କରି ରଖିପାରିବ, ସେଗୁଡ଼ିକୁ ପରସ୍ପର ସହିତ ଖାପ ଖୁଆଇ ରଖିପାରିବ, ସମସ୍ୟାଗୁଡ଼ିକର ସମାଧାନ କରିପାରିବ ଅଥବା ସେଗୁଡ଼ିକୁ ଏଡ଼ାଇ ରଖିପାରିବ, ସ୍ୱାଭାବିକ ପରିଣାମ ଅର୍ଥାତ୍ ଜାତିସ୍ତରୀୟ ଯାବତୀୟ ସ୍ୱାର୍ଥପରତା ଏବଂ ଉଗ୍ର ବାସନାଗୁଡ଼ିକରୁ ଉପୁଜୁଥିବା ଅବଶ୍ୟମ୍ଭାବୀ କର୍ମଟିକୁ ଅଟକାଇ ରଖିପାରିବ ଏବଂ ବର୍ତ୍ତମାନ ରହିଥିବା ଅରାଜକତାଟି ମଧ୍ୟରୁ ଅନ୍ତର୍ଜାତୀୟ ବ୍ୟବସ୍ଥା, ଅନ୍ତର୍ଜାତୀୟ ନିରାପତ୍ତା, ଅନ୍ତର୍ଜାତୀୟ ଶାନ୍ତି ଏବଂ ଅନ୍ତର୍ଜାତୀୟ କଲ୍ୟାଣର ସୁନ୍ଦର ତଥା ଚମତ୍କାର ଭାବରେ ଖଞ୍ଜାହୋଇ ରହିଥିବା ବିଶ୍ୱ-ବ୍ୟବସ୍ଥାଟିଏ ବିକଶିତ କରି ଆଣିପାରିବ । ଚକ ଆଉ ସ୍ପ୍ରିଙ୍ଗ୍ ଲାଗି ଗଢ଼ା ହୋଇଥିବା ଯନ୍ତ୍ରଟି ଚାଲିଥିବ, ଆମେ ତାହାର ଛିଦ୍ରଟି ମଧ୍ୟରେ ଆମର ଚମତ୍କାର ବକ୍ତବ୍ୟ ଏବଂ ଯାହା ତାହା ସୁ-ଅଭିପ୍ରାୟର ପଇସାଗୁଡ଼ିକୁ ନେଇ ଗଳାଇ ଦେଉଥିବା ଏବଂ ତା'ପରେ ସବୁ ଯେମିତି ଚାଲିବା କଥା ନିଶ୍ଚୟ ଚାଲିଥିବ,— ଏହି କ୍ଷେତ୍ରରେ ଏହିଭଳି ଏକ ସିଦ୍ଧାନ୍ତ କାର୍ଯ୍ୟ କରୁଥିଲା ପରି ମନେ ହେଉଛି । ମାତ୍ର ଅନେକ ସମୟରେ ନରକର ଚଟାଣଟି ମଧ୍ୟ ଠିକ୍ ଏହିପରି ଅତି ଚମତ୍କାର ବକ୍ତବ୍ୟ ଓ କର୍ଣ୍ଣମଧୁର ସୁ-ଅଭିପ୍ରାୟଗୁଡ଼ିକ ଦ୍ୱାରା ତିଆରି ହୋଇ ରହିଥାଏ; ଏବଂ ଏପରି ହେବାର କାରଣ ହେଉଛି ଯେ, ମନୁଷ୍ୟର ଉନ୍ନତତର ବୁଦ୍ଧି ଏବଂ ଇଚ୍ଛାଟି ହୁଏତ ପ୍ରକୃତି ମଧ୍ୟରେ ଏକ ଆଶାଦାୟକ ବସ୍ତୁ ହୋଇ ରହିଥିଲେ ମଧ୍ୟ ସେଗୁଡ଼ିକ କଦାପି ଆମର ସମଗ୍ର ମନୁଷ୍ୟ-ପ୍ରକୃତିରେ ପରିଣତ ହୋଇ ନ ଥାଏ । ଆମ ଭିତରେ ଓ ପୃଥିବୀରେ ଆହୁରି ଅନ୍ୟ ଓ ଅଧିକ ଦୁର୍ଦ୍ଧର୍ଷ ବସ୍ତୁ ମଧ୍ୟ ରହିଥାଏ, ଏବଂ ସେଗୁଡ଼ିକୁ ମଧ୍ୟ ବାଟ ଛାଡ଼ିଦେବାକୁ ଯଦି ଆମେ ସେଗୁଡ଼ିକୁ ନେଇ ଖେଳିବାରେ ଲାଗିଯାଉ ବା ଆମ ବୁଦ୍ଧି ଏବଂ ଭାବର ମୁଖାଗୁଡ଼ିକୁ ନେଇ ସେଗୁଡ଼ିକୁ ପିନ୍ଧାଇଦେବାକୁ ମନ କରୁ,— ଦୁର୍ଭାଗ୍ୟବଶତଃ ଏପରି କରିବା ଲାଗି ଆମର ସବୁଯାକ ଅଭ୍ୟାସ ରହିଛି ଏବଂ ରାଜନୀତିର ଖେଳରେ ତାହାହିଁ ତଥାପି ବୃହତ୍ତର ଭାଗଟି ହୋଇ ରହିଛି,— ତେବେ ତାହାର ପରିଣାମ

'oaob.nitrkl.ac.in' images reprocessed

କ'ଣ ହେବ ସେକଥା ଯିଏକେହି ଅନୁମାନ କରିନେଇ ପାରିବ । ଯେତେ କଷ୍ଟକର ହେଲେ ମଧ୍ୟ ଆମେ ଇଚ୍ଛା କଲେ ଯୁଦ୍ଧ ଏବଂ ହିଂସାତ୍ମକ ବିପ୍ଳବର ନିଶ୍ଚୟ ଅବସାନ ଘଟାଇ ପାରିବା, ମାତ୍ର ଏଥିଲାଗି ଗୋଟିଏ ସର୍ତ୍ତ ରହିବ ଯେ ଯୁଦ୍ଧର ଯେତେ ଯାହା ଅନ୍ତର୍ଗତ କାରଣ ରହିଛି, ଆମେ ସେଗୁଡ଼ିକରୁ ନିଜକୁ ମୁକ୍ତ କରିଆଣିବା, ସଫଳ ଅନ୍ୟାୟର ଯେଉଁ ଅବଶ୍ୟମ୍ଭାବୀ ଫଳଗୁଡ଼ିକ ସତତ ସଞ୍ଚିତ ହେବାରେ ଲାଗିଛି ଓ ଯାହାର ସ୍ୱାଭାବିକ ପ୍ରତିକ୍ରିୟା ରୂପେହିଁ ହିଂସାତ୍ମକ ବିପ୍ଳବଗୁଡ଼ିକ ଜନ୍ମଲାଭ କରୁଛି, ଆମକୁ ସେଥିରୁ ମଧ୍ୟ ମୁକ୍ତ କରି ଆଣିବା । ତା' ନ ହେଲେ କେବଳ ଏକ କୃତ୍ରିମ ଶାନ୍ତିର ଭ୍ରମଦୁଷ୍ଟ ପର୍ଯ୍ୟାୟ ବ୍ୟତୀତ ଯେତେଯାହା ହେଲେ ମଧ୍ୟ ଆମକୁ ଆଉ କିଛି ମିଳିପାରିବ ନାହିଁ । ଅତୀତରେ ଯାହାକିଛି ରହିଥିଲା, ତାହାରି ବୀଜଗୁଡ଼ିକ ବର୍ତ୍ତମାନର ଭୂମିରେ ମଧ୍ୟ ସେହିପରି ବୁଣାହେବାରେ ଲାଗିଥିବ ଏବଂ ଭବିଷ୍ୟତରେ ମଧ୍ୟ ବାରବାର ଆମ ଉପରକୁ ଲେଉଟି ଆସୁଥିବ ।

ମନୁଷ୍ୟ ପାଖରେ ଯେଉଁ ବୁଦ୍ଧିବିଶିଷ୍ଟ ମନଟି ରହିଛି, ବୁଦ୍ଧିଗତ ଯେଉଁ ସର୍ବୋତ୍ତମ ବିବେକଟି ରହିଛି ଅଥବା ତା' ପାଖରେ ଯେଉଁ ବିଜ୍ଞାନ ରହିଛି, କେବଳ ସେହିଗୁଡ଼ିକହିଁ କଦାପି ଆମ ଭବିଷ୍ୟତଟିର ନିର୍ଦ୍ଧାରଣ କରିଦେଇ ପାରିବେ ନାହିଁ । ଏହି ବିଶ୍ୱବ୍ୟବସ୍ଥାରେ ସୌଭାଗ୍ୟକ୍ରମେ ଏକ ବୃହତ୍ତର ଅଦୃଶ୍ୟ ଶକ୍ତି ବିଦ୍ୟମାନ ରହିଛନ୍ତି, ଯିଏ କି କେବଳ ଆମ ବିଚାର ଓ ଆମ ଉଦ୍ୟମ ଲାଗି ଯାବତୀୟ ଛାଞ୍ଚ ଓ ପରିବେଶଗୁଡ଼ିକୁ ଆଣି ଯୋଗାଇ ଦେଉ ନାହାନ୍ତି, ମାତ୍ର ସେହି ବିଚାର ଓ ଉଦ୍ୟମଗୁଡ଼ିକ ଦ୍ୱାରାହିଁ ଏବଂ ଏହି ପରିବେଶଗୁଡ଼ିକର ବିଧାନଟି ଦ୍ୱାରା ଏଠି ଯାହାକିଛି ଅଛି, ସେଇଥିରୁ ଯାହା ହେବାକୁ ଅଭିପ୍ରେତ ହୋଇ ରହିଛି, ସେଇଟିକୁ ବିକଶିତ କରାଇ ଆଣୁଛନ୍ତି । ସେହି ଅଦୃଶ୍ୟ ଶକ୍ତିକୁ ଆମେ ବିଶ୍ୱମୟ ପରମ-ଇଚ୍ଛା ବୋଲି କହିପାରିବା, ବା ଇଚ୍ଛା କଲେ ବିଶ୍ୱମୟ ପରମ-ଶକ୍ତି ଓ ପରମ-ବିଧାନ ବୋଲି ବି କହିପାରିବା । ଆମର ବୁଦ୍ଧି ଆମକୁ ଯେତିକି ଯାହା ଉପାୟ ବା ବାଟ ବତାଇ ଦେଉଛି, ଆମ ବୁଦ୍ଧି ଭିତରେ । ଯେତିକି ସତ୍ୟ ଅଥବା କାଳ୍ପନିକତା ରହିଛି, କେବଳ ସେହିଗୁଡ଼ାକ ଅନୁସାରେହିଁ ଉକ୍ତ ଶକ୍ତି ଆମକୁ ନେଇ କାର୍ଯ୍ୟ କରୁ ନାହିଁ, ମାତ୍ର ମଣିଷସବୁ ଭିତରେ ଯେଉଁ ଅସଲ ସତ୍ୟ ରହିଛି ଏବଂ ତାହାର ଯାବତୀୟ କାର୍ଯ୍ୟର ପଛରେ ଯେଉଁ ପ୍ରକୃତ ଆତ୍ମା ଓ ତାତ୍ପର୍ଯ୍ୟଟି ରହିଛି, ଅଧିକତର ପରିମାଣରେ ସେହି ଶକ୍ତି ବରଂ ତାହାରି ଅନୁସାରେହିଁ କାର୍ଯ୍ୟ କରୁଛି । ଭଗବାନଙ୍କୁ ଆମେ କୌଣସି ପ୍ରକାରେ ବଞ୍ଚନା କରିବା ନାହିଁ ବୋଲି ଶାସ୍ତ୍ରରେ କୁହାଯାଇଛି । ଆଧୁନିକ ମନ ଭଗବାନଙ୍କୁ ବିଶ୍ୱାସ କରୁ ନାହିଁ, ମାତ୍ର ପ୍ରକୃତିକୁ ବିଶ୍ୱାସ କରୁଛି : ମାତ୍ର ପ୍ରକୃତିକୁ ମଧ୍ୟ ଆମେ କୌଣସି ପ୍ରକାରେ କଦାପି ବଞ୍ଚନା କରିବା ନାହିଁ । ପ୍ରକୃତି ଆପଣାର ବିଧାନଗୁଡ଼ିକୁ ବଳବତ୍ତର

'oaob.nitrkl.ac.in' images reprocessed

କରି ରଖିଛି, ଯାହାକିଛି ପ୍ରକୃତରେ ଅଛି, ସେଇଟିରୁହିଁ ପ୍ରକୃତି ଆପଣାର ପରିଣାମଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଲାଗିଛି ଏବଂ ଆମେ କୌଣସି କାର୍ଯ୍ୟରେ ଯେଉଁ ଶକ୍ତିଟିକୁ ଲଗାଉଛୁ, ତାହାରି ପ୍ରକୃତ ଭାବ ଏବଂ ସ୍ୱଭାବଟିରୁହିଁ ପ୍ରକୃତି ପରିଣାମଗୁଡ଼ିକୁ ତିଆରି କରି ଚାଲିଛି । ଏବଂ ବର୍ତ୍ତମାନ ବିଶେଷ କରି ଆମେ ଏପରି ଗୋଟିଏ ଯୁଗ ଦେଇ ଗତି କରୁଛୁ, ଯେତେବେଳେ ମନୁଷ୍ୟଠାରୁ ଅତ୍ୟନ୍ତ ନିବିଡ଼ ଭାବରେ କେତୋଟି ପ୍ରଶ୍ନର ଉତ୍ତର ଆଶା କରାଯାଉଛି । ଏହି ଯୁଗର ସବୁଯାକ ଆଶା, ସବୁଯାକ ଆଦର୍ଶ ଓ ସବୁଯାକ ଅକାଂକ୍ଷା,— ଆମେ ଏହିଗୁଡ଼ିକୁହିଁ ଆମକୁ ପଚରା ଯାଉଥିବା ସେହି ଅନେକସଂଖ୍ୟକ କଠିନ ଏବଂ ସମ୍ଭାବନାମୟ ପ୍ରଶ୍ନ ବୋଲି ଜାଣିବା । ସେହି ପ୍ରଶ୍ନଗୁଡ଼ିକ କେବଳ ଆମର ବୁଦ୍ଧିକୁ ପଚରା ଯାଉ ନାହିଁ, ମାତ୍ର ଆମର ସତ୍ତା ଏବଂ ଆମର କର୍ମର ସେହି ଅସଲ ପ୍ରାଣଟିକୁ ମଧ୍ୟ ପ୍ରଶ୍ନଗୁଡ଼ିକ ପଚରା ଯାଉଛି । ଏହି ନିର୍ଣ୍ଣାୟକ ପରୀକ୍ଷାଟିରେ ଉତ୍ତର ଦେବାକୁ ଗଲାବେଳେ ଆଖେର ଆମର ଯାବତୀୟ କୌଶଳ ଏବଂ ଚତୁରତା, ଆମର ଯାବତୀୟ ଗଠନ ଏବଂ ସଂଗଠନ କଦାପି ଆମକୁ ଅସଲ ସାହାଯ୍ୟଟି କରିବ ନାହିଁ;— ଦିନେ ଜର୍ମାନୀ ସେହିଭଳି ଗୋଟାଏ ବିଶ୍ୱାସ ନେଇ ଦମ୍ଭ କରି ବାହାରିଥିଲା ଏବଂ ତାହାର ପରିଣତି କ'ଣ ହେଲା, ଆମେ ସମସ୍ତେ ସେକଥା ଜାଣିଛୁ,— ମାତ୍ର ଆମ ଜୀବନଟିକୁ ବଞ୍ଚିବା ଭିତରେ ଯେତିକି ସତ୍ୟ ରହିଛି ଓ ଯେତିକି ନିଷ୍ଠା ରହିଛି, ତାହାହିଁ ରହିବ, ତାହାହିଁ ସାହାଯ୍ୟ କରିବ । ମନୁଷ୍ୟ ତା'ର ଆଦର୍ଶଗୁଡ଼ିକର ଏପରି ଉପଲବ୍ଧି କରିବ, ଯାହାଫଳରେ କି ସିଏ ଏପର୍ଯ୍ୟନ୍ତ ସ୍ୱପ୍ନ ବି ଦେଖି ନ ଥିବା ଆହୁରି କେତେକେତେ ବୃହତ୍ତର ବସ୍ତୁ ଆଡ଼କୁ ଅଗ୍ରସର ହୋଇଯାଇ ପାରିବ,— ଏକଥାଟି ଆଦୌ ଅସମ୍ଭବ ନୁହେଁ । ମାତ୍ର ଏଥିଲାଗି ଏହି ଗୋଟିଏ ସର୍ତ୍ତ ରହିବ ଯେ ସେ ଏହାକୁ ସମ୍ପୂର୍ଣ୍ଣତଃ ଏକ ଅନ୍ତର୍ଗତ ସତ୍ୟରେ ପରିଣତ କରିବାକୁ ସମର୍ଥ ହେବ, ଯେପରିକି ତାହା ତାହାର ବହିର୍ଜୀବନସ୍ଥ ସତ୍ୟରେ ମଧ୍ୟ ପରିଣତ ହୋଇ ପାରିବ । ପୁନର୍ଗଠନର ଏହି ଯୁଗଟି ଯେଉଁସବୁ ପରିବର୍ତ୍ତନର ପୂର୍ବାଭାସ ଦେବାରେ ଲାଗିଲାଣି, ସେଗୁଡ଼ିକ ସୁନିଶ୍ଚିତ ଭାବରେ ଆସିବ; ମାତ୍ର ସେଗୁଡ଼ିକ ଦ୍ୱାରା ମନୁଷ୍ୟଜାତି କିଭଳି ଭାବରେ ଲାଭବାନ୍ ବା ଉପକୃତ ହେବ, ସେହି ପରିବର୍ତ୍ତନଗୁଡ଼ିକୁ କାର୍ଯ୍ୟକାରୀ କଲାବେଳେ ଆମେ ପ୍ରକୃତରେ କେଉଁ ଅନ୍ତର୍ଭାବଟି ଦ୍ୱାରା ପରିଚାଳିତ ହେବା, ତାହା ସେଇଟି ଉପରେହିଁ ନିର୍ଭର କରୁଛି ।

ଆମେ ଯେଉଁମାନେ ଏହି ଯୁଗରେ ବାସ କରୁଛୁ, ଆମେ ଆମର ଅଜ୍ଞାନତାକୁ କଦାପି ଏକ କୈଫିୟତ୍ ରୂପେ ଦେଖାଇଦେଇ ପାରିବା ନାହିଁ; କାରଣ ଆମ ଆଗରେ ଅତ୍ୟନ୍ତ ସୁସ୍ପଷ୍ଟ ଆଦର୍ଶମାନ ରହିଛି, ସୁସ୍ପଷ୍ଟ ପରିବେଶମାନ ମଧ୍ୟ ରହିଛି । ଆମ ଜୀବନର ପ୍ରଥମ ଭୂମିରୂପେ ଯେଉଁ ଗଠନଟି ରହିବ, ତାହା ସହଯୋଗ ଏବଂ ସହଚାରିତା ଦ୍ୱାରା

'oaob.nitrkl.ac.in' images reprocessed

ତିଆରି ହେବ, ସମ୍ଭବ ହେଲେ ତାହା ଭ୍ରାତୃତ୍ୱ ଦ୍ୱାରା ମଧ୍ୟ ପ୍ରତିଷ୍ଠିତ ହେବ; ମନୁଷ୍ୟଜାତିର ଯେଉଁ ସାଧାରଣ ଲକ୍ଷ୍ୟ ଏବଂ ସ୍ୱାର୍ଥମାନ ରହିଛି, ସେଗୁଡ଼ିକ ମଧ୍ୟରେ ଏକ ଘନିଷ୍ଠ ପରସ୍ପର-ସମ୍ବନ୍ଧିତତା ସ୍ୱୀକାର କରି ନିଆଯିବ, ଅଧିକରୁ ଅଧିକ ପରିମାଣରେ ଜୀବନର ଏକତ୍ୱଟିକୁ ମଧ୍ୟ ସ୍ୱୀକାର କରିନିଆ ଯାଉଥିବ, ଏବଂ ସେହି ଏକତ୍ୱର ଭୂମିଟି ମଧ୍ୟରେ ଆମେ ନିଜ ଲାଗି ଯେଉଁସବୁ ବସ୍ତୁ ସକାଶେ ଦାବି କରୁଛୁ, ସେଥିରୁ ଆମେ ଅନ୍ୟମାନଙ୍କୁ ମଧ୍ୟ କଦାପି ବଞ୍ଚିତ କରି ରଖିପାରିବା ନାହିଁ। ସେହି ପ୍ରଥମ ଭୂମିଟିକୁ ସମ୍ପୂର୍ଣ୍ଣ କରି ମାନବସମାଜରେ ସ୍ୱାଧୀନତା ଓ ଏକତାର ପ୍ରତିଷ୍ଠା ହେବ। ବ୍ୟକ୍ତି ତଥା ଜାତିମାନଙ୍କ ଲାଗି ଆତ୍ମ-ନିୟନ୍ତ୍ରଣର ଅଧିକାର ମଧ୍ୟ ରହିବ;— ଏହିସବୁ ବିଷୟରେ ଆମେ ଅତ୍ୟନ୍ତ ସୁସ୍ପଷ୍ଟ ଭାବରେ ନିର୍ଦ୍ଦିଷ୍ଟ କଳ୍ପନାମାନ କରିସାରିଛୁ। ମନୁଷ୍ୟର ମନ ମଧ୍ୟରେ ସେଗୁଡ଼ିକ ଲାଗି ସ୍ୱୀକୃତି ରହିଛି ସତ, ମାତ୍ର ସେଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବା ଲାଗି ଏପର୍ଯ୍ୟନ୍ତ କୌଣସି ଦୃଢ଼ ଇଚ୍ଛା ସମ୍ଭବ ହୋଇପାରି ନାହିଁ। କଥା ଏବଂ ଅଙ୍ଗୀକାର ଏଗୁଡ଼ିକ ଗୋଟିଏ ଗୋଟିଏ ଯେ ବଢ଼ିଆ ଜିନିଷ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଏବଂ ଆମେ ସେଗୁଡ଼ିକୁ ନିଶ୍ଚୟ ସବୁକିଛି ସମ୍ମାନ ଦେବାକୁ ରାଜି ହୋଇଯିବା; ମାତ୍ର ଯାହାକିଛି ପ୍ରକୃତ କ୍ଷେତ୍ରରେ କାର୍ଯ୍ୟକାରୀ ହେବ, ବର୍ତ୍ତମାନ ପାଇଁ ଆମେ ତାହାକୁହିଁ ଅଧିକ ଶକ୍ତିଶାଳୀ ବୋଲି କହିବା, ସେହିଗୁଡ଼ିକରୁହିଁ ଯାହାକିଛି ଫଳ ଫଳିବ। ମାତ୍ର ଆମେ ଯେତିକି ଓ ଯେଉଁ ଫଳର ଯୋଗ୍ୟ, କେବଳ ସେତିକି ଓ ତାହାହିଁ ଫଳିବ, ଆମର ଅହଂକାମନାଟା ଯାହା ଫଳିବ ବୋଲି ଭାବୁଛି ତାହା କଦାପି ଫଳିବ ନାହିଁ। ଆତ୍ମ-ନିୟନ୍ତ୍ରଣର ଅଧିକାରଟି କଦାପି ଏକ କାଳ୍ପନିକ ଓ ଅବାସ୍ତବ କଥା ଆଦୌ ନୁହେଁ; ଅବଶ୍ୟ ଯଦି ଆମେ ତାହା ସେହିପରି ଅବାନ୍ତର ଓ ତୁଚ୍ଛା କାଳ୍ପନିକ ହୋଇ ରହୁ ବୋଲି ଇଚ୍ଛା କରୁଥାଉ, ତେବେ ତାହା ତାହାହିଁ ହୋଇ ରହିବ। ଏହି ସଂସାରରେ ଆମେ ଏକ ଅଧିକ ଭଲ ବ୍ୟବସ୍ଥା ପ୍ରତିଷ୍ଠିତ ହେଉ ବୋଲି ଇଚ୍ଛା କରୁଛୁ ଏବଂ ପ୍ରଥମ ସୁଯୋଗଟି ଆସି ପହଞ୍ଚିବା ମାତ୍ରକେ ଆମେ ଯଦି ତାହାକୁ ଖାଲି ଫୋପାଡ଼ି ଦେବାରେ ଲାଗିଥାଉ, ତେବେ ଏଭଳି ଏକ ବିରାଟ ଏବଂ ଆୟାସକର ଉଦ୍ୟମଟି ଲାଗି ତାହାକୁ କେବଳ ଏକ ପ୍ରତିଶ୍ରୁତିଶୂନ୍ୟ ଆରମ୍ଭ ବୋଲି କହିବାକୁ ପଡ଼ିବ। ଆତ୍ମ-ନିୟନ୍ତ୍ରଣର ସିଦ୍ଧାନ୍ତଟି କଦାପି ଆପେ ଆପେ ଛାଏଁ ଠିଆହୋଇଯିବ ନାହିଁ ଏବଂ ତାହାକୁ ଆମେ ପାଳନୀୟ କେବଳ ଗୋଟିଏ ମାତ୍ର ନିୟମ କରି କଦାପି ରଖିପାରିବା ନାହିଁ। ଏପରି କୌଣସି ସିଦ୍ଧାନ୍ତ ନାହିଁ ଯାହାକି ସମ୍ପୂର୍ଣ୍ଣ ବିଚ୍ଛିନ୍ନ ଭାବରେ ଯଥାର୍ଥତଃ ତିଷ୍ଠି ରହିପାରିବ, ଜୀବନର ଜଟିଳ ଜାଲସମଗ୍ରଟି ମଧ୍ୟରେ ଏକମାତ୍ର ପ୍ରଭାବକାରୀ ସିଦ୍ଧାନ୍ତରୂପେ ଦଣ୍ଡାୟମାନ ହୋଇ ରହିପାରିବ। ଏବଂ ଆମେ ଯଦି ତାହାକୁ ସେହିପରି ଭାବରେ ଦେଖୁଥିବା ଓ କାର୍ଯ୍ୟରେ ଲଗାଉଥିବା, ତେବେ ତାହାର ଅର୍ଥଟି

'oaob.nitrkl.ac.in' images reprocessed

ମଧ୍ୟରେ ଅନେକ ବିକୃତି ଆସି ପଶିଯିବ ଏବଂ ତାହା ଆପଣାର ଅନେକ ଗୁଣକୁ ହରାଇ ବସିବ । ପୁଣି, ବ୍ୟକ୍ତିର ଆତ୍ମ-ନିୟନ୍ତ୍ରଣକୁ ସାଧାରଣ ଆତ୍ମ-ନିୟନ୍ତ୍ରଣ ସହିତ ସଂଗତିଯୁକ୍ତ ଏବଂ ସୁସମନ୍ୱିତ ହୋଇ ରହିବାକୁ ପଡ଼ିବ, ସ୍ୱତନ୍ତ୍ରତାକୁ ମଧ୍ୟ କେବଳ ଏକତାର ଏକ ମଣ୍ଡଳ ଭିତରେ ଗତିଶୀଳ ହୋଇ ରହିବାକୁ ପଡ଼ିବ ବା ଏକ ସ୍ୱତନ୍ତ୍ରତାଯୁକ୍ତ ଏକତାର ଉପଲବ୍ଧି ଦିଗରେ ଅଗ୍ରସର ହୋଇ ପାରିବାକୁ ହେବ । ଯେଉଁମାନେ ଅବସରବାଦୀ, ଯେଉଁମାନେ କେବଳ ବ୍ୟାବହାରିକ ଦୃଷ୍ଟିରୁହିଁ ସବୁକଥାକୁ ଦେଖନ୍ତି ଓ ଅତୀତ ଏବଂ ବର୍ତ୍ତମାନର ପରିସ୍ଥିତିଗୁଡ଼ିକର ବେଢ଼ଟିକୁ ପାରି ହୋଇ ଆହୁରି ଆଗକୁ ଦେଖିପାରିବା ଲାଗି ଯେଉଁମାନଙ୍କର ମନ ସକାଶେ କଷ୍ଟକର ବୋଧ ହେଉଥାଏ, ସେମାନଙ୍କୁ ଏକଥାଟିକୁ ହୁଏତ ବେଶ୍ ଦର୍ଶାଇ ଦେଇହେବ ଯେ ଅନେକ ସଂଖ୍ୟକ କ୍ଷେତ୍ରରେ ସିଦ୍ଧାନ୍ତଟିକୁ ଆଣି ସଙ୍ଗେ ସଙ୍ଗେ କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗ କରିବାରେ ଏବଂ ତାହାକୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ କରିବାରେ ସର୍ବଦା କେତେକେତେ ପ୍ରତିବନ୍ଧକ ଓ ଅସୁବିଧା ରହିଥାଏ । ମାତ୍ର, ଯେତେବେଳେ ଏକ ମହାନ୍ ଉଦ୍‌ଭାସକାରୀ ମୁହୂର୍ତ୍ତରେ ଏହି କିସମର ଗୋଟିଏ ସିଦ୍ଧାନ୍ତକୁ କେବଳ ଏକ ଆଦର୍ଶରୂପେ ନୁହେଁ, ମାତ୍ର ଉଦ୍ଦେଶ୍ୟରୂପେ ସମ୍ମୁଖରେ ଧରି ରଖିଥିବା ଫଳଟି ପ୍ରାପ୍ତ ହେବାର ଏକ ସ୍ପଷ୍ଟ ସର୍ତ୍ତରୂପେ ଆମେ ଚିହ୍ନି ପାରିବାକୁ ଆରମ୍ଭ କରି ସାରିଲୁଣି, ସେତେବେଳେ ଆମକୁ ତାହାକୁହିଁ ସମାଧାନ କରିବାକୁ ରହିଥିବା ସମସ୍ୟାଟିର ଏକ ମୁଖ୍ୟ ବିଷୟରୂପେ ଗ୍ରହଣ କରିନେବାକୁହିଁ ପଡ଼ିବ, ତାହାର ପଥରେ ରହିଥିବା ଅସୁବିଧାଗୁଡ଼ିକୁ ନିଷ୍ଠାପର ଭାବରେ ଭାବି ଦେଖିବାକୁ ହେବ ଓ ସେଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିବ, ଏବଂ ଏପରି ଗୋଟିଏ ବାଟ ବାହାର କରିବାକୁ ପଡ଼ିବ, ଯାହାଦ୍ୱାରା କି କୌଣସି ପ୍ରକାରେ ସେଗୁଡ଼ିକୁ ଏଡ଼ି ନ ଦେଇ, ଗୋଳେଇ ଘାଣ୍ଟି ନ ଦେଇ ଏବଂ ଅନାବଶ୍ୟକ କୌଣସି ପ୍ରକାର ବିଳମ୍ବ ନ କରି ସେଇଟିର ବିକାଶ ସାଧନ କରାଯାଇ ପାରିବ ଏବଂ ଯେକୌଣସି ସମାଧାନରେ ତାହାକୁ ତାହାର ସମୁଚିତ ସ୍ଥାନ ଦିଆଯାଇ ପାରିବ । ମାତ୍ର ପୃଥିବୀର ରାଷ୍ଟ୍ର ଓ ସରକାରମାନେ ତାହାର ଠିକ୍ ଓଲଟା ରୀତିଟିକୁହିଁ ଗ୍ରହଣ କରିଛନ୍ତି, ଏବଂ ଜନଗଣ ମଧ୍ୟ ସେହି ଓଲଟା ରୀତିଟିକୁହିଁ ସ୍ୱୀକାର କରିଛନ୍ତି । ତେଣୁ ତାହାର ସ୍ୱାଭାବିକ ପରିଣାମ ଏହାହିଁ ହୋଇଛି ଯେ କେବଳ ଏକ ନୂତନ ନାମ ଦିଆଯାଇ ସେହି ପୁରୁଣା ରୀତିରେହିଁ ଯାବତୀୟ ବିଷୟକୁ କାର୍ଯ୍ୟକାରୀ କରାଯାଉଛି; ବା, ଖୁବ୍ ବେଶୀ ହେଲେ ସେହି ରୀତିଟିରେ ଅତ୍ୟନ୍ତ କୁଣ୍ଠାର ସହିତ କିଛିତ୍ ପରିବର୍ତ୍ତନ ଘଟାଇ ବା ଏକ ଆଂଶିକ ଉନ୍ନତିବିଧାନ କରାଇ ସେଇଟିକୁ କାର୍ଯ୍ୟକାରୀ କରାଯାଉଛି ।

ତେଣୁ, ଲୀଗ୍ ଅଫ୍ ନେଶନ୍‌ସ୍ ଯେଉଁଭଳି ଗୋଟିଏ କଞ୍ଚା ସଂବିଧାନକୁ ନେଇ ପଡ଼ିରହିଛି ଏବଂ ଯେପରି ଛୋଟେଇ ଛୋଟେଇ କ୍ରିୟାଶୀଳ ହେବାରେ ଲାଗିଛି, ତାହାକୁ

'oaob.nitrkl.ac.in' images reprocessed

ଆମେ ଏହି ପୁରାତନ କପଟ କୌଶଳଟିରହିଁ ପରିଣାମ ବୋଲି ଜାଣିବା । ଲୀଗ୍‌ର କଳ୍ପନାଟି ପଛରେ ଯେଉଁ ବିଚାରଟି ନିୟାମକରୂପେ ରହିଥିଲା, ତାହାକୁ ବର୍ଜନ କରିହିଁ ଲୀଗ୍‌କୁ ଏକ ଗଠନରୂପ ଦିଆଗଲା । ଏହାଫଳରେ ଏହାରି ମାଧ୍ୟମରେହିଁ ଆମକୁ କେବଳ ଏପରି ଏକ ଔପଚାରିକ, ନିୟମବଦ୍ଧ ଏବଂ ପ୍ରତିଷ୍ଠିତ ସାଧନଯନ୍ତ୍ରଟିଏ ମିଳିଛି ଯାହାର ବରାଦ ଅନୁସାରେ ବଡ଼ ବଡ଼ ଦେଶର ସରକାରମାନେ ଅଭ୍ୟସ୍ତ ଭାବରେ ପରସ୍ପର ସହିତ ଏକାଠି ବସି ପାରୁଛନ୍ତି, ପରସ୍ପର ସହିତ ପରାମର୍ଶ କରି ପାରୁଛନ୍ତି, ନିଜ ନିଜର ସ୍ୱାର୍ଥଗୁଡ଼ିକୁ ପରସ୍ପର ସହିତ ମେଳ ଖୁଆଇ ରଖି ପାରୁଛନ୍ତି, ଅପେକ୍ଷାକୃତ ଅଧିକ କ୍ଷୁଦ୍ର ସ୍ୱାଧୀନ ଦେଶଗୁଡ଼ିକର ମତ ଓ ଦାବିଗୁଡ଼ିକ ଲାଗି କିଞ୍ଚିତ୍ କାନ ଦେଇ ପାରୁଛନ୍ତି, କେତେକ ସାଧାରଣ ଅଥବା ସଂଘାତଯୁକ୍ତ ସ୍ୱାର୍ଥଗୁଡ଼ିକୁ ଏକ ସାଧାରଣ ବୁଝାମଣା ସହିତ ବିଚାର କରି ପାରୁଛନ୍ତି ଓ ସେଗୁଡ଼ିକ ବିଷୟରେ ନିଷ୍ପତ୍ତି ଗ୍ରହଣ କରି ପାରୁଛନ୍ତି, ବିପଜ୍ଜନକ କୌଣସି ବିଦ୍ରୋହ ଅଥବା ସଂଘାତକୁ ଅଟକାଇ ରଖି ପାରୁଛନ୍ତି, ବା ସେଗୁଡ଼ିକ ତଥାପି ଘଟିଲେ ସେଗୁଡ଼ିକର ପ୍ରକୋପକୁ ଯଥାସମ୍ଭବ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି; ଯେଉଁ ଜାତିଗୁଡ଼ିକ ଏପର୍ଯ୍ୟନ୍ତ ସ୍ୱତନ୍ତ୍ର ହୋଇ ନାହାନ୍ତି, ସଫଳ ସାମ୍ରାଜ୍ୟଗୁଡ଼ିକର ଅଧୀନକୁ ଆସି ନାହାନ୍ତି, ପଣ୍ୟବଜାର, ଉପନିବେଶ ଏବଂ ଆଶ୍ରିତ ଦେଶ ବିଷୟରେ ନାନା ଝଗଡ଼ା କରି ବିଶୃଙ୍ଖଳ ନାନା ଅବସ୍ଥା ଭିଆଇବା ପରିବର୍ତ୍ତରେ ସେମାନେ ସେହିସବୁ ଦେଶର ଶାସନ କରୁଛନ୍ତି । ଯନ୍ତ୍ରଟି କେବଳ ଏତିକି ଉଦ୍ଦେଶ୍ୟର ସାଧନ ଲାଗି ମଧ୍ୟ କୌଣସି ଉଲ୍ଲେଖଯୋଗ୍ୟ ଦକ୍ଷତା ସହିତ କାର୍ଯ୍ୟ କରୁଛି ବୋଲି ଆଦୌ ମନେହେଉ ନାହିଁ । ମାତ୍ର ତଥାପି ଏକଥା ହୁଏତ କୁହାଯାଇ ପାରିବ ଯେ, ଏଇଟି ଦ୍ୱାରା ଯେ ଆଦୌ କିଛି ନା କିଛି କାର୍ଯ୍ୟ କରାଯାଇ ପାରୁଛି, ତାହାକୁ ଅନ୍ତତଃ ଏକ ସିଦ୍ଧି ବୋଲି ନିଶ୍ଚୟ କୁହାଯିବ । ସେ ଯାହାହେଉ ପଛକେ, ଏହି ସଂଗଠନଟି ଏକ ବାସ୍ତବ ସତ୍ୟରୂପେ ପ୍ରତିଷ୍ଠିତ ହୋଇ ରହିଛି ଏବଂ ସେଇଟିକୁ କୌଣସି ବିଶେଷ ଉତ୍ସାହ ଦେଖାଇ ନ ହେଲେ ମଧ୍ୟ ଆମକୁ ତଥାପି ସ୍ୱୀକାର କରି ନେବାକୁ ହେବ, କାରଣ ପ୍ରକୃତରେ ଉତ୍ସାହିତ ଅନୁଭବ କଲାଭଳି ତାହାଭିତରେ ସେପରି କିଛି ଦେଖିବାକୁ ମିଳୁ ନାହିଁ । ମାତ୍ର ଏକ ବାସ୍ତବ ଘଟଣାରୂପେ ଆମେ ଏହାର ଅସ୍ତିତ୍ୱକୁ ମାନିନେବା, ବା ବାଧ୍ୟ ହୋଇ ତାହାକୁ ସ୍ୱୀକାର କରିନେବା । ଏବଂ, ଏଥିରେ ରହି ଯାଇଥିବା ଅପୂର୍ଣ୍ଣତାଗୁଡ଼ିକୁ ଏବଂ ଏହାର କାର୍ଯ୍ୟଟି ମଧ୍ୟରେ ନିହିତ ହୋଇ ରହିଥିବା ଅନର୍ଥ ଏବଂ ବିପଦଗୁଡ଼ିକୁ ଯେ ଆମେ ତଥାପି ପଛକୁ ବା ଅନ୍ତରାଳକୁ ଫିଙ୍ଗିଦେଇ ଚାଲିଯିବା ନାହିଁ, ମାତ୍ର, ଯେପରିକି ଅପୂର୍ଣ୍ଣତାଗୁଡ଼ିକୁ ଭଲ କରି ଠଉରାଇ ହେବ, ସେଗୁଡ଼ିକର ନିରାକରଣ କରାଯାଇ ପାରିବ ଏବଂ ଯେଉଁ ଅନର୍ଥ ଓ ବିପଦଗୁଡ଼ିକର ସବୁଠାରୁ ଅଧିକ ଆଶଙ୍କା ରହିଛି, ସେଗୁଡ଼ିକ ସବୁଠାରୁ ଅଧିକ ଦୁର୍ଭାଗ୍ୟଜନକ ଭାବରେ

'oaob.nitrkl.ac.in' images reprocessed

ଆସି ଉପଗତ ହୋଇଯିବାର ସମ୍ଭାବନାଟିକୁ ଯେପରି ଏଡ଼ାଇ ପାରିବାର କିଛି ନା କିଛି ସମ୍ଭାବନା ରହିଥିବ, ସେହି ଦୃଷ୍ଟିରୁ ସେଗୁଡ଼ିକ ଉପରେ ପୂର୍ଣ୍ଣ ଆଲୋକପାତ କରି ସେଗୁଡ଼ିକୁ ଯେ ଆମେ ଦେଖିବାର ପ୍ରୟାସ କରିବା, ଏଥିରୁ ସେଥିଲାଗି ଆମକୁ ଆହୁରି ଅଧିକ କାରଣ ମିଳିଯାଉଛି । ଏବଂ ଠିକ୍ ସେଇଥିଲାଗି ଏହା ଆହୁରି ଅଧିକ ଆବଶ୍ୟକ ହୋଇପଡୁଛି ଯେ ଯେଉଁସବୁ ଆଦର୍ଶକୁ ଆମେ ଯଥେଷ୍ଟ ମହତ୍ତ୍ୱ ନ ଦେଇ ଅବଜ୍ଞା କରି ଆସିଛୁ ବା ସେଗୁଡ଼ିକୁ କାର୍ଯ୍ୟକ୍ଷେତ୍ରରେ ଆଣି ପ୍ରୟୋଗ କଲାବେଳେ କେବଳ ଗୋଟାଏ ଗୋଟାଏ କଳ୍ପିତ ଅବାସ୍ତବତାରେହିଁ ପରିଣତ କରି ରଖିଛୁ, ସେଗୁଡ଼ିକ ପୁଣି ଆପଣାକୁ ଆଣି ପ୍ରତିଷ୍ଠିତ କରିବେ, ବର୍ତ୍ତମାନର ଯାବତୀୟ ପ୍ରବଞ୍ଚନା ମଧ୍ୟରୁ ମୁକୁଳି ବାହାରି ଆସିବେ ଏବଂ ଭବିଷ୍ୟତ ଉପରେ ଆପଣାର ଦାବିଟିକୁ ପ୍ରକଟ କରିବା ଲାଗି ପୁନର୍ବାର ତଥାପି ଆପଣାର ସ୍ୱରୋତ୍ତୋଳନ କରିବେ ।

କାରଣ ଏହିସବୁ ଆଦର୍ଶ ତଥାପି ଅକ୍ଷୁଣ୍ଣ ରହିଛନ୍ତି ଏବଂ ସେମାନେ ମନୁଷ୍ୟାତ୍ମାର ବୃହତ୍ତର ଲକ୍ଷ୍ୟଗୁଡ଼ିକରହିଁ ପ୍ରତିନିଧିତ୍ୱ କରୁଛନ୍ତି । ମନୁଷ୍ୟ ଭିତରେ ରହିଥିବା ଯେଉଁ ଭାବପ୍ରେରଣାଟି ମନୁଷ୍ୟର ବର୍ତ୍ତମାନ ଅପୂର୍ଣ୍ଣତାଯୁକ୍ତ ସ୍ୱଭାବଟିର ସକଳ ବର୍ଜନ, ସକଳ ବାଧା ଏବଂ ସକଳ ଅପୂର୍ଣ୍ଣତା ସତ୍ତ୍ୱେ ଆପେ ଗତି କରି ଯାଉଥିବା ସେହି ପୂର୍ଣ୍ଣତାଟି ବିଷୟରେ ସତତ ଅବଗତ ରହିଛି ଏବଂ ତା'ର ଯେଉଁଟି ଲାଗି ପ୍ରକୃତରେ ସାମର୍ଥ୍ୟ ରହିଛି, ସେହି ମହତ୍ତ୍ୱଟିକୁ ମଧ୍ୟ ଭଲକରି ଜାଣିଛି, ଏହିସବୁ ଆଦର୍ଶ ତାହାର ଲକ୍ଷ୍ୟଗୁଡ଼ିକର ପ୍ରତିନିଧିତ୍ୱ କରୁଛନ୍ତି । ପରିସ୍ଥିତି, ପ୍ରତିବନ୍ଧ, ବାହ୍ୟ ପ୍ରୟୋଜନୀୟତା ଏବଂ ଅତୀତର ସ୍ୱଭାବ ଏସବୁ ଏବେ ମଧ୍ୟ ଆମଠାରୁ ହୁଏତ ଅନେକ ଅଧିକ ବଳବାନ୍ ହୋଇ ରହିଛନ୍ତି, ରୁଦ୍ରଶକ୍ତିଗୁଡ଼ିକ ହୁଏତ ତଥାପି ଆମ ଗତି ଓ ନିୟତିଗୁଡ଼ିକର ନିରୂପଣ କରିବାରେ ଲାଗିଛନ୍ତି ଏବଂ ସତ୍ୟ ତଥା ନ୍ୟାୟର ଈଶ୍ୱରମାନଙ୍କୁ ଓ ପ୍ରେମର ଈଶ୍ୱରଙ୍କୁ ସେମାନେ ରାଜତ୍ୱ କରିବାର ସମୟଟି ଆସି ପହଞ୍ଚିବା ପର୍ଯ୍ୟନ୍ତ ହୁଏତ ତଥାପି ଅପେକ୍ଷା କରି ରହିବାକୁ ପଡ଼ିବ । ମାତ୍ର ଆଦର୍ଶଟିର ଆଲୋକକୁ ଯଦି ତାହାର ଜ୍ଞାନଶିଖା ଏବଂ ପ୍ରେମଶିଖାରେ ତଥାପି ପ୍ରଜ୍ୱଳିତ କରି ରଖାଯାଇ ପାରେ, ତେବେ ତାହା କ୍ରମେ ଏଗୁଡ଼ିକୁ ମଧ୍ୟ ଧରିବାକୁ ଆରମ୍ଭ କରିବ ଏବଂ ସେଗୁଡ଼ିକର ଅନର୍ଥଶକ୍ତି ମଧ୍ୟରୁ ଆପଣାର ବୃହତ୍ତର ସେହି ଅବଶ୍ୟମ୍ଭାବୀ ଶୁଭଶକ୍ତିଟିକୁ ନିଶ୍ଚୟ ତିଆରି କରିନେବ । ବର୍ତ୍ତମାନ ଏଇଟି ହୁଏତ କେବଳ ଗୋଟିଏ ବିଚାର ବା ଗୋଟିଏ ଶବ୍ଦ ବୋଲିହିଁ ମନେହେବ, ଏକ ଜୀବନ୍ତ ସତ୍ୟରେ ପରିଣତ ହେବା ଲାଗି ଏହାର କୌଣସି ସାମର୍ଥ୍ୟ ନାହିଁ ବୋଲି ବୋଧ ହେବ; ମାତ୍ର, ପରମ ଚିଦାତ୍ମାଙ୍କ ମଧ୍ୟରେ ଯାହାକିଛି ଆବରଣଯୁକ୍ତ ହୋଇ ରହିଥିଲା, ସେଗୁଡ଼ିକୁ ଆବରଣମୁକ୍ତ କରି ଆଣୁଥିବା ପରମ ଭାବନା ଏବଂ ପରମ ଶବ୍ଦଟିହିଁ ଏହି ସୃଷ୍ଟିରେ

'oaob.nitrkl.ac.in' images reprocessed

ସର୍ବଦା ଅଧିଷ୍ଠିତ ହୋଇ ରହିଛି । ଏକ ସମୟ ଆସିବ ଯେତେବେଳେ କି ସେଗୁଡ଼ିକ ପ୍ରକୃତ କାର୍ଯ୍ୟ କରୁଥିବା ଶକ୍ତିଟିକୁ ଯାଇ ଧରିନେଇ ପାରିବେ, ଏବଂ ତାହାକୁ ଏକ ବୃହତ୍ତର ଏବଂ ସୁନ୍ଦରତର ସୃଜନର ସାଧନରେ ପରିଣତ କରିଦେଇ ପାରିବେ । ସେହି ସମୟଟି ବର୍ତ୍ତମାନ କେତେ ନିକଟ ହୋଇ ଆସିଲାଣି ଅଥବା କେତେ ଦୂରବର୍ତ୍ତୀ ହୋଇ ରହିଛି, ତାହା ମନୁଷ୍ୟ ଦେଖିପାରୁଥିବା ସର୍ବୋତ୍ତମ ସମ୍ପଦଟି ପ୍ରତି ତା'ର କେତେଦୂର ଆନୁଗତ୍ୟ ଏବଂ ଇଚ୍ଛା ରହିଛି, ସର୍ବଦା କେବଳ ତାହାରି ଉପରେହିଁ ନିର୍ଭର କରିବ । ଯେଉଁ ପରିସ୍ଥିତିଗୁଡ଼ିକର ଅଧୀନରେ ରହି ସେ କଷ୍ଟ ପାଉଛି ଓ ଯେଉଁ ଯନ୍ତ୍ର-ଗଠନଗୁଡ଼ିକୁ ସେ ବ୍ୟବହାର କରୁଛି, ସେହିଗୁଡ଼ିକର ଆବେଶ ଭିତରୁ ମୁକ୍ତ ରହି ତା'ର ଆତ୍ମଜ୍ଞାନ କେତେ ପରିମାଣରେ ତା' ଭିତରେ ରହିଥିବା ଆପଣାର ସତ୍ୟଟିକୁ ବଞ୍ଚିବା ଲାଗି ପ୍ରସ୍ତୁତ ଓ ତତ୍ପର ରହିପାରୁଛି, ସେକଥାଟି ତାହାରି ଉପରେ ନିର୍ଭର କରୁଛି । ସେପରି ହୋଇପାରିଲେ ଯାଇ ତା'ର ପରିବେଶଟି ହୁଏତ ସେହି ସତ୍ୟଟିକୁ ଗ୍ରହଣ କରିନେଇ ପାରିବ ଏବଂ ତାହାର ବାହ୍ୟ ଜୀବନଟି ମଧ୍ୟ ସେହି ସତ୍ୟଟିର ପ୍ରତିରୂପ ଅନୁସାରେ ତିଆରି ହୋଇ ପାରିବ ।

'oaob.nitrkl.ac.in' images reprocessed

# ଯୁଦ୍ଧ ସରିଗଲା କି ?

ମନୁଷ୍ୟ-ସମାଜ ଏକାଦିକ୍ରମେ ଆପଣାର କେତେକେତେ କଳ୍ପନା ଦ୍ୱାରାହିଁ ଅଗ୍ରସର ହୋଇ ଯାଉଥାଏ, ମନୁଷ୍ୟ-ସମାଜ ମଧ୍ୟରେ କାର୍ଯ୍ୟ କରୁଥିବା ଇଚ୍ଛାଶକ୍ତି ସେହି କଳ୍ପନାଗୁଡ଼ିକୁ କାର୍ଯ୍ୟାନ୍ୱିତ ବାସ୍ତବ ରୂପ ଦେବାରେ ଲାଗିଥାଏ; ମନୁଷ୍ୟସମାଜ କେତେକେତେ ଭ୍ରମ ଭିତରେ ମଧ୍ୟ ଗତି କରିବାରେ ଲାଗିଥାଏ, ଏବଂ ପ୍ରତ୍ୟେକଟି ଭ୍ରମ ଭିତରେ ଗୋଟିଏ କରି ଅବଶ୍ୟମ୍ଭାବୀ ସତ୍ୟ ପ୍ରଚ୍ଛନ୍ନ ହୋଇ ରହିଥାଏ । ସେହି ପ୍ରଚ୍ଛନ୍ନ ଇଚ୍ଛା ଓ ପ୍ରଚ୍ଛନ୍ନ ଜ୍ଞାନଟି ମଧ୍ୟରେ ସତ୍ୟଟି ଅବସ୍ଥିତ ରହିଥାଏ, ସେହି ଇଚ୍ଛାଶକ୍ତି ଏବଂ ଜ୍ଞାନ ଆମ ଲାଗି ଆମ ଜୀବନର ଯାବତୀୟ ବ୍ୟବସ୍ଥାକୁ ପରିଚାଳିତ କରିନେବାରେ ଲାଗିଥାନ୍ତି ଏବଂ ସେହି ସତ୍ୟଟି ମନୁଷ୍ୟଜାତିର ଆତ୍ମା ଭିତରେହିଁ ଆପଣାକୁ ପ୍ରତିଫଳିତ କରି ରହିଥା'ନ୍ତି । ସେହି ପ୍ରତିଫଳନଟିକୁ ଆମେ ଯେଉଁ ଆକାର ଦେବାକୁ ଯାଉ, ଭ୍ରମଟି ସେହି ଆକାରରେହିଁ ଉକୁଟି ଉଠୁଥାଏ, କାଳ, ସ୍ଥାନ ଓ ସ୍ଥିତିର ନାନା ଯାଦୃଚ୍ଛିକ ନିର୍ଦ୍ଧାରଣର ଆବରଣରୂପେ ସେଇଟି ଉକୁଟି ଉଠୁଥାଏ ଏବଂ ଜ୍ଞାନର ସେହି ଯେଉଁ ବିଭ୍ରାନ୍ତିକାରୀ ଇନ୍ଦ୍ରିୟଟିକୁ ଆମେ ମନୁଷ୍ୟର ବୁଦ୍ଧି ବୋଲି କହୁ, ତାହାହିଁ ଅସଲ ସତ୍ୟଟିର ସମ୍ମୁଖରେ ସେହି ଆବରଣଟିକୁ ବୁଣିକରି ରଖିଥାଏ । ମନୁଷ୍ୟର କଳ୍ପନାଗୁଡ଼ିକ ଅନେକ ସମୟରେ ଅବିକଳ ପ୍ରାୟ ଆକ୍ଷରିକ ଭାବରେ ଉପଲବ୍ଧ ହୋଇଥା'ନ୍ତି, ମାତ୍ର ଅନ୍ୟ ପକ୍ଷରେ ତା'ର ଭ୍ରାନ୍ତିଗୁଡ଼ିକ ଅତ୍ୟନ୍ତ ଅପ୍ରତ୍ୟାଶିତ ଭାବରେହିଁ ସେମାନଙ୍କର ରହିଥିବା ସତ୍ୟଟି ଉପଲବ୍ଧ ହୋଇଯାଉଥିବାର ପ୍ରତ୍ୟକ୍ଷ କରିବାରେ ଲାଗିଥା'ନ୍ତି; ବେଳେବେଳେ, ଆମେ ସେଗୁଡ଼ିକର ଉପଲବ୍ଧି ଲାଗି ଯେଉଁସବୁ ଉପାୟ ନିରୂପିତ କରି ରଖିଥାଉ, ସେଗୁଡ଼ିକଠାରୁ ଏକାନ୍ତ ଭିନ୍ନ ଅନ୍ୟ ନାନା ମାର୍ଗରେ ଓ ଅନ୍ୟ ନାନା ପରିବେଶରେ ଉପଲବ୍ଧ ହେବାରେ ଲାଗିଥା'ନ୍ତି ।

ମନୁଷ୍ୟର ଏହି ଭ୍ରାନ୍ତିଗୁଡ଼ିକର ଅନେକ କିସମ ରହିଛି ଓ ଅନେକ ପ୍ରକାର ରହିଛି; ସେଗୁଡ଼ିକ ମଧ୍ୟରୁ କେତେକ ବଡ଼ କ୍ଷୁଦ୍ର ଓ ନଗଣ୍ୟ ହୋଇଥିଲେହେଁ ଆଦୌ ମହତ୍ତ୍ୱହୀନ ନୁହନ୍ତି,– କାରଣ ଏହି ପୃଥିବୀରେ କିଛିହେଲେ କଦାପି ମହତ୍ତ୍ୱହୀନ ନୁହେଁ,– ଆଉ କେତେକ ପ୍ରକୃତରେ ବଡ଼ ବିରାଟ ଓ ଆଡ଼ମ୍ବରମୟ ହୋଇ ଦେଖା ଯାଉଥା'ନ୍ତି । ସେହି ଭ୍ରମଗୁଡ଼ିକ ମଧ୍ୟରୁ ବୃହତ୍ତମ ଭ୍ରମଗୁଡ଼ିକ ସମାଜକୁ ଓ ମନୁଷ୍ୟଜାତିକୁ ସର୍ବପରିପୂର୍ଣ୍ଣ କରି ଗଢ଼ିବାର ଏବଂ ତଦ୍ଦ୍ୱାରା ଏହି ପୃଥିବୀରେ ଏକ ଆଦର୍ଶ ଯୁଗର ପ୍ରତିଷ୍ଠା କରିବାର ଆଶାଟିକୁ ଘେରି ଏକଜୁଟ ହୋଇଥା'ନ୍ତି । ଧର୍ମକ୍ଷେତ୍ରୀୟ ହେଉ ଅଥବା ସାମାଜିକ ହେଉ, ଯେକୌଣସି ନୂତନ ବିଚାର ଯେତେବେଳେ ଯୁଗର ମନଟିକୁ ଅଧିକାର କରିନିଏ ଏବଂ ବହୁସଂଖ୍ୟକ ମନୁଷ୍ୟଙ୍କୁ ପ୍ରଭାବିତ କରିବାକୁ ଆରମ୍ଭ କରେ, ତାହାହିଁ ତା'ପରେ ଏହିସବୁ ଉଚ୍ଚ

'oaob.nitrkl.ac.in' images reprocessed

ଉପଲବ୍ଧିଗୁଡ଼ିକର ସାଧନ ହେବା ଲାଗି ଅଭିପ୍ରେତ ହୋଇ ରହିଥାଏ । ଏବଂ ଯେଉଁ ଆଶାଗୁଡ଼ିକ ଏହି ବିଚାରଗୁଡ଼ିକୁ ପ୍ରଥମେ ବିଜୟ ଲାଭ କରିବାର ମନୋବଳଟି ଆଣି ଦେଇଥିଲା, ପ୍ରତ୍ୟେକଟି ବିଚାର ସେହି ଆଶାଟିକୁ ପରିଶେଷରେ ପ୍ରତାରିତ କରେ । ଏବଂ ଆମ ଭିତରୁ ଯିଏ କେହି ପ୍ରକୃତରେ ଦେଖିବାକୁ ମନ କରିବ, ତାହା ଲାଗି ଏହି ପ୍ରତାରିତ ହେବାର କାରଣଟି ଅତ୍ୟନ୍ତ ସ୍ପଷ୍ଟ ହୋଇଯିବ; ଏହି କାରଣଟି ହେଉଛି ଯେ, ବିଚାର ଅଥବା ଜୀବନ ପ୍ରତି ଆମର ବୁଦ୍ଧିଗତ ଦୃଷ୍ଟିକୋଣଟିରେ କୌଣସି ପରିବର୍ତ୍ତନ ଘଟିଲେ, ଈଶ୍ୱର, କୌଣସି ଅବତାର କିଂବା ଧର୍ମଦୂତଙ୍କ ଉପରେ ବିଶ୍ୱାସ ରଖିଲେ, କୌଣସି ସର୍ବବିଜୟୀ ବିଜ୍ଞାନ କିଂବା ପରିତ୍ରାଣକାରୀ ଜୀବନଦର୍ଶନକୁ ଆବୋରି ନେଲେ, ସମାଜ ବିଷୟରେ କୌଣସି ଯୋଜନା ଅଥବା ବ୍ୟବସ୍ଥା କିଂବା ଭିତରର ବା ବାହ୍ୟ କୌଣସି ପ୍ରକାର ଯନ୍ତ୍ରସଂଗଠନକୁ କାର୍ଯ୍ୟରେ ଲଗାଇ ପାରିଲେ, ମନୁଷ୍ୟଜାତି ମଧ୍ୟରେ ଯେଉଁ ବୃହଦ୍ ବାସନାଟି ରୋପିତ ହୋଇ ରହିଛି, ତାହା ସେହି ବାସନାଟିକୁ କଦାପି ପରିପୂର୍ଣ୍ଣ କରିଦେଇ ପାରିବ ନାହିଁ । ଆମେ ଯେଉଁ ଲକ୍ଷ୍ୟଟି ଆଡ଼କୁ ଧାବିତ ହେବାରେ ଲାଗିଛୁ, ଆମର ବାସନା ସ୍ୱୟଂ ତାହାର ଦର୍ପଣଟି ପରି ହୋଇ ରହିଥିଲେ ମଧ୍ୟ ସେକଥା କଦାପି ସମ୍ଭବ ହେବ ନାହିଁ । କାରଣ ସ୍ୱୟଂ ମନୁଷ୍ୟ କଦାପି ଏକ ଯନ୍ତ୍ର ନୁହେଁ, ଏକ କୌଶଳ ମଧ୍ୟ ନୁହେଁ; ମନୁଷ୍ୟ ହେଉଛି ଗୋଟିଏ ସତ୍ତା, ଏକ ଅତ୍ୟନ୍ତ ଜଟିଳ ଓ ଅନେକମୁଖୀ ସତ୍ତା; ଏବଂ ତେଣୁ କୌଣସି ପ୍ରକାର ଯାନ୍ତ୍ରିକ ବ୍ୟବସ୍ଥା ଦ୍ୱାରାହିଁ ଆମେ ତାହାର କ୍ଳେଶଗୁଡ଼ିକୁ ଦୂର କରିଦେଇ ପାରିବା ନାହିଁ । ତା' ସତ୍ତାର ଯାବତୀୟ କ୍ଷେତ୍ରକୁ ସ୍ପର୍ଶ କରୁଥିବା ଓ ବଦଳାଇ ଦେଇ ପାରୁଥିବା ଏକ ସମ୍ପୂର୍ଣ୍ଣ ପରିବର୍ତ୍ତନହିଁ ତାକୁ ତା'ର ଯାବତୀୟ ବିସମ୍ବାଦ ତଥା ଅପୂର୍ଣ୍ଣତା ମଧ୍ୟରୁ ମୁକ୍ତ କରି ଆଣିପାରିବ ।

ଏହି ଯୁଦ୍ଧଟି ସରିଗଲା ପରେ ଯାହାସବୁ ଘଟିବ ବୋଲି ପ୍ରତ୍ୟାଶା କରାଯାଉଛି, ତାହାକୁ ମଧ୍ୟ ଆମେ ସେହି ଆଶାଟି ସହିତ ସମ୍ବନ୍ଧିତ ହୋଇ ରହିଥିବା ଗୋଟିଏ ଭ୍ରମ ବୋଲି କହିବା । ମନୁଷ୍ୟ-ପ୍ରଗତିର ପଥରେ ଏହି ବିରାଟ ଘଟଣାଟି ଅବଶ୍ୟ ଘଟିବ ବୋଲି ସର୍ବଦା କେଡ଼େ ପ୍ରତ୍ୟୟର ସହିତ ବିଶ୍ୱାସ କରାଯାଉଛି, ଏବଂ, ଆମେ ବର୍ତ୍ତମାନ ସମସ୍ତେ ଗୋଟିଏ ଗୋଟିଏ କେବଳ ବିଜ୍ଞାନ ଦ୍ୱାରା ପରିଚାଳିତ ମନର ସ୍ତରକୁ ଉନ୍ନୀତ ହୋଇ ଯାଇ ଥିବାରୁ ଏବଂ ବୁଦ୍ଧିଚାଳିତ ଗୋଟିଏ ଗୋଟିଏ ସତ୍ତାରେ ପରିଣତ ହୋଇ ଯାଇଥିବାରୁ, କୌଣସି ପ୍ରକାର ଭଗବଦ୍ ଇଚ୍ଛାର ଅନୁକୂଳତା ଦ୍ୱାରା ଏହା ସମ୍ଭବ ହେବ ବୋଲି ଆଉ ଆଶା କରିପାରୁ ନାହୁଁ; ସେଇଟି ଘଟିବ ବୋଲି ଆମ ଭିତରେ ଯେଉଁ ବିଶ୍ୱାସଟି ରହିଛି, ସେଇଟିର ସମର୍ଥନରେ ଆମେ କେତେକେତେ ଯୁକ୍ତି-ସମର୍ଥିତ ଭୌତିକ ତଥା ଅର୍ଥନୈତିକ କାରଣ ଆଣି ଖଞ୍ଜିଦେବାରେ ଲାଗିଛୁ । ଏହି ନୂତନ ସିଦ୍ଧାନ୍ତଟି ଆମ

'oaob.nitrkl.ac.in' images reprocessed

କ୍ଷେତ୍ରରେ ଯେଉଁ ଆକାରଟି ଗ୍ରହଣ କରିଥିଲା, ତାହାରି ଦ୍ୱାରା ପ୍ରବୃତ୍ତ ହୋଇ ଆମେ ଆଶା କରୁଥିଲୁ ଯେ ଦେଶ ଦେଶ ମଧ୍ୟରେ ବାଣିଜ୍ୟର ନାନା ସମ୍ବନ୍ଧ ପ୍ରସାରିତ ହୋଇଯାଇ ପାରିଲେ ତଦ୍ଦ୍ୱାରା ଯୁଦ୍ଧର ଅବଶ୍ୟ ଅବସାନ ଘଟିବ । ବାଣିଜ୍ୟ-କାରବାର ସାମରିକ କାରବାରର ସ୍ୱାଭାବିକ ପରିପନ୍ଥୀ ହୋଇଥିବାରୁ ତାହା ଯୁଦ୍ଧକୁ ନିଶ୍ଚୟ ପୃଥିବୀପୃଷ୍ଠରୁ ବହିଷ୍କୃତ କରି ରଖିବ । ସ୍ୱର୍ଣ୍ଣର ଲୋଭ ଯେତିକି ବଢ଼ିବାରେ ଲାଗିଥିବ ଏବଂ ଯେତିକି ବିଶ୍ୱବ୍ୟାପୀ ହେଉଥିବ, ସୁଖରେ ରହିବାର ଅଭ୍ୟସ୍ତତାଟି ଯେତିକି ବଢ଼ିବାରେ ଲାଗିଥିବ ଓ ଅଧିକରୁ ଅଧିକ ଉତ୍ପାଦନ ଏବଂ ସେଗୁଡ଼ିକର ଜଟିଳ ଆଦାନପ୍ରଦାନ-ବ୍ୟବସ୍ଥାର ପ୍ରୟୋଜନଗୁଡ଼ିକ ଯେତିକି ବୃଦ୍ଧି ପାଉଥିବ, ତଦ୍ଦ୍ୱାରା ଆମ ଭିତରେ ରହି ଆସିଥିବା କ୍ଷମତା, ଆଧିପତ୍ୟ, ଗୌରବଲାଭ ଏବଂ ସମରବିଜୟ ଲାଗି ଯାବତୀୟ ଆସକ୍ତି ଓ କାମନା ସେତିକି ପରିମାଣରେ ବିଲୁପ୍ତ ହୋଇଯାଉଥିବ । ସ୍ୱର୍ଣ୍ଣଲାଭର ଆକାଂକ୍ଷା ଏବଂ ପଣ୍ୟ-ଉତ୍ପାଦନର ଆକାଂକ୍ଷା ଭୂମି ଦଖଲ କରିବାର ଆକାଂକ୍ଷାଟିକୁ ବହିଷ୍କୃତ କରିଦେବ, ଅର୍ଥାତ୍, ବୈଶ୍ୟଧର୍ମ କ୍ଷତ୍ରିୟର ଧର୍ମ ଉପରେ ପାଦ ରଖି ତାହାକୁ ତଳକୁ ଚାପିଦେବ ଏବଂ ତାହା ସମ୍ପୂର୍ଣ୍ଣ ଯନ୍ତ୍ରଣାହୀନ ଭାବରେ ଏକାବେଳେକେ ଚୁପ୍ ହୋଇଯିବ । ଏହି ସମସ୍ତ ଭାବନାକୁ ହସରେ ଉଡ଼ାଇ ଦେଇ ବିଧାତା ଯେଉଁ ଉତ୍ତର ଦେଇଛନ୍ତି, ସେଇଟି ଲାଗି ଆଦୌ ଅଧିକ କାଳ ଅପେକ୍ଷା କରିବାକୁ ପଡ଼ି ନାହିଁ । ପ୍ରକୃତରେ କହିବାକୁ ଗଲେ, ବାଣିଜ୍ୟିକତାର ଏହି ଯେଉଁ ରାଜତ୍ୱଟି ଏବେ ଚାଲିଛି, ଉତ୍ପାଦନ ଏବଂ ପଣ୍ୟ-ଆଦାନପ୍ରଦାନରେ ଯେଉଁ ବୃଦ୍ଧିସାଧନ ହୋଇଛି, ପଣ୍ୟ ଏବଂ ବଜାର ଲାଗି ଏହି ଯେଉଁ ବାସନା ପ୍ରକଟିତ ହୋଇଛି ଏବଂ ନାନା ଅନାବଶ୍ୟକ ପ୍ରୟୋଜନର ବିରାଟ ବୋଝଟିକୁ ଗଦାକରି ରଖିବାର ଯେଉଁ ଆଗ୍ରହ ପ୍ରଜ୍ୱଳିତ ହୋଇଛି, ତାହାହିଁ ଚିରଦିନ ମନୁଷ୍ୟସମାଜକୁ ଆକ୍ରାନ୍ତ କରିଥିବା ପୃଥିବୀର ଅଧେ ଯୁଦ୍ଧର କାରଣ ହୋଇଛି । ଏବଂ ବର୍ତ୍ତମାନ ତ ଆମେ ସାମରିକତା ଏବଂ ବାଣିଜ୍ୟିକତାକୁ ସତେଅବା ଏକ ପ୍ରେମାଲିଙ୍ଗନ ମଧ୍ୟରେ ଏକାଠି ଛନ୍ଦିହୋଇ ରହିଥିବାର ଦେଖିବାକୁ ପାଉଛୁ, ଜାତୀୟ ଜୀବନ ଏବଂ ଦେଶକୁ ବଡ଼ କରିବାର ଆକାଂକ୍ଷାର ଏକ ପବିତ୍ର ଦ୍ୱିମୂର୍ତ୍ତି ରୂପେ ଦୁଇଟିଯାକ ପରସ୍ପର ସହିତ ସମ୍ମିଳିତ ହୋଇ ରହିଛନ୍ତି ଏବଂ ଆପଣାର ପରାକ୍ରମଗୁଡ଼ିକ ଦ୍ୱାରା ସବୁଠାରୁ ଅଧିକ ବୃଦ୍ଧିବର୍ଦ୍ଧିତ, ଭୟଙ୍କର ତଥା ପ୍ରାୟ ପ୍ରଳୟକାରୀ ଏପରି ବଡ଼ ବଡ଼ ଯୁଦ୍ଧମାନ ଭିଆଇବାରେ ଲାଗିଛନ୍ତି ଓ ଆମ ସମସ୍ତଙ୍କୁ ସେହି ଆଡ଼କୁ ଟାଣିନେବାରେ ଲାଗିଛନ୍ତି, ଯାହାର କି ଆଧୁନିକ ଯୁଗରେ ଓ ଏପରିକି ଇତିହାସରେ କୌଣସି ଯୁଗରେ ଆଦୌ କୌଣସି ପଟାନ୍ତର ଦେଖିବାକୁ ମିଳିବ ନାହିଁ ।

ସେହିପରି ଆଉ ଗୋଟିଏ ଭ୍ରମ ମଧ୍ୟ ରହିଥିଲା ଯେ ଗଣତନ୍ତ୍ରର ପ୍ରସାର ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଶାନ୍ତିବାଦୀ ଆଗ୍ରହଟି ମଧ୍ୟ ବୃଦ୍ଧି ପାଇବ ଓ ତଦ୍ଦ୍ୱାରା ଯୁଦ୍ଧର

'oaob.nitrkl.ac.in' images reprocessed

ଅବସାନ ଘଟିବ । ଭାରି ବାଉଳା ହେଲା ପରି ବିଚାର କରା ଯାଉଥିଲା ଯେ ଯୁଦ୍ଧ ସ୍ୱଭାବତଃ କେତୋଟି ବଂଶ ଭିତରେ ଲାଗେ ଓ କେବଳ କୁଳୀନତନ୍ତ୍ର ମଧ୍ୟରେ ଆପଣାକୁ ସୀମାବଦ୍ଧ କରି ରଖିଥାଏ; ଲୁବ୍ଧ ଓ ସମରପ୍ରିୟ ରାଜା ଓ ସାମନ୍ତମାନେ ଭୂମି-ଅଧିକାର ଏବଂ ସମର-ଆଗ୍ରହ ଦ୍ୱାରା ପ୍ରବୃତ୍ତ ହୋଇ ଯୁଦ୍ଧ ଭିଆଉଥିଲେ, ମଣିଷମାନଙ୍କର ଜୀବନକୁ ନେଇ କୂଟନୀତିବାଦୀମାନେ ଚେସ୍ ଖେଳିବାରେ ଲାଗିଥିଲେ,– ଏବଂ ଏହିମାନଙ୍କର ଅପରାଧ ହେତୁହିଁ କଂସେଇଶାଳକୁ ମେଣ୍ଢାମାନଙ୍କୁ ଅଡ଼ାଇ ନେଇଗଲା ପରି ପୃଥିବୀର ଭାଗ୍ୟହୀନ ଜନସମୂହ ଯୁଦ୍ଧକ୍ଷେତ୍ରକୁ ଅଡ଼ାଇ ହୋଇ ଯିବାରେ ଲାଗିଥିଲେ । ଏହି ଅକିଞ୍ଚନମାନେ କେବଳ ତୋପ ମୁହଁରେ ଖାଦ୍ୟରୂପେ ବ୍ୟବହୃତ ହୋଇ ଆସୁଥିଲେ, ଏମାନଙ୍କୁ ସଶସ୍ତ୍ର ଯୁଦ୍ଧ ଅଭିମୁଖରେ ପ୍ରବୃତ୍ତ କରି ନେବା ଲାଗି ଏମାନଙ୍କ ଭିତରେ କୌଣସି ଆଗ୍ରହ ବା ବାସନା ନ ଥିଲା, ଯୁଦ୍ଧ ଲାଗି କୌଣସି କ୍ଷୁଧା ମଧ୍ୟ ନ ଥିଲା; ତେଣୁ ସେମାନଙ୍କୁ କେବଳ ଉଚିତ କଥାଟି କହିଦେବାକୁ ପଡ଼ିବ, ସେମାନଙ୍କୁହିଁ ସମାଜର ପ୍ରଧାନ ଶକ୍ତିର ଅଧିକାରୀ କରାଇବାକୁ ପଡ଼ିବ ଏବଂ ତା'ହେଲେ ସେମାନେ ପରସ୍ପରକୁ ବନ୍ଧୁରୂପେ ଗ୍ରହଣ କରିନେବେ ଓ ସମଗ୍ର ପୃଥିବୀରେ କେବଳ ଭ୍ରାତୃତ୍ୱ ଏବଂ ସଦ୍‌ଭାବହିଁ ପ୍ରତିଷ୍ଠିତ ହେବ । ପ୍ରାଜ୍ଞ ବ୍ୟକ୍ତିମାନେ ଯେଉଁ ଇତିହାସର ଶିକ୍ଷାଟି ବିଷୟରେ ଆମକୁ ବାରବାର କହି ଯାଇଛନ୍ତି, ମନୁଷ୍ୟ ସେହି ଇତିହାସରୁ ଶିକ୍ଷା କରିବା ଲାଗି କେବଳ ନାସ୍ତି କରିବାରେହିଁ ଲାଗିଛି । ତା' ନ ହେଲେ, ପୁରାତନ ଗଣତନ୍ତ୍ରର କାହାଣୀଟି ଏହି ବିଶେଷ ଭ୍ରମଟିରୁ ଆମକୁ ବଞ୍ଚାଇ ରଖିବା ଲାଗି ନିଶ୍ଚୟ ଯଥେଷ୍ଟ ହୋଇଥା'ନ୍ତା । ମାତ୍ର ସେ ଯାହାହେଉ ପଛକେ, ଏଠାରେ ମଧ୍ୟ ଭାଗ୍ୟବିଧାତାଙ୍କର ଉତ୍ତରଟି ଯଥେଷ୍ଟ ପରିମାଣରେ କେବଳ ବିଦ୍ରୂପମୟ ହୋଇ ରହିଛି । ଯଦି ଅଧିକାଂଶ ସମୟରେ କେବଳ ରାଜା ଏବଂ କୂଟନୀତିଜ୍ଞମାନେହିଁ ଏବେ ମଧ୍ୟ ଯୁଦ୍ଧ ଭିଆଇବାର କାରଣ ହୋଇ ରହିଛନ୍ତି, ତେବେ ଏକଥାଟି ମଧ୍ୟ କହିବାକୁ ପଡ଼ିବ ଯେ ଆଧୁନିକ ଗଣତନ୍ତ୍ରଗୁଡ଼ିକ ପରି ଏଡ଼େ ଅଧିକ ଉତ୍ସାହ ଏବଂ କୋଳାହଳ ସହିତ ଆପଣାକୁ ସେମାନଙ୍କର ସହସଙ୍ଗୀ କରି ରଖିବାକୁ ଆଉ କେହି ପ୍ରସ୍ତୁତ ହୋଇପାରି ନାହିଁ ଏବଂ ଆମେ ଏପରି ଦୃଶ୍ୟ ମଧ୍ୟ ବେଶ୍ ଦେଖିବାକୁ ପାଇପାରୁଛୁ ଯେ କେତେକେତେ ସରକାର ତଥା କୂଟନୀତିଜ୍ଞମାନେ ଆତଙ୍କ ଅଥବା ସଂଶୟରେ ସେହି ବିରାଟ ଓ କୋଳାହଳମୟ ଗର୍ତ୍ତଟି ମୁହଁରୁ ଆପଣାକୁ ବଞ୍ଚାଇ ରଖିବା ଲାଗି ଯେକୌଣସି ମତେ ଲଟକି ରହିଯିବାକୁ ଚେଷ୍ଟା କରୁଛନ୍ତି ଏବଂ ତେଣେ କ୍ରୁଦ୍ଧ ଜନଗଣ ସେମାନଙ୍କୁ ଏଡ଼େ ବଡ଼ ପାଟି କରି ସେହି ଗର୍ତ୍ତର ମୁହଁରେ ନେଇ ହାବୁଡ଼େଇ ଦେବାକୁ ପ୍ରାୟ ବାଧ୍ୟ କରିବାରେ ଲାଗିଛନ୍ତି । କିଂକର୍ତ୍ତବ୍ୟବିମୂଢ଼ ଶାନ୍ତିବାଦୀମାନେ, ଯେଉଁମାନେ କି ଏବେ ମଧ୍ୟ ସେମାନଙ୍କର ସିଦ୍ଧାନ୍ତ ଓ ଭ୍ରାନ୍ତିଗୁଡ଼ିକୁ ଜାବୁଡ଼ିକରି ଧରିଛନ୍ତି,

'oaob.nitrkl.ac.in' images reprocessed

ସେମାନଙ୍କୁ ମଧ୍ୟ ଲୋକମାନେ ନାନା ଚିତ୍କାର କରି ନିରସ୍ତ୍ର କରି ପକାଇବାରେ ଲାଗିଛନ୍ତି, ଏବଂ ସବୁଠାରୁ ବେଶ୍ ମଜାର କଥା ହେଉଛି ଯେ, ଏଇ ଏବେଯାଏ ଯେଉଁମାନେ ସେମାନଙ୍କର ସାଥୀ ଏବଂ ନେତା ହୋଇ ରହିଥିଲେ, ସେମାନେ ମଧ୍ୟ ସେହିପରି କରିବାରେ ଲାଗିଛନ୍ତି । କାଲି ଯେଉଁମାନେ ସମାଜବାଦୀ ଥିଲେ, ସିଣ୍ଡିକାଲିଷ୍ଟ୍ ଥିଲେ ଅଥବା ଆନ୍ତର୍ଜାତିକତାବାଦୀ ଥିଲେ, ଆଜି ସେମାନେ ଏହି ପ୍ରଚଣ୍ଡ ପାରସ୍ପରିକ ସଂହାରପର୍ବଟିରେ ପୁରୋଗାମୀ ଧ୍ୱଜାଧାରୀ ହୋଇ ବାହାରିଛନ୍ତି ଏବଂ ଯୁଦ୍ଧକ୍ଷେତ୍ରର ଶ୍ୱାନଯୂଥଙ୍କୁ ଉତ୍ସାହିତ ଓ ଉତ୍ତେଜିତ କରିବା ଲାଗି ହୁଏତ ସବୁଠାରୁ ବଡ଼ ପାଟି କରିବାରେ ଲାଗିଛନ୍ତି ।

ଯୁଦ୍ଧକୁ ବନ୍ଦ କରି ରଖିବା ଲାଗି ଇଉରୋପରେ ଏବେ ଯେଉଁ ମଧ୍ୟସ୍ଥତା କରିଦେବାର ବିଚାରାଳୟ ବସିଥିଲା ଏବଂ ପ୍ରଧାନ ଦେଶମାନଙ୍କୁ ନେଇ ଯେଉଁ ଗୋଷ୍ଠୀଟି ଗଢ଼ା ହୋଇଥିଲା, ସେହିମାନଙ୍କର କ୍ଷମତା ଉପରେ ବିଶ୍ୱାସ କରିବାକୁ ମଧ୍ୟ ସାମ୍ପ୍ରତିକ ଆଉ ଗୋଟିଏ ଭ୍ରମ ବୋଲି କୁହାଯିବ । ଏବଂ ସେଠାରେ ମଧ୍ୟ କୌଣସି କାଳବିଳମ୍ବ ନ କରି ଘଟଣାଗୁଡ଼ିକ ଯେଉଁ ଦିଗରେ ଗତି କଲା, ସେଥିରେ ବି ଯଥେଷ୍ଟ ବିଦ୍ରୂପ ପୂରି ରହିଥିଲା । କାରଣ ଆନ୍ତର୍ଜାତିକ ମଧ୍ୟସ୍ଥତା କରିବାର ବିଚାରାଳୟଟି ଔପଚାରିକ ଭାବରେ ଆରମ୍ଭ ହେବା ପରେପରେହିଁ ସାନ ବଡ଼ କେତେକେତେ ଯୁଦ୍ଧ ଆରମ୍ଭ ହୋଇଗଲା, ଯାହାକି ଏକ ଅନମନୀୟ ପରସ୍ପର-ସଂଇଗ୍ନତାର ନ୍ୟାୟ ଦ୍ୱାରା ପରିଚାଳିତ ହୋଇ ଅନେକ ଦିନରୁ ଯାହା ଘଟିବ ବୋଲି ଭୟ କରା ଯାଉଥିଲା, ସେହି ଇଉରୋପୀୟ ସଂଘର୍ଷଟିକୁହିଁ ଯାଇ ଡାକି ଆଣିଲା; ଏବଂ ଯେଉଁ ରାଜାଙ୍କ ମନରେ ଏହି କଳ୍ପନାଟି ସର୍ବପ୍ରଥମେ ଆସିଥିଲା, ସେଇ ସର୍ବପ୍ରଥମେ ଆପଣାର ତରବାରିଟିକୁ କୋଷମୁକ୍ତ କରିଦେଇ ଏପରି ଏକ ସଂଘର୍ଷ ଆରମ୍ଭ କରିଦେଲେ, ଯାହାକି ସବୁଠାରୁ ଅଧିକ ଅସଦାଚାରୀ ଏକ ଲୋଲୁପତା ଏବଂ ଆକ୍ରମକତା ସହିତ ଉଭୟ ପକ୍ଷରୁହିଁ ଆପଣାକୁ ପ୍ରେରିତ କରି ଆଣିଥିଲା । ଏହି ଯୁଦ୍ଧଗୁଡ଼ିକ ବସ୍ତୁତଃ ଉତ୍ତର ଅଥବା ଦକ୍ଷିଣ ଆଫ୍ରିକା, ମାଞ୍ଚୁରିଆ କିଂବା ବଲ୍‌କାନ୍ ଅଞ୍ଚଳ ଯେଉଁଠି ହେଲେ ଲଢ଼ାଯାଇଥାଉ ପଛକେ, ତାହା ଅତ୍ୟନ୍ତ ପ୍ରାଧାନ୍ୟ ସହିତ ଏପରି ଏକ ମନୋଭାବ ଦ୍ୱାରା ଗୋଟାସୁଦ୍ଧା ଜଡ଼ିତ ହୋଇ ରହିଥିଲା, ଯାହାକି ଅତ୍ୟନ୍ତ ବ୍ୟଙ୍ଗପୂର୍ଣ୍ଣତା ସହିତ ଅନ୍ତର୍ନିହିତ ଏବଂ ବିଦ୍ୟମାନ ଯାବତୀୟ ଅଧିକାରର କେବଳ ଅବଜ୍ଞା ଓ ଅବମାନନାହିଁ କରିଥାଏ; ଆଇନ୍ ଏବଂ ନ୍ୟାୟବିଚାର ମଧ୍ୟରେ ଯେଉଁ ଭାରସାମ୍ୟ ରହିଥିଲେ ଯାଇ କୌଣସିପ୍ରକାର ମଧ୍ୟସ୍ଥତା ଏବଂ ମୀମାଂସା ସମ୍ଭବ ହୋଇଥାଏ, ତାହା ସେହି ଭାରସାମ୍ୟଟିରହିଁ ଅବଜ୍ଞା କରେ । ବୃହତ୍ ଶକ୍ତିମାନଙ୍କୁ ନେଇ ଇଉରୋପରେ ଯେଉଁ ଗୋଷ୍ଠୀଟି ଗଢ଼ା ହୋଇଥିଲା, ସେ ବିଷୟରେ ଏଠାରେ ଏତିକି ମାତ୍ର କୁହାଯିବ ଯେ ତାହା ବର୍ତ୍ତମାନ ଆମଠାରୁ ଅତିଶୟ ଦୂରରେ ରହିଥିବା ପରିହିଁ ବୋଧ ହେଉଛି, ଆପଣାର

'oaob.nitrkl.ac.in' images reprocessed

ପ୍ରାଚୀନତାରେ ପ୍ରାୟ ପ୍ରଳୟ ପୂର୍ବର ଏକ ଘଟଣା ପରି ହୋଇ ରହିଛି, କାରଣ ଠିକ୍ ପ୍ରଳୟର ପୂର୍ବବର୍ତ୍ତୀ ଏକ ଯୁଗରେହିଁ ହୁଏତ ତାହା ସମ୍ଭବ ହେବ । ମାତ୍ର ସେହି ଗୋଷ୍ଠୀଟି ଯେ ପ୍ରକୃତରେ କେଡ଼େ ବେଛନ୍ଦ ଓ ବେତାଳିଆ ହୋଇ ତିଆରି ହୋଇଥିଲା, ଆମେ ସମସ୍ତେ ନିଶ୍ଚୟ ସେକଥାଟିକୁ ସ୍ମରଣ କରିପାରିବା; ତା' ଭିତରେ କେତେ ଚାଲବାଜି ଖେଳାଗଲା ଓ କେତେକେତେ ଭୁଲ୍ କରାଗଲା, ଏବଂ ଯାହା ଘଟିବ ନାହିଁ ବୋଲି ତାହା ସଂଘର୍ଷ କରୁଥିଲା, ଶେଷକୁ ତାହା କିପରି ଆମକୁ ମରଣାନ୍ତକ ଭାବରେ ଠିକ୍ ସେହି ଅନିବାର୍ଯ୍ୟ ଅଘଟଣଟି ପାଖରେ ନେଇ ହାବୁଡ଼େଇ ଦେଲା, ସେକଥା ଆମେ ନିଶ୍ଚୟ ମନେ ରଖିଥିବା । ସେହି ଗୋଷ୍ଠୀଟି ଭାଙ୍ଗିଯିବା ପରେ ତାହା ସ୍ଥାନରେ ଏକ ଇଉରୋପୀୟ ଯୁକ୍ତରାଜ୍ୟର ଗଠନ ଲାଗି ଅନେକେ ପ୍ରସ୍ତାବ ଦେଉଛନ୍ତି ଏବଂ ବିଚରା ଅସହାୟ ହେଗ୍ ବିଚାରାଳୟଟି ସ୍ଥାନରେ ପ୍ରକୃତରେ ଫଳପ୍ରଦ ହୋଇପାରୁଥିବା ଆନ୍ତର୍ଜାତିକ ବିଧାନର ଏକ ବିଚାରାଳୟ ବସାଇବାକୁ କହୁଛନ୍ତି, ଆପଣାର ନିଷ୍ପତ୍ତିଗୁଡ଼ିକୁ ମାନିନେବା ଲାଗି ସଂପୃକ୍ତ ପକ୍ଷଗୁଡ଼ିକୁ ବାଧ କରିବା ସକାଶେ ଯାହାର ଆବଶ୍ୟକ ଶକ୍ତି ମଧ ରହିଥିବ । ମାତ୍ର ଯେପର୍ଯ୍ୟନ୍ତ ଲୋକମାନେ ଯାନ୍ତ୍ରିକ ସଂଗଠନରେହିଁ ପ୍ରକୃତ ଓ ସାର୍ବଭୌମ କ୍ଷମତା ରହିଛି ବୋଲି ବିଶ୍ୱାସ କରିବାରେ ଲାଗିଥିବେ, ଉପରୁ ଦେବତାମାନେ ସେମାନଙ୍କର ସୁଚିନ୍ତିତ ବିଦ୍ରୁପରୁ ପ୍ରକୃତରେ କେବେ କ୍ଷାନ୍ତ ରହିବେ ବୋଲି ଆଦୌ କୌଣସି ସମ୍ଭାବନା ଦେଖାଯାଉ ନାହିଁ ।

ଏ ବିଷୟରେ ଅନ୍ୟ କଳ୍ପନାମାନ ବି କରାଯାଇଛି, ଅନ୍ୟ ଯୁକ୍ତିମାନ ବି ବାଢ଼ି ଦିଆଯାଇଛି । ପ୍ରବୀଣ କେତେକେତେ ମନ ବିଶ୍ୱାସ ଲାଗି ଏକ ଅଧିକ ଦୃଢ଼ ଏବଂ ଅଧିକ ବୁଦ୍ଧିପ୍ରସୂତ ଭୂମିଟିଏ ଖୋଜି ବାହାର କରିବା ଲାଗି କେତେକେତେ ଚେଷ୍ଟା କରିଛନ୍ତି । ଏହିପରି ଏକ ଭୂମି ବିଷୟରେ ରୁଷିଆର ଜଣେ ଲେଖକଙ୍କର ଗୋଟିଏ ପୁସ୍ତକରେ ପ୍ରଚାର କରାଯାଇ ଥିଲା, ଯାହାକି ତା'ର ଆପଣା ସମୟରେ ଅନେକ ସଫଳତା ଲାଭ କରିଥିଲା ମାତ୍ର ବର୍ତ୍ତମାନ ସତେଅବା ନୀରବତା ମଧକୁ ଅନ୍ତର୍ହିତ ହୋଇଯାଇଛି । ବିଜ୍ଞାନ ଯୁଦ୍ଧକୁ ବାସ୍ତବ ଭୌତିକ କ୍ଷେତ୍ରରେ ଅସମ୍ଭବ କରି ପକାଇବ ଓ ତାହାରି ଦ୍ୱାରା ଯୁଦ୍ଧର ଅବସାନ ଘଟାଇବ ବୋଲି ସେହି ପୁସ୍ତକରେ କୁହାଯାଇଥିଲା । ଗଣିତର ପ୍ରମାଣ ଦେଇ ଦେଖାଇ ଦିଆ ଯାଇଥିଲା ଯେ ଆଧୁନିକ ଶସ୍ତ୍ରାସ୍ତ୍ରଗୁଡ଼ିକ ସହିତ ଦୁଇଟି ସମକକ୍ଷ ସେନାବାହିନୀ ପରସ୍ପର ସହିତ ଲଢ଼ିବାକୁ ଆସିଲେ ସେମାନେ ପରିଶେଷରେ କେବଳ ପରସ୍ପରକୁ ନିଃଶେଷିତହିଁ କରିଦେଇ ପାରିବେ, ଅନ୍ୟପକ୍ଷର ତୁଳନାରେ ତିନିଗୁଣ ଅଧିକ ସଂଖ୍ୟାର ସୈନ୍ୟବଳ ରହିଥିଲେ ଯାଇ କୌଣସି ଗୋଟିଏ ପକ୍ଷ ପଟରେ ତା' ଉପରେ ଆକ୍ରମଣ କରିବା ସମ୍ଭବ ହେବ; ଏବଂ ତେଣୁ, ଯୁଦ୍ଧ ଦ୍ୱାରା ପ୍ରକୃତରେ କୌଣସି ସାମରିକ ନିଷ୍ପତ୍ତି

'oaob.nitrkl.ac.in' images reprocessed

ହୋଇ ପାରିବ ନାହିଁ, ମାତ୍ର କେବଳ ଜନସମୂହଗୁଡ଼ିକର ସୁସଂଗଠିତ ସାଧାରଣ ଜୀବନଟିର ଶାନ୍ତିଭଙ୍ଗ କରି ତାହାକୁ କେବଳ ନିଷ୍ଫଳ ଭାବରେ କିଛିତ୍ ଓଲଟପାଲଟ କରିଦେବାହିଁ ସାର ହେବ । ତା'ର ପ୍ରାୟ ଅବ୍ୟବହିତ ପରେ ରୁଷିଆ ଓ ଜାପାନ ଭିତରେ ଯୁଦ୍ଧ ଲାଗିଲା, ଏବଂ, ଆକ୍ରମଣ କରିବା ଓ ବିଜୟଲାଭ କରିବା ଯେ ତଥାପି ସମ୍ଭବ ଏବଂ ମନୁଷ୍ୟର ଯୁଦ୍ଧ-ଉନ୍ମାଦ ତା'ର ମୃତ୍ୟୁଆନୟନକାରୀ ଯନ୍ତ୍ରଗୁଡ଼ିକର ଉନ୍ମାଦଠାରୁ ଯେ ଅଧିକ ସମର୍ଥ, ସେହି କଥାଟି ବି ପ୍ରମାଣିତ ହୋଇଗଲା । ଏବଂ ତା'ପରେ ଆଉ ଗୋଟିଏ ପୁସ୍ତକ ପ୍ରକାଶିତ ହେଲା ଏବଂ ତାହାର ଏପରି ଏକ ନାମ ଦିଆଗଲା, ଯାହାକି କ୍ରମେ ପୂର୍ବର ସେହି ଲେଖକଙ୍କ ଉଦ୍ଦେଶ୍ୟରେ ସତେଅବା ଏକ ବିଦ୍ରୂପ ପରି ହୋଇ ରହିଲା; "ବୃହତ୍ ଭ୍ରମ" ବୋଲି ଅଭିହିତ ଏହି ପୁସ୍ତକଟିରେ ପ୍ରମାଣ କରାଯାଇଥିଲା ଯେ ଯୁଦ୍ଧ ଏବଂ ବିଜୟଲାଭ ଦ୍ୱାରା ବାଣିଜ୍ୟିକ ଫାଇଦାମାନ ପ୍ରାପ୍ତ ହୁଏ ବୋଲି ଯେଉଁ ଧାରଣାଟି ରହିଆସିଛି, ତାହା ହେଉଛି ପ୍ରକୃତରେ ଏକ ଭ୍ରମଧାରଣା, ଏବଂ ସମସ୍ତେ ଏହି ସତ୍ୟଟିକୁ ବୁଝିବାକୁ ଆରମ୍ଭ କରିବା ସଙ୍ଗେ ସଙ୍ଗେ ଏବଂ ଶାନ୍ତିପୂର୍ଣ୍ଣ ଆଦାନପ୍ରଦାନର ସମ୍ପୂର୍ଣ୍ଣ ଲାଭଟିକୁ ହୃଦୟଙ୍ଗମ କରିବା ସଙ୍ଗେସଙ୍ଗେ, ପ୍ରଧାନତଃ ବାଣିଜ୍ୟିକ ସଂପ୍ରସାରଣର ମତଲବ ରଖି କଳହ-ନିଷ୍ପତ୍ତିର ଯେଉଁ ପଦ୍ଧତିଟିକୁ ଗ୍ରହଣ କରାଯାଉଛି ଏବଂ ତଥାପି ଯାହାର ଏକମାତ୍ର ବିନାଶକାରୀ ପରିଣତି ରୂପେ ତାହାର ମତଲବ ହୋଇ ରହିଥିବା ବାଣିଜ୍ୟିକ ବୃଦ୍ଧିର କ୍ଷେତ୍ରରେ ଏକ ମରଣଘାତୀ ବିଘଟନହିଁ ଘଟୁଛି, ବିଭିନ୍ନ ଜାତି ସେହି ପଦ୍ଧତିଟିକୁ ନିଶ୍ଚୟ ବର୍ଜନ କରି ଆସିବେ । ପୁସ୍ତକଟିରେ ଏହି ଯେଉଁ ସୁଚିନ୍ତିତ ଏବଂ ବୁଦ୍ଧିଯୁକ୍ତ କଥାଟି କୁହାଯାଇଥିଲା, ଦେବତାମାନଙ୍କଠାରୁ ତାହାରି ଏକ ସତ୍ୱର ଜବାବ ରୂପେ ବର୍ତ୍ତମାନର ଯୁଦ୍ଧଟି ଆସି ପହଞ୍ଚିଲା । ବିଜୟଲାଭ ସକାଶେ ଏବଂ ବାଣିଜ୍ୟିକ ସଂପ୍ରସାରଣ ସକାଶେହିଁ ସମସ୍ତେ ଏହି ଯୁଦ୍ଧଟିକୁ ଲଢ଼ିଛନ୍ତି, ଏବଂ ଯୁଦ୍ଧକ୍ଷେତ୍ରରେ ଏହି ଯୁଦ୍ଧଟିକୁ ଲଢୁଥିବା ସମୟରେ ମଧ୍ୟ ଯୁଦ୍ଧରତ ଜାତିଗୁଡ଼ିକ ମଧ୍ୟରେ ଏକ ବାଣିଜ୍ୟିକ ସଂଗ୍ରାମ ଯୁଗପତ୍ ଭାବରେ ଆରମ୍ଭ ହୋଇ ଯାଇଛି ।

ଯେଉଁ ବ୍ୟକ୍ତିମାନେ ଏହି ପୁସ୍ତକଗୁଡ଼ିକୁ ଲେଖିଥିଲେ, ସେମାନେ ଯେ ଜଣେଜଣେ ସମର୍ଥ ବିଚାରକ ଥିଲେ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ, ମାତ୍ର ସେମାନେ ଯାହା ପ୍ରକୃତରେ ମହତ୍ତ୍ୱପୂର୍ଣ୍ଣ, ସେଇଟିର କଥା ଏକାବେଳେକେ ଭୁଲିଯାଇଥିଲେ; ସେମାନେ ମନୁଷ୍ୟର ସ୍ୱଭାବଟିକୁ ଭୁଲିଯାଇଥିଲେ । ବର୍ତ୍ତମାନର ଯୁଦ୍ଧଟି କେତେକ ପରିମାଣରେ ସେହି ରୁଷୀୟ ଲେଖକଙ୍କର କଥାଗୁଡ଼ିକର ଯଥାର୍ଥତାକୁ ପ୍ରମାଣ କରିଦେଇଛି; ଅବଶ୍ୟ ଏକଥା ସତ, ଘଟଣାଗୁଡ଼ିକର ଗତି ପ୍ରକୃତରେ ଏହିପରି ହେବ ବୋଲି ସିଏ ଆଦୌ ଆଗରୁ ଦେଖିପାରି ନ ଥିଲେ । ବୈଜ୍ଞାନିକ ପ୍ରଣାଳୀକୁ ଆଣି ଯୁଦ୍ଧରେ ଖଟାଇବା

'oaob.nitrkl.ac.in' images reprocessed

ସଙ୍ଗେସଙ୍ଗେ ସାମରିକ ସୈନ୍ୟଚାଳନା କ୍ରମେ ଯନ୍ତ୍ରଗତହିଁ ହୋଇଯାଇଛି ଏବଂ ତାହା ଯୁଦ୍ଧର ଯାବତୀୟ ନୀତି ଓ କୌଶଳ ବିଷୟରେ ପାରଙ୍ଗମ ହୋଇ ରହିଥିବା ବିଶାରଦମାନଙ୍କୁ ପ୍ରକୃତରେ ଅବାକ୍ କରି ପକାଇଛି; ଗୋଟିଏ ପକ୍ଷରେ ଅନେକ ଅଧିକ ସଂଖ୍ୟକ ସୈନ୍ୟ ନ ଥିଲେ ବା ସେହିଭଳି ଅଧିକ ପରିମାଣରେ ତୋପବାରୁଦ ନ ଥିଲେ କୌଣସି ପ୍ରକାର ମୀମାଂସକ ବିଜୟଲାଭ କରିବା ଏବେ ପ୍ରକୃତରେ ଅସମ୍ଭବ ହୋଇପଡ଼ିଛି । ମାତ୍ର ତାହା ବୋଲି ଯୁଦ୍ଧ ଅସମ୍ଭବ ହୋଇପଡ଼ି ନାହିଁ, ଯୁଦ୍ଧର ସ୍ୱଭାବଟି ଯାହା ବଦଳି ଯାଇଛି । ଖୁବ୍ ବେଶୀ ହେଲେ, ଆଗରୁ ଯେଉଁଠି ସାମରିକ ନିଷ୍ପତ୍ତିଗୁଡ଼ିକ ଦ୍ୱାରା ଯୁଦ୍ଧ କରାଯାଉଥିଲା, ଏବେ ସେହି ସ୍ଥାନରେ ସାମରିକ ଏବଂ ଆର୍ଥିକ ଦୃଷ୍ଟିରୁ ଶତ୍ରୁପକ୍ଷକୁ ନିଃଶେଷିତ କରିଦେଇ ଏବଂ ଦୁର୍ଭିକ୍ଷର ସେହି ନିର୍ମମ ଅସ୍ତ୍ରଟିର ପ୍ରୟୋଗ କରାହୋଇ ବର୍ତ୍ତମାନ ଯୁଦ୍ଧ କରାହେଉଛି । ଅନ୍ୟ ପକ୍ଷରେ, ଇଂରେଜ ଲେଖକ ଜଣକ କେବଳ ଅର୍ଥନୀତିକ୍ଷେତ୍ରର ମତଲବଟିକୁହିଁ ମହତ୍ତ୍ୱପୂର୍ଣ୍ଣ ଏକମାତ୍ର କାରଣ ବୋଲି ଦର୍ଶାଇବାକୁ ଯାଇ ଭୁଲ୍ କରି ପକାଇଲେ; ଆଧିପତ୍ୟ-ଲାଭ ସକାଶେ ମନୁଷ୍ୟ ଭିତରେ ଯେଉଁ ଲାଳସା ରହିଛି, ବାଣିଜ୍ୟିକତାର କ୍ଷେତ୍ରରେ ପ୍ରବିଷ୍ଟ ହୋଇ ତାହା ଯେପରି ନିର୍ବିବାଦ ଭାବରେ ସକଳ ହାଟ ଓ ପଣ୍ୟକ୍ଷେତ୍ରକୁ ଆପଣାର ନିୟନ୍ତ୍ରଣରେ ଆଣି ରଖିବାକୁ ଏବଂ ଅସହାୟ କେତେକେତେ ଜନସମୂହଙ୍କୁ ଶୋଷଣ କରିବାକୁ ମନ କରୁଛି, ଲେଖକ ସେଇଟିର ବିଷୟ ଏକାବେଳେକେ ଭୁଲିଗଲେ । ପୁନଶ୍ଚ, ସଂଗଠିତ ହୋଇ ରହିଥିବା ଜାତୀୟ ଏବଂ ଅନ୍ତର୍ଜାତୀୟ ଜୀବନର ବିଘଟନକୁ ଆମେ ଯେତେବେଳେ ଯୁଦ୍ଧର ଏକ ପ୍ରତିଷେଧକ ରୂପେ ବିଚାର କରୁଛୁ, ସେତେବେଳେ, ଆପଣାକୁ ଅବସ୍ଥା ସହିତ ଅନୁକୂଳିତ କରିନେବା ଲାଗି ମନୁଷ୍ୟର ଯେଉଁ ଅମିତ ପଟୁତା ରହିଛି, ଆମେ ସେହି କଥାଟିକୁ ଏକାବେଳେକେ ଭୁଲିଯାଉଛୁ । ଯେଉଁଭଳି କୁଶଳତା ସହିତ ଏବଂ ଯେପରି ନିଶ୍ଚିତ ଭାବରେ ଶାନ୍ତିର ସଂଗଠନ ଏବଂ ଆର୍ଥିକ ଭୂମିର ସ୍ଥାନାପନ୍ନ ଭାବରେ ମନୁଷ୍ୟ ବର୍ତ୍ତମାନର ସଂକଟ ସମୟରେ ଯୁଦ୍ଧର ସଂଗଠନ ଏବଂ ଆର୍ଥିକ ଆୟୋଜନଟିକୁ ଗ୍ରହଣ କରିନେଇ ପାରିଲା, ସେଇଟିରୁହିଁ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବରେ ତାହାର ସେହି ଶକ୍ତିଟିର ପ୍ରମାଣ ମିଳିଯାଇଛି । ଏବଂ ଯୁଦ୍ଧକୁ ଅସମ୍ଭବ କରିଦେବା ଲାଗି ଯେତେବେଳେ ଆମେ ବିଜ୍ଞାନ ଉପରେ ଆସ୍ଥା ରଖିବାକୁ ବାହାରୁଛୁ, ସେତେବେଳେ ଆମେ ଏକାବେଳେକେ ଭୁଲିଯାଉଛୁ ଯେ ବିଜ୍ଞାନର ପ୍ରଗତି କହିଲେ ସବୁବେଳେ ଗୋଟିକ ପରେ ଗୋଟିଏ ବିସ୍ମୟକୁ ବୁଝାଇଥାଏ, ଯାବତୀୟ ଅସମ୍ଭବତାକୁ ଅତିକ୍ରମ କରିବା ଲାଗି ଏବଂ ଆମର ବିଚାର, ବାସନା ତଥା ପ୍ରବୃତ୍ତିଗୁଡ଼ିକର ତର୍ପଣ ସକାଶେ ସର୍ବଦା ନୂଆନୂଆ ଉପାୟର ଅନୁସନ୍ଧାନ କରିବା ଲାଗିହିଁ ମନୁଷ୍ୟ ମଧ୍ୟରେ ରହିଥିବା ବିଚକ୍ଷଣ ବୁଦ୍ଧିକୁଶଳତାର ଏକ ସତତ ଉଦ୍ୟମକୁ ବୁଝାଇଥାଏ । ବର୍ତ୍ତମାନ ବନ୍ଧୁକ, ବୋମା, ମାଇନ୍ ଏବଂ ଯୁଦ୍ଧଜାହାଜ

'oaob.nitrkl.ac.in' images reprocessed

ସାହାଯ୍ୟରେ ଯେଉଁ ପ୍ରକାରର ଯୁଦ୍ଧ ଲାଗୁଛି, ବିଜ୍ଞାନ ଇଚ୍ଛାକଲେ ସେହି ଯୁଦ୍ଧକୁ ଏକ ଅସମ୍ଭବତାରେ ପରିଣତ କରି ଦେଇପାରେ ଏବଂ ତଥାପି ସେଗୁଡ଼ିକ ସ୍ଥାନରେ ଏଭଳି ନାନା ଅଧିକ ସରଳ ଓ ସଂକ୍ଷିପ୍ତ ଉପାୟଗୁଡ଼ିକୁ ବିକଶିତ କରାଇ ଆଣିପାରେ, ଯାହାକି ଯୁଦ୍ଧର ସଂଗଠନକୁ ପୂର୍ବ ତୁଳନାରେ ଅନେକ ଅଧିକ ସହଜ ମଧ୍ୟ କରି ଦେଇପାରେ ।

ଯେପର୍ଯ୍ୟନ୍ତ ଆମ ମାନସଭୂମିରେ ଯୁଦ୍ଧ ଅସମ୍ଭବ ବୋଲି ଉପଲବ୍ଧ ନ ହୋଇଛି, ସେପର୍ଯ୍ୟନ୍ତ ଯୁଦ୍ଧ ଅବଶ୍ୟ ରହିଥିବ; ଅଥବା, ମଝିରେ କେତେ ସମୟ ଲାଗି ପରିହୃତ ହୋଇ ରହିଲେ ମଧ୍ୟ, ତାହା ପୁନର୍ବାର ଫେରି ଆସୁଥିବ । ଅନେକ ସମୟରେ ଆଶା କରାଯାଇଥାଏ ଯେ ଯୁଦ୍ଧହିଁ ଯୁଦ୍ଧର ଅବସାନ ଘଟାଇବ । ଯୁଦ୍ଧ ଲାଗି ଯେତେ ଖର୍ଚ୍ଚ କରିବାକୁ ପଡୁଛି, ତାହା ଫଳରେ ଯେଉଁ ଭୟାବହତା ଏବଂ ନୃଶଂସତାମାନ ଘଟୁଛି, ସାଧାରଣ ସ୍ୱାଭାବିକ ଜୀବନର ଶାନ୍ତିକୁ ଯେପରି ଭାବରେ ବ୍ୟାହତ କରିଦିଆଯାଉଛି ଏବଂ ଯାବତୀୟ ନିୟନ୍ତ୍ରଣରୁ ବାହାରି ଯାଇଥିବା ଯେଉଁସବୁ ରକ୍ତଲୋଲୁପ ଉନ୍ମତ୍ତତାକୁ ସହ୍ୟ କରିବାକୁ ପଡୁଛି, ତାହା ବର୍ତ୍ତମାନ ଏପରି ଅଭୂତପୂର୍ବ ଅନୁପାତରେ ଆସି ପହଞ୍ଚିଲାଣି ଅଥବା ଅଚିରେ ପହଞ୍ଚିବାକୁ ଯାଉଛି ଯେ ମନୁଷ୍ୟଜାତି କ୍ରମେ ଏଗୁଡ଼ାକୁ ନେଇ କ୍ଳାନ୍ତ ଓ ବିରକ୍ତ ହୋଇ ପଡ଼ିବ ଏବଂ ଏହି ଭୟଙ୍କରତାଟିକୁ ବର୍ଜନ କରି ବାହାରି ଆସିବ,— ଏହିପରି ଚିନ୍ତା କରାଯାଉଛି । ମାତ୍ର କ୍ଳାନ୍ତି ହେଉ ବା ବିରକ୍ତି ହେଉ, ତ୍ରାସ ହେଉ ବା କରୁଣା ଦ୍ୱାରା ବିଗଳିତ ହୋଇପଡ଼ିବା ହେଉ, ଏପରିକି, ଯୁଦ୍ଧ ଦ୍ୱାରା ମନୁଷ୍ୟର ଜୀବନ ଓ ଶକ୍ତି ଯେପରି ବୃଥା ବରବାଦ ହେବାରେ ଲାଗିଛି ଏବଂ ତଦ୍ୱାରା ଯେପରି ଏତେ ପ୍ରଭୂତ କ୍ଷତି ଏବଂ ଅନାବଶ୍ୟକ ଅର୍ଥବ୍ୟୟକୁ ପ୍ରଶ୍ରୟ ଦେବାକୁ ପଡୁଛି, ସେହିସବୁ ବାସ୍ତବ ସତ୍ୟର ନଜିର ଦେଇ ଆମର ବିବେକ ଆମର ଆଖିକୁ ଖୋଲି ବି ଦେଇଯାଉ ପଛକେ, ଏଗୁଡ଼ାକୁ ଆମେ କଦାପି ସ୍ଥାୟୀ କଥା ବୋଲି କହିପାରିବା ନାହିଁ; ପାଇଥିବା ଶିକ୍ଷାଟି ଆମ ମନଭିତରେ ସଜ ହୋଇ ରହିଥିବା ପର୍ଯ୍ୟନ୍ତହିଁ ସେଗୁଡ଼ିକ ଆମପାଖରେ ଥାଆନ୍ତି । ଏବଂ ତା'ର ପରେ ପରେ ବିସ୍ମରଣ ଆସିଯାଏ; ମନୁଷ୍ୟର ସ୍ୱଭାବ ପୁଣି ଆପଣାର ପୁରୁଣା ଗୁଳାଟିକୁ ଫେରିଆସେ ଏବଂ ଯେଉଁସବୁ ପ୍ରବୃତ୍ତି ଅସ୍ଥାୟୀ ଭାବରେ ଆଉ କାହା ଆଧିପତ୍ୟରେ ରହିଥିଲା, ସେଗୁଡ଼ିକୁ ପୁଣି ଜାଗ୍ରତ କରିଆଣେ । ଏକଥା ବେଶ୍ କଳ୍ପନା କରା ଯାଇପାରେ ଯେ ଦୀର୍ଘକାଳ ରହିପାରୁଥିବା ଏକ ଶାନ୍ତି ଅଥବା ଶାନ୍ତିର ଏକ ସଂଗଠନ ହୁଏତ ନିଶ୍ଚୟ ସମ୍ଭବ ହୋଇପାରେ, ମାତ୍ର ମନୁଷ୍ୟର ହୃଦୟ ବର୍ତ୍ତମାନ ଯେଉଁପରି ଅଛି, ଠିକ୍ ସେହିପରି ରହିଥିବା ପର୍ଯ୍ୟନ୍ତ ସେହି ଶାନ୍ତି ଦିନେ ନା ଦିନେ ଆମର ହାତଛଡ଼ା ହୋଇଯିବ; ମନୁଷ୍ୟର ନାନା ପ୍ରବଳ ଅନ୍ୟ ବାସନା ଦ୍ୱାରା ସଂଗଠନଟି ମଧ୍ୟ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଯିବ । ସମ୍ଭବତଃ ଏକଥା ସତ ଯେ ଜୀବବିଜ୍ଞାନର ଦୃଷ୍ଟିରୁ ବିଚାର କରି ଦେଖିଲେ ଯୁଦ୍ଧର ଆଉ

'oaob.nitrkl.ac.in' images reprocessed

କୌଣସି ଆବଶ୍ୟକତା ନାହିଁ, ମାତ୍ର ମନୁଷ୍ୟର ମାନସକ୍ଷେତ୍ରରେ ଏହାର ଆବଶ୍ୟକତା ଅବଶ୍ୟ ରହିଛି । ଆମ ଭିତରେ ଯାହାକିଛି ରହିଛି, ତାହା ଦିନେ ନା ଦିନେ ବାହାରକୁ ଅବଶ୍ୟ ପ୍ରକଟ ହୋଇ ଆସିବ ।

ତେଣୁ ବର୍ତ୍ତମାନ ଆମ ଭିତରେ ଯେତେଯେତେ ମିଛ ଆଶା ରହିଛି ଓ ଭାରି ବିଶ୍ୱାସର ସହିତ ଆମେ ଏଇଟା ହେବ ସେଇଟା ହେବ ବୋଲି ଯେତେଯାହା ଭବିଷ୍ୟବାଣୀ କରିବାରେ ଲାଗିଛୁ, ଆବଶ୍ୟକ ପଡ଼ିଲେ ଦେବତାମାନଙ୍କର ପରିହାସ ଦ୍ୱାରା ମଧ୍ୟ ଆମକୁ ତାହାର ଜବାବ ମିଳିଯିବା ଉଚିତ । କାରଣ କେବଳ ତାହାରି ଦ୍ୱାରାହିଁ ଆମେ ପ୍ରକୃତ ପ୍ରତିକାରଟିର କଳ୍ପନା କରିବା ଲାଗି ସମର୍ଥ ହୋଇପାରିବା । ଅନ୍ୟମାନେ ମୋ' ସହିତ ଏକାଠି ଅଛନ୍ତି ଓ ଏକାଠି ଜୀବନ ଧାରଣ କରୁଛନ୍ତି, କେବଳ ଏତିକି ନୁହେଁ, ମାତ୍ର ଯେତେବେଳେ ମନୁଷ୍ୟ ଭିତରେ ଏକତାବୋଧ ଏବଂ ସାମୂହିକତା-ବୋଧହିଁ ତା'ଭିତରେ ସର୍ବପ୍ରଧାନ ବୋଧରୂପେ ବିକଶିତ ହୋଇଆସିବ, ଯେତେବେଳେ ମନୁଷ୍ୟ ଅନ୍ୟ ମନୁଷ୍ୟଙ୍କୁ କେବଳ ଭାଇ ବୋଲି ଚିହ୍ନିବ ନାହିଁ,– ଏହି ବନ୍ଧନଟି ବଡ଼ ଅସ୍ଥାୟୀ ଏବଂ ସବୁବେଳେ ତୁଟିଯିବାର ଭୟ ରହିଛି,– ମାତ୍ର ସେମାନଙ୍କୁ ତା' ନିଜର ଅଙ୍ଗାଙ୍ଗୀ ଅଂଶରୂପେହିଁ ଅନୁଭବ କରିପାରିବ, ଯେତେବେଳେ, କେବଳ ଆପଣାର ଏକ ଅଲଗା ବ୍ୟକ୍ତିଗତ ଏବଂ ସାମୂହିକ ଅହଂବୋଧ ମଧ୍ୟରେ ନୁହେଁ, ମାତ୍ର ଏକ ବୃହତ୍ ବିଶ୍ୱମୟ ଚେତନା ମଧ୍ୟରେହିଁ ସେ ବାସ କରି ଶିଖିବ, ସେତେବେଳେ ଯାଇ ଯୁଦ୍ଧର ଅନ୍ତ ହେବ ଓ ତାହା ଆଉ ପୁନର୍ବାର ଲେଉଟି ଆସିବ ନାହିଁ; ଯେଉଁ ଅସ୍ତ୍ର ମନ ସେ ଅସ୍ତ୍ର ଦେଇ ଯୁଦ୍ଧ ଲଢ଼ା ହେଉଥିଲେ ମଧ୍ୟ ତାହାର ଅବସାନ ଘଟିବ । ମାତ୍ର ସେହି ଅବସ୍ଥାଟି ଆସିବା ପୂର୍ବରୁ ମନୁଷ୍ୟ ଯେ ସେହି ଲକ୍ଷ୍ୟଟିରେ ପହଞ୍ଚିବା ସକାଶେ ହୁଏତ ଗୁଡ଼ାଏ ଭ୍ରମକୁ ସମ୍ବଳ କରି ସଂଗ୍ରାମ କରିବାରେ ଲାଗିଥିବ, ତାହାକୁ ଆମେ ଅବଶ୍ୟ ଅତ୍ୟନ୍ତ ଭଲ ଏକ ସଂକେତ ବୋଲି କହିବା । କାରଣ ଏଥିରୁ ସ୍ପଷ୍ଟ ପ୍ରମାଣ ମିଳିଯାଉଛି ଯେ ଭ୍ରମଟି ପଛରେ ଯେଉଁ ସତ୍ୟ ପ୍ରଚ୍ଛନ୍ନ ହୋଇ ରହିଛି ତାହାହିଁ ଅସଲ ମୁହୂର୍ତ୍ତଟି ଲାଗି କ୍ରମେ ଚାପ ପକାଇବାରେ ଲାଗିଛି; ଯେତେବେଳେ ତାହା ଏକ ବାସ୍ତବ ଘଟଣାରୂପେ ପ୍ରକଟ ହୋଇଆସିବ, ସେହି ମୁହୂର୍ତ୍ତଟି ଲାଗି ଭିତରୁ ଚାପ ପକାଇବାରେ ଲାଗିଛି ।

'oaob.nitrkl.ac.in' images reprocessed

# ଅଦୃଶ୍ୟ ଶକ୍ତି

ଗୋଟିଏ ଯୁଦ୍ଧର ଅବସାନ ଘଟିଛି, ବିଚାରର କ୍ଷେତ୍ରରେ ଏକ ପୃଥିବୀର ବିନାଶ ଘଟିଛି ଏବଂ ବାହ୍ୟ ପ୍ରକୃତିର ବ୍ୟବସ୍ଥାକ୍ଷେତ୍ରରେ ମଧ୍ୟ ତାହା ଅନ୍ତର୍ହିତ ହେବାକୁ ଆରମ୍ଭ କରିଛି । ଯେଉଁ ଯୁଦ୍ଧଟିର ଅବସାନ ଘଟିଲା, ତାହାକୁ ସୈନ୍ୟମାନେ ଭୌତିକ ଟ୍ରେଞ୍ଚରେ ଲଢୁଥିଲେ, ହାତରେ ବୋମା ଓ ବନ୍ଧୁକ ଧରି ଲଢୁଥିଲେ, ମେସିନ୍‌ଗନ୍, ଟ୍ୟାଙ୍କ୍ ଏବଂ ବ୍ୟୋମଯାନ ଧରି ଲଢୁଥିଲେ । କେତେ ଶରୀର କ୍ଷତବିକ୍ଷତ ହେଲା, କେତେ ଭୌତିକ ଅଟ୍ଟାଳିକା ଧୂଳିସାତ୍ ହେଲା, କେଡ଼େ ନୃଶଂସ ଭାବରେ ଆମର ଜନନୀ ଏହି ପୃଥିବୀର ବକ୍ଷକୁ ବିଦୀର୍ଣ୍ଣ କରାଗଲା । ଏବଂ ଏହାପରେ ଯେଉଁ ନୂତନ ଯୁଦ୍ଧଟି ଆରମ୍ଭ ହୋଇଗଲାଣି ବା ସେହି ପୁରାତନ ଯୁଦ୍ଧଟିହିଁ ଯେଉଁ ନୂତନ ଆକାର ଧରି ଲାଗିଛି, ତାହାକୁ ଅଧିକ ପରିମାଣରେ ମାନସିକ ଟ୍ରେଞ୍ଚଗୁଡ଼ିକରେ ଲଢ଼ାହେବ, ବୋମାମାଡ଼ରୁ ନିରାପଦ ରଖି ତିଆରି ହୋଇଥିବା ମାନସିକ ଆଶ୍ରୟସ୍ଥଳଗୁଡ଼ିକରେ ଲଢ଼ା ହେବ, ବିଚାର ଏବଂ ବାକ୍ୟର ପଇଁତରା ମରାହୋଇ, ମାନସିକ ତୋପବାରୁଦ ହାତରେ ଓ ଚଳନ୍ତି ମାନସିକ ମେସିନ୍‌ଗୁଡ଼ିକ ସାହାଯ୍ୟରେ ଏହି ଯୁଦ୍ଧ ଲଢ଼ାହେବ; ଏଥିପାଇଁ କେତେ ପ୍ରଚାରର ଧୂମ୍ ଲାଗିବ, କେତେ ଦଳ ଗଢ଼ାହେବ ଏବଂ କେତେ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ; କେତେ ମନୁଷ୍ୟଙ୍କର ଓ କେତେ ଜାତିଙ୍କର କାମନା-ଆତ୍ମାଗୁଡ଼ିକୁ କେତେପ୍ରକାରେ କ୍ଷତବିକ୍ଷତ କରାଯିବ, କେତେ ପ୍ରକାର ସିଂହାସନ ଏବଂ ଉଚ୍ଚନିର୍ମିତ ଅନୁଷ୍ଠାନଗୁଡ଼ିକୁ ଧୂଳିସାତ୍ କରିଦିଆଯିବ, ଏବଂ କେଡ଼େ ପ୍ରବଳ ଭାବରେ ବିବର୍ତ୍ତନଶୀଳ ପୃଥିବୀର ଅସ୍ଥିର ଓ ତରଳ ଶକ୍ତିଗୁଡ଼ିକ ଉପରେ ମନୁଷ୍ୟ ତିଆରି କରି ରଖିଥିବା ରୂଢ଼ି ଓ ନିୟମର କେତେ ପୁରୁଣା ମାଟିକୁ ଭୁଶୁଡ଼ାଇ ବିଦୀର୍ଣ୍ଣ କରି ଦିଆଯିବ । ବାହାରକୁ ଦେଖିବାକୁ ଯେଉଁ ପୁରାତନ ପୃଥିବୀଟିର ଭୂମିଗୁଡ଼ିକ ଦୋହଲି ଯିବାରେ ଲାଗିଛି ଏବଂ କେତେକ ଭାଗରେ ଧସି ପଡ଼ିବାକୁ ମଧ୍ୟ ଆରମ୍ଭ କଲାଣି, ତାହାକୁ ଆମେ ମନୁଷ୍ୟର ଏହି ଅର୍ଥନୈତିକ ଭୌତିକ ସଭ୍ୟତାଟି ବୋଲି ଜାଣିବା, ଯାହାକୁ କି ସେ ଗତ ବେଶ୍ କେତେ ଶତାବ୍ଦୀ ହେଲା ନିର୍ମାଣ କରି ଆସିଛି; ଦିନେ ସମ୍ପୂର୍ଣ୍ଣ ନୂତନ ନାନା ସାମଗ୍ରୀଗୁଡ଼ିକରୁହିଁ ସେ ସେହି ସଭ୍ୟତାଟିକୁ ତିଆରି କରିଥିଲା, ବର୍ତ୍ତମାନ ତାହା ଅତ୍ୟନ୍ତ କ୍ଷିପ୍ର ଗତିରେ ଜୀର୍ଣ୍ଣ ହୋଇଯିବାରେ ଲାଗିଛି, ପ୍ରାଚୀନ ଏବଂ ମଧ୍ୟଯୁଗର ଭଗ୍ନାବଶେଷଗୁଡ଼ିକ ସହିତ ତାହା ଖଣ୍ଡଖଣ୍ଡ ହୋଇ ମିଶିଯିବାରେ ଲାଗିଛି । ସାମରିକ ଦ୍ୱନ୍ଦ୍ୱସଂଘର୍ଷଟିର ଯେଉଁ ପର୍ଯ୍ୟାୟଟି ବର୍ତ୍ତମାନ ଠିକ୍ ସରିଯିବାକୁ ଯାଉଛି, ମନୁଷ୍ୟର ବିଚାର କ୍ରମଶଃ ଦୁର୍ବଳ ଓ ଶକ୍ତିହୀନ କରି ଆସିଥିବା ଭୂମିଟିକୁ ଭାଙ୍ଗି ଦେବାକୁହିଁ ତାହାର ଆବିର୍ଭାବ ହୋଇଥିଲା; ବର୍ତ୍ତମାନ ନାନା ବିପ୍ଲବର ଗୋଟିଏ ଯୁଗ ଆବିର୍ଭୂତ ହୋଇ ଆସୁଛି, ଯାହାକି

'oaob.nitrkl.ac.in' images reprocessed

ସମ୍ଭବତଃ ସେହି ବିନାଶର ପ୍ରକ୍ରିୟାଟିକୁ ସମ୍ପୂର୍ଣ୍ଣ କରିଦେବ ଏବଂ ଏକ ନୂତନ ଗଠନର ନିର୍ମାଣ ଲାଗି କ୍ଷେତ୍ର ପ୍ରସ୍ତୁତ କରି ରଖିବ। ଏହି ସଂଗ୍ରାମଟି ସମୟରେ ବିଚାରଶୀଳ ମନୁଷ୍ୟ ସମ୍ମୁଖରେ ଯେଉଁ ପ୍ରଶ୍ନଟି ଉତ୍ଥାପିତ ହୋଇଆସୁଛି, ସେଇଟି ହେଉଛି, ଏହି ଯୁଗପରିବର୍ତ୍ତନର କ୍ଷଣରେ କେଉଁ ମହାନ୍ ଶକ୍ତିଟି ଅଥବା ମହାନ୍ ଶକ୍ତିଚୟ ଆପଣାର ଇଚ୍ଛାଟିକୁ ବ୍ୟକ୍ତ କରିବାକୁ ଯାଉଛି ? ଏବଂ ଆମେ ବି ଆପଣାକୁ କେଉଁ ଶକ୍ତିର ଅଥବା ଶକ୍ତିଗୁଡ଼ିକର ପରିଚର୍ଯ୍ୟାରେ ନିୟୋଜିତ କରି ରଖିବା ? ଆମେ କେଉଁ ଅନ୍ତର୍ମୁଖ ଏବଂ ଅତିମାନବିକ ବସ୍ତୁଟି ଲାଗି ଆପଣାକୁ ନିୟୋଜିତ କରିବା ?, — କାରଣ କାଳରୂପୀ ଝରଶ୍ୱାସର ପ୍ରବଳ ବାତ୍ୟାଟିର ସମ୍ମୁଖରେ ବାହ୍ୟ ଯାବତୀୟ ସିଂହାସନ ଏବଂ ଗଠନ ସତେଅବା ପତ୍ରଗୁଡ଼ାଏ ପରି କେବଳ ଉଡ଼ିଯିବାରେହିଁ ଲାଗିଛି। ଆମେ କାହା ପ୍ରତି ଆମର ଅନୁରକ୍ତି ଜଣାଇବା ? କେଉଁ ବସ୍ତୁଟିକୁ ଅଥବା କାହାକୁ ସିଂହାସନରେ ଆଣି ବସାଇବା ଲାଗି ଆମେ ଏହି ସଂଗ୍ରାମଟିକୁ କରିବା ?

ମନୁଷ୍ୟମାନେ ସେମାନଙ୍କର ବ୍ୟକ୍ତିଗତ କିଂବା ସାମୂହିକ ବା ଜାତୀୟ ସ୍ୱାର୍ଥ ଲାଗି ଯୁଦ୍ଧ ଲଢ଼ିବାକୁ ଆସନ୍ତି, ଅନେକ ସମୟରେ କେତେକ ବିଚାର ଓ ସିଦ୍ଧାନ୍ତରୁ ସ୍ଲୋଗାନ୍ ଏବଂ ସମରନାଦମାନ ବାହାର କରି ସେହିଗୁଡ଼ିକ ଲାଗି ଲଢ଼ି ବାହାରନ୍ତି। ମାତ୍ର ମନୁଷ୍ୟର ଏହି ସ୍ୱାର୍ଥଗୁଡ଼ିକ ଯେତେ ବଡ଼ ହୋଇଥାଉ ପଛକେ, ସେଗୁଡ଼ିକୁ ଆମେ କେବଳ କେତେଗୁଡ଼ିଏ ସାଧନ ଅଥବା ନିମିତ୍ତ ବୋଲିହିଁ କହିବା; ସେମାନଙ୍କଠାରୁ ବୃହତ୍ତର କୌଣସି ଶକ୍ତି ସେହି ସାଧନ ଓ ନିମିତ୍ତଗୁଡ଼ିକୁ ସତେଅବା ଆପଣାର ଖିଆଲଗୁଡ଼ାକ ଅନୁସାରେ ବା ତା' ନ ହେଲେ ଆପଣାର ସଚେତନ ଅଭିପ୍ରାୟଗୁଡ଼ିକ ଲାଗି ସତତ ଭାଙ୍ଗିବାରେ ଅଥବା ବ୍ୟବହାର କରିବାରେ ଲାଗିଥାଏ। ଯାବତୀୟ ବିଚାର ଏବଂ ସିଦ୍ଧାନ୍ତକୁ ଆମେ ଆମରି ମନରୁହିଁ ପ୍ରସୂତ ଗୋଟିଏ ଗୋଟିଏ ବସ୍ତୁ ବୋଲି ଜାଣିବା, ଯେଉଁଗୁଡ଼ିକ କି ଜନ୍ମ ହୁଅନ୍ତି, ବେଶ୍ କିଛି ସମୟ ଲାଗି ଅଧିକାର ବିସ୍ତାର କରି ରହନ୍ତି ଓ ତା'ପରେ ଅନ୍ତର୍ହିତ ହୋଇ ଯାଆନ୍ତି। ଏବଂ, ସେଗୁଡ଼ିକ ମଧ୍ୟରେ ଆପଣାର ମାନସ ଆତ୍ମ-ଅଭିବ୍ୟକ୍ତି ଲାଭ କରୁଥିବା ଆମ ସତ୍ତା ଅଥବା ବିଶ୍ୱ-ସତ୍ତାର କୌଣସି ଶକ୍ତିକୁ ଅଭିବ୍ୟକ୍ତ କରୁ ନ ଥିବାଯାଏ ସେହି ବିଚାର ଏବଂ ସିଦ୍ଧାନ୍ତଗୁଡ଼ିକ କେବଳ କେତୋଟି ଶବ୍ଦ ବା ବାକ୍ୟ ହୋଇହିଁ ରହିଥା'ନ୍ତି। ଆମର ଭାବନା ଏବଂ କାମନାଗୁଡ଼ିକଠାରୁ ବୃହତ୍ତର ହୋଇ ନିଶ୍ଚୟ କିଛି ରହିଛି, ଏପରି କିଛି ନା କିଛି ଅପରିବର୍ତ୍ତିତ ଓ ଅପ୍ରତିହତ ହୋଇ ଅବଶ୍ୟ ରହିଛି ଯାହାକି ସେହି ଭାବନା ଓ କାମନାମାନ ବଦଳି ଯାଉଥିଲେ ମଧ୍ୟ ତଥାପି ରହିଛି ଓ ତଥାପି ଆହୁରି ବିକଶିତ ହେବାରେ ଲାଗିଛି, ସେହି ପରିବର୍ତ୍ତନଗୁଡ଼ିକ ଦ୍ୱାରାହିଁ ବିକଶିତ ହେବାରେ ଲାଗିଛି। ଯଦି ପ୍ରକୃତରେ ଏପରି କୌଣସି ବସ୍ତୁ ନ ଥା'ନ୍ତା ତେବେ ମନୁଷ୍ୟର ଏହି ଯାବତୀୟ ପ୍ରୟାସ

'oaob.nitrkl.ac.in' images reprocessed

କେବଳ ଏକ ବୃଥା ଅବ୍ୟବସ୍ଥାରେହିଁ ପର୍ଯ୍ୟବସିତ ହୋଇ ରହିଥା'ନ୍ତା, ମନୁଷ୍ୟର ଜୀବନଟା କେବଳ ଏକ ମହୁଫେଣାର ବା ଉଇହୁଙ୍କାର ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରେରିତ ଏକ ଅତ୍ୟନ୍ତ କାର୍ଯ୍ୟବ୍ୟସ୍ତ ରୁଟିନ୍ ପରି ହୋଇ ରହିଥା'ନ୍ତା; ଅବଶ୍ୟ ଏକଥା ସତ ଯେ ତାହା ଏଇଟିଠାରୁ ଟିକିଏ ଅଧିକ ଉଚ୍ଚ ସ୍ତରର ଏକ ରୁଟିନ୍ ହୋଇ ରହିଥା'ନ୍ତା । ମାତ୍ର ଏଥିରେ ମହୁଫେଣା ଏବଂ ଉଇହୁଙ୍କା ତୁଳନାରେ ଅଧିକ ଅନାବଶ୍ୟକ ଦୁଃଖଭୋଗମାନ ରହିଥା'ନ୍ତା, ଅପେକ୍ଷାକୃତ କମ୍ ମିତବ୍ୟୟିତା ଓ ପ୍ରଜ୍ଞା ରହିଥା'ନ୍ତା । ଆମର ବିଚାର-ଶକ୍ତି ମଧ୍ୟ ବୃଥା ଚକ୍‌ଚକ୍ କରୁଥିବା ଗୁଡ଼ାଏ କଳ୍ପନାର ଗୋଟାଏ ସମାହାର ହୋଇ ରହିଥା'ନ୍ତା ଓ ପୁରାତନ ଗପର ସେହି ପୁନର୍ବାର ଫିଟିଫିଟି ଯିବା ଲାଗିହିଁ ବାରବାର ବୁଣାହେବାରେ ଲାଗିଥିବା ଜାଲଟି ପରି କେବଳ ଅସ୍ୱେଚ୍ଛାକୃତ ଭାବରେ ଗୋଟାଏ ଜାଲ ବୁଣିବାରେହିଁ ଲାଗିଥା'ନ୍ତା । ଆମ ବିଚାର କହିଲେ କେତେଟା ବୁଦ୍ଧିଯୁକ୍ତିର ଏକ ସମାହାରକୁ ବୁଝାଉଥା'ନ୍ତା ଯାହାକି କେବଳ କେତେଟା ବୁଦ୍ଧିଗତ ଓ ବ୍ୟାବହାରିକ ପାରମ୍ପରିକତାର ଏକ ଅନୁକ୍ରମକୁହିଁ ସରିକୁ ସରି ଗୁନ୍ଥି ଦେବାରେ ଲାଗିଥା'ନ୍ତେ ଏବଂ ଆମେ ସେହିଗୁଡ଼ିକୁ ଆମ ନିଜ ସମକ୍ଷରେ ସତ୍ୟ ଓ ଯଥାର୍ଥତା ବୋଲି ଉପସ୍ଥାପିତ କରିବାରେ ଲାଗିଥା'ନ୍ତୁ, ଆମ ମନର ମିଥ୍ୟା ଓ ଭ୍ରମଗୁଡ଼ିକୁ ପ୍ରଜ୍ଞାର ବିକଳ୍ପରୂପେ ଗ୍ରହଣ କରୁଥା'ନ୍ତୁ ଏବଂ ଆମ ସାମାଜିକ ଜୀବନର ମିଥ୍ୟା ଓ ଭ୍ରମଗୁଡ଼ିକୁ ସୁଖର ବିକଳ୍ପରୂପେ ସ୍ୱୀକାର କରିନେଉଥା'ନ୍ତୁ । କାରଣ ଏହା ଏକ ସୁନିଶ୍ଚିତ କଥା ଯେ ଆମେ ଯାହାକିଛି ତିଆରି କରୁଛୁ ଏବଂ ଯେତେଯାହା ବାହ୍ୟ ବ୍ୟବସ୍ଥା ସୃଷ୍ଟି କରିବାରେ ଲାଗିଛୁ, ସେଗୁଡ଼ିକ କଦାପି ସେଗୁଡ଼ିକର ଅଭିପ୍ରେତ ବା ତା' ନ ହେଲେ ସେଗୁଡ଼ିକର ସମ୍ଭାବ୍ୟ ଅବଧିଟିଠାରୁ ଅଧିକ କାଳ ପର୍ଯ୍ୟନ୍ତ କଦାପି ତିଷ୍ଠିରହି ପାରିବେ ନାହିଁ । ରେନେସାଁର ଉଚ୍ଚ ଦୀପ୍ତିମୟ ଉଷାଟି ଏଡ଼େ ଉଜ୍ଜ୍ୱଳ ଭାବରେ ଯାହାକୁ ଜନ୍ମ ଦେଇଥିଲା ଓ ଊନବିଂଶ ଶତାବ୍ଦୀର ବୁଦ୍ଧିବାଦ-କାଳୀନ ଶୁଷ୍କ ଓ ତାପଦଗ୍ଧ ଅପରାହ୍ଣ ଯାହାକୁ ତାହାର କଠିନ ପରିପକ୍ୱତାଟିକୁ ଆଣି ଦେଇଥିଲା, ଇଉରୋପର ଏହି ବିରାଟ ଭୌତିକବାଦୀ ସଭ୍ୟତାଟି ଯେତିକି ଯେତିକି ବିଦାୟ ହୋଇ ଯିବାରେ ଲାଗିଛି ଏବଂ ଏହି ଧରାବକ୍ଷ ତଥା ମନୁଷ୍ୟର ଆତ୍ମା ତା'ର ଏହି ଚାଲିଯିବା ଦ୍ୱାରା ଯେପରି ସ୍ୱସ୍ତିର ନିଶ୍ୱାସ ପକାଇବାକୁ ଆରମ୍ଭ କରୁଛି, ତା'ପରେ ଆମେ ପ୍ରବେଶ କରିବାକୁ ଯାଉଥିବା ଏହି ଯୁଗସନ୍ଧ୍ୟାଟି ଅତିକ୍ରାନ୍ତ ହୋଇଯିବା ପରେ ଅମେ ନୂତନ ସଭ୍ୟତା ବୋଲି ଯାହାକିଛି ନିର୍ମାଣ କରିବା,— କାରଣ ଯେଉଁମାନେ ଏହାକୁ ପ୍ରକୃତ ଉଷାକାଳଟି ବୋଲି ଭାବୁଛନ୍ତି, ସେମାନେ କେବଳ ଭୁଲ୍ କରିବାରେହିଁ ଲାଗିଛନ୍ତି,— ସେହି ସଭ୍ୟତାଟି ମଧ୍ୟ ତାହାର ନିୟତ ଅବଧିଟିକୁହିଁ ବଞ୍ଚିବ ଏବଂ ତା'ପରେ ଭୟଙ୍କର ଭାବରେ ଭୁଶୁଡ଼ି ପଡ଼ିବ ଏବଂ ବଡ଼ ନୀରସ ଭାବରେ କ୍ଷୟପ୍ରାପ୍ତ ହେବାରେ ଲାଗିବ । ଅବଶ୍ୟ, ବସ୍ତୁଗୁଡ଼ିକ ମଧ୍ୟରେ ଯଦି

'oaob.nitrkl.ac.in' images reprocessed

ସେହି ଶାଶ୍ୱତ ମହାନ୍ ଆତ୍ମାଟି ପ୍ରକୃତରେ ବିଦ୍ୟମାନ ରହିଥାଏ ଏବଂ ଏହି ସଭ୍ୟତାଟିର ସର୍ବମୂଳ ବାଣୀଟିରେ ଯଦି ସେ ତାଙ୍କ ଯଥାର୍ଥ ସୌଷମ୍ୟଟି ଜନ୍ମଲାଭ କରୁଥିବା ଯନ୍ତ୍ରଣାଧ୍ୱନିଗୁଡ଼ିକୁ ପ୍ରକୃତରେ ଶୁଣିବାକୁ ପାଇଥା'ନ୍ତି, ତେବେ ସେହି କ୍ଷେତ୍ରରେ ଏକ ଅଧିକ ମହାନ୍ ମନୁଷ୍ୟଜାତିର ସୃଷ୍ଟି ଦିଗରେ ନାନା ପରିବର୍ତ୍ତନର କ୍ରମୋତ୍ତର ସୋପାନକ୍ରମଟିରେ ଏହି ସଭ୍ୟତା ହୁଏତ ସର୍ବପ୍ରଥମ ରୂପେ ପରିଗଣିତ ହୋଇପାରିବ । ତା' ନ ହେଲେ, ଏତେ ବିସ୍ତୃତ କ୍ଷେତ୍ରରେ ଜାତିଜାତି ମଧ୍ୟରେ ଯେଉଁସବୁ ସଂଘର୍ଷ ଓ ଆକ୍ରମଣମାନ ଲାଗି ରହିଛି, ପୃଥିବୀବ୍ୟାପୀ ଯେଉଁସବୁ ରକ୍ତପାତ ଚାଲିଛି, ତାହା ଶେଷକୁ କେବଳ ଏକ ନିଷ୍ଫଳ ଦୁଃସ୍ୱପ୍ନରେହିଁ ପର୍ଯ୍ୟବସିତ ହୋଇ ରହିବ ଏବଂ ଜାତି ଅଥବା ସମଗ୍ର ମନୁଷ୍ୟସମାଜର ଜ୍ଞାତ ପରିସରକୁ ଆସିଥିବା ସବୁଠାରୁ ଅଧିକ ସମୃଦ୍ଧିର ଏହି ଯୁଗଟି କେବଳ କ୍ଷଣମାତ୍ରର ଏକ ସୁଖସ୍ୱପ୍ନରେ ପରିଣତ ହୋଇ ରହିଯିବ । ପୁରାତନ ପୃଥିବୀର ଯେଉଁ ପ୍ରାଜ୍ଞୋପଦେଶ ମନୁଷ୍ୟର ଜୀବନକୁ ତୁଚ୍ଛା ଏକ ଦମ୍ଭ ଓ ମିଥ୍ୟାଭିମାନ ବୋଲି ମଣିବା ଲାଗି ଆମକୁ ପ୍ରବର୍ତ୍ତାଇ ଆସିଥିଲା, ସେତେବେଳେ ତାହାହିଁ ଏକମାତ୍ର ପ୍ରଜ୍ଞା ଓ ସତ୍ୟ ବୋଲି ଅବଶେଷ ରହିଯିବ ।

ମାତ୍ର, ସେହିଭଳି ଗୋଟିଏ ପନ୍ଥାରେ ମନୁଷ୍ୟର ଆତ୍ମା କେବେହେଲେ ସନ୍ତୁଷ୍ଟ ହୋଇ ରହିପାଇ ନାହିଁ, ଏବଂ ବର୍ତ୍ତମାନ କାଳରେ ଆମେ ହୁଏତ ଆହୁରି କମ୍ ପରିମାଣରେ ସେହିପରି ଏକ ପନ୍ଥା ଅନୁସରଣ କରି ବଞ୍ଚିରହି ପାରିବା, କାରଣ, ପୃଥିବୀର କ୍ରିୟାଜାଲଟି ମଧ୍ୟରେ ଆତଯାତ ହେଉଥିବା ଆମର ପ୍ରାତିଭାସିକ ଆତ୍ମସତ୍ତାଗୁଡ଼ିକ ବ୍ୟତୀତ ଏକ ବୃହତ୍ତର ପରମଶକ୍ତି ଯେ ରହିଛି, ତାହାରି ଏକ ଅନ୍ତର୍ବୋଧ ମନୁଷ୍ୟଜାତି ମଧ୍ୟରେ ବର୍ତ୍ତମାନ ବୃଦ୍ଧି ପାଇବାରେ ଲାଗିଛି ଏବଂ ଜୀବନକୁ ଅଗ୍ରସର କରାଇ ନେଉଥିବା ପ୍ରେରଣାଟି ମଧ୍ୟରେ ଏପର୍ଯ୍ୟନ୍ତ ପରିପୂର୍ଣ୍ଣ ହେବାକୁ ବାକୀ ରହିଥିବା କୌଣସି ଏକ ଲକ୍ଷ୍ୟର ସଜ୍ଞାନତା ସେହି ଅନ୍ତର୍ବୋଧକୁ ମନୁଷ୍ୟର ବିଚାର ତଥା ଶକ୍ତିର କ୍ଷେତ୍ରରେ ଏକ ଅଭୂତପୂର୍ବ ଉଦ୍ୟମ ଦିଗରେ ପରିଚାଳିତ କରିନେଇ ଯାଉଛି । ଏହିପରି ଏକ ମୁହୂର୍ତ୍ତରେ ଯେତେ ମନ ସେତେ ବଡ଼ କେତେକେତେ ଦୁର୍ବିପାକ ଆସି ପହଞ୍ଚିଲେ ମଧ୍ୟ ଜୀବନକୁ କଦାପି ନିଃଶେଷିତ କରିଦେଇ ପାରିବ ନାହିଁ ବା ତାହାର ପ୍ରେରକଶକ୍ତିଟିକୁ କଦାପି ନିରୁତ୍ସାହିତ କରିଦେଇ ପାରିବ ନାହିଁ; ବରଂ ସେ ତାହାକୁ ଉଦ୍ୟମର ଏକ ନୂତନ ଉତ୍ସାହର ସ୍ତରକୁ ପ୍ରେରିତ କରି ନେଇଯିବ । କାରଣ, ସବୁକିଛିକୁ ଧ୍ୱଂସ କରିଦେଉଥିବା ଦହନଟିର ଶିଖା ଅପେକ୍ଷା ବିଚାରର ଶିଖା ସବୁଦିନେ ଅଧିକ ଉଚ୍ଚକୁହିଁ ଉଠିବାର ପ୍ରବୃତ୍ତି ରଖିଥାଏ, ଧ୍ୱଂସକାରୀ ଦହନଟି ଭିତରେ କୌଣସି ନା କୌଣସି ତାତ୍ପର୍ଯ୍ୟ ନିହିତ ହୋଇ ରହିଥିବାର ଦେଖିବାକୁ ପାଇଥାଏ, ତା' ଭିତରେ ଏକ ନୂତନ ସୃଜନର ପ୍ରତିଶ୍ରୁତି ଦେଖିବାକୁ ପାଇଥାଏ । ବର୍ତ୍ତମାନ ଯେଉଁ

'oaob.nitrkl.ac.in' images reprocessed

ଧ୍ୱଂସଟି ସଂଘଟିତ ହୋଇଛି, ଏବଂ ତା'ପରେ ଯେଉଁ ଶୂନ୍ୟସ୍ଥାନଟି ପଡ଼ିରହିଛି, ମନ ତାହା ଭିତରେ କେବଳ ଅଭିବୃଦ୍ଧି ଲାଗି ଅଧିକ ଅବକାଶ ରହିଥିବାରହିଁ ପ୍ରତ୍ୟକ୍ଷ କରୁଛି, ମହାକାଳର ବିସ୍ତାର ମଧରେ ଯାବତୀୟ ବିଷୟକୁ ଗଢ଼ି ଥୋଇ ଦେଉଥିବା ସେହି ପରମ ଚିଦାତ୍ମା ଆପଣାର ନୂତନ ଗଠନଟି ଲାଗି ଅଧିକ ସ୍ଥାନକୁ ପରିଷ୍କାର ଓ ପ୍ରସ୍ତୁତ କରି ରଖି ଦେଇଥିବା ପରି ପ୍ରତ୍ୟକ୍ଷ କରୁଛି । ପୃଥିବୀରେ ଯାହାକିଛି ଘଟିଯାଇଛି, ତାହାରି ପଛରେ ବିପୁଳ କେତେକେତେ ମହାଶକ୍ତି ଯେ କ୍ରିୟାଶୀଳ ହୋଇ ରହିଛନ୍ତି, ଏକ ବୃହତ୍ତର ବିଶ୍ୱ-ଉଦ୍ଦେଶ୍ୟକୁ ଯେ ସେମାନେ ଆପଣାର ଦୃଷ୍ଟିଭିତରେ ଧାରଣ କରି ରଖିଛନ୍ତି, ଆଖି ଥିବା କେଉଁ ମଣିଷ ଏହି କଥାଟିକୁ ଦେଖିପାରିବାକୁ ପ୍ରକୃତରେ ଆଦୌ ଅସମର୍ଥ ହେବ ? ଏପର୍ଯ୍ୟନ୍ତ କେବଳ କୌଣସି ବ୍ୟକ୍ତି ଅଥବା ଜାତିରହିଁ ଅହଂପ୍ରେରିତ ମନଟି ଏହି କ୍ଷେତ୍ରରେ ସକ୍ରିୟ ହୋଇ ରହିଥିଲା, ଅତ୍ୟନ୍ତ ସଂକୀର୍ଣ୍ଣ କୌଣସି ବ୍ୟକ୍ତିଗତ ଭାବନା କିଂବା ସାମୂହିକ ସ୍ୱାର୍ଥର ଗଜକାଠି ପକାଇ ଉଦ୍ଦେଶ୍ୟ ବୋଲି ଯାହାକିଛିର କଳ୍ପନା କରିପାରୁଥିଲା ଏବଂ ସେହିସବୁ ଉଦ୍ଦେଶ୍ୟ ବା କଳ୍ପନାକୁ ସମ୍ଭବ କରିବା ଲାଗି ରାଷ୍ଟ୍ର ଏବଂ ଜନସମୂହଗୁଡ଼ିକର ଅଭିପ୍ରାୟ ତଥା ବାସନାଗତ ଆବେଗଗୁଡ଼ିକହିଁ ଏକମାତ୍ର ସାଧନ ଅଥବା ସୁଯୋଗରୂପେ କାର୍ଯ୍ୟ କରୁଥିଲେ । ଯେତେବେଳେ ପ୍ରାଚ୍ୟ ତଥା ମଧ-ଭୂଭାଗର ଏକଚ୍ଛତ୍ର ଶାସକ ଏବଂ ସମରନାୟକମାନେ ଏହି ବିରାଟ ଦୁର୍ବିପାକଟିକୁ ଘଟାଇ ତଦ୍ୱାରା ସେମାନଙ୍କ ଉଚ୍ଚାକାଂକ୍ଷା-ଗୁଡ଼ିକର ପରାକାଷ୍ଠା ହାସଲ କରିପାରିବେ ବୋଲି ସଂକଳ୍ପ କରି ବାହାରିଲେ, ସେମାନେ ଯେତେବେଳେ ଉନ୍ମତ୍ତପ୍ରାୟ ହୋଇ ଏକ ଅପରିମିତ ବିଶ୍ୱ-ସଂଘର୍ଷର ପ୍ରମାଦଶିଳା ଉପରକୁ ଆଗଭର ହୋଇଗଲେ, ସେତେବେଳେ ସେମାନଙ୍କ ଭିତରେ ଏପରି ଏକ ଧାରଣାର ଲେଶମାତ୍ର କେଉଁଠି ନ ଥିଲା ଯେ ପରବର୍ତ୍ତୀ ଚାରି ବା ତା'ଠାରୁ ଆହୁରି କମ୍ ମାତ୍ର କେତେଟା ବର୍ଷ ଭିତରେହିଁ ସେମାନଙ୍କର ସିଂହାସନଗୁଡ଼ିକ ଭୂଲୁଣ୍ଠିତ ହୋଇଯିବ, ସେମାନଙ୍କର ସଂହାର ଘଟିବ ଅଥବା ସେମାନେ ନିର୍ବାସିତ ହୋଇ ଅନ୍ୟ କେଉଁଠାକୁ ପଳାଇଯିବେ; ଏବଂ ସେମାନେ ଯାହାକିଛିର ସତ୍ତକ ହୋଇ ରହିଆସିଥିଲେ, ସେଗୁଡ଼ିକ ଅଚିରେ ଏକ ଅତୀତରାତ୍ରିର ଗର୍ଭଭିତରେ କୁଆଡ଼େ ଲୀନ ହୋଇଯିବ । କାରଣ, ଯାହା ସେମାନଙ୍କୁ ପ୍ରେରଣା ଦେଇ ଆଗକୁ ନେଇ ଯାଉଥିଲା, ତାହାହିଁ ଏହିପରି ଏକ ପରିଣତିକୁ ପୂର୍ବରୁ ଦେଖିପାରୁଥିଲା ଓ ସେଇଥିଲାଗି ଏକ ଅଭିପ୍ରାୟ ମଧ ରଖିଥିଲା । ଅଥବା, ଯେଉଁସବୁ ଜାତି ଓ ଜନସମୂହ ଆପଣାର ଇଚ୍ଛା ନ ଥାଇ ମଧ ଯୁଦ୍ଧର ଫଳଟିକୁ ହାବୁଡ଼ିଯାଇ ତାହାରି ଭିତରେ ଝୁଣ୍ଟି ପଡ଼ିଗଲେ, ସେମାନେ ମଧ ଯୁଦ୍ଧଭିତରେ ପ୍ରଚ୍ଛନ୍ନ ହୋଇ ରହିଥିବା ଉଦ୍ଦେଶ୍ୟଟି ବିଷୟରେ ଆଦୌ ଅଧିକ କିଛି ଜାଣି ନ ଥିଲେ । ଯାହାକିଛି ସେମାନଙ୍କର ଅଧିକାରରେ ରହିଥିଲା, ସେହିଗୁଡ଼ିକର ରକ୍ଷା କରିବା, ଯେଉଁ ପ୍ରଚଣ୍ଡ ଶକ୍ତି ସେମାନଙ୍କର

'oaob.nitrkl.ac.in' images reprocessed

ସଂଘବଦ୍ଧ ଇଉରୋପୀୟ ସଭ୍ୟତା ପ୍ରତି ଏକ ଭୟଙ୍କର ପ୍ରମାଦରୂପେ ଆସି ଦେଖା ଦେଇଥିଲା, ତାହାରି ଉଦ୍ଦେଶ୍ୟରେ ଆପଣାର କ୍ରୋଧ ପ୍ରକଟ କରିବା,— ଏହିଗୁଡ଼ିକହିଁ ସେମାନଙ୍କର ଇଚ୍ଛାକୁ ଚାଳିତ କରି ନେଇଥିଲା ଓ ସେମାନଙ୍କର ସଂକଳ୍ପଶକ୍ତିକୁ ପ୍ରଜ୍ୱଳିତ କରି ଦେଇଥିଲା । ମାତ୍ର, ନାନାଭାବେ ଭ୍ରମ ଓ ପ୍ରମାଦଗ୍ରସ୍ତ ଏକ ସଭ୍ୟତାକୁ ତାହାର ଉଚିତ ଶାସ୍ତି ଦେଇ ମନୁଷ୍ୟଜାତି ଲାଗି ଆଉ ଗୋଟିଏ ଯୁଗର ମୂଳଦୁଆ ପକାଇବାହିଁ ସେମାନଙ୍କୁ ବିଜୟ ଆଣି ଦେଇଥିବା ପରମଶକ୍ତିଟିର ଅଭିପ୍ରାୟ ହୋଇ ରହିଥିଲା; ସେମାନଙ୍କର ଭାବନାରେ ସେହି ପରମଶକ୍ତିର ବାଣୀଟି ଯେତେ ଅବିନ୍ୟସ୍ତ ଭାବରେ ହେଲେ ମଧ୍ୟ ତଥାପି ପ୍ରତିଧ୍ୱନିତ ହେବାରେ ଲାଗିଥିଲା, ଏବଂ ଯୁଦ୍ଧର ପରବର୍ତ୍ତୀ ପର୍ଯ୍ୟାୟରେ ଏକ ନିର୍ଦ୍ଦିଷ୍ଟ ଏବଂ ସଚେତନ ଇଚ୍ଛା ସହିତ ଯେଉଁମାନେ ପରେ ଆସି ଏଥିରେ ଯୋଗ ଦେଲେ, ସେମାନଙ୍କର ମନ ଭିତରେ ତାହା କ୍ରମଶଃ ଅଧିକରୁ ଅଧିକ ସ୍ପଷ୍ଟ ହୋଇ ଯାଉଥିଲା ।

ଏହି ଯୁଦ୍ଧ ଫଳରେ ବିପୁଳ ଧ୍ୱଂସ ଏବଂ ବିନାଶ ଘଟିଛି, ମନୁଷ୍ୟକୁ ଅନେକ କଷ୍ଟଭୋଗ ଦେଇ ଗତି କରିବାକୁ ପଡ଼ିଛି, ଅନ୍ଧକାରର ରକ୍ତଲୋହିତ ମେଘଖଣ୍ଡଟି ଆସି ପୃଥିବୀର ଆକାଶକୁ ଆଚ୍ଛାଦିତ କରିପକାଇଛି, ଏଥିରେ କେତେ ଜୀବନକ୍ଷୟ ଘଟିଛି, ଅଜସ୍ର ପରିମାଣର କେତେ ସମ୍ପଦ ଓ ମନୁଷ୍ୟ-ସମ୍ବଳ ନଷ୍ଟ ହୋଇଯାଇଛି; ତଥାପି ଏହି ଯଜ୍ଞଟି ଏବେ ମଧ୍ୟ ଶେଷ ହୋଇ ନାହିଁ, ସମଗ୍ର ମୂଲ୍ୟଟି ଏପର୍ଯ୍ୟନ୍ତ ଦିଆହୋଇ ନାହିଁ । କାରଣ ଯୁଦ୍ଧର ଯେଉଁ ପରିଣାମଗୁଡ଼ିକୁ ବର୍ତ୍ତମାନ ଭୋଗ କରିବାକୁ ପଡୁଛି, ସମ୍ଭବତଃ ଯୁଦ୍ଧ-ପରବର୍ତ୍ତୀ ପର୍ଯ୍ୟାୟର ପରିଣାମଗୁଡ଼ିକ ତାହାଠାରୁ ଅନେକ ଅଧିକ ଭୟାବହ ହେବାକୁ ଯାଉଛି; ଏବଂ ଆପଣାକୁ ସଂକେନ୍ଦ୍ରିତ କରି ରଖିବାର ପ୍ରୟାସ ଦ୍ୱାରା ଯାହାକିଛି ଏହି ଭୂକମ୍ପଟିର ସମ୍ପୂର୍ଣ୍ଣ ଆଘାତଟିରୁ ନିଜକୁ ବଞ୍ଚାଇ ରଖିପାରିଛି, ପରବର୍ତ୍ତୀ-କମ୍ପନଗୁଡ଼ିକ ଦ୍ୱାରା ସେଗୁଡ଼ିକ ମଧ୍ୟ ଭାଙ୍ଗି ପଡ଼ିବାକୁ ଯାଉଛି । ଏହି ବାତ୍ୟାଟି ଦ୍ୱାରା ବିପର୍ଯ୍ୟସ୍ତ ହୋଇ ରହିଥିବା ପୃଥିବୀ ଉପରେ ଆପଣାର ରକ୍ଷା-ବାହୁଟିକୁ ପ୍ରସାରିତ କରି ରଖି ସେହି ପରମ ଶକ୍ତି ଅବଶ୍ୟ ଦଣ୍ଡାୟମାନ ରହିଛନ୍ତି ବୋଲି ସଚେତନ ହୋଇ ରହିଥିବା ମନୁଷ୍ୟର ମନ ଏହି ବିପର୍ଯ୍ୟୟଟି ସମୟରେ କୁରୁକ୍ଷେତ୍ରରେ ଅର୍ଜୁନର ମୁଖନିଃସୃତ ସେହି ବାକ୍ୟଗୁଡ଼ିକର ପୁନରାବୃତ୍ତି କରି ହୁଏତ କହିପାରିବ :

ଦୃଷ୍ଟ୍ୱାଦ୍‌ଭୂତଂ ରୂପମ୍ ଉଗ୍ରଂ ତବେଦମ୍<br>
ଲୋକତ୍ରୟଂ ପ୍ରବ୍ୟଥିତଂ ମହାତ୍ମନ୍ ...<br>
ଦୃଷ୍ଟ୍ୱା ହି ତ୍ୱାଂ ପ୍ରବ୍ୟଥିତାନ୍ତରାତ୍ମା<br>
ଧୃତିଂ ନ ବିନ୍ଦାମି ଶମଞ୍ଚ ବିଷ୍ଣୋ ...

'oaob.nitrkl.ac.in' images reprocessed

ଯଥା ନଦୀନାଂ ବହବୋଽମ୍ବୁବେଗାଃ
 ସମୁଦ୍ରମେବାଭିମୁଖା ଦ୍ରବନ୍ତି,
ତଥା ତବାମୀ ନରଲୋକବୀରାଃ
 ବିଶନ୍ତି ବକ୍ତ୍ରାଣ୍ୟଭିବିଜ୍ୱଳନ୍ତି,
ଯଥା ପ୍ରଦୀପ୍ତଂ ଜ୍ୱଳନଂ ପତଙ୍ଗାଃ
 ବିଶନ୍ତି ନାଶାୟ ସମୃଦ୍ଧବେଗାଃ
ତଥୈବ ନାଶାୟ ବିଶନ୍ତି ଲୋକାଃ
 ତବାପି ବକ୍ତ୍ରାଣି ସମୃଦ୍ଧବେଗାଃ
ଲେଲିହ୍ୟସେ ଗ୍ରସମାନଃ ସମନ୍ତାଦ୍
 ଲୋକାନ୍ ସମଗ୍ରାନ୍ ବଦନୈର୍ଜ୍ୱଳଦ୍ଭିଃ
ତେଜୋଭିରାପୂର୍ଯ୍ୟ ଜଗଦ୍ ସମଗ୍ରଂ
 ଭାସସ୍ତବୋଗ୍ରାଃ ପ୍ରତପନ୍ତି ବିଷ୍ଣୋ
ଆଖ୍ୟାହି ମେ କୋ ଭବାନୁଗ୍ରରୂପୋ
 ନମୋଽସ୍ତୁ ତେ ଦେବବର ପ୍ରସୀଦ
ବିଜ୍ଞାତୁମିଚ୍ଛାମି ଭବନ୍ତମାଦ୍ୟଂ
 ନ ହି ପ୍ରଜାନାମି ତବ ପ୍ରବୃତ୍ତିମ୍ ।।

''ହେ ମହାତ୍ମନ୍,

ଆପଣଙ୍କର ଏହି ଅଦ୍ଭୁତ ଉଗ୍ର ରୂପ ଦେଖି ତିନିଲୋକ ପ୍ରବ୍ୟଥିତ ହୋଇ ଉଠୁଛନ୍ତି । ... ଆପଣଙ୍କୁ ଦେଖି ମୋର ଅନ୍ତରାତ୍ମା ମଧ ପ୍ରବ୍ୟଥିତ ହୋଇ ଉଠୁଛି, ଏବଂ ମୋ ଭିତରେ ଧୃତି ବା ଶାନ୍ତି ଆଉ କିଛି ରହିପାରୁ ନାହିଁ ... ଯେପରି ଜଳପୂର୍ଣ୍ଣ ନଦୀମାନେ ପ୍ରବଳ ବେଗରେ ସମୁଦ୍ର ଆଡ଼କୁ ଧାଇଁବାରେ ଲାଗିଥା'ନ୍ତି, ସେହିପରି ନରଲୋକର ଏହି ସବୁଯାକ ବୀର ଅଗ୍ନିଶିଖାତୁଲ୍ୟ ଆପଣଙ୍କର ଅନେକ ମୁଖରେ ପ୍ରବେଶ କରିବାରେ ଲାଗିଛନ୍ତି । ଯେପରି ପତଙ୍ଗମାନେ ଅତ୍ୟନ୍ତ ବେଗର ସହିତ ଜଳୁଥିବା ନିଆଁ ଭିତରକୁ ପଶିଆସି ବିନଷ୍ଟ ହୋଇଯା'ନ୍ତି, ଠିକ୍ ସେହିପରି କେଡ଼େ ପ୍ରବଳ ବେଗରେ କେତେକେତେ ଲୋକସମୂହ ବର୍ତ୍ତମାନ ବିନଷ୍ଟ ହୋଇଯିବା ଲାଗି ଆପଣଙ୍କର ମୁଖ ଭିତରେ ପ୍ରବେଶ କରୁଛନ୍ତି । ଆପଣାର ଅନେକ ଜିହ୍ୱା ଦେଇ ଆପଣ ଚତୁର୍ଦ୍ଦିଗସ୍ଥ ଏହି ସମସ୍ତଙ୍କୁ ଆପଣା ଭିତରକୁ ଲେହନ କରି ନେଉଛନ୍ତି ଏବଂ ସମସ୍ତ ଜଗତଗୁଡ଼ିକୁ ଆପଣାର ଜ୍ୱଳନ୍ତ ମୁଖଗହ୍ୱର ମଧ୍ୟକୁ ଗିଳି ନେବାରେ ଲାଗିଛନ୍ତି । ସମଗ୍ର ଜଗତ ଆପଣଙ୍କର ତେଜରେ ପରିପୂର୍ଣ୍ଣ ହୋଇ ରହିଛି; ହେ ବିଷ୍ଣୁ, ଆପଣଙ୍କର ଉଗ୍ର ତେଜରେ ସମସ୍ତେ ଜଳିଯିବାରେ ଲାଗିଛନ୍ତି ।

'oaob.nitrkl.ac.in' images reprocessed

ଆପଣ କହନ୍ତୁ, ଏହି ଉଗ୍ର ରୂପରେ ଆପଣ କିଏ ଆମ ପାଖକୁ ଆସିଛନ୍ତି; ହେ ଦେବତାମାନଙ୍କର ଶ୍ରେଷ୍ଠ, ଆପଣଙ୍କୁ ନମସ୍କାର, ଆପଣ ଆମ ପ୍ରତି ପ୍ରସନ୍ନ ହୁଅନ୍ତୁ । ମୁଁ ଆପଣଙ୍କର ଆଦ୍ୟଟିକୁ ଜାଣିବାକୁ ଇଚ୍ଛା କରୁଛି, କାରଣ ଆପଣଙ୍କର ପ୍ରବୃତ୍ତି ବିଷୟରେ ମୋତେ କିଛି ଜଣା ନାହିଁ ।''

କାଲୋଽସ୍ମି ଲୋକକ୍ଷୟକୃତ୍ ପ୍ରବୃଦ୍ଧଃ
ଲୋକାନ୍ ସମାହର୍ତୁମ୍ ଇହ ପ୍ରବୃତ୍ତଃ,

''ମୁଁ କାଳ, ଲୋକସକଳର ବିନାଶକାରୀ, ଲୋକସକଳର ବିନାଶ ଲାଗି ମୁଁ ପ୍ରବୃଦ୍ଧ ରୂପରେ ଆବିର୍ଭୂତ ହୋଇଛି'', – ଅର୍ଜୁନର ଅନୁରୋଧର ଉତ୍ତର ଦେଇ ଉକ୍ତ ହୋଇଥିବା ଏହି ଶବ୍ଦଗୁଡ଼ିକରେହିଁ ପ୍ରଥମ ଉତ୍ତରଟି ଆମକୁ ମିଳିବ ବୋଲି ଯଦି ମନେ ହେଉଥାଏ, ଏବଂ ଏହି ବିନାଶକାରୀ ସଂଗ୍ରାମ ଓ ସଂହାର ମଧ୍ୟରେ ଅଂଶଗ୍ରହଣ ନ କରି କୁଣ୍ଠିତ ହୋଇ ରହିଯାଉଥିବା ଲୋକମାନଙ୍କୁ ଯଦି ଠିକ୍ ସେହି ବାଣୀଟି, – ''ଯେଉଁମାନେ ବିରୁଦ୍ଧ ପକ୍ଷଟିରେ ଆସି ଠିଆ ହୋଇଛନ୍ତି, ତୋ ଦ୍ୱାରା ନ ହେଲେ ମଧ୍ୟ ସେମାନେ ସମସ୍ତେ ବିନଷ୍ଟ ହେବେ, କାରଣ ମୋ'ର ପୁରୋଦୃଷ୍ଟିସମର୍ଥ ଇଚ୍ଛାଟି ମଧ୍ୟରେ ମୁଁ ସେମାନଙ୍କୁ ସମସ୍ତଙ୍କୁ ସଂହାର କରିସାରିଛି; ତେଣୁ, ଯାହା ହେବ ବୋଲି ପୂର୍ବନିର୍ଦ୍ଦିଷ୍ଟ ହୋଇ ରହିଛି, ତାହାରି ସାଧନ ଲାଗି ତୁ ଆପଣାକୁ କେବଳ ଏକ ନିମିତ୍ତ ବୋଲିହିଁ ଜାଣ'', – ହିଁ ଶୁଣା ଯାଉଥାଏ, ତେବେ, ଯିଏ ସଂହାର ଓ ବିନାଶର ରୂପ ଧାରଣ କରିଥିବା ପରି ଦେଖା ଯାଉଛନ୍ତି, ଆଖର ମନୁଷ୍ୟ ତାଙ୍କୁ ଆପଣାର ପରମବନ୍ଧୁ ବୋଲିହିଁ ଜାଣିବ, ତା'ର ସମର ଓ ତା'ର ପଥଯାତ୍ରାରେ ତାଙ୍କୁ ପରମ ସାରଥି ବୋଲି ଜାଣିବ ଏବଂ ଏହି ସକଳ ଧ୍ୱଂସ ଓ ବିନାଶର ପରିଣାମରୂପେ କେବଳ ଧର୍ମରାଜ୍ୟରହିଁ ପ୍ରତିଷ୍ଠା ହେବ । ''ତେଣୁ ଉଠି ଠିଆ ହୁଅ, ଶତ୍ରୁକୁ ନାଶକର ଏବଂ ଏକ ସମୃଦ୍ଧିଶାଳୀ ସୁଖୀ ସାମ୍ରାଜ୍ୟର ଅଧିକାରୀ ହୁଅ'', – କୁରୁକ୍ଷେତ୍ରର ସେହି ଯୋଦ୍ଧାଙ୍କ ପରି ସମ୍ପୂର୍ଣ୍ଣ ମନୁଷ୍ୟଜାତିକୁ ଉଦ୍ଦେଶ୍ୟ କରି ମଧ୍ୟ ଏହି ଶେଷ ସନ୍ଦେଶଟି ଶୁଣାଇ ଦିଆଯାଇଛି । ମାତ୍ର କେଉଁ ଧର୍ମର ରାଜ୍ୟ ? ଆସନ୍ନ ବିନାଶ ଏବଂ ସଂହାରର ଯଥାର୍ଥ ସ୍ୱଭାବଟି ସମ୍ବନ୍ଧରେ ପୃଥିବୀର ଜାତିସମୂହ ଯେପରି ଅନ୍ଧ ହୋଇ ରହିଥିଲେ, ସୃଷ୍ଟ ହେବାକୁ ରହିଥିବା ନୂତନ ରଚନାଟି ସମ୍ବନ୍ଧରେ ସେମାନେ ଯେ ସେହିପରି ଗୋଟାସୁଦ୍ଧା କୁଣ୍ଠିତ ହୋଇପଡ଼ିବେ ନାହିଁ, ସେବିଷୟରେ ସନ୍ଦେହ କରିବା ଲାଗି ଯଥେଷ୍ଟ କାରଣ ରହିଛି । ପୁରୁଣା ପୃଥିବୀର ଯେଉଁ ଶକ୍ତିଗୁଡ଼ିକ ଲୁପ୍ତ ନ ହୋଇ ଏପର୍ଯ୍ୟନ୍ତ ଠିଆ ହୋଇ ରହି ପାରିଛନ୍ତି, ସେହିମାନଙ୍କର ପ୍ରୟୋଜନ, ସ୍ୱାର୍ଥ ଏବଂ ସଙ୍କୁଚତାଗୁଡ଼ିକ ଅନୁସାରେ ଏକ ଯାନ୍ତ୍ରିକ ସ୍ୱତନ୍ତ୍ରତାକୁ ଆଣି ସେମାନଙ୍କ ଉପରେ ଅଧିକରୁ ଅଧିକ ପରିମାଣରେ ଅଜାଡ଼ି ଦିଆ ଯାଉଥିବ ଓ ସେମାନଙ୍କ ମଧ୍ୟରେ ବିତରଣ କରି ଦିଆ

'oaob.nitrkl.ac.in' images reprocessed

ଯାଉଥିବ, ଅତୀତର ପୁରାତନ ଅବଶେଷ ଏବଂ କୌଣସି ପ୍ରକାର ନିର୍ଦ୍ଦିଷ୍ଟ ଆକାର ଗ୍ରହଣ କରି ନ ଥିବା ଭବିଷ୍ୟତର ସାମଗ୍ରୀଗୁଡ଼ିକୁ ଯେକୌଣସି ପ୍ରକାରେ ତାଳି ପକାଇ ଏକାଠି ବାନ୍ଧି ଏକ ଏକତାର ପ୍ରତିଷ୍ଠା କରାଯିବ, ଭାଗ୍ୟ ସହିତ ଆୟ ଏବଂ ବ୍ୟୟ ବିଷୟରେ ଏଭଳି ଏକ ହିସାବ ନିକାଶ ହୋଇଯିବ, ଯେଉଁଥିରେ କି ଆଉ ଅଧିକ କାଳ ସାଙ୍ଗରେ ଧରି ରଖିହେଉ ନ ଥିବା ଅତୀତର ଅନେକ ଅନର୍ଥ ଓ ପ୍ରମାଦର ପୃଷ୍ଠାଟିକୁ ଫାଡ଼ି ବାହାର କରି ଦିଆଯିବ ଏବଂ, ଯାହାସବୁ ଏକାବେଳେକେ ଆଶାଶୂନ୍ୟ ଭାବରେ ନଷ୍ଟ ହୋଇ ନ ଯାଇଛି, ତାହାକୁ ଉତ୍ତମ ପୁଞ୍ଜି ହିସାବରେ ଖାତାରେ ଲେଖି ନିଆଯିବ, ବିବେକ ପ୍ରୟୋଗ କରି ସେଗୁଡ଼ିକୁ କେତେକ ପରିମାଣରେ କାଟ୍‌ଛାଣ୍ଟ କରିନିଆଯିବ ଓ ଅନେକ ଦିନରୁ ବାକି ରହି ଯାଇଥିବା ଋଣଗୁଡ଼ିକୁ ଅଂଶତଃ ଶୁଝି ଦିଆଯିବ, – ବାତ୍ୟାଟି ଦ୍ୱାରା ସଂଘଟିତ ହୋଇଥିବା ବା ହଠାତ୍ ଅବଶ୍ୟମ୍ଭାବୀ ହୋଇ ପଡ଼ିଥିବା ପରିବର୍ତ୍ତନଟିକୁ ସ୍ୱୀକାର କରି ନିଆଯିବ ଏବଂ ବନ୍ୟାଜଳ ଆଉ ଯେପରି କୌଣସି ପ୍ରକାର ଅନୁପ୍ରବେଶ କରି ନ ପାରିବ, ସେଥିଲାଗି ଏକ ନୂତନ ବ୍ୟବସ୍ଥାର ବନ୍ଧ ପକାଇ ରଖାଯିବ, – ଏଗୁଡ଼ିକ କଦାପି ଘଟି ଯାଇଥିବା ମହାପ୍ରଳୟଟିକୁ ସଫଳଭାବରେ ଅଟକାଇ ରଖି ପାରିବେ ନାହିଁ । ମୋତେ କିଞ୍ଚିତ୍ ଦୂର ପର୍ଯ୍ୟନ୍ତ ଦେଖିବାକୁ ସମର୍ଥ ହେଉଥିବା ଏକ ବିଚକ୍ଷଣତା ଯଦି ତଥାପି କିଛିକାଳ ଲାଗି ସଫଳ ତଥା ସଂଗଠିତ ଅହଂଭାବନାଗୁଡ଼ିକର ସମ୍ମିଳିତ ପ୍ରୟାସ ଦ୍ୱାରା ତାହା କରିବା ଲାଗି ସମର୍ଥ ହୁଏ ଏବଂ କାଳାତ୍ମାର ବାର୍ତ୍ତାବହରୂପେ ଖେଳି ବୁଲୁଥିବା ଶକ୍ତିଶାଳୀ ବିଚାର-ସ୍ରୋତଗୁଡ଼ିକ ସହିତ କୌଣସି ନା କୌଣସି ବୁଝାମଣା କରି ନେଇପାରେ, ତେବେ ତାହା କେବଳ ଏକ କୃତ୍ରିମ ନିୟନ୍ତ୍ରଣ ପରିହିଁ କାର୍ଯ୍ୟ କରିବ ଏବଂ ତାହା ଫଳରେ ଅଦୂର ଭବିଷ୍ୟତରେ ଆମକୁ ଏକ ନୂତନ ଦୁର୍ବିପାକ ମଧ୍ୟରେ ନେଇ ହାବୁଡ଼ାଇ ଦେବ । ଯଦି ପୁରାତନ ଦେବାଳିଆ ବସ୍ତୁବାଦୀ ଅର୍ଥନୀତିବାଦର ପରିସମାପନ କରିଦିଆଯାଏ ଏବଂ ତଦ୍ୱାରା ଯଦି ଏକ ନୂତନ ନାମରେ ନୂତନ ପୁଞ୍ଜି ଓ ନୂଆ ଖାତାରୁ ପୁନର୍ବାର ବ୍ୟବସାୟଟିକୁ ଆରମ୍ଭ କରାଯାଇପାରେ, ତେବେ ତାହା ନିୟତିକୁ ଏଡ଼ାଇ ଚାଲିଯିବା ଲାଗି କେବଳ ଏକ ବୃଥା ଚେଷ୍ଟାହିଁ ହେବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ବାଣିଜ୍ୟିକତାର ମଧ୍ୟ ସ୍ୱକୀୟ ଗୋଟିଏ ଧର୍ମ ରହିଛି, ପ୍ରୟୋଜନବାଦୀ ନ୍ୟାୟର ସ୍ୱକୀୟ ଆଦର୍ଶଟି ରହିଛି, ପ୍ରୟୋଜନବାଦୀ ବିଧାନ ତଥା ଅନୁକୂଳନର ଆଦର୍ଶ ବି ରହିଛି, ଏହାର ସଭ୍ୟତାଟି ଉପରେ ସମାନ ମାପଦଣ୍ଡର ସଙ୍କେତଟି ଅଧିଷ୍ଠିତ ହୋଇ ରହିଛି; ଏବଂ ତାହାର ପୁରୁଣା ବଟକରାଗୁଡ଼ାକ ବର୍ତ୍ତମାନ ଅଚଳ ହୋଇ ପଡ଼ିଥିବାରୁ ତାହା ବର୍ତ୍ତମାନ ନୂତନ ମୂଲ୍ୟର ପରିମାପନ ଦେଇ ଏକ ନୂଆ ପଦ୍ଧତି ଆରମ୍ଭ କରିବା ଲାଗି ଉତ୍ସୁକ ହୋଇପଡ଼ିଛି । ମାତ୍ର ଆମର ଏହି ଯେଉଁ ଯୁଗମୁହୂର୍ତ୍ତଟି ବିଚାର ଏବଂ ଭାବପ୍ରେରଣାର ନାନା ନୂତନ ଉଦ୍‌ଘାଟନ

'oaob.nitrkl.ac.in' images reprocessed

ଏବଂ ଜୀବନର କ୍ଷେତ୍ରରେ ନାନା ନୂତନ ସୃଜନକୁ ପ୍ରଚ୍ଛନ୍ନଭାବେ ବହନ କରି ଧରିଛି, ଅର୍ଦ୍ଧ-ଅନୁତପ୍ତ ବୈଶ୍ୟର ଧର୍ମରାଜ୍ୟଟିର ସ୍ଥାପନା ଦ୍ୱାରା ସେହି ମୁହୂର୍ତ୍ତଟି କଦାପି ଆପଣାର ବୃତ୍ତାନ୍ତ ପରିପୂର୍ଣ୍ଣତା ଲାଭ କରି ପାରିବ ନାହିଁ, ବା, ବର୍ତ୍ତମାନ ମନୁଷ୍ୟଜାତି ଯେଉଁ ବେଦନା ଏବଂ ନୂତନ ଜନ୍ମର ଯନ୍ତ୍ରଣା ମଧ୍ୟଦେଇ ଗତି କରୁଛି, ସମାନ ତରାଜୁଦଣ୍ଡକୁ ସନ୍ତକ ଓ ସଙ୍କେତ କରି ଧରିଥିବା କୌଣସି ସ୍ୱର୍ଣ୍ଣଯୁଗ କିଂବା ତାମ୍ରସୁବର୍ଣ୍ଣ ଯୁଗର ପ୍ରତିଷ୍ଠା ହୋଇଗଲେ ତଦ୍ୱାରା ତାହାକୁ ତା'ର ଗୌରବମୟ ପୁରସ୍କାରଟି ପ୍ରାପ୍ତ ହୋଇଗଲା ବୋଲି କଦାପି କୁହାଯାଇ ପାରିବ ନାହିଁ । ତେଣୁ ଏକଥା ଅତ୍ୟନ୍ତ ନିଃସନ୍ଦେହ ଭାବରେ କୁହା ଯାଇପାରେ ଯେ ବର୍ତ୍ତମାନ ଉଚ୍ଚତର ଆଉ ଏକ ଅନ୍ୟ ଧର୍ମରହିଁ ପ୍ରସ୍ତୁତି ହେବାରେ ଲାଗିଛି ।

ଆମର ଯାବତୀୟ ପ୍ରଚେଷ୍ଟା ଓ ଯାବତୀୟ ଦୁଃଖଭୋଗ, ଯାବତୀୟ କଳ୍ପନା ଏବଂ ଯାବତୀୟ ଆକାଂକ୍ଷା ପଛରେ ଯେଉଁ ମହାନ୍ ପରମ ଶକ୍ତିଟିର ସତ୍ତା ଓ ଭାବନାଟିହିଁ କାର୍ଯ୍ୟ କରିବାରେ ଲାଗିଛି, ସେହି ଶକ୍ତିଟି ସହିତ ପରିଚୟ ଲାଭ କରିପାରିଲେ ଯାଇ ଆମେ ସେହି ଯଥାର୍ଥ ଧର୍ମଟିର ବି ପରିଚୟ ପାଇପାରିବା । ମନୁଷ୍ୟ-ଇତିହାସର ଏକ ପୂର୍ବବର୍ତ୍ତୀ ଯୁଗପର୍ଯ୍ୟାୟରେ ଏହି ଶକ୍ତିକୁ ଏକ ସୃଜନଶୀଳ ପରମ ଦିବ୍ୟଶକ୍ତି ବା ସର୍ବଶକ୍ତିମାନ୍ ପରମ ସମର୍ଥତା ରୂପେ କଳ୍ପନା କରାଯାଇଥିଲା, ଯିଏକି ମନୁଷ୍ୟର ଊର୍ଦ୍ଧ୍ୱରେ, ଅର୍ଥାତ୍ ତା'ର ସତ୍ତା ଓ ତା'ର ସକଳ ପ୍ରୟାସର ଊର୍ଦ୍ଧ୍ୱରେ ଅବସ୍ଥିତ ରହିଥିଲେ; ଅଥବା, ଏପରି ଅନେକ ବିଶ୍ୱମୟ ଶକ୍ତିର ସମାହାରରେ ଏକ ଦେବଗଣ ଅଥବା ସୋପାନକ୍ରମର କଳ୍ପନା କରାଯାଇଥିଲା, ଯେଉଁମାନେ କି ଉପରୁ ଥାଇ ମନୁଷ୍ୟଜାତିର ଅବଲୋକନ କରୁଥିଲେ ଏବଂ ମନୁଷ୍ୟଜାତିର ଯାବତୀୟ ଶ୍ରମ, ହୃଦୟାବେଗ ଏବଂ ଭାବନାର ପରିଶାସନ କରିବାରେ ଲାଗିଥିଲେ । ମାତ୍ର ବିଶ୍ୱଦେବତାମାନଙ୍କର ଏହି ବ୍ୟବସ୍ଥାଟି ମଧ୍ୟରେ ଏକ ଭୂମିର ଅଭାବ ରହିଥିଲା, ସେମାନଙ୍କର କ୍ରିୟାଶୀଳତାର ସୂତ୍ରଗୁଡ଼ିକ ମଧ୍ୟରେ କୌଣସି ପ୍ରକାର ଏକତ୍ୱ କାର୍ଯ୍ୟ କରୁଥିଲା ପରି ମନେ ହେଉ ନ ଥିଲା । ତେଣୁ ପ୍ରାଚୀନ ପୂର୍ବପୁରୁଷମାନେ ସେହି ବ୍ୟବସ୍ଥାଟିର ଆହୁରି ଉପରେ ଏକ ଅସ୍ପଷ୍ଟତାଯୁକ୍ତ ଅନିର୍ବଚନୀୟ ପରମଦେବତାଙ୍କର କଳ୍ପନା କଲେ, ଏପରି ଜଣେ ଅଜ୍ଞାତ ବା ଅଜ୍ଞେୟ ପରମେଶ୍ୱରଙ୍କୁ ଆଣି ଥାପିଦେଲେ, ଯାହାଙ୍କ ଲାଗି ସେମାନେ ଏକ ନାମହୀନ ପୂଜାବେଦୀର ପ୍ରତିଷ୍ଠା କରି ରଖିଲେ, ତାକୁ ସେମାନେ ନିୟତି ବା ଭାଗ୍ୟ ବୋଲି କହିଲେ, ତା'ର ମୁହଁଟିକୁ ସ୍ଫିଙ୍କ୍ସ୍‌ର ମୁହଁ ପରି କରି ଗଢ଼ିଲେ ଓ ହାତଗୁଡ଼ିକୁ ପିତଳରେ ତିଆରି କଲେ; ଏବଂ ଦେବତାମାନଙ୍କୁ ମଧ୍ୟ ଆଖିବୁଜି ତାହାରି ବରାଦଗୁଡ଼ାକୁ ମାନି ରହିବାକୁ ପଡ଼ିଲା । ଏହା ଫଳରେ ମନୁଷ୍ୟର ଜୀବନ ଏକାଧାରରେ ଏକ ରହସ୍ୟଘନ ଅଦୃଷ୍ଟର କବଳ ଭିତରେ ପଡ଼ି ରହିଲା ଏବଂ ଜଣେ ଅତିମାନବୀୟ କେତେକେତେ ଖିଆଲର କ୍ରୀଡ଼ନକ ବି ହୋଇ

'oaob.nitrkl.ac.in' images reprocessed

ରହିଗଲା ଏବଂ ଯେପର୍ଯ୍ୟନ୍ତ ମନୁଷ୍ୟ ତା'ର ପ୍ରାଣିକ ଅହଂର ଭୂମିଟି ଉପରେ ରହି ଜୀବନ ବଞ୍ଚିବାରେ ଲାଗିଥିବ ଏବଂ କେବଳ ନିଜ ବ୍ୟକ୍ତିଗତ ଧାରଣା ଏବଂ ଆବେଗଗୁଡ଼ାକରହିଁ କିଙ୍କର ହୋଇ ରହିଥିବ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଅନେକ ପରିମାଣରେ ସିଏ କେବଳ ତାହାହିଁ ହୋଇ ରହିବ । ପରବର୍ତ୍ତୀ ପର୍ଯ୍ୟାୟର ଧର୍ମଗୁଡ଼ିକ ସେହି ଅଜ୍ଞାତ ଏକଦେବର କଳ୍ପନାଟିକୁ ଏକ ନାମ ଦେବାକୁ ଚେଷ୍ଟା କଲେ, କୌଣସି ନା କୌଣସି ଶରୀରାକୃତି ଦେଇ ତାହାକୁ ମୂର୍ତ୍ତ କରି ଆଣିଲେ; ସେମାନେ ଏକ ଆଦର୍ଶ-ବିଧାନ ବା ଚର୍ଯ୍ୟାଶାସ୍ତ୍ରର ବି ଘୋଷଣା କରିଦେଲେ ଯାହାକୁ କି ସେମାନେ ତାଙ୍କରି ମୁଖନିସୃତ ଶବ୍ଦ ବୋଲି କହିଲେ, ଧର୍ମଶାସ୍ତ୍ର ବୋଲି କହିଲେ । ମାତ୍ର ଏକ ଆଂଶିକ ଏବଂ ଜୀବନବିଚ୍ଛିନ୍ନ ଜ୍ଞାନର ମତାନ୍ଧତା ଏବଂ ମନୁଷ୍ୟମାନସର ବହିଃମୁଖୀ ନାନା ପ୍ରବୃତ୍ତି ଧର୍ମର ଉଦ୍‌ଭାସକ୍ଷେତ୍ର-ଗୁଡ଼ିକୁ କ୍ରମେ ତିମିରାବୃତ କରି ଆଣିଲା, ଧର୍ମଭିତରେ କେତେ କ'ଣ ବିମୂଢ଼ତା ଏବଂ ପ୍ରମାଦକୁ ଆଣି ପୂରାଇଦେଲା ଏବଂ ଅତି ଚପଳ ତଥା ନିର୍ମମ କେତେକେତେ ଅନ୍ଧବିଶ୍ୱାସର ବିଚିତ୍ର ମୁଖାଗୁଡ଼ିକ ଦ୍ୱାରା ଧର୍ମର ମୁଖକୁ ଆଚ୍ଛନ୍ନ କରି ରଖିଲା । ପରମେଶ୍ୱରଙ୍କୁ ଏଠାରୁ ଅନେକ ଊର୍ଦ୍ଧ୍ୱରେ ଦୂରସ୍ଥ ସ୍ୱର୍ଗଲୋକମାନଙ୍କରେ ଥାପି ଦେଇ ଧର୍ମ ମନୁଷ୍ୟକୁ ଅନେକ ପରିମାଣରେ ଏହି ଧରାତଳର ଏକ କୀଟରେ ପରିଣତ କରି ରଖିଲା, ଆପଣାର ପରମ ସୃଷ୍ଟିକାରଣଙ୍କ ଆଗରେ ସେହି କୀଟଟି ବଡ଼ କ୍ଷୁଦ୍ର ଓ ବଡ଼ ତୁଚ୍ଛ ହୋଇ ରହିଲା ଏବଂ ତାଙ୍କରି ଅନୁଗ୍ରହର କୌଣସି ଖିଆଲ ଦ୍ୱାରାହିଁ ମନୁଷ୍ୟର ଏହି ପୃଥିବୀର ବାହାରେ ତା' ଲାଗି ଆଉ କୌଣସି ଜଗତରେ ଏକ ସଂଶୟାଚ୍ଛନ୍ନ ମୁକ୍ତି ଲାଭ କରି ପାରିବାର ଏକ ସମ୍ଭାବନା ରହିଛି ବୋଲି କୁହାଗଲା । ଅତୀତର ଏହି କଳ୍ପନାଗୁଡ଼ାକ ମଧ୍ୟରୁ ଯଥାର୍ଥ ନିଷ୍କୃତି ଲାଭ କରିବାକୁ ଯାଇ ଆଧୁନିକ ଦର୍ଶନକୁ ସେହି ଭଗବାନଙ୍କ ସ୍ଥାନରେ ବିକଳ୍ପରୂପେ ଆଉକିଛି ଆଣି ସ୍ଥାପିବାକୁ ପଡ଼ିଲା ଏବଂ ସେଥିଲାଗି ତାହା କେବଳ ପ୍ରକୃତିର ଭୌତିକ ବିଧାନଗୁଡ଼ିକୁ ଏବଂ ଜୀବନର ଜୈବିକ ପ୍ରକ୍ରିୟାଗୁଡ଼ିକୁହିଁ ଦେଖିବାକୁ ସମର୍ଥ ହେଲା ଏବଂ ସେହିଗୁଡ଼ିକୁ ଆଣି ସ୍ଥାନାପନ୍ନ ରୂପେ ପ୍ରତିଷ୍ଠା କରିଦେଲା । ମନୁଷ୍ୟର ବୁଦ୍ଧିଶକ୍ତିଟାହିଁ ସେହି ବିଧାନର ଏକମାତ୍ର ବିଶ୍ୱାସଯୋଗ୍ୟ ଭାଷ୍ୟକାର ହୋଇ ରହିଲା, ମନୁଷ୍ୟର ବିଜ୍ଞାନଟାହିଁ ତାହାକୁ ଫଳଦାୟକ ଭାବରେ କାମରେ ଲଗାଇବାର ଏବଂ ସେଥିରୁ ଲାଭବାନ୍ ହେବାର ଏକମାତ୍ର ଅଧିକାରୀ ହୋଇ ରହିଲା । ମାତ୍ର ବିଚାରଶୀଳ ଏବଂ ଦୃଷ୍ଟିକ୍ଷମ ମନୁଷ୍ୟର ଏକମାତ୍ର ମାର୍ଗନିର୍ଦ୍ଦେଶକ ରୂପେ ଯେତେବେଳେ ଜଡ଼-ପ୍ରାକୃତିକ ବିଧାନର ଅନ୍ଧ ଯାନ୍ତ୍ରିକତାଟାରହିଁ ପ୍ରୟୋଗ ହେବାକୁ ଲାଗେ, ସେତେବେଳେ ତାହା ତା' ସତ୍ତାର ଦିବ୍ୟତର ବିଧାନଟିର ବିରୁଦ୍ଧାଚରଣହିଁ କରିଥାଏ ଏବଂ ତଦ୍ଦ୍ୱାରା ତା'ର ଉଚ୍ଚତର ସମ୍ଭାବନାଶକ୍ତି-ଗୁଡ଼ିକୁ କେବଳ ଶକ୍ତିହୀନ କରିଦେବାହିଁ ସାର ହୁଏ । ଆମର ଜଡ଼ପ୍ରକୃତି ଓ ଆମର

'oaob.nitrkl.ac.in' images reprocessed

ପ୍ରାଣଗତ ପ୍ରକୃତି,– ଏଗୁଡ଼ିକ ହେଉଛନ୍ତି ଆମ ସତ୍ତାର କେବଳ ଏକ ପ୍ରଥମ ରୂପାୟନ ଏବଂ ତାହାରି ସ୍ୱତନ୍ତ୍ରସୀମାଟିକୁ ଅତିକ୍ରମ କରି ଆହୁରି ଊର୍ଦ୍ଧ୍ୱକୁ ପହଞ୍ଚି ପାରିବା ହେଉଛି ଏକ ମନୁଷ୍ୟ-ବିବର୍ତ୍ତନର ଅସଲ ତାତ୍ପର୍ଯ୍ୟ । ପ୍ରକୃତିର ଶକ୍ତିଠାରୁ ଭିନ୍ନ ଆଉ ଏକ ବୃହତ୍ତର ପରମଶକ୍ତି ରହିଛି, ଯିଏକି ଏହିସବୁ ଯାବତୀୟ ଉଦ୍ୟମ ଓ ଗଠନର ସ୍ୱାମୀରୂପେ ଅବସ୍ଥିତ ରହିଛି; ମନୁଷ୍ୟର ବୁଦ୍ଧି ଅଥବା ତତ୍‌ପ୍ରସୂତ ବିଜ୍ଞାନକୁ ଆମେ କଦାପି ସେହି ଦେବତା ବୋଲି ମାନିନେଇ ପାରିବା ନାହିଁ, କାରଣ, ତାହାକୁ ଖୁବ୍‌ବେଶୀ ହେଲେ ତାହାର ଜଣେ ମନ୍ତ୍ରୀ ବୋଲି,– ସମସ୍ତଙ୍କଠାରୁ ବଡ଼ ମନ୍ତ୍ରୀ ଆଦୌ ନୁହେଁ,– କଳ୍ପନା କରାଯାଇ ପାରିବ । ଯେଉଁ ପ୍ରବଳ ବାତ୍ୟା ମନୁଷ୍ୟର ବୁଦ୍ଧି ଏବଂ ମନୁଷ୍ୟର ବିଜ୍ଞାନ ଦ୍ୱାରା ପ୍ରସ୍ତୁତ ଏବଂ ରଚିତ ଏତେଏତେ ବସ୍ତୁସମ୍ଭାରକୁ ଭୂଲୁଣ୍ଠିତ କରିଦେଇ ଗଲା, ତାହାରି ଭିତରେ ଅଥବା ତାହାକୁ ଆପଣାର ଏକ ନିମିତ୍ତରୂପେ ବ୍ୟବହାର କରି ସେହି ମନୁଷ୍ୟର ବୁଦ୍ଧି ଓ ତତ୍‌ପ୍ରସୂତ ବିଜ୍ଞାନହିଁ ସେମାନଙ୍କର ଅଭିପ୍ରାୟଗୁଡ଼ିକୁ କାର୍ଯ୍ୟକାରୀ କରୁଛନ୍ତି ବୋଲି ଆଦୌ କୁହାଯାଇ ପାରିବ ନାହିଁ । ଏକ ବୃହତ୍ତର ଆତ୍ମାହିଁ ଏହି କ୍ଷେତ୍ରରେ ଆପଣାର ଅଦୃଶ୍ୟ ରୂପ ଏବଂ ପ୍ରଚ୍ଛନ୍ନ ଉଦ୍ଦେଶ୍ୟଟିକୁ ପ୍ରକଟ କରି ଆଣିବା ଲାଗି ଅପେକ୍ଷା କରି ରହିଛି, ଏକ ଗଭୀରତର ଜିଜ୍ଞାସାର ମୁହୂର୍ତ୍ତଟି ଲାଗି ଅପେକ୍ଷା କରି ରହିଛି ।

ଅତ୍ୟନ୍ତ କ୍ଷୀଣ ଭାବରେ ଆମେ ଏହି ସତ୍ୟଟିର କିୟଦଂଶ ଦେଖିବାକୁ ଆରମ୍ଭ କଲୁଣି; ଅପେକ୍ଷାକୃତ ଅଧିକ ଆଧ୍ୟାତ୍ମିକ ବିଚାରଗୁଡ଼ିକ ପାଖକୁ ଫେରିଆସି ଏବଂ ମନୁଷ୍ୟର ଜୀବନକ୍ଷେତ୍ରରେ ନିର୍ମିତ ହେବାକୁ ଯାଉଥିବା ଏକ ଭଗବତ୍‌ସାମ୍ରାଜ୍ୟର କଳ୍ପନା କରି ଆମେ ସେହି ସତ୍ୟର କିଞ୍ଚିତ୍ ପରିଚୟ ପାଇଲୁଣି । ଆଗେ ଯେଉଁ ପରମଶକ୍ତି ବିଶ୍ୱବ୍ରହ୍ମାଣ୍ଡରେ ରହିଛନ୍ତି ଓ ଆମେ ବାସ କରୁଥିବା ଏହି ପୃଥିବୀଟି ତାଙ୍କରି ଗୋଟିଏ କ୍ଷେତ୍ରରୂପେ ବିଦ୍ୟମାନ ରହିଛି ବୋଲି ଆମେ ଯେଉଁ ଧାରଣାଟି କରିଥିଲୁ, ତାହାରି ସ୍ଥାନରେ ଏହି ମନୁଷ୍ୟ ଭିତରେହିଁ ଏକ ପରମ ଦେବତା ଅଧିଷ୍ଠିତ ହୋଇ ରହିଛନ୍ତି ବୋଲି ପ୍ରାୟ କଳ୍ପନା କରାଗଲାଣି; ସେହି ଦେବତା ମନୁଷ୍ୟ ଭିତରେ ସେହି ଅଦୃଶ୍ୟ ଅଧିପତି ରୂପେ ବିରାଜିତ ଅଛନ୍ତି ଏବଂ ବାହାରର ମଣିଷଟି ତାଙ୍କର ଏକ ଆବରଣ ହୋଇ ରହିଛି । ଆମର ମନ ତଥା ଆମର ଜୀବନ ସେହି ଦେବତାଙ୍କରହିଁ ପରିକର ଓ ଜୀବନ୍ତ ଯନ୍ତ୍ରରୂପେ କାର୍ଯ୍ୟ କରିପାରିବ ଏବଂ ପରିପୂର୍ଣ୍ଣତାପ୍ରାପ୍ତ ଆମର ଆତ୍ମା ତାଙ୍କର ସ୍ୱଚ୍ଛ ଦର୍ପଣରେ ପରିଣତ ହୋଇପାରିବ ବୋଲି କଳ୍ପନା କରାଗଲାଣି । ମାତ୍ର ସେହି ପରମ ଦେବତାଙ୍କୁ ଯଥାର୍ଥରେ ଜାଣିବା ପୂର୍ବରୁ ଆମକୁ ଆହୁରି ଅଧିକ ସ୍ୱଚ୍ଛ ଭାବରେ ଦେଖି ପାରିବାକୁ ହେବ, ଆହୁରି ସମଗ୍ର ଭାବରେ ଦେଖି ପାରିବାକୁ ହେବ । ବସ୍ତୁଗୁଡ଼ିକ ମଧ୍ୟରେ କ୍ରିୟାଶୀଳ ହୋଇ ରହିଥିବା ସେହି ପରମ ସତ୍ତାର ତିନୋଟି ସାମର୍ଥ୍ୟ ରହିଛି ଓ ତିନୋଟି ରୂପ ରହିଛି, ଏବଂ

'oaob.nitrkl.ac.in' images reprocessed

ସେହିଗୁଡ଼ିକର ମାଧ୍ୟମରେହିଁ ସିଏ ଆମର ଦୃଷ୍ଟି-ସମକ୍ଷରେ ଆସି ଧରା ଦେଉଛନ୍ତି । ତାଙ୍କର ପ୍ରଥମ ରୂପଟିକୁ ଆମେ ଏହି ବିଶ୍ୱଜଗତରେ ଦେଖିବାକୁ ପାଉଛୁ, ମାତ୍ର ଜଡ଼ବସ୍ତୁଗୁଡ଼ିକର ପ୍ରତିଭାସ ମଧ୍ୟର ଆମେ ତାଙ୍କର ଯେଉଁ ରୂପଟିକୁ ଅଥବା ଯେତିକିମାତ୍ର ରୂପକୁ ଦେଖି ପାରୁଛୁ, ତାହା ତାଙ୍କର ସମ୍ପୂର୍ଣ୍ଣ ସତ୍ୟ କଦାପି ନୁହେଁ; ବସ୍ତୁତଃ ଆମେ ତାହାକୁ ତାଙ୍କର କେବଳ ପ୍ରଥମ ଭୌତିକ ରୂପ ବୋଲିହିଁ ଜାଣିବା ଓ ପ୍ରଥମ ପ୍ରାଣିକ ଭିତ୍ତି ବୋଲି ଜାଣିବା, ଯାହାକୁ କି ସେ ଆମ ବୃଦ୍ଧି ଏବଂ ବିକାଶର ଆରମ୍ଭବିନ୍ଦୁ ରୂପେହିଁ ପ୍ରଦତ୍ତ କରି ରଖିଛନ୍ତି । ଏଇଟିକୁ ଆମେ ଆମର କେତେକ ପ୍ରଥମସ୍ତରୀୟ ଉପଲବ୍ଧିର ଏକ ପ୍ରାରମ୍ଭିକ ସମଷ୍ଟି ବୋଲିହିଁ ଜାଣିବା, ଯେଉଁଠାରୁ କି ଆମକୁ ଯାତ୍ରା ଆରମ୍ଭ କରିବାକୁ ହେବ ଏବଂ ଆପଣାର ଗତିପଥରେ ଅତିକ୍ରମ କରି ଚାଲିଯିବାକୁ ପଡ଼ିବ । ଦ୍ୱିତୀୟ ରୂପଟିର ରହସ୍ୟକୁ ଏକା ଏହି ମନୁଷ୍ୟହିଁ ଜାଣିଛି, କାରଣ କେବଳ ତାହାରି ଭିତରେହିଁ ସେହି ରୂପଟି ଏକ ଆଂଶିକ ଏବଂ ସତତ ଅସମ୍ପୂର୍ଣ୍ଣ ଉପଲବ୍ଧି ତଥା ଉନ୍ମୋଚନର ପ୍ରକ୍ରିୟା ଦେଇ ଆପଣାକୁ କ୍ରମୋତ୍ତର ଭାବରେ ପ୍ରକଟ କରିଦେବାରେ ଲାଗିଛି । ତା'ର ବିଚାର, ତା'ର ନାନା ଆଦର୍ଶ, ସ୍ୱପ୍ନ, ଏକ ଉଚ୍ଚ ଆତ୍ମ-ଅତିକ୍ରମଣ ଲାଗି ତା'ର କେତେକେତେ ପ୍ରୟାସ,– ଏହିସବୁ ସଙ୍କେତ ଓ ସୂରାଖ ସାହାଯ୍ୟରେ ମନୁଷ୍ୟ ସେହି ପରମ ଚିଦାତ୍ମାଙ୍କର ଆବିଷ୍କାର କରିବାକୁ ଚେଷ୍ଟା କରୁଛି, ଏହି ଛାଞ୍ଚ ଓ ଗଢ଼ଣଗୁଡ଼ିକ ମାଧ୍ୟମରେ ସିଏ ସେହି ପରମ ଚିଦାତ୍ମାଙ୍କର ରୂପର ଏକ ଅବଧାରଣା କରିପାରିବାର ପ୍ରୟାସ କରୁଛି । ମାତ୍ର ସେଗୁଡ଼ିକ ମଧ୍ୟ କେବଳ ଆଂଶିକ ଆଲୋକ, ପରମ ଦିବ୍ୟରୂପଙ୍କର ସମ୍ପୂର୍ଣ୍ଣ ଆକାର ନୁହନ୍ତି । ଏହାଠାରୁ ଆହୁରି ସେପାଖକୁ ସତେଅବା ଆଉ କିଛି ଅପେକ୍ଷା କରି ରହିଛି, ଏକ ଅନିର୍ବଚନୀୟ ପରମ ପୂର୍ଣ୍ଣତା, ଏକ ଅନ୍ତହୀନ ଆଲୋକମୟତା, ଏକ ଅସୀମ ଶକ୍ତିମତ୍ତା, ଅନନ୍ତ ଶୁଦ୍ଧା ଏବଂ ଏକ ବିଶ୍ୱମୟ ଶିବ ତଥା ପରମ ସୌନ୍ଦର୍ଯ୍ୟ ଲାଗି ଏକ ଅମୂର୍ତ୍ତ ଅଭୀପ୍ସାର ପୋଷଣ ଦ୍ୱାରା ମନୁଷ୍ୟର ମନ କ୍ରମଶଃ ସତେଅବା ତାହାରି ନିକଟବର୍ତ୍ତୀ ହେବାରେ ଲାଗିଛି । ଏଇଟିକୁ ଆମେ ଏପରି କୌଣସି ବସ୍ତୁରୂପେ ଆଦୌ କଳ୍ପନା କରିବା ନାହିଁ, ଯାହାକି ଏପର୍ଯ୍ୟନ୍ତ ଆପଣାର ପରିପୂର୍ଣ୍ଣ ସତ୍ତାକୁ ଉପଲବ୍ଧି କରିପାରି ନାହିଁ, ଏହାକୁ ଆମେ ସମ୍ଭୂତ ହେବାରେ ଲାଗିଥିବା ବା ମନୁଷ୍ୟ ଦ୍ୱାରା ସୃଷ୍ଟ ହେବାକୁ ରହିଥିବା ଏକ ଈଶ୍ୱରରୂପେ କଳ୍ପନା କରି ପାରିବା ନାହିଁ; ତାହାକୁ ଆମେ ସେହି ପରମ ଶାଶ୍ୱତ ବୋଲି ଜାଣିବା, ଏହି ଅନନ୍ତ ଆଦର୍ଶଟିକୁ କେବଳ ତାହାରି ଏକ ମାନସ ପ୍ରତିବିମ୍ବ ବୋଲି ଜାଣିବା । ସିଏ ଏହି ବିଶ୍ୱର ଯାବତୀୟ ରୂପର ଅତୀତ ହୋଇ ରହିଛନ୍ତି, ମାନବ ସତ୍ତାର ମନୋଭୂମିଗତ ଏହି ଯାବତୀୟ ଉପଲବ୍ଧିର ଅତୀତ ହୋଇ ରହିଛନ୍ତି, ମାତ୍ର ତଥାପି ସେ ଏଇଠି ଏହି ମଣିଷ ଭିତରେ ଅଛନ୍ତି ଏବଂ ମନୁଷ୍ୟ ଯେଉଁ ସଂସାରଟିରେ ବାସ କରୁଛି, ସେହି ସଂସାରର

'oaob.nitrkl.ac.in' images reprocessed

ଯାବତୀୟ ଶକ୍ତି ଓ ସାମର୍ଥ୍ୟ ମଧ୍ୟରେ ସେହି ମନୁଷ୍ୟକୁ ପରିବେଷ୍ଟନ କରି ବିଦ୍ୟମାନ ରହିଛନ୍ତି । ପରମ ଚିଦ୍‌ଗତତା ରୂପେ ସିଏ ବିଶ୍ୱଭୁବନରେ ପୂର୍ଣ୍ଣ ହୋଇ ରହିଛନ୍ତି, ଏବଂ ସେଇ ମନୁଷ୍ୟ ମଧ୍ୟରେ ଅଦୃଶ୍ୟ ଅଧିପ ହୋଇ ବିରାଜିତ ରହିଛନ୍ତି, ତା'ର ଯାବତୀୟ କାର୍ଯ୍ୟରେ ଅଧିଷ୍ଠାତା ପ୍ରଭୁ ହୋଇ ରହିଛନ୍ତି । ସିଏ ଯେଉଁସବୁ ବିଧାନ ମଧ୍ୟଦେଇ ବିଶ୍ୱସଂସାରରେ ଉଦ୍‌ଭୂତ ହୋଇ ଉଠୁଛନ୍ତି, ସେଗୁଡ଼ିକ କଦାପି ଏହିଠାରେହିଁ ସମ୍ପୂର୍ଣ୍ଣ ହୋଇଯାଇ ନାହିଁ, ଏବଂ ଯେପର୍ଯ୍ୟନ୍ତ ମନୁଷ୍ୟଜାତି ଆପଣାର ପ୍ରକୃତିର ଭୂମିରେ ମନ ଏବଂ ଚିଦ୍‌ଗତତାର ଯାବତୀୟ ସମ୍ଭାବନାଗୁଡ଼ିକୁ ପରିପୂର୍ଣ୍ଣ ଭାବରେ ବିକଶିତ କରି ନ ଆଣିଛି, ସେପର୍ଯ୍ୟନ୍ତ ସେହି ବିଧାନଗୁଡ଼ିକ ଆପଣାର ତାତ୍ପର୍ଯ୍ୟ ତଥା କ୍ରିୟାଶୀଳତାର କ୍ଷେତ୍ରରେ କଦାପି ପରିପୂର୍ଣ୍ଣତା ଲାଭ କରିବ ନାହିଁ । ସିଏ ମଣିଷ ଭିତରେ ମଧ୍ୟ କାର୍ଯ୍ୟ କରୁଛନ୍ତି; ମାତ୍ର ମନୁଷ୍ୟ ଯେପର୍ଯ୍ୟନ୍ତ ତା'ର ଏହି ବର୍ତ୍ତମାନ ମନୋଭୂମିର ଗ୍ରନ୍ଥିଟି ମଧ୍ୟରେ ବାନ୍ଧି ହୋଇ ପଡ଼ିଛି, ସେପର୍ଯ୍ୟନ୍ତ କେବଳ ତାହାର ବ୍ୟକ୍ତିଗତ ଏବଂ ସାମୂହିକ ଅହଂଟି ମଧ୍ୟଦେଇହିଁ କାର୍ଯ୍ୟ କରୁଛନ୍ତି । ଯେତେବେଳେ ମନୁଷ୍ୟଜାତି ପରମେଶ୍ୱରଙ୍କୁ ଜାଣିବ ଓ ପରମଦିବ୍ୟତା ମଧ୍ୟରେ ବାସ କରିବାକୁ ଆରମ୍ଭ କରିବ, କେବଳ ସେତିକିବେଳେ ଯାଇ ତା'ର ଯାବତୀୟ ଉଦ୍ୟମ ଓ ପ୍ରୟାସର ଆଦର୍ଶ ସର୍ବୋତ୍ତମ ବୋଧଟି ଆପଣାକୁ ଉନ୍ମୋଚିତ କରିଦେବାରେ ଲାଗିବ ଏବଂ ସେତିକିବେଳେହିଁ 'ରାଜ୍ୟଂ ସମୃଦ୍ଧମ୍'ର ପ୍ରତିଷ୍ଠା ହେବ ।

ଆମେ ଯେତେବେଳେ କେବଳ ଆମର ଅହଂ, ଆମର ନାନା ସ୍ୱାର୍ଥ, ଆବେଗ ବା ପ୍ରାଣିକ ପ୍ରୟୋଜନଗୁଡ଼ିକର ବୋଲି ମାନି ଆମ ବାହ୍ୟ ଜୀବନଟିକୁ ତିଆରି କରିବାର ପ୍ରୟାସ କରୁଥାଉ, ଅଥବା, ଆମର ବୁଦ୍ଧିସାମର୍ଥ୍ୟଟିର ପରିଚର୍ଯ୍ୟା ପାଇ ତାହାରି ଦ୍ୱାରା କିଞ୍ଚିଦ୍ ବୃହତ୍ତା ଲାଭ କରିଥିବା ମାତ୍ର କୌଣସି ବୃହତ୍ତର ଆଧ୍ୟାତ୍ମିକ ଅର୍ଥ ଦ୍ୱାରା କୌଣସି ପ୍ରକାରେ ସନ୍ଦୀପିତ ହୋଇପାରି ନ ଥିବା ଆମ ପ୍ରାଣିକ ପ୍ରୟୋଜନଗୁଡ଼ିକର ଏକ ଛାଞ୍ଚରେ ଜୀବନଟିକୁ ଗଢ଼ିବା ଲାଗି ଚେଷ୍ଟା କରୁଥାଉ, ସେତେବେଳେ ଆମେ ବିଶ୍ୱର ପ୍ରଥମ ସୂତ୍ରାୟନଟିର ବିଧାନ ମଧ୍ୟରେହିଁ ବାସ କରୁଥାଉ । ସେତେବେଳେ ସେହି ଅଦୃଶ୍ୟ ପରମଶକ୍ତି ରୁଦ୍ରରୂପରେହିଁ ସେଠାରେ ଆମକୁ ଭେଟିବାକୁ ଆସନ୍ତି, ବିବର୍ତ୍ତନର ପରମ ପ୍ରଭୁରୂପେ, କର୍ମର ଅଧିଷ୍ଠାତା ଦେବତାରୂପେ ନ୍ୟାୟ ଓ ବିଚାରର ପରମ ଅଧିପତିରୂପେ ସେ ଆମକୁ ଭେଟିବାକୁ ଆସନ୍ତି । ତ୍ୟାଗ ଏବଂ ଉଦ୍ୟମ ଦ୍ୱାରା ତାଙ୍କୁ ସହଜରେ ତୁଷ୍ଟ କରାଯାଇଥାଏ, କାରଣ ଅସୁର, ଦୈତ୍ୟ ଓ ଦୈତ୍ୟମାନଙ୍କୁ ମଧ୍ୟ ସିଏ ସେମାନଙ୍କର ତପସ୍ୟାର ଫଳଟିକୁ ଆଣି ଉପଲବ୍ଧ କରାଇ ଦିଅନ୍ତି, ମାତ୍ର କ୍ରୁଦ୍ଧ ହୋଇ ପଡ଼ିବାକୁ ମଧ୍ୟ ତାଙ୍କୁ ଆଦୌ ଅଧିକ ସମୟ ଲାଗେ ନାହିଁ; ଏବଂ ଅଜ୍ଞାନରେ ପଡ଼ି ହେଲେ ମଧ୍ୟ, ମନୁଷ୍ୟ ଯେତେ ଯେତେ ଥର ବିଧାନର ବିରୁଦ୍ଧାଚରଣ କରୁଥାଏ, ନିଜର ଅହଂ ଦ୍ୱାରା ପ୍ରେରିତ

'oaob.nitrkl.ac.in' images reprocessed

ହୋଇ ସେ ଯେତେ ଥର ବିବର୍ତ୍ତନର ଇଚ୍ଛାଟି ବିରୋଧରେ ଅମଙ୍ଗ ହୋଇ ଠିଆ ହୋଇଯାଏ ଅଥବା କର୍ମର ପ୍ରତିକ୍ଷେପଟିକୁ ଉତ୍ତେଜିତ କରି ଆଣେ, ସେତେବେଳେ ତାକୁ ସେ ନିର୍ଦ୍ଦୟ ହୋଇ ଆଘାତ କରନ୍ତି, ସଂଘର୍ଷ ଏବଂ କେତେକେତେ ପଥ ଝୁଣ୍ଟିବାର ମଧ୍ୟଦେଇ, ପ୍ରବଳ କାମନା ଏବଂ ଆକାଂକ୍ଷାର ମଧ୍ୟଦେଇ, ଇଚ୍ଛାଶକ୍ତିର ଭୟଙ୍କର ଚାପ ଏବଂ ପ୍ରଚଣ୍ଡ ଉଦ୍ୟମ ମଧ୍ୟଦେଇ, ରଚିବା ଓ ଭାଙ୍ଗିବାର ମଧ୍ୟଦେଇ, କେତେବେଳେ ବିବର୍ତ୍ତନର ଧୀର ପ୍ରୟାସ ଏବଂ ଆଉ କେତେବେଳେ ବିପ୍ଳବର କ୍ଷିପ୍ର ବେଗଶୀଳତାର ମଧ୍ୟଦେଇ ରୁଦ୍ର ଦିବ୍ୟ ଅଭିପ୍ରାୟଟିକୁ କାର୍ଯ୍ୟକାରୀ କରିବାରେ ଲାଗିଥା'ନ୍ତି । ମାତ୍ର ଅନ୍ୟପକ୍ଷରେ, ଯେତେବେଳେ ଆମେ ପରମ ଆଦର୍ଶଟିକୁ ସମ୍ମୁଖରେ ରଖି ଜୀବନଟିକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେବାକୁ ଇଚ୍ଛା କରୁ, ସେତେବେଳେ ପରମ ସତ୍ୟର କଠୋର ସ୍ୱାମୀହିଁ ତାଙ୍କର ନାନା ପ୍ରଶ୍ନ ଦ୍ୱାରା ଆମର ସମ୍ମୁଖୀନ ହେବାକୁ ଆସନ୍ତି । ସେହି କ୍ଷେତ୍ରରେ ଆମେ ଯେତିକି ଦୂର ପର୍ଯ୍ୟନ୍ତ ଅନ୍ତର୍ଗତ ସତ୍ୟଟିରହିଁ ନିଷ୍ଠା ଅନୁସାରେ କାର୍ଯ୍ୟ କରି ପାରୁଥିବା, ଆମେ ସେତିକି ଅଧିକରୁ ଅଧିକ ପରିମାଣରେ ଏକ ଦିବ୍ୟ କ୍ରିୟାଶୀଳତାର ପରିଣାମଗତ ସୌଷମ୍ୟ ମଧ୍ୟରେ ଜୀବନଟିକୁ ବଞ୍ଚିବା ଲାଗି ସମର୍ଥ ହେବା । ମାତ୍ର ଆମ ଆଦର୍ଶର ମାପମାନଗୁଡ଼ିକ ଯଦି ମିଥ୍ୟା ହୋଇଥିବେ କିଂବା ଆମର ଅହଂକାମନା, କପଟତା ଏବଂ ଆତ୍ମ-ପ୍ରବଞ୍ଚନାର ଓଜନଟିକୁ ନେଇ ଯଦି ଆମେ ଅନ୍ୟାୟ ଭାବରେ ତରାଜୁ ଉପରେ ନେଇ ରଖିବାକୁ ମନ କରୁଥିବା, ଅଥବା ଆମର ସଂକୀର୍ଣ୍ଣତର ଉଦ୍ଦେଶ୍ୟଗୁଡ଼ିକର ସାଧନ ଲାଗି ଯଦି ଆମେ ସତ୍ୟର ଅପବ୍ୟବହାର କରୁଥିବା, ଯଦି ସେହି ସତ୍ୟଟିକୁ ଏକ ମିଥ୍ୟାରେ ପରିଣତ କରିଦେବା, ତୁଚ୍ଛା ଏକ ରୂଢ଼ିରେ ବା ବାହ୍ୟ ଗୋଟାଏ ଯାନ୍ତ୍ରିକତାରେ ପରିଣତ କରି ରଖିବା ଏବଂ ତା' ଭିତରେ ଯଦି ତା'ର ଜୀବନ୍ତ ଆତ୍ମାଟି ଅବର୍ତ୍ତମାନ ହୋଇ ରହିଥିବ, ତେବେ ସେଥିଲାଗି ଆମକୁ ଅବଶ୍ୟ ମହାର୍ଘ ମୂଲ୍ୟ ଦେବାକୁ ପଡ଼ିବ । କାରଣ, ଆଗରୁ ଆମେ ଯେପରି ରୁଦ୍ରଙ୍କର ଭୟଙ୍କର ହାତରେ ଆସି ପଡ଼ି ଯାଇଥିଲୁ, ବର୍ତ୍ତମାନ ଆମେ ସେହିପରି ଭାବରେ ବରୁଣଙ୍କର ଅଧିକ ସୂକ୍ଷ୍ମ ଏବଂ ଅଧିକ ବିପଜ୍ଜନକ ଫାଶଟି ଭିତରେ ଆସି ପଡ଼ିଯିବା । ସତ୍ୟଟିର ଦର୍ଶନ କରିପାରିଲେ ଓ ସତ୍ୟଟିକୁ ବଞ୍ଚିପାରିଲେ ଯାଇ ଆମର ଅଭୀପ୍ସାଟିର ଯଥାର୍ଥ ସନ୍ତୋଷବିଧାନ ହେବ । ସେତେବେଳେ ମୁକ୍ତି ତଥା ପ୍ରେମର ସେହି ପରମ ପ୍ରଭୁ ଏବଂ ଏକତ୍ୱର ପରମ ଭାବାତ୍ମାହିଁ ବ୍ୟକ୍ତିର ଆତ୍ମାକୁ ଅନୁପ୍ରେରିତ କରିବାକୁ ଆସିବେ ଏବଂ ଏହି ବିଶ୍ୱର ଉଦ୍ୟମଟିକୁ ନିଜ ହାତରେ ଗ୍ରହଣ କରିନେବେ । ସେଇ ହେଉଛନ୍ତି ମହାନ୍ ଓ ପରମ ମୁକ୍ତିଦାତା, ତାହାଙ୍କୁହିଁ ଆମେ ସକଳ ପରିପୂର୍ଣ୍ଣତାର ସବଳ ଏବଂ ସୌମ୍ୟ ପ୍ରତିଷ୍ଠାତା ବୋଲି ଜାଣିବା ।

ଏହି ରୁଦ୍ରଙ୍କର କୋପହିଁ ବର୍ତ୍ତମାନ ପୃଥିବୀ ଉପରେ ବାତ୍ୟା ପରି ବହିଯାଉଛି

'oaob.nitrkl.ac.in' images reprocessed

ଏବଂ ଏହିସବୁ ଧ୍ୱଂସବିଧ୍ୱଂସ ମଧ୍ୟରେ ଆମେ ତାଙ୍କରି ପଦଚିହ୍ନଗୁଡ଼ିକର ପଥଟିକୁ ବେଶ୍ ଦେଖିବାକୁ ପାଇବା । ମନୁଷ୍ୟଜାତି ଯେ ଅନେକ ମିଥ୍ୟା ଭିତରେ ତା'ର ଜୀବନଟିକୁ ଯାପନ କରିଆସିଛି, ସେହି କୋପର ପରିଣାମସ୍ୱରୂପ ମନୁଷ୍ୟଜାତି ସେହି କଥାଟିକୁ କ୍ରମଶଃ ହୃଦୟଙ୍ଗମ କରୁଛି, ଏକ ଆଦର୍ଶକୁ ସମକ୍ଷରେ ରଖି ଯାହାକିଛି ଗଠନ କରିବାର ପ୍ରୟୋଜନଟିକୁ ମଧ୍ୟ ସେ ହୃଦୟଙ୍ଗମ କରୁଛି । ତେଣୁ ବର୍ତ୍ତମାନ ସତ୍ୟର ସେହି ପରମପ୍ରଭୁ ଆମକୁ ଯେଉଁ ପ୍ରଶ୍ନଟିକୁ ପଚାରିବେ, ଆମକୁ ସେହି ପ୍ରଶ୍ନଟିରହିଁ ସମ୍ମୁଖୀନ ହେବାକୁ ହେବ । ଏହି ପ୍ରଳୟଧ୍ୱଂସର ଆଘାତଟି ମଧ୍ୟଦେଇ ଏବଂ ସେହି ବାତ୍ୟାଟିର ନିଃଶ୍ୱାସ ମଧ୍ୟଦେଇ ଦିବ୍ୟ ପରମସତ୍ୟର ଦୁଇଟି ମହାନ୍ ଶବ୍ଦ ବାରବାର ଆମର ମନ ଭିତରେ ନିନାଦିତ ହୋଇ ଆସୁଛନ୍ତି, ଏବଂ ସେହି ଦୁଇଟିହିଁ ବର୍ତ୍ତମାନ ଆମ ପ୍ରତ୍ୟାଶିତ ପୁନର୍ଗଠନଟିର ପୁରୋଭାଗସ୍ଥ ଶବ୍ଦ ହୋଇ ରହିଛନ୍ତି । ସେହି ଦୁଇଟି ମଧ୍ୟରୁ ଗୋଟିଏ ଶବ୍ଦ ହେଉଛି ସ୍ୱାଧୀନତା ଓ ଆରଟି ହେଉଛି ଏକତା । ମାତ୍ର, ପ୍ରଥମତଃ ଆମେ ସେଗୁଡ଼ିକୁ ପ୍ରକୃତରେ ଆମର ଦୃଷ୍ଟି-ସମକ୍ଷରେ ସତ୍ୟରୂପେ ଦେଖିବାକୁ ପାଉଛୁ କି ନାହିଁ, ଦ୍ୱିତୀୟତଃ, ଆମେ ପ୍ରକୃତରେ କେତେ ବେଶୀ ବା କମ୍ ନିଷ୍ଠାର ସହିତ ତାହାକୁ ପ୍ରୟୋଗ କରିବାକୁ ଯାଉଛୁ, ଏବଂ ପରିଶେଷରେ ଓ ବିଶେଷ ଭାବରେ ଆମେ କେତେଦୂର ଅନ୍ତର୍ଗତ ଭାବରେ ସେଗୁଡ଼ିକର ଉପଲବ୍ଧି କରିପାରୁଛୁ, ସବୁକିଛି ତାହାରି ଉପରେହିଁ ନିର୍ଭର କରୁଛି । ଯଦି ମନୁଷ୍ୟଜାତିର ହୃଦୟ ଭିତରେ କୌଣସି ଏକତା ନ ଥାଏ ଅଥବା ଯଦି କେବଳ ଆମରି ସ୍ୱାର୍ଥଗୁଡ଼ାକୁ ଜଗିବାକୁ ଓ ସୁସଂଗଠିତ କରି ରଖିବାକୁହିଁ ସେହି ଏକତାକୁ ଏକ ସାଧନରୂପେ ବ୍ୟବହାର କରାଯାଉଥାଏ, ତେବେ ଗଠନଗତ ଯେତେ କୁଶଳତା ଦେଇ ଆମେ ସେହି ଏକତାକୁ ଗଢ଼ି ଥୋଇଦେଲେ ତଦ୍ୱାରା ଆଦୌ କୌଣସି ଫଳ ହେବ ନାହିଁ । ସେତେବେଳେ କେବଳ ଗୋଟିଏ ପରିଣାମ ବାକୀ ରହିଯିବ; ନିକଟ ଅତୀତରେ ଯେଉଁଭଳି ହୋଇଥିଲା, ତା'ଠାରୁ ଆହୁରି ଅଧିକ ଭୟଙ୍କର ସଂଘର୍ଷର ସମ୍ମୁଖୀନ ହେବାକୁ ପଡ଼ିବ, ନୂଆ ନୂଆ ବିପ୍ଳବ ଲାଗିବ ଏବଂ ଅରାଜକତା ଜନ୍ମଲାଭ କରିବ । କେବଳ ସ୍ୱାଧୀନତାର ସତ୍ୟ ବୋଲି ଦେଖା ଯାଉଥିବା ମାତ୍ର ପ୍ରକୃତରେ ସେହି ସତ୍ୟକୁ ଧାରଣ କରି ନ ଥିବା କୌଣସି ପ୍ରକାର ବୌଦ୍ଧିକ ଫିସାଦ ଯେତେ ଟାଳଟୁଳ କଲେ ମଧ୍ୟ ଆମକୁ କୌଣସି ପ୍ରକାରେ ସାହାଯ୍ୟ କରିପାରିବ ନାହିଁ । ନୂତନ ଗଠନଟି ଯେତେ ଭବ୍ୟ ଦେଖା ଯାଉଥିଲେହେଁ ତାହା କେବଳ ଆଉ ଗୋଟିଏ ବନ୍ଦିଶାଳାରେହିଁ ପରିଣତ ହେବ ଏବଂ ସେଥିରୁ ମୁକ୍ତି ଲାଭ କରିବା ସକାଶେ ଆଉ ଗୋଟିଏ ସଂଘର୍ଷକୁ ଅବଶ୍ୟମ୍ଭାବୀ କରି ଆଣିବ । ତେଣୁ କେବଳ ଅନ୍ତର ଭିତରୁ ପ୍ରେରିତ ହୋଇ ଆପଣାର ଜୀବନଟିକୁ ବଞ୍ଚିବାରେହିଁ ମନୁଷ୍ୟର ଏକମାତ୍ର ନିରାପତ୍ତା ନିହିତ ହୋଇ ରହିଛି; ବାହାରର କୌଣସି ଅନୁଷ୍ଠାନ ଅଥବା ଯାନ୍ତ୍ରିକ ଗଠନ

'oaob.nitrkl.ac.in' images reprocessed

ଆସି ପରିପୂର୍ଣ୍ଣତା ଆଣିଦେବ ବୋଲି ନିର୍ଭର କଲେ ଆଉ ଚଳିବ ନାହିଁ, ମାତ୍ର ତା'ର ଆପଣା ଭିତରୁହିଁ ଯେଉଁ ପରିପୂର୍ଣ୍ଣତା ବିକଶିତ ହୋଇ ଆସିବ, ତାହାହିଁ ତା' ଜୀବନର ଏକ ଅଧିକ ପରିପୂର୍ଣ୍ଣ ରୂପ ଏବଂ ଅଧିକ ପରିପୂର୍ଣ୍ଣ ଛାଞ୍ଚଟିଏ ଗଠନ କରିବା ଲାଗି ସମର୍ଥ ହେବ; କାରଣ, କେବଳ ମୁହଁରେ ଆମେ ବର୍ତ୍ତମାନ ଯେଉଁ ଉଚ୍ଚ ବସ୍ତୁଗୁଡ଼ିକର କଥା କହୁଛୁ ଏବଂ ଯାହାକୁ କେବଳ ନାନାବିଧ ବାହ୍ୟ ବୁଦ୍ଧିଗତ ବିରଚନାର ରୂପଦେବାରେ ଲାଗିଛୁ, ଏହି ଅନ୍ତର୍ଗତତା ଦ୍ୱାରାହିଁ ଆମେ ସେଗୁଡ଼ିକର ଯଥାର୍ଥ ସତ୍ୟଟିର ଦର୍ଶନଲାଭ କରିବା ଲାଗି ସବୁଠାରୁ ଅଧିକ ସମର୍ଥ ହୋଇପାରିବା ଓ ଆମ ବାହ୍ୟ ଜୀବନର ଯାବତୀୟ କ୍ଷେତ୍ରରେ ସେମାନଙ୍କର ସତ୍ୟଟିକୁ ନିଷ୍ପାପର ଭାବରେ ପ୍ରୟୋଗ ବି କରିପାରିବା । ଯଦି ଆମକୁ ମନୁଷ୍ୟଜାତି ମଧ୍ୟରେହିଁ ଭଗବତ୍ ସାମ୍ରାଜ୍ୟର ପ୍ରତିଷ୍ଠା କରିବାକୁ ହୁଏ, ତେବେ ସେଥିଲାଗି ସର୍ବପ୍ରଥମେ ଭଗବାନଙ୍କୁ ଜାଣିବାକୁହିଁ ପଡ଼ିବ, ଆମ ନିଜ ଭିତରେ ଆମ ସତ୍ତାର ଦିବ୍ୟତର ସତ୍ୟଟିକୁ ଦର୍ଶନ କରି ତାହାକୁ ବଞ୍ଚିବାକୁ ପଡ଼ିବ । ତା' ନ ହେଲେ ଯେଉଁ ବୁଦ୍ଧିଗତ ବିରଚନା ଏବଂ କର୍ମକୁଶଳତାର ବୈଜ୍ଞାନିକ ପଦ୍ଧତିମାନ ଆମକୁ ଅତୀତରେ କେବଳ ବ୍ୟର୍ଥତାହିଁ ଆଣି ଦେଇଛନ୍ତି, ସେହିଗୁଡ଼ିକର ଏକ ନୂତନ ପରିବିନ୍ୟାସ କରି ରଖିଦେଲେ ତାହା ପ୍ରକୃତରେ କିପରି ସେହି ସାମ୍ରାଜ୍ୟର ପ୍ରତିଷ୍ଠା କରିବାକୁ ସମର୍ଥ ହୋଇଯିବ ? ପୂର୍ବର ଭୁଲଟି ଯେ ତଥାପି ନ ଯାଇ ରହିଛି ଏବଂ କେବଳ ଅଳ୍ପସଂଖ୍ୟକ ବ୍ୟକ୍ତି ପ୍ରକୃତ କର୍ମରେ ନୁହେଁ, ମାତ୍ର କେବଳ ଆଲୋକଟିର ଆଭାସ ଆଣି ଦେବାରେ ଯେ ନେତୃତ୍ୱ ଗ୍ରହଣ କରି ବାହାରିଛନ୍ତି ଏବଂ କେବଳ ସେହିମାନେ ଯେ ଅଧିକ ସ୍ପଷ୍ଟଭାବରେ, ଅନ୍ତର୍ଗତ ଓ ଯଥାର୍ଥ ଭାବରେ ଦେଖିବାକୁ ଉଦ୍ୟମ କରୁଛନ୍ତି, ଏହି କଥାଟିର ଅନେକ ସଙ୍କେତ ମିଳି ଯାଉଥିବାରୁ ଆମେ ବର୍ତ୍ତମାନ ପ୍ରକୃତ ପ୍ରଭାତଟି ଅପେକ୍ଷା ଏପର୍ଯ୍ୟନ୍ତ ଜନ୍ମ ଗ୍ରହଣ କରି ନ ଥିବା ଯୁଗଟିରୁ ମରିବାକୁ ଯାଉଥିବା ଯୁଗଟିକୁ ଅଲଗା କରି ସୂଚାଇ ଦେଉଥିବା ଶେଷ ଗୋଧୂଳିଟିରହିଁ ଅଧିକ ପ୍ରତ୍ୟାଶା କରିପାରିବା । ଯେହେତୁ ମନୁଷ୍ୟର ମନ ଏବେ ମଧ୍ୟ ପ୍ରସ୍ତୁତ ହୋଇପାରି ନାହିଁ, ତେଣୁ ବର୍ତ୍ତମାନ ବେଶ୍ କିଛି ସମୟ ପର୍ଯ୍ୟନ୍ତ ସେହି ପୁରୁଣା ଭାବ ଏବଂ ପୁରୁଣା ପ୍ରଣାଳୀଟି ହୁଏତ ତଥାପି ବଳବାନ୍ ହୋଇ ରହିବ ଓ କିୟତ୍କାଳ ସକାଶେ ସମୃଦ୍ଧିମନ୍ତ ହେଉଥିବା ପରି ମନେହେବ । ମାତ୍ର ଯେଉଁ ବ୍ୟକ୍ତି ଓ ସମୂହଗୁଡ଼ିକ ଏହି ବାହ୍ୟ ଦୀପ୍ତି ତଥା ଅନ୍ଧାର ଦୁଇଟିଯାକକୁ ପାର ହୋଇଯାଇ ଆଗାମୀ ପ୍ରଭାତର ଦେବତାମାନଙ୍କୁ ଦେଖି ପାରୁଥିବେ ଏବଂ ଏକ ବୃହତ୍ତର ଆଦର୍ଶର ଆଲୋକ ଆଡ଼କୁ ପ୍ରେରିତ କରିନେଇ ଯାଉଥିବା ସେହି ପରମ ଶକ୍ତିର ଉପଯୁକ୍ତ ଯନ୍ତ୍ରରୂପେ ବ୍ୟବହୃତ ହେବା ଲାଗି ପ୍ରସ୍ତୁତ ହୋଇ ପାରିବେ, ଭବିଷ୍ୟତ କେବଳ ସେହିମାନଙ୍କ ହାତରେ ନିହିତ ହୋଇ ରହିଛି ବୋଲି କୁହାଯାଇ ପାରିବ ।

'oaob.nitrkl.ac.in' images reprocessed

# ଆତ୍ମ-ନିୟନ୍ତ୍ରଣ

ଯୁଦ୍ଧର ରକ୍ତାକ୍ତ ଅମ୍ଳ ମଧ୍ୟରୁ ରାଜନୀତିର ଧୂର୍ତ୍ତତାପୂର୍ଣ୍ଣ ଭାଷା ମଧ୍ୟକୁ ଏବେ ଏକ ନୂତନ ବାକ୍ୟାଂଶ ନିଷ୍କ୍ରାନ୍ତ ହୋଇ ଆସିଛି । ରାଜନୀତିର ଯେଉଁ ବିଚିତ୍ର ଭାଷାଟି ମାୟାରେ ଭର୍ତ୍ତି ହୋଇ ରହିଥାଏ, ଆତ୍ମ-ଭ୍ରାନ୍ତିର ନାନା ମିଥ୍ୟା ଏବଂ ଅନ୍ୟମାନଙ୍କୁ ଜାଣିଶୁଣି ଭ୍ରମରେ ପକାଇ ଦେବାର ନାନା ଅଭିପ୍ରାୟରେ ପୂରିଥାଏ, ଯାହାକି ଯାବତୀୟ ଯଥାର୍ଥ ଏବଂ ସ୍ପଷ୍ଟ-ଅର୍ଥ ବାକ୍ୟକୁ ପ୍ରାୟ ସଙ୍ଗେସଙ୍ଗେ ଏକ ତୁଚ୍ଛା ବୋଲିରେ ପରିଣତ କରିପକାଏ, ଏବଂ ଯାହାକୁ ନେଇ ମନୁଷ୍ୟମାନେ ଶବ୍ଦର ମେଘଜାଲ ଭିତରେ ପଶି କେବଳ କଳହ କରିବାରେ ଲାଗିଥା'ନ୍ତି, ମାତ୍ର ଯେଉଁଟି ପାଇଁ ଏସବୁ ଯୁଦ୍ଧ କରୁଥା'ନ୍ତି, ସେଗୁଡ଼ିକ ବିଷୟରେ ସେମାନଙ୍କର ଆଦୌ କୌଣସି ସ୍ପଷ୍ଟ ବୋଧ ନ ଥାଏ, ତାହାରି ଭିତରେହିଁ ଏବେ ଗୋଟିଏ ନୂତନ କଥା ଆସି ପ୍ରବେଶ କରିଛି । ଏହି ନୂତନ କଥାଟିରେ ସ୍ୱାଧୀନତାକୁହିଁ ଯଥାର୍ଥ ଶକ୍ତି ବୋଲି କେଡ଼େ ଉଜ୍ଜ୍ୱଳ କରି ବର୍ଣ୍ଣନା କରାଯାଉଛି, ଅତ୍ୟନ୍ତ ମୁକ୍ତ ଭାବରେ କାର୍ଯ୍ୟକାରୀ କରାଯାଉଥିବା ଆତ୍ମ-ନିୟନ୍ତ୍ରଣର ଅଧିକାରଟିକୁହିଁ ବର୍ଣ୍ଣନା କରାଯାଉଛି । କେବଳ ସେହି ଶବ୍ଦଟିର କଥା ବିଚାର କଲେ ଆମେ ତାହାକୁ ଏକ ସୁଖଦ ଆବିଷ୍କାର ବୋଲି ନିଶ୍ଚୟ କହିବା, ପ୍ରକୃତ ଉପଯୋଗିତାର ଏକ ବିଚାରସଙ୍କେତ ବୋଲି କହିବା । କାରଣ ଯାହା ଏପର୍ଯ୍ୟନ୍ତ ଭାରି ଚମତ୍କାର ଭାବରେ ଅସ୍ପଷ୍ଟ ଏବଂ ଛାୟାଚ୍ଛନ୍ନ ହୋଇ ରହିଥିଲା, ଏହି ଶବ୍ଦଟି ତାହାକୁ ଏକ ନିର୍ଦ୍ଦିଷ୍ଟ ଅର୍ଥ ଦେଇପାରୁଛି, ତାହାକୁ ବେଶ୍ ଏକ ସୁବୋଧ ପରିସର ମଧ୍ୟକୁ ନେଇଆସି ପାରୁଛି । ଶତାବ୍ଦୀ ଶତାବ୍ଦୀ ଧରି ମନୁଷ୍ୟ ଏହି ଯେଉଁ ମହାନ୍ ମଙ୍ଗଳଟିକୁ ହାସଲ କରିବା ଲାଗି ପ୍ରୟାସ କରି ଆସିଛି ଅଥଚ କେଉଁଠି ହେଲେ କୌଣସି ସନ୍ତୋଷଜନକ ସଫଳତା ହାସଲ କରିପାରି ନାହିଁ, ତାହାରି ବିଷୟରେ ଆମର ଧାରଣାଟି ଯେ କ୍ରମେ ଅଧିକରୁ ଅଧିକ ପରିମାଣରେ ସ୍ପଷ୍ଟ ହୋଇ ଆସୁଛି, ଉକ୍ତ ଶବ୍ଦର ଉଦ୍‌ଭାବନଟି ଆମକୁ ଏକାଧାରରେ ତାହାରି ଏକ ସଙ୍କେତ ଦେଇଯାଉଛି ଏବଂ ଜୀବନ ବିଷୟରେ ଆମର ଧାରଣାଗୁଡ଼ିକ ଯେ କ୍ରମେ ଅଧିକରୁ ଅଧିକ ଆଶୟନିଷ୍ଠ ହେବାରେ ଲାଗିଛି, ତାହାର ମଧ୍ୟ ସଙ୍କେତ ଦେଇଯାଉଛି । ଏହି ସ୍ପଷ୍ଟତା ଏବଂ ଏହି ଆଶୟନିଷ୍ଠତାକୁ ବସ୍ତୁତଃ ପରସ୍ପରର ଅନୁଗମନହିଁ କରିବାକୁ ପଡ଼ିବ । ଆମେ ଯେତେବେଳେ ଏହି କଥାଟିକୁ ବୁଝିବାକୁ ଆରମ୍ଭ କରିବା ଯେ ଆମ ଜୀବନଯାପନର ପଦ୍ଧତିଗୁଡ଼ିକର ନିର୍ଣ୍ଣୟ କରି ଦେଉଥିବା ମହାନ୍ ବିଚାରଗୁଡ଼ିକର ସୁସ୍ଥ ପ୍ରକ୍ରିୟାଟି ପ୍ରକୃତରେ ଅନ୍ତଃକ୍ଷେତ୍ରରୁହିଁ ବହିଃକ୍ଷେତ୍ରକୁ ଗତି କରୁଥାଏ ଏବଂ ବିପରୀତ ଅନ୍ୟ ପଦ୍ଧତିଟି ଜୀବନ୍ତ ବାସ୍ତବସତ୍ୟଗୁଡ଼ିକୁ କେବଳ ଔପଚାରିକ କେତେଟା ରୂଢ଼ି ବା ନୀତିରେ ନେଇ ପର୍ଯ୍ୟବସିତ କରାଇଦିଏ, ସେତେବେଳେ ଯାଇ ଆମେ ସେହି

'oaob.nitrkl.ac.in' images reprocessed

ବିଚାରଗୁଡ଼ିକର ଯଥାର୍ଥ ଉଦ୍ଦେଶ୍ୟଗୁଡ଼ିକୁ ଯଥୋଚିତ ଭାବରେ ବୁଝିବାକୁ ସମର୍ଥ ହେବା । ଏକଥାରେ କୌଣସି ସନ୍ଦେହ ନାହିଁ ଯେ ପ୍ରାଣିଜୀବନଟି ଯାପନ କରୁଥିବା ମନୁଷ୍ୟକୁ କେବଳ ଯାନ୍ତ୍ରିକ ଗଠନଟାହିଁ ଏକମାତ୍ର ସତ୍ୟ ବୋଲି ମନେ ହୁଏ; ମାତ୍ର ମନୁଷ୍ୟର ଯେଉଁ ଭାଗଟି ତା'ର ଆତ୍ମାକୁ ବହନ କରି ରହିଛି, ଯେଉଁ ବିଚାରକ୍ଷମ ମନୁଷ୍ୟର ମାଧ୍ୟମରେ ଆମେ ଆମର ଅନ୍ତର୍ଗତ ଯଥାର୍ଥ ମନୁଷ୍ୟତ୍ୱର ଉପଲବ୍ଧି କରୁଛୁ, ସେହି ମନୁଷ୍ୟଟିର କ୍ଷେତ୍ରରେ, ସିଏ ନିଜ ଭିତରେ କେବଳ ଯେତିକିକୁ ଏକ ସତ୍ୟ ବୋଲି ଅନୁଭବ କରି ପାରୁଛି ଏବଂ ତା' ବାହାରେ ଯେତିକିକୁ ସେ ନିଜର ବାହ୍ୟ ଆତ୍ମ-ଅଭିବ୍ୟକ୍ତି ବୋଲି ଅନୁଭବ କରିପାରୁଛି, ସେତିକି ମାତ୍ରହିଁ ତା'ଲାଗି ସତ୍ୟ ବୋଲି ଅନୁଭୂତ ହେଉଛି । ଏତଦ୍‌ବ୍ୟତୀତ ଆଉ ସବୁକିଛି କେବଳ ଏକ ପ୍ରବଞ୍ଚନାମୂଳକ କପଟତା ହୋଇ ରହିଛି, କେବଳ କେତେଟା ଆଡ଼ମ୍ବରକୁ ସତ୍ୟ ବୋଲି ଏବଂ କେତେଟା ବାହ୍ୟ ପ୍ରତିଭାସକୁ ପ୍ରକୃତ ବାସ୍ତବ ବୋଲି ଗ୍ରହଣ କରିନେବାର ଏକ ଭ୍ରାନ୍ତି ହୋଇ ରହିଛି ଏବଂ ସେହିଗୁଡ଼ିକହିଁ ନାନାବିଧ କୌଶଳ ହୋଇ ମନୁଷ୍ୟକୁ ବନ୍ଧନ ଭିତରେ ପକାଇ ରଖୁଛି ।

ମନୁଷ୍ୟଜାତିର ପ୍ରାଚୀନତମ ତଥା ନିଃସନ୍ଦେହ ଭାବରେ ସବୁଠାରୁ ଅଧିକ ଆୟାସସାପେକ୍ଷ ଆକାଂକ୍ଷାଗୁଡ଼ିକ ମଧ୍ୟରୁ ସ୍ୱାଧୀନତାର ଆକାଂକ୍ଷାଟି ଗୋଟିଏ; ଆମ ଭିତରେ ରହିଥିବା ଏକ ସହଜାତ ମୂଳପ୍ରବୃତ୍ତିରୁ ଏହାର ଉଦ୍‌ଭବ ହୋଇଛି, ମାତ୍ର ତଥାପି ତାହା ଆମର ଯାବତୀୟ ଜୀବନପରିସ୍ଥିତିର ଗୋଟାସୁଦ୍ଧା ବିରୋଧୀ ହୋଇ ରହିଛି । ସ୍ୱାଧୀନତାହିଁ ଆମର ଶାଶ୍ୱତ ମଙ୍ଗଳ ହୋଇ ରହିଛି ଏବଂ ପରିପୂର୍ଣ୍ଣତା ଲାଗି ଆମର ସର୍ବପ୍ରଧାନ ଆବଶ୍ୟକତା ହୋଇ ରହିଛି, ତଥାପି ଆମର ଏହି କାଳାଧୀନ ପାର୍ଥିବ ସତ୍ତାଟି ତାହାର ଅସଲ ଚାବିକାଠିଟି ପାଇବାରେ ଅସମର୍ଥ ହୋଇ ରହିଛି । ଏଭଳି ହେଉଛି, କାରଣ, ଯେତେବେଳେ ଆମେ ଅନନ୍ତ ମଧ୍ୟରେ ବଞ୍ଚିପାରିବା, ଅର୍ଥାତ୍ ବେଦରେ ଆମକୁ ଯେପରି କୁହାଯାଇଛି, ଆମେ ଯେତେବେଳେ ଆମର ସ୍ୱୟଂ-ବର୍ତ୍ତମାନ ସତ୍ତାଟି ମଧ୍ୟରେ ତଥା ତାହାରି ଦ୍ୱାରା ପ୍ରେରିତ ହୋଇ ଜୀବନ ବଞ୍ଚିପାରିବା, ହୁଏତ କେବଳ ସେତିକିବେଳେ ଯାଇ ପ୍ରକୃତ ସ୍ୱାଧୀନତା ସମ୍ଭବ ହେବ । ମାତ୍ର ଆମର ପ୍ରାକୃତିକ ଏବଂ ପାର୍ଥିବ ଶକ୍ତିଗୁଡ଼ିକ ସର୍ବପ୍ରଥମେ ଆମ ଭିତରେହିଁ ସେହି ସ୍ୱାଧୀନତାଟିକୁ କଦାପି ଲୋଡ଼ି ଯାଆନ୍ତି ନାହିଁ, ସେମାନେ ଆମ ବାହ୍ୟ ପରିବେଶଗୁଡ଼ିକରେହିଁ ତାହାକୁ ଲୋଡ଼ିବାରେ ଲାଗିଥା'ନ୍ତି । ସ୍ୱାଧୀନତା ବୋଲି କୁହାଯାଉଥିବା ଏହି ଅନିର୍ବଚନୀୟ ମହାନ୍ ବସ୍ତୁଟି ତାହାର ସର୍ବୋଚ୍ଚ ଏବଂ ସର୍ବଶେଷ ଅର୍ଥଟିର କ୍ଷେତ୍ରରେ ଆମ ଜୀବନସତ୍ତାରହିଁ ଏକ ଉପଲବ୍ଧ ଅବସ୍ଥାକୁ ବୁଝାଏ; ଯେତେବେଳେ ଆତ୍ମସତ୍ତା ଆପଣା ଭିତରେହିଁ ବାସ କରୁଥାଏ, ଏବଂ ଆପଣାର ସ୍ୱକୀୟ ଶକ୍ତିଟି ଦ୍ୱାରା ତାହା ଅନ୍ତର୍ଗତ ଭାବରେ ଯାହାକିଛି ହେବାକୁ ଯାଉଛି ତାହାର

'oaob.nitrkl.ac.in' images reprocessed

ନିରୂପଣ କରୁଥାଏ, ତାହାରି ଭିତରେ କ୍ରମଶଃ ଅଧିକରୁ ଅଧିକ ବିକଶିତ ହୋଇ ଆସୁଥିବା ଏକ ଆଧ୍ୟାତ୍ମିକ ଶକ୍ତି ଦ୍ୱାରାହିଁ, ସିଏ ତାହାର ବାହ୍ୟ ପରିବେଶ ଏବଂ ପରିବେଷ୍ଟନୀଟିକୁ କିପରି କାମରେ ଲଗାଇବ, ସେକଥାଟିର ମଧ୍ୟ ନିରୂପଣ କରିବାରେ ଲାଗିଥାଏ, ସ୍ୱାଧୀନତା ସେତିକିବେଳେହିଁ ସମ୍ଭବ ହୁଏ । ଏବଂ ଆମେ ତାହାକୁହିଁ ଆତ୍ମ-ନିୟନ୍ତ୍ରଣର ବୃହତ୍ତମ ତଥା ସବୁଠାରୁ ଅଧିକ ସ୍ୱାଧୀନ ବୋଧ ବୋଲି କହିପାରିବା । ମାତ୍ର ଯେତେବେଳେ ଆମେ ଏହାକୁ ଆମର ପ୍ରାକୃତିକ ଏବଂ ପାର୍ଥିବ ଜୀବନଟିରୁହିଁ ଆରମ୍ଭ କରି ବସୁ, ସେତେବେଳେ ସ୍ୱାଧୀନତା କହିଲେ ବସ୍ତୁତଃ ଆମେ ଅନ୍ୟମାନଙ୍କର ଆତ୍ମ-ଅଧିକାର ବିସ୍ତାର ଦ୍ୱାରା କୌଣସି ପ୍ରକାରେ ବ୍ୟାହତ ନ ହୋଇ ଆମର ପ୍ରାକୃତିକ ଶକ୍ତିଗୁଡ଼ିକ ଯେପରି ନିଜର ପରିତର୍ପଣ କରିପାରିବେ, ସେଇଥିଲାଗି ଏକ ଆବଶ୍ୟକ ସୁବିଧାଜନକ ପରିସରକୁହିଁ ବୁଝୁଥାଉ । ଏବଂ ସେହି ସମସ୍ୟାଟିର ଆଦୌ କୌଣସି ସହଜ ସମାଧାନ ନାହିଁ, କାରଣ ସେହି କ୍ଷେତ୍ରରେ ଜଣକର ସ୍ୱାଧୀନତା ସକ୍ରିୟ ହେବାକୁ ଆରମ୍ଭ କରିବା ସଙ୍ଗେ ସଙ୍ଗେ ପ୍ରାୟ ଅବଶ୍ୟମ୍ଭାବୀ ଭାବରେହିଁ ଆଉ ଜଣକର ସ୍ୱାଧୀନତା ସହିତ ଯାଇ ଢୋ' କରି ବାଜିଯାଏ; ତେଣୁ ଗୋଟିଏ କ୍ଷେତ୍ରରେ ଅନେକ ବ୍ୟକ୍ତି ଏକାବେଳେକେ ସ୍ୱାଧୀନ ଭାବରେ ଅନୁଧାବନ କରିବାର ପରିଣାମସ୍ୱରୂପ କେବଳ କେତେ ନା କେତେ ସଂଘର୍ଷରହିଁ ଏକ ସ୍ୱାଧୀନ ଅବାଧ ଅରାଜକତା ସାର ହୁଏ । ଏକଦା ଏହାକୁ ପ୍ରତିଯୋଗିତା-ମୂଳକ ବ୍ୟବସ୍ଥା ବୋଲି କହି ତାହାର କେତେ ପ୍ରଶଂସା କରାଯାଉଥିଲା; ଏବଂ ତାହାର ପରିଣାମଗୁଡ଼ିକ ଆଦୌ କୌଣସି ସନ୍ତୋଷବିଧାନ କରି ନ ପାରିବାରୁ, ସେଥିରୁ ରାଷ୍ଟ୍ରନିୟନ୍ତ୍ରିତ ସମାଜବାଦୀ ବ୍ୟବସ୍ଥାଟିର ସେହି ବିପରୀତ ବିଚାରଟିର ଆଶ୍ରୟ ନିଆଗଲା । ଏହି ବ୍ୟବସ୍ଥାଟି ଦ୍ୱାରା ଏଭଳି ଏକ ଅନୁମାନ କରାଯାଇଥାଏ ଯେ ରାଷ୍ଟ୍ରର ସମୂହସତ୍ତାଟି ମଧ୍ୟରେ ବ୍ୟକ୍ତି-ସ୍ୱାଧୀନତାକୁ ଖଣ୍ଡନ କରି ଦିଆଗଲେ ତାହାରି ଦ୍ୱାରାହିଁ କୌଣସି ଏକ ଯାନ୍ତ୍ରିକ ପ୍ରକ୍ରିୟା ଫଳରେ ଆମକୁ ସ୍ୱାଧୀନତାର ଏକ ସକାରାତ୍ମକ ସମାହାର ନିଶ୍ଚୟ ଉପଲବ୍ଧ ହୋଇଯିବ, ଯାହାକୁ କି ଆମେ ଏକ ସୁଯତ୍ନ-ରକ୍ଷିତ ସମତା ଦ୍ୱାରା ସମସ୍ତଙ୍କ ମଧ୍ୟରେ ସୁଚାରୁରୂପେ ବିତରିତ କରିଦେଇ ପାରିବା । ଏହି ବ୍ୟବସ୍ଥାଟି ଅନୁସାରେ ବ୍ୟକ୍ତି ଆପଣା କର୍ମ କରିବାର ଏବଂ ଅଧିକାରୀ ହୋଇ ରହିବାର ସକଳ ସ୍ୱାଧୀନତାକୁ ନେଇ ରାଷ୍ଟ୍ର ହାତରେ ଅର୍ପଣ କରିଦିଏ, ଏବଂ ତା'ପରେ ରାଷ୍ଟ୍ର ପ୍ରତିବଦଳରେ ତା' ଲାଗି ଏକ ସୁନିୟନ୍ତ୍ରିତ ସ୍ୱାଧୀନତାକୁ ଆଣି ବାଣ୍ଟି ଦେଇଯାଏ, ଅର୍ଥାତ୍, ତାକୁ ଏପରି ଏକ ଆବଶ୍ୟକ ବିଚରଣ-ଭୂମିଟିଏ ଆଣି ଯୋଗାଇ ଦିଆଯାଏ ଯେ ତାକୁ ଆଉ କଦାପି ତା'ର ପ୍ରତିବେଶୀ ଅନ୍ୟମାନଙ୍କର ବେଢ଼ାଟି ଭିତରେ ଯାଇ ପଶିଯିବାକୁ ପଡ଼େ ନାହିଁ । ଏକ ସିଦ୍ଧାନ୍ତ ହିସାବରେ ଏହା ଏକ ଭାରି ଚମତ୍କାର କଥା, ତର୍କଶାସ୍ତ୍ର ଅନୁସାରେ ଏଥିରେ ଏତେଟିକିଏ ହେଲେ ଆପତ୍ତିଜନକ ହେବା

'oaob.nitrkl.ac.in' images reprocessed

ଭଳି କିଛି ନାହିଁ ସତ, ମାତ୍ର ବ୍ୟାବହାରିକ ପ୍ରକୃତ କ୍ଷେତ୍ରରେ ଏହା ଦ୍ୱାରା ମନୁଷ୍ୟବ୍ୟକ୍ତି ଯେ ବଡ଼ ଯାନ୍ତ୍ରିକ ଓ ତେଣୁ ବଡ଼ ନିର୍ଯାତିତ ଭାବରେ ସମୂହଟାରହିଁ ଦାସ ହୋଇ ରହିବ ବା, ଆପଣାକୁ ସମୂହ ବୋଲି କହୁଥିବା ବରଂ କୌଣସି ଅନିଶ୍ଚିତ ଆଉକିଛିର କବଳଗ୍ରସ୍ତ ହୋଇ ରହିଯିବ, ସେପରି ସନ୍ଦେହ କରିବା ଲାଗି ଯଥେଷ୍ଟ ଅବକାଶ ରହିଛି ।

ଆମର ଅଭିଜ୍ଞତା ଆମକୁ ଏପର୍ଯ୍ୟନ୍ତ କେବଳ ଏତିକି ଦର୍ଶାଇ ଆସିଛି ଯେ ଏକ ଯାନ୍ତ୍ରିକ ସ୍ୱାଧୀନତା ହାସଲ କରିବା ସକାଶେ ମନୁଷ୍ୟ ଯେତେବେଳେ ଯେଉଁ ପ୍ରୟାସ କରିଛି, କେବଳ ଏକ ଅତ୍ୟନ୍ତ ଆପେକ୍ଷିକ ସ୍ୱାଧୀନତାହିଁ ତାହାର ଫଳ ହୋଇଛି ଏବଂ ଅଧିକାଂଶ ସ୍ଥଳରେ ସେତିକି ସ୍ୱାଧୀନତାକୁ ମଧ୍ୟ ମାତ୍ର କେତେକ ବ୍ୟକ୍ତି ଅନ୍ୟମାନଙ୍କର ସ୍ୱାଧୀନତାକୁ ବଳି ଦେଇ ଉପଭୋଗ କରିବାକୁ ସମର୍ଥ ହୋଇଛନ୍ତି । ଅର୍ଥାତ୍, ଏହା ଫଳରେ ଏକ ସଂଖ୍ୟାଲଘୁ ବର୍ଗହିଁ ସଂଖ୍ୟାଗରିଷ୍ଠ ଅନେକଙ୍କର ଶାସନ କରି ଆସିଛନ୍ତି ଏବଂ ତାହାରି ନାମରେ ଅନେକ ଅଦ୍ଭୁତ କାର୍ଯ୍ୟର ଆଚରଣ କରାଯାଇଛି । ପ୍ରାଚୀନ ଗ୍ରୀସ୍‌ରେ ଯେଉଁ ସ୍ୱାଧୀନତା ଓ ଗଣତନ୍ତ୍ର ଚଳୁଥିଲା, — ସେଥିରେ ବେଳେବେଳେ ପରସ୍ପରର ବେକ କାଟିବାର କେତେ ଉତ୍ସାହ-ଅଭିନୟ ଅବଶ୍ୟ ଏକ ବେଶ୍ ବୈଚିତ୍ର୍ୟ ଆଣି ଯୋଗାଇ ଦେଉଥିଲା, — ତାହାରି ବ୍ୟବସ୍ଥାଟି ଅନୁସାରେ ସମାଜର ସବୁ ଶ୍ରେଣୀର ଏକ ଅଳ୍ପସଂଖ୍ୟକ ସ୍ୱାଧୀନ-ଅଧିକାରଯୁକ୍ତ ବ୍ୟକ୍ତିଙ୍କର ସ୍ୱାୟତ୍ତଶାସନ ପ୍ରଚଳିତ ହୋଇ ରହିଥିଲା ଏବଂ ଏହି ବ୍ୟକ୍ତିମାନେ ଅନେକସଂଖ୍ୟକ ଦାସଙ୍କର ପରିଚର୍ଯ୍ୟା ଉପରେହିଁ ନିର୍ଭର କରି ରହିଥିଲେ । ସାମ୍ପ୍ରତିକ ଯୁଗରେ ସ୍ୱାଧୀନତା ଓ ଗଣତନ୍ତ୍ର କେବଳ ଏକ ସ୍ୱଚ୍ଛନ୍ଦ୍ୟତାପୂର୍ଣ୍ଣ ଅଧିକାର-ବିସ୍ତାରରେହିଁ ପରିଣତ ହୋଇ ରହିଆସିଛି ଓ ଏବେ ମଧ୍ୟ ତାହାହିଁ ହୋଇ ରହିଛି; ଅତି କୌଶଳପୂର୍ଣ୍ଣ ଭାବରେ ବାହାରକୁ ବେଶ୍ ନରମ ଓ କଅଁଳ ପରି ଦେଖା ଯାଉଥିବା ଏକ ଧନିକତନ୍ତ୍ରୀ ବ୍ୟବସ୍ଥାର ଆବରଣ ତଳେ ସେଥିରେ ଏକ ସୁସଂଗଠିତ ସଫଳ ଶୋଷକଶ୍ରେଣୀ ଏକ ସର୍ବହରା-ଶ୍ରେଣୀ ଉପରେ ଶାସନବିସ୍ତାର କରି ରହିଛି । ସର୍ବହରା-ଶ୍ରେଣୀ ପ୍ରଥମ ଅବସ୍ଥାରେ ସବୁ ସ୍ୱୀକାର କରିଯାଉଛି ସତ, ମାତ୍ର ତାହାର ଅସନ୍ତୋଷଗୁଡ଼ାକ କ୍ରମଶଃ ବୃଦ୍ଧି ପାଇବାରେ ଲାଗୁଛି ଏବଂ ତାହା ଅବଶେଷରେ ବଡ଼ ଅନମନୀୟ ଭାବରେ ଆପଣାର ଅଧିକାର-ବିସ୍ତାର ଲାଗି ସଂଘବଦ୍ଧ ହେଉଛି । ସର୍ବହରା-ବର୍ଗ ପାଶମୁକ୍ତ ହୋଇ ସ୍ୱାଧୀନତା ଏବଂ ଗଣତନ୍ତ୍ରର ଯେଉଁ ସର୍ବପ୍ରଥମ ବ୍ୟବହାର କରିଛନ୍ତି, ତଦ୍ୱାରା ଏକ ସୁସଂଗଠିତ ଶ୍ରମିକ-ଅଳ୍ପତନ୍ତ୍ରର ଏକ ଅଶୋଧିତ ଉତ୍ପୀଡ଼ନହିଁ ସାର ହୋଇଛି ଏବଂ ତାହା ଯାବତୀୟ ବଳପ୍ରୟୋଗ କରି ବେଶ୍ ଅସଂଗଠିତ ହୋଇ ରହିଥିବା କୃଷକଶ୍ରେଣୀ ଏବଂ ଯେତେ ଶକ୍ତିହୀନ ହୋଇପଡ଼ିଥିଲେ ମଧ୍ୟ ତଥାପି ଆଦୌ କମ୍ ଦୁର୍ଦାନ୍ତ ଓ ଅନମନୀୟ ହୋଇ ରହି ନ ଥିବା ଶୋଷକଶ୍ରେଣୀ ଉପରେ ଆପଣାକୁ

'oaob.nitrkl.ac.in' images reprocessed

ଆରୂଢ଼ କରି ରଖିଛି । ଏବଂ, ସମସ୍ତ ସମାଜର ଗୌରବମୟ ସ୍ୱାଧୀନତାଲାଭ କହିଲେ ଯେପରି ତାହାର କାଳେକାଳେ ସମଗ୍ର ଜନସମୂହର ଦୁଇ ବା ଏକ-ପଞ୍ଚମାଂଶ ବ୍ୟକ୍ତିଙ୍କର ତିନି ବା ଚାରି ପଞ୍ଚମାଂଶ ଉପରେ ଅତ୍ୟାଚାର କରୁଥିବା ସହିତ ବେଶ୍ ସଂଗତି ରହିଥିବାର ସ୍ୱୀକୃତ ହୋଇ ଆସିଛି, ଠିକ୍ ସେହିପରି ଆମର ଏବକାଳଟି ପର୍ଯ୍ୟନ୍ତ ମନୁଷ୍ୟଜାତିର ଅଧେ ଅର୍ଥାତ୍ ଶାରୀରିକ ଦୃଷ୍ଟିରୁ ଅଧିକ ବଳବାନ୍ ପୁରୁଷଶ୍ରେଣୀଟି ଦ୍ୱାରା ନାରୀମାନେ ଅତ୍ୟାଚାରିତ ହୋଇ ଆସିବାକୁ ମଧ୍ୟ ବେଶ୍ ସଂଗତ ବୋଲି ଧରି ନିଆଯାଇଛି । ଏହି କ୍ରମରେ ଏହା ମଧ୍ୟରେ କେତେ କେତେ ଅସଙ୍ଗତି ଭର୍ତ୍ତି ହୋଇ ରହିଛି; ଦାସତ୍ୱମୁକ୍ତ ଜାତିଗୁଡ଼ିକ ସେମାନଙ୍କର ଅଧୀନସ୍ଥ ଜାତିଗୁଡ଼ିକ ଉପରେ ଯେଉଁ ଶୋଷଣ ଚଳାଇଛନ୍ତି ଓ କେତେ ଚମତ୍କାର ଭାବରେ ସେଇଟିରୁ ଲାଭବାନ୍ ହୋଇଛନ୍ତି, ସେଇଟି ମଧ୍ୟ ଏହି ଅସଂଗତି-ଗୁଡ଼ିକର ଅନ୍ତର୍ଭୁକ୍ତ ହୋଇ ରହିଛି; ମନେ ହେଉଛି ସ୍ୱାଧୀନତାରୂପୀ ପବିତ୍ର ପୂଜାପରମ୍ପରାଟିରେ ପୁରୋହିତ ହିସାବରେ କାର୍ଯ୍ୟ କରୁଥିବାରୁ ସତେଯେପରି ସେହି ଆଧିପତ୍ୟ-ବିସ୍ତାର ଲାଗି ସେମାନେ ହକଦାର ହୋଇ ରହିଛନ୍ତି । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଦୂର ଭବିଷ୍ୟତର କୌଣସି ଏକ କ୍ଷଣରେ ସେମାନେ ସେହି ସ୍ୱାଧୀନତାକୁ ବର୍ତ୍ତମାନ ଶୋଷିତ ହେଉଥିବା ଜନଗଣଙ୍କ ଲାଗି ସମ୍ପ୍ରସାରିତ କରିଦେବେ ବୋଲି ଭାବୁଛନ୍ତି, ମାତ୍ର ଆପଣାର ଦ୍ରବ୍ୟଟିକୁ ଅନ୍ୟ ଲାଗି ବିତରିତ କରିଦେବା ପୂର୍ବରୁ ସେମାନେ ବର୍ତ୍ତମାନ ବହନ କରିଥିବା ପବିତ୍ର ଦାୟିତ୍ୱଟି ଲାଗି ପୂର୍ଣ୍ଣ ମୂଲ୍ୟ ପାଇବା ଦିଗରେ ସକଳ ପ୍ରକାରେ ଯତ୍ନବାନ୍ ହୋଇ ରହିଛନ୍ତି । ଏହି ଯନ୍ତ୍ରବତ୍ ବାହ୍ୟ ସ୍ୱାଧୀନତାର ଏପରିକି ସର୍ବୋତ୍ତମ ଯେଉଁ ଗଠନଛାଞ୍ଚଟି ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇ ପାରିଛି, ତାହା ତୁଚ୍ଛା ଏକ ସଂଖ୍ୟାଧିକ୍ୟର ହୁଏତ କିଞ୍ଚିତ୍ ପରିବର୍ତ୍ତିତ ଇଚ୍ଛାଟାହିଁ ଆପଣାକୁ କାର୍ଯ୍ୟକାରୀ କରିବାକୁ ବୁଝାଇ ଆସିଛି; ଅଥବା, ସେଥିରେ ଶାସନ କରିବା ଲୋକଙ୍କର ଏପରି ଏକ ମଣ୍ଡଳୀକୁ ନିର୍ବାଚିତ କରି ଦିଆଯାଇଛି, ଯେଉଁମାନେ କି ସଂଖ୍ୟାଧିକ ବର୍ଗଟିର ନାମରେ ସକଳ ସଂଖ୍ୟାଲଘୁ ଗୋଷ୍ଠୀଙ୍କୁ ନାନାଭାବେ ବାଧ କରିବାରେ ଲାଗିଛନ୍ତି ଏବଂ ସେହି ସ୍ୱାଧୀନତାକୁ ଏପରି ନାନା ସମସ୍ୟା ମଧ୍ୟରେ ଆଣି ଭର୍ତ୍ତି କରି ଦେଇଛନ୍ତି, ଯାହା ସମ୍ବନ୍ଧରେ କି ତାହା କୌଣସି ସ୍ପଷ୍ଟ କଳ୍ପନା କରିବାକୁ ଅସମର୍ଥ ହୋଇ ରହିଛି ।

ଏହି ଅସଙ୍ଗତିଗୁଡ଼ିକ, — ନାନାପ୍ରକାର ଅସଙ୍ଗତିକୁ ଆମେ ଏହି ଯନ୍ତ୍ରସଂଗଠନ-ମୂଳକ ପଦ୍ଧତିଟିର ଏକ ଅବିଚ୍ଛିନ୍ନ ଅଙ୍ଗ ବୋଲିହିଁ ଜାଣିବା, — ଆମକୁ ଏହି କଥାଟି ସୂଚାଇ ଦେଉଛନ୍ତି ଯେ ସ୍ୱାଧୀନତାର ପ୍ରକୃତ ଅର୍ଥଟିକୁ ଆମେ ଏପର୍ଯ୍ୟନ୍ତ ବି ବୁଝି ପାରି ନାହୁଁ । ତଥାପି, ଏକଥା ମଧ୍ୟ ସତ ଯେ ଏକ ମହାନ୍ ବିଚାରର ଉପଲବ୍ଧି ଲାଗି ଏହି କ୍ଷେତ୍ରରେ ଯେଉଁ ଆକାଂକ୍ଷା ରହିଛି ଓ ଯେଉଁ ପ୍ରୟାସଟି କରାଯାଉଛି, ସେଥିରୁ ଅବଶ୍ୟ

'oaob.nitrkl.ac.in' images reprocessed

କୌଣସି ନା କୌଣସି ଫଳ ନିଷ୍ପନ୍ନ ହେବ, ଏବଂ ଆଧୁନିକ ସ୍ୱାଧୀନତା ତଥା ଆଧୁନିକ ଗଣଶାସନତନ୍ତ୍ର ଯେତେଯାହା ଦୋଷଯୁକ୍ତ ଏବଂ ଆପେକ୍ଷିକ ହୋଇ ରହିଥିଲେ ମଧ୍ୟ, ସେଥିରୁ ଆମକୁ ଅବଶ୍ୟ ଏହି ଫଳଟି ମିଳିଛି ଯେ, ଯେଉଁ ଲୋକସମୂହମାନେ ସେହି ପନ୍ଥାଗୁଡ଼ିକୁ ଗ୍ରହଣ କରିଛନ୍ତି, ସେମାନେ ଅପେକ୍ଷାକୃତ ଅଧିକ ସୁସ୍ପଷ୍ଟ, ଅଧିକ ବାହ୍ୟ ଏବଂ ଅଧିକ ଆକ୍ରମଣପ୍ରବଣ ଅତ୍ୟାଚାର ଏବଂ ଆଧିପତ୍ୟ-ବିସ୍ତାରର ଚାପକୁ ହଟାଇ ଦେଇ ପାରିଛନ୍ତି, ଯାହାକି ଅତୀତର ବ୍ୟବସ୍ଥାଗୁଡ଼ିକ ମଧ୍ୟରେ ସତେଅବା ଅନ୍ତର୍ନିହିତ ହୋଇ ରହିଥିଲା । ବୃହତ୍ତର ଜନଗଣଙ୍କ ପାଇଁ ସେମାନେ ଜୀବନକୁ କିଞ୍ଚିତ୍ ଅଧିକ ପରିମାଣରେ ସହନୀୟ ଓ ବହନୀୟ କରି ଆଣିଛନ୍ତି, ଏବଂ ଜୀବନକୁ ମୁକ୍ତ କରି ପାରିବାରେ ଏବେସୁଦ୍ଧା ସମର୍ଥ ହୋଇ ନ ଥିଲେହେଁ ସେମାନେ ଅନ୍ତତଃ ବିଚାରକୁ ଅଧିକ ସ୍ୱାଧୀନତା ଆଣି ଦେଇ ପାରିଛନ୍ତି ଏବଂ ଏକ ଅଧିକ ଯଥାନୁରୂପ ଜୀବନଛାଞ୍ଚ ଭିତରେ ଏକ ମୁକ୍ତତର ବିଚାରକୁ ମୂର୍ତ୍ତିମନ୍ତ କରି ରଖିବାରେ ହୋଇ ଆସିଥିବା ପ୍ରୟାସଟିକୁ ମଧ୍ୟ ଅଧିକ ସ୍ୱାଧୀନତା ଦେଇଛନ୍ତି । ମନୁଷ୍ୟର ଜୀବନ ଏବଂ ତାହାର ଯାବତୀୟ କ୍ରିୟାଶୀଳତା ମଧ୍ୟରେ ବିଚାର ଲାଗି ଯେଉଁ ଅଧିକ ସ୍ଥାନ ମିଳିଲା, ଏହି କ୍ଷେତ୍ରରେ ଅଧିକ ସ୍ପଷ୍ଟତା ହାସଲ କରିବା ଲାଗି ତାହାର ନିଶ୍ଚୟ ଏକ ଆବଶ୍ୟକତା ରହିଥିଲା; ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯେଉଁସବୁ ଅଶୋଧିତ କଳ୍ପନାକୁ ନେଇ ମନୁଷ୍ୟଜାତି ତା'ର ଯାତ୍ରା ଆରମ୍ଭ କରିଛି, ସେହି ସ୍ପଷ୍ଟତା ତାହାକୁ କ୍ରମଶଃ ଅଧିକ ଆଲୋକଯୁକ୍ତ କରି ଆଣିବ ଏବଂ ଯେଉଁସବୁ ଅଶୋଧିତ ପଦ୍ଧତି ଏବଂ ଛାଞ୍ଚ ଭିତରେ ମନୁଷ୍ୟ ସେଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେଇ ରଖିଛି, ସେଗୁଡ଼ିକରେ ମଧ୍ୟ ଏକ ଶୋଧନ ସମ୍ଭବ କରାଇ ପାରିବ । ଜୀବନର ସ୍ଥୂଳ ଏବଂ ଦୋଷପୂର୍ଣ୍ଣ ବାସ୍ତବତାଗୁଡ଼ାକୁ ଆମର ମାନସକ୍ଷେତ୍ରଟିକୁ ଶାସନ କରିବା ଲାଗି ଓ ତାହାକୁ ନାନାପ୍ରକାରେ ସୀମାଯୁକ୍ତ କରି ରଖିବା ଲାଗି ଛାଡ଼ିଦେବା ଅପେକ୍ଷା ଚିନ୍ତନର ଏକ କ୍ରମବର୍ଦ୍ଧମାନ ଆଲୋକ ଦ୍ୱାରା ଜୀବନର ସଂଚାଳନ କରିବା ଲାଗି ବର୍ତ୍ତମାନ ଯେଉଁ ପ୍ରୟାସ କରାଯାଉଛି, ମନୁଷ୍ୟ-ପ୍ରଗତିରେ ଆମେ ତାହାକୁ ଏକ ଉଚିତ ପଦକ୍ଷେପର ସଙ୍କେତ ବୋଲି ଜାଣିବା । ମାତ୍ର ସ୍ୱୟଂ ଚିନ୍ତା ଯାହାର ଏକ ସଂକେତ ହୋଇ ରହିଛି ଏବଂ ଯାହାର ଯନ୍ତ୍ରରୂପେ କାର୍ଯ୍ୟ କରୁଛି, ତାହାରି ଦ୍ୱାରାହିଁ ଜୀବନର ସଂଚାଳନ କରିବାର ପ୍ରୟାସଟିକୁ ଯେଉଁ ପରବର୍ତ୍ତୀ ପଦକ୍ଷେପଟି ସମ୍ଭବ କରାଇ ପାରିବ, ସେତିକିବେଳେ ଯାଇ ପରିବର୍ତ୍ତନର ଅସଲ ମୁହୂର୍ତ୍ତଟି ଆସି ପହଞ୍ଚିଯିବ । ଏଠାରେ ଆମ ଆତ୍ମା ଅର୍ଥାତ୍ ଅନ୍ତର୍ଗତ ସତ୍ତାଟିର କଥା କୁହାଯାଉଛି; ଏବଂ, ଆମ ଜୀବନର ମାର୍ଗ ତଥା ରୀତିଗୁଡ଼ିକୁ ତାହାର ଆତ୍ମ-ପରିପୂର୍ଣ୍ଣତାର ଆବଶ୍ୟକତାଟିକୁ ଅଧିକ ଉଚ୍ଚ ତଥା ଅଧିକ ପ୍ରଶସ୍ତ କରିବାର ଏକ ମୁକ୍ତତର ଅବସରରେ ପରିଣତ କରାଯାଇ ପାରିଲେ ଯାଇ ଅସଲ ପରିବର୍ତ୍ତନର

'oaob.nitrkl.ac.in' images reprocessed

ମୁହୂର୍ତ୍ତଟି ଆସି ପହଞ୍ଚିଯିବ । ଏଇଟି ହେଉଛି ଅସଲ ଅର୍ଥ, ଅଧିକ ଗଭୀର ଅର୍ଥ; ଏବଂ ସ୍ୱତନ୍ତ୍ରତାର ଯଥାର୍ଥ ଫଳଦାୟକ ସିଦ୍ଧାନ୍ତରୂପେ ଆତ୍ମ-ନିୟନ୍ତ୍ରଣର ବିଚାରଟି ସହିତ ଆମେ ସେହି ଅର୍ଥଟିକୁହିଁ ସର୍ବଦା ଯୁକ୍ତ କରି ରଖି ଶିଖିବା ।

ଆତ୍ମ-ନିୟନ୍ତ୍ରଣର ଯେଉଁ ବିଚାରଟି ରହିଛି, ତାହାର ପ୍ରକୃତ ଅର୍ଥ ହେଉଛି ଯେ, ପୁରୁଷ, ନାରୀ ଅଥବା ଶିଶୁ, ଜୀବନଧାରଣ କରିଥିବା ପ୍ରତ୍ୟେକ ମନୁଷ୍ୟପ୍ରାଣୀ ମଧ୍ୟରେ ଏବଂ ସେହିପରି, ସାମୂହିକ ଭାବରେ ବିକଶିତ ହୋଇ ଆସୁଥିବା, ବିକଶିତ ହୋଇଥିବା, ଅର୍ଦ୍ଧବିକଶିତ ହୋଇଥିବା କିଂବା ବୟଃପ୍ରାପ୍ତ ହୋଇ ସାରିଥିବା ମନୁଷ୍ୟର ଯାବତୀୟ ନିର୍ଦ୍ଦିଷ୍ଟ ସମୂହ ମଧ୍ୟରେ ଏପରି ଏକ କେନ୍ଦ୍ରାତ୍ମା ବା ସତ୍ତା ଅବସ୍ଥିତ ରହିଛି, ଯାହାର କି ଆପଣା ମାର୍ଗରେ ବିକଶିତ ହେବାର ଅବଶ୍ୟ ଅଧିକାର ରହିଛି, ଆପଣାର ପରିଚୟ ଲାଭ କରିବାର ଏବଂ ଆପଣାର ଜୀବନକୁ ଆପଣା ସତ୍ତାର ଏକ ସମ୍ପୂର୍ଣ୍ଣ ଏବଂ ପ୍ରସନ୍ନ ନିମିତ୍ତ ତଥା ପ୍ରତିରୂପ କରି ଗଢ଼ିବାର ସକଳ ଅଧିକାର ରହିଛି । ଏଇଟି ହେଉଛି ସର୍ବପ୍ରଥମ ସିଦ୍ଧାନ୍ତ, ଏବଂ ଆଉ ଯେତେଯାହା ସିଦ୍ଧାନ୍ତ ରହିଛି, ସେଗୁଡ଼ିକ ଏଇଟି ମଧ୍ୟରେ ଅନ୍ତର୍ଭୁକ୍ତ ହୋଇ ରହିବ ଓ ଏହି ସିଦ୍ଧାନ୍ତଟି ସବୁଗୁଡ଼ିକର ଶିଖରରେହିଁ ରହିବ । ଏହିଟିକୁ ଛାଡ଼ି ଆଉ ଯାହାକିଛି ରହିଲା, ତାହା ହେଉଛି ପରିବେଶର ସମସ୍ୟା, ସାଧନ ଓ ତାତ୍କାଳିକ ଉପାୟଗୁଡ଼ିକର ସମସ୍ୟା, ଅନୁକୂଳନ, ସୁଯୋଗ, ସାମର୍ଥ୍ୟ ଏବଂ ସୀମାଗୁଡ଼ିକରହିଁ ସମସ୍ୟା; ମାତ୍ର ଏଗୁଡ଼ିକ ମଧ୍ୟରୁ କୌଣସିଟିକୁ ପ୍ରଥମ ସର୍ବମୂଳ ସିଦ୍ଧାନ୍ତଟିର ସାର୍ବଭୌମତାକୁ ଅପହରଣ କରିନେବା ଲାଗି କଦାପି ଅନୁମତି ଦିଆଯିବା ଉଚିତ ନୁହେଁ । ମାତ୍ର ଉପରେ ଯେଉଁ ଆତ୍ମାର କଥା କୁହାଗଲା, ସେଇଟିର ତଥା ତାହାର ନାନା ଆବଶ୍ୟକତା ତଥା ଦାବିର ଯଥୋଚିତ ତାତ୍ପର୍ଯ୍ୟଟି ସହିତ ସେହି ସିଦ୍ଧାନ୍ତଟିକୁ ଆମେ ବୁଝିପାରିଲେ ଯାଇ ସେହି ସିଦ୍ଧାନ୍ତ ପ୍ରକୃତରେ ସାର୍ବଭୌମ ହୋଇ ରହିପାରିବ । ଅନ୍ୟ ସିଦ୍ଧାନ୍ତଗୁଡ଼ିକ କ୍ଷେତ୍ରରେ ଯେପରି ହୋଇଥାଏ, ଆତ୍ମ-ନିୟନ୍ତ୍ରଣର ସିଦ୍ଧାନ୍ତ ବେଳେ ମଧ୍ୟ ସର୍ବପ୍ରଥମ ବିପଦଟି ହେଉଛି ଯେ ଅତୀତର ମନୁଷ୍ୟ-ସଂସାରରେ ଅଧିକାଂଶ ଆଦର୍ଶର ସ୍ଥଳରେ ଯାହା କରାହୋଇଛି, ଆମେ ହୁଏତ ଅହଂ ଏବଂ ଅହଂଗତ ସ୍ୱାର୍ଥଗୁଡ଼ିକ ଅନୁସାରେହିଁ ଏହାର ତାତ୍ପର୍ଯ୍ୟଟିକୁ ନିରୂପଣ କରିବା ଲାଗି ମନ କରିବା; ଆତ୍ମତର୍ପଣ ଲାଗି ସେହି ଅହଂଟି ମଧ୍ୟରେ ଯେଉଁ ଇଚ୍ଛା ରହିଥାଏ, ଆମେ ସେଇଟି ଅନୁସାରେ ସିଦ୍ଧାନ୍ତଟିର ଅର୍ଥ କରି ବାହାରିବା । ଏବଂ ଏହିପରି ଅର୍ଥ କରାଯାଉଥିବା ପର୍ଯ୍ୟନ୍ତ ଏହା ଆମକୁ ପୂର୍ବ ତୁଳନାରେ ଆଦୌ ଅଧିକ ଆଗକୁ ବହନ କରି ନେଇଯାଇ ପାରିବ ନାହିଁ; ଆମେ ଏପରି ଗୋଟିଏ ଥାନରେ ଆସି ହାବୁଡ଼ିଯିବା, ଯେଉଁଠାରେ କି ଆମର ସିଦ୍ଧାନ୍ତଟି ଅଧାରେ ବାଧାପ୍ରାପ୍ତ ହୋଇ ରହିଯିବ, ଆମକୁ ବିଫଳ କରାଇଦେବ, କେବଳ ଆମ ମନରହିଁ ଏକ ମିଥ୍ୟା ଅଥବା ଅର୍ଦ୍ଧସତ୍ୟ

'oaob.nitrkl.ac.in' images reprocessed

ଭଣିମାରେ ପରିଣତ ହୋଇ ରହିବ, କେବଳ ବାହ୍ୟ ରୂପରହିଁ ଗୋଟାଏ ପାରମ୍ପରିକତା ହୋଇ ରହିବ ଏବଂ ଆପଣାର ସମ୍ପୂର୍ଣ୍ଣ ବିପରୀତ କେତେ କେତେ ଅନ୍ୟସତ୍ୟ ଲାଗି ଏକ ଆଚ୍ଛାଦନ ପରି କାର୍ଯ୍ୟ କରିବ ।

କାରଣ, ଅହଂ ଭିତରେ ସବୁବେଳେ ଦୁଇଟି ଆତ୍ମ-ପ୍ରତିଷ୍ଠାର ସହଜାତ ପ୍ରବୃତ୍ତି ରହିଛି, ଯାହାକୁ କି ସେ କଦାପି ଛାଡ଼ି ରହି ପାରିବ ନାହିଁ : ଅନ୍ୟ ଅହଂଗୁଡ଼ିକ ବିରୋଧରେ ଆତ୍ମପ୍ରତିଷ୍ଠା ତଥା ଅନ୍ୟ ଅହଂଗୁଡ଼ିକ ଉପରିଆରେ ଆତ୍ମପ୍ରତିଷ୍ଠା; ଆପଣାର ଯାବତୀୟ ଆତ୍ମପ୍ରସାରଣରେ ତାହା ଅନ୍ୟମାନଙ୍କର ଅହଂକୁ ଆପଣା ଅହଂଟିର ପରିକର ଓ ଅଧୀନ କରି ରଖିବାକୁ ସତେଅବା ବାଧ ହେବାରେ ଲାଗିଥାଏ, ସେମାନଙ୍କୁ ଆପଣାର ଅଭୀଷ୍ଟସିଦ୍ଧି ଲାଗି ବ୍ୟବହାର କରିବାକୁ ଏବଂ ସେହି ଉଦ୍ଦେଶ୍ୟଟିର ପୂରଣ ଲାଗି, ବଳ ଅଥବା କୌଶଳ ଯାହାକିଛି ପ୍ରୟୋଗ କରି ହେଉ, ପ୍ରକାଶ୍ୟ ଭାବରେ ହେଉ ଅଥବା ପରୋକ୍ଷ ଭାବରେ ହେଉ, ଗର୍ଭସାତ୍ କରି ହେଉ ଅଥବା ଶୋଷଣର ଅନ୍ୟ କୌଣସି ପ୍ରକାର ଚତୁର ଫନ୍ଦା ଅବଲମ୍ବନ କରି ହେଉ, ଆପେ ବ୍ୟବହାର କରୁଥିବା ସବୁକିଛି ଉପରେ କୌଣସି ନା କୌଣସି ପ୍ରକାରର ନିୟନ୍ତ୍ରଣ, ଆଧିପତ୍ୟ ଅଥବା ସ୍ୱାମିତ୍ୱର ପ୍ରତିଷ୍ଠା କରିବାରେ ବାଧ ହେବାରେ ଲାଗିଥାଏ । ମନୁଷ୍ୟମାନଙ୍କର ଜୀବନ ଆପଣାକୁ କଦାପି ମୁକ୍ତ ସମାନ୍ତର-ଗୁଡ଼ିକରେ ଧାବିତ କରି ରଖିପାରିବ ନାହିଁ; କାରଣ ପ୍ରକୃତି ସେମାନଙ୍କୁ ଅବିରତ ପରସ୍ପରକୁ ଭେଟିବାକୁହିଁ ବାଧ କରୁଥାଏ, ପରସ୍ପରର ମାର୍ଗକୁ ଛେଦ କରିବାକୁ, ପରସ୍ପର ସହିତ ଆସି ମିଶିବାକୁହିଁ ସର୍ବଦା ବାଧ କରିବାରେ ଲାଗିଥାଏ ଏବଂ ଅହଂଗତ ଜୀବନର ଭୂମି ଉପରେ ତାହା କହିଲେ କେବଳ ଏକ ସଂଘାତକୁହିଁ ବୁଝାଏ । ଏହି କ୍ଷେତ୍ରରେ ଆମ ବୁଦ୍ଧିର ପ୍ରଥମ ଧାରଣାଟି ଆମକୁ ଏହିପରି ଗୋଟିଏ ପରାମର୍ଶ ଦେଇଯାଏ ଯେ ଏହାର ପ୍ରତିକାରସ୍ୱରୂପ ଆମେ ମନୁଷ୍ୟ ମନୁଷ୍ୟ ମଧ୍ୟରେ ରହିଥିବା ସମ୍ବନ୍ଧଗୁଡ଼ିକୁ ହୁଏତ ଏପରି ଏକ ଗଠନ ଓ ସଂଯୋଜନ ଭିତରେ ପକାଇ ରଖିବା, ଯେଉଁଠାରେ କି ସ୍ୱାର୍ଥଗୁଡ଼ିକ ପରସ୍ପର ସହିତ ଅନୁକୂଳିତ ହୋଇ ରହିବେ, ଏବଂ ତାହା ଫଳରେ ଆଉ କୌଣସି ସଂଘର୍ଷ ଅଥବା ସଂଘାତର ସମ୍ଭାବନା ରହିବ ନାହିଁ । ମାତ୍ର ଏକ ନିର୍ଦ୍ଦିଷ୍ଟ ଅବଧି ପର୍ଯ୍ୟନ୍ତହିଁ ସେପରି କରିବା ସମ୍ଭବ ହୋଇପାରିବ : ଏହି ମାର୍ଗରେ ଯାଇ ଆମେ ଖୁବ୍ ବେଶୀ ହେଲେ ସଂଘର୍ଷ ଓ ସଂଘାତର ତୀବ୍ରତା ତଥା ସ୍ଥୂଳ ଅବଶ୍ୟମ୍ଭାବିତାରେ କେତେକ ପରିମାଣରେ ହୁଏତ ଏକ ହ୍ରାସ ଘଟାଇ ପାରିବା ଏବଂ ସେଗୁଡ଼ିକୁ ହୁଏତ ଏକ ଅଧିକ ସୂକ୍ଷ୍ମ ଏବଂ କମ୍ ସ୍ଥୂଳ ବୋଲି ଦିଶୁଥିବା ରୂପ ମଧ୍ୟ ଦେଇପାରିବା । ମାତ୍ର ସେହି ସୂକ୍ଷ୍ମ ରୂପର ଆୟତନଟି ମଧ୍ୟରେ ସଂଘର୍ଷ ଓ ଶୋଷଣର ସିଦ୍ଧାନ୍ତଟି ଅବଶ୍ୟ ଅବାରିତ ଓ ବଳବତ୍ତର ହୋଇ ରହିଥିବ । କାରଣ, ବାଧ ହୋଇ କିଂବା କୌଣସି ପ୍ରକାର ପ୍ରବର୍ତ୍ତନାରେ

'oaob.nitrkl.ac.in' images reprocessed

ପଡ଼ି ମନୁଷ୍ୟର ଅହଂଗତ ସ୍ୱଭାବପ୍ରବୃତ୍ତିଟି ଯେତେପ୍ରକାର ଅନୁକୂଳନ ଲାଗି ଆପଣାର ସମ୍ମତି ଦେଇଥିବ, ସେଗୁଡ଼ିକୁ ସେ ଯଥାସମ୍ଭବ ଆପଣାର ସୁବିଧାହାସଲ ସକାଶେ ଅବଶ୍ୟ କାମରେ ଲଗାଇବାକୁ ଇଚ୍ଛା କରୁଥିବ ଏବଂ କେବଳ ଆପଣାର ବଳ ଓ ସାମର୍ଥ୍ୟର ସୀମାଟି ଦ୍ୱାରାହିଁ ତାହା ଆପଣାର ଏହି ପ୍ରବୃତ୍ତିଟିର କ୍ଷେତ୍ରରେ କୌଣସି ପ୍ରକାର ସୀମା ଭିତରେ ରହିବାକୁ ପ୍ରେରିତ ହେଉଥିବ, ତାତ୍କାଳିକ ଏକ କୌଶଳ ବା ପରିଣାମଗୁଡ଼ିକ ଦୃଷ୍ଟିରୁ ବିଚାର କରି, ତା'ର ନିଜ ଅହଂଟି ଯେପରି ଅନ୍ୟମାନଙ୍କଠାରୁ ସମ୍ମାନ ପାଇବ, ସେଇଥିଲାଗି ଅନ୍ୟମାନଙ୍କର ଅହଂକୁ ସମ୍ମାନ ଦେଖାଇବାର କୌଣସି ପ୍ରୟୋଜନ ଅଛି ବୋଲି ବିବେଚନା କରି ସେ ଆପଣାକୁ ହୁଏତ କୌଣସି ସୀମା ଭିତରେ ଆଣି ରଖୁଥିବ । ମାତ୍ର ଏହିସବୁ ବିଚାର ଓ ବିବେଚନା ଅନ୍ୟମାନଙ୍କ ଉପରେ ସ୍ଥୂଳ ବା ସୂକ୍ଷ୍ମ ଯେକୌଣସି ପ୍ରକାରର ଆଧିପତ୍ୟ ବିସ୍ତାର କରିବାର ଏବଂ ଅନ୍ୟମାନଙ୍କୁ ଶୋଷଣ କରିବାର ବାସନାଟିର ତୀବ୍ରତାଟିକୁ ହୁଏତ କିଞ୍ଚିତ୍ ଲାଘବ କରି ଆଣିବ ଅଥବା ସେହି ବାସନାଟିକୁ କିଞ୍ଚିତ୍ ପରିମାଣରେ ଏକ ବାଡ଼ ଘେରାଇ ରଖିବାକୁ ଚେଷ୍ଟା କରିବ, ମାତ୍ର ସେଇଟିର କଦାପି ନିରାକରଣ କରିପାରିବ ନାହିଁ ।

ଏହି କ୍ଷେତ୍ରରେ ଏକ ସଂଶୋଧନର ପନ୍ଥାରୂପେ ମନୁଷ୍ୟର ମନ ନୈତିକତାର ସାହାଯ୍ୟ ନେବାକୁ ମନ କରିଛି; ମାତ୍ର ନୈତିକ ଆଚରଣର ସର୍ବପ୍ରଥମ ବିଧାନଗୁଡ଼ିକ ମଧ୍ୟ ଖୁବ୍‌ବେଶୀ ହେଲେ ଜୀବନର ଅହଂପ୍ରେରିତ ଶାସନଟିକୁ କେତେକ ପରିମାଣରେ ଏକ ବାଡ଼ ଦେଇ ରଖିପାରିବେ ସିନା, ମାତ୍ର ସେଇଟିକୁ ପୂରାପୂରି ଜୟ କରି ପାରିବେ ନାହିଁ । ସେହି କାରଣରୁହିଁ ନୈତିକତାର ବିଚାରଟି ଆପଣାକୁ କ୍ରମଶଃ ନିଃସ୍ୱାର୍ଥପରତାର ସେହି ବିପରୀତ ସିଦ୍ଧାନ୍ତଟି ଆଡ଼କୁ ପରିଚାଳିତ କରି ନେଇଯାଇଛି । ଏହାର କେତୋଟି ପ୍ରଧାନ ପରିଣାମ ହିସାବରେ ସାମୂହିକ ଅହଂଗତତାଗୁଡ଼ିକୁ ଅଧିକ ସ୍ପଷ୍ଟରୂପେ ଦେଖିପାରିବା ସମ୍ଭବ ହୋଇଛି ଏବଂ ବ୍ୟକ୍ତିର ଅହଂବାଦଟି ଉପରେ ରହିଥିବା ସେଗୁଡ଼ିକର ଦାବିଟିକୁ ଆହୁରି ପରିଷ୍କାର ଭାବରେ ଦେଖିବା ବେଶ୍ ସମ୍ଭବ ହୋଇଛି, ଏବଂ ଦ୍ୱିତୀୟତଃ, ଆମର ଆଚରଣଗୁଡ଼ିକର କ୍ଷେତ୍ରରେ ଗୋଟାଏ ବେଶ୍ ଅନିଶ୍ଚିତ ଏବଂ ଅସଂଜ୍ଞାକୃତ ମିଶ୍ରଣ ମଧ୍ୟ ସମ୍ଭବ ହୋଇଯାଇଛି, ଆମ ଅହଂପ୍ରେରିତ ଏବଂ ନିଃସ୍ୱାର୍ଥପର ମତଲବଗୁଡ଼ିକ ମଧ୍ୟରେ ସଂଘର୍ଷ ଏବଂ ଭାରସାମ୍ୟର ଏକ ନିତ୍ୟଲୀଳା ବେଶ୍ ଲାଗିରହିଛି । ଅଧିକାଂଶ ସମୟରେ ଏପରି ହୋଇଛି ଯେ ଆମ ଭିତରେ ନିଃସ୍ୱାର୍ଥପର ହେବାର ଇଚ୍ଛା ଅବଶ୍ୟ ରହିଛି, ମାତ୍ର କେବଳ ଏକ ପ୍ରଦର୍ଶନ ପରି ରହିଛି, ବା ଖୁବ୍‌ବେଶୀ ହେଲେ ବେଶ୍ ଏପରି ଏକ ଉପରିଭାଗସ୍ଥ ଇଚ୍ଛା ହୋଇ ରହିଛି ଯାହାକି ଆମ କ୍ରିୟାର କେନ୍ଦ୍ରରେ କେବେହେଲେ ଅବସ୍ଥିତ ହୋଇ ରହି ନାହିଁ । ଏହା ଫଳରେ ତାହା ସମ୍ପୂର୍ଣ୍ଣ ଇଚ୍ଛାକୃତ ଭାବରେ ହେଉ

'oaob.nitrkl.ac.in' images reprocessed

ଅଥବା ଅର୍ଦ୍ଧସଚେତନ ଭାବରେ ହେଉ, କେବଳ ଏକ ଛଦ୍ମାବରଣରେ ପରିଣତ ହୋଇ ରହୁଛି, ଆମର ଅହଂବୃତ୍ତିଟି ତାହାରି ଆବରଣ ତଳେ ଆତ୍ମଗୋପନ କରି ରହୁଛି ଏବଂ କାହାରି ସନ୍ଦେହଚକ୍ଷୁରେ ନ ପଡ଼ି ବେଶ୍ ଆପଣାର ଇପ୍ସିତଟିକୁ ହାସଲ କରିନେଇ ପାରୁଛି । ମାତ୍ର ଏକ ନିଷ୍ପାପର ପରାର୍ଥପରତା ଭିତରେ ମଧ୍ୟ ଅହଂ ତଥାପି ଲୁକ୍କାୟିତ ହୋଇ ରହିଛି, ଏବଂ ଆମର ସବୁଠାରୁ ଅଧିକ ହିତୈଷିତାପୂର୍ଣ୍ଣ ଏବଂ ଏପରିକି ଆତ୍ମୋତ୍ସର୍ଗମୂଳକ କାର୍ଯ୍ୟଗୁଡ଼ିକ ମଧ୍ୟରେ ଯେତିକି ପରିମାଣରେ ଅହଂ ଆତ୍ମଗୋପନ କରି ରହିଛି, ତାହାରି ଆବିଷ୍କାର କରି ପାରିବାକୁହିଁ ଯଥାର୍ଥ ଆତ୍ମ-ନିରୀକ୍ଷଣର ଅସଲ ପରୀକ୍ଷା ବୋଲି କୁହାଯାଇ ପାରିବ । ଏବଂ ଅତ୍ୟନ୍ତ କଠୋର ହୋଇ ଯିଏ ଅନେକ ସମୟରେ ଅତ୍ୟନ୍ତ ଦୁଃଖଦାୟକ ବିଶ୍ଳେଷଣଟିକୁ କରି ନ ପାରିଛି, ସିଏ ପ୍ରକୃତରେ ଆପଣାକୁ ଯଥାର୍ଥ ଭାବରେ ଜାଣିଛି ବୋଲି କଦାପି କହିହେବ ନାହିଁ । ଏହା କଦାପି ଅନ୍ୟ ପ୍ରକାର ହୋଇପାରି ନ ଥା'ନ୍ତା; କାରଣ ଆତ୍ମ-ଉତ୍ସର୍ଗହିଁ କଦାପି ଜୀବନର ବିଧାନ ହୋଇପାରିବ ନାହିଁ, ଆତ୍ମ-ତ୍ୟାଗ ଆତ୍ମ-ପରିପୂର୍ଣ୍ଣତା ଦିଗରେ କେବଳ ଏକ ସୋପାନହିଁ ହୋଇପାରିବ । ଜୀବନଟା ମଧ୍ୟ ତା'ର ଅସଲ ସ୍ୱଭାବଟି ଅନୁସାରେ କଦାପି କେବଳ ଏକ ଏକତରଫା ଆତ୍ମଦାନ ହୋଇ ରହି ପାରିବ ନାହିଁ; ଯାବତୀୟ ଦାନ ଓ ଉତ୍ସର୍ଗୀକରଣ ଭିତରେ କେତେକ ପରିମାଣରେ ଏକ ପାଇବା ମଧ୍ୟ ରହିଥିବ ଏବଂ ତେବେଯାଇ ସେହି ଦାନର କୌଣସି ସଫଳ ମୂଲ୍ୟ ଅଥବା ତାତ୍ପର୍ଯ୍ୟ ରହିବା ସମ୍ଭବ ହେବ । ପରାର୍ଥପରତା ଦ୍ୱାରା ଆମ ନିଜର ଯେଉଁ ଭଲଟି ହୁଏ, ଅନ୍ୟମାନଙ୍କ ଲାଗି କରା ହେଉଥିବା ଭଲଟି ତୁଳନାରେ ତାହା ପରାର୍ଥପରତାକୁ ଅଧିକ ମହତ୍ତ୍ୱପୂର୍ଣ୍ଣ କରି ରଖିଥାଏ । କାରଣ ପରାର୍ଥପରତା ଦ୍ୱାରା ପ୍ରକୃତରେ ଅନ୍ୟମାନଙ୍କର ଭଲ ହୁଏ କି ନାହିଁ, ତାହା ଅନେକ ସମୟରେ ବଡ଼ ଅନିଶ୍ଚିତ ହୋଇ ରହିଥାଏ, ମାତ୍ର ତଦ୍ୱାରା ନିଶ୍ଚିତଭାବରେ ଆମର ସବୁବେଳେ ଭଲ ହୋଇଥାଏ; ତାହା ଆମର ଆତ୍ମସତ୍ତାଟିର ବିକାଶ କରାଇ ଆଣେ, ଆମକୁ ଏକ ଅନ୍ତର୍ଗତ ଆତ୍ମ-ଉତ୍ତରଣ ଏବଂ ଆତ୍ମ-ପ୍ରସାରଣର ସୁଯୋଗ ଆଣି ଦିଏ । ତେଣୁ, ପରାର୍ଥପରତାର କୌଣସି ସାଧାରଣ ବିଧାନ ନୁହେଁ, ମାତ୍ର ପାରସ୍ପରିକ ସ୍ୱୀକୃତି ଉପରେ ଆଧାରିତ ଏକ ଆତ୍ମସ୍ୱୀକୃତିହିଁ ବରଂ ଏହି କ୍ଷେତ୍ରରେ ଆମ ମାନବ-ସମ୍ବନ୍ଧଗୁଡ଼ିକର ପ୍ରଶସ୍ତ ବିଧାନ ହୋଇ ରହିବା ଉଚିତ । ଜୀବନ ହେଉଛି ଆତ୍ମ-ପରିପୂର୍ଣ୍ଣତା, ଏବଂ ଏକ ପାରସ୍ପରିକତାର ଭୂମି ଉପରେହିଁ ତାହାକୁ ଅଗ୍ରସର ହେବାକୁ ହୋଇଥାଏ; ଜୀବନ କହିଲେ ଜଣେ ଆଉ ଜଣକ ଦ୍ୱାରା ପାରସ୍ପରିକ ଭାବରେ ଉପକୃତ ହେବାକୁ ବୁଝାଏ, ଅର୍ଥାତ୍ ପରିଶେଷରେ ସମସ୍ତେ ସମସ୍ତଙ୍କ ଦ୍ୱାରା ଉପକୃତ ହେବାକୁ ବୁଝାଏ । ଏହି କ୍ଷେତ୍ରରେ ସମସ୍ତ ପ୍ରଶ୍ନଟି ହେଲା, ଏହି କଥାଟିକୁ ଆମେ ଆମ ଅହଂର ନିମ୍ନତର ଭୂମିରେ କରିବା ଓ ସଂଘର୍ଷଟିକୁ ବଳବତ୍ତର କରି ରଖିଥିବା ଏବଂ

'oaob.nitrkl.ac.in' images reprocessed

ଯେତେ ଯାହା ନିରୋଧ ଓ ନିୟନ୍ତ୍ରଣର ବ୍ୟବସ୍ଥା ରହିଥିଲେ ମଧ୍ୟ ତଥାପି ପରସ୍ପର-ଦ୍ୱନ୍ଦ୍ୱ ଏବଂ ସଂଘାତଟିକୁ ବଳବତ୍ତର କରି ରଖିଥିବା, ନା ଆମ ସତ୍ତାର ଏକ ଉଚ୍ଚତର ବିଧାନ ଦ୍ୱାରା ପ୍ରେରିତ ହୋଇ ଏଇଟିକୁ କରିବା ଆଦୌ ସମ୍ଭବ ହେବ ନାହିଁ, ଯେଉଁ ବିଧାନଟି କି ଏକ ସମଞ୍ଜସତା, ମୁକ୍ତ ପାରସ୍ପରିକତା ଏବଂ ଏକତାର ପଥକୁ ଆବିଷ୍କାର କରିବାକୁ ସମର୍ଥ ହେବ ।

ଆତ୍ମ-ନିୟନ୍ତ୍ରଣର ଯେଉଁ ନିୟମଟି ରହିଛି, ତା'ର ଏକ ଯଥାର୍ଥ ଧାରଣା କରିପାରିଲେ ଆମେ ହୁଏତ ଏହି ଉଚ୍ଚତର ବିଧାନଟିର ଆବିଷ୍କାର ଦିଗରେ ଉଚିତ ପଥଟି ପାଇଯାଇ ପାରିବା । କାରଣ ଆମେ ବେଶ୍ ଲକ୍ଷ୍ୟ କରିପାରିବା ଯେ ଏହି ଆତ୍ମ-ନିୟନ୍ତ୍ରଣ ଶବ୍ଦଟି ଗୋଟିଏ ଅନେକାଙ୍ଗୀ ବିଚାରଟି ମଧ୍ୟରେ ସ୍ୱାଧୀନତାର ବିଚାର ତଥା ନିୟମାଧୀନ ହୋଇ ରହିବାର ବିଚାର ଦୁଇଟିଯାକକୁ ଏକତ୍ର ପରସ୍ପର ସହିତ ଗୋଟିଏ ସମଞ୍ଜସତା ମଧ୍ୟରେ ଉପସ୍ଥାପିତ କରି ଆଣୁଛି । ଜୀବନର ଯାବତୀୟ କଥା ପ୍ରଥମେ ଦେଖିଲା ବେଳକୁ ଯେପରି ମନେ ହୋଇଥାଏ, ଆମର ପ୍ରଥମ କଳ୍ପନାରେହିଁ ସତ୍ତାର ଏହି ଦୁଇଟିଯାକ କଳ୍ପନା ସତେଅବା ପ୍ରତିଦ୍ୱନ୍ଦ୍ୱୀ ଅଥବା ଶତ୍ରୁ ପରି ପରସ୍ପରର ବିରୋଧୀ ହୋଇ ରହିଥିବା ପରି ମନେ ହୋଇଥା'ନ୍ତି । ତେଣୁ, ଏହା ଫଳରେ ଆମକୁ ଯାବତୀୟ ନିୟମ ଓ ଶୃଙ୍ଖଳାର ସମର୍ଥକମାନେ ଏବଂ ସ୍ୱାଧୀନତାର ସମର୍ଥକମାନେ ସତେଅବା କୌଣସି ଯୁଦ୍ଧ ଲଢ଼ିବା ପରି ପରସ୍ପରର ସମ୍ମୁଖୀନ ହୋଇ ରହିଥିବା ଭଳି ଦେଖା ଯାଉଥା'ନ୍ତି । ଗୋଟିଏ ପାଖରେ ଏପରି ଗୋଟିଏ ଆଦର୍ଶ ରହିଥାଏ, ଯାହାକି ସର୍ବପ୍ରଥମେ ନିୟମଶୃଙ୍ଖଳାକୁ ଆଣି ଅଧିଷ୍ଠିତ କରି ରଖିଥାଏ, ଏବଂ ସ୍ୱାଧୀନତା ଲାଗି ହୁଏତ ଆଦୌ କୌଣସି ଜାଗା ରଖି ନ ଥାଏ ଅଥବା ତାହାକୁ ଏକ ଗୌଣ ନିମ୍ନତର ସ୍ଥାନ ଦେଇ ରଖିଥାଏ, କାରଣ, ଶୃଙ୍ଖଳାର ଯନ୍ତ୍ରବଦ୍ ସ୍ଥାୟିତ୍ୱଟିକୁ ବଜାୟ ରଖିବା ଲାଗି ତାହା ସ୍ୱାଧୀନତା ଉପରେ ଯେକୌଣସି ବଳପ୍ରୟୋଗକୁ ମଧ୍ୟ ସମର୍ଥନ କରିବାରେ ଲାଗିଥାଏ । ଏବଂ ଅନ୍ୟ ପକ୍ଷରେ ଆହୁରି ଏପରି ଏକ ଆଦର୍ଶ ରହିଥାଏ ଯାହାକି ସ୍ୱାଧୀନତାକୁହିଁ ସର୍ବାଗ୍ର ସ୍ଥାନ ଦିଏ ଏବଂ କୌଣସିପ୍ରକାର ନିୟମାଧୀନତାକୁହିଁ ବିରୋଧକାରୀ ଏକ ସଂପୀଡ଼ନ ପ୍ରାୟ ମଣୁଥାଏ, ତାହାକୁ କେବଳ ସାମୟିକ ଭାବରେ ଏକ ଆବଶ୍ୟକ ଅନର୍ଥରୂପେ ବିଚାର କରୁଥାଏ ଅଥବା ଖୁବ୍ ବେଶୀ ହେଲେ, ମଣିଷ ମଣିଷ ଭିତରେ ଯେପରି ହୋଇଥାଏ, ସେହି ସ୍ୱାଧୀନତାକୁ ଯେକୌଣସି ତୀବ୍ର ଏବଂ ଆକ୍ରମକ ହସ୍ତକ୍ଷେପରୁ ସୁରକ୍ଷିତ କରି ରଖିବା ଲାଗିହିଁ ନିୟମାଧୀନକୁ କେବଳ ଗୋଟିଏ ସାଧନ ପରି ଗ୍ରହଣ କରୁଥାଏ । ସ୍ୱାଧୀନତାର ଏକ ସାଧନରୂପେ ନିୟମର ଏହି ବ୍ୟବହାରକୁ ସେହି ଉଦ୍ଦେଶ୍ୟସାଧନଟି ଲାଗି ଠିକ୍ ଯେତିକି ଆବଶ୍ୟକ, କେବଳ ସେତିକି ସର୍ବନିମ୍ନ ପରିମାଣକୁ ହ୍ରାସ କରି ନେଇ ଆସିବାକୁହିଁ

'oaob.nitrkl.ac.in' images reprocessed

ଅଭିପ୍ରାୟ ରହିଥାଏ, ଅର୍ଥାତ୍ ସମସ୍ତ ବ୍ୟାପରଟିର ଏକ ବ୍ୟକ୍ତିବାଦୀ କଳ୍ପନାହିଁ କରା ଯାଉଥାଏ; ଅଥବା, ଏହାକୁ ସର୍ବୋଚ୍ଚ ପରିମାଣର ଏକ ସ୍ତରକୁ ଉଠାଇ ନିଆଯାଇ ସମାଜବାଦୀ ବିଚାରଟି ଅନୁସାରେ ଅଧିକରୁ ଅଧିକ ନିୟମ ପ୍ରଣୀତ ହୋଇ ରହିଲେ ତାହା ସର୍ବାଧିକ ସ୍ୱାଧୀନତା ଆଣିଦେବ ବା ଅନ୍ତତଃ ଆମକୁ ସେହି ଦିଗରେ ପରିଚାଳିତ କରିନେବ ଅଥବା ତାହାକୁ ସୁରକ୍ଷିତ କରି ରଖିବ ବୋଲି ବିଚାର କରାଯାଉଥାଏ । ଏକଥା ମଧ୍ୟ ସତ ଯେ ଆମେ ଏହି ଦୁଇଟିଯାକ ବିଚାରକୁ କେତେକେତେ ବିଚିତ୍ର ଭାବରେ କେତେକେତେ ଥର ଏକାଠି ଗୋଳିଆମିଶା କରିଦେଇଛୁ; ଉଦାହରଣ ସ୍ୱରୂପ, ଚୁକ୍ତିବଦ୍ଧ ହେବାର ସ୍ୱାଧୀନତାକୁ ସୁରକ୍ଷିତ ରଖିବା ସକାଶେ ଶ୍ରମିକଶ୍ରେଣୀର ସଂଗଠିତ ହେବାର ସ୍ୱାଧୀନତାଟିକୁ ବାରିତ କରି ରଖିବା ଲାଗି ପୂର୍ବକାଳରେ ପୁଞ୍ଜିବାଦୀମାନେ କେତେ ଦାବି କରି ଆସିଛନ୍ତି, ଅଥବା, ଭାରତୀୟ ପାରମ୍ପରିକ ଅପରିବର୍ତ୍ତନୀୟ ଜାତିବ୍ୟବସ୍ଥାଟିକୁ ଯେଉଁମାନେ କେତେ ତର୍କ ବାହାର କରି ସମର୍ଥନ କରି ଆସିଥିଲେ, ସେମାନେ ବ୍ୟବସ୍ଥାଟିର ଆର୍ଥିକ ଦିଗଟି ପ୍ରତି ଦୃଷ୍ଟି-ଆକର୍ଷଣ କରି କହୁଥିଲେ ଯେ ଜଣେ ମନୁଷ୍ୟର କେବଳ ପ୍ରକୃତ ପ୍ରବୃତ୍ତିଗୁଡ଼ିକ ପ୍ରତି ନୁହେଁ, ମାତ୍ର ତା'ର ସ୍ୱାଭାବିକ ରୁଚି ଓ ଯୋଗ୍ୟତାଗୁଡ଼ିକ ପ୍ରତି ମଧ୍ୟ କୌଣସି ଦୃଷ୍ଟି ନ ଦେଇ ତା'ର କୌଳିକ ବୃତ୍ତିଟିକୁ ଆଦରି ରହିବା ଲାଗି ତାକୁ ବାଧ୍ୟ କରାଯାଇ ପାରିଲେ ସେହି ବ୍ୟକ୍ତିର ପ୍ରକୃତିସିଦ୍ଧ ଅଧିକାରଟି ତାହାରି ଦ୍ୱାରାହିଁ ସୁରକ୍ଷିତ ହୋଇ ରହିପାରିବ, ତାହାରି ଦ୍ୱାରାହିଁ ସେ ତା'ର ବଂଶାନୁଗତ ପ୍ରକୃତିଟିର ଅନୁଶୀଳନ କରିବାର ସ୍ୱାଧୀନତା ଲାଭ କରିପାରିବ । ଇଉରୋପର ରାଷ୍ଟ୍ରନୀତିଜ୍ଞ ତାଲିମ ଦେଇ ଏସିଆ ଏବଂ ଆଫ୍ରିକାର ଜାତିଗୁଡ଼ିକୁ ସ୍ୱାଧୀନତା ବିଷୟରେ ଶିକ୍ଷା ଦେବ ବୋଲି ଯେଉଁ ଦାବି କରୁଛି, ସେଇଟିରେ ମଧ୍ୟ ଆମେ ନାନା ବିଚାର ଏକାଠି ଗୋଳିଆମିଶା ହୋଇଯିବାର ଆଉ ଏକ ତତ୍ତୁଲ୍ୟ ଦୃଷ୍ଟାନ୍ତ ଦେଖିବାକୁ ପାଇବା । ଏହିପରି ଏକ ଦାବି କରିବାର ପ୍ରକୃତ ଅର୍ଥ ହେଉଛି ଯେ ସେ ସେହି ଜାତିମାନଙ୍କୁ ପରାଧୀନତାର ଚାହାଳି ଭିତରେ ବନ୍ଦ କରି ରଖି ପ୍ରଥମେ ସ୍ୱାଧୀନ ହେବାର ପାଠ ପଢ଼ାଇବ ଏବଂ ତା'ପରେ ଏକ ବାହ୍ୟ ଯାନ୍ତ୍ରିକ-ସଂଗଠନମୂଳକ ସ୍ୱାୟତ୍ତଶାସନ ଦିଗରେ ଅଗ୍ରସର ହୋଇ ଯାଉଥିବାର ପ୍ରତ୍ୟେକ ପର୍ଯ୍ୟାୟରେ ଏକ ବାହ୍ୟ ବିଦେଶୀୟ ସତ୍ତା ଓ ଚେତନା ସେମାନଙ୍କ ଉପରେ ଆଣି ଲଦି ଦେଉଥିବା ପରୀକ୍ଷା ତଥା ଧାରଣାଗୁଡ଼ିକରେ ସଫଳତାର ସହିତ ଉତ୍ତୀର୍ଣ୍ଣ ହେବାକୁ ମଧ୍ୟ ସେମାନଙ୍କୁ ବାଧ୍ୟ କରାଇବ; ସେମାନେ ସ୍ୱାଧୀନ ଭାବରେ ଆପଣାର ଏକ ବ୍ୟବସ୍ଥା ବା ବିଧାନର ବିକାଶ କରି ଆଣିବା ସକାଶେ ସେମାନଙ୍କୁ ଆଦୌ କୌଣସି ଅବସର ଦିଆଯିବ ନାହିଁ । ଆତ୍ମ-ନିୟନ୍ତ୍ରଣର ଯଥାର୍ଥ ଧାରଣାଟି ଏହିସବୁ ଗୋଳମାଳିଆ ଅସ୍ତବ୍ୟସ୍ତତାକୁ ସଂପୂର୍ଣ୍ଣଭାବେ ଦୂର କରି ଦେଇଥାଏ । ତାହା ଏହି କଥାଟିକୁ ସମ୍ପୂର୍ଣ୍ଣ ସ୍ପଷ୍ଟ କରିଦେଇଯାଏ

'oaob.nitrkl.ac.in' images reprocessed

ଯେ ପ୍ରତ୍ୟେକର ସ୍ୱସତ୍ତାଟିର ବିଧାନଟିର ବିକାଶ ଦ୍ୱାରାହିଁ ଯଥାର୍ଥ ସ୍ୱାଧୀନତା ସମ୍ଭବ ହେବା ଉଚିତ; ସେହି ବିଧାନଟି ପ୍ରତ୍ୟେକର ଭିତରୁହିଁ ନିରୂପିତ ହୋଇପାରିବା ଉଚିତ, ଭିତରୁହିଁ ବିବର୍ତ୍ତିତ ହୋଇ ଆସିବା ଉଚିତ, ଏବଂ ବାହାରୁ ଅନ୍ୟ ଆଉ ଜଣଙ୍କର ବିଚାର ଏବଂ ଇଚ୍ଛା ଦ୍ୱାରା କଦାପି ନିରୂପିତ ହେବା ଉଚିତ ନୁହେଁ । ଏଠାରେ ପାରସ୍ପରିକ ସମ୍ବନ୍ଧର ସମସ୍ୟାଟିର ପ୍ରଶ୍ନଟି ରହିଯାଉଛି; ବ୍ୟକ୍ତିର ଆତ୍ମ-ନିୟନ୍ତ୍ରଣ ଓ ସମୂହର ଆତ୍ମ-ନିୟନ୍ତ୍ରଣ ମଧ୍ୟରେ କିପରି ସମ୍ବନ୍ଧ ରହିବା ଦରକାର ଏବଂ ଜଣେ ବ୍ୟକ୍ତିର ଆତ୍ମ-ନିୟନ୍ତ୍ରଣ ତଥା ଆଉ ଜଣେ ବ୍ୟକ୍ତିର ଆତ୍ମ-ନିୟନ୍ତ୍ରଣ ମଧ୍ୟରେ କିଭଳି ପାରସ୍ପରିକ କ୍ରିୟାମାନ ଉପୁଜିବ, ତାହାରି ଆଲୋଚନା କରିବାର ପ୍ରଶ୍ନଟି ରହିଯାଉଛି । କୌଣସିପ୍ରକାର ଯାନ୍ତ୍ରିକ ସମାଧାନ ଦ୍ୱାରା ଆମେ ସେହି ପ୍ରଶ୍ନଟିର ଚୂଡ଼ାନ୍ତ ମୀମାଂସା କରିପାରିବା ନାହିଁ, ମାତ୍ର, ଯେଉଁ ମିଳନବିନ୍ଦୁଟି ଉପରେ ଆମ ଆତ୍ମ-ନିୟନ୍ତ୍ରଣର ବିଧାନଟି ପାରସ୍ପରିକତାର ସାଧାରଣ ବିଧାନଟି ସହିତ ଏକାଠି ମିଶି ଏକ ହୋଇଯିବାକୁ ଆରମ୍ଭ କରେ, ସେହିପରି କୌଣସି ଗୋଟିଏ ବିନ୍ଦୁର ଆବିଷ୍କାର କରିପାରିଲେ ଯାଇ ସେହି ପ୍ରଶ୍ନଟିର ମୀମାଂସା ହୋଇ ପାରିବ । ବସ୍ତୁତଃ ଏହାର ତାତ୍ପର୍ଯ୍ୟ ହେଉଛି ଯେ ଏହି କ୍ଷେତ୍ରରେ କେବଳ ଆମ ଅହଂଟିଠାରୁ ଅଧିକ ଏକ ଅନ୍ତର୍ଗତ ଓ ବୃହତ୍ତର ଆତ୍ମସତ୍ତାର ଆବିଷ୍କାର କରିବାକୁ ପଡ଼ିବ, ଯେଉଁଠାରେ କି ବ୍ୟକ୍ତିଗତ ଜୀବନରେ ପରିପୂର୍ଣ୍ଣତା ଲାଭ କରିବା ଲାଗି ଆମର ପ୍ରୟାସ ଆଉ ଅନ୍ୟମାନଙ୍କର ସେହି ପ୍ରୟାସଟିଠାରୁ କଦାପି ବିଚ୍ଛିନ୍ନ ହୋଇ ରହିବ ନାହିଁ, ମାତ୍ର ଆମ ଅଭିବୃଦ୍ଧିର ପ୍ରତ୍ୟେକ ସୋପାନରେହିଁ ଅଧିକରୁ ଅଧିକ ଏକତା ମଧ୍ୟକୁ ଆମକୁ ପ୍ରେରିତ କରି ନେଉଥିବ ।

ମାତ୍ର ଜଣେ ମୁକ୍ତ ବ୍ୟକ୍ତି ବାସ କରୁଥିବା ଏକ ମୁକ୍ତ ସମୂହ-ସତ୍ତା ମଧ୍ୟରେ ସେହି ବ୍ୟକ୍ତିର ଆତ୍ମ-ନିୟନ୍ତ୍ରଣରୁହିଁ ଆମକୁ ଏହି କ୍ଷେତ୍ରରେ ଅଗ୍ରସର ହେବାକୁ ପଡ଼ିବ, କାରଣ କେବଳ ସେହିପରି ଭାବରେହିଁ ଆମେ ସ୍ୱାଧୀନତାର ଏକ ସୁସ୍ଥ ବିକାଶ ଓ ଅଭିବୃଦ୍ଧି ବିଷୟରେ ନିଶ୍ଚିତ ହୋଇପାରିବା, ଏବଂ କାରଣ, ଏଠାରେ ଯେଉଁ ଏକତାଟିକୁ ହାସଲ କରିବା କଥା କୁହାଯାଉଛି, ତାହା ମୁକ୍ତ ଭାବରେ ପରିପୂର୍ଣ୍ଣତା ଆଡ଼କୁ ବିକଶିତ ହୋଇ ଯାଉଥିବା ବ୍ୟକ୍ତିମାନଙ୍କରହିଁ ଏକତା ହୋଇ ରହିବ, କୌଣସି ବାହ୍ୟ ନିୟନ୍ତ୍ରଣ ଦ୍ୱାରା ଏକତ୍ରୀକୃତ କେତେଟା ମନୁଷ୍ୟଯନ୍ତ୍ରଙ୍କର ଏକତା ହୋଇ ରହିବ ନାହିଁ, କେତେଟା ଅବଦମିତ, ବିଖଣ୍ଡିତ ଏବଂ ଗୋଟାଏ ଅଥବା ତତୋଽଧିକ ଜ୍ୟାମିତିକ ଆୟତନରେ କଟା ହୋଇ ରହିଥିବା ଆତ୍ମାର ଏକତା ହୋଇ କଦାପି ରହିବ ନାହିଁ । ଏହି ବିଚାରଟିକୁ ନିଷ୍ଠାପର ହୋଇ ଗ୍ରହଣ କରିନେବା ସଙ୍ଗେସଙ୍ଗେ ମନୁଷ୍ୟକୁ ମନୁଷ୍ୟର ସମ୍ପତ୍ତି ବୋଲି ବ୍ୟବହାର କରିବାର ଅଧିକାରଟି ବିଷୟରେ ପୂର୍ବରୁ ଯେଉଁ ଧାରଣାଟି ରହିଆସିଛି, ଆମକୁ ସେଇଟିକୁ ଏକାବେଳେକେ ଛାଡ଼ି ଚାଲିଯିବାକୁ ପଡ଼ିବ । ଯେଉଁଠାରେ ମନୁଷ୍ୟ ସେହି

'oaob.nitrkl.ac.in' images reprocessed

ନୂତନ ବିଚାରଟିର ଅଧିକାରୀ ହୋଇପାରି ନାହିଁ, ସେଠାରେ ଏହି ପୁରାତନ ଧାରଣାଟି ତା'ର ମନକୁ ଏବେ ମଧ୍ୟ ଆଚ୍ଛନ୍ନ କରି ରହିଛି । ଆମ ଅତୀତର ସମୁଦାୟ ଭୂମିଟିରେ ଆମେ ଏହି ପୁରୁଣା ଧାରଣାଟିର ଦୃଷ୍ଟାନ୍ତ ଦେଖିବାକୁ ପାଇବା; ପୁଅକୁ ନିଜ ସମ୍ପତ୍ତି ବୋଲି ଦେଖିବା ଲାଗି ବାପର ଯେଉଁ ଅଧିକାର ଥିଲା, ନାରୀକୁ ନିଜ ସମ୍ପତ୍ତି ବୋଲି ଦେଖିବା ଲାଗି ପୁରୁଷର ଯେଉଁ ଅଧିକାର ରହିଥିଲା, ଶାସିତ ପ୍ରଜାକୁ ସମ୍ପତ୍ତି ପରି ଦେଖିବା ଲାଗି ଶାସକର, ଶାସକ ଶ୍ରେଣୀଟିର ବା ଶକ୍ତିଟିର ଯେଉଁ ଅଧିକାର ରହିଥିଲା, ଏସବୁ ତାହାରି ଗୋଟିଏ ଗୋଟିଏ ଦୃଷ୍ଟାନ୍ତ । ପ୍ରାଚୀନ ପିତୃପ୍ରଧାନ ସମାଜର ବିଚାରଟି ଅନୁସାରେ ସନ୍ତାନ ପିତାର ଏକ ଜଙ୍ଗମ ସମ୍ପତ୍ତି ହୋଇ ରହିଥିଲା; ସିଏ ତାକୁ ସୃଷ୍ଟି କରିଥିଲା, ତାକୁ ସଂସାରକୁ ଆଣିଥିଲା, ସିଏ ତାହାରିଠାରୁ ଜନ୍ମ ହୋଇଥିବା ତାହାରି ଏକ ପ୍ରତିରୂପ ହୋଇ ରହିଥିଲା । ପରମେଶ୍ୱର ନୁହନ୍ତି ଅଥବା ପରମେଶ୍ୱର ନ ହେଲେ ଏହି ବିଶ୍ୱଗତ ପରମଜୀବନ ବି ନୁହେଁ, ମାତ୍ର ବାପହିଁ ସନ୍ତାନର ସତ୍ତାଟିର ନିର୍ମାତା ହୋଇ ଠିଆ ହୋଇଥିଲା । ଏବଂ ଯିଏ ନିର୍ମାଣ ଓ ସୃଷ୍ଟି କରିଛି, ନିର୍ମିତ ଓ ସୃଷ୍ଟ ପଦାର୍ଥଟି ଉପରେ ତା'ର ଯାବତୀୟ ଅଧିକାର ରହିବହିଁ ରହିବ, ଦ୍ରବ୍ୟଟିକୁ ଉତ୍ପନ୍ନ କରିଥିବା ବ୍ୟକ୍ତିର ଦ୍ରବ୍ୟ ଉପରେ ଯାବତୀୟ ଅଧିକାର ରହିବହିଁ ରହିବ । ସିଏ ଯେପରି ଇଚ୍ଛା କରିବ, ସନ୍ତାନକୁ ଠିକ୍ ସେହିପରି କରି ଗଢ଼ିବା ଲାଗି ତା'ର ପୂର୍ଣ୍ଣ ଅଧିକାର ରହିଥିଲା, ସନ୍ତାନଟି ତା'ର ଅନ୍ତର୍ନିହିତ ସମ୍ଭାବନାଟିର କ୍ଷେତ୍ରରେ ଯଥାର୍ଥରେ ଯେଉଁପରି ହୋଇ ରହିଥିଲା, ତାକୁ ସେହିପରି କରି ଗଢ଼ିବାର ପ୍ରଶ୍ନହିଁ ଉଠୁ ନ ଥିଲା । ସନ୍ତାନର ସ୍ୱକୀୟ ପ୍ରକୃତିଟିର ଗଭୀରତମ ଆବଶ୍ୟକତାଗୁଡ଼ିକ ଅନୁସାରେ ନୁହେଁ, ମାତ୍ର ବାପମାଆଙ୍କର ଇଚ୍ଛା ଅନୁସାରେ ତାକୁ ଅନୁରୂପ ତାଲିମ ଦେଇ, ଅନୁରୂପ ଆକାର ଦେଇ ଅନୁରୂପ ଭାବରେ ବନାଇବା ଲାଗି ବାପମାଆଙ୍କର ପୂର୍ଣ୍ଣ ଅଧିକାର ରହିଥିଲା । ସନ୍ତାନର ସ୍ୱ-ପ୍ରକୃତି, ସମର୍ଥତା ଓ ରୁଚି ଯେଉଁଆଡ଼କୁ ସୂଚନା ଦେଉଥିଲା, ସେସବୁ ଆଡ଼କୁ ନୁହେଁ, ମାତ୍ର ବଂଶରେ କାଳାନୁକ୍ରମେ ଯେଉଁ ବୃତ୍ତିଟି ଚଳି ଆସୁଥିଲା ବା ବାପ ନିଜେ ପୁଅ ଲାଗି ଯେଉଁ ବୃତ୍ତିଟିକୁ ବାଛି ଦେଉଥିଲା, ତାହାକୁ ସେହି ବୃତ୍ତିଟି ସହିତହିଁ ବାନ୍ଧି ଦିଆ ଯାଉଥିଲା । ଏପରିକି ତା'ର ବୟସ ହୋଇଯିବା ପରେ ମଧ୍ୟ ତା' ଲାଗି ଜୀବନର ଯାବତୀୟ ମହତ୍ତ୍ୱପୂର୍ଣ୍ଣ ମୋଡ଼ ଏବଂ ଛକଗୁଡ଼ିକୁ ଠିକ୍ କରିଦିଆ ଯାଉଥିଲା । ଶିକ୍ଷାର କ୍ଷେତ୍ରରେ ପିଲାକୁ ଅଭିବୃଦ୍ଧି ଲାଗି ଆସିଥିବା ଗୋଟିଏ ଆତ୍ମା ହିସାବରେ ନୁହେଁ, ମାତ୍ର ଶିକ୍ଷକର ହାତରେ କୌଣସି ଏକ ନିର୍ଦ୍ଦିଷ୍ଟ ଛାଞ୍ଚ ଅନୁସାରେ ଗଢ଼ା ହେବା ଲାଗି ରହିଥିବା ଏକ ଜଡ଼ ମାନସକ୍ଷେତ୍ରୀୟ ଉପାଦାନ ଓ ସାମଗ୍ରୀ ହିସାବରେହିଁ ବିଚାର କରାଯାଉଥିଲା । ସେହି ସ୍ଥିତିଟିକୁ ପଛରେ ପକାଇଦେଇ ବର୍ତ୍ତମାନ ଆମେ ପିଲାକୁ ଅନ୍ୟପ୍ରକାରେ କଳ୍ପନା କରିବାର ଏକ ସ୍ଥିତିକୁ ଚାଲିଆସିଛୁ; ପିଲାକୁ ଆମେ ଏକ ଆତ୍ମାରୂପେ

'oaob.nitrkl.ac.in' images reprocessed

ଦେଖୁଛୁ, ତା'ର ଏକ ସ୍ୱକୀୟ ସତ୍ତା ରହିଛି, ଏକ ସ୍ୱକୀୟ ସ୍ୱଭାବ ଏବଂ ସ୍ୱକୀୟ ସାମର୍ଥ୍ୟମାନ ରହିଛି, ଏବଂ ସେ ସେଗୁଡ଼ିକର ଉପଲବ୍ଧି କରିବ, ଆବିଷ୍କାର କରିବ, ସେହିଗୁଡ଼ିକୁ ପରିପକ୍ୱ କରିବା ଲାଗି ଯଥୋଚିତ ଭାବରେ ବିକଶିତ ହୋଇ ଆସିବ, ପୂର୍ଣ୍ଣ ଶାରୀରିକ ଏବଂ ପ୍ରାଣିକ ଶକ୍ତିରେ ତଥା ତା'ର ସଂବେଗକ୍ଷେତ୍ରରେ, ବୁଦ୍ଧିରେ ଓ ତା'ର ଆଧ୍ୟାତ୍ମିକ ସତ୍ତାରେ ମଧ୍ୟ ସେ ତା'ର ସମ୍ଭାବ୍ୟତମ ପ୍ରଶସ୍ତତା, ଗଭୀରତା ଏବଂ ଉଚ୍ଚତାର ସ୍ତରକୁ ବିକଶିତ ହୋଇ ଆସିବ ଏବଂ ସେହିଗୁଡ଼ିକରେହିଁ ଆମେ ତାକୁ ଅବଶ୍ୟ ସାହାଯ୍ୟ କରିବା,— ଏବେ ଏହିପରି ବିଚାର କରାଯାଉଛି । ଠିକ୍ ସେହିପରି, ଦିନେ ନାରୀକୁ ମଧ୍ୟ ପୁରୁଷର ଅଧିକୃତ ଏକ ସମ୍ପତ୍ତି ପରି ବିଚାର କରା ଯାଉଥିଲା, ପୁରୁଷର ସେପରି ଏକ ଅଧିକାର ରହିଛି ବୋଲି ସ୍ୱୀକାର କରା ଯାଉଥିଲା ଏବଂ ତାହାକୁହିଁ ସାମାଜିକ ଜୀବନର ଏକ ସ୍ୱତଃସିଦ୍ଧ କଥା ବୋଲି ସମସ୍ତେ ମାନି ନେଉଥିଲେ । କେବଳ ଏବେ ଅଳ୍ପ କେତେବର୍ଷ ପୂର୍ବେହିଁ ସେହି ଅଧିକାରଟି ବିଷୟରେ କେହି କୌଣସି ପ୍ରଶ୍ନ ପଚାରିବାକୁ ଆରମ୍ଭ କଲା । ମନୁଷ୍ୟପ୍ରାଣୀ ପୁରୁଷ ମଧ୍ୟରେ ନାରୀ ଉପରେ ଆଧିପତ୍ୟ ଜମାଇ ରହିବାର ଏହି ପ୍ରବୃତ୍ତିଟି ଏତେ ଶକ୍ତିଶାଳୀ ହୋଇ ରହିଥିଲା ବା କାଳକ୍ରମେ ଏତେ ଶକ୍ତିଶାଳୀ ହୋଇ ପାରିଥିଲା ଯେ ଦର୍ଶନ ଓ ଧର୍ମ ମଧ୍ୟ ତାହାକୁ ସ୍ୱୀକୃତି ଓ ସମର୍ଥନ ଦେବାକୁ ବାଧ୍ୟ ହୋଇଥିଲେ; ''ପୁରୁଷ ଈଶ୍ୱରଙ୍କ ଲାଗି ବଞ୍ଚିବ ଏବଂ ନାରୀ ପୁରୁଷ ଭିତରେ ରହିଥିବା ଈଶ୍ୱରଙ୍କ ଲାଗି ବଞ୍ଚିବ'' ବୋଲି କବି ମିଲ୍‌ଟନ୍ ଯେଉଁ ସୂତ୍ରବାକ୍ୟଟି ଦେଇ ପୁରୁଷ-ଅହଂର ସର୍ବୋଚ୍ଚ ନିଦର୍ଶନଟିର ବର୍ଣ୍ଣନା କରି ଯାଇଛନ୍ତି, ସେତେବେଳେ ପ୍ରାୟ ସେଇଟିହିଁ ନାରୀ-ପୁରୁଷ ସମ୍ବନ୍ଧର ସୂତ୍ର ହୋଇ ରହିଥିଲା । ରକ୍ଷା ହୋଇଥିଲା ଯେ ଈଶ୍ୱରଙ୍କ ପରିବର୍ତ୍ତରେ ନାରୀ ପ୍ରକୃତରେ ପୁରୁଷ ପାଇଁହିଁ ବଞ୍ଚିବ ବୋଲି ମିଲ୍‌ଟନ୍ କହି ନ ଥିଲେ । ଏହି ବିଚାରଟି ମଧ୍ୟ କ୍ରମଶଃ ଚୂନା ହୋଇ ଧୂଳିରେ ପରିଣତ ହୋଇ ଯାଉଛି; ତଥାପି ଏକଥା ମଧ୍ୟ ସତ ଯେ ସେହି ବିଚାରଟିର ଅବଶେଷଗୁଡ଼ିକ ପୁରାତନ ବିଧାୟକ, ନ ମରି ବଞ୍ଚି ରହିଥିବା ନାନା ପୁରାତନ ପ୍ରବୃତ୍ତି ଏବଂ ପାରମ୍ପରିକ କେତେକେତେ ଧାରଣାର ନାନା ଦୃଢ଼ ଯନ୍ତ୍ରବସାଣ ଦ୍ୱାରା ସମାଜର ଜୀବନ ସହିତ ଏପର୍ଯ୍ୟନ୍ତ ସଂଲଗ୍ନ ହୋଇ ରହିଛି, ନାରୀକୁ ମଧ୍ୟ ଏକ ମୁକ୍ତ ବ୍ୟକ୍ତିସତ୍ତାରୂପେ ଦେଖିବା ଲାଗି ନାରୀ ପକ୍ଷରୁ ହୋଇଥିବା ଦାବିଟି ପୂର୍ବରୁ ବଦ୍ଧ ହୋଇ ରହିଥିବା ସେହି ବିଚାରଟିର ଅବଜ୍ଞା କରିଥିବା ପରି ମନେ ହୋଇଛି । ମୁକ୍ତି ଓ ଗଣତନ୍ତ୍ରର ଆନ୍ଦୋଳନରେ ଅଗ୍ରଗତି ହେବା ସଙ୍ଗେ ସଙ୍ଗେ ଶାସିତ ପ୍ରଜା ଉପରେ ଶାସକମାନଙ୍କର ସମ୍ପତ୍ତିତୁଲ୍ୟ ଅଧିକାର ରହିଛି ବୋଲି କହିବାର ବିଚାରଟି କ୍ରମେ ବିନଷ୍ଟ ହୋଇ ଯାଇଛି । ଅବଶ୍ୟ ଏକଥା ମଧ୍ୟ ସତ ଯେ ଜାତୀୟ ସାମ୍ରାଜ୍ୟବାଦର ଆକାରରେ ତାହା ବସ୍ତୁତଃ ଏବେ ମଧ୍ୟ ରହିଛି, ଅବଶ୍ୟ ରାଜନୀତିକ ଆଧିପତ୍ୟ-ବିସ୍ତାର ଅପେକ୍ଷା

'oaob.nitrkl.ac.in' images reprocessed

ବାଣିଜ୍ୟିକ ଲୋଭାସକ୍ତି ଦ୍ୱାରାହିଁ ତାହା ଅଧିକ ପରିମାଣରେ ତିଷ୍ଠି ରହି ପାରିଛି; ବୁଦ୍ଧିଗତ କ୍ଷେତ୍ରରେ ଅଧିକାର ଓ ଆଧିପତ୍ୟ-ଲୋଭୀ ଅହଂବାଦିତା ତା'ର ମରଣାଘାତଟିକୁ ପାଇ ସାରିବା ପରେ ମଧ୍ୟ ପ୍ରାଣିକ କ୍ଷେତ୍ରରେ ତାହା ତଥାପି ବଞ୍ଚି ରହିଛି । ଏହି ସବୁଯାକ ଆଧିପତ୍ୟ ଯାଇ ତା' ସ୍ଥାନରେ ବ୍ୟକ୍ତି ହେଉଛି ରାଷ୍ଟ୍ରର ସମ୍ପତ୍ତି ଓ ତେଣୁ ବ୍ୟକ୍ତି ଉପରେ ତାହାର ପୂର୍ଣ୍ଣ ଅଧିକାର ରହିଛି ବୋଲି ମାନୁଥିବା ବିଚାରଟି ଅଧିକାର ଜମାଇ ବସିବ ବୋଲି ଭାରି ଆଶଙ୍କା କରା ଯାଉଥିଲା, ମାତ୍ର ଯୁଦ୍ଧର ସ୍ପଷ୍ଟ ଆଲୋକଟି ମଧ୍ୟରେ ତା'ର ସ୍ୱରୂପଟି ସମସ୍ତଙ୍କୁ ଜଳଜଳ ହୋଇ ଦିଶିଯିବା ପରେ ସେଇଟି ମଧ୍ୟ ତା'ର ପ୍ରକୃତ ବିଚାରଗତ ପରିଣାମଟି ଭୋଗିବାକୁ ବାଧ୍ୟ ହେଲା; ଏବଂ ଆମେ ହୁଏତ ଏହି କଥାଟି ନିଶ୍ଚୟ ଆଶା କରିବା ଯେ ଆମର ଏହି ଜ୍ଞାନ ଆହୁରି ସ୍ପଷ୍ଟ ହୋଇଯାଉଥିବା ସଙ୍ଗେସଙ୍ଗେ ମନୁଷ୍ୟର ସ୍ୱାଧୀନତା ପ୍ରତି ଏହା ଦ୍ୱାରା ରହିଥିବା ବିପତ୍ତିର ଆଶଙ୍କାଟି କ୍ରମେ ଅଧିକରୁ ଅଧିକ ହ୍ରାସ ହୋଇ ଯାଉଥିବ । ଆମେ ବର୍ତ୍ତମାନ ଅନ୍ତତଃ ଏପରି ଏକ ସ୍ଥିତିକୁ ଅଗ୍ରସର ହୋଇ ଯାଉଛୁ, ଯେଉଁଠାରେ କି ଆତ୍ମ-ନିୟନ୍ତ୍ରଣର ସିଦ୍ଧାନ୍ତଟିକୁ, ସମ୍ପୂର୍ଣ୍ଣ ଭାବରେ ସର୍ବମୀମାଂସକ ଶକ୍ତିରୂପେ ନ ହେଲେ ମଧ୍ୟ ମନୁଷ୍ୟଜୀବନର ସମଗ୍ର ଗଠନ ଏବଂ ନିର୍ମାଣରେ ଏକ ବାସ୍ତବ ତଥା ଶକ୍ତିଶାଳୀ ଉପାଦାନ ରୂପେ ସ୍ୱୀକାର କରିନେବା ନିଶ୍ଚୟ ସମ୍ଭବ ହୋଇଯିବ ।

ଏହି ଆଶୟକେନ୍ଦ୍ରିକ ଦୃଷ୍ଟିରୁ ବିଚାର କଲେ ଆତ୍ମ-ନିୟନ୍ତ୍ରଣର ସିଦ୍ଧାନ୍ତଟି ଆମକୁ ସଙ୍ଗେସଙ୍ଗେ ପଛକୁ ଫେରାଇ ସେହି ପୁରାତନ ଆଧ୍ୟାତ୍ମିକ ବିଚାର ଓ କଳ୍ପନାଟି ଆଡ଼କୁ ବହନ କରି ନେଇଯିବ, ଯେଉଁଟିରେ କି ଅନ୍ତରସ୍ଥ ସେହି ପରମ ସତ୍ତାଙ୍କର କଳ୍ପନା କରା ଯାଇଥିଲା । ସେହି ପରମ ସତ୍ତାଙ୍କର ଅନୁଭୂତି ଲାଭ କଲେ ଏବଂ ଅନ୍ତର ଭିତରେ ତାଙ୍କରି କ୍ରିୟାତ୍ମକତାର ପରିଚୟ ପାଇଲେ ତା'ପରେ ଆଉ କୌଣସି ବାହ୍ୟ ଏବଂ ଯାନ୍ତ୍ରିକ ଆବେଗକୁ ଅନୁସରି କାର୍ଯ୍ୟ କରୁଥିବା ପରି ଆଦୌ ମନେ ହୁଏ ନାହିଁ, ମାତ୍ର ଯାବତୀୟ କ୍ରିୟାଶୀଳତା ସେହି କ୍ଷେତ୍ରରେ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ରହିଥିବା ସେହି ଆତ୍ମାର ସାମର୍ଥ୍ୟଗୁଡ଼ିକରୁହିଁ ପ୍ରେରିତ ହୋଇଆସେ, ଆମର ଯାବତୀୟ କର୍ମ 'ସ୍ୱଭାବନିୟତଂ କର୍ମ'ରେ ପରିଣତ ହୁଏ । ମାତ୍ର ଆମେ ଆମ ଆପଣାର ଭିତରେ ଯେତିକି ଯେତିକି ଉଚ୍ଚକୁ ଉଠିଉଠି ଯାଉଥିବା ଏବଂ ଆମର ଅସଲ ଆତ୍ମସତ୍ତା ଓ ତାହାର ଯଥାର୍ଥ ସାମର୍ଥ୍ୟ-ଗୁଡ଼ିକର ପରିଚୟ ଲାଭ କରିବାରେ ଲାଗିଥିବା, କେବଳ ସେତିକି ପରିମାଣରେହିଁ ଆମେ ଆମ ସ୍ୱଭାବର ପରିପୂର୍ଣ୍ଣ ସତ୍ୟଟି ପାଖରେ ଯାଇ ପହଞ୍ଚି ପାରିବା । ଆମର ବର୍ତ୍ତମାନ ଜୀବନାସ୍ତିତ୍ୱଟିକୁ ଆମେ ଖୁବ୍ ବେଶୀ ହେଲେ ସେହି ପରିଚୟଲାଭଟି ଉଦ୍ଦେଶ୍ୟରେ ଏକ କ୍ରମାଭିବୃଦ୍ଧି ରୂପେହିଁ ବିଚାର କରି ପାରିବା, ଏବଂ ତେଣୁ ଆମେ ତାହାକୁ କେବଳ ଏକ

'oaob.nitrkl.ac.in' images reprocessed

ଅପୂର୍ଣ୍ଣତା ବୋଲିହିଁ କହି ପାରିବା । ବ୍ୟକ୍ତି ଭିତରେ ତା'ର ନିଜର ଆତ୍ମସତ୍ତାଟି ବିଷୟରେ ଯେଉଁ ଅହଂପ୍ରେରିତ ଧାରଣାଟି ରହିଛି ଏବଂ ଯାହା ବୃହଦାକାର ଧାରଣ କରି ସାମୂହିକ ଅହଂବାଦରେ ପରିଣତ ହେବାରେ ଲାଗିଛି, ଆମେ ତାହାକୁହିଁ ଏହାର ସର୍ବପ୍ରଧାନ ଅପୂର୍ଣ୍ଣତା ବୋଲି ଜାଣିବା । ତେଣୁ ଆତ୍ମ-ନିୟନ୍ତ୍ରଣ ଯେତେ ଦିନଯାଏ ଅହଂ ଦ୍ୱାରା ପ୍ରେରିତ ହେଉଥିବ ବା କିଛିତ୍ ପରିବର୍ତ୍ତନ ସହିତ ଏକ ବ୍ୟକ୍ତିବାଦରେହିଁ ଆକାରପ୍ରାପ୍ତ ହୋଇ ରହିଥିବ, ତେବେ ତାହା ଆମକୁ କଦାପି ଯଥାର୍ଥ ସମାଧାନଟି ଆଣି ଦେଇପାରିବ ନାହିଁ । ଯଦି ସେତିକି ହେଲେହିଁ ସବୁ ହୋଇଯାଉଥା'ନ୍ତା, ତେବେ ଆମେ ଏକ ଭାରସାମ୍ୟର ସ୍ଥିତିଠାରୁ ଆଉ ଆଗକୁ କଦାପି ଯାଇପାରନ୍ତେ ନାହିଁ ଏବଂ ଆମର ପ୍ରଗତି କହିଲେ କେବଳ ନାନା ଦ୍ୱନ୍ଦ୍ୱ ଏବଂ ଅନୁକୂଳନର ଏକ ସହସ୍ରବକ୍ର ପଥକୁହିଁ ବୁଝାଉ ଥାଆନ୍ତା । ଅହଂକୁ ଆମେ କଦାପି ଆମ ଆତ୍ମସତ୍ତାର ଯଥାର୍ଥ ବୃତ୍ତିଟି ବୋଲି କହିପାରିବା ନାହିଁ; ପାରସ୍ପରିକତାର ଯେଉଁ ବିଧାନଟି ଏହାକୁ ପ୍ରତ୍ୟେକ ମୋଡ଼ରେହିଁ ଭେଟିବାରେ ଲାଗିଥାଏ ଏବଂ ଆମର ଅହଂ ସବୁବେଳେ ଯାହାର ଅପବ୍ୟବହାରହିଁ କରୁଥାଏ, ତାହା ଏହି ସତ୍ୟଟିରୁହିଁ ନିଷ୍ପାଦିତ ହୋଇ ଆସିଥାଏ ଯେ ଆମର ଆତ୍ମସତ୍ତା ତଥା ଅନ୍ୟମାନଙ୍କର ଆତ୍ମସତ୍ତା ମଧ୍ୟରେ ଏକ ପ୍ରଚ୍ଛନ୍ନ ଏକତ୍ୱ ଅନୁକ୍ଷଣ ବର୍ତ୍ତମାନ ରହିଛି, ଅର୍ଥାତ୍ ଆମର ଜୀବନ ଓ ଅନ୍ୟମାନଙ୍କର ଜୀବନ ମଧ୍ୟରେ ସେହି ଏକତ୍ୱ ସର୍ବଦା ପ୍ରଚ୍ଛନ୍ନ ହୋଇ ରହିଛି । ତେଣୁ ଆମ ଭିତରେ କାର୍ଯ୍ୟ କରୁଥିବା ଆତ୍ମ-ନିୟନ୍ତ୍ରଣର ବିଧାନଟିକୁ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟ କରୁଥିବା ଆତ୍ମ-ନିୟନ୍ତ୍ରଣର ବିଧାନଟି ସହିତ ଗୋଟିଏ ସୂତ୍ରରେହିଁ ଅବଶ୍ୟ ବାନ୍ଧିହୋଇ ରହିବାକୁ ପଡ଼ିବ ଏବଂ ଏହି ପାରସ୍ପରିକତାର ମାଧ୍ୟମରେ ଏକ ଯଥାର୍ଥ ଏକତ୍ୱକୁ କାର୍ଯ୍ୟକାରୀ କରିବାର ମାର୍ଗଟିକୁ ମଧ୍ୟ ବାହାର କରିବାକୁ ପଡ଼ିବ । ମାତ୍ର କେବଳ ଆମ ଭିତରେହିଁ ଆମକୁ ଏହାର ଅସଲ ଭିତ୍ତିଟି ମିଳିପାରିବ, କୌଣସି ବାହ୍ୟ ବା ଯନ୍ତ୍ରବତ୍ ଅନୁକୂଳନ ଦ୍ୱାରା କଦାପି ମିଳିବ ନାହିଁ । ଆପଣାକୁ ସମ୍ପ୍ରସାରିତ ଏବଂ ଅଧିକରୁ ଅଧିକ ପରିପୂର୍ଣ୍ଣ କରିବାରେ ଲାଗିଥିବା ସଙ୍ଗେସଙ୍ଗେ ଆମର ସତ୍ତା ଆପଣା ଭିତରେ ଏହି କଥାଟିକୁ ଅବଶ୍ୟ ଆବିଷ୍କାର କରିବାକୁ ଆରମ୍ଭ କରିବ ଯେ ଏହିସବୁ କଥା ପ୍ରତ୍ୟେକ ପଦରେହିଁ ଆମର ଚତୁର୍ଦ୍ଦିଗରେ ରହିଥିବା ଅନ୍ୟମାନଙ୍କର ଆତ୍ମ-ପ୍ରସାରଣ ତଥା ଆତ୍ମ-ପରିପୂର୍ଣ୍ଣତା ଉପରେ ଏକାନ୍ତ ନିର୍ଭରଶୀଳ ହୋଇ ରହିଛି, କାରଣ ସେମାନଙ୍କ ସହିତ ଆମେ ପ୍ରଚ୍ଛନ୍ନ ଭାବରେ ଗୋଟିଏ ସତ୍ତା ଏବଂ ଗୋଟିଏ ଜୀବନରୂପେ ଏକତ୍ର ଗ୍ରଥିତ ହୋଇ ରହିଛୁ । ଦର୍ଶନର ଭାଷାରେ ସେହି କଥାଟିକୁ କହିଲେ, ଆମେ ଏହାଫଳରେ ସବୁରି ଭିତରେ ରହିଥିବା ଅଭିନ୍ନ ସେହି ଗୋଟିଏ ସତ୍ତାକୁହିଁ ସ୍ୱୀକାର କରିବାକୁ ଆରମ୍ଭ କରିବା, ଯିଏକି ଆମ ଭିତରୁ ପ୍ରତ୍ୟେକଙ୍କ ମଧ୍ୟରେ ନାନା ବିଚିତ୍ରରୂପେ ଆପଣାକୁ ପରିପୂର୍ଣ୍ଣ କରିବାରେ ଲାଗିଛି ।

'oaob.nitrkl.ac.in' images reprocessed

ପ୍ରତ୍ୟେକ ମଧ୍ୟରେ ରହିଥିବା ଦିବ୍ୟ ସତ୍ତାର ବିଧାନଟି ସମସ୍ତଙ୍କ ମଧ୍ୟରେ ରହିଥିବା ଦିବ୍ୟସତ୍ତାର ବିଧାନଟି ସହିତ ଆପଣାକୁ ଏକତ୍ୱବଦ୍ଧ କରି ରଖିଛି ବୋଲି ଆମେ ଆବିଷ୍କାର କରିବା । ଏହାଫଳରେ ସମ୍ପୂର୍ଣ୍ଣ ସମସ୍ୟାଟିର ସମାଧାନ-କାଠିଟି ତତ୍କ୍ଷଣାତ୍ ବାହାରୁ ଭିତରକୁହିଁ ଚାଲିଯିବ, ସାମାଜିକ ତଥା ରାଜନୀତିକ ଅନୁକୂଳିତତାର ଯାବତୀୟ ଦୃଷ୍ଟିଗୋଚର ବହିରଙ୍ଗତାରୁ ତାହା ଅଧ୍ୟାତ୍ମିକ ଜୀବନ ଏବଂ ଆଧ୍ୟାତ୍ମିକ ସତ୍ୟର କ୍ଷେତ୍ରକୁ ଚାଲିଯିବ ଏବଂ କେବଳ ସେହି କ୍ଷେତ୍ରରୁହିଁ ଆମକୁ ସମାଧାନର ଚାବିକାଠିଟି ମିଳିପାରିବ ।

ଏଠାରେ ଏପରି ଆଦୌ କୁହାଯାଉ ନାହିଁ ଯେ ବହିରଙ୍ଗ ଜୀବନଟି ପ୍ରତି ଆମେ କୌଣସି ଅବହେଳା ପ୍ରଦର୍ଶନ କରିବା; ଓଲଟି ଏହି କଥାଟିହିଁ ସ୍ମରଣ ରଖିବାକୁ ହେବ ଯେ, ଯଦି ଆମେ ସେଠାରେ ଆପଣାକୁ ସୀମାବଦ୍ଧ କରି ରଖିବାକୁ ଅଥବା ସେହିଠାରେହିଁ ଲାଖି ରହିବାକୁ ଇଚ୍ଛା ନ କରୁଥାଉ, ତେବେ ଗୋଟିଏ କ୍ଷେତ୍ରରେ ସେହି ନୀତିଟିର ଅନୁଧାବନ ଅନ୍ୟ ଯାବତୀୟ କ୍ଷେତ୍ରରେ ଓ ଯାବତୀୟ ସ୍ତରରେ ମଧ୍ୟ ତାହାର ଉନ୍ମୋଚନଟି ଲାଗି ସର୍ବଦା ସହାୟକରୂପେ କାର୍ଯ୍ୟ କରିବ । ମାତ୍ର, ଯଦି ଭିତରେ ସେହି ଅସଲ ଏକତାଟି ନ ଥାଏ, ତେବେ ବାହାରର ଯେତେଯାହା ବିଧାୟନ ଏବଂ ବାଧ୍ୟବାଧକତା ଦ୍ୱାରା ତାହାକୁ ବାହାରୁ ଆଣି ଚଳାଇ ଦେବାର ଚେଷ୍ଟା କରାଗଲେ ମଧ୍ୟ ତାହା କେବଳ ବ୍ୟର୍ଥହିଁ ହେବ; ବାହ୍ୟ ଯାବତୀୟ ରୂପରେ ତାହାକୁ ଅଧିଷ୍ଠିତ କରାଇବାକୁ ବସିଲେ ତାହା କେବଳ ବୃଥାହିଁ ହୋଇଯିବ । ଯନ୍ତ୍ରବତ୍ ସାଂଗଠନିକ ଯାବତୀୟ ବାଧ୍ୟବାଧକତା ପରି ବୁଦ୍ଧିଗତ ବାଧ୍ୟବାଧକତା ମଧ୍ୟ ଏହି କ୍ଷେତ୍ରରେ କଦାପି ଯଥେଷ୍ଟ ହେବ ନାହିଁ; କେବଳ ଆଧ୍ୟାତ୍ମିକ ପ୍ରତିଷ୍ଠାହିଁ କାମ ଦେବ, କାରଣ କେବଳ ତାହାରି ମଧ୍ୟରେହିଁ ପ୍ରକୃତ ଉପଲବ୍ଧିର ନିଶ୍ଚିତ ଶକ୍ତିଟି ନିହିତ ହୋଇ ରହିଛି । ଆତ୍ମସତ୍ତା ସମ୍ବନ୍ଧରେ ଘୋଷିତ ସେହି ପୁରାତନ ସତ୍ୟଟି ହେଉଛି ସନାତନ ସତ୍ୟ; ମନୁଷ୍ୟଜାତି ଅତୀତରେ ଯେଉଁସବୁ ମାର୍ଗ ଲାଗି ପ୍ରସ୍ତୁତ ହୋଇ ନ ଥିଲା, ସେହିସବୁ ନୂତନ ତଥା ପୂର୍ଣ୍ଣତର ମାର୍ଗରେ ଉକ୍ତ ସତ୍ୟଟିକୁ କାର୍ଯ୍ୟକାରୀ କରିବାକୁ ହେଲେ ଆମକୁ ସେହି ପ୍ରାଚୀନ ସତ୍ୟଟି ପାଖକୁହିଁ ଫେରିଯିବାକୁ ପଡ଼ିବ । ଆପଣା ଭିତରେ ତଥା ସବୁ ମଣିଷଙ୍କ ମଧ୍ୟରେ ଦିବ୍ୟ ସତ୍ତାଙ୍କୁ ସ୍ୱୀକାର କରି ନେବାକୁ ହେବ ଓ ସେହିଠାରେହିଁ ସେହି ସତ୍ତା ପରିପୂର୍ଣ୍ଣତା ଲାଭ କରିବ; ଆପଣା ଭିତରେ ତଥା ମନୁଷ୍ୟଜାତି ଭିତରେ ଭଗବତ୍‌ସାମ୍ରାଜ୍ୟର ପ୍ରତିଷ୍ଠା କରିବାକୁ ହେବ;— ଏବଂ ଏହାରି ଆଧାର ଉପରେହିଁ ମନୁଷ୍ୟ ପରିଶେଷରେ ଆପଣାକୁ ଏକ ଆତ୍ମନିୟନ୍ତ୍ରଣ-ସମର୍ଥ ସତ୍ତାରୂପେ ପ୍ରତିଷ୍ଠିତ କରିପାରିବ ଏବଂ ସମଗ୍ର ମାନବଜାତି ମଧ୍ୟ ଅବଶେଷରେ ଆତ୍ମସଂପ୍ରସାରଣର ଏକ ପାରସ୍ପରିକ ପ୍ରତିଷ୍ଠାର ଭୂମି ଉପରେ ଆପଣାକୁ ଏକ ସୌଷମ୍ୟଯୁକ୍ତ ଆତ୍ମନିୟନ୍ତ୍ରଣ-ସମର୍ଥ ଏକତ୍ୱବଦ୍ଧ ବାସ୍ତବତାରୂପେ ପ୍ରତିଷ୍ଠା କରିପାରିବ ।

'oaob.nitrkl.ac.in' images reprocessed

# ଏକ ଜାତି-ସଂଘ

ପ୍ରାଚୀନ ପରମ୍ପରା ମନୁଷ୍ୟଜାତିର ଏକ ସୁବର୍ଣ୍ଣଯୁଗରେ ବିଶ୍ୱାସ କରୁଥିଲା ଏବଂ ସେହି ଯୁଗଟି ଆଦିମ ଅତୀତର ଏକ ବୈଭବପୂର୍ଣ୍ଣ ପ୍ରାରମ୍ଭିକ ଅବସ୍ଥାରେହିଁ ନିହିତ ହୋଇ ରହିଥିଲା । ସ୍ୱର୍ଣ୍ଣଯୁଗ ଅଥବା ସତ୍ୟଯୁଗର କଳ୍ପନା କରି ଏହି ପରମ୍ପରା ଆଦିମ ପରିପୂର୍ଣ୍ଣତାର କୌଣସି ଏକ ପ୍ରରୂପ ଅଥବା ପ୍ରତୀକ ଆଡ଼କୁ ପଛକୁ ଅନାଇ ଚାହୁଁଥିଲା, ଏପରି ଏକ ନିଷ୍ପାପର ଜୀବନ ଏବଂ ମୁକ୍ତ ଏକତାର ଯୁଗ ଆଡ଼କୁ ଚାହୁଁଥିଲା, ଯେତେବେଳେ କି ସ୍ୱର୍ଗର ଦେବତାମାନେହିଁ ମନୁଷ୍ୟଜୀବନର ଓ ମନୁଷ୍ୟମନର ନାୟକତ୍ୱ କରୁଥିଲେ ଏବଂ ପରମେଶ୍ୱରଙ୍କ ବିଧାନଟି କୌଣସି ଅଫଳପ୍ରଦ ଶାସ୍ତ୍ରରେ ନୁହେଁ, ମାତ୍ର ମନୁଷ୍ୟ-ହୃଦୟର ଫଳକଗୁଡ଼ିକ ଉପରେ ଲିଖିତ ହୋଇ ରହିଥିଲା । ସେତେବେଳେ ମନୁଷ୍ୟକୁ ପାପ ଓ ମନ୍ଦରୁ ନିବୃତ୍ତ କରି ରଖିବାକୁ ବା କୌଣସି ଏକ ସାମାଜିକ ଆଦର୍ଶର ଯାନ୍ତ୍ରିକ ଏକରୂପକାରୀ ଛାଞ୍ଚ ଭିତରେ ଆଣି ଭର୍ତ୍ତି କରିବା ଉଦ୍ଦେଶ୍ୟରେ ତା'ର ମୁକ୍ତ ସତ୍ତାଟିକୁ କାଟି ପକାଇବା ଲାଗି ବା ତାହାକୁ କୌଣସିପ୍ରକାରେ ବାଧ୍ୟ କରାଇବା ଲାଗି କୌଣସି ବାହ୍ୟ ନିୟମ କିମ୍ବା ରାଷ୍ଟ୍ରଶାସନର ଆଦୌ କୌଣସି ପ୍ରୟୋଜନ ନ ଥିଲା । କାରଣ ତା'ର ଜୀବନକ୍ଷେତ୍ର-ଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ଏକ ପ୍ରାକୃତିକ ଦିବ୍ୟ ବିଧାନହିଁ ତା'ର ସ୍ୱାଧୀନତା ଲାଗି ଏକମାତ୍ର ସ୍ୱତଃସ୍ଫୂର୍ତ୍ତ ଏବଂ ପର୍ଯ୍ୟାପ୍ତ ସୁରକ୍ଷା-କାରଣ ହୋଇ ରହିଥିଲା । ଏହି ପରମ୍ପରାଟି ଏକଦା ଏପରି ବିଶ୍ୱବ୍ୟାପୀ ହୋଇ ରହିଥିଲା ଯେ ଆମେ ସେଇଟି ଭିତରେ ପ୍ରାୟ ସମଗ୍ର ମନୁଷ୍ୟଜାତିର କୌଣସି ଏକ ଆଦର୍ଶମୟ ଓ ବୈଭବପୂର୍ଣ୍ଣ ଉପଲବ୍ଧିର ସ୍ମୃତିଟିର ଅବଲୋକନ କରିବା ଲାଗି ପ୍ରଲୁବ୍ଧ ହୋଇ ପଡ଼ିବା; ଏଇଟି ସମ୍ଭବତଃ କୌଣସି ଦିବ୍ୟ ଯୁଗାରମ୍ଭ ପରି କିଛି ହୋଇ ରହି ନ ଥିଲା ସତ, ମାତ୍ର କୌଣସି ଏକ ଅତୀତ କୁଣ୍ଡଳୀର ସର୍ବୋଚ୍ଚ ଶିଖର ଓ ଶୀର୍ଷସ୍ଥାନ ହୋଇ ରହିଥିଲା, କେତୋଟି ଯୁଗଚକ୍ରର ଆରୋହଣ-କ୍ରମରେ ସବା ଉପରେ ରହିଥିବା ଏକ ବୈଭବଶାଳୀ ଶିଖର-ବୃତ୍ତଖଣ୍ଡ ହୋଇ ରହିଥିଲା । ଅବଶ୍ୟ ଏକଥା ସତ ଯେ, ଏକ ଆଦର୍ଶ ଅତୀତ ଆଡ଼କୁ ଅନାଇ ମନୁଷ୍ୟମନ ଯାବତୀୟ ସମ୍ଭାବ୍ୟତା ଏବଂ ଆନୁପାତିକତାକୁ ଅତିକ୍ରମ କରି କୌଣସି ଏକ ବ୍ୟତୀତ ଯୁଗକୁ ଯେଉଁଳି ବୈଭବମୟ କରି ଦର୍ଶାଇବାର ଏକ ପ୍ରବୃତ୍ତି ଦେଖାଇଥାଏ, ଆମେ ଏହାକୁ ମଧ୍ୟ କେବଳ ତାହାରି ଏକ ଅତିରଞ୍ଜିତ ଦୃଷ୍ଟାନ୍ତ ବୋଲି କହି ପାରିବା । ସେହି ପ୍ରବୃତ୍ତିଟି ଆମ ଅତୀତର ସବୁଯାକ ଛାଇକୁ ନିଭାଇ ନେବାକୁ ମନ କରୁଥାଏ ଏବଂ ବର୍ତ୍ତମାନ ସ୍ଥିତିଟିର କୃଷ୍ଣ ତାତ୍କାଳିକ ଛାଇଟି ସମ୍ମୁଖରେ କୌଣସି ଏକ ଅସ୍ପଷ୍ଟ ଝଲକ ଅଥବା ବିଭ୍ରାନ୍ତିକାରୀ ଆଲୋକମଣ୍ଡଳ ଭିତରେ ତାହାକୁ ଦେଖିବାକୁ ଚେଷ୍ଟା କରୁଥାଏ ।

'oaob.nitrkl.ac.in' images reprocessed

ଅଥବା, ତାହାରି ମଧ୍ୟରେ ରହିଥିବା କୌଣସି ଏକ ଦିବ୍ୟ, ପବିତ୍ର ତଥା ପରିପୂର୍ଣ୍ଣ ଯେଉଁ ଅବସ୍ଥାଟିରୁ ସେ ତଳକୁ ଖସିପଡ଼ିଛି, ତାହାରି ଏକ କଳ୍ପନାକୁ ପ୍ରକ୍ଷେପିତ କରି ସେ ତାହା ଦେଖିବାରେ ଲାଗିଥାଏ; ସେହି ସ୍ଥିତିଟିକୁ ଏକ ପ୍ରତୀକମୟ ଆଖ୍ୟାନର ମାଧ୍ୟମରେ ଶାଶ୍ୱତ-କାଳ ମଧ୍ୟରେ ନୁହେଁ ମାତ୍ର କାଳର ବୃତ୍ତଟି ମଧ୍ୟରେହିଁ ଠାବ କରିପାରୁଥାଏ, ତାହାରି ମଧ୍ୟରେ ରହିଥିବା ଆଧ୍ୟାତ୍ମିକ ସତ୍ତାର କ୍ଷେତ୍ରଟି ମଧ୍ୟରେ ନୁହେଁ, ମାତ୍ର ବାହାରେ ଏହି ପୃଥିବୀର ସ୍ଥୂଳ ତଥା ପରିବର୍ତ୍ତନଶୀଳ ତଳଟି ଉପରେ ରହିଥିବା ତାହାରି ଜୀବନକ୍ଷେତ୍ରଟି ଉପରେହିଁ ସେ ତାହାକୁ ଥାପି ରଖିବାକୁ ପ୍ରୟାସ କରେ । ଏଠାରେ ଆମ ଲାଗି ଆମେ ଯେଉଁଟିକୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି କହିବା, ସେଇଟି ହେଉଛି ଯେ ଏହି ସ୍ମରଣ ବା ପଶ୍ଚାତ୍-ଅବଲୋକନକାରୀ ଏହି ଭ୍ରାନ୍ତିଟି ମଧ୍ୟରେ, ଦୂରରେ ହେଉ ଅଥବା ନିକଟବର୍ତ୍ତୀ ହୋଇ ହେଉ, ଅଧିକାଂଶ ସମୟରେ ଏକ ଆଦର୍ଶ ପରିପୂର୍ଣ୍ଣତାର ଯୁଗ ଆମ ପାଖକୁ ପୁଣି ଫେରି ଆସିବାର ଏକ ଅସ୍ପଷ୍ଟ ପ୍ରତ୍ୟାଶା ଯୋଡ଼ିହୋଇ ରହିଥାଏ, ଏପରିକି ଏହିଭଳି ଏକ କଳ୍ପନା ବିଷୟରେ ଅଧିକ ସ୍ପଷ୍ଟ ପୁରୋଦୃଷ୍ଟି-ସମ୍ପନ୍ନ ବା ଧର୍ମବିଶ୍ୱାସଗତ ସମ୍ମୁଖଦୃଷ୍ଟି ପରମ୍ପରା ମଧ୍ୟ ନିହିତ ହୋଇ ରହିଥାଏ । ହୁଏତ ଆମେ ଏପରି କହିପାରିବା ଯେ ଏହା ମଧ୍ୟରେ ଯୁଗଚକ୍ରର ଏକ ନିମ୍ନସ୍ଥ ରେଖାରୁ ତଦ୍ରୂପ ଆଉ ଗୋଟିଏ, ଏବଂ ସମ୍ଭବତଃ ଏକ ବୃହତ୍ତର ଉଚ୍ଚୋଜ୍ଜ୍ୱଳ ଶୀର୍ଷ ବା ଶିଖରକୁ ଫେରି ଆସିବାର ପ୍ରତ୍ୟାଶା ନିହିତ ହୋଇ ରହିଥାଏ । ଏହିପରି ଭାବରେ, ଆମର ଯେଉଁ ମନୁଷ୍ୟମନଟି ସର୍ବଦା ପଛକୁ ଏବଂ ଆଗକୁ ଦେଖିବାରେ ଲାଗିଥାଏ, ଆଦର୍ଶ ଅତୀତ ବିଷୟରେ ତାହାର ସୁବୃହତ୍ ସ୍ୱପ୍ନଟି ଆଦର୍ଶ ଭବିଷ୍ୟଟି ସମ୍ବନ୍ଧରେ ଅଧିକ ବୃହତ୍ ଏକ ସ୍ୱପ୍ନ ମଧ୍ୟରେ ଆପଣାକୁ ପରିପୂର୍ଣ୍ଣ କରିଦେବା ଲାଗି ଇଚ୍ଛା କରୁଥାଏ ।

ଆପଣାକୁ ନିଜର ବୈଜ୍ଞାନିକ ବୁଦ୍ଧିର ମଣ୍ଡଳଟି ଭିତରୁ ମୁକ୍ତ କରିଆଣି ଆଗ ବ୍ରହ୍ମବିଦ୍ୟା ଏବଂ ଗୂଢ଼ତତ୍ତ୍ୱ ମଧ୍ୟରେ ଅବଗାହିତ କରି ରଖି ନ ଥିଲେ ଆଧୁନିକ ମନୁଷ୍ୟ ଲାଗି ତା'ର ଏହି ବିଜ୍ଞାନ-ଅଭ୍ୟସ୍ତ ଲୌକିକ ମନ ନେଇ ଏହିସବୁ କଥାରେ ବିଶ୍ୱାସ କରିପାରିବା ପ୍ରକୃତରେ ଭାରି କଷ୍ଟକର ହୋଇ ପଡ଼ିବ । ଯେଉଁ ବିଜ୍ଞାନ ଏଡ଼େ ବିଶ୍ୱାସର ସହିତ ଆମ ଜାତିର ପରିପୂର୍ଣ୍ଣ ବିସ୍ମୟକାରୀ ବିବର୍ତ୍ତନଟି ବାନରର ସ୍ତରରୁ ସବୁଠାବା ଗୋଟିଏ ସରଳରେଖାରେ ଲଏଡ୍ ଜର୍ଜଙ୍କର ଅଦ୍ଭୁତ ଓ ଅତୁଳନୀୟ ବିଚକ୍ଷଣମତିତା ଏବଂ ରକ୍‌ଫେଲର୍‌ଙ୍କର ଅଗ୍ନିମାନ୍ଦ୍ୟପୀଡ଼ିତ ଅତୁଳ ଧନାଢ଼୍ୟତା ପର୍ଯ୍ୟନ୍ତ ଅତ୍ୟନ୍ତ କ୍ଷିପ୍ର ଗତିରେ ସଂଘଟିତ ହୋଇଛି ବୋଲି ନିର୍ଣ୍ଣୟ କରି କହୁଛି, ତାହା ଉପରେ ଆଲୋଚିତ ଆମର ସେହି ପୁରାତନ ପରମ୍ପରାଗୁଡ଼ିକୁ କେବଳ ସ୍ୱପ୍ନ ଏବଂ କବିକଳ୍ପନା ବୋଲି କହି ବର୍ଜନ କରି ଆସିଥାଏ । ମାତ୍ର, ଏହି କାରଣରୁ ଆମକୁ ଯେଉଁ କ୍ଷତିଟିକୁ ସହିବାକୁ ପଡ଼େ,

'oaob.nitrkl.ac.in' images reprocessed

ସେଇଟିର ପୂରଣ କରିବା ଲାଗି ବିଜ୍ଞାନ ତା' ବଦଳରେ ଆମକୁ ଆଧୁନିକ ପ୍ରଗତି ତଥା ବୁଦ୍ଧି ଏବଂ ଯନ୍ତ୍ରଗଠନ ଦ୍ୱାରା ନିଖୁଣ ହୋଇ ତିଆରି ହୋଇଥିବା ଏକ ଭବିଷ୍ୟ-ସମାଜ ବିଷୟରେ ଅପେକ୍ଷାକୃତ ଅଧିକ ସମ୍ଭବ, ଅଧିକ ଅନବରତ ଏବଂ ଅପରୋକ୍ଷ ଦୃଷ୍ଟିଟିଏ ଆଣି ଦେଇପାରିଛି । ବର୍ତ୍ତମାନ ଧର୍ମ କହିଲେ ବାସ୍ତବିକ କେବଳ ଏଇଟିକୁହିଁ ବୁଝାଉଛି, ଏହାହିଁ ଏଯୁଗର ପ୍ରତ୍ୟକ୍ଷବାଦୀ ସମାଜବିଜ୍ଞାନର ଧର୍ମଟି ଲାଗି ସେହି ନୂତନ ଆଦର୍ଶକଳ୍ପନା ହୋଇ ରହିଛି । ଆଦର୍ଶ ଅତୀତଟି ତାହାର ସକଳ ପ୍ରଭାକୁ ହରାଇ ପକାଇଛି, ମାତ୍ର ଭବିଷ୍ୟ ବିଷୟରେ ଏକ ଅପ୍ରମତ୍ତ ମୋହକତାକୁ ଆମର ନିକଟବର୍ତ୍ତୀ କରି ଅଣାଯାଇଛି ଏବଂ ମନୁଷ୍ୟର ରଚନାତ୍ମକ ବୁଦ୍ଧିଶକ୍ତିର ସମକ୍ଷରେ ତାହା ବାସ୍ତବ ସମ୍ଭାବନାର ଏକ ଘନିଷ୍ଠତର ରଙ୍ଗ ଧାରଣ କରି ରହିଥିଲା ପରି ପ୍ରତୀତ ହେଉଛି । ମାତ୍ର ମନୁଷ୍ୟକଳ୍ପନାର ଯେଉଁ ଅଧିକ ପୁରାତନ ନମୁନାଗୁଡ଼ିକ ଯିଶୁଖ୍ରୀଷ୍ଟଙ୍କର ପୁନରାଗମନ, ଈଶ୍ୱରଙ୍କର ଆଦର୍ଶ ନଗରୀ, ଦିବ୍ୟ ପରିବାର, ଜଣେ ପରିତ୍ରାଣକାରୀ, ମାହ୍‌ଦି ବା ଅବତାରଙ୍କର ଆଗମନ ଆଦି ବିଷୟରେ ଯେଉଁସବୁ ନାନା ପ୍ରେରଣାଦାୟକ ଆକାର ଗ୍ରହଣ କରିବାରେ ଲାଗିଥିଲା ଏବଂ ଏବେ ମଧ୍ୟ ଲାଗିଛି, ସତେଅବା ଦୁରାରୋଗ୍ୟଭାବରେ ଏସିଆର ମନ ସେହିଗୁଡ଼ିକ ଉପରେ ବିଶ୍ୱାସସ୍ଥାପନ କରିବା ଲାଗି ସମଧିକ ଆଗ୍ରହୀ ହୋଇ ରହିଛି । ସେହିସବୁ କଳ୍ପନାର ରୂପ ବା ଆକାର ଯାହା ହୋଇଥାଉ ପଛକେ, ଭିତରର ସାରଟି ସବୁବେଳେ ସେହି ଗୋଟିଏ ହୋଇ ରହିଛି, ଏସବୁ ଦ୍ୱାରିଆରେ ଭବିଷ୍ୟତର ଏକ ସମ୍ଭାବ୍ୟ ମାନବସମାଜକୁ ଏକ ଧର୍ମ ଅଥବା ଅଧ୍ୟାତ୍ମକଳ୍ପନାର ଆଦର୍ଶ ରୂପଟିଏ ଦେବା ଲାଗି ପ୍ରୟାସ କରାଯାଇଛି । ଇଉରୋପୀୟ ମନୋଦୃଷ୍ଟିଟି,— ଏବଂ ବର୍ତ୍ତମାନ ଅନ୍ତତଃ ଉପସ୍ଥିତ ମୁହୂର୍ତ୍ତଟିରେ ଓ ଅନ୍ତତଃ ଆମ ଉପରିଭାଗୀୟ ଜୀବନରେ ଗୌର, ଶ୍ୟାମଳ, ପୀତ ଓ କୃଷ୍ଣ ଆମେ ସମସ୍ତେ ଇଉରୋପୀୟ ହେବାକୁ ଚେଷ୍ଟା କରିବାରେ ଲାଗିଛୁ,— ଅପେକ୍ଷାକୃତ ଅଧିକ ପରିଚିତଭାବରେ ପାର୍ଥିବ ଏବଂ ଦୃଶ୍ୟମାନ ଏକ ଉଦ୍ଦେଶ୍ୟପୂରଣ ଲାଗି ଦାବି କରିବାରେ ଲାଗିଛି, କ୍ରମବିବର୍ତ୍ତିତ ମାନବସମାଜ ଲାଗି ଏକ ଲୌକିକ, ସାମାଜିକ ବା ରାଜନୀତିକ ସ୍ୱପ୍ନର ସଫଳତା ଦାବି କରି ଆସିଛି; ସେହି ସ୍ୱପ୍ନଟିକୁ କେତେବେଳେ ଏକ ପରିପୂର୍ଣ୍ଣତାପ୍ରାପ୍ତ ଗଣତନ୍ତ୍ର ବୋଲି କୁହାଯାଇଛି, ପୁଣି କେତେବେଳେ ସମାଜବାଦ, ସାମ୍ୟବାଦ ଅଥବା ନୈରାଜ୍ୟବାଦ ବୋଲି ବି କୁହାଯାଇଛି । ମାତ୍ର ଆମେ ଯେଉଁ ପଥଟିକୁ ଧରି ଅଗ୍ରସର ହେଉ ନା କାହିଁକି ଅଥବା ଆମର ଅନୁସୃତ ମାର୍ଗଟି ସତ୍ୟ ହେଉ ଅଥବା ଏକ ଭ୍ରମ ହୋଇଥାଉ ପଛକେ, ସେଗୁଡ଼ିକ ପଛରେ ଥିବା ପଦାର୍ଥଟି ସର୍ବଦା ସେହି ସମାନ ହୋଇ ରହିଛି ଏବଂ ତାହା ଆମର ଏହି ମନୁଷ୍ୟ-ମନ ତଥା ମାନବୀୟ କର୍ମପ୍ରେରଣା ଲାଗି ନିଶ୍ଚୟ ଏକ ଆବଶ୍ୟକତା ବୋଲି ବୋଧ ହେଉଥିବ । ମନୁଷ୍ୟ ପକ୍ଷରେ ଭବିଷ୍ୟ

'oaob.nitrkl.ac.in' images reprocessed

ଲାଗି ଏକ ଆଦର୍ଶବାଦ ରଖି ବାଟ ଚାଲିବା ଏକାନ୍ତ ଅପରିହାର୍ଯ୍ୟ । ଆମ ଭିତରେ ଏବଂ ଆମ ଜୀବନରେ ଯାହାକିଛି ରହିଛି, ତାହାକୁ ସାମଗ୍ରୀରୂପେ ବ୍ୟବହାର କରି ବ୍ୟକ୍ତିଗତଭାବରେ ତଥା ସାମୂହିକଭାବରେ କିଛି ନା କିଛି ନିର୍ମାଣ କରିବା ଲାଗି ଆମେ ଅବଶ୍ୟ ଉଦ୍ୟମ କରିବାରେ ଲାଗିଥିବା । ଅବଶ୍ୟ ଏକଥା ସତ ଯେ ଏକ ଅର୍ଦ୍ଧ-ନିର୍ମିତ ଏବଂ ଅର୍ଦ୍ଧ-ପଶୁ ମନୁଷ୍ୟପଣର ସେହି ନିତ୍ୟନୈମିତ୍ତିକତ୍ୱ ଏବଂ ଝୁଣ୍ଟାଝୁଣ୍ଟି ରୁଟିନ୍‌ଟାକୁ ନେଇ ଆମେ ଯଦି ପୂରାପୂରି ସନ୍ତୁଷ୍ଟ ହୋଇ ରହିଯିବା, ତେବେ ତାହା ନିଶ୍ଚୟ ଅନ୍ୟ କଥା ହେବ । ମାତ୍ର ଏହାକୁ ଆମେ ସତେଅବା ଆପଣାକୁ ଆପଣାର ଅଧିଷ୍ଠାନଟି ଉପରୁ ଅପସୃତ କରି ଆଣିବା ବୋଲି କହିବା, ଯାହାଲାଗି କି ଆମ ଭିତରେ ରହିଥିବା ମହତ୍ତମ ଉପାଦାନଟି କଦାପି ଆପଣାର ସମ୍ମତି ଦେବ ନାହିଁ । ମାତ୍ର, ପରିପୂର୍ଣ୍ଣତାର ଏକ କଳ୍ପନା ଓ ସ୍ୱରୂପକୁ ସମ୍ମୁଖରେ ରଖି ନ ପାରିଥିବା ପର୍ଯ୍ୟନ୍ତ ଏବଂ ସେହିଭଳି ଏକ କଳ୍ପନା କରିବା ପରେ, ଯେତେ ପ୍ରତିକୂଳ ଏବଂ ଯେତେ ଅନମ୍ୟ ହେଲେ ମଧ ତା' ପାଖରେ ପ୍ରାକୃତିକ ସାମଗ୍ରୀ ଯେତିକି ରହିଛି, ତାହାକୁ ନେଇ ସିଏ ସେହି କଳ୍ପନାଟିକୁ ଏକ ମୂର୍ତ୍ତ ରୂପ ଦେଇପାରିବ ବୋଲି ଆପଣାର ସାମର୍ଥ୍ୟରେ ଯଥେଷ୍ଟ ବିଶ୍ୱାସ ରଖି ନ ପାରିବା ପର୍ଯ୍ୟନ୍ତ ମନୁଷ୍ୟ କଳା ବା ଜୀବନର କ୍ଷେତ୍ରରେ କେବେହେଲେ ବଡ଼ କରି କୌଣସି କିଛି ତିଆରି କରି ପାରିବ ନାହିଁ । ପରିପୂର୍ଣ୍ଣତା ହାସଲ କରିପାରିବ ବୋଲି ତା' ଭିତରେ ଯେଉଁ ବିଶ୍ୱାସଟି ରହିଛି, ତୁମେ ସେହି ବିଶ୍ୱାସଟିରୁ ତାକୁ ବଞ୍ଚିତ କରି ରଖ, ଏବଂ ତା'ଫଳରେ ତୁମେ ତା' ଭିତରେ ରହିଥିବା ସବୁଠାରୁ ବଡ଼ ସୃଜନାତ୍ମକ ଅର୍ଥାତ୍ ଆତ୍ମ-ସୃଜନାତ୍ମକ ବୃତ୍ତି ଓ ସାମର୍ଥ୍ୟଟିକୁ ଏକାବେଳେକେ ମାରି ପକାଇବା ଅଥବା କ୍ଷତବିକ୍ଷତ କରିଦେବାହିଁ ସାର ହେବ । ଏବଂ ଏହି ଦୃଷ୍ଟିରୁ ବିଚାର କରି ଦେଖିଲେ, ଏକ ଆଧ୍ୟାତ୍ମିକ ସୋପାନଭୂମିରେ ଏକତାବଦ୍ଧ ଏବଂ ପରିପୂର୍ଣ୍ଣ ମାନବଜାତିର ପ୍ରତିଷ୍ଠା ହୋଇପାରିବ ବୋଲି ସେହି ଉଚ୍ଚତର ତଥା ଗଭୀରତର ସ୍ୱପ୍ନଟି ହଠାତ୍ ପ୍ରକୃତରେ ସମ୍ଭବ ହୋଇପାରିବା ବିଷୟରେ ପ୍ରତୀତି ନ ଆସୁଥିବା ପର୍ଯ୍ୟନ୍ତ, ମନୁଷ୍ୟଜାତିକୁ ତା'ର ଅଗ୍ରସର ହେବାର ପଥରେ ଗତିଶୀଳ କରି ରଖିବା ଲାଗି ସାମାଜିକ ତଥା ରାଜନୀତିକ ଉନ୍ନତିବିଧାନର ସ୍ୱପ୍ନଟିକୁହିଁ ଉପଲବ୍ଧ ସର୍ବୋତ୍ତମ ଉତ୍‌ପ୍ରେରକଟିକୁ ହୁଏତ ଗ୍ରହଣ କରିବାକୁହିଁ ପଡ଼ିବ । କାରଣ, ଆଦୌ କୌଣସି ଆଦର୍ଶ ନ ଥିବା ଅପେକ୍ଷା, ଅର୍ଥାତ୍ ଏକ ବୃହତ୍ତର, ଅଧିକ ଭଲ ଏବଂ ଅଧିକ ମଧୁର ଜୀବନର କୌଣସି ଚିତ୍ରକୁ ଆଗରେ ନ ରଖି ବାଟ ଚାଲିବା ଅପେକ୍ଷା ବାହ୍ୟ ସାଂଗଠନିକ ପରିବର୍ତ୍ତନ ଦ୍ୱାରା ଆପଣାର ଦୁର୍ଦ୍ଦଶା ଦୂର କରିବାର ଏକ ଆଦର୍ଶ ରଖିଥିବା ନିଶ୍ଚୟ ଅଧିକ କାମ୍ୟ ବୋଲି କୁହାଯିବ ।

ବର୍ତ୍ତମାନ ତୁଳନାରେ ଏକ ଅଧିକ ପରିପୂର୍ଣ୍ଣ, ବୁଦ୍ଧିସମ୍ମତ ଏବଂ ଶାନ୍ତି ଓ

'oaob.nitrkl.ac.in' images reprocessed

ସହଯୋଗମୂଳକ ସମାଜ-ସ୍ଥାପନାର ଏକ ସ୍ୱର୍ଣ୍ଣମୟ ଅଥବା ଅର୍ଦ୍ଧସ୍ୱର୍ଣ୍ଣମୟ ଭବିଷ୍ୟଯୁଗକୁ ନେଇ ମନୁଷ୍ୟର ଯେଉଁ ଲୌକିକ ଆଦର୍ଶସ୍ୱପ୍ନଟି ରହି ଆସିଥିଲା, ଆମ ଏ ଯୁଗରେ ଏବେ ସେହି ସ୍ୱପ୍ନଟି ମନୁଷ୍ୟର କାର୍ଯ୍ୟସାଧନକାରୀ କଳ୍ପନାର କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ଓ ଏକକ ଅଗ୍ରଗାମୀ ପଦକ୍ଷେପ ଗ୍ରହଣ କରିଛି ଏବଂ ଏପରିକି ବାସ୍ତବ ପରିସ୍ଥିତିରେ ମଧ୍ୟ ସେହିପରି କିଛି ସମ୍ଭବ କରି ଦେଖାଇ ଦେବା ଲାଗି ଏକ ପ୍ରାଥମିକ ପଦକ୍ଷେପ ନେବାର ଉଦ୍ୟମଟି ମଧ୍ୟରେ ବି ଆପଣାକୁ ଅଭିବ୍ୟକ୍ତ କରିବାର ପ୍ରୟାସ କରିଛି । ଆଦର୍ଶ ତଥା କଳ୍ପନାର କ୍ଷେତ୍ରରେ ତାହା ପୃଥିବୀର ଜାତିଗୁଡ଼ିକୁ ଏକତ୍ର କରି ଏପରି ଏକ ରାଜନୀତିକ ଏବଂ ଆର୍ଥିକ ସମାଜ ଗଠନ କରିବାର ରୂପ ନେଇଛି, ଯେଉଁଥିରେ କି ଯୁଦ୍ଧରୂପୀ କୌଣସି ନୃଶଂସ ଓ ଧ୍ୱଂସକାରୀ ଉପାୟର ଅବଲମ୍ବନ କରିବାକୁ ଆଦୌ ପଡ଼ିବ ନାହିଁ, ଯାହା ଦ୍ୱାରା ଅନ୍ତର୍ଜାତୀୟ ବିଧାନ ଏବଂ ବ୍ୟବସ୍ଥାର ଏକ ରାଜତ୍ୱର ପ୍ରତିଷ୍ଠା ହେବ, ଏବଂ ଯାହା ସକଳ ପ୍ରକାର ସଂଘର୍ଷ, କଳହ ଏବଂ ସଂଘାତର ଅପନୋଦନ କରାଇ ବିଚାର ଦ୍ୱାରା, ସହଯୋଗ ଦ୍ୱାରା ଓ ମଧ୍ୟସ୍ଥତା ଏବଂ ପାରସ୍ପରିକ ଅନୁକୂଳନ ଦ୍ୱାରା ମନୁଷ୍ୟ-ସମାଜ ଲାଗି ଏକ ସୁଚିନ୍ତିତ ସ୍ଥିତି ବୋଲି କୁହାଯାଉଥିବା ଆଶଙ୍କାହୀନ ଶାନ୍ତି, ସଦ୍‌ଭାବ ଓ ସଂଗଠିତ ସମ୍ପନ୍ନତାକୁ ତଥାପି ବ୍ୟାହତ ଓ ବିପଦଗ୍ରସ୍ତ କରି ପକାଉଥିବା ଅଧିକ ବିପଜ୍ଜନକ ସମସ୍ୟାଗୁଡ଼ିକର ସମାଧାନ କରିଦେଇ ପାରିବ । ଆନ୍ତର୍ଜାତିକ କ୍ଷେତ୍ରରେ ଶାନ୍ତିର ପ୍ରତିଷ୍ଠା ହେବ, ସମସ୍ତେ ଏକ ବ୍ୟବସ୍ଥିତ ବିଧାନଶୃଙ୍ଖଳାକୁ ମାନି ଚଳିବେ ଓ ସେହି ଶୃଙ୍ଖଳାଟି ଅନୁସାରେ ପୃଥିବୀର ଯାବତୀୟ ବ୍ୟାପାରକୁ ସୁସଂସ୍ଥିତ କରି ରଖାଯିବ, ସମସ୍ତଙ୍କୁ ସେମାନଙ୍କର ସ୍ୱାଧୀନତା ବିଷୟରେ ନିର୍ଭର ପ୍ରତିଶ୍ରୁତି ମିଳିବ,– ଅଥବା, ଯେଉଁମାନେ ସେଥିଲାଗି ଉପଯୁକ୍ତ ହୋଇ ନାହାନ୍ତି, ସେମାନଙ୍କୁ ସେହି ସ୍ୱାଧୀନତା ଦିଗରେ ପ୍ରସ୍ତୁତ ଓ ପ୍ରଶିକ୍ଷିତ କରାଇ ଆଣିବାର ବ୍ୟବସ୍ଥା କରାଯିବ,– ଅର୍ଥାତ୍, ମନୁଷ୍ୟସମାଜର ଜୀବନରେ ଏକ ସୁସଂଗଠିତ ଏକତା ବିରାଜମାନ କରିବ, ବର୍ତ୍ତମାନ ଏହିଭଳି ଗୋଟିଏ ସ୍ୱର୍ଣ୍ଣଯୁଗକୁ ଭବିଷ୍ୟଚିତ୍ର ବୋଲି ଦେଖାଇ ଆମକୁ କେତେ ପ୍ରତିଶ୍ରୁତି ଦିଆଯାଉଛି । ପ୍ରଥମ ଦୃଷ୍ଟିପାତରେହିଁ ଏହି କ୍ଷେତ୍ରରେ କୌଣସି ସ୍ଥାନରେ ପ୍ରକୃତରେ କୌଣସି ଅଭାବ ରହି ଯାଇଥିଲା ପରି ମନେ ହେଉଛି, ଈପ୍ସିତ ଏହି ପରିପୂର୍ଣ୍ଣତାଟିରେ ଅତିରିକ୍ତ ପରିମାଣରେ ନାନା ବାହ୍ୟତା ରହିଯାଇଛି ଓ ସତେଅବା କୌଣସି ଘଟିକାଯନ୍ତ୍ର ପରି କାମ କରବା ଲାଗି ଏଇଟିକୁ ଅତିରିକ୍ତ ପରିମାଣରେ ଏକ ଯନ୍ତ୍ର ଭଳି ଗଢ଼ି ରଖିବାର ବିଚାର କରାଯାଇଛି ବୋଲି ଏକ ସନ୍ଦେହ ହେଉଛି ଏବଂ ବାରବାର ଏହି ନୈରାଶ୍ୟକାରୀ ଭାବନାଟି ମନ ଭିତରେ ଆସି ଦେଖାଦେଉଛି ଯେ ଏହି ଆଦର୍ଶଟିର ଭବିଷ୍ୟଦ୍ରଷ୍ଟାମାନେ ଏଇଟି ଯେପରି ହେବ ବୋଲି କହି ବୁଲୁଛନ୍ତି, ଏଇଟି ହୁଏତ ସେଭଳି ଏତେ ଶୀଘ୍ର ସମ୍ଭବ ହେବାକୁ ଯାଉ

'oaob.nitrkl.ac.in' images reprocessed

ନାହିଁ ବା ତଦ୍ଵାରା ଆକୃଷ୍ଟ ହୋଇ ପଡ଼ିବା ପରି ଆଦୌ ସେପରି କିଛି କଥା ନାହିଁ । ମନୁଷ୍ୟର ବାହ୍ୟ ଜୀବନଟିକୁ ଯେତେ ମନ ସେତେ ଆଦର୍ଶସ୍ଥାନୀୟ କରି ଗଢ଼ିବାର ଆୟୋଜନ ହେଉ ପଛକେ, ତାହାକୁ ଧାରଣ କରି ରଖିବା ଲାଗି ଏବଂ କୌଣସି ପ୍ରକାରର ଏକ ମନୋଭୂମିଗତ ବାସ୍ତବତା ଆଣି ଦେବା ଲାଗି ସର୍ବଦା ଯେଉଁ ଭାବପ୍ରେରଣା ଓ ଆତ୍ମା ଉପସ୍ଥିତ ରହିବାର ଆବଶ୍ୟକତାଟି ଅବଶ୍ୟ ରହିଛି ଓ ଯେଉଁ ଅନ୍ତର୍ଗତ ପରିପୂର୍ଣ୍ଣତା ହାସଲ କରିବାର ମହତ୍ତ୍ଵ ନିହିତ ହୋଇ ରହିଛି, ସେବିଷୟରେ ପୁଣି କ'ଣ ହେବ ବୋଲି ହୁଏତ ଜଣେ ପଚାରିବାକୁ ମନ କରିବ, ସେଇଟି କେତେଦୂର ଅଗ୍ରଗତି କରିପାରିଛି ବା ନିକଟ ଭବିଷ୍ୟତରେ କେତେଦୂର ଅଗ୍ରଗତି କରିବାର ସମ୍ଭାବନା ରହିଛି ଅଥବା ତାହାର ଅଭିବୃଦ୍ଧି ଏବଂ ଚରିତାର୍ଥତା ସକାଶେ କି ଭଳି ଉପାୟ ଅଥବା ଅନୁକୂଳତାମାନ ଆଣି ଯୋଗାଇ ଦେବାକୁ ସେହି କଳ୍ପିତ ନୂତନ ବ୍ୟବସ୍ଥାଟି ଚିନ୍ତା କରୁଛି, ଜଣେ ହୁଏତ ଏଭଳି ଏକ ପ୍ରଶ୍ନ ଉଠାଇବାକୁ ମନ କରିବ । ମାତ୍ର ବିଷୟଟି ଉପରେ ଏଭଳି ଏକ ଦୃଷ୍ଟିପାତ କରିବାକୁ ଯେ ଏକ ରହସ୍ୟମୟ ଗୁହ୍ୟ ରୀତି ବୋଲି କୁହାଯିବ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ । ଏହିସବୁ ସୂକ୍ଷ୍ମକଥା ନେଇ ବାସ୍ତବବୁଦ୍ଧି ପାଶ୍ଚାତ୍ୟ ମନ କେବେହେଲେ ଚିନ୍ତିତ ହେବାକୁ ଖୁବ୍‌ବେଶୀ ଇଚ୍ଛା ପ୍ରକାଶ କରେ ନାହିଁ, ଏବଂ ଏଭଳି କରି ତାହା ଠିକ୍ହିଁ କରିଥାଏ, କାରଣ କୌଣସି ଏକ ବିଷୟକୁ କାର୍ଯ୍ୟରେ କରି ଦେଖାଇ ଦେବାଟାହିଁ ମନୁଷ୍ୟକୁ ତା' ଜୀବନରେ ସବୁଠାରୁ ବଡ଼ ପ୍ରକୃତ କଥା ବୋଲି ମନେ ହୋଇଥାଏ, ହାତରେ ଯେତିକି ଅଛି, ଯଥାସମ୍ଭବ ସେତିକି ହାସଲ କରିପାରିବା ଏବଂ ପ୍ରକୃତରେ କିଛି ଆରମ୍ଭ କରି ପାରିବାକୁ ଓ ଆଗକୁ ପହୁଣ୍ଡଟିଏ ପକାଇ ପାରିବାକୁ କିଛି ନା କିଛି ଉପଯୋଗୀ, ଦୃଶ୍ୟମାନ ଏବଂ ମୂର୍ତ୍ତରୂପେ ଉପଲବ୍ଧି କରିବାଟାହିଁ ପ୍ରଧାନତମ ପ୍ରକୃତ କଥା ବୋଲି ମନେ ହୋଇଥାଏ । ଏତଦ୍‌ବ୍ୟତୀତ, ମନୁଷ୍ୟର ବୌଦ୍ଧିକ ତଥା ଆଧ୍ୟାତ୍ମିକ ଆଦର୍ଶଗୁଡ଼ିକ ଲାଗି ତା'ର ଜୀବନକୁ ଅନୁକୂଳ କରି ରଖିବା ନିମିତ୍ତ ତାହା ନିୟମବନ୍ଧନ ଏବଂ ଆନୁଷ୍ଠାନିକ ଉପଚାରଗୁଡ଼ିକୁ ସର୍ବଶକ୍ତିମାନ୍ ବୋଲି ବିଶ୍ଵାସ କରିଥାଏ; ଏକ ଉପାଦେୟ ଏବଂ ଅନୁକୂଳ ନିୟମସଂହିତାର ପ୍ରଣୟନ କରି, କୌଣସି ଏକ ଚୁକ୍ତି ଅଥବା ସଂବିଧାନ ଗଢ଼ି ସେହିଗୁଡ଼ିକ ଲାଗି ଏକ ଆବଶ୍ୟକ ସ୍ଵୀକୃତି ହାସଲ କରିନେଇ ପାରିଲେ, ଆପଣାର ଭାବନାଗୁଡ଼ିକୁ ଯେକୌଣସି ପ୍ରକାରେ କାର୍ଯ୍ୟକାରୀ କରିବା ଲାଗି ଆବଶ୍ୟକ ଯାନ୍ତ୍ରିକ ସାଧନଗୁଡ଼ିକୁ ଆଣି ବସାଇ ପାରିଲେ ଏବଂ କାର୍ଯ୍ୟକାରୀ ହୋଇପାରିବା ଭଳି ଏକ ଅନୁଷ୍ଠାନକୁ ସଫଳ ଭାବରେ ଏକ ରୂପ ଦେଇପାରିଲେ, ମନୁଷ୍ୟର ମନ ସେଇଥିରେ ଭାରି ଖୁସୀ ହୋଇ ରହିଯାଏ । ଏବଂ ଏହି କ୍ଷେତ୍ରରେ ରହିଥିବା ଅପେକ୍ଷାକୃତ କମ୍ ସ୍ପଷ୍ଟ ହୋଇ ଦିଶୁଥିବା ବସ୍ତୁଗୁଡ଼ିକ ଯଦି ପ୍ରକୃତରେ ଏକାନ୍ତ ଅପରିହାର୍ଯ୍ୟ ବୋଲି ସାବ୍ୟସ୍ତ ହୁଅନ୍ତି, ତେବେ

'oaob.nitrkl.ac.in' images reprocessed

ସେଗୁଡ଼ିକ ଆପଣାଛାଏଁ ବିକଶିତ ହୋଇ ଆସିପାରିବେ, ବାହ୍ୟ ବ୍ୟବସ୍ଥାଗତ ପରିବେଶଟି ଠିକ୍ ରହିଲେ ସେଗୁଡ଼ିକ ନିଶ୍ଚିତ ଭାବରେ ବୃଦ୍ଧିପ୍ରାପ୍ତ ହେବେ ବୋଲି ଆଶା କରାଯାଉଥାଏ ।

ଏହି ଦୃଷ୍ଟିକୋଣଟିର ପକ୍ଷସମର୍ଥନ କରି ଉପାଦେୟ କେତେକେତେ ଦାର୍ଶନିକ ତଥା ବାସ୍ତବକ୍ଷେତ୍ରୀୟ ଔଚିତ୍ୟପ୍ରମାଣ ଆଣି ନିଶ୍ଚୟ ବାଢ଼ି ଦିଆଯାଇ ପାରିବ । ସେକଥା ଯାହାହେଉ ପଛକେ, ଯାହା ଆତ୍ମାରୂପେ ଅନ୍ତର୍ନିହିତ ରହିଛି, ତାହାଲାଗି ମୂର୍ତ୍ତତାକୁ ନିଶ୍ଚୟ ଏକ କାର୍ଯ୍ୟସାଧକ ପ୍ରସ୍ତାବ ବୋଲି କୁହାଯାଇ ପାରିବ; ଧର୍ମାନୁଷ୍ଠାନ ଏବଂ ଧର୍ମମାନେ ଯେପରି ଚିରକାଳ ବିଶ୍ୱାସ କରି ଆସିଛନ୍ତି, ବାହ୍ୟ ସଂଗଠନଟିଏ ଗଢ଼ିଦେବାକୁ ନିଶ୍ଚୟ ସର୍ବଶକ୍ତିଶାଳୀ ବୋଲି କୁହାଯିବ ଏବଂ ମୂଳ ଭାବପ୍ରେରଣାଟିରୁ ଆମେ ଯାହାକିଛି ସମ୍ଭବ ହେବ ବୋଲି ପ୍ରତ୍ୟାଶା ରଖିଛୁ, ସେହିଟିକୁ ତାହା ଅବଶ୍ୟ ଗଢ଼ି ଥୋଇଦେବ ବୋଲି ଅବଶ୍ୟ ଆସ୍ଥା ରଖାଯାଇ ପାରିବ । ତେଣୁ, ମନୁଷ୍ୟସମାଜ ମଧ୍ୟରେ ଏକ ନୂତନ ଓ ଦିବ୍ୟତର ଅଥବା କେବଳ ଅଧିକ ମାନବୋଚିତ ଭାବପ୍ରେରଣା ଜନ୍ମଲାଭ କରିଛି । ତାହାର ନେତୃବର୍ଗଙ୍କୁ ପ୍ରଭାବିତ କରିଛି ଏବଂ ଏହାର ଅହଂଗ୍ରସ୍ତ, କାମନାତାଡ଼ିତ ଓ ସ୍ୱାର୍ଥଶାସିତ କୋଟିକୋଟି ମଣିଷଙ୍କର ଜୀବନ ମଧ୍ୟକୁ ଆପଣାକୁ ପ୍ରସାରିତ ଯେ କରିଛି, ଏବଂ ଆମେ ସେଇଟାକୁହିଁ ଶାନ୍ତି ଓ ସଦିଚ୍ଛାର ସବୁଠାରୁ ବଡ଼ ଆଶା ଓ ସବୁଠାରୁ ବଡ଼ ସମାଚାରର ପ୍ରକୃତ ସଙ୍କେତ ବୋଲି କଦାପି କହିବା ନାହିଁ ସତ, ମାତ୍ର ଆମେ ଏହି କଥାଟି ନିଶ୍ଚୟ କହିପାରିବା ଯେ କେତେ କେତେ ଦେଶର ପ୍ରଧାନମନ୍ତ୍ରୀ ଓ ସଭାପତିମାନଙ୍କର ଆଶୀର୍ବାଦ ନେଇ ପ୍ୟାରିସ୍‌ଠାରେ ଗୋଟିଏ ନୂତନ ସଂଗଠନର ଜନ୍ମ ହୋଇଛି,— ଏକ ଅନ୍ତର୍ଜାତୀୟ ସମାଜର ନିର୍ମାଣସୂତ୍ରଗୁଡ଼ିକ ତିଆରି ହୋଇଛି, ସେଇଟି ପଛରେ ବଡ଼ ବଡ଼ ଜାତି ଏବଂ ସାମ୍ରାଜ୍ୟର ସଶସ୍ତ୍ର ଶକ୍ତିର ସମର୍ଥନ ରହିଛି ଏବଂ ତେଣୁ, ଏହା ଯେ ବ୍ୟାବହାରିକ କ୍ଷେତ୍ରରେ ପ୍ରକୃତରେ କାର୍ଯ୍ୟସାଧକ ବୋଲି ପ୍ରମାଣିତ ହେବ, ସମୃଦ୍ଧି ଲାଭ କରିବ ଏବଂ ସଫଳ ହେବ, ସେଥିରେ ଆଉ କୌଣସି ସନ୍ଦେହ ଥିଲା ପରି ମନେ ହେଉ ନାହିଁ । ଏପରି ଗୋଟିଏ ସଂଗଠନ ଆକାର ଲାଭ କରିଛି, ଯାହାକି ଯାବତୀୟ ଯୁଦ୍ଧ, ସମରଲିପ୍ସା, ଉତ୍ପୀଡ଼ନ ଏବଂ ଶୋଷଣକୁ ଅତୀତର ଏକ କୁତ୍ସିତ ସ୍ୱପ୍ନରେହିଁ ପରିଣତ କରି ରଖିବ, ପୁଞ୍ଜିପତି ଏବଂ ଶ୍ରମିକଶ୍ରେଣୀକୁ, ସିଂହକୁ ଏବଂ ମେଣ୍ଢାଛୁଆକୁ ଯାବତୀୟ ପ୍ରବର୍ତ୍ତନା ଦେଇ ପରସ୍ପରର ପାଖକୁ ଆଣିବ, ସେମାନଙ୍କୁ ପରସ୍ପରର ପାର୍ଶ୍ୱବର୍ତ୍ତୀ କରି ରଖିବ, ଏବଂ ଏକ ଖଳମତି ବଲ୍‌ଶେଭିଜ୍‌ମ୍ ଯେପରି ପ୍ରସ୍ତାବ ଦେବାରେ ଲାଗିଛି, ସେଥି ମଧ୍ୟରୁ ଗୋଟିଏ ଅନ୍ୟଟିକୁ କଦାପି ପେଟରେ ପକାଇଦେଇ ହଜମ କରିଦେବ ନାହିଁ; ଏହି ସଂଗଠନଟି ଫଳରେ ଅଚିରେ ମାନବଜାତିର ସେହି ବୃହତ୍ ଭ୍ରାତୃତ୍ୱବନ୍ଧତାଟି ସମ୍ଭବ ହୋଇ ଆସିବ; ଏହି କଥାଟି ସମ୍ଭବ ହେବା ଲାଗି ଯେତେଦିନ ଲାଗିବ ବୋଲି ମନେ ହେଉଛି, ଉକ୍ତ

'oaob.nitrkl.ac.in' images reprocessed

ସଂଗଠନ ତା'ଠାରୁ ଅଧିକ ତ୍ୱରାନ୍ୱିତ ଭାବରେ ସେଇଟିକୁ ସମ୍ଭବ କରି ଆଣିବ । ଯଦି ସତକୁ ସତ ସେହିପରିହିଁ ହୁଏ, ତେବେ ତାହାକୁ ଅବଶ୍ୟ ସୁସମାଚାର ବୋଲି କହିବାକୁ ହେବ । ମାତ୍ର, ଏହି ସମାଚାରଟିକୁ ବହନ କରି ଆଣିଥିବା ସକାଶେ ତାହାକୁ ଆପଣାର କୃତଜ୍ଞତା ଜଣାଇବା ଲାଗି ଦେଉଳ ମଧ୍ୟରେ ପ୍ରବେଶ କରିବା ପୂର୍ବରୁ ଆମେ ଘଡ଼ିଏ ଅଟକି ଯିବାକୁ ଚେଷ୍ଟା କରିବା ଏବଂ ନୂତନ ହୋଇ ଜନ୍ମଲାଭ କରିଥିବା ଶିଶୁ-ଅନୁଷ୍ଠାନଟି ଉପରେ ଏକ ସମୀକ୍ଷାତ୍ମକ ଦୃଷ୍ଟି ବୁଲାଇ ଆଣିବା ।

ଏହି ସଂଗଠନଟି ଫଳରେ ଏକ ନୂତନ ଲୀଗ୍ ଅଫ୍ ନେଶନ୍ସ୍‌ର ସୃଷ୍ଟି ହୋଇଛି, ତାହାକୁ ଅଧିକ ନ୍ୟାୟ, ଉଦାରତା, ସଦ୍‌ଭାବଶୀଳତା ଏବଂ ଯଥାର୍ଥତା ଉପରେ ପ୍ରତିଷ୍ଠିତ କରି ତିଆରି କରାଯାଇଛି, ଏବଂ ରାଜ୍ୟଶକ୍ତିଗୁଡ଼ିକ ମଧ୍ୟରେ ଆଗରୁ ଯେଉଁସବୁ ନାନା ଅନ୍ୟାୟୋଚିତ ଭାରସାମ୍ୟ ରହିଥିଲା ଏବଂ ନାନାଭାବେ ଝୁଣ୍ଟିବାରେ ଲାଗିଥିବା ଯେଉଁସବୁ ବିବଦମାନ ସହମତିଗୁଡ଼ିକର ସୃଷ୍ଟି କରା ଯାଇଥିଲା, ଏହି ନୂତନ ସଂଗଠନଟି ସେଗୁଡ଼ିକୁ ହଟାଇ ଦେଇ ସେଗୁଡ଼ିକର ସ୍ଥାନ ଅଧିକାର କରିବ ବୋଲି ଅନୁମାନ କରାଯାଉଛି । ଏବଂ, ଆଗରୁ ରହିଥିବା ଅତ୍ୟନ୍ତ ଶିଥିଳ, ଅଫଳପ୍ରଦ ଓ ସହଜଭଙ୍ଗୁର ଗଠନଗୁଡ଼ିକ ଅପେକ୍ଷା ଏହି ନୂତନ ସଂଗଠନକୁ ଯଦି ପ୍ରକୃତରେ ଅଧିକ ସଫଳକାମ ହେବାକୁ ହୁଏ, ତେବେ ଆମେ ଏହି କ୍ଷେତ୍ରରେ ଅବଶ୍ୟ ପ୍ରତ୍ୟାଶା କରିବା ଯେ ଏହା ନିଶ୍ଚୟ କେତେକ ସର୍ତ୍ତର ପୂରଣ କରିବ, ଯେଉଁଗୁଡ଼ିକ ବିଷୟରେ ପୂର୍ବର ସେହି ଅନୁଷ୍ଠାନଗୁଡ଼ିକ ଆଦୌ କୌଣସି ପ୍ରୟାସହିଁ କରି ନ ଥିଲେ । ଏବଂ ଏ ବିଷୟରେ ବିଚାର କରି ବସିବା ମାତ୍ରକେହିଁ ନିମ୍ନଲିଖିତ କେତୋଟି କଥା ସେଥିଲାଗି ପ୍ରକୃତରେ ଅପରିହାର୍ଯ୍ୟ ବୋଲିହିଁ ମନେ ହେବାକୁ ଲାଗିବ । ପ୍ରଥମ କଥାଟି ହେଉଛି, ଯେକୌଣସି ପ୍ରକାରେ ହେଉ ପଛକେ ଏହି ନୂତନ ଜାତିସଂଘକୁ ବର୍ତ୍ତମାନ ପୃଥିବୀର ପ୍ରତ୍ୟେକ ଜାତିକୁ ଆପଣା ମଧ୍ୟକୁ ଅନ୍ତର୍ଭୁକ୍ତ କରି ଆଣିବାକୁ ହେବ, ଏବଂ ଏହି ପ୍ରକ୍ରିୟାଟିକୁ ମଧ୍ୟ ଏକ ନ୍ୟାୟ ଓ ସହମତିର ଭୂମି ଉପରେ କାର୍ଯ୍ୟକାରୀ କରିବାକୁ ପଡ଼ିବ, ଯେପରିକି ସମ୍ପୃକ୍ତ ଜାତିଗୁଡ଼ିକ ଆପଣା ଇଚ୍ଛାରେ ଓ ଖୁସିରେ ଆସି ଏହି ସଂଘଟିରେ ଯୋଗଦେବେ ଏବଂ ତାହା ମଧ୍ୟରେ କୌଣସି ପ୍ରକାର ଅନ୍ତଃଖେଦ, ସନ୍ଦେହ ଅଥବା ସଂଶୟ ଲାଗି ଆଦୌ କୌଣସି ସ୍ଥାନହିଁ ନ ଥିବ । ଜାତିସମୂହର ଏହି ନୂତନ ଗୋଷ୍ଠୀଟି ମଧ୍ୟରେ ଗୋଟିଗୋଟି କରି ସବୁ ଜାତିଙ୍କ ଲାଗି ଯେପରି ଏକ ନ୍ୟାୟପୂର୍ଣ୍ଣ ଏବଂ ପ୍ରକୃତରେ କ୍ରିୟାଶୀଳ ସ୍ଥାନ ରହିବ, ଏବଂ, ଗଣତନ୍ତ୍ରର ଏହି ଯୁଗଟିରେ ଆମେ ଏହା ସହିତ ଏକଥାଟି ମଧ୍ୟ ଅବଶ୍ୟ ଯୋଡ଼ିରଖିବା ଯେ ସେହି ସଂସ୍ଥାଟି ମଧ୍ୟରେ ସବୁ ଜାତିଙ୍କ ଲାଗି ଯେପରି ଏକ ସମ୍ମାନିତ ଏବଂ ସମକକ୍ଷ ସ୍ଥାନ ରହିବ, ସେକଥାଟିକୁ ମଧ୍ୟ ଦେଖିବାକୁ ପଡ଼ିବ । ସଂଗଠନଟି ପଛରେ ଅନ୍ତର୍ଭୁକ୍ତ ଜାତିଗୁଡ଼ିକର ନୈତିକ ସମ୍ମତି ଏବଂ

'oaob.nitrkl.ac.in' images reprocessed

ସମର୍ଥନ ନ ରହିଲେ ତାହା କେବଳ ଏକ ଅନିଶ୍ଚିତ ବାହ୍ୟ ଏକତ୍ରୀକରଣରେହିଁ ପରିଣତ ହୋଇ ରହିବ; ଏବଂ ତେଣୁ ସଂଗଠନଟିକୁ ପ୍ରକୃତରେ ସ୍ଥାୟୀ ଜୀବନ ଦେଇ ରଖିବାକୁ ହେଲେ ତାହା ପକ୍ଷରେ ସମସ୍ତଙ୍କର ନୈତିକ ସମ୍ମତି ଏବଂ ସମର୍ଥନ ରହିବା ଏକାନ୍ତ ଆବଶ୍ୟକ ହେବ । ଏବଂ, ସେହି ସମ୍ମତି ଓ ସମର୍ଥନକୁ ସତତ ଲାଭ କରି ପାରିବାକୁ ହେଲେ, କେବଳ ତିଆରି ହେଉଥିବା ସମୟରେ ନୁହେଁ, ମାତ୍ର ଭବିଷ୍ୟତରେ ମଧ ଏହି ସଂଗଠନଟି ବର୍ତ୍ତମାନ ମୁହୂର୍ତ୍ତରେ ସେଇଟି ମଧରେ ସର୍ବାଧିକ ଶକ୍ତିଶାଳୀ ହୋଇ ରହିଥିବା କେବଳ କେତୋଟି ରାଷ୍ଟ୍ରର ଏକପାଖିଆ ଇଚ୍ଛା ଦ୍ଵାରା ନିର୍ଦ୍ଧାରିତ କୌଣସି ଆତ୍ମପ୍ରତିଷ୍ଠାକାମୀ ଆଇନ୍ ଅଥବା ଅନୁଷ୍ଠାନଗତ କୌଣସି ପ୍ରତିଷ୍ଠିତ ରୀତି ବା ସୂତ୍ର ଉପରେ ଆପଣାକୁ କଦାପି ଆଧାରିତ କରି ରଖିବ ନାହିଁ, ମାତ୍ର ସମତା ଏବଂ ନ୍ୟାୟର ଏକ ସୁଦୃଢ଼, ସୁନିର୍ଦ୍ଦେଶ୍ୟ ଏବଂ ସତତ ବିବର୍ତ୍ତନକ୍ଷମ ନୀତି ଓ ଆଦର୍ଶ ଉପରେ ତାହା ନିଜକୁ ଆଧାରିତ କରି ରଖିବ; କାରଣ ଯେଉଁଠାରେ ଏସବୁ ସମ୍ଭବ ହେବ, କେବଳ ସେହିଠାରେହିଁ ଏକ ନୈତିକ ନିର୍ଭର ପ୍ରତିଶ୍ରୁତି ଏବଂ ସ୍ଥାୟିତ୍ୱବୋଧ ସମ୍ଭବ ହୋଇପାରିବ । ଜାତିସଂଘ ଆପଣା ଲାଗି ଯେଉଁ ସଂବିଧାନଟି ତିଆରି କରିବ, ଏହାପରେ ଅନ୍ତର୍ଜାତୀୟ ସମାଜଟିର ଏହି ଶିଶୁ ତଥା ଅସ୍ଥାୟୀ ଗଢ଼ଣଟିକୁ କୌଣସି ପ୍ରକାରେ ବିପନ୍ନ କରି ପକାଇବାର ଆଶଙ୍କା ରହିଥିବା ଯାବତୀୟ କଠିନ, ଜଟିଳ ଏବଂ ସୂକ୍ଷ୍ମ ସମସ୍ୟାର ସମାଧାନ ଲାଗି ସେଥିରୁ ବିଶ୍ଵାସଯୋଗ୍ୟ ଆବଶ୍ୟକ ସାଧନମାନ ଅବଶ୍ୟ ଉପଲବ୍ଧ ହୋଇଯାଉଥିବ; ଏବଂ ତେଣୁ, ସେହି ଉଦ୍ଦେଶ୍ୟଟିର ସାଧନ କରିପାରିବା ସକାଶେ ଜାତିସଂଘକୁ ଏପରି ଏକ ସ୍ଥାୟୀ, କେନ୍ଦ୍ରୀୟ ଓ ଶକ୍ତିଶାଳୀ କର୍ତ୍ତୃତ୍ୱର ସ୍ଥାପନା କରି ରଖିବାକୁ ହେବ, ଯାହା ଉପରେ କି ପ୍ରତ୍ୟେକ ଜାତି ପ୍ରକୃତରେ ଆସ୍ଥା ରଖିପାରିବେ ଏବଂ ତାହାକୁହିଁ ମନୁଷ୍ୟ-ସମୁଦାୟର ସମ୍ମିଳିତ ସତ୍ତାଟିର ଏକ ସ୍ଵାଭାବିକ କର୍ତ୍ତୃତ୍ୱସ୍ଥାନ ଏବଂ ନିର୍ଭରଯୋଗ୍ୟ ଗତିଶୀଳ ଅଭିବ୍ୟକ୍ତି ରୂପେ ଗ୍ରହଣ କରିନେଇ ପାରିବେ । ଜଣେ ହୁଏତ ଏପରି ଭାବିବାକୁ ଆରମ୍ଭ କରିବ ଯେ, ଏହି ଦାବିଗୁଡ଼ିକୁ କଦାପି କୌଣସି ପ୍ରକାରେ କେବଳ ଅସ୍ପଷ୍ଟ, କାଳ୍ପନିକ ଓ ଅବାସ୍ତବ କେତୋଟି ଦାବି ବୋଲି ଆଦୌ କୁହାଯାଇ ପାରିବ ନାହିଁ, ମାତ୍ର, ବର୍ତ୍ତମାନ କଳ୍ପନା କରାଯାଉଥିବା ଏବଂ ତଥାପି ବଡ଼ ଶିଥିଳଗ୍ରନ୍ଥି ହୋଇ ରହିଥିବା ଏକତ୍ରୀକରଣର ଯେକୌଣସି ବ୍ୟବସ୍ଥାରେ ଏହାକୁ ପ୍ରକୃତକ୍ଷେତ୍ରୀୟ କେତୋଟି ଆବଶ୍ୟକତା ବୋଲିହିଁ କୁହାଯିବ; ଏହିସବୁ ସର୍ତ୍ତକୁ ତାହା ପ୍ରଥମରୁହିଁ ପୂରଣ କରିବାକୁ ସମର୍ଥ ହେବ ଏବଂ କ୍ରମଶଃ ଅଧିକରୁ ଅଧିକ ସମର୍ଥ ହେବାରେ ଲାଗିଥିବ ଏବଂ ତେବେଯାଇ ତାହା ଏହି ଉଦ୍ୟମଟିର ପଥରେ ରହିଥିବା ବିରାଟ ବାଧାଗୁଡ଼ିକ ସତ୍ତ୍ୱେ ତଥାପି ବଞ୍ଚି ରହିପାରିବ । କାରଣ, ଏହି ଉଦ୍ୟମଟି ଯେତିକି ଆଗକୁ ଆଗକୁ ଯାଉଥିବ, ତାହାକୁ ସେତିକି ସେତିକି ଅଧିକ ପରିମାଣରେ ଆମର

'oaob.nitrkl.ac.in' images reprocessed

ଅଧିକାଂଶ ପ୍ରକୃତିଦତ୍ତ ଅହଂପ୍ରେରିତ ପ୍ରବୃତ୍ତିଗୁଡ଼ିକର ଅପନୋଦନ କରିବାକୁ ପଡ଼ିବ, ମନୁଷ୍ୟସମୂହର ଅନ୍ତର୍ଜାତୀୟ ମାନସଭୂମିରେ ଦେଖିବାକୁ ମିଳୁଥିବା ସୁଗଭୀର ଅତୀତ ଅଭ୍ୟାସଗୁଡ଼ିକର ମୂଳୋତ୍ପାଟନ କରିବାକୁ ପଡ଼ିବ ।

ଯୁଦ୍ଧରୂପୀ ପିତାର ଔରସରୁ ଓ ଅସ୍ତ୍ରବଳରେ ଜବରଦସ୍ତି ଲଦି ଦିଆ ଯାଇଥିବା ଏହି ଶାନ୍ତି-ଅବସ୍ଥାରୂପୀ ଜନନୀର ଗର୍ଭରୁ ଏହି ଯେଉଁ ବିରାଟକାୟ ଛୁଆଟି ଜନ୍ମ ଗ୍ରହଣ କରିଛି, ଭୟ ଦ୍ୱାରା ତ୍ରସ୍ତ କରି ରଖିଥିବା ଓ ରକ୍ତପାତ ଦ୍ୱାରା ଦବାଇ ଦିଆ ଯାଇଥିବା କେତେକେତେ ବିପ୍ଳବ, ଅନ୍ତର୍ଜାତୀୟ କ୍ଷେତ୍ରରେ ଏକ ବିକୃତ ଆଦର୍ଶବାଦ ଏବଂ ଅର୍ଦ୍ଧନିୟନ୍ତ୍ରିତ ଭାବରେ ପ୍ରାୟ ଏକପ୍ରକାର ପୋଷ ମନାଇ ନିଆ ଯାଇଥିବା କେତେକେତେ ଜାତୀୟ ଅହଂବାଦିତା ତାହାର ସାକ୍ଷୀ ତଥା ଧର୍ମପିତା ହୋଇ ରହିଛନ୍ତି, ଏବଂ ଏହି ଦୃଷ୍ଟିରୁ ବିଚାର କରି ଦେଖିଲେ, ତା' ମଧ୍ୟରେ କେତେକ ପରିମାଣରେ ପ୍ରତିଶ୍ରୁତିର କେତେ ଉପାଦାନ ରହିଥିଲେ ମଧ୍ୟ ଆମେ ତଥାପି ସେହି ଆବିର୍ଭାବଟିକୁ କଦାପି ସମ୍ପୂର୍ଣ୍ଣଭାବରେ ଖୁବ୍ ଭରସା ଦେଇ ଯାଉଥିବାର ଏକ ନିମିତ୍ତ ବୋଲି କହିପାରିବା ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ନାନା ପ୍ରତିକୂଳ ପରିସ୍ଥିତି ମଧ୍ୟରେହିଁ ସେହି ଶିଶୁଟିର ଗର୍ଭାଧାନ ହୋଇଥିଲା; ଏବଂ, ବିଜୟୀ ଜାତିମାନଙ୍କର ଶାସକ ଏବଂ ରାଷ୍ଟ୍ରନୀତିଜ୍ଞମାନଙ୍କର ମନରେ ଆତ୍ମବିଜୟର ଏକ ଶକ୍ତିଶାଳୀ ପ୍ରୟାସ ବ୍ୟତୀତ, ଏଥିରୁ ସମ୍ପୂର୍ଣ୍ଣଭାବରେ କୌଣସି ପରିଣାମ ଆଦୌ ଉପୁଜିବ ଏବଂ ଶୁଭଦାୟକ ଏକ ନୂତନ ଆରମ୍ଭ ପ୍ରକୃତରେ ସମ୍ଭବ ହେବ ବୋଲି କଦାପି ଆଶା କରାଯାଇ ନ ଥା'ନ୍ତା । ଯୁଦ୍ଧରେ ଲବ୍ଧ ହୋଇଥିବା ବିଜୟଟି ଏଡ଼େ ଅତିବିଶାଳ ଆକାରରେ ହୋଇଛି ଏବଂ ପ୍ରାୟ ନିଶା ଖାଇ ପକାଇବା ଭଳି ଏଡ଼େ ସମ୍ପୂର୍ଣ୍ଣଭାବରେ ହୋଇଛି ଯେ ବିଜୟୀମାନଙ୍କ ପକ୍ଷରେ ଏକ ଆତ୍ମ-ବିଜୟ ତଦ୍ଦ୍ୱାରା ପ୍ରକୃତରେ ହଜାରଗୁଣ ଅଧିକ କଷ୍ଟସାଧ୍ୟ ହୋଇପଡ଼ିଛି । ଜନ୍ମଲାଭ କରିବାର ଶେଷ ପର୍ଯ୍ୟାୟଟି ଦେଇ ଗତି କରୁଥିବା ଏହି ସଂଘଟି ଏକତା ଲାଗି ପୃଥିବୀର ସବୁ ଜାତିଙ୍କର ସମାନ ଓ ସୁସଂଯୁକ୍ତ ଭାବରେ ରହିଥିବା ଇଚ୍ଛାଟି ଦ୍ୱାରା କଦାପି ସ୍ୱତଃସ୍ଫୂର୍ତ୍ତଭାବରେ ଗଠିତ ହୋଇପାରି ନାହିଁ । ସେହି ସଂଘଟିର ଜନ୍ମକୁ ପୁରୁଣା କେତେକେତେ ଘୃଣା, ପ୍ରତିଶୋଧ, ଆଶଙ୍କା ଏବଂ ବିଶ୍ୱବ୍ୟାପୀ ଅଶାନ୍ତି ଓ ବିକ୍ଷୁବ୍ଧତାର ଏକ ନୂତନ ଆତଙ୍କଦାୟୀ ଭବିଷ୍ୟ-ସମ୍ଭାବନାର ଭାବନାକୁ ଆମ ଆଗରେ ଆଣି ଉନ୍ମୋଚିତ କରି ଦେଇଥିବା କେତେକେତେ ବିପ୍ଳବର ଆନୁଷଙ୍ଗିକତାକୁ ବହନ କରି ଆଣୁଥିବା ଏକ ହତ୍ୟାବୀଭତ୍ସ ବିଶ୍ୱଯୁଦ୍ଧର କେତେକେତେ ମହତ୍ତ୍ୱାକାଂକ୍ଷା ସତେଅବା ଚତୁର୍ଦ୍ଦିଗରୁ ଆଚ୍ଛନ୍ନ କରି ଘେରି ରହିଛି । ମନୁଷ୍ୟ-ପୃଥିବୀର ଅନ୍ତର୍ଜାତୀୟ ଜୀବନରେ ଭବିଷ୍ୟତରେ ଯେପରି ଆଉ କେବେହେଲେ ଏଭଳି କୌଣସି ହିଂସାତ୍ମକ ଦୁର୍ବିପାକ ଓ ବିପର୍ଯ୍ୟୟ ପ୍ରକୃତରେ ନ ଘଟିବ, ସେଥିଲାଗି କୌଣସି ଏକ

'oaob.nitrkl.ac.in' images reprocessed

ପ୍ରତିବିଧାୟକ ପଥ ଖୋଜି ବାହାର କରିବା ଲାଗି ଯେତେ ଅସ୍ପଷ୍ଟ ହେଲେ ମଧ୍ୟ ଯେଉଁ ପ୍ରବଳ ଆକାଂକ୍ଷାଟି ରହିଛି,– ଜାତିଗୁଡ଼ିକର ଶାସକବ୍ୟକ୍ତି ଓ ଶାସକଶ୍ରେଣୀଗୁଡ଼ିକର ତୁଳନାରେ ସେଥିରେ ବାସ କରୁଥିବା ସାଧାରଣ ଲୋକଙ୍କ ଭିତରେ ଏହି ଆକାଂକ୍ଷାଟି ଅଧିକ ପରିମାଣରେ ରହିଛି ଏବଂ ତାହା ତଥାପି ସମସ୍ତଙ୍କ ଭିତରେ ସମାନ ଭାବରେ ରହି ନାହିଁ,– ସେହି ଆକାଂକ୍ଷାଟି ମଧ୍ୟରୁହିଁ ଜାତିସଂଘ କ୍ରମେ ଆକାର ଲାଭ କରି ଆସିଛି । ଏହି ବିଚାରଟି ଯେ ଏକ ପ୍ରକୃତ ଏବଂ ତାତ୍କାଳିକ ଅସ୍ତିତ୍ୱ ଗ୍ରହଣ କରିପାରିଛି, ତାହା ପଛରେ ମୁଖ୍ୟତଃ ଜଣେ ପ୍ରଖ୍ୟାତ ଆଦର୍ଶବାଦୀ ରାଷ୍ଟ୍ରନୀତିଜ୍ଞଙ୍କର ଦୃଢ଼ ସଂକଳ୍ପହିଁ କାରଣରୂପେ ରହିଛି, ଏବଂ କେତେକ କ୍ଷେତ୍ରରେ ସେଇଟି ପଛରେ ଏପରି ଅନ୍ୟ କେତେଜଣଙ୍କର ଏକ ଅନିଚ୍ଛାକୃତ ସମ୍ମତି ରହିଛି, ଯେଉଁମାନେ କି କେବଳ ଆଂଶିକ ଭାବରେହିଁ ସ୍ୱୟଂ ତାଙ୍କର ଆଦର୍ଶବାଦଟି ଦ୍ୱାରା ପ୍ରେରିତ ହେଉଛନ୍ତି ଅଥବା ଆଦୌ ପ୍ରେରିତ ହେଉ ନାହାନ୍ତି । ସେହି ଜଣେ ବ୍ୟକ୍ତିଙ୍କରହିଁ ଏକ ପ୍ରବଳ ଇଚ୍ଛା ରହିଛି, ପରିସ୍ଥିତି ବଳରେ ସିଏ ଯେଉଁ ପ୍ରଭାବଶାଳୀ ସ୍ଥାନଟିରେ ରହିଛନ୍ତି, ଯାହାକି ତାଙ୍କର ଅନେକ ସହାୟତା କରୁଛି ଏବଂ ସେହି ପରିସ୍ଥିତିଗୁଡ଼ିକୁ କାମରେ ଲଗାଇବା ଲାଗି ତାଙ୍କ ମଧ୍ୟରେ ଏକ ନମନଶୀଳ ଦୃଢ଼ତା ମଧ୍ୟ ରହିଛି । ଏବଂ, ଘଟଣାବଳୀ ଯେପରି ସ୍ୱଳ୍ପଭାବରେ ଗତି କରିବାରେ ଲାଗିଛି ଓ ବିଭିନ୍ନ ଦେଶର ରାଷ୍ଟ୍ର ତଥା ସାମ୍ରାଜ୍ୟାଧିପତି ଜାତିମାନଙ୍କର ବାସ୍ତବ ଆଚରଣଟି ଉପରେ ଯେଉଁ ଅହଂପ୍ରେରିତ ଇଚ୍ଛାଗୁଡ଼ାକ ଆସ୍ଥାନ ମାଡ଼ି ରହିଛି, ଏଗୁଡ଼ିକ ଉପରେ ସେହି ବ୍ୟକ୍ତିହିଁ କିଞ୍ଚିତ୍ ପ୍ରଭାବ ପକାଇବା ଲାଗି ସମର୍ଥ ହୋଇଛନ୍ତି, ସେମାନଙ୍କ ଉପରେ ଆପଣା ଆଦର୍ଶଟିର କିଞ୍ଚିତ୍ ଛାୟାପାତ କରାଇ ପାରିଛନ୍ତି ଅର୍ଥାତ୍ ସେମାନଙ୍କ ସମକ୍ଷରେ ଯେତେ ପ୍ରାଥମିକ ଓ ଅପୂର୍ଣ୍ଣଭାବରେ ହେଲେ ମଧ୍ୟ ସେହି ଆଦର୍ଶର ଏକ ମୂର୍ତ୍ତରୂପ ଆଣି ଉପସ୍ଥାପିତ କରାଇ ପାରିଛନ୍ତି । ମାତ୍ର ଯେଉଁ ବୃହତ୍ ଓ ସମ୍ପୂର୍ଣ୍ଣ ଆଦର୍ଶଟିକୁ ନେଇ ସେ ଆପଣାର କାର୍ଯ୍ୟଟି ଆରମ୍ଭ କରିଥିଲେ, ଉପସ୍ଥିତ ବାସ୍ତବକ୍ଷେତ୍ରରେ ଜାତିମାନଙ୍କର ଉଗ୍ର ବାସନା, ମହତ୍ତ୍ୱାକାଂକ୍ଷା ଓ ଆତ୍ମସ୍ୱାର୍ଥର ନାନା ପ୍ରୟୋଜନ ଦ୍ୱାରା ଏବଂ ପରିସ୍ଥିତିର ନାନା ଚାପ ଦ୍ୱାରା,– ସକଳ ଆଦର୍ଶବାଦ ସତ୍ତ୍ୱେ ଏହି ପରିସ୍ଥିତିଗୁଡ଼ାକହିଁ ତ ଜୀବନର ସର୍ବପ୍ରଧାନ ନିୟନ୍ତ୍ରକ ଓ ମୀମାଂସକ ରୂପେ କାର୍ଯ୍ୟ କରିଥା'ନ୍ତି,– ତାହା ଏତେଦୂର ଗ୍ରସ୍ତ ଓ ସମାକୁଳ ହୋଇପଡ଼ିଛି ଯେ ସୂତ୍ରରୂପ ଦିଆ ଯାଇଥିବା ସେହି ମୂର୍ତ୍ତ ବ୍ୟବସ୍ଥାଟି ମଧ୍ୟରେ କୌଣସି ଗୋଟିଏ କଥା ଉପରେ ହାତ ରଖି କୌଣସି ପ୍ରକାର ସଂଶୟ ଅଥବା ସନ୍ଦେହ ନ ଥାଇ ଯେଉଁ ଉଚ୍ଚ ଆଦର୍ଶଗୁଡ଼ିକ ସକାଶେ ମହାଯୁଦ୍ଧଟି ଲଢ଼ାହେଲା ଏବଂ ସେଥିରେ ବିଜୟ ହାସଲ କରାଗଲା, ସେଗୁଡ଼ିକ ଏହାରି ଭିତରେହିଁ ପ୍ରକୃତ ରୂପ ପାଇଛି ବୋଲି କହିପାରିବା ପ୍ରକୃତରେ ବଡ଼ କଷ୍ଟସାଧ୍ୟ ହୋଇ ପଡ଼ିଲାଣି ।

'oaob.nitrkl.ac.in' images reprocessed

ଏଥିରେ ଆଶ୍ଚର୍ଯ୍ୟ ହେବା ଲାଗି ଆଦୌ କୌଣସି କାରଣ ନାହିଁ; ଏବଂ, ଯେଉଁମାନେ ଆପଣାର ଅଭିଜ୍ଞତା ଅପେକ୍ଷା ସେମାନଙ୍କର ଆଶାଟା ଉପରେହିଁ ଅଧିକ ଆସ୍ଥା ସ୍ଥାପନ କରିଥିଲେ, କେବଳ ସେହିମାନଙ୍କୁ ଛାଡ଼ିଦେଲେ ଏଥିରେ ନୈରାଶ୍ୟ ଅନୁଭବ କରିବା ଲାଗି ମଧ୍ୟ କାହାରି ଆଦୌ କୌଣସି କାରଣ ନାହିଁ । ଜାତିଚୟର ଏହି ନୂତନ ସଂଘବଦ୍ଧତାର ଭବିଷ୍ୟତ ସ୍ଥାୟିତ୍ୱ ଏବଂ ବିବର୍ତ୍ତନ ସକାଶେ ମୂଳର ସେହି ବଡ଼ ବଡ଼ ଆଦର୍ଶଗୁଡ଼ିକ ଆଦୌ ଦରକାର ଥିଲା କି ନାହିଁ, ଏହି କ୍ଷେତ୍ରରେ ଆମକୁ କେବଳ ସେହି କଥାଟିହିଁ ପରୀକ୍ଷା କରି ଦେଖିବାକୁ ପଡ଼ିବ, ଏବଂ ଯଦି ସେଗୁଡ଼ିକ ପ୍ରକୃତରେ ଦରକାର ଥିଲା ବୋଲି ଦୃଷ୍ଟିଗୋଚର ହୁଏ, ତେବେ, ଏକ ଦେହଗଠନ ଲାଭ କରିବା ପରିବର୍ତ୍ତେ ଯେଉଁ ଛାଞ୍ଚଗୁଡ଼ିକ ଭିତରେ ସେଗୁଡ଼ିକ ପୋତି ହୋଇ ପଡ଼ିଥିବା ପରି ବୋଧ ହେଉଛନ୍ତି, ସେଗୁଡ଼ିକ ମଧ୍ୟରୁ ସେହି ଆଦର୍ଶଗୁଡ଼ିକୁ ଉଦ୍ଧାର କରି ଆଣିବା ଲାଗି ପ୍ରକୃତରେ କେତେଦୂର ସମ୍ଭାବନା ରହିଛି, ଆମକୁ ସେକଥାଟି ମଧ୍ୟ ଦେଖିବାକୁ ହେବ । ଏବଂ, ଯେଉଁସବୁ ଅବସ୍ଥା ଉତ୍ପନ୍ନ ହୋଇ ଆସିବ ବୋଲି ସୂଚନା ଦିଆଯାଇ ସାରିଛି, ସେଗୁଡ଼ିକ ପ୍ରକୃତରେ କେତେଦୂର ଉପଲବ୍ଧ ହୋଇପାରିବ ବା ଜାତିସଂଘର ପ୍ରାରମ୍ଭିକ ସଂଗଠନଟି ମଧ୍ୟରୁ କେତେଦୂର ବିବର୍ତ୍ତିତ ହୋଇ ଆସି ପାରିବ, ସେହି କଥାଟି ଏହାରି ଉପରେହିଁ ନିର୍ଭରଶୀଳ ହୋଇ ରହିବ ।

ଏକ ଜାତିସଂଘ ପ୍ରକୃତରେ କାର୍ଯ୍ୟସାଧକ ହୋଇପାରିବାକୁ ହେଲେ ତାହା ମଧ୍ୟରେ ବର୍ତ୍ତମାନ ମନୁଷ୍ୟ-ସମୁଦାୟରେ ରହିଥିବା ସବୁ ଜାତିଙ୍କର ଅନ୍ତର୍ଭୁକ୍ତ ହୋଇପାରିବା ଲାଗି ଅବକାଶ ଅବଶ୍ୟ ରହିବ । କାରଣ ଅନେକଗୁଡ଼ିଏ ଜାତିକୁ ବାଦ୍ ଦେଇ ଅଥବା ବହିଷ୍କୃତ କରି ରଖାଗଲେ ତାହା ପ୍ରାୟ ଅନିବାର୍ଯ୍ୟଭାବରେ ଏକ ଭବିଷ୍ୟତ ବିପଦର ଉପାଦାନକୁ ଆମନ୍ତ୍ରଣ କରି ନେଇ ଆସିବ, ସମ୍ଭାବ୍ୟ କେତେ ମନୋମାଳିନ୍ୟ ଏବଂ ସଂଘାତକୁ ଡାକି ନେଇ ଆସିବ; ହୁଏତ କେତେପ୍ରକାର ବିଦ୍ୱେଷକୁ ଜନ୍ମ ଦେଇ ତାହା ଏକ ପ୍ରତିଦ୍ୱନ୍ଦ୍ୱୀ ଅନ୍ୟ ମେଣ୍ଟ ବା ସଂଗଠନକୁ ସୃଷ୍ଟି କରି ଆଣିବ, ଯାହାକି ପରିଣାମରେ ଆମକୁ ଆଉ ଗୋଟିଏ ଏବଂ ଅପେକ୍ଷାକୃତ ଅଧିକ ପ୍ରଚଣ୍ଡ ଏକ ଦୁର୍ବିପାକ ଆଡ଼କୁ ଚାଳିତ କରି ନେଇଯିବ । ଏହାର ପ୍ରକଟ ରୂପଟିରେ ଏହି ନୂତନ ଜାତିସଂଘଟି ଯେପରି ଦେଖାଯାଉଛି, ସେଥିରୁ ତାହା ପ୍ରକୃତରେ ଯଥେଷ୍ଟ ପ୍ରଶସ୍ତତା ସହିତ ଗଠିତ ହୋଇଛି ବୋଲି ଆଦୌ ମନେ ହେଉ ନାହିଁ । ତାହାର ଘୋଷିତ ନୀତିଗୁଡ଼ିକ ଅନୁସାରେ ସେହି ସଂଘକୁ କେବଳ ମିତ୍ର ଏବଂ ସମପକ୍ଷମାନଙ୍କର ଏକ ସଂଗଠନ ବୋଲି କୁହାଯାଉଛି । ଏହି ସଂଗଠନଟିର ସବା ଆଗ ଧାଡ଼ିରେ ସମ୍ପୂର୍ଣ୍ଣ ବିଶ୍ୱାସ ଏବଂ ପ୍ରଭାବଶାଳିତା ସହିତ ପାଞ୍ଚୋଟିଯାକ ବଡ଼ ଓ ଶକ୍ତିଶାଳୀ ଜାତି ବା ସାମ୍ରାଜ୍ୟଶକ୍ତି ଠିଆ ହୋଇ ରହିଛନ୍ତି; ଏହି ତୁମୁଳ ଝଡ଼ ମଧ୍ୟରେ କେବଳ ସେହି ପାଞ୍ଚୋଟିଯାକ ଶକ୍ତିହିଁ ଅକ୍ଷତବଳରେ ଠିଆ ହୋଇ ରହିଛନ୍ତି । ସେଥିମଧ୍ୟରୁ ଦୁଇଟି ଶକ୍ତିର

'oaob.nitrkl.ac.in' images reprocessed

ବଳ ଓ କ୍ଷମତା ବସ୍ତୁତଃ ଅନେକ ଗୁଣରେ ବଢ଼ିଯାଇଛି, ସେମାନଙ୍କର ପ୍ରଭାବ ଏବଂ ଆଧିପତ୍ୟ ମଧ୍ୟ ପ୍ରଭୂତଭାବରେ ବଢ଼ିଛି । ଏବଂ ସେମାନଙ୍କ ପଛରେ ଅତ୍ୟନ୍ତ କ୍ଷୀଣ ଭାବରେ ଏବଂ ପ୍ରାୟ କୌଣସି ଫଳସାମର୍ଥ୍ୟ ନ ଥିବା ପରି ଇଉରୋପୀୟ ଓ ଆମେରିକାନ୍ ସାନ ଜାତିଗୁଡ଼ିକ ଭିଡ଼ କରି ରହିଛନ୍ତି, ଯେଉଁମାନେକି ଯୁଦ୍ଧରେ ସେଇମାନଙ୍କ ପଟରେ ରହିଥିଲେ ବା ସେମାନଙ୍କ ସହିତ ଏକାଠି ଛନ୍ଦା ହୋଇ ରହିଥିଲେ । ଏବଂ ଏମାନଙ୍କ ବ୍ୟତୀତ ପ୍ରାଚ୍ୟଭୂଖଣ୍ଡର ଏକ କ୍ଷୀଣଶକ୍ତି ଏବଂ ଭଗ୍ନଗ୍ରନ୍ଥି ତିମିଙ୍ଗଳ ମଧ୍ୟ ରହିଛି । ମାତ୍ର ଏମାନେ ସମସ୍ତେ ସତେଅବା କେବଳ ଏକ ଅସକ୍ରିୟ ସହମତି ଅଥବା ଏକ ଅଧସ୍ତନ ସହଯୋଗ ସହିତହିଁ ଆପଣା ଆପଣାର ଅଂଶଟିକୁ ଗ୍ରହଣ କରୁଥିବା ପରି ମନେ ହେଉଛନ୍ତି;— ବସ୍ତୁତଃ ଏହି କ୍ଷେତ୍ରରେ ଅସକ୍ରିୟ ସହମତିହିଁ ଅଧିକ ପରିମାଣରେ ରହିଛି ଏବଂ ଅଧସ୍ତନ ସହଯୋଗ ପ୍ରକୃତରେ ଭାରି କମ୍ ପରିମାଣରେ ରହିଛି । ଜାତିସଂଘର ରୂପଟି କିପରି ହେବ, ତା'ର ନିୟନ୍ତ୍ରଣ ଓ ଶାସନ ବିଷୟରେ କିପରି କ'ଣ କରାଯିବ, ଏସବୁ ବିଷୟରେ ସେମାନଙ୍କର ଏକ ଅସକ୍ରିୟ ସମ୍ମତିହିଁ ଯାହା ଉପଲବ୍ଧ ହୋଇପାରୁଛି । ଏବଂ ଯାହାକୁ ଏହି ସଂଘଟିର ତାତ୍କାଳିକ ଉଦ୍ଦେଶ୍ୟ ବୋଲି ଘୋଷଣା କରାଯାଉଛି, ତଦ୍ୱାରା ଏକ ସୁକଳ୍ପିତ ଏକତାର ନାନା ପ୍ରବର୍ତ୍ତନ ମଧ୍ୟରେ ପୃଥିବୀକୁ ଏକତ୍ର କରି ଗଅଁଠାଇ ଆଣିବାର କୌଣସି ଯୋଜନା ନାହିଁ; ଯଦି ସବୁଯାକ ଜାତି ମୁକ୍ତ ଏବଂ ସମାନ ଭାବରେ ଏହିସବୁ ବିଚାରବିମର୍ଶରେ ଅଂଶ ଗ୍ରହଣ କରି ପାରିଥା'ନ୍ତେ, ତେବେଯାଇ ସେକଥା ହୋଇ ପାରିଥା'ନ୍ତା । ମାତ୍ର ତା' ନ ହୋଇ ସମଗ୍ର ଜିନିଷଟିକୁ ବସ୍ତୁତଃ ବଡ଼ ତରତର ହୋଇ ଯୁଦ୍ଧବିଜୟୀ ମାନଙ୍କର ଅର୍ଦ୍ଧ-ଗୁପ୍ତ ବୈଠକମାନଙ୍କରେହିଁ ନିଷ୍ପତ୍ତି କରି ନିଆଯାଇଛି, ଏବଂ ପ୍ରଧାନତଃ ପାଞ୍ଚୋଟିଯାକ ପ୍ରଧାନ ଶକ୍ତିଗୁଡ଼ିକର ଇଚ୍ଛାହିଁ ସେଗୁଡ଼ିକର ନିଷ୍ପତ୍ତି କରିଦେଇଛି । ନିୟମ, ଚୁକ୍ତି, ଆଲୋଚନା ଏବଂ ମଧ୍ୟସ୍ଥତା ଦ୍ୱାରା ସଂଘର ସଦସ୍ୟମାନଙ୍କ ମଧ୍ୟରେ ରହିଥିବା ନାନା ସମ୍ବନ୍ଧକୁ ଓ ସ୍ୱାର୍ଥକୁ ନିୟନ୍ତ୍ରଣ ମଧ୍ୟରେ ରଖିବାହିଁ ବର୍ତ୍ତମାନ ସଂଘର ଲକ୍ଷ୍ୟ ହୋଇ ରହିଛି; ଯେଉଁ ରାଷ୍ଟ୍ରସବୁ ସଂଘର ବାହାରେ ରହିଛନ୍ତି, ସେମାନଙ୍କ ସହିତ ରହିଥିବା ସଦସ୍ୟ-ରାଷ୍ଟ୍ରମାନଙ୍କର ସମ୍ବନ୍ଧଗୁଡ଼ିକୁ ମଧ୍ୟ ଯଥାସମ୍ଭବ ସେହି ଉପାୟଗୁଡ଼ିକ ଦ୍ୱାରା ନିୟନ୍ତ୍ରିତ କରିବାର ଉଦ୍ଦେଶ୍ୟ ରହିଛି । ଏହି ଆରମ୍ଭ ପର୍ଯ୍ୟାୟରେ ସଂଘ କେବଳ ଏତିକି ମଧ୍ୟରେ ସୀମାବଦ୍ଧ ହୋଇ ରହିଛି ଏବଂ ଏଥିରୁ ଆଉ ଅଧିକକିଛିକୁ ଆପଣାର ଲକ୍ଷ୍ୟ ମଧ୍ୟରେ ରଖି ନାହିଁ । ମାତ୍ର, ଯେଉଁ ଦେଶଗୁଡ଼ିକ ତଥାପି ବାହାରେ ଅଛନ୍ତି, ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ସେମାନେ ମଧ୍ୟ ସଂଘରେ ଯୋଗ ଦେଇ ପାରିବା ଲାଗି ଏକ ଦ୍ୱାର ଉନ୍ମୁକ୍ତ କରି ରଖାଯାଇଛି; ଅବଶ୍ୟ ଏହି କ୍ଷେତ୍ରରେ ଏହି ସର୍ତ୍ତଟି ବଳବତ୍ତର ରହିଛି ଯେ, ଯେଉଁ ଦେଶମାନେ ପରେ ସଂଘର ସଦସ୍ୟ ହୋଇ ଆସିବେ, ସେମାନେ

'oaob.nitrkl.ac.in' images reprocessed

କୌଣସି ପ୍ରକାର ଆପତ୍ତି ବା ପ୍ରଶ୍ନ ନ ଉଠାଇ ଯେଉଁ ବ୍ୟବସ୍ଥାଟିର ବିଧାନଗୁଡ଼ିକୁ ଗଢ଼ିବାରେ ସେମାନଙ୍କର କୌଣସି ହାତ ରହିବ ନାହିଁ, ସେହି ବ୍ୟବସ୍ଥା ପ୍ରତି ଅନୁଗତ ହୋଇ ରହିବେ ଏବଂ ସେହି ବ୍ୟବସ୍ଥାଟିରହିଁ ଅଧୀନ ହୋଇ ରହିବେ । ଅନ୍ୟ ପକ୍ଷରେ, ପରେ ଯଦି ଗୋଟିଏ ଦେଶ ସଂଘ ମଧ୍ୟରେ ରହିବା ଲାଗି ଇଚ୍ଛା ନ କରିବ, ତେବେ ସେ ସଂଘରୁ ବାହାରି ଯାଇପାରିବା ଲାଗି ମଧ୍ୟ ଏକ ଦ୍ୱାର ଖୋଲି ରଖିଦିଆଯାଇଛି । ଏବଂ ଯଦି ବୃହତ୍‌ଶକ୍ତିମାନଙ୍କ ମଧ୍ୟରେ ବର୍ତ୍ତମାନ ରହିଥିବା ଏକତାଟି କେବେ ଫାଟିଯିବାକୁ ବସେ, ତେବେ ସଂଘ ଛାଡ଼ି ବାହାରି ଯିବା ଲାଗି ରହିଥିବା ଏହି ବିପଜ୍ଜନକ, ଅଥଚ ଉପସ୍ଥିତ ପରିସ୍ଥିତିରେ ସମ୍ଭବତଃ ଅନିବାର୍ଯ୍ୟ ହୋଇ ରହିଥିବା ଅଧିକାରଟିରୁହିଁ ପରିଶେଷରେ ବର୍ତ୍ତମାନର କେବଳ ଏକ ଆଂଶିକ ଏକତାର ଏହି ନାନା ସଂକୋଚଗ୍ରସ୍ତ ପ୍ରଥମ ଗଠନଟି ମଧ୍ୟ ସତେଅବା ଆପଣାଛାଏଁ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯିବାର ମଧ୍ୟ ସମ୍ପୂର୍ଣ୍ଣ ଆଶଙ୍କା ରହିଥିବ ।

ମାତ୍ର ବାହାରକୁ ଦେଖିବାକୁ କାଗଜ ଉପରର କଥାଗୁଡ଼ିକ ଅନୁସାରେ ପରିସ୍ଥିତି ଯେପରି ହୋଇଥିବା ଭଳି ଦେଖାଯାଉଛି, ପରିସ୍ଥିତିର ପ୍ରକୃତ ସତ୍ୟ ଏବଂ ପ୍ରବୃତ୍ତିଗୁଡ଼ିକ ହୁଏତ ତାହା ଅପେକ୍ଷା ପ୍ରକୃତରେ ଅଧିକ ଅନୁକୂଳ ହୋଇ ରହିଛନ୍ତି । ଯେଉଁ ଦେଶଗୁଡ଼ିକ ଏପର୍ଯ୍ୟନ୍ତ ଲୀଗ୍ ଭିତରକୁ ଆସି ନାହାନ୍ତି, କେବଳ ଦୁଇଟି ବୃହତ୍ ଏବଂ ବିପତ୍ତିମୟ ବ୍ୟତିକ୍ରମକୁ ଛାଡ଼ିଦେଲେ, ସେଗୁଡ଼ିକ ସବୁଯାକ ହେଉଛନ୍ତି ଛୋଟ ଛୋଟ ଦେଶ ଏବଂ ସେମାନେ ବାହାରେ ରହିଲେ ପ୍ରକୃତରେ ସେପରି କିଛି ବାଧା ଘଟିବ ବୋଲି ଆଦୌ କୌଣସି ସମ୍ଭାବନା ନାହିଁ । ଏବଂ ସେମାନଙ୍କର ଏହି ବାହାରେ ରହିବାଟା ପ୍ରକୃତରେ କ୍ରମେ ଏତେଦୂର ଅନନୁକୂଳ ହୋଇପଡ଼ିବ ଯେ ସେମାନେ ପଦେ ପଦେ ଅନେକତଃ ଏହି ଶକ୍ତିଶାଳୀ ସଂଘଟିର ଇଙ୍ଗିତ ଅନୁସାରେ ଚାଳିତ ହେବାକୁ ବାଧ୍ୟ ହେଉଥିବେ । କାରଣ, ସଂଘ ମଧ୍ୟରେ ରହିଥିବା ପାଞ୍ଚୋଟିଯାକ ବୃହତ୍ ଶକ୍ତି ଥରେ ସେହିପରି ସଂକଳ୍ପ କଲେ ଓ ସେଥିଲାଗି ଏକତାବଦ୍ଧ ହୋଇପାରିଲେ ଅନ୍ୟ ମତ ପୋଷଣ କରୁଥିବା ସମସ୍ତଙ୍କ ଉପରେହିଁ ବଡ଼ ଶକ୍ତିଶାଳୀଭାବରେ ଆପଣାର ଇଚ୍ଛାଟିକୁ କାର୍ଯ୍ୟକାରୀ କରିବା ଲାଗି ଅବଶ୍ୟ ସମର୍ଥ ହେବେ । ତେଣୁ ସଂଘର ବାହାରେ ରହିଥିବା ଦେଶମାନେ ଶୀଘ୍ର ହେଉ ବା ବିଳମ୍ବରେ ହେଉ ସଂଘର ନିବନ୍ଧନଗୁଡ଼ିକରେ ଅବଶ୍ୟ ସମ୍ମତ ହୋଇ ଯାଉଥିବେ ବୋଲି ପ୍ରତ୍ୟାଶା କରାଯାଉଥିବ, ଅଥବା ମାତ୍ର ଅଳ୍ପ କେତେବର୍ଷ ଲାଗି ସଂଘର ବାହାରେ ରହିବାର ଅବସ୍ଥାଟିକୁ ଚାଖି ସାରିବା ପରେ ସେମାନେ ଅବଶ୍ୟ ସଂଘର ସଦସ୍ୟ ହୋଇ ରହିବାକୁ ଇଚ୍ଛା କରିବେ ବୋଲି ମଧ୍ୟ ଆଶା କରାଯାଉଥିବ । ଅନ୍ତତଃ ଆଗାମୀ କେତେବର୍ଷ ଭିତରେ ସଂଘର ବୃହତ୍ ଶକ୍ତିମାନେ ପରସ୍ପରଠାରୁ ଫିଡ଼ିକି ଅଲଗା ହୋଇଯିବେ ବୋଲି ଆଶଙ୍କା କରିବା ଲାଗି ମଧ୍ୟ ସେପରି କୌଣସି ଦୃଢ଼ କାରଣ ନାହିଁ; ଏବଂ ଯଦି ପୃଥିବୀକୁ ଆଉ

'oaob.nitrkl.ac.in' images reprocessed

କୌଣସି ନୂତନ ବିପ୍ଳବର ଆଘାତ ଓ ଉପଦ୍ରବ ସହିବାକୁ ନ ପଡ଼େ, ତେବେ ସେମାନଙ୍କ ମଧ୍ୟରେ ଏକ ସମ୍ମିଳିତ କ୍ରିୟାଶୀଳତାର ସଂସ୍କାର ମଧ୍ୟ ସମୟକ୍ରମେ ହୁଏତ ପଡ଼ିଯାଇ ପାରିବ । ତେଣୁ, ଏପର୍ଯ୍ୟନ୍ତ ସେପରି କୌଣସି ନାମକରଣ ହୋଇ ପାରି ନ ଥିଲେ ମଧ୍ୟ ପୃଥିବୀର ସବୁ ଜାତିଙ୍କୁ ନେଇ ଏକ କାଉନ୍‌ସିଲ୍ ଅଥବା ଏକ ଅପୂର୍ଣ୍ଣତାଯୁକ୍ତ ସଂଘ ସମ୍ଭବ ହେବା ଦିଗରେ ଯେ ନିଶ୍ଚୟ ଏକ ପ୍ରାରମ୍ଭିକ ପଦକ୍ଷେପ ନିଆହୋଇ ସାରିଲାଣି, ଆମେ ବସ୍ତୁତଃ ସେହିଭଳି ଏକ ଅନୁମାନ କରିନେଇ ପାରିବା ।

ମାତ୍ର ଏହି କାଉନ୍‌ସିଲ୍‌ଟି ଯେପରି ଭାବରେ ଗଠିତ ହେବ ଏବଂ ଯେଉଁସବୁ ସର୍ତ୍ତରେ ବିଭିନ୍ନ ଅବସ୍ଥାରେ ରହିଥିବା ଜାତିମାନେ ଏହି କାଉନ୍‌ସିଲ୍ ମଧ୍ୟକୁ ସ୍ୱୀକୃତ ହୋଇ ଆସିବେ ଅଥବା ଏହାର ଅଧୀନ ହୋଇ ରହିବେ, ସେଗୁଡ଼ିକର ବାହ୍ୟ ଆକୃତିଗୁଡ଼ିକ ସତେଅବା ଆହୁରି ଅଧିକ ପରିମାଣରେ ଅବୋଧ ହୋଇ ରହିଛି । ଆଧୁନିକ ମନୁଷ୍ୟମନର ଗଣତାନ୍ତ୍ରିକ ଆଦର୍ଶବାଦଟି ସହିତ ସେଗୁଡ଼ିକର ପ୍ରକୃତରେ ଆଦୌ କୌଣସି ସଂଗତି ନାହିଁ, ମାତ୍ର ସେଗୁଡ଼ିକୁ ଦେଖିଲା ବେଳକୁ ସେଗୁଡ଼ିକ ଓଲଟି ସତେଅବା ବିଗତ ମଧ୍ୟଯୁଗୀୟ ବିଷମତା, ଜଟିଳତା ଓ ନାନା ଅସଙ୍ଗତି ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବା ଏକ ଗଢ଼ଣ ପରି ମନେ ହେଉଛନ୍ତି; ରାଜନୀତିକ ଦୃଷ୍ଟିରୁ ସେଗୁଡ଼ିକ ଗୋଟିଏ ଗୋଟିଏ ସାକ୍ଷାତ୍ ସାମନ୍ତବାଦୀ ଯୁଗର ଗଢ଼ଣ ପରି ଦେଖା ଯାଉଛନ୍ତି, ଯାହାର ପ୍ରଥମ ଥାକଟିରେ ସ୍ୱାଧୀନତା ଏବଂ ସମାନତାର ଆଧୁନିକ ରୂଢ଼ିଟିକୁ ଔପଚାରିକ ଭାବରେ କିଞ୍ଚିତ୍ ପରିମାଣରେ ଏକ ବିଚରଣ ସ୍ଥାନ ଛାଡ଼ିଦିଆ ଯାଇଛି । ଅତୀତର ଯୁଗମାନଙ୍କରେ ସାନ ସାନ ଖଣ୍ଡ ଜାତିମାନେ ଯେପରି ଜାତୀୟ ଏକକ ବା ସାମ୍ରାଜ୍ୟରୂପେ ଏକତ୍ର ହୋଇ ଆସିଥିଲେ, ମନୁଷ୍ୟ-ସମୁଦାୟର ଏକତ୍ରୀକରଣ ବର୍ତ୍ତମାନ ବି ହୁଏତ ଅନେକ ପରିମାଣରେ ସେହି ଧାରାରେ ମଧ୍ୟ ସମ୍ଭବ ହୋଇପାରେ । ସେହି ଏକତ୍ରୀକରଣ ସାମରିକ ଶକ୍ତି ଦ୍ୱାରା ମଧ୍ୟ ସମ୍ଭବ ହୋଇଥାନ୍ତା; ଅଥବା, ନଷ୍ଟ୍ରାଡାମସ୍ ଭବିଷ୍ୟବାଣୀ କଲା ପରି ବ୍ରିଟିଶ୍ ସାମ୍ରାଜ୍ୟର ଯେଉଁଭଳି ବର୍ଣ୍ଣନା କରିଥିଲେ, ଉଭୟ ସ୍ଥଳ ଏବଂ ଜଳଭାଗରେ ସମସ୍ତଙ୍କଠାରୁ ଅଧିକ ଶକ୍ତିଶାଳୀ ହୋଇ ରହିଥିବା କେତୋଟି ବହୁବଳ ରାଜରାଷ୍ଟ୍ରର ରାଜନୀତିକ ପ୍ରଭାବ ପଡ଼ିବା ଦ୍ୱାରା ମଧ୍ୟ ତାହା ସମ୍ଭବ ହୋଇ ପାରିଥା'ନ୍ତା; ଏହି ବହୁବଳ ରାଷ୍ଟ୍ରଗୁଡ଼ିକ ଯେ ନିଶ୍ଚିତ ଭାବରେ ସ୍ୱେଚ୍ଛାଚାରୀ କିଂବା ଏକଚ୍ଛତ୍ରବାଦୀ ହେବେ, ସେପରି ଭାବିବାର ଆଦୌ କୌଣସି କାରଣ ନାହିଁ; ମାତ୍ର ଏକଥାଟି ଅତି ସହଜରେ ଅବଶ୍ୟ କୁହାଯାଇ ପାରିବ ଯେ ସେମାନେ ସମାସନପ୍ରାପ୍ତ ସମସ୍ତଙ୍କ ମଧ୍ୟରେ ତଥାପି ପ୍ରଥମସ୍ଥାନୀୟ ହୋଇ ରହିବେ । ଏବଂ, ଜର୍ମାନୀ ଏହି ଯୁଦ୍ଧ ଫଳରେ ଯେପରି ଅତ୍ୟଧିକ ଭାବରେ କ୍ଷତବିକ୍ଷତ ହୋଇପଡ଼ିଲା ଏବଂ ସମସ୍ତଙ୍କ ତଳେ ଭୂତଳଶାୟୀ ହୋଇ ରହିଲା, ତା'ନ ହୋଇ ଯଦି ଜର୍ମାନୀ ସବୁଠାରୁ ବଡ଼ ଶାର୍ଦ୍ଦୂଳ

'oaob.nitrkl.ac.in' images reprocessed

ହୋଇ ଉତ୍ତୀର୍ଣ୍ଣ ହୋଇ ଆସିଥାନ୍ତା, ତେବେ ଠିକ୍ ତାହାହିଁ ଘଟିଥାନ୍ତା ବୋଲି ମୁଁ ଅନୁମାନ କରି ପାରୁଛି । ଏବଂ, କୌଣସି ଏକ ବ୍ୟବସ୍ଥାର ପ୍ରଣୟନ ଲାଗି ବର୍ତ୍ତମାନ ଯେଉଁ ପ୍ରୟାସଟି କରାଯାଉଛି ଏବଂ ତାହାର ଯେଉଁ ଅଶୋଧିତ ପ୍ରାଥମିକ ଚିତ୍ରଟିଏ ଅଙ୍କାଯାଉଛି, ସେଇଟି ଯଦି ବ୍ୟର୍ଥତାରେହିଁ ପରିଣତ ହୁଏ, ତେବେ ପରିଶେଷରେ ସେହିପରି କିଛି ଘଟିବ ନାହିଁ ବୋଲି ମଧ୍ୟ କଦାପି ନିଶ୍ଚୟତା ସହିତ କୁହାଯାଇ ପାରିବ ନାହିଁ । ମାତ୍ର ଏହି କଥାଟି ଅବଶ୍ୟ ସତ ଯେ ଅନ୍ତତଃ ବର୍ତ୍ତମାନ ପାଇଁ ସେହିପରି ଏକ ଆକସ୍ମିକତାକୁ ନିରାକୃତ କରି ଦିଆଯାଇ ପାରିଛି, ଅନ୍ତତଃ ଆପାତତଃ ଘୁଞ୍ଚାଇ ଦିଆଯାଇ ପାରିଛି । ସେହି ସମ୍ଭାବ୍ୟତାଟିର ନିରାକରଣ କରିଦିଆଗଲେ ମଧ୍ୟ ଏକତ୍ରୀକରଣର ପ୍ରକ୍ରିୟାଟି ତଥାପି ଏକ କୁଳୀନତନ୍ତ୍ରର ଆକାର ଗ୍ରହଣ କରିବାର ଅର୍ଥାତ୍ ଏଥିରେ ବୃହତ୍-ଶକ୍ତିମାନଙ୍କର ପ୍ରଭୁତ୍ୱ ଜାରି ହୋଇରହିବାର ଆଶଙ୍କା ପୂର୍ଣ୍ଣମାତ୍ରାରେ ରହିଛି; ସେହିଭଳି ଏକ ବ୍ୟବସ୍ଥାରେ ବୃହତ୍‌ଶକ୍ତିମାନେହିଁ ସମସ୍ତ ପଲଟିର ନାୟକ ହୋଇ ରହିବେ ଏବଂ ଦୁର୍ବଳତର ଅନ୍ୟ ସମସ୍ତେ ସେମାନଙ୍କର ଆଗୁଆମାନଙ୍କର ପାର୍ଶ୍ୱବର୍ତ୍ତୀ ଅଥବା ପଶ୍ଚାଦ୍‌ବର୍ତ୍ତୀ ହୋଇ ଲଟକି ରହିଥିବେ, ଏବଂ କେତେବେଳେ ଏକ ପୂର୍ଣ୍ଣସ୍ୱୀକାରସୂଚକ ଓ ପ୍ରଶସ୍ତିଯୁକ୍ତ ଓ ପୁଣି ଆଉ କେତେବେଳେ ଏକ ବିଦ୍ରୋହାତ୍ମକ ଏବଂ ଅସହମତିଯୁକ୍ତ ସମସ୍ୱରରେ ସେହିମାନଙ୍କର ଏବଂ ସେମାନଙ୍କର ନିର୍ଣ୍ଣୟ ଓ ନିଷ୍ପତ୍ତିଗୁଡ଼ିକରହିଁ ଅନୁସରଣ କରିବାରେ ଲାଗିଥିବେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ବର୍ତ୍ତମାନ ଏହି ଯେଉଁ ନୂଆ ସଂଘଟି ତିଆରି ହୋଇଛି, ତାହାର ଗଠନଟି ମଧ୍ୟରେ ଏହିଭଳି ଉପାଦାନର ଅନେକ କିଛି ରହିଯାଇଛି ଏବଂ ଆପଣାକୁ କାର୍ଯ୍ୟକାରୀ କରିବାକୁ ଗଲାବେଳେ ମଧ୍ୟ ତାହା ଅନେକ ପରିମାଣରେ ସେହିଭଳି କିଛିରେ ପରିଣତ ହେବାକୁ ଯାଉଛି । ମାତ୍ର ସେଇଟି ଭିତରେ ବର୍ତ୍ତମାନ ଏହି ବ୍ୟର୍ଥ ପ୍ରତ୍ୟାଶାଟି ଅଥବା ବ୍ୟର୍ଥ ସ୍ୱପ୍ନଟି ମଧ୍ୟ ଭରି ରହିଥିଲା ଓ ଏପରି ଏକ ଦୃଢ଼ ଭବିଷ୍ୟସମ୍ଭାବନାର ଚିତ୍ରଟି ନିହିତ ହୋଇ ରହିଥିଲା ଯେ ଯେତେ ବିଳମ୍ବରେ ହେଲେ ମଧ୍ୟ ଏହି ପୃଥିବୀର ସବୁଯାକ ଜାତି ଏପରି ଏକ ସମତାଯୁକ୍ତ, ନ୍ୟାୟପୂର୍ଣ୍ଣ ଏବଂ ଗଣତାନ୍ତ୍ରିକ ସଂଘଟି ମଧ୍ୟରେ ପରସ୍ପର ସହିତ ଏକତ୍ର ସମ୍ମିଳିତ ହୋଇ ରହିବେ, ଯେଉଁଥିରେ କି ବାମନ ଏବଂ ଦୈତ୍ୟ ପ୍ରାୟ ଉଭୟେ — ସକଳ ଜାତି, ସବଳ ଜାତି ଏବଂ ଦୁର୍ବଳ ଜାତି, ଧନୀ ଜାତି ଏବଂ ଅଳ୍ପ-ଧନୀ ଜାତି, ତାତ୍କାଳିକ ଦୃଷ୍ଟିରୁ ସଫଳତା ଲାଭ କରିଥିବା ଜାତି ଏବଂ ଦୀର୍ଘକାଳରୁ ଅଥବା ସାମୟିକ ଭାବରେ ହତଭାଗ୍ୟ ହୋଇ ରହିଥିବା ଜାତି ସମସ୍ତେ — ନିୟମତଃ ଏବଂ ପ୍ରକୃତ କ୍ଷେତ୍ରରେ ମଧ୍ୟ ପ୍ରଥମରୁହିଁ ସମାନ ଆସ୍ଥାନ ଲାଭ କରିବାର ଅବସର ଲାଭ କରିବେ, ଏବଂ ଯାବତୀୟ ଗଣତାନ୍ତ୍ରିକ ସଂଗଠନରେ ଯେପରି ରୀତି ଓ ଆଦର୍ଶ ହୋଇ ରହିଥାଏ, ସେମାନଙ୍କ ମଧ୍ୟରେ କେବଳ ଏକ ସ୍ୱାଭାବିକ ନେତୃତ୍ୱ

'oaob.nitrkl.ac.in' images reprocessed

ଏବଂ ସ୍ୱାଭାବିକ ପ୍ରଭାବ, ମୁକ୍ତଭାବରେ ପ୍ରଦତ୍ତ ବୃହତ୍ତର ଗୁରୁତ୍ୱ ଏବଂ ମହତ୍ତ୍ୱବଳରେହିଁ ଅନ୍ୟମାନଙ୍କଠାରୁ ଅଲଗା ହୋଇ ରହିଥିବା ପରି ଦେଖାଯାଉଥିବ । ଉପରେ ଯେଉଁ ହତଭାଗ୍ୟ ଜାତିମାନଙ୍କର କଥା କୁହାଗଲା, ସେମାନଙ୍କ ଭିତରେ ହୁଏତ ତଥାପି ଅନ୍ୟମାନଙ୍କ ତୁଳନାରେ ଅଧିକ ପ୍ରତିଭା ରହିଛି ଏବଂ ଜାତିଗୁଡ଼ିକ ମଧ୍ୟରେ ରହିଥିବା ସ୍ୱାର୍ଥଜୀବୀମାନଙ୍କ ତୁଳନାରେ ସେମାନେ ମନୁଷ୍ୟଜାତି ଲାଗି ପ୍ରକୃତରେ ଅଧିକ କାର୍ଯ୍ୟ କରିଛନ୍ତି । ଏହି ତିନୋଟିକୁ ଆମେ ତିନୋଟି ସମ୍ଭାବନା ବୋଲି ଜାଣିବା, ଏବଂ ସେମାନେ ଯଥାକ୍ରମେ ତିନୋଟି ଆଦର୍ଶର ପ୍ରତିନିଧିତ୍ୱ କରୁଛନ୍ତି; ପ୍ରଥମଟି ଅତୀତର ସେହି ଆଦର୍ଶଟିର ପ୍ରତିନିଧିତ୍ୱ କରୁଛି, ଯାହାକି ସାମ୍ରାଜ୍ୟକାଳୀନ ଜର୍ମାନୀର ସମାଧିଗର୍ଭରେ ପୋତି ହୋଇ ରହିଛି ବୋଲି କୁହାଯାଉଛି; ଦ୍ୱିତୀୟଟିକୁ ଆମେ ବର୍ତ୍ତମାନର ଏକ ବସ୍ତୁସତ୍ୟ ବୋଲି କହିବା, ଏହା ହେଉଛି କେବଳ ଗୋଟିଏ ବସ୍ତୁସତ୍ୟ ଏବଂ ଏହାକୁ କେହି ହେଲେ ଏକ ଆଦର୍ଶ ବୋଲି ଆଦୌ ଗ୍ରହଣ କରି ନାହାନ୍ତି; ଏବଂ ତୃତୀୟଟି ହେଉଛି ଭବିଷ୍ୟତର ଏକ ଆଦର୍ଶ, ଯୁଦ୍ଧ ସମୟରେ କେଡ଼େ ବଡ଼ ପାଟିରେ ଏହାର ଘୋଷଣା କରାଯାଉଥିଲା, ମାତ୍ର ବର୍ତ୍ତମାନ ସେହି ଆଦର୍ଶଟି ପ୍ରତି ଅନୁରକ୍ତି ଦେଖାଇବା ଲାଗି କେହି ହେଲେ ନାହାନ୍ତି; କେବଳ ଯୁଦ୍ଧରେ ହାରିଯାଇଥିବା ପକ୍ଷମାନେ ଅଛନ୍ତି, କେବଳ ପରାଧୀନ ହୋଇ ରହିଥିବା ଜାତିମାନେ ଅଛନ୍ତି ଏବଂ ବିପ୍ଳବର ବିଚାର ରଖିଥିବା ଲୋକମାନେ ରହିଛନ୍ତି; ମାତ୍ର ଏମାନେ ସମସ୍ତେ ଏତେବେଶୀ ଦରିଦ୍ର ଓ ଦୁର୍ବଳ ହୋଇ ପଡ଼ିଛନ୍ତି ଯେ ସେହି ଆଦର୍ଶଟି ପ୍ରତି ଅନୁରକ୍ତି ଦେଖାଇବା ଲାଗି ସେମାନଙ୍କର ପ୍ରକୃତରେ କୌଣସି ଶକ୍ତି ନାହିଁ ।

ଏଥିରେ ସନ୍ଦେହ କରିବାକୁ ପ୍ରାୟ କିଛି ହେଲେ ନାହିଁ ଯେ ଏହି ପ୍ରଥମ ପର୍ଯ୍ୟାୟଟିରେ ଜାତିସଂଘଟିକୁ ଯେପରିଭାବରେ ଗଠନ କରାହୋଇଛି, ଶକ୍ତିଗୁଡ଼ିକ ମଧ୍ୟରେ ଏକ ଆନ୍ତର୍ଜାତିକ ଭାରସାମ୍ୟ ରକ୍ଷା କରିବାର କ୍ଷେତ୍ରରେ ତାହାକୁ ନିଶ୍ଚୟ ଏକ କୁଳୀନତନ୍ତ୍ର ବୋଲି କୁହାଯାଇ ପାରିବ । ଅବଶ୍ୟ ଏକାବେଳେକେ ଏକ ଅମିଶ୍ର କୁଳୀନତନ୍ତ୍ର ବୋଲି ଆଦୌ କୁହାଯାଇ ପାରିବ ନାହିଁ, କାରଣ ସଂଘ ମଧ୍ୟରେ ଗୋଟିଏ ସାଧାରଣ ଆସେମ୍ବ୍ଲି ମଧ୍ୟ ରହିଛି ଏବଂ ତାହାକୁ ଅନ୍ତତଃ ଏତେ ଦୂର ଯାଏ ଗଣତାନ୍ତ୍ରିକ କରି ଗଢ଼ାଯାଇଛି ଯେ ଏଥିରେ ରହିଥିବା ପ୍ରତ୍ୟେକ ସଦସ୍ୟ ସମାନ ଭୋଟାଧିକାରର ସମ୍ମାନଲାଭ କରିଛନ୍ତି ବୋଲି ନିଶ୍ଚୟ ଗୌରବାନ୍ୱିତ ଅନୁଭବ କରି ପାରିବେ । ଉଦାହରଣସ୍ୱରୂପ ହଣ୍ଡୁରାସ୍ ଓ ଗୁଆଟେମାଲା ଯଦି ସେହିପରି କଳ୍ପନା କରି ଖୁସୀ ହେବାକୁ ଚାହାନ୍ତି, ତେବେ ସାମ୍ରାଜ୍ୟାଧିକାରୀ ଇଂଲଣ୍ଡ, ଆପଣାକୁ ସମସ୍ତ ପୃଥିବୀର ନୂତନ ନିର୍ଣ୍ଣାୟକ ରୂପେ ପ୍ରତିଷ୍ଠିତ କରିଥିବା ଆମେରିକା ଏବଂ ଯୁଦ୍ଧରେ ବିଜୟୀ ହୋଇ ବାହାରିଥିବା ଫ୍ରାନ୍ସ୍ ସହିତ ସେମାନେ ମଧ୍ୟ ସମାନତାର ଆସନରେ ବସି ପାରିବାର ଅଧିକାରୀ ହୋଇଛନ୍ତି ବୋଲି ବେଶ୍ ଚିନ୍ତା

'oaob.nitrkl.ac.in' images reprocessed

କରିପାରିବେ ଓ ତଦ୍ୱାରା ଉଲ୍ଲାସ ଅନୁଭବ କରିପାରିବେ । ମାତ୍ର ଏଇଟା ହେଉଛି ତୁଚ୍ଛା ଭ୍ରମ କଥା ଓ ଭ୍ରମ-ଦେଖା । ଆମେ ବେଶ୍ ଦେଖିପାରୁଥିବା ଯେ ଏହି ସାଧାରଣ ଆସେମ୍ବଲି ହାତରେ ଆଦୌ କୌଣସି ପ୍ରକାରର ଶାସନକ୍ଷମତା ନାହିଁ; ଏହାକୁ ଆମେ ଏକ ଗୌଣ ବା ଦ୍ୱିତୀୟ ସ୍ତରୀୟ କର୍ତ୍ତୃତ୍ୱ ସଂସ୍ଥା ବୋଲି କହିପାରିବା, ଏହା କେବଳ ଆପଣାର ସମ୍ମତି ଜ୍ଞାପନ କରିବ, କେବଳ ସନ୍ଦର୍ଭ ଲାଗିହିଁ ଏକ ଆସ୍ଥାନ ହୋଇ ରହିଥିବ । ସଂଘଟି ଭିତରେ ଯେଉଁମାନେ ଶକ୍ତିଶାଳୀ ହୋଇ ରହିଛନ୍ତି, ଯେଉଁମାନେ ପ୍ରକୃତରେ ସବୁକିଛି କରୁଛନ୍ତି, ସେମାନେ ଯେତେବେଳେ ଆବଶ୍ୟକ ମନେ କରିବେ, ସେତେବେଳେ ସହଜରେ ଛିଡ଼ି ପାରୁ ନ ଥିବା କୌଣସି ପ୍ରଶ୍ନକୁ ଅଧିକ ଆଲୋଚନା ଲାଗି ସାଧାରଣ ଆସେମ୍ବଲିକୁ ପ୍ରେରଣ କରିଦେଇ ପାରିବେ । ମାତ୍ର ପ୍ରକୃତ ବ୍ୟାବହାରିକ କ୍ଷେତ୍ରରେ ସଂଘର କାର୍ଯ୍ୟକାରୀ କେନ୍ଦ୍ର-ସଂଗଠନଟିହିଁ ଏହି ବ୍ୟବସ୍ଥାଟି ଅନୁସାରେ ସକଳ କ୍ଷମତାର ଅଧିଷ୍ଠାନ ହୋଇ ରହିବ, ସତେଅବା ଜଗଦୀଶ୍ୱର ପରି ହୋଇ ରହିବ । ମାତ୍ର ସେଥିରେ ପାଞ୍ଚୋଟିଯାକ ବୃହତ୍‌ଶକ୍ତି ପୂର୍ଣ୍ଣ ନିରାପଦ ଓ ସ୍ଥାୟିଭାବରେ ଅଟଳ ହୋଇ ପ୍ରତିଷ୍ଠିତ ରହିଥିବେ ଏବଂ ସାଧାରଣ ଅନ୍ୟମାନଙ୍କ ମଧ୍ୟରୁ ମଝିରେ ମଝିରେ ଆଉ କେତୋଟି ଦେଶକୁ ପର୍ଯ୍ୟାୟକ୍ରମେ ପ୍ରତିନିଧି ରୂପେ ବାଛି ନିଆଯାଉଥିବ, ବୃହତ୍ ଶକ୍ତିମାନଙ୍କର ଚର୍ଚ୍ଚା ଓ ଆଲୋଚନାଗୁଡ଼ିକରେ ଏହି ପ୍ରତିନିଧିମାନେ କିଞ୍ଚିତ୍ ସହଯୋଗ କରିପାରୁଥିବେ, ସେହି ବଡ଼ମାନଙ୍କର ପ୍ରକାଣ୍ଡ ଛାୟାର ବୃହତ୍ ଅସ୍ପଷ୍ଟତାଟି ମଧ୍ୟରେ ସେମାନେ ଯାହାକିଛି ସହଯୋଗ ଅଥବା ଆଲୋଚନା କରୁଥିବେ । ଏହିଭଳି ଏକ ଅବସ୍ଥା ବା ବ୍ୟବସ୍ଥା ଭିତରେ ବିଶ୍ୱ-ସମସ୍ୟାଗୁଡ଼ିକର ଉଚ୍ଚସ୍ତରୀୟ ବ୍ୟବସ୍ଥାପନା ପ୍ରକୃତରେ କିପରି ଭାବରେ ନିର୍ବାହିତ ହେବ, ସେକଥା ବେଶ୍ ସହଜରେ କଳ୍ପନା କରାଯାଇପାରିବ; ଏବଂ, ଏହି ଯେଉଁ ଭୂମିଟି ସଂଗଠିତ ଏବଂ ନିର୍ମିତ ହେଲେ ତାହା ଦୀର୍ଘସ୍ଥାୟୀ ଓ ଏପରିକି ଚିରସ୍ଥାୟୀ ଶାନ୍ତିପ୍ରତିଷ୍ଠା ଲାଗି ମଧ୍ୟ ଏକ ଭୂମି ହୋଇ ରହିବ ବୋଲି ଅନେକେ ତଥାପି ଆଶା କରୁଛନ୍ତି, ସେଇଟି ତିଆରି ହେବାର ପ୍ରକ୍ରିୟାଟିରେ ମଧ୍ୟ ଆମକୁ ତାହାର ପ୍ରକୃତ ଗୁଣଟି ବିଷୟରେ ନିଶ୍ଚୟ ଏକ ଅନୁଭୂତି ମିଳିଯାଇ ସାରିଥିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏପରି ଏକ ନିର୍ଣ୍ଣାୟକ ସଂସ୍ଥା ମଧ୍ୟରେ ପାଞ୍ଚୋଟିଯାକ ବୃହତ୍‌ଶକ୍ତିହିଁ ସମଗ୍ର ନୀତି ଓ ସମଗ୍ର କ୍ରିୟାକଳାପର ନିର୍ଦ୍ଧାରଣ କରିବେ, ପୃଥିବୀର ଏହି ନୂତନ ଅଧିପମାନଙ୍କ ଲାଗି ଅପ୍ରିୟ ହେଲା ଭଳି କୌଣସି କଥା କେବେହେଲେ ଘଟିବ ନାହିଁ, ବା ଆମେ ହୁଏତ ଏପରି କହିପାରିବା ଯେ ଏହି ନୂତନ ସମ୍ମିଳିତ କର୍ତ୍ତୃତ୍ୱ ଲାଗି ଅପ୍ରୀତିକର ହେଲା ଭଳି କଦାପି କିଛି ହେଲେ ଘଟିବ ନାହିଁ । କାରଣ, ସଂସ୍ଥାଟି ଦ୍ୱାରା ଯାହାକିଛି ନିଷ୍ପତ୍ତି ଗ୍ରହଣ କରାଯିବ, ତାହା କଦାପି ସେହି ଆପଦପୂର୍ଣ୍ଣ, ନମନୀୟ ଏବଂ ଅନିଶ୍ଚିତ ବହୁମତ-ବିଧି ଦ୍ୱାରା ନିର୍ଦ୍ଧାରିତ ହେବ ନାହିଁ, ମାତ୍ର ତାହାକୁ ସର୍ବସମ୍ମତି ସହିତହିଁ

'oaob.nitrkl.ac.in' images reprocessed

ନିର୍ଦ୍ଧାରିତ ହେବାକୁ ପଡ଼ିବ । ପ୍ରକୃତ ତତ୍ତ୍ୱଦୃଷ୍ଟିରୁ ବିଚାର କରି ଦେଖିଲେ କେତୋଟି ରାଷ୍ଟ୍ରକୁ ନେଇ ଗଢ଼ା ହୋଇଥିବା ସେହି ଇଉରୋପୀୟ ସଂଘଟିର ଏକ ନୂତନ, କିଞ୍ଚିତ୍ ଉନ୍ନତ, ବର୍ଦ୍ଧିତାକାର ଏବଂ ବ୍ୟବସ୍ଥାବଦ୍ଧ ସଂସ୍କରଣ ବ୍ୟତୀତ ଏହାକୁ ଆମେ ଅଧିକା କ'ଣ ବୋଲି କହି ପାରିବା ? ହଁ, ଏହାର ବାହାର ଗଠନରେ ନିଶ୍ଚୟ କିଞ୍ଚିତ୍ ଉଦାରତାର ପ୍ରଦର୍ଶନ ହୋଇଛି, କାରଣ ଏଥିରେ ଏକ ଗଣତାନ୍ତ୍ରିକ ସାଧାରଣ ଆସେମ୍ବଲିର ଖୋଳଟିଏ ଆଣି ଲଗାଇ ଦିଆଯାଇଛି; ଏବଂ ପରିସ୍ଥିତିରେ ପରିବର୍ତ୍ତନ ହେଉଥିବା ସଙ୍ଗେସଙ୍ଗେ ଏବଂ ଅବସ୍ଥାଗୁଡ଼ିକର ବିକାଶ ହୋଇଯିବା ସଙ୍ଗେ ସଙ୍ଗେ ଏହି ସଂସ୍ଥାଟି ହୁଏତ କିଛି ନା କିଛି ହୋଇପାରିବାକୁ ସମର୍ଥ ହେବ, ମାତ୍ର ତଥାପି ହୁଏତ ଠିକ୍ ବର୍ତ୍ତମାନ ପରି ଏକ ଗୌରବମଣ୍ଡିତ ଅଥବା ଗୌରବ-ବିବର୍ଜିତ ଶୂନ୍ୟଗର୍ଭତା ହୋଇହିଁ ରହିଥିବ, ମାତ୍ର ତାହା ମର୍ମତଃ ପୂର୍ବର ସେହି ଶିଥିଳଗ୍ରନ୍ଥି ଅନିଶ୍ଚିତ ସଂସ୍ଥାରହିଁ ଗୋଟିଏ ବିକଳ୍ପ ଏବଂ ଅପେକ୍ଷାକୃତ ଅଧିକ ଅନମନୀୟ ଅବତାର ହୋଇ ରହିଥିବ । ବର୍ତ୍ତମାନ ଅନେକ ପରିମାଣରେ ପରିବର୍ତ୍ତିତ ହୋଇ ଯାଇଥିଲେ ମଧ୍ୟ, ଆପଣାର ଅସଲ ବାଟଟିରୁ ଅନେକ ପରିମାଣରେ ହଟି ଯାଇଥିଲେ ମଧ୍ୟ ଓ ଅବ୍ୟବସ୍ଥିତ ଏବଂ ବଡ଼ ଆପଦପୂର୍ଣ୍ଣଭାବରେ ଏକତରଫା ହୋଇ ପଡ଼ିଥିଲେ ମଧ୍ୟ, ସେହି ପୁରାତନ ଐତିହାସିକ କୌଶଳରୂପେ ଶକ୍ତିଗତ ଭାରସାମ୍ୟର ନୀତିଟି ଏହି ନୂତନ ବ୍ୟବସ୍ଥାଟିର ରୂପଟି ମଧ୍ୟରେ ବର୍ତ୍ତମାନ ମଧ୍ୟ ଅତ୍ୟନ୍ତ ସୂକ୍ଷ୍ମଭାବରେ ଲୁକ୍କାୟିତ ହୋଇ ରହିଛି । ଏବଂ ସେହି ଉପାଦାନଟିହିଁ ଭବିଷ୍ୟତରେ ଆପଣାକୁ ଆହୁରି ପ୍ରକଟ କରି ଆଣିବ ବୋଲି ମଧ୍ୟ ପୂର୍ଣ୍ଣ ସମ୍ଭାବନା ବିଦ୍ୟମାନ ରହିଛି; କାରଣ, ଆନ୍ତର୍ଜାତିକ ଗଠନଟି ମଧ୍ୟରେ ବ୍ୟକ୍ତିନିୟନ୍ତ୍ରଣ-ମୁକ୍ତ କୌଣସି ନିର୍ଦ୍ଧାରଣ-ନୀତି ନ ଥିବା ପର୍ଯ୍ୟନ୍ତ ଏବଂ ଅନ୍ତର୍ଗତ କୌଣସି ଶରୀର ରହି ନ ଥିବା ପର୍ଯ୍ୟନ୍ତ ତାହାର ଯାବତୀୟ ଗତିଶୀଳତା କେବଳ ବିଭିନ୍ନ ସ୍ୱାର୍ଥଗୁଡ଼ିକ ମଧ୍ୟରେ ଏକ ଭାରସାମ୍ୟ ସମ୍ଭବ କରି ରଖିବା ଦ୍ୱାରାହିଁ ନିରୂପିତ ହେବାକୁ ବାଧ୍ୟ ହେବ, ଏବଂ ଶକ୍ତିଗୁଡ଼ିକ ମଧ୍ୟରେ ଏକ ପ୍ରତିଷ୍ଠିତ ଭାରସାମ୍ୟକୁ ଯତ୍ନର ସହିତ ସୁରକ୍ଷିତ କରି ରଖିବା ଦ୍ୱାରାହିଁ ସ୍ୱାର୍ଥଗୁଡ଼ିକ ମଧ୍ୟରେ ସେହି ଭାରସାମ୍ୟଟିକୁ ଯଥୋଚିତଭାବରେ ଦୃଢ଼ କରି ରଖାଯାଇପାରିବ । ପୂର୍ବର ସଶସ୍ତ୍ର ବ୍ୟବସ୍ଥାଟିକୁ ଜାରି କରି ରଖିବା ପଛରେ ସେହି ଔଚିତ୍ୟଟି ରହିଥିଲା । ଏହି ନୂତନ ବ୍ୟବସ୍ଥାଟି ମଧ୍ୟ ଅରାଜକତାକୁ ଆୟତ୍ତରେ ରଖିବା ଲାଗି ତାହାକୁହିଁ ଖୁବ୍ ସମ୍ଭବ ଏକ ଆବଶ୍ୟକତା ବୋଲି ହୃଦୟଙ୍ଗମ କରିବ ।

ଏହି ଭିଆଣଟିକୁ ଆମେ ଏକ ବାସ୍ତବବାଦୀ କ୍ଷେତ୍ରୋପଯୋଗୀ ରଚନା ବୋଲି କହିବା ଏବଂ ଏଥିରେ ନୂତନ ଆଦର୍ଶବାଦଟିକୁ ପ୍ରକୃତରେ ଅତ୍ୟନ୍ତ ଅଳ୍ପପରିମାଣ ଅବକାଶହିଁ ଦିଆଯାଇଛି । ଏଇଟି ଏପରି ରାଷ୍ଟ୍ରନୀତିଜ୍ଞମାନଙ୍କ ଦ୍ୱାରା ସୃଷ୍ଟି ହୋଇଛି, ଯେଉଁମାନେ କି

'oaob.nitrkl.ac.in' images reprocessed

ପ୍ରକୃତ ଘଟଣାଗୁଡ଼ିକୁ ନିୟମ-ପ୍ରଣୟନ ଦ୍ୱାରା ସାବ୍ୟସ୍ତ କରି ରଖିବାକୁ ଏବଂ ବିଶ୍ୱଯୁଦ୍ଧରୁ ଉଦ୍‌ଭୂତ ହୋଇ ଆସିଥିବା ପ୍ରକୃତ ଶକ୍ତିଗୁଡ଼ିକୁହିଁ ସଂଗଠିତ କରି ରଖିବାକୁ ଆପଣାର ସକଳ ତପ୍ତରତା ଦେଖାଇଛନ୍ତି । ଏଗୁଡ଼ିକ ମଧ୍ୟରୁ ଯେଉଁ କେତୋଟି ବଡ଼ ଅନନୁକୂଳ ଭାବରେ ନୂଆ କରି ଆବିର୍ଭୂତ ହୋଇଛନ୍ତି ଏବଂ ସେଗୁଡ଼ିକ ମଧ୍ୟରୁ କୌଣସି ଅନିଷ୍ଟ ଉପୁଜିବ ବୋଲି ଇଙ୍ଗିତ ମିଳିଛି, ସେଗୁଡ଼ିକୁ ନିରୁଦ୍ଧ ଏବଂ ବହିଷ୍କୃତ କରି ରଖାଯାଇଛି, ସେଗୁଡ଼ିକର ବାଟକୁ ଓଗାଳି ଦିଆଯାଇଛି ବା ଚାପ ଦେଇ ସେଗୁଡ଼ିକର ଅସ୍ତିତ୍ୱକୁ ଲୋପ କରି ଦିଆଯାଇଛି । ଅତୀତର କୌଣସି ଭୂତ ଯଦି ପୁନର୍ବାର ମସ୍ତକ ଉତ୍ତୋଳନ କରି ସେମାନଙ୍କର ଏହି ବ୍ୟବସ୍ଥାଟି ଉପରେ ଆକ୍ରମଣ କରିବାକୁ ଆସେ ଅଥବା ଭବଷ୍ୟତରେ କୌଣସି ଦୁଷ୍ଟ ବେତାଳ ଯଦି ବିନାଶର ଉଦ୍ଦେଶ୍ୟ ନେଇ ହିଂସାଦୃପ୍ତ ହୋଇଉଠେ, ତେବେ ଏଗୁଡ଼ିକର ବିରୋଧରେ ବ୍ୟବସ୍ଥାଟିକୁ ସୁରକ୍ଷିତ କରି ରଖାଯାଇ ପାରିବ ବୋଲି ମଧ୍ୟ ଆଶା କରାଯାଉଛି । ଏବଂ ସେହି ଦୃଷ୍ଟିରୁ ବିଚାର କରି ଦେଖିଲେ ଉପସ୍ଥିତ ବାସ୍ତବ ଅବସ୍ଥାଟି ପ୍ରତି ସମ୍ପୂର୍ଣ୍ଣ ଲକ୍ଷ୍ୟରଖି ଭାରି ଉଲ୍ଲେଖଯୋଗ୍ୟ କୁଶଳତା ସହକାରେ ବ୍ୟବସ୍ଥାଟିକୁ ଅବଶ୍ୟ ତିଆରି କରାଯାଇଛି । ଅବଶ୍ୟ ଏକଥା ମଧ୍ୟ ସତ ଯେ ଏହି ବିଷୟଟି ଉପରେ ବିଚାର କଲାବେଳେ କେହି ହୁଏତ ଅନେକ ଅସ୍ପଷ୍ଟ ହୋଇ ରହିଥିବା ଓ ତଥାପି ବେଶ୍ ଦୃଶ୍ୟମାନ ହେବାକୁ ଆରମ୍ଭ କରିଥିବା ଅନେକ ସମ୍ଭାବନାକୁ ଯଥେଷ୍ଟ ଗୁରୁତ୍ୱ ନ ଦେଇ ବିଚାର କରିବାକୁ ବେଶ୍ ପ୍ରଲୁବ୍ଧ ହୋଇପଡ଼ିବ । ବସ୍ତୁସ୍ଥିତି ଯେପରି ରହିଛି ଓ ସଂସ୍ଥାଟିର ଆକାର ଯେପରି ଭାବରେ ହୋଇଛି, ଦୁହିଙ୍କ ମଧ୍ୟରେ ଏହି କ୍ଷେତ୍ରରେ ଏକାବେଳକେ ପରିପୂର୍ଣ୍ଣ ମେଳ ରହିଛି । ଗତ ଯୁଦ୍ଧରେ ପାଞ୍ଚୋଟି ଦେଶ ପ୍ରକୃତରେ ବିଜୟ ଲାଭ କରିଛନ୍ତି, ଏବଂ ଏଥିରୁ ତିନୋଟି ଦେଶ ଏହି କ୍ଷେତ୍ରରେ ମୂଳ ଏବଂ ସର୍ବମୀମାଂସକ ହୋଇ ରହିଛନ୍ତି, ଯେଉଁମାନେ କି ନିଜର ମରଜି ଅନୁସାରେହିଁ ବର୍ତ୍ତମାନ ବସ୍ତୁତଃ ସମସ୍ତ ପୃଥିବୀକୁ ଆପଣାର ନିୟନ୍ତ୍ରଣାଧୀନ କରି ରଖିଛନ୍ତି । ଏବଂ ଏମାନଙ୍କ ସହିତ ଅନ୍ୟ ଆଉ ଦୁଇଟି ଦେଶ ରହିଛନ୍ତି, ଯେଉଁମାନେ ଅପେକ୍ଷାକୃତ କମ୍ ଶକ୍ତିଶାଳୀ ସହାୟକ ପକ୍ଷରୂପେ ଯୁଦ୍ଧରେ ଆସି ଯୋଗ ଦେଇଥିଲେ, ମାତ୍ର ଭବିଷ୍ୟତର ଶକ୍ତିଗତ ଭାରସାମ୍ୟର କ୍ଷେତ୍ରରେ ଯେଉଁମାନେ କି ପ୍ରଭାବଶାଳୀ ଭାବରେ ଆପଣାର ଦାବି ଏବଂ ଶାରୀରିକ ଓଜନଟିକୁ ଆଣି ଅନୁଭୂତ କରାଇବାରେ ଅବଶ୍ୟ ସମର୍ଥ ହୋଇପାରିବେ । ଶାସନକାରୀ କେନ୍ଦ୍ର-ସଂସ୍ଥାଟି ଯେପରି ଭାବରେ ତିଆରି ହୋଇଛି, ସେଇଥିରୁହିଁ ଏହି କଥାଟିର ପ୍ରମାଣ ମିଳିଯାଉଛି; ଏହି ପାଞ୍ଚୋଟି ଶକ୍ତିହିଁ ଆପଣାର ଐଶ୍ୱର୍ଯ୍ୟ ଏବଂ ଆପଣାର ଶକ୍ତି ବଳରେ ସଂସ୍ଥାଟି ଭିତରେ ସ୍ଥାୟୀଭାବରେ ଆପଣାର ମତଗୁଡ଼ିକୁ କାର୍ଯ୍ୟକାରୀ କରିପାରିବେ; ଏଥିରୁ ତିନୋଟି ଅଧିକ ବଡ଼ ସବୁଠାରୁ ବଡ଼ ତନ୍ତ୍ରୀଗୁଡ଼ିକୁ ବଜାଉଥିବେ ଓ ସାଧାରଣ ବାଦ୍ୟସ୍ୱରଟିକୁ ନିୟନ୍ତ୍ରିତ

'oaob.nitrkl.ac.in' images reprocessed

କରିଦେଉଥିବେ; ଅନ୍ୟ ଦୁଇଟି ଯେତେଦୂର ପାରିବେ ଓ ଯେତେବେଳେ ପାରିବେ, ସେଥିରେ ଯଥାସମ୍ଭବ ଅନ୍ୟ ଗୌଣ ତନ୍ତ୍ରୀଗୁଡ଼ିକୁ ଆଣି ବାନ୍ଧି ଦେଉଥିବେ ଓ ଅନୁଲ୍ଲେଖଯୋଗ୍ୟ କିଞ୍ଚିତ୍ ଅନ୍ୟ-ସ୍ୱର ଆଣି ଦେବାରେ ସମର୍ଥ ହେଉଥିବେ । ଏମାନଙ୍କ ବ୍ୟତୀତ ଅନ୍ୟ କ୍ଷୁଦ୍ର ଓ ଅଧିକ ଦୁର୍ବଳ ଦେଶଗୁଡ଼ିକ ବହୁସଂଖ୍ୟାରେ ରହିଥିବେ, ଯେଉଁମାନଙ୍କ ହାତରେ ଅତି ଗୌଣ ପରିମାଣରେ କେତେକ କାର୍ଯ୍ୟସାଧନକାରିଣୀ ଶକ୍ତି ରହିଥିବ; କୌଣସି ଅତ୍ୟନ୍ତ ବଡ଼ କଳହ ଓ ସଂଘର୍ଷ ବେଳେ ସେମାନେ ଆଦୌ ପ୍ରଧାନ ଭୂମିକା ଗ୍ରହଣ କରି ନ ପାରୁଥିଲେ ମଧ୍ୟ ହୁଏତ ସାନ ସାନ ସହାୟକ ହିସାବରେ ନିଶ୍ଚୟ କୌଣସି ନା କୌଣସି କାମରେ ଲାଗିପାରିବେ । ସେଗୁଡ଼ିକ ଗୋଟିଏ ଗୋଟିଏ ସ୍ୱାଧୀନ ଦେଶ ହୋଇ ରହିବେ, ନିଜର ଅଧିକାର ବଳରେ ଆରମ୍ଭରୁହିଁ ଯୁଦ୍ଧ ଭିତରେ ପ୍ରବେଶ କରିଥିବା ସପକ୍ଷ ହୋଇ ରହିବେ, ସେମାନେ ଏପରି ଗୋଟିଏ ଗୋଟିଏ ନିରପେକ୍ଷ ଦେଶ ହୋଇ ରହିବେ, ଯେଉଁମାନେ ଯୁଦ୍ଧର ନିଷ୍ପତ୍ତିଟି ମଧ୍ୟରେ ନିଜକୁ ଆଦୌ ଲିପ୍ତ କରି ରଖି ନ ଥିଲେ ସତ, ମାତ୍ର ଯେଉଁମାନଙ୍କୁ ଶାନ୍ତିର ଏକ ସ୍ଥାୟୀ ସଂଗଠନରେ ଅଂଶ ଗ୍ରହଣ କରିବା ଲାଗି ନିଶ୍ଚୟ ନିମନ୍ତ୍ରଣ କରାଯିବ; ଅଥବା ସେମାନେ ହୁଏତ ଗୋଟିଏ ଗୋଟିଏ ଶତ୍ରୁ ବି ହୋଇ ରହିବେ, ଯେଉଁମାନେ କି ଆଗ ଅଦ୍ଭୁତବହୁତ ଦୁର୍ବହ, ନିଷ୍ପେଷଣକାରୀ ଏବଂ ଅସମର୍ଥକାରୀ ସର୍ତ୍ତଗୁଡ଼ିକର ପୂରଣ କରିସାରିବା ପରେ ସେମାନଙ୍କୁ ସେହି ସଂଗଠନଟି ମଧ୍ୟକୁ ଆସିବା ଲାଗି ଅନୁମତି ଦିଆଯାଇ ପାରିବ । ଏମାନେ ସମସ୍ତେ ମିଶି ସାଧାରଣ ଆସେମ୍ବ୍ଲିଟିକୁ ଗଠନ କରିବେ; ସେଗୁଡ଼ିକ ମଧ୍ୟରୁ କେତେକଙ୍କର ପର୍ଯ୍ୟାୟକ୍ରମେ ନିୟନ୍ତ୍ରଣକାରୀ ମୂଳ ସଂସ୍ଥାଟି ମଧ୍ୟରେ ଏକ ଅନିଶ୍ଚିତ ମତାଧିକାର ନିଶ୍ଚୟ ରହିଥିବ, ସେମାନଙ୍କୁ ଛାଡ଼ିଦେଲେ ଅନ୍ୟମାନେ କେବଳ ଏକ ମାମୁଲି ସମୂହ ହୋଇ ରହିଥିବେ ଯେଉଁମାନଙ୍କ ପାଖରେ କି ଏକ ନିର୍ଦ୍ଦିଷ୍ଟ ପରିମାଣର ପ୍ରକୃତ କ୍ଷମତା ରହିଥିବ ଏବଂ କାର୍ଯ୍ୟକାରିଣୀଟି ପଛରେ ଯେଉଁମାନଙ୍କର ଏକ ନୈତିକ ଶକ୍ତି ମଧ୍ୟ ରହିଥିବ । ମହାଯୁଦ୍ଧଟି ପରେ ଶ୍ରମିକମାନେ ମଧ୍ୟ ଏକ ଆନ୍ତର୍ଜାତିକ ଶକ୍ତିରେ ପରିଣତ ହୋଇଛନ୍ତି, ଅବଶ୍ୟ ସେମାନେ ଏପର୍ଯ୍ୟନ୍ତ ଭାରି ଅସଂବଦ୍ଧ ହୋଇ ରହିଛନ୍ତି; ଏବଂ ଏଥିରେ ମଧ୍ୟ ଆଦୌ କୌଣସି ସନ୍ଦେହ ନାହିଁ ଯେ ଯଥୋଚିତ ସମୟରେ ବିଜ୍ଞତାର ଆଚରଣ କରିବାକୁ ଇଚ୍ଛା କରି ଏବଂ ଏହି ଶକ୍ତିଶାଳୀ ନୂତନ ବାସ୍ତବତାଟିକୁ ବିଚାରକୁ ନେଇ ଲୀଗ୍ ଏହି ଶ୍ରମିକଶକ୍ତିକୁ ମଧ୍ୟ ଏକ ବିଶେଷ ସ୍ୱତନ୍ତ୍ର ସମ୍ମିଳନୀରେ ଆପଣାର ପାର୍ଶ୍ୱବର୍ତ୍ତୀ ଏକ ଶକ୍ତିରୂପେ ଅବଶ୍ୟ ସ୍ୱୀକାର କରିନେବ ।

ମାତ୍ର ଏଣେ ଏସିଆ ମହାଦେଶରେ ଏପରି କେତୋଟି ନୂତନ ଜାତି ରହିଛନ୍ତି, ଯେଉଁମାନଙ୍କୁ କି ବର୍ତ୍ତମାନ ସେହି ସଂଗଠନ ମଧ୍ୟକୁ ଆସିବା ଲାଗି କଦାପି ଅନୁମତି

'oaob.nitrkl.ac.in' images reprocessed

ଦିଆଯିବ ନାହିଁ, କାରଣ ସେମାନେ ଏପର୍ଯ୍ୟନ୍ତ ପ୍ରାୟ ଶିଶୁ ହୋଇ ରହିଛନ୍ତି, ସେମାନଙ୍କର କୌଣସି ପରିପକ୍ୱତା ଆସି ନାହିଁ; ସେମାନେ ହେଉଛନ୍ତି ଅଧୀନ ହୋଇ ରହିଥିବା ବା ଅନ୍ୟର ରକ୍ଷାଛାୟା ମଧ୍ୟରେ ରହିଆସିଥିବା କେତୋଟି ଜାତି,– ସେମାନଙ୍କ ସକାଶେ ଏହି ଯୁଦ୍ଧଟି ଆଦୌ ଲଢ଼ାହୋଇ ନ ଥିଲା, ଏବଂ ତେଣୁ ଏକଦା ଆକାଂକ୍ଷିତ ହୋଇ ରହିଥିବା ସାର୍ବଜନୀନ ସ୍ୱାଧୀନତାରେ ସେମାନଙ୍କର ପ୍ରକୃତରେ ଆଦୌ କୌଣସି ଭାଗ ରହିବ ନାହିଁ ଏବଂ ସେହି କାରଣରୁ ସେମାନଙ୍କୁ ସେମାନଙ୍କର ଶାସକ ତଥା ରକ୍ଷାଦାତାମାନଙ୍କର ପ୍ରଶସ୍ତମତି ଏବଂ ଅସ୍ୱାର୍ଥପର ଉଦାରତାବାଦ ଉପରେହିଁ ଆସ୍ଥା କରି ରହିବାକୁ ପଡ଼ିବ । ଏମାନଙ୍କ ପରେ ପୁଣି ଆଫ୍ରିକାର ଉପଜାତିମାନେ ରହିଛନ୍ତି, ଯେଉଁମାନେ ପ୍ରକୃତରେ ମନୁଷ୍ୟସମୁଦାୟର ଅନିର୍ମିତ କଞ୍ଚାମାଲ ପରି ହୋଇ ଅଛନ୍ତି । ସେମାନଙ୍କୁ ହୁଏତ ସେହି ପୂର୍ବ ନିୟନ୍ତ୍ରଣଗୁଡ଼ିକର ଅଧୀନରେ ରଖିଦିଆଯିବ, ବା ଏକ ନୂତନ ନିୟନ୍ତ୍ରଣର ଅଧୀନରେ ଆଣି ରଖାଯିବ; ଅଥବା ସେମାନଙ୍କୁ କୌଣସି ନା କୌଣସି ଶାସନକାରୀ ଦେଶର ପୈତୃକ ହସ୍ତର ଜିମାରେ ଛାଡ଼ି ଦିଆଯିବ, ଯେଉଁମାନେ କି ଏହି ନୂତନ ବ୍ୟବସ୍ଥାଟିର ବିଧାନଗତ ଶୈଳୀଟି ଅନୁସାରେ ସେହିସବୁ ଦେଶର ମାଲିକ ଅଥବା ବିଜେତା ହୋଇ ରହିବେ ନାହିଁ, ମାତ୍ର ସେମାନଙ୍କର ମାରଫତଦାର ବା ତତ୍ତ୍ୱାବଧାରକ ହୋଇ ରହିବେ । ଲୀଗ୍ ତରଫରୁ ଏକ ଶାସନାଦେଶହିଁ ଏହି କମ୍ ଭାଗ୍ୟବାନ୍ ଜାତିଗୁଡ଼ିକ ଲାଗି ଏକମାତ୍ର ରକ୍ଷାକବଚ ହୋଇ ରହିବ । କାରଣ, ଯେପରି ମନେ ହେଉଛି, ଆମେ ସମସ୍ତେ ଅଚିରେ ଏପରି ଏକ ନୈତିକତାସମ୍ପନ୍ନ ନୂତନ ଜଗତରେ ବାସ କରିବାକୁ ଯାଉଛୁ, ଯେଉଁଥିରେ କି ମନୁଷ୍ୟ-ସମାଜର ସାର୍ବଜନୀନ ବିବେକଟି ସମ୍ପୂର୍ଣ୍ଣ ଜାଗ୍ରତ ହୋଇ ରହିବ, ସମ୍ପୂର୍ଣ୍ଣ କାର୍ଯ୍ୟସାଧକ ଭାବରେ ରହିବ, ଏବଂ ଲୀଗ୍‌ହିଁ ସେହି ବିବେକର ପ୍ରତିନିଧିତ୍ୱ କରୁଥିବ । ସେହି ବିବେକର ପ୍ରତିନିଧି ଭାବରେ ଲୀଗ୍ ମଝିରେ ମଝିରେ ନିଯୁକ୍ତ ମାରଫତଦାରମାନଙ୍କଠାରୁ ସେମାନଙ୍କର ମାରଫତଦାରୀର ହିସାବ ନେଉଥିବ ଏବଂ ଲୀଗ୍ ଭିତରେ ରହିଥିବା ଗୋଟିଏ ଗୋଟିଏ ବୃହତ୍‌ଶକ୍ତି ହିସାବରେ ମଧ୍ୟ ଏହି ମାରଫତଦାରମାନେ ଏକାଧାରରେ ଏହି ସାର୍ବଜନୀନ ବିବେକଟିର ରକ୍ଷାକର୍ତ୍ତା ହୋଇ ରହିଥିବେ, ନେତା ହୋଇ ରହିଥିବେ ଏବଂ ପ୍ରତିନିଧି ବି ହୋଇ ରହିଥିବେ । ଅତ୍ୟନ୍ତ ଚମତ୍କାର ଓ ଅସାଧାରଣ ସଂଗଠନଟି ମଧ୍ୟରେ ବିଦ୍ୟମାନ ତଥା ସଂପୃକ୍ତ ସବୁଯାକ ଶକ୍ତିଙ୍କ ଲାଗି ଏକ ନ୍ୟାୟୋଚିତ ଅନୁପାତରେ ପ୍ରତିନିଧିତ୍ୱ କରିବା ଲାଗି ଅବଶ୍ୟ ଅଧିକାର ରହିଥିବ ।

ଯେଉଁ ବସ୍ତୁଭୂମିଟି ଉପରେ ଏହି ଲୀଗ୍‌ର ବ୍ୟବସ୍ଥାଟି ଆଧାରିତ ହୋଇ ରହିଛି, ତାହା ଯଦି କ୍ରମେ ଆହୁରି ଦୃଢ଼ ହୋଇଯାଇ ସ୍ଥାୟୀ ହୋଇ ରହିବାକୁ ବସେ, ତେବେ ତା' ବିରୋଧରେ ଆପତ୍ତି ଉଠାଇବା ଲାଗି ଆଦର୍ଶବାଦୀର ହୁଏତ ଅନେକ କାରଣ ରହିବ,

'oaob.nitrkl.ac.in' images reprocessed

ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେହି ବ୍ୟବସ୍ଥାଟିର ମଧ୍ୟ ଆପଣାର ସପକ୍ଷରେ ଅନେକ କିଛି କହିବାକୁ ରହିଛି ଏବଂ ବାସ୍ତବ କ୍ଷେତ୍ରର ସମ୍ଭାବନା ଦୃଷ୍ଟିରୁ ବିଚାର କଲେ ଆମେ ସେହିସବୁ ବିଷୟରେ ତୁରନ୍ତ ବିଚାର କରିବାକୁ ନିଶ୍ଚୟ ବାଧ୍ୟ ହେଉଥିଲା ପରି ଅନୁଭବ କରିବା । ସେହି ବ୍ୟବସ୍ଥାଟି ସଫଳତା ଲାଭ କରିବା ସକାଶେ ଏକ ଅପରିହାର୍ଯ୍ୟ ସର୍ତ୍ତ ହେଉଛି ଯେ ଏହି କ୍ଷେତ୍ରରେ ସମସ୍ତଙ୍କ ଉପରେ ଏକ ଠୋସ୍ କେନ୍ଦ୍ର-କର୍ତ୍ତୃତ୍ୱ ରହିବ, ଏହି କର୍ତ୍ତୃତ୍ୱଟି ଶକ୍ତିଶାଳୀ ଓ ସ୍ଥାୟୀ ହୋଇ ରହିବ, ଆପଣାର ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିପାରିବା ଲାଗି ତାହା ହାତରେ ପୂର୍ଣ୍ଣ କ୍ଷମତା ରହିଥିବ ଏବଂ ଏହା ପ୍ରକୃତରେ ଏପରି ଏକ ଅନୁଷ୍ଠାନ ହୋଇ ରହିବ, ଯାହାକୁ କି ସବୁଯାକ ଜାତି ସ୍ୱାଭାବିକଭାବରେ ସେମାନଙ୍କର ଶୀର୍ଷ ବୋଲି ମାନିନେବେ, ତାହାକୁହିଁ ସମଗ୍ର ମନୁଷ୍ୟଜାତିର ସାମୂହିକ ସତ୍ତାଟିର ବିଶ୍ୱାସଯୋଗ୍ୟ ଓ ଗତିଶୀଳ ଅଭିବ୍ୟକ୍ତି ବୋଲି ମାନିନେଇ ପାରିବେ । ବର୍ତ୍ତମାନ ଯେତେଦୂର ଯାଏ ଏହା ବାସ୍ତବରେ ସମ୍ଭବ ହୋଇ ପାରନ୍ତା, ଆମ ସମ୍ମୁଖରେ ଠିକ୍ ସେହିପରି କର୍ତ୍ତୃତ୍ୱସମ୍ପନ୍ନ ଗୋଟିଏ ସଂସ୍ଥା ବିଦ୍ୟମାନ ରହିଛି ବୋଲି ହୁଏତ କୁହାଯାଇ ପାରିବ । ମନୁଷ୍ୟସମାଜର ଆନ୍ତର୍ଜାତିକ ଗଠନଟି ଏପର୍ଯ୍ୟନ୍ତ ତଥାପି ଏକ ବଡ଼ ଅବ୍ୟବସ୍ଥିତ ପିଣ୍ଡ ପରି ହୋଇ ରହିଛି, ଏହା ମଧ୍ୟରେ ଅନ୍ତର୍ଭୁକ୍ତ ହୋଇ ରହିଥିବା ଲୋକସମୂହଗୁଡ଼ିକ ଏକତ୍ର କାର୍ଯ୍ୟ କରିବା ଲାଗି ଆଦୌ ଅଭ୍ୟସ୍ତ ହୋଇ ନାହାନ୍ତି, ସ୍ୱବିକାଶ, ସଂଗଠିତ ଶକ୍ତି, ଅନୁଭୂତି ଏବଂ ସଭ୍ୟତାର କ୍ଷେତ୍ରରେ ନାନା ସୋପାନରେ ରହିଥିବାରୁ ସେମାନେ ପରସ୍ପରଠାରୁ ଅନେକ ପରିମାଣରେ ଅନ୍ୟଜାତୀୟ ହୋଇ ରହିଛନ୍ତି । ତେଣୁ ଏହି ଅବସ୍ଥାରେ ଏକ ମୁକ୍ତ ସାଧାରଣ ଆସେମ୍ବ୍ଲି, ଏକ ବିଶ୍ୱ-ପାର୍ଲିଆମେଣ୍ଟ, ସମସ୍ତଙ୍କୁ ସମକକ୍ଷରୂପେ ଗ୍ରହଣ କରୁଥିବା ସମ୍ପୂର୍ଣ୍ଣ ମାନବଜାତିର ଏକ ସଂଘ,— ବର୍ତ୍ତମାନ ଏଗୁଡ଼ିକର କୌଣସି ପ୍ରଶ୍ନହିଁ ଉଠୁନାହିଁ । ଏପରିକି, ବର୍ତ୍ତମାନ ଯେତିକି ଜାତି ସ୍ୱାଧୀନ ହୋଇ ସାରିଛନ୍ତି ଓ ସଭ୍ୟ ବୋଲି ଗଣା ହେଉଛନ୍ତି, ସେମାନଙ୍କୁ ମଧ୍ୟ ସମକକ୍ଷ ଜଣେ ଜଣେ ସଦସ୍ୟରୂପେ ଗ୍ରହଣ କରାଯାଇ ଯଦି ଏକ ସଂଘ ଗଠିତ ହୁଏ, ତେବେ ଏକ ସଂଗଠନ ହିସାବରେ ସେଇଟି ମଧ୍ୟ ଭାରି ଅସଂବଦ୍ଧ ଏବଂ ବ୍ୟର୍ଥକାମ ହୋଇ ରହିବ, ପ୍ରକୃତରେ ପ୍ରଭାବ ପକାଇ ପାରୁଥିବା କୌଣସିପ୍ରକାର ସଂଘବଦ୍ଧ କ୍ରିୟାଶୀଳତା ଲାଗି ବଡ଼ ଅସମର୍ଥ ହୋଇ ରହିବ । ଯେଉଁଠି ବୃହତ୍ ଜାତି ଏବଂ ସାମ୍ରାଜ୍ୟଗୁଡ଼ିକର ଶକ୍ତି, ପ୍ରଭାବ, କର୍ତ୍ତୃତ୍ୱ ଏବଂ ଆବଶ୍ୟକ ପଡ଼ିଲେ ସବଳ ହସ୍ତଟି ସମ୍ମିଳିତଭାବରେ ଆପଣାକୁ କାର୍ଯ୍ୟ କରି ନ ପାରୁଛନ୍ତି ଓ ତାହା ସଙ୍ଗେସଙ୍ଗେ ସାଧାରଣ ସ୍ୱାର୍ଥ ଏବଂ ସାର୍ବଜନିକ ମତଟି ଲାଗି ଉପଯୁକ୍ତ ଶ୍ରଦ୍ଧା ରଖି ନ ପାରୁଛି, ସେଠାରେ ସମସ୍ତଙ୍କର ଆବଶ୍ୟକତା ଏବଂ ଆକାଂକ୍ଷାଗୁଡ଼ିକୁ ଲାଗୁ କରିବାର ଏବଂ ସେଗୁଡ଼ିକୁ ଏକ ବାସ୍ତବ ରୂପ ଦେବାର ମଧ୍ୟ ଆଉ ଅର୍ଥ କ'ଣ ରହିଲା ?

'oaob.nitrkl.ac.in' images reprocessed

ଯେଉଁ ନିଷ୍ପତ୍ତିଗୁଡ଼ିକୁ ସେମାନଙ୍କୁ ପ୍ରକୃତରେ କାର୍ଯ୍ୟକାରୀ କରିବାକୁ ପଡ଼ିବ, ସେମାନଙ୍କ ବ୍ୟତୀତ ଆଉ କିଏ ଅଧିକ ପ୍ରଭାବଶାଳୀଭାବରେ ସେହି ନିଷ୍ପତ୍ତିଗୁଡ଼ିକର ନିର୍ଦ୍ଧାରଣ କରିଦେଇ ପାରିବ, ସେହି ନିଷ୍ପତ୍ତିଗୁଡ଼ିକ ଲାଗି ଏକ ସ୍ଥାୟୀ ତତ୍ତ୍ୱଭୂମି ଯୋଗାଇଦେଇ ପାରିବ ଅଥବା ସେଗୁଡ଼ିକୁ ଏକ ସ୍ଥାୟୀ ବାସ୍ତବ ନୀତିରେ ମଧ୍ୟ ପରିଣତ କରି ପାରିବ ? ଆମେରିକା ମହାଦେଶରେ ଥିବା ସାନସାନ ସାଧାରଣତନ୍ତ୍ରଗୁଡ଼ିକ ଏବଂ ଇଉରୋପର ସାନସାନ ଦେଶଗୁଡ଼ିକ ଯେତେଯାହା ଏକଜୁଟ ହେଲେ ମଧ୍ୟ ସେମାନେ ଆମେରିକା, ଫ୍ରାନ୍‌ସ୍ ଏବଂ ବ୍ରିଟିଶ୍ ସାମ୍ରାଜ୍ୟ ଉପରେ ବିଶ୍ୱବିଷୟରେ କୌଣସି ନିଷ୍ପତ୍ତି ବା ନୀତିକୁ ନେଇ ଲଦିଦେଇ ପାରିବେ ନାହିଁ କିଂବା ବହୁମତ-ନିର୍ଣ୍ଣୟର ଏକ ଅନ୍ଧ ନିୟମ ଅନୁସାରେ ଏହିସବୁ ବୃହଦ୍ ଶକ୍ତି ଓ ସ୍ୱାର୍ଥଗୁଡ଼ିକ ସହିତ ଖେଳିବା ଲାଗି କଦାପି କୌଣସି ଅବକାଶ ପାଇବେ ନାହିଁ । ମାତ୍ର ଲୀଗ୍ ଭିତରେ ସମସ୍ତ ସଂଗଠନଟିରେ ଅନ୍ତର୍ଭୁକ୍ତ ହୋଇ ରହିଥିବା ଭିନ୍ନଭିନ୍ନ ସଦସ୍ୟ-ଦେଶଗୁଡ଼ିକ ଏପରି ଭାବରେ ଶ୍ରେଣୀଭୁକ୍ତ ତଥା ପରସ୍ପର ସହିତ ସମ୍ବନ୍ଧିତ ହୋଇ ରହିଛନ୍ତି ଯେ ସେମାନେ ବର୍ତ୍ତମାନ ପରିସ୍ଥିତିଟିର ଆୟତନ ଭିତରେ ମଧ୍ୟ ଲୀଗ୍‌କୁ ଏକ ନିଶ୍ଚିତ ଓ ବିଶ୍ୱାସଯୋଗ୍ୟ ଗତିଶୀଳ ରୂପ ଅବଶ୍ୟ ଦେଇପାରିବେ । ଏଥିରେ ଆଉ ଯେତେଯାହା ବିବର୍ତ୍ତନର ଆବଶ୍ୟକତା ରହିଛି, ସେଇଟିକୁ ମଧ୍ୟ ଏକ ସାଧାରଣ ନିୟନ୍ତ୍ରଣ ଏବଂ ବିଭିନ୍ନ ସନ୍ଧି, ଚୁକ୍ତି ତଥା ସମ୍ବନ୍ଧଗୁଡ଼ିକର ସାମୟିକ ପୁନଃନିର୍ଦ୍ଧାରଣ ଦ୍ୱାରା ବେଶ୍ କାର୍ଯ୍ୟକାରୀ କରାଯାଇ ପାରିବ । ସଂକ୍ଷେପରେ କହିବାକୁ ଗଲେ ପୃଥିବୀର ସମୁଦାୟ ଆନ୍ତର୍ଜାତିକ ଅବସ୍ଥାଟି ଏପରି ଗୋଟିଏ ଅରାଜକତା ଭିତରେ ରହିଛି ଯେ ତାହାକୁ ସର୍ବପ୍ରଥମେ ଏକ ବ୍ୟବସ୍ଥା ମଧ୍ୟକୁ ଆଣିବାକୁ ପଡ଼ିବ, ଏକ ନିର୍ଦ୍ଦିଷ୍ଟ ରୂପ ଦେବାକୁ ପଡ଼ିବ; ଏବଂ ସେହି କାର୍ଯ୍ୟଟିକୁ କଦାପି ଏକ ରମଣୀୟ ଆଦର୍ଶବାଦ ଦ୍ୱାରା କରାଯାଇ ପାରିବ ନାହିଁ, ଏବଂ ପ୍ରକୃତ ବାସ୍ତବତାଟି ସହିତ ଆଦୌ କୌଣସି ମେଳ ରଖୁ ନ ଥିବା କେତେଗୁଡ଼ିଏ ସିଦ୍ଧାନ୍ତର ଏକ ସ୍ଥିତିନିରପେକ୍ଷ ପରିପୂର୍ଣ୍ଣତା ଦ୍ୱାରା ମଧ୍ୟ ତାହା କରିହେବ ନାହିଁ । ଏବଂ ପ୍ରକୃତ ମୁହୂର୍ତ୍ତଟି ଆସିବା ପୂର୍ବରୁ ଯଦି ସେହି ସିଦ୍ଧାନ୍ତଗୁଡ଼ିକ ଆଣି ପ୍ରୟୋଗ କରାଯାଏ, ତେବେ ସେଥିରୁ ହୁଏତ ଆହୁରି ଅଧିକ ଅସ୍ତବ୍ୟସ୍ତତା ଆସି ପହଞ୍ଚିବାରହିଁ ସମ୍ଭାବନା ରହିଛି । ମାତ୍ର କେବଳ ଏକ ବଳବାନ୍, ସମର୍ଥ ଓ ସୁସଂଗଠିତ ଶକ୍ତି ଦ୍ୱାରାହିଁ ସେକଥା ସମ୍ଭବ ହୋଇ ପାରିବ; ସେହି ଶକ୍ତି ବା କର୍ତ୍ତୃତ୍ୱ ଯାବତୀୟ ବିଷୟ ଯେପରି ଭାବରେ ରହିଛି, ସେହିପରି ଭାବରେହିଁ ତାହାର ସମ୍ମୁଖୀନ ହେବ, ଆପଣାର ଶକ୍ତିବଳରେ ଏହି ଅବ୍ୟବସ୍ଥିତତା ଉପରେ ବିଧାନ ଏବଂ ଶୃଙ୍ଖଳାର ଏକ ନୂତନ ବ୍ୟବସ୍ଥାକୁ ଆଣି ଲଦିଦେଇ ପାରିବ, ଯେତେ ଅପୂର୍ଣ୍ଣତାଯୁକ୍ତ ହେଲେ ମଧ୍ୟ ତାହାକୁ ଏକ ପ୍ରାରମ୍ଭିକ ଗଠନରୂପ ଆଣି ଦେବ ଏବଂ ପ୍ରଗତିର ବାସ୍ତବ ସମ୍ଭାବନାଗୁଡ଼ିକ ଉପରେ କଡ଼ା ନଜର ରଖି ତାହା ସେହି

'oaob.nitrkl.ac.in' images reprocessed

ଗଠନଟିର ବିକାଶଟିକୁ ଦେଖିବାରେ ଲାଗିଥିବ । ସେହି ନିରାପଦ ଏବଂ ଦୃଢ଼ ଭିତ୍ତି ଉପରେହିଁ ଯେତେ ମନ୍ଥର ଗତିରେ ହେଲେ ମଧ୍ୟ ଭବିଷ୍ୟତରେ ଏକ ଅଧିକ ଉନ୍ନତ ବିଧାନ ଏବଂ ଆଦର୍ଶ ବ୍ୟବସ୍ଥା ଦିଗରେ ନିଶ୍ଚୟ ଏକ ସୁବିଚାରିତ ଅଗ୍ରଗତି ସମ୍ଭବ ହୋଇପାରିବ । ଏହି ପ୍ରଶ୍ନଟିର ଅବଶ୍ୟ ଆଉଗୋଟିଏ ଦିଗ ମଧ୍ୟ ରହିଛି, ମାତ୍ର ଅନ୍ତତଃ ବର୍ତ୍ତମାନ ପାଇଁ ଆମେ ସେଇଟି ବିଷୟରେ କୌଣସି ଆଲୋଚନା କରିବା ନାହିଁ ଏବଂ ବର୍ତ୍ତମାନ ଆଲୋଚିତ ହେଉଥିବା ବିଚାରଗୁଡ଼ିକୁ ଯଥାସମ୍ଭବ ପୂର୍ଣ୍ଣ ମୂଲ୍ୟ ଏବଂ ଗୁରୁତ୍ୱ ଦେଇ ଦେଖିବା ।

ମାତ୍ର ଠିକ୍ ସେହି କାରଣଟିରୁହିଁ ଏକଥା ଆହୁରି ଅଧିକ ଅପରିହାର୍ଯ୍ୟ ହୋଇପଡୁଛି ଯେ, ଏହି କ୍ଷେତ୍ରରେ ଯେଉଁ ଅଗ୍ରଗତିଟିକୁ କରିବାକୁ ପଡ଼ିବ, ତାହାର ମୂଳନୀତିଗୁଡ଼ିକୁ ଏହି ଆରମ୍ଭରୁହିଁ ଲୀଗ୍‌ର ନିୟମ ଓ ଗଠନଟି ମଧ୍ୟରେ ଅବଶ୍ୟ ସ୍ୱୀକାର କରିନେବାକୁ ପଡ଼ିବ, ବା ଅନ୍ତତଃ ତାହାକୁ ଏପରି ଭାବରେ ସୂଚାଇ ଦେବାକୁ ପଡ଼ିବ ଓ ଲୀଗ୍‌ର ବ୍ୟବସ୍ଥାଟି ମଧ୍ୟରେ ସେଗୁଡ଼ିକର ଏପରି ପ୍ରତିଫଳନ ହୋଇଥିବ, ଯେପରିକି କେବଳ ସେହିସବୁ ଧାରାରେ ବା ସେହିସବୁ ମୂଳନୀତିର ପରିପୂରଣ ଦିଗରେହିଁ ଲୀଗ୍‌ର ସକଳ କାର୍ଯ୍ୟ ଅଗ୍ରସର ହେବ ଓ ଅନ୍ୟ କୌଣସି ନିମ୍ନତର, ପ୍ରତିକ୍ରିୟାଶୀଳ ଓ ବାଧାସୃଷ୍ଟିକାରୀ ଉଦ୍ଦେଶ୍ୟସାଧନ ଦିଗରେ ସେଗୁଡ଼ିକର ଅପବ୍ୟବହାର କଦାପି ହେବ ନାହିଁ ବୋଲି ସେଥିରୁ ଏକ ନିର୍ଭର ପ୍ରତିଶ୍ରୁତି ଆମକୁ ମିଳିଯାଉଥିବ । ଅଷ୍ଟାଦଶ ଶତାବ୍ଦୀରେ ପ୍ରଣୟନ କରାଯାଇଥିବା ଗଣତାନ୍ତ୍ରିକ ସଂବିଧାନଗୁଡ଼ିକରେ ସର୍ବମାନ୍ୟ ମୂଳନୀତି ଏବଂ ସେଗୁଡ଼ିକୁ ଏକ ମୂର୍ତ୍ତରୂପ ଦେଇ ସୁରକ୍ଷିତ କରି ରଖିବା ବିଷୟରେ ଯେଉଁ ଘୋଷଣାମାନ କରା ହୋଇଥିଲା, ଆମେ ସେଗୁଡ଼ିକୁ କେବଳ କେତେଜଣ ନିଷ୍ଫଳ ଆଦର୍ଶବାଦୀଙ୍କର କେତେଟା ତୁଚ୍ଛ ସୂତ୍ରାୟନ ବୋଲି କଦାପି କହି ପାରିବା ନାହିଁ,– ତାହାର ଆହୁରି ପୂର୍ବରୁ ମାଗ୍ନା କାର୍ଟା ପ୍ରଭୃତି ଘୋଷିତ ସନନ୍ଦରେ ସ୍ୱୀକୃତ ହୋଇଥିବା ସଂବିଧାନଗତ ମୂଳନୀତିଗୁଡ଼ିକ ଅପେକ୍ଷା ତାହା କଦାପି କୌଣସି ପ୍ରକାରେ ଅଧିକ ଭାବରେ କେବଳ କେତେଟା ସୂତ୍ର ହୋଇ ରହି ନ ଥିଲା,– ମାତ୍ର, ପୃଥିବୀର ନବବିଧାନ ଓ ନୂତନଜାତ ବ୍ୟବସ୍ଥାଟି ମଧ୍ୟରେ ଯେଉଁ ଭିତ୍ତିଟି ଉପରେ ରାଷ୍ଟ୍ର ଆପଣାକୁ ପରିଚାଳିତ କରିବ ଓ ଅଗ୍ରଗତି ସମ୍ଭବ ହେବ, ସେହିସବୁ ଘୋଷଣାରେ ସେହିସବୁକୁହିଁ ଲିପିବଦ୍ଧ କରାଯାଇଥିଲା । ଗଣତନ୍ତ୍ରର ସୁନିଶ୍ଚିତ ଅଗ୍ରଗତି ଲାଗି ଆମେ ସେଗୁଡ଼ିକୁ ଏକାଧାରରେ ଗୋଟିଏ ଗୋଟିଏ ଦିଗନିର୍ଦ୍ଦେଶକ ଖୁଣ୍ଟ ଏବଂ ଏକ କାର୍ଯ୍ୟସାଧକ ନୈତିକ ଗ୍ୟାରେଣ୍ଟି ବୋଲି ମଧ୍ୟ କହିପାରିବା । ଲୀଗ୍‌ର ସଂବିଧାନ ମଧ୍ୟରେ ସେପରି କୌଣସି ମାର୍ଗଦର୍ଶକ ମୂଳନୀତି ରହିଛି ବୋଲି ପ୍ରତ୍ୟାଶା କରି ବସିଲେ ଆମକୁ ହତାଶହିଁ ହେବାକୁ ପଡ଼ିବ । ଯୁଦ୍ଧର ସମ୍ଭାବନାଗୁଡ଼ିକୁ ହ୍ରାସ କରି ରଖିବା ପାଇଁ, କେତୋଟି ନୂତନ ସାନସାନ ଜାତିଙ୍କର ଜନ୍ମ ଲାଗି ସ୍ୱୀକୃତି ଦେବା ପାଇଁ ଏବଂ ଯେଉଁ

'oaob.nitrkl.ac.in' images reprocessed

ଜାତିମାନେ ଆଗରୁ ରହି ଆସିଛନ୍ତି, ସେମାନଙ୍କୁ ଆବଶ୍ୟକ ନିରାପତ୍ତା ଯୋଗାଇ ଦେବା ପାଇଁ ଲୀଗ୍‌ରେ ଯେଉଁସବୁ ବ୍ୟବସ୍ଥା ରଖାଯାଇଛି, ତାହାକୁ ଆମେ ଏକ ମୂଳନୀତି ବୋଲି କ୍ୱଚିତ୍ କହିପାରିବା । ପୃଥିବୀରେ ଏକାଧାରରେ ସ୍ୱତନ୍ତ୍ରତା ଏବଂ ଏକତା ପ୍ରତିଷ୍ଠା କରିବାର ପ୍ରତିଶ୍ରୁତି ଦେଉଥିବା ଏକ ନୂତନ ବ୍ୟବସ୍ଥାରେ ଜାତିଚୟର ଆନ୍ତର୍ଜାତିକ ଅଧିକାର ଏବଂ କର୍ତ୍ତବ୍ୟ ବିଷୟରେ କୌଣସି ସନନ୍ଦ ଘୋଷଣାର କିଛି ସଙ୍କେତ ଆମକୁ ଲୀଗ୍‌ର ସମ୍ବିଧାନଟି ଭିତରେ ମିଳିବ ନାହିଁ । ଆତ୍ମ-ନିୟନ୍ତ୍ରଣର ଯେଉଁ ସିଦ୍ଧାନ୍ତଟି ସକାଶେ ଯୁଦ୍ଧର ଶେଷ ପର୍ଯ୍ୟାୟଗୁଡ଼ିକରେ ଯୁଦ୍ଧ ଲାଗିଥିଲା, ସେହି ସିଦ୍ଧାନ୍ତଟିକୁ ବଡ଼ ନିର୍ଦୟ ଭାବରେ ଦୂରକୁ ଫିଙ୍ଗି ଦିଆଯାଇଛି ଏବଂ ଏକ ବୃହତ୍-ଉଦର କୂଟନୈତିକ କାରବାର ତାହାକୁ ପାଟିରେ ପକାଇଦେଇ କୁଆଡ଼େ ଗର୍ଭସାତ୍ କରି ପକାଇଛି । ହୁଏତ ଏପରି ହୋଇପାରେ ଯେ ଦେବଦୂତ ଯାଇ ତିମିମାଛର ପେଟରେ ପଶିଥିବା ପରି କେବଳ ସାମୟିକ ଭାବରେ ଏଭଳି ଘଟିଛି, ମାତ୍ର ତଥାପି ଏକଥା ମଧ୍ୟ ସତ ଯେ ଅନ୍ତତଃ ବର୍ତ୍ତମାନ ଲାଗି ତାହା ପ୍ରାୟ ସମ୍ପୂର୍ଣ୍ଣଭାବରେ ଅନ୍ତର୍ହିତ ହୋଇ ରହିଛି । ଶ୍ଲେସ୍‌ଭିକ୍-ହଲ୍‌ଷ୍ଟାଇନ୍ ବିଷୟରେ ଯାହା ହେଲା, ମଝିରେ ମଝିରେ ସେହିଭଳି କେତେକ ବ୍ୟବସ୍ଥା ମଧ୍ୟରେ ତାହାର କେବଳ ଏକ ଅତିକ୍ଷୁଦ୍ର ଛାଇ ଦିଶିଗଲା ପରି ମନେହେଉଛି ସତ, ମାତ୍ର ଏହା ବାହାରେ ଆଉ ଯାହାକିଛି ରହିଲା, ସେସବୁ କ୍ଷେତ୍ରରେ ପୃଥିବୀର ମାନଚିତ୍ରରେ କେବଳ ସେହି ପୁରୁଣା ପରିଚିତ ଢଙ୍ଗଟାରେହିଁ ଗୁଡ଼ାଏ ପରିବର୍ତ୍ତନ କରାଯାଇଛି; ସେଥିରେ ଜାତିତ୍ୱ କିମ୍ବା ସ୍ୱ-ଇଚ୍ଛା ଉପରେ ଆଦୌ କୌଣସି ଉଲ୍ଲେଖଯୋଗ୍ୟ ବିଚାର କରାଯାଇ ନାହିଁ, ମାତ୍ର ସଶସ୍ତ୍ର ବିଜୟୀ ଜାତିମାନଙ୍କର ପାରସ୍ପରିକ ରାଜିନାମା ବା ଆଦେଶ ପ୍ରୟୋଗ କରିହିଁ ବରଂ ସେସବୁ କଥା କରାଯାଇଛି । ଯୁଦ୍ଧ ସମୟରେ କରାଯାଇଥିବା ଗୋଟିଏ ବିଖ୍ୟାତ ଘୋଷଣାରେ ମାରଫତଦାରୀ ସିଦ୍ଧାନ୍ତଟିର ନିନ୍ଦା କରାଯାଇଥିଲା, ମାରଫତଦାରୀ ପ୍ରଥାର ଯେଉଁ ଆଚ୍ଛାଦନଟି ବାହାରକୁ ସତେଅବା କେଡ଼େ ଉଦାର ଦାକ୍ଷିଣ୍ୟଭାବ ଦେଖାଇ ଭିତରେ ଆଧିପତ୍ୟ ଏବଂ ଶୋଷଣର କଠୋର ବାସ୍ତବତାଟିକୁ ବେଶ୍ ଢାଙ୍କି ରଖିପାରେ, ସେହି ଆଚ୍ଛାଦନଟିର ନିନ୍ଦା କରାଯାଇଥିଲା । ଯେଉଁ ଆଧିପତ୍ୟ ଏବଂ ଶୋଷଣ ଆପଣାର ଉଲଗ୍ନତାରେ ଅତ୍ୟନ୍ତ ସ୍ଥୂଳରୂପ ଧାରଣ କରିଛନ୍ତି ଓ ଏକ ଆଧୁନିକ ମାନବସମାଜର ସୁକୋମଳ ନୈତିକବୋଧ ସମକ୍ଷରେ ଯାହା ଗୋଟାସୁଦ୍ଧା ଆଭରଣହୀନ ଭାବରେ ଉପସ୍ଥାପିତ ହେବାକୁ ଯାଉଛି, ମାରଫତଦାରୀ ବ୍ୟବସ୍ଥା ତାହାକୁହିଁ ଘୋଡ଼ାଇ ରଖିବା ଲାଗି ଏକ ଆଚ୍ଛାଦନ ପରି କାର୍ଯ୍ୟ କରୁଥିଲା । ମାତ୍ର ଯୁଦ୍ଧ ପରେ ଏହି ଯେଉଁ ଅନ୍ୟ ବ୍ୟବସ୍ଥାର ପ୍ରଣୟନ ହେଲା, ସେଥିରେ ମାରଫତଦାରୀର ସେହି ସିଦ୍ଧାନ୍ତଟିକୁହିଁ କେଡ଼େ ଗୌରବାନ୍ୱିତ କରି ଦେଖାଇ ଦିଆଯାଉଛି, ତାହା ସତେଅବା କେଡ଼େ ପବିତ୍ର ବୋଲି ଧାରଣା ଦେବାର ଚେଷ୍ଟା କରାଯାଉଛି; ଅବଶ୍ୟ

'oaob.nitrkl.ac.in' images reprocessed

ଏକଥା ସତ ଯେ ପ୍ରକୃତ ବାସ୍ତବତାଟିକୁ ଘୋଡ଼ାଇ ରଖିବା ପାଇଁ ଏହି ମାରଫତଦାରୀକୁ ଏକ କମିଟି ଦ୍ୱାରା ପରୀକ୍ଷା କରି ଦେଖା ଯାଉଥିବ ବୋଲି ମଧ୍ୟ ବ୍ୟବସ୍ଥା ରହିଛି;— ଏବଂ ଯେଉଁ କମିଟି ସେହି ପରୀକ୍ଷାଟି କରିବ, ତାହାର ଯାବତୀୟ କ୍ରିୟା ଓ ଆଲୋଚନାମାନ ଖାସ୍ ସେହି ମାରଫତଦାରମାନଙ୍କର ନିୟନ୍ତ୍ରଣାଧୀନ ହୋଇ ରହିବ ବୋଲି ମଧ୍ୟ ବ୍ୟବସ୍ଥା ହୋଇଛି । ଅର୍ଥାତ୍, ଏହି ପୃଥିବୀରେ କେତେକ ଜାତି ତଥାପି ପରାଧୀନ ହୋଇ ରହିବେ; କାରଣ ଯେଉଁଠି ଏକ ପୂର୍ବତନ ପରାଧୀନତାର ଅବସାନ ଘଟାଇ ଦିଆଯାଇଛି, କେବଳ ସେହିସବୁ ଦେଶରେହିଁ ଏହି ମାରଫତଦାରୀ ପ୍ରଥାର ପ୍ରୟୋଗ ହେବ । ଏସିଆ ଏବଂ ଆଫ୍ରିକାର କେତୋଟି ଜାତିଙ୍କର କ୍ଷେତ୍ରରେ ତାହାକୁ ନେଇ ପ୍ରୟୋଗ କରାଯିବ; ଅର୍ଥାତ୍, ବର୍ତ୍ତମାନ ବିଲୁପ୍ତ ହୋଇ ଯାଇଥିବା ସାମ୍ରାଜ୍ୟଗୁଡ଼ିକର ଉନ୍ନତ ଉତ୍ପୀଡ଼ନ ଅଧୀନରେ ରହିଆସିଥିବା ଜାତିଗୁଡ଼ିକର କ୍ଷେତ୍ରରେହିଁ ତାହାର ପ୍ରୟୋଗ କରାଯିବ । ଏବଂ ଅନ୍ୟମାନେ, ଯେଉଁମାନେ ଭାଗ୍ୟବଶତଃ କମ୍ କଠୋର ପ୍ରଭୁମାନଙ୍କ ଅଧୀନରେ ରହିଥିଲେ, ଅର୍ଥାତ୍ ଆୟର୍ଲାଣ୍ଡଠାରୁ ଆରମ୍ଭ କରି କୋରିଆ ଯାଏ ଅବଶିଷ୍ଟ ପରାଧୀନ ଜାତିମାନଙ୍କ ଲାଗି ଆଦୌ ସେପରି କୌଣସି ସୁରକ୍ଷାର ଆବଶ୍ୟକତା ନାହିଁ ବୋଲି ବିଚାର କରାଯାଉଛି !

ହୁଏତ ଏପରି ବି ହୋଇପାରେ ଯେ ସ୍ୱତନ୍ତ୍ରତା ଭଳି ଅତି ଆଦର୍ଶବାଦୀ ଏକ ନୀତିକୁ ଅସ୍ୱୀକାର କରିବା ବ୍ୟତୀତ ଏହି କ୍ଷେତ୍ରରେ ଆଉ କୌଣସି ଉପାୟହିଁ ନ ଥିଲା । କାରଣ, ଆମକୁ କୁହାଯାଉଛି ଯେ ମଧ୍ୟରାତ୍ରିରୁ ଏକାବେଳେକେ ମଧ୍ୟାହ୍ନରେ ଆସି ପହଞ୍ଚି ଯିବାକୁ ଆମର ଆଦୌ ଚଞ୍ଚଳ ହୋଇପଡ଼ିବା ଉଚିତ ନୁହେଁ । ନ୍ୟାୟତଃ ଆମକୁ କାଳ ଓ ଋତୁଗୁଡ଼ିକର ନିୟମଟିକୁ ଅବଶ୍ୟ ମାନିବାକୁ ପଡ଼ିବ; ପ୍ରଥମେ ଅନ୍ଧାରଟା ଟିକିଏ ଝାପ୍‌ସା ଓ ପତଳା ହୋଇ ଆସିବ, ତା'ପରେ ପାହାନ୍ତା ହୋଇ ଆସିବ, ତା'ପରେ ସିନ୍ଦୂରା ଫାଟିବ ଏବଂ ତା'ପରେ ପୂର୍ଣ୍ଣ ପ୍ରତ୍ୟୟର ସହିତ ସ୍ୱର୍ଣ୍ଣାଭ ସକାଳର ଉଦୟ ହେବ ଏବଂ ଏସବୁ ଘଟିସାରିବା ପରେ ଯାଇ ଆମେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ରତା ଏବଂ ପୂର୍ଣ୍ଣ-ନ୍ୟାୟର କନକକାନ୍ତି ମଧ୍ୟାହ୍ନରେ ଯାଇ ବାସ କରିବାକୁ ସମର୍ଥ ହେବା । ମାତ୍ର ସେହି ସମୟଟି ଆସିବା ପୂର୍ବରୁ ଆଉ କେଉଁ ନୀତିଟି ବର୍ତ୍ତମାନ ଆମକୁ ବାଟ ଦେଖାଇ ନେଇ ଯାଉଥିବ, ନିୟମ ଏବଂ ଔଚିତ୍ୟର କେଉଁ ମୂର୍ତ୍ତିମନ୍ତ ରୂପଟି ଆମ ସମକ୍ଷରେ ରହିଥିବ, ଏବଂ ନାନାବିଧ କର୍ତ୍ତବ୍ୟର କେଉଁ ନ୍ୟାୟପୂର୍ଣ୍ଣ ଏବଂ ସମତାଯୁକ୍ତ ଭାରସାମ୍ୟଟି ଆମଲାଗି ଏହି ନୂତନ ବ୍ୟବସ୍ଥାଟିର ଦୃଢ଼ ଭିତ୍ତି ହୋଇ ରହିଥିବ ? ବର୍ତ୍ତମାନ ଆମ ଆଗରେ ସେପରି କିଛି ରହିଥିଲା ପରି ମୋତେ ଦିଶୁ ନାହିଁ, କେବଳ ଯୁଦ୍ଧର ସମ୍ଭାବନାଗୁଡ଼ିକୁ ହ୍ରାସ କରି ରଖିବା ଲାଗି ଯନ୍ତ୍ରପରି ଗୋଟାଏ କ'ଣ ଗଢ଼ି ରଖି ଦିଆଯାଇଛି; ଯୁଦ୍ଧର ଯାବତୀୟ ସମ୍ଭାବନା ଯେପରି ଏକାବେଳେକେ ଦୂରୀଭୂତ ହୋଇଯିବ, ସେଥିଲାଗି କୌଣସି ମଧ୍ୟସ୍ଥତାର

'oaob.nitrkl.ac.in' images reprocessed

ବାଧ୍ୟତାମୂଳକ ବ୍ୟବସ୍ଥା ନାହିଁ, ସଶସ୍ତ୍ର ଶକ୍ତିର ଭୟ ଦେଖାଇ ଅଥବା ବାସ୍ତବ କ୍ଷେତ୍ରରେ ତାହାର ପ୍ରୟୋଗ କରି ଏବଂ ଅର୍ଥନୈତିକ ଚାପ ପକାଇ ଯୁଦ୍ଧର ସମ୍ଭାବନାକୁ ହ୍ରାସ କରି ରଖିବାରହିଁ ବ୍ୟବସ୍ଥା ରହିଛି । ପୁରୁଣା ସନ୍ଧିଗୁଡ଼ିକର ସଂଶୋଧନ ଲାଗି, ଉପନିବେଶ, ଅଧୀନସ୍ଥ ରାଜ୍ୟ, ହାଟବଜାର, ରାଜ୍ୟସୀମା, ବନ୍ଦର ଓ ବିଶେଷାଧିକାରର ସୁରକ୍ଷା ଲାଗି ଯନ୍ତ୍ରବତ୍ ଗୋଟାଏ ବ୍ୟବସ୍ଥା ରଖାଯାଇଛି, ପୁଞ୍ଜିପତି ଏବଂ ଶ୍ରମିକଶ୍ରେଣୀ ଯେଉଁସବୁ ପରସ୍ପର-ବିରୋଧୀ ଦାବିମାନ କରିବାରେ ଲାଗିଛନ୍ତି, ଅନ୍ତର୍ଜାତୀୟ ସ୍ତରରେ ତାହାର ଆଲୋଚନା ଏବଂ ମୀମାଂସା ଲାଗି ବ୍ୟବସ୍ଥା ରହିଛି । ହଠାତ୍ ସମ୍ଭବ ହୋଇ ପାରୁଥିବା ସମ୍ବନ୍ଧଗୁଡ଼ିକୁ ସ୍ଥାପିତ କରି ରଖିବାର ବ୍ୟବସ୍ଥା ରହିଛି, କେବଳ କେତେଟା ନଗଣ୍ୟ ପରିବର୍ତ୍ତନ ଏବଂ ଅଦଳବଦଳ ସହିତ ଏକ ନୂତନ ସ୍ଥିତାବସ୍ଥାକୁ ସ୍ୱୀକାର କରିନେଇ ତାହାକୁହିଁ ସ୍ଥାୟୀ କରି ରଖିବାର ବ୍ୟବସ୍ଥା କରାହୋଇଛି । ମାତ୍ର ଏକ ନୂତନ ଏବଂ ଅଧିକ ଉଦାରତାଯୁକ୍ତ ବିଶ୍ୱବ୍ୟବସ୍ଥା ଲାଗି ବସ୍ତୁତଃ କୌଣସି ମୂଳଦୁଆ ପଡ଼ି ନାହିଁ । ଏଥିଲାଗି ଏକ କ୍ଷେତ୍ର ତିଆରି କରି ରଖିବା ହୁଏତ ଏହି କ୍ଷେତ୍ରରେ କର୍ତ୍ତାମାନଙ୍କର ଅଭିପ୍ରାୟ ହୋଇ ରହିପାରେ, ମାତ୍ର ସେମାନଙ୍କର ସେହି ଅଭିପ୍ରାୟଟିକୁ ଅନେକ ପରିମାଣରେ ଭବିଷ୍ୟତର ସମ୍ପୂର୍ଣ୍ଣ ଅନିଶ୍ଚିତ ନାନା ଆକସ୍ମିକତା ଉପରେହିଁ ଛାଡ଼ି ଦିଆଯାଇଛି । ଏକଥା ସତ ଯେ ଏକ ସୀମିତ ରୂପରେ ହେଲେ ମଧ୍ୟ ଲୀଗ୍ ଅଫ୍ ନେଶନ୍ସ୍‌ର ବିଚାରଟି ସ୍ୱୀକୃତ ହୋଇଛି ଏବଂ ତାହାକୁ ଏକ ଆକାର ଦିଆଯାଇଛି ଏବଂ ସେହି ଦୃଷ୍ଟିରୁ ଦେଖିଲେ ପ୍ରତିଷ୍ଠାତାଙ୍କର ଆଦର୍ଶବାଦଟି ଲାଗି ଏକ ବିଜୟ ନିଶ୍ଚିତଭାବରେ ହାସଲ ହୋଇଛି ସତ, ମାତ୍ର କେବଳ ସେତିକି ବ୍ୟତୀତ ଆଉ ଯାବତୀୟ ପଦକ୍ଷେପରେ ଆଦର୍ଶବାଦୀ କୁଆଡ଼େ ତଳକୁ ବୁଡ଼ିଯାଇଛି ଏବଂ ଏହି ଆଧୁନିକ ନୂତନ ଯନ୍ତ୍ରଟି ଉପରେ ରାଜନୀତିଜ୍ଞ ଏବଂ କୂଟନୀତିଜ୍ଞର ମୋହରଟା ମରାହୋଇ ରହିଛି । ଯାହାକୁ ଆମେ କେବଳ ତାତ୍କାଳିକ ବ୍ୟବହାର-ବୁଦ୍ଧି ରହିଥିବା ଜଣେ ମଣିଷ ବୋଲି କହିବା ଓ ଯାହାର ଦୃଷ୍ଟି ଅତ୍ୟନ୍ତ ସଂକୀର୍ଣ୍ଣ ହୋଇ ରହିଥାଏ, ଏବଂ ଯାହାର ପଦ୍ଧତିଗୁଡ଼ିକ ସବୁବେଳେ ବଡ଼ ଅଶୋଧିତ ଏବଂ ବିଚାରଶୂନ୍ୟ ହୋଇ ରହିଥାଏ, ତାହାରି ମୋହରଟା ମରାହୋଇ ରହିଛି । ତେଣୁ, ଏହି ସଂଗଠନଟିକୁ ଆମେ ଉଚିତ ଭାରସାମ୍ୟ ନ ଥିବା ଛିଦ୍ରଯୁକ୍ତ ଏପରି ଏକ ଜାହାଜ ବୋଲି କହିବା, ଯାହାପାଖରେ କି କୌଣସି ମାନଚିତ୍ର ନାହିଁ, ଦିଗନିର୍ଣ୍ଣୟ କରିବାର କମ୍ପାସ୍ ନାହିଁ ବା ଯାତ୍ରାସମ୍ବନ୍ଧୀୟ କୌଣସି ନିର୍ଦ୍ଦେଶ ମଧ୍ୟ ନାହିଁ ଅଥଚ ଯାହାକୁ ଝଡ଼ବାତ୍ୟା ଏବଂ ଅରାଜକତାର ଜଳରାଶି ଉପରେ ଆଣି ଛାଡ଼ି ଦିଆଯାଇଛି ।

ଏସବୁ ସତ, ମାତ୍ର ଅନ୍ୟ ଏପରି କେତେକେତେ ସମୟ ମଧ୍ୟ ଆସିଛି ଯେତେବେଳେକି ଠିକ୍ ଏହିପରି ଅଶୋଧିତ ଏବଂ ଅନୁଚିତ ପନ୍ଥା ଓ ଉପାୟମାନ କେତେ

'oaob.nitrkl.ac.in' images reprocessed

ବଡ଼ବଡ଼ ନିର୍ମାଣରେ ମୂଳଦୁଆ ପରି ମଧ୍ୟ କାର୍ଯ୍ୟ କରିଛି, ଏବଂ ଯଦି ଏହି ଲୀଗ୍‌ର ଅସ୍ତିତ୍ୱକୁ ଯେକୌଣସି ପ୍ରକାରେ ବଞ୍ଚାଇ ରଖାଯାଇ ପାରେ, ତେବେ, ଯେଉଁସବୁ ମୂଳ ସିଦ୍ଧାନ୍ତ ଏବଂ ଆଦର୍ଶଗୁଡ଼ିକର ଉପଲବ୍ଧି ନିମନ୍ତେ ଆପଣାର ନାନା ଶିଥିଳ ଜଟିଳତା ଦ୍ୱାରା ସର୍ବଦା ପରାହତ ହେବାରେ ଲାଗିଥିଲେହେଁ ମନୁଷ୍ୟଜାତିର ତଥାପି ଅସ୍ପଷ୍ଟ ହୋଇ ରହିଥିବା ହୃଦୟ ଏବଂ ବିବେକ ଏବେ ତୃଷିତ ଏବଂ ଶ୍ରାନ୍ତ ହୋଇ ଅପେକ୍ଷା କରିବାକୁ ଆରମ୍ଭ କରୁଛି, ଲୀଗ୍‌କୁ କ୍ରମେ ସେହିସବୁ ସିଦ୍ଧାନ୍ତ ଓ ଆଦର୍ଶ ଦ୍ୱାରା ପ୍ଲାବିତ କରିଦେବା ଲାଗି ହୁଏତ ନିଶ୍ଚୟ କୌଣସି ନା କୌଣସି ସମ୍ଭାବନା ରହିଥିବ । ମାତ୍ର ଜଣେ ସମାଲୋଚକର ଆଖିକୁ ଏହି ମେଣ୍ଟଟି ସତେଅବା ଆପଣା ଭିତରେହିଁ ତା' ନିଜର ଭବିଷ୍ୟତ ଭଙ୍ଗୁରତା ଏବଂ ଏପରିକି ସମ୍ଭବତଃ ଆପଣାର ସମାପ୍ତି ଓ ବିଘଟନର ଅଶୁଭ ବୀଜଗୁଡ଼ିକୁ ବହନ କରୁଥିବା ପରିହିଁ ବୋଧ ହେବ । କାରଣ, ସର୍ବପ୍ରଥମ କଥା ହେଉଛି ଯେ ଲୀଗ୍ ରହୁ ବୋଲି ଯେଉଁ ଜାତିଗୁଡ଼ିକ ଆଗ୍ରହ ପ୍ରକାଶ କରୁଛନ୍ତି, ସେମାନଙ୍କଠାରେ ମଧ୍ୟ ଲୀଗ୍ ଲାଗି ପ୍ରକୃତରେ ଅତ୍ୟନ୍ତ ସୀମାବଦ୍ଧ ଏବଂ କ୍ଷୀଣ ଉତ୍ସାହ ପ୍ରକାଶ ପାଉଛି । ଆମେରିକାର ରାଷ୍ଟ୍ରପତି ଆପେ ବଢ଼ାଇ ପାଳିପୋଷି ଆଣୁଥିବା ଶିଶୁ-ସଂସ୍ଥାଟିର ସୁଘଟନ ସୌନ୍ଦର୍ଯ୍ୟରେ ଯେତେ ଆତ୍ମସନ୍ତୋଷ ଲାଭ କରୁଥା'ନ୍ତୁ ପଛକେ, ସେହି ଆମେରିକାର ସରକାର ତା'ର ରାଷ୍ଟ୍ରପତିଙ୍କ ସହିତ ଏ ବିଷୟରେ ଗୋଟାସୁଦ୍ଧା ସହମତି ହୋଇରହିଥିବା ପରି ଆଦୌ ମନେ ହେଉ ନାହିଁ । ତେବେ ଶ୍ରମିକଜଗତ ଏବଂ ସମାଜବାଦର ଶିବିରଟି ଲୀଗ୍ ବିଷୟରେ ନାନା ସଂଶୟ ପ୍ରକାଶ କରିବାରେ ଲାଗିଛି, ବଡ଼ ଅସନ୍ତୁଷ୍ଟ, ଅବିଶ୍ୱାସପୂର୍ଣ୍ଣ ଓ ଅସ୍ୱସ୍ତ ହୋଇ ରହିଛି, କ୍ରୋଧ ଓ ଉତ୍ତେଜନାର ବଶବର୍ତ୍ତୀ ହୋଇ ଯେତେ ଅଳ୍ପକାଳସ୍ଥାୟୀ ଏବଂ ଅନିଶ୍ଚିତଭାବରେ ହେଲେ ମଧ୍ୟ ତଥାପି ଅନେକ ଆଡ଼କୁ ବ୍ୟାପି ଯାଉଥିବା ଏବଂ ଅନେକ ଅନିଷ୍ଟ ଭିଆଉଥିବା ନାନା ଧର୍ମଘଟ କରିବାରେ ଲାଗିଛି, କେତେ ବଡ଼ ବଡ଼ ଦାବି କରିବାରେ ଓ ଅସନ୍ତୋଷ ପ୍ରକାଶ କରିବାରେ ଲାଗିଛି । ଏହିସବୁ ସଙ୍କେତକୁ କଦାପି ଅନୁକୂଳ ବୋଲି କୁହାଯିବ ନାହିଁ । ଆପଣାର କଳ୍ପନା ଏବଂ ନକ୍ସାଟି ଅନୁସାରେ ପୃଥିବୀର ଗଠନ କରି ପାରିବାକୁ ହେଲେ ଲୀଗ୍‌କୁ ବାଟରେ ଯେଉଁସବୁ ବାଧାର ସମ୍ମୁଖୀନ ହେବାକୁ ପଡ଼ିବ, ସେଗୁଡ଼ିକୁ ଅତିକ୍ରମ କରିଯିବା ଲାଗି ଲୀଗ୍-ଉପଲବ୍ଧ ଯାବତୀୟ ସମର୍ଥନ ତଥା ହାର୍ଦ୍ଦିକ ସହମତି ଅବଶ୍ୟ ଆବଶ୍ୟକ କରିବ । ଯୁଦ୍ଧ ପରେ ଶାନ୍ତିର ପ୍ରତିଷ୍ଠା ହେଲେ ଲୀଗ୍‌ର ସେହି କାର୍ଯ୍ୟଟି ଆଦୌ ସରିଯିବ ନାହିଁ, ତାହାର କେବଳ ଆରମ୍ଭ ମାତ୍ରହିଁ ହେବ; ଏବଂ ଏହି କଥାଟି ବଡ଼ ସନ୍ଦେହଜନକ ପରି ମନେ ହେଉଛି ଯେ ଲୀଗ୍ ଯାହା ଆବଶ୍ୟକ କରୁଛି, ତାହା ସେ ପ୍ରକୃତରେ ପାଇବ, ବା ଯଦି ପାଇବ, ତେବେ ହୁଏତ ଅତ୍ୟନ୍ତ ଅନିଚ୍ଛାର ସହିତ ତାହା ପାଇବ ଓ ଅତ୍ୟନ୍ତ କମ୍ ପରିମାଣରେ ପାଇବ । କେହି ପୂର୍ଣ୍ଣ ଉତ୍ସାହର

'oaob.nitrkl.ac.in' images reprocessed

ସହିତ ତାହାକୁ ଆପଣାର ସମର୍ଥନ କଦାପି ଦେବେ ନାହିଁ, କେବଳ ଅତି କୁଣ୍ଠିତ ଭାବରେହିଁ ଆପଣାର ସମର୍ଥନ ରହିଛି ବୋଲି ଜଣାଇଦେବେ, ଲୀଗ୍ ଅପେକ୍ଷା ଆଉ ଅଧିକ ଉପଯୁକ୍ତ ସଂସ୍ଥା ବର୍ତ୍ତମାନ ତିଆରି ହୋଇ ପାରୁ ନାହିଁ ବୋଲି ସେମାନେ ସେହି ସମର୍ଥନଟି ଜଣାଇଦେବେ; ଯେଉଁମାନଙ୍କର ସ୍ୱାର୍ଥଗୁଡ଼ିକର ତତ୍ତ୍ୱାବଧାନ କରିବା ଲାଗି ଲୀଗ୍ ମନସ୍ଥ କରି ବାହାରିଛି, ପୃଥିବୀର ସେହିସବୁ ଜାତିର ସାଧାରଣ ମିଜାଜଟି ପ୍ରାୟ ଏହିପରି ହୋଇ ରହିଛି ବୋଲି ଲାଗୁଛି । ଅର୍ଥାତ୍ ଏଭଳି ଏକ ମହତ୍ତ୍ୱପୂର୍ଣ୍ଣ ଯାତ୍ରାର ଆରମ୍ଭରେ କେବଳ ଏତିକିମାତ୍ର ପବନ ପ୍ରାପ୍ତ ହୋଇ ପାରୁଛି ।

ମାତ୍ର, ମନେ କରାଯାଉ ଯେ ଲୀଗ୍‌ର ଏହି ବ୍ୟବସ୍ଥାଟିକୁ ସମସ୍ତେ ଗ୍ରହଣ କରିନେଲେ ଓ ତାହା ଆପଣାର ନିର୍ଦ୍ଧାରିତ ପଥରେ ଅଗ୍ରସର ହେବାକୁ ଲାଗିଲା,— ତେବେ ଭବିଷ୍ୟତରେ ତାହା କେଉଁସବୁ ବାସ୍ତବ ସ୍ଥିତିର ସମ୍ମୁଖୀନ ହେବାକୁ ଯାଉଛି ? ଯୁଦ୍ଧରେ ଯେଉଁସବୁ ଦେଶ ଉପରେ ବିଜୟ ହାସଲ କରାଯାଇଛି, ସେମାନଙ୍କ ଲାଗି ଲୀଗ୍‌ର ବ୍ୟବସ୍ଥାଟି ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ସେମାନଙ୍କର ପତନ, ରାଜ୍ୟକ୍ଷୟ ଏବଂ ଅପମାନକୁ ସ୍ଥାୟୀ କରି ରଖିବାରହିଁ ଏକ ପ୍ରତୀକ ହୋଇ ରହିବ । ଲୀଗ୍ ସେମାନଙ୍କ ଲାଗି ସତେଅବା ଏକ କାରାଗାର-ରକ୍ଷକ ଏବଂ ଦଣ୍ଡଦାତା ପରି ମନେହେବ, ଏକ ମାର୍ଜିତ ପ୍ରକାରର ଉତ୍ପୀଡ଼ନ ସହିତ ଲୀଗ୍ ସେମାନଙ୍କ ଦ୍ୱାରା କରଣୀୟଗୁଡ଼ିକୁ କରାଇ ନେଉଥିବ ଏବଂ ଦେୟଗୁଡ଼ିକୁ ଆଦାୟ କରି ନେଉଥିବ । ଯଦି ଉଦାରତା ଏବଂ ସମତାର ଆଧାର ଉପରେ ଶାନ୍ତିର ପ୍ରତିଷ୍ଠା ହୋଇ ପାରିଥା'ନ୍ତା, ତେବେ ଏସବୁ ଘଟିବାର ଆଦୌ କୌଣସି ପ୍ରୟୋଜନ ନ ଥା'ନ୍ତା; ବା, ଏକ ଅଧିକ ଭଲ ସ୍ଥିତିର କଳ୍ପନା କରିବାକୁ ଗଲେ, ବିଜେତା-ଶକ୍ତିର ବୁଦ୍ଧିଗତ ଦକ୍ଷତା ବିଜିତ-ଶକ୍ତିର ତୁଳନାରେ ଅଧିକ ହୋଇଥିଲେ ମଧ୍ୟ ଯଦି ଏହିସବୁ ପ୍ରଶ୍ନକୁ ବାଦ୍ ଦିଆଯାଇ ଥାଆନ୍ତା ଏବଂ ବିଜେତା-ଶକ୍ତିର ଇଚ୍ଛା ଉପରେହିଁ ଶାନ୍ତିକୁ ଆଧାରିତ କରି ନ ରଖି ଯଦି ପୃଥିବୀର ଜାତିମାନଙ୍କ ଲାଗି ଯଥାସମ୍ଭବ ଅଧିକ ଆତ୍ମ-ନିୟନ୍ତ୍ରଣ, ସମାନ ସୁଯୋଗ ଏବଂ ସମାନ ଆସନ ପ୍ରଭୃତି ସମ୍ପୂର୍ଣ୍ଣ ସ୍ପଷ୍ଟ ଏବଂ ଅନସ୍ୱୀକାର୍ଯ୍ୟ ମୂଳ ସିଦ୍ଧାନ୍ତଗୁଡ଼ିକୁ ଭିତ୍ତି କରିହିଁ ଶକ୍ତିର ପ୍ରତିଷ୍ଠା ହୋଇଥାନ୍ତା, ତେବେ ସେପରି ହେବାର ଆଦୌ କୌଣସି ପ୍ରୟୋଜନ ନ ଥା'ନ୍ତା । ତେବେ ତାହା ଏଭଳି ଏକ ଶାନ୍ତି ହୋଇଥା'ନ୍ତା, ଯେଉଁଥିରେ କି ଗୋଟିଏ ପକ୍ଷରେ ବିଜିତ ବଳ ଏବଂ ବିଜିତ ଅନ୍ୟାୟ ଓ ଆଉ ଗୋଟିଏ ପକ୍ଷରେ ବିଜୟ ଲାଭ କରିଥିବା ନ୍ୟାୟ-ପ୍ରତିଷ୍ଠା ବ୍ୟତୀତ ଆଉ କେହି ହେଲେ ବିଜିତ ନ ଥା'ନ୍ତେ ଅଥବା ବିଜେତା ମଧ୍ୟ ନ ଥା'ନ୍ତେ । ମାତ୍ର ପୁରୋଗାମୀ ଜାତିଗୁଡ଼ିକ ଆପଣା ଇଚ୍ଛାରେହିଁ ଏପରି ଏକ କୂଟନୀତି-ଆଧାରିତ ଶାନ୍ତିକୁ ସମସ୍ତଙ୍କ ଉପରେ ଆଣି ଲଦିଦେବାର ବାଟଟିକୁ ବାଛି ନେଇଛନ୍ତି, ଯେଉଁଥିରେ କି ସେହି ଶାନ୍ତିକୁ

'oaob.nitrkl.ac.in' images reprocessed

ଲଦିଦେବାରେ ନିମିତ୍ତ ପରି କାର୍ଯ୍ୟ କରୁଥିବା ଲୀଗ୍ ସତେଅବା କେବଳ ଅପରାଧୀର ଦଣ୍ଡବିଧାନ କରିବାକୁ ରହିଥିବା କୌଣସି ପ୍ରଶାସନ-ସଂସ୍ଥାରହିଁ ଭୂମିକା ଗ୍ରହଣ କରୁଥିବା ପରି ବୋଧ ହେଉଛି । ଯୁଦ୍ଧରେ ଯେଉଁ ଦେଶଗୁଡ଼ିକ ପରାଜିତ ହୋଇଛନ୍ତି, ସେମାନେ ସିନା ଦିନେ ଯୁଦ୍ଧକୁ ଆରମ୍ଭ କରିଥିଲେ ଏବଂ ଗୋଟିଏ ଗୋଟିଏ ଆକ୍ରମଣ-ଅଭିଳାଷୀ ସାମରିକ ଶକ୍ତିରୂପେ ଅବତୀର୍ଣ୍ଣ ହୋଇଥିଲେ, ମାତ୍ର ବର୍ତ୍ତମାନ ସେମାନଙ୍କର ସେହି ପୁରୁଣା ରୂପ ନାହିଁ ଓ ସେମାନଙ୍କ ମଧ୍ୟରୁ ଅଧିକାଂଶ ଦେଶରେ ବର୍ତ୍ତମାନ ଗଣତାନ୍ତ୍ରିକ ଗଠନରେ ଶାସନ ଚଳୁଛି । ମାତ୍ର ସେମାନେ ଅପରାଧ କରିଛନ୍ତି ଓ ଶାନ୍ତିଭଙ୍ଗ କରିଛନ୍ତି ଏବଂ ସେଥିଲାଗି ସେମାନଙ୍କ ପ୍ରତି ଯେଉଁ ଦଣ୍ଡବିଧାନ କରାଯାଇଛି, ତାହା ସେମାନେ କରିଥିବା ଅପରାଧ ତୁଳନାରେ ମୋଟେ ଯଥେଷ୍ଟ ନୁହେଁ ବୋଲି କୁହାଯାଉଛି । ଆକ୍ଷରିକ ଅର୍ଥରେ ବିଚାର କଲେ ସେକଥାକୁ ହୁଏତ ଠିକ୍ ବୋଲି କୁହାଯିବ, ମାତ୍ର ଏକଥା ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ ଯୁଦ୍ଧରତ ଦୁଇ ପକ୍ଷ ମଧ୍ୟରୁ ଗୋଟିଏ ପକ୍ଷ ତା'ର ପରାଜିତ ଅନ୍ୟପକ୍ଷଟି ଲାଗି ଅପରାଧର ଯେଉଁ ଶାସ୍ତି-ବିଧାନ କରିଥାଏ ଏବଂ ସେଥିଲାଗି କୌଣସି ନିରପେକ୍ଷ ବିଚାରକ ଲୋଡ଼ିବାକୁ ଯାଏ ନାହିଁ, ଠିକ୍‌ରେ ହେଉ ଅଥବା ଭୁଲ୍‌ରେ ହେଉ, ମନୁଷ୍ୟର ବୁଦ୍ଧି ତାହାକୁ ସାଧାରଣତଃ ସନ୍ଦେହର ଚକ୍ଷୁରେ ଦେଖିଥାଏ, ଏବଂ ସେହି କ୍ଷେତ୍ରରେ ଯାହାକୁ ଯଥୋଚିତ ନ୍ୟାୟ ବୋଲି କୁହାଯାଏ, ତାହା ଅତି ବେଶୀ ହେଲେ ଆଇନ୍ ଦ୍ୱାରା ଅନୁମୋଦିତ କରି ନିଆ ଯାଇଥିବା ଏକ ପ୍ରତିଶୋଧହିଁ ହୋଇ ରହେ; ମାତ୍ର ଏପରି ମଧ୍ୟ ହୋଇପାରେ ଯେ ସେଠାରେ କୌଣସି ନ୍ୟାୟବିଚାର କରାଯାଇ ନ ଥାଏ ଅଥବା ଯାହା କରା ଯାଇଥାଏ, ତାହା ନ୍ୟାୟଠାରୁ ଅନେକ ନିମ୍ନରେ ରହିଥାଏ । ମାତ୍ର ଏହା ଦ୍ୱାରା ଅସଲ କଥାଟିରେ ଆଦୌ କୌଣସି ପାର୍ଥକ୍ୟ ଘଟେ ନାହିଁ ଯେ ନୂତନ କରି ଗଣତନ୍ତ୍ର ରୂପେ ଜନ୍ମ ନେଇଥିବା ଯେଉଁ ବେଶ୍ କେତୋଟି ଦେଶ ଓ ସେଥିରେ ବାସ କରୁଥିବା ସମର୍ଥ, ଉତ୍ସାହ ଓ ବୁଦ୍ଧିଯୁକ୍ତ ଜାତିମାନେ ଏକ ନୂତନ ଜୀବନଧାରା ମଧ୍ୟକୁ ପ୍ରବେଶ କରି ଆଗାମୀ ବିଶ୍ୱବ୍ୟବସ୍ଥା ଲାଗି ଅନେକ ଆଶା ଓ ସଦିଚ୍ଛାର କାରଣ ହୋଇଥା'ନ୍ତେ, ସେମାନେ ପ୍ରାୟ ଅନିବାର୍ଯ୍ୟ ଭାବରେ ବିଦ୍ରୋହ ଏବଂ ବିଶୃଙ୍ଖଳାରହିଁ ଏକ କାରଣଭୂମି ହୋଇ ରହିବେ; ଯାହାକିଛି ପରିବର୍ତ୍ତନ ଦ୍ୱାରା ସେମାନଙ୍କ ଉପରେ ରହିଥିବା ବୋଝଟି ଦୂର ହୋଇଯାଇ ପାରିବ, ଯାହା ସେମାନଙ୍କର ରୋଷର ସନ୍ତୁଷ୍ଟିବିଧାନ କରିପାରିବ ଏବଂ ସେମାନଙ୍କର ବିକଳ କ୍ଷତଗୁଡ଼ିକୁ ଭଲ କରିଦେଇ ପାରିବ, ସେହି ପରିବର୍ତ୍ତନ ଯେପରି ହୋଇଥାଉ ପଛକେ, ସେମାନେ ସେହି ପରିବର୍ତ୍ତନକୁ ଆଦରି ନେବା ଲାଗି ଉଚ୍ଛନ୍ନ ହୋଇ ପଡ଼ିବେ । ସେମାନଙ୍କୁ ହୁଏତ ବେଶ୍ ଅବନତ, ଦୁର୍ବଳ ଓ କ୍ଷତବିକ୍ଷତ କରି ରଖାଯାଇପାରେ; ଏବଂ ସେମାନଙ୍କ ମଧ୍ୟରୁ ଗୋଟିଏ ଦେଶ ଜର୍ମାନୀ ହୁଏତ ଭାରି

'oaob.nitrkl.ac.in' images reprocessed

ପରିଶ୍ରମ-ତତ୍ପର, କର୍ମକୁଶଳ ଏବଂ ସଂଗଠିତ ହୋଇ ରହିଥିବ, ମାତ୍ର ତାହାର ଏହି ଗୁଣଗୁଡ଼ିକ କେବଳ ଏକ ଦୁର୍ବଳତାରହିଁ ସଙ୍କେତ ହୋଇ ରହିବ, ନୂତନ ବ୍ୟବସ୍ଥାଟି ମଧ୍ୟରେ ତାହାକୁ ଏକ ଭାରସାମ୍ୟନଷ୍ଟକାରୀ ବିଷୟ ବୋଲି କହି ଆଶଙ୍କା କରାଯାଉଥିବ; ଏବଂ ସେମାନେ ଯଦି ସେମାନଙ୍କର ହୃତ ବଳଟିକୁ ପୁନର୍ବାର ଫେରି ପାଆନ୍ତି, ତେବେ ସେମାନେ କଦାପି ସେମାନଙ୍କର ନିର୍ଦ୍ଧାରିତ ନିମ୍ନତର ସ୍ଥାନଗୁଡ଼ିକରେ ସନ୍ତୁଷ୍ଟ ହୋଇ ରହିବେ ନାହିଁ ବା ସେମାନଙ୍କର ପ୍ରତିଦ୍ୱନ୍ଦ୍ୱୀମାନଙ୍କର ଚିରନ୍ତନ ବିଜୟ ଏବଂ ମହତ୍ତ୍ୱଟିକୁ କଦାପି ମାନି ନେବେ ନାହିଁ ବୋଲି ବିଚାର କରାଯାଉଥିବ । କେବଳ ପରସ୍ପରର ସମକକ୍ଷ ବୋଲି ସ୍ୱୀକାର କରାଯାଉଥିବା ଗଣତନ୍ତ୍ରଗୁଡ଼ିକର ଏକ ବ୍ୟବସ୍ଥାକୁ ଆଇନ୍ ଦ୍ୱାରା ପ୍ରତିଷ୍ଠିତ କରାଯାଇ ପାରିଲେ ଯାଇ ଏହିସବୁ ବିଦ୍ୱେଷ, ଶତ୍ରୁତା ଓ ପୁନଃପୁନଃ ଉସ୍‌କି ଉଠୁଥିବା ସଂଘର୍ଷ ବନ୍ଦ ହେବାର କୌଣସି ପ୍ରକୃତ ସମ୍ଭାବନା ରହିପାରିବ । ତା' ନ ହେଲେ ପୁଣିଥରେ ଯୁଦ୍ଧ ଲାଗିବ ଅଥବା ଅନ୍ୟ କୌଣସି ରୂପ ନେଇ ସେହି ପୁରାତନ ଯୁଦ୍ଧଟିହିଁ ଲାଗି ରହିଥିବ । ବିଶ୍ୱବ୍ୟବସ୍ଥାକୁ ଦୃଢ଼ ଏବଂ ଶାନ୍ତିପୂର୍ଣ୍ଣ କରି ରଖିବାକୁ ହେଲେ ଭାରସାମ୍ୟରେ ବିଷମତା କଦାପି ତାହାର ଅନୁକୂଳ ହୋଇ ପାରିବ ନାହିଁ ।

ନୂତନ କରି ଆରମ୍ଭ ହୋଇଥିବା ଏହି ବ୍ୟବସ୍ଥାଟିର ବିପଦ ଯଦି ଏତିକିରେ ଶେଷ ହୋଇ ଯାଆନ୍ତା, ତା'ହେଲେ ତ କେତେବଡ଼ କଥା ହୁଅନ୍ତା ! ମାତ୍ର, ଯେଉଁ ଶାନ୍ତିକୁ ଲୀଗ୍‌ର ମୂଳଦୁଆ କରି ପ୍ରତିଷ୍ଠା କରାଯାଉଛି, ସେହି ଶାନ୍ତି ଦ୍ୱାରା ହାସଲ ହୋଇ ପାରୁଥିବା ଏକ ନୂତନ ସ୍ଥିତାବସ୍ଥାକୁ ଚିରସ୍ଥାୟୀ କରି ରଖିଦେବା ଲାଗିହିଁ ଲୀଗ୍‌ର ଯାବତୀୟ ପ୍ରୟାସ ଉଦ୍ଦିଷ୍ଟ ହୋଇ ରହିଥିବା ପରି ମନେ ହେଉଛି । ଏଥିରୁ ବେଶ୍ ଅନୁମାନ କରାଯାଇ ପାରିବ ଯେ ଆପଣାର ସବୁଯାକ ରାଜ୍ୟ ଓ ଅଧିକୃତ ଅଞ୍ଚଳ ଯେପରି କେବେ କୌଣସି କ୍ଷୟର ସମ୍ମୁଖୀନ ହେବାକୁ ନ ପଡ଼ିବ, ସେଥିଲାଗି ବୃହତ୍ ଶକ୍ତିମାନେ ଆପଣା ଭିତରେ ଏକ ଚୁକ୍ତି କରାଇ ନେଇଛନ୍ତି । ଏହି ଚୁକ୍ତି ବା ବ୍ୟବସ୍ଥାଟିକୁ ଏକାଧାରରେ ଶକ୍ତିର କ୍ଷେତ୍ରରେ ଏକ ଭାରସାମ୍ୟ ପ୍ରତିଷ୍ଠା କରିବାର ବ୍ୟବସ୍ଥା ବୋଲି କୁହାଯାଇ ପାରିବ,— ମାତ୍ର ସମତା ଉପରେ ପ୍ରତିଷ୍ଠିତ ହୋଇ ନ ଥିବାରୁ ସେଥିରେ ତହିଁରୁ ନିଷ୍ପନ୍ନ ହେବାର ସମ୍ଭାବନା ରହିଥିବା ସକଳ ବିପଦ ନିହିତ ହୋଇ ରହିଛି,— ଏବଂ ବର୍ତ୍ତମାନ ପ୍ରାଧାନ୍ୟ ବିସ୍ତାର କରି ରହିଥିବା ନାନା ପ୍ରଭାବ ତଥା ପ୍ରତିଷ୍ଠା ମଡ଼ାଇ ରହିଥିବା କେତୋଟି ବୃହତ୍‌ପଣକୁ ଚିରସ୍ଥାୟୀ କରି ରଖିବା ଲାଗି ଏହାକୁ ଗୋଟିଏ ଉଦ୍ୟମ ବୋଲି ମଧ୍ୟ କୁହାଯାଇ ପାରିବ । ଏହି ଉଦ୍ୟମଟି ଇତିହାସରୁ ଲବ୍ଧ ହୋଇଥିବା ଆମର ସକଳ ଶିକ୍ଷାର ବିରୋଧରେ ଯାଉଛି, ତାହା ପ୍ରକୃତିର ଯାବତୀୟ ଶାଶ୍ୱତ ଗତିକ୍ରିୟାର ମଧ୍ୟ ବିରୁଦ୍ଧାଚରଣ କରୁଛି; ଏବଂ ଯେଉଁ ଲୀଗ୍ ଏହିସବୁ ଅଭୀଷ୍ଟର ପୂରଣ ଲାଗି ଏକ ନିମିତ୍ତ ହୋଇ ରହିଛି, ତାହା ପ୍ରକୃତରେ ଅତ୍ୟନ୍ତ ବିଦ୍ୱେଷପୂର୍ଣ୍ଣ

'oaob.nitrkl.ac.in' images reprocessed

ଭାବରେ ପହରା ଦିଆ ହୋଇ ରହିଥିବା ଏକ ଅସ୍ଥାୟିତାରହିଁ ନିମିତ୍ତ ହୋଇ ରହିଛି, ଏକ ଅସ୍ଥିର ସମତାବସ୍ଥାକୁ ସୁରକ୍ଷିତ କରି ରଖିବାର କାର୍ଯ୍ୟରେ ଆପଣାକୁ ନିମିତ୍ତ କରି ରଖିଛି । ଯେଉଁ ଶକ୍ତିମାନେ ବର୍ତ୍ତମାନ ମେଣ୍ଟ ବାନ୍ଧିଛନ୍ତି, ସେମାନେ ନିଜେ ମଧ୍ୟ ସେହିସବୁ ଚୁକ୍ତିର ସର୍ତ୍ତଗୁଡ଼ିକରେ ସବୁଦିନ ଲାଗି ଯେ ସନ୍ତୁଷ୍ଟ ହୋଇ ରହିବେ, ସେଥିରେ ଆଦୌ କୌଣସି ନିଶ୍ଚୟତା ନାହିଁ । ଏବଂ, ଜାତୀୟ ତଥା ମାନବୀୟ ନିୟତିନିର୍ଦ୍ଦିଷ୍ଟତାର ଯେଉଁ ଦାବିକୁ ଯେକୌଣସି କୂଟନୀତିଗତ ବ୍ୟବସ୍ଥା ଅଥବା ଯେକୌଣସି ରାଷ୍ଟ୍ର ବା ରାଷ୍ଟ୍ରନୀତିଜ୍ଞର ଇଚ୍ଛାଠାରୁ ସବୁବେଳେ ଅଧିକ ବଡ଼ ବୋଲି ନିଶ୍ଚୟ କୁହାଯିବ, ସେମାନେ ଯେ ସବୁଦିନ ପାଇଁ ସେହି ଦାବିଟିର ସଫଳ ପ୍ରତିରୋଧ କରି ପାରିବେ, ସେଥିରେ ମଧ୍ୟ କୌଣସି ନିଶ୍ଚୟତା ନାହିଁ । ଏବଂ, ସେହି ଅଶ୍ରୁତପୂର୍ବ ବସ୍ତୁଟି, ଅର୍ଥାତ୍ ସେମାନଙ୍କ ଭିତରେ ଏକ ଦୀର୍ଘସ୍ଥାୟୀ ଅନ୍ତର୍ଜାତୀୟ ବନ୍ଧୁତା ଏବଂ ମେଣ୍ଟ ହୁଏତ ପ୍ରକୃତରେ ସମ୍ଭବ ହେଲେ ମଧ୍ୟ, ହୁଏତ ତାହା ମାତ୍ର କେତେଦିନ ଲାଗି କାମରେ ଲାଗିବ ସିନା, ମାତ୍ର ଏଣେ ପରିବର୍ତ୍ତନ ଲାଗି ସାରା ପୃଥିବୀ ଉଦ୍‌ବେଳିତ ହୋଇ ରହିଥିବା ବେଳେ ତାହା ପ୍ରକୃତରେ ଦୀର୍ଘକାଳ ଲାଗି ଅଭିପ୍ରେତ ଉଦ୍ଦେଶ୍ୟଟିର ସାଧନ କରି ପାରିବ କି ? ଦୃଢ଼ଭାବରେ ଚେର ମଡ଼ାଇ ରହିବାକୁ ଆରମ୍ଭ କଲେ କ୍ଷମତା ମଧ୍ୟ କ୍ରମେ ଖତରା ହୋଇଆସେ, ଏବଂ ଅନ୍ୟ ଜାତିମାନଙ୍କ ଉପରେ ନିଜର ଇଚ୍ଛାଟିକୁ ଜାରି କରି ରଖିବାକୁ ଯେଉଁମାନେ ବର୍ତ୍ତମାନ କ୍ଷମତାଶାଳୀ ହୋଇ ରହିଛନ୍ତି, ଆପଣାର ସକଳ ବୃହତ୍ତା, ବିତ୍ତଶାଳିତା ଏବଂ ଅସ୍ତ୍ରଶସ୍ତ୍ରର ବିଶାଳ-ସମ୍ପନ୍ନତା ସତ୍ତ୍ୱେ ସେମାନେ ମଧ୍ୟ ନିଜର ସେହି ଶକ୍ତିମତ୍ତାକୁ ଧାରଣ କରି ରଖିବାକୁ ସବୁବେଳେ ସମର୍ଥ ହୋଇ ନ ପାରନ୍ତି । ତେଣୁ, ନାନା କୌଶଳ ଏବଂ ସାଲିସ୍‌ର ଆଶ୍ରୟ ନେଇ ତରବରିଆଭାବରେ ଶାନ୍ତିର ଏହି ଯେଉଁ ବ୍ୟବସ୍ଥାଟି କରାହୋଇଛି, ତଦ୍ୱାରା ନିଶ୍ଚୟ ପୁରାତନ ଘାଆଗୁଡ଼ିକ ଯେମିତି ଥିଲା ସେମିତି ରହିବ ଏବଂ ଆହୁରି ନୂତନ ଘାଆମାନ ମଧ୍ୟ ସୃଷ୍ଟି ହେବାରେ ଲାଗିଥିବ । ବଲ୍‌କାନ୍ ସମସ୍ୟାଟିର ପ୍ରକୃତରେ କୌଣସି ସ୍ଥାୟୀ ସମାଧାନ ହୋଇ ପାରିବ କି ନାହିଁ, ତାହା ବର୍ତ୍ତମାନ ଅନ୍ତତଃ ବଡ଼ ଅନିଶ୍ଚିତ ହୋଇ ରହିଛି । ମାତ୍ର, ସେଇଟିକୁ ବାଦ୍ ଦେଲେ ମଧ୍ୟ, ବର୍ତ୍ତମାନ ଜର୍ମାନ୍‌ଭାଷୀ ବୋହେମିଆର ସମସ୍ୟାଟି ଆସି ଦେଖାଦେବ, ଦ୍ୱିରଙ୍ଗବିଶିଷ୍ଟ ପୋଲାଣ୍ଡ୍‌ର ପ୍ରଶ୍ନ ଆସି ଦଣ୍ଡାୟମାନ ହେବ, ତା'ର ସକଳ ଐଶ୍ୱର୍ଯ୍ୟ ଏକ ବୈଦେଶିକ ଶକ୍ତିର ଦଖଲରେ ରହିଥିବା ସା'ର୍ ଅଞ୍ଚଳର ସମସ୍ୟାଟି ଉପସ୍ଥିତ ହେବ, ଯୁଗୋସ୍ଲାଭ୍ ଏବଂ ଇଟାଲୀୟ ଟିରୋଲ୍‌କୁ ନେଇ ଏକ ନୂତନ ସମସ୍ୟା ଜନ୍ମଲାଭ କରିବ, ଆୟର୍ଲାଣ୍ଡ ଏବଂ କୋରିଆକୁ ନେଇ ଗୋଟିଏ ଗୋଟିଏ ଅଡୁଆ ବାହାରିବ, ଇଂଲଣ୍ଡ ଏବଂ ଜାପାନକୁ କଠୋର ଆଘାତ ନ ପହଞ୍ଚାଇ ଲୀଗ୍ ଯେଉଁଥିରେ କି ମୋଟେ ପ୍ରବେଶ କରିପାରିବ ନାହିଁ, ଏବଂ ତଥାପି ଏହି ଦୁଇଟି ଦେଶହିଁ

'oaob.nitrkl.ac.in' images reprocessed

ଏଗୁଡ଼ିକ ବିଷୟରେ ଏକ ନିଷ୍ପତ୍ତି ଲାଗି ସବୁଠାରୁ ବେଶୀ ପାଟି କରିବାରେ ଲାଗିଛନ୍ତି । ଏହାପରେ ପୁଣି ରୁଷିଆରେ ଦେଖା ଦେଇଥିବା ଅରାଜକତାର ସମସ୍ୟାଟି ମଧ୍ୟ ରହିଛି । ଏବଂ ତେଣେ ଏକ ମୁସଲମାନ ପୃଥିବୀ ମଧ୍ୟ ରହିଛି ଯିଏ କି ଦିନେ ନା ଦିନେ ଏହି ନୂତନ ସ୍ଥିତାବସ୍ଥାଟି ସମ୍ବନ୍ଧରେ ଆପଣାର ମତଟିକୁ ବ୍ୟକ୍ତ କରିବା ଲାଗି ନିଶ୍ଚୟ ଅଗ୍ରସର ହୋଇ ଆସିବ । ତା'ପରେ ସବୁଠାରୁ ଅଧିକ କଠିନ ଏସିଆ ଏବଂ ଆଫ୍ରିକାର ସମସ୍ୟା ମଧ୍ୟ ରହିଛି; ମାତ୍ର ସେଇଟି ବିଷୟରେ ଅଧିକ କହିବାର ଆଦୌ କୌଣସି ଆବଶ୍ୟକତା ନାହିଁ, କାରଣ ଦେଖୁଥିବା ଯେକୌଣସି ମନୁଷ୍ୟର ଆଖିକୁ ତାହା ନିଶ୍ଚୟ ଜଳଜଳ ହୋଇ ଦିଶି ଯାଉଥିବ । ଅଳ୍ପ କେତୋଟି ଇଉରୋପୀୟ ଶକ୍ତି ମଧ୍ୟରେ ଆଫ୍ରିକା ମହାଦେଶକୁ ଖଣ୍ଡ ଖଣ୍ଡ କରି ବାଣ୍ଟି ନେଲେ ଓ ତାହାର ଯାବତୀୟ ଆର୍ଥିକ ସୁବିଧାଗୁଡ଼ିକୁ ଭୋଗ କରିବାରେ ଲାଗିଥିଲେ ତାହା କଦାପି କୌଣସି ସ୍ଥାୟୀ ସମାଧାନ ଆଣି ଦେବ ନାହିଁ । ଏକ ଊର୍ଦ୍ଧ୍ୱମୁଖୀ ତରଙ୍ଗର ହିଲ୍ଲୋଳରେ ଏସିଆ ଜାଗ୍ରତ ହୋଇ ଉଠିବାକୁ ଆରମ୍ଭ କଲାଣି ଏବଂ ତାହାକୁ କଦାପି ସବୁ ସମୟରେ ଦୁର୍ବଳତା, ତତ୍ତ୍ୱାବଧାରକତା ଏବଂ ପରାଧୀନତାର ଏକ ସ୍ଥାନରେ ବାନ୍ଧି କରି ରଖାଯାଇ ପାରିବ ନାହିଁ । ଯେତେବେଳେ ସମୟ ଆସି ପହଞ୍ଚିବ, ସେତେବେଳେ ପ୍ରଧାନତଃ ଇଉରୋପ ଏବଂ ଆମେରିକାର ଲୋକସମୂହଙ୍କୁ ନେଇ ଗଢ଼ା ହୋଇଥିବା ଏହି ଲୀଗ୍ ପ୍ରକୃତରେ କିପରି ଭାବରେ ଏସିଆର ଦାବିଗୁଡ଼ିକର ସମ୍ମୁଖୀନ ହେବ ? ଏସିଆରୁ ଓହରି ଆସିବାକୁ ଇଉରୋପକୁ ଭଲ ଲାଗିବ କି ? ଯେଉଁମାନେ ଅନ୍ୟ ଦେଶଗୁଡ଼ିକ ଉପରେ ମାରଫତଦାର ହୋଇ ରହିଛନ୍ତି, ସେମାନେ ଯଥୋଚିତ ସତ୍ୱରତା ସହିତ ସେମାନଙ୍କର ମାରଫତଦାରୀର ମିଆଦକୁ ନିର୍ଦ୍ଧାରିତ କରିଦେବାକୁ ଯିବେ କି ? ବା, ବର୍ତ୍ତମାନ ପରିସ୍ଥିତିଟି ଯେପରି ରହିଛି, ସେଥିରେ ଏଠିସେଠି କିଞ୍ଚିତ୍ ପରିବର୍ତ୍ତନ କରି ତାହାକୁହିଁ ଚିରଞ୍ଜୀବୀ କରି ରଖିବା ଦ୍ୱାରା ଦୁଇ ମହାଦେଶ ମଧ୍ୟରେ ସମାନତାର ଏକ ସମ୍ବନ୍ଧ ପ୍ରତିଷ୍ଠା କରିବା ଦିଗରେ ତାହାର ଆଦୌ କୌଣସି ସଙ୍ଗତି ରହିବ କି ? ବର୍ତ୍ତମାନ ଆଧାରଟି ଉପରେ ଗଠିତ ଲୀଗ୍ ଅଫ୍ ନେଶନ୍ସ୍‌ର କେବଳ ଏକ ଅସ୍ପଷ୍ଟ ଚିତ୍ରହିଁ ଆମ ଆଗରେ ଦେଖିବାକୁ ମିଳୁଛି ଏବଂ ତାହା କେବଳ ଆପଣାର ଖିଆଲ ଓ କଳ୍ପନାଗୁଡ଼ାକୁ ଖଟାଇ କଦାପି ଏହିସବୁ ପ୍ରଶ୍ନର ମୀମାଂସା କରିପାରିବ ନାହିଁ । କେବଳ ଉତ୍ତରୋତ୍ତର ଭାବରେ ଭବିଷ୍ୟତ ଆଡ଼କୁ ଅଗ୍ରସର ହୋଇ ଯାଉଥିବା ଏହି ପୃଥିବୀର ଚେତନାହିଁ ସେହି ପ୍ରଶ୍ନଗୁଡ଼ିକର ଉତ୍ତର ଯୋଗାଇଦେଇ ପାରିବ ।

ଏହିସବୁ ଯେଉଁ ଆପଦ ଓ ଅଡୁଆଗୁଡ଼ିକର କଥା କୁହାଗଲା ସେଗୁଡ଼ିକ ସଙ୍ଗେ ସଙ୍ଗେ ଘଟିବାର ଏପର୍ଯ୍ୟନ୍ତ କୌଣସି ସମ୍ଭାବନା ନାହିଁ ଏବଂ ତେଣୁ ଆମେ ସେଗୁଡ଼ିକୁ ଏତେଦୂର ଉତ୍କଟ ବୋଲି ନ ଭାବିଲେ ମଧ୍ୟ ହୁଏତ ଚଳିବ । ମାତ୍ର ଏହାବ୍ୟତୀତ ଆଉ

'oaob.nitrkl.ac.in' images reprocessed

ଗୋଟିଏ ସମସ୍ୟା ରହିଛି ଯାହାକି ଅଧିକ ଦୃପ୍ତତା ସହିତ ଏକ ସତ୍ୱର ବିପଦରୂପେ ଆମ ଉପରେ ଚାପ ଦେବାରେ ଲାଗିଛି ଏବଂ ଯାହାକି ତା'ର ଆସନ୍ନ ଛାୟାବିସ୍ତାରକାରୀ ଅଙ୍ଗୁଳିଗୁଡ଼ିକୁ ବଢ଼ାଇ ଯେକୌଣସି ନୂତନ ଆନ୍ତର୍ଜାତିକ ବ୍ୟବସ୍ଥାର ଜୀବନଟିକୁହିଁ ଆବୋରି ପକାଇବାକୁ ଅଗ୍ରସର ହୋଇ ଆସୁଛି; ଆଧିପତ୍ୟ ସାବ୍ୟସ୍ତ କରିବା ଲାଗି ପୁଞ୍ଜିପତି ଏବଂ ଶ୍ରମିକମାନଙ୍କ ମଧ୍ୟରେ ବର୍ତ୍ତମାନ ଯେଉଁ ସଂଗ୍ରାମଟି ଅତ୍ୟନ୍ତ ଆସନ୍ନ ହୋଇ ଆସିଲାଣି, ଆମେ ତାହାକୁହିଁ ଏହି ବିପଦଟି ବୋଲି ଜାଣିବା । ପୃଥିବୀର ବିଭିନ୍ନ ମହାଦେଶରେ ପରସ୍ପର ସହିତ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସାମ୍ରାଜ୍ୟବାଦଗୁଡ଼ିକ ମଧ୍ୟରେ ଯେଉଁ ସଂଘର୍ଷ ଲାଗିଛି, ଅଥବା କଳହରତ ଯେଉଁ ଜାତୀୟତାବାଦଗୁଡ଼ିକ ଆପଣାର ନାନା ବାଦବିବାଦ ଦ୍ୱାରା ପୃଥିବୀର ଅପେକ୍ଷାକୃତ ଅଧିକ ସଂକୀର୍ଣ୍ଣ ଗଳିଗୁଡ଼ିକରେ ପରସ୍ପର ଗୋଡ଼କୁ ଛନ୍ଦି ପକାଇବାରେ ବା ପରସ୍ପରକୁ ଛିନ୍ନଭିନ୍ନ କରି ପକାଇବାରେ ଲାଗିଛନ୍ତି, ଏଠାରେ ଆଲୋଚିତ ହେବାକୁ ଯାଉଥିବା ବିପଦଟି ସେଗୁଡ଼ିକଠାରୁ ଅନେକ ସ୍ୱତନ୍ତ୍ର ପ୍ରକାରର । ସେଗୁଡ଼ିକ ହେଉଛନ୍ତି ଖୁବ୍ ବେଶୀ ହେଲେ କ୍ଷମତାବଣ୍ଟନ ଓ ବିଭାଜନର ସମସ୍ୟା, ବର୍ତ୍ତମାନ ସମାଜଟିକୁ ଆଧାର ବୋଲି ମାନିନେଇ ରାଜ୍ୟ ଏବଂ ଆର୍ଥିକ ସୁବିଧାସୁଯୋଗର ବଣ୍ଟନ ଓ ବିଭାଜନର ଏକ ସମସ୍ୟା । ମାତ୍ର ଏହି ଅନ୍ୟ ସମସ୍ୟାଟି ବା ପ୍ରଶ୍ନଟି ସେହି ଆଧାରଟି ବିଷୟରେହିଁ ପ୍ରଶ୍ନ କରିବାକୁ ବାହାରିଛି ଏବଂ ଇଉରୋପୀୟ ବିଶ୍ୱବ୍ୟବସ୍ଥାର ମୂଳଦୁଆ-ଗୁଡ଼ାକୁହିଁ ଏକାବେଳେକେ ଦୋହଲାଇ ଦେବାକୁ ବାହାରିଛି । ଜାତିମାନଙ୍କୁ ଏକାଠି ବସାଇ ଏହି ଯେଉଁ ଲୀଗ୍ ତିଆରି ହୋଇଛି, ତାହା ହେଉଛି ବିଭିନ୍ନ ଦେଶର ସରକାରମାନଙ୍କ ଦ୍ୱାରା ଗଠିତ ହୋଇଥିବା ଏକ ଲୀଗ୍ ଏବଂ ଏହି ସବୁଯାକ ସରକାର କହିଲେ ସବୁଠାରେ କେବଳ କେତେଟା ବୁର୍ଜୁଆ ରାଜତନ୍ତ୍ର ବା ସାଧାରଣତନ୍ତ୍ରକୁ ବୁଝାଉଛି, ଏକ ପୁଞ୍ଜିବାଦୀ ବ୍ୟବସ୍ଥାର କେତେଟା ଯନ୍ତ୍ରଗଠନକୁ ବୁଝାଉଛି ଯାହାକି ସମାଜବାଦର ପ୍ଲାବନ ଦ୍ୱାରା ଆକ୍ରାନ୍ତ ହୋଇ ପଡ଼ିଛି । ଆପଣା ଆପଣାର ଅନୁସୃତ ନୀତି ଅନୁସାରେ ସେମାନେ ସବୁପ୍ରକାର ସାଲିସ୍ କରି ପକାଇବେ ଓ ସବୁ ଟିକିନିଖି କଥାରେ ସମ୍ମତି ଦେଇଦେବେ ସତ, ମାତ୍ର ତେଣେ ଆପଣାର ଅସଲ ନୀତିଟିକୁ ସେହିପରି ଜାବୁଡ଼ି ଧରି ରହିଥିବେ, ଯେପରିକି ସେମାନେ ସବୁଦିନ ଲାଗି ବଞ୍ଚି ରହିଥିବେ ଏବଂ ଏକ ନୂତନ ବିମିଶ୍ରିତ ଅର୍ଦ୍ଧ-ସମାଜବାଦୀ ବ୍ୟବସ୍ଥାରେ ପୁଞ୍ଜିବାଦହିଁ ତଥାପି ଆଧିପତ୍ୟଶାଳୀ ଶକ୍ତି ହୋଇ ରହିଥିବ; ହୋଲି ଆଲାୟେନ୍ସ୍ ବା ଏକ ପବିତ୍ର ମେଣ୍ଟ ବୋଲି କୁହାଯାଉଥିବା ମେଣ୍ଟଟିଏ ବାନ୍ଧି ଯେଉଁ ସରକାରମାନେ ଗଣତନ୍ତ୍ରର କ୍ରମବିକଶିତ ହୋଇ ଆସୁଥିବା ପ୍ରେରଣାଟି ସହିତ ସାଲିସ୍ କରିପକାଇ ଅଳ୍ପର ଶାସନ ପ୍ରତିଷ୍ଠା କରିବାକୁ ଚାହୁଁଥିବା ରାଜତନ୍ତ୍ରର ସେହି ପୁରାତନ ବିଚାରଟିକୁହିଁ ପୂର୍ବ ପରି ପ୍ରାଧାନ୍ୟ ଦେଇ ରଖିବାକୁ ଚେଷ୍ଟା କରିଥିଲେ, ଏଠାରେ

'oaob.nitrkl.ac.in' images reprocessed

ଅନେକ ପରିମାଣରେ ପ୍ରାୟ ସେହିପରି କରାଯାଉଛି । ସେମାନେ ଶ୍ରମିକ ଲାଗି ଉନ୍ନତତର ଜୀବନ-ପରିବେଶ ଯୋଗାଇ ଦେବେ ବୋଲି କହୁଛନ୍ତି, ତା'ର ପରିବେଶକୁ ଅଧିକ ମନୁଷ୍ୟୋଚିତ କରି ଗଢ଼ିଦେବେ ବୋଲି କହୁଛନ୍ତି, ଏପରିକି ସମାଜର ଶାସନ ଓ ପରିଚାଳନରେ ସେମାନଙ୍କୁ କେତେକ ପରିମାଣରେ ଭାଗ ଦେବେ ବୋଲି କହୁଛନ୍ତି, ମାତ୍ର ତୁଳନାତ୍ମକ ସ୍ଥାନମୀମାଂସାରେ ସେମାନେ ଶ୍ରମିକକୁ ତଥାପି କେବଳ ଏକ ଗୌଣ ସ୍ଥାନହିଁ ଦେବାକୁ ପ୍ରସ୍ତୁତ ଅଛନ୍ତି । ତାହାକୁ ଏକ ମୁଖ୍ୟ ସ୍ଥାନ ଦେବାକୁ କଦାପି ଚାହୁଁ ନାହାନ୍ତି । ଅବଶ୍ୟ ଏକଥା ସତ ଯେ ପୂର୍ବରୁ ଶ୍ରମିକଶ୍ରେଣୀ କେବଳ ଏତିକିମାତ୍ର ସୁଯୋଗ ଲାଭ କରିବେ ବୋଲି ଆକାଂକ୍ଷା ରଖିଥିଲେ ଏବଂ ସେହି ଶ୍ରେଣୀର ପଛଧାଡ଼ିଗୁଡ଼ିକରେ ରହିଥିବା ସାଧାରଣ ଶ୍ରମିକମାନେ ତଥାପି ସେତିକିମାତ୍ରହିଁ ଚାହୁଁଛନ୍ତି; ମାତ୍ର ଶ୍ରମିକ ଆନ୍ଦୋଳନ ଯେ କେବଳ ଏତିକିର ସୀମାକୁ ଡେଇଁ ଆଗକୁ ଯିବାକୁ ଆରମ୍ଭ କଲାଣି, ତାହାର ସୂଚନା ମଧ୍ୟ କ୍ରମଶଃ ସ୍ପଷ୍ଟ ହୋଇଗଲାଣି । ଏକ ନୂତନ ବିଚାରର ଆବିର୍ଭାବ ହୋଇଛି, ଏବେ ଶ୍ରମିକ-ଶ୍ରେଣୀର ଆଧିପତ୍ୟ-ଲାଭ ଓ ଶ୍ରମିକ ଦ୍ୱାରା ଶାସନହିଁ ନୂତନ ବିଚାର ହୋଇଛି ଏବଂ ଏହି ବିଚାରଟି ଆପଣାକୁ ବିଧିବଦ୍ଧ ନାନା ଅଭିବ୍ୟକ୍ତି ଦେଇ ସମାଜବାଦର ଶକ୍ତିଶିବିର ମଧ୍ୟରୁ ଅନେକ-ପରିମାଣ ଅଂଶକୁ ଆପଣା ଆଡ଼କୁ ଜୟ କରିନେଇ ସାରିଲାଣି । ଏପରିକି ଏହି ବିଚାର ଦ୍ୱାରା ଏବେ ରୁଷିଆଦେଶରେ ଏକ ନୂତନ ପ୍ରକାରର ରାଷ୍ଟ୍ରର ପ୍ରତିଷ୍ଠା ମଧ୍ୟ ହୋଇଛି, ଶ୍ରମିକଶ୍ରେଣୀର ଗୋଟିଏ ଏକାଧିନାୟକତ୍ୱ ସ୍ଥାପିତ ହୋଇଛି ଏବଂ ସମାଜର ବ୍ୟବସ୍ଥାକୁ ତ୍ୱରାନ୍ୱିତ ଭାବରେ ଏକ ନୂତନ ରୂପରେ ବଦଳାଇ ଦେବା ଲାଗି ନିଶ୍ଚିତ ପଦକ୍ଷେପମାନ ଗ୍ରହଣ କରିବାକୁ ମଧ୍ୟ ତାହାର ଆକାଂକ୍ଷାମାନ ରହିଛି ।

ବର୍ତ୍ତମାନର ସରକାରମାନେ ସେମାନଙ୍କର ସତ୍ତାଟିର ମୂଳ ତତ୍ତ୍ୱଟି ଦ୍ୱାରାହିଁ ପରିଚାଳିତ ହୋଇ ଏହି ନୂତନ ବିଚାର ଓ ନୂତନ ବଳଟି ବିରୋଧରେ ଯୁଦ୍ଧ ଘୋଷଣା କରିବାକୁ ବାଧ୍ୟ ହେଉଛନ୍ତି, ସେମାନଙ୍କ ଆପଣା ପାଖରେ ଯେତିକି ଶକ୍ତି ରହିଛି, ତାହାକୁ ଧରି ସେହି ବିଚାରଟି ବିରୋଧରେ ଯୁଝି ବାହାରୁଛନ୍ତି ଏବଂ ସ୍ଥିତାବସ୍ଥାଟି ଉପରେ ଲୋକମାନଙ୍କ ମନରେ ତଥାପି ଯେତିକି ଆସ୍ଥା ରହିଛି, ତାହାକୁ ସେହି ବିଚାରଟି ବିରୋଧରେ ନେଇ ଖଟାଇବାକୁ ଉଦ୍ୟମ କରୁଛନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେହି ନୂତନ ଭୀମର ଆଗମନ ଏହା ମଧ୍ୟରେ ଯେଉଁ ଆକାରଟିକୁ ଗ୍ରହଣ କରି ସାରିଲାଣି, ଇଚ୍ଛା କଲେ ତାହାକୁ ଦଳି ଦେଇ ତାହାର ଅସ୍ତିତ୍ୱ ଲୋପ କରିଦେବାକୁ, ଅର୍ଥାତ୍ ଅଳ୍ପ ବା ଅଧିକ ସତ୍ୱର ଭାବରେ ରୁଷ୍ ବଲ୍‌ଶେଭିଷ୍ଟବାଦର ବିଲୋପସାଧନ କରାଇବାକୁ ପୁରାତନ ବ୍ୟବସ୍ଥାଟି ମଧ୍ୟରେ ଅବଶ୍ୟ ବଳ ରହିଛି । ବଲ୍‌ଶେଭିକ୍ ବ୍ୟବସ୍ଥାଟି

'oaob.nitrkl.ac.in' images reprocessed

ବିଚ୍ଛିନ୍ନ ଭାବରେ କେବଳ ଗୋଟିଏ ଦେଶରେ ପ୍ରଚଳିତ ହେଉଛି, ଆପଣାର ପ୍ରଥମସ୍ତରୀୟ ନାନା ଅମାର୍ଜିତତା ଏବଂ ବିପ୍ଳବକାଳୀନ ହିଂସାତ୍ମକତା ଦ୍ୱାରା ତାହା ଦୁର୍ବଳ ବି ହୋଇ ପଡ଼ିଛି ଏବଂ ନାନା ଦୂଷର ପ୍ରତିବନ୍ଧକ ସହିତ ତାହା ଦାରୁଣ ସଂଗ୍ରାମରେ ଲିପ୍ତ ହୋଇ ରହିଛି ଓ ତାହାକୁ ସଂହାର କରିବା ଏହିସବୁ ଦୃଷ୍ଟିରୁ ବେଶ୍ ସମ୍ଭବ ବୋଲି ବି ମନେ ହେଉଛି । ମାତ୍ର ବଲ୍‌ଶେଭିଷ୍ଟ୍‌ବାଦର ପଶ୍ଚାତ୍‌ରେ ଯେଉଁ ଅସଲ ବସ୍ତୁଟି ରହିଛି ଓ ଯାହାଫଳରେ ବଲ୍‌ଶେଭିଷ୍ଟ୍‌ବାଦ ଆପଣାର ଏହି ଅପ୍ରତ୍ୟାଶିତ ଶକ୍ତିମତ୍ତା ଏବଂ ଓଜସ୍ୱିତା ଲାଭ କରି ପାରିଛି, ତାହାକୁ କଦାପି ଏତେ ସହଜରେ ବଶ କରାଯାଇ ପାରିବ ନାହିଁ ଅଥବା ତାହାର ଅସ୍ତିତ୍ୱଟିକୁ ମଧ୍ୟ ଲୁପ୍ତ କରାଯାଇ ପାରିବ ନାହିଁ । ସେହି ଅସଲ ବସ୍ତୁଟି ହେଉଛି ସମାଜର ଭିତ୍ତିରେହିଁ ଏକ ପରିବର୍ତ୍ତନ ଘଟାଇବାର ଆହ୍ୱାନ;– ସମ୍ପତ୍ତି ସମାଜର ଭିତ୍ତି ହୋଇ ରହିଛି, ତାହା ଶ୍ରମଶକ୍ତିକୁହିଁ ସମାଜର ଭିତ୍ତିରୂପେ ପ୍ରତିଷ୍ଠା କରିବାକୁ ଇଚ୍ଛା କରୁଛି; ବର୍ତ୍ତମାନ ପଇସାର ଶକ୍ତି ସମାଜର ଭିତ୍ତି ହୋଇ ରହିଛି, ତାହା ସ୍ୱୟଂ ମନୁଷ୍ୟ ଓ ତା'ର ପରିଶ୍ରମରହିଁ ସହଜ ଶକ୍ତିକୁ ସମାଜର ନୂତନ ଭିତ୍ତିରୂପେ ପ୍ରତିଷ୍ଠା କରିବାକୁ ଇଚ୍ଛା କରୁଛି; ଏବଂ ସେହି ପରିବର୍ତ୍ତନର ମାର୍ଗକୁ କଦାପି ଅଟକାଇ ଦେଇ ହେବ ନାହିଁ କିଂବା ନିରୁଦ୍ଧ କରି ରଖିହେବ ନାହିଁ । ଅବଶ୍ୟ ଏପରି ହୋଇପାରେ ଯେ ତାହାକୁ ସାମୟିକ ଭାବରେ ଭବିଷ୍ୟତକୁ ଗଡ଼ାଇଦେଇ ହେବ । ଧନ ଓ ଅର୍ଥ ଅପେକ୍ଷା ଶ୍ରମଶକ୍ତି ଅଧିକ ପରିମାଣରେ ସମାଜର ଯଥାର୍ଥ ଭିତ୍ତି ବୋଲି ଯେ ଏହି ପରିବର୍ତ୍ତନ ଘଟିବ, ସେକଥା ଆଦୌ ନୁହେଁ, ମାତ୍ର ଇଉରୋପୀୟ ସମାଜର ସମଗ୍ର ବିବର୍ତ୍ତନଟି ନ୍ୟାୟତଃ ଏବଂ ପ୍ରାୟ ଅନିବାର୍ଯ୍ୟ ଭାବରେ ଶେଷକୁ ଠିକ୍ ସେହି ପରିଣାମରେ ଯାଇ ଉପନୀତ ହେବ ବୋଲି ସେକଥା ଘଟିବ । ପୂର୍ବେ କ୍ଷତ୍ରିୟରହିଁ ଶାସନ ଥିଲା ଏବଂ ତାହା କ୍ଷମତା ଉପରେ ପ୍ରତିଷ୍ଠିତ ହୋଇ ରହିଥିଲା; ବର୍ତ୍ତମାନ ବୈଶ୍ୟର ଶାସନ ଆସି ତାହାର ସ୍ଥାନ ଗ୍ରହଣ କରିଛି ଏବଂ ତାହା ସମ୍ପତ୍ତି ଏବଂ ନ୍ୟାୟବାଦ ଉପରେ ପ୍ରତିଷ୍ଠିତ ହୋଇ ରହିଛି । ଏବଂ ତାହାର ସ୍ଥାନାପନ୍ନ ଭାବରେ ଶୂଦ୍ରର ରାଜତ୍ୱ ପ୍ରତିଷ୍ଠିତ ହେବ, ସେବକ ଏବଂ ଶ୍ରମିକର ରାଜତ୍ୱ ଆସିବ ଏବଂ ତାହା ଶ୍ରମ ଏବଂ ସଂଘବଦ୍ଧତା ଉପରେ ପ୍ରତିଷ୍ଠିତ ହେବ । ଅନ୍ୟ ପରିବର୍ତ୍ତନଗୁଡ଼ିକ ପରି ଏହି ପରିବର୍ତ୍ତନଟି କଦାପି ଅନେକ ସଂଘାତ ଓ ଅନେକ ଉଦ୍‌ବେଳନକୁ ବାଦ୍ ଦେଇ ହାସଲ ହୋଇପାରିବ ନାହିଁ, ଏବଂ ଏହାର ଗତିପଥରେ ଯେ କେତେ କ'ଣ ଭାଙ୍ଗିଦେବାକୁ ଆସୁଥିବା ବିପ୍ଳବ ଓ ତଜ୍ଜନିତ ହିଂସାତ୍ମକତା ନିହିତ ହୋଇ ରହିଛି, ତାହାର ନିଶ୍ଚିତ ସୂଚନାମାନ ଦେଖିବାକୁ ମିଳିଲାଣି ।

ସମାଗତ ସେହି ନୂତନ ଶକ୍ତିଟିକୁ ପରାମର୍ଶ ଦିଆଯାଉଛି ଯେ ତାହା ଆପଣାକୁ ସ୍ଥିର ଭାବରେ କାର୍ଯ୍ୟକାରୀ କରୁ, ଧୀର ଓ ଶାନ୍ତଭାବରେ କାର୍ଯ୍ୟକାରୀ କରୁ, ଅର୍ଥାତ୍

'oaob.nitrkl.ac.in' images reprocessed

ବିଧାୟକସଭାର ଆଲୋଚନାର ସ୍ୱୀକୃତ ବାଟ ଦେଇ ଆସୁ । ମାତ୍ର ବିଧାୟକସଭା ବା ପାର୍ଲିଆମେଣ୍ଟ ଜରିଆରେ କାର୍ଯ୍ୟ କରିବାର ରୀତିଟି ଯେପରି ସମସ୍ତଙ୍କର ଆସ୍ଥା ହରାଇ ପକାଉ ଥିବାର ଏକ ପର୍ଯ୍ୟାୟ ମଧ୍ୟ ଦେଇ ଗତି କରୁଛି, ଏବଂ ଆପଣାର ଲକ୍ଷ୍ୟପ୍ରାପ୍ତି ସକାଶେ ତାହା ପ୍ରକୃତରେ ଏକ ଯଥାର୍ଥ ବାଟ ବା ଏପରିକି ଏକ ସମ୍ଭାବ୍ୟ ବାଟ ବି ନୁହେଁ ଏବଂ ସେହି ବାଟ ଉପରେ ଆସ୍ଥା ରଖି ସେମାନେ ହୁଏତ ସେମାନଙ୍କର ବିରୁଦ୍ଧପକ୍ଷଟି ହାତରେ କେବଳ ଏକ ପୁତଳି ହୋଇ ନାଚିବେ ବୋଲି ଶ୍ରମିକମାନଙ୍କର ମନ ଭିତରେ ଏକ ସନ୍ଦେହ ଜାଗ୍ରତ ହେବାକୁ ବି ଆରମ୍ଭ କଲାଣି । କାରଣ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ପାର୍ଲିଆମେଣ୍ଟ ହେଉଛି ଏକ ବିରାଟ ଯନ୍ତ୍ର ଯାହାକି ଧନିକ ଶ୍ରେଣୀଗୁଡ଼ିକର ହାତରେ ରହିଛି ଏବଂ ଏପରିକି ପାର୍ଲିଆମେଣ୍ଟ ପଦ୍ଧତି ଭିତରେ ରହିଥିବା ଜଣେ ସମାଜବାଦୀ ମଧ୍ୟ ଭାରି ସହଜରେ ଏକ ଅର୍ଦ୍ଧ-ପ୍ରଚ୍ଛନ୍ନ ବୁର୍ଜୁଆ ବା ଅଧା ସମାଜବାଦୀ ଓ ଅଧା-ବୁର୍ଜୁଆ ହେବା ଲାଗି ବେଶ୍ ଏକ ପ୍ରବୃତ୍ତି ଦେଖାଇଥାଏ । ସମାଜର ସେହି ଅଭିଳଷିତ ନୂତନ ବ୍ୟବସ୍ଥାଟି ରାଷ୍ଟ୍ରଶାସନର କ୍ଷେତ୍ରରେ ମଧ୍ୟ ଏକ ନୂତନ ବ୍ୟବସ୍ଥାର ସଂସ୍ଥାପନ ହେଉ ବୋଲି ଦାବି କରୁଥିବା ପରି ବୋଧ ହେଉଛି । ତେଣୁ, ଅନିବାର୍ଯ୍ୟ ଭାବରେ ବର୍ତ୍ତମାନର ବ୍ୟବସ୍ଥାଗୁଡ଼ିକୁ ଓଲଟାଇ ଦେଇହିଁ ଯଦି ସମାଜର ଏକ ନୂତନ ବ୍ୟବସ୍ଥା ଆସିବାକୁ ବାଧ୍ୟ ହୁଏ ଏବଂ, ଆହୁରି ଆଗକୁ ଯାଇ କହିଲେ, ଯଦି ଏକ ବିପ୍ଳବାତ୍ମକ ସଂଘର୍ଷ ମଧ୍ୟଦେଇହିଁ ଏହି ପରିବର୍ତ୍ତନଟିକୁ ଆସିବାକୁ ହୁଏ, ତେବେ ବର୍ତ୍ତମାନର ବ୍ୟବସ୍ଥାଟି ଉପରେ ଆଧାରିତ ଓ ଦଣ୍ଡାୟମାନ ଏକ ଲୀଗ୍ ଅଫ୍ ନେଶନ୍‌ସ୍ ପୃଥିବୀକୁ ଦୋହଲାଇ ଦେବାର ସେହି ସଂଘଟନ ବା ବାତ୍ୟାଟି ସମ୍ମୁଖରେ କିପରି କେଉଁ ଅବସ୍ଥାରେ ରହିବାକୁ ସମର୍ଥ ହେବ ବୋଲି ସମ୍ଭବ ମନେ ହେଉଛି ? ପ୍ରକୃତରେ ଜାତିମାନଙ୍କୁ ନେଇ ନୁହେଁ, ମାତ୍ର ସରକାରଗୁଡ଼ିକୁ ନେଇ ଏହି ଲୀଗ୍ ଗଠନ କରାଯାଇଛି; ଯେଉଁସବୁ ସରକାରଙ୍କର ସେହି ପୁରାତନ ବ୍ୟବସ୍ଥାକୁ ବଜାୟ ରଖିବା ଲାଗିହିଁ ଅନୁରକ୍ତି ରହିଛି ଏବଂ ସେମାନଙ୍କର ଅସ୍ତିତ୍ୱ-ରୀତିଟିର ଶତ୍ରୁତାଚରଣ କରୁଥିବା ନୂତନ ବିଚାରଟି ସହିତ ଯୁଝିବା ନିମନ୍ତେହିଁ ଯେଉଁ ସରକାରମାନେ ସେମାନଙ୍କର ଏହି ଘନିଷ୍ଠତର ସମ୍ବନ୍ଧସ୍ଥାପନଟିକୁ ବ୍ୟବହାର କରିବାରେ ଲାଗିଛନ୍ତି, ସେମାନଙ୍କ ଦ୍ୱାରା ଗଠିତ ଏହି ଲୀଗ୍ ସେତେବେଳେ ପ୍ରକୃତରେ କିପରି କ'ଣ ଆଚରଣ କରିବ ? କ୍ରମଶଃ ରୂପାନ୍ତରିତ ହୋଇଯିବା ଅପେକ୍ଷା ଏହି ଲୀଗ୍ ଏକାବେଳେକେ ଅନ୍ତର୍ହିତ ହୋଇଯିବାରହିଁ ଅଧିକ ସମ୍ଭାବନା ରହିଛି, ଏବଂ ଯଦି ତାହା ପ୍ରକୃତରେ ଅନ୍ତର୍ହିତହିଁ ହୋଇଯାଏ, ତେବେ ଅନ୍ତର୍ଜାତୀୟ ସମ୍ମିଳନର ଆଉଗୋଟିଏ ବ୍ୟବସ୍ଥା ହୁଏତ ତାହା ସ୍ଥାନରେ ଆସି ପ୍ରତିଷ୍ଠିତ ହେବ, ମାତ୍ର ତାହା ସେତେବେଳେ କଦାପି ଏକ ଲୀଗ୍ ଅଫ୍ ନେଶନ୍‌ସ୍ ହୋଇ ରହିବ ନାହିଁ ।

'oaob.nitrkl.ac.in' images reprocessed

ଆମେ ଅବଶ୍ୟ ଅନୁମାନ କରିବା, ବା ଏପରିକି ବିଶ୍ୱାସ ବି କରିବା ଯେ ବାହାରକୁ ଯାହା ଦେଖା ଯାଉଥାଉ ଅଥବା ଦେଖା ନ ଯାଉଥାଉ ପଛକେ, ଲୀଗ୍ ଭିତରେ ପୃଥିବୀର ସର୍ବୋତ୍ତମ ରାଷ୍ଟ୍ରନୀତିଜ୍ଞବୁଦ୍ଧି ସମ୍ମିଳିତ ହୋଇ ରହିଛି, ଏବଂ ତେଣୁ ସେହି ସଂଗଠନ ଏହିସବୁ ଯାବତୀୟ ବିପଦକୁ ନିଶ୍ଚୟ ପାର ହୋଇଯିବ, ଏହି ସବୁପ୍ରକାର ଝଡ଼ର ସମ୍ମୁଖୀନ ହୋଇପାରିବ ଏବଂ ସମଗ୍ର ମନୁଷ୍ୟଜାତିର ଭାଗ୍ୟଗୁଡ଼ିକୁ ଅଧିକରୁ ଅଧିକ ପରିମାଣରେ ଶାନ୍ତି ଏବଂ ପାରସ୍ପରିକ ସହାବସ୍ଥାନ ପଥରେ ଅଗ୍ରସର କରାଇ ନେଇଯିବ; ପ୍ରଥମ ପର୍ଯ୍ୟାୟରେ ଏହି ପଥ ଅଳ୍ପବହୁତ ବନ୍ଧୁର ରହିବ, ମାତ୍ର ପରିଶେଷରେ ତାହା ନିର୍ଦ୍ଦିଷ୍ଟ ଓ ସୁନିଶ୍ଚିତଭାବରେ ଲକ୍ଷ୍ୟର ଅନୁଗାମୀ ହୋଇପାରିବ । ତେବେ ତାହା ପ୍ରଥମେ ବା ଶେଷରେ କ'ଣସବୁ ଲକ୍ଷ୍ୟର ସାଧନ କରି ପାରିବ ? ପୂର୍ବର ଯେଉଁ ଅନ୍ତର୍ଜାତୀୟ ସ୍ଥିତିଟି ଯୁଦ୍ଧ ଏବଂ ସଶସ୍ତ୍ର ଶାନ୍ତି ମଧ୍ୟରେ ଏପାଖ ସେପାଖ ହୋଇ ଝୁଲିବାରେ ଲାଗିଥିଲା, ଲୀଗ୍ ତାହାର ବଦଳରେ ଏକ କାନୁନର ବ୍ୟବସ୍ଥା ପ୍ରବର୍ତ୍ତିତ କରି ରଖିବାରେ କେତେକ ପଦକ୍ଷେପ ନିଶ୍ଚୟ ଗ୍ରହଣ କରିବ । ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯଦି ଦୃଢ଼ଭାବରେ ଏତିକି କରାଯାଇପାରେ, ତେବେ ମନୁଷ୍ୟ-ସଭ୍ୟତାର ପରିଚିତ ଇତିହାସରେ ଏହା ପ୍ରକୃତରେ ଅଗ୍ରଗତି ଆଡ଼କୁ ଏକ ବୃହତ୍ ପଦକ୍ଷେପ ହୋଇ ରହିବ । କାରଣ ତାହାର ପ୍ରକୃତରେ ଏହି ଅର୍ଥ ହେବ ଯେ ଅନେକ ଶତାବ୍ଦୀ ପୂର୍ବେ ଜାତିଏକକର ଭୂମିରେ ଯାହା ସମ୍ଭବ ହୋଇଥିଲା, ବର୍ତ୍ତମାନ ପରିଶେଷରେ ଜାତିସମୂହର ସମ୍ମିଳିତ ସମାଜ ଭିତରେ ମଧ୍ୟ ତାହାର ଏକ ମୂଳଦୁଆ ପଡ଼ିଯିବ । ମାତ୍ର, ଯାହାକୁ ହୁଏତ ଏକ ଅପ୍ରାମାଣିକ ସମାନ୍ତର-ଦୃଷ୍ଟାନ୍ତ ବୋଲି କୁହାଯାଇ ପାରିବ, ଏଠାରେ ଆମେ ଏଡ଼େ ସହଜରେ ସେହିପରି ଏକ ସମାନ୍ତର ଭିତରକୁ କଦାପି ଡେଇଁ ପଡ଼ିବା ନାହିଁ । ପୂର୍ବକାଳରେ ଯେଉଁଠି ଶାନ୍ତି କହିଲେ କେବଳ ଏକ ଅନିଶ୍ଚିତ ଶାନ୍ତିକୁ ବୁଝାଉଥିଲା, ଯେଉଁଠାରେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଓ ଉପଜାତି ଉପଜାତି ମଧ୍ୟରେ କେତେକେତେ ଯୁଦ୍ଧବିଗ୍ରହହିଁ ପ୍ରାୟ ଏକ ନିତ୍ୟନୈମିତ୍ତିକ ଘଟଣା ହୋଇ ରହିଥିଲା, ଆପଣା ଜ୍ଞାତିମାନଙ୍କର ସାହାଯ୍ୟରେ ଅଥବା ଆପଣାର ବାହୁବଳରେ ପ୍ରତ୍ୟେକ ମଣିଷ ଯାହାକିଛିକୁ ନ୍ୟାୟ ବୋଲି ବିଚାର କରୁଥିଲା, ଯେଉଁଠି ସେ ତାହାକୁହିଁ ଦାବି କରି ବାହାରୁଥିଲା, ଆମର ସଭ୍ୟସମାଜ ମୂଳରୁହିଁ ସବୁଠାରୁ ଅଧିକ ଫଳଦାୟକ ଭାବରେ ତାହାରି ସ୍ଥାନରେ ଆଇନ୍ ଦ୍ୱାରା ଅନୁମୋଦିତ ଏକପ୍ରକାର ସମ୍ବନ୍ଧ-ବ୍ୟବସ୍ଥା, ଆଇନ୍ ଦ୍ୱାରା ଅନୁମୋଦିତ ଆକ୍ରମଣ ଏବଂ ଆତ୍ମରକ୍ଷା ଏବଂ ସଂଘଟିତ କ୍ଷତି ବା ଆଘାତ ବଦଳରେ ଆଇନ୍ ଦ୍ୱାରା ଅନୁମୋଦିତ ଏକ କ୍ଷତିପୂରଣ ଅଥବା ପ୍ରତିଶୋଧ-ବ୍ୟବସ୍ଥାର ପ୍ରବର୍ତ୍ତନ କରିଆସିଛି । ବର୍ତ୍ତମାନ ମଧ୍ୟ ପ୍ରାୟ ଅନମନୀୟ ଭାବରେ ଅପରାଧ କରିବାର ପ୍ରବୃତ୍ତି ଆମ ଭିତରେ ବଞ୍ଚିରହିଛି ଏବଂ ଆମେ ଏହାକୁହିଁ ଆଇନ୍‌ଯୁଗର ପୂର୍ବବର୍ତ୍ତୀ

'oaob.nitrkl.ac.in' images reprocessed

ସେହି ସ୍ୱଭାବ-ଅନୁପ୍ରେରିତ ହିଂସା-ଆଚରଣ କରିବା ଅବସ୍ଥାର ଏକମାତ୍ର ଅବଶେଷ ବୋଲି କହିପାରିବା । ମାତ୍ର ଜଣେ ଅବାଧ ବ୍ୟକ୍ତିର ଶାସ୍ତିବିଧାନ କରିବାକୁ ଏକ ସଂଗଠିତ ସମାଜ ପକ୍ଷରେ ଅପେକ୍ଷାକୃତ ଅନେକ ସହଜ ଏକ କାର୍ଯ୍ୟ ବୋଲି କୁହାଯିବ; ମାତ୍ର ଆମେ ଏଠାରେ ଯେଉଁ ଏକକଗୁଡ଼ିକର ଆଲୋଚନା କରୁଛୁ, ସେମାନେ ହେଉଛନ୍ତି ଗୋଟିଏ ଗୋଟିଏ ଜାତି, ଏଗୁଡ଼ିକର ପ୍ରତ୍ୟେକର ଏକ ବହୁଜଟିଳ ସମ୍ମିଳିତ ବ୍ୟକ୍ତିତ୍ୱ ରହିଛି, ବହୁସଂଖ୍ୟକ ମନୁଷ୍ୟଙ୍କର ଗୋଟିଏ ଗୋଟିଏ ସମୂହ କେଡ଼େ ଦୃଢ଼ଭାବରେ ସଂଗଠିତ ହୋଇ ରହିଛନ୍ତି, ସେମାନେ ଲକ୍ଷ ଲକ୍ଷ ମନୁଷ୍ୟଙ୍କର ଯାବତୀୟ ପ୍ରାଣଗତ ସ୍ୱାର୍ଥ, ଦାବି ଓ କେତେ କେତେ ଉଦ୍ଦାମ ଇଚ୍ଛାର ପ୍ରତିନିଧିତ୍ୱ କରୁଛନ୍ତି ଏବଂ ସେହି ଲୋକମାନେ ମଧ୍ୟ ସାମୂହିକ, ଶକ୍ତିଶାଳୀ ଓ ଅନମନୀୟ କେତେକେତେ ପାର୍ଥକ୍ୟବୋଧ, ଘୃଣା, ଅସୂୟା, ବିଦ୍ୱେଷ ଓ ବିରୋଧ ଦ୍ୱାରା ପରସ୍ପର ମଧ୍ୟରେ ବିଭକ୍ତ ହୋଇ ରହିଛନ୍ତି । ଭବିଷ୍ୟତରେ ସକଳ ରୋଗର ଆରୋଗ୍ୟ କରିଦେବ ବୋଲି ଆଶା କରାଯାଉଥିବା ଲୀଗ୍ ଓ ପୃଥିବୀର ବିଭିନ୍ନ ଜାତିଙ୍କୁ ନେଇ ଗଢ଼ା ହୋଇଥିବା ଏହି ନୂତନ ସଂସ୍ଥାଟିର ସ୍ଥାପନା ପରେ ସେହିସବୁ ଘୃଣା ଓ ବିରୋଧ ସତେଅବା ଆହୁରି ଅଧିକ କଟୁ ହୋଇ ପଡ଼ିଥିବା ପରି ମନେ ହେଉଛି; ଯୁଦ୍ଧରୂପୀ ପ୍ରଳୟଟି ଘଟିବା ପୂର୍ବରୁ ବରଂ ଏକ ସହନଶୀଳ ଏବଂ ସହଜ ସର୍ବଦେଶୀୟତାହିଁ ରୀତି ହୋଇଥିଲା, ମାତ୍ର ବର୍ତ୍ତମାନ ପାର୍ଥକ୍ୟବୋଧ ଏବଂ ଘୃଣାଗୁଡ଼ାକହିଁ ଭାରି ପ୍ରଧାନ ହୋଇ ପଡ଼ିଥିଲା ପରି ମନେ ହେଉଛି । ପୁନଶ୍ଚ, ଏହି ଲୀଗ୍ ମନୋଗତ କ୍ଷେତ୍ରରେ ଯେପରି ହୋଇ ରହିଛି, ତଦ୍ଦ୍ୱାରା ସେହିସବୁ ଘୃଣା ଓ ଦ୍ୱେଷକୁ ଆରୋଗ୍ୟ କରିବା ଓ ଦୂର କରିଦେବା ଅପେକ୍ଷା ସେଗୁଡ଼ିକୁ ଆହୁରି ଗଭୀରକୁ ଭେଦାଇ ଦେଇ ସତେଅବା ଚିରସ୍ଥାୟୀ କରି ରଖିବାକୁହିଁ ତାହା କଳ୍ପନା କରୁଥିବା ପରି ଲାଗୁଛି । ଏବଂ, ଜୀବନ ବଞ୍ଚିବାର ଯାବତୀୟ ନୀତିକୁ ବିସର୍ଜନ କରି ପକାଇଥିବା ଏବଂ ପରସ୍ପର ସହିତ ଏକତା ରଖି ରହିବାର କୌଣସି ଇଚ୍ଛା ନ ଥିବା ଏହି ଅସଂବଦ୍ଧ ଜାତିସମୂହଙ୍କ ଉପରେହିଁ ବର୍ତ୍ତମାନ ଶାନ୍ତି ଏବଂ ସ୍ଥାୟୀ ବିଧାନର ଏକ ଅବସ୍ଥାକୁ ଲଦି ଦିଆଯିବାକୁ ଯାଉଛି ଓ ଅଧିକରୁ ଅଧିକ ହୋଇ ବଢ଼ିବାରେ ଲାଗିଥିବା ଅରାଜକତା, ଉଦ୍‌ବେଳନ ଏବଂ ବିପ୍ଳବାଶଙ୍କାର ଏକ କାଳପର୍ଯ୍ୟାୟରେ ତାହା ଲଦି ଦିଆହେବାକୁ ଯାଉଛି ।

ଜାତିକୁ ଏକକ କରି ଗଢ଼ା ହୋଇଥିବା ସମାଜରେ ଏକ ଅବିଭକ୍ତ ଏକତାର ବିକାଶ ହୋଇ ଆସିଥିବା ସଙ୍ଗେ ସଙ୍ଗେ ଏକ ଆଇନ୍ ପ୍ରଣୟନ କରି ପାରୁଥିବା ବା ଅନ୍ତତଃ ଆଇନ୍‌କୁ ସୂତ୍ରବଦ୍ଧ କରି ରଖି ସେଗୁଡ଼ିକର ରକ୍ଷା କରି ପାରୁଥିବା ତଥା ଆପଣାର ନିୟମ, ବିଧାୟକ ତଥା ଅଧାଦେଶଗୁଡ଼ିକୁ ସୁକଠୋର ହୋଇ କାର୍ଯ୍ୟକାରୀ କରି ପାରୁଥିବା ଗୋଟିଏ ସମବିଧାନଯୁକ୍ତ କର୍ତ୍ତୃତ୍ୱ ପ୍ରତିଷ୍ଠିତ ହେବା ସଙ୍ଗେ ସଙ୍ଗେ ସେହି ଅନୁପାତରେହିଁ

'oaob.nitrkl.ac.in' images reprocessed

ଜାତି-ସମାଜ ସାଫଲ୍ୟ ଲାଭ କରି ପାରିଥିଲା । ମାତ୍ର, ଏହି ଦ୍ୱିତୀୟ କ୍ଷେତ୍ରଟିରେ ଏହି କାର୍ଯ୍ୟଟି ଏବେ ଏପରି ଏକ ସଂସ୍ଥା ଦ୍ୱାରା ହେବାକୁ ଯାଉଛି ଯହାକି କୌଣସି ମୂର୍ତ୍ତିମନ୍ତ ଏକତାର ପ୍ରତିନିଧିତ୍ୱ କରୁ ନାହିଁ, ମାତ୍ର ତା' ବଦଳରେ ପରସ୍ପରଠାରୁ ଅତ୍ୟନ୍ତ ବିଚ୍ଛିନ୍ନ ହୋଇ ରହିଥିବା କେତୋଟି ଏକକକୁ ଏକାଠି ଖୁନ୍ଦି ଦିଆଯାଇଛି ବା ଗୁଞ୍ଚି ଦିଆଯାଇଛି । ସେହି ସଂସ୍ଥା ସ୍ୱୟଂ କୌଣସି ଆଇନ୍ ପ୍ରଣୟନ କରୁ ନାହିଁ ମାତ୍ର କେବଳ ଅସ୍ଥାୟୀ ଭାବରେହିଁ ଅତ୍ୟନ୍ତ ଆଂଶିକ ମହତ୍ତ୍ୱ ରଖୁଥିବା କେତେକ ବିଶେଷକ୍ଷେତ୍ରୀୟ ତାତ୍କାଳିକ ବିଧାୟକମାନ ପ୍ରଣୟନ କରି ପାରୁଛି, ସେହି ବିଧାୟକଗୁଡ଼ିକୁ କାର୍ଯ୍ୟକାରୀ କରିବା ଲାଗି ତାହାକୁ କେବଳ ଭୟପ୍ରଦର୍ଶନ, ଅବରୋଧ, ଆର୍ଥିକ ଚାପ ପ୍ରଭୃତି ଉପାୟର ଆଶ୍ରୟ ଗ୍ରହଣ କରିବାକୁ ପଡୁଛି, ଗୋଟାଏ ଗୋଟାଏ ସମଗ୍ର ଜାତିକୁ ଉପବାସୀ ରଖିଦେବାର ଧମକ ଦେବାକୁ ପଡୁଛି ବା ପ୍ରବଳ ସାମରିକ ଶକ୍ତିର ପ୍ରୟୋଗ କରି କୌଣସି ଦେଶକୁ ଦଖଲ କରିନେବାର ବି ଭୟ ଦେଖାଇବାକୁ ପଡୁଛି । ଏହିସବୁ ଉପାୟାଚରଣ ଯୁଦ୍ଧର ପରବର୍ତ୍ତୀ ଏହି ଅଶାନ୍ତ ଉଦ୍‌ବେଳନର ଅବସ୍ଥାକୁ ଆହୁରି ପ୍ରଲମ୍ବିତ କରିଦେଉଛି ଏବଂ ଯେଉଁ ଦେଶର ସରକାରମାନେ ଏହି ବିଶେଷ ଅନ୍ତର୍ଜାତୀୟ ଖେଳଟିରେ ମାତି ରହିଛନ୍ତି, ସେହିସବୁ ଦେଶରେ ଲୋକମାନଙ୍କୁ ଉକ୍ତ ଉପାୟଗୁଡ଼ିକୁ ଅବଲମ୍ବନ କରିବାର ନାନା ଆନୁଷଙ୍ଗିକ ପରିଣାମମାନ ମଧ୍ୟ ଭୋଗିବାକୁ ପଡୁଛି । ମନୁଷ୍ୟଜାତିର ଏହି ସର୍ବଶେଷ ଆକାଂକ୍ଷାଟିର ଯଦି ବୁଦ୍ଧିଜୀବୀମାନଙ୍କ ଦ୍ୱାରା ଭିଆ ହୋଇଥିବା ଆଉ ଗୋଟିଏ ଉଦାରତା ଦ୍ୱାରା ପ୍ରେରିତ ଭ୍ରମ ବ୍ୟତୀତ ଆଉ କିଛି ଅଧିକ ଉପୁଜାଇବାକୁ ଥାଏ ବା ଜାତିସମୂହର ଶୂନ୍ୟ ଓ ଅସ୍ୱଚ୍ଛତାମୟ ହୃଦୟ ଭିତରେ କେବଳ ଆଶାର ଏକ କଳ୍ପନା-ତରଙ୍ଗ ବ୍ୟତୀତ ଆଉ ଅଧିକ କିଛିର ଉନ୍ମେଷଣା କରିବାର ଉଦ୍ଦେଶ୍ୟ ରହିଥାଏ, ତେବେ ଆମକୁ ଯେ ସେଥିପାଇଁ ଅଧିକ ଉପଯୁକ୍ତ ଏକ ବ୍ୟବସ୍ଥା ଖୋଜି ବାହାର କରିବାକୁ ହେବ ଏବଂ ଅଧିକ ଉପଯୁକ୍ତ ପନ୍ଥାମାନ ବି ନିର୍ଦ୍ଧାରିତ କରିବାକୁ ପଡ଼ିବ, ସେକଥା ବୁଝିବା ଲାଗି ଆଦୌ କୌଣସି କଷ୍ଟ କରିବାକୁ ପଡ଼ିବ ନାହିଁ ।

ଏତେ କାଳ ଓ ଏତେ ଅଭିଜ୍ଞତା ପରେ ବି ଜାତି-ସମାଜ ମଧ୍ୟ ଆପଣାର ନିଜ ଶରୀରଟିକୁ ଗ୍ରସ୍ତ କରି ରହିଥିବା ତାହାର ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସଂଘର୍ଷ, ଶ୍ରେଣୀ-ଯୁଦ୍ଧ, ବେଳେବେଳେ ରକ୍ତାକ୍ତ ସଂଘର୍ଷରେ ପରିଣତ ହୋଇ ଯାଉଥିବା ସ୍ୱାର୍ଥ ତଥା ବିଚାରଗତ ତୀବ୍ର ବୈରାଚରଣର ନାନା ରୋଗର ନିରାକରଣ କରିବା ଦିଗରେ ସମର୍ଥ ହୋଇ ପାରି ନାହିଁ । ଜାତି ଭିତରେ ମଧ୍ୟ କେତେକେତେ ଗୃହଯୁଦ୍ଧ ଲାଗିରହିଛି, ରକ୍ତାକ୍ତ ବିପ୍ଳବମାନ ଲାଗି ରହିଛି ବା ଅତ୍ୟନ୍ତ ନିର୍ଦ୍ଦୟଭାବରେ ଦୁର୍ଦ୍ଧର୍ଷ ଏବଂ ଦୟାଶୂନ୍ୟ ଆର୍ଥିକ ସଂଘର୍ଷମାନ ଲାଗିରହିଛି, ଯେଉଁଗୁଡ଼ିକ କି ପରିଶେଷରେ ପ୍ରକୃତରେ ଏକ ଯୁଦ୍ଧ ଲାଗି କ୍ଷେତ୍ର ପ୍ରସ୍ତୁତ

'oaob.nitrkl.ac.in' images reprocessed

କରି କରି ଯାଉଛି । ଏବଂ ଏପରି ହେବାର କାରଣଟିକୁ ଜାଣିବା ଲାଗି ଆମକୁ ଆଦୌ ବେଶୀଦୂର ଯିବାକୁ ପଡ଼ିବ ନାହିଁ । ବର୍ତ୍ତମାନ ଯେତେ ଧୁମ୍‌ଧାମ୍ ଓ ଆଡ଼ମ୍ବରର ଫିନ୍‌ଫିନ୍ ପଗଡ଼ି ମୁଣ୍ଡରେ ଲଗାଇ ଯେତେ ଆନୁଷ୍ଠାନିକ ସମାରୋହ ସହିତ ଯାହାକିଛି ଛଳନା କରିବାରେ ଲାଗିଥିଲେ ମଧ୍ୟ ଆଇନ୍ ଯେତେବେଳେ ଆରମ୍ଭ ହେଲା, ସେତେବେଳେ ତାହା କେବଳ ଅଧିକ ବଳବାନ୍, ଅଧିକ ଚତୁର ଓ ଅଧିକ ସଫଳ ମଣିଷର ଆଇନ୍‌ଗୁଡ଼ାକ ବ୍ୟତୀତ ପ୍ରକୃତରେ ଆଉ କିଛିହେଲେ ନ ଥିଲା, ସେତେବେଳେ ଏହିମାନେହିଁ ସେମାନଙ୍କର ନିୟମଗୁଡ଼ାକୁ ନେଇ ସମୂହର ଚୁପ୍ କରି ସବୁ ମାନି ନେଉଥିବା ଓ ଅଧୀନସ୍ଥ ହୋଇ ରହିଥିବା ଅନ୍ୟମାନଙ୍କ ଉପରେ ଲଦି ଦେଉଥିଲେ । ଆଗରୁ ଯେଉଁଠି ପ୍ରତ୍ୟେକ ସମାଜରେ ଗୁଡ଼ାଏ ରୂଢ଼ି ବା ପରମ୍ପରା ପ୍ରଚଳିତ ହୋଇ ରହିଥିଲା, ସେଠାରେ ଅଧିକ ପ୍ରତିପତ୍ତିଶାଳୀ ବର୍ଗଟି ଆଇନ୍ ବୋଲି କହି ତାହାରି ଇଚ୍ଛାଗୁଡ଼ାକୁ ଆଣି ଲଦି ଦେଉଥିଲା ଏବଂ ଆପଣାର ତତ୍କାଳୀନ ବିଚାର ତଥା ସ୍ୱାର୍ଥଟିର ଛାଞ୍ଚ ଭିତରେ ପକାଇ ତାହାକୁ ଏକ ନୂତନ ଆକାର ଆଣି ଦେଉଥିଲା । ଅର୍ଥାତ୍ ଯାହାକୁ ଆମେ ଆଇନ୍ ବୋଲି କହୁଛୁ, ତାହା ସ୍ୱୟଂ ସେତେବେଳେ ଏକ ବ୍ୟବସ୍ଥାବଦ୍ଧ ଏବଂ ସଂଗଠିତ ବଳପ୍ରୟୋଗହିଁ ହୋଇ ରହିଥିଲା, ତାହା ଆପଣା ପ୍ରଶାସନର ନିୟମଗୁଡ଼ିକୁ ସ୍ୱୟଂ ପ୍ରତିଷ୍ଠା କରି ରଖୁଥିଲା ଏବଂ ଶାନ୍ତିବିଧାନ ଓ ବଳପ୍ରୟୋଗର ଆସନ୍ନ ବିପତ୍ତିଟିର ଭୟ ଦେଖାଇ ସେଗୁଡ଼ିକୁ ନିର୍ବାହିତ କରି ପାରୁଥିଲା । ନ୍ୟାୟକୁ ଏକ ତରବାରିର ପ୍ରତୀକ ଦେଇ ସୂଚାଇବାର ଯେଉଁ ପରମ୍ପରାଟି ରହିଛି, ତାହାପଛରେ ପ୍ରକୃତରେ ଏହି ତାତ୍ପର୍ଯ୍ୟଟି ରହିଛି, ଏବଂ ଆହୁରି କଳ୍ପନାଶକ୍ତି ପ୍ରୟୋଗ କରି ଯେଉଁଠି ଏକ ତରାଜୁକୁ ନ୍ୟାୟର ପ୍ରତୀକ କରି ରଖାଯାଇଛି, ସେଠାରେ ସେହି ତରାଜୁକୁ ଆମେ ଏକ ବାଣିଜ୍ୟିକ ଏବଂ କୃତ୍ରିମ ସଙ୍କେତ ବୋଲିହିଁ ଜାଣିବା; ଆମେ ତାହାକୁ କଦାପି କୌଣସି ପ୍ରକୃତିସିଦ୍ଧ ଅଥବା ଆଦର୍ଶ ନ୍ୟାୟଶାସନର ପ୍ରତୀକ ବୋଲି ଗ୍ରହଣ କରିବା ନାହିଁ । ଏବଂ, ସେପରି କୌଣସି ପ୍ରତୀକ ହେବାର ସମ୍ଭାବନା ରଖିଥିଲେ ମଧ୍ୟ ନ୍ୟାୟକୁ ସୂଚାଇ ଦେଉଥିବା ଏହି ତରାଜୁ କେବଳ ଅତ୍ୟନ୍ତ ଆକ୍ଷରିକ ଭାବରେ ଓଜନ ଓ ମାପଗୁଡ଼ିକରେ ରହିଥିବା ସମାନତାକୁହିଁ ସୂଚାଇ ଦେଉଥିଲା, ଏବଂ ସେକଥାଟିକୁ ମଧ୍ୟ ସବୁବେଳେ ଆଦୌ ସୂଚାଉ ନ ଥିଲା । ଅନେକ ସମୟରେ ଆଇନ୍ ଅଧିକାଂଶତଃ ବୈଧାନିକଭାବରେ ଅନୁମୋଦିତ ଶୋଷଣ ଓ ଅତ୍ୟାଚାରରହିଁ କେବଳ ଗୋଟିଏ ବ୍ୟବସ୍ଥା ହୋଇ ରହିଥିଲା ଏବଂ ତା'ର ରାଜନୀତିକ ଭୂମିଟି ଉପରେ ତାହାହିଁ ଅଧିକାଂଶ କାଳରେ ତାହାର ସ୍ପଷ୍ଟତମ ଛାପ ହୋଇ ରହିଆସିଛି । ଅବଶ୍ୟ ଏକଥା ସତ ଯେ ତାହା ସବୁ ସମୟରେ ନିଜର ମୁହଁ ଉପରେ ଶୃଙ୍ଖଳା, ଶାସନ ଏବଂ ନ୍ୟାୟବିଧାନର ଏକ ପବିତ୍ର ମୁଖା ପିନ୍ଧିହିଁ ରହିଥିଲା ।

'oaob.nitrkl.ac.in' images reprocessed

ଅନ୍ୟାୟ ଉପରେ ଆଶ୍ରିତ ଆଇନ୍‌କୁ ନ୍ୟାୟରୂପେ ବଦଳାଇ ଦେବାକୁହିଁ ମନୁଷ୍ୟଜାତିର ଇତିହାସ ଅନେକାଂଶରେ ଏକ ଦୀର୍ଘ ସଂଗ୍ରାମର ଇତିହାସ ହୋଇ ରହିଆସିଛି । ଏଠାରେ କେବଳ କାଳ୍ପନିକ ହୋଇ ରହିଥିବା କୌଣସି ନ୍ୟାୟର କଥା କୁହାଯାଉ ନାହିଁ, ଉପରୁ ଆଣି ଲଦି ଦିଆଯାଇଥିବା କୌଣସି ଅନୁଜ୍ଞାର କଥା କୁହାଯାଉ ନାହିଁ କିଂବା ''ଆଇନ୍ ଦ୍ୱାରା ପ୍ରତିଷ୍ଠିତ'' ଏବଂ ଯେହେତୁ ପ୍ରତିଷ୍ଠିତ, ତେଣୁ ଉଚିତ ବୋଲି ଦାବି କରୁଥିବା କୌଣସି ନିୟମର କଥା ଆଦୌ କୁହାଯାଉ ନାହିଁ, ମାତ୍ର ସମାନତା ଏବଂ ସମବିଚାର କହିଲେ ଆମେ ନ୍ୟାୟ ବୋଲି ଯାହା ବୁଝିଥାଉ, ତାହାରି କଥା କୁହାଯାଉଛି । ଏ ଦିଗରେ ଅନେକ କିଛି କରାହୋଇ ସାରିଛି, ମାତ୍ର ଆହୁରି ଅନେକ ଓ ଅଧିକ କରିବା ଲାଗି ତଥାପି ବାକି ରହିଛି; ଏବଂ ଯେପର୍ଯ୍ୟନ୍ତ ସେହି ନ୍ୟାୟର ପ୍ରତିଷ୍ଠା ହୋଇପାରି ନାହିଁ, ତେବେ ଆମର ସାମାଜିକ ଜୀବନରେ କେବେ ଏହିସବୁ ସଂଘର୍ଷ, ଅଶାନ୍ତି ଏବଂ ବିପ୍ଳବର କୌଣସି ଅନ୍ତ ଘଟିବ ବୋଲି କଦାପି ସୁନିଶ୍ଚିତ ଭାବରେ କୁହାଯାଇ ପାରିବ ନାହିଁ । କାରଣ, ଯେପର୍ଯ୍ୟନ୍ତ ଅନ୍ୟାୟ ଦ୍ୱାରା ପ୍ରଣୋଦିତ ଓ ପ୍ରତିଷ୍ଠିତ ଆଇନ୍‌ଗୁଡ଼ାକୁ ସହୁଥିବା ଲୋକମାନଙ୍କ ମଧ୍ୟରେ ଆଳସ୍ୟମୟ ଅନ୍ଧତା ଅଥବା ନୀରବରେ ମୁଣ୍ଡ ପାତି ସବୁକିଛିକୁ ମାନି ନେଉଥିବାର ଏକ ପ୍ରବୃତ୍ତି ରହିଛି, କିଂବା ଅନ୍ୟ ପକ୍ଷରେ ନ୍ୟାୟର ଭାବନା ଏବଂ ଆକାଂକ୍ଷାଟି ଥରେ ଜାଗ୍ରତ ହୋଇ ସାରିବା ପରେ ସେମାନଙ୍କ ହାତରେ ତାହା ଯେପର୍ଯ୍ୟନ୍ତ ସ୍ୱାଭାବିକ ଭାବରେ ଏକ ଶାନ୍ତିପୂର୍ଣ୍ଣ ସଂଶୋଧନର ସହଜଲବ୍ଧ ଏକ ସାଧନ ହୋଇ ରହିଛି, କେବଳ ସେହି ପର୍ଯ୍ୟନ୍ତହିଁ ଅନ୍ୟାୟ ଉପରେ ପ୍ରତିଷ୍ଠିତ ଆଇନ୍‌ଗୁଡ଼ାକୁ ସହ୍ୟ କରାଯାଇ ପାରିବ । ଏବଂ କୌଣସି ନିର୍ଦ୍ଦିଷ୍ଟ ଅନ୍ୟାୟ-ପ୍ରତିଷ୍ଠିତ ଆଇନ୍‌କୁ ପରିବର୍ତ୍ତିତ କରାଇବାକୁ ହେଲେ ହୁଏତ ଆଦୌ ସେତେ ବେଶୀ ମିହନ୍ତ କରିବାକୁ ପଡ଼ିବ ନାହିଁ ଅଥବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ; ମାତ୍ର ଯଦି ସେହି ଅନ୍ୟାୟ, ଅଥବା, ଅନ୍ୟପ୍ରକାରେ କହିଲେ ସମତା ଏବଂ ସମଭାବନାରେ ସେହି ଅଭାବଟି ଏକ ବସ୍ତୁସ୍ଥିତିକୁ ବା ଏକ ବ୍ୟବସ୍ଥାକୁ ଗୋଟାସୁଦ୍ଧା ଗ୍ରାସ କରି ରହିଥିବ, ତେବେ ସେଥିରୁ ଅବଶ୍ୟ ଭୟଙ୍କର ଅଡୁଆମାନ ଆସି ଉପୁଜିବ ଏବଂ ସେଇଟିର ଅପସାରଣ ନ ହେବା ପର୍ଯ୍ୟନ୍ତ କୌଣସି ଯଥାର୍ଥ ସମତାବସ୍ଥା ବା ଶାନ୍ତି ଆଦୌ ସମ୍ଭବ ହେବ ନାହିଁ । ଏହିପରି ଭାବରେ, ଆଧୁନିକ ସମାଜରେ ଯେଉଁସବୁ ଧର୍ମଘଟ ଏବଂ ତାଲାବନ୍ଦମାନ ହେବାରେ ଲାଗିଛି, ସେଗୁଡ଼ିକୁ ଆମେ ଏହି ସମାଜରେ ଲାଗିଥିବା ଗୃହଯୁଦ୍ଧରହିଁ ଗୋଟିଏ ଗୋଟିଏ ରୂପ ବୋଲି କହିବା; ଉଭୟ ପକ୍ଷଙ୍କ ସକାଶେ ଏହାର କେବଳ ବିନାଶକାରୀ ପରିଣତିମାନହିଁ ରହିଛି । ମାତ୍ର ତଥାପି ଏଗୁଡ଼ିକ ପ୍ରାୟ ଅବିଚ୍ଛିନ୍ନ ଭାବରେହିଁ ଘଟିବାରେ ଲାଗିଛି ଏବଂ ସେଗୁଡ଼ିକ ଜାଗାରେ ଆଉ ଅଧିକ ଉଚିତ ଓ ଉପଯୁକ୍ତ କୌଣସି ଉପାୟର

'oaob.nitrkl.ac.in' images reprocessed

ପ୍ରବର୍ତ୍ତନ ମୋଟେ କରାଯାଇ ପାରୁ ନାହିଁ, କାରଣ ଉପସ୍ଥିତ ଅବସ୍ଥାରେ ଆଇନ୍ ଦ୍ୱାରା ପ୍ରତିଷ୍ଠିତ ଏପରି କୌଣସି ନିର୍ଣ୍ଣୟ ବା "ବାଧତାମୂଳକ" ନିଷ୍ପତ୍ତି ଦେବାର ଆଦୌ ସମ୍ଭାବନା ନାହିଁ, ଯାହାକି ସମ୍ପୃକ୍ତ ସମସ୍ତଙ୍କର ବିଶ୍ୱାସଭାଜନ ହୋଇ ପାରିବ । ପ୍ରତିଷ୍ଠିତ ବ୍ୟବସ୍ଥାଟି ମଧ୍ୟରେ ଅଧିକ ବଳବାନ୍ ପକ୍ଷଟି ଯେଉଁସବୁ ବିଶେଷ ସୁବିଧା ଲାଭ କରି ରହିଛି, ତାହା କେବଳ ସେହିଗୁଡ଼ିକ ଉପରେହିଁ ବିଶ୍ୱାସ ସ୍ଥାପନ କରିପାରୁଛି; ଅଧିକ ଦୁର୍ବଳ ପକ୍ଷଟି ଅନୁଭବ କରିବାରେ ଲାଗିଛି ଯେ ରାଷ୍ଟ୍ରର କ୍ଷେତ୍ରରେ ଆଇନ୍ ପ୍ରଣୟନ କରି ଯେଉଁ ଭାରସାମ୍ୟଟିକୁ ପ୍ରତିଷ୍ଠିତ କରି ରଖାଯାଇଛି, ତାହା ଏପରି ଏକ ଆଇନ୍-ବ୍ୟବସ୍ଥା ଦ୍ୱାରା ସମ୍ଭବ ହେଉଛି, ଯାହାକି ଏବେ ମଧ୍ୟ ପୁଞ୍ଜିବାଦୀ ସ୍ୱାର୍ଥଗୁଡ଼ିକର ପୋଷଣ କରୁଛି, ଅର୍ଥର ମାଲିକକୁହିଁ ଅଧିକ ପ୍ରତିପତ୍ତିଶାଳୀ କରି ରଖିଛି; ଏବଂ ଖୁବ୍‌ବେଶୀ ହେଲେ ଏପରି ଏକ ରାଷ୍ଟ୍ରଠାରୁ ତାହା କେବଳ ମାତ୍ର କିଛିଅଳ୍ପ ପରିମାଣରେହିଁ କେତୋଟି ଅଧିକାର ଲାଭ କରି ପାରିବ, ଏବଂ ସେଗୁଡ଼ିକ ଏହିପରି କିଛିଅଳ୍ପ ଏବଂ ଅଯଥୋଚିତ ହୋଇଥିବାରୁହିଁ ତାକୁ ଏହି କ୍ଷେତ୍ରରେ ଭବିଷ୍ୟତରେ ଆହୁରି କେତେକେତେ ସଂଘର୍ଷର ସମ୍ମୁଖୀନ ହେବାକୁ ମଧ୍ୟ ପଡ଼ିବ । ତେଣୁ ସେମାନେ ଧର୍ମଘଟକୁହିଁ ସେମାନଙ୍କର ସର୍ବୋଚିତ ଅସ୍ତ୍ର ଏବଂ ଏକମାତ୍ର ବିଶ୍ୱାସଯୋଗ୍ୟ ଉପାୟରୂପେ ଗ୍ରହଣ କରି ନେଉଛନ୍ତି । ତେଣୁ, ଅର୍ଥନୈତିକ ଶାନ୍ତି ଏବଂ ଭ୍ରାତୃତ୍ୱର କଥା କହି ଯେତେଯାହା ପରାମର୍ଶ ଏବଂ ପ୍ରବୋଧନ ଦିଆଯାଉଛି, ସେଗୁଡ଼ାକ କେବଳ ବ୍ୟର୍ଥହିଁ ହୋଇ ଯାଉଛି । ଏହି କ୍ଷେତ୍ରରେ ଏକ ଅଧିକ ସମତାଯୁକ୍ତ ଓ ଅଧିକ ନ୍ୟାୟୋଚିତ ସମାଜର ବ୍ୟବସ୍ଥା ହେଉଛି ପ୍ରତିକାରର ଗୋଟିଏ ମାତ୍ର ପନ୍ଥା । ଏବଂ, ବର୍ତ୍ତମାନ ପୃଥିବୀର ଏହି ବ୍ୟବସ୍ଥାଟି ମଧ୍ୟରେ ଯେଉଁ ସ୍ଥିତିଟି ନାନାବିଧ ଆକାର ଓ ରୂପ ଗ୍ରହଣ କରି ସର୍ବବ୍ୟାପୀ ହୋଇ ରହିଛି, ଏଠାରେ ତାହାର କେବଳ ଗୋଟିଏ ମାତ୍ର ଦୃଷ୍ଟାନ୍ତ ବିଷୟରେ ଆଲୋଚନା କରାଗଲା ।

ଅନ୍ତର୍ଜାତୀୟ କ୍ଷେତ୍ରରେ ବର୍ତ୍ତମାନ ଯେଉଁ ଉଦ୍ୟମଟି ହେଉଛି ଏବଂ ଆଇନ୍ ଉପରେ ପ୍ରତିଷ୍ଠିତ ଏକ ଶାନ୍ତିପୂର୍ଣ୍ଣ ମନୁଷ୍ୟ-ସମାଜର ଗଠନ ଲାଗି ସେହି ଉଦ୍ୟମଟି ଯେଉଁ ଆଶା ପୋଷଣ କରିଛି, ତାହାର ପୃଷ୍ଠଭୂମି ଉପରେ ଏହି ପ୍ରୟୋଗଟିକୁ ନିଶ୍ଚୟ ଅତ୍ୟନ୍ତ ସ୍ପଷ୍ଟଭାବରେ ବୁଝି ହେଉଥିବ । ବିଜୟୀ ବଳର ପକ୍ଷଟି ଦ୍ୱାରାହିଁ ଲୀଗ୍ ଅଫ୍ ନେଶନ୍‌ସ୍‌ର ସ୍ଥାପନା କରାଯାଇଛି, ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାହାକୁହିଁ ବିଜୟ ଲାଭ କରିଥିବା ଉଚିତ ଏବଂ ନ୍ୟାୟର ବଳ ବୋଲି ଦାବି କରାଯାଉଛି । ମାତ୍ର ଆପଣାର ଉଦ୍‌ଗମଦୋଷଟିର କାରଣରୁହିଁ ଲୀଗ୍ ଏକ ସମତାଯୁକ୍ତ ଓ ପକ୍ଷପାତହୀନ ସମବିଚାର ଦ୍ୱାରା ସମ୍ଭବ ହେଉଥିବା ପ୍ରକୃତ ସଂଘର୍ଷହୀନ ନ୍ୟାୟଟି ଲାଗି ଏକାନ୍ତ ଅସମର୍ଥ ହୋଇ ରହିଛି । ଲୀଗ୍ ଯେତେ ଯାହା ଆଦେଶ ଦେଉଛି ବା ପଦକ୍ଷେପ ଗ୍ରହଣ କରୁଛି, ତାହା

'oaob.nitrkl.ac.in' images reprocessed

କୌଣସି ସୁନିର୍ଦ୍ଦେଶ୍ୟ ବ୍ୟକ୍ତିନିରପେକ୍ଷ ସିଦ୍ଧାନ୍ତ ଉପରେ ଆଦୌ ଆଧାରିତ ହୋଇ ରହି ନାହିଁ, ମାତ୍ର ପ୍ରଧାନତଃ ତିନିଚାରୋଟି ଶକ୍ତିମାନ୍ ଓ ବଡ଼ ଜାତିଙ୍କରହିଁ ସ୍ୱେଚ୍ଛାକୃତ ଓ ସ୍ୱେଚ୍ଛାକାର୍ଯ୍ୟାନ୍ୱିତ ଆଦେଶ ହୋଇହିଁ ରହିଛି । ସେଗୁଡ଼ିକ ଦୈବାତ୍ ନ୍ୟାୟ ଉପରେ ପ୍ରତିଷ୍ଠିତ ରହିଥିଲେ ମଧ, ସେଗୁଡ଼ିକ ମଧରେ ଏହି ମୂଳଘାତୀ ଦୋଷଯୁକ୍ତତାଟି ଭର୍ତ୍ତି ହୋଇ ରହିଛି ଯେ ସେଗୁଡ଼ିକ ପଛରେ ପ୍ରକୃତରେ କୌଣସି ସାର୍ବଜନୀନ ଓ ବିଶ୍ୱସନୀୟ ସମବିଚାରର ନିଶ୍ଚିତ ପ୍ରତିଶ୍ରୁତି ରହିଛି ବୋଲି ପରାଜିତ ପକ୍ଷଗୁଡ଼ିକର ଓ ଏପରିକି ସାଧାରଣ ମାନସର ହୃଦ୍‌ବୋଧ କରିବା ଲାଗି ସେଗୁଡ଼ିକ ଆଦୌ ସମର୍ଥ ହେଉ ନାହାନ୍ତି । ଏବଂ, ତାହାର ଫଳସ୍ୱରୂପ ସେଗୁଡ଼ିକ ମଧରୁ ଅଧିକାଂଶ ବିଧାନ ସର୍ବସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି, ବୈରଭାବପୂର୍ଣ୍ଣ ସମାଲୋଚନା ଲାଗି ମଧ ପ୍ରେରଣା ଦେଇଛି । ପୁଣି, ସମଗ୍ର ସ୍ଥିତିଟି ଉପରେ ପ୍ରଚ୍ଛନ୍ନ ଅଧିନାୟକତ୍ୱ ସହିତ ଧର୍ମଯାଜକର ରୂପ ଧରି ବସିଥିବା ସେହି ସର୍ବୋଚ୍ଚ କାଉନ୍‌ସିଲ୍‌ଟି ମଧ ତା'ର ଯାବତୀୟ କାର୍ଯ୍ୟକଳାପ ମଧରେ ପ୍ରକୃତରେ କୌଣସି ସ୍ୱଚ୍ଛ ଉଚ୍ଚତର ନୀତି ବା ଆଦର୍ଶକୁ ଗ୍ରହଣ କରିଥିବା ପରି ଆଦୌ ମନେ ହେଉ ନାହିଁ; ଏପରିକି, ଯେତେବେଳେ ଏଭଳି ନୀତି ଓ ଆଦର୍ଶ ପ୍ରକୃତରେ ରହିଛି ଏବଂ ଯଥେଷ୍ଟ ବଳ ଏବଂ ସ୍ୱଚ୍ଛତା ସହିତ ସେଗୁଡ଼ିକୁ ଲାଗୁ କରାଇବାର ସମ୍ଭାବନା ମଧ ରହିଛି, ସେତେବେଳେ ମଧ ସେହି କାଉନ୍‌ସିଲ୍ ସେଗୁଡ଼ିକୁ ଗ୍ରହଣ କରିଥିବା ପରି ଆଦୌ ମନେ ହେଉ ନାହିଁ । ଏହି ଅଧ୍ୟାୟଟିକୁ ଲେଖୁଥିବା ସମୟରେ ତେଣେ ଏକ ବିଜୟୀ କ୍ଷୁଦ୍ର ଶକ୍ତି ଆଉ ଗୋଟିଏ ଦୁଃଖକ୍ଳିଷ୍ଟ ଓ ବର୍ତ୍ତମାନ ଅର୍ଦ୍ଧବୁଭୁକ୍ଷିତ ଦେଶକୁ ଲୁଟିନେବାରେ ଲାଗିଛି ଏବଂ ସମ୍ପୂର୍ଣ୍ଣ ଉଚିତ ଭାବରେ କାଉନ୍‌ସିଲ୍ ସେଠାରେ ଯାଇ ହସ୍ତକ୍ଷେପ କରିଛି । ସେହି ସାନ ଦେଶଟି ପୁଣି ଯେ ନିଜର ଅସ୍ତ୍ର ବଳରେ ଜୟଲାଭ କରିଛି, ତାହା ଆଦୌ ନୁହେଁ, ମାତ୍ର ଲୀଗ୍‌ର ନୈତିକ ଏବଂ ଆର୍ଥିକ ଚାପ ଦ୍ୱାରାହିଁ ତାହା ସେହି ଜୟଲାଭଟିକୁ ହାସଲ କରିପାରିଛି । ମାତ୍ର ଆନ୍ତର୍ଜାତିକ ନ୍ୟାୟ ବା ମାନବତା ଅଥବା ଏପରିକି ଆନ୍ତର୍ଜାତିକ ନୈତିକତାବୋଧର ମୂଳ ସିଦ୍ଧାନ୍ତଟି ସହିତ କୌଣସି ସମ୍ବନ୍ଧ ରଖୁଥିବା କୌଣସି କାରଣ ଦ୍ୱାରା ଉଦ୍‌ବୁଦ୍ଧ ହୋଇ କାଉନ୍‌ସିଲ୍ ପ୍ରକାଶ୍ୟଭାବରେ ତାହା କରି ନାହିଁ, ମାତ୍ର କେବଳ ଏହି କାରଣଟି ଦ୍ୱାରା ପ୍ରେରିତ ହୋଇ ସେଠାରେ ହସ୍ତକ୍ଷେପ କରିବାକୁ ଯାଇଛି ଯେ ପରାସ୍ତ ହୋଇଥିବା ଦେଶଟିରୁ ସବୁଯାକ ବିଜୟୀ ଶକ୍ତି କ୍ଷତିପୂରଣ ସ୍ୱରୂପ ଯାବତୀୟ ସମ୍ପଦକୁ ଏକତ୍ର ବାଣ୍ଟି କରି ନେବେ ଏବଂ ସପକ୍ଷସ୍ଥ କେବଳ ଗୋଟିଏ ମାତ୍ର ସାନ ରାଜ୍ୟକୁ ଅତି ଲୋଭ କରି ସେଗୁଡ଼ାକୁ ବଳପୂର୍ବକ ସବୁଯାକ ମାରିନେବା ଲାଗି କଦାପି ପ୍ରଶ୍ରୟ ଦିଆଯିବ ନାହିଁ ଓ କେବଳ ଆପଣାର ସ୍ୱାର୍ଥଟିକୁ ଦେଖୁଥିବା ଏକ ନ୍ୟାୟର ବ୍ୟବସ୍ଥାପନା କରୁଥିବା ତା'ର ସଙ୍ଗୀ ବୃହତ୍ତର ଅନ୍ୟମାନଙ୍କୁ ସେଥିରୁ କଦାପି ବଞ୍ଚିତ କରି

'oaob.nitrkl.ac.in' images reprocessed

ରଖାଯିବ ନାହିଁ । ତାହାକୁ ଯଦି ସେପରି ଏକାକୀ ଲୁଟି ନେବାକୁ ଛାଡ଼ି ଦିଆଯାଏ, ତେବେ ତାହାର ପରିଣାମ ସ୍ୱରୂପ ହଙ୍ଗେରି ଏପରି ନିଃସ୍ୱ ଓ ଦରିଦ୍ର ହୋଇଯିବ ଯେ ଏକ ସମର୍ଥ ଋଣପରିଶୋଧକାରୀ ରୂପେ ବିଜୟୀ ପକ୍ଷର ଆଜ୍ଞାପାଳନ ନ କରି ତାହା ଏକ ଉପବାସୀ ଦେଶ ହୋଇ ସେମାନଙ୍କର ଦ୍ୱାରସ୍ଥ ହେବାକୁ ଆସିବ । ଏହି ବାସ୍ତବବାଦୀ ଦୃଷ୍ଟିକୋଣହିଁ ଯଦି ଏହି ନୂତନ ଆନ୍ତର୍ଜାତିକ ବ୍ୟବସ୍ଥାଟିର ଦୃଷ୍ଟିକୋଣ ହୋଇ ରହେ ଏବଂ ଯଦି ସେହି ଦୃଷ୍ଟିକୋଣଟି ସ୍ଥାୟୀ ହୋଇ ରହିପାରେ, ତେବେ ତାହାର ଭବିଷ୍ୟତ ଅପେକ୍ଷା ତାହାର ସଫଳତାହିଁ ମନୁଷ୍ୟଜାତି ଲାଗି ଅଧିକ ଦୁର୍ଜ୍ଞେୟ ହୋଇ ରହିବ ବୋଲି ମନେ ହେଉଛି । କାରଣ ଏହା ଦ୍ୱାରା ମନୁଷ୍ୟଜାତିର ଦୁଃଖଭୋଗକାରୀ ଅଂଶଗୁଡ଼ିକ ହୁଏତ ଏଇଆ ବୁଝିବାକୁ ଆରମ୍ଭ କରିବେ ଯେ ବର୍ତ୍ତମାନ ରହିଥିବା ଯେଉଁ ଅସହ୍ୟ ଅନ୍ୟାୟଗୁଡ଼ିକର ଦୂରୀକରଣ ଲାଗି ପୂର୍ବତନ ଶିଥିଳତର ପରିସ୍ଥିତିମାନଙ୍କରେ ହୁଏତ ଅଧିକ ସହଜରେ ପ୍ରତିକାର-ପନ୍ଥାମାନ ଉପଲବ୍ଧ ହୋଇଥାନ୍ତା, ଏହି ଲୀଗ୍‌ର ବ୍ୟବସ୍ଥା ମଧ୍ୟରେ ତାହାକୁ ପ୍ରକୃତରେ ଆଇନ୍ ଦ୍ୱାରା ଦୃଢ଼ପ୍ରତିଷ୍ଠିତ ଓ ସ୍ଥାୟୀ କରି ରଖି ଦିଆଯିବାର ବିଚାର କରାହେଉଛି । ମନୁଷ୍ୟଜାତି ଉପରେ ଆଧିପତ୍ୟ ବିସ୍ତାର ନ କରି ତାହାର ସେବା କରିବାହିଁ ଯଦି ଲୀଗ୍ ଅଫ୍ ନେଶନ୍‌ସ୍‌ର ଲକ୍ଷ୍ୟ ହୋଇ ରହିଥାଏ, ବର୍ତ୍ତମାନ ଲୀଗ୍ ଯେପରି ଦାବି କରୁଛି ଓ କହିବାରେ ଲାଗିଛି, ମନୁଷ୍ୟସମୁଦାୟକୁ ବନ୍ଧନ ଭିତରେ ପକାଇ ତାହାକୁ ନୈରାଶ୍ୟଗ୍ରସ୍ତ କରି ନ ରଖି ଯଦି ତାହାର ଉନ୍ନୟନ ଓ ସ୍ୱତନ୍ତ୍ରତା-ବିଧାନହିଁ ଲୀଗ୍‌ର ଅଭିପ୍ରାୟ ହୋଇ ରହିଥାଏ, ତେବେ ତାହାକୁ ନେଇ ପ୍ରକୃତରେ ଅନ୍ୟ ଏକ ଛାଞ୍ଚରେ ପକାଇବାକୁ ହେବ ଏବଂ ଆଉ ଗୋଟିଏ ଅନ୍ୟଭାବରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ହେବ । ଯେଉଁ ଯୁଗରେ କେବଳ ଗୋଟିଏ ଗୋଟିଏ ଜାତିରେ ଆଇନ୍‌ର ରାଜତ୍ୱକୁ ପ୍ରତିଷ୍ଠା କରା ଯାଇଥିଲା, ବର୍ତ୍ତମାନ ସେଯୁଗ ଆଉ ନାହିଁ । ପରିସ୍ଥିତିଗୁଡ଼ାକୁ ପ୍ରକୃତିର ଅକାଟ୍ୟ ବିଧାନ ବୋଲି ମାନିନେଇ ସେତେବେଳେ ଲୋକମାନେ ଯେପରି ତତ୍କାଳୀନ ଅବସ୍ଥାକୁ ସ୍ୱୀକାର କରି ନେଉଥିଲେ, ବର୍ତ୍ତମାନ ସେହିଭଳି ମାନିନେବାକୁ ବା ସହିନେବାକୁ ସେମାନଙ୍କର ଆଉ କୌଣସି ପ୍ରବୃତ୍ତି ନାହିଁ । ସମବିଚାର, ସମାନତା ଏବଂ ସାର୍ବଜନୀନ ଅଧିକାର,— ଏହିସବୁ ବିଚାର ବିଷୟରେ ମନୁଷ୍ୟଜାତିର ମାନସକ୍ଷେତ୍ରରେ ଏକ ସାଧାରଣ ସଚେତନତା ଆସି ଉଦୟ ହେଲାଣି, ଏବଂ ଏଥିରେ ଆଉ କୌଣସି ସନ୍ଦେହ ନାହିଁ ଯେ ମାନବସମାଜ ଏଣିକି ସେହିସବୁ ଆବଶ୍ୟକତାର ପରିତର୍ପଣ ଲାଗି ଅବିଚଳିତ ଭାବରେ ଅବଶ୍ୟ ଅଗ୍ରସର ହେବାରେ ଲାଗିଥିବ; ସେଥିଲାଗି ସତତ ଅଶାନ୍ତି ଏବଂ ଅଧିକରୁ ଅଧିକ ବିପର୍ଯ୍ୟୟର ସମ୍ମୁଖୀନ ହେବାର ବିପଦ ଆସି ପହଞ୍ଚିଲେ ମଧ୍ୟ ସେ କଦାପି ଅଟକି ଯିବ ନାହିଁ ।

'oaob.nitrkl.ac.in' images reprocessed

ତାହାର ଅର୍ଥ ହେଉଛି ଯେ ଲୀଗ୍ ଭିତରେ କାର୍ଯ୍ୟ କରୁଥିବା ସମସ୍ତ ଭାବ ଏବଂ ଲୀଗ୍‌ର ସକଳ ବ୍ୟବସ୍ଥାକୁ ଏକ ନୂତନ ଧରଣ କରି ଗଢ଼ିବାକୁ ପଡ଼ିବ, ତାହାର ଗଠନରେ ପ୍ରାଥମିକ ଅବସ୍ଥାରୁହିଁ ଯେଉଁସବୁ ଗଲତି ରହିଯାଇଛି, ସେଗୁଡ଼ିକରେ ସଂଶୋଧନ ଆଣିବାକୁ ପଡ଼ିବ ଏବଂ ତାହା ମଧ୍ୟରେ ରହି ଯାଇଥିବା ଉଦ୍‌ଗମଦୋଷଗୁଡ଼ିକର ନିରାକରଣ କରିବାକୁ ହେବ, ଏବଂ ତେବେଯାଇ ତାହାକୁ ମନୁଷ୍ୟଜାତିର ଉଦାତ୍ତତର ଆକାଂକ୍ଷା ଓ ଏପରିକି ତାହାର ଉପସ୍ଥିତ ଅତ୍ୟାବଶ୍ୟକତାଗୁଡ଼ିକ ସହିତ ସମଞ୍ଜସ ଭାବରେ ତିଆରି କରି ଅଣାଯାଇ ପାରିବ । ସେହି ପୁରୁଣା କଥାଟିକୁ ଓଲଟାଇ ଦେଇ ଆମେ ଏପରି କହିପାରିବା ଯେ ବର୍ତ୍ତମାନ ଏହି କ୍ଷେତ୍ରରେ ଗୋଟାଏ ପୁରୁଣା ବାସି ମଦକୁ ଆଣି ବାହାରକୁ ଭାରି ସୁନ୍ଦର ଓ ନୂଆ ଦିଶୁଥିବା ବୋତଲଗୁଡ଼ାକ ମଧ୍ୟକୁ ଅଜାଡ଼ା ହେବାରେ ଲାଗିଛି । ସେହି ପୁରୁଣା ମେଣ୍ଟ ଓ ଭାରସାମ୍ୟର କୂଟନୀତି ଆଗରୁ ଯେତେ ବିଫଳ ବୋଲି ପ୍ରମାଣିତ ହୋଇଥିଲେ ବି ତାହାରି ବିଚାରଟି ଏବେ ମଧ୍ୟ ଅଧିଷ୍ଠିତ ରହିଛି, ସବୁଠାରୁ ଅଧିକ ବଳବାନ୍‌ର ଶାସନଟା ଏବେ ମଧ୍ୟ ଚଳୁଛି, ଅତି ଅଳ୍ପ ସଂଖ୍ୟାର କେତୋଟି ରାଜ୍ୟ, ରାଷ୍ଟ୍ର ବା ସାମ୍ରାଜ୍ୟ ଏବେବି ପ୍ରତିପତ୍ତିଶାଳୀ ହୋଇ ରହିଛନ୍ତି । ଏଗୁଡ଼ିକୁ ଚାଲିଯିବାକୁ ପଡ଼ିବ ଏବଂ ତାହାର ବଦଳରେ ନ୍ୟାୟର ଭିତ୍ତି ଉପରେ ଏକ ଗଣତାନ୍ତ୍ରିକ ଅନ୍ତର୍ଜାତୀୟ ବ୍ୟବସ୍ଥାର ପ୍ରତିଷ୍ଠା କରିବାକୁ ପଡ଼ିବ । ଯୁଦ୍ଧର ଯେଉଁ ଅନର୍ଥକ ପୁରୁଣା ପରମ୍ପରାଟି "ଶତ୍ରୁ", ସପକ୍ଷ ଏବଂ ବନ୍ଧୁ ଜାତିଗୁଡ଼ିକ ମଧ୍ୟରେ ତାରତମ୍ୟ ବାହାର କରିବାରେ ଲାଗିଥିଲା ବା ଅଧିକ ଉପକୃତ ଏବଂ କମ୍ ଉପକୃତ ଜାତିମାନଙ୍କ ମଧ୍ୟରେ ବାଛବିଚାର କରୁଥିଲା, ଲୀଗ୍‌ର ବ୍ୟବସ୍ଥାରୁ ସେହି ପରମ୍ପରାଟିକୁ କାଢ଼ି ବାହାର କରିଦେବାକୁ ପଡ଼ିବ; କାରଣ ସେହି ପରମ୍ପରାଟି ଯେତେଦିନ ଯାଏ ରହିଥିବ, ସେତେଦିନ ପର୍ଯ୍ୟନ୍ତ ତାହା ଏକ ବିଷକୀଟ ପରି କାର୍ଯ୍ୟ କରୁଥିବ ଏବଂ ସକଳ ପ୍ରକାର ସୁସ୍ଥ ଅଭିବୃଦ୍ଧି ଏବଂ କ୍ରିୟାତ୍ମକତାକୁ ବ୍ୟାହତ କରି ରଖିଥିବ । ଯେଉଁ ଲୀଗ୍ ଅଫ୍ ନେଶନ୍‌ସ୍ ଏକ ଯଥାର୍ଥ ଶାନ୍ତିକୁ ସମ୍ଭବ କରି ପାରିବ, ନ୍ୟାୟ ଏବଂ ଶୃଙ୍ଖଳାବଦ୍ଧ ସଂଘଜୀବନର ମୂଳଦୁଆ ପକାଇ ପୃଥିବୀର ପ୍ରଗତିକୁ ଆଗେଇ ନେଇ ପାରିବ ଏବଂ ଗୋଟାଏ ପକ୍ଷ ବାନ୍ଧି ରହିଥିବା କେତୋଟି ସରକାରଙ୍କର ଯେଉଁ ଗୁପ୍ତ ମେଣ୍ଟ ବା କାଉନ୍‌ସିଲ୍‌ରେ ବସି ଆପଣାର ସକଳ ଶକ୍ତି ପ୍ରୟୋଗ କରି ଏକ ଦୁର୍ଦ୍ଦଶାଗ୍ରସ୍ତ ଏବଂ ଅପରିତୃପ୍ତ ଇଉରୋପ ଏସିଆ ଓ ଆଫ୍ରିକା ଉପରେ ନିଜର ଦାୟିତ୍ୱହୀନ ଇଚ୍ଛାଗୁଡ଼ିକୁ ଆଣି ଲଦିଦେବାରେ ଲାଗିଥିବ, ଏହି ଦୁଇଟିଯାକ ହେଉଛି ଦୁଇଟି ପୃଥକ୍ ବିଷୟ; ଏଥିରୁ ଗୋଟିଏ ସ୍ଥାୟୀ ହୋଇ ରହିବ ଓ ଆରଟି କଦାପି ତିଷ୍ଠିହିଁ ରହିପାରିବ ନାହିଁ । ଯେପରି ଅବିଚାରିତ ଏବଂ ଅବ୍ୟବସ୍ଥିତ ଭାବରେ ଲୀଗ୍‌ର ଗଠନ କରାଯାଇଛି, ତାହାକୁ ଭାଙ୍ଗି ଏକ ସରଳ ଓ ନିଷ୍ପକ୍ଷ ଗଠନରେ ପରିଣତ କରିବାକୁ ପଡ଼ିବ, ତାହାକୁ ଏକ ସ୍ପଷ୍ଟ

'oaob.nitrkl.ac.in' images reprocessed

ଅର୍ଥବ୍ୟଞ୍ଜକତା ଆଣି ଦେବାକୁ ପଡ଼ିବ ଏବଂ ସିଦ୍ଧାନ୍ତଗତ ସ୍ପଷ୍ଟତାର ଯେଉଁ ଉପାଦାନଟିକୁ ତାହାର ସଂବିଧାନଟି ମଧ୍ୟରୁ ଛାଡ଼ି ଦିଆଯାଇଛି, ସେଇଟିକୁ ପୁନଃସ୍ୱୀକୃତ କରାଇ ନେବାକୁ ପଡ଼ିବ । ଆନ୍ତର୍ଜାତିକ ଅଧିକାର ତଥା କର୍ତ୍ତବ୍ୟର ଏକ ସମତାଯୁକ୍ତ ବ୍ୟବସ୍ଥା ରହିବ, ଯାବତୀୟ ସ୍ୱାଧୀନତା ଓ ସ୍ୱତନ୍ତ୍ରତା ନ୍ୟାୟ ଉପରେ ପ୍ରତିଷ୍ଠିତ ହୋଇ ରହିବ ଏବଂ ଆବଶ୍ୟକ କଟକଣାମାନ ମଧ୍ୟ ଦୋରସ୍ତ ହୋଇ ରହିବ ଏବଂ କେବଳ ସେହିଭଳି ଏକ ଟାଣ ଆଧାର ଉପରେହିଁ ଆନ୍ତର୍ଜାତିକ ଆଇନ୍ ଓ ବ୍ୟବସ୍ଥାର ପ୍ରତିଷ୍ଠା ସମ୍ଭବ ହୋଇପାରିବ । ଏବଂ, ପ୍ରତ୍ୟେକ ଜାତିକୁ ଆତ୍ମ-ନିୟନ୍ତ୍ରଣର ସ୍ୱାଧୀନତାର ସିଦ୍ଧାନ୍ତ ବ୍ୟତୀତ ପୃଥିବୀର ବିଭିନ୍ନ ଜାତି ଲାଗି ନ୍ୟାୟୋଚିତ ଏବଂ ସମତାଯୁକ୍ତ ସ୍ୱାଧୀନତାର କୌଣସି ଯଥାର୍ଥ ଓ ଟାଣ ମୂଳଦୁଆ ପ୍ରତିଷ୍ଠା କରିବା କଦାପି ସମ୍ଭବ ହେବ ନାହିଁ । ଯୁଦ୍ଧ ଲାଗିଥିବା ବେଳେ ସେହି ସିଦ୍ଧାନ୍ତଟିକୁ ନେଇ କେଡ଼େ ଉଚ୍ଚସ୍ୱରରେ କାହାଳୀ ବଜା ହେଉଥିଲା, ମାତ୍ର ସୁବିଧାବାଦୀ ରାଷ୍ଟ୍ରନୀତିଜ୍ଞତା ତାହାକୁ କାଳକ୍ରମେ ବଡ଼ ଖର୍ବ କରିପକାଇଛି ଏବଂ ତାହାକୁ ଏକ ଦୟନୀୟ ତାତ୍ପର୍ଯ୍ୟଶୂନ୍ୟତାରେ ପରିଣତ କରିଦେଇଛି । କୌଣସି ଯଥାର୍ଥ ଆତ୍ମ-ନିୟନ୍ତ୍ରଣର ସିଦ୍ଧାନ୍ତର ଆନ୍ତର୍ଜାତିକ ଏକତା ଏବଂ ପାରସ୍ପରିକ କର୍ତ୍ତବ୍ୟସଚେତନତା ସହିତ ଆଦୌ କୌଣସି ଅସଂଗତି ଅଥବା ବିରୋଧ ନାହିଁ; ଦୁଇଟିଯାକକୁ ବରଂ ପରସ୍ପରର ଗୋଟିଏ ଗୋଟିଏ ଅପରିହାର୍ଯ୍ୟ ଅନୁପୂରକ ବୋଲି କୁହାଯାଇ ପାରିବ, ତାହାର ଉଚିତ ଅର୍ଥରେ ସୁସ୍ଥ ଆତ୍ମ-ବିକାଶ ଏବଂ ଆତ୍ମ-ନିୟନ୍ତ୍ରଣର ପରିସର ଯୋଗାଇ ଦେବାକୁ ଚାହୁଁଥିବା ବ୍ୟକ୍ତି-ସ୍ୱାଧୀନତାର ଯେପରି ମନୁଷ୍ୟ ମନୁଷ୍ୟ ଭିତରେ ରହିଥିବା ପାରସ୍ପରିକ କର୍ତ୍ତବ୍ୟ-ସଚେତନତା ଏବଂ ଭାବଗତ ଐକ୍ୟ ସହିତ ଆଦୌ କୌଣସି ଅସଙ୍ଗତି ଓ ଅସମଞ୍ଜସତା ନ ଥାଏ, ଠିକ୍ ସେହିପରି । ବର୍ତ୍ତମାନର ଅବସ୍ଥା ମଧ୍ୟରୁ, ଅର୍ଥାତ୍ ବର୍ତ୍ତମାନର ଏହି ବୈର ଓ ବିଦ୍ୱେଷ, ମହତ୍ତ୍ୱାକାଂକ୍ଷା, ଅଭିଯୋଗ, ଜାତୀୟ ଲୋଲୁପତା, ଈର୍ଷା ଓ ଅହଂପ୍ରେରିତତା ମଧ୍ୟରୁ କିପରି ତାହାକୁ ବିକଶିତ କରି ଆଣିବାକୁ ହେବ, ତାହା ଯେ ଏକ ଦୁରୂହ ସମସ୍ୟା, ସେଥିରେ କୌଣସି ସନ୍ଦେହ ନାହିଁ; ମାତ୍ର ଏକଥା ମଧ୍ୟ ସ୍ମରଣ ରଖିବାକୁ ପଡ଼ିବ ଯେ ଆଜି ହେଉ ବା କାଲି ହେଉ, ଆମକୁ ଏହି ସମସ୍ୟାଟିର ଅବଶ୍ୟ ସମ୍ମୁଖୀନ ହେବାକୁ ପଡ଼ିବ ଓ ତା' ନ ହେଲେ ଅବସ୍ଥା ଆହୁରି ଖରାପ ହେବାରେ ଲାଗିଥିବ । ଏହିସବୁ ବିକାଶ କଦାପି ସମ୍ଭବ ନୁହେଁ ବୋଲି କହିବାର ଅର୍ଥ ହେଉଛି ଯେ ମାତ୍ର କେତୋଟି ଦେଶ ଏକଜୁଟ ହୋଇ କେବଳ ସେହିମାନଙ୍କର କେତେଟା ସାଧାରଣ ଲାଭ ଉଦ୍ଦେଶ୍ୟରେ ଅର୍ଥାତ୍ ପୃଥିବୀରେ ଅନ୍ୟମାନଙ୍କ ଉପରେ ଅଧିକ ଶକ୍ତିଶାଳୀ ହୋଇ ରହିବା ଉଦ୍ଦେଶ୍ୟରେ ଗଠନ କରିଥିବା ବର୍ତ୍ତମାନର ଏହି ଲୀଗ୍‌ଟି ସ୍ଥାନରେ ପ୍ରକୃତ ଅର୍ଥରେ ଆଉ ଏକ 'ଲୀଗ୍ ଅଫ୍ ନେଶନ୍‌ସ୍' ଗଠନ କରିପାରିବା ମଧ୍ୟ କଦାପି ସମ୍ଭବ ହେବ ନାହିଁ । ଏବଂ ସେହି କ୍ଷେତ୍ରରେ,

'oaob.nitrkl.ac.in' images reprocessed

ଏବେ ଯେଉଁ ସଂସ୍ଥାଟିକୁ ସେହିପରି ଏକ ଭବ୍ୟ ନାମ ଦେଇ ପରିଚିତ କରାଇ ଦିଆଯାଉଛି, ତେବେ ତାହା ସେହି ପୁରୁଣା ଇଉରୋପୀୟ ସଂଘ ଅଥବା ପରବର୍ତ୍ତୀ କାଳର କେତୋଟି ରାଷ୍ଟ୍ରକୁ ନେଇ ଗଠିତ ସେହି ହୋଲି ଆଲାୟାନ୍‌ସ୍‌ରହିଁ ଅଧିକ ଯନ୍ତ୍ରବତ୍ କରି ଗଢ଼ା ହୋଇଥିବା ଏକ ସଂସ୍କରଣମାତ୍ର ହୋଇ ରହିବ ଏବଂ ଶୀଘ୍ର ଅଥବା ବିଳମ୍ବରେ ସେହି ପୂର୍ବଗାମୀଗୁଡ଼ିକର ଦଶାଟିକୁହିଁ ପ୍ରାପ୍ତ ହେବ । ଯଦି ତାହାହିଁ ସତ ହୋଇଥାଏ, ତେବେ ଆମେ ସେ ବିଷୟରେ ଯେତେ ଶୀଘ୍ର ସଜ୍ଞାନ ହେବା, ତାହା ସମ୍ପୃକ୍ତ ଆମ ସମସ୍ତଙ୍କ ପକ୍ଷରେ ସେତିକି ଭଲ ହେବ; ତେବେ ଆଉ ଏତେବେଶୀ ମିଛ ଆଶାର ପଛରେ ଦଉଡ଼ିବାକୁ ପଡ଼ିବ ନାହିଁ, ଶକ୍ତିଗୁଡ଼ାକର ମଧ୍ୟ ସେତେ ଅପଚୟ କଦାପି ଘଟିବ ନାହିଁ, ଏବଂ ସେହି ମିଛ ଦଉଡ଼ା ଓ ଶକ୍ତିର ଅପଚୟରୁ ଏବେ ଯେତେବେଶୀ ନୈରାଶ୍ୟ, ଅଶାନ୍ତତା, ବିରକ୍ତି ଓ ବିନାଶକାରୀ ପ୍ରତିକ୍ରିୟାର ବୋଝ ବହନ କରିବାକୁ ପଡୁଛି, ସେଥିରୁ ମଧ୍ୟ ଅନେକ ପରିମାଣରେ ଉଦ୍ଧାର ମିଳିବ । ମାତ୍ର ତା' ନ କରି ଆମେ ବର୍ତ୍ତମାନ ଯେପରି ଚାଲିଛୁ, ଯଦି ସେହିପରି ଯିବାରେ ଲାଗିଥିବା, ତେବେ ସେହି ବାଟରେ ସିଧା ଯାଇ ଆଉ ଏକ ବୃହତ୍ତର ବିପର୍ଯ୍ୟୟ ମଧ୍ୟରେ ପଡ଼ିବା ବ୍ୟତୀତ ଆମ ଲାଗି ଆଉ କୌଣସି ଗତିହିଁ ରହିବ ନାହିଁ ।

ଏହିସବୁ କଥା ଅବଶ୍ୟ ହେବା ଉଚିତ ବୋଲି ଯେ ଏତେ ଜୋର ଦିଆଯାଇ କୁହାଯାଉଛି, ଆପଣାର ଅଗ୍ରଗତି ଲାଗି ମନୁଷ୍ୟଜାତିର ହୃଦୟରେ ଯେଉଁ ଆଶାନ୍ୱିତ ଦୃଷ୍ଟିକୋଣଟି ଅବଶ୍ୟ ରହିବା ଉଚିତ, ତାହାକୁ ଅନୁଚିତଭାବରେ ଭାଙ୍ଗିଦେବା ଉଦ୍ଦେଶ୍ୟରେ ସେକଥା ମୋଟେ କୁହାଯାଉ ନାହିଁ; ମାତ୍ର ସେହି ଆଶାଟି ଯେପରି କେବଳ ଭ୍ରମଗୁଡ଼ାକରେହିଁ ଆପଣାକୁ ପୁଷ୍ଟ କରି ନ ରଖେ, ବା ଭୁଲ୍ ପଥରେ ଆପଣାକୁ ପରିଚାଳିତ କରି ନ ନିଏ, ମାତ୍ର ପରିପୂରଣର ଯଥାର୍ଥ ଆବଶ୍ୟକତାଗୁଡ଼ିକୁ ପରିଷ୍କାରଭାବରେ ଦେଖିବା ଲାଗି ତାହା ଯେପରି ସମର୍ଥ ହୋଇପାରେ ଏବଂ ସେହି ଆବଶ୍ୟକତାଗୁଡ଼ିକର ଉପଲବ୍ଧି ଲାଗି ଆପଣାର ଶକ୍ତିଗୁଡ଼ିକୁ ଯଥାର୍ଥଭାବରେ ସଂଗୃହୀତ କରିଆଣିପାରେ, ସେଇଥିଲାଗିହିଁ ଏଗୁଡ଼ିକ ବିଷୟରେ ସ୍ମରଣ କରାଇ ଦେବାର ପ୍ରୟୋଜନ ରହିଛି । ଏକ ଖରାପ ବ୍ୟବସ୍ଥା ଯେ ଦିନେ ଆପେଆପେ ଏକ ଉତ୍ତମ ବ୍ୟବସ୍ଥାରେ ପରିଣତ ହୋଇଯିବ ବା ଆମର ସକଳ ସମସ୍ୟା ମଧ୍ୟରୁ ଆମକୁ ବାହାର କରି ନେଇଯିବା ଭଳି ଏକ ସହଜ ପରିବର୍ତ୍ତନ ଯେ ନିଶ୍ଚୟ ଘଟିବ, ସହଜ ମନରେ ତାହାରି ଉପରେ ବିଶ୍ୱାସ ସ୍ଥାପନ କରି ରହିଲେ ତାହା ଆରାମଦାୟକ ଅବଶ୍ୟ ହେବ, ମାତ୍ର ତଦ୍ଦ୍ୱାରା ଅନେକ ବିପତ୍ତିର ସମ୍ମୁଖୀନ ହେବାକୁ ପଡ଼ିବ । ଇଉରୋପ ନିଶ୍ଚୟ ଯଥାର୍ଥ ଗଣତନ୍ତ୍ରର ବିକାଶ କରାଇ ଆଣିବ, ଏବଂ ବର୍ତ୍ତମାନ ଯେତେ ଦୋଷଯୁକ୍ତଭାବରେ ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ଆପଣାର ଅନ୍ତର୍ଗତ ଉଦ୍ଦେଶ୍ୟଟି

'oaob.nitrkl.ac.in' images reprocessed

ସତ୍ ହୋଇ ରହିଥିବାରୁ ତାହା ଦିନେ ନା ଦିନେ ସକଳ ଦୋଷରୁ ମୁକ୍ତ ହୋଇ ଆସିପାରିବ, ଏଗୁଡ଼ିକୁ ଆମେ ସେହି ସହଜ ବିଶ୍ବାସର ଗୋଟିଏ ଗୋଟିଏ ଦୃଷ୍ଟାନ୍ତ ବୋଲି କହିପାରିବା । ଅତ୍ୟନ୍ତ ଆଶାବାଦୀ ହୋଇ ଗ୍ରହଣ କରିନେବାର ବା ସବୁକିଛିକୁ ସହନୀୟ ବୋଲି ଭାବିବାର ଏହି ମନୋଭାବଟିରୁ ସାଧାରଣତଃ ଏହି ଫଳଟି ଭୋଗିବାକୁ ପଡ଼ିଥାଏ ଯେ ପ୍ରତ୍ୟାଶିତ ଅଧିକ ଭଲ ରାଷ୍ଟ୍ରଟି ପ୍ରତିଷ୍ଠିତ ହୋଇ ପ୍ରକୃତରେ କେତେକ ପରିମାଣରେ ଅବଶ୍ୟ ଦୁଃଖମୋଚନ କରାଇଥାଏ, ମାତ୍ର ତାହା ଅତୀତର ଏକ ସଂସ୍କାରକୁ ମଧ୍ୟ ଆତ୍ମସାତ୍ କରିନିଏ, ସେହି ଅତୀତର ଅସ୍ପଷ୍ଟ ହୋଇ ରହିଥିବା ଅନେକ କଥାକୁ ଆତ୍ମସାତ୍ କରିନିଏ, ଭାରି ନିପୁଣଭାବରେ ଅତୀତର ଅନେକ ଅନର୍ଥକୁ ମଧ୍ୟ ଦାୟାଦ ପରି ସ୍ବୀକାର କରିନିଏ ଏବଂ ସେହିସବୁ ବୋଝକୁ ଆହୁରି ବଢ଼ାଇଦେଇ ଆପେ କିଆଇଥିବା ଆହୁରି ଅନେକ ନୂଆ ଭୁଲ୍‌କୁ ଆଣି ତାହା ସହିତ ମିଶାଇଦିଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ଗଠନଟି ପଛରେ ରାଷ୍ଟ୍ରମାନଙ୍କର ଗୋଟିଏ ମେଣ୍ଟ ଗଢ଼ିବାର ଯେଉଁ ଲକ୍ଷ୍ୟଟି ରହିଥିଲା, ଯେକୌଣସି ପ୍ରକାରେ ହେଲେ ମଧ୍ୟ ତାହା ନିଶ୍ଚୟ ଆସିବ; କାରଣ ମୁଁ ବିଶ୍ବାସ କରି ପାରୁଛି ଯେ ଶୀଘ୍ର ହେଉ ଅଥବା ବିଳମ୍ବରେ ହେଉ, ଅନ୍ତର୍ଜାତୀୟ ଜୀବନରେ ଏକ ଘନିଷ୍ଠତାର ବ୍ୟବସ୍ଥା ନିଶ୍ଚୟ ଆସିବ ଓ କେହି ତାହାର ବାଟ ଓଗାଳି ପାରିବେ ନାହିଁ, କାରଣ ଆଧୁନିକ ପରିସ୍ଥିତିଗୁଡ଼ିକର ଏକ ଆବଶ୍ୟକ ପରିଣାମ ରୂପେହିଁ ତାହା ଉଦ୍‌ଭୂତ ହୋଇ ଆସିବ, ମନୁଷ୍ୟସମାଜର ଜୀବନରେ ରହିଥିବା ସମ୍ବନ୍ଧ ଏବଂ ପାରସ୍ପରିକ କ୍ରିୟାଗୁଡ଼ିକ ବର୍ତ୍ତମାନ ଯେପରି ଘନିଷ୍ଠ ହୋଇ ଆସିଲାଣି, ତାହାରି ପରିଣାମସ୍ବରୂପହିଁ ସେକଥା ଘଟିବ । ଏବଂ ତାହା ନ ହୋଇ ପାରିଲେ କ୍ଳେଶଗୁଡ଼ାକହିଁ ବଢ଼ିବାରେ ଲାଗିଥିବ, ବିଶୃଙ୍ଖଳା ବଢୁଥିବ ଓ ପରିଶେଷରେ ତାହା ଏକ ଅରାଜକତାରେ ପରିଣତ ହେବ । ମାତ୍ର, ଆମେ ଯେପରି ମାର୍ଗରେ ଯିବା ଓ ଯେପରି ସିଦ୍ଧାନ୍ତର ଅନୁସରଣ କରିବାକୁ ନିଷ୍ପତ୍ତି କରିବା, ଅନିବାର୍ଯ୍ୟ ବୋଲି କୁହା ହେଉଥିବା ସେହି ପରିଣତିଟି ସେହି ଅନୁସାରେ ଅପେକ୍ଷାକୃତ ଅଧିକ ଯଥୋଚିତ ଗତିପଥରେ ଯିବ ଅଥବା ଅଧିକ ମନ୍ଦ ଓ ପ୍ରମାଦପୂର୍ଣ୍ଣ ମାର୍ଗଟିଏ ବି ଗ୍ରହଣ କରି ପାରିବ । ତାହା କେବଳ ଏକ ଯାନ୍ତ୍ରିକ ବ୍ୟବସ୍ଥା ରୂପେ ଆମକୁ ସନ୍ତାପିତ କରିବାକୁ ଆସିପାରିବ; ଇଉରୋପର ଯେଉଁ ଶିଳ୍ପ-ବିପ୍ଳବ ଆପଣାର ଅତିସ୍ଫୀତିଯୁକ୍ତ ଏବଂ ବିକରାଳ ସଞ୍ଚାରମାର୍ଗରେ ବର୍ତ୍ତମାନର ବିନାଶଟିକୁ ବହନ କରି ଆଣିଥିଲା, ସେହି ବ୍ୟବସ୍ଥାଟି ହୁଏତ ଠିକ୍ ତାହାରି ପରି ମିଥ୍ୟାମୟ ଓ ଦୋଷପୂର୍ଣ୍ଣ ହୋଇ ରହିବ, ଅଥବା ତାହା ଏପରି ଏକ ଅଧିକ ହିତକାରୀ ଗଠନଶକ୍ତିର ଆକାର ତଥା ସୁସ୍ଥ ଗତିପ୍ରବଣତାକୁ ବହନ କରି ମଧ୍ୟ ଆସି ଉପସ୍ଥିତ ହୋଇ ପାରିବ, ଯାହାକି ଏକ ବୃହତ୍ତର ଏବଂ ଅଧିକ ଶୁଭକାରକ ମନୁଷ୍ୟ-ପ୍ରଗତି ଲାଗି ଏକ ଆଧାରରୂପେ କାର୍ଯ୍ୟ କରିପାରିବ,

'oaob.nitrkl.ac.in' images reprocessed

ବା ଅନ୍ତତଃ ସେଥିଲାଗି ଏକ ଆରମ୍ଭ-ବିନ୍ଦୁ ହୋଇ ରହିପାରିବ । ଯେଉଁ ପରିବର୍ତ୍ତନଟି ଲାଗି ମନୁଷ୍ୟଜାତିର ଯଥାର୍ଥରେ ପ୍ରୟୋଜନ ରହିଛି, ବସ୍ତୁତଃ କୌଣସି ବ୍ୟବସ୍ଥା ବା ସଂଗଠନ କେବଳ ତାହାରି ଶକ୍ତି ଉପରେହିଁ ସମ୍ପୂର୍ଣ୍ଣଭାବରେ ନିର୍ଭର କରି ସେହି ପରିବର୍ତ୍ତନକୁ କଦାପି ସମ୍ଭବ କରାଇ ପାରିବ ନାହିଁ । କାରଣ, ମନୁଷ୍ୟଜାତିର ଉଚ୍ଚତର ସ୍ୱ ସ୍ୱଭାବଟିର ସ୍ତରରେ ଯେଉଁସବୁ ସମ୍ଭାବନା ନିହିତ ରହିଛି, ସ୍ୱବିକାଶ ଦ୍ୱାରା ଦୃଢ଼ଭାବରେ ସେହିଗୁଡ଼ିକର ଉପଲବ୍ଧି କରିପାରିଲେ ଯାଇ ସେହି ପରିବର୍ତ୍ତନ ସମ୍ଭବ ହେବ; ଏବଂ କୌଣସି ବହିଃକ୍ଷେତ୍ରୀୟ ପରିବର୍ତ୍ତନ ଉପରେ ନୁହେଁ, ଏକ ଅନ୍ତରସ୍ଥ ପରିବର୍ତ୍ତନ ଉପରେହିଁ ସେହି ବିକାଶଟି ସର୍ବଦା ନିର୍ଭରଶୀଳ ହୋଇ ରହିଥାଏ । ମାତ୍ର ବହିଃକ୍ଷେତ୍ରୀୟ ପରିବର୍ତ୍ତନଗୁଡ଼ିକ ସେହି ସତ୍ୟତର ପରିଶୋଧନ ଲାଗି ଅନ୍ତତଃ ଅନୁକୂଳ ଅବସ୍ଥାଗୁଡ଼ିକୁ ନିଶ୍ଚୟ ପ୍ରସ୍ତୁତ କରିଦେଇ ପାରିବେ,— ଅଥବା, ଅନ୍ୟ ପକ୍ଷରେ ସେଗୁଡ଼ିକ ଆମକୁ ହୁଏତ ଏପରି ଗୁଡ଼ିଏ ଅବସ୍ଥା ଭିତରେ ଆଣି ପକାଇଦେବେ ଯେ ସେତେବେଳେ କେବଳ କଲ୍କିର କୃପାଣହିଁ ଅନମନୀୟ ଭାବରେ ଅସୁର-ପ୍ରବୃତ୍ତିକୁ ଧାରଣ କରିଥିବା ଏକ ମାନବଜୀବନର ଭାରରୁ ଏହି ପୃଥିବୀକୁ ପରିଶୁଦ୍ଧ କରି ଆଣିପାରିବ ଓ ତାହାର ରକ୍ଷା କରିପାରିବ । ତେଣୁ ସ୍ୱୟଂ ମନୁଷ୍ୟଜାତିର ହାତରେହିଁ ସିଏ କେଉଁ ବାଟରେ ଯିବ, ତାହା ପୂର୍ଣ୍ଣମାତ୍ରାରେ ନିର୍ଭର କରୁଛି; କାରଣ ସିଏ ଯେପରି ବୁଣିବ, କର୍ମର ଫଳଟିକୁ ତାକୁ ଠିକ୍ ସେହିପରି ଭାବରେହିଁ ଦାଇବାକୁ ପଡ଼ିବ ।

ଯେଉଁ ବିଚାରଟିକୁ ନେଇ ଆମେ ଏହି ଅଧ୍ୟାୟଟିକୁ ଆରମ୍ଭ କରିଥିଲୁ, ଏଠାରେ ଆମେ ପୁନର୍ବାର ସେହି ବିଚାରଟି ପାଖରେ ଆସି ପହଞ୍ଚି ଯାଉଛୁ; ଏବଂ, ତଥାପି ପ୍ରଧାନତଃ ବସ୍ତୁବାଦୀ ହୋଇ ରହିଥିବା ଏକ ମନୁଷ୍ୟକୁଳର ପ୍ରୟୋଜନବାଦୀ ମନ ଲାଗି ଯେତେ ସୁଦୂରପରାହତ ପରି ଲାଗିଲେ ମଧ୍ୟ ଆମେ ସେହି ବିଚାରଟି ଦେଇ ହୁଏତ ଏହି ଅଧ୍ୟାୟଟିର ଉପସଂହାର ବି କରିବା । ରାଜନୀତି ତଥା ସମାଜଗଠନର କ୍ଷେତ୍ରରେ ଇଉରୋପ ଯେଉଁ ବହିର୍ଗତ ପରିପୂର୍ଣ୍ଣତାଲାଭର ଆଦର୍ଶଟିର ଅନୁଗମନ କରୁଛି, ଆପଣାର ଆୟତନଟି ମଧ୍ୟରେ ତାହା ନିଶ୍ଚୟ ଏକ ସତ୍ୟକୁ ଆଶ୍ରୟ କରି ରହିଛି, ମାତ୍ର ତାହା ପ୍ରକୃତ ସତ୍ୟର କେବଳ ଅର୍ଦ୍ଧାଂଶକୁହିଁ ଆଶ୍ରୟ କରି ରହିଛି ଏବଂ ନିଶ୍ଚିତଭାବରେ ତା'ର ପରିଧିଟିର ନିମ୍ନାର୍ଦ୍ଧଟିକୁହିଁ ଆଶ୍ରୟ କରି ରହିଛି । ଏହାର ଏକ ବୃହତ୍ତର ପାର୍ଶ୍ୱଟି ଅନ୍ୟ ପ୍ରାଚୀନ ଆଦର୍ଶଟି ମଧ୍ୟରେ ଲୁକ୍କାୟିତ ହୋଇ ରହିଛି; ସେହି ପୁରାତନ ଆଦର୍ଶଟି ଏସିଆ ମହାଦେଶରେ କଦାପି ସମ୍ପୂର୍ଣ୍ଣ ଭାବରେ ମରି ଯାଇ ନାହିଁ ଏବଂ ଇଉରୋପରେ ପୁନରାବିର୍ଭୂତ ହେବା ଲାଗି ତାହା ବର୍ତ୍ତମାନ ଯଥେଷ୍ଟ ପରିମାଣରେ ଟାଣ ହୋଇ ସାରିଲାଣି । ସେହି ଆଦର୍ଶଟି ହେଉଛି ଯେ, ବ୍ୟକ୍ତିର ଜୀବନରେ ଯାହା ଘଟିଥାଏ, ସେହିପରି ମନୁଷ୍ୟସମାଜର ଏହି ସମଗ୍ର

'oaob.nitrkl.ac.in' images reprocessed

ସମୂହଟିର କ୍ଷେତ୍ରରେ ମଧ୍ୟ, କେବଳ ବାହ୍ୟ କୌଣସି ନିୟମ ବା ଅଧିନିୟମ ଦ୍ୱାରା ଅଭିଳକ୍ଷିତ ମୁକ୍ତିଟି କେବେହେଲେ ସମ୍ଭବ ହେବ ନାହିଁ; କାରଣ ଯେକୌଣସି ନିୟମ ହେଉଛି ଏକ ମଧ୍ୟବର୍ତ୍ତୀ ସାଧନମାତ୍ର ଏବଂ ଆମ ଅହଂପ୍ରେରିତ ପ୍ରକୃତିର ମୂଳରେ ରହି ଯାଇଥିବା ବିଶୃଙ୍ଖଳାଟି ପରେ କଠୋର କର୍ତ୍ତବ୍ୟର ଏକ ରଜ୍ଜୁକୁ ଆଣି ବାନ୍ଧିଦେବା ଲାଗିହିଁ ତାହା ଅଭିପ୍ରେତ ହୋଇ ରହିଥାଏ । ବ୍ୟକ୍ତି କହ ବା ଗୋଷ୍ଠୀ କହ, ସେମାନଙ୍କର ମୁକ୍ତି ସେହି ନିୟମ ଦ୍ୱାରା କଦାପି ଆସେ ନାହିଁ, ମାତ୍ର ଆତ୍ମା ଦ୍ୱାରାହିଁ ଆସେ ।* ବ୍ୟକ୍ତିର ପରିପୂର୍ଣ୍ଣତା ଲାଗି ଯାହା ଆବଶ୍ୟକ, ସାମାଜିକ ପରିପୂର୍ଣ୍ଣତା ଲାଗି ମଧ୍ୟ ଠିକ୍ ତାହାହିଁ ଆବଶ୍ୟକ,– ଅର୍ଥାତ୍ ଦୁହିଙ୍କର ପରିପୂର୍ଣ୍ଣତା ଲାଗି ସ୍ୱାଧୀନତା ଦରକାର, ଏକତା ମଧ୍ୟ ଦରକାର । ଏହି ଦୁଇଟିଯାକ ହେଉଛନ୍ତି ପରସ୍ପରର ଅନୁପୂରକ ଏବଂ ତେଣୁ, ଗୋଟିକୁ ବାଦ୍ ଦେଇ ଆଉ ଗୋଟିକର ଅନୁଶୀଳନ କରାଗଲେ ତାହାକୁ କେବଳ ଏକ ବୃଥା ଅପଧର୍ମ ବୋଲିହିଁ କୁହାଯିବ । ମାତ୍ର ଯେପର୍ଯ୍ୟନ୍ତ ମନୁଷ୍ୟ ତା'ର ଅହଂ-ପରିଚାଳିତ ପ୍ରକୃତିଟିର ସୀମାଗୁଡ଼ିକୁ ଅତିକ୍ରମ କରି ଅନ୍ୟ ପ୍ରତ୍ୟେକ ମନୁଷ୍ୟ ସହିତ ହୃଦୟରେ ଏବଂ ଭାବରାଜ୍ୟରେ ଏକାତ୍ମକତା ଅର୍ଜନ ନ କରିଛି, ସେପର୍ଯ୍ୟନ୍ତ ମନୁଷ୍ୟଜାତି କଦାପି ଯଥାର୍ଥ ଏକତାର ଅଧିକାରୀ ହୋଇପାରିବ ନାହିଁ, ଏବଂ ସେ ଯେପର୍ଯ୍ୟନ୍ତ ନିଜର ନିମ୍ନ ପ୍ରକୃତିଟିର କବଳରୁ ମୁକ୍ତ ହୋଇ ନ ପାରିଛି, ସେପର୍ଯ୍ୟନ୍ତ ଯଥାର୍ଥ ମୁକ୍ତି ମଧ୍ୟ ସମ୍ଭବ ହେବ ନାହିଁ । ପୂର୍ଣ୍ଣବିକଶିତ ତା'ର ବ୍ୟକ୍ତିତ୍ୱ ଯେତେବେଳେ ପରିପୂର୍ଣ୍ଣତା ଲାଭ କରିବ, ସେତେବେଳେ ତାହା ଏପରି ଏକ ବିଶ୍ୱାତ୍ମକତା ସହିତ ନିଜକୁ ଅଭିନ୍ନ ବୋଲି ଉପଲବ୍ଧି କରିବ, ଯାହା ଦ୍ୱାରା କି ସେ ଆପଣାର ହୃଦୟ, ମନ ଏବଂ ଚିତ୍‌ସତ୍ତାର ଭୂମିରେ ସମଗ୍ର ମାନବଜାତିକୁ ଆପଣାର ବେଢ଼ଟି ଭିତରେ ଏକତ୍ର କରି ଧରି ପାରିବ;– ମୁନି ଓ ଋଷିମାନେ ବୃଥା ପ୍ରଚାର କରିଯାଇଥିବା ଏହି ସତ୍ୟଟିର ଶକ୍ତିଟି ସହିତ ଯଥାର୍ଥ ଦର୍ଶନ ଘଟି ନ ପାରିବା ପର୍ଯ୍ୟନ୍ତ ମନୁଷ୍ୟ କଦାପି ଯଥାର୍ଥ ମୁକ୍ତି ଲାଭ କରି ପାରିବ ନାହିଁ । ମାତ୍ର ବର୍ତ୍ତମାନ ଆମର ପୃଥିବୀ ଯେଉଁ ସ୍ଥିତିରେ ଅଛି, ସେହି ଦୃଷ୍ଟିରୁ ବ୍ୟକ୍ତି ଓ ଜାତି ଉଭୟେ ଏକତାର ଏଭଳି ଯେକୌଣସି ମନ୍ତ୍ରକୁ ଗ୍ରହଣ କରିବାଠାରୁ ବହୁଦୂରବର୍ତ୍ତୀ ହୋଇ ରହିଛନ୍ତି, ଏବଂ ଏହି ଅବସ୍ଥାରେ ଆମେ ଖୁବ୍ ବେଶୀ ହେଲେ କେବଳ ଏତିକି ଆଶା ପୋଷଣ କରି ପାରିବା ଯେ ମନୁଷ୍ୟ-ସମାଜର ସର୍ବୋତ୍ତମ ବ୍ୟକ୍ତିମାନେ ଅଧିକରୁ ଅଧିକ ପରିମାଣରେ ସେହି ଦିଗରେ ମନଦେବାକୁ ଆରମ୍ଭ କରିବେ ଏବଂ ଏହି ସଂସାରରେ ଆଉଥରକ ପାଇଁ ମାନବ-ଅଭୀପ୍ସାର ଏକ ଉଚ୍ଚତର ମାନ ସୃଷ୍ଟି କରି ପାରିବେ । ଏହିଭଳି ଏକ ସୃଷ୍ଟି ଲାଗି ସେମାନଙ୍କର

---

* ଶାସ୍ତ୍ର ଦ୍ୱାରା ମୁକ୍ତି ଆସିବ ନାହିଁ, ମାତ୍ର ଆତ୍ମା ଦ୍ୱାରାହିଁ ଆସିବ, ଭାରତବର୍ଷରେ ଆମର ମଧ୍ୟ ସେହି ସତ୍ୟଟିର ଉପଲବ୍ଧି କରିବା ଏପର୍ଯ୍ୟନ୍ତ ବାକି ରହିଛି ।

'oaob.nitrkl.ac.in' images reprocessed

ଆଗ୍ରହ ହୁଏତ ପୂର୍ବାପେକ୍ଷା ଅଧିକ ନୂତନ ଓ ଅଧିକ ଆଲୋକଯୁକ୍ତ ହୋଇ ପାରିବ । ଏବଂ ସେତେବେଳ ଯାଏ ଜାତି ଜାତି ମିଶି କେତେ ସଂଘ ଗଢ଼ି ଝଗଡ଼ା କରିବାରେ ଲାଗିଥିବେ, ମନୁଷ୍ୟଜାତିର କେତେକେତେ ବିଘଟନଧର୍ମୀ ଯାନ୍ତ୍ରିକ ସଂଗଠନମାନ ଗଢ଼ାହେବାରେ ଲାଗିଥିବ ଏବଂ ଆମେ ସମସ୍ତେ ତାହାରି ଭିତରେହିଁ ଛନ୍ଦି ହୋଇ ରହିଥିବା ଓ ଦୂରସ୍ଥ କୌଣସି ପ୍ରାପ୍ତି ଉପରେ ଆଶା ବାନ୍ଧି ରହିଥିବା । ମାତ୍ର କେବଳ ସେହି ସମୟଟି ଆସି ପହଞ୍ଚିଲେ ଯାଇ ଏକ ଯଥାର୍ଥ ଗୋଷ୍ଠୀ-ଜୀବନର ଏକ ସ୍ୱର୍ଣ୍ଣଯୁଗର ସ୍ୱପ୍ନଟି ପ୍ରକୃତରେ ସାଧ ହୋଇ ଆସିବ, ତାହା ସ୍ୱତନ୍ତ୍ରତା ଏବଂ ଏକତାର ଏକ ଆଧ୍ୟାତ୍ମିକ ଓ ତେଣୁ ଯଥାର୍ଥ ଶାସନ ଉପରେ ପ୍ରତିଷ୍ଠିତ ହୋଇ ରହିବ । ସେତିକିବେଳେ ଯାଇ ମନୁଷ୍ୟସମୁଦାୟ ଆପଣାର ଅନ୍ତର ମଧ୍ୟକୁହିଁ ଦୃଷ୍ଟିପାତ କରି ଶିଖିବ, ଏବଂ ସେତେବେଳେ ଏହି ନିୟମ, ସଂସ୍ଥା ବା ସଂଗଠନ କୌଣସିଟି ନୁହେଁ, ମାତ୍ର ସମଗ୍ର ମନୁଷ୍ୟଜାତି ଅର୍ଥାତ୍ ପରମେଶ୍ୱରଙ୍କର ଏହି ସମୂହଟି ସେହି ପରମ ଦିବ୍ୟପୁରୁଷଙ୍କର ଏକ ଆତ୍ମା ଏବଂ ଶରୀରରୂପେ ଆମର ଯାବତୀୟ ପରିପୂର୍ଣ୍ଣତାର ଆଦର୍ଶରୂପେ ଅଧିଷ୍ଠିତ ହେବ ।

'oaob.nitrkl.ac.in' images reprocessed

# ଯୁଦ୍ଧ ପରେ

ମହାଯୁଦ୍ଧଟି ଶେଷ ହେବା ବେଶ୍ କେତେ ମାସ ହୋଇଗଲାଣି : ତାହା କ୍ରମଶଃ ଦୂର ଅତୀତ ଭିତରକୁ ହଟିଯିବାକୁ ଆରମ୍ଭ କଲାଣି । ଆମର ଚାରିପାଖରେ ବର୍ତ୍ତମାନ ଏକ କୃଷ୍ଣ କୁଜ୍‌ଝଟିକା ଓ ଅନିଶ୍ଚିତତା ଘୋଟି ରହିଛି ଏବଂ ଆମ ସମ୍ମୁଖରେ ଏକ ଅସ୍ପଷ୍ଟ ଓ ତିମିରାଚ୍ଛନ୍ନ ଭବିଷ୍ୟର ମୁହଁ ଦିଶିଦିଶି ଗଲା ପରି ମନେ ହେଉଛି । କୌଣସି ପ୍ରକାର, ଭାଷା ଦେଇ ମଧ୍ୟ ବିଶ୍ୱର ବର୍ତ୍ତମାନ ପରିସ୍ଥିତିଟିକୁ ସ୍ପଷ୍ଟ ବୋଲି କୁହାଯାଇ ପାରିବ ନାହିଁ, କାରଣ ଏହା ଅଧିକତର ପରିମାଣରେହିଁ ସତେଅବା ଏକ ଅରାଜକତା ଆଡ଼କୁ ବୋହିଗଲା ପରି ମନେ ହେଉଛି ଏବଂ ଏପରି ଏକ ଅସ୍ତବ୍ୟସ୍ତତା ଭିତରେ ପଡ଼ିଛି ଯାହାର କି ଇତିହାସରେ କୌଣସି ପଟାନ୍ତର ନାହିଁ । ତଥାପି, ଯୁଦ୍ଧରୁ ତାତ୍କାଳିକ ଭାବରେ ଯେଉଁସବୁ ପରିଣାମ ଉପସ୍ଥିତ ହେଲା, ତାହାର ଏକ ଆଲୋଚନା କରିବା ନିଶ୍ଚୟ ସମ୍ଭବ ହୋଇପାରିବ । ଯୁଦ୍ଧ ଲାଗିଥିବା ସମୟରେ ଯେଉଁ ଆଦର୍ଶଗୁଡ଼ାକୁ ନେଇ କେଡ଼େବଡ଼ ପାଟିରେ କଥା କୁହା ହେଉଥିଲା,— ସେହି ଯୁଦ୍ଧ ସହିତ ଲିପ୍ତ ହୋଇ ରହିଥିବା ପରସ୍ପର-ବିରୋଧୀ ନାନା ସ୍ୱାର୍ଥର ବିଜ୍ଞାପନ ହିସାବରେହିଁ ଏହି ଆଦର୍ଶଗୁଡ଼ାକର ପ୍ରଚାର କରା ଯାଉଥିଲା,— ସେହି ଆଦର୍ଶଗୁଡ଼ାକ ଉପରେ ବର୍ତ୍ତମାନ କେହି ବିଶ୍ୱାସ କରୁ ନାହାନ୍ତି ଓ ସେହି ପ୍ରଚାରଗୁଡ଼ାକ ମଧ୍ୟ ବନ୍ଦ ହୋଇ ଗଲାଣି । ପରସ୍ପର ସହିତ କୌଣସି ସମାଧାନରେ ପହଞ୍ଚି ପାରୁ ନ ଥିବା କେତେ କେତେ ତାକତ ଓ ବଳ ବଡ଼ ଅସ୍ୱସ୍ତ ଭାବରେ ପରସ୍ପର ସହିତ ଛନ୍ଦି ହୋଇ ସଂଘର୍ଷ କରିବାରେ ଲାଗିଛନ୍ତି; ସେମାନେ ଏକ ବିକଟ ଶତ୍ରୁତା ଭିତରେ ପରସ୍ପର ସହିତ ଛନ୍ଦି ଓ ବାନ୍ଧିହୋଇ ରହିଛନ୍ତି, ସେଗୁଡ଼ିକ ଏତେବେଶୀ ଦୁର୍ବଳ ଓ କ୍ଳାନ୍ତ ହୋଇ ପଡ଼ିଛନ୍ତି ଯେ ପରସ୍ପର ଉପରେ କୌଣସି ପ୍ରଭାବ ପକାଇବା ସକାଶେ ମଧ୍ୟ ସେଗୁଡ଼ିକ ମଧ୍ୟରୁ କୌଣସି ଗୋଟିକର ଶକ୍ତି ନାହିଁ, ପରସ୍ପରଠାରୁ ଅଲଗା ହୋଇ ଯିବାକୁ ମଧ୍ୟ ଶକ୍ତି ନାହିଁ; ସେହି ପରିସ୍ଥିତିଟି ଏପରି ଏକ କିଂକର୍ତ୍ତବ୍ୟବିମୂଢ଼ ଅବସରବାଦର ରୂପରେ ବିଦ୍ୟମାନ ରହିଛି ଯେ ତାହା ନିଜକୁ କୌଣସି ବାଟ ଦେଖାଇବାକୁ ସମର୍ଥ ହେଉ ନାହିଁ ବା ଏସବୁର ଏକ ସମାପ୍ତି ମଧ୍ୟ ଖୋଜି ପାଉ ନାହିଁ;— ବର୍ତ୍ତମାନର ସ୍ଥିତିଟିକୁ ଆମେ ଏହିପରି ଭାବରେ ବର୍ଣ୍ଣନା କରିପାରିବା । ମନୁଷ୍ୟ-ଜାତି ସତେଅବା ଏକ ପରିତ୍ୟକ୍ତ ପୋତ ପରି ପଡ଼ିରହିଛି, ଯାହାର କି ପାଲ ଆଉ ଆହୁଲାସବୁ କୁଆଡ଼େ ଭାଙ୍ଗିଭୁଙ୍ଗି ଯାଇଛନ୍ତି ଏବଂ ତାହା ଅସହାୟଭାବରେ ଏପରି ଏକ ସମୁଦ୍ରସ୍ରୋତରେ ଭାସିଭାସି ଚାଲିଯାଉଛି, ଯାହାକି ବୋହି ଯାଇଥିବା ବାତ୍ୟାଟିର ପରବର୍ତ୍ତୀ ଉଚ୍ଛ୍ୱାସଟି ଦ୍ୱାରା ଏପର୍ଯ୍ୟନ୍ତ ବି ଆକୁଳ ହୋଇ ରହିଛି । ସର୍ବୋଚ୍ଚ କାଉନ୍‌ସିଲ୍‌ର ରାଷ୍ଟ୍ରନୀତିଜ୍ଞମାନେହିଁ ସେହି ପୋତର

'oaob.nitrkl.ac.in' images reprocessed

ଅସମର୍ଥ କପ୍ତାନ ହୋଇ ବସିଛନ୍ତି ଏବଂ ପୋତଟି ଏଭଳି ସବୁ ଦିଗରେ ଗତି କରୁ ବୋଲି ପାଟି କରିବାରେ ଲାଗିଛନ୍ତି, ଯେଉଁଟିକୁ କି କାର୍ଯ୍ୟକାରୀ କରିବା ଲାଗି ପ୍ରାୟ କୌଣସି ସମ୍ଭାବନା ନାହିଁ ଏବଂ ତେଣୁ ସେହି ପରାମର୍ଶଗୁଡ଼ିକୁ ମଧ ଘଡ଼ିକୁ ଘଡ଼ି ବଦଳାଇବାକୁ ପଡୁଛି । କୌଣସିଠାରେ ଏ ଅନ୍ଧାରକୁ କାଟି କିଞ୍ଚିତ୍ ଆଲୁଅର ସୂଚନା ଦେଲା ଭଳି କୌଣସି ଦିଗ୍‌ଦର୍ଶନ ନାହିଁ କିଂବା ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ ହେଲା ଭଳି କୌଣସି ବିଚାର ମଧ ନାହିଁ । ବୁଦ୍ଧି ଓ ନୈତିକ ଜୀବନର କ୍ଷେତ୍ରରେ ସତେଅବା ଏକ ବୃହତ୍ ନିଃସ୍ୱାବସ୍ଥା, ଏକ ଅଥଳ ଶୂନ୍ୟତା ଏବଂ ନୈରାଶ୍ୟଭାବ,– ବିଗତ ମହାସଂହାରର ଉତ୍ତେଜନାଟି କଟିଗଲା ପରେ ସତେଅବା ଏହିଗୁଡ଼ିକହିଁ ତାହାର ଦାୟାଦରୂପେ ଆମ ଆଗରେ ଆସି ଉପସ୍ଥିତ ହୋଇଛି ।

ବସ୍ତୁତଃ ଏହାକୁହିଁ ଆମେ ବିଗତ ଯୁଦ୍ଧର ସବୁଠାରୁ ଅଧିକ ମୂର୍ତ୍ତଭାବରେ ଅନୁଭୂତ ତାତ୍କାଳିକ ପରିଣାମ ବୋଲି କହିବା । ବର୍ତ୍ତମାନ ବିଶ୍ୱବ୍ୟାପୀ ନୈରାଶ୍ୟର ଏକ ବାୟୁମଣ୍ଡଳ ଆମକୁ ଘେରି ରହିଛି, ସତେଅବା ଆମର ମୋହଭଙ୍ଗ କରିଦେଇ ଯାଇଛି ଏବଂ ଆମର କେତେକେତେ ଉଚ୍ଚ ଆଶା ଓ ଉଚ୍ଚ ଆଦର୍ଶ ବିଫଳ ହୋଇ ଯାଇଛି । ଯୁଦ୍ଧ ଲାଗିଥିବା ସମୟରେ ଆମକୁ ପ୍ରକୃତରେ କେଡ଼େ କେଡ଼େ ଅତ୍ୟୁଚ୍ଚ, ବୃହତ୍ ଏବଂ ଆଖି ଝଲସାଇ ଦେଉଥିବା କଥାର ପ୍ରତିଶ୍ରୁତି ଦିଆଯାଇ ନ ଥିଲା, ଏବଂ ବର୍ତ୍ତମାନ ସେସବୁ କୁଆଡ଼େ ଗଲା ? ପ୍ରତ୍ୟାଖ୍ୟାତ, କଳଙ୍କିତ ଓ ଅବମାନିତ ଭାବରେ ସେଗୁଡ଼ିକ ଜୀବନହୀନ ଭାବରେ ବର୍ଜ୍ଜିତ ହୋଇ ପଡ଼ିରହିଛନ୍ତି ଏବଂ ଯୁଦ୍ଧର ପରିଣାମସ୍ୱରୂପ ଚତୁର୍ଦ୍ଦିଗରେ ଗଦାହୋଇ ରହିଥିବା ରକ୍ତବୋଳା ଆବର୍ଜନା ଉପରେ ସେହି ପ୍ରତିଶ୍ରୁତିମାନ ସତେଅବା ହତବଳ ହୋଇ ଓ ସମ୍ମାନ ହରାଇ ପଡ଼ିଛନ୍ତି । ଆମେ ଆସ୍ଥା ସ୍ଥାପନ କରିପାରିବା ଭଳି ଆଉ ଗୋଟିଏ ହେଲେ ପ୍ରତିଶ୍ରୁତି ବାକୀ ରହି ନାହିଁ । ଯୁଦ୍ଧର ପରିସମାପ୍ତି ଘଟାଇବା ସକାଶେ ଯେଉଁ ଯୁଦ୍ଧଟି ଲଢ଼ା ହୋଇଥିଲା, ତାହା କେବଳ ଆହୁରି ନୂଆ ନୂଆ ସଶସ୍ତ୍ର ସଂଘାତର ଜନକ ହୋଇଛି ଓ ଲୋକଜୀବନରେ ନାନା ବିସମ୍ବାଦର ସୃଷ୍ଟି କରିଛି, ଏବଂ ତା'ପରେ ଯେଉଁ ଘୋର କ୍ଳାନ୍ତି ଆସି ଘୋଟିଯାଇଛି, ସେହି କ୍ଳାନ୍ତିହିଁ ସମସ୍ତଙ୍କୁ ଆଉ ଗୋଟିଏ ବ୍ୟାପକ ଏବଂ ରକ୍ତାକ୍ତ ସମରରେ ଲିପ୍ତ ହୋଇ ପଡ଼ିବାରୁ ନିବୃତ୍ତ କରି ରଖିଛି । ଯେଉଁ ନୂତନ, ସୁନ୍ଦର ଓ ଶାନ୍ତିମୟ ବିଶ୍ୱବ୍ୟବସ୍ଥା ବିଷୟରେ ଆମକୁ ପ୍ରତିଶ୍ରୁତି ଦିଆ ଯାଇଥିଲା ତାହା ଯାଇ କୁଆଡ଼େ କେଉଁ ତୁଚ୍ଛା କାଳ୍ପନିକତାର ରାଜ୍ୟ ଭିତରେ ଲୁଚିକରି ରହିଲାଣି । ଯେଉଁ ଲୀଗ୍ ଅଫ୍ ନେଶନ୍‌ସର ସେହି ବ୍ୟବସ୍ଥାଟିକୁ ରୂପ ଦେବାର କଥା ଥିଲା, ତାହାର ହୁଏତ କୌଣସି ଅସ୍ତିତ୍ୱ ଅଛି ବୋଲି ବି କୁହାଯାଇ ପାରିବ ନାହିଁ; ବା ଯଦି ତାହାର ଆଦୌ କୌଣସି ଅସ୍ତିତ୍ୱ ରହିଛି, ତାହା କେବଳ ଏକ ବିଦ୍ରୂପରୂପେହିଁ ରହିଛି, କେବଳ ଏକ

'oaob.nitrkl.ac.in' images reprocessed

କିଂବଦନ୍ତୀ ହୋଇ ରହିଛି । ସତେଅବା ଦେହରେ ଲଗା ହୋଇଥିବା ଏକ ଅଳଙ୍କାର ପରି ସର୍ବୋଚ୍ଚ କାଉନ୍‌ସିଲ୍ ସହିତ ତାହା ଏକ ସହାୟଶୂନ୍ୟ ଓ ଅନାବଶ୍ୟକ ଉପାଙ୍ଗ ପରି ହୋଇ ରହିଛି । ତାହା ବର୍ତ୍ତମାନ କେବଳ ଏକ ଅତି କୃଶ ପ୍ରତିଶ୍ରୁତିମାତ୍ର ହୋଇ ରହିଛି, କେତେ ଲୋକଙ୍କର ବ୍ୟର୍ଥ ଏବଂ ଅସ୍ପଷ୍ଟ ଆଦର୍ଶବାଦଟି ଆଗରେ ଲଟକା ହୋଇ ରହିଛି ଏବଂ ସେହି ଲୋକମାନେ ତାହାର ନିଷ୍ଫଳ ସୂତ୍ରଗୁଡ଼ାକ ଉପରେ ହୁଏତ ଏବେ ସୁଦ୍ଧା ବିଶ୍ୱାସ କରି ପଡ଼ି ରହିଛନ୍ତି । ଲୀଗ୍ କେବଳ କାଗଜପତ୍ରର ଏକ ଲୀଗ୍ ହୋଇ ରହିଛି, ଏବଂ ଏହା ଅଧିକ ଦୃଶ୍ୟମାନ ଭାବରେ ପୁଣି ହୁଏତ କେବେ ସକ୍ରିୟ ହେବାର ସମ୍ଭାବନା ରହିଥିଲେ ମଧ୍ୟ, ତାହା ଯେ ଅଳ୍ପ କେତୋଟି ବଳଶାଳୀ ରାଷ୍ଟ୍ରଙ୍କର ଘନିଷ୍ଠ ଅଳ୍ପତନ୍ତ୍ର ଦ୍ୱାରା ପୃଥିବୀ ଉପରେ ଆଧିପତ୍ୟ ଜାରିକରି ରଖିବା ଲାଗି ଏକ ସୁଭେଦ୍ୟ ଆବରଣ ଅଥବା ଏକ ନିଷ୍କ୍ରିୟ ସମର୍ଥକ ହୋଇ ରହିବା ବ୍ୟତୀତ ଆଉ ଅଧିକ କିଛି ହୋଇପାରିବ, ତାହାର ପ୍ରାୟ କୌଣସି ସମ୍ଭାବନା ଦିଶୁ ନାହିଁ । ଅଥବା, ସେହି ଲୀଗ୍ ମେଣ୍ଟ ବାନ୍ଧିଥିବା ଦୁଇଟି ସାମ୍ରାଜ୍ୟାଧିକାରୀ ଜାତିଙ୍କର ବି ପ୍ରତିପତ୍ତି-କ୍ଷେତ୍ର ହୋଇ ରହିପାରେ । ଆତ୍ମ-ନିୟନ୍ତ୍ରଣର ସିଦ୍ଧାନ୍ତଟି ବିଷୟରେ ମଧ୍ୟ ଏକଦା କେଡ଼େ ବଡ଼ ପାଟିରେ କେତେ କ'ଣ କୁହାହେବାରେ ଲାଗିଥିଲା; ବର୍ତ୍ତମାନ ସେଇଟିକୁ ପ୍ରକାଶ୍ୟ ଭାବରେ ଅସ୍ୱୀକାର କରାଯାଉଛି ଏବଂ ବିଜୟ ଲାଭ କରିଥିବା ସାମ୍ରାଜ୍ୟଶକ୍ତିମାନେ ତାହାକୁ ଆଦୌ କୌଣସି ପ୍ରକାର ବାକ୍ୟବ୍ୟୟ ନ କରି ପ୍ରତ୍ୟାଖ୍ୟାନ କରି ରଖିଛନ୍ତି । ତତ୍‌ପରିବର୍ତ୍ତରେ ଏବେ ଇଉରୋପର ମାନଚିତ୍ରକୁ ସେହି ପୁରୁଣା କୂଟନୈତିକ ସୂତ୍ରଗୁଡ଼ିକ ଅନୁସାରେ ପୁନଃଗଠିତ କରି ଦିଆଯାଇଛି; ଦୁଇଟି ବା ତିନୋଟି ବୃହତ୍ ଇଉରୋପୀୟ ଶକ୍ତିଙ୍କର ସତେଅବା ବ୍ୟକ୍ତିଗତ ସମ୍ପତ୍ତି ପରି ଆଫ୍ରିକା ମହାଦେଶକୁ ଆତ୍ମସାତ୍ କରି ବାଣ୍ଟକୁଣ୍ଟ କରି ନିଆଯାଇଛି । ତେଣେ ପଶ୍ଚିମ ଏସିଆକୁ କେତୋଟି ଶାସନାଦେଶର ବ୍ୟବସ୍ଥା ଦ୍ୱାରା ଶାସିତ ହେବା ଲାଗି ବାଧ୍ୟ କରାଯାଇଛି ଏବଂ ସେହି ଆଦେଶଗୁଡ଼ିକୁ ବର୍ତ୍ତମାନ ଅତି ପ୍ରକାଶ୍ୟଭାବରେ ବାଣିଜ୍ୟିକ ଶୋଷଣରହିଁ ଗୋଟିଏ ଗୋଟିଏ ସାଧନ ରୂପେ ଉଚିତ ବୋଲି କହି ସମର୍ଥନ କରାଯାଉଛି ଏବଂ ମେସିନ୍-ଗନ୍ ଓ ସଙ୍ଗିନ୍-ମୁନର ସାର୍ବଭୌମ ଅକାଟ୍ୟ ଅଧିକାର ଦ୍ୱାରାହିଁ ଅନିଚ୍ଛୁକ ଜାତିମାନଙ୍କ ଉପରେ ନେଇ ସେଗୁଡ଼ିକୁ ଜବରଦସ୍ତି ଲଦି ଦେବାର ମସୁଧା କରାହେଉଛି । ପରାଧୀନ ଜାତି ଏବଂ, ଅନ୍ୟର ସୁରକ୍ଷା ମଧ୍ୟରେ ରହିଥିବା ଜନଗଣ ଆପଣା ଲାଗି ସ୍ୱାଧୀନତା ଦାବି କରୁଛନ୍ତି, ଏବଂ ସେମାନଙ୍କୁ ସାମରିକ ବଳ ଦ୍ୱାରା ଦବାଇକରି ରଖାଯାଇଛି,— ଏହି ଦୃଶ୍ୟଟିହିଁ ଯୁଦ୍ଧ-ପର ନୂତନ ବ୍ୟବସ୍ଥାଟିର ମୁଖ୍ୟ ଚରିତ୍ର ହୋଇ ରହିଛି । ସକଳପ୍ରକାର ସାମରିକତାବାଦର ଅବସାନ ଘଟିବ ବୋଲି ଯେଉଁ ପ୍ରତିଶ୍ରୁତି ଦିଆ ଯାଇଥିଲା, ତାହା ସବୁଦିନ ପରି ଆଜି ମଧ୍ୟ ସୁଦୂରପ୍ରତିହତ ହୋଇ ରହିଛି; ସେହି ସାମରିକବାଦର ପ୍ରେରଣା

'oaob.nitrkl.ac.in' images reprocessed

ଏବଂ ବାସ୍ତବତାଟି ସବୁସ୍ଥାନରେ ବର୍ତ୍ତି ରହିଛି, କେବଳ ତାହାର ବଳକେନ୍ଦ୍ରଟି ଏବଂ କ୍ରିୟାଶୀଳ ହେବାର ମୁଖ୍ୟ କ୍ଷେତ୍ରଟି ପଶ୍ଚିମ ଆଡ଼କୁ ଘୁଞ୍ଚିଯାଇଛି,— ଏବଂ ପୂର୍ବ ଆଡ଼କୁ ମଧ୍ୟ ଘୁଞ୍ଚି ଆସିଛି । ଯେଉଁ ଅଳ୍ପ କେତେଜଣ ଆଦର୍ଶ ବିଷୟରେ ଅବିଚଳ ରହି ମଧ୍ୟ ତଥାପି ସ୍ପଷ୍ଟ ଭାବରେ ସବୁ ଦେଖି ପାରୁଥିଲେ, ଯୁଦ୍ଧ ଲାଗିଥିଲା ବେଳେ ବି ସେମାନେ ଏସବୁ କଥା ଘଟିବ ବୋଲି ଆଗରୁ ବେଶ୍ ଜାଣି ପାରୁଥିଲେ; ସେହିସବୁ କଥା ତ ବର୍ତ୍ତମାନ ସମସ୍ତଙ୍କ ଆଗରେ ଅତି ସାଧାରଣ କଥା ପରି ଘଟିବାରେ ଲାଗିଛି ।

ଅବଶ୍ୟ ଏକଥା ସତ ଯେ ଏଇଟି ହେଉଛି ବର୍ତ୍ତମାନ ପରିସ୍ଥିତିର କେବଳ ଗୋଟିଏ ଦିଗ; ଏଗୁଡ଼ିକ ଜଳ ଜଳ ହୋଇ ଆଖି ଆଗରେ ଘଟିଯାଉଛି, ଘଟିବାରେ ଲାଗିଛି ଏବଂ ସେଗୁଡ଼ିକ ବିଷୟରେ ଆଦୌ କୌଣସି ଅସ୍ପଷ୍ଟତା ନାହିଁ । ଏବଂ ସେହି କାରଣରୁହିଁ, ସେଗୁଡ଼ିକ ଯେ ଆଦୌ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ତାତ୍ପର୍ଯ୍ୟ ଥିବା କଥା ନୁହେଁ, ସେକଥାଟି ମଧ୍ୟ ବେଶ୍ ପରିଷ୍କାର ହୋଇ ଯାଉଛି । ଏଇଟିକୁ ଆମେ ଉପସ୍ଥିତ ବୃହତ୍ କ୍ରାନ୍ତିଟିର କେବଳ ଏକ ପର୍ଯ୍ୟାୟ ବୋଲି ଜାଣିବା, ମାତ୍ର ତାହାକୁ ସେହି କ୍ରାନ୍ତିର ସୁନିର୍ଦ୍ଦିଷ୍ଟ ପରିଣାମଟି ବୋଲି କେବେହେଲେ କହିବା ନାହିଁ । ଯୁଦ୍ଧର ଆଧାରସ୍ଥ ପ୍ରକ୍ରିୟାଟି ଦ୍ୱାରା ସତେଅବା କୁହୁକ ଲାଗିଲା ପରି ସଙ୍ଗେସଙ୍ଗେ ସବୁକିଛି ରୂପାନ୍ତରିତ ହୋଇଯିବ ଏବଂ ପୃଥିବୀରେ ଏକ ପୁନରୁଜ୍ଜୀବନ ସଂଘଟିତ ହେବ, ଏହିପରି ଏକ ଆଶା ପୋଷଣ କରିବାଟାହିଁ ଗୋଟାଏ ଭୁଲ୍ ହେଲା । ଯେଉଁ ଅତୀତର ଚେରଗୁଡ଼ିକ ଦୀର୍ଘକାଳରୁ ଅଧିଷ୍ଠିତ ହୋଇ ରହି ଆସିଥିବା ମାନବସମାଜର ନାନା ଅଭ୍ୟସ୍ତତା ଏବଂ ମାନବ-ଚରିତ୍ରର ମାଟି ଭିତରକୁ ଗଭୀର ଭାବରେ ଭେଦି କରି ରହିଛି, ଗୋଟିଏ କରାଳ ମୁହୂର୍ତ୍ତ ଆସି ସେଗୁଡ଼ିକୁ ଅନ୍ତର୍ହିତ କରି ନେଇଯିବ ବା ସଙ୍ଗେ ସଙ୍ଗେ ତାହା ଯେ ଭବିଷ୍ୟତର ଅନାହତ ଶକ୍ତିକୁ ବାଟ ଛାଡ଼ିଦେବ, ସେକଥା କଳ୍ପନା କରିହିଁ ଆମେ ଏକ ଭୁଲ୍ କରି ବସିଲୁ । ଏହି କ୍ଷେତ୍ରଟି ଯେଉଁ କାର୍ଯ୍ୟଟିକୁ ସାଧନ କରିବାକୁ ରହିଛି, ତାହା ପ୍ରକୃତରେ ଏକ ଏଡ଼େ ବିରାଟ କାର୍ଯ୍ୟ ଯେ ଆମେ ତାହାକୁ କଦାପି ଏଡ଼େ ସହଜ ବୋଲି କହିପାରିବା ନାହିଁ । ମନୁଷ୍ୟ ପୁନରୁଜ୍ଜୀବିତ ହେବ, ତା'ର ଜୀବନରେ ଏକ ପୁନରୁଜ୍ଜୀବନ ଘଟିବ ଏବଂ ସେ ଏକ ଉଚ୍ଚତର ପ୍ରକୃତି ମଧ୍ୟକୁ ଆଉଥରେ ଜନ୍ମଗ୍ରହଣ କରିବ : ଏଗୁଡ଼ିକୁ ଏଭଳି ଏକ ସଂକ୍ଷିପ୍ତ ଏବଂ ବାହ୍ୟ ପ୍ରକ୍ରିୟା ଦ୍ୱାରା କଦାପି ସମ୍ଭବ କରିହେବ ନାହିଁ । ଯୁଦ୍ଧ ଦ୍ୱାରା ଅନେକ ଯନ୍ତ୍ରଣା ଭୋଗ କରିବାକୁ ପଡ଼ିବ ଓ ଏହି ଯୁଦ୍ଧ ବେଶ୍ ଭୟଙ୍କର ହେବ ସତ, ମାତ୍ର ପରିଶେଷରେ ତାହା ଏପରି ଏକ ହିତକାରକ ଚରମବିନ୍ଦୁରେ ଆମକୁ ଆଣି ପହଞ୍ଚାଇ ଦେବ, ଯେଉଁଥିରୁ କି ଅତ୍ୟନ୍ତ ମୀମାଂସକ ଭାବରେ ସେହି ଇପ୍ସିତ ବୃହତ୍ ପରିବର୍ତ୍ତନଟି ଯେ ସମ୍ଭବ ହୋଇ ଆସିବ;— ଏବଂ ସେହି ପରିବର୍ତ୍ତନ ଯେ ମନୁଷ୍ୟସମାଜର ଆତ୍ମା, ମନ ଏବଂ

'oaob.nitrkl.ac.in' images reprocessed

ଜୀବନକ୍ଷେତ୍ରରେ ଏକ ସମ୍ପୂର୍ଣ୍ଣ ପୁନରୁଜ୍ଜୀବନ ଏବଂ ପରିଶୋଧନ ଆଣିଦେବ, ଏଭଳି ଭାବିବା ଦ୍ୱାରାହିଁ ଏକ ଭୁଲ୍ ହେଲା । କେବଳ ଏକ ପ୍ରଥମ ଧକ୍କା ବା ଓଲଟପାଲଟ ରୂପେ ଯୁଦ୍ଧ ଆସି ଉପସ୍ଥିତ ହେଲା, କେତେକ ହିସାବନିକାଶ ଲାଗି ତାହା ଆମକୁ ଏକ ଅବସର ଆଣି ଯୋଗାଇଦେଲା । କେତେକ ବିଚାରର ଓ ବଳର ଆମ ଉପରେ ଯେଉଁ ବାସ୍ତବ ପ୍ରଭାବ ରହିଥିଲା, ତାହା ଉପରେ ନୁହେଁ, ମାତ୍ର ସେଗୁଡ଼ିକର ଯେଉଁ ନୈତିକ ପ୍ରଭାବ ରହିଥିଲା, ଯେଉଁ ବଳ ଓ ବିଚାରଗୁଡ଼ିକ ସେପର୍ଯ୍ୟନ୍ତ ଭାରି ଦମ୍ଭରେ ଆସନାରୂଢ଼ ହୋଇ ରହିଥିଲେ, ବର୍ତ୍ତମାନ ସମ୍ବନ୍ଧରେ ସୁନିଶ୍ଚିତ ହୋଇ ରହିବା ସଙ୍ଗେସଙ୍ଗେ ଭବିଷ୍ୟତ ମଧ୍ୟ ସେହିମାନଙ୍କ ହାତରେ ରହିବ ବୋଲି ଆଶାୟୀ ହୋଇ ରହିଥିଲେ, ଯୁଦ୍ଧ ସେହିଗୁଡ଼ିକ ଲାଗି ଏକ ମରଣାଘାତ ପରି କାର୍ଯ୍ୟ କଲା । ମାଟିଟିକୁ ହାଲୁକା କରିଦେବାରେ ଏହି ଯୁଦ୍ଧ ଯେ ଅବଶ୍ୟ ସାହାଯ୍ୟ କରିଛି, ସେଥିରେ କୌଣସି ସନ୍ଦେହ ନାହିଁ, ମାତ୍ର ସେହି ମାଟିରେ ପୁରୁଣା ଯାହାକିଛି ଗଛ ପରି ଠିଆହୋଇ ରହିଥିଲା, ସେହି ସବୁଯାକଙ୍କୁ ଉପାଡ଼ି ଫିଙ୍ଗିଦେବା ପ୍ରକୃତରେ ତା' ସାଧର ବାହାର ହୋଇ ରହିଥିଲା । ଯୁଦ୍ଧ ଫଳରେ କେତେ ପରିମାଣର ଭୂମି ଅବଶ୍ୟ ପରିଷ୍କାର ହୋଇ ପାରିଛି, ମାତ୍ର କେବଳ ଭିନ୍ନ ଅନ୍ୟ କେତୋଟି ଶକ୍ତି ଦ୍ୱାରାହିଁ ସେହି ଭୂମିର ପୁନଃଭରଣା ସମ୍ଭବ ହୋଇ ପାରିବ । ଯୁଦ୍ଧ ଅନେକ ମାଟିକୁ ହଳ କରି ଓଲଟାଇ ଦେଇ ପାରିଛି, ମାତ୍ର ନୂଆ ମଞ୍ଜି ବୁଣିବା ଏବଂ ନୂଆ ଫସଲ କଟାହେବା ତଥାପି ସୁଦୂରପରାହତ ହୋଇ ରହିଛି । ଯେତେ ପର୍ଯ୍ୟାପ୍ତ ପରିମାଣରେ ହେଲେ ମଧ୍ୟ କେବଳ ରାଜନୀତିକ ଓ ଅନ୍ୟକ୍ଷେତ୍ରୀୟ କେତେକ ଯନ୍ତ୍ରଗଠନରେ ପରିବର୍ତ୍ତନ କରିଦେଲେ ଯେ ସଭ୍ୟତାକୁ ତାହାର ଯାବତୀୟ ଦୋଷରୁ ମୁକ୍ତ କରିନେବାକୁ ତାହା ଯଥେଷ୍ଟ ପ୍ରତିକାରକ ପରି କାର୍ଯ୍ୟ କରିବ, ପରିଶେଷରେ ଏପରି ଗୋଟିଏ କଳ୍ପନାକୁ ହୃଦୟରେ ଆଶ୍ରୟ ଦେବା ଦ୍ୱାରା ମଧ୍ୟ ଆମେ ଭୁଲ୍ କରି ବସିଲୁ, ଏବଂ ଏବେ ମଧ୍ୟ ସେହି ଭୁଲ୍‌ଟିକୁ କରିବାରେ ଲାଗିଛୁ ।

ପୁରାତନ ସିଦ୍ଧାନ୍ତ ଓ ପରିସ୍ଥିତିଗୁଡ଼ାକ ଯେ ଆଜି ମଧ୍ୟ ବଞ୍ଚି ରହିଛନ୍ତି, ତଥାପି ସେଇଟାହିଁ ସବୁଠାରୁ ବଡ଼ କଥା ନୁହେଁ । ସେଗୁଡ଼ିକର ବାହ୍ୟ ଓ ଭୌତିକ ବଳଟି ଉପରୁ ଯେତେ ବଡ଼ ବୋଲି ଦେଖା ଯାଉଥିଲେ ମଧ୍ୟ ଭିତରେ ସେଗୁଡ଼ିକ ପ୍ରକୃତରେ ଭାରି ରୁଗ୍‌ଣ ଓ ଦୁର୍ବଳ ହୋଇ ପଡ଼ିଛନ୍ତି ଏବଂ ଭବିଷ୍ୟତ ଲାଗି ଯାବତୀୟ ପ୍ରତିଶ୍ରୁତିକୁ ମଧ୍ୟ ହରାଇ ବସିଛନ୍ତି । ସେଗୁଡ଼ିକର ଯାବତୀୟ ବୌଦ୍ଧିକ ତଥା ନୈତିକ ପ୍ରଭାବଶାଳିତା ମଧ୍ୟ କୁଆଡ଼େ ମରିଉଡ଼ି ଗଲାଣି ଏବଂ ସେହି ପ୍ରଭାବଶାଳିତା ଚାଲିଯିବା ସଙ୍ଗେସଙ୍ଗେ ବ୍ୟାବହାରିକ କ୍ଷେତ୍ରରେ ଆପଣାକୁ କାର୍ଯ୍ୟକାରୀ କରି ପାରିବାର ପ୍ରଜ୍ଞାଟିକୁ ଯେ ସେମାନେ ହରାଇ ବସୁଛନ୍ତି, ସେକଥାଟି ମଧ୍ୟ କ୍ରମଶଃ ସ୍ପଷ୍ଟ ହୋଇ ଆସୁଛି; ଯେଉଁ ଆତ୍ମବିଶ୍ୱାସର

'oaob.nitrkl.ac.in' images reprocessed

ଶକ୍ତି ସେମାନଙ୍କୁ ଜିଆଇ ରଖିଥିଲା, ସେଇଟି ମଧ୍ୟ ବିଲୁପ୍ତ ହୋଇ ଯାଉଥିବା ପରି ମନେ ହେଉଛି । କେବଳ ନିଜର ସତ୍ତାଟିକୁ ବଜାୟ ରଖିବାର ଯେଉଁ ମୂଳ ପ୍ରବୃତ୍ତିଟି ସେଗୁଡ଼ିକ ମଧ୍ୟରେ ରହିଛି ଏବଂ ଅତୀତ ଗତିଶୀଳତାର ଯେଉଁ ସଂବେଗଟି ରହିଛି, ତାହାହିଁ ସେଗୁଡ଼ିକୁ ଯାହା ଗତିଶୀଳ କରି ରଖିଛି । ଏବଂ ଯେତେବେଳ ଯାଏ ବିଭିନ୍ନ ଜନସମୂହର ମନୋଗତ ତଥା ପ୍ରାଣିକ ଅତୀତ ଅଭ୍ୟାସଗୁଡ଼ିକର ସେହି ଅକ୍ରିୟ ଅଖଣ୍ଡତାଟି ଉପରେ ସେଗୁଡ଼ିକର କୌଣସି ଅଧିକାର ରହିଥିବ, ସେପର୍ଯ୍ୟନ୍ତ ସେଗୁଡ଼ିକ ଅବଶ୍ୟ ସତ୍ତା ଧରି ରହିଥିବେ ଓ ଭବିଷ୍ୟତର ନୂତନ ଶକ୍ତିଗୁଡ଼ିକର କ୍ରମବୃଦ୍ଧିଶୀଳ ତଥା କ୍ରମୋତ୍ଥିତ ବଳ ସେମାନଙ୍କୁ ତଳେ ପକାଇ ନ ଦେବା ପର୍ଯ୍ୟନ୍ତ ସେଗୁଡ଼ିକ ଅବଶ୍ୟ ରହିଥିବେ । ସେଗୁଡ଼ିକର ଯାବତୀୟ ଗତିଶୀଳତା ଏହି ବଳଟିକୁ କେବଳ ବୃଦ୍ଧିପ୍ରାପ୍ତ ହେବାରେହିଁ ସାହାଯ୍ୟ କରୁଛି; ଏବଂ ଉଗ୍ର ଭାବରେ ଆପଣାର ସିଦ୍ଧାନ୍ତଗୁଡ଼ିକୁ କାମୁଡ଼ି କରି ରହି ସେଗୁଡ଼ିକ ଆପଣାକୁ ସ୍ଥାୟୀ କରି ରଖିବାକୁ ଇଚ୍ଛା କରୁଥା'ନ୍ତୁ ଅଥବା ସେମାନଙ୍କୁ ସ୍ଥାନଚ୍ୟୁତ କରିବା ଲାଗି ଅଭିପ୍ରେତ ହୋଇ ଆସିଥିବା ସମ୍ପୂର୍ଣ୍ଣ ବିପରୀତ ସିଦ୍ଧାନ୍ତଗୁଡ଼ିକ ସହିତ ସେମାନେ ଯେତେଯାହା ସଉଦା ଏବଂ ସାଲିସ୍ କରବାକୁ ଯାଆନ୍ତୁ ପଛକେ, ସେମାନେ ପକାଉଥିବା ପ୍ରତ୍ୟେକ ପଦୁଣହିଁ ସେମାନଙ୍କୁ ସେମାନଙ୍କ ମୃତ୍ୟୁର ଅଧିକ ନିକଟବର୍ତ୍ତୀ କରି ଆଣୁଛି । ଯେଉଁ ନୂତନ ବସ୍ତୁଗୁଡ଼ିକ ଏବେସୁଦ୍ଧା ବର୍ତ୍ତମାନକୁ ନିଜର ଅଧୀନକୁ ଆଣିପାରି ନାହାନ୍ତି, ମାତ୍ର ତଥାପି ଯେଉଁଗୁଡ଼ିକ ସେହି ବର୍ତ୍ତମାନର ଖୁବ୍ ଭାରି ଏବଂ ଫଳପ୍ରଦ ମାତ୍ର ଅସ୍ଥାୟୀ ଚାପଟିର ବିରୋଧରେ ଆପଣାକୁ ପ୍ରତିଷ୍ଠିତ କରି ରଖିବା ଲାଗି ସଂଗ୍ରାମ ଆରମ୍ଭ କରିଦେଲେଣି, ଆମେ ସେହିଗୁଡ଼ିକୁ ପରୀକ୍ଷା କରି ଦେଖିଲେ ତାହା ହୁଏତ ଅଧିକ ଫଳଦାୟକ ହେବ ।

ଯୁଦ୍ଧ ଲାଗିଥିବା ସମୟରେ ଏହି କଥାଟି ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଥିଲା ଯେ, ଯୁଦ୍ଧ ଦୁଇଟି ସମସ୍ୟା ଲାଗି ଆମକୁ ପ୍ରକୃତରେ କୌଣସି ସମାଧାନ ଆଣି ଦେଇ ପାରିବ ନାହିଁ, ସେଗୁଡ଼ିକୁ ତାହା ବରଂ ଏକ ଉତ୍କଟ ସଂକଟ-ପର୍ଯ୍ୟାୟଟି ଲାଗି ପ୍ରସ୍ତୁତ କରି ଆଣିବ । ସେହି ଦୁଇଟି ସମସ୍ୟା ହେଉଛି କ୍ରମଶଃ ବୃଦ୍ଧି ପାଉଥିବା ପୁଞ୍ଜିପତି ଓ ଶ୍ରମିକ ଭିତରେ ଲାଗିଥିବା ସଂଘର୍ଷଟିର ସମସ୍ୟା ଏବଂ ଏସିଆ ମହାଦେଶର ସମସ୍ୟା । ଏସିଆର ସମସ୍ୟାଟି ବର୍ତ୍ତମାନ ଆଉ ପରସ୍ପର ସହିତ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କେତେଜଣ ଶୋଷଣକାରୀଙ୍କ ମଧ୍ୟରେ ଲାଗିଥିବା ଏକ ବିବାଦର ଏକ ସମସ୍ୟା ହୋଇ ରହି ନାହିଁ, ମାତ୍ର ଆକ୍ରମଣକାରୀ ଇଉରୋପ ଏବଂ ପୁନର୍ବାର ନିଦ ଭାଙ୍ଗି ଉଠୁଥିବା ଏସିଆ,— ଏହି ଦୁହିଁଙ୍କ ମଧ୍ୟରେ ରହିଥିବା ଏକ ସମସ୍ୟାରେ ପରିଣତ ହୋଇଗଲାଣି । ତାହାର ତାତ୍କାଳିକ ଦୃଷ୍ଟିଟିରୁ ବିଚାର କରି ଦେଖିଲେ ଗତ ଯୁଦ୍ଧ ପ୍ରକୃତରେ ଏକ ପକ୍ଷରେ ଜର୍ମାନ୍ ବିଚାର ଓ ଅନ୍ୟ ପକ୍ଷରେ ଫ୍ରାନ୍ସ୍, ଇଂଲଣ୍ଡ ଓ ଆମେରିକାର ପାଶ୍ଚାତ୍ୟ ଜନଗଣ ପ୍ରତିନିଧିତ୍ୱ କରୁଥିବା

'oaob.nitrkl.ac.in' images reprocessed

ମଧ୍ୟମବର୍ଗୀୟ ଉଦାରତାବାଦ ମଧ୍ୟରେ ଏକ ଇଢ଼େଇ ରୂପେହିଁ ଆବିର୍ଭୂତ ହୋଇଥିଲା; ଏବଂ ବର୍ତ୍ତମାନର ସେହି ପ୍ରଶ୍ନଟିର ନିଷ୍ପତ୍ତି କଲାବେଳେ ଭବିଷ୍ୟତ ଲାଗି ଯଥେଷ୍ଟ ଅଧିକ ମହତ୍ତ୍ୱ ରଖୁଥିବା ଅନ୍ୟ ଦୁଇଟିଯାକ ପ୍ରଶ୍ନକୁ ଅସମାହିତ ଭାବରେ ଗଡ଼ାଇ ଦେବାକୁ ପଡ଼ିଲା । ପୁଞ୍ଜିପତି ଓ ଶ୍ରମିକମାନଙ୍କ ଭିତରେ ଏକ ସାମୟିକ ଚୁକ୍ତି କରି ନିଆଗଲା; ଜାତୀୟ ଭାବନାର ଏକ ପ୍ରଚଣ୍ଡ ସଂକେନ୍ଦ୍ରଣ ଫଳରେହିଁ ସାମୟିକ ଚୁକ୍ତି ସମ୍ଭବ ହେଲା, ନିରାଟ ସମାଜବାଦୀ ବିଚାରଟିର ଅତି ଅସ୍ପଷ୍ଟ ବୋଲି ମନେ ହେଉଥିବା ଆଦର୍ଶବାଦୀ ଆନ୍ତର୍ଜାତିକତାବାଦକୁ ସେହି ଜାତୀୟ ଭାବନା ବଳରେ ଅତିକ୍ରମ କରିଗଲା; ଆଉ କୌଣସି ମର୍ମସ୍ଥ କାରଣ ଦ୍ୱାରା ଯେ ସେପରି ହେଲା, ସେକଥା ଆଦୌ ନୁହେଁ । କାରଣ, ପୁଞ୍ଜିପତି ଓ ଶ୍ରମିକକୁଳ,— ବିବଦମାନ ଏହି ଦୁଇ ଶ୍ରେଣୀ ମଧ୍ୟରେ ଏକ ପୁନର୍ମିଳନ ଏବଂ ସମାଧାନ ସମ୍ଭବ ହୋଇଯିବ ବୋଲି ଯେଉଁ ଶୂନ୍ୟଗର୍ଭ ଏବଂ ରମଣୀୟ ପ୍ରତିଶ୍ରୁତିଟି ଦିଆଯାଇଛି ସେଇଟି ପ୍ରକୃତରେ ଏତେବେଶୀ ପରିମାଣରେ ଏକ ଫମ୍ପା ଅବାସ୍ତବତା ହୋଇ ରହିଥିଲା ଯେ ତାହାକୁ କଦାପି ଏକ ମୀମାଂସକ ରୂପେ ଗ୍ରହଣ କରାଯାଇ ପାରିବ ନାହିଁ । ଏଣେ ଏସୀୟ ସମସ୍ୟାଟିକୁ ମଧ୍ୟ ସେହିପରି ଅସମାହିତ ଭାବରେ ରଖିଦିଆ ଯାଇଥିଲା ଏବଂ ଯେଉଁ ସମୂହଗୁଡ଼ିକ ସେପର୍ଯ୍ୟନ୍ତ ସଭ୍ୟତାର ଆୟତନଟି ମଧ୍ୟରେ ପ୍ରବେଶ ବି କରି ନ ଥିଲେ, ସେମାନଙ୍କୁ ମଧ୍ୟ ଉଦାରବାଦୀ ସାମ୍ରାଜ୍ୟଗୁଡ଼ିକ ଭବିଷ୍ୟତରେ ଆତ୍ମ-ନିୟନ୍ତ୍ରଣ ଓ ସ୍ୱାଧୀନତା ଦିଆଯିବ ବୋଲି ଆକର୍ଷକ ପ୍ରଲୋଭନମାନ ଦେଇ ରଖିଥିଲେ ଅଥବା ଏଗୁଡ଼ିକଠାରୁ କିଞ୍ଚିତ୍ ପରିମାଣରେ ଅଧିକ ସୀମାବଦ୍ଧ ଅଥଚ ତଥାପି ପ୍ରଲୋଭନକାରୀ ପ୍ରତିଶ୍ରୁତିମାନ ଦେଇ ରଖିଥିଲେ । ଆପଣାର ଏକ ସ୍ୱାଧୀନସକ୍ରିୟ ନୀତି ଅନୁସରଣ କରିବା ଲାଗି ଏସୀୟ ଜାତିମାନଙ୍କର ଆଦୌ ଯଥେଷ୍ଟ ବଳ ନ ଥିଲା ଓ ତେଣୁ, ଯେଉଁମାନେ ଯୁଦ୍ଧରେ ଜୟଲାଭ କଲେ ସେମାନେ ଅଧିକ ଆଶାନ୍ୱିତ ହେବାର ସମ୍ଭାବନା ଦେଖୁଥିଲେ ବା ସେମାନଙ୍କ ଉପରେ ସବୁଠାରୁ କମ୍ ବିପତ୍ତିର ଆଶଙ୍କା ରହିଛି ବୋଲି ଅନୁମାନ କରୁଥିଲେ, ସେମାନେ ସେହିମାନଙ୍କ ପଟେ ରହି ଯୁଦ୍ଧ କରିଥିଲେ । ଏହି ସବୁଯାକ କଥା ବର୍ତ୍ତମାନ ଅତୀତର କଥା ହୋଇଗଲାଣି : ସ୍ୱାଭାବସିଦ୍ଧ ଓ ଅନିବାର୍ଯ୍ୟ ସମ୍ବନ୍ଧଗୁଡ଼ିକର ପୁନଃପ୍ରତିଷ୍ଠା ହୋଇଗଲାଣି ଏବଂ ଏହିସବୁ ବଡ଼ ବଡ଼ ସମସ୍ୟା ମଧ୍ୟ ଏକ ଚରମବିନ୍ଦୁରେ ଆସି ପହଞ୍ଚିବାକୁ ବସିଲାଣି । ପୁଞ୍ଜିପତି ଏବଂ ଶ୍ରମିକଶ୍ରେଣୀ ମଧ୍ୟରେ ଲାଗିଥିବା ଆଧୁନିକ ବିବାଦଟି ଏକ ନୂତନ ପର୍ଯ୍ୟାୟ ମଧ୍ୟରେ ଆସି ପ୍ରବେଶ କଲାଣି ଏବଂ ଅନେକାନେକ କୁଣ୍ଠା ଏବଂ ଅମୀମାଂସକତା ସତ୍ତ୍ୱେ ପ୍ରାୟ ଅସାଧ୍ୟ ଭାବରେ ପରସ୍ପରର ବିରୋଧୀ ହୋଇ ରହିଥିବା ଏହି ଦୁଇ ସିଦ୍ଧାନ୍ତ ଅତ୍ୟନ୍ତ ସ୍ପଷ୍ଟଭାବରେ ସେମାନଙ୍କ ଭିତରେ ଲାଗିବାକୁ ଯାଉଥିବା ସର୍ବଶେଷ ମୀମାଂସକ ଯୁଦ୍ଧଟି ଆଡ଼କୁ ଅଗ୍ରସର ହେବାରେ ଲାଗିଛନ୍ତି । ଏବଂ ଏସିଆରେ

'oaob.nitrkl.ac.in' images reprocessed

ଗୋଟାଏ ପାଖରେ ଅଧୀନସ୍ଥ ରାଜ୍ୟ ଏବଂ ସଂରକ୍ଷିତ ରାଜ୍ୟର ସେହି ପୁରାତନ ବ୍ୟବସ୍ଥାଟି ମାରଫତଦାରୀ ଶାସନର ସେମାନଙ୍କର ସେହି ନୂତନ ଓ ବିଚିତ୍ର ଅନ୍ୟରୂପଟିକୁ ସାଙ୍ଗରେ ଧରି ଅନ୍ୟପାଖରେ ଏସିଆର ଜାତିମାନେ ସ୍ପଷ୍ଟ ଭାବରେ ସମତା ଏବଂ ସ୍ୱାଧୀନତା ପାଇଁ କରୁଥିବା ଦାବିଟି ସହିତ ଯାଇ ସଂଯୁକ୍ତ ହୋଇ ରହିଲାଣି । ଏତଦ୍‌ବ୍ୟତୀତ ଆଉ ଯାହାକିଛି ପୁରୋଭାଗରେ ରହିଛି, ତାହା ସେହି ମୃତ ଅତୀତଟିକୁ ଜିଆଇ ରଖିବା ଅଥବା ତାହାର ଅବସାନ ଘଟାଇବାର ପ୍ରକ୍ରିୟାଟିକୁ ପ୍ରଲମ୍ବିତ କରି ରଖିବାର କ୍ରିୟାଟିର ଅନ୍ତର୍ଭୁକ୍ତ ହୋଇ ରହିଛି । ମାତ୍ର ଆସନ୍ନ ଭବିଷ୍ୟତ ସକାଶେ କେବଳ ଏହି ଦୁଇଟି ସମସ୍ୟାହିଁ ପ୍ରକୃତରେ ଗୋଟିଏ ଗୋଟିଏ ଜୀବନ୍ତ ପ୍ରଶ୍ନ ହୋଇ ରହିବାକୁ ଯାଉଛନ୍ତି ।

ସମଗ୍ର ଇଉରୋପରେ ବର୍ତ୍ତମାନ ପୁଞ୍ଜିବାଦ ଏବଂ ସମାଜବାଦର ଦୁଇ ଶକ୍ତି ମୁହାଁମୁହିଁ ହୋଇ ପରସ୍ପର ଆଡ଼କୁ ଅନାଇ ରହିଛନ୍ତି, ମାତ୍ର ସେମାନେ ଏପର୍ଯ୍ୟନ୍ତ ସମରକ୍ଷେତ୍ରକୁ ଅବତରଣ କରି ନାହାନ୍ତି । ଏହା ବ୍ୟତୀତ ଆଉ ଯେତେ ଯେଉଁଠି ପାର୍ଥକ୍ୟ ଏବଂ ପ୍ରଭେଦ ଥିଲା, ସେହି ସବୁଯାକ କେବଳ ମ୍ଳାନ ହୋଇ ଯାଉଛନ୍ତି, ଗୋଟିଏ ଜାତି ଭିତରେ ଆଗରୁ ଲାଗି ଆସିଥିବା ସାନସାନ ରାଜନୀତିକ କଳିଆସବୁ ପ୍ରାୟ ଅର୍ଥହୀନ ହେବାକୁ ବସିଲାଣି । ପୁରାତନ ମଧ୍ୟବିତ୍ତ ଶ୍ରେଣୀର ରାଜପଣଟି ଏପର୍ଯ୍ୟନ୍ତ ଭୌତିକ ଶକ୍ତିଟିକୁ ଆପଣା ହାତରେ ରଖିଛି, ମାଲିକ ହୋଇ ରହି ଆସିଥିବାର ସମ୍ମାନ ବଳରେ ଏବଂ ଏକ ଅନିଶ୍ଚିତ ଦୁଃସାହସରେ ନ ପଡ଼ି ବର୍ତ୍ତମାନର ମନ୍ଦଗୁଡ଼ିକୁ ତଥାପି ଆଦରି ରହିବା ଲାଗି ମଣିଷମାନଙ୍କ ଭିତରେ ଯେଉଁ ଅଭ୍ୟସ୍ତତାଟି ରହିଛି, ତାହାରି ସାହାଯ୍ୟରେ ମଧ୍ୟବିତ୍ତ ଶ୍ରେଣୀ ଅନିଶ୍ଚିତଗତି ଲୋକମାନସଟିକୁ ନିଜର ଅକ୍ତିଆରରେ ରଖିଛି ଓ ଆପଣାର ଏହି ସ୍ଥିତିଟିକୁ ବଜାୟ ରଖିବା ଲାଗି ନିଜର ଅବଶିଷ୍ଟ ସକଳ ଶକ୍ତିକୁ କାମରେ ଲଗାଇବାରେ ଲାଗିଛି । ଋଷିଆରେ ସର୍ବପ୍ରଥମ ବାସ୍ତବରୂପ ନେଇ ଯେଉଁ ସମାଜବାଦୀ ବିପ୍ଳବକାମୀ ସତ୍ତାଟି ସଫଳ ଭାବରେ ପ୍ରତିଷ୍ଠିତ ହୋଇଛି, ମଧ୍ୟବିତ୍ତ ଶ୍ରେଣୀର ଶାସନକୁ ଆଜି ତାହାରି ସମ୍ମୁଖୀନ ହେବାକୁ ପଡୁଛି ସତ, ମାତ୍ର, ସେଇଟିକୁ ଜନ୍ମରୁ ମାରିଦେବା ଲାଗି ତାହାର ପୁନଃପୁନଃ ଚେଷ୍ଟା ବୃଥା ହୋଇ ଯାଇଥିଲେ ମଧ୍ୟ, ତାହା ଏପର୍ଯ୍ୟନ୍ତ ତାହାକୁ ଅଲଗା କରି ରଖିବା, ତାହାକୁ ଅବରୋଧର ସମ୍ମୁଖୀନ କରାଇବା ଓ ଅର୍ଦ୍ଧ-ଉପବାସୀ କରି ରଖିବାରେ ବେଶ୍ ସଫଳତା ହାସଲ କରି ପାରିଛି; ପଶ୍ଚିମ ଆଡ଼କୁ ଆହୁରି ମାଡ଼ିଯିବା ଲାଗି ସେହି ସମାଜବାଦର ଯେଉଁ ପ୍ରବଳ ବାସନାଟି ରହିଥିଲା, ତା' ବିରୋଧରେ ଏକ କୃତ୍ରିମ ବାଡ଼ ଠିଆ କରି ରଖିବାରେ ଏବଂ ବଦନାମ କରିଦେବାର ଏକ ସତତ ଅଭିଯାନ ଚଳାଇ ଆପଣାର ପ୍ରଧାନ ବିଚାରଗୁଡ଼ିକୁ ଅଧିକ ତ୍ୱରାର ସହିତ ସଂକ୍ରାମିତ କରିଦେବା ଲାଗି ସାମ୍ୟବାଦର ସକଳ ଉଦ୍ୟମକୁ ପଣ୍ଡ କରିଦେବାରେ ମଧ୍ୟ ତାହା ସଫଳ ହୋଇ ପାରିଛି ।

'oaob.nitrkl.ac.in' images reprocessed

ଆଇନର ବଳରେ ହେଉ ଅଥବା ସାମରିକ ଶକ୍ତିର ପ୍ରୟୋଗ କରି ହେଉ, ସୋଭିଏଟ୍ ବିପ୍ଳବକୁ ରୁଷିଆର ରାଜ୍ୟସୀମା ଡିଆଁଇ ପଶ୍ଚିମକୁ ମଡ଼ାଇ ଆଣିବାର ଯାବତୀୟ ଚେଷ୍ଟାକୁ ଦବାଇ ଦିଆଯାଇଛି । ଅନ୍ୟ ପକ୍ଷରେ, ପୃଥିବୀର ଅର୍ଥନୈତିକ ପରିସ୍ଥିତି କ୍ରମେ ଅଧିକରୁ ଅଧିକ ଖରାପ ହେବାରେ ଲାଗିଛି, ବର୍ଷ ପରେ ବର୍ଷ ସେଥିରେ ଆଦୌ କୌଣସି ଉନ୍ନତିର ଲକ୍ଷଣ ଦେଖାଯାଉ ନାହିଁ; ଏବଂ ଏହି କଥାଟି କ୍ରମେ ଅଧିକ ପରିଷ୍କାର ହୋଇଯାଉଛି ଯେ ପୁଞ୍ଜିବାଦ ଯେ କେବଳ ଆପଣାର ନୈତିକ ମାନ୍ୟତାଟିକୁ ହରାଇ ବସିଛି ତାହା ନୁହେଁ, ମାତ୍ର ସିଏ ନିଜେ ଉପୁଜାଇଥିବା ଓ ଏକ ଚରମବିନ୍ଦୁରେ ଆଣି ପହଞ୍ଚାଇ ଥିବା ଭୌତିକ ସମସ୍ୟାଗୁଡ଼ିକର ସମାଧାନ କରିବା ଲାଗି ମଧ୍ୟ ସେହି ପୁଞ୍ଜିବାଦର ପ୍ରକୃତରେ ଆଉ କୌଣସି ସାମର୍ଥ୍ୟ ନାହିଁ; ଏବଂ ତେଣେ ଅନ୍ୟ ଉପାୟରେ ସେଗୁଡ଼ିକର ସମାଧାନ କରିବାର ପଥଟିକୁ ମଧ୍ୟ ସିଏ ଓଗାଳି ବସିବାକୁ ଇଚ୍ଛା କରୁଛି । ଏହି ଅଚଳ ଅବସ୍ଥାରେ ଗୋଟିଗୋଟି କରି ଯେତିକି ବର୍ଷ ଅତିକ୍ରାନ୍ତ ହୋଇଯାଉଛି, ସମାଜବାଦୀ ବିଚାରଟିର ବଳ ମଧ୍ୟ ସେତିକି ସେତିକି ଅଧିକ ହେବାରେ ଲାଗିଛି ଓ ତାହାର ଅନୁଗାମୀମାନଙ୍କର ସଂଖ୍ୟା, ଗୁଣାତ୍ମକତା ଏବଂ ଉଗ୍ର-ବାଦୀ ଉତ୍ସାହଟି ମଧ୍ୟ ସେତିକି ବୃଦ୍ଧି ପାଇ ଚାଲିଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ପୁରାତନ ସତ୍ତା ପ୍ରାୟ ସବୁଠାରେ ଅନ୍ତତଃ ସାମୟିକ ଭାବରେ ଆପଣାକୁ ଅଧିକ କଠିନ ଓ ସଂକେନ୍ଦ୍ରିତ କରି ଆଣିଲାଣି; ବିପ୍ଳବୀ ଫ୍ରାନ୍ସ୍ ଏବଂ ଇଉରୋପ ମଧ୍ୟରେ ଲାଗିଥିବା ଯୁଦ୍ଧଟିର ସର୍ବପ୍ରଥମ ପରିଣାମରୂପେ ଏକଦା ରାଜତନ୍ତ୍ର ଓ କୁଳୀନତନ୍ତ୍ର ଆପଣାକୁ ଯେଉଁଭଳି କଠିନ ଓ ସଂକେନ୍ଦ୍ରିତ କରି ଆଣିଥିଲା, ସେଇଟି ସହିତ ଏହାର ଅନେକ ସାଦୃଶ୍ୟ ରହିଛି । ମାତ୍ର ଶକ୍ତିର କ୍ଷେତ୍ରରେ ଏଇଟିର ଅପେକ୍ଷାକୃତ କମ୍ ବାସ୍ତବତା ରହିଛି ଏବଂ ଏଇଟି ଅନ୍ୟଟି ପରି ସେତେବେଶୀ କାଳ ସ୍ଥାୟୀ ହୋଇ ରହିପାରିବ ବୋଲି ମଧ୍ୟ କମ୍ ସମ୍ଭାବନା ରହିଛି । କାରଣ, ବିପ୍ଳବର ସ୍ରୋତଟି ସେତେବେଳେ ଯେପରି ସାମୟିକ ଭାବରେ ଶ୍ରାନ୍ତ ଓ ଅବସନ୍ନ ହୋଇ ପଡ଼ିଥିଲା, ବର୍ତ୍ତମାନ ଆଦୌ ସେପରି ଘଟି ନାହିଁ; ସେହି ସ୍ରୋତଟିକୁ କେବଳ ଅଟକାଇ ଦିଆଯାଇଛି । ଏବଂ ପରିବର୍ତ୍ତନକାମୀ ବିଚାର ଏବଂ ଶକ୍ତିଗୁଡ଼ିକର ପୁଞ୍ଜୀଭୂତ ଗତିଟି ଆମର ଏହି ଯୁଗରେ ଅମାପ ପରିମାଣରେ ପ୍ରଖର ହୋଇ ଉଠିଛି । ଏକ ବିପୁଳ ରାଜନୀତିକ, ସାମାଜିକ ଏବଂ ଅର୍ଥନୈତିକ ଓଲଟପାଲଟର ସାମଗ୍ରୀଗୁଡ଼ିକ, ପ୍ରତ୍ୟେକ ଚାପ ଏବଂ ଅବରୋଧ ଫଳରେ ଆହୁରି ଅଧିକ ଶକ୍ତିମାନ୍ ହୋଇ ଉଠୁଥିବା ସମ୍ଭବତଃ କେତେକେତେ ଶକ୍ତିଶାଳୀ ବିସ୍ଫୋରଣର ସାମଗ୍ରୀ ଓ ଉପାଦାନମାନ ସବୁସ୍ଥାନରେ ଅତ୍ୟନ୍ତ ଦୃଶ୍ୟମାନ ଭାବରେ ଠୁଳ ହୋଇ ଆସିବାକୁ ଲାଗିଲାଣି ।

ଏହି ରୁଷ-ବିପ୍ଳବ ଅପ୍ରତିହତ ହୋଇ ତିଷ୍ଠି ରହିବ, ସଫଳତା ଲାଭ କରିବ ଓ

'oaob.nitrkl.ac.in' images reprocessed

ଅବ୍ୟାହତ ଭାବରେ ଅଗ୍ରଗତି କରୁଥିବ,— ଆମେ ଏହାକୁହିଁ ଆଗାମୀ ଘଟଣାଗୁଡ଼ିକର ସର୍ବପ୍ରଧାନ ସଂକେତ ବୋଲି ଗ୍ରହଣ କରିପାରିବା । ତତ୍କାଳୀନ ପ୍ରତିଷ୍ଠିତ ବିଚାରଗୁଡ଼ିକୁ ଏବଂ ଯାବତୀୟ ଅନୁଷ୍ଠାନକୁ ଆସନଚ୍ୟୁତ କରି ଅଷ୍ଟାଦଶ ଶତାବ୍ଦୀର ଫ୍ରାନ୍ସରେ ଯେଉଁ ପ୍ରକାଣ୍ଡ ଓଲଟପାଲଟ ସଂଘଟିତ ହୋଇଥିଲା, ଏହି ଘଟଣାଟି ମନୁଷ୍ୟଜାତିର ଇତିହାସରେ ଠିକ୍ ସେହିପରି ମହତ୍ତ୍ୱପୂର୍ଣ୍ଣ ହେବାକୁ ଯାଉଛି ବୋଲି ମନେ ହେଉଛି । ଏବଂ ଭବିଷ୍ୟତର ବଂଶଧରମାନେ ଜର୍ମାନୀର ପତନ ଘଟିଥିବା ପାଇଁ ନୁହେଁ, ମାତ୍ର ହୁଏତ ଏହି ଘଟଣାଟି ପାଇଁହିଁ ଏହି ମହାଯୁଦ୍ଧଟିକୁ ସବୁଦିନ ସକାଶେ ସ୍ମରଣୀୟ ବୋଲି ଅନୁଭବ କରୁଥିବେ । ବର୍ତ୍ତମାନ ରୁଷିଆରେ ଯେଉଁ ବଲ୍‌ଶେଭିକ୍ ଶାସନ ସ୍ଥାପିତ ହୋଇଛି, ତାହା ଭିତରେ ଭଲ କେତେ ରହିଛି ଓ ମନ୍ଦ କେତେ ରହିଛି ଅଥବା ସେଇଟି ପ୍ରକୃତରେ ସ୍ଥାୟୀ ହୋଇ ରହି ପାରିବ କି ନାହିଁ, ଏସବୁ କଥାକୁ ଆଦୌ କୌଣସି ଅପେକ୍ଷା ନ ରଖି ସେହି ଘଟଣାଟି ସ୍ମରଣୀୟ ହୋଇ ରହିଥିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ବଲ୍‌ଶେଭିକ୍ ଏକାଧିନାୟକତ୍ୱ କେବଳ ମଧ୍ୟବର୍ତ୍ତିକାଳୀନ ଏକ ସାଧନରୂପେହିଁ ପ୍ରତିଷ୍ଠିତ ହୋଇଛି; ସର୍ବୋଚ୍ଚ କାଉନ୍ସିଲ୍ ଏବଂ ସିଏ ସମର୍ଥନ କରି ରଖିଥିବା ଆଉ ସବୁକିଛି ଯେପରି ପରିପନ୍ଥୀ ରକ୍ଷଣଶୀଳ ଶକ୍ତିଗୁଡ଼ିକର ଏକ ସାମୟିକ ସଂକେନ୍ଦ୍ରଣ ରୂପେ ପ୍ରତିଷ୍ଠିତ ହୋଇଛି, ସେହି ଏକାଧିନାୟକତ୍ୱ କେବଳ ବୈପ୍ଲବିକ ଶକ୍ତିର ଏକ ସାମୟିକ ସଂକେନ୍ଦ୍ରଣ ରୂପେହିଁ ପ୍ରତିଷ୍ଠିତ ହୋଇଛି । ଏହି ଅସାଧାରଣ ରାଷ୍ଟ୍ରସତ୍ତାଟି ଏହାମଧ୍ୟରେ ଯାହାକିଛି ହାସଲ କରିପାରିଛି, ତାହା ଭିତରେ ସମସ୍ତଙ୍କୁ ବିସ୍ମିତ କରିଦେବା ଲାଗି ପ୍ରକୃତରେ ଅନେକ କିଛି ରହିଛି । ଏହି ସତ୍ତା ଉପରେ ବାହାର ଓ ଭିତର ଉଭୟଆଡୁ କେତେ ଆକ୍ରମଣ ହୋଇଛି, ନିର୍ମମ ଭାବରେ ତାହାର ଅବରୋଧ କରାଯାଇଛି, ତାହାକୁ ଅନାହାରରେ ରଖାଯାଇଛି, ସିଏ ସ୍ୱୟଂ କେବଳ ଯେତିକି ଆପଣା ଦେଶରେ ଆପେ ସୃଷ୍ଟି କରି ପାରିଛି ଅଥବା ବିଜୟ ଦ୍ୱାରା ହାସଲ କରି ପାରିଛି, ତାହା ବ୍ୟତୀତ ଜୀବନନିର୍ବାହର ସକଳ ସାଧନରୁ ତାହାକୁ ବଞ୍ଚିତ କରି ରଖାଯାଇଛି, ତାହାକୁ ବାରବାର ପତନର ଦାଢ଼କୁ ଆଣି ପହଞ୍ଚାଇ ଦିଆଯାଇଛି; ତଥାପି ସେହି ସତ୍ତା ସବୁଯାକ ବିପଦ ଏବଂ ସବୁଯାକ ବାଧାକୁ ଅତିକ୍ରମ କରି ତଥାପି ବଞ୍ଚି ରହିଛି ଏବଂ ବରଂ ଏପରି କୁହାଯାଇ ପାରିବ ଯେ ଦୁର୍ଗତି ମଧ୍ୟରୁ ତାହା ସର୍ବଦା ନୂତନ ବଳ ଆହରଣ କରିଛି, ଦେଶଭିତରର ଶତ୍ରୁମାନଙ୍କୁ ବଶକୁ ଆଣିଛି ଓ ବହିଃଶତ୍ରୁମାନଙ୍କର ପ୍ରତିରୋଧ ମଧ୍ୟ କରିଛି, ଆପଣାର ସୀମା ଡେଇଁ ଏସିଆ ମଧ୍ୟକୁ ପ୍ରସାରିତ ହୋଇଯାଇଛି, ଯେଉଁଠି କେବଳ ଅରାଜକତାହିଁ ଥିଲା, ସେହି ସ୍ଥାନରେ ଏକ ଶକ୍ତିଶାଳୀ ଅସାମରିକ ତଥା ସାମରିକ ସଂଗଠନକୁ ଗଢ଼ିଆଣି ପାରିଛି ଏବଂ ଏହିସବୁ ଅନାଟନ, ଅନ୍ତଃସଂଘର୍ଷ ଓ ବହିଃବିପଦ ସତ୍ତ୍ୱେ ଏକ ନୂତନ ପ୍ରକାରର ସମାଜସ୍ଥାପନା

'oaob.nitrkl.ac.in' images reprocessed

ଲାଗି ମୂଳଦୁଆଟିଏ ଗଠନ କରିବାର ଆବଶ୍ୟକ ଶକ୍ତି ଅର୍ଜନ କରିପାରିଛି । ସେଠାରେ ଯାହାସବୁ ସମ୍ଭବ ହୋଇଛି, ତାହାକୁ ଆମେ ମନୁଷ୍ୟଶକ୍ତି ଦ୍ୱାରା ସମ୍ଭବ ହୋଇ ପାରୁଥିବା କୁହୁକ ବୋଲିହିଁ କହି ପାରିବା; ଫରାସୀ ବିପ୍ଳବ ସମୟରେ ଜାକୋବିନ୍‌ମାନେ ଯେଉଁ ଅସାଧାରଣ କୃତିତ୍ୱ ହାସଲ କରିଥିଲେ, ଅଧିକ ଅନନୁକୂଳ ପରିସ୍ଥିତିରେ ସେଠାରେ ବର୍ତ୍ତମାନ ତାହାରି ପୁନରାବୃତ୍ତି ହେଉଛି । ଏହି ଯାବତୀୟ ସଫଳତା ପଛରେ ଯେଉଁ ବିଚାରଟିର ଶକ୍ତି ନିହିତ ହୋଇ ରହିଛି ଓ ଯାହା ସେସବୁକୁ ସମ୍ଭବ କରି ପାରିଛି, ତାହାକୁହିଁ ଆମେ ଅଧିକ ମହତ୍ତ୍ୱ ଦେଇ ଦେଖିବାକୁ ସମର୍ଥ ହେବା । ଏହି ଘଟଣାଟିର କେବଳ ଏକ ବହିଃକ୍ଷେତ୍ରୀୟ ମହତ୍ତ୍ୱ ରହିଛି ଯେ ଏହି ଅଳ୍ପଦିନ ପୂର୍ବ ପର୍ଯ୍ୟନ୍ତ ଯେଉଁ ବଲ୍‌ଶେଭିକ୍‌ମାନଙ୍କ ହାତରୁ ମସ୍କୋ ଚାଲିଯିବ ବୋଲି ଆଶଙ୍କା କରା ଯାଉଥିଲା, ବର୍ତ୍ତମାନ ସେମାନେ ଓ୍ୱାର୍‌ସ ଯିବାର ବାଟରେ ଆସି ପହଞ୍ଚି ଗଲେଣି । ତାହାଠାରୁ ଆହୁରି ଅଧିକ ମହତ୍ତ୍ୱର ବିଷୟ ହେଉଛି ଯେ ଆଧୁନିକ ଯୁଗରେ ପ୍ରଥମ କରି ସଫଳତା ଲାଭ କରିଥିବା ଯେଉଁ କମ୍ୟୁନିଷ୍ଟ ରାଷ୍ଟ୍ରଟିକୁ ପାଶ୍ଚାତ୍ୟ ଶକ୍ତିମାନେ ଏପର୍ଯ୍ୟନ୍ତ ଗୋଟାଏ ଅତିକାୟ ଆତଙ୍କ ବୋଲି ଭାବି ଓ ତେଣୁ ତାହାକୁ ସଭ୍ୟତା ପ୍ରତି ଏକ ବିପଦ ବୋଲି କହି ଧ୍ୱଂସ କରିଦେବାକୁ ବାହାରିଥିଲେ, ବର୍ତ୍ତମାନ ଅବଶେଷରେ ସେମାନେ ତାହାରି ସହିତ କଥାବାର୍ତ୍ତା କରିବା ଲାଗି ବାହାରିଲେଣି । ତଥାପି ଏହିସବୁ ଘଟଣାକୁ ବି ଆମେ ପ୍ରକୃତ ମହତ୍ତ୍ୱ ରଖୁଥିବା ଘଟଣା ବୋଲି ମୋଟେ କହିବା ନାହିଁ; ଏହିସବୁ ଘଟଣା ଅନ୍ୟପ୍ରକାରେ ବି ଘଟି ପାରିଥା'ନ୍ତା ଓ ଏବେ ମଧ୍ୟ ହୁଏତ ଅନ୍ୟପ୍ରକାରେ ଘଟିପାରିବ ଏବଂ ପରିଶେଷରେ ହୁଏତ କେବଳ ଏକ ଉପାଖ୍ୟାନ ବା କାହାଣୀ ହୋଇ ରହିଯିବ । ମାତ୍ର ଏଇଟି ଭିତରେ ଆଉ ଗୋଟିଏ ମୌଳିକ ସତ୍ୟ ରହିଛି ଯାହାକି ଭବିଷ୍ୟତର ସମ୍ଭାବନାଗୁଡ଼ିକୁ ମଧ୍ୟ ନିଶ୍ଚୟ ପ୍ରଭାବିତ କରିବ; ସେହି ସତ୍ୟଟି ହେଉଛି ଯେ ମନୁଷ୍ୟ-ସମାଜର ଆଗାମୀ ନାୟକମାନଙ୍କ ମଧ୍ୟରୁ ନିଜକୁ ଜଣେ ବୋଲି ପ୍ରମାଣିତ କରି ଦେଇଥିବା ଏକ ବିରାଟ ଜାତି ଅନାଗତ ଭବିଷ୍ୟତର ପ୍ରଚ୍ଛନ୍ନ ଜଳଗର୍ଭଗୁଡ଼ିକ ମଧ୍ୟକୁ ସାହସର ସହିତ ଲମ୍ଫପ୍ରଦାନ କରିଛି, ପୁରାତନ ଭିତ୍ତିଗୁଡ଼ିକୁ ବିଲୁପ୍ତ କରିଦେଇଛି, କମ୍ୟୁନିଷ୍ଟବାଦର ଆଦର୍ଶକୁ ନେଇ ଏକ ମୌଳିକ ପ୍ରୟୋଗ କରିଛି ଓ ସେହି ପ୍ରୟୋଗରେ ଅଟଳ ହୋଇ ରହିଛି; ଯେଉଁଠାରେ ମଧ୍ୟବିତ୍ତବର୍ଗର ପାର୍ଲିଆମେଣ୍ଟାରି ଶାସନ ଚାଲୁଥିଲା, ତାହାରି ସ୍ଥାନରେ ଏକ ନୂତନ ଶାସନରୂପର ପ୍ରବର୍ତ୍ତନ କରିଛି ଏବଂ ସ୍ୱାଧୀନ ସାମୂହିକ ଜୀବନର ସର୍ବପ୍ରଥମ ଶକ୍ତିଟିକୁ ତାହା ସମ୍ପୂର୍ଣ୍ଣ ରୂପେ ଏକ ନୂତନ ସମାଜ-ବ୍ୟବସ୍ଥାର ନିର୍ମାଣ ଲାଗି ବାଟ ଫିଟାଇ ଦେବାରେହିଁ ବିନିଯୋଗ କରିପାରିଛି । ଅଟଳ ବିଶ୍ୱାସ ଏବଂ ସାହସିକତାର ଏହିଭଳି କାର୍ଯ୍ୟଗୁଡ଼ିକହିଁ ମନୁଷ୍ୟ-ପ୍ରଗତିର ପଥଟିକୁ ପ୍ରକୃତରେ ବଦଳାଇ ଦେଇଥା'ନ୍ତି ଅଥବା ସେହି ପଥଟିକୁ ତ୍ୱରାନ୍ୱିତ କରିଦେଇଥା'ନ୍ତି ।

'oaob.nitrkl.ac.in' images reprocessed

ଏହି କଥାରୁ ଏପରି ଭାବିନେବା ଆଦୌ ଉଚିତ ହେବ ନାହିଁ ଯେ ରୁଷିଆରେ ବର୍ତ୍ତମାନ ଯାହା ନିର୍ମାଣ କରିବାର ଉଦ୍ୟମ ହେଉଛି, ତାହାହିଁ ହେଉଛି ଭବିଷ୍ୟ-ସମାଜର ଅଭିଳଷିତ ରୂପ, ତାହାହିଁ ତାହାର କାମ୍ୟ ଓ ନିର୍ଦ୍ଦିଷ୍ଟ ରୂପ । ମାତ୍ର ଏଥିରୁ ଏହି ସଙ୍କେତଟି ଅବଶ୍ୟ ମିଳିଯାଉଛି ଯେ ସଭ୍ୟତାର ଗୋଟିଏ ପର୍ଯ୍ୟାୟ ବର୍ତ୍ତମାନ ଅତିକ୍ରାନ୍ତ ହୋଇଯିବାକୁ ଆରମ୍ଭ କରୁଛି ଏବଂ କାଳର ଆତ୍ମା ଏକ ନୂତନ ପର୍ଯ୍ୟାୟ ଓ ଏକ ନୂତନ ବ୍ୟବସ୍ଥା ଲାଗି ପ୍ରସ୍ତୁତି ଆରମ୍ଭ କରିଦେଲାଣି ।

ଏପରି ଅବଶ୍ୟ ସମ୍ଭବ ଯେ ପଶ୍ଚିମ ଆଡ଼କୁ ପ୍ରସାରଲାଭ କରିବା ପାଇଁ ଏହି କମ୍ୟୁନିଷ୍ଟବାଦର ବିଚାରଟିକୁ ବେଶ୍ ସମୟ ଲାଗିବ ଏବଂ ସେଯାଏ ଯାଇ ପହଞ୍ଚିବାର ବାଟରେ ସେହି ବିଚାରରେ କେତେ ନା କେତେ ପରିବର୍ତ୍ତନ ମଧ୍ୟ ଘଟିଯିବ । ମାତ୍ର ସେହି ଅର୍ଥରେ ବିଚାର କରି ଦେଖିଲେ ଏହି କ୍ଷେତ୍ରରେ ଏକ ଉଲ୍ଲେଖଯୋଗ୍ୟ ବିକାଶକ୍ରମ ଆରମ୍ଭ ବି ହୋଇଗଲାଣି । ଆଗରୁ ଶ୍ରମିକ-ଆନ୍ଦୋଳନ ପ୍ରାୟ ସବୁଠାରେ ଏକ ସଂସ୍କାରବାଦୀ ଆନ୍ଦୋଳନ ହୋଇହିଁ ରହିଥିଲା; ବର୍ତ୍ତମାନ ତାହା ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଏକ ସମାଜବାଦୀ ଆନ୍ଦୋଳନକୁ ରୂପାନ୍ତରିତ ହୋଇଯିବାକୁ ବସିଲାଣି, ଏବଂ ତେଣୁ ବର୍ତ୍ତମାନ ରହିଥିବା ଯେତେଯାହା କୁଣ୍ଠା ଓ ଅନିଚ୍ଛା ସତ୍ତ୍ୱେ ତାହା ଅନିବାର୍ଯ୍ୟତଃ ଏକ ବିପ୍ଳବାତ୍ମକ ଆଭିମୁଖ୍ୟ ଧାରଣ କଲାଣି । ଶ୍ରମିକମାନେ ପୂର୍ବରୁ ଆପଣା ଲାଗି ସମାଜରେ ଏକ ଅଧିକ ଭଲ ସ୍ଥାନ ଓ ରାଷ୍ଟ୍ରର ଶାସନରେ କିଞ୍ଚିତ୍ ପରିମାଣରେ ଏକ ଅଂଶଗ୍ରହଣ କରିବା ପାଇଁହିଁ ସଂଗ୍ରାମ କରି ଆସୁଥିଲେ; ଏବେ ସେହି ସଂଗ୍ରାମଟି ପୁରୁଣା ହୋଇଗଲାଣି । ବର୍ତ୍ତମାନ ତାହା ବଦଳରେ ସମାଜର ଏହି ପୁଞ୍ଜିବାଦୀ ଗଠନଟିକୁ ବିଲୁପ୍ତ କରି ଯେଉଁଠି ଧନାଧିକାରକୁ ଅଗ୍ରସ୍ଥାନ ଦିଆହୋଇ ରହିଥିଲା, ସେଠାରେ ତାହାର ସ୍ଥାନରେ ଶ୍ରମ-ଶକ୍ତିକୁହିଁ ସର୍ବମୂଳ ବୋଲି ମାନିନେବାକୁହିଁ ଆଦର୍ଶ ବୋଲି ସ୍ୱୀକାର କରାଗଲାଣି, ଶ୍ରମଶକ୍ତିକୁହିଁ ସମାଜର ଅସଲ ଭିତ୍ତି ଏବଂ ଶାସନକାରିଣୀ ଶକ୍ତି ବୋଲି ସ୍ୱୀକାର କରାଗଲାଣି । ଏହି ଆନ୍ଦୋଳନଟିର କ୍ଷେତ୍ରରେ ଯେଉଁସବୁ ପାର୍ଥକ୍ୟ ରହିଛି, ମୂଳ ନୀତିଟିକୁ ନେଇ ଆଉ ସେହିସବୁ ପାର୍ଥକ୍ୟ ଜନ୍ମୁ ନାହିଁ; ମାତ୍ର କେଉଁସବୁ ଉପାୟ ଦ୍ୱାରା ପରିବର୍ତ୍ତନଟି ଆସିବ, କିପରି ପ୍ରକ୍ରିୟାରେ ଆସିବ ଏବଂ ଆଗାମୀ ସମାଜବାଦୀ ରାଷ୍ଟ୍ର ତଥା ସମାଜକୁ ଠିକ୍ କିଭଳି ଏକ ରୂପ ଦିଆଯିବ, ଏହିସବୁ ବିଷୟରେ ଯାହା ମତପାର୍ଥକ୍ୟ ରହିଛି । କେବଳ ଏହି ମତାମତ କ୍ଷେତ୍ରରେ ରହିଥିବା ପାର୍ଥକ୍ୟଟିହିଁ ଅଗ୍ରଗତି ପଥରେ ବାଧାସୃଷ୍ଟି କରି ରଖିଛି ଏବଂ ସେଇଥିଲାଗି ମୀମାଂସିତ ହୋଇସାରିଥିବା ସଂଗ୍ରାମଟିରେ ସଂପୃକ୍ତ ସମସ୍ତେ ଆସି ସମ୍ମିଳିତ ହୋଇ ପାରୁ ନାହାନ୍ତି । ଏହି କଥାଟି ବେଶ୍ ଲକ୍ଷ୍ୟ କରାଯାଇ ପାରିବ ଯେ ଆମେ ପୂର୍ବଦିଗରେ ଯେତିକି ଆଗକୁ ଯିବା, ସମାଜବାଦୀ ଓ ସାମ୍ୟବାଦୀ

'oaob.nitrkl.ac.in' images reprocessed

ବିଚାରଟିର ବଳ ଓ ଶକ୍ତି ସେତିକି ଅଧିକ ପରିମାଣରେ ବୃଦ୍ଧି ପାଉଥିବାର ଦେଖିବାକୁ ପାଇବା, ଏବଂ ଯେତିକି ପଶ୍ଚିମ ଆଡ଼କୁ ଯିବା, ତାହା ସେତିକି କମ୍ ହୋଇଯାଉଥିବାର ବି ଦେଖିବାକୁ ପାଇବା । ବର୍ତ୍ତମାନ ଆନ୍ଦୋଳନ ତଥା ପ୍ରଗତିର ମୁହଁଟି ଆଉ ପଶ୍ଚିମରୁ ପୂର୍ବ ଆଡ଼କୁ ହୋଇ ରହି ନାହିଁ, ମାତ୍ର ପ୍ରାଚ୍ୟରୁ ପାଶ୍ଚାତ୍ୟ ଆଡ଼କୁ ହୋଇ ରହିଛି । ଅପେକ୍ଷାକୃତ ଅଧିକ ଉଗ୍ରବାଦୀ ଅନେକ ଶକ୍ତି ଅବଶ୍ୟ ସର୍ବତ୍ର ବୃଦ୍ଧି ପାଇବାରେ ଲାଗିଛନ୍ତି, ଏପରିକି ଧନିକତନ୍ତ୍ରୀ ଆମେରିକାରେ ମଧ୍ୟ ସେମାନଙ୍କର ଉପସ୍ଥିତି ଅନୁଭୂତ ହେଲାଣି । ସେକଥା ଯାହା ହେଉ ପଛକେ, ପଦକ୍ଷେପଟି ପଶ୍ଚାଦ୍‌ଗତି ହେବାରେ ଯେଉଁଠି ଯେତେ ପ୍ରବୃତ୍ତି ଦେଖା ଦେଉଥିଲେ ମଧ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ସ୍ରୋତଟିର ଦିଗ କ୍ରମେ ଅତ୍ୟନ୍ତ ସ୍ପଷ୍ଟ ହୋଇଗଲାଣି ଏବଂ ତାହାର ପରିଣାମ ସମ୍ବନ୍ଧରେ ମଧ୍ୟ ଆଉ ସଂଶୟ କରିବାକୁ ପ୍ରାୟ କିଛି ନାହିଁ । ଇଉରୋପୀୟ ସଭ୍ୟତାର ଏହି ପ୍ରଚଳିତ ପଦ୍ଧତିଟି ଅନ୍ତତଃ ପୁଞ୍ଜିବାଦୀ ଉଦ୍ୟୋଗତାନ୍ତ୍ରିକତାର ଛାଞ୍ଚଟି ଭିତରେ ପଡ଼ି ବର୍ତ୍ତମାନ ଯେଉଁ ରୂପଟି ଧାରଣ କରିଛି, ତାହା ସ୍ୱୟଂ ଆପଣାର ବିକରାଳ ଭୀମାବର୍ତ୍ତୀ ସୀମାଗୁଡ଼ିକ ପାଖରେ ଆସି ପହଞ୍ଚି ଗଲାଣି, ଆପଣା ପିଣ୍ଡର ଅତିକାୟତା ଫଳରେ ତାହା ଆପଣାକୁ ଖଣ୍ଡଖଣ୍ଡ କରିଦେଲାଣି ଏବଂ ତାହାର ଯେ ବିଲୁପ୍ତି ଘଟିବାକୁ ଯାଉଛି, ସେଥିରେ ଆଉ କୌଣସି ସନ୍ଦେହ ନାହିଁ । ଗୋଟାଏ ପାଖରେ ଏକ ଶ୍ରମିକତନ୍ତ୍ରୀ ଉଦ୍ୟୋଗବାଦ ପ୍ରତିଷ୍ଠିତ ହେବାର ସମ୍ଭାବନା ରହିଛି, ଯାହାକି ତାହାର ପୂର୍ବଗାମୀ ଏହି ପୁଞ୍ଜିତନ୍ତ୍ରୀ ଉଦ୍ୟୋଗବାଦଠାରୁ କେବଳ ବାହ୍ୟ ସଂଗଠନଟିର କ୍ଷେତ୍ରକୁ ଛାଡ଼ିଦେଲେ ଆଦୌ ଖୁବ୍‌ବେଶୀ ଅନ୍ୟପ୍ରକାର ହେବ ନାହିଁ; କିଞ୍ଚିତ୍ ପରିମାଣରେ ଏକ ବୃହତ୍ତର ପ୍ରେରଣା ଓ ବୃହତ୍ତର ଆକାର ଦେଇ, ରୁଷିଆରେ ବର୍ତ୍ତମାନ ଯେଉଁଭଳି ଉଦ୍ୟମଟି ଚାଲିଛି, ସେହିଭଳି ଏକ ସମାଜବାଦୀ କିଂବା ସାମ୍ୟବାଦୀ ସମାଜବ୍ୟବସ୍ଥାର ପ୍ରତିଷ୍ଠା ହେବ, ଅଥବା ତା' ନ ହେଲେ ଏପର୍ଯ୍ୟନ୍ତ ଆମର କୌଣସି ପୂର୍ବଜ୍ଞାନ ନ ଥିବା କୌଣସି ଏକ ନୂତନ ସିଦ୍ଧାନ୍ତର ଆବିର୍ଭାବ ହେବ;— ଭବିଷ୍ୟତର ମାର୍ଗଟି ଏହି ଦୁଇଟି ସମ୍ଭାବନା ମଧ୍ୟରୁହିଁ ନିର୍ଣ୍ଣୀତ ହେବ ।

ଦ୍ୱିତୀୟ ସମ୍ଭାବନାଟି ଲାଗି କେତେକ ପରିମାଣରେ ଏକ ଅବକାଶ ଯୋଗାଇ ଦେଉଥିବା ସେହି ଜାଗୃତିଶୀଳା ଶକ୍ତିଟିକୁ ଆମେ ଏସିଆ ମହାଦେଶର ନୂତନ ଜାଗରଣ ବୋଲି ଜାଣିବା । ଏକଥାଟି ଉପରେ ବିଶ୍ୱାସ କରିବା ଆଦୌ ସହଜ ନୁହେଁ ଯେ ଯେତେବେଳେ ଏସିଆ ସ୍ୱତନ୍ତ୍ରଭାବରେ ଚିନ୍ତା କରି ପାରିବ, କାର୍ଯ୍ୟ କରି ପାରିବ ଓ ଆପଣାର ଜୀବନଟିକୁ ବଞ୍ଚିପାରିବ, ସେତେବେଳେ ସିଏ ଇଉରୋପର ଅତୀତ ଅଥବା ବର୍ତ୍ତମାନ ବିବର୍ତ୍ତନର ଧାରାଟିକୁ କେବଳ ନକଲ କରିବାରେହିଁ ସନ୍ତୁଷ୍ଟ ହୋଇ ରହିଯିବ । ଏସୀୟ ଜନଗଣଙ୍କର ମନୋଦୃଷ୍ଟିଟି ଯେ ଏକ ଅନ୍ୟ ଉପାଦାନରେ ଗଢ଼ା ହୋଇଛି ଓ

'oaob.nitrkl.ac.in' images reprocessed

ସେହି ପାର୍ଥକ୍ୟଟି ଯେ ତା' ମୂଳରେ ଅନେକ ଗଭୀରକୁ ଭେଦ କରି ରହିଛି, ସେମାନଙ୍କର ମନର ଗଠନ ଏବଂ ଗତି ଯେ ସମ୍ପୂର୍ଣ୍ଣ ଏକ ଅନ୍ୟ ସ୍ୱଭାବର ହୋଇ ରହିଛି, ସେଥିରେ କୌଣସି ସନ୍ଦେହ ନାହିଁ । ଅବଶ୍ୟ ଏକଥା ସତ ଯେ ଉପସ୍ଥିତ ମୁହୂର୍ତ୍ତଟିରେ ଏସିଆର ପୁନର୍ଜାଗରଣ ଅଧିକତର ପରିମାଣରେ ଏକ ଭୂମିକାରୂପେହିଁ ଆପଣାକୁ ଅଭିବ୍ୟକ୍ତ କରୁଛି, ଆପଣାର ସ୍ୱତନ୍ତ୍ର ସୃଜନାତ୍ମକ ଏବଂ ବିଚାରକୁ ନେଇ କୌଣସି ମୌଳିକ ଫଳୋତ୍ପାଦକ ଉଦ୍ୟମ କରିବା ଅପେକ୍ଷା ଏସିଆ ଅଧିକ ପରିମାଣରେ ସ୍ୱୟଂସ୍ୱତନ୍ତ୍ର ହୋଇ ଆପଣାର ଜୀବନଟିକୁ ବଞ୍ଚିପାରିବାର ଅଧିକାରଟି ହାସଲ କରିବା ଲାଗିହିଁ ଉଦ୍ୟମ କରୁଛି । ଏହିପରି ଭାବରେ ଏସିଆରେ ଯେଉଁ ଉଦ୍‌ବେଳନ ଓ ଅସ୍ଥିରତାର ଉଦୟ ହୋଇଛି, ତାହାକୁହିଁ ଆମେ ବିଶ୍ୱପରିସ୍ଥିତିର ଦ୍ୱିତୀୟ ସର୍ବପ୍ରଧାନ ଲକ୍ଷଣଟି ବୋଲି ଜାଣିରଖିବା । ମିଶରରୁ ଚୀନ୍ ପର୍ଯ୍ୟନ୍ତ ବିଭିନ୍ନ ଦେଶରେ ତାହା ଆପଣାକୁ ଭିନ୍ନ ଭିନ୍ନ ରୂପରେ ପ୍ରକଟ କରୁଛି । ସଂରକ୍ଷିତ ରାଜ୍ୟ ଓ ମାରଫତକାରୀ ବ୍ୟବସ୍ଥାର ପ୍ରତ୍ୟାଖ୍ୟାନ ରୂପରେ ଏବଂ ସ୍ୱାଧୀନ ଏସୀୟ ରାଷ୍ଟ୍ରଗୁଡ଼ିକର ସ୍ଥାପନା ଲାଗି ଏକ ଅସ୍ଥିରତା-ପ୍ରକାଶ ମଧ୍ୟ ଦେଇ ମୁସ୍‌ଲିମ୍ ଜଗତରେ ତାହା ଆକାର ଗ୍ରହଣ କରିଛି । ଭାରତବର୍ଷରେ ଅନୁସୃତ ଅର୍ଦ୍ଧ-ପଦ୍ଧତିଗୁଡ଼ିକ ବିଷୟରେ ଅଧିକରୁ ଅଧିକ ଅସନ୍ତୋଷ ବ୍ୟକ୍ତ କରି ଏବଂ ଯଥାସତ୍ୱର ସମ୍ପୂର୍ଣ୍ଣ ସ୍ୱରାଜ୍ୟପ୍ରାପ୍ତିର ଦାବିକୁ ଅବିରାମ ଅଧିକରୁ ଅଧିକ ବଳ ଯୋଗାଇଦେଇ ତାହାହିଁ ପ୍ରକାଶିତ ହେବାରେ ଲାଗିଛି । ସେହି ଉଦ୍‌ବେଳନ ସୁଦୂରପ୍ରାଚ୍ୟର ଅପେକ୍ଷାକୃତ ଅଧିକ ଅସ୍ୱଚ୍ଛ ହୋଇ ରହିଥିବା ନାନା ଆନ୍ଦୋଳନ ରୂପେ ଆତ୍ମପ୍ରକାଶ କରୁଛି ଏବଂ ସେହି ଆନ୍ଦୋଳନଗୁଡ଼ିକର ଯଥାର୍ଥ ଅଭିପ୍ରାୟଟି ଏପର୍ଯ୍ୟନ୍ତ ଆମର ମନୋଗୋଚର ହୋଇ ନାହିଁ । ସ୍ୱତନ୍ତ୍ର ହୋଇ କାର୍ଯ୍ୟ କରିବାର ଏବଂ ସ୍ୱତନ୍ତ୍ର ହୋଇ ଜୀବନ ବଞ୍ଚିବାର ଏକ ପ୍ରାରମ୍ଭିକ ଅବତାରଣାର ସୀମାତିକ୍ରମ କରି ଏହି ଅସ୍ଥିରତା ଏବେ ମଧ୍ୟ ଅଧିକ ଦୂରକୁ ଯାଇପାରି ନାହିଁ । ତାହା ମୁକ୍ତି ଲାଭ କରିବାର ସେହିସବୁ ବିଚାରକୁ ଉଦ୍‌ବୋଧିତ କରି ଆଣିବାକୁ ଚେଷ୍ଟା କରୁଛି, ଯେଉଁଗୁଡ଼ିକ କି ଅନେକ ଦିନରୁ ଆତ୍ମସଚେତନ ହୋଇ ସାରିଛନ୍ତି ଏବଂ ସେହି ବିଚାରର ଏପରିସବୁ ସୂତ୍ର ଲାଗି ଆପଣାର ଆବେଦନ ଜଣାଉଛନ୍ତି, ଇଉରୋପରେ ଯେଉଁଗୁଡ଼ିକର ବିଧିବଦ୍ଧ ପ୍ରୟୋଗ ହେବାରେ ଲାଗିଛି । ସେହି ସୂତ୍ର ଓ ବିଚାରଗୁଡ଼ିକ ହେଉଛି ସ୍ୱାୟତ୍ତ-ଶାସନ, ହୋମ୍ ରୁଲ୍, ଗଣତନ୍ତ୍ର ଏବଂ ଜାତୀୟ ସ୍ୱାଧୀନତା । ଯୁଗପତ୍ ଭାବରେ ଏହି କ୍ଷେତ୍ରରେ ଏପରି ଆଉ ଗୋଟିଏ ବିଷୟ ସଂଶ୍ଳିଷ୍ଟ ହୋଇ ରହିଛି, ଯାହାକି ଏସିଆର ବୃହତ୍ ଜନସମୂହଗୁଡ଼ିକଙ୍କ ଜୀବନରେ ଏପର୍ଯ୍ୟନ୍ତ ଅବଚେତନ ଭାବରେ ରହିଛି, ମାତ୍ର ଯାହାକି ଅପେକ୍ଷାକୃତ ଅଧିକ ଜାଗ୍ରତ ଅନେକ ମାନସରେ ଆପଣାକୁ ଏକ ନିର୍ଦ୍ଦିଷ୍ଟ ରୂପରେଖ ଦେବାକୁ ଆରମ୍ଭ କଲାଣି;— ସେଇଟି ହେଉଛି ଆଧ୍ୟାତ୍ମିକ ଏବଂ ନୈତିକ

'oaob.nitrkl.ac.in' images reprocessed

ସ୍ୱତନ୍ତ୍ରତାଲାଭର ଏକ ଆଦର୍ଶ ଏବଂ ଏସୀୟ ସଂସ୍କୃତିର ସୂକ୍ଷ୍ମ ସିଦ୍ଧାନ୍ତଟି ଉପରେ ହେଉଥିବା ଇଉରୋପୀୟ ଆକ୍ରମଣ ବିରୋଧରେ ନିଜକୁ ବଞ୍ଚାଇ ରଖିବାର ଅଭିଳାଷ । ମୁକ୍ତି ଓ ପ୍ରଗତିର ଆଧୁନିକ ସଂସ୍କରଣଗୁଡ଼ିକ ସମ୍ବନ୍ଧିତ ହୋଇ ରହିଥିବା ସିଦ୍ଧାନ୍ତଗୁଡ଼ିକୁ ସତେଅବା ନକଲ କରିନେବା ଲାଗି ଯେଉଁ ଆଗ୍ରହ ପ୍ରକାଶ ପାଉଛି, ହଠାତ୍ ଭାବିଲା ବେଳକୁ ସେଇଟି ସହିତ ଏହି ନୂତନ ବିଷୟଟିର ଆଦୌ କୌଣସି ସଂଗତି ନ ଥିବା ପରିହିଁ ମନେ ହେବ ବା ଅନ୍ତତଃ ଏଇଟି ତାହାଠାରୁ ଅତ୍ୟନ୍ତ ପୃଥକ୍ ବୋଲି ମନେ ହେବ । ଭାରତବର୍ଷରେ, ଯେତେ ଅସ୍ପଷ୍ଟ ହୋଇ ରହିଥିଲେହେଁ ଏବଂ କୌଣସି ନିର୍ଦ୍ଦିଷ୍ଟ ଆକାର ଗ୍ରହଣ କରି ନ ଥିଲେହେଁ, ଆଧ୍ୟାତ୍ମିକ ଭାବନା ଦ୍ୱାରା ପ୍ରେରିତ ଏକ ଏସୀୟ ଗଣତନ୍ତ୍ରର ବିଚାର ବିଷୟରେ କ୍ରମଶଃ ସ୍ୱର ଶୁଭିବାକୁ ଆରମ୍ଭ କଲାଣି । ଖିଲାଫତ ଆନ୍ଦୋଳନ ପଛରେ ଏକ ଧର୍ମଗତ ମନୋଦୃଷ୍ଟି ରହିଛି, ଏବଂ ତେଣୁ ସେଥିରେ ଏକ ସାଂସ୍କୃତିକ ତଥା ରାଜନୀତିକ ଅଭିପ୍ରାୟ ଓ ମନୋଦୃଷ୍ଟି ମଧ୍ୟ ନିହିତ ହୋଇ ରହିଛି । ମାରଫତଦାରୀ ଶାସନର ପ୍ରତିରୋଧ କରାଯାଉଛି, କାରଣ ଏହା ମର୍ମତଃ ଏସିଆ ଉପରେ ଇଉରୋପର ରାଜନୀତିକ ନିୟନ୍ତ୍ରଣ ଏବଂ ଅର୍ଥନୈତିକ ଶୋଷଣକୁହିଁ ବୁଝାଉଛି । ମାତ୍ର ଏହି କ୍ଷେତ୍ରରେ ବିରୋଧର ଆଉ ଏକ କାରଣ ପ୍ରଚ୍ଛନ୍ନ ହୋଇ ରହିଛି । ଏସିଆର ଜୀବନ-ରୀତିଗୁଡ଼ିକୁ ଭାଙ୍ଗିଦେଇ ତାହାକୁ ଇଉରୋପୀୟ ପୁଞ୍ଜିବାଦ ଏବଂ ଉଦ୍ୟୋଗବାଦର କଠୋର ଗୁଳାଗୁଡ଼ିକରେ ଆଣି ଢାଳି ନ ଦେଲା ପର୍ଯ୍ୟନ୍ତ ଏହି ଶୋଷଣ କଦାପି ସମ୍ପୂର୍ଣ୍ଣ ଭାବରେ ଫଳପ୍ରଦ ହେବ ନାହିଁ; ଏବଂ, ଏସିଆ ଯେ ଆଉ ଅଧିକ କାଳ ପର୍ଯ୍ୟନ୍ତ ଆପଣାର ଭବ୍ୟ ଅଥଚ ଅତ୍ୟନ୍ତ ଅଯଥେଷ୍ଟ ଅତୀତଟିକୁ ନେଇ ପଡ଼ି ରହିବ ନାହିଁ, ମାତ୍ର ସିଏ ତା'ର ଭବିଷ୍ୟତ ମଧ୍ୟରେହିଁ ଜୀବନ ବଞ୍ଚିବାକୁ ଆରମ୍ଭ କରିବ, ଏହି କଥାଟି ସତ୍ୟ ହୋଇଥିଲେ ମଧ୍ୟ ସିଏ ଆପଣାର ଭବିଷ୍ୟତକୁ କେବଳ ଆପଣାର ଆଦର୍ଶଟି ଅନୁସାରେ ସୃଷ୍ଟି କରି ପାରିବା ଲାଗି ଅବଶ୍ୟ ଦାବି କରିବ । ତେଣୁ, ଏହି ଦାବିଟିର ଦୁଇଟି ଦିଗ ରହିଛି, ଏବଂ ତାହା ଭିତରେ ଦୁଇଟି ପ୍ରୟୋଜନ ନିହିତ ହୋଇ ରହିଛି; ଗୋଟିଏ ହେଉଛି ଅନ୍ତଃକ୍ଷେତ୍ରରେ ପ୍ରତିରୋଧର ପ୍ରୟୋଜନ ଏବଂ ଆରଟି ହେଉଛି ବହିଃକ୍ଷେତ୍ରରେ ପ୍ରତିରୋଧ କରିବାର ପ୍ରୟୋଜନ । ଏସିଆରେ ଯେଉଁ ଉଦ୍‌ବେଳନଟି ଦେଖା ଦେଇଛି ଏବଂ ଯେଉଁ ପୁନର୍ଜାଗରଣ ସଂଘଟିତ ହେଉଛି, ଉପସ୍ଥିତ କ୍ଷେତ୍ରରେ ଏହାହିଁ ହେଉଛି ତା'ର ପ୍ରକୃତ ଅର୍ଥ, ତା'ର ନିୟତିନିର୍ଦ୍ଦିଷ୍ଟ ଅର୍ଥ ।

ଏସୀୟ ଅସନ୍ତୋଷ ଏବଂ ପ୍ରତିରୋଧ ଦ୍ୱାରା ଅଡୁଆରେ ପଡ଼ିଯାଇ ଇଉରୋପର ପୁଞ୍ଜିବାଦୀ ସରକାରମାନେ ବାହ୍ୟ ଗଠନର କ୍ଷେତ୍ରରେ କୌଣସି ଗୋଟିଏ ସୁବିଧା ଦେଇ ଦେଇ ସତ୍ୟ ଏବଂ ସିଦ୍ଧାନ୍ତର କ୍ଷେତ୍ରରେ ଏକ ଅସ୍ୱୀକୃତି ଦ୍ୱାରା ତାହାର ସମ୍ମୁଖୀନ ହେବା ଲାଗି ଚେଷ୍ଟା କରୁଛନ୍ତି । ଭାରତବର୍ଷରେ ଦାୟିତ୍ୱପୂର୍ଣ୍ଣ ସରକାର-ଗଠନ ଲାଗି କୌଣସି

'oaob.nitrkl.ac.in' images reprocessed

ସୂତ୍ରପାତ କରାଯାଉ ନାହିଁ, ମାତ୍ର ପ୍ରଥମେ ସେହି ଦିଗରେ ଏକ "ପ୍ରକୃତ" ପଦକ୍ଷେପ ଗ୍ରହଣ କରାଯାଉଛି । କିନ୍ତୁ ଏହି ପଦକ୍ଷେପଟି ମଧ୍ୟରେ ବ୍ରିଟିଶ୍ ରାଜନୀତିକ ତଥା ପୁଞ୍ଜିବାଦୀ ନାନା ସ୍ୱାର୍ଥର ସୁରକ୍ଷା ଲାଗି ଏତେ ବେଶୀ କଟକଣା ରଖାଯାଇଛି ଯେ ତଦ୍ୱାରା ସବୁକିଛି ଅଚଳ ହୋଇଗଲା ପରି ମନେ ହେଉଛି; ପୁଣି ବଡ଼ ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ସେହି ପଦକ୍ଷେପଟି ମଧ୍ୟରେ ଏଭଳି ଗୋଟିଏ ସର୍ତ୍ତ ବି ରଖିଦିଆ ଯାଇଛି ଯେ ବ୍ରିଟିଶ୍ ଭାବ ଓ ଛାଞ୍ଚଟିକୁ ଆଖି ଆଗରେ ରଖି ଭାରତ ରାଜନୀତିକ, ଆର୍ଥିକ ଏବଂ ସାମାଜିକ କ୍ଷେତ୍ରଗୁଡ଼ିକରେ ଆପଣାର ଯେତିକି ସଂସ୍କାରବିଧାନ କରିପାରିବ, ଏହାପରେ ଅଧିକ ଅଗ୍ରଗତି କେବଳ ତାହାରି ଉପରେ ନିର୍ଭର କରିବ । ଏକ ଫରାସୀ ସାମରିକବାହିନୀ ତେଣେ ଡାମସ୍କସ୍ ସହରକୁ ଅଧିକାର କରିନେଉଛି, ରାଜାଙ୍କୁ ନିକାଲି ଦେଉଛି ଏବଂ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ସରକାରଟିକୁ ନାକଚ କରିଦେଉଛି; ମାତ୍ର ଏଣେ ସ୍ଥାନୀୟ ବ୍ୟକ୍ତିମାନଙ୍କୁ ନେଇ ଏକ ସରକାରର ପ୍ରତିଷ୍ଠା କରାଯିବ ବୋଲି ପ୍ରତିଶ୍ରୁତି ଦେଉଛି, ଯିଏ କି ଇଉରୋପୀୟ ସ୍ୱାର୍ଥଗୁଡ଼ିକର ପରିଚର୍ଯ୍ୟା କରିପାରିବ ଓ ତାହାର ମାରଫତଦାରୀର ଅଧୀନରେ ରହିବ । ମେସୋପୋଟାମିଆରେ ଗୋଟିଏ ଆରବ ସରକାର ଗଠନ କରାଯିବ ବୋଲି ଇଂଲଣ୍ଡ ପ୍ରତିଶ୍ରୁତି ଦେଉଛି ଏବଂ ସେଠାରେ ଏକ ଆଙ୍ଗ୍ଲୋ-ଇଣ୍ଡିଆନ୍ ପ୍ରଶାସନ ଚାଲିବ ଏବଂ ମୋସଲଠାରେ ପ୍ରାପ୍ତ ହେଉଥିବା ଖଣିଜତୈଳର ଉପାଦାନରୁ ମିଳୁଥିବା ଭୌତିକ ଲାଭଗୁଡ଼ିକ ତା'ର ହୋଇ ରହିବ ବୋଲି ଘୋଷଣା କରୁଛି । ଏବଂ ତେଣେ ଇଂଲଣ୍ଡ ସେହି ଦେଶର ବିଦ୍ରୋହୀମାନଙ୍କ ସହିତ ଲଢ଼ିବାରେ ମଧ୍ୟ ଲାଗିଛି ଏବଂ ଅତ୍ୟନ୍ତ ବର୍ବର ଏବଂ ଅଜ୍ଞାନଭାବରେ ସେହି ଦେଶ ନିଜ ଲାଗି ସ୍ୱତନ୍ତ୍ର ହେବାର ଯେଉଁ ବାସନାଟି ରଖିଛି, ସେଇଟି ବିରୋଧରେ ଇଂଲଣ୍ଡ ସେହି ଦେଶର ବୃହତ୍ତର ମଙ୍ଗଳଟିକୁ ଜବରଦସ୍ତି ନେଇ ଲଦିଦେବାକୁ ଇଚ୍ଛା ବି କରୁଛି । ପାରସ୍ୟର ଅଖଣ୍ଡତାକୁ ଅତୁଟ କରି ରଖିବା ଲାଗି ଏକ ବ୍ରିଟିଶ୍ ନିୟନ୍ତ୍ରଣ ଆବଶ୍ୟକ ହେଉଛି । ଇଉରୋପରୁ ଇହୁଦୀମାନେ ଆସି ପାଲେଷ୍ଟାଇନ୍‌ରେ ଉପନିବେଶ ସ୍ଥାପନ କରି ରହିବେ ଏବଂ ଜଣେ ହାଇକମିଶନର୍ ସେଠାରେ ବାସ କରୁଥିବା ସକଳ ସମ୍ପ୍ରଦାୟଙ୍କର ସ୍ୱାର୍ଥରକ୍ଷା ଲାଗି – ମାତ୍ର ସେମାନଙ୍କର ଇଚ୍ଛାର ବିରୋଧରେ – ପ୍ରଶାସନର ଦାୟିତ୍ୱରେ ରହିବେ ବୋଲି ବ୍ୟବସ୍ଥା ହେଉଛି । ତୁରସ୍କ-ଦେଶବାସୀଙ୍କଠାରୁ ସେମାନଙ୍କର ପାର୍ଥିବ ସାମ୍ରାଜ୍ୟାଞ୍ଚଳଟିକୁ ଛଡ଼ାଇ ନିଆଯିବ, ଖିଲାଫତର ସକଳ ସମ୍ମାନ ଓ ମର୍ଯ୍ୟାଦାକୁ କାଢ଼ି ନିଆଯିବ, ମାତ୍ର ଏକ କଠୋର ଏବଂ ଘନିଷ୍ଠ ଅନ୍ତର୍ଜାତୀୟ ନିୟନ୍ତ୍ରଣ ମଧ୍ୟରେ ତୁରସ୍କବାସୀଙ୍କୁ ମୁକ୍ତ କରି ରଖାଯିବ; ଗ୍ରୀସ୍‌ଦେଶରୁ ଏକ ସୈନ୍ୟବାହିନୀ ମୁତୟନ ହୋଇ ଆସି ସେମାନଙ୍କୁ ଏହି ଅଭୂତପୂର୍ବ ସୁଖାବସ୍ଥାଟିକୁ ସ୍ୱୀକାର କରି ନେବା ପାଇଁ ବାଧ୍ୟ କରାଇବ, ଏକ ସଭ୍ୟ ଆଧୁନିକ ଜାତିରେ ପରିଣତ

'oaob.nitrkl.ac.in' images reprocessed

ହେବା ଲାଗି ଏହି ପଟାନ୍ତରହୀନ ସୁଯୋଗଟିକୁ ଗ୍ରହଣ କରିବା ଲାଗି ସେମାନଙ୍କୁ ବାଧ୍ୟ କରିବ । ଏହି କ୍ଷେତ୍ରରେ ଶ୍ରମିକମାନଙ୍କର ସଂଗଠିତ ଶକ୍ତିଟି ବିରୋଧରେ ଆପଣାର ହୁକୁମଟିକୁ ଜାରି କରିବା ଲାଗି ପୁରାତନ ଶାସନଟି ହାତରେ ଯେତେ ଭୌତିକ ଶକ୍ତି ରହିଛି, ଏସିଆର ଜନଗଣଙ୍କ ଉପରେ ବଳପ୍ରୟୋଗ କରି ସେଇଟିକୁ ଜାରି କରି ରଖିବାକୁ ତା'ଠାରୁ ଅଧିକ ଶକ୍ତି ରହିଛି । ତଥାପି ଏହା ସମ୍ପୂର୍ଣ୍ଣ ଭାବରେ ଏକ ନିଶ୍ଚିତ କଥା ଯେ ଏହିଭଳି ପ୍ରକାରର କୌଣସି ସମାଧାନ ଏସିଆରେ ଦେଖାଦେଇଥିବା ଅଶାନ୍ତିର କଦାପି ଅବସାନ ଘଟାଇ ପାରିବ ନାହିଁ । ଏହି ଉଦ୍ୟମଟି ଯିଏ କରିବାକୁ ଯିବ, ତାହାର ପରିଣାମଗୁଡ଼ିକ ବସ୍ତୁତଃ ତାହାରି ଉପରକୁ ଲେଉଟି ଆସି ପଡ଼ିବ; କାରଣ ଏହିସବୁ ଅଧିକ ବୋଝ ଆଗରୁ ଅଚଳପ୍ରାୟ ହୋଇ ରହିଥିବା ଏକ ଆର୍ଥିକ ଅବସ୍ଥା ଉପରେ ଆହୁରି ଅଧିକ ପରିମାଣରେ ଅସ୍ଥିରତା ଆଣିଦେବ ଏବଂ ଇଉରୋପରେ ଏକ ସାମାଜିକ ଏବଂ ଅର୍ଥନୈତିକ ବିପ୍ଲବକୁ ତ୍ୱରାନ୍ୱିତ କରିପକାଇବ । ଏବଂ ଏପରିକି, ଘଟଣା ହୁଏତ ଅନ୍ୟ ପ୍ରକାରରେ ଘଟିଲେ ମଧ୍ୟ, ଏକ ବିରାଟ ମହାଦେଶର ନିଦ୍ରାଭଙ୍ଗକୁ ଏପରି ଭାବରେ କଦାପି ଦବାଇ ରଖି ଦିଆଯାଇ ପାରିବ ନାହିଁ । ତାହାର ପଥରେ ଯାହାକିଛି ବାଧା ଆସୁନା କାହିଁକି, ତାହା ଦିନେ ନା ଦିନେ ସେଗୁଡ଼ିକୁ ଅତିକ୍ରମ କରିଯିବ ଏବଂ ଆପଣାର ସେହି ଅବଶ୍ୟମ୍ଭାବୀ ଭବିଷ୍ୟଟିର ଅଧିକାରୀ ହୋଇ ପାରିବ ।

ପୂର୍ବରୁହିଁ ନିୟତି ଦ୍ୱାରା ଅଭିପ୍ରେତ ହୋଇ ରହିଥିବା ଭବିଷ୍ୟର ଏହି ଦୁଇଟିଯାକ ଶକ୍ତି,— ସମାଜବାଦ ଏବଂ ଏସିଆର ପୁନଃଜାଗୃତି — ତାତ୍କାଳିକ ଭାବରେ ଅନ୍ତତଃ ଗୋଟିଏ ନୈତିକ ମେଣ୍ଟରେ ଏକାଠି ଗଅଁଠାଇ ହୋଇ ରହିବାର ପ୍ରବୃତ୍ତି ଦେଖାଉଛନ୍ତି । ବର୍ତ୍ତମାନ ପ୍ରତିପତ୍ତି ବିସ୍ତାରକରି ରହିଥିବା ଜାତିଗୁଡ଼ିକ ମଧ୍ୟରେ ଅବସ୍ଥିତ ଶ୍ରମିକଶ୍ରେଣୀ ଏବଂ ସମାଜବାଦୀ ଦଳଗୁଡ଼ିକ ଆପଣା ଦେଶର ସରକାରମାନଙ୍କର ନୀତିଗୁଡ଼ିକର ତୀବ୍ର ବିରୋଧ କରୁଛନ୍ତି ଏବଂ ଏସିଆ ତଥା ଇଉରୋପରେ ଥିବା ପରାଧୀନ ଅଥବା ଅତ୍ୟାଚାରିତ ଜାତିମାନଙ୍କର ଦାବିଗୁଡ଼ିକ ପ୍ରତି ଆପଣାର ସମର୍ଥନ ମଧ୍ୟ ଜଣାଉଛନ୍ତି । ଆୟର୍ଲାଣ୍ଡ ଭଳି ତେଣେ ଏସିଆର ଅପେକ୍ଷାକୃତ ଅଧିକ ଅଗ୍ରଗତିଶୀଳ ଦେଶମାନଙ୍କରେ ମଧ୍ୟ ଜାତୀୟ ସ୍ୱାଧୀନତା ଲାଗି କରାଯାଉଥିବା ଆନ୍ଦୋଳନଟି ସେହିସବୁ ଦେଶରେ ସଦ୍ୟ ଜନ୍ମଲାଭ କରୁଥିବା ଶ୍ରମିକ-ଆନ୍ଦୋଳନଟି ସହିତ ଘନିଷ୍ଠ ଭାବରେ ସଂଯୁକ୍ତ ହୋଇ ରହିଛି । ବଲ୍‌ଶେଭିକ୍ ରୁଷିଆ ମଧ୍ୟ ଏସିଆରେ ରହିଥିବା ସ୍ୱାଧୀନ ରାଷ୍ଟ୍ରଗୁଡ଼ିକ ସହିତ ଗୋଟିଏ ମେଣ୍ଟ ଭିତରେ ରହିଛି ବା ସେହିସବୁ ଦେଶର ନୀତିକୁ ସୋଭିଏଟ୍ ଛାଞ୍ଚର ପ୍ରେରଣା ଦ୍ୱାରା ଅନୁପ୍ରେରିତ କରି ସେଗୁଡ଼ିକ ଉପରେ ଆପଣାର ନିୟନ୍ତ୍ରଣ ରଖିଛି । ପାରସ୍ୟରେ ମଧ୍ୟ ଏକ ଅନୁରୂପ ଉଦ୍‌ବେଳନ ସୃଷ୍ଟି କରିବା ଲାଗି ସେ ପ୍ରୟାସ କରୁଛି ଏବଂ ତୁର୍କୀ ଓ

'oaob.nitrkl.ac.in' images reprocessed

ଆରବମାନଙ୍କୁ ମଧ୍ୟ ଆପଣାର ଯଥାସାଧ୍ୟ ନୈତିକ ସମର୍ଥନ ଦେବାରେ ଲାଗିଛି । ସେମାନେ ଉଭୟେ ଏକ ସାଧାରଣ ବାହ୍ୟ ଚାପ ବିରୋଧରେହିଁ ଆପଣାର ପ୍ରତିକ୍ରିୟା ଜ୍ଞାପନ କରୁଛନ୍ତି, ଏହି ପ୍ରବୃତ୍ତିଟିର ହୁଏତ କେବଳ ତଜ୍ଜନିତ ଏକ ସହାନୁଭୂତି ବ୍ୟତୀତ ଆଉ ଆଦୌ କୌଣସି ତାତ୍ପର୍ଯ୍ୟ ବି ନ ଥାଇପାରେ । ଏକଥା ସତ ଯେ ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଯାବତୀୟ ଶକ୍ତି ତଥା ସ୍ୱାର୍ଥ ସର୍ବଦା ଅବସରବାଦୀ ହୋଇ ରହିଥା'ନ୍ତି, ସେପରି ଅକଳ ଓ ଜରୁରୀ ପରିସ୍ଥିତି ଆସି ପହଞ୍ଚିଲେ ସେମାନେ ଯେଉଁଠୁ ଯାହା ସାହାଯ୍ୟ ଏବଂ ସୁବିଧା ମିଳେ, ତାକୁ ଯାଇ ମାଡ଼ି ବସନ୍ତି; ମାତ୍ର ଏହିସବୁ ମେଣ୍ଟ ଯଦି ବିଶୁଦ୍ଧ ଭାବରେ କେବଳ ସ୍ୱାର୍ଥପ୍ରଣୋଦିତ ହୋଇ ରହେ ଏବଂ ସେଗୁଡ଼ିକୁ ବଞ୍ଚାଇ ରଖିବା ଲାଗି ଯଦି ଏହାଠାରୁ ଅଧିକ ସ୍ଥାୟୀ କୌଣସି ସମର୍ଥନ ଉପଲବ୍ଧ ନ ହୁଏ, ତେବେ ସେସବୁ କେବଳ କ୍ଷଣଭଙ୍ଗୁର ଏବଂ ଅସ୍ଥାୟୀ ମେଣ୍ଟରେହିଁ ପରିଣତ ହୋଇ ରହିଥାଏ । ଏକଥା ହୋଇପାରେ ଯେ ବଲ୍‌ଶେଭିଷ୍ଟ୍ ରୁଷିଆ ଜର୍ଜିଆ ଏବଂ ଆଜରବଇଜାନ୍‌ରେ ସୋଭିଏଟ୍ ସରକାରମାନ ସ୍ଥାପିତ କରିବାକୁ ବାହାରିବ, ମାତ୍ର ଏହିସବୁ ସରକାର ଯଦି କେବଳ ତାତ୍କାଳିକ ଅବସରଟିର ପରିଣାମରୂପେହିଁ ପ୍ରତିଷ୍ଠିତ ହୋଇଥାନ୍ତି, ସମ୍ପୃକ୍ତ ଏହିସବୁ ଜନସମୂହର ସହଜାତ ପ୍ରବୃତ୍ତି, ମନୋଦୃଷ୍ଟି ତଥା ବିଚାରର ତତ୍ତୁଲ୍ୟ ହେବା ଭଳି ଅଥବା ସେଗୁଡିକୁ କୌଣସି ଏକ ବିନ୍ଦୁରେ ସ୍ପର୍ଶ କରି ପାରିଲା ଭଳି ସୋଭିଏଟ୍‌ବାଦରେ ଯଦି କିଛି ହେଲେ ଉପାଦାନ ନ ଥାଏ, ତେବେ ସେହି ସବୁ ସ୍ଥାପନା ପ୍ରକୃତରେ ସ୍ଥାୟୀ ହୋଇ ରହିବାର ମଧ୍ୟ କୌଣସି ସମ୍ଭାବନା ଦେଖାଯାଉ ନାହିଁ । ବର୍ତ୍ତମାନ ସେଭଳି କୌଣସି ସର୍ତ୍ତ ନ ଦେଉଥିଲେ ମଧ୍ୟ ବ୍ରିଟିଶ୍ ଶ୍ରମିକଦଳ ତା'ର ଆପଣାର ସାମାଜିକ ଏବଂ ଅର୍ଥନୈତିକ ବିଚାରଟିର ଛାଞ୍ଚରେ ଏକ ସ୍ୱାୟତ୍ତ-ଶାସିତ ଭାରତବର୍ଷର ବିବର୍ତ୍ତନ ଲାଗି ଅବଶ୍ୟ ପ୍ରତ୍ୟାଶା ରଖିଛି; ମାତ୍ର ଏହି କଥାଟି ମଧ୍ୟ ବେଶ୍ ପ୍ରତ୍ୟାଶା କରି ହେଉଛି ଯେ ଭାରତବର୍ଷ ଯେତେବେଳେ ନିଜେ ନିଜର ଶାସନ କରିବାର ଅଧିକାରଟିକୁ ଲାଭ କରିବ, ସେତେବେଳେ ସିଏ ହୁଏତ ବିକାଶର ଏହି ପରିଚିତ ଧାରାଟିରୁ ଅଲଗା ହୋଇଯିବ ଏବଂ ଆପଣାର ଏକ ନିଜସ୍ୱ ତଥା ଅପ୍ରତ୍ୟାଶିତ ସାମାଜିକ ତଥା ଅର୍ଥନୈତିକ ବ୍ୟବସ୍ଥା ବିକଶିତ କରି ଆଣିପାରିବ । ବର୍ତ୍ତମାନ ଆମେ ସୁନିଶ୍ଚିତ ଭାବରେ କେବଳ ଏତିକି କହିପାରିବା ଯେ ଇଉରୋପର ଆଧିପତ୍ୟଶାଳୀ ସରକାରଗୁଡ଼ିକ ଅବସ୍ଥାଟିକୁ ଏପରି ଭିଆଇ ଆସିଛନ୍ତି ଯେ ସେମାନଙ୍କର ଯାବତୀୟ ଯୋଜନା ଓ ବ୍ୟବସ୍ଥା ବିଶ୍ୱର ସେହି ଦୁଇଟିଯାକ ମହାଶକ୍ତିର ଭାବନାଟିର ବିରୋଧୀ ବୋଲି ପ୍ରମାଣିତ ହୋଇଯାଉଛି ଏବଂ ସେଗୁଡ଼ିକ ବିକଶିତ ଓ ବୃଦ୍ଧିପ୍ରାପ୍ତ ହୋଇ ଆସୁଥିବା ସଙ୍ଗେସଙ୍ଗେ ସେହିସବୁ ଯୋଜନା ଓ ବ୍ୟବସ୍ଥା ପ୍ରକୃତରେ ବିପନ୍ନ ବି ହୋଇପଡୁଛି । ସେହି ଦୁଇଟିଯାକ ବିଶାଳ ଶକ୍ତିକୁ ସେମାନେ ସଂକୁଚିତ କରି ରଖିବାକୁ

'oaob.nitrkl.ac.in' images reprocessed

ଓ ତା'ର ପଥ ଓଗାଳି ରଖିବାକୁ ଚେଷ୍ଟା କରୁଛନ୍ତି; ମାତ୍ର ପୃଥିବୀର ଭବିଷ୍ୟତ ଯେ ଏହି ଦୁଇଟିଯାକ ଶକ୍ତିର ହାତରେ ରହିଛି, ତାହା ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖାଯିବାକୁ ଆରମ୍ଭ କଲାଣି ।

ତାହାର ଅର୍ଥ ହେଉଛି ଯେ ଆମେ ବର୍ତ୍ତମାନ ମଧ୍ୟ ଏକ ଦୃଢ଼ ଓ ସ୍ଥାୟୀ ବିଶ୍ୱବ୍ୟବସ୍ଥାର ବହୁ ଦୂରରେ ରହିଛୁ ଏବଂ ତେଣୁ ଏହି ପୃଥିବୀର କଷଣ ଓ ସମସ୍ୟାଗୁଡ଼ିକ କେବେ ପ୍ରକୃତରେ ମେଣ୍ଟିବ ବୋଲି ଆଗକୁ ଅନାଇ ମୋଟେ କହିପାରୁ ନାହୁଁ । ବର୍ତ୍ତମାନ ଯେଉଁ ଭାରସାମ୍ୟଟି ବିଦ୍ୟମାନ ରହିଛି,— ଯଦି ସ୍ଥାନାନ୍ତରଣ ଏବଂ ଅବଲମ୍ବିତ ନାନାବିଧ ଉପାୟର ଏହି ଅବ୍ୟବସ୍ଥିତ ଅସ୍ଥିରତାକୁ ଆଦୌ ଏକ ଭାରସାମ୍ୟ ବୋଲି କୁହାଯାଏ,— ସେଇଟି ପ୍ରକୃତରେ ସ୍ଥାୟୀ ହୋଇ ରହିବ ବୋଲି ଆଦୌ କୌଣସି ପ୍ରତିଶ୍ରୁତି ମିଳୁ ନାହିଁ । ଏହି ଭାରସାମ୍ୟକୁ ଆମେ କେବଳ ଏକ ସଂରୋଧକ୍ଷଣ ବୋଲି କହିପାରିବା, ଏବଂ ଯେଉଁ ମୁହୂର୍ତ୍ତରେ ଏହି କ୍ଷେତ୍ରରେ ପର୍ଯ୍ୟାପ୍ତ ପରିମାଣରେ ଏକ ଗତିବେଗ ଆସି ଉପସ୍ଥିତ ହୋଇଯାଇ ପାରିବ କିଂବା ଉପସ୍ଥିତ ପରିସ୍ଥିତିମାନ ଅବଦମିତ ହୋଇ ରହିଥିବା ଶକ୍ତିଗୁଡ଼ିକ ବାହାରିଯିବା ଲାଗି ଏକ ଦ୍ୱାର ଯୋଗାଇଦେଇ ପାରିବେ, ସେତେବେଳେ ବର୍ତ୍ତମାନଠାରୁ ଅଧିକ ବିସ୍ମୟକାରୀ ଏବଂ ଅଧିକ ବୃହତ୍ ନାନା ଆନ୍ଦୋଳନ, ମୌଳିକ ନାନାବିଧ ଓଲଟପାଲଟ ଏବଂ ବିପୁଳ କେତେକେତେ ପରିବର୍ତ୍ତନର ବେଳଟି ଆସି ମଧ୍ୟ ଉପସ୍ଥିତ ହୋଇଯିବ ବୋଲି ଆମକୁ ଆଶା କରିବାକୁ ପଡ଼ିବ । ଯେଉଁସବୁ ପରିସ୍ଥିତି ଆସି ସେଗୁଡ଼ିକର ନିର୍ଗମନ-ପଥକୁ ଉନ୍ମୁକ୍ତ କରିଦେଇଯିବ, ସେଇଟାହିଁ ସବୁଠାରୁ ଅଧିକ ଆଗ୍ରହର ବିଷୟ ଆଦୌ ନୁହେଁ, କାରଣ ପ୍ରସ୍ତୁତ ହୋଇଯିବା ମାତ୍ରକେହିଁ ଅଦୃଷ୍ଟ ଯେକୌଣସି ପରିସ୍ଥିତିକୁ ମଧ୍ୟ ଆପଣାର କାର୍ଯ୍ୟରେ ଆଣି ଲଗାଇପାରେ; ମାତ୍ର ସେଗୁଡ଼ିକ ପ୍ରକୃତରେ ଯେଉଁ ଦିଗରେ ଗତି କରିବେ ଏବଂ ଆପଣା ମଧ୍ୟରେ ସେଗୁଡ଼ିକ ଯେଉଁ ତାତ୍ପର୍ଯ୍ୟଟିକୁ ବହନ କରୁଥିବେ, ତାହାହିଁ ସବୁଠାରୁ ଅଧିକ ଆଗ୍ରହର ବିଷୟ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏକ ସମାଜବାଦୀ ସମାଜର ବିବର୍ତ୍ତନ ଘଟିବା ଫଳରେ ଏବଂ ଏସିଆ ମହାଦେଶର ନିଦ୍ରାଭଙ୍ଗ ହେବା ଦ୍ୱାରା କେତେ କ୍ଷେତ୍ରରେ କେତେକେତେ ବୃହତ୍ ପରିବର୍ତ୍ତନ ସଂଘଟିତ ହେବ; ମାତ୍ର ଏପରି ତଥାପି ହୋଇପାରେ ଯେ ତଦ୍ଦ୍ୱାରା ମନୁଷ୍ୟର ବୃହତ୍ତର ଆଶାଟିର ପ୍ରକୃତ ଉପଲବ୍ଧି ହୋଇପାରିବ ନାହିଁ । ସମାଜବାଦ ଫଳରେ ଅଧିକ ସମାନତା ଆସିପାରେ, ମନୁଷ୍ୟର ଜୀବନ-କ୍ଷେତ୍ରରେ ରହିଥିବା ସମ୍ବନ୍ଧଗୁଡ଼ିକୁ ସମାଜବାଦ ହୁଏତ ଅଧିକ ଘନିଷ୍ଠ କରି ଦେଇପାରେ; ମାତ୍ର ଯଦି ସେଇଟି କେବଳ ଏକ ଭୌତିକ ପରିବର୍ତ୍ତନ ମଧ୍ୟରେହିଁ ସୀମିତ ହୋଇ ରହିଯିବ, ତେବେ ଏଥିରୁ ଆହୁରି ଅନେକ ଅତ୍ୟାବଶ୍ୟକ ବିଷୟ ବାଦ୍ ପଡ଼ିଯିବାର ଆଶଙ୍କା ମଧ୍ୟ ରହି ଯାଇପାରେ । ଏପରିକି ତାହା ମନୁଷ୍ୟସମାଜର ଏହି

'oaob.nitrkl.ac.in' images reprocessed

ଗଠନଗତ ବୋଝଟିକୁ ଆହୁରି ଅଧିକ ବଢ଼ାଇ ଦେଇପାରେ ଏବଂ ତାହାର ଆତ୍ମାଟିକୁ ଅତ୍ୟଧିକ ପରିମାଣରେ ଇହାବଶ୍ୟକତାଗୁଡ଼ିକ ଆଡ଼କୁ ଆଣି ଚାପି ଦେଇପାରେ । ଏସିଆର ନିଦ୍ରାଭଙ୍ଗ ବା ଜାଗରଣ କହିଲେ ଯଦି ଅନ୍ତର୍ଜାତୀୟ ଭାରସାମ୍ୟ ମଧ୍ୟରେ ରହିଥିବା କେତୋଟି ଅଭାବର ପୂରଣକୁହିଁ ବୁଝାଏ ଅଥବା ସେଥିରେ ମାତ୍ର କିଞ୍ଚିତ୍ ପରିବର୍ତ୍ତନ ଆଣିବାକୁହିଁ ବୁଝାଏ, ତେବେ ତାହାକୁ ସେହି ପୁରାତନ ବୃତ୍ତଟି ମଧ୍ୟରେହିଁ ଏକ ପଦକ୍ଷେପ ବୋଲି କହିବାକୁ ହେବ; ତାହାକୁ ଆଉ କୌଣସି ପୁନରୁଜ୍ଜୀବନର ଉପାଦାନ ବୋଲି କୁହାଯାଇ ପାରିବ ନାହିଁ, ଗୋଟିଏ ପାଦ ଆଗକୁ ଯିବା ଲାଗି ଏକ ଅନୁରୂପ ପଦକ୍ଷେପ ବୋଲି କୁହାଯିବ ନାହିଁ, ଏହି ପୁରୁଣା ଗୁଳାଟି ମଧ୍ୟରୁ ବାହାରିଯାଇ ପାରିଲା ଭଳି ଏକ ପଦକ୍ଷେପ ବୋଲି କୁହାଯାଇ ପାରିବ ନାହିଁ । ଏବଂ, ଯେତେ ଅସ୍ପଷ୍ଟ ହୋଇ ରହିଥିଲେ ମଧ୍ୟ ବର୍ତ୍ତମାନ କେବଳ ସେହିଗୁଡ଼ିକହିଁ ଆବଶ୍ୟକ ବୋଲି ଅନୁଭୂତ ହେଉଛି । ଶ୍ରମିକ-ଦଳର ବର୍ତ୍ତମାନ-ଅନୁସୃତ ଆନ୍ତର୍ଜାତିକ ନୀତିରେ ପରିଶେଷରେ ବସ୍ତୁତଃ ଏହି ବିରାଟ ପ୍ରତିଶ୍ରୁତିଟି ନିହିତ ହୋଇ ରହିଛି ଯେ,– ବର୍ତ୍ତମାନ ବିରୋଧୀଦଳ ରୂପେ ରହିଥିବା ଶ୍ରମିକଦଳର ବିଚାରଟି ପ୍ରତି ଯଦି କ୍ଷମତାରେ ପ୍ରତିଷ୍ଠିତ ଶ୍ରମିକଦଳ ପ୍ରକୃତରେ ବିଶ୍ୱସ୍ତ ହୋଇ ରହେ,– ଜାତି ଓ ଆନ୍ତର୍ଜାତିକତାର ଦୁଇ ଭାବନା ମଧ୍ୟରେ ଏକ ଅଧିକ ନ୍ୟାୟପୂର୍ଣ୍ଣ ସମତା ପ୍ରତିଷ୍ଠିତ ହେବ, ସ୍ୱତନ୍ତ୍ର ସବୁ ଜାତିକୁ ନେଇ ଏକ ଆନ୍ତର୍ଜାତିକ ସୌହାର୍ଦ୍ଦ୍ୟର ସ୍ଥାପନା ହେବ, ବର୍ତ୍ତମାନ ଯେପରି କେତୋଟି ଶକ୍ତି ପରସ୍ପର ସହିତ ଘନିଷ୍ଠ ସମ୍ବନ୍ଧ ସ୍ଥାପନ କରି ଏକ ଅଳ୍ପତନ୍ତ୍ର ଗଠନ କରି ରଖିଛନ୍ତି ଓ ତାହାହିଁ ଆପଣାର ଏକ ଉପାଙ୍ଗ ରୂପେ ଏକ ଅବାସ୍ତବ ଲୀଗ୍‌ର ଛାୟାଟିକୁ ବହନ କରିବାରେ ଲାଗିଛି, ତାହା ବଦଳରେ ସକଳ ଜାତିଙ୍କୁ ନେଇ ଏକ ମୁକ୍ତ, ସମାନତାଯୁକ୍ତ ଗଣତାନ୍ତ୍ରିକ ଲୀଗ୍‌ର ପ୍ରତିଷ୍ଠା ହେବ । ଅତୀତରେ ଯେଉଁଠି କେବଳ ବିଶୃଙ୍ଖଳାହିଁ ରହିଥିଲା ବା ଆଧିପତ୍ୟ-ବିସ୍ତାର ଏବଂ ଶୋଷଣର ଏକ ବର୍ବରସ୍ଥିତି ବିଦ୍ୟମାନ ରହିଥିଲା, ତାହା ବଦଳରେ ଯେ ଏକ ଆନ୍ତର୍ଜାତିକ ସମତା ଏବଂ ସହଯୋଗର ବ୍ୟବସ୍ଥା ପ୍ରତିଷ୍ଠିତ ହେବ,– ବସ୍ତୁତଃ ଏହିପରି ଭାବରେହିଁ ଅଧିକ ଭଲ ଏକ ଭବିଷ୍ୟତ ବିଷୟରେ ଗୋଟିଏ ପ୍ରଥମ ଚିତ୍ରରୂପ ଆମ ମନ ଭିତରେ ନିର୍ମିତ ହୋଇ ରହିଛି । ମାତ୍ର କେବଳ ସେତିକିହିଁ କଦାପି ସବୁକଥା ନୁହେଁ : ଏହାକୁ କେବଳ ଏକ ପ୍ରାଥମିକ ଛାଞ୍ଚ ବୋଲିହିଁ କୁହାଯାଇ ପାରିବ । ଖୁବ୍ କମ୍‌ରେ ଏହାକୁ ଆନ୍ତର୍ଜାତିକ ସୁଗମତାର ଏକ ଯନ୍ତ୍ରବ୍ୟବସ୍ଥା ବୋଲି କୁହାଯିବ, ଏବଂ ଖୁବ୍ ବେଶୀରେ ମନୁଷ୍ୟଜାତି ଲାଗି ଏକ ଅଧିକ ଉପଯୁକ୍ତ ଓ ସୁସଂଯୁକ୍ତ ସଂଗଠନ ବୋଲି କୁହାଯାଇ ପାରିବ । ଯେଉଁ ଭାବପ୍ରେରଣା, ଯେଉଁ ଶକ୍ତି, ଯେଉଁ ବିଚାର ଏବଂ ଯେଉଁ ଇଚ୍ଛା ଏହି ଗଠନଟିକୁ ପ୍ରେରିତ କରି ରଖିବେ ଓ କାର୍ଯ୍ୟରେ ଲଗାଇବେ, ତାହାରି ପ୍ରଶ୍ନଟି ହେଉଛି

'oaob.nitrkl.ac.in' images reprocessed

ଆମ ସମକ୍ଷରେ ରହିଥିବା ବୃହତ୍ତର ପ୍ରଶ୍ନ ଏବଂ ନିୟତିର ସେହି ମୁଖ ଏବଂ ସେହି ଦିଗଟିହିଁ ପ୍ରକୃତରେ ନିର୍ଣ୍ଣାୟକରୂପେ କାର୍ଯ୍ୟ କରିବ ।

ଭବିଷ୍ୟତର ଅଧିକାରୀ ହେବା ଲାଗି ବର୍ତ୍ତମାନ ଯେଉଁ ଦୁଇ ବିଶାଳ ଶକ୍ତି ଉତ୍ଥିତ ହୋଇ ଆସୁଛନ୍ତି, ସେହି ଦୁଇଟି ପ୍ରକୃତରେ ଦୁଇଟି ମହାନ୍ ବସ୍ତୁର ପ୍ରତିନିଧିତ୍ୱ କରୁଛନ୍ତି;— ସେହି ଦୁଇଟି ବସ୍ତୁ ହେଉଛନ୍ତି ଇଉରୋପର ବୌଦ୍ଧିକ ଆଦର୍ଶବାଦ ଏବଂ ଏସିଆର ଆତ୍ମା । ହେଲେନିକ୍ ଜୀବନ ବିଚାର ଏବଂ ଖ୍ରୀଷ୍ଟିଆନ୍ ଧର୍ମ ଦୃଷ୍ଟିରୁ ଇଉରୋପର ଏହି ମାନସ ଜନ୍ମଗ୍ରହଣ କରିଛି, ବିଚାରଗତ ସ୍ୱାଧୀନତା ଏବଂ ବିଜ୍ଞାନ ଦ୍ୱାରା ଏବଂ ତାହା ଆପଣାର ଦିଗ୍‌ବଳୟଗୁଡ଼ିକୁ ପ୍ରସାରିତ କରିଦେଇଛି, ଏବଂ ମନୁଷ୍ୟ ଯେ କ୍ରମଶଃ ଅଧିକରୁ ଅଧିକ ପୂର୍ଣ୍ଣତାପ୍ରାପ୍ତ ହୋଇପାରିବ ଏବଂ ପ୍ରଗତି କରିପାରିବ, ପରିଶେଷରେ ତାହା ସେହି ଦର୍ଶନଟି ପାଖରେ ଆସି ପହଞ୍ଚିଛି । ପୂର୍ଣ୍ଣତାଲାଭ ଏବଂ ପ୍ରଗତିର ଏହି ବିଚାରଟି ଏକ ବୌଦ୍ଧିକ, ଭୌତିକ ଏବଂ ପ୍ରାଣିକ ସ୍ୱାଧୀନତାରେ ଅଭିବ୍ୟକ୍ତି ଲାଭ କରିଛି, ଘନିଷ୍ଠ ସଂଘ ସ୍ଥାପନାର ସମତା ଏବଂ ଏକତା ମଧ୍ୟ ଦେଇ ବ୍ୟକ୍ତ ହୋଇଛି । ବିଚାର, ଅନୁଭୂତି ତଥା ଉଦ୍ୟମରେ ଏକ ସକ୍ରିୟ ଭ୍ରାତୃଭାବ ଏବଂ ସହଚାରିତାର ପ୍ରତିଷ୍ଠା ମଧ୍ୟଦେଇ ଆତ୍ମପ୍ରକାଶ କରିଛି । ଏହି ବିଚାରଟିର ଅଙ୍ଗୀଭୂତ ଭାଗଗୁଡ଼ିକୁ କାର୍ଯ୍ୟତଃ ଏକ ସୁସଂଯୁକ୍ତ ବାସ୍ତବ ସତ୍ୟରେ ପରିଣତ କରିବାହିଁ ଏହି କ୍ଷେତ୍ରରେ ପ୍ରକୃତ କଷ୍ଟସାଧ୍ୟ କାର୍ଯ୍ୟ ହୋଇ ରହିଛି ଏବଂ ଏହି ପରିଣାମଟିକୁ ଆପେ ଆପେ ଗଢ଼ି ଥୋଇଦେଇ ପାରିବା ଭଳି ଏକ ସାମାଜିକ ବ୍ୟବସ୍ଥାର ଆବିଷ୍କାର କରି ତାହାକୁହିଁ ପ୍ରତିଷ୍ଠା କରିବା ଲାଗି ଇଉରୋପୀୟ ପ୍ରଗତି କେତେମନ୍ତେ ପ୍ରୟାସ ଓ ପରିଶ୍ରମ କରିଆସିଛି । ଏହି ଦିଗରେ ପ୍ରଥମ ସମାଧାନଟି ରୂପେ ଏକ ବ୍ୟକ୍ତିବାଦୀ ଗଣତନ୍ତ୍ରର ଆବିଷ୍କାର ହୋଇଥିଲା, ରାଜନୀତିକ ସ୍ୱାଧୀନତା ଏବଂ ବିଧାନଗତ ସମତାର ଏକ ବ୍ୟବସ୍ଥାର ଆବିଷ୍କାର ହେଲା; ତାହା କେବଳ ଉଚ୍ଚତର ସୋପାନଗୁଡ଼ିକ ମଧ୍ୟରେ ଏକ ସମତଳତା ଆଣିବାରେ ସହାୟତା କଲା, ଯେଉଁମାନେ ସମାଜରେ ସବୁଠାରୁ ସବଳ ଓ ଚତୁର ହୋଇଆସି ପହଞ୍ଚି ଯାଉଥିଲେ, ସେହିମାନଙ୍କୁହିଁ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରିବାର ଏକ ସ୍ୱାଧୀନତା ଆଣିଦେଲା । ତାହାରି ଫଳରେ ଏକ ବଡ଼ ଅମାନୁଷିକ ସାମାଜିକ ବୈଷମ୍ୟ ଜାରି ହୋଇ ରହିଲା, ନିର୍ମମ ଭାବରେ ଆର୍ଥିକ ଶୋଷଣ ଚାଲିଲା, ଶ୍ରେଣୀ ଶ୍ରେଣୀ ମଧ୍ୟରେ ଅବିରାମ ସଂଘର୍ଷ ହେଲା, ଅତ୍ୟନ୍ତ ପ୍ରଚଣ୍ଡ, ଘୃଣ୍ୟ ଓ ନୀଚ ଭାବରେ କେବଳ ପ୍ରଚୁରତା ଓ ଅନାଧିକ୍ୟର ରାଜତ୍ୱ ଚାଲିଲା, ଉତ୍ପାଦନକାରୀ ଯନ୍ତ୍ରଗୁଡ଼ାକର ଆଧିପତ୍ୟ ଜାହିର ହୋଇ ରହିଲା । ବର୍ତ୍ତମାନ ଆଉ ଏକ ସମାଧାନର ପାଳି ପଡ଼ିଛି;— ବୁଦ୍ଧି, ସମାଜ-ବିଜ୍ଞାନ ଏବଂ ଯନ୍ତ୍ରକୌଶଳର ସାହାଯ୍ୟ ନେଇ ପ୍ରକୃତିରେ ସଦାବର୍ତ୍ତମାନ ରହିଥିବା ଅସମତାଗୁଡ଼ିକ ମଧ୍ୟରେ ଯେତେଦୂର ସମ୍ଭବ ସମ୍ପୂର୍ଣ୍ଣଭାବରେ

'oaob.nitrkl.ac.in' images reprocessed

ଏକ ସମତାର ନିର୍ମାଣ କରିବା ଲାଗି ଉଦ୍ୟମ ହେବାରେ ଲାଗିଛି,– ଏବଂ ସବୁଠାରୁ ଅଧିକ ପରିମାଣରେ ଏକ ସାମୂହିକ ଜୀବନର ଯାବତୀୟ ଉଦ୍ୟମ ଏବଂ ସାଧାରଣ ଯାବତୀୟ ଲାଭର କ୍ଷେତ୍ରରେ ଏକ ସମାନ ଅଧିକାର-ଯୁକ୍ତ ସହଚାରିତାର ସ୍ଥାପନା ଲାଗି ଉଦ୍ୟମ ହେଉଛି । ପୂର୍ବତନ ସମାଧାନଟି ଯେତିକି ସଫଳତା ହାସଲ କରିଥିଲା, ସମାଧାନର ଏହି ସୂତ୍ରଟି ତା'ଠାରୁ ଯେ ଖୁବ୍‌ବେଶୀ ଅଧିକ ସଫଳତା ଲାଭ କରିବ, ସେଥିରେ ଆଦୌ କୌଣସି ନିଶ୍ଚୟତା ନାହିଁ । ଏହି ସମାନତାଟିକୁ ସଙ୍ଗେ ସଙ୍ଗେ ହାସଲ କରିବାକୁ ହେଲେ କେବଳ କଠୋର ଆଇନ-ପ୍ରଣୟନ ଦ୍ୱାରା ତାହା ସମ୍ଭବ ହୋଇପାରିବ । ଏବଂ ତାହାର ଅର୍ଥ ହେଉଛି ଯେ ଅନ୍ତତଃ କିଛି ସମୟ ସକାଶେ ସ୍ୱାଧୀନତାକୁ ବିସର୍ଜନ ଦେବାକୁ ପଡ଼ିବ । ଏବଂ, ସେକଥା ଯାହା ହେଉ ବା ନ ହେଉ ପଛକେ, ଏଠାରେ ଯାବତୀୟ ଅଡୁଆର ଅସଲ ମୂଳଟିକୁହିଁ ଉପେକ୍ଷା କରି ରଖାଯାଇଛି; ସେହି ମୂଳକଥାଟି ହେଉଛି ଯେ ଆତ୍ମାର ଅନ୍ତଃପ୍ରେରଣାର କ୍ଷେତ୍ରରେ ଯାହା ସତ୍ୟରୂପେ ପରିଣତ ହୋଇପାରି ନାହିଁ, ତାହା କଦାପି ଆମ ଜୀବନରେ ଏକ ସତ୍ୟରେ ପରିଣତ ହୋଇପାରିବ ନାହିଁ । ସେହି ଆତ୍ମାର କ୍ଷେତ୍ରରେ ଯଦି ମନୁଷ୍ୟମାନେ ମୁକ୍ତ ହୋଇପାରିବେ, ସମାନ ହୋଇପାରିବେ ଓ ଯୁକ୍ତ ହୋଇ ରହିପାରିବେ, ତେବେ ସେମାନଙ୍କର ଜୀବନରେ ମଧ୍ୟ ସ୍ଥାୟୀ ମୁକ୍ତି ଆସିପାରିବ, ସ୍ଥାୟୀ ସମାନତା ଆସିବ ଏବଂ ସ୍ଥାୟୀ ଭ୍ରାତୃଭାବନାର ପ୍ରତିଷ୍ଠା ହୋଇ ପାରିବ । ଏହି କ୍ଷେତ୍ରରେ କେବଳ ଭାବନା ଏବଂ ମନୋଭାବରେ ତାହା ସାଧ ହୋଇଗଲେ କଦାପି ଯଥେଷ୍ଟ ହେବ ନାହିଁ, କାରଣ ସେଗୁଡ଼ିକ ସର୍ବଦା କେବଳ ଅପୂର୍ଣ୍ଣ ହୋଇହିଁ ରହିଥାନ୍ତି, ଆମ ଭିତରେ ଗଭୀର ହୋଇ ରହିଥିବା ପ୍ରକୃତି ଏବଂ ସହଜାତ ପ୍ରବୃତ୍ତିଟି ସହିତ ସେମାନଙ୍କର କନ୍ଦଳ ଲାଗି ରହିଥାଏ ଏବଂ ତା' ଛଡ଼ା ସେଗୁଡ଼ିକ ବଡ଼ ଅସ୍ଥିର ହୋଇ ରହିଥାନ୍ତି ଓ ବଦଳି ଯିବାରେ ଲାଗିଥାନ୍ତି । ତେଣୁ ଏହି କ୍ଷେତ୍ରରେ ଆମକୁ ଏପରି ଏକ ବିପୁଳ ଅଗ୍ରଗତି ସାଧନ କରିବାକୁ ପଡ଼ିବ, ଯାହାକି ସମାନତା ଏବଂ ଏକତାକୁ ଆମର ଅବଶ୍ୟମ୍ଭାବୀ ଅନ୍ତର୍ଗତ ତଥା ବହିଃସ୍ଥ ପରିବେଶରେ ପରିଣତ କରି ରଖିବ । କେବଳ ଏକ ଆଧ୍ୟାତ୍ମିକ ପରିବର୍ତ୍ତନ ଦ୍ୱାରାହିଁ ତାହା ସମ୍ଭବ ହେବ;– ଏବଂ ଆଧ୍ୟାତ୍ମିକ ପରିବର୍ତ୍ତନର ଯେ ଅନ୍ତତଃ ଏକ ଆବଶ୍ୟକତା ରହିଛି, ଇଉରୋପର ବୁଦ୍ଧି କ୍ରମେ ତାହା ଦେଖିବାକୁ ସମର୍ଥ ହେଲାଣି । ମାତ୍ର ତାହା ତଥାପି ବୁଦ୍ଧିରୁ ପ୍ରସୂତ ସୂତ୍ରଗୁଡ଼ାକରେହିଁ ଅତିରିକ୍ତ ପରିମାଣରେ ସନ୍ତୁଷ୍ଟ ହୋଇ ରହିଛି, ଯନ୍ତ୍ରବତ୍ ଉଦ୍ୟମକୁହିଁ ଅତିରିକ୍ତ ପରିମାଣରେ ଯଥେଷ୍ଟ ବୋଲି ଭାବୁଛି, ଏବଂ ତେଣୁ ଆତ୍ମାରାଜ୍ୟର ସାମଗ୍ରୀଗୁଡ଼ିକର ଆବିଷ୍କାର ଏବଂ ଉପଲବ୍ଧି କରିବା ଲାଗି ତାହା ଏବେ ମଧ୍ୟ ଯଥେଷ୍ଟ ସମୟ ପାଉ ନାହିଁ ।

ଏସିଆ ଏହି କ୍ଷେତ୍ରରେ ସେଭଳି କୌଣସି ବୃହତ୍ ଉଦ୍ୟମ କରି ନାହିଁ, ସାମାଜିକ

'oaob.nitrkl.ac.in' images reprocessed

ପ୍ରୟାସ ଓ ପ୍ରଗତି ଦିଗରେ ତାହା ଇଉରୋପ ଭଳି କୌଣସି ଶ୍ରମ କରି ନାହିଁ । ଶୃଙ୍ଖଳା, ନୈତିକତା ଏବଂ ଧର୍ମର କ୍ଷେତ୍ରରେ ସାମାଜିକ ଜୀବନର ଏକ ଟାଣ ଗଢ଼ଣ ଓ ଭିତ୍ତି, ଏକ ସୁନିଶ୍ଚିତ ଆର୍ଥିକ ବ୍ୟବସ୍ଥା, ବିନାଶକ ଭାବରେ ଏକ ରୂଢ଼ିନିୟନ୍ତ୍ରିତ ଓ କୃତ୍ରିମ ବ୍ୟବସ୍ଥାରେ ପରିଣତ ହୋଇ ଯାଉଥିବା ଏକ ସ୍ୱାଭାବିକ ସୋପାନ-କ୍ରମ;– ଏସିଆରେ ଏହିଗୁଡ଼ିକୁହିଁ ସାଧାରଣତଃ ପଦ୍ଧତିରୂପେ ଗ୍ରହଣ କରାଯାଇଛି; ବସ୍ତୁତଃ ଯେତେ ଯେତେ ସ୍ଥାନରେ ଏସିଆ ସାଂସ୍କୃତିକ ବିକାଶର ଏକ ଉଚ୍ଚ ସ୍ତରକୁ ଉଠିପାରିଛି, ସେଠାରେ ସଚରାଚର ଏହି ପଦ୍ଧତିଗୁଡ଼ିକୁ ଗ୍ରହଣ କରାଯାଇଛି । ଏହି କଥାଗୁଡ଼ିକୁ ଏସିଆ ଆପଣାର ଧର୍ମଗତ ବୋଧ ଉପରେ ପ୍ରତିଷ୍ଠିତ କରି ରଖିଥିଲା, ଏକ ଶକ୍ତିଶାଳୀ ସାମ୍ପ୍ରଦାୟିକ ଭାବନା, ଏକ ଜୀବନ୍ତ ମାନବିକତା, ସହାନୁଭୂତି ଏବଂ ମାନବିକ ସମାନତା ଏବଂ ଘନିଷ୍ଠତା ଲାଗି କେତେକ ପରିମାଣରେ ଏକ ଅବକାଶ ରଖି ତାହା ସେଗୁଡ଼ିକୁ ବେଶ୍ ମଧୁର ଓ ସହନୀୟ କରି ରଖି ପାରିଥିଲା । ବହିଃକ୍ଷେତ୍ରର କୌଣସି ମୁକ୍ତି ବା ସ୍ୱାଧୀନତା ନୁହେଁ, ମାତ୍ର ଏକ ଆଧ୍ୟାତ୍ମିକ ଏବଂ ଅନ୍ତର୍ଗତ ସ୍ୱାଧୀନତାର ଆବିଷ୍କାର କରିବାରେହିଁ ଏସିଆ ଆପଣାର ସର୍ବୋଚ୍ଚ ଓ ସର୍ବାଧିକ ପ୍ରୟାସକୁ ନିୟୋଜିତ କରି ରଖିଥିଲା ଏବଂ ତାହାର ସେହି ଅନ୍ୱେଷଣ ମଧ୍ୟରେ ଆଧ୍ୟାତ୍ମିକତା, ସମାନତା ଏବଂ ଏକାତ୍ମତାର ଉପଲବ୍ଧି ଲାଗି ଏକ ମହାନ୍ ପ୍ରୟାସ ମଧ୍ୟ ଅନ୍ତର୍ଭୁକ୍ତ ରହିଥିଲା । ଏହି ଆଧ୍ୟାତ୍ମିକ ପ୍ରୟାସଟିକୁ ଆଦୌ ସାର୍ବଜନୀନ କରାଯାଇ ନ ଥିଲା ବା ତାହାରି ଆଦର୍ଶରୂପଟି ଅନୁସାରେ ମନୁଷ୍ୟ-ଜୀବନର ସମଗ୍ର କ୍ଷେତ୍ରଟିକୁ ଗଢ଼ିବା ଲାଗି ମଧ୍ୟ କୌଣସି ଚେଷ୍ଟା ହୋଇ ନ ଥିଲା । ପରିଣାମରେ ଏକ ପକ୍ଷରେ ସର୍ବୋଚ୍ଚ ଅନ୍ତରଧିଷ୍ଠିତ ବ୍ୟକ୍ତି ଏବଂ ଅନ୍ୟପକ୍ଷରେ ବାହାରର ସାମାଜିକ ଜୀବନ ମଧ୍ୟରେ ଏକ ବୈଷମ୍ୟ ଓ ବ୍ୟବଧାନ ଆସି ପହଞ୍ଚିଲା; ଭାରତବର୍ଷରେ ଅଧ୍ୟାତ୍ମଭୂମିରେ ଜୀବନକୁ ବଞ୍ଚୁଥିବା ତାହାର ସର୍ବୋତ୍ତମ ବ୍ୟକ୍ତିମାନେ ସଂସାର-ବିରାଗୀ ହୋଇ ଏହି ନିତ୍ୟନୈମିତ୍ତିକ ସାଂସାରିକ ଜୀବନର ନିରାପଦ ମାତ୍ର ଅତିରିକ୍ତ ପରିମାଣରେ ସଂକୀର୍ଣ୍ଣ ହୋଇ ରହିଥିବା ପ୍ରାଚୀରଗୁଡ଼ିକୁ ଡେଇଁ ଅନ୍ୟତ୍ର ବାହାରି ଚାଲିଗଲେ; ଏବଂ ଜୀବନକୁ ପ୍ରାୟ ବନ୍ଧ୍ୟା କରି ପକାଉଥିବା ସେହି ବିଚାରଟି କ୍ରମେ ବଦ୍ଧମୂଳ ହୋଇ ରହିବାକୁ ଆରମ୍ଭ କଲା ଯେ ଜୀବନରେ ଆମେ ଯେଉଁ ସର୍ବୋଚ୍ଚ ଆଧ୍ୟାତ୍ମିକ ବିଶ୍ୱସତ୍ୟର ଆବିଷ୍କାର କରିବା, ତାହା ତଥାପି ସେହି ଜୀବନର ଅନ୍ତଃପ୍ରେରଣା ରୂପେ ପ୍ରତିଷ୍ଠିତ ହୋଇପାରିବ ନାହିଁ ଓ ସେହି ସତ୍ୟଟିକୁ କେବଳ ଜୀବନର ବାହାରେହିଁ ଉପଲବ୍ଧି କରାଯାଇ ପାରିବ । ମାତ୍ର ଇଉରୋପର ଶକ୍ତିଶାଳୀ ଚାପଟିକୁ ସହ୍ୟ କରିବାକୁ ବାଧ୍ୟ ହେବାର ପ୍ରକ୍ରିୟାରେ ଏସିଆ ସତେଅବା ଅନ୍ୟ ଏକ ତଥା ଅଧିକ ସକ୍ରିୟ ସମାଧାନର ପ୍ରୟୋଜନ ଦ୍ୱାରା ପ୍ରେରିତ ହୋଇ ପୁନର୍ବାର ସେହି ଜୀବନର ସମସ୍ୟାଟିରହିଁ ସମ୍ମୁଖୀନ ହେବାକୁ ବାଧ୍ୟ ହେବାକୁ ଆରମ୍ଭ କଲାଣି ।

'oaob.nitrkl.ac.in' images reprocessed

ସ୍ୱାଙ୍ଗୀକୃତ କରିନେବା ଲାଗି ରହିଥିବା ଆପଣାର ସ୍ୱାଭାବିକ ସାମର୍ଥ୍ୟଟି ବଳରେ ଏସିଆ ଏକ ପକ୍ଷରେ ଉଦ୍ୟୋଗୀକରଣକୁ କେନ୍ଦ୍ରକରି ପାଶ୍ଚାତ୍ୟ ଜଗତରେ କରା ଯାଇଥିବା ପ୍ରୟୋଗଟିର ଏଠାରେ ମଧ୍ୟ ପୁନରାବୃତ୍ତି କରିପାରିବ, ତାହାକୁ ଗୋଟାସୁଦ୍ଧା ନକଲ କରିନେବ, ତାହାର ପୁଞ୍ଜିବାଦୀ ପ୍ରଥମ ପର୍ଯ୍ୟାୟ ତଥା ସମାଜବାଦୀ ଦ୍ୱିତୀୟ ପର୍ଯ୍ୟାୟ ଦୁଇଟିଯାକକୁ ମଧ୍ୟ ଗ୍ରହଣ କରିନେଇ ପାରିବ; ମାତ୍ର ସେକଥା ଘଟିଲେ ତାହାର ଏହି ଜାଗୃତି ମନୁଷ୍ୟର ଯୁଗପ୍ରୟାସ ମଧ୍ୟରେ କୌଣସି ନୂତନ ଅର୍ଥ ଅଥବା ସମ୍ଭାବନା ଆଉ ସଞ୍ଚାର କରି ପାରିବ ନାହିଁ । ଅନ୍ୟପକ୍ଷରେ, ମନୁଷ୍ୟ-ମାନସର ଏହି ଦୁଇଟିଯାକ ଅର୍ଦ୍ଧାଂଶର ଏକ ଘନିଷ୍ଠତର ସମ୍ମେଳନ ଫଳରେ ଆମ ସତ୍ତାର ଦୁଇ ମେରୁ ମଧ୍ୟରେ ହୁଏତ ଏକ ଅତୀବ ଶକ୍ତିଶାଳୀ ସଂଯୋଗ ସ୍ଥାପିତ ହୋଇ ଯାଇପାରିବ ଏବଂ ଉଭୟର ଉଚ୍ଚତମ ଆଦର୍ଶଗୁଡ଼ିକୁ ଏକତ୍ର କରି ଏକ ପର୍ଯ୍ୟାପ୍ତ ସମାଧାନର ମଧ୍ୟ ଉପଲବ୍ଧି କରିପାରିବ;— ଅନ୍ତରର ସ୍ୱାଧୀନତା ତଥା ବାହାର ସ୍ୱାଧୀନତା, ଅନ୍ତର୍ଜୀବନର ସମାନତା ତଥା ବହିଃଜୀବନର ସମାନତା ଏବଂ ଅନ୍ତରସ୍ଥ ଏକତା ତଥା ବହିଃକ୍ଷେତ୍ରର ଏକତା,— ଏହିଗୁଡ଼ିକୁ ଏକତ୍ର କରି ଏକ ପର୍ଯ୍ୟାପ୍ତ ସମାଧାନରେ ଉପନୀତ ହୋଇପାରିବ । ବର୍ତ୍ତମାନର ପରିସ୍ଥିତି ଓ ବସ୍ତୁସ୍ଥିତି ଦୃଷ୍ଟିରୁ ବିଚାର କଲେ ମନୁଷ୍ୟର ଭବିଷ୍ୟତ ବିଷୟରେ ସେହି ବୃହତ୍ତମ ଆଶାଟିହିଁ କରାଯାଇ ପାରିବ ।

ମାତ୍ର ନାନାବିଧ ଉପାଦାନର ଏକତ୍ର-ମିଶ୍ରଣରୁ ଯେପରି ଅଜ୍ଞାତପୂର୍ବ ଆଉ ଏକ ରୂପର ଉଦ୍‌ଭବ ହୋଇଆସେ, ଠିକ୍ ସେହିପରି ଏହି କ୍ଷେତ୍ରରେ ହୁଏତ ବୃହତ୍ତର ଓ ଅଜ୍ଞାତ ଆଉ କିଛିର ଆବିର୍ଭାବ ଘଟିବ, ଯାହାକି ବର୍ତ୍ତମାନ ପ୍ରଚ୍ଛନ୍ନ ହୋଇ ରହିଛି ଅଥଚ ପ୍ରସ୍ତୁତ ହେବାରେ ଲାଗିଛି; କାଳର ପ୍ରୟୋଗଶାଳାରେ ଏପର୍ଯ୍ୟନ୍ତ ତାହାର ସୂତ୍ରଗୁଡ଼ିକର ନିର୍ଦ୍ଧାରଣ ହୋଇ ନାହିଁ । ପ୍ରକୃତିର ନକ୍ସାରେ ଏପର୍ଯ୍ୟନ୍ତ ତାହାର ଉନ୍ମୋଚନ ଘଟି ନାହିଁ । ଯଦି ତାହାହିଁ ହୋଇଥାଏ, ତେବେ ବିଶ୍ୱାସ କରିବାକୁ ହେବ ଯେ ବିବର୍ତ୍ତନର ଯାବତୀୟ ଯନ୍ତ୍ରଣା ମଧ୍ୟରୁ କୌଣସି ଏକ ବୃହତ୍ତର ଓ ଅପ୍ରତ୍ୟାଶିତ ନବଜନ୍ମ ସଂଘଟିତ ହେବାକୁ ଯାଉଛି; କେତେକେତେ ବିରାଟ ଉଦ୍‌ବେଳନର ଏହି ଅସ୍ଥିରତାମୟ ଯୁଗଟି, କେତେକେତେ ବିଚାର ଏବଂ ନବୋଦ୍‌ଭାବନର ଏହି ଅରାଜକତା, ପ୍ରକାଣ୍ଡ ଓ ପ୍ରଭୂତ ଭାବରେ ବଳବାନ୍ କେତେକେତେ ଶକ୍ତିର ସଂଘାତ, ଏହି ଯାବତୀୟ ସୃଜନ, ବିପର୍ଯ୍ୟୟ ତଥା ବିଘଟନର ନାନା ଅସ୍ଥିରତା ଦ୍ୱାରା ସଂକୁଳ ହୋଇ ରହିଥିବା ଏହି ଯୁଗଟି ବସ୍ତୁତଃ ନୂତନ ଆଉ କିଛିକୁ ଜନ୍ମ ଦେବ ବୋଲି ମନୁଷ୍ୟସମାଜର ଏହି ବିରାଟ ଅପୂର୍ଣ୍ଣତାମୟ ଶରୀର ଏବଂ ଆତ୍ମାର ଯାବତୀୟ ବିକଟ ବେଦନା ଏବଂ ସଂଘାତ ମଧ୍ୟଦେଇ ଗତି କରିବାରେ ଲାଗିଛି ।

'oaob.nitrkl.ac.in' images reprocessed

# ୧୯୧୯

୧୯୧୯ ମସିହାଟି ଏହି ପୃଥିବୀକୁ ଆସୁଥିଲା ବେଳେ ତାହାକୁ ଦେଖି ତାହା ସତେଅବା ଆଧୁନିକ ପୃଥିବୀର ସବୁଠାରୁ ଅଧିକ ସମ୍ଭାବନାମୟ ଏବଂ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଏକ ମସିହାର ଆକାର ନେଇ ଆସିଥିବା ପରି ମନେ ହେଉଛି । ଏହି ମସିହାଟିରେ ପୃଥିବୀର ବୃହତ୍ତମ ଯୁଦ୍ଧଟି ଶେଷ ହୋଇଛି, ମନୁଷ୍ୟଜାତିର ଇତିହାସରେ ତାହା ଲୀଗ୍ ଅଫ୍ ନେଶନ୍‌ସ୍ ବୋଲି ଏପରି ଗୋଟିଏ ନୂତନ ବସ୍ତୁକୁ ଜନ୍ମ ଦେଇଛି, ଯାହାକି ନିଜକୁ ମନୁଷ୍ୟ-ସମାଜର ଭବିଷ୍ୟତ ସମ୍ମିଳିତ ଜୀବନ ଲାଗି ଏକ ଭିତ୍ତି-ପ୍ରସ୍ତର ବୋଲି ଦାବି କରୁଛି ଏବଂ ଯାହା କି ଆହୁରି କେତେକେତେ ନୂତନ ଏବଂ ମହତ୍ତ୍ୱବିଶିଷ୍ଟ ଗଠନ ଏବଂ ବିନାଶ ଲାଗି କ୍ଷେତ୍ରଟିକୁ ପ୍ରସ୍ତୁତ କରିଦେବାରେ ଲାଗିଛି । ଏହି ସଂଗଠନ ଓ ବିଘଟନଗୁଡ଼ିକ ଆମକୁ ଏପରି ଆହୁରି ଏକ ସାମାଜିକ ବ୍ୟବସ୍ଥା ତଥା ମାନବୀୟ ଜୀବନ ଛାଞ୍ଚ ମଧ୍ୟରେ ଆଣି ପକାଇ ଦେବାକୁ ଯାଉଛନ୍ତି, ଯାହାକି ଏହି ପୃଥିବୀର ଜନଗଣଙ୍କର ଲିପିବଦ୍ଧ ସ୍ମୃତି ମଧ୍ୟରେ ଏପର୍ଯ୍ୟନ୍ତ ଜ୍ଞାତ ହୋଇ ରହିଥିବା ବ୍ୟବସ୍ଥା ଓ ଛାଞ୍ଚଗୁଡ଼ିକଠାରୁ ଏକାବେଳେକେ ଭିନ୍ନ ହେବାକୁ ଯାଉଛନ୍ତି । ଗୋଟିଏ ବର୍ଷ ସକାଶେ ଏତିକିକୁହିଁ ଯଥେଷ୍ଟ ବିବରଣୀ ବୋଲି କୁହାଯାଇ ପାରିବ ଏବଂ ଏହି ବର୍ଷଟିକୁ ଅବଲୋକନ କରିବାବେଳେ ମନେ ହେଉଛି ଯେ ବିଂଶ ଶତାବ୍ଦୀରେ ,ଏହାକୁ ଅବିବାଦିତ ପ୍ରାଧାନ୍ୟସ୍ଥାନ ଦେଇ ମନେ ରଖିବା ଲାଗି ଆମକୁ ଏହା ଭିତରେ ଯଥେଷ୍ଟ କାରଣ ଅବଶ୍ୟ ପ୍ରାପ୍ତ ହୋଇ ସାରିଲାଣି । ମାତ୍ର ଏକଥାଟି ବେଶ୍ ସମ୍ଭବ ଯେ ବିଷୟଗୁଡ଼ିକ ସମସାମୟିକ ଚକ୍ଷୁକୁ ଯେପରି ହୋଇ ରହିଛନ୍ତି ବୋଲି ଦେଖାଯାଉଛନ୍ତି, ସେଗୁଡ଼ିକ ପ୍ରକୃତରେ ସେପରି ନୁହନ୍ତି, ଏବଂ ଏକଥା ମଧ୍ୟ ସମ୍ଭବ ଯେ ଭବିଷ୍ୟତର ବଂଶଧରମାନେ ତାହାକୁ ହୁଏତ ଅନ୍ୟ ପ୍ରକାର ମହତ୍ତ୍ୱ ଏବଂ ଆଲୋକନ ଦେଇ ଦେଖିବେ । ୧୮୧୫ ମସିହାଟି ମଧ୍ୟ ସେହିପରି ସେତେବେଳର ଲୋକମାନଙ୍କୁ ଅନେକ ମସିହା ଭିତରେ ଗୋଟିଏ ମସିହା ବୋଲି ଅବଶ୍ୟ ବୋଧ ହୋଇଥିବ; କାରଣ, ପୁରାତନ ରାଜ୍ୟସଭା ଏବଂ ବିପ୍ଳବୋଦ୍ୟତ ଫ୍ରାନ୍‌ସ୍ ମଧ୍ୟରେ ଏବଂ ସେତେବେଳେ ଇଉରୋପ ଏବଂ ନେପୋଲିଅଁଙ୍କ ମଧ୍ୟରେ ଦୀର୍ଘ କାଳ ଯାବତ୍ ଯେଉଁ ସଂଘର୍ଷଟି ଲାଗି ଆସିଥିଲା, ସେହି ଲୋକମାନଙ୍କ ମନ ତାହାର ଦୃଶ୍ୟଗୁଡ଼ିକରେ ନିଶ୍ଚୟ ପୂର୍ଣ୍ଣ ହୋଇ ରହିଥିବ । ମାତ୍ର ଯଦି ଆମେ ବର୍ତ୍ତମାନ କିଛିତ୍ ପଶ୍ଚାଦବଲୋକନ କରିବାକୁ ଚେଷ୍ଟା କରିବା, ତେବେ ଆମେ ଅବଶ୍ୟ ଦେଖିବାକୁ ପାଇବା ଯେ ୧୮୧୫ ମସିହାଟି କେବଳ କେତୋଟି ଘଟଣାର ଏକ ରଙ୍ଗମଞ୍ଚ ପରି ହୋଇ ରହିଥିଲା; ସେତେବେଳେ ସଂଘର୍ଷର ଉତ୍କଟତମ ପର୍ଯ୍ୟାୟଟିର ଅବସାନ ହେଲା, ନିଃଶ୍ୱାସ ମାରି

'oaob.nitrkl.ac.in' images reprocessed

ପାରିବା ଭଳି ଗୋଟିଏ ନୂତନ ପର୍ଯ୍ୟାୟ ଆରମ୍ଭ ହେଲା, କାମ ଚଳିଗଲା ପରି ଏପରି ଏକ ସମାଧାନ କରାଗଲା, ଯାହାକି ଆଦୌ ସ୍ଥାୟୀ ହୋଇ ରହିପାରିଲା ନାହିଁ । ୧୮୧୫ ରେ ଠିଆ ହୋଇ ତା'ପରେ ଆମେ ୧୭୮୯ ମସିହାଟି ଆଡ଼କୁ ଅନାଇ ଦେଖିବା,– କାରଣ ସେହି ମସିହାଟିରେ ଏକ ପୁରାତନ ବ୍ୟବସ୍ଥାର ଧ୍ୱଂସପ୍ରାପ୍ତ ହେବା ଆରମ୍ଭ ହେଲା ଓ ଏକ ନୂତନ ଆଦର୍ଶ ଜନ୍ମଗ୍ରହଣ କଲା । ତା'ପରେ ଆମେ ୧୭୮୯ ମସିହାର ପରବର୍ତ୍ତୀଗୁଡ଼ିକ ଉପରେ ବି ଦୃଷ୍ଟିପାତ କରିବା, ଯେଉଁ ଅବଧିଟି ମଧ୍ୟରେ କି ସେହି ଆଦର୍ଶଟି ଆପଣାର ଏକ ପ୍ରସାରଯୁକ୍ତ ଉପଲବ୍ଧି ଆଡ଼କୁ ଅଗ୍ରସର ହେବାରେ ଲାଗିଥିଲା । ଠିକ୍ ସେହିପରି ଆମ ଭବିଷ୍ୟତ ବଂଶଧରମାନେ ମଧ୍ୟ ୧୯୧୯ ମସିହାର ଆହୁରି ପଛକୁ ସେହିସବୁ ବର୍ଷଗୁଡ଼ିକ ଉପରେ ଦୃଷ୍ଟିପାତ ବି କରିବେ, ଯେତେବେଳେ ଯୁଦ୍ଧରୂପୀ ବିପର୍ଯ୍ୟୟଟି ଆରମ୍ଭ ହୋଇଥିଲା ଏବଂ ଯେଉଁଥିରୁ କି ପୂର୍ବତନ ଇଉରୋପୀୟ ସମାଜ-ବ୍ୟବସ୍ଥାଟି ପ୍ରଥମଥର ପାଇଁ ଭାଙ୍ଗି ଭୁଶୁଡ଼ି ପଡ଼ିଥିଲା । ସେମାନେ ୧୯୧୯ ମସିହାଟିକୁ ଡେଇଁ ଆଗକୁ ଭବିଷ୍ୟତର ସେହି ବର୍ଷଗୁଡ଼ିକ ଉପରେ ମଧ୍ୟ ଦୃଷ୍ଟିପାତ କରିବେ, ଯାହାକି ଆଜି ଅନାଗତର ଗର୍ଭ ମଧ୍ୟରେ ଲୁକ୍କାୟିତ ହୋଇ ରହିଛି ଓ ଯେଉଁ ବର୍ଷଗୁଡ଼ିକରେ କି ବର୍ତ୍ତମାନର ବିକଳ୍ପ ହୋଇ ଆସିବା ଲାଗି ନିୟତିନିର୍ଦ୍ଦିଷ୍ଟ ହୋଇ ରହିଥିବା ଯାହାକିଛି ବ୍ୟବସ୍ଥା ତଥା ଆଦର୍ଶର ଉପଲବ୍ଧି ଦିଗରେ ଏହି ପୃଥିବୀ ଅଗ୍ରସର ହେବାରେ ଲାଗିଥିବ । ଏହି ବର୍ଷଟି ମଧ୍ୟ ଏକ ପ୍ରଥମ ସଂଗ୍ରାମର କେବଳ ଏକ ଉତ୍କଟ ପର୍ଯ୍ୟାୟରହିଁ ଶେଷ ହୋଇପାରେ, ନିଶ୍ୱାସ ମାରିବାର ଏକ ମଧ୍ୟବର୍ତ୍ତୀ କାଳର ଆରମ୍ଭ ହୋଇପାରେ, କେବଳ କାମ ଚଳାଇ ନେବା ପାଇଁ କରାହୋଇଥିବା ଏକ ବ୍ୟବସ୍ଥାର ବର୍ଷ ହୋଇପାରେ, ଏକ ପ୍ରବାହିତ ବନ୍ୟାସ୍ରୋତ ଅସ୍ଥାୟୀ ଭାବରେ ଘଡ଼ିଏ ଅଟକି ଯାଇଥିବାର ଏକ ମୁହୂର୍ତ୍ତ ମଧ୍ୟ ହୋଇପାରେ । ତାହାକୁ ଆମେ ସେପରି କହି ବି ପାରିବା, କାରଣ ଏହି ବର୍ଷଟି ମନୁଷ୍ୟ-ସମାଜର ଗଭୀରତର ମନଟିର କୌଣସି ଉପଲବ୍ଧି କରି ନାହିଁ ଅଥବା କାଳାତ୍ମାର ସୁଦୂରପ୍ରସାରୀ ଅଭିପ୍ରାୟଟିର ତାହା କୌଣସି ଜବାବ ଦେଇପାରି ନାହିଁ ।

ସଂଘର୍ଷଟି ଲାଗିଥିବାର ଉତ୍ସାହ ମଧ୍ୟରେ ଏପରି ଏକ ଆଶା ଜାଗ୍ରତ ହୋଇଥିଲା ଯେ ଏହି ସଂଗ୍ରାମ ମନୁଷ୍ୟ-ପ୍ରଗତିର ପଥରେ ସ୍ତୂପୀକୃତ ହୋଇ ରହିଥିବା ସକଳ ପ୍ରତିବନ୍ଧକକୁ ଦୂର କରି ନେଇଯିବ ଏବଂ ସତେଅବା କୌଣସି ଏକ ଅଲୌକିକ ଘଟଣା ଘଟିଲା ପରି ଏକ ନୂତନ ଯୁଗ ତା'ର ଅବ୍ୟବହିତ ପରେହିଁ ଆବିର୍ଭୂତ ହୋଇ ଆସିବ । ସମ୍ପୂର୍ଣ୍ଣ ସ୍ପଷ୍ଟଭାବରେ ଠାଣ ହୋଇପାରି ନ ଥିବା ଏକ ଆଦର୍ଶ ମଧ୍ୟ କେଡ଼େ ପ୍ରଗଲ୍‌ଭତା ସହିତ ଶାନ୍ତି, ଭ୍ରାତୃତ୍ୱ, ସ୍ୱାଧୀନତା ଏବଂ ଏକତା ବିଷୟରେ କେତେ କ'ଣ କହିବାରେ ଲାଗିଲା; ତାହା ସେହି ମୁହୂର୍ତ୍ତଟି ସକାଶେ ମନୁଷ୍ୟ-ସମାଜର ଆତ୍ମାକୁ ଆଂଶିକଭାବରେ

'oaob.nitrkl.ac.in' images reprocessed

ସନ୍ଦୀପିତ କରିଦେଲା, ସେଥିରେ ଦୀପଟିଏ ଜଳାଇ ରଖିଲା ଏବଂ ମନୁଷ୍ୟର ବୁଦ୍ଧି ସମ୍ମୁଖରେ ଏକ ପ୍ରଶସ୍ତତର ଦୃଷ୍ଟିଭୂମି ଉନ୍ମୋଚିତ କରିଦେଇଗଲା । ଧର୍ମ ଓ ଅଧର୍ମର ଶକ୍ତିଗୁଡ଼ିକ ଦୁଇ ବିରୋଧ ପକ୍ଷରେ ଅଲଗା ହୋଇ ଠିଆ ହୋଇଛନ୍ତି ଏବଂ ଏକ ମୀମାଂସକ ସମରରେ ଅବତୀର୍ଣ୍ଣ ହୋଇଛନ୍ତି ବୋଲି ଲୋକମାନେ କଥାବାର୍ତ୍ତା ହେବାକୁ ଲାଗିଲେ । ଏହି ବିଚାରଗୁଡ଼ିକ କେବଳ କେତେଟା ଭାବୁକତା ଏବଂ ଆଦର୍ଶବାଦରେ ମାତି ଯାଇଥିବା ବୁଦ୍ଧିରହିଁ ଅତିରଞ୍ଜନ ହୋଇ ରହିଥିଲା ଏବଂ ସେଗଡ଼ିକରୁ ବିକୀର୍ଣ୍ଣ ହୋଇ ଆଖିକୁ ଝଲକା କରି ଦେଉଥିବା ଆଲୋକଟିର ମଣ୍ଡଳ ଭିତରେ ଏପରି ଅନେକ କିଛି ଘୋଡ଼ାଇ ହୋଇ ରହିଗଲା, ଯାହାକି ସମ୍ପୂର୍ଣ୍ଣ ଅନ୍ୟ ସ୍ୱଭାବର ହୋଇ ରହିଥିଲା । ସେହି ଆଶାଟି କେବଳ ଏକ ଭ୍ରାନ୍ତିରେହିଁ ପରିଣତ ହୋଲା, ସ୍ୱପ୍ନାବିଷ୍ଟ ମନର ଏକ ଆଲୋକ-ମରୀଚିକା ହୋଇ ରହିଲା; ଉପସ୍ଥିତ ଅବସ୍ଥାଗୁଡ଼ିକ ପ୍ରତି କୌଣସି ଭ୍ରୂକ୍ଷେପ ନ କରି ଯେଉଁ ମନ ସ୍ୱପ୍ନ ମଧ୍ୟରେ ରହିଥିବା ପରି କେବଳ ଆପଣାର ଆଲୋକଟି ଦେଇହିଁ ଏକ ଭବିଷ୍ୟତ ସମ୍ଭାବନାକୁ ଦେଖିବାରେ ଲାଗିଥାଏ, ତାହା ସେହି ମନରହିଁ ଏକ ଭ୍ରାନ୍ତି ହୋଇ ରହିଗଲା । ମନୁଷ୍ୟର ମନ ଏବଂ ମନୁଷ୍ୟର କାର୍ଯ୍ୟ ସବୁବେଳେ ଏପରି ଜଟିଳ ଭାବରେ ଅଡୁଆମଡୁଆ ହୋଇ ରହିଥିବା ଗୋଟିଏ ତାରଗୁଳା ପରି ହୋଇ ରହିଥା'ନ୍ତି ଯେ ସେଥିରେ ଏଭଳି ଅଲୌକିକଭାବରେ ହଠାତ୍ କିଛି କୁହୁକ ପରି ଘଟିବା ଲାଗି ପ୍ରାୟ କୌଣସି ଅବକାଶ ନ ଥାଏ । ଏକଥା ସତ ଯେ ଯୁଦ୍ଧଫଳରେ ଓ ବିପ୍ଳବ ଫଳରେ ତ୍ରାସର ଯେଉଁ ଆଘାତଟି ଆସି ଆମ ଦେହରେ ବାଜେ, ତାହା ବିମୂଢ଼ କରି ରଖିଥିବା କେତେ କେତେ ପ୍ରତିବନ୍ଧକକୁ ଏକାବେଳେକେ ଚୂନା କରି ଦେଇଯାଏ, ମାତ୍ର ଯୁଦ୍ଧ ଓ ବିପ୍ଳବ କେବଳ ଆପଣା ବଳରେ କଦାପି ମଙ୍ଗଳର ଅଥବା ଭଗବାନଙ୍କର କୌଣସି ସାମ୍ରାଜ୍ୟକୁ ଆଦୌ ସୃଷ୍ଟି କରି ପାରନ୍ତି ନାହିଁ; ସେଥିଲାଗି ଏକ ମାନସ ଓ ଆଧ୍ୟାତ୍ମିକ ପରିବର୍ତ୍ତନର ଆବଶ୍ୟକତା ରହିଥାଏ ଏବଂ ବଡ଼ ମନ୍ଥର ଗତିରେ ଆପଣାକୁ ସଞ୍ଚାଳିତ କରି ପାରୁଥିବା ଆମର ଏହି ମନୁଷ୍ୟ-ପ୍ରକୃତି ସେହି ପରିବର୍ତ୍ତନଟି ଲାଗି ଆପଣାର ଅଭ୍ୟସ୍ତ ସତ୍ତାଟିକୁ ଅନୁରୂପ କରି ଗଢ଼ିବା ପାଇଁ ସାଧାରଣତଃ ଅନେକ ସମୟ ଦେଇଥାଏ । ଆମର ଆଦର୍ଶ ହେଉଛି ଆମ ବୁଦ୍ଧିରୁ ପ୍ରସୂତ ଏକ ସାମଗ୍ରୀ, କେବଳ ଆମ ଭାବୁକତାରୁ ନିଷ୍ପନ୍ନ ହୋଇଥିବା ଗୋଟିଏ ସାମଗ୍ରୀ; ତେଣୁ ସେହି ଆଦର୍ଶ କଦାପି ସ୍ୱୟଂ ଏଡ଼େ ସହଜରେ ଆପଣାକୁ କାର୍ଯ୍ୟକାରୀ କରିପାରିବ ନାହିଁ । ପରିସ୍ଥିତିଗୁଡ଼ିକର ବି ଏକ ଶକ୍ତି ବା ପ୍ରଭାବ ରହିଥାଏ, ଉପସ୍ଥିତ ବାସ୍ତବତାମାନ ବଞ୍ଚିରହିବାକୁ ଇଚ୍ଛା କରୁଥାନ୍ତି, ଆମ ପ୍ରକୃତିର ଅତୀତଟା ମଧ୍ୟ ସଂସ୍କାରରୂପେ ଆମ ଉପରେ ବସି ରହିବାକୁ ଚାହୁଁଥାଏ; ଏବଂ ଅଳ୍ପ କେତେଟା ଉଚ୍ଚ ଏବଂ ବଡ଼ କଥାକୁ ଭାବପରବଶ ହୋଇ ଏଡ଼େ ପାଟିରେ କହି ଶିଖିଲେ ଅଥବା ସେଗୁଡ଼ିକର ପଛରେ ଯେଉଁ

'oaob.nitrkl.ac.in' images reprocessed

ବିଚାରଟି ରହିଛି, ସେହି ବିଚାରଟି ବଳରେ ଫୁଙ୍କିଦେଲେ ମଧ୍ୟ ସେଗୁଡ଼ିକୁ ଏଡ଼େ ସହଜରେ ଆଦୌ ଉଡ଼ାଇଦେଇ ହୁଏ ନାହିଁ । ଆଦର୍ଶର ଦୂରୀଗୁଡ଼ାକ ଯେତେ ଉଚ୍ଚ ସ୍ୱରରେ ତୂ' ତୂ' କଲେ ମଧ୍ୟ ସେକଥା କଦାପି ହୋଇପାରେ ନାହିଁ । ଏବଂ, ଗୋଟାଏ ପାଖରେ ବିଶୁଦ୍ଧ ଭଲ ଓ ଆଉ ଗୋଟିଏ ପାଖରେ ବିଶୁଦ୍ଧ ମନ୍ଦ,— ଏହିପରି ଦୁଇପାଖ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ କାରଣରୂପେ ବିଗତ ମହାଯୁଦ୍ଧଟି ଲାଗିଥିଲା ବୋଲି ମଧ୍ୟ କଦାପି କୁହାଯାଇ ପାରିବ ନାହିଁ । ଏହିପରି ଭାବରେ ଯେଉଁ ପାର୍ଥକ୍ୟ-ନିରୂପଣଟି କରା ଯାଉଥିଲା, ଆମେ ତାହାକୁ ଆଦର୍ଶରେ ଭାସି ଯାଇଥିବା ଏକ ବୁଦ୍ଧିରୁ ନିଷ୍ପନ୍ନ ହୋଇଥିବା ଏକ ବିଚାର ବୋଲି କହିବା । ଏଣେ ଆମର ଏହି ନାନା ଜଟିଳତାପୂର୍ଣ୍ଣ ଯେଉଁ ବାସ୍ତବ ଜୀବନରେ ପରସ୍ପରର ବିପରୀତ କେତେକେତେ ତତ୍ତ୍ୱ ଏକାଠି ଜାଲ ପରି ଛନ୍ଦିହୋଇ ରହିଛନ୍ତି ଏବଂ ଆମର ସକଳ ବୁଦ୍ଧିକୁ ପ୍ରତିହତ କରି ରଖିଛନ୍ତି, ତାହା ଏପର୍ଯ୍ୟନ୍ତ ସେହି ଆଦର୍ଶପ୍ରେରିତ ବୁଦ୍ଧିର ଅନ୍ତତଃ ଏକ ଅନୁକୃତିରେ ପରିଣତ ହୋଇପାରି ନାହିଁ; ଆମର ବାସ୍ତବ ଜୀବନଟି ବସ୍ତୁତଃ ଆମ ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତରେ ପରସ୍ପର ସହିତ ଛନ୍ଦିହୋଇ ରହିଥିବା କେତେକେତେ ଶକ୍ତିରୁ ଜାତ ହୋଇଥିବା ଏକ ଅତ୍ୟନ୍ତ ଅସ୍ତବ୍ୟସ୍ତ ସଂଘର୍ଷ ଏବଂ ବିପର୍ଯ୍ୟୟରେ ପରିଣତ ହୋଇ ରହିଛି । ଏଥିରୁ ଯେଉଁ ପରିଣାମଟି ପ୍ରକୃତରେ ଉପଲବ୍ଧ ହେଉଛି, ତାହା ପ୍ରକୃତରେ କ୍ରିୟାଶୀଳ ହୋଇ ରହିଥିବା ଶକ୍ତିଗୁଡ଼ିକର ଭାରସାମ୍ୟଟିଠାରୁ ଯେତିକି ପ୍ରତ୍ୟାଶା କରା ଯାଇଥାନ୍ତା, କେବଳ ସେତିକି ମାତ୍ର ହୋଇ ରହୁଛି । ଏଇଟିକୁ ଆମେ କଦାପି ସର୍ବଶେଷ ପରିଣାମ ବୋଲି କହିବା ନାହିଁ, ଅଥବା ଏଇଠୁ ସବୁକଥା ସରିଗଲା ବୋଲି ମଧ୍ୟ କହିବା ନାହିଁ; ମାତ୍ର ଏହି ମୁହୂର୍ତ୍ତଟିର ତାତ୍କାଳିକ ସମ୍ଭାବନାଟି ମଧ୍ୟରେ କାର୍ଯ୍ୟରେ ଲାଗିବା ପାଇଁ କେବଳ ଯେତିକି ବସ୍ତୁ ପ୍ରସ୍ତୁତ ହୋଇ ରହିଥିଲା, ତାହାକୁ ଆମେ କେବଳ ତାହାରିହିଁ ଏକ ପ୍ରଥମ ସମଷ୍ଟି ବୋଲି କହି ପାରିବା । ଏଥିରେ ସଂବୃତ ଭାବରେ ଆହୁରି ଅଧିକ ବସ୍ତୁ ରହିଥିଲା, ଏବଂ ବର୍ତ୍ତମାନ ସେହିଗୁଡ଼ିକହିଁ ଆସନ ନେବା ଲାଗି ଚାପ ଦେବାକୁ ଆରମ୍ଭ କରିବେ; ମାତ୍ର ସେଗୁଡ଼ିକୁ କେବଳ ଭବିଷ୍ୟତର ସାମଗ୍ରୀ ବୋଲି କୁହାଯିବ ।

ବିଗତ ପାଞ୍ଚୋଟି ବର୍ଷ ଯେଉଁ ମହାପ୍ରଳୟଟି ଘଟିଗଲା, ତାହାର ମୁହଁରେ ଆମେ ପ୍ରକୃତରେ ଦୁଇଟି ପାଖ ଦେଖିବାକୁ ପାଇବା, ସେଥିରୁ ଗୋଟିଏ ପାଖ ପଛ ଆଡ଼କୁ ଅର୍ଥାତ୍ ଅତୀତ ଆଡ଼କୁ ମୁହଁ କରି ରହିଛି ଓ ଆଉ ଗୋଟିଏ ପାଖ ଆଗ ଆଡ଼କୁ ଅର୍ଥାତ୍ ଭବିଷ୍ୟ ଆଡ଼କୁ ମୁହଁ କରି ରହିଛି । ଅତୀତ ସହିତ ଏହାର ସୂତ୍ରଗୁଡ଼ିକ ଯେଉଁପରି ଭାବରେ ବନ୍ଧାହୋଇ ରହିଛି, ଆମେ ସେଥିରୁ କହିପାରିବା ଯେ ଶକ୍ତିର ଦୁଇଟି ଶିବିର ମଧ୍ୟରେ ଏହା ଏକ ଦ୍ୱନ୍ଦ୍ୱରୂପେ ଆବିର୍ଭୂତ ହୋଇଥିଲା; ଗୋଟିଏ ପାଖରେ ଜର୍ମାନୀ ଏବଂ କେନ୍ଦ୍ରୀୟ

'oaob.nitrkl.ac.in' images reprocessed

ରାଜ୍ୟଶକ୍ତିମାନେ ଶିବିରଟିର ପ୍ରତିନିଧିତ୍ୱ କରୁଥିଲେ ଓ ଅନ୍ୟ ଶିବିରଟିର ପ୍ରତିନିଧିରୂପେ ଆମେରିକା ଏବଂ ଇଉରୋପର ପାଶ୍ଚାତ୍ୟ ଜାତିମାନେ ରହିଥିଲେ । ବାହାରକୁ ଦେଖିବାକୁ ଜର୍ମାନୀ ନଗ୍ନ ଭାବରେ ନୃଶଂସ ହୋଇ ରହିଥିବା ଏକ ସାମ୍ରାଜ୍ୟବାଦର ତଥା ସାମରିକ ଲାଳସାର ପ୍ରତିନିଧିତ୍ୱ କରୁଥିଲା । ସେହି ସାମ୍ରାଜ୍ୟବାଦ ଓ ସାମରିକ ଲାଳସା ଆପଣାର ନ୍ୟାଯ୍ୟ ଦାବି ଏବଂ ପରିପୂର୍ଣ୍ଣ ଶକ୍ତିମତ୍ତାରେ ଆତ୍ମତୃପ୍ତ ପରି ହୋଇ ରହିଥିଲା ଏବଂ ଅପେକ୍ଷାକୃତ ଅଧିକ ପ୍ରଶସ୍ତ ମଧ୍ୟମ-ବର୍ଗୀୟ ଗଣତନ୍ତ୍ରର ବିରୋଧୀ ହୋଇ ରହିଥିଲା । ପଶ୍ଚିମ ଇଉରୋପର ସେହି ଗଣତନ୍ତ୍ରଟି ପକ୍ଷରେ ମଧ୍ୟ ଅନୁଗାମୀମାନଙ୍କର କେବଳ ଆଂଶିକ ଅନୁରକ୍ତି ରହିଥିଲା, ତାହା ଏକ ଅସ୍ୱଷ୍ଟ ଓ ଅନମନୀୟ ସମରଲାଳସା ଏବଂ କିଛିତ୍ ପରିମାଣରେ ଉଦାରତାର ଆଚରଣ କରୁଥିବା ଓ ବଡ଼ ସୁଖଦ ଭାବରେ ଅର୍ଦ୍ଧ-ଆଦର୍ଶବାଦୀ ହୋଇ ରହିଥିବା ସାମ୍ରାଜ୍ୟବାଦର ଅନୁରୂପ ହୋଇ ରହିଥିଲା । ମାତ୍ର କେବଳ ବାହାରକୁହିଁ ସ୍ଥିତିଟି ଏହିପରି ଦେଖା ଯାଉଥିଲା ଏବଂ ତାହା ଏକୁଟିଆ କଦାପି ଏଡ଼େବଡ଼ ଏକ ବିପର୍ଯ୍ୟୟର ଯଥେଷ୍ଟ କାରଣ ହୋଇପାରି ନ ଥାନ୍ତା । ସାମ୍ରାଜ୍ୟବାଦୀ ଜର୍ମାନୀ ଏବଂ ସିଏ ପ୍ରତିନିଧିତ୍ୱ କରୁଥିବା ଯାବତୀୟ ବିଷୟର ଯେକୌଣସି ପ୍ରକାରେ ସମାପ୍ତି ଘଟିବା ଏକାନ୍ତ ଆବଶ୍ୟକ ଥିଲା, କାରଣ ଇଉରୋପୀୟ ସଭ୍ୟତାର ସର୍ବଗର୍ହିତ ପାର୍ଶ୍ୱଟି ରୂପେ ତାହା ପରିପୂର୍ଣ୍ଣ ଯାନ୍ତ୍ରିକ ଓ ବୈଜ୍ଞାନିକ ଫଳସାଧକତାର ସକଳ ଗୌରବ ଓ ଗରିମା ନେଇ ସିଂହାସନାରୂଢ଼ ହୋଇ ରହିଥିଲା । ତାହାର ଅଧିଷ୍ଠିତ ବିଗ୍ରହଟିରେ ରକ୍ତପିପାସୁ ମୋଲୋଖ୍ ଓ ଅର୍ଥର ଅଧୀଶ୍ୱର ମାମନ ଦୁଇ ମସ୍ତକପ୍ରାୟ ହୋଇ ରହିଥିଲେ ଏବଂ ସେହି ବିଗ୍ରହଟି ଗୋଟିଏ ପାଖରେ ବୁଦ୍ଧି ଏବଂ ଅନ୍ୟ ପାଖରେ ବିଜ୍ଞାନ, ଏହିପରି ଦୁଇ ପ୍ରହରୀଙ୍କ ଦ୍ୱାରା ବେଷ୍ଟିତ ହୋଇ ଆସୀନ ରହିଥିଲା । ତାହାର ବି ଆପଣାର ଗୋଟିଏ ଆଦର୍ଶ ଥିଲା, ଆପଣାର ଅତୀତ ଯାବତୀୟ ଔଚିତ୍ୟକୁ ବର୍ତ୍ତମାନ ହରାଇ ବସିଥିବା ରାଜତନ୍ତ୍ର ଏବଂ ସାମନ୍ତବାଦର ସେହି ପୁରୁଣା ଭାବଗୁଡ଼ିକର ଅବଶେଷଗୁଡ଼ିକୁ ବଡ଼ ଅନୁପମ ଭାବରେ ଏକତ୍ର ସଂଯୁକ୍ତ କରି ସେହି ଆଦର୍ଶ ଆପଣାକୁ ରୂପ ଦେଇଥିଲା । ଏକ ଅତି ଆଧୁନିକ ଓ ଅତି ଭାରି ସୁସଂଗଠିତ ଓ ଆକ୍ରମଣଶାଳୀ ବାଣିଜ୍ୟିକତା ଏବଂ ଉଦ୍ୟୋଗବାଦ ଏବଂ ଏକ ସାମ୍ରାଜ୍ୟ ଏବଂ ଏକ ଅମଲାତନ୍ତ୍ର ଦ୍ୱାରା ଶାସିତ ହେଉଥିବା ଏକ ଯନ୍ତ୍ରୀଭୂତ ରାଷ୍ଟ୍ରନିୟନ୍ତ୍ରିତ ସମାଜବାଦକୁ ମଧ୍ୟ ସେହି ଆଦର୍ଶ ଆପଣା ସହିତ ବାନ୍ଧିକରି ରଖିଥିଲା । ଏବଂ ଏହି ସବୁଯାକ ଉପାଦାନ ଏକ ବିଶେଷଜ୍ଞ-ବୁଦ୍ଧି ଏବଂ ବିଜ୍ଞାନଶକ୍ତି ଦ୍ୱାରା ପରିଚାଳିତ ହେବାରେ ଲାଗିଥିଲେ । ପୃଥିବୀର ଭବିଷ୍ୟ ଆଦର୍ଶ ବୋଲାଉଥିବା ଏହି ତ୍ରିମସ୍ତକ ବିଶିଷ୍ଟ ବିଦ୍ରୂପଟି ସମଗ୍ର ମାନବଜାତିକୁ ଅଧିକାର କରିନେଇ ତାହାର ଜୀବନକୁ ଆପଣାର ଉଦ୍ଦେଶ୍ୟସାଧନ ଲାଗି ଯନ୍ତ୍ରବତ୍ ମଣାଇ ରଖିବ ବୋଲି ଦାବି କରୁଥିଲା । ଏହିଟିକୁ

'oaob.nitrkl.ac.in' images reprocessed

ଭାଙ୍ଗିଦେବାହିଁ ଉଚିତ ଥିଲା, ଏବଂ ସେଇଟି ଭାଙ୍ଗିଯିବା ସଙ୍ଗେସଙ୍ଗେ କୁଳୀନତନ୍ତ୍ରର ପ୍ରାୟ ଯାବତୀୟ ପୁରାତନ ଛାୟାମାୟା ଏବଂ ଅଧିକରୁ ଅଧିକ ପରିମାଣରେ ଗଣତାନ୍ତ୍ରିକ ଧାରାଟିକୁ ଗ୍ରହଣ କରି ନେଉଥିବା ଇଉରୋପରେ ତଥାପି ନ ମରି ବଞ୍ଚି ରହି ଆସିଥିବା କୁଳୀନତନ୍ତ୍ରୀ ରାଜତନ୍ତ୍ରର ପ୍ରାୟ ଯାବତୀୟ ଅବଶେଷ ମଧ୍ୟ କ୍ରମେ ଅନ୍ତର୍ହିତ ହୋଇଗଲା । ଏହି ଯୁଦ୍ଧଟି ଫଳରେ ଏହିସବୁ କଥା ପ୍ରକୃତରେ ଗଲା ବୋଲି ନିଶ୍ଚୟ କୁହାଯାଇ ପାରିବ; ମାତ୍ର ଅତୀତର ବିନାଶସାଧନ କରିବାକୁହିଁ କଦାପି ଏହାର ଅଧିକ ମହତ୍ତ୍ୱପୂର୍ଣ୍ଣ ତଥା ଭାବାତ୍ମକ ପରିଣାମ ବୋଲି କୁହାଯିବ ନାହିଁ । ଏହି ଯୁଦ୍ଧ ଫଳରେ ବର୍ତ୍ତମାନର ଅନେକ ମୂଳଦୁଆ ଯେ ପ୍ରକୃତରେ ଦୋହଲିଯାଇ ପାରିଲା ଏବଂ ଭବିଷ୍ୟତର ଶକ୍ତିଗୁଡ଼ିକ ଲାଗି ସଂପୃକ୍ତ କ୍ଷେତ୍ରଟି ଯେ ଏପରି ପରିଷ୍କାର ହୋଇଯାଇ ପାରିଲା, ତାହାକୁହିଁ ଆମେ ଯୁଦ୍ଧର ଅସଲ ପରିଣାମ ବୋଲି ଜାଣି ରଖିବା ।

ଅନ୍ତର୍ଜାତୀୟ ସମ୍ବନ୍ଧର ସେହି ପୁରୁଣା ସିଦ୍ଧାନ୍ତଟି ଦ୍ୱାରା ସଂକ୍ରମିତ ଏକ ମଧ୍ୟମ-ବର୍ଗୀ ଗଣତନ୍ତ୍ରକୁ ଆମେ ଏକ ନୂତନ ଅଧିକ ପ୍ରଶସ୍ତ ଆଦର୍ଶବାଦୀ ଭାବନାକୁ କେତେଟା ଅଧିକ ସୁବିଧା ଦେଇ ଯେତେ ହେରଫେର କରି ରଖିବାକୁ ଚେଷ୍ଟା କଲେ ମଧ୍ୟ, ସେଭଳି ଏକ ସଙ୍କର ବସ୍ତୁ କଦାପି ଭବିଷ୍ୟତର ଅଧିକାରୀ ହୋଇପାରିବ ନାହିଁ । ଯେଉଁ ଶାନ୍ତିଟି ଦ୍ୱାରା ଏହି ଯୁଦ୍ଧର ଅବସାନ ଘଟିଲା, ତାହାକୁ ଆମେ ଆଂଶିକ ଭାବରେ ସେହି ଅତୀତଟାରହିଁ ଏକ ପ୍ରଲମ୍ବନ ବୋଲି କହିପାରିବା, କେବଳ ଏହି ମୁହୂର୍ତ୍ତଟିରହିଁ ଏକ ତାତ୍କାଳିକ ସାମଗ୍ରୀ ବୋଲି କହିବା । ଏଥିରେ ଏକ ଲୀଗ୍ ଅଫ୍ ନେଶନ୍‌ସ୍‌ର ଯୋଜନାଟି ଯେ ଏକତ୍ର ଗୁଡ଼ାହୋଇ ରହିଛି, ଏଇଟି ମଧ୍ୟରେ ଭବିଷ୍ୟ ଲାଗି କେବଳ ଏତିକି ଯାହା ମହତ୍ତ୍ୱ ନିହିତ ହୋଇ ରହିଛି । ମାତ୍ର ଏହି ଲୀଗ୍‌ଟି ମଧ୍ୟ କେବଳ କାମ ଚଳାଇ ପାରିବା ଭଳି ଏକ ଆପାତକାଳୀନ ବ୍ୟବସ୍ଥା ହୋଇ ରହିଛି; ତାହାକୁ ଏକ ସାମୟିକ ସମାଧାନ ରୂପେ ଗ୍ରହଣ କରାଯାଇଛି ଓ ତାହା ଏକ ଅଧିକ ପରିପୂର୍ଣ୍ଣତାଯୁକ୍ତ ସଂଗଠନର ସମ୍ଭାବନା ଲାଗି ଅପେକ୍ଷା କରି ରହିଛି । ଏହି ସଂଗଠନଟି ଅତୀତକୁ ଗୋଟାଏ ପ୍ରକାରେ ଏକ ସୁବିଧା ଯୋଗାଇ ଦେବା ଲାଗି ଯେତିକି ମାତ୍ରାରେ କାମରେ ଲାଗିବ ଏବଂ ବସ୍ତୁତଃ ଏପର୍ଯ୍ୟନ୍ତ ମଧ୍ୟ ପ୍ରଭାବଶାଳୀ ହୋଇ ରହିଥିବା ମାତ୍ର ସତ୍ୱର ଅତିକ୍ରାନ୍ତ ହୋଇଯିବ ବୋଲି ସତେଅବା ଅତ୍ୟନ୍ତ ଅନିବାର୍ଯ୍ୟ ଭାବରେ ଅଭିପ୍ରେତ ହୋଇ ରହିଥିବା ଏକ ବର୍ତ୍ତମାନ ଉପରେ ତାହା ଯେତିକି ମାତ୍ରାରେ ଆଧାରିତ ହୋଇ ରହିଥିବ, ସଂଗଠନଟିକୁ ଆମେ ହୁଏତ ସେତିକିମାତ୍ରାରେ ଅନିଶ୍ଚିତ ଓ ଅସ୍ଥାୟୀ ବୋଲି ମଧ୍ୟ କହି ପାରିବା । ଏହି ବର୍ତ୍ତମାନଟିକୁ ବିତାଡ଼ିତ କରି ଏହାର ସ୍ଥାନରେ ଯେଉଁ ଭବିଷ୍ୟତର ପ୍ରତିଷ୍ଠା ହେବାକୁ ଯାଉଛି, ତାହା ବର୍ତ୍ତମାନ ମଧ୍ୟ ତାହାର ପ୍ରଧାନ ପ୍ରଧାନ ବାହ୍ୟ କେତୋଟି ପ୍ରବୃତ୍ତି ମଧ୍ୟରେ ବେଶ୍ ପ୍ରକଟ

'oaob.nitrkl.ac.in' images reprocessed

ହୋଇ ଆସିବାକୁ ଆରମ୍ଭ କଲାଣି । ବର୍ତ୍ତମାନର ସମାଜ ଧନିକତନ୍ତ୍ରଠାରୁ କ୍ରମଶଃ ଅଧିକ ଦୂରବର୍ତ୍ତୀ ହେବାରେ ଲାଗିଛି, ମଧ୍ୟବିତ୍ତ-ବର୍ଗ ଦ୍ୱାରା ଶାସିତ ଗଣତନ୍ତ୍ରଠାରୁ ମଧ୍ୟ ତାହା ଅଧିକରୁ ଅଧିକ ଦୂରେଇ ଯାଉଛି । ସମାଜବାଦ କେତେକ ପରିମାଣରେ ଅଧିକ ପରିପୂର୍ଣ୍ଣତା ଅର୍ଜନ କରୁଛି; ଏବଂ ସାମାଜିକ ଜୀବନଯାପନରେ ଏକ ପ୍ରଶସ୍ତ ତଥା ସମତାଯୁକ୍ତ ସାର୍ବଜନୀନତା ଦିଗରେ ଏକ ପ୍ରୟାସ ମଧ୍ୟ ହେଲାଣି; ଜାତି ଜାତି ମଧ୍ୟରେ ପ୍ରତିଷ୍ଠିତ ହୋଇ ରହିଥିବା ସମ୍ବନ୍ଧଗୁଡ଼ିକ ଆକ୍ରମଣପ୍ରିୟ ଜାତୀୟତାବାଦ ଏବଂ କ୍ଷମତାକେନ୍ଦ୍ରିତ ଯାବତୀୟ ଭାରସାମ୍ୟରୁ ଦୂରକୁ ଦୂରକୁ ହଟିଯାଇ କେତେକ ପରିମାଣରେ ଏକ ଆନ୍ତର୍ଜାତିକ ଘନିଷ୍ଠତର ସୌହାର୍ଦ୍ଦ୍ୟ ଦିଗରେ ଅଗ୍ରସର ହେଲାଣି । ମାତ୍ର ଏଗୁଡ଼ିକୁ କେବଳ କେତୋଟି ଲକ୍ଷଣ ବୋଲିହିଁ କୁହାଯିବ, କେତୋଟି ବାହ୍ୟ ସଂବେଦନଶୀଳତା ବୋଲି କୁହାଯିବ, ବାହ୍ୟ ଭୂମିର କେତୋଟି ପ୍ରବୃତ୍ତି ବୋଲିହିଁ କୁହାଯିବ; ଏବଂ ସେଥିରୁ ଯେତେ ଯାହା ପରିବର୍ତ୍ତନ ଉପଲବ୍ଧ ହେଲେ ମଧ୍ୟ ସେଗୁଡ଼ିକ ଏକୁଟିଆ ମନୁଷ୍ୟ-ସମାଜର ଆତ୍ମାକୁ କଦାପି ଦୀର୍ଘକାଳ ପର୍ଯ୍ୟନ୍ତ ତୃପ୍ତ କରି ରଖିପାରିବେ ନାହିଁ । ସେଗୁଡ଼ିକର ପଛରେ ଅନ୍ତଃଭାବ ଓ ଅନ୍ତଃପ୍ରେରଣାରହିଁ ବୃହତ୍ତର ପ୍ରଶ୍ନଟି ଦଣ୍ଡାୟମାନ ହୋଇ ରହିଛି, ଆଦର୍ଶର ସେହି ବୃହତ୍ତର ପ୍ରଶ୍ନଟିହିଁ ନିହିତ ହୋଇ ରହିଛି; ସେହି ଅନ୍ତଃପ୍ରେରଣା ଓ ସେହି ଆଦର୍ଶହିଁ ମନୁଷ୍ୟ ସହିତ ମନୁଷ୍ୟର ଏବଂ ଗୋଟିଏ ଜାତି ସହିତ ଆଉ ଗୋଟିଏ ଜାତିର ସମ୍ବନ୍ଧକୁ ଉନ୍ମୋଚିତ ହୋଇ ଆସୁଥିବା ଆଗାମୀ ଯୁଗଟିରେ ନିର୍ଦ୍ଧାରିତ କରିଦେଇ ପାରିବ । ଏହି ଆଗାମୀ ଯୁଗଟିକୁ ଆମେ ସବୁଠାରୁ ଅଧିକ କ୍ରାନ୍ତିକାରୀ ବୋଲି କହିବା; କାରଣ ମନୁଷ୍ୟସମାଜର ଇତିହାସରେ ଆଗରୁ ଯେତେ ଯେତେ ଯୁଗ ଅତିକ୍ରାନ୍ତ ହୋଇ ଯାଇଛି, ଆପଣାର ପ୍ରତ୍ୟାଶାଗୁଡ଼ିକର ଭୂମିରେ ତାହା ସେହି ସମସ୍ତଙ୍କ ଅପେକ୍ଷା ଅଧିକ ସୁଦୂରପରିଣାମୀ ହୋଇ ରହିଛି ।

ଯେଉଁଗୁଡ଼ିକ ଯିବାର ଥିଲା, ଇତ୍ୟବସରେ ସେଗୁଡ଼ିକର ଅନେକ କିଛି ଚାଲି ଯିବାରେ ଲାଗିଛି; ଅବଶ୍ୟ ଏକଥା ସତ ଯେ ସେଗୁଡ଼ିକର ଭଗ୍ନାବଶେଷ ଓ ଛିନ୍ନାଂଶ ଅବଶେଷଗୁଡ଼ିକ ତଥାପି ପଡ଼ିରହିଛି ଓ ବିନଷ୍ଟ ହେବା ଲାଗି ଅପେକ୍ଷା କରୁଛି । ଏକ ରକ୍ତାକ୍ତ ସଂଗ୍ରାମର ଯନ୍ତ୍ରଣାର ଅବସାନ ଘଟିଛି, ଏବଂ ସେହି କାରଣରୁ ଆମେ ଇଚ୍ଛାକଲେ ହୁଏତ ନିଶ୍ଚୟ ଉଲ୍ଲସିତ ବି ହୋଇ ପାରିବା । ମାତ୍ର ଯଦି କୌଣସି କଥାର ସମାପ୍ତି ଘଟୁଛି, ତାହାର ପ୍ରକୃତ ଅର୍ଥ ହେଉଛି ଯେ ସବୁକିଛିର ଆରମ୍ଭ ହେବା ତଥାପି ବାକି ରହିଛି । ମନୁଷ୍ୟର ଯଥାର୍ଥ ଭାବାତ୍ମାଟି ଆପଣାକୁ ଆବିଷ୍କାର କରିବା ତଥାପି ବାକି ରହିଛି, ଆପଣାର କଳ୍ପନାଟିର ଓ ଆପଣାର ବୃହତ୍ତର ଦିଗ୍‌ବିନ୍ୟାସଟିର ଉପଲବ୍ଧି କରିବା ତଥାପି ବାକି ରହିଛି ।

(ସମାପ୍ତ)

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

# ମାନବ-ଏକତାର ଆଦର୍ଶ

[ମୂଳ ଇଂରାଜୀ ଗ୍ରନ୍ଥର ସଂଯୁକ୍ତ ସଂସ୍କରଣ(୧୯୭୭)ରେ ପ୍ରକାଶିତ ଟିପ୍ପଣୀ]

'ଆର୍ଯ୍ୟ' ପତ୍ରିକାରେ ଧାରାବାହିକ ରୂପେ 'ମାନବ-ଏକତାର ଆଦର୍ଶ' ପ୍ରଥମେ ପ୍ରକାଶ ପାଇଥିଲା । ୧୬ ସେପ୍ଟେମ୍ବର ୧୯୧୫ ରେ ଏହି ଲେଖାର ପ୍ରଥମ କିସ୍ତି ପ୍ରକାଶ ପାଇବା ସମୟରେ ଶ୍ରୀଅରବିନ୍ଦ ଶ୍ରୀମା'ଙ୍କୁ ଲେଖିଥିଲେ :

"ଆର୍ଯ୍ୟରେ ନିକଟରେ ପ୍ରକାଶ ପାଇଥିବା 'ମାନବ-ଏକତାର ଆଦର୍ଶ' ଉପରେ ମୁଁ କେତେଗୁଡ଼ିଏ ପ୍ରବନ୍ଧ ଲେଖିବା ଆରମ୍ଭ କରିଛି । ମୋର ଉଦ୍ଦେଶ୍ୟ ଥିଲା ବିଶେଷ ସାବଧାନତା ସହ ଆଗେଇବା ଏବଂ ଆରମ୍ଭରୁ ବିଶେଷ ଗଭୀରକୁ ନ ଯିବା; କିନ୍ତୁ ମୋର ପ୍ରୟାସ ହେଲା, ଯେପରିକି ପାଠକମାନଙ୍କ ବୋଧଶକ୍ତିକୁ ମୁଁ କ୍ରମେ କ୍ରମେ ଏକତାର ଗଭୀରତର ଅର୍ଥ ଦିଗକୁ ନେଇଯିବି, ବିଶେଷତଃ ମୋର ଉଦ୍ଦେଶ୍ୟ ହେବ ସେହିସବୁ ଭୁଲ୍ ଧାରଣାକୁ ନିରୁତ୍ସାହିତ କରିବା ଯାହା ବାହ୍ୟ ଏକରୂପତା ଓ ଯାନ୍ତ୍ରିକ ରୀତିର ବାହ୍ୟ ସଂଘ-ଗଠନକୁ ଏକତା ବୋଲି ମନେକରେ ।"

'ମାନବ-ଏକତାର ଆଦର୍ଶ' (*The Ideal of Human Unity*) ର ପ୍ରଥମ ସଂସ୍କରଣ ୧୯୧୯ ରେ ପ୍ରକାଶ ପାଇଥିଲା । ୧୯୫୦ ରେ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମ ଦ୍ୱାରା ଏହାର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇବା ବେଳେ ନିମ୍ନରେ ପ୍ରଦତ୍ତ ଏହି ସୂଚନାଟି ତହିଁରେ ଅନ୍ତର୍ଭୁକ୍ତ ହୋଇଥିଲା । ଏହା ଏପ୍ରିଲ୍ ୧୯୫୦ ରେ ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ :

"'ମାନବ-ଏକତାର ଆଦର୍ଶ'ରେ ସଂକଳିତ ପ୍ରବନ୍ଧଗୁଡ଼ିକ ପ୍ରଥମେ 'ଆର୍ଯ୍ୟ' ପତ୍ରିକାରେ (ଖଣ୍ଡ-୨ : ଅଙ୍କ - ୨ ଠାରୁ ଖଣ୍ଡ - ୪ : ଅଙ୍କ - ୧୨ ପର୍ଯ୍ୟନ୍ତ) ଧାରାବାହିକ ଭାବେ ସେପ୍ଟେମ୍ବର ୧୯୧୫ ରୁ ଜୁଲାଇ ୧୯୧୮ ଯାଏ ପ୍ରକାଶ ପାଇ ସମୁଦାୟ ୩୫ ଟି ଅଧ୍ୟାୟରେ ସମାପ୍ତ ହୋଇଥିଲା ।

"୧୯୧୯ ରେ ମାଡ୍ରାସ୍‌ର 'ସନ୍ସ୍ ଅଫ୍ ଇଣ୍ଡିଆ ଲି.'ଙ୍କ ଦ୍ୱାରା ଏହା ଏକ ଗ୍ରନ୍ଥ ଆକାରରେ ପୁନଃ ପ୍ରକାଶିତ ହେଲା (ଏଥିରେ ସଂଯୋଜିତ ହୋଇଥିଲା ତିନୋଟି ପରିଶିଷ୍ଟ – ଗୋଟିଏ ହେଉଛି ଭୂମିକା ଏବଂ ଅନ୍ୟ ଦୁଇଟି ହେଉଛି ଅଧ୍ୟାୟଗୁଡ଼ିକର ଏକ ଏକ ପୁଙ୍ଖାନୁପୁଙ୍ଖ ସଂକ୍ଷିପ୍ତ କଥନ । ପରିଶିଷ୍ଟର ଅନ୍ତର୍ଭୁକ୍ତ ଥିଲା ପତ୍ରିକାଟିର ଆଦର୍ଶ ଉପସ୍ଥାପନା କରୁଥିବା 'ଆର୍ଯ୍ୟ'ରେ ପ୍ରକାଶିତ ଲେଖାସବୁ ।

"ଏବର ସଂସ୍କରଣଟି ହେଉଛି ପରିମାର୍ଜିତ ସଂସ୍କରଣ; କିନ୍ତୁ ଏହାର ପରିମାର୍ଜନ

'oaob.nitrkl.ac.in' images reprocessed

କାର୍ଯ୍ୟଟି ଗତ ବିଶ୍ୱଯୁଦ୍ଧ ପୂର୍ବରୁ ହୋଇଛି । ସେ ଯାହା ହେଉ, ଏଥିରେ ତାହା ପ୍ରାୟ ସେହି ରୂପରେ ଛାପା ହୋଇଥିଲେ ମଧ ପୃଥିବୀର ସାମ୍ପ୍ରତିକ ଅବସ୍ଥାକୁ ନେଇ ଲେଖାଯାଇଥିବା *'Postscript'* (ଏକ ଅନୁଯୋଜନ) ଅଧ୍ୟାୟଟିକୁ ଏଥିରେ ସ୍ଥାନ ଦେବା ଦ୍ୱାରା ଏହା ସମୟୋପଯୋଗୀ ହୋଇପାରିଛି ।''

ପ୍ରଥମ (୧୯୧୯) ସଂସ୍କରଣଟି 'ଆର୍ଯ୍ୟ'ରେ ପ୍ରକାଶିତ ଲେଖାଗୁଡ଼ିକର ଅବିକଳ ମୁଦ୍ରଣ । ପ୍ରାୟ ୧୯୨୭ ବେଳକୁ ଶ୍ରୀଅରବିନ୍ଦ ଏହି ଲେଖାଗୁଡ଼ିକର ପୁନଃମାର୍ଜନ ଆରମ୍ଭ କଲେ, କିନ୍ତୁ ଅଳ୍ପ ସମୟ ପରେ ତାହା ବନ୍ଦ କରି ଦେଇଥିଲେ । ସେ ଯାହା ହେଉ, ଦ୍ୱିତୀୟ (୧୯୫୦) ସଂସ୍କରଣ ପ୍ରକାଶନ ପୂର୍ବରୁ ଶ୍ରୀଅରବିନ୍ଦ ତାଙ୍କର ପୂର୍ବୋକ୍ତ ଟିପ୍ପଣୀରେ ଯେଉଁ ସଂଶୋଧନ ବିଷୟ ଉଲ୍ଲେଖ କରିଥିଲେ, ଯେଉଁଥିରେ ୧୯୨୭ ରେ କରିଥିବା ଅଦଳବଦଳଗୁଡ଼ିକ ଅନ୍ତର୍ଭୁକ୍ତ, ସେସବୁ କାର୍ଯ୍ୟକାରୀ କରାଯାଇଥିଲା ।

ଗ୍ରନ୍ଥଟିର ଏକ ସଂସ୍କରଣ, ପ୍ରଥମ ସଂସ୍କରଣର ଅବିକଳ ରୂପ, ୧୯୫୦ ରେ ନିଉୟର୍କର ଶ୍ରୀଅରବିନ୍ଦ ଲାଇବ୍ରେରି ଦ୍ୱାରା ପ୍ରକାଶିତ ହୋଇଥିଲା । ସେ ସଂସ୍କରଣରେ ଥିଲା ଏକ ବିଷୟ ଅନୁକ୍ରମଣୀ (Index) । ଅନୁଯୋଜିତ ଅଧ୍ୟାୟଟି ଭୂମିକା ରୂପେ ମୁଦ୍ରିତ ହୋଇଥିଲା ।

## ଯୁଦ୍ଧ ଓ ଆତ୍ମନିୟନ୍ତ୍ରଣ

[ମୂଳ ଇଂରାଜୀ ସଂଯୁକ୍ତ ସଂସ୍କରଣ (୧୯୭୭) ରେ ପ୍ରଦତ୍ତ ପ୍ରକାଶକଙ୍କ ଟିପ୍ପଣୀ]

''ଯୁଦ୍ଧ ଓ ଆତ୍ମନିୟନ୍ତ୍ରଣ'' (*War and Self-Determination*)ର ଏବର ସଂସ୍କରଣରେ ସ୍ଥାନଲାଭ କରିଥିବା ପାଞ୍ଚଟି ପ୍ରବନ୍ଧ ପ୍ରଥମେ 'ଆର୍ଯ୍ୟ'ରେ ପ୍ରକାଶ ପାଇଥିଲା :

''The Passing of War ?''(ଯୁଦ୍ଧ ସରିଗଲା କି ?) (ଏପ୍ରିଲ୍ ୧୯୧୬)
''The Unseen Power''(ଅଦୃଶ୍ୟ ଶକ୍ତି) (ଡିସେମ୍ବର ୧୯୧୮)
''Self-Determination''(ଆତ୍ମନିୟନ୍ତ୍ରଣ) (ସେପ୍ଟେମ୍ବର ୧୯୧୮)
''1919'' (୧୯୧୯) (ଜୁଲାଇ ୧୯୧୯)
''After the War'' (ଯୁଦ୍ଧ ପରେ) (ଅଗଷ୍ଟ ୧୯୨୦) ।

୧୯୨୦ ମସିହାରେ ମାଡ୍ରାସ୍ଥିତ ଏସ୍. ଆର୍. ମୂର୍ତ୍ତି ଆଣ୍ଡ କୋ.ଙ୍କ ଦ୍ୱାରା *War and Self-Determination* (ଯୁଦ୍ଧ ଓ ଆତ୍ମନିୟନ୍ତ୍ରଣ) ନାମରେ ଏହାକୁ ପ୍ରକାଶ

'oaob.nitrkl.ac.in' images reprocessed

କରିବା ସମୟରେ ଉପରୋକ୍ତ ବିଷୟଗୁଡ଼ିକ ମଧ୍ୟରୁ ପ୍ରଥମ ତିନୋଟି ଏବଂ ନବଲିଖିତ : "ଏକ ଜାତିସଂଘ" (A League of Nations) ଓ "ଭୂମିକା" (Foreward) ସ୍ଥାନ ପାଇଥିଲା । ଏହାର ଦ୍ୱିତୀୟ ସଂସ୍କରଣ ୧୯୨୨ ମସିହାରେ ଶ୍ରୀଅରବିନ୍ଦଙ୍କ ଭଉଣୀ ସରୋଜିନୀ ଘୋଷଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା । ୧୯୫୪ ରେ ଶ୍ରୀଅରବିନ୍ଦ ଆଶ୍ରମ ପକ୍ଷରୁ ଯେତେବେଳେ ଏହାର ତୃତୀୟ ସଂସ୍କରଣ ପ୍ରକାଶ ପାଇଲା ସେଥିରେ ପୂର୍ବୋକ୍ତ ପ୍ରକାଶକଙ୍କ ଦ୍ୱାରା ୧୯୪୯ ରେ ପୃଥକ୍ ଭାବରେ ପ୍ରକାଶିତ "After the War" (ଯୁଦ୍ଧ ପରେ) ରଚନାଟି ଅନ୍ତର୍ଭୁକ୍ତ ହେଲା ।

## ଓଡ଼ିଆ ସଂସ୍କରଣର ପ୍ରକାଶକଙ୍କ ଟିପ୍ପଣୀ (୨୦୦୩)

ଶ୍ରୀଅରବିନ୍ଦଙ୍କ ଜନ୍ମ-ଶତବାର୍ଷିକୀ ଗ୍ରନ୍ଥାବଳୀ (ଇଂରାଜୀ)ର ପଞ୍ଚଦଶ ଖଣ୍ଡ "ସାମାଜିକ ଓ ରାଜନୈତିକ ଚିନ୍ତାଧାରା" (*Social and Political Thoughts*)ଟିରେ "ମାନବ ଯୁଗ-ଚକ୍ର" (*The Human Cycle*), "ମାନବ ଏକତାର ଆଦର୍ଶ" (*The Ideal of Human Unity*) ଏବଂ "ଯୁଦ୍ଧ ଓ ଆତ୍ମନିୟନ୍ତ୍ରଣ" (*War and Self-Determination*), ଏହି ତିନିଟି ପୁସ୍ତକକୁ ଏକତ୍ର ସଂକଳିତ କରା ଯାଇଛି । ୧୯୭୨ ରେ ଶ୍ରୀଅରବିନ୍ଦଙ୍କ ଜନ୍ମଶତବର୍ଷ ଉପଲକ୍ଷେ ଓଡ଼ିଆରେ "ଶ୍ରୀଅରବିନ୍ଦ ସାହିତ୍ୟ ସଂଗ୍ରହ" ନାମରେ ପ୍ରକାଶ ପାଇଥିବା ୧୦ ଟି ଖଣ୍ଡ ମଧ୍ୟରେ ଦଶମ ଖଣ୍ଡଟି ହେଉଛି "ମାନବ ଯୁଗ-ଚକ୍ର" । ଅବଶିଷ୍ଟ ଦୁଇଟି ପୁସ୍ତକକୁ ଏକତ୍ର –

"ମାନବ ଏକତାର ଆଦର୍ଶ"

"ଯୁଦ୍ଧ ଓ ଆତ୍ମ ନିୟନ୍ତ୍ରଣ"

ନାମରେ ଏଥର ଏକାଦଶ ଖଣ୍ଡ ରୂପେ ପ୍ରକାଶ କରୁଛୁ ।

'oaob.nitrkl.ac.in' images reprocessed

ISBN 81-7058-715-8
Rs. 200.00

ISBN 81-7058-715-8
9788170587156

'oaob.nitrkl.ac.in' images reprocessed